# দীনবন্ধু গ্রন্থাবলী

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର, ପ୍ରୋପ୍ରାଇଟର
**କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍**
ବାଲୁବଜାର, କଟକ—୨

ପ୍ରଥମ ସଂସ୍କରଣ
୧୯୬୫

ମୁଦ୍ରାକର
ଶ୍ରୀ ରଘୁନାଥପ୍ରସାଦ ମିଶ୍ର
ପ୍ରସାଦ ପ୍ରେସ, ଗଣେଶଘାଟ ରୋଡ୍, କଟକ—୨

ମୂଲ୍ୟ—ପଚଶ ଟଙ୍କା

# ପୌରାଣିକ ଗଳ୍ପ



ପଂଡିତ ନୀଳକଂଠ ଦାସ ( ଜନ୍ମ - ୧୮୮୪ ଅଗଷ୍ଟ ୫ ତାରିଖ )

# ଗ୍ରଂଥ ସୂଚୀ


| ବିଷୟ | ପୃଷ୍ଠା |
| --- | --- |
| **ପୌରାଣିକ ଗଳ୍ପ** | |
| ୧ । ପିଲାଂକ ଭାଗବତ | ୧ |
| ୨ । ପିଲାଂକ ରାମାୟଣ | ୧୦୩ |
| ୩ । ପିଲାଂକ ମହାଭାରତ | ୧୮୭ |
| **ପ୍ରବଂଧ** | |
| ୪ । ଆର୍ଯ୍ୟ ଜୀବନ | ୩୪୫ |
| ୫ । ସଂସ୍କୃତ ଓ ସଂସ୍କୃତି | ୪୨୧ |

# ପିଲାଙ୍କ ଭାଗବତ

ବା

## ଶ୍ରୀକୃଷ୍ଣ କଥା

## ବସୁଦେବ ଦେବକୀଙ୍କର ବାହାଘର

### —କଂସର ମରଣ ଭୟ—

ଯମୁନାକୂଳରେ ଦିଲ୍ଲୀଠାରୁ ଦକ୍ଷିଣ-ପୂର୍ବ ଆଡ଼କୁ ମଥୁରା ବୋଲି ସହର ଅଛି । ସେହି ମଥୁରାରେ ବହୁକାଳ ପୂର୍ବେ ଯଦୁବଂଶର ଶୂରସେନ ବୋଲି ଜଣେ ବଡ଼ ରାଜା ଥିଲେ । ସେଥିପାଇଁ ସେ ଦେଶକୁ ଶୂରସେନ ଦେଶ ବୋଲି କହୁଥିଲେ । କେତେ ଦିନ ପରେ ଭୋଜବଂଶର ଉଗ୍ରସେନ ଏହି ମଥୁରାରେ ରାଜା ହେଲେ । ତାଂକର କଂସ ବୋଲି ଗୋଟିଏ ପୁଅ, ଆଉ ଉଗ୍ରସେନଂକ ଭାଇ ଦେବକଂକର ଦେବକୀ ବୋଲି ଗୋଟିଏ ସୁଂଦରୀ ଝିଅ ଥିଲା ।

ଉଗ୍ରସେନ ବଡ଼ ପ୍ରତାପୀ ରାଜା ଥିଲେ । ଗୋପ-ପୁରର ଗୋପାଳ (ଗଉଡ଼) ରାଜା ନଂଦ ଓ ଯଦୁବଂଶର ଅନ୍ୟ ରାଜାମାନେ ତାଂକର ଅଧୀନ ଥିଲେ । ଏହି ଅଧୀନ ରାଜାମାନଂକ ମଧ୍ୟରେ ବୃଷ୍ଣି ବା ଶୂରବଂଶର ବସୁଦେବଂକ ସଂଗେ ଦେବକୀଂକର ବାହାଘର ହେଲା । ଉଗ୍ରସେନ ଓ କଂସ ଦୁହେଁ ଦେବକୀଂକ ଭାରି ଦେଖି ପାରୁଥିଲେ ।

ବାହାଘରଟି ଭାରି ଜାକଜମକରେ ହେଲା । ରଜା ଝିଅ ସଂଗେ ରଜା ପୁଅର ବାହାଘର ! କାହାରି କିଛି ନଅଂଟନାଇ । ସମସ୍ତେ ଆନଂଦରେ ଭୋଜି ଖାଇଲେ । କେତେ କାଂଗାଳଂକୁ ଚାଉଳ, ଲୁଗା, ଧନ, ରତ୍ନ ବଂଟା ହେଲା । ଉଗ୍ରସେନ ଜୋଇଂଙ୍କ କେତେ ଯୌତୁକ ଦେଲେ । କେତେ ହାତୀ, କେତେ ଘୋଡ଼ା, କେତେ ରଥ, ବସୁଦେବ ଯଉତୁକ ପାଇଲେ ତାହା ଗଣି ହେବ ନାଇ । ରଥମାନଂକରେ ସବୁ ସୁଂଦର ସୁନା କାମ । ରଥ ପତାକା ତଳେ ସୁନା କଳସ । ପତାକାରେ କେତେ ସୁନା ଶଙ୍ଖ । ତାହା ଛଡ଼ା କେତେ ଦୁହାଳୀ ଗାଈ, କେତେ ଦାସ ଦାସୀ, ସବୁ ଘେନି ବସୁଦେବ ଦେବକୀଂକ ସଂଗେ ରଥରେ ଚଢ଼ି, ବରକନ୍ୟା ହୋଇ ଘରକୁ ଫେରିଲେ । ଉଗ୍ରସେନ ବରକନ୍ୟା ସଂଗେ କେତେ ବାଟ ଆସି କାଂଦି କାଂଦି ବିଦା ଘେନି ଘରକୁ ଗଲେ । କଂସ ଭଉଣୀ ଭଣୋଇଂକ ସଂଗେ ରଥରେ ବସି ଘୋଡ଼ାଂକୁ ଉଡ଼ାଉ ଥାଏ । ସଅଳ ଘରକୁ ଫେରିବାକୁ ତାର ମନ ହେଲା ନାଇ । ଭଉଣୀ ଭଣୋଇଂକୁ ତାଂକ ଘରେ ଛାଡ଼ିଦେଇ ଯିବାକୁ, ସେ ସାଂଗେ ସାଂଗେ ରଥରେ ଆସିଲା ।

ଆଗେ ଆଗେ ଶଂଖ, ଘଂଟା, ବାଇଦ, ବଡ଼କାଠ, ଦୁଂଦୁଭି, ତୂରୀ, ସବୁ ମିଶି କୋଳାହଳରେ ବାଜୁଛି । ତା' ପଛେ ବସୁଦେବ ସୁଂଦର ସୁନା ଛୁଆଣି ରଥରେ ଦେବକୀଂକ ଘେନି ବସିଛଂନ୍ତି । କଂସ ସେହି ରଥରେ ଗୁଣ ଧରି ଘୋଡ଼ା ଚଳାଉଛି । ପଛରେ ଯଉତୁକ, ରଥ, ହାତୀ, ଘୋଡ଼ା, ଗାଈ, ଦାସ, ଦାସୀ, ହଜାର ହଜାର ଚାଲିଛଂନ୍ତି । ଧୂଳି ଆକାଶକୁ ଉଠୁଛି । ଶବ୍ଦ ଗହଳରେ କାନ ଫାଟି ଯାଉଛି, ହଠାତ୍ ଏ ସବୁ ଶବ୍ଦକୁ ବୁଡ଼ାଇ ଆକାଶରୁ ଶବ୍ଦ ଶୁଭିଲା,—

"ଆରେ ମୂର୍ଖ କଂସ, ତୁ ଯେଉଁ ଦେବକୀର ରଥ ବୋହୁଛୁ, ତା ପେଟରେ ଆଠ ଗର୍ଭ ବେଳକୁ ଯେଉଁ ପୁଅ ହେବ, ସେ ତତେ ମାରିବ ।"

ଏ କଥା ଶୁଣିଲାକ୍ଷଣି କଂସର ଜ୍ଞାନ ହଜିଗଲା । ସେ ଭଉଣୀକି ଆଉ ଦେଖି ପାରିବ କଣ ! ରଥ ଉପରେ ଠିଆ ହୋଇଯାଇ, ବାଁ ହାତରେ ଭଉଣୀର ଚୁଟି ଧରି, ଖୋଳରୁ ଖଂଡା କାଢ଼ି, ଭଉଣୀକି ସେହିଠାରେ ହାଣି ଦିଖଂଡ କରି ଦବାକୁ ବାହାରିଲା । ବସୁଦେବଂକୁ ଆଉ ବୁଦ୍ଧି ଦିଶିଲା ନାଇ । ସେ କଂସକୁ ବୁଝାଇ କହିଲେ, "କଂସ, ଏ କି କଥା ? ତୁମେ ବୀର । ବୀରମାନେ ତୁମକୁ ପ୍ରଶଂସା କରଂନ୍ତି । ଭୋଜ ବଂଶର ତୁମେ ଯଶ ରଖିଛ । ଏବେ ଆପଣା ଭଉଣୀକି ହାଣିବ ! ଏ କ'ଣ ତୁମକୁ ସୁଂଦର ଦିଶିବ ? ବିଚାର କର, ଏକେ ଦେବକୀ ସ୍ତ୍ରୀ ଲୋକ, ପୁଣି ସେ ତୁମର ଭଉଣୀ—ଆଜି ପୁଣି ତାର ବିବାହ ଦିନ । ତୁମେ ଭାବୁଛ, 'ଏହାକୁ ମାରି ପକାଇଲେ ଏକାବେଳକେ ବିପତ୍ତି ଗଲା । ଆଉ ଏହାର ଗର୍ଭ ହେବ କାହୁଁ ଯେ, ଆଠଗର୍ଭ ବେଳକୁ ଜନ୍ମ ହେବା ପିଲା ମତେ ମାରିବ ।' ପୁଣି ବିଚାରଦେଖ, ଯେବେ ମାରିବାର ଥିବ, କିଏ ତା ଅନ୍ୟଥା କରିବ ? ନ ମରିବାର କିଛି ଔଷଧ ନାଇ । ଯେ ଜନ୍ମ ହୋଇଛି, ସେ ଦିନେ ହେଲେ ନିଶ୍ଚେ ମରିବ । ଆଜି ହେଉ, ଶହେ ବର୍ଷରେ ହେଉ; ସମସ୍ତଂକୁ ନିଶ୍ଚେ ମରିବାକୁ ହେବ । ତୁମେ କାହା ହାତରେ କେବେ ମରିବ ବୋଲି ଶୁଣି, ଆଜି ବିଭାଘର ଦିନରେ ଏ ସାନ ଭଉଣୀକି ମାରୁଛ ? ଏହାକୁ ତୁମେ କେଡ଼େ ସୁଖ ପାଅ ! ଏହାର ଚୁଟି ଧରି ଖଂଡା ଉଠାଇବାକୁ ତୁମ ହାତ ଯାଉଛି କିପରି ? ଆହା ! ତୁମ ଭଉଣୀ ମୁହଁଟି ଶୁଖାଇ ଦେଇ କଳାକାଠ ପଡ଼ିଗଲାଣି । ଏହା ଦେଖି ତୁମକୁ ଟିକିଏ ବାଧ ନାଇ ! ସ୍ତ୍ରୀକୁ ହାଣିବାକୁ ତୁମର ପୁଣି ହାତ ଯିବ ! ତୁମ ପରି ବୀର— ଏ ପରି ପଦାର୍ଥକୁ ମାରିବ ବା କିପରି ? ତୁମ ଯୋଗ୍ୟ କାମ ଏ ନୁହେଁ କଂସ !"

କଂସ ବଡ଼ କଠୋର ଲୋକ ! ବସୁଦେବଂକ କଥାରେ ସେ ଭୁଲିଲା ନାଇ । ପୁଣି ହାଣିବାକୁ ବସିଲା । ବସୁଦେବଂକ ପ୍ରାଣ ବହୁତ ବିକଳ ହେଲା । ବସୁଦେବ ବିଚାରିଲେ, "ଆଚ୍ଛା, ଦେବକୀର ପୁଅ ହେଲେ କଂସକୁ ମାରିବ । ମୁଁ ଏବେ ଦେବକୀର ପୁଅ ଯାକ କଂସକୁ ଦେବାକୁ କହେ । ପରେ ଯାହା ଭାଗ୍ୟରେ ଥିବ ଦେଖାଯିବ । ଏ ବିପତ୍ତି କାଳ ଆଗ କଟିଯାଉ ।"

ଏକଥା ବିଚାରି, ମନକୁ ଠିକ୍ କରି, ହସ ହସ ହୋଇ, କଂସକୁ କହିଲେ, "ଆଚ୍ଛା ଭାଇ କଂସ, ଆକାଶରୁ ଯାହା ଶୁଭିଲା, ସେଥିରେ କିଛି ଦେବକୀ ନିଜେ ତୁମକୁ ମାରିବା କଥା ନାଇ । ଦେବକୀର ପୁଅ ସିନା ତୁମଂକୁ ମାରିବ ! ହେଲା, ମୁଁ କହୁଛି, ଦେବକୀର ଯେତେ ପୁଅ ହେବ, ସବୁ ଜନ୍ମ ହେଲା ମାତ୍ରେ ତୁମକୁ ଦେବି । ତୁମେ ସେ ପୁଅମାନଂକୁ ଯା ଇଚ୍ଛା ତା କରିବ । ମୁଁ ଏହା ସତ୍ୟ କରୁଛି । ତୁମେ ଆଉ ଦେବକୀ କି ହାଣି ପକାଅ ନାଇ ।"

ବସୁଦେବଂକର ଏକଥା ଶୁଣି କଂସ ମନ ଟିକିଏ ମାନିଲା । ସେ ଭଉଣୀ ଚୁଟି ଛାଡ଼ିଦେଇ, ଖଂଡାକୁ

ଖୋଳରେ ରଖି ଦେଲା । ବସୁଦେବ ଦେବକୀଙ୍କ ଘେନି ଆନନ୍ଦରେ ଘରକୁ ଆସିଲେ ।

ବସୁଦେବ ଦେବକୀଙ୍କର ବର୍ଷକୁ ବର୍ଷ ଗୋଟିଏ ଗୋଟିଏ ହୋଇ ଆଠଟି ପୁଅ ଓ ଗୋଟିଏ ଝିଅ ହୋଇଥିଲା । ସେଥିରେ ଯାହା ଯାହା ଘଟିଥିଲା, ତାହା କୁହା ଯାଉଅଛି ।

ପହିଲ ବର୍ଷ ଦେବକୀଙ୍କର କୀର୍ତ୍ତିମାନ ବୋଲି ଗୋଟିଏ ପୁଅ ହେଲା । ବସୁଦେବ ତ ପୁଅ ଗୁଡ଼ିକୁ କଂସକୁ ଦେବେ ବୋଲି ସତ୍ୟ କରିଚନ୍ତି । ଏବେ ଆଉ ଉପାୟ କଣ ? ସତ୍ୟ କଲାଠୋଉଁ ତ କଥା ସରିଲା । ପୁଅଟିକ ତ ନେଇ କଂସକୁ ଦବାକୁ ହବ । ଦୁଃଖରେ ବସୁଦେବଙ୍କ ବୁକୁ ଫାଟି ଯାଉଥାଏ । ବସୁଦେବ ପୁଅଟିକ ଧରି, କଂସ ପାଖରେ ଯାଇ ପହଂଚିଲେ । କଂସକୁ ପୁଅଟିକ ଦବାରୁ କଂସ ବଡ଼ ସଂତୋଷ ହେଲା । ତା ମନ ଟିକଏ ଭଲ ଗଲା ।

ସେ କହିଲା, "ହେ ବସୁଦେବ, ଆପଣ ଏ ପୁଅଟିକ ଘେନି ଘରକୁ ଫେରି ଯାଂତୁ । ଏ ତ ପହିଲି ଗର୍ଭର ପୁଅ । ଏ ତ ମତେ ମାରିବ ନାଇ । ଆପଣଙ୍କର ଆଠଗର୍ଭ ବେଳକୁ ଯେ ପୁଅ ହବ, ସେ ସିନା ମତେ ମାରିବ । ଏ ପୁଅଟିରେ ମୋର କିଛି କାମ ନାଇ ।"

ବସୁଦେବ ପୁଅଟିକ ଘେନି ଘରକୁ ଫେରିଲେ ସତ, କିଂତୁ ତାଂକ ମନ ଖୁସୀ ହେଲା ନାଇ । ଏକେତ କଂସ ଦୟାରେ ପୁଅଟି ପାଇଲେ, ଏ ଅପମାନ ତାଂକୁ ବାଧିଲା । ପୁଣି ସେ କଂସକୁ ଚିହ୍ନିଥିଲେ, ଜାଣିଥିଲେ, କଥା କଥାକେ ତା' ମନ ବଦଳି ଯାଇପାରେ । ଆଜି ପୁଅଟି ଫେରାଇ ଦେଇଚି, କାଲି ପୁଣି କ'ଣ ବିଚାରି ଧରେଇ ନବ । ଦୁଷ୍ଟ ଦୁରାତ୍ମା ଲୋକଂକ କଥାରେ କୁ' ଠିକ୍ ?

ସତକୁ ସତ, କଂସର ଏ ସଂତୋଷ ବହୁତ ଦିନ ରହିଲା ନାଇ । ଦିନେ ନାରଦ ମୁନି ସ୍ୱର୍ଗରୁ କଂସ ପାଖକୁ ଆସିଥିଲେ । ସେ କଂସକୁ କହିଲେ, "କଂସ, ପୂର୍ବେ କାଳନେମୀ ବୋଲି ଯେଉଁ ଅସୁରକୁ ବିଷ୍ଣୁ ମାରିଥିଲେ, ତୁମେ ସେହି ଅସୁର । କଂସ ହୋଇ ଜନ୍ମ ପାଇଛ । ତୁମକୁ ମାରିବା ପାଇଁ ବସୁଦେବଂକ ଘରେ ବିଷ୍ଣୁ ଜନ୍ମ ହେବେ । ଏ ଯେଉଁ ଗୋପର ନଂଦବଂଶ ଓ ବସୁଦେବ ପ୍ରଭୃତି ଯଦୁବଂଶର ଲୋକଂକୁ ଦେଖୁଛ, ଏ ସମସ୍ତେ ତୁମର ଶତ୍ରୁ; ଏମାନେ ସମସ୍ତେ ଦେବତା । ଆଗ ମଂଚରେ ଆସି ଜନ୍ମ ହୋଇ, ବିଷ୍ଣୁଂକ ଜନ୍ମକୁ ଚାହିଁ ବସିଚଂତି ।"

ନାରଦଂକ ପେଟରେ ତ କଥା ରହେ ନାଇ । ଆସି ସବୁ କହିଗଲେ । କଂସ କିଂତୁ କରେ କ'ଣ ? ଏବେ ତାକୁ ସବୁ ଆଡ଼େ ବିପତ୍ତି ଦିଶିଲା । ସେ ସାଂଗେ ସାଂଗେ ବସୁଦେବ ଦେବକୀଂକ ଆଣି ହାତ ଗୋଡ଼ରେ ବେଡ଼ି ପକାଇ, ଆପଣା ଘରେ କଇଦୀ କଲା ।

ସେହିଦିନୁ ଯଦୁବଂଶ, ନଂଦବଂଶ ଲୋକଂକୁ ଏପରିକି ନିଜ ଭାଇ ବଂଧୁ କୁଟୁଂବମାନଂକୁ ଶତ୍ରୁ ବୋଲି ବିଚାରିଲା । ଯଦୁ, ଭୋଜ, ଅଂଧକ—ଏ ସବୁ ବଂଶର ରାଜା ଯେ ନିଜର ବାପ, ଉଗ୍ରସେନ, ତାଂକୁ ମଧ୍ୟ ଆଣି, କଇଦୀ କରି ପକାଇ, ବାଛି ବାଛି ଦୁଷ୍ଟ ସୈନ୍ୟ ସେନାପତି-ମାନଂକୁ ଘେନି, ଆପେ ମଥୁରାରେ ରାଜା ହୋଇ ବସିଲା ।

## ଶ୍ରୀକୃଷ୍ଣ-ଜନ୍ମ

କଂସ ଏବେ ଖୋଜି ଖୋଜି ଦୁଷ୍ଟ ଦୁରାତ୍ମା, ଦୁର୍ଦାଂତ ରାଜାମାନଂକ ସାଂଗେ ସାଂଗ ହେଲା । ମଗଧର ରାଜା ଜରାସଂଧ କଂସପକ୍ଷରେ ରହିଲା । ଆଉ ପ୍ରଲଂବ, ବକ, ଚାଣୁର, ତୃଣାବର୍ତ୍ତ, ଅଘ, ମୁଷ୍ଟିକ, ଅରିଷ୍ଟ,

ଦ୍ୱିବିଦ, ପୂତନା, କେଶୀ, ଧେନୁକ ପ୍ରଭୃତି ଦୁଷ୍ଟ ଲୋକମାନଙ୍କୁ ବାଛି ବାଛି ପାଖରେ ରଖିଲା । ବାଣ, ଭୌମ, ପ୍ରଭୃତି ରାଜାଙ୍କୁ ଆପଣାର କରି, ଯାଦବ (ଯଦୁବଂଶ ଲୋକ) ମାନଙ୍କୁ ଭାରି ପୀଡ଼ା ଦେଲା । ଯାଦବମାନେ ପୀଡ଼ା ପାଇ କିଏ କୁରୁକ୍ଷେତ୍ର, କିଏ କେକୟ, କିଏ ଶାଲ୍ୱ, କିଏ ବିଦେହ, କିଏ କୋଶଳ—ଏହିପରି ନାନା ଦେଶକୁ ପଳାଇଗଲେ । କେହି କେହି ମଧ୍ୟ କଂସର ଆଜ୍ଞାକାରୀ ହୋଇ, ପାଖରେ ପଡ଼ି ରହିଲେ । ଏଣେ ବର୍ଷକୁବର୍ଷ ଗୋଟିଏ ଲେଖାଏଁ—ଏହିପରି ଦେବକୀଙ୍କର ଛ' ବର୍ଷରେ ଛଅଟି ପୁଅ ହେଲା । କଂସ ଅତୁଡ଼ି ଶାଳରୁ ନେଇ ସେମାନଙ୍କୁ ମାରି ପକାଉ ଥାଏ । ପହିଲି ପୁଅଟିକି ପୁଣି ନେଇ ସେ ଆଗରୁ ମାରି ସାରିଥିଲା, ସେ କଥା କହିବା ଦରକାର ନାଇ ।

ଦେବକୀଙ୍କର ସପ୍ତମ ଗର୍ଭରେ ବିଷ୍ଣୁଙ୍କର ଆଶ୍ରୟ ଶେଷଦେବ ମନୁଷ୍ୟ ରୂପରେ ଜନ୍ମିବାର କଥା । କଥା ଅଛି, ଦଶମାସ ପୂରି ନ ହେଉଣୁ ଦେବକୀଙ୍କର ଏ ଗର୍ଭ ନଷ୍ଟ ହୋଇଗଲା ବୋଲି ସମସ୍ତେ ଜାଣିଲେ । କିଂତୁ ପ୍ରକୃତରେ ସେ ଗର୍ଭ ନଷ୍ଟ ହୋଇ ନାଇ । ବସୁଦେବଙ୍କର ରୋହିଣୀ ବୋଲି ଆଉ ଗୋଟିଏ ଭାର୍ଯ୍ୟା ଥିଲା । ମାୟାରେ ସେ ଗର୍ଭ ରୋହିଣୀଙ୍କ ପେଟକୁ ଚାଲିଗଲା । ରୋହିଣୀ ଯାଇ ବ୍ରଜପୁର (ଗୋପନଗର)ରେ ରହିଲେ । ସେହି ଗର୍ଭରୁ ବଳରାମ ଜନ୍ମ ହୋଇଥିଲେ । ସେଥିପାଇଁ ବଳରାମ କୃଷ୍ଣଙ୍କର ବଡ଼ ଭାଇ ହେଲେ ।

ଏବେ ଦେବକୀଙ୍କର ଅଷ୍ଟମ ଗର୍ଭ ସଂଚାର ହେବା ମାତ୍ରକେ, ଦେବକୀ ବଡ଼ ସୁନ୍ଦର ଦିଶିଲେ । ତାଙ୍କ ଦେହରୁ ଗୋଟାଏ ତେଜ ବାହାରିଲା । ସବୁବେଳେ ତାଙ୍କ ମୁହଁରେ ହସ ଦେଖାଗଲା । କଂସ ଦିନେ ଆସି ଏ ସବୁ ଦେଖି, ତାକୁ ତାଜୁବ୍ ଲାଗିଲା । ସେ ବିଚାରିଲା, 'ଏଇଥର ନିଶ୍ଚେ ଦେବକୀ ପେଟରେ ବିଷ୍ଣୁ ଅଛଂତି । ଏ ଗର୍ଭରେ ଯେ ଜନ୍ମ ହବ, ସେଇ ଏକା ମୋ ଶତ୍ରୁ । ଏବେ ଦେବକୀକି ମାରିଦେଲେ, ସବୁ ନିକାଶ୍ ।'

ଏ କଥା ବିଚାରି, ପୁଣି ପଚ୍ଛେଇ ଗଲା, 'ଦେବକୀ ମାଇପି ଲୋକ, ପୁଣି ଭଉଣୀ, ତାକୁ ମାରିବି କିପରି ? ମାଇଲେ ଅଧର୍ମ ହେବ, ଅପଶ ହେବ ।'' ଏହିପରି କେତେ ସାତପାଂଚ ବିଚାରି, ଦେବକୀଙ୍କୁ ସେ ଆଉ ମାଇଲା ନାଇ । ପିଲା ଜନ୍ମହେବା ଦିନକୁ ଚକାଇ ବସିଲା ।

କଂସ ଯେ ଖାଲି ପିଲା ଜନ୍ମହେବା ଦିନକୁ ଚକାଇ ବସିଥିଲା, ସେତିକି ନୁହେଁ । ସେହିଦିନୁ ସବୁବେଳେ ସେ ବିଷ୍ଣୁଙ୍କ କଥା ଭାବି ଭାବି ଘରେ ବାହାରେ ସବୁଆଡ଼େ, ବସିବା, ଚେଇଁବା, ଶୋଇବା, ସବୁବେଳେ—ତାକୁ ସବୁଆଡ଼େ ବିଷ୍ଣୁମୟ ଦିଶିଲା । ସବୁବେଳେ ତା'ର ମନରେ ଭୟ ହେଲା, ଯେପରିକି ବିଷ୍ଣୁ ମଂଚରେ ଜନ୍ମ ହୋଇ ତାକୁ ମାରି ପକାଉଛଂତି ।

ଏଣେ ଦେବକୀଙ୍କ ଗର୍ଭରେ ବିଷ୍ଣୁ ରହିବାରୁ, ଦେବତା ଓ ଦେବର୍ଷିମାନେ ଆସି, ସବୁବେଳେ ସ୍ତୁତି କରୁଥାଂତି । ତାଙ୍କୁ ସବୁ କେହି ଦେଖିପାରେ ନାଇ । କେବେ କେବେ ଦେବକୀ ଦେଖିପାରି, ବଡ଼ ସୁଖୀ ହୁଅଂତି ।

ଏହିପରି କୃଷ୍ଣଙ୍କ ଜନ୍ମ ହେବା ଦିନ ଆସି ପହଂଚିଲା । ଆକାଶ ପରିଷ୍କାର ହୋଇଗଲା, ତାରା ଉଜ୍ଜ୍ୱଳ ଦିଶିଲା । ସୁଗନ୍ଧ ପବନ ଧୀରେ ଧୀରେ ବହିଲା । ସମସ୍ତଙ୍କୁ ଆନଂଦ ଲାଗିଲା । ଦୁଷ୍ଟ ଲୋକର ମନ ଶାଂତ ହୋଇଗଲା । ନଦୀ, ପର୍ବତ, ଗଛ, ପତ୍ର, ପଶୁପକ୍ଷୀ ମନୁଷ୍ୟ ସେନି ପୃଥିବୀ ଯେପରିକି ହସିଉଠିଲା ।

ରାତ୍ର ଅଧ, ନଶା ଗର୍ଜୁଛି, ଧୀରେ ଧୀରେ ମେଘ ଘୋଟାଇ ଆସି ବର୍ଷା ଆରମ୍ଭ ହେଲା । ଚାରିଆଡ଼ ଘୋର ଅନ୍ଧାର—ପବନ ଓ ବର୍ଷାର ଧୀର ଝଙ୍କାର ଶବ୍ଦ—ସେତିକିବେଳେ କଇଦୀ ଘର ଭିତରେ ଭଗବାନ୍ ବିଷ୍ଣୁ, ବାଳକ ରୂପରେ ଦେବକୀଙ୍କ ଗର୍ଭରୁ ବାହାରି, ତାଙ୍କ କୋଳରେ ଦେଖାଦେଲେ ।

ବସୁଦେବଙ୍କର ହାତ ଗୋଡ଼ରେ ବେଡ଼ି ପଡ଼ିଛି । କଇଦୀ ଘରର ଦୁଆର ସବୁ ଲୁହା କଳଣୀରେ ବନ୍ଦ ହୋଇଛି । ଦୁଆରୀମାନେ ବାହାରେ ଯମ ପରି ଜଗି ଠିଆ ହୋଇଚନ୍ତି । ଦେବକୀ ଓ ବସୁଦେବ ଦେଖିଲେ, ପିଲାଟି ତଳେ ପଡ଼ୁ ପଡ଼ୁ ଅନ୍ଧାର କଇଦୀ ଘର ଆଲୁଅ ହୋଇଗଲା । ସେ ପିଲାଟିକି ସଫା ଦେଖି ପକାଇଲେ । ତାଙ୍କୁ ଲାଗିଲା, ପିଲାଟିର ଚାରୋଟି ହାତ, ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରିଛି, ପିଲାଟି ପୀତାମ୍ବର ଯଥା ପିନ୍ଧିଛି, ତାର ମୁଣ୍ଡରେ ମୁକୁଟ, ହାତରେ କଙ୍କଣ ଓ ବେକରେ ପଦକ ଅଛି ।

ଦୁହେଁଯାକ ଏହା ଦେଖି, ବିଷ୍ଣୁ ବୋଲି ଜାଣି, ପିଲାକୁ କେତେ ସ୍ତୁତି କଲେ, କେତେ ଆନନ୍ଦରେ ଗଦ୍‌ଗଦ୍ ହେଲେ । ମୁହୂର୍ତ୍ତିକ ପାଇଁ କଇଦୀ ଘର କଥା, କଂସ କଥା, ସବୁ ଭୁଲିଗଲେ ।

ଥିହୁଁ ଥିହୁଁ ପୁଣି ସବୁକଥା ମନେ ପଡ଼ିଲା । ଏପରି ବାଳକ ପାଏ କିଏ ? ଆହା, ଏ ଭାଗ୍ୟ କେତେ ବଡ଼ ! ଏହିକ୍ଷଣି ତ କଂସ ଖବର ପାଇ ଆସି, ପିଲାଟିକି ମାରି ପକାଇବ । ଏହା ଭାବି, ବସୁଦେବ କଇଁ କଇଁ ହୋଇ, ପିଲାଟି ଆଗେ କାନ୍ଦି ପକାଇଲେ । ସେତିକି-ବେଳେ ବସୁଦେବଙ୍କୁ ଜଣାଗଲା—ପିଲାଟି ଯେପରି କହୁଛି,—

"କିଛି ଭୟ ନାହିଁ, ତୁମେ କିଛି ନ ବିଚାରି, ମତେ ଏହିକ୍ଷଣି ନେଇଯାଇ, ଗୋପ ନଗରର ଗଉଡ଼ରଜା ନନ୍ଦଙ୍କ ଭାର୍ଯ୍ୟା ଯଶୋଦାଙ୍କ କୋଡ଼ରେ ଥୁଅ । ଯଶୋଦାଙ୍କର ଏହି ମୁହୂର୍ତ୍ତରେ ଗୋଟିଏ ଝିଅ ଜନ୍ମ ହୋଇଚି । ସେ ଝିଅଟି ଜନ୍ମ କରିସାରି, ଅଜ୍ଞାନ ହୋଇ ପଡ଼ିଚନ୍ତି । ତାଙ୍କ ଘରେ ସମସ୍ତେ ଶୋଇଚନ୍ତି । ତୁମେ ସେହି ଝିଅଟି ନେଇଆସି ଦେବକୀଙ୍କ କୋଳରେ ଥୋଇ ଦେଇ ନିଶ୍ଚିନ୍ତ ହୁଅ ।"

ବସୁଦେବଙ୍କୁ ଆଉ ବିଚାରିବାକୁ ବେଳ କାହିଁ ? ଝଟେ ଝଟେ ପିଲାଟିକି ଧରିଲେ । କି ଆଶ୍ଚର୍ଯ୍ୟ ! ପିଲାଟିକି ଧରିବେ ବୋଲି ଉଠିଲୁ ଉଠୁର ବେଡ଼ି ଫିଟି ଗୋଡ଼ରୁ ଅଲଗା ହୋଇ ପଡ଼ିଗଲା । ଯେଉଁ ବାଟେ ସେ ପିଲାକୁ ଧରି ଚାଲିଲେ, ସେ ବାଟ ଆଲୁଅ ହୋଇଗଲା । କଇଦୀଘର ଦୁଆରର ଲୁହା କଳଣୀ ସବୁ ଅଲଗା ହୋଇ, ଦୁଆର ମେଲା ହୋଇଗଲା । ଜଗୁଆଳମାନଙ୍କୁ ସେତିକିବେଳକୁ ନିଦ ଝାଙ୍କି ଦେଲା । ସେମାନେ ଅଜ୍ଞାନ ହୋଇ ଶୋଇ ପଡ଼ିଲେ । ବାହାରକୁ ବାହାରିଲାକ୍ଷଣି, ଦେଖିଲେ କାହୁଁ ଗୋଟାଏ ବଡ଼ ସାପ ଆସି ତାଙ୍କ ଉପରେ ଛତାପରି ସହସ୍ରେ ଫଣା ଟେକି ଝଟେ ଝଟେ ଚାଲିଲା । ପିଲା ଉପରେ, କି ତାଙ୍କ ଉପରେ, ଟୋପାଏ ହେଲେ ପାଣି ପଡ଼ିଲା ନାଇ ।

ଗୋପକୁ ଯିବା ବାଟରେ ଯମୁନା ନଈ । ବରଷାରେ ବଢ଼ିଯାଇ, ଯମୁନା ଦୁଇକୂଳ ଖାଇ ଚାଲିଚି ! ବସୁଦେବ ପାରିହେବେ କିପରି ? କିନ୍ତୁ ସେ ଚିନ୍ତା ବସୁଦେବଙ୍କର ନାଇ । ସେ ବାଟରେ ଚାଲିଗଲା ପରି ଯମୁନାରେ ପଶିଗଲେ । ସତକୁ ସତ ଯମୁନା ଶୁଖିଗଲା । ପାଣିରେ ବସୁଦେବଙ୍କର ଆଣ୍ଠୁ ସୁଦ୍ଧା ଓଦା ହେଲା ନାଇ ।

ନନ୍ଦ ଘରେ ପହଞ୍ଚି ବସୁଦେବ ଦେଖିଲେ, ସମସ୍ତେ ନିଦୋଡ଼ ଶୋଇଚନ୍ତି । ବସୁଦେବଙ୍କ ପାଇଁ

ଦୁଆର ସବୁ ଫିଟିଗଲା । କବାଟ ଖସିଗଲା । ବସୁଦେବ ଦେଖିଲେ, ଅଂଦର ମହଲରେ ନଂଦଂକ ଭାରିଯା ଯଶୋଦା ଝିଅଟିଏ ଜନ୍ମ କରିପକାଇ ଅଜ୍ଞାନ ହୋଇ ପଡ଼ିଛଂତି । ବସୁଦେବ ପୁଅଟି ଥୋଇଦେଇ ଝିଅଟି ନେଇ, ଯେଉଁ ବାଟେ ଯାଇଥିଲେ, ସେହି ବାଟେ ଫେରି ଆସିଲେ । ତାଂକ ପଛେ ପଛେ କଇଦୀ ଘରର କବାଟ ସବୁ ଆଗପରି ପଡ଼ିଗଲା ।

ଝିଅଟି ଦେବକୀଂକ କୋଳରେ ଥୋଇଦେଲାକ୍ଷଣି ହାତ ଗୋଡ଼ରେ ମନକୁ ବେଡ଼ି ଲାଗିଗଲା ।

———

## ଯୋଗମାୟା ସଂବାଦ

### କଂସର ମଂତ୍ରଣା

ଝିଅଟି ଆସି ଦେବକୀଂକ ଶେଯରେ ପଡ଼ିଲାକ୍ଷଣି 'କୁଆଁ' 'କୁଆଁ' ହୋଇ, କାଂଦି ଉଠିଲା । ସଂଗେ ସଂଗେ ବାହାରେ ଜଗୁଆଳମାନଂକ ନିଦ ଭାଂଗିଗଲା । ସେମାନେ ଦଉଡ଼ି ଯାଇ, କଂସକୁ ଖବର ଦେଲେ, "ଦେବକୀଂକର କଣ ଗୋଟିଏ ହେଲାଣି ?"

କଂସ ତ ଦେବକୀର ପିଲା ଜନ୍ମ ହେବା ପାଇଁ ଚାହିଁ ବସିଥିଲା । ଅଂଠୁଏ ଉଚ ଲହୁଣୀପରି ଶେଯରେ ମଧ୍ୟ ତାକୁ ଭଲ ନିଦ ଲାଗୁ ନଥିଲା । ସେ ଏକଥା ଶୁଣି ତର ତର ହୋଇ ଉଠି, ପାଗ ବାଂଧିବାକୁ ନାହିଁ, ଦୋସଡ଼ା ଧରିବାକୁ ନାହିଁ, ସେହିପରି ଏକକାନିଆ ହୋଇ ଲଂବେ ଲଂବେ ଦେବକୀ ବସୁଦେବଂକ ଘରକୁ ଚାଲିଲା ।

ଦେବକୀ ଦୂରରୁ ଭାଇକି ଚାହିଁଲେ; ଭାଇର ଭୟଂକର ମୂର୍ତ୍ତି ଦେଖି ତାଂକୁ ଡର ମାଡ଼ିଲା । ଏହିକ୍ଷଣି ତ ପିଲାଟିକୁ ମାରି ପକାଇବ ! ଦେବକୀ କରିବେ କଣ ? ତାଂକୁ ଆଉ ବୁଦ୍ଧି ଦିଶିଲା ନାହିଁ । ସେ ସାଂଗେ ସାଂଗେ କାଂଦି କାଂଦି ଭାଇ ଗୋଡ଼ତଳେ ପଡ଼ି କହିଲେ—

"ମୋ ଭାଇ କଂସ, ମୁଁ ତୁମ ସାନ ଭଉଣୀ; ମୁଁ ରଜା ଝିଅ, ତୁମ ପରି ରଜାର ଭଉଣୀ—କିନ୍ତୁ ମୋ କପାଳେ ଏଇ ଦୁଃଖ ଲେଖିଥିଲା ! ସାତୋଟି ପୁଅ ମାରିଚ । ଏଇଟି ଝିଅଟିଏ, ପୁଅ ନୁହେଁ । ଏଇଟିକି ମାରନାଇ । ଆହା କେଡ଼େ ସୁଂଦର ମୁହଁ, ଏଇଟି ବଡ଼ ହେଲେ, ତୁମ ପୁଅ ସାଂଗେ ବାହାଘର କରିବା । ଝିଅଟିଏ ମାରି ତୁମର କି ଲାଭ ହେବ ! ଭାଣେଜୀ ମୁହଁକୁ ଚାହିଁ ଦୟାକର, ରଜା ତୁମେ ।"

କଂସ ଏକଥା କିଛି ନ ଶୁଣି, ଝିଅଟିକୁ ଉଠାଇ ଆଣିବାକୁ ଅଂତୁଡ଼ିଶେଯକୁ ହାତ ବଢ଼ାଇଲା । ଦେବକୀ ଆଉ କରିବେ କଅଣ ? ଝିଅଟିକୁ ଗୋଟାଇ ପୋଟାଇ କୋଳରେ ପୂରାଇ ଦେଲେ । କାଂଦି କାଂଦି ଭାଇ ମୁହଁକୁ ଚାହିଁଥାଂତି । କଂସକୁ ତ ମୋହ ହୋଇଛି ! ତାକୁ କି ଏ କାଂଦ ଦିଶୁଛି ? ତାର ଏତେବେଳେ ଭଉଣୀ ଭାଣେଜୀ କ'ଣ ? ଭଉଣୀ କୋଳରୁ ଝିଅଟିକି ଧରି ଉଠାଇ ନେଲା । ଦେବକୀ ଥରି ଥରି ପଡ଼ିଗଲେ ।

କଂସ ଝିଅର ଦୁଇଗୋଡ଼ ଧରି ମୁଂଡଉପରେ ବୁଲାଇ ବୁଲାଇ, ଗୋଟିଏ ପଥରରେ କଚାଡ଼ି ଦେଲା । ସେ କି ପଥରରେ ଛେଚି ହୋଇ ମରିବା ଝିଅ ? ସେ ତ ନିଜେ ବିଷ୍ଣୁଂକର ଯୋଗମାୟା । କଂସକୁ ଠକିବାପାଇଁ ଜନ୍ମ ହୋଇ ଥିଲେ । ଚାହୁଁ ଚାହୁଁ ଝିଅଟି କଂସ ହାତରୁ ଖସିଯାଇ, ଆକାଶରେ ହାଜର !

କଂସ ଏବେ ଆକାଶକୁ ଚାହିଁ ଦେଖିଲା, ଆଉ ପିଲାଝିଅ ନାହିଁ । ନିଜେ ଯୋଗମାୟା ଦେବୀ କେତେ

ଅଳଂକାର କେତେ ଅସ୍ତ୍ର ଶସ୍ତ୍ର, କେତେ ବସ୍ତ୍ର ଘେନି ଶୂନ୍ୟରେ ଛିଡ଼ା ହୋଇଚଂନ୍ତି । ସେ ରୂପଦେଖି, କଂସର ଆଖି ଝଲସି ଗଲା । କଂସକୁ ଶୁଭିଲା,—

"ଆରେ, ମତେ ମାରି ଲାଭ କଣ ? ତତେ ଯେ ମାରିବେ ସେ ନିଜେ ବିଷ୍ଣୁ; ମଂତରେ ଜନ୍ମ ହୋଇ ସାରିଲେଣି । ଆଉ ଦେବକୀ, ବସୁଦେବଂକୁ କଇଦ କରି, ଗଂଜଣା ଦେଇ, କିଛି ଲାଭ ନାଇ । ଏବେ ତାଂକଠାରେ ଭଲ ବୁଦ୍ଧି କର ।"

ଏ କଥା ଶୁଣି, କଂସର ଜ୍ଞାନ ପଶିଗଲା । ସେ ଟିକଏ ଥକ୍କା ହୋଇ ଠିଆ ହୋଇଗଲା । ତା'ପରେ ପୂର୍ବକଥା ସବୁ ତାର ମନେ ପଡ଼ିଲା । ବିଚାରିଲା, ଭଉଣୀର ଏତେ ପୁଅ ଝିଅ ମାରିଲି । ଭଉଣୀ ଭଣୋଇଂକ କଇଦ କଲି । କିଛି ହେଲାନାଇ ।

ସେଠାରୁ ଆସି କଂସ ଭଉଣୀ ଭଣୋଇଂକ କଇଦରୁ ଛାଡ଼ିଦେଲା । ଭଉଣୀକି କହିଲା,—

"ମା ଦେବକି, ମୁଁ ତୋ'ର କେତେ ଅକାର୍ଯ୍ୟ କଲି । ତୁ ଆଉ ଦୁଃଖ କରନା, ମୋତେ କ୍ଷମା ଦେ । ତୋ' ପୁଅ ଝିଅ ଯାକ ମୁଁ ମାରିଛି । ମୁଁ କ'ଣ କରିବି ? ନିଜେ କାଳେ ମରିଯିବିବୋଲି ଡରି, ଏଡ଼େ ଅନ୍ୟାୟ କଲି । ତୁ ଆଉ ସେ କଥା ଭାଳନା । ସଂସାରରେ ଯେ ଜନ୍ମ ହଉଚି, ସେ ତ ମରୁଛି । କେତେ ପିଲା ଜନ୍ମ ହୋଇ ମଧ୍ୟ ମରୁଚଂନ୍ତି । ଏକଥା ବିଚାରି ଜାଣିବା ଲୋକେ, କେହି ମରିଗଲେ, ଦୁଃଖ କରଂନ୍ତି ନାଇ । ତୁ ଆଉ ଦୁଃଖ କରନା, ମୋ ଉପରେ ରାଗ ରଖ୍‌ନା । ଭାଇ ବୋଲି ମୋ ମୁହଁକୁ ଚାହଁ । ମୁଁ କଣ କରିବି ! ମୋ' ପ୍ରକୃତିଟା ତ ଏଇପରି ଖରାପ ହୋଇ ଯାଇଚି ।"

ଏହିପରି ବୁଝାଇ ସୁଝାଇ ବସୁଦେବଂକୁ ମଧ୍ୟ କେତେ କହିଲା । ବସୁଦେବ, ଦେବକୀ ବିହେଁ ଟିକଏ ସଂତୋଷ ହେଲେ; କିଂତୁ କଂସର ତ ଦୁଷ୍ଟମନ । ସେ ଏତିକରେ ଥଂଡା ହେବ କିପରି ? ଯୋଗମାୟା କହିଲାବେଳୁ ତା ମନରେ ବଡ଼ ଦକ୍କା ପଶିଗଲାଣି । ସେ ଏବେ ପାଖରେ ଥିବା, ସବୁ ଦୁଷ୍ଟ ଲୋକଂକୁ ଡାକି ବିଚାର କରି ବସିଲା ।

ଦୁଷ୍ଟ ଲୋକମାନେ ସବୁ କଥା ଶୁଣି, କେତେ ବିଚାର ଦେଲେ । ଦୁଷ୍ଟ ଲୋକଂକୁ ସବୁବେଳେ ମଂଦ ବୁଦ୍ଧି ଦିଶେ । ଭଲ କଥା ସେ କହିବେ କୁଆଡ଼ୁ ? ଏହିପରି ମଂଦକାର୍ଯ୍ୟ କରିବାରୁ ତ ସେମାନଂକୁ ନିପାତ କରିବା ପାଇଁ, ବିଷ୍ଣୁ ଦେବତାମାନଂକୁ ଘେନି ଜନ୍ମ ହଉଚଂନ୍ତି ।

ସେମାନେ ସବୁ ଶୁଣି ସାରି କହିଲେ,—

"ମହାରାଜ, ଡରିବାର କଣ ଅଛି ? ଆପଣ ଆଜ୍ଞା ଦିଅଂତୁ, ଦଶଦିନ ଭିତରେ ଯେତେ ପିଲା ଜନ୍ମ ହୋଇଚଂନ୍ତି, ସମସ୍ତଂକୁ ମାରି ନିପାତ କରି ଦବୁଁ । ଆଉ ଦେବତାମାନଂକୁ ଭୟ କଅଣ ! ଆଂଭେମାନେ ଯୁଦ୍ଧ କଲାବେଳେ, ଦେବତାମାନେ ତ ଠିକଣା ପଡ଼ୁଂନ୍ତି ନାଇ । ଆପଣ ଧନୁ ଧରିଲେ କେଉଁ ଦେବତା ବା ଠିଆ ହୁଏ ! ତେବେ ଗୋଟିଏ କଥା, ଦେବତାମାନଂକର ବଡ଼ ବଳ ଧର୍ମକାର୍ଯ୍ୟ; ଆଉ ଧର୍ମକାର୍ଯ୍ୟ କରୁଥିବା ଲୋକମାନେ । ଆପଣ ଆଜ୍ଞାଦିଅଂତୁ, ଯେତେ ଯାଗ, ଯଜ୍ଞ, ଦାନ, ପୁଣ୍ୟ, ଭକ୍ତ, ଗୋ, ବ୍ରାହ୍ମଣ— ସମସ୍ତଂକୁ ଆମେମାନେ ରାଜ୍ୟରୁ ଧ୍ୱଂସ କରିଦେବୁ । ଆଉ ଦେବତା ମାନବଂକର କି ବଳ ରହିବ ! ବିଷ୍ଣୁ ବା କି ବଳ ଘେନି ଆପଣଂକୁ ମାରିବାକୁ ଆସିବେ । ଧର୍ମ ତୁଟି ଗଲେ ତ ବିଷ୍ଣୁଂକ ବାହା ଛିଡ଼ି ପଡ଼ିବ ।"

କଂସକୁ ଏ ମଂତ୍ରଣା ଭାରି ସୁଖ ଲାଗିଲା । ସେ ସବୁ କଥାରେ ହଁ ଭରି ଦେଇ ଟିକଏ ଆଶ୍ୱାସ ପାଇଲା ।

## ନଂଦଂକର ଉତ୍ସବ

### ବସୁଦେବଂକ ସଂଗେ ଦେଖା

ବ୍ରଜପୁର ରଜା ନଂଦ, ପୁଅ ହବାର ଖବର ଶୁଣିଲେ । ସେ ବୁଢ଼ା ହୋଇ ଯାଇଥିଲେ । ଶେଷକାଳକୁ ପୁଅଟିଏ ହେଲା । ଏଥିରେ ତାଂକର ଯେ କେତେ ଆନଂଦ ହୋଇଥିବ, ତା' କହିବା ଦରକାର ନାଇ । ସେ ସକାଳୁ ବ୍ରଜପୁରର ଗୋପମାନଂକ ମଧ୍ୟରେ ଉତ୍ସବ ଲଗାଇ ଦେଲେ । ଧାନ, ଚାଉଳ, ମୁଗ, ବସ୍ତ୍ର, ଗୁଣି, ସୋଡ଼ଷ ଦେବ ପ୍ରମାଣରେ ଅଣାଇ ବାଂଟିବା ପାଇଁ କୁଢ଼ାଇ ଦେଲେ । ଯେ ଯାହା ମାଗିଲା, କାହାକୁ ଧାନ, କାହାକୁ ଧନ, କାହାକୁ ବସ୍ତ୍ର—ଯାହା ଯାହାକୁ ମନହେଲା, ଦେଲେ । ରାଜ୍ୟ ଲୋକେ ମହା ଆନଂଦରେ, ଉତ୍ସବରେ ଲଗିଗଲେ । ଗାଈ ଯାକ ସବୁ ହଳଦୀ ଲଗାଇ ଗାଧୁଆଇ ପୂଜା କଲେ । ନଂଦଂକ ଦୁଆରେ ତୁରୀ, ଭେରୀ, ଦୁଂଦୁଭି ବାଇଦ, କଡ଼କାଠ ବାଜି ଉଠିଲା; ଚହଳ ପଡ଼ିଗଲା, ନଂଦଂକର ପୁଅ ହୋଇଛି । ସେ ପୁଅ ପୁଣି ଏଡ଼େ ସୁଂଦର ! ସେପରି ପିଲା କେହି କେବେ ଦେଖିନାଇ । ଗୋପୀ ( ଗଉଡ଼ୁଣୀ ) ମାନେ ଶୁଣୁ ଶୁଣୁ ପିଲାକୁ ଦେଖିବାକୁ ଅଥୟ ହୋଇ ପଡ଼ିଲେ । ଯେ ଯେଉଁ ସଜ ଥିଲା, ସେ ସେଇ ସଜେ ପିଲା ଦେଖିବା ପାଇଁ ଯଶୋଦାଂକ ଇଂତୁଡ଼ିଶାଳ ଆଡ଼କୁ ଚାଲିଲା । କଏ ମୁଂଥା ସଜାଡ଼ିବା ପାଇଁ ହାତରେ ଦର୍ପଣ ଧରିଥିଲା, କଏ ଗାଧୋଇବା ପାଇଁ ଅଧେ ହଳଦୀ ଲଗାଇ ଥିଲା, କଏ ମୁଂଡରେ ଫୁଲ ଖୋସୁଥିଲା, କଏ ପିଲାକୁ ଖାଇବାକୁ ଦଉଥିଲା, କଏ ନିଜେ ଖାଇ ବସିଥିଲା, ସମସ୍ତେ ସେହି ସଜେ କୋଳାହଳ କରି ଯଶୋଦାଂକ ଘରକୁ ଚାଲିଲେ । ଚାଲିଲାବେଳେ କାହା ଚୂଡ଼ି ଫିଟି ଯାଉଛି; କାହା ଲୁଗା ଖସି ଯାଉଛି, କାହା ଅଳଂକାର ପଡ଼ି ଯାଉଛି, କାହାର କୁଣିସି କଥାକୁ ଖାତର ନାଇ । ନୂଆ ପୁଅ ଦେଖିବାକୁ ସମସ୍ତେ କୋଳାହଳ କରି ଦୌଡ଼ିଲେ ।

ସମସ୍ତେ ଆସି ପିଲାଟିକି ଚାହିଁ ଦେଇ ଆନଂଦରେ ଭାଜି ପଡ଼ିଲେ । ସମସ୍ତେ ଆଶୀର୍ବାଦ ଅଜାଡ଼ି ଦେଲେ । କଏ ନାକ, କଏ ମୁହଁ, କଏ ହାତ, କଏ ପିଠି ଗୋଟି ଗୋଟି କରି ଗୋପୀମାନେ ଦେଖି ଦେଖି, କେତେ ପ୍ରଶଂସା କଲେ ।

ଏଣେ ରୋହିଣୀ ବ୍ରଜପୁରେ ନଂଦଘରେ ଥିଲେ । ସେ ଆଜ ନୂଆ ଲୁଗା ପିଂଧି; ଅଳଂକାର ଭରି, ମହୋତ୍ସବରେ ମାତିଗଲେ । ବନ ଯାକ କେତେ ଭାଟ ଆସି ଦୁଆରେ ଗୀତ ବୋଇଲେ । ରାତି ଅଧଯାଏ ଗୋପପୁର ଆନଂଦରେ ନାଚିଲା ।

ନଂଦ ଗୋପପୁରର ରଜା ସତ, କିଂତୁ କଂସର ଅଧୀନ । ବର୍ଷକୁବର୍ଷ ସେ କଂସକୁ ଖଜଣା ଦିଅଂତି । ଏବେ ସେହି ଖଜଣା ଦବାର ବେଳ ଆସିଲା । ନଂଦ, ଆଉ କେତେ ଗୋପଂକୁ ରାଜ୍ୟରେ ସବୁ କାର୍ଯ ବୁଝିବା ପାଇଁ ରଖାଇ ଦେଇ, ନିଜେ ଖଜଣା ନେଇ, ମଥୁରାକୁ ଆସିଲେ ।

ବସୁଦେବ ଶୁଣା ପାଇଲେ, ନଂଦ ଖଜଣା ଦେବାକୁ ଆସି ମଥୁରାରେ ଅଛଂତି । ଆନଂଦରେ ତାଂକ ଦୋଡ଼ ଆଉ ତଳେ ଲାଗିଲା ନାଇ । ସେ ସାଂଗେ ସାଂଗେ ଆସି, ନଂଦ ଯେଉଁ ଘରେ ଥିଲେ, ସେହି ଘରେ ପହଂଚ ଗଲେ ।

ଦେଖିଲାକ୍ଷଣି ଦୁହେଁ ଆନଂଦରେ କୁଂଡିଆକୁଂଡି ହୋଇ ଗଦ୍‌ଗଦ ହୋଇଗଲେ । ବସୁଦେବ କହିଲେ, "ଭାଇ ନଂଦ, ଆପଣଂକର ଏ ବୟସରେ ଗୋଟିଏ ବାଳକ ହୋଇଛି—ଶୁଣି ବଡ଼ ଆନଂଦ ହେଲା । ଭଗବାନ କରଂତୁ, ସେ ବାଳକଟି ଦୀର୍ଘଜୀବୀ ହେଉ । ମୋର ରୋହିଣୀ ଆପଣଂକ ପୁରରେ ଅଛି । ସେ ତା' ପୁଅଟି ସେନି ଭଲ ଅଛି ତ ? ଆପଣଂକ ପୁଅ କଥା ପଚାରିବ କାହିଁକି ? ସେ ତ ଭଲଥିବ । ଖଜଣା ଦସ

କାମ ତ ସରିଗଲାଣି । ଆଉ ଏଠାରେ ରହିବା ଦରକାର କ'ଣ ? ଆପଣ ବେଗେ ଘରକୁ ଯାଆନ୍ତୁ । ନୂଆ କଅଁଳା ପୁଅ, କେତେବେଳେ କ'ଣ ଭଲମନ୍ଦ ଥାଏ, ରାଜ୍ୟରେ କିଛି ଅନିଷ୍ଟ ଘଟିପାରେ, ଆପଣ ପାଖରେ ଥିଲେ ସବୁ ଭଲ ।"

ନନ୍ଦ ରାଜା ଏହା ଶୁଣି ଆଉ ମଥୁରାରେ ନ ରହି, ଗୋପପୁରକୁ ଚାଲି ଆସିଲେ ।

---

## ପୂତନା

ନନ୍ଦ ବସୁଦେବଙ୍କ କଥାରେ ଘରକୁ ଫେରିଲେ ସତ, କିନ୍ତୁ ବସୁଦେବଙ୍କର ଶେଷ କଥା ଦିଓଟି ତାଙ୍କ ମନରେ ଲାଗି ରହିଥାଏ । 'କଅଁଳା ପିଲା, କେତେବେଳେ କ'ଣ ହୋଇପାରେ; ବ୍ରଜପୁରରେ କିଛି ଅନିଷ୍ଟ ହୋଇପାରେ' ଏ କଥା ଦିଓଟି ବାଟସାରା ସେ ଭାବୁଥାଆନ୍ତି । ବିଚାରୁଥାଆନ୍ତି, 'ବସୁଦେବ ଏପରି କଥା କାହିଁକି କହିଲେ !"

ସତକୁ ସତ, ଏଣେ କଂସ କଥାରେ ପୂତନା ବୋଲି ଗୋଟାଏ ରାକ୍ଷସୀ ରାଜ୍ୟ ସାରା କଅଁଳା ପିଲା ସବୁ ମାରି ମାରି ବୁଲୁଚି । ଦିନେ ସେହି ପୂତନା ଗୋଟିଏ ସୁନ୍ଦରୀ ମାଇକିନିଆ ପରି ହୋଇ, ବ୍ରଜ-ପୁରରେ ଆସି ପହଞ୍ଚିଥିଲା ।

ପୂତନା ରାକ୍ଷସୀ—ମାୟାରେ ସେ କେତେ ପ୍ରକାର ବେଶ ହୋଇପାରେ । ବ୍ରଜପୁରକୁ ଆସିଲା ବେଳକୁ ସେ ଗୋଟିଏ ଅତି ସୁନ୍ଦରୀ ଯୁବତୀ ପରି ଦେଖା ଯାଉଥ । ମୁଣ୍ଡରେ ସୁନ୍ଦର ବେଣୀ ଲମ୍ବିଛି । ସେ ବେଣୀରେ ମଲ୍ଲୀମାଳ ସବୁ କେଡ଼େ ଚମତ୍କାର ! ବଡ଼ ବଡ଼ ସ୍ତନ, ପିଲାଙ୍କୁ ଖୁଆଇବା ପାଇଁ ଦୁଧ ଭର୍ତ୍ତି ହୋଇଛି । ଜଙ୍ଘ, ପିଣ୍ଡି ସବୁ ଗୋଲ, ସୁନ୍ଦର ! ଅଣ୍ଟାଟି ସରୁ । ଖଣ୍ଡେ ପାଟ ପିନ୍ଧିଛି । ଉଜ୍ଜ୍ୱଳ ଅଳଙ୍କାର ସବୁ ପିନ୍ଧି ଜକ୍‌ଜକ୍ ଦିଶୁଛି । ଆଖି ବୁଲାଇ ବୁଲାଇ, ଟିକିଏ ମୁରୁକି ହସା ଦେଇ, ପୂତନା ଆସି ବ୍ରଜପୁରରେ ପଶିଲା । ବ୍ରଜପୁର ଲୋକମାନେ ତା' ଚାଲି, ଭଙ୍ଗି, ଆଖି, ହସ, ଦେଖି ଭୁଲିଗଲେ । ପୂତନା ଯଶୋଦାଙ୍କ ଅନ୍ତୁଡ଼ିଶାଳରେ ପଶିଲା । ଯଶୋଦା, ରୋହିଣୀ ଦୁହେଁ ସେଠାରେ ଥିଲେ । ପୂତନାକୁ ଦେଖି ସେମାନେ ଭାରି ଖୁସୀ ହେଲେ । ପୂତନା ପିଲାଟିକି ଦେଖି, ମା'ଠୁ ବଳି, ପିଲାଟିକି ଗେହ୍ଲା ଆଦର ଦେଖାଇଲା । ଅତି ଆଦରରେ କୁଣ୍ଢାଇ ପକାଇ, ଦୁଧ ଦେବ ବୋଲି, ପିଲା ମୁହଁଟିକି ନେଇ ସ୍ତନରେ ଲଗାଇ ଦେଲା । ରୋହିଣୀ ଯଶୋଦାଙ୍କୁ ଏହା ଦେଖି ଭାରି ସୁଖ ଲାଗିଲା । ସେମାନେ ମା' ହୋଇ ସୁଦ୍ଧା ଏତେ ସ୍ନେହ ଦେଖାଇ ପାରୁ ନଥିଲେ ।

ପୂତନା ସ୍ତନରେ ବିଷ ଥିଲା; କିନ୍ତୁ ଯଶୋଦାଙ୍କ ପୁଅ ବିଷରେ ମରିବା ପିଲା ନୁହେ । ପୁଅଟି ହାତ ବଢ଼ାଇ ପୂତନା ଦୁଧକୁ ଧରି ମୁହଁ ଲଗାଇ ଶୋଷି ଦେଲା । ଆଉ ପୂତନାର ଗତି କଣ ? ପିଲାଟି ତା' ଦୁଧ ଶୋଷିବାରୁ, ତା' ଭିତରେ ଖୋଲ ଶିର ଦୁହିଁ ହୋଇ ଆସିଲା । ତା' ପ୍ରାଣ ବିକଳ ହେଲା । ହାତ, ଗୋଡ଼ରୁ ପ୍ରାଣ ଛାଡ଼ି ଆସିଲା ପରି ଲାଗିଲା । ପୂତନା ଜାଣିଲା ଦୁଧ ଦେଇ ଏ ପିଲାକୁ ମାରିବା ସହଜ କଥା ନୁହେ । ତା' ଦେହସାରା ଛଟ୍‌ପଟ୍ ହେଲା । ବ୍ୟାକୁଳ ହୋଇ, 'ସେତିକି ହଉ, ସେତିକି ହଉ' ବୋଲି ପିଲାର ମୁହଁ ଦୁଧରୁ ଯେତେ ଛଡ଼ାଇଲା, ପିଲା ଆଉ ନ ଛାଡ଼େ !

ଚାହୁଁ ଚାହୁଁ ପୂତନା ଆଖି ତରାଟି ଦେଲା । ତା' ହାତ ଗୋଡ଼ରୁ ଜୀବ ଛାଡ଼ିଗଲା । ଦେହରୁ ଝାଳ ବୋହିଲା । ପ୍ରାଣ ବିକଳରେ ସେ ଡାକ ପକାଇଲା ଓହୋ ! ସେ ଡାକ କି ଭୟଙ୍କର ! ବଜ୍ର ପରି ତାହା

ବ୍ରଜପୁର ଯାକ କଂପାଇ ଦେଲା । ନଦୀ, ପର୍ବତ ସବୁ କଂପି ଉଠିଲା । ଆକାଶ ପାତାଳ—ଚାରିଆଡ଼ ସେ ଶବ୍ଦରେ କଂପିଗଲା ପରି ଲାଗିଲା ।

ଗୁହୁଁ ଗୁହୁଁ ରାକ୍ଷସୀ ତଳେ ପଡ଼ିଗଲା । ତା' ପାଟି ଆଁ ହୋଇଗଲା । ମୁଂଡବାଳ ଫିଟି ମୁକୁଳା ହୋଇ ତଳେ ଲୋଟିଲା । ହାତ ଗୋଡ଼ ଘୁଟୁ ଘୁଟୁ ମାଟି ଖୋଳି ହୋଇଗଲା । ଶେଷକୁ ହାତ ଗୋଡ଼ ରହିଗଲା । ଘର ଛୁଡ଼ି ବାହାରେ ଯାଇଁ ପଡ଼ି, ପୂତନାର ପ୍ରାଣ ଗଲା ।

ଏବେ ଆଉ ପୂତନାର ସୁଂଦର ରୂପ ନାଇ । ରାକ୍ଷସୀର ମୂର୍ତ୍ତିର ଏବେ ଦେଖା ପଡ଼ିଗଲା । ସେ କି ଅସୁଂଦର, କି ବିକଟାଳ ! ମୁହଁରେ ଲଂଗଳ ଲୁହାପରି ଦାଂତ, ନାକ ଦିଓଟା ପର୍ବତ ଗୁହାପରି । ପାହାଡ଼ ପରି ଯୋଡ଼ାଏ ସ୍ତନ, ବାଳଗୁଡ଼ାକ ତଂବାପରି କଅଁଶ । ହାତ ଗୋଡ଼ ତାଳଗଛ ପରି; ଅଂଧାରିଆ କୂଅପରି ଖୋଳେ ଖୋଳେ ଆଖି । ଜଂଘ ନଈ ବଂଧପରି । ଖରାଦିନ ଶୁଖିଲା ଖାତପରି ପେଟ ପଶିଯାଇଛି ।

ସମସ୍ତେ ଏହା ଦେଖି ତାଜୁବ୍ ହୋଇଗଲେ । ପୂତନା ଗୋଟାଏ ଭଂଗା ପାହାଡ଼ ପରି ମରିପଡ଼ିଛି । ଯଶୋଦାଂକ ପୁଅ, ହସି ହସି ତା ଛାତିଉପରେ ପଡ଼ି ଖେଳୁଛି । ତର ତର ହୋଇ ଯଶୋଦା ରୋହିଣୀ ଆଉ ଆଉ କେତେ ଗୋପୀ ଦୌଡ଼ିଯାଇ, ପିଲାଟିକି ଘେନି ଆସିଲେ । ଡାହାଣୀଟାଏ ପିଲାକୁ ଗ୍ରାସୁଥିଲା ବୋଲି କେତେ ଉପଚାର କଲେ । କିଏ ଗୋରୁ ଲାଂଗୁଡ଼ରେ ପିଲାକୁ ଝାଡ଼ିଲା । କିଏ ମଂତ୍ରକରି, ଜଡ଼ି ପୂରାଇ, ତେଉଁରିଆ ଆଣି ଅଂଟାରେ ବାଂଧିଦେଲା । ସମସ୍ତେ ମିଶି ଗୋରୁ ଚନ୍ଦିରେ ପିଲାଟିକି ସ୍ନାନ କରାଇ ଦେଲେ । ତା' ଉପରୁ ଆପେ ସ୍ନାନ କଲେ । କିଏ କେତେ ମଂତ୍ରପଢ଼ି ପିଲାକୁ ଝାଡ଼ିଲା । କେତେ ଦେବାଦେବୀଂକ ନାମ ଧରି ପିଲାକୁ କେତେ ଆଶୀର୍ବାଦ କଲେ । ତା ଉପରୁ ଯଶୋଦା କୋଳରେ ଧରି ପିଲାଟିକୁ ଦୁଧ ଦେଲେ ।

ଏଣେ ନଂଦ ଓ ଅନ୍ୟାନ୍ୟ ଗୋପମାନେ ବ୍ରଜପୁରରେ ପଶି ଜାଣିଲେ, ବସୁଦେବ ଯାହା କହିଥିଲେ, ସତ । ବସୁଦେବଂକୁ ମନେ ମନେ କେତେ ପ୍ରଶଂସା କଲେ । ତା, ଉପରୁ ରାକ୍ଷସୀର ମୂର୍ତ୍ତିର ଦେଖି, ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । କୁରାଢ଼ିରେ ତାକୁ ଖଂଡ ଖଂଡ କରି ହାଣି ପୋଡ଼ିବାକୁ ନେଲେ ।

କୃଷ୍ଣ ପୂତନାର ସବୁ ବିଷ ଶୋଷି ନେଇ ଥିଲେ । ତା ଦେହ ଭଲ ମଣିଷର ଦେହପରି ଗୁହୁଁ ଗୁହୁଁ ଜଳିଗଲା । ମୂର୍ତ୍ତିର ପୋଡ଼ାହେଲା ବେଳେ ବ୍ରଜପୁରର ଲୋକମାନେ ସେଠାରେ ଆସି ଜମିଲେ । ନଂଦ ସବୁ କଥା ଶୁଣି ପୁଅଟିକି ନେଇ କୋଳରେ ଧରିଲେ । ହାତ ଗୋଡ଼ ସବୁ ଛୁଇଁ ଗଲେ, କେତେ ଆଦର କରି ଟିକିଏ ଶାଂତ ହେଲେ ।

---

## ଶକଟ ଭଂଗ

ପୁଅର ଉଠିଆରି ଦିନ ଆସି ପହଁଚିଲା । ଆଜି ଯଶୋଦାଂକର ଭାରି ଆନଂଦ । ପିଲାଟି ଇଂତୁଡ଼ି ଶାଳରୁ ବାହାରିବ, ନାଧୋଇବ । ବେଳ ହୋଇ ଗଲାରୁ କେତେ ଗୋପୀ ଆସି ତୁଂଡ ହେଲେ, ପିଲାକୁ ଗାଧୁଆଇ ଦେଲେ । ସେଦିନ ଭାରି ଉତ୍ସବ । କେତେ ଦାନ, ପୁଣ୍ୟ ହେଲା—କେତେ ବାଇଦ ବାଜିଲା । ଭଲ ବ୍ରାହ୍ମଣମାନେ ଆସି ପିଲାକୁ ଆଶୀର୍ବାଦ କରି ଦକ୍ଷିଣା ନେଇ ଗଲେ । ଗୋପ ଗୋପୀମାନେ ଦିନଯାକ ଉତ୍ସବ କୋଳାହଳରେ ମାତିଗଲେ ।

ଦୁଧ, ଦହି, ଲହୁଣୀ ବୋହିବା ପାଇଁ ଗୋଟିଏ ଶଗଡ଼ ଅଗଣାରେ ଥୁଆ ହୋଇଥିଲା । ସେହି ଶଗଡ଼

ତଳେ ଗୋଟିଏ ଦୋଳି ବାନ୍ଧି, ପିଲାଟିକି ଗାଧୁଆଇ, ଶୁଆଇ ଦେଲେ । ସମସ୍ତେ ଉତ୍ସବରେ ମାତିଛନ୍ତି । ପିଲାଟି ଆଡ଼କୁ କାହାରି ନଜର ନାଇ । ପିଲାଟି କାନ୍ଦିଲା । ଉତ୍ସବ ଗୋଳମାଳରେ ସେ କାନ୍ଦ କେହି ଶୁଣି ପାରିଲେ ନାଇ । କେତେବେଳ ଉତ୍ତାରୁ ପିଲାଟି କାନ୍ଦି କାନ୍ଦି ଗୋଡ଼ ହାତ ଛାଟିଲା । ଗୋଡ଼ ଛାଟିଲା ବେଳକୁ, ଗୋଡ଼ ଯାଇ ସେହି ଶଗଡ଼ରେ ବାଜିଲା ।

କି ଆଶ୍ଚର୍ଯ୍ୟ ! କେତେ ଦିନର ପିଲା ! କାନ୍ଦି କାନ୍ଦି ଗୋଡ ଛାଟିଦେଲା ! କିନ୍ତୁ ସେହି ଗୋଡବାଜି ଶଗଡ଼ଟି ଏକାବେଳକେ ଫାଟି କରି ଲେଉଟି ପଡ଼ି ଚୂନା ହୋଇ ଗଲା !

ଭାରି ଗୋଟାଏ ଶବ୍ଦ ହେଲା । ସେତେ ଗୋପ ଗୋପୀ ସେଠାରେ ଥିଲେ, ସମସ୍ତେ ଆଶ୍ଚର୍ଯ୍ୟ ହୋଇ ରହିଁଲେ । ଦେଖି, ସମସ୍ତେ କିଛି ବୁଝି ପାରିଲେ ନାଇ । ଶଗଡ଼ଟା ମନକୁ ବା କିପରି ପଡ଼ିଗଲା— କେହି କିଛି ଅନୁମାନ କରି ପାରିଲେ ନାଇ ।

ପିଲାଟି କାନ୍ଦି ଗୋଡ଼ ଛାଟିଲାବେଳେ, ଶଗଡ଼ ପାଖେ କେତେଗୁଡ଼ିଏ ଗଉଡ଼ ପିଲା ଠିଆ ହୋଇଥିଲେ । ସେମାନେ ସବୁ ଦେଖିଥିଲେ; କିନ୍ତୁ ସେମାନଙ୍କ କଥାରେ ଗୋପଗୋପୀମାନେ ସହଜରେ ବିଶ୍ୱାସ କରୁଚନ୍ତି କେତେକେ ! ଏ କି ବିଶ୍ୱାସ କରିବାର କଥା !

ଯଶୋଦା ବିଚାରିଲେ, ପୁଅକୁ କଏ ଗ୍ରାସିଛି । ପୁଅଟି କାନ୍ଦୁଥିଲା, ତାକୁ ନେଇ କୋଳରେ ଧରିଲେ । ବ୍ରାହ୍ମଣ ମାନଙ୍କୁ ଡକାଇ ପିଲାକୁ କେତେ ଆଶୀର୍ବାଦ କରାଇଲେ; କେତେ ଝାଡ଼ିଲେ । ଭକ୍ତ ବ୍ରାହ୍ମଣମାନଙ୍କୁ ସେଥିପାଇଁ କେତେ ଦାନ ପୁଣ୍ୟ କଲେ । ଏହିପରି ସେ ଉତ୍ସବର ଦିନଟି କୋଳାହଳ, ଦାନ ପୁଣ୍ୟରେ କଟିଗଲା ।

---

## ତୃଣାବର୍ତ୍ତ ବଧ

### ଯଶୋଦାଙ୍କ ବିଶ୍ୱରୂପ ଦର୍ଶନ

ଦିନେ ଯଶୋଦା ପୁଅଟିକି ଦୁଧ ଦଉଛନ୍ତି; ହଠାତ୍ ପୁଅଟି ତାଙ୍କୁ ଭାରି ଓଜନ ଜଣା ପଡ଼ିଲା । ଗୃହୁଁ ଗୃହୁଁ ଗୋଟାଏ ପଥରପରି ପୁଅଟି ଓଜନ ହୋଇଗଲା । ଯଶୋଦା ଆଉ ଧରିପାରିଲେ ନାଇ । ଆଶ୍ଚର୍ଯ୍ୟ ହୋଇ ତଳେ ଥୋଇଦେଲେ । ପୁଣି ପୁଅକୁ କଏ ଗ୍ରାସିଲା ବୋଲି ବିଚାରି, ମନେ ମନେ ଭଗବାନଙ୍କୁ ଧ୍ୟାନ କଲେ ।

ଏତିକି ବେଳକୁ ପିଲାଟିକି ମାରିବାପାଇଁ କଂସ ତୃଣାବର୍ତ୍ତ ବୋଲି ଗୋଟାଏ ରାକ୍ଷସକୁ ପଠାଇଥିଲା । ରାକ୍ଷସ ଆସି ମାୟାରେ ଗୋଟାଏ ଖଡ଼ଂଆଭୂତ ଲଗାଇ ଦେଲା । ଧୂଳିସବୁ ପବନରେ ବୁଲି ବୁଲି, ଆକାଶକୁ ଉଠିଲା । ଚାରିଆଡ଼ ଅନ୍ଧାର ହୋଇଗଲା । ଯଶୋଦା ସେହି ଅନ୍ଧାରରେ ଦରାଂଜ ଦେଖିଲା ବେଳକୁ, ପୁଅଟି ଯେଉଁଠି ରଖିଥିଲେ, ସେଠି ନାଇ, କୁଆଡ଼କୁ ଯାଇ ନ ପାରି, କିଛି ଦେଖି ନ ପାରି, ଆବାକାବା ହୋଇ, ରହିଗଲେ । ଏତିକି ବେଳକୁ ଉପରୁ ଖଣ୍ଡ ଖଣ୍ଡ ହୋଇ ପଥର ବରଷା ହେଲା । ବ୍ରଜପୁର ଲୋକମାନେ ବଡ଼ ବ୍ୟସ୍ତ ହୋଇ ପଡ଼ିଲେ ।

ଏ ସବୁ ଦେଖି ଯଶୋଦା ବ୍ୟାକୁଳ ହୋଇ, ହୋ ହୋ କାନ୍ଦିଲେ । ପବନ ଟିକିଏ ଥଣ୍ଡା ହେବାରୁ, କାନ୍ଦ ଶୁଣି ଗୋପ ଗୋପୀମାନେ ଆସି, ଚଉଦିଗ ଦେଖିଲେ, ପୁଅଟି ନାଇ । ଯଶୋଦାଙ୍କ ସଂଗେ ସମସ୍ତେ ମଧ୍ୟ କାନ୍ଦିଲେ ।

ଏଣେ ତୃଣାବର୍ତ୍ତ ପିଲାଟିକୁ ନେଇ, ଆକାଶରେ କେତେ ବାଟ ଉଠିଗଲା । ତା' ପରେ କ୍ରମେ କ୍ରମେ ପିଲାଟି ତାକୁ ଭାରି ଓଜନ ଲାଗିଲା । ଗୃହୁଁ ଗୃହୁଁ ତା

ବୁକୁ ଉପରେ ଗୋଟାଏ ପର୍ବତ ଚପିଦେଲା ପରି ତାକୁ ଜଣାଗଲା । ଶେଷକୁ ସେ ସମ୍ଭାଳି ନ ପାରି, ପିଲାଟିକୁ ଫିଂଗି ଦବାକୁ ବସିଲା; କିଂତୁ ସେ ପିଲା କି ଫିଂଗିଦେଲେ ପଡ଼ିଯିବା ଜିଂତୁ ! ପିଲା ସେତେବେଳକୁ ଆସ୍ତେ ଆସ୍ତେ ଯାଇ ତୃଣାବର୍ତ୍ତର ବେକ ଧରି ସାରିଲାଣି । ଏବେ ତୃଣାବର୍ତ୍ତର ଆଉ ଯୁଗ କଣ ? କ୍ରମେ ନିଶ୍ବାସ ବଂଦ ହୋଇ ଗୋଡ଼ ହାତରୁ ପ୍ରାଣ ଛାଡ଼ି ଆସିଲା, 'ଗଁ ଗଁ' ଶବ୍ଦ କରି ବ୍ରଜପୁର ଭିତରେ ଗୋଟାଏ ପଥର ଉପରେ ଦୁମ୍ କରି ପଡ଼ିଲା, ତା'ର ହାତ ଗୋଡ଼ ଗୁଂଡ଼ି ହୋଇଗଲା ।

ଗୋପ ଗୋପୀମାନେ ଏତେବେଳଯାଏ କାଂଦୁ-ଥିଲେ । ଚାହୁଁ ଚାହୁଁ ତାଂକ ଆଗରେ, ଗୋଟାଏ ରାକ୍ଷସର ମୁର୍ଦ୍ଦାର ଉପରେ ପୁଅଟି ହସି ହସି ଖେଳୁଛି । କି ଆଶ୍ଚର୍ଯ୍ୟ ! ଗୋପୀମାନେ ତରତର ହୋଇ ତାକୁ ଘେନିଆସି ଯଶୋଦାଂକ ହାତେ ଦେଲେ । ପୁଅର କିଛି ହୋଇ ନାଇ ଦେଖି, ନଂଦ ଯଶୋଦା ଓ ଗୋପୀମାନେ ଭାରି ଖୁସି ହେଲେ । ସମସ୍ତେ କହିଲେ, "ରାକ୍ଷସ ନିର୍ଦ୍ଦୋଷ ପିଲାକୁ ମାରିବ ବୋଲି ଆସିଥିଲା; ଏବେ ଆପଣା ଦୋଷରେ ଆପେ ମଲା । ନଂଦ ଯଶୋଦା ସବୁବେଳେ ଧର୍ମ ପୁଣ୍ୟରେ ଥାନ୍ତି । ତାଂକର କିଏ ଅକାର୍ଯ୍ୟ କରିପାରେ ?"

ପୁଣି ଦିନେ ଯଶୋଦା ପୁଅକୁ କାଖରେ ଧରି, ଦୁଧ ଦୁହୁଁ ଥିଲେ । ମଝିରେ ମଝିରେ ପୁଅ ମୁହଁକୁ ଚାହିଁ ତାଂକ ପ୍ରାଣ ପୁରି ଉଠୁଥିଲା । ସେତିକିବେଳେ ପୁଅଟି ଗୋଟିଏ ହାଇ ମାରିଦେଲା । ପୁଅର ମୁହଁ ଭିତରେ ଯଶୋଦାଂକ ଆଖି ପଡ଼ିଲା । ଯଶୋଦା ଚାହିଁ ଅବାକ୍ ! ପୁଅ ମୁହଁ ଭିତରେ ତାଙ୍କୁ ସ୍ବର୍ଗ, ମର୍ତ୍ତ, ପାତାଳ, ସୂର୍ଯ୍ୟ, ଚଂଦ୍ର, ଅଗ୍ନି, ବାୟୁ, ସମୁଦ୍ର, ପର୍ବତ, ନଦୀ, ଜଂଗଲ, ପଶୁ, ପକ୍ଷୀ, ଗଛ, ମଣିଷ— ସବୁ ଦିଶିଗଲା । ଯଶୋଦା ଏ ସବୁ ଦେଖି କଂପିଗଲେ । ତାଂକ ଆଖି ବୁଜି ହୋଇଗଲା । କ'ଣ ଦେଖିଲେ, ସେ ବୁଝି ପାରିଲେ ନାଇ, ଅନେକ ବେଳଯାଏ ଆଖି ବୁଜି, ସେ କଥା ଭାବିଲେ ।

---

## ନାମକରଣ

ମହର୍ଷି ଗର୍ଗ ଯଦୁବଂଶର ପୁରୋହିତ । ବସୁଦେବ ଗର୍ଗଂକୁ ଡାକି, ଆପଣାର ଦୁଇ ପୁଅଂକ କଥା ଭଲି କରି କହି, ତାଂକୁ ନଂଦଂକ ଘରକୁ ପଠାଇ ଦେଲେ ।

ମହାରାଜା ନଂଦ ଋଷି ଗର୍ଗଂକୁ ଦେଖି, ବଡ଼ ଆଦର କଲେ । ପିଢ଼ା ପାଣି ଦେଇ, ଚର୍ଚ୍ଚା କରି କହିଲେ, "ମହର୍ଷି, ମୋର କି ଭାଗ୍ୟ, ଆପଣଂକୁ ପାଦ ମୋ ଘରେ ପଡ଼ିଲା ! ମୋର କେଡ଼େ ପୁଣ୍ୟ ! ଆପଣଂକର କ'ଣ ଆଜ୍ଞା ହଉଛି ଜାଣେ ନାହିଁ; ମାତ୍ର ଆପଣ ଯଦୁବଂଶର ପୁରୋହିତ । ଆପଣଂକ ଗତ, ବର୍ତ୍ତମାନ, ଅନାଗତ ତିନିକାଳର କଥା ଜଣା । ମୋ ଘରେ ଯୋଡ଼ିଏ ବାଳକ ଅଛଂତି । ସେମାନଂକର ନାଁ ଦିଆ ହେବ । ଆପଣ ମତେ ଅନୁଗ୍ରହ କରି ସେ କର୍ମ କରି ଦିଅଂତୁ । ଆପଣଂକ ଦୟାରେ ମୁଁ କୃତାର୍ଥ ହେବି ।"

ଗର୍ଗ ସବୁ ଶୁଣି କହିଲେ—"ମହାରାଜ, ପିଲାଂକ ନାମ-କରଣ କର୍ମ କରିବାକୁ ମୋର କିଛି ଆପତ୍ତି ନାଇ; କିଂତୁ ସମସ୍ତେ ଜାଣଂତି, ମୁଁ ଯଦୁବଂଶର ପୁରୋହିତ । ବସୁଦେବଂକ ପିଲାଂକୁ ମାରିବା ପାଇଁ କଂସ ଜଗିଛି, କାଳେ ପିଲାଂକ ନାମ-କରଣ ମୁଁ କଲେ କଂସ କିଛି ସଂଦେହ କରିବ ! ତେବେ ତ ଆପଣଂକର ବହୁତ ଅକାର୍ଯ୍ୟ ହବ । ପିଲା ଦିଓଟିଂକୁ କଂସ କାଳେ ମାରିପକାଇବ !"

ନଂଦ ସେ କଥା ମାନିଲେ ନାହିଁ । ନଂଦ କହିଲେ, "ମୋ ଘର କଥା କାହିଁକି କିଏ ଜାଣିବ ? ଆପଣ କିଛି ଭୟ କରଂତୁ ନାହିଁ । କର୍ମଟି କରି ଦିଅଂତୁ ।"

ଋଷିଂକର ତ ସେଇଆ ଇଚ୍ଛା ଥିଲା । ଋଷି ସେଥିରେ ରାଜି ହେଲେ । ନାମ କରଣ କର୍ମ ଆରଂଭ ହେଲା । ପ୍ରଥମେ ରୋହିଣୀଂକ ପୁଅଂକର ନାଁ ଦିଆ ହେଲା ।

ଗର୍ଗ କହିଲେ, "ଏ ରୋହିଣୀର ପୁଅ ସମସ୍ତଂକୁ ଆରାମ ଦେବେ । ତେଣୁ ଏହାଂକର ଗୋଟିଏ ନାମ ହେଲା 'ରାମ' । ଏ ପୁଣି ଭାରି ବଳୁଆ ହେବେ । ତେଣୁ ଯାହାଂକର ଆଉ ଗୋଟିଏ ନାମ 'ବଳ' । ଏହାଛଡ଼ା ଏ ସମସ୍ତଂକୁ ପ୍ରେମରେ ଓଟାରିବେ ବା ଆକର୍ଷଣ କରିବେ । ସେଥିପାଇଁ ଯାହାଂକର ଆଉ ଗୋଟିଏ ନାମ ହବ 'ସଂକର୍ଷଣ' ।"

ତା'ପରେ ଯଶୋଦାଂକ ପୁଅକୁ ଦେଖି, ଗର୍ଗ କହିଲେ, "ଏ ପିଲା ସାମାନ୍ୟ ପିଲା ନୁହେ । ଯାହାଂକର ଯୁଗକୁ ଯୁଗ ଭିନ୍ନ ଭିନ୍ନ ରୂପରେ ଜନ୍ମ ହୁଏ । ଏବେ ଦେଖୁଛ ଏହାଂକ ଦେହ କଳା । ସେଥିପାଇଁ ଏହାଂକ ନାମ ହେଲା 'କୃଷ୍ଣ' । ବସୁଦେବଂକ ସଂଗେ ଏହାଂକର କିଛି ସଂପର୍କ ରହିବାର କଥା । ସେଥିପାଇଁ ଯାହାଂକର ଆଉ ଗୋଟିଏ ନାମ ଦିଆଗଲା 'ବାସୁଦେବ' ।

ତା'ପରେ ଋଷି କୃଷ୍ଣଂକର ଅନେକ ମହିମା ବର୍ଣ୍ଣନା କରି ନଂଦଂକୁ କହିଲେ, "ମହାରାଜ, ଏ ଶିଶୁଟିକି ପିଲାଦିନେ ସବୁବେଳେ ଲୁଚାଇ କରି ରଖିଥିବେ ।" ଏହିପରି ନାମକରଣ କାର୍ଯ୍ୟ ଶେଷ ହେଲା ।

---

## ବାଳଲୀଳା

ରାମ, କୃଷ୍ଣ ଦିହେଁ କ୍ରମେ ଘୋଡ଼ମେଇ ଘୋଡ଼ମେଇ ଶେଯରୁ ତଳକୁ ଯାଇ, ଧୂଳି ବୋଳି ହେଲେ । ଥାକୁଲ୍ ଥାକୁଲ୍ ପିଲାଟିମାନ ଘୋଡ଼ମେଇ ଗଲାବେଳେ, ହାତ ଗୋଡ଼ ବେକରେ ଅଳଂକାର ସବୁ ଝୁଣୁ ଝୁଣୁ ବାଜୁଥାଏ, ସମସ୍ତେ ବଡ଼ ଖୁସୀ ହୋଇ ଦେଖୁଥାଂତି । କେତେବେଳେ, ପିଲାଟିମାନ ଘୋଡ଼ମେଇ ଘୋଡ଼ମେଇ, କିଛିଦୂର ଯାଆଂତି, ସତେ ଡରିଗଲା ପରି ପୁଣି ଫେରି ଆସଂତି । କେତେବେଳେ ମା'ମାନେ ପଛରେ ଧରିବାକୁ ଗୋଡ଼ାଇ ଥାଂତି । ପିଲାଦିହେଁ ଥରେ ପଛକୁ ଚାହିଁ, ହସି ହସି ପଳାଇ ଯାଉଥାଂତି ।

କ୍ରମେ ପିଲା ଦୁଇଟି ଠିଆ ହୋଇ, କାଂଥ ବାଡ଼ ଧରି ଚାଲିଲେ । କାଂଥ ବାଡ଼ ଛାଡ଼ି ଦେଇ, ହସି ହସି କିଛି ଦୂରକୁ ଚାଲିଯାଇ ମା' କୋଳକୁ ପଳାଇ ଆସଂତି । ଚାଲୁ ଚାଲୁ ପଡ଼ିଯାଂତି; ହସି ହସି ପୁଣି ଉଠଂତି ।

ଟିକିଏ ଭଲ କରି ଚାଲି ଶିଖିଲାରୁ, ସେମାନେ ବାହାରକୁ ବାହାରି, କେତେବେଳେ ବାଛୁରୀଂକ ଲଂଗୁଡ଼ ଧରି ଓଟାରଂତି । ତାଂକର ଏ ସବୁ କ୍ରୀଡ଼ା ଦେଖି, ଗୋପ ଗୋପୀମାନେ ବଡ଼ ଖୁସୀ ହେଉଥାଂତି । ସମସ୍ତେ ତାଂକୁ ଜଗିଥାଂତି । କାଳେ ଗାଈ ଭୁଷିଦେବ, ପାଣିରେ ପଡ଼ିଯିବେ, କଂଟା ମାଡ଼ିବେ—ଏଇ ଭାବନାରେ ବ୍ୟସ୍ତ ହୋଇ, ଯଶୋଦା ଆଦି ଗୋପୀମାନେ ସବୁବେଳେ ଜଗିଥାନ୍ତି ।

କୃଷ୍ଣ ଟିକିଏ ବଡ଼ ହୋଇ, ଭଲକରି ଚାଲି ପାରିଲାରୁ ବଡ଼ ଉପଦ୍ରବ ଆରଂଭ କଲେ । ନରଖରିଆ ପିଲାଂକପରି ସବୁବେଳେ ଲୋକଂକ ଘରେ ସବୁ ଘାଂଟି

ପକାଂନ୍ତି । ଯଶୋଦାଂକ ପାଖେ କେତେ ଗୋପୀ ଆସି କେତେ ଗୁହାରି କରୁଥାଂନ୍ତି, ଯଶୋଦାଂକୁ ବଡ଼ ଖୁସୀ ଲାଗୁଥାଏ ।

କିଛିଦିନ ପରେ, କୃଷ୍ଣ ବଡ ଦୁଷ୍ଟାମି ଆରଂଭ କଲେ । କାହାର ଗାଈ ଦୁହାଁ ହୋଇ ନାଇ, କୃଷ୍ଣ ଆଗରୁ ଯାଇ, ବାଛୁରି ଫିଟାଇ ଦିଅଂନ୍ତି । ଘରବାଲା ବ୍ୟସ୍ତ ହେଲେ, ହସି ହସି ପଳାଂନ୍ତି । କାହା ଘରୁ ଚୁନି ହୋଇ ଲୁଚି କରି ଦୁଧ, ଦହି ଲହୁଣୀ ଖାଇ ଯାଂନ୍ତି । ଆପେ ଖାଇ ନ ପାରିଲେ, ମାଂକଡ଼ଂକୁ ଡାକିକରି ଦିଅଂନ୍ତି । ସେଥିରେ ନ ସରିଲେ, ପଛକୁ ଆଟିକାମାନ ଆଣି, ଦୁଆର ମୁହଁରେ ଚ୍ଛେଚି ଦିଅଂନ୍ତି । କାହା ଘରେ ଯାଇ ଶୋଇଥିବା ପିଲାକୁ ଚୁମୁଟି କରି କଂନ୍ଦାଂନ୍ତି ।

କେବେ କେବେ ଦୁଧ ହାଂଡିକ ହାତ ନପାଇଲେ, ପିଡ଼ାରେ ଉଠି, କାଡ଼ରେ ହାଂଡି କଣା କରି, କଣା ତଳେ ଆଁ କରି ଦିଅଂନ୍ତି । କେତେ ଗୋପୀ ବ୍ୟସ୍ତ ହୋଇ ଆସି, ଯଶୋଦାଂକ ଆଗେ କେତେ ଗୁହାରି କରୁଥାଂନ୍ତି ।

ଦିନେ ଗୋପୀମାନେ ଆସି, ଯଶୋଦାଂକୁ କହିଲେ, "ଦେଖ ରାଣି, ତୁମ ପୁଅ ଯାଇ, ସବୁ ଚୋରି କରିବ, କହିଲେ ଆମକୁ ବକିବ ! ଆମେ ଯେବେ କହିବୁ, 'ଆମ ଘରେ ଏତେ ନରଖିଆ କାମ କାହିଁକି କରୁଚ ?' ତୁମ ପୁଅ କହିବ, 'ତୁମରି କି ଘର ? ଏ ମୋ' ଘର ।' ଏହା କହି ଦିଅଂକ ଘରେ ବସି, ହସିବ । ପୁଅକୁ ଟିକିଏ ଜବତ୍ କର ।"

ଗୋପୀମାନେ ଏଇପରି ଗୁହାରି କରୁଥାଂନ୍ତି । କୃଷ୍ଣ କିଛି ନଜାଣିଲା ପରି ଡରି ଡରି ମା' ପାଖରେ ବସିଥାଂନ୍ତି । ଯଶୋଦା ଆଉ ପୁଅକୁ ଯବତ୍ କରିବେ କ'ଣ—ପୁଅକୁ ମୁହଁ ଦେଖିଲାକ୍ଷଣି ତାଂକ ପ୍ରାଣ ପୂରିଯାଏ ।

ଦିନେ ସାଙ୍ଗମାନଂକ ସଂଗେ କୃଷ୍ଣ ଖେଳୁଚଂନ୍ତି । ଆଉ କେତେ ପିଲା ଖେଳୁଚଂନ୍ତି । କେତେ ଗୁଡ଼ିଏ ପିଲା ଯଶୋଦାଂକ ପାଖକୁ ଦଉଡ଼ି ଆସି କହିଲେ, "ଦେଖ ଦେଖ ମା, ତୁମ ପୁଅ ମାଟି ଖାଇ ଯାଉଚ୍ଛି ।"

ଯଶୋଦା ଶୁଣିକରି ଦଉଡ଼ି ଯାଇ, କୃଷ୍ଣଂକ ହାତ ଦିଓଟି ଧରି ପକାଇଲେ ।

କୃଷ୍ଣ ସତେ ମାଆଂକଠାରୁ ମାଡ଼ ଖାଇବେ ବୋଲି ଡରିଲା ପରି, ଜୁଳୁ ଜୁଳୁ କରି ମୁହଁ, ଛିଡ଼ା ହେଲେ ।

ଯଶୋଦା ପୁଅ ଦେଖି କହିଲେ, "ବାପ, ଛି ! ଏପରି କାହିଁକି କରୁଚ ? ମାଟି କାହିଁକି ଖାଇଲୁ ? ହେଇଟି ବଳରାମ, ଆଉ ପିଲାମାନେ ସମସ୍ତେ କହୁଚଂନ୍ତି, ତୁ ମାଟି ଖାଇଲୁ ।" କୃଷ୍ଣ କହିଲେ, "ମା ଏସବୁ ମିଛେ ମିଛ କହୁଚଂନ୍ତି । ମୁଁ କେବେ ମାଟି ଖାଇନି, ଏବେ ବି ଖାଇନି, ହେଇଟି ମୋ ଆଁ ଦେଖ ।"

ଯଶୋଦାଂକ ଆଗରେ କୃଷ୍ଣ ଆଁ କରି ଦେଲେ; ଯଶୋଦା ମୁହଁ ଦେଇ ଅବାକ୍ । ଯଶୋଦା ଦେଖିଲେ, ପୁଅ ମୁହଁ ଭିତରେ ସ୍ୱର୍ଗ, ମର୍ତ୍ତ, ପାତାଳ, ଗଛ, ଲତା, ନଈ, ସମୁଦ୍ର, ପଶୁ, ପକ୍ଷୀ, ମନୁଷ୍ୟ, ଜୀବଜଂନ୍ତୁ ସବୁ ଦିଶୁଚ୍ଛି । ଯଶୋଦା ମୁହଁ ଦେଇ ଆଖି ବୁଜିଦେଲେ । ତାଂକୁ ଲାଗିଲା, ସେ ସ୍ୱପ୍ନ ଦେଖୁଚଂନ୍ତି ।

ଯଶୋଦା କେତେ କଥା ଭାବିଗଲେ । କେତେବେଳ ଉତ୍ତାରୁ ପୁଣି ସ୍ଥିର ହୋଇ କୃଷ୍ଣଂକୁ କୁଂଡ଼ାଇ ପକାଇ କାଖେଇ ପକାଇଲେ ।

---

## ଯାମଳାର୍ଜୁନ

ଦିନେ ଯଶୋଦା ଦାସଦାସୀମାନଙ୍କୁ କାମରେ ଲଗାଇ ଦେଇ, ଆପେ ପୁଆଇଁ ଦହି ଘଷି ବସିଲେ । ସେତିକି ବେଳକୁ କୃଷ୍ଣଙ୍କର ଦୁଧ ଖାଇବାକୁ ମନ ହେଲା । କୃଷ୍ଣ କି ଠିକଣା ରଖିବା ପିଲା ! ଯଶୋଦାଙ୍କ ଦହି ଘଷା ସେତିକି ହେଲା । ସେ ପୁଅକୁ କୋଡ଼ରେ ଧରି ଦୁଧ ଦେଇ ବସିଲେ ।

ଆଗରେ ଚୁଲି ଉପରେ ଦୁଧହାଣ୍ଡି ବସିଥିଲା । ସେତିକିବେଳକୁ ଦୁଧ ଉତୁରି ପଡ଼ିଲା । ଯଶୋଦା ତରତର ହୋଇ, ପୁଅକୁ ତଳେ ଥୋଇ ଦେଇ, ଦୁଧ ହାଣ୍ଡି ପାଖକୁ ଗଲେ ।

କୃଷ୍ଣଙ୍କ ମନରେ ଭାରି ରାଗ ହୋଇଗଲା । ସେ କାନ୍ଦି କାନ୍ଦି ଗୋଟିଏ ଶିଳପା ଧରି, ଆଗ ଦହିହାଣ୍ଡିଟି ଭାଙ୍ଗିଦେଲେ, ତା'ପରେ ଘର ଭିତରେ ପଶି; ଲହୁଣୀଯାକ ସବୁ ଖାଇଗଲେ ।

ଯଶୋଦା ଦୁଧକୁ ଚୁଲିରୁ କାଢ଼ି, ଗୋଟିଏ ଶିକାରେ ରଖିଦେଇ, ଦହିହାଣ୍ଡି ପାଖକୁ ଆସି ଦେଖିଲେ, ପୁଅ ଦହିହାଣ୍ଡି ଭାଙ୍ଗି ଦେଇ ଭସୁରେ ପଳେଇଛି । ହସି ହସି ଯଶୋଦା କହିଲେ, "ଆଚ୍ଛା କରିଛ; ମୋ ପୁଅ ନହେଲେ, ଯା' କିଏ କରନ୍ତା !"

ପୁଅକୁ ଖୋଜି ଖୋଜି, ଯଶୋଦା ଲହୁଣୀ ଘରକୁ ଗଲାବେଳକୁ ଦେଖିଲେ, ପୁଅ ପିଢ଼ାଉପରେ ପିଢ଼ା ପକାଇ ଲହୁଣୀଯାକ ଯେତା ଖାଇବାର ଖାଇ, ବାକିତକ ମାଙ୍କଡ଼ଙ୍କୁ ଦେଉଛି । ଯଶୋଦା ପୁଅକୁ ଧରିବାପାଇଁ ଧୀରେ ଧୀରେ ପଛଆଡ଼ୁ ଆସିଲେ । କୃଷ୍ଣ ଯା' ଜାଣିପାରି, ପିଢ଼ା ଉପରୁ ଡେଇଁପଡ଼ି, ଦଉଡ଼ ଦଉଡ଼ ପଳାଇଲେ । ଯଶୋଦା ପଛେ ପଛେ ଗୋଡ଼ାଇଲେ ।

ଯଶୋଦା କୃଷ୍ଣଙ୍କ ପଛରେ କେତେ ଦଉଡ଼ିବେ ! ତାଙ୍କ ଚୁଟି ଫିଟି ଗଲାଣି । ଆଉ ଦଉଡ଼ି ପାରୁ ନାହାନ୍ତି । ମୁଣ୍ଡରୁ ଫୁଲଗୁଡ଼ାକ ବାଟଯାକ ପଡ଼ି ଯାଉଛି; କିନ୍ତୁ ତଥାପି ସେ ଧରିବାପାଇଁ ଦଉଡ଼ୁଛନ୍ତି । ଶେଷକୁ ଯାଇ ପୁଅକୁ ଧରି ପକାଇଲେ ।

କୃଷ୍ଣ ଧରା ପଡ଼ିଯାଇ, କାନ୍ଦି କାନ୍ଦି ଆଖି ମକଚୁଥାନ୍ତି । ଆଖି କଜଳ ଯାକ ଲାଗି, ମୁହଁଟି କଳା ହୋଇଗଲାଣି । ମଝିରେ ମଝିରେ ଉଭି ଉଭି ଟିକିଏ ଟିକିଏ ମାଙ୍କୁ ଚାହିଁ ଦେଉଛନ୍ତି । ମା' ହାତରେ ଗୋଟିଏ ବାଡ଼ି ଧରି, ଆଉ ମାରୁ ନାହାନ୍ତି, ଖାଲି ପୁଅକୁ ବକୁଛନ୍ତି ।

ଶେଷକୁ ଯଶୋଦା ବାଡ଼ିଟି ଫିଙ୍ଗିଦେଇ, ଗୋଟିଏ ଦଉଡ଼ି ଧରି, କୃଷ୍ଣଙ୍କୁ ବାନ୍ଧି ପକାଇବେ ବୋଲି ବସିଲେ ।

ସେବେକାଳେ ଢିଙ୍କି ନ ଥିଲା । ଗୋଟିଏ ମୋଟା ପଥର କୁଣ୍ଡରେ ହାତରେ କାଠ ପାହୁରଣି ଧରି ଲୋକେ ଧାନ ହେରକା କୁଟୁଥିଲେ । ତାକୁ ଉଦୁଖଳ ବୋଲି କହୁଥିଲେ ।

ଯଶୋଦାଙ୍କର ମନ, ପୁଅ ଅଣ୍ଟାରେ ଦଉଡ଼ି ବାନ୍ଧି ସେହି ଉଦୁଖଳରେ ବାନ୍ଧି ରଖିବେ । ଗୋଟିଏ ଦଉଡ଼ି ଆଣି ପୁଅକୁ ବାନ୍ଧିଲେ ।

ଏ ଆଶ୍ଚର୍ଯ୍ୟ କଥା କିଏ ଶୁଣିଛ ! ଯଶୋଦା ଦଉଡ଼ିରେ କୃଷ୍ଣଙ୍କୁ ବାନ୍ଧୁଛନ୍ତି । କିନ୍ତୁ ଦଉଡ଼ିଟି ଅଣ୍ଟାକୁ ପାଉନାହିଁ । ଦି'ଅଙ୍ଗୁଳ ନଅଣ୍ଟ ହେଉଛି । ଯଶୋଦା ପୁଣି ଦଉଡ଼ି ଯୋଡ଼ୁଛନ୍ତି । ସେ ପୁଣି ଦି'ଅଙ୍ଗୁଳ ନଅଣ୍ଟ । ଯଶୋଦା ପୁଣି ଦଉଡ଼ି ଯୋଡ଼ିଲେ । ପୁଣି ସେଇଆ ।

ସମସ୍ତେ ସ୍ତବ୍ଧ ଅବାକ୍ । ଯଶୋଦା ଖଂଡକୁ ଖଂଡ ଦଉଡ଼ି ଯୋଡ଼ୁଚଂନ୍ତି, ଦଉଡ଼ି କୃଷ୍ଣଂକ ଅଂଟାକୁ ପାଉ ନାଇ । ଶେଷକୁ କୃଷ୍ଣ କଣ ଭାବିଲେ ଦଉଡ଼ିଟି ପାଇଲା । ଯଶୋଦା ତାଂକୁ ବାଂଧି ଦେଇ, କାମ କରିବାକୁ ଚାଲିଗଲେ ।

ଯେଉଁଠାରେ କୃଷ୍ଣ ବଂଧା ହୋଇଥିଲେ ତାଆଗେ ବଡ଼ ଯାଂଆଳା ଅର୍ଜୁନ ଗଛ ଥାଏ । ମା ବାହାରି ଯିବାରୁ, କୃଷ୍ଣ ଗୁହାଁ ଗୁହାଁ କରି, ଦଉଡ଼ିରେ ଉଦୁଖଳକୁ ଓଟାରି ଓଟାରି ଯାଇ ସେଇ ଯାଆଁଳା ଅର୍ଜୁନ ଗଛ ସଂଧିରେ ପଶିଲେ । କୃଷ୍ଣ ଦି'ଗଛ ସଂଧିରେ ପଶି, ଆର ପାଖକୁ ଚାଲିଗଲେ । ଉଦୁଖଳ ବୋଷାରିଲା ବେଳକୁ ସେ ଯାଇ ପାରିଲା ନାଇ—ଦି'ଗଛ ସଂଧିରେ ଅଟକି ଗଲା ।

କୃଷ୍ଣ ଗଛ ସହିତ ଉଦୁଖଳଟାକୁ ଭିଡିଦେଲେ । ଭଡ ଭଡ଼ ହୋଇ ନିର୍ଘାତ ଦ୍ରୁମ ଯୋଡ଼ାକ ଯାକ ଏକାବେଳକେ ଉପୁଡ଼ି ପଡ଼ିଲା ।

ଗୁହୁଁ ଗୁହୁଁ ସେହି ଗଛ ଭିତରୁ ଯୋଡ଼ିଏ ପୁରୁଷ ବାହାରି, କୃଷ୍ଣଂକୁ ପ୍ରଣାମ କରି ଆକାଶରେ ମିଶିଗଲେ ।
କଥା ଅଛି, କୁବେର ବୋଲି ଜଣେ ଦେବତାଂକର ଯୋଡ଼ିଏ ପୁଅ ଥିଲେ । ସେ ଶାପ ପାଇ ଯୋଡ଼ିଏ ଯାଆଁଳା ଅର୍ଜୁନ ଗଛ ହୋଇ, ଶହେ ବର୍ଷ କାଳ ଯଶୋଦାଂକ ଦୁଆରେ ବଢ଼ିଥିଲେ । ଆଜି କୃଷ୍ଣ ଗଛ ଦିଓଟି ଓପାଡ଼ି ଦବାରୁ, ଦିହେଁଯାକ ଉଦ୍ଧାର ପାଇ, ସ୍ୱର୍ଗକୁ ଚାଲିଗଲେ ।

ଗଛ ଦି'ଟା ଉପୁଡ଼ି ପଡ଼ିବାର ଶବ୍ଦ ଶୁଣି ନଂଦ, ଯଶୋଦା, ଆଉ କେତେ ଗୋପ ଗୋପୀ ଦଉଡ଼ି ଆସିଲେ । ଦେଖିଲା ବେଳକୁ, ଗଛ ଦିଓଟି ଉପୁଡ଼ି ପଡ଼ିଛି । କୃଷ୍ଣ ଅଂଟାରେ ଉଦୁଖଳ ବାଂଧି ଦି'ଗଛ ମଝିରେ ଛିଡ଼ା ହୋଇ ଉଦୁଖଳକୁ ଓଟାରୁଚଂନ୍ତି ।

ସମସ୍ତେ ତାଜବ୍ ହୋଇଗଲେ । କେହି କଛି ବୁଝି ପାରିଲେ ନାଇ । ଯେଉଁ ପିଲେ ସେଠାରେ ଗଛ ଉପୁଡ଼ିଯିବା ଓ ଦେବତା ଦିଓଟି ବାହାରି ଆକାଶକୁ ଯିବାର ଦେଖିଥିଲେ, ସେମାନେ କହିଲେ । କେତେ ଲୋକ ସତ କଲେ; କେତେ ଲୋକ ମିଛ କଲେ । କଂଭୁ ମିଛ କରି ହବ କ'ଣ ? ଗଛ ତ ଖ୍ୟାଳଛି । କୃଷ୍ଣ ତ ଉଦୁଖଳ ଯେନି ତା ଭିତରେ ପଶିଛଂନ୍ତି ।

ନଂଦ ଦଉଡ଼ି ଫିଟାଇ ଦେଇ, ପୁଅକୁ କାଖେଇ ପକାଇଲେ । ଆଉ ଆଉ ମାନେ କଥାବାର୍ତା ହୋଇ ଯେଝା ଘରକୁ ଗଲେ ।

---

## ବୃଂଦାବନ-ବାସ

କ୍ରମେ କୃଷ୍ଣ, ବଳରାମ ଦିହେଁ ଗୋପ ପିଲାଂକ ସଂଗେ ଘରୁ ବାହାରି, ଖେଳିବାକୁ ଗଲେ । ବାହାରେ ଖେଳୁ ଖେଳୁ କେତେବେଳେ ଧୂଳିରେ ଗଡ଼ି ଗଡ଼ି ଧୂଳି ଧୂସର ହୋଇ ଘରକୁ ଆସଂନ୍ତି, କେତେ-ବେଳେ ବା ଯମୁନା ନଈ କୂଳରେ ଗୋପପିଲାଂକ ସଂଗେ ଖେଳୁଖେଳୁ ଖାଇବାବେଳେ ଗଡ଼ିଯାଏ । ଯଶୋଦା ଖୋଜି ଖୋଜି ଯାଇ, ପୁଅକୁ ଡାକି ଆଣଂନ୍ତି ।

ଦିନେ କୃଷ୍ଣଙ୍କର ଜନ୍ମଦିନ ହୋଇଥିଲା । ସେଦିନ ସକାଳୁ କୃଷ୍ଣ, ବଳରାମ ଗୋପପିଲାଂକ ସଂଗେ ଯମୁନା କୂଳରେ ଖେଳୁଚଂନ୍ତି—ଘରକୁ ଆସିବାକୁ ମନେ ନାଇ । ଯଶୋଦା ଖୋଜି ଖୋଜି ଯାଇ ପୁଅକୁ ଓ ବଳରାମଂକୁ ଡାକି ଆଣିଲେ । ଆଉ ଆଉ ଗୋପ ପିଲାଂକୁ ଘରକୁ ଯିବାପାଇଁ, କହିଦେଲେ । କୃଷ୍ଣଂକ ଦିହ ଯାକ ଧୂଳି ବୋଳା ହୋଇଥିଲା । ସ୍ନାନ କରାଇ ଦେଇ ଅଳଂକାର ପିଂଧାଇ ଦେଇ ଜନ୍ମଦିନ କଲେ ।

ନଂଦ ଯଶୋଦା ଦିହେଁ କୃଷ୍ଣ ନ ଖାଇଲେ କେବେ ଖାଆଂନ୍ତି ନାଇ । ସବୁବେଳେ କୃଷ୍ଣଂକୁ ଜୀବନ

କରୁଥାଂନ୍ତି। ଆଉ ଆଉ ଗୋପମାନେ ମଧ୍ୟ କୃଷ୍ଣଂକୁ ଖୁବ୍ ଦେଖିପାରୁଥିଲେ। କୃଷ୍ଣଂକର ଥରକୁ ଥର ଏପରି ବିପତ୍ତିମାନ ଘଟିବାର ଦେଖି, ସମସ୍ତେ ବଡ଼ ବ୍ୟାକୁଳ ହେଉଥାଂନ୍ତି।

ତେବେ ସବୁ ଗୋପଯାକ ବସି ବିଚାର କଲେ, "ଏବେ କʼଣ କରିବା ? ବ୍ରଜପୁରରେ ଥରକୁ ଥର ବଡ଼ ବିପତ୍ତି ପଡ଼ୁଛି। କୃଷ୍ଣଂକ ଉପରେ କେତେ ଉପଦ୍ରବ ହେଉଛି। ସେ ଦିନ ପୂତନା ଆସି ଯାହା କରୁଥିଲା, ସେଥିରେ କି ଆଉ ରକ୍ଷା ଥିଲା ? ଶଗଡ଼ଟି ଦଇବରୁ କୃଷ୍ଣଂକ ଉପରେ ପଡ଼ିଲା ନାହିଁ। ଭଗବାନଂକ ଅନୁଗ୍ରହରୁ କୃଷ୍ଣ ଏସବୁ ବିପତ୍ତିରୁ ରକ୍ଷା ପାଇଲେ। ସେ ଦିନ ସମସ୍ତଂକ ଆଗରେ ଖଂଢ଼ିଆ ଭୂତ ପରି କାହୁଁ ଏକ ଦଇତ୍ୟ ଆସି, କୃଷ୍ଣଂକୁ ଘେନି ଆକାଶକୁ ଗଲା। ଭାଗ୍ୟକୁ କୃଷ୍ଣ ରକ୍ଷା ପାଇଗଲେ। ଏଡ଼େ ଏଡ଼େ ଅର୍ଜୁନ ବୃକ୍ଷ ଭିତରେ କୃଷ୍ଣ କିପରି ପଡ଼ିଥିଲେ, ସେ କଥା ତ ସମସ୍ତେ ଜାଣ !"

ଉପାନଂଦ ବୋଲି ଜଣେ ବୁଢ଼ା ଗୋପ (ଗୋପାଳ) ଏସବୁ କଥା ବୁଝାଇ କରି, ସମସ୍ତଂକୁ କହିଲେ। ସେ ପୁଣି କହିଲେ;—

ଯେତେବେଳ ଯାଏ, ବ୍ରଜପୁରରୁ ଏ ସବୁ ବିପତ୍ତିମାନ ନ ଯାଉଛି, ସେତେଦିନ ଯାଏଁ, ପିଲାଂକୁ ଘେନି ଆମମାନଂକର ଆଉଠାଏ ଯାଇ ରହିବା ଉଚିତ। ମୁଁ ଗୋଟିଏ କଥା କହିବି। ସମସ୍ତେ ମନଦେଇ ଶୁଣ, "ଏଇ ଅଳ୍ପ ଦୂରରେ ଯେଉଁସବୁ ବଣ ଅଛି, ତା ଭିତରେ ବୃଂଦାବନଟି ସବୁଠାରୁ ଭଲ। ସେଠାରେ ଗଛ ଗୁଡ଼ିକ କେଡ଼େ ସୁଂଦର ! ବାଘ, ଭାଲୁ ନାହାଂନ୍ତି। ପାହାଡ଼ ଅଛି। ଗୋରୁ ଚରାଇବାପାଇଁ ସୁଂଦର ଜାଗା ସବୁ ଅଛି। ସେଇଠାକୁ ଯାଇ, ରହିବା ଠିକ୍ ହବ। ମୋ ମନ ହେଉଛି ଚାଲ;, ସମସ୍ତେ ଆଜ ସେଠାକୁ ଚାଲିଯିବା। ଯେବେ ସମସ୍ତଂକ ମନକୁ ପାଉଛି, ତେବେ ଗୋରୁ, ଗାଈ ସବୁ ସେଠାକୁ ପଠାଇ ଦିଅ।"

ଏକଥା ସମସ୍ତଂକ ମନକୁ ପାଇଗଲା। ସମସ୍ତେ ବୃଂଦାବନ ଯିବାପାଇଁ, ସଜାଡ଼ ହେଲେ। ଶଗଡ଼-ମାନଂକରେ ପିଲା, ବୁଢ଼ା, ମାଇପେ ବସିଲେ; ଜିନିଷ ପତ୍ର ସବୁ ଲଦା ହେଲା। ଗୋପାଳମାନେ ଧନୁ ବାଣ ଧରି, ତୂରୀ ଭେରୀ ସବୁ ବଜାଇ, ପୁରୋହିତମାନଂକୁ ଘେନି ସଂଗେ ସଂଗେ ଚାଲିଲେ।

ସମସ୍ତେ ଯାଇ, ବୃଂଦାବନରେ ପହଂଚି, ରହିବାର ଜାଗା ଘର ସବୁ ତିଆରିକରି ପକାଇଲେ। ଏଣେ କୃଷ୍ଣ ବଳରାମ ସୁଂଦର ଯମୁନାକୂଳ, ତା' ଉପରେ ବୃଂଦାବନ, ବଣ ମଝିରେ ଗୋବର୍ଦ୍ଧନ ପର୍ବତ, ବଣଯାକ ସୁଂଦର ସୁଂଦର ଲତାକୁଂଜ ସବୁ ଦେଖି, ଭାରି ଖୁସୀ ହେଲେ।

---

## ବତ୍ସ, ବକ ଓ ଅଘାସୁର ବଧ

ବୃଂଦାବନକୁ ଆସିଲା ବେଳକୁ କୃଷ୍ଣ ଟିକିଏ ବଡ଼ ହୋଇ ଯାଇଥିଲେ। ଏବେ ସୁଂଦର ବଣ ଦେଖିଲେ। ଯମୁନାନଈ, ଗୋବର୍ଦ୍ଧନ ପର୍ବତ, କେତେ ମୟୂର, କେତେ ପଶୁ ପକ୍ଷୀ ବଣରେ ବୁଲୁଥାଂନ୍ତି। ସାନ ଗଉଡ଼ପିଲାମାନେ ସାନ ସାନ ବାଛୁରୀ ଚରାଇବାକୁ ବଣକୁ ଯାଂନ୍ତି। କୃଷ୍ଣ, ବଳରାମ ଏବେ ସେମାନଂକ ସଂଗେ ବାଛୁରୀ ଚରାଇବାକୁ ବଣକୁ ଗଲେ।

ବାଛୁରୀମାନଂକୁ ଚରିବାକୁ ଛାଡ଼ି ଦେଇ, ଗଉଡ଼ ପିଲାଂକ ସାଂଗେ କେତେ ପ୍ରକାର ବେଶ ଧରି, କୃଷ୍ଣ କେତେ ଖେଳ କୌତୁକ କରୁଥାଂନ୍ତି। କେତେବେଳେ ସାଂଗମାନଂକ ସଂଗେ ବଂଶୀ ବଜାଂନ୍ତି। ଫୁଲ ତୋଳି

ସମସ୍ତେ ଆପଣା ଆପଣା ଉପରକୁ ଫୋପଡ଼ା ଫୋପଡ଼ି ହୁଅଂତି । କେତେବେଳେ ଗୋଡ଼ର ନୂପୁରମାନ ଝୁଣୁଝୁଣୁ କରି ବଜାଇ ନାଚଂତି; କେତେବେଳେ ପୁଣି ଷଂଢ ହୋଇ ଲଢ଼ାଲଢ଼ି ହୁଅଂତି । କେତେବେଳେ ହଂସ ମୟୂର ପରି ଚାଲଂତି, ବୋବାଂତି ।

ଦିନେ ଏହିପରି ବାଛୁରୀଂକୁ ଚରିବାକୁ ଛାଡ଼ି ଦେଇ, କୃଷ୍ଣ ପିଲାଂକ ସଂଗେ ଖେଳୁଚଂତି; ଗୋଟେ ଅସୁର ବାଛୁରୀ ପରି ବେଶ ହୋଇ, ସେମାନଂକ ପାଖେ ଆସି ପହଂଚିଲା । କୃଷ୍ଣ ସେ କଥା ଜାଣିପାରି, ବଳରାମଂକୁ ଦେଖାଇ ଦେଲେ; କିଂତୁ ଆପେ ଅସୁର ଆଗେ ସତେ ନ ଜାଣିଲା ପରି ଠିଆ ହୋଇଥାଂତି । ଆସ୍ତେ ଆସ୍ତେ କୃଷ୍ଣ ଅସୁର ପାଖକୁ ଗଲେ । କୌତୁକରେ ତା'ର ପଛଗୋଡ଼, ଲଂଗୁଡ଼ ଧରି ଏକାବେଳେକେ ଉପରକୁ ଟେକି ଦେଲେ । ତାପରେ ତାକୁ ବୁଲାଇ ବୁଲାଇ, ଗୋଟାଏ ବଡ଼ କଇଥ ଗଛ ଉପରକୁ ଫିଂଗିଦେଲେ ।

ଅସୁରଟି ଏବେ ଜଣା ପଡ଼ିଗଲା । ଗୋଟାଏ ବଡ଼ ପଥର ପରି, ସେ କଇଥ ଗଛ ଉପରେ ପଡ଼ିଯିବାରୁ କଇଥ ଗଛ ଏକାବେଳେକେ ମୂଳରୁ ଉପୁଡ଼ି ଝମ୍‌ଝମ୍ ହୋଇ ତଳେ ପଡ଼ିଗଲା । ସବୁ ପିଲାଗୁଡ଼ିକ ଚାହିଁ ଅବାକ୍ ହୋଇଗଲେ ? ସମସ୍ତେ ଭାରି ଖୁସୀ ହେଲେ ।

କୃଷ୍ଣ ପ୍ରତିଦିନ ଗଉଡ଼ ପିଲାଂକ ସାଥେ ସକାଳୁ ଖାଇବା ଜିନିଷ ସାଥରେ ନେଇ, କ୍ରମେ ବାଛୁରୀ ଘିନି ଟିକିଏ ଦୂର ବଣକୁ ଏବେ ସାହସ କରି ଯାଉଥାଂତି । ସବୁ ପିଲାଂକ ସଂଗେ ସେହିପରି ଖେଳୁଥାଂତି ।

ଦିନେ ଖରାବେଳେ ବାଛୁରୀମାନଂକୁ ଗୋଟାଏ ପୋଖରୀରେ ପାଣିପିଆଇ ଆପେ ପାଣି ପିଇବେ ବୋଲି, ସେହି ପୋଖରୀକୁ ଗଲେ । ସମସ୍ତେ ପୋଖରୀରେ ପାଣି ପିଉଚଂତି, ଦେଖିଲେ, ପୋଖରୀ କୂଳେ ଅଳ୍ପ ଦୂରରେ ଧଳା ହୋଇ, ଗୋଟାଏ ଅଧା ପାହାଡ଼ ପରି, କଣ ଗୋଟାଏ ଜଂତୁ ଦିଶୁଚି । ପିଲାଗୁଡ଼ିଂକୁ ଭାରି ଡର ମାଡ଼ିଲା ।

ସମସ୍ତେ ଦେଖିଲେ, ଧଳା ପଥର ନୁହେଁ । ବଗପରି ଗୋଟାଏ ମହାଜଂତୁ ବସିଚି । ଏଇଟି ବକାସୁର । କଂସ କଥାରେ କୃଷ୍ଣଂକୁ ଖାଇବା ପାଇଁ ଆସିଥିଲା ।

ଚାହୁଁ ଚାହୁଁ ଦୁରରୁ ପାଟି ମେଲା କରି ସେ ବଗ ଟପ୍ କରି କୃଷ୍ଣଂକୁ ଗିଳି ଦେଲା । ବଳରାମ, ଆଉ ପିଲାଗୁଡ଼ିକ ସମସ୍ତେ ଚାହିଁଚଂତି, ତାଂକ ଦେହରୁ ପ୍ରାଣ ଛାଡ଼ିଗଲା ପରି ତାଂକୁ ଲାଗୁଚି । ସମସ୍ତେ ଭୟ ଓ ଦୁଃଖରେ ଅଜ୍ଞାନ ପରି ହୋଇଗଲେ ।

କିଂତୁ କୃଷ୍ଣ ତ ସାମାନ୍ୟ ପିଲା ନୁହଂତି । ତାଂକୁ ଖାଇଯିବ, ଏଡ଼େ ଗର୍ବ ପୁଣି କାହାର ? ବଗ ପାଟିଟି ବୁଜି ଦେଇ କୃଷ୍ଣଂକୁ ଗିଳିଲାବେଳକୁ କୃଷ୍ଣ ଆଉ ତୋଟିରେ ନ ଗଲଂତି । ଚାହୁଁ ଚାହୁଁ ତା'ର ବେକ, ତାଳୁ, ସବୁ ଭିତରେ ନଆଁ ମାଡ଼ିଲା ପରି ଜଳି ଉଠିଲା । ସେ ଗିଳିଲା ପରି, ଛୁଂଚାଡ଼ି ଛୁଂଚାଡ଼ି କୃଷ୍ଣଂକୁ ଥଂଟ ବାଟେ ଗଳାଇ ପକାଇଲା ।

କୃଷ୍ଣ ବକ ତୁଂଡରୁ ଗଳିପଡ଼ି ତଳେ ଛିଡ଼ା ହୋଇଗଲେ । ତାଂକ ଦେହରେ ଟିକିଏ ହେଲେ କୁଣିସିଠେଇଁ ଖଂଡିଆ ହୋଇ ନାଇ । ବଗ ପୁଣି ଆଁ କରି ତାଂକୁ ଧରିବାକୁ ଗଲା । ଚାହୁଁ ଚାହୁଁ କୃଷ୍ଣ ବଗର ଦି'ଫାଳ ଯାକ ପାଟି ଦି'ହାତରେ ଧରି କୁଟା ଚିରିଲା ପରି ବଗଟିକି ଚିରି ପକାଇଲେ ।

ଏବେ ବଳରାମ ଓ ଆଉ ଆଉ ପିଲାଂକ ଦିହରେ ପ୍ରାଣ ପଶିଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ଓ ଭାରି ଆନଂଦ ହେଲେ ।

ଗୋଠରେ ବାଛୁରୀମାନେ କୃଷ୍ଣଙ୍କୁ ଓ ପିଲାଙ୍କୁ ନ ଦେଖି ସେପରି କି ଭାରି ବ୍ୟସ୍ତ ହୋଇ ପଡ଼ିଥିଲେ । ଏବେ ସମସ୍ତେ ଆନନ୍ଦରେ ନାଚି ନାଚି ଖେଳିଖେଳି ଘରକୁ ଫେରିଲେ ।

ଗାଁରେ ଗୋପ ଗୋପୀମାନେ ଏ କଥା ଶୁଣି, ଭାରି ଖୁସୀ ହେଲେ । କୃଷ୍ଣଙ୍କ କଥା ଭାଳି ଭାଳି, ସମସ୍ତେ ଭାରି ଆଶ୍ଚର୍ଯ୍ୟ ହେଲେ । ଭାବିଲେ କୃଷ୍ଣ ସାମାନ୍ୟ ପିଲା ନୁହନ୍ତି ।

ଆଉ ଦିନେ ପିଲାଙ୍କ ସଂଗେ ବଣଭୋଜି କରିବେ ବୋଲି, ପିଲାଙ୍କୁ ଡାକି, ଗାଈ ବାଛୁରୀ ଘିନି, ସିଂଘା ବଜାଇ ବଜାଇ ବଡ଼ ବଣ ଆଡ଼କୁ ଗଲେ । ହଜାର ହଜାର ପିଲା ସେ ଦିନ ସିଂଘା, ବଇଁଶୀ, ବେତ ଘିନି, ଶିକାମାନଙ୍କରେ ଖାଇବା ଜିନିଷ ସବୁ ଧରି, କୃଷ୍ଣଙ୍କ ପଛେ ପଛେ ଗଲେ ।

ସମସ୍ତେ ଦଳ ଦଳ କରି ବାଛୁରୀ ବାଣ୍ଟି ନେଇ, ଗୋଟିଏ ଗୋଟିଏ କୁଞ୍ଜ ଧରି ଆପଣା ଆପଣା ଗୋଠୁଟିମାନ ତିଆରି ବସିଲେ ।

ବାଟରେ କିଏ କାହା ଶିକା ଚୋରାଇନେଇ, ଦୂରରେ ଫିଙ୍ଗି ଦଉଥାଏ; ପୁଣି ଧରା ପଡ଼ିଗଲେ ହସି ହସି ଫେରାଇ ଦିଏ । କିଏ କାହା ସିଂଘା ବଇଁଶୀ ଲୁଚାଇ ଦଉଥାଏ, କୃଷ୍ଣ ବଣ ଦେଖି ଦେଖି ଦୂରକୁ ବାହାରି ଗଲେ । ପିଲେ କିଏ ଆଗେ ଯାଇ, କୃଷ୍ଣଙ୍କୁ ବଣ ଦେଖାଇ ଦବ ବୋଲି, ଜିଦ୍ ପକାଉଥାନ୍ତି । କିଏ ସିଂଘା, କିଏ ବଇଁଶୀ ବଜାଉଥାନ୍ତି । କିଏ ଭଅଁର ପରି ଗୁଣୁଗୁଣୁ ହୋଇ ଫୁଲ ପଛେ ଦଉଡ଼ୁ ଥାଏ । କିଏ କୁଞ୍ଜ ଭିତରେ ଲୁଚି ଲୁଚି, କୋଇଲି ପରି ବୋବାଇ କୋଇଲିକି ଉଲୁଟାଉ ଥାଏ । କିଏ ସେ ହଂସ ସଂଗେ ଥାକୁଲୁ ଥାକୁଲୁ ହୋଇ ଦଉଡ଼ୁ ଥାଏ । କିଏ ସେ ବଗ ପରି ତୁନି ହୋଇ ଯାଇ, ପୋଖରୀ କୂଳେ ମାଛକୁ ଚାହିଁ ଛପି କରି ବସୁଥାଏ । କିଏ ମୟୂରମାନଙ୍କ ସଂଗେ ନାଚୁଥାଏ । କିଏ ଛକି ଛକି ଯାଇ ମାକଡ଼ ପିଲାଙ୍କ ଲାଙ୍ଗୁଡ଼ ଧରି ଓଟାରୁ ଥାଏ । କିଏ ମାକଡ଼ ସଂଗେ ଡାଳମାଙ୍କୁଡ଼ି ଖେଳୁଥାଏ । କିଏ ଶୁଅ ଭିତରେ ବେଙ୍ଗ ପରି ଭାସୁଥାଏ । କିଏ ସେ ପାଣିରେ ଆପଣାର ଛାଇ ଦେଖି, ଖତେଇ ହଉଥାଏ । କିଏ ସେ ପାଟି କରି ଦୂରରୁ ପ୍ରତିଧ୍ୱନି ଶୁଣି, ତାକୁ ବକୁଥାଏ । ଏହିପରି କୃଷ୍ଣଙ୍କ ସଂଗେ ପିଲାଗୁଡିକ ଭାରି ଆନନ୍ଦରେ ବଣରେ ଖେଳୁଥାନ୍ତି ।

ଏବେ ବେଳ ଗଡ଼ି ଆସିଲା । ସମସ୍ତେ ଘରକୁ ଲେଉଟୁଛନ୍ତି । ଏତିକିବେଳେ ଅଘ ବୋଲି ଗୋଟାଏ ଅସୁର ଆସି ପହଂଚିଲା ।

ଏହି ଅଘ ପୂତନା ଓ ବକାସୁର ଦୁହିଙ୍କର ଭାଇ । କୃଷ୍ଣଙ୍କୁ ମାରିବା ପାଇଁ କଂସ ଏହି ଅଘକୁ ପଠାଇଥିଲା । କୃଷ୍ଣ ପୂତନା ଓ ବକକୁ ମାରିଥାନ୍ତି । ଅଘ ମନରେ ସେ କଥା ଜାଳୁଥାଏ । ସେ ଏବେ ସଂଧ୍ୟାବେଳ ଦେଖି, ମନେ ମନେ ଭାବିଲା—'ବଜାରୁ ପିଲା, ଆଜି ତତେ ପାଇଛି; ତୁ ଆଜି ଯିବୁ କୁଆଡ଼େ । ତତେ, ତୋ ଗଉଡ଼ ପିଲାଙ୍କୁ, ବାଛୁରୀଙ୍କ ସମସ୍ତଙ୍କୁ ଆଜି ଚଟଣୀ କରିବି ଯିବ । ତମକୁ ମାଇଲେ, ଆଉ ବ୍ରଜପୁର ଲୋକେ ଯାହା ବଂଚିବେ, ତା' ମତେ ଜଣା ଅଛି । ମୋ ଭାଇ, ଭଉଣୀଙ୍କ ମାରି ତାଙ୍କ ବଂଶ ବୁଡ଼େଇଛୁ । ଆଜି ତମକୁ ସବୁ ଖାଇ, ତୁମ ବଂଶ ରଫା ଦଫା କରିବି । ତେବେ ଯାଇ, ମୋ ନା' ଅଘ ।

ଏହା ଭାବିକି, ଅସୁର ମାୟାରେ ଆପେ ପର୍ବତ ପରି ଗୋଟେ ଅଜଗର ସାପ ହୋଇଗଲା ଏବଂ ବଡ଼ ପର୍ବତ ଗୁହା ପରି ଗୋଟେ ଆଁ କରି, ବାଟରେ ପଡ଼ି ରହିଲା । ବାପ୍‌ରେ ବାପ୍ ! ସେ ଯୁ ଆଁ, ତଳପାଟି ମାଟିରେ

ଓ ଓପର ପାଟି ମେଘରେ ! ଦାନ୍ତଗୁଡ଼ାକ ଗୋଟାଏ ଗୋଟାଏ ସାନ ସାନ ପାହାଡ଼ ପରି । ଆଁ ଭିତର ମେଘୁଆ ଅମାବାସ୍ୟା ରାତିପରି ଅନ୍ଧାର ! ଜିଭ ଦେଖିଲେ ଜଣା ଯାଉଛି, ଗୋଟାଏ ବଡ଼ ସଡ଼କ ରାସ୍ତା । ଓପରେ ଆଖି ଦିଓଟା ଦେଖିଲେ, ଲାଗୁଛି ସତେ ଅବା ବଣରେ ଦପ୍ ଦପ୍ ହୋଇ ଯୋଡ଼େ ନିଆଁ ଜଳୁଛି । ସେ ନିଶ୍ୱାସ ମାରିଲା ବେଳକୁ ତାତିଲା ପବନରେ ବତାସ ବୋହି ଆସୁଛି ।

ବ୍ରଜ ପିଲାମାନେ ଦୂରରୁ ସେ ଅଜଗର ମୁହଁ ଦେଖି ବୃନ୍ଦାବନର ଗୋଟିଏ ଭଲ ଜାଗା ବୋଲି ଭାରି ଖୁସୀ ହୋଇଗଲେ । ସମସ୍ତେ ଖେଳ ଖେଳ ସେଇ ଆଡ଼କୁ ଆସିଲେ । ପାଖକୁ ଆସି ଦେଖିଲେ —ଆରେ, ଏ ତ ଆଉ ସୁନ୍ଦର ଜାଗାଟିଏ ! ଏ ସାପ କଣ ଆମକୁ ଖାଇବାକୁ ଆଁ କରିଛି କି ! ଗୁହଁ ଗୁହଁ ପାଟି, ଦାନ୍ତ, ଜିଭ, ଆଖି ସବୁ ତାଙ୍କୁ ଜଣା ପଡ଼ିଗଲା । ସମସ୍ତେ ଜାଣି ପାରିଲେ, ସାପ ପେଟ ଭିତରୁ ନିଶ୍ୱାସରେ ପଚାମାଂସ ଗନ୍ଧ ବାହାରୁଛି । ଆଉ ଉପାୟ କ'ଣ ?

କିନ୍ତୁ କୃଷ୍ଣ ସାଙ୍ଗରେ ଅଛନ୍ତି । ବକାସୁର ତ ଠିକଣା ପଡ଼ିନାହିଁ । ଏ ସାପଟା କ'ଣ କରିବ ? ସ୍ୱୀ ଭାବି ସମସ୍ତେ କୃଷ୍ଣଙ୍କ ଆଡ଼କୁ ଗୁହିଁ, ହସି ହସି, ତାଳି ମାରି ମାରି, ସାପ ଆଁ ଭିତରକୁ ପଶିଲେ ।

କୃଷ୍ଣ ଏବେ ଜାଣିଲେ, ଏ ସାପ ନୁହେଁ, ଗୋଟେ ରାକ୍ଷସ । କୃଷ୍ଣ ଏହା ଜାଣିପାରି ଟିକିଏ ପଛକୁ ରହିଗଲେ । ଆଉ ଆଉ ଗଉଡ଼ ପିଲା, ଗାଈ, ବାଛୁରି-ମାନେ ସମସ୍ତେ ସାପ ଆଁ ଭିତରେ ପଶିଗଲେ । କୃଷ୍ଣ ପଶିନାହାନ୍ତି, ସାପ ତ ପାଟି ବୁଜି ପାରୁନାହିଁ । ସମସ୍ତେ ଜିଭ ବାଟେ ତା' ତୋଟି ଆଡ଼କୁ ଗଳୁଛନ୍ତି, କିନ୍ତୁ ସେ କୃଷ୍ଣଙ୍କ ପାଇଁ ଗୁହିଁ ରହିଥାଏ । କୃଷ୍ଣ ସବୁ ଚିନ୍ତି ଶେଷକୁ ତା' ପାଟି ଭିତରେ ପଶିଲେ ।

ସାପ ପାଟି ବୁଜିଦେଲା । କଂସର ଚର ସେଠାରେ ଥିଲା । ବେଗେ ଦଉଡ଼ିଯାଇ, କଂସକୁ ଖବର ଦେଇ-ଦେଲା, କଂସ ଭାରି ଖୁସୀ ।

ଏଣେ କୃଷ୍ଣ ତ ସାପ ପେଟରେ ପଶି ଗାର୍ଣ୍ଣ ହୋଇଯିବା ଜନ୍ତୁ ନୁହନ୍ତି ! କୃଷ୍ଣ କ'ଣ ମାୟା କରିଦେଲେ, ଗାଈ, ବାଛୁରି ପିଲା ସମସ୍ତେ ଗୋଟାଏ ଗୋଟାଏ ପାହାଡ଼ ପରି ବଡ଼ ହୋଇଗଲେ । ସାପ ଆଉ ଗିଳୁଛି କେତେବେ ?

ସାପ ଏବେ ଛଟ୍‌ପଟ୍ ହେଲା । ତା' ପେଟରେ ପବନ ଭର୍ତ୍ତି ହୋଇଗଲା । ଡୋଳା ଆଖିରୁ ବାହାରି ପଡ଼ିଲା । ଛଟ୍‌ପଟ୍ ହୋଇ ଟିକିକ ପରେ, ସାପର ପ୍ରାଣ ଉଡ଼ିଗଲା ।

ଫେର୍ କୃଷ୍ଣଙ୍କ କୌଶଳରେ ସମସ୍ତେ ଜଅଁତା ହୋଇ, ସାପ ପେଟରୁ ବାହାରିଲେ ।

କୃଷ୍ଣଙ୍କୁ ପାଟିରେ ରଖି ସାପଟି ମଲା । ତା' ଦେହରୁ ଗୋଟିଏ ଉଜ୍ଜ୍ୱଳ ହୋଇ ତେଜ ବାହାରି କୃଷ୍ଣଙ୍କ ଦେହରେ ମିଶିଗଲା । କୃଷ୍ଣଙ୍କୁ ମାରିବାକୁ ଆସି ସେ ଉଦ୍ଧାର ପାଇଗଲା ।

ସେହି ବୃନ୍ଦାବନ ଭିତରେ ସେ ସାପର ଶୁଖିଲା ଚମ ବହୁଦିନ ଯାଏ ପଡ଼ିଥିଲା । ଗଉଡ଼ ପିଲାମାନେ ସେହି ମଲା ସାପର ଭୁଣ୍ଡରେ ପଶି, ପୁଣି ବାହାରି ବହୁଦିନ ଯାଏ କୃଷ୍ଣ ଯେପରି କରିଥିଲେ ସେହିପରି ଖେଳୁଥାନ୍ତି ।

ଅଘାସୁରକୁ ମାରିଲାବେଳେ କୃଷ୍ଣଙ୍କୁ ମୋଟେ ଛ ବରଷ !

## ବଣଭୋଜି

### ବ୍ରହ୍ମାଙ୍କ ମାୟା

ଅଘାସୁର ମୁହଁରୁ ବାହାରି, ସମସ୍ତେ ଯାଇ ଗୋଟିଏ ପୋଖରୀ କୂଳରେ ପହଞ୍ଚିଲେ। ପୋଖରୀ କୂଳଯାକ ସୁନ୍ଦର ବାଲି, ଦେଖିଲେ ପିଲାଙ୍କର ଖେଳିବାକୁ ମନ ହେବ। ପୋଖରୀରେ ପଦ୍ମ ଫୁଲ ଫୁଟିଛି। କେତେ ଚଢ଼େଇ, ଭଅଁର, ମହୁମାଛି ସବୁ ଉଡ଼ି ବୁଲୁଚନ୍ତି। କୃଷ୍ଣ କହିଲେ, "ସମସ୍ତଙ୍କୁ ଭୋକ କରିବଣି। ଆସ ଏଇଠି ବସି ଖାଇବା। ବାଛୁରୀ ଗୁଡ଼ିକଙ୍କୁ ପାଣି ପିଆଇ ଛାଡ଼ିଦିଅ, ସେମାନେ ଚରୁଥାଆନ୍ତୁ।"

ସବୁ ପିଲାଯାକ ଖୁସିରେ ବାଛୁରୀଯାକ ଆଣି, ପାଣି ପିଆଇ, ତାଙ୍କୁ ନେଇ ଟିକିଏ ଦୂରରେ ଚରିବାକୁ ଛାଡ଼ିଦେଇ ଆସିଲେ। ତା' ପରେ ଆପଣା ଆପଣା ଶିକା ଗୁଡ଼ିକ ଥୋଇ, କୃଷ୍ଣଙ୍କୁ ମଝିରେ ବସାଇ ସରଲହୁଣୀ, ଦୁଧ, ଦହି, ସବୁ କାଢ଼ି ପକାଇଲେ। କିଏ ପଦ୍ମଫୁଲ ଆଣି, ପାଖୁଡ଼ାଗୁଡ଼ିକ ଛିଣ୍ଡାଇ, ତଳେ ପକାଇ, ତା ଉପରେ ବାଢ଼ିଲା, କିଏ କଅଁଳ ପତ୍ର ପକାଇଲା। କିଏ ଶିକା ଧରି ଖାଇବସିଲା। କିଏ ଗଛର ଛାଲରେ ବାଢ଼ିଲା, କିଏ ଅବା ପଥର ଉପରେ ବାଢ଼ିଲା। ସମସ୍ତେ କୋଳାହଳ କରି ଖାଇ ବସିଲେ। କିଏ କାହାକୁ ଖୁଆଇ ଦେଉଥାଏ, କିଏ କାହାଠାରୁ ଛଡ଼ାଇ ନେଉଥାଏ। ସମସ୍ତେ ଭାରି ଖୁସି!

ଏଣେ ବାଛୁରୀ ଗୁଡ଼ିକ ଘାସ ଖୋଜି ଖୋଜି ଦୂରକୁ ବାହାରି ଗଲେଣି। କାହାକୁ ଜଣା ନାଇ। ଶେଷକୁ କିଏ ଜଣେ କହିଦେଲା, "ଆରେ ବାଛୁରୀଯାକ ସବୁ ପଳେଇଲେଣି ରେ!"

ପିଲା ଗୁଡ଼ିକ ଏବେ କରନ୍ତି କ'ଣ? ସମସ୍ତେ ଅସ୍ତବ୍ୟସ୍ତ ହୋଇ ଉଠିବାକୁ ବସିଲେ। କୃଷ୍ଣ ତ ନିଜେ ଭଗବାନ୍। ଅସୁର ମାରିବେ ବୋଲି ଜନ୍ମ ହୋଇଚନ୍ତି। ତାଙ୍କୁ କୌଣସି କଥା ଅଜଣା ନାଇ। ସେ କହିଲେ, 'ଆଚ୍ଛା, କିଛି ଚିନ୍ତା ନାଇ। ସମସ୍ତେ ବସ, ଖାଅ। ମୁଁ ସବୁ ବାଛୁରୀଯାକ ଖୋଜି ଘିନି ଆସୁଚି।"

ଏହା କହି, ହାତରେ ଗୁଡ଼ିଏ କଅଁଳ ଘାସ ଧରି ପର୍ବତ, ଗୁହା, କୁଞ୍ଜ, ସବୁ ଆଡ଼େ କୃଷ୍ଣ ବାଛୁରୀ ଖୋଜି ବୁଲିଲେ।

ବାଛୁରୀ ସେ ପାଇବେ କାହୁଁ? ନିଜେ ବ୍ରହ୍ମା କୃଷ୍ଣଙ୍କ ମହିମା ଟିକିଏ ଦେଖିବା ପାଇଁ ଏଣେ ବାଛୁରୀ ଯାକ, ତେଣେ ଗଉଡ଼ ପିଲାଯାକ ସବୁ ଘେନିଯାଇ, କେଉଁଠାରେ ଲୁଚାଇ ଦେଇ ଚାଲି ଯାଇଚନ୍ତି।

କୃଷ୍ଣ ବାଛୁରୀ ଖୋଜି ନ ପାଇ, ପୋଖରୀ କୂଳକୁ ଆସି ଦେଖିଲେ, ସାଙ୍ଗ ପିଲାଗୁଡ଼ିକ ବି ନାହାନ୍ତି। କେତେବେଳ ଯାଏ ତାଙ୍କୁ ଖୋଜିଲେ। କାହାକୁ କୁଆଡ଼େ ନ ପାଇ, ଶେଷକୁ ବୁଝି ପାରିଲେ—ନିଜେ ବିଧାତା (ବ୍ରହ୍ମା) ଏ କାର୍ଯ୍ୟ କରିଚନ୍ତି। ଆଚ୍ଛା, ହଉ।

ଗୋଟିଏ କୌତୁକ କରିବା ପାଇଁ, କୃଷ୍ଣ ନିଜେ ମାୟା କଲେ। ଯେ ନିଜେ ଈଶ୍ୱର ଯେ ସ୍ୱର୍ଗ, ମର୍ତ୍ତ, ପାତାଳ, ଗଛ, ପତ୍ର, ପର୍ବତ, ସମୁଦ୍ର, ତରୁ, ଲତା, ପଶୁ, ପକ୍ଷୀ, ମନୁଷ୍ୟ, ଗ୍ରହ, ତାରା, ସବୁ ସୃଷ୍ଟି କରିଚନ୍ତି, ସବୁଥିରେ ବ୍ୟାପୀ ରହିଚନ୍ତି –ସେ ଇଚ୍ଛାକଲେ ସବୁ କରି ପାରନ୍ତି, ସବୁ ହୋଇ ପାରନ୍ତି। ସବୁ କେଉଁଠାରେ ଲୁଚାଇ ଦେଇ ପାରନ୍ତି। ସେହି ତ ନିଜେ କୃଷ୍ଣ ହୋଇ ଜନ୍ମ ହୋଇଚନ୍ତି, ତାଙ୍କ ହାତେ କୁ କଥା ନ ହବ!

ସେ ଏବେ ମାୟାରେ ଆପଣା ଦେହରୁ ସବୁ ସାଙ୍ଗ, ସବୁ ବାଛୁରୀ ବାହାରି କରି ପକାଇଲେ। ଆଗେ

ବାଛୁରି ହେଲେ, ଆପେ ଗଉଡ଼ ପିଲା ହେଲେ, ଆପେ କୃଷ୍ଣ ହେଲେ; ଏହିପରି ହୋଇ ଆସି ଗାଁରେ ପହଂଚିଲେ । ବାପ ମା'ମାନେ ପିଲାଂକୁ ଦେଖି, ବାଛୁରିମାନଂକୁ ଦେଖି, ଭାରି ଖୁସି ! କେହି କିଛି ଜାଣିଲେ ନାଇ ।

ପ୍ରତିଦିନ ସକାଳୁ ସବୁ ପିଲେ ସେହିପରି ବାଛୁରି ନେଇ ବଣକୁ ଯାଂନ୍ତି, ପୁଣି ଖେଳି ବୁଲି ସଂଜବେଳକୁ ବାଛୁରି ଘିନି ଘରକୁ ଆସଂନ୍ତି । ବରଷେ କାଳ ଏହିପରି ଚାଲିଗଲା ।

କିଂନ୍ତୁ ଏ ବରଷକଯାକ ବ୍ରହ୍ମାଂକୁ ମୁହୂର୍ତ୍ତେ । ବ୍ରହ୍ମାଂକୁ ମୁହୂର୍ତ୍ତେ ହେଲେ ମଂଚରେ ବରଷେ ହୁଏ ବୋଲି କଥା ଅଛି ।

ମୁହୂର୍ତ୍ତକ ପରେ ବ୍ରହ୍ମା ଆସି, ଏସବୁ କଥା ଦେଖି ଭାରି ଆନଂଦ ହେଲେ । ଗଉଡ଼ ପିଲା ଓ ବାଛୁରିଗୁଡ଼ିକ ଫେରେ ବାହାର କରି ଦେଲେ । କୃଷ୍ଣଂକୁ ମନେ ମନେ କେତେ ସ୍ତୁତି କଲେ ।

ଏଣେ କୃଷ୍ଣ ଯେତେ ଗଉଡ଼ ପିଲା, ବାଛୁରି ଦେହରୁ ବାହାର କରିଥିଲେ, ସିଏଁ ସିଏଁ ସବୁ କୁଆଡ଼େ ଉଭେଇ ଗଲେ । କେହି କିଛି ଜାଣି ପାରିଲେ ନାଇ ।

ପିଲା ଓ ବାଛୁରିଯାକ ବରଷେ କାଳ ଶୋଇପଡ଼ି ଥିଲେ ସତ; କିଂନ୍ତୁ ତାଂକୁ କିଛି ଜଣାନାଇ । ସେମାନେ ଆସି କୃଷ୍ଣଂକୁ ଘେରିଗଲେ । ସେଇ ପୋଖରୀ କୂଳେ ସମସ୍ତେ ଅଛଂନ୍ତି । ସମସ୍ତେ କୃଷ୍ଣଂକୁ କହିଲେ, "ଭାଇ କୃଷ୍ଣ, କେଡ଼େ ବେଗେ ବାଛୁରିଗୁଡ଼ିକ ଖୋଜି ଆଣିଲ । ଆସ, ଏବେ ଆମ ସାଂଗେ ଖାଅ । ତୁମେ ଗଲାବେଳୁ ଆମର କିଛି ଖାଇବାକୁ ମନ ହେଉ ନାଇ ।"

କୃଷ୍ଣ ସବୁ ଶୁଣି, ଟିକିଏ ହସି ହସି ମଝିରେ ଯାଇ ବସି, ତାଂକ ସାଂଗରେ ଖାଇଲେ । ବେଳବୁଡ଼ି ଆସିଲାରୁ, ସମସ୍ତେ ବାଛୁରି ଘିନି ଘରକୁ ଆସିଲେ । ଆସିଲାବେଳେ ବାଟରେ ସେହି ମଲା ଅଜଗରକୁ ମଧ୍ୟ ଦେଖି ଆସିଲେ ।

ଆସିଲା ବେଳେ ସବୁ ଦିନ ପରି କୃଷ୍ଣଂକ ଦେହ-ଯାକ ଧୂଳିଧୂସର ହୋଇଥିଲା । ମୁଂଡରେ ମୟୂର ଚଂନ୍ଦ୍ରିକାର ମୁକୁଟ, ଦେହଯାକ ଫୁଲର ଅଳଂକାର । ସାଂଗେ ସାଂଗେ ଗଉଡ଼ ପିଲାଗୁଡ଼ିକ ନାଚି ନାଚି, ଗୀତ ଗାଇ ଗାଇ, ଚାଲିଚଂନ୍ତି । ସମସ୍ତେ ଗାଁକୁ ଆସିଲେ । ପିଲାଯାକ ସମସ୍ତେ କୃଷ୍ଣ କପରି ଅଜଗରକୁ ମାରିଥିଲେ ସେ କଥା ଗାଆଁରେ କହିଲେ । ଘରେ ଘରେ ଆନଂଦ, ଉତ୍ସବ ଲାଗିଲା ।

—*—

## ଧେନୁକ ବଧ

କୃଷ୍ଣଂକୁ ଛ ବରଷ ପୂରିଗଲା । ବଳରାମଂକୁ ମଧ୍ୟ ସାତବର୍ଷ ହେଲା । ଏବେ ସେମାନେ ବାଛୁରୀଂକ ସାଂଗେ ଗାଈ, ଷଂଢ ସମସ୍ତଂକୁ ଚରାଇ ପାରିବେ । ନଂଦ ପ୍ରଭୃତି ଗୋପମାନେ ଏଣିକି ତାଂକୁ ଗାଈ, ବାଛୁରି ସବୁ ଚରାଇବା ପାଇଁ ଦେଲେ । ଏବେ ଗାଈ, ବାଛୁରି ଘେନି ଦୁଇ ଭାଇଯାକ ଶ୍ରୀଦାମ, ସୁବଳ, ତୋକକୃଷ୍ଣ ପ୍ରଭୃତି ଗଉଡ଼ପିଲାମାନଂକ ସାଂଗରେ ବଣକୁଯାଉଥାଂନ୍ତି । ବୃଂଦାବନ ବଡ଼ ସୁଂଦର ବନ । ସେଠାରେ ସମସ୍ତେ କେତେ ଖେଳଂନ୍ତି, କେତେ ନାଚଂନ୍ତି, କେତେ ଫୁଲ ତୋଳଂନ୍ତି, କେତେ ପ୍ରଜାପତି ପଛରେ ଗୋଡ଼ାଂନ୍ତି । ବଣ ହସି ଉଠୁଥାଏ ।

କେତେବେଳେ ଖେଳି ଖେଳି ନାଚି ନାଚି ବଳରାମଂକ ଗୋଡ଼ ବଥା କଲେ କୃଷ୍ଣ ବସି ଗୋଡ଼

ଘଷିଦିଅଂତି; ଜଂଘ ମାଡ଼ି କରି ବଳରାମଂକୁ ଶୁଆଂତି । ସବୁ ଗଉଡ଼ ପିଲାଯାକ ଭାରି ଖୁସି ହୋଇ କୃଷ୍ଣ ବଳରାମଂକ ସେବା କରୁଥାଂତି ।

ଥରେ ଗଉଡ଼ ପିଲାମାନେ କୃଷ୍ଣ ବଳରାମଂକୁ କହିଲେ, "ରାମ, ତୁମର ତ ଭାରି ବଳ ହେଲାଣି । କୃଷ୍ଣ ତ ବି କେଡ଼େ କେଡ଼େ ଦୁଷ୍ଟମାନଂକୁ ମାରି ପକାଉଛଂତି । ଏଇ ପାଖରେ ଗୋଟିଏ ତାଳବଣ ଅଛି । କେତେ ତାଳ ପାଚିଛି; କେତେ ଝଡ଼ି କରି ତଳେ ପଡୁଛି; କିଂତୁ ଧେନୁକ ବୋଲି ଗୋଟାଏ ଦୁଷ୍ଟ ସେ ବଣକୁ ଆପଣାର ବୋଲି ମାଡ଼ି ବସିଛି । ସେ ଗୋଟାଏ ଅସୁର । ସବୁବେଳେ ଗଧ ପରି ହୋଇ ବୁଲୁଥାଏ । ତାର ଭାଇ ବଂଧୁ, କୁଟୁଂବ ସବୁ ସେହିପରି ଦୁଷ୍ଟ, ଭାରି ବଳୁଆ । ସେମାନେ ତା ପାଖେଥାଂତି; ମଣିଷ ମାରି ଖାଆଂତି । ସେଥିପାଇ ସେଠାକୁ କେହି ଯାଂତି ନାଇ । ଫଳଗୁଡ଼ାକ ସବୁ ତଳେ ପଡ଼ି, ସଡ଼ି ଯାଉଛି । ଏଇ ଦେଖ, ପବନରେ ତାଳ ବାସନା ଆସୁଛି । ଆମେ କମିତି ସେ ତାଳ ଖାଆଂତୁ ।"

ରାମ କୃଷ୍ଣ ଦୁହେଁ ଏହା ଶୁଣି ହସିଲେ ଏବଂ ସମସ୍ତଂକୁ ଘେନି ସେହି ତାଳ ବଣକୁ ଗଲେ । ବଳରାମ ହୁଂଡା ଆଦମ୍ । ଆଗ ଯାଇ, ଗୋଟାଏ ତାଳଗଛ ମୂଳରୁ ଧରି ଖଂବ ହଲାଇଲା ପରି, ଝଡ଼ି ଝଡ଼ି କରି ହଲାଇ ଦେଲେ । ଦୁମ୍ ଦାମ୍ ପାଚିଲା ତାଳ-ସବୁ ଝଡ଼ି ପଡ଼ିଲା ।

ଧେନୁକ ଶବ୍ଦ ଶୁଣି, ଗୋଟାଏ ଗଛ ଉପାଡ଼ି, କାଂଧରେ ପକାଇ, ହାତରେ ବଡ଼ ବଡ଼ ପଥରଖଂଡମାନ ଘେନି ଚମକି ଆସିଲା । ଆସିଲାବେଳେ ଭାରି ରଡ଼ି କରୁଥାଏ । ସେ ରଡ଼ିରେ ଆକାଶ, ପାତାଳ କଂପିଗଲା ।

ସେ ଅସୁର ଆସି ପହଂଚି, ବୁଲି ପଡ଼ି ପଛ ଗୋଡ଼ରେ ବଳଦେବଂକ ଛାତିକି ଯୋଡ଼ାଏ ଶକତ ଲାତ ପକାଇଲା, ପୁଣି ବଳରାମଂକ ପଛ ଆଡ଼କୁ ବୁଲିଯାଇ ଖେଁ ଖେଁ କରି ଆଗ ଗୋଡ଼ ଦିଓଟାରେ ତାଂକ ଉପରକୁ ଚଢି ବସିଲା ।

ବଳରାମ ସେକଥା ଖାତିରି କରିବେ କାହିଁ ? ଚଟ୍ କରି ତା'ର ଗୋଡ଼ ଦିଓଟା ଧରି ପକାଇ, ତାକୁ ମୁଂଡ ଉପରେ ବୁଲାଇ ବୁଲାଇ, ଗୋଟେ ତାଳଗଛ ଅଗକୁ ଫିଂଗିଦେଲେ । ଅସୁର ସେଇଠିକେ ନିକାସ୍ । ତାଳ ଗଛଟା ବି ଅସୁରର ମୁର୍ଦାର ଚିନ, ମଡ଼ ମଡ଼ ହୋଇ ଭାଜି ପଡ଼ିଲା । ସେ ତାଳଗଛ ପଡ଼ି, ଆଉ ଆଉ ଗଛ ସବୁ ଭାଜିଗଲା । ଭାରି ଶବ୍ଦ ହେଲା ।

ଧେନୁକାସୁରର ଯେତେ ଭାଇ, ବଂଧୁ, କୁଟୁଂବ ଥିଲେ, ସମସ୍ତେ ଆସି ପହଂଚିଗଲେ । ରାମ, କୃଷ୍ଣ ଦୁହେଁ ଯାହାକୁ ଆଗରେ ପାଇଲେ, ତାକୁ ଗୋଡ଼ ଧରି ବୁଲାଇ ଫିଂଗିଲେ । ଗୁହୁଁ ଗୁହୁଁ ସେଠା ଅସୁର ବଂଶ ନିକାସ୍ ।

ଗଉଡ଼ ପିଲାଯାକ ଆନଂଦରେ ତାଳ ଖାଇଲେ । ସେହିଦିନଠାରୁ ସମସ୍ତେ ସେ ବଣକୁ ଗଲେ । ଗୋରୁ ମଧ୍ୟ ଯାଇ ସେଠାରେ ଚରିଲେ । ବୃଂଦାବନର ଗୋଟାଏ ବଡ଼ ବିପତ୍ତି ଗଲା ।

ସେଦିନ ଘରକୁ ଫେରିଲାବେଳେ ସମସ୍ତଂକର କି ଆନଂଦ ! ଯଶୋଦା ରୋହିଣୀଂକ ଆନଂଦ କଥା କହିବ କିଏ ? ଆସିଲାକ୍ଷଣି, ପୁଅ ଦୁଇଟିଂକ କୁଂଢାଇ ପକାଇ କାଖକୁ ନେଲେ, ଧୂଳି ଝାଡ଼ିଦେଲେ । ସୁବାସ ତେଲ ଲଗାଇ ଗାଧୋଇ ଦେଲେ । ଲୁଗା ପିଂଧାଇ, ଚଂଦନ, ଅଳଂକାରରେ ମଂଡି ଦେଲେ । ଖାଇବାକୁ ଦେଇ, ପାନ ଦେଇ, କୋଳରେ ଘେନି ମହା ଆନଂଦରେ ଶୋଇଲେ ।

## କାଳୀୟ-ଦଳନ

ଆଉଦିନେ କୃଷ୍ଣ ଗାଈ ବାଛୁରୀ ଘେନି, ସାଂଗମାନଂକ ସାଂଗେ ବୃଂଦାବନ ଭିତରକୁ ଚାଲିଗଲେ । ସେ ଦିନ ବଳରାମ ସାଂଗରେ ଯାଇ ନାହାଂନ୍ତି । ବଣ ଭିତରେ ଭାରି ଖରା ହୋଇଗଲା ।

ସମସ୍ତଂକୁ ଭାରି ଶୋଷ କଲା । ଗଉଡ଼ ପିଲାଯାକ ଯାଇ, କାଳିଂଦୀରୁ ପାଣି ପିଇଦେଲେ । କୃଷ୍ଣ ଏ କଥା ଜାଣି ନାହାଂନ୍ତି । ପାଣି ପିଇଦେଇ, ସମସ୍ତେ ଗୋଟି ଗୋଟି ହୋଇ ତଳ ପଡ଼ି, ଅଜ୍ଞାନ ହୋଇଗଲେ ।

ସେମାନେ ଯେଉଁ ପାଣି ପିଇଲେ, ସେଥିରେ ବିଷ ଥିଲା । କୃଷ୍ଣ ତାହା ବୁଝି ପାରିଲେ । ସାଂଗମାନଂକୁ ଯାଇ, ସଚେତ କରିଦେଲେ । ତାଂକୁ ସବୁ ନିଦରୁ ଉଠିଲା ପରି ଲାଗିଲା ।

କୃଷ୍ଣ ଦେଖିଲେ, କାଳିଂଦୀର ସେହି ଜାଗାରେ କାଳୀୟ ବୋଲି ଗୋଟାଏ କାଳସର୍ପ ଥାଏ । ସେ ସାପର ବିଷ ଭାରି ଟାଣ । ଏପରି କି ଚଢ଼େଇମାନେ ଉପରେ ଉଡ଼ିଗଲା ବେଳେ ସେ ବିଷ ଜାଳାରେ ମରି, ପାଣି ଭିତରେ ପଡ଼ି ଯାଆଂନ୍ତି । କୂଳ ଗଛମାନଂକରେ, ସେ ବିଷପାଣି ଫେଣ ଯାଇ ବାଜିବାରୁ ଗଛ ସବୁ ମରି ଛିଡ଼ା ହୋଇଥାଏ । ଆଉ ଜୀବଜଂତୁ କଥା କହିବା କାହିଁକି ? ଯେ ସେଠାକୁ ଯାଏ, ସେ ଆଉ ବଂଚି ଫେରି ଆସେ ନାଇ ।

କୃଷ୍ଣ ଦେଖିଲେ, ଏ ଦୁଷ୍ଟ ସାପ ବହୁତ ଅକାର୍ଯ କରୁଛି; ଏହାଂକୁ ନ ମାରିଲେ ମଂଗଳ ନାଇ; ଭିତରୁ ଭିତରୁ ତାଂକୁ ରାଗ ଉଠିଗଲା । ସେ ଏବେ ଗୋଟାଏ ଗଛରେ ଚଢ଼ି, ଦୁମ୍‌କରି ପାଣି ମଝିକି ଡେଇଁ ପଡ଼ି ପହଁରିଲେ ।

ପଦ୍ମ-ପୋଖରୀରେ ହାତୀ ପଶି, ଯେପରି ଘୁଷୁଂଡି ହୁଏ, କୃଷ୍ଣ ସେ ହ୍ରଦ ଜଳ ସେଇପରି ଘୁଷୁଂଡି ଦେଲେ । ମଝିରେ ମଝିରେ ଭାରି ପାଠି କରୁଥାଂନ୍ତି ।

କାଳୀୟ ନାଗ ପାଣିରେ ଥିଲା । ତା ଆସ୍ଥାନ କଂପିଗଲା । ସେ ରାଗରେ ପାଣି ଉପରକୁ ଫଣା ଟେକି ଦେଇ, ଚାହିଁଲା ବେଳକୁ ଦେଖିଲା, ଗୋଟିଏ ସୁକୁମାର ସୁଂଦର ପିଲା—କି ସୁଂଦର ଲୁଗା, ଅଳଂକାର ଗୁଡ଼ିଏ ପିଂଧି ସତେ ଅବା କୁଳୁକୁଳୁ ହୋଇ ପହଁରୁଛି ।

ବଡ଼ ଜଂତୁଟାଏ ଦେଖିଥିଲେ ଅବା କାଳୀୟ ଟିକିଏ ଖାତିର କରିଥାଂତା । କଅଁଳିଆ ପିଲାଟିଏ ଦେଖି, ତା'ର ରାଗ ଆଉରି ବଢ଼ିଗଲା । ସେ ହଜାରେ ଫଣା ଟେକି, ଆସି କୃଷ୍ଣଂକୁ ଚାରିଆଡ଼ୁ ଗୁଡ଼ାଇ ଦେଇ ଦଂଶିଲା ।

ଏଣେ ସାଂଗ ପିଲାଯାକ କଦଂବ ଗଛରେ ଚଢ଼ି ଦେଖୁଥିଲେ । ତଳେ ଯାଇ ବାଛୁରୀଗୁଡ଼ିକ ଛିଡ଼ା ହୋଇ ବଲ ବଲ କରି ଚାହିଁଛଂନ୍ତି । ବିଷ-ପାଣି ଭିତରକୁ କୃଷ୍ଣ ଡେଇଁ ପଡ଼ିଲେ ଦେଖି ସମସ୍ତେ ଆଶ୍ଚର୍ଯ ହୋଇ ଚାହିଁଥିଲେ । ଏବେ ଦେଖିଲେ, କାଳୀୟ ନାଗ ଆସି ତାଂକ ଦେହରେ ଗୁଡ଼ାଇ ହୋଇ ଦଂଶୁଚି, କୃଷ୍ଣ କିଛି କରୁ ନାହାଂନ୍ତି ।

ସମସ୍ତେ ବ୍ୟାକୁଳ ହୋଇ ଭୋ ଭୋ କାଂଦିଲେ । ଗାଈ ବାଛୁରୀଗୁଡ଼ିକ ମଧ୍ୟ କାଂନ୍ଦିଲାପରି ଚାହିଁ ଛିଡ଼ା ହୋଇଥାଂନ୍ତି । ଏଣେ ଗାଁରେ ବ୍ରଜପୁର ଲୋକେ, କାହିଁକି କେଜାଣି, କେତେ ଅମଂଗଳ ଦେଖିଲେ । ବିନା ମେଘରେ ତାଂକୁ ବଜ୍ର ଶୁଣାଗଲା । ଦିନୁଟାରେ ଆକାଶରୁ ତାରା ଖସିଲା ପରି ଲାଗିଲା । ଭୂମିକଂପ ହେଲାପରି ସମସ୍ତଂକୁ ଜଣାଗଲା । ସେମାନେ ଜାଣିଲେ କ'ଣ ଅମଂଗଳ ହେଲା ।

ବୁଝି ବୁଝି କୃଷ୍ଣ ଆଜି ବଳରାମଂକୁ ସାଂଗରେ ନେଇ ନାହାଂତି । ତାଂକ ମନ ଆତୁର ଅଧିକ ବ୍ୟାକୁଳ ହେଲା । ସମସ୍ତେ କୃଷ୍ଣଂକୁ ଖୋଜିବା ପାଇଁ ବଣକୁ ଦଉଡ଼ିଲେ ।

ସମସ୍ତେ ବ୍ୟାକୁଳ ହେଉଥାଂତି ସତ; କିଂତୁ ବଳରାମ ତ କୃଷ୍ଣଂକ ମହିମା ଜାଣଂତି; ସେ କାହିଁକି ବ୍ୟାକୁଳ ହେବେ ? ସେ ଟିକିଏ ଟିକିଏ ହସୁଥାଂତି, କାହାକୁ କିଛି କହୁ ନ ଥାଂତି ।

ସମସ୍ତେ କୃଷ୍ଣଂକ ପାଦଚିହ୍ନ ଖୋଜି ଖୋଜି ଯମୁନା କୂଳରେ ଆସି ପହଂଚି, ଦେଖିଲେ, କୃଷ୍ଣ ପାଣିରେ ଭାସୁଛଂତି । ତାଂକ ଦେହରେ ସାପ ଗୁଡ଼ାଇ ହୋଇ, ଫଣା ଟେକିଛି । କୃଷ୍ଣଂକର ଆଉ କିଛି ଚେଷ୍ଟା ନାହିଁ । ଏଣେ ସାଂଗ ପିଲାଗୁଡ଼ିକ ମୋହ ହୋଇ, ତଳେ ପଡ଼ି ଗଲେଣି । ଗାଈ, ବାଛୁରି କାଂଦୁଛଂତି । ଏହା ଦେଖି ତାଂକୁ ଆଉ ବୁଦ୍ଧି ଦିଶିଲା ନାହିଁ । ଚାରିଆଡ଼ ଅଂଧାର ଦେଖା ଗଲା ।

ଯଶୋଦା "ମୋ ବାପ, କାହିଁକି ପାଣିକି ଗଲୁରେ" ବୋଲି କାଂଦି ଉଠିଲେ । ଏହା ଦେଖି, ଆଉ ଗୋପ ଗୋପୀମାନେ ହୋ ହୋ ହୋଇ କାଂଦିଲେ । ପୁଣି କେହି କେହି ଯଶୋଦାଂକୁ ବୁଝାଇ ବସିଲେ, "ଦୁଧଖିଆ ପିଲାବେଳେ କୃଷ୍ଣ ପୂତନା, ବକ, ଅଘ ପ୍ରଭୃତି ବଡ଼ ବଡ଼ ରାକ୍ଷସଂକୁ ମାରିଛଂତି । ତାଂକର କିଛି ହବ ନାଇ । ମା, ତୁମେ କାଂଦ ନାଇ ।"

ନଂଦ ପ୍ରଭୃତି ଗୋପମାନେ କୃଷ୍ଣଂକୁ ଘେନି ଆସିବେ ବୋଲି, ବ୍ୟାକୁଳ ହୋଇ ପାଣିରେ ପଶି ଯାଉଥିଲେ । ବଳରାମ ଯାଇ, ତାଂକୁ ମନା କରି ଫେରାଇ ଆଣିଲେ ।

ଏଣେ କୃଷ୍ଣ ଗୁହଁ ଗୁହଁ ଆପଣାକୁ ବଡ଼ କରି ଦେଲେ । ସାପ ଗୁଡ଼େଇ ହୋଇଥିଲା—ଫିଟିଗଲା । ସାପକୁ ବଡ଼ କାଟିଲା । ସେ ଫଣା ଗୁଡ଼ାକ ମଧ୍ୟ କାଢ଼ିନେଲା । ବ୍ୟାକୁଳ ହୋଇ ଫଣା ସବୁ ଉପରକୁ ତଳକୁ କରୁଥାଏ । 'ଫଁ' 'ଫଁ' ନିଶ୍ୱାସ ମାରି ବିଷ ଗାଳି ପକାଉଥାଏ । ନିଆଁ ପରି ଆଖି କରି କୃଷ୍ଣଂକୁ ଚାହିଁଥାଏ ।

ରାଗରେ ତାର ମୁହଁ ଅଂଗାର ପରି କଳା ହୋଇଗଲା । କୃଷ୍ଣ ପହଁରି ପହଁରି ବୁଲୁଥାଂତି । ସାପ ଭାରି ରାଗିଯାଇ, ଜିଭ କାଢ଼ି କାଢ଼ି ଫଣା ଦେଖାଉଥାଏ । ଦଂଶିବ ବୋଲି ପୁଣି କୃଷ୍ଣଂକ ପଛେ ପଛେ ଗୋଡ଼ାଉ ଥାଏ । ଏପରି ବୁଲି ବୁଲି କ୍ରମେ ସାପର ବଳ ଖସି ଆସିଲା ।

କୃଷ୍ଣ ବେଳ ଉଂଡି, ଝଟ୍ କରି ତା'ର ଗୋଟାଏ ଫଣା ଧରି, ଓହଳାଇ ଦେଇ, ତା' ଫଣା ଉପରେ ଚଢ଼ିଗଲେ । ଚଢ଼ିଯାଇ ଫଣାରୁ ଫଣା ଉପରେ ନାଚି ଯାଉଥାଂତି ।

ସେ ନାଚ ଦେଖିବାକୁ କେଡ଼େ ସୁଂଦର । କୃଷ୍ଣଂକ ରଂଗପାଦ ଫଣା ମଣିରେ ପଡ଼ି, ଫଣାଗୁଡ଼ିକ ଟକ୍ ଟକ୍ ତଂବା ପରି ଦେଖାଯାଉଥାଏ । କୃଷ୍ଣ ନାଚିଗଲା ବେଳେ ଗୋଟିକ ଗୋଟି ଫଣା ଲଇଁଯାଇ, ପୁଣି ଉଠିଯାଉଥାଏ ।

ସାପ ଆଉ ସହିବ କେତେ ? କ୍ରମେ ତା ମୁହଁରୁ ରକ୍ତ ବାହାରି ପଡ଼ିଲା । ଶେଷକୁ ସାପ ମୋହ ହୋଇ ପଡ଼ିଗଲା ।

ଥରକୁ ଥର ସାପ ପୁଣି ଫଣା ଟେକୁଥାଏ; ଥରକୁ ଥର କୃଷ୍ଣ ପୁଣି ତା' ଫଣା ଉପରେ ନାଚି ଯାଉଥାଂତି । ଶେଷକୁ ସାପ ଆଉ ବଳ ଦେଖାଇଲା ନାହିଁ । କୃଷ୍ଣଂକୁ ସେ ଚିହ୍ନି ପାରିଲା—ଜାଣିପାରି ତାଂକଠାରେ ଶରଣ ପଶିଲା । ପରେ ସେ ସାପର ଭାର୍ଯ୍ୟାମାନେ ଆସି କୃଷ୍ଣଂକୁ ବହୁତ ଜଣାଣ କଲେ । କୃଷ୍ଣ ତ ନଜେ

ଭଗବାନ୍ । ଦୋଷୀ ଶରଣ ପଶିଲେ, କ୍ଷମା ଦେବା ତାଂକର କାର୍ଯ୍ୟ । ସେ ଏବେ କହିଲେ, "କାଳୀୟ, ତୁମେ ଏବେ ଜ୍ଞାତି, କୁଟୁଂବ, ପୁଅ, ମାଇପ ଘେନି ସମୁଦ୍ରକୁ ଯାଅ । ଏଠାରେ ଆଉ ତୁମେ ରହି ପାରିବ ନାଇ । ଆଜଠାରୁ ମଣିଷ, ଗାଈ, ଗୋରୁ, ଏ ନଦୀରୁ ଜଳ ଖାଇବେ । ମୁଁ ଆଜ ତୁମ ଫଣାରେ ନାଚିଲି । ଏଇ ପାଦଚିହ୍ନ ତୁମ ମୁଂଡରେ ବରାବର ରହିବ । ଲୋକେ ଦେଖି ଜାଣିବେ ।"

ସାପମାନେ ମହା ଆନଂଦରେ କୃଷ୍ଣଂକୁ ସ୍ତୁତି କରି, କେତେ ମଣି, ରତ୍ନ ଅଳଂକାର ତାଂକୁ ଦେଇ, ସମୁଦ୍ର ଆଡ଼କୁ ଚାଲିଗଲେ ।

କୃଷ୍ଣ ହ୍ରଦରୁ ଆସି, ସାଂଗମାନଂକ ପାଖେ ପହଂଚିଲେ । ମା, ବାପ କୃଷ୍ଣଂକୁ ଆନଂଦରେ ଗଦ୍‌ଗଦ୍ ହୋଇ କୁଂଢ଼ାଇ ପକାଇଲେ । ସମସ୍ତେ ଭାରି ଖୁସି ହେଲେ । ପିଲାଯାକ ଗୀତ ଗାଇ ଗାଇ ନାଚି ନାଚି ବାପ ମାଂକୁ ଘେନି ସେହି ରାତି କାଳଂଦୀ କୂଳରେ ରହିବାକୁ ଠିକ୍ କଲେ ।

ସେ ରାତିରେ ପୁଣି ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଥିଲା । କାଳୀୟର ଗୋଟିଏ ସାଂଗ କଂସ କଥାରେ ଆସି ବଣରେ ଚାରିପାଖେ ନିଆଁ ଜାଳି ଦେଲା । ସମସ୍ତେ ଦେଖିଲେ, ମୁହୂର୍ତ୍ତକେ ଗୋପୀ, ଗୋପାଳ, ଗାଈ, ଗୋରୁ, ବାଛୁରି, ପିଲା, ସମସ୍ତେ ପୋଡ଼ି ଯିବେ । ଆଉ ଉପାୟ କଣ ? କିଂତୁ କୃଷ୍ଣ ଥିଲେ କି ଉପାୟ ନାଇ !

କୃଷ୍ଣ ଖେଳିଲା ପରି ଗୋଟିଏ ଆଁ କରିଦେଲେ; ସବୁ ନିଆଁ ଯାକ ଆସି ତାଂକ ପାଟିରେ ପଶିଗଲା ପରି ଲାଗିଲା । ଦେଖିଲା ବେଳକୁ ବଣରେ ଆଉ ନିଆଁ ନାଇ କି ଧୂଆଁ ନାଇ ।

---

## ପ୍ରଲଂବ-ବଧ

ଏହିପରି ଗୋପପିଲାଯାକ ରାମକୃଷ୍ଣଂକ ସାଂଗେ ସବୁ ଦିନେ ଗାଈ, ବାଛୁରି ଘେନି ବଣକୁ ଆସଂତି । ପିଲାଂକ ପାଖେ କୃଷ୍ଣ ଗୋଟିଏ ସାଂଗ ପିଲା, ସବୁବେଳେ ଖେଳ, ସବୁବେଳେ ହସ, କୌତୁକ । କେତେବେଳେ ପିଲା ଯାକ ଗୋଡ଼ିଆ ଗୋଡ଼ି ଖେଳଂତି । କେତେବେଳେ ରଜା, ମଂତ୍ରୀ, ସାଧବ, କଟୁଆଳ ହୋଇ ଖେଳଂତି । କେତେବେଳେ ଲୁଚକାଳି ଖେଳଂତି । ମହା ଆନଂଦରେ ବଣଯାକ ବୁଲୁଥାଂତି ।

ସେ ବଣରେ ଏବେ ଆଉ ଖରା, ବରଷା, ଶୀତ ନାଇ । କୃଷ୍ଣ ଯୁ' ବଣରେ ଖେଳିବେ, ସେ ବଣରେ ସବୁବେଳେ ବସଂତ ! ଫୁଲ ଫୁଟୁଚି, ପ୍ରଜାପତି ଉଡ଼ୁଚି, ନୂଆ ପତ୍ର ବାହାରୁଚି । ବର୍ଷ ଆଦ୍ୟରୁ ପ୍ରାଂତଯାଏ, କେତେବେଳେ ହେଲେ, ବଣରେ ବୁଲିବାକୁ ଟିକିଏ କଷ୍ଟ ହୁଏ ନାଇ ।

ଏହିପରି ସମସ୍ତେ ଦିନେ ଗୋରୁ ଚରାଇ ଚରାଇ ଖେଳୁଚଂତି, ଏତିକବେଳେ ରାମକୃଷ୍ଣଂକୁ ଚୋରାଇ ନେବା ପାଇଁ, କଂସ ପ୍ରଲଂବ ବୋଲି ଗୋଟାଏ ଦାନବକୁ ପଠାଇଲା ।

ସେ ଦାନବ ଭାରି ମାୟା ଜାଣେ । ସେ ଗୋଟିଏ ଗଉଡ଼ ପିଲା ହୋଇ ସମସ୍ତଂକ ସାଂଗେ ଆସି ଖେଳିଲା ।
କୃଷ୍ଣ ଦେଖିଲାକ୍ଷଣି, ବେଶ୍ ବୁଝି ପାରିଲେ, ସେ ଗଉଡ଼ ପିଲା ନୁହେ । ବିଚାରିଲେ ଆଚ୍ଛା ହଉ, ତୁ ଖେଳ୍ ।

କୃଷ୍ଣ ପିଲାମାନଂକୁ ଡାକି କହିଲେ, "ଆସ, ଆମେ ଆଜ ଦୁଇଦଳ ହୋଇ ଲଢ଼ାଲଢ଼ି ଖେଳିବା । ପିଲାଯାକ ଦି' ଦି' ଜଣ ହୋଇ, ଆସି, ବାଂଟି ହୋଇଗଲେ । ଗୋଟିଏ ପଟରେ କୃଷ୍ଣ, ଆଉ ଗୋଟିଏ ପଟରେ

ବଳରାମ । ଏହିପରି ଖେଳ ଲାଗିଗଲା, ଖେଳରେ କଥା ରହିଲା, ଯେ ଯାହାକୁ ହରାଇଦେବ, ସେ ତାକୁ ଘୋଡ଼ା କରି ତା' ଉପରେ ଚଢ଼ିବ ।

ଆଗରେ ପର୍ବତ ତଳ ଆଡ଼କୁ ଗୋଟାଏ ବରଗଛ ଥିଲା । କଥା ରହିଲା, ହାରିଲାପିଲା ଘୋଡ଼ା ହୋଇ, ସେ ବରଗଛ ଯାଏ ଜିଣିଲା ପିଲାଙ୍କୁ ବୋହିବ ।

ଖେଳ ଲାଗିଗଲା । ଶେଷକୁ ଯେ ହାରିଲା, ସେ ଜିଣିଲା ପିଲାକୁ କାନ୍ଧରେ ବସାଇ ବରଗଛ ଯାଏ ବୋହିଲା । ପ୍ରଲମ୍ବକୁ ବଳରାମ ଜିଣିଲେ । ପ୍ରଲମ୍ବ ଏବେ ବଳରାମଙ୍କୁ କାନ୍ଧରେ ବସାଇ ବରଗଛ ଆଡ଼କୁ ଗଲା ।

ସମସ୍ତେ ଏବେ ଭାବୁଛନ୍ତି, ବରଗଛଠାରୁ ହଦେଁ ଫେରିବେ; କିନ୍ତୁ ପ୍ରଲମ୍ବ ଆଉ ଫେରିବ କାହିଁ ? ସେ କ୍ରମେ ବରଗଛଠାରୁ ଦୂରକୁ ଯାଇ, ବଳଦେବଙ୍କୁ ନେଇ ଆକାଶକୁ ଉଠିଲା ।

ଏବେ ପ୍ରଲମ୍ବ ଆଉ ଗାଈଜଗା ପିଲା ନୁହେଁ, ସେ ବଡ଼ ମୂର୍ତ୍ତି ଧରିଲାଣି ।

ବଳଦେବ ଟିକିଏ ଟିକିଏ ହସୁଥିଲେ; କିନ୍ତୁ ଯେତେବେଳେ ଦେଖିଲେ, ପ୍ରଲମ୍ବ ନ ଫେରି ଆକାଶକୁ ଉଠିଲା, ସେତେବେଳେ ତା' ମୁଣ୍ଡକୁ କରି ଏକ ମୁଥ ବସାଇ ଦେଲେ । ସେତିକିରେ ଅସୁରର ମୁଣ୍ଡ ଗୁଣ୍ଡା । ରକ୍ତ ବାନ୍ତି କରି, ଗଁ ଗଁ ହୋଇ ଧୁମ୍ କରି ପ୍ରଲମ୍ବ ତଳେ ପଡ଼ିଗଲା । ସେତିକିରେ ସେ ଶେଷ୍ ।

ବଳଦେବ ଫେରି ଆସିଲାରୁ ସାଙ୍ଗଯାକ ତାଙ୍କୁ କୁଣ୍ଢାଇପକାଇ, ଭାରି ପ୍ରଶଂସା କଲେ । ସମସ୍ତେ ଆନନ୍ଦରେ ଗୀତ ଗାଇ ଗାଇ, ଘରକୁ ଆସିଲେ ।

ଆଉ ଦିନେ, ସମସ୍ତେ ଗାଈ ଛାଡ଼ିଦେଇ, ଖେଳୁଛନ୍ତି । ଗାଈଗୁଡ଼ିକ ଚରି ଚରି କ୍ରମେ ମୁଞ୍ଜାଟବୀ ବୋଲି ଗୋଟାଏ ଦୂର ବଣକୁ ଚାଲିଗଲେ । ସେଠାରେ ଭାରି ଖରା । ତାଙ୍କୁ ଭାରି ଶୋଷ କଲା । ସେମାନେ ଆଉ ଚାଲି ପାରିଲେ ନାହିଁ ।

ଏଣେ ପିଲାଏ ଖେଳ ସାରି ଦେଖିଲେ ଆଉ ଗାଈ ନାହାନ୍ତି; ବହୁତ ଖୋଜିଲେ, ଗାଈ ପାଇଲେ ନାହିଁ । ବହୁତ ଖୋଜି, ଚରାଚିହ୍ନ ଦେଖି, ଆସି ଦୂରରେ ମୁଞ୍ଜାଟବୀ ଦେଖିଲେ । କୃଷ୍ଣ ନା' ଧରି ଗାଈଙ୍କୁ ଡାକିଲେ । କୃଷ୍ଣ ଡାକିଲେ, ଗାଈ ଯାକ ଚାଲି ଆସନ୍ତି; ମାତ୍ର ଆଜି ଖାଲି ହମ୍ବା, ହମ୍ବା, କରି ଛିଡ଼ା ହେଲେ । କେହି ଆସିଲେ ନାହିଁ ।

କ୍ରମେ ପିଲାଯାକ ଯାଇ ମୁଞ୍ଜାଟବୀରେ ପହଞ୍ଚିଲେ । ଭାରି ଶୋଷ । ଏତିକିବେଳେ ବଣରେ ନିଆଁ ଲାଗି, ଚାରିଆଡ଼େ ଘୋଟିଗଲା । ସମସ୍ତେ କୃଷ୍ଣଙ୍କ ମୁହଁକୁ ଚାହିଁଲେ । କୃଷ୍ଣ ତ ଆଉଥରେ ଦାବାନଳ ପିଇଥିଲେ । ଆଜି ପିଇଯିବା କିଛି ଅଧିକ କଥା ନୁହେଁ । ଆଁ କରିଦେଲେ, ନିଆଁ ଯାକ ତାଙ୍କ ପାଟିରେ ପଶିଯାଇ, ଉଭେଇ ଗଲା । ପିଲାଯାକ ସମସ୍ତେ କୃଷ୍ଣଙ୍କର ଏ ମହିମା କୀର୍ତ୍ତନ କରି କରି ଆନନ୍ଦରେ ଫେରିଲେ ।

---

## ଅନ୍ନଭିକ୍ଷା

ଦିନେ ଗୋରୁ ଚରାଉ ଚରାଉ ଶ୍ରୀକୃଷ୍ଣ ବଳରାମ ଅନ୍ୟାନ୍ୟ ସାଙ୍ଗମାନଙ୍କ ସଙ୍ଗେ ବୃନ୍ଦାବନ ନିକୁଞ୍ଜ ଛାଡ଼ି ବହୁତ ଦୂରକୁ ଚାଲିଗଲେ । ଭାରି ଖରା ହୋଇଥିଲା । ସମସ୍ତଙ୍କୁ ଭାରି ଶୋଷ କଲା । ପାଖରେ ପାଣି ନାହିଁ ।

କୃଷ୍ଣ ସେଠାରୁ କୌଶଳ କରି, ଗଛମାନଂକୁ ଦେଖାଇ ସମସ୍ତଂକୁ କଥା କହିବାରେ ଲାଗିଲେ । କୃଷ୍ଣ କହିଲେ—

"ହେ ତୋକକୃଷ୍ଣ, ହେ ଅଂଶୁ, ହେ ଶ୍ରୀଦାମ, ହେ ସୁବଳ, ହେ ଅର୍ଜୁନ, ହେ ବିଶାଳ, ହେ ବୃଷଭ, ହେ ଓଜସ୍ୱି, ହେ ଦେବପ୍ରସ୍ଥ, ହେ ବରୁଥପ, ସମସ୍ତେ ମୋ କଥା ଶୁଣ । ଏ ଗଛମାନଂକୁ ସମସ୍ତେ ଦେଖୁଚ । ଏମାନଂକର କି ସୌଭାଗ୍ୟ ! ଏମାନେ ଖାଲି ପରର ଉପକାର କରିବା ପାଇ ବଂଚିଚଂନ୍ତି । ଖରା, ବର୍ଷା, ଶୀତ, ପବନ ସବୁ ସହୁଚଂନ୍ତି । ସେମାଂକ ଦୁଃଖରେ ଆଶ୍ରା ହବାପାଇ କେହି ନାଇ । କିଏ ଛାଇ ପାଇଁ, କିଏ ପତ୍ର ପାଇଁ, କିଏ ଫଳ ପାଇଁ ସେମାଂକ ପାଖକୁ ଆସୁଚଂନ୍ତି । କେହି ନିରାଶ ହୋଇ ଫେରୁ ନାହାଂନ୍ତି । ତାଂକର ପତ୍ର, ଫୁଲ, ଫଳ, ଛାଇ, ମୂଳ, ବକଳ, କାଠ, ଗଂଧ, କ୍ଷୀର, ପାଉଁଶ, ଅଂଗାର ପ୍ରଭୃତି ଯାହା କିଛି ସଂପତ୍ତି ଅଛି, ସବୁ ପର ପାଇଁ । ମଣିଷମାନେ, ସେମାଂକଠାରୁ ଶିଖିବା ଉଚିତ । ପ୍ରାଣ, ଅର୍ଥ, ବୁଦ୍ଧି, ବାକ୍ୟ ପ୍ରଭୃତି ଯାହା କିଛି ମନୁଷ୍ୟର ଅଛି, ସେ ସବୁ ପରର ଉପକାରରେ, ପରର କାର୍ଯ୍ୟରେ ଲଗାଇ ପାରିଲେ, ମନୁଷ୍ୟ ଧନ୍ୟ ହୁଏ ।"

ଏହିପରି ବୃକ୍ଷମାନଂକର ଗୁଣ ବର୍ଣ୍ଣନା କରି ବୁଲୁ ବୁଲୁ ଯମୁନା କୂଳ ହୋଇଗଲା । ସେଠାରେ ସମସ୍ତେ ମନଇଚ୍ଛା ପାଣି ପିଇଲେ । କୂଳ ଛାଇରେ ବସି ଗୋରୁମାନଂକୁ ଚରିବାକୁ ଛାଡ଼ିଦେଲେ ।

ଏ ମଧ୍ୟରେ ସାଂଗପିଲାମାନଂକୁ ଭାରି ଭୋକ କଲା । ସେ ଆସି ରାମକୃଷ୍ଣଂକୁ କହିଲେ, "ଆମମାନଂକୁ ଭାରି ଭୋକ କଲାଣି, ତୁମେ କିଛି ଉପାୟ କର ।"

କୃଷ୍ଣ କହିଲେ, "ହେଇଟି ପାଖରେ କେତେ-ଗୁଡ଼ିଏ ବ୍ରାହ୍ମଣ ଅଂଗୀରସ ବୋଲି ଗୋଟାଏ ଯଜ୍ଞ କରୁଚଂନ୍ତି । ସେ ବ୍ରାହ୍ମଣଯାକ ମୁହଁରେ ଖାଲି ବେଦ ମାନୁଚଂନ୍ତି ବୋଲି, ଘଟାଟୋପ କରୁଚଂନ୍ତି; କିଂତୁ ପ୍ରକୃତରେ ବେଦତତ୍ତ୍ୱ ତାଂକୁ କିଛି ଜଣା ନାଇ । ବ୍ରାହ୍ମଣ ବୋଲି ଅହଂକାର ଭାରି । ଅନ୍ୟକୁ ଘୃଣା କରିବାକୁ ବାଘ; କିଂତୁ ପ୍ରକୃତରେ ତାଂକର ଜ୍ଞାନ ନାଇ । ସେମାନେ ସ୍ୱର୍ଗକୁ ଯିବେ ବୋଲି ଯଜ୍ଞ କରୁଚଂନ୍ତି । ତୁମେ ଯାଅ, ମୋ ନାଁ କହିବ, ଭାଇଂକ ନାଁ କହିବ । ଆମେମାନେ କହୁଚୁ ବୋଲି ତାଂକୁ ଅନ୍ନ ମାଗିବ ।"

ଗଉଡ଼ ପିଲାଯାକ ସେ ଶୁଣି, ଯଜ୍ଞ ପାଖକୁ ଯାଇ, ପ୍ରଣିପାତ କରି, କହିଲେ, "ହେ ବ୍ରାହ୍ମଣମାନେ, ଶ୍ରୀରାମ ଓ କୃଷ୍ଣ ଗାଈ ଚରାଇ ଚରାଇ ଏ ଯଜ୍ଞ ସ୍ଥାନ ପାଖରେ ପହଂଚିଚଂନ୍ତି । ସେମାଂନଙ୍କୁ ଭାରି ଭୋକ କରୁଚି । ସେମାନେ ଆପଣମାନଂକଠାରୁ ଅନ୍ନଭିକ୍ଷା କରିବାକୁ ଆମମାନଂକୁ ପଠାଇଚଂନ୍ତି । ଆପଣମାନଂକୁ ଧର୍ମତତ୍ତ୍ୱ ସବୁ ଜଣା । ଯେବେ ଆପଣମାନଂକ ମନରେ ଶ୍ରଦ୍ଧା ହଉଚି, ତେବେ ଆମମାନଂକୁ ଅନ୍ନ ଦିଅଂନ୍ତୁ । କ୍ଷୁଧାରେ ଲୋକ ଅନ୍ନ ମାଗିଲେ, ତାକୁ ଅନ୍ନ ଦେଲେ, ଧର୍ମ ହୁଏ । ସେଥିରେ କିଛି ଏ ଯାଗ କାର୍ଯ୍ୟରେ ବାଧା ପଡ଼ିବ ନାଇ ।"

କିଂତୁ ସେ ବ୍ରାହ୍ମଣମାନେ କେତେ ପରିଶ୍ରମ କରି, କେତେ ବାଧା ନ ମାନି, ଯଜ୍ଞ କରୁଚଂନ୍ତି, ଫଳରେ ସ୍ୱର୍ଗ ପାଇବେ ବୋଲି ଭାବୁଚି, ଅହଂକାରରେ ସମସ୍ତଂକ ଉପରକୁ ଗୋଟାକ ସାତହାତ ହଉଚଂନ୍ତି । ପ୍ରକୃତ ଯଜ୍ଞ ଓ ଧର୍ମତତ୍ତ୍ୱ ତାଂକୁ କ'ଣ ଅବା ଜଣା ଅଛି ! ମାତ୍ର ସମସ୍ତଂକଠାରୁ ଆପଣାକୁ ବେଶି ଜ୍ଞାନୀ ବୋଲି ଭାବୁଥିବା, ଆଉ କାହାକୁ ଖାତିର କରୁ ନାହାଂନ୍ତି । ଗଉଡ଼ ପିଲା ଗୁଡ଼ାଂକ କଥା ସେ ଶୁଣିବେ କାହିଁ ? ଗଉଡ଼ ପିଲାଂକ ଭିତରେ ଯେ ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ଥାଇ ପାରଂନ୍ତି, ଏ କଥା ତାଂକୁ ଜଣା ପଡ଼ିବ କାହିଁ ?

ସେମାନେ ଗଉଡ଼ ପିଲାଂକ କଥା କାନେଇଲେ ନାଇ, କି ତାଂକ ଆଡ଼କୁ ଚାହିଁଲେ ନାଇ ।

ପିଲା ଗୁଡ଼ିକ ମୁହଁ ଶୁଖାଇ, ଫେରି ଆସି ଶ୍ରୀକୃଷ୍ଣଂକୁ ସବୁ କଥା କହିଲେ । ଶ୍ରୀକୃଷ୍ଣ ଏହା ଶୁଣି, ଟିକିଏ ହସି ହସି କହିଲେ, "ଆଚ୍ଛା, ଏଥିପାଇଁ ଏତେ ମୁହଁ ଶୁଖାଉଚ କାହିଁକି ? ଯେ ଭିକ୍ଷା କରିବାକୁ ଯାଏ ତାକୁ କିଏ ହଁ କରିବ, କିଏ ନାଇ କରିବ, କିଏ ଆଦର କରିବ, କିଏ ବା ଗାଳିଦବ—ସେଥିରେ ଅଭିମାନ କରିବା ଠିକ୍ ନୁହେଁ । ଆଚ୍ଛା, ତୁମେମାନେ ଗୋଟିଏ କଥା କର । ସେଇ ବ୍ରାହ୍ମଣମାନଂକ ମାଇପିମାନେ ସେ ବ୍ରାହ୍ମଣମାନଂକ ପରି ନୁହଂତି । ସେମାନେ ଭାରି ଭଲ । ତାଂକ ମନରେ ରାଗ, ଅହଂକାର ନାଇ । ସେମାନେ ଧର୍ମ ଅଧର୍ମ ବୁଝି ପାରଂତି । ଲୋକଂକ ଦୁଃଖ ଜାଣି ପାରଂତି । ଭୋକୀ, ଶୋଷୀ ଚିହ୍ନଂତି । ଯାଅ, ତାଂକୁ ମାଗିଲେ ସେ ଅନ୍ନ ଦେବେ ।"

ସେଠାରୁ ଗଉଡ଼ ପିଲାଗୁଡ଼ିକ ପୁଣି ସେ ଯାଗ ସ୍ଥାନକୁ ଯାଇ, ଯେଉଁଠି ସେ ମାଇପିମାନେ ଥିଲେ, ସେଠାରେ ପହଂଚି, ଆଗ କରି ଗୋଟିଏ ଗୋଟିଏ ପ୍ରଣାମ କରି, କହିଲେ;—

"ଏହି ଯଜ୍ଞଭୂମି ପାଖେ ଶ୍ରୀକୃଷ୍ଣ ଗାଈ ଚରାଉଚଂତି । ସେ ଆମକୁ ତୁମମାନଂକ ପାଖକୁ ପଠାଇଲେ । ସେ ତାଂକ ବଡ଼ଭାଇ ବଳରାମ, ଆଉ ଆମେ ସମସ୍ତେ ଭାରି ଭୋକ ହବାରୁ କିଛି ଖାଇବାକୁ ମାଗୁଚୁ । ତୁମମାନଂକ ପାଖକୁ ସେ ଆମମାନଂକୁ ପଠାଇଚଂତି । ତୁମେମାନେ ଆମକୁ କିଛି ଅନ୍ନ ଭିକ୍ଷା ଦିଅ ।"

ମାଇପିମାନେ ବାସ୍ତବିକ୍ ଲୋକଂକ ପେଟ କଥା ଜାଣଂତି । ତାଂକର ଜାତି,ଧର୍ମ ବିଚାରନାଇ । ସେ ପୁଣି ଲୋକଂକଠାରୁ ଭଗବାନ୍ ଶ୍ରୀକୃଷ୍ଣଂକ କଥା କେତେ ଶୁଣିଥିଲେ । କୃଷ୍ଣଂକୁ ଦେଖିବା ପାଇଁ ତାଂକ ମନ ବ୍ୟାକୁଳ ହେଉଥିଲା । ତାଂକର ସ୍ୱାମୀ, ପୁଅ, ବାପ, ଭାଇ, ସମସ୍ତେ ତାଂକୁ ମନା କରୁଚଂତି । ସେ କିଛି ନ ଶୁଣି, ହାତରେ ଥାଳୀମାନଂକରେ ଅନ୍ନ ଧରି, ନିଜେ ଯାଇ କୃଷ୍ଣଂକୁ ଦବାପାଇଁ, ନଈ ଯେପରି ସମୁଦ୍ରକୁ ଦଉଡ଼େ, ସେହିପରି ଦଉଡ଼ିଲେ ।

ସେମାନେ ଯାଇ ପହଂଚିଲାବେଳକୁ ଭଗବାନ୍ ଶ୍ରୀକୃଷ୍ଣ ଭାଇଂକ ସଂଗେ ଅଶୋକ ନିକୁଂଜରେ ବୁଲୁଚଂତି । ସେତିକି ବେଳକୁ ଜାଣି, ଶ୍ରୀକୃଷ୍ଣ ନଟବର ବେଶ ହୋଇଚଂତି । ଶ୍ୟାମଳ ଦେହରେ ଉଜ୍ଜ୍ୱଳ ପୀତାଂବର ପିଂଧିଚଂତି । ବେକରେ ବନମାଳା ( ଜଂଘ ପର୍ଯ୍ୟଂତ ଲଂବିଥିବା ବଡ଼ ଫୁଲମାଳା ) ଲଂବିଚି । ମୁଂଡରେ ମୟୂରଚଂଦ୍ରିକାର ମୁକୁଟ । ଦେହଯାକ ସୁଂଦର କଅଁଳ ପତ୍ର ସ୍ଥାନେ ସ୍ଥାନେ ଖଂଜାହୋଇ ଅଳଂକାର ହୋଇଚି । ଦୁଇ କାନରେ ଦିଓଟି ପଦ୍ମ ଫୁଲ । ଗୋଟ ଗୋଟ ବାଳସବୁ ଆସି, ଗାଲ ଉପରେ ସୁଂଦର ଚିତ୍ର ହେଲା ପରି ପଡ଼ିଚି । ଏହିପରି ଶ୍ରୀକୃଷ୍ଣ ଗୋଟିଏ ଗଉଡ଼ ପିଲା କାଂଧରେ ହାତ ପକାଇ,କୌତୁକରେ ନାଚୁଚଂତି ।

ବ୍ରାହ୍ମଣୀମାନେ ଶ୍ରୀକୃଷ୍ଣଂକ କଥା କେତେ ଶୁଣିଥିଲେ । ଆଜ ତାଂକୁ ରୂପରେ ଦେଖି, ସେମାନେ ସବୁ ସଂସାର ଦୁଃଖ ଭୁଲିଗଲେ । କୃଷ୍ଣ ସେମାନଂକୁ ଦେଖି, ଆନଂଦରେ ହସି ହସି କହିଲେ, "ତୁମେମାନେ ବଡ଼ ଭାଗ୍ୟବତୀ, ଏତେ ଲୋକ ମନାକଲେ ମଧ୍ୟ, ମତେ ଦେଖିବା ପାଇଁ ଏତେଦୂର ଆସିଚ । ବହୁତ ବାଧିଥିବ; ଟିକିଏ ବସିଯାଅ । ତୁମେମାନେ ବାସ୍ତବିକ୍ ଧର୍ମ ଜାଣ । କେହି କଷ୍ଟ ପାଇଲେ, ତୁମେ ସେ କଷ୍ଟରେ ଦୁଃଖ କରି ଜାଣ । ତୁମର ସେଥିରେ କିଛି ଲାଭ ନ ଥାଏ । ବୁଝି ରଖ, ଏହିପରି ଲାଭ ନ ଥାଇ, ପରର ସେବାକଲେ, ଭଗବାନ୍ ସଂତୋଷ ହୁଅଂତି । ଯେଉଁମାନେ ସ୍ୱର୍ଗ

ପାଇବେ ବୋଲି, ଏତେ କଷ୍ଟରେ ଯଜ୍ଞ କରୁଚଂତି, ସେ ଭଗବାନଂକୁ ଚିହ୍ନିବେ କୁଆଡ଼ୁ ? ତୁମେମାନେ କୃତାର୍ଥ ହୋଇଅଛ । ଏବେ ଯାଗ ସ୍ଥାନକୁ ଯାଅ । ତୁମର ଧର୍ମରେ ତୁମର ସ୍ୱାମୀ, ପୁତ୍ର, ବାପ, ଭାଇମାନେ ପବିତ୍ର ହେବେ । ସେଥିରେ ତାଂକର ଯାଗ କାର୍ଯ ପ୍ରକୃତ ଧର୍ମ କାର୍ଯ ହେବ ।”

ବ୍ରାହ୍ମଣୀମାନେ ଭଗବାନ୍ ଶ୍ରୀକୃଷ୍ଣଂକୁ ଦେଖି, ସବୁ ଭୁଲି ଯାଇଥିଲେ । ସେମାନଂକର କୃଷ୍ଣଂକୁ ଛାଡ଼ି, ଆଉ କୁଆଡ଼େ ଯିବାକୁ ଇଚ୍ଛା ନାଇ । ସେମାନେ ଶ୍ରୀକୃଷ୍ଣଂକ ଗୋଡ଼ତଳେ ପଡ଼ି କହିଲେ, “ଆପଣଂକୁ ଦେଖିଲା ଉତ୍ତାରୁ ଆଉ ଘରକୁ ଯିବାକୁ ଇଚ୍ଛା ହଉନାଇ । ପୁଣି ଆମର ସ୍ୱାମୀ, ପୁଅ, ବଂଧୁ ବାଂଧବମାନେ ବହୁତ ମନା କରୁଥିଲେ । ଆମେ ନ ମାନି ଆସିଚୁ; ସେମାନେ ହୁଏତ ଆମମାନଂକୁ ଆଉ ଘରେ ପୂରେଇବେ ନାଇ ।”

ଶ୍ରୀକୃଷ୍ଣ କହିଲେ, “ତୁମମାନଂକ ଜୀବନ ଧନ୍ୟ ହୋଇଚି । ଆଉ ଏଠାରେ ରହିବା ଦରକାର ନାଇ । ଯାଅ, ତୁମ ସ୍ୱାମୀ, ପୁଅ, ବାପ, ଭାଇ, ବଂଧୁକୁଟୁଂବ, କେହି ତୁମକୁ କିଛି କହିବେ ନାଇ । ମୋ ପାଖରେ ସବଂଦା ରହିବା କିଛି ଦରକାର ନାଇ । ସବୁବେଳେ ଭଗବାନଂକୁ ଚିଂତା କଲେ, ହେଲା । ଯେ ସବୁବେଳେ ଭଗବାନଂକୁ ଧ୍ୟାନ କରେ, ସେ ଭଗବାନଂକୁ ପାଏ ।”

ବ୍ରାହ୍ମଣୀମାନେ ଏହା ଶୁଣି, ପୁଣି ଯାଗ ସ୍ଥାନକୁ ଆସିଲେ । ସତକୁ ସତ, ତାଂକ ସ୍ୱାମୀ, ପୁଅ, ବାପ, ଭାଇ, ବଂଧୁ ବାଂଧବମାନେ କେହି ଆଉ କିଛି କହିଲେ ନାଇ ।

ଏଣେ ଶ୍ରୀକୃଷ୍ଣ ସମସ୍ତଂକ ସାଂଗେ ବସି, ଭିକ୍ଷାର ଅନ୍ନ ମହା ଆନଂଦରେ ଖାଇଲେ । ଗଉଡ଼ ପିଲାମାନ ଭାରି ସଂତୋଷ ହେଲେ ।

ପରେ ବ୍ରାହ୍ମଣମାନେ ଏ ସବୁ କଥା ଜାଣି ପାରି ବଡ଼ ଦୁଃଖ କଲେ । ଶ୍ରୀକୃଷ୍ଣଂକ ପ୍ରତି ଅନାଦର କରିବାରେ ତାଂକର ପାପ ହେଲା ବୋଲି ଜାଣି ଆପଣାକୁ ବହୁତ ଧିକ୍କାର ଦେଲେ । ନିଜେ ପଇତା ପକାଇ, ଏତେ ଜପ ତପ କର୍ମ କରି, ସେମାନେ ମନୁଷ୍ୟ ଦେହରେ ଭଗବାନଂକୁ ଚିହ୍ନି ପାରିଲେ ନାଇ, ଅଥଚ ତାଂକ ମାଇପେ ତାହା ଜାଣିପାରିଲେ । ଏକଥା ବିଚାରି ସମସ୍ତେ ବଡ଼ ବ୍ୟାକୁଳ ହେଲେ । ତାଂକର ପୁଣି ଶ୍ରୀକୃଷ୍ଣଂକୁ ଦେଖିବାର ଇଚ୍ଛା ହେଲା ସତ, କିଂତୁ କଂସ ଭୟରେ ସେମାନେ ତାଂକ ପାଖକୁ ଆଉ ଆସି ନ ଥିଲେ ।

---

## ଗୋବର୍ଧନ ଧାରଣ

ବ୍ରଜପୁର ଲୋକେ ପ୍ରତିବର୍ଷ ଗୋଟିଏ ଇଂଦ୍ର ଯଜ୍ଞ କରଂତି । ସେଥିରେ ଇଂଦ୍ରଂକର ପୂଜା ହୁଏ । ଇଂଦ୍ର ବର୍ଷା କରିବେ । ତାଂକୁ ସଂତୁଷ୍ଟ କଲେ, ଭଲ ବର୍ଷା ହବ । ସେଥିରେ ଲୋକେ ଖୁସିରେ ରହିବେ । ସେଥିପାଇଁ ଇଂଦ୍ରଯଜ୍ଞ କରା ହୁଏ ।

ଏବର୍ଷ ଇଂଦ୍ର ଯଜ୍ଞ କରିବା ପାଇଁ ସବୁ ଜୋଗାଡ଼ ଧୂମ୍‌ଧାମ୍ ଲାଗିଚି । ଶ୍ରୀକୃଷ୍ଣ ସବୁ ଦେଖି, ବାପ ନଂଦରାଜାଂକୁ ଆସି ପଚାରିଲେ, “ବାପା, ଏତେ ମହୋତ୍ସବର ଜୋଗାଡ଼ ଲାଗିଚି କିଆଁ ? କାହାପାଇଁ ଯଜ୍ଞ ହବ ? ସେଥିରେ କି ଲାଭ ହେବ ? କିଏ ଏ ଯଜ୍ଞ କରିବ ? ଆପଣ ଏ ଯୁ’ ଯଜ୍ଞ କରୁଚଂତି, ଏ କ’ଣ ଶାସ୍ତ୍ର ଅନୁସାରେ ହଉଚି, ନା ଲୋକାଚାର ଗୋଟିଏ ଏପରି ଚଳି ଆସିଚି ବୋଲି ହଉଚି ! ମୋତେ ସବୁ ଫିଟାଇ କରି କହଂତୁ ।”

ନଂଦରାଜା କହିଲେ, “ବାବୁ କୃଷ୍ଣ ଦେଖ, ଏ ଯେ ମେଘ ସବୁ ଦେଖୁଚ, ଏ ସବୁ ଇଂଦ୍ର ଦେବତା ବୋଲି

ଈଶ୍ୱର । ଯେଉଁ ପାଣି ବର୍ଷା ହୋଇ ଲୋକଂକ ଜୀବନ ରଖେ, ଏଇ ମେଘମାନେ ତାହା ବର୍ଷଂତି । ମେଘ ବେଶି ବର୍ଷିବ ବୋଲି ଯଜ୍ଞ କରି ଇଂଦ୍ରଂକୁ ସଂତୋଷ କରାହୁଏ । ଆମେମାନେ ସେଥିପାଇଁ ଏଇ ଇଂଦ୍ର ଯଜ୍ଞ ଯୋଗାଡ଼ କରୁଛୁ । ଦେବତାମାନେ ସଂତୋଷ ନ ହେଲେ ମନୁଷ୍ୟ ନିଜେ କିଛି କରିପାରେ ନାହିଁ । ଏଇ ବର୍ଷାର ଦେବତା ଇଂଦ୍ର । ସେଥିପାଇଁ ଆମମାନଂକ ନିଜ ମଂଗଳ ନିମଂତେ ଏଇ ଯଜ୍ଞ କରା ହେଉଛି । ପୁଣି ବହୁକାଳରୁ ଏ ଇଂଦ୍ର ଯଜ୍ଞ ହୋଇ ଆସୁଛି । ଆଜି ନ କଲେ ମଂଗଳ ହେବ ନାହିଁ ।”

କୃଷ୍ଣ ଏ ସବୁ ଶୁଣି, ଇଂଦ୍ରକୁ ରଗାଇବା ପାଇଁ ବାପାଂକୁ କହିଲେ “ବାପା, ଯେ ଯାହା କରିବ, ସେ ତା’ ପାଇବ । ଭଲ କାମ କଲେ, ଭଲ ଫଳ ପାଇବ । ସୁଖ, ଦୁଃଖ, ମଂଗଳ, ଭୟ, ସବୁ କର୍ମଫଳରେ ମିଳେ । ଯେବେ କର୍ମର ଫଳ ନିଜେ ଫଳିବ ତେବେ ଦେବତାର ଦରକାର କ’ଣ ? ଯଦି ଦେବତା କର୍ମଫଳ ଦେବେ, ତେବେ ଆଉ ଆଉ ଭଲ କର୍ମ କଲେ ହୁଏ । ପୂର୍ବ ଜନ୍ମରୁ ଯେଉଁ କର୍ମ ହୋଇ ଅଛି, ତା’ର ଫଳ ନିଶ୍ଚେ ମିଳିବ । ତାକୁ ତ ଦେବତା କିଛି ବଦଳାଇ ଦେଇପାରିବେ ନାହିଁ । ତେବେ ଇଂଦ୍ରପୂଜା କରି ଲାଭ କଣ ? କର୍ମର ତ ଫଳ ହୁଏ, ତେବେ କର୍ମର ପୂଜା କଲେ ହେଲା । ଆମେମାନେ ବନବାସୀ; କୋଠ ବାଡ଼ି ଧନ ରତ୍ନ ଦରକାର ନାହିଁ । ଅତଏବ ଇଂଦ୍ରଯଜ୍ଞ ପାଇଁ ଯାହା ସବୁ ଜୋଗାଡ଼ କରା ହୋଇଅଛି, ସେ ସବୁ ଆମର ଦେବତା ପରି ହେଉଛଂତି ଯେଉଁ ଗାଈ, ବ୍ରାହ୍ମଣ, ପର୍ବତ, ସେଇମାନଂକ ପୂଜାରେ ଲାଗୁ । ଆପଣମାନେ ଖାଇବା ପିଇବାକୁ ଜୋଗାଡ଼ କରଂତୁ, ପିଠାପଣା ତିଆରି କରଂତୁ, ବ୍ରାହ୍ମଣେ ହୋମ କରଂତୁ ତାଂକୁ ଖାଇବାକୁ ଦିଅ । ଦକ୍ଷିଣା ଦିଅ । ଦରିଦ୍ର ଚଂଡାଳମାନଂକୁ ଯେତେ ପାରୁଛ ଦାନ କର । ଗାଈଂକ ସୁଂଦର ଘାସ ଖାଇବାକୁ ଦେଇ ସଂତୋଷ କର । ପର୍ବତକୁ ପୂଜା କର । ତା’ପରେ ଆମେ ସବୁ ଉତ୍ସବ କରି ଭଲ ଲୁଗା, ଅଳଂକାର, ସବୁ ପିଂଧି ପର୍ବତ ଚାରିପାଖେ ବୁଲିବା । ବଣରେ ଖେଳିବା । ମୋର ଏଇଆ ମନ । ଆପଣଂକର ଯଦି ମନ ହୁଏ, ଏଇଆ କରି ପାରଂତି ।

ନଂଦ ଓ ଆଉ ଆଉ ଗୋପମାନେ ଏକଥା ଶୁଣି, ତାଂକ ମନକୁ ପାଇଗଲା । ଇଂଦ୍ରପୂଜା ପାଇଁ-ଯାହା ସବୁ ସାମଗ୍ରୀ ଜୋଗାଡ଼ ହୋଇଥିଲା, ସେଥିରେ ବ୍ରାହ୍ମଣ, କାଂଗାଳ, ଗାଈ, ପର୍ବତ ଦେବତାଂକର ପୂଜା ହୋଇଗଲା । ନିଜେ ଭଗବାନ ଶ୍ରୀକୃଷ୍ଣ ପର୍ବତ ହୋଇ ସବୁ ଖାଇଲେ; ଏଣେ କୃଷ୍ଣ ହୋଇ ଖେଳିଲେ । ଯେଉଁମାନେ ଏଥିରେ ବିଶ୍ୱାସ ନ କଲେ ପର୍ବତରୁ ସାପ ବାହାରି ତାଂକୁ ଖାଇଗଲା । ଏହିପରି ଇଂଦ୍ରପୂଜାର ସବୁ ଜୋଗାଡ଼ ଗୋରୁ ପର୍ବତ ପୂଜାରେ ଶେଷ ହେଲା ।

ଇଂଦ୍ର ଏହା ଜାଣି ଭାରି ରାଗିଗଲେ । ରାଗରେ ଶ୍ରୀକୃଷ୍ଣଂକୁ ସେ ଚିହ୍ନି ପାରିଲେ ନାହିଁ । ସବୁ ମେଘରାଜଂକୁ ଡାକି ଇଂଦ୍ର କହିଲେ, “ଦେଖ, ମୁଁ ସବୁ ଦେବତାଂକର ରାଜା ଇଂଦ୍ର; ଶ୍ରୀକୃଷ୍ଣ ଗୋଟାଏ ଗଉଡ଼ପିଲା ତା’ର ଏତେ ଗର୍ବ ! ତା’କଥାରେ ପଡ଼ି ପୁଣି ବ୍ରଜପୁର ଲୋକେ ମୋତେ ଅନାଦର କଲେ ! ତୁମେ ସବୁ ମେଘରାଜ ବ୍ରଜକୁ ଯାଅ । ସେଠାରେ ଯାଇ ଭାରି ବର୍ଷା କର । ଅଣଂଚାଶ ପବନରାଜ ତୁମ ସାଂଗେ ଯାଆଂତୁ । ତୁମେ ଯାଇ ବର୍ଷା ବତାସ କରି ସେମାନଂକର ସବୁ ଗାଈଂକ ନାଶ କର । ମୁଁ ମୋର ଐରାବତ ହାତୀରେ ବସି ବ୍ରଜପୁରୀ ସଂହାର କରିବା ପାଇଁ ତୁମ ପଛେ ପଛେ ଯାଉଛି ।”

ବାପରେ ବାପ୍ ! ଏବେ ଆଉ ରକ୍ଷା କାହିଁ ? ବୃଂଦାବନ ମେଘ ଅଂଧାରରେ ରାତି ପରି ହୋଇ

ଗଲା । ଅଣଂଗୁଣ ପବନଯାକ ବୋହିଲା । ବର୍ଷା, ବଜାର୍ସୀ, ବଜ୍ରାଘାତ, ଘଡ଼ଘଡ଼ି ଦେଖି ମନେ ହେଲା, ସତେ ଅବା ପ୍ରଳୟ ହୋଇଯିବ । ବର୍ଷା ସଂଗେ ବଡ଼ ବଡ଼ କୁଆପଥର ସବୁ ପଡ଼ି ଘର ଦ୍ୱାର ଭାଂଗି ଦେଲା । ଭୂମି ସବୁ ପାଣିରେ ପୂରିଯାଇ, ସମୁଦ୍ର ପରି ଦିଶିଲା । ଗାଈ ବାଛୁରୀଂକ କାତ ଲାଗିଯିବା ଭଳି ହେଲା । ଗଉଡ଼ମାନଂକୁ ଆଉ ବୁଦ୍ଧି ଦିଶିଲା ନାହିଁ । ସମସ୍ତେ କୃଷ୍ଣଂକୁ ଚାହିଁଚଂତି; କୃଷ୍ଣ କ'ଣ କରିବେ ?

କୃଷ୍ଣ ସେମାନଂକୁ ଟିକିଏ ଚାହିଁଲେ । ବିଚାରିଲେ, ଏ ତ ବର୍ଷାକାଳ ନୁହେଁ, ଏତେ ବର୍ଷା କଅଁ ? ସେ ଏବେ ଇଂଦ୍ରଂକର ଏ କୁଚକ୍ର ବୁଝି ପାରିଲେ । ମନେ ମନେ କ'ଣ ବିଚାରିଲେ । ସେଠାରୁ ଆସି ପିଲାଏ ଯେପରି ଛତା ଟେକି ଧରଂତି, ସେହିପରି ଗୋବର୍ଧନ ପର୍ବତଟାକୁ ଗୋଟେ ହାତରେ ଟେକି ଦେଇ, ଉପରେ ଧରି ଦେଲେ ଓ ବ୍ରଜପୁର ଲୋକଂକୁ କହିଲେ, "ଆଉ ଭୟ ନାଇ, ମୁଁ ଧରିଥିବା ଯାକ ପର୍ବତ କେବେ ଛଡ଼ି ଯିବ ନାଇ । ତୁମେମାନେ ପିଲା, ମାଇପେ, ଗାଈ ସମସ୍ତେ ରହ ।"

ଏହା ଶୁଣି, ସମସ୍ତେ ଯାଇ ପର୍ବତ ତଳେ ରହିଗଲେ । ବର୍ଷାମଂତେ ବର୍ଷା ହଉଛି, ଆଶ୍ଚର୍ଯ କଥା । ସାତ ଦିନ, ସାତ ରାତି ନ ଖାଇ, ନ ପିଇ, ନ ଶୋଇ, କୃଷ୍ଣ ସେ ପର୍ବତ ଟେକି ଧରିଚଂତି । ଇଂଦ୍ର ଆଉ କରିବେ କ'ଣ ?

ଇଂଦ୍ରଂକ ଗର୍ବ ଛାଡ଼ିଗଲା । ସେ ବାଧ ହୋଇ, ମେଘ ପବନ ସବୁ ଫେରାଇ ନେଲେ । ଏବେ ଆକାଶ ନିର୍ମଳ ହୋଇଗଲା । ଖରା ପଡ଼ିଗଲା । କୃଷ୍ଣ ସମସ୍ତଂକୁ ଡାକି କହିଲେ, "ବର୍ଷା, ପବନ ଛାଡ଼ିଲାଣି; ଏବେ ସମସ୍ତେ ଘରକୁ ଯାଅ ।"

ସମସ୍ତେ ଘରକୁ ଆସିଲେ । ବୁଢ଼ା ବୁଢ଼ୀମାନେ କୃଷ୍ଣଂକୁ କୁଂଢାଇ ପକାଇ ଆଶୀର୍ବାଦ କଲେ । କୃଷ୍ଣ ଖେଳନା ପରି ଗୋବର୍ଧନ ପର୍ବତଟିକି, ଯେଉଁଠାରେ ଥିଲା ସେଇଠାରେ ନେଇ ଥୋଇଦେଲେ ।

ଇଂଦ୍ର ଏବେ କୃଷ୍ଣଂକୁ ଚିହ୍ନିଲେ । ସେ ନିଜେ ଆସି, କୃଷ୍ଣଂକର ବହୁତ ସ୍ତୁତି କଲେ । ଏଣେ ଗୋପଗୋପୀମାନେ କୃଷ୍ଣଂକର କେତେ କେତେ ଆଶ୍ଚର୍ଯ କାମ ଦେଖିଥିଲେ । ଏବେ ଯା'କୁ ଦେଖି, ତାଂକ ମନ ଏକାବେଳକେ କ'ଣ ହୋଇଗଲା । ବୁଢ଼ା ବୁଢ଼ା ଗଉଡ଼ସବୁ ନଂଦଂକୁ ଆସି କହିଲେ, "ମହାରାଜ, ତୁମର ଏ ପୁଅ ସାମାନ୍ୟ ପିଲା ନୁହେଁ । ଏ ଜଣେ ମହାପୁରୁଷ ବୋଲି ଆମମାନଂକ ମନରେ ସଂଦେହ ହେଉଚି ।"

ନଂଦ ଏ କଥା ଶୁଣି ସେମାନଂକୁ କହିଲେ, ଆପଣମାନେ ଆଉ କିଛି ସଂଦେହ କରଂତୁ ନାଇ । ମହର୍ଷି ଗର୍ଗ ନା' ଦେଲାବେଳେ କହିଥିଲେ, ଏ କୃଷ୍ଣ ଯୁଗେ ଯୁଗେ ଏହିପରି ଦୁଷ୍ଟଂକୁ ଦମନ କରିବାପାଇଁ ପୃଥିବୀରେ ଜନ୍ମ ହୁଅଂତି । ଏ ପୂର୍ବେ କୌଣସି ସମୟରେ ବସୁଦେବଂକ ପୁଅ ଥିଲେ । ତେଣୁ ଗର୍ଗ 'ବାସୁଦେବ' ବୋଲି ଏହାଂକର ଆଉ ଗୋଟିଏ ନା' ଦେଇଚଂତି । ଏ ପୁଅର ଯେତେ ଗୁଣ, ତା ଜ୍ଞାନୀମାନେ ମଧ ଭଲକରି ଜାଣଂତି ନାଇ । ଯାହା ହେଉ, ଏ ବାଳକ ଆମ ଗୋପ ଗୋପିମାନଂକର ମଂଗଳକାର୍ଯ କରିବେ । ତାଂକ ଆଶ୍ରାରେ ଥାଇ, ସବୁ ବିପତ୍ତିରୁ ରକ୍ଷାପାଇବା । କିଛି ଚିଂତା ନାଇ ।"

ନଂଦଂକଠାରୁ ଏ ସବୁ କଥା ଶୁଣି, ଗୋପାଳ-ମାନେ ବଡ଼ ଖୁସୀ ହେଲେ । ସେ ଦିନଠାରୁ କୃଷ୍ଣଂକ କାର୍ଯରେ ସେ ଆଉ ବେଶି ଆଶ୍ଚର୍ଯ ହେଲେ ନାଇ ।

ଆଉ ଦିନେ ନଂଦ ରାଜା ଏକାଦଶୀ ଉପବାସ ସାରି, ରାତି ନ ପାହୁ କାଳିଂଦୀରେ ସ୍ନାନ କରିବାକୁ ଗଲେ । ରାତିରେ ବରୁଣ ଦେବତା ଜଳ ରକ୍ଷା କରଂତି । ରାତିରେ ପାଣିରେ ପଶିବାରୁ ବରୁଣଦେବତାଂକର ଅପମାନ ହେଲା । ବରୁଣଂକ ଲୋକେ ନଂଦଂକୁ ଧରି ଜଳ ଭିତରକୁ ନେଇଗଲେ । ଉପରେ ଯେଉଁମାନେ ଥିଲେ, ସେମାନେ ଏହା ଦେଖି, ବଡ଼ ବ୍ୟାକୁଳ ହୋଇ ରାମ କୃଷ୍ଣଂକୁ ଡାକ ପକାଇଲେ ।

କୃଷ୍ଣ ଆସି ଜଳ ଭିତରେ ପଶିଗଲେ । ବରୁଣ ଦେବତା ଭଗବାନ ଶ୍ରୀକୃଷ୍ଣଂକୁ ଦେଖି, ବହୁତ ଆନଂଦରେ ସ୍ତୁତିକଲେ ଏବଂ ତାଂକ ସାଂଗେ ନଂଦଂକୁ ଛାଡ଼ିଦେଲେ । ଗୋପୀମାନେ ପୁଣି ନଂଦ ଓ କୃଷ୍ଣଂକୁ ଦେଖି ଭାରି ଖୁସି ହେଲେ ।

---

## ବିଦ୍ୟାଧର ସର୍ପ

### ଶଂଖଚୂଡ଼ କଥା

ଫଗୁଣ ମାସରେ ଗୋପୀମାନେ 'ଶିବରାତ୍ରି' ଉତ୍ସବ କରଂତି । ସମସ୍ତେ ଶଗଡ଼ରେ ବସି, ଉତ୍ସବ କରିବା ପାଇଁ ଅଂବିକା ବୋଲି ଗୋଟିଏ ବଣକୁ ଗଲେ । ସେଠାରେ ପଶୁପତି ଦେବ ଓ ଅଂବିକା ଦେବୀଂକର ପୂଜା କରି, ଉପବାସରେ ସରସ୍ୱତୀ ନଦୀକୂଳରେ ରହିଲେ । ସେ ଦିନ ସରିଗଲା । ତହିଁଆର ଦିନ ରାତିରେ ସମସ୍ତେ ଶୋଇଚଂତି—ଗୋଟାଏ ସାପ ଆସି, ନଂଦ ରାଜାଂକୁ ଗିଳିବାରେ ଲାଗିଲା । ନଂଦ ରାଜା ବଡ଼ ବ୍ୟାକୁଳ ହୋଇ କୃଷ୍ଣଂକୁ ଡାକିଲେ । ସବୁ ଗଉଡ଼ ଯାକ ଜଳଂତା କାଠ ନେଇ ସେ ସାପ ଦେହରେ ମାଡ଼ିଲେ । ତଥାପି ସେ ନଂଦଂକୁ ଛାଡ଼ିଲା ନାହିଁ । ଶେଷକୁ ଶ୍ରୀକୃଷ୍ଣ ଯାଇ, ସେ ସାପକୁ ଗୋଟାଏ ଗୋଇଠା ମାରିଲେ ।

ଶ୍ରୀକୃଷ୍ଣଂକ ଗୋଡ଼ ବାଜିଲାକ୍ଷଣି, ସେ ସାପଟି ଗୋଟିଏ ସୁଂଦର ପୁରୁଷ ହୋଇ, ଶ୍ରୀକୃଷ୍ଣଂକ ଆଗେ ପ୍ରଣାମ କରି ଛିଡ଼ା ହେଲା । ଶ୍ରୀକୃଷ୍ଣ ପଚାରିଲେ, "ଏଡ଼େ ସୁଂଦର ପୁରୁଷ ତୁମେ କିଏ ? ସାପ ହୋଇ ବୁଲୁଥିଲ କାହିଁକି ?

ପୁରୁଷ କହିଲେ, "ହେ ଭଗବାନ୍ ! ମୁଁ ଗୋଟିଏ ବିଦ୍ୟାଧର ଥିଲି । ମୋ ନା' ଥିଲା—ସୁଦର୍ଶନ । ମୁଁ ବଡ଼ ସୋହାଗରେ ବଢ଼ିଥିଲି । ମୋ ରୂପ ବଡ଼ ସୁଂଦର ଥିଲା । ମୁଁ ଅନେକ ସମୟରେ ବିମାନରେ ବସି ବୁଲୁଥାଏ । ଦିନେ ବୁଲୁବୁଲୁ, କେତେ ଗୁଡ଼ିଏ ଋଷିଂକି ଦେଖିଲି । ସେମାନେ ସବୁ ଅଂଗୀରସ ମହର୍ଷିଂକର କୁଟୁଂବ । ତପସ୍ୟା କରି, ତାଂକ ଦେହ, ପେଟ ଶୁଖି ଯାଇଛି । ସେମାନେ ସବୁ କାଳିଆ କୋତରା ହୋଇ ଯାଇଚଂତି । ସେ୍ୟା' ଦେଖି ମୁଁ ତାଂକୁ ଥଟ୍ଟା କଲି । ସେମାନେ ବିରକ୍ତ ହୋଇ ମତେ ଶାପ ଦେଇ, ସାପ କରି ଦେଲେ । ଏବେ ଆପଣଂକ ପାଦ ଲାଗି ମୋର ସେ ଶାପ ଖଂଡନ ହେଲା । ଏବେ ବୁଝି ପାରୁଛି, ସେ ବ୍ରାହ୍ମଣମାନେ ମୋତେ ଶାପ ଦେଇ ନ ଥିଲେ; ବର ଦେଇଥିଲେ । କାହିଁକି ନା,—ତାଂକଠାରୁ ଶାପ ପାଇଥିବାରୁ ଆପଣଂକ ଚରଣ ଦର୍ଶନ ହେଲା ।"

ସୁଦର୍ଶନ ବିଦ୍ୟାଧର ଏହିପରି ଆପଣାର ଚରିତ ସବୁ କହି ସାରି କୃଷ୍ଣଂକର କେତେ ସ୍ତୁତି କଲା । ପୁଣି ଶ୍ରୀକୃଷ୍ଣ କହିବାରୁ ସେ ସ୍ୱର୍ଗକୁ ଗଲା ।

ଆଉ ଦିନେ ବଣ ଭିତରେ ଗୋପୀମାନେ ରାମକୃଷ୍ଣଂକୁ ଘେନି ବୁଲୁଥିଲେ । ରାମ କୃଷ୍ଣ ଦୁହେଁ ବଂଶୀ ବଜାଇ, ସଂଗୀତ କରି ନାଚିଲେ । ସେ ନାଚ ଦେଖି, ସେ ସଂଗୀତ ଶୁଣି, ଗୋପୀମାନେ ସବୁ

ଭୁଲିଗଲେ । ତାଂକର ଆଉ ଘରକୁ ଫେରି ଆସିବାକୁ ମନେ ନାଇଁ; ରାତି ହୋଇଗଲା ।

ଏତିକିବେଳେ ବେଳ ଜାଣି ଶଂଖଚୂଡ଼ ବୋଲି କୁବେର ଦେବତାଂକର ଜଣେ ଚାକର ସେଠାରେ ପହଂଚି, ଗୋପୀମାନଂକୁ ଘେନି ବାହାରି ଯିବ ବୋଲି ବସିଲା ! ଗୋପୀମାନଂକର ଏବେ ଜ୍ଞାନ ପଶିଲା । ଅଂଧାର ରାତି ତାଂକୁ ଡର ମାଡ଼ିଲା । ସେ କୃଷ୍ଣଂକୁ ଡକାଇଲେ । ରାମକୃଷ୍ଣ ଦୁହେଁ ଏବେ ନାଚ, ଗୀତ ଛାଡ଼ି ସିଅଡ଼କ ଧାଇଁଲେ । ଧାଇଁ ଧାଇଁ ଯୋଡ଼େ ତାଳଗଛ ଉପାଡ଼ି ଦୁହେଁ ସେ ଶଂଖଚୂଡ଼କୁ ମାରିବାକୁ ଦଉଡ଼ିଲେ । ଶଂଖଚୂଡ଼ ଦେଖିଲା ସାକ୍ଷାତ୍ ଯମ ପରି ରାମକୃଷ୍ଣ ଦୁହେଁ ଦଉଡ଼ିଚଂନ୍ତି ।

ତା' ପ୍ରାଣକୁ ଭୟ ହେଲା । ସେ ଗୋପୀଂକ ଛାଡ଼ି ପଳାଇଲା । ଏବେ ରାମ ଗୋପୀମାନଂକୁ ଜଗି ରହିଲେ । କୃଷ୍ଣ ସେହି ଶଂଖଚଡ଼ର ପିଚ୍ଛା ଧରିଥାଂନ୍ତି । ଶେଷକୁ ତା' ପାଖରେ ହାବୁଡ଼ି, ଏକ ନିର୍ଘାତ ଚାପୁଡ଼ା ଦେଲେ ତା ମୁଂଡରେ ଗୋଟିଏ ସୁଂଦର ମଣିଥିଲା । ଏକ ଚାପୁଡ଼ାକେ ମଣିକି ଦେଇ ତା' ମୁଂଡଟି କୃଷ୍ଣଂକ ପାଖେ ହାଜର । ଗଂଡଟି ଅଲଗା ହୋଇଗଲା ।

କୃଷ୍ଣ ମଣିଟି ଆଣି ବଡ଼ଭାଇ ବଳରାମଂକ ହାତରେ ଦେଲେ ।

---

## ଅରିଷ୍ଟ-ବଧ

### କଂସ ନାରଦ ସଂବାଦ

କୃଷ୍ଣ ଏହିପରି ବ୍ରଜପୁର ଲୋକଂକ ସଂଗେ ଭାରି ଖୁସିରେ ଥାଂନ୍ତି । ଦିନେ ଅରିଷ୍ଟ ବୋଲି ଗୋଟାଏ ଅସୁର ଷଂଢ ହୋଇ, ଗୋଠ ଭିତରେ ପଶିଲା । ଓହୋ ! ସେ କି ବିକଟାଳ ଷଂଢ !

ଗର୍ଜନ କରି, ଗୋଡ଼ ବାଡ଼େଇଲା ବେଳେ ଭୂମିକଂପ ପରି ହେଉଚି । ଲାଂଗୁଡ଼ ଉପରକୁ ଟେକି ଦଉଡ଼ି ଦଉଡ଼ି ଶିଂଘରେ ଘର କାଂଥ ସବୁ ତାଡ଼ି ଫୋପାଡ଼ି ଦଉଛି । ବେଳେ ବେଳେ ହଗି, ମୁତି ପକାଉଛି ।

ତା'ର ଗର୍ଜନ ଶୁଣି, ଲୋକଂକର ଭାରି ଭୟ ହେଲା । କେତେ ଗାଈ ଓ ଗୋପୀମାନଂକ ପେଟରୁ ପିଲା ଖସି ପଡ଼ିଲା ।

ଏଡ଼େ ଷଂଢ କେବେ ଦେଖା ନ ଥିଲା । ପିଠି ଉପର କକୁଦ ଗୋଟେ ପାହାଡ଼ ପରି ଦିଶୁଚି । ତା ପିଠି ମେଘକୁ ଲାଗିଲା ପରି ଦିଶୁଚି ।

ବ୍ରଜପୁର ଲୋକେ ଏହା ଦେଖି ଭାରି ଡରିଗଲେ । ଧାଇଁ ଧାଇଁ କୃଷ୍ଣ ଆସି, ଅସୁର ଆଗରେ ଠିଆ ହୋଇ କହିଲେ, "ଆରେ ଅସୁର, ଏତେ ତେଜ ଦେଖାଉଚୁ କାହିଁକି ? ତୁମରି ଭଳି ଦୁଷ୍ଟ ଜୀବଂକୁ ମାରି, ସଂସାର ରକ୍ଷା କରିବାକୁ ଆମମାନଂକର ଜନ୍ମ ହୋଇଚି"— ଏହା କହି ଖାତିରି ନ କଲା ପରି, ଅସୁର ଆଗରେ ଠିଆ ହେଲେ ।

ଅସୁର ରାଗ ହୋଇ, ଶିଂଘ ବୁଲାଇ ବୁଲାଇ ଲାଂଗୁଡ଼ ଟେକି ଦଉଡ଼ିଲା । ସମସ୍ତଂକ ଆଖି ବୁଜି ହୋଇଗଲା । ତଳେ ତା ଖୁରା ବାଜି ମାଟି ସବୁ ଉପରକୁ ଉଠିଲା । ଗଂଡଆଭୂତ ପରି ପବନ ବହି, ମେଘ ସବୁ ବୁଲି ଗଲା ।

କୃଷ୍ଣ ହସି ହସି ତା'ଶିଂଘ ଦିଓଟା ଧରି ପକାଇ, ଏକାବେଳକେ ତାକୁ ପଛକୁ ଫିଂଗି ଦେଲେ । କେତେ

ଦୂରରେ ଯାଇ, ଷଣ୍ଢଟି କାତ ହୋଇଗଲା । ପୁଣିରେ ଉଠି, ଫଁ ଫଁ ହୋଇ ଦଉଡ଼ି ଆସିଲା । ଏଥର କୃଷ୍ଣ ତା' ଶିଂଘ ଦୁଇଟା ଧରି ଭଡ଼ଭାଡ଼୍ ଭାଂଗିଦେଲେ । ଗୋଟେ ଗୋଇଠା ମାରି ତାକୁ ତଳେ ପକାଇ ଦେଇ, ତା'ର ଶିଂଘରେ ତାକୁ ବାଡ଼େଇଲେ । ଅସୁରଟି ପ୍ରାଣ ବିକଳରେ ହଗି ମୂତି ପକାଇଲା । ତା'ର ମୁହଁ ବାଟେ ଭକ ଭକ୍ ରକ୍ତ ବାହାରିଲା । ତା'ର ପ୍ରାଣ ଉଡ଼ିଗଲା ।

ଅରିଷ୍ଟାସୁର ମଲାପରେ ଭଗବାନ୍ ଦେବର୍ଷି ନାରଦ କଂସ ପାଖେ ଆସି ପହଂଚି, ତାକୁ ସେ ଖବର ଦେଲେ ଏବଂ ପୁଣି କହିଲେ —

"ହେ କଂସ, ରାମ କୃଷ୍ଣ ଦୁହେଁ, ତୁମେ ଯେତେ ଲୋକଂକୁ ପଠାଇଲ ସେ ସମସ୍ତଂକୁ ମାଇଲେ ? ତୁମେ କ'ଣ ଜାଣ ନାଇ, ଦେବକୀଙ୍କ ଆଠଗର୍ଭ ବେଳକୁ ଏଇ କୃଷ୍ଣ ଜନ୍ମ ହୋଇଚଂତି । ଯଶୋଦା ଯେଉଁ ଝିଅ ଜନ୍ମ କରିଥିଲେ, ତାକୁ ଆଣି ଦେବକୀଙ୍କ ପାଖେ ଥୋଇ ଦେଇ ତୁମକୁ ଠକିଚଂତି । ପୁଣି ବସୁଦେବଂକର ରୋହିଣୀ ବୋଲି ଯେ ଭାର୍ଯ୍ୟା ବ୍ରଜପୁରରେ ଅଛଂତି ଶ୍ରୀରାମ ତାଂକର ପୁଅ । ତୁମକୁ ଡରି, ବସୁଦେବ ଆପଣାର ଦି'ପୁଅ ଯାକଂକୁ ନେଇ, ବ୍ରଜପୁରରେ ନଂଦ ରାଜାଂକ ପାଖେ ରଖିଚଂତି ।"

ଏ କଥା ଶୁଣୁଶୁଣୁ ରାଗରେ କଂସକୁ ଚାରିଆଡ଼ ଅଂଧାର ଦିଶିଲା । ସେ ଗୋଟାଏ ଖଂଡା ଧରି, ସେଇକ୍ଷଣି ବସୁଦେବଂକୁ ହାଣି ପକାଇବ ବୋଲି ବସିଥିଲା । ନାରଦ ମନା କଲେ । ତଥାପି ସେ ବସୁଦେବ, ଦେବକୀ, ଦୁହିଂକର ହାତ ଗୋଡ଼ ଲୁହା ଶିକୁଳିରେ ବାଂଧି ପୁଣି କଇଦ କରି ପକାଇଲା ।

---

## କେଶୀ ନିସୂଦନ

### କଂସର ଦରବାର

ନାରଦ ଗଲାରୁ, କଂସ କେଶୀ ବୋଲି ଗୋଟିଏ ଅସୁରକୁ ଡାକି କହିଲା, "ହେ କେଶୀ, ତୁମେ ରାମକୃଷ୍ଣ ଦି' ଭାଇଂକି ମାରି ପାରିବ ? ଆଉ ଡେରି କଲେ ଚଳିବ ନାଇ, ବେଗେ ଯାଇ ତାଂକୁ ମାର ।" ଏହା କହି, କେଶୀକି ବ୍ରଜପୁରକୁ ପଠାଇ ଦେଲା ।

କଂସର ପ୍ରାଣଭୟ ହୋଇ ଗଲାଣି । କେଶୀକି ପଠାଇ ସାରି, ସେ ମୁଷ୍ଟିକ, ଚାଣୁର, ସଲ, ତୋସଲ ପ୍ରଭୃତି ମଂତ୍ରୀମାନଂକୁ ଏବଂ ବଡ଼ ବଡ଼ ହାତୀଆଳ-ମାନଂକୁ ପାଖକୁ ଡାକି କହିଲା—

"ତୁମେମାନେ ମନ ଦେଇ ମୋ କଥା ଶୁଣ । ନଂଦରାଜାଂକ ଘରେ ରାମକୃଷ୍ଣ ବୋଲି ଯେଉଁ ବାଳ ଦୁଇଟି ଅଛଂତି, ସେ ଦୁହେଁ ଯାକ ବସୁଦେବଂକ ପୁଅ । ତାଂକରି ହାତେ ମୁଁ ମରିବି । ଏ କଥା ଦେବର୍ଷି ନାରଦ କହିଗଲେ ।"

ଏହା ଶୁଣୁ ଶୁଣୁ ମୁଷ୍ଟିକ, ଚାଣୁର ପ୍ରଭୃତି ଖୋସାମତିଆମାନେ ସେଇକ୍ଷଣି ବ୍ରଜପୁରକୁ ଯାଇ, ପିଲା ଦୁଇଟାଂକୁ ମାରି ଦେଇ ଆସିବେ ବୋଲି, ତେଜ ଦେଖାଇଲେ । କଂସ କହିଲା, "ଆଚ୍ଛା, ଅଂଡା ହୁଅ । ଏଇଲାଗେ ବ୍ରଜପୁରକୁ ଯିବା ଦରକାର ନାଇ । ମୁଁ କେଶୀକି ପଠାଇଛି । ଆଉ କ'ଣ ଉପାୟ ବିଚାର କର । ରାମକୃଷ୍ଣ ଦୁହିଁକି ଏଠାକୁ ଆଣି, ଆମ ମାଲଂକ ସଂଗେ ଲଢ଼ିବାକୁ କହି, ତାଂକୁ କପଟରେ ମାରିବା, ସେ ବିଷୟରେ ଯୋଗାଡ଼ କର । ମାଲ ଲଢ଼େଇ ଜାଗାରେ ତୁମେମାନେ ଗୋଟିଏ ସଭାମଂଚ ତିଆରି କର । ଲଢ଼ାଇ ହେବା ଜାଗାରେ ଚାରିପଟେ ଉଚରେ ସେ ମଂଚଟି ବଂଧା ହୋଇଥିବ । ସେଠାରେ ଦେଖଣା-

ଦ୍ୱାରମାନେ ବସି, ତୁମ ସଂଗେ ରାମକୃଷ୍ଣଂକ ଲଢ଼େଇ ଦେଖିବେ । ଏହାର ଦୁଆରରେ 'କୁବଳୟା ପୀଡ଼' ବୋଲି ଆମର ଯେ ହାତୀ ଅଛି, ତାକୁ ରଖ । ଆଗରୁ ଯଦି, ସେହି ହାତୀ ମଡ଼ାଇ ତାଂକୁ ମାରି ପାର, ତେବେ ତୁମର ଲଢ଼ାଇ କରିବା ଦରକାର ହେବ ନାହିଁ । ଏହି ଚତୁର୍ଦ୍ଦଶୀ ତିଥିରେ ସେ ଲଢ଼ାଇ ଜାଗାରେ ଧନୁର୍ଯଜ୍ଞ ଆରଂଭ କର । ସେହି ଯଜ୍ଞରେ ରୁଦ୍ରଦେବଂକୁ ସଂତୁଷ୍ଟ କରିବା ପାଇଁ ପୂଜା କରି, ଯେତେ ପାରି, ସେତେ ପଶୁଂକୁ ବଳିଦିଅ ।"

ଏହିପରି ସବୁ ବିଷୟ ଠିକ୍ ହୋଇଗଲା । ଏବେ ରାମକୃଷ୍ଣଂକୁ ମଥୁରାକୁ ଆଣିବାକୁ ହେବ । କଂସ ଅକ୍ରୂରଙ୍କୁ ପାଖକୁ ଡାକିଲା । ଅକ୍ରୂର ବସୁଦେବଂକ ଭାଇଆଳି । କୃଷ୍ଣଂକ କୁଟୁଂବ । ଖାଲି କଂସକୁ ଡରି ତା'ପାଖେ ପଡ଼ିଥାଂତି ।

କଂସ ତାଂକୁ ଡାକି କହିଲା, "ହେ ଅକ୍ରୂର, ଆପଣଂକପରି ବଂଧୁ ମୋର ଆଉ କିଏ ଅଛି ? ଆପଣ ମୋର ଆଶ୍ରା ହୋଇ ଏଠାରେ ଅଛଂତି । ମୁଁ ଧନୁର୍ଯଜ୍ଞ କରିବି । ଆପଣ ଏବେ ସେଥିପାଇଁ ବ୍ରଜପୁରକୁ ଯିବେ । ଆପଣ ବଡ଼ ବୁଦ୍ଧିମାନ୍ ଲୋକ । କୌଣସି ଫିକର୍ କରି ବସୁଦେବଂକ ପୁଅ ଯୋଡ଼ିଂକ ଏଠାକୁ ଆଣିବେ । ଆଉ ଡେରି କଲେ ଚଳିବ ନାହିଁ । ଆପଣଂକୁ ବେଗେ ଯିବାକୁ ହେବ । ଆପଣଂକୁ ବେଗେ ଯାଇଁ, ରାମକୃଷ୍ଣ ଦୁହିଂକ ଓ ଗୋପାଳମାନଂକୁ ନିମଂତ୍ରଣ କରି ମଥୁରାକୁ ଆଣଂତୁ । ଧନୁର୍ଯଜ୍ଞ ସଭାର ଦୁଆରରେ ହାତୀ ଥିବ । ସେ ରାମକୃଷ୍ଣଂକୁ ଆଗ ମାରିବ । ସେଥିରେ ରାମକୃଷ୍ଣ ନ ମଲେ, ଭିତରେ ମାଲମାନେ ତାଂକ ସଂଗେ ଲଢ଼ି, ତାଂକୁ ମାରିଦେବେ । ସେ ଦି'ଭାଇ ମଲେ, ତା'ପରେ ବସୁଦେବ ଓ ତାଂକ ବଂଧୁ କୁଟୁଂବଂକୁ ଗୋଟିଏ ଗୋଟିଏ କରି ମାରିବା ସହଜ ହେବ । ଏପରିକି,ମୋର ବୁଢ଼ାବାପ ଉଗ୍ରସେନ ଏବେବି ପୁଣି ରାଜ୍ୟ ପାଇବ ବୋଲି ମନେ ଭାବୁଛି । ତା' ଭାଇ ଦେବକ ବି ତା' ସାଂଗରେ । ସେ କେହି ମୋର ଭଲ ଲୋଡ଼ଂତି ନାଇ । ସେମାନଂକୁ ବି ମାରିବି । ତୁଂଭେ ମୋର ବଡ଼ ଆପଣାର ଲୋକ । ସେଥିପାଇଁ ତୁମକୁ ଏ ସବୁ କଥା କହୁଛି । ତୁମେ ଜାଣ ମହାବୀର ଜରାସଂଧ, ଦ୍ୱିବିଦ, ଶଂବର, ନରକ, ବାଣ ଏମାନେ ସମସ୍ତେ ମୋ' ପକ୍ଷରେ ଅଛଂତି । ତାଂକ ସାହାଯ୍ୟରେ ସମସ୍ତଂକୁ ମାରି, ମୁଁ ଏକାରେ ସବୁ ପୃଥିବୀ ଭୋଗ କରିବି । ତୁମେ ତ ମୋ' କଥା ଜାଣିଚ, ଆଉ ଅଧିକ କ'ଣ କହିବି ?"

ଅକ୍ରୂର ଏହାସବୁ ଶୁଣି କହିଲେ, "ରାଜା, ତୁମେ ମରିବ ନାଇ ବୋଲି ଏସବୁ ଉପାୟ କରୁଚ; କିଂତୁ ଏଥିରେ ଫଳ ହେଲାପରି ଲାଗୁ ନାଇ । ମନୁଷ୍ୟ ସବୁ ଭାବୁଥାଏ; କିଂତୁ ଦଇବ ଯାହା କରେ, ସେଇଆ ହୁଏ । ଆପଣ ସବୁ ଯୋଗାଡ଼ କରଂତୁ; କିଂତୁ ଫଳରେ ଭଲ ହୋଇପାରେ, ମଂଦ ହୋଇ-ପାରେ; ସେଥିପାଇଁ ସାବଧାନ ଥାଆଂତୁ । ମନୁଷ୍ୟ କେତେ କଣ ଭାବୁଥାଏ, ଦଇବ ଥରକୁ ଥର ଭାଙ୍ଗିଦିଏ । ଆଶାକରି ଫଳ ନ ପାଇଲେ ମନୁଷ୍ୟର ଭାରି ଦୁଃଖ ହୁଏ । ଅତଏବ ଉପାୟ କଲାବେଳେ, ପୁରାଏ ଆଶା କରିବା ଠିକ୍ ନୁହେ । ହଉ, ସେ କଥାରେ କ'ଣ ଅଛି ? ଏବେ ଆପଣ ଯାହା ଆଜ୍ଞା ଦେଲେ, ମୁଁ ତାହା କରିବି ।"

ସେଠାରୁ କଂସ ରାଜପୁର ଭିତରକୁ ଗଲା ଓ ଅକ୍ରୂର ଆପଣା ଘରକୁ ଆସିଲେ ।

ଏଣେ କେଶୀ ଗୋଟିଏ ବିକଟାଳ ଘୋଡ଼ାରୂପ ଧରି, ପବନ ବେଗରେ ଯାଇ, ବ୍ରଜପୁରେ ପହଂଚିଲା । ସେ ଯାଇ, ବ୍ରଜପୁର ଭିତରେ ଭାରି ଉଡ଼ଙ୍କରି ପ୍ରସ୍ଥେ କଂପାଇ ଦେଲା । କୃଷ୍ଣ ଏହା ଦେଖି ଆସି, ତା

ଆଗରେ ଛିଡ଼ାହେଲେ । କେଶୀ ସିଂହପରି ଗର୍ଜନ କରି, କୃଷ୍ଣଂକ ଆଡ଼କୁ ମିଶିଗଲା ।

ଲାଗିଲା—ଯେପରି ଆକାଶ ପାତାଳ ଖାଇଯିବ । ବେକ ଝାଂଗିକରି ମୁଂଡ ବୁଲାଇ ବୁଲାଇ, ଆସି କୃଷ୍ଣଂକ ଉପରେ ଯୋଡ଼ାଏ ନାତ ମାଇଲା । କୃଷ୍ଣଂକର କିଛି ହେଲା ନାଇ ।

କୃଷ୍ଣ ପଛଆଡ଼କୁ ବୁଲିଯାଇ ତା' ପଛଗୋଡ଼ ହଳଟି ଧରି, ତାକୁ ମୁଂଡ ଉପରେ ବୁଲାଇ ବୁଲାଇ ଫିଂଗିଦେଲେ । ପୁଣି ସେ ଉଠି ଚମକ ଆସୁଥାଏ; ପୁଣି କୃଷ୍ଣ ଫିଂଗି ଦେଉଥାଂତି । ଏହିପରି କୃଷ୍ଣ କେତେବେଳ ଖେଳିଲେ ।

ଶେଷକୁ ଘୋଡ଼ାଟି ପ୍ରାଣ ବିକଳରେ ଆସି କାମୁଡ଼ିବାକୁ ବସିଲା । କୃଷ୍ଣ ହସି ହସି, ତା' ପାଟି ଭିତରେ ଡେବରି ହାତଟି ପୂରାଇ ଦେଲେ । ସେ କାମୁଡ଼ିବାକୁ ବସିଲା ବେଳକୁ ତା ଦାଂତପାଟି ଭଡ଼୍ଭଡ଼୍ ଭାଙ୍ଗିଗଲା ।

କୃଷ୍ଣ ତା' ପେଟ ଭିତର ଯାଏ, ହାତ ଭର୍ତ୍ତି କରି ଦେଲେ । ଗୁହୁଁ ଗୁହୁଁ ଜଳବୁଦ୍ବୁଦ୍ ପରି ପେଟ ଫୁଲିଇ ଗଲା—ଆଖି ତରଟି ହୋଇଗଲା ଓ ହଗି ମୁତି ପକାଇ, ଘୋଡ଼ାଟି ମରିଗଲା । କୃଷ୍ଣ ଖେଳିଲା ପରି, ହାତଟି ତା' ପେଟ ଭିତରୁ କାଢ଼ି ଆଣିଲେ ।

———

## କୃଷ୍ଣ ନାରଦ ସଂବାଦ

### ବ୍ୟୋମାସୁର କଥା

କେଶୀ ମରିବା ପରେ ନାରଦ ପୁଣି ଆସି କୃଷ୍ଣଂକ ପାଖେ ହାଜର୍ । କୃଷ୍ଣ ଯାହା ଯାହା କରିଛଂତି, କୃଷ୍ଣ ଯେ ନିଜେ ଭଗବାନ୍, ସେ ଦୁଷ୍ଟ ଦଇତ୍ୟମାନଂକୁ ମାରି, ଶିଷ୍ଟମାନଂକୁ ପାଳନ କରିବେ ଏବଂ ପରେ ଯେଉଁ ସବୁ ଅଦ୍ଭୁତ କଥାମାନ କରିବେ, ଦିନେ ବଂଦନ ମଧ୍ୟରେ ଯାଇ କଂସର ମଲ୍ଲ, ଘୋଡ଼ା, ହାତୀ, ଚାଣୁର, ମୁଷ୍ଟିକ ପ୍ରଭୃତିଂକୁ ମାରି, କଂସକୁ ମଧ୍ୟ ମାରିବେ, ପରେ କଂସର ଶଂଖ, ଯବନ, ମୁର, ନରକ ପ୍ରଭୃତିଂକୁ ମାରିବେ ଏବଂ ତା' ପରେ ଯାହା ଯାହା କରିବେ ସବୁ କୀର୍ତ୍ତନ କରି, କୃଷ୍ଣଂକୁ ଗୁଡ଼ାଏ ସ୍ତୁତିକରି ଚାଲିଗଲେ ।

କୃଷ୍ଣଂକର ଆଉ ଗୋଟିଏ ଲୀଳା ଏଠାରେ କୁହା ଯାଉଅଛି । ଦିନେ କୃଷ୍ଣ ଗଉଡ଼ ପିଲାଂକ ସାଂଗେ ଗୋରୁ ଚରାଉ ଚରାଉ କିଏ ମେଂଢା ହେଲା, କିଏ ମେଂଢା ଜଗୁଆଳୀ ହେଲା, କିଏ ମେଂଢା ଚୋରିକଲା—ଏହିପରି ମେଂଢାଚୋରି ଖେଳୁଥିଲେ । ଏତିକିବେଳେ ମୟଦାନବର ପୁଅ ବ୍ୟୋମାସୁର ଶ୍ରୀକୃଷ୍ଣଂକ ଅନିଷ୍ଟ କରିବାପାଇଁ, ଆପେ ଗୋଟିଏ ଗଉଡ଼ ପିଲା ହୋଇ, ମେଂଢା ବୋଲି ଗଉଡ଼ ପିଲାମାନଂକୁ ଗୋଟି ଗୋଟି କରି ଚୋରିକଲା । ଏହିପରି ପିଲା ମାନଂକୁ ଚୋରିକରି ନେଇ, ଦୂରରେ ଗୋଟିଏ ଗାତ ଭିତରେ ଭର୍ତ୍ତିକରି ଗାତ ମୁହଁରେ ଗୋଟିଏ ଯବରଦସ୍ତ ପଥର ମଡ଼ାଇ ଦେଲା ।

ଆଉ ମୋଟେ ଚାରୋଟି କି ପାଂଚୋଟି ପିଲା ବାକି ଥାଂତି । ସେମାନେ ମେଂଢା ହୋଇ ଚରୁଥାଂତି । ପୁଣି ସେ ଅସୁର ମେଂଢା ବୋଲି ଆଉ ଗୋଟିଏ ପିଲା ଚୋରାଇବାକୁ ଆସିଲା । କୃଷ୍ଣ ଏତିକିବେଳେ ଜାଣିପାରି କେଁ କିନା ତା ତୋଟି ଧଇଲେ । ଗୁହୁଁ ଗୁହୁଁ ସେ ପିଲାଂକୁ ଛାଡ଼ି, ପାହାଡ଼ ପରି ଗୋଟାଏ ବିକଟାଳ ଅସୁର ହୋଇ, କୃଷ୍ଣଂକ ହାତ ଛଡ଼ାଇବା ପାଇଁ ଛଟ୍‌ପଟ୍ ହେଲା । କୃଷ୍ଣଂକ ହାତ ଛଡ଼ାଇବା ତ ସହଜ ନୁହେ ! ତା'ର ନିଃଶ୍ୱାସ ବଂଦ ହୋଇ ଆସିଲା । କୃଷ୍ଣ ତାକୁ ତଳେ ପକାଇ ତୋଟି ଚିପି ଦେଲେ । ଛଟପଟ ହୋଇ ସେ ମରିଗଲା ।

ସେଠାରୁ କୃଷ୍ଣ ଗାଈପାଖକୁ ଯାଇ ପଥରଟା ଫିଂଗିଦେଲେ । ଗଉଡ଼ ପିଲାଂକୁ ଗାତ ଭିତରୁ କାଢ଼ି, ଘେନି ଘରକୁ ଆସିଲେ ।

---

## ଅକ୍ରୂର ରାମକୃଷ୍ଣ ଓ ଗୋପମାନଂକୁ ନିମଂତ୍ରଣ କରିନେଲେ

ଅକ୍ରୂର କଂସ ପାଖରୁ ଘରକୁ ଗଲେ । ତହିଁ ଆଉଦିନ ରାତି ନ ପାହୁ, ରଥ ଚଢ଼ି ବୃଂଦାବନ ଆଡ଼କୁ ଚାଲିଲେ । ଅକ୍ରୂର ଏକେ କୃଷ୍ଣଂକର ଆପଣାର ଲୋକ । ନିଜେ ବଡ଼ ଧାର୍ମିକ ଓ ଜ୍ଞାନୀ । ତାଂକୁ କୃଷ୍ଣଂକ ମହିମା ଜଣା । ବାଟରେ ଗଲାବେଳେ କୃଷ୍ଣ ଛଡ଼ା ତାଂକର ଆଉ କିଛି ଚିଂତା ନାହିଁ । ସତେ କଣ, କୃଷ୍ଣଂକୁ ଆଜି ସେ ଦେଖିବେ ! ଏ କଥା ଭାବୁଥିବେଳେ, ତାଂକ ରୋମ ଟାଂକୁରି ଉଠୁଛି; ଆଖି ଛଳ ଛଳ ହୋଇ ଯାଉଛି । ସବୁଆଡ଼େ ତାଂକୁ ଖାଲି ମଂଗଳ ଚିହ୍ନମାନ ଦେଖା ଯାଉଛି । ସେ ଖାଲି ଭାବୁଛଂତି କୃଷ୍ଣଂକର ଶ୍ୟାମଳ ଦେହ କେଡ଼େ ସୁଂଦର ହୋଇଥିବ ! ସେ କେଡ଼େ ସୁଂଦର ହସୁଥିବେ ! ପିଲା ମୁହଁରେ କୁଂଚି କୁଂଚିକା ବାଳ ଗୁଡ଼ିକ କି ସୁଂଦର ହୋଇ ପଡ଼ିଥିବ !

ବାଟସାରା ଖାଲି ଏଇ କଥା ଭାବୁଥାଆଂତି । ତାଂକୁ ଆଉ ବାଟ ଜଣା ପଡ଼ିବ କୁଆଡ଼ୁ ? କେତେବେଳେ ବାଟବଣା ହୋଇ, ଆଉ ଗୋଟେ ଆଡ଼େ କେତେ ବାଟ ଚାଲି ଯାଉଥାଂତି; ପୁଣି ବୁଲି ବୁଲି ଠିକ୍ ବାଟକୁ ଆସୁଥାଂତି । ଏହିପରି ବୁଲି ବୁଲି ବୃଂଦାବନ ପାଖେ ଆସି ପହଂଚି, ବୃଂଦାବନରେ ଗାଈ ଗୋରୁଂକ ପାଦଚିହ୍ନ, ରାମକୃଷ୍ଣଂକ ପାଦଚିହ୍ନ ଦେଖି, ରଥରୁ ଓହ୍ଲାଇ ପଡ଼ିଲେ । ସେ ପାଦଚିହ୍ନର ଧୂଳିଆଣି ମୁଂଡରେ ଲଗାଇଲେ । ଶେଷକୁ ବେଳ ବୁଡ଼ିଗଲା ବେଳକୁ ଯାଇ, ଗୋଠ ଭିତରେ ପହଂଚି, ରାମକୃଷ୍ଣଂକୁ ଦେଖିଲେ । ଦୃଷ୍ଟି ଦେଇ, ତାଂକ ପ୍ରାଣ ପୂରିଗଲା ।

ରାମ ଦେଖିବାକୁ ଗୋରା । କୃଷ୍ଣ ଶ୍ୟାମଳ । ଦିହେଁ ଯେ ହୁଏ ଗୁଂଠିହାଣ୍ଡି ପରି । ଅକ୍ରୂର ଦେଖିଲା ବେଳକୁ ଦିହେଁ ବସି ଗାଈ ଦୁହୁଁଚଂତି ।

ଅକ୍ରୂରଂକ ମନ ଆଉ ରହିଲା ନାହିଁ । ଦୂରରୁ ରଥରୁ ଓହ୍ଲାଇ ପଡ଼ି, ଲଂବେ ଲଂବେ ଯାଇ, ସେ ରାମକୃଷ୍ଣଂକ ଗୋଡ଼ତଳେ ପଡ଼ିଗଲେ । ଆନଂଦରେ ଆଖି ଛଳ ଛଳ ହୋଇଗଲା; ସେ କହିଲେ, "ମୁଁ ଅକ୍ରୂର; ଆପଣମାନଂକୁ ପ୍ରଣାମ କରୁଅଛି ।"

ସାଂଗେ ସାଂଗେ ବଳରାମ ତାଂକ ହାତ ଧରି ଉଠାଇ ପକାଇଲେ । ତାଂକ ହାତ ଯୋଡ଼ିକ ଧରି, ଶ୍ରୀକୃଷ୍ଣଂକୁ ସାଂଗରେ ଘେନି, ଆଦରରେ ତାଂକୁ ନଂଦଂକ ଘରକୁ ଘେନି ଆସିଲେ ।

ଘରେ ଆସି ପହଂଚି, 'ଆପଣଂକର ସବୁ ଭଲ ତ, ବୋଲି ପଚାରି, ବସିବାକୁ ଆସନ ଦେଲେ; ଆପେ ହାତରେ ଅକ୍ରୂରଂକ ଗୋଡ଼ ଧୋଇଦେଲେ । ଆପଣା ହାତରେ ଅତିଥି ଚର୍ଚ୍ଚା ସମସ୍ତ କଲେ । ପରେ ଏତେ ବାଟ ଚାଲି ଆସିଚଂତି—ବାଧୁଥିବ ବୋଲି ଚଉଁରି ଧରି ହଂଚି, ତାଂକ ସଂଗେ କଥାବାର୍ତ୍ତା କଲେ ।

ଏ ମଧ୍ୟରେ ଶ୍ରୀକୃଷ୍ଣ ଯାଇ, ଥାଳୀରେ ତାଂକ ପାଇଁ ଖାଇବା ଜିନିଷ ଆଣି ଆପେ ବାଢ଼ିଦେଲେ । ଅକ୍ରୂର ଖାଇ ସାରିଲାରୁ, ତାଂକୁ ଆଣି ପାନ ଦେଲେ । ଶେଷକୁ ନଂଦ ମହାରାଜା ଅକ୍ରୂରଂକ ପାଖକୁ ଆସି, କହିଲେ,—"ଆଜି ବଡ଼ ଭାଗ୍ୟ, ଆପଣ ଆସି ପହଂଚିଲେ । ଆପଣଂକର ସବୁ ଭଲ ଅଛି କି ନାହିଁ ବୋଲି ପଚାରିବ କ'ଣ ? କଂସ ରାଜ୍ୟରେ ତ ଘର କରିଚଂତି । ଆଉ ଭଲ କିଏ ଦେଲା !"

ତା' ପରେ କୃଷ୍ଣ ବାପ, ମା'ଙ୍କ କଥା ପଚାରି ବୁଝିଲେ । କହିଲେ, "ଆପଣମାନଙ୍କୁ କଂସ ଏତେ ଦୁଃଖ ଦଉଚି । ଆହା ! ମୋ' ବାପ, ମା' ମୋର ପାଇଁ କେତେ ଦୁଃଖ ପାଉଚନ୍ତି । ମୋରପାଇଁ ତାଂକର ସବୁ ପୁଅ ମାଇଲା—ମୋର ପାଇଁ ମଧ ତାଂକୁ କଇଦି କରିଚି । କାହାକୁ ପଚାରି ଏ ସବୁ କଥା ବୁଝିଥାଂନ୍ତି । ଭାଗ୍ୟକୁ ଆପଣ ଆସି ପହଂଚିଲେ; ତେବେ କେତେ କାମରେ ଆସିଚଂନ୍ତି—କହଂନ୍ତୁ ।

ଅକ୍ରୁର କଂସର ଦୁଷ୍ଟାମି କଥା—ବସୁଦେବଂକୁ ମାରିବାକୁ ବାହାରିବା କଥା—ତା'ପରେ ସେହି ରାମକୃଷ୍ଣ ଦୁହିଂକ ମାରିବାକୁ କଂସ କିପରି ଧନୁର୍ଯଜ୍ଞର ଯୋଗାଡ଼ କରି, ତାଂକୁ ନବାକୁ ପଠେଇଚି, ସବୁ କଥା ଗୋଟି ଗୋଟି କରି କହିଗଲେ ।

ତା' ପରେ କୃଷ୍ଣ କିପରି ଜନ୍ମ ହେଲେ—ବ୍ରଜପୁରକୁ ଆସିଲେ—ସବୁ ଯାହା ନାରଦ କଂସ ଆଗେ କହିଥିଲେ, ତାହା କ୍ରମେ କ୍ରମେ କହିଗଲେ ।

କୃଷ୍ଣ, ବଳରାମ ଧନୁର୍ଯଜ୍ଞକୁ ଯିବା କଥା ଶୁଣି ଭାରି ଖୁସୀ । ସବୁ ଗୋପମାନଂକୁ ନିମଂନ୍ତ୍ରଣ ଅଛି—ସେଥିରେ ସେ ଆଉରି ଖୁସୀ ହେଲେ, ସମସ୍ତଂକୁ ଡାକି କହିଦେଲେ, "ସମସ୍ତେ ଶଗଡ଼, ବଳଦ ଠିକଣା କରି, କାଲି ସକାଳୁ ସଜ ହୁଅ । ଦହି, ଦୁଧ, ଲହୁଣୀ ଯିଏ ଯାହା ପାଉଚ—ନିଅ । କାଲି ସକାଳୁ ସମସ୍ତେ ମଥୁରାକୁ ଯିବା । ଦହି, ଦୁଧ ହେଉଁରିକା ରଜାଂକୁ ଭେଟି ଦେଇ ଆନଂଦରେ ଧନୁର୍ଯଜ୍ଞ ଦେଖିବା ।"

ରାତି ରାତି ବୁଲି, ଲୋକେ ବ୍ରଜପୁର ଯାକ ଖବର ଦେଇଗଲେ । ସମସ୍ତେ ସଜ ହେଲେ ।

ପୁରୁଷମାନେ କୃଷ୍ଣଂକ ସଂଗେ ମଥୁରାକୁ ଯିବେ; କଂନ୍ତୁ ମାଇପେ ତ କେହି ଯିବେ ନାଇ । ସେମାନେ କୃଷ୍ଣଂକୁ ଛାଡ଼ି ରହିବେ କିପରି ? କୃଷ୍ଣ ସେ ତାଂକର ପ୍ରାଣ ! ସେମାନେ ଏ ଖବର ଶୁଣି, ସମସ୍ତେ ବ୍ୟାକୁଳ ହୋଇ କାନ୍ଦିଲେ । କୃଷ୍ଣ ବାହାରିଗଲେ ସେ ରହିବେ କିପରି ? ବାହାରିଗଲେ ସେ ବା ଆଉ ଫେରି ଆସିବେ କିଆଁ ?

ସକାଳ ହେଲା—ସମସ୍ତେ ରଥରେ ଚଢ଼ି, ବଳଦ ଓଡ଼ାଇ ଦେଲେ । ଗୋପୀମାନେ ନିରାଶ । ସେମାନେ କାନ୍ଦି କାନ୍ଦି, କୃଷ୍ଣଂକ ରଥ ପଛରେ ଗୋଡ଼ାଇଲେ । ଶେଷକୁ କୃଷ୍ଣ ରଥ ରଖି, ଗୋପୀମାନଂକୁ କହିଲେ, "କିଛି ବ୍ୟସ୍ତ ହୁଅ ନାଇ; ମୁଁ ପୁଣି ଫେରି ଆସିବି । କେବେ ଆସିବି ଖବର ଦେବି ।" ଏ କଥା ଶୁଣି ଗୋପୀମାନେ ଟିକିଏ ଥଂଡା ହେଲେ ସତ; କଂନ୍ତୁ ତାଂକ ମନ ପ୍ରାଣ ସବୁ କୃଷ୍ଣଂକ ସାଂଗେ ସାଂଗେ ମଥୁରାକୁ ଗଲା । ସେମାନେ ଛବିପରି ଚାହିଁଲେ । କ୍ରମେ ରଥ ଆଉ ଦେଖା ନ ଯିବାରୁ, କାନ୍ଦି କାନ୍ଦି ଘରକୁ ଫେରିଲେ ।

ରଥ ଯାଇ, ଯମୁନା କୂଳେ ପହଂଚିଲା । କୃଷ୍ଣ ଓ ବଳରାମ ରଥରୁ ଓହ୍ଲାଇ ଯମୁନାରେ ଯାଇ, ମୁଂହିଏ ମୁଂହିଏ ପାଣି ପିଇଲେ; ତା' ପରେ କୂଳରେ ଟିକିଏ ବୁଲି, ପୁଣି ରଥକୁ ଆସିଲେ । ଅକ୍ରୁର ତା'ପରେ, ଯାଇ ଯମୁନା ଭିତରେ ସ୍ନାନ କରି ବସିଲେ । ସେ ତ ସବୁବେଳେ କୃଷ୍ଣଂକ କଥା ଭାବୁଥାଂନ୍ତି । ଈଶ୍ୱର ବୋଲି କୃଷ୍ଣଂକୁ ଧ୍ୟାନ କରୁଥାଂନ୍ତି;—ସେହି ନାମ ଜପ କରୁଥାଂନ୍ତି । ସେ ପାଣିରେ ବୁଡ଼ଗଲାକ୍ଷଣି, ତାଂକୁ ଲାଗିଲା, ପାଣିଭିତରେ ରାମକୃଷ୍ଣଂକର ଯୁଗଳମୂର୍ତ୍ତି ଚକ୍ ଚକ୍ ଦିଶୁଚି । ସେ ପାଣିରୁ ଉଠି ପଡ଼ିଲେ; ଭାବିଲେ, ମୋର କ'ଣ ଭ୍ରମ ହେଲା ! ପୁଣି ପାଣି ଭିତରେ ମୁଂଡ ବୁଡ଼ାଇ ଦେଲେ । ଏଥର ରାମକୃଷ୍ଣଂକୁ ଆଉ ପାଣି ଭିତରେ ପିଲାକରି ଦେଖିଲେ ନାହିଁ । ସେ ଏଥର କୃଷ୍ଣଂକୁ ଚତୁର୍ଭୁଜ ବିଷ୍ଣୁ ରୂପରେ ଏବଂ ବଳରାମଂକୁ

ତାଂକ ପାଖରେ ସହସ୍ରେ ଫଣା ଟେକି ଅନଂତଦେବ ରୂପରେ ଶୋଇଥିବାର ଦେଖିଲେ ।

ସେ ରୂପ ଦେଖି କେତେବେଳଯାଏ ଅକ୍ରୂର ଭୋଳ ହୋଇଗଲେ । ତାଂକର ଦେହ ଶିଂକୁରି ଉଠିଲା । ଆନଂଦରେ ଆଖିରୁ ଲୁହ ଗଡ଼ି ପଡ଼ିଲା । ସେ ସେହି ପାଣି ଭିତରେ ଭଗବାନଂକୁ ପ୍ରଣାମ କରି, କେତେବେଳ ଯାଏ ସ୍ତୁତି କଲେ ।

ତା'ପରେ ସ୍ନାନ ସାରି, ରଥକୁ ଆସିଲେ । କ୍ରମେ ରଥ ଯାଇ ସଂଧ୍ୟାବେଳକୁ ମଥୁରାରେ ପହଂଚିଲା । ମଥୁରା ଲୋକେ କୃଷ୍ଣ ଆସିବେ ବୋଲି, ଆଗରୁ ଖୁସି ବସିଥିଲେ । ସମସ୍ତେ ଦାଂଡକୁ ବାହାରି ପଡ଼ିଲେ ।

ଆଗରୁ ନଂଦ ପ୍ରଭୃତି ଗୋପମାନେ ପହଂଚି, ମଥୁରା ପାଖ ଫୁଲବଗିଚାରେ ବସା କରିଥିଲେ । କୃଷ୍ଣ ସେଇଠି ପହଂଚି, ଅକ୍ରୂରଂକୁ କହିଲେ, "ଆମେ ଦୁ'ଭାଇ ଆଜି ରାତିରେ ଏଠାରେ ରହୁଚୁ ; ଏ ବଗିଚାର ଶୋଭା ଦେଖିବୁ । ଆପଣ ଆଗ ମଥୁରାକୁ ଯାଇ, ଖବର ଦିଅଂତୁ ।"

ଅକ୍ରୂରଂକର ଆଉ କୃଷ୍ଣଂକୁ ଛାଡ଼ି ଯିବାର ଇଚ୍ଛା ନାଇ । ସେ କହିଲେ, "ମୁଁ ଆଉ ଏକା ହୋଇ ଯିବି କିପରି ? ଆପଣ ସମସ୍ତ ଗୋପଂକୁ ଘେନି ଆସଂତୁ । ଆଜି ମୋ ଘରେ ରହିବେ ।"

କୃଷ୍ଣ କହିଲେ, "ଅକ୍ରୂର, ଏ କିପରି କଥା ? ଯାଦବମାନେ କଂସଠାରୁ ଏତେ ପୀଡ଼ା ପାଉଚଂତି । ମୁଁ ଆଗେ ଯାଦବଂକ କାର୍ଯ୍ୟ କରିବି ବୋଲି ବସୁଚି । ଆପଣ ମୋତେ ଆଜି ଘରକୁ ଡାକୁଚଂତି । ମୁଁ ହେନେ ହନା ଉତ୍ସବରେ ଯାଇ, ଆପଣଂକ ଘରେ ପହଂଚିବି; କିଂତୁ ଆଗ କଂସ ସାଂଗେ ଦେଖା ନ କରି, ଆପଣଂକ ଘରକୁ ଯିବାଟା ସୁଂଦର ହେବ ନାଇ ।

ଅକ୍ରୂର ଆଉ କିଛି ନ କହି କଂସ ଘରକୁ ଗଲେ । ଆଉ ରାମକୃଷ୍ଣ ଆସି ବଗିଚାରେ ଥିବା କଥା କଂସକୁ ଜଣାଇ ଦେଇ ପରେ ଆପଣା ଘରକୁ ଗଲେ ।

---

## ରାମକୃଷ୍ଣଂକର ମଥୁରା ଦେଖା

### ଧୋବା, ତଂତୀ, ସୁଦାମ, କୁବ୍ଜା ଓ ଧନୁର୍ଭଂଗ

ସେହିଦିନ ଉପରଓଳି ରାମକୃଷ୍ଣ ଆଉ ସବୁ ଗଉଡ଼ ପିଲାଂକୁ ନେଇ ମଥୁରା ଦେଖିବା ପାଇଁ ବୁଲି ବାହାରିଲେ । ଆଗ ଗୋଟାଏ ବଡ଼ ଗଡ଼ଖାଇ, ଖୁବ ଗଭୀର ହୋଇଚି; ପାଣି ଭର୍ତ୍ତି ହୋଇଚି । ଗଡ଼ ଚାରିପଟ— ପାଖେ ପାଖେ ସହର ଗୃହପାଖେ ବୁଲିଚି । ଗୋଟିଏ ଦୁଆର ପାଖ ବାଟରେ ସେ ଗଡ଼ଖାଇ ଡେଇଁଲେ, ଗଡ଼ର ଦୁଆର । ଦ୍ୱାର ଉପରେ ତୋରଣ । ଦ୍ୱାରରେ ସୁନା ଛୁଆଣି ହୋଇଚି । ଦ୍ୱାରଟି ବଡ଼ ଉଚ୍ଚ ଓ ଓସାର । ସେହି ଦୁଆର ବାଟେ ସମସ୍ତେ ମଥୁରା ଭିତରକୁ ପଶିଲେ ।

ମଥୁରାରେ ଧନ, ରତ୍ନ, ସବୁ ପୂରା । କେଉଁଠାରେ ତଂବା, ପିତଳରେ ତିଆରି ହୋଇଥିବା ବଡ଼ ବଡ଼ ଧାନ କୋଠିମାନ ଲଂବିଚି । ଗୋଟାଏ ଗୋଟାଏ ହାତୀଶାଳ, ଘୋଡ଼ାଶାଳ ଗୋଟାଏ ଗୋଟାଏ ବଡ଼ ବଡ଼ ଗାଁପରି । ଠାଏ ଠାଏ ଧନୀ ଲୋକଂକ ଘର ପଛଆଡ଼େ ଗୋଟାଏ ଗୋଟାଏ ସୁଂଦର ବଗିଚା ଅଛି ।

ଏହା ସବୁ ଦେଖି ଦେଖି, ସମସ୍ତେ ଆସି ରାଜଦାଂଡରେ ପହଂଚିଲେ । ଦୁଇପାଖେ ସମାନ କୋଠାଘର, କୋଠା ଦେହରେ ସୁନା, ରୁପା, ମଣି, ମାଣିକ୍ୟ

ଖଂଜା ହୋଇଛି । ଘର ଆଗରେ ବଇଠକ୍‌ଖାନା ବାରଂଡା ସବୁ ଧଳା, କଳା, ମଣି ସ୍ଫଟିକରେ (ମାର୍ବଲ୍ ବା ମଲମଲ ପଥର ) ତିଆରି ହୋଇଛି । ବାରଂଡା ଉପରେ ବଡ଼ ବଡ଼ ପଂଜରି । ପଂଜରି ଉପରି କାଂଥ ସବୁ ମଣିରତ୍ନରେ ସୁଂଦର ହୋଇ, ବାହାରକୁ ବାହାରିଛି । ପାରା, ମୟୂରମାନେ ତା' ଉପରେ ଖେଳୁଛଂତି ।

ଲୋକଂକ ଘର ସବୁ ସାଜସଜାରେ ପୂର୍ଣ୍ଣ ! ଦ୍ୱାରେ ଦ୍ୱାରେ ଚାଉଳଗଦା ଉପରେ ଦୁଧର ପୂର୍ଣ୍ଣ କୁଂଭ ! ତା ଉପରେ ଫୁଲ, ଚଂଦନ, କୁଂଭ ଦେହରେ ପାଟ ଲୁଗା, କୁଂଭ ମୁହଁରେ ସୁଂଦର ପଟ୍ଟ ଉପରେ ଦୀପମାନ ଥୁଆ ହୋଇଛି । ଦ୍ୱାରେ ଦ୍ୱାରେ କଦଳୀ ନଡ଼ିଆ ଗଛ ସବୁ ପୋତା ହୋଇ ପତାକାମାନ ଉଡ଼ୁଛି ।

ରାମକୃଷ୍ଣ ଆସିଛଂତି ବୋଲି ଖବର ସହରରେ ବାଜିଗଲା । ମାଇପିମାନେ ଦେଖିବେ ବୋଲି ବ୍ୟାକୁଳ ହୋଇ, ପକ୍କା ଉପରେ ବାରଂଡାକୁ ଉଠିଗଲେ । ଆସିଲା ବେଳେ କାହାର ଲୁଗା ପିଂଧା ଠିକଣା ନାଇ; କିଏ ଗୋଡ଼ର ଅଳଂକାର ମୁଂଡରେ ପିଂଧିଛି; କିଏ ଗୋଟେ ହାତରେ କଂକଣ ପିଂଧି ଆର ହାତରେ ପିଂଧି ନାଇ; କିଏ ଗୋଟିଏ ଆଖିରେ କଜଳ ଦିଅଥିଲା, ସେତିକି ଦିଅଛି; କିଏ ଖାଉଥିଲା -- ଅଇଂଠା ହାତରେ ଦଉଡ଼ି ଆସିଛି; କିଏ ପିଲାକୁ କାଖରେ ଧରି, ଦୁଧ ଖୁଆଇ ଖୁଆଇ ଆସିଛି । ସବୁ ମାଇପିଯାକ ଆସି, ବାରଂଡାରେ ରୁଂଡ ହୋଇଗଲେ ।

ରାମକୃଷ୍ଣଂକୁ ଦେଖି, ଉପରୁ ସମସ୍ତେ ହୁଳହୁଳି ଦେଇ ଫୁଲ ପକାଇଲେ ।

ବ୍ରାହ୍ମଣମାନେ ବାଟରେ ଚାଉଳ, ମାଳ, ଚଂଦନ ଦେଇ ରାମକୃଷ୍ଣଂକର ଅଭ୍ୟର୍ଥନା କଲେ ।

ବାଟରେ ଯାଉ ଯାଉ, ରାମକୃଷ୍ଣ ଦେଖିଲେ, ଗୋଟିଏ ଧୋବା ସୁଂଦର ଲୁଗାମାନ ନେଇ, ରାଜା ଘରକୁ ଯାଉଛି । ରାମକୃଷ୍ଣ ହେଲେ ତ ପିଲା । ସେ ଏତେ ମର୍ଯ୍ୟାଦା ଅମର୍ଯ୍ୟାଦା ବୁଝିବେ କିଆଁ ? ସେ ଧୋବାକୁ କହିଲେ—

"ଆରେ ଧୋବା, ତମ ରାଜା ଆମକୁ ନିମଂତ୍ରଣ କରି ଆଣିଛଂତି, ଆମକୁ ସେ ଲୁଗା ଦେ । ଆମେ ଭଲ ଲୁଗା ବାଛି ବାଛି ପିଂଧି, ରଜାଘରକୁ ଯିବୁ ।"

ସେ ତ କଂସଘର ଧୋବା ! କୁଆଡ଼ୁ ଯୋଡ଼େ ଗଉଡ଼ପିଲା ଆସି, ତାକୁ ରଜାଘର ଲୁଗା ମାଗୁଛଂତି ! ଶୁଣି ଶୁଣୁ ତା'ଦେହ ନିଆଁ ହୋଇଗଲା । ସେ କହିଲା, "ଆରେ ଟୋକାଏ, ଜାଣି ପାରୁନାହଁ, ବଣ ଜଂଗଲରେ ଗାଈ ଚରେଇବ, ତୁମକୁ ସହର ମର୍ଯ୍ୟାଦା, ରଜାଘର ମର୍ଯ୍ୟାଦା ଜଣା ପଡ଼ିବ କାହୁଁ ? ଏ ତ ରଜାଘର ଲୁଗା, ଗଉଡ଼ ପିଲା ପିଂଧିବା ଲୁଗା ନୁହେଁ ! ତୁମ ପିଂଧିବା ଲୁଗା ଇଏଥିରେ ନାଇ । ରଜାଘର ଲୁଗା ମାଗୁଛ । ଯାହା ତ କହିବାର କହିଲଣି, ଏବେ ଏଠାରୁ ଚାଲ । ନ ହେଲେ, ରଜା ଜାଣିଲେ, ଲୁଗା ମାଗିବାର ମଜା ବାହାରି ପଡ଼ିବ ।"

କୃଷ୍ଣ ଆଉ କହିବେ କ'ଣ ? ସାଂଗେ ସାଂଗେ ଧୋବାମୁଂଡରେ ହାତଟି ପକାଇ, ମୁଂଡଟି ମୋଡ଼ି ଗଂଡିରୁ ଅଲଗା କରି ଫିଂଗିଦେଲେ । ଧୋବା ସାଂଗେ ଆଉ ଯୁ ଲୋକମାନେ ଥିଲେ, ସେମାନେ ପ୍ରାଣ ନେଇ କୁଆଡ଼େ ପଳାଇଲେ !

ତା'ପରେ କୃଷ୍ଣ ସେ ଧୋବାଗଂଡର ଫିଟାଇ, ବାଛି ବାଛି ଦରକାର ଭଲ କେତେ ଲୁଗା ଧରି ବାକିତକ ଫିଂଗି ଦେଇ ଚାଲିଗଲେ ।

ଲୁଗାପାଟ ନେଇ, ଗୋଟିଏ ରଂଗୀ ଘରେ ପହଂଚିଲେ । ରଂଗୀ ରାମକୃଷ୍ଣଂକୁ ଦେଖି, ଖୁବ ଖୁସିରେ ତାଂକୁ ଲୁଗାମାନ ପିଂଧାଇ, ମାଲ ପରି ବେଶ ସଜାଡ଼ି ଦେଲା । ରାମକୃଷ୍ଣ ଦୁହେଁ ଯୋଡ଼ିଏ ଧଳା କଳା ଗୁଂଠୁଣି ହାତୀ ପରି ଡାଂଡେ ଡାଂଡେ ଚାଲିଲେ ।

ସୁଦାମା ବୋଲି ଗୋଟିଏ ମାଳୀ ଥିଲା । ତା'ଘରେ ଯାଇଁ ରାମକୃଷ୍ଣ ଦୁହେଁ ବ୍ରଜପିଲାଂକୁ ନେଇ ପହଂଚିଲେ । ସୁଦାମା ରାମକୃଷ୍ଣଂକୁ ଦେଖିଲାକ୍ଷଣି ଆଗେ ଗୋଡ଼ତଳେ ପଡ଼ି ପ୍ରଣାମ କଲା । ତାଂକୁ ଖୁବ ଆଦରରେ ପାନ ଖାଇବାକୁ ଦେଇ, ପଚାରିଲା, "ଏ ଗରିବ ଆପଣଂକର କଅଣ କରିବ ବୋଲି ଆପଣମାନେ ଏଠାକୁ ବିରାଜମାନ କଲେ ?

ଶ୍ରୀକୃଷ୍ଣ କହିଲେ, "ଆଉ କିଛି ଲୋଡ଼ା ନାଇ, ଆମକୁ ଟିକିଏ ମାଳ ପିଂଧାଇ ସଜାଇ ଦିଅ ।" ସୁଦାମା ଖୁବ ଆନଂଦରେ ଭଲ ଭଲ ମାଳ ଆଣି ସବୁ ପିଲାଂକୁ ସଜାଇ ଦେଲା । ତା' ପରେ ଶ୍ରୀକୃଷ୍ଣ ତାକୁ ବହୁତ ଧନ ରତ୍ନ ଦେଲେ । ସୁଦାମା କହିଲା, "ମୋର ଧନରତ୍ନ କ'ଣ ହବ ? ଆପଣ ସବୁବେଳେ ମୋ ମନେ ପଡ଼ୁଥିବେ, ମୁଁ ଆପଣଂକ ମନରେ ଥିବି, ଏତିକି ମାତ୍ର ମତେ କଲ୍ୟାଣ କରଂତୁ ।"

ଶ୍ରୀକୃଷ୍ଣ ଖୁବ ଖୁସୀ ହୋଇ, ତାକୁ କଲ୍ୟାଣ କରି, ତା'ଘରୁ ବାହାରକୁ ଆସିଲେ ।

ଲୁଗା ପଟା ପିଂଧା ହୋଇଗଲା । ମାଳ ପଡ଼ିଗଲା, ଆଉ ଦରକାର କ'ଣ ? ଚଂଦନ ହେରିକା କିଛି ବାସନା ଦ୍ରବ୍ୟ ଲଗାଇଲେ ଭଲ ହୁଅଂତା !

ଏହା ଭାବୁ ଭାବୁ ଯାଉ ଯାଉ କୃଷ୍ଣ ଦେଖିଲେ, ଗୋଟିଏ କୁଜୀ ମାଇକିନିଆ, ତିନି ବାଂକରେ ହୋଇ, ହାତରେ ଚଂଦନ ହେରିକା କେତେ ବାସନା ଜିନିଷ ଧରି, ରଜା ଘରକୁ ବାହାରିଚି । କୃଷ୍ଣ ତାକୁ ଦେଖି, ଖୁବ ସରାଗରେ କହିଲେ, "ସୁଂଦରି, ତୁମେ କିଏ ? କାହାପାଇଁ ଏ ବାସନା ପଦାର୍ଥମାନ ନଉଚ ? ଆମକୁ ସବୁ କହ । ତୁମର ଭଲ ହବ ।"

ଏ କଥା ଶୁଣି ସେହି ସୈରିଂଧ୍ରୀ ( ଯେଉଁମାନେ ବାସନା ଦ୍ରବ୍ୟରେ ବ୍ୟବସାୟ କରଂତି ) କୁବ୍‌ଜା କହିଲା, 'ହେ ସୁଂଦର, ମୋ ନା' ତ୍ରିବକ୍ରା; ମୁଁ କଂସ ରାଜାଂକ ଦେହଲଗା ବାସନା ପଦାର୍ଥ ସବୁ ଦିଏ । ମୋ ବାସନା ପଦାର୍ଥରେ ସେ ଖୁବ ଖୁସୀ ହୁଅଂତି । ବାବୁ, ତୁମେ କେଡ଼େ ସୁଂଦର ପିଲା ହୋଇଚ । ତୁମେ ଯେବେ କହିବ, ତୁମ ଦେହରେ ଏ ବାସନା ଜିନିଷ ସବୁ ଦେବି ।"

କୃଷ୍ଣ କହିଲାରୁ ସେ ରାମ କୃଷ୍ଣଂକ ଦେହରେ ସବୁଯାକ ସୁଂଦର କରି ବୋଳିଦେଲା । କୃଷ୍ଣ ଦେହରେ ହଳଦିଆ ଓ ରାମଂକ ଦେହରେ ଉଜ୍ଜଳ ମାଳ ଅଗୁରୁ, ଚଂଦନ ସବୁ ଚିତ୍ର କରିଦେଲା । ନାହିଠାରୁ ଉପରକୁ ଦେହଯାକ ସୁଂଦର-ଚଂଦନଚର୍ଚ୍ଚିତ ହୋଇ ପିଲା ଯୋଡ଼ିକ ଆହୁରି ସୁଂଦର ଦିଶିଲେ; ତଥାପି କୁବ୍‌ଜା ଛାଡ଼ିବାକୁ ନାଇ । ପୁଣି ଦେଖି ଦେଖି ବାସନା ଦ୍ରବ୍ୟମାନ ମିଶାଇ ଦେହଯାକ ଚଂଦନ ଲିପୁଚି ।

ଦେହ ଚିତ୍ର କରିସାରିଲାରୁ ଶ୍ରୀକୃଷ୍ଣ ତାକୁ ବେଶ୍ ପୁରସ୍କାରଟାଏ ଦେଲେ । କୁବ୍‌ଜା ଚିତ୍ର କରିସାରି ତାଂକ ଆଡ଼କୁ ଚାହିଁ ଠିଆ ହୋଇଛି, କୃଷ୍ଣ ଟିକିଏ ଚାହିଁଲେ; ତା'ର ଦୁଇ ଗୋଡ଼ ଧରି, ତାକୁ ତଳେ ପକାଇ ଦେଇ, ପିଠିରେ ଏକ ଚଟା ବସାଇ, ମୁହଁ ଧରି ଉଠାଇ ଦେଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ଠିଆ ହୋଇଥାଂତି, ଭାବୁଛଂତି—ଏ କି କଥା !

ଶ୍ରୀକୃଷ୍ଣ ଛାଡ଼ିଦେଲା କ୍ଷଣି, କୁବ୍‌ଜା ଉଠି, ଠିଆ ହୋଇଗଲା । ଏବେ ଆଉ କୁଜ କାହିଁ ? ଦେହର କୁଣିସି ଠା' ଟିକଏ ହେଲେ, ବଂକା ନାଇ । କୁବ୍‌ଜା ଗୋଟିଏ ଅପ୍‌ସରା ପରି ଦିଶିଲା ।

ଶ୍ରୀକୃଷ୍ଣ ଏହା କରିସାରି, ଚାଲି ଯାଉଥିଲେ; କିଂତୁ କୁବ୍‌ଜା ଛାଡ଼ୁଚି କେତେକେ ? ସେ କୃଷ୍ଣଂକ ଲୁଗା ଧରି ଟାଣିଲା; କହିଲା, "ମତେ ଏତେ ଅନୁଗ୍ରହ କରି ଛାଡ଼ି ଚାଲିଯିବ କି ? ମୁଁ ତୁମକୁ ଛାଡ଼ି, ଆଉ ଦାହ ଧରି ରହିବ କିପରି ? ମୋ ଘରକୁ ଟିକଏ ଆସ । ଟିକଏ ମୋ ଘରେ ବସିଗଲେ, ମୁଁ ସ୍ୱର୍ଗ ଭୋଗ ପାଇବ ?"

ସବୁପିଲାଯାକ ଆଁ କରି ଆଶ୍ଚର୍ଯ୍ୟ ହୋଇ ଚାହିଁଚଂତି । କୃଷ୍ଣ ହସି ହସି କହିଲେ, "ଆଚ୍ଛା, କିଛି ଚିଂତା କର ନାଇ ସୁଂଦରି, ମୁଁ ଏବେ ବଂଧୁ ବାଂଧବମାନଂକ କାର୍ଯ୍ୟ କରିବା ପାଇଁ ଆସିଚି । ସେ କାମ ସରିଲେ ମନକୁ ଯାଇ, ଦିନେ ତମ ଘରେ ହାଜର୍ ହେବ ।"

ଏବେ କୃଷ୍ଣଂକ ପ୍ରତି ଲୋକଂକର ଆଦର କେତେ ବଢ଼ିଗଲାଣି । ବାଟରେ କିଏ ଆଣି ହାତରେ ପାନ ଦଉଚି, କିଏ ଚଂଚ ଦେଉଚି, କିଏ ମୁହଁକୁ ଟିକଏ ଚାହୁଁଚି, କିଏ ଗୋଟିଏ ପ୍ରଣାମ କରୁଚି—କୃଷ୍ଣ ବିଚାରିଲେ, "ଆଚ୍ଛା, ଆଜ ରାତିରେ ଧନୁର୍ଯ୍ୟଜ୍ଞର ଧନୁଟା ତେବେ ଦେଖିକରି ଫେରିବା ।"

ଲୋକଂକୁ ପଚାରିବାରୁ ଲୋକେ ଧନୁଥିବା ଜାଗାଟି ଦେଖାଇ ଦେଲେ । ରାମକୃଷ୍ଣ ଦିହେଁ ଧନୁଘରକୁ ପଶିଗଲେ; ସେ ଧନୁ ଦେଖିବାକୁ ଗୋଟାଏ ଇଂଦ୍ର-ଧନୁ ପରି । ତା' ଦେହରେ କେତେ ମଣି ମୁକ୍ତା ଖଂଜା ହୋଇଚି । କେତେ ଜଗୁଆଳ ତାକୁ ଜଗିଚଂତି । ଯଜ୍ଞରେ ସେ ଧନୁର ପୂଜା ହେଉଚି ।

ରାମକୃଷ୍ଣ ଦିହେଁ ଦେଖି ଦେଖି, ଧନୁପାଖକୁ ଗଲେ । ଜଗୁଆଳମାନେ ମନା କଲେ, ବାଧା ଦେଲେ, କିଂତୁ ଶ୍ରୀକୃଷ୍ଣ କିଛି ନ ମାନି ଭିଡ଼୍ କରି ପଶି ଯାଇ, ଧନୁଟାକୁ ଧରିଲେ ।

ଏବେ ସମସ୍ତେ ଚାହିଁଚଂତି । ହାଣ ଆଖିବାଡ଼ରେ ପଶି ଆଖି ଭାଂଗିଲା ପରି, ଧନୁଟରେ ଗୁଣ ଚଢ଼ାଇବାକୁ ଯାଇ, 'ମଡ଼୍' କରି ଧନୁଟାକୁ ଭାଂଗିଦେଲେ ।

ଜଗୁଆଳ ମାନେ ଭାରି ରାଗିଯାଇ, କୃଷ୍ଣଂକ ପାଖକୁ ମିଶି ଅଇଲେ ।

ଏଣେ ଧନୁ ଭାଂଗିଗଲାବେଳେ ଭାରି ଗୋଟାଏ ଶବ୍ଦ ହେଲା । କଂସ ଶୁଣି ପାଇଲା । ସାଂଗେ ସାଂଗେ କେତେ ଲୋକ ଖଂଡା, ତରବାରି, ଧନୁଶର ଧରି ରାମକୃଷ୍ଣଂକୁ ମାରିବାକୁ ଦଉଡ଼ି ଆସିଲେ । ସମସ୍ତେ ଆସି ରାମକୃଷ୍ଣଂକୁ ଘେରିଗଲେ ।

କୃଷ୍ଣଂକ ହାତେ ତ କିଛି ନାଇ । ସେ ସେଇ ଭଂଗା ଧନୁରୁ ଖଂଡେ ଧରି ଖାଲି ପିଟୁଥାଂତି । ଯେ ଆଗରେ ପଡ଼ିଲା, ତାକୁ ପାହାରେ ! ସେଇ ପାହାରେକେ ସେ ମରି ଶୋଇଚି !

ବଳରାମ ମଧ୍ୟ ଆଉ ଖଂଡେ ଧନୁରେ ପିଟି କେତେ ଲୋକ ମାରିଲେ ।

ଏ ମଧ୍ୟରେ ଖୁବ୍ ଅଂଧାର ହୋଇଗଲା । ସୂର୍ଯ୍ୟ କେତେବେଳୁଁ ବୁଡ଼ି ଗଲେଣି । ରାମକୃଷ୍ଣ ସେ ଲୋକତକ ମାରି ଦେଇ, ସହର ବାହାର ବଗିଚାକୁ ଆସି, ନଂଦ ହେରିକାଂକ ସଂଗେ ସେ ରାତି ରହିଲେ ।

## କଂସ-ବଧ

କୃଷ୍ଣ ସେ ସଂଧ୍ୟାରେ ମଥୁରା ନଗରରେ ଯାହା ଯାହା କଲେ ସେ ସବୁ କଥା ଗୋଟି ଗୋଟି କରି କଂସ ସବୁ ଶୁଣିଲା । ତା' ମନରେ ଏବେ ଦକା ପଶିଗଲା, ତାକୁ ଆଉ ରାତିରେ ନିଦ ନାହିଁ । କେତେବେଳେ ନିଦ ଲାଗିଗଲେ, ବଡ଼ ମଂଦ ସ୍ୱପ୍ନ ଦେଖୁଛି । ସପନରେ କେତେବେଳେ ମରିଯାଇଥିବା ଲୋକେ ତା ସଂଗେ ବୁଲୁଚଂତି । କେତେବେଳେ ଗଧ ଉପରେ ଚଢ଼ି ସେ ଦକ୍ଷିଣ ଆଡ଼କୁ ଯାଉଛି । କେତେବେଳେ ଲଂଗଳା ହୋଇ, ତେଲ ଲଗାଇ; ମଂଦାର ମାଳ ପକାଇ ଗୋଟାଏ ପୁରୁଷ ତା ଆଗରେ ଠିଆ । ନିଦ ଭାଂଗିଯାଏ; ପୁଣି ସେହି ଚିଂତା ।

ଏହିପରି ଚିଂତା କରୁ କରୁ ସେ ରାତି ପାହିଲା । ସୂର୍ଯ୍ୟଦେବ ଟହ ଟହ ତାତିଲା ସୁନାପରି ଥରି ଥରି ପୂର୍ବଆଡ଼େ ବାହାରିଲେ । ସଭାର ଉତ୍ସବ ଆରଂଭ ହୋଇଗଲା । ତୁରୀ, ଭେରୀ ବାଦ୍ୟମାନ ବାଜି ଉଠିଲା । ଯେଉଁ ମଂଚରେ ଦେଖଣାହାରିମାନେ ବସିବେ, ସେ ମଂଚମାନ ମାଳ, ପତାକା, ତୋରଣ ପ୍ରଭୃତିରେ ସଜ୍ଜା ହୋଇଗଲା । ସେ ମଂଚମାନଂକରେ ରାଜାମାନଂକର ଆସନ, ବ୍ରାହ୍ମଣମାନଂକର ଆସନ ସବୁ ଠିକ୍ ହେଲା । କଂସପାଇଁ ଗୋଟାଏ ଉଚ୍ଚ ସିଂହାସନ ସଜଡ଼ାହେଲା ।

ମଂଚ ତଳେ ଅଗଣାରେ ମାଲମାନେ ଯୁଦ୍ଧ କରିବାପାଇଁ ଠିକ୍ ହୋଇ ଠିଆ ହେଲେ । ଏଣେ ତୁରୀ, ଭେରୀ ବାଜୁଥାଏ । ମାଲମାନେ ଆନଂଦରେ ବାହୁରେ ଫୋଟକା ମାରି ବାହା ମୋଡ଼ୁଥାଂତି । ଚାଣୁର, ମୁଷ୍ଟିକ, କୂଟ, ଶଳ, ତୋଶଳ ପ୍ରଭୃତି ବଡ଼ ବଡ଼ ମାଲ ସବୁ ଆସି ପହଂଚଗଲେ ।

ସବୁ ଠିକ୍‌ଠାକ୍ ହୋଇ ଯିବାରୁ ନଂଦ ପ୍ରଭୃତି ଗୋପମାନଂକୁ ଡକା ହେଲା । ସେମାନେ ପହଂଚି, କଂସ ପାଖେ ଉପହାରମାନ ଥୋଇ, ଯେଝା ଆସନରେ ବସିଲେ ।

ସକାଳୁ ବାଇଦ ବାଜବାର ଶୁଣି, ରାମକୃଷ୍ଣ ଦୁହେଁ ମନକୁ ଆସି, ସଭା ଦୁଆରେ ହାଜର । ସଭା ଘର ଦ୍ୱାରରେ କୁବଳୟା ପୀଡ଼ ହାତୀକି ତା'ର ମାହୁଂତ ଅଂବଷ୍ଠ ଧରି, ଦୁଆର ଜଗିଛି ।

ରାମକୃଷ୍ଣ ସଭା ଘରକୁ ପଶିବାକୁ ଗଲାରୁ, ଅଂବଷ୍ଠ ସେ ହାତୀକି କୃଷ୍ଣଂକ ଆଡ଼କୁ ମଡ଼ାଇ ଦେଉଥାଏ । କୃଷ୍ଣ କହିଲେ, "ଅଂବଷ୍ଠ, ଆମମାନଂକୁ ସଭା ଭିତରକୁ ଛାଡ଼ିଦେ । ଦୁଷ୍ଟାମି କର ନା, ମଲ ଓଷୁଅ ବେକରେ ବାଂଧିଚୁ କିଆଁ ?"

ଅଂବଷ୍ଠ ରାଗି ଯାଇ, ହାତୀକି ଅଂକୁଶ ମାରି କୃଷ୍ଣଂକ ଉପରି ଆଡ଼କୁ ମଡ଼ାଇ ଦେଲା । ହାତୀ କୃଷ୍ଣଂକୁ ଥୋଡ଼ପାହାରରେ ଗୁଡ଼ାଇ, ଟେକି ଦେଲା-ବେଳକୁ କୃଷ୍ଣ ଗଳି ପଡ଼ି ହାତୀ ପେଟ ତଳେ ଯାଇଁ ହାଜର୍ । ହାତୀ କୃଷ୍ଣଂକୁ ଧରିବାକୁ ଦରଂଡ ହଉଥାଏ; କିଂତୁ କୃଷ୍ଣଂକୁ ପାଇବ କାହୁଁ ? ଶେଷକୁ ପେଟ ତଳେ ଥୋଡ଼ପାହାର ବୁଲାଇ କୃଷ୍ଣଂକୁ ଓଟାରିଲା ।

କୃଷ୍ଣ ସାଂଗେ ସାଂଗେ ହାତୀ ପିଠି ଆଡ଼କୁ ଖସି ଯାଇ ତା' ଲଂଗୁଡ଼ ଧରି, ଓଟାରି ହାତୀଟାକୁ ପଚିଶ ହାତ ଦୂରକୁ ଛୁଟି ଦେଲେ । ହାତୀ ପୁଣି ଚମକି ଆସିଲା । ଏଥର କୃଷ୍ଣ ତା'ର ଲଂଜ ଧରି, ତାକୁ ଯାଡ଼କ ସିଆଡ଼କ ଖାଲ ଓଟାରୁଥାଂତି । ଶେଷକୁ ହାତୀ ବୁଲପଡ଼ି ମୁହଁ ଦେଖାଇଲା । ସାଂଗେ ସାଂଗେ ତାମୁହଁ ଉପରେ ଏକ ମୁଥ । ହାତୀ ଗୋଡ଼ାଇଲା, କୃଷ୍ଣ ଏଣେ ତେଣେ ପଳାଇଲେ । କୃଷ୍ଣ ଦଉଡ଼ୁ ଦଉଡ଼ୁ ଗୋଟାଏ ଖାଲ ଭିତରେ ପଡ଼ିଗଲେ । ହାତୀ ଟିକିଏ ତଳକୁ ଚଢ଼ିଯାଇ, କୃଷ୍ଣଂକୁ ନ ପାଇ, ରାଗରେ ମାଟି ଖୋଳି ପକାଇଲା ।

ଶେଷକୁ ଭାରି ରାଗିଯାଇ, କୃଷ୍ଣଂକ ପାଖରେ ଆସି ପହଂଚିଗଲା । କୃଷ୍ଣ ତା'ର ଥୋଡ଼ପାହାର ଧରି, ତାକୁ ଧୁମ୍ କରି ତଳେ ପକାଇ ଦେଇ, ତା ଉପରେ ଠିଆ ହୋଇଯାଇ ଦୁ' ହାତରେ ତା' ଦାଂତ ଯୋଡ଼ାଯାକ ଉପାଡ଼ି ଦେଲେ । ଏବେ ଶ୍ରୀକୃଷ୍ଣଂକ ହାତରେ ହାତୀଦାଂତ ପଡ଼ିଗଲା । ଆଉ କି ରକ୍ଷା ଅଛି ! ସେଇ ଦାଂତରେ ପିଟି ପିଟି ହାତୀ ଓ ଅଂବଷ୍ଠ ଦୁହଁଙ୍କ ମୁହୂର୍ତ୍ତକ ଭିତରେ ନିକାସ୍ କରି ଦେଲେ ।

ଏବେ ସେଇ ହାତୀଦାଂତ ଧରି, ଦୁହେଁ ସଭା ଦୁଆରେ ପହଂଚିଲେ । ସମସ୍ତେ ଦେଖିଲେ କୃଷ୍ଣଂକ ମୁହଁରେ ଟିଂକୁ ଟିଂକୁ ଝାଳ ଲାଗିଛି । ତାର ପରି କାଂଧରେ ହାତୀଦାଂତ ପକାଇ, କୃଷ୍ଣ ଆସି ପହଂଚିଗଲେ । ସାଂଗରେ ବଳଦେବ, ଶ୍ରୀଦାମ ପ୍ରଭୃତି ଆଉ ଆଉ ଗଉଡ଼ପିଲେ ବି ଅଛଂତି ।

କଂସ ଭାରି ନିର୍ଭୟ ଓ ଗର୍ବୀ । ଏବେ କିଂତୁ ତା'ର ଆଉ ସେ ଗର୍ବ ନାହିଁ । ମଂଚ ଉପରୁ କଏ କେତେ ପ୍ରକାର ଭଂଗିରେ କୃଷ୍ଣଂକୁ ଦେଖି, କଥା କହୁଥାଂତି । କଏ କେତେ ପ୍ରଶଂସା କରୁଥାଏ; କିଂତୁ କଂସକୁ ସେ କଥା ବିଷପରି ଲାଗୁଥାଏ ।

କଂସପକ୍ଷ ଲୋକେ ସେ କଥା ଶୁଣି ରାଗରେ ଗରଗର ହେଲେଣି । ଏବେ ବଡ଼ ମାଲ ଚାଣୁର, ଶ୍ରୀକୃଷ୍ଣ ଓ ଶ୍ରୀଦାମଂକୁ ଡାକି କହିଲା, "ଆପଣମାନେ ଭାରି ଯୁଦ୍ଧ କୌଶଳ ଜାଣିଲେଣି । ସେଇ ଯୁଦ୍ଧ କୌଶଳ ଦେଖିବା ପାଇଁ କଂସ ରାଜା ଆପଣମାନଂକୁ ଡକାଇଛଂତି । ଆପଣମାନେ ଯୁଦ୍ଧ କୌଶଳ ଦେଖାଇଲେ, ରାଜା ବଡ଼ ଖୁସୀ ହେବେ । ଆମେ ତ ଶୁଣିଛୁ, ଗାଈ ଚରାଇଲା ବେଳେ ବଣ ଭିତରେ ଗଉଡ଼ ପିଲଂକ ସଂଗେ କେତେ ଲଢ଼ଂତି; କେତେ ଯୁଦ୍ଧ ଦେଖାଂତି । ଏବେ ଆସ ଆପଣମାନଂକ ସାଂଗେ ଆମେ ଏବେ ଲଢ଼ିବା—ରାଜାଂକୁ ଖୁସୀ କରିବା ।"

ଶ୍ରୀକୃଷ୍ଣ କହିଲେ, "ଚାଣୁର, ତୁମେମାନେ ମାଲ, କଂସ ରାଜାଂକର ସେନାପତି । ସହରରେ ରହି ସଭ୍ୟ ହୋଇଛ । ଆମେ ରାଜାଂକ ପ୍ରଜା; ବଣୁଆ ଲୋକ;— ରାଜା ସେ ତମମାନଂକ ସଂଗେ ଆମକୁ ଲଢ଼ାଇବାକୁ ମନ କରିଛଂତି, ଏ ତ ରାଜାଂକ ଅନୁଗ୍ରହ; କିଂତୁ ଆମେମାନେ ବାଳକ । ଆମରି ପରି ବାଳକମାନଂକୁ ଡାକ, ଆମ ସଂଗେ ଲଢ଼ାଇଲେ ନ୍ୟାୟ ହେବ ।"

ଚାଣୁର କହିଲା, "ଆପଣ ବାଳକ ନୁହଂତି । ଆପଣଂକ ଭାଇ ବଳଦେବ ତ ଖାଣ୍ଟି ମାଲ । ଆପଣ ତ କୁବଳୟା ପୀଡ଼ ହାତୀକି ହାତରେ ମାରି ଆସିଛଂତି । ଆମ ସଂଗେ ଆପଣମାନଂକୁ ଲଢ଼ିବାକୁ ହେବ । ଆପଣ ମୋ ସାଂଗେ ଲଢ଼ିବେ, ଆଉ ବଳଦେବ ମୁଷ୍ଟିକ ସାଂଗେ ଲଢ଼ିବେ ।"

ରହୁଁ ରହୁଁ କୃଷ୍ଣ,ବଳରାମ ତିଆରି ହୋଇଗଲେ । ମାଲ ଲଢ଼େଇ ଲାଗିଗଲା । ହାତକୁ ହାତ, ଗୋଡ଼କୁ ଗୋଡ଼ ସମାନ ରଖି, କଏ କେତେ ପ୍ରକାର ବୁଲି ଯାଉଥାଂତି । ଧରାଧରିହୋଇ ଜଂଘରେ ଜଂଘ,ମୁଂଡରେ ମୁଂଡ ଛାତିରେ ଛାତି ଭଡ଼ାଭଡ଼ି ହୋଇ ପୁଣି ଖସିଯାଉ-ଥାଂତି । କେତେବେଳେ ଉପରକୁ ଡେଇଁ ପଡ଼ୁଥାଂତି, କେତେବେଳେ ତଳେ ପଡ଼ୁଥାଂତି । କେତେବେଳେ ଆଗ ଆଡ଼େ, କେତେବେଳେ ପଛକୁ ବୁଲୁଥାଂତି । ଏହିପରି ଭାରି କୌଶଳରେ ଲଢ଼େଇ ଚାଲିଲା ।

କଏ କାହାକୁ ପକାଇ ଦେଇ, ହାତ, ଗୋଡ଼ ଧରି ଦୂରକୁ ଫିଂଗି ଦଉଥାଏ । କେତେବେଳେ ବାହା ଧରି ଠେକି ଛିଡ଼ାକରି ବୁଲାଇ ଦଉଥାଏ, ସମସ୍ତେ କେତେ ଆଗ୍ରହରେ ଚାହିଁଥାଂତି । କେହି କେହି କହିଲେ, "ପିଲା

ଦୁର୍ଭିକ୍ଷିଂକ ସଂଗେ ଯୋଡ଼ାଏ ମାଲ ଲାଗିଚଂତି; ଏତେଲୋକ ଏ ଅନ୍ୟାୟ ଯୁଦ୍ଧ ଦେଖୁଚଂତି, କେହି କିଛି କହୁ ନାହାଂନ୍ତି । ଏଥିରେ ଆଉ ଧର୍ମ ରହିବ ନାହିଁ । ବସୁଦେବ, ଦେବକୀ ଏହା ଶୁଣି ବଡ଼ କାତର ହୋଇଗଲେ; କିଂତୁ ଯୁଦ୍ଧ ଲାଗିଥାଏ । ବଜ୍ର ପରି କୃଷ୍ଣଂକ ଦେହଲାଗି ଚାଣୂରର ବଳ ଖସି ଆସିଲାଣି । ଥରେ ତାହାର ମୋହ ହୋଇଗଲା । ମୋହରୁ ଉଠି ରାଗରେ କୃଷ୍ଣଂକୁ ଆସି ମାଡ଼ ବସିଲା ।

କୃଷ୍ଣ ତାକୁ ଉପରକୁ ଟେକ ଦେଇ ବୁଲାଇ ବୁଲାଇ ଛେଚ ଦେଲେ । ବଳଦେବ ସେହିପରି ଶେଷକୁ ମୁଷ୍ଟିକକୁ ଏକ ବ୍ରହ୍ମଚାପୁଡ଼ା ଦେଲେ । ମୁଷ୍ଟିକ ଭକ୍‌ଭକ୍ ରକ୍ତ ବାଂତି କରି ପକାଇ ତଳେ ପଡ଼ିଗଲା । ଏହିଁ ମରିଯିବାରୁ କୂଟ, ଶଳ, ତୋଶଳ ପ୍ରଭୃତି ବଡ଼ ବଡ଼ ମାଲମାନେ ଆସି ରାମକୃଷ୍ଣଂକୁ ଘେରିଲେ । ବଳରାମ ଡେବରି ହାତରେ ଚାପୁଡ଼େ ମାରି କୂଟକୁ ଶେଷ କଲେ । ଶ୍ରୀକୃଷ୍ଣ ଏକା ଗୋଇଠାକେ ଶଳ, ତୋଶଳଂକୁ ନିପାତ୍ କଲେ । ଆଉ ଆଉ ମାଲମାନେ ଏହା ଦେଖି ପ୍ରାଣ ଭୟରେ ପଳାଇଲେ ।

ଦେଖଣାହାରିମାନେ ତାଜବ୍ ହୋଇ ରହିଁଥାଂନ୍ତି । କଂସ ବାଇଦକାରିଆମାନଂକୁ ବାଇଦ ବଂଦ କରିବାକୁ କହି, ତା ପରେ ବଡ଼ ପାଟି କରି କହିଲା, "ଦେଖ ଏ ବସୁଦେବ ପୁଅଯୋଡ଼ାକ କି ଧୂର୍ତ୍ତ ! କି ଦୁଷ୍ଟ ! ଏମାଂକୁ ବେଗେ ଧକ୍‌କା ଦେଇ, ଏ ରାଜପୁରରୁ ବାହାର କର । ଏଇ ଗଉଡ଼ ଗୁଡାକ ମତେ ମାରିବେ ବୋଲି ତାଂକୁ ଲୁଚାଇ କରି ପାଳିଚଂନ୍ତି । ଗଉଡ଼ଂକ ଘର ସବୁ ଲୁଟି କର । ଗଉଡ଼ ରାଜା ନଂଦକୁ କଇଦ କର । ବସୁଦେବକୁ ଆଣି ମୋର ଆଗରେ ହାଣ । ଉଗ୍ରସେନ ମୋ' ବାପ ହେଲେ କ'ଣ ହବ ସେ ଭିତରେ ଭିତରେ ଏଇ କୃଷ୍ଣର ଦଳରେ ଥାଂନ୍ତି । ତାଂକୁ ବେଗେ ମାର ।"

କୃଷ୍ଣ ଏହା ଶୁଣି, ମନେ ମନେ ରାଗିଗଲେ । ରହୁଁ ରହୁଁ ପିଲେ ଖେଳିଲା ପରି, ଡେଇଁ ଡେଇଁ ମଂଚା ଉପରେ ଉଠି, କଂସ ସିଂହାସନ ଉପରକୁ ଚଢ଼ିଲେ ।

କଂସ ଏହା ଦେଖି ଠିଆ ହୋଇ ଯାଇ, ଖଂଡା କାଢ଼ି ଦେଲା । କୃଷ୍ଣ ତା' ଆଗେ ଠିଆ ହୋଇ, କେତେବେଳଯାଏ ଏପାଖ ସେପାଖ ହେଲେ, ଭଣଜା ମାମୁଁ ପାଖେ ଅଳ୍ପ କଲା ପରି ଆଗ ମୁଂଡକୁ ହାତ ବଢ଼ାଇ, ତା' ମୁକୁଟଟି ଫିଂଗି ଦେଲେ । ତା' ଉତାରୁ କୌଶଳରେ ଗୋଡ଼ ମାରି ଦବାରୁ କଂସ ମଂଚା ଉପରୁ ଧୁମ୍ କରି ତଳେ ପଡ଼ିଲା । ସତେ ମାମୁଁ ପଡ଼ିଗଲେ ଭଣଜା ବ୍ୟାକୁଳ ହେଲା ପରି 'ଆହା ! ମୋ ମାମୁ ପଡ଼ିଗଲା' ବୋଲି କୃଷ୍ଣ ବେଗା ଉପରେ ପାହାଡ଼ ପଡ଼ିଲା ପରି କଂସଉପରେ ପଡ଼ିଗଲେ । କଂସ ତଳେ ପଡ଼ିଲା, କୃଷ୍ଣ ତା' ଉପରେ ପଡ଼ିଲେ । ସେତିକିରେ କଂସ ଶେଷ ।

ସବୁଆଡ଼େ ଚହଳ ପଡ଼ିଗଲା । କଂକ ନ୍ୟଗ୍ରୋଧ ପ୍ରଭୃତି କଂସର ଆଠ ଭାଇ, ରାଗ ହୋଇ ଅସ୍ତ୍ର ଶସ୍ତ୍ର ଘେନି, କୃଷ୍ଣଂକୁ ମାରିବାକୁ ଧାଇଁଲେ; କିଂତୁ ସେମାନେ ବା କୃଷ୍ଣଂକ ପାଖେ ଆଉ କେତେ ? ରହୁଁ ରହୁଁ ସବଂଶରେ କଂସ ଏବେ ନିପାତ !

---

### କଂସ ମଲା ଉତ୍ତାରୁ

## ଶ୍ରୀକୃଷ୍ଣ ମଥୁରାରେ କ'ଣ କଲେ

କଂସ ମରିଯିବାରୁ ତା'ର ରାଣୀମାନେ ଶୁଣା ପାଇ, ଆସି ଶବ ପାଖେ ପଡ଼ିଂରି ବ୍ୟାକୁଳ ହୋଇ ଭୂମିରେ

ପଡ଼ିଗଲେ । ତା’ ଉପରୁ ଉଠି, ମୁଣ୍ଡରେ ହାତମାରି କେତେ ଗୁଣ ବାହୁନି କାନ୍ଦିଲେ । କାନ୍ଦିଲାବେଳେ କେହି କେହି କହିଲେ, “କେତେ ନିର୍ଦ୍ଦୋଷ ଲୋକଙ୍କୁ କେତେ ପୀଡ଼ା ଦେଲ, ସେହି ପାପରୁ କି’ଣ ଏ ଦୁର୍ଦ୍ଦଶା ହେଲା ?”

କୃଷ୍ଣ ସେଠାରୁ ଆସି, ମାଇଁମାନଙ୍କୁ କେତେ ବୁଝାଇଲେ । କହିଲେ, “ମରିବା ବଞ୍ଚିବା, କାହା ହାତରେ ନାଇ । ଏ ସଂସାରରେ ଯେ ଯେପରି କର୍ମ କରିବ, ସେ ସେପରି ଫଳ ପାଇବ । ଆଉ ଦୁଃଖ କରି କଣ ହେବ ?”

ଏହିପରି ବୁଝାଇସୁଝାଇ ସେମାନଙ୍କୁ ଟିକଏ ଥଂଡାକରି କଂସ ଆଉ ତା ଭାଇମାନଙ୍କ ଶବଦାହ ପ୍ରଭୃତି କାର୍ଯ୍ୟ ରାଜ-ବିଧିରେ କରାଇଲେ ।

ବସୁଦେବ, ଦେବକୀ ହାତବେଡ଼ି, ଗୋଡ଼ବେଡ଼ି ପଡ଼ି, କଇଦାରେ ଥିଲେ । ସେମାନେ ସେହିପରି ବେଡ଼ି ପିନ୍ଧି ମଂଚା ଉପରେ ବସି, ଲଢ଼ାଇ ଦେଖୁଥିଲେ । କୃଷ୍ଣ, ବଳରାମ ଯାଇ, ସେ ଦୁହିଁଙ୍କୁ ଫିଟାଇ ଦେଲେ । ଫିଟାଇ ଦେଲାବେଳେ, ସେମାନେ ରାମକୃଷ୍ଣଙ୍କୁ ଆଉ ପୁଅ ବୋଲି ଭାବି ପାରିଲେ ନାଇ । ସେମାନଙ୍କର ଏତେ ଆନନ୍ଦ ହେଲା ଯେ, ସେମାନେ ତାଙ୍କୁ ନିଜେ ମୁକ୍ତିଦାତା ଭଗବାନ୍ ବୋଲି ଭାବି ସ୍ତୁତି କଲେ । ତହୁଁ କୃଷ୍ଣ କହିଲେ, ‘ଆମର ବାପ ମା, ତମେ । ଏହି କଂସ ଯୋଗେ ଆମକୁ ପିଲାଦିନେ ପାଳି ପାରିନାହଁ; କିନ୍ତୁ ସବୁବେଳେ ଆମରି କଥା ଭାବି ଭାବି ପ୍ରାଣ ଧରିଛ । ଆମର ଦୁର୍ଭାଗ୍ୟ, ଆମେ ପିଲାଦିନେ ଆପଣମାନଙ୍କ ପାଖେ ରହି ଆପଣା ବାପ ମା’ ପାଳିଲେ କିପରି ସୁଖ ହୁଏ, ଜାଣିନାହୁଁ; କିନ୍ତୁ ଏ ଦେହ ଜନ୍ମ ଦେଇଛ ତୁମେମାନେ, କିପରି ସେବା କରି ଆମେ ତୁମକୁ ସନ୍ତୋଷ କରିବୁଁ । ପୁଅ ହୋଇ ଯେ ବାପ ମା’ଙ୍କର ସେବା ନକଲା, ସେ ମରି, ପ୍ରେତଲୋକକୁ ଗଲେ ମଧ୍ୟ, ସେଠାରେ ନରକ ଦୁଃଖ ପାଏ । ଏ ସଂସାରରେ ପୁଅ ହୋଇ ଜନ୍ମ ହେଲେ, ବାପ, ମା, କୁଳବୃଦ୍ଧ, ଭାର୍ଯ୍ୟା, ପୁଅ, ଗୁରୁ, ଭିକ୍ଷୁକ, ଓ ଆଶ୍ରିତ ଲୋକମାନଙ୍କୁ ସନ୍ତୋଷ କରିବା ଉଚିତ । ତା’ ନକଲେ ପୁଅ ବଂଚି ଯାହା, ମରିବା ବି ସେଇଆ । ଏତେଦିନ କଂସ ତୁମକୁ ଦୁଃଖ ଦେଲା, ଆମେମାନେ କିଛି କରିପାରି ନ ଥିଲୁ ବୋଲି, ମନ ଧାଂଟି ହେଉଥାଏ । ଆମ ପିଲା ଦିନ ବୃଥା ଗଲା । ତମ ସେବା କରି ପାରିଲୁ ନାଇ । ଆମର ବା କି ଦୋଷ ଥିଲା ? ଆପଣମାନେ ଏବେ ସନ୍ତୋଷ ହୁଅନ୍ତୁ । ଆମକୁ କ୍ଷମା କରନ୍ତୁ ।”

ଏହା ଶୁଣି, ବସୁଦେବ ଦେବକୀଙ୍କ ଆଖି ଛଳଛଳ ହୋଇ, ତଳେ ଲୁହ ପଡ଼ିଗଲା । ରାମକୃଷ୍ଣଙ୍କୁ କୁଣ୍ଢାଇ ପକାଇ, ସେ ଆନନ୍ଦରେ କାନ୍ଦିଲେ ।

ତା’ ଉପରୁ ଶ୍ରୀକୃଷ୍ଣ ଆପଣାର ଅଜା କଂସର ବାପ ଉଗ୍ରସେନଙ୍କୁ ଯାଦବଙ୍କର ରାଜା କରି ପୁଣି ସିଂହାସନରେ ବସାଇଲେ । ତାଙ୍କୁ ମଧ୍ୟ କଂସ ବନ୍ଦୀ କରିଥିଲା । ବନ୍ଦୀଶାଳାରୁ ଫିଟାଇ ଆଣି, ସମସ୍ତଙ୍କ ଆଗେ କୃଷ୍ଣ କହିଲେ, “ଆପଣ ଆଜିଠାରୁ ରାଜା ହେଲେ, ଆମେମାନେ ପ୍ରଜା ହେଲୁ । ଆପଣଙ୍କ ଆଜ୍ଞା ଅନୁସାରେ ରାଜ୍ୟ ଚଳିବ ।”

କଂସ ଭୟରେ ଯେଉଁସବୁ ଜ୍ଞାତିକୁଟୁମ୍ବ ଏଣେ ତେଣେ ବିଦେଶକୁ ପଳାଇଥିଲେ, କୃଷ୍ଣ ବୁଝିସୁଝି ସମସ୍ତଙ୍କୁ ମଥୁରାକୁ ଡାକି ଆଣିଲେ । ଯାଦବ, ବୃଷ୍ଣି, ଅନ୍ଧକ, ମଧୁ, ଦଶାର୍ହ ଓ କୁକୁର ବଂଶର ସମସ୍ତେ ମଥୁରାକୁ ଆସି ଯେଝା ଘରେ ରହିଲେ । ଶ୍ରୀକୃଷ୍ଣ ଆଦର କରି ସମସ୍ତଙ୍କୁ ସନ୍ତୋଷ କଲେ ।

ରାମକୃଷ୍ଣଙ୍କୁ ପାଇ, ସମସ୍ତେ ହର୍ଷିତ ହୋଇଗଲେ । ମନ ଖୁସି ହବାରୁ, ସମସ୍ତଙ୍କର ପୁଣି ବଳ ଆସିଗଲା, ଦମ୍ଭ ହୋଇଗଲା, ମଥୁରାଯାକ ଆନନ୍ଦ ଲୀଳା ଲାଗିଲା ।

ନନ୍ଦରାଜା ନିମନ୍ତ୍ରଣରେ ମଥୁରାକୁ ଯାଇଥିଲେ । ରାମ ଓ କୃଷ୍ଣ ଏବେ ସେଠି ନନ୍ଦଙ୍କ ପାଖକୁ ଆସି ତାଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇ କହିଲେ, "ବାପା, ତୁମେ ଆମକୁ ଜନ୍ମକରି ନଥିଲ, କିନ୍ତୁ ଏହା କେହି ଜାଣି ପାରି ନାହାନ୍ତି । ତୁମେ ପୁଅ ପରି ଆମକୁ ପାଳିଚ, ତୁମେ ଜନ୍ମ କଲାଠାରୁ ବଡ଼ ! ଅଧିକ ସ୍ନେହ କରିଚ । ଆଉ ତୁମକୁ କ'ଣ ଅଧିକ କହିବୁଁ । ଆପଣମାନେ ଏବେ ବ୍ରଜକୁ ଯାନ୍ତୁ । ସେଠାରେ ମା' ଯଶୋଦା, ଆଉ ଆଉ ଜ୍ଞାତି କୁଟୁମ୍ବମାନେ କେତେ ବ୍ୟାକୁଳ ହେଉଥିବେ । ଆମେ ଏଠାରେ କିଛିଦିନ ସବୁ ଠିକଠାକ୍ କରି, ପୁଣି ଯିବୁ ବୋଲି କହି, ସମସ୍ତଙ୍କୁ ସନ୍ତୋଷ କରିବେ ।"

ଏହା କହି ପରେ ତାଙ୍କୁ ଲୁଗାପଟା, ଅଳଙ୍କାର ଦେଇ, ସେମାନଙ୍କୁ ବ୍ରଜକୁ ବିଦାୟ ଦେଲେ । ବିଦାୟ ହେଇ ଆସିଲାବେଳେ ନନ୍ଦ ରାମକୃଷ୍ଣଙ୍କୁ କୁଣ୍ଢାଇ କାନ୍ଦୁଥାନ୍ତି, ଆଉ ଛାଡ଼ିପାରୁ ନ ଥାନ୍ତି । ଶେଷକୁ ବହୁ କଷ୍ଟରେ ଛାଡ଼ି କାନ୍ଦି କାନ୍ଦି ବ୍ରଜଆଡ଼କୁ ଚାଲିଲେ ।

---

## ଗୁରୁଗୃହ ବାସ

ଏତେଦିନ ପରେ ଏବେ ରାମକୃଷ୍ଣ ବସୁଦେବଙ୍କ ଘରେ ରହିଲେ । ସେ କ୍ଷତ୍ରିୟ ପିଲା । କ୍ଷତ୍ରିୟମାନଙ୍କ ବ୍ରତ-ବିଧିରେ ବସୁଦେବ ଦି'ପୁଅଙ୍କୁ ବଡ଼ୁ ପ୍ରଭୃତି କରାଇଦେଲେ । ରାମକୃଷ୍ଣଙ୍କ ପାଇଁ ସେ କେତେ କଥା ଯାଚିଥିଲେ, କେତେ ମାନସ କରିଥିଲେ, ସେ ସବୁ କଥା, ଆଉ ଆଉ କେତେ ଦାନ, ପୁଣ୍ୟ ପ୍ରଭୃତି ହୋଇଗଲା ।

ପରେ କୁଳ-ପୁରୋହିତ ଗର୍ଗ ରାମକୃଷ୍ଣଙ୍କର ପାଠପଢ଼ା ବ୍ୟବସ୍ଥା କଲେ । ଅବନ୍ତୀପୁରର ସାନ୍ଦୀପନି ଋଷି ଶିକ୍ଷାଗୁରୁ ଠିକ୍ ହେଲେ । ଶ୍ରୀରାମ ଓ ଶ୍ରୀକୃଷ୍ଣ ଯାଇ ତାଙ୍କ ଆଶ୍ରମରେ ରହିଲେ ।

ସେକାଳେ ବିଧି ଥିଲା, ସାତବର୍ଷ ପରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ପିଲାମାନେ ବ୍ରତହୋଇ, ଗୁରୁଙ୍କଘରେ ଯାଇ,ରହି ପାଠପଢ଼ୁଥିଲେ । ଗୁରୁଙ୍କର ସେବାକରିବା, ଗୁରୁଙ୍କର ଯାହା ଦରକାର ତାହାସବୁ ଆଣିଦବା, ଗୁରୁଙ୍କର ସବୁପ୍ରକାର ଘରକାମ କରିବା ସେକାଳେ ପାଠ ପଢ଼ା ଭିତରେ ଧରା ଯାଉଥିଲା । ଗୃହବାସ, ଗାଈ ଜଗିବାଠାରୁ ଘରଝୋଳା, କାଠହଣା, ପାଣିବୁହା ପର୍ଯ୍ୟନ୍ତ ସବୁଶିଷ୍ୟମାନେ ଗୁରୁଗୃହରେ ରହି ଶିଖୁଥିଲେ ।

ଏବେ ରାମକୃଷ୍ଣ ସେହିପରି ଗୁରୁଗୃହ ବାସ କରିବା ପାଇଁ, ସାନ୍ଦୀପନିଙ୍କ ପାଖେ ପହଞ୍ଚିଲେ ।

ସାନ୍ଦୀପନି ତାଙ୍କୁ ରଖିଲେ । କ୍ରମେ ବେଦ,ସଂହିତା, ଉପନିଷଦ ପ୍ରଭୃତି ସବୁ ପଢ଼ାଇଲେ । ମନୁ ପ୍ରଭୃତି ସ୍ମୃତିଶାସ୍ତ୍ର, ମୀମାଂସା ପ୍ରଭୃତି ଦର୍ଶନଶାସ୍ତ୍ର, ଯୁଦ୍ଧବିଦ୍ୟା, ସନ୍ଧି ବିଗ୍ରହ, ଯାନ, ଆସନ, ଦ୍ୱୈଧ ଓ ଆଶ୍ରୟ, ଏହି ଛ'ପ୍ରକାର ରାଜନୀତି ରାମକୃଷ୍ଣଙ୍କୁ ଶିକ୍ଷା ଦେଲେ । ସେମାନଙ୍କର ରୂପ, ଗୁଣ, ସେବା ଦେଖି, ସାନ୍ଦୀପନି ଭାରି ସନ୍ତୋଷ ହେଲେ ।

ପାଠପଢ଼ା ସରିଲେ, ସେକାଳେ ଗୁରୁଙ୍କୁ ଦକ୍ଷିଣା ଦେଇ ଆସିବାକୁ ହେଉଥିଲା । ଯେଝା ବଳକୁ ଚାହିଁ, ସେ ଦକ୍ଷିଣା ଦଅନ୍ତି ।

ରାମକୃଷ୍ଣଙ୍କର ପଢ଼ା ସରିଲା । ସେମାନେ ଦକ୍ଷିଣା ଦବାକୁ କହିଲେ । କିନ୍ତୁ ଗୁରୁ ସେମାନଙ୍କ ଉପରେ ଏତେ ସନ୍ତୋଷ ହୋଇଥିଲେ ଯେ ସେ କିଛି ଦକ୍ଷିଣା ନେବେ ନାହିଁ ବୋଲି କହିଲେ ।

ରାମକୃଷ୍ଣ କିନ୍ତୁ ବସି ରହିବେ କିପରି ? ସେମାନେ ଗୁରୁଙ୍କୁ ଦକ୍ଷିଣା ନେବାପାଇଁ କହିଲେ । ଶେଷକୁ ସଂଦୀପନ ଆପଣା ଭାର୍ଯ୍ୟା ସଙ୍ଗେ ବିଚାର କରି କହିଲେ, "ଆହେ ରାମକୃଷ୍ଣ, ଯେବେ ଦକ୍ଷିଣା ଦେବାକୁ ମନ କରୁଛ, ତେବେ ଗୋଟିଏ କଥା କହିବି; ତୁମମାନଙ୍କର କାର୍ଯ୍ୟ ବଡ଼ ଅଦ୍ଭୁତ । ତୁମେମାନେ ସେ କଥା କରି ପାରିବ ? ତୀର୍ଥ ସ୍ନାନ କରିବା ପାଇଁ ଥରେ ଆମେ ପ୍ରଭାସକୁ ଯାଇଥିଲୁ, ସ୍ନାନ କଲାବେଳେ ଆମ ପୁଅଟି ସେଠାରେ ସମୁଦ୍ରରେ ବୁଡ଼ି ମରିଛି । ସେହିଦିନଠାରୁ ଅପୁତ୍ରକ ହୋଇ ଆମେ ସଂସାରରେ ଅଛୁ । ଯେବେ ନିତାନ୍ତ ଦକ୍ଷିଣା ଦେବାକୁ ତୁମ ମନ ହେଉଛି, ତେବେ ସେହି ପୁଅଟିକି ଯମପୁରରୁ ଆଣି ଦିଅ ।"

ଏହା ଶୁଣି ରାମକୃଷ୍ଣ ଦୁହେଁ ରଥ ଚଢ଼ି ପ୍ରଭାସକୁ ଗଲେ । ସେଠାରେ ସମୁଦ୍ରକୁ ସ୍ମରଣ କଲାରୁ ସମୁଦ୍ର ଦେବତା ଆସି ପହଞ୍ଚିଲେ । ସମୁଦ୍ର ରାମ କୃଷ୍ଣଙ୍କଠାରୁ ଏ ସବୁ କଥା ଶୁଣି, କହିଲେ, "ଶ୍ରୀକୃଷ୍ଣ, ସଂଦୀପନଙ୍କ ପୁଅକୁ ମୁଁ ନେଇ ନାହିଁ । ମୋ ଭିତରେ ଶଙ୍ଖରୂପ ହୋଇ ଗୋଟିଏ ଅସୁର ଅଛି । ସେଇ ବ୍ରାହ୍ମଣ ପୁଅକୁ ନେଇଯାଇଛି ।"

ଏହାଶୁଣି ଶ୍ରୀକୃଷ୍ଣ ସମୁଦ୍ର ଭିତରେ ପଶି, ଶଙ୍ଖକୁ ମାରି ତା'ପେଟ ଦେଖିଲେ । ସେଠାରେ ବ୍ରାହ୍ମଣ ପୁଅକୁ ନ ଦେଖି ମହାଶଙ୍ଖ ହାତରେ ଧରି କୂଳକୁ ଆସିଲେ ।

ତା'ପରେ କୃଷ୍ଣ ବଳରାମ ଦୁହେଁ ଯମପୁରେ ପହଞ୍ଚି ସେହି ଶଙ୍ଖକୁ ବଜାଇଲେ । ଯମ ଆସି, ହାତ ଯୋଡ଼ି ଠିଆ ହୋଇ ପଚାରିଲେ, "ଆପଣମାନେ କାହିଁକି ଆସିଲେ ? ମୁଁ ଆପଣମାନଙ୍କର କଅଣ କାମ କରିବି କହନ୍ତୁ ।"

ଶ୍ରୀକୃଷ୍ଣ କହିଲେ, "ଯମରାଜ, ତୁମେ ମୋ ଗୁରୁ-ପୁତ୍ରଙ୍କୁ ଆଣିଛ । ସେଥିରେ ତୁମର ଅବଶ୍ୟ ଦୋଷ ନାହିଁ; କିନ୍ତୁ ଆମେ ଏବେ କହୁଛୁ, ସେ ଗୁରୁପୁତ୍ରଙ୍କୁ ଏଠାକୁ ଆଣ ।"

ଯମ ଗୁରୁ-ପୁତ୍ରକୁ ଆଣି ପହଞ୍ଚିବାରୁ ରାମ କୃଷ୍ଣ ସେ ପୁଅକୁ ଘେନି ଘ'ରେ ଆସି, ଗୁରୁଙ୍କ ଆଗେ ପ୍ରଣାମ କରି କହିଲେ, 'ଗୁରୁଦେବ, ଏଇ ଆପଣଙ୍କ ପୁଅକୁ ନିଅନ୍ତୁ । ଏଇ ସାମାନ୍ୟ ଦକ୍ଷିଣାମାତ୍ର ଦେଲୁ । ଆପଣ ତ ଆଉ କିଛି ନେଲେ ନାହିଁ । ଆପଣ ଯେଉଁ ବିଦ୍ୟା ଦାନ କରିଛନ୍ତି, ସେଥିପାଇଁ ଏ ଦକ୍ଷିଣା କିଛି ନୁହେଁ । ଆଉ କ'ଣ ମାଗିବେ—ମାଗନ୍ତୁ ।"

ଗୁରୁ କହିଲେ, "ବାବୁ ରାମ କୃଷ୍ଣ, ତୁମେ ଯେ ଦକ୍ଷିଣା ଆଜି ମୋତେ ଦେଲ, ସେଥିରେ ମୁଁ ତୁମର ମହିମା ବେଶ୍ ବୁଝିଛି । ଆଉ ମୋର ଦକ୍ଷିଣା ଦରକାର ନାହିଁ । ଏ ଦକ୍ଷିଣା ମୋର ବହୁତ ହେଲା । ଏବେ ଘରକୁ ଯାଅ, ପୃଥିବୀରେ ତୁମର ଯଶ ରହୁ ।"

ରାମ କୃଷ୍ଣ ଦୁହେଁ ବିଦାୟ ଘେନି ପୁଣି ମଥୁରାରେ ଆସି ପହଞ୍ଚିଲେ । ବସୁଦେବ, ଦେବକୀ ଓ ମଥୁରାର ଲୋକେ ତାଙ୍କୁ ପୁଣି ଫେରି ଆସିବାର ଦେଖି, କିପରି ଖୁସି ହୋଇଥିବେ, ତା' ଆଉ କହିବା ଦରକାର ନାହିଁ ।

## କୃଷ୍ଣ ଉଦ୍ଧବଙ୍କୁ
## ବ୍ରଜକୁ ପଠାଇଲେ

ଉଦ୍ଧବ ବୋଲି ମଥୁରାରେ ଗୋଟିଏ ବଡ଼ ସାଧୁଲୋକ ଥିଲେ, ତାଙ୍କର ଶ୍ରୀକୃଷ୍ଣଙ୍କଠାରେ ଭାରି ସ୍ନେହ, ଭାରି ଭକ୍ତି । ଶ୍ରୀକୃଷ୍ଣ ଗୁରୁଗୃହରୁ ଫେରି ଆସି, ସେହି ଉଦ୍ଧବଙ୍କୁ ଡାକି କହିଲେ, "ଉଦ୍ଧବ, ମୁଁ ପିଲା

ଦିନଯାଏ ବ୍ରଜପୁରରେ ବଢ଼ିଲି । ବାପା ନଂଦ,ମା ଯଶୋଦା, ଆଉ ଗୋପର ଅନ୍ୟାନ୍ୟ ଲୋକେ ମତେ ବହୁତ ଝୁରୁଥିବେ । ତୁମେ ଏବେ ଟିକିଏ ବ୍ରଜପୁରକୁ ଯାଅ । ମୋ କଥା ସେମାନଂକୁ କହି ତାଂକୁ ସଂତୋଷ କରି ଆସିବ ।”

ଶ୍ରୀକୃଷ୍ଣଂକ କଥା ଶୁଣି, ଉଦ୍ଧବ ଆଉ ବିଳଂବ ନ କରି ସାଂଗେ ସାଂଗେ ବ୍ରଜପୁରକୁ ବାହାରିଲେ । ବ୍ରଜପୁରରେ ଆସି ପହଂଚିଲା ବେଳକୁ ବେଳ ବୁଡ଼ି ଆସୁଛି । ଗାଈଗୋଠମାନେ ଘରକୁ ଫେରୁଛଂତି । ଗୋପାଳମାନେ ଗାଈମାନଂକୁ ଧରି, ଗୁହାଳକୁ ନବାପାଇଁ ବ୍ୟସ୍ତ ହେଉଛଂତି । ଗୋଠରେ ବଂଶୀ ବାଜୁଛି । ଘରେ ଘରେ ଭାରି କୋଳାହଳ । ଗୋପ ଗୋପୀମାନେ ସଂଧ୍ୟାଦୀପ ଲଗାଇ, ଦେବପୂଜାରେ ଲାଗିଯାଇଛଂତି ।

ଏହିପରି ଦେଖି ଦେଖି ଖୁସୀ ହୋଇ, ସେ ନଂଦଂକ ଘରେ ପହଂଚିଲେ । ନଂଦରାଜା ଉଦ୍ଧବଂକୁ ଦେଖିଲାକ୍ଷଣି, ଘରୁ ଉଠି ଆସି, ତାଂକୁ କୁଂଢାଇ ପକାଇଲେ । ତା’ ପରେ ଭାରି ଆଦରରେ ତାଂକୁ ବସାଇ, ତାଂକର ଖାଇବା, ପିଇବା, ବସିବା, ଶୋଇବା—ସବୁ ଠିକ୍ କରିଦେଲେ । ତା ପରେ ପଚାରିଲେ—

“ମଥୁରା ଲୋକେ ଏବେ ଖୁସିରେ ଅଛଂତି ତ ? ଆହା ! ଆମର ପ୍ରାଣଧନ ଶ୍ରୀକୃଷ୍ଣ ଏବେ ଆମକୁ ମନେ ପକାଉଛଂତି ତ ? ମା’ ଯଶୋଦାଂକ କଥା ଶ୍ରୀକୃଷ୍ଣ କେବେ କହଂତି କି ? ଏଠା ସାଂଗ, ସୁଖ କଥା ତାଂକ ମନେ ପଡ଼େ ଟିକି ? ସେ କ’ଣ ଆଉ କେବେ ଏ ବ୍ରଜକୁ ଆସିବେ ନାହିଁ ? ଆହା ! ବ୍ରଜ ଭୂମିରେ କେତେ ବିପତ୍ତି ପଡ଼ିଲା । କୃଷ୍ଣ ଥିଲାରୁ ସିନା କିଛି ଜଣା ଗଲା ନାଇ । ସାତଦିନ କାଳ ଗୋବର୍ଦ୍ଧନ ପର୍ବତକୁ ହାତରେ ଟେକି ଧରି ସେ ଆମକୁ ରକ୍ଷା କଲେ ।”

ଏହିପରି ନଂଦ କେତେ କଥା କହି ଯାଉଥାଂତି; ଯଶୋଦା ପାଖରେ ଥିଲେ । ସେ ସବୁ ଶୁଣି, କହିଁ କହିଁ ହୋଇ କାଂଦି ପକାଇଲେ । ସ୍ନେହରେ ତାଂକ ସ୍ତନରୁ ଦୁଧ ବାହାରି ଲୁଗା ଓଦା ହୋଇଗଲା । ଉଦ୍ଧବ ଏହା ଦେଖି ଭାରି ଖୁସି ହେଲେ; କହିଲେ, “ମହାରାଜ ନଂଦ, ଆପଣମାନେ ରାମ କୃଷ୍ଣଂକୁ ପୁଅ କରି ପାଇଥିଲେ । ଆପଣମାନଂକ ପରି ଭାଗ୍ୟବାନ୍ ଆଉ କିଏ ଅଛି ? ସଂସାରରେ ଆପଣମାନଂକର ଅଧିକ ଦରକାରି ଆଉ କଣ ଅଛି ? ଶ୍ରୀକୃଷ୍ଣଂକର ଯାହା ଉପରେ ଟିକିଏ ଦୟା ହଉଛି, ସେ ଉଦ୍ଧାର ପାଇ ଯାଉଛି । ଆପଣମାନେ ନିଜେ ତାଂକୁ କାଖେଇ କୁଂଢେଇ ତାଂକ ଦେହରେ ଦେହ ମିଶାଇଛଂତି । କୃଷ୍ଣ କି ଆପଣଂକୁ କେବେ ଛାଡ଼ି ପାରଂତି ? ଅଳ୍ପଦିନ ମଧ୍ୟରେ ସେ ପୁଣି ବ୍ରଜକୁ ଆସି, ଆପଣମାନଂକୁ ଦେଖିବେ । ଆପଣମାନେ କିଛି ଦୁଃଖ କରଂତୁ ନାଇ ।”

ଏହିପରି କଥାବାର୍ତ୍ତା ହେଉ ହେଉ ସେରାତି ପାଇଗଲା । ସକାଳୁ ସବୁ ଗୋପ ଗୋପୀମାନେ ଆସି, ରୁଂଢହେଲେ । ଉଦ୍ଧବ ତାଂକୁ ପୁଣି ବୋଧଶୋଧ କରି, ସେଇ କଥା ସବୁ କହିଲେ ।

ଗୋପଗୋପୀମାନଂକଠାରେ ଉଦ୍ଧବ କେତେ ଚର୍ଚ୍ଚା ହେଲେ । କେତେ ଲୋକ ଆସି, କୃଷ୍ଣଂକ ସଂବଂଧରେ କେତେ ଅଭିମାନ କଥା କହିଲେ । ସେମାନେ କେହି କେହି କହିଲେ, “ରଜା ବୁଢ଼ା ହୋଇଗଲେ, ପ୍ରଜାମାନେ ଆଉ ତାଂକୁ ପଚାରଂତି ନାଇ; ପାଠ ସରିଗଲେ ଶିଷ୍ୟମାନେ ଗୁରୁଂକୁ ଛାଡ଼ି ଚାଲିଯାଂତି । ଦକ୍ଷିଣା ପାଇ ସାରିଲେ, ପୁରୋହିତମାନେ ଯଜମାନଂକୁ ଆଉ ପଚାରଂତି ନାଇ । ଫଳ ସରିଗଲେ ପକ୍ଷୀମାନେ ଆଉ ଗଛ ପାଖକୁ ଆସଂତି ନାଇ । ଖିଆ ସରିଲେ, ଅତିଥି ଗୃହୀର ଘର ଛାଡ଼ି ଚାଲିଯାଏ । ବଣ ପୋଡ଼ି ଗଲେ, ମୃଗମାନେ

ପଳାଂନ୍ତି । ସେହିପରି କୃଷ୍ଣଂକର ଆଉ ବ୍ରଜରେ କ'ଣ ଅଛି ? ସେ କାହିଁକି ଆସିବେ ?”

ଏହିପରି ଉଦ୍ଧବ ଗୋପୀମାନଂକଠାରୁ କେତେ କଥା ଶୁଣି, ତାଂକୁ ମଧ୍ୟ ବୁଝାଇ କହିଲେ । ସମସ୍ତଂକୁ ବୁଝାଇ ସୁଝାଇ ଉଦ୍ଧବ ପୁଣି ମଥୁରାକୁ ଫେରି ଆସିଲେ। ଆସିଲାବେଳେ ଗୋପ ଗୋପୀମାନେ କେତେ ଜିନିଷ ଉଦ୍ଧବଂକୁ ଉପହାର ଦେଲେ । କେତେକଥା କହି ପଠାଇଲେ, ଉଦ୍ଧବ ସବୁ ଉପହାର ନେଇ, ସବୁ କଥା ଶୁଣି, ମଥୁରାକୁ ଆସି, ଶ୍ରୀକୃଷ୍ଣଂକୁ ସବୁ କଥା ଜଣାଇଲେ । ତା'ପରେ ବସୁଦେବ ଉଗ୍ରସେନଂକ ପାଇଁ ନଂଦ ଯାହାସବୁ ପଠାଇଥିଲେ, ତା' ସେମାନଂକୁ ଦେଲେ ।

———

## ଶ୍ରୀକୃଷ୍ଣ
## କୁବ୍ଜା ଓ ଅକ୍ରୂରଂକ
## ଘରକୁ ଗଲେ

କଂସ ମରିବା ପୂର୍ବରୁ ଶ୍ରୀକୃଷ୍ଣ ଯେଉଁ କୁବ୍ଜାକୁ ଦେଖି, ତା'ଠାରୁ ଚଂଦନ ପ୍ରଭୃତି ଲଗାଇ, ତା'ର ପିଠି ସିଧା କରିଥିଲେ, ସେହି କୁବ୍ଜା ସେତେବେଳେ ଶ୍ରୀକୃଷ୍ଣଂକୁ ଆପଣା ଘରକୁ ଡାକିଥିଲା । ଶ୍ରୀକୃଷ୍ଣ ସେତେବେଳେ ନ ଯାଇ 'ପରେ ଯିବି' କହିଥିଲେ । ଏବେ ସେ କଥା ତାଂକ ମନେ ପଡ଼ିଲା ।

କୁବ୍ଜା ସାମାନ୍ୟ ମାଇପିଟିଏ ହେଲେ ମଧ୍ୟ ଶ୍ରୀକୃଷ୍ଣ ତାକୁ ଭୁଲି ନାହାଂନ୍ତି । ସେ ଭାଇ, ସାଂଗ, ସୁଖ ସମସ୍ତଂକୁ ସେ କଥା କହିଲେ । ତା' ପରେ ଖୋଜି ଖୋଜି ଯାଇ କୁବ୍ଜା ଦୁଆରେ ପହଂଚିଲେ ।

କୁବ୍ଜା କୃଷ୍ଣ କଥା ଭାଳି ଭାଳି ଅଂଧ ହୋଇ ବସିଥିଲା । ସେ ଏବେ ଆଖି ପାଇଲା ପରି, ତାକୁ ଲାଗିଲା । ସେ ଭାରି ଆଦରରେ କୃଷ୍ଣଂକୁ ନେଇ ଆସନରେ ବସାଇଲା । ବହୁତ ଚର୍ଚ୍ଚା କଲା । କୃଷ୍ଣ ତା ସାଂଗେ ଆପଣା ଲୋକ ପରି କେତେ ଭାବ କଲେ, କେତେ ଆଳାପ କଲେ ।

ଶେଷକୁ ସେ କହିଲା, “ଶ୍ରୀକୃଷ୍ଣ, ଏହିପରି ମୋ ମନ ସବୁବେଳେ ତମଠାରେ ଥାଉ । ଏହିପରି ତମେ ମତେ ଅନୁଗ୍ରହ କରୁଥିବ ।”

ଅକ୍ରୂର ବ୍ରଜରୁ କୃଷ୍ଣଂକୁ ଡାକି ଆଣିଲା ବେଳେ, ଆଗେ ଆପଣା ଘରେ ସେରାତି ରହିବା ପାଇଁ କହି-ଥିଲେ । କୃଷ୍ଣ ସେତେବେଳେ ନାହିଁ କରି, କାମ ସରିଲେ ପରେ ଯିବେ ବୋଲି କହିଥିଲେ । ସେ କଥା ମଧ୍ୟ କୃଷ୍ଣଂକ ମନେ ଥିଲା ।

ବଳରାମଂକୁ ନେଇ ଦିନେ ସେହିପରି ଅକ୍ରୂରଘରେ ଯାଇ, ଶ୍ରୀକୃଷ୍ଣ ଅକ୍ରୂରଂକ ଦୁଆରେ ହାଜର୍ । କୃଷ୍ଣ ଅକ୍ରୂରଂକର ପୁତୁରା । ହେଲେ କ'ଣ ହେବ, ଅକ୍ରୂର କୃଷ୍ଣଂକର ଭାରି ଭକ୍ତ । ସେ କୃଷ୍ଣଂକୁ ସାକ୍ଷାତ୍ ଭଗବାନ୍ ବୋଲି ବିଚାରନ୍ତି ।

ସେ ରାମକୃଷ୍ଣଂକୁ ଦେଖିଲାକ୍ଷଣି, ଭାରି ଖୁସି ହୋଇଗଲେ । ତାଂକୁ ନେଇ, ଘରେ ବସାଇ ତାଂକ ଗୋଡ଼ ଧୋଇଦେଲେ । ତାଂକୁ କେତେ ସେବାକଲେ, କେତେ ସ୍ତୁତିକଲେ । କୃଷ୍ଣ ଶେଷକୁ କହିଲେ, “କକା, ଏ ମଥୁରାରେ ଆମର ଆପଣାର ହୋଇ ଅନେକ ଅଛଂନ୍ତି; କିଂତୁ ଆପଣ ଆମ ପ୍ରତି ସବୁଠାରୁ ବଡ଼ । ଆମର କାର୍ଯ୍ୟ କରିବା ପାଇଁ ଆପଣ ସବୁବେଳେ ମନଦେଇଥାଂନ୍ତି । ଏବେ ଆପଣ ଟିକିଏ ହସ୍ତିନାପୁରକୁ ଯାଆଂନ୍ତୁ । ସେଠାରେ ଆମ ପିଉସୀ କୁଂତୀ ଅଛଂନ୍ତି । ସେ ଅଳ୍ପ ବୟସରେ ବିଧବା ହୋ'ଇ ଗଲେ । ତାଂକର ପାଂଚୋଟି ପୁଅ; ସେ ପାଂଚୋଟି ଯାକ ପୁଅସେଣ

ଏବେ ଆପଣା ଦେଢ଼ଶୁର ଧୃତରାଷ୍ଟ୍ରଙ୍କ ପାଖେ ଅଛନ୍ତି। ଧୃତରାଷ୍ଟ୍ର ଅନ୍ଧ; କିନ୍ତୁ ସାନ ଭାଇ ପାଣ୍ଡୁ ମରିଯିବାରୁ ସେ ଏବେ ନିଜେ ରାଜଗାଦିରେ ବସିଛନ୍ତି। ତାଙ୍କର ଦୁର୍ଯ୍ୟୋଧନ ଆଦି ଶହେ ପୁଅ। ସେମାନେ ଭାରି ଦୁଷ୍ଟ। ତାଙ୍କ କଥାରେ ପଡ଼ି, ଧୃତରାଷ୍ଟ୍ର ଶୁଣିବାରେ ଆଉ ଭଲ ମନ୍ଦ ବୁଝିପାରୁ ନାହାନ୍ତି। ଆପଣ ନିଜେ ଯାଇ ଦେଖି ଆସନ୍ତୁ, ପାଣ୍ଡୁ ଆଉ କୁନ୍ତୀଙ୍କ ପୁଅ ପାଣ୍ଡବ ପାଞ୍ଚ ଭାଇଙ୍କି ଧୃତରାଷ୍ଟ୍ର କିପରି ଚଳାଉଛନ୍ତି। ଜାଣିଲେ ଆମେମାନେ ପାଣ୍ଡବମାନଙ୍କ ପାଇଁ, କିଛି ହେଲେ, କରିବାର ଥିଲେ, କରିବୁ।"

ଏହା ଶୁଣି ଅକ୍ରୂର ହସ୍ତିନାକୁ ଗଲେ ଏବଂ ଶ୍ରୀକୃଷ୍ଣ ଭାଇ ଓ ସାଙ୍ଗମାନଙ୍କୁ ନେଇ ଆପଣା ଘରକୁ ଆସିଲେ।

---

## ଅକ୍ରୂର ହସ୍ତିନାକୁ ଗଲେ

ଅକ୍ରୂର କୁରୁବଂଶର ରାଜଧାନୀ ହସ୍ତିନାରେ ପହଞ୍ଚି କ୍ରମେ ରାଜସଭାକୁ ଗଲେ; ସେଠାରେ ଭୀଷ୍ମ ଓ ଧୃତରାଷ୍ଟ୍ରଙ୍କ ସଙ୍ଗେ ଦେଖାକରି ପରେ ବିଦୁରଙ୍କ ସଙ୍ଗେ ନିଜ ଭଉଣୀ ପୃଥାଙ୍କୁ (କୁନ୍ତୀ) ଯାଇଁ ଭେଟିଲେ। ତା'ପରେ କୁଳବୃଦ୍ଧ ବାହ୍ଲୀକଙ୍କ ସଙ୍ଗେ ସୋମଦତ୍ତ, ଦ୍ରୋଣ, କୃପ, କର୍ଣ୍ଣ, ଦୁର୍ଯ୍ୟୋଧନ, ଅଶ୍ୱତ୍ଥାମା, ପାଣ୍ଡବ ପାଞ୍ଚଭାଇ ଓ ଅନ୍ୟାନ୍ୟ ବନ୍ଧୁମାନଙ୍କୁ ଦେଖା କଲେ।

ସମସ୍ତେ ଅକ୍ରୂରଙ୍କୁ ଦେଖି, ଭାରି ଖୁସୀ ହୋଇ, ଯଦୁବଂଶର ସମସ୍ତଙ୍କ କଥା ଗୋଟି ଗୋଟି କରି ପଚାରି ବୁଝିଲେ। ଅକ୍ରୂର ମଧ୍ୟ ସମସ୍ତଙ୍କୁ ତାଙ୍କ ଭଲ ମନ୍ଦ ପଚାରି ଗଲେ।

ଏହିପରି ଆଦର ପାଇ, ଅକ୍ରୂର ଧୃତରାଷ୍ଟ୍ର ପାଣ୍ଡବଙ୍କୁ କିପରି ଚଳାଉଛନ୍ତି ବୁଝିବାପାଇଁ ହସ୍ତିନାରେ କେତେମାସ ରହିଲେ।

ପୃଥାଙ୍କ ପୁଅ ପାଣ୍ଡବ ପାଞ୍ଚଭାଇ ନିଜର ତେଜ, ବଳ, ବୀର୍ଯ୍ୟ—ଭଲ କଥାବାର୍ତ୍ତା ଓ ଆଚରଣରେ ପ୍ରଜାମାନଙ୍କର ବଡ଼ ପ୍ରିୟ ହୋଇଥିଲେ। ତାଙ୍କର ଏହା ଦେଖି, ସହି ନ ପାରି, ଧୃତରାଷ୍ଟ୍ରଙ୍କ ପୁଅମାନେ ଭୀମକୁ ବିଷ ଦେବା ଏବଂ ସେହିପରି ପାଣ୍ଡବଙ୍କ ପ୍ରତି ଆଉ ଆଉ ଅନ୍ୟାୟ କଥା କେତେ କରିଥିଲେ। ପୃଥା ଓ ବିଦୁର ଦୁହେଁ ଗୋଟି ଗୋଟି କରି ସେ କଥା ସବୁ ଅକ୍ରୂରଙ୍କୁ କହିଲେ।

ଭାଇକି ଦେଖି ପୃଥା ବାପ, ମା' ଓ ବାପଘରର ଆଉ ଆଉ ଲୋକଙ୍କ କଥା ପଚାରି ପଚାରି କାନ୍ଦି ପକାଇଲେ। କହିଲେ, "ଭାଇ, ବାପ, ମା, ଆଉ ଭାଇ, ଭଉଣୀ, ପୁତୁରା, ଝିଆରୀ, ଭଣୋଇ, ଏ ସମସ୍ତେ ମତେ କ'ଣ ମନେ ପକାନ୍ତି? ରାମ କୃଷ୍ଣ ମୋର ପୁତୁରା, ସେମାନେ କ'ଣ ପିଉସୀ ଓ ପିଉସୀ ପୁଅ ଭାଇମାନଙ୍କ କଥା କେବେ ଭାବନ୍ତି? ଭାଇ, ବଣ ଭିତରେ ବାଘଙ୍କ ଆଗରେ ପିଲା ଗୁଡ଼ାଏ ନେଇ, ହରିଣୀ ଥିଲାପରି, ମୁଁ ଏଇ ବାପଛେଉଣ୍ଡ ପିଲା ପାଞ୍ଚଖଣ୍ଡ ନେଇ, କି ଦୁଃଖରେ ଯେ ଏଠାରେ ଅଛି, ସେ କଥା କ'ଣ ସେମାନେ କେହି ଜାଣୁ ନାହାନ୍ତି? କୃଷ୍ଣ ଏତେ ଏତେ ଅଦ୍ଭୁତ କାର୍ଯ୍ୟ ସବୁ କରୁଛନ୍ତି—ସେ କ'ଣ ମତେ ଟିକିଏ ଆଉ ଆଖିରେ ଚାହିଁବେ ନାଇ? ତାଙ୍କ ଛଡ଼ା ମୋର ଆଉ ସାହା ହେବାକୁ କିଏ ଅଛି? ମୁଁ ତାଙ୍କୁ ଏଠାରେ ପ୍ରଣାମ କରୁଛି। ସେ ଧର୍ମରକ୍ଷା ପାଇଁ ଜନ୍ମ ହୋଇଛନ୍ତି। ମୁଁ ତାଙ୍କର ଶରଣ ଗଲି। ସେ ମତେ ରଖନ୍ତୁ।"

ଏହିପରି କହୁ କହୁ କୁଂତୀ ଭେ ଭେ କାଂଦିଲେ । ସେଠାରୁ ଅକ୍ରୂର ଓ ବିଦୁର କୁଂତୀଂକୁ ବୁଝାଇ କରି କହିଲେ, "ହେ ଦେବୀ କୁଂତୀ, ତୁମ ପୁଅମାନେ ଦେବ ଅଂଶରେ ଜନ୍ମିଚଂତି—ଶ୍ରୀକୃଷ୍ଣ ନିଜେ ଭଗବାନ୍ ମଂଚରେ ଜନ୍ମ ହୋଇଛନ୍ତି, ତମର କିଛି ଦୁଃଖ ରହିବ ନାଇ, କାଂଦ ନାଇ—ଶାଂତ ହୁଅ ।"

ଏହା ଶୁଣି, ବୁଝି, ଅକ୍ରୂର ପାଂଡବ ଓ କୌରବ (ଧୃତରାଷ୍ଟ୍ରଂକ ବଂଶ)ଂକ ମଧ୍ୟରେ ମିଳା ମିଶା କରିଦବା ପାଇଁ ଧୃତରାଷ୍ଟ୍ରଂକ ପାଖକୁ ଗଲେ ।

ସେଠାରେ ଭୀଷ୍ମ ପ୍ରଭୃତି ବଂଧୁମାନେ ମଧ୍ୟ ଥିଲେ । ସେ ଧୃତରାଷ୍ଟ୍ରଂକୁ କହିଲେ, "ଆପଣ କୁରୁବଂଶର କୀର୍ତ୍ତି—ଆପଣଂକ ଭାଇ ପାଂଡୁ ମରିଯିବାରୁ ଆପଣ କାହାକୁ ନ ପଚାରି ନିଜେ ସିଂହାସନରେ ବସିଚଂତି । ଭଲ କଥା ! କିଂତୁ ଏବେ ଆପଣା ପୁଅ ଓ ଭାଇପୁଅ ଦିହିଂକ ସମାନ କରି ପାଳଂତୁ । ଯେବେ ରାଜା ହୋଇ, ଯାଂକୁ ଆପଣା, ତାଂକୁ ପର କରିବେ—ତେବେ ବଂଚଥାଇ ନିଂଦା ପାଇବେ, ମଲେ ନରକକୁ ଯିବେ । ଏପରି କେବେ କରଂତୁ ନାଇ ।"

ଏହିପରି କେତେ ବୁଝାଇଲେ । ସବୁ ଶୁଣି ଶେଷକୁ ଧୃତରାଷ୍ଟ୍ର କହିଲେ, "ଭାଇ ଅକ୍ରୂର, ମୁଁ କଣ କରିବି ? ଆପଣଂକ ଏସବୁ କଥା ବାସ୍ତବିକ୍ ଅମୃତ ପରି; କିଂତୁ କାହିଁକି କେଜାଣି ମତେ ଏ ସବୁ ସୁଖ ଲାଗୁନାଇ । ମେଘ ଉପରେ ସୁଂଦର ବିଜୁଳି ମୁହୂର୍ତ୍ତେ ରହି, ପୁଣି ଅଧଂାରରେ ମିଶିଯାଏ । ସେହିପରି ମୋ ମନ ଏତେ ଖରାପ ହୋଇଯାଉଚି ଯେ, ଆପଣଂକର ଏ ଭଲକଥା ସବୁ ମୁହୂର୍ତ୍ତେ ଏ କାନ ବାଟେ ପଶି, ଆରକାନ ବାଟେ ବାହାରି ଯାଉଚି । ମୁଁ ଜାଣେ, ଭଗବାନ୍ ନିଜେ ଶ୍ରୀକୃଷ୍ଣ ହୋଇ ଜନ୍ମିଚଂତି । ଯାହାର ଯେପରି କର୍ମ, ତାକୁ ସେପରି ଫଳ ସେ ଦଉଚଂତି । ମୁଁ ତାଂକୁ ଏହିଠାରେ ପ୍ରଣାମ କରୁଚି; କିଂତୁ ମୋର ଆଉ ଭରସା ନାଇ ।"

ଶେଷକୁ ଅକ୍ରୂର ସବୁ ବୁଝି, ଆଉ କିଛି କହିଲେ ନାଇ । ଭଉଣୀ, ଭଣଜା ଓ ବଂଧୁବାଂଧବଂକଠାରୁ ବିଦାୟ ନେଇ, ମଥୁରାକୁ ଆସି, ଯାହା ଯାହା ଶୁଣିଥିଲେ, —ବୁଝିଥିଲେ, ସବୁ ଗୋଟି ଗୋଟି କରି କହିଲେ ।

---

## ଜରାସଂଧ କଥା

ଜରାସଂଧ ମଗଧର ରାଜା । ସେ ଭାରି ବଳବାନ୍; ବଡ଼ ଦୁଷ୍ଟ । ଅସ୍ତି ଓ ପ୍ରାପ୍ତି ବୋଲି ଜରାସଂଧର ଦି'ଭଉଣୀ କଂସକୁ ବିଭା ହୋଇଥିଲେ । ଶ୍ରୀକୃଷ୍ଣ କଂସକୁ ମାରିଦବାରୁ ସେମାନେ ବଡ଼ ବ୍ୟାକୁଳ ହୋଇ, ବାପ ଘରକୁ ଗଲେ—ବାପକୁ ଯାଇ, ସବୁ କଥା କହିଲେ ।

ଏତେ ଭଉଣୀ ଦିଓଟିଂକ ବିଧବା ଦେଖି, ଜରାସଂଧର ମନ ପୋଡ଼ିଗଲା । ପୁଣି ଯେତେବେଳେ ସେ ଶୁଣିଲା, ଶ୍ରୀକୃଷ୍ଣ ଏହା କରିଚଂତି, ସେତେବେଳେ ଯଦୁବଂଶ ଉପରେ ରାଗିଗଲା । ସେ ଯଦୁବଂଶଯାକ ମାରି, ପୃଥିବୀକୁ ଯଦୁବଂଶ ଶୂନ୍ୟ କରିଦବ ବୋଲି, ମନେ ମନେ ଠିକ୍ କରି, ତେଇଶି ଅକ୍ଷୌହିଣୀ ସେନା ଘେନି, ଆସି ମଥୁରାପୁରୀ ଘେରିଗଲା ।

ମହାସାଗରରୁ ବଡ଼ ବଡ଼ ଲହରୀମାନ ଉଠୁଥାଏ । ତାହା କୂଳରେ ଛୋଟ ଛୋଟ ଭୂମିଖଂଡ ମାନ ଯେପରି ଦିଶେ, ଜରାସଂଧ ସେନା ଘେରି ଯିବାରୁ ମଥୁରା ସେହିପରି ଦିଶିଲା । ମଥୁରାର ଏ ବିପତ୍ତି କୃଷ୍ଣ ନିଜେ ଦେଖିଲେ । କ'ଣ କରିବେ—ସେ କଥା ମନେ ମନେ ନିଜେ ଭାବିଲେ ।

ଚାହୁଁ ଚାହୁଁ ସ୍ୱର୍ଗରୁ ଆସି, ଦୁଇଟି ଉଜ୍ଜ୍ୱଳ ରଥ ରାମକୃଷ୍ଣଂକ ପାଖେ ପହଂଚିଗଲା । ସୁଦର୍ଶନ ଚକ୍ର ପ୍ରଭୃତି ଦିବ୍ୟ ଅସ୍ତ୍ର ସବୁ କୃଷ୍ଣଂକ ରଥରେ ଥୁଆ ହୋଇଥିଲା । ସେଠାରୁ ରାମକୃଷ୍ଣ ଦିହେଁ ଦି'ରଥରେ ବସି, ଯୁଦ୍ଧ ପାଇଁ ବାହାରି ପଡ଼ିଲେ ।

ଭଗବାନ୍ ଶ୍ରୀକୃଷ୍ଣଂକର ପାଂଚଜନ୍ୟ ଶଂଖ ବାଜି ଉଠିଲା । ଜରାସଂଧ କୃଷ୍ଣଂକୁ ଚାହିଁ କହିଲା, "କୃଷ୍ଣ, ତୁ ପିଲା ଲୋକ । ତୋ ସଂଗେ ଯୁଝିବାକୁ ମତେ ଲାଜ ମାଡ଼ିବ । ତୁ ଏଠାରୁ ଚାଲି ଯା ।"

ତା'ପରେ ରାମଂକୁ ଚାହିଁ କହିଲା, "ରାମ, ପିଲା ହେଲେ କ'ଣ ହେବ ତମର ବଳ ଥିଲା ପରି ଲାଗୁଚି । ମନ ହେଲେ, ତୁମେ ମୋ ସାଂଗେ ଯୁଦ୍ଧ କର । ମୋ ହାତେ ମଲେ ସ୍ୱର୍ଗକୁ ଯିବ, ଆସ । ତୁମ ହାତେ ମଲେ ବି ଯୁଦ୍ଧରେ ମରି, ମୁଁ ସ୍ୱର୍ଗକୁ ଯିବି ।"

ଶ୍ରୀକୃଷ୍ଣ କହିଲେ, "ଜରାସଂଧ, ଡର ମାଡ଼ୁଚି କି ? ପିଲା ବୋଲି କହି ଦେଇ ମୋ ଆଗରୁ ଖସି ଯାଉଚ ଯେ । ପରଖା ପରଖି ନକରି, ଆପଣାକୁ ଏତେ ବଡ଼ ବୋଲି ବଡ଼ୁରିବା ଠିକ୍ ନୁହେଁ—ଜରାସଂଧ ! ତୁମର ମରଣ କାଳ ପାଖ ହୋଇ ଗଲାଣି । ମୁଁ ତୁମ କଥା ମାନିବାକୁ ଆସିନାଇ, ଆସ, ଯୁଦ୍ଧକର ।"

ସାଂଗେ ସାଂଗେ ଜରାସଂଧର ସୈନ୍ୟସବୁ ମାଡ଼ି ଆସିଲେ । ଧୂଳି ଉଠି ଆକାଶ ଅଂଧକାର ହୋଇଗଲା । ରାମକୃଷ୍ଣ ଆଉ ଦିଶିଲେ ନାଇ ।

ଏଣେ ସହରର ମାଇପେ ସବୁ ରାମକୃଷ୍ଣ କିପରି ଯୁଦ୍ଧ କରିବେ ଦେଖିବା ପାଇଁ କିଛି ନ ବିଚାରି, ନ ଡରି ଛାତ ଉପରେ, ଦୁଆରରେ ସବୁଆଡ଼େ ଜମା ହୋଇ ଗଲେଣି । ଏ ଧୂଳିରେ ସେମାନଂକୁ କୃଷ୍ଣଂକ ରଥର ଗରୁଡ଼ ପତାକା ଓ ରାମଙ୍କ ରଥର ତାଳବୃକ୍ଷ ପତାକା ଦିଶିଲା ନାହିଁ, ସେମାନେ ବଡ଼ ବ୍ୟାକୁଳ ହୋଇ ପଡ଼ିଲେ ।

ଶ୍ରାବଣ ମାସରେ ମେଘ ବରଷିଲା ପରି ଯାଦବ ସେନାଂକ ଉପରେ ଶର ସବୁ ପଡ଼ିଲା । ସେମାନେ ଅସ୍ତ ବ୍ୟସ୍ତ ହୋଇଗଲେ । ଶ୍ରୀକୃଷ୍ଣ ନିଜର ସାରଂଗ ଧନୁରେ ସହସ୍ର ସହସ୍ର ଶର ଚଢ଼ାଇ, ଶତ୍ରୁ ସୈନ୍ୟ ଉପରକୁ ଛାଡ଼ିଲେ । ଶତ୍ରୁ ସୈନ୍ୟର ରଥ, ହାତୀ, ପଦାତି ଖଂଡ ଖଂଡ ହୋଇ, ଛିଡ଼ି ଅସ୍ତବ୍ୟସ୍ତ ହୋଇଗଲା । ଯୁଦ୍ଧ-ଭୂମିରେ ରକ୍ତର ନଦୀ ବୋହିଗଲା । ସେମାନଂକର ହାତ, ଗୋଡ଼, ମୁଂଡସବୁ ସେହି ନଦୀରେ ସାପ, ମାଛ, କଇଁଛ ପରି ଭାସିଗଲା । ମଲା ହାତୀ ସବୁ ନଈପଠା ପରି ଦିଶିଲା ।

ଏହିପରି ଜରାସଂଧର ତେଇଶି ଅକ୍ଷୌହିଣୀ ସୈନ୍ୟ ଆସି ସରିବାକୁ ବସିଲା ।

ଶେଷକୁ ବଳରାମ ସିଂହ ପରି ଜରାସଂଧକୁ ଯାଇ ଧଇଲେ । ସାଂଗେ ସାଂଗେ ତାକୁ ବାରୁଣ ଓ ମାନୁଷ ଫାଶରେ ବାନ୍ଧି ପକାଇଲେ; କିଂତୁ କୃଷ୍ଣ କଣ ବୁଝିଲେ ଏବଂ ବଳଦେବଂକୁ କଣ ବୁଝାଇ ଦେଲେ, ତା' ବୁଝି ବଳଦେବ ଫାଶ ଫିଟାଇ ଦେଇ; 'ଯା ଯା, ତତେ ମାଇଲେ ହାତ ଗଂଧେଇବ' ବୋଲି ଜରାସଂଧକୁ ଛାଡ଼ି ଦେଲେ ।

ଜରାସଂଧ ହାରି । ତାକୁ ଏଥିରେ ବଡ଼ ଲାଜ ମାଡ଼ିଲା । ସେ ସେହିଠାରୁ ରାଜ୍ୟ ଛାଡ଼ି, ବଣକୁ ଯାଇ, ତପସ୍ୟା କରିବ ବୋଲି ବାହାରିଲା । କିଂତୁ ତା' ପାଖକୁ ଆଉ ରାଜାମାନେ ଆସି, ତାକୁ ବୁଝାଇ ସୁଝାଇ ମନାକଲେ ।

ସେମାନେ କହିଲେ, "ଜରାସଂଧ, କର୍ମ ଦୋଷରୁ ଏଥର ହଟିଗଲ, ଏଥିପାଇଁ ତୁମ ପରି ବୀର—ଏତେ ଡରିଯିବା ଠିକ୍ ନୁହେଁ ।"

ଏହା ଶୁଣି, କ୍ରୋଧ ପାଇ, ଜରାସଂଧ ପୁଣି ଆପଣା ରାଜ୍ୟକୁ ଗଲା ।

ଏଣେ ଶ୍ରୀକୃଷ୍ଣ ମହାଆନଂଦରେ ଶଂଖ, ତୂରୀ, ଭେରୀ, ବୀଣା, ବଜାଇ ଉତ୍ସବ କରି, ମଥୁରା ଲୋକଂକୁ ଖୁସି କଲେ । ଯୁଦ୍ଧରେ ମରିଥିବା ବୀରମାନଂକର ମଣି, ସୁବର୍ଣ୍ଣ, ଅଲଙ୍କାର ସବୁ ରାମକୃଷ୍ଣ ଆଣି, ଉଗ୍ରସେନଂକ ପାଖେ ଭେଟି ଦେଲେ ।

ଜରାସଂଧ ଏହି ଥରକ ପରାସ୍ତ ହୋଇ କିଛି ଭୁନ ହେଲା ନାଇ । ସେ ଏହିପରି ଥରକୁ ଥର ସତର ଥର ଆସି, ମଥୁରାପୁରୀ ଘେରିଲା । ଶ୍ରୀକୃଷ୍ଣ ସତର ଥର ତାକୁ ଜିଣି, ଛାଡ଼ିଦେଲେ ।

କାଳଯବନ ବୋଲି ଗୋଟିଏ ଦୁର୍ଦ୍ଧାଂତ ମ୍ଳେଚ୍ଛମାନଂକର ରାଜା ଥିଲା । ନାରଦ ଯାଇ, ତାକୁ କେତେ କଥା କହି ମଥୁରା ଘେରିବା ପାଇଁ ମତାଇ ଦେଲେ । ସେ ଆସି କୋଟିଏ ସେନା ଘେନି ମଥୁରା ଘେରିଲା ।

କାଳଯବନ ସଂଗେ ଜରାସଂଧର ଖାତିର ପଡ଼େ । କାଳଯବନ ମଥୁରା ଘେରିବାର ଦେଖି କୃଷ୍ଣ ଜାଣିଲେ— ଜରାସଂଧ ପୁଣି ଦିନେ ନ'ଦିନେ ଆସିବ । ବଳଦେବଂକ ସଂଗେ ବିଚାର କରି, ସେ ଏବେ ଆପଣାର ପ୍ରଜା, ଜ୍ଞାତି, କୁଟୁମ୍ବଂକୁ ରକ୍ଷା କରିବାପାଇଁ, ଗୋଟିଏ ଭାରି ଦୁର୍ଗମ ଦୁର୍ଗ ତିଆରି କଲେ ।

ବହୁ ଦୂରରେ ସମୁଦ୍ରଭିତରେ ବାରଯୋଜନ ଲଂବା ଓସାରରେ କୃଷ୍ଣ ସେହି ଦୁର୍ଗଟି ତିଆରି କଲେ । ବିଶ୍ୱକର୍ମାଂକୁ ଡାକି, ତା' ମଧ୍ୟରେ ସହର ସଜାଇ ଦେଲେ । ସାଂଗେ ସାଂଗେ ସେଥିରେ ରାଜହାଂଡି ତିଆରି ହୋଇଗଲା । ପକ୍କା, ଘର ବଗିଚା, ବଜାର ସବୁ ବସିଗଲା । ବିଶ୍ୱକର୍ମା ନିଜେ ସ୍ୱର୍ଗରୁ ଗଛ, ପତ୍ର ଆଣି, ସେ ସହରରେ ଲଗାଇ ଦେଲେ । ସ୍ଫଟିକ ମଣି ମୁକ୍ତାରେ ଘର ସବୁ ସଜାଡ଼ି ଦେଲେ । ଘର ଆଗରେ ତୋରଣ ବସାଇ ଦେଲେ । ସୁନାକଳସ ବସାଇ ସୁଂଦର ରୁପା, ପିତଳ, ଲୁହାରେ ଘୋଡ଼ାଶାଳ, ହାତୀଶାଳ ସବୁ ତିଆରିହୋଇଗଲା । ସୁଂଦର ମଣିମୁକ୍ତାରେ ଭରା ରାଜ-ପୁର ଆକାଶକୁ ଲାଗି ଠିଆ ହେଲା । ଦେବତାମାନେ ସ୍ୱର୍ଗରୁ ପାରିଜାତ ଫୁଲ, ସୁଂଦର ସୁଂଦର ଘୋଡ଼ା, ଅନେକ ଧନ, ରତ୍ନ ସବୁ ପଠାଇ ଦେଲେ ।

ଏହିପରି କେହି ନ ଦେଖିବା ଭଳି ଜାଗାରେ ଶ୍ରୀକୃଷ୍ଣ ଦୁର୍ଗ ଭିତରେ ମଥୁରା ସହରକୁ ନେଇ ରଖିଦେଇ, ବଳରାମଂକୁ ମଥୁରା ସହର ଜଗାଇ ଦେଇ, ଆପେ ଅସ୍ତ୍ର ଶସ୍ତ୍ର ସବୁ ଛାଡ଼ି, ପଦ୍ମମାଳ ପକାଇ, କାଳଯବନକୁ ଭେଟିବାକୁ ମଥୁରାରୁ ବାହାରିଲେ ।

---

## କାଳଯବନ ସଂହାର

ଶ୍ରୀକୃଷ୍ଣ ଅସ୍ତ୍ର ଶସ୍ତ୍ର ଛାଡ଼ି, ଚଦଂନଯାତ ଦେଖିଲା ପରି ମଥୁରାରୁ ବାହାରି ପଡ଼ିଲେ । କାଳଯବନକୁ ନାରଦ ସବୁ ବତାଇ ଦେଇଥିଲେ । ସେ କୃଷ୍ଣଂକୁ ଦେଖିଲା କ୍ଷଣି ଚିହ୍ନିପକାଇଲା; କିଂତୁ ଯୁଦ୍ଧ କରିବ କିପରି ? କୃଷ୍ଣଂକର ଯାନ ବାହନ, ଅସ୍ତ୍ର ଶସ୍ତ୍ର କିଛି ନାଇ । ସେ ଚାଲେ ଖାଲିଟାଂଗ । ରଥ ଉପରେ ବସି, ଯାନ ବାହନ, ଅସ୍ତ୍ରଶସ୍ତ୍ର ଧରି, ତାଂକ ସଂଗେ ଯୁଦ୍ଧ କରିବାଟା ତ ବିଧି ନୁହେ । ଏହା ବିଚାରି କାଳଯବନ ରଥରୁ ଓହ୍ଲାଇ ପଡ଼ି, କୃଷ୍ଣଂକ ସାଂଗେ ଲଢ଼ାଲଢ଼ି ଯୁଦ୍ଧ କରିବ ବୋଲି ବିଚାରିଲା ।

କୃଷ୍ଣ ମହାଚାଲାକ୍ । କାଳଯବନକୁ ଦେଖିଲାକ୍ଷଣି ଦେ ଚମ୍ପଟ୍ ! କାଳଯବନ ଗୋଡ଼ାଇଛି, କୃଷ୍ଣ ପଳାଇଚଂତି ।

ବେଳେ ବେଳେ ଧରା ପଡ଼ଗଲା ପରି ହୋଇ, ପୁଣି ଖସି ଯାଉଚଂତି । କାଳଯବନ ପଛରୁ ଡାକ ପକାଉଚି, "ହେ କୃଷ୍ଣ, ତୁମେ ଭାରି ବୀର ବୋଲି କେତେ ଡାକ ପଡ଼ଚି । ତୁମେ ଯଦୁବଂଶରେ ଜନ୍ମ ହୋଇଚ । ଯୁଦ୍ଧକୁ ଡରି ଏପରି ପଳାଉଚ କାହିଁକି ?"

କୃଷ୍ଣ କିଛି ନ ଶୁଣିଲା ପରି ପଳାଉଥାଂତି । ପଳାଇ ପଳାଇ ବହୁତ ଦୂରରେ ଶେଷକୁ ଗୋଟାଏ ପର୍ବତ ଗୁହା ଭିତରେ ପଶିଗଲେ । ସେ ଗୁହା ଅନ୍ଧାର, ମୁହଁକୁ ମୁହଁ ଦିଶୁନାଇ । କାଳଯବନ କରେ କ'ଣ ? ଶେଷକୁ ସେହି ଅଂଧାରରେ ପଶିଲା ।

କାଳଯବନ ଗୁହା ଭିତରେ ପଶି, କୃଷ୍ଣଂକୁ ତ ପାଇଲା ନାଇଁ; ଗୋଡ଼ରେ ଦଉଂଡ ଦଉଂଡ ଗୋଟେ କାହାକୁ ଝୁଂଟିଲା । ଭାବିଲା—ଗୋଟେ ମଣିଷ ଶୋଇଚି; ଭାବିଲା କୃଷ୍ଣ ଡରିକରି ଶୋଇ ପଡ଼ଚଂତି । ଦେଲା ଏକ ଠିଆ ଗୋଇଠା ।

ଗୋଇଠା ଖାଇ, ଶୋଇଥିବା ଲୋକଟି ଚମକି କରି ଉଠିଲା । ଉଠିଆଖିକି ଉହାଁ ଦେଖେ ତ, କାଳଯବନ ଠିଆ ହୋଇଛି । ଲୋକଟିର ଭାରି ରାଗ ହୋଇଗଲା । ସେତିକିବେଳେ ତା ଆଖିରୁ ଗୋଟାଏ ନିଆଁ ବାହାରି କାଳଯବନ ଉପରେ ପଡ଼ଲା । ଗୁହ୍ମ ଗୁହ୍ମ କାଳଯବନ ମୁଂଡରୁ ଗୋଡ଼ଯାଏ ଜଳି ପାଉଁଶ ହୋଇଗଲା । କୃଷ୍ଣଂକ ମାୟାକୁ କେହି କି ପାର ! କାହାକୁ କିପରି ମାରିବାକୁ ହେବ, ତା' ତାଂକୁ ଜଣା ! ଯୁଦ୍ଧ ନ କରି ଏବେ କାଳଯବନ ମରକୁ ମଲା ।

---

## ମୁଚୁକୁଂଦ କଥା

ସେ ଯୁଁ ଲୋକଟି ଶୋଇଥିଲା, କାଳଯବନକୁ ପୋଡ଼ି ପାଉଁଶ କରିଦେଲା, ସେ କିଏ ? ତାଂକର କେଉଁ ବଂଶରେ ଜନ୍ମ— ତାଂକର ଏତେ ତେଜ କାହୁଁ ଆସିଲା ସେ କାହିଁକି ଅଂଧାର ଗୁହାଟା ଭିତରେ ଶୋଇଥିଲେ ? ସେ କଥା ଶୁଣ ।

ଇକ୍ଷ୍ୱାକୁ ବଂଶରେ ମାଂଧାତା ବୋଲି ଜଣେ ରାଜା ଥିଲେ । ତାଂକର ମୁଚୁକୁଂଦ ବୋଲି ପୁଅଟିଏ ଥିଲା । ସେ ଏକ ମହାବୀର; କିଂତୁ ସବୁବେଳେ ଧର୍ମରେ ତାଂକର ମନ ଥାଏ । ସତ୍ୟକଥା ଛଡ଼ା ସେ କେବେ ମିଛ କହଂତି ନାଇଁ । ଯାହା କହଂତି, ତା କରଂତି ।

ଥରେ ସ୍ୱର୍ଗରେ ଅସୁରମାନେ ଭାରି ଦୌରାତ୍ମ୍ୟ କଲେ । ଦେବତାମାନେ ଅସ୍ତବ୍ୟସ୍ତ ହେଲେ, ଅସୁରଂକୁ ପାରିଲେ ନାଇଁ । ଯୁଦ୍ଧରେ ଅସୁର ଗୁଡ଼ାଂକୁ ମାରିଦେବା ପାଇଁ ମୁଚୁକୁଂଦଂକୁ ଡାକନେଲେ ।

ମୁଚୁକୁଂଦ ଦେବତାମାନଂକର ସେନାପତି ହୋଇ ଅସୁରମାନଂକୁ ହଟାଇ ଦେଲେ । ପରେ କାର୍ତ୍ତିକେୟ ବୋଲି ମହାଦେବଂକ ପୁଅ ହେଲା । ସେ ଦେବତା-ମାନଂକର ସେନାପତି ହେବାରୁ ଦେବତାମାନେ ନିଶ୍ଚିଂତ ହେଲେ ଏବଂ ମୁଚୁକୁଂଦଂକୁ ଆସି କହିଲେ, "ମହାରାଜ ମୁଚୁକୁଂଦ, ଆପଣ ଆମମାନଂକ ପାଇଁ ବହୁତ ଦୁଃଖ ପାଇଲେଣି । ଅସୁରମାନଂକ ହାତରୁ ଏ ସ୍ୱର୍ଗରାଜ୍ୟକୁ ଆପଣ ଏତେକାଳ ରଖି ଆସିଲେଣି । ଏବେ ଆପଣ କିଛି ଦିନ ନିଶ୍ଚିଂତ ହୋଇ ବିଶ୍ରାମ କରଂତୁ । ଆପଣ ନିଜ ରାଜ୍ୟକୁ ଯାଂତେ; କିଂତୁ ଆପଣ ମଂର୍ତ୍ତ ଛାଡ଼ି ସ୍ୱର୍ଗରେ ଏତେକାଳ ରହିଲେଣି । ସ୍ୱର୍ଗରେ ଦେବତାମାନଂକ ମଧ୍ୟରେ ଥିବାରୁ, ଆପଣ ବୁଢ଼ା ହୋଇ ନାହାଂତି, କି ମରିନାହାଂତି; କିଂତୁ ମଂର୍ତ୍ତରେ ଆପଣଂକ ପୁଅ, ଭାଇପ, ପ୍ରଜା, ମଂତ୍ରୀ ଆଉ କେହି ନାହାଂତି । ଯୁ' କାଳୁ ସମସ୍ତେ ମଲେଣି । ଆପଣ ଏବେ ମଂର୍ତ୍ତକୁ ଗଲେ ପୁଣି ମରିବେ । ତେବେ ଆପଣଂକ ମନ କ'ଣ ଆମକୁ କହଂତୁ । ଆମେ ତା

କରିଦେବୁ । ଆମେ ଆପଣଂକୁ ସବୁ ଦେଇପାରୁ, ଖାଲି ମୁକ୍ତି ଦେଇପାରିବୁ ନାଇ । ନିଜେ ଭଗବାନ୍ ମୁକ୍ତି ଦେଇ ପାରନ୍ତି—ଆଉ କେହି ପାରନ୍ତି ନାଇ । ଏ କଥା ଜାଣି, ଆପଣ ଆମମାନଂକୁ କି ବର ମାଗୁଚଂତି—ମାଗଂତୁ !"

କିଂତୁ ମୁଚୁକୁଂଦ ଏ ସବୁ ଶୁଣି ମଧ୍ୟ, ମୁକ୍ତି ଛଡ଼ା ଆଉ କିଛି ମାଗିଲେ ନାଇ । ଦେବତାମାନେ କରନ୍ତି କଣ ? ଶେଷକୁ ମୁଚୁକୁଂଦଂକୁ ଦେବତାମାନେ ଏକ ପର୍ବତ ଗୁହା ଭିତରେ ଶୁଆଇ ଦେଲେ । ଦେବତା-ମାନଂକ ବରରେ ତାଂକୁ ଭୋକ, ଶୋଷ, ଦିନ, ରାତି କିଛି ନାଇ । କଥା ହେଲା, ଭଗବାନଂକୁ ଦେଖି ମୁକ୍ତି ପାଇହୁଏ, ଏ ଗୁହାରେ ସେ ଏହିପରି ଶୋଇଥିବେ ।

ସେତିକି ବେଳେ ମୁଚୁକୁଂଦ କହିଲେ, "ଦେବଗଣ, ଆପଣ ମତେ ପର୍ବତ ଗୁହାରେ ଶୋଇବାକୁ ବର ଦେଲେ ସତ, କିଏ ଯେବେ ଉଠାଇ ଦବ, ମୁଁ କଅଣ କରିବି ? ତେବେ ମତେ ବର ଦିଅଂତୁ, ଯେବେ କିଏ ମୋ' ନିଦ ଭାଂଗିବ, ତେବେ ମୁଁ ତାକୁ ଚାହିଁ ଦେଲେ ସେ ପୋଡ଼ିଯିବ ।" ଦେବତାମାନେ ହଁ କଲେ ।

ସେହି ଦିନଠାରୁ ମୁଚୁକୁଂଦ ସେ ପର୍ବତ ଗୁହାରେ ଶୋଇଥିଲେ । ଏବେ କାଳଯବନ ତାଂକ ନିଦ ଭାଂଗିଲାରୁ ସେ ପୋଡ଼ିଗଲା । ସେଠାରୁ ଭଗବାନ୍ ଶ୍ରୀକୃଷ୍ଣ ଆସି ମୁଚୁକୁଂଦକୁ ଆପଣା ରୂପ ଦେଖାଇଲେ । ମୁଚୁକୁଂଦ ଦେଖିଲେ ଶ୍ରୀକୃଷ୍ଣ ଆଉ ପିଲାଟିଏ ନୁହଂନ୍ତି । ତାଂକର ଚାରୋଟି ହାତ, ହାତରେ ଶଂଖ, ଚକ୍ର, ଗଦା, ପଦ୍ମ । ବେକରେ କୌସ୍ତୁଭ ମଣି । ସେ ପୀତାଂବର ପିଂଧି, ବନମାଳା ପକାଇ ସ୍ୱୟଂ ବିଷ୍ଣୁରୂପରେ ଠିଆ ହୋଇଚଂତି !

ମୁଚୁକୁଂଦ ଭଗବାନଂକୁ ଚିହ୍ନିପାରି, ସ୍ତୁତି କଲେ । ଭଗବାନ ସବୁ ଶୁଣି, କହିଲେ, "ହେ ରାଜା, ମୁଁ ବଡ଼ ସଂତୋଷ ହେଲି । ତୁମେ ଦେବତାମାନଂକଠାରୁ ରାଜ୍ୟ ଭୋଗ, ସ୍ୱର୍ଗ ପରମାୟୁ କିଛି ନ ମାଗି, କେବଳ ମୁକ୍ତି ପାଇବ ବୋଲି, ମତେ ଚାହିଁ ପଡ଼ିଚ । ତୁମେ ପରମ ଭକ୍ତ; କିଂତୁ ତୁମର କର୍ମ କ୍ଷୟ ପାଇ ନାଇ । ତୁମେ ଏହିପରି ଭଗବାନଂକଠାରେ ମନ ରଖି କେତେକାଳ ପୃଥିବୀରେ ବୁଲ । ମୁଁ ଆଶୀର୍ବାଦ କରୁଚି, ତୁମ ମନ ସଂସାରର କୌଣସି କଥାରେ ଭଳି ଯିବ ନାଇ । ସବୁବେଳେ ଭଗବାନଂକ ଉପରେ ମନ ଥିବ । ତୁମେ କ୍ଷତ୍ରିୟ ଥାଇ, ବହୁତ ପାରିଧି ଆଉ ଯୁଦ୍ଧ କରି, ବହୁତ ମନୁଷ୍ୟ, ବହୁତ ଜୀବଜଂତୁ ମାରିଚ । ସେହି କର୍ମରେ ତୁମକୁ ଟିକିଏ ପାପ ଲାଗିଚି । ଏବେ ସେହି ପାପ କ୍ଷୟ କରିବା ପାଇଁ ଭଗବାନଂକଠାରେ ସର୍ବଦା ଲକ୍ଷ୍ୟ ରଖି, ତପସ୍ୟା କର; ଆଉ ପାରିଧି ଫାରିଧି କରି, ଜୀବ ବଧ କର ନାଇ । ଏ ଜନ୍ମ ପରେ, ଆର ଜନ୍ମକୁ ତୁମେ ଗୋଟିଏ ସାଧୁ ବ୍ରାହ୍ମଣ ହୋଇ ଜନ୍ମ ପାଇବ । ସେହି ବ୍ରାହ୍ମଣ ଜନ୍ମରେ ତୁମ କର୍ମ କ୍ଷୟ ପାଇବ ଏବଂ ତୁମେ ମୁକ୍ତି ପାଇ, ବୈକୁଂଠକୁ ଯିବ ।"

ମୁଚୁକୁଂଦ ଏହା ଶୁଣି, ଶ୍ରୀକୃଷ୍ଣଂକୁ ପ୍ରଣାମ କରି, ତପସ୍ୟା କରିବାକୁ ବାହାରିଲେ । ପ୍ରଥମେ ଉତ୍ତରକୁ ଯାଇ ଗଂଧମାଦନ ପର୍ବତର ଗୁହାରେ ପଶି, ତପସ୍ୟାରେ ଲାଗିଲେ । ତା'ପରେ ବଦରିକାଶ୍ରମକୁ ଯାଇ, ସେହିଠାରେ ତପସ୍ୟା ପୂର୍ଣ୍ଣ କରି, ସିଦ୍ଧି ଲାଭ କଲେ ।

———

## ପୁଣି ଜରାସଂଧ

ମଥୁରାକୁ ଆସି, ଶ୍ରୀକୃଷ୍ଣ ଦେଖିଲେ, କାଳଯବନର ସେନାମାନେ ମଥୁରା ଘେରିଚଂତି । କୃଷ୍ଣ ନିଜ ସେନାମାନଂକୁ ଯୁଦ୍ଧରେ ଲଗାଇ ସେମାନଂକୁ ନାଶ

କଲେ । ତା'ପରେ ମଣିଷ, ଗୋରୁଗାଈ ଲଗାଇ, ସେମାନଂକର ସବୁ ଧନ, ରତ୍ନ, ଅଳଂକାର ପ୍ରଭୃତି ଯାହା ଥିଲା, ତା'ସବୁ ଦ୍ୱାରକାକୁ ବୋହିବାକୁ ଲାଗିଲେ ।

ବୁଦ୍ଧା ଲାଗିଛି, ଏତିକବେଳେ ଜରାସଂଧ ତେଇଶି ଅକ୍ଷୌହିଣୀ ସେନା ନେଇ ପୁଣି ହାବୁଡ଼ିଗଲେ । ଏଥର ରାମକୃଷ୍ଣ ଦୁହେଁ ଆଉ ଯୁଦ୍ଧ ନ କରି ଗୋଟାଏ ଚାଲାକି କଲେ । ସେମାନେ ଶତ୍ରୁ ସେନାଂକୁ ଦେଖି; ମଥୁରା ଛାଡ଼ି ବେଗେ ପଳାଇବାକୁ ବସିଲେ । ସେମାନେ ଗୋଡ଼ରେ ଦଉଡ଼ି ଦଉଡ଼ି ପଳାଉଥାଂତି । ଜରାସଂଧ ଏ କଥା ଦେଖି ଆଗ ହସିଲେ । ତା'ପରେ ସେମାନଂକୁ ସାଂଗରେ ନେଇ ରଥରେ ବସି, ରାମକୃଷ୍ଣଂକୁ ଧରିବାପାଇଁ ତାଂକ ପଛେ ପଛେ ଦଉଡ଼ିଲେ ।

ରାମକୃଷ୍ଣ ଭାରି ବେଗରେ ପଳାଉଥାଂତି । ଦଉଡ଼ି ଦଉଡ଼ି ଟିକିଏ ଥକି ପଡ଼ିଲା ପରି ହେଲେ । ବାଟରେ ପ୍ରସ୍ରବଣ ପର୍ବତ ପଡ଼ିଲା । ସେଥିରେ ସବୁ ବେଳେ ବର୍ଷା ହେଉଥାଏ । ପର୍ବତଟା ଭାରି ଉଚ । ରାମକୃଷ୍ଣ ଧାଁ'ଇ ସେ ପର୍ବତ ଉପରେ ଚଢ଼ିଗଲେ ।

ଜରାସଂଧ ତାଂକ ପଛେ ପଛେ ପର୍ବତ ଉପରେ ଚଢ଼ି, କେତେ ଖୋଜିଲେ । ଆଉ ରାମକୃଷ୍ଣଂକୁ ପାଇଲେ ନାଇଁ । ଶେଷକୁ ରାଗରେ ପର୍ବତ ତଳ ବଣରେ ନିଆଁ ଲଗାଇ ଦେଲେ । ବିଚାରିଲେ— ପର୍ବତତଳେ ନିଆଁ ଲାଗି ପର୍ବତ ତମାମ୍ ପୋଡ଼ିଗଲେ ରାମକୃଷ୍ଣ ପୋଡ଼ି ମରିଯିବେ ।

ଏହା କରି ଦେଇ, ଜରାସଂଧ ଚାଲିଗଲେ ସତ; କିଂତୁ ରାମକୃଷ୍ଣ ଦୁହେଁ ତ ପୋଡ଼ିଯିବା ଜଂତୁ ନୁହଂତି । ଦୁହେଁ ଖପ୍ କିନା ପର୍ବତ ଉପରୁ ଡେଇଁପଡ଼ି ମଥୁରାରୁ ସବୁ ଧନ, ରତ୍ନ ନେଇ କୁ'ବାଟେ ପୁଣି ଦ୍ୱାରକାକୁ ଚାଲିଗଲେ ।

ଜରାସଂଧ ରାମକୃଷ୍ଣ ଦୁହେଁ ପୋଡ଼ିମଲେ ବୋଲି ବିଚାରି, ମହା ଆନଂଦରେ ଘରକୁ ଗଲେ ।

---

## ରୁକ୍ମିଣୀ ବିବାହ ଓ ଜରାସଂଧ ବଧ

କୃଷ୍ଣଂକର ବିବାହ ବୟସ ଏ ମଧ୍ୟରେ ହୋଇଗଲା । ଆନର୍ତ୍ତ ଦେଶ ରାଜା ରୈବତଂକର ରେବତୀ ବୋଲି ଗୋଟିଏ ଝିଅ ଥିଲା । ବ୍ରହ୍ମା ଆସି, ରେବତୀଂକୁ କୃଷ୍ଣଂକ ସଂଗେ ବିବାହ ଦେବାପାଇଁ ରୈବତଂକୁ କହିଲେ । ରୈବତ କୃଷ୍ଣଂକୁ ବିବାହ ଦେବାପାଇଁ କନ୍ୟାଟି ବଳରାମଂକ ହାତେ ଦେଲେ । ବଳରାମ ତାଂକୁ ବିଭା ହେଲେ ।

ବିଦର୍ଭ ଦେଶ ରାଜା ଭୀଷ୍ମକଂକର ରୁକ୍ମିଣୀ ବୋଲି ଗୋଟିଏ କନ୍ୟା ଥିଲା । ସେହି ଭୀଷ୍ମକଂକର ରୁକ୍ମୀ, ରୁକ୍ମରଥ, ରୁକ୍ମବାହୁ, ରୁକ୍ମକେଶ, ରୁକ୍ମମାଳୀ ବୋଲି ପାଞ୍ଚଟି ପୁଅ ଥିଲେ । ଶ୍ରୀକୃଷ୍ଣଂକ କଥା ଶୁଣିଲା ଦିନୁ, ରୁକ୍ମିଣୀ ତାଂକୁ ବିଭା ହେବେ ବୋଲି, ତାଂକଠାରେ ମନ ଦେଲେ । ଶ୍ରୀକୃଷ୍ଣ ମଧ୍ୟ ରୁକ୍ମିଣୀଂକ କଥା ଶୁଣି, ତାଂକୁ ବିଭା ହେବେ ବୋଲି ମନେ କଲେ । କିଂତୁ ରୁକ୍ମିଣୀଂକ ବଡ଼ଭାଇ ରୁକ୍ମୀ ବଡ ଦୁଷ୍ଟ ଲୋକ ଥିଲେ । ଚେଦି ଦେଶର ରାଜା ଶିଶୁପାଳ, ମଗଧର ରାଜା ଜରାସଂଧ ପ୍ରଭୃତି ରାଜାଂକ ସଂଗେ ତାଂକର ବେଶି ଭାବ । ସେ ଭଉଣୀକି ଶିଶୁପାଳଂକ ସଂଗେ ବିଭା ଦେବେ ବୋଲି ଆଗରୁ ଠିକ୍ କରିଥାଂତି ।

ଶିଶୁପାଳଂକ ସଂଗେ ବିଭାଘର କଥା ଠିକ୍ ହୋଇଗଲା । ରୁକ୍ମିଣୀ ଏହା ଶୁଣି, ବଡ଼ ବ୍ୟସ୍ତ

ହୋଇ, ଗୋଟିଏ ବିଶ୍ୱାସୀ ବ୍ରାହ୍ମଣ ହାତେ ଖଂଡିଏ ଚିଠି କୃଷ୍ଣଂକ ପାଖକୁ ପଠାଇ ଦେଲେ ।

ବ୍ରାହ୍ମଣ ଆସି କୃଷ୍ଣଂକ ପାଖେ ଖୁବ ଆଦର ପାଇଲେ । ସବୁ କଥା କୃଷ୍ଣଂକୁ କହିଲେ । ଚିଠିଖଂଡି କୃଷ୍ଣଂକ ହାତରେ ଦେଲେ ।

ବ୍ରାହ୍ମଣ କହିଲେ, "ହେ ଶ୍ରୀକୃଷ୍ଣ, ରୁକ୍ମିଣୀ ଦେବୀ କହିଛଂତି, ସେ ଆପଣଂକୁ ବର ହେବେ ବୋଲି ମନେ ମନେ ଠିକ୍ କରି ବସିଛଂତି । ଆପଣଂକୁ ନ ପାଇଲେ, ସେ ଆଉ କାହାକୁ ବିଭାହେବେ ନାଇ । ଅତଏବ, ଆପଣ ଯାଇ, ତାଂକୁ କୌଣସି ରୂପେ ଶିଶୁପାଳ ହାତରୁ ଘେନି ଆସଂତୁ । ଆପଣ ବୀର, ଆପଣ ଘେନିଆସିଲେ ଶିଶୁପାଳ ତାଂକୁ ଛୁଇଁ ପାରିବ ନାଇ । ଆପଣ କାହାରି ସଂଗେ ଯୁଦ୍ଧରେ ହାରି ନାହାଂତି । ପ'ର ଦିନ ବିଭାଘର ଠିକ୍ ହୋଇଛି । ଆପଣ କୌଣସି ଉପାୟରେ ଯାଇ ସେଠାରେ ଯେତେ ରାଜା ସେନା ଘେନି ଜମା ହୋଇଥିବେ, ସେମାନଂକୁ ପରାସ୍ତ କରି, ରୁକ୍ମିଣୀଂକ ଘେନି ଆସିବେ । ଆପଣଂକୁ ବିଦର୍ଭ ରାଜପୁରର ରାଣୀମହଲ ଯାଏ ଯିବାକୁ ହେବ ନାଇ । ରୁକ୍ମିଣୀଂକ ଆପଣା ଲୋକମାନଂକୁ ମାରିବାକୁ ହେବ ନାଇ । ରୁକ୍ମିଣୀ କହିଛଂତି—ବିବାହ ପୂର୍ବଦିନ କୁଳରୀତି ଅନୁସାରେ ତାଂକୁ ସମସ୍ତେ ଅଂବିକା ଦେବୀଂକ ପୂଜା କରିବା ପାଇଁ ବାହାରକୁ ଆଣିବେ । ଆପଣ ସେତିକି ବେଳେ ତାଂକୁ ବାହାରେ ଦେଖିବେ । ଏ ସବୁ କଥା କହି ସେ ପୁଣି କହିଛଂତି—ଯଦି ସବୁ ଶୁଣି ଦୟା ନ କରଂତି—ତେବେ ସେ ତ ଆପଣଂକୁ ଝୁରି ଝୁରି କଂଟା ହେଲେଣି । ଶିଶୁପାଳ ତାଂକୁ ଛୁଇଁଲେ ସେ ପ୍ରାଣ ରଖିବେ ନାଇ । ଏ ଜନ୍ମରେ ହେଲେ, ନ ପାରିଲେ, ଆର ଜନ୍ମରେ ଆପଣଂକୁ ପାଇବେ ବୋଲି ଝୁରି ଝୁରି ମରିବେ ।"

ଚିଠିରେ ଏ ସବୁ ଲେଖା ଥିଲା । ବ୍ରାହ୍ମଣ ପଢ଼ି ସାରି କହିଲେ, "ଏଇ ଦୁଃଖର ଖବର ଘେନି ଆସିଛି । ଯାହା ମନ, ତାହା କରଂତୁ ।"

କୃଷ୍ଣ ବ୍ରାହ୍ମଣଂକୁ କହିଲେ, "କିଛି ଚିଂତା ନାଇ । ଆପଣ ଭଲ ଖବର ଆଣିଛଂତି । ମୁଁ ମଧ୍ୟ ରୁକ୍ମିଣୀଂକ ବିବାହ ହେବି—ବିଚାରିଛି । କେହି କିଛି କରିପାରିବେ ନାଇ । ମୁଁ ରୁକ୍ମିଣୀଂକ ଘେନି ଆସିବି ।"

ସାଂଗେ ସାଂଗେ ସାରଥି ଦାରୁକକୁ ଡାକି କୃଷ୍ଣ ରଥ ସଜାଡ଼ିବାକୁ କହିଲେ । ରଥରେ ଚଢ଼ି ଏକା ରାତିକେ ଯାଇ ବିଦର୍ଭରେ ପହଂଚି ଗଲେ ।

ବିଦର୍ଭର ରାଜଧାନୀ କୁଂଡିନପୁର । ସେଠାରେ ବିଦର୍ଭରାଜ ଯୁବରାଜ ରୁକ୍ମୀଂକ କଥାରେ ପଡ଼ି, ଶିଶୁପାଳକୁ ଝିଅ ଦେବେ ବୋଲି, ଉତ୍ସବ ଲଗାଇ ଦେଇଛଂତି । ସହରଯାକ ଚାରିଆଡ଼େ ତୋରଣ, ଫୁଲମାଳ, ପୂର୍ଣ୍ଣକୁଂଭ ବସି ଯାଇଛି, ପତାକା ଉଡ଼ୁଛି । ସବୁ ଘରୁ ଅଗୁରୁ, ଚଂଦନର ଗଂଧ ବାହାରୁଛି । ମାଇପି ମହଲରୁ ହୁଳହୁଳି ଶୁଭୁଛି । ରାଣୀମହଲରେ କନ୍ୟାକୁ ସ୍ନାନ କରାଇ ବେଶ କରାଉଛଂତି । ପୁରୋହିତମାନେ ହୋମ କରୁଛଂତି—ରାଜା ଦାନ କରୁଛଂତି ।

ଚେଦିରାଜ ଦମଘୋଷ ଆପଣା ପୁଅ ଶିଶୁପାଳକୁ ଘେନି ପହଂଚି ଯାଇ, ଗୋଟାଏ ରାଜପୁର ପରି ବଡ଼ ଘରେ ଅଛଂତି । ଅନେକ ସେନା, ଅନେକ ରଥ ତାଂକ ସଂଗେ ଅଛଂତି । ହାତୀ ଘୋଡ଼ା ଅକଳଂତି । ଚେଦିରାଜାଂକ ସଂଗେ ଶାଲ୍ୱ, ଜରାସଂଧ, ଦଂତବକ୍ର, ବିଦୂରଥ, ପୌଂଡ୍ରକ ପ୍ରଭୃତି ହଜାର ହଜାର ରାଜା ନିମଂତ୍ରିତ ହୋଇ ପହଂଚିଛଂତି ।

ଶ୍ରୀକୃଷ୍ଣ କନ୍ୟା ନେବାର ଚେଷ୍ଟା କଲେ ସମସ୍ତେ ଯୁଦ୍ଧ କରିବେ ବୋଲି ମନେ ମନେ ବିଚାରିଛଂନ୍ତି ।

ଏଣେ କୃଷ୍ଣ ଏକାରେ ରୁକ୍ମଣୀଂକ ଆଣିବାକୁ ଯାଇଛଂନ୍ତି ଶୁଣି, କାଳେ ଯୁଦ୍ଧ ହୋଇ ପାରେ ବିଚାରି, ବଳରାମ ସାଂଗେ ସାଂଗେ ହାତୀ, ଘୋଡ଼ା ରଥ, ସେନା ସବୁ ସଜାଡ଼ି ପଛେ ପଛେ କୁଂଡିନ ଆଡ଼କୁ ଚାଲିଲେ ।

ରୁକ୍ମଣୀଂକ ଚିତ୍ତରେ ଶାନ୍ତି ନାଇ । ତାଂକୁ ମୁହୂର୍ତ୍ତକ ବରଷେ ପରି ଲାଗୁଛି । ବ୍ରାହ୍ମଣ ଫେରିଲା ନାଇ; କି କୃଷ୍ଣଂକର ଆସିବାର ଖବର ନାଇ । କ'ଣ ହେଲା—ବୋଧହୁଏ ଶ୍ରୀକୃଷ୍ଣଂକର ମୋଠେଇଁ ମନ ମାନିଲା ନାଇ । ମୋତେ ଆଗରୁ ବିବାହ ହେବେବୋଲି ମନ କରିଥିଲେ । ଏବେ ମୁଁ ମାଇପି ଲୋକ ହୋଇ, ଆଗ କହି ପଠାଇବାରୁ, ତାଂକ ମନ ବଦଳି ଗଲା ପରା ! ଯେଉଁ ବ୍ରାହ୍ମଣକୁ ପଠାଇଥିଲି, ସେ ବୋଧହୁଏ ଫେରିଲେଣି । ଲାଜରେ ମୋ ପାଖକୁ ଆସୁ ନାହାଂନ୍ତି । ହେ ବିଧାତା, ହେ ମହେଶ୍ୱର, ହେ ପାର୍ବତୀ, ହେ ରୁଦ୍ରାଣୀ, କେହି ମୋ ପ୍ରତି ଦୟା କଲ ନାଇ ।"

ଏହିପରି ରୁକ୍ମଣୀ କେତେ ବିଚାରୁଥାଂନ୍ତି; ପୁଣି ମନେ ହୁଏ, ବେଳ ଯାଇ ନାଇ । ବ୍ରାହ୍ମଣ ଆସି ପାରଂନ୍ତି, ଶ୍ରୀକୃଷ୍ଣ ପହଂଚି ପାରଂନ୍ତି ।

ଏହିପରି ବିଚାରୁ ବିଚାରୁ ବ୍ରାହ୍ମଣ ଆସି ପହଂଚିଗଲେ । ବ୍ରାହ୍ମଣଂକ ମୁହଁ ହସ ହସ । ଦେଖିଲାକ୍ଷଣି ରୁକ୍ମଣୀ ଖୁସି ହୋଇଗଲେ । ସେ ବ୍ରାହ୍ମଣଂକୁ କୃଷ୍ଣ ନିଜେ ରଥରେ ଆଣିଥିଲେ । ବାଟରେ କେତେ କଥା କହିଥିଲେ, ସବୁ କଥା ବ୍ରାହ୍ମଣ ତାଂକୁ କହିଲେ ।

ରୁକ୍ମଣୀ ବ୍ରାହ୍ମଣଂକୁ ଦେଖି ଖୁବ ଖୁସି ହୋଇଗଲେ । ତାଂକୁ କ'ଣ ଦେବେ—ଠିକ୍ କରି ପାରିଲେ ନାଇ । ଶେଷକୁ କିଛି ଆଉ ନ ଦେଇ ଖାଲି ଗୋଟିଏ ପ୍ରଣାମ କଲେ ।

ଏଣେ ଶ୍ରୀରାମ, ଶ୍ରୀକୃଷ୍ଣ କୁଂଡିନରେ ପହଂଚିବାର ଖବର ହୋଇଗଲା । ରାଜା ଭୀଷ୍ମକ ବିଚାରିଲେ, ବୋଧହୁଏ ଏ ଭାଇଯାକ ବିବାହ ମହୋତ୍ସବ ଦେଖିବାକୁ ଆସିଛଂନ୍ତି । ଏକଥା ଭାବି, ରାଜା ନିଜେ ପାଛୋଟି ଆସିଲେ । ତାଂକୁ ଖୁବ ଆଦରରେ ଘର ଦେଲେ—ଚର୍ଚ୍ଚା କଲେ । ବେଳେ ବେଳେ ଭୀଷ୍ମକ ବିଚାରି ହେଉଥାଂନ୍ତି—ଶ୍ରୀକୃଷ୍ଣ ହୁଏତ ରୁକ୍ମଣୀଂକ ବିବାହ ହେବାପାଇଁ ଆସିଥିବେ । ଯା' ବିଚାରିଲା ବେଳେ ସେ ଆହୁରି ଆଦର କରୁଥାଂନ୍ତି ।

କୁଂଡ଼ିନପୁରରେ ସମସ୍ତେ ଶ୍ରୀକୃଷ୍ଣ ଆସିବା କଥା ଶୁଣି, ତାଂକୁ ଦେଖିବାକୁ ଆସିଲେ । ଦେଖି କିଏ କେତେ କଥା ବିଚାରିଲେ । କେହି କେହି କହି ପକାଇଲେ, ଆହା ରୁକ୍ମଣୀ ଯାଂକୁ ବିଭାହେଲେ, କେଡ଼େ ସୁଂଦର ହୁଅଂତା ! ଭଗବାନ୍ ତୁମରି ହାତେ ସବୁ । ତୁମରି କଲ୍ୟାଣ ହେଲେ, ଶିଶୁପାଳକୁ ବିଭା ନ ହୋଇ, ମୁହୂର୍ତ୍ତକେ ରୁକ୍ମଣୀ ଶ୍ରୀକୃଷ୍ଣଂକୁ ବିଭା ହୋଇପାରେ ।

ଅଂବିକାଂକ ପୂଜା ବେଳ ହୋଇଗଲା । କନ୍ୟା ଘେନି ଅଂବିକାଂକ ପାଖକୁ ଯିବାକୁ ହେବ । ଚାରିପଟେ ସେନାମାନେ ଘେରିଛଂନ୍ତି—ଭିତରେ ରାଣୀ ମହଲରେ ସଖୀ, ଦାସ,ଦାସୀମାନେ ରୁକ୍ମଣୀଂକ ଘେନି ଅଂବିକାଂକ ଦେଉଳ ଆଡକୁ ବାହାରିଲେ ।

ଚାରିଆଡ଼େ ଶଂଖ, ମୃଦଂଗ, ତୂରୀ, ଭେରୀ ବାଜୁଛି । ଆଗରେ ପଂଝାକୁ ପଂଝା ଗୀତ ଗାଇ

ନାଚୁଛନ୍ତି । ବ୍ରାହ୍ମଣୀମାନେ ସୁନ୍ଦର ମାଳା, ଅଳଙ୍କାର ପିନ୍ଧି ଆଶୀର୍ବାଦ କରି ପାଖେ ପାଖେ ଚାଲିଛନ୍ତି । ଏହାପରେ ରୁକ୍ମିଣୀ ଯାଇ ଅମ୍ବିକାଙ୍କ ଦର୍ଶନ କଲେ ।

ବୁଢ଼ୀମାନେ ଥିଲେ । ସେମାନେ ରୁକ୍ମିଣୀଙ୍କ ଯେପରି ବତାଇ ଦେଲେ ରୁକ୍ମିଣୀ ଲାଜରେ ମୁଣ୍ଡଟି ପୋତି, ସେହିପରି ଅମ୍ବିକାଙ୍କ ବନ୍ଦାପନା କରି ଗଲେ । ଶେଷକୁ ବ୍ରାହ୍ମଣୀମାନେ ରୁକ୍ମିଣୀଙ୍କ ନିର୍ମାଲ୍ୟ ସେବା କରାଇ ଆଶୀର୍ବାଦ କଲେ ।

ତା’ ପରେ ସଖୀଙ୍କ ହାତ ଧରି ଦେବୀ ମନ୍ଦିରରୁ ଘର ଆଡ଼କୁ ଫେରିଲେ ।

ଫେରିଲା ବେଳେ ତାଙ୍କର ମୁହଁ ହସ ହସ ଦିଶୁଥାଏ । ସେ ସହରରେ ଜୁଟି ହୋଇଥିବା ରାଜାମାନେ କେତେ ଭଙ୍ଗୀ କରି ତାଙ୍କୁ ଦେଖୁଥାଆନ୍ତି ।

ଆସୁ ଆସୁ ବାଟରେ ଯେଉଁଠି କୃଷ୍ଣ ଥିଲେ, ସେ ସ୍ଥାନ ହୋଇଗଲା । ରୁକ୍ମିଣୀ ଟିକିଏ ତରତର ହୋଇ ଚାଲି, କୃଷ୍ଣଙ୍କ ଆଡ଼କୁ ଲାଗି ଲାଗି ଆସିଲେ ।

ରଥ ଉପରେ କୃଷ୍ଣ ଥିଲେ । ରୁକ୍ମିଣୀଙ୍କ ଆଖି ପଡ଼ିଗଲା । ସମସ୍ତେ ବକ୍ ବକ୍ କରି ଚାହିଁଥାଆନ୍ତି । ହଠାତ୍ କୃଷ୍ଣ ରୁକ୍ମିଣୀ ହାତ ଧରି, ତାଙ୍କୁ ନେଇ ରଥ ଉପରେ ବସିଗଲେ ।

ବଳରାମ ଆସି, ଆଗରେ ପହଞ୍ଚିଗଲେ । ଆଉ ଯେତେ ରାଜାଙ୍କର ଯେତେ ସେନା ଥିଲେ, କୃଷ୍ଣ, ବଳରାମ କାହାକୁ ନ ମାନି ଆପଣା ସେନା ଘେନି ଚାଲିଲେ ।

ଯେଉଁମାନେ ଯୁଦ୍ଧ କରିବାକୁ ଆସିଲେ, ସେମାନେ ପରାସ୍ତ ହୋଇ ପଛକୁ ପଡ଼ିଗଲେ । ଜରାସନ୍ଧ ପ୍ରଭୃତି ରାଜାମାନେ ପଛକୁ ଆପଣାର ଅପଯଶ ବୁଝି, ଆପଣାକୁ ଧିକ୍କାର ଦେଲେ ।

---

## ରୁକ୍ମିଣୀ ବିବାହ

ଜରାସନ୍ଧ ପ୍ରଭୃତି ବୀରମାନେ ପୁଣି ସୈନ୍ୟ ସାମନ୍ତମାନଙ୍କୁ ଘେନି, ରୁକ୍ମିଣୀଙ୍କ ଛଡ଼ାଇବା ପାଇଁ କୃଷ୍ଣଙ୍କ ପଛେ ପଛେ ଗୋଡ଼ାଇଲେ । ସେମାନେ ଆସି ହାବୁଡ଼ି ଯାଇ, ପର୍ବତ ଉପରେ ମେଘମାନେ ପାଣି ବରଷିଲା ପରି, ଯାଦବଙ୍କ ଉପରେ ବାଣ ବୃଷ୍ଟି କଲେ । ରୁକ୍ମିଣୀଙ୍କ ମଧ୍ୟ ଟିକିଏ ଡର ମାଡ଼ିଗଲା ।

ଶ୍ରୀକୃଷ୍ଣ ଜାଣିପାରି, ଚାହିଁ, ଟିକିଏ ହସି ଦେଇ କହିଲେ, ‘ଡରିବାର କିଛି ନାଇ । କେହି କିଛି କରି ପାରିବେ ନାଇ ।’

ଏ ମଧ୍ୟରେ ବଳରାମ ଆଦି ଯାଦବ ବୀରମାନେ ବଡ଼ ରାଗିଯାଇ, ଶତ୍ରୁମାନଙ୍କୁ ହଟାଇବାର ଉଦ୍ୟମ କଲେ । ସେମାନଙ୍କର ଘୋଡ଼ା, ହାତୀ, ରଥ ସବୁ ହଜାର ହଜାର ତଳେ ପଡ଼ିଗଲା । ପାଇକ କେତେ ମଲେ—ତା’ କିଏ କହିବ ? ବାଟଯାକ ଗଦା, ତରବାରି, ଧନୁ, ଶର, ସୈନ୍ୟଙ୍କ ହାତ ଗୋଡ଼, କାନ୍ଧ ପ୍ରଭୃତି ପୂର୍ଣ୍ଣ ହୋଇଗଲା । ସମୁଦ୍ର ପରି ମୁଣ୍ଡମାଳ ଗଡ଼ିଲା ।

କୃଷ୍ଣଙ୍କ ଶତ୍ରୁମାନେ ସମସ୍ତେ ପରାସ୍ତ ହେଲେ । ଜରାସନ୍ଧ ପ୍ରଭୃତି ରାଜାମାନେ ପୁଣି ଫେରି, କୁଣ୍ଡିନକୁ ଗଲେ । ଶିଶୁପାଳ କଥା ଆଉ କହିବା କାହିଁକି ? ସେ ତ ଖାଇବି ବୋଲି, ଆଁ କରି ଗୁଣ୍ଡା ଉଠାଇଥିଲା । ସେ ଗୁଣ୍ଡାଟି ଏବେ କୃଷ୍ଣ କାଢ଼ି ନେଇ

ଚଲ୍ । ତା ମନ କଣ' ହେଉଥିବ—ସମସ୍ତେ ବୁଝି ପାରୁଚ ।

ଜରାସଂଧ ହେରିକା ଆସି ଶିଶୁପାଳକୁ ବୋଧ ଦେଲେ । ସେମାନେ କହିଲେ, "ଜିଣିବା ହାରିବା ମନୁଷ୍ୟ ହାତରେ ନାଇ । ସେ ସବୁ ଦଇବ ହାତ କଥା । ଆଜ ଶ୍ରୀକୃଷ୍ଣଂକୁ ଦଇବ ସହିଲା । କାଲି ଫେର ଆମ କପାଳ ଫିଟିବ । ଏଥିପାଇଁ ଚିଂତା କ'ଣ ?" ଶିଶୁପାଳ ଟିକଏ ଥଂଡା ହେଲେ । ସବୁ ରାଜାମାନେ ଆପଣା ଆପଣା ରାଜଧାନୀକି ଫେରିଲେ ।

ରୁକ୍ମିଣୀଂକ ବଡ଼ ଭାଇ ରୁକ୍ମ କୃଷ୍ଣଂକୁ କେବେ ସୁଖ ପାଏ ନାଇ ; କୃଷ୍ଣ ଭଉଣୀକି ଚୋ'ର କରି ନେଇ ଗଲେ । ଏ କଥା ତାକୁ ଭାରି ଅପମାନ ଲାଗିଲା । ସେ କାହାରି କଥା ନ ଶୁଣି, ସେନା ନେଇ, କୃଷ୍ଣଂକ ପଛେ ପଛେ ଦଉଡ଼ିଲା । ସବୁ ରାଜାଂକୁ ଡାକି କହିଲା, "ଶୁଣ ରାଜାମାନେ, ମୁଁ ପ୍ରତିଜ୍ଞା କରୁଚି, ଯଦି କୃଷ୍ଣଂକୁ ବଂଧାଇ ରଖି, ଦେଖା ରୁକ୍ମିଣୀଂକୁ ନନେଇ ଫେରେ, ତେବେ ଏ ଜନ୍ମରେ ଆଉ କୁଂଡୀନ ସହରରେ ପଶିବି ନାଇ ।"

ଏହିପରି ପ୍ରତିଜ୍ଞା କରି ସାରଥିକି ରଥ ଦଉଡ଼ାଇବାକୁ କହିଲା । ପଛକୁ କୃଷ୍ଣଂକୁ ଦେଖି, 'ରହ ରହ' ବୋଲି ଡକା ପକାଇ, ଧନୁରେ ଶର ବସାଇ 'ଠନ୍ ଠନ୍' କଲା ।

କୃଷ୍ଣ ପଛକୁ ବୁଲିଁ ବୁଲିଁ ରୁକ୍ମୀର ଶର ଆସି ପହଂଚ ଗଲାଣି । ସେ କୃଷ୍ଣଂକୁ ଡାକି କହିଲା, "ପ୍ରାଣକୁ ଯେବେ ଆଶା ଅଛି, ତେବେ ମୋ ଭଉଣୀକି ଛାଡ଼ ଦେ ।" କୃଷ୍ଣ ଟିକଏ ହସି, କୌତୁକରେ ତ'ଟି ବାଣ ମାରି ରୁକ୍ମୀଂକୁ ଟିକଏ ଜଣାଇ ଦେଲେ । ତା'ପରେ କ୍ରମେ ତାର ରଥ ଘୋଡ଼ା, ସାରଥି, ଧ୍ୱଜ, ପତାକା ପ୍ରଭୃତି ରାଜଚିହ୍ନ ସବୁ କାଟି ଫିଂଗି ଦେଲେ ।

ରୁକ୍ମୀ ନମାନି, ପୁଣି କୃଷ୍ଣଂକ ଉପରକୁ ବାଣ ମାରିଲା । କୃଷ୍ଣ ଧନୁ କାଟି ଦେଲେ; ସେ ପୁଣି ଆଉ ଧନୁ ଧରିଲା । ପୁଣି କୃଷ୍ଣ କାଟିଲେ—ପୁଣି ଧନୁ ଧରିଲା । ତା' ଉପରୁ ପରିଘ, ପଟ୍ଟିଶ, ଶୂଳ, ଚର୍ମ, ଅସି, ଶକ୍ତି, ତୋମର ପ୍ରଭୃତି ଯେ କୌଣସି ଅସ୍ତ୍ର ରୁକ୍ମୀ ଧରୁଥାଂତି, କୃଷ୍ଣ ସଂଗେ ସଂଗେ ତାହା କାଟି ଦେଉଥାଂତି ।

ଶେଷକୁ ରୁକ୍ମୀ ଭାରି ରାଗିଯାଇ, ଖଂଡ଼ା ଧରି, ରଥରୁ ଓହ୍ଲାଇ, କୃଷ୍ଣଂକ ଆଡ଼କୁ ଦଉଡ଼ିଲା । କୃଷ୍ଣଂକୁ ଯାଇ ହାଣିଦେଲା ବେଳକୁ, କୃଷ୍ଣ ଚଟ୍ କରି ତା ଖଂଡାଟି ଟିକି ଟିକି କରି କାଟିଦେଲେ । କାଟିଦେଇ, ରୁକ୍ମୀଂକ ଧରି, ଆପଣା ଖଂଡ଼ାରେ ହାଣିବାକୁ ବସିଲେ ।

ପାଖରେ ରୁକ୍ମିଣୀ ବସିଚଂତି । ଆପଣା ଭାଇଟାକୁ କୃଷ୍ଣ ତାଂକ ପାଖରେ ହାଣିବେ - ଦେହ ଏହା ସହେ କେତେବେଳେ ? ସେ ଆସି କୃଷ୍ଣଂକ ଗୋଡ଼ ଧରି ପକାଇ, ଭୋ ଭୋ କାଂନ୍ଦିଲେ, କାଂନ୍ଦି କାଂନ୍ଦି କହିଲେ, "ଆଜ ମୋ ବିବାହ ଦିନ । ମଂଗଳଦିନରେ ମୋ ଭାଇକି ମାରନାହିଁ, ଆପଣ ମହାପୁରୁଷ, ମହାଭୁଜ—ମହାବୀର । ଏ ସାମାନ୍ୟ ରୁକ୍ମୀକି ମାରି, ଆପଣଂକର କି ଯଶ ହେବ ?"

କୃଷ୍ଣ ରୁକ୍ମିଣୀଂକ ଅବସ୍ଥା ଦେଖିଲେ । ସେ ଆଉ ରୁକ୍ମୀଂକି ହାଣିଲେ ନାଇ, କିଂତୁ ତା'ରି ଲୁଗାରେ ତା'କୁ ଆପଣା ରଥରେ ବାଂଧି, ଖଂଡାରେ ତାର ଦାଢ଼ି ଚୁଟି କାଟିଦେଲେ ।

ରୁକ୍ମୀଂକର ଯେତେବେଳେ ଏ ଅବସ୍ଥା, ସେତେବେଳେ ସୈନ୍ୟମାନେ ବା କେତେ ମୁହୂର୍ତ୍ତ ରହଂତେ ?

ଯଦୁବୀରମାନେ ତାଙ୍କୁ ମୁହୂର୍ତ୍ତକ ଭିତରେ ହାତୀ ପଦ୍ମବନ ଦଳିଲା ପରି ଦଳିଦେଲେ ।

ଯୁଦ୍ଧ ସରିଲାରୁ ବଳରାମ କୃଷ୍ଣଙ୍କ ପାଖକୁ ଆସି, ଚୁଟି ଦାଢ଼ି କଟା ରୁକ୍ମୀଙ୍କୁ ତାଙ୍କ ରଥରେ ବନ୍ଧା ହୋଇଥିବାର ଦେଖିଲେ । ତାଙ୍କ ଦେହ ସହିଲା ନାଇ । ସେ ସେହିକ୍ଷଣି କୃଷ୍ଣଙ୍କୁ କହି ରୁକ୍ମୀଙ୍କୁ ଫିଟାଇ ଦେଲେ ଏବଂ କୃଷ୍ଣଙ୍କୁ କହିଲେ, "ଭାଇ, ଏ କି କଥା, ରୁକ୍ମୀ ଆମର ଆପଣା ଲୋକ, ତାଙ୍କୁ ଏପରି ଚୁଟି, ଦାଢ଼ି କାଟି ବିରୂପ କରିବାଟା କି ଠିକ୍ ହେଲା ? ଛିଃ !"

ତା'ପରେ ବଳରାମ ପୁଣି ରୁକ୍ମିଣୀଙ୍କୁ କହିଲେ, "ରୁକ୍ମିଣୀ, ଭାଇଙ୍କ ଏପରି ଦେଖି, ତୁମ ମନ ଖରାପ ହଉଥିବ । ତୁମେ, ଆମକୁ ଗାଳି ଦଉଥିବ; କିଂତୁ କିଏ କଣ କରିବ ? ଯେଝା କର୍ମର ଫଳ ସେ ପାଇବ । ଏଥିରେ ତୁମର ଦୁଃଖ ବା ରାଗ କରିବାର କାରଣ କିଛି ନାଇ ।" ଏହିପରି ବଳଦେବ କୃଷ୍ଣ ରୁକ୍ମିଣୀଙ୍କ ବହୁତ ବୁଝାଇ ସୁଝାଇ ଦୁହିଁଙ୍କ ଥଂଡା କଲେ ।

ରୁକ୍ମୀ ସେଠାରୁ ଆସି ଆଉ କୁଂଡିନରେ ପଶିଲେ ନାଇ । ମନ ଅପମାନ ମନରେ ମାରି ଭୋଜକଟକ ବୋଲି କୁଂଡିନ ବାହାରରେ ଗୋଟିଏ ପୁରୀ ତିଆରି କରି ସେହିଠାରେ ରହିଲେ । ବଳରାମ, କୃଷ୍ଣ ରୁକ୍ମିଣୀଙ୍କ ଏତେକଥା ବୁଝାଇଲେ । ରୁକ୍ମୀଙ୍କ ଆପଣାର କରି ଛାଡ଼ିଦେଲେ । ସେଥିରେ ରୁକ୍ମୀର ଜ୍ଞାନ ହେଲା ନାଇ । ସେ ସବୁବେଳେ ମନେ ମନେ କୃଷ୍ଣଙ୍କ ପ୍ରତି ରାଗ ରଖି ରହିଲା ।

ଏଣେ ଯଦୁପୁରରେ ଭାରି ଉତ୍ସବ ଲାଗିଗଲା । ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ବିଭା ହେବେ, ଏ ବିବାହ ଧର୍ମସଂଗତ । ପୂର୍ବେ କ୍ଷତ୍ରିୟମାନେ ଏହିପରି ଜୋର୍‌କରି କନ୍ୟା ନେଇଆସି, ବିଭା ହେବାର ବିଧି ଥିଲା । ଶାସ୍ତ୍ରରେ ଏହାଙ୍କୁ 'ରାକ୍ଷସ ବିବାହ' କହଂତି । କ୍ଷତ୍ରିୟଙ୍କର ଏ ବିବାହ ଗୋଟିଏ ଭାରି ଗୌରବ ବଢ଼ାଉଥିଲା । ଯେପରି ସେପରି କ୍ଷତ୍ରିୟ ହାତେ ଏହା ହୁଏ ନାଇ । ଏତେ ଯୁଦ୍ଧ କରି, ଏତେ ରାଜାଙ୍କୁ ମାରି, କନ୍ୟାକୁ ନେଇଆସିବା ସହଜ କଥା ନୁହେଁ । କୃଷ୍ଣ ତାହା ପାରିଛଂତି । ମଥୁରାରେ ଆଜ କି ଆନଂଦ !

ଘରସବୁ ସଜା ହୋଇଗଲା । ମାଳ, ପତାକା, ପୂର୍ଣ୍ଣକୁଂଭ, ଗଛ, ଧୂପ ଦୀପ, ସହରଯାକ ଚାରିଆଡ଼େ ଭରିଗଲା । ମଂଗଳ ବାଇଦ ବାଜିଲା; ରଥ, ହାତୀ, ଘୋଡ଼ା, ପାଇକ ପ୍ରଭୃତି ସେନାମାନେ ସଜାଡ଼ି ହୋଇ ଦଳକୁ ଦଳ ବୁଲିଲେ । କେତେ ରାଜା, କେତେ ବ୍ରାହ୍ମଣ ନିମଂତ୍ରଣରେ ଆସି, ଚର୍ଚ୍ଚା ହେଲେ । ପୁରନାରୀମାନେ ହୁଳହୁଳିରେ ଆକାଶ ଫଟାଇଦେଲେ । କାଂଗାଳ ମାନଂକ ପାଇଁ ଲଡ଼ୁ, ମିଠେଇ, ଖିରି ସହର ତମାମ୍ ଭାସିଗଲା, ପିଲାମାନେ କେତେ ଖାଇଲେ, କେତେ ଖୁସି ହେଲେ; ତା କିଏ କହିବ ?

---

## ପ୍ରଦ୍ୟୁମ୍ନ କଥା

କାମଦେବ ବୋଲି ସ୍ୱର୍ଗରେ ଯେଉଁ ଦେବତା ଥାଆଂତି, ସେ ଦେଖିବାକୁ ସବୁଠାରୁ ସୁଂଦର । ତାଙ୍କ ସ୍ତ୍ରୀର ନାମ ରତି । ତାଙ୍କ ପରି ସୁଂଦରୀ ମଧ୍ୟ ସ୍ୱର୍ଗ, ମର୍ତ୍ତ୍ୟ ପାତାଳରେ ଆଉ କେହି ନାଇ । ଏହି କାମଦେବ ଥରେ ମହାଦେବଙ୍କୁ ରଗାଇ ଦେଇଥିଲେ । ମହାଦେବଙ୍କ ଆଖିରୁ ନିଆଁ ବାହାରି ତାଙ୍କୁ ପୋଡ଼ି ଦେଇଥିଲା । ରତି ଏହା ଦେଖି, ବଡ଼ ବ୍ୟାକୁଳ ହୋଇ କାଂଦିବାରୁ କାମଦେବ ପୁଣି ଜନ୍ମହେବେ ବୋଲି ଦେବତାମାନେ କହିଥିଲେ ।

ସେହି କାମଦେବଙ୍କର ଏବେ ପୁଣି ଜନ୍ମପାଇବାର କାଳ ହେଲା । ସେ ଆସି କୃଷ୍ଣ; ରୁକ୍ମିଣୀଙ୍କର ପୁଅ

ହୋଇ ରୁକ୍ମିଣୀଂକ ଗର୍ଭରୁ ଜନ୍ମହେଲେ । ତାଂକର ନାମ ହେଲା ପ୍ରଦ୍ୟୁମ୍ନ ।

ଶଂବରାସୁର ବୋଲି ଗୋଟିଏ ରାକ୍ଷସ ଥିଲା । ସେ ଜାଣିଥିଲା, କାମଦେବ ପୁଣି ପ୍ରଦ୍ୟୁମ୍ନ ରୂପରେ ଜନ୍ମପାଇ ତାକୁ ମାରିବେ । ସେ ଛକିକରି ଥିଲା । ରୁକ୍ମିଣୀଂକର ପୁଅ ହେଲାକ୍ଷଣି, ଦଶଦିନ ସେ ପିଲାଟିକି ଚୋରିକରି ନେଇ, ସମୁଦ୍ରରେ ଫିଂଗି ଦେଇ, ଘରକୁ ଗଲା ।

ଗୋଟାଏ ବଡ଼ମାଛ ସେ ପଲଟି ପଡ଼ୁ ପଡ଼ୁ ଟାକୋକରି ତା'କୁ ଗିଳି ଦେଲା । ଭାଗ୍ୟକୁ କେଉଟମାନେ ଜାଲ ପକାଇଲା ବେଳେ, ସେହି ମାଛଟି ଜାଲରେ ପଡ଼ି ଉପରକୁ ଆସିଲା ।

ସେ କେଉଟ ଗୁଡ଼ିକ ଶଂବରାସୁର ରାଜ୍ୟରେ ଥାଆଂତି । ବଡ଼ ମାଛଟିକି ବାଛିକରି, ଶଂବରାସୁର ଖଂଦାଘରେ ଭେଟି ଦେଇଦେଲେ । ସୁଆରମାନେ ମାଛଟି କାଟିଲାବେଳକୁ ତା'ଭିତରୁ, ଶଂଖଭିତରୁ ମୁକ୍ତା ବାହାରିଲାପରି, ଅପୂର୍ବ ସୁଂଦର ପିଲାଟିଏ ବାହାରି ପଡ଼ିଲା ।

ମାୟାବତୀ ବୋଲି, ସେହି ଶଂବରାସୁର ଖଂଦାରେ ଗୋଟିଏ ରାଂଧୁଣୀ ଥିଲା । ସେ ସେହି ପିଲାଟିକି ନେଇ ପାଳିଲା । ରତିଦେବୀ ନିଜେ ଏହି ମାୟାବତୀ ହୋଇ ଜନ୍ମ ହୋଇଥିଲେ । ସେ ନାରଦଂକ ଠାରୁ ଏ ସବୁକଥା ଆଗରୁ ଜାଣି ଏଇ ପିଲାଟିକି ପାଇବେ ବୋଲି, ଶଂବରାସୁର ଖଂଦାରେ ଆସି ରାଂଧୁଣୀ ହୋଇଥିଲେ । ସେ ଏବେ ପିଲାଟିକି ଚହ୍ନିପାରିଲେ ।

ପିଲାଟି କ୍ରମେ ବଡ଼ ହେଲା । ବିବାହବୟସ ହେଲାରୁ ମାୟାବତୀ ତାଂକୁ ବୁଝାଇକରି ସବୁ କହିଲେ । ଶଂବରାସୁର ତାଂକୁ ଯେପରି ସମୁଦ୍ରକୁ ଫିଂଗି ଦେଇଥିଲା, ମାଛ ପେଟରୁ ଯେପରି ସେ ବାହାରିଲେ, ମାୟାବତୀ ତାଂକୁ ଯେପରି ପାଳିଥିଲେ, ସବୁକଥା ମାୟାବତୀଠାରୁ ଶୁଣି, ପ୍ରଦ୍ୟୁମ୍ନ ଭାରି ରାଗିଲେ ।

ମାୟାବତୀ କହିଲେ, "ପ୍ରାଣେଶ୍ୱର, ତମକୁ ନପାଇ, ତମ ମା' ରୁକ୍ମିଣୀ ସବୁବେଳେ କାଂଦୁଚନ୍ତି । ଏବେ ତମେ ମୋଠାରୁ ମାୟାବିଦ୍ୟା ଶିଖ । ଶଂବରାସୁରକୁ ମାରି, ଚାଲ ଦୁହେଁ ପୁଣି ତମ ମା' ପାଖକୁ ଯିବା ।"

ଏବେ ପ୍ରଦ୍ୟୁମ୍ନ ମାୟାବିଦ୍ୟା ଶିଖି, ଶଂବରାସୁରକୁ ଗାଳିଦେଇ ଯୁଦ୍ଧକୁ ଡାକିଲେ । ସାପଉପରେ ଗୋଡ଼ ପଡ଼ିଗଲେ, ସେ ଯେପରି ଫଁ କରି ଫଣା ଟେକି ଉଠେ, ସେହିପରି ଶଂବରାସୁର ଗଦା ଧରି ଯୁଦ୍ଧକୁ ବାହାରି-ପଡ଼ିଲା ।

ଗଦାରେ ଗଦାରେ କେତେବେଳଯାଏଁ ଭାରି ଯୁଦ୍ଧ ହେଲା । ଅସୁରକୁ ବି ଭାରି ମାୟା ଜଣାଥିଲା । ସେ ଲୁହୁଁ ଲୁହୁଁ ଲୁଚି ପ୍ରଦ୍ୟୁମ୍ନଂକ ଉପରେ ବାଣ ବୃଷ୍ଟିକଲା ।

ଦୁହେଁ ମାୟାବିଦ୍ୟାରେ ଧୁରଂଧର । କେତେବେଳ ଯାଏ, ମାୟା ଯୁଦ୍ଧ ଚାଲିଲା । ଶେଷକୁ ପ୍ରଦ୍ୟୁମ୍ନ ଦାଢ଼, ମୁକୁଟ ସହିତ ଶଂବରାସୁରର ମୁଂଡଟି ହାତରେ ଧରି, କାହୁଁ ଆସି, ସମସ୍ତଙ୍କ ଆଗରେ ଠିଆ ହୋଇ ଗଲେ ।

ଏବେ ମାୟାବତୀଂକ ସହିତ, ପ୍ରଦ୍ୟୁମ୍ନ ଆକାଶରେ ଉଡ଼ି ଉଡ଼ି ଯାଇ, ଦ୍ୱାରକାର ଅଂଦର ମହଲ ଭିତରେ ଏକାବେଳକେ ପଶିଗଲେ ।

ସମସ୍ତେ ତାଂକୁ ଦେଖିଲାକ୍ଷଣି, ଶ୍ରୀକୃଷ୍ଣ ବୋଲି ଭାବିରି, ଲାଜରେ ଆଗ ଲୁଚିଗଲେ । ତା' ପରେ ଭଲକରି ଦେଖି, ବାହାରକୁ ଆସି, ଆଶ୍ଚର୍ଯ୍ୟ ହୋଇ ରହିଲେ ।

ରୁକ୍ମଣୀ ସେ ବାଳକଙ୍କ ଦେଖିଲେ । କାର୍ତ୍ତିକ ତାଙ୍କ ପୁଅକଥା ତାଙ୍କ ମନେ ପଡ଼ି, ସ୍ତନବାଟେ ଦୁଧଧାର ଗଡ଼ିପଡ଼ିଲା । ସେ ବିଚାରିଲେ ଏ ନିଶ୍ଚୟ ଜଣେ ମହାପୁରୁଷ । ଆହା ! କାହା ପୁଅ ଏ; ଆଉ ଏ ସୁନ୍ଦରୀଟି ବା କିଏ ? ଆହା ମୋ ପୁଅଟି ଯେବେ ଆଜଯାଏ ଥାନ୍ତା ସେ ଏହିପରି ବଢ଼ିଥାନ୍ତା, ସ୍ୱାଙ୍କର ତ ବରାବର ମୋର ସ୍ୱାମୀପରି ରୂପ, ଆକୃତି, ହାତ, ଗୋଡ଼, ମୁହଁ । ଏ କ'ଣ ତେବେ ସେହି ମୋର ପୁଅ ? ତା' ନ ହେଲେ ମୋର ପ୍ରାଣ ଏତେ ବିକଳ ହଉଚି କାହିଁକି ?''

ଏତିକିବେଳକୁ ଠିକ୍ ଶ୍ରୀକୃଷ୍ଣ ଆସି ସେଠାରେ ପହଂଚିଗଲେ । ପ୍ରଦ୍ୟୁମ୍ନଙ୍କୁ ଦେଖି, ସେ ସ୍ଥିର ହୋଇ ଛିଡ଼ା ହୋଇଗଲେ । ନାରଦ ଆସି, ଏତିକିବେଳେ ପହଂଚିଯାଇ ସବୁକଥା ସମସ୍ତଙ୍କୁ କହିଦେଲେ ।

ଯମପୁରରୁ ଫେରି ଆସିଲାପରି, ପୁଅକୁ ଦେଖି, ରୁକ୍ମଣୀ କୁଂଢାଇ ପକାଇ କେତେ କାନ୍ଦିଲେ । ଦ୍ୱାରକାରେ ସମସ୍ତେ ଭାରି ଉତ୍ସବକରି, ପୁଅ ବୋହୂଙ୍କୁ ଘରେ ରଖିଲେ ।

---

## ସ୍ୟମଂତକ ମଣି କଥା
## ଓ
## ଜାଂବବତୀ, ସତ୍ୟଭାମାଙ୍କର ବିବାହ

ସତ୍ରାଜିତ ବୋଲି ଜଣେ ରାଜା ଥିଲେ । ସେ ସୂର୍ଯ୍ୟଙ୍କର ଭାରି ଭକ୍ତ । ସୂର୍ଯ୍ୟଙ୍କର 'ସ୍ୟମଂତକ' ବୋଲି ଗୋଟିଏ ଭାରି ଉଜ୍ଜ୍ୱଳ ମଣି ଥାଏ । ସେ ଖୁସୀ ହୋଇ, ସତ୍ରାଜିତଙ୍କୁ ତାହା ଦେଇଥିଲେ ।

ସତ୍ରାଜିତ ତାକୁ ବେକରେ ଭିଡ଼ିଲାବେଳେ ଗୋଟାଏ ସୂର୍ଯ୍ୟପରି ଦିଶଂତି । ସେ ଦିନେ ସେହି ମଣି ଭିଡ଼ି, ହଠାତ୍ ଦ୍ୱାରକାରେ ଆସି ପହଂଚିଗଲେ । ସମସ୍ତେ ତାଙ୍କୁ ସୂର୍ଯ୍ୟ ବୋଲି ବିଚାରିଲେ । କୃଷ୍ଣଙ୍କୁ ଆସି ଖବର ଦେଲେ "ହେ ଗୋବିଂଦ, ଆପଣ ଥିବାରୁ, ସବୁ ଦେବତାମାନେ ଏଠାକୁ ଆସୁଚଂତି । ଏବେ ସୂର୍ଯ୍ୟ ଆସି ପହଂଚିଲେଣି ।"

ଶ୍ରୀକୃଷ୍ଣ ହସି ହସି କହିଲେ, "କିଛି ଶଂକା ନାଇ; ସେ ସୂର୍ଯ୍ୟ ନୁହଂନ୍ତି । ତାଙ୍କ ତେଜରେ କେହି ପୋଡ଼ିବ ନାଇ, ସେ ରାଜା ସତ୍ରାଜିତ । ସୂର୍ଯ୍ୟଙ୍କ ମଣି ତାଙ୍କ ବେକରେ ଥିବାରୁ ତୁମ୍ଭର ସେପରି ଭ୍ରମ ହଉଚି ।"

ସତ୍ରାଜିତ ଦ୍ୱାରକା ବୁଲି ପୁଣି ଫେରିଯାଇ, ମଣିଟି ଘରେ ରଖିଦେଲେ । ସେ ମଣିକି ପ୍ରତିଦିନ ବ୍ରାହ୍ମଣମାନେ ପୂଜାକରଂତି । ସେ ମଣିର କେତେ ଗୁଣ ଥିଲା ! ଯେଉଁ ଘରେ ସେ ମଣି ଭଲି ପୂଜାହୁଏ, ସେ ଘରୁ ପ୍ରତିଦିନ ଆଠଭାର ସୁନା ବାହାରେ । ସେ ମଣି ଯେଉଁ ରାଜ୍ୟରେ ଥାଏ, ସେ ରାଜ୍ୟରେ ଦୁର୍ଭିକ୍ଷ, ମଡ଼କ ପଡେ ନାଇ । ସାପ, ବାଘ ପ୍ରଭୃତି ଜଂତୁମାନେ କିଛି କରି ପାରଂତି ନାଇ । ସେ ରାଜ୍ୟର ମଂଗଳ ହୁଏ ।

କୃଷ୍ଣ ବିଚାରିଲେ ସେ ମଣିକି ଆଣି, ମହାରାଜ ଉଗ୍ରସେନଙ୍କୁ ଦେବେ । ସତ୍ରାଜିତ କୃଷ୍ଣଙ୍କର ଭକ୍ତ । କୃଷ୍ଣ ତାଙ୍କୁ ଥରକୁଥର ସେ ମଣି ମାଗି ପଠାଇଲେ । ସତ୍ରାଜିତର ମଣିରେ ଭାରି ଲୋଭ ଥାଏ । ସେ କୃଷ୍ଣଙ୍କୁ ସେ ମଣି ଦେଲା ନାଇ । ଏଥିରେ ସେ କୃଷ୍ଣଙ୍କ ପାଖେ ଅପରାଧୀ ହେଲା ସତ; କିନ୍ତୁ ମଣି ଲୋଭ ଛାଡ଼ି ପାରିଲା ନାଇ ।

ସତ୍ରାଜିତର ପ୍ରସେନ ବୋଲି ଗୋଟିଏ ଭାଇ ଥିଲା । ସେ ଦିନେ ସେ ମଣିକି ବେକରେ ପିନ୍ଧି, ଘୋଡ଼ା ଚଢ଼ି ବଣକୁ ପାରିଧି କରିବାକୁ ଗଲା । ସେହି ବଣରେ ସେ ଗୋଟିଏ ସିଂହ ହାବୁଡ଼େ ପଡ଼ିଗଲା । ସିଂହ ପ୍ରସେନ

ଆଉ ତା' ଘୋଡ଼ାକୁ ମାରି, ମଣିଟିକି ନେଇ ଯାଇ, ଗୋଟିଏ ପର୍ବତ ଗୁହାରେ ପଶିଲା ।

ମଣି ତେଜରେ ଗୁହା ଆଲୋକ ହୋଇ ଯାଉଥାଏ । ମହାବୀର ଜାମ୍ବବାନ୍ ସେ ଗୁହାରେ ପଶି, ସିଂହକୁ ମାରି, ସେ ମଣିଟିକି ଆଣି, ଆପଣା ଗୁହା ଭିତରେ ଆପଣା ପୁଅକୁ ଖେଳିବାକୁ ଦେଲା ।

ଭାଇ ପ୍ରସେନ ନ ଫେରିବାରୁ ସତ୍ରାଜିତର ଭାରି ଦୁଃଖ ହେଲା । ସେ ଭାବିଲେ, କୃଷ୍ଣ ମଣି ଲୋଭରେ ମୋ ଭାଇକି ମାରି, ମଣିଟି ନେଇଗଲେ । ଏକଥା ଖାଲି ଭାବିଲେ ସେତିକି ନୁହେ ଲୋକଙ୍କ ଆଗେ ମଧ୍ୟ କହିଲେ ।

ତୁଣ୍ଡ ବାଇଦ ସହସ୍ରେ କୋଶ ! ଏ କଥା କ୍ରମେ ଶ୍ରୀକୃଷ୍ଣଙ୍କ କାନକୁ ଗଲା । ତାଙ୍କୁ ଭାରି ଲାଜ ମାଡ଼ିଲା । କୃଷ୍ଣ ଦ୍ୱାରକାରୁ କେତେ ଲୋକ ନେଇ, ପ୍ରସେନ ଯେଉଁ ବଣକୁ ଶିକାରରେ ଯାଇଥିଲେ, ସେଇ ବଣରେ ପଶିଲେ । କେତେ ବାଟ ଯାଇ ଦେଖିଲେ ପ୍ରସେନ ଓ ଘୋଡ଼ା ମରିହୋଇ ପଡ଼ିଛନ୍ତି ।

ଜାଣିଲେ, ଗୋଟିଏ ସିଂହ ତାଙ୍କୁ ମାରି ପକାଇଛି । ପୁଣି ଖୋଜି ଖୋଜି ଯାଇ ସିଂହର ଗୁହା ଦେଖିଲେ । ସେଠାରେ ମଧ୍ୟ ଦେଖିଲେ, ସିଂହ ମରି ପଡ଼ିଛି— ମଣି ନାହିଁ ।

ତା ପରେ ଖୋଜି ଖୋଜି ଜାମ୍ବବାନ ଗୁହାପାଖେ ଆସି ପହଞ୍ଚିଲେ । ଜାମ୍ବବାନ ଗୋଟାଏ ବଡ଼ ଭାଲୁ । ତାର ଗୁହାଟା ଅନ୍ଧାରି କଟି କଟି ହୋଇ ପର୍ବତ ଭିତରକୁ ବହୁତ ଦୂର ଲମ୍ବିଛି । ଆଉ ଆଉ ଲୋକମାନେ ବାହାରେ ରହିଲେ । କୃଷ୍ଣ ଏକା ତା ଭିତରେ ପଶିଲେ ।

ପଶି ଦେଖିଲେ, ଭାଲୁ ପିଲାଟି ସେହି ମଣିଟି ଧରି ଖେଳୁଛି । କୃଷ୍ଣ ଟିକିଏ ଠିଆ ହେଲେ । ଯେଉଁ ଧାଈ ସେ ପିଲାଟି ପାଳୁଥିଲା—ସେ ଡରି କରି ପାଟିକଲା ।

ଏବେ ଭାଲୁରାଜ ଜାମ୍ବବାନ ଆସି, ରାଗି କରି ଗୁହାରେ ପହଞ୍ଚିଲେ । ଭାରି ଯୁଦ୍ଧ ଲାଗିଗଲା । ଯୋଡ଼ାଏ ବଡ ଶାଗୁଣା ଖଣ୍ଡେ ମାଂସ ଛଡ଼ାଛଡ଼ି ହେଲା ପରି, ଶ୍ରୀକୃଷ୍ଣ ଓ ଜାମ୍ବବାନ, ଅସ୍ତ୍ର, ଶସ୍ତ୍ର, ଗଛ ପଥର ହାତ ସବୁଥିରେ ହଣାହଣି ମରାମରି ଲଗାଇଦେଲେ ।

ଏହିପରି ଲଢ଼ାଇରେ ଅଠରଦିନ ଅଠରରାତି ଚାଲିଗଲା । ଶେଷକୁ ଶ୍ରୀକୃଷ୍ଣଙ୍କ ମୁଥମାଡ଼ ଖାଇ, ଜାମ୍ବବାନର ଦେହ ପୀଡ଼ା ହୋଇଗଲା; ତାକୁ ବାଧିଲା । ସେ ଭାବିଲା, 'ଏତେ ବଳ କାହାର ?'

ସେଠାରୁ ସେ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଭାବି ସ୍ତୁତି କଲା ।

ଶ୍ରୀକୃଷ୍ଣ ଏବେ ଲଢ଼େଇ ବନ୍ଦ କରି ଛିଡ଼ା ହେଲେ । ହସି, ଆଖିଁସି ଜାମ୍ବବାନଙ୍କୁ ଟିକିଏ ତାକି କଲେ ।

ତା' ପରେ ଜାମ୍ବବାନଙ୍କୁ କହିଲେ, ''ଜାମ୍ବବାନ, ଏହି ମଣି ପାଇଁ, ଲୋକରେ ମୋର ନିନ୍ଦା, ଅପବାଦ ରଟନା ହଉଛି । ସେହି ଅପବାଦ ଘୁଞ୍ଚାଇବା ପାଇଁ, ମୁଁ ଆଉ ଅନେକ ଲୋକ ନେଇ; ଏହି ମଣି ପାଇଁ ତୁମ ଗୁହା ଦୁଆରେ ପହଞ୍ଚିଛି ।''

ସେଠାରୁ ଜାମ୍ବବାନ ନିଜେ ଲଜ୍ଜିତ ହୋଇ ମଣିଟି ତ ଆଣି ଶ୍ରୀକୃଷ୍ଣଙ୍କ ହାତରେ ଦେଲା; ସଙ୍ଗେ ସଙ୍ଗେ ଦେବକନ୍ୟା ପରି, ଆପଣାର ସୁନ୍ଦରୀ ଝିଅଟିକି ଆଣି, କୃଷ୍ଣଙ୍କୁ ସମର୍ପଣ କରି ଦେଲା ।

ଏଣେ ସାଂଗରେ ଯାଇଥିବା ଲୋକେ, କୃଷ୍ଣ ନ ବାହାରିବାରୁ ଦେଖି ବାରଦିନ କାଳ ଗୁହା ଦୁଆରେ ଚକାଇଲେ; ତା'ପରେ ବହୁତ ଦୁଃଖ କରି କରି ଦ୍ୱାରକାକୁ ଫେରିଲେ ।

ଦ୍ୱାରକାରେ ଦେବକୀ, ରୁକ୍ମିଣୀ, ବସୁଦେବ, ଅନ୍ୟାନ୍ୟ ବନ୍ଧୁ କୁଟୁମ୍ବମାନେ ଏହା ଶୁଣି ବ୍ୟାକୁଳ ହୋଇ ହାହାକାର କଲେ । ସମସ୍ତେ ସତ୍ରାଜିତଂକୁ ବକୁଥାଂତି; ଅଭିଶାପ ଦେଉଥାଂତି । ଶେଷକୁ ଦେବକୀ ପ୍ରଭୃତି, ଚଂଦ୍ରଭାଗା ଦେବୀଂକୁ ଯାଇ, ପୂଜାକରି ଶ୍ରୀକୃଷ୍ଣ ମଂଗଳରେ ଫେରଂତୁ ବୋଲି ଜଣାଇଲେ । ଠିକ୍ ସେତିକିବେଳକୁ ନିଜେ ଶ୍ରୀକୃଷ୍ଣ ଜାଂବବତୀଂକ ସାଂଗରେ ଧରି ଆସି ପହଂଚିଗଲେ ।

ସମସ୍ତେ ଭାରି ଖୁସି ହୋଇଗଲେ । ଉତ୍ସବ କଲେ । ଶ୍ରୀକୃଷ୍ଣ ଜାଂବବତୀଂକ ବାହା ହେଲେ ।

ତା' ଉତ୍ତାରୁ ରାଜା ଉଗ୍ରସେନଂକ ସଭାକୁ ରାଜା ସତ୍ରାଜିତ ଡକାହୋଇ ଆସିଲେ । ଶ୍ରୀକୃଷ୍ଣ ମଣି କଥା ତାଂକୁ ସବୁ କହି, ମଣିଟିକ ଦେଲେ ।

ଲାଜରେ ସତ୍ରାଜିତଂକ ମୁଂଡ ତଳକୁ ହୋଇଗଲା । ସେ ସେଠୁପରି ମୁଂଡ ପୋତି ପୋତି ଘରକୁ ଗଲେ । ଶ୍ରୀକୃଷ୍ଣ ଓ ଯାଦବମାନଂକୁ କପରି ସେ ସଂତୋଷ କରିବେ—ଏଇକଥା ସବୁବେଳେ ଭାବୁଥାଂତି । ଶେଷକୁ ଭାବି ଭାବି ଠିକ୍ କଲେ—'ସତ୍ୟଭାମା ବୋଲି ମୋର ସୁଂଦରୀ କନ୍ୟା ଅଛି; କନ୍ୟା ମଧ୍ୟ ଗୋଟିଏ ରତ୍ନ । ଏଣୁ ସ୍ୟମଂତକ ମଣି ସାଂଗେ କନ୍ୟା-ରତ୍ନଟି ଦେଇ ଅପରାଧ ଖଂଡନ କରିବ ।'

ପୂର୍ବେ କୃତବର୍ମା ପ୍ରଭୃତି ଅନେକ ରାଜା ସତ୍ୟଭାମାଂକୁ ବିବାହ ହେବେ ବୋଲି, କେତେ ଲୋକ ପଠାଇଥିଲେ । ସତ୍ରାଜିତ ସେ ସବୁ କଥା କିଛି ନ ଭାବି, ସତ୍ୟଭାମା ଓ ସ୍ୟମଂତକ ମଣି ଦୁଇଟି ଯାକ ନେଇ, କୃଷ୍ଣଂକ ପାଖେ ପହଂଚି, ଦୁଇଟିଯାକ ତାଂକୁ ଦେଲେ ।

କୃଷ୍ଣ ସତ୍ୟଭାମାଂକୁ ବାହା ହେଲେ । ସତ୍ରାଜିତ ଏବେ ତାଂକ ଶ୍ୱଶୁର ହେଲେ । ସେ ଶ୍ୱଶୁରଂକୁ କହିଲେ, "ରାଜା, ଆପଣଂକ କନ୍ୟାରତ୍ନ ପାଇ ଆମେମାନେ ସଂତୋଷ ହେଲୁ । ସୂର୍ଯ୍ୟଦେବ ଆପଣଂକୁ ସୁଖ ପାଆଂତି ବୋଲି ମଣିଟି ଆପଣଂକୁ ଦେଇଛଂତି । ଆପଣ ଏହା ଏବେ ରଖିଥାଂତୁ । ପରେ ହୁଏତ ଆମେମାନେ ଏହା ଭୋଗ କରିବୁ ।"

## ପୁଣି ସ୍ୟମଂତକ ମଣି କଥା

ତେଣେ ହସ୍ତିନାରେ ଦୁର୍ଯ୍ୟୋଧନ, କୁଂତୀ ସହିତ ପାଂଡବ ପାଂଚଭାଇଂକ ଗୋଟାଏ ଜଉଘରେ ପୋଡ଼ାଇ ଦେଇଥିଲା । ସେଥିପାଇଁ ଭୀଷ୍ମ, କୃପ, ବିଦୁର, ଦ୍ରୋଣ ଓ ନିଜେ ଦୁର୍ଯ୍ୟୋଧନଂକ ମା ଗାଂଧାରୀ ପ୍ରଭୃତି ବଡ଼ ଦୁଃଖିତ ଥାଂତି । ବ୍ୟାକୁଳ ହୋଇ କାଂଦି କାଂଦି ହାହାକାର କରୁଥାଂତି ।

କୃଷ୍ଣ ବଳରାମ ଦିହେଁ ପାଂଡବମାନେ ଜଉଘରେ ପୋଡ଼ି ଯାଇଥିବା କଥା ଶୁଣି, ହସ୍ତିନାକୁ ଗଲେ ଓ ଯେଉଁମାନେ ଦୁଃଖ କରୁଥିଲେ, ସେମାନଂକ ପାଖେ, ତାଂକ ପରି ଦୁଃଖ କଲେ ।

ଏଣେ ସ୍ୟମଂତକ ମଣି ଯୋଗେ କୃଷ୍ଣ ଅପମାନ ପାଇଥିଲେ; ଏ କଥା ଅକ୍ରୁରଂକ ମନରେ ଥାଏ । ତାଂକ ମନ ସଂତୋଷ ହୋଇ ନ ଥିଲା । ଅକ୍ରୁର ଓ କୃତବର୍ମା ଦିହେଁ ଶତଧନ୍ୱା ବୋଲି ସତ୍ରାଜିତର

ଜଣେ ଶତ୍ରୁକୁ ଶିଖାଇଲେ, ଦେଖ, ଏ ସତ୍ରାଜିତ କେଡ଼େ ଖରାପ । କୃଷ୍ଣଂକୁ ମଣି ନ ଦେଇ ଆପେ ଭୋଗ କରୁଛି । କୃଷ୍ଣଂକୁ ଝିଅଟି ଦେଲା । ଝିଅ ତ ସେ ସବୁଦିନ ରଖଂତା ନାଇ, କାହାକୁ ହେଲେ ଦିଅଂତା, କୃଷ୍ଣଂକୁ ଦେଲା—ଅଧିକ କ'ଣ ହେଲା ? ମଣିଟି କଂଭୁ ଆପେ ରଖିଛି । ଶତଧନ୍ୱା ଏ କଥାରେ ମାତିଗଲା । ତା'ର ବି ମଣିରେ ଲୋଭ ହେଲା ।

ସତ୍ରାଜିତ ରାତିରେ ଦିନେ ଶୋଇଛି—ଶତଧନ୍ୱା ତାକୁ ହାଣି ଦେଲା । ସତ୍ରାଜିତର ମାଇପି ମହଲରେ କାଂନ୍ଦ ଉଠିଲା । ନିଜେ ସତ୍ୟଭାମା ବଡ଼ ବ୍ୟାକୁଳ ହୋଇ, କାଂନ୍ଦି, ଗଡ଼ି, ମୋହ ହୋଇଗଲେ । ତା'ଉତ୍ତାରୁ ବାପଂକ ଦିହକୁ ତେଲ କାପଡ଼ା କରି ରଖି, ଆପେ ହସ୍ତିନାକୁ ଗଲେ । ସେଠାରେ ଶ୍ରୀକୃଷ୍ଣଂକୁ ଏ କଥା କହିଲେ ।

ରାମ କୃଷ୍ଣ ଦିହେଁ ସତ୍ୟଭାମାଂକଠାରୁ ଏହା ଶୁଣି, ଦୁଃଖରେ କାଂନ୍ଦ ପକାଇଲେ ।

ପରେ ସତ୍ୟଭାମାଂକୁ ଘେନି ଦିହେଁ ଦ୍ୱାରକାକୁ ଫେରି, ଶତଧନ୍ୱାକୁ ମାରିବେ ବୋଲି, ଉଦ୍ୟମ କଲେ । ଶତଧନ୍ୱାର ମନ ଏବେ ଘର ଧରିଲା । ସେ ଆସି କୃତବର୍ମାଂକୁ ଆଶ୍ରା ମାଗିଲା । କୃତବର୍ମା କି ତା' ସଂଗେ ମିଶି କୃଷ୍ଣ ସଂଗେ ଯୁଦ୍ଧ କରଂତେ ! ସେ କହିଲେ, "ଶତଧନ୍ୱା, ରାମକୃଷ୍ଣଂକ ସଂଗେ ଯୁଦ୍ଧ କରିବାକୁ ପୃଥିବୀରେ ବଳ କାହାର ? ସେ ତ ନିଜେ ଭଗବାନ୍—କେତେ କେତେ କଥା କରିଚଂନ୍ତି, ପିଲାଦିନେ କେତେ ବାଇ ମାରିଚଂନ୍ତି । ଗୋବର୍ଧନ ଟେକିଚଂନ୍ତି । ତାଂକ ସଂଗେ ଯୁଝିବାକୁ ମତେ ସାହା କରୁଚ !" ଶତଧନ୍ୱାକୁ ଆଉ ବୁଦ୍ଧି ଦିଶିଲା ନାଇ । ସେ ଏବେ ମଣିଟି ଅକ୍ରୂର ପାଖେ ରଖି, ଆପେ ଘୋଡ଼ା ଚଢ଼ି ପ୍ରାଣ ଭୟରେ ପଳାଇଲା । ରାମକୃଷ୍ଣ ଦିହେଁ, 'ଗରୁଡ଼ଧ୍ୱଜ'ରେ ବସି ତା ପିଛା ଧରିଲେ ।

ମିଥିଳା ପାଖେ ଶେଷକୁ ଶତଧନ୍ୱା ଘୋଡ଼ା ଛାଡ଼ି ଦେଇ, ଚଲେ ଦଉଡ଼ିଲା । ଶ୍ରୀକୃଷ୍ଣ ରଥରୁ ଡେଇଁ, ତାକୁ ଯାଇ ଧରି, ଚକ୍ରରେ ତା'ର ମୁଂଡ କାଟି ଦେଲେ । କଂଭୁ ତା' ଦେହସାରା ମଣି ଖୋଜିଲା ବେଳକୁ ମଣି ନାଇ ।

ରଥକୁ ଫେରି ରାମଂକୁ କହିଲେ, "ଶତଧନ୍ୱାଟି ବୃଥାରେ ମଲା । ତା' ପାଖେ ମଣି ନାଇ ।"

ବଳରାମ କହିଲେ, "ଦେଖ କୃଷ୍ଣ, ଶତଧନ୍ୱା ତାକୁ ଦ୍ୱାରକାରେ ନିଶ୍ଚେ କାହା ପାଖେ ରଖିଚି । ତମେ ଖୋଜ—ଏଣ୍ଠି ମିଥିଳା ରାଜା ମୋର ଭାରି ପ୍ରିୟ ଲୋକ । ମୁଁ ଯାଉଚି—ତାଂକ ସଂଗେ ଦେଖା କରିବି ।"

ଏହା କହି ବଳରାମ ମିଥିଳା ଗଲେ । ମିଥିଳା ରାଜା ତାଂକୁ ଭାରି ଆଦର କଲେ । ମିଥିଳାର ରାଜା ଜନକଂକ ପାଖେ ବଳଦେବ କେତେ ବର୍ଷ ରହିଲେ । ସେତିକିବେଳେ ଦୁର୍ଯୋଧନ ବଳରାମଂକଠାରୁ ଗଦା ଯୁଦ୍ଧ ଶିଖିଥିଲେ । କୃଷ୍ଣ ଏବେ ଦ୍ୱାରକାକୁ ଫେରି ଆସି, ଶତଧନ୍ୱା ମରିଥିବା କଥା କହି, ସତ୍ୟଭାମାଂକୁ ବୋଧ ଦେଲେ ଏବଂ କହିଲେ, "ମଣିଟି କଂଭୁ ମିଳିଲା ନାଇ ।"

ତା' ଉତ୍ତାରୁ ଆପଣା ଶ୍ୱଶୁରଂକୁ ତେଲ କାପଡ଼ାରୁ କାଢ଼ି, ତାଂକର ଦାହ, ଶୁଦ୍ଧି ଭୋଜି କାର୍ଯ୍ୟ ବିଧିମତେ କରାଇଲେ ।

ଅକ୍ରୂର କୃତବର୍ମା ଦୁହେଁ, ଏ ସବୁ କଥା ଶୁଣି, ଦ୍ୱାରକା ଛାଡ଼ି, କୁଆଡ଼େ ପଳାଇଲେ । ଅକ୍ରୂର ଭାରି ଭକ୍ତ—ଭାରି ସାଧୁଲୋକ । ସେ ଦ୍ୱାରକା ଛାଡ଼ି ଯିବାରୁ ଦ୍ୱାରକାରେ ବହୁତ ବିପତ୍ତି ପଡ଼ିଲା । ବର୍ଷା ହେଲା ନାହିଁ—ଶୂନ୍ୟ ଆକାଶରୁ ବଜ୍ର ପଡ଼ିଲା—ନାନା ରୋଗ ହେଲା । ଲୋକଙ୍କ ମନ ବଡ଼ ଖରାପ ହେଲା । ଦ୍ୱାରକା ଲୋକେ ବୁଝିଲେ—ଅକ୍ରୂର ଚାଲିଯିବାରୁ, ଏ ସବୁ ଘଟିଲା ।

ସମସ୍ତେ କହିଲେ, "ପୂର୍ବକାଳରେ କାଶୀଧାମରେ ଥରେ ବର୍ଷା ନ ହୋଇ ଦୁର୍ଭିକ୍ଷ ହୋଇଥିଲା । ସେତେବେଳେ କାଶୀରାଜା ଅକ୍ରୂରଙ୍କ ବାପ ଶ୍ୱଫଲ୍କଙ୍କୁ ଡକାଇ ନବାରୁ କାଶୀରେ ବର୍ଷା ହେଲା । ସେଥିପାଇଁ କାଶୀ ରାଜା ଝିଅ ଗାନ୍ଧିନୀଙ୍କ ତାଙ୍କ ସାଙ୍ଗେ ବିବାହ ଦେଇଥିଲେ । ସେହି ବାପଙ୍କ ପୁଣ୍ୟରୁ ଅକ୍ରୂର ଯେଉଁଠି ଥାଆନ୍ତି ସେଠାରେ ଭଲ ବର୍ଷା ହୁଏ । ମଡ଼କ ପଡ଼େ ନାହିଁ ।"

ପୁଣି କେହି କେହି କହିଲେ, "ଖାଲି ଅକ୍ରୂର ନ ଥିବାରୁ ନୁହେଁ, ସ୍ୟମନ୍ତକମଣି ନେଇ ଯିବାରୁ ବି ଏପରି ଘଟୁଛି ।" ଫଳ କଥା—ମଣି ଓ ଅକ୍ରୂର ଦୁଇକଥା ପାଇଁ ସମସ୍ତେ ବ୍ୟସ୍ତ ହେଲେ ।

ଶେଷକୁ କୃଷ୍ଣ ଅକ୍ରୂରଙ୍କୁ ଡକାଇ ଆଣି ପଚାରିଲେ, "ଅକ୍ରୂର, ତୁମେ ବଡ଼ ସାଧୁଲୋକ । ଶତଧନ୍ୱା ତମରି ପାଖେ ମଣି ରଖି ଯାଇଥିଲା । ସତ୍ରାଜିତ ମଲା ପରେ ସତ୍ୟଭାମା ଓ ତା' ପୁଅମାନେ ତା' ପାଇବାର କଥା ! ହଉ, କିଛି ଚିନ୍ତା ନାହିଁ—ମଣି ତମରି ପାଖେ ଥାଉ; କିନ୍ତୁ ତାକୁ ଥରେ ସମସ୍ତଙ୍କୁ ଦେଖାଅ । ତାହାହେଲେ ସମସ୍ତଙ୍କ ମନ ଶାନ୍ତ ହେବ ।"

ଅକ୍ରୂର ଲୁଗା ଭିତରୁ ଉଜ୍ଜ୍ୱଳ ମଣିଟି କାଢ଼ିଲେ । କେତେ ଲୋକ ବିଚାରି ଥିଲେ—କୃଷ୍ଣ ନିଜେ ଲୁଚାଇଛନ୍ତି । ସେମାନେ ସବୁ ଜାଣିଲେ । କୃଷ୍ଣ ମଣିଟିକୁ ପୁଣି ଅକ୍ରୂରଙ୍କ ପାଖେ ରଖିଦେଲେ ।

## କାଳିନ୍ଦୀ, ମିତ୍ରବିନ୍ଦା, ସତ୍ୟା, ଭଦ୍ରା ଓ ଲକ୍ଷ୍ମଣାଦେବୀ

ଏ ମଧ୍ୟରେ ଖବର ମିଳିଲା—ପାଣ୍ଡବମାନେ ଜଉଘରେ ପୋଡ଼ି ଯାଇ ନ ଥିଲେ । ସେମାନେ ବଣେ ବଣେ ବୁଲି ବୁଲି ଦ୍ରୌପଦୀଙ୍କ ବିଭା ହୋଇ, ପୁଣି ହସ୍ତିନା ଆସିଲା ଉତ୍ତାରୁ, ଧୃତରାଷ୍ଟ୍ର ପୁଅମାନଙ୍କ ସଙ୍ଗେ ବିଚାରି କରି, ପାଣ୍ଡବମାନଙ୍କୁ ଇନ୍ଦ୍ରପ୍ରସ୍ଥରେ ରାଜ୍ୟ ଦେଲେ; କୃଷ୍ଣ ଏବେ ଅନେକ ସେନା ଓ ସାତ୍ୟକି ପ୍ରଭୃତିଙ୍କ ସଙ୍ଗେ ଘେନି, ଇନ୍ଦ୍ରପ୍ରସ୍ଥରେ ଆସି ପହଞ୍ଚିଥିଲେ ।

ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କୁ ଦେଖି, ଭାରି ଖୁସୀ ହେଲେ । କେତେ ଆଦର କଲେ । ଶ୍ରୀକୃଷ୍ଣ, ଯୁଧିଷ୍ଠିର, ଭୀମ ପ୍ରଭୃତି ଆପଣାଠାରୁ ବଡ଼ମାନଙ୍କୁ ପ୍ରଣାମ କଲେ । ଅର୍ଜୁନ ପ୍ରଭୃତି ପିଲାମାନେ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କଲେ । ଦ୍ରୌପଦୀ ଏବେ ନୂଆବୋହୂଟିଏ । ସେ ଆସି ଲଜକୁଳୀ ବୋହୂଟି ପରି, ଶ୍ରୀକୃଷ୍ଣଙ୍କୁ ଓଳଗି ହେଲେ । ଆଉ କିଛି କହିଲେ ନାହିଁ ।

ଶ୍ରୀକୃଷ୍ଣ ଯାଇ, କୁନ୍ତୀଙ୍କ ପାଖେ ପହଞ୍ଚି, ତାଙ୍କୁ ମଧ୍ୟ ପ୍ରଣାମକଲେ । କୁନ୍ତୀ ଦ୍ୱାରକାର ସମସ୍ତଙ୍କ ଖବର ପଚାରି ଗଲେ । ସମସ୍ତେ କୃଷ୍ଣଙ୍କୁ ଦେଖିଲେ କେତେ କଥା କହିବେ ବୋଲି ବିଚାରିଥିଲେ । ଏବେ ଆନନ୍ଦରେ ସମସ୍ତଙ୍କ ପ୍ରାଣ ପୂରିଗଲା—ବେଶି କିଛି

କହିଲେ ନାଇ । କୃଷ୍ଣ, ଭଲ, ମନ୍ଦ ପଚାରିବାରୁ, କୁନ୍ତୀ ଖାଲି କହିଲେ, "କୃଷ୍ଣ, ବିପଦ ବେଳେ ତମେ ଆମକୁ ମନେ ରଖିଚ; ଆମ ପାଇଁ ଧୃତରାଷ୍ଟ୍ରଙ୍କ ପାଖେ କେତେ ବୁଝାଇଲ । ଏବେ ମନକୁ ଆମକୁ ଦେଖିବାକୁ ଆସିଚ । ଆମର ଏତିକିରେ ସବୁ ଭଲ—ଆଉ ଦୁଃଖ କଣ ?"

କୃଷ୍ଣ ସେଠାରେ କେତେ ମାସ ରହିଲେ । ଦିନେ ଅର୍ଜୁନଙ୍କ ସାଙ୍ଗେ ଶ୍ରୀକୃଷ୍ଣ ବଣକୁ ପାରିଧି କରି ଯାଇଚନ୍ତି—ଦିହିଁଙ୍କ ଭାରି ଭୋକ ଓ ଶୋଷ ହେବାରୁ ଦିହେଁଯାକ ଯାଇ ଯମୁନା କୂଳେ ପହଞ୍ଚିଲେ । ସେଠାରେ ଯାଇ ପାଣି ପିଇ, କୂଳରେ ବୁଲିଲେ ।

ସେଦିନ ପୂର୍ଣ୍ଣମୀ—ଚନ୍ଦ୍ର ପକ୍ଷରେ ସେ ଦିହେଁ ଦେଖିଲେ, ଗୋଟିଏ ବଡ଼ ସୁନ୍ଦରୀ ଯୁବତୀ ବାଳିକା ସେଇ ନଈ କୂଳରେ ବୁଲୁଚି । ଶ୍ରୀକୃଷ୍ଣ ଏହା ଦେଖି, ସେ କିଏ, ଏକଥା ଜାଣିବା ପାଇଁ ଅର୍ଜୁନଙ୍କୁ ତା'ପାଖକୁ ପଠାଇଲେ । ଅର୍ଜୁନ ଯାଇ, ପଚାରିବାରୁ, ବାଳିକାଟି କହିଲା—"ବୀର, ମୁଁ ସୂର୍ଯ୍ୟ ଦେବଙ୍କ ଝିଅ; ମୁଁ ବହୁତ ତପସ୍ୟା କଲିଣି, ଏବେ ବି ତପସ୍ୟା କରୁଚି । ମୋ ମନ, ମୁଁ ସବୁ ଦେବତାଙ୍କର ଶ୍ରେଷ୍ଠ ଶ୍ରୀବିଷ୍ଣୁଙ୍କୁ କିପରି ବିଭା ହେବି । ତାଙ୍କ ଛଡ଼ା ଆଉ କାହାକୁ ବିଭା ହେବି ନାଇ । ଏଥିପାଇଁ ତପ କରୁଚି । ଏହି ତପସ୍ୟା ପାଇଁ, ମୋ ବାପା ଏହି ପାଣି ଭିତରେ ଗୋଟିଏ ଘର ଦେଇଚନ୍ତି । ମୁଁ ତା'ରି ଭିତରେ ଅଛି । ମୋ'ବାବା କାଳିନ୍ଦୀ ।"

କୃଷ୍ଣ ଏହା ଜାଣି ସେ କନ୍ୟାକୁ ରଥରେ ବସାଇ ସାଙ୍ଗେ ସାଙ୍ଗେ ଆଣିଲେ ।

କୃଷ୍ଣ ଇନ୍ଦ୍ରପ୍ରସ୍ଥରେ ଥିଲାବେଳେ, ଅଗ୍ନି ଆସି ଖାଣ୍ଡବ ବନ ଖାଇବେ ବୋଲି ତାଙ୍କୁ ସାହାଯ୍ୟ ମାଗିଲେ । ସେ ବଣ ଇନ୍ଦ୍ର ଜଗିଥାନ୍ତି । ତାକୁ ପୋଡ଼ିବା ସହଜ ନୁହେଁ । ଅଗ୍ନି ସେଥିପାଇଁ ଅର୍ଜୁନଙ୍କୁ ଗାଣ୍ଡୀବ ଧନୁ କପିଧ୍ୱଜ ରଥ, ଅକ୍ଷୟ ତୂଣୀର (ଯେଉଁ ଶରମୁଣାରୁ ଶର ସରେ ନାହିଁ) ଏବଂ ଅଭେଦ୍ୟ ବର୍ମ (ଯେଉଁ ସାଂଜୁରେ କୌଣସି ଅସ୍ତ୍ର ଫୁଟେ ନାଇ) ଦେଲେ ।

ଅର୍ଜୁନ ଜଗି ରହିଲେ । ଅଗ୍ନି ସେଇ ବଣ ଖାଇଗଲେ । ମୟଦାନବ ବୋଲି ଜଣେ ଭାରି ପକ୍କା କାରିଗର ସେ ବଣରେ ଥିଲେ । ଶ୍ରୀକୃଷ୍ଣଙ୍କ ବିଚାରରେ ଅର୍ଜୁନ ତାକୁ ଛାଡ଼ି ଦେଇଥିଲେ ।

ସେଇ ମୟ ଏବେ ସନ୍ତୋଷ ହୋଇ, ଯୁଧିଷ୍ଠିରଙ୍କ ପାଇଁ ଗୋଟିଏ ଆଶ୍ଚର୍ଯ୍ୟ ରାଜସଭା ତିଆରି କରି ଦେଲା । ସେ ସଭା ଦେଖି, ଦୁର୍ଯ୍ୟୋଧନ ବି ଆଶ୍ଚର୍ଯ୍ୟ ହୋଇଗଲା । ସେ ସଭା ଏପରି ତିଆରି ହୋଇଥିଲା ଯେ, ନିଜେ ଦୁର୍ଯ୍ୟୋଧନ ସେଥିରେ ପଶି, ଜଳକୁ ସ୍ଥଳ ଓ ସ୍ଥଳକୁ ଜଳ ବୋଲି ଭୁଲ କରିଥିଲା ।

ଏହା ପରେ ଶ୍ରୀକୃଷ୍ଣ ଦ୍ୱାରକାକୁ ଆସି, କାଳିନ୍ଦୀଙ୍କ ବିଭା ହେଲେ ।

ବିନ୍ଦ, ଅନୁବିନ୍ଦ ବୋଲି ଦୁଇଭାଇ ଭାରି ପରାକ୍ରମୀ ଥିଲେ । ସେମାନେ ଦିହେଁ ଶ୍ରୀକୃଷ୍ଣଙ୍କ ପିଉସୀ ପୁଅ ଭାଇ । ଦୁର୍ଯ୍ୟୋଧନ ପାଖେ ଯାଇ, ଶ୍ରୀକୃଷ୍ଣଙ୍କୁ ହିଂସା କରୁଥିଲେ । ତାଙ୍କର ଭଉଣୀ ମିତ୍ରବିନ୍ଦା ସ୍ୱୟଂବର ସଭାରେ ଶ୍ରୀକୃଷ୍ଣଙ୍କ ବେକରେ ବରଣମାଳା ପକାଇବାକୁ ଗଲାବେଳେ, ସେ ଦି ଭାଇ ମନା କରିଥିଲେ । କୃଷ୍ଣ ସମସ୍ତଙ୍କ ଆଗରେ ସ୍ୱୟଂବର ସଭାରୁ ସେହି ମିତ୍ରବିନ୍ଦାଙ୍କୁ ନେଇ ଚାଲିଗଲେ; ଏବଂ ତାଙ୍କୁ ମଧ୍ୟ ବିଭା ହେଲେ ।

ଅଯୋଧ୍ୟା ଦେଶ ରାଜା ନଗ୍ନଜିତ ବଡ଼ ଧାର୍ମିକ ଥିଲେ । ତାଙ୍କର ସତ୍ୟା ବୋଲି ଗୋଟିଏ ଝିଅ ଥିଲା ।

ସେ ରାଜା ବଡ଼ ବଡ଼ ସାତୋଟି ଷଣ୍ଢ ରଖିଥିଲେ ଏବଂ ପ୍ରତିଜ୍ଞା କରିଥିଲେ, ଏ ସାତୋଟିଯାକ ଷଣ୍ଢ ଯେ ଜିଣିବ ତାକୁ ମୁଁ ଝିଅ ଦେବି ।

କୃଷ୍ଣ ଯାଇ, ସତ୍ୟାଙ୍କୁ ବିଭାହେବା ଇଚ୍ଛାରେ ନଗ୍ନଜିତଙ୍କ ଘରେ ପହଞ୍ଚିଲେ । ନଗ୍ନଜିତ କୃଷ୍ଣଙ୍କୁ ଦେଖି ଭାରି ସମ୍ଭାବନା କଲେ । କୃଷ୍ଣଙ୍କୁ ଝିଅ ଦେଇ ପକାଇବା ପାଇଁ ମନ ହେଲା ସିନା; କିନ୍ତୁ ସେ ରାଜା — ପ୍ରତିଜ୍ଞା କରିଚନ୍ତି । ଶ୍ରୀକୃଷ୍ଣଙ୍କୁ କହିଲେ—"ଗୋଟିଏ କଥା ଆପଣଙ୍କୁ କରିବାକୁ ହେବ । ମୁଁ ପ୍ରତିଜ୍ଞା କରିଚି, ମୋର ଏ ସାତୋଟି ଷଣ୍ଢ ଯେ ପରାସ୍ତ କରି ଜିଣିବେ, ତାଙ୍କୁ ମୁଁ ଝିଅ ଦେବି । ଆପଣଙ୍କୁ ଜୋଇଁ କରିବା-ଠାରୁ ବଡ଼ ଭାଗ୍ୟ ମୋର ଆଉ କ'ଣ ହେବ ? ଆପଣ ତ ନିଜେ ଭଗବାନ — ସବୁ ଜାଣନ୍ତି । ମୋ ପ୍ରତିଜ୍ଞା ରଖିବା ପାଇଁ, ଏ କାମଟି ଆପଣଙ୍କୁ କରିବାକୁ ହେବ । କେତେ ରାଜାର ପୁଅ ମୋ ଝିଅକୁ ବାହା ହେବେ ବୋଲି ଆସି, ଷଣ୍ଢଙ୍କ ସାଙ୍ଗେ ଲଢ଼ିଲେଣି; କିନ୍ତୁ କେହି ପାରି ନାହାନ୍ତି । ଆପଣ ଏ ସାତୋଟି ଷଣ୍ଢ ଜିଣିଲେ, ମୁଁ ଜାଣିବି ମୋ ଝିଅ ଭାଗ୍ୟରେ ଆପଣଙ୍କ ପରି ସ୍ୱାଇପାଣ୍ଢ ଘଟିପାରେ ।"

ଶ୍ରୀକୃଷ୍ଣ ସଙ୍ଗେ ସଙ୍ଗେ ଆପଣାର ବଳ ସାତ ଗୁଣ କରି ଯାଇ ଷଣ୍ଢଙ୍କ ପାଖେ ଠିଆ ହେଲେ । ସାଙ୍ଗେ ସାଙ୍ଗେ ସାତଟାଯାକ ଷଣ୍ଢଙ୍କୁ ବାନ୍ଧି, ବୁଲାଇ ବୁଲାଇ, ଆକେଜା କରିଦେଲେ ।

ନଗ୍ନଜିତ ଭାରି ଖୁସି ହୋଇ, ଶ୍ରୀକୃଷ୍ଣଙ୍କ ସଙ୍ଗେ ସତ୍ୟାଙ୍କର ବିଭା କରିଦେଲେ । କେତେ ଯଉତୁକ, କେତେ ହାତୀ, ଘୋଡ଼ା, ରଥ, ଚାକର, ଚାକରାଣୀ ଦେଲେ ତା' କିଏ କହିବ ? କୃଷ୍ଣ ସତ୍ୟାଙ୍କୁ ନେଇ ଦ୍ୱାରକାକୁ ଫେରିଲେ ।

ଯେଉଁ ରାଜାମାନେ ଏହା ପୂର୍ବରୁ ଷଣ୍ଢ ପାଖେ ହାରିଥିଲେ,ସେମାନେ ସୈନ୍ୟ ନେଇ କୃଷ୍ଣଙ୍କୁ ଭେଟିଲେ । ଏଥର କୃଷ୍ଣଙ୍କ ପାଖେ ଅର୍ଜୁନ ଥିଲେ । ସବୁ ରାଜା ମିଶି ଅର୍ଜୁନଙ୍କୁ ବା କ'ଣ କରିବେ ! ଅର୍ଜୁନ ଗାଣ୍ଡୀବ ଧନୁ ଧରି, ସମସ୍ତଙ୍କୁ ଏକା ପାନକେ ଥଣ୍ଡା କଲେ । ଶ୍ରୀକୃଷ୍ଣ କନ୍ୟା ଆଉ ଯୌତୁକ ନେଇ ଦ୍ୱାରକାରେ ପହଞ୍ଚିଲେ ।

କେକୟ ଦେଶର ରାଣୀ କୃଷ୍ଣଙ୍କର ଆଉ ଗୋଟିଏ ପିଉସୀ । ସେଇ ଦେଶର ରାଜା ଶ୍ରୁତକୀର୍ତ୍ତିଙ୍କର ଭଦ୍ରା ବୋଲି ଗୋଟିଏ ଝିଅ ଥିଲା । ସେ ନିଜ ପୁଅଙ୍କୁ ପଚାରି, ମହାନନ୍ଦରେ ଭଦ୍ରାକୁ କୃଷ୍ଣଙ୍କ ସଙ୍ଗେ ବିଭା କରାଇ ଦେଇଥିଲେ ।

ମଦ୍ର ଦେଶ ରାଜାଙ୍କର ଗୋଟିଏ ଲକ୍ଷ୍ମଣା ବୋଲି ସୁଲକ୍ଷଣୀ କନ୍ୟା ଥିଲା । ତାଙ୍କର ସ୍ୱୟଂବରରେ ତାଙ୍କ ବାପ ପଣ କରିଥିଲେ, "ତଳେ ପାଣିରେ ଛାଇକୁ ଚାହିଁ ଉପରେ ବୁଲୁଥିବା ଚକର ଅର ଭିତର ବାଟେ ଉପରେ ଥିବା ମାଛକୁ ଯେ ଶର ବିନ୍ଧିବ, ସେ ଲକ୍ଷ୍ମଣାକୁ ବାହା ହେବ ।"

ସ୍ୱୟଂବରକୁ କେତେ ରାଜା ଆସିଥିଲେ । କାହାର ଶର ମାଛ ଯାଏ ଗଲା ନାହିଁ । ଶ୍ରୀକୃଷ୍ଣ ସେଇ ମାଛକୁ ବିନ୍ଧି ଲକ୍ଷ୍ମଣାଙ୍କୁ ବାହା ହେଲେ । ଏହିପରି କୃଷ୍ଣଙ୍କର ଆଠୋଟି ରାଣୀ ବା ପାଟମହିଷୀ ହୋଇଥିଲେ ।

## ନରକାସୁର ବଧ ଓ ପାରିଜାତ ହରଣ

ନରକାସୁର ବୋଲି ଗୋଟିଏ ଦୁର୍ଦ୍ଦାନ୍ତ ଅସୁର ଥିଲା । ସେ ହଜାର ହଜାର ଯୁବତୀଙ୍କୁ ବିଭା ହେବ ବୋଲି ବନ୍ଦୀ କରି ରଖିଥିଲା । ପୂର୍ବେ ସେ ଅସୁର

ବହୁତ ତପସ୍ୟା କରି, ଦେବତାଂକଠାରୁ କେତେ ବର ପାଇଥିଲା । ସେଥିରେ ତାକୁ ତ୍ରିଭୁବନରେ କେହି ଜିଣି ପାରୁ ନଥିଲେ । ସେହି ବଳରେ ସେ ଇଂଦ୍ରଂକ ମାଳ, ବରୁଣଙ୍କ ଛତା, ଦେବମାତା ଅଦିତିଂକର କୁଂଡଳ ପ୍ରଭୃତି ନେଇଆସିଥିଲା । ମଂଦରର ମଣିପର୍ବତ ବୋଲି ଗୋଟିଏ ଶୃଂଗ ଭାଂଗି ଦେଇଥିଲା ।

ନିଜେ ଇଂଦ୍ର ନରକାସୁର ହାତେ ଥରକୁ ଥର ପରାସ୍ତ ହୋଇ, ଦ୍ୱାରକା ଆସି, ଶ୍ରୀକୃଷ୍ଣଂକୁ ଏ ସବୁ କଥା ଜଣାଇଲେ । ଶ୍ରୀକୃଷ୍ଣ ଏ କଥା ଶୁଣିଲାକ୍ଷଣି ଗରୁଡ଼ରେ ବସି, ଅସୁର ରାଜଧାନୀ 'ପ୍ରାଗ୍‌ଜ୍ୟୋତିଷ' ପୁର ଆଡ଼କୁ ଗଲେ ।

ସେ ପୁରରେ ପଶିବା ସହଜ କଥା ନୁହେ । ତା' ଚାରିପାଖେ ଆଗେ ଗିରିଦୁର୍ଗ, ତା' ପରେ ଜଳଦୁର୍ଗ, ତା' ପରେ ଅଗ୍ନି-ଦୁର୍ଗ, ତା' ପରେ ତହିଁ ବାୟୁ ଦୁର୍ଗ, ତା' ପରେ ମାୟାପାଶ (ଅର୍ଥାତ୍ କୌଶଳ ଜାଲରେ ତିଆରି) ଦୁର୍ଗ ।

ଶ୍ରୀକୃଷ୍ଣ ପ୍ରଥମେ ପ୍ରଚଂଡ ଗଦା-ପ୍ରହାରରେ ଗିରି-ଦୁର୍ଗ ଭାଂଗିଦେଲେ । ପରେ ଶର ମାରି, ଶସ୍ତ୍ର ଦୁର୍ଗ ଫିଟାଇ ଦେଲେ । ତା ଉତ୍ତାରୁ ସୁଦର୍ଶନ ଚକ୍ରରେ ଅଗ୍ନି, ଜଳ ଓ ବାୟୁ ଦୁର୍ଗ ଧ୍ୱଂସ କଲେ । ଶେଷକୁ ଖଂଡାରେ କୌଶଳ ଜାଲ ଟିକି ଟିକି କରି କାଟିଦେଲେ ।

ଶ୍ରୀକୃଷ୍ଣ ଅସୁର ପୁର ପାଖେ ପ୍ରଚଂଡ ପାଂଚଜନ୍ୟ ବଜାଇଲେ । ଘନ ଘନ ଶବ୍ଦ ଶୁଭିଲା । ତ୍ରିଶୂଳ ନେଇ, ଅସୁରର ଦୁଆରୀ ମୁରାସୁର ଘରୁ ବାହାରି ପଡ଼ିଲା । ସେ ଅସୁର କି ଭୟଂକର ଜଂତୁ । ତାକୁ ଚାହିଁ ହେଉ ନାହିଁ । ସେ ଗୋଟିଏ ପର୍ବତ ଗୁହା ପରି ଆଁ କରିଦେଇ କୃଷ୍ଣଂକ ଆଡ଼କୁ ଦଉଡ଼ିଲା । ଗରୁଡ଼କୁ ଏକ ତ୍ରିଶୂଳ ଭୁଷିଦେଲା ।

ସଂଗେ ସଂଗେ କୃଷ୍ଣ ସେ ତ୍ରିଶୂଳ ଖଂଡ ଖଂଡ କରି କାଟିଦେଲେ; ପରେ ଅସୁର ମୁହଁ ଭିତରକୁ ଶର ମାରିଲେ । ଅସୁର କୃଷ୍ଣଂକ ଉପରକୁ ଗୋଟିଏ ଗଦା ଫିଂଗିଲା । କୃଷ୍ଣ ଆପଣା ଗଦାରେ ତାକୁ ବାଡ଼େଇ ଛତୁ କରିଦେଲେ । ଶେଷକୁ ଚକ୍ରରେ ତା'ମୁଂଡଟି କାଟିଦେଲେ ।

ଏବେ ନରକାସୁର ନିଜେ ତାମ୍ର, ଅନ୍ତରୀକ୍ଷ, ଶ୍ରବଣ, ବିଭାବସୁ, ବସୁ, ନଭସ୍ୱାନ ଓ ଅରୁଣ ନାମକ ମୁରାସୁରର ସାତଟି ପୁଅଂକୁ ନେଇ, ସେନାପତି ପିଠାସୁର ସହିତ ଶ୍ରୀକୃଷ୍ଣଂକୁ ଆସି ଘେରିଲା । ଶର, ଅସି, ଗଦା, ଶକ୍ତି, ଶୂଳ ପ୍ରଭୃତି ଧାରାଶ୍ରାବଣ ପରି କୃଷ୍ଣଂକ ଉପରେ ବୃଷ୍ଟି ହେଲା ।

ଚାହିଁ ଚାହିଁ କୃଷ୍ଣ ସେ ସବୁ ଅସ୍ତ୍ର କାଟିଦେଲେ । ମୁରାସୁରର ସାତୋଟିଯାକ ପୁଅ କ୍ରମେ କ୍ରମେ ମରି ପଡ଼ିଲେ । ଶେଷକୁ ନରକାସୁର ଭାରି ରାଗିଯାଇ ଆସିଲା । ଏଥର ଯୁଦ୍ଧରେ କୃଷ୍ଣଂକ ସଂଗେ ଗରୁଡ଼ ଉପରେ ସତ୍ୟଭାମା ଯାଇଥିଲେ ।

ଏହା ଦେଖି ଅସୁର ଓ ସେନାପତି ଦୁହେଁ ମିଶି, ଶତଘ୍ନୀ ଅସ୍ତ୍ରମାନ କୃଷ୍ଣଂକ ଉପରକୁ ଜୋରରେ ଛାଡ଼ିଲେ । କୃଷ୍ଣ ଟିକିଏ ସୁଦ୍ଧା ଟଳିଲେ ନାହିଁ । କ୍ରମେ କ୍ରମେ କୃଷ୍ଣଂକ ବାଣରେ ତାଂକର ଘୋଡ଼ା, ହାତୀ ସବୁ କଟିଗଲେ ।

ନିଜେ ଗରୁଡ଼ ଥଣ୍ଡ, ନଖ, ପକ୍ଷୀରେ ହାତୀମାନଂକୁ ଅସ୍ତବ୍ୟସ୍ତ କରିବାରୁ ହାତୀମାନେ ଆପଣା ସେନାମାନଂକୁ ଦଳି ଦଳି, ପୁର ଭିତରକୁ ପଳାଇଲେ ।

ଏବେ ନରକାସୁର ନିଜେ ଆସି ଛିଡ଼ାହେଲା । ବଜ୍ରପରି ଏକ ଶକ୍ତି ଗରୁଡ଼ ଉପରକୁ ପକାଇଲା । ସେ ନିଜେ ଏକା ବଡ଼ ହାତୀ ଉପରେ ବସି ଯୁଦ୍ଧ କରୁଥିଲା ।

ଶକ୍ତିରେ ଗରୁଡ଼ର କିଛି ହେଲା ନାହିଁ ଦେଖି, ନରକ କୃଷ୍ଣଂକ ଉପରକୁ ଗୋଟାଏ ଗଦା ଫିଂଗିଲା ବେଳକୁ ସୁଦର୍ଶନ ଚକ୍ରରେ କୃଷ୍ଣ ଥିର କରି, ତା’ ମୁଂଡଟି କାଟିଦେଲେ ।

ସେ ମୁଂଡରେ ମୁକୁଟ କୁଂଡଳ ସବୁ ଚକ୍ ଚକ୍ ହେଉଥିଲା । ଆକାଶରୁ ତାହା ଖସିଲା ପରି ମୁଂଡଟି ହାତୀ ଉପରୁ ପଡ଼ିଗଲା । ସାଧୁଲୋକେ କୃଷ୍ଣଂକୁ ଧନ୍ୟ ଧନ୍ୟ କଲେ । ଇଂଦ୍ର ପ୍ରଭୃତି ଦେବତାମାନେ ଶ୍ରୀକୃଷ୍ଣଂକ ଉପରେ ଫୁଲ ବୃଷ୍ଟି କଲେ ।

ଏବେ ନରକାସୁରର ମା’ ଭୂମିଦେବୀ ଆସି, ନରକାସୁର ଯେଉଁ ଦେବତାଂକ ଠାରୁ ଯାହା ଆଣିଥିଲେ, ସବୁ ଆଣି, ଗୋଟି ଗୋଟି କରି କୃଷ୍ଣଂକୁ ଭେଟିଦେଇ ଓ କୃଷ୍ଣଂକୁ ପ୍ରଣାମ କରି, ବହୁତ ସ୍ତୁତି କଲେ । ଭୂମିଦେବୀ ସ୍ତୁତି କରସାରି କହିଲେ,

“ଏବେ ନରକାସୁରର ପୁଅ ଭୋମଦତ୍ତ ଆପଣଂକ ପାଖେ ଶରଣ ପଶିଛି । ଆପଣଂକ ପାଦପଦ୍ମରେ ତାକୁ ଟିକଏ ଆଶ୍ରା ଦିଅ । ବାପ ଦୋଷରୁ କାଳେ ଆପଣ ରାଗିଥିବେ ବୋଲି, ସେ ଡରିକରି ଆପଣଂକ ପାଖକୁ ଆସୁ ନାହିଁ । ଆପଣ ଟିକଏ ଦୟା କରଂତୁ ।”

ଶ୍ରୀକୃଷ୍ଣ ଭୂମିଦେବୀ କଥାରେ ସଂତୋଷ ହେଲେ । ତା’ ପରେ ନରକାସୁରର ଘର ଦେଖିବା ପାଇଁ, ତା’ର ଅଂଦର ମହଲ ଭିତରକୁ ପଶିଲେ । ଓଃ ! କି ଆଶ୍ଚର୍ଯ୍ୟ ! କେତେ ଦେଶରୁ ଗୋଟାଇ ଗୋଟାଇ ଦୁର୍ଦାଂତ ନରକାସୁର ଷୋଳହଜାର ଯୁବତୀଂକ ଆଣି, କଇଦ କରିଚି । ସେମାନେ କୃଷ୍ଣଂକୁ ଦେଖିଲାକ୍ଷଣି, କଇଦ ହେବାର ଦୁଃଖ ଲୁଆଡ଼େ ଭୁଲିଗଲେ ।

କୃଷ୍ଣ ଜାଣିଲେ; ଏଂମୁ ଷୋଳ ସହସ୍ର ଯୁବତୀ ତାଂକୁ ଷୋଳ ସହସ୍ର ରୂପରେ ଦେଖିଲେ । ସମସ୍ତେ ଭାବୁଥିଲେ “ମତେ ନବାପାଇଁ, ଏ କୃଷ୍ଣ ଆସିଚଂତି । ହେ ବିଧାତା ! ମୋ କପାଳେ କି ଏକଥା ଅଛି ! ସତେ ଏ କୃଷ୍ଣ ମତେ ଆଦର କରିବେ ! ମୁଁ ଏଂାକୁ ବର ବୋଲି କହିବି !”

ଶ୍ରୀକୃଷ୍ଣ ନିଜେ ଭଗବାନ୍ । ସେ ସମସ୍ତଂକ ମନ ଜାଣଂତି । ସମସ୍ତଂକ ମନ ଅନୁସାରେ ଫଳ ଦିଅଂତି । ସେ ଏବେ ସମସ୍ତଂକୁ କଇଦରୁ ଫିଟାଇ ଦେଲେ । ଗୋଟି ଗୋଟି କରି, ସ୍ନାନ କରାଇ, ଲୁଗା ପିଂଧାଇ, ଅଳଂକାର ପିଂଧାଇ, ଦ୍ୱାରକାପୁରକୁ ପଠାଇ ଦେଲେ ।

ନରକାସୁର ବହୁତ ଧନ ରତ୍ନ ସଂଚିଥିଲା । ସେଥିରୁ ଭଲ ଭଲ ହାତୀ ଘୋଡ଼ା ଓ କେତେକ ସଂପତ୍ତି ସେହି ଯୁବତୀମାନଂକ ସଂଗେ କୃଷ୍ଣ ଦ୍ୱାରକାକୁ ମଧ୍ୟ ପଠାଇ ଦେଲେ ।

ତା’ ଉତ୍ତାରୁ ସତ୍ୟଭାମାଂକୁ ସଂଗେ ନେଇ, ଶ୍ରୀକୃଷ୍ଣ ସ୍ୱର୍ଗପୁରକୁ ଗଲେ । ସେଠାରେ ଦେବମାତା ଅଦିତିଂକ ତାଂକ କୁଂଡଳ ଦିଓଟି ଦେଲେ । ଅଦିତି, ଇଂଦ୍ର ଓ ଶଚୀ ଭାରି ଖୁସୀ ହୋଇ, ଶ୍ରୀକୃଷ୍ଣଂକୁ ବହୁତ ସମ୍ଭାବନା କଲେ ।

କୃଷ୍ଣ ଇଂଦ୍ର ପ୍ରଭୃତିଂକୁ ଘେନି ଇନ୍ଦ୍ରଂକ ନଂଦନ କାନନରେ ବୁଲୁ ବୁଲୁ, ପାରିଜାତ ଗଛପାଖେ ଆସି ପହଂଚିଗଲେ ।

ସେ ଗଛ ଦେଖିବାକୁ କି ସୁଂଦର ! ତା ଫୁଲର ବାସନା ଚାରିକୋଶ ଯାଏ ଚହଟୁଛି । ସତ୍ୟଭାମାଂକର ସେ ଗଛଟି ନବାପାଇଁ ଭାରି ଲୋଭ ହେଲା । ସେ ଗଛ ନବାପାଇଁ ଶ୍ରୀକୃଷ୍ଣଂକୁ କହିଲେ । କୃଷ୍ଣ ସାଂଗେ ସାଂଗେ ଗଛଟି ଉପାଡ଼ି, ଗରୁଡ଼ ଉପରେ ଥୋଇ ଚାଲିଲେ ।

ଦେବତାମାନେ ଏହା ଦେଖି ରାଗିଗଲେ; କିଂତୁ ରାଗିଲେ ଶ୍ରୀକୃଷ୍ଣଂକର କଣ କରିବେ ! ନିଜେ ଇଂଦ୍ର

ଦେବତାମାନଂକୁ ଘେନି ଆସି ଯୁଝିଲେ; କିଂତୁ ଫଳ କିଛି ହେଲାନାହିଁ ।

କୃଷ୍ଣ ସେ ଗଛଟି ଆଣି, ସତ୍ୟଭାମାଂକ ଘର ବଗିଚାରେ ପୋତିଦେଲେ । ନରକାସୁର ଘରେ ଯେଉଁ ଷୋଳ ସହସ୍ର ଯୁବତୀ ଥିଲେ, ସେମାନେ କିଏ କେତେ ରୂପରେ ଶ୍ରୀକୃଷ୍ଣଂକୁ ଦେଖିଥିଲେ । ଶ୍ରୀକୃଷ୍ଣ ଦ୍ୱାରକାରେ ସମସ୍ତଂକୁ ଏକା ଦିନକେ ବାହାହେଲେ ସତ; କିଂତୁ ଏକ ଶ୍ରୀକୃଷ୍ଣ ଷୋଳ ସହସ୍ର ରୂପରେ ସବୁ ଯୁବତୀଂକ ଏକା ଲଗ୍ନରେ ବାହା ହୋଇଥିଲେ ବୋଲି, କଥା ଅଛି ।

———

## ବଳରାମ ରୁକ୍ମୀଂକୁ ମାରିଲେ

କେତେଦିନ ପରେ, କୃଷ୍ଣଂକର ଯେତେ ରାଣୀ ଥିଲେ, ସମସ୍ତଂକର ଦଶୋଟି ଲେଖାଏଁ ପୁଅ ହେଲେ । କୃଷ୍ଣ ସବୁ ରାଣୀ ଓ ପୁଅମାନଂକୁ ଏପରି ସୁଖପାଉଥିଲେ ଯେ, ପ୍ରତି ରାଣୀ ଭାବୁଥିଲେ, କୃଷ୍ଣ ସବୁଠାରୁ ମତେ ବେଶି ସୁଖ ପାଂତି ।

ସେ ରାଣୀମାନଂକର ସେବା କରିବା ପାଇଁ, ଶହ ଶହ ଦାସୀ ଥାଆଂତି । ତଥାପି ରାଣୀମାନେ ନିଜେ ସବୁ ସେବା କରଂତି; ନିଜେ ପାଣି, ଆସନ ଦିଅଂତି; ନିଜେ ଗୋଡ଼ ଧୋଇ ଦିଅଂତି । କୃଷ୍ଣ ଶୋଇଲେ, ସେମାନେ ହାତରେ ବିଂଚି ଦିଅଂତି । ନିଜେ ଗାଧୁଆଇ ଦିଅଂତି; ନିଜେ ଆଣି ଖାଇବାକୁ ଦିଅଂତି ।

କୃଷ୍ଣଂକର ଯେତେ ପୁଅ ଥିଲେ ତା’ ମଧ୍ୟରେ ରୁକ୍ମିଣୀଂକ ପୁଅ ପ୍ରଦ୍ୟୁମ୍ନ ସବୁଠାରୁ ବଡ଼ । ସେହି ପ୍ରଦ୍ୟୁମ୍ନ ଭୋଜ କଟକ ପୁରରେ ଥିବା, ରୁକ୍ମିଣୀଂକ ଭାଇ, ମହାବୀର ରୁକ୍ମୀଂକ ଝିଅ ରୁକ୍ମବତୀଂକ ବାହା ହୋଇଥିଲେ । ତାଂକର ଅନିରୁଦ୍ଧ ବୋଲି ପୁଅ ହେଲା ।

ଏହିପରି କୃଷ୍ଣଂକର ସବୁ ପୁଅଂକର ପୁଅ, ନାତି କ୍ରମେ ଜନ୍ମ ହୋଇଗଲେ । ଯଦୁବଂଶ ବ୍ୟାପିଗଲା ।

ପ୍ରଦ୍ୟୁମ୍ନ ଯେ ରୁକ୍ମବତୀଂକ ବାହାହେଲେ, ଏକଥା କିଛି କୃଷ୍ଣଂକ ଯୋଗେ ହୋଇ ନ ଥିଲା । ରୁକ୍ମୀ ଶ୍ରୀକୃଷ୍ଣଂକୁ ଜମା କେବେ ସୁଖ ପାଉ ନ ଥିଲେ; କିଂତୁ ଭଉଣୀଂକ ଭାରି ସୁଖ ପାଉଥିଲେ । ସେଥିପାଇଁ ଭଉଣୀ ସ୍ନେହରେ ଆପଣା ଝିଅ ରୁକ୍ମବତୀଂକ ପ୍ରଦ୍ୟୁମ୍ନଂକୁ ଦେଲେ । ପୁଣି ରୋଚଣା ବୋଲି, ରୁକ୍ମୀଂକର ଗୋଟିଏ ନାତୁଣୀ ଥିଲା । ତାକୁ ମଧ୍ୟ ରୁକ୍ମୀ ପ୍ରଦ୍ୟୁମ୍ନଂକ ପୁଅ ଅନିରୁଦ୍ଧଂକ ସଂଗେ ବାହା ଦେଇଥିଲେ ।

ସେହି ରୋଚଣାଂକ ବାହାବେଳେ, ଶ୍ରୀକୃଷ୍ଣ, ଶ୍ରୀରାମ, ରୁକ୍ମିଣୀ, ପ୍ରଦ୍ୟୁମ୍ନ, ଜାଂବବତୀ ପୁଅ ଶାଂବ, ଆଉ କେତେ ଯାଦବ ଭୋଜ କଟକ ନଗରକୁ ଯାଇଥିଲେ । ସେତିକବେଳେ ରୁକ୍ମୀଂକର ଭାରି ପ୍ରିୟ କଳିଂଗ ଦେଶ ରାଜା ଓ ଆଉ କେତେ ରାଜା ମିଶି ରୁକ୍ମୀଂକ ଶିଖାଇଲେ—

“ଏବେ ସୁବିଧା ପଡ଼ିଛି, ତୁମେ ପଶାଖେଳ ଖୁବ୍ ଭଲ ଜାଣ । ବଳଦେବ ଜାଣଂତି ନାହିଁ । ପଶାଖେଳକୁ ତ କ୍ଷତ୍ରିୟ ମନା କରିବ ନାହିଁ, ତୁମେ ବଳଦେବଂକୁ ପଶାଖେଳକୁ ଡାକ । ଏଥର ଯାଦବଂକୁ ଘାଟେ ଦବା ।”

ପଶାଖେଳ ପାଇଁ ବଳଦେବଂକୁ ଡାକରା ଆସିଲା । ରୁକ୍ମୀ ବରାବର ଜିଣୁଥାଂତି । ଶେଷକୁ ଅକସ୍ମାତ୍ ବଳଦେବ ଥରେ ଜିଣିଲେ । ରୁକ୍ମୀ ଗୋଳିଆ ଫୋଳିଆ

କରିଦେଲେ, ଆଉ ସେ କଥା ମାନିଲେ ନାହିଁ । ବଳଦେବ ସହିଗଲେ, ପୁଣି ଆଉଥରେ ବଳଦେବ ଜିଣିଲେ ।

ବଳଦେବ କହିଲେ, "ମୁଁ ଜିଣିଲି"; କିନ୍ତୁ ରୁକ୍ମୀ କଳିଙ୍ଗ ହେଉରିକେ ପୁଣି ଗୋଳଆ ପୋଳଆ କଲେ । ଶେଷକୁ ରୁକ୍ମୀ ବଳଦେବଙ୍କୁ କହିଲେ, "ବୁଝିଲ ବାବୁ, ପଶାଖେଳ କିଛି ବଣରେ ଗୋରୁ ଚରାଇବା କାମ ନୁହେଁ ।"

ବଳଦେବ କି ଏହା ସହନ୍ତି ? ତାଙ୍କ ହାତରେ ପରିଘ ବୋଲି ଶସ୍ତ୍ର ଥିଲା । ସେ ରାଗରେ ଉଠି, ରୁକ୍ମୀଙ୍କ ମୁଣ୍ଡଟି ଦେହରୁ ଅଲଗା କରିଦେଲେ । କଳିଙ୍ଗ ରାଜା ପାଖରେ ବସି ହସୁଥିଲେ—ଦାନ୍ତଗୁଡ଼ିକ ଦିଶୁଥିଲା । ବଳଦେବ ପରିଘ ବାଡ଼ିରେ ତାଙ୍କ ଦାନ୍ତଯାକ ଭାଙ୍ଗିଦେଲେ ।

ସବୁ ରାଜାଯାକ ରାଗି ଯୁଦ୍ଧପାଇଁ ଠିଆ ହୋଇଗଲେ । ବଳଦେବ ପରିଘରେ କାହା ଦାନ୍ତ, କାହା ମୁଣ୍ଡ, କାହା ନାକ, କାହା କାନ ସବୁ ଗୁଣ୍ଡା କରିବାରେ ଲାଗିଲେ । ସମସ୍ତେ ଭୟରେ ପଳାଇଲେ ।

ଏଣେ କୃଷ୍ଣ ଦେଖିଲେ ରୁକ୍ମିଣୀଙ୍କ ଭାଇ ଆପଣା ଶଳାକୁ ଶ୍ରୀରାମ ମାରିଚନ୍ତି । ରାମ ଅବଶ୍ୟ ଠିକ୍ କରିଚନ୍ତି; କିନ୍ତୁ ଠିକ୍ ବୋଲି କହିଲେ ରୁକ୍ମିଣୀଙ୍କ ଦୁଃଖ ବଢ଼ିବ ! ସେ ଆଉ କିଛି କହିଲେ ନାହିଁ । ନାତି ନାତୁଣୀ ଦୋହିଁଙ୍କୁ ଶୀଘ୍ର ରଥରେ ବସାଇ ଦ୍ୱାରକାର ରାଜଧାନୀ କୁଶସ୍ଥଳୀକି ଛାଡ଼ିଦେଲେ ।

———

## ବାଣାସୁର କଥା ଓ ଉଷା ବିବାହ

ପୂର୍ବେ ବଳୀ ବୋଲି ଜଣେ ପରାକ୍ରମୀ, ଭାରି ଦାନୀ ରାଜା ଥିଲେ, ବିଷ୍ଣୁ ସେଥିପାଇଁ ବାମନ ରୂପଧରି ତାକୁ ତିନିପାଦ ଭୂମି ମାଗି, ପାତାଳକୁ ଛାଡ଼ି ଦେଇଥିଲେ । ସେହି ବଳୀର ଶହେ ପୁଅ ଥିଲେ । ସେମାନଙ୍କ ଭିତରେ ବାଣାସୁର ସବୁଠାରୁ ଶ୍ରେଷ୍ଠ ।

ସେହି ବାଣ ମହାଦେବଙ୍କୁ ଭାରି ତୁଷି କରି ତାଙ୍କଠାରୁ ବର ପାଇଥିଲା, ତ୍ରିଭୁବନରେ କେହି ତାକୁ ଜିଣି ପାରିବେ ନାହିଁ । ସେ ଆପଣା ରାଜଧାନୀ ଶୋଣିତପୁରରେ ରହି, କାହାକୁହିଁ ମାନିଲା ନାହିଁ । କଥାଅଛି-ତାର ହଜାରେ ହାତ ଥିଲା । ସେ ସମସ୍ତଙ୍କୁ ମାରି, ଆପଣାର ଅଧୀନ କଲା, ଶେଷରେ ଦିନେ ଯାଇ ମହାଦେବଙ୍କୁ କହିଲା, "ମୁଁ ଆପଣଙ୍କର ଭକ୍ତ; ପ୍ରଣାମ କରୁଚି, ଆପଣ ତ ମତେ ବରଦେଲେ, କେହି ମତେ ଜିଣି ପାରିବେ ନାହିଁ; ମୁଁ କାହାସଙ୍ଗେ ଯୁଦ୍ଧ କରିବି ? ମୋ ସାଙ୍ଗେ ତ କେହି ଠିଆ ହେଲେ ନାହିଁ । ଆପଣ ଅନୁଗ୍ରହ କଲେ, ମୁଁ ଆପଣଙ୍କ ସଙ୍ଗେ ଟିକିଏ ଯୁଦ୍ଧ କରନ୍ତି ।"

ମହାଦେବ ରାଗହୋଇ ତା'କୁ କହିଲେ, "ଅଚ୍ଛା, ତୁ ଯା । ତୋ' ରଥ ଉପରେ ମୟୂର ପତାକା ଯୁ'ଦିନ ଭାଙ୍ଗିବ, ସେଦିନ ମୋ'ରି ସମାନ ଜଣେ ଲୋକ ଯୁଦ୍ଧ କରିବାକୁ ପାଇବୁ; ଫଳାଫଳ ବୁଝିବୁ ।"

ବାଣ କି ଏହାର ଅର୍ଥ ବୁଝେ । ସେହିଦିନ ସେ ତାର ଗର୍ବ ଭାଙ୍ଗିବ, ବୁଝିପାରିଲା ନାହିଁ । ଜଣେ ଯୋଦ୍ଧା ପାଇବ ବୋଲି, ଆନନ୍ଦରେ ସେଇ ଦିନକୁ ଚାହିଁ ବସିଥାଏ ।

ବାଣାସୁରର 'ଉଷା' ବୋଲି, ଗୋଟିଏ ସୁନ୍ଦରୀ ଝିଅ ଥାଏ । ସେ ହର ପାର୍ବତୀଙ୍କ ଠାରୁ ବର ପାଇ

କୃଷ୍ଣଂକ ନାତି ଅନିରୁଦ୍ଧକୁ ବିଭା ହେବ ବୋଲି ମନ କରିଥାଏ । ଅନିରୁଦ୍ଧକୁ ସେ କମା ଦେଖି ନାଇ । କିଂତୁ ତା'ର କଥା ସେ ସବୁଦିନ ଭାବୁଥାଏ ।

ଦିନେ ରାତିରେ ଅନିରୁଦ୍ଧକୁ ସେ ସ୍ୱପ୍ନ ଦେଖି, ବଡ଼ ବ୍ୟାକୁଳ ହେଲା । 'ଚିତ୍ରଲେଖା' ବୋଲି ତା'ର ଜଣେ ସଖୀ ଥିଲା । ସେ ସବୁ କଥା ଶୁଣି, 'କେଉଁ ପୁରୁଷକୁ ତୁ ସ୍ୱପ୍ନରେ ଦେଖିଲୁ କହ, ମୁଁ ଆଣିଦେବି' ବୋଲି କହିଲା । ଉଷା କପରି କହିବ ! ଚିତ୍ରଲେଖା କିପରି ବୁଝିବ ! ଶେଷକୁ ଚିତ୍ରଲେଖା ଗୋଟି ଗୋଟି କରି, ସେ କାଳର ଯେତେ ସୁଂଦର ଲୋକଂକୁ ଜାଣିଥିଲା, ସମସ୍ତଂକ ଚିତ୍ର ଲେଖି ଉଷାକୁ ଦେଖାଉଥାଏ ।

ଚିତ୍ରଲେଖା ସୁଂଦର ଚିତ୍ର ଲେଖି ଜାଣେ, କେତେବେଳେ ଉତ୍ତାରୁ ସେ ଅନିରୁଦ୍ଧ ଚିତ୍ର ଲେଖି, ଉଷା ଆଗରେ ଥୋଇ ଦେବାରୁ, ଉଷା ମନକୁ ପାଇଗଲା ।

ଚିତ୍ରଲେଖା ବହୁତ ମାୟା ଜାଣେ । ସେ ରାତି ରାତି ମାୟାରେ ଦ୍ୱାରକାରେ ପହଂଚିଲା । ଅନିରୁଦ୍ଧ ଘରେ ଶୋଇଥିଲା; ସେ ତା'କୁ ମାୟାରେ ଆଣି, ଉଷା ଘରେ ଶୁଆଇ ଦେଲା । ଏବେ ଉଷା, ଅନିରୁଦ୍ଧ ଦିହେଁ ମହାସୁଖରେ କେତେଦିନ ରହିଲେ । ଶେଷକୁ ଏ କଥା ବାଣାସୁର କାନକୁ ଗଲା । ବାଣାସୁର ରାଗିଯାଇ, ଅନିରୁଦ୍ଧକୁ କଇଦି କରି ପକାଇଲା ।

ଅନିରୁଦ୍ଧ କେତେ ଯୁଦ୍ଧ କଲେ । କେତେ ସୈନ୍ୟ ମାଇଲେ; କିଂତୁ ଶେଷକୁ ବାଣର ମାୟାଯୁଦ୍ଧରେ ପାରିଲେ ନାଇ । ନାଗପାଶ ବାଣରେ ବଂଧାହୋଇ, କଇଦୀ ହେଲେ ।

ଏଣେ ଦ୍ୱାରକାରେ ଅନିରୁଦ୍ଧ ନ ମିଳିବାରୁ ସମସ୍ତେ ଭାରି ବ୍ୟସ୍ତ ହେଲେ । ଶେଷକୁ ନାରଦ ଆସି କହିବାରୁ ନିଜେ ଶ୍ରୀକୃଷ୍ଣ ଯାଦବଂକୁ ଘେନି, ଯୁଦ୍ଧ କରିବାପାଇଁ ଶୋଣିତପୁରକୁ ଗଲେ ।

ଯାଦବମାନେ ଯାଇ, ଶୋଣିତପୁରକୁ ଘେରିଗଲେ । ବାଣ ଏବେ ଲକ୍ଷ ଲକ୍ଷ ସେନା ଘେନି ଯୁଦ୍ଧକୁ ଆସିଲା । ନିଜେ ମହାଦେବ ବୃଷଭରେ ବସି, କାର୍ତ୍ତିକେୟଂକୁ ଘେନି ବାଣ ପକ୍ଷରେ ଯୁଝିଲେ । ଶ୍ରୀକୃଷ୍ଣଂକ ସଂଗେ ମହାଦେବଂକର, ପ୍ରଦ୍ୟୁମ୍ନଂକ ସଂଗେ କାର୍ତ୍ତିକେୟଂକର ଭାରି ଯୁଦ୍ଧ ହେଲା । ବାଣ ସେନାପତି କୁଂଭାଂଡ ଓ କୂପକର୍ଣ୍ଣ ସଂଗେ ବଳଦେବଂକର, ବାଣପୁଅ ସଂଗେ ଶାଂବର ଓ ସାତ୍ୟକୀ ସଂଗେ ବାଣର ଭାରି ଯୁଦ୍ଧ ଲାଗିଗଲା ।

ବହୁତ କାଳ ଯୁଦ୍ଧ ହେଲା । ମହାଦେବ ଓ କାର୍ତ୍ତିକେୟ ପ୍ରଭୃତି ବଡ଼ ବ୍ୟସ୍ତ ହୋଇ, ହଟିଯିବାକୁ ବସିଲେ । ବାଣାସୁର ଏବେ ସାତ୍ୟକୀକ ଛାଡ଼ି ଶ୍ରୀକୃଷ୍ଣଂକ ପାଖେ ଆସି ପହଂଚିଗଲା ।

ଶ୍ରୀକୃଷ୍ଣ ବାଣକୁ ଅସ୍ତବ୍ୟସ୍ତ କରି ପକାଇଲେ । ସେତିକବେଳେ ବାଣର ମା' କୋଟରା ଦେଖି ପୁଅ ପ୍ରାଣ ରଖିବାପାଇଁ ଲଂଗଳା ହୋଇ ଆସି ଯୁଦ୍ଧ ଭୂମିରେ ଠିଆ ହୋଇଗଲା । ଲଂଗଳା ସ୍ତ୍ରୀଲୋକ ଦେଖିଲେ ଯୁଦ୍ଧ ମନା । ଶ୍ରୀକୃଷ୍ଣ ମୁହଁ ବୁଲାଇ ଦେଲେ ।

ଏବେ ବେଳ ପାଇ ବାଣ ନିଜ ପୁରୀ ଭିତରେ ପଶିଗଲା । ମହେଶ୍ୱର ପୁଣି ଆସି, ଯୁଦ୍ଧରେ ଲାଗିଲେ । ଉତ୍ତପ୍ତ ଜ୍ୱର ବୋଲି ତାଂକର ଗୋଟିଏ ଶର କୃଷ୍ଣ ପକ୍ଷକୁ ଆକ୍ରମଣ କଲା । ଶ୍ରୀକୃଷ୍ଣ ଗୋଟିଏ ଶୀତଳ ଜ୍ୱର ସୃଷ୍ଟି କଲେ; ସେଥିରେ ଉତ୍ତପ୍ତ ଜ୍ୱର ଅସ୍ତବ୍ୟସ୍ତ ହେଲା । ଶୀତଳ ବିଷ୍ଣୁ ଜ୍ୱରରୁ ରକ୍ଷା ନାଇ; ଏ କଥା ଜାଣି, ମହାଦେବ ଜ୍ୱର ଆସି, କୃଷ୍ଣପାଖେ ଶରଣ ନେଲା ।

ଏହି ମଧ୍ୟରେ ବାଣ ପୁଣି ଏକ ରଥରେ ଚଢ଼ି, କୃଷ୍ଣଂକ ଆଗେ ଯୁଦ୍ଧ କରିବାକୁ ପହଂଚିଲା । ଏବେ ତା'ର ମୟୂର ଧ୍ୱଜ ଭାଜ ଯାଇଛି । ଚାହୁଁ ଚାହୁଁ ଶ୍ରୀକୃଷ୍ଣ ବାଣର ହଜାରେ ବାହୁ କାଟିଦେଲେ । ମହେଶ୍ୱର ଆଉ ସଂଭାଳି ନପାରି, ଆସି ଶ୍ରୀକୃଷ୍ଣଂକୁ ସ୍ତୁତିକଲେ । ମହାଦେବଙ୍କ ସ୍ତୁତି ଶୁଣି, ଶ୍ରୀକୃଷ୍ଣ କହିଲେ, "ମୁଁ ବଡ଼ ସଂତୋଷ ହେଲି; ଆପଣ ଯା'କୁ ହଜାରେ ବାହୁ ଦେଇଥିଲେ, ମୁଁ ସବୁ କାଟିଦେଇଛି । ଏବେ ଏହାର ଚାରୋଟି ବାହୁ ରହୁ । ମୁଁ ଏହାକୁ ଆଶୀର୍ବାଦ କରେଁ; ଏ ବୁଢ଼ା ହବ ନାହିଁ କି ମରିବ ନାହିଁ । ଏ ଆପଣଂକ ପାଖେ ରହି, ଆପଣଂକର କାଳେ କାଳେ ସେବା କରୁଥିବ ।"

ବାଣାସୁର ଏବେ ଶ୍ରୀକୃଷ୍ଣଂକୁ ଭକ୍ତିଗଦ୍‌ଗଦ୍ ହୋଇ ପ୍ରଣାମ କଲା । ଅନିରୁଦ୍ଧ, ଉଷା ଦୁହିଁଙ୍କ ଆଣି, ଶ୍ରୀକୃଷ୍ଣଂକ ପାଦରେ ସମର୍ପି ଦେଲା । ଶ୍ରୀକୃଷ୍ଣ ସେଠାରୁ ବାଇଦ ବଜାଇ, ରଥ ଚଢ଼ି, ନାତି, ନାତୁଣୀ ବୋହୂଂକୁ ନେଇ, ଦ୍ୱାରକାକୁ ଆସିଲେ ।

—————

## ନୃଗ ଉପାଖ୍ୟାନ

ଦିନେ ପ୍ରଦ୍ୟୁମ୍ନ, ଶାଂବ, ଚାରୁ, ଭାନୁ, ଗଦ ପ୍ରଭୃତି କୃଷ୍ଣଂକ ପୁଅମାନେ ବଗିଚାରେ ଖେଳୁଥିଲେ । ତାଂକୁ ଭାରି ଶୋଷ କଲା । ଖୋଜି ଖୋଜି ଗୋଟିଏ କୂଅ ପାଖକୁ ଯାଇ କୂଅ ଭିତରକୁ ଚାହାଂନ୍ତି ତ—ଆରେ ବାବା ! କୂଅରେ ପାଣି ଫାଣି କିଛି ନାହିଁ । କିଂଏ ଗୋଟିଏ ଏଡ଼େ ବଡ଼ ଜଂତୁ ଜଳ୍ ଜଳ୍ ଚାହିଁଛି । ତାକୁ କୂଅରୁ କାଢ଼ିବା ପାଇଁ ସେମାନେ ଫାଶ ପକାଇ, ବହୁତ ଉଦ୍ୟମ କଲେ । ସେ ବାହାରିଲା ନାହିଁ । ଶେଷକୁ ଯାଇ, ସମସ୍ତେ ଶ୍ରୀକୃଷ୍ଣଂକ ଆଗେ କହିଲେ ।

ଶ୍ରୀକୃଷ୍ଣ ଆସି, ଫାଶରେ ହାତ ଲଗାଇ ଦବାରୁ, ଜଂତୁଟି ଆସି ଉପରେ ହାଜର୍ ।

କଥା ଅଛି—ଚାହୁଁ ଚାହୁଁ ସେ ଜଂତୁର ରୂପ କୁଆଡ଼େ ଗଲା । ଏକ ସୁଂଦର ପୁରୁଷ ବାହାରି ଠିଆ ହୋଇଗଲା । କୃଷ୍ଣ ତାକୁ ପଚାରିଲେ, "ଆପଣ କିଏ ? ଏଠାରେ କାହିଁକି ଥିଲେ ?" ତାପରେ ସେ କୃଷ୍ଣଂକୁ ପ୍ରଣାମ କରି ଧୀରେ ଧୀରେ କହିଲା, "ହେ ପ୍ରଭୁ, ମୁଁ ଜଣେ ରାଜ ଚକ୍ରବର୍ତ୍ତୀ ଥିଲି । ମୁଁ ଇକ୍ଷ୍ୱାକୁଂକ ପୁଅ—ମୋ ନାଁ ନୃଗ । ମୁଁ ଭାରି ଦାତା ଥିଲି । ସମୁଦ୍ର କୂଳ ବାଲି ଯେପରି କଳି ହେବ ନାହିଁ—ଆକାଶର ତାରା ଯେପରି ଗଣି ହେବ ନାହିଁ—ସେହିପରି ମୁଁ କେତେ ଗାଈ ଦେଇଛି—ତା' କହି ହେବ ନାହିଁ । ଗାଈଂକ ଦେହରେ ସୁନା ରୁପା ଅଳଂକାର, ପାଟଲୁଗା କେତେ ଦେଇଛି—ତା' କିଏ କହିବ ? ଏହିପରି ସବୁବେଳେ ଦଉଥାଏ । ଦିନେ ଭୁଲରେ ଗୋଟିଏ ବ୍ରାହ୍ମଣର ଗାଈ ମୋ ଗୋଠ ସଂଗେ ଆସି ରହିଲା । ମୁଁ କାହିଁକି ଜାଣିବି ! ଲକ୍ଷ ଲକ୍ଷ ଗାଈ ଦେଲାବେଳେ ସେ ଗାଈଟିକି ମଧ୍ୟ ଦାନ କରି ଦେଲି । ଦାନ ନେଇଥିବା ବ୍ରାହ୍ମଣ ଗାଈଟିକି ନେଇ ଯାଉଛି । ଯାହାର ଗାଈ ସେ ଆସି ଧରିଲା । ଦାନ ନେଇଥିବା ବ୍ରାହ୍ମଣ କହିଲେ, 'ମୁଁ ରାଜାଂକଠାରୁ ଏ ଗାଈ ଦାନ ଆଣିଛି ।' ଆର ବ୍ରାହ୍ମଣ କହିଲେ, 'ରାଜା ତେବେ ଗାଈ ଚୋରି କରିଚଂନ୍ତି ।' ମୁଁ ଏ କଥା ଶୁଣି, କିଛି ବୁଝିପାରିଲି ନାହିଁ । ମତେ ଗୋଟିଏ ଧର୍ମ ସଂକଟ ପଡ଼ିଗଲା । ଦେଖିଲି ଗାଈ ଦାନ କରିଛି । ଫେରାଇ ଆଣି ପାରିବି ନାହିଁ, ପୁଣି ବ୍ରହ୍ମ ଦୋଷ ଲାଗିଲେ ମହାବିପଦ । ବହୁତ କ୍ଷମା ପ୍ରାର୍ଥନା କଲି । ଗୋଟିଏ ପାଇଁ, ଲକ୍ଷେ ଗାଈ ଦେବାକୁ କହିଲି; କିଂତୁ ସେ ଦୁଇ ବ୍ରାହ୍ମଣ ଯାକ ମତେ କେହି ଦୟା କଲେ ନାହିଁ । ଶେଷକୁ ଦିହେଁ ଗାଈଟି ଛାଡ଼ି ଚାଲିଗଲେ । କାଳରେ ମୁଁ ମଲି । ଯମଦୂତମାନେ ମତେ ନେଇ

ଗଲେ । ଧର୍ମରାଜାଂକ ଆଗେ ଏ କଥା ସବୁ ପଡ଼ିବାରୁ ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ଆପଣ ବହୁତ ଧର୍ମ କରିଛଂନ୍ତି । ସେଥିରେ ବହୁତ ଶୁଭଫଳ ହେବ; କିଂନ୍ତୁ ଆପଣ ପରର ଗାଈ ଦାନ କରି ଯେ ପାପ କରିଛଂନ୍ତି ତା'ର ଫଳ ମଧ୍ୟ ଭୋଗ କରିବେ । ଆପଣ ପାପ କି ଧର୍ମ କାହାର ଫଳ ଆଗ ଭୋଗ କରିବାକୁ ଚାହାଂନ୍ତି ?' ମୁଁ କହିଲି, 'ପାପର ଫଳ ଆଗ ଦିଅ ।' ସେହି ଫଳରେ ମୁଁ ଗୋଟିଏ କୃକଳାଶ ( କଂଖାର ) ହୋଇ ଏହିଠାରେ ପଡ଼ିଥିଲି । ଏବେ ଆପଣଂକ ହାତରେ ମୋର ଉଦ୍ଧାର ହେଲା ।"

ଏହା କହି ନୃଗ କୃଷ୍ଣଂକୁ ପ୍ରଣାମ କରି ଗୋଟିଏ ବିମାନରେ ସମସ୍ତଂକ ଆଗରେ ସ୍ୱର୍ଗକୁ ଗଲେ । ଭୁଲରେ ହେଲେ ମଧ୍ୟ ଅନ୍ୟର ଜିନିସ ସ୍ପର୍ଶ କଲେ ଏହିପରି ଫଳ ହୁଏ ବୋଲି, ସମସ୍ତେ ବୁଝିଲେ ।

---

## ଶ୍ରୀରାମଂକ ବ୍ରଜପୁର ଗମନ
## ଓ
## ପୌଂଡ୍ରକ କଥା

ପିଲାଦିନେ ରାମ କୃଷ୍ଣ ବ୍ରଜରେ ଥିଲେ । କେତେ-କାଳରୁ ବ୍ରଜପୁର ଛାଡ଼ି ଆସିଲେଣି । ସେଥିପାଇଁ ଶ୍ରୀରାମ ଏବେ ଯାଇ ବ୍ରଜପୁରରେ ପହଂଚିଲେ । ସମସ୍ତେ ଭାରି ଖୁସି ହେଲେ । ନଂଦ ଯଶୋଦାଂକର ଆନଂଦରେ ଗୋଡ଼ ତଳେ ପଡ଼ିଲା ନାଇ ।

ବଳଦେବ ଯାଇ ଗାଁରେ ବୁଢ଼ା ବୁଢ଼ା ଗଉଡ଼ଂକୁ ପ୍ରଣାମ କଲେ । ଆଉ ସମସ୍ତଂକ ସାଂଗେ କେତେ କଥା ବାର୍ତ୍ତା, କେତେ ଦୁଃଖ ସୁଖ ପଚରା ପଚରି ଲାଗିଗଲା ।

ଗୋପୀମାନେ ଆସି ଶ୍ରୀରାମଂକ ପାଖେ ରୁଂଡ ହୋଇଗଲେ । କିଏ ଆସି, କେତେ କଥା ପଚାରିଲେ । ସମସ୍ତଂକ ମୁହଁରେ ସବୁବେଳେ ଶ୍ରୀକୃଷ୍ଣଂକ କଥା । ବଳରାମ ଯେତେ ପାରୁଥାଂନ୍ତି, ସମସ୍ତଂକୁ କହୁଥାଂନ୍ତି । ତଥାପି ସେମାନେ ପୁଣି ପଚାରୁଥାଂନ୍ତି । ଏହିପରି ସଂଭାବନା ପାଇ ସେଠାରେ ବଳରାମ କେତେକାଳ ରହିଲେ ।

ଯମୁନାକୂଳ, ବୃଂଦାବନ, ଗୋବର୍ଦ୍ଧନ—ସବୁ ବୁଲୁଥାଂନ୍ତି । କେତେ ସ୍ଥାନରେ ପିଲାଦିନର କେତେ କଥା ମନେ ପଡ଼ୁଥାଏ ।

ଦିନକର ଗୋଟିଏ କଥା ଆଶ୍ଚର୍ଯ୍ୟ । ଚଂଦ୍ର ପକ୍ଷ ରାତି । ଖୁସିବାସିରେ ଗୋପୀଂକ ସଂଗେ ବଳରାମ ଯମୁନାକୂଳେ ବୁଲୁଛଂନ୍ତି । ବଣରେ ବୁଲୁ ବୁଲୁ ତାଂକର ପାଣି ଦରକାର ହେଲା । ସେ ଯମୁନାକୁ ଆଜ୍ଞାଦେଲେ, 'ଯମୁନା, ତୁମେ ମୋ ପାଖକୁ ଆସ' । ଯମୁନା ଆସିଲା ନାଇ ।

ଶେଷକୁ ବଳରାମ ଭୂମିରେ ହଳ ଭର୍ତ୍ତି କରି ଯମୁନାକୁ ଓଟାରି ଆଣିବେ ବୋଲି ବାହାରିଲେ । ଯମୁନା ବ୍ୟାକୁଳ ହୋଇ, ଏକେ ବଳରାମଂକ ପାଖେ ଆସି ହାଜର ହେଲା ।

ଏବେ ବି ଯମୁନାର ସେହି ସ୍ଥାନରେ ବଳଦେବ ତାକୁ ଟାଣି ବୁଲାଇ ଦେବାର ଚିହ୍ନ ରହିଛି ।

କରୁଷ ଦେଶରେ ପୌଂଡ୍ରକ ବୋଲି ଜଣେ ରାଜା ଥିଲା । ସେ ଖୋସାମଦିଆମାନଂକ କଥାରେ ପଡ଼ି, ଆପେ ଏକ ଶ୍ରୀକୃଷ୍ଣ ସାଜି ବସିଲା । ସୁଦର୍ଶନ ବୋଲି ଗୋଟାଏ ଚକ ଧରିଲା । ଗରୁଡ଼ ବୋଲି ଗୋଟେ ଶାଗୁଣା ପୋଷିଲା । ଗୋଟେ ହାତରେ ଶଂଖ, ଗୋଟେ

ହାତରେ ଚକ୍ର ଧରିଥାଏ; ଏହିପରି ବିଷ୍ଣୁଂକର ଯାହା ଯାହା ଚିହ୍ନ ସବୁ ଥିଲା, ସବୁ ସୁଆଂଗ ସଜାଡ଼ି, କୃଷ୍ଣଂକ ପାଖକୁ ଦ୍ୱାରକାକୁ ଏକ ଦୂତ ପଠାଇ ଦେଲା ।

ବଳଦେବ ଯେତେବେଳେ ବ୍ରଜପୁରକୁ ଯାଇଥିଲେ, ସେହି ସମୟରେ ଏ ଦୂତ ଆସି ପହଂଚିଲା । ଉଗ୍ରସେନ ପ୍ରଭୃତି ସମସ୍ତେ ସଭାରେ ବସିଚଂତି, ସେ ଦୂତ କହିଲା, "ଆମ ରାଜା ପୌଂଡ୍ରକ କହୁଚଂତି, ଏ ସଂସାରରେ ପ୍ରଜାଂକୁ ପରିତ୍ରାଣ କରିବାକୁ ସେହି ବାସୁଦେବ ଶ୍ରୀକୃଷ୍ଣ ହୋଇ ଜନ୍ମିଚଂତି, ହେ କୃଷ୍ଣ ! ଆପଣ ଆଜଠାରୁ ବାସୁଦେବ ନାମ ଛାଡ଼ଂତୁ; ନ ହେଲେ ମୋ ସଂଗେ ଯୁଦ୍ଧ କରଂତୁ ।"

ସମସ୍ତେ ଟିକିଏ ଆଶ୍ଚର୍ଯ୍ୟ ହେଲେ । କୃଷ୍ଣ ହସି ହସି କହିଲେ, "ଯାଅ ଦୂତ କହିବ, ମୁଁ ଶୀଘ୍ର ସୁଦର୍ଶନ ପ୍ରଭୃତି ଅସ୍ତ୍ରସବୁ ତୁମ ରଜାଂକ ପାଖକୁ ପଠାଇ ଦଉଚି ! କିଏସେ ବାସୁଦେବ—ସେ ବୁଝିପାରିବେ ।"

ପୌଂଡ୍ରକ ସେତେବେଳକୁ ଆପଣାର ମିତ୍ର କାଶୀରାଜଂକ ଘରେ ଥିଲେ । କୃଷ୍ଣ ତାହାଁକ ମାରିବାକୁ କାଶୀରେ ଯାଇ ପହଂଚ ଗଲେ ।

କାଶୀରାଜା ସୈନ୍ୟ ଦେଲେ । ପୌଂଡ୍ରକ କାଶୀରାଜା ଦୁହେଁ ଯୁଦ୍ଧକୁ ବାହାରିଲେ । ପୌଂଡ୍ରକ ଶଂଖ ଚକ୍ର ଧରିବେ ନା ଯୁଦ୍ଧ କରିବେ । କେତେବେଳ ଯାଏ ଭାରି ଯୁଦ୍ଧ ଲାଗିଲା । ଶେଷକୁ କୃଷ୍ଣ ସୁଦର୍ଶନ ଚକ୍ରକୁ ପଠାଇ ଦେଇ କହିଲେ, "ଆହେ ପୌଂଡ୍ରକ, ତୁମେ ଦୂତ ହାତେ ଖବର ଦେଇଥିଲ । ଏବେ ତୁମ ପାଖକୁ ମୁଁ ସୁଦର୍ଶନ ପଠାଇ ଦେଲି ।"

ପୌଡ୍ରଂକ ଆଉ ସୁଦର୍ଶନ ଧରିବେ କଣ, ସୁଦର୍ଶନ ତାଂକ ବେକ କାଟି ଆରପାଖକୁ ଚାଲିଗଲା ! ପୌଂଡ୍ରକଂକ ମୁଂଡଟି ଗଂଡରୁ ଖସି ତଳେ ପଡ଼ିଗଲା ।

ତା' ପରେ ଶ୍ରୀକୃଷ୍ଣ କାଶୀରାଜାଂକୁ ମାରି, ପୁଣି ଦ୍ୱାରକାକୁ ଫେରିଲେ ।

କାଶୀରାଜାଂକର ସୁଦକ୍ଷିଣ ବୋଲି ପୁଅଟିଏ ଥିଲା । ସେ ଏବେ ଯାଇ ଶ୍ରୀକୃଷ୍ଣଂକୁ ମାରିବ ବୋଲି, ମହାଦେବଂକୁ ସଂତୋଷ କରିବା ପାଇଁ ଭାରି ତପସ୍ୟା କଲା । ମହାଦେବ ଶେଷକୁ କହିଲେ, "କୁହୁକ ଜାଣିଥିବା ଅଥର୍ବବେଦୀ ବ୍ରାହ୍ମଣ ଡାକି ତୁମେ ଗୋଟିଏ ଯାଗ କର । ସେହି ଅଗ୍ନି ପ୍ରସନ୍ନ ହେଲେ ତୁମ ମନସ୍କାମନା ପୂର୍ଣ୍ଣ ହେବ ।"

ସୁଦକ୍ଷିଣ ସେହିପରି କୁହୁକ ଯାଗ ଆରଂଭ କଲେ । ଲହଲହ ରଂଗଜିଭ ସବୁ ହଲାଇ ହଲାଇ ଅଗ୍ନି ଉଠିଲା । ଆହୁତିରୁ ଧୂଆଁ ବାହାରି ଆକାଶ ଅଂଧାର ହୋଇଗଲା । ଶେଷକୁ ଅଗ୍ନିପୁରୁଷ ବାହାରି ଛିଡ଼ାହେଲେ । ତାଂକର ହାତରେ ତ୍ରିଶୂଳ । ଜିଭ ଲହ ଲହ ହୋଇ ଖେଳୁଚି । ବଣରେ ନିଆଁ ଜଳଲା ପରି ଦାଢ଼ିମାନ ଲଂବିଚି ! ତାଳଗଛ ପରି ଗୋଡ଼, ଦୁଦ୍ରୁପରି ପେଟ । ସାଂଗରେ ପ୍ରମଥମାନେ ତ୍ରିଶୂଳ ଧରି ନାଚୁଚଂତି ।

ଅଗ୍ନି ସଂଗେ ସଂଗେ ଦ୍ୱାରକାକୁ ଚାଲିଲେ । ଦ୍ୱାରକାବାସୀ ଡରିଲେ ରାଜ୍ୟ ପୋଡ଼ିଯିବ । ଶ୍ରୀକୃଷ୍ଣ ଶୁଣି ଟିକିଏ ହସିଲେ, ସାଂଗେ ସାଂଗେ ସୁଦର୍ଶନଚକ୍ରକୁ ପଠାଇ ଦେଲେ । ଚକ୍ରର ବିଷ୍ଣୁତେଜ । ସେ ତେଜରେ କୁହୁକ ଅଗ୍ନି କେତେ ମାତ୍ର ? ସେ ତେଜ ସଂଭାଳି ନ ପାରି ସେ ଅଗ୍ନି କାଶୀପୁରେ ପହଂଚିଲା । ସୁଦର୍ଶନ ପଛେ ପଛେ ଆସି ସେଠି ହାଜର । କାଶୀପୁରେ ପ୍ରଳୟ ଅଗ୍ନି ଜଳିଲା ।

ଘର ଦ୍ୱାର, କୋଠାବାଡ଼ି ଛିଡ଼ିପଡ଼ି ଭସ୍ମ ହୋଇଗଲା । କାଶୀରେ ଆଉ କେହି ବଂଚିରହିଲେ ନାହିଁ । ମହାଦେବଂକ କୁହୁକ ସଫଳହେଲା । ଚକ୍ର ପୁଣି ଦ୍ୱାରକାକୁ ଫେରିଗଲା ।

## ଦ୍ୱିବିଦ ବଧ

ପୂର୍ବକାଳରେ ବାନରରାଜ ସୁଗ୍ରୀବର ମନ୍ତ୍ରୀ ମହାବୀର ମୈନ୍ଦର ଭାଇ ଦ୍ୱିବିଦ ବୋଲି, ଏକ ଭାରି ବଳୁଆ ବାନର ଥିଲା । ଏ କାଳରେ ସେ ନରକାସୁରର ଭାରି ଆପଣାର ଥିଲା । ଶ୍ରୀକୃଷ୍ଣ ନରକାସୁରକୁ ମାରିବା ଦିନୁଁ ଦ୍ୱିବିଦ କୃଷ୍ଣଙ୍କ ଉପରକୁ ଭାରି ରାଗି କରି ରହିଲା । ସେହି ଦିନୁ ସେ ଭାରି ଦୁଷ୍ଟାମି କରୁଥାଏ ।

କୃଷ୍ଣଙ୍କ ଅଧୀନରେ ଥିବା ଦେଶମାନଙ୍କରେ ଦ୍ୱିବିଦ ଭାରି ଦୁଷ୍ଟାମି କରୁଥାଏ । ଲୋକଙ୍କ ଘର ପୋଡ଼ି ଦିଏ । ପାହାଡ଼ରୁ ପଥର ସବୁ ଆଣି ଘର ଉପରେ ଛେଚିଦିଏ । ଦ୍ୱାରକାରେ ଯାଇ, ସମୁଦ୍ର ପାଣିକି ଦେଶଭିତରକୁ ମଡ଼ାଇ ଦେଇ, ଗାଁ ଗଣ୍ଡା ବୁଡ଼ାଇ ଦିଏ । ବଣରେ ଋଷିମାନଙ୍କ ଆଶ୍ରମକୁ ଯାଇ, ଋଷିମାନଙ୍କ ଯଜ୍ଞ କୁଣ୍ଡରେ ହଗି ମୁତି ଦିଏ । ପ୍ରଜାଙ୍କୁ କେତେବେଳେ ଧରି ନେଇ ପାହାଡ଼ ଖୋଲ ଭିତରେ ପକାଇ ଦେଇ ଖୋଲ ମୁହଁରେ ପଥର ଚାପିଦିଏ ।

ବଳଦେବ ଥରେ ରାଣୀମାନଙ୍କୁ ନେଇ, ରୈବତକ ପର୍ବତକୁ ଯାଇଥିଲେ । ସେଠାରେ ସେ ମଉଜ ମଜଲିସ କରୁଥାନ୍ତି, ସଂଗୀତ ମଧ୍ୟ ହେଉଥାଏ । ଦିନେ ସେହି ସଂଗୀତ ଶୁଣି, ଦ୍ୱିବିଦ ରୈବତକ ପର୍ବତକୁ ଗଲା ।

ବଳଦେବ 'ବାରୁଣୀ' ବୋଲି ଗୋଟିଏ ମଦ ଖାଉଥିଲେ । ରୈବତକ ପର୍ବତରେ ବଳଦେବଙ୍କ ଆଗେ ମଦର ମାଠିଆ ସବୁ ଥୁଆ ହୋଇଥାଏ । ଦ୍ୱିବିଦ ଯାଇ, ସେଠାରେ ଗଛମାନ ହଲାଇ, ବଳଦେବ ଓ ତାଙ୍କ ରାଣୀମାନଙ୍କୁ ଦାନ୍ତ ଦେଖାଇ, କିଳିକିଳା ଶବ୍ଦ କଲା । ରାଣୀମାନେ ହସିଲେ । ବଳଦେବ ମାଙ୍କଡ଼କୁ ଟିକିଏ ଚହିଁଲେ ।

ମାଙ୍କଡ଼ ଦାନ୍ତ ନିକୁଟି ଦେଉଥାଏ; ଗାଣ୍ଡି ଦେଖାଉଥାଏ । ବଳଦେବ ବିରକ୍ତ ହୋଇ, ତା' ଉପରକୁ ଗୋଟାଏ ପଥର ଫିଙ୍ଗିଲେ । ସେଠାରୁ ସେ ମଦ ମାଠିଆଟି ନେଇ, ଗୋଟିଏ ପଥର ଉପରେ ଛେଚି ଦେଲା ।

ଗୋଟାଏ ମାଙ୍କଡ଼ ଏପରି କରୁଚି ଦେଖି, ବଳଦେବ ଖାତିର କରୁ ନଥାନ୍ତି । ସେତେ ରାଗ ବି ହେଉ ନଥାନ୍ତି । ଶେଷକୁ ମାଙ୍କଡ଼ଟି ଆସି ରାଣୀମାନଙ୍କ ଲୁଗାକାନି ଟାଣି, ଦାନ୍ତରେ ଲୁଗା ସବୁ ଛିଡ଼ା ଛିଡ଼ା କରି ଚିରିଲା । ଶେଷକୁ ବଳଦେବ ରାଗି-ଯାଇ, ଗୋଟାଏ ପରିଘ ଅସ୍ତ୍ର ଘେନି ମାରିବାକୁ ବାହାରିଲେ ।

ସାଙ୍ଗେ ସାଙ୍ଗେ ମାଙ୍କଡ଼ ଏକ ଶାଳଗଛ ଉପାଡ଼ି, ବଳଦେବଙ୍କୁ ପିଟିଲା । ବଳଦେବ ନିଜ ମୁଷଳରେ ସେ ଗଛଟାକୁ ବାଡ଼େଇ ଭାଙ୍ଗିଦେଲେ । ତା' ଉତ୍ତାରୁ ମାଙ୍କଡ଼ ମୁଣ୍ଡକୁ ଜବରଦସ୍ତ ଏକ ପାହାର ଦେଲେ । ମାଙ୍କଡ଼ର ମୁଣ୍ଡ ଫାଟି ଝରଝର ରକ୍ତ ବୋହିଲା । ମାଙ୍କଡ଼ ସେକଥା ନମାନି, ଗୋଟାକୁ ଗୋଟା ଶାଳଗଛ ଉପାଡ଼ି ଆଣୁଥାଏ । ବଳଦେବ ତାକୁ ଭାଙ୍ଗି ଟିକି ଟିକି କରି ଦେଉଥାନ୍ତି ।

ଗଛ ସରିଗଲା । ତା'ପରେ ମାଙ୍କଡ଼ ପଥରମାନ ଫିଙ୍ଗିଲା । ବଳଦେବ ମୁଷଳରେ ପଥରଯାକ ଗୁଣ୍ଡା କରିଦେଲେ । ଶେଷକୁ ମାଙ୍କଡ଼ ଗୋଟାଏ ମୁଥ ଉଞ୍ଚାଇ, ବଳଦେବଙ୍କୁ ହାତରେ ମାରିବ ବୋଲି ଆସିଲା । ବଳଦେବ ଭାରି ରାଗିଯାଇ, ଲଙ୍ଗଳ ମୁଷଳ ଫିଙ୍ଗି ଦେଇ ମାଙ୍କଡ଼ ବେକରେ ଗୋଟାଏ ମୁଥ ବସାଇ ଦେଲେ । ସେତିକିରେ ମାଙ୍କଡ଼ ରକ୍ତବାନ୍ତି କରି, ତଳେ ପଡ଼ିଗଲା—ତା' ପ୍ରାଣ ଛାଡ଼ିଗଲା ।

ମାଙ୍କଡ଼ଟି ଲୋକଙ୍କର ବଡ଼ ଅନିଷ୍ଟ କରୁଥିଲା । ଲୋକେ ଏବେ ବଳଦେବଙ୍କୁ ଧନ୍ୟ ଧନ୍ୟ କଲେ ।

## କୌରବ ନସୂଦନ ଓ ସୁଭଦ୍ରାହରଣ

କୌରବ ଦୁର୍ଯୋଧନର ଝିଅ ଲକ୍ଷ୍ମଣାବତୀ ବିବାହ ହବାପାଇଁ ଗୋଟିଏ ସ୍ୱୟଂବରର ସଭା ଡକା ହୋଇଥିଲା । ସେଥିରେ କୃଷ୍ଣଙ୍କପୁତ୍ର ଶାଂବ କ୍ଷତ୍ରିୟ ବିଧି ଅନୁଯାରେ ଲକ୍ଷ୍ମଣାବତୀକ ନେଇ, ରଥରେ ବସାଇ, ଚାଲିଗଲେ । କୌରବଂକ ଭିତରେ ଭାରି ଚହଳ ପଡ଼ିଗଲା । ଦୁର୍ଯୋଧନ ହେଉଛନ୍ତି କହିଲେ, "ଦେଖ ଏ ଟୋକାଟାର କେଡ଼େ ବଡ଼େଇ । ଆମମାନଂକୁ ଅପମାନ ଦେଇ ଜୋରକରି, ଏ ଆମ ଜେମାକୁ ନେଇଗଲା । ଆମ ଅନୁଗ୍ରହରୁ ଯାଦବମାନେ ଖଂଡେ ଭୂଇଁପାଇ, ରାଜା ବୋଲାଇଚଂତି । ଏ ଟୋକାର୍ ଟିକିଏ ହେଲେ ଖାତର ନାଇ । ଅଚ୍ଛା ଦେଖାଯାଉ ।"

ଏହି କଥାର ସଂଗେ ସଂଗେ କୁରୁବୃଦ୍ଧ ଭୀଷ୍ମ, କର୍ଣ୍ଣ, ଶଲ୍ୟ, ଭୂରିସେନ, ଯଜ୍ଞକେତୁ, ଦୁର୍ଯୋଧନ ହେଉଛନ୍ତି ସୈନ୍ୟ ନେଇ ଶାଂବ ପିଛା ଧଇଲେ ।

ବାଟରେ ଭାରି ଯୁଦ୍ଧହେଲା । ଶାଂବ ଟୋକାହେଲେ କ'ଣ ହେବ—ସେ କୃଷ୍ଣଙ୍କ ପୁଅ । ଗୋଟି ଗୋଟି କରି କୌରବଂକୁ ଥଂଡା କରିଦେଲା । ଶେଷକୁ ଆଉ ଉପାୟ ନଦେଖି, ସବୁ କୌରବ ଷାରଯାକ, ଏକାବେଳକେ ଶାଂବକୁ ଆସି ଘେରିଗଲେ ।

ଏବେ ଶାଂବ ଆଉ କ'ରେ କ'ଣ ? ତା'ର ରଥ ଗଲା—ଘୋଡ଼ା ଗଲା, ସାରଥି ଗଲା । ଶେଷକୁ ସେ କୌରବମାନଂକ ହାତେ ଧରା ପଡ଼ିଲା । କୌରବମାନେ ଲକ୍ଷ୍ମଣାବତୀକ ଛଡ଼ାଇ ନେଲେ । ଶାଂବକୁ ନେଇ କଇଦୀ କଲେ ।

ନାରଦ ସଂଗେ ସଂଗେ ଦ୍ୱାରକାରେ ଆସି ଖବର ଦେଲେ । ଦ୍ୱାରକାର ସାରଯାକ ସମସ୍ତେ କୌରବଂକ ସାଂଗେ ଯୁଦ୍ଧ କରିବାପାଇଁ ସଜ ହୋଇଗଲେ, କିଂତୁ ବଳଦେବଂକୁ ଏକଥା ସୁଖ ଲାଗିଲା ନାଇ । ସେ କହିଲେ, "କୌରବମାନେ ଆମ ଆପଣା ଲୋକ । ମୁଁ ଯାଉଚି, ତାଂକୁ ବୁଝାଇ ଥଂଡା କରିଦେବି । ଯୁଦ୍ଧ କରିବା ଦରକାର ହେବ ନାଇ ।"

ବଳଦେବ କେତେକ କୁଳବୃଦ୍ଧ ଯାଦବ ଓ ବ୍ରାହ୍ମଣଂକୁ ନେଇ, ରଥରେ ବସି, ହସ୍ତିନାପୁରକୁ ଗଲେ । ଧୃତରାଷ୍ଟ୍ରଂକ ମନ ଜାଣିବାପାଇଁ ସେ ଆଗ ଉଦ୍ଧବଂକୁ ପଠାଇ ଦେଲେ । ଉଦ୍ଧବ ଯାଇ, ଧୃତରାଷ୍ଟ୍ର, ଭୀଷ୍ମ, ଦ୍ରୋଣଂକୁ ପ୍ରଣାମ କରି, ଶ୍ରୀରାମ ଆସିଚଂତି ବୋଲି ଜଣାଇ ଦେବାରୁ ସମସ୍ତେ ଭାରି ଖୁସି ହେଲେ । ବଳଦେବଂକୁ ସଂଭାବନା କରିବାପାଇଁ ସହରରୁ ବାହାରି ସମସ୍ତେ ବଗିଚାକୁ ଆସିଲେ ।

ବଳଦେବଂକୁ ସମସ୍ତେ ଭାରି ଆଦର ସଂଭାବନା କଲେ । ଦୁଇପକ୍ଷ ଭଲମଂଦ ପଚରାପଚରି ହୋଇଗଲେ । ତା' ପରେ ସମୟ ଦେଖି, ଧୀର ଭାବରେ ବଳଦେବ ଦୁର୍ଯୋଧନ ହେଉଛନ୍ତିଂକୁ କହିଲେ, "ଦେଖ କୌରବମାନେ, ରାଜା ଉଗ୍ରସେନ ସବୁ ରାଜାଂକ ଭିତରେ ଶ୍ରେଷ୍ଠ । ସେ ଯାହା ଆଜ୍ଞାକରିଚଂତି, ମୁଁ ସେଇକଥା ତୁମ୍ଭମାନଂକୁ କହୁଚି । ସେ କହିଚଂତି—ବାଳକ ଶାଂବ ଏକାରେ ଧର୍ମ ଅନୁସାରେ କନ୍ୟା ହରଣ କରିଚି —ଯୁଦ୍ଧ ବି କରିଚି; କିଂତୁ ଆପଣମାନେ ଅଧର୍ମରେ ମାଡ଼ି, ଛଜଣ ମହାରଥୀ ମିଶି, ସେଇ ବାଳକକୁ କଇଦୀ କରିଚଂତି । ଆପଣମାନେ ଆମର ଚିରକାଳର ବଂଧୁ । ଏ ସାମାନ୍ୟ ଅପରାଧରେ ଆପଣମାନଂକ ସାଂଗେ, ଶତ୍ରୁ ହବାକୁ ମନ ହଉନାଇ । ଆପଣମାନେ ଏବେ କନ୍ୟାସଂଗେ ଶାଂବକୁ ଛାଡ଼ି ଦିଅଂତୁ ।"

କୌରବମାନେ ଏକଥା ଶୁଣି, ଗୋଟାକ ସାତୋଟା ହୋଇଗଲେ । ସେମାନେ କହିଲେ, "ଲୁହା

କଅଁଳ ହେଲାରୁ, ତାକୁ ବରାଡ଼ କାମୁଡ଼ିଚି । ପାଦତଳେ ଯୁ' ଯୋତା ଥାଏ, ସେ ଏବେ ଆପଣାକୁ ମୁଂଡର ମୁକୁଟବୋଲି ବିଚାରିଲାଣି । ଆଂଭେମାନେ ଅନୁଗ୍ରହରେ ଭୂଇଁ ଖଂଡେ ଦବାରୁ ସେ ରାଜା ହୋଇ ସିଂହାସନରେ ବସି, ରାଜ୍ୟ ଭୋଗ କରୁଚଂତି । ତାଂକର ପୁଣି ଏତେ ହିମାକ ! ଦେବରାଜ ଇଂଦ୍ର ମଧ୍ୟ ଏକଥା କହିବାକୁ ସାହସ କରଂତେ ନାଇ । ଯାଦବଂକର ମୁହଁରେ ଏଡ଼େବଡ଼ କଥା !"

ବଳରାମ ଏକଥା ଶୁଣି, ତାଂକୁ ଲାଜ ବି ମାଡ଼ିଲା, ତାଂକର ରାଗ ବି ହେଲା, ସେ ରାଗରେ ସାଂଗେ ସାଂଗେ ଲଂଗଳ ଧରି, ହସ୍ତିନାକୁ ଟାଣି ଗଂଗା ଭିତରକୁ ଫିଂଗିଦେବାକୁ ବାହାରିଲେ,ସମସ୍ତ ହସ୍ତିନାପୁର ଟଳମଳ କଂପିଲା । ସମସ୍ତଂକୁ ଭୂମିକଂପ ପରି ଲାଗିଲା । ଏଇତ ଏହିକ୍ଷଣି ହସ୍ତିନାସୁଦ୍ଧା ଗଂଗା ମଧ୍ୟରେ ପଡ଼ିବ । ଏବେ ଉପାୟ କଅଣ ?

କୌରବମାନେ 'ରକ୍ଷାକର—ରକ୍ଷାକର' ବୋଲି ଡକା ପକାଇଲେ । ସେମାନେ ଶାଂବ ଓ ଲକ୍ଷ୍ମଣାବତୀ ଦୁହିଁଙ୍କ ଆଣି, ବଳଦେବଂକ ପାଖେ ସମରପି ଦେଲେ; କହିଲେ, "ଆମକୁ ଦୁର୍ବୁଦ୍ଧି ଘୋଟିଥିଲା; ଏବେ ଆମକୁ କ୍ଷମାକର; ଆମେ ତୁମର ଶରଣ ନେଉଚୁ !"

ବଳଦେବଂକ ରାଗ ଶାଂତ ହୋଇଗଲା । ଦୁର୍ଯୋଧନ ଶାଂବକୁ ଘୋଡ଼ା, ହାତୀ, ଦାସ, ଦାସୀ, ଧନ-ରତ୍ନ ସବୁ ଯୌତୁକ ଦେଲେ । ଫେର୍ ବଂଧୁ ବଂଧୁରେ ମେଳାପହୋଇଗଲା । ବଳରାମ ପୁଅ ବୋହୂ, ଯୌତୁକ ଘେନି ଆନଂଦରେ ଦ୍ୱାରକାକୁ ଫେରିଲେ ।

ହସ୍ତିନାକୁ ଦେଖିଲେ ଏବେ ମଧ୍ୟ ଦକ୍ଷିଣ ଆଡ଼ ଟେଢ଼ିଆ ହୋଇ ଉତ୍ତର ଆଡ଼ ଗଂଗା ଆଡ଼କୁ ଟଣି ଯାଇଥିବା ପରି ଦିଶେ । ଲୋକ କହଂତି ବଳଦେବ ଟାଣିଦବା ଦିନଠାରୁ ଏହିପରି ହୋଇ ଯାଇଅଛି ।

ପରେ ଅର୍ଜୁନ ଏହିପରି ରାମକୃଷ୍ଣଂକ ଭଉଣୀ ସୁଭଦ୍ରାଂକୁ ମଧ୍ୟ ପୂର୍ବ ବଳାତ୍କାରରେ ଘେନିଯାଇ, ବିଭା ହୋଇଥିଲେ । ଅର୍ଜୁନ ସେତେବେଳେ ତେର-ବର୍ଷକାଳ ବନବାସ କରି ତୀର୍ଥଯାତ୍ରାରେ ବୁଲୁଥିଲେ । ଦିନେ ସେହିପରି ବାବାଜୀ ବେଶରେ ବୁଲିବୁଲି ଆସି, ପ୍ରଭାସତୀର୍ଥରେ ପହଂଚି, ବଳରାମଂକ ଘରେ ଅତିଥି ହୋଇଥିଲେ । କେହି ତାଂକୁ ଅର୍ଜୁନ ବୋଲି,ଚିହ୍ନିପାରି ନଥିଲେ ।

ଅର୍ଜୁନ ବଳରାମଂକ ଘରେ ଥିଲାବେଳେ, ଦିନେ ହଠାତ୍ ବଳରାମଂକ ଭଉଣୀ ସୁଭଦ୍ରା ଆସି ସେଠାରେ ପହଂଚିଲେ । ଦିହେଁ ଦିହିଁକି ଚାହିଁଲେ । ସାଂଗେ ସାଂଗେ ଦିହେଁ ଦିହିଁକି ବିଭାହେବେ ବୋଲି ବିଚାରିଲେ; କିଂତୁ ସେତେବେଳେ ଅର୍ଜୁନ କରଂତି କ'ଣ ? ପୁଣି ବଳରାମ ସେହି ଭଉଣୀ ସୁଭଦ୍ରାଂକୁ ଦୁର୍ଯୋଧନକୁ ଦେବେ ବୋଲି ଠିକ୍ କରିଚଂତି । ଅର୍ଜୁନ କିଛି ନ କରି, ତୁନହୋଇ ରହିଲେ ।

ପରେ ଦିନେ ରାଣୀମାନେ ସୁଭଦ୍ରାଂକୁ ଘେନି, ଦେବ ପୂଜା କରିବାକୁ ବାହାରକୁ ବାହାରିଥିଲେ; ହଠାତ୍ ଅର୍ଜୁନ ସୁଭଦ୍ରାଂକୁ ଘେନି ଚଲ୍ । ଏକାବେଳକେ ରଥରେ ବସାଇ ଇଂଦ୍ରପ୍ରସ୍ଥ ଆଡ଼କୁ ଚାଲିଲେ । ବଳରାମ ଏହା ଶୁଣି, ଭାରି ରାଗିଗଲେ । ସତେ ଯେପରି ପୃଥିବୀ ଧ୍ୱଂସ କରିଦେବେ । କୃଷ୍ଣ ଠିକ୍ ସେତିକିବେଳେ ଆସି; ବଳରାମଂକ ଗୋଡ଼ ହାତ ଧରି, ଅର୍ଜୁନଂକୁ ଚିହ୍ନାଇ ଦେଇ ସବୁ ଥଂଡା କରିଦେଲେ ।

## ଜରାସଂଧ ବଧ

ଶ୍ରୀକୃଷ୍ଣ ଧର୍ମମତେ ସବୁ ନିତ୍ୟକର୍ମ ସାରି, ସଭାରେ ବସିଚଂତି । ପ୍ରତିହାରୀ ଆସି, ଖବର ଦେଲା, "ଜଣେ

କିଏ ଦେଖାକରିବାକୁ ଆସିଛି ।" ଶ୍ରୀକୃଷ୍ଣ ସେ ଦେଖା କରିବାକୁ ଆସିଥିବା ଲୋକକୁ ପାଖକୁ ଆସିବାକୁ କହିଲେ ।

ସେ ଲୋକଟି ଗୋଟିଏ ଦୂତ । ଜରାସଂଧ ହଜାର ହଜାର ରାଜାଙ୍କୁ ଜିଣି, ବନ୍ଦ କରି ଆଣି, ଆପଣାର ଗିରିବ୍ରଜନାମକ ଦୁର୍ଗରେ ବାନ୍ଧିକରି ରଖିଥିଲେ । ସେ ରାଜାମାନେ ସମସ୍ତେ ବିଚାର କରି, ଶ୍ରୀକୃଷ୍ଣଙ୍କ ପାଖକୁ ସେ ଦୂତକୁ ପଠାଇ ଥିଲେ ।

ଦୂତ ଆସି କହିଲା, "ହେ ଶ୍ରୀକୃଷ୍ଣ, ଆପଣ ଦୁଷ୍ଟନିବାରି, ସଂଥ ପାଳିବା ପାଇଁ, ଜନ୍ମ ହୋଇଛନ୍ତି । ଜରାସଂଧ ଯେଉଁ ସହସ୍ର ସହସ୍ର ରାଜାଙ୍କୁ କଇଦ କରିଛି, ସେମାନେ ସମସ୍ତେ ଖବର ଦେଇଛନ୍ତି । ସେମାନଙ୍କର ଆପଣଙ୍କ ଛଡ଼ା ଆଉ ଉପାୟ ନାହିଁ । ଆପଣ ନ ରଖିଲେ ସେମାନେ ଏହିପରି କଇଦ ଘରେ ସଡ଼ୁଥିବେ । କଣ କରିବେ ଆପଣ ତା ଜାଣନ୍ତି । ତାଙ୍କର ଆଉ କିଛି କହିବାର ନାହିଁ । ସେମାନେ ଆପଣଙ୍କ ପାଦପଦ୍ମରେ ଶରଣ ନେଇଛନ୍ତି ।"

"ଜରାସନ୍ଧ ସେ ରାଜାମାନଙ୍କୁ ଆପଣଙ୍କବିପକ୍ଷରେ ଯୁଝିବାକୁ କହିଲା । ସେମାନେ ନ ମାନିବାରୁ ଏ ଦୁଃଖରେ ପଡ଼ିଛନ୍ତି । ଏତିକି ମାତ୍ର ଆପଣ ଜାଣନ୍ତୁ ।"

ଠିକ୍ ଦୂତ ଏକଥା କହିଲା ବେଳକୁ, ଦେବର୍ଷି ନାରଦ ଆସି କୃଷ୍ଣଙ୍କ ସଭାରେ ପହଂଚିଗଲେ । ସମସ୍ତେ ଉଠି, ନାରଦଙ୍କୁ ପ୍ରଣାମ କଲେ । ନାରଦଙ୍କୁ ବସାଇ, ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ଖବର ପଚାରିଲେ ।

ନାରଦ କହିଲେ, "ପାଣ୍ଡବପତି ଯୁଧିଷ୍ଠିର ଏବେ ଗୋଟିଏ ରାଜସୂୟ ଯଜ୍ଞ କରିବେ ବୋଲି ବିଚାରିଛନ୍ତି; କିନ୍ତୁ ଆପଣଙ୍କୁ ନପଚାରି, ସେ ତ କିଛି କରିବେ ନାହିଁ । ସେ ଆପଣଙ୍କୁ ପଚାରିବେ । ସବୁ ଦେବତା ସବୁ ଧାର୍ମିକ ରାଜାଙ୍କର ଇଚ୍ଛା ଯେ ଆପଣ ଯୁଧିଷ୍ଠିରଙ୍କୁ ନିବର୍ତ୍ତାଇବେ ନାହିଁ । ତାଙ୍କ ରାଜସୂୟ ଯଜ୍ଞ କରିବାପାଇଁ ହଁ କରିବେ ।"

ଶ୍ରୀକୃଷ୍ଣ ସବୁ ଶୁଣିଲେ । ତା' ଉତ୍ତାରୁ ମଂତ୍ରୀ ଉଦ୍ଧବଙ୍କୁ ପଚାରିଲେ, "ଉଦ୍ଧବ ତୁମ୍ଭେ ବଡ଼ ଚତୁର । ତୁମ କଥା ଅନୁସାରେ କାମ କଲେ, ସବୁ ମଂଗଳ ହୁଏ । ତୁମେ ତ ଏବେ ମଗଧରୁ ଆସିଥିବା ଦୂତ ଓ ନାରଦ ଦେବଙ୍କ କଥା ଶୁଣିଲ । କ'ଣ କରିବା ତେବେ କହ ।"

ଉଦ୍ଧବ ଟିକିଏ ତୁନି ହେଲେ । ଉଗ୍ରସେନ, ସାତ୍ୟକୀ ପ୍ରଭୃତି ସମସ୍ତଙ୍କୁ ଟିକିଏ ଚାହିଁଲେ । ତା'ପରେ କହିଲେ, ଜରାସଂଧ ବାନ୍ଧି କରି ରଖିଥିବା ରାଜାମାନଙ୍କୁ ଉଦ୍ଧାର କରିବା, ଆପଣଙ୍କର ଉଚିତ । ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ ପାଇଁ ମଧ୍ୟ ହଁ କରିବାକୁ ହେବ । ସେହି ରାଜସୂୟ ଯଜ୍ଞକୁ ସବୁ ରାଜାମାନେ ଭେଟି ନେଇ ଆସିବେ । ଜରାସଂଧକୁ ମାରି ରାଜାଙ୍କୁ ଉଦ୍ଧାର ନ କଲେ, ରାଜସୂୟ ଯଜ୍ଞ ବି ହୋଇ ପାରିବ ନାହିଁ । ଅତଏବ ଗୋଟିକରେ ଯୋଡ଼ିଏ କାମ ହେବ । ଏଥିରେ ଲୋକଙ୍କର ଉପକାର ହେବ, ଯାଦବମାନଙ୍କର କୀର୍ତ୍ତି ବଢ଼ିବ ।"

ଏକଥା କୃଷ୍ଣଙ୍କ ମନକୁ ପାଇଲା । ସେ ସେହିକ୍ଷଣି ଯୁଧିଷ୍ଠିରଙ୍କ ପାଖକୁ ଯିବା ପାଇଁ ରଥ ସଜାଡ଼ିବାକୁ କହିଲେ । ରଥ ସଜଡ଼ା ହେଲା । ରାଣୀମାନେ ଓ ପୁଅମାନେ ସାଂଗରେ ଯିବାକୁ ବାହାରିଲେ । ସୈନ୍ୟ, ସାମନ୍ତ କେତେ ଯେ ସାଂଗରେ ଗଲେ ତା'ର କଳନା ନାହିଁ । ରଥ, ହାତୀ, ଘୋଡ଼ା ହଜାର ହଜାର ଚାଲିଲେ । ବାଟଯାକ ସମୁଦ୍ର ଗର୍ଜିଲା ପରି କୋଳାହଳ ଉଠିଲା । କ୍ରମେ ସମସ୍ତେ ଆନର୍ତ୍ତଦେଶ, କୁରୁକ୍ଷେତ୍ର

ସୌରାଷ୍ଟ୍ର, ମରୁଦେଶ ଓ କୁରୁକ୍ଷେତ୍ର ପାରହୋଇ, ବାଟରେ କେତେ ପୁର, ବଣ, ନଈ, ଦେଶ, ପର୍ବତ ସବୁ ଡେଇଁ ଦୃଷଦ୍‌ବତୀ ନଦୀକୂଳେ ପହଞ୍ଚିଲେ । ଦୃଷଦ୍‌ବତୀ ଛାଡ଼ି ସରସ୍ୱତୀ, ତାପରେ ଜଂଗଲ ଓ ମତ୍ସ୍ୟ ଦେଶ ଦେଇ ଇଂଦ୍ରପ୍ରସ୍ଥ ପାଖରେ ହେଲେ ।

ଯୁଧିଷ୍ଠିର ଖବର ପାଇଲେ । ଧୌମ୍ୟ ପ୍ରଭୃତି ପୁରୋହିତ ଓ ବଂଧୁ ବାଂଧବଂକୁ ନେଇ ପାଛୋଟି ଆସିଲେ । ଭାରି ଉତ୍ସବ ଚହଳ ଲାଗିଗଲା । କ୍ରମେ କ୍ରମେ ଭାରି ଆଦର ସଂଭାବନାରେ ଯାଦବମାନେ ଇଂଦ୍ରପ୍ରସ୍ଥ ପୁରରେ ପଶିଲେ ।

କୃଷ୍ଣ ଯାଇ କୁଂତୀଂକ ପ୍ରଣାମ କଲେ । ଦ୍ରୌପଦୀ, ରୁକ୍ମଣୀ, ସତ୍ୟଭାମା ପ୍ରଭୃତି ରାଣୀମାନଂକୁ ଦେଖି ଭାରି ଖୁସୀ ହେଲେ ।

ଯୁଧିଷ୍ଠିର ଯାଦବମାନଂକ ରହିବା ପାଇଁ ଭଲ ଘରମାନ ଦେଲେ । ଆଗରୁ ତ ମୟ ଦାନବ ତିଆରିଥିବା ସଭାର କଥା କୁହା ଯାଇଛି । ସେହି ସଭା ଭିତରେ କୃଷ୍ଣ କେତେ ମାସ ରହିଲେ । ମଝିରେ ମଝିରେ ଅର୍ଜୁନଂକ ସଂଗେ ବୁଲି ବାହାରୁଥାଂତି ।

କେତେ ଦିନ ଗଲାରୁ ଦିନେ ଯୁଧିଷ୍ଠିର କୃଷ୍ଣଂକୁ ଆସି କହିଲେ, "ଶ୍ରୀକୃଷ୍ଣ, ଆପଣ ଆମର ବଂଧୁ ସତ; କିଂତୁ ଆପଣ ଦେବତା—ଆପଣ ଭଗବାନ ! ଆପଣ ସମସ୍ତଂକ ମନବାଂଛା ପୂର୍ଣ କରଂତି । ମୁଁ ଗୋଟିଏ ରାଜସୂୟ ଯାଗ କରିବାକୁ ଠିକ୍ କରିଛି । ଆପଣ ସାହା ହେଲେ କିଛି ଅଟକିବ ନାହିଁ ।"

ରାଜସୂୟଯଜ୍ଞ କରିବାକୁ ହେଲେ ସବୁ ଦିଗର ରାଜାଂକୁ ଜିଣି 'ଦିଗ୍‌ବିଜୟ' କରିବା ଦରକାର । ଏବେ କୃଷ୍ଣଂକ ସାଂଗେ ବିଚାର କରି, ଯୁଧିଷ୍ଠିର ଚାରି ଦିଗକୁ ଜିଣିବା ପାଇଁ ଚାରି ଭାଇଂକ ପଠାଇ ଦେଲେ ।

ସହଦେବ ଦକ୍ଷିଣକୁ, ନକୁଳ ପୂର୍ବକୁ, ଅର୍ଜୁନ ଉତ୍ତରକୁ ଏବଂ ଭୀମ ପଶ୍ଚିମକୁ ଦିଗ୍‌ବିଜୟ କରିବାକୁ ଗଲେ । ଅଳ୍ପଦିନେ ସେମାନେ ସବୁ ରାଜାଂକୁ ଜିଣି ଫେରିଲେ । ଖାଲି ଜରାସଂଧକୁ କେହି ଜିଣି ପାରିଲେ ନାହିଁ । ଏହା ଶୁଣି ଯୁଧିଷ୍ଠିର ଟିକିଏ ଚିଂତାରେ ପଡ଼ିଗଲେ ।

ଶ୍ରୀକୃଷ୍ଣ ଏବେ ଯୁଧିଷ୍ଠିରଂକୁ ଉପାୟ ବତାଇଲେ । ଉଦ୍ଧବ ବିଦୁର ଦେଲାବେଳେ, କୃଷ୍ଣଂକୁ କହିଥିଲେ— "ଜରାସଂଧର ଯେତେ ଦୁର୍ଗୁଣଥାଉ ପଛକେ,ତା'ଘରେ ବ୍ରାହ୍ମଣ ବେଶରେ ପହଂଚ, ଆପଣମାନେ ଯାହା ମାଗିବେ ତାହା ସେ ନିଶ୍ଚୟ ଦେବ । ସେତିକିବେଳେ ଭୀମସେନଂକ ସଂଗେ ଯୁଦ୍ଧ କରିବାକୁ ମାଗିବେ । ଭୀମସେନ ସଂଗେ ଯୁଦ୍ଧ କଲେ ସେ ମରିବ ।"

ଏବେ ଶ୍ରୀକୃଷ୍ଣ ଯୁଧିଷ୍ଠିରଂକୁ ସେଇ ପରାମର୍ଶ ଦେବାରୁ, ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ, ତିନିଜଣଯାକ ବ୍ରାହ୍ମଣ ବେଶରେ ମଗଧ ଯାଇ ଜରାସଂଧ ପାଖେ ପହଂଚି, କହିଲେ, "ମହାରାଜ ଜରାସଂଧ, ଆପଣଂକର ସବୁ ମଂଗଳ ହେଉ । ଆମେମାନେ ତିନିଜଣ ଅତିଥି ଆସିଛୁ । ଆମେ କିଛି ମାଗିବୁ, ଆପଣ ତାହା ଦେବେ କି ? ଆପଣ ଭାରି ଦାତା—ଅତିଥିକି ଦାନ କଲେ, ମହା ପୁଣ୍ୟ ହୁଏ । ହରିଶ୍ଚଂଦ୍ର, ରଂତିଦେବ, ଉଂଛବୃତ୍ତି, ମୁଦ୍‌ଗଲ, ଶିବି, ଅସୁର-ପତି ବଳି ଏମାନେ ଏହି ଦାନ ଫଳରେ ସ୍ୱର୍ଗକୁ ଯାଇ, ଧ୍ରୁବ-ଲୋକରେ ବସିଚଂତି । କାପୋତ ଚଢ଼େଇ ମଧ୍ୟ ଅତିଥି ପାଇଁ ନିଜେ ନିଆଁକୁ ଡେଇଁଥିଲା—ସେ ସ୍ୱର୍ଗକୁ ଗଲା । ଅତିଥି ଶବର ବି ସେହି ଦିନରୁ ବୈରାଗୀ ହୋଇ ସ୍ୱର୍ଗକୁ ଗଲା । ଆପଣ ନିଶ୍ଚେ ଆମର ମନବାଂଛା ପୂର୍ଣ କରିବେ ।"

ଜରାସନ୍ଧ ଏହା ଶୁଣି, ଅତିଥିଙ୍କ ଟିକିଏ ଚାହିଁଲେ, ସମସ୍ତଙ୍କ ହାତରେ ଧନୁ ଗୁଣ ବାଜି ଚିହ୍ନ ବସିଛି। ତିନିଜଣଯାକ ବ୍ରାହ୍ମଣ ବେଶ ଧରିଥିବା କ୍ଷତ୍ରିୟ ବୋଲି, ତାଙ୍କର ସନ୍ଦେହ ହେଲା। ପଛକୁ ସେ ପଚାରିଲେ—'ଯାହାହେଉ ବ୍ରାହ୍ମଣ ହୁଅନ୍ତୁ, କ୍ଷତ୍ରିୟ ହୁଅନ୍ତୁ, ଯେତେବେଳେ ଅତିଥି ହୋଇ ଆସି ମାଗୁଛନ୍ତି—ମୁଁ ତ ଆଉ ନାଇ କରିବି ନାଇ। ମୋ ମୁଣ୍ଡ ପଛକେ ମାଗନ୍ତୁ, ଦବାକୁ ତ ହେବ।'

ତାପରେ ସେ କହିଲେ, "ଯାହା ତମର ଇଚ୍ଛା ମାଗ। ମୋ ମୁଣ୍ଡ ମାଗିଲେ ବି ଦେବି। କିଛି ଚିନ୍ତା ନାଇ।"

ତାପରେ ଶ୍ରୀକୃଷ୍ଣ ହସିହସି କହିଲେ, "ମହାରାଜ, ଆମ୍ଭେ ମାନେ ବ୍ରାହ୍ମଣ ନୋହୁ। ଆମେ ତିନିଜଣଯାକ କ୍ଷତ୍ରିୟ। ଆମ୍ଭେମାନେ ତୁମକୁ ଧନ,ରତ୍ନ,ଗାଈ,ସମ୍ପତ୍ତି ମାଗିବାକୁ ଆସି ନାହୁଁ। ଆମେମାନେ ତୁମକୁ ତୁମ ସଙ୍ଗେ ଦ୍ୱନ୍ଦ୍ୱଯୁଦ୍ଧ (ଦୁ' ଜଣରେ ଲଢ଼ାଲଢ଼ି) ମାଗୁଚୁ। ଆମ ତିନିଙ୍କ ଭିତରୁ ଯାହା ସଙ୍ଗେ ଇଚ୍ଛା—ତା' ସଙ୍ଗେ ଆପଣ ଲଢ଼ନ୍ତୁ। ମୋ ନା, ଶ୍ରୀକୃଷ୍ଣ—ୟାଙ୍କ ନା' ଭୀମ—ୟାଙ୍କ ନା' ଅର୍ଜୁନ। ଆମମାନଙ୍କ ନା' ତୁମେ ଶୁଣିଥିବ।"

ଜରାସନ୍ଧ ବିରକ୍ତ ହେଲା ପରି ଟିକିଏ ଚାହିଁଲା। ତା'ପରେ ରାଗ ହୋଇ କହିଲା, 'ଏଇ ଦୁଷ୍ଟାମି କରିବାକୁ ଆସିଥିଲ! ହଉ, ମୁଁ ତ କହିଚି, ଦ୍ୱନ୍ଦ୍ୱଯୁଦ୍ଧ କରିବି। ଦେଖ କୃଷ୍ଣ, ତୁମେ ଆଗରେ ଛିଡ଼ାହୋଇ କେବେ ଯୁଦ୍ଧ କରିନାହିଁ। ତୁମେ ବଡ଼ ଭୟାଳୁ। ମୋତେ ଡରି, ମଥୁରା ଛାଡ଼ି, ସମୁଦ୍ରରେ ଲୁଚାଇ ପୁରୀ ତିଆରି କରି, ସେଠାରେ ଅଛ। ମୁଁ ତୁମ ସଙ୍ଗେ ଯୁଦ୍ଧ କରିବି ନାଇ। ଏ ଅର୍ଜୁନ ତ ପିଲାଲୋକ, ଦୁର୍ବଳଆ ଦିଶୁଚି। ୟା' ସଙ୍ଗେ ଲଢ଼ିବା ମୋତେ ମାନିବ ନାଇ। ଏଇ ଭୀମସେନ ବଳୁଆ ଦିଶୁଚି। ୟା'ର ସଙ୍ଗେ ମୁଁ ଲଢ଼ିବି।"

ଏହା କହି ଜରାସନ୍ଧ ସଙ୍ଗେ ସଙ୍ଗେ ଯୁଦ୍ଧ ପାଇଁ ଠିଆହେଲା। ଭୀମ ହାତକୁ ଗୋଟିଏ ଗଦା ଦେଇ, ଆପେ ଗୋଟିଏ ଧରିଲା। ଗଦାଯୁଦ୍ଧ ଚାଲିଲା।

କେହି କାହାକୁ କମ୍ ନୁହନ୍ତି। ଗଦାରେ ଗଦା ବାଜୁଛି। କେତେବେଳେ ବା ଦେହରେ ବାଜୁଛି। କଏ ବୁଲିପଡ଼ିଲାବେଳେ ଆଉ କଏ ଚିରିମାରି ଡେଇଁ ପଡୁଛି। ଗଦାରେ ଗଦା ବାଜି, କେତେବେଳେ ନିଆଁ ବାହାରୁଛି। ଦୁହେଁ ହୁଙ୍କାର କରି ପୃଥିବୀ କମ୍ପାଇ ଦଉଛନ୍ତି। ଏହିପରି ସତର ଦିନ ସତର ରାତି ଯୁଦ୍ଧ ହେଲା। କେହି କାହାକୁ ଜିଣି ପାରୁ ନାହାନ୍ତି। ସତର ଦିନ ଯାକ ଦୁହିଁଙ୍କ ଗୋଟିଏ ଦିନ ପରି ଲାଗୁଚି।

ଶେଷକୁ ଭୀମ ଶ୍ରୀକୃଷ୍ଣଙ୍କୁ କହିଲେ, "କାହିଁ, ଏତେ ଯୁଦ୍ଧ କରି ତ ମୁଁ ଜରାସନ୍ଧକୁ ହଟାଇ ପାରୁ-ନାଇ। କ'ଣ କରାଯିବ?"

ଶ୍ରୀକୃଷ୍ଣ ଜାଣିଥିଲେ, ଜରାସନ୍ଧ ଜନ୍ମବେଳେ ଦି'ଫାଳ ହୋଇ ଜନ୍ମିଥିଲା। ପରେ ଜରା ରାକ୍ଷସୀ ଯୋଡ଼ି ଦେବାରୁ, ଗୋଟିଏ ହୋଇଥିଲା। ଶ୍ରୀକୃଷ୍ଣ ଏବେ ବୁଝିଲେ, ଦି'ଖଣ୍ଡ କରି ଚିରି ନ ଦେଲେ ସେ ମରିବ ନାଇ। ସେଥିପାଇଁ ଭୀମକୁ ଦେଖାଇ ଦବାଲାଗି, ଖଣ୍ଡିଏ କାଠି ଧରି ତାକୁ କୌତୁକରେ ଦି'ଫାଳ କରି ଚିରିଦେଲେ।

ଭୀମ ବୁଝି ପାରି, ସଙ୍ଗେ ସଙ୍ଗେ ହୁଙ୍କାର ଗର୍ଜନ କରି ଜରାସନ୍ଧକୁ ତଳେ ପକାଇ ଦେଇ, ତା'ର ଗୋଟାଏ ଗୋଡ଼ ଗୋଡ଼ରେ ମାଡ଼ିବସି, ଆର ଗୋଡ଼ ହାତରେ ଧରି, ଘରେ ବତା କରିବା ପାଇଁ ବାଉଁଶ ଚିରିଲା ପରି ଜରାସନ୍ଧକୁ ଦି'ଫାଳ କରି ଚିରି ପକାଇ

ଦେଲେ । ଗୋଟିଏ ଫାଳରେ ଗୋଟିଏ ଗୋଡ଼, ଗୋଟିଏ ହାତ, ଗୋଟିଏ କାନ, ପୁଣି ଏ ନାକ, ଗୋଟିଏ ଆଖି । ସମସ୍ତେ ଏହା ଦେଖିଲେ ।

ଜରାସଂଧର ବଂଧୁ କୁଟୁଂବମାନେ ହାହାକାର କଲେ । ନଅରର ଭିତରେ କାଂଦ, କୋଳାହଳ ଲାଗିଗଲା । ଶ୍ରୀକୃଷ୍ଣ ଏବେ ଜରାସଂଧକୁ ମାରିବା କାର୍ଯ୍ୟ ସାରି, ତା' ପୁଅ ସହଦେବକୁ ରାଜା କଲେ । ଜରାସଂଧ ଯେଉଁ ରାଜାମାନଂକୁ କଇଦି କରିଥିଲା, ଆଗେ ଯାଇ ସମସ୍ତଂକୁ ଫିଟାଇଲେ ।

ବଂଦୀ ରାଜାଂକୁ ବାହାର କରି, ତାଂକର ସ୍ନାନ, ଭୋଜନ, ବେଶଭୂଷା ସବୁ ଶ୍ରୀକୃଷ୍ଣ କରାଇଦେଲେ । ସମସ୍ତେ ଆସି, କୃଷ୍ଣଂକୁ ପ୍ରଣାମ କରି, ସ୍ତୁତି କଲେ । ଶେଷକୁ କୃଷ୍ଣ ସେବାଲାଗି, ସେମାନଂକୁ ଦାସଦାସୀ ଦେଲେ । ସହଦେବଂକୁ କହି, ହାତୀ ଶାଳରୁ ହାତୀ, ଘୋଡ଼ା, ରଥ ସବୁ ଆଣି, ସେଥିରେ ବସାଇ, ସୈନ୍ୟସାମଂତ ଦାସଦାସୀ ସହିତ ରଜାମାନଂକୁ ଆପଣା ଆପଣା ଦେଶକୁ ପଠାଇ ଦେଇ, ଭୀମ, ଅର୍ଜୁନଂକୁ ଘେନି, ଇଂଦ୍ରପ୍ରସ୍ଥକୁ ଫେରିଲେ ।

ଇଂଦ୍ରପ୍ରସ୍ଥରେ ଭାରି ଉତ୍ସବ ଲାଗିଲା । ଯୁଧିଷ୍ଠିର ଆନଂଦରେ କାଂନ୍ଦି ପକାଇଲେ । ସମସ୍ତେ ଜରାସଂଧ ମରିବା ଶୁଣି 'ଜୟ, ଜୟ' ଶବ୍ଦରେ ସେ ଦିନ ଆକାଶ ଫଟାଇ ଦେଇଥିଲେ ।

---

## ଶିଶୁପାଳ ବଧ

ଏବେ ରାଜସୂୟ ଯଜ୍ଞ ପାଇଁ ଆଉ କିଛି ବାଧା ନାହିଁ । ମହାରାଜ ଯୁଧିଷ୍ଠିର ମହର୍ଷିମାନଂକୁ ଡାକି, ଯଜ୍ଞରେ ବରଣ କରାଇ ଦେଲେ । ଏ ଯଜ୍ଞରେ ବ୍ୟାସଦେବ, ଭରଦ୍ୱାଜ, ସୁମଂତ, ଗୌତମ, ଅସିତ, ବଶିଷ୍ଠ, ଚ୍ୟବନ, କଣ୍ୱ, ମୈତ୍ରେୟ, କବଷ, ତ୍ରିତ, ବିଶ୍ୱାମିତ୍ର, ବାମଦେବ, ସୁମତି, ଜୈମିନୀ, କ୍ରତୁ, ପୈଲ, ପରାଶର, ଗର୍ଗ, ବୈଶଂପାୟନ, ଅଥର୍ବା, କଶ୍ୟପ, ଧୌମ୍ୟ, ଭାର୍ଗବ, ଆସୁରି, ବୀତିହୋତ୍ର, ମଧୁଛନ୍ଦ, ବୀରସେନ, ଅକୃତ, ବ୍ରଣ ପ୍ରଭୃତି ଋଷିମାନେ ଯଜ୍ଞ ଦେଖିବାକୁ ଓ ଯଜ୍ଞରେ କାର୍ଯ୍ୟ କରିବାକୁ ଆସିଥିଲେ ।

ଦ୍ରୋଣାଚାର୍ଯ୍ୟ, ଭୀଷ୍ମ, କୃପାଚାର୍ଯ୍ୟ, ବିଦୁର, ଦୁର୍ଯ୍ୟୋଧନ ପ୍ରଭୃତି ଭାଇ କୁଟୁଂବଂକ ସହିତ ଯଜ୍ଞକୁ ଆସିଥିଲେ । ସବୁ ରାଜାମାନେ ନିମଂତ୍ରଣ ପାଇ, ପ୍ରଧାନ ପ୍ରଧାନ ପ୍ରଜା, ସେନାପତି, ପଂଡିତ, ପୁରୋହିତମାନଂକୁ ଘେନି ପହଂଚିଥିଲେ । ଆଉ କେତେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଚାରିଆଡ଼ୁ ଯଜ୍ଞ ଦେଖିବା ପାଇଁ ଆସିଥିଲେ ।

ସମସ୍ତଂକ ପାଇଁ ଯୁଧିଷ୍ଠିର ଧର୍ମରେ ରହିବା, ଖାଇବା, ପିଇବା ପ୍ରଭୃତି ସବୁ ଠିକ୍ କରିଦେଲେ । ଲକ୍ଷ ଲକ୍ଷ ଲୋକ ଜମା ହୋଇ, ଯଜ୍ଞସ୍ଥଳରେ ଗୋଟାଏ ବଡ଼ ରାଜ୍ୟ ବସିଗଲା ।

ଯଜ୍ଞ ଆରଂଭ ହୋଇଗଲା । ପ୍ରଥମରୁ ସବୁଠାରୁ ଯେଉଁ ଲୋକ ପ୍ରଧାନ ସମସ୍ତେ ଯାହାଂକୁ ମାନ୍ୟ କରଂତି, ସେହି ଲୋକକୁ ଅର୍ଘ ଦେବାକୁ ହେବ । ଯୁଧିଷ୍ଠିର ନିଜେ ଅର୍ଘ ଦେବେ ।

ଯୁଧିଷ୍ଠିର ଏବେ ହାତରେ ଅର୍ଘ ଧରି ଠିଆହୋଇ, ପଚାରିଲେ—"ଆପଣମାନେ କହଂତୁ, ମୁଁ ଏ ସଭାରେ କାହାକୁ ଅର୍ଘ ଦେବି ?"

ସମସ୍ତେ ବିଚାର କଲେ । ଶେଷକୁ ଯୁଧିଷ୍ଠିରଂକ ସବା ସାନଭାଇ ସହଦେବ କହିଲେ, "ମହାରାଜ, ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ୍ । ଏ ଦେହରେ ସେ ମଧ୍ୟ କ୍ଷତ୍ରିୟମାନଂକ

ମଧ୍ୟରେ ଶ୍ରେଷ୍ଠ । ତାଙ୍କୁଇ ଅର୍ଘ ଦେବା କଥା ମୋ ମନକୁ ପାଉଛି । ତାଙ୍କୁଇ ପୂଜା କରାହେଉ ।"

ଏକଥା ଶୁଣି ସଭାରେ ସମସ୍ତେ ପସନ୍ଦ କଲେ; ଯୁଧିଷ୍ଠିରଙ୍କୁ ମଧ ଭାରି ଆନନ୍ଦ ଲାଗିଲା । ଯୁଧିଷ୍ଠିର ସଙ୍ଗେ ସଙ୍ଗେ କୃଷ୍ଣଙ୍କ ପାଦ ଧୋଇଦେଇ, ପାଣିନେଇ ଆପଣାର ମୁଣ୍ଡରେ ଲଗାଇ, ଦ୍ରୌପଦୀ ଆଉ ଭାଇ ଭାଇଙ୍କ ସମସ୍ତଙ୍କ ମୁଣ୍ଡରେ ଛିଂଚିଦେଲେ ।

ଶିଶୁପାଳ ସେ ସଭାରେ ଥିଲେ । ତାଙ୍କୁ ଏକଥା ଶୁଖ ଲାଗିଲା ନାହିଁ । ସେ ଏକାବେଳକେ ରାଗରେ ପାଗଳ ହୋଇଗଲେ । ଠିଆହୋଇ, ନାଚି ନାଚି, ଯୁଧିଷ୍ଠିର, ଶ୍ରୀକୃଷ୍ଣ—ସମସ୍ତଙ୍କ ଗାଳିଦେଲେ; କହିଲେ, "ସହଦେବ ଟୋକାଟାଏ; ତା'ର କଥାରେ ସମସ୍ତେ ମାତିଗଲ । ପିଲାଦିନେ ଯେ ଗଉଡ଼ ଘରେ ବଢ଼ିଥିଲା, ତାକୁଇ ଅର୍ଘ ଦେବାକୁ ସମସ୍ତେ 'ହଁ' କରିଦେଲ ! ସେ ଫେର୍ ରାଜା ନୁହେଁ । ତାଙ୍କ କୁଳରେ କେହି ରାଜା ହେବେ ନାହିଁ ବୋଲି ଅଭିଶାପ ଅଛି ।"

ଏକଥା ଶୁଣି, ସମସ୍ତେ ବଡ଼ ବିରକ୍ତ ହେଲେ । ପାଣ୍ଡବ, ମତ୍ସ୍ୟ, କୈକେୟ ପ୍ରଭୃତି ବଂଶର ବୀରମାନେ ଶିଶୁପାଳ ସଙ୍ଗେ ଯୁଦ୍ଧ କରିବାକୁ ବାହାରି ପଡ଼ିଲେ । ସଙ୍ଗେ ସଙ୍ଗେ ଶିଶୁପାଳ ଢାଲ, ଖଣ୍ଡା ଧରି ଯୁଦ୍ଧକୁ ବାହାରି ପଡ଼ିଲେ । କୃଷ୍ଣ ଦେଖିଲେ, ବଡ଼ ଗୋଳମାଳ ହେଲା । ଆଉ ସମ୍ଭାଳ ହେବନାହିଁ, ଯଜ୍ଞ କାର୍ଯ୍ୟରେ ବାଧା ହେବ । ସେ ସେଠାରୁ ନିଜେ ଉଠି, ପାଣ୍ଡବମାନଙ୍କୁ ଯୁଦ୍ଧରୁ ନିବର୍ତ୍ତାଇ ଆଗେ ଶିଶୁପାଳର ମୁଣ୍ଡଟି କାଟିଦେଲେ ।

ଏହା ଦେଖି, ଶିଶୁପାଳ ପକ୍ଷର ଲୋକେ ଭୟରେ ପଳାଇଲେ । ମହାରାଜା ଯୁଧିଷ୍ଠିର ତା'ପରେ ବିଧିମତେ ଯଜ୍ଞ କାର୍ଯ୍ୟ ଶେଷକରି, ସମସ୍ତ ରାଜାଙ୍କ ମଧ୍ୟରେ ଏକା ଚକ୍ରବର୍ତ୍ତୀ ରାଜା ହେଲେ ।

ଯଜ୍ଞ ସରିଲା । ପାଣ୍ଡବମାନେ ରାମ କୃଷ୍ଣଙ୍କୁ ଆଉ କେତେଦିନ ରହିବା ପାଇଁ କହିବାରୁ, ରାମ କୃଷ୍ଣ ଦିହେଁ ଇନ୍ଦ୍ରପ୍ରସ୍ଥରେ ରହିଲେ ଏବଂ ସମସ୍ତଙ୍କ ଠାରୁ ବିଦାୟ ନେଇ, କୃଷ୍ଣଙ୍କ ରାଣୀ, ପୁଅ, ନାତି ବନ୍ଧୁ, କୁଟୁମ୍ବ ସମସ୍ତେ ଦ୍ୱାରକାକୁ ଫେରିଲେ; ଏ ଯଜ୍ଞରେ ସମସ୍ତେ ସନ୍ତୋଷ ହେଲେ । ସମସ୍ତଙ୍କୁ ଏହା ଖୁସୀ ଲାଗିଲା । ଏକା ଦୁର୍ଯ୍ୟୋଧନ ଯୁଧିଷ୍ଠିରଙ୍କର ଏତେ ବିଭବ ଦେଖି, ବ୍ୟାକୁଳ ହେଲା । ସେ ଏହା ସହି ପାରି ନଥିଲା ।

ଯୁଧିଷ୍ଠିରଙ୍କର ଆତ୍ମୀୟ ଭାଇ, କୁଟୁମ୍ବମାନେ ସବୁ ଯଜ୍ଞରେ କାମ କରୁଥିଲେ । ଭୀମ ନିମନ୍ତ୍ରିତ ଲୋକମାନଙ୍କର ଖାଇବା ପିଇବା ଯୋଗାଉଥିଲେ; ନକୁଳ ଜିନିଷ ଆୟୋଜନ କରୁଥିଲେ; ଅର୍ଜୁନ ଚର୍ଚ୍ଚା କରୁଥିଲେ—ଏହିପରି ସମସ୍ତେ କାର୍ଯ୍ୟ କରୁଥିଲେ । ଦୁର୍ଯ୍ୟୋଧନ ସେଥି ମଧ୍ୟରେ ଟଙ୍କା ପଇସାର ବେଉଁଚ କରୁଥିଲେ । ସମସ୍ତଙ୍କୁ ଟଙ୍କା ପଇସା ଦବାର ଭାର ତାଙ୍କ ଉପରେ ଥିଲା ।

ଏକେତ ପାଣ୍ଡବମାନଙ୍କୁ ଦୁର୍ଯ୍ୟୋଧନ ପିଲାଦିନରୁ ସୁଖ ପାଏ ନାହିଁ । ସେଥିରେ ପୁଣି, ଯୁଧିଷ୍ଠିରଙ୍କର ଏ ବିଭବ, ଧନ, ରତ୍ନ ଦେଖି, ତା' ମନରେ କିଛି ସୁଖ ନଥାଏ । ଏତିକିବେଳେ ପୁଣି ଆଉରି ଗୋଟିଏ କଥା ଘଟିଲା । ସେଥିରେ ତା'ମନ ଏକାବେଳକେ ପୋଡ଼ିଗଲା ।

ମୟ ଦାନବ ଯୁଧିଷ୍ଠିରଙ୍କ ପାଇଁ ଯେଉଁ ସଭାଘର କରିଥିଲା, ସେ ଘରକୁ ଦୁର୍ଯ୍ୟୋଧନ ଦେଖିବାକୁ ଗଲା । ଗୋଟାଏ ଜାଗା ମାରବଲ୍ ପଥରରେ ତିଆରି ହୋଇ, ସଫା ଗୋଟାଏ ପାଣି ପୋଖରୀ ପରି ଦିଶୁଛି । ଦୁର୍ଯ୍ୟୋଧନ ସେବାଟେ ଗଲାବେଳକୁ ଦୂରରୁ ଲୁଗାପଟା ଟେକିଲା । ସମସ୍ତେ ଠୋ ଠୋ ହସିଲେ । ପୁଣି

ଯେତେବେଳେ ପାଣି ପଡ଼ିଲା, ସେତେବେଳେ ତାକୁ ମାଡ଼ିବାକୁ ପଥର ବୋଲି ଭାବିଭ, ଗୋଡ଼ ପକାଇ ଦେଇ, ଦୁମ୍‌କରି ପାଣିରେ ପଡ଼ିଗଲା । ଲୁଗାପଟା ସବୁ ଓଦା ହୋଇଗଲା । ମାଇକିନିଆମାନେ ସୁଦ୍ଧା ଏହା ଦେଖି ହସି ପକାଇଲେ ।

ଦୁର୍ଯୋଧନ ଭାରି ମାନୀ ଲୋକ । ତାଂକର ଭାରି ରାଗ ହେଲା । ସେ ରାଗ କଥା କହିବେ କାହାକୁ ? ମନକଥା ମନରେ ମାରି, ସେ ଭାଇ, କୁଟୁଂବମାନଂକୁ ନେଇ, ହସ୍ତିନାକୁ ଫେରିଲେ ।

—·—

## ଶାଲ୍ୱ କଥା

ଶାଲ୍ୱରାଜ ଶିଶୁପାଳର ଭାରି ସାଂଗ ଥିଲା । କୃଷ୍ଣ ଶିଶୁପାଳକୁ ମାରିଦବାରୁ ତା' ମନ ଏକାବେଳକେ କୃଷ୍ଣଂକ ଉପରକୁ ବଗିଡ଼ି ଗଲା । ସେ ପୃଥିବୀରୁ ଯାଦବଂକୁ ଧ୍ୱଂସ କରିବ ବୋଲି ପ୍ରତିଜ୍ଞା କରି, ଲଂବେ ଲଂବେ ବଣରେ ଯାଇ, ମହାଦେବଂକୁ ସୁମରି ଅଧିଆ ପଡ଼ିଲା । ବହୁତ ତପସ୍ୟା କଲା । ମହାଦେବ ସଂତୋଷ ହୋଇ ଆସି, ତାକୁ ବର ଯାଚିଲେ । ଶାଲ୍ୱ ମାଗିଲା, "ହେ ଦେବଦେବ ମହାଦେବ, ଯେବେ ମୋ ଉପରେ ସଂତୋଷ ହେଲ, ତେବେ ମତେ ଗୋଟିଏ ଏପରି ବିମାନ ଦିଅଂତୁ, ଯହିଁରେ ବସିଲେ, ମୁଁ ଜଳ ସ୍ଥଳ ଆକାଶ, ସବୁଆଡ଼େ ବୁଲି ପାରିବି । ଇଚ୍ଛାକଲେ ଦିଶିବ— ନହେଲେ ନଦିଶିବ । ମାୟାରେ ଯାହା ଭାବିବି, ତାହା ହୋଇ ପାରିବ ।"

ମହାଦେବ ସେଠାରୁ ମୟଦାନବ ବୋଲି, ଗୋଟିଏ କାରିଗର ହାତରେ ସୌଭ ବୋଲି ଗୋଟିଏ ବିମାନ ତିଆରି କରାଇ, ଶାଲ୍ୱକୁ ଦେଲେ । ଶାଲ୍ୱ ସଂଗେ ସଂଗେ ସେହି ବିମାନରେ ବସି, ଦ୍ୱାରକାରେ ଆସି, ପହଂଚିଗଲା । ଆକାଶରେ ରହି ଦ୍ୱାରକା ଉପରେ ବାଣ ବୃଷ୍ଟିକଲା । ଦ୍ୱାରକାରେ ଘରସବୁ ଖଂଡ ଖଂଡ ହୋଇ ଭାଙ୍ଗିଗଲା ।

ଏଣେ ଶାଲ୍ୱର ସୈନ୍ୟ ସେନାପତିମାନେ ଦ୍ୱାରକାକୁ ବେଢ଼ିଗଲେ । କୃଷ୍ଣ ବଳରାମ ଇଂଦ୍ରପ୍ରସ୍ଥରୁ ଫେରି ନାହାଂତି—ଉପାୟ କଣ ? ଦ୍ୱାରକାରେ ହାହାକାରପଡ଼ିଗଲା । ପ୍ରଦ୍ୟୁମ୍ନ ଦ୍ୱାରକାର ସୈନ୍ୟମାନଂକୁ ଏକାଠି କରି ସବୁ ବୀରଂକୁ ଧରି, ଯୁଦ୍ଧକୁ ବାହାରିଲେ ।

ଭାରି ଯୁଦ୍ଧ ହେଲା । 'ଦ୍ୟୁମାନ୍' ବୋଲି ଶାଲ୍ୱର ଜଣେ ସେନାପତି ପ୍ରଦ୍ୟୁମ୍ନ ଉପରେ ଭାରି ରାଗ ରଖିଥିଲା । ସେ ଆସି, ପ୍ରଦ୍ୟୁମ୍ନଂକୁ ଭେଟି ଗୋଟାଏ ଶକ୍ତି ମାରି, ପ୍ରଦ୍ୟୁମ୍ନଂକୁ ମୋହ କରିଦେଲା । ପ୍ରଦ୍ୟୁମ୍ନର ସାରଥି ରଥ ଫେରାଇ ନେଇ, ଦ୍ୱାରକା ଭିତରକୁ ବାହାରି ଗଲା ।

ପ୍ରଦ୍ୟୁମ୍ନ ମୋହରୁ ଉଠି 'ରଥ କାହିଁକି ଫେରାଇଲ ? ଲୋକେ ମତେ କ'ଣ କହିବେ ?' ବୋଲି ବହୁତ ବ୍ୟସ୍ତ ହେଲା । କିଂତୁ ସାରଥି ତା'ର କରିବା ଭଳି କାମ କରିଛି—ସେଥିରେ ଦୋଷ କିଛିନାହିଁ ।

ପୁଣି ପ୍ରଦ୍ୟୁମ୍ନ ରଥରେ ବସି, ଏଥର ଦ୍ୟୁମାନକୁ ମାରିବି ବୋଲି ବାହାରିଲା । ଯୁଦ୍ଧ ଲାଗିଲା; କିଂତୁ ଦ୍ୟୁମାନ୍ ଏଥର ଆଉ ରକ୍ଷା ପାଇଲା ନାହିଁ; ସେ ମଲା ।

ତେଣେ କୃଷ୍ଣ ଅମଂଗଳ ଚିହ୍ନ ଦେଖି, ଦ୍ୱାରକାରେ ବିପତ୍ତି ପଡ଼ିଲା ବୋଲି ଜାଣି, ବଳରାମଂକ ସଂଗେ ତର ତର ହୋଇ ବାହାରିଲେ ।

ଦ୍ୱାରକାକୁ ପଶୁ ପଶୁ ସତକୁ ସତ ଦେଖିଲେ— ବିପତ୍ତି କିଛି ଊଣା ନୁହେ । ଶ୍ରୀରାମଂକୁ ଦ୍ୱାରକା ଜଗାଇ ଦେଇ ଏବେ ଆପେ ଯୁଦ୍ଧକୁ ବାହାରି ପଡ଼ିଲେ ।

ଶାଲ୍ୱ ଇଆଡେ ଚଳେ ଥିଲେ, ଇ'ଆଡେ ଆକାଶରେ ରହୁଚି । କୁଆଡ଼ୁ ଶର ମାରୁଚି, କିଛି ଜଣାପଡ଼ୁ ନାଇ । କୃଷ୍ଣ ଟିକିଏ ବ୍ୟସ୍ତ ହୋଇଗଲେ । ଶାଲ୍ୱ ଥରେ ଶର ମାରି, କୃଷ୍ଣଂକ ହାତରୁ ଧନୁ ଖସାଇ ଦେଲା । ଯୁଦ୍ଧରେ କୃଷ୍ଣଂକ ହାତରୁ ଧନୁ ଖସାଇଦବା—କେହି କେବେ ଦେଖି ନଥିଲା । ଏବେ ଏହା ଦେଖି, ଦ୍ୱାରକାରେ ହାହାକାର ପଡ଼ିଗଲା ।

କୃଷ୍ଣ ଭାରି ରାଗି ହୋଇ, ଏବେ ପୁଣି ଧନୁ ଧରି ଆଗ ସୌଭଟାକୁ ଭାଂଗିଦେବେ ବୋଲି ଗଲେ । ଦୁଇସେନା ଭିତରେ ଭାରି ଯୁଦ୍ଧ ଲାଗିଲା । ଏତିକିବେଳେ ଶାଲ୍ୱ ଗୋଟିଏ ମାୟାଦୂତ ରୂପ ଧରି, କୃଷ୍ଣଂକୁ କହିଲା, "ହେ କୃଷ୍ଣ, ଆଉ ରକ୍ଷା ନାଇ । ମା' ଦେବକୀ ମୋତେ ପଠାଇଚଂତି । ଶାଲ୍ୱ ହାଣିବ ବୋଲି, ବସୁଦେବଂକୁ ନେଇ ଯାଇଚି—ବେଗେ କ'ଣ ଉପାୟ କର ।"

କୃଷ୍ଣ ଏହା ଶୁଣି, ଟିକିଏ ଅସ୍ତବ୍ୟସ୍ତ ହୋଇଗଲେ । କେତେବେଳ ଉତ୍ତାରୁ ମାୟା ବୋଲି ଜାଣିପାରିଲେ । ରହୁଁ ରହୁଁ ଆଉ ଦୂତ ନାଇ । ଏବେ କୃଷ୍ଣ ଗଦାରେ ଏକା ପାହାରକେ ସୌଭକୁ ଗୁଂଡ଼ା କରିଦେଲେ ।

ଶାଲ୍ୱ ତଳେ ଠିଆ ହୋଇ ଯୁଦ୍ଧ କଲା । ଆଉ ଏବେ ତା'ର ସେତେ ବଳ ନାଇ । କେତେବେଳ ଯୁଦ୍ଧ କରି, ଶେଷକୁ କୃଷ୍ଣଂକ ହାତେ ମଲା ।

ଶାଲ୍ୱ ମରିବାରୁ ଦଂତାବକ୍ର ବୋଲି ତା'ର ଜଣେ ସାଂଗ, ସେ ଆସି କୃଷ୍ଣକୁ ଘେରିଗଲା । ଦୁହିଂକର କେତେବେଳ ଯାଏଁ ଯୁଦ୍ଧ ହେଲା । ଦଂତାବକ୍ର ଭାରି ବୀର ! ହେଲେହେଁ, ଶେଷକୁ କୃଷ୍ଣ ତା'ର ମୁଂଡ କାଟି ଦେଲେ ।

ଦଂତାବକ୍ର ମରେ, ବିଦୂରଥ ବୋଲି ତା'ର ଜଣେ ସାଂଗ ପୁଣି ଯୁଦ୍ଧକରିବାକୁ ଆସି, କୃଷ୍ଣଂକ ହାତେ ପ୍ରାଣ ଦେଲେ ।

କୃଷ୍ଣ ଏପରି ସମସ୍ତଂକୁ ମାରି, ମହାବିପତ୍ତିରୁ ଦ୍ୱାରକାକୁ ଉଦ୍ଧାର କରି, ମହା ଆନଂଦରେ ଦ୍ୱାରକାରେ ପଶିଲେ । ଦ୍ୱାରକାରେ ଭାରି ଆନଂଦ ଉତ୍ସବ ହେଲା ।

—*—

## ଯାଦବମାନଂକର ତୀର୍ଥସ୍ଥାନ

ଦିନେ ଗୋଟିଏ ପୂର୍ଣଗ୍ରାସ ସୂର୍ଯ୍ୟପରାଗ ପଡ଼ିଲା । ସେଦିନ ସ୍ନାନ ଦାନ ପ୍ରଭୃତି କରିବାପାଇଁ, ଶ୍ରୀକୃଷ୍ଣ ଯାଦବମାନଂକୁ ନେଇ ସ୍ୟମଂତପଂଚକ ତୀର୍ଥକୁ ଗଲେ ।

ଏହି ସ୍ୟମଂତପଂଚକ ତୀର୍ଥ ସଂବଂଧରେ ଗୋଟିଏ କଥା ଅଛି । ପୂର୍ବକାଳରେ ପରଶୁରାମ ଯେତେବେଳେ କ୍ଷତ୍ରିୟମାନଂକୁ ବୁଲି ବୁଲି ଏକୋଇଶିଥର ମାରିଥିଲେ, ସେହି ରାଜାମାନଂକ ରକ୍ତରେ ପାଂଚୋଟି ହ୍ରଦ ତିଆରିକରି, ସେହିଠାରେ ଯଜ୍ଞ କରିବାଦ୍ୱାରା ନିଜର ପାପ କ୍ଷୟ କରିଥିଲେ । ସେହି ହ୍ରଦ ଓ ଯଜ୍ଞସ୍ଥାନକୁ ସ୍ୟମଂତପଚକ ବୋଲି ଲୋକେ କହୁଥିଲେ । ସେହିଦିନୁଁ ସେ ଗୋଟିଏ ମହାପବିତ୍ର ତୀର୍ଥ ହୋଇଥିଲା ।

ସମସ୍ତ ଯାଦବମାନେ ରଥ, ହାତୀ, ଘୋଡ଼ା, ସୈନ୍ୟ, ସାମଂତ, ରାଣୀ, ପିଲା, ଅଂଡାକରି ସମସ୍ତଂକୁ ନେଇ ଗ୍ରହଣଦିନ ସେହି ତୀର୍ଥରେ ଉପସ୍ଥିତ ହୋଇ, ଓପାସେ ରହିଲେ । ଗ୍ରହଣବେଳେ ବହୁ ଦାନ ଦେଲେ, ବ୍ରାହ୍ମଣ ଭୋଜନ କରାଇଲେ ।

କେବଳ ଯେ ଯାଦବମାନେ ସେଦିନ ସେ ତୀର୍ଥକୁ ଆସିଥିଲେ ତା' ନୁହେ । ସବୁଆଡ଼ୁ ରାଜାମାନେ ସୈନ୍ୟ, ସାମଂତ, ପ୍ରଜା, ବଂଧୁ କୁଟୁଂବ ଘେନି ସେଠାରେ ପହଂଚିଥିଲେ । ମତ୍ସ୍ୟ, ଉଶୀନର, କୋଶଳ,

ବିଦର୍ଭ, କୁରୁ, ସଂଜୟ, କାଂବୋଜ, କୈକୟ, ମଂଦ୍ର, କୁଂତୀ, ଆନର୍ତ୍ତ, କେରଳ ବଂଶୀୟ ଲୋକେ ଯାଦବଂକର ଆପଣାର ଲୋକ । ସେମାନେ ସମସ୍ତେ ଆସିଥିଲେ । ବ୍ରଜପୁରରୁ ନଂଦ, ଯଶୋଦା, ଗୋପ, ଗୋପୀ ମଧ୍ୟ ଆସି ପହଂଚିଥିଲେ । ସମସ୍ତେ ସମସ୍ତଂକୁ ଦେଖି, ଭାରି ଆନଂଦ ଓ୍ୟସ୍ତ ହେଲେ । ବ୍ରଜପୁର ଲୋକେ କୃଷ୍ଣଂକୁ ଦେଖି, କେତେକାଳ ପରେ ସତେ ଅବା ଆଖି ପାଇଲେ । ନମସ୍କାର, ଆଶୀର୍ବାଦ, ଭଲମଂଦ ପଚରା ଧୁମ୍‌ଧାମରେ ଚାଲିଲା ।

କୁଂତୀ ବସୁଦେବଂକୁ ଦେଖି, ଟିକିଏ ଅଭିମାନରେ କହିଲେ, "ଭାଇ ହୋଇ, ଭଉଣୀକି ଟିକିଏ ମନେ ପକାଅ ନାଇଁ । କେତେ ବିପତ୍ତି ପଡ଼ିଲା; ଥରେ ଟିକିଏ ପଚାରିଲ ନାଇଁ । ହଁ, ଦଇବ ପ୍ରତିକୂଳ ହେଲା ବେଳେ ସମସ୍ତେ ଏଇପରି ପର ହୋଇଯାଂତି ।" ବସୁଦେବ କହିଲେ;—

"ମୋ ମା, ଏତେ ଅଭିମାନ କରନା । ଦଇବ ସବୁ କରୁଚି । ମଣିଷ, କ'ଣ କରିପାରେ ? କଂସ ପୀଡ଼ାରେ ତ ପ୍ରାଣଭୟରେ କିଏ କୁଆଡ଼େ, ଲୁଚିଥିଲୁ ! ଆମେ ବା କି ସୁଖରେ ଥିଲୁ ! ଏବେ ତ କେତେଦିନ ହେଲା ଘରେ ଅଛୁ ।"

ଭୀଷ୍ମ, ଦ୍ରୋଣ, ଧୃତରାଷ୍ଟ୍ର, ଦୁର୍ଯୋଧନ ପ୍ରଭୃତି ଶହେ ଭାଇ; ଗାଂଧାରୀ, କୁଂତୀ, ପାଂଡବ ପାଂଚଭାଇ; ସଂଜୟ ବିଦୁର, କୃପାଚାର୍ଯ୍ୟ, କୁଂତୀ ଭୋଜ, ବିରାଟ, ନଗ୍ନଜିତ୍, ପୁରୁଜିତ୍, ଦ୍ରୁପଦ, ଶଲ୍ୟ, ଧୃଷ୍ଟକେତୁ, କାଶୀରାଜ, ଦମଘୋଷ, ବିଶାଳାକ୍ଷ, ମିଥିଳାରାଜ, ମଦ୍ରରାଜ, କେକୟ, ଯୁଧାମନ୍ୟୁ, ସୁଧର୍ମା, ବାହ୍ଲୀକ ଓ ତାଂକର ପୁଅମାନେ, ଆଉ ଯେତେ ରାଜା ଯୁଧିଷ୍ଠିରଂକର ସାମଂତ ଓ ଅନୁଗତ ଥିଲେ, ସମସ୍ତେ ଶ୍ରୀକୃଷ୍ଣ ଓ ଯାଦବମାନଂକୁ ଆସି ଦେଖିଲେ । ତାଂକ ବ୍ୟବହାରରେ ସମସ୍ତେ ସଂତୋଷ ହୋଇ ଧନ୍ୟ ଧନ୍ୟ କଲେ । ମହାରାଜ ଉଗ୍ରସେନଂକୁ କେତେ ପ୍ରଶଂସା କଲେ ।

ମହାରାଜ ନଂଦ ଯାଦବଂକ ପାଖେ ଆସି ପହଂଚିଲେ । ଶ୍ରୀକୃଷ୍ଣଂକୁ ଦେଖିବା ପାଇଁ, ନଂଦ ଯଶୋଦା, ଗୋପ ଗୋପୀମାନେ ସବୁବେଳେ ବ୍ୟାକୁଳ ହେଉଥାଂତି । ବସୁଦେବ ନଂଦଂକୁ କୁଂଢାଇପକାଇ, ଘଡ଼ିଏଯାଏ କାଂଦିଲେ । ଯଶୋଦା ରାମକୃଷ୍ଣଂକୁ କୁଂଢାଇ, ଆନଂଦରେ ବୁଢ଼େ ପ୍ରଷ୍ଟେ ଗଡ଼ିଗଲେ । ବହୁତ ବେଳଯାଏଁ ଦିହିଂକି କୋଳରେ ବସାଇ କାଂଦିଲେ ।

ରୋହିଣୀ ଦେବକୀ ଦିହେଁ ଆସି, ଯଶୋଦାଂକ ପାଖେ ମିଳିଗଲେ; କହିଲେ, "କଂସ ପୀଡ଼ା ଦେଲାବେଳେ, ତୁମେ ନ ଥିଲେ, କାହାପାଖେ ଆମେ ଶରଣ ପଶିଥାଂତୁ ! ତମେ ଯୁ ଉପକାର କରିଚ, କ'ଣ କରି, ତା' ଆମେ ଶୁଝିବୁ ! ପୁଅଙ୍କୁ ଆମେ ଜନ୍ମ ଦେଇଚୁ; ତଥାପି ତୁମେଇ ତାଂକର ମାଆ ।" ଏହିପରି କହି କାଂଦିଲେ ।

ଗୋପୀମାନେ ଆସି, କେତେ ବେଳଯାଏ, କୃଷ୍ଣଂକୁ ବେଢ଼ି ଛିଡ଼ାହେଲେ । ସେମାନେ ଏକଲୟ କରି କୃଷ୍ଣଂକୁ ଚାହିଁଥାଂତି । କେତେ କଥା ପଚାରୁଥାଂତି । କୃଷ୍ଣ ବୋଧ ଦେଉଥାଂତି । କୃଷ୍ଣଂକ କଥା ଶୁଣି, ସେମାନେ କହିଁ କହିଁ ହୋଇ କାଂଦି ଉଠୁଥାଂତି ।

ରୁକ୍ମିଣୀ, ସତ୍ୟଭାମା ପ୍ରଭୃତିଂକର ଦ୍ରୌପଦୀଂକ ସଂଗେ ଦେଖାହେଲା । କେତେଦିନର କେତେ କଥା ପଡ଼ିଗଲା । ସତେ ଅବା ପିଲାଦିନୁ, ସମସ୍ତେ ଆପଣେଇ । କୃଷ୍ଣଂକ ରାଣୀମାନେ ଆପଣା ଆପଣା ବିଭାକଥା ସବୁ ଗୋଟି ଗୋଟି କରି କେଡ଼େ ଖୁସିରେ କହିଲେ ।

ତା ପରେ ନାରଦ ପ୍ରଭୃତି ଋଷିମାନଙ୍କୁ ନେଇ ବସୁଦେବ ଗୋଟିଏ ଯଜ୍ଞ କଲେ । ଯଜ୍ଞରେ ବିଷ୍ଣୁ ପୂଜାକରି, ଦେବତା ଋଷିମାନଙ୍କୁ ସଂତୋଷ କଲେ ।

କୃଷ୍ଣ ଗୁରୁଙ୍କ ପୁଅକୁ ଯମପୁରରୁ ଆଣି ଦେଇଥିବା କଥା ଦେବକୀ ଶୁଣିଥିଲେ । ଏବେ କୃଷ୍ଣଙ୍କର ଅଦ୍ଭୁତ କାର୍ଯ୍ୟମାନ ଦେଖି, ଦେବକୀ ଧନେ କହିଲେ, "ମୋ ପୁଅ ଗୁଡ଼ିକ ସବୁ ଜନ୍ମହେଲାକ୍ଷଣି କଂସ ମାରିଦେଇଛି । ସେ ପୁଅ ଗୁଡ଼ିକଙ୍କୁ ମୁଁ ଥରେ ଦେଖନ୍ତି ।"

ଶ୍ରୀକୃଷ୍ଣ ସେହିକ୍ଷଣି ସେ ପୁଅ ଗୁଡ଼ିକଙ୍କୁ ଆଣି ମା'ଙ୍କୁ ଦେଖାଇଦେଲେ । ଦେବକୀ ତାଙ୍କୁ ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇଗଲେ । ତା'ପରେ କୃଷ୍ଣ ବୁଝାଇ ଦେଲେ, ଏ ସଂସାରରେ କେହି କାହାର ନୁହେ । ଆଉ ମଲାପୁଅଙ୍କ ପାଇଁ ବ୍ୟସ୍ତ ହେବା ଦରକାର ନାହିଁ । ସେ ପୁଅଙ୍କୁ ଆଉ ମଂଚରେ ରଖିବାକୁ ଇଚ୍ଛାକରିବା ଠିକ୍ ନୁହେ ।" ଦେବକୀ ଏବେ ସଂତୋଷ ହେଲେ, ପୁଅ ଗୁଡ଼ିକ ତାଂକ ଆଗରୁ ପୁଣି ଉଭେଇ ଗଲେ ।

---

## ବଳରାମଙ୍କ ତୀର୍ଥ ଯାତ୍ରା

କୁରୁପାଣ୍ଡବଙ୍କ ଭିତରେ ଯୁଦ୍ଧହେବାର ସଂଭାବନା, ଏ କଥା ଶୁଣି ଦୁଇପକ୍ଷର ବିବାଦ ମେଂଟାଇବା ପାଇଁ, ବଳରାମ ହସ୍ତିନାକୁ ଯିବେ ବୋଲି ବାହାରିଲେ । ବାଟରେ ଚାଲିବେଳେ ଯେତେ ତୀର୍ଥ ପଡ଼ିବ, ସବୁ ଥରେ ଦେଖିଯିବେ ବୋଲି ବିଚାରିଲେ ।

ସେ ପ୍ରଥମେ ପ୍ରଭାସକୁ ଆସିଲେ । ତା' ପରେ ସରସ୍ୱତୀ ନଦୀ କୂଳ ବାଟେ ପୃଥୁଦକ, ବିନ୍ଦୁ ସରୋବର, ତ୍ରିତକୂପ, ସୁଦର୍ଶନ, ବିଶାଳା, ବ୍ରହ୍ମତୀର୍ଥ, ଚକ୍ରତୀର୍ଥ ପ୍ରଭୃତି ହୋଇ, ସବୁଠାରେ ସ୍ନାନ ଦାନ ପ୍ରଭୃତି କାର୍ଯ୍ୟ କରି, ପୁଣି ସରସ୍ୱତୀ ତୀର୍ଥବାଟେ ଗଂଗା ଯମୁନା ମଧ୍ୟରେ ଥିବା ନୈମିଷାରଣ୍ୟରେ ଆସି ପହଂଚିଲେ ।

ସେତେବେଳେ ସୌନକାଦି ଋଷିମାନେ ନୈମିଷାରଣ୍ୟରେ 'ଦୀର୍ଘସତ୍ର' ବୋଲି ଏକ ମହାଯଜ୍ଞ ଆରଂଭ କରିଚନ୍ତି । ସେମାନେ ବଳରାମଙ୍କୁ ଦେଖି, ଭାରି ଆଦର ସଂଭାବନା କରି ରଖିଥିଲେ ।

ବଳରାମ ଦେଖିଲେ, ସେଠାରେ ବ୍ରାହ୍ମଣ ସଭା ଭିତରେ ଲୋମହର୍ଷଣ ବୋଲି ଜଣେ ଶୂଦ୍ର ବ୍ରହ୍ମାର ଆସନ ପାଇ, ସବୁଠାରୁ ଉଚ୍ଚରେ ବସିଚନ୍ତି । ବ୍ରାହ୍ମଣମାନେ ତଳେ ବସି, ତାଂକଠାରୁ ପୁରାଣ, ଇତିହାସ ସବୁ ଶୁଣୁଚନ୍ତି । ବଳରାମ ଯେତେବେଳେ ଯାଇ, ସଭାରେ ପହଂଚିଲେ, ସେତେବେଳେ ଲୋମହର୍ଷଣ ସ୍ଥାନରୁ ଉଠିଲେ ନାହିଁ, କି ବଳରାମଙ୍କୁ ଖାତିର କଲେ ନାହିଁ ।

ବଳରାମ ଜାଣିଥିଲେ, ଲୋମହର୍ଷଣ ବ୍ରାହ୍ମଣ ନୁହନ୍ତି । ସେ ସୂତ ନାମକ ଏକ ଶୂଦ୍ର ଜାତିର ଲୋକ । ଏପରି ନୀଚ ଜାତିର ଲୋକ ବ୍ରାହ୍ମଣମାନଙ୍କୁ ପୁରାଣ, ଇତିହାସ, ଧର୍ମଶାସ୍ତ୍ର ଶୁଣାଇବା ତାଂକୁ ଭଲ ଲାଗିଲା ନାହିଁ । ବିଶେଷରେ ସେ ଉଠି, ବଳରାମଙ୍କୁ ନମସ୍କାରାଦି ନ କରିବାରୁ ବଳରାମ ବେଶି ରାଗିଗଲେ ।

ବଳରାମ ଜୀବନରେ ଆଉ ଯୁଦ୍ଧଫୁଦ୍ଧ, ମାରଧର କରିବେ ନାହିଁ, ମନୁଷ୍ୟ, ଜୀବଜନ୍ତୁ ଆଉ କେବେ ମାରିବେ ନାହିଁ ବିଚାରି, ତୀର୍ଥଯାତ୍ରାରେ ବାହାରିଥିଲେ, କିନ୍ତୁ ଲୋମହର୍ଷଣଙ୍କର ବ୍ୟବହାର ସହି ନ ପାରି, ସେ ତାଂକର ମୁଂଡଟି କାଟି ଦେଲେ ।

ଏହା ଦେଖି ସେଠାରେ ଯେଉଁ ମୁନି, ଋଷିମାନେ ଥିଲେ, ସମସ୍ତେ ହାହାକାର କଲେ । ବ୍ୟାକୁଳ ହୋଇ

ବଳରାମଂକୁ କହିଲେ, "ହେ ଯଦୁନଂଦନ, ଏ ଲୋକ ଜାତିରେ ସୂତ ସତ; କିଂତୁ ବ୍ରାହ୍ମଣଂକୁ ବଳି ଏହାର ଶାସ୍ତ୍ରଜ୍ଞାନ ଦେଖି ଆଂହେମାନେ ଏହାଂକୁ ଡାକି, ବହୁତ କହିଅଛୁ, ଏହାଂକଠାରୁ ପୁରାଣ, ଇତିହାସ, ଧର୍ମଶାସ୍ତ୍ର ଶୁଣୁଥିଲୁ । ଏ ପୁଣି ଯଜ୍ଞ ସରିବା ଯାଏ, ଆମକୁ ପୁରାଣ କଥା ଶୁଣାଇବେ ବୋଲି, କଥା ଥିଲା । ସେ ପର୍ଯଂତ ଏହାଂକୁ ବାଧିବ ନାଇ କି ଏହାଂକ ଆୟୁଷ କ୍ଷୟ ପାଇବ ନାଇ ବୋଲି, ଆମେମାନେ ଆଶୀର୍ବାଦ କରିଥିଲୁ । ଶୁଦ୍ର ହେଲେହେଁ ଆମେମାନେ ଯାଂକୁ ବ୍ରାହ୍ମଣ ପରି କରିଚୁ । ଅତଏବ ଏବେ ଆପଣଂକୁ ବ୍ରହ୍ମହତ୍ୟା ଦୋଷ ଲଗିଲା । ପ୍ରାୟଶ୍ଚିତ୍ତ କରିବାକୁ ହେବ ।

ଶ୍ରୀରାମ ଏହା ଶୁଣି, ବଡ଼ ବ୍ୟସ୍ତ ହେଲେ; ତାଂକୁ ଲାଜ ବି ମାଡ଼ିଲା । ସେ କହିଲେ, "ଆପଣମାନେ ଯାହା କହିବେ, ସେ ପ୍ରାୟଶ୍ଚିତ୍ତ ମୁଁ କରିବାକୁ ରାଜି ଅଛି । ଆପଣମାନେ ମୋଠାରେ ସଂତୋଷ ହୁଅଂତୁ ।"

ମୁନିମାନେ କହିଲେ, "ପ୍ରଥମ କଥା ଆମମାନଂକୁ ପୁରାଣ ଶୁଣାଇବ କିଏ ? ଆମେମାନେ ଯେ ଲୋମ-ହର୍ଷଣଂକୁ ଆଶୀର୍ବାଦ କରିଥିଲୁ, ସେ କ'ଣ ମିଛ ହେବ ?"

ଶ୍ରୀରାମ କହିଲେ, 'ଦେଖଂତୁ, ମୁଁ କହୁଚି, ଏଇ ଲୋମହର୍ଷଣଙ୍କ ପୁଅ ମୋ ବରରେ ବାପେ ଜାଣିଥିବା ସବୁ ପୁରାଣ ଇତିହାସ, ଧର୍ମଶାସ୍ତ୍ର କଥା ଜାଣି ପାରିବେ । ସେ ଠିକ୍ ବାପଂକ ପରି, ଆପଣମାନଂକୁ ସବୁ ଶୁଣାଇବେ । ଆପଣମାନେ ଯାହା ଯାହା ଆଶୀର୍ବାଦ କରିଅଛଂତି, ସବୁ ତାଂକଠାରେ ଫଳିବ । ଶାସ୍ତ୍ରରେ ତ ଅଛି, ମନୁଷ୍ୟ ନିଜେ ଆପଣାର ପୁଅ ହୋଇ ଜନ୍ମ ହୁଏ । ଅତଏବ ଯାଂକ ପୁଅ ଠିକ୍ ଯାଂକରି ପରି କାର୍ଯ କରିବେ । ମୁଁ ଆଉ କଣ କରିବି — କହଂତୁ ।"

ମୁନିମାନେ କହିଲେ, "ହେ ବଳଦେବ, ମହା ଦାନବ ଇଲ୍ୱଳର ପୁଅ ବଲ୍ୱଳ ବଡ଼ ଅତ୍ୟାଚାର କରୁଚି । ଆମେମାନେ ଯଜ୍ଞ କଲାବେଳେ ସେ ଆସି ଯଜ୍ଞ କୁଂଡରେ ପୂଜ, ରକ୍ତ, ଗୁହ, ମୂତ୍ର, ମଦ, ମାଂସ ପକାଇ ଦେଉଚି । ଆପଣ ସେହି ବଲ୍ୱଳକୁ ମାରି ଦେଲେ, ଆମେମାନେ ପରମ ସଂତୋଷ ହେବୁ । ତା ପରେ ଆପଣ ବ୍ରହ୍ମହତ୍ୟା ପାପ ଛଡ଼ାଇବା ପାଇଁ ଭାରତବର୍ଷ ଯାକ ବୁଲି ସବୁତୀର୍ଥରେ ସ୍ନାନ କରିବେ ।"

ବଳଦେବ ସେହି ଅସୁର ଆସିଲା ଦିନଯାଏ ସେଠାରେ ଟିକି ରହିଲେ । ଦିନେ ଆସି ସେହି ଅସୁର ପହଂଚିଲା । ବଳଦେବ ଦେଖିଲେ, ସେ ଅସୁର ଦେଖିବାକୁ ଗୋଟେ ପାହାଡ଼ ପରି; ତା' ଦେହ ହାଂଡିକଳା ପରି । ଦାଢ଼ିବାଳ ସବୁ ରଂଗ ଚକ୍ ଚକ୍ ଦିଶୁଚି । କଳା କଳା ଭାଲୁ ପରି ଆଖିପତା ଦେଖିଲେ ଡର ମାଡ଼ୁଚି ।

ବଳଦେବ ଏବେ ଆପଣାର ଶସ୍ତ୍ର ହଳ ମୁଷଳକୁ ସ୍ମରଣା କଲେ । ହଳମୁଷଳ ଆସି, ପହଁଚିଂଲାରୁ ହଳରେ ରାକ୍ଷସକୁ ଟାଣିଆଣି, ମୁଷଳରେ ଧରି ଏକା ପାହାରକେ ତା'ର ମୁଂଡ ଛତ୍ରୁ କରିଦେଲେ । ମୁନି-ଋଷିମାନେ ସମସ୍ତେ ଏହା ଦେଖି ସଂତୋଷ ହେଲେ ।

ତହିଁ ଉତ୍ତାରୁ ବଳଦେବ ମୁନିମାନଂକୁ କହି, ପୋଛି, ତୀର୍ଥଯାତ୍ରାରେ ବାହାରିଲେ ।

କୌଶିକୀ ବୋଲି, ଗୋଟିଏ ହ୍ରଦରୁ ସରଯୂ ନଦୀ ବାହାରିଛି । ବଳରାମ ସେହିଠାରେ ଯାଇ, ପ୍ରଥମେ ସ୍ନାନ କଲେ । ତହୁଁ ଆସି, ପ୍ରୟାଗରେ ପହଂଚି, ତ୍ରିବେଣୀରେ ସ୍ନାନ ତର୍ପଣ କରି; ପୁଲହ ଆଶ୍ରମକୁ ଗଲେ । ତା'ପରେ ଗୋମତୀ, ଗଂଡକୀ, ବିପାଶା ଓ ଶୋଣ ନଦୀମାନଂକରେ ସ୍ନାନାଦି କରି, ଗୟା ଧାମରେ ଯାଇ, ପିତୃଲୋକଂକୁ ଶ୍ରାଦ୍ଧ କଲେ । ସେଠାରୁ

ଗଂଗାସାଗରସଂଗମ ସ୍ଥାନ ବାଟେ ମହେଂନ୍ଦ୍ର ପର୍ବତରେ ପହଂଚିଲେ । ସେଠାରେ ପରଶୁରାମଂକୁ ଦେଖି, ତାଂକୁ ପ୍ରଣାମ କରି ତା'ପରେ ସପ୍ତ ଗୋଦାବରୀ, ବେନ୍ୟା, ପଂପା, ଭୀମରଥୀ ପ୍ରଭୃତି ପବିତ୍ର ନଦୀ ଓ ପୁଷ୍କରିଣୀମାନ ଦେଖିଲେ । ପରେ ସ୍କଂଧ ତୀର୍ଥରେ କାର୍ତ୍ତିକେୟଂକୁ ଦର୍ଶନ କରି, ଶିବକ୍ଷେତ୍ର, ଶ୍ରୀଶୈଳ ଓ ଦ୍ରାବିଡ଼ କ୍ଷେତ୍ର ବାଟେ ବେଂକଟ ପର୍ବତ ଦେଖି, କାମକୋଷ୍ଣି ଓ କାଂଚୀ ପୁରୀ ହୋଇ, କାବେରୀରେ ଯାଇ ସ୍ନାନ କଲେ । ତାପରେ ହରିକ୍ଷେତ୍ର, ଶ୍ରୀରଙ୍ଗଂ ଦେଖି, ଋଷଭ ପର୍ବତ ବାଟେ ଦକ୍ଷିଣ ମଥୁରା ହୋଇ, ସେତୁବଂଧ ରାମେଶ୍ୱର-ଠାରେ ପହଂଚିଲେ । ସେଠାରେ ବହୁତ ଦାନ, ଧ୍ୟାନ କରି ଉତ୍ତରକୁ ଫେରିଲେ ।

କ୍ରମେ କୃତମାଳା ଓ ତାମ୍ରପର୍ଣ୍ଣୀ ନଦୀମାନ ପାର ହୋଇ ମଳୟ କୁଳାଚଳରେ ଆସି, ଅଗସ୍ତ୍ୟ ମହର୍ଷିଂକ ଦର୍ଶନ କଲେ ।

ତା'ପରେ ଦକ୍ଷିଣ ସମୁଦ୍ରକୂଳରେ କନ୍ୟା ନାମକ ଦୁର୍ଗା ଦେବୀଂକ ଦେଖି ଫାଲ୍‌ଗୁନ ବା ଅନଂତପୁରତୀର୍ଥ ବାଟେ ଆସି, ପଂଚାପ୍‌ସର ପୋଖରୀରେ ସ୍ନାନ କଲେ । ସେଠାରେ ସ୍ନାନ ସାରି, ଦଶ ସହସ୍ର ଗୋ-ଦାନ କଲେ ।

ପରେ ବଳରାମ ପବିତ୍ର କେରଳ ଦେଶ ଓ ତ୍ରିଗର୍ତ୍ତ ଦେଶବାଟେ ଆସି, ଶିବକ୍ଷେତ୍ର, ଗୋକର୍ଣ୍ଣରେ ଦ୍ୱୈପାୟନୀ ଦେବୀଂକ ଦର୍ଶନ କରି, ଶୂର୍ପାରକ ତୀର୍ଥରେ ପହଂଚିଲେ । ତହୁଁ ତାପୀ, ପୟୋଷ୍ଣି ଓ ନିର୍ବିଂଧ୍ୟ ପ୍ରଭୃତି ନଦୀ ଜଳରେ ଆଚମନ କରି, କ୍ରମେ ଆସି ଦଂଡକାରଣ୍ୟରେ ଭେଟିଲେ ।

ଦଂଡକା ପାର ହୋଇ, ରେବା ନଦୀରେ ସ୍ନାନ କଲେ । ତାପରେ ମାହେଷ୍ମତୀ ପୁରୀ ଦେଖି, ମନୁ ତୀର୍ଥରେ ସ୍ନାନ କରି, ପୁଣି ଆସି ପ୍ରଭାସ ଧରିଲେ । ଏଇଠାରେ ତୀର୍ଥ ଯାତ୍ରା ଶେଷ ହେଲା ।

ପ୍ରଭାସ ତୀର୍ଥରେ ଆସି ବଳରାମ ଶୁଣା ପାଇଲେ, କୁରୁ ପାଂଡବ ଯୁଦ୍ଧ ଶେଷ ହୋଇଅଛି । ପୃଥିବୀର କ୍ଷତ୍ରିୟ ରାଜାମାନେ ମରିଚଂତି । ଆଉ ଖାଲି ଦୁର୍ଯ୍ୟୋଧନ ସଂଗେ ଭୀମର ଗଦାଯୁଦ୍ଧ ବାକି ଅଛି ।

ଏହା ଶୁଣି ବଳରାମ ତରତର ହୋଇ, ଯୁଦ୍ଧ ସ୍ଥାନରେ ଆସି ପହଂଚିଲେ । ଯୁଧିଷ୍ଠିର ହେଶକା ତାଂକୁ ଦେଖି ଆଶ୍ଚର୍ଯ୍ୟ ହେଲେ; କିଂତୁ ବଳଦେବ କାହାକୁ କିଛି ନ କହି ଭୀମ ଦୁର୍ଯ୍ୟୋଧନଂକର ଯେଉଁଠାରେ ଗଦା ଯୁଦ୍ଧ ହେଉଥିଲା, ସେହିଠାରେ ଦୁର୍ଯ୍ୟୋଧନ, ଭୀମ ଦୁହିଂକୁ ଯୁଦ୍ଧ କରିବାକୁ ମନାକରି କହିଲେ, "ହେ ରାଜା ଦୁର୍ଯ୍ୟୋଧନ, ହେ ଭୀମ, ତୁମେ ଦୁହେଁ ବୀର; ଦୁହିଂକ ବଳ ସମାନ । ଦୁର୍ଯ୍ୟୋଧନ ମୋର ପ୍ରିୟ ଶିଷ୍ୟ । ମୁଁ ମଧ୍ୟ ଜାଣେ, ଭୀମ, ଗଦାଯୁଦ୍ଧରେ ଭାରି ଟାଣ୍ । କେହି କାହାକୁ ଜିଣି ପାରିବ ନାଇ । ବୃଥା କାହିଁକି ଲଗିଛ ? ଆଉ ଯୁଦ୍ଧ କର ନାଇ ।"

ବଳଦେବ ଏହା କହିଲେ ସତ; କିଂତୁ ଭୀମ କି ଦୁର୍ଯ୍ୟୋଧନ କାହା କାନରେ ଏହା ପଶିଲା ନାଇ । ଅଦୃଷ୍ଟରେ ଯାହା ଅଛି—ଭୋଗ ହେବ । ତା ପାଖେ କାହାରି ବଳ ନାଇ । ଏହା କହିକି ବଳରାମ ସେ ସ୍ଥାନ ଛାଡ଼ି ପୁଣି ଦ୍ୱାରକାରେ ଆସି ପହଂଚିଲେ ।

ଦ୍ୱାରକାରେ ଆସି ଶୌନକ ପ୍ରଭୃତି ଯାଜ୍ଞିକ ଋଷିମାନଂକୁ ଡାକି ଜ୍ଞାତି ବଂଧୁ, ଭାର୍ଯ୍ୟା, କୁଟୁଂବଂକ ସହିତ ଗୋଟିଏ ଯଜ୍ଞ କଲେ । ଯଜ୍ଞ ପରେ ଅବଭୃଥ୍‌ ସ୍ନାନ କରି ବ୍ରହ୍ମହତ୍ୟା ପାପରୁ ସଂପୂର୍ଣ୍ଣ ମୁକ୍ତ ହୋଇ, ନିଶ୍ଚିଂତ ହେଲେ ।

## ସୁଦାମା ଦାରିଦ୍ର୍ୟ ଭଂଜନ

ଶ୍ରୀରାମ, ଶ୍ରୀକୃଷ୍ଣ, ଯେତେବେଳେ ଗୁରୁଘରେ ରହି, ବଣରେ ପାଠ ପଢ଼ୁଥିଲେ, ସେତେବେଳେ ସୁଦାମା (ଶ୍ରୀଦାମ) ବୋଲି ଜଣେ ବ୍ରାହ୍ମଣ ପିଲା ସଂଗେ ପାଠ ପଢ଼ୁଥିଲେ । ସେ ଗୁରୁ ଗୃହରେ ବ୍ରହ୍ମଚର୍ଯ୍ୟରେ ରହି, ସବୁ ପାଠ ପଢ଼ି ସାରି ଆସି ବାହା ହୋଇ ଗୃହସ୍ଥାଶ୍ରମ କରି ରହିଲେ ।

ସେ ଗୃହସ୍ଥାଶ୍ରମ କଲେ ସତ, କିଂତୁ ତାଂକର ସଂସାର, ଧନ, ସଂପଦ, ଭୋଗ ସୁଖରେ ସେତେ ମନ ନ ଥାଏ । ଯାହା ଯେତେବେଳେ ଦିଓଟି ମିଳେ, ଗଂଡେ ଖାଇ ଦିଅଂତି । ସବୁବେଳେ ଭଗବାନଂକୁ ଧ୍ୟାନ କରୁଥାଂତି ।

ବ୍ରାହ୍ମଣ ବଡ଼ ଗରିବ । କେବେ ତାଂକୁ ପେଟପୂରା କରି ଖାଇବାକୁ ମିଳେ ନାହିଁ । ଛିଂଡାକନା ଗୁଡ଼ାଏ ଗଇଂଠେଇ କରି ପିଂଧିଥାଂତି । ତାଂକ ସ୍ତ୍ରୀଂକର ବି ପିଂଧିବାକୁ ଖଂଡେ ଭଲ ଲୁଗା ନ ଥାଏ । ସ୍ତ୍ରୀ ଟି ବି ସେତେ ଉଦ୍ଧଟ ନୁହେ, ବର ଯେପରି ଚଳାଉ ଥାଏ ସେହିପରି ଚଳି ଯାଉଥାଏ; କିଂତୁ ଗରିବ ହେବାରୁ ମନେ ମନେ ତା'ର ଟିକିଏ ଦୁଃଖ ଥାଏ । କାଳେ ବର ଅସୁଖ ପାଇବେ ବୋଲି, ତାଂକୁ କେବେ କିଛି କହେ ନାହିଁ ।

ଦିନେ ବହୁତ ମନ ଦଂଭ କରି ବର ପାଖକୁ ଆସି କହିଲା, "ଶୁଣିଥିଲି, ଶ୍ରୀକୃଷ୍ଣ ତୁମର ପିଲାଦିନେ ପାଠ-ପଢ଼ା ସାଂଗ ଥିଲେ । ଶ୍ରୀକୃଷ୍ଣ ତ ନିଜେ ଭଗବାନ୍ । ଯେ ଯାହା ମନବାଂଛା କରି ତାଂକୁ ଭଜୁଛି, ସେ ତା'କୁ ତା' ଦେଉଚଂତି । ସେ ତ ସାଧୁ, ସଂଥ ଲୋକଂକର ଆଶ୍ରା । ତମେ ଦିନେ ହେଲେ ତାଂକ ପାଖକୁ ଯାଆଂତ । ସେ ଟିକିଏ ବୁଝିଲେ ଆମର ଏ ଦଶା ରହଂତା ନାହିଁ । ଦରପୂରା କରି ଖାଇ, ଛିଂଡାକନା ପିଂଧି, ଆଉ କେତେକାଳ ଚଳିବା ? ତୁମକୁ ଦେଖିଲେ ଶ୍ରୀକୃଷ୍ଣ ଅବଶ୍ୟ ଦୟା କରିବେ । ଧନ ମାଗିଲେ, ଧନ ଦେବେ । ତମେ ତେବେ ଦିନେ ଯାଅ ।"

ବ୍ରାହ୍ମଣ ଏ କଥା ଶୁଣି, ତୁନି ହେଲେ । ବ୍ରାହ୍ମଣୀ ଥରକୁ ଥର ବ୍ରାହ୍ମଣଂକୁ ମତାଇବାରୁ ଶେଷକୁ ଶ୍ରୀକୃଷ୍ଣଂକ ପାଖକୁ ଆସିବେ ବୋଲି, ବ୍ରାହ୍ମଣ ବୁଝିଲେ ! ଯିବେ ତ, ଖାଲି ହାତରେ ଯିବେ କିମିତି ? ସ୍ତ୍ରୀଂକୁ କହିଲେ, "ଦେବତା ଓ ରାଜାଂକ ପାଖକୁ ଖାଲିହାତରେ ଯାଆଂତି ନାହିଁ । କ'ଣ ଘରେ ଅଛି ଦିଅଂତ—ମୁଁ ତାକୁ ନେଇ ଶ୍ରୀକୃଷ୍ଣଂକ ପାଖକୁ ଯାଆଂତି ।"

ଘରେ କ'ଣ ଥିଲା ଯେ ବ୍ରାହ୍ମଣୀ ଦେବେ । ବହୁତ ଖୋଜି, ଦଉଡ଼ି ବଡ଼ କଷ୍ଟରେ ଯାଇ, ପଡ଼ିଶା ଘରୁ ଚାରିମୁଠି ଖୁଦ ମାଗି ଆଣିଲେ । ବ୍ରାହ୍ମଣ ଯେଉଁ କନାଗୁଡ଼ିକ ଗଇଂଠେଇ ଦୋସଡ଼ା କରିଥିଲେ, ସେହି କନାରେ ଖୁଦତକ ବାଂଧି ଗୋଟିଏ ଗୋଟିଏ ଦ୍ୱାରକା ଆଡ଼କୁ ବାହାରିଲେ ।

ବ୍ରାହ୍ମଣ ଯାଇ, ଦ୍ୱାରକାରେ ପହଂଚିଲେ । ବ୍ରାହ୍ମଣଂକ ଦେହଯାକ ଛିଂଡାକନା । କେତେଦିନରୁ ପେଟପୂରା କରି ମୁଠିଏ ଖାଇବାକୁ ନ ପାଇ ଦେହ ଶୁଖି ପଂଜରାହାଡ଼ ଦିଶୁଚି, ପେଟ ଲାଗି ଯାଉଚି; କିଂତୁ ବ୍ରାହ୍ମଣ ବାଟ ଯାକ ଭାବୁଚଂତି—"କି ଭାଗ୍ୟ, ଆଜି ଭଗବାନ୍ ଶ୍ରୀକୃଷ୍ଣଂକୁ ଦେଖିବି ।"

ମନରେ ଭାରି ଆନଂଦ । ଖାଇବାକୁ ନ ପାଇ, ମୁହଁ ଶୁଖି ଯାଇଚି ସତ—କିଂତୁ ସେ ଶୁଖିଲା ମୁହଁଟି ଆନଂଦରେ ଉଜ୍ଜ୍ୱଳ ଉଠୁଚି ।

ଦ୍ୱାରକାରେ ଯେ ତାଂକୁ ଦେଖିଲା, ସେ ବାଟ ଦେଖାଇ ଦେଲା । ବ୍ରାହ୍ମଣ ଯାଇ ରାଜପୁରରେ ପହଂଚି,

ବଡ଼ ବଡ଼ କୋଠାଘର, ତାଂବା ପିତଳରେ ହାତୀଶାଳ, ଘୋଡ଼ାଶାଳ, କୋଠିମାନ ଦେଖି, ଟିକିଏ ରହୁଁ ଥାଂନ୍ତି; ପୁଣି ପ୍ରସ୍ଥରୁ ପ୍ରସ୍ଥ ଅଗଣା ଡେଇଁ ଯାଉଥାଂନ୍ତି, ସବୁବେଳେ ପଚାରୁଥାଂନ୍ତି—"ଶ୍ରୀକୃଷ୍ଣ କାହାଁନ୍ତି ? ମୁଁ ତାଂକୁ ଦେଖିବି ବୋଲି ଆସିଛି ।"

ଦୁଆରୀମାନେ ବାଟ ଛାଡ଼ିଦେଲେ । ଯାହାକୁ ପଚାରିଲେ ସେ ବାଟ ଦେଖାଇ ଦେଲା । ମହଲାକୁ ମହଲା ପାରିହୋଇ, ଶେଷକୁ ବ୍ରାହ୍ମଣ ଆସି, ସଭା ଭିତର ରାଣୀମହଲାରେ ପହଂଚି ଗଲେ ।

କୃଷ୍ଣ ସେତେବେଳକୁ ରୁକ୍ମିଣୀଂକ ଘରେ ଯାଇ ପଲଂକରେ ବସିଚଂନ୍ତି । ପଲଂକ ଉପରେ ଆଂଠୁଏ ଉଚ ଗଦି—ତା' ଉପରେ ଚକ୍ ଚକ୍ ଝକ୍ଝକ ମଖମଲ ପଡ଼ିଚି । ସେ ମଖମଲ ଧଡ଼ି ଯାକ ହୀରା, ମାଳା କାମରେ ଚକ୍ ଚକ୍ ହଉଚି । କୃଷ୍ଣ ତା ଉପରେ ମାଂଡକୁ ଟିକିଏ ଆଉଜି ବସିଚଂନ୍ତି । ରୁକ୍ମିଣୀ ଠିଆ ହୋଇ, ଚଅଁରରେ ବିଂଚୁଚଂନ୍ତି । ଦୂରରୁ ବ୍ରାହ୍ମଣଂକ ଉପରେ ଶ୍ରୀକୃଷ୍ଣଂକ ଆଖି ପଡ଼ିଗଲା ।

କି ଆଶ୍ଚର୍ଯ୍ୟ ! ଚାହିଁଲାକ୍ଷଣି କୃଷ୍ଣ ପଲଂକରୁ ଉଠି, ଚାଲି ଆସିଲେ । ବ୍ରାହ୍ମଣ ଚାଲି ଚାଲି, ତାଂକ ଆଂଠୁସାଏ ଧୂଳି ଲାଗିଚି । ଶ୍ରୀକୃଷ୍ଣ ତାଂକୁ କୁଂଢାଇ ପକାଇ, ମହା ଆଦର ସଂଭାଵନାରେ ପଲଂକ ଉପରେ ବସାଇ ଦେଲେ । ଆପେ ଯାଇ ପାଣି ନେଇ ଆସି, ବ୍ରାହ୍ମଣଂକ ଗୋଡ଼ ଧୋଇ, ଆପଣା ଲୁଗାରେ ପୋଛି ଦେଲେ, ବ୍ରାହ୍ମଣଂକ ଦେହ ପୋଛି ଦେଇ ଆପଣା ହାତରେ ତାଂକ ଦେହରେ ଚଂଦନ କର୍ପୂର ଲଗାଇ ଦେଲେ । ଆପେ ତର ତର ହୋଇ ପାନ ଭାଂଗି ଆଣିଲେ ।

ବ୍ରାହ୍ମଣ ଏବେ ସୁସ୍ଥ ହୋଇ ବସିଲେ । ରୁକ୍ମିଣୀ ନିଜେ ବ୍ରାହ୍ମଣଂକୁ ପଂଖାକଲେ । ବ୍ରାହ୍ମଣ ଅବାକ୍ । କହିବାକୁ ତାଂକୁ କଥା ଆସୁ ନାଇ । କ୍ରମେ ବ୍ରାହ୍ମଣ ସୁସ୍ଥ ହୋଇ ବସିଲାରୁ କୃଷ୍ଣ ତାଂକୁ କେତେ ଭଲ ମଂଦ କଥା ସବୁ ପଚାରିଲେ । ଯେ ଦେଖୁଥାଏ, ତାକୁ ତାକବ୍ ଲାଗୁଥାଏ । ଏ କି କଥା ! କାହୁଁ ଛିଂଡାକନା ପିଂଧି ଗୋଟିଏ ଦରିଦ୍ର ଆସି ପହଂଚିଲା ! ଶ୍ରୀକୃଷ୍ଣ ତାକୁ ବଡ଼ ଭାଇରୁ ବଳି କେତେ ସେବା କରୁଚଂନ୍ତି ।

ଶ୍ରୀକୃଷ୍ଣ ଏବେ ପଚାରିଲେ, "ଆପଣ ପାଠପଢ଼ା ସାରି, ଏବେ ବୋଧ ହୁଏ, ଗୃହସ୍ଥାଶ୍ରମରେ ଅଛଂନ୍ତି । ଆପଣଂକ ଭାର୍ଯ୍ୟା ଭଲ ଅଛଂନ୍ତି ତ ? ଆପଣ ଗୃହସ୍ଥ ହେଲେ ମଧ୍ୟ, ମତେ ଲାଗୁଚି, ସଂସାର ଜଂଜାଳରେ ଆପଣଂକ ମନ ନାଇ ।"

"ଗୁରୁକୁଳରେ ପାଠ ପଢ଼ି, ଆପଣଂକର ପ୍ରକୃତ ଜ୍ଞାନ ହୋଇଚି । ଆଚ୍ଛା ଭାଇ ! ଗୁରୁକୁଳ କଥା ଏବେ ମନେ ପଡ଼ୁଚି ନା ? କପରି ଆମେମାନେ ଗୁରୁଂକର ସେବା କରୁଁଥିଲେ ! ଆମ ଉପରେ ସେ କେଡ଼େ ଖୁସୀ ହୁଅଂନ୍ତି ! ମନେ ଅଛି ନା ଭାଇ, ସେ ଦିନ ଗୁରୁପତ୍ନୀ ଆମକୁ ଜାଳ ଆଣିବାକୁ କହିଲେ, ଆମେ ତିନହେଁ ଯାକ କାଠପାଇଁ ଜଂଗଲ ଭିତରକୁ ଗଲେଇଁ । ମେଘ ଉଠାଇ ଆସିଲା । କମିତି ବରଷା, ବତାସ, ବଜ୍ରାଳ, ଘଡ଼ଘଡ଼ ! ରାତି ହୋଇଗଲା । କଟି କଟି ଅଂଧାର, ବାଟ ଦିଶିଲା ନାଇ । ତିନହେଁ ଯାକ ହାତ ଧରାଧରି ହୋଇ ସାରାରାତି ଜଂଗଲଯାକ ବୁଲିଲେଇଁ ! ଶୀତରେ ଦାଂତପାଟି ଧରି ଯାଉଥିଲା ! ମନେ ପଡ଼ୁଚି ନା ? ତହିଁ ଆରଦିନ ସକାଳୁ ଗୁରୁ ସଂଦିପନୀ ମହାଶୟ କେଡ଼େ ବ୍ୟାକୁଳ ହୋଇ, ଆମକୁ ଖୋଜ ଡାକ ଡାକ ଆମପାଖେ ଆସି ପହଂଚିଲେ । ତାଂକ ଆଖି ଛଳ ହୋଇଗଲା ! ଆମକୁ କୁଂଢେଇ ପକେଇ କହିଲେ, "ପ୍ରାଣ ବାହାରି ଯାଉଥାଂନ୍ତି । ରାତିଯାକ କାଠ ନେବ ବୋଲି, ଏଇ ବରଷାରେ ବୁଲୁଚ ! ଯାହାହେଉ ବାପା ! ସତ୍ ଶିଷ୍ୟ ତୁମେ—ଗୁରୁସେବା କରି ଜାଣ । ଯାଅ ବାବୁ, ତୁମର

ସବୁ ବିଦ୍ୟା ହୋଇ ଗଲଣି । ମୁଁ ସଂତୋଷ ହୋଇଛି । ତୁମମାନଂକ ମନବାଂଛା ପୂର୍ଣ୍ଣ ହେଉ । ଏସବୁ ମନେ ପଡୁଛି ନା ଭାଇ ?”

ଏହିପରି ଶ୍ରୀକୃଷ୍ଣ କେତେ ପୁରୁଣା କଥା ସବୁ କହିଗଲେ । ବ୍ରାହ୍ମଣ ଖାଲି ଶୁଣୁଁ ଥାଂନ୍ତି । କେତେବେଳେ ତାଂକ ପ୍ରେମ ଅଂକୁର ଉଠୁଥାଏ । କେତେବେଳେ ଗଦ୍‌ଗଦ ହୋଇ, ଆଖି ଛଳଛଳ ହୋଇ ଯାଉ ଥାଏ । ଶେଷକୁ ବ୍ରାହ୍ମଣ ଗଦଗଦ ହୋଇ କହିଲେ, “ଶ୍ରୀକୃଷ୍ଣ, ଆପଣ ନିଜେ ଭଗବାନ୍, ଆପଣଂକ ସଂଗେ ଯେ ଦିନେ ହେଲେ ରହିଚି, ତା'ର ଗୁରୁସେବା ଦରକାର କଣ ? ସତେ ମୁଁ ଆପଣଂକୁ ଆଜ ଦେଖିଲି ।”

ଏହିପରି କଥାବାର୍ତ୍ତା ହେଉହେଉ ଶ୍ରୀକୃଷ୍ଣ ବ୍ରାହ୍ମଣଂକର ଖୁଦ ପୁଟୁଳିଟି ଉଂଡିଲେ । ହସି ହସି କଉତୁକରେ କହିଲା ପରି କହିଲେ, “ଭାଇ, କେତେକାଳକେ ଆସିଚ, ମୋ ପାଇଁ କଣ ଆଣିଛ—ଦିଅ । ତୁମ ପାଖରୁ କଣିକାଏ ତୁଳସୀ ପାଇଲେ ତ ମୋହର ସେ ବହୁତ ।”

ବ୍ରାହ୍ମଣଂକୁ ଭାରି ଲାଜ ମାଡ଼ିଲାଣି । ଭଗବାନ ଶ୍ରୀକୃଷ୍ଣଂକୁ ଛିଂଡାକନାରୁ ଖୁଦ ଫିଟାଇ କମିତି ଦେବେ ! ବ୍ରାହ୍ମଣ ଲାଜରେ ମୁଂଡ ପୋତି ଦେଇଚଂନ୍ତି । ଶ୍ରୀକୃଷ୍ଣ ବୁଝିଲେ, ଏ ବ୍ରାହ୍ମଣ ମତେ କିଛି ମାଗିବାକୁ ଆସିଛଂନ୍ତି, ଏହା ଭାବୁର ସାଂଗେ ସାଂଗେ ବ୍ରାହ୍ମଣଂକ ପୁଟୁଳିଟି ଧରି କହିଲେ, ଏଇ ତ ଆଣିଚ—ଦଉନ କାହିଁକି ?”

ଏହା କହି କହି ପୁଟୁଳାଟି ଫିଟାଇ ଆନଂଦରେ ସେଥିରୁ ମୁଠିଏ ଖୁଦ ଖାଇଲେ । ବ୍ରାହ୍ମଣ ଅବାକ୍ ହୋଇ ଚାହିଁଚଂନ୍ତି । ଶ୍ରୀକୃଷ୍ଣ ଖାଇବେ ବୋଲି ଆଉ ମୁଠିଏ ଧରିଲା ବେଳକୁ ନିଜେ ଲକ୍ଷ୍ମୀ ରୁକ୍ମଣୀ ଆସି, ତାଂକ ହାତ ଧରି ପକାଇ, କହିଲେ, “ଭଗବାନ୍, ଆପଣ ଯାହା ଖାଇଚଂନ୍ତି ସେଥିରେ ଏ ବ୍ରାହ୍ମଣଂକର ଇହ ପରଲୋକରେ ସବୁ ମଂଗଳ । ସବୁ ସଂପତ୍ତି ହୋଇ ଯାଇଛି । ଆଉ ମୁଠିଏ ଖାଇଲେ ଆମେମାନେ ତାଂକର ଦାସୀହୋଇ ରହିବୁ ସିନା ! ତାଂକର ଆଉ ଦରକାର ନାଇ ।”

ଏସବୁ କଥା ବ୍ରାହ୍ମଣ କିଛି ଶୁଣିଲେ ନାହିଁ, ଶ୍ରୀକୃଷ୍ଣଂକୁ ଦେଖି, ତାଂକର ମନ ଉନ୍ମତ୍ତ । ଆନଂଦରେ ତାଂକର ଜ୍ଞାନ ନାଇ ।

ବ୍ରାହ୍ମଣ ଏହିପରି ମହା ସମାଦରରେ ରାତିକ ରହିଲେ । ଧନ ସେ କାହିଁକି ମାଗିବେ ? ତାଂକର ସେ କଥା ମନେ ନାଇ । ସକାଳୁ ବିଦା ହେଇ ଦ୍ୱାରକାରୁ ବାହାରି, ଘରଆଡ଼କୁ ଚାଲିଲେ ।

ବାଟରେ ଭାର୍ଯ୍ୟା କହି ଥିବା କଥା ମନେ ପଡ଼ିଲା । ଟିକଏ ଲାଜ ମାଡ଼ିଲା; କିଂତୁ ପୁଣି କୃଷ୍ଣଂକ କଥା ଭାବି, ସେ ଲାଜ ଚାଲିଗଲା । ବ୍ରାହ୍ମଣ ଭାବୁଥିଲେ, “ଆହା ଧନ କ'ଣ ମାଗଂନ୍ତି ? କାହିଁ ମୁଁ ଗରିବ-କାହିଁ ଭଗବାନ୍ ଶ୍ରୀକୃଷ୍ଣ ! ସେ ଆସି ମୋ ଗୋଡ ଧୋଇଦେଲେ ? ମୋର କି ଭାଗ୍ୟ ! ମତେ କୁଂଢେଇ ନେଇ, ଭାଇପରି ପଲଂକରେ ବସାଇଲେ ! ରୁକ୍ମଣୀ ମତେ ଚଅଁର ପକେଇଲେ । ମୁଁ ତାଂକୁ ଧନ ମାଗଂନ୍ତି କ'ଣ ? ସେ କ'ଣ ଭାବୁଥିଲେ ମତେ ଦେଇ ନଥାଂନ୍ତେ । ଧନ ପାଇଲେ ପଛକୁ ମନମୋଟ ହୋଇ, ମୁଁ ଭଗବାନଂକୁ ଭୁଲି ଯାଂନ୍ତି ସିନା ।”

ସେହିପରି ଭାବୁଁ ଭାବୁଁ ବ୍ରାହ୍ମଣ ଆସି ଘରପାଖେ ପହଂଚିଲେ; କିଂତୁ ଘର କାହିଁ ? ଅଗରେ ଦେଖିଲେ, ରାଜପୁର ପରି ଗୋଟାଏ ଅଟ୍ଟାଳିକା ଛିଡା ହୋଇଛି । ଉପରକୁ ଆଖି ପାଉ ନାଇ, ଦୁଆରରେ ମର୍ମର ପଥର ।

କାଂଥରେ ମଣି ମାଣିକ୍ୟ ଝଟକୁଛି । ଅଟ୍ଟାଳିକା ଘରପାଖେ ହାତୀ ବୁଲୁଛି ।

ତା'ଭିତରେ ବଗିଚ୍ଚ । ବଗିଚ୍ଚ ଭିତରେ ପୋଖରୀ । କେତେଫୁଲ ଫୁଟିଛି । କେତେ ଚଢ଼େଇ ବୋବାଉଛଂନ୍ତି ! କେତେ ହଂସ ପହଁରୁଛଂନ୍ତି ! ଦାସ, ଦାସୀ କେତେ ସେ ଘରେ ଯିବା ଆସିବା କରୁଛଂନ୍ତି । ସମସ୍ତଂକର ସୁଂଦର ଲୁଗା, ସୁଂଦର ଅଳଂକାର ।

ବ୍ରାହ୍ମଣଙ୍କୁ ଆଉ ବୁଦ୍ଧି ଦିଶିଲା ନାଇ; ସେ ଥଂଗେଇ ଥଂଗେଇ ଠିଆ ହେଉଥାଂନ୍ତି । ଯିବେ କୁଆଡେ ?

ଘରଭିତରୁ ଦାସଦାସୀମାନେ ଆସି ପ୍ରଣାମ କଲେ । ଆଦରରେ ବ୍ରାହ୍ମଣଂକୁ ଘରଭିତରକୁ ଡାକିଲେ । ବ୍ରାହ୍ମଣ ଯାଇ, ଘରଭିତରେ ପଶିଗଲାରୁ, କିଏ ଗୋଡ଼ ଧୋଇଦେଲା—କିଏ ବିଂଚିଦେଲା । ବ୍ରାହ୍ମଣୀ ତର ତର ହୋଇ ଆସି ପହଂଚିଗଲେ । ବ୍ରାହ୍ମଣୀ ଏବେ ସୁଂଦର ଲୁଗା, ଦିବ୍ୟଅଳଂକାର ପିଂଧିଛଂନ୍ତି ।

ବ୍ରାହ୍ମଣଂକୁ ଚିହ୍ନିଦେଇ, ତାଂକ ଆଖି ଛଳ ଛଳ ହୋଇଗଲା । ବ୍ରାହ୍ମଣଂକୁ ସବୁ ତାଜବ୍ ଲାଗୁଥାଏ । ଏବେ ବ୍ରାହ୍ମଣ ଘରର ଭିତରମହଲାକୁ ଗଲେ । ସେଠାରେ ଦେଖିଲେ, ହାତୀଦାଂତ ପଲଂକ, ଚଅଁର, ଆଲଟ ସବୁ ସରଂଜାମ ରହିଛି । ସୁନାରେ କାମ ହୋଇ ଆସନ— ତା'ଉପରେ ମଣିମୁକ୍ତାର ଝାଲର, ତଳଯାକ ମାର୍ବଲ ପଥର । ବ୍ରାହ୍ମଣ କିଛି ବୁଝି ନପାରି, ବହୁତ ଭାବିଭାବି ଠିକ୍ କଲେ, 'ମୋର ତ ଆଉ କିଛି ପୁଣ୍ୟ ନାଇ । ଦରିଦ୍ର ବ୍ରାହ୍ମଣ ମୁଁ । କେବଳ ଭଗବାନ ଶ୍ରୀକୃଷ୍ଣଂକୁ ଦେଖିଛି ! ସେତିକରେ ଏ ଫଳ ! ଶ୍ରୀକୃଷ୍ଣ ମତେ ଏତେ କଥା ଦେଲେ । ଆସିଲାବେଳେ ପଦେ ହେଲେ କହିଲେ ନାଇ । ହଁ, ସେ କାହିଁକି କହଂନ୍ତେ ! ସେ ତ ନିଜେ ଭଗବାନ୍; ତାଂକୁ ଏ କେତେ ମାହ ! ଅତି ସାମାନ୍ୟ ଦାନ ବୋଲି ଭାବିଣ ମତେ ବୋଧହୁଏ କହିଲେ ନାଇ ।' ଏହିପରି ଭାଳି ଭାଳି, ଶେଷକୁ ବ୍ରାହ୍ମଣ ଠିକ୍ କଲେ, 'ମୋର ଧନରେ କି ଦରକାର ! ଭଗବାନ୍ ଟିକିଏ ଭାବିବାରୁ ତ ଏ ସବୁ ମତେ ମିଳିଗଲା ! ସେହି ଭଗବାନଂକ ପାଖେ ଏ ଧନ କ'ଣ ? ମହାପ୍ରଭୁ, ମୋର ସବୁବେଳେ ତୁମଗୋଡ଼ଠାରେ ମନ ରହୁ । ଧନ ଭୋଗରେ ମତେ ଭୁଲାଇ ଦିଅ ନାଇ ।' ଏହା ଠିକକରି ବ୍ରାହ୍ମଣ ସବୁବେଳେ ଭଗବାନଂକୁ ଭାବୁଥିଲେ । ଧନ ଭୋଗକଲେ ମଧ୍ୟ, ସେଥିରେ ସେ ଭୁଲି ନଥିଲେ ।

ସୁଦାମା ଶ୍ରୀକୃଷ୍ଣଂକୁ ଭାଳି ଭାଳି ଶ୍ରୀକୃଷ୍ଣଂକ ପାଖକୁ ଆସିଥିଲେ । ମିଥିଳାର ରାଜା ବହୁଲାଶ୍ୱ ଓ ସେହି ମିଥିଳାର ଜଣେ ବ୍ରାହ୍ମଣ ଶ୍ରୁତଦେବ ସବୁବେଳେ ଶ୍ରୀକୃଷ୍ଣଂକୁ ଧ୍ୟାନ କରୁଥାଂନ୍ତି । ଭକ୍ତପାଖକୁ ଭଗବାନ ଯାଆଂନ୍ତି । ଶ୍ରୀକୃଷ୍ଣ ସେମାନଂକର ଭକ୍ତି ଜାଣି ଆଉ ରହିପାରି ନଥିଲେ । ସେ ନିଜେ କେତେ ମୁନି ଋଷିଂକ ସଂଗେ ନେଇ, ରଥରେ ବସି, ସେ ଦିହିଂକି ଦେଖିବେ ବୋଲି ଦ୍ୱାରକାରୁ ମିଥିଳା ଯାଏ ଯାଇ, ତାଂକୁ ଦେଖା ଦେଇଥିଲେ । ସେମାନେ ଶ୍ରୀକୃଷ୍ଣଂକୁ ଦେଖି, କୃତାର୍ଥ ହୋଇଗଲେ, ତାଂକ ଜନ୍ମ ସଫଳ ହେଲା ।

ଦୁଷ୍ଟ ନିବାରି ସଂଥ ପାଳିବା ପାଇଁ, ନିଜେ ଭଗବାନ ବିଷ୍ଣୁ ଶ୍ରୀକୃଷ୍ଣ ରୂପରେ ଜନ୍ମ ହୋଇଥିଲେ । ସେ ଏହିପରି ଦୁଷ୍ଟଂକୁ ମାରି ସଂଥମାନଂକୁ ତାରି, ସଂସାରକୁ ଠିକକଲେ । ଏବେ ମଂଚରେ ତାଂକର ଦେହଧରି ରହିବା ଆଉ ଦରକାର ନାଇ । ସେଥିପାଇଁ ସେ କିପରି ଦେହ ତ୍ୟାଗକରି ସଂସାର ଛାଡ଼ି ଯାଇଥିଲେ, ତାହା କୁହାଯାଉଅଛି ।

———

## ଯଦୁବଂଶରେ ବ୍ରହ୍ମଶାପ

ଯଦୁବଂଶ ଏବେ ବହୁତ ବ୍ୟାପିଗଲା । ଲକ୍ଷ ଲକ୍ଷ ଯାଦବ ସେଥିରେ ଜନ୍ମ ହୋଇ, ବସୁଦେବ ପ୍ରଭୃତିଙ୍କର ପୁଅ, ନାତି, ଅଣନାତି, ପଣନାତି ପର୍ଯ୍ୟନ୍ତ କେତେ ହେଲେ, ତା'କିଏ କହିବ ? ଶ୍ରୀକୃଷ୍ଣ ଦୁଷ୍ଟ ମାନଙ୍କୁ ମାରି ପୃଥିବୀକି ଶାଂତକଲେ; କିଂତୁ ଆପଣାର ଯଦୁବଂଶ କଥା ଭାଳି, ଏବେ ତାଙ୍କୁ ଟିକିଏ ଚିଂତା ପଡ଼ିଲା । ସେ ଦେଖିଲେ ଯଦୁବଂଶ ଲୋକେ ଆଉ କାହାକୁ ମାନୁନାହାଂନ୍ତି, ପରେ ଏମାନେ ପୃଥିବୀରେ ଫେରି ଅତ୍ୟାଚାର ଯେ ନ କରିବେ ତା କିଏ କହିବ ?

ଏହିପରି ସମୟରେ ଗୋଟିଏ ବଡ଼ ଆଶ୍ଚର୍ଯ୍ୟ କଥା ଘଟିଲା । ନାରଦ, ବିଶ୍ୱାମିତ୍ର ପ୍ରଭୃତି ଋଷିମାନେ ଥରେ କୃଷ୍ଣଙ୍କ ପାଖକୁ ଆସିଥିଲେ । ସେମାନେ ଫେରିଗଲା ବେଳେ, ବାଟରେ ତାଙ୍କୁ କୃଷ୍ଣଙ୍କ ପୁଅ, ନାତିମାନେ ଦେଖିଲେ ।

ସେମାନେ ହୁଂଡାପଣିଆ କରି ଖେଳୁଥିଲେ । ହଠାତ୍ କୃଷ୍ଣଙ୍କ ପୁଅ ଶାଂବକୁ ଗୋଟିଏ ମାଇକିନିଆ ଲୁଗା ପିଂଧାଇ ଦେଇ, କନା ବୁଜୁଲାଟିଏ ଭିତିକରି, ତା' ପେଟଟି ବଡ଼ କରିଦେଇ, ଋଷିମାନଙ୍କ ପାଖକୁ ଘେନିଆସି କହିଲେ, "ହେ ହେ ଋଷିମାନେ, ଆପଣଙ୍କୁ ତ ସବୁ କଥା ଜଣା । ଏ ମାଇପିଟିର ଗର୍ଭହୋଇଛି, ଦଶମାସ ଆସି ହୋଇ ଗଲାଣି, ତାକୁ ଲାଜମାଡ଼ୁଛି, ସେ ଆପେ ପଚାରୁ ନାଇ,ଆପଣମାନେ ଟିକିଏ କହନ୍ତୁ, ଯାର ପୁଅ ହବ କି ଝିଅ ହବ ।"

ଋଷିମାନଙ୍କୁ ତ ତିନିକାଳର କଥା ଜଣା । ସେମାନେ ବୁଝିପାରି, ମନେ ମନେ ଟିକିଏ ରାଗ ହୋଇ ଗଲେ । ତା'ଉପରୁ କହିଲେ, "ବୁଝିଲୁ ଯାଦବ ଟୋକାଯାକ ! ଏ ମାଇକିନିଆ ପେଟରୁ ମୁଷଳ ଜନ୍ମହେବ । ସେଇ ମୁଷଳ ତୁମ କୁଳକୁ ଖାଇବ ।"

ଋଷିମାନେ ଏହିପରି ଶାପ ଦେଲେ । ଯାଦବ ଟୋକାଯାକ ଟିକିଏ ଡରିଗଲେ । ଡରି ଆଉ କଣ ହବ ? ଶାଂବ ପେଟ ଫିଟାଇଲା ବେଳକୁ ତା, ଭିତରେ ସତକୁ ସତ ଏକ ଲଂବ ଲୁହା ମୁଷଳ ।

ଏବେ ଟୋକାଯାକଂକର ଜ୍ଞାନ ପଶିଗଲା । ସେମାନେ ଭାରି ବ୍ୟାକୁଳ ହେଲେ । ମୁଷଳଟିକି ନେଇ, ଦ୍ୱାରକାର ରାଜସଭା ଭିତରେ ଥୋଇ ଦେଇ ମୁହଁ ଶୁଖାଇ, ସବୁ କଥା କହିଲେ ।

ସମସ୍ତେ ଏକଥା ଶୁଣି ବ୍ୟାକୁଳ ହେଲେ । ଆଉ ଉପାୟ ବା କ'ଣ ଅଛି ! ଶେଷକୁ ଆହୁକ ବୋଲି ଯଦୁବଂଶର ଜଣେ ଗୋଟାଏ ବୁଦ୍ଧି ପାଂଚ ସେ ମୁଷଳଟାକୁ ନେଇ, ସମୁଦ୍ରକୂଳରେ ପଥରରେ ଘଷି ଘଷି ପାଣିରେ ମିଶାଇ ଦେଲେ । ଶେଷକୁ ଯେଉଁ ଲୁହାଟିକି ବଳିଲା—ସେ ଆଉ ଟିପରେ ଲାଗିଲା ନାଇ । ତାକୁ ସେ ସମୁଦ୍ର ଭିତରେ ଫିଂଗିଦେଲେ ।

ଲୁହାଖଂଡ ଫିଂଗିଦେଲା ମାତ୍ରକେ ଗୋଟାଏ ମାଛ ତାକୁ ଟାକୁକିନା ଗିଳିଦେଲା । ଦୁର୍ଭାଗ୍ୟକୁ କେଉଟମାନେ ମାଛ ଧରିଲା ବେଳକୁ ସେଇ ମାଛଟି ଧରାପଡ଼ିଲା । ଗୋଟିଏ କେଉଟ ମାଛ ପେଟରୁ ସେ ଲୁହାଟି ପାଇ, ସେଥିରେ ନେଇ ଗୋଟିଏ ବିନ୍ଧିଟି ଶରର ମୁନ ତିଆରିକରି, କେତେବେଳେ ବଣରେ ଜଂତୁ, ପଂଛୁ ମାରିବ ବୋଲି, ସେ ଶରକୁ ରଖିଦେଲା ।

ଶ୍ରୀକୃଷ୍ଣଙ୍କୁ ତ ସବୁ ଜଣା । ସେ ବିଚାରିଲେ, ଏ ବ୍ରହ୍ମଶାପ ଖଂଡନ କରାଇ ପାରିଥାଂତେ; କିଂତୁ ସେ କିଛି କହିଲେ ନାଇ ।

---

## ଶ୍ରୀକୃଷ୍ଣ ଲୀଳାର ମୂଳ ଓ ଶେଷ

କଥା ଅଛି, ନିଜେ ବିଷ୍ଣୁ ଦୁଷ୍ଟଙ୍କୁ ମାରି, ପୃଥିବୀର ଭାର ଉଶ୍ୱାସିବା ପାଇଁ; ମର୍ତ୍ତ୍ୟରେ ଜନ୍ମିଥିଲେ । ସେ କାହିଁକି, କିପରି ମର୍ତ୍ତ୍ୟକୁ ଆସିଲେ ତାହା ଜାଣିରଖିବା ଦରକାର । କଂସ, ଜରାସନ୍ଧ ପ୍ରଭୃତି ଦୁଷ୍ଟ ମାନଙ୍କ ଦାଉରେ ପୃଥିବୀ ବଡ଼ ବ୍ୟାକୁଳ ହୋଇ, ଗୋଟିଏ ଗାଈରୂପ ଧରି ବ୍ରହ୍ମାଙ୍କ ଆଗେ ଯାଇ, ଗୁହାରି କଲା । ବ୍ରହ୍ମା ପୃଥିବୀର ଦୁଃଖରେ ବଡ଼ ବ୍ୟସ୍ତ ହୋଇ, ଦେବତାମାନଙ୍କୁ ଧରି କ୍ଷୀରସାଗର କୂଳରେ ଯାଇ ବିଷ୍ଣୁଙ୍କୁ ସ୍ତୁତିକଲେ ।

ବିଷ୍ଣୁ କ୍ଷୀରସାଗର ମଧ୍ୟରେ ଅନନ୍ତ ବା ଶେଷ ଦେବଙ୍କ ଉପରେ ଶୋଇଥିଲେ । ବ୍ରହ୍ମା ସ୍ତୁତି କରିସାରି ଧ୍ୟାନରେ ଜାଣିଲେ ବିଷ୍ଣୁ ପୃଥିବୀର ଭାର ଉଶ୍ୱାସିବା ପାଇଁ ଆପେ ପୃଥିବୀକି ଆସିବାର ଠିକ କଲେ । ଆଉ ଆଉ ଦେବତାମାନେ ଆଗରୁ ଯାଇ, ଯଦୁବଂଶରେ ଜନ୍ମ ହୁଅନ୍ତୁ—ଏହାହିଁ ତାଙ୍କର ଇଚ୍ଛା ହେଲା ।

ବ୍ରହ୍ମା ଏହା ଦେବତା ମାନଙ୍କୁ କହିଲେ ଏବଂ ପୃଥିବୀକି ବୋଧ ଶୋଧ ଦେଇ ଛାଡ଼ିଦେଲେ ।

ତା ଉତ୍ତାରୁ ଦେବତାମାନେ ଆଗରୁ ଆସି ଯଦୁ-ବଂଶରେ ଜନ୍ମ ହେଲେ ଏବଂ ନିଜେ ଶେଷଦେବ ବଳରାମ ଓ ବିଷ୍ଣୁ ଶ୍ରୀକୃଷ୍ଣ ହୋଇ ସେହି ଯଦୁକୁଳରେ ପହଞ୍ଚିଲେ ।

ଏବେ କଂସ, ଜରାସନ୍ଧ ଏବଂ ତାଙ୍କଭଳି ଆଉ ଯେତେ ଯେତେ ଦୁଷ୍ଟ ଥିଲେ, କୃଷ୍ଣ ସମସ୍ତଙ୍କୁ ମାରି ପୃଥିବୀକୁ ଶାନ୍ତ କଲେ । ତାଙ୍କ କାମ ଆସି ସରିଲା । ତାଙ୍କର ଏବେ ମର୍ତ୍ତ୍ୟ ଛାଡ଼ିଯିବାର କଥା । ସେଥିପାଇଁ ଆଉ ଆଉ ଦେବତାମାନଙ୍କୁ ଧରି, ଦିନେ ବ୍ରହ୍ମା ଆସି କୃଷ୍ଣଙ୍କପାଖେ ପହଞ୍ଚିଲେ । କୃଷ୍ଣଙ୍କୁ ବହୁତ ସ୍ତୁତି କରି ସାରି କହିଲେ, "ଆପଣଙ୍କର ମର୍ତ୍ତ୍ୟଲୀଳା ଏବେ ସରିଲାଣି, ଆଉ ଏଠାରେ କିଛି କାମ ଥିଲାପରି ଜଣାଯାଉ ନାହିଁ । ଏବେ ବୈକୁଣ୍ଠ ଖାଲି ପଡ଼ିଛି—ଆପଣ ମର୍ତ୍ତ୍ୟ ଛାଡ଼ି ଚାଲନ୍ତୁ ।"

ଶ୍ରୀକୃଷ୍ଣ ଏକଥା ଶୁଣି କହିଲେ, "ମୁଁ ଏକଥା ଆଗରୁ ଜାଣି ମର୍ତ୍ତ୍ୟ ଛାଡ଼ିଯିବି ବୋଲି ଠିକ୍ କରିଛି । ମର୍ତ୍ତ୍ୟର ଭାର ମୁଁ ଉଶ୍ୱାସ କରିଛି; ମାତ୍ର ଆପଣ ଏ ଯଦୁବଂଶକୁ ଦେଖୁଛନ୍ତି । ରକ୍ତବୀଜ ବଂଶ ପରି ଏ ବଂଶ ବ୍ୟାପିଯାଉଛି । ଏ ବଂଶର ଲୋକେ ମୁଁ ଗଲାପରେ ଆଉ କାହାକୁ ମାନିବେ ନାହିଁ । ଏମାନେ ପୁଣି ପୃଥିବୀର ଭାର ବଢ଼ାଇବେ । ଏମାନଙ୍କୁ ଏଇପରି ଛାଡ଼ି ଦେଇ ମୁଁ ଯିବି କିପରି ?—ତେବେ ମତେ ବେଶି କିଛି କରିବାକୁ ନାହିଁ । ଏ ବଂଶରେ ଆଗରୁ ବ୍ରହ୍ମଶାପ ପଡ଼ିଛି । ସେଇଥିରେ ହିଁ ସବୁ ଠିକ୍ ହୋଇଯିବ ।"

ବ୍ରହ୍ମା ଓ ଆଉ ଆଉ ଦେବତାମାନେ ଏକଥା ଶୁଣି ସନ୍ତୋଷ ହୋଇ ସ୍ୱର୍ଗକୁ ଗଲେ ।

## ଯଦୁ ବଂଶ ନାଶ

ଏବେ ଦ୍ୱାରକାରେ ବହୁତ ଅମଙ୍ଗଳ ଚିହ୍ନ ଦେଖାଗଲା । ଆକାଶରେ ମେଘ ନ ଥାଇ ବଜ୍ର ଶୁଭିଲା । ଦିନରେ ସବୁ ତାରା ଖସି ପଡ଼ିଲା ପରି ଦିଶିଲା । ଲୋକଙ୍କର ଭାରି ଭୟ ହେଲା । ସମସ୍ତେ ବିଚାରିଲେ ଗୋଟାଏ କିଛି ବଡ଼ ବିପତ୍ତି ପଡ଼ିବ ।

ଶ୍ରୀକୃଷ୍ଣ ସବୁ ଯାଦବଙ୍କୁ ଡାକି କହିଲେ, "ବଡ଼ ଅମଙ୍ଗଳ ସବୁ ଦେଖା ଯାଉଛି । ଚାଲ ସମସ୍ତେ ଯାଇ ପ୍ରଭାସ ତୀର୍ଥରେ ସ୍ନାନ ଦାନ ସବୁ କରିବା ।"

ସମସ୍ତେ ବାହାରିଲେ । କେତେ ରଥ, ହାତୀ ଘୋଡ଼ା, ପାଇକ ବାହାରିଲେ । ଖାଲି ବସୁଦେବ ପ୍ରଭୃତି ବୁଢ଼ାମାନେ ଘରେ ରହିଲେ । ଆଉ ସବୁ ଯାଦବଯାକ ଆପଣା ଆପଣା ରଥରେ ବସି ସୈନ୍ୟ ସାମଂତ, ଭାରି ହେନ ପ୍ରଭାସକୁ ଗ୍ଲଲେ ।

ଦ୍ୱାରକାରୁ ଖଂଡେ ସମୁଦ୍ର ପାରହୋଇ ପ୍ରଭାସ ଯିବାକୁ ହୁଏ । ହଜାର ହଜାର ନାଆ ସଜ ହୋଇଥିଲା । ସମସ୍ତେ ବସି ପ୍ରଭାସ ତୀର୍ଥକୁ ଯିବାକୁ ସମୁଦ୍ର ପାରହେଲେ ।

ପ୍ରଭାସରେ ଯାଇ ପହଂଚି ସ୍ନାନକରି ଯାଦବମାନେ ବହୁତ ଦାନ, ଧ୍ୟାନ, ବ୍ରାହ୍ମଣଭୋଜନ ଓ ଉତ୍ସବ କଲେ । ମନ ଟିକିଏ ଶାଂତ ହେଲାରୁ, ମୈରବ ବୋଲି ଗୋଟିଏ ମଦ ଥିଲା, ସମସ୍ତେ ମଉଜରେ ତାକୁ ପିଇଲେ ।

ଏବେ ଯାଦବମାନେ ମଦ ନିଶାରେ ଅଠିକଣା ହୋଇ ପଡ଼ିଲେ । ମଦୁଆଂକର କୁ ଠିକ୍ ଥାଏ । ଟିକିଏ ଟିକିଏ କଥାରେ ଆପଣା ଆପଣି ଭିତରେ କଳି ଲଗାଇ, କଳି କରୁ କରୁ ତେଜିଗଲେ । ରାଗରେ ଧନୁଶର, ଖଂଡା ଘେନି ହଣାହଣି ମରାମରିରେ ଲାଗିଗଲେ । ଧନୁ ଶର, ଖଂଡାରେ କିଛି ହେଲା ନାହିଁ । ଯାଦବମାନେ ଅକାଟ । ତାଂକ ଦେହରେ କି ଖଂଡା ଭୁକୁଚି ?

ଶେଷକୁ ସମସ୍ତେ କାହିଁରେ ମରାମରି ହେବେ ବୋଲି ଜିନିସ ଖୋଜି ବସିଲେ । ସେହି ସମୁଦ୍ରକୂଳେ ସେହି ଲୁହାମୁଷଳ ଚାଣି ଲାଗି 'ଏରକା' ବୋଲି ଗୁଡ଼ାଏ ଘାସ ଉଠିଥିଲା । ଶେଷକୁ ସେହି ଘାସରୁ ପୁଳାଏ ପୁଳାଏ ଧରି ଫିଂଗାଫିଂଗି ହେଲେ । ବ୍ରହ୍ମଶାପର କି ମହିମା ! ସେ ଘାସ ଯାହା ଉପରେ ପଡ଼ିଲା ସେ ମରି ଶୋଇଲା ।

ଶ୍ରୀକୃଷ୍ଣ ବଳରାମ ଆସି ତାଂକୁ ନିବର୍ତ୍ତାଇ ବସିଲେ । ମଦୁଆଂକୁ ନିବର୍ତ୍ତାଇବ କିଏ ? ପଛକୁ ସମସ୍ତେ କୃଷ୍ଣ ବଳରାମଂକୁ ମାରିବାକୁ ବାହାରିଲେ । ଶ୍ରୀକୃଷ୍ଣ ସେଠାରୁ ନିଜେ ରାଗହୋଇ ପୁଳାଏ ପୁଳାଏ ଘାସ ଫିଂଗି କେତେ ଲୋକଂକୁ ମାଇଲେ । ଗ୍ଲହୁଁ ଗ୍ଲହୁଁ ଯଦୁବଂଶ ଏବେ ଏକାଦିନକେ ନିପାତ୍ !

ବଳରାମ ଏହା ଦେଖି ସମୁଦ୍ର କୂଳେ ଯାଇ ଗୋଟିଏ ନିକାଂଚନ ଜାଗାରେ ବସି ଦେହ ଛାଡ଼ିଲେ ।

କୃଷ୍ଣ ବଳରାମଂକୁ ଖୋଜି ଖୋଜି ଯାଇ ଦେଖିଲେ, ବଳରାମ ଆଉ ନାହାଂତି । ସେଠାରୁ ଆସି ଗୋଟିଏ ଜଂଗଲ ଭିତରେ ଗୋଟିଏ ଅଶ୍ୱତ୍ଥ ଗଛମୂଳେ ଶୋଇଲେ ।

ଜରା ବୋଲି ଗୋଟିଏ ଶବର ସେହି ବଣରେ ମିରିଗ ମାରିବ ବୋଲି ଖୋଜି ବୁଲୁଥିଲା । କୃଷ୍ଣଂକ ପାଦତଳ ସବୁବେଳେ ଅଳତା ପରି ଦିଶୁଥାଏ । ଜରା ତାକୁ ଦୂରରୁ ଦେଖି ଗୋଟାଏ ମୃଗର କାନ ବୋଲି ବସ୍ଥିରି ଏକ ଶର ମାଇଲା ।

ସମୁଦ୍ରରେ ମୂଷଳଟି ଘଷିଲାବେଳେ ଯେଉଁ ଲୁହା ଟିକକ ମାଛ ଗିଳି ଦେଇଥିଲା, ସେହି ଲୁହାରେ ଏ ଶରଟି ହୋଇଥିଲା । କୃଷ୍ଣଂକ ପାଇଁ ସେହି ଶରଟି ଏବେ ଶହେ ବଜ୍ରରୁ ବଳିଲା ।

ଜରା ଦଉଡ଼ି ଆସି ଦେଖିଦିଏ ତ ଭଗବାନ୍ ଶ୍ରୀକୃଷ୍ଣଂକ ପାଦରେ ଶର ଫୁଟିଯାଇଛି । "ଓଃ କି ଅକାର୍ଯ୍ୟ କଲି" ବୋଲି କାଂଦି କାଂଦି ଜରା ପଡ଼ିଲା; କହିଲା, "ମହାପ୍ରଭୁ ! ମତେ ରକ୍ଷାକର, ମୁଁ କିଛି ଜାଣିନାହିଁ; ମିରିଗ ବୋଲି ମାରିଦେଲି । ମୁଁ ଅଜ୍ଞାନ ପାପୀ ଶବର; ମତେ କ୍ଷମାଦିଅ; ମତେ ଉଦ୍ଧାର କର ।"

ଶ୍ରୀକୃଷ୍ଣ କହିଲେ, "ଶବର, ତୁମର କିଛି ଦୋଷ ନାଇ । ଏ ସଂସାରରେ କେହି କାହାକୁ ମାରୁନାଇ । ସମସ୍ତଙ୍କୁ ଈଶ୍ୱର ମାରୁଛନ୍ତି – ଈଶ୍ୱର ଯାହାକୁ ଯାହା କରାଉଛନ୍ତି—ସେ ତାହା କରୁଛି । ଯାହାକୁ ମରାଉଛନ୍ତି ସେ ମାରୁଛି । ତୁମର କିଛି ଦୋଷ ନାଇ । ତୁମେ କିଛି ଅକର୍ମ କରିନାହଁ । ବ୍ୟସ୍ତ ହଉଛ କାହିଁକି—ଶାନ୍ତ ହୁଅ ।"

ଏତିକି ବେଳକୁ ଶ୍ରୀକୃଷ୍ଣଙ୍କ ସାରଥି ଦାରୁକ ଖୋଜି ଖୋଜି ଯାଇ, ସେଠାରେ ପହଞ୍ଚିଥିଲେ । କୃଷ୍ଣଙ୍କ ଅବସ୍ଥା ଦେଖି, ତା'ର ଆଗ ଜ୍ଞାନମୋଷ ହୋଇଗଲା । ତା'ଉତ୍ତାରୁ ଉଠି, କାନ୍ଦି କହିଲା, "ଶ୍ରୀକୃଷ୍ଣ, ଏ କି କଥା ? ଦ୍ୱାରକାର ଲୋକେ କ'ଣ କରିବେ ? ବସୁଦେବ ଦେବକୀ କ'ଣ କରିବେ ? ମୁଁ କୁଆଡ଼େ ଯିବି ? ତୁମେ ଶେଷକୁ ଏଇଆ କରୁଥିଲ ! ଯଦୁବଂଶ ଗଲା ! ଶେଷକୁ ତୁମେ ବି ! ହେ ବିଧାତା ! ଏଇଆ ଦେଖିବାକୁ ମୁଁ ବଞ୍ଚିଥିଲି !"

ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, "ଦାରୁକ, ବ୍ୟସ୍ତ ହୁଅ ନାଇ । ଜାଣିବା ଶୁଣିବା ଲୋକ ହୋଇ, ତୁମେ ଏପରି କାନ୍ଦୁଛ କାହିଁକି ? ଏ ମଞ୍ଚରେ କ'ଣ କେହି ସବୁଦିନ ରହେ—ନା, ତମେ ରହିବ ? ଜନ୍ମମରଣ ତ ଲାଗିଛି । ତୁମେ ବ୍ୟସ୍ତ ହୁଅ ନାଇ । ମୋ କଥା ଶୁଣ । ଯାଅ ବାପା ମା'ଙ୍କୁ ବୋଧ କରିବ । ଅର୍ଜୁନଙ୍କ ହାତରେ ଦ୍ୱାରକାର ପିଲା ମାଇପିଙ୍କୁ ଯୁଧିଷ୍ଠିରଙ୍କ ପାଖକୁ ପଠାଇ ଦେବ । ତୁମେ ନକଲେ, ଏ କାମ ଆଉ କେହି କରିବେ ନାଇ । ଏ ଦ୍ୱାରକା ପାଣିରେ ବୁଡ଼ିଯିବ । ଏଠାରେ ଆଉ କେହି ରହିବେ ନାଇ ।"

ଦ୍ୱାରକାରେ ଖବର ବାଜିଗଲା । ବସୁଦେବ, ଦେବକୀ, ରୋହିଣୀ ଆଉ ଆଉ ମାଇପିମାନେ ସମସ୍ତେ ଆସି ପ୍ରଭାସରେ ପହଞ୍ଚିଲେ । ଆଉ କ'ଣ ଦେଖିବାକୁ ଆସିଲେ ? କାହା ସ୍ୱାମୀ, କାହା ପୁଅ, କାହା ଶ୍ୱଶୁର, କାହା ଦିଅର ଗୋଟି ଗୋଟି ହୋଇ ମରି ଶୋଇଛନ୍ତି । ଓହୋ ! ମାଇପିମାନେ ଯା' ଦେଖି, ଆଉ କି ଠିକଣା ରଖନ୍ତି !

ଝଂପ ଝଂପ କିଏ କାହା ପୁଅ ଉପରେ, କିଏ କାହା ବର ଉପରେ ଧୁମ୍ ଧାମ୍ ହୋଇ ପଡ଼ିଲେ । କାନ୍ଦର ଏକ ରୋଳ ଉଠିଲା । କେହି କାହାକୁ ବୁଝାଇବାକୁ ନାଇ । କିଏ କାହା କଥା କେତେ ବାହୁନୁଛି ।

ବସୁଦେବ, ଦେବକୀ, ରୋହିଣୀ, କୃଷ୍ଣ, ବଳରାମଙ୍କୁ ଦେଖିଲେ । ସେ କି ଆଉ ଧଡ଼ ଧରି ରହିପାରନ୍ତି ? ଆଉ କାହା ମୁହଁକୁ ଚାହିଁ ହସିବେ ! ଆଉ ବିପତ୍ତି ପଡ଼ିଲେ କାହାକୁ ଆଶ୍ରା କରିବେ । କୃଷ୍ଣ ବଳରାମଙ୍କପରି ପୁଅ ! ତାଙ୍କ ମୁର୍ଦ୍ଦାରକୁ ଚାହିଁ ଦେଲାକ୍ଷଣି, ଆହା ଦଇବ ଏଇଆ କଲୁ, ବୋଲି ଗଛ କାଟିଲାପରି, ତିନହେଁ ଯାକ ପଡ଼ିଗଲେ । ପଡ଼ିଗଲାକ୍ଷଣି ତାଙ୍କ ପ୍ରାଣ ଛାଡ଼ିଗଲା ।


ଏବେ ଶବଦାହ ଆରମ୍ଭ ହେଲା । ବରମାନଙ୍କ ନିଆଁ ଜାଳିଦେଇ ମାଇପିମାନେ ସେଥିରେ ପଡ଼ିଗଲେ । ବସୁଦେବଙ୍କ ରାଣୀମାନେ ବସୁଦେବଙ୍କ ନିଆଁରେ, ରୁକ୍ମିଣୀ ପ୍ରଭୃତି କୃଷ୍ଣଙ୍କ ନିଆଁରେ, ପ୍ରଦ୍ୟୁମ୍ନଙ୍କ ଭାରିଯା, ଅନିରୁଦ୍ଧ, ସାତ୍ୟକୀ ସମସ୍ତଙ୍କ ସ୍ତ୍ରୀମାନେ ତାଙ୍କ ବରମାନଙ୍କ ନିଆଁରେ ପଡ଼ିଗଲେ । ପ୍ରଭାସରେ ଯାଦବମାନଙ୍କ ଚିତାନଳ ଧପ୍ ଧପ୍ ହୋଇ, ଆକାଶରେ ସହସ୍ର ଜିଭ ମେଲାଇ ଜଳି ଉଠିଲା—ସବୁ ଶେଷ ହୋଇଗଲା ।

ଯେଉଁ ମାଇପିମାନଂକ କୋଳରେ ପିଲା ଥିଲେ, ସେହିମାନେ କେବଳ ଯୋଉ ମଲେ ନାଇ । ଏବେ ଅର୍ଜୁନ ଯାଇ, ସବୁ ପିଲା ମାଇପିଂକ ଧରି ଦ୍ୱାରକା ଛାଡ଼ିଲେ । ଅର୍ଜୁନଂକ ପଛେ ପଛେ ଦ୍ୱାରକା ସମୁଦ୍ରରେ ବୁଡ଼ିଗଲେ ।

ଅର୍ଜୁନ ଆସି, ହସ୍ତିନାରେ ପହଂଚିଲେ । କୃଷ୍ଣ ତ ଗଲେ, ଆଉ ପାଂଡବମାନଙ୍କର ସଂସାରରେ କଣ ଅଛି ? ପାଂଡବମାନେ ଏବେ କୃଷ୍ଣଂକ ବଂଶର 'ବଜ୍ର' ବୋଲି ଗୋଟିଏ ପିଲାକୁ ମଥୁରାରେ ନେଇ, ରାଜା କରିଦେଲେ । ଆପଣାର ଅଣନାତି ପିଲା 'ପରୀକ୍ଷିତଂକୁ' ହସ୍ତିନାର ସିଂହାସନରେ ବସାଇ ଦେଇ, ଦ୍ରୌପଦୀଂକ ସଙ୍ଗେ ସ୍ୱର୍ଗକୁ ଯିବାପାଇଁ ବାହାରିଲେ ।

ଏହିପରି ଏ ସଂସାରରେ ଶ୍ରୀକୃଷ୍ଣଂକ ଲୀଳା ଶେଷ ହେଲା ।

ସତ୍ୟବାଦୀ ବନବିଦ୍ୟାଳସ୍ଥ



ଅଧ୍ୟକ୍ଷ ପଣ୍ଡିତ ନୀଳକଣ୍ଠ

# ପିଲାଙ୍କ ରାମାୟଣ

# ପିଲାଂକ ରାମାୟଣ

## ଆଦ୍ୟକାଂଡ

### ଦଶରଥଂକ ରାଜ୍ୟ

ସରଯୂ ବୋଲି ଗୋଟିଏ ନଈ ହିମାଳୟରୁ ଆସି ଗଂଗାରେ ମିଶିଛି । ସେହି ସରଯୂ କୂଳରେ 'କୋଶଳ' ରାଜ୍ୟ ଥିଲା । ସେ ଦେଶରେ ଭାରି ଭଲ ଫସଲ ହେଉଥାଏ, ଲୋକେ ବଡ଼ ସୁଖରେ ଥାଂନ୍ତି । ଲୋକଂକ ଘରେ ବହୁତ ଗାଈଗୋରୁ,ଧନ ଧାନ ଥାଏ । ଅଯୋଧ୍ୟା ସେ ଦେଶର ରାଜଧାନୀ ଥିଲା । ଅଯୋଧ୍ୟା ବଡ଼ ସୁଂଦର ସହର; ବଡ଼ ବଡ଼ ପକ୍କାଘରସବୁ ଧାଡ଼ି ଧାଡ଼ି ହୋଇ ଓସାରିଆ ସିଧା ଦାଂଡର ଦୁଇପାଖେ ଠିଆ ହୋଇଥାଏ । ଦାଂଡ ସଫା, ଘର ସଫା; କେତେ ଘର ମଲମଲ ପଥରରେ ତିଆରି ହୋଇଥାଏ । କାଂଥରେ ମଣି ମାଣିକ ସବୁ ଜକଜକ ଦିଶୁଥାଏ । କେତେ ବଡ଼ ଲୋକଂକ ଘରପାଖେ ସୁଂଦର ବଗିଚା ଥାଏ । ସେ ବଗିଚାରେ ଆଂବ, ପଣସ, ଜାମୁ, ନାରଂଗି ସବୁ ପାଚି ଝଡ଼ୁଥାଏ । ସହର ଚାରିପାଖେ ଗୋଟିଏ ବଡ଼ ନାଳ ଖୋଳା ହୋଇଥାଏ । ସେ ନାଳରେ ସବୁବେଳେ ପାଣି ଭର୍ତ୍ତି ହୋଇଥାଏ । ନାଳ ଉପରେ ସହରକୁ ଘେରି ଗୋଟିଏ ଉଚ ପାଚେରି ଥାଏ । ସେ ପାଚେରିରେ ଚାରିଦିଗକୁ ଚାରୋଟି ବଡ଼ ବଡ଼ ଦୁଆର ଥାଏ । ସେ ଦୁଆରମାନଂକରେ ଓ ପାଚେରି ଉପରେ ଲୋକେ ସବୁବେଳେ ଧନୁଶର ଅସ୍ତ୍ରଶସ୍ତ୍ର ଧରି ପହରା ଦେଉଥାଂନ୍ତି । ସହରରେ ସବୁବେଳେ ଉତ୍ସବ ଲାଗିଥାଏ; ଲୋକେ ଚାରିଘୋଡ଼ା ଲାଗିଥିବା ରଥରେ ବୁଲି ପବନ ଖାଉଥାଂନ୍ତି । ସୈନ୍ୟମାନେ ସବୁବେଳେ ବୁଲୁଥାଂନ୍ତି । କେଉଁଠାରେ ହାଟରେ କଣାକିଣା, କେଉଁଠାରେ ଦେଉଳରେ ମହୋତ୍ସବ, କେଉଁଠାରେ ଗୀତ ନାଟ ଲାଗିଥାଏ ।

ଏହି ସହରରେ ସୂର୍ଯ୍ୟବଂଶର ଦଶରଥ ବୋଲି ଜଣେ ରାଜା ଥିଲେ । ଧୃଷ୍ଟି, ବିଜୟ, ଅକୋପ, ଜୟଂତ, ସୁମଂତ୍ର, ସୁରାଷ୍ଟ୍ର, ଧର୍ମପାଳ, ରାଷ୍ଟ୍ରବର୍ଦ୍ଧନ ବୋଲି ତାଂକର ଆଠଜଣ ମଂତ୍ରୀ ଥାଂନ୍ତି । ରାଜା ଯେପରି ଧାର୍ମିକ, ମଂତ୍ରୀମାନେ ସେହିପରି । ରାଜ୍ୟରେ ଅନ୍ୟାୟ ନାହିଁ; ଦେଶରେ ଚୋର ଡକେଇତ ନ ଥାଂନ୍ତି । ରାଜା ଦଶରଥ ବାପ ପରି ପ୍ରଜାମାନଂକୁ ପାଳଂନ୍ତି; ପ୍ରଜାମାନେ ତାଂକୁ ବାପ ପରି ବିଚାରଂନ୍ତି ।

ଦଶରଥଂକର ତିନୋଟି ରାଣୀ, ସବୁ ବଡ଼ କୌଶଲ୍ୟା; ତା ପରେ କୈକେୟୀ; ସୁମିତ୍ରା ସବୁ ସାନ ରାଣୀ । ରାଜା ତିନି ରାଣୀଂକ ଘେନି ଏଡ଼େ ସୁଂଦର ରାଜ୍ୟରେ ପାଂଚ ମଂତ୍ରୀ ପ୍ରଜା ଧରି ମହା ସୁଖରେ ରାଜ୍ୟ କରୁଥାଂନ୍ତି; କିଂତୁ ଗୋଟିଏ କଥାରେ ତାଂକର ମନ ବ୍ୟସ୍ତ ଥାଏ । ଏଡ଼େ ସୁଂଦର ରାଜ୍ୟରେ ରାଜା ହୋଇ ତାଂକର ଗୋଟିଏ ହେଲେ ପୁଅ ନ ଥାଏ । ତାଂକ ଉତ୍ତାରୁ କିଏ ରାଜା ହବ, ଏ କଥା ଭାବି ସେ ବଡ଼ ଦୁଃଖରେ ଥାଂନ୍ତି ।

## ଦଶରଥ ଯଜ୍ଞ ପାଇଁ ଋଷ୍ୟଶୃଂଗଙ୍କୁ ଆଣିଲେ

ସେକାଳେ ଆମ ଦେଶରେ (ଯଜ୍ଞ) ଯାଗ ହେଉଥିଲା । ବ୍ରାହ୍ମଣ, ରାଜା ଓ ଅନ୍ୟ ଲୋକେ ଡକା ହୋଇ ଆସନ୍ତି । ହୋମ ପାଇଁ ବଡ଼ ବଡ଼ କୁଂଡମାନ ତିଆରି ହୁଏ । ଯଜ୍ଞ ପାଇଁ ବଡ଼ ମଂଡପ ଓ ଲୋକେ ରହିବା ପାଇଁ ବଡ଼ ବଡ଼ ଶଂଳାଶାଳ ସବୁ ହୁଏ । ବ୍ରାହ୍ମଣମାନେ ବେଦମଂତ୍ର ବୋଲି ବହୁତ ଘିଅ ହୋମ କରନ୍ତି । ଏହିପରି ଯଜ୍ଞ କଲେ, ଯେ ଯଜ୍ଞ କରୁଥାଏ, ଦେବତାମାନେ ତା ମନବାଂଛା ପୂର୍ଣ୍ଣ କରନ୍ତି ।

ଗୋଟିଏ ଗୋଟିଏ ଯଜ୍ଞରେ ଛେଳିମାଂସ ଓ ଗୋଟିଏ ଗୋଟିଏ ଯଜ୍ଞରେ ଘୋଡ଼ା କାଟି ତାର ମାଂସ ହୋମକୁଂଡରେ ଘିଅ ସଂଗେ ଆହୁତି ଦିଆହୁଏ । ଘୋଡ଼ା ବା ଅଶ୍ୱ ମାଂସରେ ଯେ ଯଜ୍ଞ ହୁଏ, ତାକୁ ଅଶ୍ୱମେଧ ଯଜ୍ଞ କହନ୍ତି । ଖୁବ୍ ବଡ଼ ପ୍ରବଳ ରାଜା ନ ହେଲେ ଅଶ୍ୱମେଧ ଯଜ୍ଞ କରି ପାରନ୍ତି ନାହିଁ । ଯେଉଁ ରାଜା ଯଜ୍ଞ କରନ୍ତି ସେ ଯଜ୍ଞ ଆରଂଭରେ ଗୋଟିଏ ଅଶ୍ୱ ବା ଘୋଡ଼ାକୁ ମଂତ୍ରରେ ସ୍ନାନ କରାଇ ଆଉ ଆଉ ରାଜାମାନଙ୍କର ରାଜ୍ୟ ବୁଲିବାକୁ ଛାଡ଼ି ଦିଅନ୍ତି । ଅଶ୍ୱ ପଛେ ପଛେ ସୈନ୍ୟମାନେ ଜଗି ଥାଆନ୍ତି । ଯେବେ କେହି ରାଜା ଘୋଡ଼ାକୁ ଅଟକାଏ, ତେବେ ସୈନ୍ୟମାନେ ତା ସଂଗେ ଯୁଦ୍ଧ କରନ୍ତି । ଏହିପରି ଠିକ୍ ବର୍ଷେ କାଳ ଘୋଡ଼ାଟି ବୁଲି ବୁଲି ଫେରି ଆସିଲେ ତାକୁ ମାରି ତା ମାଂସରେ ଯଜ୍ଞ କରିବାକୁ ହୁଏ । ସୈନ୍ୟମାନେ କାହା ପାଖେ ହାରିଗଲେ, ଘୋଡ଼ା ଆଉ ଫେରେ ନାହିଁ । ଘୋଡ଼ାଟି ଫେରି ନ ଆସିଲେ ଆଉ ଯଜ୍ଞ ହୁଏ ନାହିଁ ।

ଦିନେ ରାଜା ଦଶରଥ ମଂତ୍ରୀମାନଙ୍କୁ ଡାକି କହିଲେ, "ମୁଁ ପୁଅ ପାଇବାପାଇଁ ଯଜ୍ଞ କରିବି ।" ଏହା ଶୁଣି ସମସ୍ତେ କହିଲେ, "ମହାରାଜ, ଆପଣ ଋଷ୍ୟଶୃଂଗ ମୁନିଙ୍କ ଘେନି ଆସଂତୁ, ସେ ଯଜ୍ଞ କଲେ ନିଶ୍ଚୟ ଆପଣଙ୍କର ପୁଅ ହେବ ।"

ଏହି ଋଷ୍ୟଶୃଂଗ ବଡ଼ ବିଚିତ୍ର ମୁନି । ତାଂକ ମୁଂଡରେ ହରିଣ ପରି ଯୋଡ଼ାଏ ଶିଂଗ ଥିଲା । ସେଥିପାଇଁ ତାଂକୁ ଲୋକେ ଋଷ୍ୟଶୃଂଗ ବୋଲି କହୁଥିଲେ; ମାତ୍ର ସେ ବଡ଼ ଭଲ ମୁନି, ତାଂକ ତପସ୍ୟା ଭାରି ଟାଣ ଥିଲା ।

ଋଷ୍ୟଶୃଂଗ ଅଂଗଦେଶ ରାଜା ଲୋମପାଦଂକ ଜେମା ଶାଂତାକୁ ବାହା ହୋଇଥିଲେ । ଲୋମପାଦ ଦଶରଥଂକର ଭାରି ସାଂଗ, ଲେଖାରେ ତେଣୁ ଋଷ୍ୟଶୃଂଗ ଦଶରଥଂକ ଜୋଇଁ ହେଲେ । ଦଶରଥ ଖୁସି ହୋଇ ଋଷ୍ୟଶୃଂଗଙ୍କୁ ଆଣିବା ପାଇଁ ନିଜେ ଅଂଗ ଦେଶକୁ ଗଲେ । ସେ ଋଷ୍ୟଶୃଂଗଂକୁ ଘେନି ଅଯୋଧ୍ୟାକୁ ଆସିବା ପରେ ଯଜ୍ଞ ଆରଂଭ ହେଲା ।

---

## ପୁଅ ପାଇଁ ଦଶରଥଂକର ଯାଗ

ପ୍ରଥମେ ଅଶ୍ୱମେଧ ଯାଗର ଯୋଗାଡ଼ ହେଲା । ବଶିଷ୍ଠ ଋଷି ଦଶରଥଂକ କୁଳ-ପୁରୋହିତ । ସେ ନିଜେ ରହି, ଯୋଗାଡ଼ କରି ଲୋକଂକୁ ବରାବରେ ଲଗାଇ ଯାଗପାଇଁ ସବୁ ଠିକ୍‌ଠାକ୍ କରିଦେଲେ । ହଜାର ହଜାର ମିସ୍ତ୍ରୀ ମୂଲିଆ ଲାଗି କୁଂଡ, ମଂଡପ, ଶାଳାସବୁ ଗୋଟେ ସହର ପାଖ ବଡ଼ପଡ଼ିଆରେ ତିଆରି କରି ପକାଇଲେ । ଗଦା ଗଦା ମହଣ ଘିଅ, ଡାଲି, ଗୁଡ଼ଲି, ପରିବା, ଅଟା, ଗହମ, ନବାତ, ମିଠାଇ ସବୁ ଆସି ଜମା ହୋଇଗଲା । ବ୍ରାହ୍ମଣମାନଂକୁ ନିମଂତ୍ରଣ କରାଗଲା । ଯଜ୍ଞ ଆରଂଭରେ ଘୋଡ଼ାକୁ ମଂତ୍ରସ୍ନାନ କରାଇ ଚନ୍ଦନଲଗାଇ, ଫୁଲମାଳ ପକାଇ ଛାଡ଼ିଦେଲେ । ଘୋଡ଼ା ପଛେ ପଛେ, ଆଗେ ରଥ, ତା ପଛକୁ ହାତୀ, ତା ପଛକୁ ଘୋଡ଼ା ସୁଆର, ତା ପଛକୁ ପାଇକମାନେ—ଏହିପରି "ଚତୁରଂଗ"

ସେନା ଅଯୋଧ୍ୟାରୁ ବାହାରି, ଆଉ ଆଉ ରାଜ୍ୟକୁ ବୁଲିବାକୁ ଗଲେ ।

ବୁଲୁଁ ବୁଲୁଁ ବର୍ଷେ ବିତିଗଲା । ଘୋଡ଼ା ଫେରି ଆସିଲା; ଯଜ୍ଞ କାର୍ଯ୍ୟ ଧୂମ୍‌ଧାମ୍ ଲାଗିଗଲା । ଯେଉଁ ଯେଉଁ ରାଜ୍ୟକୁ ଘୋଡ଼ା ଯାଇଥିଲା, ସେ ସବୁ ରାଜ୍ୟର ରାଜାମାନଙ୍କୁ ଦଶରଥ ନିମନ୍ତ୍ରଣ କରି ଆଣିଲେ । ମିଥିଳାର ରାଜା ଜନକ ଆସିଥିଲେ, ଏହାଛଡ଼ା ଅଙ୍ଗ, ମଗଧ, ସିନ୍ଧୁ, ସୌବୀର, ସୁରାଷ୍ଟ୍ର ଓ ଦକ୍ଷିଣ ଭାରତର କେତେ କେତେ ରାଜ୍ୟରୁ ରାଜାମାନେ ଆସି ରୁଣ୍ଡ ହେଲେ । କେତେ ମୁନି ଋଷି ଆସି ଜମା ହୋଇଗଲେ । ଲକ୍ଷ ଲକ୍ଷ ବ୍ରାହ୍ମଣଙ୍କୁ ଭୋଜନ ଦିଆଗଲା । ଯେତେ ଗରିବ, କାଙ୍ଗାଳ ଥିଲେ, ସବୁଦିନ ସମସ୍ତଙ୍କୁ ପୂର୍ଣ୍ଣ ଖାଇବାକୁ ଦିଆ ହେଉଥାଏ । ସମସ୍ତେ ଖାଇ ରାଜାଙ୍କୁ ଧନ୍ୟ ଧନ୍ୟ କଲେ । ଦଶରଥ ମୁନି, ଋଷି, ବ୍ରାହ୍ମଣ ଓ ଆଉ ଆଉ ଲୋକମାନଙ୍କୁ କେତେ ଧନ, ଧାନ, ଗାଈ, ମଣି, ରତ୍ନ ବାଣ୍ଟିଦେଲେ । ସମସ୍ତେ ମହା ସନ୍ତୋଷରେ ରାଜାଙ୍କ ପାଇଁ ଭଗବାନଙ୍କୁ ଡାକିଲେ ।

ଅଶ୍ୱମେଧ ଯଜ୍ଞ ସରିଲାରୁ ଋଷ୍ୟଶୃଙ୍ଗ ରାଜାଙ୍କର ପୁଅ ହବା ପାଇଁ 'ପୁତ୍ରେଷ୍ଟି' ଯଜ୍ଞ ଆରମ୍ଭ କଲେ । ପୁତ୍ରେଷ୍ଟି ଯଜ୍ଞରେ ପୂର୍ଣ୍ଣାହୁତି (ଶେଷଥର ହୋମରେ ଘିଅ ଦେବାକୁ ପୂର୍ଣ୍ଣାହୁତି କହନ୍ତି) ଦିଆ ହେଲାବେଳେ ସେହି ଯଜ୍ଞ ହୋମ ଭିତରୁ ଜଣେ ପୁରୁଷ ବାହାରିଲେ । ସେ ପୁରୁଷ ପୁଣି ଭାରି ଭୟଙ୍କର; ତାଙ୍କ ଦେହ ପାହାଡ଼ପରି ଉଚ୍ଚ, ହାଣ୍ଡିପରି କଳା, ଆଖି ନିଆଁ ପରି ନାଲି, ଦାଢ଼ି ଝିଣ ସିଂହର କେଶର ପରି; ହାତରେ ଗୋଟିଏ ସୁନା ଥାଳୀ, ଉପରେ ରୂପା ଢାଙ୍କୁଣୀ । ସେହି ଥାଳୀ ଭିତରେ ସୁନ୍ଦର ମିଠା କ୍ଷୀରି । ସେହି କ୍ଷୀରି ହେଉଛି ସେ ଯଜ୍ଞର 'ଚରୁ' ।

ସେହି ଭୟଙ୍କର ପୁରୁଷ ଦଶରଥଙ୍କୁ କହିଲେ, "ମହାରାଜ, ବ୍ରହ୍ମା ନିଜେ ଏ କ୍ଷୀରି ରାନ୍ଧି ପଠାଇଛନ୍ତି । ଏ କ୍ଷୀରି ରାଣୀମାନଙ୍କୁ ଖାଇବାକୁ ଦେଲେ, ତୁମର ନିଶ୍ଚୟ ପୁତ୍ର ହେବ ।" ଏହା କହି ପୁରୁଷଟି ସେହିଠାରୁ କୁଆଡ଼େ ଉଭେଇଗଲେ ।

ଦଶରଥ ମହା ଆନନ୍ଦରେ ସେହି ଦେବତାଙ୍କ ହାତରୁ ଚରୁ ନେଇ, ତାକୁ ଦୁଇ ଭାଗ କରି ଦୁଇ ବଡ ରାଣୀ କୌଶଲ୍ୟା ଆଉ କୈକେୟୀଙ୍କ ଖାଇବାକୁ ଦେଲେ । ଦୁଇ ବଡ଼ ରାଣୀ, ସାନ ରାଣୀ ସୁମିତ୍ରାଙ୍କୁ ବଡ଼ ସୁଖ ପାଉଥିଲେ । ସେ ଦୁହେଁ ଆପଣା ଆପଣା ଭାଗରୁ ଟିକିଏ ଟିକିଏ କାଢ଼ି ସୁମିତ୍ରାଙ୍କୁ ଖାଇବାକୁ ଦେଲେ ।

---

## ରାମଙ୍କ ପିଲାଦିନ

ରାଣୀମାନେ ଚରୁ ଖାଇବାର ବର୍ଷକ ଭିତରେ ଦଶରଥଙ୍କର ଚାରୋଟି ପୁଅ ହେଲା । ଦେଶଯାକ ଆନନ୍ଦ ଚହଳ ପଡ଼ିଗଲା । ଦଶରଥ କେତେ ଧନ ଧାନ ବାଣ୍ଟିଦେଲେ । ପିଲାଙ୍କର ଜାତକର୍ମ ଆଦି ବିଧି ସବୁ କୁଳପୁରୋହିତ ବଶିଷ୍ଠଙ୍କୁ ଲାଗେ । ସେ ତାହା ସବୁ କରିଦେଲେ । ପିଲାଗୁଡ଼ିକ ତେର ଦିନର ହେଲାରୁ ସେମାନଙ୍କର ନାଁ ଦିଆ (ନାମକରଣ) ହେଲା । କୌଶଲ୍ୟାଙ୍କ ପୁଅଟି ସବୁଠାରୁ ବଡ଼ । ତା ନାଁ ହେଲା ରାମ । ତା ତଳ ପୁଅଟି କୈକେୟୀଙ୍କର, ତା ନାଁ ହେଲା ଭରତ । ତା ତଳକୁ ସୁମିତ୍ରାଙ୍କର ଦୁଇ ପୁଅରୁ ବଡ଼ଟିର ନାମ ହେଲା ଲକ୍ଷ୍ମଣ, ସାନଟିର ନାମ ହେଲା ଶତ୍ରୁଘ୍ନ । ପିଲାଗୁଡ଼ିକ ଭାରି ସୁନ୍ଦର, ବଡ଼ ବୁଦ୍ଧିମାନ୍ ଥିଲେ । ତାଙ୍କର ସ୍ୱଭାବ ମଧ୍ୟ ବଡ଼ ମଧୁର ଥିଲା । ଯେ ଦେଖୁଥିଲା ସେ ତାଙ୍କୁ ସୁଖ ପାଉଥିଲା । ବାଟରେ ଚାଲିଯିବା ଲୋକ ବି ତାଙ୍କୁ ଦେଖିଲେ ଘଡ଼ିଏ ରହିଁ ରହିଯାଉଥିଲା ।

ଭାଇଗୁଡ଼ିକ ଅଳ୍ପଦିନରେ ରହୁଁ ରହୁଁ ବହୁତ ପାଠ ପଢ଼ିପକାଇଲେ । ଅଳ୍ପ ସମୟରେ ତାଙ୍କୁ ବହୁତ ପାଠ

ଆସି ଯାଉଥିଲା । ଦଶରଥ ଏହା ଦେଖି ଭାରି ଆନଂଦ ହେଲେ । ପାଠ ପଢ଼ା ସଂଗେ ସଂଗେ ସେମାନେ ଧନୁର୍ବିଦ୍ୟା ମଧ୍ୟ ଭାରି ଭଲ କରି ଶିଖିଲେ । କପର ଧନୁରେ ଲଖକରି ଦୂରରୁ ଶର ମାରିବାକୁ ହବ, ଗଛ ଭିତରେ ଫଳକୁ ବିଂଧିବାକୁ ହବ, ଦଉଡ଼ୁଥିବା ଜୀବ, ଉଡ଼ୁଂତା ଚଢ଼େଇକୁ ଲଖ କରିବାକୁ ହବ, ଶତ୍ରୁ ଶର ମାରୁଥିବାବେଳେ କପର କେତେବେଳେ କଣ କରିବାକୁ ହବ, ଶତ୍ରୁଆଡ଼ୁ ଶର ଆସୁଥିଲେ ଆପେ ଶର ମାରି କପରି ତାହା କାଟିବାକୁ ହବ,ସବୁକଥା ସେମାନେ ଶିଖି ପକାଇଲେ । ଅଳ୍ପ ଦିନରେ ସେମାନେ ଭାରି ଗାର ହୋଇଉଠିଲେ । ଲେଖାପଢ଼ା, ଯୁଦ୍ଧ, ଶିକାର— ସବୁଥିରେ ସେମାନେ ଭାରି ବିଚକ୍ଷଣ ହେଲେ ।

ଚାରିଝୋଟି ଭାଇଂକର ଭାରି ମନ ମିଳୁଥିଲା । ସମସ୍ତେ ସମସ୍ତଂକୁ ଭାରି ସୁଖ ପାଉଥିଲେ । ସାନ ଭାଇମାନେ ବଡ଼ ଭାଇଂକ କଥା ମାନୁଥିଲେ । ଭାଇ-ମାନଂକ ଭିତରେ ଏପରି ସ୍ନେହମାନଣା ହବା ବଡ଼ ଅଳ୍ପ ଦେଖାଯାଏ । ସେଥିରେ ପୁଣି ଲକ୍ଷ୍ମଣ ବେଶିକରି ରାମଂକ ସଂଗେ ରହିଲେ; ଆଉ ଶତ୍ରୁଘ୍ନ ଭରତଂକ ସଂଗେ ରହିଲେ । ସେଥିପାଇଁ ରାମ ଲକ୍ଷ୍ମଣଂକର ଓ ଭରତ ଶତ୍ରୁଘ୍ନଂକର ବେଶି ମେଳ ଦେଖାଗଲା ।

---

## ଋଷିଂକ ଯଜ୍ଞ ରକ୍ଷା କରିବାକୁ ରାମ ଗଲେ

ସେତେବେଳେ କୋଶଳ ଦକ୍ଷିଣକୁ ଗୋଦାବରୀ ନଦୀଯାଏ ଭାରି ବଡ଼ ବନସ୍ତ ଥାଏ । ତାକୁ ଦଂଡକ (ଦଂଡକାରଣ୍ୟ) ବୋଲି କହୁଥିଲେ । ଋଷିମାନେ ସେହି ବନସ୍ତ ଭିତରେ ଘର ( ଆଶ୍ରମ ) କରିଥାଂତି । ସେହିଠାରେ ସେମାନେ ହୋମଯଜ୍ଞ ପ୍ରଭୃତି କରୁଥାଂତି । ଭାରତର ଦକ୍ଷିଣ ଦେଶମାନଂକରେ ଲଂକାଯାଏ ରାକ୍ଷସ-ମାନେ ଥିଲେ । ସେମାନେ ଦଂଡକାରଣ୍ୟ ଭିତରକୁ ଆସି ଋଷିମାନଂକ ଯଜ୍ଞବେଦୀରେ ରକ୍ତ ପକାଇ ଦେଉଥିଲେ; ଯଜ୍ଞ ଭାଂଗି ଦେଉଥିଲେ । ବେଳେବେଳେ ଋଷିମାନଂକୁ ମାରି ଖାଇଯାଉଥିଲେ । ଏହି ରାକ୍ଷସ-ମାନଂକୁ ମାରିବାକୁ ରାମଂକୁ ନବାପାଇଁ ବିଶ୍ୱାମିତ୍ର ବୋଲି ଜଣେ ଋଷି ଅଯୋଧ୍ୟାକୁ ଆସିଲେ । ଏହି ବିଶ୍ୱାମିତ୍ର ସାମାନ୍ୟ ଋଷି ନୁହଂତି । ଏହାଂକ ତପସ୍ୟା ଭାରି ଟାଣ । ଏ ଜଣେ କ୍ଷତ୍ରିୟର ପୁଅ ଥିଲେ; କିଂତୁ ଭାରି ତପସ୍ୟା କରିବାରୁ ବ୍ରାହ୍ମଣ ଋଷିମାନେ ତାଂକୁ ବ୍ରହ୍ମର୍ଷି (ବ୍ରାହ୍ମଣଋଷି) ବୋଲି କହି ଆଦର କରୁଥିଲେ ।

ଦିନେ ରାଜା ଦଶରଥ, ମଂତ୍ରୀ ପୁରୋହିତମାନଂକ ସଂଗେ ପୁଅମାନଂକ ବିବାହ ବିଷୟ ଯେନି କଥାବାର୍ତ୍ତା କରୁଥାଂନ୍ତି,ସେତିକବେଳେ ବିଶ୍ୱାମିତ୍ର ଆସି ପହଂଚିଲେ । ବିଶ୍ୱାମିତ୍ରଂକୁ ଦେଖି ଦଶରଥ ଭାରି ମର୍ଯ୍ୟାଦା କଲେ, କେତେ ଆଦର ଯତ୍ନ ଦେଖାଇଲେ; କହିଲେ, "ମୁନିବର, ମୋର ବଡ଼ ଭାଗ୍ୟ, ଆପଣଂକ ପାଦ ଧୂଳି ମୋ ଘରେ ପଡ଼ିଲା । ଆପଣଂକର କଣ ଦରକାର, କହଂତୁ; ମୁଁ ଦେବି ।"

ଦଶରଥ ବିଚାରିଥିଲେ, ମୁନି ଧନଧାନ ମାଗିବେ । ମୁନି କହିଲେ, "ମହାରାଜ । ମୁଁ ଗୋଟାଏ ଯଜ୍ଞ କରୁଥିଲି । ମାରୀଚ, ସୁବାହୁ ବୋଲି ଯୋଡ଼ିଏ ରାକ୍ଷସ ଆସି ବେଦୀରେ ରକ୍ତ ପକାଇ ଦେଇ ସବୁ ନଷ୍ଟ କରିଦେଲେ । ମୁଁ ତାଂକୁ ଶାପ ଦିଅଂତି; କିଂତୁ ଯଜ୍ଞରେ ବସି ଶାପ ଦବାକୁ ମନା । ଆପଣ ଏବେ ଦଶ ଦିନ ଲାଗି ରାମଂକୁ ମୋ ସଂଗେ ପଠାଇଲେ, ସେ ରାକ୍ଷସଂକୁ ମାରିବେ । ସେ ତ ଏବେ ବଡ଼ ହେଲେଣି । ଧନୁର୍ବିଦ୍ୟା ମଧ୍ୟ ତାଂକୁ ଭାରି ଜଣା । ରାକ୍ଷସମାନେ ତାଂକୁ ପାରିବେ ନାଇ । କିଛି ଭୟ କରଂତୁ ନାଇ । ରାମଂକୁ ପଠାଇ ଆମମାନଂକର ଏ କାମଟି କରି ଦିଅଂତୁ; ସବୁ ମଂଗଳ ହବ ।"

ଏକଥା ଶୁଣି ଦଶରଥଙ୍କର ପ୍ରାଣ ଶୁଖିଗଲା । ସେ ମୁହୂର୍ତ୍ତକାଳ ଅଜ୍ଞାନ ପରି ହୋଇଗଲେ । ତାଙ୍କୁ ସବୁ ଅନ୍ଧାର ଦିଶିଲା । ପିଲା ପୁଅଗୁଡ଼ିକ, ବଣରେ ଯାଇ ରାକ୍ଷସ ଦେଖିଲେ ଡରିଯିବେ । ରାକ୍ଷସଙ୍କୁ ବା ସେ ମାରିବେ କଣ ? ଦଶରଥ ବିଚାରିଲେ, ରାକ୍ଷସମାନେ ବଣରେ ରାମଙ୍କୁ ମାରି ପକାଇବେ । ତହୁଁ ଦଶରଥ କେତେ ସାତ ପାଂଚ ବିଚାରି ବିଶ୍ୱାମିତ୍ରଙ୍କୁ କହିଲେ, "ରାମ ଚଂଦର କର୍ଷର ପିଲା । ଭୟଂକର ରାକ୍ଷସ-ମାନଂକ ସଂଗେ ସେ କିପରି ଯୁଦ୍ଧ କରିବ ? ଋଷିବର ! ରାମର ଯିବା କଥା ମତେ କହ ନାଇ । ମୁଁ ନିଜେ ଆପଣଂକ ସଂଗେ ଯାଇ ସେ ରାକ୍ଷସମାନଂକୁ ମାରିବି ।"

ବିଶ୍ୱାମିତ୍ର କହିଲେ, "ଆପଣ ଜାଣିଥିବେ, ଲଂକାର ରାକ୍ଷସ ରାଜା ରାବଣ ଏହି ମାରୀଚ ସୁବାହୁଙ୍କର ବାଂଧବ । ସେମାନେ ସେହି ରାବଣ ବଳରେ ଋଷି-ମାନଂକୁ ଏତେ ହରବର କରୁଚଂତି । ଆପଣ ସେମାନଂକୁ ହଟାଇ ଦେଲେ ନିଜେ ରାବଣ ଯୁଦ୍ଧ କରିବାକୁ ଆସିପାରେ । ରାବଣ ସଂଗେ ଯୁଦ୍ଧ କରିବାକୁ ଆପଣଂକର ଦଂଭ ହଉଚି ତ ?"

ଦଶରଥ ରାବଣ ନାମ ଶୁଣି ଡରିଗଲେ; କହିଲେ, "ନା ମୁନିବର ରାବଣକୁ ମୁଁ ପାରିବି ନାଇ । ମୁଁ ତ ଜଣେ ମଣିଷ । ଦେବତାମାନେ ବି ରାବଣକୁ ମାରି ପାରିବେ ନାଇ । ମୋ ରାମ ତ ପିଲା । ରାବଣ ସଂଗେ ଯୁଦ୍ଧ କରିବା ପାଇଁ ଆପଣ ପିଲାଟିକୁ ଡାକୁଚଂତି କିପରି ? ଆପଣଂକ ପାଦ ଧରି କହୁଚି, ଋଷିବର ! ଆପଣ ସେ କଥା କହଂତୁ ନାଇ ।"

ଏ କଥା ଶୁଣି ବିଶ୍ୱାମିତ୍ର ରାଗିଗଲେ, କହିଲେ, "ମହାରାଜ ! ମୁଁ ଯାହା ମାଗିବି ଦେବି ବୋଲି କହିପାରି ଏତେବେଳକୁ ଏପରି କହୁଚଂତି ଯେ !" ଏପରି କଥା ବିଶ୍ୱାମିତ୍ରଂକଠାରୁ ଶୁଣି ସମସ୍ତେ ଥରହର ହୋଇଗଲେ । ଏକେ ତ ବ୍ରାହ୍ମଣ ରାଗିବା ବେଳେ ସମସ୍ତେ ଡରିଯାଂତି । ବିଶ୍ୱାମିତ୍ରଂକ ପରି ବ୍ରାହ୍ମଣ ରାଗିଲେ କି ଆଉ ରକ୍ଷା ଅଛି ? ଦଶରଥ ଓ ତାଂକ ପାଖ ଲୋକଂକୁ କିଛି ବୁଦ୍ଧି ଦିଶିଲା ନାଇ । ଦଶରଥଂକ ମୁହଁକୁ କଥା ଆସିଲା ନାଇ । ବିଶ୍ୱାମିତ୍ର ବାଲେ ଅଭିଶାପ ଦେବେ ବୋଲି ସମସ୍ତେ ବ୍ୟାକୁଳ ହୋଇ ପଡ଼ିଲେ ।

ବୁଢ଼ା ବଶିଷ୍ଠ ସେଠାରେ ଥିଲେ । ସେ ଦଶରଥଂକୁ କହିଲେ, "କିଛି ପରବାୟ ନାଇ ମହାରାଜା ! ବିଶ୍ୱାମିତ୍ରଂକ ପରି ଋଷି ଯାହା କହୁଚଂତି, ସେ କଥା କରିବାକୁ ହବ । ବିଶ୍ୱାମିତ୍ର କିଛି ଯେମିତି ସେମିତି ଋଷି ନୁହଂତି । ପୃଥିବୀର ମହା ଅସ୍ତ୍ରସବୁ ତାଂକୁ ଜଣା । ବିଶ୍ୱାମିତ୍ରଂକ ସଂଗେ ନିର୍ଭୟରେ ରାମଂକୁ ଛାଡ଼ି ଦିଅଂତୁ । ତାଂକର କିଛି ଅନିଷ୍ଟ ହବ ନାଇ । ବିଶ୍ୱାମିତ୍ର ସାଂଗରେ ଥିଲେ ରାମଂକ ଆଗଗୋଡ଼ରେ କଂଟା ବାଜିବ ନାଇ । ରାମଂକର ଏଥିରେ ମଂଗଳ ହବ ।

ଏ କଥା ଶୁଣି ଦଶରଥଂକର ଦଂଭ ଆସିଲା । ବଶିଷ୍ଠ କୁଳଗୁରୁ; ରାମ ଲକ୍ଷ୍ମଣ ପ୍ରଭୃତିଂକର ମଧ୍ୟ ଗୁରୁ । ତାଂକ କଥା କେବେ ମିଛ ହବାର ନୁହେଁ । ତାଂକଠାରୁ ଏପରି କଥା ଶୁଣି, ଦଶରଥ ଆଉ କାହିଁକି ଡରିବେ ? ରାମ ଗଲେ ତ ଲକ୍ଷ୍ମଣ ତାଂକୁ ଛାଡି କେବେ ରହିବେ ନାଇ । ସେଥିପାଇଁ ଦଶରଥ ମହା ଆନଂଦରେ ରାମ ଲକ୍ଷ୍ମଣଂକୁ ଡକାଇ ଆଣି ବିଶ୍ୱାମିତ୍ରଂକ ହାତେ ସମର୍ପଣ କରିଦେଲେ । ଦଶରଥ, କୌଶଲ୍ୟା, ବଶିଷ୍ଠ ପ୍ରଭୃତି ସମସ୍ତଂକଠାରୁ ଆଶୀର୍ବାଦ ନେଇ ରାମ ବିଶ୍ୱାମିତ୍ରଂକ ପଛେ ପଛେ ଚାଲିଲେ । ଲକ୍ଷ୍ମଣ ମଧ୍ୟ ରାମଂକ ପଛେ ପଛେ ଗଲେ ।

ବିଶ୍ୱାମିତ୍ରଂକ ସଂଗେ ରାମ ଲକ୍ଷ୍ମଣ ଦଂଡକାରଣ୍ୟ ଆଡ଼କୁ ଚାଲିଲେ । ପିଲା ଦୁହିଁଙ୍କର ମୁହଁ ଆନଂଦରେ ପୂରିଉଠୁଥାଏ । ଦୁହିଂକ ଡେଙ୍ଗର ହାତରେ ଧନୁ,

ଖାଇବ ହାତରେ ଶର । ଦୁଇ କାନ୍ଧରେ ଦୁଇଟି ଲେଖାଏଁ ତୂଣୀର ବା ଶରମୁଣାରେ ଶର ଭର୍ତ୍ତି ହୋଇଥାଏ । ଶର ମୁନଗୁଡ଼ିକ ତୂଣୀର ଭିତରେ ଥାଏ । ପଛ ପକ୍ଷୀ ବା 'କଂକପତ୍ର' ଗୁଡ଼ିକ ଗୋଛି ଗୋଛି ହୋଇ କାନ୍ଧ ଉପରକୁ ବାହାରି ଦିଶୁଥାଏ । ଅଂଟାରେ ଖଂଡା ଝୁଲୁଛି; ପିଠିରେ ଢାଲ, ଆଉ ସବୁ ଅସ୍ତ୍ର; ଯେ ଯେଉଁଠାରେ ରହିବାର ଠିକ୍ ଥାଏ ।

ସେମାନେ ସେହିପରି ଛଅ କୋଶ ଚାଲି ଚାଲି ସରଯୂ କୂଳରେ ପହଂଚିଲେ । ସେହିଠାରେ ବିଶ୍ୱାମିତ୍ର ରାମଂକୁ କହିଲେ, "ବାବୁ, ତୁମେ ଏ ପବିତ୍ର ସରଯୂ ନଦୀରେ ସ୍ନାନ କରି ଆସ । ମୁଁ ତୁମକୁ 'ବଳା', 'ଅତିବଳା' ବୋଲି ଯୋଡ଼ିଏ ମଂତ୍ର ଦେବି । ଏ ମଂତ୍ର ଜାଣିଲେ, ଯେତେ ପରିଶ୍ରମ କଲେ ମଧ୍ୟ ତୁମକୁ ବାଧିବ ନାଇ, କୌଣସି ଶତ୍ରୁ ତୁମର କିଛି କ୍ଷତି କରି ପାରିବ ନାଇ । ତୁମେ ଶୋଇଥିଲେ ମଧ୍ୟ ରାକ୍ଷସମାନେ ତୁମର କିଛି କରିପାରିବେ ନାଇ ।

ସେଠାରୁ ରାମ ନଦୀରେ ସ୍ନାନ କରି ଆସି ମୁନିଂକଠାରୁ ମଂତ୍ର ଦିଓଟି ଘେନିଲେ; ଦେଖିଲେ, ବାସ୍ତବିକ ମଂତ୍ର ଘେନସାରି ତାଂକ ଦେହର ତେଜ ବହୁତ ବଢ଼ିଗଲା ପରି ଲାଗିଲା ।

ସେରାତି ସେହି ସରଯୂ କୂଳେ ମୁନିଂକ ସଂଗେ ରାମ ଲକ୍ଷ୍ମଣ ଘାସ ଉପରେ ମହା ଆନଂଦରେ ଶୋଇଲେ । ସକାଳୁ ଉଠି ନଦୀରେ ସ୍ନାନ କରି 'ଆହ୍ନିକ' ସାରି ସମସ୍ତେ ପୁଣି ଚାଲିଲେ । ସଂଧ୍ୟା-ବେଳକୁ ଆସି, ସରଯୂ ଯେଉଁଠାରେ ଗଂଗାରେ ମିଶିଛି, ସେହିଠାରେ ସମସ୍ତେ ପହଂଚିଲେ । ସେ ସ୍ଥାନଟି ଅଂଗଦେଶ ଭିତରେ । ସେଠାରେ କେତେ-ଗୁଡ଼ିଏ ମୁନିଂକର ଆଶ୍ରମ ଥିଲା । ରାତିରେ ତିନିହେଁ ସେହି ଆଶ୍ରମମାନଂକ ଭିତରେ ରହିଲେ । ମୁନିମାନେ କେତେ ଫଳ ମୂଳ ଆଣି ମହା ଆଦରରେ ଚର୍ଚ୍ଚା କଲେ । ସମସ୍ତେ ସେହି ଫଳ ମୂଳ ଖାଇ ଆନଂଦରେ ସେ ରାତି କଟାଇଲେ । ଆରଦିନ ସକାଳୁ ମୁନିମାନେ ଗୋଟିଏ ସୁଂଦର ନୌକା (ନାଆ) ଅଣାଇ ତିନି ଜଣଂକୁ ଗଂଗାପାରି କରାଇଦେଲେ ।

ଗଂଗା ପାରି ହେଲାରୁ ଗୋଟାଏ ଘୋର ଜଂଗଲ ପଡ଼ିଲା । ସେଠାରେ ଅଗଣାଅଗଣ ବନସ୍ତ । ବଡ଼ ବଡ଼ ଗଛସବୁ ପାଖକୁପାଖ ଲାଗି ପର୍ବତ ପରି ଉଠିଛି । ଭୂଇଁରେ ଖରା ପଡ଼ୁ ନାଇ । କଂଟା ଲଟିସବୁ ଛଂଦି ହୋଇ ମାଡ଼ିଛି । ଚାହିଁଲେ ଡର ମାଡ଼ୁଛି ।

---

## ରାମ ତାଡ଼କାକୁ ମାରିଲେ

ବଣରେ ପଶି ରାମ ଲକ୍ଷ୍ମଣ ବିଶ୍ୱାମିତ୍ରଂକୁ ପଚାରି ଜାଣିଲେ, ସେହି ବଣରେ ତାଡ଼କା ବୋଲି ଗୋଟାଏ ଭୟଂକର ରାକ୍ଷସୀ (ରାକ୍ଷସୁଣୀ) ଥାଏ । ଯେଉଁ ମାରୀଚ ଋଷିଂକ ଯଜ୍ଞ ନଷ୍ଟ କରୁଥିଲା, ଏହି ତାଡ଼କା ତାରି ମାଆ । ଆଗେ ସେ ବଣରେ ସୁଂଦର ଘରଦ୍ୱାର ସବୁ ଥିଲା । ଏହି ତାଡ଼କା ଓ ମାରୀଚ ସେ ଲୋକଂକୁ ମାରି ଖାଇ ଦେଶଟି ଜଂଗଲ କରିଛଂତି । ଏବେ ସେଠାରେ ଘୋର ଜଂଗଲ । ସେ ଜଂଗଲକୁ ମନୁଷ୍ୟ ଗଲେ, ତାଡ଼କା ତାକୁ ମାରି ଖାଏ । ତାଡ଼କା ଦେହରେ ହଜାର ହାତୀର ବଳ । ସେଥିପାଇଁ ତାଡ଼କା ଅସୁରୁଣୀ ନାଆଁ ଶୁଣିଲେ ଲୋକେ ଡରୁଥିଲେ । ତା ଘର ଚାରିପାଖେ ଯୋଜନେ ଯାଏ ବାଘ, ଭାଲୁ ସୁଦ୍ଧା ଲୁଚି ରହୁଥିଲେ ।

ବିଶ୍ୱାମିତ୍ର ରାକ୍ଷସୀର କଥା କହିସାରି ମାରିବା ପାଇଁ ରାମଂକୁ କହିଲେ । ତାଡ଼କା ରାକ୍ଷସୀ ହେଲେ ମଧ୍ୟ ମରଦ ନୁହେଁ, ମାଇପିଟାଏ । ରାମ ପିଲା ହେଲେ

ମଧ୍ୟ କ୍ଷତ୍ରିୟ । ମାଇପିଟାକୁ ମାରିବାରେ କ୍ଷତ୍ରିୟକୁ ଲାଜ ମାଡ଼ିବାର କଥା । ରାମ ତାକୁ ମାରିବାକୁ ନାରାଜ ହୋଇ କହିଲେ, "ଅସୁରୁଣୀ ହେଲେ ମଧ୍ୟ ମାଇପିଟାକୁ ମାରିବା କିପରି ? ଏଥିରେ ଆମର କି ଯଶ ହେବ ।"

ବିଶ୍ୱାମିତ୍ର ବୁଝାଇ କହିଲେ, "ତାଡ଼କା ଯେମିତି ସେମିତି ମାଇପିଟାଏ ନୁହେଁ । ସେ ରାକ୍ଷସୀ, ଲୋକଂକୁ ମାରି ଖାଉଚି । ଲୋକଂକ ମଂଗଳ ପାଇଁ ତାକୁ ମାରିବା କ୍ଷତ୍ରିୟର ଉଚିତ ଏହା ଗୋଟିଏ ଧର୍ମକାର୍ଯ୍ୟ, ଏଥିରେ ଦୋଷ ନାଇ, ଏହାକୁ ମାର ।"

ରାମ ସେଠାରୁ ଧନୁରେ ଗୁଣ ଚଢ଼ାଇ ଟାଣି ଦେଇ ଟଂ ଟଂ କରି ବଜାଇଦେଲେ । ସେହି ଟଂକାର ଶବ୍ଦ ଶୁଣି ଚାରିପାଖରେ ବଣଜଂତୁମାନେ ଡରିଗଲେ । ତାଡ଼କା ତାହା ଶୁଣି ଗର୍ଜନ କରି ଘରୁ ବାହାରି, ରାମ ଲକ୍ଷ୍ମଣଂକ ଆଡ଼କୁ ଆଁ କରି ଦଉଡ଼ିଲା । ସେ ଗର୍ଜନରେ ଭୂମି ଆକାଶ କଂପିଗଲା । ବିଶ୍ୱାମିତ୍ର ବି ଟିକିଏ ଡରିଗଲେ । ରାମ ଆଉ ସଂଭାଳି ପାରିଲେ ନାଇ । ଅସୁରୁଣୀକି ଜବତ୍ କରିବା ପାଇଁ ତା ହାତ ଦିଓଟି ଶରମାରି କାଟିଦେଲେ । ଲକ୍ଷ୍ମଣ ମଧ୍ୟ ତା ନାକ କାନ କାଟି ଦେଲେ ।

କିଂତୁ ସେ ରାକ୍ଷସୀ କଣ ସେତିକରେ ଜବତ୍ ହେବା ଜଂତୁ ! ସେ ଆହୁରି ଗର୍ଜନ କରି ଆକାଶକୁ ଉଠିଲା । ଆହୁରି ଜୋରରେ ପଥରମାନ ଫିଂଗିଲା । ଧୂଳିରେ ଚାରିଆଡ଼ ଅଂଧାର ହୋଇଗଲା । ତା ନାକ କାନ ହାତରୁ ଝର ଝର ରକ୍ତ ବର୍ଷି ଭୂଇଁରୁ କେତେ ଓଦା ହୋଇଗଲାଣି; ତଥାପି ସେ ଆକାଶରୁ କେତେ କଳା ମେଘ ଖସିଲା ପରି ରାମ ଲକ୍ଷ୍ମଣଂକ ଆଡ଼କୁ ଦଉଡ଼ିଲା । ସେ ଦେଖାଗଲା ନାଇ ।

ରାମ ଦେଖିଲେ ଅସୁରୁଣୀଟାକୁ ମାରି ନ ଦେଲେ ଆଉ ଚଳିବ ନାଇ । ସେ ଶର ମାରି ପଡ଼ୁଥିବା ପଥର ସବୁ ବଂଦ କରିଦେଲେ । ତୂଣୀରରୁ ଆହୁରି ଏକ ସୁଂଦର ଶର କାଢ଼ି ଅସୁରୁଣୀର ଶବ୍ଦ ଆଡ଼କୁ ଲକ୍ଷ୍ୟକରି ବିଂଧିଦେଲେ । ଅସୁରୁଣୀ ଆଉ ଲୁଚିବ କାହିଁ ? ସୁହୁଁ ସୁହୁଁ ଶରର ଚକ୍ ଚକ୍ ଫଳା ଯାଇ ବଜ୍ରକ ପରି ତାଡ଼କା ଗୁଂଡିରେ ପଶିଗଲା । ରାକ୍ଷସୀ ଗର୍ଜନ କରି ତଳେ ପଡ଼ି ଛଟ ଛଟ ହୋଇ ମରିଗଲା ।

ଦେବତାମାନେ ଆକାଶରୁ ରାମଂକ ଯୁଦ୍ଧ ଦେଖି ଭାରି ଖୁସି ହେଲେ । ବିଶ୍ୱାମିତ୍ର ରାମ ଲକ୍ଷ୍ମଣଂକୁ ବହୁତ ଆଶୀର୍ବାଦ କଲେ । ସେମାନେ ସେଇ ବଣରେ ସେ ରାତିକ ରହିଲେ ।

---

## ବିଶ୍ୱାମିତ୍ରଂକ ଆଶ୍ରମକୁ ପଶିଲେ

ସକାଳେ ଉଠି ବିଶ୍ୱାମିତ୍ର ରାମଂକୁ କହିଲେ, "ବାବୁ, ମୁଁ ତୁମଠି ବଡ଼ ଖୁସି ହୋଇଚି; ତୁମକୁ କେତେଗୁଡ଼ିଏ ଆଶ୍ଚର୍ଯ୍ୟ ଅସ୍ତ୍ର ଦେବି । ଏସବୁ ଅସ୍ତ୍ର ଥିଲେ, କେହି ତୁମକୁ ଯୁଦ୍ଧରେ ଜିଣି ପାରିବେ ନାଇ ।

ଏହା କହି ବିଶ୍ୱାମିତ୍ର ପୂର୍ବମୁଖ ହୋଇ ବସି ଅସ୍ତ୍ରମାନଂକୁ ଧ୍ୟାନ କଲେ । ସୁହୁଁ ସୁହୁଁ କେତେ ଆଶ୍ଚର୍ଯ୍ୟ, ଭୟଂକର ଦିବ୍ୟ ଅସ୍ତ୍ର ସବୁ ସେଠାରେ ଆସି ପହଂଚିଲେ ।

ଦଂଡଚକ୍ର,କାଳଚକ୍ର,ଧର୍ମଚକ୍ର,ବିଷ୍ଣୁଚକ୍ର,ଇଂଦ୍ରଚକ୍ର, ବଜ୍ର, ଶୈବ, ବ୍ରହ୍ମଶିର, ଐଷିକ, ବ୍ରହ୍ମାସ୍ତ୍ର, ମୋଦକୀ ଓ ଶିଖରୀ ବୋଲି ଦୁଇଟି ଗଦା, ଧର୍ମପାଶ, କାଳପାଶ, ବରୁଣପାଶ, ଶୁଷ୍କ, ଆର୍ଦ୍ରା ବୋଲି ଦୁଇ ପ୍ରକାର ଦୁଇଟି ଅଶନି; ପାଶୁପତଅସ୍ତ୍ର, ଆଗ୍ନେୟବାଣ, ନାରାୟଣ ଅସ୍ତ୍ର, ହୟଶିର ବାଣ, ବାୟୁବ୍ୟାସ୍ତ୍ର, ହୋଂଚବାଣ, କପାଳ, କଂକଣୀ, ନଂଦନ, ଅସିମୋହନ, ପ୍ରସ୍ୱାପନ, ପ୍ରଶମନ

ଓ ଇଂଦ୍ରବାଣ, ବର୍ଷଣ, ଶୋଷଣ, ସଂତାପନ, ବିଳାପନ, ମଦନ, ମାନବ, ମୋହନ, ତାମସ, ସୌମନ, ସଂବର୍ତ୍ତକ, ମୌଷଳ, ସତ୍ୟ, ମାୟାମୟ, ତେଜଃପ୍ରଭ, ଶିଶିର, ତ୍ୱାଷ୍ଟ୍ର, ଶୀତେଷୁ ପ୍ରଭୃତି କେତେ ଅସ୍ତ୍ର, ଗଦା, ଶକ୍ତି, ଖଡ୍ଗ, ଶୂଳ, ବଜ୍ର ଆସି ବିଶ୍ୱାମିତ୍ରଂକ ଡାକରେ ପହଂଚିଲେ ।

ସେମାନେ ସମସ୍ତେ ରୂପ ଧରି ଆସି ହାତ ଯୋଡ଼ି ରାମଂକୁ କହିଲେ, "ଆମ୍ଭେମାନେ ଏବେ ତୁମ୍ଭର; ତୁମେ ଯାହା କହିବ, କରିବୁଁ ।" ରାମ ଗୋଟି ଗୋଟି କରି ସେମାନଂକୁ ଛୁଇଁ ଗଲେ; ତା'ପରେ କହିଲେ, "ଆଚ୍ଛା ଯାଅ, ମୁଁ ମନେ ପକାଇଲେ ସଂଗ ସଂଗେ ଆସିବ ।" ଶସ୍ତ୍ରମାନେ ହଉ ବୋଲି କହି ଚାଲିଗଲେ । ରାମ ସେ ଅସ୍ତ୍ରସବୁ ପାଇ, ତାଂକୁ ମାରିଲେ କିପରି ଉହ୍ଲରିବେ ଏକଥା ପଚାରିଲେ । ବିଶ୍ୱାମିତ୍ର ସେ କଥା ବୁଝାଇ ଦେଇ, ପୁଣି ଖୁସି ହୋଇ ଆଉ କେତେ ଦିବ୍ୟ ଅସ୍ତ୍ରମାନ ରାମଂକୁ ଦେଲେ ।

ତହୁଁ ଉତ୍ତରକୁ ତିନିହେଁ ଆସି ଗୋଟିଏ ପର୍ବତ ତଳେ ଅତି ସୁଂଦର ଗୋଟିଏ ଜାଗାରେ ପହଂଚିଲେ । ରାମ ବଡ଼ ଖୁସି ହୋଇ ଋଷିଂକୁ ସ୍ଥାନଟିର କଥା ପଚାରିବାରୁ, ଋଷି କହିଲେ, "ଏ ସ୍ଥାନଟିର ନାମ ସିଦ୍ଧାଶ୍ରମ, ଏଠାରେ ଆଗେ କଶ୍ୟପମୁନି ଆପଣା ଭାର୍ଯ୍ୟା ଅଦିତିଂକ ସଂଗେ ହଜାରେ ବର୍ଷ ରହି ତପସ୍ୟା କରିଥିଲେ । ଇଂଦ୍ର ସେହି କଶ୍ୟପ ଅଦିତିଂକ ପୁଅ । ପରେ ବିଷ୍ଣୁ ମଧ୍ୟ ତାଂକ ତପସ୍ୟାରେ ଖୁସି ହୋଇ ତାଂକ ପୁଅ ହୋଇ ଜନ୍ମ ହୋଇଥିଲେ । ସେହି ପୁଅଟିର ନାମ ବାମନ । ବାମନ ବହୁତ ଆଶ୍ଚର୍ଯ୍ୟ କାମ କରିଥିଲେ । ମୁଁ ଏବେ ଏହିଠାରେ ରହି ତପସ୍ୟା କରୁଛି ! ଦୁଷ୍ଟ ରାକ୍ଷସମାନେ ଏହିଠାକୁ ଆସି ଯଜ୍ଞ ନଷ୍ଟ କରୁଛଂତି । ସେହି ଦୁଷ୍ଟଂକୁ ତୁମେ ମାରିବ ।"

ଏହା କହୁ କହୁ ସମସ୍ତେ ଆସି ଆଶ୍ରମରେ ପଶିଲେ । ଋଷି, ଋଷିପତ୍ନୀମାନେ ସମସ୍ତଂକୁ ଭାରି ଆଦର ମର୍ଯ୍ୟାଦା କଲେ । ଆରଦିନ ଯଜ୍ଞ ଆରଂଭ ହେବାର ଠିକ୍ ହେଲା ।

---

## ରାମଂକ ଯଜ୍ଞରକ୍ଷା
## ମାରୀଚ, ସୁବାହୁଂକ ଦଣ୍ଡ

ଆରଦିନ ଯଜ୍ଞ ଆରଂଭ ହେଲା । ବିଶ୍ୱାମିତ୍ର ଯଜ୍ଞରେ ଛଅ ଦିନ ପାଇଁ ମୌନ ହୋଇ ଧ୍ୟାନରେ ବସି ରହିଲେ । କୁଆଡ଼ୁ ରାକ୍ଷସ ଆସିବେ କିଛି ନ ଜାଣି ରାମ ଲକ୍ଷ୍ମଣ ଦୁହେଁ ଧନୁଶର ଧରି ରାତିଦିନ ସତର୍କ ହୋଇ ଜଗିବସିଲେ । ପାଂଚଦିନ ପାଂଚରାତି ଚାଲିଗଲା । ଅସୁରଂକର ଦେଖାନାହିଁ । ଛଅଦିନ ରାତିରେ ଋଷିମାନେ ଆନଂଦରେ ହୋମ କରୁଚଂତି, ନିଆଁରେ ଆହୁତି ଢଳା ହଉଚି, ଘିଅର ବାସନାରେ ଚାରିଆଡ଼ ମହକ ଉଠୁଚି, ଅଗ୍ନି ଉପରକୁ ଜିଭ ମେଲାଇ ଜଳି ଉଠୁଚି, ହଠାତ୍ ମାରୀଚ, ସୁବାହୁ, ଆଉ ଆଉ ଅସୁରଂକୁ ଘେନି, ଆକାଶରେ ଦେଖା ଗଲେ ।

ଉପରେ ଥାଇ ସେମାନେ ଯଜ୍ଞବେଦୀରେ ରକ୍ତ ସିଂଚିଲେ । ଋଷିମାନେ ଅସୁରଂକୁ ଚାହିଁଲେ । ରାମ ଅସୁରଂକୁ ଚାହିଁଲେ । ତାଂକର ବଡ଼ ଘୃଣା ହେଲା । ଲକ୍ଷ୍ମଣଂକୁ କହିଲେ, "ଲକ୍ଷ୍ମଣ, ଏପରି ହୀନ ଜୀବମାନଂକୁ ମାରି କିଛି ଯଶ ନାହିଁ । ଶର ମାରି ଏମାନଂକୁ ଦୂରକୁ ତଡ଼ି ଦବା ।"

ଏଣେ ମାରୀଚ ଦେଖିଲା, ଗୋଟିଏ କାଳିଆ ଟୋକା ଧନୁ ଧରି ଛିଡ଼ାହୋଇଚି, ସଂଗରେ ଭାଇ ଅଛି । ତାକୁ ଖାତିର କରିଲା ନାହିଁ । ସେ ନିର୍ଭୟରେ ଆସି ଋଷିମାନଂକୁ ମାରି ଖାଇବ ବୋଲି ବସିଲା । ରାମଂକ ଦେହ ସହିଲା ନାହିଁ । ସେ ତୂଣୀରରୁ ମାନବାସ୍ତ୍ର କାଢ଼ି

ଧନୁରେ ବସାଇଲେ । ସଂଗେ ସଂଗେ ମାରୀଚ ଆଡ଼କୁ ମାରିଲେ । ସେ ବାଣର ପବନ ପରି ବଳ । ସେ ମାରୀଚକୁ ଏକାବେଳକେ ଆକାଶରେ ଉଡ଼ାଇନେଇ ଶହେ ଯୋଜନ ଦୂରରେ ସମୁଦ୍ରରେ ଫିଂଗି ଦେଲା । ରାମ ପୁଣି ଆଗ୍ନେୟାସ୍ତ୍ର କାଢ଼ି ସୁବାହୁକୁ ବିଂଧିଲେ । ସୁବାହୁ ତଳକୁ ପଡ଼ି ମରିଗଲା । ଆଉମାନଂକୁ ଉଡ଼ାଇ ଦେବାପାଇଁ ବାୟବ୍ୟ ଅସ୍ତ୍ର ଛଡ଼ା ଆଉ କିଛି ଲୋଡ଼ା ହେଲା ନାହିଁ ।

ମୁନିମାନେ ଭାରି ଖୁସି ହେଲେ । ରାମ ଲକ୍ଷ୍ମଣ ସେ ରାତି ଲଟିପତ୍ରରେ ଶେଯ କରି ନିଶ୍ଚିଂତରେ ଶୋଇଲେ । ସକାଳୁ ମୁନିମାନେ ବିଶ୍ୱାମିତ୍ର, ରାମ, ଲକ୍ଷ୍ମଣଂକୁ ସଂଗରେ ଧରି ଶହେ ଶଗଡ଼ରେ ଜିନିଷପତ୍ର ଲଦି ମିଥିଳା ଯିବାକୁ ବାହାରିଲେ । ମିଥିଳା ରାଜା ଜନକ ଗୋଟିଏ ବଡ଼ ଯାଗ କରୁଥିଲେ । ସେହି ଯାଗ ମୁନିମାନେ ଦେଖିବେ ଓ ରାମ ଲକ୍ଷ୍ମଣଂକୁ ଦେଖାଇବେ । ପୁଣି ଜନକଂକର ଗୋଟାଏ ଭୟଂକର ଧନୁ ଥିଲା । ସେଥିରେ ଦେବତା, ଗଂଧର୍ବ, ରାକ୍ଷସ କେହି ଗୁଣ ଚଢ଼ାଇ ପାରୁ ନ ଥିଲେ । ସେ ମଧ୍ୟ ଗୋଟିଏ ଦେଖିବା ଜିନିସ ।

ସମସ୍ତେ ଚାଲି ଚାଲି ସଂଧ୍ୟାକୁ ଆସି ଶୋଣ ନଦୀ କୂଳରେ ପହଂଚିଲେ । ସେ ରାତି ସେହିଠାରେ କଟିଲା । ଅଠର ଦିନ ପରେ ଶୋଣ କୂଳେ କୂଳେ ଆସି ଗଂଗା-ନଦୀ ପାଖେ ପହଞ୍ଚିଂଲେ । ବାଟରେ ଯାହା ଦେଖୁଥିଂତି ସେ ବିଷୟରେ ରାମଚଂଦ୍ର କେତେ କଥା ପଚାରୁଥାଆଂତି । ବିଶ୍ୱାମିତ୍ର ସବୁ ବିଷୟରେ କେତେ ପୁରୁଣା କାଳ କଥା କହୁଥାଆଂତି ।

## ଗଂଗା କଥା

ଗଂଗାକୂଳରେ ରାମ ପଚାରିବାରୁ ବିଶ୍ୱାମିତ୍ର ଗଂଗା କଥା କହିଲେ । ବିଶ୍ୱାମିତ୍ର କହିଲେ, "ତୁମମାନଂକ ପୂର୍ବ ପୁରୁଷରେ ଅଯୋଧ୍ୟାରେ ସଗର ବୋଲି ଜଣେ ରାଜା ଥିଲେ । ସେ ଏକ ଭାରି ଅଶ୍ୱମେଧ ଯାଗ କଲେ । ଇଂଦ୍ର ସେ ଯାଗ ଭାଂଗିଦବା ପାଇଁ, ଠିକ୍ ଘୋଡ଼ାଟି ଫେରି ଆସିବା ସଂଗେ ସଂଗେ ତାକୁ ଚୋରାଇନେଲେ । ଇଂଦ୍ର ଦେବତାଂକ ରାଜା । ଦେବତାମାନେ ମରିଂତି ନାହିଁ; ସେ ଅମର । ଇଂଦ୍ର କିଂତୁ ସବୁବେଳେ ଜଣେ ହୁଅଂତି ନାହିଁ । ପୃଥିବୀରେ ଯେ ଭାରି ଯାଗ ଧର୍ମ କରେ, ଦେବତ ମାନେ ତାକୁ ବାଛି ନେଇ ଇଂଦ୍ର କରଂତି । ପୁରୁଣା ଇଂଦ୍ର ରାଜପଦ ଛାଡ଼ି ଦିଅଂତି । ସେଥିପାଇଁ ମର୍ତ୍ତରେ କେହି ଇଂଦ୍ର ହେବାଭଳି ଧର୍ମ କଲେ, ଇଂଦ୍ର ସହି ନପାରି ତାଂକ କାମରେ ବାଧା ଦିଅଂତି ।"

ଇଂଦ୍ର ସେ ଘୋଡ଼ାଟି ନେଇ ପାତାଳରେ କପିଳ ମୁନିଂକ ଆଶ୍ରମରେ ବାଂଧି ଦେଇ ଗଲେ ।

ସଗରଙ୍କର ଷାଠିଏ ହଜାର ପୁଅ ଥିଲେ । ଆଉ ଗୋଟିଏ ପୁଅର ଅଂଶୁମାନ୍ ବୋଲି ପିଲା ପୁଅଟିଏ ବି ଥିଲା । ଷାଠିଏ ହଜାର ପୁଅଯାକ ଘୋଡ଼ା ପାଇଁ ସବୁଆଡ଼େ ଖୋଜି ପକାଇଲେ । ଶେଷକୁ ଷାଠିଏ ହଜାର ଯେ ଜଣ ଭୂଇଁ ବିଦାରି ପକାଇ ପାତାଳକୁ ପଶି କପିଳ ମୁନିଂକ ପାଖେ ଘୋଡ଼ାକୁ ଦେଖିଲେ । ସେମାନେ ଭାବିଲେ, କପିଳମୁନି ଘୋଡ଼ାକୁ ଚୋରି କରିଚଂତି । ସେଥିପାଇଁ ସେ କପିଳଂକୁ ମାରିବାକୁ ଯିବାରୁ କପିଳ ରାଗରେ ତାଂକୁ ପୋଡ଼ି ପାଉଁଶ କରି ଦେଲେ ।

ଅଂଶୁମାନ୍ କେତେ କାଳ ପରେ ଘୋଡ଼ା ଖୋଜିବାକୁ ଯାଇ ସୁପର୍ଣ୍ଣ, ବୋଲି ଜଣେ ଦେବତାଂକ ଠାରୁ ସବୁ କଥା ଶୁଣିଲେ । ସୁପର୍ଣ୍ଣ ମଧ୍ୟ କହିଲେ ଯେ ସ୍ୱର୍ଗରୁ ଗଂଗାଂକୁ ଆଣି ସେହି ପାଣିରେ ପାଉଁଶ ଧୋଇ ଦେଲେ, ଷାଠିଏ ହଜାରଯାକ ଉଦ୍ଧାର ପାଇବେ ।

ସେଠାରୁ ଅଂଶୁମାନ୍ ଘୋଡ଼ା ଆଣିଲେ । ସଗରଂକ ଯାଗ ଶେଷ ହେଲା । ସଗରଂକ ପରେ

ଅଂଶୁମାନ୍ ଗଂଗାଂକୁ ଆଣିବା ପାଇଁ ବହୁକାଳ ତପସ୍ୟା କରି କରି ମଲେ । ତାଂକ ପୁଅ ଦିଲୀପ ଆଉ ତପସ୍ୟା କରିବାକୁ ଯାଇ ପାରିଲେ ନାହିଁ । ପରେ ଦିଲୀପଂକ ପୁଅ ଭଗୀରଥ ଯାଇଁ ଘୋର ତପସ୍ୟା କରିବାରୁ ଗଂଗା ସଂତୋଷରେ ମର୍ତ୍ତ ବାଟେ ପାତାଳକୁ ଆସିବେ ବୋଲି ମଂଗିଲେ ।

କିଂତୁ ଗଂଗା ସ୍ୱର୍ଗରୁ ମର୍ତ୍ତକୁ ଖସିଲାବେଳେ ତାଂକୁ ତ ପୃଥିବୀ ସଂଭାଳି ପାରିବ ନାହିଁ । ମହାଦେବ କେବଳ ତାଂକୁ ଧରି ପାରିବେ ବୋଲି ବ୍ରହ୍ମା କହିଗଲେ । ଭଗୀରଥ ପୁଣି ତପସ୍ୟା କରି ମହାଦେବଂକୁ ମଂଗାଇଲେ । ମହାଦେବଂକ ମୁଂଡରେ ବଡ଼ ବଡ଼ ଜଟାମାନ ଲଂବିଥାଏ । ମହାଦେବ ଆସି ଜଟାମାନ ଲଂବାଇ ଅଂଟାର ଦୁଇପାଖେ ହାତ ଦେଇ ଦଂଭ ହୋଇ ଠିଆ ହେଲେ । ଗଂଗା ସ୍ୱର୍ଗରୁ ତାଂକ ମୁଣ୍ଡଂକୁ ଖସିଲେ । ଜଟା ଭିତରୁ ଗଂଗାଂକର ଗୋଟିଏ ଧାର ବହୁ କଷ୍ଟରେ ବାହାରି ଭଗୀରଥଂକ ପଛେ ପଛେ ପାତାଳ ଆଡ଼କୁ ଚାଲିଲା । ବାଟରେ ବହୁତ ବାଧା ଏଡ଼ି ଶେଷରେ ଖୋଳିଥିବା ଗାତ ପୂର୍ଣ୍ଣକରି ଗଂଗା ସଗର ପୁଅମାନଂକୁ ଉଦ୍ଧାର କଲେ । ଭଗୀରଥ ଆଣିଥିଲେ ବୋଲି ଗଂଗାଂକ ନାମ 'ଭଗୀରଥୀ' । ସଗରଂକ ପୁଅମାନେ ଖୋଳିଥିଲେ ବୋଲି ସମୁଦ୍ର ନାମ 'ସାଗର' ।

ଏକଥା ଶୁଣି ରାମ ଲକ୍ଷ୍ମଣ ମନେ ମନେ ଗଂଗାଂକୁ ପ୍ରଣାମ କଲେ । ଗଂଗା ତାଂକର ପିତୃପୁରୁଷଂକୁ ଉଦ୍ଧାର କରିଚଂତି ଜାଣି, ତାଂକ ମନରେ ଗଂଗାଂକ ପ୍ରତି ବହୁତ ଭକ୍ତି ହେଲା । ଭଗୀରଥଂକ ତପସ୍ୟା କଥା ଶୁଣି ତାଂକ ରୁମ ଟାଂକୁରି ଉଠିଲା ।

## ଅହଲ୍ୟା କଥା

ସକାଳୁ ଗଂଗାନଦୀ ପାରି ହୋଇ ସମସ୍ତେ ବିଶାଳା ରାଜ୍ୟରେ ପହଂଚିଲେ । ସେଠାରେ ରାଜା ପ୍ରମତିଂକ ସଂଗେ ଦେଖାକରି ପୁଣି ଚାଲିଲେ । ଚାରିଦିନ ଦିନ ସକାଳେ ମିଥିଳା ନଗର ସେମାନଂକୁ ଦୂରରୁ ଦେଖାଗଲା । ସେହି ସ୍ଥାନ ପାଖେ ଗୋଟିଏ ଅତି ସୁଂଦର ପୁରୁଣା ଆଶ୍ରମ ଦେଖି ରାମ ବିଶ୍ୱାମିତ୍ରଂକୁ ପଚାରିଲେ, "ଏଠାରେ ତ କାହିଁ କେହି ନାହାଂତି, ଏଇଟି କାହାର ତପୋବନ ?"

ବିଶ୍ୱାମିତ୍ର କହିଲେ, "ବାପା, ଏଇଟି ଗୌତମ ମୁନିଂକ ଆଶ୍ରମ । ଗୌତମଂକ ଭାର୍ଯ୍ୟା ଅହଲ୍ୟା ଥରେ ଗୋଟାଏ ବଡ଼ ଅପରାଧ କରି ପକାଇବାରୁ ଗୌତମ ତାଂକୁ ଶାପ ଦେଇଥିଲେ, 'ତୁ ଏହିଠାରେ ପାଉଁଶ ଭିତରେ ପଡ଼ିଥାଏ । ତତେ କେହି ଦେଖିପାରିବେ ନାହିଁ । ପବନ ଛଡ଼ା ଆଉ କିଛି ତତେ ଖାଇବାକୁ ମିଳିବ ନାହିଁ । ଅନେକ ଦିନ ପରେ ଦଶରଥଂକ ପୁଅ ରାମ ଏହିବାଟେ ଆସିବେ । ସେତେବେଳେ ତୁ ପୁଣି ଭଲ ମଣିଷ ପରି ହବୁ । ତୋତେ ସମସ୍ତେ ଦେଖିବେ, ତୋର ମୋର ମଧ୍ୟ ଭେଟହେବ ।' ଏହା କହି ଗୌତମ ହିମାଳୟ ପର୍ବତକୁ ଚାଲିଗଲେ । ବାବୁ ରାମ, ତୁମେ ଏବେ ଟିକଏ ଏଇ ଆଶ୍ରମ ଭିତରକୁ ଆସି ଅହଲ୍ୟାଂକୁ ଉଦ୍ଧାର କର ।"

ଗୌତମଂକ ଆଶ୍ରମ ଭିତରକୁ ପଶି ସେମାନେ ଅହଲ୍ୟା ଦେବୀଂକୁ ଦେଖିଲେ । ଏତେକାଳ ଧରି ସେ ଖାଲି ତପସ୍ୟା କରୁଥିଲେ । ତପସ୍ୟାଫଳରେ ତାଂକ ଦେହରୁ ଆଶ୍ଚର୍ଯ୍ୟ ତେଜ ବାହାରୁଥିଲା । ତାଂକୁ ଆଜଯାଏ କେହି ଦେଖି ନ ଥିଲେ । ରାମ ଆସିବାରୁ ସମସ୍ତେ ତାଂକୁ ଦେଖିଲେ । ଅହଲ୍ୟାଂକୁ ଦେଖି ରାମ ଲକ୍ଷ୍ମଣ ପ୍ରଣାମ କଲେ । ଅହଲ୍ୟା ମଧ୍ୟ ଗୌତମଂକ କଥା ମନେ ପକାଇ ରାମଂକର ପାଦପୂଜା କଲେ । ଗୌତମ ମଧ୍ୟ ତପସ୍ୟା ବଳରେ ସବୁ ଜାଣିପାରି ସେଠାରେ ଆସି ପହଂଚିଲେ । ଅହଲ୍ୟାଂକ ଦୁଃଖ ଶେଷ ହେଲା । ପୁଣି ଗୌତମ ଅହଲ୍ୟା ଦୁହେଁ ଆଶ୍ରମରେ ରହି ତପସ୍ୟାରେ ଲାଗିଲେ ।

## ମିଥିଳାରେ ଶିବଧନୁ ଭଂଗ

ଗୌତମଙ୍କ ଆଶ୍ରମରୁ ମିଥିଳା ବେଶି ବାଟ ନୁହେ । ସମସ୍ତେ ଆସି ମିଥିଳାରେ ପହଂଚିଲେ । ସେତେବେଳକୁ ଜନକଙ୍କ ଯାଗର ଭାରି ଧୁମ୍‌ଧାମ୍ ଲାଗିଛି । କେତେ ଦେଶରୁ କେତେ ଲୋକ ଆସି ରୁଂଣ୍ଡ ହୋଇଚଂନ୍ତି । ଘୋଡ଼ା, ହାତୀ, ରଥ, ଶଗଡ଼ ସବୁ ମିଥିଳା ସହର ତମାମ୍ ଜମା ହୋଇଚି । ଜନକ ଭାରି କାର୍ଯ୍ୟବ୍ୟସ୍ତ ଥିଲେ । କିଂତୁ ବିଶ୍ୱାମିତ୍ର ଆସିଚଂନ୍ତି ବୋଲି ଶୁଣି ସବୁ କାମ ଛାଡ଼ି ଚାଲିଆସିଲେ । ବିଶ୍ୱାମିତ୍ରଂକୁ ଅଭ୍ୟର୍ଥନା କରି ନେଇଗଲେ । ଜନକଂକ ପୁରୋହିତ ଶତାନଂଦ ଋଷି ମଧ୍ୟ ବିଶ୍ୱାମିତ୍ରଂକୁ ଆଦର କରି ନେବା ପାଇଁ ଜନକଂକ ସଂଗେ ଆସିଥିଲେ ।

ବିଶ୍ୱାମିତ୍ରଂକୁ ନେଇ ଆଦରରେ ବସାଇ ଜନକ ପଚାରିଲେ, "ମୁନିବର ! ଆପଣଂକ ସଂଗେ ଏ ବାଳକ ଦିଓଟି କିଏ ?" ଆହା, ଏ ଦିହେଁ କେଡ଼େ ସୁଂଦର ହୋଇଚଂନ୍ତି । ଏମାନେ କାହା ପୁଅ ? କାହିଁକି ବା ଏତେ ଦୁଃଖ ପାଇ ଆସିଚଂନ୍ତି ?"

ବିଶ୍ୱାମିତ୍ର ସେଠାରୁ ରାମ ଲକ୍ଷ୍ମଣଂକୁ ଚାହାଁଇ ଦେଲେ; ସିଦ୍ଧାଶ୍ରମରେ ରାକ୍ଷସଂକୁ ମାରିବା କଥା, ଗୌତମଂକ ଆଶ୍ରମରେ ଅହଲ୍ୟାଂକ ଉଦ୍ଧାର କରିବା କଥା—ସବୁ କହିଗଲେ । ପରେ କହିଲେ, "ଏମାନେ ଆପଣଂକ ଶିବଧନୁ ଦେଖିବାକୁ ଏଠାକୁ ଆସିଚଂନ୍ତି ।"

ଜନକଂକ ପୁରୋହିତ ଶତାନଂଦ ଗୌତମଂକ ବଡ଼ ପୁଅ । ସେ ମାଂକ ଉଦ୍ଧାର କଥା ଶୁଣି ଭାରି ଖୁସି ହେଲେ । ସେଥିପାଇଁ ରାମ, ଲକ୍ଷ୍ମଣ ଓ ବିଶ୍ୱାମିତ୍ରଂକୁ କେତେ ପ୍ରଶଂସା କଲେ, କିଏ କହି ପାରିବ ?

ତହିଁ ଆରଦିନ ସକାଳୁ ଶିବଧନୁ ଦେଖିବା କଥା ପୁଣି ପଡ଼ିବାରୁ ଜନକ କହିଲେ, "ସେ ଧନୁ କଥା ତେବେ ଶୁଣଂନ୍ତୁ । ଶିବ ଥରେ ଏହି ଧନୁ ଧରି ଦେବତାମାନଂକୁ ମାରିବାକୁ ଗଲେ । ଦେବତାମାନେ ମିନତି କରିବାରୁ ଧନୁଟି ସେହି ଦେବତାଂକ ପାଖେ ରଖିଦେଲେ । ଦେବତାମାନେ ସେହିଧନୁ ଦେବରାଜଂକ ପାଖେ ରଖିଲେ । ଏହି ଦେବରାଜ ଆମର ପୂର୍ବପୁରୁଷ ।"

"ମୁଁ ଦିନେ ହଳ ଧରି ଯାଗ ପାଇଁ ଭୂଇଁ ଚଷୁଥିଲି । ଲଂଗଳଖୋଳା ମାଟି ଭିତରୁ ଗୋଟିଏ ସୁଂଦର ଝିଅ ପାଇଲି । ସେ ଝିଅ ଏବେ ବଡ଼ ହେଲାଣି । ସେ ଝିଅ-ଟିର ନାମ ସୀତା (ଲଂଗଳ ସିଆରକୁ ସୀତା କହଂନ୍ତି) । ମୁଁ ପ୍ରତିଜ୍ଞା କରିଚି, ଯେ ବୀର ପୁରୁଷ ନେଇ ଶିବଧନୁରେ ଗୁଣ ଚଢ଼ାଇ ପାରିବ, ତାକୁଇ ଝିଅ ଦେବି ।"

ଜନକ ପୁଣି କହିଲେ, "କେତେ ବଡ଼ ବଡ଼ ରାଜା ଧନୁରେ ଗୁଣ ଦେବାକୁ ଆସି, ଧନୁଟି ଟେକି ପାରିଲେ ନାଇ, ଅପମାନ ପାଇ ମୋ ସଂଗେ ଯୁଦ୍ଧ ବି କଲେ । ମୁଁ ଦେବତାଂକ ସାହାଯ୍ୟରେ ବଡ଼ କଷ୍ଟରେ ତାଂକୁ ତଡ଼ିଲି । ଆହା, ସତେ ରାମ ଏ ଧନୁରେ ଗୁଣ ଚଢ଼ାଇ ମୋ ସୀତାର ହାତ ଧରିବେ !"

ଏହା କହି ଜନକ ଧନୁ ଆଣିବା ଲାଗି ଚାକର-ମାନଂକୁ କହିଲେ । ସେ ଧନୁ କିଛି ସାମାନ୍ୟ ବାଉଁଳି-ଖଣ୍ଡା ନୁହେ, ଆଠଚକିଆ ଲୁହା ଗାଡ଼ି ଉପରେ ଲୁହା ସିଂଦୁକରେ ରଖା ହୋଇଥିଲା । ଶହ ଶହ ଯୋଦ୍ଧା ଗଡ଼କୁ ଓଟାରି ଓଟାରି ଆଣିଲା ବେଳେ, ଚକ କଟ୍ କଟ୍ ଡାକୁଥାଏ ।

ରାମ ଧନୁପାଖକୁ ଗଲେ । ବଡ଼ ବୀରମାନେ ଯାହାକୁ ଟେକି ପାରି ନାହାଂନ୍ତି, ରାମଂକର ସେଥିରେ ଟିକିଏ କଷ୍ଟ ହେଲେ ହେଂଦା କିଛି ନ ଥିଲା । କିଂତୁ ରାମ ଧୀରେ ଧୀରେ ଯାଇ ଡେରିକ ହାତରେ ଧନୁଟିକୁ ଧରିଲେ ।

ଧନୁର ଗୋଟିଏ ମୁଂଡ ତଳେ ରଖି ଆଉ ମୁଂଡଟି ଉପରକୁ କରି ଧନୁକୁ ଟିକଏ ଟାଣିଲେ । ତା ଉପରୁ ଖେଳନା ପରି ସେହି ହାତରେ ଧନୁଟିକୁ ଉପରକୁ ଟେକି ଦେଲେ । ସଭାରେ ସମସ୍ତେ ଦେଖି ଧନ୍ୟ ଧନ୍ୟ କଲେ ।

ଧନୁର ଗୁଣଟି ଗୋଟିଏ ମୁଂଡରେ ଲାଗିଥିଲା, ଆଉ ମୁଂଡରୁ ଖସିଥିଲା । ଖସିଥିବା ମୁଂଡରେ ଗୁଣ ଲଗାଇବା ପାଇଁ ଧନୁଟି ଧରି ଆସ୍ତେ ଆସ୍ତେ ନୁଆଁଇଲେ । ଟାଣୁଁ ଟାଣୁଁ ଧନୁ ମଡ଼ ମଡ଼ ଡାକ ଦେଲା । ସେ ଡାକ କିଛି ସାମାନ୍ୟ ନୁହେଁ; ଶୁଣି ସମସ୍ତେ ଥରହର ହୋଇଗଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଆଁ କରି ଚାହିଁଚଂତି, ଦେଖୁଁ ଦେଖୁଁ ଭଡ଼୍ କରି ଗୋଟାଏ ଭାରି ଶବ୍ଦ ହେଲା । ଭୟରେ ସମସ୍ତଂକର ଆଖି ବୁଜି ହୋଇଗଲା । ଧନୁଟି ଦୁଇ ଖଂଡ ହୋଇ ଖଂଡେ ହାତରେ ରହିଲା, ଆଉ ଖଂଡେ ତଳେ ପଡ଼ିଗଲା ।

କେତେ ବେଳଯାଏଁ କେହି କିଛି କଥା କହି ପାରିଲେ ନାହିଁ, ଶେଷକୁ ଜନକ ବୁଢ଼ା ଆନଂଦରେ ଗଦ୍‌ଗଦ୍ ହୋଇ କାଂଦି କାଂଦି କହି ପକାଇଲେ, "ରାମଂକ ଆଶ୍ଚର୍ଯ୍ୟ କାମର କଥା ମୁଁ ଶୁଣିଥିଲି । କିଂତୁ ସେ ଏ ଧନୁ ଭାଂଗିବେ ବୋଲି ମୋ ମନେ ନ ଥିଲା । ମୋର କି ଭାଗ୍ୟ ! ସୂର୍ଯ୍ୟବଂଶର ଦଶରଥଂକ ପୁଅ ରାମ ଆଜି ମୋ ସୀତାର ହାତ ଧରିବେ ।"

## ରାମ ସୀତାଂକ ବିବାହ

ସଂଗେ ସଂଗେ ଦଶରଥଂକଠାକୁ ଖବର ପଠା ହେଲା । ଅଯୋଧ୍ୟାରେ ଶୁଣି ସମସ୍ତେ ଭାରି ଖୁସିହେଲେ । ଦଶରଥ ଭରତ ଶତ୍ରୁଘ୍ନଂକୁ ନେଇ ଆସି ମିଥିଳାରେ ପହଂଚି ଗଲେ । ଦଶରଥ ଜନକଂକ କଥାବାର୍ତ୍ତା ହୋଇ ଗଲା । ଜନକଂକର ଉର୍ମିଳା ବୋଲି ଆଉ ଗୋଟିଏ ଝିଅ ଥିଲା । ଜନକଂକ ଭାଇ କୁଶଧ୍ୱଜଂକର ମାଂଡବୀ, ଶ୍ରୁତକୀର୍ତ୍ତି ବୋଲି ଦୁଇଟି ଝିଅ ଥିଲେ । ସେମାନେ ପିଲା ଦିନୁ ସୀତାଂକ ସଂଗେ ଖେଳି ବୁଲି ବଢ଼ିଥିଲେ । ସବୁ ଝିଅଗୁଡ଼ିକ ଏକା ବୟସୀ ।

ଏବେ କଥା ହୋଇଗଲା, ରାମ ସୀତାଂକ ବିଭା ସଂଗେ, ଭରତ ମାଂଡବୀଂକୁ, ଲକ୍ଷ୍ମଣ ଉର୍ମିଳାଂକୁ ଓ ଶତ୍ରୁଘ୍ନ ଶ୍ରୁତକୀର୍ତ୍ତିଂକୁ ବିଭା ହେବେ ।

ଆନଂଦରେ ଦଶରଥଂକ ଦେହ ପୂରି ଯାଉଥାଏ । ମିଥିଳା ସହରରେ ମହୋତ୍ସବ ଲାଗିଲା । ଯେଉଁଆଡ଼େ ଚାହଁ, ସେ ଆଡ଼େ ପୂର୍ଣ୍ଣକୁଂଭ । ଦାଂଡଯାକ ବାଇଦ ପେଁକାହାଳୀ ବାଜୁଛି, କେତେ ହୁଳହୁଳି ଉଠୁଛି, ସବୁଆଡ଼େ ନାଚ ବାଇଦ ଧୁମ୍ ଧାମ୍ । ବଂଧୁ ବାଂଧବ ବ୍ରାହ୍ମଣ ଆସିଚଂତି; ଗରିବ ଲୋକେ ପହଂଚିଚଂତି । ସବୁଆଡ଼େ ଭୋଜି; ସବୁଆଡ଼େ ଖିରିପିଠା, ସବୁଆଡ଼େ ଛାମୁଡ଼ିଆ, ସବୁଆଡ଼େ ଦୁହୁଡ଼ି । ରାତି, ଦିନପରି ଦିଶୁଛି । କୋଳାହଳ ଉତ୍ସବରେ ସମସ୍ତେ ମାତିଚଂତି ।

ବିଭାଘର ଦିନ ପୁରୋହିତ ମଂତ୍ର ପଢ଼ିଲେ; ବେଦୀରେ ହୋମ ହେଲା । ହାତଗଂଠି ପଡ଼ିଗଲା, ହାତଗଂଠି ପଡ଼ିଲା ବେଳେ ଜନକ ଓ କୁଶଧ୍ୱଜଂକ ଆଖିରୁ ଟୋପାଏ ଲୁହ ଗଡ଼ି ପଡ଼ିଥିବ ।

ଭାଇମାନେ ବେଦୀରେ ନିଜ ନିଜ ଭାର୍ଯ୍ୟାମାନଂକ ହାତ ଧରି ସାତ ଥର ଲେଖାଁଏ ଅଗ୍ନିକୁ ସାକ୍ଷୀ କରି ବୁଲିଲେ । ବିଭାଘର ସରିଲା ।

ତହିଁ ଆରଦିନ ବିଶ୍ୱାମିତ୍ର ହିମାଳୟକୁ ଚାଲିଗଲେ । ଦଶରଥ ମଧ୍ୟ ପୁଅ ବୋହୂଂକୁ ନେଇ ଅଯୋଧ୍ୟାକୁ ଫେରିବାର ଯୋଗାଡ଼ କଲେ, ଜନକଂକ ଘରେ ମାଇପି-

ମାନେ କାଂଦୁଥିବେ; ଝିଅମାନେ କାଂଦି କାଂଦି ବିଦାୟ ନେଉଥିବେ । ବାପାମାନେ ପୁଅଙ୍କ ସଂଗେ ସଂଗେ ଟିକିଏ ବାଟ ଆସିଲେ; କାଂଦି କାଂଦି ଫେରିଥିବେ । ସେ କଥା ଛାଡ଼ ।

ଜନକ ବହୁତ ଯୌତୁକ ଦେଇଥିଲେ । କେତେ ଗୋରୁ, ଗାଈ, ଚାକର, ଚାକରାଣୀ, ଘୋଡ଼ା, ହାତୀ, ରଥ, ସୈନ୍ୟ, ସାମଂତ ସେ ଯୌତୁକରେ ଥିଲା, ତାହା କିଏ ଗଣିବ ? ଧନ, ରତ୍ନ, ଲୁଗା, ପାଟର ତ ସୀମା ନାଇ । ସବୁ ସୈନ୍ୟ ସାମଂତ, ଧନ, ରତ୍ନ, ଯୌତୁକ ଓ ପୁଅ ବୋହୂଂକୁ ନେଇ ଦଶରଥ ମିଥିଲା ଛାଡ଼ିଲେ ।

## ପରଶୁରାମ କଥା

ଦଶରଥ ପୁଅ ବୋହୂମାନଂକୁ ନେଇ ବାଟରେ ଯାଉଚଂତି, ହଠାତ୍ ଏ କଅଣ ହେଲା ! ପକ୍ଷୀମାନେ ବୋବାଇ ଉଠିଲେ; ପଶୁମାନେ ଏଣେତେଣେ ପଳାଇଲେ; ଭୂଇଁ କଂପିଲା; ବତାସି ବୋହିଲା; ଗଛ ପତ୍ର ଭାଂଗି ପଡ଼ିଲା; ସୂର୍ଯ୍ୟ ଲୁଚିଗଲେ; ଚାରିଆଡ଼େ ଧୂଆଁ ଉଠି ଅଂଧାର ହୋଇଗଲା । ସମସ୍ତେ ତୁନିଆଁ ହୋଇଗଲେ ।

ବୁଝୁଁ ବୁଝୁଁ ଜଣାଗଲା, ମହାବୀର ପରଶୁରାମ ଆସୁଚଂତି । ତାଂକୁ ଦେଖିଲେ ଡରମାଡ଼ୁଚି । ଦେହ ସୁଂଦର ହେଲେ ମଧ୍ୟ ରାଗରେ ଜଳି ଉଠୁଚି । ଲୋକଟା ପାହାଡ଼ ପରି; ହାତ ଦୁଇଟା ଶାଳଗଛ ପରି ଜଂଘଯାଏ ଲଂବିଚି । ବାଁ ହାତରେ ଗୋଟାଏ ବଡ଼ ଧନୁ; ସେ ଧନୁ ଜନକଂକ ଧନୁକୁ ବଳିଲେ ବି ବଡ଼ ହୋଇପାରେ । ତାଂକ ଡାହାଣ ହାତରେ ବଡ଼ ଫାରସା ( ପରଶୁ ) ଟାଏ ଜକ୍ ଜକ୍ ଦିଶୁଚି । ଦେଖିଲେ ରକ୍ତ ଶୁଖିଯାଉଚି । ଏହି ଫାରସାରେ ସେ ଏକୋଇଶ ଥର କ୍ଷତ୍ରିୟମାନଂକୁ ହାଣି ଖଂଡ ଖଂଡ କରିଥିଲେ । କ୍ଷତ୍ରିୟ ବିଚାରାଂକର ଏହି ଅପରାଧ ଯେ, କାର୍ତ୍ତବୀର୍ଯ୍ୟାର୍ଜୁନ ବୋଲି ତାଂକ ଭିତରୁ କେହି ଜଣେ, ପରଶୁରାମଂକ ବାପ ଯମଦଗ୍ନି ମୁନିଂକୁ ମାରି ପକାଇଥିଲେ ।

କ୍ଷତ୍ରିୟ ମାରି ମାରି ତାଂକ ରାଗ ଏବେ ଟିକିଏ କମିଗଲା । ଏବେ ଆଉ କ୍ଷତ୍ରିୟ ଦେଖିଲେ ଧରି ହାଣଂତି ନାଇ । କ୍ଷତ୍ରିୟଂକଠାରୁ ପୃଥିବୀ ଜିଣି, ସେ ତାହା କଶ୍ୟପଂକୁ ଦାନ କରି ହିମାଳୟରେ ଯାଇ ତପସ୍ୟା କରୁଥିଲେ । ସେହି ଦିନୁ ପୃଥିବୀରେ ଆଉ ରାତିଏ ହେଲେ ରହଂତି ନାଇ । ଦରକାର ପଡ଼ିଲେ ଆକାଶରେ ଯିବା ଆସିବା କରଂତି ।

ରାମଂକ କୀର୍ତ୍ତି ଶୁଣି ସେ ଆଜି ଭାରି ରାଗି ଯାଇଚଂତି । ଏବେ ଆଗରେ ଦେଖି ସେ କହିଲେ, ତୁମେ ତ ଏବେ ବଡ଼ ବୀର ହୋଇଚ । ଶିବଧନୁ ଭାଂଗିଚ । ଆଚ୍ଛା, ମୋର ଏ ଧନୁରେ ଗୋଟାଏ ବାଣ ବସାଅ ଦେଖି ! ଯେବେ ପାରି, ତେବେ ତୁମର ମୋର ଯୁଦ୍ଧ ହେବ ।”

ଏହା ଶୁଣି ଦଶରଥଂକର ଭାରି ଭୟ ହେଲା । ରାମଂକର କାଳେ ଅକାର୍ଯ୍ୟ ହେବ, ଏହା ଭାବିକରି ସେ ରାମଂକୁ ଛାଡ଼ି ଦେବା ପାଇଁ ପରଶୁରାମଂକୁ ବହୁତ ମିନତି କଲେ । କିଂତୁ ପରଶୁରାମ ଶୁଣିବେ କିଆଁ ? ସେ ରାମଂକୁ କହିଲେ, “ବିଶ୍ୱକର୍ମା ଦୁଇଖଂଡ ବଡ଼ ଧନୁ ତିଆରି କରିଥିଲେ । ସେଥିରୁ ଖଂଡେ ତୁମେ ଭାଂଗିଚ । ଏ ଖଂଡକ ତା ଠାରୁ କମ ନୁହେ । ଏଥିରେ ଗୁଣ ଚଢ଼ାଅ ଦେଖି; ତୁମ କ୍ଷତ୍ରିୟପଣ ବୁଝିବା ।

‘ତୁମ କ୍ଷତ୍ରିୟପଣ ବୁଝିବା’, ଏ କଥା ଶୁଣି ରାମଂକୁ ଭାରି ଅପମାନ ଲାଗିଲା । ‘ଆଚ୍ଛା ତେବେ ଧନୁଟି ଦେଖେଁ’ ବୋଲି ରାମ ହାତ ବଢ଼ାଇ ଦେଲେ । ଧନୁଟି ନେଇ ସେଥିରେ ଖେଳନା ପରି ଗୋଟିଏ ଶର ବସାଇ,

ଟଣ୍ ଟଣ୍ କରି ଦୁଇଥର ଟାଣି ବଜାଇ ଦେଇ ପଚାରିଲେ, "ଏବେ କଅଣ ଆଜ୍ଞା ହଉଚି, କହିବା ହେଉନ୍ତୁ ଋଷିବର ! ଆପଣ ଯେ ବ୍ରାହ୍ମଣ, ପୁଣି ବିଶ୍ୱାମିତ୍ରଙ୍କ ଭଉଣୀର ପୁଅ, ଆପଣଙ୍କୁ ତ ମାରିବି ନାଇ । ମାତ୍ର ଏ ଧନୁର ଶର ତ ବୃଥା ଯିବ ନାଇ । ତେବେ କହନ୍ତୁ ଆପଣ ତପସ୍ୟା କରି ଯେଉଁସବୁ ସ୍ଥାନ ପାଇଛନ୍ତି ତାହା ନଷ୍ଟ କରିବି, ନା ଆପଣଙ୍କର ଆକାଶରେ ଯିବ ଆସିବା ବାଟ ବନ୍ଦ କରିବି ?"

ଏବେ ପରଶୁରାମଙ୍କର ଆଉ ରାଗ ନାଇ । ସେ ବୁଝିଲେ ରାମ ମହାପୁରୁଷ । ସେ ହାତ ଯୋଡ଼ି କହିଲେ, "ରାମ ମୋର ତପସ୍ୟାରେ ଅର୍ଜିଥିବା ସ୍ଥାନସବୁ ନଷ୍ଟ କର; ମୋ ବାଟ ବନ୍ଦ କର ନାଇ । ମୁଁ ବୁଝିଲି, ତୁମେ ମନୁଷ୍ୟ ନୁହ, ତୁମର ମଙ୍ଗଳ ହଉ ।"

ରାମ ଶର ମାରି ତପସ୍ୟାରେ ପାଇଥିବା ପରଶୁରାମଙ୍କ ସ୍ଥାନଗୁଡ଼ିକ ନଷ୍ଟ କଲେ । ତାଙ୍କ ବାଟ ବନ୍ଦ କଲେ ନାଇ । ପରଶୁରାମ ଚାଲିଗଲେ । ଆଉ ସମସ୍ତେ ଅଯୋଧ୍ୟାକୁ ଆସିଲେ ।

ରାଣୀମାନେ କେତେ ଆଦରରେ ହୁଳହୁଳି ଦେଇ ପୁଅ ବୋହୂଙ୍କୁ ଘରକୁ ନେଲେ, ସେ କଥା ଆଉ କହିବା ଦରକାର କଣ ? ସହରରେ ପୂଜା, ଅର୍ଚ୍ଚନା; ଆମୋଦ, ଉତ୍ସବ ଲାଗିଗଲା । ରାଣୀମାନେ ବୋହୂଙ୍କୁ କଲ୍ୟାଣ କରି କେତେ ଅଳଙ୍କାର ଶାଢ଼ୀ ଦେଲେ, ସେ କଥା କିଏ କହିପାରିବ ?

ବାହାଘର ବେଳକୁ ଭରତଙ୍କ ମାମୁଁ ଆସିଥିଲେ । ସେ ଫେରିଗଲା ବେଳକୁ ଭରତଙ୍କୁ ସାଙ୍ଗେ ଘେନି ଯିବାକୁ କହିଲେ । ଭରତ ମଧ୍ୟ ଅଜା ଆଈଙ୍କ ଟିକିଏ ଦେଖି ଆସିବେ ବୋଲି ବାହାରିଲେ । ଦଶରଥ 'ହଁ' କଲେ । ଶତ୍ରୁଘ୍ନ ମଧ୍ୟ ଭରତଙ୍କ ସାଙ୍ଗରେ ତାଙ୍କ ମାମୁଁ ଘରକୁ ଗଲେ ।

---

# ଅଯୋଧ୍ୟା କାଣ୍ଡ

## ରାମ ଯୁବରାଜ ହେବେ

ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ଭିତରେ ଭାରି ମେଳଥାଏ । ରାମ ସମସ୍ତଙ୍କୁ ଭାରି ସୁଖ ପାଉଥିଲେ, ବାପାଙ୍କୁ ମଧ୍ୟ ସେ ଭାରି ସୁଖ ପାଉଥିଲେ ଓ ମାନୁଥିଲେ । ବାପା ଯହିଁରେ ସନ୍ତୋଷ ହେବେ, ଜାଣିକରି ସେହି କଥା ସେ ସବୁବେଳେ କରୁଥିଲେ । ମା'ମାନଙ୍କୁ ବି ସେ ଭାରି ଖାତିର କରୁଥିଲେ । ସବୁ ମା'ମାନଙ୍କୁ ସମାନ ସନ୍ତୋଷରେ ରଖୁଥିଲେ । ସେ ବ୍ରାହ୍ମଣ ଓ ଗୁରୁଲୋକମାନଙ୍କୁ ଭାରି ମାନ୍ୟ କରୁଥିଲେ; ଧନୀ ଗରିବ ସମସ୍ତଙ୍କ ସଙ୍ଗେ ସୁଖ ଦୁଃଖ କଥାବାର୍ତ୍ତା ହେଉଥିଲେ । ଭଲ କଥା କହି ସମସ୍ତଙ୍କୁ ଆପଣାର କରୁଥିଲେ । ରାମଙ୍କ କଥା ଶୁଣି ଆନନ୍ଦରେ ସମସ୍ତଙ୍କ ପେଟ ପୂରି ଯାଉଥିଲା । ସମସ୍ତେ ଧନ୍ୟ ଧନ୍ୟ କରୁଥିଲେ । କହୁଥିଲେ, "ରାମଙ୍କ ପରି ପୁଅ ମଞ୍ଚରେ ଜନ୍ମ ହୁଏ ନାଇ ।"

ସୀତାଙ୍କୁ ମଧ୍ୟ ରାମ ଭାରି ସୁଖ ପାଉଥିଲେ ଓ ଆଦର କରୁଥିଲେ । ରାମ ସୀତା ଦିହେଁ ଭାରି ସୁଖରେ ଥାଆନ୍ତି । ରାମ ସୀତାଙ୍କର ପ୍ରାଣ ପରି ଥିଲେ । ସୀତାଙ୍କୁ ଭାରି ବିଶ୍ୱାସ କରୁଥିଲେ; ରାମଙ୍କ ମନରେ ଯାହା ଥିଲା, ସୀତା ସବୁ ଜାଣୁଥିଲେ । ସୀତା ମଧ୍ୟ ସବୁ ମନକଥା ରାମଙ୍କୁ କହୁଥିଲେ ।

ଦଶରଥ ସବୁ ପୁଅଙ୍କୁ ସୁଖ ପାଉଥିଲେ; ଆଦର କରୁଥିଲେ । ରାମ ବଡ଼ ପୁଅ, ତାଙ୍କୁ ସେ ବେଶି ଆଦର କରୁଥିଲେ । ପୁଣି ରାମଙ୍କୁ ଆଦର ନ କରିବ କିଏ ? କିଏ ଗାଳି ଦେଲେ ମଧ୍ୟ ସେ ଆନନ୍ଦରେ ଶୁଣନ୍ତି । କାହାକୁ କେବେ କଟୁ କଥା କହନ୍ତି ନାଇ । ଲୋକେ ପ୍ରଶଂସା କଲେ ମଧ୍ୟ ସେ ଟିକିଏ

ହେଲେ ଫୁଲ ଯାଆନ୍ତି ନାଇ। ସବୁବେଳେ ସେ ଲୋକଙ୍କ ଭଲମନ୍ଦ ବୁଝୁଥାଆନ୍ତି। ହସି ହସି ସମସ୍ତଙ୍କୁ ସୁଖ ଦୁଃଖ ପଚାରୁଥାଆନ୍ତି। ଯାହା କରିବାର କାମ, ତାହା ସେ ବଡ଼ ଚଞ୍ଚଳ କରନ୍ତି। ହଁ କରିବ ବୋଲି କେବେ ପଛକୁ ରଖି ଦଅନ୍ତି ନାଇ।

ଦଶରଥ ଏହା ଦେଖି ଦିନେ ମନ୍ତ୍ରୀମାନଙ୍କୁ ଡାକି କହିଲେ, ମୁଁ ବୁଢ଼ା ହେଲିଣି; ଆଉ ରାଜ୍ୟର କାମ ବେଶିଦିନ କରି ପାରିବି ନାଇ। ମୁଁ ଥାଉଁ ରାମଙ୍କୁ ଯୁବରାଜ (ବାପ ରଜା ଥାଇଁ ଯେ ରାଜ୍ୟ ବୁଝେ) କରିବାକୁ ଚାହୁଁଛି। କିପରି ହେବ ?" ଏକଥା ସମସ୍ତଙ୍କୁ ଭାରି ଖୁସି ଲାଗିଲା। ସେଠାରୁ ଦଶରଥ ମନ୍ତ୍ରୀମାନଙ୍କ ହାତେ ଗୋଟାଏ ମସ୍ତବଡ଼ ସଭା ଡକାଇଲେ।

ଖବର ପାଇ ପୃଥ୍ୱୀର ଯେତେ ବଡ଼ ବଡ଼ ରଜା, ବଡ଼ଲୋକ, ପ୍ରଜା ସମସ୍ତେ ଆସି ରୁଣ୍ଡହେଲେ। ଦଶରଥଙ୍କ କଥା ଶୁଣି ସମସ୍ତେ ମହା ଆନନ୍ଦରେ ଯୁବରାଜ ହେବାପାଇଁ ରାମଙ୍କୁ ପସନ୍ଦ କଲେ। ଲୋକଙ୍କର ଭାରି ଆନନ୍ଦ ହେଲା।

ଚୈତ୍ର ମାସ ହୋଇଆସିଥିଲା। ବସନ୍ତ ବହୁଥିଲା। ବଣରେ ଫୁଲସବୁ ଫୁଟି ଆସୁଥିଲା। ସେହି ସମୟରେ ରାମଙ୍କୁ ଯୁବରାଜ ପଦରେ ଅଭିଷେକ କରିବାପାଇଁ ଠିକ୍ ହେଲା। ସଭାରେ, ରାଜ୍ୟରେ, ନଅରରେ, ଗ୍ରାମରେ—ସବୁଠାରେ ଆନନ୍ଦ କୋଳାହଳ ପଡ଼ିଗଲା। ମନ୍ତ୍ରୀ ସୁମନ୍ତ୍ର ରାମଙ୍କୁ ଡାକି ଆଣିଲେ। ଦଶରଥ ପାଖରେ ବସାଇ ତାଙ୍କୁ ଏ କଥା କହିଲେ। ଲୋକେ ଯାଇ କୌଶଲ୍ୟାଙ୍କୁ ଏ ଖବର ଦେଲେ। କୌଶଲ୍ୟା ଖୁସିହୋଇ କେତେ ବଧାଇ ଦେଲେ, କିଏ କହିବ ?

ବଶିଷ୍ଠ ଦିନ ଠିକ୍ କରନ୍ତି, କାଲି ସକାଳୁ ରାମଙ୍କ ଅଭିଷେକ ହେବ। ତେଣୁ ଦଶରଥ ପୁଣି ରାମଙ୍କୁ ଡକାଇ କହିଲେ, "ବାବୁ ରାମ, ତୁମେ ଆଉ ମା' ସୀତା ଦୁହେଁ ଆଜି ରାତିରେ ଉପାସ କରିବ, ଆଉ କୁଶ ଶେଯରେ ଶୋଇ ଅଧିବାସ ( ବ୍ରତ ପୂର୍ବଦିନର ବିଧି ) କରିବ। କାଲି ତୁମ-ମାନଙ୍କର ଅଭିଷେକ ହେବ।"

## କୈକେୟୀ ଓ ମନ୍ଥରା

କୈକେୟୀଙ୍କର ମନ୍ଥରା ବୋଲି ଗୋଟିଏ ପୋଇଲି ଥିଲା। ତା ପିଠିରେ ଗୋଟାଏ କୁଜ ଥିବାରୁ ତାକୁ କୁଜୀ ବୋଲି ବି ଡାକୁଥିଲେ। ତା ଦେହ ଯେପରି ଅସୁନ୍ଦର, ମନଟା ବି ସେହିପରି କଦର୍ଯ୍ୟ ଥିଲା। କାହାର ଭଲ ଦେଖିଲେ ତା ମନ କରଡ଼ି ହୋଇ ଯାଉଥିଲା। ମାତ୍ର କୈକେୟୀ ବାପ-ଘରୁ ଆସିଲା ବେଳୁ ସେ ତାଙ୍କ ସଙ୍ଗେ ସଙ୍ଗେ ଆସିଥିଲା। ସେଥିପାଇଁ କୈକେୟୀ ତାକୁ ବଡ଼ ସୁଖ ପାଉଥିଲେ ଓ ମାନୁଥିଲେ।

ସକାଳୁ ମନ୍ଥରା କୋଠା ଉପରୁ ଦେଖିଲା— ସହରରେ ଚହଳ ପଡ଼ିଛି; ଲୋକେ ଫୁଲମାଳ ବାନ୍ଧୁଛନ୍ତି; ହୁଳହୁଳି ଦେଉଛନ୍ତି, ସଙ୍ଗୀତ କରୁଛନ୍ତି! ଉତ୍ସବ କରୁଛନ୍ତି। କୌଶଲ୍ୟା ଭାରି ଖୁସିରେ ଲୋକଙ୍କୁ କେତେ ଧନରତ୍ନ ବାଣ୍ଟୁଛନ୍ତି।

ମନ୍ଥରାକୁ ସବୁ କଥା କମିତି କମିତି ଲାଗିଲା। ସେ ଗୋଟିଏ ଚାକରାଣୀକୁ ପଚାରି ବୁଝିଲା— ରାମଙ୍କର କାଲି ଅଭିଷେକ ହେବ ବୋଲି, ଏ ସବୁ ହେଉଛି। ଏହା ଶୁଣି ତା' ଦେହରେ ଗୋଟାଏ ଜୁଇ ଜଳିଗଲାପରି ତାକୁ ଲାଗିଲା। ସେ ସେଇଠାରୁ ଦୁମ୍ ଦୁମ୍ ହୋଇ କୈକେୟୀଙ୍କ ଘରକୁ ପଶିଯାଇ, କୈକେୟୀଙ୍କୁ ଡାକି କହିଲା—

"ଉଠ୍‌ଲୋ କାବାଡ଼ି; ଶୋଇଚୁ । ମୁଁ ଲୁ ନଦ ଲଟିଚି, ସବୁ ସୁଖ ଶରଧା ଯେ ଏଣେ ଶୁଖି ଯାଉଚ, ଏକଥା ଜଣା ପଡ଼ୁନାଇ ।"

କୈକେୟୀ କହିଲେ, "ଗ୍ରଗ ହୋ ନା ମଂଥରା, ଏପରି କଥା ମତେ କହନା, କିଛି ଭଲ କଥା କହ ।"

ମଂଥରା କହିଲା, "ମା ଭଗବତି ! କ'ଣ ହେଲଣି ବୁଦ୍ଧିଟା ? ବର ତତେ ଏତେ ସ୍ନେହ ଦେଖେଇ ହଉଥିଲା । ଏବେ ଭରତଙ୍କୁ ମାମୁଁ ଘରକୁ ପଠାଇ ଦେଲା । ଏଣେ ରାମଙ୍କୁ ତରତର କରି ସିଂହାସନରେ ବସାଇ ଦଉଚି ।"

କୈକେୟୀ ଏ କଥା ଶୁଣି ଖୁବ ଖୁସିରେ ଶେଯରୁ ଉଠି କହିଲେ, "ମଂଥରା, ତତେ କଣ ବଧାଇ ଦେବି ? ରାମ ସିଂହାସନରେ ବସିବାଠ'ରୁ ବଳି ଭାଗ୍ୟ ମୋର ଆଉ କଣ ହବ ?" ଏହା କହି ଆପଣାର ଗୋଟିଏ ଅଳଂକାର କାଢ଼ି ମଂଥରାକୁ ବଧାଇ ଦବାକୁ ବାହାରିଲେ; କହିଲେ, "ରାମ ଜ୍ୟେଷ୍ଠ ପୁତ୍ର, କୁଳଶ୍ରେଷ୍ଠ । ସେ ରାଜା ନ ହୋଇ ଆଉ କିଏ ହବ ? ରାମ ପରି ବା ଆଉ କିଏ ରାଜା ହୋଇ ପାରିବ ?"

ମଂଥରା ଅଳଂକାରଟି ଫୋପାଡ଼ି ଦେଇ ବିରକ୍ତ ହୋଇ କହିଲା, "ଆଲୋ, କେଡ଼େ କାବାଡ଼ି ହେଲ୍ଲୋ ତୁ କୈକେୟୀ ! ଶତ୍ରୁର ସୁଖ ଦେଖି ତତେ ଖୁସି ଲାଗୁଚି ! ଆଲୋ ଏବେ ତ କୌଶଲ୍ୟା ରାଜମାତା । ତା ପୁଅ ତ ଆଜି ଯୁବରାଜ ହେଲା; କାଲି ରାଜା ହବ । କୌଶଲ୍ୟାକୁ ତ ତୁ ଖାତିର କରୁ ନ ଥିଲୁ । ସେ ଏବେ ଶୁଝାଇବ ଯେ ! ଯୋଉଠି ପରି କୌଶଲ୍ୟା ପାଖେ ହାତ ଯୋଡ଼ି ଠିଆ ନ ହେଲେ, ତୋ ଧନ ସରିବ ନାଇ । ତୋ ପୁଅକୁ ତ ରାମ ଆଉ ରାଜ୍ୟରେ ରଖିବ ନାଇ, ତଡ଼ିଦବ; ନ ହେଲେ ମାରିଦବ । ଭରତଙ୍କୁ ତ ରାମର ଡର । ଲକ୍ଷ୍ମଣ ତ ରାମର, ଭରତଙ୍କୁ ମାରିଦେଲେ ଶତ୍ରୁଘ୍ନ ଆଉ କଣ କରିବ ? ଏ କଥା ଜାଣି ପାରୁନାହିଁ । ତତେ ଏଥିରେ ଆନଂଦ ଲାଗୁଚି ।"

କୈକେୟୀ ବିରକ୍ତ ହୋଇ କହିଲେ, "ଚଂଡାଳୁଣୀ, ସିମିତି କଥା ତୁ ମତେ କହନା । ରାମପରି ପୁଅ, ତାଙ୍କୁ ମୁଁ କହୁଚୁ ! କୌଶଲ୍ୟାଠାରୁ ସେ ମତେ ବେଶି ସୁଖ ପାଏ । ସିମିତି ପୁଅ ପୁଣି ମିଳିବ ।"

ମଂଥରା କହିଲା, "ହଉ, ଆଜି ମୋ କଥାଟା ପିତା ଲାଗୁଚି । ଫଳ ପାଇଲାବେଳେ ପୁଣି ମତେ ହେଜିବୁ ଯେ ! ରାମ ଭରତଙ୍କୁ ମାରି ତଡ଼ିଦବ, ତୁ କୌଶଲ୍ୟା ପାଖେ ଯୋଉଠି ପରି ରହିବୁ । ତୋ କପାଳରେ ତ ମୁଁ ଅଛି । ମୋ କଥା ତତେ ସୁଖ ଲାଗିବ କାହିଁ । ଏବେ ବେଳ ଅଛି, ଉପାୟ କର । ଆଉ ଗୁଡ଼େ ଭଲ ମଣିଷ ଦେଖାଇ ହୋ ନା । ଉପାୟ କର, ଯେପରି ଭରତ ରାଜ୍ୟ ପାଇବ; ରାମ ବଣକୁ ଯିବ ।"

ହା ଭଗବାନ୍ । ଏ ସତ୍ୟାନାଶୀ କୁଜୀ କାହିଁକି ପୃଥିବୀରେ ଜନ୍ମ ହୋଇଥିଲା । କୈକେୟୀର ମନ ତ କେଡ଼େ ସୁଂଦର, ନିର୍ମଳ ଥିଲା । ଏଇ ସତ୍ୟାନାଶୀ ସିନା ତା ଭିତରେ ହିଂସା ପୂରାଇଲା । ରାମ ଭରତଙ୍କୁ ମାରି ପକାଇବ ଏଇକଥା ଥରକୁ ଥର ବୁଝାଇ ବୁଝାଇ କହିବାରୁ, ଶେଷକୁ କୈକେୟୀଙ୍କ ମନ ଟିକିଏ କପଟ ହୋଇ ଆସିଲା । କୈକେୟୀ କହିଲେ, "ଆଗୋ ମଂଥରା, ତେବେ ରାମଂକୁ ବଣକୁ ପଠାଇ, ଭରତଙ୍କୁ ରାଜା କରିବା । କିପରି ଏ କଥା କରିବା ?"

ମଂଥରା କହିଲା, "କାହିଁକି ? ତୁ ସବୁ ଭୁଲି ଗଲୁଣି କି ? ସେଇ ଯେ ଦଂଡକ ବଣ ଭିତରେ,

ବୈଜୟନ୍ତ ନଗରରେ ଶମ୍ବର ଅସୁର ଥିଲା, ଦେବତା ମାନଙ୍କ ସଙ୍ଗେ ତାର ଯୁଦ୍ଧ ହୋଇଥିଲା । ସେଇ ଯୁଦ୍ଧରେ ଆମ ରାଜା ଦେବତାଙ୍କୁ 'ସାହାଯ୍ୟ କରିବାକୁ ଯାଇଥିଲେ । ତତେ ସାଙ୍ଗେ ନେଇଥିଲେ । ରାଜା ଅସ୍ତ୍ରମାଡ଼ ଖାଇ ଅଜ୍ଞାନ ହେଲେ; ତୁ ତାଙ୍କୁ ଦୂରକୁ ନେଇଯାଇ ବଞ୍ଚାଇଲୁ । ଦଶରଥ ଖୁସି ହୋଇ ତତେ ଯୋଡ଼ାଏ ବର ଯାଚିଲେ । ତୁ ନାଇକଲୁ । ଦଶରଥ ବଳାଇବାରୁ ଶେଷକୁ କହିଲୁ, "ମୋର ଯୋଡ଼ାଏ ବର ରହିଲା, ଯେତେବେଳେ ଦରକାର ହବ ମାଗିବି । ଏସବୁ କଥା ତ ମୁଁ ତୋର ମୁହଁରୁ ଶୁଣିଛି । ଏବେ ସେଇ ବର କାହିଁକି ମାଗୁନାହୁଁ । ଗୋଟିଏ ବରରେ ରାମକୁ ବଣକୁ ପଠାଇ ଦେ, ଆଉ ଗୋଟିଏ ବରରେ ଭରତକୁ ରାଜା କର । ତେବେ ତ ହେଲା, ତୁ ଏବେ ଗୋଟିଏ କଥା କର; କୋତରା ଲୁଗା ପିନ୍ଧି, ମୁହଁ ଫଣଫଣ କରି ଗୋଟିଏ ଘରେ ତଳେ ଶୋଇଥା । ରାଜା ତତେ ଭାରି ସୁଖ ପାଆନ୍ତି । ଏହା ଦେଖିଲେ ସେ ତତେ ନିଶ୍ଚୟ ଖୁସି କରିବେ । ସେତିକିବେଳେ ଯୋଡ଼ିକ ବର ମାଗିବୁ । ମାତ୍ର ଖବରଦାର, ଆଗ, ଯାହା ମାଗିବୁ ଦେବେ ବୋଲି ରାଜା ସତ୍ୟ କରିବେ । ତେବେଯାଇ ବର ମାଗିବୁ । ସେତେବେଳେ ସେ ଆଉ ନାଇକରି ପାରିବେନାଇ ।

କୁଜୀ ଆଉ ଆଉ କଥାମାନ ଭଲ କରି ବତାଇଦେଲା । ଏବେ କୈକେୟୀଙ୍କୁ ବାଟ ଦିଶିଗଲା । ସେ ଯାଇ ସେହିପରି ଗୋଟିଏ ଘରେ ମୁହଁମାଡ଼ି ଶୋଇଲେ ।

## କୈକେୟୀ ବର ମାଗିବାରୁ
## ଦଶରଥ କଣ କଲେ

ଦଶରଥ କୈକେୟୀଙ୍କୁ ବଡ଼ ସୁଖ ପାଉଥିଲେ । ରାମଙ୍କ ଅଭିଷେକ କଥା କହିବା ପାଇଁ ସେ ନିଜେ କୈକେୟୀଙ୍କ ଘରକୁ ଗଲେ । କୈକେୟୀଙ୍କୁ ନ ଦେଖି, ଦାସୀଙ୍କୁ ପଚାରି ଜାଣିଲେ, କୈକେୟୀ ସକାଳୁ ମୁହଁ ସୁଦ୍ଧା ନ ଧୋଇ, କିଛି ନ କରି, ଗୋଟିଏ ଘରେ ମୁହଁମାଡ଼ି ଶୋଇଛନ୍ତି ।

ଦଶରଥ ଚମକି ପଡ଼ିଲେ । ଲମ୍ବେ ଲମ୍ବେ କୈକେୟୀ ଯେଉଁ ଘରେ ଶୋଇଥିଲେ ସେ ଘରକୁ ଚାଲିଯାଇ କୈକେୟୀଙ୍କ ଡାକି କହିଲେ, "କୈକେୟି ! କି ଆଶ୍ଚର୍ଯ୍ୟ କଥା ଏ ? ଏତେ ଉଚ୍ଛବ ଲାଗିଛି; ତୁମେ ଏ ଘରେ କାହିଁକି ମୁହଁମାଡ଼ି ଶୋଇଛ ? ତୁମର ଯାହା ଦରକାର, ମୋତେ କହୁନାହଁ କାହିଁକି ? ତୁମର ମୁହଁ ଟିକିଏ ଶୁଖିଗଲେ ମୋତେ ବାଧେ । ଆଜି ଉତ୍କଣ୍ଠାରେ ମୁହଁମାଡ଼ି ଶୋଇଛ ! ତୁମର କଣ ଲୋଡ଼ା ମୋତେ କହ । ଏହିକ୍ଷଣି ମୁଁ ତାହା କରିବି ।"

ଏହିପରି ଦଶରଥ ଥରକୁଥର କେତେ ବୁଝାଇଲେ । କୈକେୟୀ କିଛି କହୁ ନ ଥାନ୍ତି । ଶେଷକୁ ସେ ମୁହଁକୁ ତଳକୁ ପୋତି କହିଲେ, "ମୋର ଗୋଟିଏ ଇଚ୍ଛା ଅଛି, ତୁମେ କଅଣ ସେ କଥା କରିବ ? ମୁଁ କାହିଁକି କହିବି ? ଆଗ ସତ୍ୟକର ମୁଁ ଯାହା କହିବି କରିବ, ତେବେ କହିବି ।"

ରାଜା ଶେଷକୁ କହିଲେ, "ତୁମେ କଅଣ ବାୟାଣୀ ହୋଇଗଲ, ରାଣୀ ? ମୁଁ ତୁମପାଇଁ କଅଣ କରି ନ ପାରେ କୈକେୟୀ ? ମୋ ରାମ ରାଣ ପକାଇ, ଦେବତାଙ୍କୁ ସାକ୍ଷୀ କରି କହୁଛି, ତୁମର କଅଣ ଇଚ୍ଛା କହ, ମୁଁ ଆନନ୍ଦରେ କରିବି; ସତ୍ୟ କରି କହୁଛି ।"

ଏହା ଶୁଣି କୈକେୟୀ କହିଲେ, "ଦେବତାମାନେ ଶୁଣନ୍ତୁ, ରାଜା ସତ୍ୟ କଲେ । —ମହାରାଜ, ଯେବେ ସତ୍ୟ କଲ, ତେବେ ସେହି ଦେବାସୁର ଯୁଦ୍ଧବେଳେ ମତେ ଯେଉଁ ଦୁଇଟି ବର ଦେବବୋଲି ପ୍ରତିଜ୍ଞା

କରିଥିଲ, ସେ କଥା ମନେ ପକାଅ । ମୁଁ ସେହି ବର ଯୋଡ଼ିକ ଏବେ ମାଗୁଚି, ଦିଅ । ଗୋଟିଏ ବରରେ, ଯେଉଁ ଆୟୋଜନ ହୋଇଚି, ସେଥିରେ ରାମକୁ ଯୁବରାଜ ନ କରି, ଭରତକୁ ଯୁବରାଜ କର; ଆଉ ବରଟିରେ, ରାମକୁ ଚଉଦ ବରଷ ପାଇଁ ଋଷିବେଶରେ ଦଂଡକାରଣ୍ୟକୁ ପଠାଇ ଦିଅ ।"

ଏ କଥା ଶୁଣି ମୁଂଡରେ ଗୋଟିଏ ବଜ୍ର ପଡ଼ିଲା ପରି ଦଶରଥଂକୁ ଲାଗିଲା । ସେ ବହୁତ୍କାଳ ସ୍ତଂଭିତ ହୋଇ ଅଜ୍ଞାନ ପରି ବସିଗଲେ । କଥାଟା କି କେତେ-ବେଳଯାଏ ତାଂକୁ ସତ ଲାଗିଲାନାଇ । ସେଠାରୁ କୈକେୟୀଂକ ଆଡ଼କୁ ଚାହିଁ କହିଲେ, "କୈକେୟି, ତୁମେ କ'ଣ ସତ କହୁଚ, ତୁମର ଏଇ ଇଚ୍ଛା ?"

କୈକେୟୀ ଠିକ୍ ଜାଣିଂଥି ରାଜା 'ହଁ ଦେବି' ବୋଲି ସତ୍ୟ କଲେ, ପ୍ରାଣ ଗଲେ ବି ଆଉ ନାଇ କରିବେ ନାଇ । ସେ ସେଠାରୁ ମୁହଁକୁ ଛିଂଗୁଡ଼ି କରି କହିଲେ, "ବର ଦେବି ବୋଲି କହିଥିଲ; ଏବେ ସତ୍ୟ କଲ; ମତେ ପଚାରୁଚ, ମୋର ସତେ ଏଇ ଇଚ୍ଛା ? ନ କରିବ ତ ନାଇ; ଏତେ ପ୍ରକାର କାହିଁକି ?"

କ୍ରୋଧରେ ଦଶରଥଂକର ଦେହ ଜଳିଗଲା । ସେ ଆଉ ସଂଭାଳି ପାରିଲେ ନାଇ; କହିଲେ, "ରାକ୍ଷସି, ଏ ବଂଶ ନାଶ କରିବାକୁ ତୁ ବସିଛୁ । ରାମ ତ ତତେ ମା ଠାରୁ ବେଶି କରେ । ତୁ ପିଶାଚୀ କାହିଁକି ତାର ସର୍ବନାଶ ବସିଛୁ ? ରଜା ଝିଅ ତୁ; ସାପପରି ମୋ ଘରେ ପଶିଥିଲୁ । ମୁଁ ଏତେକାଳ ଦୁଧ ଦିଆଇ ସାପ ପୋଷିଥିଲି ପିଶାଚି, ପାପିୟସି, ତୁ କାହିଁକି ଏପରି ବସିଛୁ ?"

ସାପକୁ ଗୋଡ଼ରେ ମାଡ଼ିଦେଲେ ସେ ଯେପରି ଫଁ କରି ଫଣା ଟେକି ଦିଏ, କେକେୟୀ ଏକଥା ଶୁଣି ସେହିପରି ଗର୍ଜନ କରି କହିଲେ, "ମତେ ବର ଦେବି ବୋଲି ପ୍ରତିଜ୍ଞା କରିଥିଲ; ରାଜା ତୁମେ; ବେଳାବେଳକୁ ଏପରି କହୁଚ ? ବିଚାର କର, ଲୋକେ ତୁମକୁ କଅଣ କହିବେ ? ତୁମେ ସତ୍ୟ ଭାଂଗୁଚ, ମୁଁ ତୁମ ମୁହଁ ଚାହିଁବି ନାଇ । ଯାଅ ଏ ଘରୁ, ଯାଅ, କୌଶଲ୍ୟା ପାଖକୁ ଯାଅ; ରାମକୁ ରାଜ୍ୟ ଦିଅ; ମୋର ତୁମଠି ଦାୟ ନାଇ । କଂଚୁ ବୁଦ୍ଧିରଖ ରାଜା; ମୁଁ କେବେ ଆଉ ହାତଯୋଡ଼ି ହୋଇକରି ପରି କୌଶଲ୍ୟା ପାଖେ ଠିଆ ହେବି ନାଇ । ତୁମ ରାଣ, ମୋ ଭରତ ରାଣ, ମୁଁ ସତ୍ୟ କରୁଚି, ମୋ କଥା ନ କଲେ, ମୁଁ ଆଜି ବିଷ ଖାଇ ମରିବି ।"

ଏ କଥା ଦଶରଥଂକୁ ବାଧିଲା । ବର ଦେବାକୁ ସତ୍ୟ କରିଥିବା କଥା ତାଂକ ମନେ ପଡ଼ିଲା । 'ହା— ରାମ' ବୋଲି ସେ ତଳେ ପଡ଼ିଗଲେ । ତାଂକର ଜ୍ଞାନ ଲୋପ୍ ହୋଇଗଲା ।

କେତେବେଳ ଉତ୍ତାରୁ ଚେତା ପାଇ ଦଶରଥ ବାୟା ପରି ହେଲେ । ବିଷ ଖାଇଲେ ମନୁଷ୍ୟ ଯେପରି ହୁଏ, ସେ ସେହିପରି ହୋଇ କୈକେୟୀଂକ ହାତ ଧରି କହିଲେ, "ଏ କଥା ତୁମକୁ କିଏ ଶିଖାଇଲା କୈକେୟି ? କୈକେୟି, ତୁମକୁ କଣ ସତେ ଭୂତ ଲାଗିଚି ? ସତେ ମୁଁ ଯେଉଁ କୈକେୟୀକି ଏତେ ସୁଖ ପାଉଥିଲି, ପ୍ରାଣ ପରି କରିଥିଲି, ତୁମେ ସେହି କୈକେୟୀ ? ତୁମେ ମତେ କହ, ତୁମେ ଏପରି ଇଚ୍ଛା କରିନାହଁ । କିମିତି ତୁମେ ମତେ ଏ ବର ମାଗୁଚ ? ରାମ ତୁମର କି ଅକାର୍ଯ୍ୟ କରିଚି ? କିମିତି ରାମକୁ ବଣକୁ ପଠାଇଦେବା କଥା ତୁମେ ତୁଂଡରେ ଧରୁଚ ? ମତେ କହ, ମୁଁ କଣ କଲେ ତମ ମନ ବଦଳି ଯିବ । ବିଚାର କର କୈକେୟି, ମୁଁ ଯାଇ ଯେବେ ବାହାରେ କହିବି, 'ରାମର ଅଭିଷେକ ହବନାଇ,' ଲୋକେ ମତେ କଅଣ ବୋଲିବେ ? କେଉଁ ମୁହଁରେ ମୁଁ କହିବି, 'ଭରତ ଯୁବରାଜ ହବ, ରାମ

ହବ ନାଇ । କହିବ କି, କୈକେୟି ମତେ ବ୍ୟସ୍ତ କରିବାରୁ ମୁଁ ରାମକୁ ବଣକୁ ପଠାଉଛି । କୌଶଲ୍ୟା ମତେ କଅଣ ବୋଲିବେ ? ତୁମେ ଏ କଥା କଲ କୈକେୟି, ମୁଁ ଆଉ କେବେଁ ବଂଚି ପାରିବି ନାଇ । ମୋ ମଣିଷପଣିଆ ତ ସରିଯିବ । ଲୋକେ ମତେ ଦେଖାଇ କହିବେ, ଏଇ ବୁଢ଼ା, ରାମ ପରି ପୁଅର ସର୍ବନାଶ କଲା । ରାମକୁ ବା କେଉଁ ମୁହଁରେ ମୁଁ ଏକଥା କହିବି !”

କୈକେୟି ବରାବର ଜିଦ୍ଧ ଧଇଲେ । ରଜାଂକୁ ସତ୍ୟକରିଥିବା କଥା ଚେତାଇ ଚେତାଇ ଗାଳି ଦେଲେ, ରଜା କେତେବେଳେ ଅଜ୍ଞାନ ହେଉଥାଂତି, କେବେ ରାଗି ଦେଉଥାଂତି କେବେ କାତର ହୋଇ ପୁଣି କହୁଥାଂତି, “କୈକେୟି, ତୁମ ଗୋଡ଼ତଳେ ପଡ଼ୁଛି; ତୁମେ ଏପରି କଥା କହନାଇ । ଆଉ ଯାହା ମାଗିବ ଦେବି । କହିବ ତ ଭରତକୁ ଏଇକ୍ଷଣି ଯୁବରାଜ କରି ଦଉଛି; ମାତ୍ର ରାମକୁ ବଣକୁ ପଠାଇ ପାରିବି ନାଇ । ରାମ ତମର କେତେ ସେବା କରେ; ଭରତ ସେପରି କରେ ନାଇ । ରାମ କେତେ ଗୁଣବାନ୍ । ତୁମେ ଏ ବୁଦ୍ଧି ଛାଡ଼ କୈକେୟୀ । ମୁଁ ବୁଢ଼ା ହୋଇଛି, ଆଉ ବେଶି ଦିନ ବଂଚିବି ନାଇ । ତୁମେ ମୋତେ ଦୟା କର ।”

ପୁଣି କେତେବେଳେ କହଂତି, “ମୋର କି ଦୁର୍ଭାଗ୍ୟ ଆସିଲା; ଚଂଡାଳୁଣି, ମୁଁ ତ ତତେ ଏପରି ବୋଲି ଜାଣି ନଥିଲି । ମୁଁ ତତେ କେତେ ସୁଖ ପାଉଥିଲି; ପ୍ରାଣରୁ ଅଧିକ କରିଥିଲି । ମୁଁ ତେ କଣ ଦୁଧ ଦେଇ ସାପ ପୋଷିଥିଲି ? ସଂସାର ଲୋକେ ମୋ ନାଁରେ ଛେପ ପକାଇବେ; କହିବେ—କେଡ଼େ ବଳଦ ଏ ଦଶରଥ; ମାଇପିଟା କଥାରେ ପଡ଼ି ରାମ ପରି ପୁଅକୁ ବଣକୁ ପଠାଇଦେଲା । ଲୋକେ ଏ କଥା ଗାଇ ବୁଲିବେ । ଘରେ ଘରେ ମୋ ନା ପଡ଼ିବ ।”

କୈକେୟି, ମୋର ସର୍ବନାଶ କରୁଚୁ । ମୋର ଶତ୍ରୁ କୁଉଁଠେଇ ଥିଲୁ । ରାମ ବଣକୁ ଗଲେ, ମୁଁ ମରିବି, ତୁ ବସି ଭରତକୁ ନେଇ ଭାଗ୍ୟ ଭୋଗକରିବୁ ବୋଲି ବସିରହିଚୁ । ଯା, ସବୁ ସରିବ, କୌଶଲ୍ୟା ବି ମରିବ । ପୁଅକୁ ନେଇ ରାଜ୍ୟ ଖାଉଥା ।”

ଏହା କହି ରଜା ତଳେ ଢଳିଗଲେ । ପୁଣି ଚେତା ପାଇ ଉଠିଲେ । କହିଲେ, “ରାଣି, ଦୟାକର; ଏପରି ସ୍ଵାମୀନାଶ, କୁଳନାଶ ଭିଆଣ କରନାଇ ।” ଏହିପରି ବାରମ୍ବାର ଦଶରଥ ଓପରଓଳି ଓ ରାତିସାରା ପ୍ରଳାପ କଲେ । ତାଂକର ପ୍ରାଣ ଫାଟି ଯାଉଥାଏ, ଆଖିରୁ ଲୁହ ଗଡ଼ୁଥାଏ । କୈକେୟୀ କିଂତୁ କିଛି ଶୁଣିଲେ ନାଇ । କଡ଼ା କଥାରେ ତାଂକର ଜ୍ଞାନ ଆସିଲା ନାଇ; କଅଁଳ କଥାରେ ତାଂକ ମନ ଭୁଲିଲା ନାଇ । ଦଶରଥଂକୁ ସେ ପଦେ ହେଲେ ଭଲ କଥା କହିଲେ ନାଇ । ରାତି ପାହି ଆସିଲା । କୈକେୟୀ ସେହି ଜିଦ୍ଧ ଧରିଚଂତି ।

ଏଣେ ବର ଦବାର ସତ୍ୟ କରିଥିବା କଥା ମନେ ପଡ଼ିଲେ ଦଶରଥଂକ ହୃଦୟ କଂପୁଚି । ତାଂକୁ ବୁଦ୍ଧି ଦିଶୁନାଇ । ସେ କଅଣ କରିବେ, କିଛି ଜାଣି ପାରୁନାହାଂତି । ବିଚାରୁଚଂତି, ପିତା ସତ୍ୟ କରିଚଂତି, ଶୁଣିଲେ ରାମ ବଣକୁ ବାହାରିବେ । ରାମ ତାଂକ କଥା ନ ମାନିଲେ ସେ ବେଶି ଖୁସି ହୁଅଂତେ । କିଂତୁ ରାମ ତ ତାହା କରିବେ ନାଇ । ଏହିପରି ଦୋଂଦରେ ପଡ଼ି ଛଟପଟ ହୋଇ ଦଶରଥ କେତେବେଳ ଉପରୁ ଟିକିଏ ଦଂଭ ହେଲେ । ଦଂଭ ହୋଇ ପୁଣି ସେହି ଚିଂତା । ଶେଷରେ କୈକେୟୀଂକୁ କହିଲେ, “ଦେଖ୍ କୈକେୟି, ମୁଁ ଅଗ୍ନି ସାକ୍ଷୀ କରି ବିବାହ-ବେଦୀରେ ତୋର ଯେଉଁ ହାତ ଧରିଥିଲି, ଆଜି ଜାଣ ସେ ହାତ ଛାଡ଼ିଲି । ତତେ ଛାଡ଼ିଲି । ତୋ ପୁଅକୁ ଛାଡ଼ିଲି । ତୁ ମୋର କେହି ନୁହଁ । ଏ ଦୁଃଖରେ ମୁଁ ନିଶ୍ଚୟ ମରିବି

କିନ୍ତୁ ଖବରଦାର୍, ତୁମେ ମା-ପୁଅ କେହି ମୋ ଶବ ଛୁଇଁବ ନାଇ, କି ମୋର ଶୁଦ୍ଧକ୍ରିୟା କରିବ ନାଇ ।" ଏହା କହି 'ହା-ରାମ' ବୋଲି ପୁଣି ପଡ଼ିଗଲେ ।

## ରାମ ପିତାଙ୍କ ସତ୍ୟ ରଖିଲେ

ସକାଳ ହୋଇଗଲା । ବଶିଷ୍ଠ ଓ ଅନ୍ୟ ପୁରୋହିତମାନେ ଆସି ପହଞ୍ଚିଗଲେ । ଏଣେ ସହରଯାକ ପରିଷ୍କାର ହୋଇ ପୂର୍ଣ୍ଣକୁମ୍ଭ ବସିଗଲାଣି । ଘରେ ଘରେ ହୁଳହୁଳି ଶୁଭିଲାଣି । ରାମଙ୍କ ଅଭିଷେକ ଦେଖିବା ପାଇଁ ଲୋକେ ଆସି ଅଭିଷେକ ମଣ୍ଡପରେ ଜମା ହୋଇ ଗଲେଣି । ବଶିଷ୍ଠ ନଅର ଭିତରକୁ ପଶିଯାଇ ଦଶରଥଙ୍କ ବୁଢ଼ା ସାରଥି ସୁମନ୍ତଙ୍କ ହାତେ ଦଶରଥଙ୍କୁ ଖବର ଦେଲେ, 'ସବୁ ଠିକ୍‌ଠାକ୍ ହେଲାଣି । ରାଜା କହିଲେ ରାମଙ୍କ ଅଭିଷେକ ହେବ ।'

ରାଜା ସୁମନ୍ତଙ୍କଠାରୁ ଏକଥା ଶୁଣିଲାକ୍ଷଣି ତାଙ୍କ ପ୍ରାଣ ଆହୁରି ଜଳି ଉଠିଲା । ସେ କହିଲେ ସୁମନ୍ତ, ମତେ ଆଉ କିଛି କହନାଇ । ମୋ ପ୍ରାଣ ପୋଡ଼ି ଯାଉଛି, ଆଉ କଟାଘାଆରେ ଚୂନ ଲଗାଅ ନାଇ ।" ସୁମନ୍ତ ରାଜାଙ୍କର ଏ ଅବସ୍ଥା ଦେଖି କିଛି ବୁଝିପାରିଲେ ନାଇ ଥକ୍‌କା ମାରି ଚାହିଁ ରହିଲେ । ସେଠାରୁ ଚାଲାକି କରି କୈକେୟୀ ନିଜେ କହିଲେ, "ରାଜାଙ୍କର ଭାରି ଆନନ୍ଦ, ରାତିରେ ନିଦ ନାଇ । ସେ ଟିକିଏ ଶୁଅନ୍ତୁ । ତୁମେ ଯାଇ ରାମଙ୍କୁ ଏଠାକୁ ଆଣ ।"

ରାଜାଙ୍କଠାରୁ ନ ଶୁଣିଲେ ସୁମନ୍ତ ଯିବେ କିପରି ? ସେ ଟିକିଏ ଠିଆ ହେଲେ । ରାଜା ସେଠାରୁ ଧୀରେ ଧୀରେ କହିଲେ, "ହଉ, ମୋ ବାପା ରାମଙ୍କୁ ଟିକିଏ ଏଠାକୁ ଡାକିଦିଅ !"

ରାମ ନିଜ ଘରେ ସୀତାଙ୍କ ପାଖେ ଥିଲେ । ସୁମନ୍ତଙ୍କଠାରୁ ଶୁଣି ସଙ୍ଗେ ସଙ୍ଗେ ଚାଲି ଆସିଲେ । ଆସିବାବେଳେ ବାଟରେ ଲୋକେ ତାଙ୍କୁ ଦେଖି କେତେ ପ୍ରଶଂସା, କେତେ ଆଶୀର୍ବାଦ, କେତେ ଜୟଧ୍ୱନି କଲେ ।

ରାମ ଆସି ଆଗ ବାପାଙ୍କୁ ତା' ପରେ କୈକେୟୀଙ୍କୁ ପ୍ରଣାମ କଲେ । ଦଶରଥ ଖାଲି ତାଙ୍କୁ ଚାହିଁ କହିପକାଇଲେ, 'ରାମ'! ତାଙ୍କ ମୁହଁରୁ ଆଉ କଥା ବାହାରିଲା ନାଇ । ଆଖି ଛଳଛଳ ହୋଇ ଟପ୍ ଟପ୍ ଲୁହ ଗଡ଼ି ପଡ଼ିଲା ।

ରାଜାଙ୍କର ଏ ଦଶା ଦେଖି ରାମଙ୍କର ଅବଶ୍ୟ ଭାରି ଦୁଃଖ ଓ ଚିନ୍ତା ହୋଇଥିବ । ସେ କୈକେୟୀଙ୍କ ପଚାରିଲେ, "ମା, ମୁଁ କ'ଣ ନ ଜାଣି କିଛି ଦୋଷ କରିଛି ? ବାପା କାହିଁକି ମୋତେ କଥା କହୁନାହାନ୍ତି ? ସେ କାହିଁକି ଏପରି ହୋଇଛନ୍ତି ? କିଛି ଅଶୁଭ ଖବର ଆସିଛି କି ? ତୁମେ ତ ବାପାଙ୍କୁ କିଛି କହିନାହଁ ?"

କୈକେୟୀ କହିଲେ, "ବାପାଙ୍କର କିଛି ରୋଗ ବା ବିପଦ ହୋଇ ନାଇ । ରାଜାଙ୍କର ଗୋଟାଏ କଥା କହିବାର ଇଚ୍ଛା ହେଉଛି; ତୁମର ଉପରେ ସେ ତାହା କହି ପାରୁନାହାନ୍ତି । ରାଜା କହିବାକୁ ସତ୍ୟ କରିଛନ୍ତି । ତୁମେ କିନ୍ତୁ ସେଥିରେ ବାଧା ଦେବ ନାଇ, ଦେଲେ ପାପ ହେବ ।"

ରାମ କହିଲେ, "ଏ କି କଥା ମା ? ବାପା ଯାହା କରିବେ ବୋଲି କହିଛନ୍ତି, ମୁଁ କେବେ ସେଥିରେ ବାଧା ଦେବି ନାଇ । ମୁଁ କ'ଣ ବାପାଙ୍କ କଥାରେ କେବେ ଅମାନ୍ୟ କରିପାରେ ?"

ଏହା ଶୁଣି କୈକେୟୀ କହିଲେ, "କଥାଟି, ବାପା ଆଉ କିଛି ନୁହେଁ । ରାଜା ପୂର୍ବେ ମୋତେ ଯୋଡ଼ିଏ ବର ଦେବେ ବୋଲି କହିଥିଲେ । ମୁଁ ଆଜି ତା ମାଗୁଛି । ଗୋଟିଏ ବର ଏହି ଯେ, ତୁମେ ଜଟା ବାନ୍ଧି ବଲ୍‌କଲ ପିନ୍ଧି, ଚଉଦ ବରଷ ପାଇଁ ଦଣ୍ଡକାରଣ୍ୟକୁ ଯିବ । ଆଉ ଗୋଟିଏ ବର ଏହି ଯେ, ଭରତ ଏହିସବୁ ଆୟୋଜନରେ ଯୁବରାଜ ହେବ । ତୁମେ ବାବୁ ଏବେ ରାଜ୍ୟ-ଲୋଭ ଛାଡ଼ିଦିଅ । ମହାରାଜ ଲଜ୍ଜାରେ ଏହା କହିପାରୁନାହାନ୍ତି ବୋଲି ମୁଁ କହିଲି । ତୁମେ ଏ କଥା ରଖିବା ଉଚିତ ।"

ଦଶରଥ ଏହା ଶୁଣି ଦୁଃଖରେ ନିଶ୍ୱାସ ପକା-ଇଲେ । ରାମ କହିଲେ, "ହଁ, ମା, ମୁଁ ନିଶ୍ଚେ ଏହା କରିବି । ଭରତକୁ ଆଣିବାକୁ ଆଜି ଦୂତ ପଠାଅ । ମୁଁ ଆଜି ବଣକୁ ଯିବି । ବାପା ଏ କଥା ନିଜେ କାହିଁକି କହୁନାହାନ୍ତି ?"

କୈକେୟୀ ଖୁସିରେ କହିଲେ; "ଆଜି ଭରତକୁ ଆଣିବାକୁ ଘୋଡ଼ାରେ ଲୋକ ଯାଉ । ତୁମେ ବଣକୁ ଯିବାକୁ ବଡ଼ ବ୍ୟସ୍ତ ହେଲଣି । ବେଗେ ଯାଅ, ଆଉ ଉଚ୍ଛୁର କରନାହିଁ । ମହାରାଜ ଲାଜରେ ତୁନି ହୋଇ-ଛନ୍ତି । କିନ୍ତୁ ତୁମେ ନ ଗଲେ, ତାଙ୍କର ଗାଧୁଆ, ଖିଆ କିଛି ହେବ ନାହିଁ ।"

ଏହା ଶୁଣି ଦଶରଥ 'ହା-ରାମ' କହି ପଡ଼ିଗଲେ, କିନ୍ତୁ ରାମଙ୍କର ଟିକିଏ ଦୁଃଖ ବା ରାଗ ନାହିଁ । ଖାଲି ବାପାଙ୍କ ଦୁଃଖ ତାଙ୍କୁ ବାଧୁଥାଏ । ଆହା ! ବାପାଙ୍କର ଟିକିଏ ସେବା କରିବାକୁ ବି ବେଳ ନାହିଁ ।

ଲକ୍ଷ୍ମଣ କୈକେୟୀଙ୍କ କଥା ଶୁଣି ରାଗିଗଲେ । କିନ୍ତୁ ରାମ ଜମା ରାଗ ନ କରି ଲକ୍ଷ୍ମଣଙ୍କୁ ନେଇ କୌଶଲ୍ୟାଙ୍କ ପାଖକୁ ଗଲେ । ମା'ଙ୍କୁ ପ୍ରଣାମ କଲେ ।

ପୁଅ ଆଜି ଯୁବରାଜ ହେବ ବୋଲି କୌଶଲ୍ୟା ଭାରି ଖୁସି । ସେ ରାମଙ୍କୁ ଆଶୀର୍ବାଦ କଲେ; କହିଲେ, "ବାବୁ ଧର୍ମରେ ତୋର ମତି ରହୁ; ସମସ୍ତେ ତତେ ସୁଖ ପାଆନ୍ତୁ ।"

ରାମ କହିଲେ, "ମା, ତୁମର ବଡ଼ ଦୁଃଖର ଦିନ ଆସିଲା । ଜାଣିନାହଁ କି, ମୁଁ ଏହିକ୍ଷଣି ଦଣ୍ଡକ ବଣକୁ ଯିବି; ମହାରାଜ ଭରତକୁ ରାଜ୍ୟ ଦେବେ, ମତେ ତପସ୍ୱୀ ପରି ଚଉଦ ବରଷ ବଣରେ ରହିବାକୁ ହେବ ।"

ଆହା, କୌଶଲ୍ୟାଙ୍କ ପ୍ରାଣ ଏହା ଶୁଣି କଅଣ ହୋଇଥିବ ? ସେ ଗଛ କାଟିଲା ପରି ପଡ଼ିଯାଇ ଅଜ୍ଞାନ ହୋଇଗଲେ । କେତେ ଛିଙ୍କ ବିଙ୍କରେ ଜ୍ଞାନ ହେଲାରୁ ସେ କହିଲେ, "ବାବୁ, ତୁ ରାଜା ନୋହିଥିଲେ, ମୋର ଏତେ ଦୁଃଖ ହୋଇ ନ ଥାନ୍ତା । ତୋତେ ଛାଡ଼ି କିପରି ବଞ୍ଚିବି ? ଆହା, ମୋ ଛାତି କ'ଣ ପଥର ! ଫାଟି ଯାଉନାହିଁ କାହିଁକି ? ଯମ ଘରେ କଣ ମୋ ପାଇଁ ଥାନ ନାହିଁ ? ମୋ ବାବୁ, ତୁ ଯୁଆଡ଼େ ଯିବୁ, ମୁଁ ଯିବି; ମୋତେ ସାଙ୍ଗେ ନେ ।"

କୌଶଲ୍ୟାଙ୍କ ଦୁଃଖ ଦେଖି ଲକ୍ଷ୍ମଣ କାନ୍ଦି କାନ୍ଦି କହିଲେ, "ମା, ଭାଇ କାହିଁକି ବଣକୁ ଯିବେ ? ମହାରାଜ ବୁଢ଼ା ହେଲେଣି; କ'ଣ ଆଉ ବୁଦ୍ଧି ପାଉଛନ୍ତି ? କୈକେୟୀ କଥାରେ ଏପରି ଲୋକକୁ ବଣକୁ ପଠାଉଛନ୍ତି ! ଏବେ ତାଙ୍କ କଥା ନ ଶୁଣିଲେ !"

ତା' ପରେ ସେ ରାମଙ୍କୁ କହିଲେ, 'ଭାଇ, ଥରେ ଦେଖି ହୁକୁମ ଦିଅ; କିଏ ତୁମ ରାଜ୍ୟ ନିଏ, ଦେଖିବି । ମୁଁ ଜୀଇଁ ଥାଉ ଥାଉ ଭାଇଙ୍କ ରାଜ୍ୟ ଠକି ନେବ, ସାଧ କାହାର ?" ସେ ପୁଣି କୌଶଲ୍ୟାଙ୍କୁ କହିଲେ, "ମା, ମୁଁ କାହାକୁ ଡରେ ନାହିଁ । ଦେଖ, ମୁଁ କ'ଣ

କରପାରେ । ବୁଢ଼ା ରାଜାଂକୁ ମାରିବ; ଭରତକୁ ମାରିବ; ସବୁ ଥଂଡ଼ା କରିଦେବ ।”

ଏହା ଶୁଣି କୌଶଲ୍ୟା ରାମଂକୁ କହିଲେ, “ଶୁଣ୍, ବାପା, କ’ଣ କହୁଛି ଲକ୍ଷ୍ମଣ ? ବାପା, ତୁ ବଣକୁ ଯାଆନା । ତୁ ଗଲେ ମୁଁ ବଂଚି ପାରିବି ନାହିଁ । ମା’କୁ ମାଇଲେ ତୋର ପାପ ହେବ ।”

ରାମଂକ ବୁକୁ ଦୁଃଖରେ ଫାଟିଗଲା । ସେ କହିଲେ, “ମା, କାଂଦ ନାହିଁ । ବାପାଂକ କଥା କିମିତି ଅମାନ୍ୟ କରିବ ? ଭାଇ ଲକ୍ଷ୍ମଣ, ତୁମେ ମତେ କେତେ ସୁଖ ପାଅ, ମୁଁ କ’ଣ ଜାଣେ ନାହିଁ ? ତୁମର ଦୁଃଖ ବୁଝି ହେଉଛି । କିଂତୁ ଧର୍ମ କଥା କରିବା ତ ଉଚିତ । ବାପା ତ ସତ୍ୟ କରିଚଂତି । ମତେ ତ ବଣକୁ ଯିବାକୁ ହେବ । ରାଗ କର ନାହିଁ । ବାବୁ, ଭରତର କି ଦୋଷ ?— “ମା ତୁମେ ନାଇ କର ନାଇ । କାଲିପରି ଚଉଦ ବରଷ କଟିଯିବ; ମୁଁ ପୁଣି ଆସିବି । ବାପା ଧର୍ମ ରଖିବା ପାଇଁ ମୋତେ ବଣକୁ ପଠାଉଚଂତି । ମୋତେ ଆଶୀର୍ବାଦ କର, ବାଧା ଦିଅ ନାଇ ।”

ଏହିପରି କୌଶଲ୍ୟା ଓ ଲକ୍ଷ୍ମଣଂକୁ ରାମ ବହୁତ ବୁଝାଇଲେ । କୌଶଲ୍ୟା ତଥାପି କହିଲେ, “ବାବୁ, ମୁଁ ଏ ଦେଶ ଛାଡ଼ି ତୋ ସଂଗେ ଯିବି ।”

ରାମ କହିଲେ, “ମା, କୈକେୟୀ ମାଂଙ୍କ କଥା ତ ଏପରି । ମୁଁ ତ ଚାଲିଯିବି । ତୁମେ ଯେ ଚାଲିଯିବ, ବାପାଂକୁ ଦେଖିବ କିଏ ? ଯେତେଦିନ ବାପା ବଂଚିଚଂତି, ତୁମେ ତାଂକ ସେବା କର । ମୁଁ କାଲିପରି ଫେରି ଆସିବି ।”

ଏହିପରି ଅନେକ ବୁଝାଇବାରେ ଶେଷକୁ କୌଶଲ୍ୟା କାଂଦି କାଂଦି କହିଲେ, “ବାପ, କିଛି ଶୁଣିଲୁ ନାଇ । ବଣକୁ କଷ୍ଟେ ଯିବୁ ? ଆହା, ମୋ କପାଳେ ଏଇଆ ଥିଲା ! ହଉ ବାବୁ, ତୋର ମଂଗଳ ହଉ । ଆହା, ସତେ ତୁ ଫେରି ଆସି ପୁଣି ଦିନେ ମୋତେ ମା’ ବୋଲି ଡାକିବୁ !” ଏହା କହି ସେ ରାମଂକ ମଂଗଳ ପାଇଁ କେତେ ଦେବତା ପୂଜା କଲେ; ରାମଂକୁ କୁଂଡାଇ ଧରି କେତେ କାଂଦିଲେ ।

ଶେଷକୁ ରାମ ବଡ଼ କଷ୍ଟରେ ମାଂ’କଠାରୁ ବିଦାୟ ନେଇ ଆସି, ସୀତାଂକ ପାଖକୁ ଗଲେ । ସୀତା ଏତେବେଳଯାଏ କିଛି ଜାଣି ନ ଥିଲେ । କିଂତୁ ରାମଂକ ମୁହଁ ଦେଖି ଜାଣି ପାରିଲେ, କିଛି ଗୋଟାଏ ଦୁର୍ଦ୍ଦଶା ଘଟିଚି । ରାମ ବଣକୁ ଯିବା କଥା କହିଲେ । କିଂତୁ ସୀତାଂକର ରାଜ୍ୟ ଗଲା ବୋଲି କିଛି ଦୁଃଖ ନାଇ । ସେ ଖାଲି କହିଲେ, ‘ମୁଁ ତୁମ ସଂଗେ ଯିବି ।” ରାମ ବହୁତ ମନା କଲେ; ବଣରେ କେତେ ଦୁଃଖ, କେତେ ଭୟ, ସବୁ ବୁଝାଇ କହିଲେ । ସୀତା ସେ କଥା ଶୁଣିବେ କାହିଁକି ? ରାମଂକୁ ବଣକୁ ଛାଡ଼ି ନଅରରେ ସେ ରହି ପାରିବେ କିପରି ? ବର ପାଖେ ଭାର୍ଯାର ସ୍ଥାନ । ରାମ ପାଖେ ଥିଲେ ବଣ ଭିତରେ ବାଘ ଭାଲୁଂକ ମଧ୍ୟରେ ଫଳମୂଳ ଖାଇ ରହିଲେ ମଧ୍ୟ, ସେ ତାଂକର ରାଜଭୋଗ । ନଅର ଭିତରେ ରାଜଭୋଗରେ ରହିଲେ ମଧ୍ୟ ରାମଂକ ବିନା ସେ ତାଂକର ବନବାସ । ରାମ ମନା କଲାରୁ ସୀତା ତାଂକୁ କୁଂଡାଇକରି ଧରି ଖାଲି କାଂଦିଲେ । ଶେଷକୁ ରାମଂକର ଉପାୟ କ’ଣ ? ସେ କହିଲେ, “ତେବେ ଚାଲ, ବଣରେ ମୁଁ ଯେପରି ରହିବି, ତୁମେ ବି ସେହିପରି ରହିବ । ଆମର ଯାହା କିଛି ଅଛି; ସବୁ ଏବେ ବ୍ରାହ୍ମଣ, ଚାକରବାକର ଓ ଗରିବମାନଂକୁ ବାଂଟିଦେଇ ଚାଲ ଶୀଘ୍ର ବଣକୁ ଯିବା ।”

ଲକ୍ଷ୍ମଣ ଆଗରୁ ସେଠାକୁ ଆସିଥିଲେ । ସେ କହିଲେ, “ଭାଇ, ତୁମେ ଯେବେ ଯିବ, ତେବେ ମୁଁ ଧନୁଶର ନେଇ ଆଗେ ଆଗେ ଯିବି । ତୁମକୁ ଛାଡ଼ି ମୁଁ ରହି-

ପାରବ ନାଇ ।” ରାମ କହିଲେ, “ଏ କଅଣ ଲକ୍ଷ୍ମଣ ? ତୁମେ ଗଲେ, କୌଶଲ୍ୟା ସୁମିତ୍ରାଂକ କଥା ବୁଝିବ କିଏ ? ଲକ୍ଷ୍ମଣ କହିଲେ, “ମା କୌଶଲ୍ୟାଂକ ପାଇଁ କିଛି ଚିଂତା ନାଇ । ଆଉ ସେ କଅଣ ମା ସୁମିତ୍ରାଂକୁ ଦିଓଟି ଖାଇବାକୁ ଦେଇ ପାରିବେ ନାଇ ? ମୁଁ ରୋଜ ତୁଂଭମାନଂକର ଫଳମୂଳ ଆଣି ଦେବି । ମତେ ସାଂଗରେ ନିଅ ।”

ଆଉ ଉପାୟ କ'ଣ ? ରାମ ହଁ କଲେ । ଲକ୍ଷ୍ମଣ ସମସ୍ତଂକଠାରୁ ବିଦାୟ ନେଇ, ଅସ୍ତ୍ରଶସ୍ତ୍ର ବାଂଧି ଯିବାପାଇଁ ବାହାରି ପଡ଼ିଲେ ।

## ରାମଂକ ବିଦାୟ ଓ ବଣକୁ ଯିବା

ରାମଂକ କଥାରେ ଲକ୍ଷ୍ମଣ ଧନ, ରତ୍ନ, ଅଲଂକାର, ଲୁଗା, ପାଟ, ଗାଈ ଗୋରୁ ପ୍ରଭୃତି ବ୍ରାହ୍ମଣ ଓ ଗରିବ-ମାନଂକୁ ବାଂଟିଲେ । ଚାକରମାନେ ଯାହା ପାଇଲେ, ସେଥିରେ ତାଂକର ଜୀବନ କଟିଯାଇଥିବ । ରାମ ସେମାନଂକୁ କହିଲେ, “ମୁଁ ବଣରୁ ଫେରିବାଯାଏ ତୁଂଭେମାନେ ଛାଡ଼ି ଯିବନାଇ ।

ଏହିପରି ସବୁ ଦାନ କରିସାରି ରାମ ଲକ୍ଷ୍ମଣ ସୀତା ଦଶରଥଂକଠାରୁ ବିଦାୟ ନେବାପାଇଁ ଚାଲିଲେ । ଏଥର ଆଉ ରଥରେ ଗଲେନାଇ । ଗୋଡ଼ରେ ଚାଲି ଯିବାର ଦେଖି ଲୋକେ ହାହାକାର କରି କାଂଦି ଉଠିଲେ । ସୀତାଂକୁ ବାଟ ଚାଲିବାର ଦେଖି ଲୋକେ ବଡ଼ ବ୍ୟାକୁଳ ହୋଇ କାଂଦିଲେ । ‘ଦଶରଥଂକୁ ଭୂତ ଲାଗିଛି’ ବୋଲି ଲୋକେ କହି ପକାଇଲେ । କହିଲେ, ‘ଏ ଦେଶରେ ଆଉ ରହିବା ଠିକ୍ ନୁହେଁ । ଚାଲ ରାମଂକ ସଂଗେ ସମସ୍ତେ ବନକୁ ଯିବା । କୈକେୟୀ ତା ପୁଅକୁ ଘେନି ପଡ଼ିଥାଉ ।’

ରାମ, ଲକ୍ଷ୍ମଣ, ସୀତାଂକୁ ଦେଖି ଦଶରଥଂକ ବୁକୁ ଫାଟିଗଲା । କୈକେୟୀ ପାଶରେ ତ ଯାଇ ପଡ଼ି ସତ୍ୟ କରିଛଂତି; ଏବେ ‘ନାଇ’ କରିବେ କିପରି ? ସେ କହିଲେ, “ବାପ ରାମ, ମୁଁ ବାଇଆହେ, କଂସାଇ । ମୋତେ ବାଂଧିପକା । ତୁ ଯାଇ ରାଜା ହୋ’, ବଣକୁ ଯା ନା ।”

ରାମ କହିଲେ, “ବାପା, ଆପଣ ସୁଖରେ ରାଜ୍ୟ କରଂତୁ । ମୋର ରାଜ୍ୟ କ'ଣ ହେବ ? ମୁଁ ବଣକୁ ଯାଇ ଆପଣଂକ ସତ୍ୟ ରଖିବି, ମୋତେ ଏହି ଆଶୀର୍ବାଦ କରଂତୁ । ବଣରୁ ଫେରିଲେ ପୁଣି ଆସି ଆପଣଂକ ପାଦ-ପୂଜା କରିବି । ଆପଣଂକ ସତ୍ୟ ଯେବେ ରଖି ନ ପାରିବି, ତେବେ ମୁଁ ପୁଅ ହୋଇ ଜନ୍ମ ହେଇଥିଲି କାହିଁକି ?”

ଦଶରଥଂକୁ ଲାଜ ମାଡ଼ିଲା । ଏଣେ ପ୍ରାଣ ଯୋଡ଼ ଯା'ଉଥାଏ; ସେ ଆଉ କ'ଣ କରିବେ ? କୈକେୟୀ ତ ପଥରପରି ବସିଛଂତି; ବର ମାଗିବା ଛାଡ଼ୁ ନାହାଂତି !

ଶେଷରେ ଦଶରଥ ସୁମଂତ୍ରଂକୁ କହିଲେ, “ରାମ ସଂଗେ ସୈନ୍ୟ, ଅସ୍ତ୍ର, ଶସ୍ତ୍ର, ଗାଡ଼ି, ଘୋଡ଼ା ପଠାଅ, ସହର ଲୋକେ ସଂଗେ ଯାଆଂତୁ । ଲୋକବାକ, ଟଂକା-କଉଡ଼ି କାହିଁରେ ଯେପରି ରାମର କଷ୍ଟ ନ ହୁଏ ।”

କୈକେୟୀ ଏହା ଶୁଣି ବାଘୁଣୀପରି କହି ଉଠିଲେ, ‘ମହାରାଜ’ ସବୁ ତ ରାମ ସଂଗେ ପଠାଇ ଦେବ, ଭରତ ଆଉ ରାଜା ହେବ କଣ ପିନ୍ଧି ?”

ରାମ କହିଲେ, ‘ବାପା ମୋର ସେ ସବୁ କିଛି ଦରକାର ନାଇ । ଖଂଡେ ଖଣତା, ଗୋଟାଏ ପେଟରା, ଆଉ ଖଂଡେକେତେ ବଲ୍କଲ (ପିଂଧିବାପାଇଁ

କନାପରି ଏକପ୍ରକାର ଗଛର ଛାଲ ) ହେଲେ ହବ । ଏହା କହୁଁ କହୁଁ କୈକେୟୀ କାହୁଁ ଆଣି ତିନିଖଣ୍ଡ ବଲ୍‌କଳ କନା ପକାଇଦେଲେ । ରାମ ଲକ୍ଷ୍ମଣ ତା' ପିନ୍ଧିଲେ । ସୀତା ପିନ୍ଧି ଜାଣିଲେ ନାଇ । ସେ ହାତରେ ଧରି ଠିଆହେଲେ । ସେଠାରୁ ରାମ ଆପଣା ହାତରେ ସେହି କନାଟି' ସୀତାଙ୍କ ଶାଢ଼ୀ ଉପରେ ଗୁଡ଼ାଇ ଦେଲେ । ସମସ୍ତେ ଏହା ଦେଖି 'ହୋ ହୋ' କାନ୍ଦି ଉଠିଲେ ।

ବଶିଷ୍ଠ ସୀତାଙ୍କୁ ବଲ୍‌କଳ ପିନ୍ଧିବାକୁ ମନା କରି, କୈକେୟୀଙ୍କ ବହୁତ ଗାଳିଦେଲେ । ଦଶରଥ କାନ୍ଦି କାନ୍ଦି କହିଲେ; ମା ଏ କି ଦୁର୍ଭାଗ୍ୟ ହେଲା ? ତୁ କାହିଁକି ବଲ୍‌କଳ ପିନ୍ଧିବୁ ? ତୋତେ ବଲ୍‌କଳ ପିନ୍ଧିବାକୁ ହବ, ମୁଁ ତ ଏପରି ବର ଦେଇନାଇ ।" ସେଠାରୁ ଦଶରଥ ଆଦେଶ ଦେଲେ, ସୀତାଙ୍କ ସଂଗେ ସବୁ ଧନ, ରତ୍ନ, ଅଳଂକାର ଓ ଚଉଦ ବରଷ ପାଇଁ ଲୁଗା ପଠାଯିବ ।

ସବା ଶେଷକୁ ରାମ ହାତଯୋଡ଼ି କହିଲେ "ମହାରାଜ, ମୋ ମା' କଥା ବୁଝୁଥିବେ ।"

ଯିବାର ସମୟ ହେଲା । ସମସ୍ତେ ବିଦାୟ ଦେଲେ । ସୁମନ୍ତ ରଥ ସଜାଡ଼ି ଠିଆ ହେଲେ । ସେତିକିବେଳେ ସୁମିତ୍ରା ଲକ୍ଷ୍ମଣଙ୍କୁ କହିଲେ, "ମୋ ବାପ, ରାମ ସଂଗେ ଯାଉଚୁ । ସବୁବେଳେ ତାଙ୍କ ପାଖେ ଥିବୁ, ରାମଙ୍କୁ ରାଜା ଦଶରଥ ବୋଲି ବିଚାରିବୁ; ସୀତାଙ୍କୁ ସାକ୍ଷାତ 'ମୁଁ' ବୋଲି ବିଚାରିବୁ; ବଣକୁ ଅଯୋଧ୍ୟା ବୋଲି ବିଚାରିବୁ । ଯା ବାବୁ, ମନ ସୁଖରେ ଚାଲିଯା ।"

ତା' ପରେ ସୁନ୍ଦର ଶାଢ଼ୀ ପିନ୍ଧାଇ ସୀତାଙ୍କୁ ରଥରେ ଉଠାଇ ଦିଆହେଲା । ରାମ ଲକ୍ଷ୍ମଣ ଧନୁ, ଶର, ଅସ୍ତ୍ର, ଶସ୍ତ୍ର, ଖଣ୍ଡା, ପେଟରା ଓ ସୀତାଙ୍କର ଚଉଦ ବରଷ ପାଇଁ ଲୁଗାପଟା ଧରି ରଥରେ ଉଠିଲେ । ରଥ ଚାଲିଲା । ସମସ୍ତେ ବାୟାପରି ହୋଇ କାନ୍ଦି କାନ୍ଦି ରଥ ପଛେ ପଛେ ଦଉଡ଼ିଲେ । ରଥ ଧୀରେ ଧୀରେ ନବାକୁ ସମସ୍ତେ ଡାକ ପକାଇଥାନ୍ତି ।

ରାମ ପଛକୁ ବୁଲି ଦେଖିଲେ, ଅଯୋଧ୍ୟାର ଲୋକ ଗୋଡ଼ାଇଚନ୍ତି । ନିଜେ ରାଜା ଦଶରଥ ଓ ରାଣୀମାନେ ବି କାନ୍ଦି କାନ୍ଦି ଦଉଡ଼ିଚନ୍ତି । ବାପା ମାଙ୍କର କାନ୍ଦ ସଂଗେ ହା-ରାମ, ହା-ଲକ୍ଷ୍ମଣ, ହା-ସୀତା, ଖାଲି ଏହି କଥା ଶୁଭୁଛି । ରାମଙ୍କ ହୃଦ ଫାଟିଗଲା । ଲୋକେ ରଥ ରଖିବାକୁ ଡାକ ଛାଡ଼ୁଚନ୍ତି । ରାମ ବରାବର ବେଗେ ରଥ ଚଳାଇବା ପାଇଁ ସୁମନ୍ତଙ୍କୁ କହୁଥାନ୍ତି । ଶେଷକୁ ସୁମନ୍ତ ଆଉ ପାରିଲେ ନାଇ । ବେଗେ ରଥ ଚଳାଇ ଦେଲେ । ବଡ଼ କଷ୍ଟରେ ଲୋକେ ଦଶରଥଙ୍କୁ ଫେରାଇଲେ । କିନ୍ତୁ ରଥର ଧୂଳି ଦିଶୁଥିବା ଯାଏ ସେ ବରାବର ଚାହିଁ ରହିଥିଲେ । ତଳେ ବସି ଚାହିଁଥିଲେ ଧୂଳି ଅଦୃଶ୍ୟ ହେବାରୁ ଆଉ ବସି ପାରିଲେ ନାଇ । ଅଜ୍ଞାନ ହୋଇ ପଡ଼ିଗଲେ । ପରେ ଟିକିଏ ସୁସ୍ଥ ହୋଇ କୌଶଲ୍ୟାଙ୍କ ହାତଟି ଧରି ଧୀରେ ଧୀରେ ଘରକୁ ଫେରିଲେ । କୈକେୟୀ ରାଜାଙ୍କୁ ନବାକୁ ଆସିଲେ । କିନ୍ତୁ ରାଜା କହିଲେ, "ତୁ ମତେ ଛୁ ନା ।"

କୌଶଲ୍ୟାଙ୍କ ଘରକୁ ଆସି ଦଶରଥ ଶୋଇ ପଡ଼ିଲେ । ଶୋଇବାରୁ ସେ ଆଉ ଉଠି ନାହାନ୍ତି । କାନ୍ଦି କାନ୍ଦି ଦିନସାକ ଗଲା । ରାତିରେ କୌଶଲ୍ୟାଙ୍କୁ କହିଲେ, "ମୁଁ ତ ଆଉ ତୁମକୁ ଦେଖି ପାରୁନାଇ । ମୋ ଦେହରେ ହାତ ଦିଅ ।" କୌଶଲ୍ୟା ରାଜାଙ୍କ ପାଖେ ବସି ଖାଲି କାନ୍ଦିଲେ । ସୁମିତ୍ରା ଆସି ବୁଝାଇ କହିଲେ, "ଏତେ ଦୁଃଖ କାହିଁକି କରୁଚ ? ରାମ କିପରି ବୀର ତା କଣ ତୁମେ ଜାଣନାଇ ? ଲକ୍ଷ୍ମଣ ବି

ସାଂଗରେ ଅଛି । ତାଂକର କି ଭୟ ? ଚଉଦ ବରଷ ପୂରିଗଲେ ସେମାନେ ପୁଣି କାଲିଘର ଫେରିଆସିବେ । ଏହା ଶୁଣି କୌଶଲ୍ୟାଂକର ଟିକିଏ ଦାଂଭ ହେଲା ।

ଦଶରଥ ଫେରିଲା ବେଳେ ଅଯୋଧ୍ୟାର ଆଉ କେତେ ଲୋକ ଜମା ନ ଫେରି ରଥ ପଛେ ପଛେ ଦଉଡ଼ିଲେ । ସେଥିରେ କେତେ ବୁଢ଼ା ବ୍ରାହ୍ମଣ ଥିଲେ । ସେମାନେ ଦୌଡ଼ି ପାରୁ ନ ଥାଂନ୍ତି । ତଥାପି ପଡ଼ି ଉଠି ଚାଲୁଥାଂନ୍ତି । ଶେଷକୁ ଏହା ଦେଖି ରାମ ଲକ୍ଷ୍ମଣ ସୀତା ରଥରୁ ଓହ୍ଲାଇ ତାଂକ ସଂଗେ ଚାଲିଲେ । ତମସା ନଦୀ କୂଳରେ ସଂଧ୍ୟା ଆସି ଲାଗିଗଲା । ସମସ୍ତେ କହୁଥାଂନ୍ତି, ଆମେ ତୁମ ସଂଗେ ବଣକୁ ଯିବୁ ।' ବାଧ ହୋଇ ରାମ ଲକ୍ଷ୍ମଣ ସୀତା ସେମାନଂକ ସଂଗେ ସେହିଠାରେ ରାତିରେ ରହିଲେ ।

ସକାଳୁ ଉଠି ରାମ ଦେଖିଲେ, ସମସ୍ତେ ଶୋଇଥାଂନ୍ତି । ସୁମଂତ୍ରକୁ ତୁନି କରି ରଥ ଚଳାଇବାକୁ କହିଦେଲେ । କିଛି ଦୂର ଯାଇ ରଥରୁ ଓହ୍ଲାଇ ବଣରେ ଖଂଡ଼ିଏ ଦୂର ଚାଲିଗଲେ । ଖାଲି ରଥ ହାଲୁକା କରି କିଛିଦୂର ବୁଲାଇ ଚଳାଇବାକୁ ସୁମଂତ୍ରଂକୁ କହିଲେ । ସୁମଂତ୍ର ସେହିପରି କଲେ । ରଥର ଆଉ ଚକ ଦାଗ ଦିଶିଲା ନାଇ ।

ଏଣେ ଅଯୋଧ୍ୟା ଲୋକେ ଉଠି ବଡ଼ ବ୍ୟାକୁଳ ହେଲେ । କହିଲେ, 'ଆହା କାହିଁକି ଶୋଇଲେଇଁ । ରାମ ଏହିପରି ଆମକୁ ଛାଡ଼ିଗଲେ ।' ଏହା କହି କାଂନ୍ଦି କାଂନ୍ଦି ରଥ ଚକଗାର ଦେଖି ଦେଖି କିଛି ଦୂର ଗଲେ । ଶେଷକୁ ଆଉ ଚକଚିହ୍ନ ଦେଖିଲେ ନାଇ । ନିରାଶ ହୋଇ ବାହୁନି ବାହୁନି ଫେରିଲେ ।

## ନିଷାଦ ରାଜା ଗୁହକ

କ୍ରମେ ରଥ କୋଶଳ ଦେଶ ଡେଇଁଗଲା । ଏବେ ରାମ କୋଶଳକୁ ପ୍ରଣାମ କରି, ପୁଣି ଚାଲିଲେ । ଶୃଂଗବେର ନଗର ପାଖେ ଗଂଗାକୂଳେ ସଂଧ୍ୟା ହେଲା । ସେଠାରେ ଗୋଟିଏ ବଡ଼ ଇଂଗୁଦୀ ଗଛ ଦେଖି ସେଇଠାରେ ରାମ ଶୋଇବାର ଠିକ୍ କଲେ ।

ନିଷାଦ ବୋଲି ଗୋଟିଏ ବଣୁଆ ଜାତିଂକର ସେ ଦେଶ । ସେମାନଂକର ରାଜା ଗୁହ (ଗୁହକ) ରାମଂକର ଭାରି ଚିହ୍ନାପରିଚୟ ବଂଧୁ ଥିଲେ । ରାମ ଆସିଚଂନ୍ତି ବୋଲି ଶୁଣି ସେ ବେଗାବେଗି ଅନେକ ଲୋକବାକ, ସୁଂଦର ଖାଇବା ଜିନିସ ଧରି ଆସି ପହଂଚି ଗଲେ । ରାମ ଲକ୍ଷ୍ମଣ ସୀତା ଶୋଇବା ପାଇଁ ସୁଂଦର ଶେଯ, ମାଂଡ଼, ଘୋଡ଼ା ପାଇଁ ଘାସ କିଛି ଆଣିବାକୁ ସେ ବାକି ରଖି ନ ଥିଲେ । ସେ ବି ଚାହିଁଥିଲେ, ରାମଂକୁ ତାଂକ ନିଜଦେଶରେ ରାଜା କରି ସେହିଠାରେ ରଖିବେ ।

ଗୁହକଙ୍କୁ ଦେଖିଲାକ୍ଷଣି ରାମ ଆନଂଦରେ କୁଂଡାଇ ପକାଇଲେ । କହିଲେ, "ଭାଇ, ତୁମର ଏ ସ୍ନେହରେ ଭାରି ଖୁସି ହେଲି; କିଂନ୍ତୁ ତୁମ ଜିନିସ ମୁଁ କିମିତି ନେବି ? ତପସ୍ୱୀ ପରି ବଣରେ ଫଳମୂଳ ଖାଇ ରହିବା ମୋର କଥା । ତେବେ, ଘୋଡ଼ାଂକୁ ଘାସଟିକି ଦିଅ ।" ଗୁହକ ବୁଝି ପାରିଲେ; ଆଉ ବଳାଇଲେ ନାଇ । ରାମ ସୀତା ସେ ଦିନ ଖାଲି ପାଣି ପିଇ ଗଛମୂଳରେ ଶୋଇଲେ ।

ରାତିରେ ରାମ ସୀତା ଶୋଇଲେ । ଲକ୍ଷ୍ମଣ ଜଗି ବସିଲେ । ଗୁହକ ନିଜେ ଜଗିବସି ରହିବେ ବୋଲି କହି ଲକ୍ଷ୍ମଣଂକୁ ଶୋଇବାକୁ ବଳାଇଲେ । ଲକ୍ଷ୍ମଣ କହିଲେ, "ରାଜାଂକର ଏ ଦୁଃଖବେଳେ ମୁଁ ଶୋଇବି କିପରି ? ତା ପରେ ଦଶରଥ ଶୀଘ୍ର ମରିଯିବେ । କୌଶଲ୍ୟା

ସୁମିତ୍ରା ମଧ ବେଶୀ ଦିନ ବଂଚିବେ ନାଇ ।” ଏହିସବୁ କଥା ଶୁଣି ଲକ୍ଷ୍ମଣ ଗୁହକଂକ ଭିତରେ ରାତିଯାକ କଥାବାର୍ତ୍ତା ଚାଲିଲା । ଦୁହେଁ କାଂଦି କାଂଦି ରାତି ପୁହାଇ ଦେଲେ ।

ଆରଦିନ ସକାଳୁ ଗୁହକ ସୁମଂତ୍ରଂକଠାରୁ ବିଦାୟ ନେଇ, ରାମ ଲକ୍ଷ୍ମଣ ସୀତା ଗଂଗା ପାରି ହେଲେ । ସୁମଂତ୍ରଂକର ଫେରିବାକୁ ଗୋଡ଼ ଚଳିଲା ନାଇ । ସେ କାଂଦି କାଂଦି ରାମଂକ ସଂଗେ ବଣକୁ ବାହାରିଲେ । ରାମ କେତେ ବୁଝାଇଲେ, ମିନତି କଲେ, ବାପା ମାଂକୁ କହିବାକୁ ଖବର ଦେଲେ, ଶେଷକୁ ବୁଝାଇ, କହିଲେ, “ଆପଣ ଅଯୋଧ୍ୟାକୁ ଫେରି ନ ଗଲେ, କୈକେୟୀ ଭାବିବେ ମୁଁ ବଣକୁ ଯାଇନାଇ । ତାହାହେଲେ ସେ ବାପାଂକୁ ବଡ଼ ଦୁଃଖ ଦେବେ । ଆପଣ ବେଗେ ଅଯୋଧ୍ୟାକୁ ଫେରି ଯାଆଂତୁ ।” ସୁମଂତ୍ରଂକର ଆଉ ଉପାୟ କଣ ? ସେ ଖାଲି ପଛଆଡ଼ୁ ରାମଂକୁ ଚାହିଁ ରହିଲେ; ରାମ ନ ଦିଶିବାରୁ କାଂଦି କାଂଦି ଅଯୋଧ୍ୟାକୁ ଫେରିଲେ ।

---

## ବନବାସୀ ରାମ ଲକ୍ଷ୍ମଣ ସୀତା

ଗଂଗା ପାରି ହେବା ପୂର୍ବରୁ ରାମ ଲକ୍ଷ୍ମଣ ବରଅଠା ଲଗାଇ ବାବାଜୀ ପରି ଜଟା ତିଆରି କରିଥିଲେ । ଗଂଗା ନଦୀ ଆରପାଖେ ବତ୍ସଦେଶ । ସେଠାରେ, ହରିଣ ମାରି ଖାଇ, ସାଂଜୁ ପିଂଧି, ହାତରେ ଧନୁଶର ଧରି ବଣ ଭିତରେ ପଶିଲେ । ତହିଁ ଆରଦିନ ସେମାନେ ପ୍ରୟାଗରେ ପହଂଚିଲେ । ସେଠାରେ ଭରଦ୍ୱାଜ ମୁନିଂକ ଆଶ୍ରମ ପାଖରେ ଗଂଗାରେ ଯମୁନା ଆସି ମିଶିଛି । ଭରଦ୍ୱାଜ ସେମାନଂକୁ ଖୁବ ଆଦର କଲେ; ସେମାନଂକୁ ଆପଣା ଆଶ୍ରମରେ ବରାବର ରଖିବାକୁ ଚାହୁଁଥିଲେ । ପାଖରେ ଗ୍ରାମ ଘରଦ୍ୱାର ଥିଲା । ରାମଂକର ସେଠାରେ ରହିବାକୁ ଇଚ୍ଛା ହେଲା ନାଇ । ସେ ଭରଦ୍ୱାଜଂକୁ କହିଲେ, “ଦୟାକରି ଗୋଟିଏ ଭଲ ନିର୍ଜନ ଜାଗା ଆଂଭମାନଂକୁ ବତାଇ ଦିଅଂତୁ ।” ଭରଦ୍ୱାଜ କହିଲେ, “ତେବେ ଏଠାରୁ ଦଶ କୋଶ ଦୂରରେ ଚିତ୍ରକୂଟ ଅଛି । ସେ ବଡ଼ ସୁଂଦର ନିର୍ଜନ ସ୍ଥାନ । ସେଠାରେ ଫୁଲ, ଫଳ, ନଦୀ, ଝରଣା, ପକ୍ଷୀ, ହରିଣ ଅନେକ ଅଛଂତି । ସେଇସ୍ଥାନଟି ତୁମକୁ ସୁଖ ଲାଗିବ ।”

ସକାଳୁ ଭରଦ୍ୱାଜଂକୁ ପ୍ରଣାମ କରି, ଶୁଖିଲା କାଠ ଗୋଟାଇ ଗୋଟିଏ ଭେଳା ବାଂଧି ସେଥିରେ ଯମୁନା ପାରି ହେଲେ । ତା’ପରେ ଆଗେ ଲକ୍ଷ୍ମଣ, ମଝିରେ ସୀତା ଓ ପଛରେ ରାମ—ଏହିପରି ବଣ ଭିତରେ ଚାଲିଲେ । ସୀତା ବଣ କେବେ ଦେଖି ନ ଥିଲେ । ଫୁଲଟିଏ ଫଳଟିଏ ଯାହା ଦେଖଂତି; ତାଂକୁ ଆଶ୍ଚର୍ଯ୍ୟ ଲାଗେ । ଏଇଟି କଣ ବୋଲି ପଚାରିଲାକ୍ଷଣି ଲକ୍ଷ୍ମଣ ତାହା ତୋଳି ଆଣି ଦିଅଂତି । ଏହିପରି ସକାଳୁ ସଂଧ୍ୟାବେଳଯାଏ ଚାଲି ଚାଲି ସେମାନେ ଚିତ୍ରକୂଟ ପର୍ବତ ପାଖେ ପହଂଚିଲେ । ପର୍ବତ ତଳେ ମଂଦାକିନୀ ବହିଯାଉଛି । ଜାଗାଟି ବଡ଼ ଚମତ୍କାର । କାଠ, ଲଟି, ପତ୍ର ଦେଇଆସି ରହିବା ପାଇଁ ଲକ୍ଷ୍ମଣ ଗୋଟିଏ କୁଡ଼ିଆ ତିଆରି କରି ପକାଇଲେ । କାହିଁ ମଣିମାଣିକ୍ୟଲଗା ମଖମଲ ପଥର କୋଠରେ ଯେଉଁମାନେ ରହୁଥିଲେ, ସେମାନେ ଏବେ ଏହି ପତ୍ରକୁଡ଼ିଆରେ ମହା ଆନଂଦରେ ରହିଲେ ।

---

## ଦଶରଥଂକ ଶୋକ

ସୁମଂତ୍ର ଅଯୋଧ୍ୟାକୁ ଫେରି ଆସି ଦେଖିଲେ, ରାଜା ସେହିପରି ମୁହଁମାଡ଼ି ପଡ଼ିଛଂତି, ଦେହଯାକ ଧୂଳିବୋଳା ହୋଇଅଛି, ଆଖିରୁ ଲୁହ ଶୁଖି ନାହିଁ; ହେଲେ ପଦ୍ମରକେ

ଗୋଟିଏ ଗୋଟିଏ ଦୀର୍ଘନିଃଶ୍ୱାସ ପକାଉଛନ୍ତି । ସୁମନ୍ତଙ୍କୁ ଦେଖି ଦୁଃଖ ଆହୁରି ବଢ଼ିଗଲା । ସେ ଅଜ୍ଞାନ ହୋଇଗଲେ । ଚେତା ପାଇ ପଚାରିଲେ, "ସୁମନ୍ତ, ତମେ ଆସିବାବେଳେ ସେମାନେ କଣ କହିଲେ ?"

ସୁମନ୍ତ କହିଲେ, "ରାମ ଆପଣମାନଙ୍କୁ ସମସ୍ତଙ୍କୁ ପ୍ରଣାମ ଜଣାଇ କହିଛନ୍ତି, 'ମାଆଙ୍କୁ କହିବ, ସେ ସବୁବେଳେ ବାପାଙ୍କ ସେବା କରୁଥିବେ; ଭରତଙ୍କୁ କହିବ, ସେ ରାଜା ହୋଇ ଯେପରି ବାପାଙ୍କୁ କେବେ ଅମାନ୍ୟ ନ କରନ୍ତି ।'' ଲକ୍ଷ୍ମଣ ରାଗରେ କହିଲେ, 'ସୁମନ୍ତ, ବାପା ଯେତେବେଳୁ ଭାଇଙ୍କୁ ବଣକୁ ପଠାଇଛନ୍ତି, ସେତେବେଳୁ ମୋର ତାଙ୍କଠାରେ ଟିକିଏ ହେଲେ ଭକ୍ତି ନାହିଁ ।' ସୀତା କିଛି କହିନାହାନ୍ତି । ସେ ଖାଲି ମୁହଁ ପୋଛି କାନ୍ଦୁଥାନ୍ତି । ଆଉ ଥରେ ଥରେ ରାମଙ୍କ ମୁହଁକୁ ଓ ଥରେ ଥରେ ରଥକୁ ଚାହୁଁଥାନ୍ତି ।"

ଏହା ପରେ ରାଜା ଦଶରଥଙ୍କର ଦୁର୍ଦ୍ଦଶା ପଡ଼ିଲା । ସେ ମୁହଁମାଡ଼ି ପଡ଼ିଥାନ୍ତି । କ୍ରମେ ତାଙ୍କ ଗୋଡ଼ହାତରୁ ବଳ ଛାଡ଼ିଗଲା । ତାଙ୍କର ଆଉ ବଞ୍ଚିବାର ଆଶା ରହିଲା ନାହିଁ । ସେ କୌଶଲ୍ୟାଙ୍କୁ ଡାକି କହିଲେ, "କୌଶଲ୍ୟା, ମୁଁ ଆଉ କିଛି ଜାଣି ପାରୁନାହିଁ । ମୋର ଆଉ କିଛି ମନେ ରହୁନାହିଁ । ଗ୍ରୀଷ୍ମକାଳ ଖରାରେ ଗଛଆ ଶୁଖିଗଲା ପରି ଏ ପୁତ୍ରଶୋକରେ ମୋ ପ୍ରାଣ ଦିନକୁ ଦିନ ଶୁଖିଯାଉଛି ! ଆହା ! ରାମ, ରାମପରି ପୁଅ । ସେ ମୋ କଥାରୁ ଟିକିଏ ହେଲେ ବାହାର ନାହିଁ । ମୁଁ ରାକ୍ଷସ ତାକୁ ବଣକୁ ପଠାଇ ଦେଲି । କୌଶଲ୍ୟା, ମୋର ବଳ ବୁଦ୍ଧି ସବୁ ଚାଲିଯାଉଛି । ଲିଭିଲାବେଳେ ଦୀପ ଯେପରି ହୁଏ, ମୋତେ ଭିତରେ ଭିତରେ ସେହିପରି ଲାଗୁଛି ।"

ସୁମିତ୍ରା ମଧ୍ୟ ପାଖରେ ବସିଥାନ୍ତି । ସୁମିତ୍ରା କୌଶଲ୍ୟାଙ୍କୁ ଚାହିଁ ରାଜା ପଡ଼ି ରହିଥାନ୍ତି । ସେ କହିଲେ, "ମୁଁ ଆଉ ବଞ୍ଚିବି ନାହିଁ । ଏ ଶୋକରେ ମୋ ପ୍ରାଣ ଯିବ; କିନ୍ତୁ କେତେ ଦୁଃଖ ପାଇ ରାଣୀଟି ପୁଅ ପାଇଥିଲି । ମଲାବେଳେ କାହାକୁ ଦେଖିବି ନାହିଁ । ସବୁ ପାପର ଫଳ, ରାଣି !" ଏହା କହୁ କହୁ କେତେ ପୂର୍ବକଥା ମନେ ପଡ଼ିଗଲା । ସେ ଗୋଟିଏ ପୂର୍ବ କଥା କହିବସିଲେ ।

---

## ଅନ୍ଧମୁନି ପୁତ୍ର କଥା କହି ଦଶରଥ ମଲେ

ଦଶରଥ କହିଲେ, "ମୋର ସେତେବେଳେ ଟୋକା-ବୟସ; ମୁଁ ଶବ୍ଦ ଶୁଣି, ଶରମାରି ଶିକାର କରିବା ଶିଖିଥିଲି । ବଣରେ ଗୋଟିଏ ଜାଗାରେ ଲୁଚି ବସିଥାଏଁ । ଦୂରରେ ଜନ୍ତୁମାନେ ଶବ୍ଦ କରନ୍ତି । ସେହି ଶବ୍ଦ ଶୁଣି ଜନ୍ତୁଙ୍କୁ ନ ଦେଖି ଶର ମାରେଁ ।

"ଦିନେ ଏହିପରି ବଣରେ ଜନ୍ତୁମାନଙ୍କ ଶବ୍ଦକୁ କାନ ଡେରି ବସିଥାଏଁ । ରାତି ହୋଇଗଲା । ପାଖରେ ଗୋଟିଏ ନଈ ଥାଏ । ସେ ନଈକୁ ରାତିରେ ଜନ୍ତୁମାନେ ପାଣି ପିଇବାକୁ ଆସନ୍ତି । ମୁଁ କାନ ଡେରି ବସିଛି । ପାଣିରେ ଗୋଟିଏ ଘଡ଼ ଘଡ଼ ଶବ୍ଦ ଶୁଭିଲା । ମୁଁ ଭାବିଲି, ଗୋଟିଏ ହାତୀ ପାଣି ପିଉଛି । ସାଙ୍ଗେ ସାଙ୍ଗେ ଗୋଟିଏ ଶର ମାରିଦେଲି ।

"ସେ କଥା ଆଉ କଣ କହିବି ରାଣି ! ମନେ ପଡ଼ିଲେ ପ୍ରାଣ ଫାଟିଯାଉଛି । ମୁଁ ଶର ମାରିଦେବା ସଙ୍ଗେ ସଙ୍ଗେ ଶୁଣିଲି, ନଈକୂଳରୁ ଗୋଟିଏ ବାଳକ ବ୍ୟାକୁଳ ହୋଇ କାନ୍ଦି ଉଠିଲା । ତରତର ହୋଇ ନଈକୂଳକୁ ଦଉଡ଼ିଗଲି । ଆହା, ସେ ସୁନ୍ଦର ଛବି

ପୁଅର ମୁହଁ ଏବେ ଦିଶିଯାଉଛି । ଚଉଦ ପନ୍ଦର ବର୍ଷର ବାଳକ ହାତରେ ପାଣି ମାଠିଆ ଧରି ପଡ଼ିଯାଇଛି । ବୁଝିପାରିଲି, ହାତୀ ନୁହେଁ; ଏହି ବାଳକ ନଈରେ ମାଠିଆ ବୁଡ଼ାଇଲା ବେଳେ ଉବଡବ ଶବ୍ଦ ଶୁଣିଲି ।

"ଶର ତ ମାରି ଦେଇଛି; ଆଉ ଫେରିବ କ'ଣ ? ବ୍ୟାକୁଳ ହୋଇ କାନ୍ଦିଲି । କେତେ ଦେବତାଙ୍କୁ ଡାକିଲି । କେତେ କାଳ ଉତ୍ତାରୁ ପିଲାଟିର ଜ୍ଞାନ ହେଲା । ସେ ମୋତେ ଚାହିଁ ବ୍ୟାକୁଳ ହୋଇ କହିଲା, 'ତୁମେ କିଏ ? ମୋ ବାପା ମାଆ କଣ କହିବେ ? ତାଂକୁ କିଏ ସଂଭାଳିବ ?' ତାକୁ ପଚାରି ଜାଣିଲି, ସେ ଗୋଟିଏ ଋଷିର ପୁଅ; ତାର ବାପା ମା ଦୁହେଁ ଅଂଧ । ବଣରେ ପତ୍ର କୁଡ଼ିଆ କରି ଥାଆଂନ୍ତି । ଏହି ପୁଅଟି ଭିକ ମାଗିଆଣି ତାଂକୁ ପୋଷେ ।

"ଏକଥା ଶୁଣି ମୋର ଜ୍ଞାନ ହଜିଗଲା । ମୁଁ ଆଉ କଣ କରିବି ? ପିଲାଟିକୁ ବୁଢ଼ା ବୁଢ଼ୀଂକ ସଂଗେ ଭେଟ କରାଇ ଦେଲି । ଏହା ଜାଣି ସେ ଦୁହେଁ ଗଛ କାଟିଲା ପରି ତଳେ ପଡ଼ିଗଲେ । ତାଂକର ଜ୍ଞାନ ଲୋପ୍ ହୋଇଗଲା ! କେତେବେଳ ପରେ ଜ୍ଞାନ ପାଇ କେତେ ବାହୁନି କରି କାଂନ୍ଦିଲେ । ପୁଅକୁ ଦାହ କରିବା ପାଇଁ ମୁଁ କାଠ ଆଣି ଏହି ହାତରେ ଗଦି ! ନିଆଁ ଜାଳିଦେଲି । ପୁଅକୁ ପୋଡ଼ିଲାବେଳେ ମୁଁ ସଂଭାଳି ପାରିଲି ନାହିଁ । ବୁଢ଼ାବୁଢ଼ୀ ଦୁହେଁ ସେହି ନିଆଁକୁ ଡେଇଁ ପଡ଼ିଲେ । ମୁଁ କେତେ କ୍ଷମା ପ୍ରାର୍ଥନା କରିଥିଲି । ସେମାନେ ଜାଣି ପାରିଥିଲେ, ମୋର କିଛି ଦୋଷ ନାହିଁ । ମୋତେ କ୍ଷମା ଦେଲେ; କିଂନ୍ତୁ ବୁଢ଼ା କହିଥିଲେ, "ଆମେ ମଲାବେଳେ ପୁଅ ମୁହଁ ଦେଖିଲୁ ନାହିଁ । ରାଜା, ଏ ଦୁଃଖ ଦିନେ ଜାଣିବ ।'

"ରାଣି, ସେହି କାଳ ଆସି ପଡ଼ିଲା ।" ଏହା କହୁ କହୁ ପୁଣି କହିଲେ, "ଆହା ରାମ, କୁଆଡ଼େ ଗଲୁ ? କୈକେୟୀ ରାକ୍ଷସୀ, ତୋ ମନରେ ଏଇଆ ଥିଲା ?" ଦଶରଥଂକର ମୂର୍ଚ୍ଛା ହୋଇଗଲା । ସେ ମୂର୍ଚ୍ଛାରୁ ଆଉ ସେ ଉଠିଲେ ନାହିଁ । ରାମ ଯିବା ପରେ ଦଶରଥ ଛଅ ଦିନ ମାତ୍ର ବଂଚିଥିଲେ ।

ରାତିରେ ରାଜା ମରିଯିବାର କେହି ଜାଣି ପାରି ନ ଥିଲେ । ସକାଳୁ ଜାଣି ସମସ୍ତେ କାଂନ୍ଦି ଉଠିଲେ । ନଅରରେ କୋଳାହଳ ପଡ଼ିଗଲା । ଦୁଃଖ ଉପରେ ଦୁଃଖ । ମନୁଷ୍ୟ ଆଉ କେତେ ସହେ ? ଏଣେ ଭରତ ଶତ୍ରୁଘ୍ନ ଘରେ ନାହାଂନ୍ତି । ସେ ନ ଆସିଲେ ରାଜାଂକ ଶବ ତ ପୋଡ଼ା ହବ ନାହିଁ । ଭରତ ଶତ୍ରୁଘ୍ନଂକୁ ଆଣିବାକୁ ଲୋକ ଗଲେ । ରାଜାଂକ ଶବକୁ ଗୋଟିଏ ନାହାରେ ତେଲ ଭରତି କରି ସେଥିରେ ବୁଡ଼ାଇ ରଖିଦେଇ, ସମସ୍ତେ ଭରତ ଶତ୍ରୁଘ୍ନଂକୁ ଚାହିଁ ରହିଲେ ।

---

## ଭରତ ମାମୁଁ ଘରୁ ଫେରିଲେ

ଭରତ ମାମୁଁ ଘରେ ଥାଇ, ଏ ସବୁ କିଛି ଜାଣି ନଥିଲେ । ମହା ସୁଖରେ ଥିଲେ । ଦିନେ ରାତିରେ ସ୍ୱପ୍ନ ଦେଖିଲେ, ଦଶରଥ ଭାରି କୋତରା ହୋଇ ଯାଇଛଂନ୍ତି; ଗୋଟାଏ ପର୍ବତରୁ ଖସିପଡ଼ି ତଳେ ଥିବା ଗୋଟାଏ ତେଲ ପୋଖରୀରେ ବୁଡ଼ିଗଲେ; ତା' ପରେ ଗୋଟାଏ ଗଧଲଗା ଗାଡ଼ିରେ ବସି ଦକ୍ଷିଣକୁ ଯାଉଛଂନ୍ତି । ଏ ସ୍ୱପ୍ନ ଦେଖି ଭରତଂକ ମନ ଭାରି ଖରାପ ଥାଏ । ଏତିକିବେଳେ ହଠାତ ଅଯୋଧ୍ୟାରୁ ଲୋକ ଯାଇ ଖବର ଦେଲା, "ଆପଣ ଯେଉଁ ସଜେ ଅଛଂନ୍ତି, ସେହି ସଜେ ଅଯୋଧ୍ୟାକୁ ଫେରି ଯିବାକୁ ହବ ।"

ଭରତ ଶତ୍ରୁଘ୍ନ କିଛି ବୁଝିପାରିଲେ ନାଇ। ଖବର ପାଇ ରଥରେ ଚଢ଼ି ସାଂଗେ ସାଂଗେ ଅଯୋଧ୍ୟାକୁ ଫେରିଲେ। ଅଯୋଧ୍ୟାରେ ପଶିଲାକ୍ଷଣି ତାଂକୁ କିପରି କିପରି ଲାଗିଲା। ଅଯୋଧ୍ୟା ବଡ଼ ଅସୁଂଦର ଦିଶୁଚି; ହାଟ, ବଜାର ସବୁ ପ୍ରାୟ ବଂଦ ହୋଇଛି। ସେମାନେ ନଅରରେ ପଶି ଆଗ ଦଶରଥଂକ ଘରକୁ ଗଲେ। ଦେଖିଲେ, ଦଶରଥ ସେ ଘରେ ନାହାଂତି। ସେଠାରୁ ସେମାନେ କୈକେୟୀଂକ ପାଖକୁ ଯାଇ ପ୍ରଣାମ କଲେ। କୈକେୟୀ ପଚାରିବାରୁ କହିଲେ, "ଆମେ ମାମୁଁ ଘରେ ଖୁସିରେ ଥିଲୁ।" ସେଠାରୁ ପଚାରିଲେ, "ମା, ଏତେ ବେଗାବେଗି ଆମକୁ ଘେନି ଆସିଲ କାହିଁକି? ବାପା କାହାଂତି? ସେ ଭଲ ଅଛଂତି?"

କୈକେୟୀ କହିଲେ, "ବାବୁ, ବାପା ମରିଯାଇ-ଛଂତି।" ଏହା ଶୁଣି ଶୁଣୁ ଭରତ ଶତ୍ରୁଘ୍ନ କାଂଦି ଉଠିଲେ; ତଳେ ପଡ଼ି ଅଜ୍ଞାନ ହୋଇଗଲେ। କୈକେୟୀ କହିଲେ; 'ବାବୁ, ବଡ଼ ହେଲଣି; ତୁମର ବୁଦ୍ଧି ହେଲଣି; ଦୁଃଖରେ ଏତେ ଅଥୟ ହଉଚ କାହିଁକି?" ଭରତ ଆତୁର କାଂଦି କାଂଦି କହିଲେ, "ବାପା, ଏପରି ଅନାଥ କରି କୁଆଡ଼େ ଚାଲିଗଲ? ତୁମେ ମଲ ବେଳେ ତୁମ ମୁହଁରୁ ପଦେ କଥା ଶୁଣି ପାରିଲି ନାଇ। ଟିକିଏ ପାଣି ଦେଇ ପାରିଲି ନାଇ? ଭାଇ ରାମ, ଭାଇ ଲକ୍ଷ୍ମଣ, ତୁମେମାନେ ସୁପୁତ୍ର! ତୁମେମାନେ ଥିଲ! ମୁଁ ଅଲଗା କାହିଁକି ମାମୁଁ ଘରକୁ ଗଲି?" କାଂଦି କାଂଦି ମାଆଂକୁ ପଚାରିଲେ, 'ମା, ବାପା ମଲାବେଳେ କଣ କହୁଥିଲେ। ମୋତେ କିଛି କରିବାକୁ କହି ଯାଇ ନାହାଂନ୍ତି ତ?"

କୈକେୟୀ ପୁଅକୁ ତଳୁ ଉଠାଇ ମୁହଁ ପୋଛି ଦେଲେ, ଦେହ ଝାଡ଼ି ଦେଲେ, କହିଲେ; 'ବାପା ମଲାବେଳେ, ରାମ ଲକ୍ଷ୍ମଣ ସୀତାଂକୁ ଝୁରି ଝୁରି ମରିଚଂତି।' ସେଠାରୁ ଭରତ ଅଥୟ ହୋଇ ସବୁକଥା ପଚାରିଲେ। କୈକେୟୀ କହିଲେ, "ବାବୁ ରାମ ଲକ୍ଷ୍ମଣ ସୀତା, ତିନିହେଁ ବଣକୁ ଗଲେଣି। ତୁ ଏବେ ଅଯୋଧ୍ୟାର ରାଜା ହବୁ।" ଏହା କହୁ କହୁ ଆଗେ କୁହମ କରି ସେମାନଂକୁ କିପରି ଅଯୋଧ୍ୟାରୁ ତଡ଼ି ଦେଲେ ଓ କିପରି ଭରତ ପାଇଁ ରାଜଗାଦି ରଖିଲେ, ସବୁକଥା ବଡ଼ ଖୁସିରେ ଭରତଂକୁ କହିଗଲେ।

କୈକେୟୀଂକର ସେତେବେଳଯାଏ ବର ମରିବାରେ ଦୁଃଖ ନାଇ। ତାଂକ ପୁଅ ରାଜା ହବ ବୋଲି ତାଂକ ମନରେ ଭାରି ଆନଂଦ। ସେହି ଆନଂଦରେ ସେ ସବୁକଥା କହିଗଲେ। ସେ ବୁଝି ପାରିଲେ ନାଇ ଯେ; ଏ ସବୁ କଥା ଭରତଂକୁ ବାଧିବ।

ଭରତ ଏ ସବୁ କଥା ଶୁଣି ଅବାକ୍ ହୋଇ ରହିଁଲେ। ରାଗରେ ତାଂକ ଦେହ ଜଳିଗଲା; ନାକ ଫୁଲିଗଲା, ଓଠ ଥରିଲା। ମା' ନ ହୋଇଥିଲେ କୈକେୟୀଂକ ସେ କଅଣ କରିଥାଂତେ; କିଏ କହିବ? ସେ କହିଲେ, "ମା ହୋଇ ତୁ ଏଇଆ କଲୁ? ରଜାଝିଅ ହୋଇ ତୋର ଏହି ବୁଦ୍ଧି? ମୁଁ କେବେ ରାଜ୍ୟ ନେବି ନାଇ। ରାମ ବଡ଼ ପୁଅ। ରାଜ୍ୟ ତାଂକର। ବାପା ନାହାଂତି, ଭାଇମାନେ ବଣରେ, ମୁଁ ରାଜ୍ୟରୁ କଅଣ ଖାଇବି? ମୁଁ ଯାଇ ରାମଂକୁ ବଣରୁ ଫେରାଇ ଆଣିବି। ସେମାନଂକୁ ବଣକୁ ପଠାଇ ତୁ ମୋର କାର୍ଯ୍ୟ କରିନାହୁଁ; ବହୁତ ଅକାର୍ଯ୍ୟ କରିଚୁ। ରାମ ତୋର କେଉଁ କଥା ନକରଂତି? ସେ ତ ତୋତେ କେତେ ସୁଖ ପାଆଂତି! ତୁ ତାଂକୁ କିପରି ବଣକୁ ପଠାଇ ଦେଲୁ? ଆହା! ମା କୌଶଲ୍ୟା! କୌଶଲ୍ୟା ତୋତେ ସାନ ଭଉଣୀ ପରି କରିଥାଆଂତି। ତୁ ଏତେ ଖରାପ; ତୁ ତାଂକ ପୁଅକୁ ବଣକୁ ପଠାଇ ଦେଲୁ— ଏ କଥା ଶୁଣି ଏବେ ତୋତେ କାଂଦ ମାଡ଼ୁଚି। କାଂଦୁ ଆପଣା ପୁଅକୁ ଅପମାନ ଦେଇଚୁ ବୋଲି କାଂଦୁ; ମୁଁ କେବେ ରାଜ୍ୟ ନେବି ନାଇ।"

ସେଠାରୁ ଭରତ ସମସ୍ତଂକୁ ଡାକି କହିଲେ, ମୋର କେବେ ରାଜ୍ୟ ଲୋଡ଼ା ନାହିଁ । ମୁଁ ନଥିଲା-ବେଳେ ଏତେକଥା ହୋଇଗଲା; ମୁଁ କିଛି ଜାଣେ ନାହିଁ ! ଏହା କହି ଶତ୍ରୁଘ୍ନଂକୁ ସେନି; କୌଶଲ୍ୟା ସୁମିତ୍ରାଂକ ସଂଗରେ ଦେଖା କରିବାକୁ ଗଲେ । କୌଶଲ୍ୟା ଭରତଂକୁ ଦେଖିବାକୁ ଆସୁଥିଲେ; ବାଟରେ ଭେଟ ହେଲା । କୌଶଲ୍ୟା କହିଲେ; ବାବୁ ଏବେ ରାଜ୍ୟ ପାଇଚ; ସୁଖରେ ରହ; ଏ ହତଭାଗିନୀକି ବଣରେ ରାମ ପାଖକୁ ପଠାଇଦିଅ ।” ଏହା ଶୁଣି ଭରତ ତାଂକ ଗୋଡ଼ ଧରି ପଡ଼ି କାଂଦି କାଂଦି ଅଜ୍ଞାନ ହୋଇଗଲେ । ପରେ ସୁମିତ୍ରାଂକୁ ଦେଖି ଭରତ କାଂଦି କାଂଦି କହିଲେ; “ମା ସୁମିତ୍ରା, ଭାଇ ରାମ ମୋତେ ପ୍ରାଣରୁ ଅଧିକ କରନ୍ତି । ମୋର ଏ କି ଦୁର୍ଦଶା ? ମୁଁ କି ମହାପାପ କରି ଜନ୍ମ ହୋଇଥିଲି ? ମୁଁ କିଛି ନଜାଣି ଏତେ କଥା ହୋଇଗଲା !”

ଏ ସବୁ କଥା ଶୁଣି କୌଶଲ୍ୟାଂକୁ ବି ବହୁତ ବୋଧ ଲାଗିଲା । ସେ ବେଶ ବୁଝିଲେ, ଭରତଂକର କିଛି ଦୋଷ ନାହିଁ । ସେ ଦୁଃଖ ଛାଡ଼ି ଭରତ ଶତ୍ରୁଘ୍ନଂକୁ କୁଂଡାଇ ବହୁତ କାଂଦିଲେ ।

---

## ଦଶରଥ କ ଶୁଦ୍ଧକ୍ରିୟା

ଏଣେ ବଶିଷ୍ଠ ଋଷି ବାପାଂକ ଶବ ସଂସ୍କାର ଓ ଶୁଦ୍ଧଘର କରିବା ପାଇଁ ଭରତଂକୁ କହିଲେ । ସେ କହିଲେ, “ଏପରି ଶୋକ କରିବା ଠିକ୍ ନୁହେଁ ! ମାଆଂକୁ ସବୁବେଳେ ସବୁ କଥାରେ ବୋଧ ଦେବା ପୁଅର କାମ ।” ଭରତ ଏହା ଶୁଣି ଶବ ପାଖକୁ ଗଲେ । ଶବକୁ କୁହ୍ନିଁଲକ୍ଷଣି କାଂଦିପକାଇ କହିଲେ, ‘ରାଜା, କାହିଁକି ତୁମେ ଏପରି ଗୋଟାଏ ମାଇପିଟାର କଥାରେ ପଡ଼ିଲ ?’

ତା’ ପରେ ଶବ ସଂସ୍କାର ଆୟୋଜନ ହୋଇ-ଗଲା । ପୁରୋହିତ, ମଂତ୍ରୀ, ବିଧବା ରାଣୀମାନେ ସମସ୍ତଂକ ଆଗେ ଭରତ ଶତ୍ରୁଘ୍ନ ସ୍ନାନକରି ପବିତ୍ର ହୋଇ ଠିଆହେଲେ । ଗୋଟାଏ ଦୋଳା ତିଆରି ହେଲା । ସେଥିରେ କେତେ ଜରିପାଟ, କେତେ ହାତୀ ଦାଂତ, କେତେ ସୁନା ରୁପା ମଣି ମାଣିକ୍ୟରେ କାମ ହୋ'ଇଥିଲା, ତା କହି ହବ ନାହିଁ । ରାଜାଂକ ଶବକୁ ସେଥିରେ ଥୋଇ ଚଂଦନ, ଫୁଲ ଦେଇ, ଘୋଡ଼ିବା ପାଇଁ ସରଯୂକୂଳକୁ ବୋହି ନେଲେ ! ଆଗେ ଆଗେ ବଂଦୀ (ଭାଟ) ମାନେ ରାଜାଂକ କାର୍ଯ୍ୟ ସବୁ ବର୍ଣନା କରି ବୀଣା ଧରି ଗୀତ ଗାଇ ଚାଲିଲେ । ତା’ ପରେ ବିଧବା ରାଣୀମାନେ ଧଳା ଲୁଗାପିଂଧି ଅଲଂକାର କାଢ଼ି ମୁଂଡ ମୁକୁଳା କରି, କାଂଦି କାଂଦି ଧୀରେ ଧୀରେ ଗଲେ । ତା ପରେ ମଂଝିରେ ଶବ ଚାଲିଲା । ଶବ ପାଖେ ପାଖେ ଭରତ ଶତ୍ରୁଘ୍ନ ଥାଆଂନ୍ତି । ଶବ ଉପରେ ପାଟ ଛତା ଟେକା ହୋଇଥାଏ । ଲୋକେ ଚଅଁର ପକାଉ ଥାଆଂନ୍ତି । କେତେ ଧନ ରତ୍ନ ମଣି ମାଣିକ୍ୟ ସୁନା ରୁପା ଗାଡ଼ିରେ ଲଦା ହୋଇ ପଛେ ପଛେ ଯାଉଥାଏ ।

ଯାଗ କାଳରୁ ଯାଗର ନିଆଁ ରଖା ହୋଇଥିଲା । ସେ ନିଆଁ ଗୋଟିଏ ଶ୍ରେଷ୍ଠ ବେଦୀ ଉପରେ ଗୋଟିଏ ରଥରେ ଲଦା ହୋଇ ପଛେ ପଛେ ଯାଉଥାଏ । ଅଯୋଧ୍ୟା ସହରର ଲୋକଯାକ—ସ୍ତ୍ରୀ ପୁରୁଷ, ବାଳକ ବାଳିକା ସମସ୍ତେ ଧାଡ଼ି ଧାଡ଼ି ହୋଇ ପଛେ ପଛେ ଚାଲୁଥାଆଂନ୍ତି ।

ସମସ୍ତେ ଯାଇ ସରଯୂକୂଳ ଶ୍ମଶାନରେ ପହଂଚିଲେ । ଶ୍ମଶାନରେ ଜୁଇ ଗାତ ଖୋଳାହେଲା । ଗାତ ଉପରେ ଶଗଡ଼େ ଚଂଦନକାଠ ଲଦା ହେଲା । ଚଂଦନ କାଠ ଉପରେ ମାଠିଆ ମାଠିଆ ଘିଅ ଅଜାଡ଼ା ହେଲା । ଶବକୁ ସ୍ନାନ କରାଇ ନୂଆ ଲୁଗା ପିଂଧାଇ ଶବ-

ଅନୁସାରେ ଜୁଇରେ ଲଦିଲେ । ଭରତ ସେହି ଯାଗ ନିଆଁରେ ମୁଖାଗ୍ନି ଦେଲେ । ବ୍ରାହ୍ମଣମାନେ ମନ୍ତ୍ର ବୋଲି ଶବ ଉପରେ ଆହୁତି ଦେଲେ । ସେ ଶବଦାହ ଗୋଟିଏ ଯାଗ ପରି ହେଲା ।

ଭରତ କେତେ ଧନ ରତ୍ନ ବାଣ୍ଟିଲେ । ସମସ୍ତେ ଶେଷରେ ଜୁଇରେ ଆହୁତି ଦେଇ ଖଣ୍ଡେ ଖଣ୍ଡେ କାଠ ପକାଇ, ସରଯୂରେ ସ୍ନାନ କରି ଘରକୁ ଫେରିଲେ । ଏହିପରି ଶୁଦ୍ଧଘର ବି କ୍ରମେ ସରିଗଲା ।

———

## କୁଜୀର ଦଣ୍ଡ

ଦିନେ ଭରତ ଶତ୍ରୁଘ୍ନ ବସି କଥାବାର୍ତ୍ତା ହେଉ-ଛନ୍ତି, ଏହିସମୟରେ କୁଜୀ (ମନ୍ଥରା) ଖୁବ ସଜାଡ଼ି ହୋଇ ସଖୀମାନଙ୍କ ସାଙ୍ଗେ ସେଠାରେ ଆସି ପହଞ୍ଚିଗଲା । ତା ଦେହଯାକ ଚକ୍ ଚକ୍, ଛାତିରେ ଅଳଙ୍କାର, କପାଳରେ ସୁବାସ ଚନ୍ଦନ । ପିନ୍ଧା ପାଟ ଶାଢ଼ୀ । ମୁହଁରୁ ହସ ଫାଟି ପଡ଼ୁଛି । ସେ ବୋଧ-ହୁଏ ଭାବୁଥିଲା, ଭରତଙ୍କ ଠାରୁ ଗୋଟାଏ ଭାରି ପୁରସ୍କାର ପାଇବ । ବେଶ୍ ପୁରସ୍କାରଟାଏ କିନ୍ତୁ ପାଇଲା ।

କୁଜୀ ସେଠାରେ ଆସି ପହଞ୍ଚିଲାକ୍ଷଣି ଭରତ ତାକୁ ଧରି ଶତ୍ରୁଘ୍ନ ଆଡ଼କୁ ଠେଲିଦେଇ କହିଲେ, "ଏଇ ସତଆନାଶୀ ସବୁ ଅନିଷ୍ଟ ଅମଙ୍ଗଳର ଗୋଡ଼ । ଏବେ ଏହାକୁ ଯାହା କରିବାର କର ।" ଶତ୍ରୁଘ୍ନ ସେ ପାପିଷ୍ଠାର ଚୁଟି ଧରି, ଦୁମ୍ କରି ତାକୁ ଭୂଇଁରେ ପକାଇ ଦେଲେ । ତା ପରେ ସାଙ୍ଗେ ସାଙ୍ଗେ ତାକୁ ଆଚ୍ଛାକରି ଗୋଟାକେତେ ପୁରସ୍କାର ଦେବାର ମଧ୍ୟ ଆରମ୍ଭ କରିଦେଲେ । ଆଉ ଟିକିଏ ଯାଇଥିଲେ, କୁଜୀର ପିଠିଟା ବୋଧହୁଏ ଡିଙ୍କରେ ସଳଖ କରି ଦେଇ ଥାଆନ୍ତେ । କୁଜୀ କିନ୍ତୁ ଏ ମଧ୍ୟରେ କାନ୍ଦି, ପାଟିକରି, ଘରଦ୍ୱାର କମ୍ପାଇ ଦେଲାଣି । ସଖୀମାନେ କ ଆଉ ସେଠେଇଁ ରହନ୍ତି ? କୁଜୀର ମାଡ଼ ଦେଖି ଦେଖି ସମସ୍ତେ କୁଆଡ଼େ ଯାଇଁ ଲୁଚିଗଲେଣି । ଶେଷକୁ ଭରତ କହିଲେ, "ଭାଇ ଶତ୍ରୁଘ୍ନ, ସେଇଟାକୁ ଆଉ ମାରି ପକାନା । ଗୋଟାଏ ସ୍ତ୍ରୀ ଲୋକକୁ ମାରିଛ, ଏହା ଶୁଣିଲେ ଭାଇ ରାମ ରାଗ ହେବେ । ଶତ୍ରୁଘ୍ନ ଏହା ଶୁଣି କୁଜୀକି ଛାଡ଼ିଦେଲେ । କୁଜୀ ମଧ୍ୟ ପଳାଇଯାଇ ରକ୍ଷା ପାଇଲା ।

———

## ଭରତ ରାମଙ୍କୁ ଫେରାଇବାକୁ ବଣକୁ ଗଲେ

ଏହିପରି ଦଶରଥ ମରିବା ପରେ ତେରଦିନ ବିତିଗଲା । ଭରତ ଏବେ ସିଂହାସନରେ ବସି ରାଜା ହବାର କଥା । ସେ ରାଜା ହେଲେ ନାଇ । ରାମଙ୍କୁ ଫେରାଇ ଆଣିବାକୁ ବଣକୁ ଯିବାକୁ ବାହାରିଲେ । କୌଶଲ୍ୟା, ସୁମିତ୍ରା, କୈକେୟୀ—ତିନିହେଁ ଭରତଙ୍କ ସାଙ୍ଗେ ବଣକୁ ଚାଲିଲେ । ମନ୍ତ୍ରୀ, ପୁରୋହିତ, ସୈନ୍ୟସାମନ୍ତ କେତେ ସାଙ୍ଗରେ ଗଲେ କିଏ କହିବ ? ଅଯୋଧ୍ୟାରେ ଆଉ କେହି ବାକି ରହିଲେ ନାଇ । ଲକ୍ଷେ ଘୋଡ଼ା, ନଅ ହଜାର ହାତୀ, ଆଠ ହଜାର ରଥ ସାଙ୍ଗେ ସାଙ୍ଗେ ଚାଲିଲା । ତା ଛଡ଼ା ଶଗଡ଼, ଗଧ, ବଳଦର ସୀମା ନାଇ ।

ପ୍ରଥମେ ଗୁହକ ଦେଶ ପଡ଼ିଲା । ଭରତ ରାମଙ୍କୁ ମାରିବାକୁ ଆସୁଛନ୍ତି ବୋଲି ଭାବି, ସେ ନିଜେ ରାମଙ୍କ ପାଇଁ ଯୁଦ୍ଧ କରିବାକୁ ଅଣ୍ଟାଭିଡ଼ି ସାରିଥିଲେ ।

ମାତ୍ର ଭରତଂକୁ ଦେଖି ସବୁ ଶୁଣି ତାଂକର ଆନଂଦ ହେଲା । ଭରତ ତାଂକୁ ରାମଂକ କଥା ପଚାରି ବହୁତ ବୁଝିଲେ । ରାମ ଲକ୍ଷ୍ମଣ ସୀତା ଇଂଗୁଦୀ ଗଛମୂଳେ ଯେଉଁ କୁଶ (ଘାସ) ପାରି ଶୋଇଥିଲେ, ତାହା ପଡ଼ିଥିଲା । ଗୁହକ ଭରତଂକୁ ଦେଖାଇଦେଲେ । ସକାଳୁ ଅନେକ ନୌକା ଠିକଣା କରି ଗୁହକ ସମସ୍ତଂକୁ ଗଂଗା ପାରି କରାଇ ଦେଲେ; ନିଜେ ବି ଭରତଂକ ସଂଗେ ଚାଲିଲେ ।

ତା ପରେ ସମସ୍ତେ ଭରଦ୍ୱାଜଂକ ଆଶ୍ରମରେ ଯାଇ ବଡ଼େ ସୁଂଦର ନିମଂତ୍ରଣ ଖାଇଲେ । ଋଷିଲୋକ; ତପସ୍ୟା ବଳରେ ଖେଚଡ଼ରେ ପର୍ବତ, କ୍ଷୀରରେ ନଦୀ ତିଆରି କରିଦେଇ, ସମସ୍ତଂକୁ କହିଲେ, "ଯେତେ ଯେ ପାରିବ ଖାଅ ।" ଆରଦିନ ସକାଳୁ ମୁନି ଚିତ୍ରକୂଟ ଆଡ଼କୁ ବାଟ ଦେଖାଇ ଦେଲେ ଓ ସମସ୍ତେ ଯାଇ କ୍ରମେ ଚିତ୍ରକୂଟ ପର୍ବତ ପାଖେ ପହଂଚିଲେ ।

ସେଠୁ କିଛି ଦୂରରେ ବଣ ଭିତରୁ ଠାଏ ଧୂଆଁ ବାହାରିବାର ଦେଖାଗଲା । ଭରତ ବିଚାରିଲେ, ସେଇଟି ରାମଂକ ଆଶ୍ରମ ହୋଇଥିବ । ଏଣେ ଶବ୍ଦ ଶୁଣି, ଧୂଳି ଦେଖି ଲକ୍ଷ୍ମଣ ଗୋଟାଏ ଶାଳ ଗଛରେ ଚଢ଼ି ଦୂରରୁ ଭରତଂକୁ ଦେଖି ବିଚାରିଲେ, ଭରତ ଯୁବରାଜ ହୋଇ, ସୈନ୍ୟ ନେଇ ରାମଂକୁ ମାରିବାକୁ ଆସୁଛଂତି । ସେ ତରତର ହୋଇ ଧନୁଶର ଧରି ଭରତଂକ ସାଂଗେ ଯୁଦ୍ଧ କରିବାକୁ ତିଆରି ହୋଇଗଲେ । କିଂତୁ ରାମ, ଲକ୍ଷ୍ମଣଂକ କଥା ଶୁଣିଲେ ନାଇ । ସେ କହିଲେ, "ଭରତ ପରି ଭାଇ ପୃଥିବୀରେ କେତେ ଜଣ ଅଛଂତି ? ଭରତ ଆମର କେବେ କିଛି ଅକାର୍ଯ୍ୟ କରି ନାଇ ! ସେ ତ ଆମମାନଂକୁ କେଡ଼େ ସୁଖ ପାଏ । ରାଜ୍ୟ ପାଇବା ପାଇଁ ମୁଁ ଭରତକୁ ମାରିବି ? ସେ ରାଜ୍ୟ ପାଇଲେ ମଧ୍ୟ ମୋର କଅଣ ହେବ ? ସେ ରାଜ୍ୟ ମୋତେ ଭାତରେ ବିଷ ମିଶାଇ ଖାଇଲା ପରି ଲାଗିବ । ଲକ୍ଷ୍ମଣ ! ଭରତ ଆମର କିଛି ଅକାର୍ଯ୍ୟ କରିବାକୁ ଆସୁ ନାଇ । ଭରତ ପରି ଭାଇ, ତା ବିଷୟରେ ଏପରି କହନା, ଲକ୍ଷ୍ମଣ ! ଲକ୍ଷ୍ମଣଂକୁ ଏହା ଶୁଣି ଲାଜ ମାଡ଼ିଲା । ସେ କହିଲେ, "ହେବେ ବାପା ବୋଧହୁଏ ତୁମକୁ ଦେଖିବାକୁ ଆସୁଛଂତି ।" ରାମ କହିଲେ, "ତା ହୋଇପାରେ । ତମେ ଗଛରୁ ଓହ୍ଲାଇ ଆସ ।" ଲକ୍ଷ୍ମଣ ଓହ୍ଲାଇ ଆସିଲେ ।

---

## ରାମ ଫେରିଲେ ନାଇ

ଭରତ ଖୋଜି ଖୋଜି ଅସି ଆଶ୍ରମରେ ପହଂଚିଲେ । ରାମ ଲକ୍ଷ୍ମଣଂକ ମୁଂଡରେ ଜଟା, ଦେହରେ ବଲ୍‌କଲ କନା ଦେଖି, ତାଂକ ଜ୍ଞାନ ହଜିଗଲା । ସେ ଦୌଡ଼ି ଦୌଡ଼ି ଆସୁ ଆସୁ ବାଟରେ ପଡ଼ିଗଲେ । 'ଭାଇ'—ଏତିକି ଛଡ଼ା ମୁହଁରୁ ଆଉ କଥା ବାହାରୁ ନାଇ । ତା ଉତ୍ତାରୁ ଭାଇ କୁଂତଆକୁଂଚି ହୋଇ ପିଲାଂକ ପରି ଖାଲି କାଂଦିଲେ ।

କେତେବେଳ ଉତ୍ତାରୁ ଟିକିଏ ଶାଂତ ହୋଇ ରାମ ପଚାରିଲେ, "ଭରତ, ବାପା କାହାଂତି ? ତାଂକୁ ଏକାକରି ଛାଡ଼ି କିପରି ଆସିଲ ?" ଭରତ କହିଲେ, "ଭାଇ ବାପା ଆଉ ନାହାଂତି । ସେ ତୁମପାଇଁ କାଂଦି କାଂଦି ସ୍ୱର୍ଗକୁ ଗଲେଣି । ଯାହା ହବାର ହେଲାଣି । ମୁଁ ପିଲା ଭାଇ, ମୋତେ ଏକାକରି ଛାଡ଼ିଦେଇ କୁଆଡ଼େ ଯିବ ? ତୁମ ରାଜ୍ୟ କିଏ ସଂଭାଳିବ ? ମୁଁ ତ ତା' ପାରିବି ନାଇ । ତୁମେ ଆସ, ତୁମେ ରାଜଗାଦୀରେ ବସିଲେ ଆମେ ସବୁ ଆନଂଦରେ ରହିବୁ ।" ଏହା କହି ଭରତ ରାମଂକ ଗୋଡ଼ ଧରି କାଂଦିଲେ ।

ଦଶରଥ ମରିବା କଥା ଶୁଣି ରାମ ଭରତଙ୍କୁ ଧରି ପୁଣି କାନ୍ଦି ଉଠିଲେ; କହିଲେ, "ବାପା ଯାହା କହିଯାଇଛନ୍ତି, ତା' ମୋର ବି କରିବା ଉଚିତ; ତୁମର ବି କରିବା ଉଚିତ । ତୁମେ ପିଲାଲୋକ, ବୁଝି ପାରୁନାହଁ । ସେ ତୁମକୁ ରାଜ୍ୟ ଦେଇ ଯାଇଛନ୍ତି; ମୋତେ ବଣରେ ରହିବାକୁ କହି ଯାଇଛନ୍ତି । ରାଜାଙ୍କ କଥା ତୁମେ ବା ଅମାନ୍ୟ କରିବ କିପରି ? ତୁମେ ଏଥିପାଇଁ ମନରେ କିଛି ଦୁଃଖ କରନାହିଁ । ମୋତେ ଆଉ କନାଅ ନାହିଁ ।"

ରାମ ଲକ୍ଷ୍ମଣ ସୀତା ଦଶରଥଙ୍କ ପାଇଁ ସ୍ନାନ ତର୍ପଣ କରିବାକୁ ଗଲେ । ସେ କାର୍ଯ୍ୟ ସରିଲାରୁ ପୁଣି କାନ୍ଦ ଲାଗିଲା । ଦୂରରେ ଅଯୋଧ୍ୟାର ଲୋକେ ସେ କାନ୍ଦ ଶୁଣି ଆଉ ରହି ପାରିଲେ ନାହିଁ । ସନ୍ଧ୍ୟା ପ୍ରାୟ ହୋଇ ଆସିଲା । ସମସ୍ତଙ୍କର ଦେଖା ଶୁଣା ପ୍ରଣାମ ଆଶୀର୍ବାଦରେ ରାତି ହୋଇଗଲା । ସମସ୍ତେ ରାତିରେ ସେହିଠାରେ ରହିଲେ । ସେ ଦୁଃଖର ରାତି କୌଣସି-ମତେ ପାହିଲା ।

ସକାଳୁ ଭରତ ପୁଣି କାନ୍ଦିଲେ; ରାମଙ୍କୁ ଫେରାଇବା ପାଇଁ ବହୁତ ଜିଦ କଲେ । ବଶିଷ୍ଠ କେତେ ଉପଦେଶ ଦେଇ ସେହି କଥା ବୁଝାଇଲେ । ଜାବାଳି ଋଷି କେତେ ଯୁକ୍ତିତର୍କ କଲେ; କିନ୍ତୁ ରାମ ପିତୃସତ୍ୟ ନ ରଖିବେ କିପରି ? ଏ କଥା ତାଙ୍କୁ କେହି ବୁଝାଇ ପାରିଲେ ନାହିଁ । ଶେଷକୁ ସମସ୍ତେ ତୁନି ହେଲେ ।

## ଭରତ ରାମଙ୍କ କଠାଉ ଘେନି ଫେରିଲେ

ଭରତ ଶେଷକୁ ନିରାଶ ହୋଇ, କାନ୍ଦିକରି ରାମଙ୍କର ଯୋଡ଼ିଏ କଠୋଉ ଧରିଲେ; କହିଲେ, "ଭାଇ ଯେବେ ନିତାନ୍ତ ନିରାଶ କଲ, ତେବେ ଏହି କଠୋଉ ଯୋଡ଼ିକ ଦିଅ । ଆଜିଠାରୁ ଏହି କଠୋଉ ଆମର ରାଜା । ଆମେ ସମସ୍ତେ ଏହାରି ଚାକର । ଏ କଠୋଉକୁ ସିଂହାସନରେ ରଖି, ଚଉଦ ବରଷ ମୁଁ ତୁମରି ପରି ବକ୍‌କଲ ପିନ୍ଧି, ଫଳମୂଳ ଖାଇ ଅଯୋଧ୍ୟା ବାହାରେ ତୁମକୁ ଚାହିଁ ରହିବି । ଚଉଦ ବର୍ଷ ପୂରିବାର ପରଦିନ ଯେବେ ତୁମେ ଅଯୋଧ୍ୟାକୁ ଫେରି ନ ଆସ, ତେବେ ନିଆଁରେ ପୋଡ଼ି ହୋଇ ମରିବି ।" ରାମ କଠୋଉ ଦେଇ କହିଲେ, "ସେଦିନ ଆମେମାନେ ଅବଶ୍ୟ ଫେରିବୁଁ । ଭାଇ, ଆମ ମାଙ୍କ କଥା ବୁଝିଥିବ ।" ଏହା କହି ରାମ ଭରତଙ୍କୁ କୁଣ୍ଢାଇ, ଆଶୀର୍ବାଦ କରି ବିଦା ଦେଲେ ।

ଭରତ ମୁହଁ ଶୁଖାଇ, ସେଇ କଠୋଉ ଦିଓଟି ହାତୀ ଉପରେ ଥୋଇ, ସମସ୍ତଙ୍କୁ ଘେନି ଅଯୋଧ୍ୟାକୁ ଫେରିଲେ । ଅଯୋଧ୍ୟାରେ ରାଣୀମାନଙ୍କୁ ରଖି, ମନ୍ତ୍ରୀ ପୁରୋହିତମାନଙ୍କୁ ସେ କହିଲେ, "ଭାଇ ଫେରି ନ ଆସିବା ଯାଏ, ମୁଁ ଅଯୋଧ୍ୟାରେ ରହିପାରିବି ନାହିଁ । ଚାଲ ଆମେମାନେ ଯାଇ ନନ୍ଦିଗ୍ରାମରେ ରହିବା ।"

ନନ୍ଦିଗ୍ରାମ ଅଯୋଧ୍ୟା ପାଖେ । ସେଠାରେ କଠୋଉକୁ ସିଂହାସନରେ ରଖି, ନିଜେ ବକ୍‌କଲ ପିନ୍ଧି କଠୋଉ ଉପରେ ଛତା ଧରିଥାନ୍ତି, ଚାମର ପକାଉ ଥାଆନ୍ତି । ରାଜ୍ୟର କୌଣସି କାମ ପଡ଼ିଲେ ଆଗ କଠୋଉ ପାଖେ ନ କହି, କରନ୍ତି ନାହିଁ ।

## ରାମ ଦଣ୍ଡକାରଣ୍ୟକୁ ପଶିଲେ

ଭରତ ଫେରି ଆସିଲାରୁ ରାମ ଆଉ ଚିତ୍ରକୂଟ ପାଖେ ରହିବାକୁ ମନ କଲେ ନାହିଁ । ସେଠାରୁ ଅତ୍ରି ମୁନିଙ୍କ ଆଶ୍ରମକୁ ଗଲେ । ଅତ୍ରି ଓ ତାଙ୍କ ଭାର୍ଯ୍ୟା ଅନସୂୟାଙ୍କ ଗୁଣର କଥା କିଏ କହି ପାରିବ ? ଏପରି ଧାର୍ମିକ ଲୋକ ବଡ଼ ଅଳ୍ପ ଥାଆନ୍ତି । ସେମାନେ କେତେକାଳ ତପସ୍ୟା କରିଛନ୍ତି କେହି ଜାଣେନାହିଁ । ସେମାନଙ୍କ ବୟସ ବି ଅନେକ ହୋଇଥିଲା । ଅନସୂୟା

ସୀତାଂକୁ ଦେଖି ଖୁବ ସୁଖ ପାଇଲେ ଓ ଆଦର କଲେ । ସେ ସୀତାଂକୁ କହିଲେ, "ତୁମର କ'ଣ ଦରକାର ? ମୋତେ ବର ମାଗ ।" ସୀତା କହିଲେ, ମା, ଆପଣ ଯେ ମୋ ପ୍ରତି ସଂତୋଷ ହେଲେ, ସେଇ ମୋର ପରମଭାଗ୍ୟ । ତା'ଠାରୁ ଅଧିକ ବର ମୁଁ ଆଉ କ'ଣ ମାଗିବି ।"

କିଂତୁ ଅନସୂୟା ସେତିକରେ ଭୁଲିଲେ ନାଇଁ । ସୀତାଂକୁ ସେ କେତେଗୁଡ଼ିଏ ଶାଢ଼ୀ, ଅଳଂକାର, ହାର ପ୍ରଭୃତି ଆଣି ଦେଲେ । ଦେହରେ ଲଗାଇବା ପାଇଁ କେତେଗୁଡ଼ିଏ ଅଂଗରାଗ ମଧ୍ୟ ଆଣି ଦେଲେ । ସେ ଜିନିଷଗୁଡ଼ିକ ବଡ଼ ଚକ୍ ଚକ୍ । ସେ ଅଂଗରାଗର ଏପରି ଗୁଣ ଥିଲା ଯେ, ତାକୁ ତେଲ, ହଳଦୀ ଲଗାଇଲାପରି ଦେହରେ ଲଗାଇଲେ, ଦେହରୁ ସବୁବେଳେ ଗୋଟିଏ ଉଜ୍ଜ୍ୱଳ ତେଜ ବାହାରୁଥାଏ ।

ଏହିପରି ସତ୍କାର, ଆଦରରେ ଅତ୍ରିମୁନିଂକ ଆଶ୍ରମରେ ଦିନେ ରହି, ସୀତା ଓ ଲକ୍ଷ୍ମଣଂକୁ ନେଇ ରାମ ଭୟଂକର ଦଂଡକାରଣ୍ୟକୁ ପଶିଲେ ।

---

# ଆରଣ୍ୟ କାଂଡ

## ବିରାଧ ରାକ୍ଷସ କଥା

ଦଂଡକାରଣ୍ୟରେ ଅନେକ ମୁନିଂକ ଆଶ୍ରମ ଥିଲା । ସେହି ସବୁ ଆଶ୍ରମରେ ରାତିଏ ଲେଖାଏଁ ରହି ରହି ରାମ ସେଠାରୁ ଭିତରକୁ ଭିତରକୁ ଯାଇ ଜଂଗଲରେ ପଶିଲେ ।

ବଣକୁ ଆସିଲାଦିନୁ ରାକ୍ଷସ ନ ଥିଲେ । ଏଥର ଆଗରୁ ଗୋଟିଏ ରାକ୍ଷସ ହାବୁଡ଼େ ପଡ଼ିଲା । ରାକ୍ଷସଟା ବଣ ଭିତରେ ଗୋଟାଏ ପାହାଡ଼ ପରି ଠିଆ ହୋଇଛି । ଏଡ଼େ ପେଟ; ଏଡ଼େ ଆଁ; କୂଅ ପରି ଗାତେ ଗାତେ ଆଖି; ଗଂଡା ଚମ ପରି ଦେହ, ପିଂଧା ବାଘଛାଲ; ସେଥିରେ ପୁଣି ବଳବଳ ରକ୍ତ ଲାଗିଛି ।

ରାମ ଦେଖିଲେ, ରାକ୍ଷସ କେତେଗୁଡ଼ାଏ ବାଘ, ହରିଣ, ହାତୀ ଅଂଗରେ ରଖି ଗୋଟା ଗୋଟା କରି ଜଳଖିଆ କରୁଛି ।

ଏବେ ସେ ରାକ୍ଷସ ଆସି ସୀତାଂକୁ ନେଇ ପଳାଇଲା । ସୀତା କାଂଦି ଉଠିଲେ । ଲକ୍ଷ୍ମଣ ରାକ୍ଷସକୁ ମାରିବାକୁ ବାହାରିଲେ । ରାକ୍ଷସ ରାଗରେ ପଚାରି ଜାଣିଲା, ରାମ ଲକ୍ଷ୍ମଣ କ୍ଷତ୍ରିୟ । ରାକ୍ଷସ ନିଜେ କହିଲା, "ମୋର ନାମ ବିରାଧ, ବ୍ରହ୍ମା ମୋତେ ବର ଦେଇଛଂତି, ମୁଁ କୌଣସି ଅସ୍ତ୍ର (ହତିଆର) ରେ ମରିବି ନାଇଁ ।"

ରାମ ଲକ୍ଷ୍ମଣ ବହୁତ ବାଣ ମାରିଲେ । ବିରାଧ ସୀତାଂକୁ ଛାଡ଼ି ଯୁଦ୍ଧ କରିବାକୁ ଆସିଲା । ଶରରେ ତାର କିଛି ହେଲା ନାଇଁ । ତା' ହାତରେ ଥିବା ଶୂଳଟି ବାଣରେ କଟିଗଲା ସତ, କିଂତୁ ରାମ ଲକ୍ଷ୍ମଣ ଖଂଡାରେ ତାକୁ ହାଣିବାକୁ ଗଲାବେଳକୁ ସେ ଦୁହିଁଂକୁ କାଂଧରେ ବସାଇ ଚଂପଟ୍ । ସୀତା କାଂଦି କାଂଦି କହିଲେ, "ମୋତେ ଖା ପଛକେ, ସେ ଦୁହିଁଂକୁ ଛାଡ଼ି ଦେ ।"

ଏଣେ ରାମ ଲକ୍ଷ୍ମଣ ତା' ହାତ ଦୁଇଟା ଭାଂଗିଦେଲେ; ପୁଣି ଅସ୍ତ୍ରରେ ସେ ମରିବ ନାଇଁ ଜାଣି, ତାକୁ ଗାତ ଖୋଳି ପୋତିବାକୁ ଗଲେ ।

ପୋତିଲାବେଳେ ରାକ୍ଷସ କହିଲା, "ତୁମେମାନେ ନିଶ୍ଚୟ ରାମ ଲକ୍ଷ୍ମଣ । ମୁଁ ଗଂଧର୍ବ ଥିଲି; ମୋର ନାମ ଥିଲା ତୁଂବୁରୁ । କୁବେରଂକ ଶାପରେ ମୁଁ ରାକ୍ଷସ ହେଲି । କୁବେର କହିଲେ, ଦଶରଥଂକ ପୁଅ ରାମ ଲକ୍ଷ୍ମଣ ଯୁଦ୍ଧ କରି ମୋତେ ମାରିଲେ, ମୁଁ ପୁଣି ଗଂଧର୍ବ ହୋଇ ସ୍ୱର୍ଗକୁ ଯିବି ।"

ଏହିପରି ଚିହ୍ନା ଦେଇ ରାକ୍ଷସ ସେମାନଂକୁ ଶରଭଂଗ ମୁନିଂକ ଆଶ୍ରମକୁ ବାଟ ଦେଖାଇ ଦେଇ ସେହିଠାକୁ ଯିବାକୁ କହିଦେଲା । ରାମ ଲକ୍ଷ୍ମଣ ଗାତ ଖୋଳି ରାକ୍ଷସକୁ ପୋତିଦେଲେ । ସେ ଉଦ୍ଧାର ପାଇଗଲା ।

## ଶରଭଂଗ ଓ ସୁତୀକ୍ଷ୍ଣ

ରାମ ଲକ୍ଷ୍ମଣ ସୀତା ଶରଭଂଗଂକ ଆଶ୍ରମକୁ ଗଲେ । ରାମଂକୁ ଦେଖିବା ପାଇଁ, ଶରଭଂଗ ରହିଁ ବସିଥିଲେ । ଇଂଦ୍ର ତାଂକ ତପସ୍ୟାରେ ଖୁସିହୋଇ, ତାଂକୁ ବ୍ରହ୍ମଲୋକକୁ ନେଇ ଯିବାପାଇଁ ଆସିଥିଲେ; କିଂତୁ ରାମଂକୁ ନ ଦେଖି ସେ ବ୍ରହ୍ମଲୋକକୁ ଯିବେ ନାହିଁ ବୋଲି କହଂତି । ରାମ ଯେ ଆସିବେ, ଏ କଥା ସେ ଜାଣିଥିଲେ ।

ମୁନି ରାମଂକୁ ଦେଖିଲେ । ଆଉ ପୃଥିବୀରେ ରହିବା ତାଂକର ଦରକାର ନାହିଁ । ତହୁଁ ରାମଂକ ଆଗରେ ଆପଣା ହାତରେ ଆପେ ନିଆଁ ଜାଳି, ସେହି ନିଆଁ ଭିତରେ ଯାଇ ବସିଲେ । ରହୁଁ ରହୁଁ ତାଂକ ବୁଢ଼ାଦେହ, ପାଚିଲା ବାଳ, ଦାଢ଼ି କୁଆଡ଼େ ଚାଲିଗଲା । ସେ ଗୋଟିଏ ସୁଂଦର ବାଳକପରି ହୋଇଗଲେ । ରାମ ଲକ୍ଷ୍ମଣଂକୁ ସେ କହିଲେ, "ତୁଂଭେମାନେ ଏଠାରୁ ସୁତୀକ୍ଷ୍ଣ ମୁନିଂକ ଆଶ୍ରମକୁ ଯାଅ; ତୁମର ଭଲ ହେବ ।" ଏହା କହି ମୁନି ବ୍ରହ୍ମଲୋକକୁ ଚାଲିଗଲେ ।

ଶରଭଂଗ ସ୍ୱର୍ଗକୁ ଗଲାପରେ, ଅନେକ ମୁନି ରାମଂକୁ ଦେଖିବାକୁ ଆସିଲେ । ସେମାନେ କହିଲେ, "ରାକ୍ଷସମାନେ ବଡ଼ ଉପଦ୍ରବ କରୁଛଂତି ।" ରାମ କହିଲେ, "କିଛି, ଭୟ ନାହିଁ, ମୁଁ ଥିଲେ ରାକ୍ଷସମାନେ କିଛି କରିପାରିବେ ନାହିଁ ।"

ରାମ ଲକ୍ଷ୍ମଣ ସୀତା ସୁତୀକ୍ଷ୍ଣ ମୁନିଂକ ଆଶ୍ରମକୁ ଗଲେ । ସୁତୀକ୍ଷ୍ଣଂକର ଭାରି ଇଚ୍ଛା, ସେମାନେ ସେ ଆଶ୍ରମରେ ରହିଯାଆଂତୁ; କିଂତୁ ଦଂଡକ ବଣରେ ଆଉ କେତେ ମୁନି ଅଛଂତି; ତାଂକୁ ଦେଖିବା ପାଇଁ ରାମ ଭାରି ମନ କଲେ । ପୁଣି ସୁତୀକ୍ଷ୍ଣଂକ ଆଶ୍ରମକୁ ଫେରି ଆସିବେ ବୋଲି କହି, ସେଠାରୁ ଚାଲିଗଲେ ।

ଏହିପରି ଦଶବର୍ଷ କଟିଗଲା । ଯେଉଁମୁନିଂକ ପାଖକୁ ସେମାନେ ଯାଂତି, ସମସ୍ତେ ତାଂକୁ ଆଦର କରି କିଛିଦିନ ରଖଂତି । ଏପରି ରହିରହି ପୁଣି ସୁତୀକ୍ଷ୍ଣଂକ ପାଖକୁ ଆସି କିଛିଦିନ ରହିଲେ ।

## ଅଗସ୍ତ୍ୟ ମୁନି, ଇଲ୍ୱଳ ଓ ବାତାପି

ଏତେ ମୁନିଂକ ସଂଗେ ଦେଖା ହେଲା; କିଂତୁ ଅଗସ୍ତ୍ୟ ମୁନିଂକ ସଂଗେ ଦେଖା ହୋଇନାହିଁ । ସେଥିପାଇଁ ସୁତୀକ୍ଷ୍ଣଂକ ଠାରୁ ବିଦାୟ ନେଇ ରାମ, ଲକ୍ଷ୍ମଣ, ସୀତା ଅଗସ୍ତ୍ୟଂକ ଆଶ୍ରମକୁ ଗଲେ ।

ଅଗସ୍ତ୍ୟ ସାମାନ୍ୟ ମୁନି ନୁହଂତି । ଥରେ ସେ ସାରା ସମୁଦ୍ରଟାକୁ ଚୁଳୁକରି ଶୁଖାଇ ଦେଇଥିଲେ । ଇଲ୍ୱଳ, ବାତାପି ବୋଲି ଦୁଇଟା ଦୈତ୍ୟଂକୁ ସେ ଯେପରି ମାରିଥିଲେ, ତା ଅତି ଚମତ୍କାର ।

ଇଲ୍ୱଳ, ବାତାପି ଦୁଇ ଭାଇ । ସେମାନେ ବଡ଼ କୌଶଳରେ ବ୍ରାହ୍ମଣମାନଂକୁ ମାରି ଖାଉଥିଲେ । ଇଲ୍ୱଳ ଶୁଦ୍ଧପୂତ ବ୍ରାହ୍ମଣ ବେଶ ଧରି ଶ୍ରାଦ୍ଧବୋଲି ଋଷିମାନଂକୁ ନିମଂତ୍ରଣ କରିବାକୁ ଯାଏ । ଋଷିମାନେ ଖାଇବାକୁ ଆସଂତି । ବାତାପି ଗୋଟିଏ ମେଂଢା ହୁଏ । ଇଲ୍ୱଳ ତାକୁ ହାଣି, ତାର ମାଂସ ବ୍ରାହ୍ମଣମାନଂକୁ ଖାଇବାକୁ ଦିଏ । ଖାଇସାରି ବ୍ରାହ୍ମଣ ବସିଥାଂତି । ଇଲ୍ୱଳ, 'ବାତାପି' 'ବାତାପି' ବୋଲି ଡାକିଲାକ୍ଷଣି, ବାତାପି ମେଁ ମେଁ ରଡ଼ି କରି ବ୍ରାହ୍ମଣର ପେଟ ଚିରି ବାହାରି ପଡ଼େ ।

ଏହିପରି ସେମାନେ କେତେ ବ୍ରାହ୍ମଣ ମାରି ଖାଇଥିଲେ । ଅଗସ୍ତ୍ୟ ମୁନି ଏହା ଜାଣି, ତାଂକ ଘରେ ଥରେ ନିମଂତ୍ରଣ ଖାଇବାକୁ ଗଲେ । ବାତାପିର ମାଂସପାକ ମହା ଆନଂଦରେ ଖାଇସାରି ବୁଢ଼ା ଅତି ଆନଂଦରେ ପେଟ ଆଉଁସି, ହେଉଡ଼ି ମାରିଦେଲେ । ବାତାପି ଗୋଟାପାକ ପେଟରେ ହଜମ । ଇଲ୍ୱଳ 'ବାତାପି' 'ବାତାପି' ବୋଲି ଡାକିଲା । ବାତାପି ବାହାରିବ କାହୁଁ ? ଅଗସ୍ତ୍ୟ କହିଲେ, "ବାତାପି ତ ପେଟରେ ଜୀର୍ଣ୍ଣ ହେଲାଣି, ଆଉ ଡାକୁଚ କାହିଁକି ।"

ଇଲ୍ୱଳ ଏହା ଶୁଣି ଅଗସ୍ତ୍ୟଂକୁ ମାରିବାକୁ ଆସିବାରୁ, ଅଗସ୍ତ୍ୟ ଖାଲି ଟିକିଏ ତରାଟି କରି ଚାହିଁଦେଲେ । ସେତିକିରେ ଇଲ୍ୱଳ ଭସ୍ମ ହୋଇଗଲା ।

ଅଗସ୍ତ୍ୟ ରାମଂକୁ ଦେଖି ଭାରି ଖୁସିହେଲେ । ସେ ରାମଂକୁ ବିଶ୍ୱକର୍ମାଂକ ତିଆରି ଗୋଟିଏ ଧନୁ, ବ୍ରହ୍ମଦତ୍ତ ବୋଲି ଗୋଟିଏ ଭୟଂକର ଶର ଓ ଅକ୍ଷୟ ତୂଣ (ଯେଉଁ ତୂଣ ବା ଶର ମୁଣାରୁ ଶର ସରେ ନାଇ), ଆଉ ଗୋଟିଏ ବଡ଼ ଆଶ୍ଚର୍ଯ୍ୟ ଖଂଡା ଦେଲେ । ପୁଣି ରହିବା ପାଇଁ ରାମ, ଲକ୍ଷ୍ମଣ, ସୀତାଂକୁ ପଂଚବଟୀ ବୋଲି ଗୋଟିଏ ସୁଂଦର ଜାଗାକୁ ଯିବାପାଇଁ ବାଟ କହିଦେଲେ ।

## ପଂଚବଟୀରେ ରାମ

ଅଗସ୍ତ୍ୟଂକ ଆଶ୍ରମରୁ ପଂଚବଟୀ ଦୁଇ ଯୋଜନ ବା ଆଠ କୋଶ । ପଂଚବଟୀ ଭିତରେ ଗୋଦାବରୀ ନଦୀ ବହିଯାଉଥାଏ । ସେ ବଣରେ ପାଂଚଟି ପ୍ରକାର ବରଗଛ ଥିବାରୁ ତା ନାମ ପଂଚବଟୀ । ସେ ବଣରେ ସୁଂଦର ଫୁଲ, ଫଳ, ସ୍ୱାଦୁ ଜଳ, ମୟୂର, ହରିଣ, ପଲପଲ ହୋଇ ବୁଲୁଥାଂତି; ବଡ଼ ସୁଂଦର ସ୍ଥାନ ।

ରାମ ସେଠାକୁ ଯାଉଁ ଯାଉଁ ବାଟରେ ଗୋଟିଏ ବଡ଼ ଶାଗୁଣାପରି ପକ୍ଷୀ ଦେଖିଲେ । ପ୍ରଥମେ ତାକୁ ରାକ୍ଷସ ବୋଲି ଭାବୁଥିଲେ । ପରେ ପଚାରି ଜାଣିଲେ; ସେ ଜଟାୟୁ ବୋଲି ଗୋଟିଏ ପକ୍ଷୀ; ଗରୁଡ଼ଂକ ସାନ ଭାଇ, ଅରୁଣଂକ ପୁଅ । ପୁଣି ସଂପାତି ବୋଲି ସେହି ଜଟାୟୁର ଗୋଟିଏ ବଡ଼ ଭାଇ ଅଛି ।

ଜଟାୟୁର ଦଶରଥଂକ ସଂଗେ ଭାରି ଆଳାପ ପରିଚୟ ଥିଲା । ସେ ରାମ, ଲକ୍ଷ୍ମଣ, ସୀତାଂକୁ ଦେଖି ଭାରି ଆଦର କଲା ଓ ସେମାନେ ସେଠାରେ ରହିଲେ । ରାମ ଲକ୍ଷ୍ମଣ ବଣକୁ ଗଲାବେଳେ ସେ ସୀତାଂକୁ ଜଗିବ ବୋଲି କହିଲା । ରାମ ଲକ୍ଷ୍ମଣ ତାକୁ ନମସ୍କାର କରି, ସେହି ପଂଚବଟୀରେ କୁଡ଼ିଆ କରି ରହିଲେ ।

ପଂଚବଟୀଠାରେ ଦଣ୍ଡଂକାରଣ୍ୟର ଘୋର ଜଂଗଲ । ସେଠାରେ ବେଶି ଋଷିଂକ ଆଶ୍ରମ ନ ଥାଏ । ବହୁତ ରାକ୍ଷସ ଜଂଗଲରେ ବୁଲୁଥାଂତି । ଏଇସବୁ ରାକ୍ଷସମାନଂକ ରାଜା ରାବଣ ! ଶୁଣାଅଛି, ସେ ରାବଣର ଦଶୋଟି ମୁଂଡ ଓ କୋଡ଼ିଏଟି ହାତ ଥିଲା । ତାକୁ ଦେବତାମାନେ ଡରୁଥିଲେ । ଲଂକା ସହର ଦ୍ୱୀପରେ ଯାହା ଶୁଣାଅଛି, ସେ ବଡ଼ ଆଶ୍ଚର୍ଯ୍ୟ କଥା । ସହର ଚାରିପାଖେ ଖୁବ୍ ବଡ଼ ଗଭୀର ଗଡ଼ଖାଇ; ଗଡ଼ଖାଇ ଉପରେ ଭାରି ଉଚ ପାଚେରି । ସହର ଭିତରେ ସଂପତ୍ତି ଧନ, ରତ୍ନ, ସୁନା ରୁପା ବହୁତ ଭର୍ତ୍ତି ହୋଇଥାଏ । କଥା ଅଛି, ସୁନାରେ ସହରଟି ତିଆରି ହୋଇଥାଏ । ସେଥିପାଇଁ ତାକୁ ସ୍ୱର୍ଣ୍ଣଲଂକା ବୋଲି କହୁଥିଲେ । ରାବଣର ବହୁତ ଭାର୍ଯ୍ୟା ଓ ବହୁତ ପୁଅ ଥାଂତି । ବଡ଼ ରାଣୀର ନାମ ମଂଦୋଦରୀ ଓ ତାହାର ପୁଅ ଇଂଦ୍ରଜିତ୍ ।

ଖର ରାକ୍ଷସ, ରାବଣର ଲେଖାରେ ଭାଇ । ଖରର ସୂର୍ପଣଖା ବୋଲି ଗୋଟିଏ ଯାଆଁଳା ଭଉଣୀ ଥିଲା । ଶୁଣାଅଛି, ଏ ସବୁ ଅସୁରମାନେ ମଣିଷଂକୁ କଂଚାରେ ଖାଇଯାଉଥିଲେ ।

## ସୂର୍ପଣଖା

ସୂର୍ପଣଖା ଥରେ ଭାରି ସୁଂଦର ବେଶ ହୋଇ ଆସି ରାମଂକୁ କହିଲା, "ମୁଁ ରାବଣର ଭଉଣୀ ସୂର୍ପଣଖା । ଆପଣ ମୋତେ ବାହା ହୁଅଂତୁ । ରାମ ସେଥିରେ ରାଜି ନ ହେବାରୁ, ସେ ଆସି ଲକ୍ଷ୍ମଣଂକୁ କହିଲା, "ଆପଣ ମୋତେ ବାହା ହୁଅଂତୁ ।" ଲକ୍ଷ୍ମଣ ରାଜି ହେଲେ ନାଇ । ସେଠାରୁ ସେ ସତ୍ୟାନାଶୀ ସୂର୍ପଣଖା 'ଆଁ' କରି ସୀତାଂକୁ ଖାଇବାକୁ ବାହାରିଲା । ସେ ଭାବିଲା, "ସୀତାକୁ ଖାଇଦେଲେ, ରାମ ନିଶ୍ଚେ ମୋତେ ବାହା ହେବ ।"

ରାମ ଲକ୍ଷ୍ମଣ ଏତେବେଳଯାଏଁ ସୂର୍ପଣଖା କଥାକୁ ଖାତିର କରୁ ନ ଥିଲେ; ସେ ଯେତେବେଳେ ସୀତାଂକୁ ଖାଇବାକୁ ଧଇଲା, ଲକ୍ଷ୍ମଣ ଆଉ ସମ୍ଭାଳି ପାରିଲେ ନାଇ । ସେ ସୂର୍ପଣଖାକୁ ଧରି, ଖଂଡାରେ ତା' ନାକ କାନ କାଟି ଦେଲେ । ରାକ୍ଷସୀ କାଂଦି କାଂଦି ବଣ ଭିତରକୁ ପଳାଇଲା ।

ପାଖରେ 'ଜନସ୍ଥାନ' ବୋଲି ଗୋଟିଏ ଜାଗାରେ ସୂର୍ପଣଖା ଭାଇ, ଖର ରାକ୍ଷସ ଥିଲା । ସୂର୍ପଣଖା କାଂଦି କାଂଦି ଯାଇ ତା ପାଖେ ପହଂଚିଲା । ନାକ କାନରୁ ରକ୍ତ ବହିଯାଉଚି । ଖର ଭାରି ରାଗିଯାଇ ତାକୁ ପଚାରିଲା, "ସୂର୍ପଣଖା ତତେ ଯା' କଏ କଲା ?"

ସୂର୍ପଣଖା କାଂଦି କାଂଦି କହିଲା, "ଭାଇ, ପଂଚବଟୀରେ ରାମ ଲକ୍ଷ୍ମଣ ବୋଲି ଦଶରଥଂକର ଯୋଡ଼ିଏ ପୁଅ ଆସି, ଅଛଂତି । ତାଂକ ସଂଗେ ସୀତା ବୋଲି ଗୋଟିଏ ବଡ଼ ସୁଂଦରୀ ସ୍ତ୍ରୀ ଅଛି । ସେହି ରାମ ଲକ୍ଷ୍ମଣ ମତେ ଦେଖି ମୋ ନାକ କାନ କାଟି-ଦେଲେ । ମୋର କିଛି ଦୋଷ ନାଇ । ଆଜ ମୋତେ ତାଂକ ରକ୍ତ ଆଣିଦେଲେ, ମୁଁ ଖାଇବ ।"

---

## ଖର ଦୂଷଣ

ଖର ଭାରି ରାଗ ହୋଇ ରାମଂକୁ ମାରିବା ପାଇଁ ସୂର୍ପଣଖା ସଂଗେ ଚଉଦ ଜଣ ବଡ଼ ବଡ଼ ରାକ୍ଷସ ପଠାଇ ଦେଲା । ରାମଂକୁ ସେ ଚଉଦ ଜଣଯାକ କା କେତେ ? ଚଉଦଟି ବାଣ ମାରି ସମସ୍ତଂକୁ ନିକାଶ କରିଦେଲେ ।

ପୁଣି ସୂର୍ପଣଖା ଧାଇଁ ଯାଇ ଭାଇ ପାଖେ ପହଂଚିଲା । ପୁଣି ସୂର୍ପଣଖାକୁ ଦେଖି ଓ ତାଠାରୁ ସବୁ ଶୁଣି ରାଗରେ ଖରର ଜ୍ଞାନ ହଜିଗଲା । ସେଠାରୁ ସେ ନିଜେ ଆପଣା ଭାଇ ଦୂଷଣକୁ ନେଇ, ରଥରେ ଚଢ଼ି ଯୁଦ୍ଧ କରିବାକୁ ବାହାରିଲା । ଚଉଦ ହଜାର ରାକ୍ଷସ ଶେଲ, ଶୂଳ, ମୁଷଳ, ମୁଦ୍‌ଗର, ପଟ୍ଟିଶ, ପରିଘ, ଚକ୍ର, ତୋମର, ଗଦା, ଶକ୍ତି, ଫାର୍ସା, ଖଂଡା ପ୍ରଭୃତି ଅସ୍ତ୍ର ନେଇ, ଗର୍ଜନ କରିକରି ସେମାନଂକ ସଂଗେ ଚାଲିଲେ । ଆକାଶରେ ଦେବତାମାନେ ଏହା ଦେଖି ଡରିଗଲେ ।

ଏଣେ ରାମ ଲକ୍ଷ୍ମଣ ସୀତାଂକୁ ଗୋଟିଏ ପର୍ବତ ଗୁହାରେ ଲୁଚାଇ ଯୁଦ୍ଧ ପାଇଁ ତିଆର ହୋଇଗଲେ । ରାକ୍ଷସମାନେ ସମସ୍ତେ ଆସି ଏକାବେଳକେ ଭାରି ଜୋରରେ ଅସ୍ତ୍ର ସବୁ ମାଇଲେ । ଭୟଂକର ଯୁଦ୍ଧ ଲାଗିଗଲା । ରାମଂକ ବାଣରେ ହାତୀ, ଘୋଡ଼ା, ଅସ୍ତ୍ରଶସ୍ତ୍ର ସବୁ କଟିଗଲା । ବହୁତ ରାକ୍ଷସ ମଲେ ।

ଦୂଷଣ ଭାରି ରାଗ ହୋଇ ଗର୍ଜନ କରି ଆସି ଯୁଦ୍ଧରେ ଲାଗିଗଲା । ରାମ ତାହାର ଘୋଡ଼ା, ରଥ, ଧନୁ, ସାରଥି ମାରି ସାରିଲାରୁ ସେ ଗୋଟାଏ ପରିଘ ଧଇଲା । ରାମ ଏତିକବେଳେ ତା ହାତ ଦୁଇଟା କାଟି ଦେଲେ । ସେତିକରେ ସେ ଶେଷ । ଆଉ ତିନିଟା ବଡ଼ ବଡ଼ ରାକ୍ଷସ ଆସିଲେ । ସୁହୁଁ ସୁହୁଁ ସେ ବି ଶେଷ ।

କ୍ରମେ କ୍ରମେ ଚଉଦ ହଜାର ରାକ୍ଷସଂକୁ ରାମ ମାଇଲେ । ଏବେ ଖରର ପୁଅ ତ୍ରିଶିରା ଆସି ମଧ୍ୟ ମଲା । ଖର ବେଶି ରାଗିଯାଇ ଦାଂତ କାମୁଡ଼ି, ଗର୍ଜନ କରି ରଥରେ ବସି ଆସିଲା । ସେ ମଧ୍ୟ ଭାରି ଯୁଦ୍ଧ ଜାଣେ । କେତେବେଳଯାଏ ଖୁବ୍ ଲଢ଼ିଲା । ଶେଷକୁ ସେ ମଧ୍ୟ ମଲା ।

ଜନସ୍ଥାନର ସବୁ ରାକ୍ଷସମାନେ ମଲେ । ଖାଲି ଅକଂପନ ବୋଲି ଗୋଟିଏ ରାକ୍ଷସ ବାକି ରହିଲା ।

## ରାବଣ ଓ ମାରୀଚ

ଅକଂପନ ଲଂକାକୁ ଯାଇ, ରାବଣକୁ ଏ ସବୁ ଖବର ଦେଲା । ରାବଣ ଆଶ୍ଚର୍ଯ୍ୟ ହୋଇଗଲା । ତା'ପରେ ରାମ ଲକ୍ଷ୍ମଣଂକୁ ମାରିବା ପାଇଁ ବାହାରିଲା । ରାମ କମ୍ ବୀର ନୁହଁଂତି, ତାଂକୁ ମାରିବା ସହଜ ନୁହେଁ । ଏହା ସବୁ ବୁଝାଇଦେଇ ଅକଂପନ ରାବଣକୁ କହିଲା, "ରାମ ଲକ୍ଷ୍ମଣଂକ ସଂଗେ ସୀତା ବୋଲି ଗୋଟିଏ ଭାରି ସୁଂଦରୀ ସ୍ତ୍ରୀ ଅଛି । ସେ ରାମଂକ ଭାର୍ଯ୍ୟା । ସେପରି ସୁଂଦରୀ ସ୍ତ୍ରୀ ତୁମେ କେବେ ଦେଖି ନ ଥିବ । ତାକୁ କୌଣସି ପ୍ରକାରେ ଘେନି ଆସିଲେ ଝୁରି ଝୁରି ରାମ ମରିବେ, ଲକ୍ଷ୍ମଣ ବି ମରିବେ ।" ରାବଣ ମନକୁ ଏ କଥାଟା ଖୁବ୍ ପାଇଲା ।

ଲଂକା, ସମୁଦ୍ର ଭିତରେ ଗୋଟିଏ ଦ୍ୱୀପ । ଲଂକା ବାହାରେ, ସମୁଦ୍ର ଏପାଖେ ଦଂଡକାରଣ୍ୟ ଭିତରେ ଏକ ଜାଗାରେ ସେହି ତାଡ଼କା ପୁଅ ମାରୀଚର ଘର । ମାରୀଚ, ରାବଣ ଦୁହିଂକର ଭାରି ମନ ମିଳୁଥିଲା । ରାବଣ କ'ଣ ଭାବିକି, ଲଂକା ଛାଡ଼ି ଗୋଟିଏ ରଥରେ ଚଢ଼ି, ସମୁଦ୍ର ଡେଇଁ ମାରୀଚ ଘରେ ପହଂଚିଲା ।

ମାରୀଚ ରାବଣକୁ, ହଠାତ୍ ଆସିବାର ଦେଖି ଭାରି ଚର୍ଚ୍ଚା କଲା । ଆଦରରେ ଖାଇବାକୁ ପିଇବାକୁ ଦେଇ-ସାରି, ବିଶ୍ରାମ କଲାବେଳେ ରାବଣକୁ ପଚାରିଲା, "ଆପଣ କୁଆଡ଼େ ଆସିଲେ ? ଆପଣ ତ ବଡ଼ ରାଗିଲାପରି ଦେଖାଯାଉଚଂତି । କଥା କଣ ?"

ରାବଣ ସେଠାରୁ ମାରୀଚକୁ ରାମ ଲକ୍ଷ୍ମଣ ଯାହା କରିଥିଲେ ସବୁ କହିଲା । ତା ପରେ କହିଲା, 'ଏବେ ରାମଂକୁ ଯବତ୍ କରିବାକୁ ହେବ । ସେଥିରେ ତୁମେ ମତେ ସାହାଯ୍ୟ କରିବ ବୋଲି ମୁଁ ତୁମ ଘରକୁ ଆସିଚି । ତୁମେ ସାହାଯ୍ୟ କଲେ, ମୁଁ ତା ଭାର୍ଯ୍ୟା ସୀତାକୁ ଘେନି ଆସିବି ।'

ମାରୀଚ କହିଲା, "ରାକ୍ଷସରାଜ, ଆପଣ ରାମଂକୁ ଜାଣଂତି ନାହିଁ । ତାଂକର କେତେ ବଳ, ଆପଣ ବୁଝି ନାହାଂତି । ସେ ଏପରି ଶର ସବୁ ରଖିଚଂତି ଯେ, ସେ ସବୁକୁ ମାଇଲେ କେହି ସମ୍ଭାଳି ପାରିବେ ନାହିଁ । ମୋ କଥା ଶୁଣ ରାଜା, ରାମଂକ ସଂଗେ ଯୁଦ୍ଧ କରିବାକୁ ମନ ବଳାଅ ନାହିଁ । ମୁଁ ସାହାଯ୍ୟ କଲେ ବା କଣ ହେବ ? ମତେ ସେ କଥା କହନାହିଁ । ତାଂକ ସଂଗେ ଯୁଦ୍ଧ କରି ବସିଲେ, ଆମମାନଂକର ସର୍ବନାଶ ହେବ ।"

ରାବଣ ଏ କଥା ଶୁଣି ଲଂକାକୁ ଫେରିଗଲା; ମାତ୍ର ଲଂକାରେ ଯାଇ ଦେଖିଲା ଶୂର୍ପଣଖା ନାକ କାନ କଟା ହୋଇ ଆସି ବସିଚି । ଶୂର୍ପଣଖାଠାରୁ ସବୁ କଥା ଶୁଣି, ରାବଣ ଆଉ ସଂଭାଳି ପାରିଲା ନାହିଁ । ପୁଣି ମାରୀଚ ଘରକୁ ଆସିଲା ।

ମାରୀଚ ପୁଣି କେତେ ମନା କଲା; କହିଲା, "ଆଗେ ଯେତେବେଳେ ମୋ ଦେହରେ ବଳ ଥିଲା, ମୁଁ ଋଷି-ମାନଂକୁ ଆନଂଦରେ ମାରି ଖାଉଥିଲି । ବିଶ୍ୱାମିତ୍ରଂକ ଯାଗବେଳେ ଏହି ରାମ ଜଗିବାକୁ ଆସିଲେ । ସେତେ-ବେଳେ ଏ ପିଲା ହୋଇଥିଲେ । ମୁଁ ଆଗ ଦେଖି ଖାତିର କଲି ନାହିଁ; କିଂତୁ ଯେତେବେଳେ ବାଣମାରି ମୋତେ ସମୁଦ୍ରରେ ଫିଂଗି ଦେଲେ, ସେତେବେଳେ

ବୁଝିଲି, ସେ କଥା ମୋର କାଲପରି ମନେ ଅଛି । ତାଙ୍କ ସଂଗେ କଳି କରିବା ଠିକ୍ ନୁହେଁ । ତାଙ୍କର ତ କିଛି କରି ପାରିବେ ନାଇ, ମଝିରେ ଆପେ ହଟହଟା ହେବେ ।"

ଏଥର ରାବଣ ଏସବୁ କଥା କିଛି ଶୁଣିଲା ନାଇ । ଶେଷକୁ ଖୁବ୍ ରାଗିଯାଇ ଗର୍ଜନ କରି କହିଲା, "ମାରୀଚ, ଯେବେ ମୋ କଥା ନ କରିବୁ ତେବେ ଜାଣିଥା, ଏହିକ୍ଷଣି ତୋତେ ହାଣି ଦୁଇ ଖଂଡ କରିଦେବି । ମୁଁ ରାଜା; ଯାହା କହୁଛି, କରିବାକୁ ହେବ ।"

ମାରୀଚ ଦେଖିଲା, ଏଥର ଆଉ ଗତି ନାଇ । ମରିବା ତ ନିଶ୍ଚୟ; ତେବେ ରାକ୍ଷସ ରାବଣ ହାତେ ମରିବାଠାରୁ, ରାମ ହାତରେ ମରିବା ଭଲ । ରାମହେଲେ ବେଳ ପଡ଼ିଲେ ଟିକିଏ ଦୟା କରି ପାରନ୍ତି; କିଂତୁ ରାବଣର ତ ଦୟା ନାଇ । ଏହିପରି ସାତ ପାଂଚ ଭାବି, ଶେଷକୁ ରାବଣକୁ ସାହାଯ୍ୟ କରିବାପାଇଁ ମାରୀଚ ହଁ କଲା ।

---

## ମାୟାମୃଗ

ଶୁଣା ଅଛି, ରାକ୍ଷସମାନେ ବହୁତ କପଟ ବା ମାୟା ଜାଣନ୍ତି । ସେମାନେ ଯେଉଁ ରୂପ ଇଚ୍ଛା, ସେ ରୂପ ଧରି ପାରନ୍ତି । ସେମାନେ ମାୟାବୀ । ଏବେ ରାବଣ ମାରୀଚକୁ କହିଲା, ମାରୀଚ, ତୁ ମାୟାରେ ଗୋଟିଏ ମିରିଗ ହବୁ । ତୋର ଶିଂଘ, ଚମ, ଲାଂଜ ସବୁ ସୁନାପରି ଦିଶୁଥିବ । ଏହିପରି ରୂପରେ ଯାଇ, ରାମଙ୍କ ଆଶ୍ରମ ପାଖେ ସୀତାଙ୍କ ଆଗେ ଚରିବୁ । ତତେ ଦେଖି ସୀତାଙ୍କୁ କୌତୁକ ଲାଗିବ । ତତେ ଧରି ନେବା ପାଇଁ ସେ ରାମକୁ କହିବେ । ରାମ ତତେ ଧରିବାକୁ ଆସିଲେ, ତୁ ପଳାଇ ପଳାଇ ତାଙ୍କୁ ବହୁତ ବାଟ ନେଇ ଆସିବୁ । ବହୁତ ଦୂରରେ ଆସି ମାୟାରେ ବ୍ୟାକୁଳ ହୋଇ, ରାମ ଡାକିଲା ପରି ଲକ୍ଷ୍ମଣଙ୍କୁ ଡାକିବୁ, ରାମ ଲକ୍ଷ୍ମଣ ଦୁହେଁ ଚାଲିଗଲେ ମୁଁ ଯାଇ ସୀତାଙ୍କୁ ନେଇ ଆସିବି । ତେବେ ଯାଇ ରାମ ରାବଣକୁ ଚିହ୍ନିବ । ମୁଁ ସୀତାଙ୍କୁ ନେବି; ରାମ ଝୁରିଝୁରି ବଣରେ ମରିବ ।"

ଏହି ବସ୍ତୁର ଠିକ୍‌କରି, ରାବଣ ମାରୀଚ ଦୁହେଁ, ରାବଣ ରଥରେ ବସି ପଂଚବଟୀ ଆଡ଼କୁ ଚାଲିଲେ । ସେ ରଥ ଆସି ପଂଚବଟୀରେ ପହଂଚିଗଲା । ମାରୀଚ ସୁନା ହରିଣ ହୋଇ ବୁଲିଲା । ସୀତା ହରିଣକୁ ଦେଖିଲେ । ସତକୁ ସତ ରାବଣ ଯାହା କହିଥିଲା, ସେଇୟା ହେଲା । ଲକ୍ଷ୍ମଣ ହରିଣକୁ ଦେଖି ମାରୀଚ ବୋଲି ସଂଦେହ କରି କହିଲେ । ସେ ଜାଣିଥିଲେ, ମାରୀଚ ଏହିପରି ମିରିଗ ହୋଇ ଋଷିଙ୍କୁ ଠକେ; କିଂତୁ ସୀତା ଶୁଣିଲେ ନାଇ । ହରିଣଟି ପୋଷି, ଚାଲିବେଳେ ଅଯୋଧ୍ୟାକୁ ନେଇଯିବାକୁ ମନ କଲେ । ନ ହେଲେ ଚମଡ଼ାଟି ହେଲେ ନେବେ ବୋଲି ମନକଲେ । ରାମ ଏବେ ଲକ୍ଷ୍ମଣଙ୍କୁ ସୀତାଙ୍କ ପାଖେ ଆଶ୍ରମରେ ଛାଡ଼ିଦେଇ ଧନୁଶର ଧରି ହରିଣ ପଛେପଛେ ଚାଲିଲେ ।

ହରିଣଟି ଟିକିଏ ଧରା ଦେଲା ପରି ହେଉଥାଏ, ପୁଣି ଧରିଲା ବେଳକୁ ଖସି ଯାଉଥାଏ । କେତେବେଳେ ଲୁଚିଯାଇ ପୁଣି ବାହାରି ପଡ଼ୁଥାଏ । ରାମ ହରିଣ ପଛେପଛେ ଏହିପରି ଗୋଡ଼ାଇ ଗୋଡ଼ାଇ ଆଶ୍ରମରୁ ବହୁତ ଦୂରକୁ ଚାଲିଗଲେଣି । ଏବେ ହରିଣର ଏ ବେଭାର ଦେଖି, ତାଙ୍କର ସଂଦେହ ହେଲା । ସେ ବୁଝିଲେ, ଏ ହରିଣ ନୁହେ, ଗୋଟାଏ ରାକ୍ଷସ ମାୟାରେ ହରିଣ ରୂପ ଧରିଚି । ତହୁଁ ଆଉ ତାକୁ ଧରିବାକୁ ଚେଷ୍ଟା ନ କରି ତୂଣୀରରୁ ଶର କାଢ଼ି ବିଂଧିଲେ । ହରିଣ ଦେହରେ ଶର ବାଜିବାରୁ ସେ ତଳେ ପଡ଼ିଗଲା; ମଲା ବେଳକୁ ବ୍ୟାକୁଳ ହୋଇ, ସ୍ୱର କଲା—"ଆହା ସୀତା, ଆହା ଲକ୍ଷ୍ମଣ, ଏତେବେଳେ କାହିଁ ଗଲ !"

ସୀତାଂକୁ ଏ କଥା ଶୁଭିଲା । ସେ ବୁଝିଲେ ରାମଂକୁ ବଣ ଭିତରେ ବିପତ୍ତି ପଡ଼ିଲା । ସେ ସେଠାରୁ ଲକ୍ଷ୍ମଣଂକୁ କହିଲେ, 'ବେଗେ ଯାଅ, ଲକ୍ଷ୍ମଣ ! ଏବେ କଅଣ ହେଲା ? ନିଶ୍ଚୟ ରାକ୍ଷସ ହାତେ ସେ ପଡ଼ିଚଂତି ।'' ଲକ୍ଷ୍ମଣ କିଂତୁ ସୀତାଂକୁ ଏକାକରି ଛାଡ଼ି ଯିବାକୁ ରାଜି ହେଲେ ନାଇ । କହିଲେ, "ତୁମକୁ ଏକାକରି ଛାଡ଼ି ମୁଁ କିପରି ଯିବି ? ରାମଂକର କେହି କିଛି ଅକାର୍ଯ୍ୟ କରି ପାରିବେ ନାଇ । ତମେ ବ୍ୟସ୍ତ ହୁଅନାଇ । ଏ ବୋଧହୁଏ ଗୋଟାଏ ରାକ୍ଷସର ମାୟା ।''

ସୀତା କାଂଦିଲେ; ପଛକୁ ରାଗ ହୋଇ କଟୁକଥା କହି ଲକ୍ଷ୍ମଣଂକୁ ଗାଳି ଦେଲେ । ଲକ୍ଷ୍ମଣ ଆଉ ସଂଭାଳି ପାରିଲେ ନାଇ । ସେ ଧନୁଶର ଧରି ରାମ ଯେଉଁଆଡ଼େ ଯାଇଥିଲେ, ସେହି ଆଡ଼କୁ ଗଲେ, ଗଲାବେଳେ କହିଗଲେ, "ଆଚ୍ଛା ତେବେ ମୁଁ ଯାଉଚି । ବଣ ଦେବତାମାନେ ତମକୁ ରକ୍ଷା କରଂତୁ । ଆମେ ଆସି ଯେପରି ତମକୁ ଦେଖୁଁ ।'' ଲକ୍ଷ୍ମଣ ଗଲା-ବେଳେ ବହୁଦୂର ଯାଏ ପଛକୁ ବୁଲି ବୁଲି ଯାଉଥାଂତି । ଶେଷକୁ ସେ ଅଦୃଶ୍ୟ ହୋଇଗଲେ ।

---

## ରାବଣର ସୀତା-ଚୋରି

ଲକ୍ଷ୍ମଣ ଚାଲିଗଲାକ୍ଷଣି, ସନ୍ୟାସୀ ବେଶ ଧରି ରାବଣ ଆସି ଆଶ୍ରମ ଦୁଆରେ ପହଂଚିଗଲା । ହାତରେ ତ୍ରିଶୂଳ, ପିଂଧା ବଳ୍‌କଳ; ଦେହରେ ଭସ୍ମ ବୋଳା ହୋଇଚି; ମୁଂଡରେ ଜଟା ଅଛି, ହାତରେ କମଂଡଳୁଟିଏ ଧରାହୋଇଚି । ସୀତା ସନ୍ୟାସୀଂକୁ ଦେଖି ନମସ୍କାର କରି ଗୋଡ଼ ଧୋଇବାକୁ ପାଣି ଦେଲେ, ବସିବାପାଇଁ କୁଶାସନ ଦେଲେ; ଖାଇବା ପାଇଁ ଫଳ ମୂଳ ଆଣି ଦେବାକୁ ବାହାରିଲେ ।

ରାବଣ କଥାବାର୍ତ୍ତା ହେଉ ହେଉ ସୀତାଂକୁ କହିଲା, "ମୁଁ ଲଂକାର ରାଜା ରାବଣ, ତୁମେ ବଣରେ ରହି, ତପସ୍ୱୀଟା ସାଂଗେ ବୃଥାରେ କେତେ ଦୁଃଖ ପାଉଚ ! ମୋ ସଂଗେ ଲଂକାକୁ ଚାଲ । ସେଠାରେ ରାଣୀ ହୋଇ ମହାସୁଖରେ ରହିବ ।''

ଏହା ଶୁଣି ସୀତା ଖାରି ରାଗିଯାଇ କହିଲେ; "ଏଡ଼େ ସାହସ ତୋର ରାବଣ ! ଏପରି କଥା ତୁଂଡେ ଧରନା, ଚୁପ୍ କର । ରାମ ଆସିଲେ ତୋର ଏ ଗର୍ବ ଚୂନା ହୋଇଯିବ ।'' ରାବଣ ସେଠାରୁ ନିଜରୂପ ଦେଖାଇ ଦେଲା । ବାପ୍‌ରେ, ସେ କି ବିକଟ ମୂର୍ତ୍ତି ! ଦଶଟା ମୁଂଡ, କୋଡ଼ିଏଟା ହାତ, କୋଡିଏଟା ଆଖି— ଦେଖିଲେ ପ୍ରାଣ ଉଡ଼ିଯିବ । ଏପରି ରୂପ ଧରି ସେ ସୀତାଂକୁ କହିଲା, "ପାଗଲ୍, ମୋତେ ଚିହ୍ନି ପାରୁନାହୁଁ । ରାମର ମାୟା ଛାଡ଼ିଦେ । ସେ ତୋର ଉପଯୁକ୍ତ ନୁହେ ।'' ଏହା କହୁ କହୁ ରଥ ଆସି ଦୁଆରେ ଲାଗିଗଲା । ସୀତା ସେତେବେଳକୁ ଭୟରେ ମୋହ ଗଲାପରି ହେଲେଣି । ରାବଣ ସୀତାଂକ ଚୁଟିଧରି ନେଇ ରଥରେ ବସାଇ ଦେଲା । ସୀତା ରାମଂକ ନାମ ଧରି ପାଟିକରି କେତେ କାଂଦିଲେ, ପଳାଇବା ପାଇଁ କେତେ ଛଟିପିଟି ହେଲେ; କିଂତୁ ରାବଣ ହାତରୁ ଖସିବାକୁ ସେ କି ପାରି ? ରଥ ଆକାଶରେ ଉଡ଼ି ଚାଲିଲା । ସୀତା ବିକଳ ହୋଇ ପଶୁ ପକ୍ଷୀଂକୁ, ବନ-ଦେବତାଂକୁ, ଗୋଦାବରୀ ନଦୀକୁ ଡାକି କାଂଦି କାଂଦି କହୁଥାଂତି, "ଆହେ, ତୁମେମାନେ ଦୟାକରି ରାମଂକୁ ଖବର ଦିଅ, ତାଂକ ସୀତାକୁ ଦୁଷ୍ଟ ପାପୀ ରାବଣ ଚୋରି କରି ନେଇଗଲା ।''

ସେହି ବଣରେ ତ ଜଟାୟୁ ଥିଲା । ସେ ଏବେ ଉପରୁ ଦେଖିଲା ଯେ, ରାବଣ ସୀତାଂକୁ ନେଇ ପଳାଇ ଯାଉଚି । ସଂଗେ ସଂଗେ ବୁଢ଼ା ଜଟାୟୁ ଡାଳମାରି, ହ.ଷ ପାହାଡ଼ ଉପରେ ପଡ଼ିଲା ପରି ଯାଇ ରାବଣ ଉପରେ ପଡ଼ିଲା; କହିଲା, "ରାକ୍ଷସ, ତୁ ସୀତାଂକୁ ଛାଡ଼୍ ! ମୁଁ କହୁଚି ଛାଡ଼୍ ! ନ ଛାଡ଼ିଲେ ମୁଁ ତୋତେ ନ ମାରି

ଛାଡ଼ିବି ନାହିଁ ।" ଏହା କହି ନଖରେ ଥଂଟରେ ରାବଣକୁ ରାମ୍ପୁଡ଼ି କାମୁଡ଼ି, ଅସ୍ତବ୍ୟସ୍ତ କରିପକାଇଲା । ରାବଣ କେତେ ଯୁଦ୍ଧ କଲା, ଶର ମାରିଲା । ଜଟାୟୁ କିଂତୁ ସାମାନ୍ୟ ନୁହେଁ । ସେ ଡେଣା ମାଡ଼ରେ ରାବଣର ସାରଥି, ଘୋଡ଼ା, ଧନୁ, ରଥ ସବୁ ଅସ୍ତବ୍ୟସ୍ତ କରିଦେଲା । ରାବଣ ଦେହରୁ ଖଂଡ ଖଂଡ ହୋଇ ମାଂସ ଛିଡ଼ିଗଲା । ରକ୍ତରେ ତା ଲୁଗା ଭିଂଜି ଗଲା । ସୀତା ଏ ମଧ୍ୟରେ ରଥରୁ ପଳାଇ ଆସି, ବଣରେ ଲୁଚି ଯାଇଥିଲେ; କିଂତୁ ବୁଢ଼ା ଜଟାୟୁ ଆଉ କେତେ ଯୁଦ୍ଧ କରିବ ? ରାବଣ ଆସି ସୀତାଂକୁ ଖୋଜି ଧରିଲାବେଳେ ଜଟାୟୁ ପୁଣି ଆସି ତା ଉପରେ ପଡ଼ିଲା । ଜଟାୟୁ ରାବଣର ହାତ ଛିଂଡାଇ ଦେଉଥାଏ । ରାବଣ କିଂତୁ ସହଜରେ ଛାଡ଼ିବା ଜିଂତୁ ନୁହେଁ । ଜଟାୟୁ ଆଉ-କେତେ ଲଢ଼ିବ ? ଶେଷକୁ ରାବଣ, ଖଂଡାରେ ଜଟାୟୁର ଦୁଇ ଗୋଡ଼, ଦୁଇ ଡେଣା ହାଣି ପକାଇ ଦେଲା । ଜଟାୟୁ ମରି ମରି ହୋଇ ପଡ଼ି ରହିଲା । ସୀତାଙ୍କୁ ଆଉ କିଏ ରକ୍ଷା କରିବ ? ରାବଣ ପୁଣି ତାଂକୁ ଘେନି ଆକାଶରେ ଚାଲିଲା ।

ବାଟରେ ସୀତାଂକ ଦେହରୁ ହାରସବୁ କେତେକ ଛିଡ଼ି ପଡ଼ିଲାଣି । ପାଦରୁ ନୂପୁରଟି ମଧ୍ୟ ଠାଏ ପଡ଼ି ଯାଇଛି । ଏଣେ ସୀତାଂକର ଟିକିଏ ଜ୍ଞାନ ହେବାରୁ, ସେ ତଳକୁ ଚାହିଁ ଖୋଜିଲେ, କାହାକୁ ଦେଖିଲେ ଆଶ୍ରା ମାଗିବେ । ବହୁତ ପାଟିକରି କାଂଦୁଥାଂନ୍ତି । ଠାଏ ତାଂକର ଆଖି ପଡ଼ିଗଲା ବେଳକୁ, ସେ ଦେଖିଲେ ଗୋଟିଏ ପାହାଡ଼ ଉପରେ ପାଂଚଟି ମାଂକଡ଼ ବସିଛଂନ୍ତି । ସେ ସେଠାରୁ ପିଂଧା ଶାଢ଼ୀର କାନିପଣତ ଚିରି, ସେଥିରେ ଅଳଂକାର ଯାକ ବାଂଧି ପୋଟଳାଟି ସେହି ମାଂକଡ଼ଂକ ଭିତରକୁ ପକାଇ ଦେଲେ, ଭାବିଲେ—କେହି ଏ ଅଳଂକାରଗୁଡ଼ିକ ନେଇ ରାମଂକୁ ଦେଇ ପାରେ, ସେଥିରୁ ମୋତେ ରାବଣ ନେଇଯାଇଥିବା କଥା ସେ କିଛି ହେଲେ ବୁଝି ପାରିବେ । ରାବଣ ଏ କଥା କିଛି ଜାଣି ପାରିଲା ନାହିଁ । କିଂତୁ ମାଂକଡ଼ମାନେ ଉପରକୁ ଚାହିଁ ଦେଖିଲେ ।

ଚାହୁଁ ଚାହୁଁ ଲଂକା ହୋଇଗଲା । ସେଠାରେ ଲଂକାର ରାଣୀ ହେବାପାଇଁ ସୀତାଂକୁ ରାବଣ କହିଲା । ଆଉ ଆଉ ରାକ୍ଷସୀମାନେ ମଧ୍ୟ କେତେ ବୁଝାଇଲେ । ସୀତା ମୁଂଡ ପୋତି ବସିଥାଂନ୍ତି । କାହିଁରେ କିଛି କଥା କହିଲେ ନାହିଁ । ଲଂକା ସହର ଭିତରେ ନଅର ପାଖେ ଗୋଟିଏ ଅଶୋକ ବଗିଚା ଥିଲା । ରାବଣ କହିଲା, "ଆଚ୍ଛା, ସେ ଯେତେଦିନ କିଛି ନ କହୁଛି, ତାକୁ ସେତେଦିନ ସେଇ ଅଶୋକ ବଣରେ ରଖ ।" ଏହା କହି ସୀତାଂକୁ ଅଶୋକ ବଣକୁ ପଠାଇ ଦେଲା । ରାଜପାଖେ କେତେ ବିକଟାଳ ରାକ୍ଷସୀଂକୁ ରଖାଇ ଜଗାଇ ଦେଲା । ସୀତାଂକୁ ବୁଝାଇ, ଭୟ ଦେଖାଇ, ଭୁଲାଇବାପାଇଁ ଆଉ କେତେ ରାକ୍ଷସୀଂକୁ ମଧ୍ୟ ସୀତାଂକ ପାଖେ ରଖି ଦେଲା ।

———

## ରାମ ସୀତାଂକୁ ଖୋଜିଲେ

ରାମ ମାୟାମୃଗ ମାରିସାରି ଫେରି ଆସୁଥିଲେ; ବାଟରେ ଲକ୍ଷ୍ମଣଂକୁ ଚାହିଁ ଚମକିପଡ଼ି ପଚାରିଲେ, "ସୀତାଂକୁ ଏକାକରି ଛାଡ଼ି ଆସିଲ ? ସେ ଭଲ ଅଛଂନ୍ତି ତ ?" ତହୁଁ ଦୁଇ ଭାଇ ଜଲ୍‌ଦି ଆଶ୍ରମକୁ ଫେରି ଆସିଲେ । ଦେଖିଲେ ସୀତା ନାହାଂନ୍ତି, ଘର ଖାଲି ପଡ଼ିଛି । ଏଣେ ତେଣେ, ଗଛମୂଳେ, ନଈକୂଳେ ଚାରିଆଡ଼େ ଖୋଜି ଗଲେ । କୌଣସିଠାରେ ସୀତାଂକୁ ଦେଖିଲେ ନାହିଁ । ବ୍ୟାକୁଳ ହୋଇ ଗଛ, ପଥ, ପଶୁ, ପକ୍ଷୀ ସମସ୍ତଂକୁ ଖବର ପଚାରିଲେ । କେହି କିଛି କହିବେ କାହିଁ ?

ଆହାରେ କପାଳ ! କାହିଁ ଅଯୋଧ୍ୟାରେ ରଜା ହୋଇଥାଂନ୍ତେ; ସେ ଆସି ଫଳ ମୂଳ ଖାଇ ବଣରେ ରହିଲେ । ତା ଉପରେ ପୁଣି ଏ ଦୁଃଖ ! ମନୁଷ୍ୟ ଆଉ କେତେ ସହେ ? ରାମ ପିଲାଂକ ପରି କାଂଦିଲେ । ଲକ୍ଷ୍ମଣ କେତେ ବୁଝାଇଲେ । ପୁଣି ଖୋଜିଲେ । ଲକ୍ଷ୍ମଣ ମଧ୍ୟ ଦଂଭ ଧରି ନ ପାରି କାଂନ୍ଦି ପକାଉଥାଂନ୍ତି । ଶେଷକୁ ସେମାନେ ପାଦଚିହ୍ନ ବାରିଲେ । ଗୋଟାଏ ଭଂଗା ଧନୁଶର ଦେଖିଲେ, ବୁଝିଲେ ସୀତାଂକୁ କେହି ନେଇଗଲା ।

ତା ପରେ କ୍ରମେ ଦୂରକୁ ବଣ ଭିତରେ ଖୋଜି ଖୋଜି ଜଟାୟୁକୁ ଦୂରରୁ ଦେଖିଲେ । ତା ଦେହସାରା ରକ୍ତ ଦୂରରୁ ରାମ ବୁଝିଲେ ଏ ଗୋଟାଏ ରାକ୍ଷସ । ଏଇ ବୋଧହୁଏ ସୀତାଂକୁ ଖାଇଛି । ଏହା କହି ଜଟାୟୁକୁ ମାରିବାକୁ ଯାଉଥିଲେ; ମାତ୍ର ଜଟାୟୁ ଧୀରେ ଧୀରେ ଯାହା ଘଟିଥିଲା ସବୁ କଥା କହି ବସିଲା । ରାମ ଜଟାୟୁକୁ ଧରି କାଂନ୍ଦିଲେ । ଜଟାୟୁ ମରିବାକୁ ବସିଛି । ଆଉ ତାର କଥା କହିବାକୁ ବଳ ନାଇ । ଶେଷକୁ ବଡ କଷ୍ଟରେ ଖାଲି କହିଲା, "ରାବଣ, ବିଶ୍ରବାର ପୁଅ, କୁବେରର ଭାଇ"— ଏହା କହୁ କହୁ ତାର କଥା ଅଟକି ପ୍ରାଣ ଉଡ଼ିଗଲା ।

ରାମ ଲକ୍ଷ୍ମଣ ଦୁଃଖରେ ତା ଶବକୁ ନେଇ ସଂସ୍କାର କଲେ । ତା ପରେ ସ୍ନାନ ତର୍ପଣ କରିସାରି, ଦଂଡକାରଣ୍ୟ ଭିତରେ ଭିତରେ ସୀତାଂକୁ ଖୋଜିବା ପାଇଁ ଦକ୍ଷିଣକୁ ଚାଲିଲେ ।

ବଣରେ ରାମ ଲକ୍ଷ୍ମଣ ଏତେକାଳ ଥିଲେ; କେତେ ରାକ୍ଷସ ମାରିଥିଲେ; କିଂତୁ ଏପରି ବିପତ୍ତି ତାଂକୁ କେବେ ହୋଇ ନଥିଲା । ଏବେ କେତେଦିନ ଯାଏ ବଣ ଭିତରେ ରାମ ବାଇଆପରି ହେଉଥାଂନ୍ତି । ପଶୁ ପକ୍ଷୀ ପଥର ଯାହାକୁ ଦେଖଂନ୍ତି, ସୀତାଂକ କଥା ପଚାରି ପଚାରି ତା ପାଖକୁ ଦଉଡ଼ି ଯାଂନ୍ତି । କେତେବେଳେ ଅବା ଦୂରରେ କଣଟାଏ ଦେଖି, ତାଂକୁ ସୀତାଂକୁ ଦେଖିଲାପରି ଲାଗେ । ସେ ସୀତାଂକ ନାଆଁ ଧରି ଡାକ ଡାକ ଦଉଡ଼ଂନ୍ତି । ଲକ୍ଷ୍ମଣ ତାଂକୁ ବୁଝାଉଥାଂନ୍ତି, ବୋଧ ଦେଉଥାଂନ୍ତି ।

---

## କବଂଧ ରାକ୍ଷସ କଥା

ବଣ ଭିତରେ ଦକ୍ଷିଣ ଆଡ଼କୁ ଯାଉଯାଉ ବାଟରେ ଭାରି ବଡ଼ ଜଂଗଲ ପଡ଼ିଲା । ସେଠାରେ ଖରା ପଡୁନାଇ, ଗଛରୁ ପତ୍ର ଝଡ଼ି ପଡ଼ିଲା ବେଳେ ଶବ୍ଦ ଶୁଣି ଡର ମାଡୁଛି । ଗୋଟାଏ ଗୋଟାଏ ବାଘ ଭାଲୁ କେତେବେଳେ ଏ ପାଖୁ ବାହାରି ସେ ପାଖକୁ ଚାଲି ଯାଉଛଂନ୍ତି । ହରିଣମାନେ ଚଳ ଚଳ ହୋଇ ଚରୁଛଂନ୍ତି ।

ହୁହୁଁ ହୁହୁଁ ଗୋଟାଏ ଭାରି ଶବ୍ଦ ଶୁଣାଗଲା । ରାମ ଲକ୍ଷ୍ମଣ ଦେଖିଲେ, ଶବ୍ଦ ଯେଉଁଆଡୁ ଆସୁଛି, ସେ ଆଡୁ ଜଂତୁମାନେ ପଳାଇ ଆସୁଛଂନ୍ତି । ବଣରେ ଗୋଟାଏ ବଡ଼ ନିଆଁ ଜଳିଲାପରି ଦିଶୁଛି । ନିଆଁ ଉପରେ ଗୋଟାଏ ବଡ଼ କଳାମେଘ ପରି ଧୂଆଁ ଉଠୁଛି । ଦେଖୁ ଦେଖୁ ଦୁଇ ଭାଇଯାକ ଦେଖିଲେ, ଧୂଆଁ ନୁହେଁ; ଗୋଟାଏ ବଡ଼ ରାକ୍ଷସ, ତାଂକ ଆଡ଼କୁ ଚାଲି ଆସୁଛି । ସେ କଳା ହୋଇ ଗୋଟାଏ ପାହାଡ଼ପରି ଦିଶୁଛି । ତା କାଂଧଟାମାନ ଗୋଟାଏ ଗୋଟାଏ ବଡ଼ ବରଗଛ ପରି ଓସାରିଆ । ହାତ ଦୁଇଟା ବଡ଼ବଡ଼ ଶାଳୁଆ ଗଛ ପରି ଲଂବିଛି । ସେ ଅସୁରର ମୁଂଡ଼ ନାଇ, ଛାତିରେ ବଡ଼ ବଡ଼ ଆଖି ଦୁଇଟା; ପେଟରେ ଗହ୍ୱରିଆ ଝାଂପପରି ଗୋଟାଏ ପାଟି । ସେ ରାକ୍ଷସ ହାତରେ ସିଂହ, ହରିଣ, ହାତୀ ଯାହା ପାଉଛି, ଧରି ପାଟିରେ ପକାଇ ଦଉଛି ।

ସେ ଆସି ରାମ ଲକ୍ଷ୍ମଣଙ୍କୁ ଧରି ପକାଇଲା । ସେ ଏତେ ଜୋରରେ ଧରିଲା ଯେ, ଲକ୍ଷ୍ମଣଙ୍କୁ ଆଉ ବୁଦ୍ଧି ଦିଶିଲା ନାହିଁ । ରାମଙ୍କୁ ଗାରେଡ଼େଇ କରି ରହି ରହି ଲକ୍ଷ୍ମଣଙ୍କୁ ଡାହାଣ ହାତରେ ପାଟି ଆଡ଼କୁ ଉଠାଇଲା । ଲକ୍ଷ୍ମଣ ଭାରି ଡରି ଗଲେ; କିନ୍ତୁ ରାମ ତାଙ୍କୁ ସାହସ ଦେଇ କହିଲେ, "କିଛି ଭୟ କର ନାହିଁ । ତୁମେ ଖଣ୍ଡାରେ ତା' ଡାହାଣ ହାତ କାଟିଦିଅ; ମୁଁ ବାଁ ହାତ କାଟିଦେଉଛି ।" ଦୁହେଁ ଦୁଇ ହାତ ଟଣ୍‌ଟାଣ୍ କାଟି ଦେଲେ ।

ତହୁଁ ସେ ବେଦନାରେ ଛଟପଟ ହୋଇ ପଚାରିଲା, "ତୁମେମାନେ କିଏ ?" ଲକ୍ଷ୍ମଣ ନିଜ ନିଜର ପରିଚୟ ଦେଇ, ରାକ୍ଷସକୁ ପଚାରିଲେ, "ତୁମେ କିଏ ? କବନ୍ଧ (ଯାହାର ମୁଣ୍ଡ ନଥାଏ) ହେଲ କିପରି ?"

ରାମ ଲକ୍ଷ୍ମଣ ବୋଲି ଜାଣି, କବନ୍ଧ କହିଲା, "ମୋର ଆଜି ବଡ଼ ଭାଗ୍ୟ ଯେ, ତୁମମାନଙ୍କୁ ଦେଖିଲି ଓ ତୁମେମାନେ ମୋ ହାତ କାଟିଲ । ମୋର ନାମ ଦନୁ, ମୁଁ ଗୋଟିଏ ଗନ୍ଧର୍ବ । ମୁଁ ବଡ଼ ସୁନ୍ଦର ଥିଲି । ବହୁଦିନ ବଞ୍ଚିବା ପାଇଁ ବ୍ରହ୍ମାଙ୍କଠାରୁ ବର ପାଇଛି । ଦିନେ ମୁଁ ରାକ୍ଷସ ବେଶରେ ଜଳଶିରା ମୁନିଙ୍କ ଡରାଇବାକୁ ଗଲି । ମୁନି ଅଭିଶାପ ଦେଇ ମତେ ରାକ୍ଷସ କରିଦେଲେ । ମୁଁ ବହୁତ ବିନତି କରିବାରୁ ଶେଷକୁ କହିଲେ, 'ରାମ ଯେତେବେଳେ ଆସି, ତୋ ହାତ କାଟି ତୋତେ ପୋଡ଼ିବେ, ସେତେବେଳେ ତୁ ପୁଣି ପୂର୍ବପରି ସୁନ୍ଦର ଗନ୍ଧର୍ବ ହବୁ ।'

ରାକ୍ଷସ ହୋଇ ବୁଲୁଥାଏ । ଦିନେ ଇନ୍ଦ୍ରଙ୍କ ସଙ୍ଗେ ଯୁଦ୍ଧକଲି । ଇନ୍ଦ୍ର ବଜ୍ର ମାରିବାରୁ ମୋ ହାତ ମୁଣ୍ଡ ସବୁ ଏକାବେଳକେ ପେଟ ଭିତରେ ପଶି ଗଲା; କିନ୍ତୁ ମୁଁ ମଲି ନାହିଁ । ସେଠାରୁ ଇନ୍ଦ୍ରଙ୍କୁ ମିନତି କରି କହିଲି, 'ବ୍ରହ୍ମାଙ୍କର ବର ଅଛି; ମୁଁ ତ ଅନେକ ଦିନ ବଞ୍ଚିବି । ହାତ ମୁହଁ ନାହିଁ ଖାଇବି କିପରି ?' ଇନ୍ଦ୍ର ଦୟା କରି ମତେ ଏହି ଲମ୍ବା ହାତ ଦିଓଟି ଦେଲେ । ସେଥିରେହିଁ ମୁଁ ଏତେକାଳ ଜୀବଜନ୍ତୁଙ୍କୁ ଧରି ଖାଉଛି । ରାମ, ତୁମେ ମତେ ପୋଡ଼ି ଦିଅ । ମୁଁ ଉଦ୍ଧାର ପାଏଁ ।"

ରାମ ଲକ୍ଷ୍ମଣ ପ୍ରକାଣ୍ଡ ଚିତା ( ବଡ଼ ନିଆଁ ) ଜାଳି କବନ୍ଧକୁ ସେଥିରେ ପକାଇ ଦେଲେ । କବନ୍ଧ ନିଆଁ ଭିତରୁ ଗୋଟିଏ ସୁନ୍ଦର ପୁରୁଷ ହୋଇ ବାହାରିଲା । ସଙ୍ଗେ ସଙ୍ଗେ ଆକାଶରୁ ହଂସମାନେ ଗୋଟିଏ ରଥ ବହିଆଣି ପହଞ୍ଚିଲେ । ସେହି ରଥରେ ଚଢ଼ି କବନ୍ଧ ରାମଙ୍କୁ କହିଲେ, "ସୁଗ୍ରୀବ ବୋଲି ଗୋଟିଏ ବାନର ( ମାଙ୍କଡ଼ ) ଅଛି । ତା' ବଡ଼ ଭାଇ ବାଳୀ ତାକୁ ରାଜ୍ୟରୁ ତଡ଼ି ଦେବାରୁ ସେ ଏବେ ଆଉ ଚାରୋଟି ବାନର ସଙ୍ଗେ ନେଇ ପମ୍ପା ପୋଖରୀ ପାଖେ ଋଷ୍ୟମୂକ ପର୍ବତରେ ବଡ଼ ଭୟରେ ଅଛି । ସୁଗ୍ରୀବ ଯେପରି ବୀର, ସେହିପରି ବୁଦ୍ଧିମାନ୍ । ତମେ ତା ପାଖକୁ ଯାଅ । ସେ ତୁମକୁ ସାହା ହବ । ସୀତାଙ୍କୁ ଖୋଜି ଦେଇ ପାରିବ । ସୀତାଙ୍କୁ ପାଇବାର ଉପାୟ ମଧ୍ୟ କରିଦବ ।

ରାମ ଲକ୍ଷ୍ମଣ ଖୋଜି ଖୋଜି ଯାଇ ପମ୍ପା କୂଳରେ ପହଞ୍ଚିଲେ । ସେହି ପମ୍ପା କୂଳରେ ଶବରୀ ବୋଲି ଜଣେ ବୁଢ଼ୀ ତପସ୍ୱିନୀ ଥିଲେ । ସେ କେବଳ ରାମଙ୍କୁ ଦେଖିବାପାଇଁ ଜୀବନଯାକ ରହି ରହି ବୁଢ଼ୀ ହେଲେଣି । ସେ ତପସ୍ୟା ବଳରେ ଜାଣିଥିଲେ ଯେ, ରାମ ଦିନେ ପମ୍ପା ସର ପାଖକୁ ଆସିବେ । ସେ ଏବେ ରାମଙ୍କୁ ଦେଖି କହିଲେ, "ରାମ, ତମକୁ ଦେଖିଲି; ଏବେ ନିଶ୍ଚେ ସ୍ୱର୍ଗକୁ ଯିବି । ତୁମ ପାଇଁ ଏହି ଫଳମୂଳ ସବୁ ଆଣି ରଖିଚି । ତୁମେ ଦୟାକରି ନିଅ ।" ଏହାପରେ ରାମଙ୍କୁ ବହୁତ ଆଦର କରି, ତାଙ୍କ ଆଗରେ ଆପଣା ଦେହଟି ନିଆଁରେ ପୋଡ଼ିଦେଲେ । ତା'ପରେ ସେହି ନିଆଁ ଭିତରୁ ସୁନ୍ଦର ରୂପ ଧରି ବାହାରି ସ୍ୱର୍ଗକୁ ଗଲେ ।

# କିଷ୍କିଂଧ୍ୟା କାଂଡ

## ସୁଗ୍ରୀବଂକ ସଂଗେ ଦେଖା

ପଂପାସର ପାର ହୋଇ ରାମ, ଲକ୍ଷ୍ମଣ ଋଷ୍ୟମୂକ ପର୍ବତରେ ପହଂଚିଲେ । ସୁଗ୍ରୀବ କେତେଗୁଡିଏ ମାଂକଡ଼ ସଂଗେ ବୁଲୁଥିଲା । ଦୂରରୁ ରାମ, ଲକ୍ଷ୍ମଣଂକୁ ଦେଖି ଡରିଲା । ସୁଗ୍ରୀବ ବଡ଼ଭାଇ ବାଲୀ । ସେ ସୁଗ୍ରୀବକୁ ମାରି ରାଜ୍ୟରୁ ତଡ଼ି ଦେଇଥିଲା । ସୁଗ୍ରୀବ ରାମ ଲକ୍ଷ୍ମଣଂକୁ ଦେଖି, ଆଗ ବାଲୀର ଲୋକ ବୋଲି ଭାବିଲା ।

ହନୁମାନ ବୋଲି ସୁଗ୍ରୀବ ସଂଗେ ଜଣେ ବାନର ଥିଲା । ସେ ଭିକାରି ବେଶରେ ରାମ ଲକ୍ଷ୍ମଣଂକ ପାଖକୁ ଆଗ ଆସି, କଥାବାର୍ତ୍ତା କଲା । ସେ କହିଲା, "ଆପଣ-ମାନେ କିଏ ? କାହିଁକି ଏଠାକୁ ଆସିଚଂତି । ବାନର-ରାଜ ସୁଗ୍ରୀବ ଏଠାରେ ଥାଂତି । ସୁଗ୍ରୀବ ବଡ଼ ବୀର, ଆଉ ଧାର୍ମିକ । ତାଂକ ବଡ଼ ଭାଇ ବାଳୀ ତାଂକୁ ମାରି ରାଜ୍ୟରୁ ତଡ଼ି ଦେଇଚଂତି । ସେ ଆପଣମାନଂକ ସଂଗେ ମିତ ହେବାକୁ ଚାହାଂତି । ମୁଁ ସେହି ସୁଗ୍ରୀବଂକ ମଂତ୍ରୀ । ମୋର ନାମ ହନୁମାନ୍, ମୁଁ ପବନ ପୁଅ ।"

ତହୁଁ ରାମ ଲକ୍ଷ୍ମଣଂକୁ କହିବାରୁ, ଲକ୍ଷ୍ମଣ କହିଲେ, "ଆମେମାନେ ଅଯୋଧ୍ୟା ରାଜା, ଦଶରଥଂକ ପୁଅ ରାମ, ଲକ୍ଷ୍ମଣ । ଆମେମାନେ ବି ସୁଗ୍ରୀବଂକୁ ଖୋଜୁଚୁ ।" ତା ପରେ ଯେପରି ସେମାନେ ବଣକୁ ଆସିଥିଲେ, ଯେପରି ସୀତାଂକୁ ଖୋଜୁଥିଲେ, ସବୁକଥା କହିଲେ । ପୁଣି ସୁଗ୍ରୀବଂକ ସଂଗେ ମିତ ହେଲେ, ସୀତାଂକୁ ରାବଣଠାରୁ ଫେରାଇ ଆଣିବାର ଚେଷ୍ଟା କରିବାର ମଧ୍ୟ କହିଲେ ।

ହନୁମାନ୍ ଭାରି ଖୁସି ହୋଇ ଲକ୍ଷ୍ମଣଂକୁ ପିଠିରେ ବସାଇ ସୁଗ୍ରୀବଂକ ପାଖକୁ ନେଲା । ସେ କଥା ଶୁଣି, ସୁଗ୍ରୀବ ମନ ମଧ୍ୟ ଭାରି ଆନଂଦ ହେଲା । ଅଗ୍ନି ସାକ୍ଷୀ କରି, ରାମ ସୁଗ୍ରୀବ ଦୁହେଁ ମିତ ହେଲେ । ରାମ କହିଲେ ସେ ବାଳୀକି ମାରି ସୁଗ୍ରୀବକୁ ରାଜା କରି ଦେବେ । ସୁଗ୍ରୀବ କହିଲା, ସେ ସୀତାଂକୁ ଖୋଜି ବାହାର କରିବ । ଏହା କହି, ସୁଗ୍ରୀବ ସୀତାଂକର ଯେଉଁ ଲୁଗା ଓ ଅଳଂକାର ସାଇତି ରଖିଥିଲା, ତା' ସବୁ ଆଣି ରାମଂକୁ ଦେଖାଇଲା । ରାମ ଦେଖିଲାକ୍ଷଣି ଛନ୍ଦିପାରି ଆତୁରି ବିକଳ ହେଲେ । ସୁଗ୍ରୀବ ତାଂକୁ ବୋଧ ଦେଲା ।

---

## ବାଲୀ ସୁଗ୍ରୀବର କାହିଁକି କଳି ହେଲା

ଦୁଂଦୁଭି ଦାନବର ମାୟାବୀ ବୋଲି ପୁଅ ଥିଲା । ବାଳୀର ତା ସଂଗେ ଥରେ ଯୁଦ୍ଧ ହୋଇଥିଲା । ଯୁଦ୍ଧରେ ମାୟାବୀ ପଳାଇବାରୁ, ବାଳୀ ପଛରେ ଗୋଡ଼ାଇଲା । ମାୟାବୀ ପର୍ବତ ଭିତରେ ଠାଏ ଗୋଟାଏ ଗାତରେ ପଶିଗଲା । ବାଳୀ, ସୁଗ୍ରୀବକୁ ଗାତ ଦୁଆରେ ଜଗାଇ ଦେଇ, ରାକ୍ଷସ ପଛେ ପଛେ ସେଇ ଗାତରେ ପଶିଲା । ସୁଗ୍ରୀବ ଗାତ ଦୁଆରେ ବର୍ଷେକାଳ ରହିଁ ରହିଲା । କେହି ବାହାରିଲେ ନାଇ । ଗାତ ଭିତରୁ ଗରମ ରକ୍ତ ବାହାରିଲା । ଭିତରେ ଅସୁରମାନଂକର ଭାରି ଗର୍ଜନ ଶୁଣାଗଲା । ସୁଗ୍ରୀବ ଭାବିଲା, ବୋଧହୁଏ ବାଳୀ ମରି ଯାଇଚି । ସେଠାରୁ ସୁଗ୍ରୀବ ରାଜ୍ୟକୁ ଆସିବାରୁ, ରାଜ୍ୟ ଲୋକେ ତାକୁ ରାଜା କରିଦେଲେ । ସୁଗ୍ରୀବ ରାକ୍ଷସ ଭୟରେ ଗାତ ମୁହଁରେ ଗୋଟିଏ ବଡ଼ ପଥର ଯୋଡ଼ାଇ ଦେଇ ମଧ୍ୟ ଆସିଥିଲା ।

ବାଳୀ ଫେରି ଆସି ବହୁତ କଷ୍ଟରେ ପଥର କାଢ଼ି ବାହାରିଲା । ରାଜ୍ୟକୁ ଆସି ଦେଖିଲା, ସୁଗ୍ରୀବ ରାଜା ହୋଇଚି । ସେଠାରୁ ସେ ସୁଗ୍ରୀବକୁ ବହୁତ

ଦୁଃଖ ଦେଇ ରାଜ୍ୟରୁ ତଡ଼ିଦେଲା । ଆଉ କିଛି ଶୁଣିଲା ନାଇ ।

---

## ସୁଗ୍ରୀବ ଋଷ୍ୟମୂକକୁ ଗଲା

ପୂର୍ବେ ଦୁଂଦୁଭି ବୋଲି ମଇଁଷିପରି ଗୋଟାଏ ଅସୁର ଥିଲା । ସେ ଭାରି ବଳୁଆ । ସମୁଦ୍ରକୁ ଆସି ଯୁଦ୍ଧ କରିବାକୁ ଡାକିଲା । ସମୁଦ୍ର ଡରିଯାଇ କହିଲା, "ଯା, ହିମାଳୟ ସଂଗେ ଯୁଦ୍ଧ କରିବୁ ।" ଦୁଂଦୁଭି ଆସି ହିମାଳୟକୁ ଡାକିବାରୁ ହିମାଳୟ ବି ଡରିଯାଇ କହିଲା, "ତୁ ଯା; କିଷ୍କିଂଧ୍ୟାରେ ବାଲୀ ବୋଲି ବାନରଂକର ରଜା ଅଛି; ତା ସଂଗେ ଯୁଦ୍ଧ କରିବୁ !"

ଦୁଂଦୁଭି କିଷ୍କିଂଧ୍ୟାକୁ ଆସି ବାଲୀ ଦୁଆର ପାଖେ ଗର୍ଜନ କରିବାରୁ, ବାଲୀ ଘରୁ ବାହାରି ତା' ସଂଗେ ଯୁଦ୍ଧ କଲା । ବାଲୀ ସଂଗେ ସଂଗେ ତା' ଶିଂଗ ଦିଓଟା ଭାଂଗି ଦେଇ ଲାଂଗୁଡ଼ ଧରି, ତାକୁ କଚାଡ଼ି କଚାଡ଼ି ମାରି ପକାଇଲା ।

କଚାଡ଼ିଲାବେଳେ ଦୁଂଦୁଭି ଦେହରୁ ରକ୍ତଛିଟା ସବୁ ଚାରିଆଡ଼େ ପଡ଼ିଲା । ଋଷ୍ୟମୂକ ପର୍ବତରେ ମତଂଗ ବୋଲି ଋଷି ତପସ୍ୟା କରୁଥିଲେ । ତାଂକ ଆଶ୍ରମରେ ଆସି ରକ୍ତ ପଡ଼ିବାରୁ, ସେ ବିରକ୍ତ ହୋଇ ବାଲୀକୁ ଶାପ ଦେଲେ, "ବାଲୀ, ତୁ ଋଷ୍ୟମୂକ ପର୍ବତକୁ ଆସିଲେ, ମୁଂଡ ଫାଟି ମରିବୁ ।"

ସେଥିପାଇଁ ବାଲୀ ଋଷ୍ୟମୂକ ପର୍ବତକୁ ଯାଏ ନାଇ । ସୁଗ୍ରୀବ ଏହା ଜାଣି ପାଞ୍ଚ ମଂତ୍ରୀ ଘେନି, ସେହି ଋଷ୍ୟମୂକ ପର୍ବତରେ ଯାଇ ଥାଏ ।

---

## ରାମ ବାଲୀକୁ ମାରି ସୁଗ୍ରୀବକୁ ରଜା କଲେ

ରାମ ବାଲୀକୁ ମାରିବେ ବୋଲି କହିଲେ; କିଂତୁ ବାଲୀ ତ ଏଡ଼େ ବଳୁଆ ! ରାମଚଂଦ୍ର ତାକୁ ମାରି ପାରିବେ ବୋଲି ସୁଗ୍ରୀବର ବିଶ୍ୱାସ ହବ କିପରି ? ସୁଗ୍ରୀବ କହିଲା, "ଏହି ଦୁଂଦୁଭିର ହାଡ଼ଗୁଡ଼ାକ ଏବେ ଋଷ୍ୟମୂକ ପର୍ବତରେ ପଡ଼ିଛି । ବାଲୀ ତାକୁ ଚାରିକୋଶ ଦୂରକୁ ଫିଂଗି ଦେଇଥିଲା । ଆପଣ ଏହାକୁ ଫିଂଗଂତୁ, ଦେଖି !" ରାମ ଏହା ଶୁଣି, ହସିଲେ ଓ ହାଡ଼ଗୁଡ଼ାକ ଗୋଡ଼ ବୁଢ଼ା ଆଂଗୁଠିରେ ଠେଲି ଦେବାରୁ ସେଗୁଡ଼ିକ ଚାଳିଶ କୋଶ ଦୂରେ ଯାଇ ପଡ଼ିଲା । ସୁଗ୍ରୀବ କହିଲା, "ଏ ହାଡ଼ଗୁଡ଼ାକ ଶୁଖି ଯାଇଥିଲା । ଅଚ୍ଛା, ବାଲୀ ଏହି ସାତଟା ତାଳଗଛ ଏପାଖ ସେ ପାଖ ଫୋଡ଼ି ଦିଏ । ଆପଣ ଏଥିରୁ ଗୋଟାଏ ଫୁଟାଇ ଦିଅଂତୁ ଭଲା ।"

ରାମ ଧନୁରେ ଶର ଓଟାରି ଛାଡ଼ି ଦେଲେ । ସେ ଶର ତାଳ ଗଛ ଫୁଟାଇ ତଳ ଯାଇ ଫୁଟି ପୁଣି ରାମଂକ ପାଖକୁ ଫେରି ଆସିଲା ।

ସୁଗ୍ରୀବର ଏବେ ବିଶ୍ୱାସ ହେଲା, ରାମ ବାଲୀକୁ ମାରିପାରିବେ । ସେହି କଥା ଠିକ୍ କରି, ଏବେ ସମସ୍ତେ ମାଂକଡ଼ମାନଂକ ଦେଶ କିଷ୍କିଂଧ୍ୟାର ରାଜଧାନୀ ପାଖେ ଯାଇ ରହିଲେ ।

ସୁଗ୍ରୀବ ନଅରି ପାଖକୁ ଯାଇ, ଗର୍ଜି କରି ବାଲୀକୁ ଯୁଦ୍ଧ କରିବାକୁ ଡାକିଲେ । ବାଲୀ ଆସି ସୁଗ୍ରୀବକୁ କହିଲା, "କାହିଁକି ମରିବାକୁ ଆସିଲୁ ; ଭଲ ବୁଦ୍ଧି ଅଛି ତ, ଚାଲି ଯା ।"

ସୁଗ୍ରୀବ ପୁଣି ଗର୍ଜନ କଲେ । ଦୁହେଁ ଏବେ ଗଛ ଓପାଡ଼ ଲଢ଼ାଇ କଲେ । ଧରାଧରି ହୋଇ ଘାରି ମରାମରି ପିଟାପିଟି ହେଲେ । ସୁଗ୍ରୀବ ମଲାପରି ହୋଇ ପଡ଼ିଲେ । ବାଲୀ ତାକୁ ଛାଡ଼ି ଚାଲିଗଲେ ।

ରାମ ଏଣେ ବାଳୀକୁ ମାରିବେ ବୋଲି ଗଛ ଆଢୁଆଳରେ ଲୁଚି ଥିଲେ; କିନ୍ତୁ ଯୁଦ୍ଧବେଳେ କିଏ ବାଳୀ, କିଏ ସୁଗ୍ରୀବ କିଛି ଚିହ୍ନି ପାରିଲେ ନାହିଁ । ଦୁଇ ଭାଇ ଦେଖିବାକୁ ସମାନ । ସେଥିପାଇଁ ମାରି ପାରିଲେ ନାହିଁ ।

ସୁଗ୍ରୀବ ବ୍ୟସ୍ତହୋଇ ଯୁଦ୍ଧରୁ ଫେରି ଆସି ରାମଙ୍କ ଉପରେ ବିରକ୍ତ ହେଲା । ରାମ ତାକୁ ପୁଣି ବୁଝାଇ ଛାଡ଼ି ଦେଲେ । ଏଥର ରାମଙ୍କର କଥାରେ ଲକ୍ଷ୍ମଣ ସୁଗ୍ରୀବ ବେକରେ ଗୋଟାଏ ଚିହ୍ନ ରଖିବାକୁ ଫୁଲମାଳ ପକାଇ ଦେଲେ । ସୁଗ୍ରୀବ ପୁଣି ନଅର ପାଖକୁ ଯାଇ ଗର୍ଜି କରି ବାଳୀକୁ ଯୁଦ୍ଧ କରିବାକୁ ଡାକିଲା ।

ବାଳୀ ରଡ଼ି ଶୁଣି ପୁଣି ଯୁଦ୍ଧ କରିବାକୁ ବାହାରିଲା । ବାଳୀର ଭାର୍ଯ୍ୟା ତାରା ଆସି ଏଥର ତାକୁ ମନା କଲା, କହିଲା, "ସୁଗ୍ରୀବ ହାରିକରି ପଳାଇଲା; ଏବେ ପୁଣି ଆସି ଲଢ଼ିବାକୁ ଡାକୁଛି । ତା ବେକରେ ଫୁଲମାଳ ପଡ଼ିଛି । ତାର ନିଶ୍ଚେ କେହି ସାହାପକ୍ଷ ଅଛି । ରାମ ଏବେ ଏ ବଣକୁ ଆସିଛନ୍ତି । ତାଙ୍କ ସଙ୍ଗେ ଲକ୍ଷ୍ମଣ ବୋଲି ତାଙ୍କ ଭାଇ ଅଛନ୍ତି ବୋଲି ଶୁଣିଛି । ସେ ଦୁହେଁ ସୁଗ୍ରୀବ ସଙ୍ଗେ ବନ୍ଧୁର କରି ଆସିଥିବେ । ମତେ କିମିତି ଲାଗୁଛି । ତୁମେ କେବେ ଲଢ଼ିବାକୁ ଯାଅ ନାହିଁ ।

ବାଳୀ କହିଲା, "ମାଇପି ଲୋକ ତୁ ତାରା, ବୁଝିପାରୁନାହିଁ । ସୁଗ୍ରୀବ ମୋର ସାନ ଭାଇ । ସେ ମୋତେ ଲଢ଼ିବାକୁ ଡାକୁଛି । ମୁଁ ନ ଗଲେ, ମୋତେ ବୋଲିବ ଡରକୋଳା । ତୁ କିଛି ଡର୍ନା । ମୁଁ ଏହିକ୍ଷଣି ତାକୁ ଅଣ୍ଡା କରି ଦଉଛି ।"

ତା' ପରେ ବାନର-ରାଜ ବାଳୀ ବାହାରକୁ ଆସି କହିଲା, "ସୁଗ୍ରୀବ, କେତେଥର ତୁ ଲଢ଼ିବାକୁ ଆସିବୁ । ମୁଁ ତତେ ଛାଡ଼ି ଦେଇଛି । ଭାଇ ବୋଲି ପ୍ରାଣରେ ମାରି ନାହିଁ । ଏବେ କ'ଣ ସତେ ମୋର ହାତେ ମରିବାକୁ ଆସିଲୁ ?" ସୁଗ୍ରୀବ କହିଲା, "ତୁ ମୋର ରାଜ୍ୟ ନେଇଛୁ, ମୋ ଭାର୍ଯ୍ୟାକୁ ନେଇ ରାଣୀ କରିଛୁ । ମୋର କଣ ମରିବାଟା ଆଉ ଅଧିକ କଥା !"

ବାଳୀ ସୁଗ୍ରୀବ ଦୁହେଁ ଲଢ଼ିଲେ । ଆଉ ଗଛ ଉପାଡ଼ି, ସେଥିରେ ପିଟାପିଟି ହେଲେ । ତା ଉପରୁ ଧରାଧରି ହୋଇ ମୁଠ ମରାମରି ହେଲେ । ଦୁହେଁ ତଳେ ପଡ଼ି ଗଡ଼ୁଥାନ୍ତି । ସୁଗ୍ରୀବ ଟିକିଏ କାବୁ ହୋଇ ଆସିଲାଣି । ଏତିକିବେଳେ ରାମ ଗଛ ଆଢୁଆଳରୁ ବାଳୀକୁ ଶରଟିଏ ବିନ୍ଧି ଦେଲେ । ବାଳୀ ସୁଗ୍ରୀବକୁ ଛାଡ଼ିଦେଇ ପଡ଼ିଗଲା । ସେ ଏବେ ରାମଙ୍କୁ କହିଲା, "ବୀର ତୁମେ ରାମ, ଲୁଚିକରି ମାରିଲ କାହିଁକି ? ତୁମେ ତ ସୀତାଙ୍କୁ ଖୋଜୁଥିଲ, ମତେ କହିଲ ନାହିଁ ?"

ରାମଙ୍କୁ ଟିକିଏ ଲାଜ ମାଡ଼ିଲା । ସେ ପାଖକୁ ଯାଇ କହିଲେ; "ତୁମେ ସାନ ଭାଇକୁ ତଡ଼ି ଦେଇ ତା ଭାର୍ଯ୍ୟାକୁ ନେଇ ମହାପାପ କରିଥିଲ, ବାନରରାଜ ! ତୁମକୁ ମୁଁ କପରି ସାହାଯ୍ୟ ମାଗନ୍ତି ?"

ଯାହା ହଉ, ମଲାବେଳକୁ, ବାଳୀର ସୁବୁଦ୍ଧି ଆସିଲା । ସେ ନିଜ ପୁଅ ଅଙ୍ଗଦକୁ ଆଣି ସୁଗ୍ରୀବକୁ ଧରାଇ ଦେଲା । ତାକୁ ଇନ୍ଦ୍ର ଗୋଟିଏ ଆଶ୍ଚର୍ଯ୍ୟ ସୁନାହାର ଦେଇଥିଲେ । ସେ ତାକୁ କାଢ଼ି ସୁଗ୍ରୀବ ବେକରେ ଲମ୍ବାଇ ଦେଲା ।

ଦେଖୁଁ ଦେଖୁଁ ବାଳୀର ପ୍ରାଣ ଛାଡ଼ିଗଲା । ତାରା ଆସି କାନ୍ଦି ଗଡ଼ିଲା; ରାମଙ୍କୁ କେତେ ଧିକ୍କାର କଲା । ରାମ ମଧ୍ୟ କାନ୍ଦି ପକାଇଲେ; ଆଉ କିଛି କହିଲେ ନାହିଁ । ସେ ସୁଗ୍ରୀବକୁ କିଷ୍କିନ୍ଧ୍ୟାର ରାଜାକଲେ । ସୁଗ୍ରୀବ ଆପଣାର ଭାର୍ଯ୍ୟା ରୁମାକୁ ଖୋଜି ଆଣି ରାଣୀ କଲା । ତାରାକୁ ମଧ୍ୟ ବଳରହୋଇ, ଆଉ ଗୋଟିଏ ରାଣୀ କଲା ।

ତାହାର ପୁଅ ଅଂଗଦକୁ ଆଣି ଯୁବରାଜ କଲା । ସମସ୍ତେ ମିଳିମିଶିଗଲେ ।

ବର୍ଷାକାଳ ହୋଇ ଆସୁଥିଲା । ରାମ ଲକ୍ଷ୍ମଣ ଦୁହେଁ ବର୍ଷାକାଳ କଟାଇବା ପାଇଁ ମାଲ୍ୟବଂତ ପର୍ବତରେ ଯାଇ କୁଡ଼ିଆ କରି ରହିଲେ । ବର୍ଷା ଗୁଡ଼ିଗଲା । ଏ ମଧ୍ୟରେ ରାଜା ହୋଇ ସୁଗ୍ରୀବ ରାମଂକ କଥା ବରାବର ଭୁଲି ଯାଇଥିଲେ । ରାମ ବଡ଼ ବିରକ୍ତ ହେଲେ ଓ ଲକ୍ଷ୍ମଣଙ୍କୁ ସୁଗ୍ରୀବ ପାଖକୁ ପଠାଇଲେ । ଲକ୍ଷ୍ମଣ ଆସି ବହୁତ ଗାଳିଦେଇ ସେ କଥା ସୁଗ୍ରୀବର ମନେ ପକାଇଲେ; ମାତ୍ର ମନେ ପଡ଼ିଲାକ୍ଷଣି, ସୁଗ୍ରୀବକୁ ବଡ଼ ଲାଜ ମାଡ଼ିଲା । ସେ ସେତିକ୍ଷଣି ସୀତାଂକୁ ଖୋଜିବା ପାଇଁ ଆପଣା ଲୋକଂକୁ ଡକାଇ ପଠାଇଲା; ପୁଣି ଆପେ ରାମଂକ କାମରେ ଲାଗି ରହିଲା ।

## ବାନରମାନେ ସୀତାଂକୁ ଖୋଜିବାକୁ ଗଲେ

ସୁଗ୍ରୀବ, ସବୁ ବାନରଂକ ରାଜା । ସେ ଏବେ ସବୁ ବାନରଂକୁ ଖବର ଦେବାପାଇଁ ହନୁମାନଂକୁ କହିଲେ । ଦଶ ଦିନ ଭିତରେ ସବୁଆଡ଼ୁ କୋଟି କୋଟି ବାନର ଆସି ଜମା ହେଇଗଲେ । ମହେଂଦ୍ର ପର୍ବତ, ହିମାଚଳ, ବିଂଧ୍ୟାଚଳ, କୈଳାସ, ମଳୟ ପର୍ବତ ସମୁଦ୍ର ଆରପାଖ ଉଦୟା ଓ ଅସ୍ତାଚଳ, ଅଂଜନ ପର୍ବତ, ପଦ୍ମାଚଳ, ସୁମେରୁ, ମହାରୁଣ ପର୍ବତ ପ୍ରଭୃତି ସବୁଠାରୁ ବାନରମାନେ ଖବର ପାଇଲାକ୍ଷଣି ଆସି ପହଂଚିଲେ । କିଏ ଦେଖିବାକୁ ବଡ଼ ଭୟଂକର, କିଏ କଳା କଳା ହାତୀ ପରି, କିଏ ସିଂହପରି; କିଏ ବଣରେ ଫଳ ମୂଳ ଖାଏ, କିଏ ସମୁଦ୍ର କୂଳେ ନଡ଼ିଆ ଖାଏ, କିଏ ହନୁ, କିଏ ପାତି, କିଏ ନେଳ, କିଏ ଟଂଗ, ଏହିପରି ପୃଥିବୀର ଯେତେ ମାଂକଡ଼ ଥିଲେ, ଆସି ହାଜର ହେଲେ ।

ସୁଗ୍ରୀବ ସେମାନଂକୁ ବାଂଟିକରି ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ସବୁ ଆଡ଼କୁ ପଠାଇ ଦେଲେ । କହିଲେ, "ସୀତାଂକୁ ଠାବ କରି ମାସକେ ଫେରି ନ ଆସିଲେ, ମୁଂଡ କାଟ ହେବ ।"

ସବୁ ବାନରଂକ ଭିତରେ ହନୁମାନ ବଡ଼ ବୁଦ୍ଧିଆ ଓ ବଳୁଆ । ସେ ଜଳ ସ୍ଥଳ ପବନ ଆକାଶ ସବୁଆଡ଼େ ଯାଇପାରେ । ସେ ପୁଣି ଦକ୍ଷିଣକୁ ଯାଉଥିଲା । ସୁଗ୍ରୀବ ତାକୁ ବହୁତ କରି କହିଲେ । ସେ ଗଲାବେଳେ ରାମ, ସୀତାଂକୁ ପାଇଲେ ଦେବାପାଇଁ ହାତରୁ ମୁଦିଟି କାଢ଼ି ତାକୁ ଦେଲେ ।

ମାଂକଡ଼ମାନେ ଉଡ଼ିକରି ଚାରି ଆଡ଼କୁ ଚାଲିଲେ । କିଏ କହିଲା, "ରାବଣକୁ ମାରି ସେ ସୀତାଂକୁ ନେଇ ଆସିବ । କିଏ କହିଲା, "ମୁଁ ଯୋଜନେ ଡେଇଁ ପାରିବି ।" କିଏ କହିଲା "ମୁଁ ଦଶ ଯୋଜନ ଡେଇଁବି ।" କିଏ ବା କହିଲା, "ମୁଁ ଦଶ ହଜାର ଯୋଜନ ଡେଇଁବି ।"

ସମସ୍ତେ କେତେ ବଣ, ଦେଶ, ପାହାଡ଼ ଖୋଜିଲେ ତା' କିଏ ଗଣିବ ? ସେମାନେ କେତେ ଦେଶରେ କେତେ ଆଶ୍ଚର୍ଯ୍ୟ ଜଂତୁ ସବୁ ଦେଖିଲେ । ସମୁଦ୍ର ଭିତରେ ଦ୍ୱୀପମାନଂକରେ ଦେଖିଲେ, କଳା କଳା ଜଂତୁ; ତାଂକ କାନଗୁଡ଼ିକ ଓଠଯାଏ ଓହଳି ପଡ଼ିଛି; ତାଂକର ଗୋଡ଼ ନ ଥିଲେହେଁ ସେମାନେ ପବନ ପରି ଯାଉଛଂତି । କେଉଁଠାରେ ପାଉଁଶିଆ ବର୍ଣ୍ଣର କିରାତମାନେ କଂଚା ମାଛ ଖାଂତି । କେଉଁଠାରେ ମନୁଷ୍ୟଂକ ମୁହଁ ବାଘ ମୁହଁପରି—ଏ ସବୁଠାରେ ସେମାନେ ସୀତାଂକୁ ଖୋଜିଲେ ।

ଜଂବୁଦ୍ୱୀପ, ସ୍ୱର୍ଣ୍ଣଦ୍ୱୀପ, ରୌପ୍ୟଦ୍ୱୀପରେ ସେମାନେ ସୀତାଂକୁ ଖୋଜିଥିଲେ । ଇକ୍ଷୁ ସମୁଦ୍ର ପାଖେ

ରାକ୍ଷସମାନେ ଜଂତୁର ଗୁଳ ଧରି ଟାଣି ଖାଆଂନ୍ତି । ଲାଲ ସମୁଦ୍ର ପାଖେ ରାକ୍ଷସମାନେ ବାଜୁରାପରି ପର୍ବତରେ ଝୁଲୁଥାଂନ୍ତି । ଖରାହେଲେ ତଳେ ସମୁଦ୍ରକୁ ପଡ଼ିଯାଇ, ଥଂଡ଼ା ହେଲେ ପୁଣି ଉଠି ବୁଲଂନ୍ତି । ଜଳୋଦ ସମୁଦ୍ର ପାଖେ ଗୋଟିଏ ଘୋଡ଼ା-ମୁହଁରୁ ସବୁବେଳେ ନିଆଁ ବାହାରୁଛି । ଜଂତୁମାନେ ତା'ପାଖକୁ ପଶି ପାରୁ ନାହାଂନ୍ତି । ସେ ସବୁଠାରେ ସେମାନେ ସୀତାଂକୁ ଖୋଜିଥିଲେ । ଭୟଂକର ଷଂଢପରି ଋଷଭ ପର୍ବତ, ଚଂଦ୍ରଗିରି, ସୁମେରୁପର୍ବତ, ଉଦୟାଚଳ, ଅସ୍ତାଚଳ ସବୁ ଖୋଜିଥିଲେ । ଚଂଦ୍ରଗିରିର ସିଂହପକ୍ଷୀମାନେ ଥଂଟରେ ହାତୀ ଓ ତିମିମାଛ ଧରି ଖାଂନ୍ତି । ଉତ୍ତର କୁରୁ ଦେଶରେ ସୁନା ପଦ୍ମ ଫୁଟେ । ଏହିପରି କେତେ ଆଶ୍ଚର୍ଯ ଆଶ୍ଚର୍ଯ ଜାଗାରେ ସେମାନେ ସୀତାଂକୁ ଖୋଜି ଖୋଜି ଫେରି ଆସିଲେ ।

ହନୁମାନ, ଅଂଗଦ, ତାର, ଜାଂବବାନ ଆଉ ଅନେକ ବାନର ଦକ୍ଷିଣକୁ ଯାଇଥିଲେ । ସେହିମାନେ ଏକା ଫେରି ନାହାଂନ୍ତି । ସେମାନେ ଖୋଜି ଖୋଜି ଗୋଟାଏ ବଣ ଭିତରେ ବୁଲି ବୁଲି ଗୋଟାଏ ମରୁ-ଭୂମିରେ ପହଂଚିଲେ । ଦେଶଟାଯାକ ଗଛପତ୍ର ପୋଡ଼ି ଯାଇଛି । ନଦୀ ଶୁଖି ଯାଇଛି, ଜୀବଜଂତୁ ନାହାଂନ୍ତି । ପୂର୍ବେ କଂଡୁ ମୁନିଂକ ପୁଅ ଏଇ ଦେଶରେ ମରିଯିବାରୁ ସେ ଶାପ ଦେଇ ଦେଶଟାକୁ ଏପରି କରିଥିଲେ । ସେଠାରେ ମଧ୍ୟ ସେମାନେ ସୀତାଂକୁ ପାଇଲେ ନାଇ ।

ତା'ପରେ ଗୋଟାଏ ବଣରେ ଅଂଗଦ ଗୋଟାଏ ରାକ୍ଷସକୁ ମାଇଲେ । ସେଠାରୁ ଯାଇଁ ଗୋଟାଏ ବଡ଼ ଗାତ ଦେଖିଲେ, ସେ ଗାତରୁ ହଂସମାନେ ଉଡ଼ି ବାହାରୁଥିଲେ । ଏମାନଂକୁ ଶୋଷ କରୁଥିଲା । ଗାତରେ ପାଣି ଅଛି ବିଚାରି, ଏମାନେ ପଶିଲେ । ଆଗ ବଡ଼ ଅଂଧାର । ତା ପରେ ଅତି ଆଶ୍ଚର୍ଯ ସ୍ଥାନ । ସୁନାର ଗଛ ପତ୍ର, ସୁନାର ମାଛ, ସୁନାର ପଦ୍ମ, ସେଥିରେ ମାଣିକ୍ୟର ଭଅଁର ଉଡ଼ୁଚଂନ୍ତି । ବୁଲି ବୁଲି ସେଠାରେ ଗୋଟିଏ ତପସ୍ୱିନୀ ଦେଖିଲେ । ପଚାରିବାରୁ ସେ କହିଲା, "ମୟ ଦାନବ ଏହି ସ୍ଥାନ ତିଆରି କରିଚଂନ୍ତି । ଏଠାକୁ ଆସିଲେ କେହି ଫେରି ଯାଇ ପାରେ ନାଇ । ତୁଂଭେମାନେ କାହିଁକି ଆସିଲ ?"

ତହୁଁ ଏମାନଂକୁ ଭୋକ ହେବାର ଜାଣି ସେ ଫଳ ମୂଳ ଦେଲେ; ଆଉ ଦୟାକରି ବାହାରକୁ କାଢ଼ିଦେଲେ ।

ଗାତ ଭିତରେ ମାସକ ପୂରିଯାଇଛି । ଏମାନେ ସୀତାଂକୁ ପାଇଲେ ନାଇ । ଫେରିଲେ ତ ମୁଂଡ କାଟ ହେବ । ଏହା ଭାବି ସେମାନେ ସେଠାରେ ମଲେ ଭଲ ବୋଲି ବିଚାରି ସମୁଦ୍ରକୂଳେ ଦକ୍ଷିଣ ଆଡ଼କୁ ମୁହଁ କରି ଶୋଇ କାଂଦିଲେ ।

---

## ସଂପାତି କଥା

ଏମାନେ ଶୋଇ କାଂଦି କାଂଦି ରାମ, ଦଶରଥ, ସୀତା, ଜଟାୟୁ କଥା ବେଳେ ବେଳେ ଦୁଃଖରେ କଥାବାର୍ତ୍ତା ହଉଥାଂନ୍ତି । ସେହିଠାରେ ପର୍ବତ ଉପରେ ଜଟାୟୁର ବଡ଼ ଭାଇ ସଂପାତି ଥାଏ । ସେ ମାଙ୍କଡ଼-ମାନଂକୁ ଦେଖି ତାକୁ ବହୁତ ଖାଦ ଖାଇବାକୁ ମିଳିଲା ବୋଲି ଭାରି ଖୁସି ହଉଥାଏ; କିଂତୁ ଜଟାୟୁ କଥା ଶୁଣି; ସେ କାଂଦି କାଂଦି ଜଟାୟୁ କଥା ବାନରଂକୁ ପଚାରିଲା । ତା'ର ପକ୍ଷୀ ପୋଡ଼ି ଯାଇଥିଲା । ସେ କହିବାରୁ ବାନରମାନେ ତାକୁ ପର୍ବତ ଉପରୁ ତଳକୁ ଆଣିଲେ । ତା' ପରେ ସବୁକଥା କହିବାରୁ ସେ କହିଲା, "ମୋର ଭାଇକି ଯେ ମାରିଛି, ତାକୁ ମାରିବାକୁ ଆଉ ମୋର ବଳ ନାଇ । ପିଲାଦିନେ ଆମେ ଦୁଇ ଭାଇ ଇଂଦ୍ରଂକ ସାଂଗେ ଯୁଝି ସୂର୍ଯଂକ ପାଖେ ଫେରିଲା ବେଳେ

ଜଟାୟୁ ସୂର୍ଯ୍ୟଂକ ତେଜରେ ଅଜ୍ଞାନ ହୋଇଗଲା । ମୁଁ ତାକୁ ପକ୍ଷୀରେ ଘୋଡ଼ାଇ ଦବାରୁ ମୋ ପକ୍ଷୀ ପୋଡ଼ିଗଲା । ସେହିଦିନୁ ମୁଁ ଏଠି ପଡ଼ିଚି । ଜଟାୟୁର କଣ ହେଲା, ମୁଁ ଜାଣି ନାଇ ।

ପୁଣି ଅଂଗଦ ରାବଣ କଥା ପଚାରିବାରୁ ସଂପାତି କହିଲା, "ରାବଣ ଏ ବାଟେ ଦିନେ ଗୋଟିଏ ସ୍ତ୍ରୀଲୋକ ଧରି ଯାଉଥିଲା । ଏହି ଶହେ ଯୋଜନ ସମୁଦ୍ର ପାରି ହେଲେ, ଆରପାଖେ ଲଂକା । ତୁମେମାନେ ସମୁଦ୍ର ପାରିହୋଇ ଲଂକାକୁ ଯାଅ । ରାବଣ ସେ ସ୍ତ୍ରୀଟିକୁ ନେଲା-ବେଳେ ମୋର ପୁଅ ସୁପାର୍ଶ୍ୱ ତାକୁ ଅଟକାଇ ଥିଲା । ରାବଣ ମିନତି କରିବାରୁ ଛାଡ଼ି ଦେଲା । ମୋର ପକ୍ଷ ନାଇ । ମୁଁ ଆଉ ରାମଂକର କଣ ଉପକାର କରିବି ? ରାବଣ ଯେ ସୀତାଂକୁ ନେଇ ଯିବ ଏକଥା ନିଶାକର ମୁନି ମୋତେ କହିଥିଲେ । ଆଠ ହଜାର ବର୍ଷ ପୂର୍ବେ ଏହିଠାରେ ନିଶାକର ମୁନିଂକ ଆଶ୍ରମ ଥିଲା । ମୋର ପକ୍ଷ ପୋଡ଼ି ଗଲାବେଳେ ସେ କହିଥିଲେ, "କିଛି ଦୁଃଖ ନାଇ, ତୁ ଏହିଠାରେ ପଡ଼ି ଥା । ରାଜା ଦଶରଥଂକ ପୁଅ ରାମଂକ ଭାର୍ଯ୍ୟା ସୀତାଂକୁ ରାବଣ ଚୋରିକରି ନବ । ସୀତାଂକୁ ଖୋଜିବାକୁ ରାମଂକ ଦୂତମାନେ ଏଠାକୁ ଆସିବେ । ତାଂକୁ ସୀତାଂକ ଖବର ତୁମେ କହିଲେ ତୁମର ପକ୍ଷ କଅଁଳିବ ।" ସେହିଦିନୁ ମୁଁ ତୁମମାନଂକୁ ଚାହିଁ ଚାହିଁ ଏଠାରେ ବସିଚି ।"

ଚାହୁଁ ଚାହୁଁ ସଂପାତିର ପକ୍ଷ କଂଅଳି ଆସିଲା । ସେ ଉପରକୁ ଉଡ଼ି ଯାଇ ଲଂକାର ଖବର ସବୁ କହି କହି ଉଡ଼ି ଚାଲିଗଲା ।

ସେଠାରୁ ବିଚାର ଚଳିଲା, କିଏ ସମୁଦ୍ର ଡେଇଁ ଲଂକାକୁ ଯିବ । କିଏ କେତେ ବାହାଦୁରି କଲେ । ଶେଷକୁ ହନୁମାନ ଯିବାର ଠିକ୍ ହେଲା ।

ହନୁମାନ ସାମାନ୍ୟ ବାନର ନୁହେ । ଜନ୍ମ ହେଲା କ୍ଷଣି ସକାଳୁ ସୂର୍ଯ୍ୟଂକୁ ଗୋଟିଏ ନାଲି ଫଳ ବୋଲି ବିଚାରି, ସେ ଧରିବାକୁ ଗଲା । ସୂର୍ଯ୍ୟଂକ ତେଜରେ ତାର କିଛି ହେଲା ନାଇ; କିଂତୁ ଇଂଦ୍ର ତାକୁ ବଜ୍ର ମାଇଲେ । ସେଥିରେ ସେ ମଲା ନାଇ । ଖାଲି ଗୋଟିଏ ପର୍ବତ ଉପରେ ପଡ଼ି ତା ବାଁ ଗାଲପାଟି (ହନୁ) ଭାଂଗିଗଲା । ସେଥିପାଇଁ ତା'ର ନାମ ହେଲା ହନୁମାନ ।

ହନୁମାନ ପବନ ଦେବତାଂକ ପୁଅ । ପବନ ଦେବତା ଏହା ଦେଖି ରାଗିଗଲେ । ପୃଥିବୀରୁ ପବନ ବଂଦ ହୋଇଗଲା । କେହି ନିଃଶ୍ୱାସ ମାରି ପାରିଲେ ନାଇ । ଦେବତାମାନେ ବଡ଼ ବ୍ୟସ୍ତ ହେଲେ । ପବନଂକୁ ସଂତୁଷ୍ଟ କରିବାପାଇଁ ବ୍ରହ୍ମା କହିଥିଲେ, "ହନୁମାନ କେବେ କୌଣସି ଅସ୍ତ୍ରରେ ମରିବ ନାଇ ।" ଇଂଦ୍ର କହିଥିଲେ, "ନିଜେ ଇଚ୍ଛା ନ କଲେ ହନୁମାନ କେବେ ମରିବ ନାଇ ।"

ଏବେ ହନୁମାନ ଯିବାଲାଗି ଡେଇଁବା ପାଇଁ ଗୋଟିଏ ଜାଗା ଖୋଜି ଖୋଜି ଦେଖିଲା—ମହେଂଦ୍ର ପର୍ବତ ବଡ଼ ଉଚ, ଆଉ ମଜଭୁତ । ସେହିଠୁ ଡେଇଁଲେ ବଡ଼ ସୁବିଧା ହବ । ମାଂକଡ଼ମାନେ ସମସ୍ତେ ଦୁମ୍ ଦାମ୍ ଗଛ ଡାଳ ଭାଂଗି, ମହେଂଦ୍ର ପର୍ବତ ଉପରେ ଚଢ଼ିଲେ । ଲଂକା ଡେଇଁବ ବୋଲି ହନୁମାନ ସବୁଉପରେ ଯାଇ ବସିଲା ।

# ସୁନ୍ଦର କାଣ୍ଡ

## ହନୁମାନ ସମୁଦ୍ର ଡେଇଁଲା

ହନୁମାନ ଇଚ୍ଛାକଲେ ମାଛି ପରି ସାନ ହୋଇ-ପାରେ; ପର୍ବତ ପରି ମଧ୍ୟ ବଡ଼ ହୋଇପାରେ । ସେ ମହେନ୍ଦ୍ର ପର୍ବତକୁ ଉଠି, ଦେହକୁ ପର୍ବତ ପରି ବଡ଼ କରିଦେଲା । ମହେନ୍ଦ୍ର ପର୍ବତ ଚିପି ହୋଇଯିବାରୁ, ତା ଦେହରୁ ଝର ଝର ଝରଣା ସବୁ ବୋହି ପଡ଼ିଲା । ଜୀବ ଜନ୍ତୁ ମୁନି ଋଷିମାନେ ପର୍ବତ ଛାଡ଼ି ପଳାଇଲେ । ତା ପରେ ହନୁମାନ ମାଟିରେ ଭରା ଦେଇ, ଲାଙ୍ଗୁଡ଼ ମୋଡ଼ା କରି, ପିଠି ଉଚ କରି, ଭାରି ବେଗରେ ଉପରକୁ ଡେଇଁ ପଡ଼ିଲା । ଲାଗିଲା, ଯେପରି କି ପର୍ବତର ଗଛପତ୍ର ସୁଦ୍ଧା ତା ପଛେ ପଛେ ଆକାଶକୁ ଉଠିଗଲା ।

ହନୁମାନ ଆକାଶରେ ଗୋଟାଏ ପର୍ବତ ପରି ଉଡ଼ି ଚାଲିଛି । ଦେବତାମାନେ ହନୁମାନର ଏ କାମ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ; ହନୁମାନର ବଳ ଓ ଦମ୍ଭ ପରଖିବା ପାଇଁ ସେମାନେ ନାଗମାତା ସୁରସାଙ୍କୁ ବାଟ ଓଗାଳିବାକୁ କହିଲେ । ସୁରସା ଆସି ଗୋଟାଏ ରାକ୍ଷସୀ ହୋଇ ଆଁ କରି, ହନୁମାନ ଆଗରେ ଛିଡ଼ା ହେଲା । ହନୁମାନ ଦେହକୁ ଯେତେ ବଡ଼ କରୁଥାଏ, ରାକ୍ଷସୀର ଆଁ ସେତିକି ବଢ଼ିଯାଉଥାଏ । ହନୁମାନ ଦେହକୁ ଦଶ ଯୋଜନ, କୋଡ଼ିଏ, ତିରିଶ, ଚାଳିଶ, ଷାଠିଏ, ଅଶୀ ଯୋଜନ କଲା । ରାକ୍ଷସୀର ଆଁ ମଧ୍ୟ ସେତିକି ବଢ଼ି ଯାଉଛି । ହନୁ ଦେଖିଲା, ଆଉ ଉପାୟ ନାଇ । ଥିଲା, ଥିଲା, ହଠାତ୍ ମାଛି ପରି ସାନ ହୋଇଯାଇ, ରାକ୍ଷସୀ ପେଟ ଭିତରେ ପଶି, ଆରପଟେ ବାହାରି ଚାଲିଗଲା । ହନୁମାନ କେଉଁ ବାଟେ ଗଲା, ରାକ୍ଷସୀ ଜାଣି ପାରିଲା ନାଇ ।

ସମୁଦ୍ର ଏହା ଦେଖି ମୈନାକ ପର୍ବତକୁ ଡାକି କହିଲା, "ତୁମେ ଜଳରୁ ମୁଣ୍ଡ ଉଠାଇ ହନୁମାନଙ୍କୁ ଟିକିଏ ବସିବାକୁ ଜାଗା ଦିଅ । ହନୁମାନଙ୍କୁ ବାଧିବଣି ।" ମୈନାକ ବଡ଼ ଭଦ୍ର ପର୍ବତ । ସେ ହିମାଳୟଙ୍କ ପୁଅ । ପୂର୍ବେ ପର୍ବତମାନଙ୍କର ଉଡ଼ିବା-ପାଇଁ ଚଢ଼େଇ ପରି ପକ୍ଷ ଥିଲା । ସେମାନେ ଉଡ଼ି ଉଡ଼ି ପଡ଼ିଯାଇ, ସହର, ଗାଁ ଗଣ୍ଡା, ଗଛପତ୍ର, ସବୁ ଚୂରି, ଭାଙ୍ଗି, ନଷ୍ଟ କରି ଦେଉଥିଲେ । ତେଣୁ ଇନ୍ଦ୍ର ବଜ୍ର ମାରି ପର୍ବତମାନଙ୍କ ପକ୍ଷ କାଟିବାରେ ଲାଗି ଯିବାରୁ ମୈନାକ ଭୟରେ ସମୁଦ୍ରରେ ଯାଇ ଲୁଚି ରହିଲେ । ମୈନାକ ଏବେ ସମୁଦ୍ରରୁ ମୁଣ୍ଡ ଉଠାଇ କେତେ ଫଳମୂଳ ଧରି ହନୁମାନକୁ ଟିକିଏ ଦମ୍ଭ ମାରିବାପାଇଁ କେତେ କହିଲା । ହନୁମାନ ତା ଉପରେ ଖୁସିହୋଇ, ତାକୁ ଦି ପଦ ଭଲ କଥା କହିଦେଲେ; କିନ୍ତୁ ଦମ୍ଭମାରିବାକୁ ତାଙ୍କୁ ବେଳ କାହିଁ ? ଖାଲି କଥା ରଖି, ଟିକିଏ ଛୁଇଁ ଦେଇ, ଚାଲିଗଲେ ।

ତା' ଉତ୍ତାରୁ ସିଂହିକା ବୋଲି ଗୋଟିଏ ରାକ୍ଷସୀ ଆସି ହନୁମାନର ଛାଇ ଧରି ଓଟାରିଲା । ହନୁମାନ ଆଉ ଯାଇ ପାରିଲା ନାଇ । ହନୁମାନ ମଧ୍ୟ ଦେହକୁ ବଡ଼ କଲା । ସିଂହିକା, ଆଁ କୁ ତହିଁରୁ ବଡ଼କରି ଦେଇ ଗିଳିବାକୁ ବସିଲା । ଏବେ ହନୁମାନ ସାନ ହୋଇଯାଇ, ତା ପେଟରେ ପଶିଗଲା । ପେଟରୁ ବାହାରି ନପାରି, ପେଟ ଚିରି, ରାକ୍ଷସୀଟାକୁ ଫିଙ୍ଗିଦେଇ ପୁଣି ଚାଲିଗଲା ।

ଏବେ ଲଙ୍କା ପାଖ ଆସି ହୋଇଗଲା; ଲଙ୍କାର ଗଛପତ୍ର ସବୁ ଦେଖାଗଲା । ହନୁମାନ ଚାହିଁ ଚାହିଁ ପୁଣି ସାନ ହୋଇ ଯାଇ, ଲଙ୍କାର ତ୍ରିକୂଟ ପର୍ବତରେ ଯାଇ ଓହ୍ଲାଇଲା ।

---

## ହନୁମାନ ଲଙ୍କା ଦେଖିଲା

ତ୍ରିକୂଟ ପର୍ବତକୁ ଲମ୍ବ ପର୍ବତ ବୋଲି ମଧ୍ୟ କହନ୍ତି । ସେଠାରୁ ଲଙ୍କାପୁରୀ ବେଶ୍ ଦେଖାଯାଏ । ନିଜେ ବିଶ୍ୱକର୍ମା ସେହି ଲଙ୍କା ତିଆରି କରିଥିଲେ ।

ସେ ପୁରୀ ବଡ଼ ସୁନ୍ଦର—ମନଲୋଭା । ଚାରିଆଡ଼େ ସୁନା ପାଚେରି, ବଡ଼ ବଡ଼ ସିଂହଦୁଆର, ରାକ୍ଷସମାନେ ଅସ୍ତ୍ରଶସ୍ତ୍ର ଧରି ପହରା ଦଉଚନ୍ତି ! ଏ ସବୁ ହନୁମାନ ଟିକଏ ଦେଖିଲା—ତା'ପରେ ଧୀରେ ଧୀରେ ସିଂହଦ୍ୱାର ପାଖେ ଯାଇ ପହଂଚ ସଂଧ୍ୟା ହେଲେ ପଶିବ ବୋଲି ଚକାଇ ରହିଲା ।

ସଂଧ୍ୟା ହେଲାରୁ ଗୋଟିଏ ବିରାଡିପିଲାପରି ହୋଇ, ଲଂକା ଭିତରକୁ ପଶିଲା । ସୁନା ଦୁଆର, ମଣିମାଣିକ୍ୟର ପାହାଚ ସବୁ ଦେଖି, ହନୁମାନର ଆଖି ଝଲସିଗଲା । ହଠାତ୍ ହଠାତ୍ ଗୋଟାଏ ବଡ଼ ବିକଟାଳ ରାକ୍ଷସୀ ଆସି ଆଗରେ ଛିଡ଼ାହୋଇ, ହନୁମାନକୁ ମାରିବାକୁ ବାହାରିଲା । ହନୁମାନ ପଚାରିବାରୁ ସେ କହିଲା, 'ମୋର ନାମ ଲଂକା; ମୁଁ ଏ ସ୍ଥାନର ଦେବତା, ମତେ ରାକ୍ଷସମାନେ ପୂଜା କରଂତି । ମୁଁ ଏ ରାଜ୍ୟ ଜଗିଥାଏ । ତତେ ନ ମାରି ଛାଡ଼ି ଦେବି ନାଇ ।"

ହନୁମାନ ବୁଲି ଦେଖିବାକୁ ଆସିଚି ବୋଲି କହି, କେତେ ମିନତି କଲା । ସେ ସେକଥା ନ ମାନି, ହନୁମାନକୁ ରାଗିକରି ଗୋଟାଏ ଚାପୁଡ଼ା ମାଇଲା । ହନୁମାନ ଆଉ କରେ କ'ଣ ? ଦେଖିଲା ମାଇପି ଲୋକ । ତହୁଁ ବାଆଁ ହାତରେ ଧୀର୍ କରି ଗୋଟିଏ ଚୋଖା ମୁଥ କସାଇଦେଲା । ବେଚାରି ଲଂକା ସେତିକରେ ଅଜ୍ଞାନ୍ । ଉଠିକରି କହିଲା, "ବ୍ରହ୍ମା ମତେ କହିଥିଲେ, ମୁଁ ବାନର ହାତେ ମାଡ଼ ଖାଇ ହାରିଲେ, ରାକ୍ଷସମାନଂକର ବଡ଼ ଅମଂଗଳ ହବ । ଏବେ ସେଇ ଦିନ ପହଂଚିଲା । ଯାଅ, ଭିତରେ ଯାହା ଇଚ୍ଛା କର ।"

ହନୁମାନ ପାଚେରି ଡେଇଁ ଲଂକା ଭିତରେ ପଶିଲା । ନଖାରି ନଖାରି ସବୁ ଘର, ସବୁ ଜାଗା ଖୋଜୁଥାଏ । ସୀତାଂକୁ ଦେଖିଲା ନାଇ ।

ହନୁମାନ ଦେଖିଲା, କେଉଁଠାରେ ଲୋକବାକ ଗୋଳମାଳ କରୁଚଂତି, କେଉଁଠାରେ ବେଦ ପଢ଼ାର ପାଟି ଶୁଣା ଯାଉଚି, କେଉଁଠାରେ ଗୁପ୍ତଚରମାନେ ହାତହତିଆର ଧେନି ଚଲ୍ତିର କରୁଚଂତି । କେଉଁଠାରେ ବା ଲୋକମାନେ ଆଂନନ୍ଦ କରୁଚଂତି; ସୁଂଦର ବାଜଣା, ସୁଂଦର ସଂଗୀତ ଶୁଭୁଚି ।

ଠାଏ ରାବଣ ପୁଷ୍ପକ ରଥ ଥୁଆ ହୋଇଥିଲା । ସେ ରଥ ବିଶ୍ୱକର୍ମା ବ୍ରହ୍ମାଂକ ପାଇଁ ମଣିମୁକ୍ତାରେ ତିଆରି କରିଥିଲେ । ବ୍ରହ୍ମା ତାହା ରାବଣ ଭାଇ କୁବେରଂକୁ ଦେଇଥିଲେ । କୁବେରଂକଠାରୁ ରାବଣ ତାହା ଛଡ଼ାଇ ଆଣିଥିଲା ।

ହନୁମାନ ସେଇ ରଥରେ ଚଢ଼ି ଲଂକାକୁ, ରାବଣ ଘରକୁ ଚାହିଁ ଦେଖିଲା; ସମସ୍ତେ ଖାଇସାରି ଶୋଇଚଂତି । ଘରଯାକ ସୁନା ଦୁଆର, ମଣିମାଣିକ୍ୟରେ ଦୁଆରବଂଧ; ସ୍ଫଟିକରେ ଖଂବ, ହାତିଦାଂତରେ ମୂର୍ତ୍ତି । ରାବଣ ଶୋଇବା ସ୍ଥାନରେ ସ୍ଫଟିକର ବେଦୀ, ନୀଳକାଂତ ମଣିର ଖଟ, ସୁନା ତୁଆଣି ହାତିଦାଂତ-ଖଟଚୁରି, କଳ-ପିତୁଳାମାନେ ବିଚଣା ଧରି ଚାରିପଟେ ରାବଣକୁ ବିଂଚୁଚଂତି ।

ରାଣୀ ମଂଦୋଦରୀଙ୍କ ଦେଖି, ହନୁମାନ ସୀତା ବୋଲି ଭାବିଥିଲା । ଟିକିଏ ଭାବିଲା, ସୀତା କି ଏତେ ସୁଖରେ ଶୁଅଂତେ ? ଏ କେବେ ସୀତା ନୁହଂତି ।

ଏହାପରେ ବାଟରି ବାଟରି ସେ ରାବଣ ଭୋଜନ-ଶାଳକୁ ପଶିଲା; ସେଠାରେ ବାସନକୁସନ ସବୁ ସୁନା ମଣିମାଣିକ୍ୟରେ ତିଆରି । କେତେ ପ୍ରକାର ମାଂସର ତରକାରି, କେତେ ରକମ ମାଛ ତାହା ଗଣି କହି ହବ ନାଇ ।

ହନୁମାନ କେତେ ମାଇକିନିଆଁ ଦେଖିଲା । କେଏ ଦେବକନ୍ୟା, କେଏ ନାଗକନ୍ୟା, ସମସ୍ତେ ଦେଖିବାକୁ

ସୁଂଦର । ପୁଣି ବିକଟାଳ ରାକ୍ଷସୀ ବି କେତେ ଅଛଂତି; କିଂତୁ ସୀତା ନାହାଂତି ।

ହନୁ ଏହିପରି ଘର, ବଗିଚା, ବାଡ଼ି ଅଳିକୁଳି କେତେ ନଟେଇ କରି ଦେଖିଲା । ଶେଷକୁ ତାକୁ ବଡ଼ ନିରାଶ ଲାଗିଲା । ଭାବିଲା, "ରାକ୍ଷସ ହୁଏତ ସୀତାଂକୁ ମାରି ପକାଇଚି, ନ ହେଲେ ସୀତା ନିଜେ ମରି ଯାଇଚଂତି । ଆହା, ଏବେ କେଉଁ ମୁହଁରେ ଫେରିବି ? ଫେରିବାଠାରୁ ମୋର ମରିବା ଭଲ ।" ଏହା ଭାବି, ସେ ବଡ଼ ବ୍ୟସ୍ତ ହୋଇ ପୁଣି ଭଲକରି ଖୋଜିବାକୁ ବାହାରିଲା ।

---

## ହନୁମାନ ଅଶୋକ ବନରେ ସୀତାଂକୁ ଠାବକଲା

ହନୁମାନ ଲଂକାରେ ଖୋଜି ଖୋଜି ଗୋଟିଏ ଅଶୋକ ବନରେ ଯାଇଁ ପହଂଚିଲା । ସେଇଠାରେ ନିଶ୍ଚୟ ସୀତାଂକୁ ଦେଖିବ ବୋଲି ଭାବି ଗୋଟିଏ ଶିଂଶପା ବୃକ୍ଷରେ ଚଢ଼ି, ପତ୍ର ଭିତରେ ଲୁଚିକରି ବସିଲା । ଚାରି ଆଡ଼କୁ ଚାହିଁ କିଛି ଦୂରରେ ଦେଖିଲା, ଗୋଟିଏ ଅତି ସୁଂଦରୀ ସ୍ତ୍ରୀ ବସିଚି; ରାକ୍ଷସୀମାନେ ତା' ଚାରିପାଖେ ବେଢ଼ିଚଂତି । ସୁଂଦରୀଟି ନ ଖାଇ, ଶୁଖି ଗଲାଣି । ବାଳ ମୁକୁଳା ହୋଇ ଲଂବ ଜଟା ହୋଇ ଗଲାଣି, ଶାଢ଼ୀ ବଡ଼ କୋତରା ହୋଇ ଗଲାଣି । ହନୁମାନ ବୁଝିଲା—ସେଇ ସୀତା ।

ଉପରେ ରଥରେ ଗଲାବେଳେ ଋଷ୍ୟମୂକ ପର୍ବତରେ ସେ ଯେଉଁ ସ୍ତ୍ରୀଟିକି ଦେଖିଥିଲା, ଏ ମଧ୍ୟ ତାହାରିପରି । ଏଣେ ସକାଳ ହୋଇ ଯାଇଥିଲା । ଦିନବେଳେ କଥାବାର୍ତ୍ତା ହେବ କିପରି ? ରାତିକି ଚକାଇ ରହିଲା । ସୀତା ମଟିରେ ବସି କାଂଦୁଚଂତି; ଚାରିପାଖେ ଭୟଂକର ରାକ୍ଷସୀମାନେ । କାହାର କାନ ଲଂବ, କାହାର ପିଠିରେ କୁଜ, କାହାର ଆଖି ଗାତ ପରି । କାହାର ହାତୀକାନ ପରି କାନ—କାହାର ଘୋଡ଼ା କାନ ପରି କାନ; କାହାର ବେକ ବଢ଼ିଆ କାଂକପରି, କା'ହା ଦେହରେ କଂବଳପରି ଲୁମ; କାହାର ମୁହଁ ଘୁଷୁରି ପରି, କାହାର ମୁହଁ ଗଧିଆ ପରି, କାହାର ଖଂବ ପରି ଗୋଦର ଗୋଡ଼ । କାହା ନାକ ହାତୀ ଥୋରପାହାର ପରି, କାହାର ଜିଭ ହାତେ ଓହଳି ପଡ଼ି, ଲହ ଲହ ହଉଚି । ଚାରିପଟେ ଏମାନେ ଅସ୍ତ୍ରଶସ୍ତ୍ର ଧରି ବସିଥାଂନ୍ତି । ସୀତା ମଟିରେ ବସି, ମୁଣ୍ଡ ପୋତି କାଂଦୁଥାଂନ୍ତି ।

ଅନେକ ରାତି ହୋଇଗଲା । ରାବଣ ଆସି ସେଇଠାରେ ପହଂଚିଲା । ସୀତାଂକୁ ଖୁସି କରିବା ପାଇଁ କେତେ ଭଲ ଭଲ କଥା କହିଲା । କେତେ ଲୋଭ ଦେଖାଇଲା । ସୀତା ମୁଂଡ ପୋତି ପଥର ପରି ବସିଥାଂନ୍ତି । ଶେଷକୁ ରାଗିଯାଇ କହିଲେ, "ଆରେ ଦୁଷ୍ଟ ରାକ୍ଷସ, ଏପରି ପାପ କରନା । ଏପରି କଲେ, ରାମ ଲକ୍ଷ୍ମଣ ଆସି ତୋତେ ଥଂଡା କରିଦେବେ । ତୋ କପାଳ ଭଲ ଅଛି ତ ମତେ ଫେରାଇ ଦେଇ ରାମଂକୁ ସଂତୋଷ କର । ନ ହେଲେ, ତୋର ଆଉ ଗତି ନାଇ । ତୁ ତ ମରିବୁ । ତୋ ସଂଗେ ଏ ଲଂକାର ସମସ୍ତେ ମରିବେ ।"

ରାବଣ ଖୁବ ରାଗିଗଲା, କହିଲା, "ମୁଁ ଆଉ ଦି'ମାସ ଚକାଇବି । ତା ପରେ ଯଦି ତୁ ମୋ ସଂଗେ ଭଲକରି କଥା ନ କହୁ, ତେବେ ତତେ ଖଂଡି ଖଂଡି କରି କାଟି ରାଂଧି ଖାଇବି ।"

ସୀତା କହିଲେ, "ପାପାତ୍ମା ! ମୁଁ ତତେ ଏହିକ୍ଷଣି ଭସ୍ମ କରି ଦିଅଂତି; କିଂତୁ ରାମ ମତେ ତାହା କହି ନାହାଂତି । ତୁ ତ କୁବେରଂକ ଭାଇ, ନିଜେ

ଏଡ଼େ ସାର ! ତୁ ରାମଙ୍କୁ ନ କହି ଚୋରାଇ କରି ମତେ କାହିଁକି ଆଣିଲୁ ?"

ରାବଣ ଦେଖିଲା ସୀତା କୌଣସି ପ୍ରକାରେ ବୁଝିଲେ ନାଇ । ସୀତାଙ୍କୁ ଆଉରି ବେଶି ବୁଝାଇବାକୁ ରାକ୍ଷସୀଙ୍କୁ କହିଦେଇ ସେ ଚାଲିଗଲା ।

ରାବଣ ଗଲାରୁ କିଏ କେତେ ପ୍ରକାର ସୀତାଙ୍କୁ ବୁଝାଇ ବସିଲା । କିଏ ଧମକାଇଲା । କିଏ କହିଲା, "ତୋପରି ଝିଅ ଆଉ କେହି ନାଇ । ରାବଣର ରାଣୀ ହବୁ । ତତେ ପିତା ଲାଗୁଚି ।" ବିକଟା କହିଲା, "ରାବଣକୁ ଆପଣାର କଲେ, ତୋର କଣ ଅକାମ ହବ ?" ଦୁର୍ମୁଖୀ କହିଲା, "ଆମ କଥା ନ କଲେ, ତତେ ମାରି ପକେଇବୁ ।"

ସୀତା କିଛି ଶୁଣିଲେ ନାଇ । ସେଠାରୁ ରାକ୍ଷସୀ-ମାନେ କୁରାଢ଼ୀ ଉଠାଇ ସୀତାଙ୍କୁ ଡରାଇଲେ । ଶମ୍ନୋଦରୀ, ଚଂଡୋଦରୀ କହିଲେ, "ଏହାକୁ କାଟି ଖାଅ ।" ସୀତା ସବୁ ଶୁଣି ପଚ୍ଛନ୍ କହିଲେ, "ମତେ ମାରି ଖାଇବ ବୋଲି ଡରାଉଚ କାହିଁକି ? ମାରି ଖାଅ, ବଂଚିକରି ମୋର କଣ ହବ ?"

ରାକ୍ଷସୀମାନେ କହିଲେ, "ଆଉ ମାସେଖଂଡେ ଗଲେ, ସେଇଆ ହବ ଯେ ।"

ଏତିକିବେଳେ ତ୍ରିଜଟା ବୋଲି ଗୋଟିଏ ବୁଢ଼ୀ ରାକ୍ଷସୀ ସେଠାରେ ଆସି କହିଲା, "ତୁମେମାନେ ସୀତାଙ୍କୁ କଷ୍ଟ ଦିଅ ନାଇ । ମୁଁ ଆଜି ଗୋଟାଏ ବଡ଼ ଭୟଂକର ସ୍ୱପ୍ନ ଦେଖିଚି । ବୋଧହୁଏ ରାବଣ ମରିବ, ଲଂକା ନାଶ ହୋଇଯିବ । ତୁମେମାନେ ସୀତାଙ୍କୁ ଗାଳି ଦେଇଚ, ଏବେ ତାଙ୍କ ଗୋଡ଼ତଳେ ପଡ଼ି କ୍ଷମା ମାଗ । ତା ହେଲେ ସେହି ଦେବୀ ତୁମକୁ ରକ୍ଷା କରିବେ ।"

ସୀତା କହିଲେ, "ତ୍ରିଜଟା, ତମ କଥା ସତ ହେଲେ, ମୁଁ ତମମାନଙ୍କୁ ରକ୍ଷା କରିବି ।" ଏହା କହି ସୀତା ପୁଣି କାନ୍ଦିପକାଇଲେ ।

ହନୁମାନ ଶିଂଶପା ଗଛରେ ବସି ସବୁ ଶୁଣିଲା, କିପରି ସୀତାଙ୍କୁ ବୋଧ କରିବ—ସେ କଥା ମନ ଭିତରେ ଭାବୁଥାଏ । ଚାରିଆଡ଼େ ତ ଅସୁର । ପାଖକୁ ଗଲେ ସେମାନେ ଜାଣିଯିବେ । ପୁଣି ସୀତା ଯଦି ତାଙ୍କୁ ରାବଣ ବୋଲି ଭାବି ପାଟି କରିବେ, ତେବେ ତ ସବୁ ମାଟି ହୋଇଯିବ ।

ଏହିପରି ଭାବି, ସେ ଆଉ ଟିକିଏ ପାଖକୁ ଯାଇ, ଆସ୍ତେ ଆସ୍ତେ କହିଲେ, "ମହାରାଜା ଦଶରଥଙ୍କ ପୁଅ ରାମ ବଣକୁ ଆସିଥିଲେ । ତାଙ୍କ ସଂଗେ ଲକ୍ଷ୍ମଣ ଆଉ ସୀତା ଥିଲେ । ଦୁଷ୍ଟ ରାବଣ ସୀତାଙ୍କୁ ଚୋରାଇ ଆଣିଲା । ରାମ ସୀତାଙ୍କୁ ବହୁତ ଖୋଜିଲେ । ପରେ ସୁଗ୍ରୀବ ସଂଗେ ମିତ ହେଲେ । ସୀତାଙ୍କୁ ଖୋଜିବା ପାଇଁ ସୁଗ୍ରୀବ ଆଂଭମାନଙ୍କୁ ପଠାଇଲେ । କେତେ ଦେଶରେ, କେତେ ବଣରେ ଆଂଭେମାନେ ସୀତାଙ୍କୁ ଖୋଜିଚୁ । ଶେଷରେ ସଂପାତି କଥାରେ ସମୁଦ୍ର ଡେଇଁ ଏଇଠି ବୋଧହୁଏ ସୀତାଙ୍କୁ ଦେଖିଲି ।" ଏତିକି କହି ହନୁ ତୁନି ହେଲା । ହନୁ କଥାରେ ଆଶ୍ଚର୍ଯ୍ୟ ହୋଇ ସୀତା ଚାରିଆଡ଼କୁ ଚାହିଁଲେ; ଦେଖିଲେ, ଗୋଟିଏ ଛୋଟ ମାଂକଡ଼ ଗଛଡାଳରେ ବସି, ସୀତାଙ୍କୁ ନମସ୍କାର କରୁଚି । ତା ଗୋଡ଼ର ବର୍ଣ୍ଣ ଅଶୋକ ଫୁଲ ପରି ରଂଗ । ଆଖି ସୁନା ପରି । ଖଂଡିଏ ଧଳା ଲୁଗାପିଂଧିଚି । ଏହା ଦେଖି ପ୍ରଥମେ ସୀତା ଡରିଗଲେ; କିଂତୁ ଅନେକ ଭାବି ଭାବି ସେ ଶେଷକୁ କହିଲେ, "ହେ ବୃହସ୍ପତି, ହେ ଅଗ୍ନିଦେବତା, ହେ ବ୍ରହ୍ମା, ହେ ଇଂଦ୍ର । ଏ ମାଂକଡ଼ ଯାହା କହୁଚି, ସେ କଥା ସତ ହେଉ ।"

ଏତିକିବେଳେ ହନୁମାନ ଗଛ ଡାଳରୁ ଓହ୍ଲାଇ ଆସି, ସୀତାଙ୍କୁ ନମସ୍କାର କରି କହିଲା, "ତୁମେ କିଏ

ମା ? କାହିଁକି ଏ ବଣରେ ବସି ଏତେ କଷ୍ଟ ପାଉଛ ? ତୁମେ ଯଦି ସୀତା ହୋଇଥାଅ, ତେବେ ମୋ କଥାରେ ଉତ୍ତର ଦିଅ ।"

ଏ କଥା ଶୁଣି ସୀତା କହିଲେ, "ମୁଁ, ରାଜା ଦଶରଥଂକ ବୋହୂ । ଜନକ ମୋର ବାପ, ସ୍ୱାମୀ ରାମ । କୈକେୟୀଂକ କଥାରେ ରାମ ବଣକୁ ଆସିଥିଲେ । ଲକ୍ଷ୍ମଣ ଆଉ ମୁଁ ତାଂକ ସଂଗେ ଆସିଥିଲୁଁ । ସେଠାରୁ ଦୁଷ୍ଟ ରାବଣ ମୋତେ ଧରି ଲଂକାକୁ ଆଣିଛି । ଦି'ମାସ ପରେ ମୋତେ ମାରିଦେବ ବୋଲି କହିଛି ।"

ସୀତାଂକ ସଂଗେ ଭଲକରି କଥା କହି ପାରିବ ବୋଲି ହନୁ ଟିକିଏ ପାଖକୁ ଗଲା; କିଂତୁ ସେଥିରେ ସୀତା ଭୟକରି କହିଲେ, "କାହିଁକି ସ୍ୱାଲୁ କଥା କହିଲ ? ହୁଏ ତ ଦୁଷ୍ଟ ରାବଣ ପୁଣି ମାଂକଡ଼ ବେଶ ଧରି ଆସିଥିବ ।"

ଏ କଥା ଶୁଣି ହନୁମାନ ହାତ ଯୋଡ଼ି, ସୀତାଂକୁ ଅନେକ ବୁଝାଇଲେ । ରାବଣ ସୀତାଂକୁ ହରାଇ ଆଣିବା ପରେ, ରାମ କିପରି ବନ କାନ୍ଦୁଥିଲେ, ଆଉ କେଉଁଠି କିପରି ସୀତାଂକୁ ଖୋଜୁଥିଲେ; ସେ କଥା ମଧ୍ୟ କହିଲେ । ସବୁ ଶେଷରେ ରାମଂକ ହାତ ମୁଦିଟି ସୀତାଂକ ହାତକୁ ଦେଲେ ।

ମୁଦିଟି ଦେଖି ସୀତାଂକ ମନରେ ଆଉ ସଂଦେହ ରହିଲା ନାଇ । ଆନଂଦରେ ତାଂକ ମୁହଁ ଉଜ୍ଜ୍ୱଳ ହୋଇଗଲା । ତା' ପରେ ସେ ମନଖୋଲି ହନୁକୁ ରାମ ଲକ୍ଷ୍ମଣଂକର ସବୁ ଖବର ପଚାରିଲେ । "ରାମ ଲକ୍ଷ୍ମଣ କିପରି ଅଛଂତି ? ସେମାନେ କାହିଁକି ଆସି ରାବଣକୁ ମାରି ପକଉ ନାହାଂତି ? ସୀତାଂକୁ ନ ଦେଖି ରାମଂକ ଦେହ କେଶି ଶୁଖିଯାଇ ନାଇ ତ ?" ଏହିପରି କେତେ କଥା ପଚାରିଗଲେ । ଯେତେ ପଚାରୁଥାଂତି, ସେତିକି ପୁଣି ପଚାରିବାକୁ ଆହୁରି ଇଚ୍ଛା ହଉଥାଏ ।

ହନୁମାନ ସୀତାଂକୁ କାଂଧରେ ବସାଇ ନେବା ଆସିବା ପାଇଁ କହିଲା । ସୀତା ଆଗ ଅପସଂଦ କରିବାରୁ, ସେ ଦେହକୁ ପର୍ବତ ପରି ବଡ଼ କରିଦେଲା । ସୀତା ତାକୁ ଖୁବ ପ୍ରଶଂସା କଲେ; କିଂତୁ କହିଲେ, "ସମୁଦ୍ର ଉପରେ ଗଲାବେଳେ ମୋ ମୁଂଡ ବୁଲାଇ ହୋଇଯିବ । ହନୁମାନ, ତୁମେ ରାମ ଲକ୍ଷ୍ମଣଂକୁ ଖବର ଦିଅ ।" ହନୁମାନ, ବୁଝିପାରିଲା, ରାମ ଆସି ରାବଣକୁ ମାରି କରି ସୀତାଂକୁ ନେବେ । ସୀତାଂକର ଇଚ୍ଛା । ଲୁଚି ପଳାଇବାକୁ ତାଂକର ମନ ନାଇ । ସେଠାରୁ ରାମଂକୁ ଦେଖାଇବା ପାଇଁ ସେ ସୀତାଂକଠାରୁ ଗୋଟିଏ ସଂକେତ ମାଗିଲା । ସୀତା ମୁଂଡରୁ ମଥାମଣିଟି କାଢ଼ି ହନୁମାନକୁ ଦେଲେ । ହନୁମାନ ସୀତାଂକଠାରୁ ବିଦା ହେଲା ।

---

## ହନୁମାନର ରାକ୍ଷସଂକ ସଂଗେ ଯୁଦ୍ଧ

ଲଂକାରୁ ଫେରିବା ପୂର୍ବରୁ ହନୁମାନ ଭାବିଲା, "ସୀତାଂକୁ ତ ଦେଖିଲି; ଏବେ ରାକ୍ଷସମାନଂକ ଯୁଦ୍ଧବିଦ୍ୟା କରାମତ ଟିକିଏ ଦେଖିଗଲେ ମଂଦ ହବ ନାଇ ।" ଏହା ଭାବିକି ଧୁମ୍‌ଧାମ୍ ଭୁସ୍‌ଭାସ୍ କଡ଼୍‌ମଡ଼ କରି ଅଶୋକ ବଣଟି ଭାଂଗି ନାରଖାର କରି ପକାଇ ଯାଇ ଗୋଟାଏ ସିଂହଦ୍ୱାର ଉପରେ କିଛି ନ ଜାଣିଲା ପରି ବସିରହିଲା । ମଝିରେ ମଝିରେ କାହାକୁ ଦେଖିଲେ ଖାଲି ଗୋଟାଏ ଗୋଟାଏ ହଂଟାଳ କରୁଥାଏ । ରାକ୍ଷସମାନେ ଏହା ଦେଖି ରାବଣ ପାଖକୁ ଦଉଡ଼ିଲେ; ଯାଇ କହିଲେ, "ମହାରାଜ, ଗୋଟାଏ ମାକଡ଼ କାହୁଁ ଆସି ଅଶୋକ ବନ ଭାଂଗି ନାରଖାର କରି ସାରିଲଣି । ସେ ବୋଧହୁଏ ରାମର ଲୋକ ହବ । ସୀତା ସଂଗେ ସେ କଥାବାର୍ତ୍ତା ହୋଇଛି । ସୀତା ଯେଉଁଠାରେ ଅଛଂତି, ସେଠାଟିରେ ହାତ ଦେଇ ନାଇ ।

ଏହା ଶୁଣି ରାବଣ ରାଗିଗଲା । କୋଡ଼ିଏଟା ଯାକ ଆଖି ତାର ନାଲ୍ ହୋଇ କୁଂଭାର ଚକ ପରି ବୁଲିଗଲା । କୋଡ଼ିଏ ପାଟି ଦାଂତ କଡ଼ମଡ଼ କରି ସେ ହୁକୁମ୍ ଦେଲା, "କେଗେ ସେ ମାକଡ଼ଟାକୁ ବାଂଧି ଆଣ !" ରାକ୍ଷସମାନେ ବାଂଧିବେ କଣ ? ହନୁମାନ ସିଂହଦୁଆର କଳଣିଟା କାଢ଼ି, ସେଥିରେ ରାକ୍ଷସ ଗୁଡ଼ିକୁ ଏକାବେଳକେ ପେଷି ଚଟଣି କରିଦେଲା । ସେଠାରୁ ଯାଇ ଗୋଟାଏ ଘର ଭାଂଗିଦେଇ, ହନୁମାନ ପୁଣି ଆସି ଭଲ ମନୁଷ୍ୟ ପରି, ସେହି ସିଂହଦୁଆରେ ବସି ରହିଲା ।

ଏ ମଧ୍ୟରେ ପୁଣି କେତେ ଜଗୁଆଳି ଆସିଲେ । ସମସ୍ତେ ସେହି ଭାଂଗା ଘରର ଗୋଟିଏ ଖାଂବରେ ଚୂନା ହେଲେ । ଏଣେ ରାବଣ ଜାଂବୁମାଳୀକୁ ଯୁଦ୍ଧ କରିବାକୁ ପଠାଇଲା । ତା ପରେ ମଂତ୍ରିପୁଅମାନେ ଆସିଲେ । ସମସ୍ତେ ହନୁମାନର ଗୋଟାଏ ଗୋଟାଏ ବିଧା ଚାପୁଡ଼ାରେ ଗଲେ । ହନୁମାନ ପୁଣି ସେଇ ସିଂହ ଦୁଆରେ ବସିଲା । ହନୁମାନ ହାତୀରେ ହାତୀ, ଘୋଡ଼ାରେ ଘୋଡ଼ା, ରଥରେ ରଥ, ମନୁଷ୍ୟରେ ମନୁଷ୍ୟ ମାରି ସବୁ ପେଷି ଦେଉଥାଏ । ପୁଣି ସେହି ସିଂହ ଦୁଆରେ ଯାଇ କିଛି ନ ଜାଣିଲା ପରି ବସୁଥାଏ ।

ଲଂକାରେ ହୁରି ହୁଲ୍‌ସ୍ଥୁଲ୍ ପଡ଼ିଗଲା । ଦୁର୍ଦ୍ଧର, ପ୍ରଘସ, ବିରୁପାକ୍ଷ, ଭାସକର୍ଣ, ଯୂପାକ୍ଷ—ଏମାନେ ଲଂକାରେ ବଡ଼ ବଡ଼ ବୀର; କିଂତୁ ହନୁମାନ ହାତରେ ସେ କି ବୀର ? ସମସ୍ତେ ଗୋଟିଗୋଟି ହୋଇ ଗୁଂଡ଼ା ହେଲେ । ରାବଣ ପୁଅ ଅକ୍ଷ ଆଠ ଘୋଡ଼ାରଥରେ ଚଢ଼ି ଆସିଲା । ସେ ଭାରି ଯୁଦ୍ଧ କରି ଜାଣେ । ହନୁମାନକୁ ଗୋଟାକେତେ ବାଣ ମାରିଦେଲା । ତା ପରେ ରଥ ଉପରକୁ ହନୁମାନ ଯାଇ କେତେଟା ମୁଥରେ ରଥ ଘୋଡ଼ା ସୁଦ୍ଧା ଅକ୍ଷକୁ ଶେଷ କରିଦେଲା ଓ ପୁଣି ଆସି ସେହି ସିଂହଦୁଆରେ ବସିଲା ।

ଏଥର ରାବଣର ବଡ଼ପୁଅ ଇଂଦ୍ରଜିତ ଆସିଲା । ଇଂଦ୍ରଜିତ ସାମାନ୍ୟ ଯୋଦ୍ଧା ନୁହେ । ଲଂକାରେ ତା ପରି ଆଉ କେହି ନଥିଲେ । ସେ ଆସି ବାଣ ମାରୁଥାଏ; ହନୁମାନ ଟିକିଏ ବୁଲି ଯାଉଥାଏ, ବାଣ ବାଜେ ନାଇ । ଇଂଦ୍ରଜିତ୍ ଭାରି ରାଗିଯାଇ ଶେଷକୁ ବ୍ରହ୍ମାସ୍ତ୍ର ଛାଡ଼ିଲା । ବ୍ରହ୍ମା ସେ ଅସ୍ତ୍ର ଇଂଦ୍ରଜିତକୁ ଦେଇଥିଲେ । ସେ ତ ବୃଥା ହବନାଇ । ହନୁମାନ ଉପରେ ବାଜିଲା; କିଂତୁ ହନୁମାନକୁ ତ ପୁଣି ବ୍ରହ୍ମା ବର ଦେଇଥିଲେ, ସେ କୌଣସି ଅସ୍ତ୍ରରେ ମରିବ ନାଇ । ଏବେ ବ୍ରହ୍ମାସ୍ତ୍ର ଆସି ତାକୁ ଖାଲି ବାଂଧି ପକାଇଲା । ହନୁମାନ୍ ବିଚାରିଲା, ଭଲ ହେଲା । ଏଥର ଏମାନେ ମତେ ରାବଣ ପାଖକୁ ନେଇଯିବେ । ମୁଁ ବି ରାବଣ ସଂଗେ ଦୁଇପଦ କଥାବାର୍ତ୍ତା ହେବି ।"

---

## ହନୁମାନ୍‌ର ଲଂକା ପୋଡ଼ି

ଏହା ଦେଖି ରାକ୍ଷସମାନେ ଆନଂଦରେ ନାଚିଲେ । ଧରି ଧରି ମାରି ମାରି କରି ହନୁମାନକୁ ବଡ଼ ବଡ଼ ଦଉଡ଼ି ଆଣି ବାଂଧିଲେ । କିଏ କେତେ ଗାଳିଦେଲା, ମାଇଲା, ଘୋଷାରିଲା । ଏଣେ କିଂତୁ ବ୍ରହ୍ମାସ୍ତ୍ର ଫିଟି ଗଲାଣି, କେହି ଜାଣଂତି ନାଇ । ଦଉଡ଼ିରେ ବାଂଧିଲେ ବ୍ରହ୍ମାସ୍ତ୍ର ବଂଧା ଫିଟି ଯାଏ, ଏ କଥା ଖାଲି ଇଂଦ୍ରଜିତକୁ ଜଣା ।

ଖୁବ୍ ମଜବୁତ୍ କରି ବାଂଧି, ପାଟି କରି ମାରି ମାରି ହନୁମାନକୁ ଆଣି ରାବଣ ପାଖେ ହାଜର କରିଦେଲେ । କିଏ କହିଲା, "ମାରି ପକାଅ;" କିଏ କହିଲା, "ପୋଡ଼ି ଦିଅ;" କିଏ କହିଲା, "ଏଇଟାକୁ ଆଣ କାଟି ଖାଇବା ।" ହନୁମାନ କିଛି କହୁ ନ ଥାଏ । ଖାଲି ରାବଣକୁ ଓ ତାହାର ସଭା ଘରକୁ ଚାହୁଁଥାଏ । ସେ ଦେଖିଲା, ରାବଣର ସ୍ଫଟିକ ସିଂହାସନ, ସେଥିରେ

ମଣିମାଣିକ୍ୟ ବସିଛି । ତାହାର ଦଶ ମୁଂଡରେ ଦଶଟା ଚକ୍ ଚକ୍ ମୁକୁଟ । ତା ଦେହ ହାଂଡକଳା ପରି, ସେଥିରେ ରକ୍ତଚଂଦନ ଛିଟା ଓ ସୁନାର ହାରମାଳ । ମୁହଁଟାମାନ ଗୋଟାଏ ଗୋଟାଏ ଗାତ ପରି; ଦାଂତଗୁଡ଼ାକ ଡାଡ଼ୁଆ, ଓଠ ସବୁ ମୋଟା । ଦେଖିଲେ ଖାଇ ଖାଇ ବୋଲି ଜଣା ଯାଉଛି ।

"ତୁ କିଏ ? କାହିଁକି ଆସିଚୁ ? ସତ କହିଲେ ଛାଡ଼ିଦବୁ ।" ଏହିପରି କିଏ କେତେ ପ୍ରଶ୍ନ ପଚାରୁଥାଂତି । ଶେଷକୁ ହନୁମାନ୍ କହିଲା, "ରାଜା ରାବଣ, ମୁଁ ବାନର, ଲଂକା ଦେଖି ଆସିଥିଲି । ତମକୁ ସହଜରେ ଦେଖା ନ ପାଇ ବଣ ଭାଂଗିଲି । ମୋ ସାଂଗେ ଯେ ଲାଗିଲା ତାକୁ ମାରିଲି । ମୁଁ ରାମଂକ ଦୂତ, ପବନର ପୁଅ, ମୋ ନାଆଁ ହନୁମାନ୍ ! ତମେ ଏଡ଼େ ରାଜା ହୋଇ ଅନ୍ୟାୟ କରୁଚ । ଭଲକଥା କହୁଚି, ସୀତାଂକୁ ଛାଡ଼ ଦେଇ ଆସ, ନହେଲେ ତମ ପ୍ରାଣ ଯିବ । ରାମ ମତେ କହିଥିଲେ ଏହିକ୍ଷଣି ମୁଁ ଲଂକା ଗୁଂଡକରି ଦିଅଂତି; ତୁମେ ଜାଣଂତ ।"

ରାବଣ ଏହା ଶୁଣି ନିଆଁ ହୋଇଗଲା, କହିଲା, "କିଏ ଅଛରେ, ଏଇଟାକୁ ଖଂଡ ଖଂଡ କରି କାଟିଦିଅ ।" କିଂତୁ ବିଭୀଷଣ ତାକୁ ମନାକଲା । ବିଭୀଷଣ ରାବଣର ସାନ ଭାଇ, ସେ ବଡ଼ ଧାର୍ମିକ ବୁଦ୍ଧିମାନ୍‌ଲୋକ । ସେ କହିଲା, "ଏ ରାମର ଦୂତ । ଦୂତକୁ ମାରିବା ଠିକ୍ ନୁହେ । ଏହାକୁ ମାରିଦେଲେ, ରାମକୁ ଖବର ଦବ କିଏ ? ତା ନ ହେଲେ ରାମ ଲକ୍ଷ୍ମଣ ଏଠାକୁ ଆସିବେ କିପରି ? ଆମେ ବା ତାଂକୁ ମାରିବା କିପରି ? ଦୂତକୁ ମାଡ଼ ଦିଆଯାଏ, ଲଂଡା କରି, ଟେଙ୍ଗଟା କେଂପା କରି ବା ନାକକାନ କାଟି ଛାଡ଼ି ଦିଆଯାଏ । ତାକୁ ମାରିବାକୁ ମନା ।"

ରାବଣ ଶୁଣି କହିଲା, "ଠିକ୍ କଥା ! ଏହାର ଲାଂଗୁଡ଼ଟା ପୋଡ଼ ଛାଡ଼ ଦିଅ । ଦେଶକୁ ଯାଇ ଆଉ ମୁହଁ ଦେଖାଇ ପାରିବ ନାଇ ।" ଆଃ, ଏହା ଶୁଣି ରାକ୍ଷସଂକର କି ଆନଂଦ ! ସମସ୍ତେ ଯାଇ କୋଟି କୋଟି କନା ଆଣି ଯେତେ ପାରିଲେ ହନୁମାନ୍ ଲାଂଗୁଡ଼ରେ ଗୁଡ଼ାଇଲେ । ଲଂକାରୁ କନା ଆସି ସରିବାକୁ ବସିଲା । ସେଠାରୁ ତେଲ ଅଜାଡ଼ି ହନୁମାନ୍ ଲାଂଗୁଡ଼ରେ ନିଆଁ ଲଗାଇ ଦେଲେ ।

ଏତେବେଳକୁ ଲଂକାରେ ଏ କଥା ଗୋଳ ହୋଇ ଗଲାଣି । ହନୁମାନ୍ ଲାଂଗୁଡ଼ରେ ରାକ୍ଷସଂକ ପିଟୁଥାଏ । ସେମାନେ ତାକୁ ଖାଇ ଖାଇ ବୁଲାଉଥାଂତି । ସୀତା ଶୁଣି, ତାଂକର ଭାରି ମନ ବ୍ୟସ୍ତ ହେଲା । ସେ ମନେ ମନେ କହିଲେ, "ହେ ଅଗ୍ନି ଦେବତା, ମୁଁ ଯେବେ ଏ ଜୀବନରେ କିଛି ହେଲେ ଧର୍ମ କରିଥିବି, ତୁମେ ହନୁମାନ ଦେହରେ ଶୀତଳ ହୋଇଯିବ । ଏଣେ ହନୁମାନ ଦେହରେ ନିଆଁ ଜଳଲା, ନିଆଁ ତାକୁ ପାଣିପରି ଶୀତଳ ଲାଗୁଥାଏ । ସେ ଭାବୁଥିଲା, 'ମୋର ପିତା ପବନ, ଆଉ ରାମସୀତାଂକ ଦୟାରେ ଏପରି ହୋଇଥିବ ।"

ସେଠାରୁ ସେ ଦେହକୁ ସାନ କରି ଦେଇ ବଂଧା ହୋଇଥିବା ଦଉଡ଼ିଯାକ ଖସାଇ ଦେଇ ଲାଂଗୁଡ଼ ଝାଡ଼ିଦେଇ ବସି ପଡ଼ିଲା । ପାଖରୁ ଗୋଟିଏ ଦୁଆର କଳଣି ଧରି ପାଖରେ ଥିବା ରାକ୍ଷସଗୁଡ଼ିକଂକର ମୁଂଡଟିମାନ ଗୁଂଡା କରି ଦେଲା । ସେଠାରୁ ତାକୁ ବୁଦ୍ଧି ଦିଶିଲା, "ସବୁ ତ ହେଲା, ଲାଂଗୁଡ଼ରେ ତ ନିଆଁ ଅଛି; ଆଉ ଲଂକା ଘରଗୁଡ଼ାକ ବାକି ରହିବ କିଆଁ ?" ଡିଆଁଉଁ ଡିଆଁଉଁ ତ ଘରକୁ ଘର ଡେଇଁ ନିଆଁ ଲଗାଇଦେଲା । ବଡ଼ ସାନ ଯେତେ ଘର ଥିଲା, ସବୁ ନିଆଁ ଲଗାଇଦେଲା । ରାଜାଂକ ନଅର ବି ବାଦ୍ ପଡ଼ିଲା ନାଇ । ରାକ୍ଷସମାନେ ପାଟିକରି ଡକା ପାଡ଼ୁ-ଥାଂତି; ହନୁମାନ୍ ଲାଂଗୁଡ଼ ବାଡ଼େଇ ସ୍ଥଳକୁ ସ୍ଥଳ ଡିଆଁ ମାରୁଥାଏ । ଆଃ, କି ଚମତ୍କାର !

ଘରଆଡ଼ ନିଆଁ ଲାଗିଗଲା । ହୁରୁ ହୁରୁ ହୋଇ ସହର ଜଳି ଉଠିଲା । କେତେ ରାକ୍ଷସ ବାଟ ନ ପାଇ ପୋଡ଼ି ମଲେ । ପାଟିଗୁଂଡି, କାଂଦ ଗୋଳମାଳର କଥା ବା କିଏ କହି ପାରିବ ? ଶେଷକୁ ହନୁମାନ୍ ଲଂକାକୁ ଘୂରିଁ ଖୁସିଠାଏ ହୋଇ, ସମୁଦ୍ରକୁ ଆସି ଲାଂଗୁଡ଼ରୁ ନିଆଁ ଲିଭାଇ ଦେଲା; କିଂତୁ ଲଂକାରେ କେହି ସେ କାଳଅଗ୍ନି ଲିଭାଇ ପାରିଲେ ନାଇ ।

ଏତିକିବେଳେ ସୀତାଂକ କଥା ହନୁମାନ୍‌ର ମନେ ପଡ଼ିଲା, "ସବୁ ତ ପୋଡ଼ି ଦେଲି; ସୀତା କଣ ହେଲେ ?" ପୁଣି ବିଚାରିଲା, "ସୀତା ପୋଡ଼ିଯିବେ, ଏହା କି ସମ୍ଭବ ?" ସେତିକିବେଳେ ଆକାଶରୁ ତାକୁ ଶୁଭିଲା, "କି ଆଶ୍ଚର୍ଯ୍ୟ ! ଲଂକାତମାମ ପୋଡ଼ି ନାରଖାର ହେଲା; କିଂତୁ ସୀତାଂକର ଯେ କିଛି ହୋଇନାଇ ।

ଏହା ଶୁଣି ହନୁମାନ ଭାରି ଖୁସି ହୋଇ ଝ ଖେପାରେ ଆସି ସୀତାଂକ ପାଖେ ପହଂଚିଗଲା । ସେଠାରେ ତାଂକୁ ଅନେକ କଥା କହି, ଦଂଡ ଦେଇ ପ୍ରଣାମ କରି ତାଂକ ପାଖରୁ ବିଦା ହେଲା ।

## ହନୁମାନ ଖବର ନେଇ ଲଂକାରୁ ଫେରିଲା

ଲଂକା ପାଖେ ଅରିଷ୍ଟ ବୋଲି ପର୍ବତ । ତା ଉପରେ ଚଢ଼ି ହନୁମାନ ପୁଣି ମହେଂଦ୍ର ପର୍ବତ ଆଡ଼କୁ ଡେଇଁଲା । ଅଂଗଦ ଜାଂବବାନ ପ୍ରଭୃତି ଏ ପାଖେ ଦିନ ଦିନ ଯାକ ଚାହିଁ ବସିଚଂତି, କେତେବେଳେ ହନୁମାନ ଫେରିବ । ଏବେ ଦୂରରୁ ସାଁ ସାଁ ଶବ୍ଦ ଶୁଣି ସେମାନେ ଅନୁମାନ କଲେ, ଏଇ ନିଶ୍ଚୟ ହନୁମାନ ଆସୁଚି, ସେ ସୀତାଂକ ଖବର ପାଇଚି, ନ ହେଲେ ଏତେ ଶବ୍ଦ କରି ଆସଂତା ନାଇ ।

ଚାହିଁ ଚାହିଁ ହନୁମାନ ଆସି ଦୁମ୍‌କିନା ତାଂକପାଖେ ପଡ଼ିଲା । ସେତେବେଳେ ସମସ୍ତେ ଯେ କି ଖୁସି ହେଲେ, ତା ଲେଖି ହବନାଇ । କିଏ ହନୁମାନକୁ କେତେ ଆଦର ଦେଖାଇଲା । କିଏ ବସିବାକୁ ଡାଳପତ୍ର ଆଣି ପକାଇ ଦେଲା । କିଏ ଫଳମୂଳ ନେଇ ହାଜର୍ । କିଏ କେତେ କଥା ପଚାରି ପକାଇଲା । ହନୁମାନ ଆଗ ଜାଂବବାନ ପ୍ରଭୃତି ଗୁରୁଜନଂକୁ ପ୍ରଣାମ କରି, ଲଂକାରେ ଯାହା ଯାହା ଘଟିଥିଲା ସବୁ କହିଲା ।

ଏବେ ସେମାନଂକ ମନରେ ମହାସୁଖ । କେହି କେହି କହିଲେ, "ଚାଲ ସୀତାଂକୁ ନେଇ ଯିବା ।" କିଂତୁ ରାମ କହି ନାହାଂତି, ତାହା କରିବେ କପରି ? ତେଣୁ ସମସ୍ତେ ବେଗାବେଗି କିଷ୍କିଂଧାକୁ ଫେରିଲେ ।

କିଷ୍କିଂଧାରେ ଆସି ସମସ୍ତେ ଆଗେ ସୁଗ୍ରୀବର ମଧୁବନରେ ପହଂଚିଲେ । ସମସ୍ତେ ଭାରି ଖୁସି । ଅଂଗଦ କହିଲା, "ସମସ୍ତେ ଖୁସିରେ ମହୁ ଖାଅ ।" ମାଂକଡ଼ଂକର ତ ପିହଲି ପଡ଼ିଗଲା । ଡାଳ ପତ୍ର ଭାଂଗି ସମସ୍ତେ ମହୁ ଖାଇଲେ । ମହୁମାଛିଂକ ଖାତର ନାଇ କି ଜଗୁଆଳିଂକ ଡର ନାଇ ।

ସୁଗ୍ରୀବ ମାମୁଁ ଦଧିମୁଖ ସେ ବଣର ଜଗିଆଳି ଥିଲା । ସେ ଆସି ମନା କଲା, ଧମକାଇଲା, ଗୋଟାଏ ଅଧେ ବୁଢ଼ୁଣ୍ଡା କାନମୋଡ଼ା ବି ଦେଲା । ତାକୁ ସେଠାରୁ ସମସ୍ତେ ଧରି ରମ୍ପୁଡ଼ି କାମୁଡ଼ି ଘୋସାରି ଥଂଡା କଲେ । ସେଠାରୁ ସେ ଲୋକବାକ ନେଇ ଯୁଦ୍ଧକୁ ଆସିଲା । କିଂତୁ ଶୁଣୁଚି କିଏ ? ପଛକୁ ଅଂଗଦ ହାତରେ ଦଧିମୁଖର ହାଡ଼ ଭାଂଗିବା ଯାଏ କଥା ଗଲା । ସେଠାରୁ ଦଧିମୁଖ କାଂଦି କାଂଦି ଆସି ସୁଗ୍ରୀବ ପାଖେ ଗୁହାରି କଲା । ସୁଗ୍ରୀବ ଆଉ ଗୁହାରି ବୁଝିବ କଣ ? ସେ କହିଲା, "ମାମୁଁ, ସେମାନେ ସୀତାଂକ ଖବର ନିଶ୍ଚେ ଆଣିଚଂତି । ନ ହେଲେ ଏତେ ଖୁସି ହୁଅଂତେ ନାଇଁ;

ବେଗେ ତାଙ୍କୁ ଡାକି ଆଣ ।” ଦଧିମୁଖ ବରଗିଲା, “ସତେ ତ !” ମାଡ଼ ଗାଳି ସବୁ ଭୁଲି ସେ ଦଉଡ଼ି ଯାଇ ସମସ୍ତଙ୍କୁ ଡାକି ଆଣିଲା ।

ରାମ, ଲକ୍ଷ୍ମଣ ଓ ସୁଗ୍ରୀବ ସେମାନଙ୍କଠାରୁ ସବୁ ଶୁଣିଲେ । ହନୁମାନ ସୀତାଙ୍କ କଥା କହି ସାରି, ସୀତା ଦେଇଥିବା ମଥାମଣିଟି ରାମଙ୍କ ହାତେ ଦେଲା । ରାମ ତାକୁ ଏପାଖ ସେପାଖ କରି କେତେ ଦେଖିଲେ; ଛାତିକୁ ଛାତିରେ ନେଇ ଲଗାଇ ଚପିଧରିଲେ । ତାଙ୍କ ଆଖିରୁ ଝର ଝର ଲୁହ ବହିଗଲା ।

———

## ଲଙ୍କା କାଣ୍ଡ

### ଲଙ୍କାକୁ ଯିବାପାଇଁ ବାହାରିଲେ

ହନୁମାନଠାରୁ ସୀତାଙ୍କ କଥା ରାମ ପୁଣି ପଚାରି ଶୁଣିଲେ । ମନରେ ଭାରି ଦୁଃଖ ହେଲା । ପୁଣି ପଚାରି ରାବଣର ଗଡ଼ ପାଚେରୀ ପହରା କଥା ଶୁଣିଲେ । ସୁଗ୍ରୀବ ଆସି ରାମଙ୍କୁ ଦମ୍ଭ ଦେଲେ; କହିଲେ, “ଏହି କୋଟି କୋଟି ବାନରମାନେ ଆପଣଙ୍କ କଥାକୁ ଚାହିଁ ବସିଛନ୍ତି; ଆପଣ ଯାହା କହିବେ, ଏମାନେ କରିବେ ।”

ତା’ଉତ୍ତାରୁ ଯୁଦ୍ଧ କରିବା ପାଇଁ ଲଙ୍କାକୁ ଯିବାର ଯୋଗାଡ଼ ଲାଗିଲା । ସମସ୍ତେ ଉତ୍ସାହରେ ଆକାଶ ପାତାଳ କମ୍ପାଇ ଲଙ୍କା ଆଡ଼କୁ ବାହାରିଲେ । ସମସ୍ତଙ୍କ ଆଗରେ ରହିଲା ନଳ । ସେ ବାଟ ଜାଣିବାରେ ଧୁରନ୍ଧର । କେଉଁ ବାଟ ଭଲ, କେଉଁଠାରେ ଭଲ ପାଣି, ଫଳମୂଳ ମିଳେ, ସବୁ ତାକୁ ଜଣା । ତା ପଛେ ପଛେ ଆଉ ସମସ୍ତେ ଚାଲିଲେ । ବଡ଼ ବଡ଼ ସେନାପତିମାନେ, କିଏ ପାଖରେ, କିଏ ପଛରେ ସୈନ୍ୟ ଚଳାଇଲେ । ମଝିରେ ହନୁମାନ୍ କାନ୍ଧରେ ରାମ, ଆଉ ଅଙ୍ଗଦ କାନ୍ଧରେ ଲକ୍ଷ୍ମଣ ଚାଲିଲେ; ସୁଗ୍ରୀବ ତାଙ୍କ ସଙ୍ଗେ ସଙ୍ଗେ ଥାଏ । ଏହିପରି ସମସ୍ତେ ଆସି ସେହି ମହେନ୍ଦ୍ର ପର୍ବତ ପାଖେ ସମୁଦ୍ର କୂଳେ ପହଞ୍ଚିଲେ ।

———

### ରାବଣର ବିଚାର ଓ ବିଭୀଷଣ

ତେଣେ ରାବଣ ବସି ରାକ୍ଷସଙ୍କ ସଙ୍ଗେ ବିଚାର କଲେ, “ବଡ଼ ମୁସ୍କିଲ କଥା ହେଲା । ଲଙ୍କାକୁ ଆସିବା ତ ସହଜ କଥା ନୁହେଁ । ଗୋଟାଏ ମାଙ୍କଡ଼ ଆସି ପୁଣି ଏଠାରେ ଏତେ କାଣ୍ଡ କରିଗଲା । ଏବେ କଣ କରିବା ?”

ରାକ୍ଷସମାନେ କହିଲେ, “ଚିନ୍ତା କ’ଣ ମହାରାଜ ? ଆମର ଏତେ ସୈନ୍ୟ, ଏତେ ଅସ୍ତ୍ର, ଆପଣ ଏପରି ବୀର ! ପୃଥିବୀ, ଆକାଶ, ପାତାଳ ସବୁ ଆପଣ ଜିଣିଛନ୍ତି; ମଣିଷ, ମାଙ୍କଡ଼, କ’ଣ କରିବେ ? ଆପଣଙ୍କର ଯୁଦ୍ଧ କରିବା ଦରକାର ହବ ନାହିଁ, ଏକା ଇନ୍ଦ୍ରଜିତ୍ କାମ ଫତେ କରିଦେବେ ।’

ପ୍ରହସ୍ତ କହିଲା, “ମତେ ଏକାକେ ସବୁ ନଅଁନ୍ତ !” ବଜ୍ରଦଂଷ୍ଟ୍ର କହିଲା, “ମୁଁ ଗୋଟାଏ ବୁଦ୍ଧି କହୁଛି, ଶୁଣ । ଆମ ସୈନ୍ୟରୁ କେତେ ଭରତଙ୍କ ସୈନ୍ୟ ବୋଲି, ତାଙ୍କ ସଙ୍ଗେ ମିଶିବେ । ମାକଡ଼ଙ୍କୁ ଛାଡ଼, ଭରତଙ୍କ ପଠାଇ ଥିବା ସୈନ୍ୟ ବୋଲି ଆମ ସୈନ୍ୟକୁ ରାମ ଆପଣାଇ କରିବେ । ତା ଉତ୍ତାରୁ ତ ଆମର ପିହଲ ପଡ଼ିବ ।”

ସମସ୍ତେ ଏହିପରି କହିବାର ଶୁଣି ରାବଣର ସାନ ଭାଇ ବିଭୀଷଣ କହିଲା, “ମହାରାଜ ! ଯାହାର ଜୋର୍ ନାହିଁ, ସେ କ’ଣ ଯୁଦ୍ଧ କରିବାକୁ ଆସେ ? ସୀତାଙ୍କୁ

ନେଇ ରାମଙ୍କ ପାଖେ ଫେରାଇ ଦିଅନ୍ତୁ, ନ ହେଲେ ଭଲ ହବ ନାହିଁ। ଆପଣ ରାମଙ୍କର ଏତେ ଅକାର୍ଯ୍ୟ କରିବାରୁ ସେ ଯୁଦ୍ଧ କରିବାକୁ ଆସୁଛନ୍ତି। ଏ କାର୍ଯ୍ୟ ଆପଣଙ୍କର ଠିକ ହୋଇ ନାହିଁ।" ବିଭୀଷଣ କଥା ଶୁଣି ରାବଣ ମନେ ମନେ ରାଗ ହୋଇ ସେ ଦିନ ସଭାରୁ ଚାଲିଗଲା।

ଆରଦିନ ସକାଳୁ ଘରେ କେତେ ଲୋକଙ୍କୁ ଡାକି ପଚାରିଲା। ବିଭୀଷଣ ପୁଣି ସେହିପରି ବୁଝାଇବାରୁ ରାବଣ ଗର୍ବରେ କହିଲା, "କାହାରି କିଛି ଭୟ କରିବା ଠିକ୍ ନୁହେଁ। ଆମକୁ କେହି ଯୁଦ୍ଧରେ ଜିଣି ପାରିବେ ନାହିଁ।" କେତେଦିନ ପରେ ପୁଣି ଏକ ମସ୍ତ ସଭା କରି ପଚାରିଲା। ଖୋସାମତିଆଯାକ ଆଗପରି କହିଲେ। ରାବଣ ଭାଇ କୁମ୍ଭକର୍ଣ୍ଣ କହିଲା, "ସୀତାଙ୍କୁ ଆଣିବା ଠିକ୍ ହୋଇନାହିଁ। ଆଣିଲା ବେଳେ ଆମକୁ ପଚାରିଥିଲେ, ଏତେ କଥା କାହିଁକି ହୋଇଥାନ୍ତା। ଯାହା ହେଉ, ଏବେ ଯୁଦ୍ଧ ପାଇଁ କିଛି ଭୟ ନାହିଁ। ଯୁଦ୍ଧରେ ମୁଁ ରାମ ଲକ୍ଷ୍ମଣଙ୍କୁ ଠିକ୍ କରି ଦେବି।"

ବିଭୀଷଣ କହିଲା, "ବେଗେ ସୀତାଙ୍କୁ ଫେରାଇ ଦିଅ।" ଏହା ଶୁଣି ରାବଣ ପୁଅ ଇନ୍ଦ୍ରଜିତ୍ ବିଭୀଷଣକୁ ଅବିଶ୍ୱାସୀ, ଡରକୋଳା, କୁଳାଙ୍ଗାର, ବୋଲି ଯା ଇଚ୍ଛା ତା ଗାଳିଦେଲା। ବିଭୀଷଣ ତାକୁ ପିଲାବୋଲି ବୁଝାଇ ଆକଟକରି କହିବାରୁ, ରାବଣ ରାଗିଯାଇ ଯେତେ ଇଚ୍ଛା ଗାଳିଦେଇ ଶେଷକୁ କହିଲା, "ଭାଇ ନ ହୋଇ ଆଉ କିଏ ହୋଇଥିଲେ; ଏହିକ୍ଷଣି ତତେ କାଟି ଦୁଇଖଣ୍ଡ କରି ଦେଇଥାନ୍ତି।"

ବିଭୀଷଣ ସେଠାରୁ କହିଲା, "ଆପଣ ମୋର ବଡ଼ ଭାଇ, ଗୁରୁଜନ, ଆପଣଙ୍କୁ ବୁଝାଇବା ମୋର ଦରକାର ନାହିଁ। ଭଲ କଥା କହିଲି, ଆପଣ ଏତେ ରାଗିଲେ। ଏବେ ଆପଣଙ୍କର ଯାହା ଇଚ୍ଛା କରନ୍ତୁ, ମୁଁ ଚାଲିଲି।" ଏହା କହି ବିଭୀଷଣ ଆଉ ଚାରିଜଣ ରାକ୍ଷସ ଘେନି ସେହି ସଭାରୁ ଲଙ୍କା ସମୁଦ୍ର ପାରି ହୋଇ ରାମଙ୍କ ପାଖେ ପହଞ୍ଚିଲା। ସେଠାରେ ସୁଗ୍ରୀବ ହନୁମାନ୍ ହେରିକାଙ୍କୁ ଦେଖି କହିଲା, "ମୁଁ ରାବଣ ଭାଇ ବିଭୀଷଣ। ସୀତାଙ୍କୁ ଫେରାଇ ଦେବା କଥା କହିବାରୁ ରାବଣ ମତେ ଗାଳି ଦେଲେ। ମୁଁ ରାମଙ୍କ ପାଖେ ରହିବାକୁ ଏଠାକୁ ଆସିଛି।"

ରାମ ଶୁଣି ସମସ୍ତଙ୍କୁ ବିଚାର ମାଗିଲେ ! ବିଭୀଷଣକୁ ବିଶ୍ୱାସ କରିବାକୁ ସୁଗ୍ରୀବ ବରାବର ମନା କଲା। ଆଉମାନେ ମଧ୍ୟ ସେହିପରି କହିଲେ। ଖାଲି ହନୁମାନ କହିଲେ; ବିଭୀଷଣ ମୁହଁ ଦେଖି ଭଲ ମନୁଷ୍ୟପରି ବୋଧ ହଉଛି, ତାକୁ ଏଠାରେ ରଖିବା ଉଚିତ।" ରାମ ଶେଷକୁ କହିଲେ, "ଯେ ଆଶ୍ରୟ ମାଗୁଛି, ତାକୁ ଆଶ୍ରୟ ଦେବା ଉଚିତ। ବିଭୀଷଣ ଏଠାରେ ରହୁ। ସେ ଆମର କିଛି ଅନିଷ୍ଟ କରି ପାରିବ ନାହିଁ।" ସେଠାରୁ ବିଭୀଷଣକୁ ଡାକି ଆଣିଲେ। ସେ ଆସି ରାମଙ୍କୁ ପ୍ରଣାମକରି ଆଜ୍ଞା ମାଗିଲା। ରାମ କହିଲେ, "ତମେ ଏଠାରେ ରହ; ମୁଁ ରାବଣକୁ ମାରି ତମକୁ ଲଙ୍କାର ରାଜା କରିବି।" ବିଭୀଷଣ କହିଲା, "ମୁଁ ପ୍ରାଣପଣେ ଆପଣଙ୍କର କାର୍ଯ୍ୟ କରିବି।" ରାମ ସେଠାରୁ ଲକ୍ଷ୍ମଣଙ୍କ ହାତେ ସମୁଦ୍ରରୁ ପାଣି ଅଣାଇ ସଙ୍ଗେ ସଙ୍ଗେ ସେହିଠାରେ ବିଭୀଷଣଙ୍କ ମୁଣ୍ଡରେ ସିଞ୍ଚି, ଲଙ୍କାର ରାଜା ବୋଲି ତାଙ୍କର ଅଭିଷେକ ବିଧି କରାଇ ଦେଲେ।

---

## ସେତୁବନ୍ଧ ତିଆରି ହେଲା

ସମୁଦ୍ର ପାରି ହେବେ କିପରି ? ବିଭୀଷଣକୁ ବିଚାର ମାଗିବାରୁ ସେ କହିଲେ, "ରାମ ସମୁଦ୍ରକୁ

ପୂଜା କରଂତୁ, ସମୁଦ୍ର ସଂତୋଷ ହେଲେ ଉପାୟ ହବ ।" ରାମଚଂଦ୍ର ଉପବାସରେ ରହି ସମୁଦ୍ରକୁ ପୂଜା କଲେ । ଦିନେ, ଦି ଦିନ, ତିନଦିନ, ଚାରିଦିନ ବିତିଗଲା । ସମୁଦ୍ର ପଚାରିଲା ନାହିଁ । ଶେଷକୁ ରାମ ବିରକ୍ତ ହୋଇ ସମୁଦ୍ରକୁ ଅସ୍ତ୍ରମାରି ଶୁଖାଇ ଦେବେ ବୋଲି ଧନୁରେ ବ୍ରହ୍ମାସ୍ତ୍ର ଯୋଡ଼ି ଠିଆହେଲେ । ସେ ଅସ୍ତ୍ର ତେଜରେ ସୂର୍ଯ୍ୟ ଚଂଦ୍ର କଂପିଗଲେ । ସାଗର ( ସମୁଦ୍ର ) ଏବେ ଆସି ହାତ ଯୋଡ଼ି ଠିଆ ହୋଇ, ମିନତି କରି କହିଲା, "ଏହି ନଳ ବିଶ୍ୱକର୍ମାର ପୁଅ, ନଳ ମୋ ଉପରେ ସେତୁ ( ବଂଧ ) ତିଆରି କରି-ଦେଲେ ସମସ୍ତେ ନିଶ୍ଚିଂତରେ ପାରି ହେବ । ମୁଁ ଖୁବ୍ ଧୀର ହୋଇଯିବି, ସେତୁ ଭାଂଗିବ ନାହିଁ ।"

ମାଂକଡ଼ମାନେ ବଡ଼ ବଡ଼ ମୁଂଡିଆ ପାହାଡ଼ ଗଛ ପଥର ତାଡ଼ି ଆଣି ଜମା କରିଦେଲେ । ନଳ କି ଆଶ୍ଚର୍ଯ୍ୟ କାରିଗର ! ସେହି ଗଛ ପଥର ଦେଇ ସେ ଛଅ ଦିନ ଭିତରେ ଶହେ ଯୋଜନ ଲଂବା ସୁଂଦର ସେତୁ ତିଆରି କରିଦେଲେ । ସମସ୍ତେ ସମୁଦ୍ର ପାରି ହୋଇ ଲଂକାରେ ପହଂଚିଲେ ।

ରାମଂକ ସୈନ୍ୟ ସମୁଦ୍ର ପାରି ନ ହେଉଣୁ, ରାବଣ ଶୁକ ବୋଲି ଗୋଟିଏ ଗୁପ୍ତଚର ( ଯେ ଲୁଚିକରି କାମକରେ ) ପଠାଇଥିଲା । ସେ ଶୁଆପରି ହୋଇ ଉପରେ ଉଡ଼ି ଉଡ଼ି ରାମଂକ ବିରୁଦ୍ଧରେ ବହୁତ କଥା କିଛି କହି ବସିଲା । ମାଂକଡ଼ମାନେ ଡେଇଁ ପଡ଼ି ତାକୁ ଧରି, ତା ଡେଣାକାଟି, ତାକୁ ମାରିମାରି ରାମଂକ ପାଖକୁ ଆଣିଲେ । ସେ ବାନର ସେନା ସଂଗେ ଥିଲା । ଏବେ ସେତୁ ପାରି ହୋଇ, ରାମ କହିବା ମତେ ବାନରମାନେ ତାକୁ ଛାଡ଼ିଦେଲେ ।

ସେ ଆସି ଲଂକାରେ ରାମଂକୁ ପ୍ରଶଂସା କଲା, କହିଲା; "ମହାରାଜ, ସେମାନେ ଆସି ପହଂଚିଲେଣି । ଆପଣ ଏବେ ସୀତାଂକୁ ଫେରାଇ ଦେଇ ସଂଧି କରଂତୁ, ନ ହେଲେ ଯୁଦ୍ଧପାଇଁ ତିଆରି ହୁଅଂତୁ ।" ରାବଣ ଏହା ଶୁଣି ଆପଣା ବଳର ବହୁତ ପ୍ରଶଂସା କରି କହିଲା, "କେହି ଡର ଯାଅ ନାହିଁ । ଆମକୁ ପୁଣି ଜିଣିବ କିଏ ?"

---

## ରାବଣ ସୈନ୍ୟ କଳନା କଲା

ରାମ ଲଂକାକୁ ଆସିଚଂତି ଶୁଣି, ରାବଣ ଶୁକ ଓ ସାରଣ ବୋଲି ନିଜର ଦୁଇଜଣ ମଂତ୍ରୀଂକୁ ଲୁଚିକରି ଯାଇ ସୈନ୍ୟ ଦେଖି ଆସିବାପାଇଁ ପଠାଇଲା । ସେମାନେ ମାଂକଡ଼ ପରି ବେଶଧରି ଲୁଚି ଲୁଚି ବୁଲୁଥିଲେ । ବିଭୀଷଣ ତାଂକୁ ଚିହ୍ନି ପକାଇଲା । ସେମାନେ ଧରା ହୋଇ ରାମଂକ ପାଖକୁ ଆସିଲେ । ଯୁଦ୍ଧ ନିୟମ ଅନୁସାରେ ତାଂକର ମୁଂଡ଼କାଟ ହେବାର କଥା । ସେମାନେ ରାମଂକ ଗୋଡ଼ତଳେ ପଡ଼ି କହିଲେ, "ରାବଣ ହୁକୁମରେ ଆମେ ଆପଣଂକ ସୈନ୍ୟ ଦେଖିବାକୁ ଆସିଥିଲୁ ।"

ରାମ ଟିକିଏ ହସିକରି କହିଲେ, "କିଛି ଡର ନାହିଁ । ଯେବେ ସୈନ୍ୟ ଦେଖି ସାରିଲଣି, ତେବେ ଆନଂଦରେ ଫେରିଯାଅ । ଦେଖା ଯେବେ ସରିନାହିଁ, ତେବେ ଭଲକରି ଦେଖିଯାଅ ।" ଏହାଶୁଣି ଶୁକ ସାରଣ ରାମଂକୁ ବହୁତ ଧନ୍ୟ ଧନ୍ୟ କରି ଫେରିଗଲେ । ରାବଣକୁ ଯାଇ କହିଲେ, "ମହାରାଜ, ଯୁଦ୍ଧ କରି ଫଳ ନାହିଁ । ସେମାନେ ଭାରି ବୀର । ସୀତାଂକୁ ଫେରାଇ ଦିଅଂତୁ ।"

ରାବଣ କହିଲା, "ତୁମେମାନେ ଭାରି ଡରି ଯାଇଚ । କହ ଦେଖି, ଏ ସଂସାରରେ ମତେ ଜିଣିବାକୁ କିଏ ଅଛି ?" ଏହା କହି ସେ ନିଜେ ରାମଂକ ସୈନ୍ୟ ଦେଖିବାକୁ କୋଠା ଉପରକୁ ଉଠିଲା ।

ଧଳା ଧଳା ମେଘ ସବୁ ଯେପରି ଆକାଶ ଘୋଡ଼ାଇ ପକାନ୍ତି, ସେହିପରି ଦଳକୁ ଦଳ ବାନର ସେନା ଲଙ୍କା ଘୋଡ଼ାଇ ପକାଇଛନ୍ତି । ସେମାନଙ୍କୁ ଦେଖାଇ ସାରଣ କହିଲା, "ମହାରାଜ, ଦେଖନ୍ତୁ, ଏ ନୀଳ, ଦଶହଜାର ଯୋଦ୍ଧା ଧରି ବୁଲୁଛି । ଏ ଦେଖନ୍ତୁ, ବାଲୀପୁଅ ଅଙ୍ଗଦ; ଏହା ସଙ୍ଗେ ହଜାର କୋଟି ସେନା । ସେ ନଳ; ସେହି ସେତୁ ବାନ୍ଧିଛି । ସେ ଶ୍ୱେତ, ସେ କୁମୁଦ, ସେ ଚଣ୍ଡ, ସେ ସରଭ, ସେ ଶରଭ, ସେ ପନସ, ସେ ବିନତ, ସେ କ୍ରଥମି, ସେ ଗବୟ, ସେ ହୟ ।"

"ସେ ଜାମ୍ବବାନ୍; ଦେଖନ୍ତୁ ତା ସଙ୍ଗେ କେତେ ଭାଲୁ ଆସିଛନ୍ତି । ସେ ରମ୍ଭ, ସେ ସନ୍ନାଦନ, ସେ ପ୍ରମାଥୀ, ସେ ଗବାକ୍ଷ, ସେ କେଶରୀ, ସେ ଶତବଳୀ ।"

"ହନୁମାନ୍ ପାଖରେ ଯେ ବସିଛନ୍ତି, ସେ ରାମ, ତାଙ୍କ କଥା ଆଉ କଣ କହିବି ? ଦେଖିବାକୁ ଯେପରି ସୁନ୍ଦର, ସେହିପରି ଦୟାଳୁ, ସେହିପରି ବିଦ୍ୱାନ, ସେହିପରି ଧାର୍ମିକ, ଆଉ ସେହିପରି ବୀର । ତାଙ୍କପାଖେ, ତାଙ୍କ ଭାଇ ଲକ୍ଷ୍ମଣ ବସିଛନ୍ତି । ସେ ବି ଭାଇଙ୍କ ପରି । ଲକ୍ଷ୍ମଣଙ୍କ ପାଖେ ବିଭୀଷଣଙ୍କୁ ତ ଆପଣ ଚିହ୍ନୁଛନ୍ତି । ଶୁଣିବାରେ ରାମ ତାଙ୍କୁ ଲଙ୍କାର ରାଜା କରି ସାରିଲେଣି । ତାଙ୍କ ପାଖେ ସୁନାହାର ପକାଇ ସୁଗ୍ରୀବ ବସିଛନ୍ତି ।"

"ମହାରାଜ, ଶହେ ଲକ୍ଷରେ କୋଟିଏ । ଲକ୍ଷ କୋଟିରେ ଏକ ଶଙ୍କୁ । ଲକ୍ଷେ ଶଙ୍କୁରେ ଏକ ମହାଶଙ୍କୁ । ଲକ୍ଷେ ମହାଶଙ୍କୁରେ ଏକ ବୃନ୍ଦ । ଲକ୍ଷେ ବୃନ୍ଦରେ ଏକ ମହାବୃନ୍ଦ । ଲକ୍ଷେ ମହା ବୃନ୍ଦରେ ଏକ ପଦ୍ମ । ଲକ୍ଷେ ପଦ୍ମରେ ଏକ ମହାପଦ୍ମ । ଲକ୍ଷେ ମହା ପଦ୍ମରେ ଏକ ଖର୍ବ । ଲକ୍ଷେ ଖର୍ବରେ ଏକ ସମୁଦ୍ର । ଲକ୍ଷେ ସମୁଦ୍ରରେ ଏକ ମହୌଘ । ଏହିପରି ହିସାବରେ ଏକହଜାର କୋଟି, ଏକଶହ ଶଙ୍କୁ, ଏକ-ହଜାର ମହାପଦ୍ମ, ଏକ ଶହ ଖର୍ବ, ଏକ ଶହ ସମୁଦ୍ର ଓ ଏକ ହଜାର ମହୌଘ ସୈନ୍ୟ ରାମଙ୍କ ସଙ୍ଗେ ଆସିଛନ୍ତି ।"

ଏ ସବୁ ଦେଖି ଶୁଣି ରାବଣ ମନରେ ଭାରି ଭୟ ହେଲା; କିନ୍ତୁ ବାହାରକୁ ସେ ତାହା ନ ଦେଖାଇ ରାଗ ହୋଇ ଶୁକ ସାରଣଙ୍କୁ ତଡ଼ିଦେଲା ।

---

## ସୀତାଙ୍କ ଆଗେ ମାୟାରାମ ବଧ

ବିଦ୍ୟୁଜ୍ଜିହ୍ୱ ବୋଲି ଗୋଟାଏ ରାକ୍ଷସ ଥିଲା । ସେ ଭାରି ହଟ ଚମଟ ବିଦ୍ୟା ଜାଣିଥିଲା । ଏ ମଧ୍ୟରେ ଦିନେ ତା ହାତେ ରାମଙ୍କ ମୁଣ୍ଡପରି ଗୋଟାଏ ମୁଣ୍ଡ ଓ ରାମଙ୍କ ଧନୁଶର ପରି ଧନୁଶର ତିଆରି କରାଇ, ତାକୁସବୁ ଧରି ଅଶୋକ ବଣରେ ଯାଇ ଦୁଷ୍ଟ ରାବଣ ସୀତାଙ୍କୁ କହିଲା, "ଏଇ ଦେଖ, ତମ ରାମଙ୍କୁ ରାତିରେ ଶୋଇଲାବେଳେ ଆମ ସୈନ୍ୟମାନେ ଯାଇ ହାଣି ପକାଇଲେ । ବିଭୀଷଣ ଧରାହୋଇ ଆସିଛି; ଲକ୍ଷ୍ମଣ ପଳାଇଲେଣି । ସୁଗ୍ରୀବ ଖୁବ୍ ମାଡ଼ ଖାଇଛି । ହନୁମାନ୍ ହେଉକା ମରିଗଲେଣି । ଆଉ ରାମଙ୍କ କଥା ବିସ୍ତାରି କହିଲେ, ଲାଭ କଣ ?"

ସୀତା ଏହା ଦେଖି ଶୁଣି ଭାରି କାନ୍ଦିଲେ । ଗୋଟାଏ ଲୋକ ଆସି ରାବଣକୁ ଡାକି ନେଲା । ରହୁଁ ରହୁଁ ମୁଣ୍ଡ, ଧନୁଶର କୁଆଡ଼େ ସବୁ ଉଭେଇ ଗଲା ।

ବିଭୀଷଣ ସ୍ତ୍ରୀ ସରମାକୁ ରାବଣ ସୀତାଙ୍କ ପାଖେ ରଖାଇଥାଏ । ସରମା ସୀତାଙ୍କୁ ଖୁବ୍ ସୁଖ ପାଏ । ରାବଣ ଚାଲିଗଲାରୁ ସରମା କହିଲା, "ତୁମେ

ଏତେ ବିକଳ ହୋଇ କାନ୍ଦୁଚ କାହିଁକି ? ଏ ସବୁ ମିଛ; ମୁଁ ଜାଣେ, ରାକ୍ଷସମାନେ ଖାଲି ଡରିଗଲେଣି । ରାମ ନିଶ୍ଚେ ସେମାନଂକୁ ମାରି ତମଂକୁ ନେଇ ଯିବେ ।” ଏତିକିବେଳକୁ ବାନରମାନଂକର ଗର୍ଜନ ଶୁଭିଲା । ସେ ଶବ୍ଦ ଶୁଣି ରାକ୍ଷସଂକ ଛାତି ଭୟରେ କଂପିଲା ।

---

## ସୁଗ୍ରୀବ ଓ ଅଗଂଦ କଣ କଲେ

ରାମଂକ ସୈନ୍ୟମାନେ ଲଂକାର ସୁବଳ ପର୍ବତ ପାଖେ ଥିଲେ । ତା ଉପରେ ରାତିରେ ରହିଲେ । ସେଠାରୁ ଲଂକା ସୁଂଦର ଦେଖାଯାଏ । ସକାଳୁ ଉଠି ସମସ୍ତେ ଲଂକା ଦେଖିଲେ; ଦେଖିଲେ ଉତ୍ତର ଦୁଆରପାଖେ ରାବଣ ଛିଡ଼ା ହୋଇଚି । ମୁଂଡ଼ରେ ଛତା ଟେକା ହୋଇଚି । ଲୋକେ ଚାମର ପକାଉଚଂତି । ଏହା ଦେଖି ସୁଗ୍ରୀବର ଦେହ ସହିଲା ନାଇ । ସେ ଏକ ଡିଆଁ ମାରି ଏକାବେଳକେ ଦୁଆର ଉପରେ ଯାଇ ପଡ଼ିଲା । ସିଧାଁ ସିଧାଁ ରାବଣମୁଂଡ଼ ଉପରକୁ ଡେଇଁପଡି ତା ମୁକୁଟଟି କାଢ଼ି ତଳେ ଫିଙ୍ଗିଦେଲା । ତା ପରେ ଦୁହିଂକ ଭିତରେ ଧରାଧରି, ମରାମରି, କେତେ ବିଧା, ମୁଥ, ଗୁଡ଼ୋଡ଼, ଛେଚାଛେଚି ହୋଇଗଲା । ସିଧାଁ ସିଧାଁ ସୁଗ୍ରୀବ ପୁଣି ଏକ ଡିଆଁ ମାରି ସୁବଳ ପର୍ବତ ଉପରେ ହାଜର । ଲାଜରେ ରାବଣ ମୁହଁରୁ ଆଉ କଥା ବାହାରିଲା ନାଇ ।

ତା ପରେ ରାମଂକ ସୈନ୍ୟମାନେ ପର୍ବତରୁ ଓହ୍ଲାଇ ଲଂକା ଘେରିଗଲେ । ରାକ୍ଷସଂକର ବାହାରି-ବାର ଆଉ ବାଟ ନାଇ । ଉତ୍ତରଦୁଆରେ ରାବଣ ଥିଲା । ରାମ, ଲକ୍ଷ୍ମଣ ଦୁହେଁ ସେଠାରେ ଜଗିଥିଲେ । ପୂର୍ବ ଦୁଆରେ ମେଂଦ, ଦ୍ୱିବିଦ, ନୀଳ; ଦକ୍ଷିଣ ଦ୍ୱାରେ ଋଷଭ, ଗବାକ୍ଷ, ଗୟ, ଗବୟ; ପଶ୍ଚିମ ଦୁଆରରେ ନିଜେ ହନୁମାନ୍; ଉତ୍ତରପଶ୍ଚିମ ଦୁଆର ମଝିରେ ସୁଗ୍ରୀବ; ଏହିପରି ସମସ୍ତେ ଠିକହୋଇ, ନିଜ ନିଜ ସୈନ୍ୟ-ମାନଂକୁ ସଜାଡ଼ି ଯୁଦ୍ଧ ପାଇଁ ଜଗି ରହିଲେ ।

ରାମ ଧର୍ମରକ୍ଷା କରି ଅଂଗଦକୁ ରାବଣ ପାଖକୁ ପଠାଇ ଦେଲେ । ରାବଣ ପାତ୍ରମଂତ୍ରୀ ନେଇ ବସିଚି । ଅଂଗଦ ଯାଇ ହାଜର୍ । ସେ କହିଲା, “ମୁଁ ଶ୍ରୀରାମଂକ ଦୂତ । ମୋ ନାଆଁ ଅଂଗଦ । ମୋ ବାପ ନାଆଁ ବାଳୀ । ମୋ ବାପଂକ କଥା ଏବେ ବି ତମର ମନେ ଥିବ । ରାମ କହିଲେ, ତୁମେ ଶୀଘ୍ର ଲଂକାରୁ ବାହାରି ଯୁଦ୍ଧ କର । ସେ ତୁମକୁ ମାରି ବିଭୀଷଣଂକୁ ରାଜା କରିବେ ।”

‘ମୋ ବାପର କଥା ଏବେ ବି ତମର ମନେଥିବ’ ଏ କଥା ଅଂଗଦ କାହିଁକି କହିଲା, ତା ଏହିଠାରେ କହିଦେଲେ ଭଲ ହେବ । ରାବଣ ଥରେ ବାଳୀସଂଗେ ଯୁଦ୍ଧ କରିବାକୁ ଯାଇ ବଡ଼ ହିନସ୍ତା ହୋଇଥିଲା । ରାବଣ ସମସ୍ତଂକୁ ଯୁଦ୍ଧରେ ଜିଣି ତ୍ରିଭୁବନ ବୁଲୁଥାଏ । ତା ସଂଗେ ଯୁଦ୍ଧକରିବାକୁ କେହି ଭରସା କରି ଆସଂତି ନାଇ । ଶେଷକୁ ସେ ଦିନେ ଯୁଦ୍ଧକୁ ଆଉ ଲୋକ ନ ପାଇ, ବାଳୀ ସଂଗେ ଯୁଦ୍ଧ କରିବାକୁ ଗଲା । ବାଳୀ ସେତେବେଳକୁ ସମୁଦ୍ର କୂଳେ ବସି ଆଖି ବୁଜି ସଂଧ୍ୟା କରୁଥିଲେ, ରାବଣ ବେଲଉଂଡ ତାକୁ ଜବର୍ କରିବାକୁ ଯାଇ, ପଛଆଡ଼ୁ ଜକଟ୍‌ନକଟ୍ କରି ଧରି ପକାଇଲା । କିଂତୁ ଯେତେ ଓଟାରିଲା ତାକୁ ହଲାଇ ପାରିଲା ନାଇ । ବାଳୀ ଏ ମଧ୍ୟରେ ସଂଧ୍ୟା ସାରି, ଚଢ଼େଇ ଧରିଲା ପରି, ରାବଣକୁ ଖପ୍‌କିନା ଧରି ପକାଇ, କାଖରେ ଯାକି ଦେଲା । ବାଳୀ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏହି ଚାରି ସମୁଦ୍ର କୂଳେ ଘୂରି ଘୂରି ସଂଧ୍ୟା କରୁଥିଲା । ସେ ରାବଣକୁ କାଖରେ ଯାକି, ବାକି ତିନି ସମୁଦ୍ରରେ ସଂଧ୍ୟା ଶେଷ କଲା । ଏଣେ ରାବଣ କାଖତଳେ ଚାପି ହୋଇ, ଝାଳ ଗରମ ଗଂଧରେ ସିଝି ଗଲାଣି । ନିଃଶ୍ୱାସ ବଂଦ ହୋଇ, ପେଟ ଫୁଲାଇ, ତାର ଚଉଦ ବିଶ୍ୱା ହେଲାଣି;

ମରିଯାଇ ଥାଆଂତା । ଖାଲି ବ୍ରହ୍ମାଂକ ବର ତାକୁ ରକ୍ଷା କରି ଦେଲା । ଅଂଗଦ ସେଇ କଥା ମନେ ପକାଇ-ଦେଲା ।

ରାବଣ ଏହା ଶୁଣି ଭାରି ରାଗିଯାଇ, ସାଂଗେ ସାଂଗେ ଅଂଗଦର ମୁଂଡକାଟ ହୁକୁମ କରି ଦେଲା । ଚାରିଟା ରାକ୍ଷସ ଆସି ଅଂଗଦକୁ ଧରି ପକାଇଲେ । ଅଂଗଦ ବି ଚାରିଟା ଯାକ ରାକ୍ଷସ କାଖରେ ଯାକି ମାରି ଡିଆଁ ଚାଳ ଉପରକୁ । ସେଇଠାରୁ ରାକ୍ଷସଗୁଡ଼ିକ ଗୋଟି ଗୋଟି କରି ଟେକା ମାଇଲା ପରି ତଳକୁ ଫିଂଗି ଦେଇ, ଚାଳ ଚୁଂଡା କରି, ଭାଂଗି, ଆଉରି ଏକ ଡିଆଁ ମାରି ରାମଂକ ପାଖେ ଆସି ହାଜର୍ ।

## ଇଂଦ୍ରଜିତ ରାମ ଲକ୍ଷ୍ମଣଂକୁ ନାଗଫାଶରେ ବାଂଧିଲା

ଏହା ଉତ୍ତାରୁ ଭାରି ଯୁଦ୍ଧ ଲାଗିଗଲା । ଚାରିଆଡ଼େ ମାର୍‌କାଟ୍ ଲାଗିଗଲା । ଦିନଯାକ ବିତିଗଲା; ରାତିରେ ମଧ୍ୟ ଯୁଦ୍ଧ ଚାଲିଛି । ରାକ୍ଷସ, ବାନରମାନଂକ ମୁର୍ଦାର ପାହାଡ଼ ପରି ଜମା ହୋଇଗଲା । ରକ୍ତ ନଈ ବୋହି-ଗଲା । ତେବେ ବି ଯୁଦ୍ଧ ଚାଲିଛି । ପାଂଚଜଣ ସେନାପତି ଠାଏ ଅନେକ ରାକ୍ଷସ ଧରି, ଗର୍ଜନ କରି ରାମଂକ ସଂଗେ ଯୁଦ୍ଧ ଲଗାଇ ଦେଲେ । ରାହୁଁ ରାହୁଁ ରାମଂକ ଶରମାଡ଼ ଖାଇ ସମସ୍ତେ ଅସ୍ତବ୍ୟସ୍ତ ହୋଇ ପଳାଇଲେ । ଅଂଗଦ ଇଂଦ୍ରଜିତ୍‌ର ଭାରି ଯୁଦ୍ଧ ଲାଗିଗଲା । ଇଂଦ୍ରଜିତ୍ ଦେଖିଲା ମୁହାଁମୁହିଁ ଅଂଗଦ ଆଗେ ଛିଡ଼ା ହେବା ସହଜ କଥା ନୁହେଁ; ତେଣୁ ସେ ମେଘରେ ଲୁଚି ଯୁଦ୍ଧ ଆରଂଭ କଲା । ତାକୁ କେହି ଦେଖି ପାରିଲେ ନାଇ । ସେ ସମସ୍ତଂକୁ ଦେଖିଲା । ବ୍ରହ୍ମାଂକଠାରୁ ବର ପାଇ, ସେ ଏପରି ଯୁଦ୍ଧ କରୁଥିଲା । ମେଘ ଭିତରେ ଲୁଚି ସେ ରାମ ଲକ୍ଷ୍ମଣଂକୁ ନାଗଫାଶ ବାଣ ମାଇଲା । ରାହୁଁ ରାହୁଁ ବଡ଼ ବଡ଼ ସାପମାନେ ଆସି ରାମ ଲକ୍ଷ୍ମଣଂକ ଦେହରେ ଗୁଡ଼ାଇ ହୋଇ ତାଂକୁ ବାଂଧି ପକାଇଲେ । ଇଂଦ୍ରଜିତକୁ ନ ଦେଖିବାରୁ ରାମ ଲକ୍ଷ୍ମଣ ଇଂଦ୍ରଜିତକୁ ଆଉ କିଛି କରିପାରିଲେ ନାଇ ।

ନାଗଫାଶରେ ବାଂଧିସାରି ଇଂଦ୍ରଜିତ୍ ରାମ ଲକ୍ଷ୍ମଣଂକ ଦେହରେ ବହୁତ ଶର ବିଂଧିଦେଲା । ସେ ଦୁହେଁ ଅଜ୍ଞାନ ହୋଇ ପଡ଼ିଗଲେ । ଇଂଦ୍ରଜିତ୍ ଖୁସିରେ ଯାଇ ରାବଣକୁ କହିଲା, "ବାପା, ମୁଁ ରାମ ଲକ୍ଷ୍ମଣଂକୁ ମାରି ଆସିଛି ।"

ରାବଣ ଏହା ଶୁଣି ପୁଷ୍ପକରଥରେ ସୀତାଂକୁ ତ୍ରିଜଟା ରାକ୍ଷସୀ ସଂଗେ ପଠାଇ ଦେଲା । ସେମାନେ ଉପରେ ରଥରେ ବୁଲି ବୁଲି ରାମ ଲକ୍ଷ୍ମଣଂକୁ ଦେଖିଲେ । ରାମ ଲକ୍ଷ୍ମଣ ମରି ଯାଇଛଂତି ବୋଲି ବିଚାରି ସୀତା ବିକଳ ହୋଇ କାଂଦିଲେ । ତ୍ରିଜଟା ଗୋଟିଏ ଭଲ ରାକ୍ଷସୀ । ସେ ସୀତାଂକୁ ସୁଖ ପାଉଥିଲା । ସେ କହିଲା, "ମା, ତୁମେ କାଂଦୁଛ କାହିଁକି । ରାମ ଲକ୍ଷ୍ମଣଂକର କିଛି ହୋଇ ନାଇ । ସେମାନେ ସତରେ ମରିଯାଇଥିଲେ, ପୁଷ୍ପକରଥରେ ତମକୁ ବୁଲାଇବା କିଛି ଦରକାର ନଥିଲା । ହେଇଟି ଦେଖ, ବାନରମାନେ ଆଗର କଲାପରି ବସିଛଂତି । ରାମ ଲକ୍ଷ୍ମଣ ମରିଯାଇଥିଲେ, ସେମାନେ ଏପରି ବସି ନ ଥାଂତେ । କିଏ କୁଆଡ଼େ ଛିଟିପିଟି ହୋଇ ପଳାଇ ଯାଆଂତେଣି ।" ସୀତା ଏକଥା ଶୁଣି ଟିକିଏ ବୋଧ ହେଲେ ।

ଏଣେ କେତେବେଳ ଉତ୍ତାରୁ ରାମଂକର ଟିକିଏ ଜ୍ଞାନ ହେଲା । ସେ ଲକ୍ଷ୍ମଣଂକୁ ଚାହିଁ ବଡ଼ ବିକଳ ହୋଇ, କାଂଦି କାଂଦି, କେତେକଥା କହିଲେ । ସୁଗ୍ରୀବ, ବିଭୀଷଣ, ଅଂଗଦ, ହନୁମାନ୍, ଜାଂବବାନ ପ୍ରଭୃତି ମଧ୍ୟ ରାମ ଲକ୍ଷ୍ମଣଂକୁ ଦେଖି, ବସି କାଂଦୁଥିଲେ । ବାନର-ମାନଂକ ମଧ୍ୟରେ ତାରାର ବାପ, ଅଂଗଦର ଅଜା

ସୁଷେଣ ଭାରି ବୈଦ୍ୟବୃତ୍ତି ଜାଣୁଥିଲା । ସେ କହିଲା, "କ୍ଷୀରୋଦ ସାଗର କୂଳରେ ଚଂଦ୍ର ଆଉ ଦ୍ରୋଣ ପର୍ବତ ଉପରେ ବିଶଲ୍ୟକରଣୀ ଓ ସଂଜୀବନୀ ଔଷଧ ମିଳିବ । ଯାଇ, ଔଷଧ ନେଇଆସ ।"

ଏତିକବେଳେ ଗୋଟାଏ ଭାରି ବତାସ ବୋହିଲା । ସମୁଦ୍ରରେ ଢେଉ ଉଠିଲା । ବଣରେ ଅଜଗରମାନେ ଗାଛରେ ପଶିବାକୁ ଖୋଜିଲେ । ଦେଖୁ ଦେଖୁ ଗରୁଡ଼ ଆସି ପହଂଚିଲେ । ଜଣାଗଲା, ତାଂକର ପକ୍ଷୀରେ ଉପରୁ ବତାସ ବହୁଥିଲା । ଗରୁଡ଼କୁ ଦେଖି, ଇଂଦ୍ରଜିତ୍‌ର ସାପମାନେ କୁଆଡ଼େ ପଳାଇ ଲୁଚିଲେ । ଗରୁଡ଼କୁ ସାପମାନେ ଡରଂତି । ସେ ସାପ ଦେଖିଲେ ଧରି ଖାଏ । ଗରୁଡ଼ ଆସି ରାମ ଲକ୍ଷ୍ମଣଂକୁ ଆରୋଗ୍ୟ କରିଦେଲେ । ଆଉ ଶର ଚିହ୍ନ ପର୍ଯ୍ୟଂତ ତାଂକ ଦେହରେ ରହିଲା ନାହିଁ । ଦୁହେଁ ଆଖି ମଳିତ ନିଦରୁ ଉଠିଲା ପରି ଉଠିଲେ । ଗରୁଡ଼କୁ ବହୁତ ଆଦର କରି ପଚାରିବାରୁ, ଗରୁଡ଼ କହିଲା, "ଇଂଦ୍ରଜିତ୍ ତମମାନଂକୁ ସାପରେ ବାଂଧି ପକାଇବାର ଜାଣି ମୁଁ ଆସିଲି । ତମମାନଂକୁ ମୁଁ ବଡ଼ ସୁଖ ପାଏ । ତମେମାନେ ନିଶ୍ଚେ ଜିଣିବ ।" ରାମ ଲକ୍ଷ୍ମଣ ଉଠିବାରୁ ବାନରମାନେ ପୁଣି ଚାଟିକରି ଆକାଶ ପାତାଳ କଂପାଇଲେ ।

---

## ପୁଣି ଯୁଦ୍ଧ ଓ ରାବଣର ଅପମାନ

ରାମ, ଲକ୍ଷ୍ମଣ ପୁଣି ବଂଚି ଉଠିବାର ଜାଣି, ରାବଣର ଟିକିଏ ଚିଂତା ପଡ଼ିଗଲା । ସେ ସଂଗେ ସଂଗେ ଧୂମ୍ରାକ୍ଷକୁ ଯୁଦ୍ଧକୁ ପଠାଇ ଦେଲା । ତା ସଂଗେ ଲକ୍ଷ ଲକ୍ଷ ରାକ୍ଷସ, ମୂଷଳ, ମୁଦ୍‌ଗର, ପରଶ, ପଟ୍ଟୀଶ, ଭିଂଦିପାଳ ପ୍ରଭୃତି ଅସ୍ତ୍ର ଧରି ଚାଲିଲେ । ସମସ୍ତେ ଆସି ରାଗରେ ଦାଂତ ଘୋଟିବାଇ, ମାର୍ ମାର୍ ଶବ୍ଦ କରି, ପଶ୍ଚିମ ଦୁଆରେ ହନୁମାନ ପାଖେ ପହଂଚିଲେ । ଆଗ ଶ୍ରେଷ୍ଠ ଶ୍ରେଷ୍ଠ ବାନରମାନଂକ ସଂଗେ ଯୁଦ୍ଧ ହେଲା । ରାକ୍ଷସମାନଂକର ଧନୁ, ବାଣ, ଶେଳ, ଶୂଳ ପ୍ରଭୃତି ଅସ୍ତ୍ର ଥାଏ; କିଂତୁ ବାନରମାନଂକର ଖାଲି ଗଛ, ପଥର । ସେମାନେ ସେଇ ଗଛ, ପଥର ଫୋପାଡ଼ି, କାହାକୁ ମୁଥ, ଚାପୁଡ଼ା ମାରି, ରାକ୍ଷସମାନଂକୁ ଶେଷ କରୁଥାଂତି । କାହା ନାକ କାନ ଛିଂଡାଇ ପକାଇ, ହାଡ଼ ଭାଂଗି ଦିଅଂତି । ରାକ୍ଷସମାନେ ଏହିପରି ନାଚାର ହୋଇପଡ଼ିଲେ । ଶେଷକୁ ଧୂମ୍ରାକ୍ଷ ଭାରି ରାଗିଯାଇ, ବାନରମାନଂକୁ ହଟାଇ ଦେଲା; କିଂତୁ ହନୁମାନ ପାଖେ ଆଉ ବାହାଦୁରି ଚଳିବ କାହିଁ ? ଗୋଟିଏ ବଡ଼ ପଥର ଫିଗି, ହନୁମାନ୍ ତା ରଥଟି ଗୁଂଡ଼ା କରି-ଦେଲା । ଧୂମ୍ରାକ୍ଷ ରଥରୁ ଡେଇଁ ପଡ଼ୁ, ପଡ଼ୁ, ହନୁମାନ ଆଉ ସବୁ ରାକ୍ଷସଂକୁ ଶେଷକରି ସାରିଲାଣି । ଏବେ ଧୂମ୍ରାକ୍ଷ ଏକା ଗଦା ଧରି ଛିଡ଼ା ହେଲା । ରହୁଁ ରହୁଁ ଗୋଟିଏ ପଥର ଫିଂଗି, ହନୁମାନ ତା' ମୁଂଡଟି ଛତୁ କରିଦେଲା ।

ତା ପରେ ଆସିଲା ବଜ୍ରଦଂଷ୍ଟ୍ର । ସେ ଅଂଗଦ ହାତେ ମଲା । ଏହିପରି ଅଂକପନ ହନୁମାନ ହାତେ, ନରାଂତକ ଦ୍ୱିବିଂଦ ହାତେ, କୁଂଭ ଜାଂବବାନ ହାତେ ଓ ପ୍ରହସ୍ତ ନୀଳ ହାତେ ମଲା । ରାକ୍ଷସ ମାରି ବାନର-ମାନଂକର ଭାରି ଆନଂଦ । ଯେଉଁମାନେ ଯୁଦ୍ଧ ଜିଣିଲେ, ସେମାନେ ଭାରି ପ୍ରଶଂସା ବି ପାଇଲେ ।

ଏଣେ ଲଂକାରେ ପୁଣି ଯୁଦ୍ଧବାଜା ବାଜି ଉଠିଲା । ବହୁତ ରାକ୍ଷସ ପୁଣି ମାର୍ ମାର୍ ଶବ୍ଦ କରି ବାହାରି ପଡ଼ିଲେ । ରାମ ବିଭୀଷଣଙ୍କୁ ପଚାରି ଜାଣିଲେ, ଇଂଦ୍ରଜିତ୍ ଏବେ ପୁଣି ଯୁଦ୍ଧ କରିବାକୁ ଆସୁଛି । ତା ସଂଗେ ରାବଣର ଆଉ ଏକ ପୁଅ ଅତିକାୟ, ମହୋଦର, ତ୍ରିଶିରା, କୁଂଭ, ନିକୁଂଭ ପ୍ରଭୃତି ବଡ଼ ବଡ଼ ବୀରମାନେ ମଧ୍ୟ ଆସୁଛଂତି । ଏସମସ୍ତଂକ ସଂଗେ ଛତ୍ର ଚାମର ନେଇ ନିଜେ ରାବଣ ମଧ୍ୟ ଆସୁଛଂତି । ରାବଣ ଆସିବାର ଶୁଣି ରାମ ଭାରି ଖୁସି ହେଲେ ।

ହଠାତ୍ ହଠାତ୍ ସୁଗ୍ରୀବ ଏକ ପାହାଡ଼ଉପରୁ ପଥର ନେଇ ରାବଣ ଉପରକୁ ଛେଚି ଦେଲା । ରାବଣ ଶରରେ ସେ ପର୍ବତ କାଟି, ସୁଗ୍ରୀବକୁ ଏକ ବାଣ ମାରି ଅଜ୍ଞାନ କରିଦେଲା । ଏହା ଦେଖି ଜ୍ୟୋତିମୁଖ, ଗବାକ୍ଷ, ଗବୟ, ସୁଷେଣ, ଋଷଭ, ନୀଳ ଆସି ରାବଣ ଆଗେ ହାବୁଡ଼ିଗଲେ; କିନ୍ତୁ ରାବଣକୁ ଅଟକାଇବାକୁ ତାଙ୍କର ସାଧ୍ୟ କେତେ ? ରାବଣର ଶରମାଡ଼ ଖାଇ, ସମସ୍ତେ ରାମଙ୍କ ପାଖକୁ ପଳାଇଲେ । ରାମ ଲକ୍ଷ୍ମଣ ଦୁହେଁ ଯୁଦ୍ଧ କରିବାକୁ ବାହାରିଲେ ।

ଏଣେ ହନୁମାନ ଦଉଡ଼ିଯାଇ, ରାବଣକୁ ଗୋଟାଏ ମୁଥ ମାଇଲାବେଳକୁ ରାବଣ ହନୁମାନକୁ ଏକ ଚାପଡ଼ା ମାଇଲା । ହନୁମାନ ତାକୁ ସଂଭାଳି ଯାଇ, ରାବଣକୁ ଏକ ମୁଥ ମାରିଦେଲା । ରାବଣ ମୁଣ୍ଡ ବୁଲାଇ ହୋଇଗଲା । ସେ ପୁଣି ଉଠି, ହନୁମାନକୁ ଖୁବ୍ ଜୋରରେ ମୁଥ ମାରି ନୀଳ ସଂଗେ ହାବୁଡ଼ିଗଲା । ନୀଳ କେତେବେଳଯାଏଁ ଗଛ ପଥର ଧରି ଯୁଦ୍ଧ କରୁଥିଲା । ହଠାତ୍ ହଠାତ୍ ହଠାତ୍ ଗୋଟିଏ ମୁଷାପରି ସାନ ହୋଇ ଯାଇ, ରାବଣ ରଥ ଉପରେ ବସିଲା । ସେଠାରୁ ରାବଣ ମୁକୁଟକୁ, ମୁକୁଟରୁ ଧନୁକୁ, ଧନୁରୁ କାନ୍ଧକୁ ଡେଇଁ—ଏହିପରି ରାବଣକୁ ଅସ୍ତବ୍ୟସ୍ତ କଲା; ଏହା ଦେଖି ବାନରମାନେ ହସିଲେ । ସେ ହସରେ ରାବଣ ରାଗିଯାଇ, ଅଗ୍ନିବାଣ ମାରି ନୀଳକୁ ଅଜ୍ଞାନ କରି ଦେଇ, ଲକ୍ଷ୍ମଣଙ୍କୁ ଆସି ଭେଟିଲା ।

ଲକ୍ଷ୍ମଣ ଓ ରାବଣ ମଧ୍ୟରେ ଭାରି ଯୁଦ୍ଧ ହେଲା । ଦୁହେଁ ବଡ଼ ବଡ଼ ଶର ମାରୁଥାନ୍ତି, ଦୁହେଁ କାଟୁଥାନ୍ତି । ରାବଣ ଶର ମାରି ଲକ୍ଷ୍ମଣଙ୍କୁ ଥରେ ଅଜ୍ଞାନ କରି-ଦେଲା । ପୁଣି ଲକ୍ଷ୍ମଣ ଉଠି ରାବଣକୁ ଥରେ ଅଜ୍ଞାନ କରିଦେଲେ । ଶେଷକୁ ରାବଣ ଗୋଟାଏ ଶକ୍ତି କାଢ଼ିଲା । ଏ ଶକ୍ତି ବ୍ରହ୍ମା ତାକୁ ଦେଇଥିଲେ । ଲକ୍ଷ୍ମଣ ତାକୁ କାଟିବାକୁ ବହୁତ ଶର ମାଇଲେ; କିନ୍ତୁ କାଟି-ପାରିଲେ ନାହିଁ । ସେ ଆସି ଲକ୍ଷ୍ମଣଙ୍କ ବୁକୁରେ ପଡ଼ିବାରୁ ଲକ୍ଷ୍ମଣ ଅଜ୍ଞାନ ହୋଇ ପଡ଼ିଗଲେ । ରାବଣ ଏହା ଦେଖି, ଲକ୍ଷ୍ମଣଙ୍କୁ ଟେକି ନେବ ସିନା ବୋଲି ଆସି ଧଇଲା; କିନ୍ତୁ ହଲାଇ ପାରିଲା ନାହିଁ । ଏହି ମଧ୍ୟରେ ହନୁମାନ ଆସି ହାବୁଡ଼ିଗଲା । ହନୁମାନ ରାବଣ ବୁକୁରେ ଏକ ବିଧା ବସାଇ ଦେଲା । ରାବଣ ରକ୍ତ ବାନ୍ତି କରି; ଅଜ୍ଞାନ ହୋଇ ରଥରେ ପଡ଼ିଗଲା; ସେଠାରୁ ହନୁମାନ ଲକ୍ଷ୍ମଣଙ୍କୁ ଟେକି ରାମଙ୍କ ପାଖକୁ ଘେନିଆସିଲା । ଶକ୍ତିଟି ଲକ୍ଷ୍ମଣଙ୍କ ବୁକୁରୁ ଖସିପଡ଼ିଲା । ଲକ୍ଷ୍ମଣ ପୁଣି ସଚେତ ହୋଇଗଲେ । ରାବଣ ତେଣେ ସଚେତ ହୋଇ ପୁଣି ଭାରି ଯୁଦ୍ଧ ଲଗାଇ ଦେଲା । ଏଥର ରାମ ନିଜେ ରାବଣକୁ ଭେଟିଲେ । ରାବଣ ରଥ ଉପରେ ବସି ଯୁଦ୍ଧ କରୁଥିଲା । ସେ କଥା ଦେଖି ହନୁମାନ ରାମଙ୍କୁ ଆସି କହିଲା, "ଆପଣ ମୋ କାନ୍ଧରେ ବସି ଯୁଦ୍ଧ କରନ୍ତୁ ।"

ହନୁମାନ ଉପରେ ରାବଣର ଭାରି ରାଗ; କିନ୍ତୁ ଖାଲି ହନୁମାନ ଉପରେ ରାଗ ସାଧିଲେ ତ ହବ ନାହିଁ । ରାମଙ୍କ ବାଣ ତ ଅଟକାଇବା ଦରକାର । ହଠାତ୍ ହଠାତ୍ ରାମ ତା ରଥ, ସାରଥି, ଘୋଡ଼ା ସବୁ କାଟି ଖଣ୍ଡ ଖଣ୍ଡ କରିଦେଲେ । ରାବଣ ମୁକୁଟ ମଧ୍ୟ ତଳେ ପକାଇ ଦେଲେ । ରାବଣ ଯୁଦ୍ଧରେ ଅସ୍ତବ୍ୟସ୍ତ ହୋଇ ପଡ଼ିଲା । ରାମ ଏହା ଦେଖି କହିଲେ, "ଆଜି ବଡ଼ ବ୍ୟସ୍ତ ହେଲଣି; ଯାଅ, ଆଉ ଦିନେ ତମକୁ ଦେଖିବା ।" ରାବଣ ଲାଜରେ ଲଙ୍କା ଭିତରକୁ ପଳାଇଗଲା ।

---

## କୁମ୍ଭକର୍ଣ୍ଣ

ରାବଣର ଆଉ ଉପାୟ କଣ ! ସେ ସିଂହାସନରେ ବସି ରାକ୍ଷସମାନଙ୍କୁ ଗୁହାରି କହିଲା, "ଏତେ ଦିନ ପରେ ଶେଷରେ ମନୁଷ୍ୟ ହାତେ ହାରିବାକୁ ହେଲା ! ପୂର୍ବେ

ତପସ୍ୟା କରିବାରୁ ବ୍ରହ୍ମା 'ବର' ଦବାକୁ ଆସିଲେ । ମୁଁ ବର ମାଗିଥିଲି, ଦେବତା, ଅସୁର, ଯକ୍ଷ, ରାକ୍ଷସ ଏମାନଙ୍କ ଭିତରୁ କେହି ମତେ ମାରି ପାରିବେ ନାଇ । ବ୍ରହ୍ମା ମତେ ସେଇ 'ବର' ଦେଲେ । ସେତେବେଳେ ମୋର ମନୁଷ୍ୟଙ୍କ କଥା ମନେ ପଡ଼ି ନ ଥିଲା । ମୁଁ କଣ କେବେ ଭାବିଥିଲି ଯେ ମନୁଷ୍ୟ ଆସି ମତେ ଜିଣିବ ? ଯା ହଉ, ଏବେ କୁମ୍ଭକର୍ଣ୍ଣକୁ ଉଠାଅ, ସେ ଯଦି ରାମ ଲକ୍ଷ୍ମଣଙ୍କୁ ମାରିପାରେ ।"

କୁମ୍ଭକର୍ଣ୍ଣ ରାବଣର ତଳଭାଇ । ତା ତଳକୁ ବିଭୀଷଣ । ଏ ତିନି ଭାଇଙ୍କର କୁବେର ସାବତ ଭାଇ । କୁମ୍ଭକର୍ଣ୍ଣ ସବୁଠାରୁ ବେଶି ଦୁଷ୍ଟ, ବଡ଼ ହୁଣ୍ଡା—ମୁନିଋଷି ପାଇଲେ ଟପାଟପ ପାଟିରେ ପକାଇ ଦିଏ । ସେ ବ୍ରହ୍ମାଙ୍କୁ ବର ମାଗିଥିଲା—"ମୁଁ ସବୁବେଳେ ଶୋଇବି ।" ସେହି ଦିନଠାରୁ ସେ ଛ'ମାସ ଶୋଇ ଦିନେ ଉଠେ । ଉଠିଲା ଦିନ ଦିସ୍ତରେ ସେତ୍ର ଭାତ, ଦଶ ପାଞ୍ଚ ଗଣ୍ଡା ହରିଣ, ମଇଁଷି, ଦଶ କୋଡ଼ିଏ ମାଠିଆ ରକ୍ତ, ମଣିଷ ଗଣ୍ଡେ ଦିଗଣ୍ଡା ମିଳିଲା ତ ଉତ୍ତମ—ସବୁ ଭୋଜନଟେ କରି ଦେଇ ପୁଣି ଶୋଇପଡ଼େ । ଏବେ ଛମାସ ପୂରିନାଇ । କୁମ୍ଭକର୍ଣ୍ଣକୁ ଉଠାଇବାକୁ ହେବ । ତାହାର ଭୋଜନ ପାଇଁ ଘୁଷୁରି, ମଇଁଷି, ହରିଣ ମାରି ପାହାଡ଼ ପରି ଜମା କରିଦେଲେ । କାହିଁକି ନା ନିଦରୁ ଉଠିଲାବେଳକୁ ଖାଇବା ଜିନିଷ କିଛି ପାଖରେ ନ ଥିଲେ, ଯେଉଁମାନେ ଉଠାଉଥିବେ ତାଙ୍କୁ ଧରି ମୁହଁରେ ଗୁଞ୍ଜି ଦେଇପାରେ ।

ତାପରେ ରାକ୍ଷସମାନେ ତା ଦେହରେ ଚନ୍ଦନ ବୋଳି ସେ ଘରେ ଧୂପ ଜାଳି, ଭାରି ପାଟି କଲେ । ହଜାର ହଜାର ବଡ଼ ବଡ଼ ଶଙ୍ଖ ସବୁ ଆଣି ଏକାବେଳକେ ବଜାଇଲେ । ସମସ୍ତେ ମିଶି କୁମ୍ଭକର୍ଣ୍ଣଙ୍କୁ ହଲାଇଲେ । କୁମ୍ଭକର୍ଣ୍ଣ ଚଙ୍କିଲା ନାଇ । ତା ପରେ ଦଶ ହଜାର ରାକ୍ଷସ ମିଳି ତା ଉପରେ ଚପୁଡ଼ା, ବିଧା, ମୁଥ ମାଇଲେ । କେହି କେହି ବଡ଼ ବଡ଼ ଠେଙ୍ଗା ଧରି ପିଟିଲେ । ସେଥିରେ ସେ ଉଠିବ କଣ ? ତାକୁ ଖୁବ୍ ଆରାମ ଲାଗିଲା । ସେ ସୁଖେ ଢଙ୍ଗୁଡ଼ି ମାଇଲା । ସେ ଢଙ୍ଗୁଡ଼ି ଭୟରେ କେହି ତା ଆଗକୁ ଯାଇପାରିଲେ ନାଇ । ତା ପରେ ସମସ୍ତେ ଉଠି ଏକାବେଳକେ ଗର୍ଜନ କଲେ । ଶଙ୍ଖ, ଭେରି, ଢୋଲ କେତେ ବଜାଇଲେ । ତା ଉପରେ ବଡ଼ ବଡ଼ ମୁଦ୍ଗର ପିଟିଲେ । ଶେଷକୁ ବଡ଼ ବଡ଼ ହାତୀ, ଘୋଡ଼ା, ଓଟ ଆଣି ତା ଉପରେ ଚଳାଇଲେ । ସେ ଉଠିଲା ନାଇ । ସେଠାରୁ ତା ବାଳ ଝିଙ୍କି ଛିଣ୍ଡାଇଲେ, ତାକୁ କାମୁଡ଼ିଲେ, ତା ନାକରେ ପାଣି ଭର୍ତ୍ତି କଲେ । ଶତଘ୍ନୀ ଆଣି ତାକୁ ମାଇଲେ । କିଛି ହେଲା ନାଇ । ଶେଷକୁ ହଜାର ହାତୀ ଆଣି ଏକାବେଳକେ ତା ଉପରେ ମଡ଼ାଇଲେ । ତାକୁ ଲାଗିଲା, କିଏ ଯେପରି ଚପି ଦଉଚି । ସେ ଆଖି ମଳି ଗୋଟେ ହାଇ ମାରିଦେଲା; ହାଇ ଦେଖି ସମସ୍ତେ ତାକୁ ଘୁଷୁରି, ମଇଁଷି ସବୁ ଦେଖାଇ ଦେଇ ଡରି ପଳାଇଲେ । କୁମ୍ଭକର୍ଣ୍ଣ ମାଂସର ପାହାଡ଼ ଓ ରକ୍ତର ମାଠିଆ ସବୁ ଧରି ମୁହୂର୍ତ୍ତକେ ଶେଷ କରିଦେଲା । ରାକ୍ଷସମାନେ ଏବେ ଭରସି କରି ପାଖକୁ ଆସିଲେ । ସେ ନିଦମଳମଳ ଆଖିରେ ତାଙ୍କୁ କେତେବେଳେ ଚାହିଁ, ପଚାରିଲା, "କାହିଁକି ଉଠାଇଲ; କ'ଣ ହେଲା କି ?"

ମନ୍ତ୍ରୀ ଯୂପାକ୍ଷ ହାତ ଯୋଡ଼ି କହିଲା, "ମଣିଷ ଆଉ ମାଙ୍କଡ଼ ଆସି ଲଙ୍କା ନାରଖାର କରି ଦେଲେଣି ।" କୁମ୍ଭକର୍ଣ୍ଣ ଏହା ଶୁଣି କହିଲା, "ତେବେ ମୁଁ ସେ ମାଙ୍କଡ଼ ମଣିଷ ଗୁଡ଼ାକ ଖାଇସାରି ଭାଇଙ୍କ ସଙ୍ଗେ ଦେଖା କରିବାକୁ ଯିବି ।" କିନ୍ତୁ ରାକ୍ଷସମାନେ କୌଣସିମତେ ବୁଝାଇ ତାକୁ ଆଗ ରାବଣ ପାଖକୁ ନେଲେ । ସେ ଗଲାବେଳେ ତା ବିକଟାଳ ରୂପ ଦେଖି

ମାଂକଡ଼ମାନେ ଭୟରେ ଏଣିକି ତେଣିକି ପଳାଇଲେ । କିଏ ଶୋଇ ପଡ଼ିଲା, କିଏ ରାମଂକ ପାଖକୁ ଚାଲିଗଲା । ରାମ ବିଭୀଷଣଂକୁ ପଚାରିବାରୁ ବିଭୀଷଣ କହିଲେ, "ଏ ବିଶ୍ରବାଂକ ପୁଅ କୁଂଭକର୍ଣ୍ଣ । ଏ ଜନ୍ମ ହେଉ-ହେଉ ଏତେ ଜଂତୁ ଧରି ଖାଇଲା ଯେ, ସମସ୍ତେ ଭୟରେ ଯାଇ ଇଂଦ୍ରଂକର ଶରଣ ପଶିଲେ । ଇଂଦ୍ର ତାକୁ ବଜ୍ର ମାରିବାରୁ କୁଂଭକର୍ଣ୍ଣ ଇଂଦ୍ରଂକ ହାତୀ ଐରାବତର ଗୋଟିଏ ଦାଂତ ଭାଂଗି ଇଂଦ୍ରଂକୁ ବାଡ଼େଇ ବାଡ଼େଇ ଅଜ୍ଞାନ କରି ପକାଇଲା । କୁଂଭକର୍ଣ୍ଣର ଏ ଅତ୍ୟାଚାର ଦେଖି ବ୍ରହ୍ମା କହିଲେ, 'ତୁ ଖାଲି ଶୋଇବୁ' । ସମସ୍ତେ ଖୁସି ହେଲେ; କିଂତୁ ରାବଣ ବ୍ରହ୍ମାଂକୁ ବହୁତ ମିନତି କରିବାରୁ ବ୍ରହ୍ମା ପୁଣି କହିଲେ, "ଆଚ୍ଛା, ଛ ମାସରେ ଦିନେ ଉଠିବ ।' ରାବଣ ଆଜି ଆଉ କିଛି ଉପାୟ ନ ଦେଖି ତାକୁ ନିଦରୁ ଉଠାଇଛି ।"

ଏହା ଶୁଣି ରାମ ବାନରମାନଂକୁ ସାବଧାନରେ ରହିବାକୁ କହିଦେଲେ । ସମସ୍ତେ ଗଛ ପଥର ଧରି ଯେଝା ଥାନରେ ସଜାଡ଼ି ହୋଇ ରହିଲେ । ଏଣେ କୁଂଭକର୍ଣ୍ଣ ଯାଇ ରାବଣ ପାଖେ 'କାହିଁକି ଉଠାଇଲେ, କଣ କରିବାକୁ ହବ' ବୋଲି ପଚାରିଲା । ରାବଣ କହିଲା, "ଭାଇ, ତୁମେ ତ ଖାଲି ଶୋଇବ, କିଛି ତ ଜାଣିବ ନାଇ । ରାମ ଲକ୍ଷ୍ମଣ ମାଂକଡ଼ମାନଂକୁ ନେଇ ଲଂକା ଛାରଖାର କରି ସାରିଲେଣି । ସେମାନଂକ ଭିତରେ ବଡ଼ ବଡ଼ ବୀର ଅଛଂତି । ଆମର ସବୁ ବଡ଼ ବଡ଼ ଯୋଦ୍ଧାମାନେ ମଲେଣି । ଲଂକାରେ କଣ ଆଉ କିଏ ଅଛି ? ସେଥିପାଇ ତମଂକୁ ଉଠାଇଲି । ତମେ ଏମାନଂକୁ ଯଦି ମାରି ପାରିବ, ତେବେ ରକ୍ଷା ।"

କୁଂଭକର୍ଣ୍ଣ ସବୁ ଶୁଣି କହିଲା, "ନ ବୁଝି ନ ସୁଝି କାମ କଲେ ଏଇପରି ହୁଏ । ଲୋକେ ଆପଣଂକୁ ଏତେ ବୁଝାଇଲେ, ଆପଣ ଶୁଣିଲେ ନାଇ । ବିଭୀଷଣ କଥା କରିଥିଲେ, କଣ ଏପରି ହୋଇଥାଂତା ?"

ରାବଣ ଏହା ଶୁଣି, ଟିକିଏ ରାଗ ହୋଇ ବିରକ୍ତ ହେଲା । କୁଂଭକର୍ଣ୍ଣ ପୁଣି କହିଲା, "ଯାହା ମତେ ଭଲ ଦିଶିଲା, ମୁଁ ତା କହିଲି । ବଡ଼ ଭାଇ ବୋଲି କଣ ଭଲ କଥା କହିବାକୁ ମନା ଅଛି ? ଯା ହଉ, ମୁଁ ଥାଉ ଥାଉ ଆପଣଂକର ଆଉ ଭୟ କଣ ? ମୁଁ ଯାଉଛି ଏମାନଂକୁ ମାରିଦେବି ।"

ରାବଣ ଏଥର ଭାରି ଖୁସି ହୋଇ ତାକୁ ପ୍ରଶଂସା କରି ଆପଣା ହାତରେ ତାକୁ ଯୁଦ୍ଧ ପୋଷାକ ପିଂଧାଇଦେଇ, ତା ସାଥିରେ ବହୁତ ସୈନ୍ୟ ସାମଂତ ଦେଇ, ତାକୁ ଯୁଦ୍ଧକୁ ପଠାଇ ଦେଲା । କୁଂଭକର୍ଣ୍ଣ ହାତରେ ଶୂଳ ଧରି, ଗର୍ଜିକରି ବାହାରିଲା । ବାନର-ମାନେ ତାକୁ ଦେଖି, 'ବାପଲୋ' ବୋଲି କିଏ କୁଆଡ଼େ ପଳାଇଲେ । ଅଂଗଦ ବହୁତ ବକିଲେ । କେହି ଶୁଣୁ ନ ଥାଂତି କି ଫେରୁ ନ ଥାଂତି । ସେ ଯୁଉଁଠୁ ମାଂକଡ଼ଟାଏ ପାଉଥାଏ, ମଂଡାପିଠା ପରି ପାଟିକି ପକେଇ ଦଉଥାଏ । ଯା ହଉ, ବଡ଼ ମାଂକଡ଼ମାନେ ଭରସିକରି ପାଖକୁ ଆସିଲେ । ସେମାନଂକର ଭୟ ନାଇ ।

ଦ୍ୱିବିଦ ପାହାଡ଼ ଛେଚି କେତେ ରାକ୍ଷସ ମାରିଲା । ହନୁମାନ ସାଂଗେ କୁଂଭକର୍ଣ୍ଣର ବି ଖୁବ୍ ପିଠାପିଟିଟାଏ ହୋଇଗଲା । ଶେଷକୁ ହନୁମାନ ଗୋଟାଏ ପଥର ଛେଚି ତାକୁ ଅଜ୍ଞାନ କରିଦେଲା । କୁଂଭକର୍ଣ୍ଣ ବି ପୁଣି ଉଠି ଗୋଟାଏ ଶକ୍ତି ମାରିଲା । ହନୁମାନ ସେଥିରେ ଛଟପଟ ହୋଇଗଲା । ତା ପରେ ଋଷଭ, ଶରଭ, ନୀଳ, ଗବାକ୍ଷ ଓ ଗଂଧମାଦନ-ପାଞ୍ଚଜଣ ଯାକ ମିଳି କୁଂଭକର୍ଣ୍ଣକୁ ଭେଟିଲେ । ସେମାନେ ରାଂପୁଡ଼ି, କାମୁଡ଼ି, ବିଧାଗୋଇଠା ମାରି କୁଂଭକର୍ଣ୍ଣ ଉପରେ କେତେ ଗଛ ପଥର ଫୋପାଡ଼ିଲେ । କୁଂଭକର୍ଣ୍ଣକୁ ବେଶ ଆରାମ ବୋଧ ହେଲା । ଯେପରି କି, ତା ଦିହକୁ

କିଏ ଚିମିରି ମାରି ଦଉଚି । ଶେଷକୁ କୁଂଭକର୍ଣ୍ଣ ତାଂକୁ କାଖରେ ଯାକି, ଗୋଟି ଗୋଟି କରି ମୁଂଡରେ ମୁଂଡ ଠୁକିଲା । ଏକାବେଳକେ ହଜାର ହଜାର ମାଂକଡ଼ କୁଂଭକର୍ଣ୍ଣକୁ ମାରିବାକୁ ଗଲେ । କୁଂଭକର୍ଣ୍ଣ ଗୋଟି ଗୋଟି କରି ଧରି ମୁହଁରେ ଗୁଂଜି ଦଉଥାଏ । କେତେ ମାଂକଡ଼ ମୁହଁରେ ପଶି, ତା ନାକବାଟେ ଚଲି ପଡ଼ୁଥାଂତି । ତା ପରେ ଅଂଗଦ ବହୁତ ଯୁଦ୍ଧ କରି, କୁଂଭକର୍ଣ୍ଣକୁ ଟିକିଏ ଜବତ କରିଥିଲା । ଶେଷକୁ କୁଂଭକର୍ଣ୍ଣ ଠାରୁ ଗୋଟାଏ ମୁଥ ଖାଇ ଅଜ୍ଞାନ ହୋଇଗଲା ।

ଅଂଗଦକୁ ଅଜ୍ଞାନ ଦେଖି ସୁଗ୍ରୀବ ଗୋଟାଏ ପାହାଡ଼ ଧରି ପହଂଚିଗଲା । ପାହାଡ଼ଟି ଛେଚି ଦେଲାକ୍ଷଣି କୁଂଭକର୍ଣ୍ଣ ଦେହରେ ବାଜି ଗୁଂଡ଼ା ହୋଇଗଲା । ତା' ପରେ ଶୂଳ ଧରି ସୁଗ୍ରୀବକୁ ଭୂଷିଦେଲା ବେଳକୁ, ହନୁମାନ ଶୂଳଟି ଧରି ଭାଂଗି ଦେଲା । ତା ପରେ କୁଂଭକର୍ଣ୍ଣ ସୁଗ୍ରୀବକୁ ଗୋଟେ ପଥରରେ ଛେଚି ଅଜ୍ଞାନ କରିଦେଇ, ରାକ୍ଷସମାନଂକୁ ଦେଖାଇବା ପାଇଁ, ତାକୁ ଧରି, ଲଂକା ଭିତରକୁ ଚାଲିଲା । ଲଂକା ଭିତରେ ସୁଗ୍ରୀବର ଜ୍ଞାନ ହେଲାକ୍ଷଣି ସେ ସାଂଗେ ସାଂଗେ ଦୁଇ ହାତରେ କୁଂଭକର୍ଣ୍ଣର ଦୁଇଟି କାନ ଓ ପାଟିରେ ତା' ନାକଟି ଧରି, ଛିଂଡ଼ାଇଦେଲା । କୁଂଭକର୍ଣ୍ଣ ବ୍ୟାକୁଳ ହୋଇ ପାଟିକରି ସୁଗ୍ରୀବକୁ ତଳେ ଫିଂଗିଦେଲା । ଆଉ କହିବା ଦରକାର ନାଇ । ସୁଗ୍ରୀବ ଏକା ଡିଆଁକେ ଚାଲି ଆସିଲା ।

ଏଥର କୁଂଭକର୍ଣ୍ଣର ରୂପ ଆଉରି ବିକଟାଳ ହୋଇଗଲା । ସେ ରାଗିଯାଇ, କିଏ ରାକ୍ଷସ, କିଏ ବାନର ତା ପର୍ଯ୍ୟନ୍ତ ବୁଝି ପାରିଲା ନାଇ । ରାକ୍ଷସ ଧରି ବି ମୁହଁରେ ଗୁଂଜିଦିଏ । ଲକ୍ଷ୍ମଣ ଯାଇ ତାକୁ ଭେଟିଲେ । ଲକ୍ଷ୍ମଣଂକୁ ସେ ଖାତିର କଲା ନାଇ । କହିଲା, 'ରାମକୁ ମୁଁ ମାରିବାକୁ ଆସିଚି, ସେ କାହିଁ ?' ଏହା କହି ରାମଂକ ପାଖେ ଆସି ପହଂଚିଲା । ରାମ ତା ଗଦା କାଟିଦେଲେ । ମାଂକଡ଼ମାନେ ତା ଦେହଯାକ ଚଢ଼ିଗଲେ । ସେ ମାଂକଡ଼ମାନଂକୁ ଝାଡ଼ି ଫିଂଗିବ କି ଯୁଦ୍ଧ କରିବ, କିଛି ବୁଝି ପାରିଲା ନାଇ । ରାମ ବହୁତ ବାଣ ମାରିଲେ; କିଂତୁ କୁଂଭକର୍ଣ୍ଣକୁ ସହଜରେ ଜବତ କରି ପାରିଲେ ନାଇ । ବାଳୀ ଯେଉଁ ବାଣରେ ମରିଥିଲା, ତାକୁ ସେ ସହିଗଲା । ସେ ଗୋଟାଏ ବଡ଼ ମୁଦ୍‌ଗର ଧରି, ରାମଂକ ବାଣ ଅଟକାଉଥାଏ । ରାମ ବାୟୁବାଣରେ ତା ହାତ କାଟିଦେଲେ । ଆଉ ହାତରେ ଗୋଟାଏ ତାଳଗଛ ଧରି ବାହାରିବାରୁ ଇଂଦ୍ର ଅସ୍ତ୍ରରେ ସେ ହାତ ମଧ କାଟିଦେଲେ । ପୁଣି ସେ ଆସିଲା । ଅର୍ଦ୍ଧଚଂଦ୍ର ବାଣରେ ରାମ ତା ଗୋଡ଼ କାଟିଦେଲେ । ସେଠାରୁ ନସ ଆଁ କରି ଗଡ଼ି ଗଡ଼ି ଆସିଲା । ରାମ ଅନେକ ଗୁଡ଼ିଏ ବାଣ ମାରି, ତା ଆଁ ବଂଦ କରିଦେଲେ । ଶେଷକୁ ଇଂଦ୍ର ଅସ୍ତ୍ରରେ ମୁଂଡଟି କାଟିଦେଲେ । କୁଂଭକର୍ଣ୍ଣ ମରିବାରୁ, ରାକ୍ଷସମାନେ ଭୟରେ ପାଟିକଲେ; କିଂତୁ ଦେବତା, ଗଂଧର୍ବ, ମୁନି, ଋଷିମାନେ ଆନଂଦରେ ଆକାଶ କଂପାଇଲେ ।

## ହନୁମାନ ଔଷଧ ପର୍ବତ ଆଣିଲା

କୁଂଭକର୍ଣ୍ଣ ମରିବା କଥା ଶୁଣି ରାବଣ ଆଗ ଅଜ୍ଞାନ ହୋଇ ପଡ଼ିଗଲା । ତା ପରେ ଉଠି ଅନେକ କାଂଦି କହିଲା, "ଆହା, ମୁଁ କାହିଁକି ଭାଇ ବିଭୀଷଣକୁ ଅପମାନ ଦେଲି ? ସେ ଦଂଡ ଏବେ ପାଇଲି । ମୋର ସବୁ ଗଲା ।" ଏହା କହି ପୁଣି ସେ ଅଜ୍ଞାନ ହୋଇଗଲା । ତା ନିଜ ପୁଅ ତିନିଟି ଆସି, ବହୁତ ବୋଧ ଦେଇ, ରାମ ଲକ୍ଷ୍ମଣଂକୁ ମାରିବ ବୋଲି ଯୁଦ୍ଧକୁ ବାହାରିଲା । ଦେବାଂତକ, ନରାଂତକ ଏବଂ ଅତିକାୟ ବୋଲି ରାବଣର ଆଉ ତିନି ପୁଅ; ଆଉ ମହୋଦର, ମହାପାର୍ଶ୍ୱ ବୋଲି ଦୁଇ ଭାଇ ମଧ ତିନିଟି ସଂଗେ ବାହାରିଲେ । ଏମାନେ ଆଗ ଖୁବ୍ ଯୁଦ୍ଧ କଲେ; କିଂତୁ ଅତିକାୟ

ଛଡ଼ା ଆଉ କେହି ବେଶି ସମୟ ବଂଚିରହିଲେ ନାହିଁ । ଅତିକାୟ ତପସ୍ୟା କରି ବ୍ରହ୍ମାଙ୍କଠାରୁ ଅକ୍ଷୟକବଚ ବୋଲି, ଗୋଟିଏ କବଚ ବା ସାଂଜୁ ପାଇଥିଲା । ସେଥିରେ ଶର ଫୁଟେ ନାହିଁ । ସେ ଖୁବ୍ ଯୁଦ୍ଧ କଲା । ଶେଷକୁ ପବନ ଆସି ଲକ୍ଷ୍ମଣଙ୍କ କାନରେ ବ୍ରହ୍ମାସ୍ତ୍ର ମାରିବାକୁ କହିଦେଲେ । ବ୍ରହ୍ମାସ୍ତ୍ର ଅଟକାଇବାକୁ ଅତିକାୟର କି ବଳ ? ଘୂରୁଁ ଘୂରୁଁ ସେ ଦୁଇଖଣ୍ଡ ହୋଇ ପଡ଼ିଗଲା ।

ଏହା ଦେଖି ଇଂଦ୍ରଜିତ ପୁଣି ବାହାରିଲା । ସେ ସେହିପରି ମେଘରେ ଲୁଚିରହି ରାଗରେ ଶର ମାରି, ରାମ ଲକ୍ଷ୍ମଣଙ୍କ ସହିତ ସମସ୍ତଙ୍କୁ ଅଜ୍ଞାନ କରି ପକାଇଦେଲା । ରାକ୍ଷସମାନେ ଭାରି ଖୁସି ହେଲେ । ସମସ୍ତେ ଭାବିଲେ, ଏଇଥର ରାମ, ଲକ୍ଷ୍ମଣ ଓ ବାନରମାନେ ମଲେ ।

ସମସ୍ତେ ଅଜ୍ଞାନ ହୋଇଛଂତି । ବିଭୀଷଣ ହନୁମାନ ଦୁହେଁ ଅଜ୍ଞାନ ହୋଇ ନାହାଂତି । ସେମାନେ ମଶାଲ ଧରି ଖୋଜି ଖୋଜି ଜାଂବବାନକୁ ଦେଖିଲେ । ତାର ଟିକିଏ ଜ୍ଞାନ ଥିଲା । ସେ କହିଲା, "ହନୁମାନ ବଂଚିଛି ତ । ତେବେ କିଛି ଭୟ ନାହିଁ । ସେ ମରିଥିଲେ ଆଉ ଉପାୟ ନାହିଁ ।" ହନୁମାନ ପ୍ରଣାମ କଲା । ଜାଂବବାନ ତାକୁ କହିଲା, "ତମେ ବଞ୍ଚିଲେ ସମସ୍ତେ ପୁଣି ବଂଚିବେ । ହିମାଳୟ ପରେ ଋଷଭ ଆଉ କୈଳାସ ପର୍ବତ । ସେ ଦୁହିଁଙ୍କ ମଧ୍ୟରେ ଔଷଧ ପର୍ବତ । ସେହିଠାରେ ବିଶଲ୍ୟକରଣୀ, ମୃତ୍ୟୁସଂଜୀବନୀ, ସୁବର୍ଣ୍ଣକରଣୀ ଆଉ ସଂଧାନୀ ଏହି ଚାରି ପ୍ରକାର ଔଷଧ ଅଛି । ବେଗେ ଯାଇ ଘେନିଆସ ।"

ଔଷଧ କିପରି ଚିହ୍ନିବାକୁ ହେବ, ତାହା ଜାଂବବାନ ହନୁମାନକୁ ବତାଇଦେଲା । ହନୁମାନ ଘୂରୁଁ ଘୂରୁଁ ଆକାଶରେ ଉଡ଼ି, ମୁହୂର୍ତ୍ତକ ମଧ୍ୟରେ ଔଷଧ ପର୍ବତ ପାଖେ ଆସି ପହଂଚିଲା । ଦୂରରୁ ଔଷଧ ଗଛସବୁ ରାତିରେ ଜକ୍‌ଜକ୍ ଦିଶୁଥିଲା; କିଂତୁ ହନୁମାନ ପାଖକୁ ଆସିବାରୁ ଔଷଧମାନେ ଲୁଚିଗଲେ । ହନୁମାନ ରାଗିଯାଇ, ଏକାବେଳକେ ଗୋଟାକଯାକ ପାହାଡ଼ଧରି ଉପାଡ଼ିବାକୁ ବସିଲା । ଗଛ, ପଥର, ହାତୀ, ଗଂଡା, ସମସ୍ତଙ୍କୁ ଧରି ପାହାଡ଼ ସୁଦ୍ଧା ଭଡ଼୍ ଭଡ଼୍ ହୋଇ ଉପୁଡ଼ିଗଲା । ହନୁମାନ ସେ ପାହାଡ଼ଟାକୁ ମୁଂଡରେ ବସାଇ, ମୁହୂର୍ତ୍ତକେ ପୁଣି ଲଂକାରେ ଆସି ହାଜର ହୋଇଗଲା । ଆହା ! ସେ କି ଆଶ୍ଚର୍ଯ୍ୟ ଔଷଧ । ସେ ଗଛରୁ ପବନ ବାଜି ସମସ୍ତେ ଆଖି ମକଚି ନିଦରୁ ଉଠିଲା ପରି ଉଠି ବସିଲେ । ରାମ ଲକ୍ଷ୍ମଣ ଉଠିଲେ, ବାନରମାନେ ଉଠିଲେ; କିଂତୁ ରାକ୍ଷସମାନେ ଆଉ ଉଠିଲେ କାହିଁ ? କାଳେ ବହୁତ ରାକ୍ଷସ ମରିବାର ଦେଖିଲେ ବାନରମାନଙ୍କ ସାହସ ବଢ଼ିଯିବ, ସେଥିପାଇଁ ଅନ୍ୟ ରାକ୍ଷସମାନେ ରାକ୍ଷସ ମଡ଼ାଯାକ ଗୋଟାଇ ସମୁଦ୍ରକୁ ଫିଂଗି ଦିଅଂତି । ଏବେ ତାଂକ ନାକରେ ଆଉ ଗନ୍ଧ ବାଜିବ କାହିଁ ? ଯା ହେଉ ସମସ୍ତେ ବଂଚିସାରିବା ପରେ ହନୁମାନ ପୁଣି ପାହାଡ଼କୁ ନେଇ ଯେଉଁଠାରେ ଥିଲା, ସେହିଠାରେ ରଖିଦେଇ ଆସିଲା ।

---

## ଲକ୍ଷ୍ମଣ ଇଂଦ୍ରଜିତକୁ ମାଇଲେ

ଆରଦିନ ସଂଧ୍ୟାବେଳେ ଦଳେ ଦଳେ ମାଂକଡ଼ ହାତରେ ମଶାଲମାନ ଧରି, ଲଂକାରେ ପଶିଲେ । ହନୁମାନ ତ ଥରେ ଲଂକା ପୋଡ଼ିଥିଲା । ଯାହା କିଛି ବାକୀ ଥିଲା, ସେ ସବୁ ଏବେ ଦାଉ ଦାଉ ହୋଇ ଜଳି ଉଠିଲା । ରାକ୍ଷସମାନେ ଭାରି ପାଟି କୋଳାହଳ କରି ଏଣେ ତେଣେ ପଳାଉଥାଂତି । ସଂଗେ ସଂଗେ ଏଣେ ପୁଣି ଯୁଦ୍ଧ ଲାଗିଗଲା । ଏଥର ରାକ୍ଷସମାନଙ୍କ ସେନାପତି ହେଲେ କୁଂଭ, ନିକୁଂଭ, ଯୂପାକ୍ଷ, ଶୋଣିତାକ୍ଷ ଓ ପ୍ରଜଂଘ ।

ଅଂଗଦ, ଦ୍ୱିବିଦ ଓ ମୈଂଦ, ସୁଷେଣ, ପ୍ରଜଂଘ ଓ ଶୋଣିତାକ୍ଷ ସଂଗେ ବହୁତ ଯୁଦ୍ଧ କରି ତାଂକୁ ମାରି ଦେଲେ । କୁଂଭ ଘୋର ଯୁଦ୍ଧ କଲା । ତାକୁ କେହି ପାରିଲେ ନାହିଁ । ସେ ଏତେ ବାଣ ମାରିଲା ଯେ କହିହେବ ନାହିଁ । ଶେଷକୁ ସୁଗ୍ରୀବ ତା ଧନୁ ଛଡ଼ାଇ ନେଇ ମୁଥମାଡ଼ ଆରଂଭ କରି ଦେଲା । ତାକୁ ନେଇ ସମୁଦ୍ରରେ ଫିଂଗି ଦେଲା । ସେ ପୁଣି ଓଦାଳୁଗାରେ ଉଠି ଆସି ସୁଗ୍ରୀବକୁ ମୁଥ ମାରିବାରୁ, ସୁଗ୍ରୀବ ଦୁଇଟା ଗୋଟାଏ ବସାଇ ଦେଇ ତାକୁ ଶେଷ କଲା ।

ଭାଇ ମରିବାରୁ ନିକୁଂଭ ରାଗରେ ପରିଘ ଧରି ଆସିଲା । ଆଉ କେହି ତା ପାଖକୁ ଯିବାକୁ ସାହସ କଲେ ନାହିଁ । ହନୁମାନ ଛାତିରେ ସେ ପରିଘଟି ଚୂନା ହୋଇଗଲା । ହନୁମାନକୁ ଧରି ନିକୁଂଭ ଚାଲି ଯାଉଥିଲା । ହନୁମାନ ଗୋଟିଏ ମୁଥ ବସାଇ ଦେବାରୁ ଛାଡ଼ିଦେଲା । ହନୁମାନ ସୁବିଧା ଦେଖି, ତା ମୁଂଡଟି ଗଂଡିରୁ ଛିଂଡାଇ ଦେଲା ।

ତା ଉତ୍ତାରୁ ଖରପୁଅ ମକରାକ୍ଷ ଆସି ରାମଂକ ହାତେ ଅଳ୍ପକେ ପ୍ରାଣ ଦେଲା । ଏବେ ନିଜେ ଇଂଦ୍ରଜିତ ଯୁଦ୍ଧ କରିବାକୁ ବାହାରିଲା । ସେ ସେହିପରି ମେଘ ଯୁଦ୍ଧରେ ରାମ ଲକ୍ଷ୍ମଣଂକୁ ଘୋର କଷ୍ଟ ଦେଲା, ଶେଷକୁ ରାମ ରାଗିଯାଇ ପ୍ରତିଜ୍ଞା କଲେ, "ଆଜି ଯା ହଉ, ଇଂଦ୍ରଜିତ ଆକାଶ ପାତାଳ ଯେଉଁଠାରେ ଥାଉ, ତାର ରକ୍ଷା ନାହିଁ ।" ଏହା ଶୁଣି ଇଂଦ୍ରଜିତ ଭୟରେ ଚାଲିଗଲା ।

ଟିକିଏ ପରେ ଦେଖାଗଲା ଯେ ଇଂଦ୍ରଜିତ ସୀତାଂକ ପରି ଗୋଟିଏ ସ୍ତ୍ରୀଲୋକକୁ ରଥରେ ବସାଇ ଆସିଲା । ସେ ସ୍ତ୍ରୀଲୋକଟି ପ୍ରକୃତ ସୀତା ନୁହେଁ । ରାକ୍ଷସମାନେ ଠକିବା ପାଇଁ ସେପରି ତିଆରି କରିଥିଲେ । ଇଂଦ୍ରଜିତ ସେହି ମାୟା ସୀତାର ଚୁଟି ଧରି ହାଣିବାକୁ ଗଲାବେଳେ ସେ ମାୟା ସୀତା 'ହା—ରାମ' ! ବୋଲି କାଂଦୁଥାଏ । ହନୁମାନ ଏହା ଦେଖି ଖୁବ୍ ରାଗିଯାଇ ଇଂଦ୍ରଜିତକୁ ମାରିବାକୁ ଗଲା ବେଳକୁ ଇଂଦ୍ରଜିତ ସେ ମାୟା ସୀତାର ମୁଂଡଟା କାଟିଦେଇ ଚାଲିଗଲା ।

ହନୁମାନ ତା ପରେ ଘୋର ଯୁଦ୍ଧ ଲଗାଇ ଦେଲା । କିଂତୁ ଶେଷକୁ ଭାବିଲା, 'ସୀତା ତ ଗଲେଣି, ଆଉ ଯୁଦ୍ଧ କରି ଲାଭ କଣ ?' ରାମ ଏକଥା ଶୁଣି ବଡ଼ ବିକଳ ହେଲେ । ବିଭୀଷଣ ଶୁଣିଲାକ୍ଷଣି ରାମଂକୁ ବୋଧ ଦେଇ କହିଲେ, "ଏ ସୀତା ନୁହେଁ । ଦୁଷ୍ଟ ଇଂଦ୍ରଜିତ ମାୟାରେ ଏପରି ଦେଖାଇ ସମସ୍ତଂକୁ ଭୁଲାଇ ରଖି ଦେଇ ନିକୁଂଭିଳା ଯଜ୍ଞ କରିବାକୁ ଯାଇଛି । ଏ ଯଜ୍ଞ ଶେଷ କଲେ ଯୁଦ୍ଧବେଳେ କେହି ତାକୁ ଦେଖିପାରିବେ ନାହିଁ । ଫଳରେ ସମସ୍ତେ ହାରିବେ । କିଂତୁ ଯଜ୍ଞ ଶେଷ ନହେଲେ, ସେ ନିଜେ ଯୁଦ୍ଧରେ ମରିବ । ସେ ଏହିପରି ବର ପାଇଛି । ଏବେ ଯଜ୍ଞ ଭାଂଗିବାକୁ ହବ । ଲକ୍ଷ୍ମଣ କେବଳ ଏଥିକି ପାରିବେ । ସେ ମୋ ସଂଗରେ ଆସଂତୁ ।"

ବିଭୀଷଣ, ଲକ୍ଷ୍ମଣ ଆଉ ବହୁତ ବାନର ସେନା ଯଜ୍ଞ ଭାଂଗିବାକୁ ଗଲେ । ଯଜ୍ଞଠାରେ ଲକ୍ଷ୍ମଣ ଆଉ ରାକ୍ଷସମାନଂକର ଘୋର ଯୁଦ୍ଧ ଲାଗିଗଲା । ଇଂଦ୍ରଜିତର ଯଜ୍ଞ ଆଉ ଶେଷ ହେଲା ନାହିଁ । ଇଂଦ୍ରଜିତ ଯଜ୍ଞ ଛାଡ଼ି ଲକ୍ଷ୍ମଣଂକୁ ଆସି ଭେଟିଲେ । ହନୁମାନର ଇଂଦ୍ରଜିତ ସଂଗେ ଆଗ ଭେଟ ହେଲା । ତାପରେ ଲକ୍ଷ୍ମଣଂକ ସଂଗେ ଘୋର ଯୁଦ୍ଧ ଲାଗିଲା । ଇଂଦ୍ରଜିତ ରଥରେ ଥାଏ । ଲକ୍ଷ୍ମଣ ହନୁମାନ ପିଠିରେ ବସିଥାଂତି । ସେଇ ଅଂଧାରରେ ଯୁଦ୍ଧ ଲାଗିଥାଏ । ଥରକୁ ଥର ଇଂଦ୍ରଜିତର ରଥ, ଘୋଡ଼ା, ଧନୁ ଧରି ବାହାରି ପଡୁଥାଏ । ଏଥର ବିଭୀଷଣ ଗଦାରେ ପିଟି ଇଂଦ୍ରଜିତର ରଥ ଚୂନା କରି ଦେବାରୁ, ଇଂଦ୍ରଜିତ ବିଭୀଷଣକୁ ଗୋଟାଏ ଶକ୍ତି ମାରୁଥିଲା; ଲକ୍ଷ୍ମଣ ତାହା କାଟିଦେଲେ । ଇଂଦ୍ରଜିତ ରାଗିଯାଇ

ଘୋର ଯୁଦ୍ଧ ଲଗାଇ ଦେଲା । ବହୁତ ଯୁଦ୍ଧ ପରେ ଶେଷକୁ ଲକ୍ଷ୍ମଣ ଧନୁରେ ଇନ୍ଦ୍ର ଅସ୍ତ୍ର ଯୋଡ଼ିଲେ । ସେ ଅସ୍ତ୍ର ଦେଖି ରାକ୍ଷସମାନଙ୍କ ପ୍ରାଣ ଶୁଖିଗଲା । ଇନ୍ଦ୍ର ସେଥିରେ ଦୈତ୍ୟମାନଙ୍କୁ ମାରିଥିଲେ । ତାକୁ ଅଟକାଇବ କିଏ ? ଷୁହୁଁ ଷୁହୁଁ ଅସ୍ତ୍ରଟି ଯାଇ ଇନ୍ଦ୍ରଜିତର ମୁଣ୍ଡଟି ଯେମିତି ତଳେ ପଡ଼ିଲା । ବାନରମାନେ 'ଜୟ ଲକ୍ଷ୍ମଣ କୋଇ' ଶବ୍ଦ କଲେ । ସ୍ୱର୍ଗରୁ ଦେବତାମାନେ ପୁଷ୍ପ ବୃଷ୍ଟି କଲେ । ଦୁଃଖ ହେଲା ଖାଲି ରାକ୍ଷସମାନଙ୍କର । ଆଉ ସମସ୍ତେ ଖୁସି ।

—————

## ଲକ୍ଷ୍ମଣଙ୍କ ଶକ୍ତିଭେଦ

ଇନ୍ଦ୍ରଜିତ ମରିବା କଥା ଶୁଣି ରାବଣ ମୂର୍ଚ୍ଛା ହୋଇ ପଡ଼ିଗଲା । ମନ୍ଦୋଦରୀ ପ୍ରଭୃତି ରାଣୀମାନେ ଘାରି କାନ୍ଦିଲେ । ରାବଣ ରାଗିଯାଇ ସୀତାଙ୍କୁ ହାଣିବାକୁ ବାହାରିଲା । ମନ୍ତ୍ରୀମାନେ ତାକୁ ମନାକଲେ । ତା ପରେ ରାମଙ୍କୁ ଦୁର୍ବଳ କରିବା ପାଇଁ ରାକ୍ଷସମାନଙ୍କୁ ପଠାଇ ଦେଲା ।

ରାମ ସେଦିନ ରାକ୍ଷସମାନଙ୍କ ସଙ୍ଗେ ଯେଉଁ ଯୁଦ୍ଧ କଲେ, ତା କେହି କେବେ ଦେଖି ନାହିଁ । ସେ ଯୁଦ୍ଧ ସ୍ଥାନରେ ବିଜୁଳିପରି ବୁଲୁଥାନ୍ତି । ପହରକ ଭିତରେ ଅଠର ହଜାର ହାତୀ, ଚଉଦ ହଜାର ଘୋଡ଼ା, ଦଶ ହଜାର ରଥ, ଦୁଇ ଲକ୍ଷ ସୈନ୍ୟ ରାମଙ୍କ ବାଣରେ ଖଣ୍ଡ ଖଣ୍ଡ ହୋଇଗଲା । ଆଉ ସମସ୍ତେ ଭୟରେ ଲଙ୍କାକୁ ପଳାଇ ଗଲେ । ରାବଣ ଛଡ଼ା ଆଉ ଲଙ୍କାରେ ବଡ଼ ବୀର କେହି ନାହିଁ । ସେ ଏବେ ରାକ୍ଷସମାନଙ୍କୁ ଚଗୋଟାଇ ଏକାଠି କରି ନିଜେ ବାହାରିଲା । ଘୋର ଯୁଦ୍ଧ ହେଲା । ଶ୍ରେଷ୍ଠ ଶ୍ରେଷ୍ଠ ବୀରମାନେ ଷୁହୁଁ ଷୁହୁଁ ମରି ପଡ଼ିଗଲେ; କିନ୍ତୁ ରାବଣ ଆଗରେ ସେ ଦିନ ବାନରମାନେ ଠିଆ ହୋଇ ପାରିଲେ ନାହିଁ । ରାବଣର ବେଶି ଯୁଦ୍ଧ ହେଲା, ରାମ ଲକ୍ଷ୍ମଣ ବିଭୀଷଣଙ୍କ ସାଙ୍ଗରେ । ବିଭୀଷଣଙ୍କୁ ଦେଖି ରାବଣ ବହୁତ ଗାଳି ଦେଲା । ତା ଉପରକୁ ବଜ୍ର ପରି ଗୋଟାଏ ଶକ୍ତି ମାରିଲା । ଲକ୍ଷ୍ମଣ ରାବଣକୁ ବହୁତ ଶର ମାରି ଅସ୍ତବ୍ୟସ୍ତ କରିଦେଲେ । ରାବଣ ଘୋର ରାଗିଯାଇ ବିଭୀଷଣକୁ ଛାଡ଼ି ଏବେ ସେ ଶକ୍ତି ଲକ୍ଷ୍ମଣଙ୍କୁ ମାରିଲା । ଲକ୍ଷ୍ମଣ ପଡ଼ିଗଲେ । ବାନରମାନେ ରାବଣର ବାଣରେ ଆଉ ଲକ୍ଷ୍ମଣଙ୍କ ପାଖେ ପଶି ପାରିଲେ ନାହିଁ । ସେଠାରୁ ରାମ ନିଜେ ଯାଇ, ସେହି ଶକ୍ତି ଉଠାଇ କାଢ଼ିଲେ । ରାବଣ ସାଧ୍ୟ ଅନୁସାରେ ରାମଙ୍କୁ ବାଣ ମାରିଲା; କିନ୍ତୁ ରାମ ତାହା ମାନିଲେ ନାହିଁ ।

ଲକ୍ଷ୍ମଣଙ୍କ ଦୁଃଖରେ ରାମଙ୍କର ବୁକୁ ଫାଟି ଯାଉଥିଲା; କିନ୍ତୁ ସେ ତାହା ଖାତିର ନକରି ରାବଣକୁ ଆଗେ ଜବତ କଲେ । ରାବଣ ଅସ୍ତବ୍ୟସ୍ତ ହୋଇ ଲଙ୍କା ଭିତରକୁ ପଳାଇଲା । ରାବଣ ପଳାଇବାରୁ ରାମ ଆସି ଲକ୍ଷ୍ମଣଙ୍କୁ ଧରି କାନ୍ଦିଲେ । ସୁଷେଣ ବୈଦ୍ୟ ଆସି ରାମଙ୍କୁ ବୋଧ ଦେଲେ; କହିଲେ, "ଛାତି ଦୁକୁ ଦୁକୁ ହଉଚି, ଆଖି ଉଜ୍ଜ୍ୱଳ ଦିଶୁଚି; ପ୍ରାଣ ଯାଇନାହିଁ । ହନୁମାନ ପୁଣି ଯାଇ ଔଷଧ ଆଣନ୍ତୁ ।" ସୁଷେଣ ହନୁମାନଙ୍କୁ ସବୁ ବତାଇ ଔଷଧ ଆଣିବାକୁ ପଠାଇଲେ । ସଙ୍ଗେ ସଙ୍ଗେ ହନୁମାନ ଯାଇ ପର୍ବତ ସେମିତି ଆସି ହାଜର ହେଲେ । ସୁଷେଣ ଔଷଧ ବାଛି ଲକ୍ଷ୍ମଣଙ୍କ ନାକରେ ଦବାରୁ ଲକ୍ଷ୍ମଣ ପୁଣି ଉଠିଲେ ।

—————

## ରାମ ରାବଣକୁ ମାରିଲେ

ରାବଣ ପୁଣି ଆସି ଯୁଦ୍ଧ ଲଗାଇଲା । ରାମଙ୍କ ସଙ୍ଗେ ତାର ଘୋର ଯୁଦ୍ଧ ଚାଲିଚି, ଏତିକିବେଳେ ମଣିମୁକ୍ତାଲଗା ଗୋଟିଏ ରଥ ଚକ୍ ଚକ୍ ହୋଇ ଆକାଶରୁ ଖସିଲା । ରଥରେ ଛଅଟି ନେଳିଆ ଘୋଡ଼ା ଲାଗିଚନ୍ତି । ତାଙ୍କ ଦେହରେ ସୁନାର ଅଳଙ୍କାର,

ବେକରେ ମୋତିମାଳ । ସେହି ରଥର ସାରଥି ମାତଳି ଆସି ହାତ ଯୋଡ଼ି ରାମଙ୍କୁ କହିଲା, "ଇନ୍ଦ୍ର ଆପଣଙ୍କ ପାଇଁ ଏହି ରଥ, ଧନୁ, କବଚ, ଆଉ ଅସ୍ତ୍ରମାନ ପଠାଇଛନ୍ତି । ଆପଣ ଏହି ରଥରେ ଚଢ଼ି ରାବଣକୁ ମାରନ୍ତୁ ।" ରାମ ସେହି ରଥରେ ଚଢ଼ି ଯୁଦ୍ଧ କଲେ ।

ସେ ଯୁଦ୍ଧ କି ଭୟାନକ ! ରାବଣ ଥରେ ଇନ୍ଦ୍ର ରଥର ପତାକା ଆଉ ଘୋଡ଼ା କାଟି, ଶର ମାରି ରାମଙ୍କୁ ଅସ୍ଥିର କରିଦେଲା । ତା ପରେ ରାମଙ୍କ ତେଜ ଦେଖି ତା ପ୍ରାଣ ଶୁଖିଗଲା । ଏଣେ ଦେବତା ଓ ଅସୁରମାନେ ସମସ୍ତେ ରାମ ରାବଣ ଯୁଦ୍ଧ ଦେଖିବା ପାଇଁ ଆକାଶରେ ଆସି ଜମା ହୋଇଗଲେ । ଅସୁର କହନ୍ତି, 'ରାବଣର ଜୟ ହଉ, ଦେବତା କହନ୍ତି, 'ରାମର ଜୟ ହଉ ।'

ରାବଣ ଗୋଟାଏ ଭାରି ତ୍ରିଶୂଳ ଧରି ରାମଙ୍କୁ ଥରେ ମାରିଲା,ରାମ ତାକୁ କାଟି ବାଣ ମାରି ରାବଣକୁ ଅସ୍ତବ୍ୟସ୍ତ କରିଦେଲେ । ରାବଣ ଆଉ ଧନୁ ଧରି ପାରିଲା ନାଇ । ରାମଙ୍କର ଟିକିଏ ଦୟା ହେଲା । ଏତିକିବେଳେ ସାରଥି ରାବଣକୁ ରଥରେ ନେଇ ଲଙ୍କା ଭିତରକୁ ପଳାଇଲା । ଲଙ୍କାଭିତରେ ରାବଣ ଟିକିଏ ଦମ୍ଭ ମାରିଲାରୁ ସାରଥିକି ଭାରି ଗାଳି ଦେଲା । ପୁଣି ତରତର ହୋଇ ରାମଙ୍କୁ ନ ମାରି ଫେରିବ ନାଇ ବୋଲି ପ୍ରତିଜ୍ଞା କରି ଯୁଦ୍ଧ ଥାନରେ ଆସି ରଥ ନେଇ ପହଞ୍ଚିଲା ।

ଏଇଥର ରାବଣର ଶେଷ ଯୁଦ୍ଧ; କିନ୍ତୁ ରାବଣ ସହଜରେ ମରୁନାଇ । ଥରେ ରାମ ତାର ମୁଣ୍ଡଯାକ କାଟି ଦଉଛନ୍ତି, ପୁଣି ମୁଣ୍ଡ ସବୁ ଲାଗି ଯାଉଛି । ଏଇପରି ରାମ ଶହେ ଥର ତାର ମୁଣ୍ଡ କାଟିଲେ; ତଥାପି ସେ ମଲା ନାଇ । ମାତଳି ଏବେ ରାମଙ୍କ କାନରେ କହିଲା, "ଆପଣ ବ୍ରହ୍ମାସ୍ତ୍ର ମାରନ୍ତୁ, ନିଶ୍ଚୟ ରାବଣ ମରିବ ।" ଏହି ଅସ୍ତ୍ର ରାମ ଅଗସ୍ତି ମୁନିଙ୍କଠାରୁ ପାଇଥିଲେ । ଏପରି ଅସ୍ତ୍ର ଆଉ ଜଗତରେ ନାଇ । ସେ ଅସ୍ତ୍ର ଧନୁରେ ଯୋଡ଼ିଲାବେଳେ ପୃଥିବୀ ଥରହର ହୋଇ କମ୍ପି ଉଠିଲା । ସେ ଅସ୍ତ୍ର ମାରିଲାକ୍ଷଣି, ତା ରାବଣର ବୁକୁ ଫୁଟାଇ ମାଟିରେ ଯାଇ ପଶିଗଲା । ଏଥର ରାବଣ ଆଉ ଉଠିଲା ନାଇ । ସେ ରଥ ଉପରେ ମରି ପଡ଼ିଗଲା । ରାମଙ୍କ ଅସ୍ତ୍ର ପୁଣି ଆସି ତାଙ୍କ ନିଜ ତୂଣୀରରେ ପଶିଗଲା ।

ରାବଣ ମରିବାରୁ ସମସ୍ତେ କିପରି ଖୁସି ହେଲେ, ବାନରମାନେ କିପରି ଲାଙ୍ଗୁଡ଼ ହଲାଇ ଉଆଁ ଡେଇଁ କଲେ, ଦେବତାମାନେ କିପରି ଦୁନ୍ଦୁଭି ବଜାଇ ପୁଷ୍ପବୃଷ୍ଟି କଲେ, ତା ସବୁ ବେଶି କହିବା ଦରକାର ନାଇ । ଅବଶ୍ୟ ରାକ୍ଷସମାନେ ଭାରି କାନ୍ଦିଲେ । ବିଭୀଷଣ ରାବଣଠାରୁ ଏତେ ଅପମାନ ପାଇଥିଲେ ସତ । ଏତେ ଅପମାନ ପାଇଥିଲେ ମଧ୍ୟ ଭାଇ ତ । ସେ ମଧ୍ୟ ବିକଳ ହୋଇ କାନ୍ଦି ପକାଇଲେ । ରାମ ତାହାଙ୍କୁ ବହୁତ ବୁଝାଇ ଶାନ୍ତ କଲେ ।

ଆହା ! ଲଙ୍କାର ରାଣୀମାନେ କେଡ଼େ ବିକଳ ହୋଇ କାନ୍ଦିଲେ । ସେ କାନ୍ଦ ଶୁଣିଲେ ପଥର ବି ପାଣି ହୋଇଯିବ । ସେ ବିଚାରୀଙ୍କର କି ଦୋଷ ? ତାଙ୍କ କାନ୍ଦ ଶୁଣି କାହାର ଦୁଃଖ ନ ହବ ? ତାଙ୍କୁ ସେତେବେଳେ କିଏ ବା ବୋଧ କରି ପାରିବ ? ତାହା ଦେଖି ରାମ କହିଲେ, "ବିଭୀଷଣ, ଏମାନଙ୍କ ଦୁଃଖ ଆଉ ସହି ହଉ ନାଇ । ବେଗେ ରାବଣକୁ ପୋଡ଼ିବାର ଯୋଗାଡ଼ କର ।" ସେଠାରୁ ସମସ୍ତେ ମିଶି ରାବଣକୁ ପାଟ ପିନ୍ଧାଇ, ସୁନା ପାଲିଙ୍କିରେ ଶ୍ମଶାନକୁ ନେଇ ଗଲେ । ଘିଅ ଚନ୍ଦନ କାଠ ଲଗାଇ ତା ଶବକୁ ଭାରି ଯାକ୍‌ଜମକ୍‌ରେ ପୋଡ଼ିଲେ । ତା ପରେ ରାମ ବିଭୀଷଣକୁ ଲଙ୍କାରେ ରାଜା କରିଦେଲେ ।

———

## ସୀତାଙ୍କ ଉଦ୍ଧାର ଓ ଅଗ୍ନିପରୀକ୍ଷା

ବନ୍ଦିନୀ ସୀତା ଏବେ ବି ସେହି କୋତରା ଲୁଗାଖଣ୍ଡ ପିନ୍ଧି, ନ ଗାଧୋଇ ନ ପାଧୋଇ କାନ୍ଦି କାନ୍ଦି ଅଶୋକବନରେ ବସିଛନ୍ତି । ସେ ଏସବୁ କଥା କିଛି ଜାଣି ନାହାନ୍ତି । ହନୁମାନ ଯାଇ ପ୍ରଣାମ କରି ତାଙ୍କୁ ରାବଣ ମରିବା ଖବର ଶୁଣାଇଲେ । ବେଶି ଦୁଃଖ ହେଲେ ଯେପରି ଲୋକ ସ୍ତମ୍ଭୀଭୂତ ହୋଇ ବସିଯାଏ, ବେଶି ସୁଖ ହେଲେ ବି ସେହିପରି ହୁଏ । ସୀତା ସେହିପରି କେତେବେଳ ଯାଏ ବସିଗଲେ । ତା ପରେ କହିଲେ, "ବାପା ହନୁମାନ, ମୋର କଣ ଅଛି, ତତେ କଣ ପୁରସ୍କାର ଦେବି ।"

ହନୁମାନର ପୁରସ୍କାର କି ଲୋଡ଼ା ? ସୀତା ସୁଖୀ ହେଲେ ତାର ଖୁବ୍ ହେଲା । ତେବେ ଗୋଟାଏ କଥା ତା ମନେ ହଉଥାଏ । ପାଖରେ ଥିବା ରାକ୍ଷସୀଗୁଡ଼ାକ ସୀତାଙ୍କୁ କଷ୍ଟଦବାର ସେ ଦେଖିଛି । ତା ମନ, ସୀତା କହିଲେ, ସେ ଗୋଟା ଗୋଟା କରି ରାକ୍ଷସୀ ଗୁଡ଼ାଙ୍କ ମୁଣ୍ଡ ମୋଡ଼ି ଦିଅନ୍ତା ! କିନ୍ତୁ ସୀତାଙ୍କ ଭିତରେ ତ ଦୟା ରହିଛି । ସେ କହିଲେ, "ବାବୁ, ସେ କାମ କର ନା, ସେମାନେ ଗରିବ ଲୋକ । ରାବଣ ହୁକୁମରେ କାମ କରୁଥିଲେ, ତାଙ୍କର କି ଦୋଷ ?"

ତା ପରେ ରାମଙ୍କ ପାଖକୁ ଆସିବାକୁ ସୀତା ତିଆରି ହେଲେ । ସେହିପରି କୋତରା ହୋଇ, ରାମଙ୍କ ପାଖକୁ ଆସିବାକୁ ତାଙ୍କ ମନ ଥିଲା; କିନ୍ତୁ ସମସ୍ତେ ତାଙ୍କୁ ସ୍ନାନ କରାଇ, ଭଲ ଲୁଗା ଅଳଙ୍କାର ପିନ୍ଧାଇ ଦେଲେ । ଏତେ ଦିନ ପରେ ରାମଙ୍କୁ ଦେଖି, ସୀତାଙ୍କ ମନରେ କେଡ଼େ ସୁଖ ହୋଇଥିବ ! କିନ୍ତୁ ସେ ଆସିଲାକ୍ଷଣି ରାମ କହିଲେ, "ସୀତା, ତୁମେ ରାକ୍ଷସଙ୍କ ପାଖେ ଏତେ ଦିନ ଥିଲ । ତୁମେ ଆଉ ଆମ ପାଖେ ରହିବା ଠିକ୍ ହବ କି ନାଇ, ତା କିଏ କହିବ ? ରାବଣ ଦୋଷ କରିଥିଲା, ମୁଁ ତାର ଦଣ୍ଡ ଦେଇଛି । ଏବେ ତୁମେ ଯୁଆଡ଼େ ଇଚ୍ଛା ସେଆଡ଼େ ଚାଲିଯାଅ ।"

ସୀତା କେତେ ଦୁଃଖ ସହିଥିଲେ; କିନ୍ତୁ ଏ ଦୁଃଖ ସହି ପାରିଲେ ନାଇ । ତାଙ୍କ ପ୍ରାଣ ଫାଟିଗଲା । ସେ କହିଲେ, "ଆହା ଭାଗ୍ୟରେ ଯେବେ ଏଇଆ ଅଛି, ତେବେ ଆଉ ମୋର ବଞ୍ଚିକରି କାମ କଣ ? ଲକ୍ଷ୍ମଣ, ତୁମେ ନିଆଁ ଜାଳିଦିଅ, ମୁଁ ସେଥିରେ ପଶି ପୋଡ଼ିଯାଏ ।"

ଲକ୍ଷ୍ମଣ ବା କରିବେ କଣ ? କଥା ତ ମାନିବାକୁ ହବ । ସମସ୍ତେ ବକ୍‌ବକ କରି ଚାହିଁଛନ୍ତି, କାହାକୁ କିଛି ବୁଦ୍ଧି ଦିଶୁ ନାଇ । ଲକ୍ଷ୍ମଣ ନିଆଁ ଜାଳି ଦେଲେ; ସୀତା ସେ ନିଆଁ ଭିତରକୁ ଡେଇଁ ପଡ଼ିଲେ ।

ଆହା ! ସଂସାରର ସବୁ ସୁଖ ଦେଲେ ବି ସୀତାଙ୍କ ଗୁଣର ପୁରସ୍କାର ହବ ନାଇ । ଯାହାଙ୍କର ଦୁଃଖ ନହବ ବୋଲି, ଏତେ ଲୋକ ମଲେ, ସେହି ସୀତାଙ୍କର ଶେଷରେ ଆଜି ଏଇ ଦଶା ହେଲା ! କିନ୍ତୁ କି ଆଶ୍ଚର୍ଯ୍ୟ, ନିଆଁରେ ସୀତାଙ୍କର ଗୋଟିଏ ରୁମ ସୁଦ୍ଧା ପୋଡ଼ିଗଲା ନାଇ । ନିଜେ ଅଗ୍ନିଦେବତା ସୀତାଙ୍କୁ କୋଳରେ ଧରି ଉଠି ଆସିଲେ । ସମସ୍ତେ ଦେଖିଲେ; ସୀତାଙ୍କ ଦେହରେ ଅଳଙ୍କାର, ବେକରେ ଉଜ୍ଜ୍ୱଳ ମାଳ, ଦେହରେ ରଙ୍ଗଶାଢ଼ୀ ଜକ୍ ଜକ୍ ଦିଶୁଛି । ସେ ନିଜେ ସୂର୍ଯ୍ୟପରି ଉଜଳ ଦିଶୁଛନ୍ତି । ଅଗ୍ନି ସୀତାଙ୍କୁ ଆଣି ରାମଙ୍କ ହାତେ ଦେଇ କହିଲେ, "ସୀତାଙ୍କର କିଛି ଦୋଷ ନାଇ ।" ସେଠାରୁ ରାମ ଆନନ୍ଦରେ ସୀତାଙ୍କୁ ନେଲେ ।

ଏଣେ ରାମ ଓ ସୀତାଙ୍କୁ ଦେଖିବା ପାଇଁ ଦେବତାମାନେ ଆସି ପହଞ୍ଚିଲେ । ଦଶରଥ ବି

ସ୍ୱର୍ଗରୁ ଆସିଥିଲେ । ରାମ ଲକ୍ଷ୍ମଣ ଦଶରଥଙ୍କୁ ଦେଖି ପ୍ରଣାମ କଲେ । ଦଶରଥ ଆଶୀର୍ବାଦ କରି କହିଲେ, "ବାବୁ, ସ୍ୱର୍ଗରେ ବଡ଼ସୁଖରେ ଅଛି; କିନ୍ତୁ କୈକେୟୀ କଥା ମନେ ପଡ଼ିଲେ, ମନ କେବେ କେବେ ଖାଂଟି ହୁଏ । ତମେ ଏତେ ଦିନ ବଣରେ ରହିଗଲ । ଶେଷରେ ରାବଣକୁ ମାରି ଦେବତାଙ୍କର ଉପକାର କଲ । ମୁଁ ବଡ଼ ଖୁସି ହେଲି । ଏବେ ଯାଇ, ସୁଖରେ ରାଜ୍ୟ କର ।" ରାମ ହାତ ଯୋଡ଼ି କହିଲେ, 'ବାପା, କୈକେୟୀ ଭରତଙ୍କ ଉପରେ ଆଉ ରାଗ ନାଇ ।" ଦଶରଥ ହୁଁ କଲେ ଓ ରାମ, ଲକ୍ଷ୍ମଣ, ସୀତାଙ୍କୁ ଆଶୀର୍ବାଦ କରି କରି ସ୍ୱର୍ଗକୁ ଚାଲିଗଲେ ।

ସେଠାରୁ ଇନ୍ଦ୍ର ଆସି କହିଲେ,'ରାମ, ଆମ୍ଭେମାନେ ତୁମ ଉପରେ ବଡ଼ ସନ୍ତୋଷ ହୋଇଚୁ, ତୁମେ ବର ନିଅ ।" ରାମ କହିଲେ, "ଯେବେ ଅନୁଗ୍ରହ କଲେ, ତେବେ ଯେଉଁସବୁ ବାନର ମରିଚନ୍ତି, ସେମାନଙ୍କୁ ବଞ୍ଚାଇ ଦିଅନ୍ତୁ; ସେମାନଙ୍କ ଦେଶରେ ବହୁତ ଫଳ ଓ ନଦୀରେ ବହୁତ ଜଳ ହଉ ।"

ଇନ୍ଦ୍ର ବର ଦେଲେ; ସଂଗେ ସଂଗେ ସମସ୍ତେ ନିଦରୁ ଉଠିଲା ପରି ପୁଣି ଉଠିଲେ । ତା ପରେ ଅଯୋଧ୍ୟାକୁ ଯିବାପାଇଁ ଓ ସୀତାଙ୍କୁ ବୋଧ ଦେବା-ପାଇ ରାମଙ୍କୁ କହି ଦେବତାମାନେ ସ୍ୱର୍ଗକୁ ଚାଲିଗଲେ । ସଂଧ୍ୟା ହୋଇଥିଲା । ସମସ୍ତେ ସେ ରାତି ସେଇଠାରେ ରହିଲେ ।

---

## ରାମ ଅଯୋଧ୍ୟାକୁ ଫେରି ରାଜା ହେଲେ

ଚଉଦ ବର୍ଷ ବନବାସ ସରି ଆସିଥିଲା । ଏବେ ଅଯୋଧ୍ୟାକୁ ଯିବାକୁ ହବ । ଏତିକିବେଳେ ବିଭୀଷଣ ଆସି କହିଲେ, "ମୋର ଭାଇ ରାବଣ କୁବେରର ପୁଷ୍ପକରଥଟି ଛଡ଼ାଇ ଆଣିଥିଲା । ସେ ରଥ ଏତିକି ଆପଣଙ୍କର । ସେଥିରେ ଦିନକେ ଅଯୋଧ୍ୟା ଯାଇ ପାରିବେ । ଆଉ ଦିନେ ଏଠାରେ ରହି ଯାଆନ୍ତୁ ।"

ରାମଚନ୍ଦ୍ର କହିଲେ, "ବନ୍ଧୁ, ତମର ଉପକାର ଶୁଝି ପାରିବି ନାଇ; ତୁମେ ଦୁଃଖ କର ନାଇ । ମୁଁ ଆଉ ଦିନେ ରହି ପାରିବି ନାଇ । ଭାଇ ଭରତ, ମା କୌଶଲ୍ୟା, କୈକେୟୀ, ସୁମିତ୍ରାଙ୍କୁ ଦେଖିବାକୁ ମୋ ମନ ବଡ଼ ବ୍ୟସ୍ତ ହଉଚି ।"

ସାରଥି ପୁଷ୍ପକରଥ ଆଣିଲା । ରାମ, ଲକ୍ଷ୍ମଣ, ସୀତା ସେଥିରେ ବସି ସମସ୍ତଙ୍କଠାରୁ ବିଦାୟ ମାଗିଲେ; କିନ୍ତୁ କେହି ବିଦାୟ ଦେଲେ ନାଇ । ସମସ୍ତେ ଅଯୋଧ୍ୟାକୁ ଆସି ମା'ମାନଙ୍କୁ ଦେଖିବାକୁ ମନ ବଳାଇଲେ । ସମସ୍ତେ ଆସି ରଥରେ ବସିଲେ । ରଥ ସୁ, ସୁ, ଶବ୍ଦ କରି ଆକାଶରେ ଅଯୋଧ୍ୟା ଆଡ଼କୁ ଉଡ଼ିଲା ।

ରାମ ବାଟରେ ସୀତାଙ୍କୁ ସବୁ ଦେଖାଇ ଆସୁଥାନ୍ତି । କିଷ୍କିନ୍ଧ୍ୟା ପଡ଼ିଲାରୁ ସୀତା କହିଲେ, ସୁଗ୍ରୀବଙ୍କ ଘର ମାଇପିମାନେ ଆମ ସଂଗେ ଅଯୋଧ୍ୟାକୁ ଯାଆନ୍ତେ ବୋଇଲେ ବଡ଼ ଭଲ ହୁଅନ୍ତା ।" ରଥ ସେଇଠାରେ ରହିଲା । ତାପରେ ପ୍ରଭୃତି ସୁଗ୍ରୀବଙ୍କ ଘର ମାଇପିମାନେ ପୁଷ୍ପକରଥରେ ଉଠିଲେ । ପୁଣି ରଥ ଅଯୋଧ୍ୟା ଆଡ଼କୁ ଚାଲିଲା ।

ବାଟରେ ଋଷ୍ୟମୂକ ପର୍ବତ, ପମ୍ପାସର, ଦଣ୍ଡକ-ବନ ସବୁ ଦେଖି ଦେଖି ଆସୁଥାନ୍ତି । କ୍ରମେ ଆସି ଭରଦ୍ୱାଜ ମୁନିଙ୍କ ଆଶ୍ରମରେ ପହଞ୍ଚିଗଲେ । ସେଇଠାରେ ରାମଙ୍କ ବନବାସ ଚଉଦ ବର୍ଷ ପୂରିଲା ।

ରାମଙ୍କୁ ଦେଖି ଭରଦ୍ୱାଜ ଭାରି ଖୁସି ହେଲେ; କହିଲେ, "ରାମ, ତୁମେ ବଣକୁ ଗଲାଦିନ ମୋର ଯେପରି ଦୁଃଖ ହଉଥିଲା, ଆଜି ସେହିପରି ସୁଖ

ହଉଚ । ତୁମେ ଏଠାରେ ଏହି ଆଶ୍ରମରେ ସମସ୍ତେ ଯଦେ ରହିଯାଅ; ଆଉ ତୁମର କଣ ଦରକାର କହ ?" ରାମ କହିଲେ, "ଆମେମାନେ ରହିବୁଁ । ଆପଣ ଏଇ ଅନୁଗ୍ରହ କରନ୍ତୁ, ଅଯୋଧ୍ୟା ବାଟରେ ଯେତେ ଗଛ ଅଛି, ସେଥିରେ ମିଠା ଫଳ ଓ ବହୁତ ମହୁ ହଉ ।" ମୁନିଙ୍କ ଅନୁଗ୍ରହରେ ବଣଯାକ ଫଳ, ମହୁରେ ପୂରିଗଲା । ମାଙ୍କଡ଼ମାନେ ଖାଇବେ କେତେ ?

ରାମ ଭରଦ୍ୱାଜଙ୍କୁ ପଚାରି ଅଯୋଧ୍ୟାର ଖବର ସବୁ ବୁଝିଲେ । ଜାଣିଲେ, ଅଯୋଧ୍ୟାରେ ସବୁ ମଙ୍ଗଳ । ତା ପରେ ହନୁମାନଙ୍କୁ ବେଗାବେଗି ଖବର ଦେବାପାଇଁ ଅଯୋଧ୍ୟାକୁ ପଠାଇଦେଲେ । ବାଟରେ ଶୃଙ୍ଗବେର ନଗର ରାଜା ଗୁହକଙ୍କୁ ଖବର ଦେଇ, ତାଙ୍କୁ ବାଟ ପଚାରି, ଅଯୋଧ୍ୟାକୁ ଯିବାପାଇଁ କହିଦେଲେ । ହନୁମାନ ମନୁଷ୍ୟ ବେଶ ଧରି ଆକାଶରେ ଉଡ଼ିଗଲା । ବାଟରେ ଗୁହକଙ୍କୁ ଖବର ଦେଇ ଅଯୋଧ୍ୟାରୁ କୋଶେ ଦୂର ନନ୍ଦିଗ୍ରାମରେ ଭରତଙ୍କ ହାତରେ ଯାଇ ପହଞ୍ଚିଲା ।

ଦେଖିଲା, ଭରତଙ୍କର ତପସ୍ୱୀ ପରି ବେଶ, ମୁଣ୍ଡରେ ଜଟା, ପିନ୍ଧା ବଲ୍‌କଳ । ସେ ଫଳ ମୂଳ ଖାଇ, ଥାନ୍ତି । ରାମଙ୍କର କଠଉ ଦୁଇଟିକୁ ସିଂହାସନରେ ଥୋଇ, ତାକୁ ପଚାରି ସବୁ କାର୍ଯ୍ୟ କରନ୍ତି । ହନୁମାନଠାରୁ ରାମ ଆସିବା କଥା ଶୁଣି ସେ ଆନନ୍ଦରେ ଅଜ୍ଞାନ ହୋଇଗଲେ । କେତେବେଳ ଉତ୍ତାରୁ ହନୁମାନକୁ କୁଣ୍ଢାଇ ଧରି କହିଲେ, "ତମେ ଦେବତା ନା ମନୁଷ୍ୟ ! ଆଜ ଯେଉଁ ଶୁଭ ଖବର ଦେଲ, ମୁଁ କଅଣ ଦେଇ ତୁମକୁ ଶୁଝାଇବି । ତମେ ଲକ୍ଷେ ଗୋରୁ ଆଉ ଶହେ ଖଣ୍ଡ ଗାଁ ନିଅ ।"

ତା ପରେ ହନୁମାନ କୁଶ ଆସନରେ ବସି ଭରତଙ୍କୁ ସବୁ ଖବର ଶୁଣାଇ କହିଲା, "ରାମ ଭରଦ୍ୱାଜଙ୍କ ଆଶ୍ରମରେ ଅଛନ୍ତି । କାଲି ଆସିବେ ।"

ଅଯୋଧ୍ୟାରେ ଘରଘରଁ ଘରଘରଁ ଏ ଖବର ବ୍ୟାପିଗଲା । ଆନନ୍ଦର ଚହଳ ପଡ଼ିଗଲା । ଚଉଦ ବର୍ଷ ପରେ ରାମ ଫେରି ଆସୁଛନ୍ତି । ସମସ୍ତେ ବାଟଘାଟ ପରିଷ୍କାର କରି, ପତାକା ଉଡ଼ାଇ, ବାଇଦ ବଜାଇ, ଘରଦ୍ୱାର ସଜାଡ଼ିବାରେ ଲାଗିଗଲେ । ରାମଙ୍କୁ ଆଣିବାକୁ ଯିବାପାଇଁ ସମସ୍ତେ ବାହାରିଲେ । ସୁଆରିରେ ରାଣୀମାନେ ଗଲେ । ବ୍ରାହ୍ମଣ, ପୁରୋହିତ, ପାତ୍ର ମନ୍ତ୍ରୀମାନଙ୍କୁ ସେଣ ଭରତ ଚାଲିଲେ । ଭରତ ଗଲାବେଳେ ସେହି ରାମଙ୍କ କଠଉ ହଳିଟି ମୁଣ୍ଡରେ ଧରିଥାନ୍ତି । ପୁଷ୍ପକରଥ ଦୂରରୁ ଦେଖାଗଲା । ସମସ୍ତେ 'ହେଇଟି ରାମ, ହେଇଟି ରାମ' ଶବ୍ଦରେ ଆକାଶ ଫଟାଇଦେଲେ । ସମସ୍ତଙ୍କର ଦେଖା ହେଲା । ସାନମାନେ ବଡ଼ଙ୍କୁ ପ୍ରଣାମ କଲେ । ବଡ଼ମାନେ ଆଶୀର୍ବାଦ କଲେ । ରାମ କୌଶଲ୍ୟା, କୈକେୟୀ, ସୁମିତ୍ରାଙ୍କୁ ଓ ଗୁରୁଜନମାନଙ୍କୁ ପ୍ରଣାମ କଲେ । ଭରତ ଶତ୍ରୁଘ୍ନ ରାମ ସୀତାଙ୍କୁ, ଶତ୍ରୁଘ୍ନ ଲକ୍ଷ୍ମଣଙ୍କୁ ଓ ଲକ୍ଷ୍ମଣ ଭରତଙ୍କୁ ପ୍ରଣାମ କଲେ । ତା ପରେ, ଭରତ କଠଉ ହଳିଟି ରାମଙ୍କ ଗୋଡରେ ପିନ୍ଧାଇ ଦେଇ କହିଲେ, "ଭାଇ, ମତେ ଏ ରାଜ୍ୟ ଦେଇ ଯାଇଥିଲ, ଏବେ ସେ ରାଜ୍ୟ ଫେରାଇ ନିଅ । ତମ ରାଜ୍ୟ ଏବେ ଦଶଗୁଣ ବଢ଼ିଯାଇଛି ।"

ରାମ ତହୁଁ ଭରତ ଶତ୍ରୁଘ୍ନଙ୍କୁ ନେଇ ରଥରେ ବସାଇଲେ । ସମସ୍ତେ ଅଯୋଧ୍ୟାକୁ ଆସିଲେ । ଏବେ ରାମଙ୍କ ଅଭିଷେକ ହବାର କଥା । ଚାରିଆଡ଼ୁ ଆଉ ବାନରମାନେ ଯାଇ ଚାରି ସମୁଦ୍ରରୁ ଓ ସବୁ ତୀର୍ଥରୁ ଜଳ ଘେନି ଆସିଲେ । ରାମ ସୀତା ଦୁହେଁ ସ୍ନାନ କରି ପୂର୍ବଦିନରୁ ଉପବାସରେ କୁଶ ମସିଣାରେ ଶୋଇଥିଲେ । ଏବେ ସେମାନେ ସିଂହାସନରେ ବସିଲେ । ଭରତ ଛତା ଧଇଲେ । ଶତ୍ରୁଘ୍ନ, ଲକ୍ଷ୍ମଣ, ସୁଗ୍ରୀବ, ବିଭୀଷଣ ଚାମର ପକାଇଲେ । ପୁରୋହିତମାନେ ତୀର୍ଥ ଜଳରେ ରାମ ସୀତାଙ୍କୁ ଅଭିଷେକ କଲେ ।

ଅଭିଷେକ ବେଳେ ଇଂଦ୍ର ପ୍ରଭୃତି ଦେବତାମାନେ କେତେ ହାର ଅଳଂକାର ସବୁ ରାମଂକୁ ଦେଲେ । ରାମ ମଧ୍ୟ ବହୁତ ଦାନ କଲେ । ସେ ଗୋଟିଏ ହୀରାର ହାର ସୀତାଂକ ବେକରେ ଲଂବାଇ ଦେଲେ, ସୀତା ସେ ହାରଟି ମୁଂଡରେ ଲଗାଇ ରାମଂକୁ ଓ ହନୁମାନଂକୁ ଚାହିଁଲେ ଓ ରାମ କହିବାରୁ ସେ ହାରଟି ହନୁମାନ ବେକରେ ଲଂବାଇଦେଲେ । ଏହିପରି ଭାରି ଯାକ୍-ଜମକରେ ରାମଂକ ଅଭିଷେକ ଶେଷ ହେଲା । କେତେ ବ୍ରାହ୍ମଣ ଭୋଜନ ହେଲା, କଏ କହିବ ? ଯେ ଯାହା ମାଗିଲା, ରାମ ତାକୁ ତା ଦେଲେ ।

---

## ଉତ୍ତର କାଂଡ

### ଅଭିଷେକ ପରେ ବଂଧୁ ବିଦାୟ

ଅଭିଷେକ ପାଇଁ ବହୁତ ଋଷି, ବହୁତ ରାଜା ଆସିଥିଲେ । ପୁଣି ସୁଗ୍ରୀବ ଓ ବାନରମାନେ, ବିଭୀଷଣ ଓ ରାକ୍ଷସମାନେ ମଧ୍ୟ ଥିଲେ । ସମସ୍ତେ କେତେଦିନ ଅଯୋଧ୍ୟାରେ ରହି ବିଦାୟ ନେଇଗଲେ । କେତେ ଦିନ ଉତ୍ତାରୁ ପୁଣି କେତେକ ଋଷି ରାମଂକ ସଂଗେ ଦେଖା କରିବାକୁ ଆସିଥିଲେ । ରାମ ସେହି ଋଷିମାନଂକଠାରୁ କେତେ ଇତିହାସ ଶୁଣିଲେ, କେତେ ଉପଦେଶ ନେଲେ ।

ପୌଲସ୍ତ୍ୟଂକ ପୁଅ ବିଶ୍ରବା ଋଷି କୁବେରଂକର ବାପ । ସୁମାଳି ବୋଲି ଜଣେ ରାକ୍ଷସ ଥିଲା । ତା ଝିଅ କୈକଶୀ କୁବେରଂକ ପରି ପୁଅ ପାଇବ ବୋଲି ସୁମାଳି, କୈକଶୀକୁ ବିଶ୍ରବାଂକ ସଂଗେ ବିଭା କରାଇଲା । କୈକଶୀର ରାବଣ, କୁଂଭକର୍ଣ୍ଣ, ବିଭୀଷଣ ଏହି ତିନି ପୁଅ ହେଲେ । ସେମାନେ ତପସ୍ୟା କରି ବ୍ରାହ୍ମଣଂକ-ଠାରୁ ବର ପାଇଲେ । ରାବଣ କୁବେରଂକୁ ଜିଣିଲା, ଲଂକାକୁ ଜିଣି ସେଠାରେ ରାଜା ହେଲା; ତ୍ରିଭୁବନରେ ତାକୁ କେହି ପାରିଲା ନାହିଁ ।

ହନୁମାନ ପବନର ପୁଅ । ବାଳୀ ସୂର୍ଯ୍ୟଂକ ପୁଅ । ସୁଗ୍ରୀବ ଇଂଦ୍ରଂକ ପୁଅ । ସେମାନେ କପରି ଜନ୍ମ ହେଲେ, ବାଳୀ କପରି ବଡ଼ ବୀର ହୋଇ ସମସ୍ତଂକୁ ଜିଣିଲା—ସବୁ ରାକ୍ଷସ ବାନରଂକ କଥା ଓ ଆଉ କେତେ ଇତିହାସ, ରାମ ଅଗସ୍ତ୍ୟ ଋଷିଂକଠାରୁ ଶୁଣିଲେ ।

କେତେ ଦିନ ପରେ ସବୁ ରାଜା ଓ ଋଷିମାନେ ବିଦା ହୋଇ ଗଲେ । ତା ପରେ ବାନର ଓ ରାକ୍ଷସମାନେ ମଧ୍ୟ ଆପଣା ଆପଣା ଦେଶକୁ ଗଲେ । ପୁଷ୍ପକରଥକୁ ରାମ କହିବାରୁ ସେ ଏଥି ପୂର୍ବରୁ କୁବେରଂକ ପାଖକୁ ଚାଲି ଯାଇଥିଲା । ରାମ ମହାସୁଖରେ ପ୍ରଜା ପାଳିଲେ । କଥାରେ ଅଛି 'ରାମରାଜ୍ୟ' । ସେତେବେଳେ ଦେଶରେ ଧୋଇ ମରୁଡ଼ି ହେଉ ନଥିଲା । ରାମଂକ ଧର୍ମ ହେତୁରୁ କେହି ଅଳ୍ପ ବୟସରେ ମରୁ ନଥିଲେ । କେହି ବିଧବା ହେଉ ନଥିଲେ ।

କେତେଦିନ ପରେ କୁବେର ପୁଣି ରାମଂକ ପାଖକୁ ପୁଷ୍ପକକୁ ପଠାଇଦେଲେ । ପୁଷ୍ପକ ଆସି ସେହି କଥା କହିବାରୁ ରାମ କହିଲେ, "ଆଚ୍ଛା, କୁବେର ଯଦି ଅନୁଗ୍ରହ କରି ପଠାଇଦେଲେ, ମୋର କିଛି ଆପତ୍ତି ନାହିଁ । ତୁମେ ଯାଅ, ମୁଁ ମନେ ପକାଇଲେ ଆସିବ । ପୁଷ୍ପକ ପୁଣି ଚାଲିଗଲା ।

---

### ରାମ ସୀତାଂକୁ ବଣକୁ ଛାଡ଼ିଲେ

ରାମ ସୀତା ମହାସୁଖରେ ରାଜ୍ୟ ପାଳିଲେ । ପ୍ରଜାଂକର କାହିଁରେ ଦୁଃଖ ନାହିଁ । ଏଣେ ସୀତାଂକୁ ତ ରାମ ଭାରି ଶୁଖ ପାଆଂତି । ତାଂକୁ ଯେମିତି ସବୁବେଳେ

ବୁଲୁଥାଂନ୍ତି । ଏବେ ରାମ ଜାଣିଲେ ସୀତାଂକର ଗର୍ଭ ହୋଇଚି । ତାଂକର ଭାରି ଆନଂଦ ହେଲା । ସେ ସୀତାଂକୁ ପଚାରିଲେ, "ତୁମର କଣ ମନ ହଉଚି ?" ସୀତା କହିଲେ, "ଋଷି ଆଶ୍ରମ ଦେଖିବା ପାଇଁ ମୋର ମନ ହଉଚି ।" ରାମ କହିଲେ, "ଆଚ୍ଛା, କାଲି ତମକୁ ଋଷି ଆଶ୍ରମ ଦେଖାଇବି ।"

ସେହି ଦିନ ରାତି ମଂତ୍ରୀମାନଂକ ସଂଗେ ବସି ଆଳାପ କରୁଥିଲେ । ସବୁଠାରେ ରାମଂକର ସବୁ କାର୍ଯରେ ପ୍ରଶଂସା ହଉଚି ବୋଲି ସମସ୍ତେ କହିଲେ । ଶେଷକୁ ରାମ ପଚାରିଲେ, "ପ୍ରଶଂସା ତ ହଉଚି; ମନୁଷ୍ୟର ପ୍ରଶଂସା ନିଂଦା ସବୁ ଥାଏ । ଯେବେ କିଛି ନିଂଦା କେହି ଶୁଣିଥାଏ, ତାହା କେହି କହିଲେ ମୋର ବଡ଼ ଭଲ ହୁଅଂତା । ମୁଁ ଆପଣାକୁ ସୁଧାରି ପାରଂନ୍ତି । କେହି କିଛି ଭୟ କରନାଇ । ମତେ ମନ ଖୋଲି ସଫା କଥା କହ ।"

ସେଠାରେ ଭଦ୍ର ବୋଲି ଜଣେ ଥିଲେ । ସେ କହିଲେ, "ଆପଣଂକର ସମସ୍ତେ ସବୁ ପ୍ରଶଂସା କରୁଚଂନ୍ତି; କିଂତୁ କେହି କେହି କହୁଚଂନ୍ତି, 'ରାମଚଂଦ୍ର ଯେବେ ଏତେ କାଳ ରାକ୍ଷସଘରେ ରହିଲା ପରେ ସୀତାଂକୁ ଆଣି ରଖିଲେ, ତେବେ ଆଉ ଲୋକେ ଏପରି ନ କରିବେ କାହିଁକି ?'" ରାମ ଏହା ଶୁଣି ସମସ୍ତଂକୁ ପଚାରିଲେ । ସମସ୍ତେ ସେହି କଥା ସତ ବୋଲି କହିଲେ । ରାମ ସେଦିନ ସକାଳୁ ଯାଇ ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନଂକୁ ଡାକି ସବୁ କଥା ବୁଝାଇ କହିଲେ । ସେ କହିଲେ, "ମୁଁ ସୀତାଂକୁ ଭଲ ବୋଲି ଜାଣେ । ଲକ୍ଷ୍ମଣଂକ ଆଗରେ ନିଜେ ଅଗ୍ନି ତାଂକୁ ଆଣି ଲଂକାରେ ମତେ ଦେଲାରୁ ମୁଁ ତାଂକୁ ଘରକୁ ଆଣିଚି; କିଂତୁ ଆମେ ରାଜା । ପ୍ରଜାମାନଂକ ସଂତୋଷ ଆମର ଦେଖିବା ଉଚିତ । ଆମର ଜୀବନ ପ୍ରଜାଂକ ପାଇଁ । ପ୍ରଜାଂକ ଅସଂତୋଷରେ ଆଉ ସୀତାଂକୁ ରଖିବା ଠିକ୍ ନୁହେ । ସେ ଋଷି-ଆଶ୍ରମ ଦେଖିବେ ବୋଲି ମତେ କହୁଥିଲେ । ଲକ୍ଷ୍ମଣ ସେ ବାହାନାରେ ତାଂକୁ କାଲି ନେଇ ଗଂଗା ଆର ପାଖେ ବାଲ୍ମୀକିଂକ ଆଶ୍ରମରେ ଛାଡ଼ି ଦିଅଂନ୍ତୁ । ତୁଂମେମାନେ ମୋର ଭାଇ—ମୋର ପ୍ରାଣ । ମୋର ଏ କଥାରେ ଆପତ୍ତି କର ନାଇ ।"

ଭାଇମାନେ ତଳକୁ ମୁଂଡ ପୋତି ଦେଲେ । ଆଉ ଉପାୟ କଣ ? ଲକ୍ଷ୍ମଣ ମନେ ମନେ ଭାରି ବିକଳ ହେଲେ । ସକାଳୁ ସୁମଂତ୍ରଂକୁ ଡାକି, ରଥ ସଜାଡ଼ି, ରାମଂକୁ ଆଉ ଥରେ ପଚାରି ସୀତାଂକୁ ଆସି ଋଷି-ଆଶ୍ରମ ଦେଖିଯିବା ପାଇଁ ଡାକିଲେ । ସୀତା ଋଷିପତ୍ନୀମାନଂକୁ ଦେବେ ବୋଲି କେତେ ଲୁଗା କେତେ ଅଳଂକାର ବାଂଧି ଆନଂଦରେ ବାହାରିଲେ । ବାଟରେ ସୀତାଂକୁ କପରି କପରି ଲାଗିଲା । ସେ ଲକ୍ଷ୍ମଣଂକୁ କେତେ କଥା ପଚାରିଲେ । ଲକ୍ଷ୍ମଣ ତାଂକୁ କିଛି କହୁ ନଥାଂନ୍ତି । ଗଂଗା କୂଳ ହୋଇଯିବାରୁ ଲକ୍ଷ୍ମଣ କାଂନ୍ଦି ପକାଇଲେ । 'କାହିଁକି କାଂନ୍ଦୁଚ ବୋଲି ସୀତା ବଡ଼ ବିକଳ ହୋଇ ପଚାରିଲେ ।' ଏ ମଧ୍ୟରେ ନାଉରୀ ନାଆ ନେଇ ଆସି ପହଂଚିଗଲା । ସୀତାଂକୁ ଧରି ଲକ୍ଷ୍ମଣ ନାଆରେ ଆର ପାଖକୁ ଚଲେ ।

ଗଂଗା ଆର କୂଳେ ସୀତାଂକୁ ରଖିଦେଇ, କଣ କହିବେ କିଛି ବୁଝି ପାରିଲେ ନାଇ । ଖାଲି କାଂନ୍ଦିଲେ । ସୀତା ବହୁତ ବିକଳ ହୋଇ ପଚାରୁଥାଂନ୍ତି । ଶେଷକୁ ତାଂକୁ ସବୁ କଥା କହିଲେ । କହିଲେ, "ରାମଂକର ତୁମଠାରେ କିଛି କଳ୍ପନା ନାଇ । ଖାଲି ରାଜ୍ୟଲୋକଂକ ପାଇଁ ସେ ଏହା କଲେ ।"

ସୀତା ଏ କଥା ଶୁଣି, ଗଛ କାଟିଲା ପରି ପଡ଼ି ଅଜ୍ଞାନ ହୋଇଗଲେ । ଲକ୍ଷ୍ମଣ ତାଂକୁ ଛୁଂଇ ଛୁଂଇ କରି ଉଠାଇଲେ । ତାପରେ ସୀତା କହିଲେ, "ଲକ୍ଷ୍ମଣ, ତମେ କିଛି ଦୁଃଖ କରନାଇ, ତମେ ବଡ଼ଭାଇଂକ

ଆଜ୍ଞା ପାଳନ କରି ଠିକ୍ କରିଛ । ଦୁଃଖ ପାଇବାକୁ ବିଧାତା ମତେ ଜନ୍ମ ଦେଇଥିଲା । ମୁଁ ତ ଖୁସିରେ ରାମଙ୍କ ସଙ୍ଗେ ବଣରେ ରହିବାକୁ ଯାଇଥିଲି । ବଣରେ ରହିବାକୁ ମୋର ଦୁଃଖ ନାଇ; କିନ୍ତୁ ଏବେ କାହାକୁ କଣ କହିବି ? ମୋର ନିଜପାଇଁ ଦୁଃଖ ନୁହେଁ । ମୁଁ ଏଇକ୍ଷଣି ମରିଯାନ୍ତି; କିନ୍ତୁ ମୋ ପେଟରେ ପିଲା ଅଛି, ତାକୁ ମାରିବି କିପରି ? ହଉ, ବିଧାତାର ଏଇ ବିଚାର ଥିଲା । ଯାଅ ରାମଙ୍କୁ କହିବ, ସେ ମାଆମାନଙ୍କ କଥା ବୁଝିବେ । ଭାଇମାନଙ୍କୁ ଭଲ କରି ପାଳୁଥିବେ । ମୋର ତାଙ୍କଠାରେ କିଛି ଦୁଃଖ ନାଇ । ମୋ ଭାଗ୍ୟରେ ଯା ଥିଲା, ତା ମୁଁ ଭୋଗ କରିବି ।"

ଏହା କହି ସୀତା କାନ୍ଦିଲେ । ବହୁ କଷ୍ଟରେ ଲକ୍ଷ୍ମଣ ବାଲ୍ମୀକିଙ୍କ ଆଶ୍ରମକୁ ବାଟ ଦେଖାଇ ଦେଇ, ତାଙ୍କଠାରୁ ବିଦାୟ ହେଲେ । ରଥ ଦିଶୁଥିବା ଯାଏ ଲକ୍ଷ୍ମଣ, ସୁମନ୍ତ୍ର ପଛକୁ ବୁଲି ବୁଲି ସୀତାଙ୍କୁ ଚାହୁଁଥାନ୍ତି । ସୀତା ବରାବର ରଥକୁ ଚାହିଁ ରହିଥାନ୍ତି ।

ରଥ ଚାଲି ଯିବାରୁ ସୀତା ଅଜ୍ଞାନ ହୋଇ ପଡ଼ିଗଲେ । କେତେବେଳ ଉତ୍ତାରୁ ପୁଣି ଉଠି ବାହୁନି କାନ୍ଦିଲେ । ଋଷି ପିଲାମାନେ ସେ କାନ୍ଦ ଶୁଣି ଆସି ଦେଖି ବାଲ୍ମୀକିଙ୍କ ଖବର ଦେଲେ, "କିଏ ଜଣେ ବଡ଼ ଘରର ଝିଅ ବଣରେ ପଡ଼ି କାନ୍ଦୁଛି ।" ବାଲ୍ମୀକି ଧ୍ୟାନରେ ସବୁ ଜାଣି ପାରିଲେ । ସେଠାରୁ ସୀତାଙ୍କ ପାଖକୁ ଆସି କହିଲେ, 'ମୋ ମା, ମୁଁ ଧ୍ୟାନରେ ସବୁ ଜାଣିଛି । ତୋର କିଛି ଦୋଷ ନାଇ; ତଥାପି ରାମ ତତେ ଛାଡ଼ିଚନ୍ତି । ତୁ ମୋ ଆଶ୍ରମକୁ ଆ । ମୋ ଝିଅ ପରି ସେଠାରେ ରହିବୁ । କାନ୍ଦ ନା ।"

ସୀତା ବାଲ୍ମୀକିଙ୍କ ପଛେ ପଛେ ତାଙ୍କ ଆଶ୍ରମକୁ ଗଲେ । ସେଠାରେ ବାଲ୍ମୀକି ଋଷିପତ୍ନୀମାନଙ୍କୁ ଡାକି ସୀତାଙ୍କୁ ଝିଅ ପରି ଆଦର କରିବାପାଇଁ କହିଲେ । ସମସ୍ତେ ମହା ଆଦରରେ ସୀତାଙ୍କୁ ନେଇ, କାନରେ ଲୁହ ପୋଛି ଦେଇ, ବୁଝାଇ ସୁଝାଇ ରଖିଲେ ।

---

## ଲବଣ ବଧ ଓ ମଥୁରା ସ୍ଥାପନ

ଲକ୍ଷ୍ମଣ ଆସି ରାମଙ୍କୁ ଏହି ଦୁଃଖର ଖବର କହିଲେ ଓ ଦୁଃଖ ନ କରିବା ପାଇଁ ରାମଙ୍କୁ ବହୁତ ବୁଝାଇଲେ । ରାମ ଦଂଭ ଦେଖାଇବା ପାଇଁ ଲକ୍ଷ୍ମଣଙ୍କ ସଙ୍ଗେ ବହୁତ ପୁରାଣ, ଇତିହାସ ବିଷୟରେ କଥାବାର୍ତ୍ତା ହେଲେ ।

ପରେ ଦିନେ ଋଷିମାନେ ଆସି କହିଲେ, "ଯମୁନା କୂଳରେ ଲବଣ ରାକ୍ଷସ ବଡ଼ ଉପଦ୍ରବ କରୁଛି । ଆପଣ ତାକୁ ମାରି ଋଷିମାନଙ୍କୁ ରକ୍ଷା କରନ୍ତୁ ।" ରାମ ଏହା ଶୁଣି, ନିଜେ ଋଷିମାନଙ୍କୁ ରକ୍ଷା କରିବେ ବୋଲି କଥାଦେଇ ଭରତଙ୍କୁ ଚାହିଁଲେ । ଭରତ ଯିବା ପାଇଁ ବାହାରିଥିଲେ; ଶତ୍ରୁଘ୍ନ କହିଲେ, "ଭାଇ ଭରତ ଚଉଦ ବର୍ଷ ରାଜ୍ୟ ବୁଝିଚନ୍ତି, ମୁଁ ଆଜଯାଏଁ ଆପଣଙ୍କ ପାଇଁ କିଛି କରି ନାଇ । ଲବଣକୁ ମାରିବା ପାଇଁ ମତେ ପଠାନ୍ତୁ ।" ରାମ 'ହଁ' କଲେ ଓ କହିଲେ, "ଯେ ଲବଣକୁ ମାରିବ, ସେ ସେ ରାଜ୍ୟର ରାଜା ହୋଇ ଶାସନ କରିବ ।"

ଶତ୍ରୁଘ୍ନଙ୍କର ଏବେ ଭାଲେଣି ପଡ଼ିଲା । ବଡ଼ ଭାଇ ଥାଉଁ ଥାଉଁ ସାନଭାଇ ରାଜା ହେବ କିପରି ? ପୁଣି ରାମଙ୍କୁ ଛାଡ଼ି ସେ ବା ଏତେ ଦୂରରେ ଯାଇଁ ରହିବେ କିପରି ? ରାମ ବହୁତ ବୁଝାଇ ସୁଝାଇ ଶତ୍ରୁଘ୍ନଙ୍କୁ ମନାଇଲେ । ଶତ୍ରୁଘ୍ନ ସୈନ୍ୟ ସାମନ୍ତ ଘେନି ଲବଣକୁ ମାରିବା ପାଇଁ ବାହାରିଲେ ।

ବାଟରେ ଗଲାବେଳେ ବାଲ୍ମୀକିଙ୍କ ଆଶ୍ରମରେ ରାତିଏ ରହିଲେ । ସେ ରାତିରେ ସୀତା ଯୋଡ଼ିଏ ଯାଆଁଳା ପୁଅ ଜନ୍ମ କଲେ । ବାଲ୍ମୀକି ଖବର ପାଇ,

ସେହିକ୍ଷଣି ଯାଇ ତାଂକର ଜାତକର୍ମ ପ୍ରଭୃତି କରି, କୁଶ ଲବ ବୋଲି ତାଂକର ନାମ ଦେଲେ । ଶତ୍ରୁଘ୍ନ ଏ ସବୁ କଥା ଜାଣିଲେ କି ନାଇ କିଏ କହିବ ? ଏ କଥା ତାଂକୁ କେହି କହି ନାହାଂତି । ସେ ମଧ୍ୟ କାହାକୁ କିଛି କହିଲେ ନାଇ ।

ଆରଦିନ ସକାଳୁ ବାଲ୍ମୀକି ଆଶ୍ରମ ଛାଡ଼ି ସେ ଲବଣ ଦେଶ ଆଡ଼କୁ ଗଲେ । ସେଠାରେ ଲବଣକୁ ମାରି ମଥୁରା ବୋଲି ରାଜ୍ୟ ବସାଇ, ବାର ବର୍ଷ ସେ ରାଜ୍ୟକୁ ପାଳିଲେ । ରାମଂକୁ ଏତେ କାଳ ନ ଦେଖି ତାଂକ ମନ ଆଉ ଥୟ ହେଲା ନାଇ । ପୁଣି ଅଯୋଧ୍ୟାକୁ ଫେରିଲା ବେଳେ ବାଟରେ ଆସି ରାତିରେ ସେଇ ବାଲ୍ମୀକିଂକ ଆଶ୍ରମରେ ରହିଲେ ।

ଏଣେ ବାଲ୍ମୀକି ଯୋଗବଳରେ ରାମଂକର ସବୁ କାର୍ଯ ଆଗରେ ଦେଖିଲା ପରି ଜାଣୁଥିଲେ । ସେ ରାମାୟଣ କାବ୍ୟ ଲେଖିଥିଲେ । ଏହା ପୂର୍ବରୁ ଆଉ କାବ୍ୟ ନଥିଲା । ସେଥିପାଇଁ ରାମାୟଣକୁ "ଆଦି କାବ୍ୟ" ଓ ବାଲ୍ମୀକିଂକୁ "ଆଦି କବି" କୁହାଯାଏ ।

ବାଲ୍ମୀକି ସେ କାବ୍ୟଟି କୁଶ ଲବଂକୁ ଶିଖାଇ ବୋଲାଉ ଥାଂତି । ଶତ୍ରୁଘ୍ନ ଓ ତାଂକ ସୈନ୍ୟସାମଂତ-ମାନେ ସେଇ ରାତିରେ ସୁଂଦର ରାମାୟଣ ଗୀତ ଶୁଣିଲେ । ଶତ୍ରୁଘ୍ନ ଶୁଣିଲା ବେଳେ କାଂଦି ପକାଉ ଥାଂତି; କିଂକୁ କିଏ ବୋଲୁଚି, ସ୍ୱର କାହୁଁ ବାହାରୁଚି, କେହି କିଛି ଜାଣି ପାରିଲେ ନାଇ । ସୈନ୍ୟସାମଂତ-ମାନେ ଆଶ୍ଚର୍ଯ ହୋଇ ପଚାରିବାରୁ ଶତ୍ରୁଘ୍ନ ଖାଲି କହିଲେ; "ଏ ତ ସବୁ ଆଶ୍ଚର୍ଯ । ଏ ଆଶ୍ରମରେ ବହୁତ ଆଶ୍ଚର୍ଯ କଥା ଅଛି ।" ଏହା କହି ଗାଢ଼ନିଃଶ୍ୱାସଟାଏ ପକାଇ ଦେଲେ ।

ଶତ୍ରୁଘ୍ନ ଅଯୋଧ୍ୟାକୁ ଆସି ଆଉ ରାମଂକୁ ଛାଡ଼ିଯିବେ ନାଇ ବୋଲି ବହୁତ ଅଳି କଲେ ! ରାମ ତାଂକୁ ବୁଝାଇ ପୁଣି ପଠାଇ ଦେଲେ, କହିଲେ, "ବାବୁ, ମଝିରେ ମଝିରେ ପଚ୍ଛକେ ଆସୁଥିବ । ବରବର ରାଜ୍ୟ ଛାଡ଼ି ଏଠାରେ ରହିବା ଧର୍ମ ନୁହେଁ ।"

———

## ଅଶ୍ୱମେଧରେ କୁଶ ଲବଂକର ରାମାୟଣ ଗାନ

ରାମ ଦିନେ ଭରତ, ଲକ୍ଷ୍ମଣଂକୁ ଘେନି ଗୋଷ୍ଠୀଏ ରାଜସୂୟ ଯାଗ କରିବେ ବୋଲି, ବିଚାର କଲେ । ଭରତ କହିଲେ, "ରାଜସୂୟ ଯାଗରେ ରାଜାମାନଂକର ମାନମର୍ଯଦା ଘେନି କଳି ଲାଗେ । ସବୁ ରାଜା ତ ଆମ ଅଧୀନରେ ସୁଖରେ ଅଛଂତି । ଆମେ କାହିଁକି ରାଜସୂୟ ଯାଗ କରିବା ?" ରାମଂକୁ ସେ କଥା ଖୁବ୍ ସୁଖ ଲାଗିଲା । ଲକ୍ଷ୍ମଣ ସେଠାରୁ କହିଲେ, "ଅଶ୍ୱମେଧ ବଡ଼ ଭଲ ଯାଗ । ସେଥିରେ ବହୁତ ଧର୍ମ ହୁଏ । ସେହି ଯାଗ ତେବେ କରଂତୁ ।" ରାମ ସେ କଥା ପସଂଦ କଲେ । ବଶିଷ୍ଠ, ଯାବାଳି, ବାମ-ଦେବ, କଶ୍ୟପ ପ୍ରଭୃତି ଋଷିମାନଂକୁ ଡାକି ପଚାରିଲେ । ସେମାନେ ବି ପସଂଦ କଲେ । ଅଶ୍ୱମେଧ ଯାଗ କରିବାର ଠିକ୍ ହେଲା ।

ଗୋମତୀ ନଦୀକୂଳେ ନୈମିଷାରଣ୍ୟରେ ଯଜ୍ଞ କରିବାର ଜାଗା ଠିକ୍ ହେଲା । ସୁଗ୍ରୀବ ଓ ବାନର-ମାନେ, ବିଭୀଷଣ ଓ ରାକ୍ଷସମାନେ ଉଭା ହୋଇ ଆସିଲେ । କେତେ ମୁନି, ଋଷି, ବ୍ରାହ୍ମଣ ଓ ରାଜା ଆସି ଜମା ହେଲେ । ଅଯୋଧ୍ୟାରୁ ରାଣୀମାନେ ଓ ପ୍ରଜାମାନେ ଯାଇ ମଧ୍ୟ ରୁଂଡ ହେଲେ । ବିଭୀଷଣ ରାକ୍ଷସମାନଂକୁ ଘେନି ମୁନି ଋଷିଂକ ଚର୍ଚାରେ ରହିଲେ । ସୁଗ୍ରୀବ ବାନରମାନଂକୁ ଘେନି ପରଷିବା କାମ ନେଲେ । ଏହିପରି ଆଉ ଆଉମାନେ ସବୁ କାର୍ଯ ବାଂଟି ନେଲେ ।

ଭାର୍ଯା ନ ଥିଲେ ଯାଗ କାର୍ଯ ହୁଏ ନାଇ । ସେଥିପାଇଁ ଋଷିମାନଂକ ସଂଗେ ବିଚାର କରି ରାମ ସୁନାରେ ସୀତାଂକର ଗୋଟିଏ ପ୍ରତିମା ତିଆରି କରାଇଲେ । ଯଜ୍ଞ ପାଇଁ ଘୋଡ଼ାଂକୁ ମଂତ୍ର କରି ଛାଡ଼ି ଦେଲେ । ଯଜ୍ଞ କାମ ଲାଗିଗଲା ।

ମୁନି ଋଷିମାନଂକ ଭିତରେ ବାଲ୍ମୀକି ଆସିଥିଲେ । ତାଂକ ସଂଗେ କୁଶ ଲବ ଶିଷ୍ୟ ହୋଇ ଆସିଥିଲେ । ମୁନି ସେ ଦୁହିଁଙ୍କୁ କହିଥାଂତି, "ତୁଂଭେମାନେ ପ୍ରତିଦିନ କୋଡ଼ିଏ ଅଧ୍ୟାୟ ରାମାୟଣ ସ୍ୱରଧରି ଗାଇବ । ରାଜା କହିଲେ ମଧ୍ୟ ତାଂକ ଆଗେ ଆନଂଦରେ ଗାଇବ; କିଂତୁ କାହାରିଠାରୁ କିଛି ଟଂକା ପଇସା ଧନରତ୍ନ ନେବ ନାଇ । ବନବାସୀ ମୁନିମାନେ ଟଂକା ପଇସା, ଧନରତ୍ନ ନିଅଂତି ନାଇ ।"

କୁଶ ଲବ ରାମାୟଣ ଗାଇଲେ । ସମସ୍ତେ ଶୁଣି, ଭାରି ପ୍ରଶଂସା କଲେ । ସମସ୍ତେ କହୁଥାଂତି, 'ଆହା ! ଏ ପିଲା ଦୁଇଟି ବରାବର ରାମଂକ ପରି ଦିଶୁଚଂତି । ଜଟା ବଲ୍‌କଲ ନ ଥିଲେ, କେହି ଋଷି ବୋଲି କହଂତେ ନାଇ ।"

ଦିନେ ରାମ ସେ ଗୀତ ଶୁଣିଲେ । ଭାରି ଖୁସି ହୋଇ ପିଲାମାନଂକୁ ଅଠର ହଜାର ମୋହର ଦେବାପାଇଁ ଯାଚିଲେ । ପିଲାମାନେ କହିଲେ, "ଆମେମାନେ ବଣରେ ଥାଉଁ । ଟଂକା, ସୁନା ଆମମାନଂକର କଣ ହେବ ? ଆପଣଂକର ଯେବେ ଇଚ୍ଛା, ଫୁରୁସତ ବେଳେ କହିଲେ ଆମେ ସବୁ ରାମାୟଣସାକ ଶୁଣାଇବୁ; କିଂତୁ ଟଂକା ପଇସା ନବୁ ନାଇ ।"

---

## ସୀତାଂକ ପାତାଳ ପ୍ରବେଶ

ରାମ ଫୁରୁସତ ବେଳେ ଡକାଇ ସମସ୍ତଂକ ଆଗେ ରାମଂକ ଜନ୍ମଠାରୁ ଅଶ୍ୱମେଧ ପର୍ଯଂତ ସବୁ ରାମାୟଣ ଚରିତସାକ କୁଶ ଲବଂକଠାରୁ ଶୁଣିଲେ । ପରେ ସେ କୁଶ ଲବଂକୁ ଆପଣା ପୁଅ ବୋଲି ବୁଝିପାରି, ବାଲ୍ମୀକିଂକୁ ଡାକି କହିଲେ, "ଆପଣ ସୀତାଂକୁ ଆଶ୍ରମରେ ରଖିଚଂତି । ତାଂକୁ ଅଣାଂତୁ । ମୁଁ ତାଂକୁ ପବିତ୍ର ବୋଲି ଜାଣେ; କିଂତୁ ପ୍ରଜାଂକ ବୁଝିବା ପାଇଁ ସେ ଯେପରି ଲଂକାରେ କରିଥିଲେ, ସେହିପରି ପୁଣି ଏଠାରେ ଥରେ ଶପଥ କରଂତୁ ।"

ବାଲ୍ମୀକି ଏହା ଶୁଣି ଭାରି ଖୁସି ହେଲେ । ସେ ସୀତାଂକୁ ପ୍ରଶଂସା କରି ବହୁତ କଥା କହିଗଲେ । ସେ କହିଲେ, "ମୁଁ କହୁଚି ସୀତାଂକର କିଛି ଦୋଷ ନାଇ । ମୁଁ ନିୟମ କରି କହୁଚି, ସୀତାଂକର ଯଦି ଟିକିଏ ଦୋଷ ଥିବ, ତେବେ ମୋର ଏତେ ତପସ୍ୟାର ଫଳ ନଷ୍ଟ ହେବ ।"

ଯା ହେଉ ଆଉ ଦିନ ସୀତା ଆସି ଶପଥ କରିବାର ଠିକ୍ ହେଲା । ବାଲ୍ମୀକି ସୀତାଂକୁ ଅଣାଇଲେ । ମୁନି, ଋଷି, ରାଜାମାନେ ବସିଚଂତି, ଅଯୋଧ୍ୟାର ଲୋକେ ଜମା ହୋଇଚଂତି । ସୀତାଂକ ଶପଥ ଦେଖିବେ ବୋଲି ଦେବତାମାନେ ଆକାଶରେ ଆସି ଠୁଳ ହେଲେଣି । ସୀତା ଜଟା ଲଂବାଇ, ବଲ୍‌କଲ ପିଂଧି ସମସ୍ତଂକ ଭିତରେ ଆସି ଠିଆ ହୋଇ କହିଲେ, 'ହେ ଦେବତାମାନେ, ମୁଁ ରାମଂକ ଛଡ଼ା କେବେ ଆଉ କାହାକୁ ଜାଣେ ନାଇ । ଏ କଥା ଯେବେ ସତ୍ୟ, ତେବେ ଏହି ପୃଥିବୀ ଗର୍ଭରେ ମତେ ସ୍ଥାନ ମିଳୁ । ହେ ପୃଥିବି ! ଯେବେ ମୋ କଥା ସତ, ତେବେ ତମ ଗର୍ଭରେ ମତେ ସ୍ଥାନ ଦିଅ ।"

ସୀତା ଏହି କଥା ପାଟି କରି ଥରକୁଥର କହିଲେ । ଗୁଡୁଁ ଗୁଡୁଁ ଭୂଇଁ ଦୁଇଭାଗ ହୋଇଗଲା । ପୃଥିବୀଦେବୀ ଗୋଟିଏ ରତ୍ନ ସିଂହାସନରେ ବସି ଉଠିଲେ । ସମସ୍ତେ ଅବାକ୍ ହୋଇ ଚାହିଁଚଂତି । କାହାରି ମୁହଁରୁ କଥା ବାହାରୁ ନାଇ । ପୃଥିବୀଦେବୀ ସୀତାଂକୁ କୋଳରେ ଧରି ତଳକୁ ଚାଲିଗଲେ ।

ଭୂଇଁ ମିଶିଯାଇ ଯେପରି ଥିଲା ପୁଣି ସେହିପରି ହୋଇଗଲା । ମନୁଷ୍ୟ ଦେବତା ମୁନି ଋଷି ଯେ ଥିଲେ, ସମସ୍ତେ ସୀତାଙ୍କୁ ଧନ୍ୟ ଧନ୍ୟ କଲେ । ରାମ କିନ୍ତୁ ଆଉ ସହି ପାରିଲେ ନାହିଁ । ପୃଥିବୀ ଉପରେ ବିରକ୍ତ ହୋଇ ତାକୁ କଷ୍ଟ ଦେବେ ବୋଲି ରାଗି ଉଠିଲେ । ବ୍ରହ୍ମା ସେଠାରୁ ନିଜେ ଆସି ତାଙ୍କୁ ବୁଝାଇ ସୁଝାଇ ଥଣ୍ଡା କରିଦେଲେ ।

କେତେଦିନ ପରେ କ୍ରମେ କୌଶଲ୍ୟା, କୈକେୟୀ, ସୁମିତ୍ରା ଦେହ ଛାଡ଼ିଲେ । ତାଙ୍କର ଶୁଦ୍ଧିକ୍ରିୟା ବିଧି ଅନୁସାରେ ହୋଇଗଲା ।

## ସମସ୍ତେ ସ୍ୱର୍ଗକୁ ଗଲେ

ଏ ମଧ୍ୟରେ କୈକେୟ ରାଜା ଯୁଧାଜିତ୍ ମନୁଷ୍ୟ ପଠାଇବାରୁ ରାମ ଭରତଙ୍କୁ ପଠାଇ ଗନ୍ଧର୍ବ ଦେଶ ଜିଣି ସେଠାରେ ଭରତଙ୍କ ପୁଅ ତକ୍ଷ ଓ ପୁଷ୍କଳଙ୍କୁ ତକ୍ଷଶୀଳା ଓ ପୁଷ୍କଳା ନଗରରେ ରାଜା କରାଇ ଦେଲେ । ଲକ୍ଷ୍ମଣଙ୍କ ପୁଅ ଅଙ୍ଗଦ ଓ ଚନ୍ଦ୍ରକେତୁଙ୍କୁ ମଧ୍ୟ ଦୁଇ ଖଣ୍ଡ ଦେଶ ବାଛି ସେଠାରେ ରାଜା କରାଇଲେ ।

କେତେ ଦିନ ପରେ କାଳ ଆସି ଋଷିରୂପରେ ରାମଙ୍କୁ ଭେଟି ଏକୁଟିଆରେ କଥାବାର୍ତ୍ତା ହେବାକୁ କହିଲେ । ରାମ ଲକ୍ଷ୍ମଣଙ୍କୁ ଦୁଆରେ ଜଗାଇ ଦେଇ କାଳଙ୍କ ସଙ୍ଗେ କଥାବାର୍ତ୍ତା ହେବାକୁ ଭିତରକୁ ଗଲେ । ଗଲାବେଳେ କହି ଦେଇ ଗଲେ, "ଯଦି କେହି ଭିତରକୁ ଯାଏ, ତାର ମୁଣ୍ଡକାଟ ହେବ ।"

ଦୁର୍ବାସା ବୋଲି ଜଣେ ରାଗୀ ଋଷି ଥିଲେ । ସେ ସେତିକିବେଳକୁ କାହୁଁ ଆସି ପହଞ୍ଚି, ରାମଙ୍କ ସଙ୍ଗେ ଦେଖା କରିବେ ବୋଲି କହିଲେ । ଲକ୍ଷ୍ମଣ ବହୁତ ବୁଝାଇ ତାଙ୍କୁ ଟିକିଏ ଉଛୁର କରିବାକୁ କହିଲେ । ଦୁର୍ବାସା କି ମାନିବା ଜନ୍ତୁ ? ସେ ରାଗହୋଇ ଶାପ ଦେବେ ବୋଲି ବାହାରିଲେ । ଲକ୍ଷ୍ମଣ ଦେଖିଲେ ଶାପରେ ସବୁ ନଷ୍ଟ କରିବାଠାରୁ ନିଜେ ମରିବା ଭଲ । ଲକ୍ଷ୍ମଣ ରାମଙ୍କୁ ଯାଇ ଖବର ଦେଲେ । ଦୁର୍ବାସା ଖାଇବାକୁ ମାଗିଲେ । ଖାଇସାରି ଏଉଡ଼ିଟାଏ ମାରି, ସନ୍ତୋଷ ହୋଇ ଚାଲିଗଲେ ।

ରାମ ଏବେ କରନ୍ତି କଣ ? ମୌନ ହୋଇ ବସିଲେ । କିଛି କହୁ ନାହାନ୍ତି । ଲକ୍ଷ୍ମଣ ଅଧର୍ମ ସହିବେ କିପରି ? ସେ କହିଲେ, "ଭାଇ; ଧର୍ମ ରଖି, ମୋର ମୁଣ୍ଡକାଟ କର ।"

ରାମଙ୍କୁ ବୁଦ୍ଧି ଦିଶିଲା ନାହିଁ । ସେ କିଛି ଠିକ କରି ନ ପାରି ବଡ଼ ବିକଳ ହେଲେ । ପଛକୁ ବଶିଷ୍ଠ ଆସି ବୁଝାଇ କହିଲେ, "ମହାରାଜ ! ଧର୍ମ ପାଇଁ ଲକ୍ଷ୍ମଣଙ୍କୁ ମାରିବା ଆପଣଙ୍କର ଉଚିତ । ଲକ୍ଷ୍ମଣ ଯାହା କହୁଚନ୍ତି ଠିକ୍ କହୁଚନ୍ତି । ଜ୍ଞାନୀ ଲୋକର ମାରିବା ଯାହା, ଛାଡ଼ିଦେବା ସେଇଆ । ଆପଣ ଲକ୍ଷ୍ମଣଙ୍କୁ ଛାଡ଼ି ଦିଅନ୍ତୁ ।"

ରାମ ଆଉ କରନ୍ତି କଣ ? ଲକ୍ଷ୍ମଣଙ୍କୁ ଚାଲିଯିବାକୁ କହିଲେ । ଲକ୍ଷ୍ମଣ ସେଠାରୁ ଆଉ ଘରକୁ ନ ଯାଇ ଲମ୍ବେ ଲମ୍ବେ ସରଯୂକୂଳକୁ ଯାଇ, ସେଠାରେ ନିଃଶ୍ୱାସ ରୋଧ କରି ତପସ୍ୟାରେ ବସି ସ୍ୱର୍ଗକୁ ଗଲେ ।

କେତେଦିନ ପରେ ରାମ ଭରତଙ୍କୁ ରାଜା କରି ସ୍ୱର୍ଗକୁ ଯିବି ବୋଲି କହିଲେ । ଭରତଙ୍କର ରାଜ୍ୟ କଣ ହେବ ? ରାମ ତାଙ୍କର ସବୁ । ସେ କହିଲେ, "ଭାଇ, ମତେ ଏ କଥା କହନାହିଁ । ମୁଁ ତମ ସାଙ୍ଗେ ସାଙ୍ଗେ ଯିବି ।" ବାଧ୍ୟ ହୋଇ ରାମ ଭରତଙ୍କ ସଙ୍ଗେ ବିଚାର କରି, ରାଜ୍ୟକୁ ଦୁଇ ଭାଗ କରି, କୁଶାବତୀରେ କୁଶ, ଶ୍ରାବସ୍ତିରେ ଲବକୁ ରାଜା କରି ସ୍ୱର୍ଗକୁ ଯିବାପାଇଁ ତିଆରି ହେଲେ ।

ଶତ୍ରୁଘ୍ନଙ୍କ ପାଖକୁ ଖବର ଗଲା । ସେ ଶୁଣିଲାକ୍ଷଣି ମଥୁରା ରାଜ୍ୟକୁ ଦୁଇ ଭାଗ କରି ନିଜର ଦୁଇ ପୁତ୍ର ସୁବାହୁ ଓ ଶତ୍ରୁଘାତିଙ୍କୁ ସେଥିରେ ରାଜା କରି ଦେଇ, ରାମଙ୍କ ପାଖକୁ ଆସିଲେ ।

ଅଯୋଧ୍ୟାର ଲୋକେ ଏ କଥା ଶୁଣି ସମସ୍ତେ ରାମଙ୍କ ସଂଗେ ସଂଗେ ଯିବାପାଇଁ ବାହାରିଲେ । ରାମ ତାହାଙ୍କୁ ମନା କରି ରଖାଇ ପାରିଲେ ନାହିଁ । ବୃହୁଁ ବୃହୁଁ ବାନରମାନଙ୍କୁ ଧରି ସୁଗ୍ରୀବ ଓ ରାକ୍ଷସମାନଙ୍କୁ ଧରି ବିଭୀଷଣ ତାହୁଁ ଆସି ପହଂଚିଲେ ।

ବହୁତ ବୁଝାଇବାରେ ବିଭୀଷଣ, ହନୁମାନ, ଜାଂବବାନ, ମୈଂଦ ଓ ଦ୍ଵିବିଂଦ ଏହି ପାଂଚ ଜଣ ରାମଙ୍କ କଥା ମାନି ରହିଲେ । ସୁଗ୍ରୀବ ଅଂଗଦକୁ ରାଜ୍ୟ ଦେଇ ସାରି ଆସିଥିଲେ ।

ଏବେ ରାମ, ସବୁ ଭାଇ, ଅଯୋଧ୍ୟା ଲୋକ,ବାନର ଓ ରାକ୍ଷସମାନଙ୍କୁ ନେଇ ଚାଲି ଚାଲି ସରଯୂନଦୀ ଆଡ଼କୁ ଗଲେ । ସେହି ନଦୀରେ ସମସ୍ତେ ସ୍ନାନ କରି ସାରିଲା ବେଳକୁ ସ୍ଵର୍ଗରୁ ଦେବ ବିମାନମାନ ଆସି ପହଂଚିଲା । ସମସ୍ତେ ସେଥିରେ ବସି ସ୍ଵର୍ଗକୁ ଗଲେ ।

# ପିଲାଂକ ମହାଭାରତ

## ବକ୍ତବ୍ୟ

ମୁଁ ପିଲାମାନଂକ ପାଇଁ ଏ ପୁସ୍ତକଟି ଲେଖିଛି । ମହାଭାରତ ପୁସ୍ତକ ପିଲାଂକ ପାଇଁ ଲେଖିବା ବଡ଼ ସହଜ କଥା ନୁହେ । ମୁଁ ଏହି ପୁସ୍ତକ ଲେଖିବାଲାଗି ପିଲାଂକ ପାଇଁ ଲେଖା ହୋଇଥିବା ଅନେକ ମହାଭାରତ ଖୋଜି ଦେଖିଥିଲି; କିଂତୁ ଦେଖିଲି, ଅଧିକାଂଶ ପୁସ୍ତକ ମୂଳଗ୍ରଂଥ ଛାଡ଼ି ଇଚ୍ଛା ଅନୁସାରେ ଲେଖା ହୋଇଅଛି । ବଂଗଳାର 'ଛେଲେଦେର ମହାଭାରତ' ଓ ଇଂରେଜରେ 'The story of the Great War' ଏହି ଦୁଇଖଂଡ ପୁସ୍ତକ ମୂଳଗ୍ରଂଥ ଧରି ଲେଖା ହୋଇଥିବାର ଦେଖି ସେହି ଦୁଇ ଗ୍ରଂଥକୁ ଆଦର୍ଶ ଧରି ମୁଁ ଏ ପୁସ୍ତକ ଲେଖିଛି । ତେଣୁ ସେହି ଗ୍ରଂଥକାରମାନଂକଠାରେ ମୁଁ କୃତଜ୍ଞ ।

ବଂଗଳା ପୁସ୍ତକର ଅନେକ ବର୍ଣ୍ଣନା ପିଲମାନଂକ ପାଇଁ ବୃଥା ଓ ଅଯଥା ବୋଧ ହେଲା ଏବଂ ରୁଚିବିରୁଦ୍ଧ କଥା ନ ହେବାର ସନ୍ଦେହରେ ବଂଗଳା ଗ୍ରଂଥକାର ଅନେକ ବିଷୟ ଏକାବେଳକେ ଭିନ୍ନ ରୂପରେ ପ୍ରକାଶ କରିଛଂନ୍ତି । ପୁଣି ଇଂରେଜୀ ଗ୍ରଂଥରେ ଅନେକ ଉପଦେଶ ଓ ଉପଦେଶର ବ୍ୟାଖ୍ୟା ଅଛି । ତାହା ପିଲମାନଂକ ପକ୍ଷରେ ଆଦୌ ଉପଯୋଗୀ ବୋଧ ହେଲା ନାହିଁ । ପିଲମାନଂକୁ ଇତିହାସ ପୁରାଣାଦି କଥା କହିଲାବେଳେ କୌଣସି ପ୍ରକାର ସାକ୍ଷାତ୍ ଉପଦେଶ ଦ୍ୱାରା ତାଂକ ମନକୁ କୌଣସି ଆଡ଼େ ଟାଣି ଭର୍ତ୍ତି କରିବା ମୋଟେ ଉଚିତ ନୁହେ । ଆଉରି ମଧ୍ୟ ଇଂରାଜ ଗ୍ରଂଥକାର ମୂଳର ଅନୁକରଣ କରିବାକୁ ଯାଇ ବେଳେ ବେଳେ ଶିଶୁର ଆକାଂକ୍ଷା ଓ ରୁଚି ପ୍ରତି ଜମା ଲକ୍ଷ୍ୟ ରଖି ନାହାଂନ୍ତି । ମୁଁ ଏ ପୁସ୍ତକରେ ଏ ଦୁଇଟିର ମଧ୍ୟ-ପଂଥା ଗ୍ରହଣ କରିଅଛି । ମୁଁ ଦଶ ବର୍ଷରୁ ଅଧିକକାଳ ଶିଶୁମାନଂକର ଶିକ୍ଷକ ଥାଇ, ଶିଶୁମାନଂକ ପାଇଁ ଯେପରି ଏ ସବୁ ବିଷୟ ଲେଖା ହେବା ଉଚିତ ବୋଲି ବୁଝିଛି, ସେହିପରି ଲେଖିବାକୁ ଚେଷ୍ଟା କରିଛି । ପୁସ୍ତକଟି ପିଲମାନଂକ ଶିକ୍ଷାରେ ସାହାଯ୍ୟ କଲେ କୃତାର୍ଥ ହେବି ।

ସତ୍ୟବାଦୀ
୨୦ । ୧ । ୨୩

ନୀଳକଂଠ ଦାସ

# ପିଲାଙ୍କ ମହାଭାରତ

## ଆଦିପର୍ବ

### ହସ୍ତିନା, ଭାରତ, କୁରୁବଂଶ ଓ ପ୍ରତୀପ

ଦିଲ୍ଲୀ ଭାରତରେ ପ୍ରଧାନ ସହର । ଏବେ ଯେଉଁଠାରେ ଦିଲ୍ଲୀ ଅଛି, ସେଠାରେ ସେବକାଳେ ଖାଂଡବବନ ବୋଲି ଗୋଟିଏ ଭାରି ଜଂଗଲ ଥିଲା ଓ ସେହି ଜଂଗଲ ଭିତରେ ଯମୁନାକୂଳ ଆଡ଼କୁ ଖାଂଡବପ୍ରସ୍ଥ ବୋଲି କେତେଗୁଡ଼ିଏ ଗାଁ ଥାଏ ।

ସେହି ଖାଂଡବପ୍ରସ୍ଥ ପୂର୍ବକୁ ଗଂଗାକୂଳରେ ହସ୍ତିନା ବୋଲି ସୁଂଦର ସହର ଥିଲା । ବହୁତ ଦିନରୁ ଚଂଦ୍ରବଂଶୀ ରଜାମାନେ ଏହି ହସ୍ତିନାରେ ରଜା ହୋଇଥିଲେ । ଭରତ ବୋଲି ଏହି ବଂଶରେ ଜଣେ ରଜା ଥିଲେ । ତାଂକର ନାମରେ ଆମର ଏହି ଦେଶକୁ ଭାରତବର୍ଷ ବୋଲି କହଂନ୍ତି । ଏହି ରାଜବଂଶକୁ ମଧ୍ୟ ସେଥିପାଇଁ ଭାରତବଂଶ ବୋଲି କହୁଥିଲେ । ସେହି ଭାରତମାନଂକ କଥା ଲେଖାଥିଲାରୁ ପୁସ୍ତକର ନାମ 'ମହାଭାରତ' ହୋଇଅଛି ।

କୁରୁ ବୋଲି ଏହି ବଂଶରେ କେବେ ଜଣେ ବଡ଼ ରାଜା ଥିଲେ । ସେଥିପାଇଁ ଏ ବଂଶର ରାଜାମାନଂକୁ କୌରବ ଓ ଏହି ବଂଶକୁ କୁରୁବଂଶ କହଂନ୍ତି ।

ଏହି କୁରୁବଂଶରେ ପ୍ରତୀପ ବୋଲି ଜଣେ ହସ୍ତିନାରେ ରଜା ଥିଲେ । ସେ ଦିନେ ଗଂଗାକୂଳରେ ସ୍ନାନ ସାରି ତର୍ପଣ କରୁଥଂନ୍ତି, ଗଂଗାଦେବୀ ଗୋଟିଏ ସୁଂଦରୀ କନ୍ୟା ହୋଇ ଆସି ତାଂକ କୋଡ଼ରେ ବସିଗଲେ । ପ୍ରତୀପ ବଡ଼ ଧାର୍ମିକ ରାଜା ଥିଲେ । ସେ ଗଂଗାଂକୁ ବେଶି ସ୍ନେହରେ ପଚାରିଲେ, "ତୁମେ କିଏ ମା ? କିଅପରି ଆସି ମୋ କୋଡ଼ରେ ବସିଗଲ ? ମୋ ପୁଅ ହେଲେ ମୁଁ ତୁମକୁ ବୋହୂ କରନ୍ତି ।"

---

### ଗ ଗା ଓ ବସୁମାନଂକ ଶାପ କଥା

ଗଂଗା ଯେ ଏପରି ଆସି ପ୍ରତୀପଂକ କୋଡ଼ରେ ବସିଗଲେ, ସେଥିରେ ଗୋଟିଏ କଥା ଅଛି—

ଦେବତାମାନଂକ ଭିତରେ ଆଠ ଜଣକୁ ଆଠବସୁ କହଂନ୍ତି । ଏହି ବସୁମାନେ ଥରେ ନିଜ ସ୍ତ୍ରୀମାନଂକୁ ଘେନି ମେରୁ ପର୍ବତ ପାଖେ ଗୋଟିଏ ସୁଂଦର ବଣକୁ ବୁଲିବାକୁ ଯାଇଥିଲେ । ବୁଲୁ ବୁଲୁ ବାଟରେ ବଶିଷ୍ଠ ମୁନିଂକ ଆଶ୍ରମ ପଡ଼ିଲା । ବଶିଷ୍ଠଂକର ନଂଦିନୀ ବୋଲି ଗୋଟିଏ ବଡ଼ ଭଲ ଗାଈ ଥାଏ । ଏପରି ଗାଈ କେବେ ଦେଖା ନାଇ । ଯେତେ ଦୁଧ ଦରକାର, ନଂଦିନୀଂକ ଠାରୁ ମାଗିଲେ ସେତେ ଦୁଧ ବାହାରେ । ଆଉ ସେ ଦୁଧ ଏପରି ଯେ, ତାକୁ ଖାଇଲେ ମଣିଷ ସୁସ୍ଥ ଶରୀରରେ ଦଶ ହଜାର ବର୍ଷ ବଂଚିପାରେ ।

ବସୁମାନଂକ ମଧ୍ୟରେ ଜଣକ ନାମ ଥିଲା ଦ୍ୟୁ । ଗାଈଟି ଦେଖି ତାଂକ ସ୍ତ୍ରୀଂକର ବଡ଼ ଲୋଭ ହେଲା । ଉଶିନର ରଜାଂକ ଝିଅ ଜିତବତୀ ବୋଲି ତାଂକର ଗୋଟିଏ ସଖୀ ଥାଏ । ସେହି ସଖୀଂକୁ ଯଦି ଏ ଦୁଧ ଖୁଆଇଲେ ସେ ଦଶ ହଜାର ବର୍ଷ ବଂଚିବେ । ଆହା କି ସୁଖ ହବ ! ଏକଥା ବସୁର ବସୁର ଦ୍ୟୁଂକର ସ୍ତ୍ରୀ ଗାଈଟି ନବାପାଇଁ ବାସ୍ତାଣୀ ପର ହେଲେ । ଗାଈ ବାଛୁରୀ ଦୁଇଟି ଧରି ନବାପାଇଁ ସ୍ୱାମୀଂକୁ ମତାଇଲେ ।

ଅଠ ବସୁଯାକ ଅଠ ଭାଇ । ସମସ୍ତେ ମିଶି ଗାଈ ବାଛୁରୀ ଯୋଡ଼ିକଯାକ ଚୋରି କଲେ । ବଶିଷ୍ଠ ଫଳମୂଳ ପାଇଁ ବଣକୁ ଯାଇଥିଲେ । ଗାଈ ଚୋରି ଗିବାର ସେ ଜାଣିଲେ ନାଇ ।

କିଂତୁ ମୁନିମାନେ ଧ୍ୟାନରେ ସବୁ କଥା ଜାଣି ପାରଂତି । ଚୋର ଧରିବା ବଶିଷ୍ଠଂକୁ କବା କଥା ? ସେ ଜାଣିପାରି ଶାପ ଦେଲେ—"ତୁମେମାନେ ଦେବତା ହୋଇ ଏ କର୍ମ କଲ, ଏଥିପାଇଁ ତୁମେମାନେ ମନୁଷ୍ୟ ହୋଇ ପୃଥିବୀରେ ଜନ୍ମ ହବ ।"

ବସୁମାନେ ଶାପ ପାଇ ବଡ଼ ଭୟ କଲେ, ବଶିଷ୍ଠଂକୁ କାନ୍ଦି କରି ବହୁତ କହିଲେ । ସେଠାରୁ ବଶିଷ୍ଠ ଦୟା କରି କହିଲେ, "ଏ ଚୋରିରେ ଦ୍ୟୁର ବେଶି ଦୋଷ । ତୁମେ ସମସ୍ତେ ମନୁଷ୍ୟ ଜନ୍ମ ପାଇ ମଂତରେ ବରଷେ ବରଷେ ରହି ଫେରି ଆସିବ । ମାତ୍ର ଦ୍ୟୁ ମଂତରେ ମନୁଷ୍ୟ ଯେତେ ଦିନ ବଂଚେ, ସେତେ ଦିନ ରହିଲା ପରେ ଫେରିବ ।"

ବସୁମାନେ ଏବେ ବଡ଼ ବ୍ୟସ୍ତରେ ପଡ଼ିଲେ । ଖୋଜି ଖୋଜି ଗଂଗାଦେବୀଂକ ପାଖକୁ ଗଲେ । ଗଂଗାଦେବୀ ସେତେବେଳକୁ ସେହିପରି ଗୋଟିଏ ଶାପ ପାଇଥିଲେ । ମହାଭିଷ ବୋଲି ଜଣେ ରଜା ଦେବସଭା ଭିତରେ ଦେବତାମାନଂକୁ ଖାତିର ନ କରି ଗଂଗାଦେବୀଂକୁ ଚାହିଁଥିଲେ । ଗଂଗାଦେବୀ ସେଥିରେ କିଛି ହେଲେ କହିଲେ ନାଇ । ସେଥିପାଇଁ ଦେବତାମାନେ ଶାପ ଦେଇଥିଲେ, "ତୁଂହେ ଦୁହେଁ ମଂତରେ ମନୁଷ୍ୟ ହୋଇ ଜନ୍ମ ପାଅ ।"

ବସୁମାନେ ଆସି ଗଂଗାଂକୁ କହିଲେ, "ମା, ଆମେ ମଂତରେ ଜନ୍ମିବୁ; ତୁମେ ବି ମଂତକୁ ଯିବ । ହସ୍ତିନାର ରଜା ପ୍ରତୀପଂକ ଶାଂତନୁ ବୋଲି ବଡ଼ ଧାର୍ମିକ ପୁଅ ହେବେ । ସେ ଆମ ବାପ ହେବେ; ତୁମେ ଯେପରି ଆମ ମା ହେବ ।" ଗଂଗା ହଁ କଲେ । ଦ୍ୟୁଂକ ଛଡ଼ା ବାକି ସାତଟି ବସୁଂକ ଜନ୍ମ ହେଲା ପରେ ଗୋଟି ଗୋଟି କରି ସ୍ୱର୍ଗକୁ ପଠାଇ ଦେବେ ବୋଲି ମଧ୍ୟ କହିଲେ ।

---

## ଶାଂତନୁ ଗଂଗାଂକୁ ବାହା ହେଲେ

ଏଣେ ପ୍ରତୀପ ଗଂଗାକୂଳେ ଗଂଗାଦେବୀଂକୁ କୋଳରେ ଦେଖି ଯେତେବେଳେ ବୋହୂ କରିବେ ବୋଲି କହିଲେ, ସେତେବେଳେ ଗଂଗା କହିଲେ, "ଆଚ୍ଛା ଭଲ କଥା; କିଂତୁ ମୋର ଗୋଟିଏ କଥା ରଖିବାକୁ ହବ । ମୋର ଯେତେବେଳେ ଯାହା ମନ ହବ, ମୁଁ ତାହା କରୁଥିବି । ଯେତେ ଖରାପ ଲାଗିଲେ ବି ତୁମ ପୁଅ ସେଥିରେ ବାଧା ଦେଇ ପାରିବେ ନାଇ କିଂବା ମୋତେ ଗାଳିଦେଇ ପାରିବେ ନାଇ ।" ଏହି କଥା ପାଇଁ ଆମ ସାରଳା ଦାସ ଲେଖିଯାଇଚଂତି, ଗଂଗା ପ୍ରତୀପଂକୁ କହିଥିଲେ—"ଗଂଗା ବୋଇଲେ ଥିବି, ଗାଂଗୀ ବୋଇଲେ ଯିବି ।"

ପ୍ରତୀପ ସେ କଥାରେ 'ହଁ' କରିବାରୁ ଗଂଗା ଅଂତର୍ଧାନ ହୋଇଗଲେ । ତାଂକର ଶାଂତନୁ ବୋଲି ପୁଅ ହେଲା । ଶାଂତନୁ ଦେଖିବାକୁ ବଡ଼ ସୁଂଦର;

ଧର୍ମରେ, ବିଦ୍ୟାରେ, ସ୍ୱଭାବରେ ଓ ଆଉ ସବୁ ଗୁଣରେ ବଡ଼ ଭଲ । ଏହା ଦେଖି ପ୍ରତୀପ ତାଂକ ହାତରେ ରାଜ୍ୟ ଛାଡ଼ିଦେଇ ଆପେ ତପସ୍ୟା କରିବା ପାଇଁ ବଣକୁ ଚାଲିଗଲେ । ଗଲାବେଳେ ପୁଅକୁ କହିଲେ, "ବାବୁ, ଗୋଟିଏ ଦେବକନ୍ୟା ମୋର ବୋହୂ ହେବ ବୋଲି ମୋତେ କହିଚି । ତାକୁ ଦେଖିଲେ ଚିହ୍ନି ହବୁ । ତାର ଯାହା ମନକୁ ପାଇବ, ସେ କରିବ । ତୁ ସେଥିରେ ବାଧା ଦବୁ ନାଇଁ କି ତାକୁ ଗାଳି ଦବୁ ନାଇଁ ।"

ଶାଂତନୁ ଦିନେ ଗଂଗାକୂଳ ବଣରେ ପାରିଧି କରି ବୁଲୁଥିଲା ବେଳେ ଗୋଟିଏ ବଡ଼ ସୁଂଦରୀ କନ୍ୟାକୁ ଦେଖିଲେ । ଏଡ଼େ ସୁଂଦର ମନୁଷ୍ୟ ସେ ଆଉ କେବେ ଦେଖି ନ ଥିଲେ । ବାପା କହିଥିବା କଥା ବି ତାଂକ ମନେ ପଡ଼ିଗଲା । ସେ ବିଚାରିଲେ, ଏ ସେହି ଦେବକନ୍ୟା ହେବ ।

ଭରସି କରି ତାଂକୁ ପଚାରିଲେ, "ତୁଂମେ କିଏ ? ଦେବତା, ନା ଦାନବ, ନା ଅପ୍‌ସରା, ନା ଯକ୍ଷ, ନା ମନୁଷ୍ୟ ? ଆହା, ତୁମେ ଯଦି ମୋର ରାଣୀ ହୁଅଂତ, ମୁଁ କେଡ଼େ ସୁଖରେ ରହଂତି ।" ସତକୁ ସତ ସେ ଝିଅଟି ଆଉ କେହି ନୁହେଁ—ଗଂଗା । ଗଂଗା କହିଲେ, "ମହାରାଜ, ମୁଁ ଆପଣଂକର ରାଣୀ ହେବି; କିଂତୁ ମୋହର ଗୋଟିଏ ନିୟମ ଅଛି । ମୋର କୌଣସି କାର୍ଯ୍ୟରେ ଆପଣ ବାଧା ଦେବେ ନାଇଁ କି ଅସଂତୋଷ ହେବେ ନାଇଁ । ଯେବେ ବାଧା ଦେବେ, କି ଅସଂତୋଷ ହେବେ, ତେବେ ମୁଁ ଆଉ ଆପଣଂକ ପାଖେ ରହିବି ନାଇଁ ।"

ଶାଂତନୁ ଏଥିରେ ରାଜି ହୋଇ ପରମା ସୁଂଦରୀ ରାଣୀ ନେଇ ଘରକୁ ଫେରିଲେ । ରାଜା ରାଣୀ ଦୁହେଁ ବଡ଼ ସୁଖରେ ରହିଲେ ।

## ଶାଂତନୁଂକ ପୁଅ ଦେବବ୍ରତ

କେତେଦିନ ପରେ ରଜାଂକର ଦେବତା ପରି ଗୋଟିଏ ପୁଅ ହେଲା । ସଂଗେ ସଂଗେ ରାଣୀ ତାକୁ ନେଇ ଗଂଗାରେ ଫିଂଗି ଦେଲେ । ରାଜା ତ କିଛି କହିବେ ନାଇଁ ବୋଲି କଥା କରିଚଂତି, ମନ ଦୁଃଖ ମନରେ ମାରି ରହିଲେ । ଥରକୁ ଥର ଏମିତି ଗୋଟିଏ ଗୋଟିଏ ପୁଅ ହଉଥାଏ; ରାଣୀ ତାକୁ ଗଂଗାରେ ଫିଂଗି ଦଉଥାଂତି ।

ଦୁଃଖରେ ରଜାଂକର ବୁକୁ ଫାଟି ଯାଉଥାଏ । ଏହିପରି ସାତଟି ପୁଅ ଗଂଗାରେ ଗଲେ । ଆଉ ଗୋଟିଏ ପୁଅ ଯେତେବେଳେ ଜନ୍ମ ହେଲା, ରାଜା ଆଉ ସହି ପାରିଲେ ନାଇଁ, ମୁହଁ ଫିଟାଇ କହି ପକାଇଲେ, "ରାଣି ! ଏଉଟିକ ମାର ନାଇଁ; ମା ହୋଇ ତୁମ ପ୍ରାଣରେ ଟିକିଏ ଦୟା ନାଇଁ ? ଏ ପାପ ଆଉ କର ନାଇଁ ।"

ରାଣୀ କହିଲେ, "ମହାରାଜ ! ତୁମ ପୁଅକୁ ରଖ । ମୋ ନିୟମ କଥା ମନେ ଅଛି ତ ? ମୁଁ ଯାଉଚି । ଭଗବାନ୍ ତୁମର ମଂଗଳ କରଂତୁ ।" ଗଲାବେଳେ ଗଂଗା ନିଜ କଥା ଆଉ ଆଠଟି ବସୁମାନଂକ କଥା ରଜାଂକୁ ବୁଝାଇ କରି କହିଲେ ଓ ପୁଅଟିକି ରଖି ଦେଇ ଅଂତର୍ଧାନ ହୋଇଗଲେ ।

ପୁଅଟିର ନାମ ହେଲା ଦେବବ୍ରତ । ଦେବବ୍ରତଂକର ପିଲାକାଳରୁ ରଜା ଶାଂତନୁ ମଧ୍ୟ ତପସ୍ୟା କରିବାକୁ ବଣକୁ ଗଲେ । ଗଂଗାକୂଳରେ ସେହି ବଣ । ସେଠାରେ ଶାଂତନୁ ବହୁତ ବର୍ଷ ତପସ୍ୟା କଲେ । ଏବେ ଦେବବ୍ରତ ବଡ଼ ହେଲେ । ରୂପ, ଗୁଣ, ବିଦ୍ୟା, ବୁଦ୍ଧି ସବୁଥିରେ ଦେବବ୍ରତପରି ସେତେବେଳେ ଆଉ କେହି ନ ଥିଲେ ।

ଦିନେ ଦେବବ୍ରତ ଶିକାର କରୁଥିଲେ; ଗୋଟିଏ ହରିଣୀକୁ ଶର ମାରିଲେ । ଶରର ତେଜରେ ଗଂଗାର ଜଳ ଅଧାଅଧି ଶୁଖିଗଲା । ଶାଂତନୁ ସେଠାରେ ଥିଲେ । ଆଶ୍ଚର୍ଯ୍ୟ ହୋଇ ଚାହିଁଲାବେଳକୁ ଦେବବ୍ରତଂକୁ ଦେଖିଲେ । ଦେବବ୍ରତ ତାଂକୁ ଦେଖି ଅନ୍ୟ ଆଡ଼େ ଚାଲିଗଲେ । ଶାଂତନୁ ପୁଅକୁ ଚିହ୍ନି ପାରି ଗଂଗାଂକୁ ମନେ ପକାଇଲେ । ଗଂଗା ଦେଖା ଦେବାରୁ ତାଂକୁ କହିଲେ, "ମୋ ପୁଅକୁ ମୋତେ ଦେଖାଅ ।"

ସେଠାରୁ ଗଂଗା ଦେବବ୍ରତଂକୁ ଘେନି ଆସି ଶାନ୍ତନୁଂକ ଆଗେ ଠିଆ କରି କହିଲେ, "ମହାରାଜ, ଏ ତୁମର ସେହି ପୁଅ, ମୁଁ ଏହାକୁ ବଡ଼ କରିଚି; ଏ କୁମାରଂକୁ ଦେବତାମାନେ ବଡ ସୁଖ ପାଆଂତି, ବଶିଷ୍ଠଂକ ପାଖେ ଏ ସବୁ ବେଦ, ବୃହସ୍ପତି ଓ ଶୁକ୍ରଂକ ପାଖେ ସବୁ ଶାସ୍ତ୍ର ଶିଖିଚଂତି । ପରଶୁରାମ ଯେତେ ଧନୁର୍ବିଦ୍ୟା ଜାଣଂତି, ଏହାଂକୁ ସବୁ ଶିଖାଇଚଂତି । ଏହାଂକୁ ଘେନି ତୁମେ ଘରକୁ ଯାଅ ।"

ପୁଅକୁ ଘେନି ଭାରି ଆନଂଦରେ ରଜା ଫେରି ଆସିଲେ ଓ ଅଳ୍ପ ଦିନରେ ଦେବବ୍ରତଂକୁ ଯୁବରାଜ କରିଦେଲେ ।

---

## ସତ୍ୟବତୀ ଓ ଭୀଷ୍ମ

ଦିନେ ଶାଂତନୁ ବଣରେ ବୁଲୁଥିଲା ବେଳେ ହଠାତ୍ ଗୋଟିଏ ଯୁବତୀ ଦେଖିଲେ । ଯୁବତୀଟି ବଡ଼ ସୁଂଦରୀ । ପଦ୍ମ ଫୁଲରୁ ବାସନା ବାହାରିଲା ପରି ତା ଦିହରୁ ବାସନା ବାହାରୁଚି । ରଜା ଆଶ୍ଚର୍ଯ୍ୟ ହୋଇଗଲେ । ତାକୁ ପଚାରିଲେ, "ତୁମେ କିଏ ?" ଯୁବତୀ କହିଲା, "ମୁଁ ଗୋଟିଏ କେଉଟର ଝିଅ ।"

ସେ ଝିଅଟିର ନାମ ସତ୍ୟବତୀ । ସେ ପ୍ରକୃତରେ କେଉଟ ପିଲା ନୁହେଁ । ସେ ଗୋଟିଏ ରଜାର ଝିଅ । କଥା ଅଛି, ସେ ଗୋଟିଏ ମାଛ ପେଟରେ ଜନ୍ମ ପାଇଥିଲା । କେଉଟ ସେ ମାଛଟି ଧରି କାଟିଲାବେଳକୁ ଝିଅଟି କୁଆଁ କୁଆଁ ହୋଇ କାଂଦି ଉଠିଲା । କେଉଟ ସେ ଝିଅଟିକୁ ପାଳିଲା ।

ପରାଶର ବୋଲି ଜଣେ ବଡ ମୁନି ଥିଲେ । ଦିନେ କେଉଟ ନାଆରେ ସେ ସେହି ଝିଅଟିକୁ ଦେଖିଲେ । ଝିଅଟିଠାରେ ତାଂକର ଅନୁଗ୍ରହ ହେଲା । ସେହି ଅନୁଗ୍ରହରେ ସତ୍ୟବତୀଂକଠାରୁ ବ୍ୟାସଦେବ ଜନ୍ମ ହୋଇଥିଲେ । ବ୍ୟାସଦେବ ତପସ୍ୟା କରିବାପାଇଁ ଅତି ପିଲାଦିନରୁ ବଣକୁ ଚାଲିଗଲେ; ସତ୍ୟବତୀ କେଉଟ ଘରେ ଥାଆଂତି ।

ଶାଂତନୁ ଏବେ ସତ୍ୟବତୀଂକୁ ଦେଖି ବାହା ହେବେ ବୋଲି ବିଚାରିଲେ; କେଉଟ ଆଗେ ସେ କଥା କହିଲେ । କେଉଟ କହିଲା, "ମହାରାଜ, ଆପଣଂକର ଯୁବରାଜ ଅଛଂତି । ମୋ ଝିଅକୁ ବାହା ହେଲେ ମୋ ଝିଅର ପୁଅମାନେ ତ ରାଜ୍ୟ ପାଇବେ ନାହିଁ; ମୁଁ ଆପଣଂକୁ କାହିଁକି ଝିଅ ଦେବି ?"

ରଜା ଏକଥା ଶୁଣି, ତାଂକ ମୁହଁ ଶୁଖିଗଲା । ସେ ମନ କଥା ମନରେ ମାରି ଘରକୁ ଫେରି ଆସିଲେ । କ୍ରମେ ଦେବବ୍ରତ ଜାଣି ପାରିଲେ, ବାପାଂକ ମନରେ କିଛି ସୁଖ ନାହିଁ; ସେ ବାପାଂକୁ ପଚାରିଲେ, ବାପା କିଛି କହିଲେ ନାହିଁ । ମଂତ୍ରୀ ଶାଂତନୁଂକଠାରୁ ସବୁ କଥା ଶୁଣିଥିଲେ । ଦିନେ ଦେବବ୍ରତ ବ୍ୟସ୍ତହୋଇ ମଂତ୍ରୀଂକୁ ପଚାରିବାରୁ, ମଂତ୍ରୀ ସବୁକଥା ଦେବବ୍ରତଂକୁ ବୁଝାଇ କହିଲେ । ସଙ୍ଗେ ସଙ୍ଗେ ଦେବବ୍ରତ ଯାଇ ସେ କେଉଟ ଦୁଆରେ ହାଜର ହେଲେ । ସତ୍ୟବତୀଂକୁ ଶାଂତନୁଂକ ସଂଗେ ବିବାହ ଦେବାପାଇଁ କେଉଟକୁ କହିଲେ ।

କେଉଟ କହିଲା, "ବାବୁ ଦେବବ୍ରତ, ଆପଣ ତ ହେଲେ ଯୁବରାଜ, ମୋ ଝିଅର ପୁଅ ହେଲେ ତ ସେ ରାଜ୍ୟ ପାଇବ ନାଇ । ମୁଁ କି ଆଶାରେ ଝିଅକୁ ଶାନ୍ତନୁଙ୍କୁ ବିଭା ଦେବି ?" ଦେବବ୍ରତ କହିଲେ, "କେଉଟ, ମୁଁ ପ୍ରତିଜ୍ଞା କରି କହୁଛି, ମୁଁ ରାଜ୍ୟ ନେବି ନାଇ ! ତୁମ ଝିଅର ପୁଅ ହେଲେ, ସେ ରାଜ୍ୟ ପାଇବେ ।" କେଉଟ କହିଲା; "ଦେବବ୍ରତ, ମୁଁ ଜାଣେ ତୁମେ ସତ୍ୟବାଦୀ, ବୀର, ତୁମେ ନିଜର କଥା ରଖିବ; କିନ୍ତୁ ତୁମର ପୁଅ ନାତିମାନେ ତ ରାଜ୍ୟ ପାଇଁ କଳି କରି ପାରନ୍ତି ।"

ଦେବବ୍ରତ କହିଲେ, "ବିଭା ନ ହେଲେ ମୋର ଆଉ ପୁଅ ନାତି କାହୁଁ ଆସିବେ ? ମୁଁ ପ୍ରତିଜ୍ଞା କରି କହୁଛି ଯେ, ମୁଁ ବିଭା ହେବି ନାଇ ।"

ଏ ବଡ଼ କଠୋର ଭୀଷଣ ପ୍ରତିଜ୍ଞା ! ଏହା ଶୁଣି ସମସ୍ତେ ଦେବବ୍ରତଙ୍କୁ ଧନ୍ୟ ଧନ୍ୟ କଲେ । ଆକାଶରୁ ଦେବତାମାନେ ତାଙ୍କ ଉପରେ ପୁଷ୍ପବୃଷ୍ଟି କଲେ । ଏହିପରି ଭୀଷଣ ପ୍ରତିଜ୍ଞା କରିବାରୁ ଦେବବ୍ରତଙ୍କ ନାମ ହେଲା—ଭୀଷ୍ମ; ଅର୍ଥାତ୍ ଭୟାନକ ଲୋକ ।

---

## ବିଚିତ୍ରବୀର୍ଯ୍ୟଙ୍କ ବଂଶ

ସତ୍ୟବତୀ ଶାନ୍ତନୁଙ୍କୁ ବିଭା ହେଲେ । ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ବୋଲି ସତ୍ୟବତୀଙ୍କର ଦୁଇଟି ପୁଅ ହେଲେ । ଅଳ୍ପଦିନ ପରେ ଶାନ୍ତନୁ ମରିଗଲେ । ଚିତ୍ରାଙ୍ଗଦ ଟିକିଏ ବଡ଼ ହୋଇଥାନ୍ତି । ଭୀଷ୍ମ ତାହାଙ୍କୁ ରଜା କଲେ । ବିଚିତ୍ରବୀର୍ଯ୍ୟ ସେତେବେଳକୁ ଖୁବ୍ ପିଲା । ଚିତ୍ରାଙ୍ଗଦ ରଜା ହୋଇ ଅଳ୍ପ ଦିନ ପରେ ଗୋଟିଏ ଗନ୍ଧର୍ବ ସଙ୍ଗେ ଯୁଦ୍ଧ କରିବାକୁ ଗଲେ । ସେହି ଯୁଦ୍ଧରେ ସେ ମଲେ । ଭୀଷ୍ମ ବାଧ୍ୟ ହୋଇ ନାଆଁକୁ ବିଚିତ୍ରବୀର୍ଯ୍ୟଙ୍କୁ ସିଂହାସନରେ ବସାଇ ତାଙ୍କପାଇଁ ସବୁ ରାଜକାର୍ଯ୍ୟ ବୁଝିଲେ ।

କ୍ରମେ ବିଚିତ୍ରବୀର୍ଯ୍ୟଙ୍କର ବିବାହ ବୟସ ହେଲା । ଏହି ସମୟରେ ଭୀଷ୍ମ ଶୁଣିଲେ, କାଶୀ ରାଜାଙ୍କର ଅମ୍ବା, ଅମ୍ବିକା, ଅମ୍ବାଳିକା ବୋଲି ତିନୋଟି ଝିଅଙ୍କର ସ୍ୱୟମ୍ବର ହେବ । କାଶୀରାଜା ଦେଶ ବିଦେଶର ସମସ୍ତ ରଜାଙ୍କୁ ଡାକିବେ । ସମସ୍ତେ ଗୋଟିଏ ସଭା କରି ବସିବେ । ଝିଅ ତିନୋଟି ଦେଖି ଦେଖି, ବୁଲି ସମସ୍ତଙ୍କ ଗୁଣ ଶୁଣି, ବୁଝି ଯାହା ବେକରେ ଫୁଲମାଳ ଲମ୍ବାଇ ଦେବେ, ସେଇ ତାଙ୍କୁ ବିଭା ହେବ । ଏହିପରି ବିବାହକୁ ସ୍ୱୟମ୍ବର ବୋଲି କହନ୍ତି ; ଏହିପରି ସ୍ୱୟମ୍ବରରୁ ବି ଜଣେ ଜଣେ ରଜା କନ୍ୟାମାନଙ୍କୁ ଜୋର କରି ନେଇ ଯାଆନ୍ତି । ଆଉ ଆଉ ରଜାମାନେ ତାଙ୍କସଙ୍ଗେ ଯୁଦ୍ଧ କରନ୍ତି । ସମସ୍ତଙ୍କୁ ହଟାଇ ଦେଇ କନ୍ୟାକୁ ନେଇଯିବା ରଜାମାନଙ୍କର ଗୋଟିଏ ଭାରି ବାହାଦୁରି ଥିଲା । ଏପରି କନ୍ୟା ନେଇ ଯିବାକୁ ଲୋକେ ଭାରି ପସନ୍ଦ କରୁଥିଲେ । ଭୀଷ୍ମ କାଶୀରାଜାଙ୍କ ସ୍ୱୟମ୍ବର ସଭାକୁ ଯାଇ ତିନୋଟିଯାକ କନ୍ୟାଙ୍କୁ ଜୋର କରି ନେଇ ଆସିଲେ । ଆଉ ଆଉ ରଜାମାନେ ଭୀଷ୍ମଙ୍କ ସଙ୍ଗେ ଲଢ଼ାଇ କରି ହାରି ଗଲେ । ଭୀଷ୍ମ ମହାବୀର । ତାଙ୍କୁ ପୁଣି ଲଢ଼ାଇରେ କିଏ ପାରିବ ?

ତିନୋଟିଯାକ କନ୍ୟାକୁ ଆଣି ବିଚିତ୍ରବୀର୍ଯ୍ୟଙ୍କୁ ବିଭା କରିଦେବେ ବୋଲି ବିଚାରିଲେ । ବଡ଼ କନ୍ୟା ଅମ୍ବା କହିଲା, "ମହାଶୟ, ମୁଁ ପୂର୍ବରୁ ଶାଲ୍ୱଦେଶର ରଜାଙ୍କୁ ବିଭା ହେବି ବୋଲି ମନେ ମନେ ଠିକ୍ କରିଛି, ମୋତେ ଛାଡ଼ି ଦିଅନ୍ତୁ ।" ଭୀଷ୍ମ ତାଙ୍କୁ ଛାଡ଼ିଦେଲେ, ବାକି ଅମ୍ବିକା ଓ ଅମ୍ବାଳିକା ଦୁଇଟି କନ୍ୟାଙ୍କ ବିଚିତ୍ରବୀର୍ଯ୍ୟଙ୍କୁ ବିଭା କରିଦେଲେ ।

ବିଭା ହୋଇ ଅଳ୍ପ ଦିନରେ ବିଚିତ୍ରବୀର୍ଯ୍ୟ ମରିଗଲେ । ସମସ୍ତଙ୍କୁ ବଡ଼ ଚିନ୍ତା ପଡ଼ିଗଲା । କୁଳ ରହିବ କିପରି ? ସତ୍ୟବତୀ କାନ୍ଦି କାନ୍ଦି ଭୀଷ୍ମଙ୍କ

ଆଗେ ଆସି କହିଲେ । ଭୀଷ୍ମ କହିଲେ, "ମା, ମୋର ରୁଚି କଣ ? ମୁଁ ତ ବାହା ହେବି ନାହିଁ ବୋଲି ପ୍ରତିଜ୍ଞା କରିଛି । ମୋତେ ତ କିଛି ବୁଦ୍ଧି ଦିଶୁନାହିଁ ।"

ବ୍ୟାସଂକ କଥା ସତ୍ୟବତୀଂକ ମନେ ପଡ଼ିଲା । ସେ ବ୍ୟାସଂକୁ ସୁମରଣ କଲେ । ବ୍ୟାସ ଆସି ପହଂଚିଲେ । ସତ୍ୟବତୀ କହିଲେ, "ବାବୁ ! ତୁ ମୋ ବଡ଼ ପୁଅ, ତୁ ନ ବଞ୍ଚାଇଲେ ଏ କୁରୁକୁଳ ନ ରହେ । ଏବେ ତୋହରି ହାତରେ ସବୁ କଥା । ମୋର ଆଉ ଉପାୟ ନାହିଁ ।"

ବ୍ୟାସ ତ ମହାଋଷି । ମାଆଂକର ଏ କଥା ଶୁଣିବାରୁ ତାଂକର ଦୟା ହେଲା । ତାଂକ ଅନୁଗ୍ରହରୁ ଅଂବିକାଂକର ଧୃତରାଷ୍ଟ୍ର ଓ ଅଂବାଳିକାଂକର ପାଂଡୁ ଏହିପରି ଦୁହିଁଂକର ଦୁଇଟି ପୁଅ ହେଲା । ଅଂବିକାଂକର ଗୋଟିଏ ଦାସୀ ଥିଲା । ବ୍ୟାସଦେବଂକର ଅନୁଗ୍ରହରେ ତାଂକର ମଧ୍ୟ ବିଦୁର ବୋଲି ଗୋଟିଏ ପୁଅ ହେଲା ।

———

## କୌରବ ଓ ପାଂଡବ

ଧୃତରାଷ୍ଟ୍ର ବଡ଼ଭାଇ । ହେଲେ କ'ଣ ହେବ, ସେ ଜନ୍ମରୁ ଅଂଧ ଥିଲେ । ଅଂଧ ତ ରାଜ୍ୟରେ ରଜା ହୋଇ ପାରେ ନାହିଁ । ସେଥିପାଇଁ ସାନ ଭାଇ ପାଂଡୁ ରାଜା ହେଲେ ।

ରଜା ହୋଇ ନ ପାରିବାରୁ ଧୃତରାଷ୍ଟ୍ରଂକର ମନଦୁଃଖ ହେବାର କଥା; ମାତ୍ର ପାଂଡୁଂକର ପୁଅ ହେବା ଆଗରୁ ଧୃତରାଷ୍ଟ୍ରଂକର ପୁଅ ହୋଇଥିଲେ । ସେ ପୁଅ ସମସ୍ତଂକ ଭିତରେ ବଡ଼ ବୋଲି ରଜା ହୋଇଥାଂତା । ତାହା ମଧ୍ୟ ହେଲା ନାହିଁ । ପାଣ୍ଡୁଂକର ଆଗ ପୁଅ ହେଲା । ଧୃତରାଷ୍ଟ୍ରଂକର ପୁଅମାନେ ବୁଝିଲେ ଯେ, ସେମାନେ ରାଜ୍ୟ ପାଇବେ ନାହିଁ, ସେଥିପାଇଁ ସେମାନେ ପାଂଡୁଂକ ପୁଅମାନଂକୁ ବଡ଼ ହିଂସା କଲେ । ପାଂଡୁଂକର ପୁଅ ବୋଲି ସେମାନଂକ ନାମ ହେଲା ପାଂଡବ । ପାଂଡୁ ଓ ଧୃତରାଷ୍ଟ୍ର ଦୁହେଁ କୁରୁକୁଳର ହେଲେ ମଧ୍ୟ କେବଳ ଧୃତରାଷ୍ଟ୍ରଂକର ପୁଅମାନଂକୁ ସମସ୍ତେ କୁରୁବଂଶ ବା କୌରବ ବୋଲି କହିଥାଂନ୍ତି ।

ଗାଂଧାର ଦେଶ ରାଜକନ୍ୟା ଗାଂଧାରୀଂକୁ ଧୃତରାଷ୍ଟ୍ର ବିବାହ ହୋଇଥିଲେ । ତାଂକର ଶହେ ପୁଅ ଓ ଗୋଟିଏ ଝିଅ ହୋଇଥିଲା । ବଡ଼ ପୁଅ ନାଁ ଦୁର୍ଯୋଧନ, ତା ତଳକୁ ଦୁଃଶାସନ, ତା ପରେ ଆଉ ଅଠାନବେ ଜଣ । ଝିଅଟିର ନାମ ଦୁଃଶୀଳା ।

ପାଂଡୁଂକର ପାଂଚଟି ପୁଅ । ଯୁଧିଷ୍ଠିର ସବା ବଡ଼, ତା ତଳକୁ ଭୀମ, ତା ତଳକୁ ଅର୍ଜୁନ, ପୁଣି ତା ତଳକୁ ନକୁଳ ଓ ସହଦେବ—ଯୋଡ଼ିଏ ଯାଆଁଳା ଭାଇ । ଏ ପାଂଚ ଭାଇଯାକ ଏକା ମାଆର ପୁଅ ନୁହଂନ୍ତି । ପାଂଡୁଂକର ଯୋଡ଼ିଏ ରାଣୀ ଥିଲେ । ବଡ଼ଟିର ନାମ କୁଂତୀ ଓ ପୃଥା । ସେ ମଥୁରାର ଯଦୁବଂଶ ରାଜା ଶ୍ରୀକୃଷ୍ଣଂକ ବାପ ବସୁଦେବଂକର ଭଉଣୀ; ଅର୍ଥାତ୍ ଶ୍ରୀକୃଷ୍ଣଂକର ପିଉସୀ ଥିଲେ । ଏବେ ଯାହାକୁ ମାଳବ ଦେଶ ବୋଲି କହୁଚଂନ୍ତି, ତାରି ପାଖେ ଆଗେ ମଦ୍ର ଦେଶ ଥିଲା । ସାନ ରାଣୀ ମାଦ୍ରୀ ସେହି ଦେଶ ରଜାଂକ ଝିଅ ।

ଯୁଧିଷ୍ଠିର, ଭୀମ, ଅର୍ଜୁନ—ଏମାନେ କୁଂତୀଂକ ପୁଅ । ନକୁଳ ଓ ସହଦେବ ମାଦ୍ରୀଂକ ପୁଅ । ପାଂଚ ଭାଇଯାକ ସମସ୍ତେ ସମସ୍ତଂକୁ ଭାରି ସୁଖ ପାଉଥିଲେ । ତାଂକ ଭିତରେ କିଏ ସୋଦର, କିଏ ସାବତନ, ଏ କଥା କେହି ଜାଣି ପାରୁ ନ ଥିଲେ ।

ଜଣେ ଜଣେ ଦେବତା ପାଂଡୁଂକୁ ଏହି ସବୁ ପୁଅ-ମାନଂକ ଭିତରୁ ଗୋଟିଏ ଗୋଟିଏ ଦେଇଥିଲେ । ଧର୍ମ ଯୁଧିଷ୍ଠିରଂକୁ, ପବନ ଭୀମଂକୁ ଓ ଇଂଦ୍ର ଅର୍ଜୁନଂକୁ

ଦେଇଥିଲେ । ଅଶ୍ୱିନୀକୁମାର ବୋଲି ଯୋଡ଼ିଏ ଯାଁଳା ଦେବତା, ନକୁଳ ଓ ସହଦେବଙ୍କୁ ଦେଇଥିଲେ । ସେଥିପାଇଁ ଯୁଧିଷ୍ଠିରଂକୁ ଧର୍ମପୁତ୍ର, ଭୀମଙ୍କୁ ପବନପୁତ୍ର, ଅର୍ଜୁନଙ୍କୁ ଇଂଦ୍ରପୁତ୍ର ଓ ନକୁଳ ସହଦେବଂକୁ ଅଶ୍ୱିନୀକୁମାରଂକ ପୁତ୍ର ବୋଲି କହଂତି । ଏହି ସବୁ ଦେବତାମାନେ ଆପଣା ଆପଣା ପୁଅ ବୋଲି ମଧ୍ୟ ପାଂଡବଂକୁ ଭାରି ସୁଖ ପାଉଥିଲେ ।

ହେଲେ କଣ ହେବ, ପିଲାଗୁଡ଼ିକ ସାନ ସାନ ହୋଇଥିଲାବେଳେ ପାଂଡୁ ହଠାତ୍ ମରିଗଲେ । ମଲାବେଳେ ମାଦ୍ରୀ ତାଂକ ପାଖେ ଥିଲେ । ମନଦୁଃଖରେ ପାଂଡୁଂକ ଚିତାଅଗ୍ନିରେ ମାଦ୍ରୀ ଡେଇଁପଡ଼ି ସଢ଼ି ଗଲେ; ମଲାବେଳେ ନକୁଳ, ସହଦେବ ଦୁଇଟିଂକୁ କୁଂତୀଂକୁ ସମର୍ପି ଦେଇ ଯାଇଥିଲେ । କୁଂତୀ ପାଂଚଟି ପିଲା ଘେନି ଦୁଃଖରେ ରହିଲେ । ପ୍ରକୃତରେ ଆପଣାର ହୋଇ ଆଉ ତାଂକର କେହି ରହିଲା ନାଇ ।

ଯାହାହେଉ ପାଂଡବ ପାଂଚ ଭାଇ ଧୃତରାଷ୍ଟ୍ରଂକ ପିଲାଂକ ସଂଗେ ରହିଲେ । ଶହେ ପାଂଚଟି ପିଲା ଏକାଠି ଖାଆଂତି, ଏକାଠି ପଢ଼ଂତି, ଏକାଠି ଖେଳଂତି—ସବୁ ଏକା ସାଂଗେ କରଂତି ।

ଭୀମ ସମସ୍ତଂକ ଭିତରେ ଭାରି ବଳୁଆ ଥାଏ । ଖେଳବାବେଳେ ସମସ୍ତଂକୁ ମାଡ଼ ଚଢ଼ାଏ । ଧୃତରାଷ୍ଟ୍ରଂକ ପିଲାମାନେ ତା ଡାଉରେ ମନ ସୁଖରେ ଟିକିଏ ଖେଳି ପାରଂତି ନାଇ । ଖେଳ ବସୁ ବସୁ ଭୀମ କାହୁଁ ଆସି ୟାକୁ ମାରି, ତାକୁ ଧରି, ୟା ମୁଂଡରେ ତା ମୁଂଡ ବାଡ଼ଆ, ଏହାହିଁ କରେ । ସେମାନେ ଶହେ ଜଣ, ଭୀମ ଏକା; କିଂତୁ ଶହେ ଜଣଯାକ ଭୀମର କିଛି କରି ପାରଂତି ନାଇ । ଭୀମ କେତେବେଳେ ତାଂକୁ ତଳେ ପକାଇ ଦେଇ ବାଳ ଧରି ଓଟାରେ । ପାଣିରେ ଗାଧୋଇଲାବେଳେ ଭୀମ ଏକାବେଳକେ ଦଶ ପଂଦରଟା ଭାଇଂକୁ ଏକାଠି ଧରି, ବୁଡ଼ାଇ ବୁଡ଼ାଇ ଆକେଟା କରିଦିଏ । ସେମାନେ ଗଛରେ ଚଢ଼ିଥାଂତି, ସେତିକିବେଳେ ଭୀମ ଗଛରେ ଉଠି ହଲାଏ; ଭାଇଗୁଡ଼ାକ ଦୁମ୍‌ଦାମ୍ ଖସି ପଡ଼ି କାଂଦଂତି । ସେଥିପାଇଁ ଭୀମକୁ ଦେଖିଲେ ଧୃତରାଷ୍ଟ୍ରଂକ ପୁଅମାନେ ଭାରି ଡରଂତି ।

---

## ଦୁର୍ଯ୍ୟୋଧନ ଭୀମକୁ ବିଷ ଦେଲେ

ଦୁର୍ଯ୍ୟୋଧନ ଭାବୁଥାଂତି, "ଭୀମ ବଡ଼ ହେଲେ ତ ଆଉ ରକ୍ଷା ନାଇ । ଏହି ପିଲାଦିନୁ ଭୀମଟାକୁ ମାରି ପକାଇଲେ ଯାଏ । ଭୀମ ମଲେ, ବାକି ଚାରୋଟା ଭାଇଂକ ଆଉ ଡର କଣ ?"

ଏହାପରେ ବଗୁର ଭଗୁର ଦିନେ ସମସ୍ତଂକୁ କହିଲେ, "ଭାଇମାନେ, ଚାଲ ଗଂଗାସ୍ନାନ କରିବାକୁ ଯିବା ।" ସମସ୍ତେ ମହା ଆନଂଦରେ 'ହଁ' କଲେ । ଏଥିରେ ଦୁର୍ଯ୍ୟୋଧନର ଯେ ଫଂଦ ଅଛି, ତା କାହିଁକି କିଏ ବୁଝିବ ?

ରଜା ପୁଅମାନେ ଗଂଗାସ୍ନାନ କରିବାକୁ ଯିବେ । କେତେ ଯୋଗାଡ଼ ଲାଗିଗଲା । ପ୍ରମାଣକୋଟି ବୋଲି ଗଂଗାକୂଳେ ଗୋଟିଏ ସୁଂଦର ସ୍ଥାନ । ସେଠାରେ ତଂବୁ ପଡ଼ିଲା । ସାମୁଂଡିଆ ହେଲା । ଫୁଲମାଳ ବଂଧା ହେଲା । ପତାକା ଉଡ଼ିଲା । ଖାଇ ଲାଗି କେତେ ଜିନିଷ ଆସି ଜମା ହେଲା ।

ପ୍ରମାଣକୋଟି ବଡ଼ ସୁଂଦର ସ୍ଥାନ, ସୁଂଦର ବଗିଚା, ସୁଂଦର ଘର । ରଜାପିଲାଏ ଭାରି ଖୁସି ହେଲେ । କେତେ ମିଠାଇ ଆସି ଜମା ହେଲା । ଭାଇମାନେ ମିଠେଇ ଚୁଆଟୋଇ ହେଲେ । ଭଲ ମିଠେଇ ଦେଖିଲେ ଗୋଟିଏ ଭାଇ ଆଉ ଗୋଟିଏ ଭାଇକି ଖୁଆଇ

ଥିଏ । ଦୁର୍ଯୋଧନ ଆଗରୁ ଫଂଦି କରି ମିଠାଇ ସଂଗେ ବିଷ ଲଡ଼ୁ ରଖିଥିଲେ । ମିଠେଇ ବୋଲି ଭୀମକୁ ସେ ବିଷ ଲଡ଼ୁ ଖୁଆଇଦେଲେ । ଭୀମ କି ଜାଣଂତି ? ଖାଇବା କଥାରେ ତ ପୁଣି ସବୁବେଳେ ସେ ଆଗ । ବିଷଲଡ଼ୁ-ତକ ସବୁ ଭୀମଂକ ପେଟକୁ ଚାଲିଗଲା ।

ତା' ଉତ୍ତାରୁ ସମସ୍ତେ ଗଂଗାରେ ସ୍ନାନ କରିବାକୁ ଗଲେ । ବହୁତ ଆନଂଦରେ ବୁଡ଼ାବୁଡ଼ି କଲେ । କେତେବେଳେ ବୁଡ଼ି ବୁଡ଼ି ଲୁଗା ପିଂଧିବାକୁ ସମସ୍ତେ ଉପରକୁ ଆସିଲେ । ଭୀମ କିଂତୁ ପାଣିରୁ ଆଉ ଆସିଲେ ନାହିଁ । ସେ ଗଂଗାକୂଳେ ଶୋଇ ପଡ଼ିଲେ ।

ଭୀମ ଅଜ୍ଞାନ ହେବା କଥା ଦୁର୍ଯୋଧନ ଛଡ଼ା ଆଉ କେହି ଜାଣଂତି ନାହିଁ । ଦୁର୍ଯୋଧନ ଆଗରୁ ବଗିଚାରୁ ଲଟି କାଟି ଦଉଡ଼ି କରି ରଖିଥିଲେ । ଭୀମ ଅଜ୍ଞାନ ହୋଇ ପଡ଼ିବାରୁ ତାଂକ ହାତ ଗୋଡ଼ ବାଂଧି ଟୁପ୍ କରି ଗଂଗାକୁ ଫିଂଗି ଦେଲେ । ଏ କଥା ମଧ୍ୟ ଆଉ କେହି ଜାଣିଲେ ନାହିଁ ।

ଭୀମ ପାଣିରେ ବୁଡ଼ିଗଲେ । ଈଶ୍ୱର ଯାହାକୁ ରଖିବେ, ଦୁଷ୍ଟ ଲୋକ ତାର କଣ କରିପାରେ ? ଭୀମ ଗଂଗାରେ ବୁଡ଼ିଗଲାବେଳକୁ ଯେଉଁଠାରେ ପଡ଼ିଲେ, ଠିକ୍ ସେଇଠାରେ ପାତାଳକୁ ଯିବାର ବାଟ । ପାତାଳରେ ସାପ ଆଉ ସାପମାନଂକର ରଜା ବାସୁକି ଥାଆଂନ୍ତି । ଭୀମ ବୁଡ଼ି ବୁଡ଼ି ସେହି ସାପଂକ ଦେଶରେଯାଇ ହାଜର । ସାପଂକ ଉପରେ ଯାଇ ପଡ଼ିଲେ । ସାପମାନେ ଚିପି ହୋଇ ବ୍ୟସ୍ତ ହେଲେ । ଭୀମକୁ ଚୋଟ ଉପରେ ଚୋଟ ମାଇଲେ । ସେ ସାପ ଚୋଟରେ ଭୀମର ଲାଭ ହେଲା । ଭୀମ ଯେ ବିଷ ଖାଇଥିଲା, ସାପ ବିଷ ତା'ର ଔଷଧ । ସାପ ଚୋଟ ଖାଇ ଭୀମର ବିଷ ଛାଡ଼ିଗଲା ।

ଭୀମ ଆଖି ମକଚି ମକଚି ଉଠି ଦେଖିଲେ, ଆଶ୍ଚର୍ଯ୍ୟ ! ସାପମାନେ ଫଣା ଟେକି ଗୋଳମାଳ କରି ଦୌଡ଼ାଦୌଡ଼ି କରୁଛଂତି, ଚୋଟ ମାରୁଛଂନ୍ତି । ଭୀମ ମୁହୂର୍ତ୍ତକେ ଲଟି ଦଉଡ଼ି ସବୁ ଛିଂଡେଇ ଦେଇ ଉଠି ସାପଂକର ଚୌଦପୁରୁଷ ଶ୍ରାଦ୍ଧ ଆରଂଭ କରିଦେଲେ । କାହାକୁ ଚୁପୁଡ଼ା, କାହାକୁ ବେକମୋଡ଼ା; କେତେ ମଲେ; ବାକିମାନେ ବ୍ୟସ୍ତ ହୋଇ ଗୋଳମାଳ କରି ଯାଇ ବାସୁକି ଆଗେ କହିଲେ । ବାସୁକିଆସି ପହଂଚିଲେ, ଦେଖି କରି ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ, "ଆରେ, ଏ ତ ଭୀମ ! ଏ ତ ମୋର ନାତିର ନାତି ।" ବାସୁକି ଭୀମକୁ କୁଂଢାଇ ପକାଇଲେ । କେତେ ଆଦର କଲେ । କେତେ କଉଡ଼ିକଥା ରତ୍ନ ଅଳଂକାର ସବୁ ଭୀମକୁ ପିଂଧାଇ ଦେଲେ ।

ସେତିକି ନୁହେଁ । ବାସୁକି ଘରେ ସବୁ ବଡ଼ ବଡ଼ ପୋଖରୀରେ ଅମୃତ ଥାଏ । ଭୀମକୁ କହିଲେ, "ବାପା, ଯେତେ ଇଚ୍ଛା ଏହାକୁ ପିଅ । ଏଥିରେ ତୁମର ଦେହ ସୁଖ ହୋଇଯିବ ।" ଭୀମ ମହା ଆନଂଦରେ ଏକ ଏକ ନିଃଶ୍ୱାସରେ ହାଂଡିଏ ହାଂଡିଏ ଅମୃତପିଇଗଲେ । ଆଠ ହାଂଡି ଅମୃତ ପିଇ ସାରି ଦଂଭ ମାରି ଟିକିଏ ବସିଲେ । ଏତେ ଖାଇବାରୁ ନିଦ ଲାଗିବାର କଥା । ଟିକିକ ପରେ ଭୀମକୁ ନିଦ ଲାଗିଲା । ଏକା ନିଦକେ ଆଠ ଦିନ ।

---

## ଭୀମ ପାତାଳରୁ ଫେରିଲେ

ଯୁଧିଷ୍ଠିର ଉପରକୁ ଆସି ଭୀମକୁ ଦେଖିଲେ ନାହିଁ । ବିଚାରିଲେ,ଭୀମ ହୁଏତ ଆଗରୁ ଘରକୁ ଯାଇଛି । ଘରକୁ ଆସି ମାଆଂକୁ ପ୍ରଣାମ କରି ସାରି ପଚାରିଲେ, "ମା, ଭୀମ ତ ଆଗରୁ ଆସିଛି, ସେ କାହିଁ ? ତୁମେ ତାକୁ କୁଆଡ଼େ ପଠାଇଛ କି ।" କୁଂତୀ ଏକଥା ଶୁଣି କାଂନ୍ଦି ଉଠିଲେ । କହିଲେ, "ବାପା, ଭୀମକୁ ତ ମୁଁ ଦେଖି ନାହିଁ; ସେ ଆସି ନାହିଁ । ସେ କାହିଁ ଗଲା, ଖୋଜ ।" ଏହା କହି କୁଂତୀ ବିଦୁରକୁ ଡାକି ପଠାଇଲେ ।

ବିଦୁର ବଡ଼ ସରଳ ଓ ସାଧୁଲୋକ । କୁଂତୀ ତାଂକ ଆଗେ ସବୁ କଥା କହି କାଂନ୍ଦି କାଂନ୍ଦି ଶେଷକୁ କହିଲେ,"ଦୁର୍ଯୋଧନ ମୋ ଭୀମକୁ ବଡ଼ ହିଂସା କରେ । ସେ କଣ ଭୀମକୁ ମାରି ପକାଇଲା କି ?" ବିଦୁର ଏ କଥା ଶୁଣି କହିଲେ,"ଭାଉଜ, ଚୁପ ହୁଅ । ଦୁର୍ଯୋଧନ ଏ କଥା ଶୁଣିଲେ ବଡ଼ ଖରାପ ହେବ । ଭୀମର ଅଗ ଗୋଡ଼ରେ କଂଟା ବାଜିବ ନାହିଁ । ମୁଁ ବ୍ୟାସଦେବଂକ-ଠାରୁଁ ଶୁଣିଛି, ତୁମ ପିଲାମାନେ ବହୁଦିନ ବଂଚିବେ । ବ୍ୟାସଂକ କଥା କି ମିଛ ହବ; କିଛି ଭୟ ନାହିଁ । ଭୀମ ନିଶ୍ଚୟ ଫେରି ଆସିବ ।" ଏହା କହି ବିଦୁର ଚାଲିଗଲେ । କୁଂତୀ ଆଉ ପାଂଡବମାନେ ମନଦୁଃଖରେ ରହିଲେ ।

ଏଣେ ଭୀମ ଆଠ ଦିନ ଶୋଇସାରି ତାଜା ହୋଇ ଉଠିଲେ । ଅମୃତ ଖାଇବାରୁ ଦେହରେ ଦଶ ହଜାର ହାତୀର ବଳ ହୋଇଛି । ସାପମାନେ ତାଂକୁ ସ୍ନାନ କରାଇ, ଭଲ ଲୁଗା ଅଳଂକାର ପିଂଧାଇ, ଭୀମଂକ ପାଇଁ ଗୋଟିଏ ଭୋଜି କରି ତାଂକୁ ଖାଇବାକୁ ଦେଇ, ମହା ଆଦରରେ ଆଣି ପ୍ରମାଣକୋଟିର ଗାଧୋଇବା ଜାଗାରେ ଛାଡ଼ି ଦେଇଗଲେ । ଭୀମ ନାଚି ନାଚି ଆନଂଦରେ ଆସି ମାଆଂକୁ ପ୍ରଣାମ କଲେ ।

ମଲା ପୁଅ ଫେରି ଆସିଲା ପରି ଭୀମକୁ ପାଇ, ସମସ୍ତେ ଭାରି ଖୁସି ହେଲେ । ଭୀମ ସବୁ କଥା କହିଗଲେ । ସବୁ ଶୁଣିସାରି ଯୁଧିଷ୍ଠିର କହିଲେ, "ଆଚ୍ଛା ଭାଇ, ଏବେ ସାବଧାନ । ଏ ସବୁ କଥା ଯେପରି ଆଉ କେହି ନ ଜାଣଂତି ।"

ସେହି ଦିନଠାରୁ ପାଂଡବ ପାଂଚ ଭାଇଯାକ ଭାରି ସାବଧାନ ହୋଇ ରହିଲେ । ଧୃତରାଷ୍ଟ୍ର, ଦୁର୍ଯୋଧନ ଓ ଦୁର୍ଯୋଧନଂକ ମାମୁଁ ଶକୁନି ପାଂଡବମାନଂକୁ ସହି ପାରୁ ନ ଥାଆଂନ୍ତି । ଏ କଥା ଶୁଣି ମଧ୍ୟ ପାଂଡବମାନେ ଚୁପ ହୋଇ ଥାଆଂନ୍ତି । ଏପରି କେତେଦିନ ବିତି ଗଲା ।

---

## ଦ୍ରୋଣ ଶିକ୍ଷକ ହେଲେ

ପିଲାଦିନେ ଲେଖା ପଢ଼ା ଶିଖିବାର କଥା । କ୍ଷତ୍ରିୟ ପିଲାମାନେ ଲେଖା ପଢ଼ା ସଂଗେ ଧନୁର୍ବିଦ୍ୟା ଅର୍ଥାତ୍ ଧନୁରେ ଠିକ୍ ଶରମାରି ପାରିବା ଶିଖଂନ୍ତି । ଦୁର୍ଯୋଧନ, ଯୁଧିଷ୍ଠିର ପ୍ରଭୃତି ସବୁ ଭାଇଗୁଡ଼ିକ ସେ ଧନୁର୍ବିଦ୍ୟା ଶିଖିବାକୁ ଆରଂଭ କଲେ । କୃପାଚାର୍ଯ୍ୟ ବୋଲି ଜଣେ ବଡ଼ ଭଲ ଶିକ୍ଷକ ତାଂକୁ ଧନୁର୍ବିଦ୍ୟା ଶିଖାଉ ଥାଆଂନ୍ତି । ଦିନେ ପିଲାମାନେ ଗୋଟିଏ ଲୁହା ପେଂଡୁ ଧରି ସହରର ବାହାରେ ଖେଳୁଥିଲେ । ଖେଳୁ ଖେଳୁ ପେଂଡୁଟା ଗୋଟିଏ ଶୁଖିଲା କୂଅ ଭିତରେ ପଡ଼ିଗଲା । ପିଲାମାନେ କୌଣସି ପ୍ରକାରେ ତାକୁ କାଢ଼ି ପାରିଲେ ନାହିଁ । ସେତିକବେଳକୁ ସେ ବାଟେ ଜଣେ ବୁଢ଼ା ବ୍ରାହ୍ମଣ ଯାଉଥିଲେ; ବ୍ରାହ୍ମଣଟି ଦେଖିବାକୁ କାଳିଆ । ବାଳ ପାଚି ଯାଇଛି । ହାତରେ ଧନୁଶର ଅଛି ।

ବୁଢ଼ା ଆସି କୂଅ ଭିତର ଦେଖିଲେ । ପିଲାଂକୁ କହିଲେ, "କି ରେ ପିଲେ ! ତୁମେ କ୍ଷତ୍ରିୟ ପିଲା ହୋଇ ଏ ପେଂଡୁଟା କାଢ଼ି ପାରୁ ନାହଁ ? ମୋତେ କଣ ଖାଇବାକୁ ଦେବ କହ, ମୁଁ ଏ ପେଂଡୁଟା କାଢ଼ିଦେବି । ପେଂଡୁ କାଢ଼ିବି, ତା ସଂଗେ ସଂଗେ ଏ ମୁଦିଟି କାଢ଼ିବି ।" ଏହା କହି ଆଂଗୁଠିରୁ ଆଣୋ ମୁଦିଟି କାଢ଼ି କୂଅରେ ପକାଇ ଦେଲେ । ଯୁଧିଷ୍ଠିର କହିଲେ, "ମହାଶୟ, ଆପଣ ଯେବେ ପେଂଡୁଟା କାଢ଼ି ଦେବେ ତେବେ ଆଜି କଣ, ଜୀବନଯାକ ଖାଇବାକୁ ପାଇବେ ।"

ବୁଢ଼ା ସେଠାରୁ ମୁଠାଏ ଶର କାଢ଼ିଲେ । ଗୋଟିଏ ଶର ପେଂଡୁରେ ମାରିଦେଲେ, ତା ପଛକୁ ଆଉ ଗୋଟିଏ;ସେ ଶର ପଛରେ ପୁଣି ଆଉଗୋଟିଏ,ଏହିପରି ଶରରେ ଶର ମାରି ମାରି ଗୋଟିଏ ବାଡ଼ପରି କୂଅ ଉପରଯାଏଁ କରିଦେଇ, ତାକୁ ଧରି ପେଂଡୁଟି ଉଠାଇ ଦେଲେ । ପିଲାଯାକ ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ,

"ଆଚ୍ଛା, ମୁଣ୍ଡ କାଢ଼ୁଂଛୁ।" ବୁଢ଼ା ସେହିପରି ଶର ମାରି ମୁଣ୍ଡଟିକ କାଢ଼ି ଆଣିଲେ। ପିଲାଯାକ ଅବାକ୍ ହୋଇଗଲେ। ସମସ୍ତେ ବୁଢ଼ାଂକୁ ପ୍ରଣାମ କରି କହିଲେ, "ଆପଣ ନିଶ୍ଚୟ ଜଣେ ମହାପୁରୁଷ। କହଂନ୍ତୁ, ଆପଣଂକର ଆମେ କଣ କରିବୁ।"

ବୁଢ଼ା କହିଲେ, "ବାବୁ, ତୁମେମାନେ ଯାଅ। ତୁମ ବଡ଼ ବାପା ଭୀଷ୍ମଂକୁ କହିବ ଯେ, ଏହିପରି ଜଣେ ଲୋକ ଆସି ଆମ ଫେଂଡ୍ କୂଅ ଭିତରୁ କାଢ଼ିଛି।" ପିଲାଯାକ ଦଉଡ଼ି ଯାଇ ଭୀଷ୍ମଂକ ଆଗେ ଏ କଥା କହିଲେ। ଭୀଷ୍ମ ସବୁ କଥା ଶୁଣି ବୁଝି ପାରିଲେ, ଦ୍ରୋଣାଚାର୍ଯ୍ୟ ଆସିଚଂନ୍ତି। ଦ୍ରୋଣାଚାର୍ଯ୍ୟଂକ ଛଡ଼ା ଆଉ କେହି ଏପରି କରିପାରଂନ୍ତେ ନାହିଁ।

ଦ୍ରୋଣାଚାର୍ଯ୍ୟଂକ ହାତେ ପିଲାମାନଂକୁ ଦେବାପାଇଁ ଭୀଷ୍ମଂକର ବହୁଦିନରୁ ଇଚ୍ଛା ଥିଲା। ଭୀଷ୍ମ ଆଦରରେ ଦ୍ରୋଣାଚାର୍ଯ୍ୟଂକୁ ଘରକୁ ଆଣି ତାଂକୁ ପିଲାମାନଂକର ଶିକ୍ଷକ କରି ଦେଲେ।

---

## ଦ୍ରୋଣଂକର ନିଜ କଥା

ଦ୍ରୋଣ ଜଣେ ପ୍ରଧାନ ଲୋକ। ଦ୍ରୋଣ, ଅର୍ଥାତ୍ ମାଠିଆ ଭିତରେ ଜନ୍ମ ହୋଇଥିଲେ ବୋଲି ତାଂକର ନାମ ଦ୍ରୋଣ। ସେ ଭରଦ୍ୱାଜ ମୁନିଂକ ପୁଅ। ବହୁତ ତପସ୍ୟା କରି, ସେ ସବୁ ବିଦ୍ୟା ଜାଣିଥିଲେ। ବିଶେଷରେ ଧନୁର୍ବିଦ୍ୟାରେ ତାଂକର ବେଶି ହାତ ଥିଲା। ପୁଣି ପରଶୁରାମଂକଠାରୁ ସବୁ ଅସ୍ତ୍ରଶସ୍ତ୍ର ପାଇ ସେ ଏପରି ହୋଇଥିଲେ ଯେ, ତାଂକ ଆଗେ ଧନୁ ଧରି ଛିଡ଼ା ହୋଇ ପାରିବା ଲୋକ ସେତେବେଳେ ବଡ଼ ବେଶି ନ ଥିଲେ।

ପଂଚାଳ ଦେଶ ରଜା ପୃଷତଂକ ପୁଅ ଦ୍ରୁପଦ ଦ୍ରୋଣଂକ ସଂଗେ ପିଲାଦିନେ ଏକାଠେଇଁ ପାଠ ପଢ଼ୁଥିଲେ। ସେତେବେଳେ ଦ୍ରୁପଦ ଦିନେ କହିଥିଲେ, "ବଂଧୁ, ମୁଁ ରଜା ହେଲେ, ତୁମର କିଛି ଚିଂତା ରହିବ ନାହିଁ। ମୋ ରାଜ୍ୟ ତୁମର ହେବ ବୋଲି ଜାଣ।"

ଦ୍ରୋଣଂକର ସେ କଥା ମନେଥାଏ। ବଡ଼ ହେଲାରୁ ଦ୍ରୋଣ କୃପାଚାର୍ଯ୍ୟଂକ ଭଉଣୀକି ବିଭା ହେଲେ। ତାଂକର ଅଶ୍ୱତ୍ଥାମା ବୋଲି ଗୋଟିଏ ପୁଅ ହେଲା। ଦ୍ରୋଣ ବଡ଼ ଗରିବ ଥିଲେ। ପୁଅ ପାଇଁ ଦୁଧ କିଣିବାକୁ ତାଂକର ପଇସା ନ ଥାଏ। ପୁଅ ଦୁଧ ପାଇଁ ଗୋଳ କଲେ, ତାକୁ ଟିକିଏ ପିଠୋଉ ପାଣି ଦୁଧ ବୋଲି ପିଆଇ ଦିଅଂନ୍ତି। ଆଉ ପିଲାମାନେ ଅଶ୍ୱତ୍ଥାମାକୁ ଥଟ୍ଟା କରଂନ୍ତି। ଅଶ୍ୱତ୍ଥାମା କାଂଦେ।

ଏହା ଦେଖି ଦ୍ରୋଣଂକର ବଡ଼ ଦୁଃଖ ହେବାର କଥା। ଦିନେ ସେଥିପାଇଁ ଦ୍ରୁପଦ ରଜାଂକୁ ମନେପକାଇ, ଦ୍ରୋଣ ତାଂକ ପାଖକୁ ଗଲେ। ଜଣେ ରଜା ସଂଗେ ପିଲାଦିନେ ସାଂଗ ହୋଇଥିଲେ। କେତେ କଣ ମିଳିବ ବୋଲି ଆଶା କରି ତାଂକ ଦୁଆରେ ପହଂଚିଲେ; ଯାଇ ଦେଖିଲେ, ଦ୍ରୁପଦ ରଜା ହୋଇ, ପିଲାଦିନ କଥା ଭୁଲି ଗଲେଣି।

ଦ୍ରୁପଦ କହିଲେ, "ମୁଁ ରଜା ତୁମେ ଭିକାରି, ତୁମ ସଂଗେ ଫେର୍ କେବେ ମୁଁ ସାଂଗ ହୋଇଥିଲି ? ପିଲାଦିନେ ଖେଳରେ କ'ଣ କହିଥିବି, ସେ କଥା ମନେ ନାହିଁ।"

ଦ୍ରୋଣ ଏ କଥା ଶୁଣି ଅବାକ୍ ହେଲେ। ତାଂକ ମୁହଁ ଶୁଖିଗଲା। ଏ ଅପମାନ ଶୁଝାଇବା ପାଇଁ ପ୍ରତିଜ୍ଞା କରି ଦ୍ରୁପଦଂକ ପାଖରୁ ଫେରିଲେ।

ଏବେ ହସ୍ତିନାରେ ଆସି ଦ୍ରୋଣ, ଯୁଧିଷ୍ଠିର, ଦୁର୍ଯ୍ୟୋଧନ ହେଉକାଂକର ଗୁରୁ ହେଲେ। ସେମାନଂକୁ

କହିଲେ, "ବାପା, ମୁଁ ଖୁବ୍ ଭଲ କରି ତୁମମାନଙ୍କୁ ଧନୁର୍ବିଦ୍ୟା ଶିଖେଇବି; କିନ୍ତୁ ଶିକ୍ଷା ସାରି ମୋର ଗୋଟିଏ କାମ ଏକା କରି ଦବ।" ସମସ୍ତେ ଏ କଥା ଶୁଣିଲେ; ଖାଲି ଅର୍ଜୁନ କହିଲେ, "ଆଜ୍ଞା, ଗୁରୁଦେବ, ଆପଣଙ୍କ କାର୍ଯ୍ୟ ଅବଶ୍ୟ କରିଦବୁ।" ବୁଢ଼ା ଭାରି ଖୁସି ହୋଇ ଅର୍ଜୁନଙ୍କୁ କୁଣ୍ଢାଇ କାନ୍ଦି ପକାଇଲେ।

---

## କର୍ଣ୍ଣ

ଦିନକୁଦିନ ରାଜପୁତ୍ରମାନେ ଖୁବ୍ ବେଗରେ ଧନୁର୍ବିଦ୍ୟା ଶିଖିଲେ। ଖୁବ୍ ଭଲ ଶିକ୍ଷା ହେଉଛି ଦେଖି ଆଉ କେତୋଟି ରାଜପୁତ୍ର ମଧ୍ୟ ଶିଖିବାକୁ ଆସିଲେ। କର୍ଣ୍ଣ ବୋଲି ଜଣେ ସାରଥିର ପୁତ୍ର ଥିଲେ। ସେ ମଧ୍ୟ ରାଜପୁତ୍ରମାନଙ୍କ ସଙ୍ଗେ ଧନୁର୍ବିଦ୍ୟା ଶିଖିଲେ।

ଏହି କର୍ଣ୍ଣଙ୍କୁ ସମସ୍ତେ ଅଧିରଥ ନାମକ ସାରଥିର ପୁଅ ବୋଲି ଜାଣନ୍ତି; କିନ୍ତୁ ପ୍ରକୃତରେ ସେ ସାରଥି ପିଲା ନୁହେଁ।

କୁନ୍ତୀ ପାଣ୍ଡୁଙ୍କୁ ବିଭା ହେବା ପୂର୍ବରୁ ଦିନେ ସୂର୍ଯ୍ୟଙ୍କୁ ପୂଜା କରି ସେବା କଲେ। ସୂର୍ଯ୍ୟଙ୍କର ଅନୁଗ୍ରହ ହେବାରୁ ତାଙ୍କର ଗୋଟିଏ ପୁଅ ଜନ୍ମ ହେଲା। ସେ ପୁଅଟିକୁ କୁଆଡ଼େ ନେବେ କିଛି ବୁଝି ପାରିଲେ ନାହିଁ। ସେ ଗୁଡ଼ିଗଲେ; ଅଧିରଥ ସାରଥି ତାଙ୍କୁ ପାଇ ପାଳିଲେ। ଆଉ କେହି କିଛି ଜାଣିଲେ ନାହିଁ; ସମସ୍ତେ ଜାଣିଲେ ସେ ପିଲାଟି ଅଧିରଥ ସାରଥିର ଭାର୍ଯ୍ୟା ରାଧାର ପୁଅ। ସେହି ପିଲାଟିର ନାମ କର୍ଣ୍ଣ।

---

## ଅର୍ଜୁନ ସବୁଠାରୁ ଭଲ ଶିଖିଲେ

ସମସ୍ତେ ଦ୍ରୋଣଙ୍କଠାରୁ ଧନୁର୍ବିଦ୍ୟା ଖୁବ୍ ସୁନ୍ଦର ଶିଖିଲେ; କିନ୍ତୁ ଅର୍ଜୁନ ସମସ୍ତଙ୍କଠାରୁ ଭଲ ଶିଖିଲେ। ଦ୍ରୋଣ ଅର୍ଜୁନଙ୍କୁ ସୁଖ ପାଇ ସମେ ଖୁବ୍ ଭଲ କରି ଶିଖେଇଲେ। ଦ୍ରୋଣ କହିଥିଲେ, 'ଅର୍ଜୁନଙ୍କ ପରି ପୃଥିବୀରେ ଆଉ କେହି ନାହାଁନ୍ତି।'

ଦୁର୍ଯ୍ୟୋଧନ, ଭୀମ ଦୁହେଁ ଗଦା ( ବଡ଼ ମୁଦ୍‌ଗର ) ଖେଳରେ ଖୁବ୍ ମଜବୁତ୍ ହେଲେ। ନକୁଳ ସହଦେବ ଭଲ ଖଣ୍ଡାଖେଳ ଶିଖିଲେ। ଯୁଧିଷ୍ଠିର ରଥ ଚଳାଇବାରେ ଖୁବ୍ ଭଲ ହେଲେ। ଭୀମ ଅର୍ଜୁନଙ୍କର କ୍ଷମତା ଦେଖି ଦୁର୍ଯ୍ୟୋଧନ ଓ ତାର ଭାଇମାନେ ହିଂସାରେ ଆହୁରି ବେଶି ଛଟପଟ ହେଲେ।

ବିଦ୍ୟା ପରୀକ୍ଷା କରିବା ପାଇଁ ଦ୍ରୋଣ ଦିନେ ଗୋଟିଏ କାରିଗରକୁ ଡାକି ଗୋଟିଏ ନେଳୀ ପକ୍ଷୀ ତିଆରି କରେଇଲେ। ସେ ପକ୍ଷୀକି ଗୋଟାଏ ବଡ଼ ଗଛ ଉପରେ ରଖି ଶିଷ୍ୟମାନଙ୍କୁ ଡାକି କହିଲେ, "ତୁମେମାନେ ଧନୁଶର ଧର, ମୁଁ ଯାହାକୁ କହିବି, ମୋ ମୁହଁରୁ କଥା ନ ସରୁଣୁ ସେ ଶର ମାରି ଏ ପକ୍ଷୀଟାର ମୁଣ୍ଡ କାଟି ପିଙ୍ଗି ଦବ।"

ସମସ୍ତେ ଧନୁଶର ଧରି ପକ୍ଷୀମୁଣ୍ଡ କାଟିବାପାଇଁ ଠିଆ ହେଲେ। ଦ୍ରୋଣ ଜଣ ଜଣ କରି ପଚାରିଲେ, "ବାପା, ତୁମେମାନେ କ'ଣ ଦେଖୁଚ ?' ସମସ୍ତେ କହିଲେ, "ଆମେମାନେ ଆପଣଙ୍କୁ ଦେଖୁଚୁ, ଗଛ ଦେଖୁଚୁ, ପକ୍ଷୀ ଦେଖୁଚୁ।"

ଦ୍ରୋଣ ବୁଝିଲେ, ସେମାନଙ୍କର ନଜର ଠିକ୍ ନାହିଁ। ସେମାନେ କେବଳ ପକ୍ଷୀକି ନ ଚାହିଁ, ଏଆଡ଼େ ସେଆଡ଼େ ମଧ୍ୟ ଚାହୁଁଚନ୍ତି। ଶେଷରେ ଦ୍ରୋଣ ଅର୍ଜୁନଙ୍କୁ ଡାକି ପଚାରିଲେ, "ବାପା, ତୁମେ କଣ ଦେଖୁଚ ?" ଅର୍ଜୁନ କହିଲେ, "ମୁଁ କେବଳ ଚଢ଼େଇ ଦେଖୁଚି, ଆଉ ତ କିଛି ମତେ ଦିଶୁନାହିଁ।" ପୁଣି ଭଲ କରି ଦେଖିବାରୁ କହିଲେ, "ନା, ମୁଁ ପକ୍ଷୀର କେବଳ ମୁଣ୍ଡଟି ଦେଖୁଚି, ଆଉ କିଛି ମୋତେ ଦିଶୁ

ନାଇ ।" ଦ୍ରୋଣ କହିଲେ, "ତେବେ ତାର ମୁଂଡ କାଟ ।"

ଦ୍ରୋଣଂକ ମୁହଁରୁ କଥା ନ ସରୁଣୁ ଅର୍ଜୁନ ଶର ମାରି ପକ୍ଷୀର ମୁଂଡଟି କାଟି ପକାଇଲେ । ଦ୍ରୋଣ ଭାରି ଖୁସି ହୋଇ, ଅର୍ଜୁନଂକୁ କୁଂଢେଇ ପକେଇଲେ, କହିଲେ, "ବେଶ୍ ଅର୍ଜୁନ ମୋର କାମ କରିଦେବ ।"

ଆଉଦିନେ ଗାଧୋଇଲାବେଳେ ଦ୍ରୋଣଂକୁ କଂଭୀର ଧରିଲା । ରାଜପୁତ୍ରମାନେ କଂଭୀରକୁ ଦେଖି ବଲ ବଲ କରି ଚାହିଁଚଂତି; କିଂତୁ ଅର୍ଜୁନ ପାଂଚଟି ଶର ମାରି ସାଂଗେ ସାଂଗେ କଂଭୀରଟିକୁ ଖଂଡ ଖଂଡ କରି-ଦେଲେ । ଅବଶ୍ୟ ଦ୍ରୋଣ ଚାହିଁଥିଲେ, କଂଭୀରକୁ ମାରି ଚାଲି ଆସିଥାଂତେ; କିଂତୁ ଶିଷ୍ୟମାନଂକୁ ପରୀକ୍ଷା କରିବାପାଇଁ ତାହା କଲେ ନାଇ । ଏବେ ଅର୍ଜୁନଂକର କଂଭୀର ମାରିବା ଦେଖି, ଦ୍ରୋଣ ଅର୍ଜୁନଂକୁ "ବ୍ରହ୍ମଶିର" ବୋଲି ଗୋଟିଏ ସୁଂଦର ଅସ୍ତ୍ର ପୁରସ୍କାର ଦେଲେ ।

ସେ ଅସ୍ତ୍ର ବଡ଼ ଭୟଂକର । ସେଥିପାଇଁ ଦ୍ରୋଣ ବୁଝାଇ କହିଦେଲେ, "ବାପା ଅର୍ଜୁନ, ଦେଖ, ଏ ଅସ୍ତ୍ର ମନୁଷ୍ୟକୁ ମାରିବ ନାଇ, କୌଣସି ଦେବତା ସଂଗେ ଯୁଦ୍ଧ ହେଲେ ଏ ଅସ୍ତ୍ର ମାରି ପାରି ।" ଅର୍ଜୁନ ପ୍ରଣାମ କରି ଗୁରୁଂକଠାରୁ ଅସ୍ତ୍ରଟି ନେଲେ ।

## ଅସ୍ତ୍ରଶିକ୍ଷା ସମସ୍ତେ ଦେଖିଲେ

ଏହାପରେ କେତେ ଦିନ ପରେ ରାଜପୁତ୍ରମାନଂକର ଅସ୍ତ୍ରଶିକ୍ଷା ଶେଷ ହେଲା । ସମସ୍ତେ ଗୋଟିଏ ଗୋଟିଏ ବଡ଼ ବୀର ହେଲେ । ଏବେ ସମସ୍ତଂକ ଆଗେ ଏମାନଂକ ଅସ୍ତ୍ରଶିକ୍ଷା ଦେଖାଇବାକୁ ହେବ, ସେଥିପାଇଁ ଖୁବ୍ ଆୟୋଜନ ହେଲା । ଗୋଟିଏ ବଡ଼ ପଡ଼ିଆରେ ମିସ୍ତ୍ରିମାନେ ବଡ଼ ବଡ଼ ଘର ତିଆରି କରିବାରେ ଲାଗିଗଲେ । ଦୂତମାନେ ଦେଶ ବିଦେଶରେ ଖବର ଦେବାକୁ ଚାଲିଗଲେ । ସହରର ଲୋକଂକର ଭାରି ଆନଂଦ ଉତ୍ସବ ଲାଗିଗଲା ।

ପରୀକ୍ଷାର ଦିନ ଆସି ପହଂଚିଗଲା । ଚାରିଆଡ଼ୁ ସୁଅ ପରି ଲୋକେ ଖେଳପଡ଼ିଆକୁ ଧାଇଁଲେ । ଖେଳପଡ଼ିଆ ପତାକା, ଝାଲର, ମଣି, ମୁକ୍ତାରେ ଝଲମଲ ଦିଶିଲା । ଖେଳିବାର ଥାନ, ଅସ୍ତ୍ରଶସ୍ତ୍ର ରଖିବାର ଥାନ, ପୁରୁଷମାନେ ସ୍ତ୍ରୀମାନେ ବସିବାର ଥାନ, ରଜା ବଡ଼ ଲୋକମାନେ ବସିବାର ଥାନ, ଦେଖଣାହାରୀଂକ ଥାନ, ସବୁ ସୁଂଦର ସଜା ହେଲା । ସମୁଦ୍ରଗର୍ଜନ ପରି ଗର୍ଜନ ଶୁଭିଲା । ସଭା ଭିତରେ ଭୀଷ୍ମ, ଧୃତରାଷ୍ଟ୍ର, କୃପାଚାର୍ଯ୍ୟ ଓ ଆଉ ଆଉ ବଡ଼ ବଡ଼ ଲୋକେ ଆସି ଜମା ହେଲେ । କୁଂତୀ, ଗାଂଧାରୀ, କେତେ ଦାସୀ ଚାକରାଣୀ ଘେନି ଆସି ତାଂକ ଥାନରେ ବସିଲେ ।

ଦ୍ରୋଣାଚାର୍ଯ୍ୟ ନିଜ ପୁଅ ଅଶ୍ୱତ୍ଥାମାଂକୁ ସାଂଗରେ ଘେନି ଆସି ପହଂଚିଲେ । ଦ୍ରୋଣାଚାର୍ଯ୍ୟ ଦେଖିବାକୁ ଋଷିପରି । ପାଚିଲା ଦାଢ଼ି ଫର୍ ଫର୍ ହୋଇ ପେଟଯାଏ ଲଂବିଛି । ପରିଷ୍କାର ଧଳା ଲୁଗା ଚାଦର ପିଂଧିଚଂତି, କାଂଧରେ ପଇତା ଚକ୍‌ଚକ୍ ଦିଶୁଛି । କପାଳରେ ଓ ହାତରେ ଚଂଦନ ଦାଉ ଦାଉ ବିରାଜୁଛି ।

ଦେବତାଂକର ପୂଜା ସାରି ପିଲାମାନେ ଅସ୍ତ୍ରଶସ୍ତ୍ର ଘେନି ରଂଗଭୂମିରେ ଛିଡ଼ା ହେଲେ । ସବୁ ପିଲାଙ୍କ ସୁଂଦର ସୁଂଦର ପୋଷାକ ପିଂଧିଚଂତି । ହାତରେ ଧନୁ, ପିଠିରେ ତୂଣ (ଶରମୁଣା) । ସମସ୍ତଂକ ଆଗରେ ବଡ଼ ଭାଇ ଯୁଧିଷ୍ଠିର, ତା'ପରେ କ୍ରମେ କ୍ରମେ ଶ୍ରେଷ୍ଠ ଶ୍ରେଷ୍ଠ ଭାଇମାନେ ଆସି ଖେଳିବା ଜାଗାରେ ଛିଡ଼ା ହେଲେ । ସମସ୍ତେ ଅସ୍ତ୍ରଶସ୍ତ୍ର ବାଛିଲେ, ନିଜ ନିଜର ବିଦ୍ୟା ଦେଖାଇଲେ । ତାହା ଦେଖି କେତେ ଲୋକ ଟିକିଏ

ଉଠିଗଲେ । ଜାଣିବା ଶୁଣିବା ଲୋକ ଧନ୍ୟ ଧନ୍ୟ କରି ତାଳି ମାଇଲେ ।

ଭୀମ ଦୁର୍ଯୋଧନଂକର ଗଦାଖେଳ ଅତି ଆଶ୍ଚର୍ଯ୍ୟ । ସେମାନଂକର ଗର୍ଜନ ସିଂହ ଗର୍ଜନ ପରି । ଲୋକେ ଦେଖି ସାବାସ୍ ସାବାସ୍ କରୁଥାଂତି । ଏହା ଦେଖି, ଦ୍ରୋଣ ଡରିଗଲେ । ଭାବିଲେ, କାଳେ ଏମାନେ ରାଗିଗଲେ ସତରେ ମରାମରି ହେବେ, ସେଥିପାଇଁ ସେମାନଂକୁ ବେଗେ ବଂଦ କରିଦେଲେ ।

ଏବେ ଅର୍ଜୁନ ଆସିଲେ । ସମସ୍ତେ ତାଂକୁ ଦେଖି ଭାରି ଖୁସି ହେଲେ । କିଏ କହିଲା, "ଆରେ, ଅର୍ଜୁନ ଆସିଲେ ।" କିଏ କହିଲା, "ଯାଂକ ପରି ବୀର ଆଉ କେହି ନାଇ ।" କିଏ କହିଲା, "ଏ ବଡ଼ ଧାର୍ମିକ ।"

ଅର୍ଜୁନ ଆସି ବଡ଼ ବିଚିତ୍ର ଖେଳ ଦେଖାଇଲେ । ଅଗ୍ନିବାଣ ମାରିଦେଲେ, ହୁହୁଁ ହୁହୁଁ ନିଆଁ ଜଳି ଉଠିଲା । ସମସ୍ତେ ଭାବିଲେ, ସବୁ ପୋଡ଼ିଯିବ । ହୁହୁଁ ହୁହୁଁ ପୁଣି ବରୁଣ ବାଣ ପଡ଼ିଲା । କୁଆଡ଼ୁ କିଏ ସୁଅ ପରି ପାଣି ପଡ଼ି ସବୁ ଭସାଇ ନେବାକୁ ବସିଲା । ତା'ପରେ ବାୟୁବାଣ । ଦେଖୁ ଦେଖୁ ପାଣିସବୁ ଉଡ଼ି ପଳାଇଲା । ପୁଣି ଦେଖୁ ଦେଖୁ ପର୍ଜନ୍ୟାସ୍ତ୍ର ମାରି ମେଘରେ ଆକାଶ ଅଂଧକାର କରିଦେଲେ । କେତେବେଳେ ଭୌମାସ୍ତ୍ର ମାରି ମାଟି ଭିତରେ ଲୁଚିଗଲେ । ପର୍ବତାସ୍ତ୍ର ମାରି କୁଆଡ଼ୁ ଗୋଟାଏ ପର୍ବତ ଆଣି ପକାଇ ଦେଲେ । ଅଂତର୍ଦ୍ଧାନ ଅସ୍ତ୍ର ମାଇଲାବେଳେ ତାଂକୁ ଆଉ କେହି ଦେଖି ପାରିଲେ ନାଇ । ଏହିପରି କେତେ ଯେ କଲେ, କିଏ କହିବ ? ସମସ୍ତେ ଦେଖି ଅବାକ୍ ହୋଇଗଲେ ।

ଖେଳ ସରି ଆସିଲା । ବାଇଦ ବାଜୁଥିଲା, ବଂଦ ହୋଇ ଆସିଲା । ସମସ୍ତେ ଘରକୁ ଯିବେ, ହଠାତ୍ ଫାଟକ ପାଖେ ଭୟଂକର ଗର୍ଜନ ଶୁଣାଗଲା । ଏ କି ଗର୍ଜନ ବୋଲି ସମସ୍ତେ ଚାହିଁ ରହିଲେ । ଜଣାଗଲା, କର୍ଣ୍ଣ ହୁଂକାର କରି ଖେଳପଡ଼ିଆକୁ ପଶି ଆସୁଛଂତି ।

---

## ଦୁର୍ଯୋଧନ କର୍ଣ୍ଣଂକୁ ରଜା କଲେ

କର୍ଣ୍ଣ ଦେଖିବାକୁ ବଡ଼ ସୁଂଦର । ଜନ୍ମରୁ ତାହାଂକର କର୍ଣ୍ଣରେ କୁଂଡଳ, ଆଉ ଦେହରେ କବଚ (ସାଂଜୁ) । ଦେଖିବାକୁ ସେ ଖୁବ୍ ଉଚ । ଦେହର ତେଜ ସୂର୍ଯ୍ୟ ପରି । ସେ ବଡ଼ ଅହଂକାରୀ । ଅର୍ଜୁନ ବଡ଼ ବୀର, ସେଥିପାଇଁ ଅର୍ଜୁନଠାରେ କର୍ଣ୍ଣଂକର ଭାରି ହିଂସା । ଏବେ ଅର୍ଜୁନଂକ ପ୍ରଶଂସା ଶୁଣି ସେ ଗର୍ଜନ କରି ପଶି ଆସି କହିଲେ, "ମୁଁ ଅର୍ଜୁନ ସଂଗେ ଯୁଦ୍ଧ କରିବି ।" ଏହା ଦେଖି ସଭାରେ ହୁଲସ୍ଥୁଲ ପଡ଼ିଗଲା । ଦୁର୍ଯୋଧନ ଭାରି ଖୁସି ହୋଇ ପାଂଡବମାନଂକୁ ଥଟ୍ଟା କଲେ । ଅର୍ଜୁନ ରାଗରେ ଥରି ଥରି ହୋଇ କଂପିଲେ । ସମସ୍ତେ ଦେଖି ଭାବିଲେ, ଗୋଟାଏ କିଛି କାଂଡ ହେବ ।

କୃପାଚାର୍ଯ୍ୟ ବସିଥିଲେ । ହଠାତ୍ ଉଠି କହିଲେ, "ବାପା କର୍ଣ୍ଣ, ଯୁଦ୍ଧ ତ କରିବ କହୁଚ, କିଂତୁ ରଜାପିଲା ସଂଗେ ରଜାପିଲାର ଯୁଦ୍ଧ ହୁଏ । ତୁମେ କହ ଦେଖି, କେଉଁ ରଜା ତୁମର ବାପ । ତୁମର ମା ନାଁ କଣ ?" କୃପଂକ କଥା ଶୁଣି ଲାଜରେ କର୍ଣ୍ଣଂକ ମୁଂଡ ତଳକୁ ହୋଇଗଲା । ଦୁର୍ଯୋଧନଂକ ଆଉ ସହିଲା ନାଇ । ସେ କହିଲେ, "ମୁଁ ଏହିକ୍ଷଣି କର୍ଣ୍ଣଂକୁ ଅଂଗଦେଶର ରଜା କରିଦେଲି ।" ସଂଗେ ସଂଗେ ବ୍ରାହ୍ମଣ ଡକା ହେଲା । କର୍ଣ୍ଣଂକୁ ସ୍ନାନ କରାଇ ଛତ୍ର, ଚାମର, ଅଳଂକାର ଦେଇ ଦୁର୍ଯୋଧନ କର୍ଣ୍ଣଂକର ରାଜ୍ୟାଭିଷେକ କରାଇ ଦେଲେ । ସେହି ଦିନଠାରୁ କର୍ଣ୍ଣ ଦୁର୍ଯୋଧନଂକର କାଳକାଳକୁ ବଂଧୁତା ହୋଇଗଲା ।

ସେଠାରୁ ଭୀମ ଥଟ୍ଟା କରି କହିଲେ, "ଆରେ, ସାରଥିର ପିଲା ତୁ ? କାହିଁକି ଅର୍ଜୁନ ହାତରେ ପ୍ରାଣଟା ଦବୁ । ଟିକିଏ ଅଂଡା ଧର ।" ଏହା ଶୁଣି କର୍ଣ୍ଣ ରାଗରେ ଥରିଗଲେ । କ୍ରୋଧରେ ଦୁର୍ଯୋଧନଂକର ମୁଂଡ ଘୂରିଗଲା । ସେ କହିଲେ, "କର୍ଣ୍ଣ ରଜା ହେବାରେ ଯେବେ କାହାର ଆପତ୍ତି ଥାଏ, ତେବେ ଆସି ଯୁଦ୍ଧ କର ।"

ଭାଗ୍ୟକୁ ସଂଧ୍ୟା ହୋଇଗଲା । ନ ହେଲେ ସେ ଦିନ କ'ଣ ହୋଇଥାଂତା, କିଏ କହିବ ? ସଂଧ୍ୟା ଦେଖି ସମସ୍ତେ ଯେଝା ଘରକୁ ଗଲେ । ସବୁ ରକ୍ଷା ହୋଇଗଲା ।

---

## ଗୁରୁ ଦକ୍ଷିଣା

ବିଦ୍ୟାଶିକ୍ଷା ଶେଷ ହେଲେ ଗୁରୁଂକୁ ଦକ୍ଷିଣା ଦେବା ବିଧି ଥିଲା । ଦ୍ରୋଣ ରାଜପୁତ୍ରଂକୁ କହିଲେ, "ତୁଂଭେମାନେ ପଂଚାଳ ଦେଶର ରଜା ଦ୍ରୁପଦଂକୁ ଧରି ଆଣି ଦିଅ । ସେଇ ମୋର ଦକ୍ଷିଣା ।"

ରାଜପୁତ୍ରମାନେ ଏହା ଶୁଣି ଦ୍ରୋଣଂକ ସଂଗେ ପଂଚାଳ ଯିବାକୁ ବାହାରିଲେ । ଦୁର୍ଯୋଧନ କର୍ଣ୍ଣ ହେରିକାଂକର ଯୁଦ୍ଧରେ ବେଶି ଉତ୍ସାହ ଦେଖାଗଲା । ପାଂଡବମାନେ ଜାଣି ପାରି ଟିକିଏ ପଛକୁ ଥାଆଂନ୍ତି । ସମସ୍ତେ ପଂଚାଳରେ ପହଂଚିଲେ । ଦ୍ରୁପଦଂକ ସଂଗେ ଯୁଦ୍ଧ ଆରଂଭ ହେଲା । କୁରୁ ଓ କର୍ଣ୍ଣଂକର ବାହାଦୁରିଟା ବେଶ୍ ଦେଖା ପଡ଼ିଗଲା । ସେମାନଂକ ସଂଗେ ଯୁଦ୍ଧ କରି ଦ୍ରୁପଦ ଓ ଦ୍ରୁପଦଂକ ସେନାମାନେ ଭାରି ଖୁସି ହେଲେ, 'ମାର ମାର' କରି ଖାଲି ତାଂକୁ ତଡ଼ିଲେ । ଶେଷକୁ ପାଂଡବମାନେ ଆଉ ପଛକୁ ରହି ପାରିଲେ ନାଇ । ଭୀମ ଗଦା ଧରି ସୈନ୍ୟ, ହାତୀ, ରଥ, ଘୋଡ଼ାସବୁ ଚୂରିମାରି କଲେ । ଅର୍ଜୁନ ଧନୁଶର ଧରି ଦ୍ରୁପଦଂକ ସୈନ୍ୟଂକୁ ଅସ୍ତବ୍ୟସ୍ତ କରି ପକାଇଲେ । ଦ୍ରୁପଦ କେତେବେଳ ଯାଏ ଭାରି ଉତ୍ସାହରେ ଯୁଦ୍ଧ କଲେ । ସେ ହାରି ହାରି ଥିଲେ । ହେଲେ କଣ ହବ, ଶେଷକୁ ଅର୍ଜୁନଂକ ସଂଗେ ଯୁଦ୍ଧ କରି ଜବତ ହେଲେ । ତାଂକର ରଥ ଗଲା, ପତାକା ଗଲା, ସାରଥି ଗଲା ଓ ସେନାପତି ପଛଘୁଂଚି ଦେଲେ । ଶେଷକୁ ସେ ଏକା ଅର୍ଜୁନଂକ ହାତେ ଧରା ପଡ଼ିଲେ । ତାଂକ ମଂତ୍ରୀ ମଧ୍ୟ ଧରା ପଡ଼ିଲେ । ଅର୍ଜୁନ ଡାହାଣ ହାତରେ ତରବାରି ଏବଂ ବାଁ ହାତରେ ଦ୍ରୁପଦ ଓ ତାଂକ ସେନାପତି ଦୁହିଁକୁ ଧରି ଆଣି ଦ୍ରୋଣଂକ ଆଗେ ଠିଆ କରିଦେଇ ପ୍ରଣାମ କରି କହିଲେ, "ଏହି ଆପଣଂକର ଦକ୍ଷିଣା ଗ୍ରହଣ କରଂତୁ ଗୁରୁଦେବ !"

ଦ୍ରୋଣ ଦ୍ରୁପଦଂକୁ କହିଲେ, "ଦ୍ରୁପଦ, ତୁମର ଆଉ ରାଜ୍ୟ ନାଇ, ସୈନ୍ୟ ନାଇ, ଧନ ନାଇ, ଏବେ ପ୍ରାଣ ବି ମୋ ହାତେ । କିଂତୁ ପିଲାଦିନେ ତୁମେ ମୋର ସାଂଗ ଥିଲ, ମୁଁ ସେ କଥା ଭୁଲି ନାଇ, ଏବେ ତୁମେ କ'ଣ ମାଗୁଚ ମାଗ ।"

ଦ୍ରୁପଦ କିଛି କହିଲେ ନାଇ । ମୁହଁ ଶୁଖାଇ ଠିଆ ହେଲେ । ଦ୍ରୋଣ କହିଲେ, "ଭୟ ନାଇ ରାଜା, ତୁମକୁ ମୁଁ ପିଲାଦିନୁଁ ସୁଖ ପାଏ । ମୁଁ ବ୍ରାହ୍ମଣ, କ୍ଷମା କରିବା ଆମମାନଂକର ସ୍ୱଭାବ । ତୁମ ରାଜ୍ୟ ଏବେ ମୋ ହାତେ ସତ; କିନ୍ତୁ ମୁଁ ଅଧେ ରାଜ୍ୟ ତୁମକୁ ଛାଡ଼ିଦେଲି; ନ ହେଲେ କାଲେ ତୁମେ କହିବ, 'ତୁମେ ଭିଖାରି ବ୍ରାହ୍ମଣ । ତୁମ ସଂଗେ ମୋର କି ବଂଧୁତା ? ଆଜିଠାରୁ ଗଂଗାର ଦକ୍ଷିଣକୁ ଥିବା ରାଜ୍ୟତକ ତୁମର ଓ ଉତ୍ତରକୁ ଥିବା ରାଜ୍ୟତକ ମୋର ।"

ଦ୍ରୁପଦ କିଛି କହିଲେନାଇ; କିଂତୁ ତାଂକ ମନରେ ରାଗ ରହିଲା— କପରି ଦ୍ରୋଣଂକୁ ମାରିବେ, ଏହି ଚିଂତା ସେ ସବୁବେଳେ କରୁଥାଂନ୍ତି ।

---

## ଦୁର୍ଯ୍ୟୋଧନ ପାଣ୍ଡବଙ୍କୁ ଜଉଘରେ ପୋଡ଼ିଲେ

କିଛି ଦିନ ପରେ ଧୃତରାଷ୍ଟ୍ର ଯୁଧିଷ୍ଠିରଙ୍କୁ ଯୁବରାଜ କଲେ । ଯୁଧିଷ୍ଠିର ବଡ଼ ଧାର୍ମିକ, ସରଳ, ଦୟାଳୁ ଆଉ ଶାନ୍ତ । ରାଜ୍ୟ ଲୋକେ ମହାଖୁସି ହେଲେ, ଧନ୍ୟ ଧନ୍ୟ କଲେ । ଭୀମ, ଅର୍ଜୁନ, ନକୁଳ, ସହଦେବ ବାହାରର ଶତ୍ରୁମାନଙ୍କୁ ସୁନ୍ଦର ଜବତ୍ କରି ରଖିଲେ । ଏହା ଦେଖି ଧୃତରାଷ୍ଟ୍ରଙ୍କ ମନରେ ମଧ୍ୟ ହିଂସା ହେଲା । ସେ ଆଉ ରହି ନପାରି ଦିନେ ମନ୍ତ୍ରୀ କଣିକକୁ ଡାକି କହିଲେ, "ମନ୍ତ୍ରୀ, ପାଣ୍ଡବମାନଙ୍କର ଏ ବଢ଼ପଣିଆ ମୁଁ ଆଉ ସହିପାରୁନାହିଁ, କି ଉପାୟ କରିବା ?" କଣିକ କହିଲେ, "ମହାରାଜ, ଏମାନେ ଏବେ ପିଲା । ଏତିକି ବେଳୁ ଉପାୟ କରି ଏମାନଙ୍କୁ ମାରି ପକାନ୍ତୁ ।" ଦୁର୍ଯ୍ୟୋଧନ ମଧ୍ୟ କପଟି ପାଣ୍ଡବମାନଙ୍କୁ ଜବତ୍ କରିବାକୁ ହେବ, ସେଥିପାଇଁ ଧୃତରାଷ୍ଟ୍ରଙ୍କୁ ସବୁବେଳେ ବ୍ୟସ୍ତ କରୁଥାଏ । ଏବେ ସୁବିଧା ପାଇ ଦୁର୍ଯ୍ୟୋଧନ କର୍ଣ୍ଣ ଓ ଆପଣାର ମାମୁଁ ଶକୁନି, ସାନ ଭାଇ ଦୁଃଶାସନ ପ୍ରଭୃତିଙ୍କ ସଙ୍ଗେ ବିଚାର କରି ଠିକ୍ କଲା ଯେ, ପାଣ୍ଡବମାନଙ୍କୁ ପୋଡ଼ି ମାରିବାକୁ ହବ ।

ଏହିପରି ବିଚାର କରି ଦୁର୍ଯ୍ୟୋଧନ ପୁଣି ଧୃତରାଷ୍ଟ୍ରଙ୍କୁ ମଡ଼ାଇଲା; କହିଲା, "ବାପା, ଆପଣ ଆଉ ଭୀଷ୍ମ ଥାଉ ଥାଉ ଯୁଧିଷ୍ଠିର ରଜା ହେବେ, ମୁଁ ତାଙ୍କ ଆଗେ ଚାକର ପରି ରହିବି । ଏ ଅପମାନ ଆପଣଙ୍କୁ ସୁଖ ଲାଗୁଛି ?" ଏହା ଶୁଣି ଧୃତରାଷ୍ଟ୍ରଙ୍କ ମନ ଆହୁରି ଖରାପ ହେଲା । ବେଳ ଉଣ୍ଡି କର୍ଣ୍ଣ, ଶକୁନି, ଦୁଃଶାସନ ସମସ୍ତେ ମିଶି ଧୃତରାଷ୍ଟ୍ରଙ୍କୁ କହିଲେ, "ମହାରାଜ, ଥରେ ଯେବେ ବୁଦ୍ଧି କାଢ଼ି ପାଣ୍ଡବ-ମାନଙ୍କୁ ବାରଣାବତ ସହରକୁ ପଠାଇ ପାରନ୍ତେ, ତେବେ ଆଉ ଭୟ ନ ଥାନ୍ତା ।"

ଏଥିରେ ଧୃତରାଷ୍ଟ୍ରଙ୍କ ମନ ମାନିଲା ସତ; କିନ୍ତୁ ସେ ରାଜ୍ୟର ଲୋକମାନଙ୍କୁ ଭୟ କଲେ । ରାଜ୍ୟର ଲୋକେ ଯେବେ ଏକଥାରେ ରାଗିଯାଇ ଅନିଷ୍ଟ କରନ୍ତି ? ଦୁର୍ଯ୍ୟୋଧନ କହିଲେ, "ସେଥିରେ ଭୟ କଣ ? ଟଙ୍କା ପଇସା ତ ସବୁ ଆମ ହାତେ, ଆପଣ ଥରେ କୁନ୍ତୀ ଆଉ ପାଣ୍ଡବମାନଙ୍କୁ ବାରଣାବତ ପଠାଇ ଦିଅନ୍ତୁ । ଆମେ ସବୁ ହାତ କରି ସାରିବା ପରେ ଯେପରି ଏମାନେ ସବୁ ଫେରି ଆସନ୍ତି ।" ଧୃତରାଷ୍ଟ୍ର କହିଲେ, "ସତ କହିଲ ବାବୁ; କିନ୍ତୁ ଭୀଷ୍ମ, ଦ୍ରୋଣ, ବିଦୁର, କୃପ ଏମାନେ ଯେବେ ଏଥିରେ ରାଗିବେ ?"

ଦୁର୍ଯ୍ୟୋଧନ କହିଲେ, "ଭୀଷ୍ମଙ୍କୁ ଆମେ ଯାହା, ପାଣ୍ଡବମାନେ ସେଇଆ । ଅଶ୍ୱତ୍ଥାମା ଆମ ସାଙ୍ଗ, ତାଙ୍କ ବାପା ଦ୍ରୋଣ ଆଉ ମାମୁଁ କୃପାଚାର୍ଯ୍ୟ ଆମ ପକ୍ଷରେ ରହିବେ । ଏକା ବିଦୁର ଆଉ ଆମମାନଙ୍କର କ'ଣ କରିବେ ।"

ଏପରି କଥା ହେଲା । ଏଣେ ଟଙ୍କା ଦେଇ କୌରବମାନେ ଲୋକଙ୍କୁ ହାତ କରିବାରେ ଲାଗିଲେ । ପରେ ଦିନେ ଧୃତରାଷ୍ଟ୍ରଙ୍କ କଥାରେ ଲୋକେ ସଭାରେ କହିଲେ, "ଆଃ, ବାରଣାବତ କି ଚମତ୍କାର ଜାଗା ! ଆଜିକାଲି ସେଠା ଶିବ ମନ୍ଦିରରେ ଯେଉଁ ଯାତ୍ରା, ତା' କିଏ ଦେଖିବାକୁ ନ ଯାଉଛି !" ଏହିପରି କେତେ କଥା ଶୁଣି ପାଣ୍ଡବମାନଙ୍କର ବାରଣାବତ ଯିବାକୁ ଇଚ୍ଛା ହେଲା । ଧୃତରାଷ୍ଟ୍ର ସେ କଥା ଜାଣି ସେମାନଙ୍କୁ କହିଲେ, "ବାସ୍ତବିକ୍, ବାରଣାବତ ବଡ଼ ସୁନ୍ଦର ଜାଗା । ଯେବେ ତୁମେମାନେ ଯିବ, କୁନ୍ତୀଙ୍କୁ ସଙ୍ଗେ ନେଇଯାଅ । ସେ ମଧ୍ୟ ଦେଖି ଆସିବେ । ବାପା, ବେଶିଦିନ ସେଠାରେ ରହିବ ନାହିଁ । ଦିନାକେତେ ରହି ଫେରି ଆସିବ ।"

ପାଣ୍ଡବମାନେ ଧୃତରାଷ୍ଟ୍ରଙ୍କ ଦୁଷ୍ଟ ବୁଦ୍ଧି ବୁଝି ପାରିଲେ ସତ; କିନ୍ତୁ ତାଙ୍କର ହୋଇ କିଏ ଅଛି ?

ବାଧ ହୋଇ ସେମାନେ ଭୀଷ୍ମ, ବିଦୁର, ଦ୍ରୋଣ, କୃପ, ଗାଂଧାରୀ, ବ୍ରାହ୍ମଣ, ପୁରୋହିତ, ମାନ୍ୟ ଗଣ୍ୟ ସମସ୍ତଂକଠାରୁ ଆଶୀର୍ବାଦ ମାଗି, ମା କୁଂତୀଂକ ସଂଗେ ବାରଣାବତ ଗ୍ଭଲିଲେ ।

ଦୁର୍ଯୋଧନ ଖୁବ ଆନଂଦ ! ପାଂଡବମାନେ ଯିବାର ଜାଣି ସେ ଭିତରେ ଭିତରେ ପୁରୋଚନ ବୋଲି ଜଣେ ମଂତ୍ରୀଂକି ଡାକି କହିଲେ—"ପୁରୋଚନ, ତୁମ ପରି ବିଶ୍ୱାସୀ ଲୋକ ଆମର ଆଉ କିଏ ଅଛି ? ଏ ରାଜ୍ୟ କଣ ଖାଲି ଆମର ? ତୁମେମାନେ ତ ମଂତ୍ରୀ, ତୁମମାନଂକର ବି ଏସବୁ । ଗୋଟିଏ ବିଶ୍ୱାସ କଥା କହିବି । ତୁମେ ବୁଦ୍ଧିମାନ ଲୋକ । ସେ କଥାଟା ଏକା କରିବ ।"

ପୁରୋଚନ କହିଲେ, "ଯୁବରାଜଂକର ଯେ ଆଜ୍ଞା, ଅବଶ୍ୟ ପାଳନ କରିବି ।" ଦୁର୍ଯୋଧନ କହିଲେ, "ଆଚ୍ଛା, ତେବେ ଯାଅ, ପାଂଡବମାନେ ପହଂଚିବା ପୂର୍ବରୁ ବାରଣାବତ ସହରରୁ ଟିକିଏ ଦୂରରେ ଲୋକ ନ ଥିବା ଜାଗାରେ ସେମାନଂକ ପାଇଁ ଗୋଟିଏ ଭଲ ଘର ତିଆରି କରିବ । ସେ ଘରର କାଂଥ, ଗ୍ଭଳ, ସବୁ ଜଉ, ଝୁଣା, ଚର୍ବି, ତେଲ, କାଠ, ନଡ଼ା ଏହିପରି ଜିନିଷରେ ତିଆରି କରିଥିବ ଯେ, ଯେପରି କି ନିଆଁ ଛୁଆଁଇ ଦେଲେ ପୁସ୍‌କିନା ଘରଟାଯାକ ଲାଗି ଜଳିଯିବ । ତାପରେ କୌଶଳରେ ପାଂଡବମାନଂକୁ ସେହି ଘରେ ରଖାଇବ । ଦିନେ କୁଂତୀ ଓ ପାଂଡବମାନେ ଶୋଇଥିବେ, ହଠାତ୍ ଦୁଆରେ ନିଆଁ ଲଗାଇ ଦେଇ ଗ୍ଭଲି ଆସିବ । ଲୋକେ ଜାଣିବେ, ଘରଟା ମନକୁ ପୋଡ଼ିଗଲା । ଆମକୁ କେହି ସଂଦେହ କରିବେ ନାଇ ।"

ପୁରୋଚନ ଏ କଥା ଶୁଣି ଆଗେ ଆଗେ ବାରଣାବତ ଗ୍ଭଲିଗଲେ । ଏଣେ ପାଂଡବମାନେ ପ୍ରସ୍ତୁତ ହୋଇ ରଥରେ ବସି ଯିବାକୁ ବାହାରିଲେ । ଯିବା ପୂର୍ବରୁ ଗୁରୁଜନମାନଂକୁ ପ୍ରଣାମ କରି, ସାଂଗ ସୁଖଂକ ସଂଗେ କଥାବାର୍ତ୍ତା ହୋଇ ବିଦାୟ ନେଲେ । ରାଜ୍ୟ ଲୋକେ ଏ କଥା ଦେଖି କହିଲେ, ଧୃତରାଷ୍ଟ୍ର ବଡ଼ ଦୁଷ୍ଟ ଲୋକ । ପାଂଡବମାନଂକର ବାପ ନାଇ; "ଧୃତରାଷ୍ଟ୍ର ତାଂକର ବାପ ପରି । ସେ ପିଲାଟିମାନଂକୁ ଏପରି ବାରଣାବତ ପଠାଇ ଦେବା କି ଠିକ୍ କଥା ? ଗ୍ଭଲ, ଆମେମାନେ ସମସ୍ତେ ପାଂଡବମାନଂକ ସଂଗେ ବାରଣାବତ ଯିବା । ଯୁଧିଷ୍ଠିର ଏ କଥା ଦେଖି ସେମାନଂକୁ ବୁଝାଇ କହିଲେ, "ଦେଖ, ତୁମେମାନେ ଏତେ ବ୍ୟସ୍ତ ହୁଅ ନାଇ । ଧୃତରାଷ୍ଟ୍ର ଆମର ବାପାଂକଠାରୁ ବଡ଼ । ତାଂକ କଥା ମାନିବା ଆମର ଉଚିତ । ଆମେମାନେ କାଲି ପରି ବାରଣାବତରୁ ଫେରି ଆସିବୁ । ତୁମେ ଆମ ସଂଗେ ଆସନାଇ ।" ସେମାନେ ପାଂଡବମାନଂକୁ ଆଶୀର୍ବାଦ କରି ମନ ଦୁଃଖରେ ଫେରିଲେ ।

ବିଦୁର ପଛେ ପଛେ ମୁହଁ ପୋଛି ଯାଉଥିଲେ । ସମସ୍ତଂକୁ ଫେରିବାର ଦେଖି ସେ ତୁନି କରି ଯୁଧିଷ୍ଠିରଂକୁ କହିଲେ, "ବାପା ଯୁଧିଷ୍ଠିର, ବିପଦ ଆସିଲେ ବୁଦ୍ଧିମାନ୍ ଲୋକେ ସେଥିରୁ ଖସିବାକୁ ଲୋଡ଼ଂତି । ଗାତ ଭିତରେ ଥିଲେ ନିଆଁ ପୋଡ଼ି ପାରେ ନାଇ । ଲୁହା ଅସ୍ତ୍ର ନୁହେଁ; କିଂତୁ ସେଥିରେ ଦେହ କାଟି ହୋଇଯାଏ । ସେ କଥା ଯେ ଜାଣେ, ଶତ୍ରୁମାନେ ତାହାକୁ ମାରି ପାରଂତି ନାଇ । ଅଂଧ ହେଲେ ବାଟ ଦିଶେ ନାଇ । ବ୍ୟସ୍ତ ହେଲେ ବୁଦ୍ଧି ଠିକ୍ ନ ଥାଏ । ଏତିକି କହିଲି—ବୁଝିନିଅ ବୁଲିଗ୍ଭଲି କଲେ ବାଟ ଜଣା ଯାଏ ନାଇ । ତାରା ଦେଖି ଦିଗ ଠିକ୍ କରାଯାଏ । ନିଜର ମନ ଠିକ୍ ଥିଲେ, ଉପୁ କିଛି କରି ପାରେ ନାଇ ।" ବିଦୁର ଏ କଥା ଠାରରେ କହିଲେ । କେହି ତାହା ବୁଝି ପାରିଲେ ନାଇ; କିଂତୁ ଯୁଧିଷ୍ଠିର କହିଲେ, "ମୁଁ ବୁଝିଲି" ।

ବିଦୁର ଗଲାରୁ କୁଂତୀ ପଚ୍ଭରିଲେ, "ବାପା, ବିଦୁରଂକ କଥାରୁ କ'ଣ ବୁଝିଲୁ ?" ଯୁଧିଷ୍ଠିର କହିଲେ,

"ମା, ଦୁର୍ଯ୍ୟୋଧନ ଆମମାନଙ୍କୁ ପୋଡ଼ି ମାରି ପକାଇବାକୁ ବସିଛି । ସେଥିପାଇଁ କକା ଆମକୁ ସାବଧାନ କରିଦେଲେ । ବାଟ ଘାଟ ଜାଣି ରଖି, ସାବଧାନ ହୋଇ ଚଳିବାକୁ କହିଲେ ।"

ପାଣ୍ଡବମାନେ ବାରଣାବତରେ ପହଞ୍ଚିଲେ । ଲୋକେ ସେମାନଙ୍କୁ ଦେଖି ଭାରି ଖୁସି ହେଲେ । ପାଣ୍ଡବମାନେ ଘରେ ପଶି ଧନୀ ଗରିବ ସମସ୍ତଙ୍କ ସଂଗେ ମିଶି ଆଳାପ କଲେ । ପୁରୋଚନ ଏ ମଧ୍ୟରେ ଯାଇ, ତାଂକ ସଂଗରେ ଯୁଟିଗଲେ । ପାଣ୍ଡବମାନଙ୍କୁ ଦେଖି ପୁରୋଚନଙ୍କ ମୁହଁରେ ଭାରି ହସ, ଆନନ୍ଦର ସୀମା ନାଇ ! ପାଣ୍ଡବମାନଙ୍କୁ ଆଦର କରି ନେଇ ନୂଆ ଘରେ ରଖିଲେ । ଯୁଧିଷ୍ଠିର ଘର ଭିତରେ ପଶୁ ପଶୁ ତାଙ୍କୁ ଚର୍ବି ଝୁଣାର ଗନ୍ଧ ଜଣା ପଡ଼ିଲା । ସେ ଭୀମକୁ ଚୁପ୍‌କରି ଡାକି କହିଲେ, "ବାପା ଭୀମ, ଏ ଘର ଝୁଣାରେ ତିଆରି । ଦୁର୍ଯ୍ୟୋଧନ ଏଥିରେ ଆମକୁ ପୋଡ଼ି ମାରି ପକାଇବାକୁ କୁପାଞ୍ଚ କରିଛି । ବିଦୁର କକା ଆଗରୁ ଜାଣି ମୋତେ ଏ କଥା କହିଛନ୍ତି ।"

ଭୀମ କହିଲେ, "ଚାଲ ତେବେ ଏ ଘର ଛାଡ଼ି ଚାଲିଯିବା, ଆଉଠାଏ ରହିବା ।" ଯୁଧିଷ୍ଠିର କହିଲେ, "ତା ହେଲେ ଭଲ ହବ ନାଇ । ଏମାନେ ଆଉରି କିଛି ଫନ୍ଦି କରି ଆମକୁ ହରବର କରିବେ । ଆମେ ଚାଲ, ଏଇ ଘରେ ରହିବା । ସବୁବେଳେ ମୃଗୟା କରି ବଣରେ ବାଟ ଘାଟ ଜାଣିରଖିବା, ଦିନେ ଏମାନଙ୍କ ସୁବିଧା ଜଂଡି ଏଠାରୁ ଚାଲିଯିବା । ଏବେ ଘର ଭିତରେ ଗୋଟିଏ ଗାତ ଖୋଳ, ସବୁଦିନ ରାତିରେ ସେଇ ଗାତରେ ରହିବା; ତେବେ ଘର ପୋଡ଼ିଗଲେ ବି ଆମକୁ ନିଆଁ ଜାଟିବ ନାଇ ।"

ଏ ମଧ୍ୟରେ ଦିନେ ଗୋଟିଏ ଲୋକ ଆସି ଯୁଧିଷ୍ଠିରଙ୍କୁ କହିଲା, "ମୋତେ ବିଦୁର ପଠାଇଛନ୍ତି, ଆଗାମୀ କୃଷ୍ଣ ଚତୁର୍ଦ୍ଦଶୀ ଦିନ ପୁରୋଚନ ତୁମେମାନେ ଶୋଇଥିଲାବେଳେ ଏ ଘରେ ନିଆଁ ଲଗେଇବ । ମୁଁ ଖୁବ୍ ଗାତ ଖୋଳି ଜାଣେ । ତୁମମାନଙ୍କ ପାଇଁ କ'ଣ ସେବେ କରିବ, ମତେ କହ । ମୋଠାରେ ଯେବେ ଅବିଶ୍ୱାସ ହୁଏ, ତେବେ ଶୁଣ, ବିଦୁର ତୁମେମାନେ ଆସିଲାବେଳେ ତୁମକୁ ଠାରରେ ଏ ସବୁ କଥା କହିଛନ୍ତି ।"

ଏ କଥା ଶୁଣି ପାଣ୍ଡବମାନଙ୍କର ସେ ଲୋକଠାରେ ବଡ଼ ବିଶ୍ୱାସ ହେଲା । ଜାଣିଲେ, ସେ ଲୋକଟି ବଡ଼ ବିଶ୍ୱାସୀ । ବାହାରକୁ ଘର ଭିତରୁ ଗୋଟିଏ ଗାତ ଖୋଳିବାରେ ସେ ଲୋକଟିକୁ ଲଗାଇ ଦେଲେ । ସେ ଦିନକ ଭିତରେ ଗୋଟିଏ ସୁନ୍ଦର ଗାତ ଖୋଳିଦେଲା । କେହି ନ ଜାଣିବା ଭଳି ଗାତର ମୁହଁ ବନ୍ଦ କରି ପାଣ୍ଡବମାନେ ସେ ଘରେ ରହିଲେ ।

କୃଷ୍ଣ ଚତୁର୍ଦ୍ଦଶୀ ଦିନ ଆସିଲା । ସେ ଦିନ କୁନ୍ତୀ ଏକ ଭାରି ବ୍ରାହ୍ମଣ ଭୋଜନ କରାଇଲେ । ଗୋଟିଏ ନିଷାଦୀ ( ଏକ ପ୍ରକାର ବଣୁଆ ଜାତିକୁ ନିଷାଦ କହନ୍ତି ) ତା'ର ପାଞ୍ଚ ପୁଅଙ୍କ ସାଂଗରେ ଭୋଜି ଆସି ଖୁବ୍ ଖାଇଲା । ଖାଇ ସାରି ସଂଧ୍ୟାବେଳକୁ ସେହି ଘର ବାରଣ୍ଡାରେ ଶୋଇ ପଡ଼ିଲା । ସେ କଥା ଆଉ କେହି ଜାଣନ୍ତି ନାଇ ।

ଏଣେ ପୁରୋଚନ ରାତିରେ ପାଣ୍ଡବମାନେ ଶୋଇ-ପଡ଼ିଲେ, ଘରେ ନିଆଁ ଲଗାଇବ ବୋଲି ବସିରହି, ସଅଳ ଯାଇ ଗୋଟିଏ ଘରେ ଶୋଇଲା । ପାଣ୍ଡବମାନେ ଆସି ପୁରୋଚନ ଦୁଆରେ ଆଗ ନିଆଁ ଲଗାଇ, ତା'ପରେ ଘରଯାକ ଠାଏ ଠାଏ ନିଆଁ ଲଗାଇ ଦେଇ, ଗାତରେ ପଶି, ବାହାରକୁ ଚାଲିଗଲେ ।

ଘରଟି ଦାଉ ଦାଉ ହୋଇ ଜଳି ଉଠିଲା । ସହର ଲୋକେ ଦେଖି ଧାଇଁ ଆସି କୋଳାହଳ କଲେ; କିଂତୁ

ଉପାୟ କଣ ? ଜଉ ଘରେ ପୁଣି ନିଆଁ ଛଡ଼ାଇବାକୁ ପଶିବ କିଏ ? ନିଆଁ ଲିଭିଗଲା ଉତ୍ତାରୁ ପାଂଚୋଟି ପିଲା ଓ ମାଇପିଟିଏ ପୋଡ଼ିଯାଇଥିବାର ଦେଖି ପାଂଡବ ଓ କୁଂତୀ ପୋଡ଼ି ଯାଇଥିବାର ବିଚାରି, ଲୋକେ ବହୁତ ବିକଳ ହେଲେ । ପୁଣି ଦେଖିଲେ ପୁରୋଚନ ମଧ୍ୟ ପୋଡ଼ି ମରିଚି । ସମସ୍ତେ କହିଲେ, "ଯେପରି କର୍ମ ସେପରି ଫଳ ।"

ପାଂଡବମାନଂକୁ ପୋଡ଼ି ମାରିବାର ଜାଣି, ଲୋକେ ଧୃତରାଷ୍ଟ୍ର ଓ ଦୁର୍ଯୋଧନଂକ ଉପରେ ଭାରି ବିରକ୍ତ ହେଲେ । ଧୃତରାଷ୍ଟ୍ରଂକ ପାଖକୁ ଖବର ଗଲା । ଧୃତରାଷ୍ଟ୍ର ଶୁଣି ଲୋକଂକୁ ଦେଖାଇବା ପାଇଁ ଭାରି ବିକଳ ହୋଇ କାଂଦିଲେ । କାଂଦି କାଂଦି ପାଂଡବ-ମାନଂକ ପାଇଁ ଖୁବ୍ ଶୁଦ୍ଧି ଶ୍ରାଦ୍ଧର ଆୟୋଜନ କରିବାକୁ କହିଲେ । ଲୋକେ ସମସ୍ତେ ବିକଳ ହୋଇ କାଂଦିଲେ । ବିଦୁର ମଧ୍ୟ ଧରା ନ ପଡ଼ିବେ ବୋଲି ଲୋକମାନଂକ ସଂଗେ ଟିକିଏ କାଂଦିଲେ । ହସ୍ତିନାରେ ସବୁ ଗୋଳମାଳ ଏମିତି କମିଗଲା ।

---

## ପାଂଡବମାନଂକ ଗଂଗା ପାରି, ହିଡ଼ିଂବ ଓ ହିଡ଼ିଂବାର କଥା

ପାଂଡବମାନେ ରାତିରୁ ବାହାରି ରାତି ରାତି ବଣେ ବଣେ ଚାଲିଲେ । କେତେ କଂଟା ମାଡ଼ୁଥାଂତି, କେତେ ଝୁଂଟୁଥାଂତି, କୌଣସି କଥାକୁ ଖାତିର ନାହିଁ, ବରାବର ଚାଲିଥାଂତି । ଚାଲି ଚାଲି ଗଂଗାକୂଳେ ପହଂଚିଲେ । ଗଂଗା ପାରି ହେବେ କିପରି ? ବିଦୁର ଆଗରୁ ସେ କଥା ଜାଣି ଗୋଟିଏ କେଉଟକୁ ଚୁପ୍ କରି ପଠାଇ ଦେଇଥିଲେ । କେଉଟଟି ପାଂଡବମାନଂକୁ ସବୁ କଥା କହିଲା । ପାଂଡବମାନଂକର ତା'ଠାରେ ବିଶ୍ୱାସ ହେଲା, ସମସ୍ତେ ଗଂଗା ପାରି ହେଲେ ।

ନଈ ପାରି ହେଉ ହେଉ ଗୋଟିଏ ଆଶ୍ଚର୍ଯ୍ୟ କଥା ଘଟିଲା । ଗୋଟିଏ ବଡ଼ କୁଂଭୀର ଆସି ନାଆ ଆଗୋଳିଲା । ନାଆ ଆଉ ଚାଲିଲା ନାହିଁ । ଜଣେ କାହାକୁ ପାଣିକି ନ ପକାଇ ଦେଲେ ଆଉ ରକ୍ଷା ନାହିଁ । ପାଣିରେ ପଡ଼ିବ କିଏ ? ଭୀମ କହିଲା—"ମୁଁ ଥିଲେ ବେଶି ଖାଉଚି, ମୁଁ ଯିବି ।" ଏହା କହୁ କହୁ ସେ ପାଣିକୁ ଡେଇଁପଡ଼ିଲା । ସମସ୍ତଂକ ଆଖି ବୁଜି ହୋଇଗଲା; କିଂତୁ କୁଂଭୀର ଭୀମକୁ କଣ କରିବ ? ଭୀମ କୁଂଭୀର ଉପରେ ପଡ଼ି, ତାକୁ ଘଇଚା ଘରି ପକାଇ ଦେଇ, ବୁଡ଼ା ମାରି ପହଁରି ପହଁରି ଯାଇ ଆରକୂଳେ ହାଜର । କୂଳରେ ଉଠି କୁଂଭୀରକୁ ଉପରେ କାଟି ଦେଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ, ଭାରି ଖୁସି ହେଲେ ।

ନାଆ କୂଳରେ ଲାଗିଲା । କେଉଟଟି ପାଂଡବ-ମାନଂକୁ ବିଦୁରଂକ ଆଶୀର୍ବାଦ ଦେଇ ଚାଲି ଗଲାରୁ ସମସ୍ତେ ପୁଣି ବନେ ବନେ ଚାଲିଲେ । ଭାରି ବେଗରେ ଚାଲୁଥାଂତି । କେଉଁଆଡେ ଯାଉଥାଂତି କିଛି ଜଣା ନାହିଁ । ରଜାଘର ବୋହୂ, ରଜାଘର ପୁଅ, ବଣରେ କେତେ ଦଉଡ଼ିବେ ? ଆଉ ଗୋଡ଼ ଚାଲିଲା ନାହିଁ— ସମସ୍ତେ ଧକେଇ ପଡ଼ିଲେ । କରିବେ କଣ ?

ଭୀମର ଭ୍ରୂକ୍ଷେପ ନାହିଁ । ସେ ଦେଖିଲା, କେହି ଚାଲି ପାରୁ ନାହାଂତି । ସେଠାରୁ ସେ ଜଣ ଜଣ କରି ଟେକି ସମସ୍ତଂକୁ କାଂଧରେ, ମୁଂଡରେ, କାଖରେ ବସାଇ ଚାଲିଲା । ଭୀମର ଚାଲି ! ଗଛ ଉପରେ ପାଦ ପଡ଼ିଲେ ଗଛ ଭାଂଗି ଯାଉଚି—ମାଟି ଦୁମ୍ ଦୁମ୍ ହୋଇ କଂପି ଉଠୁଚି, ତା' କାଂଧରେ ସମସ୍ତେ ପ୍ରାୟ ଅଜ୍ଞାନ ହୋଇ ପଡ଼ିଚଂତି ।

ବଣ ପରେ ବଣ ଚାଲି ଯାଉଚି । ଭୀମର ବିଶ୍ରାମ ନାହିଁ । ରାତି ଚମାମ୍ ଗଲା । ତା' ପରେ ଦିନଯାକ ମଧ୍ୟ ଭୀମ ସେହିପରି ଚାଲିଲା । ଅଂଧାର ହୋଇ ଆସିଲା,

ବାଘ ଭାଲୁ ଡାକ ଶୁଭିଲା । କୁଂତୀଂକ ଭାରି ଶୋଷ କରୁଛି । କୁଂତୀ କହିଲେ, "ବାବୁ, ପାଣି ନ ପିଇଲେ ପ୍ରାଣ ବାହାରି ଯିବ । ବେଗେ କେଉଁଠୁ ଖୋଜି ପାଣି ଆଣ ।"

ଭୀମ ସେଠାରୁ କିଛି ଦୂରକୁ ଯାଇ ଗୋଟିଏ ସୁଂଦର ବଣରେ ଗୋଟିଏ ବଡ଼ ବରଗଛ ମୂଳେ ସମସ୍ତଂକୁ ରଖିଦେଲେ । ଆପେ ଦୂରରେ ଚିଲ ଉଡ଼ୁଥିବାର ଦେଖି, ପୋଖରୀ ଅଛି ବୋଲି ଜାଣି, ପାଣି ପାଇଁ ଚାଲିଗଲେ ।

ପାଣି ଆଣି ପହଂଚିଲା ବେଳକୁ ସମସ୍ତେ ବରଗଛ ମୂଳେ ଶୋଇ ପଡ଼ିଛଂତି । ଭୀମ ଆସି ଦେଖିଲା, ମା ଭାଇମାନେ ବଣରେ ଗଛମୂଳେ ମାଟିରେ ଗଡ଼ୁଛଂତି । ଭୀମର ସବୁକଥା ମନେ ପଡ଼ିଗଲା । ରଜାପୁଅ, ପିଲାଦିନୁ ବାପ ନାଇ ବୋଲି ଏ ଗତି ହେଲା । ସବୁ ବିଚାରି ତା ଆଖି ଛଳଛଳ ହୋଇଗଲା । ମନେ ମନେ ଦୁର୍ଯୋଧନ ଓ ଧୃତରାଷ୍ଟ୍ରଂକ ଉପରେ କେତେ ରାଗ ହେଲା । ରାଗରେ ତା ଦାଂତ କଡ଼ମଡ଼ ହୋଇଗଲା, ଯେପରି କି ପାଇଲେ ତାଂକୁ ହାତରେ ଧରି ପେଷି ଦିଅଂତା !

ଭୀମ ପାଣି ଧରି ଆସିଥିଲା; କିଂତୁ ଏତେ କଷ୍ଟ ପରେ ମା ଭାଇମାନେ ଶୋଇଛଂତି ଦେଖି, ତାଂକୁ ନ ଉଠାଇ ପାଣି ଥୋଇ ଜଗି ବସିଲା ।

ସେମାନେ ଯେଉଁଠାରେ ଶୋଇଥିଲେ ତା ପାଖରେ ଗୋଟାଏ ବଡ଼ ଶାଳୁଆ ଗଛରେ ହିଡ଼ିଂବ ବୋଲି ଗୋଟାଏ ରାକ୍ଷସ ଥାଏ । ତା'ର ଭଉଣୀ ହିଡ଼ିଂବା ମଧ୍ୟ ତା ସଂଗେ ଥାଏ । ହିଡ଼ିଂବ ରାକ୍ଷସ ମଣିଷ ଗଂଧ ପାଇ ଭାରି ଖୁସି ହୋଇ ଏଣେ ତେଣେ ଚାହିଁଲା; ପାଂଡବମାନଂକୁ ଦେଖିଲା, ତା ମନରେ ଭାରି ଆନଂଦ । ଏତେଗୁଡ଼ିଏ କଅଁଳ କଅଁଳ ସୁକୁମାର ପିଲା— ସମସ୍ତଂକୁ ମାରି ଖାଇବ । କେତେକାଳକେ ଆଜି ତାକୁ ଭଲ ଭୋଜନ ମିଳିବ । ସେ ଭଉଣୀକି କହିଲା— "ହିଡ଼ିଂବା, ତୁ ଯା, ଏ ସମସ୍ତଂକୁ ଧରି ନେଇ ଆସିଲେ, ଏଠାରେ ବସି ଖୁସିରେ ଦୁଇ ଭାଇ ଭୋଜ ଖାଇବା ।"

ହିଡ଼ିଂବା ଏ କଥା ଶୁଣି ପାଂଡବମାନଂକ ପାଖକୁ ଆସିଲା; କିଂତୁ ରାକ୍ଷସୀ ହେଲେ କ'ଣ ହେବ ? ପାଂଡବମାନଂକୁ ଦେଖି ତା ପ୍ରାଣରେ ସ୍ନେହ ଓ ଦୟା ହେଲା । ସେ ଆଉ ସେମାନଂକୁ ମାରିବ କ'ଣ ? ତୁନ କରି ଭୀମକୁ ସବୁ କଥା କହିଲା ଏବଂ ବତାଇଲା— "ଏମାନଂକୁ ଉଠାଅ । ମୁଁ ସମସ୍ତଂକୁ ରାକ୍ଷସ ହାତରୁ ବଂଚାଇ ଦେବି ।"

ଭୀମ ସବୁ ଶୁଣିଲେ, କହିଲେ, "ରାକ୍ଷସ ଫାକ୍ଷସଂକୁ ମୋର ଡର ନାଇ । ଏତେ ପରିଶ୍ରମ କରି ଶୋଇଛଂତି, ମୁଁ ତାଂକୁ ଉଠାଇ ପାରିବି ନାଇ । ଏପରି କଥା ଚାଲିଛି; ହିଡ଼ିଂବ ରାକ୍ଷସ ଉଚ୍ଛୁର ହେବାରୁ ନିଜେ ଆସି ଭଉଣୀକି ଗାଳି ଦେଇ ଦେଇ ପହଂଚିଗଲା । ହିଡ଼ିଂବା ଡରରେ ଥରହର ହୋଇ ଭୀମକୁ କହିଲା, "ଆସ ସମସ୍ତେ ମୋ ଉପରେ ବସ । ମୁଁ ସମସ୍ତଂକୁ ନେଇ ଆକାଶକୁ ଉଡ଼ିଯିବି ।"

ଭୀମ କି ଏ କଥା ଶୁଣିବା ଜଂତୁ ! ସେ କହିଲା, "ରାକ୍ଷସି, କିଛି ଭୟ ନାଇ । ମୋ ଦେହରେ ଢେର୍ ବଳ ଅଛି । ରାକ୍ଷସ ମୋତେ ମାରି ପାରିବ ନାଇ ।"

ହିଡ଼ିଂବ ଆସୁ ଆସୁ ଏ କଥା ଶୁଣିଲା । ତା' ରାଗ ଆଗ ଭଉଣୀ ଉପରେ ପଡ଼ିଲା । ଭଉଣୀକି ଆଗ ମାରିବ, କି ଭୀମକୁ ଆଗ ମାରିବ, ସେ ବୁଝି ପାରିଲା ନାଇ ।

ଭୀମ ବିଚାରିଲା, "ଏବେ ସବୁ ମାଟି ହେଲା । ମା ଭାଇଂକ ନିଦ ଭାଂଗିଯିବ । ଏ ରାକ୍ଷସଟା ତ ପାଟି କଲା ।" ଏହା ବିଚାରି ରାକ୍ଷସର ହାତ ଯୋଡ଼ାକ ଧରି ରାକ୍ଷସକୁ ଟିକିଏ ଦୂରକୁ ନେଇ ଗଲା । ରାକ୍ଷସ ରାଗରେ ଆହୁରି

ବଢ଼ି ଯାଉଥିଲା । ଭୀମ ସେଠାରୁ ତାକୁ ଆଉରି ଦୂରକୁ ଓଟାରି ନେଲେ । ଏବେ ଖାଲି ଦୁମ୍ ଦାମ୍, ଭୁସ୍ ଭାସ୍, ଝଧାମାଡ଼, ଗୃଧୁଡ଼ା—ଦୁହିଁଙ୍କର ଲଢ଼େଇ ଆଂରମ୍ଭ ହେଲା ।

ବଣ କଂପି ଉଠିଲା । ଆଖ ପାଖ ଗଛ ଲଟାସବୁ ଭୀମ ପାଦରେ ଭାଂଗି ଚୂରମାର ହୋଇଗଲା । ଏଥିରେ କି ମଣିଷକୁ ଆଉ ନିଦ ମାଡ଼େ ? କୁଂତୀ ଓ ଭାଇମାନେ ଉଠି ଆଗ ହିଡ଼ିଂବାକୁ ଦେଖିଲେ । ହିଡ଼ିଂବା କାଂନ୍ଦି କାଂନ୍ଦି କହିଲା, "ମୁଁ କେତେ କହିଲି, ଆସ ମୋ ପିଠିରେ ବସ, ମୁଁ ସମସ୍ତଂକୁ ନେଇଯିବି; ତମ ପୁଅଟି ଶୁଣିଲେ ନାହିଁ । ଏବେ ମୋ ଭାଇ ସାଂଗେ ତାଂକର ଲଢ଼େଇ ଲାଗିଛି, ହେଇ ଦେଖ ।"

ରାକ୍ଷସଝିଅ ହେଲେ କ'ଣ ହେବ—ହିଡ଼ିଂବା ଦେଖିବାକୁ ଭାରି ସୁଂଦରୀ । କୁଂତୀଂକୁ ଆଗ ତା' କଥା ସତ ଲାଗିଲା ନାହିଁ; କିଂତୁ ଦେଖଂତି ତ ସତକୁ ସତ ହିଡ଼ିଂବ ଓ ଭୀମଂକର ଯୁଦ୍ଧ ଲାଗିଛି । ଯୁଦ୍ଧ ଦେଖି ଅର୍ଜୁନ ହେଉଛନ୍ତି ଭୀମକୁ ସାହାଯ୍ୟ କରିବାକୁ ଦଉଡ଼ିଲେ । ଭୀମ ସମସ୍ତଂକୁ ମନା କଲେ । ତା'ପରେ ରାକ୍ଷସର ଦୁଇ ଗୋଡ଼ ଧରି ଦି'ଥର ତିନିଥର ତଳେ କଚାଡ଼ିଦେଲେ । ତା' ଉତ୍ତାରୁ କ୍ରୋଧରେ କରି ଆଂଠୁ ଲଗାଇ ମଡ଼ ମଡ଼ କରି ତା'ର ମଝି ହାଡ଼ ଭାଂଗି କରି ଫିଂଗି ଦେଲେ । ରାକ୍ଷସ ଗୋଟାଏ ଭୟଂକର ଶବ୍ଦ କଲା । ତା'ପରେ ତଳେ ପଡ଼ି ଟିକିଏ କେଁ କେଁ ହେଲା । ତା'ର ପ୍ରାଣ ଉଡ଼ିଗଲା ।

ଆଉ ସେଠାରେ ରହିବା ପାଂଡବମାନେ ଭଲ ବିଚାରିଲେ ନାହିଁ । ପାଖରେ ସହର ବଜାର ଥାଇପାରେ ବୋଲି ବିଚାରି, ଖୋଜିବା ପାଇଁ ବାହାରିଲେ । ହିଡ଼ିଂବା ବି ଆସି ସେମାନଂକ ପଛେ ପଛେ ଚାଲିଲା । ଭୀମ ତାକୁ ଦେଖି ମହାରାଗ । ତାକୁ ମାରିବାକୁ ବାହାରିଥିଲେ । ଯୁଧିଷ୍ଠିର ମନା କଲେ । ସ୍ତ୍ରୀ ଲୋକକୁ ମାରିବା ବିଧି ନୁହେଁ ବୋଲି ଭୀମକୁ ବୁଝାଇଲେ ।

ହିଡ଼ିଂବା ଏ କଥା ଦେଖି କୁଂତୀକୁ କହିଲା, "ମା, ମୋର ଦୋଷ କଣ ? ମୁଁ ଭୀମକୁ ଦେଖିଲା ବେଳରୁ ସୁଖ ପାଇଛି । ମୁଁ ତାଂକୁ ବିଭା ହେବାକୁ ବିଚାରିଥିଲି । ମା ମୋତେ ରକ୍ଷା କର ।"

ଏ କଥା ଶୁଣି ଯୁଧିଷ୍ଠିର କହିଲେ, "ଠିକ୍ କଥା, ତୁମର ଏହାଂକୁ ବିଭା ହେବା ଉଚିତ ।" ଭୀମଂକର ସେତେବେଳକୁ ଆଉ ରାଗ ନାହିଁ । ସେ ଭାଇଂକ କଥା ଶୁଣି ହିଡ଼ିଂବାକୁ ବିଭା ହେଲେ ।

ଭୀମ ହିଡ଼ିଂବାଂକର ଘଟୋତ୍କଚ ବୋଲି ସେହି ବଣରେ ଗୋଟିଏ ପୁଅ ହେଲା । ଘଟୋତ୍କଚ ଭାରି ଧାର୍ମିକ, ବଳବାନ୍ ଓ ଅସାଧାରଣ ବୀର ହୋଇଥିଲା । ଜନ୍ମ ହେଲା ପରେ ବଡ଼ ମଣିଷ ପରି ସେ ଭୀମକୁ କହିଲା, "ବାପା, ଏବେ ମୁଁ ଯାଉଛି । ଦରକାର ହେଲେ ଡାକିଲେ ଆସିବି ।" ଏହା କହି ସମସ୍ତଂକୁ ପ୍ରଣାମ କରି ସେ ମା' ସଂଗେ ଉତ୍ତର ଆଡ଼କୁ ଚାଲିଗଲା ।

---

## ଭୀମ ବକ ରାକ୍ଷସକୁ ମାରିଲେ

ତା' ଉତ୍ତାରୁ ପାଂଡବମାନେ ବଳ୍କଳ ପିଂଧି, ଜଟା ବାଂଧି, ଋଷି ବେଶରେ ବଣେ ବଣେ ବୁଲିଲେ । ଶିକାର କରି ଖାଆଂନ୍ତି, ବେଦ ଉପନିଷଦ ପଢ଼ଂନ୍ତି, ଆଉ ମା'ର ସେବା କରଂନ୍ତି । ଏହିପରି କେତେ ଦିନ ବିତିଲା । ମତ୍ସ୍ୟ, ତ୍ରିଗର୍ତ୍ତ, ପଂଚାଳ, କୀଚକ ପ୍ରଭୃତି କେତେ ଦେଶ ଘୂରି ବୁଲି ଶେଷରେ ଦିନେ ବ୍ୟାସଦେବଂକୁ ଦେଖିଲେ । ବ୍ୟାସ ତ ତାଂକର ବାପର ବାପ । ବ୍ୟାସ ପାଂଡବମାନଂକୁ ଦେଖି ଖୁସି ହେଲେ; କହିଲେ, "ମୋ ପାଖେ ତୁମେମାନେ ଓ କୌରବମାନେ ସମାନ । କୌରବମାନେ ଦୁଷ୍ଟ, ତୁମେମାନେ ସୁଶୀଳ । ତୁମମାନଂକର ଉପକାର ପାଇଁ ମୁଁ ଏଠାକୁ ଆସିଛି । ମୁଁ ଆଉଥରେ ନ ଆସିବାଯାଏ ତୁମେମାନେ ପାଖରେ ଥିବା ଏହି

ଏକଚକ୍ରା ସହରରେ ରହ । ମୁଁ ତୁମମାନଙ୍କୁ ଆଶୀର୍ବାଦ କରୁଅଛି, ତୁମେମାନେ ଶେଷରେ ପୃଥିବୀ ଜୟ କରି ମହାସୁଖରେ ରହିବ ।"

ବ୍ୟାସ ସେମାନଙ୍କୁ ଏକଚକ୍ରାରେ ଗୋଟିଏ ବ୍ରାହ୍ମଣ ଘରେ ରଖିଦେଇ ଚାଲିଗଲେ । ପାଂଚ ଭାଇଯାକ ଦିନଯାକ ଭିକ ମାଗନ୍ତି । ରାତିରେ ଆସି ସମସ୍ତଙ୍କର ଭିକଯାକ ଏକାଠି କରି ସମାନ ଦି'ଭାଗ କରନ୍ତି । ସେଥିରୁ ଭାଗେ ଏକାକେ ଭୀମ ଖାଏ, ଆଉ ଭାଗକ ସମସ୍ତେ ବାଂଟି ଖାଆନ୍ତି ।

ଏହିପରି ଦିନ ବିତି ଯାଉଥାଏ । ଦିନେ ଯୁଧିଷ୍ଠିର, ଅର୍ଜୁନ, ନକୁଳ, ସହଦେବ ଭିକ୍ଷା କରିବାକୁ ଯାଇଚନ୍ତି । ଭୀମ କୁନ୍ତୀଙ୍କ ପାଖେ ବ୍ରାହ୍ମଣଘରେ ଅଛନ୍ତି । ହଠାତ୍ ବ୍ରାହ୍ମଣ ଘରେ ଭାରି କାନ୍ଦବୋବାଳି ଶୁଭିଲା । କୁନ୍ତୀ କାନ୍ଦ ଶୁଣି ବଡ଼ ବ୍ୟସ୍ତହୋଇ କହିଲେ, "ବ୍ରାହ୍ମଣଙ୍କର କଣ ବିପଦହେଲା ? ବ୍ରାହ୍ମଣ ଆମମାନଙ୍କୁ କେତେ ସ୍ନେହ କରନ୍ତି । ଆମେ କ'ଣ ୟାଙ୍କର କିଛି ଉପକାର କରି ପାରିବା ନାଇ ?"

ଭୀମ କହିଲେ, "ଅବଶ୍ୟ ପାରିଲେ ଉପକାର କରିବା । ମା, ତୁମେ ଯାଇ ବୁଝି ଆସ, କଥା କଣ ?" ଗୁହ୍ମ ଗୁହ୍ମ ପୁଣି କାନ୍ଦ ଶୁଭିଲା । କୁନ୍ତୀ ଦଉଡ଼ି ଯାଇ ଦେଖିଲେ, ବ୍ରାହ୍ମଣ ବ୍ୟାକୁଳ ହୋଇ କାନ୍ଦୁଚନ୍ତି, "ମୁଁ ଏ ଗାଁରୁ ବାହାରି ଯିବାକୁ କେତେ କାଳୁ ଝୁରିଲିଣି । ଏବେ କରିବି କଣ ? କାହାକୁ ଛାଡ଼ିବି ? ଆପେ ଗଲେ ବା ତୁମେମାନେ କଣ କରିବ ? ଚାଲ ସମସ୍ତେ ଏକାବେଳକେ ମରିବା ।"

ବ୍ରାହ୍ମଣୀ ଏକଥା ଶୁଣି କହିଲା, "ସେ କଥା କିପରି ହେବ ? ତୁମେ ଗଲେ ତ ସମସ୍ତେ ମରିଯିବେ । ମୁଁ ଗଲେ କିଛି ବାଧିବ ନାଇ ।"

ଝିଅ ଏ କଥା ଶୁଣି କହିଲା, "ତୁମେ କେହି ଯିବ ନାଇ । ମତେ ତ ଦିନେ ତୁମେ ଛାଡ଼ନ୍ତ । ମୁଁ ତ ବାହା ହେଲେ ଆଉ ତୁମ ପାଖେ ରହନ୍ତି ନାଇ । ଭାଇଟି ପିଲା । ତୁମେମାନେ ତାକୁ ନେଇ ରହ । ମୁଁ ଯାଉଚି ।"

ଏକଥା ଶୁଣି ବ୍ରାହ୍ମଣ ବ୍ରାହ୍ମଣୀ ଦିହେଁ ଝିଅଟିକି ଧରି ଭୋ ଭୋ କାନ୍ଦି ଉଠିଲେ ।

ପୁଅଟି ଛୋଟ ପିଲା । ସେ ଖଂଡେ ବାଡ଼ି ଧରି, ବାଡ଼ି ଦେଖାଇ ଆସି କହିଲା—"ବାପା, ମା, ଡାଂଦଦା, ଏ ବାଡ଼ିରେ ମୁଁ ଅସୁର ମାରିବି ।" ଏହା ଶୁଣି ସମସ୍ତେ ସେହି ଦୁଃଖରେ ମଧ୍ୟ ଟିକିଏ ହସି ପକାଇଲେ ।

ଏତିକିବେଳେ କୁନ୍ତୀ ଦେଲ ଉଣ୍ଡ ପଚାରିଲେ, "ତୁମେମାନେ କାହିଁକି କାନ୍ଦୁଚ, ମତେ କହ । ମୁଁ ପାରିଲେ ତୁମକୁ ସାହାଯ୍ୟ କରିବି ।"

ବ୍ରାହ୍ମଣ କହିଲେ, "ମା, ଆମ ଦୁଃଖରେ ସାହାଯ୍ୟ କରିବା ମନୁଷ୍ୟର କାମ ନୁହେଁ । ଏ ନଗର ବାହାରେ ବକ ବୋଲି ଗୋଟେ ରାକ୍ଷସ ଥାଏ । ସେ ଆମମାନଙ୍କୁ ବାଘ ଭାଲୁ ଆଉ ଶତ୍ରୁ ହାତରୁ ରକ୍ଷା କରେ । ସେଥିପାଇଁ ଆମେମାନେ ତାକୁ ଖାଇବାକୁ ଦଉ । ପ୍ରତିଦିନ ଗୋଟିଏ ଗାଡ଼ିରେ ଚୁଟ୍ରେ ଭାତ ପିଠା, ଯୋଡ଼ିଏ ମଇଁଷି, ଗୋଟିଏ ମଣିଷ ବକ ରାକ୍ଷସ ପାଖକୁ ପଠାଇବାକୁ ହୁଏ । ସେ ଭାତ, ପିଠା, ମଇଁଷି, ମଣିଷ ସବୁତକ ଖାଏ । ସମସ୍ତେ ପାଳି କରି ଦିନେ ଦିନେ ପଠାନ୍ତି । ଯେ ନ ପଠାଇବ, ରାକ୍ଷସ ଆସି ତା ବଂଶ ଖାଇଯିବ । ଆମେମାନେ ଏମିତି ଥାଉଁ । ଏ ଦେଶ ରଜା ଆମ ଖବର କିଛି ବୁଝନ୍ତି ନାଇ । ଆଜି ମୋର ପାଳି । ମୁଁ ଗରିବ ଲୋକ । ଟଂକା ଥିଲେ ଅବା ଗୋଟିଏ ମଣିଷ କିଣି କରି ପଠାନ୍ତି । ଘରୁ ଜଣକୁ ପଠାଇବି । ସେଥିପାଇଁ ଝୁରୁଚି, ସମସ୍ତେ ଯାଇ ମରିବୁ—ଆଉ ଏ ଦୁଃଖ ଦେଖିବୁ ନାଇ ।"

କୁଂନ୍ତୀ କହିଲେ, "ବ୍ରାହ୍ମଣ, ତୁମେ ଚିଂତା କର ନାଇ । ମୋର ପାଂଚଟି ପୁଅ, ସେଥିରୁ ଜଣେ ପଠାଇବା ।"

ବ୍ରାହ୍ମଣ ଜିଭ କାମୁଡ଼ି ପକାଇଲା । କହିଲା—"କି ଅଗ୍ରାହ୍ୟ କଥା ! ଆପଣମାନେ ବ୍ରାହ୍ମଣ ( ତପସ୍ୱୀ ବେଶରେ ପାଂଡବମାନଂକୁ ସମସ୍ତେ ବ୍ରାହ୍ମଣ ବୋଲି ଭାବୁଥିଲେ ) ପୁଣି ଅତିଥି । ମୁଁ ତ ଏକଥା କରି ପାରିବି ନାଇ ।"

କୁଂନ୍ତୀ କହିଲେ—"କିଛି ଭୟ ନାଇ । ରାକ୍ଷସ ମୋ ପୁଅର କ'ଣ କରିବ ? ମୋ ପୁଅ ଯାଠାରୁ ବଡ଼ ବଡ଼ ରାକ୍ଷସ ମାରିଛି ।"

ବ୍ରାହ୍ମଣ ବ୍ରାହ୍ମଣୀ ଯେପରି କି ହାତରେ ସ୍ୱର୍ଗ ପାଇଲେ । କୁଂନ୍ତୀ ଆସି ଭୀମକୁ ସବୁ କଥା କହୁଁ ନ କହୁଁ ଭୀମ ଯିବା ପାଇଁ ତିଆର !

ଏ ମଧ୍ୟରେ ଯୁଧିଷ୍ଠିର ଆସି ପହଂଚିଲେ । ସେ ମା'ଂକୁ କହିଲେ, "ମା, ତୁମେ କ'ଣ ବାୟାଣୀ ହେଲ ? ଏପରି କାମରେ ଭୀମକୁ ପଠାଇବାକୁ ହଁ କଲ । ଭୀମର ଯଦି କିଛି ହୁଏ, ଆମମାନଂକର କି ଦଶା ହେବ ଜାଣ ତ ?"

କୁଂନ୍ତୀ କହିଲେ—"ମୋ ଭୀମର ଅଗ ଗୋଡ଼ରେ କଂଟା ବାଜିବ ନାଇ । ଭୀମକୁ କ'ଣ ଚହ୍ନି ନାହଁ ? ଦଶ ହଜାର ହାତୀ ତା'ର କିଛି କରି ପାରିବେ ନାଇ । ଏହା ଜାଣି ଶୁଣି ବ୍ରାହ୍ମଣର ଉପକାର ନ କଲେ ଅଧର୍ମ ହେବ ।" ଏ କଥା ଶୁଣି ଯୁଧିଷ୍ଠିର ମଧ୍ୟ ରାଜି ହେଲେ ।

ଯିବାବେଳ ହେଲାରୁ ଛତ୍ରକ ଭାତ ପିଠା ଧରି ମଇଁଷିଶଗଡ଼ ଅଡ଼ାଇ ଅଡ଼ାଇ ଭୀମ ଯାଇ ବକ ରହିବା ଜାଗାରେ ପହଂଚିଲେ । ପହଂଚିବା ମାତ୍ରେ ମଇଁଷିକି ଫିଟାଇ ଦେଇ ଶଗଡ଼ରୁ ମାଲ କାଢ଼ି ଆଗ ଭୋଜନରେ ବସିଗଲେ । "ବକ ରାକ୍ଷସ, ବକ ରାକ୍ଷସ, ଆସ, ଭାତ ଖାଇବ, ପିଠା ଖାଇବ," ବୋଲି ଡାକୁଥାଂନ୍ତି; ଏଣେ ଗେଫାକୁ ଗେଫା ମାରୁଥାଂନ୍ତି ।

କେତେବେଳ ଉତ୍ତାରୁ ଡାକ ଶୁଣି ବକ ଆସିଲା । ବକ ଦେଖିବାକୁ କଳା ମେଘପରି । ଦେହଯାକ ଲୁମ, କାନଠେଇଁ କାନ ଯାଏ ଖାଲି ଦୁଇ ଧାଡ଼ି ଦାଂତ । ସେ ରାଗି ଦଉଡ଼ିଲା । ଭୀମ ଭାତ ପିଠା ଖାଇବାର ଦେଖି ତା'ର କପାଳ ରାଗ ହୋଇଥିବ, ଜଣା ପଡ଼ୁଛି । ସେ ଦାଂତ କଡ଼ମଡ଼ କରି, ଭୀମକୁ ମାରି ଖାଇବାକୁ ଦଉଡ଼ ଆସିଲା ।

ଭୀମ ତା'ଆଡ଼କୁ ଗୁହିଁବେ କାହିଁ ? ଟିକିଏ ହସୁଥାଂନ୍ତି । ଦଶ କୋଡ଼ିଏଟା ମଂଡା ଏକାବେଳକେ ଧରି ପାଟିରେ ଭର୍ତ୍ତି କରୁଥାଂନ୍ତି । ରାକ୍ଷସ ଆସି ବେକ ଧଇଲା । ଭୀମ ବାଁ ହାତରେ ଧରି ତାକୁ ଦୂରକୁ ଛାଟିଦେଲେ । ରାକ୍ଷସ ଗୋଟାଏ ଗଛ ଉପାଡ଼ି ସେଥିରେ ଭୀମକୁ ପିଟିବି ବୋଲି ଦଉଡ଼ିଲା । ଭୀମର ଖିଆ ଆସି ସରିଥିଲା । ସବୁତକ ଭାତ ପିଠା ବେଗେ ବେଗେ ସାରି ଦେଇ ଉଠି ଠିଆ ହେଲେ; ରାକ୍ଷସ ଗଛରେ ପିଟିଦେଲାବେଳକୁ ହସି ହସି ଗଛଟି ହାତରେ ଧରି ଛୁଡ଼ା ହେଲେ । ସେଠାରୁ ସେ ଆଉ ଗୋଟାଏ ଗଛ ଉପାଡ଼ ଧାଇଁଲା । ଗୁହୁଁ ଗୁହୁଁ ଭାରି ପିଟାପିଟି, ମରାମରି, ଦୁମ୍‌ଦାମ୍ ଲାଗିଗଲା । ଖଂଡେ ଭୁଇଁ ପଦା ହୋଇଗଲା । ଦିନ ଯାଇ ସଂଧ୍ୟାବେଳ ଆସି ହୋଇଗଲା । ତେବେ ବି ଯୁଦ୍ଧ ଚାଲିଛି ।

କ୍ରମେ କ୍ରମେ ରାକ୍ଷସ ଜବତ ହୋଇ ଆସିଲା । ଭୀମ ତାହାର ଗୋଡ଼ ବେକ ଧରି ଆଣ୍ଠୁରେ ମୁଂଡ ବାଡ଼େଇ ତଳେ କରି ଦେଲେ । ପୁଣି ରାକ୍ଷସ ଉଠି ଠିଆ ହେବାରୁ ତାକୁ ତଳେ ପକାଇ ଦେଇ ଗୋଡ଼ରେ ମାଡ଼ି ବସି ବେକର ହାଡ଼ ଭାଂଗିଦେଲେ । ବକ କେଁ କରି ଗୋଟାଏ ବଡ଼ ପାଟି କଲା । ତା'ର ପ୍ରାଣ

ଉଡ଼ିଗଲା । ବକର ଚିତ୍କାର ଶୁଣି ଆଉ କେତେ ରାକ୍ଷସ ସେଠାକୁ ଆସିଥିଲେ । ଏକଥା ଦେଖି ସମସ୍ତେ ଡରି ପଳାଇଲେ । ସେହି ଦିନଠାରୁ ସେମାନେ ଆଉ ମଣିଷ ଖାଇଲେ ନାହିଁ ।

ଗାଁ ଲୋକେ ତହିଁ ଆରଦିନ ସକାଳୁ ଏକଥା ଶୁଣି ଯେପରି ଖୁସି ହୋଇଥିବେ, ପାଣ୍ଡବମାନଂକୁ ଯେପରି ଆଦର ଓ ଭକ୍ତି କରିଥିବେ, ତାହା ସମସ୍ତେ ବୁଝି ପାରୁଛ । ଘରେ ଘରେ ଘଂଟା ବାଜିଲା, ସମସ୍ତେ ଦେବତାଂକୁ ଡାକି ପାଂଡବଂକୁ ଆଶୀର୍ବାଦ କଲେ । ଗାଁରେ ଧୁମ୍‌ଧାମ୍ ଉତ୍ସବ ଲାଗିଗଲା ।

ପାଂଡବମାନେ ସେହି ବ୍ରାହ୍ମଣ ଘରେ ଥାଂନ୍ତି । ଦିନେ ଆଉଜଣେ ବ୍ରାହ୍ମଣ ଆସି ଅତିଥି ହେଲେ । ସେ ବ୍ରାହ୍ମଣଟି ଅନେକ ଦେଶ ବୁଲି ଅସିଥିଲେ । ପାଂଡବମାନଂକଠାରେ ସଂତୁଷ୍ଟ ହୋଇ, କେତେ ଦେଶର କେତେ ଆଶ୍ଚର୍ଯ୍ୟ କଥା କହିଲେ । ପାଂଡବମାନେ ସେହି ବ୍ରାହ୍ମଣଂକଠାରୁ ଶୁଣିଲେ ଯେ, ଅଳ୍ପ ଦିନରେ ପଂଚାଳ ରାଜା ଦ୍ରୁପଦଂକ ଜେମା କୃଷ୍ଣାର ସ୍ୱୟଂବର ହେବ ।

———

## ଦ୍ରୌପଦୀଂକ ଜନ୍ମ କଥା

ଦ୍ରୋଣଂକ ଗୁରୁଦକ୍ଷିଣା କଥା କହିଲାବେଳେ ଦ୍ରୁପଦ ରଜାଂକ କଥା ଟିକିଏ କୁହାଯାଇଛି । ଦ୍ରୁପଦଂକର ଆଉ ଗୋଟିଏ ନାମ ଯଜ୍ଞସେନ । ଦ୍ରୋଣଂକଠାରୁ ପରାସ୍ତ ହୋଇ ରାଜ୍ୟରୁ ଅଧେ ଦେଇ ମୁହଁରେ ଖୁସି ହୋଇଗଲେ ମଧ୍ୟ ମନେ ମନେ ଦ୍ରୋଣଂକୁ କିପରି ମାରିବେ ବୋଲି ସେ ସବୁବେଳେ ଭାବୁଥାଂନ୍ତି; କିଂନ୍ତୁ ଦ୍ରୋଣ ତ ଏବେ କମ୍ ଲୋକ ନୁହଂନ୍ତି । କୁରୁମାନଂକ ପାଖେ ରହି ପୁଣି ତାଂକ ପ୍ରତାପ ବଢ଼ି ଯାଇଛି । ତାଂକୁ ଆଉ ମାରିବା ତ ସଂଭବ ନୁହେଁ । ଦ୍ରୁପଦ ବହୁତ ଚିଂତା କରି କରି ଠିକ୍ କଲେ, କୌଣସି ଋଷିଂକ ଆଶ୍ରୟ ନେଲେ କାର୍ଯ୍ୟ ହୋଇପାରେ ।

ଖୋଜି ଖୋଜି ଦ୍ରୁପଦ ଜାହ୍ନବୀ ନଦୀକୂଳରେ ଗୋଟିଏ ଜଂଗଲରେ ଯାଇ ପହଂଚିଲେ । ସେଠାରେ ବହୁତ ଋଷି ତପସ୍ୟା କରୁଥାଂନ୍ତି । ସେମାନଂକ ମଧ୍ୟରେ ଯାଜ ଓ ଉପଯାଜ ବୋଲି ଦୁଇ ଜଣ ଋଷି ଯାଗ କାର୍ଯ୍ୟରେ ଭାରି ଜାଣିବାର ଥିଲେ । ଦ୍ରୁପଦ ବହୁ କଷ୍ଟରେ ସେମାନଂକୁ ରାଜଧାନୀକୁ ଆଣି ପୁଅ ପାଇବା ପାଇଁ ଗୋଟିଏ ପୁତ୍ରେଷ୍ଟି ଯାଗ କରାଇଲେ ।

ଯାଜ, ଉପଯାଜ କହିଲେ, "ମହାରାଜ, ଏହି ଯାଗରେ ତୁମର ମନ ମୁତାବକ ପୁଅ ହବ, ଆଉ ଗୋଟିଏ କନ୍ୟା ହବ ।"

ବହୁ ଦିନ ଧରି ଯାଗ ଚାଲିଲା । ଅଗ୍ନିକୁଂଡରେ ଘିଅର ଆହୁତି ଢଳା ହେଲା । ଯଜ୍ଞରେ ଶେଷ ଆହୁତି ଦେଲାବେଳକୁ ଏକ ବୀରପୁରୁଷ ଧନୁ ବାଣ ଧରି ସାଜୁ ପିନ୍ଧି ଅଗ୍ନିରୁ ବାହାରିଲେ । ତାଂକର ନାମ ହେଲା ଧୃଷ୍ଟଦ୍ୟୁମ୍ନ । ସେ ବାହାରିଲାବେଳେ ଆକାଶରୁ ଶବ୍ଦ ହେଲା, 'ଦ୍ରୁପଦଂକର ଏହି ପୁଅ ଦ୍ରୋଣଂକୁ ମାରିବେ ।'

ଯଜ୍ଞକୁଂଡରେ ପୁଣି ଆହୁତି ପଡ଼ିଲା । ରୁହୁଁ ରୁହୁଁ ଶାଢ଼ୀ, ଅଲଂକାର ପିନ୍ଧି ଗୋଟିଏ ଝିଅ ପୁଣି ନିଆଁରୁ ଉଠି ଅସିଲା । ଝିଅଟି ଦେଖିବାକୁ କଳା ହେଲେ କ'ଣ ହବ, ଭାରି ସୁଂଦରୀ । ତା' ଦେହଯାକ ମହକ ଉଠୁଛି । ସେ ଉଠିଲାବେଳେ ଦେବତାମାନେ ଆକାଶରୁ ପୁଷ୍ପବୃଷ୍ଟି କଲେ । ଆକାଶରୁ ଶବ୍ଦ ଶୁଭିଲା— 'ଦ୍ରୁପଦଂକର ଏହି କନ୍ୟା କୌରବମାନଂକର ଉଚ୍ଛନ୍ନ କାରଣ ହେବ ।'

କଳା ହୋଇଥିବାରୁ ଝିଅଟିର ନାମ ହେଲା କୃଷ୍ଣା । ଯଜ୍ଞସେନଂକ ଝିଅ ବୋଲି ତାଂକୁ ଲୋକେ ଯାଜ୍ଞସେନୀ

ବୋଲି କହନ୍ତି । ମାତ୍ର ଦ୍ରୁପଦଙ୍କର ଝିଅ; ତେଣୁ ତାଙ୍କୁ ଦ୍ରୌପଦୀ ବୋଲି ସମସ୍ତେ ଜାଣିଲେ । ପଞ୍ଚାଳ ଦେଶ ରଜାଙ୍କ ଝିଅ ବୋଲି ତାଙ୍କୁ କେହି କେହି ପାଞ୍ଚାଳୀ ମଧ୍ୟ କହନ୍ତି ।

ସେହି ଦ୍ରୌପଦୀଙ୍କର ସ୍ୱୟମ୍ବର ହେବା କଥା ଶୁଣି ପାଣ୍ଡବମାନେ ଯିବାପାଇଁ ମନ କଲେ ।

———

## ପାଣ୍ଡବମାନେ ପଞ୍ଚାଳ ଗଲେ
## ଚିତ୍ରରଥ ଓ ଧୌମ୍ୟ

ଠିକ୍ ବେଳକୁ କଥା ମୁତାବକ ବ୍ୟାସ ଆସି ଏକଚକ୍ରାରେ ପହଞ୍ଚିଲେ । ସେ ମଧ୍ୟ ପାଣ୍ଡବମାନଙ୍କୁ ଦ୍ରୌପଦୀ ସ୍ୱୟମ୍ବରକୁ ଯିବା ପାଇଁ କହିଲେ । ପାଣ୍ଡବମାନେ ବ୍ରାହ୍ମଣ ବ୍ରାହ୍ମଣୀଙ୍କଠାରୁ ବିଦାୟ ନେଇ ପଞ୍ଚାଳ ଯିବାକୁ ବାହାରିଲେ ।

ବାଟରେ ଗଙ୍ଗାକୂଳେ ସୋମାଶ୍ରୟାୟଣ ବୋଲି ଗୋଟିଏ ତୀର୍ଥ ଅଛି । ସେହିଠାରେ ପାଣ୍ଡବମାନଙ୍କର ରାତି ହେଲା । ସେଠାରୁ ଅର୍ଜୁନ ମଶାଲ ଧରି ବାଟ ଦେଖାଇଲେ । ନିକଟରେ ଅଙ୍ଗାରପର୍ଣ୍ଣ ବା ଚିତ୍ରରଥ ବୋଲି ଜଣେ ଗନ୍ଧର୍ବ ଆପଣାର ସମସ୍ତ କୁଟୁମ୍ବ ନେଇ ଗଙ୍ଗାରେ ସ୍ନାନ କରୁଥିଲେ । ସେ ପାଣ୍ଡବମାନଙ୍କୁ ଆସିବାର ଦେଖି ଦୂରରୁ ଜବର୍ କରି କହିଲେ, "ମନୁଷ୍ୟ କେହି ଏଣିକି ଆସ ନାହିଁ । ଜାଣ, ମୁଁ କୁବେରଙ୍କ ବନ୍ଧୁ ଅଙ୍ଗାରପର୍ଣ୍ଣ । ଏଠାକୁ କେହି ଆସିଲେ ରକ୍ଷା ନାହିଁ ।"

ଅର୍ଜୁନ ଏ କଥା ଶୁଣି କହିଲେ, "ଗଙ୍ଗାକୂଳଟା ତୁମ କୁବେରଙ୍କର କିଣା ଖରିଦା ନୁହେଁ କି ତୁମ ବାପ ସମ୍ପତ୍ତି ନୁହେଁ । ଯେ କୌଣସି ଲୋକ ଏ ବାଟେ ଯାଇପାରେ । ତୁମେ ବିଶୁରିତ, ତୁମର ଖାଲି ବଳ ଅଛି, ଆଉ କେହି ବନ୍ଧୁଆ ନାହାନ୍ତି ।"

ଗନ୍ଧର୍ବର ଏ କଥା ଶୁଣି ଭାରି ରାଗ ହେଲା । ସାଙ୍ଗେ ସାଙ୍ଗେ ସେ ଶର ମାରିଲା । ଅର୍ଜୁନ କିଛି କମ୍ ନୁହନ୍ତି । ମଶାଲ ଗୁଡ଼ିକ ସେ ମଧ୍ୟ ଧନୁ ଧରି ଅଗ୍ନେୟାସ୍ତ୍ର (ଅଗ୍ନିବାଣ) ମାରିଲେ । ଦେଖୁଁ ଦେଖୁଁ ଗନ୍ଧର୍ବର ରଥ, ଘୋଡ଼ା, ସବୁ ଦୁର୍ ଦୁର୍ ହୋଇ ଜଳିଲା । ଗନ୍ଧର୍ବ ଅଜ୍ଞାନ ହୋଇ ପଡ଼ିଲା । ଅର୍ଜୁନ ତାକୁ ଧରି ଟାଣି ଟାଣି ଯୁଧିଷ୍ଠିରଙ୍କ ଆଗକୁ ଆଣିଲେ । ଏହି ଗନ୍ଧର୍ବର ଭାର୍ଯ୍ୟା କୁମ୍ଭୀନସୀ ଅର୍ଜୁନଙ୍କ ସାଙ୍ଗେ ସାଙ୍ଗେ ଆସି ଯୁଧିଷ୍ଠିରଙ୍କୁ ବହୁତ ମିନତି କଲେ । ଯୁଧିଷ୍ଠିର ତ ଧାର୍ମିକ ମହାପୁରୁଷ, ଚିତ୍ରରଥଙ୍କୁ ଛାଡ଼ି ଦେବା ପାଇଁ ସେ ଅର୍ଜୁନଙ୍କୁ କହିଲେ ।

ଚିତ୍ରରଥ କ୍ଷମା ପାଇ ଅର୍ଜୁନଙ୍କୁ କୁଣ୍ଢାଇ ପକାଇଲେ । ଦୁହେଁ ଦୁହିଁଙ୍କ ଭାରି ସାଙ୍ଗ ହୋଇଗଲେ । ଅର୍ଜୁନଙ୍କୁ ସେ ଚାକ୍ଷୁଷୀ ବିଦ୍ୟା ବୋଲି ଗୋଟିଏ ବିଦ୍ୟା ଶିଖାଇ ଦେଲେ । ସେ ବିଦ୍ୟା ଫଳରେ, ଯେଉଁଠାର ଜିନିଷ ଦେଖିବାକୁ ଇଚ୍ଛା କରିବ, ସେଠାର ଜିନିଷ ମନ ହେଲାମାତ୍ରେ ଦେଖି ପାରିବ । ତା' ଛଡ଼ା ପାଣ୍ଡବମାନଙ୍କୁ ଚିତ୍ରରଥ ଶହେଟି ଘୋଡ଼ା ଦେଲେ । ସେ ଘୋଡ଼ା ଏପରି ଯେ, ଯେତେ କାମ କଲେ ଥକିବେ ନାହିଁ କି କେବେ ବୁଢ଼ା ହେବେ ନାହିଁ ।

ଅର୍ଜୁନ ମଧ୍ୟ ଗନ୍ଧର୍ବଙ୍କୁ ବ୍ରହ୍ମାସ୍ତ୍ର ଦେଲେ; କିନ୍ତୁ ଘୋଡ଼ାଗୁଡ଼ିକ ପାଣ୍ଡବମାନେ ନେବେ କୁଆଡ଼େ ? ଦରକାର ହେଲାବେଳେ ନେବେ ବୋଲି ଘୋଡ଼ାଗୁଡ଼ିକ ସେହି ଗନ୍ଧର୍ବଙ୍କ ପାଖେ ରଖାଇ ଦେଲେ ।

ଚିତ୍ରରଥ ବଡ଼ ପଣ୍ଡିତ ଲୋକ । ପାଣ୍ଡବମାନେ ତାଙ୍କଠାରୁ ବହୁତ ନୂଆ କଥା ଶିଖିଲେ । ପାଣ୍ଡବମାନଙ୍କର ଗୋଟିଏ ଭଲ ପୁରୋହିତ ଦରକାର ଥିଲା ।

ଚିତ୍ରରଥଙ୍କୁ ପଚାରିବାରେ ଚିତ୍ରରଥ ଉତ୍କୋଚକ ତୀର୍ଥକୁ ଯାଇ ଧୌମ୍ୟଙ୍କୁ ପୁରୋହିତ କରି ଆଣିବାକୁ କହିଲେ । ପାଣ୍ଡବମାନେ ସେଠାରୁ ଉତ୍କୋଚକ ତୀର୍ଥକୁ ଯାଇ ବହୁତ ଆଦରରେ ଧୌମ୍ୟଙ୍କୁ ପୁରୋହିତ କରି ଆଣିଲେ । ଧୌମ୍ୟଙ୍କ ପରି ପୁରୋହିତ ଥିବାରୁ ପରେ ପାଣ୍ଡବମାନଙ୍କର ବହୁତ ଉପକାର ହୋଇଥିଲା । ଏବେ ଧୌମ୍ୟଙ୍କୁ ନେଇ ପାଣ୍ଡବମାନେ ହେଲେ ସାତ ଜଣ ।

ସାତ ଜଣଯାକ ସ୍ୱୟଂବର ଦେଖିବାକୁ ଗଲେ । ବାଟରେ କେତେ ଆଉ କେତେ ବ୍ରାହ୍ମଣ ସ୍ୱୟଂବରରେ ଗାଉଣା, ବାଜଣା, ତାମସା ଦେଖି ଭୋଜି ଖାଇବାକୁ ଯାଉଥିଲେ । ସେମାନେ ପାଣ୍ଡବମାନଙ୍କୁ ବ୍ରାହ୍ମଣ ବୋଲି, ତାଙ୍କ ସଙ୍ଗେ ଆସି ମିଶିଲେ । ଯୁଧିଷ୍ଠିର ସେମାନଙ୍କୁ ବଡ଼ ଆଦର କଲେ । କେତେଦିନ ପରେ ସମସ୍ତେ ପାଞ୍ଚାଳ ଦେଶରେ ଯାଇ ପହଞ୍ଚିଲେ ।

## ଅର୍ଜୁନ ଲକ୍ଷ୍ୟଭେଦ କଲେ ଓ ପାଣ୍ଡବମାନେ ଦ୍ରୌପଦୀଙ୍କୁ ପାଇଲେ

ପାଣ୍ଡବମାନେ ପାଞ୍ଚାଳ ଦେଶରେ ଯାଇ ଗୋଟିଏ କୁମ୍ଭାର ଘରେ ବସା କଲେ । ଏଣେ ଦ୍ରୁପଦଙ୍କର ଇଚ୍ଛା, ଅର୍ଜୁନଙ୍କ ପରି ବୀର ଦ୍ରୌପଦୀଙ୍କୁ କିପରି ବାହା ହେବେ ? ସେଥିପାଇଁ ସ୍ୱୟଂବରରେ ଗୋଟିଏ କୌଶଳ ପାଞ୍ଚିଲେ ।

ଦ୍ରୁପଦ ଗୋଟିଏ ବଡ଼ ଧନୁ ଆଣି ରଖାଇଲେ । ସେ ଧନୁ ବଙ୍କା କରିବା ସମସ୍ତଙ୍କ ହାତର କାମ ନୁହେଁ । ଖୁବ୍ ବୀର ହେଲେ, ତାକୁ ବଙ୍କା କରି ସେଥିରେ ଗୁଣ ଚଢ଼ାଇବ । ସେତିକି ନୁହେଁ, ଉପରେ କଳ ପରି ଗୋଟାଏ ଚକ ଘୂରୁଛି । ଚକ ଉପରକୁ ଗୋଟାଏ ରୁପାର ମାଛ । ତଳେ ଗୋଟିଏ ପାଣିକୁଣ୍ଡ ଥୁଆ ହୋଇଛି । ପାଣି କୁଣ୍ଡରେ ଚକ ଓ ମାଛର ଛାଇ ପଡ଼ୁଛି । ସେଇ ଧନୁରେ ଗୁଣ ଚଢ଼ାଇ, ତଳେ କୁଣ୍ଡକୁ ଚାହିଁ, ଉପରେ ଘୂରୁଥିବା ଚକ ଭିତର ବାଟେ ଯେ ମାଛର ଆଖିକି ବିନ୍ଧି ପାରିବ, ସେ ଦ୍ରୌପଦୀଙ୍କ ବର ହେବ ।

ଏ ବଡ଼ ସହଜ କଥା ନୁହେଁ । ଯାହାହେଉ, ଦ୍ରୌପଦୀଙ୍କର ସ୍ୱୟଂବର କଥା ଶୁଣି ପୃଥିବୀର ସବୁ ଆଡ଼ୁ ରଜା, ମହାରଜାମାନେ ଆସିଛନ୍ତି । ବ୍ରାହ୍ମଣ ଭିକାରୀ ଯେ କେତେ ଆସିଛନ୍ତି, ତାଁ କିଏ ଗଣିବ ? ଷୋଳ ଦିନ ଆଗରୁ ଦିନ ରାତି ବାଇଦ ବାଜୁଛି । ସହରରେ ପୂର୍ଣ୍ଣକୁମ୍ଭ ବସିଛି, ପତାକା ଉଡ଼ୁଛି । ସହରରେ ଉତ୍ସବ ଲାଗିଛି; ଭୋଜି ହେଉଛି । ଯେତେ ରଜା ଆସୁଛନ୍ତି, ଦ୍ରୁପଦ ସମସ୍ତଙ୍କୁ ଆଦରରେ ରଖାଉଛନ୍ତି ।

ଶେଷରେ ସ୍ୱୟଂବର ଦିନ ହେଲା । ସଭା ବସିଲା । ମଝିରେ ଖାଲି ଲକ୍ଷ୍ୟ ବିନ୍ଧିବା ପାଇଁ ଗୋଟିଏ ଥାନ । ଚାରିପଟେ ସମୁଦ୍ର ପରି ମୁଣ୍ଡମାଳ । ଲକ୍ଷ ଲକ୍ଷ ଲୋକ ଜମା ହୋଇଛନ୍ତି । ରଜାମାନେ ଗୋଟିଏ ପାଖେ ଆସନମାନଙ୍କରେ ବସିଛନ୍ତି । ବେଳ ହେବାରୁ ଜଣକୁ ଜଣ ଶର ବିନ୍ଧିବାକୁ ଆସିଲେ ।

ଧନୁରେ ଗୁଣ ଦେଉଁ ଦେଉଁ କିଏ ଆଣ୍ଠୁ ମାଡ଼ି ପଡ଼ିଲା । କାହାର ନାକ ଫାଟିଗଲା । କେହି କେହି ଧନୁ ନୁଆଇଁ ନୁଆଇଁ ଏକାବେଳେକେ ଚିତ୍‌ପଟାଙ୍ଗ ! ଚେଦିରଜା ଶିଶୁପାଳ ଆଣ୍ଠୁ ମାଡ଼ି ହେଲେ । ମଗଧର ଜରାସନ୍ଧ ଏକାବେଳକେ ଚିତ୍‌ପଟାଙ୍ଗ । ମଦ୍ରର ଶଲ୍ୟଙ୍କ ଦଶା କହିଲେ ନ ସରେ । ଶେଷକୁ କର୍ଣ୍ଣ ଆସି ଧନୁ ଧରିଲେ । ପାଣ୍ଡବମାନେ ଭାବିଲେ, କର୍ଣ୍ଣ ବୋଧହୁଏ ଲକ୍ଷ୍ୟ ବିନ୍ଧିବେ—ଆଉ ଆଶା ନାହିଁ ।

ସେତିକି ବେଳକୁ ଦ୍ରୌପଦୀ କହି ଉଠିଲେ, "ମୁଁ ସାରଥିର ପୁଅକୁ ବରି ହେବି ନାହିଁ ।" କର୍ଣ୍ଣଙ୍କର ଆଉ ଶୁଣିବା କ'ଣ ? ମୁହଁ ପୋଡି ଚାଲି ଆସିଥିଲେ ।

ଏଣେ କୃଷ୍ଣ, ବଳରାମ ସଭାରେ ବସିଲେ । କୃଷ୍ଣ ବ୍ରାହ୍ମଣମାନଙ୍କ ଭିତରେ ପାଂଡବମାନଙ୍କୁ ଚିହ୍ନି ସାରିଲେଣି । ବଳରାମଙ୍କୁ ସେ ଚୁପ୍ କରି ଦେଖାଇ ଦେଲେ । ସେ ଦୁହିଁଙ୍କ ଛଡ଼ା ପାଂଡବମାନଙ୍କୁ ଆଉ କେହି ଜାଣିଲେ ନାହିଁ ।

ରାଜାମାନେ କେହି ନ ପାରିବାର ଦେଖି ଶେଷକୁ ବ୍ରାହ୍ମଣ ଦଳ ଭିତରୁ ଅର୍ଜୁନ ଉଠି ଧନୁ ଆଡ଼କୁ ଆସିଲେ । ବ୍ରାହ୍ମଣମାନେ କୋଳାହଳ କଲେ । କିଏ କହିଲା, "ଏ କାହିଁକି ଯାଉଛି, ବଡ଼ ବଡ଼ ରଜାମାନେ ପାରୁ ନାହାଂନ୍ତି, ବ୍ରାହ୍ମଣଙ୍କ ଦାନା ବୁଡ଼େଇବ !" ଆଉ କିଏ କହିଲା, "ଯାଉ, ଯାଉ, କ'ଣ ଜାଣିଥିବ ବୋଲି ଯାଉଛି ନା ? ବ୍ରାହ୍ମଣ ସବୁ ବିଦ୍ୟା ଜାଣଂନ୍ତି । ଏ ବୋଧହୁଏ ଜଣେ ମହାପୁରୁଷ । ଦେଖୁ ନାହିଁ, ତାଂକ ହାତ କପରି, ଦେହର ତେଜ କପରି ? ଗୁଣ୍ଡ କେଡେ ଓସାର । ସେ ଖୁବ୍ ପାରିବେ, ଯାଆଂନ୍ତୁ ତୁମେ କେହି କିଛି କହ ନାହିଁ ।"

ଅର୍ଜୁନ ଯାଇ ଧନୁପାଖେ ଇଷ୍ଟଦେବଙ୍କୁ ସ୍ମରଣ କରି ମୁଂଡଆ ମାରି ଧନୁରେ ଧୀରେ ଗୁଣ ଦେଇ, ଯାଣିକି ବୁଲି, ଶରଟି ଛାଡ଼ି ଦେଲେ । ଶରଟି ଚକ ଭିତରେ ଯାଇ ଠିକ୍ ମାଛ ଆଖିରେ ଫୁଟିଗଲା । ଚାରିଆଡ଼େ ହୋ ହୋ ଶବ୍ଦ ଉଠିଲା । ବ୍ରାହ୍ମଣମାନେ କୁଶାସନ, ଚାଦର ମୁଂଡ ଉପରେ ବୁଲାଇଲେ । ଜୟ ଜୟ ଶବ୍ଦ କଲେ । ଦେବତାମାନେ ପୁଷ୍ପବୃଷ୍ଟି କଲେ । ବାଇବଜାଳିଆମାନେ ଏକାବେଳକେ ଢୋଲ, ଢୋଲ, କାହାଳୀ ବଜାଇ ଉଠିଲେ ।

କୃଷ୍ଣା ଏ ସବୁ ଗୋଳମାଳ ଭିତରେ ଅଳ୍ପ ହସି ହସି ମୁଂଡଟି ପୋତି ଧୀରେ ଧୀରେ ଆସି ଅର୍ଜୁନଂକ ବେକରେ ବରଣମାଳାଟି ଲଂବାଇ ଦେଇ ଛିଡ଼ା ହେଲେ । ରାଜାମାନଂକର କି ଏ କଥା ସହି ସହେ ! ଗରିବ ଭିକାରି ବ୍ରାହ୍ମଣଟାଏ, ତାଂକ ଆଗରୁ ଦ୍ରୌପଦୀଂକ ଛଡ଼ାଇ ନେବ—ଏ କି ସହି ସହିବା କଥା ! ରାଗରେ ସେମାନେ ଜଳିଗଲେ । କହିଲେ, ଆସ ଏ ବ୍ରାହ୍ମଣକୁ ମାରି, କୃଷ୍ଣାକୁ ନିଆଁରେ ପକାଇ ପୋଡ଼ିଦେବା । ଦେଖୁଁ ଦେଖୁଁ ଯୁଦ୍ଧ ଆରଂଭ ହୋଇଗଲା । ବ୍ରାହ୍ମଣମାନେ ତାଳପତ୍ର ଛତାରୁ ବେଂଟ ଖଂଡମାନ ଉପାଡ଼ି ଧରି ଅର୍ଜୁନଂକୁ ସାହାଯ୍ୟ କରିବାକୁ ଧାଇଁଲେ । କହିଲେ, "ରହ, ରହ, ରଜା ବୋଲି କ'ଣ ମଣିଷ ମାନିବ ନାହିଁ । ଆମେ ସମସ୍ତଂକୁ ସାଧ କରି ଦଉଚୁ ।" ଭାରି ଗୋଟାଏ ଗୋଳମାଳ ଆରଂଭ ହୋଇଗଲା ।

ଅର୍ଜୁନ ଧନୁଶର ଧରି ଅଳ୍ପ ହସି ହସି ଯୁଦ୍ଧ କରିବାକୁ ଠିଆ ହୋଇଗଲେ । ବଡ଼ ବଡ଼ ରଜାମାନେ ଥରେ ଦି'ଥର ଶର ଖାଇ କ'ଣ ବୁଝିଲେ ତା' ସେମାନେ ଜାଣଂନ୍ତି; ଆଉ ଆଗକୁ ଆସିଲେ ନାହିଁ । ଶେଷକୁ ବାହାରିଲେ କର୍ଣ୍ଣ । ସେ ମଧ୍ୟ ଅର୍ଜୁନଂକ ଯୁଦ୍ଧ କୌଶଳ ଦେଖି ଚମକି ପଡ଼ିଲେ । ସେ କହିଲେ— "କି ହୋ, ତୁମେ କ'ଣ ବ୍ରାହ୍ମଣ ନା ଦେବତା ? ଅର୍ଜୁନ ଆଉ ଇଂଦ୍ରଂକ ଛଡ଼ା ଏପରି ଯୁଦ୍ଧ ଆଉ କିଏ କରିପାରେ ବୋଲି ମୋର ମନେ ହେଉ ନାହିଁ । ତୁମେ କ'ଣ ତେବେ ପରଶୁରାମ ?"

ଅର୍ଜୁନ କହିଲେ—"ମୁଁ ପରଶୁରାମ ନୁହେ କି ଦେବତା ନୁହେ । ସାମାନ୍ୟ ବ୍ରାହ୍ମଣ, ଗୁରୁଂକଠାରୁ ଧନୁର୍ବିଦ୍ୟା ଶିଖିଛି ।"

ଏହିପରି ଯୁଦ୍ଧ ଗୋଳମାଳ ବେଳେ ରଜାମାନଂଙ୍କ ମଧ୍ୟରୁ ବଡ଼ ବଡ଼ ରଜାମାନେ କହିଲେ, 'ଅଛା ଆଚ୍ଛା' ଛାଡ଼ । ବ୍ରାହ୍ମଣ ସାଂଗେ କଜିଆ କରିବା କ୍ଷତ୍ରିୟର ଧର୍ମ ନୁହେଁ । ଏହିପରି ଦି'ଚାରି କଥାକହି ମାନେ ମାନେ

ରଜାମାନେ ଖସିଗଲେ । କୃଷ୍ଣ ମଧ୍ୟ ବେଲ ଅନ୍ୟ ରଜାମାନଂକୁ ସେଇ କଥା ବୁଝାଇ ଦେଲେ ।

ଅର୍ଜୁନ ଓ ପାଂଡବମାନେ ଯେଉଁ କୁଂଭାର ଘରେ ବସା କରିଥିଲେ, ସେହି କୁଂଭାର ଘର ଆଡ଼କୁ ଚାଲିଲେ । ଅର୍ଜୁନଂକ ପଛେ ପଛେ ଦ୍ରୌପଦୀ ମଧ୍ୟ ଅତି ଆନଂଦରେ ଚାଲିଲେ ।

କୁଂତୀ ପୁଅମାନଂକର ବିଳଂବ ଦେଖି ମନ ଦୁଃଖରେ ବସିଥିଲେ । ପାଂଡବମାନେ ଦ୍ରୌପଦୀଂକ ଘେନି କୁଂଭାର ଘର ପାଖେ ପହଂଚିବା ମାତ୍ରେ ଭୀମ, ଅର୍ଜୁନ ଆଗରୁ ଦଉଡ଼ି ଯାଇ ଖୁସିରେ କହି ପକାଇଲେ —"ମା ଆଜି ଭିକ୍ଷା କରିବାକୁ ଯାଇ ବଡ଼ ଭଲ ଜିନିଷଟିଏ ଆଣିଛୁ ।"

କୁଂତୀ କେଣି କିଛି ନ ଜାଣି ସଂଗେ ସଂଗେ କହି ପକାଇଲେ, "ହଉ ବାପା, ଯାହା ଆଣିଛ, ସବୁ ଭାଇଯାକ ବାଂଟିକରି ନିଅ; ଜାଣିଥାଅ, ଜଣେ ଯାହା ଆଣିବ, ତାହା ସମସ୍ତଂକର ।"

ଆରେ ସର୍ବନାଶ ! ଏବେ ଉପାୟ କ'ଣ ? ତାଂକ କଥା ଯେବେ ସତ ହବ, ତେବେ ତ ଦ୍ରୌପଦୀଂକ ସମସ୍ତେ ବିଭା ହେଲେ ଯାଇ ଚଳିବ । ବହୁତ ବିଚାର କରି ଶେଷରେ ପାଂଡବମାନେ ଠିକ୍ କଲେ—ଯାହା ହେବାର ହଉ, ମା ଯେତେବେଳେ କହି ସାରିଲେଣି, ସେତେବେଳେ ଆଉ ଚାରା ନାଇ । ସମସ୍ତେ ମିଶି ଦ୍ରୌପଦୀଂକ ବିବାହ କରିବେ । ସମସ୍ତେ ଦ୍ରୌପଦୀଂକର ବର ହେବେ ।

ଏହିପରି କଥାବାର୍ତ୍ତା ହେଉ ହେଉ କୃଷ୍ଣ, ବଲରାମ ଆସି ହଠାତ୍ ସେଠାରେ ପହଂଚିଲେ । କୁଂତୀ ତ ସେମାନଂକର ପିଇସୀ, ପାଂଡବମାନେ ପିଇସୀପୁଅ ଭାଇ । ସେମାନେ ଆସି କୁଂତୀଂକ ପ୍ରଣାମ କଲେ । ଭାଇମାନେ କୁଂଡିଆ କୁଂଡି ହୋଇ ଭାରି ଖୁସି ହେଲେ । ସମସ୍ତେ ବସିଲାରୁ ଯୁଧିଷ୍ଠିର ପଚାରିଲେ, "ଆମେମାନେ ତ ଜତୁଘରେ ପୋଡ଼ିମରିଛୁ ବୋଲି ସମସ୍ତେ ଜାଣଂତି; ଲୁଚି କରି ଆସି ଏଠାରେ ଅଛୁଁ—ତୁମେମାନେ ଜାଣିଲ କିପରି ?"

କୃଷ୍ଣ କହିଲେ, "ଆଃ ଲୁଗାରେ ଘୋଡ଼ାଇଲେ କି ନିଆଁ ଲୁଚି ରହେ ? ଆଜି ଯୁ କାଂଡ କାରଖାନା ହୋଇଗଲା, ସେଥିରେ ତୁମେ ଆଉ ଛପି ରହଂତ କିମିତି ? ଯାହାହଉ, ବଡ଼ ଭାଗ୍ୟ ଯେ, ତୁମେ ଜଉଘରୁ ଖସି ଆସିଛ ।"

ତା'ପରେ କେତେକ-ଖୁସିଗପ କରି, କୃଷ୍ଣ ବଲରାମ ବିଦାୟ ଘେନ ଚାଲିଗଲେ ।

---

## ଦ୍ରୌପଦୀଂକ ବିବାହ

ଦ୍ରୌପଦୀ ତ ପାଂଡବମାନଂକ ପଛେ ପଛେ ଚାଲିଲେ; କିଂତୁ ଦ୍ରୁପଦଂକ ମନ ବୁଝିବ କେତେବେଳେ ? ଯେତେ ମହାପୁରୁଷ ହେଲେ ମଧ୍ୟ, ଅର୍ଜୁନ ତ ଦେଖିବାକୁ ଭିକାରୀ ବ୍ରାହ୍ମଣ । ଦ୍ରୁପଦ ସେଥିପାଇଁ ଧୃଷ୍ଟଦ୍ୟୁମ୍ନଂକୁ ପାଂଡବମାନଂକ ପଛେ ପଛେ ଲୁଚାଇ କରି ପଠାଇଲେ । ଧୃଷ୍ଟଦ୍ୟୁମ୍ନ ଆସିବାର ପାଂଡବମାନେ ଜାଣଂତି ନାଇ । ପାଂଡବମାନେ ଭିଖ ମାଗି ଫେରିଲାବେଳେ ଧୃଷ୍ଟଦ୍ୟୁମ୍ନ ଲୁଚି ଲୁଚି ତାଂକ ପିଛା ଧଇଲେ ।

ଧୃଷ୍ଟଦ୍ୟୁମ୍ନ ଦେଖିଲେ, ପାଂଡବମାନେ ସହର ବାହାରେ ଆସି ଗୋଟିଏ କୁଂଭାର ଘରେ ପଶିଲେ । କି ଆଶ୍ଚର୍ଯ୍ୟ ! ଏମାନେ କୁଂଭାର ଘରକୁ ଯିବେ କିଆଁ ? ଏମାନେ ବୋଧହୁଏ ପାଂଚୋଟି ଭାଇ । ସମସ୍ତେ ବୁଢ଼ୀଟିକି ପ୍ରଣାମ କଲେ । ବୁଢ଼ୀଟି ବୋଧହୁଏ ତାଂକର ମାଆ । ଯାହା ଭିଖ ମାଗି ଆଣିଥିଲେ ସମସ୍ତେ ଏକାଠି

କଲେ । ଆହା, ଏମାନେ କି ଧାର୍ମିକ ! ସେହି ଭିଖରୁ ମଧ୍ୟ ଅତିଥିକି ଭିକ୍ଷା ଦେଉଛନ୍ତି ! ପୁଣି କି ଆଶ୍ଚର୍ଯ୍ୟ ! ସବୁଠିକ ସମାନ ବିଭାଗ ହେଲା । ଭାଗକ ଜଣେ ଏକାକେ ଖାଇଲା । ସତେ ତ, ତା ନ ହେଲେ ଏତେ ଷଣ୍ଢାମାର୍କା ମଣିଷ ହୁଏ ! କେତେ ମଣିଷ ବାପ୍ ରେ ! ବାକି ଭାଗକ ବାକି ଛ'ଜଣ ଖାଇଲେ ।

ଦ୍ରୌପଦୀଙ୍କ ମାଙ୍କ ପାଖେ ରଖି ସେମାନେ ନିଶ୍ଚିନ୍ତ ହୋଇ ଭିଖ ମାଗିବାକୁ ବାହାରି ଯାଇଥିଲେ । ଆହା ! ଭିଖାରୀଙ୍କର ରହିବା, ଖାଇବା ତ ବଡ଼ ସହଜ । ଯାହା ଆଣିବେ, ତା' ଖାଇବେ । ସମସ୍ତଙ୍କଠାରେ ସମସ୍ତଙ୍କର ବିଶ୍ୱାସ ।

ଏଇ ତ ସାନ ଭାଇ ବିଓଟି ତଳେ କୁଶ ପକାଇଲେ । ବେଶ୍ ପରିଷ୍କାର ଶେଯ ହେଲା । ତା' ଉପରେ ହରିଣ ଛାଲ କେଡ଼େ ସୁନ୍ଦର । ପାଞ୍ଚ ଭାଇ-ଯାକ ଦକ୍ଷିଣକୁ ମୁଣ୍ଡ କରି ଶୋଇଲେ । ମୁଣ୍ଡ ଉପରେ ପୂର୍ବକୁ ମୁଣ୍ଡ କରି ମା' ଶୋଇଲେ । ଗୋଡ଼ତଳେ ଦ୍ରୌପଦୀ । ଆହା ! ଗୋଡ଼ତଳେ ଶୋଇ ମଧ୍ୟ କି ଆନନ୍ଦ !

ଶୋଇକରି ସମସ୍ତଙ୍କର ଏ କି କଥାବାର୍ତ୍ତା ! ଖାଲି ଯୁଦ୍ଧର କଥା—ଅସ୍ତ୍ରଶସ୍ତ୍ରର କଥା । ଧୃଷ୍ଟଦ୍ୟୁମ୍ନ ବିଚାରିଲେ, ଏମାନେ ନିଶ୍ଚୟ କ୍ଷତ୍ରିୟ ଓ ବଡ଼ ଲୋକ । ବାପାଙ୍କୁ କହିବା ପାଇଁ ଘରକୁ ଚାଲି ଆସିଲେ ।

ବାପା ଘରେ ବଡ଼ ବ୍ୟସ୍ତରେ ଥିଲେ । ଧୃଷ୍ଟଦ୍ୟୁମ୍ନଙ୍କୁ ଦୂରରୁ ଦେଖି ପଚାରିଲେ, "ବାପା ଧୃଷ୍ଟଦ୍ୟୁମ୍ନ, ଦ୍ରୌପଦୀ ଆମର ଗ୍ରେଷ୍ଠ ଲୋକ ହାତେ ପଡ଼ି ନାଇ ତ ? ସେ ଲୋକଟି ଅର୍ଜୁନ କି ? କ'ଣ ବୁଝିଲୁ ?"

ଧୃଷ୍ଟଦ୍ୟୁମ୍ନ କହିଲେ, "କିଛି ଚିନ୍ତା ନାହିଁ; ସେମାନେ ବ୍ରାହ୍ମଣ ନୁହନ୍ତି, ନିଶ୍ଚୟ କ୍ଷତ୍ରିୟ । ଶୁଣା ଯାଉଥିଲା, ପାଣ୍ଡବମାନେ ଜଉଘରୁ ଖସିଯାଇଥିଲେ । ଏଇମାନେ ବୋଧହୁଏ ପାଣ୍ଡବ ହେବେ ।"

ରାଜାଙ୍କ ମନ ଭାରି ଖୁସି ହେଲା, ସକାଳୁ ସେହି କୁମ୍ଭାର ଘରକୁ ପୁରୋହିତଙ୍କୁ ପଠାଇ ଦେଲେ । ପଛେ ପଛେ ଅତି ସୁନ୍ଦର ରଥ ସୁନାରେ ସଜାଇ ପଠାଇ ଦେଲେ । ପାଣ୍ଡବମାନେ ଆସି ରାଜାଙ୍କ ଘରେ ପହଞ୍ଚିଲେ । ରଜା ବହୁତ ଆଦର କଲେ । ଅନେକ ଧନରତ୍ନ ଅଳଙ୍କାର ଅସ୍ତ୍ରଶସ୍ତ୍ର ଆଣି ଦେଲେ । ପାଣ୍ଡବ-ମାନେ କିନ୍ତୁ ଅସ୍ତ୍ରଶସ୍ତ୍ର ଛଡ଼ା ଆଉ କିଛି ନେଲେ ନାହିଁ । ଏବେ ସଫା ଜଣା ପଡ଼ିଲା, ଏମାନେ କ୍ଷତ୍ରିୟ । ଦ୍ରୁପଦ ସେଠାରୁ ପଚାରିଲେ, "ଆପଣମାନେ କିଏ, ଅନୁଗ୍ରହ କରି ପରିଚୟ ଦିଅନ୍ତୁ ।"

ଉତ୍ତରରେ ଯୁଧିଷ୍ଠିର କହିଲେ, "ମହାରାଜ, ଆପଣ ଚିନ୍ତା କରିବେ ନାହିଁ । ଆମେମାନେ କ୍ଷତ୍ରିୟ; ମହାତ୍ମା ପାଣ୍ଡୁଙ୍କର ପୁତ୍ର । କୁନ୍ତୀ ଦେବୀ ଆମମାନଙ୍କର ମାଆ । ମୁଁ ସବୁ ବଡ଼ଭାଇ, ମୋର ନାଁ ଯୁଧିଷ୍ଠିର; ଏ ଭୀମ, ଯେ ଲକ୍ଷ ବିନ୍ଧିଲେ ସେ ଏହି ଅର୍ଜୁନ; ଆଉ ମା' ଓ ଦ୍ରୌପଦୀଙ୍କ ସାଙ୍ଗରେ ଯେ ଅଛନ୍ତି, ସେ ନକୁଳ ଓ ସହଦେବ ।"

ଯୁଧିଷ୍ଠିରଙ୍କ କଥା ଶୁଣି ବହୁତ କାଳ ଦ୍ରୁପଦଙ୍କୁ ଆନନ୍ଦରେ କୁହିବା ବାଟ ଦିଶିଲା ନାହିଁ । ସେ କିଛି କଥା କହି ପାରିଲେ ନାହିଁ । ତା'ପରେ କଥାବାର୍ତ୍ତାରୁ ସବୁ ଘଟଣା ଜାଣି ଧୃତରାଷ୍ଟ୍ରଙ୍କର ବହୁତ ନିନ୍ଦା କରି କହିଲେ—"ତୁମର ରାଜ୍ୟ ତୁମକୁ ନିଶ୍ଚୟ ଆଣିଦେବି— କିଛି ଚିନ୍ତା ନାହିଁ ।"

ଏବେ ବିବାହର କଥା । ପାଞ୍ଚ ଭାଇ ମିଶି ଦ୍ରୌପଦୀଙ୍କ ବିଭା ହେବେ, ଏକଥା ଶୁଣି ସମସ୍ତେ ଅବାକ୍ ! "ଏପରି କଥା ତ ଦେଖା ନାହିଁ । ଏ କପରି

ହେବ ?" ଏହିପରି କଥାବାର୍ତ୍ତା ଚାଲିଛି । ବ୍ୟାସଦେବ ଆସି ପହଂଚିଲେ । ସବୁ କଥା ଶୁଣି ସେ କହିଲେ— "ତୁମେମାନେ ବ୍ୟସ୍ତ ହୁଅ ନାଇ । ଦ୍ରୌପଦୀଂକ ସଂଗେ ଯେ ଏ ପାଂଚ ଜଣଂକର ବିବାହ ହେବ, ଏକଥା ଶିବ ଅନେକ ଦିନୁ କହିଚଂତି । ସେଥିରେ ଆପତ୍ତି କରିବାର କିଛି ନାଇ । ଆର ଜନ୍ମରେ ଦ୍ରୌପଦୀ ଗୋଟିଏ ମୁନିର ଝିଅ ଥିଲେ । ଭଲ ବର ପାଇବା ପାଇଁ ଝିଅଟି ଶିବଂକ ପାଖେ ତପସ୍ୟା କଲା । ଶିବ ବର ଦେବାକୁ ଆସିଲା ବେଳେ ଝିଅଟି ବ୍ୟସ୍ତ ହୋଇ ପାଂଚ ଥର କହି ପକାଇଲା—ସବୁ ଗୁଣ ଯାହାର ଅଛି, ସେପରି ଲୋକ ସଂଗେ ମୋର ବିବାହ ହେଉ । ଶିବ କହିଲେ, "ତୁମେ ପାଂଚ ଥର ଏକଥା କହିଲ, ପାଂଚ ଜଣଂକ ସଂଗେ ତୁମର ବିବାହ ହେବ ।" ସେହି କନ୍ୟା ଏବେ ଦ୍ରୌପଦୀ । ଶିବଂକ ଆଜ୍ଞାରେ ପାଂଚ ଜଣଂକ ସଂଗେ ତାଂକର ବିବାହ ହେବ ।"

ତା' ପରେ ସମସ୍ତେ ଆନଂଦ ଉତ୍ସବରେ ବିବାହର ଆୟୋଜନ କଲେ । କେତେ ବାଦ୍ୟ ବାଜିଲା, କେତେ ଲୋକ ଆସିଲେ, କେତେ ସାଜସଜ୍ଜା ହେଲା, ଆଲୁଅ ଦିଆହେଲା, କେତେ ଉତ୍ସବ ହେଲା । ହାତୀ, ଘୋଡ଼ା, ରଥ, ଅଳଂକାର, ଦାସ, ଦାସୀ ବହୁତ ଦ୍ରୁପଦ ପାଂଡବମାନଂକୁ ଯୌତୁକ ଦେଲେ; ଲୋକେ ଭାରି ଭୋଜି ଖାଇଲେ । କେତେ ଲୋକ କେତେ ଧନରତ୍ନ ପୁରସ୍କାର ପାଇଲେ । ଏହିପରି ବିବାହ ଶେଷ ହେଲା ।

---

## ପାଂଡବମାନେ ରାଜ୍ୟ ପାଇଲେ

ପାଂଡବମାନଂକ ବିବାହ ସଂଗେ ସଂଗେ ଖବର ଆସି ହସ୍ତିନାପୁରରେ ପହଂଚିଲା । ବିଦୁର ଆଗ ଯାଇ ଧୃତରାଷ୍ଟ୍ରଂକୁ କହିଲେ—"ମହାରାଜ, କୌରବମାନେ ଦ୍ରୌପଦୀଂକୁ ପାଇଅଛଂତି ।" ପାଂଡବମାନେ ବି ତ କୌରବ । ବିଦୁରଂକ କଥାରେ କିଛି ଭୁଲ ନ ଥିଲା । କିଂତୁ ଧୃତରାଷ୍ଟ୍ର ବୁଝିଲେ ଦୁର୍ଯୋଧନ ଦ୍ରୌପଦୀଂକୁ ବିଭା ହେଇଛି । ସେ ଭାରି ଖୁସି ହୋଇ କହିଲେ— "ଦୁର୍ଯୋଧନ, ଦ୍ରୌପଦୀଂକ ମୋ ପାଖକୁ ଘେନିଆସ ।"

ବିଦୁର ସେଠାରୁ ସବୁ କଥା ବୁଝାଇ କହିବାରୁ ଧୃତରାଷ୍ଟ୍ରଂକ ମନରେ ଦୁଃଖ ହେଲା ସତ; କିଂତୁ ସେ ମୁହଁରେ ହସି ହସି କହିଲେ—"ବାସ୍ତବିକ୍ ବଡ଼ ଆନଂଦର କଥା । ମୁଁ ତ ପାଂଡବମାନଂକୁ ମୋ ପୁଅଂକଠାରୁ ବେଶି ସୁଖ ପାଏ । ମୋ ପୁଅମାନେ ଦୁଷ୍ଟ, ପାଂଡବମାନେ ଧାର୍ମିକ, ବିନୟୀ ଓ ବୀର ।"

ଦୁର୍ଯୋଧନ, କର୍ଣ୍ଣ ଓ ଶକୁନି ଧୃତରାଷ୍ଟ୍ରଂକର ଏକଥା ଶୁଣି, ତାଂକୁ କହିଲେ, "ପାଂଡବମାନେ ଆମର ଶତ୍ରୁ; ଆପଣ ବିଦୁରଂକ ଆଗରେ ଶତ୍ରୁର ପ୍ରଶଂସା କଲେ କାହିଁକି ?" ଧୃତରାଷ୍ଟ୍ର କହିଲେ, "ବାବୁ, ମୁଁ କଣ ସେ କଥା ଜାଣୁ ନାଇ; କିଂତୁ ବିଦୁରଂକ ଆଗରେ ତାଂକର ପ୍ରଶଂସା ନ କଲେ ଭଲ ଦିଶଂତା ନାଇ ।"

ପାଂଡବମାନଂକୁ ଏଥିକବେଳୁ ମାରି ପକାଇବା ଭଲ । ଏକଥା ଭାବି, ଦୁର୍ଯୋଧନ କେତେ ବିଚାର କରି ପକାଇଲା । ଦ୍ରୁପଦଂକୁ ଧନ ଦେଇ ହାତ କରିବ, ଭୀମକୁ ହାତୀ ମଡ଼ାଇ ଦେବ, ଯୁଧିଷ୍ଠିର ହେଉଛଂକୁ ରାତିରେ ଗୁଂଡା ପୁରାଇ ମାରିବ, ଏହିପରି କେତେ ବିଚାର କରିଗଲା ।

କର୍ଣ୍ଣ କିଂତୁ କହିଲା, "ସେ ସବୁ କଥା କିଛି ନୁହେଁ । ଚାଲ, ଏହିକ୍ଷଣି ତାଂକ ସଂଗେ ଯୁଦ୍ଧ କରି ତାଂକୁ ନିପାତ କରିଦେବା ।"

ଧୃତରାଷ୍ଟ୍ର ଏ ସବୁ କଥା ଶୁଣିଲେ ସତ; କିଂତୁ ତାଂକ ମନ ମାନିଲା ନାଇ । ସେ ଭୀଷ୍ମ, ଦ୍ରୋଣ, ବିଦୁରଂକୁ ଡାକି, କଣ କରିବେ ବୋଲି ପରାମର୍ଶ

ପଶୁରଲେ । ଭୀଷ୍ମ ଦ୍ରୋଣ ଦୁହେଁ କହିଲେ, "ମହାରାଜ, ରାଜ୍ୟରୁ ଅଧେ ଦେଇ ପାଂଡବମାଂନଙ୍କୁ ଏଣ୍ଟିକିବେନ୍ତୁ ଆପଣାର କରଂନ୍ତୁ । ତା' ନ ହେଲେ ପରେ ମଂଗଳ ହେବ ନାହିଁ ।"

କର୍ଣ୍ଣଙ୍କୁ ଏକଥା ଜମା ସୁଖ ଲାଗିଲା ନାହିଁ । ସେ କହି ପକାଇଲା, "ମହାରାଜ, ଦେଖଂନ୍ତୁ, ଭୀଷ୍ମ ଦ୍ରୋଣ ସମସ୍ତେ ଆପଣଂକର ଖାଇବେ, ଏହିପରି କଥା କହିବେ ।"

ବିଦୁର କହିଲେ, "ମହାରାଜ, ଆପଣ ଜାଣଂନ୍ତି, ଭୀଷ୍ମ ଦ୍ରୋଣ କିପରି ମହାପୁରୁଷ । ଦୁର୍ଯୋଧନ, କର୍ଣ୍ଣ, ଶକୁନି ଏମାନେ ହୁଂଡା ଟୋକା, କିଛି ବୁଝିପାରୁ ନାହାଂନ୍ତି । ଏମାନଂକ କଥାରେ ଚଳିଲେ, ଆପଣଂକର ସର୍ବନାଶ ହେବ—ଏକଥା ମନେ ରଖିବେ ।"

ଧୃତରାଷ୍ଟ୍ର ସେ କଥା ବୁଝିଲେ ଏବଂ ପାଂଡବମାନଂକୁ ଆଦର କରି ପଂଚାଳରୁ ନେଇ ଆସିବାପାଇଁ ବିଦୁରଂକୁ ପଠାଇଲେ । ବିଦୁର ଆଉ ବିଳଂବ ନ କରି ଯାଇ ପଂଚାଳରେ ପହଂଚିଲେ । ଏତେଦିନ ପରେ ପାଂଡବମାନଂକୁ ଦେଖି, ବିଦୁର ଆନଂଦରେ କାଂନ୍ଦି ପକାଇଲେ । ପାଂଡବମାନେ ମଧ୍ୟ କକାଂକୁ ଦେଖି ଭାରି ଖୁସିହେଲେ । କୃଷ୍ଣ ବଳରାମ ସେଠାରେ ଥିଲେ । ସେମାନେ ଦ୍ରୁପଦ ଆଉ ବିଦୁରଂକୁ ଭାରି ଆଦର କଲେ ।

ଧୃତରାଷ୍ଟ୍ରଂକର ଭଲ ବୁଦ୍ଧି ହୋଇଛି ଜାଣି, ସମସ୍ତେ ଭାରି ସୁଖୀ ହେଲେ । ପାଂଡବମାନେ ଓ କୃଷ୍ଣ ବଳରାମ, ଦ୍ରୁପଦଂକଠାରୁ ବିଦାୟ ନେଇ, ବିଦୁରଂକ ସଂଗେ ହସ୍ତିନା ଅଇଲେ । ପାଂଡବମାନଂକୁ ପୁଣି ଆସିବାର ଦେଖି, ହସ୍ତିନା ଲୋକଂକର ଯେ ଆନଂଦ ହେଲା, ତାହା କିଏ କହି ପାରିବ ?

ଧୃତରାଷ୍ଟ୍ର ପାଂଡବମାନଂକୁ ଡାକି କହିଲେ—"ବାପା, ଯୁଧିଷ୍ଠିର, ତୁମେମାନେ ଏବେ ରାଜ୍ୟରୁ ଅଧେ ନେଇ ଖାଂଡବପ୍ରସ୍ଥରେ ଯାଇ ରାଜଧାନୀ କରି ରହ ।"

ଯୁଧିଷ୍ଠିର, ଧୃତରାଷ୍ଟ୍ର ଓ ଆଉ ଆଉ ଗୁରୁଜନଂକୁ ପ୍ରଣାମ କରି, ଖାଂଡବପ୍ରସ୍ଥକୁ ଚାଲିଲେ । ଖାଂଡବପ୍ରସ୍ଥ ପୂର୍ବରୁ ଜଂଗଲ ଥିଲା, ରାତିହିଁ ରାତିହିଁ ସୁଂଦର ସହର ହୋଇଗଲା; ହସ୍ତିନାଠାରୁ ଆହୁରି ସୁଂଦର ହେଲା । ଏହି ସହର ନାମ ପରେ ଇଂଦ୍ରପ୍ରସ୍ଥ ହୋଇଥିଲା ।

କୃଷ୍ଣ ବଳରାମ ପାଂଡବମାନଂକୁ ଖାଂଡବପ୍ରସ୍ଥରେ ଛାଡ଼ି, ନିଜ ରାଜ୍ୟ ଦ୍ୱାରକାକୁ ଚାଲିଗଲେ ।

## ଅର୍ଜୁନଂକ ବନବାସ

ପାଂଡବ ପାଂଚଭାଇ ଆଉ ଦ୍ରୌପଦୀ ବଡ଼ ଖୁସିରେ ଥାଂନ୍ତି । ସମସ୍ତେ ସମସ୍ତଂକ ପ୍ରତି ଭଲ ବ୍ୟବହାର କରୁଥାଂନ୍ତି । ଦ୍ରୌପଦୀଂକ ପ୍ରତି ସମସ୍ତେ ଭଦ୍ର ବ୍ୟବହାର କରୁଥିଲେ । ଏପରିକି, ତାଂକ ଭିତରେ ନିୟମ ଥିଲା, କେହି ଜଣେ ଭାଇ ଦ୍ରୌପଦୀଂକ ସଂଗେ ଥିଲାବେଳେ ଆଉ ଜଣେ ସେଠାକୁ ଯିବ ନାହିଁ । ଗଲେ, ସେ ବାରବର୍ଷ ଏକାରେ ବନବାସ କରିବ ।

ଦିନେ ଜଣେ ବ୍ରାହ୍ମଣର ଗୋରୁ ଚୋର ନେଇ ଯାଉଥିଲେ । ବ୍ରାହ୍ମଣ ଆସି ଖାଂଡବପ୍ରସ୍ଥର ରାଜଦ୍ୱାରରେ କାଂନ୍ଦି ପାଟିକଲା । ଅର୍ଜୁନ ଆଉ ସହି ପାରିଲେ ନାହିଁ । ଯେଉଁ ଘରେ ଯୁଧିଷ୍ଠିରଂକ ସଂଗେ ଦ୍ରୌପଦୀ ଥିଲେ, ସେହି ଘରେ ତାଂକର ଅସ୍ତ୍ର ଶସ୍ତ୍ର ଥିଲା । ସେ ହଠାତ୍ ସେ ଘରେ ପଶି, ଅସ୍ତ୍ର ଶସ୍ତ୍ର ନେଇ ଆସିଲେ ଏବଂ ଦଉଡ଼ିଯାଇ ଚୋରକୁ ମାରି, ବ୍ରାହ୍ମଣର ଗୋରୁ ଆଣି ଦେଲେ । ବ୍ରାହ୍ମଣ ଆନଂଦରେ ଅର୍ଜୁନଂକୁ

ପ୍ରଶଂସା ଓ ଆଶୀର୍ବାଦ କରି, ଗୋରୁ ଘେନି ଘରକୁ ଚାଲିଗଲେ ।

ନିୟମର କଥା କିଂତୁ ଅର୍ଜୁନଂକର ମନେ ଅଛି । ବ୍ରାହ୍ମଣ କାମ କରିସାରି, ଅର୍ଜୁନ ଯାଇ ଯୁଧିଷ୍ଠିରଂକ ପାଖେ ପ୍ରଣାମ କରି କହିଲେ—"ମହାରାଜ, ମୁଁ ନିୟମ ଭାଂଗିଛି, ଏବେ ଅନୁମତି ଦିଅଂତୁ, ମୁଁ ବଣକୁ ଯିବି ।"

ଯୁଧିଷ୍ଠିର ଶୁଣି ଅବାକ୍ । ତାଂକ ଆଖିରୁ ପାଣି ଗଡ଼ି ପଡ଼ିଲା । ସେ କହିଲେ, "ବାପା ଅର୍ଜୁନ, ଏ କି କଥା, ବ୍ରାହ୍ମଣର ଗୋରୁ ଚୋରି ହୋଇଥିଲା । ସେଥିରେ ମୋ ଘରକୁ ପଶିବାରେ କିଛି ଅଭଦ୍ରତା ହୋଇ ନାଇ । ନ ପଶିଲେ ଦୋଷ ହୁଅଂତା । ମୁଁ ତ କହୁଛି, ତୁମର ବଣକୁ ଯିବା କିଛି ଦରକାର ନାଇ । ମୋ ବାପା,ଧନ, ସେ କଥା ଆଉ କହ ନା ।"

ଅର୍ଜୁନ କହିଲେ, "ଆପଣ ନିଜେ ଧର୍ମ, ନିୟମ ଭାଂଗିଲେ ତ ଅନ୍ୟାୟ ହେଲା । ମୁଁ ଧନୁ ଛୁଇଁ କହୁଛି, ମୁଁ ତାହା ପାରିବି ନାଇ ।"

ଯୁଧିଷ୍ଠିର ଆଉ କରିବେ କ'ଣ ? ବାଧ୍ୟ ହୋଇ, ଅର୍ଜୁନଂକୁ ବନକୁ ଛାଡ଼ିଲେ ।

ବଣ ଭିତରେ କେତେକ କାଳ କଟିଗଲା । ଦିନେ ଅର୍ଜୁନ ଗଂଗାରେ ଗାଧୋଉଥାଂତି, ହଠାତ୍ ନାଗରାଜା କୌରବ୍ୟର କନ୍ୟା ଉଲୁପୀ ତାଂକୁ ଧରି ପାଣି ଭିତରେ ବୁଡ଼ାଇ, ନାଗ ଦେଶ (ପାତାଳ)କୁ ଘେନି ଗଲା । ସେଠାରେ ଅର୍ଜୁନ ଉଲୁପୀକୁ ବିଭା ହେଲେ ।

ପୁଣି କିଛି ଦିନ ପରେ ଅର୍ଜୁନ ମଣିପୁର ଯାଇଥିଲେ । ସେଠାରେ ରାଜଜେମା ଚିତ୍ରାଂଗଦାଂକ ସଂଗେ ମଧ୍ୟ ତାଂକର ବିବାହ ହେଲା ।

ସେଠାରୁ ଯାଇ ଗଂଗାକୂଳରେ ବୁଲି ବୁଲି ଅର୍ଜୁନ ଗଂଗାରେ ପାଂଚୋଟି ତୀର୍ଥ ଦେଖିଲେ । ତୀର୍ଥଗୁଡ଼ିକ ବଡ଼ ସୁଂଦର; କିଂତୁ ସେଠାକୁ କେହି ଗାଧୋଇବାକୁ ଆସୁ ନାହାଂତି । ପଚାରି ଶୁଣିଲେ, ସେଠାରେ ଭାରି କୁଂଭୀର ଭୟ । ସେଠାରେ ସେ ନିଜେ ଗାଧୋଇବାକୁ ଗୋଟିଏ ତୀର୍ଥରେ ପଶିଲେ । ଗୁହୁଁ ଗୁହୁଁ ଗୋଟେ ଭାରି ବଡ଼ କୁଂଭୀର ଆସି ତାଂକୁ ଧରିଲା । ଅର୍ଜୁନ କୁଂଭୀରକୁ ଧରି ଟାଣି ଆଣି ଗୋଟାଏ ନୌକା ଉପରେ କରି ଦେଲେ ।

କି ଆଶ୍ଚର୍ଯ୍ୟ ! ଆଉ କୁଂଭୀର କାହିଁ ? କୁଂଭୀରଟି ଗୋଟିଏ ସୁଂଦରୀ ଯୁବତୀ ହୋଇ ଅର୍ଜୁନଂକ ଆଗେ ଠିଆ ହେଲା । ଅର୍ଜୁନ ଆଶ୍ଚର୍ଯ୍ୟ ହୋଇ ପଚାରିବାରୁ କହିଲା, "ମହାଶୟ, ମୁଁ ଗୋଟିଏ ଅପ୍‌ସରା । ମୋ ନାଁ ବର୍ଗା । ମୋର ଆଉ ଚାରୋଟି ସଖୀ ଅଛଂତି । ସେମାନଂକର ନାମ ସୌରଭେୟୀ, ସମୀଚୀ, ବୁଦ୍‌ବୁଦା ଏବଂ ଲତା । ଆମେମାନେ ଗୋଟିଏ ମୁନିଂକୁ ଅମାନ୍ୟ କରିବାରୁ, ସେ ଶାପରେ ଆମଂକୁ କୁଂଭୀର କରି ଦେଲେ । ସେ କହିଥିଲେ କେହି ଯେବେ ଉପରକୁ ଟାଣି ପକାଇ ଦେବ, ତେବେ, ଆମେ ଉଦ୍ଧାର ପାଇବୁ । ଆପଣ ମୋତେ ବହୁତ କଷ୍ଟ ପାଇ ଉଦ୍ଧାର କଲେ । କ୍ଷମା କରଂତୁ । ମୋର ସଖୀମାନଂକୁ ଦୟା କରି ଉଦ୍ଧାର କରଂତୁ ।

ଅର୍ଜୁନ ସେଠାରୁ ଆଉ ଚାରୋଟି ତୀର୍ଥକୁ ଯାଇ, ଚାରୋଟିଯାକ କୁଂଭୀରଂକୁ ସେହିପରି ଟାଣି ବାହାର କଲେ । ସେମାନେ ସମସ୍ତେ ସେହିପରି ଅପ୍‌ସରା ପାଲଟି ସ୍ୱର୍ଗକୁ ଗଲେ ।

ତାହା ଉତ୍ତାରୁ ଅନେକ ତୀର୍ଥ ବୁଲି ବୁଲି ଅର୍ଜୁନ ଆସି ପ୍ରଭାସତୀର୍ଥରେ ପହଂଚିଲେ । ଏହି ତୀର୍ଥ କୃଷ୍ଣଂକ ରାଜ୍ୟ ମଧ୍ୟରେ । କୃଷ୍ଣ ଅର୍ଜୁନଂକ ଖବର ପାଇ, ଆସି ମହା ଆଦରରେ ତାଂକୁ ଦ୍ୱାରକାକୁ ନେଇଗଲେ ।

## ଅର୍ଜୁନ ସୁଭଦ୍ରାଂକୁ ବାହା ହେଲେ

ବଳରାମ ଓ କୃଷ୍ଣଂକର ସୁଭଦ୍ରା ବୋଲି ଗୋଟିଏ ବଡ଼ ସୁଂଦରୀ ଓ ସୁଲକ୍ଷଣୀ ଭଉଣୀ ଥିଲା । ଅର୍ଜୁନ ତାଂକୁ ଦେଖି ଭାରି ସୁଖ ପାଇଲେ । କୃଷ୍ଣ ତ ଭାରି ବୁଦ୍ଧିମାନ୍ ଲୋକ । ସେ ବୁଝିପାରିଲେ ଯେ, ସୁଭଦ୍ରାଂକୁ ବାହା ହେବା ପାଇଁ ଅର୍ଜୁନଂକର ଭାରି ଇଚ୍ଛା ହେଲାଣି । ଏ କଥା ଜାଣି ସେ ଭାରି ଖୁସି ହେଲେ । ଏକେ ତ ଅର୍ଜୁନ ଭାରି ସାଂଗ; ପୁଣି ଅର୍ଜୁନ ପରି ବର ମିଳିବା ଭାଗ୍ୟର କଥା !

ଏବେ ବିବାହ କିପରି ହେବ ? ବଳାତ୍କାରରେ କନ୍ୟାକୁ ନେଇଯିବା କ୍ଷତ୍ରିୟମାନଂକର ଗୋଟିଏ ବିଧି ଥିଲା । ଭାରି ବୀର ପୁରୁଷମାନେ କେବଳ ତାହା ପାରଂତି । କାହିଁକି ନା, ସେଥିରେ କନ୍ୟାପକ୍ଷର ଲୋକଂକ ସଂଗେ ଯୁଦ୍ଧ କରିବାକୁ ହୁଏ । ସେହି ନିୟମରେ ଅର୍ଜୁନ ସୁଭଦ୍ରାଂକୁ ବିବାହ କରିବେ ବୋଲି କୃଷ୍ଣ ଠିକ୍ କଲେ । ଅର୍ଜୁନଂକୁ ମଧ୍ୟ ସେ କଥା କହିବାରୁ ଅର୍ଜୁନ ରାଜି ହେଲେ । ଏବେ ଖାଲି ଯୁଧିଷ୍ଠିରଂକ ଅନୁମତି ଦରକାର । ଯୁଧିଷ୍ଠିରଂକ ପାଖକୁ ଖବର ଗଲା । ସେ ବା ନାହିଁ କରିବେ କାହିଁକି ? ବରଂ ଖୁସି ହୋଇ ହଁ କଲେ । ସବୁ ଚୁପ୍‌ଚାପ୍‌ରେ ହୋଇ ଗଲା । କୃଷ୍ଣ ଅର୍ଜୁନଂକ ଛଡ଼ା ଏ ବିବାହ କଥା ଦ୍ୱାରକାରେ ଆଉ କେହି ଜାଣିଲେ ନାହିଁ ।

ଦିନେ ସୁଭଦ୍ରା ରୈବତକ ପର୍ବତକୁ ଦେବପୂଜା କରିବା ପାଇଁ ଯାଉଚଂତି, ଅର୍ଜୁନ ଦେଖିଲେ; ଏତିକିବେଳେ ସୁବିଧା ପଡ଼ିଚି; ସେ ଅସ୍ତ୍ର ଶସ୍ତ୍ର ଧରି ଯୋଦ୍ଧା ବେଶରେ ରଥ ଚଢ଼ି ବେଗାବେଗି ରୈବତକ ପର୍ବତରେ ଯାଇ ପହଂଚିଲେ ।

ସୁଭଦ୍ରାଂକର ପୂଜା ଶେଷ ହୋଇଚି । ସେ ଦ୍ୱାରକାକୁ ଫେରିବାକୁ ବସିଚଂତି, ଏତିକିବେଳେ ଅର୍ଜୁନ ଆସି ସୁଭଦ୍ରାଂକୁ ଧରି ରଥରେ ବସାଇଲେ । ଯେଉଁମାନେ ସାଂଗରେ ଥିଲେ, ସେମାନେ ଭାରି ଚହଳ ପକାଇଲେ । କିଏ ଦ୍ୱାରକାକୁ ଦଉଡ଼ିଲା, କିଏ କଣ୍ଠ ଆଳକୁ ଡାକିଲା, କିଏ ଖାଲି ବକ୍ ବକ୍ କରି ଚୁହିଁ ରହିଲା ।

ଦ୍ୱାରକାରେ ବୀରମାନେ ଏକଥା ଶୁଣି ଭାରି ରାଗି ଗଲେ । ସମସ୍ତେ ଫଂକା ଫଂକା ହୋଇ ଅସ୍ତ୍ର ଶସ୍ତ୍ର ଧରି ଯୁଦ୍ଧ କରିବାକୁ ବାହାରିଲେ । ଏତେ ଅପମାନ ସେମାନେ ସହିବେ କିପରି ?

ସମସ୍ତେ ଯୁଦ୍ଧ କରିବାକୁ ବାହାରିଚଂତି, ଏତିକିବେଳେ କୃଷ୍ଣ ଆସି ସେମାନଂକୁ ବୁଝାଇ କହିଲେ—"ଆଚ୍ଛା, ତୁମେମାନେ ଯେ ଏତେ ରାଗରେ ଯୁଦ୍ଧ କରିବାକୁ ବାହାରିଚ, କହ ଭଲା ଅର୍ଜୁନର ଦୋଷ କ'ଣ ? କ୍ଷତ୍ରିୟଂକର ତ ଏପରି କନ୍ୟା ନେଇ ଯିବାର ଧର୍ମରେ ଅଛି । ପୁଣି ଅର୍ଜୁନ ସୁଭଦ୍ରାଂକୁ ବାହା ହେଲେ ତ କିଛି ମାନହାନି ହେବ ନାହିଁ । ଅର୍ଜୁନ ତ ବୀର ପୁରୁଷ, ବଳ ଦେଖାଇ କନ୍ୟାକୁ ନେଇଗଲା, ଏଥିରେ ଅପମାନ କ'ଣ ? ଜାଣ, ଯେବେ ତୁମେ ଯୁଦ୍ଧ କରିବ, ଅର୍ଜୁନଂକୁ ପାରିବା ବଡ଼ ସହଜ ନୁହେଁ । ଅର୍ଜୁନ ତୁମମାନଂକୁ ପରାସ୍ତ କରି ସୁଭଦ୍ରାଂକୁ ନେଇଗଲେ, ବାସ୍ତବିକ୍ ଅପମାନର କଥା ହେବ । ଏବେ ବେଳ ଅଛି, ତୁମେ ଯାଇ ଆଦର କରି ଅର୍ଜୁନଂକୁ ଫେରାଇ ଆଣ । ଆମମାନଂକର ଏଥିରେ ମାନ ରହିବ ।"

କୃଷ୍ଣଂକ କଥା ଶୁଣି ଯାଦବମାନେ ( କୃଷ୍ଣଂକ ପୂର୍ବପୁରୁଷରେ ଯଦୁ ବୋଲି ଜଣେ ରଜା ଥିଲେ, ସେଥିପାଇଁ କୃଷ୍ଣଂକ ବଂଶର ଲୋକଂକୁ ଯାଦବ କହଂତି) ଅର୍ଜୁନଂକୁ ଆଦର କରି ଫେରାଇଲେ । ଖୁବ୍ ଧୁମ୍‌ଧାମ୍‌ରେ ବାହାଘର ହୋଇଗଲା ।

ଦ୍ୱାରକାରୁ ଅର୍ଜୁନ ପୁଷ୍କରତୀର୍ଥକୁ ଗଲେ । କ୍ରମେ ତାଂକର ବାର ବର୍ଷ ବନବାସ ସରିଗଲାରୁ ଶେଷରେ

ସେ ସୁଭଦ୍ରା, କୃଷ୍ଣ, ବଳରାମ ପ୍ରଭୃତିଙ୍କୁ ସାଂଗରେ ଘେନି ଖାଂଡବପ୍ରସ୍ଥକୁ ଆସିଲେ । କେତେ ଦିନ ସମସ୍ତେ ବଡ଼ ଖୁସିରେ ରହିଲେ । ପରେ ଏକା କୃଷ୍ଣ ଖାଂଡବପ୍ରସ୍ଥରେ ରହିଲେ । ଆଉ ଆଉ ଯାଦବମାନେ ଦ୍ୱାରକାକୁ ଫେରିଗଲେ ।

———

## କୃଷ୍ଣ ଅର୍ଜୁନଂକର ଅଗ୍ନିଂକ ସଂଗେ ଦେଖା ଓ ଅସ୍ତ୍ର ପାଇବା

ଦିନେ କୃଷ୍ଣ ଓ ଅର୍ଜୁନ, ଦ୍ରୌପଦୀ, ସୁଭଦ୍ରା ପ୍ରଭୃତିଂକୁ ଘେନି ଯମୁନାକୂଳରେ ଆନଂଦରେ ବୁଲୁଥିଲେ । ଏ ମଧ୍ୟରେ କୃଷ୍ଣ ଅର୍ଜୁନ ଦୁହେଁ ଟିକିଏ ଦୂରକୁ ଯାଇ ଏକାଂତରେ କଥାବାର୍ତ୍ତା ହୋଇ ବସିଲେ । ହଠାତ୍ ଜଣେ ପୁରୁଷ ଆସି ତାଂକ ଆଗେ ଠିଆ ହୋଇଗଲେ । ପୁରୁଷଙ୍କଂର ମୁଂଡରେ ଜଟା, ସେ ପିଂଧିଚଂତି ବଳ୍କଳ । ତାଂକର ଜଟା ଓ ଦାଢ଼ି ଲାଲ ପରି ପିଂଗଳ ବର୍ଣ୍ଣ ଦେଖା ଯାଉଚି । ବ୍ରାହ୍ମଣ ଦେଖିବାକୁ ପିଟାସୁନା ପରି ଚକ୍ ଚକ୍; ଦେହରେ ସୂର୍ଯ୍ୟ ପରି ତେଜ । ବ୍ରାହ୍ମଣ କହିଲେ, "ମୁଁ ବ୍ରାହ୍ମଣ, ବହୁତ ଖାଇବା ମୋର ଅଭ୍ୟାସ । ଆପଣଂକୁ କିଛି ଜଳଖିଆ ମାଗିବାକୁ ଆସିଚି ।"

କୃଷ୍ଣ ଅର୍ଜୁନ କହିଲେ, "କଣ ଖାଇବେ କହଂତୁ, ଯୋଗାଡ଼ କରିଦେବୁ ।"

ବ୍ରାହ୍ମଣ କହିଲେ, "ଅବଶ୍ୟେ, ଖେଚେଡ଼ି, ମହୁର, ମଂଡା, କାକେରା ଖାଇବାକୁ ମୁଁ ଆସି ନାଇ । ମୁଁ ଏ ଖାଂଡବ ବଣଟାକୁ ଖାଇବି । ଅନୁଗ୍ରହ କରି ଯୋଗାଡ଼ କରି ଦିଅଂତୁ ।"

ଖାସା ଜଳଖିଆ ତ ! କୃଷ୍ଣ ଅର୍ଜୁନ ବଲ ବଲ କରି ଚାହିଁ ରହିଲେ । ଅଗ୍ନି ପୁଣି କହିଲେ, "ମୁଁ ଅଗ୍ନି, ଖାଂଡବ ବଣ ଖାଇବାକୁ ମୋର ଇଚ୍ଛା; କିଂତୁ ସେଠାରେ ଇଂଦ୍ରଂକ ବଂଧୁ ତକ୍ଷକ ନାଗ ଅଛି । ମୁଁ ସେଠାକୁ ଗଲାକ୍ଷଣି ଇଂଦ୍ର ବର୍ଷା କରୁଚଂତି । ଆପଣମାନେ ସେହି ବର୍ଷା ବଂଦ କରି ପାରିଲେ ମୋର ଭୋଜନ ହେବ ।"

ଏଥିରେ ଗୋଟିଏ କଥା ଅଛି । ଶ୍ୱେତକୀ ବୋଲି ଜଣେ ରଜା ଥିଲେ । ସେ ଭାରି ଯଜ୍ଞ କରଂତି । ସବୁବେଳେ ଖାଲି ଯଜ୍ଞ । ବ୍ରାହ୍ମଣମାନେ ଆଉ ପାରିଲେ ନାଇ । ରୋଗୀ ହୋଇଗଲେ, ଧୂଆଁରେ ତାଂକ ଆଖି ଫୁଟିଗଲା । ସେମାନେ ଯଜ୍ଞ କାର୍ଯ୍ୟ ଛାଡ଼ି ଦେବାରୁ, ଶ୍ୱେତକୀ ଶିବଂକଠାରେ ତପସ୍ୟା କରିବାରୁ ଶିବ କହିଲେ, "ଅଗ୍ନିଂକୁ ବାରବର୍ଷ କାଳ ଘିଅ ଖୁଆଇ ଖୁସି କର ।"

ରଜା ଅଗ୍ନିଂକୁ ବାର ବର୍ଷ ଘିଅ ଖୁଆଇବାରୁ, ଶିବ ସଂତୁଷ୍ଟ ହୋଇ, ଦୁର୍ବାସା ମୁନିଂକୁ କହିବାରୁ ସେ ଶ୍ୱେତକୀଂକ ପାଇଁ ପୁଣି ଯଜ୍ଞ କଲେ ।

ଶ୍ୱେତକୀଂକର କାମ ହେଲା; କିଂତୁ ଏତେ ଘିଅ କ ଅଗ୍ନିଂକର ପାରି ହୁଏ ? ତାଂକୁ ବାତାଜୀର୍ଣ୍ଣ ଧରିଲା । ବିଚରା ଭାବଭାବି ବ୍ରହ୍ମାଂକପାଖେ ପହଂଚିଲେ । ବ୍ରହ୍ମା କହିଲେ, "ବହୁତ ଘିଅ ଖାଇ ତୁମର ରୋଗ ହୋଇଚି । ଖାଂଡବ ବଣରେ ବହୁତ ଜଂତୁ ଅଛଂତି । ସେଠାରେ ଯାଇ ଖୁବ୍ ମାଂସ ଖାଅ । ରୋଗ ଛାଡ଼ିବ ।"

ଅଗ୍ନି ଖାଂଡବକୁ ଆସିଲେ । ଥରକୁ ଥର, ସାତଥର ସେଥିରେ ପଶିଲେ । ସାତଥର ଯାକ ହଟିଗଲେ । ଇଂଦ୍ର ବର୍ଷା କଲେ । ହାତୀମାନେ ଥୋଇ ପାହାଡ଼ରେ ଆଣି ପାଣି ପକାଇଲେ । ଅଗ୍ନି ବ୍ୟସ୍ତ ହୋଇ ପୁଣି ବ୍ରହ୍ମାଂକୁ ପଚାରିବାରୁ, ବ୍ରହ୍ମା କହିଲେ,

"ତୁମେ କୃଷ୍ଣ ଅର୍ଜୁନଂକ ପାଖକୁ ଯାଅ । ସେଇମାନେ ଇଂଦ୍ରଂକୁ ଅଟକାଇ ପାରିବେ । ଜଂତୁମାନଂକୁ ଜବତ୍ କରି ରଖି ପାରିବେ ।"

ଏହା ସବୁ ଅଗ୍ନିଂକଠାରୁ ଶୁଣି ଅର୍ଜୁନ କହିଲେ, "ମୋ ପାଖରେ ଭଲ ଧନୁଶର ନାହିଁ, ରଥ ବି ନାହିଁ । କୃଷ୍ଣଂକ ହାତରେ ବି ଅସ୍ତ୍ର ନାହିଁ । ଏ ସବୁ ଆଣି ଦେଲେ, ଆମେ ତୁମ କାର୍ଯ୍ୟ କରିବାକୁ ରାଜି ଅଛୁଁ ।"

ଅଗ୍ନି ବରୁଣଂକ ପାଖକୁ ଯାଇ ଗାଂଡ଼ୀବ ବୋଲି ଏକ ଧନୁ, ଅକ୍ଷୟ ତୂଣ ( ଯେଉଁ ଶରମୁଣାରୁ ଶର ସରିଯାଏ ନାହିଁ ) ଆଉ କପିଧ୍ୱଜ ବୋଲି ଏକ ରଥ ଆଣି ଅର୍ଜୁନଂକୁ ଦେଲେ । ଏହି ରଥ ଉପରେ ଏକ ଭୟଂକର ମାଂକଡ଼ (କପି)ର ମୂର୍ତ୍ତି ଥିବାରୁ, ଏହାର ନାମ କପିଧ୍ୱଜ । ରଥଟି ବିଶ୍ୱକର୍ମାର ତିଆରି । ତା'ର ଘୋଡ଼ାଗୁଡ଼ିକ ଗଂଧର୍ବ ଦେଶର । ସେ ରଥର କେତେ ଆଶ୍ଚର୍ଯ୍ୟ ଗୁଣ । ଧନୁଟିର ଗୁଣ ଚହୁଁ ବଳେ । ଏହାକୁ ବ୍ରହ୍ମା ତିଆରି କରିଥିଲେ । ଅର୍ଜୁନ ଏଥିରେ ଗୁଣ ଦେଉଥିବେଳେ, ଏହାର ଶବ୍ଦ ଶୁଣି ସମସ୍ତେ ଭୟରେ ଚମକି ପଡ଼ଂତି ।

କୃଷ୍ଣଂକୁ ମଧ୍ୟ ଅଗ୍ନି ସୁଦର୍ଶନ ବୋଲି ଗୋଟିଏ ଚକ୍ର ଦେଲେ ଓ କୌମୋଦକୀ ବୋଲି ଏକ ଗଦା ଦେଲେ । ଚକ୍ରଟିର ଗୁଣ ଅତି ବିଚିତ୍ର । ଯାହାକୁ ଏ ଚକ୍ର ମାରିବ, ତାକୁ ନିଶ୍ଚୟ ମାରି ପୁଣି ଏ ଚକ୍ର ହାତକୁ ଫେରି ଆସିବ ।

---

## ଖାଂଡବ ବଣ ପୋଡ଼ି

ଅସ୍ତ୍ର ଓ ରଥ ପାଇ କୃଷ୍ଣ ଅର୍ଜୁନ ଅଗ୍ନିଂକୁ କହିଲେ, "ଏବେ ଆପଣ ଖାଂଡବ ବଣ ପୋଡ଼ଂତୁ; ଆମେ ସାହାଯ୍ୟ କରୁଛୁଁ ।"

ଦହୁଁ ଦହୁଁ ଖାଂଡବ ବଣର ଚାରିଆଡ଼େ ହୁତୁ ହୁତୁ ହୋଇ ନିଆଁ ଜଳି ଉଠିଲା । ଖାଂଡବ ଦହନ ପରି ଭୟାନକ ଅଗ୍ନିକାଂଡ ଆଉ କେବେ ହୋଇ ନାହିଁ, କହିଲେ ଚଳେ । ଦୁମ୍ ଦୁମ୍ ହୋଇ ଆକାଶ ପର୍ଯ୍ୟଂତ ଅଗ୍ନିଶିଖା ବ୍ୟାପିଗଲା । ପର୍ବତ ପରି କଳା ଧୂଆଁମାନ ମୁଂହୁରିଗୁଡ଼ି ପରି ଆକାଶରେ ଘୋଟି ଯିବାରୁ, ଦିନ ଦି'ପହରେ ଅମାବାସ୍ୟା ରାତି ପରି ଅଂଧାରି ହୋଇ ଗଲା । ଜୀବଜଂତୁମାନେ ଏଣେ ତେଣେ ଅତି ବ୍ୟସ୍ତ ହୋଇ ଦୌଡ଼ାଦୌଡ଼ି କଲେ । କିଂତୁ କୃଷ୍ଣ ଅର୍ଜୁନଂକ ଭୟରେ ଆଉ ବାହାରକୁ ପଳାଇ ପାରିଲେ ନାହିଁ । କୃଷ୍ଣଂକ ଚକ୍ର ଏପରି ଯେ, ଜଂତୁଟିଏ ବାହାରିଲା କ୍ଷଣି ତାକୁ କାଟି ଦୁଇଖଂଡ କରେ । ଅର୍ଜୁନଂକ ଶର ଚହୁଁ ବଳେ । ତା'ଆଗରେ ପିଂପୁଡ଼ିଟିଏ ମଧ୍ୟ ବାହାରକୁ ଯିବାର ଉପାୟ ନାହିଁ । କପିଧ୍ୱଜ ରଥ ସେ ବଣ ପୋଡ଼ିବା ବେଳେ ବିଜୁଳିପରି ସେ ବଣ ଚାରିପାଖେ ବୁଲୁଥାଏ । ଦହୁଁ ଦହୁଁ ପୁଣି ଦିଶେ ନାହିଁ । କେତେ ଜଂତୁ, କେତେ ପକ୍ଷୀ ସେ ଦିନ ପୋଡ଼ି ମଲେ, ତାହା କହିଲେ ବି ସରିବ ନାହିଁ । ଝିଲ, ଖାଲ, ପୋଖରୀ, ବିଲର ପାଣି ମଧ୍ୟ ତାତି ଯାଇ ଟକ୍ ଟକ୍ ଫୁଟିଲା । ମାଛ, କଇଁଛ, କଂଙ୍କଡ଼ା ସମସ୍ତେ ସେଥିରେ ସିଝି ମରିଗଲେ । ସେଦିନ ନିଆଁର ଶବ୍ଦ ଓ ଜଂତୁମାନଂକ କୋଳାହଳ ଚିତ୍କାର, ସମୁଦ୍ର ଗର୍ଜନ ଓ ବଜ୍ରଶବ୍ଦଠାରୁ ମଧ୍ୟ ଭୟଂକର ହୋଇଥିଲା । ଦଶ କୋଶ ଦୂରରେ ଲୋକେ ତାହା ଶୁଣିଥିବେ ।

ପୃଥିବୀ ଧ୍ୱଂସ ହୋଇ ଯିବ ବୋଲି ଦେବତାମାନେ ଭୟ କଲେ । ଇଂଦ୍ର ଆସି, ଅଣଚାଶ ପବନଯାକ ଡାକି, ଘୋର ବର୍ଷା, ତୋଫାନ ଲଗାଇ ଦେଲେ । ଅଗ୍ନିର ତେଜରେ ମେଘ ସବୁ ଶୁଖିଗଲା । ସେଥିରୁ ଇଂଦ୍ର ମହାମେଘମାନଂକୁ ଡାକିଲେ । ମହାମେଘ ବର୍ଷିଲେ, ମୁହୂର୍ତ୍ତରେ ବ୍ରହ୍ମାଂଡ ବୁଡ଼ାଇ ଦେବେ, କିଂତୁ ଅର୍ଜୁନଂକ ବାଣରେ ସେମାନେ ମଧ୍ୟ କୁଆଡ଼େ ଉଡ଼ି ଗଲେ ।

ଇନ୍ଦ୍ରଙ୍କ ବନ୍ଧୁ ତକ୍ଷକ ସେହି ବଣରେ ଥାନ୍ତି । ସେ ନିଜେ ଘରେ ନ ଥିଲେ । ତାଙ୍କର ଭାର୍ଯ୍ୟା ପୋଡ଼ି ମଲେ । ଅଶ୍ୱସେନ ବୋଲି ତାଙ୍କର ପୁଅଟିଏ ଥିଲେ । ତାଙ୍କର ମଧ୍ୟ ମୁଣ୍ଡ ଓ ଲାଞ୍ଜ ପୋଡ଼ିଗଲା । ଇନ୍ଦ୍ର ବଜ୍ର ମାରି ଥରେ ଅର୍ଜୁନଙ୍କୁ ଟିକିଏ ମୋହ କରି ପାରିଥିଲେ । ସେତିକିବେଳେ ଅଶ୍ୱସେନ ଧୁଷୁରି ଧୁଷୁରି ପଳାଇଲେ ।

ଏଣେ ଇନ୍ଦ୍ର ବଜ୍ର ମାରି, ବର୍ଷା କରି ପର୍ବତ ଫୋପାଡ଼ି ମଧ୍ୟ କୃଷ୍ଣ ଅର୍ଜୁନଙ୍କୁ ଜବତ୍ କରି ପାରିଲେ ନାଇ । ଅର୍ଜୁନଙ୍କର ଗୋଟାଏ ଗୋଟାଏ ଶରରେ ଇନ୍ଦ୍ର ଫିଙ୍ଗିଥିବା ପର୍ବତମାନ ଖଣ୍ଡ ଖଣ୍ଡ ହୋଇ, ଗ୍ରହମାନେ ଉପରୁ ଭାଙ୍ଗି ଛିଡ଼ି ପଡ଼ିଲା ପରି କାହିଁ ଯାଇ ପଡ଼ୁଥାନ୍ତି ।

ଦେବତାମାନଙ୍କ ମନ ବଡ଼ ଖୋଲାସା । ଇନ୍ଦ୍ର ନିଜେ ନ ପାରି, କୃଷ୍ଣ ଅର୍ଜୁନଙ୍କୁ ବହୁତ ପ୍ରଶଂସା କଲେ ଏବଂ କହିଲେ, "ମୁଁ ତୁମମାନଙ୍କ ଉପରେ ବଡ଼ ସଂତୋଷ ହେଲି । ତୁମେମାନେ ମୋତେ କ ବର ମାଗିବ ମାଗ ।"

ଅର୍ଜୁନ କହିଲେ, "ମୋତେ ଆପଣ ସବୁ ଅସ୍ତ୍ରଗୁଡ଼ିକ ଦିଅନ୍ତୁ ।" ଇନ୍ଦ୍ର କହିଲେ, "ଆଚ୍ଛା, ତୁମେ ତପସ୍ୟା କରି ଶିବଙ୍କୁ ସଂତୋଷ କର, ତେବେ ମୁଁ ସବୁ ଅସ୍ତ୍ର ତୁମକୁ ଦେବି ।"

କୃଷ୍ଣ କହିଲେ, "ଦେବରାଜ, ମୋତେ ଏହି ବର ଦିଅନ୍ତୁ ଯେ, ଅର୍ଜୁନଙ୍କର ମୋର ବନ୍ଧୁଭାବ ଓ ସ୍ନେହ ଯେପରି କାଳେ କାଳେ ରହିବ ।"

ଇନ୍ଦ୍ର "ତଥାସ୍ତୁ" (ସେଇଆ ହଉ) ବୋଲି କହି ଚାଲିଗଲେ ।

ଖାଣ୍ଡବ ବଣଟି ଜଳଖିଆ କରିସାରି, ଏଉଡ଼ଟାଏ ମାରି, ଅଗ୍ନି ବଡ଼ ଖୁସି ହୋଇ, କୃଷ୍ଣ ଅର୍ଜୁନଙ୍କୁ ପ୍ରଶଂସାଟାଏ କରି ଅନ୍ତର୍ଧାନ ହୋଇଗଲେ ।

ଏହି ବଣପୋଡ଼ିରୁ ଛଅଟି ମାତ୍ର ପ୍ରାଣୀ ରକ୍ଷା ପାଇଲେ । ଗୋଟିଏ ତ ଅଶ୍ୱସେନ, ଆଉ ଜଣେ ମୟ ବୋଲି ଗୋଟିଏ ଦାନବ । ସେ ଅର୍ଜୁନଙ୍କୁ ଏପରି ଅନୁନୟ ମିନତି କରି କହିଲା ଯେ, ଅର୍ଜୁନ ତାକୁ ଆଉ ଶର ମାରିଲେ ନାଇ । ସେ ଚାଲିଗଲା । ଏହି ମୟ ପାଣ୍ଡବମାନଙ୍କର ପରେ ବହୁତ କାମ କରିଥିଲା । ସେ କଥା ପରେ କୁହା ଯାଉଛି । ଆଉ ଚାରୋଟି ଚଢ଼େଇଙ୍କୁ ଦୟା କରି ଅଗ୍ନି ଖାଇ ନ ଥିଲେ ।

ଖାଣ୍ଡବ ଦହନ ଅଗ୍ନିକାଣ୍ଡ ପନ୍ଦର ଦିନ ଲାଗିଥିଲା । ପନ୍ଦର ଦିନ ପରେ ନିଆଁ ଲିଭିବାରୁ ସୁନ୍ଦର ବଣଟି ଶ୍ମଶାନ ପରି ଦିଶିଲା ।

---

## ସଭାପର୍ବ

### ମୟ ଦାନବ କଅଣ କଲେ ?

ଇନ୍ଦ୍ର ଅଗ୍ନି ଚାଲିଯିବା ପରେ ମୟ ଦାନବ ହାତ ଯୋଡ଼ି ଅର୍ଜୁନଙ୍କୁ କହିଲେ, "ଆପଣ ମୋର ପ୍ରାଣ ରଖିଅଛନ୍ତି । ଆଜ୍ଞା କରନ୍ତୁ, ମୁଁ ଆପଣଙ୍କର କ ଉପକାର କରିବ ?"

ଅର୍ଜୁନ କହିଲେ, "ତୁମେ ଯେ ସଂତୁଷ୍ଟ ହୋଇଅଛ, ସେହି ମୋର ବହୁତ ଉପକାର, ଆଉ କିଛି ଲୋଡ଼ା ନାଇ ।"

ମୟର ମନ ବୋଧ ହେଲା ନାଇ । ମୟ କିଛି ସାମାନ୍ୟ ଲୋକ ନୁହେ । ଦେବତାମାନଙ୍କ ଭିତରେ ବିଶ୍ୱକର୍ମା ପରି ଦାନବମାନଙ୍କ ଭିତରେ ମୟ କାରିଗରିରେ ଭାରି ଓସ୍ତାଦ୍ । ଅର୍ଜୁନ ପାଇଁ କିଛି ବଡ଼ କାମ କରିବାର ତା'ର ଇଚ୍ଛା । ସେ ପୁଣି ବହୁତ ମିନତି କରିବାରୁ ଅର୍ଜୁନ କହିଲେ, "ତୁମେ କୃଷ୍ଣଙ୍କର କିଛି କାମ କର, ତେବେ ମୋର ଉପକାର ହେବ ।"

କୃଷ୍ଣ କହିଲେ, "ତୁମେ ମହାରାଜ ଯୁଧିଷ୍ଠିରଂକ ପାଇଁ ଗୋଟାଏ ବଡ଼ ସଭାଘର କରିଦିଅ । ସେପରି ସଭାଘର ଯେପରି କି ଆଉ କେହି କରି ନପାରିବେ ।"

ମୟ ବଡ଼ ସଂତୋଷରେ ରାଜି ହେଲା । ତହୁଁ କୃଷ୍ଣ ଅର୍ଜୁନ ତାକୁ ଯୁଧିଷ୍ଠିରଂକ ପାଖକୁ ନେଇ ଗଲେ । ଯୁଧିଷ୍ଠିର ମୟକୁ ଭାରି ଆଦର କଲେ । ସଭାଘର ହେବାର ଠିକ୍ ହେଲା । ସେ ସଭାଘର କେତେ ତାହା ବୁଝାଇ କହିବା କଠିନ । ଘରଟି ପାଂଚ ହଜାର ହାତ ଲମ୍ବ । ତହିଁକି ଯୁହିଁ ଚଉଡ଼ା । ଏଡ଼େ ଘର ତିଆରି କରି ସଜାଇବା ପାଇଁ ଜିନିଷ ତ ଦରକାର !

ମୟ ଅର୍ଜୁନଂକୁ କହିଲା, "ଏବେ ମତେ ଛୁଟି ଦିଅଂତୁ । ମୁଁ ସଭା ପାଇଁ ଜିନିଷ ଆଣିବାକୁ ଯିବି । ଏଠାରେ ତ ଜିନିଷ ମିଳିବ ନାଇ ।"

ବହୁକାଳ ପୂର୍ବେ ଦାନବରାଜା ବୃଷପର୍ବା ଯଜ୍ଞ ପାଇଁ କୈଳାସ ପର୍ବତ ଉତ୍ତରରେ ଏଇ ମୟ ହାତରେ ଏକ ଆଶ୍ଚର୍ଯ୍ୟ ସଭା ତିଆରି କରାଇଥିଲେ । ଯୁଧିଷ୍ଠିରଂକ ସଭାପାଇଁ ମୟ ସେହି ସଭାର ମଣି, ମୁକ୍ତା, ସ୍ଫଟିକ ସବୁ ଆଣିବାକୁ ଗଲେ । ସେଠାରେ ବିଂଦୁସରୋବର ବୋଲି ଗୋଟିଏ ପୋଖରୀ ଅଛି । ସେଥିରେ ବୃଷପର୍ବା ତାଂକ ସୁନାର ଗଦା ଓ ବରୁଣ ତାଂକର ଦେବଦତ୍ତ ନାମକ ଶଂଖ ରଖିଥିଲେ ।

ମୟ ଅଳ୍ପଦିନ ଭିତରେ ସେହି ମଣି, ମୁକ୍ତା, ସ୍ଫଟିକ ସବୁ ନେଇ ଫେରିଲେ । ସାଂଗରେ ଭୀମ ପାଇଁ ସେହି ଗଦାଟି ଓ ଅର୍ଜୁନ ପାଇଁ ସେହି ଦେବଦତ୍ତ ଶଂଖଟି ମଧ୍ୟ ନେଇ ଆଇଲେ ।

---

## ମୟ ତିଆରି କରିଥିବା ସଭା

ଚଉଦ ମାସରେ ମୟ ସଭାଘରର କାମ ଶେଷ କଲେ । କି ସୁଂଦର ସଭାଘର ! କିଏ ତାହା କଥାରେ କହି ପାରିବ ? ସ୍ଫଟିକ ସବୁ ଇଟାପରି ଖଂଡ ଖଂଡ ହୋଇ ଯୋଡ଼ା ହୋଇ କାଂଥ ହୋଇଛି । ସେଥିରେ ଝରା ଚଢ଼ ଚକ୍ ଚକ୍ ଦିଶୁଛି । ମଣି ମୁକ୍ତାର ସାଜସଜ୍ଜା, କାଂଥର ସୁଂଦର କାମସବୁ ବୁଝାଇ କହିବ କିଏ ? ବଗିଚ୍ଚାଗୁଡ଼ିକର ଗଛ ପତ୍ର ସୁନାରେ, ଫଳ ଫୁଲ, ମଣି ମାଣିକ୍ୟରେ ତିଆରି ହୋଇଛି, ତହିଁକି ବଳି ଘର ଭିତରର ସାଜସଜା । ସ୍ଫଟିକ ପୋଖରୀ ଦେଖିଲେ ପାଣି ଥିଲାପରି ଜଣାପଡ଼ୁ ନାଇ । ଲୋକେ ଚାଲି ଯାଉ ଯାଉ ପାଣିରେ ପଡ଼ୁଛଂତି, ଦେଖାଣାହାରିମାନେ ହସି ଉଠୁଛଂତି । ପୋଖରୀରେ ସୁଂଦର ମାଛ ପହଁରୁଛଂତି, ପଦ୍ମଫୁଲ ଫୁଟିଛି, ହଂସ ପହଁରୁଛି, ପକ୍ଷୀମାନେ ସୁଂଦର ବୋବାଉଛଂତି, ଆଠ ହଜାର ରାକ୍ଷସ ରାତିପଟେ ସଭାଘର ଜଗିଅଛଂତି ।

ଏପରି ସଭାଘର ସ୍ବର୍ଗରେ ଥାଇ ପାରେ ? ପୃଥିବୀରେ କେହି ଦେଖି ନାହାଂତି । ପୃଥିବୀର ରଜା, ଜମିଦାର, ମୁନି, ଋଷି ଅନେକ ସଭା ଦେଖିବାକୁ ଆସିଲେ । ସ୍ବର୍ଗରୁ ନାରଦ, ପାରିଜାତ, ରୈବତ, ସୁମୁଖ, ଧୌମ୍ୟ ପ୍ରଭୃତି ଦେବର୍ଷିମାନଂକର ବି ସଭା ଦେଖି ଆସିବାକୁ ମନ ହେଲା; ସେମାନେ ରହି ନ ପାରି ସଭା ଦେଖିବାକୁ ଆସିଲେ ।

ନାରଦ ଆସି, ସଭା ଦେଖି, ଯୁଧିଷ୍ଠିରଂକୁ ଇଂଦ୍ର, ଯମ, ବରୁଣ, କୁବେର ଓ ବ୍ରହ୍ମାଂକ ସଭା ବିଷୟରେ ବହୁତ ଆଶ୍ଚର୍ଯ୍ୟ କଥା ଶୁଣାଇଲେ । ଶେଷକୁ ମହାରାଜ ପାଂଡୁଂକଠାରୁ କିଛି ଖବର ଥିଲା । ସ୍ବର୍ଗରୁ ଆସିଲା-ବେଳେ ପାଂଡୁଂକ ସଂଗେ ତାଂକର ଦେଖା ହେଲା । ପାଂଡୁ କହିପଠାଇ ଥିଲେ, "ମହର୍ଷି, ଆପଣ ପୃଥିବୀକୁ ଯାଉଛଂତି । ଯୁଧିଷ୍ଠିରଂକୁ କହିବେ, ସେ ରାଜସୂୟ ଯାଗ କରିବେ । ହରିଶ୍ଚଂଦ୍ର ରାଜସୂୟ ଯାଗ କରିଥିବାରୁ, ଇଂଦ୍ରଂକ ସଭାରେ ସୁଖରେ ଅଛଂତି । ଯୁଧିଷ୍ଠିର ରାଜସୂୟ ଯାଗ କଲେ ମୁଁ ସେହିପରି ରହିବି ।" ନାରଦ ଏହା କହି ଚାଲିଗଲେ ।

---

## ରାଜସୂୟ ବିଷୟରେ କଥାବାର୍ତ୍ତା

ରାଜସୂୟ ଯଜ୍ଞ ସହଜ କଥା ନୁହେଁ । ପୃଥିବୀର ସବୁ ରଜାଂକଠାରୁ କର ଆଣି, ସେହି ଧନରେ ଏ ଯଜ୍ଞ କରିବାକୁ ହୁଏ । ଅନ୍ୟ ରଜାମାନେ ବାଧା ବି ଦିଅଂତି । ନିଜର ବଳ ବୁଦ୍ଧି ଓ ଖୁବ୍ ବଂଧୁ ବାଂଧବ ନ ଥିଲେ, ଏହା ହେବା ସଂଭବ ନୁହେଁ ।

ଏ ଯଜ୍ଞ ତ କରିବାକୁ ହବ । ତେବେ କିପରି ? ବଳ ବୁଦ୍ଧି ପାଂଡବଂକର ଅଛି । ବଂଧୁ ବାଂଧବ ବି ବହୁତ । ଲୋକେ ତାଂକୁ ସୁଖପାଆଂନ୍ତି । ଭୀମ ଅର୍ଜୁନଂକ ସାହସ ଆଉ କ୍ଷମତାରେ ଲୋକେ ନିର୍ଭୟରେ ଅଛଂନ୍ତି; ଶତ୍ରୁ ଥରହର ହେଉଥାଂନ୍ତି । ନକୁଳଂକର ନ୍ୟାୟ ବିଚାର ଆଉ ସହଦେବଂକର ସଦାଚାର (ଭଲ ବ୍ୟବହାର) ରେ ସମସ୍ତେ ଏକାବେଳକେ ଭାରି ଖୁସି, ଭାରି ଆଶ୍ଚର୍ଯ୍ୟ ! ମଂତ୍ରୀମାନେ ସମସ୍ତେ ଯଜ୍ଞ କରିବାକୁ ଯୁଧିଷ୍ଠିରଂକୁ ପରାମର୍ଶ ଦେଲେ । କିଂତୁ ଯୁଧିଷ୍ଠିର ଠିକ୍ କଲେ—କୃଷ୍ଣଂକୁ ନ ପଚାରି ସେ କିଛି କରିବେ ନାହିଁ ।

କୃଷ୍ଣଂକୁ ଅଣାଇ ପଚାରିଲେ । କୃଷ୍ଣ କହିଲେ, "ମହାରାଜ, ଆପଣ ଅବଶ୍ୟ ରାଜସୂୟ କରିବା ଭଳି ଲୋକ; କିଂତୁ ଗୋଟାଏ କଥା ଅଛି । ମଗଧର ରଜା ଜରାସଂଧର ଭାରି କ୍ଷମତା । ପୃଥିବୀର ସବୁ ରଜାଂକୁ ସେ ଜିଣିଛି । ଶିଶୁପାଳ ତା'ର ସେନାପତି । ଶିଶୁପାଳ ବି କମ୍ ବୀର ନୁହେଁ । ପୁଣି ବଙ୍ଗ, ଭଗଦତ୍ତ, ଶଲ୍ୟ, ପୌଂଡ୍ରକ, ଭୀଷ୍ମକ ପ୍ରଭୃତି ବଡ଼ ବଡ଼ ବୀର ରଜାମାନେ ତା'ର ବଂଧୁ । ତା' ଭୟରେ କେତେ ରଜା ଦେଶ ଛାଡ଼ି ପଳାଇଛଂନ୍ତି । ଆମେମାନେ ନିଜେ ମଥୁରା ଛାଡ଼ି ଦ୍ୱାରକାକୁ ପଳାଇଛୁ । ସେ ଶହେ ରଜା ବଳି ଦେଇ କାଳୀପୂଜା କରିବ ବୋଲି ବସିଛି । ଚୌରାଅଶୀ ରଜା ଆଣି ବଂଦୀ କଲାଣି । ବାକି ଷୋଳଟି ରଜା ହେଲେ ହେଲା । ସେ ଥାଉଁ ଥାଉଁ, ରାଜସୂୟ ହୋଇ ପାରିଲା ପରି ଲାଗୁନାହିଁ । ଆଗେ ତାକୁ ମାରି, ବଂଦୀ ରଜାମାନଂକୁ ବାହାର କରଂନ୍ତୁ । ତା ହେଲେ କାମ ହବ ।"

ଯୁଧିଷ୍ଠିର କହିଲେ, "ତେବେ ତ ବଡ଼ ମୁସ୍କିଲ କଥା । ତୁମେ ନିଜେ ଯାହାକୁ ଏତେ ଭୟ କର, ସେଥିରେ ଆମମାନଂକର କି ସାହସ ! ତୁମେ ବଳରାମ, ଭୀମ, ଅର୍ଜୁନ ଏ ଚାରି ଜଣଂକ ଭିତରୁ କେହି କି ଜରାସଂଧକୁ ମାରି ପାରିବ ନାହିଁ ?" ଭୀମ ସେଠାରେ ଥିଲେ । ସେ କହିଲେ, "କୃଷ୍ଣଂକର ବୁଦ୍ଧି ଅଛି; ମୋର ବଳ ଅଛି; ଅର୍ଜୁନର ସାହସ ଅଛି । ଆମେ ତିନିହେଁ ମିଶି ଜରାସଂଧକୁ ମାରିବୁ ।

କୃଷ୍ଣ କହିଲେ; "ଯେ ଜରାସଂଧକୁ ମାରି ବଂଦୀ ରଜାମାନଂକୁ ମୁକ୍ତ କରିବ, ସେ ଯେ ସମ୍ରାଟ୍ ହେବ, ଏଥିରେ କିଛି ଭୁଲ ନାହିଁ ।"

ଯୁଧିଷ୍ଠିର କହିଲେ, "ସମ୍ରାଟ୍ ହେବା ପାଇଁ ମୁଁ ତୁମମାନଂକୁ ଏ ବିପଦକୁ ପଠାଇ ପାରିବି ନାହିଁ । ମୋର ରାଜସୂୟ ଦରକାର ନାହିଁ ।"

ଅର୍ଜୁନ ଆସି ପହଂଚିଲେ । ସେ କହିଲେ, "ଆମେମାନେ ଭଲ ଭଲ ଅସ୍ତ୍ର ପାଇଛୁ । ବଳ ବି ଆମର ଅଛି । ଶତ୍ରୁ ଆଗେ ଚୁପ୍ ରହିବା ଠିକ୍ ନୁହେଁ । ଆମେ ଯୁଦ୍ଧ କରିବୁ ।"

---

## ଜରାସଂଧ କଥା

ଜରାସଂଧ ମଗଧର ରଜା ଏ କଥା ଆଗେ କୁହାଯାଇଛି । ଜରାସଂଧର ବାପା ଥିଲେ ବୃହଦ୍ରଥ । ବୃହଦ୍ରଥଂକର ଯୋଡ଼ିଏ ରାଣୀ ଥିଲେ । ଅନେକ ଦିନଯାକେ କାହାରି ପୁଅ ହେଲା ନାହିଁ । ରଜାଂକ

ମନରେ ବଡ଼ ଦୁଃଖ ଥାଏ । ଦିନେ ରଜା ଶୁଣିଲେ, ରାଜଧାନୀ ପାଖରେ ଗୋଟିଏ ଆମ୍ବଗଛ ତଳେ ଚଣ୍ଡକୌଶିକ ମୁନି ଆସି ବସିଛନ୍ତି । ରଜା ବେଗାବେଗି ଯାଇ, ମୁନିଙ୍କ ପାଖେ ପହଞ୍ଚିଲେ; ଅନେକ ସେବା କଲେ; ଆପଣା ଦୁଃଖ କଥା କହିଲେ । ରଜାଙ୍କ ଦୁଃଖକଥା ଶୁଣି, ମୁନି ଧ୍ୟାନରେ ବସିଛନ୍ତି, ଗଛରୁ ଗୋଟିଏ ପାଚିଲା ଆମ୍ବ ତାଙ୍କ କୋଳରେ ପଡ଼ିଲା । ସେହି ଆମ୍ବଟି ଧରି ମୁନି ରଜାଙ୍କୁ କହିଲେ, "ମହାରାଜ, ଆଉ କିଛି ଚିନ୍ତା ନାହିଁ । ଆମ୍ବଟି ଖାଇଲେ ରାଣୀମାନଙ୍କର ପୁଅ ହେବ ।"

ଦୁଇ ରାଣୀ ଦୁଇ ଭାଗ କରି ଆମ୍ବଟି ଖାଇଲେ । କି ଆଶ୍ଚର୍ଯ୍ୟ ! ଗୋଟିଏ ପୁଅକୁ ଦିହେଁ ଫାଳେ ଫାଳେ ଜନ୍ମ କଲେ । ଦୁଇଟିର ଗୋଟିଏ ଗୋଡ଼, ଗୋଟିଏ ହାତ, ଫାଳେ କାନ, ଗୋଟିଏ ଆଖି । ଏ ପୁଅ କଣ ହେବ ? ଦି' ରାଣୀଯାକ କାନ୍ଦି କାନ୍ଦି ଫାଳଟିମାନ ଲୁଗାରେ ଗୁଡ଼ାଇ ପଞ୍ଜରି ବାଟେ ବାହାରକୁ ଫିଙ୍ଗିଦେଲେ ।

ଜରା ବୋଲି ଗୋଟିଏ ରାକ୍ଷସୀ ସେ ଯୋଡ଼ିକ ଫାଳ ପାଇଲା । ସେ ବିଚାରିଲା—ଫାଳ ଫାଳ କରି ଯୋଡ଼ିଏ ବୋହିବାକୁ କଷ୍ଟ ହେବ, ଯୋଡ଼ିଦିଏଁ । ଯୋଡ଼ିଦେଲା ମାତ୍ରକେ ଗୋଟିଏ ପିଲା ହୋଇଗଲା ! ପିଲାଟି ବଜ୍ର ପରି ଶକ୍ତ । ରାକ୍ଷସୀ ତାକୁ ବୋହି ପାରିଲା ନାହିଁ, ତଳେ ଫିଙ୍ଗି ଦେଲା । ପିଲାଟି ସିଂହ ପରି ଗର୍ଜି କାନ୍ଦି ଉଠିଲା । କାନ୍ଦ ଶୁଣି ରଜା, ମନ୍ତ୍ରୀ, ଆଉ ଆନ୍ଥ ଲୋକେ ଦଉଡ଼ି ଆସିଲେ । ରାକ୍ଷସୀ ଆଉ ପିଲାଟିକି ନେବ କ'ଣ ? ପିଲାଟିକି ରଜାଙ୍କୁ ଦେଇ କହିଲା, "ଏଇ ତମ ପୁଅକୁ ନିଅ ।"

ଜରା ଯୋଡ଼ିଥିଲା ବୋଲି, ସେହି ପିଲାଟିର ନାମ ଜରାସନ୍ଧ । ବଡ଼ ହୋଇ ସେ ଭାରି ଭୟଙ୍କର ଲୋକ ହେଲା । ହଂସ, ଡିମ୍ଭକ ବୋଲି ତାର ଦୁଇ ଜଣ ବନ୍ଧୁ ଥିଲେ । ଜରାସନ୍ଧ, ହଂସ ଆଉ ଡିମ୍ଭକ ଏକାଠେଇଁ ହେଲେ ସ୍ୱର୍ଗ ମର୍ତ୍ତ ପାତାଳରେ ତାଙ୍କୁ କେହି ହଟାଇ ପାରୁ ନ ଥିଲେ ।

ହଂସ ଡିମ୍ଭକ ଭାରି ସାଙ୍ଗ ଥିଲେ । ହଂସ ବୋଲି ଆଉ ଜଣେ ମରିଥିଲା । ଡିମ୍ଭକ ଶୁଣିଲା, ହଂସ ମରିଗଲା । ନିଜ ସାଙ୍ଗ ମଲା ବୋଲି ବିଚାରି, ହଂସ ଯମୁନାରେ ଝାସ ଦେଲା । ପରେ ହଂସ ଏହା ଶୁଣି ମଧ୍ୟ ସେହିପରି ଯମୁନାରେ ବୁଡ଼ିମଲା । ସେ ଦୁହେଁ ମଲା ପରେ ଜରାସନ୍ଧର ବଳ ଟିକିଏ କମି ଯାଇଥିଲା ।

ଏହା ବୋଲି ନିଜେ ଜରାସନ୍ଧ କିଛି କମ୍ ନ ଥିଲା । କୃଷ୍ଣଙ୍କୁ ମାରିବା ପାଇଁ ସେ ଥରେ ଗୋଟିଏ ଗଦା ଅଣାନବେ ଥର ବୁଲାଇ ମଗଧରୁ ଫିଙ୍ଗି ଦେଲା । ସେ ଗଦା ମଥୁରାରେ ଆସି ପଡ଼ିଲା ।

---

## ଭୀମ ଜରାସନ୍ଧକୁ ମାଇଲେ

ମଗଧର ଗିରିପାଖେ ବୈହାର, ବରାହ, ବୃଷଭ, ଋଷିଗିରି ଓ ଚୈତକ ନାମରେ ପାଞ୍ଚୋଟି ଉଚ୍ଚ ପର୍ବତ । ସୈନ୍ୟ ସେନ ସେଠାରେ ପଶିବା ବଡ଼ କଷ୍ଟ କଥା । ସେଥିରେ ପୁଣି ଜରାସନ୍ଧ ଏଡ଼େ ବଡ଼ ବୀର । ତାକୁ ଜିଣିବେ କିପରି ? କୃଷ୍ଣ ଗୋଟିଏ ବୁଦ୍ଧି ପାଞ୍ଚିଲେ । କୃଷ୍ଣ, ଭୀମ, ଅର୍ଜୁନ ତିନିହେଁ ସାଧାରଣ ଲୋକ ପରି ମଗଧକୁ ଗଲେ, ଜରାସନ୍ଧ ସାଙ୍ଗେ ସହଜରେ ଦେଖା ହୋଇ ପାରେ; ତେବେ ଯୁଦ୍ଧ କରି ଜିଣିବାର ସୁବିଧା ହେବ ।

ଏହା ବିଚାରି, ତିନିହେଁ ସ୍ନାତକ ( ଯେ ବ୍ରତ ପାଳୁଥାଏ ) ବ୍ରାହ୍ମଣ ବେଶରେ ଯାତ୍ରା କଲେ । ପ୍ରଥମେ କୁରୁ ଜାଙ୍ଗଳ ଦେଶ, ତହିଁରୁ ଗଣ୍ଡକୀ ସରଯୂ ପ୍ରଭୃତି

ନଈ ପାର ହୋଇ, ପୂର୍ବ କୋଶଳ, ମିଥିଳା, ମାଳସୁ ଦେଶ ବାଟେ ଚର୍ମଣ୍ୱତୀ, ଗଂଗା ଓ ସେ ନ ନଦୀ ପାର ହୋଇ, ଶେଷରେ ମଗଧରେ ପହଂଚିଲେ । ସିଂହଦ୍ୱାର ପାଖେ ଗୋଟିଏ ଚୈତ୍ୟ ( ଜୟସ୍ତମ୍ଭ ) ଓ ତିନୋଟି ବିଶାଳ ଦୁଂଦୁଭି ( ବଡ଼ ଢୋଲ ବାଦ୍ୟ ) ଥିଲା । ତିନିହେଁ ପହଂଚି, କାହାକୁ କିଛି ନ କହି, ଚୈତ୍ୟଟି ଭାଂଗି, ଦୁଂଦୁଭିଗୁଡ଼ିକ ବାଡ଼େଇ ଗୁଂଡା କରିଦେଲେ; ନଗର ଭିତରେ ପଶି, କେତେ ଦୋକାନ ଲୁଟି କଲେ; ମାଳୀ ଦୋକାନରୁ ଫୁଲମାଳ ନେଇ ବେକରେ ପିଂଧିଲେ । ଲୋକେ ଆଶ୍ଚର୍ଯ୍ୟ ହୋଇ ବଲବଲ ଚାହିଁଥାଂତି । ଶେଷରେ ଜରାସଂଧ ସାଂଗେ ଦେଖା ହେଲା । ଜରାସଂଧ ସେମାନଂକୁ ସ୍ନାତକ ବ୍ରାହ୍ମଣ ବିଚାରି ବହୁତ ଆଦର କଲେ । ଭୀମ, ଅର୍ଜୁନ କିଛି କହିଲେ ନାହିଁ । କୃଷ୍ଣ କହିଲେ, "ଏମାନେ ମୌନୀ; ଖାଲି ରାତି ଦି' ପହରେ କଥାବାର୍ତ୍ତା କରଂତି ।"

ରାତି ଦି' ପହର ବେଳେ କଥାବାର୍ତ୍ତା ହେଲା । ଜରାସଂଧ କହିଲେ, "ଆପଣମାନଂକୁ ଦେଖିଲେ ସ୍ନାତକ ବ୍ରାହ୍ମଣ ପରି ଜଣା ପଡ଼ୁଚି; କିଂତୁ ସ୍ନାତକ ବ୍ରାହ୍ମଣ-ମାନେ ତ ଫୁଲମାଳ, ଚଂଦନ ଲଗାଂତି ନାହିଁ । ଆପଣ ମାନଂକ ହାତରେ ଧନୁଗୁଣର ଦାଗ ଦେଖି କ୍ଷତ୍ରିୟ ପରି ଲାଗୁଚି, ଅଥଚ ଆପଣମାନେ ବ୍ରାହ୍ମଣ ବେଶରେ ଆସିଚଂତି; ପୁଣି ଚୈତ୍ୟଟି ଭାଂଗିଚଂତି । ମୁଁ କେତେ ଆଦର ଯତ୍ନ କରୁଚି, ଆପଣମାନେ ଭଲ କରି କଥା କହୁ ନାହାଂତି, କାହିଁକି ଆସିଚଂତି ?"

କୃଷ୍ଣ କହିଲେ, "କ୍ଷତ୍ରିୟ, ବୈଶ୍ୟ ବି ସ୍ନାତକ ହୋଇ ପାରେ । ଆମକୁ ବ୍ରାହ୍ମଣ ବୋଲି ବିଚାରିବା ଦରକାର କଣ ? ମାଳ ପିଂଧିଲେ ସୁଂଦର ଦିଶେ, ସେଥିପାଇଁ ପିନ୍ଧିଚୁ । ବଳ ଦେଖାଇବା କ୍ଷତ୍ରିୟର କାମ, ସେଥିପାଇଁ କିଛି ଦେଖାଇଚୁ । ଆପଣଂକର ଆଉ ଦେଖିବାର ଇଚ୍ଛା ଥିଲେ, ଭଲ କରି ଏବେ ଦେଖିବେ । ଶତ୍ରୁର ଘରକୁ ଆସି, ତା'ର ଆଦର ନେବା, ଭଲ ଲାଗିଲା ନାହିଁ । ସେଥିପାଇଁ ଆପଣଂକର ଆଦର ଯତ୍ନରେ କିଛି କହୁ ନାହୁଁ ।"

ଜରାସଂଧ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ମୁଁ କିପରି ଆପଣମାନଂକର ଶତ୍ରୁ । ଆପଣମାନେ ଭୁଲ କରୁଚଂତି ପରି ଲାଗୁଚି ।"

କୃଷ୍ଣ କହିଲେ, "ତୁମେ କ୍ଷତ୍ରିୟ ରଜାମାନଂକୁ ଧରି ବଳି ଦେବ ବୋଲି ରଖିଚ । ତୁମେ କ୍ଷତ୍ରିୟମାନଂକ ଶତ୍ରୁ ନୁହ ତ, ଆଉ କଏ ? ଆମେ ବ୍ରାହ୍ମଣ ନୋହୁଁ । ମୁଁ ବସୁଦେବ ପୁତ୍ର କୃଷ୍ଣ । ଏ ଦୁହେଁ ମହାତ୍ମା ପାଂଡୁଂକର ପୁତ୍ର । ଏବେ ବଂଦୀ ରଜାମାନଂକୁ ଛାଡ଼, ନହେଲେ ଆମ ସଂଗେ ଯୁଦ୍ଧକରି ଯମ ଘରକୁ ଯାଅ ।"

ଜରାସଂଧ କହିଲା, "ମୁଁ ଯେଉଁ ରଜାଂକୁ ବଂଦୀ କରିଚି, ତାଂକୁ ମୋର ଯାହା ଇଚ୍ଛା, ମୁଁ ତାହା କରିବି । ମୁଁ କାହାକୁ ଡରେ ନାହିଁ । ମୁଁ ଏକାବେଳେ ଦୁଇ ତିନୋଟି ମହାରଥୀ ( ଖୁବ୍ ବଡ଼ ବଡ଼ ବୀର )ଂକ ସଂଗେ ଯୁଦ୍ଧ କରି ପାରେ ।"

କୃଷ୍ଣ କହିଲେ, "ତେବେ ଯୁଦ୍ଧ କରିବା ପାଇଁ ଆମମାନଂକ ଭିତରୁ ଜଣେ ବାଛ ।"

ଜରାସଂଧ ଭୀମକୁ ବାଛିଲେ । ତା'ପରେ ଦୁହିଁଂକ ଭିତରେ ଘୋର ଯୁଦ୍ଧ ହେଲା, ଲଢ଼ାଲଢ଼ି, କୁସ୍ତି, ଗୋଡପେଚ ଖେଳ, ଯେତେ ରକମ ଅଛି, ସବୁ ଦୁହିଁଂକ ଭିତରେ ଚାଲିଲା । ରେଳ ଇଂଜିନରୁ ଧୂଆଁ ବାହାରିଲା ପରି ଦୁହିଁଂକ ନାକରୁ ନିଃଶ୍ୱାସ ବାହାରୁଥାଏ । ଲୁହା ସାଂଜୁ ଥିବାରୁ ମୁଂଡରେ ମୁଂଡ ବାଜି ଝଂକ୍ ଝଂକ୍ ନିଆଁ ବାହାରି ପଡ଼ୁଥାଏ । ଏହିପରି ତେର ଦିନ ତେର ରାତି ଯୁଦ୍ଧ ଚାଲିଲା ।

ସେତେବେଳେ ଜରାସଂଧ ରଜାପୁଅ । କେବେ ବନବାସ କରି ନାହିଁ, ଭିକ ମାଗି ଖାଇ ନାହିଁ; ନ ଖାଇ ନ ପିଇ କେତେ ଲଢ଼ିବ ? ସେ ପଡ଼ିଗଲା । ଭୀମର ପରବାସ୍ତ ନାଇ । ସେ କେଶ୍ ଗଲା ରାତିରେ ଖାଇପିଇ ନିଦରୁ ଉଠିଲାପରି ଠିଆ ହୋଇଛି । ଏତିକବେଳେ କୃଷ୍ଣ କହିଲେ, "ଭୀମ, ଜରାସଂଧ ବଡ଼ ଦୁର୍ବଳ ହେଲାଣି । ତାକୁ ଆଉ ମାରନା, ସେ ମରିଯିବ ।"

ଏ କଥା କହିବାରେ ସେ ଭୀମକୁ ଜଣାଇ ଦେଲେ ଯେ, ଜରାସଂଧ ଆଉ ବହୁତ ବେଳ ଲଢି ପାରିବ ନାଇ । ତା'ପରେ କୃଷ୍ଣ କହିବାରୁ, ଭୀମ ଭଲ କରି ବଳ ଦେଖାଇଲେ । ଜରାସଂଧର ଦୁଇ ଗୋଡ଼ ଧରି ମୁଂଡ ଉପରେ ଶହେ ଥର ବୁଲାଇଲେ । ତା' ଉପରୁ ତଳେ ପକାଇ ପିଠି ଭାଂଗି ଦେଲେ । ଶେଷକୁ ଦୁଇ ଗୋଡ଼ ଧରି ଦୁଇ ହାତରେ ଚିରି ଦେଲେ । ଜରାସଂଧ ଘୋର ଚିତ୍କାର କରି ମରିଗଲା ।

ବଂଦୀ ରଜାମାନଂକର ଆନଂଦ କହିବ କିଏ ? ତିନିହେଁ ଯାଇ ବଂଦୀଶାଳ ଫିଟାଇଦେଲେ । ରଜାମାନେ ସତେ ଯେପରି ଯମ ଘରୁ ଫେରି ଆସିଲେ । ପ୍ରଣାମ କରି ପଚାରିଲେ, "ଆମେମାନେ ଆପଣମାନଂକର ଚାକର । କଣ କରିବୁଁ, ଆଜ୍ଞା କରଂତୁ ?"

କୃଷ୍ଣ କହିଲେ, "ମହାରାଜ ଯୁଧିଷ୍ଠିର ରାଜସୂୟ ଯଜ୍ଞ କରିବେ, ଆପଣମାନେ ସେଥିରେ ସାହାଯ୍ୟ କରିବେ ।"

ରଜାମାନେ ଆନଂଦରେ 'ହଁ' କଲେ । ଜରାସଂଧ ପୁଅ ସହଦେବ ମଧ୍ୟ କୃଷ୍ଣ, ଭୀମ, ଅର୍ଜୁନଂକୁ ବହୁତ ଧନ ରତ୍ନ ଦେଇ ଶରଣ ପଶିଲେ । ସେ ମଧ୍ୟ ରାଜସୂୟରେ ସାହାଯ୍ୟ କରିବେ ବୋଲି କହିଲେ । ଏମାନେ ତାଂକୁଇ ମଗଧରେ ରଜା କରିଦେଇ, ଇଂଦ୍ରପ୍ରସ୍ଥକୁ ଫେରିଲେ ।

---

## ରାଜସୂୟ ଯଜ୍ଞ

ଏବେ ରାଜସୂୟଯଜ୍ଞର ଆୟୋଜନ ଆରଂଭହେଲା । ସବୁ ରଜାଂକଠାରୁ କର ଆଣିଲେ ତ ଯଜ୍ଞ ହେବ । ସେଥିପାଇଁ ଯୁଧିଷ୍ଠିରଂକୁ ଛାଡ଼ି ବାକି ଚାରି ଭାଇ ଚାରି-ଦିଗକୁ ଗଲେ । ଅର୍ଜୁନ ଉତ୍ତରକୁ, ଭୀମ ପୂର୍ବକୁ, ସହଦେବ ଦକ୍ଷିଣକୁ ଓ ନକୁଳ ପଶ୍ଚିମକୁ ଗଲେ । ସେମାନେ ଯାହା ବୀରତ୍ୱ ଦେଖାଇଥିଲେ । ସେ କଥା କହି ବୁଝାଇବା ସହଜ ନୁହେଁ ।

ଅର୍ଜୁନ ପ୍ରଥମେ କୁଳଂଦ, କାଳକୂଟ, ଆନର୍ତ୍ତ, ଶାକଳଦ୍ୱୀପ ପ୍ରଭୃତି ଜୟ କରି, ପ୍ରାଗ୍‌ଜ୍ୟୋତିଷ ଦେଶରେ ପହଂଚିଲେ । ସେଠା ରଜା ଭଗଦତ୍ତ, କିରାତ ଚୀନ ଓ ସାଗରପାରି ସେନା ନେଇ ଆଠଦିନ ଭରି ଯୁଦ୍ଧ କଲେ । ସେ ଶେଷରେ ଅର୍ଜୁନଂକ ଯୁଦ୍ଧରେ ଖୁସି ହୋଇ, କହିଲେ, 'ମୁଁ ଇଂଦ୍ରଂକ ବଂଧୁ । ଲୋକେ କହଂତି, ମୋର ଇଂଦ୍ରଂକ ପରି କ୍ଷମତା । ତୁମେ କାଂତୁ କମ୍ ତ ନୁହ । କହ, ତୁମର କି ଦରକାର ।"

ଅର୍ଜୁନ କହିଲେ, "ଆପଣ ଇଂଦ୍ରଂକ ବଂଧୁ; ତେଣୁ ମୋର ଗୁରୁଲୋକ । ଆପଣଂକୁ କ'ଣ କହିବି ! ସ୍ନେହ କରି ମତେ କିଛି କର ଦିଅଂତୁ ।"

ଭଗଦତ୍ତ କହିଲେ, "କର ତ ଦେବି, ଆଉ କ'ଣ କରିବି କହ !" ଏହିପରି ଭଗଦତ୍ତଂକୁ ବଶ କରି, ପୁଣି ଉତ୍ତରଆଡ଼କୁ ଗଲେ । ଅଂତର୍ଗିରି, ବହିର୍ଗିରି, ଉପଗିରି, ଉଲୂକ, କାଶ୍ମୀର, ତ୍ରିଗର୍ତ୍ତ, ଦାରୁ, କୋକନଦ, ବାହ୍ଲୀକ, ଦରଦ, କାଂବୋଜ, ଲୌହ, ପରମ, ରୁଷିକ ପ୍ରଭୃତି କେତେ ଦେଶ ଜିଣିଲେ; କେତେ କର ଆଣିଲେ । ହିମାଳୟ ପର୍ବତ ସେପାଖ କିଂପୁରୁଷବର୍ଷ, ହାଟକ ପ୍ରଭୃତି କୌଣସି ଦେଶ ଛାଡ଼ିଲେ ନାଇ ।

ତା'ପରେ ଉତ୍ତର କୁରୁଦେଶରେ ପହଂଚିଲେ । ସେ ବଡ଼ ଆଶ୍ଚର୍ଯ୍ୟ ଦେଶ । କେଉଁଠାରେ କ'ଣ ଅଛି, ଦେଖି ହେବ ନାହିଁ । ଯୁଦ୍ଧ ହେବ କିପରି ! ମାତ୍ର ଅର୍ଜୁନଂକୁ ଦେଖି ପର୍ବତସମାନ ଦୁଆରୀମାନେ ଆସି ହସି ହସି କହିଲେ, "ଆପଣ ଯେ ଏଠାକୁ ଆସିଚଂତି, ସେତିକି ବହୁତ । ଆପଣ ସାମାନ୍ୟ ମନୁଷ୍ୟ ନୁହଂନ୍ତି । କ'ଣ ଦରକାର କହଂନ୍ତୁ, ଆମେ ଦେବୁ ।"

ଅର୍ଜୁନ ସେଠାରୁ କେତେକ ରକମ ଲୁଗା, ହରିଣ ଛାଲ ଆଦାୟ କରି, ପୁଣି ଉତ୍ତରରେ ଯେତେ ଦେଶ ଥିଲା, ସବୁ ଜିଣି କେତେ ଯେ ଧନ ରତ୍ନ, ଜିନିଷ ପତ୍ର ନେଇ ଘରକୁ ଆସିଲେ, ତା' କହି ହେବ ନାହିଁ ।

ଭୀମ ପୂର୍ବକୁ ଯାଇ ପଂଚାଳ, ବିଦେହ, ଗଂଡକ, ଦଶାର୍ଣ୍ଣ, ଅଶ୍ୱମେଧ, ପୁଳିଂଦ, ଚେଦି, କୁମାର, କୋଶଳ, ଅଯୋଧ୍ୟା, ଗୋପାଳକକ୍ଷ, ମଲ୍ଲ ପ୍ରଭୃତି ଦେଶ ଅଳ୍ପଦିନ ଭିତରେ ଜିଣି କରି ନେଇ ଫେରିଲେ । ଦେଶର ନାମ କେତେ କହିବା ? ଭଲ୍ଲାଟ, ଶକ୍ତିମାନ୍, ବତ୍ସଦେଶ, ଭର୍ଗ ପ୍ରଭୃତି ଆହୁରି କେତେ ଦେଶ ମଧ୍ୟ ଭୀମ ଜିଣିଲେ । ଅଂଗର କର୍ଣ୍ଣକୁ ମଧ୍ୟ ଛାଡ଼ିଲେ ନାହିଁ । ମଣି, ମୁକ୍ତା, ଲୁଗା, ଚଂଦନ, କଂବଳ, ସୁନା, ରୁପା ସବୁ ଆଣି ଭୀମ ଭଂଡାର ଭର୍ତ୍ତି କରିଦେଲେ ।

ସହଦେବ ଏହିପରି ଦକ୍ଷିଣରେ ସମସ୍ତଂକୁ ଜିଣି କରି ଆଣିଲେ । କିଷ୍କିଂଧା ବାନର (ମାଂକଡ଼) ମାନଂକ ସଂଗେ ତାଂକର ସାତଦିନ ଭରି ଯୁଦ୍ଧ ହେଲା । ସେମାନେ ହଟିଲେ ନାହିଁ । ମାତ୍ର ସହଦେବଂକ ଯୁଦ୍ଧରେ ସଂତୁଷ୍ଟ ହୋଇ ଅନେକ ଧନ ରତ୍ନ ଦେଇ କହିଲେ, "ଆପଣ ଏ ସବୁ ନେଇ ଚାଲିଯାଂନ୍ତୁ ।"

ଦକ୍ଷିଣକୁ ଯାଉ ଯାଉ ସହଦେବ ଲଂକାରେ ପହଂଚିଲେ । ବିଭୀଷଣ ସେତେବେଳେ ବି ଲଂକାରେ ରଜା । ବିଭୀଷଣ ଖବର ଶୁଣିବା ମାତ୍ରକେ ବୋଝ ବୋଝ କରି ମଣି ମୁକ୍ତା ଦେଇ, ସହଦେବଂକୁ ଆଦର କରି ବିଦାୟ ଦେଲେ ।

ନକୁଳ ପଶ୍ଚିମରୁ ସେହିପରି କରି ନେଇ, ହଜାର ହଜାର ହାତୀରେ ବୋଝାଇ କରି, ଫେରି ଆସିଲେ ।

କ୍ରମେ ଯଜ୍ଞ ସମୟ ପାଖେଇବାରୁ କେତେ ଦେଶର ରଜା, କେତେ ମୁନି, ବ୍ରାହ୍ମଣ ଦଳ ଦଳ ହୋଇ ଆସି ପହଂଚିଲେ । କୃଷ୍ଣ ଆଗରୁ ଆସି ପହଞ୍ଚିଂଲେ । ରଜାମାନଂକ ପାଖକୁ ନିମଂତ୍ରଣ ଯାଇଥିଲା । ପୁରୋହିତମାନେ ଠିକ୍‌ଠାକ୍ ହେଲେ । ଯଜ୍ଞ ସ୍ଥାନ ତିଆରି ହୋଇଗଲା । ଭୋଜୀ ଖିଆପିଆ ଲାଗିଗଲା ।

ନକୁଳ ହସ୍ତିନାକୁ ଯାଇ, ହାତ ଯୋଡ଼ି ବଡ଼ ବିନୀତଭାବରେ ଭୀଷ୍ମ, ଧୃତରାଷ୍ଟ୍ର, ବିଦୁର, ଦୁର୍ଯ୍ୟୋଧନ ପ୍ରଭୃତିଂକୁ ନିମଂତ୍ରଣ କରି ଆସିଥିଲେ । ସମସ୍ତେ ଆନଂଦରେ ଯଜ୍ଞକୁ ଆସିଲେ । ଆଉ କେତେ ରଜା ଆସିଥିଲେ, ତାହା କିଏ ଗଣିବ ? କିଂତୁ ସମସ୍ତଂକ ପାଇଁ ସୁଂଦର ବଗିଚାମାନଂକରେ ମଣିମୁକ୍ତାରେ କାମକରା, ସୁନା କବାଟ ଝରକାଦିଆ, ବଡ଼ ବଡ଼ ଘର ସବୁ, ଭରି ଦାମୀ ଆସନ, ଗାଲିଚା ପଲଂକରେ ସଜା ହୋଇଥିଲା । ଖାଇବା, ବସିବା, ଗାଧୋଇବାର ସୁଂଦର ବଂଦୋବସ୍ତ ହୋଇଥିଲା ।

ଯଜ୍ଞର କାମସବୁ ଲୋକ ବାଛି ବାଛି ବଂଟା ହୋଇଥିଲା । ଖାଇବା ଜିନିଷ ଦେଖିବା କଥା ଦୁଃଶାସନଂକ ହାତରେ ଥିଲା । ବ୍ରାହ୍ମଣମାନଂକୁ ଆଦର ଯତ୍ନ କରିବା ପାଇଁ ଅଶ୍ୱତ୍ଥାମାଂକୁ ରଖା ହୋଇଥିଲା । ସଂଜୟ ରଜାମାନଂକ ସେବା କରିବେ । ଭୀଷ୍ମ, ଦ୍ରୋଣ ସବୁ ହୁକୁମ ଦେବେ । କୃପାଚାର୍ଯ୍ୟ ଧନ ରତ୍ନ

ରଖିବେ । ଭେଟି ଆସିଲେ ଦୁର୍ଯୋଧନ ଗ୍ରହଣ କରିବେ । ଆଉ ନିଜେ କୃଷ୍ଣ ବ୍ରାହ୍ମଣମାନଙ୍କ ପାଦ ଧୋଇବା କାମ ନେଇଥିଲେ ।

ବନ୍ଦୋବସ୍ତ ସବୁ ଠିକ୍ ଠାକ୍ । ଯଜ୍ଞର ସେବା, ପୂଜା ଅର୍ଚ୍ଚନା କାର୍ଯ୍ୟ ଶେଷ ହୋଇ ଆସିଲା । କାହାରି କିଛି ଅଭାବ ନାହିଁ । ସମସ୍ତେ ଯୁଧିଷ୍ଠିରଙ୍କ ଉପରେ ସନ୍ତୋଷ ।

---

## ଶିଶୁପାଳ ବଧ

ଅତିଥିମାନଙ୍କୁ ମାନ୍ୟ ଦେଖାଇବା ପାଇଁ "ଅର୍ଘ" ( ଉପହାର ) ଦିଆଯାଏ । ଭୀଷ୍ମ ଯୁଧିଷ୍ଠିରଙ୍କୁ କହିଲେ, "ଯେଉଁ ରଜାମାନେ ଅର୍ଘ ପାଇବାର କଥା, ସେମାନଙ୍କୁ ଗୋଟିଏ ଗୋଟିଏ ଅର୍ଘ ଦିଅ । ଆଉ ଏଠାରେ ଯେ ସମସ୍ତଙ୍କଠାରୁ ବଡ଼ ତାଙ୍କୁ ଗୋଟିଏ ଅଧିକା ଅର୍ଘ ଦବାକୁ ହବ ।"

ଯୁଧିଷ୍ଠିର ପଚାରିଲେ—"ସବୁଠାରୁ ବଡ଼ ବୋଲି ଅଧିକା ଅର୍ଘ କାହାକୁ ଦେବ ?" ଭୀଷ୍ମ କହିଲେ, "କୃଷ୍ଣଙ୍କଠାରୁ ମାନ୍ୟ ଲୋକ ଏଠାରେ ଆଉ କେହି ନାହାନ୍ତି । ତାଙ୍କୁହିଁ ଅଧିକା ଅର୍ଘ ଦିଅ ।"

ସେ କଥାରେ ସହଦେବ କୃଷ୍ଣଙ୍କୁ ଆଣି ସବୁଠାରୁ ବଡ଼ ବୋଲି ଅର୍ଘ ଦେଲେ । କୃଷ୍ଣ ତ ପିଇସୀପୁଅ ଭାଇ, ଚେଦିରଜା, ଶିଶୁପାଳ ଏକଥା ସହି ପାରିଲେ ନାହିଁ । ସେ ରାଗିଯାଇ, ଯୁଧିଷ୍ଠିରଙ୍କୁ ବଳି ଭୀଷ୍ମଙ୍କୁ ନିନ୍ଦା କରି, କୃଷ୍ଣଙ୍କୁ ଗାଳି ଦେଇ, ରଜାମାନଙ୍କୁ ଡାକି ସଭା ଛାଡ଼ି ଚାଲିଯିବାକୁ ବାହାରିଲେ । କେତେ ରଜା ବି ତାଙ୍କ ସଙ୍ଗେ ଦଳ ବାନ୍ଧି ଦେଲେ । ଯୁଧିଷ୍ଠିର, ଭୀଷ୍ମ ଯେତେ ବୁଝାଇଲେ ମଧ୍ୟ ଶିଶୁପାଳ ଥଣ୍ଡା ହେଲା ନାହିଁ । ସହଦେବ ଶେଷକୁ ରାଗି ଯାଇ କହିଲେ, "କୃଷ୍ଣଙ୍କ ସମ୍ମାନ ଯେ ନ ସହୁଛି, ତା' ଉପରେ ଏଇ ମୋର ପାଦ ।" ଏହା ବୋଲି ଗୋଡ଼ଟି ଟେକି ଦେଲେ ।

ବିଷମ କାଣ୍ଡ ଲାଗିଗଲା । ଶିଶୁପାଳର କୃଷ୍ଣଙ୍କ ଉପରେ ସବୁବେଳେ ରାଗ । ସେ କୃଷ୍ଣଙ୍କୁ କେତେଠେଇଁ କେତେ ଅପମାନ କରେ; କିନ୍ତୁ କୃଷ୍ଣ ଶିଶୁପାଳର ଶହେଥର ଦୋଷ କ୍ଷମା ଦେବେ ବୋଲି ଆପଣା ପିଇସୀ ଶିଶୁପାଳ ମା'ଙ୍କ ଆଗେ ଥରେ କଥା ଦେଇଥିଲେ । ସେଥିପାଇଁ ସେ ଶିଶୁପାଳକୁ କିଛି କହୁ ନ ଥିଲେ । ଶହକ ଅପରାଧ ଆଗରୁ ପୂରି ଯାଇଛି । ଏଥର ଆଉ କୃଷ୍ଣଙ୍କର କ୍ଷମା କରିବାର କିଛି କାରଣ ନାହିଁ ।

ଶିଶୁପାଳ କୃଷ୍ଣଙ୍କୁ ଭର୍ତ୍ସନା କରି କରି ଶେଷକୁ କହିଲା, "ଆ, ପାଣ୍ଡବମାନଙ୍କ ସାଙ୍ଗରେ ତତେ ଆଜି ଯମଦ୍ୱାରକୁ ପଠାଇ ଦଉଛି ।"

କୃଷ୍ଣ ଧୀର ଭାବରେ ସଭାର ସମସ୍ତଙ୍କୁ କହିଲେ, "ମୁଁ ଅନେକ ସହିଛି; କିନ୍ତୁ ଏତେ ରଜାଙ୍କ ଆଗେ ଏପରି ଅପମାନ ଆଜି ଆଉ ସହିବି ନାହିଁ ।"

ଶିଶୁପାଳ ଏ କଥା ଶୁଣି ଠୋ ଠୋ' କରି ହସି ପକାଇଲା । ପୁଣି କୃଷ୍ଣଙ୍କୁ ଗାଳି ଦେଲା । କୃଷ୍ଣ ସୁଦର୍ଶନ ଚକ୍ରକୁ ସ୍ମରଣ କଲେ । ଘୂରୁଁ ଘୂରୁଁ ଗୋଟାଏ ଚକ ଚକ୍ ଚକ୍ ହୋଇ ଆକାଶରେ ଘୂରି ଘୂରି ଆସିବାର ଦେଖା ଗଲା । କୃଷ୍ଣ ତାକୁ ହାତରେ ଧରିଲେ । ସମସ୍ତେ ଜାଣିଲେ—ଶିଶୁପାଳର ରକ୍ଷା ନାହିଁ ।

କୃଷ୍ଣ ହାତରେ ଚକ ଧରି କହିଲେ, "ଏ ଦୁଷ୍ଟର ଶହେ ଅପରାଧ କ୍ଷମା କରିଛି । ଏଥର ଆଉ ଛାଡ଼ିବି ନାହିଁ । ଏଇ ଦେଖନ୍ତୁ, ଏହାକୁ ଆଜି ବଧ କଲି ।" କହୁଁ କହୁଁ ଚକଟି କୃଷ୍ଣଙ୍କ ହାତରୁ ଆସି ଶିଶୁପାଳର ମୁଣ୍ଡ କାଟି ଦେଲା । ସମସ୍ତେ ଚିତ୍ରପିତୁଳା ପରି ରହିଁ ଠିଆହୋଇଛନ୍ତି । କାହାରି ମୁହଁରୁ କିଛି କଥା ବାହାରୁ ନାହିଁ ।

ଏହା ପରେ ବିଧି ଅନୁସାରେ ରାଜସୂୟ ଯଜ୍ଞ ଶେଷ ହେଲା । ରଜାମାନେ ଆପଣା ଦେଶକୁ ଗଲେ ।

——

## ଦୁର୍ଯ୍ୟୋଧନର ରାଗ ଓ ପଶାଖେଳ ବିଚାର

ସମସ୍ତେ ଚାଲି ଯାଇଛନ୍ତି । ଦୁର୍ଯ୍ୟୋଧନ, ଶକୁନି ଦୁହେଁ ଭଲ କରି ସଭା ଦେଖିବା ପାଇଁ ଅଛନ୍ତି । ଏପରି ସଭା ଦୁର୍ଯ୍ୟୋଧନ କେବେ ଦେଖି ନ ଥିଲା । ଯେତେ ଦେଖୁଛି, ସେତେ ତାକୁ ଆଶ୍ଚର୍ଯ୍ୟ ଲାଗୁଛି । କେତେଥର ସ୍ଫଟିକ ଅଗଣାକୁ ପାଣି ବୋଲି ବିଚାରି ସେ ଲୁଗା ଟେକି ସାରିଲାଣି । ପୁଣି ପାଣିକି ସ୍ଫଟିକ ଅଗଣା ବୋଲି ବିଚାରି ସେଥିରେ ପଡ଼ିଯାଇ, ଥରେ ଅଧେ ଲୋକହସା ହେଲାଣି । ସ୍ଫଟିକ କାନ୍ଥକୁ କେତେ-ବେଳେ ଦୁଆର ବୋଲି ବିଚାରି ବାହାରି ପଡ଼ିଲାବେଳକୁ ମୁଣ୍ଡ ଠାଇ କରି ବାଜୁଛି । ବେଳେ ବେଳେ ଡରି ଡରି ହାତରେ ଦରାଣ୍ଡି ଘରକୁ ଘରି ଯାଉଛି । ଯାଉ ଯାଉ ଦୁଆରକୁ କାନ୍ଥ ବୋଲି ବିଚାରି କେବେ ଠିଆ ହୋଇ ଯାଉଛି ।

ଏହିପରି ହୀନସ୍ତା ହେଲେ କାହାର ରାଗ ନ ହୁଏ ? ରାଗ ହେଲେ ବା କାହାକୁ କହିବ ? ଲୋକେ ଯେ ଶୁଣି ହସିବେ ! କୌଣସିମତେ ରାଗକୁ ପେଟରେ ଚପି ରଖି, କେତେ ଦିନ ଇନ୍ଦ୍ରପ୍ରସ୍ଥରେ ରହି ବିଦା ହେଲା ।

ହିଂସାରେ ଦୁର୍ଯ୍ୟୋଧନର ଦେହ ଜଳି ଯାଉଛି । ବାଟରେ ଶକୁନି କେତେ କଥା ପଚାରୁଛନ୍ତି । ଦୁର୍ଯ୍ୟୋଧନ କିଛି କହୁ ନାହାନ୍ତି । ଶେଷକୁ ବ୍ୟସ୍ତ ହୋଇ ପଚାରିବାରୁ ଦୁର୍ଯ୍ୟୋଧନ କହିଲେ, "ମାମୁଁ, ଆଉ ଜୀଇ କରି ଲାଭ କ'ଣ ? ଯେଉଁ ଶତ୍ରୁଙ୍କୁ ମାରିବି ବୋଲି ଏତେ କଲି, ତାଙ୍କର ତ ଏଡ଼େ ବଢ଼ିଲା ।"

ଶକୁନି କହିଲେ, "ଏ କି କଥା ଦୁର୍ଯ୍ୟୋଧନ ? ସେମାନେ ନିଜ ଗୁଣରେ ଏପରି କରିଛନ୍ତି । ତୁମର ଦୁଃଖ କାହିଁ ? ତୁମେ ତ ବିଚାରିଲେ ସେପରି କରି ପାରିବ ।"

ଦୁର୍ଯ୍ୟୋଧନ କହିଲେ, "ନା ମାମୁଁ, କୌଣସିମତେ ଯୁଦ୍ଧ କରି ଏମାନଙ୍କୁ ରାଜ୍ୟରୁ ବାହାର କରିଦବାକୁ ହବ ।"

ଶକୁନି କହିଲେ, "ବାପ୍ସା ହେଲ ଦୁର୍ଯ୍ୟୋଧନ ? କୃଷ୍ଣ, ଅର୍ଜୁନ, ଭୀମ, ଯୁଧିଷ୍ଠିର, ନକୁଳ, ସହଦେବ, ଦ୍ରୁପଦ, ଧୃଷ୍ଟଦ୍ୟୁମ୍ନ ଏମାନଙ୍କ ପରି ବୀରମାନଙ୍କୁ ଦେବତା ପାରିବେ ନାଇ । ତୁମେ କ'ଣ କରିବ ? ଏମାନଙ୍କୁ ଜବତ କରିବାର ଆଉ ଗୋଟିଏ ଉପାୟ ଅଛି ।"

ଦୁର୍ଯ୍ୟୋଧନ ବ୍ୟାକୁଳ ହୋଇ, 'କଣ ଉପାୟ' ବୋଲି ପଚାରିବାରୁ ଶକୁନି କହିଲେ, "ଯୁଧିଷ୍ଠିର ପଶା ଖେଳିବାକୁ ଭାରି ସୁଖ ପାଆନ୍ତି, ଅଥଚ ଭଲ ଖେଳି ଜାଣନ୍ତି ନାଇ । ଖେଳିବାକୁ ଡାକିଲେ ତ ସେ କେବେ ନାଇ କରି ପାରିବେ ନାଇ । ଥରେ ତାଙ୍କୁ ଡାକିଆଣି ଖେଳିବାରେ ବସାଇ ଦେଲେ, ତେଣିକି ବାକି ସବୁ ମତେ ଲାଗିଲା । ମୋ ପରି ଆଉ କେହି ପଶା ଖେଳି ଜାଣନ୍ତି ନାଇ । ମୁଁ ଫାଙ୍କି ଦେଇ ତାଙ୍କ ରାଜ୍ୟ, ଧନ, ସବୁ ମାରି ନେବି । ତୁମେ ଖାଲି ବାପାଙ୍କୁ କହି, ରାଜି କରାଇ ଅନୁମତି ନିଅ । ତେବେ ସବୁ ହବ ।"

ଦୁର୍ଯ୍ୟୋଧନର ବାପାଙ୍କୁ କହିବାର ସାହସ ହେଲା ନାଇ । ସେ ଶକୁନିଙ୍କୁ କହିଲା—ଶକୁନି ଆସି ଦିନେ ଧୃତରାଷ୍ଟ୍ରଙ୍କୁ କଥା କହୁ କହୁ କହିଲେ, ଦୁର୍ଯ୍ୟୋଧନ ତ ଦିନକୁ ଦିନ ଶୁଖି ଯାଉଛି, ତୁମେ ତ ଆଉ ସେ କଥା ବୁଝୁ ନାହଁ ।" ଧୃତରାଷ୍ଟ୍ର ଏ କଥା ଶୁଣି ଦୁର୍ଯ୍ୟୋଧନକୁ ଡାକି ବଡ଼ ବ୍ୟସ୍ତ ହୋଇ ପଚାରିବାରୁ

ଦୁର୍ଯୋଧନ କହିଲେ, "ପାଂଡବମାନଂକ ବଡ଼େଇ ଦେଖି ସାରି, ଆଉ ବଂଚି ଲଭ କ'ଣ ବାପା ? ତାଂକ ଘର ଧନ ତ ଇଂଦ୍ର, ବରୁଣ, କୁବେରଂକର ନାହିଁ । ଏଥିରେ ଦେହ ସୁଖ ନ ରହିଲା ବୋଲି ପଚାରୁଚ କ'ଣ ?"

ଶକୁନି ଏତିକି ବେଳେ ବେଳ ବୁଝି ପଶାଖେଳ କଥା ପକାଇ ଦେଲା । କ୍ଷତ୍ରିୟଙ୍କୁ ଯୁଦ୍ଧ କିମ୍ବା ପଶା ଖେଳକୁ ଡାକିଲେ ସେ ତ ନାହିଁ କରିବ ନାହିଁ । ସେଥିରେ ଯୁଧିଷ୍ଠିରଂକଠାରୁ ରାଜ୍ୟ, ଧନ ସବୁ ଜିଣିବାର ବଡ଼ ସୁବିଧା ହେବ ।

ଧୃତରାଷ୍ଟ୍ରଂକର ପାଂଡବମାନଂକ ପ୍ରତି ହିଂସା ଖୁବ୍ ଥିଲା ସତ୍ୟ; କିଂତୁ ଏ କଥା ଶୁଣି ତାଂକୁ ହଠାତ୍ ସୁଖ ଲାଗିଲା ନାହିଁ, ସେ ଆଗ ମନା କଲେ । କିଂତୁ ଦୁର୍ଯୋଧନ କାଂଦ କାଂଦ ହୋଇ ପୁଣି କହିବାରୁ, ରାଜି ହେଲେ ।

ଧୃତରାଷ୍ଟ୍ରଂକ କଥାରେ ଗୋଟାଏ ଖୁବ୍ ପ୍ରକାଂଡ ସଭାଘର ତିଆରି ହେଲା । ସେଠାରୁ ପାଂଡବମାନଂକୁ ପଶାଖେଳକୁ ନିମଂତ୍ରଣ କରିବା ପାଇଁ ଧୃତରାଷ୍ଟ୍ର ବିଦୁରଂକୁ ପଠାଇଲେ । ପଶାଖେଳ ଅନ୍ୟାୟ; ସେଥିରେ ପୁଣି ବିବାଦ ହୋଇପାରେ, ଏସବୁ କଥା ବୁଝାଇ, ବିଦୁର ଆଗ ମନା କଲେ; କିଂତୁ ଧୃତରାଷ୍ଟ୍ର କହିଲେ, "ଭୟ କିଛି ନାହିଁ । ଆମେ ତ ସବୁ ଥିବା । ତୁମେ ଯାଅ, ବେଗେ ଡାକି ଆଣ ।"

ବିଦୁର ଯାଇ ଯୁଧିଷ୍ଠିରଂକୁ ପଶା ଖେଳିବାକୁ ଡାକିଲେ । ଯୁଧିଷ୍ଠିର ଶୁଣିଲାକ୍ଷଣି ଅବାକ୍ ହୋଇଗଲେ । କଣ କରିବେ ବୋଲି ବିଦୁରଂକୁ ପଚାରିଲେ । ବିଦୁର କହିଲେ, "ମୁଁ ଅନେକ ମନା କଲି, ଧୃତରାଷ୍ଟ୍ର ଶୁଣିଲେ ନାହିଁ । ତୁମର ଯାହା ଇଚ୍ଛା କର ।"

କ୍ଷତ୍ରିୟ ହୋଇ, ଯୁଧିଷ୍ଠିର ନ ଯିବେ କପରି ? କୌରବମାନେ ବଡ଼ ଧୂର୍ତ୍ତ, ଠକ । ଖେଳରେ ଫାଂକି ଦେବେ; କିଂତୁ ଉପାୟ କ'ଣ ? କୁଂତୀ, ଦ୍ରୌପଦୀ ଓ ଭାଇମାନଂକୁ ନେଇ, ଯୁଧିଷ୍ଠିର ବିଦୁରଂକ ସଂଗେ ହସ୍ତିନାକୁ ଗଲେ ।

---

## ପଶାଖେଳ

ଯୁଧିଷ୍ଠିର ହସ୍ତିନାରେ ପହଂଚିବା ବାସିଦିନ ସକାଳୁ ପଶାଖେଳ ଆରଂଭ ହେଲା । ଏ ପଶାଖେଳରେ ଦୁଇ ପକ୍ଷ ଜିନିଷ ମାରି ବାଜି ରଖଂତି । ଜିଣିବା ଲୋକର ସବୁତକ ହୁଏ । ଯୁଧିଷ୍ଠିରଂକ ପଶାଖେଳ ଦେଖିବାକୁ ଅନେକ ରଜା, ବ୍ରାହ୍ମଣ, ପଂଡିତ ଆସି ସଭାରେ ଭିଡ଼ ପକାଇ ଦେଲେ । ପାଂଡବମାନେ ସଭା ମଝିରେ ଯୁଧିଷ୍ଠିରଂକୁ ଆଗକୁ ରଖି ବସିଚଂତି । ଯୁଧିଷ୍ଠିରଂକ ଆଗେ ଶକୁନି ଓ ତା'ପଛକୁ କୌରବମାନେ ।

ଖେଳ ଆରଂଭ ହେବାର କଥା ହେବାରୁ, ଯୁଧିଷ୍ଠିର କହିଲେ, "ତୁମେମାନେ ଧର୍ମରେ ଖେଳ; ଫାଂକ୍‌ଫୁଂକ୍ କର ନାହିଁ ।"

ଶକୁନି କହିଲେ, "ଖେଳ ତ ବୁଦ୍ଧିର କଥା, ଯାହାର ବୁଦ୍ଧି ଥାଏ ସେ ଫାଂକେ । ଡର ମାଡ଼ୁଚି ତ, ନ ଖେଳ ।"

ଯୁଧିଷ୍ଠିର କହିଲେ, "ଡାକି ତ ଆଣିଚ, ଆଉ ନ ଖେଳିବି କପରି ? ହଉ, କାହା ସଂଗେ ଖେଳିବି, କହ ।"

ସେଥିରୁ ଦୁର୍ଯୋଧନ କହିଲା, "ପଣ (ବାଜି) ର ଜିନିଷ ମୁଁ ଦେବି; କିଂତୁ ମୋ ପାଇଁ ମାମୁଁ ଖେଳିବେ ।"

ଯୁଧିଷ୍ଠିର କହିଲେ, "ଜଣକ ପାଇଁ ଆଉ ଜଣେ ଖେଳିବା ତ ଅନ୍ୟାୟ । ହଉ ତେବେ ଖେଳ ।"

ଖେଳ ଆରଂଭ ହେବାରୁ ଧୃତରାଷ୍ଟ୍ର ସଭାକୁ ଆସିଲେ, ଭୀଷ୍ମ, ଦ୍ରୋଣ, ବିଦୁର ମୁହଁଟିମାନ ଶୁଖାଇ ତାଂକ ପଛେ ପଛେ ଆସିଲେ ।

ତା'ପରେ ଯୁଧିଷ୍ଠିର ଦୁର୍ଯୋଧନକୁ କହିଲେ, "ମୁଁ ମୋର ଏହି ହାର (ବେକରେ ପିଂଧିଥିବା ମାଳ) ପଣ ରଖିଲି । ତୁମେ କ'ଣ ରଖୁଚ ?"

ଦୁର୍ଯୋଧନ କହିଲେ, "ମୋର ବି ଧନରତ୍ନ ତ ବହୁତ ଅଛି । ଆଗ ପଣ ଜିଣ ।" ଏହା କହୁଁ କହୁଁ ଶକୁନି ପଶା ଫିଂଗି ଦେଇ କହିଲେ, "ଏଇ ଦେଖ, ମୁଁ ଜିଣିଲି ।" ସଭାକୁ ସଭା ସମସ୍ତେ ଦେଖିଲେ, ଶକୁନିର ଜିତା ହୋଇଛି ।

ସେଠାରୁ ଯୁଧିଷ୍ଠିର କହିଲେ, "ପୁଣି ଖେଳ, ଏଥର ଲକ୍ଷେ ଆଠ ହଜାର ସୁନାର କୁଂଭ (ମାଠିଆ) ଓ ଭଂଡାରର ସବୁ ଧନ ରତ୍ନ ପଣ ରହିଲା ।"

ହୁହୁଁ ହୁହୁଁ ଶକୁନି ପୁଣି ଜିଣିଲେ । ତାଂକ ଠକେଇ କେହି ଧରି ପାରିଲେ ନାଇଁ । ଏବେ ବି ସର୍ବନାଶ । ଯୁଧିଷ୍ଠିର ଏହିପରି ଥରକୁଥର ହାରୁଥାଂତି । ନିଶାରେ ଖେଳ ହେଲା ପରି ପୁଣି କହୁଥାଂତି, 'ଖେଳିବି' । ଧୂର୍ତ୍ତ ଶକୁନିର ଠକେଇ କେହି ଧରି ପାରୁ ନ ଥାଂତି । ସବୁଥର ପଶା ପକାଉ ପକାଉ, ସେ ଜିଣଂତି ଓ ଯୁଧିଷ୍ଠିର ହାରଯାଂତି ।

ଏହିପରି କ୍ରମେ ଯୁଧିଷ୍ଠିର ଦାସ, ଦାସୀ, ହାତୀ, ଘୋଡ଼ା, ରଥ, ସୈନ୍ୟ, ସବୁ ହାରିଗଲେ । ସର୍ବନାଶ ଘୋଟିଲା ଦେଖି, ବିଦୁର ଧୃତରାଷ୍ଟ୍ରଂକୁ କହିଲେ, "ମହାରାଜ, ମଲାବେଳେ ରୋଗୀକୁ ଔଷଧ ରୁଚେ ନାଇଁ । ମୋ କଥା ହୁଏ ତ ତୁମକୁ ସୁଖ ଲାଗିବ ନାଇଁ । ଦୁର୍ଯୋଧନ ଯେ ମଲାଓଲୁ ବେକରେ ବାଂଧୁଚି । ପାଂଡବମାନେ ଥରେ ରାଗିଗଲେ କଅଣ ହବ ଜାଣୁଚ ତ ? ତୁମ ପୁଅମାନେ, ବଂଧୁ ବାଂଧବ, ସେନା, ଚାକର— ସମସ୍ତେ ଯମଦ୍ୱାର ଦେଖିବେ ଯିନା ! ଏତିକିବେଳୁ ଦୁର୍ଯୋଧନକୁ ଆକଟ କରି ପାଂଡ଼ବମାନଂକୁ ସଂତୋଷ କରଂତୁ । ଏକେ ତ ପଶାଖେଳ ଦୋଷ, ସେଥିରେ ପୁଣି ଶକୁନି ଜୁଆଚୋର । ତାଂକୁ ବେଗେ ଏଠାରୁ ବାହାରି ଯିବାକୁ କହଂତୁ ।"

ଦୁର୍ଯୋଧନ ଏହା ଶୁଣି ବିଦୁରଂକୁ ଖରି ଗାଳି ଦେଲା । ବିଦୁର କହିଲେ, "ବାପା, ତୁମ ଭଲ ପାଇଁ ସି'ପଦ କହିଲି । ତୁମ ମନକୁ ତା' ପାଉ ନାଇଁ । ଯାହା ମନକୁ ପାଉଚି କର; ବାବୁ, ତୁମକୁ ନମସ୍କାର ।"

ଆଉ ଚାରା କ'ଣ ? ପୁଣି ଖେଳ ଚାଲିଲା । ଯୁଧିଷ୍ଠିର ଏଡ଼େ ବିଦ୍ୱାନ୍ ବୁଦ୍ଧିମାନ ଓ ଧାର୍ମିକ ସତ, କିଂତୁ ଖେଳ ନିଶାରେ ସେ ମଧ୍ୟ ପାଗଳ ପରି ହେଲେ । ଧନ ଗଲା, ଗାଈ ଗୋରୁ ଲୋକବାକ ଗଲେ, ଶେଷରେ ରାଜ୍ୟ ପର୍ଯ୍ୟଂତ ପଣରେ ଗଲା; ତଥାପି ଜ୍ଞାନ ପଶିଲା ନାଇଁ । ଶେଷକୁ ଗୋଟିଏ ଗୋଟିଏ କରି ଭାଇମାନଂକୁ ହାରିଲେ । ଶକୁନି ମଧ୍ୟ ଏବେ ନିଜେ ଥଟ୍ଟା କରି କହିଲେ, "ବାପରେ, ପଶା ଖେଳି ମନୁଷ୍ୟ ଏପରି ପାଗଳ ହୁଏ ।" ତେବେ ବି ଯୁଧିଷ୍ଠିରଂକର ଜ୍ଞାନ ନାଇଁ । ଭାଇମାନଂକୁ ହାରି, ପଛକୁ ଆପଣାକୁ ପଣ କରି ହାରିଲେ; ତଥାପି ଜିଦ୍ ଲାଗିଛି ।

---

## ଦ୍ରୌପଦୀଂକ ଅପମାନ

କହିବାକୁ ଲାଜ ମାଡ଼ୁଚି । ଯେତେବେଳେ ସବୁ ସରିଲା, ସେତେବେଳେ, ଧର୍ମ, ଦୟା, ଭଦ୍ରତା—ସବୁ ଭୁଲି ଯୁଧିଷ୍ଠିର କହିଲେ, "ଆଚ୍ଛା, ଏଥର ଦ୍ରୌପଦୀଂକୁ ପଣ ରଖିଲି ।"

ସଭାରେ ସମସ୍ତେ ଏହା ଶୁଣି ଛି ଛି କଲେ । ରଜାମାନଙ୍କ ଆଖି ଛଳ ଛଳ ହୋଇଗଲା । ଲାଜ ଆଉ ମନ ଦୁଃଖରେ ଭୀଷ୍ମ, ଦ୍ରୋଣ ଓ କୃପଙ୍କ କପାଳରୁ ଝାଳ ବାହାରି ପଡ଼ିଲା । ବିଦୁର ମୁହଁ ପୋତି ବସି ସାପ ପରି ଫୁଁ ଫୁଁ ନିଃଶ୍ୱାସ ପକାଇଲେ । ନିର୍ଲଜ ଧୃତରାଷ୍ଟ୍ର କିନ୍ତୁ ଆନନ୍ଦରେ ପଚାରୁଥାନ୍ତି, ଜଣା ହେଲା ଟିକି ? ଜଣା ହେଲା ଟିକି ?"

କର୍ଣ୍ଣ ଦୁଃଶାସନ ହେଉଳାଙ୍କର ବି ମହା ଆନନ୍ଦ । ହସୁଁ ହସୁଁ ଶକୁନି ଦ୍ରୌପଦୀଙ୍କୁ ଜିତିଲେ । ଦୁର୍ଯ୍ୟୋଧନ ସେଠାରୁ ବିଦୁରଙ୍କୁ କହିଲେ, "ଯାଅ, ବେଗେ ଦ୍ରୌପଦୀଙ୍କୁ ନେଇ ଆସ, ଦାସୀଙ୍କ ସଙ୍ଗେ ଯାଇ ସେ ଆମ ଘର ଓଳାଉ, କଂସା ଗିନା ମାଜୁ ।"

ବିଦୁର କହିଲେ, "ମୂର୍ଖ, ମରଣ ନିକଟ ହେଲେ, ଏହିପରି ବୁଦ୍ଧି ଦିଶେ ନା କ'ଣ ! ନୀଚ ଲୋକେ ବି ଏପରି କଥା କହିବେ ନାଇ ।"

ଦୁର୍ଯ୍ୟୋଧନ ତହୁଁ ବିଦୁରଙ୍କୁ ଗାଳି ଦେଇ, ଏକ ଚପରାସିକୁ କହିଲେ, "ତୁ ଯାଇ ଦ୍ରୌପଦୀଙ୍କୁ ନେଇ ଆ, ତୋର କିଛି ଭୟ ନାଇ ।"

ଚପରାସି ଦ୍ରୌପଦୀଙ୍କ ପାଖେ ଯାଇ କହିଲା, "ଯୁଧିଷ୍ଠିର ଆପଣଙ୍କୁ ପଶାଖେଳରେ ହାରିଛନ୍ତି । ଏବେ ଦୁର୍ଯ୍ୟୋଧନ ଡାକୁଛନ୍ତି, ଆପଣ ମୋ ସଙ୍ଗରେ ଆସନ୍ତୁ । ଧୃତରାଷ୍ଟ୍ରଙ୍କ ଘରେ ଚାକରାଣୀ ହୋଇ ଆପଣଙ୍କୁ ରହିବାକୁ ହେବ ।"

ଏହା ଶୁଣି ଦ୍ରୌପଦୀ ଆଶ୍ଚର୍ଯ୍ୟ ହୋଇ କହିଲେ, "ପାଗଳ ନା କଅଣ ତୁ ? ରଜାମାନେ ଭାର୍ଯ୍ୟାକୁ ପଣ କରି କେବେ କି ପଶା ଖେଳନ୍ତି ? ଯୁଧିଷ୍ଠିରଙ୍କର କଣ ଆଉ କିଛି ଜିନିଷ ନ ଥିଲା ?"

ଚପରାସି କହିଲା, "ଯୁଧିଷ୍ଠିର ଆଗେ ଧନ, ଦୌଲତ, ତା' ପରେ ରାଜ୍ୟ, ପରେ ଭାଇମାନଙ୍କୁ, ଆପଣାକୁ ଓ ଶେଷରେ ଆପଣଙ୍କୁ ହାରିଅଛନ୍ତି ।"

ଦ୍ରୌପଦୀ କହିଲେ, "ସଭାରେ ଯାଇ ଯୁଧିଷ୍ଠିରଙ୍କୁ ପଚାର, ସେ ଆଗ ଆପଣାକୁ ହାରିଛନ୍ତି, ନା ଆଗ ମୋତେ ହାରିଛନ୍ତି ।"

ଚପରାସି ଆସି ସଭାରେ ସେହି କଥା ପଚାରିବାରୁ ଯୁଧିଷ୍ଠିର ମୁଣ୍ଡ ପୋତି ତୁନି ହୋଇ ବସି ରହିଲେ । ଦୁର୍ଯ୍ୟୋଧନ ହଠାତ୍ କହି ଉଠିଲେ, "ଦ୍ରୌପଦୀର କିଛି ପଚାରିବାର ଥାଏ ତ, ଏହିଠାରେ ଆସି ପଚାରୁ ?"

ଚପରାସି ବଡ଼ ଦୁଃଖରେ ପୁଣି ଦ୍ରୌପଦୀଙ୍କ ପାଖକୁ ଯାଇ କହିଲା, "ମା, ଦେଖାଯାଉଛି, କୌରବଙ୍କର ସର୍ବନାଶ ହେବ । ଦୁର୍ଯ୍ୟୋଧନ ସଭାକୁ ଡାକୁଛି ।"

ଦ୍ରୌପଦୀ କହିଲେ, "ବାବୁ, ଭଗବାନ୍ ସବୁ କରନ୍ତି; ଯାହା ଧର୍ମ କଥା, ମୁଁ ତାହାହିଁ କରିବି । ତୁମେ ପୁଣି ଯାଇ ଧାର୍ମିକ ଗୁରୁଜନଙ୍କୁ ପଚାର, ମୋର ଏତେବେଳେ କ'ଣ କରିବା ଠିକ୍ ହେବ । ସେମାନେ ଯାହା କହିବେ, ତାହାହିଁ କରିବି ।"

ଚପରାସି ସଭାରେ ଆସି ସେହି କଥା କହିବାରୁ, ସମସ୍ତେ ମୁଣ୍ଡ ପୋତି ଦେଲେ । ଦୁର୍ଯ୍ୟୋଧନକୁ ଡରି କେହି କିଛି କହିଲେ ନାଇ । ଦୁର୍ଯ୍ୟୋଧନ ପୁଣି କହିଲେ, "ତୁ ଦ୍ରୌପଦୀଙ୍କୁ ଏଠାକୁ ଆଣ ।" ଚପରାସି ଦୁର୍ଯ୍ୟୋଧନର ଚାକର ସତ; କିନ୍ତୁ ସେ ଦୁର୍ଯ୍ୟୋଧନ କଥା ନ ଶୁଣି, ପୁଣି ସମସ୍ତଙ୍କୁ ପଚାରିଲା, "ମୁଁ ଦ୍ରୌପଦୀଙ୍କୁ କଣ କହିବି ?"

ସେଠାରୁ ଦୁର୍ଯ୍ୟୋଧନ ବିରକ୍ତ ହୋଇ କହିଲେ, "ଶୁଦ୍ର୍ ତା' ହାତେ ହବ ନାଇ । ଦୁଃଶାସନ, ତୁମେ ଯାଇ ଦ୍ରୌପଦୀଙ୍କୁ ନେଇ ଆସ ।"

ଶୁଣିଲାକ୍ଷଣି ଦୁଷ୍ଟ ଦୁଃଶାସନ ଯାଇ ଆଖି ନାଲ କରି, ଦାନ୍ତ ଦେଖାଇ, ଦ୍ରୌପଦୀଙ୍କୁ କହିଲା, "ତୁମକୁ ଆମେ ଜିଣି ନେଇଛୁ । ଚାଲ, ଏବେ ସଭାକୁ ଚାଲ ।"

ଦୁଃଶାସନର ଭାବ ଭଙ୍ଗୀ ଦେଖି, ଦ୍ରୌପଦୀ ଭୟରେ ଗାନ୍ଧାରୀ ପ୍ରଭୃତିଙ୍କ ପାଖକୁ ପଳାଇବାକୁ ବସିଲେ; କିନ୍ତୁ ଦୁଃଶାସନ ପଛେ ପଛେ ଯାଇ ବାଟରୁ ଦ୍ରୌପଦୀଙ୍କ ଚୁଟି ଧରି, ଘୋସାରି ଘୋସାରି, ସଭାକୁ ନେଇ ଚାଲିଲା । ଦ୍ରୌପଦୀ କେତେ ମିନତି କରି କହିଲେ, "ଦୁଃଶାସନ, ଏପରି କରି ମୋତେ ସଭାକୁ ନିଅ ନାଇ । କିନ୍ତୁ ସେ ଦୁଷ୍ଟର ଟିକିଏ ହେଲେ ଦୟା ହେଲା ନାଇ; ସେ ଦାନ୍ତ କଡ଼ମଡ଼ କରି କହିଲା, "ତୁ ତ ଏବେ ଆମର ଦାସୀ, ଚାଲ ।" ଏହା କହି, ଚୁଟି ଧରି ଆହୁରି ଜୋରରେ ଘୋସାରିଲା । ଦ୍ରୌପଦୀ କୃଷ୍ଣ ଅର୍ଜୁନଙ୍କ ନାମ ଧରି ଜୋରରେ କାନ୍ଦିଲେ; କିନ୍ତୁ ସବୁ ବୃଥା ହେଲା ।

ଏହାପରେ ସେ ଦୁଷ୍ଟ ଦ୍ରୌପଦୀଙ୍କୁ ନେଇ ସଭାରେ ପହଞ୍ଚିଲା, କେହି କିନ୍ତୁ ମନା କଲେ ନାଇ । ସେଠାରୁ ଦ୍ରୌପଦୀ କହିଲେ, "ମୋ ସ୍ୱାମୀ କ୍ଷତ୍ରିୟ ଧର୍ମର କାମ କରିଛନ୍ତି, ତାଙ୍କର କି ଦୋଷ ? କିନ୍ତୁ ଏହି ଦୁଷ୍ଟ ମୋତେ ଅପମାନ କରୁଛି, ତେବେ ହେଲେ ସମସ୍ତେ ତୁନି ହୋଇ ବସିଛନ୍ତି । ବୁଝିଲି, କୁରୁବଂଶ ଲୋକେ ଧର୍ମ ଭୁଲି ଗଲେଣି—ଭୀଷ୍ମ, ଦ୍ରୋଣ, ବିଦୁରଙ୍କର ଆଉ କିଛି ତେଜ ନାଇ ।"

ଦ୍ରୌପଦୀଙ୍କର ଏ ଦଶା ଦେଖି ପାଣ୍ଡବମାନେ ରାଗରେ କମ୍ପୁଥାନ୍ତି । ଏଣେ ଦୁଃଶାସନ ଚୁଟି ଧରି ଟାଣି ଦାସୀ, ଦାସୀ, ବୋଲି ଦ୍ରୌପଦୀଙ୍କୁ ପ୍ରାୟ ହତଜ୍ଞାନ କଲାଣି । କର୍ଣ୍ଣ, ଶକୁନି ଏହା ଦେଖି କହୁଥାନ୍ତି, "ବେଶ୍, ବେଶ୍ ।"

ଭୀଷ୍ମ ଦ୍ରୌପଦୀଙ୍କୁ କହିଲେ, "ଯୁଧିଷ୍ଠିର ତୁମକୁ ପଣ କରିବା ଠିକ୍ କି ନା, ମୁଁ କହି ପାରୁ ନାଇ । ସେ ତ ନିଜେ ଭାରି ଧାର୍ମିକ, କେବେ ଅଧର୍ମ କଥା କରନ୍ତି ନାଇ । ଏ ସବୁ ଦେଖି ତ ସେ ତୁନି ହୋଇ ଅଛନ୍ତି । ମୁଁ କ'ଣ କହିବି, ବୁଝି ପାରୁ ନାଇ ।"

ଦ୍ରୌପଦୀ କହିଲେ, 'ଦୁଷ୍ଟମାନେ ତାଙ୍କୁ ଖେଳିବାକୁ ଡାକି ଆଣିଲେ, ଠକି ଠକି ଜିଣିଲେ; ତାଙ୍କର କି ଦୋଷ ? ଆପଣମାନଙ୍କର ପୁଅବୋହୂ ଅଛନ୍ତି; ତାଙ୍କୁ ପୁଛି ଏ କଥାର ବିଚାର କରନ୍ତୁ ।' ଏହା କହି ସେ କାନ୍ଦିଲେ । ଦୁଃଶାସନ ତାଙ୍କୁ ଆହୁରି ଅପମାନ କରିବାରେ ଲାଗିଗଲା ।

---

## ବସ୍ତ୍ର ହରଣ

ଭୀମ ଆଉ ସହି ପାରିଲେ ନାଇ; କହିଲେ, "ଦେଖ, ଯୁଧିଷ୍ଠିର ତୁମରି ଦୋଷରେ ଦ୍ରୌପଦୀର ଏତେ ଅପମାନ ହେଉଛି । ଯେଉଁ ହାତରେ ତୁମେ ପଶାଖେଳିଛ, ଆଜି ନିଆଁ ଲଗାଇ ସେ ହାତ ପୋଡ଼ି ଦେବି । ଯାଅ, ସହଦେବ, ବେଗେ ନିଆଁ ଆଣ ।"

ଅର୍ଜୁନ ସେଠାରୁ ବୁଝାଇ କହିଲେ, "କଅଣ ଗୁଡ଼ାଏ କହୁଛ ଭାଇ, ତୁନି ହୁଅ; କ୍ଷତ୍ରିୟର ଧର୍ମ ରଖିବାକୁ ଯାଇ ଯୁଧିଷ୍ଠିର ଏପରି କରିଛନ୍ତି । ତୁମେ କ'ଣ ଏ କଥା ବୁଝି ପାରୁନାହଁ ? ଧର୍ମ ଭୁଲି ଯାଉଛ ଯେ ।"

ଭୀମ କହିଲେ, "ଧର୍ମ ରଖିବାକୁ ଯାଇ ଏପରି କଲେ ବୋଲି ତ ଏତେବେଳ ଯାଏ ତାଙ୍କ ହାତ ପୋଡ଼ି ଦେଇ ନାଇ ।"

ବିକର୍ଣ୍ଣ ବୋଲି ଧୃତରାଷ୍ଟ୍ରଙ୍କ ପୁଅ ଟିକିଏ ଭଲ ମନୁଷ୍ୟ ଥିଲେ । ଏତିକିବେଳେ ସେ କହି ଉଠିଲେ, "ଆପଣମାନେ ସମସ୍ତେ ତୁନି ହୋଇ ବସି ରହିଛନ୍ତି

କାହିଁକି ? ଦ୍ରୌପଦୀଙ୍କ କଥା ବିଚାର କରନ୍ତୁ । ମତେ ତ ଲାଗୁଛି, ଦ୍ରୌପଦୀଙ୍କୁ ଏପରି ପଣ ରଖିବା ଲାଗି ଯୁଧିଷ୍ଠିରଙ୍କର କିଛି ଅଧିକାର ନ ଥିଲା । ଯୁଧିଷ୍ଠିର ହାରିଲେହେଁ, ଦ୍ରୌପଦୀଙ୍କର ସେ କଥା ମାନିବାର କିଛି କାରଣ ନାହିଁ ।”

ଏହା ଶୁଣି ସଭା ଲୋକେ ହୋ ହୋ ପାଟି କରି ଉଠିଲେ । ସମସ୍ତେ ବିକର୍ଣ୍ଣଙ୍କୁ ପ୍ରଶଂସା ଓ ଶକୁନିଙ୍କୁ ନିନ୍ଦା କରିବାରେ ଲାଗିଗଲେ । କିନ୍ତୁ କର୍ଣ୍ଣ ବିକର୍ଣ୍ଣଙ୍କୁ ଭାରି ଗାଳିଦେଇ, ଦୁଃଶାସନକୁ ଚାହିଁ କହିଲେ, “ଦୁଃଶାସନ, ଏମାନଙ୍କ ଦେହରେ ଯେଉଁ ଲୁଗା ଅଛି, ସେ ତ ଆଉ ତାଙ୍କର ନୁହେଁ । ତୁମେ ଏବେ ତାକୁ ସବୁ କାଢ଼ିନିଅ ।”

ଏହା ଶୁଣିଲା ମାତ୍ରକେ ପାଣ୍ଡବମାନେ ଆପଣା ଆପଣା ଦେହରୁ ପାଚୁଡ଼ି ଚିମାନ କାଢ଼ି ଥୋଇଦେଲେ ଏବଂ ଦୁଃଶାସନ ଦ୍ରୌପଦୀଙ୍କ ଲୁଗା ଧରି ଟାଣି କାଢ଼ିବାର କଲା । କିନ୍ତୁ କି ଆଶ୍ଚର୍ଯ୍ୟ ! ଦୁଃଶାସନ ଖଣ୍ଡକୁ ଖଣ୍ଡ ଲୁଗା କାଢ଼ି ଫିଙ୍ଗି ଦଉଛି, ପୁଣି ଦେଖିଲା ବେଳକୁ ଦ୍ରୌପଦୀଙ୍କ ଦେହରେ ଲୁଗା ଯେପରି ଥିଲା, ସେହିପରି ଅଛି । ଦ୍ରୌପଦୀ ସତୀ, ସେ ଦେବତାଙ୍କୁ ଡାକୁଥିଲେ । ଦେବତା ଏବେ ଦୟା କଲେ । ଦୁଃଶାସନ କାଢ଼ୁଛି, କିନ୍ତୁ ରଙ୍ଗ, କଳା, ନେଳି, ସୁନୁଲି ଶାଢ଼ୀମାନ ଦ୍ରୌପଦୀଙ୍କ ଦେହରୁ ବାହାରୁଛି । ଶେଷକୁ ଦୁଃଶାସନ ଅପ୍ରସ୍ତୁତ ହୋଇ, ଥକ୍‌କା ମାରି ବସି ପଡ଼ିଲା ।

ଏ ଆଶ୍ଚର୍ଯ୍ୟ କଥା ଦେଖି ସଭାରେ ସମସ୍ତେ ଦ୍ରୌପଦୀଙ୍କୁ ଧନ୍ୟ ଧନ୍ୟ କଲେ, ଦୁଃଶାସନକୁ ଭାରି ଗାଳି ଦେଲେ । ଭୀମ ଏଣେ ରାଗରେ କମ୍ପି ଗଲେଣି । ସେ ଆଉ ରାଗ ସମ୍ଭାଳି ନ ପାରି କହି ପକାଇଲେ, “ସମସ୍ତେ ଶୁଣ, ମୁଁ ଯେବେ ଯୁଦ୍ଧରେ ଦୁଃଶାସନ ବୁକୁ ଚିରି ରକ୍ତ ନପିଏ, ତେବେ ମୋର ନରକ ଗତି ହେବ ।”

ଭୀମର ଏ କଥା ଶୁଣି ବିଦୁର ସମସ୍ତଙ୍କୁ ନିନ୍ଦା କରି କହିଲେ, “ଦ୍ରୌପଦୀ ଏପରି କାନ୍ଦୁଛନ୍ତି, ଆପଣମାନେ ତୁନି ହୋଇ ବସିଛନ୍ତି, ଏ କ’ଣ ଭଲକଥା ?”

ଏହା ଶୁଣି ମଧ୍ୟ ସମସ୍ତେ ତୁନି ହୋଇ, ମୁଣ୍ଡ ପୋତି, ବସି ରହିଲେ । ଏଣେ ହସି ହସି ଦୁରାତ୍ମା ଦୁଃଶାସନ ଦ୍ରୌପଦୀଙ୍କୁ ଟଣାଟଣି କରୁଥାଏ, ପାଣ୍ଡବମାନଙ୍କୁ ଥଟ୍ଟା କରି କେତେ ଅପମାନ କଥା କହୁଥାଏ । ଦୁର୍ଯ୍ୟୋଧନ, କର୍ଣ୍ଣ ପ୍ରଭୃତି ହସି ହସି ସେ ଥଟ୍ଟାରେ ପଦେ ପଦେ ମିଶାଇ ଦେଉଥାନ୍ତି । ଶେଷକୁ ପାଣ୍ଡବଙ୍କୁ ଥଟ୍ଟା କରି ମନ ବୋଧ ନ ହେଲାରୁ, ଦୁର୍ଯ୍ୟୋଧନ ହସି ହସି ଦ୍ରୌପଦୀଙ୍କ ଆଡ଼କୁ ଗୋଡ଼ ଦେଖାଇ ଦେଲା । ଅଉ ସବୁ ପାଣ୍ଡବ ଭାଇମାନେ ଏହା ଦେଖି, ମୁଣ୍ଡ ପୋତି ଦେଲେ; କିନ୍ତୁ ଭୀମ ରାଗୀ; ତାଙ୍କ ଦେହ ଜଳିଗଲା । ସେ ମେଘ ଘଡ଼ଘଡ଼ି ପରି ପାଟି କରି କହିଲେ, “ମୁଁ ଯେବେ ଗଦାରେ ଏ ଦୁଷ୍ଟର ଏହି ଗୋଡ଼ ନ ଭାଙ୍ଗିବି, ତେବେ ଜାଣ ମୋର କେବେ ଭଲ ଗତି ହେବ ନାହିଁ ।”

---

## ଧୃତରାଷ୍ଟ୍ର ଭୟରେ ଦୟା କଲେ

ଭୀମର ଏ ପ୍ରତିଜ୍ଞା ଶୁଣି, ସମସ୍ତେ ଭୟରେ କମ୍ପିଗଲେ । ଏ ସବୁ କାର୍ଯ୍ୟର ଫଳ ଯେ ବଡ଼ ଭୟାନକ ହେବ, ଏହା ସମସ୍ତେ ବୁଝିଗଲେ । ଧୃତରାଷ୍ଟ୍ରଙ୍କର ପ୍ରାଣରେ ଭୟ ହୋଇଗଲା, ଏଣେ ଲୋକନିନ୍ଦାରେ ବି ତାଙ୍କୁ ଲାଜ ମାଡ଼ିଲା । ସେ ଏବେ ଦୁର୍ଯ୍ୟୋଧନକୁ ଭାରି ଗାଳି ଦେଇ, ଦ୍ରୌପଦୀଙ୍କୁ କହିଲେ, “ମା, କୁଳଲକ୍ଷ୍ମୀ, ତୁମେ ମୋର ସଭା ବଡ଼ ବୋହୂ, ମୋତେ କହ, ତୁମର କଅଣ ଲୋଡ଼ା ?”

ଦ୍ରୌପଦୀ କହିଲେ, “ଯେବେ ଆପଣଙ୍କର ଦୟା ହେଲା, ତେବେ ଯୁଧିଷ୍ଠିରଙ୍କୁ ଛାଡ଼ି ଦିଅନ୍ତୁ ।”

ଧୃତରାଷ୍ଟ୍ର କହିଲେ, "ସେଇଆ ହେଲା । ଆଉ ତୁମର କି ଲୋଡ଼ା ?"

ଦ୍ରୌପଦୀ କହିଲେ, "ତେବେ ଭୀମ, ଅର୍ଜୁନ, ନକୁଳ, ସହଦେବଙ୍କୁ ଅସ୍ତ୍ରଶସ୍ତ୍ର ସହିତ ଛାଡ଼ିଦିଅନ୍ତୁ ।"

ଧୃତରାଷ୍ଟ୍ର କହିଲେ, "ଆଚ୍ଛା, ତା' ବି ହେଲା । ତୁମର ଆଉ କି ଲୋଡ଼ା, ମା ?"

ଦ୍ରୌପଦୀ କହିଲେ, "ଆଉ-ମୋର କିଛି ଲୋଡ଼ା ନାହିଁ । ଏମାନେ ଛୁଟି ପାଇଲେ, ମୁଁ ସବୁ ପାଇଲି ।"

ତା'ପରେ ଯୁଧିଷ୍ଠିର ଆସି ଧୃତରାଷ୍ଟ୍ରଙ୍କୁ ପ୍ରଣାମ କରି ଜଣାଇଲେ, "ମହାରାଜ, ଏବେ କ'ଣ କରିବୁ ବୋଲି ଆମମାନଙ୍କୁ ଆଜ୍ଞା ହେଉଛି ?"

ଧୃତରାଷ୍ଟ୍ର କହିଲେ, "ବାପା, ତୁମର ମଙ୍ଗଳ ହେଉ, ତୁମେ ତୁମର ସମସ୍ତ ରାଜ୍ୟ ଧନ ନେଇ ଯାଇ, ପୁଣି ସୁଖରେ ରାଜା ହୁଅ ।"

ଯୁଧିଷ୍ଠିର ଏହିପରି ଆଜ୍ଞା ପାଇ, ସମସ୍ତଙ୍କଠାରୁ ବିଦାୟ ନେଇ, କୁନ୍ତୀ, ଦ୍ରୌପଦୀ ଓ ଭାଇମାନଙ୍କ ସଙ୍ଗେ ଇନ୍ଦ୍ରପ୍ରସ୍ଥ ଆଡ଼କୁ ଚାଲିଲେ ।

---

## ପୁଣି ପଶାଖେଳ

ଦୁର୍ଯ୍ୟୋଧନ, ଶକୁନି, କର୍ଣ୍ଣ ପ୍ରଭୃତି ଏତେ କଷ୍ଟରେ, ଏତେ ବାଟ ଧରି, ଠକଠାକ ଯାହା ଜିଣିଥିଲେ, ଧୃତରାଷ୍ଟ୍ରଙ୍କ ପଦେ କଥାରେ ସବୁ ଗଲା । ଏହା କି ଦେହ ସହେ ! ଦୁଷ୍ଟ ଲୋକେ ନ କରି ପାରନ୍ତି କ'ଣ ? ତିନି ଦୁଷ୍ଟ ଯାକ ମିଶି ପୁଣି ଧୃତରାଷ୍ଟ୍ରଙ୍କ ମନ ବଦଳାଇ ଦେଲେ ।

ଏବେ ଠିକ୍ ହେଲା, ଆଉ ଥରେ ଯୁଧିଷ୍ଠିରଙ୍କୁ ପଶାଖେଳକୁ ଡାକିବାକୁ ହେବ । ଏଥର ପଣ ବନବାସ, ଅର୍ଥାତ୍ ଯେ ହାରିବ, ସେ ତେରବର୍ଷ ବନବାସ କରିବ । ଏଇ ତେର ବର୍ଷର ସବା ଶେଷ ବର୍ଷ ଅଜ୍ଞାତ ବାସ, ଅର୍ଥାତ୍ ସେ ବର୍ଷକ ଏପରି ଲୁଚି ରହିବାକୁ ହେବ ଯେ, କେହି ଯେପରି ଜାଣି ନ ପାରନ୍ତି । କେହି ଜାଣି ପାରିଲେ, ପୁଣି ବାରବର୍ଷ ବନବାସ । ବନବାସ ପରେ ଅବଶ୍ୟ ପୁଣି ରାଜ୍ୟ ପାଇବେ ବୋଲି କଥା ହେଲା; କିନ୍ତୁ ଦୁର୍ଯ୍ୟୋଧନ ଭାବିଲା, ଥରେ ପାଣ୍ଡବମାନଙ୍କୁ ତଡ଼ି ଦେଲେ ଆଉ ତାଙ୍କୁ ରାଜ୍ୟରେ ପୂରାଇ ଦେବ ନାହିଁ ।

ଏ ବିଚାର ଶୁଣି ଭୀଷ୍ମ, ଦ୍ରୋଣ, ବିଦୁର ପ୍ରଭୃତି ମହାଜନମାନେ ମନା କଲେ । ଗାନ୍ଧାରୀ ବିରକ୍ତ ହୋଇ ଦୁର୍ଯ୍ୟୋଧନଙ୍କୁ ଘରୁ ବାହାର କରିଦେବାପାଇଁ କହିଲେ । କିନ୍ତୁ ଧୃତରାଷ୍ଟ୍ର କିଛି ନ ଶୁଣି ଫେରେ ଯୁଧିଷ୍ଠିରଙ୍କୁ ପଶାଖେଳ ପାଇଁ ଡକାଇ ପଠାଇଲେ ।

ପଶାଖେଳକୁ ଡାକିଲେ ତ ନ ଯିବାକୁ ଉପାୟ ନାହିଁ । ବାଧ୍ୟ ହୋଇ ଯୁଧିଷ୍ଠିର ବାଟରୁ ଫେରିଲେ । ସେହି ବନବାସ ପଣ ରଖି, ପୁଣି ପଶା ଖେଳିଲେ ଓ ହାରିଲେ ।

ପାଣ୍ଡବମାନେ ଜଟା ବାନ୍ଧି ବଲ୍କଳ ପିନ୍ଧି, ମୃଗଚର୍ମ ଧରି ଏବେ ବନକୁ ଯିବା ପାଇଁ ତିଆରି ହେଲେ । କୌରବମାନେ ଭାରି ଖୁସି ହୋଇ, ଥଟ୍ଟା ଉପହାସ କଲେ । ଦୁଃଶାସନ ଦ୍ରୌପଦୀଙ୍କ ଥଟ୍ଟା କରି ଆଉ ଗୋଟିଏ ବର ଖୋଜିବା ପାଇଁ କହିଲା । ଆହୁରି କେତେ କଟୁ, ଅପମାନ କଥା କହିବାରୁ ଶୁଣି ଭୀମ ସହି ନ ପାରି, ଯୁଦ୍ଧରେ କୌରବମାନଙ୍କୁ ମାରିବେ ବୋଲି ପୁଣି ପ୍ରତିଜ୍ଞା କଲେ ।

ଅର୍ଜୁନ ଭୀମଙ୍କୁ ବୁଝାଇ କହିଲେ, "ମହାତ୍ମାମାନେ ମନକଥା ଏପରି ଲୋକଙ୍କୁ ଜଣାଇ ଦିଅନ୍ତି ନାହିଁ ।

ତେର ବର୍ଷ ପରେ ଯାହା ହେବ, ତା ସମସ୍ତେ ଦେଖିବେ ।" ଏହା କହି ସେ ନିଜେ କର୍ଣ୍ଣଙ୍କୁ ମାରିବା ପାଇଁ ପ୍ରତିଜ୍ଞା କଲେ । ଆଉ ଭାଇମାନେ ସେହିପରି ପ୍ରତିଜ୍ଞାମାନ କଲେ ।

ତହୁଁ ଉତ୍ତାରୁ ସମସ୍ତେ ଧୃତରାଷ୍ଟ୍ର ହେରକାଂକ ପାଖକୁ ଯାଇ, ପ୍ରଣାମ କରି; ବଣକୁ ଯିବା ପାଇଁ ଅନୁମତି ମାଗିଲେ । କେହି କିଛି କହିଲେ ନାଇ । ସମସ୍ତେ ଲାଜରେ ମୁଂଡ ପୋତିଦେଲେ ଓ ମନେ ମନେ ପାଂଡବ-ମାନଂକର ମଂଗଳ ବାଂଛା କଲେ । ବିଦୁର କହିଲେ, "କୁଂତୀଂକୁ ଆଂଭ ଘରେ ରଖିଯାଅ । ସେ କାହିଁକି ବଣରେ ଯାଇ କଷ୍ଟ ପାଇବେ ? ତୁମେମାନେ ବଣକୁ ଯାଅ । ଧାର୍ମିକ ତୁମେ, ତୁମମାନଂକର ଅମଂଗଳ ହେବ ନାଇ । ଜୟଲାଭ କରି ତୁମେ ପୁଣି ଫେରିବ । ମୁଁ ଦେଖିବି, ଏହାହିଁ ମୋର ବାଂଛା ।"

ଯୁଧିଷ୍ଠିର କହିଲେ, "ଆମର ବାପା ନାହାଂତି । ଆପଣ ଆମର ବାପା ପରି । ଆପଣ ଯାହା କହୁଚଂତି, ସେଇଆ ହଉ ।

କୁଂତୀ ବିଦୁରଂକ ଘରେ ରହିବାର ହେଲା । ପୁଅମାନେ ମନ ଦୁଃଖରେ କାଂଦି କାଂଦି କୁଂତୀଂକଠୁ ବିଦାୟ ନେଲେ । ବିଦାୟ ଦେଲାବେଳେ ଶୋକରେ କୁଂତୀଂକର ବୁକୁ ଫାଟିଗଲା ପରି ଲାଗିଲା । ସମସ୍ତେ ମିଶି କେତେ କାଂଦିଲେ ।

ପାଂଡବମାନେ ଏବେ ବଣକୁ ଚାଲିଲେ । ଗଲାବେଳେ ଯୁଧିଷ୍ଠିର ମୁହଁକୁ ଲୁଗାରେ ଘୋଡ଼ାଉଥାଂତି । ଭୀମ ଆପଣାର ବାହାକୁ ଥରକୁ ଥର ଚାହୁଁଥାଂତି । ଅର୍ଜୁନ ବାଟରେ ବାଲି ବୁଣି ବୁଣି ଚାଲୁଥାଂତି । ନକୁଳ ଦେହଯାକ ପାଉଁଶ ବୋଳି ହେଉଥାଂତି । ସହଦେବ ମୁହଁରେ ରଂଗ ଲିପି ଯାଉଥାଂତି । ଦ୍ରୌପଦୀ ବାଳ ମୁକୁଳା କରି, କାଂଦି କାଂଦି ପଛେ ପଛେ ଯାଉଥାଂତି । ପୁରୋହିତ ଧୌମ୍ୟ ହାତରେ କୁଶ ଧରି, ସାମବେଦର ଯାମ୍ୟ, ରୌଦ୍ରମଂତ୍ର ( ଶୁଦ୍ଧି କ୍ରିୟାରେ ଯାହା ବୋଲା ହୁଏ ) ବୋଲି ବୋଲି ସଭା ପଛରେ ଚାଲୁଥାଂତି ।

ଧୃତରାଷ୍ଟ୍ର ବିଦୁରଂକଠାରୁ ଏ ସବୁକଥା ଜାଣି, ବଡ ବ୍ୟାକୁଳହୋଇ, ଏ ସବୁର କାରଣ ପଚାରିବାରୁ ବିଦୁର କହିଲେ, "ମହାରାଜ, ଯୁଧିଷ୍ଠିର ପରମ ଦୟାଳୁ; କ୍ରୋଧରେ ସେ ଯାହାକୁ ଚାହିଁବେ, ସେ ପୋଡ଼ି ଯିବ ।" ଏହା ଭାବି ସେ ମୁହଁ ଘୋଡ଼ାଇ ଦେଲେ । ଭୀମ ବାହୁବଳରେ କେବେ ଶତ୍ରୁମାନଂକୁ ନାଶ କରିବେ, ଏହାଭାବି ବାହୁକୁ ଚାହୁଁଥାଂତି । ଅର୍ଜୁନ ଏହି ବାଲି ବୁଣିଲା ପରି ଯୁଦ୍ଧବେଳେ ଶର ମାରିବେ ବୋଲି ଦେଖାଉଥାଂତି । ନକୁଳ ବଡ ସୁଂଦର, ତାଂକୁ ସୁଂଦର ବୋଲି କେହି ନ ଚାହୁଁ, ଏଥିପାଇଁ ସେ ଦେହରେ ପାଉଁଶ ବୋଳି ଦେଲେ । "ମତେ ଆଜି କେହି ଚିହ୍ନି ନ ପାରୁ" ବୋଲି ସହଦେବ ମୁହଁରେ ରଂଗ ଲିପିଲେ । "ଶତ୍ରୁଂକ ପତ୍ନୀମାନେ ବିଧବା ହୋଇ, ବାଳ ମୁକୁଳା କରି, ଏହିପରି କାଂଦି କାଂଦି ରାଜଦାଂଣ୍ଡରେ ଗଲେ, ମୁଁ ବାଳ ବାଂଧିବି" ବୋଲି ବିଚାରି, ଦ୍ରୌପଦୀ ବାଳ ମୁକୁଳା କରି, କାଂଦୁଥିଲେ । "ଶତ୍ରୁମାନଂକର ଶ୍ରାଦ୍ଧସବୁ ଏହିପରି କରିବି" ବୋଲି ଧୌମ୍ୟ ରୌଦ୍ର ମଂତ୍ର ବୋଲି ବୋଲି କୁଶ ଧରି ଯାଉଥିଲେ ।

ପାଂଡବମାନେ ଗଲାବେଳେ ସଭାରେ କେତେ ଅଶୁଭ ଘଟଣା ଘଟିଲା । ସମସ୍ତେ ଜାଣିଲେ, ଏହାର ଫଳରେ ଅମଂଗଳ ହେବ ।

ସମସ୍ତେ ଚାଲି ଗଲେଣି । ଧୃତରାଷ୍ଟ୍ର ବିଦୁର ପ୍ରଭୃତିଂକୁ ଘେନି କଥାବାର୍ତ୍ତା କରୁଚଂତି । ଏତିକି ବେଳେ ମୁନିମାନଂକୁ ସଂଗେ ଧରି, ଦେବର୍ଷି ନାରଦ

ଆସି ସେଠାରେ ହଠାତ୍ ପହଂଚି ଯାଇ କହିଲେ, "ଆଜିଠାରୁ ତେରବର୍ଷପରେ, ଚତୁର୍ଦ୍ଦଶ ବର୍ଷରେ, ଦୁର୍ଯ୍ୟୋଧନ ଦୋଷର ଫଳରେ ଭୀମ ଅର୍ଜୁନଂକ ହାତରେ ସବୁ କୌରବମାନେ ମରିବେ ।"

ଏହା କହି ନାରଦ ଚାଲିଗଲେ । ଧୃତରାଷ୍ଟ୍ର ବସି ଆପଣାର କଲା କର୍ମ ଭାବିଲେ ।

---

## ବନପର୍ବ

### ଲୋକେ ପାଂଡବମାନଂକ ସଂଗରେ ଚାଲିଲେ

ସମସ୍ତଂକଠାରୁ ବିଦାୟ ନେଇ ପାଂଡବମାନେ ଅସ୍ତ୍ର ଶସ୍ତ୍ର ଧରି ଉତ୍ତର ଆଡ଼କୁ ଚାଲିଲେ । ଇଂଦ୍ରସେନ ପ୍ରଭୃତି ଚଉଦ ଜଣ ଚାକର ନିଜ ଭାର୍ଯ୍ୟା କୁଟୁଂବମାନଂକୁ ରଥରେ ନେଇ, ପାଂଡବମାନଂକ ସାଂଗେ ସାଂଗେ ଗଲେ । ଅନେକ ଧାର୍ମିକ ବ୍ରାହ୍ମଣ, ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନଂକ ଉପରେ ଭାରି ବିରକ୍ତ ହୋଇ, ସେମାନଂକ ରାଜ୍ୟରେ ଆଉ ରହିବେ ନାହିଁ ବିଚାରି, ପାଂଡବମାନଂକ ସାଂଗ ଧଇଲେ । ଏତେ ବ୍ରାହ୍ମଣ ପଛେ ପଛେ ଆସିବାର ଦେଖି ଯୁଧିଷ୍ଠିରଂକର ବଡ଼ ଆନଂଦ ହେଲା, ଦୁଃଖ ବି ହେଲା । ନିଜେ ତ ବନବାସ କରିବାକୁ ଯାଉଛଂତି । ନିଜେ କଣ ଖାଇବେ ଠିକ୍ ନାହିଁ । ଏତେ ବ୍ରାହ୍ମଣଂକୁ ରୋଜ ରୋଜ ଖାଇବାକୁ ଦେବେ କିପରି ? ଏହା ଭାବି, ଯୁଧିଷ୍ଠିର ସେମାନଂକୁ ହାତ ଯୋଡ଼ି କହିଲେ, "ଆପଣମାନେ ମତେ ଏତେ ସ୍ନେହ କରି ମୋ ସାଂଗେ ଆସୁଛଂତି । ମୁଁ ଆପଣମାନଂକୁ ଆଉ କ'ଣ କହିବି, କିଂତୁ ବଣ ଭିତରେ ଆପଣମାନଂକୁ କ'ଣ ଖାଇବାକୁ ଦେବି ? ଏହା ଭାବି, ମତେ ବଡ ବ୍ୟସ୍ତ ଲାଗୁଛି । ଆମମାନଂକ ସାଂଗେ ଆସିଲେ, ଆପଣମାନଂକର ଭାରି କ୍ଲେଶ ହେବ । ଆପଣମାନେ ଘରକୁ ଫେରିଯାଂତୁ ।"

ବ୍ରାହ୍ମଣମାନେ କହିଲେ, "ମହାରାଜ, ଆପଣଂକୁ ଛାଡ଼ି ଆମ୍ଭେମାନେ ଘରେ ରହି ପାରିବୁ ନାହିଁ । ଆମମାନଂକର ଖାଇବା ପିଇବା ନେଇ ଆପଣ କିଛି ଚିଂତା କରଂତୁ ନାହିଁ । ଆମେମାନେ ନିଜେ ଭିକ୍ଷା କରି ଖାଇବୁ ।"

ଯୁଧିଷ୍ଠିରଂକୁ ଆଉ ଉପାୟ ଦିଶିଲା ନାହିଁ; କଣ କରିବେ ବୋଲି ବ୍ୟାକୁଳ ହୋଇ ଧୌମ୍ୟଂକୁ ପଚାରିବାରୁ, ଧୌମ୍ୟ କହିଲେ, "ଆପଣ ସୂର୍ଯ୍ୟଂକୁ ଉପାସନା କରଂତୁ, ବ୍ରାହ୍ମଣମାନଂକର ଖାଇବାର ଉପାୟ ହୋଇଯିବ ।"

ଯୁଧିଷ୍ଠିର ସୂର୍ଯ୍ୟପୂଜା କଲେ । ସୂର୍ଯ୍ୟ ସେ ପୂଜାରେ ସଂତୋଷ ହୋଇ, ହାତରେ ଖଂଡିଏ ଥାଳି ଧରି ଆସି, ଯୁଧିଷ୍ଠିରଂକୁ କହିଲେ, "ମହାରାଜ, ଏ ଥାଳୀ ଦ୍ରୌପଦୀଂକୁ ଦିଅଂତୁ । ବାର ବର୍ଷକାଳ ଦ୍ରୌପଦୀ ଉପବାସ ଥିବା ପର୍ଯ୍ୟଂତ, ପ୍ରତିଦିନ ଯାହା ବାଢ଼ିବେ ଏ ଥାଳୀରୁ ପିଠା, ଭାତ, ଖିରି, ଖେଚେଡ଼ି, ଡାଲି, ମହୁର ସବୁ ଯେତେ ଇଚ୍ଛା ସେତେ ବାହାରିବ । ତେର ବର୍ଷ ପରେ ଆପଣ ପୁଣି ରାଜ୍ୟ ପାଇବେ ।" ଏହା କହି ସୂର୍ଯ୍ୟ ଅଂତର୍ଧାନ ହୋଇଗଲେ । ଯୁଧିଷ୍ଠିର ମଧ୍ୟ ନିଶ୍ଚିଂତ ହେଲେ ।

ସତକୁ ସତ ବାରବର୍ଷ ପର୍ଯ୍ୟଂତ ଦ୍ରୌପଦୀ ଉପବାସ ଥିବା ଯାଏ; ପ୍ରତିଦିନ ସେ ଥାଳୀରୁ ସବୁ ଖାଇବା ଜିନିଷ ବାହାରୁଥାଏ । ଦ୍ରୌପଦୀ ଖାଇସାରିଲେ କିଂତୁ ସେଦିନ ଆଉ ବାହାରେ ନାହିଁ ।

---

### କାମ୍ୟକ ବନରେ ବିଦୁର

ପାଂଡବମାନେ ପ୍ରଥମେ ଯାଇ ଯେଉଁ ବନରେ ରହିଲେ, ତାର ନାମ 'କାମ୍ୟକ ବନ' । ଦିନେ

ହଠାତ୍ ବିଦୁର ସେଠାରୁ ଯାଇ ଯୁଧିଷ୍ଠିରଂକ ପାଖେ ପହଂଚିଲେ । ଯୁଧିଷ୍ଠିର ବିଚାରିଲେ ହୁଏତ ପୁଣି ପଶାଖେଳ ପାଇଁ ଡାକରା ଆସିଲା; କିଂନ୍ତୁ ତା' ନୁହେଁ । ବିଦୁର ଧୃତରାଷ୍ଟ୍ରଂକୁ ବହୁତ ବୁଝାଇଲେ । ପାଂଡବମାନଂକ ସଂଗେ ଭଲ ବ୍ୟବହାର କରି, ତାଂକୁ ବଣରୁ ଫେରାଇ ଆଣିବାକୁ କହିଲେ । ସେଥିପାଇଁ ଧୃତରାଷ୍ଟ୍ର ତାଂକୁ ଗାଳି ଦେଇ, ତଡ଼ିଦେଲେ । ବିଦୁର ଖୋଜି ଖୋଜି ଯାଇ କାମ୍ୟକ ବନରେ ପହଂଚିଲେ ।

ଏଣେ ଧୃତରାଷ୍ଟ୍ର ବିଦୁରଂକୁ ତଡ଼ିଦେଇ, ବଡ଼ ଦୁଃଖିତ ହେଲେ । ଏକେ, ବିଦୁର ଭଲକଥା କହଂନ୍ତି, ବିପଦ ବେଳେ ବୁଦ୍ଧି ଦିଅଂନ୍ତି । ସେତିକି ନୁହେଁ, ଧୃତରାଷ୍ଟ୍ରଂକର ଡର ଯେ, ବିଦୁର ପରି ଲୋକ ଯାଇ ପାଂଡବମାନଂକ ପାଖେ ରହିଲେ, ପାଂଡବମାନଂକ ବଳ ଖୁବ୍ ବଢ଼ିଯିବ । ଧୃତରାଷ୍ଟ୍ର ପୁଣି ବିଦୁରଂକୁ ଡକାଇ ପଠାଇଲେ । ବିଦୁର ପୁଣି ହସ୍ତିନାକୁ ଗଲେ ।

ବିଦୁର ହସ୍ତିନାକୁ ଆସିବାଟା ଦୁର୍ଯୋଧନଂକୁ ସୁଖ ଲାଗିଲା ନାଇ । ଦୁର୍ଯୋଧନ ବିରକ୍ତ ହୋଇ କର୍ଣ୍ଣ ହେରିକାଂକୁ କହିଲେ, "ବେଗେ କିଛି ଉପାୟ କର । ନ ହେଲେ ବିଦୁର କେତେବେଳେ ବାପାଂକୁ ବୁଝାଇ ଦେଇ ପାଂଡବମାନଂକୁ ଫେରାଇ ଆଣିପାରେ ।"

କର୍ଣ୍ଣଂକୁ ଏ କଥା ପସଂଦ ଦିଶିଲା ନାଇ । କର୍ଣ୍ଣର ଇଚ୍ଛା, ସାଂଗେ ସାଂଗେ ଯାଇ, ପାଂଡବମାନଂକୁ ମାରିଦେଲେ ରକ୍ଷା । ଏତେବେଳେ ପାଂଡବମାନଂକର ଧନ ନାଇ, ବଳ ନାଇ, ବଂଧୁ ନାଇ, ମନ ଦୁଃଖରେ ସାହସ ବି କମି ଯାଇଥିବ । ଏତିକିବେଳେ ତାଂକୁ ମାରିବାର ବେଳ ।

ଏ କଥା ଶୁଣି ସମସ୍ତଂକୁ ଭାରି ସୁଖ ଲାଗିଲା । ସମସ୍ତେ ସୈନ୍ୟ, ରଥ ସଜାଡ଼ି ବାହାରିଲେ । ହଠାତ୍ ବ୍ୟାସଦେବ ଆସି, ସେମାନଂକୁ ଫେରାଇ ଆଣି ସବୁ ଥଂଡା କରିଦେଲେ ।

କେତେଦିନ ପରେ ମୈତ୍ରେୟ ମହର୍ଷି ଧୃତରାଷ୍ଟ୍ରଂକ ପାଖେ ଆସି କହିଲେ, "ମହାରାଜ ତୁମ ପରି ଲୋକ ଏତେ ବିପଦ ଆଗରେ ଦେଖି ସୁଦ୍ଧା କିଛି କରୁ ନାହଁ । ସଭାରେ ପଶାଖେଳରେ ଯେଉଁ ସବୁ କାର୍ଯ୍ୟ ହୋଇଗଲା, ଏ କ'ଣ ବଡ଼ ସୁଂଦର ? ଏବେ ତୁଂଭେ ପାଂଡବମାନଂକର ଅକାର୍ଯ୍ୟ ବିଚାର ନାଇ । ତାଂକ ସାଂଗେ ବେଗେ ସମାଧାନ କର ।"

ଦୁର୍ଯୋଧନଂକୁ ଏ କଥା ସୁଖ ଲାଗିଲା ନାଇ । ସେ ମହର୍ଷିଂକ କଥା ଶୁଣି ନ ଶୁଣିଲା ପରି ଜଂଘରୁ ଲୁଗା କାଢ଼ି ଗୁପଡ଼ୋଉ ଥାଏ ।

ମହର୍ଷି, ରାଗ ହୋଇ ଶାପ ଦେଲେ, "ଭୀମ ଗଦାରେ ତୋ'ର ଏହି ଉରୁ ( ଜଂଘ ) ଭାଂଗିବେ ।" ଏ କଥା ଶୁଣି ଧୃତରାଷ୍ଟ୍ର ଚମକି ପଡ଼ିଲେ । ମହର୍ଷିଂକୁ ବହୁତ ପ୍ରାର୍ଥନା କରି କହିଲେ । ମହର୍ଷି କହିଲେ, "ଯାହା କର ମହାରାଜ, ପାଂଡବମାନଂକ ସଂଗେ ସମାଧାନ ନ କଲେ, ମୋ କଥା ନିଶ୍ଚୟ ଫଳିବ ।" ମହର୍ଷି ଏହା କହି ଚାଲିଗଲେ ।

## ଭୀମ କିମିରକୁ ମାରିଲେ

ଏଣେ ପାଂଡବମାନେ ଯେଉଁ କାମ୍ୟକବନରେ ଥିଲେ, ସେ ଗୋଟାଏ ଘୋର ଜଂଗଲ । ସେଠାରେ ବହୁତ ରାକ୍ଷସ ଥାଂନ୍ତି । ରାକ୍ଷସ ଭୟରେ ମୁନି, ଋଷିମାନେ ସେଠାରେ ରହି ପାରୁ ନ ଥିଲେ । ଦିନେ ଯୁଧିଷ୍ଠିର ହେରିକା ଯାଉଚଂନ୍ତି, ହଠାତ୍ ଦେଖିଲେ, ବାଟରେ ଗୋଟାଏ ରାକ୍ଷସ ଆଁ କରି ଶୋଇଚି । ଦ୍ରୌପଦୀ ତାକୁ ଦେଖୁ ଦେଖୁ ଭୟରେ ଅଜ୍ଞାନ ।

ଯୁଧିଷ୍ଠିର ରାକ୍ଷସକୁ ପଚାରିଲେ, "ତୁମେ କିଏ; କହ, ତୁମର ଆମେ କି କାମକରିବୁ ?" ରାକ୍ଷସ କି ସେ କଥା ଶୁଣିବା ଲୋକ । ସେ କହିଲା, "ଆରେ ମୁଁ କିମିର, ବକ ରାକ୍ଷସର ଭାଇ । ତମେ କିଏ ରେ, ମୁଁ ତମକୁ ଖାଇବି ।"

ଯୁଧିଷ୍ଠିର କହିଲେ, "ଆମେମାନେ ମହାତ୍ମା ପାଣ୍ଡୁଙ୍କ ପୁତ୍ର । ଆମର ନାମ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ।" ଏହା କହୁ କହୁ ଭୀମ ନାମଟା ଶୁଣି ରାକ୍ଷସ ଡେଇଁ ଉଠି କହିଲା, "ଆରେ ଭୀମ, ସେ ମୋ ଭାଇ ବକକୁ ମାରିଥିଲା । ଆ, ଆ, ତତେ ଆଗ ଖାଇବି ।"

ଭୀମ କମ ଲୋକ ନୁହେଁ । ଆଗରୁ ସେ ଗଛ ଉପାଡ଼ି, ଡାଳପତ୍ର ଭାଙ୍ଗି, ଗଛକୁ ଧରି, ଲଢ଼େଇ କରିବାକୁ ତିଆର । ଭାରି ଲଢ଼ାଲଢ଼ି ବାଡ଼ିଆ ବାଡ଼ି ଲାଗିଗଲା । ଭୂଇଁ କମ୍ପିଗଲା, ଖଣ୍ଡେ ବଣ ପଦା ହୋଇଗଲା । ଭୀମର ଦଶ ହଜାର ହାତୀର ବଳ । ରାକ୍ଷସ ତାକୁ କଣ କରିବ ? ଶେଷକୁ ଭୀମ ରାକ୍ଷସକୁ ଧରି, ମୋଡ଼ା ମୋଡ଼ି କରି, ମୁଣ୍ଡ ଉପରେ ବୁଲାଇ ବୁଲାଇ ଅଜ୍ଞାନ କରି, ତଳେ ପକାଇ ଦେଇ, ଚୋଟି ଚପି ଦେଲା । କିମିର କେଁ କରି ଗୋଟିଏ ଶବ୍ଦ କରି, ହାତେ ଲମ୍ବ ଗୋଟିଏ ଜିଭ କାମୁଡ଼ି ପକାଇଲା, ତାର ପ୍ରାଣ ଉଡ଼ିଗଲା ।

---

## ଯୁଧିଷ୍ଠିରଙ୍କ ବନ୍ଧୁମାନେ

ଯୁଧିଷ୍ଠିରଙ୍କ ବଣକୁ ଯିବା କଥା ଶୁଣି, ତାଙ୍କ ବନ୍ଧୁବାନ୍ଧବମାନେ ଭାରି ଦୁଃଖିତ ହେଲେ । କୃଷ୍ଣ, ଧୃଷ୍ଟଦ୍ୟୁମ୍ନ ପ୍ରଭୃତି ଯଦୁ ଓ ପାଞ୍ଚାଳ ବଂଶର ଲୋକମାନେ ତାଙ୍କୁ ଦେଖିବାକୁ ଆସିଲେ, ସେମାନେ କୌରବମାନଙ୍କୁ ଖୁବ ନିନ୍ଦା କଲେ । ସେମାନଙ୍କୁ ଯୁଦ୍ଧରେ ମାରି, ପୁଣି ଯୁଧିଷ୍ଠିରଙ୍କୁ ରଜା କରିବେ ବୋଲି କହିଲେ ।

ମୁନି ଋଷିମାନେ, ଆଉ ଆଉ ଲୋକେ, ବହୁତ ପାଣ୍ଡବମାନଙ୍କୁ ବଣରେ ଦେଖିବାକୁ ଆସୁଥାନ୍ତି । କେହି କେହି ଦିନାକେତେ ତାଙ୍କ ସାଙ୍ଗେ ବଣରେ ରହିଯାନ୍ତି । ଜଣେ ଜଣେ କେତେ ଗଳ୍ପ କାହାଣୀ କହି, ତାଙ୍କୁ ବୋଧ ଦିଅନ୍ତି । ତାଙ୍କର ସମୟ କଟିଯାଏ ।

ବଣରେ ରହିବା ଏକେ ବଡ଼ କଷ୍ଟକଥା । ଦ୍ରୌପଦୀଙ୍କୁ ସେ କଥା ବେଶି ବାଧୁଥାଏ । ସେ ଯୁଧିଷ୍ଠିରଙ୍କୁ ଗାଳି ଦେଉଥାନ୍ତି । କୌରବମାନଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ବହୁତ ମତାଉଥାନ୍ତି । ଭୀମ ପାଖରେ ଥାଇ ଦ୍ରୌପଦୀଙ୍କ କଥାରେ ମତ ଦେଉଥାନ୍ତି । ଯୁଧିଷ୍ଠିର ଏଙ୍କୁ ସବୁ କଥାଶୁଣି, ଗାଳିଯାକ ଖାଇ, ବଡ଼ ମିଠା କଥାରେ ସେମାନଙ୍କୁ ବୁଝାଉଥାନ୍ତି । "କୌରବମାନେ ଅନ୍ୟାୟ କଲେବୋଲି, ପାଣ୍ଡବମାନେ ଅନ୍ୟାୟ କରିବା ଠିକ୍ ନୁହେଁ । ସବୁବେଳେ ଧର୍ମରେ ରହିବା ଭଲ । ଧର୍ମ ଧାର୍ମିକକୁ ରକ୍ଷା କରେ । କ୍ଷମା କରିବା ଧର୍ମ । ରାଗ ହୋଇ ହଠାତ୍ ଗୋଟିଏ କାମକରି ପକାଇଲେ ଅଧର୍ମହେବ ।"

ଏହା ଛଡ଼ା ଯୁଧିଷ୍ଠିର ବେଶ୍ ଜାଣୁଥାନ୍ତି ଯେ, ଦୁର୍ଯ୍ୟୋଧନଙ୍କ ପକ୍ଷରେ କର୍ଣ୍ଣ ପ୍ରଭୃତି ବଡ଼ ବଡ଼ ବୀରମାନେ ଅଛନ୍ତି; ମୁହଁରେ କଥା କହିଲେ ସେମାନେ କିଛି ଡରିଯିବେ ନାଇ । ତାଙ୍କୁ ଜିଣିବା ବଡ଼ କଷ୍ଟ । ସେଥିପାଇଁ ବହୁତ ଯୋଗାଡ଼ ଦରକାର । ବେଳେ ବେଳେ ସେ ସେକଥା ଭୀମକୁ କହନ୍ତି । ଭୀମ ଶୁଣି, କିଛି କହନ୍ତି ନାଇ । ତୁନି ହୋଇଯାନ୍ତି ସିନା; ଏଙ୍କୁ ଯୁଦ୍ଧ କରି କୌରବମାନଙ୍କୁ ମାରିବାପାଇଁ ତାଙ୍କ ମନ ଭିତର ଛଟପଟ ହେଉଥାଏ ।

ଏ ମଧ୍ୟରେ ଦିନେ ବ୍ୟାସଦେବ ପାଂଡବମାନଂକୁ ଦେଖିବାକୁ ଆସିଲେ । ସେ ଯୁଧିଷ୍ଠିରଂକୁ କହିଲେ, "ମୁଁ ତୁମକୁ ଏହି ପ୍ରତିସ୍ମୃତି ବିଦ୍ୟା ଶିଖାଇ ଦେଉଅଛି । ତୁମେ ଏହା ଅର୍ଜୁନକୁ ଶିଖାଇବ । ସେ ଏଥିରେ ମହାଦେବ, ଇଂଦ୍ର, ଯମ, ବରୁଣ, କୁବେର ପ୍ରଭୃତିଂକୁ ସଂତୁଷ୍ଟ କରି, ସେମାନଂକଠାରୁ ବଡ଼ ବଡ଼ ଅସ୍ତ୍ରସବୁ ସହଜରେ ପାଇପାରିବେ ।"

ଏ ବିଦ୍ୟା ପାଇ, ପାଂଡବମାନଂକର ନୂଆ ବଳ ଆସିଲା । ଅର୍ଜୁନ ଏ ବିଦ୍ୟା ଶିଖି, ସାଂଗେ ସାଂଗେ ତପସ୍ୟା କରିବାପାଇଁ ବଣକୁ ଚାଲିଗଲେ । ଗାଂଡୀବ ଆଉ ଅକ୍ଷୟ ତୂଣ ସବୁବେଳେ ତାଂକ ପାଖରେ ଥାଏ । ଅଳ୍ପ ଦିନ ମଧ୍ୟରେ ହିମାଳୟ ଆଉ ଗଂଧମାଦନ ପର୍ବତ ପାରିହୋଇ, ସେ ଇଂଦ୍ରକୀଳ ପର୍ବତରେ ପହଂଚିଲେ । ସେଠାରେ ଜଣେ ତପସ୍ୱୀ ବ୍ରାହ୍ମଣ ଆସି ତାଂକୁ ବାଧାଦେଇ, ହସି ହସି କହିଲେ, "ତୁମେ କିଏ ? ଏଠାକୁ ଧନୁଶର ଧରି କାହିଁକି ଆସିଚ ? ଧନୁଶର ଏଠାରେ କଣ ହେବ ? ସେଗୁଡ଼ିକ ଫିଂଗି ଦିଅ ।" ଅର୍ଜୁନ ସେ କଥା ମାନିଲେ ନାଇ କି ଧନୁଶର ଫିଂଗିଲେ ନାଇ । ସେଠାରୁ ସେ ତପସ୍ୱୀ ସଂତୁଷ୍ଟ ହୋଇ କହିଲେ, "ମୁଁ ଇଂଦ୍ର, ତୁମଠାରେ ମୋର ବଡ଼ ସଂତୋଷ ହେଲା । କି ବର ମାଗୁଛ, ମାଗ ।"

ଅର୍ଜୁନ ପ୍ରଣାମ କରି କହିଲେ, "ମୁଁ ଆପଣଂକ-ଅସ୍ତ୍ର ଶିକ୍ଷା କରିବାକୁ ଆସିଚି । ମୋତେ ଏପରି ବର ଦିଅଂତୁ, ଯହିଁରେ ମୁଁ ଆପଣଂକ ପାଖରୁ ସବୁ ଅସ୍ତ୍ର ଶିଖିପାରିବି ।"

ଇଂଦ୍ର କହିଲେ, "ଆଗ ଶିବଂକୁ ସଂତୁଷ୍ଟ କର । ତା' ପରେ ଅସ୍ତ୍ର ପାଇବ ।" ଇଂଦ୍ର ଏହା କହି, ଚାଲିଗଲେ ।

———

## କିରାତ ରୂପରେ ଶିବ

ଅର୍ଜୁନ ହିମାଳୟକୁ ଆସି, ଶିବଂକ ପାଇଁ ଘୋର ତପସ୍ୟା କରି ବସିଲେ । କ୍ରମାଗତ ଚାରି ମାସ ସେ ଯେଉଁ ତପସ୍ୟା କଲେ, ତାହା ଅତି କଠିନ । ପହିଲି ମାସରେ ତିନିଦିନରେ ଥରେ ଖାଆଂତି । ତା' ପରେ, ଦ୍ୱିତୀୟ ମାସରେ ସପ୍ତାହରେ ଥରେ, ତୃତୀୟ ମାସରେ ପଂଦର ଦିନରେ ଥରେ ଖାଇ, ଚତୁର୍ଥ ମାସକୁ କବଳ ନିରାହାର କଲେ; ପବନ ଛଡ଼ା ଆଉ କିଛି ଖାଇଲେ ନାଇ । ଖାଲି ଗୋଡ଼ ବୁଢ଼ାଆଂଗୁଠିରେ ଠିଆହୋଇ, ହାତ ଟେକି, ମାସକଯାକ ଶିବଂକୁ ଧ୍ୟାନ କଲେ । ସେ ତପସ୍ୟାର ତେଜରେ ଚାରିଆଡ଼େ, ତାଂକଠୁ ତେଜ ବାହାରି, ବଣଯାକ ବ୍ୟାପିଗଲା । ମୁନି ଋଷିମାନେ ବ୍ୟସ୍ତ ହୋଇ, ଯାଇ ମହାଦେବଂକୁ କହିଲେ, "ହେ ପ୍ରଭୁ, ଅର୍ଜୁନଂକର ତପସ୍ୟାର ତେଜ ଆମେମାନେ ଆଉ ସହି ପାରୁ ନାହୁଁ । ଆପଣ ଶୀଘ୍ର ଏହାଂକୁ ଥଂଡା କରଂତୁ ।"

ଶିବ ସେଠାରୁ କିରାତ ( ବ୍ୟାଧ, ଯେଉଁମାନେ ବଣରେ ଜଂତୁ ମାରି ପେଟ ପୋଷଂତି ) ରୂପ ଧରି ଅର୍ଜୁନଂକ ତପସ୍ୟା ସ୍ଥାନରେ ଯାଇ ପହଂଚିଲେ । ଦୁର୍ଗା ତାଂକର ସ୍ତ୍ରୀ ହୋଇ, ସାଂଗେ ସାଂଗେ ଅଛଂତି । ଆଉ ଶିବଂକ ଭୂତମାନେ ନାନା ପ୍ରକାର ବେଶ ଧରି ତାଂକ ପଛେ ପଛେ ଚାଲିଚଂତି ।

ଏତିକିବେଳକୁ ଗୋଟାଏ ଦାନବ ବାରାହ ହୋଇ ଅର୍ଜୁନଂକୁ ମାରିବାକୁ ବଢ଼ୁଚି । ଅର୍ଜୁନ ଗାଂଡୀବରେ ଶର ଚଢ଼ାଇ ତାକୁ ମାରିବା ପାଇଁ ବାହାରିଚଂତି । କିରାତରୂପୀ ମହାଦେବ ଆସି ଅର୍ଜୁନଂକୁ କହିଲେ, "ରହ, ରହ, ମୁଁ ତାକୁ ଆଗେ ମାରିବି ବୋଲି ଲକ୍ଷ କରିଚି ।"

ଅର୍ଜୁନ ସେ କଥା ଶୁଣିବେ କାହିଁକି ? ବରାହ ଉପରକୁ ଶର ମାରିଲେ । କିରାତ ବି ଶର ମାରିଲେ । ଦୁହିଁଙ୍କ ଭିତରେ କଳି ଲାଗିଗଲା । ଅର୍ଜୁନ କହିଲେ, "ମୋ ଶିକାର ମାରିବାକୁ ତୁ କିଏ ? ରହ, ତତେ ଦେଖୁଛି ।" "କିରାତ କହିଲେ", ମୁଁ ଆଗ ଲକ୍ଷ କରିଥିଲି, ତୁ କାହିଁକି ମାରିଲୁ । ଚାଲ, ତୋର ମୋର ବୁଝାବୁଝି ହେବା ।"

ଅର୍ଜୁନ ଭାରି ରାଗିଯାଇ, କିରାତକୁ ଶର ମାରିଲେ । କିରାତ ଆଉ କିଛି ନ କରି, ଆଁ କରି ଦେଲେ । ଅର୍ଜୁନ ଶର ମାରୁଥାଆନ୍ତି, କିରାତ ସେ ଶରସବୁ ହସି ହସି ଗିଳିଦେଉଥାଆନ୍ତି, ଅର୍ଜୁନଙ୍କର ଯେତେ ବଡ଼ ବଡ଼ ଭୟାନକ ଅସ୍ତ୍ର ସବୁ ଥିଲା, ସବୁ ସେ ମାରିଲେ । ସବୁତକ କିରାତଙ୍କ ପେଟକୁ ଗଲା । କିରାତ ହସୁଥାଆନ୍ତି । ଅର୍ଜୁନଙ୍କ ଅକ୍ଷୟ ତୂଣ ଖାଲି ହୋଇ ଆସିଲା । କିରାତ ଖାଲି ଶର ଗିଳୁଛନ୍ତି, ହସୁଛନ୍ତି ।

ଅର୍ଜୁନ ଶେଷକୁ ଗାଣ୍ଡୀବ ଧରି, ପିଟିବାକୁ ଗଲେ । କିରାତ ବାଁ ହାତଟି ବଢ଼ାଇ ହସି ହସି, ଧିରେ କରି ଗାଣ୍ଡୀବଟି ଛଡ଼ାଇ ନେଲେ । ଅର୍ଜୁନ ଖଣ୍ଡା ଧରି, ଦି'ହାତରେ କିରାତଙ୍କ ମୁଣ୍ଡକୁ ହାଣି ବସିଲେ । ଖଣ୍ଡାଟି ଦି'ଖଣ୍ଡ ହୋଇ ଭାଙ୍ଗିଗଲା । ତା' ଉତ୍ତାରୁ ଅର୍ଜୁନ ଗଛ ଉପାଡ଼ି, ପଥର ଗୋଟେଇ କିରାତ ଉପରେ ଫିଙ୍ଗିଲେ । କିରାତଙ୍କର ଖାତିରି ନାଇ, ହସୁଛନ୍ତି ।

ଶେଷକୁ ଅର୍ଜୁନ ଯାଇ, କିରାତଙ୍କୁ ଧରି ପକାଇଲେ । କିରାତ ଅର୍ଜୁନଙ୍କୁ ଧରି, ଟିକିଏ ଚାପି ଦେଲେ । ସେତିକିରେ ଅର୍ଜୁନଙ୍କର ଚେତା ବୁଡ଼ିଗଲା । ଚେତା ହେଲାରୁ, ଅର୍ଜୁନ ମାଟିରେ ଗୋଟିଏ ଶିବମୂର୍ତ୍ତି ଗଢ଼ି, ପୂଜାକରି, ତା ଉପରେ ଗୋଟିଏ ମାଳ ପକାଇଦେଲେ । ଦେଖିଲାବେଳକୁ ମାଳଟି ଯାଇ କିରାତଙ୍କ ବେକରେ ପଡ଼ିଗଲା ।

ତହୁଁ ଅର୍ଜୁନ ଜାଣି ପାରି, ଲମ୍ବ ହୋଇ କିରାତଙ୍କ ଗୋଡ଼ ତଳେ ପଡ଼ିଗଲେ । କହିଲେ, "ପ୍ରଭୋ ! ନ ଜାଣି ଯୁଦ୍ଧ କରିଛି—କ୍ଷମା କରନ୍ତୁ ।" ମହାଦେବ କହିଲେ, "ଅର୍ଜୁନ, ମୁଁ ବଡ଼ ସନ୍ତୁଷ୍ଟ ହୋଇଛି । ନିଅ ତୁମ ଗାଣ୍ଡୀବ, ତୁମର ତୂଣ ପୁଣି ଅକ୍ଷୟ ହେଉ । ତୁମେ ବାସ୍ତବିକ୍ ବୀର ପୁରୁଷ । ଏବେ କି ବର ମାଗିବ, ମାଗ ।"

ଅର୍ଜୁନ ମହାଦେବଙ୍କୁ ପାଶୁପତ ଅସ୍ତ୍ର ମାଗିଲେ । ମହାଦେବ ଅର୍ଜୁନଙ୍କୁ ସେ ଅସ୍ତ୍ର ଦେଲେ । ତାକୁ କିପରି ମାରିବାକୁ ହେବ, ତା' ମଧ୍ୟ ଭଲ କରି ଶିଖାଇ ଦେଲେ ।

ମହାଦେବ ଚାଲିଗଲାରୁ ବରୁଣ, କୁବେର, ଯମ, ଇନ୍ଦ୍ର ସମସ୍ତେ ଆସି ଅର୍ଜୁନଙ୍କୁ ଆପଣା ଆପଣାର ଭଲ ଭଲ ଅସ୍ତ୍ରମାନ ଦେଲେ ଏବଂ ଇନ୍ଦ୍ର ଅର୍ଜୁନଙ୍କୁ ସ୍ୱର୍ଗକୁ ଡାକି ନେଇଗଲେ ।

ସ୍ୱର୍ଗରେ ଅର୍ଜୁନ ବହୁତ ଆଦର ସମ୍ଭାବନା ପାଇଲେ । କେତେ ନୂଆ କଥା ଶିଖିଲେ । ଇନ୍ଦ୍ରଙ୍କଠାରୁ ଯେ ଆଶ୍ଚର୍ଯ୍ୟ ଅସ୍ତ୍ରସବୁ ପାଇଥିଲେ, ସେଥିରେ ସେ ନିବାତ କବଚ ବୋଲି କେତେଗୁଡ଼ିଏ ଦୁଷ୍ଟ ଦୈତ୍ୟଙ୍କୁ ମାରି, ଦେବତାମାନଙ୍କର ବହୁତ ଉପକାର କଲେ । ଏହି ନିବାତ କବଚମାନେ ଦେବତାଙ୍କର ଶତ୍ରୁ ହୋଇ, ବଡ଼ ଅକାର୍ଯ୍ୟ କରୁଥିଲେ ।

ଚିତ୍ରସେନ ବୋଲି ଜଣେ ଗନ୍ଧର୍ବ ସଙ୍ଗେ ସ୍ୱର୍ଗରେ ଅର୍ଜୁନଙ୍କର ଭାରି ଭାବହେଲା । ତାଙ୍କଠାରୁ ସଙ୍ଗୀତ ଶିଖି, ଅର୍ଜୁନ ସଙ୍ଗୀତ-ବିଦ୍ୟାରେ ଭାରି

ଫଂଡିତ ହୋଇଗଲେ । ଏହିପରି ସ୍ୱର୍ଗରେ ଅର୍ଜୁନଂକର ପାଂଚବର୍ଷ ମହାଆନଂଦରେ କଟିଗଲା ।

---

## ପାଂଡବମାନେ କ'ଣ କରୁଥିଲେ ?

କାମ୍ୟକ ବନରେ ପାଂଡବମାନେ ଅର୍ଜୁନଂକ କଥା ଭାବି ଭାବି, ବଡ଼ ଦୁଃଖରେ ଥାଂତି । କେତେ ଦିନ ହୋଇଗଲା, ଅର୍ଜୁନ କେବେ ଫେରିବେ, କପରି ଅଛଂତି, ଏ କଥା ଭାବି, ଦୁଃଖ ହବାରି କଥା । କେତେ କେତେ କେହି ଜଣେ ଧାର୍ମିକ ମୁନି, ଋଷି ଆସିଲେ, ତାଂକ ସଂଗେ କଥାବାର୍ତାରେ କାଳ କଟିଯାଏ । ଥରେ ବୃହଦଶ୍ୱ ମୁନି ଆସି, ତାଂକ ପାଖରେ କିଛି ଦିନ ରହିଲେ । କେତେ ଗଳ୍ପ କଲେ । ବୃହଦଶ୍ୱ ଆଶ୍ଚର୍ଯ ରକମରେ ପଶା ଖେଳ ଜାଣୁଥିଲେ । ଯୁଧିଷ୍ଠିର ତାହା ଜାଣି, ତାଂକଠାରୁ ଭଲ କରି ପଶାଖେଳ ଶିଖିଲେ ।

ତା'ପରି କିଛି ଦିନ ପରେ ଲୋମଶ ମୁନି ସ୍ୱର୍ଗରୁ ଅର୍ଜୁନଂକର ଖବର ନେଇଆସି ପହଂଚିଲେ । ତାଂକଠାରୁ ଅର୍ଜୁନଂକ କଥା ଶୁଣି, ପାଂଡବମାନେ ଟିକିଏ ନିର୍ଭୟ ହେଲେ । ଲୋମଶ ମୁନି କହିଲେ, "ପାଂଡବମାନଂକୁ ତୀର୍ଥମାନ ବୁଲି ଦେଖିବା ପାଇଁ ଅର୍ଜୁନ କହି ପଠାଇଛଂତି । ତେଣୁ ସେମାନେ ଲୋମଶ ମୁନିଂକ ସଂଗେ ତୀର୍ଥ ବୁଲି ଦେଖିବାକୁ ବାହାରିଲେ । ଭାରତବର୍ଷ ତମାମ୍ ବୁଲିଲେ, କୌଣସି ତୀର୍ଥ ବାକି ରଖିଲେ ନାଇ । ପ୍ରଭାସ ତୀର୍ଥରେ କୃଷ୍ଣ, ବଳରାମ ପ୍ରଭୃତିଂକ ସଂଗେ ତାଂକର ଦେଖା ହେଲା ।

ଯଦୁବଂଶ ଲୋକେ ପାଂଡବମାନଂକର ଏ ଦଶା ଦେଖି ବଡ଼ ଦୁଃଖିତ ହେଲେ ଏବଂ ପ୍ରତିଜ୍ଞା କଲେ, ସେମାନେ କୌରବମାନଂକୁ ମାରି ପାଂଡବମାନଂକୁ ସେତେ ଶୀଘ୍ର ପାରଂତି, ରାଜା କରିବେ । ସେମାନେ ସେହିକ୍ଷଣି ଯୁଦ୍ଧକୁ ବାହାରିବେ ବୋଲି ତିଆରି ଥିଲେ । କିଂତୁ କୃଷ୍ଣ ଜାଣଂତି—ଧାର୍ମିକ ଯୁଧିଷ୍ଠିର୍ବ ବନବାସ ଶେଷ ନ କରି, ଯୁଦ୍ଧ କରିବାକୁ କେବେହେଁ ମଂଗିବେ ନାଇ । ସେଥିପାଇଁ କୃଷ୍ଣ ଯଦୁବଂଶ ଲୋକଂକୁ କିଛି ଦିନ ଅଟକାଇବା ପାଇଁ କହିଲେ ।

ଆଉ ସବୁ ତୀର୍ଥ ଦେଖି ଦେଖି ପାଂଡବମାନେ କୈଳାସ ପର୍ବତ ପାଖରେ ଆସି ପହଂଚିଲେ । ଏ ଅତି ଭୟଂକର ସ୍ଥାନ । ପାହାଡ଼ ପରେ ପାହାଡ଼ ତା'ପରେ ପୁଣି ପାହାଡ଼; ଚାଲିବା ବଡ଼ ଶକ୍ତ । ସେଥିରେ ପୁଣି ଯକ୍ଷ, ରାକ୍ଷସ ସବୁବେଳେ ବୁଲୁଥାଂତି । ପାଂଡବ-ମାନଂକର ବଡ଼ ଭୟ ହେଲା । ଭୀମ ସମସ୍ତଂକୁ କାଂଧରେ ବୋହିନେବି ବୋଲି କହି, ସାହସ ଦେଉଥାଏ ।

ସମସ୍ତେ ଗଂଧମାଦନ ପର୍ବତରେ ଆସି ପହଂଚିଲେ । ସେଠାରେ ଭାରି ଝଡ଼ ତୋଫାନ ହେଲା । ସବୁଆଡ଼ ଅଂଧକାର ହୋଇଗଲା । ସୁ ସୁ ପବନ ଗର୍ଜିଲା । ଗଛ ପଥର ଯେମିତି ପର୍ବତସବୁ ଭାଂଗି ପଡ଼ିଲା ପରି ଲାଗିଲା । ସମସ୍ତେ କହିଲେ—ତ୍ରାଣ ଉଦ୍ଧରିବ । ଭୀମ ଦ୍ରୌପଦୀଂକୁ ଧରି ଗୋଟିଏ ଗଛରେ ଲାଗି ରହିଲେ । ଆଉ ସମସ୍ତେ କିଏ ଗଛ ଧରି, କିଏ ପଥର ଧରି, ପଡ଼ି ଗଲେ । ଆଉ ଉପାୟ ନାଇ ।

ରହି ରହି ଦ୍ରୌପଦୀଂକର ଚେତା ବୁଡ଼ିଗଲା । ଭୀମ ଏତିକିବେଳେ ଘଟୋତ୍କଚକୁ ମନେ ପକାଇଲେ । ଘଟୋତ୍କଚ ଆସି ହାଜର ! ଘଟୋତ୍କଚ ଭୀମଂକ ଆଜ୍ଞା ପାଇବା ମାତ୍ରେ ନିଜେ ଦ୍ରୌପଦୀଂକ କାଂଧରେ ବସାଇଲେ । ତା' ସଂଗେ ଆଉ ରାକ୍ଷସମାନେ ଆସିଥିଲେ । ସେମାନେ ପାଂଡବ ଭାଇମାନଂକୁ ଧରିଲେ । ଅନେକ କଠିନ ପର୍ବତ, ଜଂଗଲ ଡେଇଁ, ସମସ୍ତଂକୁ ଆଣି ବଦରୀ ତୀର୍ଥରେ ଛାଡ଼ି ଦେଲେ ।

ଏହି ବଦରୀ ତୀର୍ଥରୁ ଅର୍ଜୁନ ସ୍ୱର୍ଗକୁ ଯାଇଥିଲେ । ସେ ଏହିଠାକୁ ଫେରିବା କଥା । ସେଥିପାଇଁ ପାଂଡବମାନେ ସେଠାରେ ଚକାଇ ରହିଲେ ।

---

## ଭୀମର ହନୁମାନ୍ ଓ କୁବେରଂକ ସଂଗେ ଦେଖା

ଏ ମଧ୍ୟରେ ଦିନେ ପାଂଡବମାନେ ଦ୍ରୌପଦୀଂକ ସେନା ବସିଚଂତି, ହଠାତ୍ ଗୋଟିଏ ଅଣ୍ଟସି ପଦ୍ମଫୁଲ ଆସି ଦ୍ରୌପଦୀଂକ ପାଖେ ପଡ଼ିଲା । ସେ ଫୁଲ କି ସୁଂଦର ! ତାର ବାସନା ଚହ୍ଟିଁ ବଳ ? ନାକରେ ବାଜିଗଲେ ପ୍ରାଣ ପୂରିଯାଏ । ଫୁଲଟି ପାଇ ଆଉ ଗୋଟିଏ ସେହିପରି ଫୁଲ ଆଣିଦେବା ପାଇଁ ଦ୍ରୌପଦୀ କହିଲେ । ଭୀମ ଫୁଲ ଆଣିବାପାଇଁ ଯିବାକୁ ବାହାରିଲେ । ଈଶାଣ କୁଣରୁ ଫୁଲଟି ଉଡ଼ି ଆସିଥିଲା । ଭୀମ ସେହି ଆଡ଼କୁ ଚାଲିଲେ । ବାଟରେ ଗୋଟାଏ ବଡ଼ ପୋଖରୀ ପଡ଼ିଲା । ଭୀମ ସେଥିରେ ସ୍ନାନସାରି, ପୁଣି ଫୁଲ ଖୋଜିବାକୁ ଚାଲିଲେ ।

ଯାଉଁ ଯାଉଁ ଦେଖିଲେ, ଗୋଟିଏ ହନୁମାଂକଡ ବାଟରେ ଶୋଇଛି । ଭୀମ ସେ ମାଂକଡଟିକୁ ତଡ଼ିବା ପାଇଁ ଦୂରରୁ ପାଟି କଲେ; କିଂତୁ ମାଂକଡ ହଲିଲା ନାଇ । ଟିକିଏ ଚାହିଁଲା – ପୁଣି ଶୋଇଲା । ଭୀମ ପୁଣି ପାଟି କରିବାରୁ କହିଲା, "ଅଃ, କାହିଁକି ପାଟି କରୁଛ ? ମୋ ଦେହ ସୁଖ ନାଇ; ଟିକିଏ ଶୋଇଛି ।" ଭୀମ କହିଲେ, "ମୁଁ ପାଂଡୁଂକ ପୁଅ । ଲୋକେ ମତେ ପବନ ପୁଅ ବୋଲି କହଂତି; ମୋ ନା ଭୀମ; ତୁମେ କିଏ ?" ମାଂକଡ ଟିକିଏ ହସି କହିଲା, "ମୁଁ ବାନର ।" ଭୀମ କହିଲେ, "ବାଟ ଛାଡ଼, ନଇଲେ ଇ'ଲଗେ ଦେଖିବ ।"

ବାନର କହିଲା, "ଦେହ ମୋର ବଡ଼ ବ୍ୟସ୍ତ ଅଛି, ଉଠି ପାରୁନାଇ । ତୁମେ ଡେଇଁ ଚାଲିଯାଅ ।" ଭୀମ କହିଲେ, "ସବୁ ପ୍ରାଣୀଂକ ଦେହରେ ଭଗବାନ; ଡେଇଁଲେ ଭଗବାନଂକୁ ଅମାନ୍ୟ ହେବ । ମୁଁ ତା' କରି ପାରିବ ନାଇ ।" ବାନର କହିଲା, "ବୁଢ଼ା ହେଲିଣି; ଉଠିପାରୁ ନାଇ । ମୋ ଲାଂଗୁଡ଼ଟା ଟେକି ଦେଇ, ସେଇ ବାଟେ ଚାଲି ଯାଅ ।"

ଭୀମ ମନେ ମନେ ବିଚାରିଲା, "ସତେ । ହଉ ରହ । ଏଇ ଲାଂଗୁଡ଼ ଧରି ତତେ ଧୋବାର ଲୁଗାକଚା ଦେଖେଇ ଦଉଛି ।" ଏହା ବିଚାରି ବାଁ ହାତେ ଲାଂଗୁଡ଼ ଧରି ଟେକିଲା । ଲାଂଗୁଡ଼ ବାଂକିବ କିଆଁ ? ଦି'ହାତରେ ଧରି ଉଡ଼ିଲା । ଲାଂଗୁଡ଼ ଯେଉଁଠାରେ ସେହିଠାରେ । ଟାଣି ଟାଣି ଦେହରୁ ଝାଳ ବୋହିଗଲା । ଲାଂଗୁଡ଼ ଘୁଂଚିଲା ନାଇ । ସେଠାରୁ ହାତ ଯୋଡି କହିଲା, "ମହାଶୟ, ମୋର ଅପରାଧ ହୋଇଅଛି । ମୋତେ କ୍ଷମା କରଂତୁ ।"

ବାନର କହିଲା, "ମୁଁ ପବନ ପୁଅ । ମୋ ନା' ହନୁମାନ ।" ଭୀମ ଏ କଥା ଶୁଣି, ହନୁମାନର ଗୋଡ଼ ଧରି ପଡ଼ିଗଲେ । ହନୁମାନ ବଡ଼ ଭାଇ, ଭୀମ ସାନ ଭାଇ । ଦିହେଁ କୁଂଡିଆକୁଂଡି ହେଲେ । ଭୀମ କହିଲେ, "ଭାଇ, ଶୁଣିଛି ସମୁଦ୍ର ଡେଇଁଲା ବେଳେ ଆପଣ ପର୍ବତ ପରି ବଡ଼ ହୋଇ ଯାଇଥିଲେ; କମିତି ହୋଇଥିଲେ, ମୁଁ ଟିକିଏ ଦେଖଂତି ।"

ହନୁମାନ ମନାକଲେ, କହିଲେ, "ଦେଖିଲେ ଡରି ମରିବ ।" ଭୀମ ଶୁଣିଲେ ନାଇ । ଶେଷକୁ ହନୁମାନ ସେହିପରି ହୋଇ, ଭୀମକୁ ଦେଖାଇଲେ । ମୁଂଡ ଯାଇ ଆକାଶରେ ବାଜିଲା । ହାତ, ଗୋଡ଼, କୁଆଡ଼େ ଭୀମ କିଛି ଜାଣି ପାରିଲେ ନାଇ । ଆକାଶ ଅଂଧାର ହୋଇଗଲା । ଜଳଂତା ନିଆଁ ପରି ଲୁମ ସବୁ

ଦେଖି, ଭୀମର ଆଖି ବୁଜ ହୋଇଗଲା । ହନୁମାନ କହିଲେ, "ସେତିକ ହଉ ବାପା, ଆଉ ଦେଖିଲେ ଡର ମାଡ଼ିବ ।" ଭୀମ କହିଲେ, "ସତେ ଡର ମାଡ଼ୁଚି, ଭାଇ !"

ହନୁମାନ ଫେରେ ଛୋଟ ହୋଇଗଲେ । ଭୀମକୁ କହିଲେ, "ଏବେ ଘରକୁ ଯାଅ । ଦରକାର ହେଲେ ମୋତେ ମନେ ପକାଇଲେ, ମୁଁ ପହଂଚିବି । ତୁମେ ଯୁଦ୍ଧରେ ସିଂହନାଦ କଲାବେଳେ, ମୁଁ ତାହା ଆଉରି ବଡ଼ କରିଦେବି । ଅର୍ଜୁନଂକ ରଥ ଉପରେ ବସି ମୁଁ ପାଟି କଲେ, ଶତ୍ରୁମାନେ ଡରି ଦରମରା ହୋଇଯିବେ ।" ତା'ପରେ ପଦ୍ମଫୁଲ ଯେଉଁଠାରେ ମିଳିବ, ସେ କଥା ଭୀମକୁ କହି, ହନୁମାନ ସେଠାରୁ ଚାଲିଗଲେ ।

କୈଳାସ ପର୍ବତ ଉପରେ କୁବେରଂକ ସରୋବର (ପୋଖରୀ) ରେ ସେ ଫୁଲ ଫୁଟେ । ଫୁଲଗୁଡ଼ିକ ସୁନା; ଡେଂଫଗୁଡ଼ିକ ବୈଦୁର୍ଯ ମଣି । କୁବେରଂକ ଶହ ଶହ ରାକ୍ଷସ ଚାକର ସେ ସରୋବର ଜଗଂତି । ଭୀମ ପହଂଚିବାରୁ, ସେମାନେ ଫୁଲ ତୁଳିବାକୁ ଭୀମଂକୁ ମନା କଲେ । ଭୀମ ସେ କଥା ଶୁଣିବେ କାହିଁକି ? କହିଲେ, "ପାହାଡ଼ ଉପରେ ଫୁଲ ଫୁଟିଛି । ସେ କିଛି ଏକା କୁବେରଂକର ନୁହେଁ ।"

ଭୀମ ପାଣିରେ ପଶିଲାକ୍ଷଣି, ରାକ୍ଷସମାନେ ଆସି 'ଧର ଧର, ଖା ଖା' କରି କେଡ଼ିଗଲେ । ଭୀମଂକ ଗଦା ଉଠିଲା; ଶହେ ଖଂଡେ ରାକ୍ଷସଂକର ମୁଂଡ ନାକ ଚାହୁଁ ଚାହୁଁ ଫାଟିଗଲା । ରାକ୍ଷସପାକ କୁବେରଂକ ପାଖକୁ ଦୌଡ଼ିଲେ । କୁବେର ଭୀମକୁ ଜାଣିଥିଲେ । ସେ ଖୁସିରେ କହିଲେ, "ଫୁଲ ଯେତେ ଇଚ୍ଛା ସେ ନିଅଂତୁ; କିଛି କହ ନାଇ ।" ଭୀମ ବୋଝେ ଫୁଲ ଧରି, ପୋଖରୀରୁ ଉଠିଲେ ।

ପାଂଡବମାନେ ଏଣେ ଭୀମକୁ ଚାହିଁ ଚାହିଁ ବ୍ୟସ୍ତ ହେଲେ । ଶେଷକୁ ଘଟୋତ୍କଚକୁ ସ୍ମରଣ କଲେ । ସେ ଆସି ପାଂଡବମାନଂକୁ ସେହି କୁବେରଂକ ପୋଖରୀ ପାଖେ ପହଂଚାଇ ଦେଲା । କୁବେର ପାଂଡବମାନଂକୁ ବହୁତ ଆଦର କଲେ । କିଛି ଦିନ ପରେ ପାଂଡବମାନେ ସମସ୍ତେ ପୁଣି ବଦରିକାଶ୍ରମକୁ ଆସି, ଅର୍ଜୁନ ଆସିବାକୁ ଚାହିଁ ରହିଲେ ।

---

## ଜଟାସୁର ବଧ
## ଅର୍ଜୁନ ଫେରିବା—ଭୀମ ଓ ସାପ କଥା

ଏହି ବଦରିକାଶ୍ରମରେ ଭୀମ ଜଟାସୁର ବୋଲି ଆଉ ଗୋଟାଏ ରାକ୍ଷସ ମାରିଥିଲେ । ଜଟାସୁର ବ୍ରାହ୍ମଣବେଶରେ ଆସି, ପାଂଡବମାନଂକ ସାଂଗେ ରହିଥିଲା । ଦିନେ ବେଳ ଜଂଡ, ଯୁଧିଷ୍ଠିର, ନକୁଳ, ସହଦେବ, ଆଉ ଦ୍ରୌପଦୀଂକୁ ନେଇ ପଳାଉଥିଲା; ସେଥିପାଇଁ ଭୀମ ହାତେ ଠିକ୍ ସଜା ପାଇଲା ।

ସେଠାରୁ ପାଂଡବମାନେ ଗଂଧମାଦନ ପର୍ବତକୁ ଗଲେ । କିଛିଦିନ ପରେ ଅର୍ଜୁନ ଇଂଦ୍ରଂକ ରଥରେ ବସି, ସ୍ବର୍ଗରୁ ଆସି ପହଂଚିଲେ । ସମସ୍ତେ ଖୁସି ହେଲେ—ଆନଂଦ ଉତ୍ସବ ଲାଗିଗଲା ।

ପାଂଡବମାନେ ପୁଣି କାମ୍ୟକବନକୁ ଫେରି ଆସିଲେ । ବାଟରେ ଭୀମ ଗୋଟାଏ ବଡ଼ ସାପ ହାବୁଡ଼େ ପଡ଼ି, ଭାରି ହରବର ହୋଇଥିଲେ । ସୁବାହୁ ବୋଲି ଜଣେ କରାତ ରଜାର ରାଜ୍ୟ ବାଟେ ସମସ୍ତେ ଆସୁଥିଲେ । ସେଠାରେ ଜାମୁନ ବୋଲି ଗୋଟାଏ ପର୍ବତ ତଳେ ବହୁତ ଶିକାର ମିଳେ । ଭୀମ ଶିକାର କରି ବୁଲୁ ବୁଲୁ ଗୋଟାଏ ବଡ଼ ସାପ ଆସି, ତାଂକୁ ଧଇଲା । ଭୀମ ଯେତେ ଛଟିପିଟି ହେଲେ, ଖସିପାରିଲେ ନାଇ ।

ପାଂଡବମାନଂକ ବଂଶରେ ବହୁକାଳ ତଳେ ନହୁଷ ବୋଲି ଜଣେ ରାଜା ଥିଲେ । ଜଣେ ମୁନିଂକ ଶାପରେ ସେ ସାପ ହୋଇଯାଇଥିଲେ । ଏ ସେହି ନହୁଷ । ଭୀମକୁ ନିଜ ବଂଶର ବୋଲି ଜାଣିଲେ; ତଥାପି ଛାଡ଼ିଲେ ନାଇ । ଏ ମଧ୍ୟରେ ଯୁଧିଷ୍ଠିର ଭୀମକୁ ଖୋଜି ଖୋଜି, ସେଠାରେ ପହଂଚିଲେ । ସେ ସାପକୁ ବହୁତ ମିନତି କରି କହିବାରୁ, ସାପ ବଡ଼ ପଂଡିତ ପରି କେତେଗୁଡ଼ିଏ ପ୍ରଶ୍ନ ପଚାରିଲା, ଯୁଧିଷ୍ଠିର ପ୍ରଶ୍ନଗୁଡ଼ିକର ଉତ୍ତର କଲେ । ସାପ ଖୁସିହୋଇ, ଛାଡ଼ିଦେଲା । ଯୁଧିଷ୍ଠିର ନ ପହଂଚି ଥିଲେ ଭୀମ ଆଜି ସେଦିନ ପ୍ରାଣ ପାଇ ନ ଥାଂନ୍ତେ ।

---

## ଦୁର୍ଯୋଧନ ଆପଣା ଫାଂଦରେ ଆପେ ପଡ଼ିଲେ

ପାଂଡବମାନେ କାମ୍ୟକ ବନରୁ ପୁଣି ଦ୍ୱୈତ ବନକୁ ଯାଇ, ଗୋଟିଏ ପୋଖରୀ ଉପରେ କୁଡ଼ିଆଘର କରି ରହିଲେ । ଏଣେ କୌରବମାନେ, କିପରି ପାଂଡବଂକର ପୁଣି ଅନିଷ୍ଟ କରିବେ ବୋଲି, ସବୁବେଳେ ଭାବୁଥାଂନ୍ତି । ପାଂଡବମାନେ ଏତେ ଦୁଃଖରେ ଥାଂନ୍ତି; କୌରବମାନେ ଶୁଣି ଦୁଃଖ କରଂନ୍ତି ଯେ, ସେମାନେ ପାଂଡବଂକ ବଣରେ ରହିବା ମଜାଟା ଦେଖିପାରୁ ନାହାଂନ୍ତି; ନିଜ ଭାଗ୍ୟଟା ପାଂଡବମାନଂକୁ କିପରି ଦେଖାଇବେ ବୋଲି ମଧ୍ୟ ସବୁବେଳେ ଛଟପଟ ହେଉଥାଂନ୍ତି ।

ଦ୍ୱୈତବନକୁ ଗଲେ ତ ସବୁ ହବ । ଧୃତରାଷ୍ଟ୍ର ତ ସହଜରେ ଛାଡ଼ିବେ ନାଇ । ଉପାୟ କ'ଣ ?

ଦ୍ୱୈତ ବନରେ କେତେଗୁଡ଼ିଏ ଗଉଡ଼ ଗାଈ ରଖିଥାଂନ୍ତି । ରଜାର ସେ ସବୁ ଦେଖିବାର କଥା । ସେହି ବାହାନା କରି, ବହୁ କଷ୍ଟରେ ଦ୍ୱୈତବନକୁ ଯିବାପାଇଁ, ଦୁର୍ଯୋଧନ, ଧୃତରାଷ୍ଟ୍ରଂକୁ ହନେ ମଂଗାଇ ନେଲେ ।

ଏବେ ମହାଖୁସିରେ ସମସ୍ତେ ବାହାରିଲେ । ସମସ୍ତେ ନିଜ ନିଜ ଭାର୍ଯ୍ୟା କୁଟୁଂବଂକୁ ମଧ୍ୟ ସାଂଗରେ ଧରିଲେ । ହାତୀ, ଘୋଡ଼ା, ସୈନ୍ୟସାମଂତ ମଧ୍ୟ ସାଂଗରେ ଚାଲିଲେ । ଭାରି ଜାକ୍‌ଜମକ୍, ଭାରି ଖୁସି ।

ଗୋରୁଦେଖା କାମଟା ଖାଲି ବାହାନା ସିନା ! ଘଡ଼ିକ ଭିତରେ ସରିଗଲା । ସେଠାରୁ ପାଂଡବମାନେ ଯେଉଁ ପୋଖରୀ ପାଖେ ଥିଲେ, ସେହି ପୋଖରୀ ପାଖେ ଯାଇ ସମସ୍ତେ ପହଂଚିଲେ ।

ସେତିକବେଳକୁ ଗଂଧର୍ବରାଜ ଚିତ୍ରସେନ, ପିଲା-କୁଟୁଂବ ନେଇ, ସେହି ପୋଖରୀକୁ ଗାଧୋଇବାକୁ ଆସିଛଂନ୍ତି । ସ୍ତ୍ରୀଲୋକମାନଂକ ଗାଧୋଇବାର ସୁବିଧା ପାଇଁ ପୋଖରୀ ଚାରିପାଖେ ବାଡ଼ ଦିଆ ହୋଇ ବଂଦ ହୋଇଛି ।

ଗଂଧର୍ବର ଚପରାସିମାନେ ଦୁର୍ଯୋଧନର ଲୋକଂକୁ ପୋଖରୀକୁ ଯିବାକୁ ମନାକଲେ । ଦୁର୍ଯୋଧନ ତାହା ଶୁଣି, ଗଂଧର୍ବମାନଂକୁ ବାଡ଼େଇ ତଡ଼ି ଦେବାକୁ ହୁକୁମ କଲେ । ଦୁଇ ଦଳଂକ ଭିତରେ କଳି କଜିଆ ଲାଗୁ ଲାଗୁ ଯୁଦ୍ଧ ଆରଂଭ ହୋଇଗଲା ।

କୌରବମାନେ ଟିକିଏ ଜାକଜମକରେ ଯାଇଥିଲେ । ବଳ, ସାହସ ବି ଥିଲା । ଆଗ ଆଗ ବେଶ୍ ଲଢ଼ିଲେ । ଗଂଧର୍ବମାନେ ଟିକିଏ ଜବର ବି ହୋଇଥିଲେ । ରହୁଁ ରହୁଁ ଚିତ୍ରସେନ ନିଜେ କାହୁଁ ଅନେକ ଗଂଧର୍ବସୈନ୍ୟ ନେଇ ଆସି, ଯୁଦ୍ଧ ଲଗାଇ ଦେଲେ । କୌରବଂକ ବୁଦ୍ଧି ହଜିଗଲା । ସୈନ୍ୟମାନେ ଯେ ଯୁଆଡ଼େ ପଳାଇଲେ । ବଡ଼ ଯୋଦ୍ଧା କର୍ଣ୍ଣ, ସେ ବି ସୈନ୍ୟମାନଂକ ସାଂଗେ ବାଟ ଦେଖିଲେ ।

ଶେଷକୁ ରହିଲେ ଦୁର୍ଯୋଧନ । ତାଂକ କଥା ସେ ଦିନ କହିଲେ ନ ସରେ । ଦୁର୍ଯୋଧନ, ତାଂକ ଶହେ ଭାଇ, ସମସ୍ତଂକ ଭାର୍ଯା, କୁଟୁଂବ, ଆଉ ସବୁ ଜାକ୍‌ଜମକ ଯେତେ ଥିଲା, ସବୁ ଚିତ୍ରସେନଂକ ଗଂଧର୍ବମାନେ ବାଂଧି ନେଇଗଲେ ।

ଯେଉଁମାନେ ପଳାଇଥିଲେ, ସେମାନେ କାଂଦି କାଂଦି ଯାଇ ପାଂଡବମାନଂକ ଆଗେ କୌରବମାନଂକ ଦୁର୍ଦ୍ଦଶାର କଥା କହିଲେ । ଭୀମ ଶୁଣି ଭାରି ଖୁସି । ଯୁଧିଷ୍ଠିର ଗୋଟିଏ ଯଜ୍ଞରେ ବସିଥିଲେ । ଭୀମର ଆନଂଦ ଦେଖି; ତାଂକୁ ସୁଖ ଲାଗିଲା ନାଇ । ସେ କହିଲେ, "ଛି ଭୀମ ! ଏବେବେଳେ ଇମିତି କଥା ? କୌରବଂକ ଅପମାନ କ'ଣ ଆମର ଅପମାନ ନୁହେଁ ! ପୁଣି ତାଂକ ଲୋକେ ଆସି ଆମ ପାଖେ ଶରଣ ନେଉଛଂତି । ତୁମେ ଚାରି ଭାଇଯାକ ଶୀଘ୍ର ଯାଇ, କୌରବମାନଂକୁ ଛଡାଇ ଆଣ । ମୁଁ ଯଜ୍ଞରେ ବସି ନ ଥିଲେ, ନିଜେ ଯାଇଥାଂତି ।"

ଅର୍ଜ୍ଜୁନ, ନକୁଳ, ସହଦେବ ଦଉଡ଼ିକରି ଗଲେ । ଆଗ ସେମାନେ ଗଂଧର୍ବମାନଂକୁ ବୁଝାଇ ସୁଝାଇ କେତେ କହିଲେ, ସେମାନେ ନ ମାନିବାରୁ ଯୁଦ୍ଧ ହେଲା । ଅର୍ଜୁନଂକ ପାଖେ କି ଗଂଧର୍ବମାନେ ଠିକଣା ପଡ଼ିବେ ? ସେମାନେ ଅସ୍ତବ୍ୟସ୍ତ ହୋଇଗଲେ । ଶେଷକୁ ନିଜେ ଚିତ୍ରସେନ ଆସି ଯୁଝିଲେ । ମହାବୀର ଅର୍ଜୁନଂକୁ ସେ ବା କ'ଣ କରିବେ ? ଘଡ଼ିକେ ତାଂକ କସରତ ଜଣା ପଡ଼ିଗଲା । ଶେଷକୁ ସେ ଆସି ଅର୍ଜ୍ଜୁନଂକର ବଂଧୁ ଚିତ୍ରସେନ ବୋଲି ଚିହ୍ନାଦେଲେ । ଅର୍ଜ୍ଜୁନ ତାଂକଠାରୁ ସ୍ୱର୍ଗରେ ସଂଗୀତ ଶିଖିଥିଲେ । ଏବେ ଚିହ୍ନିପାରି ଧନୁଶର ରଖିଦେଇ, ଚିତ୍ରସେନଂକୁ କୁଂଢାଇ ପକାଇଲେ । 'କୌରବଂକୁ କାହିଁକି ବାଂଧି ନେଉଯାଉଛଂତି' ବୋଲି ପଚାରିବାରୁ ଚିତ୍ରସେନ କହିଲେ, "ଏମାନେ କଳାଛି-ଗିରି କରି ତୁମମାନଂକୁ ଅପମାନ ଦେବାକୁ ଆସିଥିଲେ । ଇଂଦ୍ରଂକ କଥାରେ ମୁଁ ତାଂକୁ କୁଟୁଂବ ସହିତ ବାଂଧି ନେଇ ଯାଉଛି ।"

ଅର୍ଜୁନ କହିଲେ, "ସେ କଥା ହବ ନାଇ । ଦୁର୍ଯୋଧନ ତ ଆମମାନଂକର ଭାଇ । ଯୁଧିଷ୍ଠିର କହୁଚଂତି, ସେମାନଂକୁ ଛାଡ଼ି ଦିଅଂତୁ ।"

ଚିତ୍ରସେନ ମାନିଲେ ନାଇ । ଶେଷକୁ ସମସ୍ତେ ଯୁଧିଷ୍ଠିରଂକ ପାଖକୁ ଆସିଲେ । କୌରବମାନେ ମୁକ୍ତି ପାଇଲେ ।

ଯୁଧିଷ୍ଠିର ଦୁର୍ଯୋଧନଂକୁ ଖାଲି କହିଲେ, "ଭାଇ, ଆଉ ଏପରି ସାହସ କରିବ ନାଇ । ଏବେ ଯାଅ, ଘରକୁ ଯାଅ ।"

ଦୁର୍ଯୋଧନ ପାଂଡବମାନଂକୁ ଭାଗ୍ୟ ଦେଖାଇବ ବୋଲି ଆସିଥିଲା । ଏବେ ସେହି ପାଂଡବମାନଂକ ଦୟାରେ ପ୍ରାଣପାଇ, କେଉଁପରି ଘରକୁ ଯାଉଚି, କି ମୁହଁରେ ପଶିବ ? ମରିବା ବରଂ ଭଲ । ସେ ଆଉ ସହଜରେ ଘରକୁ ଫିରିବାକୁ ମଂଜିଲା ନାଇ । ଦୁଃଶାସନ ତା ଗୋଡ଼ଧରି କେତେ କାଂଦିଲା । କର୍ଣ୍ଣ, ଶକୁନି କେତେ ବୁଝାଇଲେ । ସମସ୍ତେ ଲାଗି ଦୁଇ ଦିନକାଳ ବୁଝାଇ ବୁଝାଇ, ତାକୁ ଘରକୁ ଆଣିଲେ ।

---

## ଦୁର୍ବାସାଂକ କଥା

ଦୁର୍ଯୋଧନଂକର ଯେପରି ଦଶା ହେଲା, ଦୁଷ୍ଟ ଲୋକେ ସେହିପରି ଆପଣା କର୍ମରେ ଆପେ ଦଂଡ ପାଆଂତି; କିଂତୁ ତାଂକର ଚେତା ପଶେ ନାଇ । ଏବେ ଦୁର୍ଯୋଧନ ପାଂଡବଂକ ଉପରେ ସଂତୁଷ୍ଟହୋଇ ତାଂକର ଭଲ କରିବ କ'ଣ—ତାର ହିଂସା ଆହୁରି ବଢ଼ିଗଲା ।

ଦୁର୍ବାସା ବୋଲି ଜଣେ ମୁନି ଥିଲେ । ଏପରି ବଦ୍‌ରାଗୀ ଲୋକ ଆଉ ଦେଖା ନାଇ, କଥା କଥାକେ ଶାପ ଦେବେ । ଖାଲି ଦୁ ପଦରେ ଯେବେ ସେ କହିବେ 'ଖାଇବି' ସେହିକ୍ଷଣି ଖାଇବାକୁ ନ ଦେଲେ ଶାପ ଦେଇ ଭସ୍ମ କରିଦେବେ, ପୁଣି ହୁଏତ ବ୍ୟସ୍ତ ହୋଇ ବେଗାବେଗି ଖାଇବା ଜିନିଷ ଆଣି ପହଂଚାଇ ଦେଲାକ୍ଷଣି, ବୋଲିବେ, 'ନା' ଖାଇବି ନାଇ ।' ସାଂଗେ ସାଂଗେ ଦି' ପଦ ଗାଳି ଦେବା ମଧ୍ୟ ବିଚିତ୍ର ନୁହେଁ ।

ଥରେ ସେହି ଦୁର୍ବାସା ଦଶହଜାର ଶିଷ୍ୟ ନେଇ ହସ୍ତିନାରେ ଆସି ପହଂଚିଲେ । ଦୁର୍ଯ୍ୟୋଧନ ତାଂକର ଭାରି ସେବା କଲେ । ସେ ଭାରି ତୃପ୍ତି ହୋଇ ଦୁର୍ଯ୍ୟୋଧନକୁ କହିଲେ; "ମତେ ବହୁତ ଖୁସି କରିଚ, ମୁଁ ତୁମର କଣ କରିବି, କହ ।"

ଦୁର୍ଯ୍ୟୋଧନଂକୁ ସୁବିଧା ମିଳିଲା । ସେ କହିଲେ, "ଆପଣ ଦୟାକରି ଥରେ ଆପଣଂକ ଶିଷ୍ୟମାନଂକୁ ନେଇ, ଦ୍ରୌପଦୀ ଖାଇ ସାରିଲା ପରେ, ବଣରେ ପାଂଡବମାନଂକ ପାଖେ ପହଂଚି, ଭୋଜନ ମାଗିବେ । ସେତିକିରେ ମୋର ବହୁତ କାମ ହେବ । ଆଉ କିଛି ଲୋଡ଼ା ନାଇ ।

ଦୁର୍ବାସା ତାହା କରିବେ ବୋଲି କହିଲେ । ଦୁର୍ଯ୍ୟୋଧନର ଭାରି ଆନଂଦ । ଭାବିଲା, 'ଏ ତ ଦୁର୍ବାସା । ଦ୍ରୌପଦୀ ଖାଇ ସାରିଲା ପରେ ଥାଳୀରେ ତ ଆଉ କିଛି ନ ଥିବ, ଖାଇବାକୁ ଦେଇ ନ ପାରିଲେ ତ ଏକା ଅଭିଶାପକେ ସମସ୍ତେ ଭସ୍ମ ! ଯାଃ, କଂଟା ଗଲା !'

ଦୁର୍ବାସା ଯାଇ, ପାଂଡବମାନଂକ ଆଶ୍ରମରେ, ହଠିକୁ ସତ ଦଶ ହଜାର ଶିଷ୍ୟ ନେଇ ଅବେଳରେ ହାଜର । ପହଂଚୁ ପହଂଚୁ 'ଖାଇବାକୁ ଦିଅ' । ଦ୍ରୌପଦୀ ତ ଖାଇ ସାରିଚଂତି । ପାଂଡବମାନଂକ ବୁଦ୍ଧି ହଜିଲା ।

ଯାହାହେଉ ଯୁଧିଷ୍ଠିର ଶିଷ୍ୟମାନଂକୁ ନେଇ ସ୍ନାନାହ୍ନିକ କରି ଆସିବା ପାଇଁ, ଦୁର୍ବାସାଂକୁ ପୋଖରୀକୁ ପଠାଇ ଦେଲେ । ଦ୍ରୌପଦୀ ଏଣେ ଆଉ କିଛି ଉପାୟ ନ ଦେଖି କୃଷ୍ଣଂକୁ ସ୍ମରଣ କଲେ । କୃଷ୍ଣ ତ କିଛି ସାଧାରଣ ମନୁଷ୍ୟ ନୁହଂତି ! ସେ ଦେବତା । ଦ୍ରୌପଦୀଂକ ମନକଥା ଜାଣି, ସାଂଗେ ସାଂଗେ ଆସି ପହଂଚିଗଲେ । ଆସୁ ଆସୁ କହିଲେ, "ଦ୍ରୌପଦୀ, ଭାରି ଭୋକ କରୁଚି; ମତେ କଣ ଖାଇବାକୁ ଦିଅ ।"

ଲାଜରେ ଦ୍ରୌପଦୀଂକ ମୁହଁ କଳା ପଡ଼ିଗଲା । ବଡ଼ କଷ୍ଟରେ ସେ କହିଲେ, "ଥାଳୀରେ ତ ଆଉ କିଛି ନାହିଁ । କ'ଣ ଖାଇବାକୁ ଦେବି ?" କୃଷ୍ଣ କହିଲେ, "କିଛି ନାଇ, ଅବଶ୍ୟ କିଛି ଅଛି । ଥାଳି ଆଣିଲ ଦେଖି ।" ଦ୍ରୌପଦୀ ଥାଳୀ ନେଇ ଆସି ପହଂଚିଲେ ।

ସେ ଥାଳୀରେ ଗୋଟିଏ ପାଖରେ ଟିକିଏ ଶାଗ ଭାତ ଲାଗିଥିଲା । କୃଷ୍ଣ ସେ ଟିକକ ପାଟିକି ପକାଇ ଗିଳିଦେଇ କହିଲେ, "ଏଥିରେ ହିଁ ବିଶ୍ୱାତ୍ମା (ସମସ୍ତ ସଂସାର) ତୃପ୍ତ ହେଉ ।" ତା'ପରେ ଏଉଡ଼ିଟେ ମାରି, ଭୀମଂକୁ କହିଲେ, "ଯାଅ, ମୁନିମାନଂକୁ ଡାକ ।"

ମୁନିମାନଂକର ସ୍ନାନ, ସଂଧ୍ୟା ସବୁ ସରିଲା ସତ; କିଂତୁ ସମସ୍ତଂକର ପେଟ ପୂର୍ଣ୍ଣ । ସମସ୍ତେ ମୁହଁ ଚୁହାଁଚୁହିଁ ହଉଚଂତି । ପେଟରେ ଆଉ ଗୋଟିଏ ହଜମି ବଟିକା ପଶିବାକୁ ମଧ୍ୟ ଥାନ ନାଇ । ଯୁଧିଷ୍ଠିରଂକ ପାଖକୁ ଆସିବାକୁ ସମସ୍ତଂକୁ ଲାଜ ମାଡ଼ିଲା । ଯୁଧିଷ୍ଠିର ଏ ଅବେଳରେ କେତେ ଯତ୍ନ, କେତେ ପରିଶ୍ରମ କରି, ଖାଇବାକୁ ଯୋଗାଡ଼ କରିଥିବେ; କିଂତୁ ପେଟରେ ଯେ ଥାନ ନାଇ ! ଦୁର୍ବାସା ଶେଷକୁ କହିଲେ, "ବଡ଼ ବେହିଆ ହେବାକୁ

ପଡ଼ିଲା । ଆଉ ଯୁଧିଷ୍ଠିରଙ୍କ ପାଖକୁ ଯିବା କ'ଣ ? ଚାଲ, ଏଠାରୁ ଚାଲିଯିବା ।" ପାଣ୍ଡବମାନେ ଏଥର ଏହିପରି ରକ୍ଷା ପାଇଗଲେ ।

---

## ଜୟଦ୍ରଥର ଦ୍ରୌପଦୀ ଚୋରି

ଦୁର୍ଯ୍ୟୋଧନ ଭଉଣୀ, ଦୁଃଶୀଳା ଯାହାକୁ ବାହା ହୋଇଥିଲା, ତା'ର ନାମ ଜୟଦ୍ରଥ । ସେ ସିନ୍ଧୁ ଦେଶର ରାଜା । ପାଣ୍ଡବମାନେ କାମ୍ୟକ ବନରେ ଥିବାବେଳେ; ସେହି ଜୟଦ୍ରଥ ଦିନେ ପାଣ୍ଡବମାନଙ୍କ ଆଶ୍ରମ ପାଖ ବାଟେ ସୈନ୍ୟସାମନ୍ତ ନେଇ ଯାଉଥିଲେ । ପାଣ୍ଡବମାନେ ପାରିଧିକି ଯାଇଛନ୍ତି; ଦ୍ରୌପଦୀଙ୍କ ପାଖେ ଏକା ଧୌମ୍ୟଙ୍କ ଛଡ଼ା ଆଉ କେହି ନାହିଁ । ଦ୍ରୌପଦୀଙ୍କ ଦେଖି; ଜୟଦ୍ରଥ ସୁଖ ଦୁଃଖ ପଚାରି କଥାବାର୍ତ୍ତା ହେଲା । ଦ୍ରୌପଦୀ ଭଦ୍ରଲୋକ ଆସିବାର ଦେଖି ଗୋଡ଼ ଧୋଇବାକୁ ପାଣି ଦେଲେ, ବସିବାକୁ ଆସନ ଦେଲେ, ଖାଇବାପାଇଁ ଫଳମୂଳ ଆଣି ଦେଲେ, କହିଲେ, "ହେଇ, ପାଣ୍ଡବମାନେ ଆସୁଥିବେ; ଆପଣ ଟିକଏ ବସନ୍ତୁ ।" କିନ୍ତୁ ଜୟଦ୍ରଥ ତ ବସିବାପାଇଁ ଆସି ନାହିଁ । ଦୁଷ୍ଟ ଭାବୁଥିଲା, ପାଣ୍ଡବମାନେ ଆସିବା ଆଗରୁ ଦ୍ରୌପଦୀଙ୍କୁ ନେଇ ଚାଲିଯିବ ।

ସେ ଦ୍ରୌପଦୀଙ୍କ ବହୁତ ମିନତି କଲା, ଲୋଭ ଦେଖାଇଲା; ଶେଷରେ ଭୟ ପର୍ଯ୍ୟନ୍ତ ଦେଖାଇଲା । ଦ୍ରୌପଦୀ ରାଗରେ, ଭୟରେ, ଘୃଣାରେ ତାକୁ ଗାଳିଦେଇ, ଧୌମ୍ୟଙ୍କୁ ଡାକଲେ । ଦୁଷ୍ଟ କଥା ନ ଶୁଣି ଦ୍ରୌପଦୀଙ୍କ ଧରିବାକୁ ଗଲା । ଦ୍ରୌପଦୀ ଛୁଇଁବାକୁ ମନା କଲେ, ମାନିଲା ନାହିଁ । ଦ୍ରୌପଦୀ ତାକୁ ରାଗରେ ଟାଣି ତଳେ ପକାଇ ଦେଲେ; କିନ୍ତୁ ସ୍ତ୍ରୀ ଲୋକର ଆଉ ବଳ କେତେ ? ପାପିଷ୍ଠ ଧୌମ୍ୟଙ୍କ ଆଗେ ତାହାଙ୍କୁ ରଥରେ ବସାଇ ରଥ ଚଳାଇଲା । ଧୌମ୍ୟ ପୁରୋହିତ ଲୋକ । କରିବେ କଣ ? ଗାଳି ଦେଇ ଦେଇ, ରଥ ପଛେ ପଛେ ଚାଲିଲେ ।

ଏଣେ କାହିଁକି କେଜାଣି, ପାଣ୍ଡବମାନଙ୍କୁ ଶିକାର ସୁଖ ଲାଗୁ ନାହିଁ । ମନଟା କପରି ହୋଇ ଯାଉଛି; କାହିଁ କାହିଁ ଡର ମାଡୁଛି । ସେମାନେ ଧଡ଼ପଡ଼ ହୋଇ ଆଶ୍ରମକୁ ଆସି, ଦେଖିଲେ, ଦାସୀ ଧାତ୍ରେୟିକା କାନ୍ଦୁଛି । କାନ୍ଦି କାନ୍ଦି, ସେ ସବୁକଥା କହିଲା । ପାଞ୍ଚଭାଇଯାକ ରଥ ଯାଇଥିବା ବାଟେ ଦୌଡ଼ିଲେ ।

ଯାଉଁ ଯାଉଁ ଧୌମ୍ୟଙ୍କ ପାଟି ଶୁଭିଲା । ସୈନ୍ୟ-ମାନେ ଦେଖାଗଲେ । ଘୋର ଯୁଦ୍ଧ ଲାଗିଗଲା । ପାଣ୍ଡବମାନେ କଦଳୀ ବଣରେ ହାତୀ ପଶିଲାପରି, ସୈନ୍ୟମାନଙ୍କୁ ପ୍ରସ୍ତ ଦଳି ଦେଲେ । ନକୁଳ ଆଗରେ ଗୋଟାଏ ହାତୀ ଆସି ଶୁଣ୍ଢ ( ଥୋଡ଼ପାହାଡ଼ ) ଉଠାଇଲା । ନକୁଳ ଏକା ଚୋଟକେ ତାହାର ଦାନ୍ତ ଶୁଣ୍ଢ, ସବୁ କାଟି ଫିଙ୍ଗି ଦେଲେ । ଜୟଦ୍ରଥ ଏହା ଦେଖି, ଦ୍ରୌପଦୀଙ୍କ ଫିଙ୍ଗିଦେଇ ପଳାଇଲା । ଭୀମ ଅର୍ଜୁନ ପଛେ ପଛେ ଦଉଡ଼ିଲେ । ଯୁଧିଷ୍ଠିରଙ୍କର ବଡ଼ ଭୟ ହେଲା । ସେ ପଛରୁ ଭୀମ ଅର୍ଜୁନଙ୍କୁ ଡାକି, ବଡ଼ ପାଟିକରି କହିଲେ, "ତୁମେମାନେ କେବେ ଜୟଦ୍ରଥକୁ ପ୍ରାଣରେ ମାରିବ ନାହିଁ । ତା' ହେଲେ ଦୁଃଶୀଳା, ଆଉ ଗାନ୍ଧାରୀ ମାଙ୍କର ବଡ଼ ଦୁଃଖ ହେବ ।"

ଜୟଦ୍ରଥ ବଣରେ ଲୁଚିଥିଲା । ଭୀମ ଯାଇ, ତା' ଚୁଟି ଧରି ଟେକି ତଳେ କଚାଡ଼ିଲେ । ଉଠିଲା ବେଳକୁ ପ୍ରଥମରେ ଏକ ଗୋଇଠା । ପଡ଼ିଗଲାରୁ ଛାତିରେ ଆଣ୍ଠୁମାଡ଼ି, ଆଣ୍ଠୁରେ ମୁଣ୍ଡକୁ ଦି' ଚାରିଥର ପିଟିଦେଲେ । ଜୟଦ୍ରଥ କେଁ କେଁ ହୋଇ ପାଟି କରି ଅଜ୍ଞାନ ହୋଇଗଲା । ଏତିକିବେଳେ ଅର୍ଜୁନ ଯୁଧିଷ୍ଠିରଙ୍କ କଥା ଭୀମଙ୍କୁ ମନେ ପକାଇ ଦେଲେ । ଭୀମ ମାଡ଼

ବନ୍ଦ କଲେ ସତ; କିନ୍ତୁ ଅର୍ଦ୍ଧଚନ୍ଦ୍ର ବାଣ ମାରି ତା ମୁଣ୍ଡରୁ ଅଧେ ଖିଅରି କରି ଦେଲେ; ଆଉ ପାଞ୍ଚ ଜାଗରେ ପାଞ୍ଚଗୋଟି ଚଇତନ ଚୁଟି କାଢ଼ି ଦେଲେ । ଜୟଦ୍ରଥ ଏବେ ବେଶ ସୁଆଙ୍ଗ ସଜାଡ଼ିଲାପରି ଦିଶିଲା । ଭୀମ କହିଲେ, "ଏବେ ସମସ୍ତଙ୍କ ଆଗେ କହିବୁ, ତୁ ଆମରି ଗୋଲାମ୍ ।" ଜୟଦ୍ରଥର ଆଉ ଉପାୟ କ'ଣ— ରାଜି ହେଲା ।

ସେହିପରି ଯୁଧିଷ୍ଠିରଙ୍କ ଆଗକୁ ନେଇ ଆସିଲେ । ସମସ୍ତେ ହସିଲେ । ଯୁଧିଷ୍ଠିର ବି ତାକୁ ଦେଖି ଟିକିଏ ହସି ପକାଇଲେ । ଭୀମ ଜୟଦ୍ରଥକୁ ଛାଡ଼ିବେ କି ନା, ସେଥିପାଇଁ ଦ୍ରୌପଦୀଙ୍କ ପଚାରିବାକୁ କହିଲେ । ଶେଷରେ ଯୁଧିଷ୍ଠିର କହିଲେ, "ଯାଅ ଜୟଦ୍ରଥ, ଏପରି କାମ ଆଉ କରିବ ନାହିଁ ।"

ଜୟଦ୍ରଥ ସେଠାରୁ ଯାଇ, ପାଞ୍ଚ ପାଣ୍ଡବଙ୍କୁ ଯୁଦ୍ଧରେ ଜିଣିବାକୁ ମହାଦେବଙ୍କ ବର ପାଇବେ ବୋଲି ଖୁବ୍ ତପସ୍ୟା କଲେ । ମହାଦେବ ଶେଷରେ ବର ଦେଲାବେଳେ କହିଲେ, "ତୁମେ ଚାରି ପାଣ୍ଡବଙ୍କୁ ଜିଣିବ; କିନ୍ତୁ ଅର୍ଜୁନଙ୍କୁ ଜିଣି ପାରିବ ନାହିଁ ।"

---

## ଇନ୍ଦ୍ର କର୍ଣ୍ଣଙ୍କ କୁଣ୍ଡଳ କବଚ ମାଗି ନେଲେ

ଜନ୍ମ ହେଲାବେଳକୁ, କର୍ଣ୍ଣଙ୍କ କାନରେ ଅମୃତ କୁଣ୍ଡଳ ( ଯେଉଁ କୁଣ୍ଡଳ ଥିଲେ ମରଣ ନାହିଁ ) ଓ ଦେହରେ ଅଭେଦ୍ୟ କବଚ ( ଯେଉଁ କବଚରେ ଶର ଫୁଟେ ନାହିଁ ) ଥିଲା । ଅର୍ଜୁନଙ୍କୁ ଜିଣିବା ଭଳି ଲୋକ କୌରବଙ୍କ ଭିତରେ କେବଳ କର୍ଣ୍ଣ; ପୁଣି ଚିତ୍ରସେନ ଗନ୍ଧର୍ବଙ୍କ ପାଖରୁ ମୁକ୍ତ ପାଇ ଦୁର୍ଯୋଧନ ଗଲାବେଳେ, ଅର୍ଜୁନଙ୍କୁ ମାରିବେ ବୋଲି କର୍ଣ୍ଣ ପ୍ରତିଜ୍ଞା କରିଥିଲେ । ଅର୍ଜୁନଙ୍କୁ ଇନ୍ଦ୍ର ଖୁବ୍ ସ୍ନେହ କରିବାର କଥା । ଇନ୍ଦ୍ରଙ୍କ ମନରେ ବଡ଼ ଭୟ ହେଲା, କୁଣ୍ଡଳ, କବଚ କୌଣସି ପ୍ରକାରେ ନେଇ ଯିବାପାଇଁ ଇନ୍ଦ୍ର ବିଚାର କଲେ ।

କର୍ଣ୍ଣ ଭାରି ଦାତା । ଗଙ୍ଗାରେ ସ୍ନାନ ସାରି ସେ ଯେତେବେଳେ ସୂର୍ଯ୍ୟଙ୍କୁ ସ୍ତବ କରନ୍ତି, ସେତେବେଳେ ଯେ ଯାହା ମାଗିବ, ତାକୁ ତାହା ଦେବେ ବୋଲି ନିୟମ କରିଥିଲେ । ଇନ୍ଦ୍ର ଦିନେ ବ୍ରାହ୍ମଣ ରୂପରେ ଠିକ୍ ସେତିକିବେଳେ କର୍ଣ୍ଣଙ୍କ ପାଖେ ପହଞ୍ଚିଗଲେ ।

ସୂର୍ଯ୍ୟ ଆଗରୁ ଇନ୍ଦ୍ରଙ୍କ ଚାତୁରୀ ଜାଣି, କର୍ଣ୍ଣଙ୍କୁ ସାବଧାନ କରି, କୁଣ୍ଡଳ କବଚ ନ ଦେବାପାଇଁ କହିଥିଲେ; କିନ୍ତୁ କର୍ଣ୍ଣ କହିଲେ, "ପ୍ରାଣ ଯିବ ପଛକେ, ନିୟମ ଭାଙ୍ଗି ପାରିବି ନାହିଁ ।"

ସୂର୍ଯ୍ୟ କହିଲେ, "ଯେବେ ନିଶ୍ଚୟ କୁଣ୍ଡଳ କବଚ ଦବାକୁ ହବ, ତେବେ ତା' ବଦଳରେ ଇନ୍ଦ୍ରଙ୍କଠାରୁ ଏକ ପୁରୁଷଘାତିନୀ ଶକ୍ତି ମାଗି ନେବ ।"

ଏବେ ବ୍ରାହ୍ମଣଙ୍କୁ ଦେଖି, କର୍ଣ୍ଣ ସାମାନ୍ୟ ବ୍ରାହ୍ମଣଟିଏ ବୋଲି ଭାବି 'କଣ ମାଗୁଚ' ବୋଲି ପଚାରିଲେ । ବ୍ରାହ୍ମଣ କୁଣ୍ଡଳ କବଚ ମାଗିଲାରୁ କର୍ଣ୍ଣ ତାହା ବଦଳରେ ବହୁତ ଧନ, ରତ୍ନ, ଗାଈ ଗୋରୁ, ଏମନ୍ତ କି ରାଜ୍ୟ ପର୍ଯ୍ୟନ୍ତ ଦେବାକୁ କହିଲେ; କିନ୍ତୁ ବ୍ରାହ୍ମଣ ସେହି କୁଣ୍ଡଳ, କବଚ ଛଡ଼ା ଆଉ କିଛି ମାଗିଲେ ନାହିଁ । କର୍ଣ୍ଣ ବେଶ୍ ବୁଝି ପାରିଲେ, ଏ ବ୍ରାହ୍ମଣ ଇନ୍ଦ୍ରଙ୍କ ଛଡ଼ା ଆଉ କେହି ନୁହନ୍ତି । ତହୁଁ ସେ କୁଣ୍ଡଳ କବଚ ବଦଳରେ ଏକପୁରୁଷଘାତିନୀ ଶକ୍ତିଟି ମାଗିଲେ । ଇନ୍ଦ୍ର କହିଲେ, "ଅଚ୍ଛା ହଉ, ଏଇ ମୋର ଏକ ପୁରୁଷଘାତିନୀ ଶକ୍ତି ତୁମେ ନିଅ; କିନ୍ତୁ ଏ ଅସ୍ତ୍ରର ଗୋଟିଏ ନିୟମ ଅଛି ।

ଯେଉଁଠାରେ ଆଉ କୌଣସି ଅସ୍ତ୍ର କାଟିବ ନାଇ, ଏ ଅସ୍ତ୍ର ନ ମାଇଲେ ନିଜେ ମରିବାର ମୁକର, କେବଳ ସେହିଠାରେ ଏ ଅସ୍ତ୍ର ମାରିପାର । ଯେଁଛା ସେଠାରେ ମାରିବାକୁ ଗଲେ, ଏହା ତୁମ ଉପରେ ପଡ଼ିବ । ଏଥିରେ ଜଣକରୁ ବେଶି ଲୋକ ମରିବ ନାଇ । ଶତ୍ରୁ ଯେତେ ବଡ଼ ଯୋଦ୍ଧା ହୋଇ ଥିବକେ, ତାକୁ ମାରି ମୋର ଏ ଶକ୍ତି ପୁଣି ମୋ ଠାକୁ ଫେରି ଆସିବ ।''

କର୍ଣ୍ଣ ଏଥିରେ ରାଜି ହୋଇ ଶକ୍ତିଟି ନେଲେ ଏବଂ କୁଂଡଳ କବଚ କାଢ଼ି ଇଂଦ୍ରଂକୁ ଦେଲେ ।

ଇଂଦ୍ର କର୍ଣ୍ଣଂକର କୁଂଡଳ କବଚ ମାଗି ନେଲେ, ଏହା ଶୁଣି କୌରବମାନଂକର ଭାରି ଦୁଃଖ ହେଲା । ପାଂଡବମାନେ ଯେ ଏ ଖବର ପାଇ ଖୁସି ହୋଇଥିବେ, ତାହା ଆଉ କହିବା ଦରକାର କ'ଣ ?

---

## ଧର୍ମବକ କଥା

କାଠରେ କାଠ ଘଷିଲେ ନିଆଁ ବାହାରେ । ପୂର୍ବେ ମୁନି ଋଷିମାନେ ଏହିପରି ନିଆଁ ଲଗାଉଥିଲେ । ଯଜ୍ଞ ପାଇଁ ପ୍ରତିଦିନ ନିଆଁ ଦରକାର । ସେଥିପାଇଁ ଘରେ ଦୁଇଖଂଡ ନିଆଁ ଲଗାଇବାର କାଠ ସବୁବେଳେ ଥାଏ । ତାକୁ ଅରଣୀ କହଂତି ।

ପାଂଡବମାନେ ପୁଣି କାମ୍ୟକ ବନରୁ ଯାଇ ଦ୍ୱୈତ ବନରେ ଅଛଂତି । ସେ ବଣରେ ଜଣେ ତପସ୍ୱୀ ବ୍ରାହ୍ମଣ ଗୋଟିଏ ଗଛରେ ଅରଣୀଟି ରଖି ଦେଇଥିଲେ । ଗୋଟାଏ ହରିଣ ଆସି ସେହି ଗଛରେ ଦେହ କୁଂଡାଉ କୁଂଡାଉ, ଅରଣୀଟି କପରି ତା' ଶିଂଗରେ ଲାଗିଗଲା । ହରିଣଟି ଭୟରେ ଅରଣୀ ସେନି ପଳାଇଲା ।

ବ୍ରାହ୍ମଣଟି ବ୍ୟାକୁଳ ହୋଇ ପାଂଡବମାଂନଂକୁ କହିବାରୁ, ପାଂଚଭାଇଯାକ ହରିଣ ପଛରେ ଗୋଡ଼ାଇଲେ । ହରିଣ କୁଆଡ଼େ ପଳାଇଗଲା । ଏମାନେ ଗୋଡ଼ାଇ ଗୋଡ଼ାଇ ପାଇଲେ ନାଇ । ଶେଷକୁ ଥକା ମାରି, ସମସ୍ତେ ଗୋଟାଏ ଗଛମୂଳେ ବସି ପଡ଼ିଲେ । ଦଉଡ଼ ଦଉଡ଼ ସେମାନଂକୁ ଭାରି ଶୋଷ କରୁଥିଲା; ନକୁଳଂକୁ ପାଣି ଆଣିବାକୁ ପଠାଇଲେ ।

ପାଖରେ ଗୋଟିଏ ପୋଖରୀ ଥିଲା । ନକୁଳ ପାଣି ଆଣିବା ପାଇଁ ସେଥିରେ ପଶିବାକୁ ଯାଉଥିଲେ, ଏତିକବେଳେ କାହିଁ ଆକାଶରୁ କିଏ କହିଲା, ''ବାପା ନକୁଳ, ଏ ପାଣି ମୁଁ ଆଗ ଦଖଲ କରିଚି । ମୁଁ ଯାହା ପଚାରିବି, ତା'ର ଉତ୍ତର ଦେଇସାରି ପାଣି ପିଅ ।''

ନକୁଳ ସେ କଥା ନ ଶୁଣି, ଆଂଜୁଳାରେ ପାଣି ଧରି ଯିମିତି ମୁହଁ ଲଗାଇଦେଲେ, ସେହିକ୍ଷଣି ମରି ପଡ଼ିଗଲେ ।

ନକୁଳଂକର ବିଳଂବ ଦେଖି ଯୁଧିଷ୍ଠିର ସହଦେବଂକୁ ପଠାଇଲେ । ସହଦେବ ଆସି ପାଣିକୂଳରେ ନକୁଳଂକ ଶବ ଦେଖି, ବ୍ୟସ୍ତ ହୋଇ କାଂଦିଲେ । ତା ପରେ ଶୋଷ ହେବାରୁ ପାଣି ପିଇବାକୁ ଗଲେ । କିଏ ଶୂନ୍ୟରୁ ପୁଣି ସେହିପରି କହିଲା । ସେ କଥା ନ ମାନି, ସେ ମଧ୍ୟ ମରି କରି ପଡ଼ିଗଲେ ।

ଏହିପରି କ୍ରମେ ସହଦେବଂକୁ ଖୋଜି ଆସି ଅର୍ଜୁନ, ଅର୍ଜୁନଂକୁ ଖୋଜି ଆସି ଭୀମ, ସେହି ମନା ନ ମାନି, ପାଣି ପିଇ, ସେହିଠାରେ ମରି ପଡ଼ିଲେ ।

ଶେଷକୁ ସମସ୍ତଂକୁ ଖୋଜିବାପାଇଁ ଯୁଧିଷ୍ଠିର ଆସିଲେ । ଭାଇମାନେ ମରି ପଡ଼ିଥିବାର ଦେଖି,

ଅନେକ ଶୋକ କରି କାନ୍ଦିଲେ । ତା ପରେ ପାଣିକୁ ଓହ୍ଲାଇଲାବେଳକୁ ଗୋଟାଏ ବଗ ତାଙ୍କୁ ମନା କରି କହିଲା, "ବାପା ଯୁଧିଷ୍ଠିର, ମୁଁ ତୁମ ଭାଇମାନଙ୍କୁ ମାରିଛି । ମୋ କଥାର ଉତ୍ତରଦେଇ ତା ଉତ୍ତାରୁ ପାଣି ପିଅ ।"

ବଗର କଥା ଶୁଣି, ଯୁଧିଷ୍ଠିର ପଚାରିଲେ, "ଏଡ଼େ ଏଡ଼େ ମହାବୀରଙ୍କୁ ମାରିବା, ବଗପରି ଗୋଟାଏ ଚଢ଼େଇର କାମ ନୁହେଁ । ଆପଣ କିଏ ?" ବଢ଼ୁଁ ବଢ଼ୁଁ ବଗଟି ଗୋଟିଏ ତାଳଗଛ ପରି ବଡ଼ ହୋଇଗଲା; କହିଲା, "ମୁଁ ଗୋଟିଏ ଯକ୍ଷ ।" ଯୁଧିଷ୍ଠିର ଜାଣିଲେ, "ଏ କମ୍ ନୁହେଁ; ଏ ତ ଗୋଟିଏ ଯକ୍ଷ ।" ସେ ଯକ୍ଷ ପୁଣି କହିଲା, "ମୋ କଥା ନ ମାନି ପାଣି ପିଇବାରୁ ଏମାନଙ୍କୁ ମାରିଛି । ତୁମେ ମୋ କଥାର ଉତ୍ତର ଦିଅ, ତା ଉତ୍ତାରୁ ପାଣିପିଅ ।"

ଯୁଧିଷ୍ଠିର କହିଲେ, "ଆପଣ କଣ ପଚାରୁଛନ୍ତି, କହନ୍ତୁ । ଯେତେ ପାରିବି, ଉତ୍ତର ଦେବାକୁ ଚେଷ୍ଟା କରିବି ।"

ଯକ୍ଷ ଅନେକ ପ୍ରଶ୍ନ ପଚାରିଲା । ଯୁଧିଷ୍ଠିର ସବୁଗୁଡ଼ିକର ଉତ୍ତର ଦେଲେ । ସେଥିରୁ ଗୋଟିଏ ଦିଓଟି ମାତ୍ର କୁହାଯାଉଛି ।

ଯକ୍ଷ ପଚାରିଲା, "ପୃଥିବୀଠାରୁ ଭାରି କିଏ ? ସ୍ୱର୍ଗଠାରୁ ଉଚ୍ଚ କିଏ ? ପବନଠାରୁ ବେଗରେ ଯାଏ କିଏ ? ଘାସଠାରୁ ସଂଖ୍ୟା ବେଶି କାହାର ?

ଯୁଧିଷ୍ଠିର କହିଲେ, "ମାତା ପୃଥିବୀଠାରୁ ଭାରି, ପିତା ସ୍ୱର୍ଗଠାରୁ ଉଚ୍ଚ, ମନ ପବନଠାରୁ ବେଗରେ ଯାଏ, ଚିନ୍ତାର ସଂଖ୍ୟା ଘାସଠାରୁ ବେଶି ।"

ଯକ୍ଷ ପଚାରିଲା, "କିଏ ଶୋଇଲେ ଆଖିବୁଜେ ନାଇ ? କିଏ ଜନ୍ମ ହୋଇ ହଲ୍ ଚଲ୍ ହୁଏ ନାଇ ? କାହାର ହୃଦୟ ନାଇ ? କିଏ ଆପଣା ବେଗରେ ବଢ଼ି ହୁଏ ?"

ଯୁଧିଷ୍ଠିର କହିଲେ, "ମାଛ ଶୋଇଲେ ଆଖି ବୁଜେ ନାଇ, ଡିଂବ ଜନ୍ମହୋଇ ହଲ୍‌ଚଲ୍ ହୁଏ ନାଇ, ପଥରର ହୃଦୟ ନାଇ, ନଦୀ ନିଜ ବେଗଦ୍ୱାରା ବଢ଼ି ହୁଏ ।"

ଯକ୍ଷ ପଚାରିଲା, "ସଂବାଦ କ'ଣ ? ପଂଥା କ'ଣ ? ସୁଖୀ କିଏ ?"

ଯୁଧିଷ୍ଠିର କହିଲେ, "ସମୟ ଯେପରି କି ପାଚକ (ରାନ୍ଧୁଣିଆ), ସେପରି କି ପ୍ରାଣିମାନଙ୍କୁ ଯେମିତି ବ୍ୟଂଜନ (ତିଅଣ) ରାନ୍ଧୁଅଛି; ଏହାହିଁ ସଂବାଦ । ପ୍ରତିଦିନ ପ୍ରାଣୀ ମରୁଅଛନ୍ତି, ତଥାପି ଯେ ଲୋକେ ଚିରଦିନ ବଂଚିବେ ବୋଲି ଭାବୁଛନ୍ତି, ଏହାହିଁ ଆଶ୍ଚର୍ଯ୍ୟ । ମହାପୁରୁଷମାନେ (ଶ୍ରେଷ୍ଠଲୋକେ) ଯେଉଁ ବାଟେ ଯାଆନ୍ତି, ତାହାହିଁ ପଂଥା । ଯାହାର ଋଣ ନାଇ, ଆଉ ଯେ ଆପଣା ଘରେ ରହି ନିତି ସଂଧ୍ୟାବେଳକୁ ମୁଠିଏ ଶାଗ ଭାତ ଖାଇବାକୁ ପାଏ, ସେହି ସୁଖୀ ।"

ଯୁଧିଷ୍ଠିରଙ୍କ ଉତ୍ତରରେ ସଂତୁଷ୍ଟ ହୋଇ, ଯକ୍ଷ କହିଲା, "ତୁମର ଯାହାକୁ ଇଚ୍ଛା କୁହ, ଗୋଟିଏ ଭାଇକୁ ମୁଁ ବଂଚାଇ ଦେବି ।"

ଯୁଧିଷ୍ଠିର କହିଲେ, "ତେବେ ଦୟା କରି ନକୁଳକୁ ବଂଚାଇ ଦିଅନ୍ତୁ ।" ଯକ୍ଷ ପଚାରିଲା, "ନକୁଳ ତ ତୁମର ସାବତନ; ଭୀମ ଅର୍ଜୁନଙ୍କୁ ଛାଡ଼ି ତୁମେ ନକୁଳକୁ ବଂଚାଇବାକୁ କହୁଚ କାହିଁକି ?"

ଯୁଧିଷ୍ଠିର କହିଲେ, "ମା କୁଂତୀଙ୍କ ଗୋଟିଏ ପୁଅ ମୁଁ ବଂଚିଚି, ନକୁଳ ବଂଚିଲେ ମାଦ୍ରୀ ମା'ଙ୍କର ଗୋଟିଏ ପୁଅ ବଂଚିବ । ସେଥିପାଇଁ ନକୁଳକୁ ବଂଚାଇବାକୁ କହିଲି !"

ଏ କଥାରେ ଯକ୍ଷ ଅତିଶୟ ସଂତୁଷ୍ଟ ହୋଇ, ଭୀମ, ଅର୍ଜୁନ, ନକୁଳ, ସହଦେବ ସମସ୍ତଙ୍କୁ ବଂଚାଇ ଦେଲା ଏବଂ ଆପେ ଦେଖା ଦେଇ କହିଲା, 'ବାପ ମୁଁ ଧର୍ମ, ତୁମର ମହତ୍ତ୍ୱ ଦେଖି, ମୋର ବଡ଼ ଆନଂଦ

ହେଲୁ । ତୁମର ମଂଗଳ ହେଉ । ଏବେ ମୋତେ କ ବର ମାଗୁଚ ମାଗ ।”

ଯୁଧିଷ୍ଠିର କହିଲେ, “ତେବେ ଦୟା କରି ସେହି ବ୍ରାହ୍ମଣଂକ ଅରଣୀଟି ସେ ଯେପରି ପାଇବେ, ତା’ କରିଦିଅଂତୁ ।”

ଧର୍ମ କହିଲେ, “ତୁମକୁ ପରୀକ୍ଷା କରିବା ପାଇଁ ମୁଁ ଜଣେ ହରିଣ ହୋଇ, ଅରଣୀଟି ନେଇ ଆସିଥିଲି । ବ୍ରାହ୍ମଣ ତାହା ପାଇବେ । ଏବେ ତୁମେ ଆଉ କିଛି ବର ମାଗ ।”

ଯୁଧିଷ୍ଠିର କହିଲେ, “ଆମମାନଂକର ବନବାସ ବାର ବର୍ଷ ସରିଲା; ଏବେ ବର୍ଷେ ଅଜ୍ଞାତବାସ କରିବାକୁ ହେବ; ସେ ସମୟରେ ଯେପରି କେହି ଆମମାନଂକୁ ଚିହ୍ନି ନ ପାରିବେ, ଦୟାକରି ସେହି ବର ଦିଅଂତୁ ।”

ଧର୍ମ କହିଲେ, “ଅଜ୍ଞାତବାସରେ ତୁମକୁ କେହି ଚିହ୍ନିବେ ନାହିଁ । ତୁମେମାନେ ଛଦ୍ମବେଶରେ (ବେଶ ଲୁଚାଇ) ବିରାଟ ନଗରରେ ଯାଇ ରହ । ଏବେ ଏହି ଅରଣୀ ନିଅ; ବ୍ରାହ୍ମଣଂକୁ ଦିଅ । (ଏହା କହି, ଅରଣୀଟି ଯୁଧିଷ୍ଠିରଂକ ହାତକୁ ଦେଲେ) ଏବେ ତୁମର ଆଉ କି ବର ଲୋଡ଼ା, ମାଗ ।”

ଯୁଧିଷ୍ଠିର କହିଲେ, “ପାପରେ ଯେପରି ମୋର ମତି ନ ହୁଏ, ସର୍ବଦା ଯେପରି ଧର୍ମପଂଥାରେ ଚାଲିବି, ସେହି ବର ଦିଅ ।” ଧର୍ମ କହିଲେ, “ସେ ସବୁ ତ ତୁମର ଅଛି । ଆଚ୍ଛା, ଆହୁରି ଅଧିକ ହେବ ।” ଏହା କହି ଧର୍ମ ଅଂତର୍ଧାନ ହୋଇଗଲେ ।

ବାର ବର୍ଷ ବନବାସ ଶେଷ ହୋଇଗଲା । ତେଣୁ ଏବେ ପାଂଡବମାନେ ପୁରୋହିତ ଧୌମ୍ୟ ଓ ଅନ୍ୟାନ୍ୟ ବ୍ରାହ୍ମଣଂକୁ ଛାଡ଼ି ଦ୍ରୌପଦୀଂକ ନେଇ, ଅଜ୍ଞାତବାସ କରିବାକୁ ବିରାଟ ନଗରଆଡ଼କୁ ଯିବାର ଯୋଗାଡ଼ରେ ଲାଗିଲେ ।

---

# ବିରାଟ ପର୍ବ

## ପାଂଡବମାନେ ବିରାଟ ନଗରରେ କିପରି ରହିଲେ

ମତ୍ସ୍ୟଦେଶ ରଜାର ନାମ ବିରାଟ । ପାଂଡବମାନେ ସେହି ବିରାଟ ଘରେ ଅଜ୍ଞାତବାସ କରିବେ । ଖୁବ୍ ସାବଧାନରେ ତ ରହିବା ଉଚିତ । କୌରବମାନେ ଟିକିଏ ସୁଦ୍ଧା ଜାଣି ପାରିଲେ, ପୁଣି ବାର ବର୍ଷ ବନବାସ ।

ବିରାଟ ନଗରରେ କିଏ କିପରି ରହିବ, ସେ କଥା ବସି ସ୍ଥିର କଲେ । ଯୁଧିଷ୍ଠିର କହିଲେ, “ମୁଁ ବ୍ରାହ୍ମଣ ବେଶରେ ବିରାଟଂକ ସଭାସଦ (ସଭାରେ ବସିବା ଲୋକ) ହୋଇ ରହିବି । କହିବି ମୋ ନାମ କଂକ, ମୁଁ ଖୁବ୍ ପଶା ଖେଳ ଜାଣେ । ଦରକାର ପଡ଼ିଲେ ଯୁଧିଷ୍ଠିରଂକର ବଂଧୁ ଥିଲି ବୋଲି ମଧ୍ୟ କହିବି ।”

ଭୀମ କହିଲେ, “ମୁଁ ରଂଧୁଣିଆ ବ୍ରାହ୍ମଣ ବେଶରେ ଯିବି । କହିବି, ‘ମୋ ନାମ ବଲ୍ଲଭ, ମୁଁ ମହାରାଜ ଯୁଧିଷ୍ଠିରଂକର ସୁଆର ଥିଲି, ଟିକିଏ ଟିକିଏ ପହଲଓ୍ୱାନି ବି ଜାଣେ ।’ ମୁଁ ବେଶ୍ ଭଲ କରି ରାଂଧିବି, ଆଉ ବଡ଼ ବଡ଼ କାଠ ବୋଝ ବୋହି ଆଣିବି । ସମସ୍ତେ ଖୁସି ହୋଇଯିବେ । ଦରକାର ହେଲେ ମାଲଂକ ସଂଗେ ଲଢ଼ିବି । ବାଘ ହାତୀଂକୁ ବି ଥଂଡା କରିବି ।”

ଅର୍ଜୁନ କହିଲେ, “ମୁଁ ରଜାଘର ମାଇକିନିଆ-ମାନଂକୁ ସଂଗୀତ ଶିଖାଇବା କାମ କରିବି । ମାଇପିଂକ ପରି ପୋଷାକ ପିଂଧିବି, ହାତରେ କାଚ ପିଂଧିବି, କାନରେ ନାଉଳି ପିଂଧିବି, ମୁଂଡରେ ଖୋସା ପାରିବି । ମତେ କେହି ଚିହ୍ନିପାରିବେ ନାହିଁ । କହିବି, ମୋ ନାମ ବୃହନ୍ନଳା, ମୁଁ ଦ୍ରୌପଦୀଂକ ପାଖରେ ଥିଲି ।”

ନକୁଳ କହିଲେ, "ମୁଁ କହିବ, ମୋର ନାମ ଗ୍ରନ୍ଥିକ । ମୁଁ ମହାରାଜ ଯୁଧିଷ୍ଠିରଙ୍କର ଘୋଡ଼ାଶାଳରେ ସରଦାର ଥିଲି । ମୋ ପରି ଘୋଡ଼ାଙ୍କ କଥା ଆଉ କେହି ଜାଣନ୍ତି ନାହିଁ ।"

ସହଦେବ କହିଲେ, "ମୁଁ ଗଉଡ଼ ହୋଇ କହିବ, "ମୋର ନାଁ ତନ୍ତୀପାଳ । ଗୋରୁଙ୍କୁ ରଖିବା, ଜଗିବା ପ୍ରଭୃତି କାମ ମୁଁ ଖୁବ୍ ଭଲକରି ଶିଖିଛି ।"

ସର୍ବଶେଷରେ ଦ୍ରୌପଦୀଙ୍କ ପଚାରିବାରୁ, ସେ କହିଲେ, "ମୁଁ ବିରାଟ ରଜାଙ୍କ ରାଣୀ ସୁଦେଷ୍ଣାଙ୍କ ପାଖେ କାମ କରିବି । କହିବି, ମୋ ନାମ ସୈରିନ୍ଧ୍ରୀ, (ଯେ ରାଣୀ ଓ ଜେମାମାନଙ୍କୁ ବେଶ କରନ୍ତି) । ମହାରାଜ ଯୁଧିଷ୍ଠିରଙ୍କ ଘରେ ଦ୍ରୌପଦୀଙ୍କ ପାଖରେ ମୁଁ ଥିଲି ।"

ଏହିପରି ବିଚାର ଠିକ୍ କରି, ପାଣ୍ଡବମାନେ ସଙ୍ଗେ ଥିବା ଲୋକମାନଙ୍କୁ ଭିନ୍ନ ଭିନ୍ନ ଜାଗାକୁ ପଠାଇ ଦେଲେ । ସାରଥି ସୁଆର ଚାକର ଓ ଦ୍ରୌପଦୀଙ୍କ ଦାସୀମାନଙ୍କୁ ନେଇ, ଧୌମ୍ୟ ଦ୍ରୁପଦ ରଜାଙ୍କ ଘରକୁ ଗଲେ । ରଥ ପ୍ରଭୃତି ଯାହା ସଙ୍ଗରେ ଥିଲା, ତା ସବୁ ଯୁଧିଷ୍ଠିର ଦ୍ୱାରକାକୁ ପଠାଇ ଦେଲେ । ପାଣ୍ଡବମାନେ ଯେ ମତ୍ସ୍ୟଦେଶରେ ବିରାଟଙ୍କ ଘରେ ରହିବେ—ଏ କଥା ଧୌମ୍ୟଙ୍କ ଛଡ଼ା ଆଉ କେହି ଜାଣିଲେ ନାହିଁ ।

ପାଣ୍ଡବମାନେ ଦ୍ରୌପଦୀଙ୍କୁ ନେଇ, ବଣ ପର୍ବତ ଭିତରେ ଅବାଟରେ ଲୁଚି ଲୁଚି, ଦଶାର୍ଣ୍ଣ, ପଞ୍ଚାଳ, ସୁରସେନ ପ୍ରଭୃତି ଦେଶ ପାରି ହୋଇ, ବହୁତ କଷ୍ଟରେ ଯାଇ ବିରାଟଦେଶରେ ପହଞ୍ଚିଲେ । ସଙ୍ଗରେ ଅସ୍ତ୍ର ଶସ୍ତ୍ର ଥିଲା, ତାକୁ ରଖିବା ପାଇଁ, ଜାଗା ଖୋଜି ଖୋଜି, ଗୋଟିଏ ଶ୍ମଶାନ ପାଖେ ଗୋଟିଏ ଶମୀଗଛ ଠିକଣା କଲେ । ନକୁଳ ସେହି ଗଛକୁ ଚଢ଼ି, ସମସ୍ତଙ୍କର ଧନୁ, ତୂଣ, ଶଙ୍ଖ, ସାଞ୍ଜୁ, ଖଣ୍ଡା ପ୍ରଭୃତି ବେଶ୍ କରି ବାନ୍ଧି ରଖିଲେ, ପଛକୁ ସେ ଗଛ ମୂଳରେ ଆଣି ଗୋଟିଏ ମଡ଼ା ବାନ୍ଧି ଦେଲେ; ବିଚାରିଲେ, "ତାହା ହେଲେ, ମଡ଼ାଗନ୍ଧ ଓ ଭୂତ ଭୟରେ ସେ ଗଛ ପାଖକୁ ଆଉ କେହି ଯିବେ ନାହିଁ ।"

ତା ଉତ୍ତାରୁ ଆପଣା ଭିତରେ ଦରକାର ପଡ଼ିଲେ ଡକାଡକି ହେବା ପାଇଁ, ଗୋଟିଏ ଠାରି ନାମ ଠିକଣା କଲେ । ଯୁଧିଷ୍ଠିର 'ଜୟ', ଭୀମ 'ଜୟନ୍ତ', ଅର୍ଜୁନ 'ବିଜୟ', ନକୁଳ 'ଜୟତ୍ସେନ' ଓ ସହଦେବ 'ଜୟଦ୍‌ବଳ' । ଏ ନାମ ଗୁଡ଼ିକ ଆଉ କେହି ଜାଣିଲେ ନାହିଁ ।

ବିରାଟ ପାତ୍ରମନ୍ତ୍ରୀମାନଙ୍କୁ ନେଇ ସଭାରେ ବସିଚନ୍ତି । ଯୁଧିଷ୍ଠିର ବ୍ରାହ୍ମଣ ବେଶରେ ହାତରେ ପଶାକାଠି ଧରି, ଧୀରେ ଧୀରେ ଯାଇ ପହଞ୍ଚିଲେ । ରାଜାବ ବେଶରେ ମଧ୍ୟ ବିରାଟ ତାଙ୍କୁ ବଡ଼ଲୋକ ବୋଲି ସନ୍ଦେହ କଲେ । ପଚାରିଲାରୁ ଯୁଧିଷ୍ଠିର କହିଲେ, "ମୋ ନାମ କଙ୍କ, ମୁଁ ଭଲ ପଶାଖେଳ ଜାଣେ, ମୁଁ ମହାରାଜ ଯୁଧିଷ୍ଠିରଙ୍କର ବନ୍ଧୁ ।"

ବିରାଟ ସେଠାରୁ ଆନନ୍ଦରେ ତାଙ୍କୁ ନିଜ ସଭାରେ ରଖିଲେ । ଏହିପରି ଭୀମ ଆସି, ସୁଆର ଓ ମାଲହୋଇ କାମ ପାଇଲେ । ଅର୍ଜୁନ ଜେମା ଉତ୍ତରାକୁ ସଙ୍ଗୀତ ଶିଖାଇବା ପାଇଁ ରହିଲେ । ନକୁଳ ଓ ସହଦେବ ଘୋଡ଼ା ଓ ଗୋରୁଙ୍କ କାମରେ ସରଦାର ହେଲେ ।

ଦ୍ରୌପଦୀ ସୈରିନ୍ଧ୍ରୀ ବେଶରେ ରାଜଦାଣ୍ଡରେ ଗଲାବେଳେ ଲୋକେ ତାଙ୍କ ରୂପ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ତୁମେ କିଏ," ଦ୍ରୌପଦୀ କହିଲେ, "ମୁଁ ଜଣେ ସୈରିନ୍ଧ୍ରୀ, କାମ ଖୋଜି ବୁଲୁଚି ।"

ଲୋକେ ଏକଥା ବିଶ୍ୱାସ କରୁନଥାନ୍ତି । ଏ ମଧ୍ୟରେ ରାଣୀ ସୁଦେଷ୍ଣା ଛାତ ଉପରୁ ତାଙ୍କୁ ଦେଖି ଡକାଇ

ନେଲେ । ଦ୍ରୌପଦୀ କହିଲେ, "ମୋର ସ୍ୱାମୀ ପାଞ୍ଚଜଣ ଗନ୍ଧର୍ବ । ସେମାନେ ଏବେ ଗୋଟାଏ ବଡ଼ ଦୁର୍ଦ୍ଦଶାରେ ପଡ଼ିଛନ୍ତି । ମୁଁ ସୈରିନ୍ଧ୍ରୀ କାମକରି ଦିନ କାଟୁଛି, ମୁଁ ଆଗେ ସତ୍ୟଭାମା ଆଉ ଦ୍ରୌପଦୀଙ୍କ ପାଖେ କାମ କରୁଥିଲି । ଏବେ ଆପଣଙ୍କ ପାଖକୁ ଆସିଲି, ଦୟାକରି ଆଶ୍ରା ଦେଲେ ମୋର ବହୁତ କାର୍ଯ୍ୟ ହେବ ।"

ସୁଦେଷ୍ଣା ଆନନ୍ଦରେ ତାଙ୍କୁ କାମ ଦେଲେ । ଦ୍ରୌପଦୀ କହିଲେ "ମା, ମୁଁ କେବେ ଅଇଁଠା ଛୁଇଁବି ନାଇ । କୌଣସି ଦୁଷ୍ଟଲୋକ କାମ କରିବି ନାଇ । ମୋ ଗନ୍ଧର୍ବ ସ୍ୱାମୀମାନେ ଦୁର୍ଦ୍ଦଶାରେ ପଡ଼ିଲେ ମଧ୍ୟ, ଦରକାର ପଡ଼ିଲେ ମୋର ମାନ ରକ୍ଷା କରିବେ; ଯେ ମୋତେ ଅପମାନ କରିବ, ତାକୁ ମାରି ପକାଇବେ ।"

କ୍ରମେ ଦିନ କଟିଗଲା । ପାଣ୍ଡବମାନଙ୍କର କାମରେ ସମସ୍ତେ ଭାରି ସନ୍ତୋଷ ହେଲେ । ଭୀମ ଏ ମଧ୍ୟରେ ଜୀମୂତ ବୋଲି ଗୋଟାଏ ମାଲକୁ ହଟାଇ, ରଜାଙ୍କଠାରୁ ବହୁତ ପୁରସ୍କାର ପାଇଲେ; ବେଳେ ବେଳେ ରଜାଙ୍କ କଥାରେ ରାଣୀମାନଙ୍କ ଘର ଅଗଣାରେ ଯାଇ ବାଘ ସିଂହଙ୍କ ସାଙ୍ଗେ ଲଢ଼ାଇ କରି କୌତୁକ ଦେଖାନ୍ତି । ମୋଟ ଉପରେ ପାଣ୍ଡବମାନେ ସମସ୍ତେ ଏକ ପ୍ରକାର ସୁଖରେ ଥାଆନ୍ତି ।

---

## କୀଚକ ବଧ

ଦ୍ରୌପଦୀ କିନ୍ତୁ ବିରାଟ ଘରେ ବଡ଼ ସୁଖରେ ନ ଥାନ୍ତି । ସୁଦେଷ୍ଣା ତାଙ୍କୁ ଭାରି ସୁଖ ଦେଉଥାନ୍ତି ସତ, କିନ୍ତୁ ସୁଦେଷ୍ଣାଙ୍କର କୀଚକ ବୋଲି ଗୋଟିଏ ଭାଇ ଥାଏ । ସେ ବିରାଟଙ୍କର ସେନାପତି । ବିରାଟ ନାଆଁକୁ ରଜା । କୀଚକର ରାଜ୍ୟ କହିଲେ ଚଳେ । କୀଚକକୁ ବିରାଟ ଡରନ୍ତି; ଆଉ କେହି କିଛି କହନ୍ତି ନାଇ । ସେହି କୀଚକ ଦ୍ରୌପଦୀଙ୍କ ଦେଖିଲେ ଅପମାନ କଥା କହେ । ଦ୍ରୌପଦୀ ବେଳେ ବେଳେ ଗାଳି ଦିଅନ୍ତି; କେତେବେଳେ ମିନତି କରନ୍ତି, କେତେବେଳେ ଆପଣା ଗନ୍ଧର୍ବ ପତିଙ୍କ କଥା କହି, ଭୟ ଦେଖାନ୍ତି । ଦୁରାତ୍ମା କୀଚକ କିନ୍ତୁ କାହିଁରେ ଥଣ୍ଡା ନ ହୋଇ, ବେଳକୁବେଳ ବେଶି ଅପମାନ ଦେଉଥାଏ ।

ଦିନେ ସୁଦେଷ୍ଣା କିଛି ଖାଇବା ଜିନିଷ ଆଣିବା ପାଇଁ ଦ୍ରୌପଦୀଙ୍କୁ କୀଚକଘରକୁ ପଠାଇଲେ, ସେ ଦିନ କୀଚକ ଦ୍ରୌପଦୀଙ୍କ ଏମିତି ଅପମାନ କଲା ଯେ, ଦ୍ରୌପଦୀ ରାଗ ସମ୍ଭାଳି ନ ପାରି, ତାକୁ ଧକ୍‌କାମାରି ତଳେ ପକାଇ ଦେଇ, ଦଉଡ଼ି ଦଉଡ଼ି ରାଜସଭାରେ ଯାଇ ପହଞ୍ଚିଗଲେ । କୀଚକ ତାଙ୍କ ପଛେ ପଛେ, ରାଜସଭା ପର୍ଯ୍ୟନ୍ତ ଯାଇ, ସେଠାରେ ତାଙ୍କ ଚୁଟି ଧରି ତାଙ୍କୁ ତଳେ ପକାଇ ଦୋସାରି ଦେଲା, ଉଠିଲାବେଳକୁ ପୁଣି ଗୋଇଠାଏ ପକାଇଲା ।

ଯୁଧିଷ୍ଠିର ଭୀମ ଦୁହେଁ ସେଠାରେ ଥିଲେ; ଏ କଥା ଦେଖିଲେ । ଯୁଧିଷ୍ଠିର ବୋଧୀ, ଥଣ୍ଡା ଲୋକ; କିନ୍ତୁ ରାଗରେ ଭୀମଙ୍କ ଦେହ ଥରିଲା । ସେ ଗୋଟାଏ ଗଛ ଆଡ଼କୁ ଥରକୁ ଥର ଚାହିଁଲେ । ଯୁଧିଷ୍ଠିରଙ୍କର ଭୟ ହେଲା—କାଳେ ଧରା ପଡ଼ିଯିବେ । ସେ ବୁଦ୍ଧି କାଢ଼ି, ହଠାତ୍ ଭୀମକୁ ଚାହିଁ କହିଲେ, "କିଓ ସୁଆର ବ୍ରାହ୍ମଣ, ଜାଳ ପାଇଁ ଗଛ ଆଡ଼କୁ ଚାହୁଁଚ କି ? ବାହାରେ ଯାଇ ଜାଳ ଗଛ ଖୋଜ ।"

ସଭା ଲୋକେ କୀଚକର ବହୁତ ନିନ୍ଦା କଲେ । ଦ୍ରୌପଦୀଙ୍କ ପ୍ରଶଂସା କଲେ । ଦ୍ରୌପଦୀଙ୍କ ଦୁଃଖ ଦେଖି ଯୁଧିଷ୍ଠିର କହିଲେ, "ସୈରିନ୍ଧ୍ରି, ସୁଦେଷ୍ଣାଙ୍କ ପାଖକୁ ଯାଅ । ତୁମ ଗନ୍ଧର୍ବ ସ୍ୱାମୀମାନେ ଏକଥା ବିଚାର କରିବାର ଦିନ ତ ସମୟ ହୋଇ ନାଇ । ସେମାନେ ସମୟରେ ଏହାର ବିଚାର କରିବେ ।"

ଦ୍ରୌପଦୀ କାନ୍ଦି କାନ୍ଦି ଘର ଭିତରେ ଯାଇ ସୁଦେଷ୍ଣାଙ୍କୁ ସବୁ କଥା କହିଲେ । ସୁଦେଷ୍ଣା ବଡ଼ ବିରକ୍ତ ହୋଇ, 'ଭାଇ କୀଚକକୁ ପାଇଲେ, ମାରି ପକାଇବେ' ବୋଲି କହିଲେ । ଦ୍ରୌପଦୀ କହିଲେ, "ମୋର ଯେଉଁମାନେ ଅଛନ୍ତି, ସେହିମାନେ ତାକୁ ମାରିବେ ।"

ରାତିରେ ଲୁଚି ଲୁଚି ଦ୍ରୌପଦୀ ଯାଇ, ଭୀମଙ୍କ ପାଖେ ପହଞ୍ଚିଲେ । ଭୀମଙ୍କୁ କିଛି କହିବା ଅବଶ୍ୟ ଦରକାର ନ ଥିଲା । ଭୀମ ଆଗରୁ କୀଚକକୁ ମାରିବା-ପାଇଁ ଠିକ୍‌ଠାକ । ଖାଲି ଧରା ପଡ଼ିବା ଭୟରେ କିଛି କରି ପାରୁ ନାହାନ୍ତି । ନିର୍ଜନରେ ତାକୁ ପାଇଲେ, ଠିକ୍ କରି ଦିଅନ୍ତେ ।

ଜେମାଙ୍କ ସଂଗୀତଶିକ୍ଷା ଘରଟି ଆଉ ଆଉ ଘରଠାରୁ ଟିକିଏ ଦୂରରେ । ରାତିରେ ସେଠାରେ କେହି ନ ଥାନ୍ତି । ଦ୍ରୌପଦୀଙ୍କ ସଂଗେ ଭୀମ କଥାବାର୍ତ୍ତା କରି ଜାଣିଲେ, ରାତିରେ କୀଚକ ଏକା ସେ ଘରକୁ ଆସିବ ।

ଏହା ଜାଣି, ଭୀମ ଆଗରୁ ଲୁଚି କରି ଯାଇ, ଲୁଗା ଘୋଡ଼ି ହୋଇ, ସେ ଘରେ ଭୁନ ହୋଇ ଶୋଇ ପଡ଼ିଲେ । ନିଶା ଗର୍ଜିଲା ବେଳକୁ କୀଚକ ଆସି ତରାଣ୍ଡି ତରାଣ୍ଡି ସେ ଘରେ ପହଞ୍ଚିଲା । ଭୀମକୁ ତରାଣ୍ଡି ଦେଇ ଦ୍ରୌପଦୀ ବୋଲି ବିଚାରି, ତାମସାରେ କହିଲା, "ସୈରିନ୍ଧ୍ରି, ଏଠା ଲୋକେ କହନ୍ତି, ମୋ ପରି ସୁନ୍ଦର ପୁରୁଷ ଆଉ କେହି ନାଇ । ଭୀମ ଉଠି କରି କହିଲେ, "ମୋ ପରି କଅଁଳିଆ ହାତଟିଏ ବି ଏ ବ୍ରହ୍ମାଣ୍ଡରେ ମିଳିବ ନାଇ ।"

କହୁଁ କହୁଁ ଭୀମଙ୍କ ହାତ ଯାଇ, କୀଚକ ଚୁଟିରେ ପଡ଼ିଗଲା । ତା ପରେ ଯାହା ହେଲା, ଆଉ କହିବା ଦରକାର ନାଇ ।

କୀଚକ କିଛି ସାମାନ୍ୟ ବୀର ନୁହେଁ । ସେ ଘଡ଼ିଏ ଖଣ୍ଡେ ଖୁବ୍ ଲଢ଼ିଲା; କିନ୍ତୁ ଭୀମ ସଂଗେ ଲଢ଼ି ସେ କ'ଣ କରିବ ? ଭୀମଙ୍କ 'କଅଁଳିଆ ହାତରେ ବଓଟି ଗୋଟିଏ ଚୁପୁଡ଼ା ଖାଇ, ଆଉ ମୁହଁରୁ କଥା ବାହାରିଲା ନାଇ । ତା ପରେ ଭୀମ ହାତ ଗୋଡ଼ ଧରି, ମେଞ୍ଚା କରି କୀଚକକୁ ଦଳି ଦେଲେ; ତା ମୁଣ୍ଡ ପେଟ ଭିତରେ ପଶିଗଲା । ହାତ ଗୋଡ଼ ଭାଙ୍ଗି, କୀଚକ ଗୋଟାଏ ମାଉଁସ ପିଣ୍ଡୁଳା ପରି ହୋଇଗଲା ।

ଦ୍ରୌପଦୀଙ୍କୁ ଡାକି, କୀଚକର ସେହି ମାଂସ-ପିଣ୍ଡୁଳାଟି ଦେଖାଇ ଦେଇ, ଭୀମ ଚୁପ୍ ଚୁପ୍ ରୋଷେଇ ଘରକୁ ଚାଲିଗଲେ । ଦ୍ରୌପଦୀଙ୍କଠାରୁ ଲୋକେ ଜାଣିଲେ ଯେ, ଦ୍ରୌପଦୀଙ୍କ ଗନ୍ଧର୍ବ ସ୍ୱାମୀମାନଙ୍କ ହାତରେ କୀଚକର ଏ ଦଣ୍ଡ ହୋଇଛି ।

କୀଚକର ଶହେ ପାଞ୍ଚ ଭାଇ ଥିଲେ । ସମସ୍ତେ ଆସି ବ୍ୟାକୁଳ ହୋଇ କାନ୍ଦିଲେ । ଶେଷକୁ କୀଚକର ଶବ ଧରି, ପୋଡ଼ିବାପାଇଁ ଶ୍ମଶାନ ଆଡ଼କୁ ନେଉଥାନ୍ତି, ଏତିକିବେଳେ ଦ୍ରୌପଦୀଙ୍କ ଉପରେ ତାଙ୍କ ଆଖି ପଡ଼ିଗଲା । ରାଗରେ ସବୁ ଭାଇମାନେ କହିଉଠିଲେ, "ଏଇ ମାଇକିନିଆଁ ଲାଗି କୀଚକ ମରିଛି । ଧରି ଏ ଅଲକ୍ଷଣୀକି; କୀଚକ ସଂଗେ ନିଆଁରେ ପକାଇ ପୋଡ଼ି ଦବା ।" ବିରାଟ ମଧ୍ୟ ଭୟରେ ଏ କଥାରେ ରାଜି ହେଲେ ।

ଦୁଷ୍ଟମାନେ ଦ୍ରୌପଦୀ ଦେବୀଙ୍କ ଏପରି ଅପମାନ କରି, ଶବ ସଂଗେ ପୋଡ଼ିଦେବା ପାଇଁ ନେଇ, ଶ୍ମଶାନ ଆଡ଼କୁ ଚାଲିଲେ । ଦ୍ରୌପଦୀ କାନ୍ଦି କରି, ପାଟି କରୁଥାନ୍ତି, "ଜୟ, ଜୟନ୍ତ, ବିଜୟ, ଜୟତ୍ସେନ, ଜୟଦ୍ବଳ ତୁମେମାନେ କେଉଁଠି ଅଛ, ମତେ ରକ୍ଷା କର ।"

ଭୀମ କୀଚକକୁ ମାରି ସାରି, ସକାଳୁ ଟିକିଏ ଶୋଇ ପଡ଼ିଥିଲେ । ଏ କାଂଡ ତାଂକ କାନରେ ବାଜିଗଲା । ସେ ଧଡ଼ପଡ଼ ହୋଇ ବେଶ ବଦଳାଇ ଗୋଟାଏ ଅବାଟରେ ଲୁଚି ଲୁଚି ଯାଇ, ଶ୍ମଶାନରେ ହାଜର । ସେଠାରେ ଚାହିଁଲା ବେଳକୁ, ତିରିଶ ପଂଚତିରିଶ ହାତ ଲଂବା ଗୋଟାଏ ଗଛ ଥିଲା, ତାକୁ ଉପାଡ଼ି ଗର୍ଜନ କରି, କୀଚକ ଭାଇମାନଂକୁ ଧରି ପିଟିଗଲେ । ଗଛକୁ ଏପରି ବୁଲାଇଲେ ଯେ, କେହି କିଛି ଦେଖି ପାରିଲେ ନାଇ । କୀଚକ ଭାଇମାନେ ଏଣେ ତେଣେ ଅସ୍ତ ବ୍ୟସ୍ତ ହୋଇ ପଳାଉ ପଳାଉ, ତାଂକ ଉପରେ ବାଡ଼ିଏ ବାଡ଼ିଏ ବସିଗଲା । ଚୁହୁଁ ଚୁହୁଁ ଶବ୍ଦେ ପାଂଚଜଣଯାକ ନପାରୁ । ଆଉ ସମସ୍ତେ ଯେ ଯୁଆଡ଼େ ପଳାଇଲେ । ଏକା ଦ୍ରୌପଦୀ ଠିଆ ହୋଇଥିଲେ । ଭୀମ ତାଂକୁ ବୋଧ ଦେଇ, ପୁଣି ଲୁଚି କରି ଯାଇ ରୋଷେଇ ଶାଳରେ ପହଂଚିଲେ ।

ଗଂଧର୍ବମାନଂକ ଭୟରେ ଦେଶର ଲୋକେ ବଡ଼ ବ୍ୟସ୍ତ ହୋଇ ପଡ଼ିଲେ । ରଜା ବିରାଟ ଆସି ରାଣୀଂକୁ କହିଲେ, "ଏ ସୈରଂଧ୍ରୀକି ଏଠାରେ ରଖିବା ଆଉ ଚଳିବ ନାଇ । ତାକୁ କହ, ସେ ଆଉ କୁଆଡ଼େ ଯାଉ ।" ସୁଦେଷ୍ଣା ଦ୍ରୌପଦୀଂକ ଏ କଥା କହିବାରୁ, ଦ୍ରୌପଦୀ କହିଲେ, "ମା, ଆଉ ତେରଟି ଦିନ ଯାଉ । ତା'ପରେ ମୋ ପତିମାନଂକ ଦୁର୍ଦ୍ଦଶା ଖଂଡନ ହେବ । ମୁଁ ଏଠାରୁ ଚାଲିଯିବି ।"

ଦ୍ରୌପଦୀ ହିସାବ କରି ଦେଖିଥିଲେ, ଆଉ ତେର ଦିନରେ ଅଜ୍ଞାତବାସ ବର୍ଷକ ସରିଯିବ ।

## ବିରାଟଂକ ଗୋରୁ ଚୋରୀ

ତେଣେ ବର୍ଷକଯାକ ଚର ପଠାଇ ଦୁର୍ଯୋଧନ ପାଂଡବମାନଂକୁ ଖୋଜୁଚି । ଧରି ପାରିଲେ ପାଂଡବମାନେ ପୁଣି ବାରବର୍ଷ ବନବାସ କରିବେ । ଚରମାନେ ପାଂଡବଂକର କିଛି ଖବର ଠିକଣା କରି ପାରିଲେ ନାଇ । କୌରବମାନେ ଭାରି ଚିଂତାରେ ପଡ଼ିଥାଂତି । ଶେଷକୁ ମତ୍ସ୍ୟ ଦେଶରୁ ଫେରିଯାଇ, ଦୂତମାନେ କୀଚକ ମରିବା କଥା କହିଲେ ।

କୌରବ ସଭାରେ ଯେତେବେଳେ ତ୍ରିଗର୍ତ୍ତ ଦେଶର ରଜା ସୁଶର୍ମା ଥିଲେ । ଏହି ସୁଶର୍ମାଂକୁ କୀଚକ ବଳରେ ବିରାଟ ବହୁତ ଥର ଯୁଦ୍ଧରେ ହଟାଇଥିଲେ । ସୁଶର୍ମାଂକ ମନରେ ରାଗ ଥାଏ । ଏବେ କୀଚକ ମରିବା କଥା ଶୁଣି ସୁଶର୍ମା ବୁଝିଲେ—ବିରାଟଂକର ଆଉ ବଳ ନାଇ । ଏତିକବେଳେ ତାଂକ ରାଜ୍ୟକୁ ଚଢ଼ାଉ କରି ଧନ, ରତ୍ନ, ଗୋରୁ, ବାଛୁରି ( ଗାଈ ବାଛୁରି ବିରାଟଂକର ବଡ଼ ଧନ ଥିଲା ) ଛଡ଼ାଇ ନେବାର ବେଳ ପଡ଼ିଛି ।

ଏହା ଭାବି, ସୁଶର୍ମା କୌରବମାନଂକୁ ମତାଇଲେ । ଦୁର୍ଯୋଧନ, ଦୁଃଶାସନ, କର୍ଣ୍ଣ ପ୍ରଭୃତି ପରି ଲୋକଂକୁ ଅନ୍ୟାୟ କାର୍ଯ୍ୟ କରିବା ପାଇଁ ମତାଇବା ତ ବଡ଼ ସହଜ କଥା । ସୁଶର୍ମା କହୁଁ କହୁଁ ସମସ୍ତେ ଠିକ୍ କରି ପକାଇଲେ, 'ଚାଲ, ବିରାଟଂକ ଗଉଡ଼ମାନଂକୁ ତଡ଼ିଦେଇ, ତାଂକ ଗୋରୁଯାକ ନେଇ ଆସିବା ।' ତହିଁ ଆରଦିନ କୌରବମାନେ ଦଳବଳ ନେଇ ଏହି ଅସତ୍‌କାର୍ଯ୍ୟରେ ଯୋଗଦେବା ପାଇଁ ବାହାରି ପଡ଼ିଲେ । ସୁଶର୍ମା ମହା ଆନଂଦରେ ବାହାରିଲେ ।

ବିରାଟ, ସଭାରେ ବସିଚଂତି, ଜଣେ ଗଉଡ଼ ଦଉଡ଼ ଦଉଡ଼ ଆସି କହିଲା, "ମହାରାଜ, ତ୍ରିଗର୍ତ୍ତ-ଦେଶର ଲୋକମାନେ ଆସି, ଆମକୁ ତଡ଼ିଦେଇ, ଆମର ହଜାର ହଜାର ଗୋରୁ ନେଇ ଯାଉଚଂତି ।"

ଶୁଣିଲାକ୍ଷଣି ନଗରଯାକ ହୁଲସ୍ଥୁଲ ପଡ଼ିଗଲା । ସେନା, ସିପାହୀ, ରଥ, ହାତୀ ଘୋଡ଼ା ସବୁ ଠିକ୍‌ଠାକ୍

ହୋଇଗଲା । ଯୁଦ୍ଧବାଦ୍ୟ ବାଜି ଉଠିଲା—ଝନ୍‌ଝନ୍ ଶବ୍ଦରେ ଅସ୍ତ୍ର ଶସ୍ତ୍ର ସବୁ ସହରଚମାମ ଜକ୍‌ଜକ୍ ହୋଇ ଉଠିଲା ।

ବୀରମାନେ ସାଂଜୁ ପିଂଧି, ବାହାରି ପଡ଼ିଲେ । ନିଜେ ବିରାଟ ତାଂକ ଭାଇ ଶତାନିକ, ତାଂକ ବଡ଼ପୁଅ ଶଂଖ ଯୁଦ୍ଧକୁ ବାହାରିଲେ । ଯୁଧିଷ୍ଠିର, ଭୀମ, ନକୁଳ, ସହଦେବଙ୍କୁ ରଜା ଯୁଦ୍ଧ ପୋଷାକ ପିଂଧାଇ, ଭଲ ଭଲ ଅସ୍ତ୍ର ଦେଇ, ରଥରେ ଚଢ଼ାଇ ସାଂଗରେ ନେଲେ ।

ବେଳ ବୁଡ଼ିଆସୁଚି, ଯୁଦ୍ଧ ଆରଂଭ ହୋଇଗଲା । କିଂତୁ ଯୁଦ୍ଧରେ ବିରାଟ ପାରି ଉଠିଲେ ନାହିଁ । ସୁଶର୍ମା ତାଂକ ସାରଥିକୁ ମାରି, ସୈନ୍ୟମାନଂକୁ ଏଣେତେଣେ ଛଡ଼ଦେଇ, ତାଂକୁ ଆସି ଧରି ନେଇଗଲେ ।

ଯୁଧିଷ୍ଠିର ବ୍ୟସ୍ତହୋଇ, ତାଂକୁ ଛଡ଼ାଇ ଆଣିବା ପାଇଁ ଭୀମକୁ କହିଲେ; ଭୀମ ଗଛ ଉପାଡ଼ିବାକୁ ବାହାରିଲେ । ଧରା ପଡ଼ିବା ଭୟରେ ଯୁଧିଷ୍ଠିର ମନା କରିବାରୁ, ଗଦାଧରି, ଭୀମ ଯାଇ, ତ୍ରିଗର୍ତ୍ତ ସୈନ୍ୟ-ମାନଂକୁ ମାରିପିଟି ପ୍ରସ୍ତେ ଦଳଦେଲେ । ହାତୀ, ଘୋଡ଼ା ସିପାହୀ, ସବୁ ଭୀମଂକ ଆଗେ ଚୂରମାରି ହୋଇଗଲେ । ଶେଷକୁ ବିରାଟ ସାହସ ବାନ୍ଧି ସୁଶର୍ମାଂକ ସଂଗେ ପୁଣି ଯୁଦ୍ଧ ଲଗାଇ ଦେଲେ । ସୁଶର୍ମା ବିରାଟଂକୁ ଛାଡ଼ିଦେଇ ପଳାଉ ପଳାଉ ତାଂକ ଚୁଟିଟା ଭୀମହାତେ ପଡ଼ିଗଲା । ଭୀମ ତା'ପରେ ଯାହା କରିଥିବେ, ବୁଝା ଯାଉଚି । କିଂତୁ ପ୍ରାଣଟା ବାକି ରଖି, ସୁଶର୍ମାଂକୁ ଯୁଧିଷ୍ଠିରଂକ ପାଖକୁ ନେଇ ଆସିଲେ । ଯୁଧିଷ୍ଠିର ସୁଶର୍ମାଂକୁ ଦୁଇ ଚାରିଟା ଉପଦେଶ ଦେଇ ଛାଡ଼ି ଦେଲେ ।

ବିରାଟ ପାଂଡବମାନଂକ ଉପରେ ଯେ ଭାରି ଖୁସି ହେଲେ, ଏକଥା କହିବା ଦରକାର ନାହିଁ । ଦୂତମାନେ ଜୟ ଖବର ନେଇ, ବିରାଟ ନଗରକୁ ଦଉଡ଼ିଲେ । ଆଉ ସମସ୍ତେ ସେହି ଯୁଦ୍ଧଭୂମିରେ ଆନଂଦ ଉତ୍ସବରେ ମାତିଲେ ।

(୨)

ବିରାଟ ନଗରରୁ ସମସ୍ତେ ଯୁଦ୍ଧକୁ ଯାଇଚଂତି । ଖାଲି ରଜାଂକ ସାନ ପୁଅ ଉତ୍ତର ଓ କେତେ ଜଣ କର୍ମଚାରୀଙ୍କ ଛଡ଼ା ଆଉ କେହି ନାହିଁ । ଆଉ ପଂଝାଏ ଗଉଡ଼ ଆସି ଖବରଦେଲେ ଯେ, ଦୁର୍ଯୋଧନ ଅନେକ ସୈନ୍ୟ ଆଉ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, କୃପ, ଅଶ୍ୱତ୍ଥାମା, ଶକୁନି, ଦୁଃଶାସନ ପ୍ରଭୃତି ବଡ଼ ବଡ଼ ବୀରମାନଂକୁ ନେଇ, ମତ୍ସ୍ୟ ଦେଶରେ ପଶିଚଂତି, ଗଉଡ଼ମାନଂକୁ ପିଟି ବାହାର କରିଦେଇ, ଗୋରୁସବୁ ନେଇ ଚାଲି ଯାଉଚଂତି ।

ଉତ୍ତର ତ ଏକା ଥିଲେ । ସେ ମାଇପି ମହଲରେ ଯାଇ ବାହାଦୁରୀ କରି କହିଲେ, "କ'ଣ କରିବି, ଜଣେ ସାରଥି ଥାଂତା କି ! ଭଲ ସାରଥିଟେ ଥିଲେ ଭୀଷ୍ମ ଫିଷ୍ମ ମୋର କ'ଣ କରି ପାରିଂତେ ! ଏହିକ୍ଷଣି ଯାଇ ଗୋରୁ ମାନଂକୁ ଛଡ଼େଇ ଆଣଂତି । ଦେଶଟାକୁ ଖାଲି ଦେଖି, କୌରବମାନେ ଗୋରୁ ଚୋରି କରୁଚଂତି । ଜଣେ ଭଲ ସାରଥି ଥିଲେ ତାଂକ ଖବର ଆଜି ବୁଝିଥାଂତି !"

ଅର୍ଜୁନ ଏକଥା ଶୁଣି ଦ୍ରୌପଦୀଂକୁ ଲୁଚିକରି ଆସି କ'ଣ କହିଲେ । ଦ୍ରୌପଦୀ ଆସି, ଉତ୍ତରକୁ କହିଲେ, "ରାଜପୁତ୍ର, ଏହି ଯେ ସଂଗୀତଓସ୍ତାଦ ବୃହନ୍ନଳାଟିକୁ ଦେଖୁଚ ଏ କମ୍ ଲୋକ ନୁହଂତି । ମୁଁ ଦ୍ରୌପଦୀଂକ ପାଖେ ଥିଲାବେଳେ ଜାଣେ ଏ ଅର୍ଜୁନଂକ ସାରଥି ଥିଲେ । ଏ ଭାରି ଭଲ ସାରଥି, ଅର୍ଜୁନଂକ ପରି ଯୁଦ୍ଧ ବି କରି ପାରିଂତି ।"

ଉତ୍ତର କହିଲେ, "ହେଲେ ବି ମୁଁ ତାଂକୁ ନିଜେ କିପରି ସାରଥି ହେବାକୁ କହିବି ?" ତା ପରେ ଦ୍ରୌପଦୀ ବୁଦ୍ଧି ବତାଇବାରୁ, ଜେମା ଉତ୍ତରା ଅର୍ଜୁନଂକୁ ଯାଇ ସାରଥି ହେବାପାଇଁ ଅନୁରୋଧ କଲେ । ଅର୍ଜୁନ ଜେମାଂକୁ ଝିଅଠୁଁ ବଳି ସୁଖ ପାଆଂନ୍ତି । ସେ ଏବେ ସାରଥି ହେବାପାଇଁ ରାଜି ହେଲେ ।

ଉତ୍ତର କହିଲେ, "ବୃହନ୍ନଳା, ମୁଁ କୌରବଂକ ହାତରୁ ଗୋରୁ ଛଡ଼ାଇବାକୁ ଯାଉଛି । ତୁମେ ମୋ ସାରଥି ହବ ।"

ଅର୍ଜୁନ କହିଲେ, "ମୁଁ ତ ଗାଉଣା ବାଜଣା କରିବା ଲୋକ, ସାରଥି ଫାରଥି ହେବା କି ମୋ କାମ ! ନାଚିବାକୁ କହିଲେ, ହେଲେ ଚେଷ୍ଟା କରିବି ।"

ଏହିପରି ହସ ଥଟ୍ଟା କରି, ଅର୍ଜୁନ ସାରଥିବେଶ ପିଂଧିଥାଂନ୍ତି । ପିଂଧିଲାବେଳେ କେତେ ଭଂଗି କରୁଥାଂନ୍ତି; କାହାକୁ ଓଲଟା କରି ପିଂଧଂନ୍ତି; କାଂଧ ଜିନିଷ ଅଂଟାରେ ଲଗାଂନ୍ତି; ଯେପରି କି, ଜନ୍ମରେ କେବେ ସାଂଜୁ ଦେଖି ନାହାଂନ୍ତି । ମାଇକିନିଆଁମାନେ ହସି ଉଠୁଥାଂନ୍ତି ।

ଯାହାହେଉ, ଶେଷରେ ଯୁଦ୍ଧକୁ ବାହାରିଲେ । ଗଲାବେଳେ ଭୀଷ୍ମ, ଦ୍ରୋଣ ହେରିକାଂକର ପୋଷାକ ଗୁଡ଼ିକ ଆଣିଲେ, ଖେଳିବେ ବୋଲି ଉତ୍ତରା ଅଳି କରି କହିଲେ । ଅର୍ଜୁନ ହସି ହସି କହିଲେ, "ତୁମ ଭାଇ ଯେବେ ସେମାନଂକୁ ହରାଇବେ, ତେବେ ଆଣିବ ।"

ଉତ୍ତର ଭାରି ଉତ୍ସାହରେ ବାହାରିଲେ, ଯେପରିକି କୌରବଂକୁ ଦେଖୁ ଦେଖୁ ମାରି ଶେଷ କରିଦେବେ । ରଥ ଆସି ଶ୍ମଶାନ ପାଖ ଶମୀଗଛ ମୂଳେ ପହଂଚିଲା । ସେଇଠାରୁ ସମୁଦ୍ର ପରି କୌରବ ସେନା ଦେଖାଗଲା । ତାହା ଦେଖି ଉତ୍ତରଂକର ଗୁହୁଁ ଗୁହୁଁ ସବୁ ସାରିଲା, ସବୁ ବଡ଼ପଣିଆ, କୁଆଡ଼େ ଚାଲିଗଲା । ସେ ରଥ ଫେରାଇବା ପାଇ ଅର୍ଜୁନଂକୁ କହିଲେ । ଅର୍ଜୁନ ନ ମାନିବାରୁ, ସେ ଦଉଡ଼ି—ଘର ଆଡ଼କୁ ।

ଅର୍ଜୁନ ଦେଖିଲେ, ସବୁ ମାଟି ହେଲା । ସେ ମଧ୍ୟ ରଥରୁ ଡେଇଁପଡ଼ି ଉତ୍ତରଂକ ପଛେ ପଛେ ତାଂକୁ ଧରି ଆଣିବାକୁ ଦଉଡ଼ିଲେ । ଅର୍ଜୁନଂକ ଜୁଡ଼ା ଫିଟିଲା । କୌରବ ଲୋକେ ଏ ସବୁ ଦେଖି ଆଗ ହସୁଥିଲେ । ପରେ କେହି କେହି ଅର୍ଜୁନଂକୁ ଦେଖି ହୋହୋଚିହ୍ନା କଲେ । ଅର୍ଜୁନ ନ ହେଲେ ଏଡ଼େ ସାହସ କାହାର ?

ଗୁହୁଁ ଗୁହୁଁ ଅର୍ଜୁନ ଯାଇ, ଉତ୍ତରଂକ ଚୁଟି ଧରିଲେ, ଉତ୍ତର ଭେଁ କରି କାଂନ୍ଦି ଉଠିଲା—"ହେ ବୃହନ୍ନଳା, ତୁମେ ଘରକୁ ଚାଲ, ତୁମକୁ ମୋହର ଦେବି, ହୀରା ଦେବି, ହାତୀ, ଘୋଡ଼ା ରଥ ଦେବି ।"

ଅର୍ଜୁନ ତାକୁ ସାହସ ଦେଇ କହିଲେ, "ରାଜପୁତ୍ର, କିଛି ଭୟ ନାହିଁ । ଯୁଦ୍ଧ ନ କରିବ ତ, ମୋର ସାରଥି ହୁଅ । ମୁଁ ଗୋରୁ ଛଡ଼ାଇ ଆଣିବି ।" ଏହିପରି ବହୁ କଷ୍ଟରେ ଅର୍ଜୁନ ଉତ୍ତରକୁ ରଥରେ ଚଢ଼ାଇଲେ ।

ଏଣେ ଭୀଷ୍ମ, ଦ୍ରୋଣ ଜାଣିଲେଣି, ଅର୍ଜୁନଂକ ହାତେ ଆଉ ରକ୍ଷା ନାଇ । ସେ କଥାବାର୍ତ୍ତା ହଉ ହଉ, କର୍ଣ୍ଣ ଶୁଣି ଥଟାଠାଏ କଲେ; କହିଲେ, "ଅର୍ଜୁନ ପରି ଶହେ ଆମରି କ'ଣ କରିବେ ?" ଦୁର୍ଯୋଧନ ଶୁଣି ଅଜ୍ଞାତବାସରେ ଅର୍ଜୁନ ଧରାପଡ଼ିବେ ବୋଲି ଭାରି ଖୁସି ହେଲେ ।

ଏଣେ ଅର୍ଜୁନ ଉତ୍ତରଂକୁ ନେଇ, ଶମୀଗଛ ପାଖକୁ ଗଲେ । ବଡ଼ କଷ୍ଟରେ ଭୂତ ଭୟ ଛଡ଼ାଇ, ଉତ୍ତରକୁ ଗଛରେ ଚଢ଼ାଇ, ଅସ୍ତ୍ର ଶସ୍ତ୍ର ଅଣାଇଲେ । ଉତ୍ତର ସେ ଅସ୍ତ୍ରଶସ୍ତ୍ର ଦେଖି, ଅବାକ୍ ହୋଇ ପଚାରି-ବାରୁ ବହୁ କଷ୍ଟରେ ଅର୍ଜୁନ ତାଂକ ଆଗେ ଚିହ୍ନାଦେଲେ । ସବୁ କଥା ଠିକେ ଠିକେ ତାଂକୁ

କହିଦେଲେ । ଉତ୍ତରଙ୍କୁ ମୁହୂର୍ତ୍ତେ କାଳ ସ୍ୱପ୍ନ ଦେଖିଲା ପରି ଲାଗିଲା । ଉତ୍ତର ସତ ମିଛ ପରୀକ୍ଷା କରିବା ପାଇଁ ନିଜର ଦଶଗୋଟିଯାକ ନାମ ବୁଝାଇ କହିବାକୁ ଅର୍ଜୁନଙ୍କୁ ପଚାରିଲେ ।

ଅର୍ଜୁନ କହିଲେ, "ମୁଁ ନିର୍ମଳ କାର୍ଯ୍ୟ କରେ ବୋଲି, ମୋର ନାମ 'ଅର୍ଜୁନ' (ନିର୍ମଳ, ଧଳା) । ଦେଶ ଜିଣି ଧନ ଆଣେ ବୋଲି ମୋ ନାମ 'ଧନଞ୍ଜୟ' । ସବୁବେଳେ ଯୁଦ୍ଧରେ ଜିଣେ ବୋଲି ମୋ ନାଁ 'ବିଜୟ' । ଯୁଦ୍ଧବେଳେ ମୋ ରଥରେ ଧଳା ଘୋଡ଼ା ଲାଗେ ବୋଲି ମୋ ନାମ 'ଶ୍ୱେତବାହନ' । ମୋ ଜନ୍ମଦିନ ଉତ୍ତରା ଫାଲ୍‌ଗୁନି ନକ୍ଷତ୍ର ହୋଇଥିଲା ବୋଲି ମୋର ନାମ 'ଫାଲ୍‌ଗୁନି' । ଦୈତ୍ୟମାନଙ୍କୁ ହଟାଇ ଇନ୍ଦ୍ରଙ୍କଠାରୁ କିରୀଟ (ମୁକୁଟ) ପୁରସ୍କାର ପାଇଥିଲି ବୋଲି ମୋର ନାମ 'କିରୀଟୀ' । ଯୁଦ୍ଧବେଳେ ମୁଁ କେବେ (ନିଷ୍ଠୁର) କାମ ନ କରେ ବୋଲି ମୋର ନାମ 'ବୀଭତ୍ସ' । ମୁଁ (ସବ୍ୟ ଡେବରି, ବାଁ)ହାତରେ ଡାହାଣ ହାତ ପରି ଶର ମାରି ପାରେ ବୋଲି ମୋର ନାମ 'ସବ୍ୟସାଚୀ' । ଭୟାନକ ଶତ୍ରୁକୁ ମଧ୍ୟ ଜୟ କରେ ବୋଲି ମୋର ମୋର ନାମ 'ଜିଷ୍ଣୁ' । କଳା ଅଂଶର ପିଲାକୁ ସମସ୍ତେ ସୁଖପାଆନ୍ତି ବୋଲି ପିଲାଦିନେ ସ୍ନେହରେ ମୋ ବାପା ନା ଦେଇଥିଲେ 'କୃଷ୍ଣ' ।"

ଏବେ ଉତ୍ତର ହାତ ଯୋଡ଼ି, ଅପରାଧ ପାଇଁ କ୍ଷମା ମାଗିଲା । ଅର୍ଜୁନ ତ ଅସନ୍ତୁଷ୍ଟ ହୋଇ ନ ଥିଲେ, କ୍ଷମା ବା ଦେବେ କ'ଣ ? ରଥରେ ଅସ୍ତ୍ର ରଖି, ଅର୍ଜୁନ ବୀରବେଶ ସଜାଡ଼ି, ଉତ୍ତରକୁ ସାରଥି କରି, ଠଣ୍ ଠଣ୍ ଗାଣ୍ଡୀବରେ ଟଙ୍କାର ଦେଇ ରଥ ଚଳାଇ ଦେଲେ ।

ଗାଣ୍ଡୀବର ଟଙ୍କାର, ଦେବଦତ୍ତ ଶଙ୍ଖର ଶବ୍ଦ ଶୁଣି ଉତ୍ତର କମ୍ପିଗଲେ । ଅର୍ଜୁନ ତାଙ୍କୁ ଦମ୍ଭ ଦେଇ ପୁଣି ଥମ୍ଭାକଲେ; ମାତ୍ର ସେ ଶବ୍ଦ ଶୁଣି ଅର୍ଜୁନଙ୍କୁ ଚିହ୍ନିବାଟା କୌରବମାନଙ୍କର ଆଉ ବାକି ରହିଲା ନାଇ । ଦୁର୍ଯ୍ୟୋଧନ ଭାରି ଖୁସି ଯେ, ପାଣ୍ଡବମାନେ ଧରା ପଡ଼ିବେ । କର୍ଣ୍ଣର ଭାରି ଆନନ୍ଦ, ସେ ଆଜି ଅର୍ଜୁନକୁ ମାରି ଗୋଟାଏ ବାହାଦୁରି କରିବ ।

ଜାଣିବା ଶୁଣିବା ଧାର୍ମିକ ଲୋକମାନଙ୍କ ମନରେ ଭୟ ହେଲା । ଭୀଷ୍ମ ଦିନ ଗଣି ଦେଖିଲେ, ବର୍ଷକ ଯାଇ ଦିନ ଡେଇଁ ଗଲାଣି ।

ଭୀଷ୍ମଙ୍କ କଥାରେ ସୈନ୍ୟ ଚାରିଭାଗ ହେଲା । ଭାଗେ ଦୁର୍ଯ୍ୟୋଧନଙ୍କୁ ଧରି, ତାଙ୍କୁ ବଞ୍ଚାଇବା ପାଇଁ, ହସ୍ତିନା ଆଡ଼କୁ ଘେନି ଚାଲିଲେ । ଆଉ ଭାଗେ ଗୋରୁଙ୍କ ସଙ୍ଗେ ଗଲେ । ଆଉ ଦୁଇ ଭାଗ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, କୃପ ହେଉକାଙ୍କ ସଙ୍ଗେ, ଅର୍ଜୁନ ସହିତ ଯୁଦ୍ଧ କରିବା ପାଇଁ ରହିଲେ ।

ଅର୍ଜୁନ ଆଗ ଦୁଇଟି ବାଣ ମାରି, ଗୁରୁ ଦ୍ରୋଣଙ୍କ ପାଦ ତଳେ ପକାଇ, ଆପଣାର ପ୍ରଣାମ ଜଣାଇଲେ । ତା'ପରେ ଯୋଡ଼ିଏ ଶର କାନ ପାଖକୁ ମାରି, ଭଲ ମନ୍ଦ ପଚାରିବା ଜଣାଇଲେ । ଦ୍ରୋଣ ସବୁ ବୁଝିପାରି ଭାରି ଖୁସି ହେଲେ ।

ଅର୍ଜୁନ କଂଭୁ ଭୀଷ୍ମ ଦ୍ରୋଣଙ୍କ ଆଡ଼କୁ ନ ଚାହିଁ ଦୁର୍ଯ୍ୟୋଧନଙ୍କୁ ପଳାଇବାର ଦେଖି ତାରି ଆଡ଼କୁ ବେଗେ ରଥ ଚଳାଇଲେ । ଏହା ଦେଖି, କୃପ ଦ୍ରୋଣଙ୍କୁ କହିଲେ, "ଦୁର୍ଯ୍ୟୋଧନର ବଡ଼ ଦୁର୍ଦ୍ଦଶା ହେବ । ଆଉ ଗୋରୁ ଫେରୁ କି ସୈନ୍ୟ ଅଟକାଇଲେ କିଛି ଲାଭ ନାଇ । ସମସ୍ତେ ମିଶି ଅର୍ଜୁନକୁ ଅଟକାଅ ।" ଅର୍ଜୁନଙ୍କୁ ଅଟକାଇବାକୁ ଶକ୍ତି କାହାର ? ଅର୍ଜୁନଙ୍କ ବାଣରେ କିଏ ମଲା, କିଏ ପଳାଇଲା; କିଏ ମାଡ଼ ଖାଇଲା । ଅର୍ଜୁନଙ୍କ ରଥ ଚାଲିଛି ।

କର୍ଣ୍ଣର ଗୋଟିଏ ଭାଇ ଆସି, ଅର୍ଜୁନଂକ ହାତେ ମଲା । କର୍ଣ୍ଣ ରାଗିକରି ଆସିଲେ । ବଡ଼ ଭୟାନକ ଯୁଦ୍ଧ ହେଲା । ଶେଷକୁ ହାତରେ, ଗୋଡ଼ରେ, ମୁଂଡରେ ଝାଣୁଆ ଝାଣୁଆ ଶର ବାଜବାରୁ କର୍ଣ୍ଣ ପଳାଇଲେ । କର୍ଣ୍ଣ ପଳାଇବାରୁ କୃପ, କୃପ ପଳାଇବାରୁ ଦ୍ରୋଣ ଆସିଲେ । ଅର୍ଜୁନ ଦ୍ରୋଣଂକୁ ଆଗ ଶର ମାରିଲେ ନାହିଁ; କିଂତୁ ଦ୍ରୋଣ ଆଗ ଶର ମାରିବାରୁ ଯୁଦ୍ଧ ଚାଲିଲା । ଦ୍ରୋଣଂକର ବି ବଡ଼ ଦୁଃଖ ହୋଇଗଲା । ଅଶ୍ୱତ୍ଥାମା ଆସି ପହଂଚି ଯିବାରୁ, ଦ୍ରୋଣ ପଳାଇ ଯାଇ ରକ୍ଷା ପାଇଲେ । କର୍ଣ୍ଣ ପୁଣି ଆସିଲେ; ଏ ଥର ଛାତିରେ ବାଣ ବାଜିବାରୁ, ସେ ଏକାବେଳେକେ ଅଜ୍ଞାନ । ତା'ପରେ ଉଠି ପଳାଇଲେ ।

ଏହିପରି ଅର୍ଜୁନଂକ ହାତେ ସମସ୍ତେ ଥଂଡା ହେଲେ । ଅର୍ଜୁନ କୁରୁ ସୈନ୍ୟମାନଂକୁ ଏକାବେଳେକେ ମଂଥି ପକାଇଲେ । ନିଜେ ଭୀଷ୍ମ ଅଜ୍ଞାନ ହୋଇ ପଡ଼ିଲେ; ତାଂକ ସାରଥି ରଥ ନେଇ ଚାଲିଗଲେ ।

ଦୁର୍ଯୋଧନ ଆସି, ଅର୍ଜୁନଂକ ସଂଗେ ଯୁଦ୍ଧ କଲେ । ପରାସ୍ତ ହୋଇ ପଳାଇବା ବେଳେ ଅର୍ଜୁନ ତାଂକୁ ଥଟ୍ଟା କରିବାରୁ, ରାଗରେ ପୁଣି ଯୁଦ୍ଧ କରିବାକୁ ଆସିଲେ ।

ଏଥର ଭୀଷ୍ମ ପ୍ରଭୃତି ସମସ୍ତେ ଦୁର୍ଯୋଧନଂକୁ ସାହାଯ୍ୟ କଲେ । ସମସ୍ତେ ଏକାବେଳକେ ଅର୍ଜୁନଂକ ଉପରେ ଶ୍ରାବଣ ମାସ ବର୍ଷା ପରି ଶର ବୃଷ୍ଟି କଲେ । ଅର୍ଜୁନ ତ କେତେ ବିଦ୍ୟା ଜାଣଂତି; କେତେ ବିଦ୍ୟା ଶିଖିଚଂତି; ତାଂକୁ ପୁଣି ଜିଣିବ କିଏ ? ଯୁଦ୍ଧ କଲେ ବହୁତ ବେଳ ଲାଗିବ । ସେଥିପାଇଁ ସେ ଗୋଟିଏ ଚମତ୍କାର ଅସ୍ତ୍ର ଛାଡ଼ିଲେ ।

ସେ ଅସ୍ତ୍ରର ନାମ ସମ୍ମୋହନ ଅସ୍ତ୍ର । ଅସ୍ତ୍ର ମାରି ଶଂଖ ବଜାଇ ଦେଲେ ସମସ୍ତଂକର ମୋହ ହୋଇଯାଏ । କୌରବମାନେ ଏବେ ଅଜ୍ଞାନ ହୋଇ ଶୋଇଲା ପରି ପଡ଼ିଗଲେ । ଏତିକିବେଳେ ଉତ୍ତରାଂକ କଥା ଅର୍ଜୁନଂକ ମନେ ପଡ଼ିଲା । ଅର୍ଜୁନ ଉତ୍ତରଂକୁ କହିଲେ, "ଯାଅ ବେଗେ ଯାଇ ଦ୍ରୋଣ, କୃପ, କର୍ଣ୍ଣ, ଅଶ୍ୱତ୍ଥାମା ଆଉ ଦୁର୍ଯୋଧନଂକ ଦେହରୁ ଅଳଂକାର, ଲୁଗାଗୁଡ଼ିକୁ କାଢ଼ିଆଣ; କିଂତୁ ସାବଧାନ, ଭୀଷ୍ମଂକ ପାଖକୁ ଯିବ ନାହିଁ । ସେ ଏ ଅସ୍ତ୍ର ବଂଦ କରିବାର ଉପାୟ ଜାଣଂତି । ହୁଏତ ସେ ଅଜ୍ଞାନ ହୋଇ ନାହାଂତି ।"

ସତକୁ ସତ, ଉତ୍ତର ଠିକ୍ ଲୁଗା, ଅଳଂକାର ନେଇ ଅର୍ଜୁନଂକ ପାଖକୁ ଫେରି ଆସିଲା ବେଳକୁ, ଭୀଷ୍ମ ଉଠି ପୁଣି ଯୁଦ୍ଧ ଲଗାଇ ଦେଲେ; କିଂତୁ ଅର୍ଜୁନର ଦଶଗୋଟି ବାଣ ଖାଇ, ପୁଣି ବୁଢ଼ାଂକର ବୁଦ୍ଧି ହଜିଲା । ସେ ଆଉ ଯୁଦ୍ଧ କଲେ ନାହିଁ ।

ଏଣେ ଦୁର୍ଯୋଧନ ମୋହରୁ ଉଠି, ସମସ୍ତଂକ ଉପରକୁ ବିରକ୍ତହୋଇ କହିଲେ, "ଅର୍ଜୁନକୁ ଏତେ ସହଜରେ ଛାଡ଼ିଦେବା ଠିକ୍ ନୁହେଁ; ତା' ବେକ ମୋଡ଼ିଦିଅ ।"

ଭୀଷ୍ମ ହସି ହସି କହିଲେ, "ବାପା ଦୁର୍ଯୋଧନ, ତୁମର ଏ ବୁଦ୍ଧି ଏତେବେଳଯାଏ କେଉଁଠାରେ ଥିଲା ? ଏଇ ତ ଅଜ୍ଞାନ ହୋଇ ପଡ଼ିଥିଲ । ଚାହିଁଥିଲେ ତ ଅର୍ଜୁନ ଏକା ଚୋଟକେ କାମ ଶେଷ କରିଥାଂତା ! ସେ ବଡ଼ ଧାର୍ମିକ ଲୋକ । ଦୟାକରି ଛାଡ଼ି ଦେଲା । ବହୁତ ହୋଇଚି । ଏବେ ପ୍ରାଣ ନେଇ ଚାଲ ।"

ଲାଜରେ ଦୁର୍ଯୋଧନ ମୁହଁ କଳା ପଡ଼ିଗଲା । ସେ ମୁଂଡ ନୁଆଇଁ ଦେଲା । ଏଣେ ଅର୍ଜୁନ ଶର ଦ୍ୱାରା ଭୀଷ୍ମ, ଦ୍ରୋଣ, କୃପ ପ୍ରଭୃତିଂକୁ ନମସ୍କାର କରି ଆଉ ଗୋଟିଏ ଶରରେ ଦୁର୍ଯୋଧନର ମୁକୁଟଟି ଖଂଡ ଖଂଡ କରି କାଟିଦେଇ, ଗୋରୁ ନେଇ, ଶଂଖ ବଜାଇ ବଜାଇ, ବିରାଟଂକ ଘର ଆଡ଼କୁ ଚାଲିଲେ ।

## ବିରାଟ ପାଣ୍ଡବଙ୍କୁ ଚହ୍ନିଲେ

ଘରକୁ ଫେରିଲା ବେଳେ, ପାଣ୍ଡବଙ୍କ କଥା କାହାକୁ କିଛି ନ କହିବା ପାଇଁ ଅର୍ଜୁନ ଉତ୍ତରକୁ ସାବଧାନ କରିଦେଲେ । ତା'ପରେ ସେଇ ଶମୀ ଗଛ ପାଖକୁ ଆସି, ପୁଣି ଅର୍ଜୁନ ବୃହନ୍ନଳା ବେଶରେ ସାରଥି ହୋଇ ବସିଲେ । ଏ ମଧ୍ୟରେ ଗଉଡ଼ମାନେ ରାଜାଘରେ ଖବର ଦେଲେ—ଯୁଦ୍ଧ ଜିତା ହେଲା । ଗୋରୁ ଫେରିଆସିଲେ ।

ରାଜା ବିରାଟ ଆସି ଶୁଣିଲେ—ଉତ୍ତର ଏକାରେ କୌରବ ସଙ୍ଗେ ଯୁଦ୍ଧ କରିବାକୁ ଯାଇଚନ୍ତି ! ସେଥିରେ ପୁଣି ବୃହନ୍ନଳା ସାରଥି ! ତାଂକ ମନ ବଡ଼ ବ୍ୟସ୍ତ ହେଉଚି । ଉତ୍ତରକୁ ଫେରାଇ ଆଣିବାପାଇଁ ଲୋକ ପଠାଇବାକୁ କହୁଚନ୍ତି । ଉତ୍ତର ସେ ଆଉ ବଂଚି କରି ଫେରିବେ—ଏ କଥା ତାଂକୁ ପସନ୍ଦ ଲାଗୁ ନାଇ । ତାଂକୁ ବ୍ୟସ୍ତ ହେବାର ଦେଖି, ଯୁଧିଷ୍ଠିର କହିଲେ, "ମହାରାଜ, କିଛି ଭୟ କର ନାଇ, ଯେତେବେଳେ ବୃହନ୍ନଳା ସାରଥି ଅଛି, ସେତେବେଳେ, ଦେବ, ଦାନବ, ଯକ୍ଷ ସମସ୍ତେ ମିଶି ମଧ୍ୟ ଉତ୍ତରଂକୁ କିଛି କରି ପାରିବେ ନାଇ ।"

ଏତିକବେଳେ ଖବର ଆସିଲା—ଯୁଦ୍ଧରେ ଜିତା ହୋଇଛି; ଗୋରୁ ଫେରିଚନ୍ତି । ଏହାଶୁଣି ଯୁଧିଷ୍ଠିର ପୁଣି କହିଲେ, "ବୃହନ୍ନଳା ଯାହାର ସାରଥି, ତା'ର ତ ଜୟ ହେବାର କଥା ।"

ବିରାଟ ତ ଜୟ ଖବର ଶୁଣି ଆନନ୍ଦରେ ଅଥୟ, ଯେ ଖବର ଆଣିଲା ତାକୁ ପୁରସ୍କାର ଦେଲେ । ଲୋକଂକୁ ଉତ୍ସବ କରିବାପାଇଁ କହି ଦେଲେ । ସୈରିଂଧ୍ରୀଂକ ଡାକି କହିଲେ, "ପଶା ଆଣେ, ମୁଁ କଂକ ସଙ୍ଗେ ପଶା ଖେଳିବି ।"

ପଶା ଖେଳୁ ଖେଳୁ, ପୁଣି ଆନନ୍ଦରେ ଯୁଧିଷ୍ଠିରଂକୁ କହିଲେ, "କଂକ, ଆଜ ମୋ ପୁଅ କୌରବଙ୍କୁ ହଟାଇ ଦେଲା ।" ଯୁଧିଷ୍ଠିର କହିଲେ, "ମହାରାଜ, ବୃହନ୍ନଳା ଯାହାର ସାରଥି, ତା'ର ତ ଜୟ ହୁଅଂଭା !"

ଏ କଥା ଶୁଣି ରାଜା ଭାରି ରାଗିଗଲେ—"କଣ ? ମୋ ପୁଅ କ'ଣ ତାଂକୁ ହଟାଇ ପାରଂତା ନାଇ ? ତୁମେ ତ ଥରକୁ ଥର ଖାଲି 'ବୃହନ୍ନଳା' କହୁଚ । ଖବରଦାର, ପ୍ରାଣକୁ ଆଶା ଅଛି ତ, ଏପରି ଆଉ କହ ନାଇ ।"

ଯୁଧିଷ୍ଠିର କହିଲେ, "ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଏ ସବୁ ଙ୍କୁ ବୃହନ୍ନଳା ଛଡ଼ା ଜ ଆଉ କେହି ହଟାଇ ପାରେ ?"

ରାଜା ଏହାଶୁଣି, ଆଉ ରାଗ ସଂଭାଳି ପାରିଲେ ନାଇ । ଯୁଧିଷ୍ଠିରଂକ ମୁହଁକୁ କରି ପଶାକାଠି ଫୋପାଡ଼ି ଦେଲେ, ଯୁଧିଷ୍ଠିରଂକ ମୁଂଡ ଖଂଡିଆ ହୋଇ ରକ୍ତ ବୋହି ସେହି ରକ୍ତରେ ତାଂକ ନିଜ ଅଂଜୁଳା ପୂର୍ଣ୍ଣ ହୋଇଗଲା । ଦ୍ରୌପଦୀ ଦୌଡ଼ିଯାଇ ସୁନା କୁଂଡରେ ପାଣି ଆଣି, ତାଂକ ସେବାରେ ଲାଗିଗଲେ ।

ଦାସୀ ଆସି ଜଣାଇଲା—"ରାଜକୁମାର ଉତ୍ତର ବୃହନ୍ନଳାଂକ ସଂଗେ ଆସି, ଦ୍ୱାରରେ ପହଂଚିଚନ୍ତି ।" ରାଜା କହିଲେ, "ବେଗେ ଏଠାକୁ ଡାକିଆସ ।"

ଯୁଧିଷ୍ଠିର ଦେଖିଲେ, 'ବଡ଼ ବିଷମ ହେଲା', ଅର୍ଜୁନ ଆସି ଏ କଥା ଦେଖିଲେ, ଆଉ ତ ବିରାଟଂକ ରକ୍ଷା ରହିବ ନାଇ । ସେ ତୁନି କରି ଦାସୀଦ୍ୱାରେ ବୃହନ୍ନଳାଂକୁ ମନା କରି ପଠାଇଲେ । ଏକା ଉତ୍ତର ଆସିଲେ ।

ଉତ୍ତର ଆସି ଦେଖିଲେ, ଯୁଧିଷ୍ଠିରଂକ ମୁଂଡରୁ ଝର ଝର ରକ୍ତ ପଡ଼ୁଚି । ବ୍ୟସ୍ତ ହୋଇ ପଚାରିଲେ,

"ବାପା, ଏ ଅନ୍ୟାୟ କିଏ କଲା ? ଏହାଂକୁ କିଏ ମାଇଲା ?"

ବିରାଟ କହିଲେ, "ମୁଁ କରିଚି, ମୁଁ ଯେତେ ତୋ'ର ପ୍ରଶଂସା କରେ, ସେତିକି ଏ ବ୍ରାହ୍ମଣ ଖାଲି ବୃହନ୍ନଳା କଥା କହେ । ଶେଷରେ ମୁଁ ଯାଙ୍କୁ ମାଇଲି ।"

ଉତ୍ତର କହିଲେ, "ବ୍ରାହ୍ମଣ ରାଗିଲେ ଯେ ସର୍ବନାଶ ହେବ । ଶୀଘ୍ର ତାଂକୁ ସଂତୋଷ କରଂନ୍ତୁ ବାବା ।"

ରାଜା ଯୁଧିଷ୍ଠିରଂକୁ କ୍ଷମା ପ୍ରାର୍ଥନା କଲେ । ଯୁଧିଷ୍ଠିର ତ ଜମା ରାଗି ନ ଥିଲେ । କହିଲେ, "ମୁଁ ଆଗରୁ କ୍ଷମା କରି ସାରିଚି ।"

ଯୁଧିଷ୍ଠିରଂକ ରକ୍ତ ବଂଦ ହେବାରୁ, ବୃହନ୍ନଳା ସେଠାକୁ ଆସି ରାଜାଂକୁ ନମସ୍କାର କଲେ । ରାଜା ସେଠାରୁ ଉତ୍ତରଂକୁ କହିଲେ, 'ବାବା, ତୁ ମୋର ନା' ରଖିଚୁ । ଏତେ ମହାବୀରଂକ ସଂଗେ କିପରି ଯୁଦ୍ଧ କଲୁ ?"

ଉତ୍ତର କହିଲେ, "ବାପା, ମତେ କିଛି କରିବାକୁ ପଡ଼ି ନାଇ; ଗୋଟିଏ ଦେବତା ଆସି ମୋ ପାଇଁ ସବୁ କରିଦେଲେ । ସେଇ କୌରବମାନଂକୁ ମାରି, ଗୋରୁ ଛଡ଼ାଇ ଆଣିଚଂନ୍ତି ।"

ରାଜା କହିଲେ, "ସେ ଦେବତା କିଏ ? କାହାଂନ୍ତି ? ତାଂକୁ ପୂଜା କରିବାକୁ ହବ ?"

ଉତ୍ତର କହିଲେ, "ସେ କାଲି ପଅରି ଦିନ ଆସିବେ ।"

ଯୁଦ୍ଧ ସଂବାଦରେ ସମସ୍ତେ ଖୁସି ହେଲେ । ଉତ୍ତରା ଲୁଗା, ଅଳଂକାରଗୁଡ଼ିକ ପାଇ, ଖେଳରେ ଲାଗିଗଲେ ।

ଏହିପରି ଅଜ୍ଞାତବାସ ଶେଷ ହେଲା । ପାଁଚ ଭାଇଯାକ ଉତ୍ତରଂକୁ ଘେନି ବିଗ୍ଭର କଲେ ଆଉ ଦୁଇ ଦିନ ପରେ ଚିହ୍ନା ଦେବେ । କିପରି ଚିହ୍ନା ଦେବେ, ତା' ବି ଠିକ୍ ହୋଇଗଲା ।

ଯେଉଁ ଦିନ ଚିହ୍ନା ଦେବେ, ସେ ଦିନ ପାଂଡବ-ମାନେ ସ୍ନାନ କରି, ପୋଷାକ, ଅଳଂକାର ପିଂଧି, ଲଂବେ ଲଂବେ ଯାଇ, ବିରାଟଂକ ସିଂହାସନରେ ବସିଲେ । ଯୁଧିଷ୍ଠିର ସିଂହାସନରେ ବସିଚଂନ୍ତି, କିଏ ଛତା ଧରିଚି, କିଏ ଚଅଁର ପକାଉଚି ।

ବିରାଟ ଆସି ଦେଖି ତାଜବ ହୋଇଗଲେ । ପଗ୍ଭରିଲେ; "କିହୋ କଂକ ! ମୋ ସିଂହାସନରେ ଯାଇ ବସିଲ କାହିଁକି ?"

ଅର୍ଜୁନ ହସି ହସି କହିଲେ, "ମହାରାଜ, ଯୁଧିଷ୍ଠିର ଖୋଦ ଇଂଦ୍ରଂକ ସିଂହାସନରେ ବସିପାରଂନ୍ତି; ଆପଣଂକ ସିଂହାସନରେ ବସିଲେ ଅନ୍ୟାୟ କ'ଣ ହେଲା ?"

ବିରାଟ କହିଲେ, "ଏ ଯଦି ରାଜା ଯୁଧିଷ୍ଠିର, ତେବେ ଏହାଂକ ଭାଇମାନେ, ଆଉ ଦ୍ରୌପଦୀ କାହାଂନ୍ତି ?' ଅର୍ଜୁନ ସେଠାରୁ ଜଣ ଜଣକରି ସମସ୍ତଂକୁ ଚିହ୍ନାଇ ଦେଲେ । ଉତ୍ତର ଅର୍ଜୁନଂକୁ ଦେଖାଇ କହିଲେ, "ଯେଉଁ ଦେବତା ଆମର ଯୁଦ୍ଧ ଜିଣିଥିଲେ, ଏ ସେହି ବୃହନ୍ନଳା, ଅର୍ଜୁନ ।"

ବିରାଟ ସବୁ ଶୁଣି, ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ । ତାଂକ ମନରେ ଭାରି ଆଂନଦ ହେଲା । ପାଂଡବ-ମାନଂକୁ କେତେ ଯେ ଆଦର ଯତ୍ନ କଲେ ତାହା କିଏ କହିବ ? ଖାଲି କହିଲେ, "ମୋର କି ସୌଭାଗ୍ୟ ! କି ସୌଭାଗ୍ୟ !" ବିଶେଷରେ ଅର୍ଜୁନଂକ ପ୍ରତି ତାଂକର ଭାରି ସ୍ନେହ ହୋଇଗଲା । ତାଂକ

ଇଚ୍ଛା ହେଲା—ଜେମା ଉତ୍ତରାଙ୍କୁ ଅର୍ଜୁନଙ୍କ ସଂଗେ ବିଭା କରି ଦେବେ । ଅର୍ଜୁନ କପରି ସେଥିରେ ରାଜି ହୁଅନ୍ତେ ? ସେ କହିଲେ, "ମୁଁ ଉତ୍ତରାର ଗୁରୁ । ସେ ମୋ ଝିଅ ପରି । ସେ ବି ମତେ ବାପ ପରି ଭକ୍ତି କରନ୍ତି । ମୋ ପୁଅ ଅଭିମନ୍ୟୁ ଅଛି—ତା'ର ସଂଗେ ଉତ୍ତରାର ବିଭାଘର ହେଉ ।"

ଅଭିମନ୍ୟୁ ସୁଭଦ୍ରାଙ୍କ ପୁଅ, କୃଷ୍ଣଙ୍କ ଭଣଜା । କଥା ଅଛି, ଥରେ ସ୍ୱର୍ଗରେ ଚନ୍ଦ୍ର, ନିଜ ପୁତ୍ର ବର୍ଚ୍ଚସଙ୍କୁ ଆଜ୍ଞା କରିଥିଲେ, "ତୁମେ ଯାଇ ପୃଥିବୀରେ ଜନ୍ମହୁଅ । ଷୋଳବର୍ଷ ସେଠାରେ ରହି, କୁରୁକ୍ଷେତ୍ର ଯୁଦ୍ଧରେ ପୃଥିବୀ ଛାଡ଼ି, ପୁଣି ଆସିବ ।" ସେ ବର୍ଚ୍ଚସ ଅଭିମନ୍ୟୁ ହୋଇ ଜନ୍ମ ହୋଇଥିଲେ ।

ଅଭିମନ୍ୟୁଙ୍କ ସଂଗେ ଉତ୍ତରାର ବିଭାଘର କଥା ଶୁଣି, ସମସ୍ତେ ରାଜି ହୋଇଗଲେ । ରୂପ, ଗୁଣ, ବିଦ୍ୟା, ବୁଦ୍ଧିରେ ଅଭିମନ୍ୟୁ ପରି ସୁପାତ୍ର ଆଉ ମିଳିବା ସହଜ ନୁହେଁ । ଦିନ ବୁଝି ଅଭିମନ୍ୟୁଙ୍କ ସଂଗେ ଉତ୍ତରାର ବିବାହ ହୋଇଗଲା । ପାଣ୍ଡବ ଓ ବିରାଟଙ୍କର ବନ୍ଧୁ ବାନ୍ଧବ, ରାଜା, ବଡ଼ ଲୋକମାନେ ଆସିଲେ । କୃଷ୍ଣ, ବଳରାମ, ଦ୍ରୁପଦ, ଧୃଷ୍ଟଦ୍ୟୁମ୍ନ, ସମସ୍ତେ ଏ ବିଭାଘରକୁ ଆସିଥିଲେ ।

---

# ଉଦ୍ୟୋଗ ପର୍ବ

## ଯୁଦ୍ଧ ବିଚାର

ବିବାହ ଉତ୍ସବ ଲାଗି ଅନେକ ରଜା ବିରାଟଙ୍କ ଘରକୁ ଆସିଥିଲେ; ସେମାନେ ସମସ୍ତେ ପାଣ୍ଡବଙ୍କୁ ସୁଖ ପାଆନ୍ତି । ଏବେ ବାର ବର୍ଷ ବନବାସ ଓ ବର୍ଷକ ଅଜ୍ଞାତ ବନବାସ ଶେଷ ହେଲା । ପାଣ୍ଡବମାନେ ଧର୍ମ ପାଳିଲେ । ତାଙ୍କର ଅଧେ ରାଜ୍ୟ, ଦୁର୍ଯୋଧନ ବର୍ତ୍ତମାନ ଫେରାଇ ଦେବାର କଥା । ଏ ମଧ୍ୟରେ ବରଷକ ଶେଷ ନ ହେଉଣୁ, ପାଣ୍ଡବମାନେ ଚିହ୍ନା ପଡ଼ିଛନ୍ତି ବୋଲି, ଦୁର୍ଯୋଧନ ବାହାନା ଧରିବାର ମଧ୍ୟ ଶୁଣାଗଲା । କୃଷ୍ଣଙ୍କ ବଡ଼ ଭାଇ ବଳରାମ, ଦୂତ ପଠାଇ ଦୁର୍ଯୋଧନଙ୍କୁ ପଚାରିବାକୁ ପରାମର୍ଶ ଦେଲେ । ଯଦୁବଂଶର ସାତ୍ୟକି କହିଲେ, "ଏପରି ଦୁରାତ୍ମାକୁ ଖୋସାମଦ୍ କରିବା ଉଚିତ ନୁହେଁ । ଶୀଘ୍ର ଯୁଦ୍ଧ ଆରମ୍ଭ କରାଯାଉ । ଦୂତ ନ ପଠାଇ ଦୁର୍ଯୋଧନ ପାଖକୁ ଶର ପଠାଇବା ଉଚିତ ।"

ଯାହାହେଉ, ଗୋଟିଏ ଦୂତ ପଠାଇବାର ସ୍ଥିର ହେଲା । ତେଣେ ଦୁର୍ଯୋଧନ ଗୁପ୍ତଆଡ଼େ ଲୋକ ପଠାଇ, ଯୁଦ୍ଧପାଇଁ ରଜାମାନଙ୍କୁ, ବଡ଼ ବଡ଼ ବୀରମାନଙ୍କୁ ନିମନ୍ତ୍ରଣ କରିବାରେ ଲାଗିଗଲା । ସେଥିପାଇଁ ଦୂତ ପଠାଇଲେ । ପାଣ୍ଡବମାନେ ମଧ୍ୟ ଯୁଦ୍ଧପାଇଁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିବାର ଯୋଗାଡ଼ କଲେ ।

---

## ଶ୍ରୀକୃଷ୍ଣଙ୍କ ନିମନ୍ତ୍ରଣ

ସେତେବେଳେ ଗୋଟିଏ ବିଧି ଥିଲା, କୌଣସି ରାଜାଙ୍କୁ ଯୁଦ୍ଧ ପାଇଁ ଯେ ଆଗ ନିମନ୍ତ୍ରଣ କରିବ, ସେ ତାକୁ ନାଇ କରି ପାରିବ ନାଇ । ନାଇ କଲେ ଅଧର୍ମ ହେବ ।

ଦୁର୍ଯୋଧନ ଓ ଅର୍ଜୁନ ଦୁହେଁ କୃଷ୍ଣଙ୍କୁ ନିମନ୍ତ୍ରଣ କରିବା ପାଇଁ ଦ୍ୱାରକା ଗଲେ । କୃଷ୍ଣଙ୍କୁ ପାଇବା କମ୍ କଥା ନୁହେଁ । ଦୁହେଁ ପ୍ରାୟ ଏକାବେଳକେ ଦ୍ୱାରକାକୁ ଯାଇ କୃଷ୍ଣଙ୍କ ଘରେ ପହଞ୍ଚିଲେ । ଦୁର୍ଯୋଧନ ଅବଶ୍ୟ ଟିକିଏ ଆଗରୁ ଯାଇ ଦେଖିଲେ, କୃଷ୍ଣ ଶୋଇଛନ୍ତି । ତାଙ୍କ ମୁଣ୍ଡ ଉପରେ ଗୋଟିଏ ଭଲ ଆସନ ପଡ଼ିଛି । ଦୁର୍ଯୋଧନ ରଜା; ସେ ଧୀରେ ଧୀରେ ଯାଇ, ସେହି ଆସନରେ ବସି କୃଷ୍ଣ ଉଠିବାକୁ

ରହିଁ ରହିଲେ । ତା'ପରେ ଅର୍ଜୁନ ସେ ଘରେ ପଶି କୃଷ୍ଣଙ୍କ ଗୋଡ଼ ପାଖେ ବସିଲେ ।

କୃଷ୍ଣ ନିଦ ଭାଙ୍ଗିବା ମାତ୍ରକେ ହଠାତ୍ ଉଠି ବସିପଡ଼ିଲେ ଏବଂ ପ୍ରଥମେ ଅର୍ଜୁନଙ୍କୁ ଦେଖିଲେ । କିଛିକ୍ଷଣ ପରେ ଦୁର୍ଯୋଧନଙ୍କୁ ମଧ୍ୟ ଦେଖିଲେ । ପଚାରିଲେ, "ତୁମେମାନେ କାହିଁକି ଆସିଛ ?"

ଦୁର୍ଯୋଧନ ହସି ହସି କହିଲେ, "ଯୁଦ୍ଧ ପାଇଁ ଆପଣଙ୍କୁ ନିମନ୍ତ୍ରଣ କରିବାକୁ ଆସିଛି । ମୁଁ ଆଗେ ଆସିଛି । ଆପଣ ଆମ ଆଡ଼େ ରହି ଯୁଦ୍ଧରେ ସାହାଯ୍ୟ କରିବେ ।"

କୃଷ୍ଣ କହିଲେ, "ହଁ, ତୁମେ ଆଗ ଆସିଛ ସତ; କିନ୍ତୁ ମୁଁ ଅର୍ଜୁନଙ୍କୁ ଆଗେ ଦେଖିଛି । ତୁମେ ଯେଉଁ କାମରେ ଆସିଛ, ଅର୍ଜୁନ ମଧ୍ୟ ସେହି କାମରେ ଆସିଛନ୍ତି । ମତେ ଦୁଇଜଣଙ୍କୁ ସାହାଯ୍ୟ କରିବାକୁ ହେବ ।"

"ଆଚ୍ଛା, ମୋର ନାରାୟଣ ସୈନ୍ୟ ବୋଲି ଭାରି ଯୋଦ୍ଧା ଏକ ଅର୍ବୁଦ ସୈନ୍ୟ ଅଛନ୍ତି; ଜଣେ ତାଙ୍କୁ ନିଅ । ଆଉ ମୁଁ କହୁଛି ମୁଁ ଅସ୍ତ୍ର ଧରି ଯୁଦ୍ଧ କରିବି ନାଇ । ମତେ ଜଣେ ନିଅ । ତୁମ୍ଭ ଦୁହିଁଙ୍କ ମଧ୍ୟରେ ଯାହାର ଯାହା ଇଚ୍ଛା ବାଛି ନିଅ, ଅର୍ଜୁନ ଆଗ ବାଛନ୍ତୁ ।"

ଅର୍ଜୁନ କଲେ, "ମୋର ସୈନ୍ୟ ଦରକାର ନାଇ, ମୁଁ ତୁମକୁ ନେବି ।"

ଦୁର୍ଯୋଧନ ଭାରି ଖୁସି । କୃଷ୍ଣ ଅସ୍ତ୍ର ଧରିବେ ନାଇ । ତାଙ୍କଠାରୁ କାମ କ'ଣ ? ଏକ ଅର୍ବୁଦ 'ନାରାୟଣ ସେନା', କମ୍ ନୁହେଁ ।

ଦୁର୍ଯୋଧନ ବଳରାମଙ୍କ ପାଖକୁ ଗଲେ । ବଳରାମ କହିଲେ, "ସେ ଯୁଦ୍ଧରେ କାହାରିପକ୍ଷ ହେବେନାଇ— ତୀର୍ଥଯାତ୍ରା କରିଯିବେ ।"

କୃଷ୍ଣ ଅର୍ଜୁନ ଦୁହେଁ ବିଚାର କରି ଠିକ୍ କଲେ ଯେ, କୃଷ୍ଣ ଅର୍ଜୁନଙ୍କର ସାରଥି ହେବେ ।

———

## ଶଲ୍ୟ ଦୁର୍ଯୋଧନର ହେଲେ

ମଦ୍ର ଦେଶର ରାଜା ଶଲ୍ୟ—ମାଦ୍ରୀଙ୍କ ଭାଇ; ନକୁଳ ସହଦେବଙ୍କ ସୋଦର ମାମୁଁ । ସେ ଜଣେ ବଡ଼ ବୀର । ବହୁତ ସୈନ୍ୟସାମନ୍ତ ଘେନି ପାଣ୍ଡବମାନଙ୍କୁ ଯୁଦ୍ଧରେ ସାହାଯ୍ୟ କରିବେ ବୋଲି ଆସୁଥିଲେ । ବାଟରେ ଦୁର୍ଯୋଧନ ତାଙ୍କର ଭାରି ଚର୍ଚ୍ଚାର ଯୋଗାଡ଼ କରିଥିଲା । ବୈଠକଖାନାମାନଙ୍କରେ ଭାରି ସାଜସଜ୍ଜା, ଲୋକବାକ, ସାମଗ୍ରୀ, ସରଞ୍ଜାମ । ଶଲ୍ୟ ଭାରି ଖୁସି ହେଉଥାନ୍ତି, ଭାବୁଥାନ୍ତି ପାଣ୍ଡବମାନେ ଏସବୁ ଯୋଗାଡ଼ କରିଛନ୍ତି ।

ଶେଷେ ଖୁସି ହୋଇ, ସେ ଘରର କାରିଗରଙ୍କୁ ବକ୍ସିସ୍ ଦେବେ ବୋଲି ଡକାଇଲେ । ଦୁର୍ଯୋଧନ ନିଜେ କାରିଗର ହୋଇ ଯାଇ, ମାଗିଲେ, "ମାମୁଁ, ଆପଣ ଆମ ଦଳରେ ଆସି ସେନାପତି ହୁଅନ୍ତୁ ।"

ସେକାଳ ଲୋକେ ବଡ଼ ଖାଣ୍ଟି ଲୋକ ଥିଲେ । ଶଲ୍ୟ ଆଉ କରିବେ କ'ଣ ? କହିଲେ, "ହେଉ ତେବେ, ମୁଁ ଯୁଧିଷ୍ଠିରଙ୍କ ସଂଗେ ଟିକିଏ ଦେଖା କରି ଆସିବି ।"

ଯୁଧିଷ୍ଠିରଙ୍କ ପାଖକୁ ଯାଇ, ଶଲ୍ୟ ଆଶୀର୍ବାଦ କଲେ । "ତୁମର ଦୁଃଖ ଶେଷ ହୋଇଛି; ଶତ୍ରୁମାନଙ୍କୁ ମାରି ଏବେ ସୁଖରେ ରାଜ୍ୟ କର ।" ଯୁଧିଷ୍ଠିର ମଧ୍ୟ ଶଲ୍ୟଙ୍କ କଥା ଶୁଣି କହିଲେ, "ମାମୁଁ, ଆପଣ ଆପଣଙ୍କ କଥା ରଖି ଭଲ କରିଛନ୍ତି; କିନ୍ତୁ ଆମମାନଙ୍କୁ ଗୋଟିଏ କଥାରେ ଟିକିଏ ସାହା ହେବେ ।

କର୍ଣ୍ଣ ଅର୍ଜୁନଙ୍କର ଯୁଦ୍ଧ ହେଲେ, ଆପଣ କର୍ଣ୍ଣଙ୍କର ସାରଥି ହେବେ ଏବଂ ଏପରି ଉପାୟ କରିବେ, ଯହିଁରେ କର୍ଣ୍ଣଙ୍କର ତେଜ କମିଯିବ ।" ଶଲ୍ୟ ସେଥିରେ 'ହଁ' କଲେ ।

---

## ଦୁଇ ପକ୍ଷର ସେନା

ଏହିପରି ବଡ଼ ବଡ଼ ବୀରମାନେ କ୍ରମେ ଦୁଇ ପକ୍ଷରେ ବାଂଟି ହୋଇଗଲେ ।

ପାଂଡବମାନଙ୍କ ପକ୍ଷରେ ଯଦୁବଂଶର ସାତ୍ୟକି, ଚେଦି ଦେଶର ରାଜା ଧୃଷ୍ଟକେତୁ, ମଗଧ ରାଜା ଜରାସଂଧ ପୁଅ ଜୟତ୍ସେନ, ପାଂଡ୍ୟ—ଏମାନେ ସମସ୍ତେ ଏକ ଏକ ଅକ୍ଷୌହିଣୀ ସେନା ନେଇ ଆସି ପହଂଚିଲେ ।

ଦ୍ରୁପଦ, ବିରାଟ ପ୍ରଭୃତି ପାଂଡବଙ୍କ ବଂଧୁମାନେ ବହୁତ ସୈନ୍ୟ ଯୋଗାଡ଼ କରି ଆସି ପାଂଡବମାନଙ୍କ ପକ୍ଷରେ ମଧ୍ୟ ମିଳିଲେ । ଏହିପରି ପାଂଡବମାନଙ୍କର ସାତ ଅକ୍ଷୌହିଣୀ ସେନା ହେଲା ।

ଅକ୍ଷୌହିଣୀ କହିଲେ କେତେ, ଏ କଥା ଅନେକ ବୁଝି ପାରୁ ନ ଥିବେ । ଏକ ହାତୀ, ଏକ ରଥ, ତିନି ଘୋଡ଼ା, ପାଂଚ ପଦାତିରେ ଏକ ପତ୍ତି; ତିନି ପତ୍ତିରେ ଏକ ସେନାମୁଖ; ତିନି ସେନାମୁଖରେ ଏକ ଗୁଳ୍ମ, ତିନି ଗୁଳ୍ମରେ ଏକ ଗଣ; ତିନି ଗଣରେ ଏକ ବାହିନୀ; ତିନି ବାହିନୀରେ ଏକ ପୃତନା; ତିନି ପୃତନାରେ ଏକ ଚମୂ; ତିନି ଚମୂରେ ଏକ ଅନୀକିନୀ; ଦଶ ଅନୀକିନୀରେ ( ଅର୍ଥାତ୍ ଏକୋଇଶି ହଜାର ଅଠଶହ ସତୁରି ହାତୀ, ଏକୋଇଶି ହଜାର ଆଠଶ ସତୁରି ରଥ, ପଂଚଷଠି ହଜାର ଛଅଶ ଦଶ ଘୋଡ଼ା, ଏକ ଲକ୍ଷ ନ ହଜାର ତିନିଶହ ପଚାଶ ପଦାତିରେ ) ଏକ ଅକ୍ଷୌହିଣୀ ସେନା ହୁଏ ।

ଦୁର୍ଯୋଧନ ଦଳରେ ଭଗଦତ୍ତ ଓ ଭୂରିଶ୍ରବା, ଶଲ୍ୟ, କୃତବର୍ମା, ଜୟଦ୍ରଥ, କାଂବୋଜ ସୁଦକ୍ଷିଣ— ଏମାନେ ଏକ ଅକ୍ଷୌହିଣୀ ଲେଖାଏଁ ସେନା ନେଇ ମିଳିଲେ । ଏହାଛଡ଼ା ଦକ୍ଷିଣାପଥ, ଅବଂତୀ ନାନାଦେଶରୁ ଆଉ ପାଂଚ ଅକ୍ଷୌହିଣୀ ଆସିଲେ । ଏହିପରି ଦୁର୍ଯୋଧନ ଦଳରେ ଏଗାର ଅକ୍ଷୌହିଣୀ ସେନା ଯୁଦ୍ଧପାଇଁ ତିଆରି ହେଲେ ।

---

## ସମାଧାନ ଚେଷ୍ଟା

ଏବେ ଯୁଦ୍ଧ ଲାଗିବାର ଠିକ୍ । ଜଣେ ଲୋକ ଲୋଭୀ ହେଲା, ସେଥିପାଇଁ ଦେଶଯାକ ମଣିଷ ହଣାହଣି, କଟାକଟି ହୋଇ ମରିବେ । ନିତାଂତ ଦୁଷ୍ଟ ଲୋକ ନ ହେଲେ, ଏ କଥା ସୁଖ ଲାଗେ କାହାକୁ ?

ପାଂଡବମାନଙ୍କୁ ଏ କଥା ସୁଖ ଲାଗିଲା ନାହିଁ । ସେମାନେ କହିଥିଲେ, "ଦୁର୍ଯୋଧନ ଆମକୁ ରାଜ୍ୟ ପୂରା ନ ଦେବେ ତ, ଆମେ ଆପଣା ହାତରେ ଯେଉଁତକ ଜିଣିଥିଲୁ , ସେତକ ଦେଲେ ଢେର୍ ହେଲା । ତା ନ ଦେବେ ତ, ପାଂଚଟି ଭାଇଙ୍କ ପାଚଟି ଗାଁ ଦେଲେ ମଧ୍ୟ, ଆମେ ଖୁବ୍ ସୁଖରେ ରହିବୁ, ରାଜ୍ୟ ଲୋଡ଼ା-ନାହିଁ ।"

କିଂତୁ ଦୁଷ୍ଟ ଲୋକେ ଲୋଭରେ ପଡ଼ିଲେ, ଅଂଧ ପରି ହୁଅଂତି । ଦୁର୍ଯୋଧନ ଏ କଥା ଶୁଣିଲେ ନାହିଁ । ଭୀଷ୍ମ, ଦ୍ରୋଣ, ବିଦୁର, ସଂଜୟ ପ୍ରଭୃତି ଭଲ ଭଲ ଲୋକ ଦୁର୍ଯୋଧନକୁ ବହୁତ ବୁଝାଇଲେ; କିଂତୁ କର୍ଣ୍ଣ, ଶକୁନି ପ୍ରଭୃତି ଯୁଦ୍ଧ କରିବାକୁ ମତାଉଥାଂତି । ଧୃତରାଷ୍ଟ୍ର ଖାଲିମୁହଁରେ ଦୁର୍ଯୋଧନଙ୍କୁ ଟିକିଏ ଗାଳିଦେଇ, ପାଂଡବଙ୍କୁ ଭଲ ବୋଲି କହୁଥାଂତି ସତ; କିଂତୁ ଟାଣୁଆ କରି ଖାଂଟି କଥା କହୁ ନ ଥାଂତି ।

ସଭା ଶେଷକୁ କୃଷ୍ଣ ପାଂଡବମାନଂକ ପକ୍ଷରୁ ଦୁଇ ଘର କଥା କହିଲେ । ଦୁର୍ଯୋଧନ ତାଂକ କଥା ତ ଶୁଣିଲା ନାଇ; ତାଂକୁ ଅପମାନ ବି ଦେଲା । ଶେଷକୁ କୃଷ୍ଣ ପାଂଚ ଭାଇଂକ ପାଇଁ ପାଂଚଖଂଡ ଗାଁ ମାଗିଲେ । ଦୁର୍ଯୋଧନ ଅଣ୍ଠା କରି କହିଲେ, "ପାଂଚୋଟି ଗାଁ କଥା ଛାଡ଼ କୃଷ୍ଣ, ଛୁଂଚୀ ମୁନରେ ଯେତେ ଜମି ସଂଭେଇବ, ସେଥିରୁ ଅଧେ ସୁଦ୍ଧା ମୁଁ ବିନା ଯୁଦ୍ଧରେ ଦେବି ନାଇ ।"

ଏହାପରେ ଦୁର୍ଯୋଧନ ପ୍ରଭୃତି କୃଷ୍ଣଂକୁ ବାଂଧି ରଖିବେ ବୋଲି ମଧ୍ୟ ଉଦ୍ୟମ କରିଥିଲେ; କିଂତୁ କୃଷ୍ଣଂକ ଧମକ ଶୁଣି, ତେଜହେବା ଦେଖି ତାଂକର ସାହସ ହେଲା ନାଇ । କୃଷ୍ଣଂକ କଥା ନ ଶୁଣିବାରୁ, ଭୀଷ୍ମ ପ୍ରଭୃତି ଉତ୍ତମ ଲୋକେ ଦୁର୍ଯୋଧନଂକ ଉପରେ ବଡ଼ ବିରକ୍ତ ହେଲେ । କିଛି ଫଳ ହେଲା ନାଇ ଦେଖି, କୃଷ୍ଣ ଉଠି, ବିଦୁରଂକ ଘରକୁ ଚାଲିଗଲେ ।

---

## କର୍ଣଂକୁ ହାତ କରିବାର ଚେଷ୍ଟା

କୃଷ୍ଣ ପାଂଡବଂକ ପାଖକୁ ଫେରି ଆସିବା ପୂର୍ବରୁ କର୍ଣଂକ ସଂଗେ ଦେଖା କଲେ; "କର୍ଣ, ତୁମେ ବୋଧହୁଏ ଜାଣ ନାଇ, ତୁମେ ପାଂଡବଂକ ଭାଇ; ପାଂଡବମାନେ ଜାଣଂତି ନାଇ ଯେ ତୁମେ ତାଂକ ଭାଇ ।" ଏହା କହି କର୍ଣଂକ ଜନ୍ମବୃତ୍ତାଂତ ତାଂକୁ ବୁଝାଇ ଦେଲେ; କହିଲେ; "ତୁମେ ପାଂଡବମାନଂକ ପାଖକୁ ଚାଲ, ପରିଚୟ ପାଇଲେ ଭାଇମାନେ ତୁମକୁ ମୁଂଡରେ ମୁଂଡାଇବେ । ତୁମେ ରାଜା ହେବ, ପାଂଡବମାନେ ତୁମର ଆଜ୍ଞା ପାଳନ କରିବେ ।"

କର୍ଣ କହିଲେ, "କୃଷ୍ଣ, ତୁମେ ଯାହା କହୁଚ ସତ; କିଂତୁ ଦୁର୍ଯୋଧନ ମୋରି ଭରସାରେ ଯୁଦ୍ଧକୁ ବାହାରିଚ । ମୁଁ ଏତେବେଳେ ତାକୁ ଛାଡ଼ିଯିବି କିପରି ? ପାଂଡବମାନେ ମୋର ଭାଇ ହେଲେ ବା କ'ଣ ହେଲା ? ସମସ୍ତେ ତ ମୋତେ ଅଧିରଥ ସାରଥିର ପୁଅ ବୋଲି ଜାଣଂତି । ଯୁଦ୍ଧ ଲାଗି ଆସିଲାଣି । ଏତେବେଳେ ଭାଇ ବୋଲି ମୁଁ ପାଂଡବମାନଂକ ପାଖେ ପଶିଲେ, ଲୋକେ କ'ଣ ବୋଲିବେ ? ମୁଁ କାପୁରୁଷ ନୁହେ । ଆପଣଂକ କଥା ମୁଁ ରଖି ପାରିବି ନାଇ ।"

ପାଂଡବମାନେ ବଣକୁ ଗଲାବେଳେ କୁଂତୀଂକୁ ବିଦୁରଂକ ଘରେ ରଖି ଯାଇଥିଲେ । କୃଷ୍ଣ ଦୁର୍ଯୋଧନଂକଠାରୁ ଫେରି ବିଦୁରଂକ ଘରେ ଭେଟିଲାବେଳେ କୁଂତୀ ସବୁ କଥା ତାଂକଠାରୁ ଶୁଣିଲେ । ତାଂକ ମନ ବଡ଼ ଘାଂଟି ହେଲା । ପାଂଡବମାନେ ତାଂକରି ପୁଅ, କର୍ଣ ବି ତାଂକରି ପୁଅ । ସେ ଆଉ ସଂଭାଳି ନ ପାରି, କର୍ଣକୁ କହିବାକୁ ଗଲେ ।

କର୍ଣ ଗଂଗାସ୍ନାନ କରି, ସୂର୍ଯଂକ ସ୍ତବ କଲାବେଳେ କୁଂତୀ ସେଠାରେ ପହଂଚିଲେ; ତାଂକୁ ତାଂକ ନିଜର ଜନ୍ମକଥା କହି ଭାଇ ପାଂଡବମାନଂକ ସଂଗେ ମିଶିଯିବା ପାଇଁ ଅନୁରୋଧ କଲେ ।

କର୍ଣ କହିଲେ, "ତୁଂଭର ଏ କଥା ଏତେବେଳେ ଶୁଣିବାକୁ ଆଉ ସୁଖ ଲାଗୁ ନାଇ । ତୁଂଭେ ମୋର ମା' ହୋଇ, ମତେ ଜନ୍ମକରି, ଫିଂଗି ଦେଇଚ; ଏବେ ମୋ ପାଖକୁ ଆସିଚ, ପାଂଚ ପୁଅଂକର ଉପକାର କରିବା ପାଇଁ । ମୁଁ ତୁମ କଥାରେ ଦୁର୍ଯୋଧନକୁ ଛାଡ଼ି ପାରିବି ନାଇ । ତୁମେ ମୋର ମା ! ଏତେ କଷ୍ଟ ପାଇ ଆସିଚ; ମୁଁ କହୁଚି ଯୁଦ୍ଧରେ ଅର୍ଜୁନ ଛଡ଼ା, ଆଉ କାହାକୁ ମାରିବି ନାଇ; ମୁଁ ଅର୍ଜୁନକୁ ମାରିବି, ନ ହେଲେ ଆପେ ମରିବି । ଲୋକେ ଜାଣଂତି ତୁମର ପାଂଚ

ପୁଅ; ସେ ପାଂଚଟି ପୁଅ ରହିବେ । ଆଉ ଅଧିକ ରହିବା ଭଲ ନୁହେଁ ।”

କର୍ଣ୍ଣ ଏହା କହି ଚାଲିଗଲେ, କୁଂତୀ କାଂଦି କାଂଦି ଘରକୁ ଫେରିଲେ ।

---

## କୁରୁକ୍ଷେତ୍ର ସଜ୍ଜା

ଯୁଦ୍ଧ ତ ଆଉ ବଂଦ ହବାର ନୁହେଁ । ବିଧିମତେ ତା'ର ଯୋଗାଡ଼ ଚାଲିଲା । କୁରୁକ୍ଷେତ୍ରର ଗୋଟିଏ ପ୍ରକାଂଡ ପଡ଼ିଆରେ ଯୁଦ୍ଧ କରିବାର ସ୍ଥାନ ଠିକ ହେଲା । କୁରୁକ୍ଷେତ୍ର ଭିତରେ ହିରଣ୍ୱତୀ ନଦୀ ବହି ଯାଉଛି । ସେଇ ନଈ କୂଳେ ଯୁଧିଷ୍ଠିର ନିଜ ସୈନ୍ୟ ସଜାଇ ରହିଲେ । ଦୁର୍ଯ୍ୟୋଧନଂକ ଲୋକେ ମଧ୍ୟ ତାଂକ ଆଗରେ ଶିବିର (ତଂବୁ) ତିଆରି କଲେ । ଶହଁ ଶହଁ ପଡ଼ିଆଟି ସହର ହୋଇଗଲା । ଧାଡ଼ି ଧାଡ଼ି ହୋଇ ଖଡ଼ା ପର୍ବତ ପରି ଶିବିରମାଳା ସବୁ ଦେଖାଗଲା । ଖାଲ ଢିପ ସବୁ ସମାନ ହୋଇଗଲା । ମିସ୍ତ୍ରି ମୂଲିଆ, କବିରାଜ ଡାକ୍ତର, ଘାରୁଆ ଲକ୍ଷ ଲକ୍ଷ ଜମା ହୋଇଗଲେ । ଗାଡ଼ିମାନଂକରେ ବୋଝେଇ ହୋଇ, ଡାଲି, ଚାଉଳ, ଅଟା, ଘିଅ, ଔଷଧ, କାଠ, କେତେ ଆସିଲା ।

ସାଧାରଣ ସୈନ୍ୟମାନଂକ ପାଇଁ ଅସ୍ତ୍ର, ଶସ୍ତ୍ର ଆସି ଜମା ହୋଇଗଲା । ମଣିଷ ମାରିବା ପାଇଁ, ମଣିଷ ବୁଦ୍ଧିରେ ଯେତେ ପ୍ରକାର ଜିନିଷ ତିଆରି ହୋଇପାରେ, ସବୁ ପ୍ରସ୍ତୁତ । କୁତ କୁଡ଼ ହୋଇ ତୋମର (ବାଡ଼ି-ମୁଂଡରେ ଲୁହାକଂଟା ) ଜମାହେଲା । ଏଥିରେ ପିଟିବା, ଫୋପାଡ଼ିବା ଦୁ'କାମ ହେବ । ଶକ୍ତି (ଲୁହାର ବଲମ) ବହୁତ ଆସିଲା । ପାଶ ( ଫାଶ )ର ସୀମା ନାଇ । ଏହାକୁ ଶତ୍ରୁର ବେକରେ ପକାଇ ଓଟାରିବାକୁ ହୁଏ । ଶତ୍ରୁର ବାଳରେ ଲଗାଇ, ଘୋସାରିବାକୁ ଅନେକ ବଟଗ୍ରହବିକ୍ଷେପ ( ଲଂବବାଡ଼ି ଅଗରେ ଅଠା ) ଓ କରଗ୍ରହ ବିକ୍ଷେପ ( ଏହା ଅଂକୁଡ଼ି ପରି ହାତରେ ବା ବେକରେ ଲଗାଇ ଟାଣିବାକୁ ହୁଏ ) କୁଡ଼ା ହେଲା । ଡାଲି, ତେଲ, ପାଣିଆ ଗୁଡ଼, ଆସି ଜମାହେଲା । ଏ ସବୁ ତତାଇ ଶତ୍ରୁ ଉପରେ ଦୂରରୁ ଅଜାଡ଼ି ଦେବାକୁ ହୁଏ । ଅଜାଡ଼ିବା ପାଇଁ ବହୁତ ଅଣକ ଆସି ରଖା ହୋଇଛି । ତଂପ, ନାଗସାପ ସବୁ ହାଂଡିରେ ମୁହଁ ବଂଧାହୋଇ ଆସିଚଂତି; ଶତ୍ରୁ ଉପରେ ଛୁଡ଼ି ଦେବାକୁ ହବ । ଜଉ, ଝୁଣା, ଲାଖ ତତାଇ ଅଜାଡ଼ିବା ପାଇଁ ବହୁତ ଆସିଚି । ଶତ୍ରୁର ପେଟରେ ଫୋଡ଼ି ଭିଡ଼ିବା ପାଇଁ ଅଂକୁଶ, ତୋମର ( ବଂକା କଂଟା ଲଗା ବାଡ଼ି ) ବହୁତ ପ୍ରସ୍ତୁତ ଅଛି ।

ଏହା ଛଡ଼ା ଢାଲ, ତଲୱାର, ଖଂଡା, ବର୍ଚ୍ଛା, ଠେଂଗା, ଗଦା, ଶର, ଧନୁ ପ୍ରଭୃତି ସାଧାରଣ ଅସ୍ତ୍ର ଯେ କେତେ ଅଛି, ତାହା କହିବା ସଂଭବ ନୁହେଁ । ଦା', କୁରାଢ଼ି, ଟାଂଗିଆ, ଖଣତି, ସାବଳ, ଏପରିକି ଲୁହଲୁହା ପର୍ଯ୍ୟଂତ ଆସି କୁଡ଼ା ହୋଇଚି, ଦରକାର ପଡ଼ିଲେ କାମରେ ଆସିବ ।

ଏସବୁ ସାଧାରଣ ସୈନ୍ୟଂକ ପାଇଁ । ବଡ଼ ବଡ଼ ବୀରମାନେ ଏତାଂର ଦରକାର ନ ପଡ଼ିଲେ, ଏସବୁ ଅସ୍ତ୍ର ବ୍ୟବହାର କରଂତି ନାଇ । ସେମାନଂକର ସାଂଗେ ସାଂଗେ ଭଲ ଭଲ ଅସ୍ତ୍ରସବୁ ଥାଏ ।

---

## ଦୁଇ ପକ୍ଷର ସେନାପତି

ସବୁ ଆୟୋଜନ ଶେଷ ହେଲାରୁ, ଦୁର୍ଯ୍ୟୋଧନ ଆସି, ହାତ ଯୋଡ଼ି ଭୀଷ୍ମଂକୁ କୌରବମାନଂକର ସେନାପତି ହେବାକୁ କହିଲେ । ଭୀଷ୍ମ ଯେପରି

ଚଳାଇବେ, ସମସ୍ତେ ସେହିପରି ଚଳିବେ । ଭୀଷ୍ମ ସେଥିରେ ରାଜି ହେଲେ; କିଂତୁ କହିଲେ, "ଦୁର୍ଯୋଧନ, ତୁମ ପକ୍ଷରେ ମୁଁ ଅଛି, ତୁମର ହୋଇ ମୁଁ ପ୍ରାଣପଣେ ଯୁଦ୍ଧ କରିବି; କିଂତୁ ମତେ ତୁମେମାନେ ଯେପରି, ପାଂଡବମାନେ ସେହିପରି, ମୁଁ ପାଂଡବମାନଂକୁ ପ୍ରାଣରେ ମାରି ପାରିବି ନାଇ; କିଂତୁ ତା ଛଡ଼ା ପାଂଡବମାନଂକ ପକ୍ଷରୁ ପ୍ରତିଦିନ ଦଶ ହଜାର ରଥୀ ମାରିବି ।"

କର୍ଣ୍ଣ ସବୁବେଳେ ବଡ଼ ଆଟାଟୋପ କରି କଥା କହଂତି । ଭୀଷ୍ମଂକୁ ସେକଥା ସୁଖ ଲାଗେ ନାଇ । ଭୀଷ୍ମ ପୁଣି ଦୁର୍ଯୋଧନ ପକ୍ଷର ରଥୀ, ମହାରଥୀମାନଂକୁ ଗଣିଲାବେଳେ କର୍ଣ୍ଣଂକୁ ଅର୍ଦ୍ଧରଥ (ଅଧାରଥୀ) ବୋଲି କହିବାରୁ, କର୍ଣ୍ଣ ଖାଲି ରାଗି ଯାଉଛଂତି । ଏବେ ଭୀଷ୍ମ କହିଲେ, "କର୍ଣ୍ଣଂକୁ ସାଂଗରେ ରଖି ସେ ଯୁଦ୍ଧ କରି ପାରିବେ ନାଇ ।" କର୍ଣ୍ଣ ଏହା ଶୁଣି କହିଲେ, "ଭୀଷ୍ମ ନ ମଲେ ସେ ଯୁଦ୍ଧରେ ହାତ ଦେବେ ନାଇ । ଭୀଷ୍ମ ମଲେ, ସେ ଅର୍ଜୁନ ସଂଗେ ଯୁଦ୍ଧ କରିବେ ।"

ଯାହା ହେଉ, ଭୀଷ୍ମ ସେନାପତି ହେଲେ । ଆଉ ସମସ୍ତେ ତାଂକୁ ମାନି ଚଳିବେ ବୋଲି ରାଜି ହେଲେ ।

ପାଂଡବମାନଂକ ପକ୍ଷରେ ଦ୍ରୁପଦ, ବିରାଟ, ସାତ୍ୟକି, ଧୃଷ୍ଟକେତୁ, ଶିଖଂଡି, ଜୟତ୍ସେନ, ଧୃଷ୍ଟଦ୍ୟୁମ୍ନ ଏଇ ସାତଜଣଂକୁ ସେନାପତି କରାଗଲା । ଧୃଷ୍ଟଦ୍ୟୁମ୍ନ ଏମାନଂକ ମଧ୍ୟରେ ପ୍ରଧାନ ସେନାପତି ହେଲେ । ସମସ୍ତଂକ ଉପରେ ବଡ଼ ସେନାପତି ହୋଇ ରହିଲେ— ଅର୍ଜୁନ ।

---

## ଶିଖଂଡି କଥା

ସବୁ ଠିକ୍ ହୋଇଯିବାରୁ, ଭୀଷ୍ମ ଦୁର୍ଯୋଧନଂକୁ ଡାକି, ଦୁଇ ପକ୍ଷରେ କିଏ କିପରି ବୀର, ଏ କଥା ଭଲକରି ବୁଝାଇ ଦେଇ ସାରି, କହିଲେ, "ତୁମପାଇଁ ମୁଁ ପାଂଡବମାନଂକ ସାଂଗରେ ପ୍ରାଣପଣେ ଯୁଦ୍ଧ କରିବି । କୃଷ୍ଣ ହୁଅଂତୁ, ଅର୍ଜୁନ ହୁଅଂତୁ କାହାକୁ ସହଜରେ ଛାଡ଼ିବି ନାଇ । କିଂତୁ ଗୋଟିଏ କଥା, ଶିଖଂଡିକି ମୁଁ ଶର ମାରି ପାରିବି ନାଇ ।"

ଦୁର୍ଯୋଧନ ଏ କଥାରେ ଆଶ୍ଚର୍ଯ ହୋଇ ଭୀଷ୍ମଂକୁ ପଚାରିବାରୁ ସେ କହିଲେ, "ବିଚିତ୍ରବୀର୍ଯଂକୁ ବିଭା କରାଇବାପାଇଁ ପୂର୍ବେ ମୁଁ ଅଂବା, ଅଂବିକା ଓ ଅଂବାଲିକା ବୋଲି କାଶୀ ରାଜାଂକର ତିନୋଟି ଝିଅଂକୁ ସ୍ୱୟଂବର ସଭାରୁ ଜୋର କରି ନେଇ ଆସିଥିଲି । ସେଥିମଧ୍ୟରୁ ଅଂବା ପୂର୍ବରୁ ଶାଲ୍ୱ ରାଜାଂକୁ ବରଣ କରିଛି ବୋଲି କହିବାରୁ ତାକୁ ଛାଡ଼ି ଦେଲି । ମୁଁ ଛଡ଼ାଇ ଆଣିବାରୁ, ଅପମାନରେ ଶାଲ୍ୱରାଜା ମଧ୍ୟ ତାକୁ ନେଲେ ନାଇ । ସେ ବଡ଼ ବ୍ୟସ୍ତ ହୋଇ, ମତେ ଆପଣାର ସବୁ ଅନିଷ୍ଟର କାରଣ ବିଚାରି ମତେ ଦଂଡ ଦେବା ପାଇଁ ବହୁତ ମୁନି ଋଷିଂକ ପାଖେ ବୁଲିଲା । ଶେଷକୁ ମୋର ଗୁରୁ ପର୍ଶୁରାମ ତାକୁ ଦୟାକରି, ମୋ ସଂଗେ ଆସି ଯୁଝି, ହାରିଗଲେ । ପର୍ଶୁରାମ ମଧ୍ୟ କିଛି କରି ନ ପାରିବାରୁ, ଅଂବା ବହୁତ ତପସ୍ୟା କରି, ଶିବଂକ ଠାରୁ ବର ପାଇ, ଏବେ ଶିଖଂଡି ହୋଇ ଜନ୍ମ ହୋଇଅଛି । ମୁଁ ଜାଣେ, ଏ ଶିଖଂଡି ସେହି ଅଂବା—ସେ ପୁରୁଷ ନୁହେ—ମୁଁ ତାକୁ ଅସ୍ତ୍ର ମାରି ପାରିବି ନାଇ ।"

---

## କାହାର କେତେ କ୍ଷମତା

ଯୁଦ୍ଧ ଆଗରୁ ଦୁର୍ଯୋଧନ ଭୀଷ୍ମଂକୁ ପଚାରିଲେ, "ଆପଣ ଯଦି ପାରୁ ପର୍ଯ୍ୟଂତ ଲାଗି ଯୁଦ୍ଧ କରଂତି, ତେବେ କେତେ ଦିନରେ ପାଂଡବମାନଂକର ସବୁ ସୈନ୍ୟସାମନ୍ତ ମାରି ନିକାଶ କରିପାରିବେ ?"

ଭୀଷ୍ମ କହିଲେ, "ମୁଁ ଇଚ୍ଛା କଲେ ପାଣ୍ଡବମାନଙ୍କର ସବୁ ସେନା ମାସକେ ମାରି ଦେଇ ପାରେ ।"

ଏ କଥା ଦ୍ରୋଣ, କୃପ, ଅଶ୍ୱତ୍ଥାମା ଓ କର୍ଣ୍ଣଙ୍କୁ ଜଣ ଜଣ କରି ପଚରା ଗଲା । ଦ୍ରୋଣ କହିଲେ "ସେ ମଧ୍ୟ ମାସକେ ପାରିବେ ।" କୃପ କହିଲେ, "ଦୁଇମାସ" ଅଶ୍ୱତ୍ଥାମା କହିଲେ "ଦଶ ଦିନ ।" କର୍ଣ୍ଣ କହିଲେ — "ମୁଁ ପାଂଚ ଦିନରେ ସବୁ ପାଣ୍ଡବ ସୈନ୍ୟ ମାରି ଶେଷ କରି ପାରେ ।"

କର୍ଣ୍ଣଙ୍କ କଥା ଶୁଣି ଭୀଷ୍ମ ହସି ହସି କହିଲେ, "ଅର୍ଜୁନଙ୍କ ସଙ୍ଗରେ ଦେଖା ହୋଇ ନାହିଁ କି ନା ସେଇଥିପାଇଁ ଏପରି କଥା କହୁଛ ?"

ଯୁଧିଷ୍ଠିରଙ୍କୁ ଚରମାନେ ଏ କଥା ଆସି ପାଣ୍ଡବଙ୍କ ଶିବିରରେ କହିବାରୁ ଯୁଧିଷ୍ଠିର ଅର୍ଜୁନଙ୍କୁ ପଚାରିଲେ, "ଅର୍ଜୁନ, ତୁମେ କେତେ ସମୟରେ କୌରବସୈନ୍ୟଙ୍କୁ ମାରି ଶେଷ କରି ପାରିବ ?"

ଅର୍ଜୁନ କହିଲେ, "କୃଷ୍ଣ ସାହା ଥିଲେ, ମୁଁ ନିମିଷକେ ସବୁ ଶେଷ କରି ପାରିବି । ଶିବ ମୋତେ ଯେଉଁ ପାଶୁପତ ଅସ୍ତ୍ର ଦେଇଥିଲେ, ତାହା ମୋ ପାଖେ ଅଛି । ଏହି ଅସ୍ତ୍ରରେ ଶିବ ପ୍ରଳୟବେଳେ ସୃଷ୍ଟି ନାଶ କରନ୍ତି । ଏ ଅସ୍ତ୍ର କଥା ଭୀଷ୍ମ, ଦ୍ରୋଣ, କୃପ, ଅଶ୍ୱତ୍ଥାମା କେହି ଜାଣନ୍ତି ନାହିଁ; କିନ୍ତୁ ଏ ସବୁ ବଡ଼ ବଡ଼ ଅସ୍ତ୍ର ସାଧାରଣ ଯୁଦ୍ଧରେ ଲଗାଇବା ଠିକ୍ ନୁହେଁ । ଆମ୍ଭେମାନେ ସାଧାରଣ ଯୁଦ୍ଧ କରି ମଧ୍ୟ ଜିଣିବା ।"

ଯୁଦ୍ଧ ଦିନ ପହଂଚିଲା । ଦୁର୍ଯ୍ୟୋଧନ ଦଳର ଲୋକେ ପାଣ୍ଡବମାନଙ୍କୁ ଯୁଦ୍ଧ ପାଇଁ ନିମନ୍ତ୍ରଣ କଲେ । କୁରୁକ୍ଷେତ୍ରର ପଶ୍ଚିମ ଅଧିକରେ ସେମାନେ ଠିକ୍ ଠାକ୍ ହୋଇ ପାଣ୍ଡବମାନଙ୍କୁ ଚାହିଁ ରହିଲେ । କୁରୁକ୍ଷେତ୍ରର ପୂର୍ବ ପାଖରେ ପଶ୍ଚିମମୁହାଁ ହୋଇ ପାଣ୍ଡବମାନେ ଯୁଦ୍ଧ ପାଇଁ ଠିଆ ହେଲେ । ହଜାର ହଜାର ଶଂଖ ବାଜି ଉଠିଲା । ଯୁଦ୍ଧ ବାଦ୍ୟ ବାଜିବାରୁ, ଘୋର ଶବ୍ଦରେ ସମସ୍ତଙ୍କର ଉତ୍ସାହ ବଢ଼ିଗଲା । ଏବେ ଯୁଦ୍ଧ ଆରମ୍ଭ ହେବ ।

---

## ସେ କାଳର ଯୁଦ୍ଧ ନିୟମ

ସେହି କାଳେ ଯୁଦ୍ଧ କରିବା ପାଇଁ କେତେଗୁଡ଼ିଏ ନିୟମ ଥିଲା । ସେ ନିୟମ ଭାଙ୍ଗିଲେ, ଅନ୍ୟାୟ ଓ ଅଧର୍ମ ହେଉଥିଲା । ଯେ କୌଣସି ପ୍ରକାରେ ଲୁଚିଲେ, ଠକି, ଶତ୍ରୁକୁ ମାରିବା ରୀତି ସେ କାଳେ ନ ଥିଲା । ବୀରମାନେ ଖାଣ୍ଟି ଲୋକ ଥିଲେ, କଥା ଅନୁସାରେ କାମ କରୁଥିଲେ ।

ଯେ ଯୁଦ୍ଧରେ ଅସ୍ତ୍ର ଫିଙ୍ଗି ଦେଇଛି, ଯେ ଶରଣ ପଶୁଛି ବା ଆଶ୍ରୟ ମାଗୁଛି, କିମ୍ବା ଯେ ଆଉ କାହା ସଙ୍ଗେ ଯୁଦ୍ଧକରୁଛି, ସେପରି ଲୋକକୁ କେହି ମାରିବେ ନାହିଁ ।

ଯୁଦ୍ଧ କରିବାବେଳେ ଦୁଇଦଳ ଆପଣା ଆପଣାର ଶତ୍ରୁ; ଯୁଦ୍ଧ ସରିଲେ ବନ୍ଧୁବାନ୍ଧବ ପରି ଖାଇବା, ପିଇବା, ବସିବା, ହସିବା, କାହିଁରେ କିଛି ଆପତ୍ତି ନାହିଁ । କେହି ଗାଳିଦେଲେ, ତାକୁ ଗାଳି ଦେବାକୁ ହେବ, ଅସ୍ତ୍ର ମାରିବାକୁ ମନା ।

ଯୁଦ୍ଧଭୂମି ଛାଡ଼ି କେହି ଚାଲିଗଲେ, ତାକୁ କେହି ମାରିବେ ନାହିଁ । ରଥୀ ସଙ୍ଗେ ରଥୀ, ହାତୀ ସଂଗେ ହାତୀ, ଘୋଡ଼ା ସଙ୍ଗେ ଘୋଡ଼ା ଓ ପଦାତି ସଂଗେ ପଦାତି (ପାଇକ) ଯୁଦ୍ଧ କରିବେ ।

ମାରିବା ପୂର୍ବରୁ ସତର୍କ କରି ଦେବେ । ଅଜ୍ଞାନ ହୋଇଗଲେ ଶତ୍ରୁକୁ ମାରିବେ ନାହିଁ କିମ୍ବା ସାରଥି, ସଇସ, ଅସ୍ତ୍ର ବହିବା ଲୋକ, ବାଦ୍ୟ ବଜାଇବା ଲୋକ — ଏମାନଙ୍କୁ କେହି କେବେ ମାରିବେ ନାହିଁ ।

କୁରୁକ୍ଷେତ୍ରର ମହାଯୁଦ୍ଧ ଏହିଭଳି ନିୟମରେ ହୋଇଥିଲା । ଅନ୍ୟାୟ ଯୁଦ୍ଧ ସାଧାରଣତଃ କେହି କରୁ ନ ଥିଲେ ।

ସେନାପତିମାନେ ବ୍ୟୂହ ବାନ୍ଧି ଯୁଦ୍ଧ କରୁଥିଲେ । ସୈନ୍ୟମାନେ ଯୁଦ୍ଧବେଳେ ଯେଝା ଇଚ୍ଛା ଅନୁସାରେ ଚାଲିଲେ, ଆଉ କାମ କଲେ, ହୋଇ ପାରିବ କିପରି ? ସେଥିପାଇଁ ସେମାନଙ୍କୁ କୌଣସି ନିୟମରେ ଏକାଠି କରି ଏକ ଭାବରେ ଛିଡ଼ା କରାଇ, ଚଳାଇବାକୁ ହୁଏ । ଏହିପରି ଏକତ୍ର କରି ସୈନ୍ୟମାନଙ୍କୁ ରଖିବାର ନାମ ବ୍ୟୂହ । ଏକ ଏକ ରକମ ବ୍ୟୂହର ଏକ ଏକ ପ୍ରକାର ନାମ । ଯେପରି କି ଚକ୍ରବ୍ୟୂହ, ପଦ୍ମବ୍ୟୂହ, ଗରୁଡ଼ବ୍ୟୂହ, ଅର୍ଦ୍ଧଚନ୍ଦ୍ରବ୍ୟୂହ ଇତ୍ୟାଦି । କେଉଁ ବ୍ୟୂହରେ ଚକ୍ର ପରି, କେଉଁ ବ୍ୟୂହରେ ପଦ୍ମପରି, କେଉଁ ବ୍ୟୂହରେ ପକ୍ଷୀପରି, କେଉଁ ବ୍ୟୂହରେ ଅଷ୍ଟମୀ ଚନ୍ଦ୍ର ପରି, ସୈନ୍ୟମାନଙ୍କୁ ସଜାଡ଼ି ରଖିବାକୁ ହୁଏ । ଏଥିପାଇଁ ଏସବୁ ନାମ ହୋଇଅଛି ।

---

# ଭୀଷ୍ମ ପର୍ବ

## ବ୍ୟାସଙ୍କ ବରରେ ଧୃତରାଷ୍ଟ୍ର ଯୁଦ୍ଧ କଥା ଜାଣିଲେ

କୁରୁକ୍ଷେତ୍ର ମହାଯୁଦ୍ଧ ନିଶ୍ଚୟ ହବାର ଜାଣି, ବ୍ୟାସଦେବ ଧୃତରାଷ୍ଟ୍ରଙ୍କୁ ଦେଖିବାକୁ ଆସିଲେ । ପୁଅମାନଙ୍କ ଗୁଣ, ଆଉ ଯୁଦ୍ଧର ଫଳ ଭାଳି ଭାଳି, ଧୃତରାଷ୍ଟ୍ରଙ୍କ ବୁଦ୍ଧି ହଜି ଯାଉଛି । ବ୍ୟାସ ଆସି କହିଲେ, "ଯାହା ତ ହବାର ହବ; ଦୁଃଖ କରି କି ଲାଭ ? ଯେବେ ଯୁଦ୍ଧ ଦେଖିବାକୁ ମନକରୁଚ, ତାହାହେଲେ, ମୁଁ ତୁମଙ୍କୁ ଦିବ୍ୟ ଚକ୍ଷୁ ଦେଉଅଛି । ତୁମେ ସେହି ଦିବ୍ୟ ଚକ୍ଷୁ ଯୋଗେ, ଅନ୍ଧ ହେଲେ ମଧ୍ୟ ଏହିଠାରେ ବସି, ଆପଣା ଆଖିରେ ଯୁଦ୍ଧକ୍ଷେତ୍ର ଦେଖି ପାରିବ ।"

ଧୃତରାଷ୍ଟ୍ର କହିଲେ, "ଆତ୍ମୀୟ ଲୋକମାନଙ୍କର ମରଣ ଆପଣା ଆଖିରେ ଦେଖି, ମୋର କିଛି ସୁଖ ହେବ ନାହିଁ । ଯେବେ ଅନୁଗ୍ରହ କଲେ, ତେବେ ମୁଁ ଯେପରି ଯୁଦ୍ଧ କଥା ସବୁ ଜାଣି ପାରିବି, ସେହିପରି କିଛି କରି ଦିଅନ୍ତୁ ।"

ବ୍ୟାସଦେବ ତହୁଁ ସଞ୍ଜୟଙ୍କୁ ଦିବ୍ୟଚକ୍ଷୁ ଦେଇ କହିଲେ, "ଏ ସଞ୍ଜୟଙ୍କଠାରୁ ତୁମେ ସବୁ କଥା ଜାଣି ପାରିବ । ମୋ ବରରେ ଯୁଦ୍ଧର କୌଣସି କଥା ଏଙ୍କୁ ଅଜଣା ରହିବ ନାହିଁ । ଏ ତୁମକୁ ସବୁ କହିବେ । ଯୁଦ୍ଧ ଭିତରକୁ ଗଲେ ମଧ୍ୟ, ଅସ୍ତ୍ରରେ ଏହାଙ୍କର କିଛି ଅନିଷ୍ଟ ହେବ ନାହିଁ ।"

ତା'ଉତ୍ତାରୁ ବ୍ୟାସଦେବ ଧୃତରାଷ୍ଟ୍ରଙ୍କୁ କେତେ ବୁଝାଇ କହିଲେ; "କହିଲେ, ଏ କାମ ଭଲ ହେଉ ନାହିଁ; ରାଜ୍ୟଲୋଭରେ ଏ ଯୁଦ୍ଧରେ ମାତ ନାହିଁ । ପାଣ୍ଡବଙ୍କ ରାଜ୍ୟ ପାଣ୍ଡବଙ୍କୁ ଦେଇ ପକାଅ ।"

ଧୃତରାଷ୍ଟ୍ର କହିଲେ, "ମୁଁ କ'ଣ ନାହିଁ କଲି ? ଅଧର୍ମ କରିବାକୁ ତ ମୋର ଇଚ୍ଛା ନୁହେଁ; କିନ୍ତୁ ମୋ କଥା ତ କେହି ଶୁଣୁ ନାହାନ୍ତି ।"

ଏହିପରି କେତେକ କଥାବାର୍ତ୍ତା ହୋଇ ବ୍ୟାସଦେବ ଚାଲିଗଲେ ।

---

## ଅର୍ଜୁନ ସୈନ୍ୟ ଦେଖିଲେ

ପାଣ୍ଡବମାନଙ୍କ ବ୍ୟୂହ ଦେଖି, ଦୁର୍ଯ୍ୟୋଧନ ଦ୍ରୋଣଙ୍କୁ କହିଲେ, "ଗୁରୁଦେବ, ଦେଖନ୍ତୁ, ପାଣ୍ଡବମାନଙ୍କର କେତେ ସେନା, ଧୃଷ୍ଟଦ୍ୟୁମ୍ନ ସେମାନଙ୍କର ବ୍ୟୂହ ତିଆରି କରିଛି । ସେମାନଙ୍କ ଦଳରେ ବଡ଼ ବଡ଼ ବୀର ଅଛନ୍ତି । ଆମ୍ଭମାନଙ୍କଦଳରେ ତା'ଠାରୁ

ବଡ଼ ବଡ଼ ବୀର ଅଛନ୍ତି ସତ, କିନ୍ତୁ ଆମ୍ଭମାନଙ୍କର ସୈନ୍ୟଠାରୁ ସେମାନଙ୍କର ସୈନ୍ୟ ଅଳ୍ପ ହେଲେ ମଧ୍ୟ, ମତେ ଲାଗୁଚି, ଆମ୍ଭମାନଙ୍କର ସେନା ଯଥେଷ୍ଟ ନୁହନ୍ତି । ଏଇ ଦେଖନ୍ତୁ, ଭୀଷ୍ମ ଆମ୍ଭମାନଙ୍କର ସେନାପତି ହୋଇ ମଝିରେ ଅଛନ୍ତି । ଆପଣମାନେ ସମସ୍ତେ ଭୀଷ୍ମଙ୍କୁ ରକ୍ଷା କରନ୍ତୁ ।"

ଭୀଷ୍ମଙ୍କର ପାଣ୍ଡବମାନଙ୍କ ପ୍ରତି ଶ୍ରଦ୍ଧା ଥିବାର କଥା ଶୁଣିଲା ବେଳୁ ଦୁର୍ଯୋଧନର ମନ, ବୋଧହୁଏ, କପର କପର ହେଲାଣି । ସେଥିପାଇଁ ସେ ଦ୍ରୋଣଙ୍କୁ ଆସି ଏପରି କହିଲା । ସଙ୍ଗେ ସଙ୍ଗେ ଭୀଷ୍ମ ସିଂହନାଦରେ ଶଙ୍ଖ ବଜାଇଦେଲେ । ସେ ଶବ୍ଦ ଶୁଣି, କୌରବ ମାନଙ୍କ ଦଳରେ ହଜାର ହଜାର ଶଙ୍ଖ, ଶିଙ୍ଘା ପ୍ରଭୃତି ବାଜିଉଠିଲା । ରଣସ୍ଥଳରେ ମହା ହୁଲସ୍ଥୂଳ ପଡ଼ିଗଲା ।

ଏହାର ଉତ୍ତରରେ ପାଣ୍ଡବମାନଙ୍କ ପକ୍ଷରୁ କୃଷ୍ଣଙ୍କ 'ପାଞ୍ଚଜନ୍ୟ', ଅର୍ଜୁନଙ୍କର 'ଦେବଦତ୍ତ', ଭୀମର 'ପୌଣ୍ଡ୍ର', ଯୁଧିଷ୍ଠିରଙ୍କର 'ଅନନ୍ତବିଜୟ', ନକୁଳର 'ସୁଘୋଷ', ସହଦେବର 'ମଣିପୁଷ୍ପକ' ନାମକ ଶଙ୍ଖମାନେ ମହାଶବ୍ଦରେ ବାଜି ଉଠିଲେ । ଦ୍ରୁପଦ, ବିରାଟ, ସାତ୍ୟକି, ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡି ପ୍ରଭୃତି ସମସ୍ତଙ୍କର ଶଙ୍ଖ ଶବ୍ଦ ସେଥିରେ ମିଳି, ଆକାଶପାତାଳ କମ୍ପାଇ ଦେଲା । କୌରବମାନେ ଥରହର ହୋଇଗଲେ ।

ସେଠାରୁ ଅର୍ଜୁନ କୃଷ୍ଣଙ୍କୁ କହିଲେ, "ଏବେ ଦୁଇଦଳ ମଧ୍ୟରେ ରଥ ରଖନ୍ତୁ । କିଏ କିଏ ଯୁଦ୍ଧ କରିବାକୁ ଆସିଛନ୍ତି, ମୁଁ ଟିକିଏ ଦେଖେଁ ।"

କୃଷ୍ଣ ଦୁଇଦଳ ମଝିରେ ନେଇ ରଥ ରଖିଲେ । ଅର୍ଜୁନ ଦେଖିଲେ ଯେ, ଭାଇ, ପୁଅ, ପୁତୁରା, ବନ୍ଧୁ, ମାମୁଁ, ଶଶୁର, ବଡ଼ବାପା, ଜେଜେ, ଦାଦା ପ୍ରଭୃତି ଯେଉଁମାନଙ୍କୁ ଭକ୍ତି, ମାନ୍ୟ, ସ୍ନେହ, ଶ୍ରଦ୍ଧା କରିବାର କଥା, ସେହିମାନେ ସମସ୍ତେ ଯୁଦ୍ଧ ପାଇଁ ରାଜ୍ୟ ଲୋଭରେ ହଣାହଣି ହୋଇ ମରିବା ପାଇଁ ଆସିଛନ୍ତି ।

---

## ଦୁଃଖରେ ଅର୍ଜୁନଙ୍କୁ କୃଷ୍ଣ ବୋଧ ଦେଲେ

ଏହା ଦେଖି ଦୁଃଖରେ ଅର୍ଜୁନଙ୍କ ଛାତି ଫାଟିଗଲା ପରି ଲାଗିଲା । ସେ କାନ୍ଦି କାନ୍ଦି କୃଷ୍ଣଙ୍କୁ କହିଲେ, "ମୁଁ କାହାକୁ ମାରି, ରାଜ୍ୟ ଭୋଗକରିବି ବୋଲି ଆସିଚି ? ଯାହାଙ୍କ ପାଇଁ ରାଜ୍ୟ କରନ୍ତି, ସେ ସବୁ ତ ମରିବେ ବୋଲି ଆସି ଏଠାରେ ଜମା ହୋଇଛନ୍ତି; ରାଜ୍ୟରୁ ମୋର ଲାଭ କ'ଣ ? ଏପରି ଘୋର ପାପ ମୁଁ କରିବି ନାହିଁ । ମୁଁ ଅସ୍ତ୍ର ଛାଡ଼ି ବସିଚି, ଶତ୍ରୁମାନେ ମୋତେ ମାରନ୍ତୁ, ସେ ମୋର ମଙ୍ଗଳ । ଏପରି ଆପଣା ଲୋକଙ୍କ ରକ୍ତରେ ଲିପି, ରାଜ୍ୟ ଜିଣି ଭୋଗ କରିବାଠାରୁ ଭିକ ମାଗି ଖାଇବା କୋଟିଗୁଣେ ଭଲ ।"

ଏହା କହି, ଅର୍ଜୁନ ଗାଣ୍ଡୀବ ଫୋପାଡ଼ି ଦେଇ ବସିଲେ । ତାଙ୍କର ମଥା ଘୂରିଗଲା, ରୋମ ଟାଙ୍କୁରି ଗଲା, ଖରାପ ସବୁ ଅଲକ୍ଷଣ ଦିଶିଲା ।

କୃଷ୍ଣ ନ ଥିଲେ, ସେ ଦିନ ଅର୍ଜୁନଙ୍କର ଯୁଦ୍ଧ କରିବା ସେଇଠାରେ ବୋଧହୁଏ ଶେଷ ହୋଇଥାନ୍ତା । କୃଷ୍ଣ ତାଙ୍କୁ ବୁଝାଇ ବସିଲେ, "ଦେଖ ଅର୍ଜୁନ, ଯାହା କର୍ତ୍ତବ୍ୟ ତା କରିବା ଉଚିତ; ସେଥିରେ ଭାଇ, ପୁଅ, ପୁତୁରା ବୋଲି ସ୍ନେହ କରି କାମ ଛାଡ଼ି ଦେବା ଅଧର୍ମ । ଭାଇ, ପୁଅ, ପୁତୁରାଙ୍କୁ ସମସ୍ତେ ସ୍ନେହ କରନ୍ତି; ମାତ୍ର ସେ ସ୍ନେହରେ ଭୁଲିଯାଇ, ବଡ଼ ବଡ଼ କାମରେ କର୍ତ୍ତବ୍ୟ ନ କରିବାହିଁ କୃପା । ସେ କୃପାର ଅଧୀନ ହେଲେ ମନୁଷ୍ୟ କର୍ତ୍ତବ୍ୟ କରି ପାରେ ନାହିଁ—ପାପ କରେ । ଆପଣାର ବୋଲି, ସ୍ନେହ କରିବା ପୁଣି ଗୋଟିଏ ମୋହ । ଦେଶପାଇଁ ବା ଦଶ ପାଇଁ ଯେଉଁ କର୍ତ୍ତବ୍ୟ ଅଛି, ତାହା କଲାବେଳେ ଆପଣାର ବୋଲି ଭାବିଲେ, ସେହି ମୋହ ମନୁଷ୍ୟକୁ ନାଶ କରେ । ସେ କୃପା—ସେ ମୋହ ଛାଡ଼ି, କାମ କର; ତା ନ ହେଲେ ଲୋକେ ନିନ୍ଦା କରିବେ; ତୁମ୍ଭର ଅଧର୍ମ ହେବ ।"

ଏହିପରି ଅର୍ଜୁନ ପଚାରୁଥାଂନ୍ତି; କୃଷ୍ଣ ବୁଝାଉଥାଂନ୍ତି । "ଆତ୍ମା ମରେ ନାହିଁ; କେହି କାହାକୁ ମାରୁନାହିଁ । କର୍ମ କରିବା ମନୁଷ୍ୟର ଉଚିତ । ଜ୍ଞାନୀ ଲୋକ କାହାକୁ ମାରୁଛି ବୋଲି ନିଜର କର୍ତ୍ତବ୍ୟ ଛାଡ଼ିଦେବା ଠିକ୍ ନୁହେଁ"—ପ୍ରଭୃତି କହୁକହୁ କୃଷ୍ଣ ଅନେକ ତତ୍ତ୍ୱ କଥା ସବୁ ବୁଝାଇଗଲେ । ଏ ସବୁକଥା 'ମହାଭାରତ ଭୀଷ୍ମ ପର୍ବ'ରେ ଅଠର ଅଧ୍ୟାୟରେ ଲେଖା ହୋଇଛି । ଏହି ଅଠର ଅଧ୍ୟାୟକୁ 'ଭଗବଦ୍‌ଗୀତା' ବୋଲି କହନ୍ତି ।

'ଭଗବଦ୍‌ଗୀତା' ଗୋଟିଏ ବଡ଼ ଉଚ୍ଚ ଦରର ଧର୍ମ, କର୍ମ ଓ ଜ୍ଞାନ ଉପଦେଶ ଗ୍ରଂଥ; ସମସ୍ତଂକର ପଢ଼ିବା ଉଚିତ ।

ଏହିପରି କୃଷ୍ଣଂକର ଉପଦେଶମାନ ଶୁଣି ଅର୍ଜୁନ ସବୁ ବୁଝିଗଲେ; ପୁଣି ତାଂକର ଯୁଦ୍ଧରେ ଉତ୍ସାହ ଆସିଲା ।

---

## ଯୁଧିଷ୍ଠିରଂକର ପୂଜ୍ୟପୂଜା

ଏତିକିବେଳେ ମହାରାଜ ଯୁଧିଷ୍ଠିର ଅସ୍ତ୍ର ଶସ୍ତ୍ର ଛାଡ଼ି, ରଥରୁ ଓହ୍ଲାଇ, ଲଂବେ ଲଂବେ ଭୀଷ୍ମଂକ ଆଡ଼କୁ ଚାଲିଲେ । ଅର୍ଜୁନ, ଭୀମ, ନକୁଳ, ସହଦେବ ହେଇକା ସମସ୍ତେ କିଛି ନ ବୁଝି ପାରି, ତାଂକ ପିଛୁ ଧାଇଲେ । ଭାଇମାନେ ବଡ଼ ବ୍ୟସ୍ତ ହେଲେ; କିଂତୁ କୃଷ୍ଣ ବୁଝିପାରି, ସମସ୍ତଂକୁ କହିଦେଲେ ଯେ, "ଯୁଧିଷ୍ଠିର ଗୁରୁଜନମାନଂକୁ ପ୍ରଣାମ କରିବାକୁ ଯାଉଚଂନ୍ତି; ସେଥିରେ ତାଂକର ମଂଗଳ ହେବ ।"

କୌରବମାନେ କିଂତୁ ଯୁଧିଷ୍ଠିରଂକୁ ଏପରି ଦେଖି ଥଟ୍ଟା, ପରିହାସ, ଉପହାସ ଲଗାଇଦେଲେ । କିଏ କହିଲା, "ବା ପୁରୁଷ—ଡରିଗଲା ।" କିଏ କହିଲା, "ଭୀଷ୍ମଂକ ଗୋଡ଼ ଧରିବାକୁ ଯାଉଚି ।" କିଏ ବା କହିଲା, "ଏଡ଼େ ଏଡ଼େ ବୀର ଭାଇମାନେ ଥାଉ ଥାଉ, ଏ କି ବୁଦ୍ଧି ! ଛିଃ ।" ଯୁଧିଷ୍ଠିର କାହାକୁ ନ ଚାହିଁ, ଭୀଷ୍ମଂକ ଗୋଡ଼ ତଳେ ପଡ଼ି, କହିଲେ, "ଆପଣ ମୋର ପିତାର ପିତା । ଆପଣଂକ ସଂଗେ କିପରି ଯୁଦ୍ଧ କରିବି ? ଆଜ୍ଞା କରଂନ୍ତୁ, ଆଶୀର୍ବାଦ ଦିଅଂନ୍ତୁ ।"

ଭୀଷ୍ମ ଆଶୀର୍ବାଦ କରି କହିଲେ, "ମୋର ଯାହା ବା ରାଗ ଥାଂତା ତୁମର ଏ ସଦ୍‌ଭାବ ଦେଖି, ଆଉ କିଛି ନାହିଁ; ବଡ଼ ସୁଖୀ ହେଲି । ବାବୁ ମନୁଷ୍ୟ ଟଂକା ପାଇଲେ, ସବୁ କରେ । ମୁଁ ଦୁର୍ଯୋଧନର ଖାଏଁ, ସେହି ହେତୁରୁ ତାର ହୋଇ ତୁମକୁ ମାରିବାକୁ ଆସିଛି । କହ ତୁମର କି ଦରକାର ?"

ଯୁଧିଷ୍ଠିର କହିଲେ, 'କହଂନ୍ତୁ, ଆମେମାନେ କିପରି ଆପଣଂକୁ ପରାସ୍ତ କରିବୁ ।" ଭୀଷ୍ମ କହିଲେ, "ମତେ ପରାସ୍ତ କରିବ ଏ ସାଧ୍ୟ କାହାରି ନାହିଁ । ଏବେ ମୋର ମରିବାର ସମୟ ହୋଇ ନାହିଁ । ତୁମେ ଆଉ ଥରେ ମୋ ପାଖକୁ ଆସିବ ।"

ଯୁଧିଷ୍ଠିର ପୁଣି ଦ୍ରୋଣଂକ ପାଖକୁ ଗଲେ । ସେହିପରି ପ୍ରଣାମ କରି ତାଂକୁ ମଧ୍ୟ ସେହି କଥା ପଚାରିଲେ । ସେ କହିଲେ, "ବଂଚିଥାଇ ସେ ପରାସ୍ତ ହେବେ ନାହିଁ । କୌଣସି ସତ୍ୟବାଦୀ ଲୋକ ତାଂକ ଆଗେ ନିତାଂତ ଅଶୁଭ ଖବର ଦେଲେ, ସେ ଅସ୍ତ୍ର ଛାଡ଼ି ଦେବେ; ସେତିକିବେଳେ ମାରିବାର ସୁବିଧା ।"

ତା'ପରେ କୃପଂକ ପାଖେ ସେହି କଥା । ସେ କିଂତୁ ଅମର; ତଥାପି ସେ ଯୁଧିଷ୍ଠିରଂକର ଜୟ କାମନା କରି ଆଶୀର୍ବାଦ କଲେ ।

ତା'ପରେ ଶଲ୍ୟଂକ ପାଖକୁ ଯାଇ, ଯୁଦ୍ଧବେଳେ କର୍ଣ୍ଣଂକ ତେଜ କମାଇଦେବା କଥା ପୁଣି ତାଂକୁ ମନେ ପକାଇ ଦେଲେ ।

ଏ ମଧ୍ୟରେ ଭୀଷ୍ମଙ୍କ ରାଗରେ କର୍ଣ୍ଣ ଅସ୍ତ୍ର ଛାଡ଼ିଥିବାର କଥା ଜାଣି, କୃଷ୍ଣ ଭୀଷ୍ମ ଥିବାଯାଏ ପାଣ୍ଡବ ପକ୍ଷରେ ଯୁଦ୍ଧ କରିବାପାଇଁ କର୍ଣ୍ଣଙ୍କୁ ଅନୁରୋଧ କଲେ । କର୍ଣ୍ଣ କିନ୍ତୁ କୌଣସି ପ୍ରକାରେ ଦୁର୍ଯୋଧନର ଅନିଷ୍ଟ କରିବେ ନାହିଁ ବୋଲି କହିଲେ ।

କୌରବ ପକ୍ଷରୁ ଫେରି ଆସିଲାବେଳେ, ଯୁଧିଷ୍ଠିର ବଡ଼ ପାଟି କରି କହିଲେ, "ଏଠାରେ ଯଦି ମୋର କେହି ବନ୍ଧୁ ଥାଆନ୍ତି, ତେବେ ସେ ଆସନ୍ତୁ । ଆମେମାନେ ତାଙ୍କୁ ଆଦରରେ ନେବୁ ।" ଏକଥା ଶୁଣି, ଧୃତରାଷ୍ଟ୍ରଙ୍କ ପୁଅ ଯୁଯୁତ୍ସୁ ଆନନ୍ଦରେ ଧର୍ମପକ୍ଷ ବୋଲି ମହାରାଜ ଯୁଧିଷ୍ଠିରଙ୍କ ସଙ୍ଗେ ଆସିଲେ । ଯୁଧିଷ୍ଠିର ସ୍ନେହରେ ତାଙ୍କୁ କୁଣ୍ଢାଇପକାଇ, ଘେନି, ଆପଣା ପକ୍ଷକୁ ଚାଲି ଆସିଲେ ।

---

## ଭୀଷ୍ମଙ୍କର ଯୁଦ୍ଧ

### ପ୍ରଥମ ଦିନ

ଘୋର ଯୁଦ୍ଧ ଆରମ୍ଭ ହେଲା । ଶ୍ରାବଣ ମାସରେ ବରଷା ପାଣିର ଧାର ପଡ଼ିଲା ପରି, ଦୁଇ ଦଳରେ ବୀରମାନଙ୍କର ଶର ପଡ଼ିଲା । ବତାସିରେ ଫଳ ପଡ଼ିଲା ପରି, ଲୋକଙ୍କ କଟା ମୁଣ୍ଡସବୁ ତଳେ ପଡ଼ିଲା; ପାହାଡ଼ ପରି ଶବ, ନଦୀ ପରି ରକ୍ତଧାର ବୋହିଗଲା । ମରିବା ଲୋକେ ଭୟଙ୍କର ଶବ୍ଦ କଲେ, ଶୁଣିଲେ ଡର ମାଡ଼ିବ ।

ଭୀଷ୍ମ, ଦ୍ରୋଣ, ଅର୍ଜୁନ, ଭୀମ ପ୍ରଭୃତିଙ୍କର ଯୁଦ୍ଧ ଦେଖି, ଦେବତାମାନେ ତାଜୁବ୍ ହୋଇଗଲେ । ଏଥିରୁ ଜଣେ ଜଣେ ରାଗି ଠିଆ ହେଲେ, ଶହ ଶହ ବୀର ମଧ୍ୟ ତାଙ୍କୁ ଅଟକାଇ ପାରୁ ନଥାନ୍ତି । ଭୀଷ୍ମ, ଦ୍ରୋଣ, ଅର୍ଜୁନଙ୍କର ଗୋଟିଏ ଗୋଟିଏ ଶରରେ, ଭୀମଙ୍କ ଗଦାର ବାଡ଼ି ବାଡ଼ିକେ ଗୋଟାଏ ଗୋଟାଏ ବଡ଼ ହାତୀ ଏକାବେଳକେ ମରିଯାଆନ୍ତି ।

ପାଞ୍ଚ ପାଣ୍ଡବଙ୍କର ପାଞ୍ଚୋଟି ପୁଅ ମହାବୀର, ଏମାନେ ଦ୍ରୌପଦୀଙ୍କ ପୁତ୍ର । ସୁଭଦ୍ରାଙ୍କ ପୁଅ ଅଭିମନ୍ୟୁ ଛନ୍ଦୁଁ ଦଳ । ଭୀଷ୍ମ ପ୍ରଭୃତି ଅଭିମନ୍ୟୁର ଯୁଦ୍ଧ ଦେଖି କହିଲେ, 'ଏ ତ ସାକ୍ଷାତ ଅର୍ଜୁନ ପରି' । ଭୀଷ୍ମ ଅଭିମନ୍ୟୁକୁ ଅଟକାଇ ପାରିଲେ ନାହିଁ । ଅଭିମନ୍ୟୁ ତାଙ୍କର ଶର କାଟି, ରଥର ପତାକା ପର୍ଯ୍ୟନ୍ତ କାଟି ଫିଙ୍ଗିଦେଲା ।

ଆହା ! ବିରାଟ ପୁଅ ଉତ୍ତର ବଡ଼ବଡ଼ ଯୁଦ୍ଧ କରିବାକୁ ଯାଉ ଯାଉ ଶଲ୍ୟ ତାହାଙ୍କୁ ମାରିଦେଲେ । ତାଙ୍କ ବଡ଼ ଭାଇ ଶ୍ୱେତ ରାଗରେ ଶଲ୍ୟଙ୍କୁ ଆକ୍ରମଣ କଲେ । ଥରେ ଶଲ୍ୟଙ୍କ ବାଣରେ ଅଜ୍ଞାନ ହୋଇଗଲେ, ପରେ ପୁଣି ଫେରିଆସି, ଶଲ୍ୟଙ୍କୁ ଏପରି ଅସ୍ତବ୍ୟସ୍ତ କଲେ ଯେ, ଭୀଷ୍ମ ପ୍ରଭୃତି ସାହାଯ୍ୟ କରି ନ ଥିଲେ, ଶଲ୍ୟ ରକ୍ଷା ପାଇ ନ ଥାନ୍ତେ । ଭୀଷ୍ମ ଆସିବାରୁ ଯୁଦ୍ଧ ଆହୁରି ଭୟାନକ ହେଲା ! ଶ୍ୱେତଙ୍କ ତେଜ ସହି ନ ପାରି ସୈନ୍ୟମାନେ ଭୀଷ୍ମଙ୍କ ପାଖେ ଆଉଜିଗଲେ । ଭୀଷ୍ମ ମଧ୍ୟ ଶ୍ୱେତଙ୍କ ହାତେ ଥରେ ଅଧେ ଜବକୁ ହେଲେ । ଭୀଷ୍ମଙ୍କର ରାଗ ହେଲା । ତାଙ୍କର ଧନୁ କଟିଗଲା । ଦୁହେଁ ଦୁହେଁ ଭୀଷ୍ମ ଶ୍ୱେତଙ୍କ ରଥ, ଘୋଡ଼ା, ଧ୍ୱଜ ସାରଥି ସବୁ ଚୂରମାର କରିଦେଲେ । ଦୁହେଁ ରଥରୁ ଡେଇଁପଡ଼ି ଘୋର ଯୁଦ୍ଧ କଲେ ।

ଦ୍ରୋଣ, କୃପ, ଶଲ୍ୟ, ଭୀଷ୍ମଙ୍କୁ ଆସି ସାହାଯ୍ୟ କଲେ । ସାତ୍ୟକି, ଭୀମ, ଧୃଷ୍ଟଦ୍ୟୁମ୍ନ, ଶ୍ୱେତଙ୍କ ପାଖେ ପହଞ୍ଚି ଗଲେ । ଭାରି ଯୁଦ୍ଧ ହେଲା । ଶେଷକୁ ଭୀଷ୍ମଙ୍କର ଗୋଟିଏ ବାଣ ଏକାବେଳକେ ଶ୍ୱେତଙ୍କ ଛାତିକୁ ଫୁଟାଇ ଭୂଇଁରେ ପଶିଗଲା ।

ଶ୍ୱେତ ମଲା ପରେ ପାଣ୍ଡବମାନଙ୍କ ଉତ୍ସାହ ଭାଙ୍ଗିଗଲା । ଭୀଷ୍ମ କାଳାନ୍ତକ ଯମ ପରି ପାଣ୍ଡବସେନା ନାଶ କଲେ । ଭାଗ୍ୟକୁ ସଂଧ୍ୟା ହୋଇଯିବାରୁ ସେଦିନ ଯୁଦ୍ଧ ବନ୍ଦ ହେଲା ।

ଯୁଧିଷ୍ଠିରଙ୍କ ମନରେ ଆଜି ଭାରି ଦୁଃଖ । ସେ ରାତିରେ କହିଲେ, "ଭଲ କରି ଯୁଦ୍ଧ କର—ତା ନ ହେଲେ ବନ୍ଧୁବାନ୍ଧବଙ୍କର ଏପରି ମରଣ ଦେଖି, ଆଉ ଦେହ ସହୁ ନାଇ ।"

## ଦ୍ୱିତୀୟ ଦିନ

ଯୁଧିଷ୍ଠିରଙ୍କ କଥାରେ ସମସ୍ତେ ଦ୍ୱିତୀୟ ଦିନ ଭାରି ଉତ୍ସାହରେ ଯୁଦ୍ଧରେ ଲାଗିଲେ । ଧୃଷ୍ଟଦ୍ୟୁମ୍ନ କ୍ରୌଞ୍ଚାରୁଣ ବ୍ୟୂହରେ ସୈନ୍ୟ ସଜାଡ଼ି ଦେଲେ । ସେ ଦିନ ଅର୍ଜୁନଙ୍କ ଯୁଦ୍ଧରେ କୌରବମାନେ ଅଥୟ ହୋଇପଡ଼ିଲେ । ଦୁର୍ଯ୍ୟୋଧନ ଦୁଃଖ କରି ଭୀଷ୍ମଙ୍କୁ କହିବାରୁ ଭୀଷ୍ମ ଅର୍ଜୁନଙ୍କ ଭିତରେ ମହାଯୁଦ୍ଧ ମାତି ଉଠିଲା । ସମସ୍ତଙ୍କ ଉତ୍ସାହ ବଢ଼ିଗଲା ।

ଦ୍ରୋଣ ଓ ଧୃଷ୍ଟଦ୍ୟୁମ୍ନ ଦୁଇଟା ମତ୍ତହସ୍ତୀ (ମଜୁଆଳ ହାତୀ) ପରି ଲାଗିଗଲେ । ଧୃଷ୍ଟଦ୍ୟୁମ୍ନଙ୍କର ସାରଥି, ଘୋଡ଼ା, ଧନୁ, ଦ୍ରୋଣ କାଟିଦେଲେ । ଗଦା ଧରି ସେ ଦ୍ରୋଣଙ୍କୁ ମାରିବା ପାଇଁ ରଥରୁ ଡେଇଁ ପଡ଼ିଲାବେଳକୁ, ଗଦାଟି କଟିଗଲା । ତା'ପରେ ଢାଲ, ଖଣ୍ଡା; କିନ୍ତୁ ଦ୍ରୋଣଙ୍କ ପାଖକୁ ଯିବା ସହଜ ନୁହେ ।

ଧୃଷ୍ଟଦ୍ୟୁମ୍ନଙ୍କୁ ସାହାଯ୍ୟ କରିବା ପାଇଁ, ଭୀମ ଆସି ପହଞ୍ଚିଲେ । କଳିଙ୍ଗ ଏବଂ ତାଙ୍କ ପୁଅ ଶକ୍ରଦେବ କିଛି କାଳ ଭୀମଙ୍କ ସାଙ୍ଗେ ଖୁବ୍ ଲାଗିଲେ । ଶକ୍ରଦେବ ଭୀମଙ୍କ ଘୋଡ଼ା ପର୍ଯ୍ୟନ୍ତ ମାରିଲେ ।

ଭୀମଙ୍କଙ୍କର ଶେଷକୁ ଗଦା ବାହାରିଲା । ସେ ଗଦା ପାଖେ ଶକ୍ରଦେବ କେତେ ମାତ୍ର ! ଏକା ବାଡ଼ିକେ ଶକ୍ରଦେବ ସାରଥି ସଂଗେ ଯମଦ୍ୱାର ଦେଖିଲେ ।

ତହୁଁ ଭାନୁମାନ୍ ଆସି ଭୀମଙ୍କୁ ଭେଟିଲେ । ଭାନୁମାନ୍ ହାତୀ ଉପରେ; ଭୀମ ତଳେ । ହୁଡୁଁ ହୁଡୁଁ ଖଣ୍ଡା ଧରି, ହାତୀ ଉପରକୁ ଡେଇଁପଡ଼ି, ଏକା ଚୋଟକେ ଭାନୁମାନ୍ ଓ ହାତୀ ଦୁହିଁକୁ ଭୀମ ଶେଷ କଲେ । ତା'ପରେ ସେହି ଖଣ୍ଡା ଧରି ପ୍ରସ୍ତେ କୁରୁସୈନ୍ୟ ଦଳି ଦେଲେ । ଗୋଟାଏ ଗୋଟାଏ ଆଣ୍ଠୁଆ ମାରି, ଗୋଟାଏ ଗୋଟାଏ ଯୋଦ୍ଧାଙ୍କୁ ରକ୍ତ ବାନ୍ତି କରାଇ, ତଳେ ପକାଇ ଦେଲେ । କଳିଙ୍ଗ, କେତୁମାନ, ଏ ମଧ୍ୟରେ ଭୀମଙ୍କ ହାତେ ମଲେ ।

ଆଉଠାଏ ଦୁର୍ଯ୍ୟୋଧନ ଅନେକ ସେନା ଧରି ଅଭିମନ୍ୟୁଙ୍କୁ ଘେରିଥିଲେ । ଅଭିମନ୍ୟୁଙ୍କର ସେଥିରେ ଖାତିର ନ ଥିଲା; କିନ୍ତୁ ଅର୍ଜୁନ ଦୂରରୁ ଦେଖି, ଆସି ପହଞ୍ଚିଲେ । ଅର୍ଜୁନଙ୍କୁ ଦେଖି ଭୀଷ୍ମ, ଦ୍ରୋଣ ପ୍ରଭୃତି ବଡ଼ ବଡ଼ ବୀରମାନେ ଦୁର୍ଯ୍ୟୋଧନଙ୍କୁ ସାହାଯ୍ୟ କରିବାକୁ ଆସିଲେ । ଅର୍ଜୁନଙ୍କ ତେଜ ଆଜି ସହେ କିଏ ? ଚାରିଆଡ଼େ ଖାଲି କୌରବ ସେନାଙ୍କ ମୁଣ୍ଡ ଛିଣ୍ଡି ପଡ଼ୁଛି । ଆଉ କିଛି ଦେଖା ଯାଉନାଇ । ସଂଧ୍ୟା ହୋଇ ଯାଉଥିବାରୁ, ଭୀଷ୍ମ, ଦ୍ରୋଣଙ୍କ ସଂଗେ ବିଚାର କରି, ଯୁଦ୍ଧ ବନ୍ଦ କରିଦେଲେ ।

## ତୃତୀୟ ଦିନ

ତହିଁଆରଦିନ କୌରବମାନେ ଅର୍ଦ୍ଧଚନ୍ଦ୍ର ବ୍ୟୂହରେ ସେନ୍ୟ ସଜାଡିଲେ । ସେ ଦିନ ଭୀଷ୍ମ, ଦ୍ରୋଣ, ଅର୍ଜୁନ, ଦ୍ରୌପଦୀଙ୍କ ପାଞ୍ଚ ପୁଅ, ଭୀମ, ଘଟୋତ୍କଚ, ଧୃଷ୍ଟଦ୍ୟୁମ୍ନ, ଯୁଧିଷ୍ଠିର, ନକୁଳ, ସହଦେବ ପ୍ରଭୃତି ସମସ୍ତେ ଖୁବ୍ ଯୁଦ୍ଧ କରିଥିଲେ । ଯୁଧିଷ୍ଠିର ଓ ଧୃଷ୍ଟଦ୍ୟୁମ୍ନ

ଏପରି ଯୁଦ୍ଧ କଲେ ଯେ, ଭୀଷ୍ମ, ଦ୍ରୋଣ, ଦୁହେଁ ମିଳି ମଧ୍ୟ ତାଂକୁ ବନ୍ଦ କରି ପାରିଲେ ନାହିଁ । ଭୀଷ୍ମ, ଦ୍ରୋଣ ଦୁହେଁ ପାଟିକରି ମନା କରୁଥାଂନ୍ତି, କିଂତୁ କୌରବ ସୈନ୍ୟମାନେ ଭୟରେ ପଳାଇଲେ । ଦୁର୍ଯ୍ୟୋଧନ ଭୀଷ୍ମଂକୁ କହିଲେ, "ବୋଧହୁଏ ପାଂଡବମାନଂକ ଉପକାର କରିବା ଆପଣଂକ ଇଚ୍ଛା । ଏହା ଜାଣିଥିଲେ ମୁଁ ଯୁଦ୍ଧ କରିବାକୁ ଆସି ନଥାଂନ୍ତି । ତା'ନହେଲେ, ଆପଣ ଥାଉ ଥାଉ, ସୈନ୍ୟମାନେ ଏପରି ପଳାଂନ୍ତେ ।"

ଭୀଷ୍ମ କହିଲେ, "ପାଂଡବମାନେ କେଡ଼େ ବୀର, ସେକଥା ମୁଁ ତୁମକୁ କେତେ ଥର କହିଚି । ମୁଁ ତ ବୁଢ଼ା ହେଲିଣି । ହଉ, ଏବେ ଯୁଦ୍ଧ କରୁଚି, ଦେଖ ।"

ଭୀଷ୍ମଂକର ରାଗ ବଢ଼ିଗଲା । କାହାର ସାଧ୍ୟ, ତାଂକ ଆଗେ ଛିଡ଼ା ହେବ । ପାଂଡବ ସୈନ୍ୟ ମଧ୍ୟରେ ହାହାକାର ପଡ଼ିଗଲା । ନା ଧରି ଧରି, ଗୋଟି ଗୋଟି କରି, ବୁଢ଼ା ମୁଂଡ କାଟି ଦେଉଥାଂନ୍ତି । ସମସ୍ତେ ଭୀଷ୍ମଂକ ଶର ଖାଲି ଦେଖୁଥାଂନ୍ତି । ସେ ନିଜେ ରଥରେ କେଉଁ ବାଟେ କେତେବେଳେ ବୁଲୁଥାଂନ୍ତି, କେହି ଦେଖି ପାରିଲେ ନାହିଁ ।

କୃଷ୍ଣ ଏହା ଦେଖି ଅର୍ଜୁନଂକୁ ଦେଖାଇ ଦେଲେ । ଅର୍ଜୁନ ଭୀଷ୍ମଂକ ପାଖକୁ ଗଲେ, କିଂତୁ ଭୀଷ୍ମଂକୁ କୌଣସିପ୍ରକାର ଅଟକାଇ ପାରିଲେ ନାହିଁ । ବୁଢ଼ା ଭୀଷ୍ମ ଅର୍ଜୁନଂକ ଅବସ୍ଥା ଦେଖି, ହସୁଥାଂନ୍ତି ।

କୃଷ୍ଣ ନିଜେ ଅସ୍ତ୍ର ଧରି ଯୁଦ୍ଧ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ । ଏବେ ଦେଖିଲେ ଅମଂଗଳ ହେଲା । ଚକ୍ ଚକ୍ ସୁଦର୍ଶନ ଚକ୍ର ଧରି, ଧାଇଁ ଧାଇଁ ରଥରୁ ଡେଇଁ ପଡ଼ିଲେ । ଭୀଷ୍ମଂକର ଭାରି ଆନଂଦ । ସେ ନମସ୍କାର କରି କହିଲେ, "ହେ ଦେବଶ୍ରେଷ୍ଠ ଶ୍ରୀକୃଷ୍ଣ ! ତୁଂଭର ସୁଦର୍ଶନ ଚକ୍ରରେ ଏ ପ୍ରାଣ ଗଲେ, ମର୍ତ୍ତରେ ପ୍ରଶଂସା ପାଇବି; ସ୍ୱର୍ଗରେ ସୁଖରେ ରହିବି । ଆସ, ମତେ କାଟ ।"

ଅର୍ଜୁନଂକୁ ଲାଜ ମାଡ଼ିଲା, ପ୍ରତିଜ୍ଞା ମନେ ପକାଇ ଦେଇ, ସେ କୃଷ୍ଣଂକୁ ଫେରାଇଲେ ଏବଂ ତା' ପରେ ରାଗିକରି ଗାଂଡୀବ ଧରି, ଆଶ୍ଚର୍ଯ୍ୟ ଇଂଦ୍ର ଅସ୍ତ୍ର ଏବଂ ଅଗ୍ନିପରି ଉଜ୍ଜ୍ୱଳ ଆଉ ଅନେକ ବାଣ ମାରିଲେ । ଧାନ କଟା ହେଲା ପରି, କୌରବ ସୈନ୍ୟମାନେ ପଡ଼ି ଯାଉଥାଂନ୍ତି । ଭୀଷ୍ମ ପ୍ରଭୃତି ବଡ଼ ବଡ଼ ବୀରମାନେ ଏବେ ପଛଘୁଂଚା ଦେଲେ । କୌରବ ସୈନ୍ୟମାନେ ଶିବିର ଆଡ଼କୁ ପଳାଇଲେ ।

## ଚତୁର୍ଥ ଦିନ

ଆରଦିନ ପୁଣି ଭୀଷଣ ଯୁଦ୍ଧ । ଭୀମ, ଅର୍ଜୁନ, ଅଭିମନ୍ୟୁ ଭାରି ତେଜରେ ଯୁଝିଲେ । ଧୃଷ୍ଟଦ୍ୟୁମ୍ନ ସଂଯମନୀ ପୁଅଂକୁ ଏକା ଗଦା ବାଡ଼ିକେ ଶେଷ କଲେ ।

ଭୀମ ସେ ଦିନ ଅଦ୍ଭୁତ କାଂଡ ଲଗାଇ ଦେଲେ । ଗଦା ହାତରେ ଧରି ହାତୀ, ଘୋଡ଼ା, ରଥୀ, ପଦାତି କାହାରି ବାକି ରଖିଲେ ନାହିଁ । ଦୁର୍ଯ୍ୟୋଧନ ଅନେକ ସୈନ୍ୟ ପଠାଇଲେ; ଭୀମ ସବୁ ମାରି ଗୁଂଡ଼ା କଲେ । ଦୁର୍ଯ୍ୟୋଧନ ସଙ୍ଗେ ଶେଷକୁ ମୁହାଁମୁହିଁ ହେଲା । ଦୁର୍ଯ୍ୟୋଧନଂକ ଶରରେ ଭୀମ ଥରେ ଅଜ୍ଞାନ ହୋଇଗଲେ । ପୁଣି ଉଠି, ଦୁର୍ଯ୍ୟୋଧନ ଓ ଶଲ୍ୟଂକୁ ଏପରି ଶର ମାରିଲେ ଯେ, ଶଲ୍ୟ ଏକାବେଳକେ ପଛଘୁଂଚା ଦେଲେ ।

ତା'ପରେ ସେନାପତି, ସୁଷେଣ, ଜଳସନ୍ଧ, ସୁଲୋଚନ, ଉଗ୍ର, ଭୀମରଥ, ଭୀମ, ବୀରବାହୁ, ଅଲୋଲୁପ, ଦୁର୍ମୁଖ, ଦୁଷ୍ପ୍ରଧର୍ଷ, ବିବିତ୍ସୁ, ବିକଟ ଓ ସମ—ଦୁର୍ଯ୍ୟୋଧନର ଏହି ଚଉଦ ଭାଇ, ଏକାବେଳକେ

ଭୀମଙ୍କୁ ଆସି ଆକ୍ରମଣ କଲେ । ଭୀମର କ ଆନଂଦ । ଦେଖୁ ଦେଖୁ ସାତୋଟି ଭାଇଂକ କାମ ସରିଗଲା । ବାକି ସାତୋଟି ପଳାଇ ପ୍ରାଣ ରଖିଲେ ।

ଭୀଷ୍ମ କହିଲେ—ଟୋକାଗୁଡ଼ାକ ନ ଜାଣି ଭୀମ ହାବୁଡ଼େ ପଡ଼ିଗଲେ । କେହି ଦେଖିଲ ନାଇ, ସବୁ ସାରସାକ କଣ କରୁଚ ? "ଏବେ ଭୀମଙ୍କୁ ଘେରାଳ ।" ଏହିପରି ଭୀଷ୍ମଂକ ଉତ୍ସାହ କଥା ଶୁଣି, ଭଗଦତ୍ତ ଭୀମଂକୁ ଆକ୍ରମଣ କଲେ । ଭୀମ ଅଜ୍ଞାନ ହୋଇଗଲେ । ଏପରେ ଏପରେ ଘଟୋତ୍କଚ, ରାକ୍ଷସ ସୈନ୍ୟ ଧରି, ଭୟଂକର ବେଶରେ ଆସି ଉପସ୍ଥିତ । କୌରବମାନେ ଭଗଦତ୍ତଙ୍କୁ ବଂଚାଇବାରେ ବ୍ୟସ୍ତ ହେଲେ । ସଂଧ୍ୟା ହୋଇ ଆସିଥିଲା । ଭୀଷ୍ମ ଯୁଦ୍ଧ ଶେଷ କରି ଘଟୋତ୍କଚ ହାତରୁ କୌରବମାନଂକୁ ରକ୍ଷା କଲେ ।

## ପଂଚମ ଦିନ

ପରଦିନ ସକାଳେ କୌରବଂକର ମକରବ୍ୟୂହ ଓ ପାଂଡବଂକର ଶ୍ୟେନବ୍ୟୂହରେ ସୈନ୍ୟସଜ୍ଜା ହେଲା । ପ୍ରଥମେ ଭୀମ, ଅର୍ଜୁନ ଓ ଭୀଷ୍ମଂକର ଯୁଦ୍ଧହେଲା । ତା'ପରେ ଦ୍ରୋଣ ସାତ୍ୟକ ଯୁଦ୍ଧ କଲେ । ଭୀମ ଦ୍ରୋଣଂକୁ ବାଣ ମାରି, ସାତ୍ୟକଙ୍କୁ ସାହାଯ୍ୟ କଲେ । ତହୁଁ ଭୀଷ୍ମ, ଦ୍ରୋଣ ଓ ଶଲ୍ୟ, ଶିଖଂଡୀ ଆସି ଭୀଷ୍ମ ଦ୍ରୋଣଂକ ଆଗେ ପହଂଚଲେ । ଭୀଷ୍ମ ତ ଶିଖଂଡୀ ସଂଗେ ଯୁଦ୍ଧ କରିବେ ନାଇଁ; କିଂତୁ ଦ୍ରୋଣ ଥିବାରୁ ଶିଖଂଡୀ କଛୁ କରି ପାରିଲେ ନାଇ ।

ଦିନଯାକ ଘୋର ଯୁଦ୍ଧ ଚାଲିଲା । ସାତ୍ୟକ ଉପରଉପର ଅନେକ କୌରବସେନା ମାରିଦେଲେ । ଦୁର୍ଯୋଧନ ଦଶ ହଜାର ସୈନ୍ୟ ପଠାଇ ଦେଲେ; କିଂତୁ ସମସ୍ତେ ସାତ୍ୟକ ହାତେ ମଲେ ।

ଭୂରିଶ୍ରବା ଆସି ସାତ୍ୟକଂକ ଭେଟିଲେ । ପାଂଡବ ସୈନ୍ୟମାନେ ସାତ୍ୟକଂକୁ ଛାଡ଼ି ପଳାଇଲେ । ସାତ୍ୟକର ଦଶ ପୁଅ ଆସି, ଭୂରିଶ୍ରବାଂକର ବଜ୍ରପରି ଶରରେ ଏକାବେଳକେ ଚୂରି ହୋଇଗଲେ । ଆଉ ଦିନ ଅଳ୍ପ ଥିଲା । ଅର୍ଜୁନ ଶୂନ୍ଦୁ ଶୂନ୍ଦୁ ଲାଗିଯାଇ, ପଚିଶ ହଜାର ରଥୀ କାଟି ତଳେ ପକାଇ ଦେଲେ । ଭୀଷ୍ମ ଏବେ ଯୁଦ୍ଧ ବଂଦ କଲେ ।

## ଷଷ୍ଠ ଦିନ

ଆଜ ପାଂଡବମାନଂକର ମକରବ୍ୟୂହ ଓ କୌରବମାନଂକର କ୍ରୌଂଚବ୍ୟୂହ । ଭୀମ, ଧୃଷ୍ଟଦ୍ୟୁମ୍ନଂକ ଯୁଦ୍ଧର ତୁଳନା ନାଇ । ଦୁଃଶାସନ ଆପଣାର ବାଇଟି ଭାଇଂକ ଡାକ ହଜାର ହଜାର ରଥୀ ନେଇ ଭୀମଂକୁ ଭେଟିଲେ । ଭୀମଂକର ଖାତିର୍ ନାଇ; କହିଲେ, 'ଆଗ ରଥୀଗୁଡ଼ାକ ଶେଷ କରିଦେଇଁ ।'

ଗଦା ଧରି ରଥରୁ ଓହ୍ଲାଇ, ଗୋଟିଏ ଆଡ଼ୁ ପିଟି ପିଟି ଆସିଲେ । ଧୃଷ୍ଟଦ୍ୟୁମ୍ନ କଂଦ କରି କରି, ସେଠାରେ ଆସି ପହଂଚ ଦେଖିଲେ, ଭୀମଂକର ଖାଲି ରଥ । ତାଂକ ମନରେ ବଡ଼ ଭୟ, ଆଉ ଦୁଃଖ ହୋଇଗଲା, ପରେ ଜାଣିଲେ, ଭୀମ ଗଦା ଧରି ରଥୀ ମାରୁଚଂତ । ବାଟରେ ହାତୀଗୁଡ଼ାକ ମରି ପଡ଼ିଥିଲେ । ସେହି ବାଟେ ଖୋଜ ଖୋଜ ଭୀମଂକୁ ଦେଖିଲେ । ଏବେ ଘୋଟ ଘୋଟ ସୈନ୍ୟଂକୁ ଶେଷ କରି, ଭୀମ ରାଜା ମାରିବାରେ ବ୍ୟସ୍ତ । ଧୃଷ୍ଟଦ୍ୟୁମ୍ନ ମଧ୍ୟ ସେହିଠାରେ ଯୁଦ୍ଧରେ ଲାଗିଗଲେ ।

ଦୁର୍ଯୋଧନଂକ ଭାଇଗୁଡ଼ିଂକୁ ଶୂନ୍ଦୁ ଶୂନ୍ଦୁ ଧୃଷ୍ଟଦ୍ୟୁମ୍ନ ସମ୍ମୋହନ ଅସ୍ତ୍ରରେ ଅଜ୍ଞାନ କରି ଦେଲେ । ଆହା ! ବିଚରାଗୁଡ଼ିକ ଆଉ ଯୁଦ୍ଧ କରିବେ କ'ଣ? ସେ ଦିନ ଭୀମଂକ ଗଦା ସୁଦ୍ଧା ତାଂକୁ ଦେଖି ପାରିଲା ନାଇ ।

ଦ୍ରୋଣ ଧୃଷ୍ଟଦ୍ୟୁମ୍ନଂକର ଘୋର ଯୁଦ୍ଧ ଲାଗିଗଲା । ପାଂଡବମାନେ ଅସ୍ଥିର ହେଲେ । ଭୀଷ୍ମ, ଅର୍ଜୁନଂକର

ମଧ୍ୟ ଭୟାନକ ଯୁଦ୍ଧ ହେଲା । ଯାହା ହେଉ, ସେ ଦିନ ଆଉ କିଛି ବିଶେଷ ବଡ଼ ଘଟଣା ହୋଇ ନାଇ । ସନ୍ଧ୍ୟା ହେଲାରୁ, ସମସ୍ତେ ଆନନ୍ଦରେ ଶିବିରକୁ ଗଲେ ।

## ସପ୍ତମ ଦିନ

ଏ ଦିନ କୌରବଙ୍କର ମଣ୍ଡଳ ଓ ପାଣ୍ଡବ-ମାନଙ୍କର ବଜ୍ର ବ୍ୟୂହ । ସକାଳୁ ଆଗ ବିରାଟଙ୍କ ପୁଅ ଶଙ୍ଖ ଦ୍ରୋଣଙ୍କ ହାତରେ ମଲେ । କୌରବଙ୍କ ପକ୍ଷରେ ଅଲମ୍ବୁଷ ବୋଲି ଗୋଟିଏ ରାକ୍ଷସ ଥିଲା । ସେ ଭାରି ମାୟା ଜାଣେ । ସାତ୍ୟକି ତା' ସଙ୍ଗେ ଲାଗିଥିଲେ । ସାତ୍ୟକି ଅର୍ଜୁନଙ୍କ ଶିଷ୍ୟ । ମାୟାରେ ଭୁଲିବାର ଜନ୍ତୁ ସେ ନୁହଁନ୍ତି । ଇନ୍ଦ୍ର ଅସ୍ତ୍ରରେ ସେ ରାକ୍ଷସ ମାୟା ଉଡ଼ାଇ ଦେଲେ । ଅସୁର ପୁଅର, ଆଉ ଉପାୟ କ'ଣ ? ପଛଘୁଞ୍ଚା ଦେଇ, ଦେ ଦଉଡ଼ ।

ଅର୍ଜୁନଙ୍କ ପୁଅ ଇରାବାନ, ବିନ୍ଦ ଓ ଅନୁବିନ୍ଦଙ୍କ ସଙ୍ଗେ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ । ଘଟୋତ୍କଚ ଭଗଦତ୍ତଙ୍କ ସଙ୍ଗେ ଲାଗିଗଲେ । ଭଗଦତ୍ତ ବଡ଼ ବୀର । ଘଟୋତ୍କଚ କିଛିକାଳ ଭାରି ତେଜରେ ଯୁଝି ଶେଷକୁ ଆଉ ପାରିଲେ ନାଇ ।

ଶଲ୍ୟ ସେ ଦିନ ନକୁଳ, ସହଦେବଙ୍କ ସଙ୍ଗେ ଭେଟା ଭେଟି ହୋଇଗଲେ । ନକୁଳ ସହଦେବ ତାଙ୍କର ନିଜ ଭଣଜା । ହସି ହସି ସହଦେବ ଶର ମାରି ଶଲ୍ୟଙ୍କୁ ଏକାବେଳକେ ଘୋଡ଼ାଇ ପକାଇଲେ । ଶଲ୍ୟ ଅପ୍ରସ୍ତୁତ ହୋଇ ମଧ୍ୟ ଖୁସି ହେଲେ; ଶେଷକୁ ଆଉ ବସି ରହିପାରିଲେ ନାଇ, ଅଜ୍ଞାନ ହୋଇ ପଡ଼ିଗଲେ । ସାରଥି ରଥ ଘେନି ଚାଲିଗଲା ।

ଦି' ପହରେ ଯୁଧିଷ୍ଠିରଙ୍କ ସଙ୍ଗେ ଶ୍ରୁତାୟୁର ଯୁଦ୍ଧ ହେଲା । ଶ୍ରୁତାୟୁ ଅସ୍ତବ୍ୟସ୍ତ ହୋଇ ପଳାଇଲେ । ଭୀଷ୍ମ, ଦ୍ରୋଣ, ଅର୍ଜୁନ ଭାରି ଯୁଦ୍ଧ କରି ହଜାର ହଜାର ସୈନ୍ୟ କଦଳୀଗଛ ପରି କାଟୁଥାଆନ୍ତି । ଯାହା ହେଉ ସନ୍ଧ୍ୟା ହୋଇଗଲା । ଯୁଦ୍ଧ ବନ୍ଦ କରି ସମସ୍ତେ ଶିବିରକୁ ଗଲେ ।

## ଅଷ୍ଟମ ଦିନ

ସକାଳୁ କୌରବମାନେ ସମୁଦ୍ର ପରି ଭୟାନକ ବ୍ୟୂହ ତିଆରି କଲେ । ତା' ଦେଖି, ଯୁଧିଷ୍ଠିର ଶୃଙ୍ଗାଟକ ବ୍ୟୂହ ତିଆରି କରିବା ପାଇଁ ଧୃଷ୍ଟଦ୍ୟୁମ୍ନଙ୍କୁ କହିଲେ ।

ଭୀଷ୍ମ ଅସାଧାରଣ ତେଜରେ ଯୁଦ୍ଧ କଲେ । ତାଙ୍କୁ ଭେଟିବା ପାଇଁ ଭୀମ ଛଡ଼ା ସେଠାରେ ଆଉ କେହି ନ ଥିଲେ । ଭୀମ ଭୀଷ୍ମଙ୍କୁ ଆକ୍ରମଣ କଲେ । ଦୁର୍ଯୋଧନ ନିଜ ଭାଇମାନଙ୍କୁ ଘେନି ଭୀଷ୍ମଙ୍କୁ ରକ୍ଷା କଲେ । ଭୀମ ଆଗ ଭୀଷ୍ମଙ୍କ ସାରଥିକି ମାରିଦେଲେ । ଘୋଡ଼ାଗୁଡ଼ିକ ରଥ ଘେନି, ଏଣେ ତେଣେ ଦୌଡ଼ିଲେ ।

ଭୀମଙ୍କୁ ବେଳ ମିଳିଗଲା । ଦେଖିଲା ବେଳକୁ ସେ ଦୁର୍ଯୋଧନ ଭାଇ ସୁନାଭଙ୍କ ମୁଣ୍ଡଟି କାଟି ପକାଇଛନ୍ତି । ସୁନାଭ ମରିବାର ଦେଖି, ଆଦିତ୍ୟ-କେତୁ, ବହ୍ୱାଶୀ, କୁଣ୍ଡଧାର, ମହୋଦର, ଅପରାଜିତ, ପଣ୍ଡିତ ଓ ବିଶାଳାକ୍ଷ ନାମକ ଦୁର୍ଯୋଧନଙ୍କର ସାତଟି ଭାଇ ରାଗ ହୋଇ, ଭୀମଙ୍କୁ ମାରିବାକୁ ଆସିଲେ । ଭୀମଙ୍କର ଭାରି ଆନନ୍ଦ ! ହସି ହସି ସାତଟି ଯାକ ନିପାତ । ଦୁର୍ଯୋଧନ କାନ୍ଦି କାନ୍ଦି ଭୀଷ୍ମଙ୍କୁ ଆସି କହିଲେ, ଆପଣ କିଛି କରୁନାହାନ୍ତି ।

ଭୀଷ୍ମ କହିଲେ, "କେତେ ତ କହିଲି, ଶୁଣିଲ ନାଇ । ଭୀମ କି ତୁମମାନଙ୍କୁ ପାଇଲେ, ଛାଡ଼ିବ ? ମୁଁ ଆଉ ଦ୍ରୋଣ ପ୍ରାଣପଣେ ଯୁଦ୍ଧ କରୁଛୁ ଓ କରିବୁ ।"

ଅର୍ଜୁନଂକ ପୁତ୍ର ଇରାବାନ୍ ସେ ଦିନ ଭାରି ବୀରତ୍ୱ ଦେଖାଇଥିଲେ । ଶକୁନି ନିଜର ଛ ଭାଇଂକ ଧରି, ଚାରିଆଡ଼ୁ ଇରାବାନଂକୁ ଅସ୍ତବ୍ୟସ୍ତ କଲେ । ଦେହରୁ ଝରଝର ରକ୍ତ ପଡ଼ୁଛି । ଇରାବାନ୍ ରାଗରେ ଅସି ଚର୍ମ ( ଖଂଡା ଢାଲ ) ଧରି, ରଥରୁ ଡେଇଁ ପଡ଼ି ଶତ୍ରୁମାନଂକ ଭିତରେ ପଶିଲେ । ଶତ୍ରୁମାନେ ଭାରି ଖୁସି ହୋଇ, ମାରିବାକୁ ଆସୁ ଆସୁ ଶକୁନି ଛଡ଼ା ବାକି ଛଅଟି ଭାଇଂକ ମୁଂଡ ଗଂଡିରୁ ଅଲଗା ହୋଇ ଯାଇଛି ।

ଶକୁନି ପଳାଇବାରୁ, ଦୁର୍ଯୋଧନ ଆର୍ଯଶଂଗ ବୋଲି ଗୋଟିଏ ଭୟଂକର ରାକ୍ଷସକୁ ଇରାବାନଂକୁ ଭେଟିବାକୁ ପଠାଇ ଦେଲେ । ରାକ୍ଷସ ମାୟାରେ ଦୁଇ ହଜାର ଅଶ୍ୱାରୋହୀ ବାହାର କରି ପକାଇଲା; ସେମାନେ ଯୁଦ୍ଧ କରୁ କରୁ, ନିଜେ ଆକାଶକୁ ଉଡ଼ିଗଲା । ଇରାବାନ୍ ବି ମାୟା ଜାଣଂତି । ସେ ନିଜେ ନାଗ ଦେଶର ଲୋକ । ନାଗମାନେ ତାଂକର ସାହାଯ୍ୟ କରିବାକୁ ଆସିଲେ । ରାକ୍ଷସ ଗରୁଡ଼ ପାଲଟି, ନାଗମାନଂକୁ ଗୋଟି ଗୋଟି କରି ଗିଳି ବସିଲା । ଇରାବାନ୍ ଚାଟକା ହୋଇ ଚାହିଁ ରହିଲେ । ରାକ୍ଷସ ଏତିକିବେଳେ ସୁବିଧା ପାଇ ତାଂକ ମୁଂଡଟି କାଟି ଦେଲା ।

ଅର୍ଜୁନ ଦୂରରେ ଥିଲେ, ଜାଣି ପାରିଲେ ନାଇ । ଭୀଷ୍ମ, ଦ୍ରୋଣ, ଭୀମ, ଦ୍ରୁପଦ ପ୍ରଭୃତି ହଜାର ହଜାର ସୈନ୍ୟ କାଟୁଚଂତି । ଭୟାନକ ଯୁଦ୍ଧ—ସମସ୍ତେ ଉତ୍ସାହରେ ପାଗଳ ।

ଘଟୋତ୍କଚ ଝଂଜାପବନ ପରି ସୈନ୍ୟ ଦଳି ପକାଉଚି । ତାକୁ ଦେଖି ସମସ୍ତେ ଅତଙ୍କରେ ପଳାଉଚଂତି ।

ଦୁର୍ଯୋଧନଂକ ଭାଇମାନେ ଉତ୍ସାହରେ ଦ୍ରୋଣଂକ ସଂଗେ ଭୀମଂକୁ ଆସି ଭେଟିଲେ । ଭୀମର ଆଉ ଦ୍ରୋଣଂକୁ ଖାତିର୍ ନାଇ । ଭୀମକୁ ଭୋଜି ମିଳିଗଲା ପରି ଲାଗିଲା । ଗୋଟି ଗୋଟି କରି ବ୍ୟୂଢ଼ୋରସ୍କ, କୁଂଡଳୀ, ଅନାଧୃଷ୍ୟ, କୁଂଡଭେଦୀ, ବୈରାଟ, ବିଶାଳାକ୍ଷ, ଦୀର୍ଘବାହୁ, ସୁବାହୁ କନକଧ୍ୱଜ—ଏହି ନଅଟିଂକର ମୁଂଡ ଭୀମ କାଟିଦେଲେ । ଆଉଗୁଡ଼ିକ ଭୀମଂକୁ ସାକ୍ଷାତ୍ ଯମ ବୋଲି ବିଚାରି ପଳାଇଲେ ।

ଭୀମ ଭାରି ଉତ୍ସାହରେ ମାତିଗଲେ । ଭୀଷ୍ମ, ଦ୍ରୋଣ ଭଗଦତ୍ତ, କୃପ, ସମସ୍ତେ ଏବେ ଅସ୍ତବ୍ୟସ୍ତ । ସେ ଦିନ ଯୁଦ୍ଧ ହେଉ ହେଉ, ସଂଧ୍ୟା ବୁଡ଼ିଗଲା । ଖୁବ୍ ଅଂଧାର ହେବାରୁ ସମସ୍ତେ ଶିବିରକୁ ଗଲେ ।

ରାତିରେ ଦୁର୍ଯୋଧନ, କର୍ଣ୍ଣ ଆଉ ଶକୁନିଂକୁ କହିଲେ, "ପାଂଡବମାନଂକୁ ତ କେହି ମାରିଲେ ନାଇ । ମୋ ମନରେ ବଡ଼ ଭୟ ହେଉଚି ।"

କର୍ଣ୍ଣ ଏ କଥା ଶୁଣି କହିଲେ, "ଭୀଷ୍ମଂକର ଖାଲି ମୁହଁ ବଡ଼; ତାଂକୁ କହ, ଅସ୍ତ୍ର ଛାଡ଼ଂତୁ, ଦି'ଦିନରେ ମୁଁ ସବୁ ଠିକ୍ କରିଦେବି ।"

ଦୁର୍ଯୋଧନ ଭୀଷ୍ମଂକ ପାଖକୁ ଯାଇ, ପ୍ରଣାମ କରି କହିଲେ, "ପାଂଡବମାନଂକୁ ମାରିବାରେ ହେଳଂବ କରୁଚଂତି କାହିଁକି ? ଆପଣଂକର ଯେବେ ଇଚ୍ଛା ନାଇ, ତେବେ କର୍ଣ୍ଣଂକୁ ଥରେ କହଂତୁ ନା ! ସେ ପାଂଡବମାନଂକୁ ପରାସ୍ତ କରିବେ ।"

ଭୀଷ୍ମଂକୁ ବଡ଼ ଅପମାନ ଲାଗିଲା । ସେ ଟିକିଏ ଆଖି ବୁଜି ତୁନି ହୋଇ ରହିଲେ । ତା'ପରେ କହିଲେ, "ମୁଁ ତ ପ୍ରାଣପଣେ ତୁମର ଉପକାର କରୁଚି, ତଥାପି ଏପରି କୁକଥା କାହିଁକି କହୁଚ ? ଯେଉଁ ପାଂଡବମାନେ ଖାଂଡବ ଦାହ କରିଥିଲେ; ନିବାତକବଚମାନଂକୁ ମାରିଥିଲେ; ତୁମକୁ ଗଂଧର୍ବ ହାତରୁ ବଂଚାଇଥିଲେ; ବିରାଟ ନଗରରେ ତୁମମାନଂକୁ ଜିଣି ଗୋରୁ ଛଡ଼ାଇଥିଲେ; ଆଉ ତୁମମାନଂକ ପୋଷାକ କାଢ଼ି ନେଇ ଉତ୍ତରାର କୁଂଢାଇ ଖେଳ ପାଇଁ

ଦେଇଥିଲେ; ସେମାନେ ଏଇ କଥାରେ ହାରି ଯିବା ଲୋକ ନୁହଂନ୍ତି । ଯାହାହେଉ, କାଲି ମୁଁ ଏପରି ଯୁଦ୍ଧ କରିବି ଯେ, ସେ ଯୁଦ୍ଧ କଥା ଲୋକେ କାଳ କାଳକୁ ମନେ ରଖିବେ ।"

## ନବମ ଦିନ

ଆରଦିନ ଭାରି ଭୟାନକ ଯୁଦ୍ଧ ହେଲା । ସକାଳୁ ଅଭିମନ୍ୟୁ ଆଉ ଦ୍ରୌପଦୀର ପାଂଚପୁଅଙ୍କୁ ଆସି, ରାକ୍ଷସ ଅଳଂବୁଷ ଖୁବ୍ ଯାତନା ପାଇଲେ । ତାଂକ ପରେ ଦ୍ରୋଣ, ଅର୍ଜୁନ, ସାତ୍ୟକ, ଅଶ୍ୱତ୍ଥମା ପ୍ରଭୃତି କେତେକାଳ ଯୁଝିଲେ । ଦି'ପହରଠାରୁ ଭାରି ଯୁଦ୍ଧ ଲାଗିଗଲା ।

ଅର୍ଜୁନଂକ ତେଜରେ କୌରବ ସୈନ୍ୟ ପଳାଇବାକୁ ବାଟ ପାଇଲେ ନାଇ; କିଂନ୍ତୁ ଶେଷ ବେଳକୁ ଭୀଷ୍ମ ଏକାବେଳେ ପାଂଡବମାନଂକୁ ଅସ୍ଥିର କରି ପକାଇଲେ । ଶର ବୃଷ୍ଟି; ସେ ଶର ପୁଣି ବଜ୍ର ପରି ଅସାଧ ! ପାଂଡବସେନା ଅସ୍ତବ୍ୟସ୍ତ ହୋଇ, ଏଣେ-ତେଣେ ପଳାଇଲେ । କୃଷ୍ଣ ଅର୍ଜୁନଂକୁ ଏହା ଦେଖାଇ, ଭୀଷ୍ମଂକୁ ମାରିବାକୁ କହିଲେ । ଭୀଷ୍ମଂକୁ ମାରିବାକୁ ବାସ୍ତବିକ୍ ଅର୍ଜୁନଂକର କେବେ ହାତ ଯାଏ ନାଇ । ସେ ଭୀଷ୍ମଙ୍କୁ ଚାହିଁ କାଂଦ କାଂଦ ହୋଇଗଲେ; ପଛକୁ କୃଷ୍ଣଂକ କଥା ମାନି ଭୀଷ୍ମଂକ ଆଗକୁ ଆସିଲେ ।

ଯୁଦ୍ଧ ଲାଗିଲା; କିଂନ୍ତୁ ଅର୍ଜୁନ ପାରୁ ନ ଥାଂନ୍ତି । କୃଷ୍ଣ ଦେଖିଲେ ଆଉ ଉପାୟ ନାଇ; ଘୋଡ଼ା ଚାବୁକ ଧରି, ପୁଣି ଭୀଷ୍ମଂକୁ ମାରିବାକୁ ରଥରୁ ଡେଇଁଲେ; ଅର୍ଜୁନ ଲଜ୍ଜିତ ହୋଇ, କୃଷ୍ଣଂକୁ ଫେରାଇ ଉତ୍ସାହରେ ଯୁଝିଲେ ସତ, କିଂନ୍ତୁ ଭୀଷ୍ମ କାଳାନଳ (ପ୍ରଳୟ କାଳର ଅଗ୍ନି) ପରି, ପାଂଡବ ସୈନ୍ୟଙ୍କୁ ଶେଷ କରିବାକୁ ବସିଲେ । ଆଉ ରକ୍ଷା ନାଇ ।

ଯାହାହେଉ, ସନ୍ଧ୍ୟା ଆସି ସୈନ୍ୟମାନଂକୁ ବଂଚାଇ ଦେଲା ।

ରାତିରେ ଯୁଧିଷ୍ଠିର ଭୀଷ୍ମଂକ କଥା ଭାବି, ବଡ଼ ଦୁଃଖିତ ହେଲେ । କୃଷ୍ଣ କହିଲେ, "ମୁଁ ତେବେ ଭୀଷ୍ମଂକୁ ମାରିବି, କିଛି ଭୟ ନାଇ ।" ଯୁଧିଷ୍ଠିର କୃଷ୍ଣଂକୁ ବୁଝାଇ କହିଲେ, "ଆପଣ ପ୍ରତିଜ୍ଞା ଭାଂଗିବେ କିପରି ? ଆଚ୍ଛା, ଭୀଷ୍ମ ନିଜେ ମରିବାର ଉପାୟ କହି ଦେବେ ବୋଲି ମତେ କହିଥିଲେ । ମୁଁ ଯାଇ, ତାଂକୁ ପଚାରିବି; କିଂନ୍ତୁ ଭାଗ୍ୟରେ ଏଇ କଥା ଥିଲା ? ପିଲାଦିନୁ ଆମର ବାପ ନାଇ; ସେହି ଭୀଷ୍ମଂକ କୋଳରେ କେତେ ଗୋଇଠା ମାରିଚୁ । ତାଂକ ଦେହରେ କେତେ ଧୂଳି ବୋଳିଚୁ ! ଏବେ ତାଂକୁ ମାରିବାକୁ ଆମର ଉଦ୍ୟମ ! ଏ କ୍ଷତ୍ରିୟ ଧର୍ମକୁ ଧିକ୍, କୃଷ୍ଣ !"

ଯାହାହେଉ, ଶେଷରେ ବିଚାର କରି, କୃଷ୍ଣଂକୁ ଧରି ପାଂଚ ଭାଇଯାକ ଅସ୍ତ୍ରଶସ୍ତ୍ର ଛାଡ଼ି, ଭୀଷ୍ମଂକ ପାଖେ ଯାଇ ପହଂଚିଲେ । ଭୀଷ୍ମଂକୁ ପ୍ରଣାମ କରି ପଚାରିବାରୁ, ସେ କହିଲେ, "ବାବୁମାନେ, ମୁଁ ବଂଚି ଥାଉଁ ଥାଉଁ, ତୁମେ ଯୁଦ୍ଧରେ ଜିଣି ପାରିବ ନାଇ । ମୋ ହାତରେ ଧନୁଶର ଥିବାଯାଏ, ଦେବତା ଅସୁରମାନେ ମଧ୍ୟ ମତେ କିଛି କରିପାରିବେ ନାଇ । ସ୍ତ୍ରୀ କିଂବା ଶରଣ ନେଇଥିବା ଲୋକଂକ ସଂଗେ ମୁଁ ଯୁଦ୍ଧ କରିବି ନାଇ । ତୁଂଭ ସୈନ୍ୟମଧ୍ୟରେ ଶିଖଂଡୀ ବୋଲି ଯେଉଁ ମହାରଥୀ ଅଛଂନ୍ତି, ତୁମେ ଜାଣ, ସେ ପୂର୍ବେ ସ୍ତ୍ରୀ ଥିଲେ । ଅର୍ଜୁନ ତାଂକୁ ଆଗରେ ରଖି ଯୁଦ୍ଧ କରଂନ୍ତୁ । ମୁଁ ଅସ୍ତ୍ର ଛାଡ଼ି ଦେବି । ତା'ହେଲେ ଅର୍ଜୁନ ମତେ ମାରିପାରିବେ ।"

ଅର୍ଜୁନ ଏ କଥା ଶୁଣି ଲଜ୍ଜିତ ହେଲେ; ତାଂକର ବଡ଼ ଶୋକ ମଧ୍ୟ ହେଲା । ପିଲାଦିନ କଥା, କେତେ ଅଳି, କେତେ ଧୂଳି ଖେଳ, ମନେ ପକାଇ ଅର୍ଜୁନ କାଂଦିଲେ । କହିଲେ, "ପିଲାଦିନେ ଧୂଳି ଖେଳୁ ଖେଳୁ,

ତାଂକ ଉପରେ ପଡ଼ିଯାଇ, ତାଂକ ଦେହରେ କେତେ ଧୂଳି ବୋଳିଦିଏ । ତାଂକ ପେଟରେ ବସି, ତାଂକୁ ବାପା ବୋଲି ଡାକିଲେ, ସେ ଆଉଁଷି ଆଉଁଷି କହଂତି, 'ମୁଁ ତୁମ ବାପା ନୁହେଁ; ତୁମର ବାପାର ବାପା ।' ଆହା ସେହି ଭୀଷ୍ମ—ସେହି ମୋର ବାପର ବାପ, ତାଂକୁ କପରି ମାରିବି ? ମୁଁ ତା ପାରିବି ନାଇ । ମୁଁ ମଲେ ମଧ୍ୟ, ମୋର ଦୁଃଖ ନାଇ ।"

ଯାହାହେଉ, କୃଷ୍ଣ ବହୁତ ବୁଝାଇ ସୁଝାଇ ଦେବାରୁ ଅର୍ଜୁନଂକ ଦୁଃଖ ଗୁଲିଗଲା । ଅର୍ଜୁନ କୌରବମାନଂକୁ ମାରିବାକୁ ପ୍ରତିଜ୍ଞା କରିଚଂତି । ଭୀଷ୍ମଂକୁ ନ ମାରିଲେ, ନ ଚଳେ । କ୍ଷତ୍ରିୟ ଧର୍ମ ରକ୍ଷା କରିବା ପାଇଁ ଭୀଷ୍ମଂକୁ ମାରିବାକୁ ହେବ । ଆଉ ଉପାୟ କଣ ?

## ଦଶମ ଦିନ

ସକାଳୁ ପାଂଡବମାନେ ରଣବାଦ୍ୟ ବଜାଇ, ଯୁଦ୍ଧକୁ ବାହାରିଲେ । ଆଜି ସମସ୍ତଂକ ଆଗରେ ଶିଖଂଡୀ ।

ଏଣେ ଭୀଷ୍ମ ଗୋଟିଏ ଆଡୁ ପାଂଡବ ସେନା ଶେଷ କରି ଆସୁଚଂତି । ଶିଖଂଡୀ ଶର ମାରୁଚଂତି ସତ, ଭୀଷ୍ମଂକର ଖାତିର ନାଇ । ଭୀଷ୍ମଂକ ଦେହରେ ସେ ବାଣ ବାଜୁଚି; ସେ ହସି ହସି କହୁଚଂତି, "ଯାହା ଖୁସି କରିପାଅ, ମୁଁ ତୁଂଭ ସଂଗେ ଯୁଦ୍ଧ କରିବି ନାଇ । ଶିଖଂଡୀ କହିଲେ,, "ଯୁଦ୍ଧ କର ନ କର, ମୋ ହାତେ ଆଜି ତୁଂଭର ରକ୍ଷା ନାଇ ।"

ଭୀଷ୍ମ ସେ କଥା ନ ଶୁଣି, ପାଂଡବସୈନ୍ୟ ଶେଷ କରି ଯାଉଚଂତି । ଅର୍ଜୁନ ମଧ୍ୟ ଏହା ଦେଖି ରାଗରେ କୌରବ ସୈନ୍ୟ ମାରିବା ଆରଂଭ କଲେ ।

ଦୁର୍ଯୋଧନ ବ୍ୟସ୍ତ ହୋଇ, ଭଲ କରି ଯୁଦ୍ଧ କରିବାପାଇଁ ଭୀଷ୍ମଂକୁ ଆସି କହିଲେ । ଭୀଷ୍ମ କହିଲେ, "ମୁଁ ପ୍ରତିଦିନ ଦଶହଜାର ବୀର କ୍ଷତ୍ରିୟଂକୁ ମାରିବି ବୋଲି ତୁମକୁ କହିଥିଲି; ତା' ମୁଁ କରି ଆସୁଚି । ତୁମର ଅନ୍ନ ଖାଇଚି; ଦେଖ, ଆଜି ପ୍ରାଣ ଦେଇ ସେ ରିଣ ଶୁଝାଇବି ।"

ଭୀଷ୍ମ ପ୍ରାଣପଣେ ଯୁଦ୍ଧରେ ଲାଗିଗଲେ । ଶିଖଂଡୀ ଶର ମାରୁଥାଂତି । ଅର୍ଜୁନ ବେଳେ ବେଳେ ଶିଖଂଡୀକି ଉତ୍ସାହ ଦେଉଥାଂତି । ଦୁଃଶାସନ ଆସି ଏ ମଧ୍ୟରେ ଅର୍ଜୁନଂକୁ ଭେଟିଲେ; କିଂତୁ ବେଶି ବେଳ ନୁହେଁ । ଶେଷକୁ ଯାଇ ସେ ଭୀଷ୍ମଂକ ପାଖେ ଆଶ୍ରା ନେଲେ ।

ତେଣେ ଭଗଦତ୍ତ, କୃପ, ଶଲ୍ୟ, କୃତବର୍ମା, ବିଂଦ ଅନୁବିଂଦ, ଜୟଦ୍ରଥ, ଚିତ୍ରସେନ, ବିକର୍ଣ୍ଣ, ଦୁର୍ମର୍ଷଣ— ଏମାନେ ସମସ୍ତେ ଭୀମଂକୁ ଘେରିଯାଇ ମଧ୍ୟ ତାଂକୁ କିଛି କରିପାରୁ ନାହାଂତି ।

ଭୀମ ସେମାନଂକୁ ଅସ୍ଥିର କଲେଣି । ଅର୍ଜୁନ ଆସି ଭୀମଂକ ସଂଗେ ମିଶିଲେ । ଭୀଷ୍ମ, ଦୁର୍ଯୋଧନ, ବୃହଦ୍‌ବଳ ପ୍ରଭୃତି ସମସ୍ତେ ସେଠାକୁ ଆସିଲେ । ଭୟାନକ ଯୁଦ୍ଧ ଲାଗିଗଲା ।

ଶିଖଂଡୀ କିଂତୁ ସବୁ ଛାଡ଼ି, କେବଳ ଉଂଡ ଭୀଷ୍ମଂକୁ ମାରୁଥାଂତି । ଯୁଦ୍ଧ ଭିତରେ ଯୁଧିଷ୍ଠିର ଥରେ ଭୀଷ୍ମଂକ ପାଖାପାଖି ହୋଇଗଲେ । ଭୀଷ୍ମ ତାଂକୁ କହିଲେ, "ଯୁଧିଷ୍ଠିର, ଅନେକ ପ୍ରାଣୀ ମାରିଚି । ଆଉ ବଂଚି ରହିବାକୁ ମୋର ଇଚ୍ଛା ହେଉ ନାଇ । ମତେ ଯଦି ସୁଖୀ କରିବାକୁ ଚାହଁ, ତେବେ ଶୀଘ୍ର ଅର୍ଜୁନକୁ ଡାକି ମତେ ବଧ କର ।"

ଯୁଧିଷ୍ଠିର ଭୀଷ୍ମଂକ ମନ ଭାବ ବୁଝି ପାରିଲେ । ଏହା ପରେ ଶିଖଂଡୀକି ଆଗରେ ରଖି, ଭୀଷ୍ମଂକୁ ମାରିବାକୁ ପାଂଡବମାନେ ଲାଗିଗଲେ । କୌରବମାନେ ଘୋର ବାଧା ଦେଲେ । ସେ ଯେଉଁ ଯୁଦ୍ଧ ହେଲା, କିଏ ତାହା ବର୍ଣ୍ଣନା କରିବ ।

ଭୀଷ୍ମଙ୍କର କିନ୍ତୁ ପ୍ରତିଜ୍ଞା, 'ଆଜି ମରିବି' । ଧର୍ମଯୁଦ୍ଧ କରୁ କରୁ ମରି ସ୍ୱର୍ଗକୁ ଯିବାପାଇଁ, ସେ ନିଶ୍ଚୟ କରିଛନ୍ତି । ସେ ସୁଯୋଗ ଆଜି ମିଳିଛି । ସେ ମରିବା ପାଇଁ ଯୁଦ୍ଧ କରୁଛନ୍ତି, ସୃଞ୍ଜୟ ସୃଞ୍ଜୟ ସୋମକ ବୋଲି ପାଣ୍ଡବଙ୍କର ଦଳେ ସୈନ୍ୟ ଶେଷ କରି ସାରିଲେଣି ।

ମେଘ ଗର୍ଜନ ପରି ତାଙ୍କର ଧନୁଷ୍ଟଂକାର ( ଧନୁରେ ଶର ବସାଇ ଟାଣିବାର ଶବ୍ଦ ) ଆକାଶ ପାତାଳ କମ୍ପାଇ ଦେଉଛି । ଶିଖଣ୍ଡୀ ବାଣ ମାରୁଛନ୍ତି; ଅର୍ଜୁନ ଶିଖଣ୍ଡୀଙ୍କ ଉତ୍ସାହ ଦେଉଛନ୍ତି; କିନ୍ତୁ ମହାପୁରୁଷ ଭୀଷ୍ମଙ୍କର ଭ୍ରୂଭଙ୍ଗ ନାହିଁ । ସେ ଅର୍ଜୁନଙ୍କୁ ଅଟକାଇ ଅଟକାଇ, ପାଣ୍ଡବସେନା ନିପାତ କରୁଛନ୍ତି ।

ଦୁଃଶାସନ ଭୀଷ୍ମଙ୍କୁ ରକ୍ଷା କରି, ଏ ଦିନ ଭାରି ବୀରତ୍ୱ ଦେଖାଇଥିଲେ; ଅର୍ଜୁନ ଛଡ଼ା ଆଉ କେହି ତାଙ୍କୁ ପାରିଲେ ନାହିଁ । ଶିଖଣ୍ଡୀ ଭୀଷ୍ମଙ୍କୁ ମାରୁଛନ୍ତି । ଭୀଷ୍ମ ହସି ହସି ପାଣ୍ଡବ ସେନା କାଟି ଯାଉଛନ୍ତି । ଦୁର୍ଯ୍ୟୋଧନ ଦଳର ସମସ୍ତେ ଭୀଷ୍ମଙ୍କୁ ରକ୍ଷା କରୁ କରୁ, ଅର୍ଜୁନଙ୍କ ତେଜରେ ଅସ୍ତ ବ୍ୟସ୍ତ ହେଉଛନ୍ତି । ଅର୍ଜୁନଙ୍କର ହଜାର ହଜାର ଶର ଆସି କୌରବ ସୈନ୍ୟରେ ପ୍ରଳୟ ପକାଇ ଦେଲଣି । କୃପ, ଶଲ୍ୟ, ଦୁଃଶାସନ, ବିକର୍ଣ୍ଣ, ବିଂଶତି ସମସ୍ତେ ପଳାଇଗଲେ ।

ଶବ ଦେହ ପଡ଼ି ପଡ଼ି, ଯୁଦ୍ଧ ଭୂମିରେ ଆଉ ମାଟି ଦିଶୁନାହିଁ; କିନ୍ତୁ ସମସ୍ତେ ପଳାଇଲେ ମଧ୍ୟ, ଭୀଷ୍ମଙ୍କର ଖାତିର୍ ନାହିଁ । ପାଣ୍ଡବ ପକ୍ଷରେ ଯେତେ ରାଜା ଥିଲେ, ଭୀଷ୍ମ ସେମାନଙ୍କୁ ପ୍ରାୟ ଶେଷ କରିଦେଲେ । ଦଶ ହଜାର ହାତୀ, ଚଉଦ ହଜାର ପଦାତି, ଦଶ ହଜାର ଘୋଡ଼ା, ସାତ ଜଣ ମହାରଥୀ, ବିରାଟଙ୍କ ଭାଇ ଶତାନୀକ ପ୍ରଭୃତି ହଜାର ହଜାର ବୀର, ଭୀଷ୍ମଙ୍କ ବାଣରେ ମରି ପଡ଼ିଗଲେଣି ।

କୃଷ୍ଣ, ଅର୍ଜୁନଙ୍କୁ ବୁଝାଇ ଦେବାରୁ, ଅର୍ଜୁନ ଭୀଷ୍ମଙ୍କୁ ବାଣ ମାରିଲେ । ତା' ପରେ ଭୀମ, ଧୃଷ୍ଟଦ୍ୟୁମ୍ନ, ଅଭିମନ୍ୟୁ, ସାତ୍ୟକି, ଘଟୋତ୍କଚ ସମସ୍ତେ ଅସ୍ଥିର ହେଲେ । ଅର୍ଜୁନ ସେମାନଙ୍କୁ ରକ୍ଷାକଲେ ।

ଶିଖଣ୍ଡୀ ବାଣ ମାରୁଛନ୍ତି; ଏଣେ ଅର୍ଜୁନ ତାଙ୍କର ସାହାଯ୍ୟ କରୁଛନ୍ତି । ସାତ୍ୟକି, ଚେକିତାନ, ଧୃଷ୍ଟଦ୍ୟୁମ୍ନ, ବିରାଟ, ଦ୍ରୁପଦ, ନକୁଳ, ସହଦେବ, ଅଭିମନ୍ୟୁ ଓ ଦ୍ରୌପଦୀ-ପୁତ୍ର ପ୍ରଭୃତି ସମସ୍ତେ ମିଶି ଭୀଷ୍ମଙ୍କ ଉପରେ ବାଣ ବୃଷ୍ଟି କରୁଛନ୍ତି; କିନ୍ତୁ ଭୀଷ୍ମ ଟିକିଏ ହେଁ ଟଳୁ ନାହାନ୍ତି; ତାଙ୍କ ଯୁଦ୍ଧ ସମାନ ଚାଲିଛି ।

ଅର୍ଜୁନ ଭୀଷ୍ମଙ୍କ ଧନୁ କାଟି ଦେଲେ । ଦୁଇ ପକ୍ଷରୁ ସବୁ ବୀରମାନେ ଆସି ସଙ୍ଗେ ସଙ୍ଗେ ଭେଟାଭେଟି ହୋଇଗଲେ । ଏଣେ ଶିଖଣ୍ଡୀ ବାଣରେ ଭୀଷ୍ମଙ୍କୁ ଏକ ପ୍ରକାର ଘୋଡ଼ାଇ ସାରିଲଣି । ଭୀଷ୍ମ ଧନୁ ଧରିଲେଇ, ଅର୍ଜୁନ ଥରକୁ ଥର କାଟି ଦେଉଛନ୍ତି । ଭୀଷ୍ମ ଏକ ଶକ୍ତି ଛାଡ଼ିଲେ, ଅର୍ଜୁନ କାଟିଦେଲେ ।

---

## ଭୀଷ୍ମ ଶରଶଯ୍ୟା କଲେ

ଭୀଷ୍ମ ଦେଖିଲେ, କୃଷ୍ଣ ନ ଥିଲେ ସେ ପାଣ୍ଡବମାନଙ୍କୁ ମାରିପାରନ୍ତେ; କିନ୍ତୁ ସେ ତାହା କରିବେ ନାହିଁ, କିମ୍ବା ଶିଖଣ୍ଡୀ ସଙ୍ଗେ ଯୁଦ୍ଧ କରିବେ ନାହିଁ । କୃଷ୍ଣଙ୍କୁ ଦେଖି ଏବେ ମରିବାକୁ ସେ ଠିକ୍ କଲେ ।

ବସୁମାନେ ଆକାଶରୁ ଜୟଧ୍ୱନି କରି, ଭୀଷ୍ମଙ୍କୁ ଆଉ ଯୁଦ୍ଧ କରିବାକୁ ମନା କଲେ । ସ୍ୱର୍ଗରେ ଦୁନ୍ଦୁଭି ବାଜିଲା । ଦେବତାମାନେ ଭୀଷ୍ମଙ୍କ ଉପରେ ପୁଷ୍ପବୃଷ୍ଟି କଲେ । ଭୀଷ୍ମ ଯୁଦ୍ଧର ଚେଷ୍ଟା ଛାଡ଼ି ଦେଲେ, ଅର୍ଜୁନ ଗାଣ୍ଡୀବ ଧନୁରେ ତୀକ୍ଷ୍ଣ ବାଣମାନ ବସାଇଦେଲେ ।

ଭୀଷ୍ମ ଏତିକବେଳେ ଦୁଃଶାସନକୁ କହିଲେ, "ଦୁଃଶାସନ, ଏ ସବୁ ତ ଶିଖଂଡୀର ବାଣ ନୁହେ, ଏ ତ କପିଧ୍ୱଜ ଅର୍ଜୁନର । ଦେଖ ଏ ସବୁ ମୋର ବର୍ମ ( ସାଜ ) ଫୁଟାଇ, କପର ଦେହ ଭିତରେ ପଶି ଯାଉଚି ।"

ଏତିକବେଳେ ଭୀଷ୍ମ ଗୋଟାଏ ଶକ୍ତି ମାରିଲେ । ଅର୍ଜୁନ କାଟି ଦେଲାରୁ ଭୀଷ୍ମ ଖଂଡା ଧରି ରଥରୁ ଓହ୍ଲାଇବେ ବୋଲି ବସିଚଂତି ଅର୍ଜୁନ ଖଂଡାଟି କାଟି ଖଂଡ ଖଂଡ କରିଦେଲେ । କୌରବମାନେ ଭୀଷ୍ମଂକୁ ରକ୍ଷା କରିବା ପାଇଁ କେତେ ଉଦ୍ୟମ କଲେ, କିଛି ହେଲା ନାହିଁ ।

ଭୀଷ୍ମଂକ ଦେହଯାକ ଶର ବସିଗଲା । ଆଉ ଅଂଗୁଳେ ହେଲେ ଥାନ ନାହିଁ । ବେଳ ବୁଡ଼ିବାକୁ ଆଉ ଟିକିଏ ବାକି ଅଛି, ଭୀଷ୍ମ ରଥ ଉପରୁ ଖସି ପଡ଼ିଲେ । ଦେବତାମାନେ 'ଆହା ! ଆହା !' କଲେ; ପୃଥିବୀ କଂପିଗଲା । ଯୋଦ୍ଧାମାନେ କାଂଦି ଉଠିଲେ ।

ଭୀଷ୍ମ ପଡ଼ିଯାଇ, ତଳେ ଲାଗିଲେ ନାହିଁ । ଶର ମୁନ ଉପରେ ଯେପରି କି ଶୋଇ ରହିଲେ, ମୁଂଡଟି ଖାଲି ଝୁଲି ପଡ଼ୁଥାଏ । ଲୋକେ ମଲାବେଳେ ଶେଯରେ ଶୋଇଲା ପରି, ଭୀଷ୍ମ ଏବେ ଶର ଶେଯରେ ଶୋଇଲେ ।

ଭୀଷ୍ମ ପଡ଼ିଗଲାକ୍ଷଣି, ଆକାଶରୁ ଦେବତାମାନେ ପଚାରିଲେ, "ହେ ମହାବୀର, ହେ ମହାପୁରୁଷ, ସୂର୍ଯ୍ୟ ଏବେ ଆକାଶର ଦକ୍ଷିଣ ଭାଗରେ ଅଛଂତି । ମହାପୁରୁଷମାନଂକର ମରିବାର ଏ ସମୟ ନୁହେଁ । ତୁମେ କ'ଣ ଏହି ସମୟରେ ମରିବ ?" ଭୀଷ୍ମ କହିଲେ, "ମୁଁ ତ ପ୍ରାଣ ଛାଡ଼ି ନାହିଁ ।"

ହିମାଳୟ ଉତ୍ତରରେ ମାନସରୋବର । ସେଠାରୁ ହଂସମାନେ ଉଡ଼ି ଯାଉଥିଲେ । ସେମାନେ କହିଲେ, "ସୂର୍ଯ୍ୟ ଦେବ ଆକାଶର ଦକ୍ଷିଣ ଭାଗରେ ଅଛଂତି; ମହାତ୍ମା ଭୀଷ୍ମ କ'ଣ ଏତେବେଳେ ପ୍ରାଣ ଛାଡ଼ିବେ ?" ଭୀଷ୍ମଦେବ ସେ ହଂସମାନଂକୁ ଦେଖି, ଟିକିଏ ଚିଂତା କରି, ଜାଣି ପାରିଲେ ଯେ, ତାଂକର ମା' ଗଂଗାଦେବୀ ଋଷିମାନଂକୁ ସେହି ହଂସ ରୂପରେ ପଠାଇଚଂତି ।

ସେ କହିଲେ, "ହେ ହଂସଗଣ, ପିତାଂକ ବରରେ ମୁଁ ଇଚ୍ଛା ନ କଲେ, ମୋର ମରଣ ହେବ ନାହିଁ । ସତ୍ୟ କହୁଚି, ସୂର୍ଯ୍ୟଦେବ ଆକାଶର ଉତ୍ତର ଭାଗକୁ ନ ଆସିଲେ, ମୁଁ ପ୍ରାଣତ୍ୟାଗ କରିବି ନାହିଁ ।

---

## ଶର-ଶଯ୍ୟାରେ ଭୀଷ୍ମ

ଭୀଷ୍ମ ପଡ଼ିଯିବା ସଂଗେ ସଂଗେ ସେ ଦିନର ଯୁଦ୍ଧ ଶେଷ ହେଲା । ପାଂଡବ ଦଳରେ ଶଂଖ ବାଜିଲା । ଭୀମ ଆନଂଦରେ ନାଚିଗଲେ । ଦ୍ରୋଣ ଏ ଖବର ପାଇ, ଅଜ୍ଞାନ ହୋଇ, ରଥରୁ ପଡ଼ିଗଲେ । ଯୋଦ୍ଧାମାନେ କବଚ ଛାଡ଼ି, ଦୁଃଖରେ ହାତ ଯୋଡ଼ି, ଭୀଷ୍ମଂକ ପାଖେ ଆସି ପହଂଚିଲେ ।

ଭୀଷ୍ମଂକ ମୁଂଡ ଝୁଲି ପଡ଼ିଥିଲା । ରାଜାମାନଂକୁ ଦେଖି, ଆଶୀର୍ବାଦ କରି, ସେ ମୁଂଡ ପାଇଁ ଗୋଟିଏ ତକିଆ ମାଗିଲେ । ରାଜାମାନେ ସୁଂଦର ରେଶମ ମଖମଲ ତକିଆମାନ ଆଣି ହାଜର କଲେ । ଭୀଷ୍ମ ତା' ଦେଖି ହସିଲେ ଏବଂ ଅର୍ଜୁନଂକୁ ଡାକିବାକୁ କହିଲେ ।

ଅର୍ଜୁନ ଆସିବାରୁ ଭୀଷ୍ମ କହିଲେ, "ମୋର ଶେଯ ହେଲା; ତକିଆ ଦିଅ ।" ଅର୍ଜୁନ ଭୀଷ୍ମଂକୁ ଦେଖି କାଂଦୁଥିଲେ । ଏ କଥା ଶୁଣି ତିନୋଟି ବାଣ ମାରି ମୁଂଡତଳେ ଲଗାଇ, ମୁଂଡଟି ଉଚ୍ଚ କରିଦେଲେ । ଭୀଷ୍ମ ସଂତୋଷରେ ଅର୍ଜୁନଂକୁ ଆଶୀର୍ବାଦ କଲେ ।

ତା'ପରେ କହିଲେ, "ଯେତେ ଦିନ ଉତ୍ତରାୟଣ ହୋଇ ନାଇ (ସୂର୍ଯ୍ୟ ଆକାଶର ଉତ୍ତର ଦିଗକୁ ଯାଇ ନାହାଂନ୍ତି), ସେତେଦିନ ମୁଁ ଏହିପରି ରହିବି। ତା'ପରେ ପ୍ରାଣ ଛାଡ଼ିବି। ତୁମେମାନେ ମୋ ଶରୀରପାଖେ ପରିଖା (ଖାଲ) ଖୋଳି ଦିଅ। ଆଜି ତୁମେମାନେ ଶତ୍ରୁ ସ୍ୱଭାବ ଛାଡ଼ି ଏ ଯୁଦ୍ଧ ବଂଦ କର।"

ଦୁର୍ଯ୍ୟୋଧନ ସେଠାରୁ କେତେ ଭଲ ଭଲ ଚିକିତ୍ସକ ଆଣି ଚିକିତ୍ସା କରାଇବେ ବୋଲି କହିଲେ। ଭୀଷ୍ମ ହସି ହସି ମନାକଲେ। ଚିକିତ୍ସକମାନେ ଔଷଧ ନେଇ ଫେରିଗଲେ।

ରାତି ହେବାରୁ, ଭୀଷ୍ମଂକ ପାଖେ ପହରା ରଖାଇ, ସମସ୍ତେ ଶିବିରକୁ ଗଲେ।

ସକାଳ ହେଲା। ସ୍ତ୍ରୀ, ବାଳକ, ବୃଦ୍ଧ, ବୀର, ସମସ୍ତେ କ୍ରମେ କ୍ରମେ ଭୀଷ୍ମଂକୁ ଦେଖିବାକୁ ଆସିଲେ। ଝିଅଗୁଡ଼ିକ ତାଂକ ଉପରେ ଫୁଲମାଳ, କର୍ପୂର, ଚଂଦନ ଦେଇ, ଲିଆ ବିଂଚିଲେ। ତାଂକ ପାଖେ ବାଦ୍ୟ ବାଜିଲା—ନାଚ ହେଲା; ରାଜାମାନେ ହାତ ଯୋଡ଼ି ତାଂକୁ ଘେରି ବସିଲେ। ଅତି ସୁଂଦର ଶୋଭା ଦିଶିଲା।

ଭୀଷ୍ମଂକୁ ଶୋଷ କରିବାରୁ ସେ ପାଣି ମାଗିଲେ। ରାଜାମାନେ ସ୍ୱର୍ଣ୍ଣକୁଂଭ (ସୁନାଢାଳ)ରେ ବ୍ୟସ୍ତହୋଇ ପାଣି ଆଣି ହାଜର କଲେ। ଭୀଷ୍ମ ଟିକିଏ ହସି ପୁଣି ଅର୍ଜୁନଂକୁ ଡକାଇଲେ।

ଅର୍ଜୁନ ଆସିଲାରୁ ଭୀଷ୍ମ କହିଲେ, "ଶେଯ ଦେଇଚ, ତକିଆ ଦେଇଚ, ଏବେ ମୁଂହିଏ ପାଣି ଦିଅ।" ଅର୍ଜୁନ ବୁଝି ପାରି, ଗାଂଡୀବରେ ପର୍ଜନ୍ୟାସ୍ତ୍ର ବସାଇଲେ। ଅସ୍ତ୍ର ଭୀଷ୍ମଂକ ମୁହଁର ଡାହାଣ ପାଖେ ପୃଥିବୀ ଫୁଟାଇ ଦେଲା। ଗୋଟିଏ ପାଣିର ଝର ବାହାରି ଭୀଷ୍ମଂକ ମୁହଁରେ ପଡ଼ିଲା।

ଭୀଷ୍ମ ତୃପ୍ତ ହୋଇ ଅର୍ଜୁନଂକୁ ବହୁତ ଆଶୀର୍ବାଦ କରି କହିଲେ, "ତୁମ ପରି ଧନୁର୍ଧର ଏ ଜଗତରେ ନାଇ। ଦୁର୍ଯ୍ୟୋଧନ ଆମମାନଂକ କଥା ଶୁଣିଲା ନାଇ। ସେ ନିଶ୍ଚୟ ନଷ୍ଟ ହବ।"

ପାଖରେ ଦୁର୍ଯ୍ୟୋଧନ ଥିଲେ। ଏ କଥା ଶୁଣି ତାଂକ ମୁହଁ ଶୁଖିଗଲା। ଭୀଷ୍ମ ଦୁର୍ଯ୍ୟୋଧନଂକୁ ବହୁତ ବୁଝାଇଲେ, କହିଲେ, "ଅର୍ଜୁନ ଆଉ କୃଷ୍ଣଂକ ପରି ବୀର ନାଇ। ଏତେ ଅସ୍ତ୍ର କଥା ଆଉ କାହାକୁ ଜଣା-ନାଇ। ଏବେ ବେଳ ଅଛି। ପାଂଡବମାନଂକ ସଂଗେ ସଂଧି (ସମାଧାନ) କର। ମୋର ମୃତ୍ୟୁରେ ଏ ଯୁଦ୍ଧ ଶେଷ ହେଉ। ଠିକ୍ କହୁଚି, ମୋ କଥା ନ ଶୁଣିଲେ ତୁମେ ନଷ୍ଟ ହବ।"

ଭୀଷ୍ମ ତୁନି ହେଲେ। ସମସ୍ତେ କ୍ରମେ ଶିବିରକୁ ଗଲେ। ପରେ କର୍ଣ୍ଣ ଏକାରେ ଆସି, କାଂଦି କାଂଦି ଭୀଷ୍ମଂକୁ ପ୍ରଣାମ କରି କହିଲେ, "ହେ କୁରୁଶ୍ରେଷ୍ଠ, ଯେ ତୁମକୁ ବରାବର ବିରକ୍ତ କରେ, ମୁଁ ସେଇ ରାଧେୟ (ରାଧାର ପୁଅ)।" ଭୀଷ୍ମ ଆଖିପତା ଟେକି ଚାହିଁଲେ; ସେଠାରେ ପହରାବାଲାଂକ ଛଡ଼ା ଆଉ କେହି ନ ଥିଲେ। ପହରାବାଲାଂକୁ ଦୂରକୁ ଯିବାକୁ କହି, କର୍ଣ୍ଣଂକୁ କହିଲେ, "କର୍ଣ୍ଣ ଆସିଲ, ଭଲ କଲ। ମୁଁ ବ୍ୟାସ ନାରଦଂକଠାରୁ ଶୁଣିଚି, ତୁମେ ରାଧାପୁଅ ନୁହଁ, ତୁମେ କୁଂତୀ ପୁଅ। ଦୁଷ୍ଟଂକ ସଂଗେ ପଡ଼ି, ପାଂଡବ-ମାନଂକୁ ନିଂଦା କର ବୋଲି, ମୁଁ ତୁମକୁ କଟୁ କଥା କହେ; କିଂତୁ ମୁଁ ତୁମର ମଂଦ ଚାହୁଁନି ନାଇ। ତୁମ ପରି ଧାର୍ମିକ, ଦାତା ଓ ବୀର କମ୍ ଅଛଂନ୍ତି। ଏବେ ତୁମେ ଭାଇମାନଂକ ସଂଗେ ମିଳିଯାଅ, ମୋର ମୃତ୍ୟୁରେ ଏ ଯୁଦ୍ଧ ଶାଂତ ହେଉ।"

କର୍ଣ୍ଣ କହିଲେ, "ମୁଁ ଆଜି ପାଂଡବମାନଂକର ଶତ୍ରୁତା ଛାଡ଼ି ପାରିବି ନାଇ। ଆଜ୍ଞା ଦିଅଂତୁ, ମୁଁ

ଯୁଦ୍ଧ କରିବି । ଆପଣଂକ ପାଖେ ଯେତେ କିଛି ଅପରାଧ କରିଥିଲି, ମୋତେ କ୍ଷମା ଦିଅଂତୁ । ଭୀଷ୍ମ କହିଲେ, "ଯେତେବେ ଯୁଦ୍ଧ କରିବ, ରାଗ ଛାଡ଼ି, ଧର୍ମ ପାଇଁ ଯୁଦ୍ଧ କର । କ୍ଷତ୍ରିୟ ଧର୍ମରେ ରହି ସ୍ୱର୍ଗଲାଭ କର ।"

ତା ଉତ୍ତାରୁ କର୍ଣ୍ଣ ଦୁର୍ଯୋଧନଂକ ପାଖକୁ ଗଲେ । ଭୀଷ୍ମ ଆଖି ବୁଜି, ସେଠାରେ ପଡ଼ି ରହିଲେ ।

---

# ଦ୍ରୋଣ ପର୍ବ

## ଦ୍ରୋଣ ସେନାପତି ହେଲେ

ଏବେ ଦଶ ଦିନ ପରେ ଭୀଷ୍ମ ମରିବାରୁ, କର୍ଣ୍ଣ ଯୁଦ୍ଧ କରିବା ପାଇଁ ବାହାରିଲେ । ଏବେ ସେନାପତି ହେବ କିଏ ? କର୍ଣ୍ଣଂକ ପଟାଟୋପ କଥାରେ ସମସ୍ତଂକ ମନ ଭଲ ଯାଇଛି, ସମସ୍ତଂକ ଆଖି କର୍ଣ୍ଣଂକ ଉପରେ । ଦୁର୍ଯୋଧନ କର୍ଣ୍ଣଂକୁ ସେନାପତି ହବାକୁ କହିଲେ । କର୍ଣ୍ଣ କହିଲେ, "ଆଚାର୍ଯ୍ୟ ଦ୍ରୋଣ ଥାଉଁ ଥାଉଁ, ମୁଁ ନିଜେ ସେନାପତି ହବା ଠିକ୍ ହବ ନାହିଁ ।"

ଦୁର୍ଯୋଧନ ଦ୍ରୋଣଂକୁ ଯାଇ, ସେନାପତି ହୋଇ କୌରବଂକୁ ରକ୍ଷା କରିବା ପାଇଁ, ପ୍ରାର୍ଥନା କଲେ । ଦ୍ରୋଣ 'ହଁ' କଲେ; ମାତ୍ର କହିଲେ, "ଧୃଷ୍ଟଦ୍ୟୁମ୍ନ ମୋତେ ମାରିବାକୁ ଜନ୍ମ ହୋଇଛି । ତା'କୁ ମୁଁ ମାରି ପାରିବି ନାହିଁ ।"

ଦ୍ରୋଣଂକୁ ସେନାପତି କରି, ସମସ୍ତଂକର ଭାରି ଉତ୍ସାହ । ଦ୍ରୋଣ ଦୁର୍ଯୋଧନକୁ ମଧ୍ୟ ଗୋଟିଏ ବର ମାଗିବା ପାଇଁ କହିଲେ । ଦୁର୍ଯୋଧନ କହିଲେ, "ଗୁରୁଦେବ, ଯୁଧିଷ୍ଠିରଂକୁ ଧରି ଦିଅଂତୁ ।" ଦ୍ରୋଣ ଭାରି ଖୁସି ହୋଇ ପଚାରିଲେ, କାହିଁ ବୋଲି ଦୟାକରି, ମାରିବାକୁ ନ କହି ଯୁଧିଷ୍ଠିରଂକୁ ଧରିବାକୁ କହୁଛଂତି ।

କିଂତୁ ଦୁର୍ଯୋଧନଂକ ବୁଦ୍ଧି ଏତେ ସରଳ ହେବ କାହୁଁ ? ସେ କ୍ରମେ କଥାବାର୍ତ୍ତା ହେଉ ହେଉ, କହି ପକାଇଲେ, "ଯୁଧିଷ୍ଠିରଂକୁ ମାରିଲେ, ଅର୍ଜୁନ ଏ ସଂସାର ରଖିବ ନାହିଁ । ଧରି ଆଣିଲେ, ପୁଣି ପଶା ଖେଳକୁ ଡାକି ବଣକୁ ପଠାଇଦେବା ।"

ଦ୍ରୋଣ କିଂତୁ କହିଲେ, "ଅର୍ଜୁନ ଥାଉଁ ଥାଉଁ ମୁଁ ଯୁଧିଷ୍ଠିରଂକୁ ଧରି ପାରିବି ନାହିଁ । ଅର୍ଜୁନଂକୁ ଅଲଗା କରିପାରିଲେ ମୁଁ ଯୁଧିଷ୍ଠିରଂକୁ ଧରି ଆଣିବି ।"

ଚରମାନେ ଯୁଧିଷ୍ଠିରଂକୁ ଏ ଖବର ଦେଲେ । ପାଂଡବମାନଂକର ଭୟ ହେଲା । ଅର୍ଜୁନ କହିଲେ, "ମୁଁ ବଂଚି ଥାଉଁ ଥାଉଁ ଆପଣଂକୁ କେହି ଧରି ପାରିବେ ନାହିଁ ।"

### ଏକାଦଶ ଦିନ ଯୁଦ୍ଧ

ପୁଣି ଯୁଦ୍ଧ ଲାଗିଲା ! ଦ୍ରୋଣ ପାଂଡବମାନଂକୁ ଅସ୍ତବ୍ୟସ୍ତ କରି, ଅନେକ ସୈନ୍ୟ ମାରିଲେ । ଭାରି ଯୁଦ୍ଧ ଲାଗିଗଲା । ହାର୍ଦ୍ଦିକ୍ୟ ଅଭିମନ୍ୟୁଂକୁ ଆକ୍ରମଣ କଲେ; ପ୍ରଥମରୁ ଟିକିଏ ବଳ ଦେଖାଇଲେ; କିଂତୁ ଶେଷକୁ ଅଭିମନ୍ୟୁ ହାତରେ ତାଂକ ଚୁଟିମୁଠାଟା ପଡ଼ିଲା । ଅଭିମନ୍ୟୁ ତାକୁ ଦି' ଥର ବୁଲାଇ, ଦୂରକୁ ଫିଙ୍ଗି ଦେଲେ ।

ହାର୍ଦ୍ଦିକ୍ୟର ହେଉ ଦେଖି, ଜୟଦ୍ରଥ ଆସିଲେ । ତାଂକ ଦଶା ବି ସେହିପରି ହେଲା । ଶଲ୍ୟ ଆସିଲେ, ତାଂକ ସାରଥି ଅଭିମନ୍ୟୁଂକ ହାତରେ ମଲେ । ସେ ନିଜେ ଗଦା ଧରି ବାହାରିବାରୁ, ଅଭିମନ୍ୟୁ ବି ଗଦା ଧରି ଡାକିଲେ । ଏ ମଧ୍ୟରେ ଭୀମ ଆସି ଶଲ୍ୟଂକ ସଂଗେ ଲଢ଼ିଲେ । ଗଦାରେ ଗଦା ବାଜି, ଝକ୍ ଝକ୍ ନିଆଁ ବାହାରିଲା । ଦୁହେଁ ପଡ଼ିଗଲେ । ଭୀମ ଉଠିଲେ, ଶଲ୍ୟ କିଂତୁ ଅଜ୍ଞାନ ହୋଇ ପଡ଼ି ରହିଲେ ।

ଦୁଇପକ୍ଷ ବୀରମାନେ ଏବେ ମହାଯୁଦ୍ଧରେ ମାତିଲେ । କୌରବ ସୈନ୍ୟମାନେ ହାହାକାର କରି ପଳାଇଲେ । ଦ୍ରୋଣ କୌଣସିମତେ ତାଂକୁ ସଂଗ୍ରାମ ଯୁଧିଷ୍ଠିରଂକୁ ଧରିବାକୁ ଗଲେ । ଶିଖଂଡୀ, ଉତ୍ତମୌଜା, ନକୁଳ, ସହଦେବ ପ୍ରଭୃତି କେହି ଠିକଣା ପଡ଼ିଲେ ନାଇ ।

ଏଇ ଯୁଧିଷ୍ଠିର ଧରା ପଡ଼ିଲା ପରି । ଠିକ୍ ସେତିକିବେଳକୁ ବିରାଟ, ଦ୍ରୁପଦ, କୈକୟଗଣ, ସାତ୍ୟକି, ଶିବି, ବ୍ୟାଘ୍ରଦତ୍ତ, ସିଂହସେନ ପ୍ରଭୃତି ଦଉଡ଼ି ଆସି ବାଟ ଓଗାଳିଲେ । ଗୁହୁଁ ଗୁହୁଁ ବ୍ୟାଘ୍ରଦତ୍ତ; ସିଂହସେନଂକ ମୁଂଡ଼ ତଳେ ପଡ଼ିଲା ଏବଂ ଦ୍ରୋଣଂକ ରଥ ଯାଇ, ଯୁଧିଷ୍ଠିରଂକ ରଥ ପାଖେ ପହଂଚିଲା । ପାଂଡବମାନେ ହାହାକାର କଲେ; କୌରବମାନେ ତାଳି ମାରିଲେ ।

ଏଇ ଦେଖ, ଜଳନ୍ତା ପରି ସୈନ୍ୟ କାଟି ତାକୁ ଅର୍ଜୁନ ଆସି ହାଜର ଏବେ, ଆଉ ଧନୁ ଧରେ କିଏ ? ଅର୍ଜୁନ ବାଣରେ ଗୁରିଆଡ଼ ଅଂଧାର କଲେ । ପୃଥିବୀ ଆକାଶ ଏକ ହୋଇଗଲା ।

ସଂଧ୍ୟା ହୋଇ ଯାଇଥିଲା । ଦ୍ରୋଣ ଯୁଦ୍ଧ ବଂଦ କରିଦେଲେ, ଯୁଧିଷ୍ଠିର ଆଜି ସେ ଦିନ ଧରା ହେଲେ ନାଇ ।

— ——

## ସଂଶପ୍ତକ ସେନା

ଯୁଧିଷ୍ଠିରଂକୁ ଧରିବାକୁ ହେଲେ, ଅର୍ଜୁନଂକୁ ତାଂକ ପାଖରୁ ଅଲଗା କରିବା ଦରକାର । ଦ୍ରୋଣ କହିଲେ, "ଅର୍ଜୁନଂକୁ ଯୁଦ୍ଧକୁ ଡାକ, ଦୂରକୁ ଘେନିଗଲେ, ସେ କେବେ ଯୁଦ୍ଧ ନ ସାରି, ଡାକିବା ଲୋକକୁ ପରାସ୍ତ ନ କରି ଫେରିବେ ନାଇ । ସେତିକିବେଳେ ମୁଁ ଯୁଧିଷ୍ଠିରଂକୁ ଧରି ଆଣିବି ।'

ଏହା ଶୁଣି ସୁଶର୍ମା, ସତ୍ୟରଥ, ସତ୍ୟଧର୍ମା, ସତ୍ୟବ୍ରତ, ସତ୍ୟେଷୁ, ସତ୍ୟକର୍ମା ପ୍ରଭୃତି ବୀରମାନେ ପଚାଶ ହଜାର ସୈନ୍ୟ ସହିତ ଅଗ୍ନି ସାକ୍ଷୀ କରି ପ୍ରତିଜ୍ଞା କଲେ, "କାଲି ଆମେମାନେ ଅର୍ଜୁନକୁ ନ ମାରି ଯୁଦ୍ଧରୁ ଫେରିବୁ ନାଇ; ଫେରିଲେ ମହାପାପ ଫଳରେ ନରକ ଭୋଗ କରିବୁଁ ।"

ଏହିପରି ଯେ ପ୍ରତିଜ୍ଞା କରେ, ତାକୁ କହଂତି, 'ସଂଶପ୍ତକ' ।

### *ଦ୍ୱାଦଶ ଦିନ*

ଯୁଦ୍ଧ ଆରଂଭ ହେବା ମାତ୍ରେ, ସଂଶପ୍ତକମାନେ ଅର୍ଜୁନଂକୁ ଡାକିଲେ । ଅର୍ଜୁନ ସତ୍ୟଜିତଂକୁ ଯୁଧିଷ୍ଠିରଂକ ପାଖେ ରଖି, ସଂଶପ୍ତକଂକ ସଂଗେ ଯୁଦ୍ଧ କରିବାକୁ ଗଲେ । ସଂଶପ୍ତକମାନେ ଦଳ ଦଳ ହୋଇ ମରୁଥାଂତି, ପୁଣି ଦଳ ଦଳ ହୋଇ ଆସି ପଡ଼ୁଥାଂତି । ଏପରି ଭୟାନକ ଯୁଦ୍ଧବେଳେ; ନାରାୟଣୀ ସେନା ମଧ୍ୟ ଆସି ଅର୍ଜୁନଂକୁ ଘେରିଲେ ।

ଅର୍ଜୁନ ଏବେ 'ତ୍ୱାଷ୍ଟ୍ର' ଅସ୍ତ୍ର ଛାଡ଼ିଲେ । ସେ ଅସ୍ତ୍ରର ଆଶ୍ଚର୍ଯ ଫଳ । ତାହାର ଫଳରେ ଶତ୍ରୁମାନେ ଆପଣା ଆପଣାକୁ ଅର୍ଜୁନ ବୋଲି ଭାବିକରି କାଟିଲେ; ତଥାପି ଯୁଦ୍ଧ ଚାଲିଛି । ଘୋର ଯୁଦ୍ଧ ଗୁହୁଁ ଗୁହୁଁ ଲଳିତ୍ଥ, ମାଳବ, ମାବେଲ୍ଲକ ପ୍ରଭୃତି ଯୋଦ୍ଧାମାନେ ଆସି ବାଣରେ ଗୁରିଆଡ଼ ଅଂଧାର କରି ଦେଲେ ।

ଅର୍ଜୁନ ବାୟବ୍ୟ ଅସ୍ତ୍ରରେ ସବୁ ଉଡ଼ାଇ ଦେଲେ । ଅସ୍ତ୍ର ତ ଉଡ଼ିଗଲା; ହାତୀ, ଘୋଡ଼ା, ରଜା ସଂଶପ୍ତକ ସେନା, ସମସ୍ତେ ଶୁଖିଲା ପତ୍ର ପରି ଉଡ଼ି ଉଡ଼ି ଅଥୟ ।

ତେଣେ ଯୁଧିଷ୍ଠିରଂକୁ ଧରିବା ପାଇଁ ଦ୍ରୋଣାଗ୍ୟର୍ଯ ମରିପଡ଼ି ଲାଗିଚଂତି । ପାଂଡବପକ୍ଷର ବୃକ, ସତ୍ୟଜିତ, ଦୃଢ଼ସେନ, କ୍ଷେମ, ବସୁଦାନ ପ୍ରଭୃତି ବଡ଼ ବଡ଼ ବୀରମାନେ ମଲେଣି । ଯୁଧିଷ୍ଠିରଂକ ଆଡ଼କୁ ଦ୍ରୋଣ

ପ୍ରଚଂଡ ଝଡ଼ ତୋଫାନ ପରି ମାଡ଼ି ଆସୁଛଂନ୍ତି । ଯୁଧିଷ୍ଠିର ଏବେ ସେ ସ୍ଥାନ ଛାଡ଼ି ଚାଲିଗଲେ ।

ଦୁର୍ଯୋଧନ ଅନେକ ହାତୀ ନେଇ, ଭୀମଙ୍କୁ ଭେଟିଲେ । ସେ ହାତୀଗୁଡ଼ିକ ମାରିବା ପାଇଁ ଭୀମଙ୍କୁ ବହୁତ ବେଳ ଲାଗିଲା ନାହିଁ । ଅଂଗ ଦେଶର ମ୍ଲେଚ୍ଛ ରାଜା, ହାତୀ ଚଢ଼ି ଆସି ମଲେ । ତା’ପରେ ଆସିଲେ ଭଗଦତ୍ତ; ସେ ଇଂଦ୍ରଂକ ବଂଧୁ ଓ ଭାରି ବୀର । ସେ ହାତୀ ଚଢ଼ି ଆସିଥିଲେ । ସେ ହାତୀ ଏକ ବିଷମ ହାତୀ । ଭୀମଂକର ବଳ ପହଁଚିଲା ନାହିଁ । ଭୀମ ବଡ଼ କଷ୍ଟରେ ରକ୍ଷା ପାଇଲେ । ଏ ମଧ୍ୟରେ ଯୁଧିଷ୍ଠିର, ଧୃଷ୍ଟଦ୍ୟୁମ୍ନ ପ୍ରଭୃତି ଆସି ପହଂଚି ଗଲେ । ଦଶାର୍ଣ୍ଣ ରାଜା ଭଗଦତ୍ତଂକ ହାତରେ ମଲେ । ଭଗଦତ୍ତଂକ ହାତୀ ସାତ୍ୟକିର ରଥ ଟେକି, ଗୁଂଡ଼ା କରିଦେଲା । ସାତ୍ୟକି ଓ ତାର ସାରଥି ଡେଇଁପଡ଼ି ରକ୍ଷା ପାଇଲେ । ଏବେ ହାତୀଟି ରାଜାମାନଂକ ଭିତରେ ପଶି କଦଳୀ କିଆରିରେ ବୁଲିଲା ପରି ବୁଲିଲା; ଭାରି କୋଳାହଳ ଉଠିଲା । ଅର୍ଜୁନ ସେ କୋଳାହଳ ଶୁଣି, କୃଷ୍ଣଂକୁ ସେହି ଆଡ଼କୁ ରଥ ଚଳାଇବାକୁ କହିଲେ; କିଂତୁ ତଉଦ ହଜାର ସଂଶପ୍ତକ ଆସି ପୁଣି ହାଜର୍ । ତାଂକୁ ମାରି ଆସିଲା ବେଳକୁ, ସୁଶର୍ମା ଛଅଟି ଭାଇ ନେଇ ଆସି ଯୁଦ୍ଧ କଲେ । ଛ ଭାଇଂକ ମାରି, ସୁଶର୍ମାକୁ ଅଜ୍ଞାନ କରି, ଅର୍ଜୁନ ଆସି ଦେଖିଲେ, ଭଗଦତ୍ତଂକ ହାତୀ ପାଂଡବମାନଂକୁ କଦଳୀ ବଣ କରିଚି ।

ଦୁହେଁ ଭେଟାଭେଟି ହୋଇଗଲେ । ଅର୍ଜୁନ ରଥରେ, ଭଗଦତ୍ତ ହାତୀରେ । ଅର୍ଜୁନଂକ ରଥ ତ ଆଉ ଯୁଦ୍ଧ କରି ଜାଣେ ନାହିଁ, ହାତୀ ଯେ ଯୁଦ୍ଧ ଶିକ୍ଷିତ ! ଥରକୁ ଥର ହାତୀ ରଥକୁ ଧରି ଗୁଂଡ଼ା କଲା ବେଳକୁ, କୃଷ୍ଣ କୌଶଳରେ ରଥ ଚଳାଇଦିଅଂନ୍ତି ।

କ୍ରମେ ଅର୍ଜୁନ ଭଗଦତ୍ତଙ୍କୁ ବ୍ୟତିବ୍ୟସ୍ତ କରି, ତାଂକୁ ସତୁରିଟି ଶର ମାରିଲେ । ସେ ରାଗି ଅର୍ଜୁନଂକ ଉପରକୁ ବୈଷ୍ଣବ ଅଂକୁଶ ଅସ୍ତ୍ର ଛାଡ଼ିଲେ । କୃଷ୍ଣ ତାହା ଦେଖି, ହଠାତ୍ ଛାତି ଦେଖାଇଦେଲେ । ଅସ୍ତ୍ରଟି ଫୁଲମାଳପରି କୃଷ୍ଣଂକ ଛାତିରେ ପଡ଼ିଗଲା । କୃଷ୍ଣ ଯୁଦ୍ଧ କରିବେ ନାହିଁ ବୋଲି କଥା ଦେଇ ଏପରି କରୁଛଂନ୍ତି ଦେଖି, ଅର୍ଜୁନ ଟିକିଏ ଦୁଃଖିତ ହେଲେ । କୃଷ୍ଣ ବୁଝାଇ ଦେଲେ (ସ୍ୱୟଂ ନିଜେ) ବିଷ୍ଣୁଂକ ଛଡ଼ା, ଆଉ କେହି ଏ ଅସ୍ତ୍ର ସହି ପାରିବେ ନାହିଁ । କୃଷ୍ଣ ତ ନିଜେ ବିଷ୍ଣୁ । ଅର୍ଜୁନ ଆଉ କଷ୍ଟ କହିବେ କାହିଁକି ? ଭଗଦତ୍ତଂକର ଭଲ ଅସ୍ତ୍ରଟି ତ ଗଲା ! ସେ ଅର୍ଜୁନଂକ ହାତରେ ଆଉ କେତେକ୍ଷଣ ! ଭଗଦତ୍ତଂକ ଆଗରୁ, ତାଂକ ହାତୀଟି ମଧ୍ୟ ଅର୍ଜୁନଂକ ହାତରେ ମଲା ।

ତା’ପରେ ଅଚଳ, ବୃଷକ ବୋଲି ଶକୁନିର ଦୁଇ ଭାଇଂକୁ ମାରି, ଅର୍ଜୁନ ଖୋଦ ଶକୁନି ସଂଗେ ଯୁଦ୍ଧ ଲଗାଇ ଦେଲେ । ଶକୁନି ବହୁତ ମାୟା ଜାଣଂନ୍ତି, ସେ କେତେ ଭୟଂକର ଜଂତୁ; ରାକ୍ଷସ, ଅସ୍ତ୍ରସବୁ ମାୟାରେ ବାହାର କଲେ; କିଂତୁ ଅର୍ଜୁନଂକୁ ସେସବୁ କେତେ ମାତ୍ର ? ଶକୁନି ଚାରିଆଡ଼ ଅଂଧକାର କରିଦେଲେ । ଅର୍ଜୁନଂକ ଜ୍ୟୋତିଷ୍କ ଅସ୍ତ୍ରରେ ସବୁ ପୁଣି ଆଲୁଅ ହୋଇଗଲା । ଶକୁନି ନଈବଢ଼ି କରାଇଲେ, ଅର୍ଜୁନ ଆଦିତ୍ୟ ଅସ୍ତ୍ରରେ ଜଳ ଶୁଖାଇ ଦେଲେ । ଶେଷକୁ ଶକୁନି ପରାସ୍ତ ହୋଇ ପଳାଇଲେ ।

ଅର୍ଜୁନ କୌରବସୈନ୍ୟଂକୁ ବ୍ୟତିବ୍ୟସ୍ତ କଲେ । ଦ୍ରୋଣ ଭାରି ରାଗି ଗଲେ । ହଜାର ହଜାର ସୈନ୍ୟ ମାଇଲେ । ଏତିକିବେଳକୁ ଆଉ ଦଳେ ସଂଶପ୍ତକ ଆସି, ଅର୍ଜୁନଂକୁ ଡାକି ନେଲେ ।

ଭୀମ ଆସି ପାଂଡବସୈନ୍ୟଂକୁ ଉତ୍ସାହ ଦେଲେ । ଅର୍ଜୁନ ସଂଶପ୍ତକମାନଂକୁ ମାରି, ପୁଣି ଫେରି ଆସି, ଏପରି ଯୁଦ୍ଧ କଲେ ଯେ, କୌରବମାନେ ସଂଭାଳି ନ ପାରି, ‘କର୍ଣ୍ଣ’ ‘କର୍ଣ୍ଣ’ ବୋଲି ପାଟି କଲେ ।

କର୍ଣ୍ଣ ଆସି ପହଞ୍ଚିଲେ । ତିନୋଟି ଭାଇ ମଧ୍ୟ ସେ ସାଙ୍ଗରେ ଆଣିଥିଲେ । ଭାଇ ତିନୋଟି ତ ସାଙ୍ଗେ ସାଙ୍ଗେ ଅର୍ଜ୍ଜୁନଙ୍କ ହାତରେ ମଲେ । ନିଜେ କର୍ଣ୍ଣ ବି ସାତ୍ୟକିର ବାଣ ଖାଇ, ଜର୍ଜର ହେଲେ ।

ଦୁର୍ଯ୍ୟୋଧନ, ଦ୍ରୋଣ, ଜୟଦ୍ରଥ ଆସି କର୍ଣ୍ଣଙ୍କୁ ରକ୍ଷା କଲେ । ସନ୍ଧ୍ୟା ଯାଏ ଯୁଦ୍ଧ ଚାଲିଲା । ସନ୍ଧ୍ୟା ଉତ୍ତାରୁ ସମସ୍ତେ ଶିବିରକୁ ଗଲେ ।

---

## ଅଭିମନ୍ୟୁ ବଧ

### ତ୍ରୟୋଦଶ ଦିନ

ଆରଦିନ ସଂଶପ୍ତକମାନେ ଅର୍ଜ୍ଜୁନଙ୍କୁ ଡାକି ନେଲେ । ଏଣେ ଦ୍ରୋଣ ଭୟାନକ ଚକ୍ରବ୍ୟୂହରେ ସୈନ୍ୟ ସଜାଡ଼ି ଯୁଦ୍ଧ ଲଗାଇ ଦେଲେ ।

ଅର୍ଜ୍ଜୁନଙ୍କ ଛଡ଼ା ପାଣ୍ଡବମାନଙ୍କ ଭିତରୁ ଆଉ କେହି ଚକ୍ରବ୍ୟୂହରେ ପଶିବା, ବାହାରିବା ଜାଣନ୍ତି ନାଇ । ଏବେ ଉପାୟ କଣ ? ଏକା ଅଭିମନ୍ୟୁ ପଶି ଜାଣନ୍ତି; କିନ୍ତୁ ବାହାରିବା ତାଙ୍କୁ ଜଣା ନାଇ ।

ଶେଷକୁ ଅଭିମନ୍ୟୁ ପଶିବାର ହେଲା । ପାଣ୍ଡବ ଚାରି ଭାଇ, ତା'ପରେ ପଛେ ଯାଇ, ବ୍ୟୂହ ଫିଟାଇବାର ଠିକ୍ କଲେ ।

ଏଡ଼େ କଠିନ କାର୍ଯ୍ୟ କରିବାକୁ ସାରଥି ସୁମିତ୍ର ଅଭିମନ୍ୟୁଙ୍କୁ ମନା କଲେ; କିନ୍ତୁ ଅଭିମନ୍ୟୁ ସେ କଥା ନ ମାନି କହିଲେ, "ନିଜେ ଇନ୍ଦ୍ର ଦେବତାଙ୍କୁ ଘେନି ଆସିଲେ ମଧ୍ୟ, ମୁଁ ଆଜି ନିଶ୍ଚୟ ଯୁଦ୍ଧ କରିବି ।"

ଅଠର ବର୍ଷର ଅଭିମନ୍ୟୁ ଏବେ ଚକ୍ରବ୍ୟୂହରେ ପଶିଲେ । ହରିଣପିଲା ଦେଖିଲେ ବାଘ ଯେପରି ମାଡ଼ିଆସେ, ସେହିପରି କୌରବ ଯୋଦ୍ଧାମାନେ ବାଳକ ଅଭିମନ୍ୟୁଙ୍କୁ ଘେରିଗଲେ; କିନ୍ତୁ ପିଲା ହେଲେ କଣ ହେବ, ସେ ଅର୍ଜ୍ଜୁନ ପୁଅ । ବାଣ ମାରି, କୌରବ-ସେନାଙ୍କୁ ଏକାବେଳକେ ଦଳି ଦେଲେ । ଅଶ୍ମକେଶର ବାଣରେ କର୍ଣ୍ଣଙ୍କୁ ଅଜ୍ଞାନ କଲେ । ଶଲ୍ୟଙ୍କୁ ମଧ୍ୟ ଅଜ୍ଞାନ କଲେ । ଶଲ୍ୟଙ୍କ ଭାଇ ଅଭିମନ୍ୟୁଙ୍କ ହାତରେ ମଲେ —ଆଉ ଶ୍ରେଷ୍ଠ ଯୋଦ୍ଧାଙ୍କ କଥା କହିବା ଦରକାର ନାଇ ।

ଦ୍ରୋଣ ଆଶ୍ଚର୍ଯ୍ୟ ହୋଇଗଲେ । ଦୁର୍ଯ୍ୟୋଧନଙ୍କୁ ବଡ଼ ବିମୁଖ ଲାଗିଲା । ସେ କହିଲେ, "ଅର୍ଜ୍ଜୁନ ପୁଅ ବୋଲି, ଦ୍ରୋଣ ତାକୁ ମାରୁ ନାହାନ୍ତି । ଆସ, ଆମେ ସମସ୍ତେ ମିଶି ତାକୁ ମାରିବା ।"

ଦୁଃଶାସନ କହିଲେ, "ଏହାକୁ ମାରିଲେ, ଅର୍ଜ୍ଜୁନ କାନ୍ଦି କାନ୍ଦି ମରିଯିବ । ଅର୍ଜ୍ଜୁନ ମରିଗଲେ ପାଣ୍ଡବମାନେ ବି ମରିବେ । ଆଚ୍ଛା, ମୁଁ ଏହାକୁ ଏହିକ୍ଷଣି ମାରି ଆସୁଛି । ଦୁଃଶାସନ କହୁ-ଥିଲେ ବଡ଼ ସହଜ କଥା । ଚାହୁଁ ଚାହୁଁ ତାଙ୍କ ରଥ ଫେରିଲା—ଦେଖାଗଲା, ସେ ରଥ ଉପରେ ଅଜ୍ଞାନ ହୋଇ ପଡ଼ିଛନ୍ତି ।

କର୍ଣ୍ଣ ଆଉଥରେ ଆସିଲେ । କୌରବଙ୍କର ଗୋଟିଏ ଭାଇ ମଲା । ସେ ନିଜେ ପଳାଇଲେ ।

କିନ୍ତୁ ଏଣେ ଅଭିମନ୍ୟୁ ପଶିଲା ଉତ୍ତାରୁ, ଯୁଧିଷ୍ଠିର, ଭୀମ, ନକୁଳ, ସହଦେବ ଯେତେ ଚେଷ୍ଟା କରି ମଧ୍ୟ ବ୍ୟୂହ ଭିତରେ ପଶି ପାରିଲେ ନାଇ । ଆଉ ଯେତେ ଯେତେ ବୀର ଥିଲେ, ସେମାନେ ମଧ୍ୟ କେହି ପାରିଲେ ନାଇ । ଏକା ଜୟଦ୍ରଥ ବ୍ୟୂହଦ୍ୱାରରେ ଠିଆ ହୋଇ ସମସ୍ତଙ୍କୁ ହଟାଇ ଦେଲା ।

ପୂର୍ବେ ଭୀମ ହାତରେ ପରାସ୍ତ ହୋଇ, ତପସ୍ୟା କରି, ସେ ଯେ ଅର୍ଜ୍ଜୁନ ଛଡ଼ା ପାଣ୍ଡବମାନଙ୍କୁ ଜିଣିବ ବୋଲି ବର ପାଇଥିଲା, ସେହି ବର ଆଜି ତାର କାମ ଦେଖାଇଲା ।

ଏଣେ ଅଭିମନ୍ୟୁ କେତେ ବୀରଂକୁ ପରାସ୍ତ କଲେ, କେତେ ତାଂକ ହାତରେ ମଲେ । ଶେଷକୁ ସମସ୍ତେ ଆସି ଯୁଟିଲେ । ଗାଂଧର୍ବ ଅସ୍ତ୍ରରେ ଅଜ୍ଞାନ କରି, ସେମାନଂକ ମଧ୍ୟରୁ କେତେ ମାରିଲେ । କେହି ଆଉ ଦେହଟାପାକ ନଷ୍ଟ କରି ଅଭିମନ୍ୟୁଂକ ପାଖରୁ ଫେରିଲା ନାହିଁ । ବୃହଦ୍‌ବଳ, ଦ୍ରୋଣ, କୃପ, କର୍ଣ୍ଣ, ଅଶ୍ୱତ୍ଥାମା, କୃତବର୍ମା, ଏ ଛ'ଜଣ ଏକାବେଳକେ ଆକ୍ରମଣ କରି ପରାସ୍ତ ହେଲେ । କ୍ରାଥଂକ ପୁଅ ଆସି, ଅଭିମନ୍ୟୁଂକ ହାତରେ ମଲେ । ତା ପରେ ପୁଣି ସେହି ଛଅଜଣ ଆସି ପରାସ୍ତ ହୋଇ ଫେରିଲେ । ତା ପରେ ବୃନ୍ଦାରକ ଓ ବୃହଦ୍‌ବଳ ମଲେ । ଏହିପରି କେତେ ମଲେ, କେତେ ପଳାଇଲେ । ସମସ୍ତେ ଅସ୍ତବ୍ୟସ୍ତ । ଆଜ ଆଉ ଅଭିମନ୍ୟୁ ହାତରେ ରକ୍ଷା ନାହିଁ । ଉପାୟ କ'ଣ ?

ଶକୁନି କହିଲେ, "ଚାଲ ଛଅଜଣ ଏକାବେଳକେ ମାରିବା !"

କର୍ଣ୍ଣ ମଧ୍ୟ ଅଭିମନ୍ୟୁକୁ ମାରିବା ପାଇଁ ବଡ଼ ବ୍ୟସ୍ତ ହେଲେ । ଦ୍ରୋଣ କହିଲେ, "ଅଭିମନ୍ୟୁର କବଚ ଶରରେ ଫୁଟାଇବା ସହଜ ନୁହେ । ତା' ହାତରେ ଧନୁଶର ଥିଲେ, ଦେବତାମାନେ ମଧ୍ୟ ପାରିବେ ନାହିଁ । ଆଗେ ତା' ଧନୁ କାଟ । ତା ପରେ ତାକୁ ମାରିବା ସହଜ ହେବ ।"

ଏ ଛଅ ଜଣ ଯାକ ଚାରିଆଡ଼ୁ ବାଧ ଘେରି ମିଶିଗଲେ । କର୍ଣ୍ଣ ହଠାତ୍ ତାର ଧନୁ କାଟି ଦେଲେ । ଭୋଜ ଘୋଡ଼ାଗୁଡ଼ିକ ମାରିଦେଲେ । କୃପ ସାରଥିକୁ ବଧ କଲେ ।

ଅଭିମନ୍ୟୁର ଏବେ ରଥ ନାହିଁ । ସାରଥି ନାହିଁ, ଧନୁ ନାହିଁ, ତଥାପି ଛଅଜଣଯାକ ଏକାବେଳକେ ବେଢ଼ିଛଂତି । ଖଂଡା ଢାଲ ଘେନି, ଅଭିମନ୍ୟୁ ବାହାରିଲେ । ଦ୍ରୋଣ, କର୍ଣ୍ଣ ତାହା ମଧ୍ୟ କାଟିଦେଲେ । ସେ ଚକ ଧରିଲେ । ଚାରିଆଡୁ ସମସ୍ତେ ବାଣ ମାରି, ତାକୁ ଖଂଡ ଖଂଡ କରିଦେଲେ । ତା' ପରେ ଗଦା ଧରି, ଅଭିମନ୍ୟୁ ଅଶ୍ୱତ୍ଥାମା ଆଡ଼କୁ ଧାଇଁଲା । ଅଶ୍ୱତ୍ଥାମା ଡେଇଁପଡ଼ି ପଳାଇଲେ । ସେତେବେଳକୁ ଚାରିଆଡ଼ୁ ଶର ଫୁଟି, ଅଭିମନ୍ୟୁର ଦେହ ହିଂକ ଦେହ ପରି ହୋଇଗଲାଣି, ସେ କଂପୁ ଗଦା ଧରି କାଳକେୟ ଓ ତାର ସତୁରିଜଣ ସଂଗୀ, ଆଉ ସତର ଜଣ ରଥୀ ଓ ଦଶଟି ହାତୀ ମାରି ଦୁଃଶାସନ ପୁଅର ରଥ ଘୋଡ଼ା ସବୁ ଛତୁ କରିଦେଲେ ।

ଦୁଃଶାସନ ପୁଅ ଗଦା ଧରି, ଲାଗିଗଲେ । ଏଣେ ଛଅଜଣଯାକ ମିଶି ଅଭିମନ୍ୟୁ ଦେହକୁ ବାଣ ମାରୁଛଂତି; ଅଭିମନ୍ୟୁ ଗଦା ଯୁଦ୍ଧରେ ଦୁଃଶାସନ ପୁଅ ବୃଷକେତୁକୁ ତଳେ ପକାଇ ଦେଇ, ଆପେ ଆଉ ସଂଭାଳି ନ ପାରି ଅଜ୍ଞାନ ହୋଇ ପଡ଼ିଗଲେ ।

ଦୁଃଶାସନ ପୁଅ ଆଗ ଉଠି, ଗଦାରେ ଅଜ୍ଞାନ ଥିବାବେଳେ ଅଭିମନ୍ୟୁର ମୁଂଡ ଛେଚି ଛତୁ କରିଦେଲେ । ଆକାଶରୁ ଦେବତାମାନେ କହିଲେ, "ଏ ବଡ଼ ଅନ୍ୟାୟ ହେଲା । ଛଅ ମହାବୀର, ମହାରଥୀ, ଗୋଟିଏ ବାଳକକୁ ମାରିବା ବଡ଼ ଅଧର୍ମ ।"

କୌରବମାନେ ଏ ପାପ କାମ ଶେଷ କରି, ଭାରି ଖୁସି ହେଲେ । ପାଂଡବମାନଂକ ଦୁଃଖ କଥା କିଏ କହି ପାରିବ ? ପାଡଂବ ସୈନ୍ୟମାନେ ଅଭିମନ୍ୟୁ ମରି ଯିବାରୁ ଭୟରେ ପଳାଉଥିଲେ । ଯୁଧିଷ୍ଠିର ସମସ୍ତଂକୁ ଡାକିଲେ । ସମସ୍ତେ ତୁନି ହୋଇ, ମୁଂଡ ପୋତି ବସିଲେ ।

———

## ଅର୍ଜୁନର ପ୍ରତିଜ୍ଞା

ଅର୍ଜୁନ ସଂଶପ୍ତମାନଂକୁ ମାରି, ଫେରିଲାବେଳେ, କୃଷ୍ଣଂକୁ କହିଲେ, "ଆଜି କାହିଁକି ମୋ ମନ ଛଟ୍‌ପଟ୍ ହେଉଛି । ମୋ ଦେହ ବଡ଼ ଦୁର୍ବଳ ଲାଗୁଛି । ମହାରାଜ ଯୁଧିଷ୍ଠିରଂକର କିଛି ଅମଂଗଳ ହେଲା କି ?"

ଶିବିରକୁ ପଶି ଦିହେଁ ଦେଖିଲେ ସବୁ ଅଂଧାର; କାହାରି ତୁଂଣ୍ଡ ମୁଂଡ ଶୁଝୁ ନାଇ । ସବୁଦିନ ଆସିଲା-କ୍ଷଣି ଅଭିମନ୍ୟୁ ଭାଇମାନଂକୁ ଘେନି, ହସି ହସି ଅର୍ଜୁନଂକ ପାଖକୁ ଆସଂତି । ଆଜି ସେ ଅଭିମନ୍ୟୁ ବା କାହିଁ ?

ବେଶି କହିବା ଦରକାର ନାଇ । ଅଭିମନ୍ୟୁର ମୃତ୍ୟୁ ସଂବାଦ ଶୁଣି, ଅର୍ଜୁନଂକର କ'ଣ ହୋଇଥିବ, ତାହା କହିବ କିଏ ? ସେଇ ରାତିରେ ସେ କଂଭୁ ପ୍ରତିଜ୍ଞା କଲେ, "ଜୟଦ୍ରଥ ଦ୍ୱାର ବଂଦ କରିବାରୁ, ଏହା ହେଲା । କାଲି ମୁଁ ନିଶ୍ଚେ ଜୟଦ୍ରଥକୁ ମାରିବି । ଯେବେ କାଲି ସେ ପାପାତ୍ମା ଜୀଇ ଥାଉଁ ଥାଉଁ ସୂର୍ଯ୍ୟ ବୁଡ଼େ, ତେବେ ମୁଁ ସେଇଠାରେ ନିଆଁ ଜାଳି, ସେଥିରେ ପଶି ମରିବି ।"

ଚରମାନେ ସଂଗେ ସଂଗେ ଏ ଖବର ଦୁର୍ଯ୍ୟୋଧନଂକ ଶିବିରରେ ପହଂଚାଇ ଦେଲେ । ଜୟଦ୍ରଥ ଶୁଣି, ତା ପ୍ରାଣ ଶୁଖିଗଲା । ସେ ପଳାଇବାକୁ ବସିଥିଲା । ଦୁର୍ଯ୍ୟୋଧନ ତାଂକୁ ଦଂଭ ଦେଇ କହିଲେ; "ଏତେ ଲୋକ ଥାଉଁ ଥାଉଁ ଭୟ କ'ଣ ? ସମସ୍ତେ ତୁମକୁ ରକ୍ଷା କରିବେ ।"

ଜୟଦ୍ରଥ ଦ୍ରୋଣଂକୁ ଯାଇ ପଚାରିଲେ । ଦ୍ରୋଣ ପୁଣି ଭରସା ଦେଇ କହିଲେ, "ଏପରି ବ୍ୟୂହ ରଚନା କରିବି ଯେ ଅର୍ଜୁନ ତାହା ପାରି ହୋଇ ପାରିବ ନାଇ । ପୁଣି ଅର୍ଜୁନ ଯଦି ତୁମକୁ ମାରେ, ତା ହେଲେ ତୁମର ସ୍ୱର୍ଗଲାଭ ହେବ—ଭୟ କଣ ?"

ଏ କଥା ଚରମାନେ ପାଂଡବ ଶିବିରରେ କହିବାରୁ କୃଷ୍ଣ ଅର୍ଜୁନଂକ ଲାଗି ବଡ଼ ଚିଂତାରେ ପଡ଼ିଲେ ।

---

## ଜୟଦ୍ରଥ ବଧ

### ଚତୁର୍ଦ୍ଦଶ ଦିନ

ଦ୍ରୋଣ ଯେ ବ୍ୟୂହ ରଚନା କଲେ, ତା ବଡ଼ ଅଦ୍ଭୁତ । ଏ ବ୍ୟୂହର ଆଗ ଶଗଡ଼ ପରି, ପଛ ଚକ୍ର ବା ପଦ୍ମ ପରି; ଚବିଶ କୋଶ ଲଂବ; ପଛରେ ଦଶ କୋଶ ଓସାର । ଏ ବଡ଼ ବ୍ୟୂହ ଭିତରେ, ସଭି ମଝିରେ ସୂଚୀ ବୋଲି ଲୁଚାଇ କରି, ଗୋଟିଏ ବ୍ୟୂହ କଲେ । ସେଇ ସୂଚୀବ୍ୟୂହରେ କୃତବର୍ମା, କାଂବୋଜ, ଜଳସଂଧ, ଦୁର୍ଯ୍ୟୋଧନ, କର୍ଣ୍ଣ ପ୍ରଭୃତି ବୀରମାନେ ଜୟଦ୍ରଥକୁ ପଛରେ ରଖି, ଲୁଚାଇକରି ରହିଲେ । ବଡ଼ ବ୍ୟୂହ ମୁହଁରେ ଦ୍ରୋଣ, ତାଂକ ପଛକୁ ଭୋଜ ଜଗି ରହିଲେ ।

ସେ ଦିନ ଅର୍ଜୁନଂକର ବିଚିତ୍ର ଯୁଦ୍ଧ । ସମସ୍ତେ ଘୂରିପାଖେ ଚୂରମାର । ବିଜୁଳି ପରି କେତେବେଳେ ରଥ ଚାଲି ଯାଉଛି—କେହି ଦେଖି ପାରୁ ନାହାଂତି । କୌରବ ସୈନ୍ୟମାନେ ଯୁଆଡ଼େ ଚାହଁଚଂତି, ଖାଲି ଅର୍ଜୁନ ଦେଖୁଚଂତି ।

ଦୁଃଶାସନ ଦଳେ ହାତୀ ଘେନି ଆସିଥିଲା । ମୁହୂର୍ତ୍ତକେ ସବୁ ହାତୀ ଖଂଡ ଖଂଡ । ଦୁର୍ଯ୍ୟୋଧନ କହିବାରୁ ଦ୍ରୋଣ ଆସି ଅର୍ଜୁନଂକୁ ଅଟକାଇଲେ । ଘୋର ଯୁଦ୍ଧ ଲାଗିଗଲା । ଅର୍ଜୁନଂକର ବେଳ କାହିଁ ? ସେ ବେଳ ଉଂଡି ଦ୍ରୋଣଂକ ପାଖ କାଟେ, ରଥ

ଚଳାଇ ଦେଇ ଗ୍ଭଲଗଲେ । ଦ୍ରୋଣ କହ୍ଲେ, "କହୋ ଅର୍ଜୁନ, ତୁମେ ଯେ ଶତ୍ରୁକୁ ପରାସ୍ତ ନ କରି ଛାଡ଼ ନାଇ । ଆଜ ତୁମର ଏ କି କଥା ?"

ଅର୍ଜୁନ କହ୍ଲେ, "ଆପଣ ତ ମୋର ଶତ୍ରୁ ନୁହଂନ୍ତି, ଆପଣ ମୋର ଗୁରୁ । ଆପଣଂକର ପୁଅ ପରି ଶିଷ୍ୟ । ପୁଣି ଆପଣଂକୁ ଯୁଦ୍ଧରେ କିଏ ହରାଇ ପାରିବ ?"

କିଂତୁ ବୁଢ଼ା କି ଛାଡ଼ିବା ଲୋକ ? ଅର୍ଜୁନ ପଛେ ପଛେ ଗୋଡ଼ାଇଲେ । ଅର୍ଜୁନ କୌଣସି ପ୍ରକାରେ ଯୁଦ୍ଧ କରି ତାଂକୁ ଛାଡ଼ିଲେ । ଏବେ ଦ୍ରୋଣଂକ ପାଖକୁ ଯିବାକୁ ହେବ । ବାଟରେ କୃତବର୍ମା ଆଗୋଳିଲେ । ସେ ଅଜ୍ଞାନ ହେଲେ । ତା'ପରେ ଶ୍ରୁତାୟୁଧ ।

ଶ୍ରୁତାୟୁଧକୁ ବରୁଣ ଗୋଟିଏ ଗଦା ଦେଇଥିଲେ । ତାକୁ ଅଟକାଇବାର କାହାରି ସାଧ ନାଇ; କିଂତୁ ଯେ ଯୁଦ୍ଧ ନ କରୁଥାଏ, ସେ ଗଦା ତାକୁ ମାଇଲେ, ସେ ଗଦା ଆସି ମାରିବା ଲୋକର ମୁଂଡରେ ବାଜେ । ଶ୍ରୁତାୟୁଧ ଆସି କୃଷ୍ଣଂକ ଉପରେ ସେ ଗଦା ମାରି-ବସିଲେ । ବେଶ୍ ଆଉ କହିବା ଦରକାର ନାଇ ।

ଶ୍ରୁତାୟୁଧ ପରେ ସୁଦକ୍ଷିଣ, ତା'ପରେ ଶ୍ରୁତାୟୁ ଓ ଅଚ୍ୟୁତ । ତା'ପରେ ତାଂକର ପୁଅ ନିୟୁତାୟୁ ଓ ଦୀର୍ଘାୟୁ । ତା'ପରେ ସହସ୍ର ସହସ୍ର ଅଂଗ ଦେଶର ଗଜାରୋହୀ (ହାତୀରେ ଚଢ଼ିଥିବା) ସୈନ୍ୟ । ତା'ପରେ ବିକଟାକାର (ଦେଖିବାକୁ ଭୟଂକର) ଅସଂଖ୍ୟ ଯବନ, ପାରଦ ଓ ଶକ । ଏହିପରି କେତେ ଯୋଦ୍ଧା ମଲେ । ଦୁର୍ଯୋଧନ ଦେଖି, ରାଗିଗଲେ, ଦ୍ରୋଣଂକୁ କହିଲେ, "ଆପଣ ଆମର ଖାଇବେ, ଆଉ ଅନିଷ୍ଟ କରିବେ, ଆପଣଂକୁ ଲଜ୍ଜା ନ ଥିଲ । ଯାହାହେଉ, ଏବେ ଜୟଦ୍ରଥଂକୁ ବଂଚାଇବାର ଉପାୟ କରଂତୁ ।"

ଦ୍ରୋଣ କହିଲେ, "ବୁଢ଼ା ଲୋକ, ମୁଁ କଣ କରିବି, ଏତେ ଦୌଡ଼ି ପାରୁ ନାଇ । ଅର୍ଜୁନ ତ ଯୁଦ୍ଧ କରିବାକୁ ନ ରହି, ରଥ ଚଳାଇ ଦେଉଛି, ଆଉ କୃଷ୍ଣ ତ ଘୂଂରୁ ଘୂଂରୁ ଏଡେ ବେଗେ ରଥ ନଉଚଂନ୍ତି ଯେ ଅର୍ଜୁନଂକ ବାଣ ସୁଦ୍ଧା କୋଶେ ପଛରେ ପଡ଼ି ଯାଉଛି । ତୁମେ ସମସ୍ତେ ମିଶି, ଥରେ ଅର୍ଜୁନଂକୁ ଦେଖ ନା ? ମୁଁ ତୁଂମଂକୁ ଏହି କବଚ ଦଉଛି । କୌଣସି ଅସ୍ତ୍ର ଏହାକୁ କାଟି ପାରିବ ନାଇ ।"

ଦ୍ରୋଣ ମଂତ୍ର ପଢ଼ି, ଦୁର୍ଯୋଧନଂକୁ କବଚ ପିଂଧାଇଦେଲେ । ଦୁର୍ଯୋଧନ ଅର୍ଜୁନଂକୁ ଆକ୍ରମଣ କରିବାକୁ ଗଲେ ।

ଏ ମଧ୍ୟରେ ଧୃଷ୍ଟଦ୍ୟୁମ୍ନ ପ୍ରଭୃତି ପାଂଡବ ପକ୍ଷର ଲୋକେ ଘୋର ଯୁଦ୍ଧ କଲେ । କୌରବ ସୈନ୍ୟମାନେ ଅସ୍ତବ୍ୟସ୍ତ ହୋଇ, ତିନି ଭାଗ ହେଲେ । ଦ୍ରୋଣ ବହୁତ ଚେଷ୍ଟା କରି ମଧ୍ୟ ଅଟକାଇ ପାରିଲେ ନାଇ । ଭୟାନକ ଯୁଦ୍ଧ ହେଲା । ଆଉ ଉପାୟ ନାଇ । ଅଶ୍ୱତ୍ଥାମା, କର୍ଣ୍ଣ ପ୍ରଭୃତି ଜୟଦ୍ରଥଂକୁ ପଛରେ ରଖି, ଯୁଦ୍ଧ କରିବାକୁ ଆସିଲେ ।

ଧୃଷ୍ଟଦ୍ୟୁମ୍ନ ସଂଗେ ଦ୍ରୋଣଂକର ଘୋର ଯୁଦ୍ଧ ହେଲା । ସାତ୍ୟକି ଆସି ଧୃଷ୍ଟଦ୍ୟୁମ୍ନଂକୁ ରକ୍ଷା କଲେ । ସାତ୍ୟକି ଓ ଦ୍ରୋଣ ଲାଗିଲେ । ଦୁଇଦଳର ବଡ଼ ବଡ଼ ଯୋଦ୍ଧା-ମାନେ ଆସି ମିଶିଗଲେ । ଘୋର ଯୁଦ୍ଧ ମାତି ଉଠିଲା ।

ବେଳ ବୁଡ଼ି ଆସିଲାଣି । ଅର୍ଜୁନ କଣ କରୁଚଂନ୍ତି ? ଜୟଦ୍ରଥଂକୁ ପାଇବା ସହଜ ନୁହେଁ; କିଂତୁ କୃଷ୍ଣ ରଥ ଚଳାଇ ଗ୍ଭଲଚଂନ୍ତି । ଅର୍ଜୁନ ସେନା କାଟି ବାଟ ସଫା କରୁଚଂନ୍ତି; କୃଷ୍ଣ ବିଜୁଳି ପରି ଘୋଡ଼ା ଚଳାଉଚଂନ୍ତି । ଅର୍ଜୁନଂକ ବାଣ ତଳେ ପଡ଼ିବାକୁ ଯେତିକିବେଳ, ସେତିକିବେଳ ଭିତରେ କୃଷ୍ଣ ରଥ ଚଳାଂନ୍ତି । ଆଉ କୋଶେ,ଦିମେ, ଘୋଡ଼ାଗୁଡ଼ିକୁ ଟିକିଏ ଫୁରୁସତ ନ ଦେଲେ ନ ଚଳେ । ଅର୍ଜୁନଂକର

ଆଶ୍ଚର୍ଯ୍ୟ କ୍ଷମତା; ସେ ସେହିକ୍ଷଣି ରଥରୁ ଓହ୍ଲାଇ, ଯୁଦ୍ଧ ଭୂମିରେ ଶର ମାରି, ଗୋଟିଏ ଘର କରିଦେଲେ, ଗୋଟିଏ ପୋଖରୀ ଖୋଳିଦେଲେ । ସେ କି ଆଶ୍ଚର୍ଯ୍ୟ ପୋଖରୀ ! ସେଥିରେ ହଂସ ଖେଳୁଛଂତି, ପଦ୍ମ ପର୍ଯ୍ୟଂତ ଫୁଟିଛି ।

ଅର୍ଜୁନ ଓହ୍ଲାଇବାର ଦେଖି, ଶତ୍ରୁମାନେ ମିଶି ଆସିଲେ; କିଂତୁ ସେ ସମସ୍ତେ ବା ଅର୍ଜୁନଂକୁ କରିବେ କଣ ? ଘୋଡ଼ାମାନେ ଫୁରୁସତ୍ ପାଇ ତାଜା ହେଲେ, ପରେ କୃଷ୍ଣ ରଥ ଚଳାଇଲେ ।

ଜୟଦ୍ରଥଂକୁ ଭେଟିବା ଆସି ନିକଟ ହୋଇଗଲା । ଦୁର୍ଯ୍ୟୋଧନ କବଚ ପିଂଧି ସେନା ନେଇ, ଆସି ଭେଟିଲେ । ଅର୍ଜୁନ କହିଲେ, କବଚ ଫୁଟାଇବା କଠିନ । କବଚ ସୁଦ୍ଧା ଦୁର୍ଯ୍ୟୋଧନକୁ ହଟାଇ ଦେଲେ ଯାଏ; କିଂତୁ ଅର୍ଜୁନର ବାଣ ଦୁର୍ଯ୍ୟୋଧନ ପାଖେ ପହଂଚିବା ପୂର୍ବରୁ ଅଶ୍ୱତ୍ଥାମା ପ୍ରଭୃତି ତାହା କାଟି ଦିଅଂତି ।

କୃଷ୍ଣଂକ ଉପରକୁ ମଧ୍ୟ ଦୁର୍ଯ୍ୟୋଧନ ବାଣ ମାରିଲା । ଶେଷକୁ ଅର୍ଜୁନ ଦୁର୍ଯ୍ୟୋଧନର ଦୁଇ ହାତ ଖାଲି ଦେଖି, ସେହିଠାକୁ ଲକ୍ଷ୍ୟ କରି ଶର ମାରିଲେ । ଦୁର୍ଯ୍ୟୋଧନ ପ୍ରାଣ ନେଇ ପଳାଇଲେ ।

ତା'ପରେ ଘୋର ଯୁଦ୍ଧ । ଗାଂଡ଼ୀବର ଟଂକାର ଓ କୃଷ୍ଣଂକ ପାଂଚଜନ୍ୟ ଶଂଖର ଗମ୍ଭୀର ଶବ୍ଦରେ ଲୋକେ ଅଜ୍ଞାନ ହୋଇଗଲେ । ବଡ଼ ବଡ଼ ରଥୀମାନେ ଆସି ଅର୍ଜୁନଂକୁ ଘେରିଗଲେ; କିଂତୁ ଅର୍ଜୁନଂକ ପାଖେ ପାରି ଉଠିବା ସହଜ ନୁହେଁ ।

ଏଣେ ଦ୍ରୋଣ ଯୁଧିଷ୍ଠିରଂକର ଅନେକ ବେଳଯାଏ ଯୁଦ୍ଧ ଲାଗିଲା । କେହି କାହାରିକୁ କମ୍ ନୁହଂତି । ଦୁହେଁ ସମାନ ବୀର । ଶେଷକୁ ଦ୍ରୋଣ ଯୁଧିଷ୍ଠିରଂକ ଘୋଡ଼ା ସାରଥି ମାରିଦେଲେ । ଯୁଧିଷ୍ଠିର ଚଳେ ଛୁଡ଼ା ହେବାରୁ, ଦ୍ରୋଣ ଆନଂଦରେ ତାଂକୁ ଧରିବାକୁ ବଢ଼ିଲେ । ଭାଗ୍ୟକୁ ସହଦେବଂକ ରଥ ଆସି ପାଖରେ ପହଂଚି ନ ଥିଲେ, ସେ ଦିନ ଯୁଧିଷ୍ଠିରଂକର ଦୁର୍ଦଶା ହୋଇଥାଂତା ।

ଏଣେ ଅଲଂବୁଷ ରାକ୍ଷସ ଭାରି ଗୋଳମାଳ କରୁଥିଲା । ଭୀମ ତାକୁ ଜବତ କଲେ । ସେ ପଳାଇ ଅନ୍ୟଠାରେ ପୁଣି ଦୌରାତ୍ମ୍ୟ କଲା, ଘଟୋତ୍କଚ ତାକୁ ଠିକ୍ କରିଦେଲେ । ତା'ପରେ ଦ୍ରୋଣଂକ ସଂଗେ ପାଂଡବମାନଂକର ବହୁତ ବେଳ ଘୋର ଯୁଦ୍ଧ ଲାଗିଲା ।

ଏ ମଧ୍ୟରେ ଅର୍ଜୁନ ଦୂରକୁ ଚାଲିଗଲେ । ଗାଂଡୀବ ଟଂକାର ଆଉ ଶୁଣାଗଲା ନାହିଁ । ଯୁଧିଷ୍ଠିର ସାତ୍ୟକିଂକ ଅର୍ଜୁନଂକ ପାଖକୁ ପଠାଇଦେଲେ । ସାତ୍ୟକି ଯୁଧିଷ୍ଠିରଂକୁ ଛାଡ଼ି ନ ଯିବା ପାଇଁ, ଅର୍ଜୁନ କହିଥିଲେ । ସେ ଯିବାକୁ ମଂଗୁ ନ ଥିଲେ; କିଂତୁ ଯୁଧିଷ୍ଠିର ଅର୍ଜୁନଂକ ପାଇଁ ବଡ଼ ବ୍ୟସ୍ତ ହେଲେ । ସାତ୍ୟକିଂକ ସଂଗେ ମଧ୍ୟ ଭୀମକୁ ପଠାଉଥିଲେ । ସାତ୍ୟକି ବହୁତ କହି, ଭୀମଂକୁ ଯୁଧିଷ୍ଠିରଂକ ପାଖେ ରଖାଇ, ଅର୍ଜୁନଂକ ଆଡ଼କୁ ଗଲେ ।

ଦ୍ରୋଣ ତାଂକୁ ଅଟକାଇଲେ; କିଂତୁ ସେ ତ ଅର୍ଜୁନଂକ ଶିଷ୍ୟ । ଅର୍ଜୁନଂକ ପରି, ଦ୍ରୋଣଂକ ପାଖ କାଟେଇ ଖସିଗଲେ । ସାତ୍ୟକି କି ଜବର, ତାହା କୌରବମାନେ ଆଜି ଜାଣିଲେ, ବୀର ପରେ ବୀର ଆସି କିଏ ଅଜ୍ଞାନ ହେଲା, କିଏ ପଳାଇଲା । ନିଜେ ଦୁର୍ଯ୍ୟୋଧନ ପଳାଇଲେ । କୃତବର୍ମା ଅଜ୍ଞାନ ହେଲେ । ଦ୍ରୋଣ ସାତ୍ୟକିଂକର ପୁଣି ଯୁଦ୍ଧ ହେଲା । ଦ୍ରୋଣ ବି ହଟିଗଲେ । ତାପରେ ସାତ୍ୟକି, କଂବୋଜ, ଶକ ଓ ଯବନ ସେନାମାନଂକୁ ପରାସ୍ତ କରିବାକୁ ଦୁର୍ଯ୍ୟୋଧନ ପୁଣି ଆସି, ଆଚ୍ଛା ଚାଟେ ପାଇଲେ । ବିକଟାକାର ପାର୍ବତୀୟ ( ପର୍ବତଭୂମିର ) ସେନାମାନେ ବଡ଼ ବଡ଼

ପଥର ପେଣ୍ଡା ଯୁଦ୍ଧକୁ ଆସିଲେ । ସାତ୍ୟକ ତାହା ଖଂଡ ଖଂଡ କଲେ ।

କୌରବମାନେ ଏବେ ଉପୁରେ ଅଥୟ ହେଲେ । ଏ ମଧ୍ୟରେ ଦ୍ରୋଣଂକ ହାତେ ଶାରକେତୁ, ସୁଧନ୍ୱା, ଚିତ୍ରକେତୁ, ଚିତ୍ରବର୍ମା ଓ ଚିତ୍ରରଥ ନାମକ ପଂଚାଳ ରାଜାଂକ ପାଂଚ ପୁଅ ମଲେ । ଧୃଷ୍ଟଦ୍ୟୁମ୍ନ ମନ ଦୁଃଖରେ ରାଗି ଯାଇ, ଦ୍ରୋଣଂକ ସଂଗେ ଲଢ଼ିଲେ; କିଂତୁ ପାରିଲେ ନାଇ ।

ଏଣେ ସାତ୍ୟକ ଲୋକ ମାରି, ଦଳି, ପ୍ରଳୟ କାଂଡ କରି ଦେଲେଣି । ଦ୍ରୋଣ ରାଗି କରି, ବୃହତ୍‌କ୍ଷେତ୍ର, ଧୃଷ୍ଟକେତୁ, ଚେଦିରାଜପୁତ୍ର, ଜରାସଂଧ ପୁତ୍ର ଓ ଧୃଷ୍ଟଦ୍ୟୁମ୍ନ ପୁତ୍ର କ୍ଷତ୍ରଧର୍ମା ପ୍ରଭୃତି କେତେ ଲୋକଂକୁ ମାରି, ପାଂଡବପକ୍ଷ ଅସ୍ତବ୍ୟସ୍ତ କଲେଣି । ସେ ପଂଚାଅଶୀ ବର୍ଷର ବୁଢ଼ା ହୋଇ ମଧ୍ୟ, ଷୋଳ ବର୍ଷର ଯୁବା ପରି ଦଉଡ଼ା ଦଉଡ଼ି କରୁଥାଂତି ।

ମହାରାଜ ଯୁଧିଷ୍ଠିର ସାତ୍ୟକ ପାଇଁ ପୁଣି ବ୍ୟସ୍ତହୋଇ ଭୀମଂକୁ ପଠାଇଲେ । ଭୀମ ଆସି ଦ୍ରୋଣଂକୁ ଭେଟିଲେ । ଦ୍ରୋଣ କହିଲେ, ଅର୍ଜୁନକୁ ଛାଡ଼ିଚି; କିଂତୁ ତୁମକୁ ଛାଡ଼ିବି ନାଇ ।" ଭୀମ କହିଲେ,"ମହାଶୟ, ଅର୍ଜୁନକୁ ଆପଣ ଦୟାକରି ଛାଡ଼ିଚଂତି ବୋଲି ବୋଧ ହେଉନାଇ । ସେ ହୁଏତ ଆପଣଂକ ମାନ ରଖି ଯାଇଚି । ମାତ୍ର ଆପଣ ତ ଜାଣଂତି, ମୁଁ ଅର୍ଜୁନ ପରି ଭଲ ମଣିଷ ନୁହେ । ଯୁଦ୍ଧ କରିବାକୁ ଆସି, ଗୁରୁ ବୋଲି ମାନ ରଖି ପାରିବି ନାଇ ।"

ଏହା କହୁ କହୁ, ବଜ୍ରପରି ଗଦା ଦ୍ରୋଣଂକ ଉପରେ ପଡ଼ିଲା । ଦ୍ରୋଣ 'ବାପ ରେ', ବୋଲି କହି ରଥରୁ ଡେଇଁ ଦେ ଦଉଡ଼ୁ । ଭୀମ ଏଣେ ବୁଢ଼ାଂକ ଘୋଡ଼ା, ସାରଥି ସବୁ ଛତୁ କରିଦେଲେ । ଦୁର୍ଯୋଧନ ଭାଇମାନେ ଆସି ଭୀମକୁ ବେଢ଼ି ଗଲେ । ସେଥିରୁ ସାତ ଜଣ ମାତ୍ର ମାରିଦେଇ ଭୀମ ପୁଣି ଚାଲିଲେ ।

ଭୀମ ଯାହାକୁ ଆଗରେ ପାଂତି, ସେ ଆଉ ରହେ ନାଇ ।

ଏଣେ ଦ୍ରୋଣ ପାଂଡବସୈନ୍ୟଂକୁ ଅସ୍ତବ୍ୟସ୍ତ କରିବାର ଦେଖି ପୁଣି ଭୀମ ବୁଲି ପଡ଼ିଲେ । ଦ୍ରୋଣ ଶର ମାରୁଚଂତି; ଭୀମ ଆଖି ବୁଜି ବୁଜି, ଗଦା ଧରି, ଦ୍ରୋଣଂକର ରଥ ପାଖେ ହାଜର୍ । ବୁଢ଼ାର ମଝିରୁ ହାଡ଼ ଚୁରିଖଂଡ ଖାଲି ରକ୍ଷା ପାଇଗଲା । ନ ହେଲେ, ବାକି ରଥ, ଘୋଡ଼ା, ସବୁ ଚୂନା ।

ତା' ପରେ ଭୀମ ସାତ୍ୟକଂକ ଦେଖିଲେ । ଅର୍ଜୁନ ମଧ୍ୟ ଦେଖାଗଲେ, ଭୀମ ଘୋର ସିଂହନାଦ କଲେ । ଯୁଧିଷ୍ଠିର ଦୂରରେ ତାହା ଶୁଣି, ବଡ଼ ଆନଂଦ ହେଲେ ।

କର୍ଣ ଭୀମଂକୁ ଅଟକାଇବାକୁ ଆସିଲେ; କିଂତୁ ଚାହୁଁ ଚାହୁଁ ତାଂକ ରଥ, ଘୋଡ଼ା, ଧନୁ, ସବୁ ଗଲା । ସେ ବୃଷସେନ ରଥରେ ଆଶ୍ରା ନେଲେ । ପୁଣି ସେ ଆସିଲେ; କିଂତୁ ପଳାଇ ନ ଥିଲେ, ରକ୍ଷା ପାଇ ନ ଥାଂତେ ।

ତଥାପି କର୍ଣର ଲଜ୍ଜା ନାଇ । ପୁଣି ଆସି, ମୁହୂର୍ତକେ ଅସ୍ତବ୍ୟସ୍ତ ହୋଇଗଲେ । ଦୁର୍ଯୋଧନ କର୍ଣକୁ ସାହାଯ୍ୟ କରିବାକୁ ଦୁର୍ଜୟକୁ ପଠାଇଲେ; କିଂତୁ ସେ ବିଚରା ସାହାଯ୍ୟ କରିବାକୁ ସମୟ ପାଇଲା ନାଇ; ଆସୁ ଆସୁ, ଭୀମ ହାତେ ମଲା ।

କର୍ଣ ପୁଣି ଭୀମଂକ ସଂଗେ ଲାଗିଲେ । ଏଥର ତାଂକ ଘୋଡ଼ା, ସାରଥି ସବୁ କଟି ଗଲାରୁ, ଦୁର୍ମୁଖ ତାଂକୁ ସାହାଯ୍ୟ କରିବାକୁ ଆସି, ଏକ ପ୍ରକାର ବେଶ ସାହାଯ୍ୟ କଲେ, କାହିଁକି ନା, ସେ ବିଚରା ମରିଯାଇ, ରଥ ଖାଲି କରିଦେଇ ନ ଥିଲେ କର୍ଣଂକର ଆଉ ପଳାଇବାର ଉପାୟ ନ ଥାଂତା ।

ଖାମ, ଦୁର୍ଯୋଧନର ଆଉ ସାତ୍ଗୋଟି ଭାଇ ମାଇଲେ । କର୍ଣ୍ଣ ପୁଣି ଆସିଲେ । ପୁଣି ସେହି ଦଶା । ଦୁର୍ଯୋଧନ ଆଉ ସାତୋଟି ଭାଇ ପଠାଇଲେ, ଭୀମଂକ ହାତରେ ସେମାନେ ବି ମଲେ । କର୍ଣ୍ଣ ପୁଣି ଆସିଲେ । ଏଥର କର୍ଣ୍ଣ ବ୍ୟସ୍ତବ୍ୟସ୍ତ ହେବାରୁ, ଦୁର୍ଯୋଧନ ପୁଣି ସାତୋଟି ଭାଇଂକ ଡାକି କହିଲେ, "ତୁଂମେମାନେ ଶୀଘ୍ର ଯାଇ କର୍ଣ୍ଣଂକୁ ବଂଚାଇବ ।" ଆଉ କିଏ କାହାକୁ ବଂଚାଇବ ? ସାତ ଭାଇ ଯୁଦ୍ଧ କରିବାକୁ ମୁହୂର୍ତ୍ତେ ହେଲେ ବେଳ ପାଇ ନାହାଂନ୍ତି ମଲେ ।

କର୍ଣ୍ଣଂକ ମୁଂଡ ଘୂରିଗଲା । ସେ ପଛକୁ ବାହୁଡ଼ା ପରି ଭୁଲରେ କୌରବମାନଂକୁ ମାରିବାକୁ ଆରଂଭ କରିଦେଲେ ।

କିଛିକ୍ଷଣ ପରେ, କର୍ଣ୍ଣ ପୁଣି ତାଜା ହୋଇ, ଭୀମଂକ ସଂଗେ ଯୁଦ୍ଧ କରିବାକୁ ଆସିଲେ । ଏଥର ଭୀମ ଟିକିଏ ଜବର ହେଲେ । ଭୀମଂକର ରଥ ଗଲା, ଧନୁ ଗଲା । ସେ ଖଂଡା ଯେମିତି ବାହାରିଲେ; ଖଂଡା ବି କର୍ଣ୍ଣ କାଟି ଦେଲେ । କର୍ଣ୍ଣଂକ ରଥକୁ ସେ ଡେଇଁପଡ଼ିଲେ, କର୍ଣ୍ଣ ରଥ ତଳେ ହଠାତ୍ ଲୁଚି ଯିବାରୁ ଧରି ପାରିଲେ ନାଇ ।

ତା' ପରେ ଭୀମ ଖାଲି ହାତରେ ଆଉ କଣ କରିବେ ? କେତେଗୁଡ଼ିଏ ହାତୀଂକ ପଛେ ଲୁଚିଲେ । ହାତୀମାନଂକୁ ଖଂଡ ଖଂଡ କରିବା କର୍ଣ୍ଣଂକୁ କଷ୍ଟ କଥା ନୁହେଁ ।

ତା' ଉତ୍ତାରୁ ଭୀମ ରଥଚକ, ହାତୀ ମୁଂଡ ଧରି କର୍ଣ୍ଣଂକ ଉପରକୁ ଫିଂଗିଲେ । ସେଥିରେ କର୍ଣ୍ଣଂକର ହବ କ'ଣ ? ଶେଷକୁ ଏକ ମୁଥ ଉଠାଇ କର୍ଣ୍ଣଂକ ରଥକୁ ଉଠିଲେ । ସେତିକବେଳେ ମନେ ପଡ଼ିଗଲା, କର୍ଣ୍ଣଂକୁ ମାରିବାକୁ ଅର୍ଜୁନ ପ୍ରତିଜ୍ଞା କରିଚଂନ୍ତି । କର୍ଣ୍ଣଂକର ମଧ୍ୟ ମନେ ପଡ଼ିଲା, ଅର୍ଜୁନ ଛଡ଼ା ଆଉ କାହାକୁ ମାରିବେ ନାଇ ବୋଲି ସେ ପ୍ରତିଜ୍ଞା କରିଚଂନ୍ତି । କର୍ଣ୍ଣ କିଛି ନ କରି ଭୀମକୁ ଧନୁରେ କାଡ଼ିଏ ପିଟିଲେ । ଭୀମ ସେ ଧନୁ ଛଡ଼ାଇ ନେଇ, ମାଡ଼ ଶୁଝି ଦେବାକୁ ସାନ ନୁହଂନ୍ତି ।

କର୍ଣ୍ଣ ସେଠାରୁ ଭୀମଂକୁ ବହୁତ ଗାଳିଦେଲେ । ଭୀମ ମଧ୍ୟ ମିଠାକଡ଼ା କରି ସୁରପଦ ଉତ୍ତର ଶୁଣାଇ ଦେଇ ମଲ୍ଲଯୁଦ୍ଧ କରିବାକୁ ଡାକିଲେ । ଭୀମଂକ ସଂଗେ ମଲ୍ଲଯୁଦ୍ଧ କରିବାକୁ କି କର୍ଣ୍ଣ ପାରେ ?

କର୍ଣ୍ଣ ସେଠାରୁ ଅର୍ଜୁନଂକ ପାଖକୁ ଗଲେ । ଭୀମଂକୁ ପରାସ୍ତ କରିଚଂନ୍ତି ବୋଲି, ମନରେ ବଡ଼ ଅହଂକାର ଥିଲା । ଅର୍ଜୁନଂକ ବାଣରେ କଂଶୁ ସେ ଅହଂକାର ଭାଂଗିଗଲା । କର୍ଣ୍ଣ ଦେଖିଲେ, ଲଢ଼ିବାଠାରୁ ପଳାଇବାରେ ବେଶି ଲାଭ ହେବ ।

ଏଣେ ଅର୍ଜୁନ ସାତ୍ୟକିଂକ ଦେଖି ବଡ଼ ବ୍ୟସ୍ତ ହେଲେ । ଯୁଧିଷ୍ଠିରଂକ ପାଖେ ଆଉ କେହି ନାଇ, ଭାବି, ତାଂକର କଷ୍ଟ ହେଲା । ଏଣେ ସାତ୍ୟକିଂକର ମଧ୍ୟ ସବୁ ଅସ୍ତ୍ର ସରିଗଲା । ତାଂକର ଧନୁ ନାଇ, ରଥ ନାଇ; ସେ ଏକେ ଖଂଡାରେ ଭୁରିଶ୍ରବାଂକ ସାଂଗେ ଯୁଦ୍ଧ କରୁଚଂନ୍ତି । କୃଷ୍ଣ ଦେଖିଲେ, ସାତ୍ୟକି ଆଉ ପାରିବେ ନାଇ; ଅର୍ଜୁନଂକୁ ଠାରି ଦେଲେ । ଅର୍ଜୁନ ଦୂରରୁ ଏକ ଶର ମାରି ଭୁରିଶ୍ରବାଂକ ହାତଟି ଭାଂଗି-ଦେଲେ । ସେ ହାତରେ ଯେଉଁ ଖଂଡା ଥିଲା, ସେ ଆଉ ସାତ୍ୟକିଂକ ଉପରେ ପଡ଼ି ପାରିଲା ନାଇ ।

ଭୁରିଶ୍ରବା ଅର୍ଜୁନଂକୁ ନିଂଦା କଲେ । ଏତେ ଦୂରରୁ ଆଉ ଜଣଂକ ସଂଗେ ଯୁଦ୍ଧ କରୁଥିବା ଲୋକକୁ ମାରିବା ଅଜ୍ଞାନର କାମ ବୋଲି କହିଲେ । ଅର୍ଜୁନ କହିଲେ, "ଆପଣାର ଶିଷ୍ୟ ଆତ୍ମୀୟ ସାତ୍ୟକିଙ୍କ ରକ୍ଷା କରିବା କିଛି ଅନ୍ୟାୟ ନୁହେ ।" ତା ପରେ ଭୁରିଶ୍ରବା ପ୍ରାୟୋପବେଶନ ( ନ ଖାଇ ମରିବା ) କରିବେ ବୋଲି

ଠିକ୍ କରି, ଶରଶଯ୍ୟା କରି ଶୋଇଲେ । କୌରବମାନେ ଅର୍ଜୁନଂକ ଅନ୍ୟାୟ ଯୁଦ୍ଧ କଥା କହି, ନିଂଦା କରି, କୋଳାହଳ କଲେ ।

ଅର୍ଜୁନ କହିଲେ, "ଭୂରିଶ୍ରବା, ମୋର ପକ୍ଷ ଲୋକଂକୁ ମରଣରୁ ରକ୍ଷା କରିବା ମୋର କର୍ତ୍ତବ୍ୟ । ମୁଁ ସେହି କଥା କରିଛି । କିଂତୁ କହ ଦେଖି, ତୁମ୍ଭେମାନେ ଯେ ଛ' ଜଣ ମିଶି ବାଳକ ଅଭିମନ୍ୟୁଙ୍କୁ ମାରିଥିଲ, ସେ ତୁମମାନଂକର କିପରି ଧର୍ମ ?"

ଭୂରିଶ୍ରବା ମୁଂଡଟି ପୋତି ଦେଲେ । ଏତିକିବେଳେ ସାତ୍ୟକି ଆଉ ରାଗ ସଂଭାଳି ନ ପାରି, ଯାଇ, ଚୁଟି ଧରି, ଭୂରିଶ୍ରବାଂକ ମୁଂଡଟି କାଟି ଦେଲେ ।

ଜୟଦ୍ରଥଂକୁ ମାରିବାକୁ ହେବ । ମହାବୀରମାନେ ତା'ଙ୍କୁ ପଛକୁ ରଖି, ଜଗିଚଂତି —ଉପାୟ କଣ ? ଅର୍ଜୁନ ପ୍ରାଣପଣେ ଯୁଦ୍ଧ କରି, ସମସ୍ତଂକୁ ଅସ୍ତବ୍ୟସ୍ତ କଲେଣି । ସମସ୍ତଂକୁ ପରାସ୍ତ କଲେ ମଧ୍ୟ, ଜୟଦ୍ରଥଙ୍କୁ ପାଉ ନାହାଂନ୍ତି । ଜଣେ ପରାସ୍ତ ହେଲେ, ଆଉ ଜଣେ, ପୁଣି ସେ ପରାସ୍ତ ହେଲେ, ଆଉ ଜଣେ ମାଡ଼ି ଆସୁଛି । ବେଳ ବୁଡ଼ି ଆସିଲା । ଉପାୟ କଣ ? କୃଷ୍ଣ ଏତିକିବେଳେ ଅର୍ଜୁନଂକ ସଂଗେ ବିଚାର କରି, ମାୟାରେ ସୂର୍ଯ୍ୟଂକୁ ଘୋଡ଼ାଇ ଦେଲେ । ସମସ୍ତେ ଦେଖିଲେ, ସଂଧ୍ୟା ହୋଇଗଲା । ଅର୍ଜୁନ ଏବେ ନିଆଁ ଜାଳି, ସେଥିରେ ପଶିବେ । ଜୟଦ୍ରଥ ଭାରି ଖୁସି, ଏବେ ନିଜେ ଆସି ଦେଖା ଦେଲେ ।

ଜୟଦ୍ରଥ ବେଳ ଠେଲ, ସୂର୍ଯ୍ୟଂକୁ ଘୁଞ୍ଚଂତି । ଏତିକିବେଳେ କୃଷ୍ଣ ଠାରି ଦେଲେ । ଅର୍ଜୁନ ଅର୍ଦ୍ଧଚଂଦ୍ର ବାଣ ବସାଇ ସଂଗେ ସଂଗେ ଜୟଦ୍ରଥ ମୁଂଡଟି କାଟି ପକାଇଲେ ।

---

## ଜୟଦ୍ରଥଂକ ମୁଂଡ

ଜୟଦ୍ରଥଂକ ମୁଂଡ ବଡ଼ ସହଜ ଜିନିଷ ନୁହେଁ । ଜୟଦ୍ରଥ ଜନ୍ମବେଳେ ଦେବତାମାନେ କହିଥିଲେ ଯେ, "ଯୁଦ୍ଧକ୍ଷେତ୍ରରେ ଜଣେ ମହାବୀର ଏହାଂକ ମୁଂଡ କାଟିବେ ।" ସେଥିରୁ ଜୟଦ୍ରଥଂକ ବାପ ବୃଦ୍ଧକ୍ଷତ୍ର ଅଭିଶାପ ଦେଲେ ଯେ, "ଯେ ଲୋକ ମୋ ପୁଅର ମୁଂଡ କାଟି ତଳେ ପକାଇବ, ତା'ର ସେହିକ୍ଷଣି ମୁଂଡ ଫାଟି ପ୍ରାଣ ଯିବ ।" ଏହା କହି ବୃଦ୍ଧକ୍ଷତ୍ର ବଣକୁ ଯାଇ ତପସ୍ୟା କଲେ ।

ଏବେ ସେ ସମଂତପଂଚକ ନାମକ ତୀର୍ଥରେ ତପସ୍ୟା କରୁଥିଲେ । କୃଷ୍ଣ ଏ ସବୁ କଥା ଜାଣି, ଆଗରୁ ଅର୍ଜୁନଂକୁ ସାବଧାନ କରି ଦେଇଥିଲେ । ଅର୍ଜୁନ ଗୋଟିଏ ଶରରେ ଜୟଦ୍ରଥଂକ ମୁଂଡ କାଟିଲେ କିଂତୁ ତଳେ ପକାଇଲେ ନାହିଁ । ଶର ପରେ ଶର, ତା' ପରେ ଶର, ଏହିପରି ଶର ମାରି ମାରି, ମୁଂଡଟିକୁ ଉଡ଼ାଇ ଉଡ଼ାଇ, ସମଂତପଂଚକ ତୀର୍ଥରେ ଜୟଦ୍ରଥଂକ ବାପଂକ କୋଳରେ ଅଂଜୁଳା ଭିତରେ ନେଇ ପକାଇଦେଲେ । ବୃଦ୍ଧକ୍ଷତ୍ର ହଠାତ୍ ତାହା ତଳକୁ ପକାଇ ଦେବାରୁ, ତାଂକ ନିଜର ମୁଂଡ ଫାଟି ପ୍ରାଣ ଗଲା । ଏହା ଦେଖି, ସମସ୍ତେ ଆଶ୍ଚର୍ଯ୍ୟ ହେଲେ ।

ତା'ପରେ କୃଷ୍ଣ ଅଂଧକାର କାଢ଼ିନେଲେ । ସମସ୍ତେ ଦେଖିଲେ, ଦିନ ଅଛି । ପୁଣି ଭାରି ଯୁଦ୍ଧ ଲାଗିଗଲା ।

---

## ଘଟୋତ୍କଚ ବଧ

### ଚତୁର୍ଦ୍ଦଶ ଦିନ ରାତି

ସେ ଦିନ ସଂଧ୍ୟା ହେଲା; ମାତ୍ର କେହି ଶିବିରକୁ ଗଲେନାହିଁ । ମଶାଲ ଜାଳି, ଯୁଦ୍ଧ ଚାଲିଲା । ଅର୍ଜୁନଂକର

ଭାରି ଇଚ୍ଛା ଥିଲା, ସେ ଦିନ କର୍ଣ୍ଣ ସଂଗେ ଯୁଦ୍ଧ କରିବେ; କିନ୍ତୁ କୃଷ୍ଣ ଚତୁର, ସେ ତାହା ଜଗାଇ ଦେଲେ ନାହିଁ ।

ସାତ୍ୟକିଙ୍କ ସଂଗେ ଯୁଦ୍ଧ କରି, କର୍ଣ୍ଣ ପରାଜିତ ହେଲେ । ତା'ପରେ ଅଶ୍ୱତ୍ଥାମା, କୃତବର୍ମା ପ୍ରଭୃତି ଅନେକ ବୀର, ସାତ୍ୟକିଙ୍କ ସଂଗେ ଯୁଦ୍ଧ କରି, ହାରିଲେ । ଏଣେ ଦୁର୍ଯ୍ୟୋଧନ ଏସବୁ ଦେଖି, ଦ୍ରୋଣଙ୍କୁ ଖାଲି ଗାଳି ଦେଲେ । ଦ୍ରୋଣ ଭାରି ଦୁଃଖିତ ହୋଇ କହିଲେ, "ଦୁର୍ଯ୍ୟୋଧନ, କାହିଁକି ବୃଥା ମତେ କଷ୍ଟ ଦେଉଛ ? ମୁଁ ତ ବରାବର କହୁଛି, ଅର୍ଜୁନଙ୍କୁ ଜୟ କରିବା ଅସଂଭବ । ପାପ ତ କମ୍ କରିନାହଁ । ଏବେ ଫଳଭୋଗ କଲାବେଳକୁ ଦୁଃଖ କାହିଁକି ?"

ଏହା କହି, ଦ୍ରୋଣ ଭାରି ଯୁଦ୍ଧ ଆରଂଭ କରିଦେଲେ । ଦୁର୍ଯ୍ୟୋଧନ ମଧ୍ୟ ପ୍ରାଣପଣେ ଯୁଦ୍ଧରେ ଲାଗିଗଲେ, କେତେକ ସୈନ୍ୟ ମାଇଲେ; କିନ୍ତୁ ଶେଷରେ ଯୁଧିଷ୍ଠିର ତାଙ୍କୁ ଜବତ କଲେ ।

ଦ୍ରୋଣ ନିଜେ କେକୟଗଣ, ଧୃଷ୍ଟଦ୍ୟୁମ୍ନଙ୍କ ପୁତ୍ରଗଣ ଓ ଶିବିଙ୍କୁ ବିନାଶ କଲେ । ଭୀମଙ୍କର ଗୋଟିଏ ଗୋଟିଏ ବିଧାରେ କଳିଂଗ ରାଜାଙ୍କ ପୁତ୍ର ଓ ଧ୍ରୁବ ଶେଷ ହେଲେ । ଆଉ ଗୋଟିଏ ଗୋଟିଏ ଗୋଇଠାରେ ଦୁର୍ମଦ ଓ ଦୁଷ୍କର୍ଣ୍ଣ ମଲେ ।

ଘଟୋତ୍କଚ ଓ ଅଶ୍ୱତ୍ଥାମାଙ୍କର ଘୋର ଯୁଦ୍ଧ ଚାଲିଲା । ଘଟୋତ୍କଚ ରାକ୍ଷସ । ରାତିରେ ରାକ୍ଷସଙ୍କର ବଳ ବଢ଼େ । ସେମାନେ କେତେ ମାୟା ଜାଣନ୍ତି । ପୁଣି ଘଟୋତ୍କଚ ଭାରି ବୀର । ଅଶ୍ୱତ୍ଥାମା ଖୁବ୍ ବିପଦରେ ପଡ଼ିଲେ; କିନ୍ତୁ ଘଟୋତ୍କଚର ମାୟା, ସେ ଶର ମାରି ନଷ୍ଟ କରି ଦେଲେ ।

ଘଟୋତ୍କଚ ପୁଅ ଅଂଜନପର୍ବା ଅଶ୍ୱତ୍ଥାମାଂକୁ ଭେଟି, ମଲେ । ଘଟୋତ୍କଚ ରାଗିଯାଇ, ଖୁବ୍ ଯୁଦ୍ଧ ଲଗାଇ ଦେଲେ; ଶେଷକୁ ଗୋଟାଏ ଅଦ୍ଭୁତ ପାହାଡ଼ ଆଣି, ଅଶ୍ୱତ୍ଥାମାଂକ ଉପରେ ଧଇଲେ । ସେ ପାହାଡ଼ର ଝରଣାରୁ ଶେଳ, ମୁଦ୍‌ଗର, ମୁଷଳ, ଗଦା ବରାବର ଅଶ୍ୱତ୍ଥାମାଂକ ଉପରେ ପଡ଼ୁଚି । ଅଶ୍ୱତ୍ଥାମା ବାଣରେ ତାହା ଚୂର୍ଣ୍ଣ ଧୂଳି କରି ଦେଲେ । ତା'ପରେ ଘଟୋତ୍କଚ ମେଘରୂପ ଧରି, ପଥର ବରଷିଲେ । ଅଶ୍ୱତ୍ଥାମାର ବାୟବ୍ୟ ଅସ୍ତ୍ରରେ ସେ ମେଘ ଉଡ଼ିଗଲା । ତା'ପରେ କେତେ ରାକ୍ଷସ ଆସିଲେ । ଅଶ୍ୱତ୍ଥାମା ଶର ମାରି ସବୁ କାଟି ଦେଲେ । ତା'ପରେ ଘଟୋତ୍କଚ ଗୋଟାଏ ବଜ୍ର ମାଇଲେ । ଅଶ୍ୱତ୍ଥାମା ସେ ବଜ୍ର ଛଡ଼ାଇ ନେଇ, ସେଥିରେ ଘଟୋତ୍କଚ ଘୋଡ଼ା, ସାରଥି ପତାକା ସବୁ ଚୂନା କରିଦେଲେ ।

ଧୃଷ୍ଟଦ୍ୟୁମ୍ନ ଘଟୋତ୍କଚଂକୁ ସାହାଯ୍ୟ କରିବାକୁ ଆସି ପରାସ୍ତ ହୋଇ ମଧ୍ୟ ପଳାଇଲେ ।

ଏ ମଧ୍ୟରେ ଭୀମ ପଣସ ମାରି, ସୋମଦତ୍ତଂକୁ ଅଜ୍ଞାନ କରିବାରୁ, ସୋମଦତ୍ତଂକ ବାପ ବାହ୍ଲୀକ ଏକ ଶକ୍ତି ମାଇଲେ । ସେଥିରେ ଭୀମ ଟିକଏ ଅଜ୍ଞାନ ହୋଇ ପୁଣି ଉଠି, ଗଦା ଧରି ବାହ୍ଲୀକଂକୁ ଏକାବେଳକେ ଗୁଂଡ଼ା କରିଦେଲେ ।

ତା'ପରେ ଭୀମ, ଦୁର୍ଯ୍ୟୋଧନର ନଅଟି ଭାଇ, କର୍ଣ୍ଣର ଗୋଟିଏ ଭାଇ, ଶକୁନିର ଗୋଟିଏ ଭାଇ ଓ ଧୃତରାଷ୍ଟ୍ରଂକର ସାତୋଟି ଶଳାଂକୁ ସଂହାର କଲେ ।

ଆଉ ଏକ ଜାଗାରେ ଦ୍ରୋଣ ଯୁଧିଷ୍ଠିରଂକର ଘୋର ଯୁଦ୍ଧ ଲାଗିଲା । ଶେଷକୁ ଦ୍ରୋଣ ବ୍ରହ୍ମାସ୍ତ୍ର ପ୍ରୟୋଗ କଲେ । ଯୁଧିଷ୍ଠିରଂକୁ ମଧ୍ୟ ବ୍ରହ୍ମାସ୍ତ୍ର ଜଣା । ଦ୍ରୋଣ ଆଉ ଯୁଧିଷ୍ଠିରଂକୁ ପରାସ୍ତ କରି ପାରିଲେ ନାହିଁ ।

କର୍ଣ୍ଣ ଏହି ସ୍ଥଳରେ ପାଣ୍ଡବ ସୈନ୍ୟମାନଙ୍କ ମଧ୍ୟରେ ଭାରି ହୁଲସ୍ଥୂଳ ପକାଇ ଦେଲେ । ତାଙ୍କ ବାଣ ସହି ନ ପାରି, ପାଣ୍ଡବସେନା ହାହାକାର କରି ଏଣେ ତେଣେ ପଳାଇବାକୁ ବସିଲେ । ଅର୍ଜୁନ ଆସି କର୍ଣ୍ଣଙ୍କୁ ଭେଟି ଗଲେ । କର୍ଣ୍ଣଙ୍କର ଧନୁ ଗଲା, ରଥ ଗଲା, ଦେହସାରା ଶର ଫୁଟି, ହିଙ୍କପରି ହୋଇଗଲା । କୃପଙ୍କ ରଥରେ ବସି ସେ ପଳାଇଲେ ।

ସାତ୍ୟକି ସୋମଦତ୍ତଙ୍କୁ ଘୋର ଯୁଦ୍ଧରେ ସଂହାର କଲେ । ଯୁଧିଷ୍ଠିର ଦ୍ରୋଣଙ୍କ ସଂଗେ ଏପରି ଯୁଦ୍ଧ କଲେ ଯେ, ଦ୍ରୋଣ ମୁହୂର୍ତ୍ତକ ପାଇଁ ଅଜ୍ଞାନ ହୋଇଗଲେ । କୃଷ୍ଣ ଏହା ଦେଖି, ଯୁଧିଷ୍ଠିରଙ୍କୁ କହିଲେ, "ଆପଣଙ୍କୁ ଧରିବା ପାଇଁ ଦ୍ରୋଣଙ୍କର ସବୁବେଳେ ଯତ୍ନ । ଏହାଙ୍କ ସଂଗେ ଆପଣଙ୍କର ଯୁଦ୍ଧ ନ କରିବାହିଁ ଭଲ ।"

ତାପରେ କୃତବର୍ମାଙ୍କ ସଂଗେ ଯୁଦ୍ଧ କରିବାକୁ ଯାଇ ଯୁଧିଷ୍ଠିର ଅଜ୍ଞାନ ହୋଇ ପଡ଼ିଲେ । ଆଉ ଲୋକେ ଆସି ତାଙ୍କୁ ସେଠାରୁ ଘେନିଗଲେ ।

ଅଶ୍ୱତ୍ଥାମା ଘଟୋତ୍କଚର ପୁଣି ଯୁଦ୍ଧ ହେଲା, ଅଶ୍ୱତ୍ଥାମା ପୁଣି ଜିଣିଲେ । ଦୁର୍ଯୋଧନ ଯୁଦ୍ଧରେ ଭୀମଙ୍କୁ ବ୍ୟସ୍ତବ୍ୟସ୍ତ କଲେ । ଭୀମ ଶେଷକୁ ଗଦା ଧରି, ଏକା ବାଡ଼ିକେ ତାଙ୍କର ରଥ ଘୋଡ଼ା ସବୁ ଚୂନା କରିଦେଲେ । ଦୁର୍ଯୋଧନ ନଂଦକଙ୍କର ରଥରେ ପଳାଇଗଲେ ।

ସହଦେବ କର୍ଣ୍ଣଙ୍କ ସଂଗେ ଯୁଦ୍ଧ କରି ପରାସ୍ତ ହେଲେ; କିନ୍ତୁ କର୍ଣ୍ଣ କୁନ୍ତୀଙ୍କ କଥା ସ୍ମରଣ କରି ତାଙ୍କୁ ଛାଡ଼ିଦେଲେ । ଶକୁନି ନକୁଳଙ୍କ ହାତେ, ଶିଖଣ୍ଡୀ କୃପଙ୍କ ହାତେ ଖୁବ୍ ସଜା ପାଇଲେ ।

ଏହିପରି କେତେ ବୀରଙ୍କର କେତେ ଯୁଦ୍ଧ ହେଲା । ଅର୍ଜୁନ କିନ୍ତୁ କାଳାଂତକ ଯମପରି ସ୍ଥଳରେ କୌରବସୈନ୍ୟଙ୍କୁ ଭାରି ଅସ୍ତବ୍ୟସ୍ତ କଲେ । ସମସ୍ତେ ତାଙ୍କ ଆଗରୁ ପଳାଇବାକୁ ବସିଲେ । ଶେଷକୁ ଦୁର୍ଯୋଧନଙ୍କଠାରୁ ଦକା ଖାଇ, ଦ୍ରୋଣ ଏବଂ କର୍ଣ୍ଣ ପାଂଡବ ସୈନ୍ୟଙ୍କୁ ଭାରି ବେଗରେ ଆକ୍ରମଣ କଲେ । ଯୁଧିଷ୍ଠିର ଅସ୍ଥିର ହେଲେ ।

କର୍ଣ୍ଣଙ୍କ ନିକଟକୁ ରଥ ନେବାପାଇଁ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ । କୃଷ୍ଣ ମନାକଲେ; କହିଲେ, "ତୁମକୁ ମାରିବା ପାଇଁ କର୍ଣ୍ଣ ଇଂଦ୍ରଂକର ସେହି 'ପୁରୁଷଘାତିନୀ ଶକ୍ତି' ରଖି ଦେଇଛି । ଏବେ ତୁମେ ତା' ପାଖକୁ ଯାଅ ନାହିଁ । ଘଟୋତ୍କଚକୁ ପଠାଅ ।"

ଘଟୋତ୍କଚ, ଅର୍ଜୁନଂକ କଥାରେ କର୍ଣ୍ଣଙ୍କୁ ଯାଇ ଭେଟିଲେ । ଏଣେ ଜଟାସୁର ପୁଅ ଅଳଂବୁଷ ଯାଇ, ଦୁର୍ଯୋଧନକୁ କହିଲେ, "ମହାରାଜ, ପାଂଡବ-ମାନେ ମୋ ବାପକୁ ମାରିଚଂତି । ମତେ କହଂତୁ, ମୁଁ ପାଂଡବମାନଂକୁ ଖାଇଯିବି ।"

ଦୁର୍ଯୋଧନ କାହିଁକି ନାହିଁ କରିବେ ? ଫଳରେ ଘଟୋତ୍କଚ, ଅଳଂବୁଷ, ଦୁଇ ରାକ୍ଷସଂକର ଅଦ୍ଭୁତ ଯୁଦ୍ଧ ହେଲା । ଆଗ ମରାମରି, ପିଟାପିଟି କେତେ ସରିଗଲା । ତା' ଉତ୍ତାରୁ ମାୟାଯୁଦ୍ଧ । ଜଣେ ନିଆଁ ହେଲାବେଳକୁ ଆଉ ଜଣେ ପାଣି, ଜଣେ ତକ୍ଷକ ହେଲାବେଳକୁ ଆଉ ଜଣେ ଗରୁଡ଼ । ଏ ମେଘ ହେଲେ, ସେ ପବନ; ଏ ପର୍ବତ ହେଲେ ସେ ବଜ୍ର । ପର୍ବତ ହାତୀ ହେଲେ, ବଜ୍ର ବାଘ; ହାତୀ ସୂର୍ଯ୍ୟ ହୋଇ ବାଘକୁ ପୋଡ଼ିଲା ବେଳକୁ, ବାଘ ରାହୁ ହୋଇ ସୂର୍ଯ୍ୟକୁ ଗିଳିବାକୁ ଆସିଲା । ଏହିପରି ଅଦ୍ଭୁତ ଯୁଦ୍ଧ; ଶେଷରେ, ଘଟୋତ୍କଚ ହାତେ ଅଳଂବୁଷର ମୁଂଡଟି ପଡ଼ିଗଲା । ସେହିଠାରେ ଶେଷ ।

ତା'ପରେ ଘଟୋତ୍କଚ କର୍ଣ୍ଣର ଭେଟାଭେଟି । ଦୁହେଁ ମହାବୀର । ଘୋର ଯୁଦ୍ଧ ଚାଲିଲା । ଦୁହିଂଙ୍କର

ଦେହରୁ ଝର ଝର ରକ୍ତ ବହିଲା । ତଥାପି ଯୁଦ୍ଧ ଚାଲିଚି । ଘଟୋତ୍କଚର ରଥ ଗଲା, ଧନୁ ଗଲା । ଶେଷକୁ କି ଆଶ୍ଚର୍ଯ୍ୟ ! କର୍ଣ୍ଣ ଶର ମାରୁଚି; ଘଟୋତ୍କଚ ଆଁ କରି ଗିଳି ଯାଉଚି । କେତେବେଳେ ସେ ବୁଢ଼ା ଆଙ୍ଗୁଠିପରି ସାନ ହୁଏ; କେତେବେଳେ ପୁଣି ପର୍ବତ ପରି ବଡ଼; କେତେବେଳେ ତାର ଶହେମୁଣ୍ଡ, କେତେବେଳେ ସେ ଆଦୌ ଦିଶେ ନାଇ । ଏହିପରି ଘଟୋତ୍କଚ ବହୁତ ଯୁଦ୍ଧ କଲା; କିନ୍ତୁ କର୍ଣ୍ଣ ହଟିବା ଲୋକ ନୁହନ୍ତି ।

ଏ ମଧ୍ୟରେ ଅଳାୟୁଧ ବୋଲି ସେହି ବକ ରାକ୍ଷସର ଜଣେ ଭାଇ ଆସି, ଭୀମଙ୍କ ସଙ୍ଗେ ଲାଗିଗଲା । ଘଟୋତ୍କଚ ବହୁତ କଷ୍ଟରେ ତାକୁ ମାଇଲେ । ତହୁଁ ତହୁଁ ପୁଣି କର୍ଣ୍ଣର ଘୋଡ଼ା, ସାରଥିଙ୍କ ମାରି ଘଟୋତ୍କଚ ଅନ୍ତର୍ଧାନ ।

ତା ପରେ ଘଟୋତ୍କଚ ଯେ ମାୟା ଯୁଦ୍ଧ ଲଗାଇ ଦେଲେ, ସେ କଥା କହି ହେବ ନାଇ । ଅଗ୍ନି ପରି ମେଘମାନେ, ଆକାଶରୁ ବଜ୍ର, ଉଲ୍କା, ଗଦା, ଶୂଳ ଶତଘ୍ନୀମାନ ଶ୍ରାବଣ ମାସ ପାଣିପରି ବୁଣି ଦେଲେ । ଶହ ଶହ ରାକ୍ଷସ ଆସି, କୌରବମାନଙ୍କୁ ଗିଳି ପକାଇଲେ । ଚାରିଆଡ଼େ ହୁଲସ୍ଥୁଲ ପଡ଼ିଗଲା । କର୍ଣ୍ଣ ବହୁତ ବାଣ ମାଇଲେ, କିଛି ହେଲା ନାଇ ।

କୌରବମାନେ ଅସ୍ଥିର ହେଲେ, ଦେଖିଲେ, ଘଟୋତ୍କଚକୁ ନ ମାଇଲେ, କୌରବସେନାର ଆଉ ରକ୍ଷା ନାଇ । ସମସ୍ତେ ଆସି କର୍ଣ୍ଣକୁ କହିଲେ, "ଆଉ ଦେଖିବାକୁ ବେଳ ନାଇ, ଇନ୍ଦ୍ର ତୁମ୍ଭଙ୍କୁ ଯେଉଁ "ଏକପୁରୁଷଘାତିନୀ" ଶକ୍ତି ଦେଇଚନ୍ତି, ସେଥିରେ ଏ ରାକ୍ଷସକୁ ମାର ।"

କର୍ଣ୍ଣଙ୍କର ଇଚ୍ଛା ନ ଥିଲା; କିନ୍ତୁ ସେ ଦେଖିଲେ, ଆଉ ଉପାୟ ନାଇ ।

ସେହି ଶକ୍ତି ଦେଖିଲାକ୍ଷଣି, ଘଟୋତ୍କଚ ନିଜ ଦେହକୁ ପର୍ବତ ପରି କରି, ଦଉଡ଼ି ପଳାଇବାକୁ ବସିଲା । ଜୀବଜନ୍ତୁମାନ ଚିତ୍କାର କଲେ, ଝଞ୍ଜା ବୋହିଲା, ବଜ୍ରପାତ ହେଲା । ସେହି ମହାଶକ୍ତି କର୍ଣ୍ଣଙ୍କ ହାତରୁ ଯାଇ, ଘଟୋତ୍କଚ ବୁକୁ ଫୁଟାଇ, ଆକାଶଆଡ଼କୁ ଚାଲିଗଲା ।

ଘଟୋତ୍କଚ ପଡ଼ିଲା ବେଳେ ଏକ ଅକ୍ଷୌହିଣୀ କୌରବସେନା ତା ତଳେ ଚପି ହୋଇଗଲେ । ପାଣ୍ଡବମାନଙ୍କର ଭାରି ଶୋକ ହୋଇଗଲା; କିନ୍ତୁ କୃଷ୍ଣ, ରଥ ଉପରେ ଅର୍ଜ୍ଜୁନଙ୍କୁ କୁଣ୍ଢାଇ, ଆନନ୍ଦରେ ନାଚିଲେ । ଅର୍ଜ୍ଜୁନ ଟିକିଏ ଦୁଃଖିତ ହୋଇ, କୃଷ୍ଣଙ୍କୁ ପଚାରିବାରୁ, ସେ ବୁଝାଇ ଦେଲେ, "ଆଉ କର୍ଣ୍ଣଙ୍କୁ ଭୟ ନାଇ । ଘଟୋତ୍କଚ ମରିବାରେ, ତୁମ ଡଣା କଟିଗଲା । ଏବେ ଆନନ୍ଦରେ କର୍ଣ୍ଣ ସଙ୍ଗେ ଯୁଦ୍ଧ କରି ତାକୁ ମାରି ପାରିବ ।"

ଘଟୋତ୍କଚ ଜନ୍ମରୁ ମୁହୂର୍ତ୍ତେ ହେଲେ ନିଜ ସୁଖ ଦେଖି ନାଇ । ସବୁବେଳେ ପାଣ୍ଡବମାନଙ୍କ ସେବା କରେ । ସେ ସବୁ କଥା ମନରେ ପକାଇ, ଯୁଧିଷ୍ଠିର ଓ ପାଣ୍ଡବମାନେ ବଡ ବ୍ୟାକୁଳ ହେଲେ । ଯୁଧିଷ୍ଠିର ରାଗରେ କର୍ଣ୍ଣଙ୍କୁ ମାରିବାକୁ ବାହାରିଲେ । ଭୀମ ତ ଏକ ଆଡ଼ୁ କୌରବମାନଙ୍କୁ ମାରି ମାରି ଆସୁଚନ୍ତି । ସେ ଆଉ ଶାନ୍ତ ହେଲେ ନାଇ । ଭାରି ଯୁଦ୍ଧ ଲାଗିଗଲା ।

ଏ ମଧ୍ୟରେ ବ୍ୟାସ ଆସି ଯୁଧିଷ୍ଠିରଙ୍କୁ ବୁଝାଇ କହିଲେ, "ଦୁଃଖ କର ନାଇ । କର୍ଣ୍ଣର ପୁରୁଷଘାତିନୀ ଶକ୍ତି, ଏବେ ଗଲା । ଅର୍ଜ୍ଜୁନର କର୍ଣ୍ଣକୁ ଆଉ ଭୟ ନାଇ । ଯାହା ହୋଇଛି, ମଙ୍ଗଳ ପାଇଁ ହୋଇଛି ।" ଯୁଧିଷ୍ଠିର ଏହା ଶୁଣି ଟିକିଏ ଥଣ୍ଡା ହେଲେ ।

ରାତି ଅନେକ ହେବାରୁ, ଅର୍ଜ୍ଜୁନ ସମସ୍ତଙ୍କୁ ବିଶ୍ରାମ କରିବାକୁ କହିଲେ । ସେଠି ଯୁଦ୍ଧଭୂମିରେ ସମସ୍ତେ ଶୋଇଲେ ।

## ଦ୍ରୋଣ ବଧ

### ପଂଚଦଶ ଦିନ

ରାତି ନ ପାହୁଣୁଁ ପୁଣି ଯୁଦ୍ଧ ଲାଗିଗଲା । ସକାଳୁ ଦ୍ରୁମଦ, ବିରାଟ ଓ ବିରାଟଂକର ତିନୋଟି ନାତି ଦ୍ରୋଣଂକ ହାତେ ମଲେ । ଧୃଷ୍ଟଦ୍ୟୁମ୍ନ ଶୋକରେ ବ୍ୟାକୁଳ ହୋଇ, ସେହି ଦିନ ଦ୍ରୋଣଂକୁ ମାରିବେ ବୋଲି ପ୍ରତିଜ୍ଞା କଲେ । ତହୁଁ ସେ ଭୀମଂକୁ ସଂଗେ ନେଇ, ଦ୍ରୋଣଂକ ସୈନ୍ୟ ଆକ୍ରମଣ କଲେ । ଘୋର ଯୁଦ୍ଧ ଲାଗିଗଲା । ଦୁର୍ଯୋଧନ ଓ ଦୁଃଶାସନ, ନକୁଳ, ସହଦେବ ସଂଗେ, କର୍ଣ୍ଣ ଭୀମ ସଂଗେ, ଦ୍ରୋଣ ଅର୍ଜୁନ ସଂଗେ, ଏପରି ଯୁଦ୍ଧ କଲେ ଯେ, ଲୋକେ ଦେଖି ଅବାକ୍ ହୋଇଗଲେ ।

ଦ୍ରୋଣ ଅର୍ଜୁନଂକ ଯୁଦ୍ଧ ଅତି ଆଶ୍ଚର୍ଯ । ରଥ ବିଜୁଳି ପରି ବୁଲୁଛି । ଚମତ୍କାର ଅସ୍ତ୍ରସବୁ ଚକ୍ ଚକ୍ ଆକାଶରେ ବୁଲୁଛି । ଦ୍ରୋଣ ବଡ଼ ବଡ଼ ଅସ୍ତ୍ର ମାଇଲେ; ଅର୍ଜୁନ ସବୁ କାଟିଲେ । ଅର୍ଜୁନ ଯେତେ କାଟଂତି ଦ୍ରୋଣଂକର ସେତେ ଆନଂଦ । ସେ ବିଚାରୁଥାଂତି, 'ଆହା' ମୁଁ ଯାହା ଶିଖାଇଥିଲି, ଅର୍ଜୁନ ତାହା କେଡ଼େ ସୁଂଦର ଶିଖିଛି ।'

ସେ ଦିନ ଅନେକ ଯୁଦ୍ଧ ହେଲା; କିଂତୁ ଦ୍ରୋଣ ଯେପରି ପାଣ୍ଡଂବସେନା ମାରିଥିଲେ, ପାଂଡବମାନେ ସେପରି କୌରବସେନା ମାରି ପାରିଲେ ନାଇ । ଦ୍ରୋଣଂକ ପରାକ୍ରମ ଦେଖି ପାଂଡବମାନଂକର ଆତଂକ (ପ୍ରାଣଭୟ) ହେଲା ।

କୃଷ୍ଣ ଅର୍ଜୁନଂକୁ କହିଲେ, "ଅର୍ଜୁନ, ଦ୍ରୋଣଂକର ହାତେ ଅସ୍ତ୍ର ଥାଉ ଥାଉ ଦେବତାମାନେ ମଧ୍ୟ ତାଂକୁ ମାରି ପାରିବେ ନାଇ । ସେ ଯେପରି ଅସ୍ତ୍ର ଛାଡ଼ିବେ, ସେ ଉପାୟ କରିବାକୁ ହେବ । କେହି ଯଦି ଯାଇ ତାଂକ ଆଗେ କହେ, 'ଅଶ୍ୱତ୍ଥାମା ମାରି ଗଲାଣି', ସେ ଅସ୍ତ୍ର ଛାଡ଼ି ଦେବେ । ଅର୍ଜୁନ କେବେ ଏ କଥାରେ ମଂଗିଲେ ନାଇ । ଶେଷକୁ ସବୁ ଯୋଦ୍ଧାମାନେ ମିଶି, ବୁଝାଇ ସୁଝାଇ, ଯୁଧିଷ୍ଠିରଂକୁ କୌଣସିମତେ 'ହଁ' କରାଇଲେ ।

ପାଂଡବ ପକ୍ଷ ଇଂଦ୍ରବର୍ମାଂକର ଅଶ୍ୱତ୍ଥାମା ବୋଲି ଗୋଟିଏ ହାତୀ ଥିଲା । ଭୀମ ଯାଇ ଗଦାରେ ସେ ହାତୀକୁ ପିଟି ମାରିଦେଇ, ଲଜ୍ଜିତ ହେଲା ପରି ଆସି ଦ୍ରୋଣଂକ ଆଗେ ଠିଆ ହୋଇ, କହିଲେ, "ଆହା ! ଅଶ୍ୱତ୍ଥାମା ମରିଗଲା ?"

କଥାଟି ଶୁଣି, ଦ୍ରୋଣ ବଡ଼ କାତର ହେଲେ; ପୁଣି ବିଚାରିଲେ, 'ଅଶ୍ୱତ୍ଥାମା ଅମର, ସେ କି ମରିବ ?' କିଂତୁ ମନ ପୁଣି ଛଟପଟ ହେଲା । ଯୁଧିଷ୍ଠିରଂକୁ ଡାକି ପଚାରିଲେ,"ଯୁଧିଷ୍ଠିର, ଅଶ୍ୱତ୍ଥାମା ମରିଗଲା ?"

ଦ୍ରୋଣ ଜାଣଂତି, ଯୁଧିଷ୍ଠିର କେବେ ହେଲେ ମିଛ କହିବେ ନାଇ; କିଂତୁ କୃଷ୍ଣଂକ ଚକ୍ରକୁ ପାରିବ କିଏ ? କୃଷ୍ଣ ଯୁଧିଷ୍ଠିରଂକୁ ଶିଖାଇ ଠିକ୍ କରିଚଂତି । ଅଶ୍ୱତ୍ଥାମା ହାତୀ ତ ମରିଛି । କଥାଟା ତ ବରାବର ମିଛନୁହେଁ । ଯୁଧିଷ୍ଠିର କହିଲେ,"ଅଶ୍ୱତ୍ଥାମା ମରିଗଲା —ହାତୀ"; ହାତୀକଥାଟି ଟିକିଏ ଗୁନ୍ କରି କହିଦେଲେ । ଦ୍ରୋଣ ତାହା ଶୁଣି ପାରିଲେ ନାଇ ।

ଯୁଧିଷ୍ଠିର ପରମ ଧାର୍ମିକ । ତାଂକ ରଥ ମାଟିରେ ଲାଗେନାଇ; କିଂତୁ ଏ ମିଛ କହିଲା ପରେ ତାଂକ ରଥ ମାଟିରେ ଲାଗିଲା ।

ଯୁଧିଷ୍ଠିରଂକଠାରୁ ଅଶ୍ୱତ୍ଥାମା ମଲାଣି ବୋଲି ଶୁଣି ଦ୍ରୋଣ କାତର ହେଲେ । ଧୃଷ୍ଟଦ୍ୟୁମ୍ନ ତାଂକୁ ଆକ୍ରମଣ କଲେ । ତାଂକର ଆଉ ଯୁଦ୍ଧ କରିବାକୁ ଉତ୍ସାହ ନାଇ । ତଥାପି, ସେ କେତେକାଳ ଯୁଝିଲେ । ଭୀମ ଆସି ପୁଣି କହିଲେ, "ଅଶ୍ୱତ୍ଥାମା ତ ମଲାଣି, ଯୁଦ୍ଧ ଆଉ କାହିଁକି କରୁଚ ?"

ଦ୍ରୋଣ ଅସ୍ତ୍ର ଛାଡ଼ିଦେଇ, ଭଗବାନଙ୍କୁ ଧ୍ୟାନ କଲେ । ଏତିକିବେଳେ ଧୃଷ୍ଟଦ୍ୟୁମ୍ନ ଖଣ୍ଡାଧରି, ବୁଢ଼ାର ମୁଣ୍ଡ କାଟିବାକୁ ରଥରେ ଉଠିଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁଛନ୍ତି । କେତେ ଲୋକ ମନା କରୁଛନ୍ତି । ଅର୍ଜୁନ ମନା କରିବାପାଇଁ ରଥଛାଡ଼ି ଦଉଡ଼ୁଛନ୍ତି; କିନ୍ତୁ କିଛି ହେଲାନାଇଁ । ଅର୍ଜୁନ ପହଞ୍ଚିବା ପୂର୍ବରୁ, ନିଷ୍ଠୁର ଧୃଷ୍ଟଦ୍ୟୁମ୍ନ କାର୍ଯ୍ୟ ଶେଷ କରି ପକାଇଲା ।

ଦ୍ରୋଣ ମରିଯିବାରୁ ଦୁର୍ଯ୍ୟୋଧନ, କର୍ଣ୍ଣ, ଶଲ୍ୟ, କୃପ କାନ୍ଦି କାନ୍ଦି ଯୁଦ୍ଧଭୂମି ଛାଡ଼ି ପଳାଇଲେ । କାହାରିକି ଆଉ କିଛି ବୁଦ୍ଧି ଦେଖାଗଲା ନାହିଁ । ଅଶ୍ୱତ୍ଥାମା ଅନ୍ୟଠାରେ ଯୁଦ୍ଧ କରୁଥିଲେ । ସମସ୍ତେ ପଳାଇବାର ଦେଖି, ପଚାରି ଜାଣିଲେ, 'ଦ୍ରୋଣାଚାର୍ଯ୍ୟ ମରିଛନ୍ତି । ଶୋକରେ ତାଙ୍କ ବୁଦ୍ଧି ହଜିଗଲା । ସେ ପ୍ରତିଜ୍ଞା କଲେ, "ଆଜି ନିଶ୍ଚେ ପାଣ୍ଡବପକ୍ଷର ସମସ୍ତଙ୍କୁ ମାରିବି ।"

---

## ଅଶ୍ୱତ୍ଥାମା କ'ଣ କଲେ ?

ଅଶ୍ୱତ୍ଥାମାଙ୍କ ପାଖେ ନାରାୟଣଅସ୍ତ୍ର ବୋଲି ଗୋଟିଏ ବଡ଼ ଭୟଙ୍କର ଅସ୍ତ୍ର ଥିଲା । ସେ ଅସ୍ତ୍ର ଛାଡ଼ିଲେ କାହାରି ରକ୍ଷା ନାହିଁ । ନିଜେ ନାରାୟଣ ଏ ଅସ୍ତ୍ର ଦ୍ରୋଣଙ୍କୁ ଦେଇଥିଲେ । ଦ୍ରୋଣଙ୍କଠାରୁ ଅଶ୍ୱତ୍ଥାମା ଏ ଅସ୍ତ୍ର ପାଇଛନ୍ତି । ଅଶ୍ୱତ୍ଥାମା ଏବେ ସେହିଅସ୍ତ୍ର ଧନୁରେ ବସାଇ ଦେଲେ ।

ଅସ୍ତ୍ର ଛାଡ଼ିଲାକ୍ଷଣି, ବର୍ଷା, ପବନ, ବଜ୍ରପାତ, ଭୂମିକମ୍ପ ହେଲା । ଚାରିଆଡ଼ ଅନ୍ଧାର ହୋଇଗଲା । ସମୁଦ୍ର ଗର୍ଜି ଉଠି ନଈ ଭିତରକୁ ପଶିଗଲା । ଅସ୍ତ୍ର ଅଗ୍ନିପରି ଦକ୍‌ଦକ୍‌ ହୋଇ ଜଳି ପାଣ୍ଡବମାନଙ୍କ ଆଡ଼କୁ ଆସିଲା । ସମସ୍ତେ ବୁଝିଲେ, ପାଣ୍ଡବମାନେ ନିପାତ ଯିବେ ।

କୃଷ୍ଣଙ୍କୁ ସବୁ ଉପାୟ ଜଣା । କୃଷ୍ଣ କହିଲେ, "ସମସ୍ତେ ଅସ୍ତ୍ର ଶସ୍ତ୍ର ଫିଙ୍ଗିଦେଇ ତଳେ ଠିଆ ହୁଅ । ତା' ହେଲେ ଏ ଅସ୍ତ୍ର କିଛି କରିବ ନାହିଁ ।"

ସମସ୍ତେ ଅସ୍ତ୍ର ଶସ୍ତ୍ର ଛାଡ଼ି, ହାତୀ ଘୋଡ଼ା ରଥରୁ ଓହ୍ଲାଇ, ଭୂଇଁରେ ଠିଆ ହେଲେ । ଭୀମ ହୁଣ୍ଡା ଆଦ୍‌ମୀ; ସେ କହିଲା, "ଅସ୍ତ୍ର ଛାଡ଼ିବି କାହିଁକି ? ଏ ଗଦାରେ ନାରାୟଣଅସ୍ତ୍ରକୁ ପେଷିଦେବି ।"

ବଡ଼ ବିପଦ ? ଭୀମ ଅସ୍ତ୍ର ଛାଡ଼ିଲେ ନାହିଁ; ଗଦା ଧରି ଅଶ୍ୱତ୍ଥାମାକୁ ମାରିବାକୁ ଦଉଡ଼ିଲେ । ନାରାୟଣ-ଅସ୍ତ୍ର ନିଆଁ ପରି ଦକ୍ ଦକ୍ ହୋଇ ତାଙ୍କ ରଥ ଚାରି-ପଟେ ଜଳିଲା । କୃଷ୍ଣ ଅର୍ଜୁନ ଦୁହେଁ ଦଉଡ଼ି ଯାଇ, ଭୀମକୁ ରଥରୁ ଓଟାରି, ତଳେ ଠିଆ କରାଇ ଦେଲେ, ଗଦା ବାହାର କରିଦେଲେ । ନ ହେଲେ ସେଦିନ ଭୀମଙ୍କର ଦଫା ରଫା ହୋଇଥାନ୍ତା ।

ଭୀମ ବଞ୍ଚିଗଲେ ସତ; କିନ୍ତୁ ରାଗରେ ସାପପରି ଖାଲି ଫଁ ଫଁ ହଉଥାନ୍ତି । ନାରାୟଣଅସ୍ତ୍ର ବୃଥା ଗଲା । ଅଶ୍ୱତ୍ଥାମା ବି ରାଗରେ ଜଳିଗଲେ; ଘୋର ଯୁଦ୍ଧ ଲାଗିଲା । ଧୃଷ୍ଟଦ୍ୟୁମ୍ନ, ସାତ୍ୟକି, ଭୀମ କେହି ଅଶ୍ୱତ୍ଥାମା ଆଗେ ଠିଆ ହୋଇ ପାରିଲେ ନାହିଁ ।

ତା ପରେ ଅର୍ଜୁନ ଅଶ୍ୱତ୍ଥାମାକୁ ଭେଟିଲେ । ଘୋର ଯୁଦ୍ଧ ହେଲା । ଯୁଝୁଁ ଯୁଝୁଁ ଅଶ୍ୱତ୍ଥାମା ଏକ ଭୟଙ୍କର ଆଗ୍ନେୟାସ୍ତ୍ର ଛାଡ଼ି ଦେଲା । ଚାରିଆଡ଼େ ନିଆଁ ବରଷିଲା, ପ୍ରଳୟ କାଳ ପରି ଲାଗିଲା, ସମସ୍ତେ ବୁଝିଲେ, ଆଉ ପାଣ୍ଡବମାନେ ବଞ୍ଚିବେ ନାହିଁ; କିନ୍ତୁ ଅର୍ଜୁନ ତାକୁ କାଟିବା ପାଇଁ ବ୍ରହ୍ମାସ୍ତ୍ର ଛାଡ଼ିଦେଲେ । ଅଶ୍ୱତ୍ଥାମାର ମନ ଏକାବେଳକେ ଖରାପ ହୋଇଗଲା । ସେ ଦୁଃଖିତ ଓ ବିରକ୍ତ ହୋଇ, ଯୁଦ୍ଧଭୂମି ଛାଡ଼ି ଚାଲିଗଲା ।

ବାଟରେ ଯାଉଁ ଯାଉଁ ଅଶ୍ୱତ୍ଥାମା ବ୍ୟାସଂକୁ ଭେଟିଲେ । ତାଂକଠାରୁ କୃଷ୍ଣ ଅର୍ଜୁନଂକ ମହିମା ଶୁଣି, ଯୁଦ୍ଧ ବନ୍ଦ କରିବାପାଇଁ, ଅଶ୍ୱତ୍ଥାମା ଆଦେଶ ଦେଲେ ।

ତା’ ପରେ ଅର୍ଜୁନ ବ୍ୟାସଦେବଂକୁ ଦେଖିଲେ; ଦେଖି ପଚାରିଲେ, “ଦେବ, ମୋ ରଥ ଆଗେ ଆଗେ କଏ ଜଣେ ଦିବ୍ୟ ପୁରୁଷ ସବୁବେଳେ ଚଳୁଚଂତି ! ମୁଁ ଯାହାକୁ ଶର ମାରେ, ତା’କୁ ସେ ବଧ କରଂତି । ସେ ଦିବ୍ୟପୁରୁଷ କଏ ?” ବ୍ୟାସ କହିଲେ, “ସେ ପୁରୁଷ ପରମେଶ୍ୱର ମହାଦେବ ।” ଏହା କହି ଅର୍ଜୁନଂକ ଆଗେ କାଳରୂପୀ ମହାଦେବଂକର କେତେ ଆଶ୍ଚର୍ଯ୍ୟ ମହିମା ବର୍ଣ୍ଣନା କଲେ ।

---

## କର୍ଣ୍ଣ ପର୍ବ

### ଷୋଡ଼ଶ ଦିନ

ଦ୍ରୋଣ ମରିଯିବା ପରେ କୌରବମାନେ ଏକ ପ୍ରକାର ହତାଶ ହୋଇଗଲେ । ସେହିଦିନ ରାତିରେ ଦୁର୍ଯୋଧନ ଅଶ୍ୱତ୍ଥାମାଂକ ସଂଗେ ବିଚାର କରି, କର୍ଣ୍ଣକୁ ସେନାପତି କରିବା ପାଇଁ ଠିକ୍ କଲେ । କର୍ଣ୍ଣଂକୁ ଦୁର୍ଯୋଧନ ସେନାପତି ହେବାକୁ କହିବାରୁ, କର୍ଣ୍ଣ କହିଲେ, “ମହାରାଜ, ମୁଁ ତ ପାଂଡବମାନଂକୁ ପରାଜୟ କରିବି ବୋଲି ପୂର୍ବରୁ କହିଛି । ମୁଁ ଏବେ ତୁମର ସେନାପତି ହେଲି । ଜାଣ, ପାଂଡବମାନେ ହାରିଲେ, ଆଉ ପାଂଡବମାନଂକୁ କେହି ରଖି ପାରିବେ ନାହିଁ ।”

ଭାରି ଧୂମ୍‌ଧାମ୍ ଲାଗିଗଲା । କୌରବମାନଂକର ପୁଣି ଉତ୍ସାହ ବଢ଼ିଗଲା । ଭୀଷ୍ମ, ଦ୍ରୋଣ ସ୍ନେହ କରି ପାଂଡବମାନଂକୁ ଛାଡ଼ି ଦେଇଥିଲେ । ଏଥର କର୍ଣ୍ଣଂକ ହାତେ ଆଉ ପାଂଡବମାନଂକର ବାସ୍ତବିକ୍ ରକ୍ଷା ନାହିଁ, ଏ କଥା ଭାବି, କୌରବମାନେ ପୁଣି ମାତି ଉଠିଲେ ।

ଯୁଦ୍ଧ ଆରଂଭରେ ଭୀମଂକର କ୍ଷେମମୂର୍ତ୍ତି ସଂଗେ ଭାରି ଯୁଦ୍ଧହେଲା; ଦୁହେଁ ହାତୀ ଉପରେ । ଦୁହେଁ ବଡ଼ ବୀର । କ୍ଷେମମୂର୍ତ୍ତି ଭୀମର ହାତୀଟି ମାରିଦେବାରୁ, ଭୀମ ଗୋଟାଏ ଗୋଇଠା ମାରି, କ୍ଷେମମୂର୍ତ୍ତିଂକ ହାତୀକି ଏକାବେଳକେ ମାଟିରେ ଗୋଡି ଦେଲେ । କ୍ଷେମମୂର୍ତ୍ତି ଯୁଦ୍ଧ କରିବାକୁ ଠିଆ ହେଲାରୁ, ଏକା ଗଦାବାଡ଼ିକେ ତାଂକ ପ୍ରାଣ ଗଲା ।

ତହୁଁ ଭୀମଂକ ସଂଗେ ଅଶ୍ୱତ୍ଥାମାର ଯୁଦ୍ଧ ହେଲା । ଦୁହେଁ ଅଜ୍ଞାନ ହୋଇଯିବାରୁ ସାରଥିମାନେ ରଥ ଫେରାଇଲେ ।

ଏଣେ ଅର୍ଜୁନ ବାକି ସଂଶପ୍ତକମାନଂକ ସହିତ ଘୋର ଯୁଦ୍ଧ କରୁଚଂତି, ଅଶ୍ୱତ୍ଥାମା ଯାଇ ତାଂକୁ ଆକ୍ରମଣ କଲେ । ଅଶ୍ୱତ୍ଥାମା ଥରେ ହାରି ପୁଣି ଆସିଲେ । ଏଥର ଏକାବେଳକେ ଅସ୍ତ୍ରବ୍ୟସ୍ତ ହେବାରୁ ତାଂକ ସାରଥି ରଥଘେନି, ଯୁଦ୍ଧ ଭୂମି ଛାଡ଼ି ପଳାଇଲେ ।

ତା’ପରେ ଦଂଡ ଓ ଦଂଡଧର ବୋଲି ଦୁଇ ଭାଇ ଅର୍ଜୁନଂକ ହାତେ ମଲେ ଏବଂ ସଂଶପ୍ତକମାନଂକ ସହିତ ବରାବର ଘୋର ଯୁଦ୍ଧ ଚାଲିଲା ।

ପାଂଡ୍ୟଂକୁ ମାରି, କର୍ଣ୍ଣ ଭାରି ଯୁଦ୍ଧ କରୁଥିଲେ; ନକୁଳଂକ ସଂଗେ ଭେଟିଲେ । ନକୁଳଂକର ଭାରି ଯୁଦ୍ଧ ହେଲା । ଶେଷକୁ ନକୁଳଂକର ସାରଥି, ଘୋଡ଼ା କର୍ଣ୍ଣ କାଟିଦେଲେ; ରଥ ଭାଂଗି ଦେଲେ; ନକୁଳ ପଳାଇ ଯାଉଥିଲେ । କର୍ଣ୍ଣ ଗୋଡ଼ାଇ, ତାଂକୁ ଧନୁଗୁଣରେ ଧରି ଟାଣିଲେ । ଏତିକବେଳେ କୁଂତୀଂକ କଥା ତାଂକ ମନେ ପଡ଼ିବାରୁ, ସେ ନକୁଳଂକୁ ଛାଡ଼ି ଦେଇ କହିଲେ, “ଯାଅ, ଏପରି ବଡ଼ ବଡ଼ କୌରବଂକ ସଂଗେ ଆଉ ଯୁଦ୍ଧ କରିବାକୁ ଆସିବ ନାହିଁ ।”

କୃପ, ଧୃଷ୍ଟଦ୍ୟୁମ୍ନଂକର ଆଉଠାଏ ଭାରି ଯୁଦ୍ଧ ଚାଲିଲା । ଧୃଷ୍ଟଦ୍ୟୁମ୍ନ ଅସ୍ତବ୍ୟସ୍ତ ହେଲେ । ଶେଷକୁ ତାଂକ ସାରଥି ରଥ ଘେନି ଚାଲିଗଲା ।

ଦୁର୍ଯୋଧନ, ଯୁଧିଷ୍ଠିରଙ୍କର ଭୟାନକ ଯୁଦ୍ଧ ହେଲା । ଶେଷକୁ ଦୁର୍ଯୋଧନ ରଥ ଉପରେ ଅଜ୍ଞାନ ହୋଇ ପଡ଼ିଲେ । ଏତିକିବେଳେ ଭୀମ ଆସି ଯୁଧିଷ୍ଠିରଙ୍କୁ କହିଲେ, "ଦୁର୍ଯୋଧନଙ୍କୁ ମୁଁ ମାରିବି ବୋଲି ପ୍ରତିଜ୍ଞା କରିଛି, ଆପଣ ତାଙ୍କୁ ମାରନ୍ତୁ ନାଇ ।" ଏହା ଶୁଣି ଯୁଧିଷ୍ଠିର ଦୁର୍ଯୋଧନଙ୍କୁ ଛାଡ଼ି ଦେଲେ ।

ସେ ଦିନ ଯୁଦ୍ଧ, କର୍ଣ୍ଣ ଆଉ ଅର୍ଜୁନଙ୍କର । କର୍ଣ୍ଣ ପାଣ୍ଡବ ପକ୍ଷର ସୈନ୍ୟମାନଙ୍କୁ ବଡ଼ ଅସ୍ତବ୍ୟସ୍ତ କରିବାରୁ ଅର୍ଜୁନ ଅତି ଭୟାନକ ଓ ଅଦ୍ଭୁତ ଯୁଦ୍ଧ ଆରମ୍ଭ କଲେ । କୌରବମାନେ ତାହା ସହି ନପାରି ହାହାକାର କରି ପଳାଇବାରେ ଲାଗିଲେ । ଭାଗ୍ୟକୁ ସଂଧ୍ୟା ଆସି ପହଂଚିଗଲା । ତେଣୁ କୌରବମାନେ ଯୁଦ୍ଧ ବଂଦ କରିଦେଲେ ।

କର୍ଣ୍ଣ ବଡ଼ ପଟାଟୋପ କରି କଥା କହନ୍ତି; କିନ୍ତୁ ଆଜି ଅର୍ଜୁନ ହାତେ ଏପରି ଅବସ୍ଥା ପାଇ, ତାଙ୍କୁ ଲାଜ ମାଡ଼ିଲା । ସେ କହିଲେ, "କାଲି ନିଶ୍ଚେ ଅର୍ଜୁନକୁ ଠିକ୍ କରିବି ।"

---

## ଶଲ୍ୟ ସାରଥି ହେଲେ

### ସପ୍ତଦଶ ଦିନ

ସକାଳୁ କର୍ଣ୍ଣ ଦୁର୍ଯୋଧନଙ୍କୁ କହିଲେ, "ଆଜି ଅର୍ଜୁନକୁ ମାରିବି, ନହେଲେ ତା ହାତେ ମରିବି । କିନ୍ତୁ ମୋର ଗୋଟିଏ ଭଲ ସାରଥି ଦରକାର । ବିଜୟ ବୋଲି ମୋର ଗୋଟିଏ ଧନୁ ଅଛି । ବିଶ୍ୱକର୍ମା ସେ ଧନୁ ତିଆରି କରିଥିଲେ । ସେ ଗାଂଡ଼ୀବଠାରୁ କମ୍ ନୁହେ । କୃଷ୍ଣଙ୍କ ପରି ଗୋଟିଏ ସାରଥି ପାଇଲେ, ସହଜରେ ପାଣ୍ଡବମାନଙ୍କୁ ଜିଣି ପାରିବି । ମଦ୍ରରାଜ ଶଲ୍ୟ ଯଦି ମୋ ସାରଥି ହୁଅନ୍ତି, ତା ହେଲେ ଅର୍ଜୁନ ନିଶ୍ଚୟ ପରାସ୍ତ ହେବ । ମହାବୀର ଶଲ୍ୟ, କୃଷ୍ଣଙ୍କଠାରୁ ଭଲ ସାରଥି । ଆଉ ମୁଁ ତ ଜାଣି ଶୁଣି ଅର୍ଜୁନଠାରୁ ବଡ଼ ଯୋଦ୍ଧା । ଶଲ୍ୟ ସାରଥି ହେଲେ, ଦେବାସୁରମାନେ ମଧ୍ୟ ମୋ ହାତେ ବର୍ତ୍ତିବେ ନାଇ ।"

ଦୁର୍ଯୋଧନ ଆସି ଶଲ୍ୟଙ୍କୁ ସାରଥି ହେବାକୁ କହିବାରୁ ଶଲ୍ୟ ପ୍ରଥମେ ରାଗିଗଲେ । ସୂତପୁତ୍ର ( ସାରଥି ପୁଅ ) ର ସାରଥି ହେବା କଥାଟା ତାଙ୍କୁ ବଡ଼ ଅପମାନ ଲାଗିଲା । ସେ ନିଜେ ବଡ଼ ବୀର । ସେ କାହିଁକି କର୍ଣ୍ଣର ସାରଥି ହେବେ ? ଦୁର୍ଯୋଧନ କିନ୍ତୁ କହିଲେ, "କୃଷ୍ଣ ଅର୍ଜୁନଙ୍କ ସାରଥି । କର୍ଣ୍ଣ ଅର୍ଜୁନଙ୍କଠାରୁ ବଡ଼ ବୀର । ଆପଣ ତାଙ୍କର ସାରଥି ହେଲେ, କୃଷ୍ଣଙ୍କଠାରୁ ବଡ଼ ହେବେ ।" ଶଲ୍ୟ ଏ କଥାରେ ଭୁଲି ସାରଥି ହେବା ପାଇଁ ହଁ କଲେ ଏବଂ କହିଲେ, "ମୁଁ ସାରଥି ହେବି ସତ; କିନ୍ତୁ ମୋର ଯାହା ଖୁସି ମୁଁ ତାହା କର୍ଣ୍ଣଙ୍କୁ କହିବି ।" କର୍ଣ୍ଣ ସେଥିରେ ରାଜିହେଲେ ଏବଂ ଖୁସିହୋଇ କହିଲେ, "ତେବେ ରଥ ଚଳାଅ, ମୁଁ ଏହିକ୍ଷଣି ଅର୍ଜୁନ, ଭୀମ, ନକୁଳ, ସହଦେବ ଓ ଯୁଧିଷ୍ଠିରଙ୍କୁ ସଂହାର କରିବି ।"

ଶଲ୍ୟ କହିଲେ, "ସୂତପୁତ୍ର, ଇଂଦ୍ର ବି ଯାହାଙ୍କୁ ଭୟ କରଂତି, ତାଙ୍କୁ ସଂହାର କରିବା ଏଡ଼େ ସହଜ କଥା ନୁହେ । ଯୁଦ୍ଧ ଆରଂଭ ହେଲେ ତୁମ୍ଭ ମୁହଁରୁ ଏକଥା ବୋଧହୁଏ ଆଉ ବାହାରିବ ନାଇ ।"

କର୍ଣ୍ଣ କହିଲେ, "ଆଜି ଯେବେ ଇଂଦ୍ର, ଯମ, ବରୁଣ, କୁବେର ବଂଧୁ ବାନ୍ଧବ ସେନ ଅର୍ଜୁନକୁ ରକ୍ଷା କରିବାକୁ ଆସଂତି, ତେବେ ସୁଦ୍ଧା ଅର୍ଜୁନର ରକ୍ଷା ନାଇ ।" ଶଲ୍ୟ କହିଲେ, "ତୁମର କ୍ଷମତା ଅଛି ସତ, କିଂନ୍ତୁ କଥାର ପଟାଟୋପ ବହୁତ ବେଶି । ତୁମେ କେବେ ଅର୍ଜୁନର ସମାନ ନୁହଁ; ଯୁଦ୍ଧରୁ ନ ପଳାଇଲେ ଆଜି ଅର୍ଜୁନ ହାତେ ତୁମ ପ୍ରାଣଟି ଯିବ, ଦେଖୁଥା ।"

କର୍ଣ୍ଣ କହିଲେ, "ଆଚ୍ଛା, ଅର୍ଜୁନ ମତେ ପରାସ୍ତ କଲେ, ସେତେବେଳେ ଏ କଥା କହିବ ଯେ ସୁଂଦର ହବ ।" ଶଲ୍ୟ—"ହଉ ତେବେ, ବେଶ୍ କଥା ।"

ଶଲ୍ୟ ରଥ ଚଳାଇଲେ । କର୍ଣ୍ଣ ପାଂଡବମାନଂକୁ ଦେଖିଲାକ୍ଷଣି କହିଲେ, "ତୁଂଭମାନଂକ ମଧ୍ୟରୁ ଯେ ଆଜ ମତେ ଅର୍ଜୁନକୁ ଦେଖାଇବ, ତାଂକୁ ଭିନ ହାଂଡ ରତ୍ନ ଦେବି, ହାତୀ ଦେବି, ରଥ ଦେବି ଏବଂ କୃଷ୍ଣ ଅର୍ଜୁନଂକୁ ମାରି ତାଂକ ଧନ ଯାକ ଦେବି ।"

ଶଲ୍ୟ କହିଲେ, "ଏତେ ଧନରତ୍ନ, ହାତୀ, ଘୋଡ଼ା ଦେବା ଦରକାର ନାଇ; କିଛି ନଦେଇ ମଧ୍ୟ ଅର୍ଜୁନଂକୁ ଏଇକ୍ଷଣେ ଦେଖିବ ।"

ଏ କଥା ଶୁଣି କର୍ଣ୍ଣଂକର ରାଗ ହୋଇଗଲା । ସେ ବିରକ୍ତ ହୋଇ କହିଲେ, "ତୁମେ ମୂର୍ଖ, କିଛି ଜାଣ ନାଇ । ଚୁପ୍ କର । ତୁମ ପରି ଶହେ ଜଣ ଆସି ଏପରି ପାଟି କଲେ ମଧ୍ୟ ମୁଁ ଡରିବି ନାଇ ।" ଶଲ୍ୟ କହିଲେ, "ସତେ; ତୁମ ମୁଂଡ ତେବେ ବିଗିଡ଼ି ଗଲାଣି, ଚିକିତ୍ସା ଦରକାର ।"

ଏହିପରି କଥା କହି କହି ଶଲ୍ୟ କର୍ଣ୍ଣଂକ ମନ ଖୁବ୍ ଖରାପ କରିଦେଲେ ।

କର୍ଣ୍ଣଂକ ତେଜ ଯୁଦ୍ଧବେଳେ କମାଇ ଦେବେ ବୋଲି ଶଲ୍ୟ ପୂର୍ବେ ପାଂଡବମାନଂକ ପାଖେ ପ୍ରତିଜ୍ଞା କରିଥିଲେ । ଏବେ ସୁବିଧା ପାଇ ସେ ପ୍ରତିଜ୍ଞା ଖୁବ୍ ପାଳନ କଲେ । ଯୁଦ୍ଧବେଳେ ମଧ୍ୟ ଅର୍ଜୁନଂକୁ ପ୍ରଶଂସା ଓ କର୍ଣ୍ଣଂକୁ ନିଂଦା କରି କର୍ଣ୍ଣଂକୁ ଆହୁରି ବ୍ୟସ୍ତ କରୁଥାଂତି ।

ତଥାପି, କର୍ଣ୍ଣ ଅଦ୍ଭୁତ ଯୁଦ୍ଧ କଲେ । ଅର୍ଜୁନ ଯେପରି କୌରବ ସୈନ୍ୟ ନିପାତ କରୁଥାଂତି, କର୍ଣ୍ଣ ତାଠାରୁ କମ୍ ପାଂଡବ ସୈନ୍ୟ ମାରୁ ନ ଥାଂତି । ଧୃଷ୍ଟଦ୍ୟୁମ୍ନ, ଦ୍ରୌପଦୀର ପୁତ୍ରମାନେ, ସାତ୍ୟକି, ଭୀମ, ସହଦେବ, ଶିଖଂଡୀ, ଯୁଧିଷ୍ଠିର ଏମାନେ ସମସ୍ତେ ହଟିଗଲେ ।

ଯୁଧିଷ୍ଠିରଂକ ସଂଗେ କର୍ଣ୍ଣଂକର ଘୋର ଯୁଦ୍ଧ ହେଲା । କର୍ଣ୍ଣ ଥରେ ଅଜ୍ଞାନ ହୋଇଗଲେ, କିଂତୁ ପୁଣି ଉଠି ଯୁଧିଷ୍ଠିରଂକୁ ଅସ୍ତବ୍ୟସ୍ତ କରିଦେଲେ । ସାତ୍ୟକି, ଚେକିତାନ, ଯୁଯୁତ୍ସୁ, ଧୃଷ୍ଟଦ୍ୟୁମ୍ନ ପ୍ରଭୃତି ଅନେକ ଯୋଦ୍ଧା ଆସି ଏବେ କର୍ଣ୍ଣଂକୁ ବେଢ଼ିଗଲେ । କର୍ଣ୍ଣ ଖାତିର ନ କରି, ଯୁଧିଷ୍ଠିରଂକର ଧନୁ ଓ ଢାଲ କାଟି ଦେଲେ । ତା'ପରେ ଯୁଧିଷ୍ଠିର ଶକ୍ତି ଓ ତୋମର ମାରି, କର୍ଣ୍ଣଂକୁ ଖୁବ୍ ହରବର କଲେ ସତ, କିଂତୁ କର୍ଣ୍ଣ ତଥାପି ତାଂକର ଧ୍ୱଜ, ତୂଣ, ରଥ ପ୍ରଭୃତି ଚୂନା କରି ବାଣ ମାରି, ତାଂକୁ ଅସ୍ତବ୍ୟସ୍ତ କଲେ । କର୍ଣ୍ଣ ନିଜେ ଯାଇ ଏବେ ଯୁଧିଷ୍ଠିରଂକୁ ଧରିବା ପାଇଁ ତାଂକ ଦେହରେ ହାତ ଦେଲେ; କିନ୍ତୁ ଶଲ୍ୟ କହିଲେ, "କଣ କରୁଚ ସୂତ ପୁଅ ? ଏହାଂକୁ ଧରିଲେ, ଏ ତୁମକୁ ଭସ୍ମ କରିଦେବେ ।" ଏଣେ ପୁଣି କୁଂତୀଂକ କଥା କର୍ଣ୍ଣଂକର ମନେ ଥିଲା । ସେ ଯୁଧିଷ୍ଠିରଂକୁ ଗାଳି ଗାଳଦେଇ ଛାଡ଼ିଦେଲେ ।

ଯୁଧିଷ୍ଠିରଂକ ପରାଜୟ ଦେଖି, ଭୀମ, ସାତ୍ୟକି ପ୍ରଭୃତି ବୀରମାନେ କୌରବମାନଂକୁ ମାରି ଧ୍ୱସ୍ତ କଲେ । କୌରବମାନେ ହା ହା କାର କରି ପଳାଇଲେ ।

ଭୀମ କର୍ଣ୍ଣଂକର ଭେଟାଭେଟି ହେଲା । ଶଲ୍ୟ କହିଲେ, "ଦେଖ କର୍ଣ୍ଣ, ଭୀମ ଆଜ ତୁମ ଉପରେ ବହୁଦିନର ରାଗ ସାଧିବ ।" ଦୁହିଂକର ଘୋର ଯୁଦ୍ଧ ହେଲା । ଭୀମ ଏକ ଭୟଂକର ବାଣ ମାରିଲେ । କର୍ଣ୍ଣ ସେଥିରେ ଅଜ୍ଞାନ ହୋଇଗଲେ । ଶଲ୍ୟ ସେଠାରୁ ରଥ ଘେନିଯାଇ କର୍ଣ୍ଣଂକ ପ୍ରାଣ ରକ୍ଷା କଲେ ।

ଏତିକିବେଳେ ଦୁର୍ଯ୍ୟୋଧନ କର୍ଣ୍ଣର ସାହାଯ୍ୟ ପାଇଁ ନିଜର ଭାଇମାନଂକୁ ପଠାଇ ଦେଲେ । ଭୀମଂକ

ଗଦାରେ ସାଂଗେ ସାଂଗେ ଛଅଟି ଶେଷ । ଆଉ ଗୁଡକ ପଳାଇଯିବାରୁ ବଂଚିଗଲେ । ପୁଣି କର୍ଣ ଭୀମଂକର ଯୁଦ୍ଧ ଲାଗିଲା । କର୍ଣ ଅସ୍ତବ୍ୟସ୍ତ ହୋଇ, ଶେଷକୁ ଶରରେ ଭୀମଂକର ଧନୁ, ରଥ ଚୂନା କରିଦେଲେ । ଭୀମ ଏକ ହାତରେ ଗଦା ଧରି, କୌରବଂକ ଭିତରେ ପଶିଗଲେ । ଗୁହ୍ମିଁ ଗୁହ୍ମିଁ ସାତ ଶହ ହାଂଶି ଭୀମଂକର ଗଦାରେ ଚୂରମାର୍ ।

କର୍ଣ ପୁଣି ଯୁଧିଷ୍ଠିରଂକୁ ପାଇ ବଡ଼ କାତର ହେଲେ । ଭୀମ ଦଉଡ଼ ଆସି, କର୍ଣଂକୁ ଆକ୍ରମଣ କଲେ । କୃପ, ଅଶ୍ୱତ୍ଥାମା, କୃତବର୍ମା ପ୍ରଭୃତି କର୍ଣଂକ ପାଖେ ଆସି ପହଂଚିଗଲେ । ଭୟାନକ ଯୁଦ୍ଧ ହେଲା ।

ଅର୍ଜୁନ ଏଣେ ସଂଶପ୍ତକ ଓ ନାରାୟଣୀ ସୈନ୍ୟଂକ ସଂଗେ ଘୋର ଯୁଦ୍ଧରେ ବ୍ୟସ୍ତ । ଏମାନଂକ ମଧ୍ୟରେ ସୁଶର୍ମା ଅର୍ଜୁନଂକ ସଂଗେ ଭୟାନକ ଯୁଦ୍ଧ କଲେ । ଅର୍ଜୁନଂକୁ ଥରେ ଅଜ୍ଞାନ ମଧ୍ୟ କରିଦେଲେ । ଅର୍ଜୁନ ଶେଷରେ ଐନ୍ଦ୍ରାସ୍ତ୍ର ମାରି ସମସ୍ତଂକୁ ଜବତ୍ କରିଦେଲେ ।

ଅଶ୍ୱତ୍ଥାମା, ଯୁଧିଷ୍ଠିରଂକର ବହୁତ ବେଳ ଯୁଦ୍ଧ ହେଲା । ସାତ୍ୟକ ଯୁଧିଷ୍ଠିରଂକୁ ବେଳେ ବେଳେ ସାହାଯ୍ୟ କରୁଥିଲେ; ଶେଷରେ ଯୁଧିଷ୍ଠିର ବହୁତ ବାଣ ଖାଇ, ସେଠାରୁ ଖସିଗଲେ ।

ଅଶ୍ୱତ୍ଥାମା ମଧ୍ୟ ଅର୍ଜୁନ ସଂଗେ ସେଦିନ ଖୁବ୍ ଯୁଦ୍ଧ କରିଥିଲେ । ଏଥର କ କୃଷ୍ଣ ଅଶ୍ଚର୍ଯ ହୋଇ କହିଲେ, "ଅର୍ଜୁନ, ଆଜ କାହିଁକି ତୁମ ତେଜ ଊଣା ହୋଇଛି ? ତୁମ ହାତରେ କ'ଣ ଗାଂଡୀବ ନାହିଁ ?" ଯାହାହେଉ ଶେଷକୁ ଅର୍ଜୁନ ଅଶ୍ୱତ୍ଥାମାଂକୁ ଜବତ୍ କରି ସେଠାରୁ ଖସିଗଲେ ।

ଅଶ୍ୱତ୍ଥାମା ପରେ ଧୃଷ୍ଟଦ୍ୟୁମ୍ନଂକୁ ଆକ୍ରମଣ କରି ଅତ୍ୟନ୍ତ କ୍ଷତବିକ୍ଷତ କଲେ । ଅର୍ଜୁନ ଆସି ପହଂଚି ଯିବାରୁ, ଧୃଷ୍ଟଦ୍ୟୁମ୍ନଂକ ପ୍ରାଣରକ୍ଷା ହେଲା ।

କର୍ଣ ପ୍ରଭୃତି ଯୁଧିଷ୍ଠିରଂକୁ ଧରିବାକୁ ପୁଣି ଆକ୍ରମଣ କଲେ । ଯୁଧିଷ୍ଠିର ଭାରି ତେଜରେ ଯୁଦ୍ଧ କଲେ । କୌରବମାନେ ହାହାକାର କଲେ; କିଂତୁ ଶେଷକୁ ସେ ଆଉ କର୍ଣର ବାଣ ସହି ନ ପାରି, ରଥ ସେଠାରୁ ନେଇ ଯିବାକୁ ସାରଥିକୁ କହିଲେ ।

କୌରବ ସୈନ୍ୟମାନେ ତାଂକ ପଛେ ପଛେ ଗୋଡ଼ାଇଥିଲେ । କିଂତୁ ପାଂଡବସୈନ୍ୟ ଆସି, ସମୁଦ୍ରପରି ତାଂକ ଉପରେ ପଡ଼ିଗଲେ ।

ଏଣେ ଯୁଧିଷ୍ଠିର ବାଣରେ ନିତାଂତ କାତର ହୋଇ, ନକୁଳ ସହଦେବଂକୁ ନେଇ ଶିବିରକୁ ଗଲାବେଳେ କର୍ଣ ଆସି ପୁଣି ଓଗାଳିଲେ । ତିନିହେଁ ମିଳି କର୍ଣଂକର କିଛି କରି ପାରିଲେ ନାହିଁ । କର୍ଣ ଯୁଧିଷ୍ଠିରଂକର ଘୋଡ଼ା, ନକୁଳର ଘୋଡ଼ା, ଧନୁ କାଟିଦେଲେ ।

ଏତିକିବେଳେ ଶଲ୍ୟ କର୍ଣଂକୁ କହିଲେ, "ଯୁଧିଷ୍ଠିରଂକୁ ନେଇ ଏତେ ବ୍ୟସ୍ତ କାହିଁକି ? ଅର୍ଜୁନ ସଂଗେ କେତେବେଳେ ଯୁଦ୍ଧ କରିବ ? ଯୁଧିଷ୍ଠିରଂକୁ ମାରି ଫଳ କ'ଣ ? ଆଗ ଅର୍ଜୁନଂକୁ ମାର । ଏଣେ ଦେଖ, ଭୀମଂକ ହାତେ ପଡ଼ି ଦୁର୍ଯୋଧନର କି ଦୁର୍ଦଶା । ଆଗ ତାଂକୁ ବଂଚାଅ ।"

କର୍ଣ ଏ କଥା ଶୁଣି, ଦୁର୍ଯୋଧନଂକ ଆଡ଼କୁ ଗଲେ । ଯୁଧିଷ୍ଠିରଂକର ବେଦନା ଏତେ ହୋଇଥିଲା ଯେ, ସେ ଏବେ ଶିବିରରେ ପଶି, ଶେଯରେ ଯାଇ ଶୋଇ ପଡ଼ିଲେ ।

ଏଣେ ଅର୍ଜୁନ ଅଶ୍ୱତ୍ଥାମାଂକର ପୁଣି ଅନ୍ୟ ସ୍ଥାନରେ ଯୁଦ୍ଧ ଲାଗିଲା । ଅଶ୍ୱତ୍ଥାମା ପ୍ରଥମେ ଖୁବ୍ ତେଜରେ ଯୁଦ୍ଧ କଲେ ମଧ୍ୟ, ଶେଷକୁ ରଣଭୂମିରୁ ପଳାଇଲେ । କୌରବମାନେ ଏବେ ଅସ୍ତବ୍ୟସ୍ତ ହୋଇ, ଛତ୍ରଭଂଗ ଦବା (ଯୁଦ୍ଧଭୂମି ଛାଡ଼ି ପଳାଇବାକୁ) ବସିଲେ । ଦୁର୍ଯୋଧନ କର୍ଣଂକୁ ଆସି କହିଲେ,

"ଦେଖ, ତୁମେ ଥାଉଁ ଥାଉଁ ସୈନ୍ୟମାନେ ତୁଂଭଂକୁ ଡାକ ଡାକ ପଳାଉଛଂନ୍ତି !"

କର୍ଣ୍ଣ ଏହା ଶୁଣି, ନିଜ ବିଜୟ ଧନୁରେ ଭାର୍ଗବ ଅସ୍ତ୍ର ବସାଇ ଛାଡ଼ିଲେ । କଣରେ ନିଆଁ ଲାଗିଲେ ଯେପରି ପକ୍ଷୀମାନେ ଶବ୍ଦ କରଂନ୍ତି, ପାଂଡବସୈନ୍ୟ ଭିତରେ ସେହିପରି ଗୋଳମାଳ ଲାଗିଗଲା । ଅର୍ଜୁନ ସେ ଶବ୍ଦ ଶୁଣି, କୃଷ୍ଣଂକୁ କହିଲେ, କୃଷ୍ଣ କଂରୁ ଦେଖିଲେ, କର୍ଣ୍ଣ ଆଉ ଟିକଏ ଯୁଦ୍ଧ କରି କ୍ଳାଂତ ହେଲେ, ଅର୍ଜୁନ ତାଂକୁ ଭେଟିବା ଭଲ ହେବ; ସେଥିପାଇଁ ସେ ଅର୍ଜୁନଂକୁ କହିଲେ, "ଯୁଧିଷ୍ଠିର ବଡ଼ ବ୍ୟସ୍ତ ହୋଇ ମାଇଚଂନ୍ତି । ତାଂକୁ ଆଗ ଦେଖି ଆସିବା । ପରେ କର୍ଣ୍ଣକୁ ମାରିବାକୁ ବେଳ ହବ ଯେ ।"

ତୋମର ପାଖରେ ଅଛି । ନିଶ୍ଚିଂତ ହୋଇ ଯୁଦ୍ଧ କରଂନ୍ତୁ । ଅସ୍ତ୍ର ସରିଯିବାର ଭୟ ନାଇ ।"

ଏହା ଶୁଣି ଭୀମ ନିଶ୍ଚିଂତରେ ଯୁଦ୍ଧରେ ଲାଗିଲେ । ଏତିକବେଳେ ତାଂକୁ ସୈନ୍ୟମାନଂକର ଶବ୍ଦ ଶୁଭିବାରୁ ସେ ଉତ୍ସାହରେ ସିଂହନାଦ କରି କୌରବସୈନ୍ୟଂକୁ ପ୍ରଚଣ୍ଡ ଦଳି ଦେଲେ । ତାଂକ ଆଗେ କେହି ରହୁ ନାହାଂନ୍ତି ।

କର୍ଣ୍ଣ ମଧ ପାଂଡବସୈନ୍ୟଂକର କିଛି ବାକି ରଖୁ ନାହାଂନ୍ତି, ଭୟରେ ପାଂଡବ ସୈନ୍ୟଂକର କର୍ଣ୍ଣଂକ ଆଗେ ହାତ ଉଠୁ ନାଇ । ଦୁଇ ପକ୍ଷରୁ କେତେ ଯେ ମରୁଚଂନ୍ତି, ତା' କଏ ଗଣି ପାରିବ ? ବଡ଼ ବଡ଼ ବୀରମାନେ ଆଜି ବଡ଼ ତେଜରେ ଲାଗି ପଡ଼ି ଦ'ପକ୍ଷର ସୈନ୍ୟ ମାରୁଚଂନ୍ତି ।

—————

## ଦୁଃଶାସନ ବଧ

ଅର୍ଜୁନ ନ ଥିଲାବେଳେ ଯୁଦ୍ଧର ଭାର ଭୀମଂକ ଉପରେ ଥିଲା । ଭୀମଂକୁ ଆଜି ଯୁଦ୍ଧରେ ଭାରି ଆନଂଦ ଲାଗୁଚି । ସେ କ୍ଷଣେ ହେଲେ ରହିପାରୁ ନାହାଂନ୍ତି । ଏବେ ସାରଥି ବିଶୋକକୁ ଡାକି ପଚାରିଲେ, "ବିଶୋକ ମତେ ଆଜି ଭାରି ଉତ୍ସାହ ଲାଗୁଚି । ଆନଂଦରେ, କେଉଁ ରଥ ଶତ୍ରୁର କଏ ଆମର, ମୁଁ କିଛି ବୁଝିପାରୁ ନାଇ । ଟିକଏ ସାବଧାନ ଥାଅ । ଶତ୍ରୁ ବୋଲି ମୁଁ ଯେପରି ଆପଣା ଲୋକକୁ ମାରି ନ ପକାଏ । ଆଜି ମନବୋଧ କରି ଶତ୍ରୁ ମାରିବି । ଦେଖ ତ, ଅସ୍ତ୍ର କ'ଣ ଅଛି ।"

ବିଶୋକ କହିଲେ, "ଏବେ ମଧ ଦଶ ହଜାର ଶର, ଦଶ ହଜାର କ୍ଷୁରପ୍ର, ଦଶ ହଜାର ଭଲ୍ଲି, ଦୁଇ ହଜାର ନାରଚ, ତିନି ହଜାର ପ୍ରଦର, ଆଉ ଅସଂଖ୍ୟ ଗଦା, ଅସି, ମୁଦ୍‌ଗର, ଶକ୍ତି,

ଏଥି ମଧରେ ଥରେ ଦୁଃଶାସନ ଭୀମଂକୁ ଆକ୍ରମଣ କଲେ । ପ୍ରଥମେ ଭୀମ ବାଣ ମାରି, ତାଂକ ଧନୁ ଆଉ ପତାକା କାଟି ପକାଇଲେ । ତାଂକ କପାଳରେ ମଧ ଭୀମଂକର ଗୋଟିଏ ବାଣ ବାଜିଗଲା । ତା'ପରେ ଭୀମ ଆଉ ଗୋଟିଏ ବାଣ ମାରି, ଦୁଃଶାସନ ସାରଥିର ମୁଂଡଟି କାଟିଦେଲେ । ତାପରେ ଅସ୍ତବ୍ୟସ୍ତ ହୋଇ ଦୁଃଶାସନ ଆଉରି ଗୋଟିଏ ଧନୁ ଧରି, ଭୀମଂକ ଉପରକୁ ବାରଟି ବାଣ ମାଇଲେ । ନିଜ ହାତରେ ଘୋଡ଼ାର ଲଗାମ ଧରି, ଆଉରି ଏକ ଉପ୍ରଂକର ବାଣରେ ଭୀମଂକୁ ଅଜ୍ଞାନ କରି ପକାଇଲେ । ଆଉ ଗୋଟିଏ ବାଣ ମାରି ଭୀମଂକ ଧନୁ କାଟିଦେଲେ ଓ ସାରଥିକି ନଅଟି ଓ ଭୀମଂକୁ ଅନେକ ବାଣ ମାଇଲେ । ଭୀମ ସେଥିରୁ ଅତିଶୟ ରଗିଯାଇ ଦୁଃଶାସନକୁ ଗୋଟିଏ ଶକ୍ତି ମାଇଲେ ।

ଦୁଃଶାସନ ବାଟରୁ ବାଟରୁଁ ଶକ୍ତିଟା କାଟିଦେଲେ ଏବଂ ତା'ପରେ ଭୀମଂକ ଉପରେ ଶରବୃଷ୍ଟି କଲେ । ଭୀମ

ଏବେ ଗୋଟାଏ ଗଦା ଧରି ଦୁଃଶାସନ ଉପରକୁ ଭାରି ଜୋରରେ ଫିଙ୍ଗିଲେ । ଦୁଃଶାସନ ତାକୁ କାଟିବାକୁ ଗୋଟିଏ ଶକ୍ତି ମାରିଲେ, କିନ୍ତୁ ଶକ୍ତିଟା ଗଦାରେ ବାଜି ଖଣ୍ଡ ଖଣ୍ଡ ହୋଇଗଲା । ଗଦାଟି ଏବେ ଦୁଃଶାସନର ରଥ, ସାରଥିକୁ ଚୂର୍ଣ୍ଣ କରି, ଦୁଃଶାସନ ମୁଣ୍ଡରେ ବାଜିଲା । ଦୁଃଶାସନ ଖଣ୍ଡେ ଦୂରରେ ଯାଇ ପଡ଼ି ଛଟ୍‌ପଟ୍ ହେଲେ ।

ଭୀମଙ୍କର ଏବେ ଆପଣା ପ୍ରତିଜ୍ଞା କଥା ମନେ ପଡ଼ିଲା । ଦ୍ରୌପଦୀଙ୍କ ଚୁଟି ଧରି ଟାଣି ଅପମାନ କଲାବେଳେ, ଭୀମ ପ୍ରତିଜ୍ଞା କରିଥିଲେ, "ମୁଁ ଏହାର ବୁକୁ ଚିରି ରକ୍ତ ଖାଇବି ।"

ଭୀମ ପବନ ପରି ଦୁଃଶାସନ ଆଡ଼କୁ ଗଲେ; ଯାଉଁ ଯାଉଁ ବୀରମାନଙ୍କୁ କହୁଥାନ୍ତି, "ଆଜି ମୁଁ ଏ ଦୁରାତ୍ମା ଦୁଃଶାସନକୁ ବଧ କରିବି । ତୁମମାନଙ୍କର କ୍ଷମତା ଅଛି ତ, ଏହାକୁ ରକ୍ଷାକର ।" ସମସ୍ତେ ଚିତ୍ରପ୍ରତିମା ପରି ରହିଁ ରହିଚନ୍ତି । ଭୀମ ଯାଇ ଦୁଃଶାସନର ଛାତିରେ ଖଣ୍ଡା ବସାଇ ଦେଲେ । ଖଣ୍ଡାଟା କାଢ଼ି ଆଣିଲା କ୍ଷଣି, ଝରଣାରୁ ପାଣି ଉଠିଲା ପରି, ଫଟ୍ ଫଟ୍ ହୋଇ ଉପରକୁ ରକ୍ତ ବାହାରିଲା । ଭୀମ ଆନନ୍ଦରେ ଅଞ୍ଜଳି କରି; ତାକୁ ପିଇଲେ ।

ସୈନ୍ୟମାନେ ଏହା ଦେଖି 'ଆରେ ରାକ୍ଷସରେ, ରାକ୍ଷସରେ ବୋଲି ଚିତ୍କାର କରି ପଳାଇଲେ । ଭୀମ ଏବେ ତା'ର ମୁଣ୍ଡ କାଟି, କହିଲେ, "ଆଜି ଦୁର୍ଯ୍ୟୋଧନ ବାକି ରହିଲା, ତାର ଏବେ ଏହି ଦଶା ହବ ।"

ଏହା ଦେଖି ଦୁର୍ଯ୍ୟୋଧନର ଦଶ ଭାଇ ଆସି ଭୀମଙ୍କୁ ଘେରିଗଲେ । ଦଶଟି ଭଲ୍ଲରେ ଭୀମ ଦେଖୁଁ ଦେଖୁଁ ଦଶଟିଯାକ ଶେଷ କରିଦେଲେ ।

———

## ଅର୍ଜୁନ ଯୁଧିଷ୍ଠିରଙ୍କର ଦେଖା

ଯୁଧିଷ୍ଠିରଙ୍କ ପାଖକୁ ଯାଉଁ ଯାଉଁ ଅର୍ଜୁନ ଅଶ୍ୱତ୍ଥାମାଙ୍କୁ ଭେଟିଲେ । ତାଙ୍କୁ ଜବତ କରି କୃଷ୍ଣ ଅର୍ଜୁନ ଦୁହେଁ, ଯୁଧିଷ୍ଠିରଙ୍କ ପାଖେ ପହଞ୍ଚିଲେ । ଅର୍ଜୁନଙ୍କୁ ଯୁଦ୍ଧକ୍ଷେତ୍ରରୁ ଫେରିବାର ଦେଖି, ଯୁଧିଷ୍ଠିର ଭାବିଲେ—ଅର୍ଜୁନ ନିଶ୍ଚୟ କର୍ଣ୍ଣକୁ ମାରି ସାରି ଫେରିଛନ୍ତି; କିନ୍ତୁ ଯେତେବେଳେ ଶୁଣିଲେ ଯେ ଅର୍ଜୁନ ତାହା ନ କରି ଆସିଛନ୍ତି, ସେତେବେଳେ ସେ ବିରକ୍ତ ହୋଇ କହିଲେ, "ଗାଣ୍ଡୀବ ଧରି ଆଉ ଲାଭ କଣ ? ତୁମେ ତେବେ ଏ ଗାଣ୍ଡୀବ ଧରିବାର ଯୋଗ୍ୟ ନୁହଁ । ଯେ ଏ ଗାଣ୍ଡୀବ ଧରିବାକୁ ଯୋଗ୍ୟ, ତାକୁ ଦିଅ । ଆଉ ତୁମେ ତାକୁ ଧରିବ କାହିଁ ?"

ଯେ ଅର୍ଜୁନଙ୍କୁ ଗାଣ୍ଡୀବ ଛାଡ଼ିବାକୁ କହିବ, ତାକୁ ମାରିବେ ବୋଲି ଅର୍ଜୁନ ବ୍ରତ କରିଥାନ୍ତି । ଏ ପ୍ରତିଜ୍ଞା ସେ ଛାଡ଼ିବେ କିପରି ? ଏକଥା ଶୁଣି, ସେ ଯୁଧିଷ୍ଠିରଙ୍କୁ ହାଣିବାକୁ ବାହାରିଲେ । କୃଷ୍ଣ ବୁଝାଇଲେ ସୁଦ୍ଧା ମାନିଲେ ନାହିଁ, କହିଲେ, "ମୁଁ କ୍ଷତ୍ରିୟ ହୋଇ, ପ୍ରତିଜ୍ଞା ନ ରଖିଲେ, ଅଧର୍ମ ହେବ ।" କୃଷ୍ଣ ସେଠାରୁ ବୁଝାଇ ଦେଲେ, "ଅପମାନ ମାନ୍ୟ ଲୋକର ମରଣ ପରି । ତୁମେ ଯୁଧିଷ୍ଠିରଙ୍କୁ ଗାଳି ଦିଅ, ଅପମାନ କର, ଏହା ତାଙ୍କର ମରଣ ପରି ହେବ ଏବଂ ତୁମର ଏଥିରେ ପ୍ରତିଜ୍ଞା ରକ୍ଷା ହେବ ।"

ଅର୍ଜୁନ ଯୁଧିଷ୍ଠିରଙ୍କୁ ବହୁତ ଗାଳିଦେଇ ଅପମାନ କରି କହିଲେ; କିନ୍ତୁ କହିସାରି ତାଙ୍କ ମନରେ ଭାରି ଦୁଃଖ ହେଲା । ସେ କହିଲେ, "ମୁଁ ମାନମାନ୍ୟ ବଡ଼ ଭାଇଙ୍କ ଅପମାନ ଦେଲି, ମହାପାପ କଲି ! ଏହି ଖଣ୍ଡାରେ ମୁଁ ନିଜେ ନିଜକୁ ମାରି, ଏ ପାପ ଶାନ୍ତି କରିବି ।" ଏହା କହି ଆପେ ଆପଣା ଛାତିରେ ଖଣ୍ଡା ବସାଇଦେବାକୁ ବାହାରିଲେ । କୃଷ୍ଣ

ସେଠାରୁ ବାଧା ଦେଇ ତାଙ୍କୁ ବୁଝାଇ କହିଦେଲେ ଯେ, "ଆପଣାକୁ ପ୍ରଶଂସା କରିବା ସତ୍ ଲୋକର ମରଣ ପରି । ତୁମେ ନିଜେ ନିଜର ପ୍ରଶଂସା କର, ତାହାହେଲେ ତୁମର ଦଣ୍ଡ ହେବ ।"

ଅର୍ଜୁନ ତେଣୁ ନିଜେ ନିଜର ପ୍ରଶଂସା କରି ଲଜ୍ଜିତ ହେଲେ ଏବଂ ଶେଷରେ ଯୁଧିଷ୍ଠିରଙ୍କ ଆଗେ ପ୍ରତିଜ୍ଞା କଲେ, "ମୁଁ ଆଜ ନିଶ୍ଚୟ କର୍ଣ୍ଣକୁ ମାରିବି; ମୁଁ ଆପଣଙ୍କୁ ଯେତେ ଦୁର୍ବାକ୍ୟ କହିଛି, ଆପଣ ମୋତେ କ୍ଷମା କରନ୍ତୁ । ମୁଁ ଯୁଦ୍ଧ କରିବାକୁ ଯାଏଁ ।"

ଯୁଧିଷ୍ଠିର ମଧ୍ୟ ଭାଇଙ୍କ କଟୁବାକ୍ୟ କହି ନିନ୍ଦା ଦେବରୁ ବଡ଼ ଲଜ୍ଜିତ ଓ ବ୍ୟସ୍ତ ହୋଇ ମୁଣ୍ଡରୁ ରାଜ-ମୁକୁଟ କାଢ଼ି ତଳେ ଫିଙ୍ଗି ଦେବାକୁ ବସିଲେ । କୃଷ୍ଣ ତାଙ୍କୁ ବହୁତ ବୁଝାଇ କହିଲେ । ତା'ପରେ ଯୁଧିଷ୍ଠିର ଅର୍ଜୁନଙ୍କୁ ଟେକି ଉଠାଇ, କୁଣ୍ଢାଇ ବହୁତ ଆଶୀର୍ବାଦ କଲେ । ଶ୍ରୀକୃଷ୍ଣଙ୍କୁ ମଧ୍ୟ ବହୁତ ପ୍ରଶଂସା କଲେ । ଅର୍ଜୁନ କର୍ଣ୍ଣକୁ ମାରିବାର ପ୍ରତିଜ୍ଞାକରି ଶିବିରରୁ ପୁଣି ବାହାରିଲେ ।

---

## କର୍ଣ୍ଣ ବଧ

ଏ ସବୁ ଦେଖି, କୌରବମାନେ ପଳାଇବାକୁ ବସିଲେ । ନିଜେ କର୍ଣ୍ଣଙ୍କ ଦେହ ଭୟରେ ଥରିଲା । ଶଲ୍ୟ ଏହା ଦେଖି, କର୍ଣ୍ଣଙ୍କୁ କହିଲେ, "ଏତେବେଳେ, ଏପରି ହେଲେ, ଚଳିବ ନାଇ । ଦଂଭ ଧରି ନିଜର କାମ କର ।"

କର୍ଣ୍ଣର ପୁଅ ବୃଷସେନ ଏତିକବେଳେ ଘୋର ଯୁଦ୍ଧ କରୁଥିଲେ । ନକୁଳଙ୍କୁ ଅସ୍ତବ୍ୟସ୍ତ କରି ଭୀମାର୍ଜୁନ ଓ କୃଷ୍ଣଙ୍କୁ ମଧ୍ୟ ସେ ବାଣ ମାରିଲେ । ବୃଷସେନ ଅର୍ଜୁନଙ୍କ ହାବୁଡ଼େ ପଡ଼ିବାରୁ ଅର୍ଜୁନ କର୍ଣ୍ଣଙ୍କୁ ଡାକି କହିଲେ, "ତୁମ୍ଭେମାନେ ସମସ୍ତେ ମିଳି ଅଭିମନ୍ୟୁକୁ ମାରିଥିଲ; ମୁଁ ଏବେ ତୁମ୍ଭମାନଙ୍କ ଆଗରେ ଏକାରେ ବୃଷସେନକୁ ମାରୁଛି । ତାକୁ ପାରିବ ତ ରକ୍ଷା କର ।" ରହୁଁ ରହୁଁ ଅର୍ଜୁନ ହସି ହସି ବୃଷସେନର ହାତ ଓ ମୁଣ୍ଡ କାଟିଦେଲେ । କର୍ଣ୍ଣଙ୍କ ପ୍ରାଣକୁ ଘୋର ବାଧିଗଲା । କର୍ଣ୍ଣ ରାଗି କରି, ଏବେ ଅର୍ଜୁନଙ୍କ ସଙ୍ଗେ ଯୁଦ୍ଧ ଲଗାଇ ଦେଲେ । ଏତିକବେଳେ ଅଶ୍ୱତ୍ଥାମା ଦୁର୍ଯ୍ୟୋଧନର ହାତ ଧରି କହିଲେ, "ମହାରାଜ, ଆଉ ଯୁଦ୍ଧ ଦରକାର ନାଇ । ଆମମାନଙ୍କର ସମସ୍ତେ ମରିଛନ୍ତି; ଆଉ କେତୋଟି ମାତ୍ର ଯେ ବଞ୍ଚିଛନ୍ତି, ତାଙ୍କୁ ରକ୍ଷା କର । ଏ ଯୁଦ୍ଧରୁ ତୁମେ କ୍ଷାନ୍ତ ହୁଅ; ନ ହେଲେ ରକ୍ଷା ପାଇବ ନାଇ ।"

ଏ ଭଲ କଥା ଦୁର୍ଯ୍ୟୋଧନ ଶୁଣିବେ କାହିଁକି । ସେ କହିଲେ, "ଦେଖ ତୁମ ସଙ୍ଗେ ଯୁଦ୍ଧ କରି କରି ଅର୍ଜୁନର ବଳ ବହୁତ କମିଛି; କର୍ଣ୍ଣ ଏହିକ୍ଷଣି ତାକୁ ମାରିବେ ?"

କର୍ଣ୍ଣ ଅର୍ଜୁନଙ୍କର ମହାଯୁଦ୍ଧ । ସମସ୍ତେ ସିଂହନାଦ କରି ଦିହିଙ୍କୁ ଉତ୍ସାହ ଦେଉଛନ୍ତି । ବାଣରେ ଆକାଶ ଅନ୍ଧାର ହୋଇ ଯାଉଛି । ଦେବତାମାନେ ମଧ୍ୟ ଆକାଶରେ ଆସି ସେ ଯୁଦ୍ଧ ଦେଖୁଛନ୍ତି । ଅର୍ଜୁନ ଆଗ୍ନେୟ ଅସ୍ତ୍ର ମାରିଲେ । ରହୁଁ ରହୁଁ ଚାରିଆଡ଼େ ନିଆଁ ଜଳି ଉଠିଲା । ରହୁଁ ରହୁଁ କର୍ଣ୍ଣଙ୍କର ବାରୁଣାସ୍ତ୍ର ଆସି ପଡ଼ିଗଲା । ମେଘ ଘୋଟିଗଲା । ବର୍ଷା ହେଲା । ରହୁଁ ରହୁଁ ପୁଣି ଭୟାନକ ଝଞ୍ଜା ପବନ । ମେଘ କୁଆଡ଼େ ଉଡିଗଲା । ଏହା ଅର୍ଜୁନଙ୍କ ବାୟବ୍ୟ ଅସ୍ତ୍ରର ଫଳ । ଏହିପରି ଅର୍ଜୁନଙ୍କର ଐନ୍ଦ୍ର ଅସ୍ତ୍ର ଆକାଶରେ କ୍ଷୁର, ପ୍ରଣାଳୀକ, ଅଞ୍ଜଳିକ, ନାରାଚ ବୃଷ୍ଟି କରି କରି ଚାଲିଲା । ସମସ୍ତେ ବିଚାରିଲେ, କର୍ଣ୍ଣଙ୍କର ଆଉ ରକ୍ଷା ନାଇ । ରହୁଁ ରହୁଁ କର୍ଣ୍ଣଙ୍କର ଭାର୍ଗବାସ୍ତ୍ରରେ ସେ ଐନ୍ଦ୍ର ଅସ୍ତ୍ର କାହିଁ ଚାଲିଗଲା । ପାଣ୍ଡବ ପକ୍ଷର ଶହ ଶହ ସୈନ୍ୟ ମଲେ । ଭୀମ ବିରକ୍ତ ହୋଇ, ଭଲ କରି

ଯୁଦ୍ଧ କରିବା ପାଇଁ ଅର୍ଜୁନଙ୍କୁ କହିଲେ । କୃଷ୍ଣ ମଧ୍ୟ ଅର୍ଜୁନଙ୍କୁ ଆତୁର ଉତ୍ସାହରେ ଯୁଦ୍ଧ କରିବାପାଇଁ ମତାଇଲେ ।

ଅର୍ଜୁନ ବ୍ରହ୍ମାସ୍ତ୍ର ମାଇଲେ । ବ୍ରହ୍ମାସ୍ତ୍ର ପରେ ବ୍ରହ୍ମାସ୍ତ୍ର । ଚାରିଆଡ଼େ ବର୍ଷା ଧାର ପରି ଚକ୍ ଚକ୍ ହୋଇ ଶର ପଡ଼ିଲା । କର୍ଣ୍ଣ ପ୍ରାଣପଣେ ସେ ସବୁ କାଟୁଁଛନ୍ତି । ଦେଖୁ ଦେଖୁ କେତୋଟି ଶର କର୍ଣ୍ଣଙ୍କ ଶରୀରରେ ଫୁଟିଗଲା । ଆଉ ଗୋଟାକରେ ରଥର ପତାକା ଛିଣ୍ଡିଗଲା । ଶଲ୍ୟଙ୍କ ଉପରେ ଚାରିଟି ଶର ପଡ଼ିଲା । ସେତିକିବେଳେ ଦଶଟି ବାଣ ପଡ଼ି, ରାଜପୁତ୍ର ସଭାପତି ମଲେ । ଆଉ କେତେ ହାତୀ, କେତେ ରଥୀ, ପଦାତି କଟିଗଲେ ।

ଆହା ! ଏ କି ବିପଦ ! ଅର୍ଜୁନଙ୍କ ଧନୁରୁ ଗୁଣ ଛିଣ୍ଡିଗଲା । କର୍ଣ୍ଣ ସୁବିଧା ପାଇ, କୃଷ୍ଣ, ଅର୍ଜୁନ, ଭୀମଙ୍କୁ ଶର ମାରି ସୈନ୍ୟମାନଙ୍କୁ ସଂହାର କରିବାରେ ଲାଗିଲେ । କୌରବମାନଙ୍କର ଆନନ୍ଦ କୋଳାହଳ ଉଠିଲା । ଅର୍ଜୁନ ପୁଣି ଗୁଣ ଚଢ଼ାଇ କର୍ଣ୍ଣ, ଶଲ୍ୟଙ୍କୁ ବାଣରେ ଏକାବେଳକେ ଘୋଡ଼ାଇ ଦେଲା ପରି କଲେ । ଝର ଝର ରକ୍ତ ବୋହି, କର୍ଣ୍ଣଙ୍କ ମୁଣ୍ଡରୁ ଗୋଡ଼ଯାଏ ରଙ୍ଗ ହୋଇ ଗଲାଣି, କିନ୍ତୁ କର୍ଣ୍ଣଙ୍କର କି ତେଜ !

କର୍ଣ୍ଣ ପାଂଚୋଟି ସର୍ପବାଣ ଛାଡ଼ିଲେ । ଅର୍ଜୁନ ଭଲ୍ଲରେ ତାହା ଖଣ୍ଡଖଣ୍ଡ କରି ଏବଂ ବର୍ଷାଧାରା ପରି ବାଣ ମାରି, ଆକାଶ ଅନ୍ଧାର କରିଦେଲେ । କୌରବମାନେ ଭୟରେ ଯୁଦ୍ଧ ଭୂମିରୁ ପଳାଇବାକୁ ବସିଲେ । କର୍ଣ୍ଣଙ୍କର ଖାତିର ନାଇ, ସେ ମଧ୍ୟ ବାଣ ବର୍ଷୁଛନ୍ତି ।

ଏତିକିବେଳେ ଗୋଟିଏ ସାପ ଆସି, କର୍ଣ୍ଣଙ୍କ ତୂଣରେ ପଶିଲା । ଏ ସାପଟିର ନାମ ଅଶ୍ୱସେନ । ଖାଣ୍ଡବ ଦାହବେଳେ ଏହାର ମା' ପୋଡ଼ି ଯାଇଥିଲା । ସେଥିପାଇଁ ଏ ସାପ ଅର୍ଜୁନଙ୍କୁ ମାରିବା ପାଇ କର୍ଣ୍ଣଙ୍କ ତୂଣରେ ଯାଇ ଗୋଟିଏ ବାଣ ଭିତରେ ଲୁଚିଲା । କର୍ଣ୍ଣ ଅର୍ଜୁନଙ୍କୁ ମାରିବା ପାଇ ଗୋଟିଏ ବାଣ ବଡ଼ିଦିନୁ ସାଇତି ଥିଲେ । ଅଶ୍ୱସେନ ସେହି ବାଣରେ ଲୁଚିଲା । କର୍ଣ୍ଣ କିଛି ଜାଣିଲେ ନାଇ ।

କର୍ଣ୍ଣ ଏବେ ଆଉ କିଛି ଉପାୟ ନ ଦେଖି, ସେ ବାଣ ଧନୁରେ ବସାଇ ଟାଣିଲେ । ଚାରିଆଡ଼େ ଆକାଶରୁ ତାରା ବର୍ଷିଲା ପରି ଲାଗିଲା । ଦପ୍ ଦପ୍ ହୋଇ ନିଆଁ ଜଳି ଉଠିଲା । ସମସ୍ତେ ଡରିଗଲେ, ଆଉ ଅର୍ଜୁନଙ୍କର ରକ୍ଷା ନାଇ । କର୍ଣ୍ଣ ମଧ୍ୟ ବାଣ ଛାଡ଼ିଲାବେଳେ କହିଲେ, "ଅର୍ଜୁନ, ଏଇ ତୁମର ଶେଷ ।"

କିନ୍ତୁ କି ଆଶ୍ଚର୍ଯ୍ୟ ! ଚଟ୍ଟାଁ ଚଟ୍ଟାଁ କୃଷ୍ଣ ଅର୍ଜୁନଙ୍କ ରଥଟି ତଳକୁ ଚପି ଦେଲେ । ଘୋଡ଼ାଗୁଡ଼ିକ ଆଣ୍ଠୁମାଡ଼ି ପଡ଼ିଲେ । ରଥଟି ଲହିଁଗଲା । କୃଷ୍ଣ ବିଚାରିଥିଲେ, ବାଣଟି ଉପରେ ଉପରେ ଚାଲିଯିବ— ଅର୍ଜୁନଙ୍କୁ କିଛି କରି ପାରିବ ନାଇ; କିନ୍ତୁ ତାହା ଠିକ୍ ହେଲା ନାଇ । ଅର୍ଜୁନଙ୍କ ମୁଣ୍ଡ ରହିଗଲା ସତ, କିନ୍ତୁ ଇନ୍ଦ୍ର ତାଙ୍କୁ ଯେଉଁ ମୁକୁଟଟି ଦେଇଥିଲେ, ତାହା ଏକାବେଳକେ ଭାଙ୍ଗି ଚୂରୁ ହୋଇଗଲା ।

ଅଶ୍ୱସେନର କାମ ହେଲା ନାଇ । ସେ ଯାଇ ପୁଣି କର୍ଣ୍ଣଙ୍କୁ କହିଲା, "କର୍ଣ୍ଣ, ତୁମେ ମତେ ନ ଦେଖି ବାଣ ଛାଡ଼ିଥିଲ । ଏବେ ମତେ ଦେଖି ଆଉ ଗୋଟିଏ ବାଣରେ ଛାଡ଼, ମୁଁ ନିଶ୍ଚୟ ଅର୍ଜୁନଙ୍କୁ ମାରିବି ।

କର୍ଣ୍ଣ ଭାରି ଅହଂକାରୀ ଲୋକ । ସାପର ସାହାଯ୍ୟରେ ସେ ଅର୍ଜୁନଙ୍କୁ ମାରିବାକୁ ଯିବେ କିଆଁ ? ସେ ସାପ କଥା ଶୁଣିଲେ ନାଇ । ସାପଟି ଫେରି ଯାଉଥିଲା; କିନ୍ତୁ କୃଷ୍ଣଙ୍କ ଆଖିରୁ ଖସିଯିବା ସହଜ ନୁହେଁ । କୃଷ୍ଣ ତା' କଥା ଅର୍ଜୁନଙ୍କୁ କହିଦେବା ମାତ୍ରେ, ଅର୍ଜୁନ ତାକୁ ଅଧବାଟରେ କାଟି ଖଣ୍ଡ ଖଣ୍ଡ କରିଦେଲେ । ଏ ମଧ୍ୟରେ କୃଷ୍ଣ ରଥଟି ଉପରକୁ ଉଠାଇ ଦେଲେ ।

ଘୋର ଭୟାନକ ଯୁଦ୍ଧ ଚାଲିଲା । କର୍ଣ୍ଣ କୃଷ୍ଣାର୍ଜ୍ଜୁନଂକୁ ବାଣ ମାରି ଘାରି ଖୁସି । ଅର୍ଜ୍ଜୁନ ମଧ୍ୟ ଏ ମଧ୍ୟରେ କର୍ଣ୍ଣଙ୍କୁ ଷତ ବିକ୍ଷତ କରି, ତାଂକ ମୁକୁଟ କୁଂଡଳ ଉଡ଼ାଇ ଦେଲେ ।

କର୍ଣ୍ଣଂକର ବୁକୁରେ ଗୋଟାଏ ବାଣ ବାଜି, ସେ ଅଜ୍ଞାନ ହୋଇ ରଥରେ ଚଢ଼ିଲେ । ଅଜ୍ଞାନ ହେବାରୁ ଅର୍ଜ୍ଜୁନ ଯୁଦ୍ଧ ଛାଡ଼ିଦେଲେ; ପୁଣି ଜ୍ଞାନ ହେବାମାତ୍ରେ ଯୁଦ୍ଧ ଚାଲିଲା; କିଂତୁ ଏହାହିଁ କର୍ଣ୍ଣଂକର ଶେଷଯୁଦ୍ଧ ।

ଦେଖୁ ଦେଖୁ କର୍ଣ୍ଣଂକର ରଥଚକ ମାଟିରେ ପଶିଗଲା । ଏତିକବେଳକୁ ପର୍ଶୁରାମଂକଠାରୁ ପାଇଥିବା ସବୁ ବଡ଼ ବଡ଼ ଅସ୍ତ୍ର କଥା କର୍ଣ୍ଣ ଭୁଲିଗଲେ ।

ଏ ସବୁ କିଂତୁ କର୍ଣ୍ଣଂକ ନିଜ ପାପର ଫଳ । ସେ ଯେତେବେଳେ ପର୍ଶୁରାମଙ୍କଂଠାରୁ ଅସ୍ତ୍ରଶିକ୍ଷା ପାଇଁ ଯାଇଥିଲେ, ସେତେବେଳେ କହିଥିଲେ, "ମୁଁ ବ୍ରାହ୍ମଣ", ପର୍ଶୁରାମ ତାଂକୁ ପ୍ରକୃତ ବ୍ରାହ୍ମଣ ଭାବି ଯୁଦ୍ଧ ବିଦ୍ୟା ଶିଖାଇ, ଅନେକ ପ୍ରକାର ଭଲ ଭଲ ଅସ୍ତ୍ରଶସ୍ତ୍ର ତାଂକୁ ଦେଇଥିଲେ । ପରେ ଯେତେବେଳେ ପର୍ଶୁରାମ ଜାଣିଲେ, ସେ ବ୍ରାହ୍ମଣ ନୁହଂତି, ସେତେବେଳେ ଅଭିଶାପ ଦେଇ କହିଲେ, "ମଲାବେଳେ, ମୋର ଏ ସବୁ ଅସ୍ତ୍ରଶସ୍ତ୍ର କଥା ତୁ ଭୁଲିଯିବୁ ।" ପରେ ପୁଣି ଦୈବାତ୍ କର୍ଣ୍ଣ ଗୋଟିଏ ବ୍ରାହ୍ମଣର ବାଛୁରି ମାରି ଦେଇଥିଲେ । ସେତେବେଳେ ବ୍ରାହ୍ମଣ ଶାପ ଦେଲେ, "ଯୁଦ୍ଧରେ ଯେତେବେଳେ ତୋର ଘୋର ଭୟ ହେବ, ସେତିକବେଳେ ତୋର ରଥଚକ ମାଟିରେ ପଶିଯିବ ।"

ସବୁ ପାପର ଦଂଡ ଏକାବେଳକେ ଆସି ପହଂଚିଲା; କିଂତୁ କର୍ଣ୍ଣ ବୀର । ଏ ବିପଦବେଳେ ମଧ୍ୟ, ସେ ଅର୍ଜ୍ଜୁନ ସଂଗେ ଘୋର ଯୁଦ୍ଧରେ ଲାଗିଚଂତି; କୃଷ୍ଣାର୍ଜ୍ଜୁନଂକୁ ବାଣରେ ପୋତି ପକାଉଚଂତି । ଅର୍ଜ୍ଜୁନଂକ ବାଣରେ ବ୍ୟସ୍ତ ହୋଇ, ସେ ବ୍ରହ୍ମାସ୍ତ୍ର ମାଇଲେ । ଅର୍ଜ୍ଜୁନ ଐଂଦ୍ରାସ୍ତ୍ର ମାରି ତାହା କାଟି ଦେଲେ । ଅର୍ଜ୍ଜୁନ ଆଉରି ଗୋଟାଏ ବ୍ରହ୍ମାସ୍ତ୍ର ମାଇଲେ । କର୍ଣ୍ଣ ବାଣରେ ଜର ଜର ହୋଇ, ତଥାପି ଫେରେ ଅର୍ଜ୍ଜୁନ ଧନୁଗୁଣ କାଟି ଦେଲେ । ଅର୍ଜ୍ଜୁନ ପୁଣି ଗୁଣ ଚଢ଼ାଇ କି କର୍ଣ୍ଣଂକୁ ପାରି ଉଠୁ ନାହାଂତି ।

କୃଷ୍ଣ ଆଉରି ବଡ଼ ବଡ଼ ଅସ୍ତ୍ର ମାରିବାକୁ ତାଂକୁ କହୁଚଂତି । ଘୂରୁଁ ଘୂରୁଁ କର୍ଣ୍ଣଂକ ରଥଚକ ଆଉରି ମାଟି ଭିତରକୁ ପଶିଗଲା । କର୍ଣ୍ଣ ରଥ ଉଠାଇବାପାଇଁ ପ୍ରାଣପଣେ ଉପରକୁ ଟାଣିଲେ, ସେଥିରେ ଚାରି ଆଂଗୁଳ ମାଟି ଉଂଚୁ ହୋଇଗଲା; କିଂତୁ ଚକ ଉଠିଲା ନାଇ ।

କର୍ଣ୍ଣ ଝର ଝର କାଂଦିଲେ; ଅର୍ଜ୍ଜୁନଂକୁ କହିଲେ, "ଅର୍ଜ୍ଜୁନ ତୁମେ ବଡ଼ ଧାର୍ମିକ ଓ ମହାଶୟ ଲୋକ । ଟିକିଏ ରହ, ମୁଁ ରଥଚକଟା ଉଠାଇ ଦିଏଁ ।" ଏ କଥା ଶୁଣି କୃଷ୍ଣ କହିଲେ, "ସୂତପୁଅ, ବଡ଼ ଭାଗ୍ୟ ଯେ ଏବେ ଧର୍ମକଥା ତୁମ ମନେ ହେଉଚି । ଯେତେବେଳେ ଭୀମଂକୁ ବିଷଦେବାପାଇଁ ଦୁର୍ଯ୍ୟୋଧନକୁ ବୁଦ୍ଧି ଦେଇଥିଲ, ଦ୍ରୌପଦୀଂକ ସଭାରେ ଅପମାନ କରିଥିଲ, ଜୁଆଖେଳର କପଟ ପଶା ଖେଳରେ ଜିଣିଥିଲ, ଜଉ ଘରେ ପାଂଡବଂକୁ ପୋଡ଼ି ପକାଇବାପାଇଁ ଚେଷ୍ଟା କରିଥିଲ ଏବଂ ସମସ୍ତେ ମିଶି ବାଳକ ଅଭିମନ୍ୟୁଙ୍କୁ ବଧ କଲ, ସେତେବେଳେ ଧର୍ମ କେଉଁଠି ଥିଲା ? ଏବେ ଧର୍ମ ଧର୍ମ କହି ଚୋଟି ଶୁଖିଗଲେ କି ତୁମର ଆଉ ରକ୍ଷା ନାଇ ।"

ଏ କଥା ଶୁଣି, କର୍ଣ୍ଣ ଲାଜରେ ମୁଂଡଟି ପୋତି ଦେଲେ ଏବଂ ରାଗରେ ପୁଣି କେତେ ଅସ୍ତ୍ର ମାଇଲେ । ଗୋଟିଏ ଭୟଂକର ଅସ୍ତ୍ର ମାରି ଅର୍ଜ୍ଜୁନଂକୁ ଅଜ୍ଞାନ କରିଦେଲେ; ଭାବୁଥିଲେ, ଏତିକବେଳେ ଚକଟାକୁ

ଆସି, ରଥଚକଟା ଉଠାଇ ଦେବେ । ତଳକୁ ଡେଇଁ ରଥ ଚକ ଟେକିଲେ; କିନ୍ତୁ ହେଲା ନାହିଁ ।

ଅର୍ଜୁନ ଉଠିଲାକ୍ଷଣି କୃଷ୍ଣ ତାଙ୍କୁ କହିଲେ, "ଏତିକିବେଳେ କର୍ଣ୍ଣଙ୍କୁ ମାର । ତାଙ୍କୁ ଆଉ ରଥ ଉପରକୁ ଉଠାଇବାକୁ ତର ବି ଥିବ ନାହିଁ ।

ଅର୍ଜୁନ ଏ କଥା ଶୁଣି, ଭୟଙ୍କର ଅଞ୍ଜଳିକ ଅସ୍ତ୍ର ଧନୁରେ ବସାଇଲେ । କୌରବ ସୈନ୍ୟମାନେ ହାହାକାର କଲେ । ସୁଁ ସୁଁ ଅସ୍ତ୍ରଟି ଆସି କର୍ଣ୍ଣଙ୍କ ମୁଣ୍ଡଟି ଘେନି ଚାଲେ ପଡ଼ିଗଲା । ମଲାବେଳେ ସମସ୍ତେ ଦେଖିଲେ, କର୍ଣ୍ଣଙ୍କ ଦେହରୁ ଗୋଟାଏ କି ତେଜ ବାହାରି ସୂର୍ଯ୍ୟରେ ମିଶିଗଲା ।

ପାଣ୍ଡବମାନେ ଭାରି ଆନନ୍ଦ ହେଲେ । ଭୀମ ନାଚି ନାଚି ସିଂହନାଦ କଲେ । ଅନ୍ୟମାନେ ଶଙ୍ଖ ବଜାଇ, ଜୟଧ୍ୱନି କଲେ । ଆଉ କୌରବମାନେ ଭୟରେ କିଏ କୁଆଡ଼େ ପଳାଇଲେ, ଠିକଣା ନାହିଁ । ବେଳ ଆସି ବୁଡ଼ି ଯାଉଥିଲା । ଆଉ ଯୁଦ୍ଧ କରିବାକୁ ସମୟ ନାହିଁ । ଦୁର୍ଯ୍ୟୋଧନ କାନ୍ଦି କାନ୍ଦି ଶିବିରକୁ ଫେରିଗଲେ । ଧୃତରାଷ୍ଟ୍ର ସଞ୍ଜୟଠାରୁ କର୍ଣ୍ଣ ମରିବାର ଶୁଣି, ଅଜ୍ଞାନ ହୋଇ ପଡ଼ିଗଲେ । ଭୀଷ୍ମ ଦ୍ରୋଣଙ୍କ ମୃତ୍ୟୁ ତାଙ୍କୁ ଏତେ ବାଧି ନ ଥିଲା ।

---

# ଶଲ୍ୟ ପର୍ବ

## ଶଲ୍ୟ ବଧ

### ଅଷ୍ଟାଦଶ ଦିନ

କର୍ଣ୍ଣ ମରିବାରୁ, କୌରବ ପକ୍ଷର ଯୋଦ୍ଧାମାନେ ଶଲ୍ୟଙ୍କୁ ସେନାପତି କରିବା ପାଇଁ ଦୁର୍ଯ୍ୟୋଧନଙ୍କୁ କହିଲେ । ଶଲ୍ୟ ସେନାପତି ହେଲେ । ସେ ରାତିରେ କୌରବମାନେ ଶିବିରରେ ରହିଲେ ନାହିଁ । ଯୁଦ୍ଧ ଭୂମିର ଦୁଇ ଯୋଜନ ଦୂରରେ, ହିମାଳୟପ୍ରସ୍ଥ ନାମକ ସ୍ଥାନରେ ଯାଇ, ରାତି କଟାଇଲେ ।

ସକାଳୁ ଶଲ୍ୟ ପର୍ବତ ପରି ଗୋଟାଏ ବଡ଼ ହାତୀରେ ଚଢ଼ି, ଯୁଦ୍ଧକରିବାକୁ ବାହାରିଲେ । ସେଦିନ କୌରବପାକ ସମସ୍ତେ ବିଚାର କରି ଠିକ୍ କରିଥିଲେ, ସମସ୍ତେ ମିଶି ସାବଧାନରେ ଆପଣାକୁ ସାହାଯ୍ୟ କରିବେ ।

କେତେକ କାଳ ଯୁଦ୍ଧ ପରେ କର୍ଣ୍ଣଙ୍କ ପୁତ୍ର ଚିତ୍ରସେନ, ଶତ୍ରୁସେନ ଓ ସୁଷେଣ ନକୁଳଙ୍କହାତେ ଏବଂ ଶଲ୍ୟଙ୍କ ପୁତ୍ର ସହଦେବ ହାତେ ମଲେ ।

ତା ପରେ ଭୀମଙ୍କ ସଂଗେ ଶଲ୍ୟଙ୍କର ଗଦାଯୁଦ୍ଧ । ଦୁହେଁ ଦୁହିଙ୍କ ଗଦାବାଡ଼ରେ ଅଜ୍ଞାନ । କୃପାଚାର୍ଯ୍ୟ ଶଲ୍ୟଙ୍କୁଘେନି ଚାଲିଗଲେ । ଭୀମ ପୁଣି ଉଠି ଶଲ୍ୟଙ୍କୁ ଡାକିଲେ । ଯୁଧିଷ୍ଠିର ସଂଗେ ଶଲ୍ୟଙ୍କର ଥରକୁ ଥର ଯୁଦ୍ଧ ହେଲା । ପାଣ୍ଡବ ପକ୍ଷର ସମସ୍ତେ ମିଶି ଶଲ୍ୟଙ୍କର କିଛି କରିପାରିଲେ ନାହିଁ । ଅର୍ଜୁନ, ଅଶ୍ୱତ୍ଥାମା ପ୍ରଭୃତିଙ୍କ ସଂଗେ ଅନ୍ୟ ସ୍ଥାନରେ ଯୁଦ୍ଧ କରୁଥିଲେ । କିଛି ସମୟ ପରେ ଭୀମଙ୍କ କଥା ନ ମାନି, ପାଣ୍ଡବସେନା ପଳାଇବା ଦେଖାଗଲା ।

ଯୁଧିଷ୍ଠିର, ଶଲ୍ୟଙ୍କ ଯୁଦ୍ଧରେ ନିତାନ୍ତ ବ୍ୟତିବ୍ୟସ୍ତ ହୋଇ ଶଲ୍ୟଙ୍କୁ ପ୍ରାଣପଣେ ମାରିବେ ବୋଲି ପ୍ରତିଜ୍ଞା କଲେ । ତାପରେ ଭୀମଙ୍କୁ ଆଗରେ, ଅର୍ଜୁନଙ୍କୁ ପଛରେ, ଧୃଷ୍ଟଦ୍ୟୁମ୍ନ, ସାତ୍ୟକିଙ୍କୁ ଦି' ପାଖରେ ରଖି, ଯୁଧିଷ୍ଠିର ଖୁବ୍ ଯୁଦ୍ଧ ଲଗାଇ ଦେଲେ । ଯୁଧିଷ୍ଠିରଙ୍କ ଏ ପରାକ୍ରମ ଦେଖି କୌରବମାନେ ଭାରି ଡରିଗଲେ ।

ଶଲ୍ୟ ଯୁଧିଷ୍ଠିରଙ୍କୁ ବାଣ ମାରିଲେ । ଯୁଧିଷ୍ଠିର ବାଣରେ ତାଙ୍କୁ ଅଜ୍ଞାନ କଲେ । ଶଲ୍ୟ ପୁଣି ଉଠି ଭୀମ ଯୁଧିଷ୍ଠିର ଦୁହିଙ୍କ କବଚ ଫିଟାଇ ଦେଲେ । ଶଲ୍ୟଙ୍କ ବାଣରେ ଯୁଧିଷ୍ଠିରଙ୍କ ଧନୁ, କୃପଙ୍କ ବାଣରେ ସାରଥି କଟିଲେ । ଶଲ୍ୟ ପୁଣି ଯୁଧିଷ୍ଠିରଙ୍କ ଘୋଡ଼ା, ଚାରିଟି ମାରିଦେଲେ । ଭୀମ ରାଗରେ ଶଲ୍ୟଙ୍କ ଧନୁ, ସାରଥି, ଘୋଡ଼ା, ସବୁ ଏକାବେଳକେ ଶେଷ କଲେ ।

ଶଲ୍ୟଂକ ବର୍ମ ଛିଡ଼ିଗଲା । ଢାଲ, ଖଂଡା ଘେନ ରାଗରେ ରଥରୁ ଡେଇଁ, ସେ ଯୁଧିଷ୍ଠିରଂକୁ ମାରିବାକୁ ଆସିଲେ । ଭୀମ ତାଂକର ଖଂଡା ମୁଠାଟି କାଟି ଦେଲେ । ଯୁଧିଷ୍ଠିର ମାରିବା ପାଇଁ ଗୋଟିଏ ଭୟଂକର ଶକ୍ତି ଉଠାଇଲେ । ତାହା ଦେଖିବାକୁ ଜଳଂତା ନିଆଁ ପରି । ଶଲ୍ୟ ତାକୁ କାଟିବାକୁ ବହୁତ ଯତ୍ନ କଲେ; କିଂତୁ ଚାହୁଁ ଚାହୁଁ ଶଲ୍ୟଂକ ବୁକୁ ଫୁଟାଇ ତାହା ମାଟିରେ ଯାଇ ମିଶିଗଲା ।

ଶଲ୍ୟ ମରିବାରୁ ତାଂକର ଭାଇ ରାଗରେ ଆସି ଯୁଧିଷ୍ଠିରଂକ ହାତେ ମଲେ । ମଦ୍ରଦେଶର ସେନା କ୍ରମେ ନିପାତ ହେଲେ ଏବଂ କୌରବ ସେନାମାନେ ଭୟରେ ପଳାଇବାକୁ ଆରଂଭକଲେ ।

ଦୁର୍ଯୋଧନ ସୈନ୍ୟମାନଂକୁ ଗୋଟାଇ, ପୁଣି ଥରେ ଯୁଦ୍ଧ ଲଗାଇ ଦେଲେ । ମ୍ଳେଚ୍ଛ ରାଜା ଶାଲ୍ୱ ଗୋଟିଏ ହାତୀରେ ଚଢ଼ି, ସୈନ୍ୟମାନଂକୁ ମଂଥି ପକାଇଲେ । ଶେଷରେ ଧୃଷ୍ଟଦ୍ୟୁମ୍ନଂକ ଗଦାରେ ହାତୀ ଓ ସାତ୍ୟକିର ଭଲ୍ଲରେ ନିଜେ ଶାଲ୍ୱ ପ୍ରାଣ ହରାଇଲେ ।

ଦୁର୍ଯୋଧନ ଓ ଶକୁନି ଆଜି ଯୁଦ୍ଧରେ ଭାରି ବୀରତ୍ୱ ଦେଖାଇଲେ । ଶକୁନି ଦଶ ହଜାର ଅଶ୍ୱାରୋହୀ ( ଘୋଡ଼ା ସୁଆର ) ଘେନି, ସହଦେବ ଓ ଦ୍ରୌପଦୀର ପାଂଚ ପୁଅଂକୁ ଭେଟିଲେ । ଚାହୁଁ ଚାହୁଁ ତାଂକର ଚାରି ହଜାର ଅଶ୍ୱାରୋହୀ ମଲେ । ସେ ପଳାଇ ଯାଉଥିଲେ; ପୁଣି ଫେରି ଆସି ଯୁଦ୍ଧ କରୁ କରୁ ଅଶ୍ୱାରୋହୀ ବାକି ରହିଲେ ସାତ ଶହ । ତହୁଁ ସେ ଆସି ଦୁର୍ଯୋଧନଂକୁ କହିଲେ, "ମୁଁ ଅଶ୍ୱାରୋହୀଂକ ପରାସ୍ତ କରିଚି; ଏବେ ତୁମେ ଯାଇଁ, ରଥୀମାନଂକୁ ପରାସ୍ତ କର ।"

ଦୁର୍ଯୋଧନର ଅନେକଶତ ଭାଇଂକ ଭିତରୁ କେବଳ ଦୁର୍ମର୍ଷଣ, ଶ୍ରୁତାଂତ, ଜୈତ୍ର, ଭୂରିବଳ, ରବି,ଜୟତ୍ସେନ ସୁଜାତ, ଦୁର୍ବିସହ, ଅରିହା, ଦୁର୍ବିମୋଚନ, ଦୁଷ୍ପ୍ରଧ ଓ ସୁପଦ୍ମ ଏହି ବାରଜଣ ବଂଚିଥିଲେ । ଆଜି ଯୁଦ୍ଧରେ ଭୀମ ହାତେ ସେତକ ମଲେ । ଅର୍ଜୁନ ହାତେ ସୁଶର୍ମ ଏବଂ ସହଦେବଂକହାତେ ଶକୁନିଂକ ପୁଅ ଉଲୁକ ମଧ୍ୟ ପ୍ରାଣଦେଲେ । ପୁଅ ମରିଯିବାରୁ, ଶକୁନି ନିଜେ ଆସି ସହଦେବଂକୁ ଘେରିଲେ । ଅଳ୍ପ ସମୟ ମଧ୍ୟରେ ସହଦେବ ତାଂକ ଧନୁ, ଖଂଡା, ଗଦା, ଶକ୍ତି କାଟି, ତାଂକୁ ଅସ୍ତ୍ରବ୍ୟସ୍ତ କଲେ । ଶକୁନି ପଳାଇଲେ । ସହଦେବ ପଛେ ପଛେ ଗୋଡ଼ାଇଲେ । ଶକୁନି ବାଟରେ ଗୋଟିଏ ପ୍ରାସ ('ଶକ୍ତି ) ଧରି ସହଦେବଂକୁ ଆକ୍ରମଣ କରୁ କରୁ, ସହଦେବ ତାଂକ ହାତଟି କାଟି ଦେଲେ; ତା' ପରେ ଗୋଟିଏ ଭଲ୍ଲ ମାରି ତାଂକ ମୁଂଡଟି ବି କାଟିଦେଲେ ।

———

## ଦ୍ୱୈପାୟନ ହ୍ରଦରେ ଦୁର୍ଯୋଧନ

ଏହା ପରେ କୌରବମାନଂକ ମଧ୍ୟରେ ବାକି ରହିଲେ କେବଳ ଦୁର୍ଯୋଧନ, କୃପ, ଅଶ୍ୱତ୍ଥାମା ଏବଂ କୃତବର୍ମା । ତାଂକ ଏଗାର ଅକ୍ଷୌହିଣୀ ସୈନ୍ୟ ସବୁ ଶେଷ । ପାଂଡବମାନଂକର ପାଂଡବ ପାଂଚଭାଇ, ଧୃଷ୍ଟଦ୍ୟୁମ୍ନ, ଶିଖଂଡୀ, ଶ୍ରୀକୃଷ୍ଣ, ସାତ୍ୟକି, ଦ୍ରୌପଦୀର ପାଂଚ ପୁଅଂକ ଛଡ଼ା, ଦି'ହଜାର ରଥୀ, ସାତ ଶହ-ଗଜାରୋହୀ ( ହାତୀଉପରେ ବସି ଯେଉଁମାନେ ଯୁଦ୍ଧ କରଂତି ), ପାଂଚ ହଜାର ଅଶ୍ୱାରୋହୀ ଓ ଦଶ ହଜାର ପଦାତି ସୈନ୍ୟ ଏବେ ମଧ୍ୟ ଥିଲେ ।

ଏବେ ରାଜା ଦୁର୍ଯୋଧନ ଚାରିଆଡ଼ ଶୂନ୍ୟ ଦେଖିଲେ । ପ୍ରାଣ ଭୟରେ ପଳାଇବାର ଠିକ୍ କଲେ । କୁରୁକ୍ଷେତ୍ର ପାଖେ ଦ୍ୱୈପାୟନ ବୋଲି ଗୋଟାଏ ହ୍ରଦ ଥିଲା । ସେହି ହ୍ରଦ ଭିତରେ ପାଣିରେ ଲୁଚିବା ପାଇଁ ଯାଉଁ ଯାଉଁ ଭାବୁଥିଲେ, ବିଦୁର ଏହିପରି ହେବ ବୋଲି ଆଗରୁ କହିଥିଲେ ।

ଏବେ ସଂଜୟ ଯୁଦ୍ଧଭୂମିରେ ସାତ୍ୟକି ଓ ଧୃଷ୍ଟଦ୍ୟୁମ୍ନଙ୍କ ହାତେ ପଡ଼ିଥିଲେ । ବ୍ୟାସଦେବ ହଠାତ୍ ପହଂଚି ଯାଇ କହିଲେ, "ଯାଂକୁ ମାର ନାହିଁ— ଛାଡ଼ିଦିଅ ।"

ସଂଜୟ ଯାଉଁ ଯାଉଁ କୋଶକ ବାଟରେ ଦୁର୍ଯୋଧନଙ୍କୁ ଭେଟିଲେ । ଦୁର୍ଯୋଧନଙ୍କ ଆଖି ଲୁହରେ ପୂରିଥିବାରୁ ସେ ଆଗ ଚିହ୍ନି ପାରିଲେ ନାହିଁ । ପରେ ଚିହ୍ନି ପାରି କହିଲେ, "ସଂଜୟ, ବାପାଂକୁ କହ, ମୁଁ ହ୍ରଦ ଭିତରେ ଲୁଚି ପ୍ରାଣ ରଖିଛି ।" ଏହା କହି ସେ ହାତରେ ଗଦା ଧରି ଦ୍ୱୈପାୟନ ହ୍ରଦ ଭିତରେ ଲୁଚି ରହିଲେ ।

କିଛିକ୍ଷଣ ପରେ କୃପ, ଅଶ୍ୱତ୍ଥାମା, କୃତବର୍ମା ସଂଜୟଠାରୁ ଦୁର୍ଯୋଧନଙ୍କ ଖବର ଶୁଣି ହ୍ରଦ ପାଖେ ଆସି ପହଁଚିଲେ ।

କୂଳରେ ଠିଆ ହୋଇ କହିଲେ, "ମହାରାଜ, ପାଣିରୁ ଉଠି ଆସଂତୁ; ଆମେ ତିନିହେଁ ତୁମକୁ ନେଇ ପାଣ୍ଡବଙ୍କ ସଂଗେ ଯୁଝିବୁ । ଆଜି ସେମାନେ ନିଶ୍ଚୟ ପରାଜିତ ହେବେ ।" ଦୁର୍ଯୋଧନ କହିଲେ, "ଆପଣ-ମାନେ ବଂଚିଚଂତି, ମୁଁ ଦେଖିଲି ଏ ମୋର ବଡ଼ ଭାଗ୍ୟ । କ୍ଷତ ବିକ୍ଷତ ହୋଇ ମତେ ବଡ଼ ଦୁର୍ବଳ ଲାଗୁଛି । ପାଂଡବଂକର ଏବେ ବି ଅନେକ ସୈନ୍ୟ ରହିଚଂତି । ଆଜି ଯୁଦ୍ଧ କରି ପାରିବି ନାହିଁ । ରାତି-ପାହିଲେ କାଲି ଆପଣମାନଂକୁ ନେଇ ଯୁଦ୍ଧ କରିବି ।"

ଅଶ୍ୱତ୍ଥାମା କହିଲେ, "ମହାରାଜ, ଉଠି ଆସଂତୁ; ମୁଁ ପ୍ରତିଜ୍ଞା କରୁଛି, ରାତି ପାଇବା ଆଗରୁ ଆପଣଂକ ଶତ୍ରୁମାନଂକୁ ମାରି ଶେଷ କରିବି ।"

ଏତିକିବେଳେ କେତେଗୁଡ଼ିଏ ବ୍ୟାଧ ପାଣିପିଇ ଯାଇ, ସେ ବାଟେ ଗଲାବେଳେ, ସେଇ ହ୍ରଦ ପାଖେ ବସିଥିଲେ । ଅଶ୍ୱତ୍ଥାମା ପ୍ରଭୃତି ସେମାନଂକୁ ଦେଖି ନାହାଂତି । ସେମାନେ ଏ ସବୁ କଥା ଶୁଣିଲେ ।

ଏଣେ ପାଂଡବମାନେ ଦୁର୍ଯୋଧନଂକୁ ଖୋଜି ବୁଲୁଥିବାର ସେହି ବ୍ୟାଧଂକୁ ଜଣାଥିଲା । ସେମାନେ ଆସି, ପାଂଡବମାନଂକୁ ଦୁର୍ଯୋଧନଂକ ଖବରଟି କହିଦେଲେ । ପାଂଡବମାନେ ସେହି ବ୍ୟାଧମାନଂକୁ ବହୁତ ଧନରତ୍ନ ପୁରସ୍କାର ଦେଲେ ଏବଂ ଦୁର୍ଯୋଧନଂକୁ ଭେଟିବା ପାଇଁ ଦ୍ୱୈପାୟନ ହ୍ରଦ ନିକଟକୁ ଚାଲିଲେ ।

କୃପ, ଅଶ୍ୱତ୍ଥାମା, କୃତବର୍ମା, ପାଂଡବଂକର କୋଳାହଳ ଦୂରରୁ ଶୁଣି, ହ୍ରଦ ପାଖରୁ ଦୂରକୁ ଚାଲିଗଲେ । ପାଂଡବମାନେ ସେଠାକୁ ଆସି କିପରି ଦୁର୍ଯୋଧନକୁ ପାଣି ଭିତରୁ ବାହାର କରିବେ ବୋଲି ବିଚାର ପାଂଚିଲେ ।

ଦୁର୍ଯୋଧନ ବଡ଼ ମାନୀ ଓ ଅହଂକାରୀ । କଟୁକଥା ସେ କେବେ ସହିପାରଂତି ନାହିଁ । ଏହା ବିଚାରି ଯୁଧିଷ୍ଠିର ତାଂକୁ ଖୁବ୍ ଗାଳି ଦେଇ କହିଲେ, "ଦୁର୍ଯୋଧନ, ତୁଂଭେ ସମସ୍ତଂକୁ ଯମ ଘରକୁ ପଠାଇ ନିଜେ ପ୍ରାଣଭୟରେ ପଳାଇଲ । ଏ ତ ଭଲକାମ ନୁହେଁ । ଆସ, ଯୁଦ୍ଧ କରିବା ।"

ଦୁର୍ଯୋଧନ ସଂଭାଳି ପାରିଲେ ନାହିଁ । ହ୍ରଦ ଭିତରୁ କହିଲେ, "ମୁଁ ପଳାଇ ନାହିଁ, ବିଶ୍ରାମ କରୁଛି । ତୁମେମାନେ ଏବେ ଯାଇ ବିଶ୍ରାମ କର, ପରେ ଯୁଦ୍ଧ ହେବ ।"

ଯୁଧିଷ୍ଠିର କହିଲେ, "ଆମମାନଂକର ବିଶ୍ରାମ ହୋଇଛି । ଏବେ ଆସି ଆମକୁ ହଟାଇ ରାଜ୍ୟ ଭୋଗ କର; ନଇଲେ ଆମହାତେ ମରି ସ୍ୱର୍ଗକୁ ଯାଅ ।"

ଦୁର୍ଯୋଧନ କହିଲେ, "ମୁଁ ଏବେ ବି ତୁମମାନଂକୁ ପରାସ୍ତ କରିପାରେ, କିଂତୁ ମୋର ତ ସମସ୍ତେ ମଲେ, ଆଉ କାହାପାଇଁ ରାଜ୍ୟ ଲୋଡ଼ିବି ? ରାଜ୍ୟ ଏବେ ତୁମରି, ତୁମେ ଭୋଗ କର । ମୁଁ ଜଟା ବକଳ ଧରି ବଣକୁ ଯାଉଛି ।"

ଯୁଧିଷ୍ଠିର କହିଲେ, "ତୁମର ଏ କାଂଦ ଶୁଣି ଆଉ ମୋ ମନ ଭୁଲିବ ନାହିଁ । ତୁମେ ଆଉ ଆମକୁ ରାଜ୍ୟ ଦବାକୁ କିଏ ? ତୁମକୁ ମାରି ଆମେମାନେ ରାଜ୍ୟ କାଢ଼ିନେବୁ । ଆସ, ଯୁଦ୍ଧ କରିବା ।"

ଏପରି କଟୁକଥା ଦୁର୍ଯୋଧନ ଜୀବନରେ କେବେ ଶୁଣି ନାହାଂନ୍ତି । ସେ ତତ୍‌କ୍ଷଣାତ୍ ପାଣିରୁ ବାହାରି କହିଲେ, "ମୋର ବର୍ମ ନାହିଁ, ଅସ୍ତ୍ର ନାହିଁ, ରଥ ନାହିଁ, ତୁମର ସବୁ ଅଛି । ତୁଂମେମାନେ ସମସ୍ତେ ଘେରି ମତେ ମାଇଲେ ମୁଁ କିପରି ଯୁଦ୍ଧକରିବି ? ଜଣ ଜଣ ହୋଇ ଆସ, ଦେଖାଯିବ ।"

ଯୁଧିଷ୍ଠିର କହିଲେ, "ତୁମର ଯେପରି ଇଚ୍ଛା, ଅସ୍ତ୍ରଶସ୍ତ୍ର ବାଛି ନିଅ । ବର୍ମ ପିଂଧ, ବାଳ ବାଂଧ, ଆଉ ଯାହା ଇଚ୍ଛା କର । ଆମ ପାଂଚ ଭାଇଂକ ଭିତରୁ ଯାହାସଂଗେ ଇଚ୍ଛା ଯୁଦ୍ଧକର । ସେହି ଜଣକୁ ପରାସ୍ତ କରି ପାରିଲେ, ସମସ୍ତ ରାଜ୍ୟ ତୁମର ହେବ ।"

ସେଠାରୁ ଦୁର୍ଯୋଧନ ବର୍ମ ପିଂଧି, ପାଗ ବାଂଧି, ହାତରେ ଗଦା ଧରି, ଛିଡ଼ା ହୋଇ କହିଲେ, "ତୁମ ପାଂଚ ଭାଇଂକ ଭିତରୁ ଯାହାର ଇଚ୍ଛା ଆସ, ମୋ ସଂଗେ ଗଦାଯୁଦ୍ଧ କର । ନ୍ୟାୟରେ ଗଦାଯୁଦ୍ଧ କରି ମତେ କେହି ପାରିବ ନାହିଁ—ସତ କି ମିଛ ଦେଖ ।"

———

## ଗଦାଯୁଦ୍ଧ—ଦୁର୍ଯୋଧନର ଉରୁଭଂଗ

ଯୁଧିଷ୍ଠିର ଭାଇଂକ ଭିତରୁ ଯାହାକୁ ଇଚ୍ଛା ତାକୁ ଦୁର୍ଯୋଧନ ସଂଗେ ଗଦାଯୁଦ୍ଧ କରିବା ପାଇଁ ପଠାଇବାର ଦେଖି, କୃଷ୍ଣ ବିରକ୍ତ ହେଲେ । କେବଳ ଭୀମ ଛଡ଼ା ଆଉ କେହି ସେ ଯୁଦ୍ଧକୁ ଦୁର୍ଯୋଧନ ସଂଗେ ସମାନ ନୁହଂନ୍ତି । ପୁଣି ଭୀମର ବଳ ବେଶି ହେଲେ ବି, ଦୁର୍ଯୋଧନର ଶିକ୍ଷା ବେଶି । ଏ ସବୁ କଥା କୃଷ୍ଣ କହନ୍ତୁ ଭୀମ ଗଦା ହାତରେ ଧରି, ଡେଇଁପଡ଼ି, ଦୁର୍ଯୋଧନକୁ କହିଲେ—"ଆରେ ନରାଧମ, କୁଳାଂଗାର ! ସମସ୍ତେ ମଲେଣି; ଏକା ତୁହି ବାକି ଅଛୁ । ଆଜି ଏହି ଗଦାରେ ସବୁ ଋଣ ଶୁଝି ଦେବି ।

ଦୁର୍ଯୋଧନ କହିଲେ—"ମୋ ଆଗେ ସେ ବଡ଼ପଣିଆ କର ନା । ନ୍ୟାୟରେ ଗଦାଯୁଦ୍ଧ କରି ଇଂଦ୍ର ବି ମୋତେ ପାରିବେ ନାହିଁ । ଆ, ଦେଖିବି; ତୋର କେତେ ପାଠ ?"

ଆଗେ ବୀରମାନେ ଯୁଦ୍ଧ ପୂର୍ବରୁ ଏହିପରି ଗାଳି ଦିଆଦେଇ ହୋଇ, ରାଗ ବଢ଼ାଇ ପରେ ଯୁଦ୍ଧ କରୁଥିଲେ । ଭୀମ ଦୁର୍ଯୋଧନ ଦୁହେଁ ଏହିପରି ଗାଳି ଦିଆଦେଇ ହେଉଚଂନ୍ତି, ଏତିକବେଳେ ତୀର୍ଥ ଭ୍ରମଣ ( ତୀର୍ଥ ବୁଲିବା ) ସାରି ବଳରାମ ଆସି ସେଠାରେ ପହଂଚିଲେ । ବଳରାମଂକଠାରୁ ଦୁହେଁ ଗଦାଯୁଦ୍ଧ ଶିଖିଥିଲେ । ତାଂକୁ ଦେଖି ଦୁହିଂକର ଭାରି ହରଷ ବଢ଼ିଗଲା ।

କୁରୁକ୍ଷେତ୍ର ପବିତ୍ର ସ୍ଥାନ । ସେଠାରେ ମଲେ ସ୍ୱର୍ଗ ମିଳିବ । ସେଥିପାଇଁ ବଳରାମ କୁରୁକ୍ଷେତ୍ରକୁ ଯାଇ ଯୁଦ୍ଧ କରିବାପାଇଁ କହିଲେ । ସମସ୍ତେ ତହୁଁ କୁରୁକ୍ଷେତ୍ରକୁ ଆସି ଯୁଦ୍ଧ ପାଇଁ ଗୋଟିଏ ସ୍ଥାନ ବାଛି ନେଲେ ।

ତା ପରେ ଦୁହେଁ ଗଦା ଧରି, ମତ୍ତହସ୍ତୀ ପରି ଯୁଦ୍ଧ ଆରଂଭ କଲେ । ଆଗେ ଗାଳି, ପରେ ଘୋର ପିଟାପିଟି ଯୁଦ୍ଧ ଲାଗିଗଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇ, ଏ ଯୁଦ୍ଧ ଦେଖିଲେ । ଗଦାରେ ଗଦା ବାଜି କମାରଶାଳ ଲୁହାରୁ ନିଆଁ ବାହାରି ବଂଶହୋଇ ପଡ଼ିଲା ପରି ଦେଖା ଯାଉଥାଏ ।

ମଂଡଳ, ଗତ, ପ୍ରତ୍ୟାଗତ, ଅସ୍ତ୍ର, ଯଂତ୍ର, ପରିମୋକ୍ଷ, ପ୍ରହାର, ବଂଚନ, ପରିଧାବଣ, ଅଭିଦ୍ରାବଣ, ଆକ୍ଷେପ, ବିଗ୍ରହ, ପରାବର୍ତ୍ତନ, ସଂବର୍ତ୍ତନ, ଅବପ୍ଳୁତ, ଉପପ୍ଳୁତ,

ଉପନ୍ୟସ୍ତ, ଅପନ୍ୟସ୍ତ ପ୍ରଭୃତି ସେବକାଳ ଗଦା ଯୁଦ୍ଧବିଦ୍ୟାର ଅଶେଷ ପ୍ରକାର କୌଶଳ ଦେଖାଇ, ଦୁହେଁ ଯୁଦ୍ଧ କଲେ । ଏସବୁ କୌଶଳରେ ଦୁର୍ଯୋଧନର ଅଧିକ କ୍ଷମତା ଦେଖାଗଲା । ଭୀମ ଛାତିରେ ଏକ ଗଦାବାଡ଼ି ବାଜିଲା । ଭୀମର ହାତ କେତେକ କ୍ଷଣ ଚଳିଲା ନାଇ । ପୁଣି ଭୀମ ଗଦାବାଡ଼ିରେ ଦୁର୍ଯୋଧନଙ୍କୁ ଆକ୍ରମଣ କଲେ । ଦୁର୍ଯୋଧନ ଉଠି ଭୀମଙ୍କ ମୁଣ୍ଡରେ ପୁଣି ଗଦା ମାରିବାରୁ, ଭୀମଙ୍କ ମୁଣ୍ଡରୁ ଝର୍ ଝର୍ ରକ୍ତ ବହିଲା । ଭୀମ ତା' ମାନିଲେ ନାଇ । ପୁଣି ଦୁହେଁ ଦୁହିଁଙ୍କ ଏପରି ଗଦାବାଡ଼ି ମାରୁଥାଆନ୍ତି ଯେ, ଦୁହେଁ ବୁଲି ବୁଲି ପଡ଼ିଗଲା ପରି ହୋଇଯାଆନ୍ତି । ଏକ ଗଦାବାଡ଼ିରେ ଭୀମର କବଚ ଛିଡ଼ିଗଲା । ଭୀମ କ୍ରମେ ଅସ୍ଥିର ଓ ଅଣାୟତ୍ତ ହୋଇଯିବାର ମଧ୍ୟ ଜଣା ପଡ଼ିଲା ।

କୃଷ୍ଣ ଏବେ ଭଲ କରି ବୁଝିଲେ, ନ୍ୟାୟଯୁଦ୍ଧରେ ଦୁର୍ଯୋଧନଙ୍କୁ ପାରିବା ସମ୍ଭବ ନୁହେଁ । ତହୁଁ କୃଷ୍ଣଙ୍କ ଇସାରା ଘେନି, ଅର୍ଜୁନ ଭୁଜ କରି ନିଜ ବାମ ଉରୁ ( ଜଙ୍ଘ ) ରେ ହାତ ମାରିଦେଲେ । ଭୀମ ବୁଝିଲେ, ଦୁର୍ଯୋଧନଙ୍କର ଉରୁ ଭାଙ୍ଗିବାକୁ ହେବ । ଗଦାଯୁଦ୍ଧର ନିୟମରେ ନାଭିତଳକୁ ମାରିବାକୁ ମନା ଅଛି । କିନ୍ତୁ ଭୀମ ଦୁର୍ଯୋଧନଙ୍କ ଉରୁ ଭାଙ୍ଗିବେ ବୋଲି ପୂର୍ବରୁ ପ୍ରତିଜ୍ଞା କରିଥିଲେ । ଯୁଦ୍ଧ ନିୟମରେ ଅନ୍ୟାୟ ହେଲେ ମଧ୍ୟ, ଏବେ ସେ ପ୍ରତିଜ୍ଞା ରକ୍ଷିବାକୁ ଠିକ୍ କଲେ ।

ଯୁଦ୍ଧ ଚାଲିଲା । ଦୁହେଁ କ୍ଲାନ୍ତ ଓ ଆହତ ହୋଇ ଯିବାରୁ ଟିକିଏ ଦମ୍ଭ ନେଲେ । ପୁଣି ଯୁଦ୍ଧ ଲାଗିଲା । ଭୀମ ଜାଣିଶୁଣି ମାରିବା ପାଇଁ ଦୁର୍ଯୋଧନଙ୍କୁ ଟିକିଏ ସୁବିଧା ଦେଲେ । ଦୁର୍ଯୋଧନ ଆକ୍ରମଣ କଲା ବେଳକୁ ଖୁବ୍ ଜୋରରେ ପିଟି ଦେଲେ । କିନ୍ତୁ ଦୁର୍ଯୋଧନ ଡେଇଁପଡ଼ି ଖସିଗଲେ । ତାପରେ ଭୀମକୁ ଏକ ନିର୍ଘାତ ପାହାର । ଭୀମ ଏଥର ଖୁବ୍ ସମ୍ଭାଳି ଗଲେ । ଭୀମକୁ ଏପରି ସମ୍ଭାଳି ଶାନ୍ତ ହେବାର ଦେଖି, ଦୁର୍ଯୋଧନ ଭାବିଲେ—ଭୀମ ଆଉ ଗୋଟାଏ କିଛି ଫନ୍ଦି କରୁଛି; ସେଥିପାଇଁ ସେଠାରୁ ଚାଲିଗଲେ । ଦୁହେଁ ପୁଣି ଟିକିଏ ଦମ୍ଭ ନେଲେ । ତା'ପରେ ଭୀମ ଉଠି, ବିଜୁଳି ପରି ଦୁର୍ଯୋଧନ ଆଡ଼କୁ ଗଦାଧରି ଦଉଡ଼ିଲେ । ଦୁର୍ଯୋଧନ ହଠାତ୍ ଶୂନ୍ୟକୁ ଡେଇଁପଡ଼ି ଖସିଗଲା ବେଳକୁ ଭୀମ ଏକ ନିର୍ଘାତ ବାଡ଼ିରେ ତା'ର ଦୁଇଜଙ୍ଘ ଭାଙ୍ଗିଦେଲେ ।

ଦୁର୍ଯୋଧନ ଏବେ ଦୁମ୍‌କିନା ମାଟି ଉପରେ ପଡ଼ିଗଲେ । ପଡ଼ିଲା ମାତ୍ରେ ଭୀମ ଦଉଡ଼ି ଯାଇ, ତା' ମୁଣ୍ଡରେ ଗୋଇଠା ଉପରେ ଗୋଇଠା ମାରି କହିଲେ, "ରେ ଦୁରାତ୍ମା, ସଭା ଭିତରେ 'ଗୋରୁ', 'ଗୋରୁ' ବୋଲି ଥଟ୍ଟା କରିଥିଲୁ । ଦ୍ରୌପଦୀଙ୍କ ଅପମାନ କରୁଥିଲୁ । ତା'ର ଏଇ ସଜା ।"

ଯୁଧିଷ୍ଠିର ଏହା ଦେଖି, ଭାରି ଦୁଃଖିତ ହୋଇ, ଭୀମଙ୍କୁ କହିଲେ, "ଭୀମ, ସଦୁପାୟରେ ହେଉ, ଅସଦୁପାୟରେ ହେଉ, ନିୟମରେ ହେଉ, ବେନିୟମରେ ହେଉ, ତୁମ ପ୍ରତିଜ୍ଞା ତୁମେ ରଖିଛ । ଏବେ ଏ କ'ଣ ? ତା ମୁଣ୍ଡରେ ଗୋଇଠା ମାରି, ଆଉ ନିଜର ପାପ କାହିଁକି ବଢ଼ାଉଛ ? ଏହାର ଅବସ୍ଥା ଦେଖିଲେ, ଦୁଃଖ ହୁଏ; ପୁଣି ଏ ଆମର ଭାଇ । ଧାର୍ମିକ ତୁମେ, ଏପରି ଗୋଇଠା ମାରୁଛ କାହିଁକି ?"

ତା ଉତ୍ତାରୁ ସେ ଦୁର୍ଯୋଧନଙ୍କୁ କହିଲେ, "ଭାଇ, ତୁମେ ଦୁଃଖ କରନାଇ । ତୁମରି ଦୋଷରେ ତ ଯୁଦ୍ଧ ହେଲା । ଏବେ କିନ୍ତୁ ତୁମେ ସ୍ୱର୍ଗକୁ ଯିବ । ଆମେମାନେ ବନ୍ଧୁ ବାନ୍ଧବ ହରାଇ, ବହୁକାଳ ଦାରୁଣ ଦୁଃଖ ଶୋକ ଭୋଗ କରିବୁଁ ।" ଏହା କହୁ କହୁ ଯୁଧିଷ୍ଠିର କାନ୍ଦି ପକାଇଲେ ।

ଭୀମ ଯେ ଅନ୍ୟାୟରେ ମାଇଲେ, ଏହା ଉପସ୍ଥିତ ଯୋଦ୍ଧାମାନଙ୍କୁ ସୁଖ ଲାଗି ନ ଥିଲା । ବିଶେଷରେ

ବଳରାମ ଏ କଥାରେ ଭାରି ରାଗିଯାଇ ନିଜର ଶସ୍ତ୍ର ଲଂଗଳ ଧରି, ଭୀମଂକୁ ମାରିବାକୁ ବାହାରିଲେ । କୃଷ୍ଣ ଏହା ଦେଖି, ବଳରାମଂକୁ ଧରି ବୁଝାଇଲେ, "ଭୀମ ଦୁର୍ଯୋଧନର ଉରୁ ଭାଂଗିବ ବୋଲି ପ୍ରତିଜ୍ଞା କରିଥିଲା । ମହର୍ଷି ମୈତ୍ରେୟ ମଧ୍ୟ ଦୁର୍ଯୋଧନକୁ ଏପରି ଶାପ ଦେଇଥିଲେ । ଅତଏବ ଏ ଅନ୍ୟାୟ ଯୁଦ୍ଧରେ ଭୀମର ଆଉ ଦୋଷ ନାଇ । ଆପଣ ଏପରି ଧୀର ଶାଂତ ଲୋକ ହୋଇ, ନ ବୁଝି ନ କରି, ଏପରି ରାଗିଯିବା ଠିକ୍ ହେଉନାଇ ।"

ବଳରାମ ଏହା ଶୁଣି ଟିକିଏ ଥଂଡା ହେଲେ ସତ; ତାଂକ ମନ ମାନିଲା ନାଇ । ଦୁର୍ଯୋଧନ ଧର୍ମ ଯୁଦ୍ଧରେ ମରିଛଂତି, ସେ ପୃଥିବୀରେ ପ୍ରଶଂସା ପାଇବେ ଓ ସ୍ୱର୍ଗରେ ସୁଖ ପାଇବେ, ଏହା କହି ଆଶୀର୍ବାଦ କରି, ବଳରାମ ରଥରେ ବସି ଦ୍ୱାରକା ଆଡ଼କୁ ବାହାରି ଗଲେ ।

ଦୁର୍ଯୋଧନ ପଡ଼ିଯିବାରୁ, ପାଂଡବ, ପାଂଚାଳ, ଯାଦବମାନେ ଭାରି ଖୁସି ହୋଇ, ଭୀମଂକୁ ଭାରି ପ୍ରଶଂସା କଲେ । ପଛ କଥା କହି କହି ମଧ୍ୟ ଦୁର୍ଯୋଧନଂକୁ କେତେ ଗାଳି ଦେଲେ ।

କୃଷ୍ଣ ସେମାନଂକୁ କହିଲେ, "ଯେଉଁ ଶତ୍ରୁ ମରିବାକୁ ବସିଲାଣି, ତାକୁ ଗାଳି ଦେଇ ଲାଭ କ'ଣ ? ଏ ଦୁଷ୍ଟ ଏବେ କାହାରି ବଂଧୁ କି ଶତ୍ରୁ ନୁହେ । ଏ ତ ଏବେ ଗୋଟିଏ କାଠଗଡ଼ ପରି ପଡ଼ିଛି । ଆମମାନଂକର ଭାଗ୍ୟ ଯେ, ପାପୀ ଏତେ କାଳକେ ମଲା । ଚାଲ, ଏଠାରୁ ଏବେ ଯିବା ।"

ଦୁର୍ଯୋଧନ ଏହା ଶୁଣି ଦୁଇ ହାତରେ ଭରାଦେଇ, ମୁଂଡ ଟେକି କୃଷ୍ଣଂକୁ କହିଲେ, "ହେ କଂସର ଦାସର ପୁଅ, ତୁମରି ଦୁଷ୍ଟବୁଦ୍ଧିରେ ଆମ ବୀରମାନେ ମଲେ । ତୁମପରି ପାପୀ, ନିର୍ଲଜ, ନିର୍ଦ୍ଦୟ ଆଉ କିଏ ଅଛି ?"

କୃଷ୍ଣ ଶୁଣି କହିଲେ, "ଅନେକ ପାପ କରିଛ, ଏବେ ଫଳ ଭୋଗ ।" ତା ଶୁଣି ଦୁର୍ଯୋଧନ କହିଲେ, "ରାଜାର ଯେ ଭୋଗ ତା' ମୁଁ ଖୁବ୍ ଭଲକରି କରିଛି । ଏବେ ମୁଁ ମୋ ବଂଧୁବାଂଧବ ଘେନି ସ୍ୱର୍ଗକୁ ଗଲି । ତୁମେମାନେ ଶୋକ ଦୁଃଖରେ ଦରମଲା ହୋଇ, ଏ ପୃଥିବୀରେ ପଡ଼ିଥାଅ ।"

ଏ କଥା କହିଲାବେଳେ ସ୍ୱର୍ଗରୁ ଦୁର୍ଯୋଧନଂକର ମୁଂଡରେ ପୁଷ୍ପ ବୃଷ୍ଟି ହେଲା । ପାଂଡବମାନେ ଲଜ୍ଜିତ ହୋଇ ଶିବିର ଆଡ଼କୁ ଚାଲି ଆସିଲେ । ଶିବିରରେ ପହଂଚିଲାକ୍ଷଣି, କୃଷ୍ଣ କହିବାରୁ, ଅର୍ଜୁନ ଗାଂଡୀବ ଓ ତୂଣ ଧରି, ନିଜ କପିଧ୍ୱଜ ରଥରୁ ଓହ୍ଲାଇ ଆସିଲେ । ଚହୁଁ ଚହୁଁ ରଥରୁ ନିଆଁ ବାହାରି, ତା ହୁରୁ ହୁରୁ ହୋଇ ଜଳି ପାଉଁଶ ହୋଇଗଲା । ପଚାରିବାରୁ କୃଷ୍ଣ ବୁଝାଇ ଦେଲେ ଯେ, ଅନେକ ବ୍ରହ୍ମାସ୍ତ୍ର ଲାଗି, ରଥକୁ ତତାଇ କରି ରଖିଥିଲା; କେବଳ କୃଷ୍ଣ ନିଜେ ବସିଥିବାରୁ ତାହା ଏତେ ବେଳଯାଏ ଜଳିଯାଇ ନ ଥିଲା ।

କୃଷ୍ଣ କହିବାରୁ, ପାଂଡବମାନେ, ସାତ୍ୟକି ଓ କୃଷ୍ଣ ସମସ୍ତେ ଶିବିର ଛାଡ଼ି ଆସି, ନଦୀକୂଳେ ସେ ରାତିରେ ନିଶ୍ଚିଂତ ହୋଇ ଆରାମରେ ଶୋଇଲେ ।

ଦୁର୍ଯୋଧନ ଯୁଦ୍ଧଭୂମିରେ ପଡ଼ିଥାଂତି । ଉରୁ-ଭଂଗର ସଂବାଦ ପାଇ, କୃପ, ଅଶ୍ୱତ୍ଥାମା, କୃତବର୍ମା ସେଠାରେ ପହଂଚିଲେ । ଦୁର୍ଯୋଧନକୁ ଦେଖି ଶୋକରେ ତାଂକ ଛାତି ଫାଟିଗଲା । ସେମାନେ ବହୁତ କାଂଦିଲେ । ଦୁର୍ଯୋଧନ କହିଲେ, "ଆପଣ-ମାନେ ମୋ ପାଇଁ ଆଉ ଦୁଃଖ କରଂତୁ ନାଇ । ମୁଁ ନିଶ୍ଚେ ସ୍ୱର୍ଗ ଲାଭ କରିବି । ଆପଣମାନେ ପ୍ରାଣପଣେ ଯୁଦ୍ଧ କରିଛଂତି; କିଂତୁ ଆମ ଭାଗ୍ୟରେ ଜୟଲାଭ ନ ଥିଲା ।"

ଦୁର୍ଯ୍ୟୋଧନ ଏହା କହିସାରି, ଚୁପ ହେବାରୁ, ଅଶ୍ୱତ୍ଥାମା ଦୁଃଖ ଆଉ ରାଗରେ ଅସ୍ଥିର ହୋଇ କହିଲେ, "ମୋତେ ଅନୁମତି ଦିଅଂତୁ, ମୁଁ ପ୍ରତିଜ୍ଞା କରୁଛି, ଯେପରି ହେଉ, ଆଜି ଶତ୍ରୁମାନଂକୁ ମାରି ଶେଷ କରିବି।"

ଦୁର୍ଯ୍ୟୋଧନ ଏହା ଶୁଣି ସେହିକ୍ଷଣି ଅଶ୍ୱତ୍ଥାମାଂକୁ ସେନାପତି କଲେ। ତହୁଁ ଅଶ୍ୱତ୍ଥାମା ଦୁର୍ଯ୍ୟୋଧନଂକୁ ଆଲିଂଗନ କରି, ସିଂହନାଦରେ ଦଶଦିଗ କଂପାଇ, କୃପ ଓ କୃତବର୍ମାଂକୁ ନେଇ ସେଠାରୁ ଶିବିର ଆଡ଼କୁ ଆସିଲେ।

---

# ସୌପ୍ତିକ ପର୍ବ

## ଅଷ୍ଟାଦଶ ଦିନର ରାତ୍ର

## ଅଶ୍ୱତ୍ଥାମାର ନରହତ୍ୟା

ଅଶ୍ୱତ୍ଥାମା, କୃପ, କୃତବର୍ମା ଦୁର୍ଯ୍ୟୋଧନଂକ ପାଖରୁ ବିଦାୟ ନେଇ, ରଥରେ ବସି ପାଂଡବଂକ ଶିବିର ପାଖକୁ ଆସିଲେ। ସେଠାରେ ଚୁପ ହୋଇ ଆସି, ପାଂଡବମାନଂକ କୋଳାହଳ ଶୁଣିଲେ। ମନେ ମନେ ଖୁବ ଭୟ ହେଲା। ପୁଣି ତିନିହେଁ ବଣ ଭିତରକୁ ପଳାଇଲେ।

ସେମାନେ ବଡ଼ କ୍ଳାଂତ ହୋଇଥିଲେ ! ବହୁତ ବୁଲି ବୁଲି ଗୋଟିଏ ବରଗଛ ତଳେ ସମସ୍ତେ ଯାଇ ଶୋଇ ପଡ଼ିଲେ। କୃପ ଓ କୃତବର୍ମାଂକୁ ନିଦ ଲାଗିଗଲା, କିଂତୁ ଅଶ୍ୱତ୍ଥାମା 'କଣ କରିବେ' 'କଣ କରିବେ' ବୋଲି ଛଟପଟ ହେଉଥାଂତି।

ସେହି ବରଗଛରେ କେତେଗୁଡ଼ିଏ କୁଆ ବସା କରିଥିଲେ। ସେମାନେ ରାତିରେ ସମସ୍ତେ ଶୋଇଥାଂତି, ହଠାତ୍ ଗୋଟିଏ ପେଚା କାହୁଁ ଆସି, କୁଆଗୁଡ଼ିକ ଗୋଟି ଗୋଟି କରି ମାରି ଦେଲା। ଅଶ୍ୱତ୍ଥାମା ଏହା ଦେଖିଲେ ଏବଂ ଭାବିଲେ, "ଏହିପରି ଶୋଇଥିବାବେଳେ ଶତ୍ରୁଂକୁ ମାରି ପାରିଲେ ମଂଦ ହେବ ନାଇ।"

କୃପ ଓ କୃତବର୍ମାଂକୁ ଉଠାଇ, ସବୁ କଥା କହିଲେ। କୃପାଚାର୍ଯ୍ୟ ଏପରି ନୀଚ ଓ ପାପକାର୍ଯ୍ୟ କରିବା ପାଇଁ ଆଗ ରାଜି ହେଲେ ନାଇ। ଶେଷକୁ ଭଣଜା କଥା ଲଂଘି ନ ପାରି ହଁ କଲେ। ତିନିହେଁଯାକ ଚୁପି ଚୁପି ହୋଇ ପାଂଡବ ଶିବିର ପାଖକୁ ଆସିଲେ।

ଶିବିର ଦୁଆରେ ଆସି ଦେଖିଲେ, ଜଣେ ଉଜ୍ଜ୍ୱଳ, ଦୀର୍ଘ, ବିଶାଳ ପୁରୁଷ ଦୁଆର ଜଗି ଠିଆ ହୋଇଛଂତି। ସେହି ପୁରୁଷ ନିଜେ ମହାଦେବ। ଅଶ୍ୱତ୍ଥାମା ତାଂକୁ ଚିହ୍ନି ନ ପାରି ବାଣ ମାଇଲେ। ମହାଦେବ ଆଁ କରି ସବୁ ବାଣ ଗିଳି ଦେଉଥାଂତି। ଅଶ୍ୱତ୍ଥାମା ବାଣ, ଶକ୍ତି, ଖଂଡା, ଗଦା, ଯାହା କିଛି ମାଇଲେ, ମହାଦେବ ସବୁ ଗିଳିଦେଲେ। ଅଶ୍ୱତ୍ଥାମା କିଛି ବୁଝି ପାରିଲେ ନାଇ। ତାପରେ ନିଜର ଇଷ୍ଟଦେବ ମହାଦେବଂକୁ ପୂଜା କରି ବସିଲେ। ଶେଷରେ ମହାଦେବଂକୁ ସଂତୁଷ୍ଟ କରିବାପାଇଁ ନିଜେ ନିଆଁ ଜାଳି, ସେଥିରେ ପଶିଗଲା ବେଳକୁ ମହାଦେବ ସଂତୁଷ୍ଟ ହୋଇ ଆସି ତାଂକୁ ଧରି ପକାଇଲେ ଏବଂ ବର ଦେଲେ।

ସେହି ବରରେ ମହାଦେବ ଅଶ୍ୱତ୍ଥାମାକୁ ଦୁଆର ଛାଡ଼ିଦେଲେ; ଶତ୍ରୁଂକୁ ହାଣିବା ପାଇଁ ଗୋଟିଏ ଖଂଡା ଦେଲେ ଏବଂ ନିଜେ ଅଶ୍ୱତ୍ଥାମାଂକ ଦେହରେ ପଶି, ତାଂକ ବଳ ବଢ଼ାଇଦେଲେ।

ତା ଉତ୍ତାରୁ ଯାହା ହେଲା, ଭାବିଲେ କଷ୍ଟ ହୁଏ ! କୃପ, କୃତବର୍ମାଂକୁ ଦୁଆରେ ରଖି, ସେହି ଖଂଡା ଧରି ଅଶ୍ୱତ୍ଥାମା ଭିତରେ ପଶିଲେ। ପ୍ରଥମରୁ ଯାଇ ଧୃଷ୍ଟଦ୍ୟୁମ୍ନଂକ ଶେଯପାଖେ ପହଂଚିଲେ। ଧୃଷ୍ଟଦ୍ୟୁମ୍ନ

ଦ୍ରୋଣଂକୁ ମାରିଥିଲେ । ସେ କଥା ମନେ ପଡ଼ିବାରୁ ଅଶ୍ୱତ୍ଥାମାଂକ ରାଗ ବଢ଼ିଗଲା । ଧୃଷ୍ଟଦ୍ୟୁମ୍ନଂକ ଛାତିକି ସେ ଏକ ଗୋଇଠା ମାରିଲେ । ଧୃଷ୍ଟଦ୍ୟୁମ୍ନଂକ ନିଦ ଭାଙ୍ଗିଗଲା । ଧୃଷ୍ଟଦ୍ୟୁମ୍ନ ଉଠୁ ଉଠୁ ଗୋଇଠା ପରେ ଗୋଇଠା । ସେ ବହୁକଷ୍ଟରେ କହିଲେ, "ମୋତେ ଅସ୍ତ୍ର ଦେଇ ତା' ପରେ ମାର ।' କିଂତୁ ସେ କଥା କିଏ ଶୁଣୁଛି ? ଅଶ୍ୱତ୍ଥାମା ସଂଗେ ସଂଗେ ଧୃଷ୍ଟଦ୍ୟୁମ୍ନଂକୁ ହାଣି ଦ୍ୱିଖଂଡ କଲେ ।

ଧୃଷ୍ଟଦ୍ୟୁମ୍ନଂକ ପାଟି ଶୁଣି, ସମସ୍ତେ ଉଠି କୋଳାହଳ କଲେ । ସ୍ତ୍ରୀମାନେ କାଂନ୍ଦି ଉଠିଲେ । କେହି କିଛି ବୁଝି ପାରିଲେ ନାହିଁ ।

ଏଣେ ଅଶ୍ୱତ୍ଥାମା ଯାହାକୁ ପାଇଲେ, ତାକୁ ହାଣି ଦେଇଗଲେ । ସମସ୍ତେ ନିଦ ମଳମଳ ହୋଇ ଉଠୁଚଂନ୍ତି । କେହି ଯୁଦ୍ଧପାଇଁ ପ୍ରସ୍ତୁତ ହୋଇ ପାରିଲେ ନାହିଁ । ସ୍ୱହୁଁ ସ୍ୱହୁଁ ଅଶ୍ୱତ୍ଥାମାର ଖଂଡା ଯାଇ, ତାଂକ ବେକରେ ବସିଯାଉଥାଏ ।

ଏ ନିଷ୍ଠୁର ନରହତ୍ୟା ବହୁତ ଲେଖି ଲାଭ ନାହିଁ । ସ୍ତ୍ରୀଂକ ଛଡ଼ା ଶିବିରରେ ଯେତେ ଲୋକ ଥିଲେ, କେହି ଅଶ୍ୱତ୍ଥାମା ହାତରୁ ରକ୍ଷା ପାଇଲେନାହିଁ । ଦ୍ରୌପଦୀଂକ ପୁଅ ପାଂଚଟିଂକ ମଧ୍ୟ ଅଶ୍ୱତ୍ଥାମା ଛାଡ଼ିଲେ ନାହିଁ—ବିଚାରାମାନେ ଶୋଇଥିଲେ, କିଛି ଜାଣିଲେ ନାହିଁ ।

ସ୍ୱହୁଁ ସ୍ୱହୁଁ ସବୁ ଶେଷ—ତୁନ୍ ତାନ୍ । ବାହାରକୁ ଆସି ଅଶ୍ୱତ୍ଥାମା ବୁଝିଲେ, କୃତବର୍ମା ଓ କୃପାଚାର୍ଯ୍ୟ ଜଣେ ହେଲେ କାହାକୁ ବାହାରକୁ ଛାଡ଼ି ଦେଇ ନାହାଂନ୍ତି । ତିନି ଜଂଣଙ୍କର ଏବେ ଭାରି ଆନଂଦ । ଏ ଖବର ଦୁର୍ଯୋଧନଂକୁ ଦେବା ପାଇଁ ତିନିହେଁ ବେଗିରେ ଦଉଡ଼ିଲେ ।

ଆହାରେ ମହାରାଜ ଦୁର୍ଯୋଧନ ! ତାଂକର ଏଣେ ଅସ୍ତି ମରିବା ସମୟ ହେଲାଣି । ଜ୍ଞାନ ଆସି ଲୋପ ପାଇବାକୁ ବସିଲାଣି । ବେଳେ ବେଳେ ପାଟି ବାଟେ ଝଲକେ ଝଲକେ ରକ୍ତ ବାହାରୁଛି । ବିଲୁଆମାନେ ଆସି ବେଳେବେଳେ ଧରି ପକାଉଚଂନ୍ତି । ବଡ଼ କଷ୍ଟରେ ଦୁର୍ଯୋଧନ ତାଂକୁ ଘଉଡ଼ାଉଚଂନ୍ତି । ମରଣ ଯଂତ୍ରଣାରେ ସେ ଛଟପଟ ହଉଚଂନ୍ତି ।

ଏଗାର ଅକ୍ଷୌହିଣୀ ସେନାର ଅଧିପତି ଦୁର୍ଯୋଧନଂକର ଏ ଦୁର୍ଦଶା ଦେଖି, ଅଶ୍ୱତ୍ଥାମା, କୃପ, କୃତବର୍ମା କାଂନ୍ଦି ପକାଇଲେ । କାଂନ୍ଦି କାଂନ୍ଦି ବଡ଼ କଷ୍ଟରେ ନିଜ ନିଜ ବୀରତ୍ୱର ଖବରଟି ଶୁଣାଇବାକୁ ବସିଲେ । ଅଶ୍ୱତ୍ଥାମା କହିଲେ, "କୁରୁରାଜ, ଯେବେ ବଂଚିଚଂନ୍ତି, ତେବେ ଏଇ ଆନଂଦର ଖବର ଶୁଣଂନ୍ତୁ । ଏବେ ପାଂଡବ ପାଂଚଭାଇ' କୃଷ୍ଣ ସାତ୍ୟକି ଛଡ଼ା କେହି ନାହିଁ । ଆଜି ରାତିରେ ମୁଁ ଶିବିରରେ ପଶି ସମସ୍ତଂକୁ ମାରି ଦେଇଛି ।"

ଦୁର୍ଯୋଧନ ଏହା ଶୁଣି, ଆଖି ମିଟାଇ ଚାହିଁଲେ; କହିଲେ, "ହେ ବୀର ! ଦ୍ରୋଣ, କର୍ଣ୍ଣ ଯାହା କରି ପାରି ନ ଥିଲେ, ଆଜି ତୁମେ ତାହା କଲ । ତୁମ କଥା ଶୁଣି ମୁଁ ବଡ଼ ଖୁସି ହେଲି । ତୁମମାନଂକର ମଂଗଳ ହେଉ, ପୁଣି ସ୍ୱର୍ଗରେ ଦେଖା ହେବ ।" ଏହା କହି ଦୁର୍ଯୋଧନ ତିନିଜଣଂକୁ ଆଲିଂଗନ କରି ପ୍ରାଣ ଛାଡ଼ିଲେ ।

ସଂଜୟ କାଂନ୍ଦି କାଂନ୍ଦି ଏ ଖବର ନେଇ ହସ୍ତିନାରେ ପହଂଚିଲେ । ସେ ଆଉ ସ୍ଥିର ହୋଇ କଥା କହି ପାରିଲେ ନାହିଁ । ଧୃତରାଷ୍ଟ୍ରଂକ ପାଖେ ପହଂଚି, 'ମହାରାଜ, ମହାରାଜ' ବୋଲି କାଂନ୍ଦି କାଂନ୍ଦି ପଡ଼ିଗଲେ । ଧୃତରାଷ୍ଟ୍ର ଗାଂଧାରୀଂକର ଯେ ଅବସ୍ଥା ହେଲା, ତାହା କହିବାର ପ୍ରୟୋଜନ ନାହିଁ । ସେମାନେ ହତବୁଦ୍ଧି ହୋଇଗଲେ । ସ୍ୱହୁଁ ସ୍ୱହୁଁ ହସ୍ତିନାରେ କାଂନ୍ଦର ଯେ ରୋଳ ଉଠିଲା, ତାହା ଶୁଣିଲେ ପଥର ମଧ୍ୟ ପାଣି ହୋଇଯିବ ।

---

## ଅଶ୍ୱତ୍ଥାମାର ଦଣ୍ଡ

ପାଣ୍ଡବମାନେ ରାତିରେ ଏ ଖବର ଶୁଣି, ଯେପରି ହୋଇଥିବେ ତାହା ବେଶ୍ ବୁଝାଯାଏ । ନକୁଳ ସେହିକ୍ଷଣି ଦ୍ରୌପଦୀଙ୍କୁ ଆଣିବାକୁ ପାଞ୍ଚାଳ ଦେଶକୁ ଚାଲିଗଲେ । ଦ୍ରୌପଦୀ ଆସି ଆଗ କେତେ ବେଳ ଯାଏ କାନ୍ଦି ଭୂମିରେ ଲୋଟି ଅଜ୍ଞାନ ହେଲେ । ଶେଷକୁ ଦୁଃଖରେ ଆଉ ରାଗରେ କହିଲେ, "ଆଜି ଯଦି ପାମର ଅଶ୍ୱତ୍ଥାମାର ମୁଣ୍ଡ କଟା ନ ହୁଏ, ତେବେ ମୁଁ ନ ଖାଇ ମରିବି ।"

ଯୁଧିଷ୍ଠିର ଦ୍ରୌପଦୀଙ୍କୁ ଅନେକ ବୁଝାଇଲେ, କିନ୍ତୁ ଦ୍ରୌପଦୀ ଶାନ୍ତ ନହୋଇ ପୁଣି କହିଲେ, "ଶୁଣିଚି, ଅଶ୍ୱତ୍ଥାମା ମୁଣ୍ଡରେ ଗୋଟିଏ ମଣି ଧରି ଜନ୍ମହୋଇଛି । ସେ ମଣି ତା ମୁଣ୍ଡରେ ଏବେ ଅଛି । ତାକୁ ମାରି ସେ ମଣି ଆଣି ତୁମ ମୁଣ୍ଡରେ ପିନ୍ଧାଇଲେ ମୋ ପ୍ରାଣ ଟିକିଏ ଶାନ୍ତ ହୋଇପାରେ ।" ତାପରେ ସେ ଭୀମଙ୍କୁ କହିଲେ, "ଅଶ୍ୱତ୍ଥାମାକୁ ମାରି ଏ ମଣି ଆଣି ଦେବାକୁ ହେବ ।" ଭୀମଙ୍କର ଏକଥା ଶୁଣି ଆଉ ବିଳମ୍ବ କରିବାକୁ ଡେଳ ନାଇ । ସେ ସାଙ୍ଗେ ସାଙ୍ଗେ ନକୁଳଙ୍କୁ ସାରଥି କରି, ରଥରେ ଚଢ଼ି, ଅଶ୍ୱତ୍ଥାମାର ରଥଚକ ଚିହ୍ନ ଦେଖି ଦେଖି ତାକୁ ଖୋଜିବାକୁ ବାହାରି ପଡ଼ିଲେ ।

କୃଷ୍ଣଙ୍କର ଏବେ ବଡ଼ ଚିନ୍ତା ପଡ଼ିଲା । ସେ ଜାଣନ୍ତି, ଦ୍ରୋଣ ଅଶ୍ୱତ୍ଥାମାଙ୍କୁ ବ୍ରହ୍ମଶିର ବୋଲି ଅସ୍ତ୍ର ଦେଇଛନ୍ତି । ସେ ବଡ଼ ଭୟଙ୍କର ଅସ୍ତ୍ର । ଏପରି କି ତା, ବଦଳରେ ଅଶ୍ୱତ୍ଥାମା ଥରେ କୃଷ୍ଣଙ୍କୁ ଚକ୍ର ମାଗିଥିଲେ । ଅଶ୍ୱତ୍ଥାମା ସେ ଅସ୍ତ୍ର ମାରିଲେ ଆଉ ଭୀମର ରକ୍ଷା ନାଇ । ତହୁଁ ଅର୍ଜୁନ ପ୍ରଭୃତିଙ୍କ ଘେନି, କୃଷ୍ଣ ତାଙ୍କ ପଛେ ପଛେ ଦଉଡ଼ିଲେ । ଭୀମଙ୍କୁ ବାଟରେ ଦେଖି ମନା କଲେ; କିନ୍ତୁ ଭୀମ କି ଶୁଣିବା ଲୋକ ।

ଭୀମ ଯାଇ ଦେଖିଲେ, ଅଶ୍ୱତ୍ଥାମା ଗଙ୍ଗାକୂଳରେ ବ୍ୟାସଦେବଙ୍କ ପାଖେ ବସିଛନ୍ତି । ଗର୍ଜୁଁ ଗର୍ଜୁଁ ଭୀମ ଯାଇ ଅଶ୍ୱତ୍ଥାମାଙ୍କୁ ଆକ୍ରମଣ କଲେ । ଅଶ୍ୱତ୍ଥାମାଙ୍କର ଭାରି ଭୟ ହେଲା । ସେ ଆଉ ଗତି ନଦେଖି, ପାଣ୍ଡବବଂଶ ନଷ୍ଟ ହେଉ ବୋଲି ମନ୍ତ୍ର ବୋଲି ସେହି ବ୍ରହ୍ମଶିର ଅସ୍ତ୍ର ଫିଙ୍ଗିଲେ । ଏବେ ସର୍ବନାଶ ପଡ଼ୁଚି ଜାଣି, କୃଷ୍ଣ ଅର୍ଜୁନଙ୍କୁ କହିଲେ, "ଦ୍ରୋଣ ତୁମକୁ ଯେ ଅସ୍ତ୍ର ଦେଇଥିଲେ, ତାକୁ ବେଗେ ମାର ।" ଅର୍ଜୁନ ତତ୍କ୍ଷଣାତ୍ 'ଏ ଅସ୍ତ୍ରରେ ଅଶ୍ୱତ୍ଥାମାର ଅସ୍ତ୍ର ବାରଣ ହେଉ' ବୋଲି ନିଜର ଅସ୍ତ୍ର ଛାଡ଼ିଲେ । ସେ ଦୁଇ ଅସ୍ତ୍ରର ତେଜରେ ଆକାଶ ଜଳି ଉଜ୍ଜ୍ୱଳ ହୋଇଗଲା, ପୃଥିବୀ କମ୍ପିଗଲା, ବଜ୍ର, ଉଲ୍କା ବୃଷ୍ଟି ଚାରିଆଡ଼େ ମାଡ଼ି ଉଠିଲା ।

ନାରଦ ବ୍ୟାସ ଦୁହେଁ ସୃଷ୍ଟି ରକ୍ଷା କରିବା ପାଇଁ ଦୁଇ ଅସ୍ତ୍ର ମଝିରେ ଠିଆ ହୋଇ କହିଲେ, "ତୁମେମାନେ ନିଜ ନିଜର ଅସ୍ତ୍ର ବନ୍ଦ କର ।" ଅର୍ଜୁନ କହିଲେ, "ମୁଁ ଅସ୍ତ୍ର ବାରଣ କଲେ ଅଶ୍ୱତ୍ଥାମାର ଅସ୍ତ୍ର ଆମକୁ ଭସ୍ମ କରିବ । ଯେପରି ଦୁଇପଟ ରକ୍ଷା ହେବ, ସେପରି ଉପାୟ କରନ୍ତୁ ।"

ଏହା କହି ଅର୍ଜୁନ ନିଜ ଅସ୍ତ୍ର ଫେରାଇଲେ । ଅତି ସତ୍ୟବାଦୀ ଓ ସାଧୁପୁରୁଷ ନହେଲେ, ଏ ଅସ୍ତ୍ର ଫେରାଇ ପାରନ୍ତି ନାଇ । ମନରେ ମନ୍ଦ ଭାବ ରଖି, ଏ ଅସ୍ତ୍ର ଫେରାଇଲେ ତତ୍କ୍ଷଣାତ୍ ନିଜ ମୁଣ୍ଡ କଟେ । ଅର୍ଜୁନ ଅସାଧାରଣ ସାଧୁପୁରୁଷ । ସେ ଇଚ୍ଛା କରିବା ମାତ୍ରେ ଅସ୍ତ୍ରଟି ଫେରାଇଦେଲେ; କିନ୍ତୁ ଅଶ୍ୱତ୍ଥାମା ଅସ୍ତ୍ରଟି ଫେରାଇ ପାରିଲେ ନାଇ । ସେ କହିଲେ, "ଭୀମ ଭୟରେ ଏ ଅସ୍ତ୍ର ଛାଡ଼ି, ମୁଁ ଏବେ ବଡ଼ ଅନ୍ୟାୟ କରିଚି; ଫେରାଇ ପାରୁ ନାଇ, ଏ ଅସ୍ତ୍ର ନିଶ୍ଚୟ ପାଣ୍ଡବମାନଙ୍କୁ ନାଶ କରିବ ।"

କିନ୍ତୁ ମୁନିମାନେ ଏପରି ଅନ୍ୟାୟ କଥାରେ ମତ ଦେଲେ ନାଇ । ଅର୍ଜୁନ ଯେତେବେଳେ ଅସ୍ତ୍ର ଫେରାଇ

ନେଲେ, ସେତେବେଳେ ଅଶ୍ୱତ୍‌ଥାମା ଅସ୍ତ୍ର ଫେରାଇ ନେବା ଉଚିତ ।

କେବଳ ପାଂଡବମାନଂକର କ୍ଷତ ହେବ, ଅଶ୍ୱତ୍ଥାମାର କିଛି ହେବ ନାଇ; ଏ ତ ଠିକ୍ ନୁହେ । ତେବେ ଅଶ୍ୱତ୍‌ଥାମା ତ ଅସ୍ତ୍ର ଫେରାଇ ପାରୁ ନାହାଂତି, ଉପାୟ କ'ଣ ? ଶେଷରେ ସ୍ଥିର ହେଲା, ଅଶ୍ୱତ୍ଥାମାଂକ ଶରରେ ଉତ୍ତରାଂକ ଗର୍ଭରେଥିବା ଅଭିମନ୍ୟୁଂକ ଶିଶୁ ପୁତ୍ରଟି ନଷ୍ଟ ହେବ ଏବଂ ଅଶ୍ୱତ୍ଥାମା ମୁଂଡରୁ ମଣିଟି କାଢ଼ି ପାଂଡବମାନଂକୁ ଦେବେ ।

କୃଷ୍ଣ କହିଲେ, "ହେ ଅଶ୍ୱତ୍ଥାମା, ତୁମର ଦିବ୍ୟ ଅସ୍ତ୍ର କେବେ ବୃଥା ହବ ନାଇ । ସେଥିରେ ଉତ୍ତରାଂକ ଗର୍ଭଶିଶୁପୁତ୍ର ମରିବ; କିଂତୁ ମୁଁ ସେ ଶିଶୁକୁ ପୁଣି ବଂଚାଇବ । କୁରୁବଂଶର ପରିକ୍ଷୀଣ ଅବସ୍ଥାରେ ( ସରି ଆସିଲା ବେଳକୁ ) ଏହି ପୁତ୍ର ଜନ୍ମ ହେବ । ଏଣୁ ଏହାର ନାମ ହେବ ପରୀକ୍ଷିତ୍ । ଏ ପରୀକ୍ଷିତ୍ କ୍ଷତ୍ରିୟ ଧର୍ମରେ ଷାଠିଏ ବର୍ଷ ପୃଥିବୀ ଶାସନ କରିବେ; କିଂତୁ ହେ ଦ୍ରୋଣପୁତ୍ର, ତୁଂଭେ ଶିଶୁଘାତୀ, ଏହି ପାପ ଫଳରେ—ସହାୟହୀନ ଓ ନାନା ବ୍ୟାଧିପୀଡ଼ିତ ହୋଇ, ତୁମେ ତିନ ହଜାର ବର୍ଷ ମୌନଭାବରେ ନିର୍ଜନ ସ୍ଥାନରେ ବୁଲିବ ।"

ପରେ ଉତ୍ତରା ମଲାପିଲା ଜନ୍ମ କଲାବେଳେ ସମସ୍ତେ କାଂଦିଉଠିଲେ । କୃଷ୍ଣ ଯାଇ, ପୁଣି ସେ ପିଲାକୁ ବଂଚାଇଲେ ଏବଂ ଯୁଧିଷ୍ଠିରଂକ ଉତ୍ତାରୁ ସେହି ପିଲା ପରୀକ୍ଷିତ୍ ନାମରେ ରାଜା ହୋଇଥିଲେ ।

ଏଣେ ପାଂଡବମାନେ ଅଶ୍ୱତ୍ଥାମାଂକ ମଣି ନେଇ ଆସି, ଦ୍ରୌପଦୀଂକ ଦେଲେ । ଦ୍ରୌପଦୀ ସବୁକଥା ଶୁଣି ଗୁରୁପୁତ୍ର ଅଶ୍ୱତ୍ଥାମାଂକୁ କ୍ଷମା ଦେଲେ ଏବଂ ସେହି ମଣି ଯୁଧିଷ୍ଠିରଂକ ମୁଂଡରେ ପିଂଧାଇ ଏତେ ଦୁଃଖ ଭିତରେ ଟିକିଏ ଆନଂଦ ପାଇଲେ ଏବଂ ଭୋକଶୋଷ କରି ସୁସ୍ଥ ହେଲେ ।

---

## ସ୍ତ୍ରୀ ପର୍ବ

### ଶୁଦ୍ଧିକ୍ରିୟା

ଅଠର ଦିନ ପରେ କୁରୁକ୍ଷେତ୍ରର ମହାଯୁଦ୍ଧ ସରିଲା । ଅଠର ଅକ୍ଷୌହିଣୀ ଲୋକ ଏଇ ଯୁଦ୍ଧରେ ମରିଚଂତି । ଏବେ ଦେଶସାରା ଘରେ ଘରେ 'ବଣରେ ନିଆଁ ଲାଗିଲା ପରି' ଶୋକ ଜଳି ଉଠିଲା । ଶୋକ କରି ଆଉ କ'ଣ ହେବ ? ମରିବା ଲୋକଂକ ଶୁଦ୍ଧି ଶ୍ରାଦ୍ଧ କରିବା ତ ଦରକାର ।

ଧୃତରାଷ୍ଟ୍ରଂକ ଶୋକର କଥା ଲେଖି ହବନାଇ । ଶହେ ପୁଅ ତାଂକର ମରିଚଂତି । ବ୍ୟାସ, ବିଦୁର ପ୍ରଭୃତି ଅନେକ ବୁଝାଇଲେ ମଧ୍ୟ ସେ ସହଜରେ ଶାଂତ ହେଲେ ନାଇ । ବହୁତ କଷ୍ଟରେ ସେ ଟିକିଏ ସ୍ଥିର ହେଲେ । ପାଂଡବମାନଂକ ଉପରୁ ତାଂକର ରାଗ ଟିକିଏ କମିଲା । ବ୍ୟାସ ତାଂକୁ ବୁଝାଇ କହିଦେଲେ, "ତୁମ ପୁତ୍ରମାନେ ଦୁରାତ୍ମା—ନିଜ ଦୋଷରେ ନଷ୍ଟ ହେଲେ—ପାଂଡବମାନଂକର କିଛି ଦୋଷ ନାଇ ।"

ଶ୍ରାଦ୍ଧ ସମୟ ଦେଖି ସଂଜୟ ଓ ବିଦୁର ଧୃତରାଷ୍ଟ୍ରଂକୁ ବୁଝାଇ ଦେଲେ, "ମହାରାଜ, ଶୋକ କରି ଶ୍ରାଦ୍ଧରେ ହେଳା କରଂତୁ ନାଇ ।"

ତାପରେ ଧୃତରାଷ୍ଟ୍ର ସବୁ ସ୍ତ୍ରୀ ପୁରୁଷମାନଂକୁ ନେଇ ଯୁଦ୍ଧକ୍ଷେତ୍ର ଆଡ଼କୁ ଚାଲିଲେ । ଯୋଦ୍ଧାମାନେ ଯେତେ-ବେଳେ ବିଧବା ହୋଇ ବାଳ ମୁକୁଳା କରି, କାଂଦି କାଂଦି ଦାଂଡେ ଦାଂଡେ ଚାଲିଲେ—ଆହା ! ସେ ଦୃଶ୍ୟ କିଏ ଦେଖିବ ! କିଏ ବା ଲେଖି ପାରିବ !

ଏଣେ ପାଂଡବମାନେ କୃଷ୍ଣ, ସାତ୍ୟକି, ଦ୍ରୌପଦୀ ପ୍ରଭୃତିଂକ ନେଇ କୁରୁକ୍ଷେତ୍ର ଆଡ଼କ ଆସୁଥିଲେ । ତାଂକୁ ଦେଖିଲା କ୍ଷଣି, କୌରବଂକର ଦୁଃଖ ଦିଂଗୁଣ ବଢ଼ିଗଲା । ଯୋଦ୍ଧାମାନେ ପୁଣି କୋଳାହଳ କରି କାଂଦି ଉଠିଲେ ।

## ଧୃତରାଷ୍ଟ୍ର ଲୁହା-ଭୀମ ଚୂନା କଲେ

ପାଣ୍ଡବମାନେ ଜଣ ଜଣ ହୋଇ, ଧୃତରାଷ୍ଟ୍ରଙ୍କ ପାଖକୁ ଯାଇ, ତାଙ୍କୁ ପ୍ରଣାମ କରି ବସିଲେ। ଯୁଧିଷ୍ଠିର ପ୍ରଣାମ କଲାରୁ ଧୃତରାଷ୍ଟ୍ର ବଡ଼ଭକ୍ତିଭାବରେ ତାଙ୍କୁ ଆଲିଙ୍ଗନ କରି ଦୁଇ ଚାରି କଥା କହି, ଟିକିଏ ଆଗ୍ରହ ଦେଖାଇଲା ପରି କହିଲେ, "ଭୀମ କାହିଁ ?" ଯେପରି ବୁଝାଗଲା—ଭୀମଙ୍କୁ ଦେଖିଲେ ବୁଢ଼ା ଦଳି ଦେବେ। କୃଷ୍ଣ ଏ କଥା ଆଗରୁ ଅନୁମାନ କରି ଗୋଟିଏ ଲୁହା ଭୀମ ତିଆରି କରିଥିଲେ।

ଧୃତରାଷ୍ଟ୍ର ଭୀମଙ୍କୁ ଖୋଜିବାରୁ କୃଷ୍ଣ ସେହି ଲୁହା-ଭୀମଟି ତାଙ୍କୁ ଧରାଇଦେଲେ। ଧୃତରାଷ୍ଟ୍ରଙ୍କର ଆଉ ଧୈର୍ଯ୍ୟ ନାହିଁ, ସେ ଲୁହା ଭୀମଟି ଧରି କୁଣ୍ଢାଇ ଚିପିଦେଲେ। ଧୃତରାଷ୍ଟ୍ରଙ୍କ ଦେହରେ ଲକ୍ଷେ ହାତୀର ବଳ। ଝୁର୍ଝୁ ଝୁର୍ଝୁ ଲୁହାର ଭୀମଟା ଖଣ୍ଡ ଖଣ୍ଡ ହୋଇ, ଚୂନା ହୋଇ ତଳେ ପଡ଼ିଗଲା।

ଲକ୍ଷେ ହାତୀ ମଧ୍ୟ ଗୋଟାଏ ଲୁହା ଭୀମ ଚୂରିଦେବା ସହଜ ନୁହେଁ। ଧୃତରାଷ୍ଟ୍ର ଲୁହା ଭୀମଙ୍କୁ ଚୂରିସାରି, ଥକି ହୋଇ ପଡ଼ିଯାଇ ରକ୍ତ ବାନ୍ତି କରି ପକାଇଲେ। ତା'ପରେ ଉଠିଲା ବେଳକୁ ଭୀମଙ୍କ ଉପରୁ ରାଗ ବହୁତ କମି ଯାଇଥିଲା। ସେ 'ହା ଭୀମ, ହା ଭୀମ' ବୋଲି ପୁଣି କାନ୍ଦି କାନ୍ଦି ବ୍ୟାକୁଳ ହେଲେ।

କୃଷ୍ଣ ସେଠାରୁ ତାଙ୍କୁ କହିଲେ, "ମହାରାଜ, ଦୁଃଖ କରନ୍ତୁ ନାହିଁ, ସେଇଟା ଲୁହା ଭୀମ। ଭୀମଙ୍କୁ ମାରିବାକୁ ଯିବା ଆପଣଙ୍କର ଠିକ୍ ହୋଇ ନାହିଁ। ଯୁଦ୍ଧ ନ ହେବା ପାଇଁ କେତେ ଚେଷ୍ଟା ନ ହେଲା। ଆପଣଙ୍କ ପୁଅମାନେ ଶୁଣିଲେ ନାହିଁ। ସେହି ଫଳରେ ସେମାନେ ନଷ୍ଟ ହେଲେ। ସେଥିପାଇଁ ଭୀମଙ୍କୁ ଦୋଷୀ କରୁଛନ୍ତି କାହିଁକି ?"

ଧୃତରାଷ୍ଟ୍ର କହିଲେ, "ସତ କହିଲ କୃଷ୍ଣ, ପୁଅଙ୍କ ଶୋକରେ ମୋର ବୁଦ୍ଧି ନାଶ ହୋଇଗଲା।" ତାପରେ ଧୃତରାଷ୍ଟ୍ର, ଭୀମ, ଅର୍ଜୁନ, ନକୁଳ, ସହଦେବଙ୍କୁ ଆଲିଙ୍ଗନ କରି ଆଶୀର୍ବାଦ କଲେ।

---

## ଗାନ୍ଧାରୀଙ୍କ କ୍ରୋଧ

ଗାନ୍ଧାରୀଙ୍କ କଥା ଭାବି, ପାଣ୍ଡବମାନେ ଆହୁରି ଭୟ କରୁଥିଲେ। ଗାନ୍ଧାରୀ ସାମାନ୍ୟ ନାରୀ ନୁହନ୍ତି। ଜୀବନରେ କେବେ ସେ ଟିକିଏ ହେଲେ ଅଧର୍ମ କରି ନାହାନ୍ତି। ଗୋଟିଏ ହେଲେ ଅଧର୍ମ କଥା ମୁହଁରେ ଧରି ନାହାନ୍ତି। ସ୍ୱାମୀ ଅନ୍ଧ ବୋଲି ସେ ଜୀବନଯାକ ମୁହଁରେ ଅନ୍ଧପୋଟଳୀ ବାନ୍ଧି ରଖିଥାନ୍ତି। ଯୁଦ୍ଧବେଳେ ଦୁର୍ଯ୍ୟୋଧନ ଆଶୀର୍ବାଦ ପାଇଁ ଆସିଲେ, ସେ କେବେ 'ତୁମର ଜୟ ହଉ' ବୋଲି କହନ୍ତି ନାହିଁ। ସେ କହନ୍ତି, 'ଧର୍ମର ଜୟ ହଉ।'

ଏପରି ଧର୍ମବନ୍ତ ନାରୀ କ୍ରୋଧ କଲେ, ଆଉ ରକ୍ଷା ନାହିଁ। କ୍ରୋଧ ମଧ୍ୟ ତାଙ୍କର ଖୁବ୍ ହବାର କଥା। ପୂର୍ବରୁ ଏ କଥା ଜାଣି କ୍ରୋଧରେ ପାଣ୍ଡବମାନଙ୍କୁ ଶାପ ନ ଦେବା ପାଇଁ ବ୍ୟାସ ତାଙ୍କୁ ବୁଝାଇ କହିଥିଲେ, "ମା, ତୁମେ ତ କହିଥିଲ, ଧର୍ମର ଜୟ ହେଉ। ସେହି ଧର୍ମର ଜୟ ହୋଇଅଛି। ତୁମର କ୍ଷମାଗୁଣ ଅସାଧାରଣ। ସେହି କ୍ଷମା ହିଁ ଧର୍ମ। ଏବେ ଯେଉଁ କ୍ରୋଧ କରୁଅଛ, ତାହା ଅଧର୍ମ। ଧର୍ମକୁ ଅଧର୍ମ ଯେପରି ଜିଣି ନ ପାଏ।"

ଗାନ୍ଧାରୀ ଏହା ଶୁଣି କହିଥିଲେ, "ଭଗବନ୍, ପାଣ୍ଡବମାନଙ୍କ ଉପରେ ମୋର କ୍ରୋଧ ନାହିଁ। ସେମାନେ ନଷ୍ଟହେବେ, ଏ କଥା ମଧ୍ୟ ମୁଁ ଲୋଡ଼ୁ ନାହିଁ; କିନ୍ତୁ ଭୀମ ଅନ୍ୟାୟରେ ଦୁର୍ଯ୍ୟୋଧନକୁ ମାରିଛି। ମୁଁ ତାହା ସହି ପାରୁ ନାହିଁ।" ଭୀମ ଏବେ ଡରିଡରି ଗାନ୍ଧାରୀଙ୍କ ପାଖକୁ ଆସି ପ୍ରଣାମ କରି କହିଲେ, "ମା, ମୋର ଅପରାଧ ହୋଇଛି, ମତେ

କ୍ଷମା କରନ୍ତୁ; ଧର୍ମରାଜ, ଆପଣଙ୍କ ପୁତ୍ରମାନେ ଆମମାନଙ୍କର କେତେ ଅନିଷ୍ଟ କରିଥିଲେ ।"

ଗାନ୍ଧାରୀ କହିଲେ, "ବାପା, ଆମର ଶହେ ପୁଅ ଭିତରୁ ଯାହାର କିଛି କମ୍ ଅପରାଧ, ସେହିପରି ଗୋଟିକୁ ଯଦି ବଞ୍ଚାଇ ରଖିଥାନ୍ତୁ ତେବେ ସେ ଏତେବେଳେ ଦୁଇ ଅନ୍ଧଙ୍କର ଲଉଡ଼ି ପରି ହୋଇଥାନ୍ତା । ଏବେ ଅମମାନଙ୍କର ପୁଅ ନାହିଁ । ଫଳରେ ତୁମେ ଆମମାନଙ୍କର ପୁଅ ପରି ।"

ତା ପରେ ଯୁଧିଷ୍ଠିର ତାଙ୍କ ପାଖକୁ ଆସି, ହାତ ଯୋଡ଼ି କହିଲେ, "ଦେବି, ମୁଁ ଆପଣମାନଙ୍କର ଦୁଃଖର ମୂଳ । ମୁଁ ଅତି ନରାଧମ, ମତେ ଶାପ ଦିଅନ୍ତୁ ।" ଗାନ୍ଧାରୀ କିଛି କହିଲେ ନାହିଁ । ଖାଲି ଗୋଟିଏ ଦୀର୍ଘନିଃଶ୍ୱାସ ପକାଇଲେ । ସେତିକିବେଳେ ଯୁଧିଷ୍ଠିର ଗାନ୍ଧାରୀଙ୍କ ଗୋଡ଼ ଧରିବାକୁ ଯିବାରୁ ଗାନ୍ଧାରୀ ଆପଣା ଅନ୍ଧପୋଟଳୀର ଫାଙ୍କ ବାଟେ ଯୁଧିଷ୍ଠିରଙ୍କର ଗୋଟିଏ ନଖକୁ ଚାହିଁ ଦେଲେ । ସେ ନଖଟି ମରିଗଲା । ଏହାଦେଖି ଅର୍ଜୁନ, ନକୁଳ, ସହଦେବ ଭୟରେ ଆଉ ତାଙ୍କ ପାଖକୁ ଆସିଲେ ନାହିଁ । ତହୁଁ ଗାନ୍ଧାରୀ ସେମାନଙ୍କୁ ଡାକି, ସ୍ନେହରେ କଥାବାର୍ତ୍ତା କଲେ ।

---

## କୁନ୍ତୀ କର୍ଣ୍ଣ କଥା କହିଲେ

କୁନ୍ତୀଙ୍କ ସଂଗେ ପାଣ୍ଡବମାନଙ୍କର ଦେଖାହେଲା । ତାଙ୍କ ଦେହରେ ଅସ୍ତ୍ରର ଘା ଦେଖି ପୁଅମାନଙ୍କ ପାଇଁ ଦ୍ରୌପଦୀଙ୍କ ଶୋକ ଦେଖି କୁନ୍ତୀଙ୍କର ବଡ଼ ଦୁଃଖ ହବାର କଥା; କିନ୍ତୁ ସେ କଷ୍ଟ ଚାପି, ଦ୍ରୌପଦୀଙ୍କୁ ବହୁତ ବୁଝାଇ କହିଲେ । ସମସ୍ତେ ମିଶି ସେଠାରୁ ଯୁଦ୍ଧଭୂମିକୁ ଗଲେ । ଆତ୍ମୀୟମାନଙ୍କର ଶବ ଦେଖି, ସେମାନଙ୍କର ଯେ ଘୋର ଶୋକ ଆଉ କଷ୍ଟ ହେଲା, ତାହା କହିଲେ ଖାଲି ଦୁଃଖ ବଢ଼ିବ । କାନ୍ଦଣାର ଗୋଟିଏ କୋଳାହଳ ଉଠିଲା । କେତେ ଲୋକ ତଳେ ପଡ଼ିଗଲେ; କିଏ ପାଗଳ ପରି ହେଲା, ଏହିପରି ବହୁତ ବେଳ ଗଲା ।

ତା ପରେ ଶବଦାହ । ଘିଅ, ଚନ୍ଦନ କାଠ ପର୍ବତପରି ଜମା ହୋଇଛି । ଚିତା ଦପ୍ ଦପ୍ ହୋଇ ଜଳି ଉଠିଲା । ଶବଦାହ ଶେଷ କରି ସମସ୍ତେ ସ୍ନାନ କରି ତିଳୋଦକ ଦେବା ପାଇଁ ଗଂଗାକୂଳକୁ ଆସିଲେ । ଏତିକିବେଳେ କୁନ୍ତୀ କାନ୍ଦି କାନ୍ଦି ପାଣ୍ଡବମାନଙ୍କୁ କହିଲେ, "ମୋ ବାପା, କର୍ଣ୍ଣ ପାଇଁ ଅଂଜୁଳାଏ ପାଣି ଦିଅ । ସେ ତୁମମାନଙ୍କର ବଡ଼ ଭାଇ ।"

ଚିରକାଳ ଶତ୍ରୁ ବୋଲି ବିଚାରି, ଆନନ୍ଦରେ ଯାକୁ ମାରି ସାରିଲା ଉତ୍ତାରୁ, ଏ କି ଦାରୁଣ ସଂବାଦ । ଏ ସଂବାଦ ଶୁଣି, ବୀରପୁରୁଷ ପାଣ୍ଡବମାନେ ଆଉ ସ୍ଥିର ହୋଇ ରହି ପାରିଲେ ନାହିଁ । ଯୁଧିଷ୍ଠିର କାନ୍ଦି କାନ୍ଦି କହିଲେ, ମା, "ତୁମେ ଆମ ଜ୍ୟେଷ୍ଠଭାଇଙ୍କ କଥା ଲୁଚାଇ ରଖି କି ଅନ୍ୟାୟ କରିଚ । ଆମେମାନେ ତାଙ୍କୁ ବଧ କଲୁ । ଏ କଥା ଭାବିଲେ ଏବେ ଛାତି ଫାଟି ଯାଉଛି । ଏ କଥା ଆଗରୁ କହିଥିଲେ, କ'ଣ ଏ ଘୋର ଯୁଦ୍ଧ ହୋଇଥାନ୍ତା ।"

ଏହିପରି ଭାବି ଭାବି, ଯୁଧିଷ୍ଠିର ବଡ଼ ବ୍ୟାକୁଳ ହେଲେ । ଶେଷକୁ କହିଲେ, "ଅର୍ଜୁନ, ତୁମେ ରାଜ୍ୟ ନିଅ, ମୁଁ ସନ୍ନ୍ୟାସୀ ହୋଇ ଯିବି ।" ଅର୍ଜୁନ ଏକଥା ଶୁଣି ଟିକିଏ ବିରକ୍ତ ହେଲେ ଏବଂ ଯୁଧିଷ୍ଠିରଙ୍କୁ ବହୁତ ବୁଝାଇ କହିଲେ । ତାପରେ ଭୀମ ପ୍ରଭୃତି ଭାଇମାନେ, ଦ୍ରୌପଦୀ, ଶ୍ରୀକୃଷ୍ଣ, ବ୍ୟାସଦେବ ଓ ଅନ୍ୟାନ୍ୟ ମହର୍ଷିମାନେ ମଧ୍ୟ ଯୁଧିଷ୍ଠିରଙ୍କୁ ବୁଝାଇ ସୁଝାଇ ଥଣ୍ଡା କଲେ ।

---

## ହସ୍ତିନା ପ୍ରବେଶ

ଶେଷରେ ଯୁଧିଷ୍ଠିର କେତେକ ଅପେ ଶାଂତ ହେଲେ ଏବଂ ଲୋକଂକର ହିତ କରିବାପାଇଁ ସ୍ୱୀକାର କଲେ । ଏବେ ଧୃତରାଷ୍ଟ୍ରଂକୁ ଆଗରେ ରଖି, ଦେବତା, ବ୍ରାହ୍ମଣମାନଂକୁ ଅର୍ଚ୍ଚନା କରି, ଷୋଳଟି ଧଳା ବଳଦ ଲାଗିଥିବା ରଥରେ ବସି, ଯୁଧିଷ୍ଠିର ହସ୍ତିନା ଆଡ଼କୁ ଚାଲିଲେ । ବଂଦୀ (ଭାଟ) ମାନେ ସ୍ତୁତି ଗାନ କରି କରି, ସଂଗେ ସଂଗେ ଚାଲୁଥାଂନ୍ତି । ଭୀମ ରଥ-ଦଉଡ଼ି ଧରିଥାଂନ୍ତି । ଅର୍ଜୁନ ତାଂକ ମୁଂଡଉପରେ ସୁଂଦର ଶ୍ୱେତଛତ୍ର (ଧଳା ଛତି) ଧରିଥାଂନ୍ତି । ନକୁଳ, ସହଦେବ ଚଅଁର ଢଳାଉଥାଂନ୍ତି, ପଛେ ପଛେ ଅନ୍ୟ ରଥରେ କୃଷ୍ଣ ଚାଲୁଥାଂନ୍ତି । ଆଗେ ଆଗେ ଯାନମାନରେ ବସି ଧୃତରାଷ୍ଟ୍ର, ଗାଂଧାରୀ ଚାଲୁଥାଂନ୍ତି, ବିଦୁର, କୁଂତୀ ଓ ଦ୍ରୌପଦୀ ପ୍ରଭୃତି ମହିଳାମାନେ ସୁଆରୀରେ ବସି ସଂଗେ ସଂଗେ ଯାଉଥାଂନ୍ତି, ସବାପଛରେ ଅନେକ ସୁଂଦର ସଜ୍ଜିତ ରଥ, ହାତୀ, ଘୋଡ଼ା ଓ ପଦାତି ଶୋଭାଯାତ୍ରାରେ ଚାଲୁଥାଂନ୍ତି ।

ଏହିପରି ସମସ୍ତଂକୁ ନେଇ ଯୁଧିଷ୍ଠିର ହସ୍ତିନାରେ ପଶିଲେ । ହସ୍ତିନାର ନରନାରୀମାନେ ଆନଂଦରେ କୋଳାହଳ କଲେ । ଆନଂଦରେ ସେମାନେ ଦାଂଡ, ହାଟ, ବାଟ, ଦୁଆର, ସବୁ ଫୁଲଫଳ ପତାକାରେ ସଜାଇଥିଲେ, ଦୁଆରେ ପୂର୍ଣ୍ଣକୁଂଭ ବସାଇଥିଲେ, ସ୍ଥାନେ ସ୍ଥାନେ ମାଳ ପତାକାରେ ତୋରଣ ସବୁ କରିଥିଲେ ।

ଏବେ ହସ୍ତିନାର ଦାଂଡ ଲୋକରେ ପୂର୍ଣ୍ଣ ହୋଇଗଲା । ଦାଂଡର ଦୁଇ ପାଖରେ ଥିବା କୋଠାଘର ସବୁରୁ ନାରୀମାନେ ଫୁଲ ଚଂଦନ ପକାଇ ଦ୍ରୌପଦୀଂକୁ ଧନ୍ୟ ଧନ୍ୟ କଲେ । ରାଜା ଯୁଧିଷ୍ଠିରଂକୁ ଦେଖି ପ୍ରଜାମାନେ ଘନ ଘନ ଜୟଧ୍ୱନି କଲେ ।

ସିଂହଦ୍ୱାରରେ ପହଂଚିଲା ବେଳକୁ ସହସ୍ର ସହସ୍ର ବ୍ରାହ୍ମଣ ଯୁଧିଷ୍ଠିରଂକୁ ଆସି ଆଶୀର୍ବାଦ କଲେ । ସେଠାରେ ଦୁର୍ଯୋଧନର ବଂଧୁ ଚାର୍ବାକ ବୋଲି ଜଣେ ରାକ୍ଷସ ବ୍ରାହ୍ମଣ ବେଶରେ ଆସି କାହୁଁ ପହଂଚିଲା । ସେ ଆଗରୁ ଆସି ବଡ଼ ପାଟିକରି କହିଲା, "ଆତ୍ମୀୟ ବଂଧୁମାନଂକୁ ହତ୍ୟା କରି, ଯୁଧିଷ୍ଠିର ରାଜ୍ୟଭୋଗ କରିବାକୁ ଆସୁଛଂନ୍ତି । ଧିକ୍ ଯୁଧିଷ୍ଠିର, ମରିବାହିଁ ଏହାଂକର ଉଚିତ ।"

ଯୁଧିଷ୍ଠିର ଏହା ଶୁଣି, ବଡ଼ ଲଜ୍ଜିତ ହୋଇ ନିଜକୁ ଦୋଷୀ ଭାବି କହିଲେ, "ମୁଁ ଅପରାଧ କରିଛି, ବ୍ରାହ୍ମଣମାନେ ମୋ ପ୍ରତି କ୍ରୋଧ କରଂନ୍ତୁ ନାହିଁ । ମୁଁ ଏହିକ୍ଷଣି ପ୍ରାଣତ୍ୟାଗ କରୁଛି ।"

ରହୁଁ ରହୁଁ ତେଣେ ବ୍ରାହ୍ମଣମାନେ ଚାର୍ବାକକୁ ଧରି ପକାଇଲେ । ବ୍ରାହ୍ମଣମାନଂକ କ୍ରୋଧରେ ସେ ଜଳି ଭସ୍ମ ହୋଇଗଲା ।

ମହାସମାରୋହରେ ଯୁଧିଷ୍ଠିରଂକର ରାଜ୍ୟରେ ଅଭିଷେକ ହୋଇଗଲା । ସେଠାରୁ ସେ ପ୍ରଜାମାନଂକୁ କହିଲେ, "ମହାରାଜ ଧୃତରାଷ୍ଟ୍ର ଆଂଭର ଓ ଏ ରାଜ୍ୟର ଅଧିକାରୀ । ତାଂକର ସେବା କରିବା ପାଇଁ କେବଳ ବଂଚିଛୁ । ଆପଣମାନେ ତାଂକ ଆଜ୍ଞାରେ ରହି, ସର୍ବଦା ମଂଗଳ ଭୋଗ କରଂନ୍ତୁ ।"

ତା ପରେ ଜ୍ଞାତିମାନଂକର ବିଧି ଅନୁସାରେ ଶ୍ରାଦ୍ଧ ପ୍ରଭୃତି କରି, ବ୍ରାହ୍ମଣ ଭୋଜନ କରାଇ, ବ୍ରାହ୍ମଣଂକୁ ବହୁତ ଧନରତ୍ନ ଦାନ କରିସାରି, ପରେ ଠିକଣା ଲୋକସବୁ ବାଛି କର୍ମଚାରୀ ରଖି, କୃଷ୍ଣଂକୁ ସ୍ତୁତି କରି, ଭାଇମାନଂକୁ ବହୁତ ଭଲ ଭଲ ଉପଦେଶ ଦେଇ ଯୁଧିଷ୍ଠିର ରାଜ୍ୟ କଲେ ।

## ଶାନ୍ତିପର୍ବ

### ଭୀଷ୍ମଙ୍କ ଉପଦେଶରେ ଯୁଧିଷ୍ଠିରଙ୍କର ଶୋକଶାନ୍ତି

କର୍ଣ୍ଣଙ୍କ ଶୋକରେ ଯୁଧିଷ୍ଠିରଙ୍କୁ ରାଜ୍ୟ କଂଣ୍ଟି ଆଉ ସେତେ ସୁଖ ଲାଗୁ ନଥାଏ । ଖାଲି କର୍ଣ୍ଣ କାହିଁକି, ଏତେ ଆତ୍ମୀୟ ସ୍ୱଜନଙ୍କୁ ମାରି ଯୁଧିଷ୍ଠିରଙ୍କ ପରି ଲୋକଙ୍କର ଶୋକ ହେବାରୁ କଥା । ତାଙ୍କ ମନ ସବୁବେଳେ ବ୍ୟସ୍ତ ହେଉଥାଏ, ସମସ୍ତେ ବୁଝାଇଲେ ମଧ୍ୟ କଥାକର ଥଣ୍ଡା ହୁଏ ନାଇ । ସେ ବ୍ୟାସଙ୍କୁ କହିଲେ, "ଭଗବନ୍, ଧର୍ମ କଥା ମତେ ଆଉରି ଭଲ କରି କହନ୍ତୁ । ମନୁଷ୍ୟ ରାଜ୍ୟ ବି କରିପାରେ, ସଂଗେ ସଂଗେ ଧର୍ମ ବି କରିପାରେ କପରି, ଏହା ବୁଝି ନ ପାରି ମତେ ବଡ଼ ବ୍ୟସ୍ତ ଲାଗୁଚି ।"

ବ୍ୟାସ କହିଲେ, "ଯେବେ ଧର୍ମ କଥା ଶୁଣିବାକୁ ଚାହଁ, ତେବେ କୁରୁକୁଳର ପିତାମହ ଭୀଷ୍ମଙ୍କ ପାଖକୁ ଯାଅ । ସେ ତୁମକୁ ସବୁ ବୁଝାଇ, ସଂଦେହ ଦୂର କରି ଦେବେ । ସେ ମରିବା ପୂର୍ବରୁ, ବେଗେ ଯାଇ, ତାଙ୍କ ପାଖେ ପହଂଚ ।"

କୃଷ୍ଣ ମଧ୍ୟ ବ୍ୟାସଙ୍କକଥା କରିବାପାଇଁ ଯୁଧିଷ୍ଠିରଙ୍କୁ କହିଥିଲେ । ତା ପରେ ଯୁଧିଷ୍ଠିର ହସ୍ତିନାକୁ ଆସି ରାଜ୍ୟଭାର ଗ୍ରହଣ କରିଥିଲେ ।

ଏବେ ରାଜଗାଦିରେ ବସି, ପ୍ରଜାମାନଙ୍କୁ ଓ ଭାଇମାନଙ୍କୁ ସବୁକହି,ରାଜ୍ୟଶାସନର ସୁଂଦର ବଂଦୋ-ବସ୍ତ କରି ଦେଇ, ଭୀଷ୍ମଙ୍କ ପାଖକୁ ଯିବା ପାଇଁ ଯୁଧିଷ୍ଠିର ପ୍ରସ୍ତୁତ ହେଲେ ।

ଶରଶଯ୍ୟା ଉପରେ ଭୀଷ୍ମ ସେହିପରି ଯୁଦ୍ଧଭୂମିରେ ଶୋଇ, ସୂର୍ଯ୍ୟଙ୍କର ଉତ୍ତରାୟଣକୁ ଅନାଇଥାଂନ୍ତି । ଉତ୍ତରାୟଣ ଆରଂଭ ହେଲେ, ତାଂକ ଦେହତ୍ୟାଗର ସମୟ ହେବ । ତାଂକୁ ଦେଖିବା ପାଇଁ କୃଷ୍ଣ, ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ, ସାତ୍ୟକି, କୃପ, ସଂଜୟ ପ୍ରଭୃତି ରଥରେ ବସି ଯାତ୍ରା କଲେ ।

କୁରୁକ୍ଷେତ୍ରରେ ପହଂଚ, ସେମାନେ ଦେଖିଲେ, ସେହି ମହାବୀରଙ୍କର ମୃତ୍ୟୁଶଯ୍ୟା ଚାରିପାଖେ ମୁନି ଋଷିମାନେ ଘେରି ବସିଚଂନ୍ତି, ବଡ଼ ଶୋଭା ଦିଶୁଚି । ଦୂରରୁ ସମସ୍ତେ ରଥରୁ ଓହ୍ଲାଇ, ସେଠାରେ ପହଂଚିଲେ । କୃଷ୍ଣ ଭୀଷ୍ମଙ୍କ ପାଖକୁ ଯାଇ ନମସ୍କାର କରି କହିଲେ, "ହେ କୁରୁପିତାମହ, ଆପଣଙ୍କ ପରି ମହତ୍ ଲୋକ ପୃଥିବୀରେ ନାଇ । ଧର୍ମର ସବୁ ତତ୍ତ୍ୱ ଆପଣଙ୍କୁ ଜଣାଅଛି । ରାଜା ଯୁଧିଷ୍ଠିର ଶୋକରେ ବଡ଼ କାତର ହୋଇ ଅଛଂନ୍ତି; ଆପଣ ଦୟାକରି ତାଂକୁ ଉପଦେଶ ଦେଲେ, ତାଂକର ଶାଂନ୍ତି ହୋଇପାରେ ।"

ଏଣେ ଯୁଧିଷ୍ଠିର ଲଜରେ ସଢ଼ି ଯାଉଚଂନ୍ତି । ଭୀଷ୍ମଙ୍କ ଆଗକୁ ଯାଇ କଥା କହିବାକୁ ତାଂକର ସାହସ ହେଉ ନାଇ । ଭୀଷ୍ମଙ୍କର କଂଣ୍ଟି ଯୁଧିଷ୍ଠିରଙ୍କ ଠାରେ ଟିକିଏ ହେଲେ ରାଗ ନ ଥିଲା । ଯୁଧିଷ୍ଠିରଙ୍କ ଲଜ୍ଜା କଥା ଶୁଣି ସେ କହିଲେ, "ଯୁଧିଷ୍ଠିର ଯୁଦ୍ଧ କରି କ୍ଷତ୍ରିୟର ଧର୍ମ ପାଳନ କରି ଅଛଂନ୍ତି, ଏଥିରେ ଲଜ୍ଜିତ ହେବାର ତ କୌଣସି କାରଣ ନାଇ ।" ତା ପରେ ଯୁଧିଷ୍ଠିର ଯାଇ ପ୍ରଣାମ କରି ଭୀଷ୍ମଙ୍କ ପାଦଧୂଳି ଆଣି ମୁଂଡରେ ଦେଲେ ।

ଭୀଷ୍ମ ତାଂକର ମସ୍ତକ ଆଘ୍ରାଣ କରି (ମୁଂଡ ଶୁଂଘି, ପୂର୍ବେ ଏହିପରି ବଡ଼ମାନେ ସାନଂକୁ ଶ୍ରଦ୍ଧା ଦେଖାଉ-ଥିଲେ ) କହିଲେ, "ତୁମର କିଛି ଭୟ ନାଇ । ମନ ବୋଧ କରି ମତେ ସବୁ କଥା ପଚାର ।"

କୃଷ୍ଣ ଭୀଷ୍ମଙ୍କର ସବୁ ଜ୍ୱାଳା, ଯଂତ୍ରଣା, ଦୁର୍ବଳତା ଦୂର କରିଦେଲେ । ତା ପରେ ବହୁଦିନ ପର୍ଯ୍ୟଂନ୍ତ ଯୁଧିଷ୍ଠିର ପ୍ରତ୍ୟହ ସେହି ମହାପୁରୁଷଙ୍କ ପାଖକୁ ଆସି, ରାଜନୀତି, ଧର୍ମନୀତି; ଅର୍ଥାତ୍ କପରି ରାଜ୍ୟ ପାଳିବାକୁ

ପାଳିବାକୁ ହବ, ପ୍ରଜାଙ୍କୁ କପରି ଚଳାଇବାକୁ ହବ, ଧର୍ମକାର୍ଯ୍ୟ କପରି କରିବାକୁ ହବ, କ ନିୟମରେ ସଂସାରରେ ଚଳିବାକୁ ହବ—ପ୍ରଭୃତି ବିଷୟରେ ବହୁତ ବହୁତ ଅମୂଲ୍ୟ ଉପଦେଶମାନ ପାଇଲେ ।

ଏ ସବୁ ଉପଦେଶ ଯେ ସେ ଲୋକ ଦେଇ ପାରିବେ ନାଇ । ସେଥିପାଇଁ ନାରଦ ଯୁଧିଷ୍ଠିରଙ୍କୁ ଆଗରୁ କହିଥିଲେ, "ମହାତ୍ମା ଭୀଷ୍ମ ଧର୍ମର ସବୁ କଥା ଜାଣନ୍ତି, ଏ ବଞ୍ଚି ଥାଉଁ ଥାଉଁ ସେ ସବୁ କଥା ଶୁଣି ରଖ ।"

ମହାଭାରତରେ ଶାନ୍ତିପର୍ବ ସବୁଠାରୁ ବଡ଼ । ଭୀଷ୍ମଙ୍କ ଉପଦେଶସବୁ ବଡ଼ ଗମ୍ଭୀର । ବର୍ତ୍ତମାନ ଏ କ୍ଷୁଦ୍ର ପୁସ୍ତକରେ ବାଳକମାନଙ୍କ ପାଇଁ ତାହା ଲେଖିବା ଦରକାର ନାଇ । ବଡ଼ ହେଲେ ସମସ୍ତେ ତାହା ପଢ଼ିବା ଉଚିତ ।

---

## ଅନୁଶାସନ ପର୍ବ

### ଭୀଷ୍ମଙ୍କ ଅନୁଶାସନ ଓ ଦେହତ୍ୟାଗ

ଭୀଷ୍ମଙ୍କର ଅନେକ ଉପଦେଶ ଶୁଣି, ଯୁଧିଷ୍ଠିରଙ୍କର ସବୁ ସନ୍ଦେହ ଦୂର ହେଲା, ମନ ଶାନ୍ତ ହୋଇଗଲା । ଭୀଷ୍ମ ଉପଦେଶ କହିସାରି, ଯେତେବେଳେ ତୁନି ହୋଇଗଲେ, ସମସ୍ତେ ଶବପ୍ରତିମା ପରି ତାଙ୍କ ଚାରିପାଖେ ଚୁପ୍ପି ବସି ରହିଲେ । ତା ପରେ ଯୁଧିଷ୍ଠିର ପ୍ରଣାମ କରି ପଦଧୂଳି ଓ ଆଶୀର୍ବାଦ ନେଇ, ହସ୍ତିନାକୁ ଫେରିଲେ । ଆସିଲାବେଳେ ଭୀଷ୍ମ କହିଲେ, "ସୂର୍ଯ୍ୟ-ଦେବଙ୍କର ଉତ୍ତରାୟଣ ଆରମ୍ଭ ହେଲେ, ମୋ ପାଖକୁ ଆସିବ ।"

ମାଘ ମାସର ଶୁକ୍ଳ ପକ୍ଷ ଆରମ୍ଭ ହେଲା । ଏହା ହିଁ ସୂର୍ଯ୍ୟଙ୍କର ଉତ୍ତରାୟଣ କାଳ । ଭୀଷ୍ମଦେବ ଏବେ ସ୍ୱର୍ଗାରୋହଣ କରିବେ ଜାଣି ଯୁଧିଷ୍ଠିର ପୁରୋହିତ, ପୁରଜନ ଓ ଅନ୍ୟାନ୍ୟଙ୍କୁ ସଙ୍ଗେ ଧରି, ଧନ, ରତ୍ନ, ଘୃତ, ଚନ୍ଦନ, କର୍ପୂର, ପାଟଲୁଗା ପ୍ରଭୃତି ଦ୍ରବ୍ୟସବୁ ନେଇ, ପୁଣି ହସ୍ତିନାରୁ କୁରୁକ୍ଷେତ୍ରକୁ ଚାଲିଲେ । ଧୃତରାଷ୍ଟ୍ର, କୃଷ୍ଣ, ବିଦୁର, ସାତ୍ୟକି ପ୍ରଭୃତି ମଧ୍ୟ ତାଙ୍କ ସଙ୍ଗେ ଗଲେ ।

ଭୀଷ୍ମଦେବଙ୍କ ଶରଶଯ୍ୟା ଚାରିପାଖେ ବ୍ୟାସ, ନାରଦ ପ୍ରଭୃତି ମୁନିମାନେ ଓ ନାନା ଦେଶର ରାଜାମାନେ ବସିଚନ୍ତି । ଯୁଧିଷ୍ଠିର ପ୍ରଭୃତି ଆସି ଭୀଷ୍ମଙ୍କୁ ପ୍ରଣାମ କଲେ । ଯୁଧିଷ୍ଠିରଙ୍କୁ ଦେଖି, ଭୀଷ୍ମ କହିଲେ, "ତୁମେମାନେ ଆସିଲ, ମୁଁ ବଡ଼ ଖୁସି ହେଲି । ଅଠାବନ ଦିନ ଏହି ଶରଶଯ୍ୟାରେ ମୋର ଗଲାଣି । ଏବେ ତ ମାଘମାସର ଶୁକ୍ଳପକ୍ଷ ଉପସ୍ଥିତ ।"

ତା ପରେ ସେ ଧୃତରାଷ୍ଟ୍ରଙ୍କୁ କହିଲେ "ଧର୍ମ କଥା ତୁମକୁ ଅଜଣା ନାଇ । ଅତଏବ ଆଉ ଶୋକ କର ନାଇ । ଏବେ ପାଣ୍ଡବମାନଙ୍କୁ ପାଳନ କର ।"

କୃଷ୍ଣଙ୍କୁ ସେ କହିଲେ, "ଏବେ ମୋର ଦେହ ଛାଡ଼ିବାର ସମୟ ହେଲା, ମୁଁ ଯେପରି ଏହାପରେ ସ୍ୱର୍ଗକୁ ଯିବି ।"

ତା ପରେ ସମସ୍ତଙ୍କୁ ଚାହିଁ ଶେଷରେ କହିଲେ, "ତୁମେମାନେ ଅନୁମତି ଦିଅ, ମୁଁ ଦେହତ୍ୟାଗ କରେଁ, ତୁମମାନଙ୍କର ବୁଦ୍ଧି ଯେପରି କେବେ ସତ୍ୟକୁ ନ ଛାଡ଼େ ? ସତ୍ୟପରି ଆଉ ବଳ ନାଇ ।"

ଏହିପରି କେତେ ଅନୁଶାସନ ( ଆଦେଶ ଓ ଉପଦେଶମାନ ) କହିସାରି ସେହି ମହାପୁରୁଷ ମୌନାବଲମ୍ବନ କରି ( ତୁନି ହୋଇ ) ଦେହ ତ୍ୟାଗ ନିମନ୍ତେ ପ୍ରସ୍ତୁତ ହେଲେ । ଶରଗୁଡ଼ିକ ଏବେ ଗୋଟି ଗୋଟି ହୋଇ ତାଙ୍କ ଦେହରୁ ଖସି ପଡ଼ିଲା । ଦେହରେ ଗୋଟିଏ ସୁଦ୍ଧା ଶର ଫୁଟିବାର ଚିହ୍ନ ଆଉ ରହିଲା ନାଇ ।

ଦେଖୁଁ ଦେଖୁଁ ତାଂକର ଉଜ୍ଜ୍ୱଳ ଆତ୍ମା ତାଂକ ମୁଂଡରୁ ବାହାରି ସ୍ୱର୍ଗ ଆଡ଼କୁ ଚାଲିଗଲା । ସଂଗେ ସଂଗେ ଦେବତାମାନେ ଉପରେ ଦୁଂଦୁଭି ବଜାଇ, ପୁଷ୍ପବୃଷ୍ଟି କଲେ ।

ଏପରି ମହାତ୍ମାଂକ ପାଇଁ ଆଉ ଶୋକ କରିବା ଉଚିତ ନୁହେଁ । ପାଂଡବ, ବିଦୁର ପ୍ରଭୃତି ତାଂକୁ ପାଟ ପିଂଧାଇ, ଉପରେ ଛତା ଧରି, ମୁଂଡରେ ପାଗ ଭିଡ଼ି, ତାଂକ ଉପରେ ଚଅଁର ପକାଇଲେ । ସ୍ତ୍ରୀ ଲୋକମାନେ ତାଳପତ୍ରବିଂଚଣା ଧରି, ଚାରିପଟେ ବିଂଚିଲେ । ବ୍ରାହ୍ମଣମାନେ ସୁଂଦର ସାମବେଦର ଗାନ ଆରଂଭ କଲେ । ଚଂଦନ କାଠରେ ଚିତା ( ମଡ଼ା ପୋଡ଼ିବାର ଜାଗା ) ମଧ୍ୟ ପ୍ରସ୍ତୁତ ହେଲା । ସେହି ଚିତାରେ ଭୀଷ୍ମଂକ ଦେହ ଶେଷ କରି, ସେଠାରୁ ଯାଇ, ସମସ୍ତେ ଗଂଗାରେ ଜଳୋଦକ ଦେଲେ ।

---

# ଅଶ୍ୱମେଧିକ ପର୍ବ

## ଅଶ୍ୱମେଧର ପ୍ରସ୍ତାବ

ଭୀଷ୍ମଂକୁ ଜଳୋଦକ ଦେଇସାରି, ଗଂଗାଗର୍ଭରୁ ଉଠି, ଯୁଧିଷ୍ଠିର ପୁଣି ଶୋକରେ ବ୍ୟାକୁଳ ହେଲେ । ସେ କାଂଦି କାଂଦି ଭୂମିରେ ପଡ଼ିଗଲେ । ଭୀମ ତାହାଂକୁ ଟେକିଲେ । କୃଷ୍ଣ କହିଲେ, "ମହାରାଜ, ଶାଂତ ହୁଅଂତୁ । ବେଶି ଶୋକକଲେ, ମୃତ ଲୋକର ପରଲୋକରେ ମଂଗଳ ହୁଏ ନାଇ । ମରିବା ଲୋକପ୍ରତି ଏପରି ଶୋକ କରିବା ଆପଣଂକର ଉଚିତ ନୁହେଁ ।"

ବ୍ୟାସ କହିଲେ, "ତୁମେ ନିଜକୁ ପାପୀ ବୋଲି ଭାବୁଛ । ଦାନ, ତପସ୍ୟା ଓ ଯଜ୍ଞ କଲେ ପାପ କ୍ଷୟ ହୁଏ । ଦେଖ, ଅସୁରମାନେ ମଧ୍ୟ ପୁଣ୍ୟ ହେବ ବୋଲି ଯଜ୍ଞ କରଂତି । ଅଶ୍ୱମେଧ ଅତି ଉତ୍କୃଷ୍ଟ ଯଜ୍ଞ । ତୁମେ ଗୋଟିଏ ଅଶ୍ୱମେଧ ଯଜ୍ଞ କର ।"

କଥାରେ କହିବା ଯେପରି ସହଜ, ଅଶ୍ୱମେଧ ଯଜ୍ଞ କରିବା ସେପରି ସହଜ ନୁହେଁ । ଏ ଯଜ୍ଞ ପାଇଁ ବହୁତ ଧନ ଦରକାର । ଯୁଦ୍ଧରେ ଯୁଧିଷ୍ଠିରଂକର ସବୁ ଧନ ସରି ଯାଇଛି, ଭଂଡାରରେ କିଛି ନାଇ କହିଲେ ଚଳେ ।

ଅଧୀନସ୍ଥ ରାଜାମାନେ ମଧ୍ୟ ଯୁଦ୍ଧରେ ଯୋଗ ଦେଇଥିଲେ । ସେମାନଂକୁ ଯୁଧିଷ୍ଠିର ଏତେବେଳେ ଧନ ମାଗିପାରିବେ ନାଇ । ଅଶ୍ୱମେଧ ସେ କରିବେ କିପରି ?

ବ୍ୟାସ ଏ କଥା ବୁଝିପାରି କହିଲେ, "ବାପା ଯୁଧିଷ୍ଠିର, ତୁମେ ଚିଂତା କରନାଇ । ପୂର୍ବେ ମହାରାଜ ମରୁତ ହିମାଳୟ ପର୍ବତରେ ଯଜ୍ଞ କରି, ବ୍ରାହ୍ମଣମାନଂକୁ ବହୁତ ସୁନା ଦେଇଥିଲେ । ବ୍ରାହ୍ମଣମାନେ ତାହା ବୋହି ନ ପାରି ସେଥିରୁ ଅଧେ ସେହିଠାରେ ଛାଡ଼ି ଯାଇଚଂତି । ସେହିସବୁ ସୁନା ଆଣିଲେ, ତୁମେ ସହଜରେ ଅଶ୍ୱମେଧ ଯଜ୍ଞ କରି ପାରିବ । ଏବେ ତୁମେ ଧର୍ମରେ ପ୍ରଜାଂକୁ ପାଳନ କର । ତୁମେ ଯେ ଶୋକ କରୁଚ, ସେ ତୁମର ଗୋଟିଏ ଅହଂକାର । ସେ ଅହଂକାରକୁ ଜିଣିବାକୁ ହେବ ।"

---

## କୃଷ୍ଣ ଅର୍ଜୁନଂକର ଆନଂଦ

ଏସବୁ କଥା ଶୁଣି ଯୁଧିଷ୍ଠିର ଶୋକ ଛାଡ଼ି ହସ୍ତିନାକୁ ଯାଇ ରାଜ୍ୟ ପାଳନରେ ଲାଗିଲେ । ଏଣେ ଯୁଦ୍ଧପରେ ରାଜ୍ୟ ପାଇ, କୃଷ୍ଣ, ଅର୍ଜୁନଂକର ଭାରି ଆନଂଦ । ସେ ଦୁହେଁ ମହାଆନଂଦରେ ବନ, ପର୍ବତ, ଗୁହା, ନଦୀ ଚାରିଆଡେ ବୁଲି ବୁଲି ଶେଷରେ ଆସି ଇଂଦ୍ରପ୍ରସ୍ଥରେ ପହଂଚିଲେ । ସେଠାରେ ଗୋଟିଏ ସଭାରେ ଯୁଦ୍ଧ ବୃତାଂତ ସବୁ କୀର୍ତ୍ତନ କଲେ । ସେତିକିବେଳେ ଅର୍ଜୁନ ପଚାରିଲେ, "ହେ ମଧୁସୂଦନ, ଯୁଦ୍ଧ ଆରଂଭବେଳେ ଆପଣ ମତେ ବିଶ୍ୱରୂପ ଦେଖାଇ,

ଯେଉଁ ଯେଉଁ ଧର୍ମ ଉପଦେଶ ସବୁ ଦେଇ, ଯୁଦ୍ଧରେ ପ୍ରବର୍ତ୍ତାଇ ଥିଲେ, ସେ ସବୁ ମୁଁ ଭୁଲିଯାଇଛି । ଏ ସବୁ ଶୁଣିବାକୁ ମୋର ବଡ଼ ଇଚ୍ଛା । ଅନୁଗ୍ରହ କରି ଆଉଥରେ କହନ୍ତୁ ।”

ଶ୍ରୀକୃଷ୍ଣ ଏହା ଶୁଣି କହିଲେ, “ସେତେବେଳେ ମୁଁ ଯୋଗବଳରେ ସେ ସବୁ ଧର୍ମତତ୍ତ୍ୱ ତୁମକୁ କହିଥିଲି । ତୁମେ ତାହା ମନେ ରଖିଲ ନାଇ । ଏତେବେଳେ ମୁଁ ଆଉ ସେପରି କହି ପାରିବ ନାଇ ।” ଏହାକହି ଶ୍ରୀକୃଷ୍ଣ ଧର୍ମ ଓ ଜ୍ଞାନ ସଂବଂଧରେ ଅର୍ଜୁନଂକୁ ଆଉରି କେତେ ତତ୍ତ୍ୱକଥା କହିଲେ । ସେ ସବୁକୁ ଅନୁଗୀତା ବୋଲି କୁହାଯାଏ । ଅଶ୍ୱମେଧ ପର୍ବରେ ସେ ସବୁ ଅଛି । ପିଲାମାନେ ବଡ଼ ହେଲେ ପଢ଼ିବା ଉଚିତ ।

ତା ପରେ ପିତାଂକୁ ଦେଖିବା ପାଇଁ କୃଷ୍ଣ ଦ୍ୱାରକାକୁ ଗଲେ । ଭଉଣୀ ସୁଭଦ୍ରା ମଧ୍ୟ ତାଂକ ସଂଗେ ଗଲେ ।

ବାପ ବସୁଦେବ ଓ ମା’ ଦେବକୀଂକୁ ପ୍ରଣାମ କରି, ସେଠାରେ ଯୁଦ୍ଧ କଥା ସବୁ କୃଷ୍ଣ କହିଲେ; କିଂତୁ ଅଭିମନ୍ୟୁଂକ ମରିବା କଥା ଡରି ଡରି କହୁ ନ ଥାଂତି । ସୁଭଦ୍ରା ହଠାତ୍ ସେ କଥା କହି କାଂଦି କାଂଦି ପଡ଼ିଗଲେ । ବସୁଦେବ, ଦେବକୀ ବହୁତ କାଂଦିଲେ । ତା ପରେ କୃଷ୍ଣ ସମସ୍ତଂକୁ ବୁଝାଇ ପୁଣି ଶାଂତ କରି ଦେଲେ ।

---

## ଅଶ୍ୱମେଧ ଯଜ୍ଞର ଆୟୋଜନ

ଏଣେ ମଂତ୍ରୀମାନଂକ ସଂଗେ ବିଚାର କରି, ଯୁଧିଷ୍ଠିର ଅଶ୍ୱମେଧ ଯଜ୍ଞ କରିବାପାଇଁ ମରୁତ ରାଜାଂକ ଧନ ଆଣିବା ସକାଶେ ହିମାଳୟକୁ ଗଲେ । ସେଠାରେ ଖୋଜି ଖୋଜି ସେ ସ୍ଥାନଟି ବାହାରକଲେ;ମହାଦେବଂକୁ ପୂଜା କରିସାରି, ଖୋଳି ଖୋଳି ସୁନା ବାହାର କଲେ; ଓହୋ ! ସେ କେତେ ସୁନା ! ପୂର୍ବେ ଏ ଦେଶର ଲୋକଂକର କେତେ ଧନ ନ ଥିଲା ! ସେମାନେ କେତେ ଦାନ କରୁଥିଲେ ! ସେ କଥା ବିଚାରିଲେ ଆଶ୍ଚର୍ଯ୍ୟ ଲାଗେ ।

ଶହ ଶହ ଓଟ, ହଜାର ହଜାର ଘୋଡ଼ା, କେତେ ଗଧ, ବଳଦ, ମଣିଷ ସମସ୍ତଂକ ପିଠିରେ ବୋଝ ବୋଝ ହୋଇ ସେ ସୁନା ସବୁ ଲଦା ହେଲା । ଦୁଇ ଯୋଜନ ଧରି ବୋଝ ଭାର ଚାଲିଥାଏ । ଓଟ, ଘୋଡ଼ା, ଗୋରୁ, ଗଧମାନେ ବଂକା ହୋଇ ନଇଁ ନଇଁ ବଡ଼ କଷ୍ଟରେ ଦିନକେ କୋଶେ କି ଦି’କୋଶ ଚାଲୁଥାଂତି । ଏହିପରି ଯୁଧିଷ୍ଠିର ସୁନାଯାକ ନେଇ, ଆସି ହସ୍ତିନାରେ ପହଂଚିଲେ ।

ଏ ମଧ୍ୟରେ କୃଷ୍ଣ ଦ୍ୱାରକାକୁ ଫେରି ଆସି ପହଂଚିଚଂତି; ଅଭିମନ୍ୟୁଂକ ସ୍ତ୍ରୀ ଉତ୍ତରା ଗୋଟିଏ ମଲା ପିଲା ଜନ୍ମ କଲେ । କୃଷ୍ଣ ପିଲାଟିକୁ ବଂଚାଇ ପରୀକ୍ଷିତ ନାମ ଦେଲେ ।

ଏବେ ଅଶ୍ୱମେଧ ଯଜ୍ଞ ପାଇଁ ସବୁ ଠିକ୍ ହେଲା । ଗୋଟିଏ ଶ୍ୟାମକର୍ଣ୍ଣ ଘୋଡ଼ା ବଛା ହେଲା । ସେ ଘୋଡ଼ାଟିକୁ ମଂତ୍ରରେ ପବିତ୍ର କରି ଆଗେ ଆଗେ ଛାଡ଼ ଦେବାକୁ ହେବ । ପଛରେ ବୀରମାନେ ତାକୁ ଜଗିଥିବେ । ଘୋଡ଼ାକୁ କେହି ଅଟକାଇଲେ,ବୀରମାନେ ତାକୁ ଜିଣି ନ ପାରିଲେ ଯଜ୍ଞ ହୋଇପାରିବ ନାଇ । ଏହିପରି ବୁଲି ବୁଲି ଘୋଡ଼ାଟି ବର୍ଷକ ପରେ ଫେରି ଆସିଲେ ଯଜ୍ଞ କାର୍ଯ୍ୟ ଆରଂଭ ହେବ ।

ଯୁଧିଷ୍ଠିରଂକର ଘୋଡ଼ା ଏବେ ଛାଡ଼ି ଦିଆଗଲା । ଅର୍ଜୁନ ସୈନ୍ୟସାମଂତ ଧରି, ତା ପଛେ ପଛେ ଚାଲିଲେ । ଅର୍ଜୁନ ଯେତେବେଳେ ଘୋଡ଼ା ପାଖେ ଯାଉଥଂତି, ସେତେବେଳେ ଆଉ କିଛି ଭୟ ନାଇ; କିଂତୁ ଯାତ୍ରାକଲାବେଳେ ଯୁଧିଷ୍ଠିର ଅର୍ଜୁନଂକୁ କହିଲେ, “ବାବୁ ଯେଉଁମାନେ କୁରୁକ୍ଷେତ୍ରରେ ଯୁଦ୍ଧ କରୁଥିଲେ ସେମାନଂକ ପୁଅ, ନାତିମାନଂକୁ ପ୍ରାଣରେ ମାରିବୁ ନାଇ ।”

ଶ୍ରୀକୃଷ୍ଣଙ୍କର ଏହି ଆଜ୍ଞାପାଳନ କରିବାରେ ଅର୍ଜୁନଙ୍କୁ ବହୁତ ଦୁଃଖ ପାଇବାକୁ ହୋଇଥିଲା । କୁରୁକ୍ଷେତ୍ରରେ କେଉଁ ରାଜା ବା ଯୁଦ୍ଧ କରି ନ ଥିଲେ ? ସେମାନଙ୍କ ଦେଶକୁ ଘୋଡ଼ା ଗଲାକ୍ଷଣି ତାଙ୍କ ପୁଅ, ନାତି, ଦେଶ ଲୋକେ ରାଗରେ ଅର୍ଜୁନଙ୍କୁ ମାରିବାକୁ ଆସନ୍ତି । କାଳେ ସେମାନେ ମରିଯିବେ ବୋଲି ଅର୍ଜୁନ ତାଙ୍କୁ ଭଲ କରି ବାଣ ମାରନ୍ତି ନାହିଁ । ସେମାନେ ଭାବୁଛନ୍ତି; ବୋଧ ହୁଏ, ଅର୍ଜୁନ ଭଲ ଯୁଦ୍ଧ କରିପାରୁ ନାହାନ୍ତି; ତେଣୁ ସେମାନେ ଆହୁରି ଉତ୍ସାହରେ ଯୁଦ୍ଧ କରି, ଅର୍ଜୁନଙ୍କୁ କ୍ଷତ ବିକ୍ଷତ କରି ପକାନ୍ତି । ଅର୍ଜୁନ କେତେବେଳେ ଡରି ଡରି ତାଙ୍କ ଭିତରୁ ଜଣେ ଅଧେ ପୁଣି ମାରି ବସନ୍ତି । ତହୁଁ ସେମାନେ ଆସି ଅର୍ଜୁନଙ୍କ ପାଖେ ପଡ଼ନ୍ତି ।

ତ୍ରିଗର୍ତ୍ତ ଦେଶର ରାଜା ସୁଶର୍ମାର ପୁଅ ଧୃତବର୍ମା, ପ୍ରାଗ୍‌ଜ୍ୟୋତିଷର ଭଗଦତ୍ତର ପୁଅ ବଜ୍ରଦତ୍ତର ସଙ୍ଗେ ଏଇପରି ହେଲା । ସିନ୍ଧୁ ଦେଶରେ ଜୟଦ୍ରଥଙ୍କ ଲୋକେ ଏହିପରି ଭାବୁରି କରି, ଅର୍ଜୁନଙ୍କୁ ଅସ୍ତବ୍ୟସ୍ତ କରିବାରୁ ଅର୍ଜୁନ ବାଧ୍ୟ ହୋଇ ତାଙ୍କୁ ମାରିବାକୁ ଆରମ୍ଭ କଲେ । ଜୟଦ୍ରଥର ସ୍ତ୍ରୀ ଧୃତରାଷ୍ଟ୍ରଙ୍କ ଝିଅ ଦୁଃଶଳା, ପିଲା ନାତିଟିକି କୋଳରେ ଧରି, କାନ୍ଦି କାନ୍ଦି ଅର୍ଜୁନଙ୍କ ପାଖେ ପହଞ୍ଚିଲେ । ଅର୍ଜୁନ ତାଙ୍କୁ ଦେଖି ଗାଣ୍ଡୀବ ଫିଙ୍ଗି ଦେଇ କହିଲେ, "ଭଉଣି, ତୁମର କ'ଣ ଦରକାର କହ ।"

ଦୁଃଶଳା ଯାହା କହିଲେ, ଶୁଣି ଅର୍ଜୁନଙ୍କର ବଡ଼ ଦୁଃଖ ହେଲା । ଜୟଦ୍ରଥ ମଲା ପରେ ତାଙ୍କ ପୁଅ ସୁରଥ ଶୋକରେ ବଡ଼ କାତର ହେଲେ । ଅର୍ଜୁନଙ୍କ ଘୋଡ଼ା ସିନ୍ଧୁ ଦେଶରେ ପହଞ୍ଚିବା ମାତ୍ରେ ତାଙ୍କର ପ୍ରାଣ ଉଡ଼ିଗଲା । ସେଥିପାଇଁ ବିଚାରି ଦୁଃଶଳା ସୁରଥର ପୁଅ ନାତିଟିକି ଘେନି ଅର୍ଜୁନ ପାଖରେ ପହଞ୍ଚିଲା । କେଜାଣି, ତାକୁ ଦେଖି ଅର୍ଜୁନଙ୍କର ଦୟା ଅବା ହବ ।

ଦୁଃଶଳା କହିବାରୁ ପିଲାଟି ଅତି କାତର ହୋଇ ମୁଣ୍ଡ ଟେକି ଅର୍ଜୁନଙ୍କୁ ପ୍ରଣାମ କଲା । ଅର୍ଜୁନଙ୍କ ଆଖିରୁ ଝରି ଝରି ଲୁହ ବହିଗଲା । ସେ କହିଲେ; "କ୍ଷତ୍ରିୟଧର୍ମକୁ ଧିକ୍ ! ଏହି ଧର୍ମପାଳନ କରିବାକୁ ଯାଇ, ମୁଁ ବନ୍ଧୁବାନ୍ଧବମାନଙ୍କୁ ମାରିଛି ।" ଏହା କହି ଦୁଃଶଳାକୁ ବୁଝାଇ ସୁଝାଇ ସେ ବିଦାୟ ଦେଲେ ।

ମଣିପୁର ରାଜକନ୍ୟା ଚିତ୍ରାଙ୍ଗଦାଙ୍କୁ ଅର୍ଜୁନ ପୂର୍ବେ ବିଭା ହୋଇଥିଲେ । ଏବେ ସେ ଚିତ୍ରାଙ୍ଗଦାଙ୍କ ପୁଅ ବଭ୍ରୁବାହନ ମଣିପୁରର ରାଜା । ଘୋଡ଼ା ମଣିପୁରରେ ପହଞ୍ଚିଲା । ବଭ୍ରୁବାହନ ପିତା ଆସିଛନ୍ତି ବୋଲି ଶୁଣି, ପାତ୍ର ମନ୍ତ୍ରୀମାନଙ୍କୁ ଘେନି ଅତି ନମ୍ର ବିନୀତ ଭାବରେ ଅର୍ଜୁନଙ୍କ ପାଖେ ଆସି ପହଞ୍ଚିଲେ ।

ଅର୍ଜୁନ କିନ୍ତୁ ସନ୍ତୁଷ୍ଟ ହେଲେ ନାହିଁ । ସେ କହିଲେ, "ମୁଁ ଆସିଲି ଯୁଦ୍ଧ କରିବାକୁ, ତୁମେ ହାତ ଯୋଡ଼ି ଆସି ହାଜର । ଏ ତ କ୍ଷତ୍ରିୟର କାମ ନୁହେଁ । ତୁମେ କାପୁରୁଷ । ତୁମେ ବଞ୍ଚିଥାଇ, କି ଲାଭ ?" ବଭ୍ରୁବାହନ ଏହା ଶୁଣି ଲାଜରେ ମୁଣ୍ଡ ପୋତିଦେଲେ ।

ଉଲୁପୀ ବୋଲି ଆଉ ଗୋଟିଏ ନାଗକନ୍ୟାଙ୍କୁ ଅର୍ଜୁନ ବିଭା ହୋଇଥିଲେ । ସେ ଏତିକିବେଳେ ଆସି ବଭ୍ରୁବାହନଙ୍କୁ କହିଲେ, "ବାପା ଯୋଦ୍ଧା ବେଶରେ ଆସିଛନ୍ତି, ଯୁଦ୍ଧ କଲେ ଯାଇ ସେ ସନ୍ତୁଷ୍ଟ ହେବେ ।"

ସେଠାରୁ ବଭ୍ରୁବାହନ ସୈନ୍ୟ ସାମନ୍ତ ଘେନି ଆସି, ଘୋଡ଼ା ଅଟକାଇଲେ । ଅର୍ଜୁନ ଭାରି ସନ୍ତୋଷରେ ଯୁଦ୍ଧ ଲଗାଇଦେଲେ; କିନ୍ତୁ ଅତି ଅଳ୍ପ ସମୟରେ ବଭ୍ରୁବାହନ ବାଣ ମାରି ଅର୍ଜୁନଙ୍କୁ ଅଜ୍ଞାନ କରି ଦେଲେ । ଅର୍ଜୁନ ଜ୍ଞାନ ପାଇ, ଭାରି ଖୁସି ହୋଇ, ପୁଣି ଭଲ କରି ଯୁଦ୍ଧ କରିବାକୁ ବଭ୍ରୁବାହନଙ୍କୁ କହିଲେ ଏବଂ ନିଜେ ସଜାଡ଼ି ହୋଇ ରଥରେ ବସିଲେ ।

ଅର୍ଜୁନ ତାଙ୍କ ରଥର ଘୋଡ଼ା, ପତାକା କାଟି ଦେଲେ । ବଭ୍ରୁବାହନ ଭୂମିରେ ଠିଆ ହୋଇ ଏପରି ଯୁଦ୍ଧ କଲେ ଯେ, ସେଥିରେ ଅର୍ଜୁନଙ୍କର ଭାରି ଆନନ୍ଦ ହେଲା । ଶେଷକୁ ଅର୍ଜୁନଙ୍କୁ ଏପରି ଏକ ବାଣ ମାରିଲେ ଯେ, ଅର୍ଜୁନ ମଲାପରି ପଡ଼ିଲେ । ଅର୍ଜୁନଙ୍କୁ ମରିଗଲେ ବୋଲି ଭାବି, ବଭ୍ରୁବାହନ ମଧ୍ୟ ଦୁଃଖରେ ଅଜ୍ଞାନ ହୋଇଗଲେ ।

ଚିତ୍ରାଙ୍ଗଦା ଏହା ଶୁଣି, କାନ୍ଦି କାନ୍ଦି ସେଠାକୁ ଆସି ଉଲୁପୀଙ୍କ ଭାରି ଗାଳି ଦେଲେ; କହିଲେ, "ତୁଇ ପୁଅକୁ ଯୁଦ୍ଧରେ ମରାଇଲୁ ।"

ବଭ୍ରୁବାହନ ଏତିକିବେଳେ ଜ୍ଞାନ ପାଇ, ସେହି ଉଲୁପୀଙ୍କ ବକ ବକ କହିଲେ, "ବାପାଙ୍କୁ ମାରିଚି, ମୁଁ ଏହିକ୍ଷଣି ନିଜେ ମରିବି, ତୋ ମନ ସଂତୋଷ ହେବ ।"

ଉଲୁପୀ ସମସ୍ତଙ୍କ ବୋଧ ଦେଇ ନାଗ ଲୋକରୁ ସଞ୍ଜୀବନୀ ମଣି ଅଣାଇଲେ । ସେ ମଣି ଅର୍ଜୁନଙ୍କ ଦେହରେ ଲଗାଇ ଦେଲାକ୍ଷଣି, ଅର୍ଜୁନ ଆଖି ମଳି ଉଠିଲେ ।

ସମସ୍ତେ ଭାରି ଖୁସି ହେଲେ । ଏବେ ଜଣାଗଲା, ଉଲୁପୀ ଜାଣି ଶୁଣି ମଙ୍ଗଳ କରିବାପାଇଁ ବଭ୍ରୁବାହନଙ୍କୁ ଯୁଦ୍ଧରେ ମରାଇଥିଲେ । ଶିଖଣ୍ଡୀକୁ ଆଗରେ ରଖି ଅର୍ଜୁନ ଯେତେବେଳେ ଭୀଷ୍ମଙ୍କୁ ମାରିଲେ, ସେତେବେଳେ ବସୁ ଭାଇମାନେ ଏବଂ ଗଙ୍ଗାଦେବୀ ଅର୍ଜୁନଙ୍କୁ ଅଭିଶାପ ଦେବାକୁ ବାହାରିଲେ । ଉଲୁପୀ ସେଠାରେ ଥିଲେ । ଆପଣା ବାପ ନାଗରାଜାଙ୍କୁ ଧରି ଅର୍ଜୁନଙ୍କୁ କ୍ଷମା ଦେବାପାଇଁ ସେ ଦେବତାମାନଙ୍କୁ ବିନତି କଲେ । ଦେବତାମାନେ କହିଲେ, "ବଭ୍ରୁବାହନ ଯେବେ ଅର୍ଜୁନଙ୍କୁ ମାରିବ, ତେବେ ଅର୍ଜୁନର ଏ ଶାପ କଟିଯିବ ।" ଉଲୁପୀ ସେହି ଦିନଠାରୁ ଅର୍ଜୁନଙ୍କୁ ବଂଚାଇବା ପାଇଁ ସଞ୍ଜୀବନୀ ମଣି ଠିକ୍ କରି ରଖାଇଥିଲେ ଏବଂ ସେଥିପାଇଁ ବଭ୍ରୁବାହନଙ୍କୁ ଯୁଦ୍ଧରେ ମରାଇଲେ ।

ଏକଥା ଶୁଣି ସମସ୍ତେ ଉଲୁପୀ ଉପରେ ଯେ ଭାରି ଖୁସି ହୋଇଥିବେ, ସେ କଥା କହିବା ଦରକାର ନାହିଁ ।

ଅର୍ଜୁନ ସେଠାରୁ ଉଲୁପୀ, ଚିତ୍ରାଙ୍ଗଦା ଓ ବଭ୍ରୁବାହନଙ୍କୁ ନିମନ୍ତ୍ରଣ କରି ଅନ୍ୟ ଦେଶକୁ ଯାତ୍ରା କଲେ ।

ମଗଧରେ ଜରାସନ୍ଧ ନାତି ମେଘସନ୍ଧି ଆସି ଘୋଡ଼ା ଅଟକାଇଲେ । ଅର୍ଜୁନ ଯେତେ ବଞ୍ଚାଇ ବଞ୍ଚାଇ ବାଣ ମାରିଲେ, ତାଙ୍କର ସେତେ ଉତ୍ସାହ ବଢ଼ିବାର ଦେଖାଗଲା । ଶେଷକୁ ତାଙ୍କ ଅସ୍ତ୍ର ଶସ୍ତ୍ର ସରିଗଲା । ସେ ପରାଜିତ ହେଲେ । ଅର୍ଜୁନ କହିଲେ, "ପିଲାଲୋକ; ତୁମେ ବେଶ୍ ଯୁଦ୍ଧ କଲ, ଏବେ ଘରକୁ ଯାଅ । ମୁଁ ତୁମକୁ ମାରିବି ନାହିଁ ।" ମେଘସନ୍ଧି ହାତ ଯୋଡ଼ି କ୍ଷମା ମାଗିଲେ । ଅର୍ଜୁନ କହିଲେ, "ଚୈତ୍ରମାସ ପୂର୍ଣ୍ଣିମା ଦିନ ମହାରାଜ ଯୁଧିଷ୍ଠିରଙ୍କର ଯଜ୍ଞ ଦେଖିବାକୁ ଯିବ ।"

ଗାନ୍ଧାର ଦେଶରେ ଶକୁନିଙ୍କ ପୁଅ ମଧ୍ୟ ଭାରି ତେଜ ଦେଖାଇ ବସିଲେ; ଅର୍ଜୁନ ତାଙ୍କ ମୁଣ୍ଡ ନ କାଟି ବାଣରେ ତାଙ୍କ ପାଗଟି ଉଡ଼ାଇ ଦେବାରୁ ତାଙ୍କର ଜ୍ଞାନ ପଶିଗଲା ।

ଏହିପରି ବର୍ଷେକାଳ ଘୋଡ଼ାଟିକି ସବୁ ଦେଶ ବୁଲାଇ ହସ୍ତିନାକୁ ଫେରାଇ ଆଣିଲା ଉତ୍ତାରୁ, ସେହି ଘୋଡ଼ାର ମାଂସରେ ଯଜ୍ଞ କାର୍ଯ୍ୟ ହେଲା ।

ଆଃ ! ସେ କି ଯଜ୍ଞ ! ସେପରି ଯଜ୍ଞ ଆଉ କେବେ ହେବ ନାହିଁ । କେଉଁ ଆତ୍ମୀୟ ସ୍ୱଜନ, କେଉଁ ରାଜା, ମହାରାଜା, କେଉଁ ମୁନି ଋଷି, ପଣ୍ଡିତ, ବ୍ରାହ୍ମଣ ଅବା ସେ ଯଜ୍ଞକୁ ଆସି ନ ଥିଲେ ? ଭୋଜନ କଥା ଛାଡ଼ । ଭାତର ପର୍ବତ । ଘିଅ ଦହିର ନଈ ! ଆଉ କ୍ଷୀରିପିଠା ମିଠାଇର କଥା କିଏ କହିପାରିବ ? ହଜାର ହଜାର ଲୋକ ମଣି, କୁଣ୍ଡଳ ଓ ସୁବର୍ଣ୍ଣ ମାଳା ଧରି ସେହି ସବୁ ଖାଦ୍ୟ ପରଷୁ ଥିଲେ । ଲକ୍ଷେ ବ୍ରାହ୍ମଣର ଭୋଜନ

ସରିଲେ ଥରେ ଦୁଂଦୁଭି ବାଜୁଥିଲା । ଏହାପରେ ଯଜ୍ଞ ଦିନମାନଂକ ଭିତରେ ଦୁଂଦୁଭି ଯେ ଥରକୁ ଥର କେତେ ବାଜୁଥିଲା, ତାହା କେହି କହି ପାରିବ ନାଇ ।

---

## ନେଉଳ କଥା

ଯଜ୍ଞ ସରିଲା ବେଳକୁ ସେଠାରେ ଗୋଟିଏ ଆଶ୍ଚର୍ଯ ଘଟଣା ହେଲା । ମହାଯଜ୍ଞ ଶେଷରେ ସମସ୍ତେ ଯୁଧିଷ୍ଠିରଂକୁ ଧନ୍ୟ ଧନ୍ୟ କରୁଚଂତି, କାହୁଁ ଗୋଟିଏ ନେଉଳ ଆସି ସେଠାରେ ପହଂଚିଲା । ତା'ର ଆଖି ଦିଓଟି ନୀଳ । ମୁଂଡଠୁଁ ଲାଂଜଯାଏ ଦେହରୁ ଅଧେ ସୁନା । ସେ ନେଉଳଟି ଆସି ମଣିଷପରି କହିଲା, "ରାଜା ମହାଶୟଗଣ, ଉଂଛବୃତ୍ତି ବୋଲି ଜଣେ ବ୍ରାହ୍ମଣ ଯେଉଁ ଛତୁ ( ଭଜା ଗହମ, ବୁଟ ବା ଲିଆର ଚୂନାକୁ ଛତୁ କହନ୍ତି ) ଦାନ କରିଥିଲେ, ଆପଣ-ମାନଂକର ଏ ଯଜ୍ଞଠାରୁ ସେ କାର୍ଯ ବହୁତ ବଡ଼ ।" ସମସ୍ତେ ଆଶ୍ଚର୍ଯ ହୋଇ ପଚାରିଲେ, 'କଥା କଅଣ ?' ନେଉଳ କହିଲା, "ଆପଣମାନେ ମନ ଦେଇ ଶୁଣଂତୁ । ଉଂଛବୃତ୍ତି ବୋଲି ଜଣେ ବ୍ରାହ୍ମଣ ଥିଲେ । ତାଂକର ଗୋଟିଏ ଭାର୍ଯା, ଗୋଟିଏ ପୁଅ ଓ ଗୋଟିଏ ବୋହୂ ଥିଲା । ବିଲରୁ ଶସ୍ୟ କାଟି ନେଲେ ଯାହା ପଡ଼ିଥାଏ, ଉଂଛବୃତ୍ତି ଏବଂ ତାହାର କୁଟୁଂବ ଲୋକେ ସେହି ଶସ୍ୟ ଗୋଟାଇ ନେଇ ଯାହା ମିଳେ ତାହା ଖାଆଂତି । ଏକ ସମୟରେ ଦେଶରେ ଦୁର୍ଭିକ୍ଷ ହେଲା; ବିଲରେ ଶସ୍ୟ ମରିଗଲା । ବ୍ରାହ୍ମଣଙ୍କୁ କେଉଁଦିନ ଅତି ଅଳ୍ପ କିଛି ମିଳୁଥାଏ; ଆଉ କେଉଁ କେଉଁ ଦିନ କିଛି ମିଳେ ନାଇ । ଏହି ସମୟରେ ଦିନେ ଦିନଯାକ ବୁଲି ବୁଲି ସଂଧ୍ୟା-ବେଳକୁ ବ୍ରାହ୍ମଣ ମୁଠାଏ ଯବ ପାଇଲେ । ବଂଶଯାକ ସେ ଯବ ଦେଖି ଭାରି ଖୁସି ହୋଇ, ଛତୁ ତିଆରି କରି ପକାଇଲେ । ସମସ୍ତେ ସ୍ନାନାହ୍ନିକ ସାରି, ସେହି ଛତୁ ଖାଇବା ପାଇଁ ଆସି ବସିଲେ ।"

"ଠିକ୍ ଏତିକବେଳେ ଜଣେ ଅତିଥି ବ୍ରାହ୍ମଣ ଆସି ପହଂଚିଲେ । ଅତିଥିଂକୁ ଭାରି ଭୋକ କରୁଚି । ସେ ଦୁଇ ତିନି ଦିନ ହେଲା କିଛି ଖାଇ ନାହାଂତି । ବ୍ରାହ୍ମଣ ଅତି ଆଦରରେ ଆପଣାର ଛତୁ ଭାଗଟି ନେଇ ସେହି ଅତିଥିଂକ ଖାଇବାକୁ ଦେଲେ । ଅତିଥି ସେତକ ଖାଇଲେ; କିଂତୁ ତାଂକର ତୃପ୍ତି ହେଲା ନାଇ । ଏହା ଦେଖି ବ୍ରାହ୍ମଣୀ ନିଜ ଭାଗଟି ଆଣି ଅତିଥିଂକ ଦେଲେ । ତାକୁ ଖାଇ ମଧ୍ୟ ଅତିଥିର ତୃପ୍ତି ହେଲା ନାଇ । ତାହା ଦେଖି ବ୍ରାହ୍ମଣ ପୁଅ ନିଜ ଭାଗଟି ଦେଲେ । ତଥାପି ଅତିଥିଂକର ତୃପ୍ତି ହେଲା ନାଇ । ସେଠାରୁ ବ୍ରାହ୍ମଣଂକ ବୋହୂ ନିଜ ଭାଗ ଆଣି ଅତିଥିଂକ ଦେଲେ ।

ଏଥିରେ ଅତିଥି ସଂତୁଷ୍ଟ ହୋଇ କହିଲେ— "ହେ ଧାର୍ମିକ, ଏଇ ଦେଖ ସ୍ବର୍ଗରୁ ପୁଷ୍ପ ବରଷୁଚି । ଦେବତାମାନେ ତୁଂଭଂକୁ ସ୍ତୁତି କରୁଚଂତି । ଏବେ ତୁମେ, ସକୁଟୁଂବରେ ସ୍ବର୍ଗକୁ ଯାଅ ।" ସେଇ ଅତିଥି ସ୍ବୟଂ ଧର୍ମ । ତାଂକ କଥାରେ ବ୍ରାହ୍ମଣ, ବ୍ରାହ୍ମଣୀ, ପୁଅ, ବୋହୂ ସମସ୍ତେ ସ୍ବର୍ଗକୁ ଗଲେ । ମୁଁ ପରେ ଗାତରୁ ବାହାରି ସେହି ଅତିଥିଂକ ପତ୍ର ଉପରେ ଗଡ଼ିଗଲି । ସେଥିରେ ଏଇ ଦେଖଂତୁ ମୋ ଦେହରୁ ଅଧେ ସୁନା ହୋଇ ଯାଇଚି । ସେହି ଦିନଠାରୁ ମୁଁ ଦେହର ଆଉ ଅଧିକ ସୁନା କରିବା ଆଶାରେ ଯଜ୍ଞସ୍ଥାନ ଦେଖିଲେ ସେଥିରେ ଗଡ଼ଯାଏ । ଆଜି ମହାରାଜ ଯୁଧିଷ୍ଠିରଂକର ଯଜ୍ଞ ଶୁଣି ଅନେକ ଆଶା କରି ଗଡ଼ିଲି; କିଂତୁ ମୋର ଦେହର ଆଉ ଅଧିକ ସୁନା ହେଲା ନାଇ । ସେଥିପାଇଁ କହୁଚି, ସେ ଗରିବ ବ୍ରାହ୍ମଣ ଯେ ଛତୁ ଦେଇଥିଲା, ତାହା ଏହି ଯଜ୍ଞଠାରୁ ବଡ଼ କାମ ।" ଏହା କହିସାରି ନେଉଳଟି ଗୁହୁଁ ଗୁହୁଁ କୁଆଡ଼େ ଚାଲିଗଲା ।

---

## ଆଶ୍ରମବାସିକ ପର୍ବ

### ଧୃତରାଷ୍ଟ୍ର ବଣକୁ ଯିବାକୁ ବସିଲେ

ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ମନରେ ଯେପରି ଟିକିଏ ହେଲେ ଦୁଃଖ ନ ହୁଏ, ସେଥିପାଇଁ ମହାରାଜ ଯୁଧିଷ୍ଠିର ବଡ଼ ଯତ୍ନରେ ତାଙ୍କ ସେବା କରୁଥାଆନ୍ତି । ଧୃତରାଷ୍ଟ୍ର ଓ ଗାନ୍ଧାରୀ ମଧ୍ୟ ଯୁଧିଷ୍ଠିରଙ୍କୁ ଭାରି ସୁଖ ପାଇଲେ । ଦୁର୍ଯ୍ୟୋଧନ ପ୍ରଭୃତିଙ୍କ କଥା ଯୁଧିଷ୍ଠିରଙ୍କୁ ଦେଖି ସେମାନେ ଭୁଲି ଯାଉଥିଲେ । ବରଂ ବେଳେବେଳେ ଧର୍ମାତ୍ମା ଯୁଧିଷ୍ଠିରଙ୍କ ବ୍ୟବହାର ଦେଖି, ସେମାନେ ଦୁର୍ଯ୍ୟୋଧନ ବଡ଼ ଦୁଷ୍ଟ ଥିଲା ବୋଲି ଭାବୁଥିଲେ । ଅର୍ଜୁନ, ନକୁଳ, ସହଦେବ, କୁନ୍ତୀ, ଦ୍ରୌପଦୀ ପ୍ରଭୃତି ମଧ୍ୟ ଧୃତରାଷ୍ଟ୍ର, ଗାନ୍ଧାରୀଙ୍କୁ ଖୁବ୍ ସେବାରେ ସନ୍ତୋଷ କରାଉଥିଲେ ।

ଧୃତରାଷ୍ଟ୍ର ପାଣ୍ଡବଙ୍କୁ ପୂର୍ବେ ଯେ କଷ୍ଟ ଦେଇଥିଲେ, ତାଙ୍କ ଦୁଃଖ ଦେଖି ସମସ୍ତେ ସେ କଥା ଭୁଲି ଯାଇଥିଲେ; କିନ୍ତୁ ଭୀମ ତାହା କେବେ ଭୁଲି ନ ଥାଆନ୍ତି । ଆଗରେ ଭୀମ ବିନୟ ଦେଖାଉ ଥାଆନ୍ତି ସତ; କିନ୍ତୁ ପଛରେ ତାଙ୍କୁ ନ ମାନିବା ପାଇଁ ଘରର ଚାକରମାନଙ୍କୁ ବେଳେବେଳେ ଠାରି ଦିଅନ୍ତି; ଧୃତରାଷ୍ଟ୍ରଙ୍କୁ ଶୁଣାଇ ଶୁଣାଇ କଟୁକଥା ମଧ୍ୟ କହି ଦିଅନ୍ତି । ଏହିପରି ପନ୍ଦର ବର୍ଷ ବିତିଗଲା ।

ଭୀମର ଦୁଷ୍ଟପଣ ଦିନକୁ ଦିନ କିନ୍ତୁ ବଢ଼ିଲା । ଶେଷକୁ ଧୃତରାଷ୍ଟ୍ର ତାଙ୍କ କଟୁକଥା ସହି ନ ପାରି, ବନ୍ଧୁ ବାନ୍ଧବମାନଙ୍କୁ ଡାକି କାନ୍ଦି କାନ୍ଦି କହିଲେ, "ହେ ବନ୍ଧୁମାନେ, ତୁମେମାନେ ଜାଣ, ମୁଁ ଏହି କୁରୁବଂଶ ନାଶର ମୂଳ । ତୁମେ ସମସ୍ତେ ମୋତେ ଭଲ କଥା କହିଲାବେଳେ, ମୁଁ ଶୁଣି ନାହିଁ । ସେ ପାପର ଫଳ ଭୋଗୁଛି । ଏବେ ମୁଁ ଓ ଗାନ୍ଧାରୀ ଦୁହେଁ ପ୍ରତିଦିନ ମୃଗଚର୍ମ ପିନ୍ଧି ମଟିଆରେ ଶୋଇ, ଭଗବାନଙ୍କ ନାମ କରୁଅଛୁଁ । ସଂଧ୍ୟାରେ ଥରେ ହବିଷ କରୁଛୁଁ । ଜାଣିଲେ ଯୁଧିଷ୍ଠିରଙ୍କର ଦୁଃଖ ହେବ ବୋଲି, ଏହା କାହାକୁ କହୁ ନାହୁଁ ।"

ତା'ପରେ ସେ ଯୁଧିଷ୍ଠିରଙ୍କୁ କହିଲେ, "ବାପା ଯୁଧିଷ୍ଠିର, ତୁମର ମଙ୍ଗଳ ହେଉ; ତୁମ ଯତ୍ନରେ ଏତେ ଦିନ ସୁଖରେ ରହିଲୁଁ । ଏବେ ପରକାଳ ପାଇଁ ବାଟ ଦେଖିବୁଁ । ତୁମେ ଅନୁମତି ଦିଅ, ମୁଁ ଓ ଗାନ୍ଧାରୀ, ଦୁହେଁ ଯାଇ ବଣରେ ତପସ୍ୟା କରିବୁଁ ।"

ଏହା ଶୁଣି ଯୁଧିଷ୍ଠିର ଦୁଃଖିତ ହୋଇ କହିଲେ, "ଏ କି କଥା ? ମୋ ପରି ନରାଧମ ଆଉ କିଏ ଅଛି ? ଆପଣ ନ ଖାଇ ମାଟିରେ ଶୋଇ, ଏତେ ଦୁଃଖରେ ଅଛନ୍ତି; ଅଥଚ ମୁଁ ଖବର ନ ନେଇ ନିଶ୍ଚିନ୍ତ ଅଛି, ଆପଣ ଦୁଃଖ ପାଇଲେ, ମୋର ସୁଖ କି ଲୋଡ଼ା ? ଦୁର୍ଯ୍ୟୋଧନ ଆପଣଙ୍କର ଯେପରି ପୁତ୍ର, ଆମମାନଙ୍କୁ ବି ସେହିପରି ଭାବୁଥିବେ । ଆପଣ ବଣକୁ ଗଲେ, ରାଜ୍ୟରେ ଆମର ଆଉ କି ସୁଖ ? ଆମ ମୁହଁକୁ ଚାହିଁ ମନ ଶାନ୍ତ କରନ୍ତୁ । ଆମେମାନେ ଆପଣଙ୍କର ସେବା କରି କୃତାର୍ଥ ହେଉଁ ।"

ଧୃତରାଷ୍ଟ୍ର କହିଲେ, "ବାପା, ବୁଢ଼ା ଦିନେ ବଣରେ ଯାଇ ତପସ୍ୟା କରିବା ଆମର କୁଳଧର୍ମ । ମୋର ସେଇଆ କରିବାକୁ ଭାରି ଇଚ୍ଛା ହେଉଛି; ତୁମେ ମନା କର ନାହିଁ ।"

ଧୃତରାଷ୍ଟ୍ର ଏତେ ଦୁର୍ବଳ ହୋଇଥିଲେ ଯେ, ଏଇତକ କହୁ କହୁ ପଡ଼ି ଅଜ୍ଞାନ ହୋଇଗଲେ । ଯୁଧିଷ୍ଠିର ଏଥିରେ ବଡ଼ ବ୍ୟଥା ପାଇଲେ ଏବଂ କଷ୍ଟ ସହି କରି ତାଙ୍କୁ ପୁଣି ସଚେତ କରାଇଲେ ସତ, କିନ୍ତୁ କୌଣସି ପ୍ରକାରେ ଧୃତରାଷ୍ଟ୍ରଙ୍କ ମନ ବଦଳାଇ ପାରିଲେ ନାହିଁ । ଏ ମଧ୍ୟରେ ପୁଣି ବ୍ୟାସଦେବ ଆସି ଯୁଧିଷ୍ଠିରଙ୍କୁ ଧୃତରାଷ୍ଟ୍ରଙ୍କ କଥାରେ ହଁ କରିବା ପାଇଁ କହିଲେ ।

ଯୁଧିଷ୍ଠିର ଆଉ କରିବେ କ'ଣ ? ଏବେ ଧୃତରାଷ୍ଟ୍ରଂକ କଥାରେ 'ହଁ' କଲେ । ତହୁଁ ଧୃତରାଷ୍ଟ୍ର ପ୍ରଜାମାନଂକୁ ଡାକି ସେମାନଂକଠାରୁ ବିଦାୟ ନେବାକୁ ବାହାରିଲେ । ଯୁଧିଷ୍ଠିରଂକୁ ରାଜଧର୍ମ ବିଷୟରେ ବହୁତ ଉପଦେଶ ଦେଇ, ପ୍ରଜା ଓ ବଂଧୁ ବାଂଧବ-ମାନଂକୁ ଡାକି ଧୃତରାଷ୍ଟ୍ର କହିଲେ, "ଆପଣମାନେ କୌରବଂକ ସଂଗେ ବାସ କରୁଅଛଂତି । ଏବେ ମୁଁ ବୃଦ୍ଧ ଓ ପୁତ୍ରହୀନ ହୋଇ ଧର୍ମାତ୍ମା ଯୁଧିଷ୍ଠିରଂକୁ ରାଜ୍ୟ ଦେଇଛି । ସେ ତୁମଂକୁ ପିତାମାତା ପରି ଧର୍ମରେ ପାଳିବେ । ଦୁର୍ଯୋଧନର ଦୁଷ୍ଟାମି ଓ ମୋର ଅପରାଧରୁ ଏତେ ରାଜା ଓ ଏତେ ଲୋକ ମଲେ । ଯାହାହେଉ, ମୁଁ ପ୍ରାର୍ଥନା କରୁଛି, ଆପଣମାନେ ଆଉ ସେ କଥା ମନେ ରଖିବେ ନାହିଁ । ଏବେ ଗାଂଧାରୀଙ୍କୁ ଏବଂ ମୋତେ ବଣକୁ ଯିବାପାଇଁ ଅନୁମତି ଦିଅଂତୁ ।"

ଏହିପରି ବାରଂବାର ପ୍ରାର୍ଥନା କରିବାରୁ ଶାମ୍ବ ନାମକ ବ୍ରାହ୍ମଣ ସମସ୍ତଂକ ପାଇଁ କହିଲେ, "ମହାରାଜ, କୌରବମାନେ କାଳେ କାଳେ ଆମର ରାଜା । ସେମାନେ ସର୍ବଦା ପ୍ରାଣପଣେ ପ୍ରଜା ହିତ କରଂତି । ଦୁର୍ଯୋଧନ ଆମର କିଛି ଅକାର୍ଯ କରୁ ନ ଥିଲେ । କୁଳକ୍ଷୟ କଲେ ବୋଲି ଆପଣ ତାଂକୁ ନିଂଦା କରିବା ଠିକ୍ ନୁହେଁ । ଦୁର୍ଯୋଧନ ପ୍ରଭୃତିଂକର କିଛି ଦୋଷ ନାହିଁ । ଦୁର୍ଦ୍ଦୈବରୁ କୌରବମାନେ କ୍ଷୟ ହୋଇଗଂଲେ । ଦୈବ ଘଟଣାରେ କିଏ ବାଧା ଦେବ ? ଆପଣ ଏବେ ଦୁଃଖ ଶୋକ ଛାଡ଼ି, ବେଦବ୍ୟାସଂକ କଥା ଅନୁସାରେ ଶୁଦ୍ଧଚିତ୍ତ ହୋଇ ଧର୍ମ କରଂତୁ । ଅବଶ୍ୟ ଆପଣଂକୁ ନ ଦେଖି ଆମମାନଂକର ଶୋକ ହେବ । ଆମେମାନେ ଆପଣଂକ ଗୁଣ ଗାଉଥିବୁ ।

ଧୃତରାଷ୍ଟ୍ର ଏହା ଶୁଣି ସଂତୋଷରେ ପ୍ରଜାଂକୁ ବହୁତ ପ୍ରଶଂସା କରି ବିଦା କଲେ ।

---

## ଆଶ୍ରମବାସ

କାର୍ତ୍ତିକ ପୂର୍ଣ୍ଣିମା ଦିନ ଧୃତରାଷ୍ଟ୍ର ବଣକୁ ଯିବାର ସ୍ଥିର ହେଲା । ପର୍ବରୁ ଭୀଷ୍ମ ପ୍ରଭୃତିଂକ ଶ୍ରାଦ୍ଧ ପାଇଁ ଧୃତରାଷ୍ଟ୍ର ବିଦୁରଂକ ହାତରେ ଯୁଧିଷ୍ଠିରଂକୁ ଧନ ମଗାଇ ପଠାଇଲେ । ଯୁଧିଷ୍ଠିର ଓ ଅର୍ଜୁନ ଏହା ଶୁଣି କହିଲେ, "ଆମର ଯାହା ଧନ ଅଛି, ସେ ସବୁ ପିତା ଧୃତରାଷ୍ଟ୍ରଂକର; ତାଂକର ଯାହା ଇଚ୍ଛା, ସେ ବ୍ରାହ୍ମଣମାନଂକୁ ଦିଅଂତୁ ।" ଭୀମ ଏଥିରେ ଟିକିଏ ଛଟପଟ ହେଲେ । ଯୁଧିଷ୍ଠିର ତାଂକୁ ଗାଳି ଦେଲେ ଓ ଅର୍ଜୁନ ତାଂକୁ କଅଁଳ କଥାରେ ବୁଝାଇ ଦେଲେ ।

ଶ୍ରାଦ୍ଧ ପରେ ବ୍ରାହ୍ମଣମାନଂକୁ ଧନ ଦାନ କରି, ଗାଂଧାରୀଂକ କାଂଧରେ ହାତ ପକାଇ ଧୃତରାଷ୍ଟ୍ର ବଣକୁ ବାହାରିଲେ । କୁଂତୀ ମଧ୍ୟ ପୁଅ ବୋହୂଂକ ଦୁଃଖକୁ ଖାତିର ନ କରି, ଗାଂଧାରୀଂକ ହାତ ନିଜ କାଂଧରେ ପକାଇ, ଆଗେ ଆଗେ ବାହାରିଲେ । ବିଦୁର ଓ ସଂଜୟ ମଧ୍ୟ ସେମାନଂକ ପଛେ ପଛେ ବଣକୁ ଚାଲିଲେ ।

ସେମାନେ ଯିବାବେଳେ ଘରର ସ୍ତ୍ରୀ ପୁରୁଷ ସମସ୍ତେ କାଂଦି କାଂଦି ପଛରେ ଗଲେ । ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ, ଦ୍ରୌପଦୀ, ଉତ୍ତରା ପ୍ରଭୃତି କେହି ଘରେ ରହିଲେ ନାହିଁ; ଦୁଃଖରେ ସମସ୍ତଂକ ମନ ବ୍ୟାକୁଳ ହେଲା ।

ନଗରବାହାରେ ଧୃତରାଷ୍ଟ୍ର କହିଲେ, "ତୁମେମାନେ ଆଉ ଆସ ନାହିଁ । ଏବେ ଘରକୁ ଫେରିଯାଅ ।" ସମସ୍ତେ ବିଦାୟ ଘେନି କାଂଦି କାଂଦି ଫେରିଲେ, ମାତ୍ର କୁଂତୀ, ବିଦୁର ଓ ସଂଜୟ ଆଉ ଫେରିଲେ ନାହିଁ ।

ଧୃତରାଷ୍ଟ୍ର, ଗାଂଧାରୀ, କୁଂତୀ, ବିଦୁର, ସଂଜୟ ବହୁତ ବାଟ ଚାଲି, ଗଂଗାକୂଳ ବାଟେ କୁରୁକ୍ଷେତ୍ରକୁ

ଆସିଲେ । ସେଠାରେ ଅନେକ ତପସ୍ୱୀଙ୍କର ଆଶ୍ରମ ଥିଲା । ସେହିଠାରେ ବଲ୍‌କଲ, ମୃଗଚର୍ମ ପିନ୍ଧି ସେମାନେ ଭାରି ତପସ୍ୟାରେ ଲାଗିଲେ । ଏହିପରି କେତେ ଦିନ କଟିଗଲା ।

---

## ବିଦୁରଙ୍କ ଦେହତ୍ୟାଗ

ଏଣେ ପାଣ୍ଡବମାନେ ଧୃତରାଷ୍ଟ୍ର ବଗେରାଙ୍କୁ ଛାଡ଼ିଦେଇ ଦିନକୁ ଦିନ ବଡ଼ ବ୍ୟାକୁଳ ହେଲେ; ଏପରିକି, ଶୋକରେ ଯୁଧିଷ୍ଠିର ଠିକ୍‌ରେ ରାଜକାର୍ଯ୍ୟ କରି ପାରିଲେ ନାହିଁ । ଏଣୁ ଦିନେ ସେ ସମସ୍ତଙ୍କୁ ନେଇ ଧୃତରାଷ୍ଟ୍ର ପ୍ରଭୃତିଙ୍କୁ ଦେଖିବା ପାଇଁ ବଣକୁ ବାହାରିଲେ ।

ଧୃତରାଷ୍ଟ୍ରଙ୍କ ଆଶ୍ରମପାଖେ ଯାଇ, ପଚାରି ଜାଣିଲେ, ସେମାନେ ଯମୁନାକୁ ସ୍ନାନ କରିବାକୁ ଯାଇଛନ୍ତି । ତହୁଁ ସେମାନେ ଯମୁନା ଆଡ଼କୁ ଯାଉଁ ଯାଉଁ ବାଟରେ ଧୃତରାଷ୍ଟ୍ର, ଗାନ୍ଧାରୀ, କୁନ୍ତୀ ଓ ସଞ୍ଜୟଙ୍କୁ ସ୍ନାନ କରି ପାଣିମାଠିଆ ଧରି ଆସିବାର ଦେଖିଲେ । ସହଦେବ କୁନ୍ତୀଙ୍କୁ ଦେଖି ହେଁ ପାଟି କରି କାନ୍ଦି ଉଠିଲେ; ଆଉ ସମସ୍ତଙ୍କ ଆଖି ଛଳ ଛଳ ହୋଇଗଲା । ସମସ୍ତେ ଦୌଡ଼ି ଯାଇ ଧୃତରାଷ୍ଟ୍ର, ଗାନ୍ଧାରୀ, କୁନ୍ତୀଙ୍କ ପାଣିମାଠିଆଟିମାନ ଧଇଲେ ।

ସମସ୍ତେ ଆସି ଆଶ୍ରମରେ ବସିଲେ । ସମସ୍ତେ ସେତେବେଳେ ହସ୍ତିନାରେ ଥିଲା ପରି ଆନନ୍ଦ ପାଇଲେ । ସମସ୍ତେ ଅଛନ୍ତି, ବିଦୁର ନାହାନ୍ତି, ଦେଖି ଯୁଧିଷ୍ଠିର ପଚାରିବାରୁ, ଧୃତରାଷ୍ଟ୍ର କହିଲେ, "ବିଦୁର ଆହାର ଛାଡ଼ି ଘୋର ତପସ୍ୟା ଆରମ୍ଭ କରିଛନ୍ତି । ତପସ୍ୱୀମାନେ ତେଣେ ଘୋର ଜଙ୍ଗଲ ଭିତରେ ବେଳେ ବେଳେ ତାଙ୍କୁ ଦେଖନ୍ତି ବୋଲି କହନ୍ତି ।"

ହଠାତ୍ ଏତିକିବେଳେ ବିଦୁର କାହୁଁ ଆସି, ସେହି ଆଶ୍ରମ ପାଖେ ଦେଖା ଦେଲେ । ତାଙ୍କ ମୁଣ୍ଡରେ ମୋଟା ମୋଟା ଜଟା, ଦେହସାକ କାଦୁଅ ବୋଳା ହୋଇଛି; ଖାଲି ହାଡ଼ ଚମ ରହିଛି, ଦେହରେ ଲୁଗାପଟା କିଛି ନାହିଁ । ସେ ଟିକିଏ ଆଶ୍ରମକୁ ଚାହିଁ ଦେଇ ପୁଣି ଫେରିଗଲେ । "କକା, ମୁଁ ଆପଣଙ୍କ ଯୁଧିଷ୍ଠିର, ଦେଖା କରିବାକୁ ଆସିଛି" ବୋଲି ଡାକି ଡାକି ଯୁଧିଷ୍ଠିର ପଛେ ପଛେ ଗୋଡ଼ାଇଲେ ।

ନିର୍ଜନ ବଣ ଭିତରକୁ ଯାଇ, ବିଦୁର ଗୋଟିଏ ଗଛ ଡାଳ ଧରି ଠିଆ ହୋଇ ଯିବାରୁ ଯୁଧିଷ୍ଠିର ଯାଇ ତାଙ୍କ ପାଖେ ନମସ୍କାର ପୁଣି କହିଲେ, "ମୁଁ ସେ ଯୁଧିଷ୍ଠିର, ଦେଖା କରିବାକୁ ଆସିଛି ।"

ଏହା କହି ଯୁଧିଷ୍ଠିର ତାଙ୍କ ଆଗେ ଠିଆ ହେଲାକ୍ଷଣି ସେହି ମହାପୁରୁଷ ବିଦୁରଙ୍କ ଆତ୍ମା, ସେ ଦେହ ଛାଡ଼ି, ଆସି ଯୁଧିଷ୍ଠିରଙ୍କ ଦେହରେ ପଶିଗଲା । ବିଦୁରଙ୍କ ଦେହଟି କାଠ ପରି ଠିଆ ହୋଇ ରହିଲା; କିନ୍ତୁ ଯୁଧିଷ୍ଠିରଙ୍କୁ ଲାଗିଲା, ତାଙ୍କ ନିଜ ତେଜ ଓ ବଳ ହଠାତ୍ ଦୁଇ ଗୁଣ ହୋଇଗଲା । ସେତିକିବେଳେ ଆକାଶରୁ ଦେବବାଣୀ ଶୁଭିଲା, "ମହାରାଜ, ଏହାଙ୍କ ଦେହ ପୋଡ଼ ନାହିଁ । ଏହାଙ୍କ ପାଇଁ ଶୋକ କର ନାହିଁ । ଏ ସ୍ୱର୍ଗକୁ ଯାଇ ଖୁବ୍ ଉଚ୍ଚ ସମ୍ମାନ ପାଇବେ ।"

ଯୁଧିଷ୍ଠିର ଆଶ୍ରମକୁ ଫେରି ଆସି, ଏହି ଅଦ୍ଭୁତ କଥା ସମସ୍ତଙ୍କୁ କହିଲେ । ଆରଦିନ ବ୍ୟାସଦେବ ଆସି 'ବିଦୁର କିଏ' ? ତାହା ଜଣାଇ ଦେଲେ । ସେ କହିଲେ, 'ମାଣ୍ଡବ୍ୟ ମୁନିଙ୍କ ଶାପରେ ନିଜେ ଧର୍ମଦେବ ବିଦୁର ହୋଇ ଜନ୍ମ ହୋଇଥିଲେ ।'

---

## କୌରବଙ୍କର ମୃତ ବନ୍ଧୁ ଦର୍ଶନ

ବ୍ୟାସଦେବ ଜାଣିଥିଲେ, ଧୃତରାଷ୍ଟ୍ର ପ୍ରଭୃତି ସର୍ବଦା ବ୍ୟାକୁଳ ହେଉଚନ୍ତି । ସେଥିପାଇଁ ପଚାରିଲେ, "ମୁଁ ସମସ୍ତଙ୍କ ମନ କଥା ଜାଣେ । ତୁମମାନଙ୍କ ମନ ଶୋକରେ ପୋଡ଼ିଯାଉଚି—ଏବେ ତୁମମାନଙ୍କର କ'ଣ ଇଚ୍ଛା, ମୋ ଆଗରେ କହ ?" ଧୃତରାଷ୍ଟ୍ର କହିଲେ, "ଦୁରାତ୍ମା ଦୁର୍ଯୋଧନ ରାଜ୍ୟ ଲୋଭରେ କୁରୁକୁଳ କ୍ଷୟ କରିଚି । କେତେ ଲୋକ ଯୁଦ୍ଧରେ ଆସି ମରିଚନ୍ତି । ସେମାନଙ୍କର ଗତି କଣ ଏହା ଭାବି ଭାବି ମତେ ବଡ଼ ବ୍ୟସ୍ତ ଲାଗୁଛି । ମତେ ଶାନ୍ତି ଦିଅନ୍ତୁ ।"

ଏହା ଶୁଣି ଗାନ୍ଧାରୀ, କୁନ୍ତୀ, ଦ୍ରୌପଦୀ, ସୁଭଦ୍ରା ଓ ଅନ୍ୟାନ୍ୟ ବୋହୂମାନଙ୍କର ଶୋକ ପୁଣି ଜଳି ଉଠିଲା । ସମସ୍ତେ ନିଜ ନିଜର ପତି, ପୁତ୍ର, ବନ୍ଧୁଙ୍କ କଥା ଭାଳି ଶୋକ କରୁଥିବା କଥା କହିଲେ । ବ୍ୟାସଦେବ କହିଲେ, "ତୁମେମାନେ ଆଜ ରାତିରେ ଯୁଦ୍ଧରେ ମରିଥିବା ବନ୍ଧୁବାନ୍ଧବମାନଙ୍କୁ ଦେଖିବ । ତା'ପରେ ସେମାନଙ୍କ ପାଇଁ ଆଉ ଦୁଃଖ କରିବା ଠିକ୍ ହେବ ନାହିଁ । ସେମାନେ ଧର୍ମଯୁଦ୍ଧରେ ମରି ସ୍ୱର୍ଗକୁ ଯାଇଚନ୍ତି । ତୁମେମାନେ ଗଙ୍ଗାକୂଳକୁ ଯାଅ । ରାତିରେ ସେହିଠାରେ ସବୁ ଦେଖିବ ।"

ସେ ରାତିରେ ବ୍ୟାସଦେବ ଧୃତରାଷ୍ଟ୍ରଙ୍କୁ ଦିବ୍ୟ ଚକ୍ଷୁ ଦେଲେ । ଯୁଦ୍ଧରେ ମରିଥିବା ବୀରମାନେ ପୁଣି ସେହି ଯୁଦ୍ଧବେଶରେ ଗଙ୍ଗା ଭିତରୁ କାହିଁ ଉଠି ଆସିଲେ । ଧୃତରାଷ୍ଟ୍ର ନିଜ ପୁଅମାନଙ୍କୁ ଓ ଅନ୍ୟାନ୍ୟ ବୀରଙ୍କୁ ଦେଖି, ଭାରି ସନ୍ତୋଷ ହେଲେ । ଗାନ୍ଧାରୀ, ସୁଭଦ୍ରା ଆପଣା ଆପଣା ପୁତ୍ରମାନଙ୍କୁ କୁଣ୍ଢାଇ ପକାଇଲେ । ପାଣ୍ଡବମାନେ କର୍ଣ୍ଣ, ଅଭିମନ୍ୟୁ ଓ ଦ୍ରୌପଦୀ ପୁତ୍ରମାନଙ୍କ ସଙ୍ଗେ ମିଶିଗଲେ । କିଏ ସ୍ୱାମୀ, କିଏ ଭାଇ, କିଏ ପୁତ୍ର, କିଏ ବନ୍ଧୁ—ଏମାନଙ୍କ ସଙ୍ଗେ ଏକାଠିରେ ରାତିଯାକ ରହିଲେ । ରାତି ପାହିଲାରୁ ପୁଣି ସମସ୍ତେ ଅଦୃଶ୍ୟ ହୋଇଗଲେ । ପତିବ୍ରତା କୌରବ-ନାରୀମାନେ ସେହି ଗଙ୍ଗାରେ ସ୍ନାନ କରି ସଙ୍ଗେ ସଙ୍ଗେ ମନୁଷ୍ୟ ଦେହ ଛାଡ଼ି, ପତିମାନେ ଯେଉଁଠାରେ ଥିଲେ, ସେହିଠାକୁ ଚାଲିଗଲେ । ପଛେ ଲୋକେ ଏ ଅଦ୍ଭୁତ ଘଟଣା ଶୁଣି ଆଶ୍ଚର୍ଯ୍ୟ ହେଲେ ।

ତହିଁ ଉତ୍ତାରୁ ଯୁଧିଷ୍ଠିର ଓ ସହଦେବ ଦୁହେଁ ଆପେ ଆଶ୍ରମରେ ରହିବା ପାଇଁ ଧୃତରାଷ୍ଟ୍ର, କୁନ୍ତୀ, ଗାନ୍ଧାରୀଙ୍କୁ କହୁଚ ଲଗାଇଲେ । କିନ୍ତୁ ତହିଁରେ ସେମାନେ ବରାବର ନାହିଁ କରିବାରୁ ଶେଷରେ ପାଣ୍ଡବମାନେ ମାସେ ରହି, ବିଦାୟ ହୋଇ, ହସ୍ତିନାକୁ ଫେରି ଆସିଲେ ।

---

## ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତୀଙ୍କର ଶେଷ ଦଶା

ଆଉରି ଦୁଇ ବର୍ଷ ପରେ ଦିନେ ନାରଦ ଆସି, ଯୁଧିଷ୍ଠିରଙ୍କ ପାଖେ ପହଞ୍ଚିଲେ । ଯୁଧିଷ୍ଠିର ତାଙ୍କୁ ଧୃତରାଷ୍ଟ୍ର ପ୍ରଭୃତିଙ୍କ ଖବର ପଚାରିବାରୁ, ସେ କହିଲେ, "ତୁମେମାନେ ତପୋବନରୁ ଫେରି ଆସିବା ପରେ, ଧୃତରାଷ୍ଟ୍ର, ଗାନ୍ଧାରୀ, କୁନ୍ତୀ ଓ ସଞ୍ଜୟ ଅତି କଠୋର ତପସ୍ୟା ଆରମ୍ଭ କଲେ । ଧୃତରାଷ୍ଟ୍ର, ଗାନ୍ଧାରୀ ଜଳ ଛଡ଼ା ଆଉ କିଛି ଖାଇଲେ ନାହିଁ । କୁନ୍ତୀ ମାସକେ ଥରେ ଓ ସଞ୍ଜୟ ପାଞ୍ଚ ଦିନରେ ଥରେ ଖାଇଲେ । ଦିନେ ଗାନ୍ଧାରୀ ଓ କୁନ୍ତୀଙ୍କ ସଙ୍ଗେ ଧୃତରାଷ୍ଟ୍ର ଗଙ୍ଗାଙ୍କୁ ସ୍ନାନ କରିବାକୁ ଯାଇଥିଲେ । ଗାନ୍ଧାରୀ, କୁନ୍ତୀ ଓ ସଞ୍ଜୟଙ୍କ ସଙ୍ଗେ ଫେରିଲା ବେଳକୁ ବଣରେ ଗୋଟାଏ ଭାରି ନିଆଁ ଲାଗି, ଚାରିଆଡ଼ୁ ସେମାନଙ୍କୁ ଘେରିଗଲା । ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତୀ ନ ଖାଇ ନ ପିଇ ବଡ଼ ଦୁର୍ବଳ ହୋଇଥିଲେ । ଧୃତରାଷ୍ଟ୍ର ସଞ୍ଜୟଙ୍କୁ କହିଲେ,

"ସଂଜୟ୍ ତୁମେ ଶୀଘ୍ର ଏଠାରୁ ପଳାଇ ପ୍ରାଣ ରକ୍ଷା-କର । ଆମ୍ଭେମାନେ ଏହି ଅଗ୍ନିରେ ଦେହତ୍ୟାଗ ସ୍ୱର୍ଗକୁ ଚାଲି ଯିବୁ ।" ଏହା କହି ଧୃତରାଷ୍ଟ୍ର, ଗାନ୍ଧାରୀ, କୁନ୍ତୀ ପୂର୍ବକୁ ମୁହଁ କରି ଭଗବାନଙ୍କ ଧ୍ୟାନରେ ବସିଗଲେ । ଦେଖୁଁ ଦେଖୁଁ ସେମାନଙ୍କ ଦେହ ଭସ୍ମ ହୋଇଗଲା ।"

"ସଂଜୟ ବହୁ କଷ୍ଟରେ ନିଆଁରୁ ରକ୍ଷା ପାଇ ଆସି ତପସ୍ୱୀ ମାନଙ୍କ ଆଗେ ଏ ଖବର ଦେଲାବେଳେ ମୁଁ ସେଠାରେ ଥିଲି । ତପସ୍ୱୀମାନଙ୍କୁ ଏହି ଖବରଦେଇ ସଂଜୟ ହିମାଳୟକୁ ଚାଲିଗଲେ । ତା'ପରେ ମୁଁ ତୁମମାନଙ୍କୁ ଏ ଖବର ଦେବାକୁ ଆସିଛି । ଆସିଲା-ବେଳେ ମୁଁ ସେମାନଙ୍କ ଦେହର ପାଉଁଶ ଦେଖି ଆସିଛି । ସେମାନେ ନିଜ ଇଚ୍ଛାରେ ନିଆଁରେ ପ୍ରାଣ-ତ୍ୟାଗ କରିଛନ୍ତି, ଏଥିରେ ତାଙ୍କର ସ୍ୱର୍ଗଲାଭ ହେବ । ତାଙ୍କ ପାଇଁ ଅଜ୍ଞ ଶୋକ କରିବା ତୁମର ଉଚିତ ନୁହେଁ ।"

ଯୁଧିଷ୍ଠିର ଏହି ଦାରୁଣ ସମ୍ବାଦ ଶୁଣି, ମୁଣ୍ଡରେ ହାତ ମାରି ପିଲାଙ୍କପରି ବସି ବିକଳହୋଇ କାନ୍ଦିଲେ । ହସ୍ତିନାରେ ହାହାକାର ପଡିଗଲା । ପାଣ୍ଡବମାନେ ଭାବିଲେ, 'ଗୁରୁଜନମାନେ ଯେବେ ଏପରି ପୋଡ଼ିଗଲେ, ଆମମାନଙ୍କର ରାଜ୍ୟ, ଧନ, ଜୀବନ ସବୁ ବୃଥା ।'

ନାରଦ ପାଣ୍ଡବଙ୍କୁ ବୁଝାଇ ଶାନ୍ତ କଲେ; ତହୁଁ ସମସ୍ତେ ଗଙ୍ଗାକୁ ଯାଇ, ଧୃତରାଷ୍ଟ୍ର, ଗାନ୍ଧାରୀ, କୁନ୍ତୀଙ୍କ ପାଇଁ ତିଳୋଦକ, ତର୍ପଣ, ଶ୍ରାଦ୍ଧ ପ୍ରଭୃତି କାର୍ଯ୍ୟମାନ ବିଧି ଅନୁସାରେ କଲେ ଏବଂ ଯୁଧିଷ୍ଠିର ମନକୁ ଶାନ୍ତ କରି, ଧୈର୍ଯ୍ୟ ଧରି, ପୁଣି ରାଜ୍ୟ ଶାସନରେ ଲାଗିଲେ ।

ଧୃତରାଷ୍ଟ୍ର, କୁନ୍ତୀ, ଗାନ୍ଧାରୀ ତିନି ବର୍ଷ ବଣରେ କଟାଇଥିଲେ ।

# ମୌଷଳ ପର୍ବ

## ଯଦୁବଂଶ କ୍ଷୟ

ଧୃତରାଷ୍ଟ୍ରଙ୍କ ଦେହତ୍ୟାଗ ପରେ ଆଉରି ଅଠର ବର୍ଷ ଚାଲିଗଲା । ଯୁଧିଷ୍ଠିରଙ୍କ ଛତିଶ ବର୍ଷ ରାଜତ୍ୱ ପୂର୍ଣ୍ଣ ହେବାରୁ, ଦିନରେ ତାରା ଖସିଲା, ଶୂନ୍ୟରେ ଚଡ଼ କ ମାଇଲା – ଏହିପରି ସବୁ ଘଟିଲା । ସେଥିରୁ ସମସ୍ତେ ବୁଝିଲେ, କିଛି ଅମଙ୍ଗଳ ହେବ । କୃଷ୍ଣ ଏ ବିପଦର କଥା ଆଗରୁ ଜାଣିଥିଲେ । ସେ ବ୍ୟସ୍ତ ହେଲେ ନାହିଁ ।

ବିପଦ ଯଦ୍ଧିକ ହେଲା, ସେ ଅତି ସାମାନ୍ୟ କଥା । ଯଦୁବଂଶର କେତୋଟି ପିଲା ମହର୍ଷି ବିଶ୍ୱାମିତ୍ର, କଣ୍ୱ ଓ ନାରଦ ପ୍ରଭୃତିଙ୍କୁ ଥଟ୍ଟା କରିବା ପାଇଁ କୃଷ୍ଣଙ୍କ ପୁଅ ଶାମ୍ବଙ୍କୁ ନାରୀବେଶ କରି ଆଣି ମହର୍ଷିମାନଙ୍କୁ ପଚାରିଲେ, "ଏ ନାରୀ କଣ ଜନ୍ମ କରିବ ?" ମହର୍ଷିମାନେ ସବୁ ଜାଣି ପାରନ୍ତି । ସେମାନେ ଅଭିଶାପ ଦେଲେ, "ଏହି ନାରୀ ଗୋଟିଏ ଲୁହା ମୁଷଳ ଜନ୍ମ କରିବ ଏବଂ କୃଷ୍ଣ, ବଳରାମଙ୍କ ଛଡ଼ା ତୁମମାନଙ୍କର ସମସ୍ତେ ସେହି ଲୁହା ମୂଷଳରେ ମରିବେ ।"

କୃଷ୍ଣ ଏ ସବୁ କଥା ଜାଣିଲେ; କିନ୍ତୁ ଏହା ହେବା ଦରକାର ବୋଲି ଭାବିକରି କିଛି ପ୍ରତିକାର କଲେ ନାହିଁ । ଆରଦିନ ଶାମ୍ବ ଗର୍ଭରୁ ସତକୁ ସତ ଗୋଟିଏ ମୂଷଳ ବାହାରିଲା । ଯାଦବରାଜ ଉଗ୍ରସେନ ଅଶୁଭ ହେବ ବୋଲି ମୂଷଳଟି ଘଷାଇ, ଗୁଣ୍ଡାକରି ସମୁଦ୍ରରେ ଭସ୍ମକରି ଫୋପଡ଼ାଇ ଦେଲେ ।

ଯାଦବମାନେ ଭାରି ମଦ ଖାଉଥିଲେ । ଜାଣେ ମଦ ଖାଇ କିଛି ଅନିଷ୍ଟ କରନ୍ତି ଏଥିପାଇଁ ତାଙ୍କ ମଦଭିଆ ମଧ୍ୟ ବନ୍ଦ କରି ଦିଆ ହେଲା; କିନ୍ତୁ ଏପରି ଜୋର କରି ବନ୍ଦ କଲେ କ କେବେ ଲୋକଙ୍କ ଚରିତ୍ର ଭଲ

ହୁଏ, କ୍ରମେ ସେମାନେ ଲୁଚ୍ଛାଇ ଲୁଚ୍ଛାଇ ବେଶି ବେଶି ମଦ ଖାଇଲେ ।

ଦିନେ ସମସ୍ତେ ଆମୋଦ କରିବା ପାଇଁ ପ୍ରଭାସ ତୀର୍ଥକୁ ଗଲେ । ସେଠାରେ ଲୁଚ୍ଛାଇ ମଦଖାଇବାର ଭାରି ସୁବିଧା । ସାଂଗରେ ବହୁତ ମଦ ମଧ୍ୟ ନେଲେ । ସେହି ମଦ ଖାଇ ଶେଷରେ ତାଂକର ସର୍ବନାଶ ହେଲା ।

ପ୍ରଭାସ ତୀର୍ଥରେ ବଳରାମ, ସାତ୍ୟକ, କୃତବର୍ମା ପ୍ରଭୃତି ସମସ୍ତେ କୃଷ୍ଣଂକର ଆଗରେ ମନଇଚ୍ଛା ସୁରା ପାନ କଲେ । ମଦ ନିଶାରେ ତାଂକର ଆଉ ଗତି ରହିଲା ନାହିଁ । କଥା କହୁ କହୁ ଆପଣା ଆପଣା ଭିତରେ କଳି ଲାଗିଗଲା । ସାତ୍ୟକ ସେହି କଳି ଭିତରେ କୃତବର୍ମାଂକୁ କହିଲେ, "ତୁମେ କେଡ଼େ କୁତ୍ସିତ ଲୋକ, ଶୋଇଲା ବେଳେ ଲୋକଂକୁ ଯାଇ ମାରିଲ ।"

କୃତବର୍ମା ରାଗିଯାଇ କହିଲେ, "ତୁ ତ ଭାରି ଭଲ ଲୋକ, ଭୂରିଶ୍ରବା ମୁଂଡଟା କାଟିବା ତ ଭଲ କଥା ।" ଏହିପରି କଥା କଥାକେ ମୁହଁ ଚଳୁ ଚଳୁ ହାତ ଚଳିଲା । ସାତ୍ୟକ ଉଠି କୃତବର୍ମାଂକ ମୁଂଡଟା କାଟି ଦେଲେ । ତା'ପରେ କେତେ ଲୋକ କୃତବର୍ମାଂକ ପକ୍ଷ ଧରି, ସାତ୍ୟକଂକ ଆକ୍ରମଣ କଲେ । କୃଷ୍ଣଂକ ପୁଅ ପ୍ରଦ୍ୟୁମ୍ନ ସାତ୍ୟକଂକ ପକ୍ଷ ଧରିଲେ ।

ଘୋର ଯୁଦ୍ଧ ମାଡ଼ ଉଠିଲା । କୃତବର୍ମାଂକ ଲୋକେ କୃଷ୍ଣଂକ ଆଗରେ ସାତ୍ୟକ ଓ ପ୍ରଦ୍ୟୁମ୍ନଂକୁ ମାରି ଦେଲେ । କୃଷ୍ଣ ସେଠାରୁ ପ୍ରଭାସ ତୀର୍ଥରେ ଥିବା ଶରବଣରୁ ମୁଠାଏ ଶର ଉପାଡ଼ି ଆଣୁ ଆଣୁ ସେ ଗୋଟାଏ ମୁଦ୍‌ଗର ହୋଇଗଲା । ସେହି ମୁଦ୍‌ଗରରେ ସେ କୃତବର୍ମାଂକ ପକ୍ଷ ଲୋକଂକୁ ସଂଗେ ସଂଗେ ବିନାଶ କଲେ ।

ମୁନି ଶାପର କି ଭୟଂକର ତେଜ । ଯେ ମୁଠାଏ ଶର ଧରିଲା, ତା ହାତରେ ସେ ବଜ୍ରପରି ହୋଇଗଲା । ସେହି ଶର ବାଜି କୃଷ୍ଣଂକର ଆଗରେ ତାଂକ ପୁଅ, ଭାଇ, ନାତି, ସମସ୍ତେ ମରିବାରୁ, ଶେଷକୁ ସେ ବଭ୍ରୁ ଓ ଦାରୁକଂକ ଛଡ଼ା ସେଠାର ସମସ୍ତଂକୁ ମାରି ନିପାତ କରିଦେଲେ ।

ତହୁଁ ବଭ୍ରୁ ଓ ଦାରୁକଂକ ସଂଗେ କୃଷ୍ଣ, ବଳରାମଂକୁ ଖୋଜିବାକୁ ବାହାରି ଶେଷରେ ଦେଖିଲେ, ବଳରାମ ଗୋଟିଏ ଗଛ ତଳେ ବସି ଧ୍ୟାନ କରୁଚଂତି । ସେଠାରୁ ଅର୍ଜୁନଂକୁ ଖବର ଦେବ ଲାଗି ଦାରୁକଂକୁ କୃଷ୍ଣ ହସ୍ତିନାକୁ ପଠାଇ ଦେଲେ ଏବଂ ବଭ୍ରୁକୁ କହିଲେ, "ତୁଂଭେ ଶୀଘ୍ର ଯାଇ ସ୍ତ୍ରୀମାନଂକୁ ରକ୍ଷାକର ।" ବଭ୍ରୁ ବେଶି ଦୂର ଯାଇ ନାହିଁ, ହଠାତ୍ ଗୋଟିଏ ଶବରର ମୁଦ୍‌ଗର ପଡ଼ି ତାର ପ୍ରାଣ ବାହାରିଗଲା । ଏହା ଦେଖି କୃଷ୍ଣ ବଳରାମଂକୁ ସେହିଠାରେ ରହିଥିବା ପାଇଁ କହି ନିଜେ ସ୍ତ୍ରୀମାନଂକୁ ରକ୍ଷା କରିବାକୁ ଗଲେ ।

ପିତା ବସୁଦେବଂକୁ ସ୍ତ୍ରୀମାନଂକୁ ରକ୍ଷା କରିବା ପାଇଁ କହି, ପୁଣି କୃଷ୍ଣ ବଳରାମଂକ ପାଖକୁ ଆସି ଦେଖିଲେ ଯେ, ବଳରାମଂକ ମୁହଁରୁ ସହସ୍ର ଫଣା ଧରି ଗୋଟିଏ ଭୟଂକର ସାପ ବାହାରୁଛି । ସାପର ଦେହ ଧଳା, ମୁହ ନାଲି । ସାପଟି ବାହାରି ସମୁଦ୍ର ଆଡ଼କୁ ଯିବାରୁ ବରୁଣ ଓ ନାଗମାନେ ଆସି ପୂଜା କରି ତାକୁ ନେଇଗଲେ । ଏଣେ ବଳରାମଂକ ଦେହ କାଠପରି ମାଟିରେ ପଡ଼ି ରହିଲା ।

ନାଗରାଜ ଅନଂତ ବଳରାମ ରୂପରେ ପୃଥିବୀରେ ଜନ୍ମ ହୋଇଥିଲେ । ସେ ଏବେ ନିଜରୂପ ଧରି ନିଜ ସ୍ଥାନକୁ ଚାଲିଗଲେ । ଏହା ଦେଖି, କୃଷ୍ଣ ବଡ଼ ମନ ଦୁଃଖରେ ସେହି ବଣରେ ବୁଲି ବୁଲି ଠାଏ ଶୋଇ ପଡ଼ିଲେ । ହଠାତ୍ ଜରା ବୋଲି ଜଣେ ବ୍ୟାଧ, ମୃଗ ବୋଲି ଭାବି ତାଂକୁ ଏକ ଶର ମାରିଲା । ସେହି ବାଣ କୃଷ୍ଣଂକ ପାଦ ତଳେ ଫୁଟି ଗଲା । ଶିକାର ପଡ଼ିଛି ବୋଲି ଭାବି ବ୍ୟାଧ ଦୌଡ଼ି ଆସି ଦେଖିଲା, ସର୍ବନାଶ !

ବ୍ୟାଧ କୃଷ୍ଣଙ୍କ ଗୋଡ଼ ତଳେ ପଡ଼ି କେତେ ବ୍ୟସ୍ତ ହେଲା; କିନ୍ତୁ କୃଷ୍ଣ ତା' ଉପରେ ଟିକିଏ ହେଲେ ବିରକ୍ତ ନ ହୋଇ, ତାକୁ କେତେ ମଧୁର କଥାରେ ସାନ୍ତ୍ୱନା ଦେଇ ସ୍ୱର୍ଗକୁ ଚାଲିଗଲେ ।

---

## ଅର୍ଜୁନଙ୍କ ଦଶା

ଏଣେ ଦାରୁକଠାରୁ ଖବର ଶୁଣି ଅର୍ଜୁନ ଦ୍ୱାରକାକୁ ଆସି ଦେଖିଲେ ସବୁ ଶେଷ । ଦ୍ୱାରକା ଏବେ ଶ୍ମଶାନ । ବସୁଦେବ ବଞ୍ଚିଥିଲେ; କିନ୍ତୁ ଅର୍ଜୁନଙ୍କୁ ଦେଖିବା ଦିନହିଁ ସେ ବି ମଲେ ।

ଅର୍ଜୁନ ଆଉ ଦୁଃଖ କରିବେ କ'ଣ ? ବସୁଦେବ ପ୍ରଭାସରେ ମରିଥିବା ଲୋକଙ୍କ ଶବଦାହ ଓ ଶ୍ରାଦ୍ଧାଦି ସାରି, କୃଷ୍ଣଙ୍କ ନାତି ବଜ୍ର ଓ ଦ୍ୱାରକାର ନାରୀମାନଙ୍କୁ ନେଇ ହସ୍ତିନା ଆଡ଼କୁ ବାହାରିଲେ । ଆଶ୍ଚର୍ଯ୍ୟ କଥା ! ଅର୍ଜୁନ ସମସ୍ତଙ୍କୁ ନେଇ ଯେପରି ଚାଲି ଆସୁଥାନ୍ତି, ସେହିପରି ପଛଆଡ଼େ ସମୁଦ୍ର ମାଡ଼ି ଆସୁଥାଏ । ଏହିପରି ଦ୍ୱାରକା ସମୁଦ୍ରରେ ବୁଡ଼ିଗଲା ।

ବାଟରେ ଆସି ଦଳେ ଡକାଇତ ଅର୍ଜୁନଙ୍କୁ ଘେରିଲେ, ଅର୍ଜୁନ ରାଗରେ ଗାଣ୍ଡୀବ ଧରିବାକୁ ଯାଇ ଦେଖିଲେ, ଦେହରେ ଆଉ ବଳ ନାହିଁ । ବଡ଼ କଷ୍ଟରେ ସେଥିରେ ଗୁଣ ଚଢ଼ାଇ ଦେଖିଲେ, ବଡ଼ ବଡ଼ ଅସ୍ତ୍ରଗୁଡ଼ିକର କଥା ଆଉ ତାଙ୍କର ମନେ ନାହିଁ । ଆହାରେ ଦଇବ ! ଅକ୍ଷୟ ତୂଣ ମଧ୍ୟ ଏତିକି ବେଳକୁ ଶୂନ୍ୟ ହୋଇଗଲା ।

ଦସ୍ୟୁମାନେ ଅନେକ ସ୍ତ୍ରୀଙ୍କୁ ନେଇ ଗଲେ । ଅର୍ଜୁନ ମନ ଦୁଃଖରେ ଇନ୍ଦ୍ରପ୍ରସ୍ଥକୁ ଆସି, ବଜ୍ରଙ୍କୁ ସେହିଠାରେ ରାଜା କଲେ ।

ଏ ସବୁ ଦେଖି ଅର୍ଜୁନ ବଡ଼ ବ୍ୟସ୍ତ ହୋଇ ଶେଷରେ ବ୍ୟାସଦେବଙ୍କ ପାଖକୁ ଗଲେ । "ଏତେ ଦୁଃଖ କାହିଁକି ?" ବୋଲି ବ୍ୟାସ ପଚାରିବାରୁ ଅର୍ଜୁନ ଯଦୁବଂଶ ନାଶ ହେବାର କଥା କହିସାରି କହିଲେ, "କୃଷ୍ଣଙ୍କ ଶୋକରେ ମୋତେ ବଞ୍ଚିବାକୁ ଆଉ ସୁଖ ଲାଗୁ ନାହିଁ ।" ତହିଁ ଉତ୍ତାରୁ ସ୍ତ୍ରୀଲୋକମାନଙ୍କୁ ନେଇ ଦ୍ୱାରକାରୁ ଆସିଲାବେଳେ ଯାହା ଯାହା ଘଟିଥିଲା, ସବୁ କହି, କଅଣ କରିବେ ବୋଲି ପଚାରିଲେ ।

ବ୍ୟାସ କହିଲେ, "ଏହି ପୃଥିବୀରେ ତୁମମାନଙ୍କ କାର୍ଯ୍ୟ ଶେଷ ହୋଇଛି । ଏବେ ତୁମମାନଙ୍କର ଏ ସ୍ଥାନ ଛାଡ଼ିବା ଉଚିତ । ଆଉ ଏଠାରେ ତୁମ କାର୍ଯ୍ୟ ଦରକାର ନାହିଁ ବୋଲି ଦିବ୍ୟ ଅସ୍ତ୍ରମାନ ତୁମ ମନେ ପଡ଼ିଲେ ନାହିଁ । ଦରକାର ହେଲେ ସେମାନେ ତୁମକୁ ପୁଣି ମିଳିବେ । ଏବେ ତୁମମାନଙ୍କର ସ୍ୱର୍ଗକୁ ଯିବାର ସମୟ ହେଲାଣି, ସେଥିପାଇଁ ଯତ୍ନ କର ।"

ଏହା ଶୁଣି ଅର୍ଜୁନ ବ୍ୟାସଙ୍କଠାରୁ ବିଦାୟ ନେଇ, ହସ୍ତିନାକୁ ଆସି, ଯୁଧିଷ୍ଠିରଙ୍କ ଆଗେ ଏ ସବୁ କଥା କହିଲେ ।

---

# ମହାପ୍ରସ୍ଥାନିକ ପର୍ବ

## ମହାପ୍ରସ୍ଥାନ

ଅର୍ଜୁନଙ୍କଠାରୁ ଯଦୁବଂଶ ନାଶ ଓ କୃଷ୍ଣଙ୍କ ଦେହତ୍ୟାଗ କଥା ଶୁଣି ଏବଂ ବ୍ୟାସଙ୍କ ଉପଦେଶ କଥା ବିଚାରି, ଯୁଧିଷ୍ଠିର ନିଜେ ଦେହତ୍ୟାଗ ନିମନ୍ତେ ହିମାଳୟକୁ ମହାପ୍ରସ୍ଥାନ ( ଶେଷ ଯାତ୍ରା ) କରିବାର ଠିକ୍ କରି ଅର୍ଜୁନଙ୍କୁ କହିଲେ, "ମୁଁ ମହାପ୍ରସ୍ଥାନ କରିବି; ତୁମେମାନେ କ'ଣ କରିବ ଠିକ୍ କର ।" ଅର୍ଜୁନ କହିଲେ, "ମୁଁ ବି ସେଇଆ ସ୍ଥିର କରିଛି ।" ଭୀମ, ନକୁଳ, ସହଦେବ ଓ ଦ୍ରୌପଦୀ ମଧ୍ୟ ଏହା ଶୁଣି ସେହି ମହାପ୍ରସ୍ଥାନ କରିବାକୁ ବାହାରିଲେ ।

ସମସ୍ତେ ଏହା ଠିକ୍ କରି, ପରୀକ୍ଷିତଂକୁ ହସ୍ତିନାର ରାଜା କଲେ; ଧୃତରାଷ୍ଟ୍ରଂକ ଅଂତର ପୁଅ ଯୁଯୁତ୍ସୁଂକୁ ରାଜ୍ୟ ପାଳିବାର ଭାର ଦେଲେ ଏବଂ କୃପାଚାର୍ଯ୍ୟଂକୁ ଆଚାର୍ଯ୍ୟ କରି, ପାଂଚଭାଇ ଓ ଦ୍ରୌପଦୀ ମହାପ୍ରସ୍ଥାନ ପାଇଁ ତିଆରି ହେଲେ । ପ୍ରଜାମାନେ ସେମାନଂକୁ ଫେରାଇବା ପାଇଁ ବହୁତ ଚେଷ୍ଟା କଲେ; କିଂତୁ ସେମାନେ ଆଉ ଫେରିଲେ ନାହିଁ ।

ମହାପ୍ରସ୍ଥାନରେ ଯେଉଁ ସବୁ ଯଜ୍ଞ ହୋମାଦି କରିବାକୁ ହୁଏ, ତାହା ସବୁ କରିସାରି, ପାଂଚଭାଇ ଓ ଦ୍ରୌପଦୀ ବେଶ ଅଳଂକାର ସବୁ ଛାଡ଼ି, ବଳ୍କଳ ପିଂଧି ଚିରକାଳ ପାଇଁ ହସ୍ତିନାରୁ ବାହାରିଲେ । ହସ୍ତିନା ଲୋକେ ଶୋକରେ ଭାସିଗଲେ ।

କାହୁଁ ଗୋଟିଏ କୁକୁର ଆସି ସେମାନଂକ ପଛେ ପଛେ ଚାଲିଲା । ଏତେବେଳେ କେହି ପଛରୁ ଡାକଂତି ନାହିଁ । ନଗରର ଲୋକେ କାଂଦି କାଂଦି ପଛରେ କେତେଦୂର ଯାଇ, ଫେରିଲେ । କୁକୁରଟି ଫେରିଲା ନାହିଁ, ସାଂଗେ ସାଂଗେ ଗଲା ।

ପାଂଡବମାନେ ପୂର୍ବମୁଖ ହୋଇ ଯାଉଁ ଯାଉଁ ଲୋହିତ ସାଗର ( ଲାଲ ସମୁଦ୍ର ) କୂଳରେ ପହଂଚିଲେ । ଗାଂଡୀବ ଓ ଅକ୍ଷୟ ତୂଣ ଏ ପର୍ଯ୍ୟଂତ ଅର୍ଜୁନଂକ ପାଖେ ଥିଲା । ଏହିଠାରେ ପର୍ବତ ପରି ଏକ ପୁରୁଷ କାହୁଁ ଆସି କହିଲେ, "ମୁଁ ଅଗ୍ନି, କୃଷ୍ଣ ତ ଚକ୍ର ଛାଡ଼ି ଦେଇଚଂତି; ଏବେ ଅର୍ଜୁନ ଗାଂଡୀବ ଓ ଅକ୍ଷୟ ତୂଣ ଛାଡ଼ଂତୁ । ଏବେ ଏହା ବରୁଣଂକୁ ଫେରାଇ ଦେବାକୁ ହେବ ।" ଅର୍ଜୁନ ଏହା ଶୁଣି ଗାଂଡୀବ ଓ ତୂଣ ପାଣିରେ ଫିଂଗିଦେଲେ ।

ସେଠାରୁ ପାଂଡବମାନେ ଦକ୍ଷିଣକୁ ଯାଉଁ ଯାଉଁ ଲବଣ ସମୁଦ୍ର କୂଳରେ ପହଂଚି, ସେଠାରୁ ବାୟବ୍ୟ ( ଦକ୍ଷିଣ-ପଶ୍ଚିମ ) ଓ ପରେ ପଶ୍ଚିମ ଆଡ଼କୁ ଅନେକ ବାଟ ଯାଇ, ପୁଣି ସମୁଦ୍ର ଭେଟିଲେ । ସେଠାରେ ଦ୍ୱାରକା ନଗରର ମଠ ଓ ମଂଦିରମାନଂକର ଅଗ ପାଣି ଉପରକୁ ଦିଶୁଥିବାର ଦେଖି, ସେଠାରୁ ଉତ୍ତର ଆଡ଼କୁ ଚାଲି ଚାଲି, ଶେଷରେ ହିମାଳୟ ପର୍ବତ ଉପରକୁ ଉଠିବାକୁ ଆରଂଭ କଲେ ।

---

## ଦ୍ରୌପଦୀ ଓ ଚାରି ପୁଅଂକର ପତନ

କ୍ରମେ ହିମାଳୟର ମରୁଭୂମି ( ଯେଉଁ ଭୂମିରେ ଗଛ ପତ୍ର ନ ଥାଏ ) ପଡ଼ିଲା । ସେଥିରେ ଚାଲୁ ଚାଲୁ ଦ୍ରୌପଦୀ ଆଉ ଚାଲି ନ ପାରି ତଳେ ପଡ଼ିଗଲେ । ସେ ସବୁ ଭାଇଂକ ପଛରେ ଥିଲେ । "ଦ୍ରୌପଦୀ କାହିଁକି ପଡ଼ିଗଲେ ?" ବୋଲି ଭୀମ ପଛରୁ ଯୁଧିଷ୍ଠିରଂକୁ ପଚାରିବାରୁ ଯୁଧିଷ୍ଠିର ପଛକୁ ନ ଚାହିଁ କହିଲେ, "ଦ୍ରୌପଦୀ ଆମମାନଂକଠାରୁ ଅର୍ଜୁନଂକୁ ବେଶି ଭଲ ପାଅଂତି । ସେହି ପାପରେ ତାଂକର ପତନ ହେଲା ।"

ମହାପ୍ରସ୍ଥାନର ଯାତ୍ରୀମାନେ ପଛକୁ ଚାହିଁବେ ନାହିଁ । ଦ୍ରୌପଦୀ ସେହିଠାରେ ପଡ଼ି ରହିଲେ । ସମସ୍ତେ ପୁଣି ଚାଲିଚଂତି । କିଛି ଦୂର ଯାଇ ପୁଣି ସହଦେବ ସବା ପଛରୁ ପଡ଼ିଗଲେ, ଭୀମ ପଚାରିବାରୁ ଯୁଧିଷ୍ଠିର କହିଲେ, "ସମସ୍ତଂକଠାରୁ ବିଦ୍ୱାନ୍ ( ପାଠୁଆ ) ବୋଲି ସହଦେବଂକର ଅହଂକାର ଥିଲା । ସେହି ପାପରୁ ତାଂକର ପତନ ହେଲା ।"

ପୁଣି ଭଗବାନଂକୁ ଧ୍ୟାନ କରି କରି ଆଗକୁ ଚାହିଁ ଚାଲୁ ଚାଲୁ ପଛର ଦ୍ରୌପଦୀ ଓ ସହଦେବଂକ ଶୋକରେ ଅବଶ ହୋଇ ନକୁଳ ପଡ଼ିଗଲେ । ଭୀମ ପଚାରିବାରୁ ଯୁଧିଷ୍ଠିର କହିଲେ, "ନକୁଳ ନିଜେ ବଡ଼ ସୁଂଦର ବୋଲି ଅହଂକାର କରେ । ସେଥିରେ ହିଁ ତାର ପତନ ହେଲା । ଚାଲ, ଯାହା ହବାର ହୋଇ ସାଉଛି । ଫେରି ଚାହିଁବା ଦରକାର ନାହିଁ ।"

ପୁଣି କିଛି କାଳ ପରେ ଦ୍ରୌପଦୀ ଓ ଭାଇମାନଙ୍କ ପାଇଁ ଶୋକ କରି କରି ଅର୍ଜୁନ ବି ପଡ଼ିଗଲେ । ଭୀମ ପଚାରିବାରୁ ଯୁଧିଷ୍ଠିର ପୁଣି କହିଲେ, "ଅର୍ଜୁନ ଅହଂକାର କରି କହିଥିଲେ, 'ଦିନକେ ସେ ସବୁ ଶତ୍ରୁ ମାରିବେ', କିଂତୁ ତାହା ସେ କରିପାରି ନ ଥିଲେ । ସେ ମଧ୍ୟ ଅନ୍ୟ ଧାରିମାନଙ୍କୁ ବଡ଼ ଶ୍ରେଷ୍ଠ ବୋଲି ଭାବୁଥିଲେ । ଏହି ହେତୁରୁ ତାଂକର ପତନ ହେଲା ।"

ଏହା କହି ଯୁଧିଷ୍ଠିର ମନକୁ ସ୍ଥିର ରଖି, ପଛରେ ଭୀମ ଆଉ କୁକୁରଟିକୁ ନେଇ ଚାଲିଥାଂନ୍ତି । କିଛିକାଳ ପରେ ଭୀମ ମଧ୍ୟ କାତର ହୋଇ ଭୂମିରେ ପଡ଼ିଗଲେ ଏବଂ ପଡ଼ିବାମାତ୍ରେ ଯୁଧିଷ୍ଠିରଙ୍କୁ ପଚାରିଲେ, "ମହାରାଜ, ଆପଣ ମୋତେ ବଡ଼ ସୁଖ ପାଆଂନ୍ତି, ମୋର କି ଅପରାଧ ହୋଇଥିଲା ?" ଯୁଧିଷ୍ଠିର ପଛକୁ ନ ଚାହିଁ ଚାଲୁ ଚାଲୁ କହିଲେ, "ତୁମେ ଆଉ କାହାକୁ ନ ଦେଇ ନିଜେ ବହୁତ ଖାଅ; ଆପଣାକୁ ସବୁଠାରୁ ବେଶି ବଳବାନ୍ ବୋଲି ଅହଂକାର କର, ଏହି କାରଣରୁ ତୁମର ପତନ ହେଲା ।"

## ଇଂଦ୍ରଙ୍କ ସଂଗେ ଦେଖା

ଯୁଧିଷ୍ଠିର ଚାଲିଚଂନ୍ତି । ପଛେ ପଛେ କୁକୁରଟି ଅଛି । କେତେ ବାଟ ଗଲାପରେ, ଇଂଦ୍ର ରଥରେ ଚଢ଼ି ଆସି ଯୁଧିଷ୍ଠିରଙ୍କ ପାଖେ ପହଂଚି କହିଲେ, "ଏହି ରଥରେ ବସ, ମୁଁ ତୁମକୁ ସ୍ୱର୍ଗକୁ ନେଇଯିବି ।"

ଯୁଧିଷ୍ଠିର କହିଲେ, "ଦ୍ରୌପଦୀ, ଆଉ ଭାଇମାନେ ବାଟରେ ପଡ଼ି ଯାଇଚଂନ୍ତି; ତାଂକୁ ଛାଡ଼ି ସ୍ୱର୍ଗକୁ ଯିବାକୁ ମୋର ଇଚ୍ଛା ନାହିଁ ।"

ଇଂଦ୍ର କହିଲେ, "ସେମାନେ ତ ତୁମ ଆଗରୁ ସ୍ୱର୍ଗକୁ ଯାଇଚଂନ୍ତି, କିଛି ଚିଂତା କର ନାହିଁ । ତୁମେ ତୁମର ଏ ଦେହ ନେଇ ସ୍ୱର୍ଗକୁ ଯାଇ ତାଂକୁ ଦେଖିବ ।"

ଯୁଧିଷ୍ଠିର ପୁଣି କହିଲେ, "ଦେବରାଜ, ମତେ ସୁଖ ପାଏ ବୋଲି ଏ କୁକୁରଟି ଏତେ ବାଟ ସଂଗେ ସଂଗେ ଆସିଛି । ତାକୁ ଛାଡ଼ି ମୁଁ କିପରି ସ୍ୱର୍ଗକୁ ଯିବି ? ଦୟା କରି ତା'କୁ ସ୍ୱର୍ଗକୁ ନେଇଯାଂନ୍ତୁ ।"

ଇଂଦ୍ର କହିଲେ, "ତୁମେ ସ୍ୱର୍ଗକୁ ଯାଇ ଦେବତାଂକ ପରି ସୁଖ ପାଇବ । କୁକୁରଟା ପାଇଁ ଏତେ ଚିଂତା କାହିଁକି ? ସେ ଥାଉ, ତୁମେ ଆସ ।"

ଯୁଧିଷ୍ଠିର କହିଲେ, "ସ୍ୱର୍ଗ ସୁଖ ପାଇବି ବୋଲି ଯେବେ ମୋର ପରମ ଭକ୍ତ ଏ କୁକୁରଟିକୁ ଛାଡ଼ିବାକୁ ହେବ, ତେବେ ସ୍ୱର୍ଗ ସୁଖ ମୋର ଦରକାର ନାହିଁ ।"

ଇଂଦ୍ର ପୁଣି କହିଲେ, "ଯେ କୁକୁର ସଂଗେ ରହେ, ସେ ସ୍ୱର୍ଗକୁ ଯାଇପାରେ ନାହିଁ । ତୁମେ ବେଗେ ଏ କୁକୁରଟାକୁ ଛାଡ଼ ।" ଯୁଧିଷ୍ଠିର କହିଲେ, "ସେ ମତେ ସୁଖ ପାଏ; ଭକ୍ତି କରେ । ମୁଁ ଆପଣା ସୁଖ ପାଇଁ, ତାକୁ ଛାଡ଼ି ପାରିବି ନାହିଁ ।"

ଇଂଦ୍ର କହିଲେ, "ତୁମେ ଦ୍ରୌପଦୀଙ୍କୁ, ଭାଇ-ମାନଂକୁ ଛାଡ଼ି ପାରିଲ, ଏହି କୁକୁରଟାକୁ ଛାଡ଼ି ପାରିବ ନାହିଁ ?" ଯୁଧିଷ୍ଠିର କହିଲେ, "ସେମାନେ ତ ମରିଗଲେ; ବଂଚି ଥାଇ ମୁଁ ସେମାନଂକୁ ଛାଡ଼ି ନାହିଁ । ମଲା ପରେ ତାଂକୁ ଛାଡ଼ିବା, ନ ଛାଡ଼ିବାରେ ମୋର କି ଦୋଷ ?"

ଏହିପରି ଇଂଦ୍ର ଯେତେ ବୁଝାଇଲେ, ଯୁଧିଷ୍ଠିର ବୁଝିଲେ ନାହିଁ । ତହୁଁ ହଠାତ୍ ସାକ୍ଷାତ୍ କୁକୁରଟି ଧର୍ମ-ଦେବତା ରୂପ ଧରି, ଅତି ସ୍ନେହରେ ଯୁଧିଷ୍ଠିରଙ୍କୁ କହିଲେ, "ବତ୍ସ ! ତୁମକୁ ପରୀକ୍ଷା କରିବା ପାଇଁ କୁକୁର ରୂପରେ ମୁଁ ତୁମ ସଂଗରେ ଆସୁଥିଲି । ଭକ୍ତ କୁକୁରଟି ପାଇଁ ତୁମେ ସ୍ୱର୍ଗ ଛାଡ଼ିବାକୁ ବାହାରିଲ । ବାସ୍ତବିକ୍ ତୁମ ପରି ଧାର୍ମିକ ସ୍ୱର୍ଗରେ ବି ନାହିଁ । ତୁମେ ଏହି ଦେହ ନେଇ ସ୍ୱର୍ଗକୁ ଯାଇ ପାରିବ ।"

ତା ଉତ୍ତାରୁ ସବୁ ଦେବତାମାନେ ମିଶି, ଦିବ୍ୟ ରଥରେ ଆନଂଦରେ ଯୁଧିଷ୍ଠିରଂକୁ ସ୍ୱର୍ଗକୁ ନେଇଗଲେ । ସେ ସ୍ୱର୍ଗରେ ପହଂଚିଲା କ୍ଷଣି, ଦେବର୍ଷି ନାରଦ ଉଚ୍ଚ-ସ୍ୱରରେ କହିଲେ, "ଯୁଧିଷ୍ଠିରଂକ ଛଡ଼ା ଆଉ କେହି ସ୍ୱଶରୀରରେ ( ଦେହ ସହିତ ) ସ୍ୱର୍ଗକୁ ଆସିପାରି ନାହିଁ । ଯୁଧିଷ୍ଠିର ହିଁ ଧାର୍ମିକଂକ ଭିତରେ ଶ୍ରେଷ୍ଠ ।"

ନାରଦଂକ କଥା ଶୁଣି ଯୁଧିଷ୍ଠିର ଇଂଦ୍ରଂକୁ କହିଲେ, "ଦେବରାଜ, ମୋର ସହଧର୍ମିଣୀ (ଧର୍ମପତ୍ନୀ) ଦ୍ରୌପଦୀ ଏବଂ ଭାଇମାନେ କେଉଁଠାକୁ ଯାଇଚଂତି ? ଭଲ ହେଉ ବା ମଂଦ ହେଉ ମୁଁ ସେଇଠାକୁ ଯିବି । ସେମାନଂକୁ ଛାଡ଼ି ରହିବାକୁ ମୋର କେବେହେଁ ଇଚ୍ଛା ନୁହେଁ ।" ଏହା ଶୁଣି ଇଂଦ୍ର କହିଲେ, "ମହାରାଜ, ତୁମେ ନିଜେ ଧର୍ମବଳରେ ଏଠାକୁ ଆସିଚ, ଏଇଠାରେ ରହ; ସେମାନେ ତୁମ ସମାନ ପୁଣ୍ୟ କରିପାରିନାହାଂତି; ସେମାନେ କପରି ଏଠାକୁ ଆସିବେ ?"

ଯୁଧିଷ୍ଠିର ତଥାପି କହିଲେ, "ଦ୍ରୌପଦୀ ଆଉ ମୋ ଭାଇମାନେ ଯେଉଁଠାରେ, ସେଇଠାରେ ରହିବାକୁ ହିଁ ମୋର ଇଚ୍ଛା; ସେମାନଂକୁ ଛାଡ଼ି ଅନ୍ୟଠାରେ ମୁଁ କଦାପି ରହି ନ ପାରେ ।"

## ସ୍ୱର୍ଗାରୋହଣ ପର୍ବ

### ଯୁଧିଷ୍ଠିର ସମସ୍ତଂକୁ ଦେଖିଲେ

ଯୁଧିଷ୍ଠିର ସ୍ୱର୍ଗରେ ଯାଇ, ଦ୍ରୌପଦୀ ଓ ଭାଇ-ମାନଂକୁ ଖୋଜି ଖୋଜି ଦେଖିଲେ, ଦୁର୍ଯୋଧନ *ମହାସୁଖରେ ରହିଚଂତି । ଏଥିରେ ସେ ଆଶ୍ଚର୍ଯ୍ୟ* ହୋଇଗଲେ; ମାତ୍ର ତାଂକର ଦୁଃଖ ହେବାରୁ ନାରଦ ବୁଝାଇ କରି କହିଲେ, "ଦୁର୍ଯ୍ୟୋଧନ ଧର୍ମଯୁଦ୍ଧ କରି ପ୍ରାଣ ହରାଇଚଂତି ଏବଂ ଘୋର ବିପଦ ବେଳେ ତାଂକର ଭୟ ନ ଥିଲା । ସେଥିପାଇଁ ସେ ସ୍ୱର୍ଗ ପାଇଚଂତି । ତୁଂଭର ଦୁର୍ଯୋଧନଂକ ପ୍ରତି ଯେଉଁ ଶତ୍ରୁଭାବ ଥିଲା, ତାହା ଆଉ ଏଠାରେ ରହିବା ଠିକ୍ ନୁହେ ।"

ଯୁଧିଷ୍ଠିର ଏହା ଶୁଣିଲେ ଏବଂ କର୍ଣ୍ଣ, ନିଜର ଭାଇମାନେ ଓ କୁରୁକ୍ଷେତ୍ର ଯୁଦ୍ଧରେ ଯେଉଁମାନେ ମରିଥିଲେ, ସେମାନେ କେଉଁ କେଉଁଠାରେ ଅଛଂତି ବୋଲି ପଚାରିଲେ । ସେମାନଂକୁ ଛାଡ଼ି ରହିବାକୁ ଯୁଧିଷ୍ଠିରଂକର ଇଚ୍ଛା ନାହିଁ । କର୍ଣ୍ଣଂକ ପାଇଁ ମଧ୍ୟ ପ୍ରାଣ ବଡ଼ ବ୍ୟାକୁଳ ହେଉଅଛି । ପୁଣି ଦ୍ରୌପଦୀ ଓ ଭାଇମାନେ ଯେଉଁଠାରେ ନାହାଂତି, ଯୁଧିଷ୍ଠିର ସେଠି ରହିବାକୁ ନାରାଜ । ସେ କହିଲେ, "ସେମାନେ ଯେଉଁଠାରେ ନାହାଂତି, ତାହା ସ୍ୱର୍ଗ ହେଲେ ମଧ୍ୟ, ମୋର ସେଥିରେ ସୁଖ ନାହିଁ । ସେମାନେ ଯେଉଁଠି ଅଛଂତି, ସେ ସ୍ଥାନ ହିଁ ମୋର ସ୍ୱର୍ଗ ।"

ଦେବତାମାନେ କହିଲେ, "ବତ୍ସ, ତୁମର ଯାହା ଇଚ୍ଛା, ତାହା କରିଦେବା ପାଇଁ ଇଂଦ୍ର କହିଚଂତି । ଯଦି ଦ୍ରୌପଦୀ ଓ ଭାଇମାନଂକୁ ଦେଖିବା ତୁମର ଇଚ୍ଛା, ତେବେ ଏଇ ଦୂତ ସାଂଗେ ଯାଅ ।"

ଦେବଦୂତ ଆଗେ ଆଗେ ଚାଲିଲେ । ଯୁଧିଷ୍ଠିର ପଛେ ପଛେ ଗଲେ । ଉଃ ! ସେ ବାଟ କି ଭୟଂକର । ପାପୀମାନେ ସେଠାରେ ବୁଲୁଚଂତି । ମାଂସ ସବୁ ସଢ଼ି, ରକ୍ତରେ କାଦୁଅପରି ହୋଇଯାଇଚି । ମଢ଼ା, ହାଡ଼ ସବୁ ଚାରିଆଡ଼େ ପଡ଼ିଚି । ସଢ଼ା ଗଂଧ ସେ ଅଂଧାରରୁ ବାହାରି ନାକ ଫଟାଇ ଦେଉଚି । ମଶା, ମାଛି, ଯୋକ ଯେ କେତେ, ତା' କଏ କହିବ ? ବାଟ ଅଂଧାର, *ଚାରିଆଡ଼େ କିଂଏ ନିଆଁ ଜଳୁଚି । କୁଆ, ଶାଗୁଣା ସବୁ* ପଲ ପଲ ହୋଇ ବୁଲୁଚଂତି । ତାଂକର ଥଂଟ ସବୁ ଲୁହାରେ । ଛୁଂଚିପରି ମୁହଁ କରି ଭୂତମାନେ ଦଉଡ଼ା ଦଉଡ଼ି କରୁଚଂତି । କାହାରି ହାତ ଗୋଡ଼ ନାହିଁ;

କାହାଦେହରେ ରକ୍ତ ବୋହୁଅଛି, କାହା ପେଟରୁ ଅନ୍ତବୁଜୁଳାଟି ବାହାରି ପଡ଼ିଛି । ସେଠା ନଈ ପୋଖରୀର ପାଣି ନିଆଁ ପରି ତାତିଛି । ଗଛର ପତ୍ରସବୁ ଖୁର ପରି ଧାରୁଆ । ବଡ଼ବଡ଼ ଲୁହା କରେଇରେ ତେଲ ଫୁଟୁଛି । ପାପୀମାନେ ତା' ଭିତରେ ପଡ଼ି ସିଝି ସିଝି ପାଟି କରୁଛନ୍ତି ।

କି ଭୟଙ୍କର ସ୍ଥାନ । ଯୁଧିଷ୍ଠିର ଦେଖି, ଦେବଦୂତଙ୍କୁ ପଚାରିଲେ, "ମହାଶୟ, ଏ ବାଟରେ ଆଉ କେତେ ଦୂର ଯିବାକୁ ହେବ ?" ଦେବଦୂତ କହିଲେ, "ଆପଣଙ୍କୁ ଏପର୍ଯ୍ୟନ୍ତ ଆଣିବା ପାଇଁ ଦେବତାମାନେ କହିଲେ । ଯେବେ ବେଶି କଷ୍ଟ ହେଉଛି, ଚାଲନ୍ତୁ ଏଠାରୁ ଫେରିବା ।"

ଯୁଧିଷ୍ଠିର ଫେରିବାକୁ ମୁହଁ ବୁଲାଇଲେ । ସେତିକିବେଳେ ଚାରିଆଡ଼ୁ ଅତି କାତରସ୍ୱରରେ କେତେ ଲୋକ କହି ଉଠିଲେ, "ହେ ମହାରାଜ, ଦୟାକରି ଆଉ ମୁହୂର୍ତ୍ତେ ରହନ୍ତୁ । ଆପଣ ଆସିବାରୁ କେଡ଼େ ସୁନ୍ଦର ପବନ ଆସି, ଆମ ଦେହକୁ ଥଣ୍ଡା କରି ଦେଉଛି । ଅନେକ ଦିନ ପରେ ଆପଣଙ୍କୁ ଦେଖି ଆମମାନଙ୍କ ବଡ଼ ସୁଖ ହେଉଛି । ଆପଣ ଆଉ ମୁହୂର୍ତ୍ତେ ଏଠି ରହିଯାଆନ୍ତୁ ।"

ଚାରିଆଡ଼ୁ ଏପରି କାତର କଥା ଶୁଣି ଯୁଧିଷ୍ଠିରଙ୍କର ଦୟା ହେଲା; କିନ୍ତୁ ଏ କାହାର ଶବ୍ଦ, କାହୁଁ ଆସିଲା, ସେ କିଛି ବୁଝି ପାରିଲେ ନାହିଁ । ସେ ପଚାରିଲେ, "ହେ ଦୁଃଖୀ ଲୋକମାନେ, ତୁମେମାନେ କିଏ ? କାହିଁକି ଏଠାରେ ଏତେ କଷ୍ଟ ପାଉଛ ।

ଯୁଧିଷ୍ଠିର ଏହା କହୁଁ କହୁଁ ଚାରିଆଡ଼ୁ ଏକାବେଳକେ ଶବ୍ଦ ହେଲା, "ମୁଁ କର୍ଣ୍ଣ," "ମୁଁ ଭୀମ" "ମୁଁ ଅର୍ଜୁନ" "ମୁଁ ନକୁଳ" "ମୁଁ ସହଦେବ" "ମୁଁ ଦ୍ରୌପଦୀ," "ଆମେ ଆପଣଙ୍କ ପୁଅମାନେ"— ଏହିପରି ସମସ୍ତେ ଚିହ୍ନା ଦେଇ ବସିଲେ । ଯୁଧିଷ୍ଠିର ଭାବିଲେ—ଆହା, ଏ କି କଥା ! ମୋର ପ୍ରିୟତମ ଭାଇ କୁଟୁମ୍ବମାନେ ଏତେ ପୁଣ୍ୟ କରିଥିଲେ । ସେମାନେ କାହିଁକି ଏଠାକୁ ଆସିଲେ ? ଏବଂ ଦୁଷ୍ଟ ଦୁର୍ଯୋଧନ ବନ୍ଧୁ ବାନ୍ଧବ ସେନ ସ୍ୱର୍ଗସୁଖ ଭୋଗ କରୁଛି । ଏ ବଡ଼ ଅବିଚାର । ଏ କଣ ସତ୍ୟ ନା ସ୍ୱପ୍ନ ?

ଏହିପରି ଚିନ୍ତା କରି ଯୁଧିଷ୍ଠିର ଦେବଦୂତଙ୍କୁ କହିଲେ, "ମହାଶୟ, ଆପଣ ଯାହାଙ୍କ ଦୂତ, ତାଙ୍କୁ ଯାଇ କହନ୍ତୁ ଯେ, ମୁଁ ଏହିଠାରେ ରହିଲି; ଆଉ ସେଠାକୁ ଯିବି ନାହିଁ । ମୋ ଭାଇ, ବନ୍ଧୁ, କୁଟୁମ୍ବମାନେ ମତେ ପାଇ ବଡ଼ ସୁଖୀ ହୋଇଅଛନ୍ତି ।"

---

## ଯୁଧିଷ୍ଠିରଙ୍କ ସଂଶୟ ଦୂର ହେଲା

ଦେବଦୂତ ଏସବୁ କଥା ଇନ୍ଦ୍ରଙ୍କୁ କହିବାରୁ, ଦେବତାମାନେ ସେହି ଭୟଙ୍କର ସ୍ଥାନରେ ଯୁଧିଷ୍ଠିରଙ୍କ ପାଖେ ପହଞ୍ଚିଲେ । ସେତିକିବେଳେ ସେଠାରୁ ଅନ୍ଧକାର, ଦୁର୍ଗନ୍ଧ, ଭୂତ ପ୍ରେତ ଭୟ ସବୁ ଚାଲିଗଲା । ସେ ସ୍ଥାନ ସ୍ୱର୍ଗ ପରି ସୁନ୍ଦର ହୋଇଗଲା । ଇନ୍ଦ୍ର ଯୁଧିଷ୍ଠିରଙ୍କୁ କହିଲେ, "ମହାରାଜ, ଦେବତାମାନେ ତୁମ ଉପରେ ଭାରି ସନ୍ତୁଷ୍ଟ ହୋଇଛନ୍ତି; ଆଉ ତୁମେ ଦୁଃଖ ପାଇବ ନାହିଁ । ତୁମ ପୁଣ୍ୟରେ ତୁମେ ସବୁଠାରୁ ଭଲ ସ୍ଥାନ ପାଇବ । ନରକ ଦେଖିଲ ବୋଲି ବିଚଳିତ ହୁଅ ନାହିଁ । ସବୁ ରାଜା ଥରେ ଥରେ ନରକ ଦେଖନ୍ତି । ପାପ ପୁଣ୍ୟ ସମସ୍ତଙ୍କର ଅଛି । ଯାହାର ପାପ ବେଶି, ସେ ଆଗ ଅଳ୍ପକାଳ ସ୍ୱର୍ଗରେ ରହି, ପରେ ନରକ ଭୋଗ କରେ । ଯାହାର ପୁଣ୍ୟ ବେଶି, ସେ ଆଗ ନରକରେ ରହି, ପରେ ସ୍ୱର୍ଗ ଭୋଗ କରେ । ତୁମେ ଯେ 'ଅଶ୍ୱତ୍ଥାମା ମରିଛି' ବୋଲି କହି, ଯୁଦ୍ଧରେ ଦ୍ରୋଣଙ୍କୁ ଠକିଥିଲ, ସେହି ପାପ ଫଳରେ

ଏବେ ନରକ ଦେଖିଲ । ଏହିପରି ଭୀମ, ଅର୍ଜୁନ, ଦ୍ରୌପଦୀ ପ୍ରଭୃତି ସମସ୍ତଂକର ଅଳ୍ପ ଅଳ୍ପ ପାପ ଥିଲା । ସେଥିପାଇଁ ସେମାନେ କିଛିକାଳ ନରକରେ ରହି କଷ୍ଟ ପାଇଲେ; ମାତ୍ର ଏବେ ସେମାନେ ସମସ୍ତେ ସ୍ୱର୍ଗକୁ ଯାଇଛଂତି । ତୁମ ପକ୍ଷ ରାଜାମାନେ ମଧ୍ୟ ସମସ୍ତେ ଗଲେଣି । ତୁମେ ଏବେ ମୋ ସଂଗେ ଆସ । ସମସ୍ତଂକୁ ସ୍ୱର୍ଗରେ ଦେଖିବ । ଏଇ ଦେଖ, ଦେବନଦୀ ମଂଦାକିନୀ ( ସ୍ୱର୍ଗଗଂଗା ) ବହି ଯାଉଛଂତି । ଏହାଂକ ଜଳରେ ସ୍ନାନ କଲେ ତୁମର ଶୋକ, ଦୁଃଖ, ହିଂସା, କ୍ରୋଧ, ଶତ୍ରୁତା ଆଉ କିଛି ରହିବ ନାଇ ।"

ଧର୍ମଦେବ ଆସି ନିଜ ପୁତ୍ର ଯୁଧିଷ୍ଠିରଂକର ଧର୍ମଭାବ, ଦୟା ପ୍ରଭୃତି ଭଲ ଗୁଣ ଦେଖି ବହୁତ ପ୍ରଶଂସା କରି, ତାଂକ ସଂଗେ ମଂଦାକିନୀରେ ସ୍ନାନ କରିବାକୁ ମଧ୍ୟ କହିଲେ । ସ୍ନାନ କଲାକ୍ଷଣି, ଯୁଧିଷ୍ଠିରଂକର ମନୁଷ୍ୟ ଦେହ ବଦଳି ଯାଇ, ଦେବତା ପରି ଆଶ୍ଚର୍ଯ୍ୟ ଉଜ୍ଜ୍ୱଳ ମୂର୍ତ୍ତି ହୋଇଗଲା । ତାଂକ ମନରୁ ଶୋକ, ତାପ, କ୍ରୋଧ ହିଂସା ପ୍ରଭୃତି କୁଆଡ଼େ ଚାଲିଗଲା । ତହୁଁ ସେ ସ୍ୱର୍ଗରେ ଧର୍ମ ଓ ଆଉ ଆଉ ଦେବତାଂକ ସଂଗେ ଯାଇ ଦୁର୍ଯ୍ୟୋଧନ ପ୍ରଭୃତି ଆପଣାର ସବୁ ଭାଇବଂଧୁମାନଂକୁ ଦେଖିଲେ । ସେ ଦେଖିଲେ—କାହାରି ମନରେ ରାଗ, ହିଂସା, ଦ୍ୱେଷ କିଛି ନାଇ; ସମସ୍ତେ ଆନଂଦରେ ସ୍ୱର୍ଗରେ ଅଛଂତି । ନିଜେ କୃଷ୍ଣ ବ୍ରହ୍ମଦେହ ଧରି ବସିଛଂତି । ସୁଦର୍ଶନ ଚକ୍ର ପ୍ରଭୃତି ଆୟୁଧମାନ ଗୋଟିଏ ଗୋଟିଏ ଦେବତା ରୂପ ଧରି କୃଷ୍ଣଂକୁ ପୂଜା କରୁଛଂତି, ଅର୍ଜୁନ ବି କୃଷ୍ଣଂକ ପାଖେ ବସିଛଂତି । ଆଉ ଏକଆଡ଼େ କର୍ଣ୍ଣଂକୁ ଦେଖିଲେ । ତାଂକ ଦେହରୁ ସୂର୍ଯ୍ୟପରି ତେଜ ବାହାରୁଛି । ଆଉ ଏକ ଆଡ଼େ ବାୟୁ ଦେବତାଂକ ପାଖେ ଭୀମ, ପୁଣି ନକୁଳ, ସହଦେବ ଅଶ୍ୱିନୀକୁମାରଂକ ପାଖେ ବସିଛଂତି । କିଛି ଦୂରରେ ଦ୍ରୌପଦୀଂକୁ ଦେଖିଲେ । ତାଂକର ଦେବୀପରି ଅଶ୍ଚର୍ଯ୍ୟ ରୂପ ହୋଇଅଛି । ସେ ଫୁଲମାଳ ପକାଇଛଂତି । ବାସନା ଦେହରୁ ବାହାରି ଉଠୁଛି । ଅଭିମନ୍ୟୁ ଚଂଦ୍ରଂକ ପାଖେ ଚନ୍ଦ୍ରଂପରି ବିରାଜୁଛଂତି । ଧୃତରାଷ୍ଟ୍ର ଗାଂଧାରୀଂକୁ ଘେନି କୁବେର ଲୋକରେ ଓ ପାଂଡୁ କୁଂତୀ, ମାଦ୍ରୀଂକୁ ଘେନି ଇଂଦ୍ର ଲୋକରେ ସୁଖରେ ଅଛଂତି । ଭୀଷ୍ମ ବସୁମାନଂକ ମଧ୍ୟରେ ଓ ଦ୍ରୋଣ ବୃହସ୍ପତିଂକ ପାଖେ ରହିଛଂତି । ଆଉ ସବୁ ବୀରମାନେ ଏହିପରି ମହା ଆନଂଦରେ ସ୍ୱର୍ଗ ଭୋଗ କରୁଛଂତି । ଏହା ଦେଖି ଯୁଧିଷ୍ଠିର ଭାରି ଆନଂଦ ହେଲେ ଏବଂ ସମସ୍ତଂକୁ ଘେନି ମହା ସୁଖରେ ସ୍ୱର୍ଗରେ ରହିଲେ ।

# ପ୍ରବଂଧ

# ଆର୍ଯ୍ୟ ଜୀବନ

ଭାରତର ପ୍ରଥମ ସାଧାରଣ ନିର୍ବାଚନ
ଉତ୍କଳ କଂଗ୍ରେସ ସଭାପତି ନୀଳକଂଠଙ୍କ ଦକ୍ଷିଣ ଓଡ଼ିଶା ଗସ୍ତ
( ୧୯୩୭ )



ଦିବାକର ପଟ୍ଟନାୟକ ପଂଡିତ ରାଧାକୃଷ୍ଣ ବିଶ୍ୱାସରାୟ
ଗଞ୍ଜାମ ସଭାପତି ନୀଳକଂଠ କୋରାପୁଟ ସଭାପତି (ଇତ୍ୟାଦି)

---

କେନ୍ଦ୍ର ବିଧାନସଭା କକ୍ଷ ( ସିମଳା ୧୯୩୭ )



(୧ମ ଧାଡ଼ି)—ଅନନ୍ତଶୟନ ଆୟଙ୍ଗାର, କଂଗ୍ରେସ ପାର୍ଟି ସମ୍ପାଦକ ପଂଡିତ ନୀଳକଂଠ
(୨ୟ ଧାଡ଼ି)— '—' , ରବିଶଙ୍କର ଶୁକ୍ଳ -ଓ- ଶ୍ରୀକୃଷ୍ଣ ସିହ୍ନା ।

## ନିବେଦନ

ଏ ଗ୍ରନ୍ଥରେ ଆର୍ଯ୍ୟ ଜୀବନର କେବଳ ସ୍ଥିତି, ବିକାଶ ଓ ବ୍ୟାପ୍ତି ଅନୁସନ୍ଧାନ କରାଯାଇଅଛି । ଭାରତବାସୀର ଜୀବନ ଏଣିକି କଣ ହେବା ଉଚିତ, ସେ ବିଷୟରେ ସବିଶେଷ ଆଲୋଚନା କରିବା ଏ ଗ୍ରନ୍ଥର ଉଦ୍ଦେଶ୍ୟ ନୁହେଁ; ମାତ୍ର ଭ୍ରମବଶତଃ ପୂର୍ବେ ଏହାର କୌଣସି କୌଣସି ପ୍ରକାଶିତ ପ୍ରବନ୍ଧକୁ ଲୋକେ ସେହି ଦୃଷ୍ଟିରେ ଦେଖିବାର ଶୁଣା ଯାଇଅଛି । ଗ୍ରନ୍ଥପାଠବେଳେ ଗ୍ରନ୍ଥର ପ୍ରକୃତ ଉଦ୍ଦେଶ୍ୟ ପ୍ରତି ଲକ୍ଷ୍ୟ ରଖି ଆଲୋଚନା କଲେ, ଅବବୋଧ ସୁଗମ ଓ ସ୍ପଷ୍ଟ ହେବ । ସେଥିପାଇଁ ଏ କଥା କହିରଖିବା ଆବଶ୍ୟକ ମନେ କରାଗଲା ।

ଏ ଗ୍ରନ୍ଥର ପ୍ରବନ୍ଧଗୁଡ଼ିକ ପୂର୍ବେ 'ସତ୍ୟବାଦୀ' ମାସିକ ପତ୍ରରେ ଟିକିଏ ଭିନ୍ନ ଆକାର ପ୍ରକାରରେ ବାହାରିଥିଲା । ବର୍ତ୍ତମାନ ସବୁ ପ୍ରବନ୍ଧର ପ୍ରାୟ ସବୁ ଅଂଶ ପୁନର୍ବାର ଲେଖା ହୋଇ, ଏ ଗ୍ରନ୍ଥରେ ପ୍ରକାଶ କରାଗଲା ।

ସମ୍ବଲପୁର
୧୧ । ୯ । ୨୧ — **ନୀଳକଣ୍ଠ ଦାସ**

## ଉତ୍ସର୍ଗ

ଯାହାଙ୍କ ନିଜସ୍ୱ ବ୍ୟକ୍ତିତ୍ୱର ପୁଣ୍ୟ ପ୍ରଭାବରେ ଏ ଗ୍ରନ୍ଥକାରର ବିଶୃଙ୍ଖଳ ବିକ୍ଷୋଭିତ ଜୀବନରେ ବିଶୁଦ୍ଧ ଆର୍ଯ୍ୟ-ନୀତି ଓ ଆର୍ଯ୍ୟ-ଭାବର ପ୍ରଭାବ ଫୁଟିଅଛି, ଆବାଲ୍ୟଗୁରୁ ଚିରସଖା ଆର୍ଯ୍ୟପ୍ରାଣ ସେହି **ଗୋପବନ୍ଧୁ ଦାସଙ୍କ** ତ୍ୟାଗପୂତ ନିଷ୍କଳଙ୍କ ନାମ ଗ୍ରହଣ କରି ଏ **ଆର୍ଯ୍ୟଜୀବନ** ପାଠକମାନଙ୍କୁ ଦିଆଗଲା ।

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| ୧। ପ୍ରଥମ ଅଧ୍ୟାୟ | |
| ସୂଚନା | ୩୫୧ |
| ୨। ଦ୍ୱିତୀୟ ଅଧ୍ୟାୟ | |
| ଆର୍ଯ୍ୟଜୀବନର ବୀଜ—ଜୀବନସଂଭୋଗ | ୩୬୧ |
| ୩। ତୃତୀୟ ଅଧ୍ୟାୟ | |
| ଆର୍ଯ୍ୟଜୀବନର ଅଧିଷ୍ଠାନ—ଧର୍ମ | ୩୭୫ |
| ୪। ଚତୁର୍ଥ ଅଧ୍ୟାୟ | |
| ଆର୍ଯ୍ୟଜୀବନର ମୂଳାଧାର—ଆଧ୍ୟାତ୍ମିକତା | ୩୮୭ |
| ୫। ପଞ୍ଚମ ଅଧ୍ୟାୟ | |
| ଆର୍ଯ୍ୟଜୀବନର ସାଧନା—ଆତ୍ମପ୍ରସାର | ୩୯୭ |
| ୬। ଷଷ୍ଠ ଅଧ୍ୟାୟ | |
| ଆର୍ଯ୍ୟଜୀବନର ଆଦର୍ଶ—'ସୋଽହଂ' | ୪୦୭ |

# ଆର୍ଯ୍ୟ ଜୀବନ

## ପ୍ରଥମ ଖଣ୍ଡ

### ଆର୍ଯ୍ୟଜୀବନର ପ୍ରକୃତି

---

### ପ୍ରଥମ ଅଧ୍ୟାୟ

### ସୂଚନା

ଜୀବ ଜଂତୁ, ବୃକ୍ଷ ଲତା, କାଷ୍ଠ ପାଷାଣ ପ୍ରଭୃତି ଅସଂଖ୍ୟ ବସ୍ତୁ ଆଂଭେମାନେ ଦେଖୁଅଛୁଁ ଓ ଦେଖିବାମାତ୍ରେ ଜାଣୁଅଛୁ ସେଥିମଧ୍ୟରୁ କେତେକ ନିର୍ଜୀବ ବା ଜଡ଼ ଓ ଅନ୍ୟ କେତେକର ଜୀବନ ଅଛି । ନିଜେ ବୃଦ୍ଧି ବା କ୍ଷୟ ପାଇବା କିଂବା ନିଜେ ନିଜେ ପରିବର୍ତ୍ତିତ ହେବାର ଶକ୍ତି ଜଡ଼ ବସ୍ତୁର ନାହିଁ । ଖଂଡେ ପଥର ଯେଉଁଠାରେ ଯେପରି ପଡ଼ିଅଛି, କେହି ଅନ୍ୟ ପ୍ରକାର କରି ନ ଦେଲେ, ସେ ସେହିପରି ପଡ଼ିଥିବ । ସେ ବଢ଼ିବ ନାହିଁ କିଂବା ପାଣି ପବନ ବା ଅନ୍ୟ କୌଣସି ପଦାର୍ଥର ଘର୍ଷଣ ବା ଆଘାତ ବିନା ଛିଡ଼ିବ ନାହିଁ । କିଂତୁ ଜୀବଂତ ବସ୍ତୁର କଥା ଭିନ୍ନ । ସେ ନିଜେ ବଢ଼େ—ରୁଗ୍ଣ ବା ବୃଦ୍ଧ ହେଲେ, ନିଜେ ଛିଡ଼େ; ପୁଣି ଅବସ୍ଥାର ପରିବର୍ତ୍ତନରେ ନିଜେ ନିଜେ ପରିବର୍ତ୍ତିତ ହୁଏ । ସାଧାରଣ ଗୋଟିଏ ଧାନ ଗଛକୁ ଅଂଧାରରେ ରଖିଦେଲେ ସେ ଆଲୁଅ ଆଡ଼କୁ ଡାଳ ଲଂବାଇ ଦିଏ, ଖତ ପାଇଲେ ପୁଷ୍ଟ ହୁଏ; ତା ଦେହରେ ଘାତ ଖୋଳିଦେଲେ ବେଳେ ବେଳେ ଲଇଁପଡ଼ ବଂକା ହୋଇଯାଏ । ତାହାର ଜୀବନ ଥିବାରୁ ଏପରି ଘଟୁଅଛି ।

ଜୀବନ ଗୋଟିଏ ନୀତି । ଏହା ବୃଦ୍ଧି, କ୍ଷୟ, ପରିବର୍ତ୍ତନାଦିର ଗୋଟିଏ ନିୟମ । ଏହି ନୀତି ଆଭ୍ୟଂତରିକ ଶକ୍ତି ରୂପରେ ଜୀବଂତ ବସ୍ତୁ ମଧ୍ୟରେ ରହିଅଛି । ଏହି ଆତ୍ମ-ଶକ୍ତିମୟ ନୀତି ବଳରେ ଜୀବଂତ ବସ୍ତୁ ନିଜର ଖାଦ୍ୟ; ଅର୍ଥାତ୍ ବୃଦ୍ଧି କ୍ଷୟ ପରିବର୍ତ୍ତନର ଉପାଦାନ ସଂଗ୍ରହ କରି ଆତ୍ମବିକାଶ ସଂପାଦନ କରେ । ଜୀବନ ଗୋଟିଏ ଆଭ୍ୟଂତରୀଣ ଶକ୍ତି ହେଲେହେଁ, ଏହି ନୀତିହିଁ ତାହାର ପ୍ରଧାନ ଲକ୍ଷଣ । ଏହି ନୀତିର କ୍ରିୟା ଦେଖି ଆଂଭେମାନେ ଜୀବନ ଚିହ୍ନୁ ।

ଏହି କ୍ରିୟାରେ ପୁଣି ଗୋଟିଏ ପୂର୍ବାପର ଧାରା ବା ପରଂପରା ଅଛି । ସେଥିପାଇଁ ମଧ୍ୟ କୁହାଯାଏ ଜୀବନ ଗୋଟିଏ ପରଂପରା । ଜୀବଂତ ବସ୍ତୁ ପ୍ରତିଦିନ ବଦଳି ଯାଉଅଛି । ଚଳ ଠାରୁ ଗଛ ଭିନ୍ନ । ଶିଶୁଠାରୁ ଯୁବକର ପ୍ରଭେଦ ବହୁତ । ପଚିଶ ବର୍ଷ ପୂର୍ବେ ଆଂଭେ ଯାହା ଥିଲୁ, ଆଜି ତାହା ନାହୁଁ । ତଥାପି ଏହି ଜୀବଂତ ପରଂପରା ହେତୁ ଚଳ ଓ ଗଛ ଏକ ବସ୍ତୁ । ଶିଶୁ,

ଯୁବକ ଓ ବୃଦ୍ଧ ଏକ ମାନବ । ବୃଦ୍ଧ, ବାଳକଠାରୁ ଶରୀରରେ ଭିନ୍ନ ହେଲେହେଁ, ବାଲ୍ୟ ବୟସର ସ୍ମୃତି ସଂସ୍କାର ତାହା ଭିତରେ ରହିଅଛି । ସେ ସେହି ସ୍ମୃତି ସଂସ୍କାରକୁ ମୋର ବୋଲି କହୁଅଛି । ଜୀବନରେ ପରଂପରା ନ ଥିଲେ ଏହା ସଂଭବ ହୁଅଂତା ନାହିଁ ।

ଏହି ସମସ୍ତ ପରଂପରାର ମେରୁଦଂଡ ସ୍ୱରୂପ ଜୀବନରେ ଗୋଟିଏ ଆଦର୍ଶ ଥାଏ । ଜୀବନ ମୂଳରୁ ଶେଷ ପର୍ଯ୍ୟଂତ ସେହି ଆଦର୍ଶର ଅନୁକରଣ କରେ । ପ୍ରତ୍ୟେକ ଜୀବଂତ ବସ୍ତୁ ଜନ୍ମରୁ ମରଣ ପର୍ଯ୍ୟଂତ ନାନା ଉପାୟରେ ନାନା କ୍ରିୟା ମଧ୍ୟରେ ସେହି ଏକ ଲକ୍ଷ୍ୟ ଆଡ଼କୁ ଗୁଲିଥାଏ । ଏହି ଆଦର୍ଶ, ଏହି ଲକ୍ଷ୍ୟ ସଂପୂର୍ଣ୍ଣ ଲୋପ ପାଇଲେ, ସେ ଜୀବନ ରହେ ନାହିଁ । ବୃକ୍ଷତ୍ୱ ପାଇବା ବୃକ୍ଷଜୀବନର ଆଦର୍ଶ । ମନୁଷ୍ୟ ସେହିପରି ମନୁଷ୍ୟତା ପାଇବାକୁ ସାରା ଜୀବନ ଉନ୍ମୁଖ ରହିଅଛି । ଚାଲିଟିଏ ଦେଖିଲେ ଜଣାପଡ଼େ, ସେ କଣ ହେବ । ବରଗଛର ଚାରା କେବେ ଶାଳ ହୁଏ ନାହିଁ । ମନୁଷ୍ୟ ସଂବଂଧରେ ମଧ୍ୟ ସେହିପରି । ପୂର୍ଣ୍ଣ ମନୁଷ୍ୟତାର ଧାରଣା ଯାହାର ଯାହା ହେଉ, ସେ ନିଜର ଆଦର୍ଶରେ ନିଜର କ୍ରିୟା ବିଧାନ କରି ଜୀବନ ଚଳାଉ ଥାଏ । ଅତଏବ, ମନେ ରଖିବାକୁ ହେବ, ଜୀବନ ରୂପ ଶକ୍ତି ସଂଗେ ଏହି ଗତି, ଏହି ପରଂପରା ଓ ଏହି ଆଦର୍ଶ— ଏହି ତିନୋଟି ଭାବ ସଂଶ୍ଳିଷ୍ଟ ରହିଅଛି । ଏହି ତିନୋଟି ଛାଡ଼ିଦେଲେ, ଶରୀର ଗୋଟିଏ ଜଡ଼ ପିଂଡ । ଆଉ ସେଥିରେ ଜୀବନର ଲକ୍ଷଣ ନାହିଁ ।

କେବଳ ଯେ ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷ ଲତା ଆଦି ପ୍ରକୃତିର ଜୀବଂତ ବସ୍ତୁରେ ଏହି ଜୀବନ ଦେଖା-ଯାଏ ତାହା ନୁହେ । ଯେଉଁଠାରେ ଏହି ଗତି, ଏହି ପରଂପରା, ଏହି ଆଦର୍ଶ ଦେଖାଯାଏ, ସେଠାରେ ଜୀବନ ଅଛି, ବୁଝିବାକୁ ହେବ; ସେଠାରେ ଜୀବନର ଅଭ୍ୟୁଦୟ, ବିକାଶ ଓ ପରିବର୍ତ୍ତନ ଆଲୋଚନା କରିବାକୁ ହେବ ।

ଏହିପରି ଆଲୋଚନା କରି ବୈଜ୍ଞାନିକମାନେ ବ୍ୟକ୍ତିଗତ ଜୀବନ ସଂଗେ ସଂଗେ ବଂଶ ବା ପରିବାରଗତ, ସମାଜଗତ,ଧର୍ମଗତ ଓ ଜାତିଗତ ଜୀବନର ଅଭ୍ୟୁଦୟ, ବିକାଶ, କ୍ଷୟ ଓ ବିନାଶ ଦେଖଂତି; ଜୀବଂତ ପରଂପରାରେ ସେସବୁର ଅନୁଷ୍ଠାନ ଓ ବ୍ୟାପ୍ତି ଅନ୍ୱେଷଣ କରଂତି । ଏ ସମସ୍ତ ମଧ୍ୟରେ ଏକ ପ୍ରକାର ଜୀବନ-ଗତି କାର୍ଯ୍ୟ କରୁଅଛି ସତ; ମାତ୍ର ପ୍ରତ୍ୟେକର ବ୍ୟକ୍ତିତ୍ୱ ଭିନ୍ନ ଭିନ୍ନ । ବ୍ୟକ୍ତି ସମାଜ ନୁହେ; ସମାଜ ଧର୍ମ ନୁହେ; ଧର୍ମ ଜାତି ନୁହେ । ତଥାପି ସମସ୍ତଂକର ଗୋଟିଏ ଗୋଟିଏ ସ୍ୱତଂତ୍ର ବ୍ୟକ୍ତିତ୍ୱ ଅଛି ଏବଂ ସେହି ବ୍ୟକ୍ତିତ୍ୱ ହିସାବରେ ଏ ସମସ୍ତେ ଏକ ବସ୍ତୁ ।

ମନୁଷ୍ୟ ମରିଗଲେ ତାର ବ୍ୟକ୍ତିଗତ ପରଂପରା ଛିନ୍ନ ହୁଏ । ମୃତ୍ୟୁରେ ତାହାର ବ୍ୟକ୍ତିଗତ ଜୀବନ ସମାପ୍ତ ହୁଏ; କିଂତୁ ଏକ ବ୍ୟକ୍ତିର ମୃତ୍ୟୁରେ ବଂଶ ବା ପରିବାରର ବ୍ୟକ୍ତିତ୍ୱ ଓ ଜୀବନ ପରଂପରା ନଷ୍ଟ ହୁଏ ନାହିଁ । ପରିବାରର ବ୍ୟକ୍ତିତ୍ୱ ବଂଶ ପରଂପରାରେ ଚାଲିଥାଏ । ବ୍ୟକ୍ତିଗତ ଜୀବନରେ ବୃଦ୍ଧ ଯେପରି ଯୌବନର ସୁଖ, ଦୁଃଖ, ସାଧୁତା, ଅପରାଧକୁ ନିଜର ବୋଲି ଅନୁଭବ କରେ, ପାରିବାରିକ ବ୍ୟକ୍ତିତ୍ୱ ଫଳରେ ଆମ୍ଭେମାନେ ସେହିପରି ପୂର୍ବପୁରୁଷମାନଂକର ଗୌରବରେ ଗୌରବାନ୍ୱିତ ହେଉ । ଏହି ପାରିବାରିକ ବ୍ୟକ୍ତିତ୍ୱର ଜୀବଂତ ସ୍ମୃତି ପରଂପରା ହେତୁ ଆଜି ହୀନବୀର୍ଯ୍ୟ ହେଲେହେଁ ମିବାରର ଶିଶୋଦୀୟ ରାଣା ବଂଶୀୟମାନେ ଅଯାଚିତ ସମ୍ମାନ ଲାଭ କରଂତି । ପଦ୍ମିନୀ ପ୍ରତାପାଦିଂକର ଜୀବଂତ ସ୍ମୃତି ସେ ପରିବାରର ବ୍ୟକ୍ତିତ୍ୱକୁ ଏତେ ଉନ୍ନତ କରିଅଛି ।

ସେହିପରି ଗୋଟିଏ ପରିବାର ନଷ୍ଟ ହେଲେ ଜାତି ନଷ୍ଟ ହୁଏ ନାହିଁ । ଜାତୀୟ ବ୍ୟକ୍ତିତ୍ୱରେ ଜାତୀୟ ଜୀବନ ପରଂପରା ଚାଲିଥାଏ । ବ୍ୟକ୍ତି ଓ ପରିବାର ଯେମିତି ଜାତି ନିର୍ମିତ ସତ୍ୟ; କିଂତୁ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ପାରିବାରିକ

ଜୀବନ ପରଂପରାଠାରୁ ଜାତୀୟ ଜୀବନ ସ୍ୱତଂତ୍ର । ବ୍ୟକ୍ତି ଜୀବନରେ ଯେପରି କ୍ରିୟା, ପରିବାର ଜୀବନରେ ଯେପରି ବ୍ୟକ୍ତି, ଜାତୀୟ ଜୀବନରେ ପରିବାର ମଧ୍ୟ ସେହିପରି । ପରିବାର ଓ ବ୍ୟକ୍ତିମାନଂକ କ୍ରିୟାରେ ଜାତୀୟ ଜୀବନର ପରଂପରା ପ୍ରକଟିତ ହୁଏ; କିଂତୁ ଏହା ବୋଲି ବ୍ୟକ୍ତି ବା ପରିବାରବିଶେଷ ନଷ୍ଟ ହେଲେ ଜାତିର ଜୀବନ ନଷ୍ଟ ହୁଏନାଇ । ବରଂ ବ୍ୟକ୍ତି ଓ ପରିବାର ନିର୍ମମ ଭାବରେ ଆତ୍ମତ୍ୟାଗ କରି ଜାତୀୟ ଜୀବନକୁ ପୁଷ୍ଟ ଓ ବଳିଷ୍ଠ କରନ୍ତି । ତେଣୁ ଏହି ଜାତୀୟ ଜୀବନକୁ ଜାତିର ଲୋକ ଓ ପରିବାରମାନଂକର ସମୂହ ଜାତୀୟ ବ୍ୟକ୍ତିତ୍ୱରେ ଅନୁସଂଧାନ କରିବାକୁ ହେବ ।

ଆର୍ଯ୍ୟ ଜାତି, ଏହି କଥାଟି ପୃଥିବୀରେ ବହୁ ପ୍ରାଚୀନ । ଏହି ନାମରେ ବୈଦିକ ଋଷି ସଂତତି ଓ ସେମାନଂକ ପ୍ରଭାବରେ ପ୍ରଭାବିତ ଭାରତୀୟମାନେ କେବଳ ଚିରଦିନ ପରିଚିତ ହୋଇ ଆସୁଥିଲେ । ଏବେ ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ କିଛି ଉପରି ହେବ ପଂଡିତମାନେ ସ୍ଥିର କରୁଅଛଂତି, ଭାରତର ଆର୍ଯ୍ୟମାନେ ଯେଉଁ ଜାତି, ସ୍ପେନଠାରୁ ପୂର୍ବ ଉପଦ୍ୱୀପ ପର୍ଯ୍ୟଂତ ଭୂଖଂଡର ସମସ୍ତ ଅଧିବାସୀମାନେ ସେହି ବଂଶରେ ଜନ୍ମ ହୋଇଅଛଂତି । ସେମାନେ କାରଣ ସ୍ୱରୂପ ପ୍ରମାଣ କରୁଛଂତି, ଏ ସମସ୍ତ ଦେଶ ଲୋକଂକର ଆକୃତି ଓ ଅବୟବମାନଂକର ଅସ୍ଥି ସଂସ୍ଥାନର ପରିପାଟୀ ଏକାପରି ଏବଂ ଏମାନଂକ ଭାଷାମାନଂକରେ କେତେକ ନିତ୍ୟ ବ୍ୟବହାର୍ଯ୍ୟ ଅତି ଆବଶ୍ୟକୀୟ ଶବ୍ଦମାନଂକର ମୂଳ ଅଭିନ୍ନ । ସେହି ପଂଡିତମାନେ ଏ ସମସ୍ତ ଦେଶର ଲୋକମାନଂକୁ ଏକ କକେଶୀୟ ବା ଆର୍ଯ୍ୟ ବୋଲି ନିର୍ଦ୍ଦେଶ କରୁଅଛଂତି । ଭାଷାବିଜ୍ଞାନବିତ୍ ଓ ଜାତିତତ୍ତ୍ୱସଂଧିତ୍ସୁ ଐତିହାସିକ ପଂଡିତମାନଂକର ଏହିପରି ଯୁକ୍ତି ଓ ସିଦ୍ଧାଂତ ଅଭ୍ରାଂତ ହୋଇପାରେ; ତଥାପି ମସ୍ତକର ଅସ୍ଥିବିଧାନ ବା ଭାଷାର ମୂଳଶବ୍ଦ ଫେଡ଼ି ଦେଖିବାରେ ଜାତୀୟତା ନାଇ । ଏ ସମସ୍ତ ଦେଶର ଲୋକମାନଂକର ଆଦିପୁରୁଷ ଏକ, ଏ ସମସ୍ତଂକର ପରସ୍ପର ସହିତ ରକ୍ତ-ସଂପର୍କ ଅଛି, ଏଥିକରେ ସେମାନଂକର ଜାତୀୟ ବ୍ୟକ୍ତିତ୍ୱ ଏକ ବୋଲି କୁହାଯାଇ ନ ପାରେ । ଏପରି ଅବୟବ, ଆକୃତି ଓ ଭାଷାର ସାମଂଜସ୍ୟ ଜାତିର ଜଡ଼ପିଂଡମାତ୍ର । ଜୀବନରେ ଆଦର୍ଶ ଓ ପରଂପରା ସେଥିରେ ସର୍ବଦା ସର୍ବତୋଭାବରେ ଆବଦ୍ଧ ହୋଇ ରହି ନ ପାରେ । ଏକ ଜୀବଂତ ବୃକ୍ଷରୁ ଶାଖା ବା ପତ୍ର ଅପର ବୃକ୍ଷର ଖାଦ୍ୟରୂପେ ତାହାର ଅଂଗ ବୃଦ୍ଧି କରିପାରେ, ତାହାର ଜୀବନରେ ନିଜ ଶକ୍ତି ମିଶାଇ ଦେଇପାରେ, ପଂଡିତମାନେ ବିଜ୍ଞାନ ବଳରେ ଏହା ସବୁ ଜାଣିପାରିବା ଅସଂଭବ ନୁହେଁ; କିଂତୁ ବିଚ୍ୟୁତ ପତ୍ର ଓ ଶାଖା ମୂଳ ବୃକ୍ଷର ଜୀବନ ସଂଗେ ସଂବଧ ହରାଇଲେ ଆଉ ସେ ବୃକ୍ଷର ଅଂଶ ବୋଲି ଗୃହୀତ ହୋଇ ନ ପାରେ; କିଂବା ଯେଉଁ ବୃକ୍ଷ ସେ ପତ୍ର ବା ଶାଖାରେ ପରିପୁଷ୍ଟ ସେ କଦାପି ମୂଳ ବୃକ୍ଷ ସଂଗେ ଏକ ହେବ ନାଇ । ବୃକ୍ଷର ଜୀବନରେ ଯେପରି, ଜାତିର ଜୀବନରେ ସେହିପରି ଏ କଥା ସତ୍ୟ । ଭୌତିକ ବିଗ୍ରହ ବା ଜଡ଼ପିଂଡ ଜୀବନ ନୁହେଁ; କେବଳ ରକ୍ତ ସଂପର୍କ ବଂଶପରଂପରା ନୁହେ କିଂବା ପିତୃପୁରୁଷ ଏକ ହେଲେହେଁ ସର୍ବଦା ଯେ ଜାତୀୟ ଜୀବନ ଏକ ହେବ, ଏହାର କୌଣସି କାରଣ ନାଇ ।

ଜୀବନ ଗୋଟିଏ କ୍ରମବର୍ଦ୍ଧନଶୀଳ ଗତି ବା ନିୟମ । ସୃଷ୍ଟିଆଡ଼ୁ ସର୍ବଦା କେତେ ଶକ୍ତି, ସଂପର୍କ, ସଂସର୍ଗ, ସାହଚର୍ଯ୍ୟ ଏହି କ୍ରମବର୍ଦ୍ଧନର ବିକାଶ କରୁଅଛି । ଜୀବନ ପରଂପରାରେ ପ୍ରତ୍ୟେକ ଅବସ୍ଥାର ପ୍ରଭାବ ଓ ଉପାଦାନରେ ପରବର୍ତ୍ତୀ ଅବସ୍ଥା ଗଠିତ ହେଉଅଛି । ଆଂଭେମାନେ ଆଜି ଯାହା ହୋଇଅଛୁଁ, ତାହା ଆଜି ଦିନକର କ୍ରିୟାର ଫଳ ନୁହେଁ । ଶୈଶବରୁ ଏପର୍ଯ୍ୟଂତ ଅବସ୍ଥା ପରେ ଅବସ୍ଥା କଟିଯାଇଅଛି ଏବଂ ଆଂଭର ବର୍ତ୍ତମାନ ଅବସ୍ଥାରେ ସମସ୍ତ ଅବସ୍ଥାର ସଂସ୍କାର ଓ ଫଳ ରହିଅଛି । କେତେ ଉପଦେଶ, କେତେ ତାଡ଼ନା, କେତେ ଲକ୍ଷିତ ଅଲକ୍ଷିତ

ସଂସର୍ଗ, କେତେ ଆତ୍ମଚିନ୍ତା, କେତେ ଅଭ୍ୟାସ ଆମ୍ଭ ଜୀବନକୁ ଗଢ଼ିବାରେ ଲାଗିଛି, ତାହାର କିଏ ଗଣନା କରିପାରିବ ? ଆମ୍ଭେ ଯଦି ଆଜ ସଂପୂର୍ଣ୍ଣ ଅନ୍ୟ ଭାବରେ ଭାବାନ୍ୱିତ ହୋଇ ଅନ୍ୟ ସମାଜ ଆଶ୍ରୟ କରି, ଅନ୍ୟ ସଂସ୍କୃତି ଗ୍ରହଣ କରି, ଅନ୍ୟ ଦେଶରେ ବସବାସ କରୁ, ନିଜ ଜୀବନର ଏ ସମସ୍ତ ଅଭ୍ୟାସର ଫଳରେ ଅନାସ୍ଥା ଓ ଅନାଦର କରୁ କରୁ ଏସବୁ ଭୁଲି ଯାଉ, କେତେକ ବର୍ଷ ପରେ ଭିନ୍ନ ପ୍ରଭାବରେ ଭିନ୍ନ ଜାତିର ଲୋକରେ ପରିଣତ ହେଉଁ, ତେବେ ଆମ୍ଭ ବ୍ୟକ୍ତିତ୍ୱ-ପରଂପରା ଛିନ୍ନ ହେଲା । ବସ୍ତୁତଃ ଆମ୍ଭେ ଅନ୍ୟ ବ୍ୟକ୍ତିରେ ପରିଣତ ହେଲୁଁ ।

ବ୍ୟକ୍ତିର ଜୀବନ ଅଳ୍ପକାଳସ୍ଥାୟୀ । ସେଥିପାଇଁ ସେଥିରେ ଏପରି ବ୍ୟକ୍ତିତ୍ୱ ଭେଦ ସାଧାରଣତଃ ସଂଭବ ହୁଏ ନାହିଁ । ମାତ୍ର ଜାତୀୟ ଜୀବନରେ ଏ କଥା ଲକ୍ଷ୍ୟ କରିବା ବିଶେଷ ଆୟାସସାଧ୍ୟ ନୁହେ । ଗୋଟିଏ ଜାତିର ଲୋକମାନେ କୌଣସି ଏକ ଦେଶର ଜଳବାୟୁ, ବେଷ୍ଟନୀ ଓ ପ୍ରଭାବରେ ବହୁ ଦିନ ବଢ଼ିଲେ, ସେହି ଦେଶର ପ୍ରକୃତି ଅନୁସାରେ ସେ ଜାତିର ଗୋଟିଏ ପ୍ରାକୃତିକ ଜୀବନ ପରଂପରା ଜାତ ହେବା ସ୍ୱାଭାବିକ । ମାତ୍ର ଘଟଣାକ୍ରମେ ସେହି ଜାତି ଭିନ୍ନ ଜାତି ବା ବ୍ୟକ୍ତିବିଶେଷର ଶକ୍ତି ବା ଧର୍ମରେ ନିଜ ପ୍ରାକୃତିକ ଅନୁଷ୍ଠାନମାନଙ୍କର ପରଂପରା ସବୁ ଭୁଲିଯାଇ, ସର୍ବତୋଭାବରେ ନବ ପ୍ରଭାବିତ ହେଲେ, ତାହାର ଜାତୀୟ ଜୀବନ ଭିନ୍ନ ରୂପ ଧାରଣ କରେ । ପୃଥିବୀରେ ବହୁଜାତିର ଜୀବନ ଏହିପରି କାଳେ କାଳେ ବୈଦେଶିକ ଓ ଭିନ୍ନ ଧର୍ମ ଆଦିର ପ୍ରଭାବରେ ଅନ୍ୟରୂପ ହୋଇଅଛି । ସେମାନଙ୍କର ଜାତୀୟ ଜୀବନର ସେ ପରଂପରା ଆଉ ନାହିଁ; କିନ୍ତୁ ଆର୍ଯ୍ୟ ଜୀବନର ପ୍ରାକୃତିକ ବର୍ଦ୍ଧନ ଭାରତର ଏକ ଆଦର୍ଶରେ ଚିରକାଳ ନିପୁଣ ଓ ବିକାଶପ୍ରାପ୍ତ ହୋଇ ଆସିଅଛି । ଭାରତ ପ୍ରକୃତିରେ ଯେ ସମାଜ, ସଭ୍ୟତା, ରୁଚି, ଧର୍ମ, ଅନୁଷ୍ଠାନ—ଏକ କଥାରେ ଯେ ଜାତୀୟତା କାଳକ୍ରମେ ସ୍ୱାଭାବିକ ବିକାଶରେ ଗଠିତ ହୋଇଅଛି, ତାହାର ମୂଳମନ୍ତ୍ର ଓ ଆଦର୍ଶ ଆଦିମକାଳରୁ ଆଜଯାଏଁ ଅବିଚ୍ଛିନ୍ନ କର୍ମଧାରା ମଧ୍ୟରେ ସେହିପରି ଅପରି-ବର୍ତ୍ତିତ ରହିଅଛି । ଭାରତରେ ଯେ ସନାତନ ଆର୍ଯ୍ୟ ଆଦର୍ଶ ଅଛି, ପଣ୍ଡିତମାନେ ଆଜି ଯେଉଁମାନଙ୍କୁ ଆର୍ଯ୍ୟ କୁଳର ବୋଲି କହୁଅଛନ୍ତି, ସେମାନଙ୍କ ମଧ୍ୟରେ ତାହାନାହିଁ । ସେମାନଙ୍କ ଜାତୀୟ ବ୍ୟକ୍ତିତ୍ୱ ବୈଦେଶିକ ପ୍ରଭାବରେ ସଂପୂର୍ଣ୍ଣ ଭିନ୍ନ ରୂପ ଧାରଣ କରିଅଛି । ଏଥିରେ ଅବଶ୍ୟ କୌଣସି ଦେଶର ବା ଜାତିର ସଭ୍ୟତା ପ୍ରତି ଅନାସ୍ଥା ବା ଅନାଦର ପ୍ରକାଶ କରାଯାଉ ନାହିଁ । କାହାକୁ ପୁରାତନ ବା ନୂତନ ବୋଲି ଆସ୍ଥା ଆଦରରେ ଇତରବିଶେଷ କରିବା ମଧ୍ୟ ଯୁକ୍ତିଯୁକ୍ତ ନୁହେ; କିନ୍ତୁ ଏତିକି ମାତ୍ର କହିବା ଅଭିପ୍ରାୟ, ମୌଳିକ ଆର୍ଯ୍ୟ ସଭ୍ୟତା କେବଳ ଭାରତରେ ଅନୁସନ୍ଧାନ କରିବା ଉଚିତ । ଅନ୍ୟତ୍ର ତାହା ମିଳିବ ନାହିଁ । ଅନ୍ୟ ଦେଶର ସଭ୍ୟତାର ଆଦର୍ଶ ଓ ଗତି ବାରଂବାର ପରିବର୍ତ୍ତିତ ହୋଇଅଛି; ଭାରତରେ ତାହା ହୋଇ ନାହିଁ ।

ଇତିହାସରୁ ଜଣାଯାଏ, ପୃଥିବୀରେ ବହୁ ପ୍ରାଚୀନ ଜାତି ଲୋପ ପାଇଅଛନ୍ତି । ମିଶର, ଫିନିସିଆ, ବାବିଲନ୍, ଆସିରିଆ, ଶ୍ୟାଲ୍ଡିଆ, କାର୍ଥେଜ୍, ବକ୍ଟ୍ରିୟା, ପଲ୍ଲବ, ପାରସ୍ୟ ଓ ଆମେରିକାର ପେରୁ, ମେକ୍-ସିକୋର ପ୍ରାଚୀନ ସଭ୍ୟତା ଅତି ଉନ୍ନତ ଥିବାର ପ୍ରମାଣ ମିଳେ । ଏ ସବୁ ଦେଶର ସଭ୍ୟତା ଓ ବ୍ୟକ୍ତିତ୍ୱ ଦିନେ ମାନବଜାତିର ସମୃଦ୍ଧି ପ୍ରାପ୍ତି ଓ ବିକାଶରେ ଯଥେଷ୍ଟ ସାହାଯ୍ୟ କରିଥିଲା; ମାତ୍ର ଆଜି ସେମାନଙ୍କର ସେ ପ୍ରାଚୀନ ସଭ୍ୟତାର ଚିହ୍ନ ନାହିଁ । ସ୍ଥଳବିଶେଷରେ ସେହିସବୁ ଦେଶ ଓ ଜାତିର ନାମ ଧାମ ପର୍ଯ୍ୟନ୍ତ ଐତିହାସିକ ଅନୁସନ୍ଧାନର ଅପେକ୍ଷା କରୁଅଛି । ପଣ୍ଡିତମାନେ ନାନା ଶିଳା, ସେତୁ,

ମନ୍ଦିର, କବର, ମୁଦ୍ରା, ଶାସନ, ଶିଳାଲିପି ପ୍ରଭୃତି ଅନ୍ୱେଷଣ ଓ ଆଲୋଚନା କରି ସେମାନଙ୍କର ପ୍ରାଚୀନ ସଭ୍ୟତାର କଥା ବାହାର କରୁଅଛନ୍ତି । ସେ ସବୁ ଦେଶରେ ଭୂମି ସେହିପରି ପଡ଼ିଅଛି । ପ୍ରକୃତି ଇତର-ବିଶେଷ ପରିମାଣରେ ସେହିପରି ଉନ୍ମୁକ୍ତ ରହିଅଛି; କିନ୍ତୁ ସେ ପୁରାଣ ଗୌରବ, ସେ ଅଜ୍ଞାତ ଜାତୀୟ-ତାକୁ ଆମର ବୋଲି ଗର୍ବ କରିବାକୁ ସେ ଦେଶରେ କେହି ନାହାନ୍ତି । ଦେଶର ଅଧିବାସୀମାନେ ବଂଶ-ପରମ୍ପରାରେ ସେ ଜାତୀୟ ବିଭବ ବହନ କରୁ ନାହାନ୍ତି । କିମ୍ବଦନ୍ତୀ ଓ କଥା ପରମ୍ପରାରେ ଜାତୀୟ ସ୍ମୃତି ପୁରୁଷାନୁକ୍ରମେ ଅଲକ୍ଷିତ ଭାବରେ ପ୍ରସ୍ଫୁରିତ ହୁଏ; ମାତ୍ର ସେ ପୁରାଣ ବିଶାଳ ଜାତୀୟତାର ସ୍ମୃତି ଆଜି ସେ ସବୁ ଦେଶର କିମ୍ବଦନ୍ତୀରେ ସୁଦ୍ଧା ଶୁଣା ଯାଉ ନାହିଁ ।

ପ୍ରାଚୀନ **ମିଶରବାସୀ** ରାଜାମାନଙ୍କ କବର ଉପରେ ଯେଉଁସବୁ ଭୂମୁଳ ମହାଶିଳାସ୍ତୂପ (ପିରାମିଡ଼) ଗଢ଼ିଥିଲେ, ତାହା ଆଜି ସଭ୍ୟତମ ମାନବର ବିସ୍ମୟ ଜନ୍ମାଉଅଛି । ସେହି ପ୍ରାଚୀନ ମିଶରୀୟମାନେ ମନୁଷ୍ୟ ଓ ପଶୁ ପକ୍ଷୀର ଶବସବୁ କି ମସଲାରେ କପଡ଼ା ଗୁଡ଼ି ରଖି ଯାଇଥିଲେ ଯେ, ତାହା ହଜାର ହଜାର ବର୍ଷ ପରେ ସୁଦ୍ଧା ଆଜି ଅବିକଳ ରହିଅଛି; କିନ୍ତୁ ଆଧୁନିକ ମିଶରବାସୀ ସେମାନଙ୍କର ପୂର୍ବପୁରୁଷ ମାନଙ୍କ ସେ କଳାକୌଶଳ ମନେ ରଖିବା ଦୂରେ ଥାଉ, ସେ କୀର୍ତ୍ତି କାହାଣୀ ପର୍ଯ୍ୟନ୍ତ ଭୁଲି ଯାଇଅଛନ୍ତି । ପ୍ରାୟ ହଜାର ବର୍ଷ ପୂର୍ବେ ମିଶରବାସୀ ମୁସଲମାନମାନଙ୍କ ଦ୍ୱାରା ବିଜିତ ହୋଇ ମୁସଲମାନ ଧର୍ମରେ ଦୀକ୍ଷିତ ହେଲେ । ସେହି ଦିନଠାରୁ ସେମାନଙ୍କ ଜାତୀୟ ଜୀବନର ପୂର୍ବ ପରମ୍ପରା ଛିନ୍ନ ହୋଇଅଛି । ସେମାନେ ସର୍ବତୋଭାବରେ ମହମ୍ମଦୀୟ ଆଦର୍ଶରେ ପ୍ରଭାବିତ ହୋଇଅଛନ୍ତି । ମିଶରର ଜାତୀୟତା ଆଜି ବହୁତ ଉନ୍ନତ ହୋଇପାରେ; ମାତ୍ର ସେ ଜୀବନ୍ତରେ ପ୍ରାଚୀନ ମିଶରର ପରମ୍ପରା ଅଛି ବୋଲି କୁହାଯିବ ନାହିଁ ।

ସମଗ୍ର ଇଉରୋପର ଅବସ୍ଥା ମଧ୍ୟ ସେହିପରି । ଦିନେ ପ୍ରାଚୀନ ଗ୍ରୀସ୍‌ଦେଶୀୟ ଆଦର୍ଶରେ ସେ ସମସ୍ତ ଭୂଖଣ୍ଡ ବ୍ୟାପ୍ତ ହୋଇଥିଲା; କିନ୍ତୁ ସେ ଆଦର୍ଶ ଆଜି ଇଉରୋପରେ ନାହିଁ । ଖ୍ରୀଷ୍ଟଧର୍ମର ବ୍ୟାପକ ପ୍ଲାବନରେ ସକ୍ରେଟିସ୍, ପ୍ଲେଟୋ, ଆରିଷ୍ଟଟଲ୍ ପ୍ରଭୃତି ପ୍ରାଚୀନ ଗ୍ରୀକ୍ ଦାର୍ଶନିକମାନଙ୍କ ସମୟରେ ଜାତୀୟ ଆଦର୍ଶ ଇଉରୋପରୁ ଅନ୍ତର୍ହିତ ହୋଇ ଯାଇଅଛି । ପ୍ରାଚୀନ ସ୍ପାର୍ଟାର ସେ ସରଳ ଜୀବନ, ଏଥେନ୍ସର ସେ ମହତ୍ତ୍ୱ ଓ ମୌଳିକତା, ପ୍ଲେଟୋଙ୍କ ପ୍ରସ୍ତାବିତ ରାଜ୍ୟତନ୍ତ୍ର ଓ ଶିକ୍ଷା ବିଧାନର ଆଦର୍ଶ ପ୍ରଭୃତିରେ ଗଠିତ ଇଉରୋପର ଜାତୀୟ ଜୀବନ ଆଉ ପରମ୍ପରାରେ ଜୀବନ୍ତ ରହି ନାହିଁ । ନବଧର୍ମ ଦୀକ୍ଷା ସଙ୍ଗେ ଭାବ ବିପର୍ଯ୍ୟୟ, ଗଥ୍, ଭାଣ୍ଡାଲ ପ୍ରଭୃତି ବିଜେତୃ ଜାତିମାନଙ୍କର ପ୍ରଭାବ, ଶେଷରେ ଟିଉଟନ୍‌ମାନଙ୍କର ନବ ଜାତୀୟ ଦୀପ୍ତି, ଇଉରୋପର ପ୍ରାଚୀନ ସଭ୍ୟତାର ପରମ୍ପରା ନଷ୍ଟ କରିଅଛି । ଜୀବନର ସେ ପ୍ରାକୃତିକ ବିକାଶ ବର୍ଦ୍ଧିଷ୍ଣୁ ଭାବରେ ଆଜି ଇଉରୋପର ଜାତୀୟ ଆଦର୍ଶ ପ୍ରଭାବିତ କରୁ ନାହିଁ ।

କଳ୍ପନା କରାଯାଉ, ଗୋଟିଏ ଭୂମିରେ ଗୋଟିଏ ଗଛ ଉଠିଅଛି । ସେ ଗଛଟି ସେ ଭୂମିରୁ ରସ ଗ୍ରହଣ କରି, ସେହି ଜଳବାୟୁରେ ବଢ଼ି, ସେହି ଭୂମିର ପ୍ରାକୃତିକ ସୁବିଧା ଅସୁବିଧାରେ ପଡ଼ି, ନିଜର ଜୀବନ ରଖିଅଛି । କୌଣସି ଲୋକ ନିଜ ରୁଚି ବା ବ୍ୟବହାର ନିମନ୍ତେ ସେ ବୃକ୍ଷ ନଷ୍ଟ କରି, ସେହି ସ୍ଥାନରେ ଅନ୍ୟ ଜଳବାୟୁରେ ବଢ଼ୁଥିବା ଗଛର ମଞ୍ଜି ଓ ଡାଳ ଆଣି ପୋତିଲେ, ସେଠାରେ ଗୋଟିଏ ନୂତନ ବୃକ୍ଷ ହେଲା । ଏହି ନୂତନ ବୃକ୍ଷଟି ହୃଷ୍ଟପୁଷ୍ଟ ହୋଇ ବଢ଼ିପାରେ, କିନ୍ତୁ ତାହା ସେ ଭୂମିର ସ୍ୱାଭାବିକ ବୃକ୍ଷ ନୁହେ ।

ଏ ନବ ବୃକ୍ଷରେ ସ୍ୱାଭାବିକ ବୃକ୍ଷର ପ୍ରକୃତି ଓ ସ୍ୱାଧୀନତା ନାହିଁ । ଦେଶ ବିଦେଶର ସଭ୍ୟତାକୁ ସେହିପରି ଗୋଟିଏ ବୃକ୍ଷପରି କଳ୍ପନା କରାଯାଉ । ସେହି ହିସାବରେ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କର ସଭ୍ୟତା ଅତି ଉନ୍ନତ ହୋଇପାରେ; କିନ୍ତୁ ସେ ସବୁ ନବରୋପିତ ସଭ୍ୟତା ସେ ଦେଶମାନଙ୍କର ମୌଳିକ ସଭ୍ୟତା ନୁହେଁ । ଆର୍ଯ୍ୟ ସଭ୍ୟତାର ପ୍ରକୃତି, ଆଦର୍ଶ, ବିକାଶ ଆଜି ଇଉରୋପ କିମ୍ବା ପାରସ୍ୟରେ ମିଳିବ ନାହିଁ । ସେ ସବୁ ଦେଶରେ ଯଦି କେବେ ଆର୍ଯ୍ୟ ସଭ୍ୟତା ଥିଲା, ତାହା ଆଜି ନାହିଁ । ସେ ଭୂମିରେ ନବ ସଭ୍ୟତାର ବୃକ୍ଷ ରୋପିତ ହୋଇଅଛି ।

କିନ୍ତୁ ଭାରତର ଜାତୀୟ ସଭ୍ୟତାର ଉତ୍ପତ୍ତି ଭାରତରେ, ବିକାଶ ଭାରତରେ । ଭାରତବାସୀ ଚିରକାଳ ଏକ ଜାତୀୟ ଆଦର୍ଶରେ ଜୀବନ ଚଳାଉ-ଅଛନ୍ତି । କାଳବଶରେ, ଘଟଣା ପ୍ରଭାବରେ, ଭାରତର ଧର୍ମ, ସମାଜ ନାନା ଶାଖା ପ୍ରଶାଖାରେ ବିଭକ୍ତ ହୋଇଅଛି, କିନ୍ତୁ ସେ ସବୁ ସନାତନ ଆର୍ଯ୍ୟଧର୍ମ ଓ ବେଦପ୍ରବର୍ତ୍ତିତ ଆର୍ଯ୍ୟନୀତିର ଭିନ୍ନ ଭିନ୍ନ ବିଭାବ ବିକାଶର ଫଳ । ଶଙ୍କର, ରାମାନୁଜ, ଚୈତନ୍ୟ ପ୍ରଭୃତି କେତେ ମନୀଷୀ ଏ ଭାରତ ଭୂମିରେ ଧର୍ମ ପ୍ରଚାର କରିଅଛନ୍ତି, ସଂପ୍ରଦାୟ ଗଠନ କରିଅଛନ୍ତି; କିନ୍ତୁ ସମସ୍ତେ ବେଦର ତତ୍ତ୍ୱ ଭିନ୍ନ ଭିନ୍ନ ଭାବରେ ବ୍ୟାଖ୍ୟା କରିଅଛନ୍ତି ମାତ୍ର । ସେମାନଙ୍କ ଧର୍ମମତରେ ବିରୋଧ ନାହିଁ, ଭାରତର ଧର୍ମ ସଂପ୍ରଦାୟମାନଙ୍କ ମଧ୍ୟରେ ସ୍ଥାୟୀ ବିଦ୍ୱେଷ ବା ରକ୍ତପାତ କେବେ ଦେଖା ଯାଇ ନାହିଁ । ଅନନ୍ତ ଶାଖା ପ୍ରଶାଖାରେ ପରିଣତ ହୋଇ ଆର୍ଯ୍ୟଧର୍ମ ଆଜି ସାର୍ବଜନୀନ, ସର୍ବବାଦି-ସମ୍ମତ ହୋଇଅଛି । ପୃଥିବୀର ସମସ୍ତ ପ୍ରଚଳିତ ଧର୍ମର ମତ ନାନା ଭାବରେ ସନାତନ ଆର୍ଯ୍ୟ ଧର୍ମର ଅଙ୍ଗୀଭୂତ ହୋଇଅଛି । ଆର୍ଯ୍ୟର ଈଶ୍ୱର କହୁଅଛନ୍ତି, "ଯେ ଯଥାମାଂ ପ୍ରପଦ୍ୟନ୍ତେ, ତାଂ ତଥୈବ ଭଜାମ୍ୟହଂ ।" "ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।" ଅର୍ଥାତ୍, "ମତେ ଯେ ଯେପରି ଉପାସନା କରିବେ, ମୁଁ ତାଙ୍କୁ ସେହିପରି ଗ୍ରହଣ କରିବି । ସମସ୍ତ ଧର୍ମ ଛାଡ଼ି କେବଳ ମୋଠାରେ ଶରଣ ନିଅ ।"

ଆର୍ଯ୍ୟ ସମାଜ ମଧ୍ୟ ସେହିପରି ଯୁଗେ ଯୁଗେ ନାନା ପରିବର୍ତ୍ତନ ଭୋଗିଅଛି । ନାନା ପ୍ରଭାବରେ ପ୍ରଭାବିତ ହୋଇ ସଂକୋଚରେ ଆତ୍ମରକ୍ଷା କରୁ କରୁ ସମାଜର କେତେ ବିକାର ମଧ୍ୟ ଘଟିଅଛି, କିନ୍ତୁ ସେ ସମସ୍ତ ପ୍ରଭାବ, ସମସ୍ତ ବିକାର ମଧ୍ୟରେ ସନାତନ ମୌଳିକ ଆର୍ଯ୍ୟମତ ଏବେ ସୁଦ୍ଧା ସ୍ପଷ୍ଟ । ଆଜି ମଧ୍ୟ ଆର୍ଯ୍ୟର ବିଶ୍ୱାସ, ସମାଜର ଜାତିମାନେ ଆଦିମଯୁଗରେ ସେହି ପରମାତ୍ମା ବିଶ୍ୱରୂପୀ ବିରାଟପୁରୁଷଙ୍କ ଶରୀରରୁ ଜାତ ହୋଇଥିଲେ । ଆଜି ମଧ୍ୟ ଆର୍ଯ୍ୟ ସନ୍ତାନ ବେଦ ସ୍ମରଣ କରି କହେ, "ବ୍ରାହ୍ମଣୋଽସ୍ୟ ମୁଖମାସୀତ୍; ବାହୂ ରାଜନ୍ୟଃ କୃତଃ, ଊରୁସ୍ତଦସ୍ୟ ଯଦ୍‌ବୈଶ୍ୟଃ-ପଦଭ୍ୟାଂ ଶୂଦ୍ରୋଽଜାୟତ ।" ଅର୍ଥାତ୍, ବ୍ରାହ୍ମଣ ଏହି ବିରାଟପୁରୁଷଙ୍କ ମୁଖରୂପୀ, କ୍ଷତ୍ରିୟ ଏହାଙ୍କର ବାହୁ, ବୈଶ୍ୟ ଊରୁ ଏବଂ ଶୂଦ୍ର ଏହାଙ୍କ ପାଦରୁ ଜାତ ।

ଭାରତ ବିଦେଶୀମାନଙ୍କଦ୍ୱାରା ବାରଂବାର ବିଜିତ ହୋଇଅଛି ଏବଂ ଫଳରେ ରାଜନୀତି ନାନା ବାହ୍ୟ ପ୍ରଭାବରେ ବାରଂବାର ପ୍ରଭାବିତ ହେବାର କଥା । ଘଟଣାବଶରେ ଭାରତର ଏହି ରାଜନୀତି କେତେ ପରିବର୍ତ୍ତନର ମଧ୍ୟଦେଇ ଆସିଅଛି ସତ୍ୟ; କିନ୍ତୁ ଅଦ୍ୟାପି ସେହି ଶ୍ରୁତି, ସ୍ମୃତି, ପୁରାଣ ବର୍ଣ୍ଣିତ ଭାବ ରାଜନୀତିକୁ ମଧ୍ୟ ଜୀବନ୍ତ କରିଛି । ସମସ୍ତ ପ୍ରଭାବ ଓ ପରିବର୍ତ୍ତନ ଭେଦ କରି ଆଜି ମଧ୍ୟ ଆର୍ଯ୍ୟ ସ୍ମରଣ କରେ, "ଅଷ୍ଟାନାଂ ଲୋକପାଳାନାଂ ମାତ୍ରାଭିର୍ନିର୍ମିତୋ ନୃପଃ" ଅର୍ଥାତ୍, ଅଷ୍ଟଲୋକପାଳମାନଙ୍କ ଅଂଶରେ ରାଜା ନିର୍ମିତ ହୋଇଅଛନ୍ତି । ଯେଉଁ ଦେବତାମାନେ ଲୋକ

ପାଳନ କରନ୍ତି, ସେହିମାନଙ୍କ ଅଂଶରେ ନିର୍ମିତ ନ ହେଲେ କେହି ରାଜପଦର ଉପଯୁକ୍ତ ନୁହେ। ସେଥିପାଇଁ ଆଜି ମଧ୍ୟ ଭାରତୀୟ ରାଜାର ବିଶ୍ୱାସ, ତାର ରାଜତ୍ୱ ପ୍ରଜାରଞ୍ଜନ ନିମନ୍ତେ—ନିଜର ଭୋଗବିଳାସ ପାଇଁ ନୁହେ; ଏ ସଂସାରରେ "ଚତୁର୍ଣ୍ଣାମାଶ୍ରମାଣାଂ ଚ ଧର୍ମସ୍ୟ ପ୍ରତିଭୂଃ"; ଅର୍ଥାତ୍, ସେ ସବୁ ଅବସ୍ଥାରେ ଥିବା ଲୋକମାନଙ୍କର ଧର୍ମ କର୍ମ ରକ୍ଷା ନିମନ୍ତେ ସେ ହିଁ ଏ ଜଗତରେ ଗୋଟିଏ ନ୍ୟାସୀ। ଏହି ଧର୍ମ ରକ୍ଷା କରିବାପାଇଁ କେବଳ ଜଗତରେ ତାହାର ରାଜତ୍ୱ।

କାଳକ୍ରମରେ ଭାରତର ଏହି ଆର୍ଯ୍ୟସଭ୍ୟତା ଅନନ୍ତ ଶାଖା ପ୍ରଶାଖାରେ ବିଭକ୍ତ ହୋଇଅଛି; ଭିନ୍ନ ଭିନ୍ନ ବିଭାଗରେ ଆର୍ଯ୍ୟଜୀବନର କ୍ରମ ବିକାଶ ଘଟିଅଛି; ବେଳେବେଳେ ବାହ୍ୟ ପ୍ରଭାବରୁ ଆତ୍ମସଂକୋଚନ ଫଳରେ ବିକାର ମଧ୍ୟ ଦେଖା ଦେଇଅଛି; କିନ୍ତୁ ସମସ୍ତ ଶାଖା, ସମସ୍ତ ବିଭାଗ, ଏପରିକି ସମସ୍ତ ବିକାର ମଧ୍ୟ, ଆର୍ଯ୍ୟ ସଭ୍ୟତାର ବ୍ୟକ୍ତିତ୍ୱ ଓ ଜୀବନ ଶକ୍ତିରେ ସାହାଯ୍ୟ ମାତ୍ର କରିଅଛନ୍ତି; କୌଣସି ଶାଖା, ବିଭାଗରେ ଆର୍ଯ୍ୟଜୀବନର ମୂଳପିଣ୍ଡ ଓ ସନାତନ ଆଦର୍ଶ ବିଲୟ ପାଇ ନାଇ। କାଳକ୍ରମରେ ଜୀବନ ଅନନ୍ତ ବିଭାବ ଓ ଆଂଶିକ ବିକୃତିରେ ପରିପୁଷ୍ଟ ଓ ସାବୟବ ହୋଇଅଛି। ମାତ୍ର ଏ ସମସ୍ତ ପୁଷ୍ଟି ଓ ସମସ୍ତ ଅବୟବ ବିନ୍ୟାସ ମଧ୍ୟରେ ଭାରତୀୟର ଏକ ଜାତୀୟ ପରମ୍ପରା, ଏକ ମୌଳିକତାର ଅଭ୍ୟୁଦୟ ଏବଂ ଏକ ଜାତୀୟ ଆଦର୍ଶର କ୍ରମ ବିକାଶ ସ୍ପଷ୍ଟ ଦେଖାଯିବ। ସହସ୍ର ବର୍ଷ ମଧ୍ୟରେ ଜାତୀୟ ଜୀବନ ନାନା ପ୍ରଭାବ ଭୋଗିଅଛି; ତଥାପି ସେହି ଅନନ୍ୟସାଧାରଣ ମୌଳିକତା ଫଳରେ ଭାରତୀୟ ଆଜି ଗୋତ୍ର ପ୍ରବର ନାମରେ ନିଜର ପରିଚୟ ଦିଏ; ଅଜ୍ଞାତ କାଳର ପିତୃପୁରୁଷଙ୍କ ସଂଗେ ସଂପର୍କ ସ୍ଥାପନ କରି, ଆପଣାକୁ ଧନ୍ୟ ମନେ କରେ। ସେହି ବଳିଷ୍ଠ ମୌଳିକତା ଓ ସନାତନ ଜାତୀୟ ଆଦର୍ଶରେ ପ୍ରାଣିତ ହୋଇ, ଆର୍ଯ୍ୟସନ୍ତାନ ଆଜି ମଧ୍ୟ ପିତୃପିତାମହଙ୍କ ତର୍ପଣ ବେଳେ କହେ, "ସୋମପାଃ ପିତରସ୍ତୃପ୍ୟନ୍ତାଂ", "ବର୍ହିଷଦଃ ପିତରସ୍ତୃପ୍ୟନ୍ତାଂ", ଅଗ୍ନିଷ୍ୱାତ୍ତାଃ ପିତରସ୍ତୃପ୍ୟନ୍ତାଂ।" ଅର୍ଥାତ୍, ସୋମପାନକାରୀ ପିତୃମାନେ ତୃପ୍ତ ହୁଅନ୍ତୁ; ଅଗ୍ନି ଉପାସକ ପିତୃମାନେ ତୃପ୍ତ ହୁଅନ୍ତୁ; ଯଜ୍ଞ ହୋମ କରୁଥିବା ପିତୃମାନେ, ତୃପ୍ତ ହୁଅନ୍ତୁ। ବୈଦିକ ତଥା ପ୍ରାଗ୍ ବୈଦିକ ଯୁଗର ଏହି ଆଦିମ ସ୍ମୃତି ଆର୍ଯ୍ୟଜୀବନର ଏହି ମହା ପରମ୍ପରା ଭାରତରେ ଆର୍ଯ୍ୟର ସନାତନତ୍ୱ ପ୍ରତିଷ୍ଠିତ ରଖିଅଛି। ଭାରତୀୟ ଆଜି ଯାହା ହେଉ—ତାର ପ୍ରାଣର ଆହ୍ଲାଦକର ବିଶ୍ୱାସ ଏହି ଯେ, ସେହି ସୋମପା, ଯାଜ୍ଞିକ, ଅଗ୍ନିହୋତ୍ରୀ ପିତୃପୁରୁଷମାନେ ଆଜି ତାର ତର୍ପଣ ଜଳପାନ କରି ସନ୍ତୋଷ ଲଭୁଅଛନ୍ତି—ସୁରଦେଶରୁ ତାକୁ ଆଶୀର୍ବାଦ କରୁଅଛନ୍ତି ଏବଂ ତାହାକୁ ଦେଖି ନିଜର ବଂଶାବତଂସ ବୋଲି ଅହଂକାର କରୁଅଛନ୍ତି। ପୃଥିବୀରେ ଆଉ ଯେ ଆର୍ଯ୍ୟରକ୍ତ-ପ୍ରସୂତ ଜାତିର କଥା କହ, ଜୀବନର ଏ ପ୍ରାଚୀନତା—ଏ ସ୍ୱାଭାବିକ ବିକାଶ—ଏ ମେରୁଦଣ୍ଡ—ଏ ସନାତନତ୍ୱ କାହାର ଅଛି ?

ଆର୍ଯ୍ୟର ଜୀବନ ବିକାଶ ସନାତନ; ଅର୍ଥାତ୍ ସର୍ବଦା ଏହା ପ୍ରାକୃତିକ ବେଷ୍ଟନୀରୁ ନୂତନ ନୂତନ ଉପାଦାନ ସଂଗ୍ରହ କରି, ଆଦର୍ଶ ଅନୁସରଣରେ ନିଜର ଅଭାବ ଓ ଆକାଙ୍କ୍ଷା ପୂର୍ଣ୍ଣ କରୁଅଛି। ଏହା ମୂଳରୁ ଏକ ଥିଲେ ମଧ୍ୟ, ପ୍ରତିଦିନ ନୂତନ ବିଭାବ, ନୂତନ ଅବୟବରେ ପୁଷ୍ଟ ଓ ବର୍ଦ୍ଧିତ ହେଉଅଛି। ଆର୍ଯ୍ୟଧର୍ମ ଭାରତର ପ୍ରକୃତିରେ ଜାତ ଏବଂ ଭାରତରେ ନିଜର ଆତ୍ମପ୍ରକାଶ କରିବାରେ ପୁଷ୍ଟ; ତେଣୁ ଏହା ସନାତନ ଓ ମୌଳିକ। ସେଥିପାଇଁ ଏଥିରେ ପୃଥିବୀର ସବୁ ପ୍ରକାର ସଭ୍ୟତା ଓ ସବୁ ପ୍ରକାର ଧର୍ମ, ମତବାଦ କାଳକ୍ରମେ ବିଭାବରୂପେ ବିକାଶ ପାଇଅଛି। ଜୀବନର ସମୃଦ୍ଧ ବିକାଶରେ କୌଣସି ବିଭାବର ଯଥେଚ୍ଛାଚାର ନାଇ। ପ୍ରଥମେ ସବୁଠାରେ ଜାତିର ମୌଳିକ ଓ

ସନାତନ ଜୀବନ ବିକାଶ ପାଏ; ସେଥିରେ ଗୋଟିଏ ପରଂପରା ସୃଷ୍ଟି ହୁଏ; କିଂତୁ କୌଣସି ବ୍ୟକ୍ତିର ବା ଭାବାଂତରର ପ୍ରଭାବରେ ସେ ପରଂପରା ଛିନ୍ନ ହେଲେ, ଜୀବନର ସନାତନତ୍ୱ ଓ ମୌଳିକତା ରହେ ନାଇ। କାହିଁକି ନା, ଜାତି ନିଜର ଆବଶ୍ୟକମତେ ଉପାଦାନ ସଂଗ୍ରହ କରି ଆତ୍ମରକ୍ଷା କରି ନାଇ; ଅନ୍ୟର ପ୍ରଭାବରେ ଆତ୍ମବିସ୍ମୃତ ହୋଇ ଫଳରେ ଆତ୍ମନାଶରେ ପଡ଼ିଅଛି। ସେଥିପାଇଁ ପ୍ରଚାରିତ ଧର୍ମ, ମତବାଦ, ଭାବ ବା ନୀତି ଫଳରେ ଯେଉଁ ଜାତୀୟତା ଗଢ଼ା ହୁଏ, ତାହା ମୌଳିକ ବା ସନାତନ ହୋଇ ନ ପାରେ। ତାହା ଜନ୍ମରୁ ଏପର୍ଯ୍ୟଂତ ପ୍ରକୃତିର ସହଜ କ୍ରିୟାରେ ଏକ ନୀତି ଓ ଆଦର୍ଶ ଅନୁସରଣ କରି ସ୍ୱାଭାବିକ ବିକାଶରେ ବଢ଼ି ନାଇ; ବରଂ ଏହା ବିଭାବ ବିଶେଷର ସମୂହ ଶକ୍ତି ଉପରେ ଯଥେଚ୍ଛାଚାରର ଫଳ।

ଭାରତୀୟ ସଭ୍ୟତା ଉପରେ ବିଦେଶୀ ପ୍ରଭାବ ପଡ଼ିଛି। ଭାରତ ଜୀବନ ବେଳେ ବେଳେ ବୈଦେଶିକ-ମାନଂକର ଘୋର ଅତ୍ୟାଚାର, ଉପଦ୍ରବ ଭୋଗିଛି। ଭାରତ-ସଂପଦ-ଲୋଭରେ ବିଦେଶୀମାନେ ବାରଂବାର ଏହାକୁ ଆକ୍ରମଣ କରିଅଛଂତି ଏବଂ ଭାରତରେ ନିଜର ଧର୍ମ, ନିଜର ସଭ୍ୟତା ବଳପୂର୍ବକ ପ୍ରଚାର କରିବାର ମଧ୍ୟ ପ୍ରୟାସ କରିଅଛଂତି; କିଂତୁ ଭାରତର ମେରୁଦଂଡ ସେଥିରେ ଟଳି ନାଇ। ଏସବୁ ସତ୍ତ୍ୱେ ଭାରତର ସଭ୍ୟତାର ସ୍ୱାତନ୍ତ୍ର୍ୟ ଲୋପ ପାଇ ନାଇ—ଏହାହିଁ କହିବାର ତାତ୍ପର୍ଯ୍ୟ।

ଦୁର୍ବଳ ଓ କ୍ଷୀଣସତ୍ତ୍ୱ ଲୋକ ପ୍ରବଳ ଓ ଶକ୍ତିମାନ୍ ଲୋକଦ୍ୱାରା ଆକ୍ରାଂତ ହେଲେ, ବେଳେ ବେଳେ ଅଭିଭୂତ ହୁଏ ଓ ପ୍ରବଳର ଅନୁକରଣ କରିଯାଏ। ପ୍ରଭୁ ଅନ୍ୟାୟ ଓ ଦୁରାଚାର କଲେ, ଭୃତ୍ୟ ବେଳେ ବେଳେ ସାହାଯ୍ୟ କରେ; ମାତ୍ର ସମସ୍ତେ ସଂସର୍ଗର ଦୋଷ ଗୁଣ ସମାନ ଭାବରେ ଗ୍ରହଣ କରଂତି ନାଇ। କେହି କେହି ବରାବର ବଦଳି ଯାଆଂତି। ମାତ୍ର ଯେଉଁମାନଂକର ବ୍ୟକ୍ତିତ୍ୱ ଦୃଢ଼ ଓ ଆଦର୍ଶ ସ୍ଥିର, ସେମାନେ ବିଜିତ, ଭୃତ୍ୟ, ସଂଗୀ, ସଂସର୍ଗୀ, ସହଚର, ସେ ହୁଅଂତୁ, ସବୁବେଳେ ନିଜେ ନିଜର ଜୀବନକୁ ଚଳାଂତି। ଭଲ ମଂଦ ବାଛି, ଯାହା ଦରକାର, ତାହା ଶିକ୍ଷା କରଂତି। ସେଥିରେ ତାଂକର ଜୀବନ ବିକାଶ ଓ ବୃଦ୍ଧି ପାଏ; ନିଜତ୍ୱ ହରାଇ ଅନ୍ୟ ଜୀବନର ଆଦର୍ଶ ଗ୍ରହଣ କରେ ନାଇ। 'ବାଳାଦପି ସୁଭାଷିତଂ' ଅର୍ଥାତ୍, ବାଳକ ଠାରୁ ଭଲକଥା ଶ୍ରବଣ କରିବା ବଳିଷ୍ଠ ଜୀବନର ଲକ୍ଷଣ; ମାତ୍ର 'ଯଖନ୍ ଯେମନ୍, ତଖନ୍ ତେମନ୍' ଅବସ୍ଥା ଅତି ଦୁର୍ବଳ ବ୍ୟକ୍ତିତ୍ୱ ପ୍ରକାଶ କରେ।

ଭାରତରେ ଗ୍ରୀକ୍, ଶକ, ମୁସଲମାନ ଓ ଖ୍ରୀଷ୍ଟିଆନ, ବିଜେତା ଓ ଧର୍ମ ପ୍ରଚାରକ ଭାବରେ ବହୁ ଚେଷ୍ଟା କରିଅଛଂତି; ଲକ୍ଷ ଲକ୍ଷ ନରନାରୀମାନଂକର ସନାତନ ଆଦର୍ଶ ମଧ୍ୟ ବଦଳାଇ ଅଛଂତି; ମାତ୍ର ଭାରତର ସମୂହ ଜାତୀୟ ଜୀବନ ନଷ୍ଟ ହୋଇ ନାଇ। ବେଳେ ବେଳେ ବିଦେଶୀୟମାନଂକଠାରୁ ଆହରଣ କରି, ଭାରତ ନିଜର ବ୍ୟକ୍ତିତ୍ୱ ପୁଷ୍ଟ କରିଅଛି; କିଂତୁ କେବେ କାହାରି ପ୍ରଭାବରେ ଆତ୍ମବିସ୍ମୃତ ହୋଇ ନାଇ। ଧର୍ମ ପ୍ରଚାର ପାଇଁ ବିଦେଶୀମାନେ ଜୁଲୁମ୍ କରିଅଂଛତି, ପାଦ୍ରୀମାନେ ଲୋଭମୟ ବିଭୂଷାରେ ଭୁଲାଇଅଛଂତି; ଆଜି ମଧ୍ୟ ନବ ପାଶ୍ଚାତ୍ୟ ସଭ୍ୟତାର ଆପାତମୋହନ ରୂପଚ୍ଛଟା ଓ କୃତ୍ରିମତାର ଆଶୁ ତୃପ୍ତିକର ବୈଭବ, ଅପରିଜ୍ଞାତ ଭାବରେ ଏ ଜାତିର ଜୀବନ ଆଦର୍ଶ ବଦଳାଇ ଦେବାକୁ ବସିଅଛି; କିଂତୁ ଏସବୁ ସତ୍ତ୍ୱେ ଆର୍ଯ୍ୟର ସନାତନ ଧର୍ମ ଓ ସଭ୍ୟତା, ପରଂପରା-ବିଧାନର ଅପରିଚ୍ଛେଦ୍ୟ ମୌଳିକତା, କର୍ମମୟ ଜୀବନର ସାଧୁ ସ୍ୱାଭାବିକ ଧର୍ମନିଷ୍ଠା, ସମାଜର ପ୍ରାକୃତିକ ଓ କର୍ତ୍ତବ୍ୟମୟ ପ୍ରତିଷ୍ଠାନ ପ୍ରଭୃତି, ଆର୍ଯ୍ୟ ଜୀବନକୁ ଭାରତରେ ଜାଗ୍ରତ ରଖିଅଛି ଓ ରଖିବ।

କେବଳ ଅନ୍ୟ ଜାତିର ପ୍ରଭାବରେ ଯେ ଭାରତୀୟ ଆର୍ଯ୍ୟ ଆତ୍ମବିକାଶ କରି ନାଇ, ସେତିକି ତାହାର ବିଶେଷ ନୁହେଁ । ଅନ୍ୟମାନେ ଭାରତଭୂମିରେ ଜୋର ଜବରଦସ୍ତି ଦେଖାଇ ସୁଦ୍ଧା ନିଜର ବ୍ୟକ୍ତିତ୍ୱ-ପ୍ରତିଷ୍ଠା କରି ପାରି ନାହାଂନ୍ତି; କିଂତୁ ଭାରତ ଜାତୀୟତାର ବିଶାଳ ସନାତନ ବ୍ୟକ୍ତିତ୍ୱ ଆପେ ଆପେ ପ୍ରସ୍ଫୁଟିତ ହୋଇ, ଜଗତର ସମୃଦ୍ଧ ସଭ୍ୟତା ସୃଷ୍ଟି କରିଅଛି । ବରଂ ପ୍ରତ୍ୟକ୍ଷ ପ୍ରବର୍ତ୍ତନା ବିନା ଭାରତସଭ୍ୟତା ପୃଥିବୀରେ ଯେତେ ପ୍ରସାରିତ ହୋଇଅଛି, ବଳପୂର୍ବକ ପ୍ରଚଳିତ ହୋଇ, ଅନ୍ୟ ସଭ୍ୟତାର ପ୍ରଭାବ ଭାରତରେ ସେତେ ପଶି ପାରିଅଛି କି ନା ସଂଦେହ । ସେ କାଳର ମୁସଲମାନ୍ ତରବାରି ଧାରରେ ଏବଂ ସବୁ କାଳେ ଖ୍ରୀଷ୍ଟିଆନ୍ ପ୍ରଲୋଭନ ଦେଖାଇ ଓ ନାନା କୌଶଳ ଅବଲଂବନ କରି, ନିଜର ଧର୍ମପ୍ରଚାର କରନ୍ତି; କିଂତୁ ବୌଦ୍ଧର ସାମ୍ୟବାଦ-ନୀତି ଓ ସାଧନା ବଳରେ ନିର୍ବାଣ ପ୍ରାପ୍ତିର ଶିକ୍ଷା, କି ମୋହନ ପ୍ରଭାବରେ ସାର୍ଦ୍ଧ ଶତାବ୍ଦୀ ମଧ୍ୟରେ ସ୍ପେନଠାରୁ ଜାପାନ ଓ ସାଇବେରିଆଠାରୁ ସିଂହଳ ପର୍ଯ୍ୟନ୍ତ ଅର୍ଦ୍ଧ ଜଗତରେ ବ୍ୟାପିଥିଲା, ତାହା ଯୁକ୍ତିବାଦୀମାନେ ଅନୁମାନ କରି ପାରିବେ କି ? ସେହି ସୂତ୍ରରେ ପ୍ରାଚୀନ ଗ୍ରୀସ୍, ଭାରତରୁ ଦର୍ଶନ-ମତ ଗ୍ରହଣ କରିଥିବାର ପଂଡିତମାନେ ସ୍ଥିର କରୁଅଛଂନ୍ତି; ସେଥିରେହିଁ ଗ୍ରୀସ୍‌ର ଆରିଷ୍ଟଟଲ୍ ଓ ସାଂଖ୍ୟ, ଦୁହିଂଙ୍କର ସୃଷ୍ଟିବ୍ୟାଖ୍ୟା ଏକପ୍ରକାର ହୋଇଅଛି, ପୁଣି ସେହିପରି କେତେ ଭାବରେ, କେତେ ପ୍ରକାରରେ ଯେ ବୌଦ୍ଧ ଧର୍ମ ଶିକ୍ଷାଦ୍ୱାରା ଆର୍ଯ୍ୟ ସଭ୍ୟତା ପୃଥିବୀରେ ପ୍ରସାରିତ ହୋଇଥିବ, ତାହା ଆଜି କିଏ କହିପାରେ ?

ପ୍ରାଚୀନ ଭାରତର ଧାରାବାହିକ ଇତିହାସ ଏପର୍ଯ୍ୟଂତ ମିଳି ନାଇ; କିଂତୁ ଅତି ଆଦିମ ଯୁଗରୁ ଭାରତର ସଭ୍ୟତା ପୃଥିବୀରେ ସଭ୍ୟତାର ମୂଳମଂତ୍ର ପ୍ରଚାର କରିଥିବାର ଭୂରି ଭୂରି ପ୍ରମାଣ ମିଳିଅଛି । ଅଂକ ଗଣିବାର ପ୍ରଣାଳୀ; ଅର୍ଥାତ୍ ଏକ, ଦଶ, ଶତ, ସହସ୍ର ପ୍ରଭୃତି ଦଶଗୁଣୋତ୍ତର ବିଧାନରେ ଅଙ୍କ ଗଣିବାର ରୀତି ଭାରତରୁ ପୃଥିବୀ ଗ୍ରହଣ କରିଅଛି, ଏହା ସର୍ବବାଦି-ସମ୍ମତ । ବୀଜଗଣିତର ତତ୍ତ୍ୱ ଭାରତରେ ପ୍ରଥମେ ଆବିଷ୍କୃତ ହୋଇଥିଲା । ଇଉକ୍ଲିଡ୍‌ଙ୍କ ଜ୍ୟାମିତିର ମୂଳତତ୍ତ୍ୱ, ସିକଂଦର-ବାହିନୀ ଭାରତର ଯଜ୍ଞବେଦୀ ଓ ମଂଡଳବିନ୍ୟାସାଦିରୁ ଗ୍ରହଣ କରିଥିବାର ଆଭାସ ମିଳେ । ବୈଦ୍ୟଶାସ୍ତ୍ରରେ ଭାରତ ଜଗତର ଆଦି ଶିକ୍ଷାଗୁରୁ । ରସାୟନ ତତ୍ତ୍ୱ ମଧ୍ୟ ଭାରତରେ ଅତି ପ୍ରାଚୀନ କାଳରେ ଆବିଷ୍କୃତ ହୋଇଥିଲା ବୋଲି ପ୍ରମାଣ ମିଳିଅଛି । ଏହିପରି ଅନୁସଂଧାନରେ ଜଣାଯାଉଅଛି, ଭାରତର ମୌଳିକ ତତ୍ତ୍ୱରାଶି ଯୁଗେ ଯୁଗେ ପାରସ୍ୟ ଓ ଆରବ ବାଟେ ଇଉରୋପରେ ପ୍ରଚାର ଲଭିଥିଲା । ପ୍ରାଚୀନକାଳରେ ପାରସ୍ୟ, ଆରବ ଓ ଭାରତମଧ୍ୟରେ ବହୁପ୍ରକାର ଆଦାନ ପ୍ରଦାନ ଚାଲୁଥିଲା ଓ ଏ ସମସ୍ତ ପ୍ରାଚ୍ୟରାଜ୍ୟର ସଭ୍ୟତାର ପ୍ରକୃତି ପ୍ରାୟ ଏକ ଥିଲା । ଆର୍ଯ୍ୟଜୀବନ ଆଜି ଭାରତରେ ଯେଉଁ ସନାତନ ଆଦର୍ଶ ଅନୁସରଣ କରି ଚାଲିଅଛି, ସମସ୍ତ ପ୍ରାଚ୍ୟଦେଶରେ ଦିନେ ସେହି ଜାତୀୟ ଆଦର୍ଶ ଥିଲା । ଏହି ସବୁ ଦେଶରେ, ଏପରି କି ପ୍ରାଚୀନ ଗ୍ରୀସ୍‌ରେ ମଧ୍ୟ, ଜୀବନ ସ୍ୱାଭାବିକ ବିକାଶରେ ବଢୁଥିଲା । ଖ୍ରୀଷ୍ଟ, ମହମ୍ମଦ ପ୍ରଭୃତି ଏହି ପ୍ରାଚ୍ୟ ଜାତି ମଧ୍ୟରେ ଜନ୍ମିଥିଲେ ସତ୍ୟ; ମାତ୍ର ସେ ଶଂକର ଚୈତନ୍ୟଂକ ପରି ନିଜର ପ୍ରଚାରିତ ମତକୁ ଜାତିର ସନାତନ ପରଂପରାର ଭିତ୍ତିରେ ସ୍ଥାପନ କରି ନାହାଂନ୍ତି । ସେମାନେ ଜାତିର ପାରଂପରିକ ବିଧି ବିରୁଦ୍ଧରେ ନିଜର ବ୍ୟକ୍ତିଗତ ମତ ପ୍ରଚାର କରି ଜାତିର ସନାତନ ବ୍ୟକ୍ତିତ୍ୱ ପରଂପରା ଛିଂଡାଇଦେଲେ । ସେମାନେ କହିଲେ, "ପ୍ରାଚୀନ ପରଂପରା ଛାଡ଼, ଆଂଭର ପ୍ରଚାରିତ ସତ୍‌ପଂଥା ଗ୍ରହଣ କର ।" ଶଂକର ଚୈତନ୍ୟ ଆଦି କିଂତୁ ତାହା କରି ନାହାଂନ୍ତି ।

ସେମାନଙ୍କ ପ୍ରବର୍ତ୍ତିତ ମତ ଜାତୀୟ ଜୀବନର ବିଶାଳ ଗଣ୍ଡି ମଧ୍ୟରେ ଗୋଟିଏ ବିଭାବର ବିକାଶ, ମାତ୍ର । ସେମାନଙ୍କର ପ୍ରବର୍ତ୍ତିତ ମତ ସନାତନ ବେଦ ଧର୍ମରୁ ବିଚ୍ଛିନ୍ନ ନୁହେ । ସେମାନେ ବେଦ-ବେଦାନ୍ତର ବ୍ୟାଖ୍ୟା ମାତ୍ର କରି ନିଜ ମତ ସ୍ଥାପନ କରିଅଛନ୍ତି । ବାଇବେଲ୍ କିମ୍ବା କୋରାନ ପରି କୌଣସି ବ୍ୟକ୍ତିଗତ ପନ୍ଥାକୁ ନିଜ ବେଦରୂପେ ଧରାଇ ଦେଇ ଜାତିକୁ ପରମ୍ପରାରୁ ଚ୍ଛିନ୍ନ କରି ନାହାନ୍ତି । ତାଙ୍କ ମତବାଦରେ ଜୀବନର ସ୍ୱାଭାବିକ ବିକାଶରେ ବ୍ୟକ୍ତିର ଯଥେଚ୍ଛାଗ୍ରହ ନାହିଁ ।

ସନାତନ ବେଦମତରୁ ଭିନ୍ନ ବୋଲି କେହି କେହି ବାହାରରୁ ଦେଖି ବୌଦ୍ଧଧର୍ମକୁ ପରମ୍ପରାରୁ ବିଚ୍ଛିନ୍ନ ବୋଲି ମନେ କରନ୍ତି; କିନ୍ତୁ ତାହା ନୁହେ । ବୌଦ୍ଧର ସାଧନା, କର୍ମବାଦ, ପୁନର୍ଜନ୍ମ ପ୍ରଭୃତି ଯେ କେବଳ ସନାତନ ମତ ସଙ୍ଗେ ସମ୍ପର୍କ ରଖିଅଛି, ତାହା ନୁହେ । ବୌଦ୍ଧର ପୁରାଣ, ଉପାଖ୍ୟାନ, ତନ୍ତ୍ର, ପିତୃସ୍ମୃତି, ଶିକ୍ଷା, ଦୀକ୍ଷା, ଆଚାର୍ଯ୍ୟ, ପରିବାର, ଭିକ୍ଷୁ, ଶ୍ରମଣ, ତିତିକ୍ଷା, ରାଜମାନ୍ତି ପ୍ରଭୃତି ସମସ୍ତ ଆର୍ଯ୍ୟ ପରମ୍ପରାର ଚିହ୍ନ । ପୁଣି ବୌଦ୍ଧଧର୍ମର ମହା ସହିଷ୍ଣୁତା ଓ ସାମ୍ୟବାଦର ବିଶେଷତ୍ୱ ଯେ, ସେ କୌଣସି ଧର୍ମମତ ବା ପରମ୍ପରା ବିରୁଦ୍ଧରେ ଆତ୍ମପ୍ରତିଷ୍ଠା କରିବାର ପ୍ରୟାସ କେବେହେଁ କରି ନାହିଁ । ସେଥିରେହିଁ ଆର୍ଯ୍ୟ ଜୀବନର ପରମ୍ପରା ବୌଦ୍ଧଧର୍ମ ଭିତରେ ମଧ୍ୟ ଫୁଟି ଉଠିଅଛି ! ବେଦରୁ ଆପାତତଃ ବିଚ୍ଛିନ୍ନ ହେଲେହେଁ ଆର୍ଯ୍ୟ ପରମ୍ପରାରେ ବୌଦ୍ଧଧର୍ମର ଅଙ୍ଗପ୍ରତ୍ୟଙ୍ଗ ଓ ସମସ୍ତ ଅବୟବ ନିର୍ମିତ ହୋଇ ଯାଇଅଛି ।

ପୁଣି କେବଳ ଧର୍ମମତର ନୂତନତ୍ୱରେ ଯେ ଜାତୀୟ ପରମ୍ପରା ଚ୍ଛିନ୍ନ ହୁଏ, ତାହା ନୁହେ । ଖ୍ରୀଷ୍ଟ, ମୁସଲମାନ ପ୍ରଭୃତି ବିଭିନ୍ନ ଧର୍ମମତ ଆର୍ଯ୍ୟ ଧର୍ମର ବହିର୍ମୁଖ ଶାଖା ସମ୍ପ୍ରଦାୟ ମଧ୍ୟରେ ରହିଅଛି; କିନ୍ତୁ ସେଥିରେ ଜାତୀୟ ପରମ୍ପରା ଲକ୍ଷ୍ୟଭ୍ରଷ୍ଟ ହୋଇ ନାହିଁ । ବରଂ ଭାବିବା ଅସ୍ୱାଭାବିକ ନୁହେ ଯେ, ପ୍ରାଚ୍ୟ ମନୀଷୀ ଖ୍ରୀଷ୍ଟ ଓ ମହମ୍ମଦ, ସେମାନଙ୍କର ଧର୍ମମତର ଆଭାସ ଆର୍ଯ୍ୟର ସାର୍ବଜନୀନ ଧର୍ମଭଣ୍ଡାରରୁ ପାଇଥିବେ । ଅବଶ୍ୟ ଅନୁମାନ ଛଡ଼ା ଏ କ୍ଷେତ୍ରରେ ଏପର୍ଯ୍ୟନ୍ତ ଅନ୍ୟ କୌଣସି ବିଶେଷ ପ୍ରମାଣ ନାହିଁ । ମାତ୍ର ଆର୍ଯ୍ୟଜୀବନର ବିଭାବସବୁ, ବିଶେଷତଃ ଭାରତର ଚିନ୍ତାରାଶି ଦ୍ୱାରା ଇଉରୋପର ମତ ଯେ କାଳେ କାଳେ ପ୍ରଭାବିତ ହୋଇଅଛି, ତାର ପ୍ରମାଣ ଯଥେଷ୍ଟ । ନବଯୁଗର ଦାର୍ଶନିକଗୁରୁ ସ୍ପିନୋଜାଙ୍କ ଦର୍ଶନମତ ସମ୍ବନ୍ଧରେ ଯାହା ଜଣା ପଡ଼ିଅଛି, ତାହା ଏହାର ଗୋଟିଏ ମାତ୍ର ଉଦାହରଣ । ତାଙ୍କର ଦର୍ଶନ ମତ ବହୁ ପରିମାଣରେ ଅସମ୍ପୂର୍ଣ୍ଣ ଓ ଅପରିପକ୍ୱ ବେଦାନ୍ତ ମତ ପରି ବୋଧ ହୁଏ । ବହୁକାଳଯାଏ ଏହି ମତଟି ଇଉରୋପରେ ସ୍ୱାଧୀନ ଚିନ୍ତାପ୍ରସୂତ ବୋଲି ଗୃହୀତ ହୋଇଥିଲା । ଏବେ ପ୍ରତ୍ନତତ୍ତ୍ୱବିତ୍‌ମାନେ ସ୍ଥିର କରିଅଛନ୍ତି, ସ୍ପିନୋଜା ଯୌବନରେ ଥରେ ପାରସ୍ୟକୁ ଆସିଥିଲେ । ସେଠାରେ ଉପନିଷଦର ଗୋଟିଏ ଅସମ୍ପୂର୍ଣ୍ଣ ଆରବୀୟ ଅନୁବାଦ ତାଙ୍କର ହସ୍ତଗତ ହୋଇଥିଲା । ସେହି ବଳରେ ସେ ନିଜର ଦର୍ଶନ ମତ ପ୍ରଚାର କଲେ ଏବଂ ଆଜି ସମସ୍ତ ଆଧୁନିକ ଇଉରୋପୀୟ ଦର୍ଶନ ସ୍ପିନୋଜା-ଦର୍ଶନର ବିକାଶ ମାତ୍ର ।

ଏପରି ଲକ୍ଷିତ ଓ ଅଲକ୍ଷିତ ଭାବରେ କଳା, ଶିଳ୍ପ, ବାଣିଜ୍ୟ, ଉପନିବେଶ, ଯୁଦ୍ଧ, ବ୍ୟବହାର, ପ୍ରଚାର, ପର୍ଯ୍ୟଟନ ପ୍ରଭୃତି ନାନାପ୍ରକାରରେ ଓ ସୂତ୍ରରେ କେତେବେଳେ ଭାରତର ମୌଳିକ ସଭ୍ୟତା ପୃଥିବୀରେ ପ୍ରଚାରିତ ହୋଇଅଛି, ତାହାର ଇୟତ୍ତା ନାହିଁ । ଗ୍ରୀକ୍ ପଣ୍ଡିତ ମେଗାସ୍ଥେନିସ୍, ଜର୍ମାନ୍ ମନୀଷୀ ସୋପେନ୍ ହାଓ୍ୟର୍ ଓ ଅତି ଆଧୁନିକ ମୋକ୍ଷମୁଲର୍ ପ୍ରଭୃତି

ଭାରତ ସଭ୍ୟତାର ଆଲୋଚନାରେ ବିସ୍ମୟ ଓ ଆନନ୍ଦ ପାଇଥିବା କଥା ସମସ୍ତେ ଜାଣିଥିବେ । ଏହିପରି ବିସ୍ମୟ ଓ ଆନନ୍ଦ ଆସିଲେ ବ୍ୟକ୍ତି ବା ଜାତି ଭାବ ଓ ଆଦର୍ଶ ବିଶେଷର ଗୌରବରେ ପ୍ରଭାବିତ ଓ ଅନୁପ୍ରାଣିତ ହେବା ସ୍ୱାଭାବିକ ।

ଏ ସମସ୍ତ ଲକ୍ଷିତ ଅଲକ୍ଷିତ ପ୍ରଭାବ ସତ୍ତ୍ୱେ, ସେ ସବୁ ଦେଶରେ ଆର୍ଯ୍ୟ ଜୀବନର ପରଂପରା ନାହିଁ । ଯଦି କେବେ ମୌଳିକ ସନାତନ ପରଂପରା ଥିଲା, ତାହା ଲୋପ ପାଇଅଛି । ମୁଖ୍ୟତଃ ଆର୍ଯ୍ୟସଭ୍ୟତା ହେଉ ବା ନ ହେଉ, ପ୍ରତ୍ୟେକ ଦେଶରେ ଜାତିର ସ୍ୱଭାବ ବିକାଶ ସଂଗେ ସଂଗେ ଗୋଟିଏ ସର୍ବତୋମୁଖୀ ସହଜ ଓ ମୌଳିକ ଅର୍ଥାତ୍ ସନାତନ ପରଂପରା ସୃଷ୍ଟି ହୁଏ । ବ୍ୟକ୍ତିର ଉଚ୍ଛୃଂଖଳ ମତବାଦ, କିଂବା ବାହାରର କୌଣସି ଘୋର ପ୍ରଭାବର ବାତ୍ୟା ତାହାକୁ ଧ୍ୱଂସ ନ କଲେ ସେ ମରିଯାଏ ନାହିଁ । ଖ୍ରୀଷ୍ଟ ଓ ମହମ୍ମଦ ନିଜ ନିଜର ସ୍ୱତନ୍ତ୍ର ମତବାଦ ଓ ନୂତନ ଆଦର୍ଶ ନିଜ ଦେଶରେ ପ୍ରଚାର କଲେ । ହୁଏତ ନିଜ ଦେଶରେ ତାହା ସନାତନ ପରଂପରାର ଗୋଟିଏ ମାତ୍ର ବିଭାବ ହୋଇପାରେ ଏବଂ ସେହି ଏକମାତ୍ର ବିଭାବରେ ଜାତିର ସମୂହ ଜୀବନ ପ୍ରଭାବିତ ହେବାରୁ ଜୀବନର ପ୍ରାଚୀନ ପରଂପରା ଲୁପ୍ତ ହେଲା । କୌଣସି ବରଗଛର ଗୋଟିଏ ଡାଳରୁ ଯେପରି ସ୍ୱତନ୍ତ୍ର ଗଛ ହୁଏ ଏବଂ ତାହାର ବ୍ୟାପ୍ତିରେ ମୂଳଗଛଟି ନିସ୍ତେଜ ହୋଇ ମରିଯାଏ, ସେସବୁ ଦେଶରେ ସେହିପରି ମୌଳିକ ସନାତନ ପରଂପରା ଲୁଚିଗଲା ଓ ସେହି ଧର୍ମର ଆଦର୍ଶମାନ କାଳକ୍ରମେ ବିଦେଶକୁ ପ୍ରଭାବିତ କରି ସେଠାରେ ମଧ୍ୟ ମୌଳିକତା ଲୋପ କଲା । ଏହି ବ୍ୟକ୍ତିଗତ ଆଦର୍ଶମାନଂକର ସମ୍ମୁଖରେ ସେ ସବୁ ଦେଶର ପରଂପରା ଦୃଢ଼ ରହିବା ଭଳି ସେଥିରେ ହୁଏତ ଶକ୍ତି ନ ଥିଲା । ସେମାନଂକର ମେରୁଦଂଡ ଭାଂଗିଗଲା ।

ମାତ୍ର ଅଶେଷ ଅତ୍ୟାଚାର, ପ୍ରଲୋଭନ ଓ ବିଜାତୀୟ ପ୍ରଭାବ ସମ୍ମୁଖରେ ମେରୁଦଂଡ ଦୃଢ଼ ରଖି, ଭାରତର ଆର୍ଯ୍ୟଜୀବନ ନିଜର ସ୍ୱାଭାବିକ ଧାରା ପ୍ରଚାର କରି ଆସିଅଛି । ସମସ୍ତ ନୂତନତା ଏହାର ବିକାଶରେ ସାହାଯ୍ୟ କରି ଆସିଅଛି, ଫଳରେ ଏହି ଆର୍ଯ୍ୟଜୀବନର ପ୍ରାକୃତିକ ବର୍ଦ୍ଧନ ଓ ସନାତନ ଅନୁଷ୍ଠାନ ଚିରକାଳ ଅକ୍ଷୁର୍ଣ୍ଣ ରହିଅଛି, ପୁଣି ଏହା ଅନନ୍ୟସାଧାରଣ ଧାରାରେ ପୃଥିବୀରେ ଜ୍ୟୋତି ବିକାଶ କରି ନିଜର ବିକାଶରେ ବ୍ୟକ୍ତିଭିର ସୁବିସ୍ତୀର୍ଣ୍ଣ ପ୍ରଭାବ ପ୍ରକାଶ କରି ଆସିଅଛି ଓ ଜୀବଂତ ମାନବରେ ମହୀୟାନ୍ ଆଦର୍ଶର ଅନୁସରଣ କରି, ସନାତନ ପରଂପରାରେ ଜୀବିତ ରହି ସ୍ଥିର ଅଛି । ଭିନ୍ନ ଆଦର୍ଶମାନଂକର ପ୍ରଭାବରେ ଯୁଗେ ଯୁଗେ ଏହା ପୁଷ୍ଟ ହୋଇଅଛି, ପୁଣି ଏହି ବିଶ୍ୱତୋମୁଖ ବିକାଶ ଫଳରେ ଭାରତର ଆର୍ଯ୍ୟଜୀବନ ଏକ ବ୍ୟାପକ ଓ ବିଶ୍ୱଜନୀନ ସଭ୍ୟତାରେ ନିଜର ସୃଷ୍ଟି ପୁରାଣ ମସ୍ତକ ଉତ୍ତୋଳନ କରି, ସ୍ୱାଭାବିକ ଜୀବନ ଧାରା ଓ ବିଶ୍ୱ-ବିମୋହନ ଜାଗରଣରେ ଜଗତ ଉଜ୍ଜ୍ୱଳ କରିବାର ସେହି ପୁଣ୍ୟ ଅଧିକାରରେ ପ୍ରତିଷ୍ଠିତ ରହିଅଛି ।

---

# ଦ୍ୱିତୀୟ ଅଧ୍ୟାୟ

## ଆର୍ଯ୍ୟ ଜୀବନର ବୀଜ- ଜୀବନ ସଂଭୋଗ

ଜୀବନ ଗୋଟିଏ ଆଦର୍ଶର ନିୟମିତ ବିକାଶ-ପରଂପରା । ଏ ବିକାଶରେ ପ୍ରତି ବେଳେ ତାହାର ନୂତନ ନୂତନ ବିଭାବ ସୃଷ୍ଟି ହୁଏ । ଏ ସମସ୍ତ ବିଭାବରେ ଆଦର୍ଶର ଶୃଂଖଳା ଥାଏ ଓ ପର୍ଯ୍ୟାଲୋଚନା କଲେ ଦେଖାଯିବ, ପ୍ରତ୍ୟେକ ନୂତନ ବିଭାବମୂଳରେ ଗୋଟିଏ ଗୋଟିଏ ଅଭାବ ଅଛି । ଆଦର୍ଶ ପାଇବାକୁ ଗଲାବେଳେ, ପୂର୍ଣ୍ଣ ହେବାକୁ ଇଚ୍ଛା କଲା ବେଳେ, ଅଭାବ ସ୍ୱାଭାବିକ । ଏହି ଅଭାବରୁ ଆକାଂକ୍ଷା

ଓ ଏହି ଆକାଂକ୍ଷାହିଁ ସଂଭୋଗ ସ୍ପୃହା । ଅତଏବ, ସମସ୍ତ ଜୀବନକୁ ଗୋଟିଏ ସଂଭୋଗର ପରଂପରା ବୁଝାଯାଇ ପାରେ; ମାତ୍ର ସେ ସଂଭୋଗ ସଂଗେ ସଂଗେ ଅଭାବ ନିତ୍ୟ ପ୍ରୋତ ରହିଅଛି । ମୋଟ-କଥା, ଆଦର୍ଶ ଥିଲେ ଅଭାବ ଅଛି, ଅଭାବ ନ ଥିଲେ ବିକାଶ ଅସଂଭବ । ସମସ୍ତ ବିକାଶରେ ଆତ୍ମଲାଭ ଓ ଏହି ଆତ୍ମଲାଭହିଁ ସଂଭୋଗ । ଅତଏବ ଅଭାବ ବିକାଶର ବୀଜ ଓ ସଂଭୋଗର ବିଭାବାଂତର । ଅଭାବପୂରଣର ଆକାଂକ୍ଷାହିଁ ଜୀବନର ଲକ୍ଷଣ, ପୁଣି ସମସ୍ତ ଜୀବନ ସଂଗ୍ରାମ ମୂଳରେ ଏହି ଶ୍ରେଣୀ ଆକାଂକ୍ଷା ବିଦ୍ୟମାନ । ସଂଭୋଗ ସଂଗେ ଅଭାବର ଏହି ନିତ୍ୟ ସଂବଂଧ ସାଧାରଣତଃ ଦୁର୍ବୋଧ । ଏହାହିଁ ଜୀବନକୁ ଗୋଟିଏ ପ୍ରହେଳିକା କରି ରଖିଅଛି । ବିକାଶରେ ଅଭାବ ଅପରିହାର୍ଯ୍ୟ ହେଲେହେଁ, ଅଭାବ ବିକାଶ ନୁହେ—କେବଳ ଅଭାବରେ ଜୀବନ ପରି-ସମାପ୍ତ ନୁହେ । ବରଂ ଜୀବନରେ ଏହି ଅଭାବ ଦେଖି ଦେଖି ଅଭାବର ଧାରଣାରେ ଅଭିଭୂତ ହେଲେ, ବିକାଶ ହ୍ରସ୍ୱ ହୁଏ, ବେଳେ ବେଳେ ବିଲୀନ ମଧ୍ୟ ହୁଏ । ପୁଣି ଯେଉଁ ଜୀବନ ଅତ୍ୟଂତ ବିକାଶପର, ତା ସଂଗେ ଏହି ଅଭାବର ପ୍ରହେଳିକା ତୀବ୍ରଭାବରେ ଜଡ଼ିତ ରହିବା ସ୍ୱାଭାବିକ । ବାହାରରୁ ଦେଖିଲେ ବେଳେ ବେଳେ ଏହି ଅଭାବହିଁ ଦୃଷ୍ଟିରେ ପଡ଼େ; ମାତ୍ର ଜୀବନର ଗତି ଆଲୋଚନା କରି, ଶ୍ରୀବୃଦ୍ଧି ଓ ବିକାଶ ଲକ୍ଷ୍ୟ କରି, ଏହି ଅଭାବର ପ୍ରକୃତି ଅବଧାରଣ କରିବାକୁ ହେବ । ବିକାଶମୟ ଜୀବନରେ ଅଭାବ ନ ଦେଖି, ଏହି ଅଭାବ ପରିବର୍ତ୍ତରେ ନିତ୍ୟ ସଂଭୋଗ ଦେଖିବାକୁ ହେବ । ସଂଭୋଗର ସଜୀବତା ମଧ୍ୟରେ ଏ ଅଭାବ ଗୋଟିଏ ଆଭାସ ମାତ୍ର । ସଂଭୋଗକୁ ସରସ କରିବାପାଇଁ, ବିକାଶକୁ ଜୀବଂତ କରିବା ନିମଂତେ, ଜୀବର ଆତ୍ମଲାଭ ବା ଆଦର୍ଶ ଲାଭ କଳ୍ପନାରେ ଯେପରି କି ଏହି ଅଭାବ ସୃଷ୍ଟି ବିଧାନରେ ଗୋଟିଏ ପ୍ରେରଣାର ଭଙ୍ଗି । ସଂଭୋଗର ସମସ୍ତ ସରସତା ଓ ପ୍ରୀତି ମଧ୍ୟରେ ଦାର୍ଶନିକ ଏହି ଅଭାବ ଲକ୍ଷ୍ୟ କରିପାରେ; କିଂତୁ ଏହା କଦାପି ସଂଭୋଗର ପ୍ରତ୍ୟବାୟ ନୁହେ; ବରଂ ପ୍ରମାଣ ।

ସେଥିପାଇଁ ସ୍ଥୂଳଦୃଷ୍ଟିରେ ଇତିହାସ ଆଲୋଚନା କଲେ ବୋଧହୁଏ, ଆର୍ଯ୍ୟ ଜୀବନ ଯେପରି କି ଅଭାବମୟ । ଜୀବନର ଅଭାବ ଅନୁଭବହିଁ ଆର୍ଯ୍ୟର ସ୍ଥିରଭାବ । ସଂସାରରେ ଜନ୍ମିଅଛି, ବଢ଼ୁଅଛି, ଆଶା ଓ ଆକାଂକ୍ଷାରେ ମାନବ କର୍ମ ଆଚରଣ କରିଯାଉଅଛି; କିଂତୁ ସେଥିରେ ଯେପରି କି ତାର ସଂତୋଷ ବା ସୁଖ ନାଇ । ଏ ସଂସାର ତାକୁ ସ୍ଥିର ସୁଖର ଆଶାରେ ଆବଦ୍ଧ କରି ପାରୁ ନାଇ । ଜୀବନର ପରପାରରେ ସବୁବେଳେ ଆର୍ଯ୍ୟର ଦୃଷ୍ଟି, ଭବିଷ୍ୟତରେ ତାହାର ନିର୍ଭର । ମୃତ୍ୟୁରେ ଜୀବନର ଶେଷ ନୁହେ । ଜୀବନର ଶ୍ରୀବୃଦ୍ଧି ଓ ବିକାଶ ପାଇଁ ଜୀବନ ସଂଗେ ମୃତ୍ୟୁର ଯେପରି କି ନିତ୍ୟ ସଂବଂଧ । ଏ ସମସ୍ତ ବିଶ୍ୱସଂସାର, ଜୀବନର ସମସ୍ତ ଭୋଗ୍ୟବସ୍ତୁ ମଧ୍ୟରେ ରହି ଆର୍ଯ୍ୟସଂତାନ ଯେପରିକି ସର୍ବଦା ସ୍ୱପ୍ନ ଦେଖୁଅଛି । ସମସ୍ତ ଦୃଶ୍ୟମାନ ବାସ୍ତବ ଜଗତ୍ ତା ପକ୍ଷରେ ଗୋଟିଏ ଦୀର୍ଘ ସ୍ୱପ୍ନ । ବାସ୍ତବ ରାଜ୍ୟରେ ସେ ସତ୍ୟ ଦେଖୁ ନାଇ; ସତ୍ୟର ସ୍ୱପ୍ନ ମାତ୍ର ଦେଖୁଅଛି । ଦିବାସ୍ୱପ୍ନ ପରି ସେ ଯାହା କଳ୍ପନା କରୁଅଛି, ତାହାହିଁ ଯେପରି କି ଆର୍ଯ୍ୟ ପକ୍ଷରେ ଜୀବଂତ—ସରସ—ସତ୍ୟ; ତାହାହିଁ ଶର—ତାହାହିଁ ସ୍ଥିର—ତହିଁରେହିଁ ପୂର୍ଣ୍ଣ ସଂତୋଷ ଓ ସୁଖ । ବାସ୍ତବ ତାହାର ସ୍ୱପ୍ନ—ସ୍ୱପ୍ନହିଁ ତାହାର ସତ୍ୟ; ସଂଭୋଗରେ ଅଭାବ ଓ ଅଭାବର ଆଲୋଚନାରେ ସଂଭୋଗ । ଏହିପରି ଆର୍ଯ୍ୟଜୀବନ ଅନନ୍ତ ପ୍ରହେଳିକାମୟ ।

ଉପନିଷଦ୍‌ରେ ଏହି ସତ୍ୟ ପ୍ରତିଭାତ ଏବଂ ବୈଦିକ ଧର୍ମମାନଂକରେ ଏହାହିଁ ପ୍ରତିପାଦିତ ଓ ପ୍ରଚାରିତ ।

ବାସ୍ତବ ଜଗତରେ ଜୀବନ ମରଣ କିଛି ନୁହେଁ । କିନ୍ତୁ ଶସ୍ୟପରି ଜାତ ହେଉଅଛି ଓ ଶସ୍ୟପରି ପରିପାକରେ ତାହାର ମୃତ୍ୟୁ । ପୂର୍ବେ ପୂର୍ବପୁରୁଷମାନେ କେତେ ମଲେଣି, ପରେ ଉତ୍ତର ପୁରୁଷମାନେ କେତେ ଜନ୍ମିବେ ଓ ମରିବେ । ଏ ସବୁ କ୍ଷଣସ୍ଥାୟୀ ଜୀବନ ମରଣର ପ୍ରହେଳିକା ସ୍ଥାୟୀ ନୁହେଁ । ଏ ସବୁ ଦେଖି ଦେଖି ଜୀବନର ଚିରସତ୍ୟ, ସଂସାର ମୂଳତତ୍ତ୍ୱ ଅନ୍ୱେଷଣ କରିବାକୁ ହେବ । ଏ ବିଶାଳ ପ୍ରହେଳିକାର ମହାପୀଠ ଖୋଜିବାକୁ ହେବ । ଏ ସବୁ ଯାହାର ବିକାଶ, ଯେଉଁ ସ୍ଥିର ବସ୍ତୁର ସ୍ଥିତି ଓ ଲୀଳାରେ ଏ ସବୁ ସଂଭବ ହେଉଅଛି, ତାକୁ ପାଇବାକୁ ହେବ, ସେ ବସ୍ତୁର ଧାରଣା କରିବାକୁ ହେବ । ଜୀବନ ମରଣ ପରି ସୁଖ ଦୁଃଖ ସର୍ବଦା ଲାଗି ରହିଛି । ସଂସାରରେ କୌଣସି ସୁଖ ସ୍ଥାୟୀ ନୁହେଁ । ଦୁଃଖ ଜଗତକୁ ଗ୍ରାସ କରି ରହିଛି । ଯାହା ସୁଖପରି ଲାଗୁଛି, ତାହା କ୍ଷଣେ ମାତ୍ର ରହି ଦୁଃଖର ଦ୍ୱାର ଫିଟାଇ ଦେଉଅଛି ମାତ୍ର । ନିତ୍ୟ ସୁଖର ଅନ୍ୱେଷଣରେ ସେହି ଦୁଃଖର ପ୍ରତିକାର କରିବାକୁ ହେବ । ଶରୀରୀର ଶରୀର ଏକ ବଂଧ । ଦୁଃଖ, ଶୋକ, ଜରା, ବ୍ୟାଧି, ମୃତ୍ୟୁଗ୍ରସ୍ତ ଏହି ଶରୀର-ବଂଧ ଏଡ଼ିବାକୁ ହେବ । ବଂଧରୁ ମୁକ୍ତି ଲଭିବାକୁ ହେବ । ସେ ମୁକ୍ତି କିପରି ? ସେ ଚିର ସତ୍ୟ ଓ ସ୍ଥାୟୀ ସୁଖ କଅଣ, କେଉଁଠାରେ ?—ମାନବାତ୍ମାର ଏହି ନିତ୍ୟ ଜିଜ୍ଞାସା ସଂଗେ ଉପନିଷଦ୍-ତତ୍ତ୍ୱଦର୍ଶୀର ନିତ୍ୟ ସଂବଂଧ । ଏହି ନୈସର୍ଗିକ ଐଶୀ ଜିଜ୍ଞାସାର ଫଳସ୍ୱରୂପ ଦର୍ଶନ-ତତ୍ତ୍ୱଦର୍ଶୀର ବିକାଶ ।

ଉପନିଷଦ୍‌ର ସାକ୍ଷାତ୍ ଉତ୍ତରାଧିକାରୀ ବୌଦ୍ଧଭାବ, ଏହି ଜିଜ୍ଞାସା—ଏହି ସମସ୍ୟାରେ ପୂର୍ଣ୍ଣ । କିନ୍ତୁ ବୈଦିକ ଦର୍ଶନମାନଂକ ପରି ଏଥିରେ ଜୀବନର ପରପାରରେ, ପ୍ରହେଳିକାର ଅନ୍ତରାଳରେ ଅନ୍ୟ ସ୍ଥାୟୀ ସୁଖର ଅନ୍ୱେଷଣ ତାଦୃଶ ପ୍ରକଟିତ ନୁହେଁ । ଉପନିଷଦ୍ କହିଲେ, ସଂସାରରେ ଲୋକର ବଂଧଜନିତ ଦୁଃଖ ହୁଏ । ସେ ବଂଧରୁ ମୁକ୍ତି ଲଭିବାକୁ ହେବ । ଆତ୍ମା ଶୁଦ୍ଧ, ନିଷ୍କଳଂକ ଅବିନାଶୀ । ଦେହବଂଧରେ ଜଡ଼ିତ ନ ହେଲେ, ତାହାର ନିତ୍ୟ ସୁଖର ପ୍ରତ୍ୟବାୟ ନାଇ । ଦେହ ବଂଧହିଁ ଅସୁଖ, ଅଶାଂତି ଓ ଅସଂତୋଷର ହେତୁ । ଏହାହିଁ ଉପନିଷଦ୍‌ର ମୁକ୍ତି । ମାତ୍ର ଦେହବଂଧରୁ ବିଚ୍ଛେଦହିଁ ବୁଦ୍ଧଭାବର ଶେଷ । ଏହିଠାରେହିଁ ଦୁଃଖର ନିବୃତ୍ତି । ଏହି ଦୁଃଖର ନିବୃତ୍ତିହିଁ ସୁଖ—ଏହାହିଁ ମୁକ୍ତି । ଦୁଃଖନାଶର ପରପାରରେ ବିମଳ ଶୁଦ୍ଧ ଆତ୍ମବସ୍ତୁର ଯେ ବିକାଶ, ସେ ବିଷୟରେ ବୁଦ୍ଧ ନୀରବ । ସେ ବିଷୟରେ ମାନବର ଯେପରି କିଛି ଚିଂତା କରିବାର ନାଇ । ଦେହବଂଧହିଁ କ୍ଲେଶ; ଜନ୍ମରେ ଶରୀର-ବଂଧ ଅନିବାର୍ଯ୍ୟ । କର୍ମ ତଥା କର୍ମ-ପରଂପରାହିଁ ଜନ୍ମର ହେତୁ । ସାଧନା ବଳରେ ସେହି ପରଂପରା ଛିଂଡାଇ ପାରିଲେ 'ନିର୍ବାଣ' ହେବ; ଅର୍ଥାତ୍ ଆଉ ଜୀବନ ଦେହରେ ସଂପୃକ୍ତ ହେବ ନାଇ, କର୍ମ ରହିବ ନାଇ—ଫଳ କଥା, ଆଉ ଜନ୍ମ ହେବ ନାଇ । ଏହିପରି ଦୁଃଖରୁ ତ୍ରାଣ ପାଇଲେ ସାଧନାରେ ସିଦ୍ଧି ହେଲା । ଦୁଃଖନାଶହିଁ ମୁକ୍ତି । ସେ ଦୁଃଖନାଶ ପରେ ଯେ ବିମଳ ସ୍ଥାୟୀ ଆନଂଦ, ସେ ବିଷୟରେ ଆଉ କିଛି ନାଇ । ଦୁଃଖ ନାଶର ପରପାରରେ ଶୁଦ୍ଧ, ବୁଦ୍ଧ, ସଂଭୋଗମୟ ଆତ୍ମାର ଲୋଭ ଦେଖାଇ ମାନବକୁ ସାଧନ ପଥରେ ପଥିକ କରିବାକୁ ବୁଦ୍ଧ ଇଚ୍ଛା କରି ନାହାଂନ୍ତି ।

ବୌଦ୍ଧଧର୍ମର ଯେ ଦୁଃଖନାଶ କଥା କୁହାଗଲା, ସେ ମତରେ ଜୀବନ ଚଳାଇଲେ ଆପାତତଃ ବୋଧହୁଏ ସଂଭୋଗମୟ ବାସ୍ତବଜୀବନ ନୀରସ ହୋଇପାରେ—ଜୀବନ କ୍ରିୟାରେ ବିତୃଷ୍ଣା ଆସିପାରେ; କିଂନ୍ତୁ ତାହା ନୁହେଁ । କର୍ମର ସାଧନାରେ ବଂଧରୁ ମୁକ୍ତି । ବିତୃଷ୍ଣା, ସାଧନାର ବରଂ ପ୍ରତ୍ୟବାୟ ।

ସେଥିପାଇଁ ଏହି କର୍ମବଂଧ ଓ ଦୁଃଖନାଶ ସଂଗେ ସଂଗେ ବୌଦ୍ଧର ବାସ୍ତବ-ଜୀବନ-ମମତା ଅତି ଅଦ୍‌ଭୁତଭାବରେ ପ୍ରକାଶିତ ହୋଇଅଛି । ଏହି ବ୍ୟକ୍ତିଗତ ଦୁଃଖ ଭାବରୁ ବୌଦ୍ଧଧର୍ମର ଅନଂତ ସାମ୍ୟ ମୈତ୍ରୀ, ଜୀବମାତ୍ରର ଦୁଃଖରେ ସହାନୁଭୂତି । ଏହିଠାରେ ବ୍ୟତିରେକୀ ମୁଖରେ ବାସ୍ତବ ଜୀବନର ସଂଯୋଗ ସଂଗେ ବୌଦ୍ଧର ମମତା; ମାନବ ମାତ୍ରରେ, ଏମଂତ କି ଜୀବମାତ୍ରରେ ଅନୁକଂପାର ଏକତ୍ୱ-ଭାବ ଓ ଜୀବମାତ୍ରର ଦୁଃଖାପନୋଦନରେ ବିଶାଳ ସ୍ପୃହା । ଜୀବନର ପରପାରରେ ବା ପ୍ରହେଳିକାର ଅଂତରାଳରେ, ଆଉ ସ୍ୱପ୍ନରାଜ୍ୟର ଦ୍ରଷ୍ଟା ବୌଦ୍ଧର ନାଇ । ତେଣୁ ସେ ସର୍ବତୋଭାବରେ ଏହି ଜଗତର ପ୍ରାଣୀ, ଏହି କ୍ରିୟାରାଶି ମଧ୍ୟରେ ତାର ଆତ୍ମପ୍ରସ୍ତୁର ଓ ନିର୍ବାଣ । ଜୀବନର ଅବଶ୍ୟଂଭାବୀ ବାସ୍ତବ୍ୟତା ମଧ୍ୟରେ ତାର ସାଧନା । ସମସ୍ତ ଜଗତକୁ ବିସ୍ତୀର୍ଣ୍ଣ ପ୍ରାଣରେ ଆଲିଂଗନ କରି, କ୍ରିୟାପରଂପରା ବ୍ୟାଖ୍ୟା କରିବା ହିଁ ବୌଦ୍ଧର ଲକ୍ଷ୍ୟ । ନିର୍ବାଣ ପୂର୍ବରୁ ସଂସାର ଛାଡ଼ିଯିବାର ସ୍ଥାନ ନାଇ; ଅତଏବ ସଂସାରକୁ ସର୍ବତୋଭାବରେ କାର୍ଯୋପଯୋଗୀ କରିବାକୁ ହେବ । ସାଧନା-କ୍ଷେତ୍ର ଏହି ସଂସାରକୁ ସରସ କର୍ମଭୂମି କରି, ସେହି ସରସତା ବା ପ୍ରେମରେ ବିସ୍ତୀର୍ଣ୍ଣ ବିଶ୍ୱ ଆଲିଂଗନ କରିବାକୁ ହେବ । ଏଥିରେ ନୀରସତା ବା ଶୁଷ୍କତା ସଂଭବ ନୁହେ ଓ ତାହା ହୋଇ ନାଇ । ପ୍ରାଚୀନ ଜଗତରେ ବୌଦ୍ଧଧର୍ମ ପ୍ରଭାବରେ ହିଁ ଅଶୋକଂକ ପରି ଉଦାର ମନସ୍ୱୀ, କନିଷ୍କଂକ ପରି ତେଜସ୍ୱୀ ସାଧକ, ହୁଏନ୍‌ସାଂକ ପରି ପ୍ରଚୁର-ପ୍ରାଣ ପରିବ୍ରାଜକ, ଚେଂଗିସ୍‌ଖାଁଂକ ପରି ବିଶ୍ୱବିଜୟୀ ବୀର ଇତିହାସର କୀର୍ତ୍ତିସ୍ତଂଭ ରୂପେ ବିରାଜିତ ରହିଅଛଂତି । ବୌଦ୍ଧ ପ୍ରଭାବରେ ଚୀନ, ଜାପାନ ଆଦି ଜୀବନର ସରସତାରେ ପୃଥିବୀ ମୁଗ୍ଧ କରୁଅଛଂତି ।

ମାତ୍ର ଉପନିଷଦ୍ ଓ ଦର୍ଶନମାନଂକରେ ଜନ୍ମବଂଧ ଗତ ଦୁଃଖର କଥା ଏବଂ ବୌଦ୍ଧମତରେ କେବଳ ଅସହ୍ୟ ଜନ୍ମବଂଧ କ୍ଲେଶରେ ନିର୍ବାଣର ପ୍ରୟାସ ଦେଖି ଇଉରୋପର ଅନେକ ପ୍ରାଚ୍ୟ ପ୍ରତ୍ନତତ୍ତ୍ୱବିତ୍ ପଂଡିତ କହଂତି, "ଆର୍ଯମାନେ ଜୀବନକୁ ସର୍ବଦା ଦୁଃଖମୟ ବୋଲି ବିଚାରୁଥିଲେ ଏବଂ ସେହି ଦୁଃଖରୁ ବ୍ୟକ୍ତିଗତ ଭାବରେ ତ୍ରାଣ ଲଭିବା ସେମାନଂକର ସମସ୍ତ ସାଧନାର ମୁଖ୍ୟ ଲକ୍ଷ୍ୟ ଥିଲା । ଅନଂତ ରୂପ ଜଗତ୍ ଆଖି ଆଗରେ ନାଚି ଯାଉଅଛି; କ୍ରିୟା-ପ୍ରବାହ ଇନ୍ଦ୍ରିୟ-ମୁଖରେ ପ୍ରବେଶ କରି ପ୍ରାଣରେ ବ୍ୟାପି ଯାଉଅଛି; ମଧୁର ମୋହନ ଭାରତ ପ୍ରକୃତି ସଂଭୋଗ ସାମଗ୍ରୀ ମେଲାଇ ବସିଅଛି; କିଂତୁ ଭାରତୀୟ ଆର୍ଯର ସେଥିରେ ପ୍ରୀତି ନାଇ; ଆହ୍ଲାଦ, ଆମୋଦ ନାଇ । ତାର ସବୁବେଳେ ଦୁଃଖ, ବିତୃଷ୍ଣା ଓ ଜୀବନ-ସଂଭୋଗରେ ଅରୁଚି । ଲକ୍ଷ୍ୟ କେବଳ, କିପରି ଏ ଜୀବନ-ବଂଧରୁ ତ୍ରାହି ପାଇବ । ଭାରତଜଗତରେ ମାନବର ସର୍ବଦା ହାହାକାର । 'କଳ୍ପ ବୃକ୍ଷ ମୂଳେ ବସି' ଭାରତୀୟ ଯେପରି କି 'ଚିର ଉପବାସୀ'; ଜଗତକୁ ଦୁଃଖ ଦୃଷ୍ଟିରେ ଦେଖି ସର୍ବଦା ବାସ୍ତବ ଜଗତରେ ତାର ଅରୁଚି ଓ ଅନାଦର; ଯାହାକୁ ବେଳେ ବେଳେ ସୁଖ ବୋଲି ମନେକରେ, ସେଥିରେ ମଧ୍ୟ ଯେପରି କି ଆତଂକ, କାଳେ ସେ ସୁଖରେ ଭୁଲି, କ୍ଷଣିକ ସ୍ପୃହାରେ ଜୀବନ-ସଂଭୋଗର ଆଦର କରିବାକୁ ବାଧ୍ୟ ହେବ । ସୁଖ ଦୁଃଖ ଦୁହିଂକି ସମାନ ଭାବିବା, ଅର୍ଥାତ୍ ସୁଖପରି ଯାହା ଲାଗେ ତାକୁ ଦୁଃଖ ବୋଲି ଭାବିବା, ତାର ସାଧନା । ଏହି ସାଧନାରେ ଦୁଃଖ-ଭାବ ଦୃଢ଼ ହେଲେ, ତାର ମୁକ୍ତି ସୁଗମ ହେବ ବୋଲି ତାର ଧାରଣା । ଉଦାସୀନତା ତାର ଲକ୍ଷ, ତାରି ସାଧନାହିଁ ତାର ଜୀବନ ।

"ଏହି ହାହାକାର ମଧ୍ୟରେ ଜୀବନର ସାଧନା ଓ ଧର୍ମଭାବ ସରସ ହେବ କାହିଁ ? ଜୀବନ-କ୍ରିୟାରେ ସବୁବେଳେ ଅତୀନ୍ଦ୍ରିୟର ଚିଂତା; ସାଧନାରେ

ସବୁବେଳେ ଏକ ସ୍ୱପ୍ନର ମୋହ; କଳ୍ପିତ ରାଜ୍ୟ ପ୍ରାପ୍ତିର କାମନା । ଏଥିରେ ଦୈନନ୍ଦିନ କ୍ରିୟା-କଳାପରେ ରୁଚି ତୁଟିଯିବା ସ୍ୱାଭାବିକ । ଯେଉଁ ଜଗତକୁ ଈଶ୍ୱରମୟ ଦେଖିବା ମାନବର ପରମ ଆଦର୍ଶ, ସେହି ବାସ୍ତବ ଜଗତ ଆର୍ଯ୍ୟ ପକ୍ଷରେ ଏକ ଭ୍ରାନ୍ତି । ଈଶ୍ୱର ସେଥିରେ ରହିବେ କିପରି ? ବେଳେ ବେଳେ ସେଥିରେ ଈଶ୍ୱର କଳ୍ପନା କଲେ ମଧ୍ୟ, ତାହା ଏକ କଳ୍ପନାର ଖେଳ ମାତ୍ରରେ ପର୍ଯ୍ୟବସିତ ହେବ । ପ୍ରାଣର ପ୍ରାକୃତିକତାରେ ଜଡ଼ିତ ହେବ କାହିଁ ? ପୁଣି ଏପରି ଅପ୍ରାକୃତ କଳ୍ପନା ଆଦର୍ଶ ହେଲେ, ସେଥିରେ ସରସତାର ପୁଲକ ଓ ଶାନ୍ତି ଅସମ୍ଭବ । ଯେଉଁ ସଂସାର ଛାଡ଼ିବାରେ ମୁକ୍ତି, ସେଥିରେ ଈଶ୍ୱର ପୁଣି ପୁଣି ରହିବେ କିପରି ? ଫଳରେ ଆର୍ଯ୍ୟ ଗାଇଛନ୍ତି, "ନ ତତ୍ର ଚକ୍ଷୁର୍ଗଚ୍ଛତି, ନ ବାଗ୍‌ଗଚ୍ଛତି ନୋ ମନଃ"; ଅର୍ଥାତ୍ ସେ ପରମ ପଦାର୍ଥ ନିକଟକୁ ଚକ୍ଷୁ ( ପ୍ରଭୃତି ଇନ୍ଦ୍ରିୟମାନେ ), ବାକ୍ୟ ଓ ମନ କେହି ପହଞ୍ଚି ପାରନ୍ତି ନାହିଁ । ଏ ଚିନ୍ତାରେ ସାରା ଜଗତ୍ ଈଶ୍ୱର-ଶୂନ୍ୟ, ଶୁଷ୍କ ଓ ନୀରସ; ଜୀବନ ଗୋଟିଏ ଭାର, କ୍ରିୟାରାଶି ବାସ୍ତବିକ ଗୋଟିଏ ପ୍ରହେଳିକା ।

"ଏହିପରି ଜୀବନ ନୀତି ଓ ଧର୍ମଭାବରେ ମାନବର ବାସ୍ତବ ବିକାଶ ପ୍ରତିହତ ହେବାର କଥା ଏବଂ ଫଳରେ ତାର ବୈଷୟିକ ଉନ୍ନତି ଅସମ୍ଭବ । ଭାରତରେ ତାହା ହିଁ ହୋଇଅଛି । ସମସ୍ତ ଉନ୍ନତ, ଯୁକ୍ତିଯୁକ୍ତ ଦର୍ଶନବାଦ ମଧ୍ୟରେ ପ୍ରାଣର ସରସତା ନାହିଁ—ପ୍ରାଣୀର ସଂଭୋଗପ୍ରବଣତା ନାହିଁ । ଦୁଃଖମୟ ସଂସାରରୁ ଅତୀତ ହେବା ନିମନ୍ତେ, 'ଚିର ହାହାମୟ' ଜୀବନରୁ ବିଚ୍ଛିନ୍ନ ହେବା ପାଇଁ ତାହାର ସାଧନା । ସେ ସାଧନା ଶୁଷ୍କ ହେବା ସ୍ୱାଭାବିକ । ସେହି ବିଶ୍ୱାସ ଓ ଶୁଷ୍କ ସାଧନାରେ ଯୋଗୀ ଋଷିମାନେ ଇନ୍ଦ୍ରିୟର ବିନାଶ କରି ସମସ୍ତ ବାହ୍ୟ-ଜ୍ଞାନ-ଶକ୍ତିର ବିଲୋପ ସାଧନ କରି, ସମସ୍ତ ଜୀବନ-ସଂଭୋଗରୁ ସ୍ୱାଭାବିକ ରୁଚି ଫେରାଇ, ଭ୍ରାନ୍ତିମୟ ସଂସାରରୁ ଉଦ୍ଧାର ଲଭିବାକୁ ଯତ୍ନ କରନ୍ତି ।"

ଯେଉଁ ଇଉରୋପୀୟମାନେ ଏ ମତ ବ୍ୟକ୍ତ କରନ୍ତି, ସେମାନେ ପ୍ରାଚୀନ ଗ୍ରୀକ୍‌ମାନଙ୍କ ସଭ୍ୟତାକୁ ଏ କ୍ଷେତ୍ରରେ ଉଦାହରଣ ଦେଇ ତୁଳନା କରି ଥାଆନ୍ତି । ଗ୍ରୀକ୍‌ମାନଙ୍କ ପାଖେ ଜୀବନର ସଂଭୋଗ ପୂର୍ଣ୍ଣ । ଗ୍ରୀସ୍ ତାଙ୍କର ସ୍ୱର୍ଗଭୂମି । ଦେବତାମାନେ ତାଙ୍କର ସହଚର । ଭୋଜନ ତାଙ୍କର ଅମୃତ । କ୍ରୀଡ଼ା ତାଙ୍କର ତାଣ୍ଡବ ନୃତ୍ୟ । ଜୀବନର କ୍ରିୟାକଳାପରେ ଆନନ୍ଦ-ଉପଭୋଗ ତାଙ୍କ ପକ୍ଷରେ ପରମ ସୌଭାଗ୍ୟ । ସମସ୍ତ ଭୋଗ ଈଶ୍ୱର-ଦତ୍ତ, ସମସ୍ତ କ୍ଳେଶ ମାନବର ପରିତ୍ୟାଜ୍ୟ । ଦେଶ, ଜାତି, ରାଜ୍ୟ, ଧନ, ସ୍ୱାଧୀନତା, ଜାତୀୟ ଆମୋଦ ପ୍ରଭୃତିର ବିକାଶ ସେମାନଙ୍କର ଏହି ଜୀବନ-ସଂଭୋଗର ସାକ୍ଷ୍ୟ ପ୍ରଦାନ କରୁଅଛି । ଫଳରେ ସେହିମାନେ ପୃଥିବୀରେ ବୈଷୟିକ ଉନ୍ନତି ପ୍ରଚୁର କରିଅଛନ୍ତି । ଦେଶପାଇଁ ପ୍ରାଣଦାନ କରି ସ୍ୱାଧୀନତାର ମୂଲ୍ୟ ବଢ଼ାଇ ଅଛନ୍ତି । ଏହି ବାସ୍ତବ ଜଗତରେ ପୂର୍ଣ୍ଣ ଦେବତାଙ୍କର ଉପଲବ୍ଧି କରି, ଏହି ଜଗତର କ୍ରିୟାରାଶି ମଧ୍ୟରେ ମୁକ୍ତି ଲୋଡ଼ି ଅଛନ୍ତି । ତାଙ୍କ ଦର୍ଶନ-ମତରେ ଶୂନ୍ୟ ବା ଭ୍ରାନ୍ତିବାଦ ଏତେ ପ୍ରକଟିତ ନୁହେଁ, କିମ୍ବା ଐହିକ ଜୀବନ ନୀରସ ନୁହେଁ । ତେଣୁ ସଂସାରସଂଭୋଗ ପ୍ରତି ଆସ୍ଥାବାନ୍ ହୋଇଥିବାରୁ ଗ୍ରୀକ୍-ସଭ୍ୟତା ପରବର୍ତ୍ତୀ ଯୁଗରେ ସର୍ବତୋମୁଖୀ ବର୍ଦ୍ଧିଷ୍ଣୁ ଇଉରୋପୀୟ ସଭ୍ୟତା ପ୍ରଚୁର କରିପାରିଅଛି । ଏଣେ ପ୍ରାଣର ନୀରସତାରେ ଶୁଷ୍କ ଓ ସଂକୁଚିତ ହୋଇ, ଭ୍ରାନ୍ତିମୟ ଜଗତ ମଧ୍ୟରେ ପରମ ମଙ୍ଗଳମୟଙ୍କୁ ନ ପାଇ, ଭାରତ ଭ୍ରାନ୍ତିରୁ ଭ୍ରାନ୍ତିକୁ ଗତି କରିଅଛି; ସଂଭୋଗ ଓ ବୈଷୟିକତାରେ ଆତ୍ମ-ବିନାଶ ସାଧନ କରିଅଛି । ଜଗତରେ ଯାହା ଭୋଗ କରିବାକୁ ହେବ, ଯେଉଁସବୁ ପ୍ରାକୃତ କ୍ରିୟାରାଶି ମଧ୍ୟରେ ଜୀବନର ବିକାଶ

ସଂପାଦନ କରିବାକୁ ହେବ, ତାହାକୁ ଅପ୍ରାକୃତ ପ୍ରହେଳିକା ବୋଲି ବିଚାରି, ସ୍ୱପ୍ନମୟ ଅଧ୍ୟାତ୍ମ ବା ଅତ୍ୟାତ୍ମ ସାଧନ କରୁ କରୁ ଫଳରେ ବାସ୍ତବ ଜୀବନର ସମସ୍ତ ସ୍ୱତ୍ୱ ଓ ଅଧିକାର ହରାଇଅଛୁ ଏବଂ ଇତିହାସର ଯୁଗେ ଯୁଗେ ଅଧିକ ସଂଭୋଗ-ପ୍ରିୟ, ପ୍ରତ୍ୟକ୍ଷ-ଦର୍ଶୀ, ଅତଏବ କର୍ମତତ୍ପର ଜାତିମାନଂକ ଦ୍ୱାରା ବାରଂବାର ବିଜିତ ଓ ବିଦଳିତ ହୋଇ ଆସିଅଛୁ ।

ବାସ୍ତବିକ ଇଙ୍ଗରେଜ ଆଜ ବୈଷୟିକ ଉନ୍ନତିରେ କ୍ଷିପ୍ର ଗତିରେ ଚାଲିଅଛି; ଭାରତବର୍ଷ ଜୀବନର ସେ ବିଭାଗରେ ଟିକିଏ ଶିଥିଳ ହେଲା ପରି ବୋଧ ହେଉଅଛି । ଭାରତର ଜୀବନ-ଧାରଣା ଓ ଈଶ୍ୱରଭାବ ଆପାତତଃ ସ୍ୱପ୍ନମୟ; ବାସ୍ତବ ଜୀବନରୁ ଟିକିଏ ବିଚ୍ଛିନ୍ନ ହେଲା ପରି ମଧ୍ୟ ବୋଧ ହୁଏ । ଏଥିରେ ବିଶେଷ ପରୀକ୍ଷା, ଚିଂତା ବା ଘଟଣା ସଂଗେ ସହାନୁଭୂତି ବିନା ଆଲୋଚନା କଲେ, ଭାରତରେ ଜୀବନର ଶୁଷ୍କତା ଓ ସାଧନାରେ ନୀରସତା ଦେଖା ପଡ଼ିବା ବିଚିତ୍ର ନୁହେ ।

ସମାଲୋଚନାର କ୍ରିୟା ଜଗତରେ ଦୁଇପ୍ରକାର ଗତି କରେ । ଗୋଟିଏ ନିରପେକ୍ଷ, ଅପରଟି ନିରଂକୁଶ । ପ୍ରଥମଟିରେ କାରଣ ଅନୁସଂଧାନ କରି ସେଥିରୁ କାର୍ଯ୍ୟ କଳନା କରାଯାଏ । କାରଣ ସବୁ ତନ୍ନ ତନ୍ନ କରି ପରୀକ୍ଷା କରି, ତହିଁରୁ କାର୍ଯ୍ୟକୁ ଗତି କରିବାକୁ ହୁଏ ଏବଂ ଏପରି କରି କାର୍ଯ୍ୟ କାରଣ ସଂବଂଧ ଠିକ୍ କରି ନ ପାରିଲେ, କାର୍ଯ୍ୟ ଦେଖି, ତହିଁରୁ ତାହାର କାରଣ ଅନୁମାନ କରି, ସେହି କାରଣକୁ ନିରପେକ୍ଷ ଓ ନିରବଲଂବ ଦୃଷ୍ଟିରେ ଘଟଣାରାଶି ମଧ୍ୟରେ ଅନ୍ୱେଷଣ କରିବାକୁ ହୁଏ । ଘଟଣା ରାଶି ମଧ୍ୟରେ ଯଥାସଂଭବ ନିଜକୁ ସ୍ଥାପନ କରି, ନିଜର ଅନୁଭବକୁ ସେହି ଘଟଣାଜଡ଼ିତ ଲୋକ ବା ଜାତିବିଶେଷର ଅନୁଭବ ସଂଗେ ତୁଳନା କରିବାକୁ ହୁଏ । ସେଥିରେ ମଧ୍ୟ କାରଣ ସଂଗେ କାର୍ଯ୍ୟ ଖାପ ନ ଖାଇଲେ, ସମାଲୋଚନାର ଗତି ବଡ଼ ସଂଦେହାପନ୍ନ । ସେ ସ୍ଥଳରେ ସମାଲୋଚକ ବଡ଼ ସାବଧାନତା ସହିତ ସଂଦେହ-ଗର୍ଭକ ମତ ବ୍ୟକ୍ତ କରଂତି ମାତ୍ର ।

ପକ୍ଷାନ୍ତରରେ, ଅପରଟିରେ ସମାଲୋଚକ କାର୍ଯ୍ୟଟି ଦେଖି ହଠାତ୍ ଗୋଟିଏ କାରଣ ଅନୁମାନ କରଂତି ଏବଂ ଘଟଣାରାଶି ମଧ୍ୟରେ ସେହି ଅନୁମିତ କାରଣର ଅନୁରୂପ ଉପାଦାନ ସଂଗ୍ରହ କରି, କିଂବା ଘଟଣା ସବୁର ସେହି ଲକ୍ଷ୍ୟରେ ବ୍ୟାଖ୍ୟା କରି, ସେହି କାରଣରୁ କାର୍ଯ୍ୟଟି ହୋଇଅଛି ବୋଲି ଅଟଳ ସିଦ୍ଧାଂତ କରି ବସଂତି । ପୁଣି ବେଳେବେଳେ ସମାଲୋଚକ ଅନ୍ୟ କୌଣସିଠାରେ ଘଟିଥିବା ଘଟଣାରାଶିର ଫଳସଂଗେ ସମାଲୋଚ୍ୟ କାର୍ଯ୍ୟକୁ ଅନ୍ୱୟୀ ବା ବ୍ୟତିରେକୀ ମାତିରେ ତୁଳନା କରି, ହଠାତ୍ କାରଣରେ ଉପନୀତ ହୋଇ ସିଦ୍ଧାଂତ ପ୍ରଚାର କରି ବସଂତି । ସଂଦେହ ନାଇ, କି ସାବଧାନତା ନାଇ । ଗୋଟିଏ କ୍ରିୟାର ଅନେକ କାରଣ ଥାଇପାରେ; ଏକାଭଳି କାର୍ଯ୍ୟ ବିଭିନ୍ନ କାରଣରୁ ପ୍ରକାଶ ପାଏ; ଏପରି ସ୍ଥଳରେ ଯେଉଁ ସମାଲୋଚକ ଗୋଟିଏ କାରଣ କଳ୍ପନା କରି ସିଦ୍ଧାଂତ କରିଦିଅଂତି, ସେମାନଂକର କଥଂଚିତ୍ ସାଧୁତା ଥାଇପାରେ; କିଂତୁ ସମାଲୋଚନାର ଧୈର୍ଯ୍ୟ ନାଇ, କିଂବା ଅନନୁଭୂତ ଓ ଦେଶ କାଳରେ ବ୍ୟବହିତ ଘଟଣା ସଂଗେ ସହାନୁଭୂତି କରିବାର ସାଧନା ନାଇ । ପ୍ରାୟଶଃ ନିଜ ଧୀମତ୍ତାର ଅବଲେପରେ ବିଭ୍ରାଂତ ହୋଇ, ସେମାନେ ଯେପରି କି ସମସ୍ତ କ୍ରିୟାରାଶିର ପ୍ରଭାବ ଓ ପରିଣତି ବିଶ୍ଳେଷଣ କରିବା ବଡ଼ ସହଜ ବୋଲି ବିଚାରଂତି ।

ଏ ସବୁ ଏକପ୍ରକାର ଏଠାରେ ଅବାଂତର କଥା । ଭାରତୀୟ ଆର୍ଯ୍ୟସଭ୍ୟତାର ବିକାଶ କିଏ କିପରି ଦୃଷ୍ଟିରେ ବିଚାର କରିଛଂତି, ତାହା କହିବା ଆମ୍ଭର ଏ

ପ୍ରବନ୍ଧରେ ଉଦ୍ଦେଶ୍ୟ ନୁହେଁ; ଅପରନ୍ତୁ ଏତିକି ମାତ୍ର ବୁଝି ରଖିବାକୁ ହେବ ଯେ, ଅଭାବ ବିନା ବିକାଶ ନାହିଁ । ଜୀବନର ସରଳ ସଂଭୋଗ ସଂଗେ ସଂଗେ ଅଭାବର ଧାରଣା ଚିନ୍ତାଶୀଳ ମାନବକୁ ଆକ୍ରମଣ କରିବା ସଂପୂର୍ଣ୍ଣ ସ୍ୱାଭାବିକ ଏବଂ ସେହି ଅଭାବର ଧାରଣା ଘେନି ଜୀବନର ସାଧନାରେ ମାନବ ଉତ୍ତରୋତ୍ତର ଉନ୍ନତି କରିବାକୁ ସମର୍ଥ ହୁଏ । ବିଶାଳ ଅଭାବ ସଂଗେ ବିସ୍ତୀର୍ଣ୍ଣ ଆତ୍ମଲାଭ ପ୍ରକଟିତ ହୁଏ । ଅଭାବ ଓ ସଂଭୋଗ ଏକ ବସ୍ତୁର ଦୁଇଟି ବିଭାବ । ଅଭାବ ଦେଖି ସଂଭୋଗ ନ ଦେଖିବା ଯେପରି ଏକଦେଶଦର୍ଶିତା, ସଂଭୋଗ ମଧ୍ୟରେ ଅଭାବ ନ ଖୋଜିବା ସେହିପରି ହ୍ରସ୍ୱ ଦୃଷ୍ଟିର ସୂଚନା କରେ ।

ଏଣୁ ଗ୍ରୀସ୍ ଭାରତ ତୁଳନା ସମ୍ବନ୍ଧରେ ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ, ଭାରତରେ ବୈଷୟିକତାର ଅଭାବ ନ ଥିଲା ଏବଂ ଦର୍ଶନ ଯୁଗର ଆରଂଭ ପରେ ଗ୍ରୀସ୍ ମଧ୍ୟ ଜୀବନ-ପ୍ରହେଳିକା-ସ୍ୱପ୍ନ ଦେଖିଥିଲା । ଇଉରୋପୀୟମାନେ ଯାହାକୁ ନୀରସ ନାସ୍ତିବାଦ କହନ୍ତି ତାହା ବହୁ ପରିମାଣରେ ଗ୍ରୀକ୍-ପ୍ରାଣକୁ ପ୍ରଭାବିତ କରିଥିଲା । ଜୀବନ ବିକାଶ ସଂଭୋଗରେ ଆରଂଭ ହୁଏ । ଅଭାବର ନାସ୍ତିବାଦ ତହିଁରୁ ଗୋଟିଏ ଅପରିହାର୍ଯ୍ୟ ବିକାଶ । ମୁକ୍ତି ଏହି ଅଭାବ-ନାସ୍ତିରେ ବିଶୁଦ୍ଧି ପ୍ରକାଶ ପାଏ; ଜଗତ୍ ସରସ ସଂଭୋଗମୟ ହୁଏ । ଏହିଠାରେ ଆତ୍ମଲାଭ ପୂର୍ଣ୍ଣ ହୁଏ । ସଂଭୋଗ ମଧ୍ୟରେ ଯେପରି ଅଭାବ ଅଛି, ନୀରସ ନାସ୍ତିବାଦରେ ମଧ୍ୟ ସେହିପରି ବିଶାଳ ସଂଭୋଗର ନିଦାନ ଦେଖିବାକୁ ହେବ ।

ଯେଉଁମାନେ ଭାରତଜୀବନକୁ ନୀରସ ନାସ୍ତିବାଦ-ପୂର୍ଣ୍ଣ ଦେଖନ୍ତି, ସେମାନଙ୍କର ଭାରତ ଇତିହାସ ଶିକ୍ଷା ସାଙ୍ଗ ହୋଇ ନାହିଁ । କାଳିଦାସର କବିତାଠାରୁ କୋଣାର୍କର କଳା-କୁଶଳତା ପର୍ଯ୍ୟନ୍ତ, କୌଟିଲ୍ୟଙ୍କ ଅର୍ଥନୀତିଠାରୁ ଢାକାର ବସ୍ତ୍ର ବିଭବ ପର୍ଯ୍ୟନ୍ତ, କବିତା, କଳା, ରାଜନୀତି, ବ୍ୟବସାୟ ଓ ବ୍ୟବହାର, ଗଣିତ, ଜ୍ୟୋତିଷ, ବିଜ୍ଞାନ, ରସାୟନ ପ୍ରଭୃତି ଜୀବନନିଷ୍ଠାର ନାନା ବିଭାଗରୁ ଉଦାହରଣ ଦେଇ, ଭାରତ ଜୀବନର ବାସ୍ତବତା ଓ ସଂଭୋଗ-ପ୍ରବଣତା ଭିନ୍ନ ଭିନ୍ନ କରି ପ୍ରମାଣ କରିବାର ଏଠାରେ ଅବକାଶ ନାହିଁ । ତାହା ମଧ୍ୟ ଅନାବଶ୍ୟକ । ତେବେ ଏତିକି ମାତ୍ର କୁହାଯିବ, ଭାରତରେ ଯେତେବେଳେ ଦର୍ଶନ-ପ୍ରଭାବିତ-ଜୀବନ-ଚିନ୍ତା ଚରମ ସୀମାରେ ଉପନୀତ ହୋଇଥିଲା, ଗ୍ରୀସ୍ ସେତେବେଳକୁ ଜାତୀୟ ଶୈଶବରେ ଜୀବନର ସରଳ-ସଂଭୋଗ ମାତ୍ର ଦେଖୁଥିଲା; ଏହାହିଁ ମୁଖ୍ୟତଃ ସମାଲୋଚକମାନଙ୍କର ଭ୍ରାନ୍ତିର କାରଣ ।

ହୋମରଙ୍କ ବର୍ଣ୍ଣିତ ସମୟରେ ଗ୍ରୀକ୍ ଜୀବନର ଆରଂଭ । ସେତେବେଳେ ଅର୍ବାଚୀନ ଗ୍ରୀକ୍‌ଜୀବନ କେବଳ ସରଳ ସଂଭୋଗମୟ । ସେ ଯୁଗରେ ଗ୍ରୀକ୍, ଦେବତାଙ୍କ ସଂଗେ ଜୀବନ ଉପଭୋଗ କରୁଅଛି । ନିଜର ସ୍ୱତ୍ୱ ବା ସ୍ୱାଧୀନତା ରକ୍ଷାପାଇଁ ପ୍ରାଣପଣ କରି ଶତ୍ରୁସାଧନ କରୁଅଛି । ଦେବତାମାନେ ସେଥିରେ ଯୋଗ ଦେଉଅଛନ୍ତି । ଆଜକୁ ପ୍ରାୟ ୨୨୦୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ଗ୍ରୀସ୍‌ର ଏହି ଅବସ୍ଥା ଥିଲା । ସେଥିପାଇଁ ସକ୍ରେଟିସ୍ ଯେତେବେଳେ ପ୍ରଥମେ ଶିଖାଇଲେ, "ପରମାତ୍ମା ଏକ ଓ ଅଖଣ୍ଡ, ସେହି ଏକ ମାତ୍ର ଦେବତା, ଶରୀର ସଂଗେ ମାନବାତ୍ମାର ବିଶେଷ ସଂବନ୍ଧ ନାହିଁ, ଶରୀର ବିନାଶରେ ଏହା ମରେ ନାହିଁ," ସେତେବେଳେ ସେ କଥା ଶୁଣି, ସଂଭୋଗରୁ ସ୍ୱପ୍ନକୁ ଗତି ଦେଖି, ବୁଝି ନ ପାରି, ଗ୍ରୀକ୍‌ରାଜ୍ୟ ସକ୍ରେଟିସ୍‌ଙ୍କର ପ୍ରାଣଦଣ୍ଡ ବିଧାନ କଲା । ସକ୍ରେଟିସ୍ ସ୍ୱପ୍ନ-ରାଜ୍ୟରେ ବିହ୍ୱଳ ଥାଇ, ସେ ପ୍ରାଣଦଣ୍ଡ ପ୍ରତି ଭ୍ରୂକ୍ଷେପ କରି ନ ଥିଲେ; ଅମର ଆତ୍ମଭାବରେ ଜଡ଼ିତ ଥାଇ, ଘାତୁକ-ଦତ୍ତ ବିଷ ପାନ କଲେ ।

ଭାରତ-ତୁଳନାରେ ଅନେକ ପରେ ହେଲେ ମଧ୍ୟ, ଗ୍ରୀସ୍‌ରେ ସଂଭୋଗ ଓ ସ୍ୱପ୍ନର ଏହିଠାରେ ସଂଧିସ୍ଥଳ; ଜାତିର ଏକାଂତ ବାଲଭାବରୁ ଚିଂତାର ବିକାଶ । ସକ୍ରେଟିସ୍‌ଙ୍କ ପରେ ପ୍ଲେଟୋଂକ ତତ୍ତ୍ୱ-ବାଦରେ ଜଗତ୍ ଏକପ୍ରକାର ମାୟାକଳ୍ପିତ ନୁହେ ତ କଣ ? ପ୍ଲେଟୋଂକର ଶିଷ୍ୟ ଆରିଷ୍ଟଟ୍‌ଲ୍ ସେହି ସ୍ୱପ୍ନ-ରାଜ୍ୟରେ ଆହୁରି ଅଧିକ ଦୂରକୁ ଯାଇ ନିଷ୍କ୍ରିୟ, ନିର୍ବିକଳ୍ପ ସାଂଖ୍ୟବାଦର ପୁରୁଷ ପରି ନବ-ସୃଷ୍ଟି-ତତ୍ତ୍ୱ-ସଂବଳିତ ନିଜର ଦର୍ଶନମତ ପ୍ରଚାର କଲେ । ହୋଇପାରେ, ଏ ଦର୍ଶନବାଦ ସଂଗେ ସଂଗେ ଆରିଷ୍ଟଟ୍‌ଲ୍ ବାସ୍ତବ୍ୟ ଜଗତର ବିଭାଗମାନଂକରେ ଚିଂତା ଖେଳାଇବାର ଦେଖି, ସମାଲୋଚକ ତାହାଂକୁ ସ୍ୱପ୍ନପଥର ପଥିକ ବୋଲି ବୁଝଂନ୍ତି ନାଇ । ସମାଲୋଚକ ହୁଏତ କହିବେ, ଆରିଷ୍ଟଟ୍‌ଲ୍ ଜଡ଼ ବିଜ୍ଞାନ ଓ ରାଜନୀତିର ନିଗୂଢ ନିୟମସବୁ ପରୀକ୍ଷା ଓ ପ୍ରଚାର କରି, ବ୍ୟାବହାରିକ ଜଗତକୁ ସତ୍ୟ ବୋଲି ସ୍ୱୀକାର କରି ଅଛନ୍ତି; ଭ୍ରମ ବୋଲି ବିଚାର କରି ନାହାଂତି । କେବଳ ତାଂକ ଦର୍ଶନବାଦହିଁ ଅବାସ୍ତବ ଚିଂତାରାଜ୍ୟରେ ଆବଦ୍ଧ ରହିଅଛି ଏବଂ ଦର୍ଶନ ବାଦରେ ଜୀବନକ୍ରିୟା ନୀରସ ହୋଇ ନାଇ ।

ମାତ୍ର ଆରିଷ୍ଟଟ୍‌ଲ୍‌ଂକ ସଂଗେ ସଂଗେ ବା ଅଳ୍ପ ପରେ ଷ୍ଟୋଇକ୍ ଦାର୍ଶନିକମାନେ ଯେ ସଂଯମ କ୍ରିୟା ପରଂପରା ଫିଟାଇ ଅଛଂନ୍ତି, ସେଥିରେ ବାସ୍ତବ୍ୟ ଜଗତର ସତ୍ତ୍ୱା ନାଇ । ବିଷୟଟି ସୁବୋଧ କରିବା ପାଇଁ ଆଲେକ୍‌ଜାଂଣ୍ଡରଂକ ଜୀବନର ନିମ୍ନଲିଖିତ ଘଟନାଟି ପ୍ରତି ଲକ୍ଷ କରାଯାଇପାରେ ।

ଡାୟୋଜିନସ୍ ବୋଲି ଗ୍ରୀସ୍‌ରେ ଜଣେ ପ୍ରଖ୍ୟାତନାମା ଦାର୍ଶନିକ ଥିଲେ । ସେ ମନୁଷ୍ୟର ସାମାଜିକ ଜୀବନକ୍ରିୟାରେ କଳୁଷିତ ନ ହେବେ ବୋଲି, ଲୋକ-ସମାଗମ ଛାଡ଼ି, ଏକ ନିର୍ଜନ ସ୍ଥାନରେ ନଗ୍ନ ହୋଇ, ଗୋଟିଏ କୁଂଡ ଭିତରେ ପଶି, ରହି ଥାଆଂନ୍ତି । ଦିନେ ଆଲେକ୍‌ଜାଂଣ୍ଡର୍ ତାଂକୁ ଦେଖିବେ ବୋଲି କୁତୂହଳୀ ହୋଇ, ତାଂକ ପାଖକୁ ଗଲେ । ଯାଇ ପଚାରିଲେ, “ତୁମେ କିଏ ?” ଡାୟୋଜିନସ୍ ଉତ୍ତର ନ ଦେଇ, ଭ୍ରୂକ୍ଷେପ ନ କଲା ପରି କହିଲେ, “ତୁମେ କିଏ ?” ଆଲେକ୍‌ଜାଂଣ୍ଡର୍ କହିଲେ, “ମୁଁ ମହାବୀର ଆଲେକ୍‌ଜାଂଣ୍ଡର୍ ।” ସେଠାରୁ ଡାୟୋଜିନସ୍ ସଦର୍ପରେ କହିଲେ, “ମୁଁ ଦାର୍ଶନିକବର ଡାୟୋ-ଜିନସ୍ ।” ସେଥିରେ ବିସ୍ମିତ ହୋଇ ସମ୍ରାଟ୍ ପୁଣି କହିଲେ, “ଆଲେକ୍‌ଜାଂଣ୍ଡର୍‌ଂକଠାରୁ ଆପଣଂକର କଣ ଅନୁଗ୍ରହ ମାଗିବାର ଅଛି, ମାଗଂନ୍ତୁ ।” ଦାର୍ଶନିକ କହିଲେ, “ଏତିକିମାତ୍ର ଅନୁଗ୍ରହ କରଂନ୍ତୁ, ଟିକିଏ ପାଖେଇ ଠିଆ ହେଲେ, ମୁଁ ଭଲ ଖରା ପାଇବି ।” ଆଲେକ୍‌ଜାଂଣ୍ଡର୍ ବିସ୍ମୟ ଓ ସଂକୋଚରେ ଫେରି ଆସିଲେ ।

ଏ ଗୋଟିଏ ଉଦାହରଣ ମାତ୍ର । ଏହି ଦର୍ଶନମତ ଓ ତଦନୁରୂପ ଜୀବନ କ୍ରିୟା ବହୁ ଶତାବ୍ଦୀ ଧରି ଇଉରୋପ ଆଫ୍ରିକାର ଗ୍ରୀକ୍-ପ୍ରଭାବିତ ଦେଶ-ମାନଙ୍କରେ ଘୋଟି ରହିଥିଲା । ଭାରତର ଶୁଦ୍ଧ-ଦର୍ଶନଭାବ-ପ୍ରଣୋଦିତ-ସାଧକ-ଜୀବନ ସଂଗେ ଏ ଜୀବନର ତୁଳନା କଲେ କଣ ଦେଖାଯାଏ ? ରାମଚଂଦ୍ର ବଣରେ ଯେଉଁ ଋଷିଂକ, ସୁଦୀର୍ଘ ଜୀବନକୁ ଅଳ୍ପ ଓ ଅକିଂଚିତ୍‌କର ମନେ କରି, ଘର ନ କରି, ସମସ୍ତ ଜୀବନ ମୁଂଡରେ ବରଫ ଦେଇ ବସିଥିବାର ଦେଖିଥିଲେ, ତାଂକ ଜୀବନରେ ଆପାତ-ଆଲୋଚନା-ସେବୀ ପକ୍ଷରେ ଅଧିକ ନୀରସତା ଓ ସଂଭୋଗ-ହୀନତା କଣ ଥିଲା ? ବରଂ ଏହା ବୋଲାଯାଇପାରେ, ସ୍ୱପ୍ନ-ରାଜ୍ୟବାସୀ ଭାରତୀୟ, ଜୀବନର ସ୍ୱପ୍ନରେ ସତ୍ୟ ଦେଖୁଥିଲେ, ସତ୍ୟ ସ୍ୱପ୍ନର ସମ୍ମିଶ୍ରଣରେ ଜଗତ୍‌କୁ ସରସ ଓ ସରଳ ସଂଭୋଗମୟ ମନେ କରିଥିଲେ, ପୁଣି ସରଳ ଜୀବନରେ ତୃପ୍ତି ପାଇଥିଲେ; ତେଣୁ

ତାହା ସ୍ଥାୟୀ ହୋଇଅଛି । ଗ୍ରୀସ୍‌ର ସ୍ୱପ୍ନରାଜ୍ୟ, ପରବର୍ତ୍ତୀ ଇଉରୋପୀୟ-ଜୀବନ-କ୍ରିୟାରେ ତାଦୃଶ ସ୍ଥାନ ପାଇ ନାହିଁ । ଇନ୍ଦ୍ରିୟବିହାରୀ ସ୍ୱପ୍ନସତ୍ୟର ସମ୍ମିଶ୍ରଣରେ ଜଡ଼-ଜଗତକୁ ସରସ ଓ ସମ୍ଭୋଗମୟ କରି ପାରି ନାହାଁନ୍ତି । ଜୀବନର ସାଧାରଣ ସ୍ଥିତି ନିମନ୍ତେ ଜୀବନ-ସଂଗ୍ରାମରେ ବ୍ୟତିବ୍ୟସ୍ତ ହେବାରୁ ବାସ୍ତବ୍ୟତାହିଁ ତାହାଙ୍କୁ ଗ୍ରାସ କରିଅଛି । ବାସ୍ତବ ସଂଗେ ଅବାସ୍ତବ ସ୍ୱପ୍ନର ଶୁଦ୍ଧ-ସରସତା ତାହାଙ୍କ ଜୀବନ-ସଂଗ୍ରାମ-ଜନିତ କର୍ମ-କଠୋର ଜୀବନରେ ପଶି ପାରି ନାହିଁ । ମାତ୍ର ଇଉରୋପରେ ଜୀବନ ସଂଗ୍ରାମର କଠୋର କର୍କଶତା ଏବଂ ଭାରତରେ ତାହାର ଆପେକ୍ଷିକ ଅଭାବ ଏବଂ ସେ ସବୁର ଫଳ ଏଠାରେ ଆଲୋଚିତ ହେଉ ନାହିଁ ।

ସଂଭୋଗ ପ୍ରାଣୀର ନୈସର୍ଗିକ ବୃତ୍ତି । ସଂଭୋଗ ବିନା ସ୍ଥିତି ଅସଂଭବ । ସଂଭୋଗରେହିଁ ବାସ୍ତବ ଜଗତ୍ ସଂଗେ ମାନବର ସଂବନ୍ଧ । ଏହି ସଂଭୋଗରେହିଁ ବାସ୍ତବ ଜଗତର ମାନବ ପ୍ରାଣରେ ପ୍ରକାଶ । ସଂଭୋଗ, ପ୍ରାଣରେ ଅନୁଭୂତିର ବୀଜ । ଏହି ସଂଭୋଗହିଁ ବାସ୍ତବ ଜଗତରେ ସତ୍ୟ । ଅନନ୍ତ ବାସ୍ତବ ଘଟଣାବଳୀ, ବିଶ୍ୱସତ୍ତା ବିଶ୍ୱଦେବତାଙ୍କର ବିଗ୍ରହ । ଅନୁଭୂତିର ଅନନ୍ତ ବିତାନରେ ମାନବ ପ୍ରାଣରେ ସେହି ବିଶ୍ୱସତ୍ତାର ବିକାଶ ଓ ସଂଭୋଗ ବିନା ସେହି ଅନୁଭୂତି ଅସଂଭବ । ସ୍ୱପ୍ନ ହେଉ ବା ସତ୍ୟ ହେଉ, ବାସ୍ତବ ଜଗତର କ୍ରିୟାବଳୀ ମଧ୍ୟରେ ଜୀବନର ରତି । ସେ କ୍ରିୟାବଳୀ ଏଡ଼ିବା ପ୍ରାଣୀର ସାଧ୍ୟାତୀତ । ଭଗବାନ ଶ୍ରୀକୃଷ୍ଣ ସ୍ପଷ୍ଟ ଆଶ୍ୱାସ ଦେଇଛନ୍ତି, "ଶରୀର ଯାତ୍ରାପି ଚ ତେନ ପ୍ରସିଦ୍ଧ୍ୟେଦ-କର୍ମଣଃ"; ଅର୍ଥାତ୍, କର୍ମ ବା ବାସ୍ତବ୍ୟ ଜଗତ ସହିତ ସଂପର୍କ ବିନା ଶରୀରର ଶରୀରଯାତ୍ରା ଚଳିବ ନାହିଁ ।

ଜୀବନର କ୍ରିୟାବଳୀ ମଧ୍ୟରେ ବିଶ୍ୱସତ୍ତାର ଅନୁଭୂତି ବିନା କୌଣସି ଶରୀରଯାତ୍ରାର କର୍ମ ମଧ୍ୟ ସଂଭବ ନୁହେଁ । ଶିଶୁ ଯେତେବେଳେ ଭୂମିଷ୍ଠ ହୋଇ ଅବସ୍ଥାନ୍ତରର ଲୀଳା ପ୍ରକାଶ କରେ, ସେତେବେଳେ ସେ ସ୍ୱପ୍ନ ସତ୍ୟର ଭେଦ ବୁଝି ନ ଥାଏ । ସତ୍ୟ ତାହାର ସ୍ୱପ୍ନ; ସ୍ୱପ୍ନ ତାହାର ସତ୍ୟ; ସବୁ ଏକାକାର । ସବୁ, କି ଏକ ବିଶ୍ୱବ୍ୟାପକ ଶକ୍ତିର ଗୋଟିଏ ଗୋଟିଏ ବିଭାବ-ବିକାଶ । ବିଶ୍ୱ-ପ୍ରକୃତି ମଧ୍ୟ ତାହାର ଶରୀର କ୍ରିୟାଠାରୁ ଭିନ୍ନ ନୁହେଁ । ନିଜର କ୍ରନ୍ଦନ ଧ୍ୱନିରେ ସେ ଚମକି ଉଠେ; ସୂର୍ଯ୍ୟ ଦେଖି ମୁଗ୍ଧ ହୁଏ; ଶବ୍ଦ ଶୁଣି ବିସ୍ମିତ ହୁଏ । ସମସ୍ତ ଇନ୍ଦ୍ରିୟ ବାଟେ ବିଶ୍ୱଆତ୍ମା ତାର ଶିଶୁ ପ୍ରାଣ ସଂଗେ ସଂବନ୍ଧ ଲଗାଇ ଦିଏ । ସେତେବେଳେ ସେ ଅନନ୍ତ ଲୀଳାମୟଙ୍କର ଲୀଳାରେ ଏକ କ୍ରୀଡ଼ନକ । ସବୁଠାରେ ସତ୍ତାର ଅନୁଭବ; ସବୁଠାରେ ବିସ୍ମୟ; ସବୁଠାରେ ସଂଭୋଗ; ସବୁଠାରେ ପୁଣି ଆତ୍ମବିସ୍ମୃତି ବା ସ୍ୱପ୍ନ । ସେ ସଂଭୋଗ ବା ସ୍ୱପ୍ନ କଣ, ତାହା ସେ ବୁଝି ନ ଥାଏ; ମାତ୍ର ଅନୁଭୂତି ତାହାର କ୍ଷୁଦ୍ର ଶିଶୁପ୍ରାଣ ଭେଦ କରି ଉଚ୍ଛୁଳି ଉଠେ । ଅନନ୍ତ ବିଶ୍ୱସତ୍ତାରେ ସେ ନିଜକୁ ମିଶାଇଦିଏ । ଅନୁଭୂତିର ଅନନ୍ତତ୍ୱରେ ତାର ଆତ୍ମା ସୂଚନାମୟ ଓ ବିସ୍ତୀର୍ଣ୍ଣ ହୁଏ । ଏହି କ୍ରିୟାବଳୀର ସଂଭୋଗ ଅନୁଭବରେ ସେ ପୁଣି ଜଗତରୁ ନିଜକୁ ବିଚ୍ଛିନ୍ନ ବୋଲି କ୍ରମେ କ୍ରମେ ଜାଣିପାରେ ଏବଂ ସେଥିରେ ତାର ଆତ୍ମ-ବିକାଶ ହୁଏ ।

ଅନୁଭୂତି କ୍ରିୟା ବିଶେଷରେ ଜାଗ୍ରତ ହୁଏ ସତ୍ୟ; କିନ୍ତୁ କ୍ରିୟା ସହିତ କାର୍ଯ୍ୟ-କାରଣ ସଂବନ୍ଧରେ ଏହାର ପରିମାଣ ଅସଂଭବ । ପ୍ରାଣରେ ଏହା ଏକ ଇଂଗିତ ବା ସୂଚନା; ଏହା ସର୍ବଦା ଅନନ୍ତ । ସର୍ବଦା ଏହା ଆତ୍ମା ପୂର୍ଣ୍ଣ କରି ଅନନ୍ତକୁ ଲାଗିଯାଏ ଏବଂ ପ୍ରାଣକୁ ବାସ୍ତବ ସତ୍ୟରୁ ଅବାସ୍ତବ ସ୍ୱପ୍ନକୁ ଘେନି ଯିବାହିଁ ଏହାର ପ୍ରକୃତି । ଅନନ୍ତ ଆତ୍ମା ଏଥିରେ ପୂର୍ଣ୍ଣ ହୁଏ । ଏ ପୂର୍ଣ୍ଣତା ପୁଣି ବିଶ୍ୱସତ୍ତାରେ ବ୍ୟାପ୍ତ ହୋଇ ଆତ୍ମବିସ୍ମୃତି ଓ ବିହ୍ୱଳତା ଜନ୍ମାଏ । ଏ କଥା ବୁଝାଇ

କହିବା ସହଜ ନୁହେ; ମାତ୍ର ଏହାହିଁ ଅନୁଭୂତିର ପ୍ରକୃତି । ଅନୁଭୂତିର ସୀମା ନାହିଁ । ଏଥିରେ କାର୍ଯ୍ୟ କାରଣର ଗଣନା ନାହିଁ; ଈଦୃକ୍ତ୍ୱା ଇୟତ୍ତାର ହିସାବ ନାହିଁ; ପୁଣି ଶିଶୁ ବୃଦ୍ଧର ମଧ୍ୟ ଭେଦ ନାହିଁ । ଏଥିରେ ବିହ୍ୱଳ ହେଲେ, ପ୍ରବୀଣ ମଧ୍ୟ ମୁହୂର୍ତ୍ତକ ପାଇଁ ଶିଶୁ ହୁଏ । ଏଥିରେହିଁ ତେଣୁ ବାସ୍ତବ ସ୍ୱପ୍ନ ହୁଏ; ସ୍ୱପ୍ନ ବାସ୍ତବ ହୁଏ ।

ଜାତି ବିଶେଷର ହିସାବ ଦେଖିଲେ, ପ୍ରାଥମିକ ଅବସ୍ଥାରେ ଜାତି ଶିଶୁ । ତାହାର ସମସ୍ତ ଅନୁଭବ ବାସ୍ତବ ନିତ୍ୟ-ପରଂପରାର ଅନବଚ୍ଛିନ୍ନ ସଂଯୋଗ । ଏ ଅନୁଭବ ପୁଣି ଶିଶୁର ଅନୁଭବ ପରି ଅନଂତ ଓ ନିରବକାଶ । ପ୍ରବୀଣର ଅନୁଭବ, ଶଂତାରେ ଅବଚ୍ଛିନ୍ନ; ବିଗତ ଅନୁଭବ ଓ ଫଳାଫଳର ସ୍ମୃତିରେ ଆବିଳ; ଭବିଷ୍ୟତ୍‌ର ଆଶା ଓ ଆକାଙ୍‌କ୍ଷାରେ ବେଳେବେଳେ ପ୍ରତିହତ । ଶିଶୁର ଅନୁଭବରେ ସେ ଅବଚ୍ଛେଦ ବା ସେ ଆବିଳତା ନାହିଁ । ଏହା ଏକାବେଳକେ ପ୍ରାଣରେ ସମସ୍ତ ବିଶ୍ୱସତ୍ତାର ଅଜ୍ଞାତ ବିକାଶ । ଏହା ପ୍ରଚୁର, ଶୁଦ୍ଧ ଓ ଅନଂତ । ହୋମର୍ ସମୟର ଗ୍ରୀକ୍‌ମାନେ ଇତରବିଶେଷ ସେହି ଶିଶୁର ଅନୁଭବରେ ପ୍ରାଣିତ ଓ ପ୍ରଣୋଦିତ ଥିଲେ, ପୁଣି ଉପନିଷଦ୍ ଓ ଦର୍ଶନତନ୍ତ୍ର ବିସ୍ତୃତିର ବହୁପୂର୍ବେ ଭାରତୀୟ ଆର୍ଯ୍ୟ ଏହି ଶୈଶବ ଅନୁଭୂତିରେ ସରଳ ଶିଶୁ-କଂଠ ଫିଟାଇ, ଅପୌରୁଷେୟ ବେଦ ପ୍ରକାଶ କରିଥିଲେ । ଅନଂତ ବିଶ୍ୱର ସଂଯୋଗ ଉପଲବ୍ଧିରେ ବିଶ୍ୱସତ୍ତାର ଯେଉଁ ସ୍ୱଭାବ-ବିକାଶ ସେମାନଙ୍କ ପ୍ରାଣ ପ୍ଲାବିତ କରିଥିଲା, ତାହା ଆଦି-ବେଦ-ଗାନ ରୂପେ ସ୍ୱତଃ ପ୍ରତିଭାତ ହେଲା । ଏହି ଶୈଶବାସ୍ଥ ଭାବରେ ଆର୍ଯ୍ୟ ଜୀବନର ବୀଜ ନିହିତ । ଏହାରି ବିକାଶରେ ଆର୍ଯ୍ୟ ସଭ୍ୟତାର ବିକାଶ । ଏହି ଅପୌରୁଷେୟ ବେଦଭାବହିଁ ଆର୍ଯ୍ୟର ଆଦି ଭାବ, ତାହାର ଧର୍ମ ଓ ତାହାର ଆଦର୍ଶ । ଏହା ବିଶ୍ୱସତ୍ତା ବା ପରମାତ୍ମାର ସ୍ୱଭାବ ବିଭାସ । ମାନବ ଯେତେବେଳେ ଶୁଦ୍ଧ ଅନାବିଳ ଅନୁଭୂତିର ଅନଂତ ଲୀଳାରେ ବିଶ୍ୱାତ୍ମା ସଂଗେ ଏକ, ସେତିକିବେଳେ ବେଦର ବିସ୍ଫୁରଣ । ଶିଶୁର ପୂର୍ବଜନ୍ମ ସଂସ୍କାରଜାତ ବୃତ୍ତି ପରି ଆଦି ଋଷିମାନଙ୍କଠାରେ ଏହି ଆଦିମ ଅନୁଭବ ଲୀଳାର ଉଦ୍‌ଭେଦ ଓ ଉଚ୍ଛ୍ୱାସ । ସେ ଅନୁଭୂତି ବାସ୍ତବ ହେଉ, ସ୍ୱପ୍ନ ହେଉ, ତାହା ସତ୍ୟ; ସେଥିରେ ଅପଳାପ ନାହିଁ, ସଂଶୟ ନାହିଁ, ଦାର୍ଶନିକର ବୁଦ୍ଧିକୌଶଳ ବା ମତବାଦ ନାହିଁ । ସେଥିପାଇଁ ଋଷି ଗାଇ ଅଛନ୍ତି, "ନ ତତ୍ର ଚକ୍ଷୁର୍ଗଚ୍ଛତି ନୋବା ଗଚ୍ଛତି ନୋ ମନଃ" ଅର୍ଥାତ୍, ସେଠାକୁ ବାହ୍ୟ ଇଂଦ୍ରିୟଜ୍ଞାନ ବାକ୍ୟ ପରଂପରା ସ୍ପର୍ଶ କରି ପାରିବ ନାହିଁ; ତାହା ବିଶ୍ଳେଷଣରେ ବୁଝି ହେବ ନାହିଁ ବା ବାକ୍ୟରେ ବର୍ଣ୍ଣନ କରି ହେବ ନାହିଁ ।

କେଉଁ ଜାତିରେ ଏ ଭାବ ଆଗ ପ୍ରକାଶ ପାଇଅଛି, କାହାର ବା, ଯେପରିକି ମାତୃଗର୍ଭର ସମୟ ଦୀର୍ଘ ହେବାରୁ, ସେ ଶିଶୁ-ଭାବ ପଛେ ପ୍ରକାଶ ପାଇଅଛି, କେଉଁ ଜାତିର ହୁଏତ ଏବେ ମଧ୍ୟ ପ୍ରକାଶ ପାଇ ନାହିଁ; ସେ ଶୈଶବ ଆରଂଭ ହୋଇ ନାହିଁ । ଆଗେ ହେଉ, ପଛେ ହେଉ, ଏ ଭାବ ମାନବ ମାତ୍ରର ସ୍ୱାଭାବିକ ଭାବ । ଏଥିରେ ସଂଯୋଗର ଅଭାବ ବା ନୀରସତା ନାହିଁ । ତେବେ କୌଣସି କୌଣସି ଜାତିରେ ପ୍ରବୀଣତାର ବିଷୟ ବୁଦ୍ଧି, ଅନୁକରଣପ୍ରବଣତା ବା ଅଯଥା ଦାସତ୍ୱ ଫଳରେ ଏହି ଆଦିମ ବାଲ-ଭାବର ସ୍ୱାଧୀନ ବିକାଶ-ପ୍ରଭାବ ଅବଚ୍ଛିନ୍ନ ହୋଇଥିବା ଅସଂଭବ ନୁହେ । ଜୀବନର ବିକାଶ ସର୍ବଦା ପ୍ରାକୃତିକ ଓ ସରଳ ପଂଥା ଅନୁସରଣ କରେ ନାହିଁ । ଜୀବନ-ବିକାଶ ଗତି ନାନା ପ୍ରଭାବରେ ପ୍ରଭାବିତ ହୁଏ, ପୁଣି ବେଳେ ବେଳେ ପ୍ରଭାବାଂତରରେ ବିପରୀତ ବଦଳିଯାଏ । ଭାରତରେ ଆର୍ଯ୍ୟର ତାହା ହୋଇ ନାହିଁ । ବେଦର ସନାତନ ପରଂପରା ଆର୍ଯ୍ୟ

ଜୀବନରେ ଅବଚ୍ଛିନ୍ନ ହୋଇ ନାହିଁ । ବରଂ ପୃଥିବୀରେ କୌଣସି ଜାତିର ଯଦି ଏହି ଶୈଶବ ଅନୁଭୂତିର ସ୍ୱାଭାବିକ ବିକାଶ-ସ୍ରୋତ ଅନବଚ୍ଛିନ୍ନ ଥାଏ, ତେବେ ବୈଦିକ ଆର୍ଯ୍ୟ ସଂତାନର ଯେତେ ଅଛି, ଆଉ କାହାର ନାହିଁ । କାରଣ ପୃଥିବୀରେ ଅନ୍ୟ କୌଣସି ଜାତିର ଆଦିମ ଅନୁଭୂତି ପରଂପରା ଏପରି ସ୍ପଷ୍ଟ ପ୍ରକଟିତ ନୁହେଁ । ବିଜାତୀୟ ଓ ବିଦେଶୀଗତ ଆଦର୍ଶ ସେମାନଂକୁ ଅଧିକତର ପ୍ରଭାବିତ କରିଅଛି । ବିଦେଶୀ-ଗତ ଆଦର୍ଶର ମହିମପ୍ରଭାରେ ସେମାନେ ସ୍ତଂଭିତ, ଆତ୍ମ-ବିସ୍ମୃତ ହୋଇଅଛଂତି ।

ଋଗ୍‌ବେଦ-ସଂହିତା ଦେଖିଲେ ଦେଖାଯିବ, ସରଳ, ସରସ ଜୀବନସଂଭୋଗ ଛଡ଼ା ଏଥିରେ ଆଉ କିଛି ନାହିଁ । ଏଥିରେ ବଂଧଦୁଃଖରେ ବିମୁଖତା ନାହିଁ, କି ଅତୀଂନ୍ଦ୍ରିୟର ଦାର୍ଶନିକ ସ୍ୱପ୍ନ ନାହିଁ । ସରଳ ଶିଶୁ ପରି ମାନବ ବିଶ୍ୱସାମଗ୍ରୀର ଅନୁଭବରେ ପୂର୍ଣ୍ଣ ପ୍ରାଣ ପ୍ରକାଶ କରୁଅଛି ଏବଂ ସଂଗେ ସଂଗେ ଅନୁ-ଭୂତିର ପ୍ରସାରରେ ଅନଂତ ବିଶ୍ୱଧର୍ମର ଇଂଗିତ ଅନୁଭବ କରୁଅଛି । ମଂତ୍ର ଉଦ୍ଧାର କରି ପ୍ରବଂଧର କଳେବର ବୃଦ୍ଧି କରିବାର ପ୍ରୟୋଜନ ନାହିଁ । ଋଷି ଶୁଦ୍ଧ ଅନୁଭୂତିର ବିସ୍ମୟରେ ଗାଉଅଛଂତି, "ଆଂଭର ଶତ୍ରୁମାନେ ନଷ୍ଟ ହୁଅଂତୁ, ମିତ୍ରମାନେ ଜୀବିତ ଥାଆଂତୁ, ହେ ଇଂଦ୍ର, ତୁଂଭେ ନିଜର ମହା-ବଦାନ୍ୟତା ବିସ୍ତାର କରି, ଆଂଭଂକୁ ଗାଈ ଘୋଡ଼ା ଧନରତ୍ନରେ ପୂର୍ଣ୍ଣ କର ।"—"ଆଂଭର କ୍ଲେଶସବୁ ଅପନୋଦନ କର, ପୁଣି ଯେ ଆଂଭର ଅନିଷ୍ଟ କରୁଛଂତି ତାଂକର ବିନାଶ କର ।"—"ହେ ଉଷା-ଦେବୀ, ଦେବତାମାନଂକୁ ଏଠି ସୋମପାନ କରିବାକୁ ଡାକି ଆଣ; ଆଭଂକୁ ବଳ ଦିଅ; ଯୁଦ୍ଧରେ ଜୟଯୁକ୍ତ କର; ଆଂଭେମାନେ ପ୍ରଶଂସିତ ହେଉଁ ।"—"ହେ ଇଂଦ୍ର, ଆଂଭର ଦାରିଦ୍ର୍ୟ ଦୂର କର, ଦସ୍ୟୁମାନଂକର ବିନାଶ ସାଧନ କର । ସୋମ-ପାନରେ ଆଂଭେମାନେ ପୁଣି ବଳଶାଳୀ ହେଉଁ । ଶତ୍ରୁହସ୍ତରୁ ମୁକ୍ତି ଲଭି, ପ୍ରଚୁର ଖାଦ୍ୟ ପେୟ ଲଭୁଁ ।"—"ହେ ମରୁତ୍ ଆଂଭକୁ ଅଶେଷ ବଳଦିଅ । ଆଂଭେ-ମାନେ ଯୁଦ୍ଧରେ ଅଜେୟ ହେଉଁ; ଧନ ଲାଭ କରି ଯଶସ୍ୱୀ ହେଉଁ ଓ ଶତାୟୁଃ ପୁତ୍ର ପୌତ୍ରାଦି ଲାଭ କରୁଁ । ଆଂଭଂକୁ ସ୍ଥାୟୀ ସଂପଦ ଦିଅ, ବହୁ ବୀର ଦିଅ । ସେମାନେ ଶତ୍ରୁକୁ ବ୍ୟତିବ୍ୟସ୍ତ କରଂତୁ । ସେମାନଂକର (ସେହି ବୀରଂକର) ସଂଖ୍ୟା ଶତ ଶତ, ସହସ୍ର ସହସ୍ର ହେଉ ଓ ସେହି ସଂଖ୍ୟା ବରାବର ବୃଦ୍ଧି ପାଉ ।"—"ହେ ଦେବତାମାନେ ଶହେ ବର୍ଷ ମାତ୍ର ଆଂଭର ପରମାୟୁ, ସେହି ଶହେ ବର୍ଷ ଶେଷରେ ଆଂଭଂକୁ ବାର୍ଦ୍ଧକ୍ୟ ଦିଅ । ଆଂଭେମାନେ ପିଲାଂକର ପୁତ୍ର ପୌତ୍ରାଦି ଦେଖୁଁ । ଜୀବନର ମଧ୍ୟଭାଗରେ ଆଂଭ ଜୀବନ ଶେଷ କର ନାହିଁ ।"—"ହେ ବୀର, ଆଂଭର ଏହି ଯୁଦ୍ଧରେ ତୁଂଭର ସମସ୍ତ ରଣକୌଶଳ ପ୍ରକାଶ କର । ଦେବ-ହୀନ ଶତ୍ରୁମାନେ ବହୁ ଦର୍ପ ପ୍ରକାଶ କରୁଛଂତି; ତାଂକୁ ମାରି, ସେମାନେ ଆଂଭଠାରୁ ଯେଉଁ ଯାଇଥିବା ସଂପଦ ଆଂଭଂକୁ ଫେରାଇଦିଅ ।"—"ଆଂଭେମାନେ ସର୍ବ ପ୍ରକାର ଧନର ଅଧିକାରୀ ହେଉଁ । ବୀରତ୍ୱରେ ଭୂଷିତ ହୋଇ, ପ୍ରଶଂସ୍ୟ କ୍ରିୟା ପାଇଁ ସର୍ବଦା ପ୍ରସ୍ତୁତ ହେଉଁ ।"—"ଅବିଶ୍ୱାସୀମାନେ (ଦେବତାରେ) ଆଂଭମାନଂକୁ ସଶସ୍ତ୍ର ସେନା ଘେନି ଆକ୍ରମଣ କରୁ-ଅଛଂତି, ଆଂଭେ ତାଂକୁ ପରାସ୍ତ କରୁଁ ।"

ଏହିପରି ପ୍ରାର୍ଥନା ଓ କାମନାରାଶିରେ ବେଦ ପୂର୍ଣ୍ଣ ରହିଅଛି । ଜୀବନର ସରସତା ଓ ସଂଭୋଗଇଚ୍ଛା ଏସବୁ ସ୍ପଷ୍ଟ ପ୍ରଚାର କରୁଅଛି । ଏଥିରେ ବାସ୍ତବ୍ୟ ଜଗତ୍ ବା ଜୀବନ ପ୍ରତି ବିମୁଖତା ରହି ନ ପାରେ । ବରଂ ଏହିଠାରେ ବାସ୍ତବ୍ୟ ଜଗତର କ୍ରିୟାରାଶି

ମଧ୍ୟରେ ଆର୍ଯ୍ୟଜୀବନର ଆଦିମ ବିକାଶ-ଲକ୍ଷଣ ସୁସ୍ପଷ୍ଟ । ଜାତିର ଏହି ଆଦିମ ଅନୁଭବରେ ସତ୍ୟର ପ୍ରକାଶ । ଜୀବନ ଏଠାରେ ସତ୍ୟ, ସ୍ୱପ୍ନ ନୁହେଁ; ବାସ୍ତବ ଜଗତ୍ ଭୋଗ୍ୟ, ସଂଭୋଗପୂର୍ଣ୍ଣ; ମାୟା ବା ପ୍ରହେଳିକା ନୁହେ । ବରଂ କୁହାଯାଇପାରେ, ଜାତିର ଏହି ଆଦିମ ଅନଂତ ଅନୁଭବର ଅଜ୍ଞାତ ପ୍ରକାଶରେ, ବାହାରୁ ଆଲୋଚନାର ଦୃଷ୍ଟିରେ ଦେଖିଲେ, ସବୁ ସ୍ୱପ୍ନ, ସବୁ ପ୍ରହେଳିକା; ଅଥଚ ଅନୁଭବୀ ପକ୍ଷରେ ସବୁ ବାସ୍ତବ, ସବୁ ସତ୍ୟ ।

ମେଘ ହେଲା, ବର୍ଷା ପଡ଼ିଲା, ବଜ୍ରନାଦ ଶୁଭିଲା—ବୈଦିକ ମାନବଶିଶୁ ଚକିତ ଓ ସ୍ତମ୍ଭିତ । ସୂର୍ଯ୍ୟ କିରଣରେ ପୃଥିବୀ ଆଲୋକିତ ହେଲା—ବୈଦିକ ଋଷି ପ୍ରେମରେ ବିହ୍ୱଳ । ପବନ ବହିଲା, ପତ୍ର ମର୍ମର ହେଲା, ଗଛ ଭାଜିଲା—ଆର୍ଯ୍ୟ-ଶିଶୁ ମୁଗ୍ଧ ଓ ବିସ୍ମିତ । ଏ ସବୁ କିଣ, କି ଶକ୍ତି ? ଏହିଠାରେ ଶକ୍ତିରେ ପୁରୁଷର ଅନୁଭୂତି । ମୁଁ ଯେପରି ହାତ ଗୋଡ଼ ଚଳାଇ କର୍ମ କରୁଅଛି, ସେହିପରି ଏହିସବୁ କ୍ରିୟା କୌଣସି ମହାଶକ୍ତିମୟ ପୁରୁଷର କର୍ମ । ଏସବୁ ଏକ ଏକ ମହାଶକ୍ତି; ହୁଏତ ଏକ ମହାଶକ୍ତିର ଏ ସବୁ ବିଭିନ୍ନ ବିକାଶ । ଏହିଠାରେ ଜୀବନର ଶୁଦ୍ଧ ସଂଭୋଗ ଭିତରେ, ଉପଲବ୍ଧିର ଅନଂତ ଲୀଳା ଭିତରେ ଦେବତାର କଳ୍ପନା । କେତେବେଳେ ଏହି ଦେବତାମାନେ ଇଂଦ୍ର, ଅଗ୍ନି, ମରୁତ୍, ବରୁଣ, ଉଷା, କେତେବେଳେ ଯେ ଇଂଦ୍ର ସେ ଅଗ୍ନି, ସେ ମରୁତ୍ ଇତ୍ୟାଦି; ପୁଣି କେତେବେଳେ ଇଂଦ୍ରରେ, ଅଗ୍ନିରେ, ମରୁତ୍‌ରେ—ସର୍ବତ୍ର କି ଏକ ମହାଶକ୍ତି । ଏହି ବୈଦିକ ଶିଶୁର ସରଳ ଅଜ୍ଞାତ କଳ୍ପନା ମଧ୍ୟରେ ବିଶ୍ୱସତ୍ତାର ଇଂଗିତ ବେଦରେ ଦେଖିବାକୁ ମିଳେ; ଋଷିର ସରଳ ପ୍ରାଣର ଆଦିମ ମୌଳିକ ଅନୁଭୂତିରେ ବିଶ୍ୱାତ୍ମା ବିକାଶ ପାଏ । ଋଷି କେତେବେଳେ ଇଂଦ୍ର ଅଗ୍ନି ପ୍ରଭୃତିଂକୁ ସ୍ୱତଂତ୍ର ଦେବତା ବୋଲି ଉପାସନା କରୁଅଛଂତି; କେତେବେଳେ କହୁଛଂତି—"ହେ ଇଂଦ୍ର, ତୁଂଭେହିଁ ଅଗ୍ନି, ତୁଂଭେହିଁ ମରୁତ୍ ଇତ୍ୟାଦି ।" ପୁଣି କେତେବେଳେ କହୁଛଂତି—"ହେ ଏକ ପୁରୁଷ, ତୁଂଭେହିଁ ଇଂଦ୍ର ଅଗ୍ନିରୂପରେ ପ୍ରକାଶ ପାଉଅଛ ।"

ଏହିପରି ବିଶ୍ୱସତ୍ତାଂକର ଅପୌରୁଷେୟ ଆତ୍ମବିକାଶ କାହାରି ବୁଦ୍ଧିର ଖେଳ ନୁହେ; ତତ୍ତ୍ୱର ବିଶ୍ଳେଷଣ ନୁହେ । ଏ ସତ୍ୟ, ବାସ୍ତବ ଜଗତରେ ଅନୁଭୂତ ଓ ସଂଭୋଗ ମଧ୍ୟରେ ପ୍ରକଟିତ । ମାନବ ଅଂତରରେ ଏହି ଶକ୍ତି—ବିଶ୍ୱ ଜଗତ୍‌ରେ ଏହି ଶକ୍ତି । ସଂଭୋଗଜନିତ ଏହି ଶକ୍ତିର ଆଘାତ ପ୍ରତିଘାତରେ ବ୍ୟକ୍ତିତ୍ୱର ବିକାଶ । ବ୍ୟକ୍ତି ଅନୁଭୂତିରେ ଏହି ଶକ୍ତିର ସ୍ଥିତି-ଲୀଳା । ସମସ୍ତ ବିଶ୍ୱକ୍ରିୟା ଯେପରି କି ଗୋଟିଏ ମହାଶକ୍ତିର ଲୀଳା-ଭୂମି । ଏଥିରେ ନୀରସ ଆଦର୍ଶର ଉପାସନା ନାଇ, କି ଅତୀଂଦ୍ରିୟର ପ୍ରହେଳିକା ନାଇ । ବିଶ୍ୱକ୍ରିୟାର ଆଦର ଓ ଜୀବନ ସଂଭୋଗର ପ୍ରେରଣାରେହିଁ ଏ ମହାଭାବର ଆଦିମ ଅଭିବ୍ୟକ୍ତି । ଦେବତାମାନେ ମାନବର ସହଚର । ବିଶ୍ୱସତ୍ତାର ବିକାଶ ମାନବାତ୍ମାର ସମଧର୍ମା, କିଛି ଭେଦ ନାଇ । ସଂଭୋଗ ମଧ୍ୟ ଶୁଦ୍ଧ, ସରଳ, ନିରବକାଶ । କୌଣସିଠାରେ ବିଶୃଙ୍ଖଳ ଆବିଳତା ବା ସଂଭୋଗ କ୍ରିୟାରେ ଅବଚ୍ଛେଦ ନାଇ । ଏହି ସଂଭୋଗ ଓ ଅଜ୍ଞାତ ବିଶ୍ୱ-ପ୍ରାଣତାହିଁ ଆର୍ଯ୍ୟ ଜୀବନର ବୀଜ । ଏହାର ବିକାଶ ପରଂପରାରେ ଆର୍ଯ୍ୟ ଜୀବନର କ୍ରମ ପରିଣତି ନିରବଚ୍ଛିନ୍ନ ଭାବରେ ଦେଖିବାକୁ ହେବ ।

ବେଦ ସଂଗେ ସଂଗେ ଯାଗାଦି କ୍ରିୟା କାଂଡର ସଂବଂଧ । ସମସ୍ତ ଯାଗାଦି କ୍ରିୟାକାଂଡ ଏହି ଜୀବନସଂଭୋଗ ଓ ଏହି ଉପଲବ୍ଧିର ଆନଂଦରୁ

ବାହାରିଅଛି । ବିଶ୍ୱ ସଂସାର ସଂଭୋଗମୟ । ଦେବତା ଏହି ସଂଭୋଗମଧ୍ୟରେ ବିରାଜିତ । ଦେବତା ମହାଶକ୍ତି । ତାଙ୍କର ସଂଭୋଗ ଓ ଆହ୍ଲାଦ ବିଧାନ କରିବା ମାନବର କର୍ତ୍ତବ୍ୟ । ସେ ମାନବର ସଂଭୋଗ ବିଧାନ କରନ୍ତି; ମାନବର ସହଚର ରୂପେ ବିରାଜିତ ଅଛନ୍ତି; ବିଶ୍ୱ ସଂସାରର ସଂଭୋଗ ଲୀଳାରେ ଆତ୍ମନିୟୋଗ କରି ରହିଛନ୍ତି । ତାଙ୍କର ଅର୍ଚ୍ଚନା, ତାଙ୍କଠାରେ ବଳିଦାନ, ତାଙ୍କ ସଂଗେ ପାନ ଭୋଜନରେ ମାନବର ଆନନ୍ଦହେଲା । ସେଥିରୁ କ୍ରମଶଃ ନାନା ଅନୁଷ୍ଠାନ ଓ କ୍ରିୟାକାଣ୍ଡ ବାହାରିଲା । ସାମାନ୍ୟ ଅତିଥିର ଚର୍ଚ୍ଚାରେ କେତେ କ୍ରିୟାକାଣ୍ଡ ସମାଜରେ ପ୍ରକାଶ ପାଉଅଛି । ମହାଶକ୍ତିମୟ ପୁରୁଷ, ଦେବତା ଯେତେବେଳେ ଅତିଥି, ସେତେବେଳେ ଆମନ୍ତ୍ରଣ, ଶିଷ୍ଟାଚାର, ଆଦର, ମର୍ଯ୍ୟାଦା ପ୍ରଭୃତିର ବିଧାନସବୁ କିପରି ହେବ, ତାହା ସହଜରେ ଅନୁମେୟ; ପୁଣି କ୍ରିୟାକାଣ୍ଡ ଏହି ଭାବର କିପରି ସ୍ୱଭାବ ଫଳ, ତାହା ବୁଝାଇବା ନିଷ୍ପ୍ରୟୋଜନ । ପରନ୍ତୁ ସର୍ବତଃ ଏହା ସଂଭୋଗର ପ୍ରସାର ମାତ୍ର । ଏଥିରେ ଦେବତା ମାନବ ଦୁହେଁ ସଂଭୋଗରେ ସମଭାଗୀ । ବାସ୍ତବ ବିଶ୍ୱର ଉପଭୋଗରେ ଆନନ୍ଦ ଲାଭ କରିବାର ଏହା ଚରମ ସୀମା । ଏଠାରେ ମାନବର ଆତ୍ମପ୍ରତ୍ୟୟ ଦୃଢ଼ । ସରଳ ଆତ୍ମଭାବ ସ୍ୱାଭାବିକ ଓ ପ୍ରଶସ୍ତ । ତେଣୁ ଦେବତା ମାନବର ଅତିଥି; ତେଣୁ ଦୁହିଁଙ୍କର ସମଭୋଗ୍ୟ ବସ୍ତୁ ବିଶ୍ୱସଂସାର ।

ଏହା ସଂଭୋଗରେ ବିକାଶ । ଏଥିରେ କ୍ରମେ ଆତ୍ମବୋଧ ଓ ଆତ୍ମପ୍ରତ୍ୟୟ ବିକଶିତ ହେବାର କଥା । ଏହିଠାରେ ବିଶ୍ୱକ୍ରିୟାରେ "ଜଗତ ମୋଠାରୁ ଅପର", ଏହି ଜ୍ଞାନ ପ୍ରକାଶ ପାଇବ । ସଂଭୋଗ ହୁଏତ କ୍ରମେ ସ୍ୱପ୍ନ ହେବ । ଏ ଶକ୍ତି କିଏ ? ଏ ତ ମୋଠାରୁ ଭିନ୍ନ, କିନ୍ତୁ ପୁଣି ସଂଭୋଗର ଆହ୍ଲାଦରେ ମୋ ଭିତରେ କିପରି ? ଏହାରି ସଂଗେ ସଂପର୍କରେ ଆସି ତ ମୁଁ ସଂଭୋଗରେ ବିହ୍ୱଳ । ସଂଭୋଗର ଆହ୍ଲାଦରେ ଏ ଶକ୍ତି ଯେ ମୋ ଭିତରେ ଏକ, ଅଖଣ୍ଡ, ଅଭିନ୍ନ, ଅନନ୍ତ; ଏ ଶକ୍ତି ତେବେ କଅଣ ? ମୁଁ ତ ଅବସ୍ଥବିଶିଷ୍ଟ, ସାନ୍ତ । ବିଶ୍ୱର କ୍ରିୟାରାଶି ତ ସେହିପରି ସାନ୍ତ ଓ ସୀମାବନ୍ତ । ଏ ଅନନ୍ତ କି ବସ୍ତୁ ? ଏହିଠାରେ ବ୍ୟକ୍ତିତ୍ୱର ପରିଣତି ସଂଗେ ଚିନ୍ତାର ବିକାଶ; ଦ୍ୱୈତ ଅଦ୍ୱୈତର ସଂଗ୍ରାମ । ସତ୍ୟ ଏହିଠାରେ ବେଳେ ବେଳେ ସ୍ୱପ୍ନ ଓ ସ୍ୱପ୍ନ ପୁଣି ସତ୍ୟ; ବାସ୍ତବ, ପ୍ରହେଳିକା ଓ ପ୍ରହେଳିକାହିଁ ଭୋଗ୍ୟ । ଉପନିଷଦ୍‌ରେ ଋଷିଙ୍କଠାରେ ଏହି ଭାବର ସୂଚନା ଓ ଆଦି ବିକାଶ । ଦର୍ଶନମାନଙ୍କରେ ଏହି ଭାବ, ଏହି ସ୍ୱପ୍ନ ସତ୍ୟର ଆଲୋଚନା ଓ ବିଶ୍ଳେଷଣ; ଧର୍ମମତ ଓ ସାଧନାରେ ପୁଣି ଏହି ବିଶ୍ଳେଷଣ-ଫଳର ସଂଭୋଗ; ସ୍ୱପ୍ନରେ ବାସ୍ତବ୍ୟତାର ଧାରଣା ଏବଂ ବାସ୍ତବ କ୍ରିୟାରାଶି ମଧ୍ୟରେ କର୍ତ୍ତବ୍ୟର ନିର୍ଦ୍ଧାରଣ ।

ଉପନିଷଦ୍‌ଗତ ଏହି ସ୍ୱପ୍ନ ସତ୍ୟର ଆତ୍ମିକ ଅବବୋଧ, ବେଦାନ୍ତର ବିଶ୍ଳେଷଣରେ ଚରମ ସୀମା ଲଭିଅଛି । ବାହ୍ୟ ଜଗତର ଅନ୍ତରାଳରେ ମାନବ ଅଜ୍ଞାତ-ଭାବରେ ଯେଉଁ ବିଶ୍ୱସତ୍ତା ଅନୁଭବ କରୁଥିଲା, ବେଦାନ୍ତର ସୂକ୍ଷ୍ମ ତର୍କରେ ବିଭିନ୍ନ କ୍ରିୟା-ସମନ୍ୱିତ, ଭୋଗ୍ୟ, ବିଶ୍ୱମୟ, ବିରାଟ ଓ ଅନନ୍ତ ସେହି ମହାସତ୍ତାର ପ୍ରକୃତି ଓ ପ୍ରକ୍ରିୟା ପ୍ରତିପାଦିତ ହୋଇଅଛି । ସବୁ ଏକ ହୋଇ ପୁଣି ବିରାଟ ଓ ବିଭିନ୍ନ କିପରି ହେବ ? ସେଥିପାଇଁ ବିରାଟରେ ଯେଉଁ ଆପାତ-ପ୍ରହେଳିକା ଅଛି, ତାହା ଏକ ବିଶ୍ୱଶକ୍ତିର ଗୋଟିଏ ବିଭାବ ପରି ପ୍ରକଟିତ ହୁଏ । ଏଥିରେ ସତ୍ୟରେ ସ୍ୱପ୍ନ ଥିଲା ପରି ଲାଗୁଅଛି; କିନ୍ତୁ ସେ ସ୍ୱପ୍ନରେ ବାସ୍ତବ ଅସତ୍ୟ ବୋଲି ପରିତ୍ୟକ୍ତ ହୋଇ ନାହିଁ । ଏହି ବାସ୍ତବହିଁ ବ୍ରହ୍ମ; ଅନୁଭୂତିହିଁ ସତ୍ୟ; ସଂଭୋଗହିଁ

ସାଧନା । ଏହାହିଁ ବେଦାଂତର ଅଦ୍ୱୈତବାଦ ଓ କର୍ମ ଯୋଗର ନିସ୍ପୃ; ଏହାହିଁ ଆର୍ଯ୍ୟ-ଦର୍ଶନର ଶ୍ରେଷ୍ଠ ଉପଦେଶ । ବିଶ୍ୱ-ବ୍ରହ୍ମାଂଡ ବା ମାନବଜୀବନ ମରୀଚିକା ନୁହେ । ସତ୍ୟରେ ଏହାର ସ୍ଥିତି; ସତ୍ୟର ବିକାଶରେ ଏହାର ଗତି ଓ ପରିଣତି । ଏହା ଭ୍ରମପରି ହେଲେହେଁ, ସତ୍ୟର ଭ୍ରମ । ଏହି ଭ୍ରମର ମର୍ମେ ମର୍ମେ ସାର ସତ୍ୟ ଓ ଶ୍ରେଷ୍ଠ ତତ୍ତ୍ୱ ନିହିତ ଅଛି । ଏହି ଭ୍ରମ ମଧ୍ୟରେ କର୍ମ ସାଧନାର ଲୀଳା ଓ ସତ୍ୟ ଲାଭର ଉତ୍କୃଷ୍ଟ ପଂଥା । ଭ୍ରମ ବୋଲି କ୍ରିୟା କଦାପି ପରିତ୍ୟାଜ୍ୟ ନୁହେ । କର୍ତ୍ତବ୍ୟ ବୋଧରେ କ୍ରିୟା ସଂଭୋଗ କରି, ସେହି କ୍ରିୟାରାଶି ମଧ୍ୟରେ ସତ୍ୟ ଲାଭ କରିବାକୁ ହେବ । ସତ୍ୟ ଅନ୍ୟତ୍ର ନାଇ ।

ଜୀବନର ସମୁଚିତ କର୍ମ-ସଂଭୋଗହିଁ ବେଦାଂତର ସାଧନା । ଏହି ସଂଭୋଗର ତୃପ୍ତିରେ ମୁକ୍ତି । ଦୁଃଖ-ଜ୍ଞାନରେ ସେ ତୃପ୍ତି ସଂଭବ ପାରେ ନାଇ । ତେଣୁ ବିଧାତାଂକ ଦାନରେ, ମାନବର କର୍ତ୍ତବ୍ୟ ବା କର୍ମ ସଂଭୋଗରେ ଦୁଃଖ ନାଇ । ଯାହା ଦୁଃଖ ବୋଲି ଅନୁଭୂତ ହୁଏ, ସେ ମଧ୍ୟ ବିଶ୍ୱକ୍ରିୟାର ଅଂଗ; ସେ ମଧ୍ୟ ସଂଭୋଗର ସାମଗ୍ରୀ । ଦୁଃଖଜ୍ଞାନ କେବଳ ଗୋଟିଏ ଭ୍ରମ । ଦୁଃଖ ବୋଲି ମ୍ରିୟମାଣ ହେଲେ, ସାଧକର ପାପ ହୁଏ । ସଂଭୋଗରେ ସୁଖ ଯେପରି ସେବ୍ୟ, ଦୁଃଖ ମଧ୍ୟ ସେହିପରି । ସେଥିପାଇଁ ଦୁଃଖକୁ ସୁଖ ସଂଗେ ସମାନ ବୁଝି, କ୍ରିୟାରାଶିର ସମ-ସଂଭୋଗରେ, କର୍ତ୍ତବ୍ୟର ସାଧନାରେ ତୃପ୍ତି ଆଣିବାକୁ ହେବ । ଏହିପରି ସଂଭୋଗରେ ସତ୍ୟ ଅଭ୍ୟାସ କରିବାକୁ ହେବ । ବିଶ୍ୱକ୍ରିୟାରେ ବୃଦ୍ଧି-କ୍ଷୟ, ବିକାଶ-ବିନାଶ, ସଂଚୟ-ଅପଚୟ, ରକ୍ଷଣ-ନିଧନ ନିର୍ବିକଳ୍ପ ଭାବରେ ଚାଲିଅଛି । ଅବିଚଳିତ ଚିତ୍ତରେ ବିଶ୍ୱକ୍ରିୟାର ଏହି ନିର୍ବିକଳ୍ପ ବିଧାନ ସାଦୃଶ୍ୟରେ କର୍ତ୍ତବ୍ୟ ପାଳନ କରି, ତୃପ୍ତିରେ ଜୀବନ-ଭୋଗ ସାଂଗ ଓ ସମାପ୍ତ କରିବାକୁ ହେବ । ଏହାହିଁ ଆନଂଦ, ଏହାହିଁ ଜ୍ଞାନ, ଏହାହିଁ ସତ୍ୟ । ଏଥିରେହିଁ ମୁକ୍ତି ।

ବେଦାଂତର ବିକଶିତ ବ୍ରହ୍ମ ଭାବରେ ଜଗତ୍ ଅବାସ୍ତବ ନୁହେ; ସଂଭୋଗ କଦାପି ସ୍ୱପ୍ନ ନୁହେ । ସତ୍ୟରେ ସ୍ୱପ୍ନର ଭାବ ଜାଗ୍ରତ ହେଲେ, ବାସ୍ତବରେ ଅବାସ୍ତବ ଭ୍ରମ ହେଲେ, ଭାବରେ ଅଭାବ ବୋଧ ଆସିଲେ, ପୂର୍ଣ୍ଣ ଜୀବନର ପଂଥା ଫିଟିଯାଏ । ସେଥିପାଇଁ ଆପାତ ଅଭାବ-ବୋଧ ମଧ୍ୟରେ ଅବାସ୍ତବର ସ୍ୱପ୍ନ ଓ ମାୟାର ପ୍ରହେଳିକା ଭେଦ କରି, ବେଦାଂତର ପୂର୍ଣ୍ଣ ବ୍ରହ୍ମର ବିକାଶ । ବିଶ୍ୱ ଅବାସ୍ତବ ହେଲେ, ବ୍ରହ୍ମର ଅର୍ଥ ନାଇ; ଆତ୍ମାର ସ୍ଥିତି ନାଇ । ନାମ ରୂପମୟ, ଚଳନ୍ତ, ବାସ୍ତବ ଜଗତ୍ ଯେଉଁ ବ୍ରହ୍ମର ବିକାଶ, ସେଥିରେ ଅବାସ୍ତବ କଣ ଅଛି ? ସ୍ୱପ୍ନ ବା କଣ ଅଛି ? ମାୟା, ମିଥ୍ୟା, ସ୍ୱପ୍ନ ପ୍ରଭୃତି ଶଂକାର ବିଶ୍ଳେଷଣରେ ବ୍ୟବହୃତ ହୋଇଅଛି ମାତ୍ର; କିଂତୁ ଜ୍ଞାନର ପୂର୍ଣ୍ଣତାରେ, ସତ୍ୟର ଧାରଣା ହେଲେ, ବାସ୍ତବ୍ୟତାରେ ବିମୁଖତା ନାଇ । କର୍ତ୍ତବ୍ୟର ଅବଲଂବନହିଁ ଶ୍ରେଷ୍ଠତମ ବ୍ରହ୍ମସାଧନା ବୋଲି ସ୍ୱୀକୃତ ହୋଇଅଛି । ବାସ୍ତବ ବିଶ୍ୱ ଯେ ସତ୍ୟ, ତାହା ଆର୍ଯ୍ୟର ଜୀବନସ୍ମୃତି ଓ ଜୀବନକ୍ରିୟାରେ ସ୍ପଷ୍ଟ ପ୍ରତିଭାତ ହୋଇଅଛି । କର୍ତ୍ତବ୍ୟ ତାହାର ଅପରିହାର୍ଯ୍ୟ । ତାହାର ନୈତିକତା ବୈଷୟିକତାରେ ପୂର୍ଣ୍ଣ । ତେବେ ହୋଇପାରେ, ବୈଷୟିକ ସୁଖ ଦୁଃଖରେ ଅଧୀର ବା କାତର ହେଲେ, ବିଷୟ ସଂଭୋଗରେ ତୃପ୍ତି ନାଇ; ଜୀବନରେ ସଂତୋଷ ନାଇ; ଆତ୍ମାର ଆନଂଦ ନାଇ । ସେଥିପାଇଁ ସୁଖ ଦୁଃଖ ସବୁକୁ ସତ୍ୟମୟ ସଂଭୋଗ୍ୟ ବିଶ୍ୱର ବିଭାବ ବୋଲି ସ୍ୱୀକାର କରି, ଆର୍ଯ୍ୟ ସବୁଥିରେ ସମ-ଭାବ ଆଣିବାକୁ ଜୀବନର ଶାନ୍ତି ଓ ଅଭ୍ୟାସ କରିଅଛି । ସେଥିରେ ସଂଭୋଗ ହ୍ରସ୍ୱ ଓ ନୀରସ ନ ହୋଇ, ବରଂ ଉନ୍ନତ ଓ ସରସ ହୋଇଅଛି । ଅତୃପ୍ତ ଜୀବ ସଂସାର-କର୍ମରେ

ତୃପ୍ତିର ଆଶା ପାଇ, ଆହ୍ଲାଦରେ ପରିପ୍ଲୁତ ହୋଇଅଛି । ସଂଘୋଗ, ଦୁଃଖରେ ଅବଚ୍ଛିନ୍ନ ନ ହୋଇ, ଆନଂଦରେ ପର୍ଯ୍ୟବସିତ ହୋଇଅଛି । ଫଳରେ ଆର୍ଯ୍ୟ ଜୀବନ ସରଳ ସଂଯୋଗ-ବୀଜରୁ ବିକାଶ ପାଇ, ଜ୍ଞାନର ବିଶ୍ଳେଷଣର ପ୍ରତିଘାତ ହେଲେ, ସେହି ସଂଯୋଗ ସାଧନାରେ ଦୁଃଖର ଆବିଳତା ଅତିକ୍ରମ କରି, ବିଶ୍ୱ ଜଗତର ସରସ ଆଶାମୟ ଜୀବଂତ ଅନୁଭୂତିରେ ଜୀବନର ସାର ସତ୍ୟ ଫୁଟାଇଅଛି; ସଂଯୋଗମୟ ବିଶ୍ୱ-ଜଗତର ନିର୍ବିକଳ୍ପ ବିଶ୍ୱଶକ୍ତି ଅନୁଭବ କରି, ଅନଂତ ଆତ୍ମପ୍ରସାରଣ ସ୍ଫୂର୍ତ୍ତିରେ ଜୀବନର ସାରସତ୍ୟ ଦେଖିଅଛି । ଅତଏବ,ଏହି ସଂଯୋଗରେ ଆର୍ଯ୍ୟ-ଜୀବନର ଉତ୍ପତ୍ତି; ଏହାର ବିକାଶରେ ଆର୍ଯ୍ୟ-ଜୀବନର ବ୍ୟାପ୍ତି ଓ ଏହାର ସ୍ଥିର ଅନୁଭୂତିରେ ଆର୍ଯ୍ୟ-ଜୀବନର ପରିଣତି ।

---

## ତୃତୀୟ ଅଧ୍ୟାୟ

## ଆର୍ଯ୍ୟ ଜୀବନର ଅଧିଷ୍ଠାନ—ଧର୍ମ

ଆଜକାଲି ଧର୍ମ କଥାଟା ଲୋକେ ବଡ଼ ସାଧାରଣ ଭାବରେ ବୁଝୁଛଂତି । ଇଂରେଜୀରେ Religion (ରିଲିଜନ୍) କହିଲେ ଯାହା ବୁଝାଯାଏ, ଧର୍ମ କହିଲେ ଆଜି ଏ ଦେଶର ପାଠପଢ଼ୁଆ ଲୋକେ ପ୍ରାୟ ତାହାହିଁ ବୁଝଂତି । ଖ୍ରୀଷ୍ଟ ଧର୍ମ, ମୁସଲମାନ ଧର୍ମ, ଜୈନ ଧର୍ମ, ବୌଦ୍ଧ ଧର୍ମ—ଏ ସବୁ କଥାରେ ଧର୍ମ ଶବ୍ଦଟି ସେହି ଅର୍ଥରେ ବ୍ୟବହୃତ ହୋଇଅଛି । ସେ ଅର୍ଥରେ ଧର୍ମ କହିଲେ, ଈଶ୍ୱର, ଆତ୍ମା ଓ ବିଶ୍ୱ ନିୟମ ସଂବଂଧରେ କେତେଗୁଡ଼ିଏ ମତବାଦ ମାତ୍ର; ସତ୍ୟ ବା ତତ୍ତ୍ୱ ଅନ୍ୱେଷଣରେ କେତେଗୁଡ଼ିଏ ବୁଦ୍ଧିର ଖେଳ । ସେହି ବୁଦ୍ଧିର ଖେଳ ସଂଗେ କେତେଗୁଡ଼ିଏ କ୍ରିୟା ବା ଅନୁଷ୍ଠାନର ପଦ୍ଧତି ମଧ୍ୟ ଯୋଡ଼ା ହୋଇଥାଏ । ସେହି ସେହି ମତ ଯେଉଁମାନେ ମାନଂତି, ସେହି ସେହି ପଦ୍ଧତି ଯେଉଁମାନେ ପାଳଂତି ସେମାନେ ସେହି ସେହି ଧର୍ମର ଲୋକ ବୋଲି ପରିଚିତ ।

ତାହାରି ଅନୁକରଣରେ 'ହିନ୍ଦୁ ଧର୍ମ' ବୋଲି କଥାଟି ସେହିପରି କୌଣସି ଅର୍ଥର ଆରୋପରେ କିଛି ଦିନ ହେଲା ଚଳି ଆସୁଅଛି; କିଂତୁ ଆର୍ଯ୍ୟମାନେ ଧର୍ମ ଶବ୍ଦକୁ କେବେ ସେ ଅର୍ଥରେ ବ୍ୟବହାର କରି ନାହାଂତି । ସୃଷ୍ଟିର ମୂଳ ପଦାର୍ଥ ବା ଈଶ୍ୱରାଦି ବିଷୟକ ମତବାଦ ଆର୍ଯ୍ୟର ଧର୍ମ ନୁହେ । ଧର୍ମର ଧାରଣା ଆର୍ଯ୍ୟର ଦୃଢ଼, ସ୍ଥିର ଓ ନିତ୍ୟ । ଧର୍ମ ମାନବ ଜୀବନର ପ୍ରକୃତି । ଏହା ମାନବର ମାନବତ୍ୱ ।

ନାନାପ୍ରକାର ମତବାଦ ଆର୍ଯ୍ୟଜୀବନରେ ବିକାଶ ପାଇଚି ସତ; କିଂତୁ ଏସବୁ ମତବାଦରୁ ଧର୍ମ ବାହାରି ନାଇ । ବରଂ ଏସବୁ ମତବାଦ ସେହି ଧର୍ମ-ଧାରଣା ବୁଝିବାର, ବ୍ୟାଖ୍ୟା କରିବାର, ସତ୍ୟ ଅନୁସଂଧାନ କରିବାର ଚେଷ୍ଟାରୁ ଜାତ । ଯେଉଁ ସତ୍ୟର ବ୍ୟାଖ୍ୟା ଅନୁସଂଧାନ କରାଯିବ, ସେ ସତ୍ୟ କିଂତୁ ସ୍ଥିର । ବୁଦ୍ଧିର ଖେଳରେ ତାହାର ପରିବର୍ତ୍ତନ ନାଇ । ଯେ କୌଣସି ମତ-ବାଦରେ ସତ୍ୟର ଅପଲାପ ନାଇ; ଧର୍ମ-ଧାରଣାର ଇତର ବିଶେଷ ନାଇ ।

ଆଧ୍ୟାତ୍ମିକ ଆର୍ଯ୍ୟର ଧର୍ମ ସନାତନ । ଏହା ଚିରକାଳ ଈଶ୍ୱର ପରି ଏକ ରୂପ, ବିଶ୍ୱ ପରି ବିସ୍ତୀର୍ଣ୍ଣ ଓ ସାରା ସୃଷ୍ଟି ପରି ନିତ୍ୟବିକାଶରେ ନିୟମିତ । ବିଧାତା ଅପୌରୁଷେୟ ବେଦରେ ଧର୍ମତତ୍ତ୍ୱ ମାନବ ପାଇଁ ରଖି ଦେଇଅଛଂତି । ବରଂ ଆର୍ଯ୍ୟ କହେ, "ନହି କଶ୍ଚିଦ୍ ବେଦ କର୍ତ୍ତା, ସ୍ମର୍ତ୍ତାଽସ୍ୟ ପ୍ରଭୁରୀଶ୍ୱରଃ ।" ଅର୍ଥାତ୍ ବେଦର କେହି କର୍ତ୍ତା ନାଇ । ଈଶ୍ୱର କେବଳ ତାହା ସ୍ମରଣ କରି ଅଛଂତି ମାତ୍ର । ଈଶ୍ୱର ଯେପରି ସନାତନ, ବେଦ ମଧ୍ୟ ସେହିପରି । ଈଶ୍ୱର ସୃଷ୍ଟିର

କାରଣ; ବେଦରେ ସେହି ସୃଷ୍ଟିର ନିୟମ । ଏହି ସୃଷ୍ଟି ନିୟମହିଁ ଧର୍ମ । ଏହା ଅକାଟ୍ୟ ଓ ସ୍ଥିର । ଈଶ୍ୱର ମଧ୍ୟ ଏହାର ପରିବର୍ତ୍ତନ କରି ପାରିବେ ନାହିଁ, ଅର୍ଥାତ୍ କରିବେ ନାହିଁ । କଲେ ସୃଷ୍ଟି ନିୟମର ବ୍ୟଭିଚାର ହେବ; ବିଶ୍ୱ-ଶୃଂଖଳାରେ କିଛି ମାତ୍ର ରହିବ ନାହିଁ ।

ସନାତନ ବିଶ୍ୱ-ଶୃଂଖଳାରେ ଆର୍ଯ୍ୟର ପରମ ବିଶ୍ୱାସ । ତାହାର ବିଶ୍ୱାସ, ନିର୍ବିକଳ୍ପ ଭଗବାନ୍ ତଥା ତାଂକର ବିଶ୍ୱ ନିୟମ ସବୁ ଏକ ଓ ନିର୍ଦ୍ଦିଷ୍ଟ । ସେଥିରେ ସାଂତ-ମାନବ-ବୁଦ୍ଧି-କଳ୍ପିତ ବିକାର ବା ସଂସ୍କାର ନାହିଁ । ଈଶ୍ୱର ତଥା ଧର୍ମ ସତ୍ୟ ବା ସତ୍ୟ । ମାନବ ନିଜର ସ୍ୱାଧୀନ ବୁଦ୍ଧି ବଳରେ ସେହି ସତ୍ୟର ବ୍ୟାଖ୍ୟା ମାତ୍ର କରୁଅଛି । ତେଣୁ ଆପାତତଃ ଭିନ୍ନ ଭିନ୍ନ ମତବାଦ । ମନୁଷ୍ୟର ବୁଦ୍ଧି ଓ ଅଧିକାର ଅନୁସାରେ ତାହାର ତାରତମ୍ୟ । ଫଳରେ ଧର୍ମର ବ୍ୟାଖ୍ୟା, ଈଶ୍ୱର-ତତ୍ତ୍ୱ ଓ ବିଶ୍ୱ ନିୟମାଦିର ଆଲୋଚନା ବିଷୟରେ ଆର୍ଯ୍ୟସଂତାନ ସ୍ୱାଧୀନ । ସ୍ଥିର ଧର୍ମ ସାବ୍ୟସ୍ତ କରିବାରେ ଆର୍ଯ୍ୟ ବ୍ୟକ୍ତିଗତ ମତରେ ପରିଚାଳିତ ହୋଇପାରେ । ସେଠାରେ ବ୍ୟକ୍ତିଗତ ମତ ଛଡ଼ା ତାର ଆଉ କିଛି ଉପାୟ ନାହିଁ । ସେଥିପାଇଁ ସେ ବ୍ୟକ୍ତିଗତ ମତରେ କେହି ବାଧା ଦିଅଂତି ନାହିଁ ।

ପୃଥିବୀରେ ଆଉ ଯେଉଁ ସବୁ ଧର୍ମ ଅଛି, ସେଥିରେ ଏହି ମତବାଦହିଁ ଧର୍ମର ସର୍ବସ୍ୱ । ସେଠାରେ ଏହି ମତବାଦକୁହିଁ ଧର୍ମ କହଂତି । ଜଣେ ଜଣେ ଲୋକର ମତବାଦ ଧର୍ମ ନାମରେ ପ୍ରଚଳିତ ହୋଇଅଛି । ତେଣୁ ସେ ମତବାଦରେ ଅନ୍ୟର ସମାଲୋଚନାର ଅଧିକାର ନାହିଁ । ସମାଲୋଚନାରେ ଅନ୍ୟ ମତବାଦ ପ୍ରକଟିତ ହେବା ସ୍ୱାଭାବିକ । ତାହାହେଲେ ସେ ଅନ୍ୟ ଧର୍ମ ବୋଲି ବିବେଚିତ ହେବ । ଧର୍ମର ନିର୍ଦ୍ଦିଷ୍ଟ ମତବାଦରେ ବିଶ୍ୱାସ ଥାଉ ବା ନ ଥାଉ, ବିଶ୍ୱାସ ଅଛି ବୋଲି କହିବାକୁ ସେମାନେ ବାଧ୍ୟ । ସେ ଧର୍ମମାନଂକରେ ମନୁଷ୍ୟର ସ୍ୱାଧୀନ ଚିଂତାର ତାଦୃଶ ଅବକାଶ ନାହିଁ । ମନୁଷ୍ୟ ସ୍ୱାଧୀନ ଚିଂତା ବା ସ୍ୱାଧୀନ ଆଲୋଚନା ପ୍ରକାଶ କଲେ, ସେ ଏକ ପ୍ରକାର ବିଧର୍ମୀ ବୋଲି ବିବେଚିତ ହୁଏ ।

ପୂର୍ବେ ସେଥିପାଇଁ ଖ୍ରୀଷ୍ଟାନ୍ ଓ ମୁସଲମାନ ଧର୍ମରେ ଏହିପରି କେତେ ସ୍ୱାଧୀନଚେତା ଲୋକ ବ୍ୟକ୍ତିଗତ ମତ ପ୍ରକାଶ କରି, ବିଧର୍ମୀ ବୋଲି ପୋଡ଼ା ହୋଇ ଅଛଂତି, ଶୂଳୀ ପାଇ ଅଛଂତି, ବାଣ ଖାଇ-ଅଛଂତି ଓ ଜେଲରେ ମରିଅଛଂତି । କୌଣସି ପ୍ରକାରେ ସ୍ୱାଧୀନ-ମତ ସହିବା ସେ ସବୁ ଧର୍ମର ପ୍ରକୃତି ନୁହେ । ତେଣୁ ସେ ସବୁ ଧର୍ମ ସ୍ୱାଧୀନ-ମତ ସହି ନାହିଁ । ଏପରି କି, ଇଟାଲୀର ଗାଲିଲିଓ କହିଥିଲେ, "ପୃଥିବୀ ଗୋଲ ଓ ତାହା ସୂର୍ଯ୍ୟ ଚାରିପାଖେ ବୁଲୁଅଛି ।" ଏହା କୌଣସି ଧର୍ମ-ମତ ନୁହେଁ; ତଥାପି ଏହି ବ୍ୟକ୍ତିଗତ ସ୍ୱାଧୀନତାଟିକି ଦେଖି, ଧର୍ମାଧ୍ୟକ୍ଷ ପୋପଂକର କୋପ ହେଲା । ଫଳରେ ମନୀଷୀବର ଗାଲିଲିଓ ଜେଲ୍‌ରେ ରହି ପ୍ରାଣ ହରାଇଲେ ।

ଏହିପରି ଉଦାହରଣମାନ ସେ ଦେଶମାନଂକରେ କେତେ ମିଳିବ; କିଂତୁ ବ୍ୟକ୍ତିଗତ କୌଣସି ମତ ନିମଂତେ; ପବିତ୍ର ଆର୍ଯ୍ୟଭୂମି ଭାରତବର୍ଷରେ ଧର୍ମ ନାମରେ ଏପରି ନରହତ୍ୟା କେବେ ହୋଇ ନାହିଁ । ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତ ପ୍ରଭୃତି ନାନା ମତରେ ଧର୍ମ ବ୍ୟାଖ୍ୟା ହୋଇଅଛି । ନାନା ଦେବ-ଦେବୀ ଓ ମହାପୁରୁଷ ନାମରେ ଶାଖାମତସବୁ ପ୍ରଚଳିତ ହୋଇ ଅଛି । କାହାରି କାହାରି ବିରୋଧ ବୋଲି ଆର୍ଯ୍ୟ କେବେ ଭାବି ନାହିଁ । ସମସ୍ତେ ଏକ, ନିର୍ଦ୍ଦିଷ୍ଟ, ସନାତନ ଆର୍ଯ୍ୟଧର୍ମର ବ୍ୟାଖ୍ୟା, ପୁଣି ସେହି ଏକ ଧର୍ମର ଅଂଗୀଭୂତ ବୋଲି ସ୍ୱୀକୃତ ହୋଇଅଛଂତି । ଏ ସମସ୍ତ ମତବାଦ ମଧ୍ୟରେ ଏକ ଧର୍ମର ଅପଳାପ

ନାହିଁ । ଏଠାରେ କେବଳ ବୌଦ୍ଧ ଧର୍ମ ସଂବଂଧରେ ସଂଦେହ ହୋଇପାରେ । ତାହା ଆର୍ଯ୍ୟଧର୍ମର ଏକପ୍ରକାର ବ୍ୟାଖ୍ୟା ହେଲେ ମଧ୍ୟ, ବେଦ-ବିଶ୍ୱାସର ବିରୋଧୀ । ବେଦର ସନାତନ ନିତ୍ୟ ଧର୍ମର ବ୍ୟାଖ୍ୟା ପରି ବୌଦ୍ଧଧର୍ମ ପ୍ରସ୍ଥାପିତ ହୋଇ ନ ଥିଲା । ଏଥିରେ ଈଶ୍ୱର ଓ ଆତ୍ମା ପ୍ରଭୃତିର ଧାରଣା ସନାତନ ଆର୍ଯ୍ୟଧର୍ମର ଧାରଣା ସଂଗେ ସଂପୂର୍ଣ୍ଣ ଏକ ନ ଥିଲା । ସେଥିପାଇଁ ତାହା ଆର୍ଯ୍ୟଧର୍ମର ଅଂଗୀଭୂତ ବୋଲି ଗୃହୀତ ହୋଇ ନାହିଁ । ମାତ୍ର ଏହା ହେଲେ ମଧ୍ୟ, ମତବାଦର ବିରୋଧ ବୌଦ୍ଧଧର୍ମ ସଂବଂଧରେ ସୁଦ୍ଧା ଏ ଦେଶରେ ତାଦୃଶ ଦେଖାଯାଇ ନାହିଁ । ଏଗାର ଶହ ବର୍ଷ ବୌଦ୍ଧଧର୍ମ ଏ ଦେଶରେ ପ୍ରବଳ ଥିଲା । ସେଥିରେ ମଧ୍ୟ ହଣାହଣି, ରକ୍ତପାତ, ଅଂତର୍ବିବାଦ କିଛି ନାହିଁ । ହୁଣ, ସିଥିଆନ୍, ମୋଗଲ, ମୁସଲମାନ କେତେ ଅନ୍ୟଧର୍ମୀମାନେ ଏ ଦେଶକୁ ଆସିଅଛଂତି; କିଂତୁ ଆର୍ଯ୍ୟ ସେ ସମସ୍ତ ଧର୍ମକୁ ଗୋଟିଏ ଗୋଟିଏ ମତବାଦ ବୋଲି ବିଚାରିଅଛି । କାହିଁରେ ସ୍ଥିର ଧର୍ମର ଅପଲାପ ହୋଇଅଛି ବୋଲି ସେ ମନେ କରି ନାହିଁ । ସେଥିପାଇଁ ଆର୍ଯ୍ୟଭୂମିରେ ଧର୍ମ ବିବାଦର ଉପଦ୍ରବ କେବେ ଦେଖା ନାହିଁ । ମୁସଲମାନ ଥରେ ତରବାରି ଦେଖାଇ, ନିଜ ଧର୍ମ ମତାଇଅଛଂତି; କିଂତୁ ଧର୍ମ ନାମରେ ମତବାଦ ଘେନି, କୋପ ବା ଦ୍ୱେଷ କରିବା କଥା ଆର୍ଯ୍ୟ କେବେ ଭାବି ନାହିଁ । ଚୈତନ୍ୟ ଆଦି ମହାତ୍ମାମାନେ ସ୍ଥିର-ଆର୍ଯ୍ୟଧର୍ମ ମଧ୍ୟରେ ମୁସଲମାନର ଧର୍ମକୁ ମଧ୍ୟ ମତବାଦର ବ୍ୟାଖ୍ୟା କରାଇ ସ୍ପଷ୍ଟ ବୁଝାଇ ଅଛଂତି । ସେମାନେ ସନାତନ ଆର୍ଯ୍ୟ ଧର୍ମର ସାମ୍ୟ ବାଦରେ ପୃଥିବୀ ଜିଣିବାର ପ୍ରୟାସ କରି ଅଛଂତି । ଧର୍ମ ନାମରେ ଅଧର୍ମ କରିବା ଆର୍ଯ୍ୟଧର୍ମର ପ୍ରକୃତି ନୁହେ । ନିର୍ଦ୍ଦିଷ୍ଟ ସତ୍ୟ, ଧର୍ମର ଅଧିଷ୍ଠାନ; ବିଶାଳ ପ୍ରେମ ତାହାର ପ୍ରକୃତି; ଦ୍ୱେଷ, ରୋଷ, ରକ୍ତପାତ ସଂଗେ ଧର୍ମର ଚିରବିରୋଧ; ଏହା ଆର୍ଯ୍ୟ ବୁଝିଥିଲେ; ସମସ୍ତ ମତବାଦର ସ୍ୱାଧୀନତା ମଧ୍ୟରେ ଧର୍ମର ନିତ୍ୟ ଆଦର୍ଶ ସ୍ଥିର ରଖିଥିଲେ !

ତେବେ ଏତେ ମତବାଦର ସ୍ୱାଧୀନତା ମଧ୍ୟରେ ସେ ସନାତନ ଧର୍ମ କଅଣ ? ଧର୍ମ ଶବ୍ଦର ଅର୍ଥରେ ବୁଝାଯାଏ, "ଯାହାଦ୍ୱାରା ସଂସାର ଧରା ହୋଇଅଛି ।" ଜଗତର କାରଣ ଜଗତ୍ପିତା ଏବଂ ଜଗତର ଅଧିଷ୍ଠାନ ନିମଂତେ ଯେଉଁ ସବୁ ନିୟମ, ସେ ସବୁ ଧର୍ମ ଧର୍ମ ନଥିଲେ ସଂସାର ରହଂତା ନାହିଁ । ଈଶ୍ୱର ସୃଷ୍ଟି ଏ ସନାତନ ବିଶ୍ୱ ସଂସାରରେ ପ୍ରତ୍ୟେକ ବସ୍ତୁ, ଜଂତୁ, ବ୍ୟକ୍ତିର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ, ସ୍ଥାନ ଓ ଅଧିକାର ଅଛି । ନିର୍ଦ୍ଦିଷ୍ଟ ସ୍ଥାନରେ, ନିର୍ଦ୍ଦିଷ୍ଟ ଅଧିକାରରେ, ସେହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ କରିବାକୁ ସେ ସବୁର ଧର୍ମ ଏବଂ ସେହି ଧର୍ମ ବିଶ୍ୱ-ସଂସାର ପରି ସନାତନ; ଏହା ହିଂଦୁର ବିଶ୍ୱାସ ।

ବିଶ୍ୱ-ସଂସାରର ଉଦ୍ଦେଶ୍ୟ ଯଦି ଧର୍ମ ହୁଏ, ତାହା ନିଜ ମତରେ ବଦଳାଇବା ମନୁଷ୍ୟ ପକ୍ଷରେ ଅସଂଭବ । ନତମସ୍ତକରେ ସେ ଧର୍ମ ଗ୍ରହଣ କରିବାକୁ ମନୁଷ୍ୟର ଉଚିତ । ଆର୍ଯ୍ୟ ସେ 'ଉଚିତ' ବୁଝିଥିଲା । ଅନଂତ ବିଶ୍ୱ, ଉଦ୍ଦେଶ୍ୟମୟ । ଚିନ୍ମୟ ପରମାତ୍ମା ଉଦ୍ଦେଶ୍ୟରୂପେ ବିଶ୍ୱ ବ୍ୟାପି ରହିଅଛଂତି । ଏ ଆଧ୍ୟାତ୍ମିକତା ଆର୍ଯ୍ୟର ପ୍ରାଣ ଏବଂ ଏହି ଆଧ୍ୟାତ୍ମିକ-ଦୃଷ୍ଟିରେ ପ୍ରତ୍ୟେକ ସୃଷ୍ଟ ବସ୍ତୁର ନିର୍ଦ୍ଦିଷ୍ଟ ପ୍ରକୃତି, କ୍ରିୟା ଓ ଉଦ୍ଦେଶ୍ୟ ସର୍ବଦା ନିତ୍ୟ ଓ ଅବିଚଳିତ ! ବସ୍ତୁର ବସ୍ତୁତ୍ୱ, ଜୀବର ଜୀବତ୍ୱ, ଗୋରୁର ଗୋତ୍ୱ, ମାନବର ମାନବତ୍ୱ, ବ୍ରାହ୍ମଣର ବ୍ରାହ୍ମଣତ୍ୱ, ଶୂଦ୍ରର ଶୂଦ୍ରତ୍ୱ - ସବୁ ସେମାନଂକର ଧର୍ମ । ଉପରୁ ତଳକୁ ପଡ଼ିଯିବା ବସ୍ତୁର ଧର୍ମ; ପାଣି, ଖରା ପାଇଲେ ଗଛ ହେବା ମଂଜିର ଧର୍ମ; ଘାସ ଖାଇ ଦୁଧ ଦେବା

ଗୋରୁର ଧର୍ମ । ପରିବାର, ସମାଜ, ଜାତିରେ ନିଜର କର୍ତ୍ତବ୍ୟ କରିବା ସେହିପରି ମନୁଷ୍ୟର ଧର୍ମ । ଧର୍ମର ଏହି ବ୍ୟାପକ-ଧାରଣା, ଏହି ସନାତନତ୍ୱ ଆର୍ଯ୍ୟର ଆଧ୍ୟାତ୍ମିକତାର ଫଳ ।

ବିଧାତା ଜଗତ୍ ସୃଷ୍ଟି କରିଅଛନ୍ତି; ନାନା ନିୟମ, ନିବନ୍ଧରେ ଜଗତ୍ ପାଳନ କରୁଅଛନ୍ତି । ବିଶ୍ୱାସୀ ଭକ୍ତ ଏହି ନିୟମ ନିବନ୍ଧକୁ ଧର୍ମ ନାମରେ କହେ । ତାହାର ଧର୍ମ ବିଶ୍ୱପିତାଙ୍କର ନିୟମ—ସେପରି କି ଆଦେଶ । ଏହା ସୃଷ୍ଟି ପରି ପୁରାତନ; ବିଶ୍ୱଜଗତ୍ ପରି ଅନନ୍ତ, ବ୍ୟାପକ ଓ ସନାତନ । ଜ୍ଞାନୀ କହେ, ସମସ୍ତ ଜଗତରେ ଈଶ୍ୱର-ସତ୍ତା ବିଦ୍ୟମାନ; ଏ ସୃଷ୍ଟିରେ ପରମାତ୍ମା ଆତ୍ମଲାଭ କରୁଅଛନ୍ତି । ବିଶ୍ୱର ଏହି ଉଦ୍ଦେଶ୍ୟରେ ଧର୍ମହିଁ ପନ୍ଥା । ସେହି ଈଶ୍ୱରସତ୍ତା ପରି ଧର୍ମ ତାବତୀୟ ଜଡ଼-ଚେତନରେ ସୂକ୍ଷ୍ମ ପ୍ରାଣରୂପେ ଅନନ୍ତ ଜଗତକୁ ଜୀବନ୍ତ ରଖିଅଛି; ଜଗତର ଉଦ୍ଦେଶ୍ୟ ପ୍ରଖ୍ୟାପନ କରୁଅଛି । ତେଣୁ ଧର୍ମରେ ଈଶ୍ୱର-ସତ୍ତାର ଉପଲବ୍‌ଧି । ଧର୍ମହିଁ ସତ୍ୟ; କଳ୍ପିତ ବା ଲୋକ-ପ୍ରସ୍ତୁତ ନୁହେ । ଏହି ଧର୍ମରେ ଚରାଚର ଲୋକର ପ୍ରତିଷ୍ଠା; ଏଥିରେ ସୃଷ୍ଟି ଆତ୍ମଜାତ ।

"ନେହାଽଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋଭୟାତ୍ ।"

ଅର୍ଥାତ୍, ଏ ବିଶ୍ୱ ଧର୍ମର ଆରମ୍ଭରେ ନାଶ ନାହିଁ, କି ଏଥିରେ ବିଘ୍ନ ନାହିଁ । ଏ ଧର୍ମରୁ ଟିକିଏ ହେଲେ ବି, ମନୁଷ୍ୟକୁ ମହାଭୟରୁ ତ୍ରାଣ କରେ ।

ସଂସାରର ଅର୍ଥ ବୁଝି ନ ପାରି ମନୁଷ୍ୟ ଭୀତ । ଏ ଧର୍ମ ଜାଣିଲେ, ତାହାର ସେ ଭୟ ରହେ ନାହିଁ । ବାସ୍ତବିକ ଏ ଧର୍ମର ଜ୍ଞାନ ଥରେ ଆସିଲେ, ମନୁଷ୍ୟ ବିଶ୍ୱର ମହାବ୍ୟାପକତାରେ ବୁଡ଼ିଯିବ । ଏହି ଧର୍ମମୟ ବିଶ୍ୱଜଗତରେ ଈଶ୍ୱର-ସତ୍ତା ସ୍ପଷ୍ଟ ଅନୁଭବ କରି, ବନ୍ଧ, କ୍ଲେଶ, ମାୟା, ମୋହରୁ ଉଦ୍ଧାର ପାଇବ । ଅନନ୍ତ ଜୀବନମୟ ବିଶ୍ୱଜଗତରେ ପ୍ରତ୍ୟେକର ନିର୍ଦ୍ଦିଷ୍ଟ ସ୍ଥାନ ଓ ଉଦ୍ଦେଶ୍ୟ ଅଛି; ତାର ମଧ୍ୟ ନିଜର ଅଛି । ଏ କଥା ଜାଣିଲେ, ତାର ଆଉ ମୃତ୍ୟୁଭୟ ରହିବ ନାହିଁ । ବିଶ୍ୱତନ୍ତ୍ରରେ ନିଜର ନିର୍ଦ୍ଦିଷ୍ଟ ବିଶେଷତ୍ୱ ବା ସ୍ଥିର ଧର୍ମ ବୁଝି, ସେ ବାସ୍ତବିକ ଅମରତ୍ୱ ଅନୁଭବ କରିବ । ଆର୍ଯ୍ୟ ତାହା କରିଥିଲା ।

ବେଦ ଆର୍ଯ୍ୟର ଧର୍ମ ଗ୍ରନ୍ଥ; କିନ୍ତୁ ଖ୍ରୀଷ୍ଟିୟାନର ଯେପରି ବାଇବେଲ, ମୁସଲମାନର ଯେପରି କୋରାନ୍, ବୌଦ୍ଧର ଯେପରି ସୂତ୍ର ବା ତ୍ରିପିଟକ, ବେଦ ଆର୍ଯ୍ୟର ସେପରି ହିସାବରେ ଧର୍ମଗ୍ରନ୍ଥ ନୁହେ । ବେଦ ଅପୌରୁଷେୟ; ଅର୍ଥାତ୍, ଏହା କୌଣସି ମନୁଷ୍ୟ ବା ସୃଷ୍ଟ ପ୍ରାଣୀର କୃତ ବା କଳ୍ପିତ ନୁହେ । ଏହା କେହି ତିଆରି କରି ନାହାନ୍ତି । ଆଦ୍ୟମ ଋଷିମାନେ ଏହା ଗାନ କରିଛନ୍ତି; ତାହା ଶୁଣି ଶୁଣି ଲୋକେ ପରମ୍ପରାରେ ମନେ ରଖିଅଛନ୍ତି ସତ୍ୟ, ମାତ୍ର ଏହା କେହି ରଚନା କରି ନାହାନ୍ତି । ଏହା କୌଣସି ମାନବର ବୁଦ୍ଧିପ୍ରସୂତ ମତ ବା ଈଶ୍ୱର ଓ ସୃଷ୍ଟିତତ୍ତ୍ୱର ପ୍ରଖ୍ୟାପନ ନୁହେ । ଈଶ୍ୱର-ସୃଷ୍ଟିରେ ସମସ୍ତ ପଦାର୍ଥର ନିର୍ଦ୍ଦିଷ୍ଟ, ଅଭ୍ରାନ୍ତ ଧର୍ମ ଅଛି । ତାହାରି ବଳରେ କାଷ୍ଠ ପାଷାଣ, ବୃକ୍ଷ ଲତା ଠାରୁ ଜୀବଜଗତ ପର୍ଯ୍ୟନ୍ତ ସବୁ ଚାଲୁଅଛି । ମନୁଷ୍ୟର ମଧ୍ୟ ସେହିପରି କେତେଗୁଡ଼ିଏ ଅଭ୍ରାନ୍ତ ବୃତ୍ତି ଅଛି । ତାର ଚଳିବା ନିମନ୍ତେ ସଂସାରର ମହା ଉଦ୍ଦେଶ୍ୟରେ ନିଜର ଭାଗ ପୂର୍ଣ୍ଣ କରିବା ପାଇଁ, ତାର କେତେଗୁଡ଼ିଏ ସତ୍ୟ, କେତେଗୁଡ଼ିଏ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଅଛି । ସୃଷ୍ଟିର ବିଧାତା ଈଶ୍ୱର ସମସ୍ତ ପଦାର୍ଥକୁ ନିଜ ନିଜର ଧର୍ମ ବା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ ଦେବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ମଧ୍ୟ ମନୁଷ୍ୟର ଧର୍ମ ଦେଇ ଅଛନ୍ତି । ଆଦ୍ୟ ପୁରୁଷମାନେ ସେହି ନିର୍ଦ୍ଦିଷ୍ଟ ଧର୍ମ ଓ ସତ୍ୟ

ଈଶ୍ୱରଙ୍କଠାରୁ ପାଇଥିଲେ; ସରଳ ବେଦମହାଗୀତରେ ତାହାହିଁ ପ୍ରକାଶ କରି ଯାଇଅଛନ୍ତି । ସେହି ହେତୁରୁ ବେଦ ଅପୌରୁଷେୟ; ଅର୍ଥାତ୍ କୌଣସି ପୁରୁଷର କର୍ମ ନୁହେଁ; କୌଣସି ବ୍ୟକ୍ତି ବା ବସ୍ତୁର ରଚିତ ବା କଳ୍ପିତ ହୋଇ ନ ପାରେ ।

ଆଜିକାଲି ପାଶ୍ଚାତ୍ୟ ଶିକ୍ଷା, ପାଶ୍ଚାତ୍ୟ ଆଦର୍ଶ ଦେଶରେ ବହୁତ ପ୍ରଭାବ ବିସ୍ତାର କରିଅଛି । ଆଧ୍ୟାତ୍ମିକ ସରଳ ତତ୍ତ୍ୱର ବାସ୍ତବ୍ୟ ଲୋକରୋଚକ ବ୍ୟାଖ୍ୟା ଲୋକେ ଲୋଡ଼ୁଅଛନ୍ତି । ତେଣୁ ସମସ୍ତେ ସହଜରେ ବେଦର ଏ ଅପୌରୁଷେୟତ୍ୱ ବୁଝିବେ ନାଇ । ସେମାନେ ସବୁ କଥାକୁ ଓଜନ କରି, ବ୍ୟକ୍ତିଗତ ବୁଦ୍ଧିରେ ମାପି, ଦେଖିବେ । ପାଶ୍ଚାତ୍ୟ ଦେଶରେ ପ୍ରଧାନ ଲୋକଙ୍କ ବଚନ ହୁଏତ ସହଜରେ ବିଶ୍ୱାସ କରିବେ । ସେମାନଙ୍କ ଭାଷାରେ କୁହା ଯାଇପାରେ ଆଦି-ମାନବ ସରଳ ଭାବରେ ଜଗତ୍, ଈଶ୍ୱର, କର୍ତ୍ତବ୍ୟ ପ୍ରଭୃତି ସମ୍ବନ୍ଧରେ ଯାହା ଧାରଣା କରିଥିଲା, ସ୍ୱତଃ ଯେ ଧାରଣା ତାହା ମନରେ ଉଦିତ ହୋଇଥିଲା, ସେହି ଶୁଦ୍ଧ ଅନାବିଳ ଧାରଣାହିଁ ବେଦ ଗାନରେ ପ୍ରକାଶ ପାଇଅଛି । ସେତେବେଳେ ଆଦିମ ମାନବର ସରଳ ଦୃଷ୍ଟିରେ ବିଶ୍ୱତତ୍ତ୍ୱ ନିସୃତ ନିୟମିତ ଓ ସମୃଦ୍ଧ ଭାବରେ ପ୍ରତିଭାତ ହେଉଥିଲା । ତେଣୁ ବେଦରେ ମହାବିଶ୍ୱୈକତା ଅନୁଭବ ଓ ସତ୍ୟ-ଧର୍ମର ପ୍ରତିଷ୍ଠା ।

ଏ ପ୍ରକାରରେ ବୁଝିଲେ ମଧ୍ୟ ବେଦର ଅପୌରୁଷେୟତ୍ୱ ପ୍ରମାଣିତ ହୁଏ । ଏ ସିଦ୍ଧାନ୍ତ ମଧ୍ୟ ବେଦର ସନାତନତ୍ୱରେ କୌଣସି ବାଧା ଦେଉ ନାଇ । ମାକ୍ସମୂଲର୍ (Maxmuller), ଫ୍ଲାଇଡ଼ରର୍ (Pfliederer) ପ୍ରଭୃତି ପାଶ୍ଚାତ୍ୟଦେଶର ଧର୍ମ-ଦର୍ଶନ-ବିତ୍‌ମାନେ ମଧ୍ୟ ପ୍ରକାରାନ୍ତରରେ ସେହି କଥା କହୁଅଛନ୍ତି । ଗବେଷଣା ଫଳରେ ସେମାନେ ସ୍ଥିର କରିଅଛନ୍ତି, ବେଦରେ ଆର୍ଯ୍ୟ ଜାତିର ଶୁଦ୍ଧ, ଅନାବିଳ, ଆଦିମ-ଧର୍ମ-ଧାରଣା ଦେଖିବାକୁ ମିଳେ । ସେଥିରୁ ଜଣାଯାଏ, ବୈଦିକ ଋଷିମାନଙ୍କର ପୂର୍ଣ୍ଣ, ଅଖଣ୍ଡ ବ୍ରହ୍ମର ଗୋଟିଏ ଅଜ୍ଞାତ ଧାରଣା ଥିଲା । ସେହି ଧାରଣାର ବିବୃତି, ବିଶ୍ଳେଷଣ ଓ ସକାରଣ ଜ୍ଞାନହିଁ ଭାରତଠାରୁ ଇଉରୋପ ପର୍ଯ୍ୟନ୍ତ ସମସ୍ତ ଆର୍ଯ୍ୟ-ଧର୍ମ ଦର୍ଶନ, ସାହିତ୍ୟରେ ଦେଖିବାକୁ ମିଳୁଅଛି । ସୋଦ୍ଦେଶ୍ୟ-ପରିଣାମ-ବାଦୀମାନେ; ଅର୍ଥାତ୍, ଯେଉଁମାନେ କହନ୍ତି, ସମସ୍ତ ଭୂତ ଓ ଭାବ ରାଜ୍ୟରେ ଉଦ୍ଦେଶ୍ୟ ଥାଇ, ପରିଣାମ ହେଉଅଛି (Teleological evolutionists), ସେମାନେ ଏହାହିଁ କହୁ ଅଛନ୍ତି । ହେଗେଲ (Hegel) ମତବାଦୀ, କେୟାର୍ଡ଼ (Caird) ଭାଇ ଦୁହେଁ, ହେଗେଲଙ୍କ ମତ ଧରି ପ୍ରମାଣ କରି ଅଛନ୍ତି, ଆର୍ଯ୍ୟ-ଧର୍ମ ପ୍ରଥମେ ଅଜ୍ଞାତଭାବରେ ଯାହା ଥିଲା, 'ମଞ୍ଜରୁ ଗଛ ଓ ପୁଣି ଗଛ ଭିତର ବାଟେ, ମଞ୍ଜିର ଆତ୍ମ-ବିକାଶ ଓ ଆତ୍ମ-ଲାଭ' ପରି ଜ୍ଞାନର ବିଶ୍ଳେଷଣପ୍ରକ୍ରିୟାରେ ପୁଣି ଜ୍ଞାନର ସହିତ ସେହି ଚରମ ସିଦ୍ଧାନ୍ତ ଆଡ଼କୁ ଯାଉଅଛି ।

ସେମାନେ ଯେ ଭାବରେ ଚାଳିତ ହୋଇ, ବେଦ ପ୍ରବର୍ତ୍ତିତ ଧର୍ମକୁ ତାଙ୍କର ଆଲୋଚିତ ଓ ନିଜ କଳ୍ପିତ ଧର୍ମ ଜଗତରେ ଯେ ସ୍ଥାନ ଦିଅନ୍ତୁ ନା କାହିଁକି, ବେଦର ଧର୍ମ-ଧାରଣା ମଧ୍ୟରେ ଯେ ଏକାବେଳକେ ଅଖଣ୍ଡ, ଅନନ୍ତର ଅନୁଭବ ଅଛି ବୋଲି ସେମାନେ ଠିକ୍ କରିଅଛନ୍ତି, ଏହା ସ୍ଥିର । ଏ ଅନୁଭବ ପୁଣି ଅଜ୍ଞାତ । ତେବେ, ଆର୍ଯ୍ୟ ଯେ ବିଶ୍ୱାସ କରେ, ସୃଷ୍ଟି-ଆଦ୍ୟରେ ସ୍ୱୟଂ ଭଗବାନ ମନୁଷ୍ୟକୁ ବେଦ ଦେଇଅଛନ୍ତି, ସେଥିରେ ସନ୍ଦେହ କରିବାରେ କଣ ଅଛି ? 'ଏ ଭାବ ଅଜ୍ଞାତ ଭାବରେ ସ୍ୱତଃ ଉଦିତ ହୋଇଅଛି', 'ଭଗବାନ ଏହା ଦେଇଅଛନ୍ତି'— ଏ ଦୁଇ ସିଦ୍ଧାନ୍ତରେ କିଛି ବିଶେଷ ଭେଦ ଅଛି କି ? ଅଛି; କେବଳ ଏତିକିରେ ଭେଦ ଅଛି ଯେ,

ପ୍ରଥମଟି ଦଂଶ୍ରୀ ତାର୍କିକର ଭାଷା, ଅପରଟି ବିଶ୍ୱାସୀ ଆଧ୍ୟାତ୍ମବାଦୀର ଧାରଣା । ଏହି କଥାକୁ ବିଶ୍ୱାସୀ ଆର୍ଯ୍ୟର ଭାଷାରେ କହିଲେ ବୁଝାଯିବ, ବେଦ ସନାତନ ଓ ଅପୌରୁଷେୟ; ଏହା ତାର ଜୀବନ୍ତ ଓ ସ୍ୱାଭାବିକ ଉଚ୍ଛ୍ୱାସ ।

ତାର୍କିକତା ଯେ ଆର୍ଯ୍ୟର ନାହିଁ ତାହା ନୁହେଁ; କିନ୍ତୁ ବେଦ ବିଶ୍ୱାସରେ ଆର୍ଯ୍ୟର ତର୍କ ନାହିଁ । ଆଧ୍ୟାତ୍ମିକ ଧର୍ମ ଭାବରେ ସ୍ଥିର ରହି ଆର୍ଯ୍ୟ ସତ୍ୟର ଅନ୍ୱେଷଣ କରିଅଛି; ଅର୍ଥାତ୍, ସୃଷ୍ଟିତତ୍ତ୍ୱର ବ୍ୟାଖ୍ୟା କରିଅଛି । ତାହାହିଁ ତାହାର ତାର୍କିକତା । ସେଥିରୁହିଁ ଦର୍ଶନଶାସ୍ତ୍ରର ଉଦ୍ଭବ; ମତବାଦମାନଙ୍କର ସୃଷ୍ଟି । ଏ ସବୁ ସତ୍ତ୍ୱେ ଏ ସମସ୍ତର ମୂଳ ଆଧ୍ୟାତ୍ମିକତା ଓ ଧର୍ମ ଭାବ, ଆର୍ଯ୍ୟର ଦର୍ଶନ-ପ୍ରସୂତ ଜ୍ଞାନ ନୁହେଁ— ଏହା ଧାରଣା ଓ ବିଶ୍ୱାସ; ପୁଣି ପରେ ଦର୍ଶନ ଆଦିରେ ନାନା ଭାବରେ ପ୍ରମାଣିତ ମାତ୍ର । ଏହି ଆଧ୍ୟାତ୍ମିକ ଧର୍ମଧାରଣା ବ୍ୟତୀତ ଆର୍ଯ୍ୟ କୌଣସି ବ୍ୟକ୍ତି, ଜନ୍ତୁ ବା ପଦାର୍ଥର ସ୍ଥିତି କଳ୍ପନା କରି ପାରି ନାହିଁ । ତାହାର ସ୍ଥିର ଧାରଣା ଯେ, ଅଖଣ୍ଡ ବ୍ରହ୍ମଜ୍ୟୋତିରେ ଆପାମର ଚରାଚର, ସମସ୍ତ ବିଶ୍ୱ-ବ୍ରହ୍ମାଣ୍ଡ ପ୍ରାଣିତ ଓ ପ୍ରମାଣିତ ହେଉଅଛି । ସେହି ଅନନ୍ତ ଅନ୍ତର୍ଜ୍ୟୋତି ବ୍ୟତୀତ ବିଶ୍ୱ ଚରାଚରର ସତ୍ତା ନାହିଁ । ବିଧାତା ନିଜର ନିୟମରେ ସବୁ ସୃଷ୍ଟିରେ ବ୍ୟାପି ରହିଅଛନ୍ତି । ତାହା ନ ହେଲେ, ସ୍ୱର୍ଗ ସ୍ଥିତି ଅସମ୍ଭବ; ବିଶ୍ୱଶୃଙ୍ଖଳା ଅର୍ଥହୀନ, ଜଗତ୍-ଶୂନ୍ୟ ।

ଏହି ବ୍ୟାପକ ଆଧ୍ୟାତ୍ମିକତାରୁ ଆର୍ଯ୍ୟର ଧର୍ମ-ଭାବର ଉତ୍ପତ୍ତି । ବରଂ କହିବା ଠିକ୍ ଯେ, ଏହି ବ୍ୟାପକ ଆଧ୍ୟାତ୍ମିକତା ସହିତ ଆର୍ଯ୍ୟର ଧର୍ମଭାବର ନିତ୍ୟ ସମ୍ବନ୍ଧ । ଆର୍ଯ୍ୟ ବିଶ୍ୱର ଶୃଙ୍ଖଳା ଓ ଜଗତର ପରିଚାଳନାରେ ଧର୍ମ ଦେଖିଅଛି । ଅନ୍ଧ, ଉଦ୍ଦେଶ୍ୟହୀନ ପରମାଣୁର ଯଥେଚ୍ଛା ସମବାୟ ସୃଷ୍ଟି ନୁହେଁ; ଅର୍ଥାତ୍, କୁଆଡ଼ୁ କେତେ ପରମାଣୁ ଯେକୌଣସିରୂପେ ଲାଗିଯାଇ ପୃଥିବୀ-ସୂର୍ଯ୍ୟ-ତାରା-ବସ୍ତୁ-ଜନ୍ତୁମୟ ଏହି ଅନନ୍ତ ସୃଷ୍ଟିର ନିର୍ମାଣ ହୋଇ ନାହିଁ । ଏ ସୃଷ୍ଟିର ଉଦ୍ଦେଶ୍ୟ ଅଛି । ପ୍ରତ୍ୟେକ ସୃଷ୍ଟ ବସ୍ତୁରେ ବିଶ୍ୱପିତା ବିଶ୍ୱନିୟନ୍ତା ଉଦ୍ଦେଶ୍ୟ ରଖିଅଛନ୍ତି । ସେହି ଉଦ୍ଦେଶ୍ୟ ଯେ ନିୟମରେ ସାଧିତ ହୁଏ, ତାହାହିଁ ଧର୍ମ ।

ଏହି ଧର୍ମକୁ ବର୍ତ୍ତମାନ କାଳର ସାଧାରଣବୋଧ-ପରିଭାଷାରେ କର୍ତ୍ତବ୍ୟ ବୁଝାଯାଉ; କିନ୍ତୁ କର୍ତ୍ତବ୍ୟ କହିଲେ, ଆମ୍ଭେ ଯାହା ବୁଝୁଁ, ଆର୍ଯ୍ୟର ଧର୍ମ ଧାରଣା ଠିକ୍ ତାହା ନୁହେଁ । ଧର୍ମ କର୍ତ୍ତବ୍ୟଠାରୁ ବେଶି ବ୍ୟାପକ, ଗଭୀର ଓ ସ୍ଥାୟୀ । ସର୍ଗ ବିଧାନର ପରି-ଚାଳନାରେ ଯେଉଁ ତନ୍ତ୍ର ବା ନିୟମ ଅଛି, ତାହା ସାଧାରଣ ବ୍ୟକ୍ତି-ବୁଦ୍ଧି-ନିୟମିତ-କର୍ତ୍ତବ୍ୟ ସଙ୍ଗେ ସମାନ ହୋଇ ନ ପାରେ । କର୍ତ୍ତବ୍ୟ ବ୍ୟକ୍ତି-ବୁଦ୍ଧିରେ ପ୍ରଭାବିତ ହୋଇ ପାରେ; କିନ୍ତୁ ଅନନ୍ତ ସର୍ଗ-ବିଧାନର ତନ୍ତ୍ର ଚାଳନାହିଁ ଧର୍ମର ଏକମାତ୍ର ଅଧିଷ୍ଠାନ । ଧର୍ମ ସଙ୍ଗେ ସମସ୍ତ ସୃଷ୍ଟିର ବ୍ୟାପକ ଧାରଣା ଅଛି । ଏହା ସୃଷ୍ଟ ବସ୍ତୁର ବସ୍ତୁତ୍ୱ—ଏହା ନିତ୍ୟ । କର୍ତ୍ତବ୍ୟ, ଯାହା କରିବା ଉଚିତ । ସେ 'ଉଚିତ, ଅନୁଚିତ' ହୁଏତ ମନୁଷ୍ୟ-ବିଚାରର ଅପେକ୍ଷା ରଖେ; କିନ୍ତୁ ଆର୍ଯ୍ୟର ଧର୍ମ କେବଳ କର୍ତ୍ତବ୍ୟ ନୁହେଁ—ଉଚିତ ନୁହେଁ, ଏହାହିଁ ସୃଷ୍ଟିର ଜୀବନ । ଏହା ବ୍ୟତୀତ ସ୍ଥିତି ଅସମ୍ଭବ । ଭକ୍ତ ଭାଷାରେ ଏହାହିଁ ବିଶ୍ୱପିତାଙ୍କ ଆଦେଶ । ସେଥିରେ ଉଚିତ ଅନୁଚିତ ବିଚାରର ଅଧିକାର ମନୁଷ୍ୟର ନାହିଁ ।

ବିଶ୍ୱାସୀ ଆର୍ଯ୍ୟର କର୍ତ୍ତବ୍ୟହିଁ ଧର୍ମ; ମାତ୍ର ସେ କର୍ତ୍ତବ୍ୟ କଳ୍ପିତ ନୁହେଁ । ମନୁଷ୍ୟର ଇଚ୍ଛା, ରୁଚି ବା ସୁବିଧା ଅନୁସାରେ ତାର ପରିବର୍ତ୍ତନ ନାହିଁ । ସୂର୍ଯ୍ୟ ଯେ ନିୟମରେ ଉଦିତ ହୋଇ ଜଗତରେ କିରଣ ଦିଏ, ଯେ

ନିୟମରେ ଯଥାକାଳରେ ଶୀତାଦି ଋତୁମାନେ ପୃଥିବୀରେ ଅନୁଭୂତ ହୁଅନ୍ତି, ସେ ନିୟମରେ ଗଛ ପୁଷ୍ପାଦି ଦାନ କରେ, ମନୁଷ୍ୟ ସେହିପରି ତାର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କରିବ । ସେହି ଅପରିବର୍ତ୍ତନୀୟ ବିଶ୍ୱ-ବିଧାତାଙ୍କ ନିୟମରେ ସ୍ତ୍ରୀ ସ୍ୱାମୀ ପ୍ରତି କର୍ତ୍ତବ୍ୟ କରିବ—ପୁତ୍ର ପିତାକୁ ଭକ୍ତି କରିବ—ପିତା ପରିବାର ପାଳନ କରିବ । ସେହି ନିୟମରେ ବ୍ରାହ୍ମଣ ଜ୍ଞାନାଲୋଚନା କରିବେ; କ୍ଷତ୍ରିୟ ଯୁଦ୍ଧ କରିବେ; ବୈଶ୍ୟ କୃଷି, ବାଣିଜ୍ୟ, ଗୋରକ୍ଷା କରିବେ; ଶୂଦ୍ର ସେବା କରିବେ—ସମସ୍ତେ ନିଜ ନିଜର ନିର୍ଦ୍ଦିଷ୍ଟ କ୍ରିୟାରେ ରହି, ସମାଜରକ୍ଷା କରିବେ । ସମସ୍ତେ ଯେପରି କି, ବିଧାତାଙ୍କ ଆଦେଶ ପାଳନ କରୁଛନ୍ତି; ବିଶ୍ୱପିତାଙ୍କଠାରେ ଆତ୍ମସମର୍ପଣ କରି କର୍ମନିରତ ରହିଅଛନ୍ତି । କାହାରି ଆପତ୍ତି କରିବାର ନାହିଁ, ଅସଂତୁଷ୍ଟ ବା ବିଚଳିତ ହେବାର ନାହିଁ । ଶ୍ରୀମଦ୍‌ଭଗବଦ୍‌ଗୀତା ସର୍ବବେଦାନ୍ତ-ସାର, ଧର୍ମ ମତର ସାର ସଂଗ୍ରହ । ସେଥିରେ ଭଗବାନ୍ ଶ୍ରୀକୃଷ୍ଣ ଧର୍ମ ବୋଲି ଅର୍ଜୁନଙ୍କୁ ଯୁଦ୍ଧରେ ପ୍ରବର୍ତ୍ତାଇଛନ୍ତି । ଭ୍ରାତୃହତ୍ୟାର ମୋହରେ ପ୍ରଥମେ କିଛିଟା ସଂକୁଚିତ ହୋଇଥିଲେହେଁ ଅକାର୍ଯ୍ୟ ଧର୍ମ ବୋଲି ଅର୍ଜୁନ ସେଥିରେ ପ୍ରବର୍ତ୍ତିଅଛନ୍ତି—ବିଚଳିତ ହୋଇ ନାହାନ୍ତି ।

"ସ୍ୱଧର୍ମ ମପିଚାବେକ୍ଷ୍ୟ ନବିକମ୍ପିତୁମର୍ହସି
ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍
କ୍ଷତ୍ରିୟସ୍ୟ ନବିଦ୍ୟତେ ।"

ଅର୍ଥାତ୍, ହେ ଅର୍ଜୁନ, ସ୍ୱଧର୍ମ ପାଳନ କଲାବେଳେ, ତୁମ୍ଭର ନରହତ୍ୟା ବା ଭ୍ରାତୃହତ୍ୟା କରିବାକୁ ପଡ଼ିବ ବୋଲି ଭୀତ ବା ସଂକୁଚିତ ହେବା ଉଚିତ ନୁହେ । ଦୁଷ୍ଟ ଦମନ ନିମନ୍ତେ ଯୁଦ୍ଧ କରିବା କ୍ଷତ୍ରିୟର ଧର୍ମ । ଏପରି ଧର୍ମଯୁଦ୍ଧରୁ ବଳି ଅନ୍ୟ ଶ୍ରେୟ କ୍ଷତ୍ରିୟର ନାହିଁ ।

ଇଉରୋପୀୟମାନେ ଓ ଇଉରୋପୀୟ-ମତାବଲମ୍ବୀ କେହି କେହି ଭାରତୀୟ, ଗୀତା ଯେ ଧର୍ମଶାସ୍ତ୍ର, ଏ ବିଷୟରେ ଘୋର ପ୍ରତିବାଦ କରନ୍ତି । ସେମାନେ କହନ୍ତି, ଯେଉଁ ଶାସ୍ତ୍ରରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ ମତାଉଅଛନ୍ତି, ଯେଉଁ ଗ୍ରନ୍ଥରେ ନରହତ୍ୟା ଧର୍ମ ବୋଲି ଉପଦେଶ ଦିଆ ହୋଇଅଛି, ସେ କିପରି ଶ୍ରେଷ୍ଠ ଧର୍ମଶାସ୍ତ୍ର ହୋଇପାରେ ? ଏ କଥା କହିଲା ବେଳେ ସେମାନେ ଅଧ୍ୟାତ୍ମପରିପୂର୍ଣ୍ଣ ଆର୍ଯ୍ୟ ଧାରଣା ବୁଝନ୍ତି ନାହିଁ । ଆର୍ଯ୍ୟର ଧର୍ମଜ୍ଞାନରେ ଯୁଦ୍ଧ ଶାନ୍ତିର ଇତର ବିଶେଷ ନାହିଁ, ନରହତ୍ୟା ଗୋପାଳନର ତାରତମ୍ୟ ନାହିଁ, ଜନ୍ମ ମୃତ୍ୟୁର ଭେଦ ନାହିଁ ।

ସୃଷ୍ଟି-ପ୍ରକ୍ରିୟା ଅନନ୍ତମୁଖୀ । ସେହିପରି ଅନନ୍ତ ପ୍ରକାରରେ ଧର୍ମ ନିର୍ଦ୍ଦିଷ୍ଟ ରହିଅଛି । ସୃଷ୍ଟିରେ ଜନ୍ମ ଯେପରି ଆବଶ୍ୟକ, ମୃତ୍ୟୁ ମଧ୍ୟ ସେହିପରି; ପାଳନ ଯେପରି, ନିଧନ ମଧ୍ୟ ସେହିପରି । କାହାର କର୍ତ୍ତବ୍ୟ ପୋଷଣ, କାହାର କର୍ତ୍ତବ୍ୟ ଭକ୍ଷଣ; କାହାର ଧର୍ମ ତ୍ୟାଗ, କାହାର ଧର୍ମ ଭୋଗ । ଏ ସବୁ ଭେଦ ଅଜ୍ଞାନ ମନୁଷ୍ୟର । ସନାତନ ଧର୍ମ-ଧାରଣାରେ ଏ ଭେଦ ନାହିଁ । ଧର୍ମରେ ସୃଷ୍ଟିର ଉଦ୍ଦେଶ୍ୟ ସିଦ୍ଧ ହୁଏ—ବିଭୁଙ୍କର ଇଚ୍ଛା ପୂର୍ଣ୍ଣ ହୁଏ । ସେଥିରେ ଜନ୍ମ ଯାହା, ମରଣ ତାହା; ସେ ଭେଦ ବିଚାର କରିବାକୁ ମନୁଷ୍ୟ କିଏ ?

ବାସ୍ତବରେ ଜଗତ୍ ପରମାତ୍ମ-ଶକ୍ତିର ବିକାଶ । ସେଥିରେ ମରେ ବା କିଏ; ମାରେ ବା କିଏ ? ଆର୍ଯ୍ୟର ଧର୍ମ ଧାରଣାରେ ଏ ମତ, ଏ ବିଶ୍ୱାସ ସ୍ୱାଭାବିକ । ଅନନ୍ତ, ଜୀବନ୍ତ, ଚିନ୍ମୟ ବିଶ୍ୱତନ୍ତ୍ରରେ ସମସ୍ତେ ନିଜ ନିଜର ନିର୍ଦ୍ଦିଷ୍ଟ ସ୍ଥାନ ପୂର୍ଣ୍ଣ କରନ୍ତି ମାତ୍ର; ତାହାହିଁ ଧର୍ମ । ସେହି ଧର୍ମରେ ବ୍ରାହ୍ମଣ ଲୋକସେବା ପାଇଁ ସନ୍ନ୍ୟାସୀ ହୁଏ । ସେହି ଧର୍ମରେ କ୍ଷତ୍ରିୟ ଲୋକରକ୍ଷା ପାଇଁ ଯୁଦ୍ଧ କରେ । ସେହି ଧର୍ମରେ ଅର୍ଜୁନ ଯୁଦ୍ଧ କରିବାକୁ

ବାଧା । ଧର୍ମରେ ମନୁଷ୍ୟର ପ୍ରତିବାଦ କରିବାର କିଛି ନାହିଁ । ଯାହାର ଯାହା ଧର୍ମ ତାକୁ ତାହା କରିବାକୁ ହେବ । ସେଥିରେ ରୁଚି ଅରୁଚି ନାହିଁ; ଫଳାଫଳ ବିଚାର ନାହିଁ । ଯାହା ଯାହାର ନିର୍ଦ୍ଦିଷ୍ଟ ଧର୍ମ, ସେ ତାହାର ଜୀବନର ଧ୍ରୁବତାରା; ବ୍ୟକ୍ତିତ୍ୱର ଆଦର୍ଶ । ତାହାରି ଅନୁସାରେ କାର୍ଯ୍ୟ କରିବାକୁ ହେବ । ମରଣ ହେଉ, ପତନ ହେଉ, ଶୋକ ହେଉ ବା ସମୃଦ୍ଧି ବଢ଼ୁ, ଧର୍ମ ଛାଡ଼ିବା ଆର୍ଯ୍ୟ ପକ୍ଷରେ ଅସଂଭବ, ମହାପାପ । ସେ ତାହା କରିପାରିବ ନାହିଁ । ତାହାର ବିଶ୍ୱାସ—

"ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।"

ଅର୍ଥାତ୍ ନିଜର ଧର୍ମରେ ମରଣ ହେଉ, ତାହା ମଂଗଳ ପାଇଁ । ପରଧର୍ମ ବା ଅନ୍ୟଧର୍ମ ଆଚରଣ କରିବା କଦାପି ଉଚିତ ନୁହେ ।

ବିଶ୍ୱପିତାଂକ ବିଧାନରେ ସୃଷ୍ଟ ବସ୍ତୁର ନିର୍ଦ୍ଦିଷ୍ଟ ଧର୍ମରେ ଏ ବିଶ୍ୱାସ ଯାହାର ଅଛି, ତାହାର କୌଣସି କର୍ତ୍ତବ୍ୟରେ ଭୟ, ବିଷାଦ ବା ଅରୁଚି ହେବା ଅସଂଭବ ।

ବିଧାତାଂକ ରାଜ୍ୟରେ ପ୍ରତ୍ୟେକ ବସ୍ତୁର ନିର୍ଦ୍ଦିଷ୍ଟ ସ୍ଥାନ ଓ ନିରୂପିତ କ୍ରିୟା ଅଛି । ପ୍ରତ୍ୟେକେ ତାହା କରିବେ । ନ କଲେ, ବିଶ୍ୱତଂତ୍ର ନିରୁଦ୍ଦେଶ୍ୟ ହେବ; ସୃଷ୍ଟି ରହିବ ନାହିଁ; ସଭ୍ୟତା ବଢ଼ିବ ନାହିଁ; ସମାଜ ବିଶୃଂଖଳ ହେବ । ବିଶ୍ୱନିୟଂତାଂକ ବିଧାନରେ ସବୁଠାରେ ନୀତି ଅଛି; ମାନ ଅଛି । ସମସ୍ତେ ସେହି ନିର୍ଦ୍ଦିଷ୍ଟ ନୀତିରେ ସେହି ପ୍ରମାଣରେ ଗୋଟିଏ ଗୋଟିଏ ଉଦ୍ଦେଶ୍ୟ ଅନୁବର୍ତ୍ତନ କରୁଅଛଂନ୍ତି । ସମୂହ ବିଶ୍ୱର ଆପେକ୍ଷିକ ଓ ସଂହତ କ୍ରିୟାରାଶି ଥରେ ଧାରଣା କରି ପାରିଲେ ସ୍ପଷ୍ଟ ବୁଝାଯିବ, ଏ ଅନଂତ ବିଧାନରେ ସ୍ୱେଚ୍ଛାଚାରର ସ୍ଥାନ ନାହିଁ; କାହାରି ସ୍ୱେଚ୍ଛାଚାରୀ ହେବା ଉଚିତ ନୁହେ । ପଶୁ ପକ୍ଷୀ, ବୃକ୍ଷ ଲତା, କାଷ୍ଠ ପାଷାଣ ସ୍ୱେଚ୍ଛାଚାରୀ ହେଉ ନାହାଂନ୍ତି; ସେ ଜାଣୁ-ନାହାଂନ୍ତି । ନିର୍ଦ୍ଦିଷ୍ଟ ନିୟମ ଅନୁବର୍ତ୍ତନ କରିବା ଛଡ଼ା, ଅନ୍ୟପ୍ରକାର କରି ପାରିବାର ଜ୍ଞାନ ଓ ଅଧିକାର ତାଂକୁ ଦିଆ ଯାଇ ନାହିଁ । ମନୁଷ୍ୟର ସେ ଜ୍ଞାନ, ସେ ଅଧିକାର ଅଛି । ସଂଗେ ସଂଗେ ବିଶ୍ୱତଂତ୍ର ଧାରଣା କରିବାର ମଧ୍ୟ ତାର ଶକ୍ତି ଅଛି । ସେଥିପାଇଁ ଜ୍ଞାନ ଅଛି ବୋଲି, ଜାଣୁଛି ବୋଲି, ଇଚ୍ଛା କରି ସ୍ୱତଂତ୍ର ହେବା ତାହାର ଉଚିତ କି ? ମନୁଷ୍ୟର ଯେ ଜ୍ଞାନ, ଯେ ଅଧିକାର ଅଛି, ତାହାର ବ୍ୟବହାରର କ୍ଷେତ୍ର ଏଠାରେ ନୁହେ । ସେ ଜ୍ଞାନ, ସେ ଅଧିକାରର ବହୁତ ସଦ୍-ବ୍ୟବହାର ଅଛି; ନିର୍ଦ୍ଦିଷ୍ଟ, ସାମାଜିକ ବା ବ୍ୟକ୍ତିଗତ କର୍ତ୍ତବ୍ୟରେ ତ୍ରୁଟି କରିବା ସେ ଜ୍ଞାନର ଅପବ୍ୟବହାର ମାତ୍ର ।

ତେବେ ସେ ଜ୍ଞାନର, ସେ ଅଧିକାରର ବ୍ୟବହାର କେଉଁଠାରେ ? ଜଗତର ତଂତ୍ର ବା ସ୍ଥିର ନିୟମିତତାରୁ ସେ କୌଣସି ପ୍ରକାରେ ସ୍ୱତଂତ୍ର ହେବ ନାହିଁ । ଏ କଥା ବୁଝିଲେ, ହଠାତ୍ ମନେ ହୋଇପାରେ, ଆର୍ଯ୍ୟର ବ୍ୟକ୍ତିଗତ ସ୍ୱାଧୀନତା ଆଦୌ ନ ଥିଲା । ଜଗତରେ ବ୍ୟକ୍ତିଗତ ସ୍ୱାତଂତ୍ର୍ୟ କି ତେବେ ଆର୍ଯ୍ୟ ଏକାବେଳକେ ଭୁଲି ଯାଇଥିଲା ?

ମାତ୍ର ବ୍ୟକ୍ତିଗତ ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତା ଏକ ବସ୍ତୁ ନୁହେ । ସ୍ୱାଧୀନତା ଆଦର୍ଶର ଅପେକ୍ଷା ରଖେ; ତେଣୁ ସ୍ୱାଧୀନ କର୍ମ ପରଂପରାରେ ଶୃଂଖଳା ଅଛି । ସ୍ୱେଚ୍ଛାଚାରିତା ନିୟମହୀନ ଓ ବିଶୃଂଖଳ । ସ୍ୱାଧୀନତାରେ ସଂଯମ ଅଛି । ସ୍ୱେଚ୍ଛାଚାରିତା ନିରଂକୁଶ । ଗଛ ବଢ଼ିବା ବିଷୟରେ ସ୍ୱାଧୀନ । ଯେଉଁଆଡ଼େ ବେଶି ଆଲୋକ ଓ ଖାଦ୍ୟ ପାଏ, ଜାଣିଲା ପରି ଖୋଜି ଖୋଜି ସେ ଆଡ଼କୁ ଡାଳ ଚେର ଲଂବାଇ ଦିଏ; କିଂତୁ ସୃଷ୍ଟି ନିୟମରେ ସ୍ୱେଚ୍ଛାଚାରିତା ତାହାର ନାହିଁ । ଇଚ୍ଛା କରି ଖାଦ୍ୟ ଗ୍ରହଣ ନ କରିବ,

ଡାଳ ନ କାଟିବ, ଫୁଲ ଫଳ ନ ଧରିବ, ଏ ଅଧିକାର ତାକୁ ଦିଆଯାଇ ନାହିଁ । ତାହା ତାହାର ଧର୍ମ ନୁହେଁ । ମନୁଷ୍ୟର ଜ୍ଞାନ-ଶକ୍ତି ଅଛି, ବୁଦ୍ଧି ବିବେକ ଅଛି । ସେ ସବୁର ସ୍ୱାଧୀନ ବ୍ୟବହାର କରି, ସେ ସୃଷ୍ଟି ତତ୍ତ୍ୱ ଫେଡ଼ି ଦେଖିବ; ସତ୍ୟ ଅନୁସନ୍ଧାନ କରି ଜାଣିବ; ଧର୍ମ ଅଧର୍ମ, କର୍ତ୍ତବ୍ୟ ଅକର୍ତ୍ତବ୍ୟ ବୁଝିବ । ଅବଶ୍ୟ ଏ ସବୁ ଜାଣି ମଧ୍ୟ, ସୃଷ୍ଟି ନିୟମରେ ନିଜର ଆଦର୍ଶ ପରିତ୍ୟାଗ କରି, ଅନ୍ୟ ପ୍ରକାର ବିଶୃଙ୍ଖଳ କ୍ରିୟା ବିଧାନ କରିବାରେ ସେ ନିଜର ଶକ୍ତି ପ୍ରୟୋଗ କରିପାରେ; କିନ୍ତୁ ତାହା କରିବା ତାହାର ଉଚିତ ନୁହେଁ । ସୃଷ୍ଟି-ନିୟମରେ ତାହାର ଯାହା ଧର୍ମ, ସମାଜ ନିୟମରେ ଯାହା ତାହାର ସ୍ଥିର କର୍ତ୍ତବ୍ୟ, ଯାହା ତାହାର କରିବା ଉଚିତ, ଯାହା ନ କଲେ ଭଗବାନଙ୍କ ରାଜ୍ୟରେ ବିଶୃଙ୍ଖଳା ହେବ, ତାହା ନ କରିବା ସ୍ୱେଚ୍ଛାଚାରିତା । ସେ ସ୍ୱେଚ୍ଛାଚାରିତାରେ ଅଧିକାର ପ୍ରୟୋଗ କରିବା ମନୁଷ୍ୟର ଉଚିତ କି ? ଜାଣିବାର ଶକ୍ତି ଅଛି ବୋଲି ଯଦି ସେ ସ୍ୱେଚ୍ଛାଚାରୀ ହୁଏ, ତେବେ ସେ ଜ୍ଞାନ-ଶକ୍ତିର ଅପବ୍ୟବହାର କରୁଅଛି । ଆର୍ଯ୍ୟ କହେ ସେ "ଭୟାବହ ପରଧର୍ମ" ଆଚରଣ କରି ଭ୍ରଷ୍ଟ ହେଉଅଛି, ସେ ପାପ କରୁଅଛି ।

ସ୍ୱାଧୀନତାର ଏହି ନିଗୂଢ଼ ଅର୍ଥ ବୁଝିଥିଲେ ବୋଲି, ଆର୍ଯ୍ୟ ନିଜ ସଭ୍ୟତାର ନିର୍ମଳ ଧାରା ଠିକ୍ ରଖିଅଛି; ଆର୍ଯ୍ୟ-ଭୂମିରେ ସଭ୍ୟତାର ପରମ୍ପରା ଛିନ୍ନ ଯାଇ ନାହିଁ । ଅନ୍ୟ ସଭ୍ୟତାରେ ଆର୍ଯ୍ୟ ବିଜିତ ହୋଇନାହିଁ । ନିଜର ସ୍ଥିର ଆଧ୍ୟାତ୍ମିକ ଧାରଣାରେ ବିଶ୍ୱକୁ ଧାରଣା କରି, ଧର୍ମରେ—ସ୍ୱଧର୍ମରେ ଜୀବନର ଆଦର୍ଶ ଦୃଢ଼ ରଖି ଆର୍ଯ୍ୟ ଯଥେଷ୍ଟ ସ୍ୱାଧୀନତା ଭୋଗ କରି ଆସିଅଛି । ବାସ୍ତବିକ ଇତିହାସରେ ଦେଖିଲେ ମାନବର ସ୍ୱାଧୀନ କର୍ମ-ପରମ୍ପରା ଆର୍ଯ୍ୟର ଉଦାର ସହିଷ୍ଣୁତା ଅତି ଅଦ୍ଭୁତ ଓ ବିସ୍ମୟକର । ଜୀବନର ଆଦର୍ଶରୁ, ସୃଷ୍ଟିତତ୍ତ୍ୱର ସମୂହ କ୍ରିୟାରୁ, ବିଚ୍ଛିନ୍ନ ହେବାରେ ମନୁଷ୍ୟର ଅଧିକାର ନାହିଁ । ଜ୍ଞାନ ଥିଲେ ମଧ୍ୟ, କାର୍ଯ୍ୟରେ ସେପରି ଅଧିକାର ପ୍ରୟୋଗ କରିବା ଉଚିତ ନୁହେଁ—ଆର୍ଯ୍ୟ ଏହା ବୁଝିଥିଲେ । ବିଶ୍ୱତତ୍ତ୍ୱ ବିଧାତାଙ୍କର ଲୀଳା । ମାନବର ସ୍ୱେଚ୍ଛାଚାରିତା ଯେପରି ଅନୁଚିତ, ନିଜ ମତରେ ଅନ୍ୟର ସ୍ୱାଧୀନତା ଅବରୋଧ କରିବା ସେହିପରି ପାପ ବୋଲି ଆର୍ଯ୍ୟ ବୁଝିଥିଲେ । ସେଥିପାଇଁ ସହିଷ୍ଣୁତା ତାହାର ପ୍ରକୃତି; ଉଦାର ଆତିଥେୟତା ତାହାର ଗୋଟିଏ ପ୍ରଧାନ କର୍ତ୍ତବ୍ୟ ହୋଇ ଆସିଅଛି । ବିଧର୍ମୀ ଉପରେ କେବେ ଅତ୍ୟାଚାର କରିବ ବୋଲି ସେ କଳ୍ପନା କରି ନାହିଁ । ନିଜର ବିଶାଳ ଆତିଥ୍ୟ-ପରତାରେ ଦର୍ପୀ ବିଜିଗୀଷୁ ପାଇଁ ମଧ୍ୟ ଦ୍ୱାର ଫିଟାଇ ରଖିଅଛି ।

ଏହି ସ୍ୱାଧୀନତା ହେତୁରୁ ତାହାର ଜୀବନ-ବିକାଶ ଓ ସଭ୍ୟତାର ଅଭିବୃଦ୍ଧି, ପରମ୍ପରାରେ ଉତ୍ତରୋତ୍ତର ଗତି କରିଅଛି । ଆଜିର ସଭ୍ୟ ଦେଶମାନେ ଯେଉଁ ବିଷୟମାନଙ୍କରେ ଉନ୍ନତି କରିଅଛନ୍ତି, ସେଥିରେ ହୁଏତ ସେମାନଙ୍କର ନିଜର ପରମ୍ପରା ନାହିଁ; କିନ୍ତୁ ଆର୍ଯ୍ୟ ସଭ୍ୟତା ଉନ୍ନତିର କୌଣସି ବିଭାଗ ବାକି ରଖି ନାହିଁ । ଆଜି ମଧ୍ୟ ପୃଥିବୀ ଯାହାକୁ ସଭ୍ୟତା ବୋଲି କହୁଅଛି, ଆର୍ଯ୍ୟ ତାହାର କୌଣସି ବିଭାଗ ସାଧନ କରିବାରେ ପଶ୍ଚାତ୍ପଦ ହୋଇ ନାହିଁ । ଶବ୍ଦ-ବ୍ୟବଚ୍ଛେଦରେ ଶବ୍ଦତତ୍ତ୍ୱର ସାଧନାଠାରୁ ଆରଣ୍ୟକର ତତ୍ତ୍ୱଲାଭ ଓ ପ୍ରଚାର ପର୍ଯ୍ୟନ୍ତ, ପୋତ ଚାଳନାରେ ବାଣିଜ୍ୟଠାରୁ ଯବନ ପୁରରେ ବିଦ୍ୟାଚର୍ଚ୍ଚା ପର୍ଯ୍ୟନ୍ତ, ଆଶ୍ରମର ନିୟମିତ ଜୀବନଠାରୁ ଶିଳ୍ପର ସାହସିକତା ପର୍ଯ୍ୟନ୍ତ, ଶ୍ରମ ବିଭାଗର କଠୋରତା ମଧ୍ୟରେ ବ୍ୟବସାୟର ସ୍ୱାଧୀନ ଲୀଳା ପର୍ଯ୍ୟନ୍ତ, ଆର୍ଯ୍ୟ କୌଣସି ବିଭାଗରେ ପ୍ରୟତ୍ନର ଅଭାବ ରଖି ନାହିଁ । ମାତ୍ର ଏତିକି ମାତ୍ର ଆର୍ଯ୍ୟର ବିଶେଷ ଯେ, ଦୃଢ଼ ଧର୍ମଧାରଣା ଥିବାରୁ ଅନ୍ୟାନ୍ୟ ଜାତିମାନଙ୍କ ପରି ଆର୍ଯ୍ୟ-ସଭ୍ୟତାର

ପରଂପରା ମଧ୍ୟେ ମଧ୍ୟେ ବିପ୍ଳବରେ ଛିନ୍ନ ବା ବିଧ୍ୱସ୍ତ ହୋଇ ନାଇ । ସନାତନ ଆର୍ଯ୍ୟ ଭୂମିରେ ନୂତନ ସଭ୍ୟତା ପ୍ରବେଶ କରି ନାଇ ନୁହେ; କିଂତୁ କୌଣସି ନୂତନ ସଭ୍ୟତା କେବେହେଁ ଏକାବେଳକେ ଆଧିପତ୍ୟ ବିସ୍ତାର କରି ନାଇ । ବେଳେ ବେଳେ ନୂତନ ସଭ୍ୟତା କେବଳ ଆର୍ଯ୍ୟ ସଭ୍ୟତାର ବିଭାବ-ବିଶେଷ ପ୍ରକାଶିତ କରିଅଛି ମାତ୍ର । ସ୍ୱେଚ୍ଛାଚାରିତାର ଅଭାବରେ ଆର୍ଯ୍ୟର ପରିବାର, ସମାଜ ଓ ପରଂପରା ଯେପରି ଦୃଢ଼ ଥିଲା, ସ୍ୱାଧୀନତା ପ୍ରଭାବରେ ବିଜ୍ଞାନ, ଦର୍ଶନ, କଳା, ସାହିତ୍ୟ ଆଦିରେ ଆର୍ଯ୍ୟ ସେହିପରି ଉନ୍ମୁକ୍ତ ଭାବରେ ଉନ୍ନତି କରି ପାରୁଥିଲା । କୌଣସି ଉନ୍ନତିରେ ବିପ୍ଳବର ବିଶୃଂଖଳତା ସେ ଭୋଗି ନାଇ । ପରଦେଶର ପ୍ରଭାବ ଆର୍ଯ୍ୟଜୀବନର ଅଂଗୀଭୂତ ନ ହୋଇ, କେବେ ସ୍ୱତଂତ୍ର ହୋଇ ରହି ନାଇ ।

ଏଠାରେ ସ୍ୱାଧୀନତା ସ୍ୱେଚ୍ଛାଚାରିତାର ପ୍ରଭେଦ ବୁଝାଇବା ପାଇଁ ଗୋଟିଏ ପ୍ରଚଳିତ କଥାରୁ ଉଦାହରଣ ଦେଇ କହିଲେ, କଥାଟି ଆହୁରି ସ୍ପଷ୍ଟତର ହେବ । ଆଜିକାଲି ଚାରିଆଡ଼େ ସଭା ସମିତି ଲାଗିଅଛି । ସ୍ୱାଧୀନ ଭାବରେ ଆଲୋଚନା କରିବାହିଁ ସଭାର ସଭ୍ୟମାନଙ୍କର ବିଶିଷ୍ଟ ଅଧିକାର । ସେମାନେ ସ୍ୱାଧୀନ ଭାବରେ ଆଲୋଚନା କରନ୍ତି; କିଂତୁ ସେଚ୍ଛାଚାରୀ ନୁହଂତି । ସଭାର କେତେଗୁଡ଼ିଏ ନିୟମ ଥାଏ । ସ୍ୱେଚ୍ଛାଚାରୀ ହୋଇ ସଭାର ସେ ନିୟମ ସବୁ ଭାଂଗିଦେଲେ, ସ୍ୱାଧୀନ ଆଲୋଚନାର ସ୍ଥାନ ରହିବ ନାଇ । ଏଠାରେ ସଭାର ନିୟମଗୁଡ଼ିକୁ ସଭାର ଧର୍ମ ବୋଲିସିବା ଉଚିତ । ସଭାର ନିୟମ ସବୁ ବିନା ଆପତ୍ତିରେ ପାଳିବା ସଭ୍ୟର କର୍ତ୍ତବ୍ୟ । ଠିକ୍ ସମୟରେ ଉପସ୍ଥିତ ହେବେ; ଜଣେ କହିଲାବେଳେ ଆଉ ଜଣେ କହିବେ ନାଇ; ସଭାପତି ଯେ ହୁଅଂତୁ, ତାଂକଦ୍ୱାରା ଶାସିତ ହେବେ — ଇତ୍ୟାଦି ବିଧି ବା ନିୟମ ସବୁରେ ଚଳିଲେ, ସଭାରେ ପ୍ରକୃତ ସ୍ୱାଧୀନ ଆଲୋଚନା ହୋଇ ପାରିବ । ତାହା ନ କରି, ସଭାର ନିୟମ ନ ମାନିଲେ, ସଭା ରହିବ ନାଇ, ଭାଂଗିଯିବ । ଆଉ ସ୍ୱାଧୀନ ଆଲୋଚନା ହେବ କେଉଁଠାରେ ? ଇଂଲଣ୍ଡ ପରି ଗୋଟିଏ ସ୍ୱାଧୀନ ରାଜ୍ୟର କଥା ଭାବ । ସେଠାରେ ସମସ୍ତେ ସ୍ୱାଧୀନ ଭାବରେ ମତ ଦେବେ, ସ୍ୱାଧୀନ ହୋଇ କାର୍ଯ୍ୟ କରିବେ ସତ; କିଂତୁ ପ୍ରତ୍ୟେକେ ରାଜ୍ୟ ନିୟମର ଅଧୀନ । ସେ ନିୟମ ଭାଂଗିଦେଲେ, ସ୍ୱେଚ୍ଛାଚାରୀ ହୋଇ ରାଜବିଦ୍ରୋହ ଆରଂଭ କଲେ, ଆଉ ସ୍ୱାଧୀନତା କେତେ ଦିନ ରହିବ ?

ମାନବ ସାଂତ ବା ସୀମାବିଶିଷ୍ଟ । ତାହାର ଇଚ୍ଛା ଓ ପ୍ରବୃତ୍ତି ଅନଂତମୁଖୀ ହେଲେହେଁ, ସେ ଅନଂତ ଇଚ୍ଛା ଓ ଅନଂତ ପ୍ରବୃତ୍ତି ଚରିତାର୍ଥ କରିବା ତାହା ଶକ୍ତି ଓ ଅଧିକାରର ବହିର୍ଭୂତ । ସେଥିପାଇଁ କୌଣସି ନିତ୍ୟ ନିର୍ଦ୍ଦିଷ୍ଟ ପ୍ରଣାଳୀ, ଶୃଂଖଳା ଓ ସଂଯମର ପ୍ରୟୋଜନ ଯାହା ଇଚ୍ଛା ତାହା କରି ବସିଲେ, ଚଳିବ ନାଇ । ତାହା ସେ କରି, ସଂସାରରେ ସ୍ଥିର ରହି ପାରିବ ନାଇ । ତାହାର ଶକ୍ତି ଅନଂତ ନୁହେ । ସବୁ ସ୍ଥାନ ଓ କାଳର ଜ୍ଞାନ ତାର ନାଇ । ତାର ସ୍ୱାତଂତ୍ର୍ୟ ଅଛି ସତ, ବିବେକ ଓ ବିଚାର ଶକ୍ତିରେ ତାହାର ସ୍ୱାଧୀନତା ଅଛି; କିଂତୁ ସେ ସ୍ୱାଧୀନତା ନିରପେକ୍ଷ ସ୍ୱେଚ୍ଛାଚାରିତା ନୁହେ । ଜଗତର ନିତ୍ୟ ନିୟମରେ ତାହା ଶୃଂଖଳିତ । ଏଣୁ ସାଂତ ମାନବର ଏହି ନିୟମାଧୀନ ସ୍ୱାତଂତ୍ର୍ୟହିଁ ସ୍ୱାଧୀନତା ଜଗତରେ ସ୍ୱେଚ୍ଛାଚାରୀ ହେବାର ତାର ଅବକାଶ ନାଇ । ସମସ୍ତ ବିଶ୍ୱବ୍ରହ୍ମାଂଡକୁ ଏକ ନିତ୍ୟ ତଂତ୍ରର ଅଧୀନ ବୋଲି ଅନୁଭବ କରି, ମାନବ ନିଜର ସ୍ୱାଧୀନତା ଭୋଗ କରିବ ।

ଆର୍ଯ୍ୟ ବିଶ୍ୱବ୍ରହ୍ମାଂଡକୁ ଏହିପରି ଏକ ତଂତ୍ରର ଅଧୀନ ବୋଲି ଧାରଣା କରି ପାରିଥିଲା । ସେଥିରୁହିଁ ତାର ଧର୍ମଧାରଣା । ସେହି ନିତ୍ୟ ନିର୍ଦ୍ଦିଷ୍ଟ ଅକାଟ୍ୟ ଧର୍ମ ଧାରଣାରେ ସେ ନିଜର ସମସ୍ତ ସ୍ୱେଚ୍ଛାଚାରିତା ସଂଯତ ରଖିଥିଲା । ସେ ବାସ୍ତବିକ ବୁଝିଥିଲା —

"ସହଯଜ୍ଞା ପ୍ରଜାସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ
ଅନେନ ପ୍ରସବିଷ୍ୟଧ୍ୱ ମେଷ ବୋଽସ୍ତ୍ୱିଷ୍ଟ କାମଧୁକ୍ ।"

ଅର୍ଥାତ୍, ସୃଷ୍ଟି ଆରମ୍ଭରେ ବିଧାତା ଯଜ୍ଞ, ଅର୍ଥାତ୍ କର୍ମ ବା ଧର୍ମ ସହିତ ପ୍ରଜା ସୃଷ୍ଟି କରି କହିଲେ—ଏହି କର୍ମ ବା ଧର୍ମର ନିୟମରେ ରହି ତୁମ୍ଭେ ନିଜର ସ୍ୱାଧୀନତା ଭୋଗ କର । ଏହି ଧର୍ମ ତୁମ୍ଭଙ୍କୁ ଈପ୍‌ସିତ ପ୍ରଦାନ କରୁ ।

ଏହିପରି ତାର ବିଶ୍ୱାସ, ପ୍ରାଣୀର ସୃଷ୍ଟି ସଙ୍ଗେ ଈଶ୍ୱର କର୍ମର ସୃଷ୍ଟି କରିଅଛନ୍ତି । କର୍ମ ବିନା ଶରୀର ଯାତ୍ରା ଚଳିବ ନାହିଁ; କିନ୍ତୁ ସମସ୍ତେ କିଛି ଏକା କର୍ମ କରିବେ ନାହିଁ; କିମ୍ବା ପ୍ରତ୍ୟେକେ ସବୁ କର୍ମ କରି ପାରିବେ ନାହିଁ । ସେଥିପାଇଁ ବିଧାତା କର୍ମର ବିଭାଗ ମଧ୍ୟ ସୃଷ୍ଟି କରିଅଛନ୍ତି । ଏହି କର୍ମ ବିଭାଗ ବ୍ୟକ୍ତି, ବସ୍ତୁ ବା ସମାଜଗତ ଧର୍ମର ମୂଳାଧାର । ମାନବର ସମାଜଗତ କର୍ତ୍ତବ୍ୟ ବିଷୟରେ ଭଗବାନ ସ୍ୱୟଂ କହିଅଛନ୍ତି—

"ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ
ଗୁଣକର୍ମବିଭାଗଶଃ
ତସ୍ୟ କର୍ତ୍ତାରମପି ମାଂ
ବିଦ୍ଧ୍ୟ କର୍ତାରମବ୍ୟୟଂ ।"

ଅର୍ଥାତ୍, ଗୁଣ ତଥା କର୍ମର ବିଭାଗ କରି, ସେହି ଅନୁସାରେ ଚାରିବର୍ଣ୍ଣ; ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର ମୁଁ ସୃଷ୍ଟି କରିଅଛି । ଅନାଦି ବିକାରହୀନ ଯେ ମୁଁ—ତାକୁହିଁ ତୁମ୍ଭେ ଏହାର କର୍ତ୍ତା ବୋଲି ଜାଣ ।

ଭଗବାନ୍ ଅବ୍ୟୟ; ଅର୍ଥାତ୍ ବିକାରହୀନ । କର୍ମ ଓ ଧର୍ମ ବି ସେହିପରି ନିତ୍ୟ, ଅପରିବର୍ତ୍ତନୀୟ; ଏହା ଆର୍ଯ୍ୟର ବିଶ୍ୱାସ । ଜୀବନରେ ତାହାର ଏହିପରି ଆଦର୍ଶ । ଏହି ଧର୍ମର ସଂଯମରେ, ଏହି ବିଶ୍ୱତନ୍ତ୍ରର ନିତ୍ୟ ଶୃଙ୍ଖଳାରେ ସେ ନିଜର ସ୍ୱାଧୀନତା ଭୋଗ କରେ । ଏଥିରେହିଁ ତାହାର ବିଶୃଙ୍ଖଳ ଇଚ୍ଛା ଶକ୍ତି ସଂଯତ ହୁଏ; ତାହାର ଚରିତ୍ର ବିକଶିତ ଓ ପ୍ରତିଷ୍ଠିତ ହୁଏ ।

ତଥାପି ପ୍ରବୃତ୍ତି ମନୁଷ୍ୟର ସ୍ୱାଭାବିକ । "ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ;" ଅର୍ଥାତ୍ ବଳବାନ୍ ଇନ୍ଦ୍ରିୟମାନେ ଜୋର୍ କରି ମନକୁ ଅଧୀନ କରନ୍ତି । ମାନବ ସ୍ୱଭାବତଃ ସ୍ୱେଚ୍ଛାଚାରୀ ହୋଇପଡ଼େ; ସ୍ୱେଚ୍ଛାଚାରିତା ମନୁଷ୍ୟକୁ ଶିଖିବାକୁ ହୁଏ ନାହିଁ । ସଂଯମ ଦରକାର । କଳ୍ପିତ ଆଦର୍ଶର ସଂଯମ ସବୁବେଳେ ଦୃଢ଼ ହୁଏ ନାହିଁ । ସେହି ଆଦର୍ଶର ଧାରଣା ବେଳେ ବେଳେ ଗୋଟିଏ ଅଯଥା ବନ୍ଧନ ପରି ବୋଧ ହୁଏ । ସେ ବନ୍ଧନ ମନୁଷ୍ୟ ଲୋଡ଼େ ନାହିଁ, ସହେ ନାହିଁ । ସେଥିପାଇଁ ନିଜେ ନିଜ ନିମନ୍ତେ ବନ୍ଧନ ସୃଷ୍ଟି କରି, ଆଇନ୍ ତିଆରି କରେ । ଆଜି ଭିନ୍ନ ଭିନ୍ନ ଦେଶମାନଙ୍କରେ ସେଥିପାଇଁ ଏତେ ଆଇନ୍ । ରାଜ୍ୟର ଆଇନ୍, ସମାଜର ଆଇନ୍, ସଭାର ଆଇନ, ଦୋକାନର ଆଇନ୍, ଏହିପରି ଆଇନ୍ ନିତି କେତେ ତିଆରି ଲାଗିଛି । ସବୁ ଆଇନ୍ ମନୁଷ୍ୟ କରୁଛି, ପୁଣି ସ୍ୱେଚ୍ଛାଚାରିତାରେ ତାହା ଭାଙ୍ଗୁଛି । ଆଇନର କୌଣସି ଆଦର୍ଶ ସ୍ଥିର ରହୁନାହିଁ । ଉଚ୍ଛୃଙ୍ଖଳ ମାନବ ନିଜ ପାଇଁ ନିଜେ ଆଇନ ତିଆରି କଲେ, ତାହାର ଏହି ଫଳ ହେବ ।

କିନ୍ତୁ ଆର୍ଯ୍ୟ ସଭ୍ୟତାର ଗତି ସ୍ୱତନ୍ତ୍ର । ଆର୍ଯ୍ୟର ଧର୍ମହିଁ ସବୁ ଆଇନର ମୂଳ; ସବୁ ସଂଯମର ସ୍ଥାନ । ଧର୍ମହିଁ ସ୍ୱାଭାବିକ ସ୍ୱେଚ୍ଛାଚାରିତାର ପରମ ସଂଯମ ସେହି ଧର୍ମ ତାହାର ନିଜର ତିଆରି ନୁହେ । ଏହା ବିଧାତାଙ୍କର ନିୟମ ଓ ନିଦେଶ । ଏହି ଧର୍ମ, ଏହି ନିଦେଶ ବେଦ ଓ ଆପ୍ତବାକ୍ୟରୁ ଜଣାଯାଏ ।

ବେଦ ଓ ଆପ୍ତବାକ୍ୟ ଆର୍ଯ୍ୟର ଈଶ୍ୱରବାକ୍ୟ । ତାହା ଉପରେ ତର୍କ ନାହିଁ । ସଂସାର ଓ ସମାଜ ଚଳିବା ପାଇଁ ଆପ୍ତବଚନରେ ଧର୍ମର ଉପଦେଶ ଅଛି । ବେଦ ଯେପରି ଅପୌରୁଷେୟ, ଏହି ଆପ୍ତବାକ୍ୟ ମଧ୍ୟ ନିସର୍ଗ-ପରଂପରାର ଫଳ । ଦ୍ରଷ୍ଟା ସିଦ୍ଧପୁରୁଷ-ମାନଂକର ପାରଂପରିକ ଅନୁଭୂତି ଓ ବିଶ୍ୱାସ ଏହି ଆପ୍ତବାକ୍ୟରେ ପ୍ରକାଶ ପାଇଅଛି ।

ତାର୍କିକତାରେ ଆପ୍ତବାକ୍ୟର ନୈସର୍ଗିକତ୍ୱରେ ବିଶ୍ୱାସ ନ କଲେ ମଧ୍ୟ, ତାହା ଯେ ଅପୌରୁଷେୟ ବେଦ-ବଚନ ପରି ଧ୍ରୁବ, ସ୍ଥିର ଓ ନିତ୍ୟ, ସେଥିରେ ଅବିଶ୍ୱାସ କରିବାର କିଛି ନାହିଁ । ବିଚାର କରି, ସୂକ୍ଷ୍ମଦର୍ଶୀ ଦୂରଦର୍ଶୀ ମନୀଷୀମାନେ ଅନେକ ଦେଖି, ଯୁଗଯୁଗାଂତର ଅନୁଭବ ଦ୍ୱାରା ତୁଳନା କରି, କିଂବା ପୁରୋଦୃଷ୍ଟି ବଳରେ କଳ୍ପନା କରି, ଅଥବା ଘଟଣାର ଅଜ୍ଞାତ ପ୍ରଭାବରେ ଚାଳିତ ହୋଇ, ଫଳାଫଳ ବୁଝି, ଯାହା ନିୟମ ଓ ଧର୍ମ ବୋଲି ନିର୍ଦ୍ଦେଶ କରିଅଛଂତି, ତାହାହିଁ ଆପ୍ତବଚନ । ଏହା ମାନବର ସନାତନ ଅନୁଭୂତିର ଫଳ । ବିଧାତାଂକ ବିଶ୍ୱନିୟମରେ ଯେଉଁ ବିଶାଳ ଶୃଂଖଳାର ବାଣୀ ପ୍ରତି ମୁହୂର୍ତ୍ତରେ ପ୍ରଚାରିତ ହେଉଅଛି, ଏହା ସେହି ବାଣୀର ଅଜ୍ଞାତ ଉଦ୍ଭେଦ ମାତ୍ର । ବିଶ୍ୱନିୟମ ମାନବ ଜୀବନର ପରଂପରାରେ ଆପ୍ତବାକ୍ୟ ରୂପେ ସ୍ୱତଃ ପ୍ରକଟିତ ହୋଇଅଛି ।

ତେବେ ଆଉ ସଂଦେହ ରହିଲା କଣ ? ସ୍ୱେଚ୍ଛାଚାରିତା ନିବାରଣ କରିବାପାଇଁ, ସ୍ଥିର ନିୟମରେ ରହି ସଭ୍ୟତା ତଥା ଜୀବନର ବିକାଶ ଓ ବୃଦ୍ଧି ନିମଂତେ, ଏ ସଂଯମ-ପଂଥା ଆର୍ଯ୍ୟର ସାମାନ୍ୟ ଅଂତର୍ଦୃଷ୍ଟିର ଫଳ ନୁହେଁ । ବିଶାଳ ପୁରୋଦୃଷ୍ଟି ମଧ୍ୟ ଜ୍ଞାତ ବା ଅଜ୍ଞାତଭାବରେ ଏଥିରେ ବହୁତ କାର୍ଯ୍ୟ କରିଅଛି । ଯୁଗେ ଯୁଗେ ମାନବ ମାନବ ରହିବ । କେତେ ସାମାନ୍ୟ ନିୟମ ତାର ସ୍ଥିର ରହିବ । ସେହି ସବୁ ବା ଧର୍ମର ସଂଯମ ମଧ୍ୟରେ ମାନବକୁ ସ୍ୱାଧୀନତା ଭୋଗ କରିବାକୁ ହେବ । କି ସୁଂଦର ବ୍ୟବସ୍ଥା ।

ଅବଶ୍ୟ ଏପରି ନୀରସ, ବିଶ୍ୱାସହୀନ ତାର୍କିକତାରେ ଆର୍ଯ୍ୟ ନିଜର ଧର୍ମ-ଧାରଣା ତିଆରି କରି ନାହିଁ । ଏପରି କଲେ, ସୁଂଦର ଓ ସମୀଚୀନ ହେବ ବୋଲି ବିଚାରି, ଧର୍ମର ଆଚରଣରେ ପ୍ରବୃତ୍ତ ହୋଇ ନାହିଁ । ବିଶ୍ୱତଂତ୍ର ତାହାର ନିଜ କଳ୍ପନା ନୁହେଁ । ଧର୍ମ-ବଂଧରେ ତାହାର ଅହଂକାର ନାହିଁ । ବ୍ୟକ୍ତି ବିଶେଷର କଳ୍ପିତ ବା ଯୁକ୍ତିପ୍ରସୂତ ବ୍ୟବସ୍ଥା ସେ କେବେ ଧର୍ମ ବୋଲି ଗ୍ରହଣ କରି ନାହିଁ । ତାହାର ଧର୍ମ-ଧାରଣାର ବିଶ୍ୱାସ ସ୍ୱଭାବିକ । ତାହାର ବିଶ୍ୱାସ, ସନାତନ ସୃଷ୍ଟିନିୟମ ପରି ତାହାର ଧର୍ମ ବିଧାତାଂକର ନିର୍ଦ୍ଦେଶ । ଆପ୍ତବାକ୍ୟ ଈଶ୍ୱରବାକ୍ୟ ।

ଏହି ସର୍ଗ ତଂତ୍ର ନିୟମହିଁ ଆର୍ଯ୍ୟର ଧର୍ମ ଧାରଣା । ବିଧାତାଂକ ବିଶ୍ୱ-ନିର୍ଦ୍ଦେଶ ପାଳନ ତାହାର କର୍ତ୍ତବ୍ୟ । ବିଶ୍ୱ ସଂଗେ ସେ ଏହି ଧର୍ମ ବଳରେ ଏକ । ଏହି ଧର୍ମବଳରେହିଁ ତାର ବିଶ୍ୱ ସର୍ଗରେ ଯଥାର୍ଥ ଉପଯୋଗିତା । ଏହା ତାହାର ନିଜର ପରମ କଲ୍ୟାଣ । ଏଥିରେହିଁ ତାର ଆତ୍ମ ପ୍ରସାଦ ଓ ଚରମ ଶାଂତି । ବିଶ୍ୱତଂତ୍ରର ସୁନିୟତ ଚାଳନା ମାନବର ମୁକ୍ତି-ମାର୍ଗ । ବିଶ୍ୱତଂତ୍ରରେ ନିଜର ପ୍ରତିଷ୍ଠା ଆର୍ଯ୍ୟର ପରମ ପଦ ।

## ଚତୁର୍ଥ ଅଧ୍ୟାୟ

### ଆର୍ଯ୍ୟ ଜୀବନର ମୂଳାଧାର — ଆଧ୍ୟାତ୍ମିକତା

ଆର୍ଯ୍ୟର ଧର୍ମ ସନାତନ । ଏହା ଅନଂତ ସୃଷ୍ଟି ତଂତ୍ରର ଅଂଗୀଭୂତ । ବିଶ୍ୱସଂସାରରେ ପ୍ରତ୍ୟେକ ବସ୍ତୁ, ଜଂତୁ, ବ୍ୟକ୍ତିର ଯେ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଅଛି, ଅଜ୍ଞାତ ବିଶ୍ୱପ୍ରେରଣାରେ ମାନବ ଯେ କର୍ତ୍ତବ୍ୟରେ ପ୍ରଣୋଦିତ

ଓ ପ୍ରେରିତ ହେଉଅଛି, ତାହାହିଁ ତାହାର ଧର୍ମ । ଆର୍ଯ୍ୟ ଦୈନିକ ଉପାସନାରେ କହେ—

"ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହି,
ଧିୟୋ ଯୋ ନଃ ପ୍ରଚୋଦୟାତ୍ ।"

ଅର୍ଥାତ୍, ଅନନ୍ତ ବିଶ୍ୱର ପ୍ରସବିତା ଯେଉଁ ବିଧାତା ଆମ୍ଭମାନଙ୍କର ବୁଦ୍ଧି ଇଙ୍ଗିତରେ ଚାଳନ କରନ୍ତି ସେହି ବିଧାତାଙ୍କର ମହିମାମୟ ଦୀପ୍ତିକୁ ମୁଁ ଧ୍ୟାନ କରୁଅଛି ।

ସମସ୍ତ କାର୍ଯ୍ୟରେ ଆର୍ଯ୍ୟର ବିଶ୍ୱାସ, ସେ ବିଶ୍ୱ-ବିଧାତାଙ୍କର ପ୍ରେରଣା ଲଭୁଅଛି । ବିଶ୍ୱବିଧାତା ସମସ୍ତ ସର୍ଗତନ୍ତ୍ର ଇଙ୍ଗିତରେ ଚଳାଉଛନ୍ତି । ମାନବ ପ୍ରାଣରେ ତାଙ୍କରି ମହିମାମୟ ଇଙ୍ଗିତରେ କର୍ମ ପ୍ରବାହ ପ୍ରକଟିତ ହୁଏ । ମନୁଷ୍ୟର କର୍ତ୍ତବ୍ୟ ସେହି ବିଶ୍ୱତନ୍ତ୍ର ନିୟମର ଅଙ୍ଗୀଭୂତ । ମାନବ ବିଶ୍ୱତନ୍ତ୍ରରୁ ବିଚ୍ଛିନ୍ନ ନୁହେ । ସେହି ବିଶ୍ୱତନ୍ତ୍ର ମଧ୍ୟରେ ତାହାର ନିର୍ଦ୍ଦିଷ୍ଟ ସ୍ଥାନ । ସେହି ବିଶ୍ୱତନ୍ତ୍ରର ପରିଚାଳନା ଅକ୍ଷୁର୍ଣ୍ଣ ରଖିବାରେ ତାହାର ପରମ ଆତ୍ମଲାଭ । ବିଶ୍ୱନିୟମ ଓ ବିଶ୍ୱଧର୍ମରେ ତାହାର ଯେ ଆସ୍ଥା, ଯେ ବିଶ୍ୱାସ, ନିଜର ଧର୍ମ, ନିଜର କର୍ତ୍ତବ୍ୟରେ ତାହାର ସେହି ଆସ୍ଥା, ସେହି ବିଶ୍ୱାସ । ଏହିପରି ସମସ୍ତ ବିଶ୍ୱଭିତରେ ତାହାର ନିଜତ୍ୱ ଓ ନିଜ ଭିତରେ ବିଶ୍ୱୈକତ୍ୱ । ବିଶ୍ୱର ନିତ୍ୟ ନିୟମରେ ତାହାର ଅବିଚଳିତ ବିଶ୍ୱାସ । ଏଥିରୁହିଁ ତାହାର ଧର୍ମଧାରଣା ଓ କର୍ତ୍ତବ୍ୟ ଜ୍ଞାନ । ଏହି ବିଶ୍ୱ-ନିୟମରେ ବିଶ୍ୱାସ ଆର୍ଯ୍ୟର ଆଧ୍ୟାତ୍ମିକତା ପ୍ରମାଣ କରୁଅଛି; ଆର୍ଯ୍ୟ-ହୃଦୟର ବିସ୍ତୀର୍ଣ୍ଣତା ସାବ୍ୟସ୍ତ କରୁଅଛି । ପୂର୍ବ ଅଧ୍ୟାୟରେ ଧର୍ମ ସଂପର୍କରେ ଏଥିପ୍ରତି ଲକ୍ଷ୍ୟ କରାଯାଇଅଛି ।

ପରକୁ ପ୍ରେମ କରିବା ଯେ ମାନବର ଧର୍ମ, ଏହା ସର୍ବବାଦିସମ୍ମତ । ପରପାଇଁ ଆତ୍ମୋତ୍ସର୍ଗ କରିବାରେ



କେବଳ ମହାପ୍ରାଣ ମାନବମାନେ ସମର୍ଥ ହୁଅନ୍ତି । ଜୀବନର ଯଥାର୍ଥ ଧାରଣା ଯାହାର ଯେତେ ଦୃଢ଼, ସେ ସେତେ ପରର ଦୁଃଖ, ପରର ସନ୍ତୋଷ ନିଜ ମଧ୍ୟରେ ଦେଖିପାରେ । କିଏ ପରିବାରପାଇଁ, କିଏ ସମାଜ ପାଇଁ, କିଏ ଦେଶ ପାଇଁ ଆତ୍ମୋତ୍ସର୍ଗ କରି କୃତାର୍ଥ ହୁଏ; ନିଜର ଧର୍ମ ପାଳନ କରେ; କିନ୍ତୁ ଆର୍ଯ୍ୟର ଧର୍ମଧାରଣା କେବଳ ପରିବାର, ସମାଜ, ଜାତି ବା ଦେଶପାଇଁ ନୁହେ । ପୁଣି ଏହା ଏକା ମାନବଜାତି ପାଇଁ ବି ନୁହେ । ଏହା ଯାବତୀୟ ବିଶ୍ୱ-ବ୍ରହ୍ମାଣ୍ଡ ନିମନ୍ତେ; ସମସ୍ତ ସୃଷ୍ଟ ବସ୍ତୁରେ ପରିବ୍ୟାପ୍ତ ।

ଏ ବ୍ୟାପ୍ତିର ଧାରଣା ଆର୍ଯ୍ୟର ଏତେ ଦୃଢ଼ ଯେ, ମରଣରେ ମଧ୍ୟ ତାହାର ଆତ୍ମୋତ୍ସର୍ଗ ଅଛି ବୋଲି ସେ ମନେ କରେ ନାହିଁ । ଆଧ୍ୟାତ୍ମିକ ଆର୍ଯ୍ୟ ପକ୍ଷରେ ମରଣ ଗୋଟିଏ ସାଧାରଣ ବିଶ୍ୱତନ୍ତ୍ରର ଘଟଣା ମାତ୍ର । ମରଣରେ ଆତ୍ମାର ଉତ୍ସର୍ଗ ନାହିଁ । ଜନ୍ମ ମରଣ ମଧ୍ୟରେ ମାନବାତ୍ମାର ନିତ୍ୟପ୍ରବାହ ସମାନ ଲାଗି ରହିଅଛି । ଧର୍ମ ରକ୍ଷି କର୍ତ୍ତବ୍ୟ ପାଳନରେ ମରିବା ଉନ୍ନତ ଜୀବନର ବ୍ୟବସ୍ଥା ମାତ୍ର । ସେଥିପାଇଁ ତାହାର ବିଶ୍ୱାସ, ଜନ୍ମ ପରେ ଜନ୍ମ ଲାଗି ରହିଅଛି । ଜୀବନର ଧାରା ଓ ବ୍ୟକ୍ତିତ୍ୱ ମରଣରେ ପରିସମାପ୍ତ ନୁହେ । କର୍ମର ଫଳ ଭୋଗ କରିବାପାଇଁ ମନୁଷ୍ୟ, ଜନ୍ତୁ, ବୃକ୍ଷ, ଏପରି କି ଜଡ଼ ପର୍ଯ୍ୟନ୍ତ, ସର୍ବତ୍ର ଏକ ଜୀବନ ଧାରା ଅନବଚ୍ଛିନ୍ନ ଭାବରେ ଗତି କରିପାରେ । କର୍ମ ଭୋଗ ନିମନ୍ତେ ସର୍ବତ୍ର ଆତ୍ମାର ଜନ୍ମ ହୋଇପାରେ । କର୍ମ ଫଳରେ ମନୁଷ୍ୟ ସ୍ୱେଦଜ ହୁଏ; ମଶକ ମାନବ ହୁଏ; ଶୂଦ୍ର ବ୍ରାହ୍ମଣ ହୁଏ, ବ୍ରାହ୍ମଣ ମ୍ଲେଚ୍ଛ ହୁଏ—ଏପରି କି ଜୀବ ଜଡ଼ ହୁଏ; ଜଡ଼ ପୁଣି ଚେତନ ହୁଏ ।

ସଂସାର ଅନନ୍ତ । ଆତ୍ମା ସର୍ବବ୍ୟାପୀ । ଏହି ଜଗତରେ ଅନନ୍ତକାଳ ମଧ୍ୟରେ ଦେହଗତ ଆତ୍ମାର ଫଳଭୋଗ ଲାଗିଅଛି । ଦ୍ୱୈତାଦ୍ୱୈତବାଦ ବା ଅସଂଖ୍ୟ

ମାନବର ମତ ପରି ମୃତ୍ୟୁରେ ଆତ୍ମାର ବିନାଶ ନାହିଁ । ଖ୍ରୀଷ୍ଟାନ୍ ପ୍ରଭୃତି ଧର୍ମ ପରି, ପ୍ରମାଦମୟ କ୍ଷଣସ୍ଥାୟୀ ମରଜୀବନର କାର୍ଯ୍ୟ ନିମନ୍ତେ ମୃତ୍ୟୁ ପରେ ଅନନ୍ତ-କାଳବ୍ୟାପୀ ସ୍ୱର୍ଗସୁଖ ବା ନରକ-ଯନ୍ତ୍ରଣାର ବିଧାନ ନାହିଁ । କର୍ମର ଫଳ ଏହି ସଂସାରରୁ ଭିନ୍ନ ସ୍ୱର୍ଗ ବା ନରକରେ ଭୋଗ କରିବାକୁ ହୁଏ ନାହିଁ; ସମସ୍ତ କର୍ମ ଭୋଗ ଏହି ସଂସାର ମଧ୍ୟରେ । ଏହିଠାରେ ଜନ୍ମ-ଜନ୍ମାନ୍ତରରେ ଧର୍ମର ଅନୁବୃତ୍ତି ଓ କର୍ମର ପରିପାକ ।

ଗୋଟିଏ ଜୀବନର ସୁଖ ଦୁଃଖ ଯେନ ଆର୍ଯ୍ୟ ବିବ୍ରତ ନୁହେଁ । ଜଡ଼ଠାରୁ ଚେତନ ପର୍ଯ୍ୟନ୍ତ, ମଶକଠାରୁ ମାନବ ପର୍ଯ୍ୟନ୍ତ, କେହି ଆର୍ଯ୍ୟର ହେୟ ନୁହେଁ । ତେଣୁ ମରଣକୁ ଆର୍ଯ୍ୟର ଲେଶ ଭୟ ନାହିଁ । ବିଶ୍ୱନିୟନ୍ତାଙ୍କ ରାଜ୍ୟରେ ସମସ୍ତେ ଏକ ପରିବାରର କୁଟୁମ୍ବ । ସମସ୍ତଙ୍କ ଜୀବନ ଅନନ୍ତ । କର୍ମବଳରେ ତାହାର ଆପାତ ଉନ୍ନତି ବା ପତନ । ସେ କର୍ମ ବିପାକର ନିୟନ୍ତା ପରମେଶ୍ୱର । ମନୁଷ୍ୟର ସେଥିରେ କିଛି ନାହିଁ । କର୍ମ କେତେକ ପରିମାଣରେ ମନୁଷ୍ୟ ହାତରେ ଅଛି ସତ, ମନୁଷ୍ୟ ନିର୍ଦ୍ଦିଷ୍ଟ ବିଶ୍ୱବିଧାନର ମାର୍ଗ ଅବଲମ୍ବନ କରି କର୍ମରେ ସ୍ୱାଧୀନତା ଭୋଗ କରୁଅଛି ସତ; କିନ୍ତୁ ଏହି ସ୍ୱାଧୀନତାରେ ନିତ୍ୟ-ନିୟମ ଭଙ୍ଗ କଲେ ସୃଷ୍ଟିତନ୍ତ୍ରରେ ବ୍ୟଭିଚାର ହୁଏ । ସେ କର୍ମ କରିଯାଏ; କିନ୍ତୁ ସେ କର୍ମର ଅନିବାର୍ଯ୍ୟ ବିପାକ ନିର୍ଦ୍ଦିଷ୍ଟ ଓ ସ୍ଥିର । ମନୁଷ୍ୟ ପରମପିତାଙ୍କର ଏହି ନିର୍ଦ୍ଦିଷ୍ଟ ଧର୍ମ-ପଥରେ ରହି କର୍ମ କରିବ । ନିଜର ନିତ୍ୟ କର୍ତ୍ତବ୍ୟରେ ପ୍ରତିଷ୍ଠିତ ରହି ମାନବୀୟ ସ୍ୱାଧୀନତା ଭୋଗ କରିବ । ଧର୍ମର ବିଧାତା, ଜଗତ୍-ପରିବାର, ବିଶ୍ୱପିତା, ଜଗନ୍ନିୟନ୍ତା କର୍ମ ସଙ୍ଗେ ଫଳର ଯୋଗ ଘଟାଇବେ ।

ଆର୍ଯ୍ୟ ପ୍ରାଣର ଏ ଉଦାରତା ନିରଙ୍କୁଶ । ନିଜ ଜୀବନର କ୍ରିୟା ପର୍ଯ୍ୟାଲୋଚନା କଲାବେଳେ, ସେ ସମସ୍ତ ବିଶ୍ୱକୁ ନିଜ କାର୍ଯ୍ୟରେ ପ୍ରତିବିମ୍ବିତ ଦେଖେ ଏବଂ ନିଜ କାର୍ଯ୍ୟରେ ସମସ୍ତ ବିଶ୍ୱ ପ୍ରଭାବିତ ବୋଲି ଅନୁଭବ କରେ । ସୃଷ୍ଟି-ତନ୍ତ୍ରରେ ନିଜର ଯଥାର୍ଥ ସ୍ଥାନ ସ୍ଥିର କରିବାହିଁ ତାହାର ଧର୍ମ, ତାହାର ମାନବତା । ସେ ନିଜେ ବିଶ୍ୱତନ୍ତ୍ରର ପରିଚାଳନାରୁ ଭିନ୍ନ ନୁହେଁ । ତାହାର କ୍ରିୟାରେ ବିଶ୍ୱ-ବିଧାନ ବ୍ୟାହତ ହେବା ଉଚିତ ନୁହେଁ । ବିଶ୍ୱମୟ ସମସ୍ତେ ନିଜ ନିଜର କ୍ରିୟାରେ ଯେପରି ନିର୍ଦ୍ଦିଷ୍ଟ, ମାନବ ମଧ୍ୟ ନିଜର କ୍ରିୟାରେ ସେହିପରି ସ୍ଥିରଭାବରେ ନିୟୋଜିତ । ବିଶ୍ୱ-ଜଗତରେ ବଡ଼ ସାନ ନାହିଁ; ଉତ୍କର୍ଷ, ଅପକର୍ଷ ନାହିଁ, ଆଦର ଓ ଘୃଣା ନାହିଁ । ସମସ୍ତେ ନିଜ ନିଜ ସ୍ଥାନର ଯଥାର୍ଥ ଉପଯୋଗୀ । ଯେ ଯାହାର ନିର୍ଦ୍ଦିଷ୍ଟ କର୍ମ କରି ଫଳ ଭୋଗ କରୁଅଛନ୍ତି । ସର୍ବତ୍ର ଏକ ବିଧାନ—ଏକ ନୀତି ।

ଅତଏବ ଉଦାର ଆର୍ଯ୍ୟର ବିଶ୍ୱାସ, ଲୋଷ୍ଟ୍ର ଯେ ବିଧାନରେ ତଳକୁ ପଡ଼େ, ରାଜା ସେହି ବିଧାନରେ ପ୍ରଜାରଞ୍ଜନ କରି ଲୋକ ପାଳନ କରନ୍ତି; ବ୍ରାହ୍ମଣ ଜ୍ଞାନ ଚର୍ଚ୍ଚାରେ ଆତ୍ମୋତ୍ସର୍ଗ କରେ; କ୍ଷତ୍ରିୟ ଧନ-ପ୍ରାଣ-ସଙ୍କଟରେ ସଂଗ୍ରାମ କରେ; ଶୂଦ୍ର ସେବା କରି କୃତାର୍ଥ ହୁଏ । ପ୍ରତ୍ୟେକେ ନିଜ ନିଜର ସ୍ଥିର କର୍ତ୍ତବ୍ୟରେ ରହି, ବିଧାତାଙ୍କର ମଙ୍ଗଳମୟୀ ଇଚ୍ଛା ପୂର୍ଣ୍ଣ କରୁଅଛନ୍ତି । ସମସ୍ତେ ନିଜ ନିଜ ଧର୍ମରେ ଅନନ୍ତ ବିଶ୍ୱ ତନ୍ତ୍ରରେ ଗୋଟିଏ ଗୋଟିଏ ଆବଶ୍ୟକୀୟ ଉପାଦାନ । କେହି ନିରର୍ଥକ ନୁହେଁ କିମ୍ବା ସ୍ୱତନ୍ତ୍ର ଭାବରେ କାହାରି କିଛି ଅର୍ଥ ବା ମୂଲ୍ୟ ନାହିଁ । ସମସ୍ତେ ଅବିରତ ଆନ୍ତରିକତା ସହିତ କାର୍ଯ୍ୟ କରୁଅଛନ୍ତି; କିନ୍ତୁ କେହି କେବଳ ନିଜ ପାଇଁ କର୍ମ କରୁ ନାହାନ୍ତି । କେହି ସ୍ୱତନ୍ତ୍ର ଭାବରେ କର୍ମର ଫଳ ଭୋଗ କରିବାର ବାସନା ରଖି ନାହିଁ । ନିଜ ନିଜ ଧର୍ମରେ ସମସ୍ତେ ସେହି ପରମ ମଙ୍ଗଳମୟ ବିଶ୍ୱପିତାଙ୍କ କ୍ରିୟାହିଁ ସମାଧାନ କରୁଅଛନ୍ତି । ସମସ୍ତେ କର୍ମ କରୁଅଛନ୍ତି; କିନ୍ତୁ ସେ କର୍ମରେ କେହି ସ୍ୱାତନ୍ତ୍ର୍ୟ

ରଖି ନାହାଁନ୍ତି । କୌଣସି ବ୍ୟକ୍ତିଗତ କାମନାରେ ପରିଚାଳିତ ହୋଇ କେହି କର୍ମ କରୁ ନାହାଁନ୍ତି । ଏହାହିଁ ଆର୍ଯ୍ୟର ନିଷ୍କାମ କର୍ମ । ଭଗବାନ କହିଅଛନ୍ତି —

"ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ ।"

ଅର୍ଥାତ୍, 'ମନ ମୋହରିଠାରେ ଅର୍ପଣ କର, ମୋଠାରେ ବୁଦ୍ଧି ନିବେଶ କର ।'

"ମୟ୍ୟର୍ପିତ ମନୋବୁଦ୍ଧି ର୍ଯୋ ମେ ଭକ୍ତଃ ସ ମେ ପ୍ରିୟଃ!"

'ଅର୍ଥାତ୍, ସବୁ କାର୍ଯ୍ୟରେ ମୋ ଠାରେ ମନବୁଦ୍ଧି ଯେ ଅର୍ପଣ କରେ, ସେହି ମୋର ଭକ୍ତ, ସେହି ମୋର ପ୍ରିୟ । ସ୍ୱାଧୀନ ଭାବରେ କର୍ମର ଅନୁଷ୍ଠାନ କରିବ; କିନ୍ତୁ ସବୁବେଳେ ଲକ୍ଷ୍ୟ ସେହି ବିଧାତା, ସେହି ବ୍ରହ୍ମଜ୍ୟୋତି ।'

ନିର୍ଦ୍ଦିଷ୍ଟ କର୍ମହିଁ ଧର୍ମ । ସେହି କର୍ମ 'ବ୍ରହ୍ମୋଦ୍ଭବ' ଅର୍ଥାତ୍, ବେଦରୁ ଜାତ ବା ବିଧାତାଙ୍କର ନିର୍ଦ୍ଦେଶ । କର୍ମରେ ଏ ବିସ୍ତୀର୍ଣ୍ଣ ବିଶ୍ୱାସ ଆର୍ଯ୍ୟ ଭିନ୍ନ ଆଉ କେହି କାର୍ଯ୍ୟରେ ପ୍ରମାଣ କରି ନାଇ । ସମସ୍ତ କର୍ମ କରିବାକୁ ହେବ; ସବୁବେଳେ ଜ୍ଞାନ, ଏ କର୍ମ ବିଧାତାଙ୍କ ନିମନ୍ତେ, ବିଶ୍ୱପରିବାରର ପିତା, ବିଧାତା ଯାହାହିଁ ଆଦେଶ କରୁଅଛନ୍ତି, ମୁଁ ତାହାହିଁ କରୁଅଛି । ମୁଁ ମୋର କର୍ମାଚରଣ କରୁଅଛି, କର୍ମର ଫଳ ଯାହା ହେଉ, ସେଥିରେ ମୋର କିଛି ନାଇ । ମୋର ଏହା ଧର୍ମ, ମୁଁ ଏହା କଲେ ବିଧାତାଙ୍କର ଇଚ୍ଛା ପୂର୍ଣ୍ଣ ହେବ । ଆଉ ଫଳ ଖୋଜିବାରେ ମୋର ପ୍ରୟୋଜନ ନାଇ । ଭଗବାନ କହିଅଛନ୍ତି—

"କର୍ମଣ୍ୟେବାଧିକାରସ୍ତେ ମାଫଳେଷୁ କଦାଚନ
ମାକର୍ମ ଫଳହେତୁର୍ଭୁର୍ମାତେ ସଙ୍ଗୋଽସ୍ତ୍ୱକର୍ମଣି ।"

'ଅର୍ଥାତ୍,ହେ ମାନବ, କର୍ମରେ ତୋର ଅଧିକାର, ଫଳରେ ନୁହେ । ଫଳ କଣ ହେବ, ଏ କଥା ଭାବି କର୍ମରେ ପ୍ରବୃତ୍ତ ହୁଅ ନାଇ, କିମ୍ବା ଅକର୍ମ ଆଚରଣ କର ନାଇ ।

ଫଳ ଭାବି କର୍ମ କଲେ, ନିଜର ଧର୍ମ ଛାଡ଼ି ଅକର୍ମ କରିବାର ଆଶଙ୍କା ଅଛି । ଦୃଷ୍ଟାନ୍ତ ସ୍ୱରୂପ, କ୍ଷତ୍ରିୟ ଯଦି ଭାବେ, 'ମୁଁ କାହିଁକି ଯୁଦ୍ଧ କରିବି ? ହୁଏତ ମୋତେ ନରହତ୍ୟା କରିବାକୁ ହେବ, କିମ୍ବା ମୋର ପ୍ରାଣ-ବିନାଶ ହେବ, ଏ ଯୁଦ୍ଧରେ ମୋର କି ଲାଭ ?' ତେବେ ସେ ଧର୍ମରୁ ସ୍ଖଳିତ ହେଲା; ସେ ଅକର୍ମ କଲା । ସେଥିପାଇଁ କର୍ମର ଫଳ ଗଣନାରେ ମନୁଷ୍ୟର ବୃଥା ଅହଂକାର ପାଇଁ ଆର୍ଯ୍ୟଧର୍ମରେ ଅବକାଶ ନାଇ । ଫଳ ଯାହାହେଉ, ଧର୍ମ ନିମନ୍ତେ କର୍ମ ତାକୁ କରିବାକୁ ହେବ ।

ଏସବୁ ଧର୍ମ ଧାରଣା ଓ କର୍ମବାଦ ଆର୍ଯ୍ୟର ଦର୍ଶନମତ ନୁହେ । ତାହାର ଦୈନନ୍ଦିନ ଅଭ୍ୟାସରେ ଏହାହିଁ ଦେଖାଯାଏ । ସେ ସବୁବେଳେ ସମସ୍ତ ବିଶ୍ୱତତ୍ତ୍ୱ ମଧ୍ୟରେ ନିଜକୁ ଅନୁଭବ କରୁଅଛି; ବିଶ୍ୱାସରେ ବିଧାତାଙ୍କ ପାଇଁ କର୍ମାଚରଣ କରି ଯାଉଅଛି । ସବୁବେଳେ ସେ ଅନୁଭବ କରୁଅଛି—

"ଈଶାବାସ୍ୟମିଦଂ ସର୍ବଂ ଯତ୍ କିଂଚ ଜଗତ୍ୟାଂ
ଜଗତ୍ ।"

ଅର୍ଥାତ୍, ଏ ଜଗତରେ ଯାହା କିଛି ଅଛି, ସବୁ ପରମାତ୍ମାଙ୍କ ଦ୍ୱାରା ଆଚ୍ଛାଦିତ ରହିଅଛି । ମନୁଷ୍ୟ, ପଶୁ, ପକ୍ଷୀ, ଚରାଚର, ସବୁଥିରେ ସେହି ପରମାତ୍ମା ବିରାଜିତ ରହିଅଛନ୍ତି ।

ତେଣୁ ଜଗତର ପ୍ରତ୍ୟେକ କ୍ରିୟା, ତଥା ନିଜର ପ୍ରତ୍ୟେକ ଅଂଗ ଚାଳନାରେ ଆର୍ଯ୍ୟ ସେହି ପରମାତ୍ମାଙ୍କୁ ବିଧାତା ଜ୍ଞାନରେ ଦେଖୁଅଛି । ତାହାର ଦୈନନ୍ଦିନ କାର୍ଯ୍ୟ ଅନୁସଂଧାନ କଲେ ମଧ୍ୟ ତାହାହିଁ ଦେଖାଯାଏ । ବୈଦିକ ଋଷି ଦେବତାଙ୍କୁ ଦାନ ନ କରି ସୋମରସ

ପିଅନ୍ତି ନାହିଁ । ବୈଦିକ ଆର୍ଯ୍ୟସନ୍ତାନ ଈଶ୍ୱର-ଭାବ ଛାଡ଼ି କୌଣସି କାର୍ଯ୍ୟ କରେ ନାହିଁ । ବସିବା, ଶୋଇବା, ଖାଇବା, ଉଠିବା, ଗାଧୋଇବା, କାର୍ଯ୍ୟ କରିବାଠାରୁ ବିଦ୍ୟାଧ୍ୟୟନ କରିବା, ରାଜ୍ୟ ଶାସନ କରିବା, ଜନସେବା କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ତାହାର ଈଶ୍ୱର । ସେଥିପାଇଁ କେବଳ ଧର୍ମପ୍ରାଣ, ଅଧ୍ୟାତ୍ମ-ସମ୍ବଳ ଆର୍ଯ୍ୟର ପ୍ରାର୍ଥନା-ସମାଜ ନାହିଁ, ଗିର୍ଜା ନାହିଁ, କି ଉପାସନା-ମନ୍ଦିର ନାହିଁ । ଜୀବନର ପ୍ରତି କାର୍ଯ୍ୟ, ଏପରିକି ପ୍ରତ୍ୟେକ ନିଃଶ୍ୱାସ ଚାଳନରେ ଯେ ଈଶ୍ୱର ସତ୍ତା, ପରମାତ୍ମାଙ୍କ ନିତ୍ୟ ଅସ୍ତିତ୍ୱ ଅନୁଭବ କରୁଅଛି, ପ୍ରତି କ୍ଷଣରେ ଯାହାର ଜୀବନ ଈଶ୍ୱର-ଭାବମୟ, ତାହାର ବନ୍ଧା ଗତରେ ଈଶ୍ୱରସ୍ମରଣ ବା ଉପାସନା କରିବା ଆବଶ୍ୟକ ହୋଇ ନାହିଁ ।

ଆର୍ଯ୍ୟର ଧାରଣା, ଈଶ୍ୱର ସର୍ବବ୍ୟାପୀ । ଅନନ୍ତ ବିଶ୍ୱତତ୍ତ୍ୱ ଈଶ୍ୱରରେ ଜୀବନ୍ତ ଓ ଚାଳିତ । ବିଶ୍ୱଜଗତ୍ ତାଙ୍କର ବିଗ୍ରହ, କ୍ରିୟାରାଶି ତାଙ୍କର ଇଙ୍ଗିତ । ସେ ସବୁବେଳେ ସର୍ବତ୍ର ଈଶ୍ୱରଙ୍କୁ ଦେଖୁଅଛି । ସାଧାରଣ ଲୋକଙ୍କର ମନର ଦୃଢ଼ତା ଓ ଭାବର ସ୍ଥାୟିତ୍ୱ ପାଇଁ ଯେ କୌଣସି କାଠ, ପଥର ବା ଦେବମୂର୍ତ୍ତି ଈଶ୍ୱର ହୋଇ ପାରନ୍ତି । ସେ ତାହା ଯେତେବେଳେ ଇଚ୍ଛା ସେତେବେଳେ ପୂଜା କରିପାରେ । ଘରେ ଦେବମୂର୍ତ୍ତି ରଖି ଗୃହସ୍ଥ ପ୍ରତ୍ୟେକ କାର୍ଯ୍ୟରେ ଈଶ୍ୱର-ସ୍ମରଣ ଦୃଢ଼ୀଭୂତ କରି ପାରନ୍ତି । ଆର୍ଯ୍ୟ-ସନ୍ତାନର ସେଥିରେ ଧର୍ମନାଶ ହୁଏ ନାହିଁ । ପ୍ରତି ବେଳେ, ପ୍ରତି କର୍ତ୍ତବ୍ୟରେ ଯାହାର ଈଶ୍ୱର, ତାହାର ରବିବାର ବା କୌଣସି ନିର୍ଦ୍ଦିଷ୍ଟ ଦିନରେ ବା ନିର୍ଦ୍ଦିଷ୍ଟ ସ୍ଥାନ ବା ବିଧାନରେ ଈଶ୍ୱର ପୂଜା କରିବାର ପ୍ରୟୋଜନ ନାହିଁ । ଆର୍ଯ୍ୟ ସନ୍ତାନର ସେ ପ୍ରୟୋଜନ କେବେ ହୋଇ ନାହିଁ । ଲୋକ ବ୍ୟବହାରରେ ମୂର୍ତ୍ତିପୂଜା ଚଳିପାରେ, ଭକ୍ତିରେ ଦେବତାଙ୍କୁ ନିଜ ପରି ବସ୍ତ୍ରାଲଙ୍କାରରେ ଭୂଷିତ କରିଯାଇ ପାରେ; ଏପରିକି ବଳି ପର୍ଯ୍ୟନ୍ତ ମଧ୍ୟ ଦିଆ ଯାଇପାରେ; ସେଥିପାଇଁ ଆର୍ଯ୍ୟର ବିଧି ବିଧାନ, ନିଷେଧ ବିଶେଷ କିଛି ନାହିଁ । କୌଣସି କଟକଣାର ବ୍ୟବସ୍ଥା ନାହିଁ । ବ୍ୟବସ୍ଥା ଅଛି କେବଳ—

"ଯେ ଯଥା ମାଂ ପ୍ରପଦ୍ୟନ୍ତେ  
ତାଂ ତଥୈବ ଭଜାମ୍ୟହଂ  
ମମବର୍ତ୍ମାନୁବର୍ତ୍ତନ୍ତେ  
ମନୁଷ୍ୟାଃ ପାର୍ଥ ସର୍ବଶଃ ।"

ଅର୍ଥାତ୍, ଯେ ମତେ ଯେ ରୂପରେ ପାଇବାକୁ ଇଚ୍ଛା କରନ୍ତି ମୁଁ ତାଙ୍କୁ ସେହି ରୂପରେ ପ୍ରାପ୍ତ ହୁଏ । ସବୁ ମତରେ ମନୁଷ୍ୟମାନେ ମୋର ନିର୍ଦ୍ଦିଷ୍ଟ ମାର୍ଗ ଅନୁବର୍ତ୍ତନ କରୁଅଛନ୍ତି ।

ଏହା ଭଗବାନ ନିଜେ କହିଅଛନ୍ତି; ପୁଣି କହିଅଛନ୍ତି, "ଯେ ମୋତେ ଶ୍ରଦ୍ଧାରେ ଯାହା ଦିଏ, ମୁଁ ତାର ଶ୍ରଦ୍ଧା ବୋଲି ତାକୁ ଗ୍ରହଣ କରେ ।"

ଭଗବାନ ସର୍ବତ୍ର ଅଛନ୍ତି । ତାଙ୍କର ସ୍ଥାନ, କାଳ, ନାମ, ରୂପ ନାହିଁ । ସମସ୍ତ ସ୍ଥାନ, କାଳ, ନାମ, ରୂପ ତାଙ୍କର ଇଙ୍ଗିତରେ, ତାଙ୍କର ଆଦେଶରେ ବର୍ତ୍ତମାନ; ତାଙ୍କରି ବ୍ରହ୍ମଜ୍ୟୋତିରେ ପୂର୍ଣ୍ଣ । କୌଣସିଠାରେ ଭେଦ କରିବା ପାପ ।

"ଯଃ ସର୍ବଜ୍ଞଃ ସର୍ବବିତ୍  
ଯସ୍ୟ ଜ୍ଞାନମୟଂ ତପଃ  
ତସ୍ମାଦେତଦ୍ ବ୍ରହ୍ମନାମ  
ରୂପମନ୍ନଂ ଚ ଜାୟତେ ।"

ଅର୍ଥାତ୍, ଯେ ସବୁ ଜାଣନ୍ତି, ସବୁ ଅନୁଭବ କରନ୍ତି, ଯାହାଙ୍କର କ୍ରିୟା ଜ୍ଞାନମୟ, ଏସବୁ ନାମ ରୂପାଦି ତାଙ୍କଠାରୁ ଜାତ ।

ସବୁ ତାଂକର ସ୍ୱରୂପରେ ପୂର୍ଣ୍ଣ । ସେଥିପାଇଁ ଆର୍ଯ୍ୟ କୌଣସିଠାରେ ଭେଦଜ୍ଞାନ କରି ନାହିଁ । କୌଣସିଠାରେ ଈଶ୍ୱରାବେଶ କଲେ, ତାର ଘୃଣା ବା ଅନାଦର ହୁଏ ନାହିଁ । କୌଣସି ପ୍ରକାର ଲୋକ-ବ୍ୟବହାରରେ ସେ ଧର୍ମ ହାନିର ଭୟ କରେ ନାହିଁ । ସେ ଯେପରି ଭାବରେ ଉପାସନା ବା ପୂଜା କରୁ ନା କାହିଁକି, ନିଜର ଧର୍ମରେ ଥାଇ, ପ୍ରତ୍ୟେକ କାର୍ଯ୍ୟରେ ଈଶ୍ୱର ସ୍ମରଣ କରିବା, ଜଗନ୍ମୟ ଈଶ୍ୱର ସତ୍ତା ଅନୁଭବ କରି ନିର୍ଦ୍ଦିଷ୍ଟ କର୍ମରେ ପ୍ରବୃତ୍ତ ହେବା ଆର୍ଯ୍ୟର ଉଦ୍ଦେଶ୍ୟ । ସମସ୍ତ କର୍ମଫଳ ଈଶ୍ୱରଙ୍କରେ ଅର୍ପଣ କରି, ଆର୍ଯ୍ୟ ଧର୍ମ ସାଧନା ପାଇଁ, ସୃଷ୍ଟିତଂତ୍ରର ନିୟୁତ କ୍ରିୟା ବିଧାନରେ ନିଜର କର୍ମ ପାଳନ କରେ ।

ଏ ଧର୍ମ ମଧ୍ୟରେ ଚିତ୍ତ ଦୃଢ଼ ରଖି ସୃଷ୍ଟିର ବ୍ୟାଖ୍ୟା କରିବାରେ ଆର୍ଯ୍ୟ ସ୍ୱାଧୀନ । ଦର୍ଶନର ମତବାଦରେ ତାହାର ନିର୍ଦ୍ଦିଷ୍ଟ ଶୃଂଖଳା ବା ବଂଧା ଗତ ନାହିଁ । ଏତିକି କେବଳ ଶୃଂଖଳା ଯେ, କୌଣସି ମତବାଦରେ ଯେପରି ଧର୍ମ ହାନି ନ ହୁଏ; ଶ୍ରୁତି ନିର୍ଦ୍ଦେଶର ଅନ୍ୟଥା ନ ହୁଏ; ଆପ୍ତବାକ୍ୟର ଅଯଥା ଅପଳାପ ନ ହୁଏ; ମୂଳତଃ ସନାତନ ନିତ୍ୟ ଧର୍ମର ଗ୍ଲାନି ବା ଅପଚାର ନ ହୁଏ । ମତବାଦ ଯାହା ହେଉ, ଧର୍ମ ନିତ୍ୟ । ସମସ୍ତ ମତବାଦ ମଧ୍ୟରେ ଯେପରି କି ଏହି ନିତ୍ୟ ଧର୍ମର ବ୍ୟତିକ୍ରମ ବା ଅପବାଦ ନ ହୁଏ । ଏହି ନିତ୍ୟତ୍ୱର ବ୍ୟାଖ୍ୟାହିଁ ସମସ୍ତ ମତବାଦର ମେରୁଦଂଡ । ଧର୍ମର ଏହି ନିତ୍ୟତ୍ୱରେ ସ୍ଥିର ରହି, ଆର୍ଯ୍ୟ ନିଜର ଅଧିକାର ଅନୁସାରେ ଶ୍ରୁତି ବାକ୍ୟରେ ଥିବା ବିଶ୍ୱତତ୍ତ୍ୱର ସମାଧାନ କରିଅଛି; ନିଜ ଜୀବନର ସନାତନ ଆଧ୍ୟାତ୍ମିକତା ବୁଝିବାକୁ ଚେଷ୍ଟା କରିଅଛି; ଜୀବନର ଅର୍ଥ ଫେଡ଼ି ଦେଖିବାକୁ ପ୍ରୟାସ କରିଅଛି ।

ଏହିଠାରେ ଜଗତର ଅନ୍ୟାନ୍ୟ ଧର୍ମ ଓ ମତବାଦ ପ୍ରତି ଲକ୍ଷ୍ୟ କଲେ ଅପ୍ରାସଙ୍ଗିକ ହେବ ନାହିଁ । ସେ ସବୁ ଧର୍ମରେ ସନାତନ ବା ସ୍ୱାଭାବିକ ଆତ୍ମବିକାଶ ଓ ଧର୍ମ-ଧାରଣା ନାହିଁ । ସମାଜର ବିଶୃଂଖଳା, ଲୋକ ଚରିତ୍ରରେ ସ୍ୱେଚ୍ଛାଚାରିତା, ତଥା ମାନବର ଧର୍ମନାଶ ବେଳେ ଜଣେ ଜଣେ ବ୍ୟକ୍ତି ନିଜର ମତବାଦ ଓ ବ୍ୟକ୍ତିଗତ ବିଶ୍ୱାସକୁ ଲୋକରେ ପ୍ରଚାର କରିଅଛଂତି । ଲୋକେ ସେହି ପ୍ରଚାରିତ ମତବାଦକୁ ନିର୍ଦ୍ଦେଶ ବୋଲି ମାନି ଯାଇଛଂତି । ସେ ସବୁ ମତବାଦର ଧର୍ମରେ ବିଶ୍ୱତଂତ୍ରର ସନାତନ ଧାରଣା ଦୃଢ଼ ରହିବା ଆଶା କରାଯାଏ ନାହିଁ । ଯେଉଁଠାରେ ବ୍ୟକ୍ତିଗତ ସ୍ୱାତଂତ୍ର୍ୟର ପ୍ରାଧାନ୍ୟ, ସେଠାରେ ସାଂତ ଓ ପ୍ରମାଦମୟ ମାନବର ଅହଂକାର ଅଛି; ତେଣୁ ସଂଗେ ସଂଗେ ଧର୍ମ ମତବାଦ ଯାହା ହେଉ, ଧର୍ମ ସଂଗେ ଅନେକ ଅସ୍ୱାଭାବିକ ଓ ଅନୁଦାର କ୍ରିୟାକଳାପ ପଶିଯିବା ସ୍ୱାଭାବିକ ।

ପୃଥିବୀର ପ୍ରଚଳିତ-ମତବାଦ-ଧର୍ମମାନଂକରେ ଏହି ସବୁ ଲୀଳା ପଦେ ପଦେ ଦେଖିବାକୁ ମିଳେ । ଖ୍ରୀଷ୍ଟ ଓ ମୁସଲମାନ ଧର୍ମରେ ଈଶ୍ୱର ଧାରଣା ଯେତେ ବ୍ୟାପକ, ବିଶ୍ୱତୋମୁଖୀ ହେଉନା କାହିଁକି, ବ୍ୟକ୍ତିଗତ ଅହଂକାରର ସତ୍ତା ଥିବାରୁ ସେସବୁ ଏକଦେଶଦର୍ଶୀ । ପ୍ରତିମା ପୂଜା କଲେ ସେ ସବୁ ଧର୍ମରେ ଦୁର୍ବିସହ ଅପରାଧ ହୁଏ, ତାହା ଯେପରିକି ପାପ । ସେ ସବୁ ଧର୍ମରେ ଲୋକମାନେ ନିର୍ଦ୍ଦିଷ୍ଟ ସ୍ଥାନରେ, ନିର୍ଦ୍ଦିଷ୍ଟ କାଳରେ, ନିର୍ଦ୍ଦିଷ୍ଟ ନିୟମରେ ଉପାସନା କରିବାକୁ ବାଧ୍ୟହୋଇ ଅଛଂତି । ଉପାସନା ବେଳେ ହାତପାଦ ଧୋଇବା ଏବଂ ମକ୍କା ଆଡ଼କୁ ମୁହଁଁ କରିବା ମଧ୍ୟ ମୁସଲମାନର ଗୋଟିଏ ଧର୍ମ-କାର୍ଯ୍ୟ । ଯୀଶୁଖ୍ରୀଷ୍ଟ ଦରିଦ୍ରଙ୍କୁ ରୁଟି ଖୁଆଇଥିଲେ ବୋଲି ସେହି ରୁଟି ଖାଇବାକୁ ଖ୍ରୀଷ୍ଟିଆନ୍‌ମାନେ ଧର୍ମ କାର୍ଯ୍ୟ ବୋଲି ବିଚାରଂତି । ତେଣୁ ସେ ସବୁ ଧର୍ମରେ ଏହି ସବୁ ସାମାନ୍ୟ ସାମାନ୍ୟ କାର୍ଯ୍ୟପ୍ରତି ଯେତେ ଦୃଷ୍ଟି ଦିଆଯାଏ, ଈଶ୍ୱର ବା ବିଶ୍ୱ ବ୍ୟାଖ୍ୟାର ମତବାଦରେ ସେତେ ଦୃଷ୍ଟି ଦିଆ ହୁଏ ନାହିଁ ।

ସେ ସବୁ ଧର୍ମରେ ମାନବର ସ୍ୱାଧୀନତା ପଦେ ପଦେ ଅବଚ୍ଛିନ୍ନ ହୁଏ । ଇତିହାସ ଏହାର ସାକ୍ଷ୍ୟ ଦାନ କରୁଅଛି । ବିଧର୍ମୀ ବୋଲି ସେ ସବୁ ଧର୍ମରେ ଧର୍ମ ନାମରେ ଯେତେ ଅପଚାର, ବ୍ୟଭିଚାର, ରକ୍ତପାତ ଓ ବୈଷମ୍ୟ ହୋଇଅଛି, ତାହା ଇତିହାସ ପାଠକମାନେ ଜାଣଂତି । ସେପରି ହେବା ସ୍ୱାଭାବିକ । ଭ୍ରମାଦମୟ ମାନବ ମହାମନୀଷୀ ଓ ମହାପୁରୁଷ ହୋଇ ପାରଂତି; କିଂତୁ ଧର୍ମଧାରଣା ଯଦି ତାଂକରି ନିଦେଶରେ ପରିବଦ୍ଧ ଓ ସୀମାଯୁକ୍ତ ହୁଏ, ପୁଣି ତାଂକର ମତଗ୍ରହଣ ବା ତତ୍କଳ୍ପିତ ଅନୁଷ୍ଠାନ ମାନିବାକୁ ଯେବେ ମନୁଷ୍ୟ ମହାମାନବୀୟତା ଓ ମୁକ୍ତିର ଅଧିକାରୀ ହୁଏ, ତେବେ ଶିଷ୍ୟମାନେ ଅସହିଷ୍ଣୁ ହେବାରେ ଅସଂଭବ କିଛି ନାହିଁ । ସେହି ଧର୍ମର ପ୍ରବର୍ତ୍ତକମାନେ ଯଦି ଈଶ୍ୱର ବୋଲି ବିବେଚିତ ହୁଅଂତି, ତେବେ ତାଂକର ଦୈହିକ କ୍ରିୟାକଳାପ ପର୍ଯ୍ୟଂତ ଈଶ୍ୱରଂକର କ୍ରିୟାକଳାପ ବୋଲି ସାଧାରଣ ଲୋକେ ବୁଝିନେବାରେ ଆପତ୍ତି କିଛି ନାହିଁ; ବସ୍ତୁତଃ ତାହାହିଁ ହୋଇଅଛି ଓ ଏହି ବ୍ୟକ୍ତି-ଭକ୍ତିରେ ମାନବ ଧର୍ମ ନାମରେ ଅସହିଷ୍ଣୁ ହୋଇ ଅପଚାର କରିଅଛି ।

ବିଶ୍ୱତଂତ୍ରର ନିୟମ ମଧ୍ୟରେ ଆର୍ଯ୍ୟ ଯେ ବିଶାଳ ସ୍ୱାଧୀନତା ଅନୁଭବ କରିଅଛି, ବିଶ୍ୱବ୍ରହ୍ମାଂଡ ସଂଗେ ନିଜକୁ ଏକ ମନେ କରି, ସ୍ଥିର କର୍ତ୍ତବ୍ୟରେ ପ୍ରତିଷ୍ଠିତ ରହି, ଆର୍ଯ୍ୟ ଯେ ଅନଂତ ବିଶ୍ୱଲୀଳା ମଧ୍ୟରେ ଉଦାର ଆତ୍ମବୋଧ ଅନୁଭବ କରିଅଛି, ଫଳତଃ ବିଶ୍ୱୈକତାରେ ଆର୍ଯ୍ୟ ସଂତାନ ଯେ ଆତ୍ମଲାଭ କରିବାରେ ସମର୍ଥ ହୋଇଅଛି, ବ୍ୟକ୍ତିର ଖିଆଲରେ, ବ୍ୟକ୍ତିଦ୍ୱାରା ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ମଧ୍ୟରେ କିଂବା ବ୍ୟକ୍ତିଠାରେ ଆରୋପିତ ଧର୍ମ ମତରେ, ମନୁଷ୍ୟ ସେ ସ୍ୱାଧୀନତା, ସେ ଆତ୍ମବୋଧ, ସେ ଆତ୍ମଲାଭ ପାଇବ କାହିଁ ?

ଏହି ଆର୍ଯ୍ୟଭୂମିରେ ବୌଦ୍ଧଧର୍ମର କଥା ଦେଖାଯାଉ । ବୌଦ୍ଧ ଧର୍ମରେ ରକ୍ତପାତ ନାହିଁ । ଉଦାରତାର ଅଭାବ ନାହିଁ । ବିସ୍ତୀର୍ଣ୍ଣ ସାମ୍ୟ ଓ ସମପ୍ରାଣତା ବିଶ୍ୱବ୍ୟାପୀ କହିଲେ ଚଳେ; କିଂତୁ ସେଠାରେ ମଧ୍ୟ ବ୍ୟକ୍ତିର ଏହି ଆଧିପତ୍ୟ ଆର୍ଯ୍ୟ ଧର୍ମୀର ମୁକ୍ତ ସ୍ୱାଧୀନତାରେ ବାଧା ଦେଇଅଛି । ବୁଦ୍ଧଦେବ ଏହି ଆର୍ଯ୍ୟଜାତିର ସଂତାନ । ଆର୍ଯ୍ୟ-ଧର୍ମରେ ଦୀକ୍ଷିତ, ଆର୍ଯ୍ୟନିଷ୍ଠାରେ ପ୍ରତିପାଳିତ ଓ ଆର୍ଯ୍ୟ-ଆଦର୍ଶରେ ଗଠିତ ହୋଇଥିଲେ, କିଂତୁ ସମାଜର କେତେକ ଆପାତ ବିଶୃଂଖଳା ଦେଖି, ତାଂକର ଯଥାର୍ଥ ଅହଂକାରର ଉଦୟ ହେଲା । ସେ ବେଦର ସନାତନ ଧର୍ମରେ ବହୁ ପରିମାଣରେ ଅଧିଷ୍ଠିତ ଥିଲେହେଁ, ମୂଳରେ ବିଚ୍ଛିନ୍ନ ହେଲେ । ଧର୍ମର ସନାତନ ପରଂପରା ପ୍ରତି ଲକ୍ଷ୍ୟ ନ ରଖି ନିଜର ଜ୍ଞାନ ଜଗତରେ ପ୍ରଚାର କଲେ ।

ବୁଦ୍ଧଦେବଂକ ଜୀବନରୁ ଜଣାଯାଏ, ଜରା, ଦାରିଦ୍ର୍ୟ ଓ ମୃତ୍ୟୁ ଦେଖି ତାହାଂକ ପ୍ରାଣରେ ଆଘାତ ଲାଗିଲା । ଏହିଠାରେ ତାଂକର ପ୍ରଥମ ଭ୍ରାଂତି । ଜରା, ଦାରିଦ୍ର୍ୟ, ମୃତ୍ୟୁ ପ୍ରତ୍ୟେକେ ଯେ ମଂଗଳମୟ, ମହା ବିଶ୍ୱତଂତ୍ରର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଧି, ଏହା ସେ ବୁଝିଲେ ନାହିଁ । ମାନବକୁ ଦୁଃଖମୟ ବୋଲି ବିଚାର କଲେ । ଜରା, ଦାରିଦ୍ର୍ୟ, ମୃତ୍ୟୁରୁ ତାହାକୁ ଉଦ୍ଧାର କରିବାପାଇଁ ପ୍ରୟାସ କଲେ । କଲ୍ୟାଣମୟ ବିଧାତାଂକ କଲ୍ୟାଣ ଗ୍ରହଣ ନ କରି ତାହାର ପ୍ରତିବିଧାନ କରିବାକୁ ପ୍ରଯତ୍ନ କଲେ । ଏହିଠାରେ ଅହଂକାର ପରିସ୍ଫୁଟ । ଅବଶ୍ୟ ଆଦର୍ଶ ତ୍ୟାଗୀ, ମହାମହିମ, ଉଦାରପ୍ରାଣ ବୁଦ୍ଧଦେବ ପୃଥିବୀର ଧର୍ମ ପ୍ରଚାରକମାନଂକ ମଧ୍ୟରେ ଶ୍ରେଷ୍ଠ । ତାଂକ ପରି ନିଷ୍କଳଂକ, ସ୍ୱାର୍ଥହୀନ କର୍ମମାର୍ଗ ପୃଥିବୀରେ ଅନ୍ୟ କୌଣସି ଧର୍ମପ୍ରଚାରକ ଦେଖାଇଛଂତି କି ନା ସଂଦେହ । ଏଠାରେ ବୁଦ୍ଧଦେବ ବା ତାଂକର ସମଧର୍ମୀ କୌଣସି ଧର୍ମ ପ୍ରଚାରକଂକର ନିଂଦା କରାଯାଉ ନାହିଁ । ସେମାନେ ମାନବର କଲ୍ୟାଣ ପାଇଁ

ଆତ୍ମୋତ୍ସର୍ଗ କରିଥିଲେ; ସମାଜର ଅପସ୍ୱର ଅନୁଭବ କରି ନିର୍ବାଣ ବା ମୁକ୍ତିର ବିଶ୍ୱନିର୍ଦେଶ ଲୋକଂକୁ ଜଣାଇ-ଦେବା ପାଇଁ ଯତ୍ନ କରିଥିଲେ; କିଂତୁ ବ୍ୟକ୍ତି ବିଶେଷରେ ପ୍ରବର୍ତ୍ତିତ ଧର୍ମରେ ଆର୍ଯ-ଧର୍ମର ସାର୍ବଜନୀନତା ରହିବା ସଂଭବ ବା ସ୍ୱାଭାବିକ ନୁହେଁ, ଏହାହିଁ କହିବାର ତାତ୍ପର୍ଯ ।

ରକ୍ତ-ମାଂସ-ଶିରା-ସ୍ନାୟୁ-ଅସ୍ଥି-ବସାମୟ ଶରୀରରେ ଯେତେ ଦିନ ମାନବ ଆବଦ୍ଧ ଅଛି, ସେତେ ଦିନ ତାହାର ବ୍ୟକ୍ତିତ୍ୱ ଭାବ ଦୃଢ଼ । ସେ ମହାପ୍ରାଣତା ବଳରେ ଜୀବନକୁ ସାର୍ବଜନୀନ ଶକ୍ତିର ଅଂଗୀଭୂତ ବୋଲି ଅନୁଭବ କରିପାରେ; କିଂତୁ ଶାରୀରିକ କ୍ରିୟା କଳ୍ପ ପରେ ସୀମାବଦ୍ଧ ରହି, ସର୍ବଦା ବ୍ୟକ୍ତିତ୍ୱଭାବ ପ୍ରତି ଆକୃଷ୍ଟ ହେବ । ସେଥିପାଇଁ ଦର୍ଶନରେ କୁହା ଯାଇଅଛି, ପ୍ରକୃତିରେ ଅହଂକାର ପ୍ରକାଶ ପାଇଲେ, ପ୍ରକୃତି ଗୁଣମୟ ହୋଇ ଏହି ନାମରୂପମୟ ଚିହ୍ନଜଗତ୍ ସୃଷ୍ଟି କରେ । ସୃଷ୍ଟି ସଂଗେ ଅହଂକାରର ନିତ୍ୟ ସଂବଂଧ । ମୁକ୍ତିରେ ସେ ଅହଂକାର ନାଶ ହୁଏ । ସାର୍ବଜନୀନତା ଅନୁଭବ କରି, ମାନବ ମୁକ୍ତି ଆଡ଼କୁ ଯାଇପାରେ; କିଂତୁ ତାକୁ ଜୀବନମୁକ୍ତ କୁହାଯାଏ; ଅର୍ଥାତ୍ ଦେହରେ ଥାଇ, ବ୍ୟକ୍ତିତ୍ୱ ବହନ କରି, ସେ ମୁକ୍ତି ଅନୁଭବ କରେ ମାତ୍ର । ସେଥିପାଇଁ ବ୍ୟକ୍ତି ଯେତେ ଜୀବନମୁକ୍ତ ହେଉ ନା କାହିଁକି, ତାହାଠାରେ ଶାରୀରିକ ବ୍ୟକ୍ତିତ୍ୱ ଫଳରେ ଅହଂକାରର ଛାୟା ନିଶ୍ଚୟ ରହିବ ।

ସେଥିପାଇଁ ବୁଦ୍ଧଦେବ ମୃତ୍ୟୁକଥା ଭାବିବାକୁ ଯାଇ, ମୃତ୍ୟୁରେ ବୋଧ ହୁଏ ଅମୃତ ଦେଖି ପାରି ନାହାଂନ୍ତି । ମୃତ୍ୟୁ ପରେ ଜନ୍ମ ତାଂକର ଅସହ୍ୟ ହୋଇଅଛି । ସେଥିପାଇଁ ସେ ନିର୍ବାଣର ବ୍ୟବସ୍ଥା କରିଅଛଂନ୍ତି । ଆତ୍ମା ଯେ ମୃତ୍ୟୁ ମଧ୍ୟରେ ଅମୃତରେ ପ୍ରବେଶ କରେ ତାହା ସେ କହି ନାହାଂନ୍ତି । ମୃତ୍ୟୁର ବିଭୀଷିକାରେ ମାନବକୁ ତ୍ରସ୍ତ ଦେଖି ସେ ଯେପରି କି କହିଅଛଂନ୍ତି —'ମାନବ ମୃତ୍ୟୁହିଁ ଶେଷ; ମୃତ୍ୟୁପରେ ଜନ୍ମ ହୁଏ ସତ; କିଂତୁ କର୍ମବଳରେ ସେ ଜନ୍ମ ନିରୋଧ କରିପାରିଲେ, ମୃତ୍ୟୁରେ ମାନବର ଶେଷ ହୁଏ । ଜରା, ଦାରିଦ୍ର୍ୟ, ଦୁଃଖ, ମୃତ୍ୟୁ ପ୍ରଭୃତିରୁ ମୁକ୍ତି ଲଭିବାପାଇଁ ତୁଂଭେ ଏହି ନିର୍ବାଣ, ଏହି ଶେଷ ମୃତ୍ୟୁ, ଏହି ଚରମ ବିନାଶ ନିମଂତେ କର୍ମ ସାଧନା କର ।

ବୁଦ୍ଧଦେବଂକ ପ୍ରବର୍ତ୍ତିତ ଧର୍ମର ଏହି କର୍ମବିପାକ ଆର୍ଯ ଧର୍ମର ପରଂପରାରୁ ଗୃହୀତ; ମାତ୍ର ଦୁଃଖନାଶରେ ନିର୍ବାଣ ଆର୍ଯ ଧର୍ମରୁ ବିଚ୍ଛିନ୍ନ । ମୋଟ କଥା, ଏହି ଦୁଃଖନାଶରେ ନିର୍ବାଣ-କାମନା ବୌଦ୍ଧ ମତକୁ ଗୋଟିଏ ବ୍ୟକ୍ତିଗତ ଧର୍ମବାଦରେ ପରିଣତ କରିଅଛି । ପାରଂପରିକ କର୍ମବାଦ ଯେଣ ବୌଦ୍ଧଧର୍ମରେ ଯଥେଷ୍ଟ ସାର୍ବଜନୀନତା ପ୍ରକାଶ ପାଇଅଛି । ବିଶାଳ ଉଦାରତାରେ ବୌଦ୍ଧ ବିଶ୍ୱ-ଜଗତ୍ ଆଲିଂଗନ କରିଅଛି । ଜଡ଼, ଚେତନ, ଉଦ୍ଭିଦ, ସ୍ୱେଦଜଠାରୁ ଦେବ, ଦାନବ, ମାନବ ପର୍ଯଂତ ସର୍ବତ୍ର ବୌଦ୍ଧର ପ୍ରଚୁରପ୍ରାଣ ପରିବ୍ୟାପ୍ତ ହୋଇଅଛି ସତ୍ୟ; କିଂତୁ ବ୍ୟକ୍ତିର ଦୁଃଖନାଶ ଓ ନିର୍ବାଣପ୍ରାପ୍ତି ଏ ସମସ୍ତ ବିଶ୍ୱଜନୀନ ଉଦାରତାର କେଂଦ୍ର । ଏଥିରେ ଆର୍ଯର ବିଶ୍ୱତଂତ୍ରୈକ ବୁଦ୍ଧି ନାଇ । ବିଶ୍ୱନିୟମରେ ମାନବର ଆତ୍ମଲାଭ ପରିବର୍ତ୍ତରେ ବୌଦ୍ଧ ବିଶ୍ୱରୁ ବିଚ୍ଛିନ୍ନ ହୋଇ, ଆତ୍ମନାଶ କରି ଦୁଃଖରୁ ମୁକ୍ତି ପାଇବାକୁ ଯେପରି କି କାମନା କରିଅଛି ।

ବ୍ୟକ୍ତି ପ୍ରବର୍ତ୍ତିତ ଧର୍ମ ଯେତେ ଉନ୍ନତ ଉଦାର ହେଲେହେଁ, ତହିଁରେ ଆର୍ଯର ବିଶ୍ୱତଂତ୍ରୈକ ଧର୍ମ-ଧାରଣା, ଆର୍ଯ-ମତର ବିଶାଳ ଉଦାରତା ଓ ବିଶ୍ୱୈକ ବୁଦ୍ଧି ଫୁଟିବା ସ୍ୱାଭାବିକ ନୁହେଁ । ବ୍ୟକ୍ତିପ୍ରବର୍ତ୍ତିତ ଧର୍ମ ସାର୍ବଜନୀନ ସ୍ୱତୋବିକଶିତ ମାନବଧର୍ମ ବା

ଆର୍ଯ୍ୟଧର୍ମର ଗୋଟିଏ ଗୋଟିଏ ବିଭାବ ପ୍ରକାଶ କରିପାରେ । ସେଥିପାଇଁ, ବ୍ୟକ୍ତି-ପ୍ରବର୍ତ୍ତିତ ଧର୍ମର ନିର୍ଦ୍ଦିଷ୍ଟ କ୍ରିୟାରାଶିରେ ସାର୍ବଜନୀନ ଉଦାରତା ଓ ଆତ୍ମବୃଦ୍ଧି ରହିବା ତାଦୃଶ ସମ୍ଭବ ନୁହେଁ । ଆର୍ଯ୍ୟଧର୍ମ ସୁବିଶାଳ, ଅନନ୍ତ । ଖ୍ରୀଷ୍ଟ, ମୁସଲମାନ, ବୌଦ୍ଧଧର୍ମ ସମସ୍ତେ ତାହାର ଏକ ଏକ ଅଂଗ ମାତ୍ର । ମୁସଲମାନର ଏକେଶ୍ୱରବାଦ, ଖ୍ରୀଷ୍ଟିଆନର ଦ୍ୱୈତ ବୁଦ୍ଧିରେ ଭକ୍ତି ଓ ନିର୍ବାଣପ୍ରେପ୍ସୁ ବୌଦ୍ଧର କର୍ମ ସାଧନା କେହି ଆର୍ଯ୍ୟଧର୍ମର ହେୟ ନୁହନ୍ତି । ଆର୍ଯ୍ୟ କାହିଁରେ ଅସନ୍ତୁଷ୍ଟ ନୁହେ । କୌଣସି ନିର୍ଦ୍ଦିଷ୍ଟ କ୍ରିୟା ବିଧାନ ଆର୍ଯ୍ୟ ଧର୍ମ ନିକଟରେ ଘୃଣ୍ୟ ନୁହେଁ ।

ଆର୍ଯ୍ୟର ଜଗତ ଈଶ୍ୱରମୟ । ବିଧାତୃ-ନିର୍ଦ୍ଦେଶରେ ମାନବ ଯେପରି କି ସର୍ବଦା କର୍ମ କରୁଅଛି । ସେହି ଅକାଟ୍ୟ ନିର୍ଦ୍ଦେଶହିଁ ତାହାର ଧର୍ମ । ଏ ଭକ୍ତର ବାଣୀ । ଭକ୍ତ ଈଶ୍ୱରଙ୍କ ଆଦେଶରେ ନିଜର ମଙ୍ଗଳ ଦେଖେ । ତାହାର ଅହଂକାର ନାହିଁ । ସେ ଈଶ୍ୱରଙ୍କର ସମ୍ପୂର୍ଣ୍ଣ ଦାସ୍ୟ ଅବଲମ୍ବନ କରି-ପାରିଲେ କୃତାର୍ଥ । ସେ ଈଶ୍ୱରରୁ ଭିନ୍ନ; କିନ୍ତୁ କୌଣସି କ୍ରିୟାରେ ସେ ଆପଣାର ଭିନ୍ନ ସତ୍ତା ବା ସ୍ୱାତନ୍ତ୍ର୍ୟ ରଖିବାକୁ ଇଚ୍ଛା କରେ ନାହିଁ । ଆର୍ଯ୍ୟ ଧର୍ମର ଏ ଗୋଟିଏ ବିଭାବ । ଏ ବୈଷ୍ଣବ ଭାବ । ଏହି ଦାସ୍ୟ ଭାବରେ ବୈଷ୍ଣବ ନିଜର ନିତ୍ୟ ନିର୍ଦ୍ଦିଷ୍ଟ ଧର୍ମ ପାଳନ କରେ । ନିଜର କର୍ତ୍ତବ୍ୟରେ ନିଜର କୌଣସି ଆସକ୍ତି ବା କର୍ତ୍ତୃତ୍ୱ ବୁଦ୍ଧି ନ ରଖି ସବୁ ଈଶ୍ୱରଠାରେ ଅର୍ପଣ କରି ସେ କୃତାର୍ଥ ହୁଏ । ତାହାର ଅସ୍ତିତ୍ୱ ଈଶ୍ୱର ଅସ୍ତିତ୍ୱଠାରୁ ଭିନ୍ନ ହୋଇପାରେ; କିନ୍ତୁ ପାର୍ଥକ୍ୟ ନାହିଁ । ସେ ଉପାସନା କରେ; କିନ୍ତୁ ସେ ଉପାସନାରେ ଅହଂକାର ନାହିଁ । ତାହାର ଆତ୍ମାରେ ବିଶ୍ୱମୟ ଈଶ୍ୱରଙ୍କର ଅଧିଷ୍ଠାନ । ତାହାର ନିଜର ଜୀବାତ୍ମାର ସିଂହାସନରେ ପରମାତ୍ମା ବିଧାତାଙ୍କର ପ୍ରତିଷ୍ଠା । ଫଳରେ ଦୁହେଁ ଏକ ଧର୍ମୀ, ଏକ ସ୍ୱରୂପ । ଜୀବାତ୍ମା ପରମାତ୍ମାର କୌଣସି ଭେଦ ତାହାର ଉଦ୍ଦେଶ୍ୟ ନୁହେଁ । ସମନ୍ୱୟ ହିଁ ତା'ର ଆକାଂକ୍ଷା ।

ବିଶିଷ୍ଟାଦ୍ୱୈତବାଦ ଆର୍ଯ୍ୟ ଧର୍ମ ବ୍ୟାଖ୍ୟାରେ ଆଉ ଗୋଟିଏ ବିଭାବ । ବିଶିଷ୍ଟାଦ୍ୱୈତବାଦୀମାନେ ଏହି ସମନ୍ୱୟ ଆକାଂକ୍ଷା କରନ୍ତି ସତ; କିନ୍ତୁ ତାଙ୍କ ମତରେ ଈଶ୍ୱରଙ୍କ ଧର୍ମ ଈଶ୍ୱର କରୁଅଛନ୍ତି । ଈଶ୍ୱର ବା ବ୍ରହ୍ମ ଏହି ନାମରୂପମୟ ଅନନ୍ତ ସୃଷ୍ଟି ମଧ୍ୟରେ ଆତ୍ମବିକାଶ ଓ ଆତ୍ମଲାଭ କରନ୍ତି । ଜୀବାତ୍ମା ମଧ୍ୟ ଏହି ନାମରୂପମୟ ସୃଷ୍ଟିରୁ ପୃଥକ୍ ନୁହେଁ; ଅତଏବ ସେ ବ୍ରହ୍ମ ପଦାର୍ଥରୁ ଭିନ୍ନ ନୁହେ । ଏହି ଜୀବାତ୍ମା ନିଜର ନିତ୍ୟ ନିର୍ଦ୍ଦିଷ୍ଟ ଧର୍ମ ସାଧନାରେ ସେହି ପରମାତ୍ମାର ଭଗବତ୍ ଆତ୍ମଲାଭରେ ସାହାଯ୍ୟ କରେ ମାତ୍ର । ଜୀବାତ୍ମା ସେହି ବ୍ରହ୍ମ ବିକାଶର ଅଂଶ । ତାହାର ସ୍ୱଧର୍ମ ସାଧନାରେ ସେ ମୁକ୍ତ, ପରମାତ୍ମାର ଆତ୍ମଲାଭ ପୂର୍ଣ୍ଣ କରୁଅଛି । ତାହାର ଅସ୍ତିତ୍ୱ ସ୍ୱତନ୍ତ୍ର ହେଲେ ମଧ୍ୟ, ତହିଁରେ ପ୍ରକୃତିଗତ ସ୍ୱାତନ୍ତ୍ର୍ୟ ବା ପ୍ରଭେଦ ନାହିଁ । ଜୀବାତ୍ମା ପରମାତ୍ମା ଏକ ବସ୍ତୁ । ବିଶିଷ୍ଟାଦ୍ୱୈତବାଦୀ ସ୍ପଷ୍ଟ କହେ ଏ ଜୀବାତ୍ମା କର୍ମ ବଳରେ ମୁକ୍ତ ହେଲେ, ତାର ପରମାତ୍ମା ସଂଗେ ଯେ ସମନ୍ୱୟ ହୁଏ, ସେଥିରେ ଆଉ କିଛି ପ୍ରଭେଦ ରହେ ନାହିଁ । ଜୀବାତ୍ମା ଓ ପରମାତ୍ମା ଏକ ହୁଅନ୍ତି; ଦୁହିଁଙ୍କର ପୂର୍ଣ୍ଣ ଏକତ୍ୱ ସାଧିତ ହୁଏ ।

ଅଦ୍ୱୈତବାଦୀର ଆଉ ଅବଲମ୍ବନ ନାହିଁ । ତାହାର ମତରେ ଅବିଦ୍ୟା, ମାୟା ବା ଅଜ୍ଞାନର ସଂପର୍କରେ ବ୍ରହ୍ମର ଆତ୍ମପ୍ରକାଶହିଁ ସୃଷ୍ଟି । କର୍ମ ବଳରେ ମାୟାର ମଳିନତା ଅପସାରିତ ହେଲେ, ଅଜ୍ଞାନ ଦୂର ହେଲେ, ମୋକ୍ଷ ହୁଏ । ସେଥିରେ ଜୀବାତ୍ମା ପରମାତ୍ମାର ସମନ୍ୱୟ ବା ଏକତ୍ୱ ସମ୍ଭବ ନୁହେଁ; କାରଣ କୌଣସି ପ୍ରକାର ଭେଦ ନାହିଁ । ବ୍ରହ୍ମ ପଦାର୍ଥର ସ୍ଥାନରେ ବିଗତ ବା କାଳରେ ପୂର୍ବାପର ନାହିଁ ।

ଭେଦ ସଂଭବ କପରି ? ଅନନ୍ତ ବିଶ୍ୱର ପ୍ରତ୍ୟେକ ବସ୍ତୁ ନିଜ ନିଜ ଧର୍ମରେ ଆତ୍ମଲାଭ କରନ୍ତି; ମନୁଷ୍ୟ ବି କରେ । ସମସ୍ତଙ୍କର ମୋକ୍ଷରେ ପୂର୍ଣ୍ଣ-ବ୍ରହ୍ମର ବିକାଶ । ସମସ୍ତ ସୃଷ୍ଟିରେ ଯେପରି, ପ୍ରତ୍ୟେକ ମାନବଠାରେ ସେହିପରି ବ୍ରହ୍ମ ଆତ୍ମଲାଭ କରୁଅଛନ୍ତି । ମନୁଷ୍ୟର କର୍ମ ବା ଧର୍ମ ଅନ୍ୟ କୌଣସି ଈଶ୍ୱରର ଆଦେଶ ନୁହେଁ; ଏହା ନିଜର ଧର୍ମ । ଏଥିରେ ନିଜର ମୋକ୍ଷ ସାଧିତ ହୁଏ । କେବଳ ଧର୍ମ ବା ଜ୍ଞାନ ବଳରେ ଅବିଦ୍ୟା ଅପସାରିତ ହେଲେ, ନିଜର କର୍ତ୍ତବ୍ୟ, ନିଜର ମୋକ୍ଷ, ଏ ଭାବ ରହେ ନାହିଁ । ବ୍ୟକ୍ତିର ଅଜ୍ଞାନଜନିତ ଅହଂକାର ବିଶ୍ୱମୟ ଆତ୍ମାର ପୂର୍ଣ୍ଣଭାବରେ ଉଦ୍ଭାସିତ ହୁଏ; ଭେଦ-ବୁଦ୍ଧି ତିରୋହିତ ହୁଏ ।

ଏହି ମତବାଦମାନଙ୍କ ମଧ୍ୟରେ ଉତ୍କର୍ଷ ଅପକର୍ଷ ବିଚାର କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ । ଏପରି ସ୍ଥୂଳ ନିର୍ଦ୍ଦେଶରେ ତାହା ହୋଇ ନ ପାରେ । ତେବେ ଏତିକି ବୁଝାଯାଉଅଛି ଯେ, ଜୀବାତ୍ମା ସଂଗେ ସମନ୍ୱୟ ହେଉ, ଏକତ୍ୱ ହେଉ ବା ଅଭେଦ ହେଉ, ଈଶ୍ୱର ପଦାର୍ଥର କୌଣସି ଧାରଣାରେ ସନାତନ ଧର୍ମର କ୍ଷତିବୃଦ୍ଧି ନାହିଁ; ଆଧ୍ୟାତ୍ମିକତା ଖଂଡିତ ହେଉ ନାହିଁ । ଜୀବ ଈଶ୍ୱରଠାରେ ଅପର ବୁଦ୍ଧି ରଖି ନାହିଁ । ବ୍ୟକ୍ତି ବାଧ୍ୟ ହୋଇ ଅନ୍ୟର ଆଦେଶ ପାଳନ କରୁ ନାହିଁ ।

ଅନ୍ୟର ଆଦେଶ ବାଧ୍ୟ ହୋଇ ପାଳନ କରିବାର ଭାବ ଆସିଲେ, ବ୍ୟକ୍ତିର ଆତ୍ମା ଶୃଂଖଳାରେ ଆବଦ୍ଧ ହୋଇ ସଂକୁଚିତ ହୋଇପାରେ । ମୋତେ ଯେ କର୍ତ୍ତବ୍ୟ ଦିଆଗଲା, ସେଥିରେ ମୋର କିଛି ସାକ୍ଷାତ୍ ସଂବଂଧ ନ ଥିଲେ, ମୋ ପ୍ରତି ତାର କିଛି ଉପଯୋଗିତା ନ ଥିଲେ, ସେ ମୋପ୍ରତି ନୀରସ ଓ ଶୁଷ୍କ । ଅର୍ଥ ନ ବୁଝି କାର୍ଯ୍ୟ କଲେ କାର୍ଯ୍ୟର ପ୍ରୟୋଜନରେ ଆସକ୍ତି ନ ଥାଉ ପଛକେ, କର୍ମ ସଂଗେ କୌଣସି ସ୍ୱାଭାବିକ ସହାନୁଭୂତି ହୁଏ ନାହିଁ ଏବଂ କାର୍ଯ୍ୟରେ ସହାନୁଭୂତି ନ ଥିଲେ, ମନୁଷ୍ୟ ଗୋଟିଏ ଜଡ଼ପିଂଡ, ଗୋଟିଏ କଳ । ଆର୍ଯ୍ୟ ଏପରି ଜଡ଼ପିଂଡ ବା କଳପରି କଦାପି ଶୁଷ୍କ କର୍ତ୍ତବ୍ୟରେ ଜୀବନ କଟାଇ ନାହିଁ । ଧର୍ମ-ଧାରଣା କୌଣସି କଠୋର ଶୁଷ୍କ ଆଦର୍ଶ ଅନୁସରଣ କରିବାରେ ପର୍ଯ୍ୟବସିତ ନୁହେଁ । ଏହିପରି କଠୋର ଶୁଷ୍କ ଆଦର୍ଶାନୁସାରୀ ଦଳେ ଦାର୍ଶନିକ ଅଛନ୍ତି । ସେମାନଙ୍କୁ ଇଂରେଜୀରେ ରିସନାଲିଷ୍ଟସ୍ ( Rationalists ) କହନ୍ତି । ସେମାନଙ୍କ ମତରେ ଶୁଷ୍କ ହେଉ ବା ସରସ ହେଉ ଆଦର୍ଶର ଅନୁସରଣ କରିବାକୁ ହେବ । ଆର୍ଯ୍ୟର ଧର୍ମ-ସାଧନା ଏମାନଙ୍କ ଆଦର୍ଶ ଅନୁବର୍ତ୍ତନ ପରି ତିକ୍ତ ଔଷଧ ସେବନ ନୁହେଁ । ତାହାର କର୍ମପ୍ରେରଣା ଆଦର୍ଶର କଶାଘାତ ନୁହେଁ ।

ଆର୍ଯ୍ୟ ଧର୍ମ ଆତ୍ମଲାଭର ସରସତାରେ ପୂର୍ଣ୍ଣ । କାହାର ଈଶ୍ୱର ସଂଗେ ସମନ୍ୱୟରେ ଆତ୍ମଲାଭ, କାହାର ଏକତ୍ୱରେ ଆତ୍ମଲାଭ, କାହାର ବା ଅବିଦ୍ୟାର ଆବରଣ ଅପସାରିତ ହେଲେ ଆତ୍ମଲାଭ । ସବୁ ପ୍ରକାରରେ ଆର୍ଯ୍ୟ ଜଗତକୁ ଈଶ୍ୱରମୟ ମନେ କରି, ଧର୍ମରେ ସେହି ଈଶ୍ୱରଙ୍କ ଠାରେ ଆତ୍ମସମର୍ପଣ କରିଥିଲା । ଲୋକ ବ୍ୟବହାରରେ ଭକ୍ତି-ପଂଥାର ସ୍ୱଭାବ ସରଳ ଆତ୍ମଦୈନ୍ୟର ଅନୁକରଣରେ 'ଈଶ୍ୱରଙ୍କ ନିଦେଶ, ବିଭୁଙ୍କ ଆଦେଶ' ପ୍ରଭୃତି ପ୍ରଚଳିତ ଅଛି ସତ; କିନ୍ତୁ ଏ ସମସ୍ତ ମଧ୍ୟରେ ଆର୍ଯ୍ୟପ୍ରାଣର ପରମାଦର୍ଶ ସେହି ଆତ୍ମଲାଭ । ଫଳରେ ଯେଉଁ ଐଶୀ ସତ୍ତା ସମସ୍ତ ଚରାଚର ଜଗତକୁ ବ୍ୟାପ୍ତ କରିଅଛି, ଯାହାର ଚିର ଜୀବନ୍ତ ଜ୍ୟୋତିରେ ବିଶ୍ୱ-ବ୍ରହ୍ମାଣ୍ଡ ଦେଦୀପ୍ୟମାନ, ସେହି ସତ୍ତା ମୋ ଭିତରେ ପୂର୍ଣ୍ଣ ବିରାଜିତ ବା ମୁଁ ସେହି ସତ୍ତା ସଂଗେ ଏକ ବା ମିଳିତ ହେବି । ସେହି ସତ୍ତାରେ ମୁଁ ମୋର ଆତ୍ମା ଅର୍ପଣ କରିଅଛି । ମୋ ଆତ୍ମାରେ ତାଙ୍କର ଅଧିଷ୍ଠାନ

ବିନା ଆଉ କିଛି ନାହିଁ । ସେଥିପାଇଁ ଭକ୍ତକବି ଗାଇଅଛନ୍ତି :—

"ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ
ନିଜ ଅଭ୍ୟଂତରେ ଦେଖ ଫେଡ଼ିଣ ନୟନ
ହୃଦ-କପିକାଣେ ଚୋର ବନ୍ଧେ ପ୍ରେମ-ଡୋର
ବିଜେ କରିଛଂତି ତହିଁ ସ୍ୱୟଂଭୂ ଶଂକର ।"

ବିଶ୍ୱସତ୍ତାର ସେହି ସ୍ୱୟଂଭୂ ଶଂକର ମୋର ଆତ୍ମପୁରୁଷ; କିଂବା ମୋର ଆତ୍ମାରେ ତାଂକର ଅଧିଷ୍ଠାନ । ସେହି ଆତ୍ମପୁରୁଷହିଁ ସୃଷ୍ଟିର ମୂଳାଧାର । ତାଂକରି ନିୟମରେ, ତାଂକରି ନିର୍ଦ୍ଦେଶରେ ସୃଷ୍ଟ ବସ୍ତୁର ଧର୍ମ ନିର୍ଦ୍ଦିଷ୍ଟ । ସଂସାରର ବଂଧନରେ, ଅବିଦ୍ୟାର ଆବରଣ ମଧ୍ୟରେ ସେ ଆତ୍ମାକୁ ବିମଳ ଭାବରେ ମୁଁ ଅନୁଭବ କରିପାରେ ବା ନ ପାରେ, ସେହି ଆତ୍ମପୁରୁଷ, ସେହି ବ୍ରହ୍ମଜ୍ୟୋତି ସୃଷ୍ଟିର ବିଚିତ୍ରତା ସଂପାଦନ ପାଇଁ, ନିଜ ଧର୍ମ ନିଜେ ଗ୍ରହଣ କରିବା ପାଇଁ, ମୋ ଭିତରେ ବିରାଜିତ ରହିଅଛଂତି । ସମସ୍ତ ସୃଷ୍ଟି ସାରା ଖୋଜିଲେ, ମୁଁ ଯେଉଁ ଆତ୍ମପୁରୁଷର ପରିଚୟ ପାଇବି, ଅନଂତ ବିଶ୍ୱ ଯାହାଦ୍ୱାରା ଜୀବଂତ, ମୋ ଭିତରେ ସେହି ଆତ୍ମା 'ପଂକମୟ ସର ମଧ୍ୟରେ କମଳ' ପରି ବିରାଜିତ ରହିଛଂତି । ଭିତରକୁ ଚାହିଁ ଦେଖିପାରିଲେ, ତାଂକୁହିଁ ଦେଖିବ । ଆର୍ଯ୍ୟର ଅପୌରୁଷେୟ ବେଦ ଏହାହିଁ ପ୍ରମାଣ କରୁଅଛଂତି । ଆପ୍ତବାକ୍ୟ ଏହାହିଁ ସ୍ୱୀକାର କରୁଅଛଂତି ।

ଏହିପରି ନିର୍ମଳ ଅଧ୍ୟାତ୍ମଭାବରେ ଆର୍ଯ୍ୟଋଷି ବିଧାତାଂକ ନିର୍ଦ୍ଦେଶକୁ ନିଜର କର୍ତ୍ତବ୍ୟ, ନିଜର ଧର୍ମ ବୋଲି ଗ୍ରହଣ କରିଅଛଂତି । ଧର୍ମରେ ଏହିପରି ନିଜର ଆସିବାରୁ ଆଦେଶରେ ଶୁଷ୍କ କଠୋରତା ନାହିଁ । ଆତ୍ମା ଯେପରିକି ଧର୍ମର ସଂଯମଦ୍ୱାରା ନିଜର କର୍ମ ନିଜେ ସାଧନା କରୁଅଛି । ବାଧ ବାଧକତାର ଅନୁଭବ ନାହିଁ; ଅଥଚ କର୍ତ୍ତବ୍ୟ ଦୃଢ଼ ଓ ସ୍ଥିର ରହିଅଛି । ଆର୍ଯ୍ୟ ସ୍ୱାଧୀନ ଆଚରଣ କରି ବିଧାତାଂକ ନିର୍ଦ୍ଦେଶ ପୂର୍ଣ୍ଣ କରୁଅଛଂତି; ଅନ୍ୟ ଭାଷାରେ କହିବାକୁ ଗଲେ ଆତ୍ମଲାଭ କରୁଅଛଂତି । ସୃଷ୍ଟିରେ ଆତ୍ମା ବ୍ୟାପ୍ତ କରି, ଈଶ୍ୱର ସର୍ବ ଭୂତର 'ହୃଦ୍‌ଦେଶ' ରେ ଅବସ୍ଥିତ ଅଛଂତି । ଯାବତୀୟ ସୃଷ୍ଟବସ୍ତୁ ନିଜ ନିଜ କର୍ତ୍ତବ୍ୟ ବା ଧର୍ମରେ ରହି, ଈଶ୍ୱରଂକର ଏହି ସୃଷ୍ଟି-ରୂପ ଆତ୍ମବିକାଶ ସଂପନ୍ନ କରୁଅଛଂତି; ସୃଷ୍ଟିର କ୍ରିୟା ଚଳାଉଅଛଂତି । ଏହିପରି ଅନଂତ ସୃଷ୍ଟିରେ ପରମାତ୍ମା ପ୍ରକାଶିତ ହୋଇ ଆତ୍ମଲାଭ କରୁଅଛଂତି; ଆର୍ଯ୍ୟର ବିଶ୍ୱାସ, ସେ ହେହି ନିଜ ଧର୍ମରେ ଆତ୍ମଲାଭ କରିବ; ତେଣୁ ଆର୍ଯ୍ୟର ଧର୍ମ ଏକ ଦିଗରେ ଯେପରି ଈଶ୍ୱରଂକର ନିର୍ଦ୍ଦେଶ, ଅନ୍ୟ ଦିଗରେ ସେହିପରି ଆତ୍ମଧର୍ମ ବା ସ୍ୱଧର୍ମ । ସ୍ୱଧର୍ମ କହିଲେ, ବିଶ୍ୱତଂତ୍ରରେ ନିଜର ନିର୍ଦ୍ଦିଷ୍ଟ ଧର୍ମ ବା କର୍ତ୍ତବ୍ୟ ଓ ବିଶ୍ୱାତ୍ମାର ତଥା ଜୀବାତ୍ମାର ଆତ୍ମଲାଭ ନିମଂତେ ଧର୍ମ ବା କର୍ତ୍ତବ୍ୟ, ଏହିପରି ସ୍ୱଧର୍ମର ଦ୍ୱିବିଧ ଅର୍ଥ ଏକ ଓ ଅଭିନ୍ନ । ଆର୍ଯ୍ୟର ନିଷ୍ଠା କର୍ତ୍ତବ୍ୟ ତାହାର ଧର୍ମ ଓ ସଂଯମ ଆତ୍ମଲାଭର ପଂଥା । ଆର୍ଯ୍ୟଋଷି ସ୍ପଷ୍ଟ ଗାଇଛଂତି :—

"ଆତ୍ମାନଂ ରଥିନଂ ବିଦ୍ଧି,
ଶରୀରଂ ରଥ ମେବତୁ ।
ବୁଦ୍ଧିଂତୁ ସାରଥିଂ ବିଦ୍ଧି
ମନଃ ପ୍ରଗ୍ରହ ମେବଚ ॥
ଇଂଦ୍ରିୟାଣି ହୟାନାହୁ
ର୍ବିଷୟାଂସ୍ତେଷୁ ଗୋଚରାନ୍ ।
ଆତ୍ମେନ୍ଦ୍ରିୟମନୋଯୁକ୍ତଂ
ଭୋକ୍ତେ ତ୍ୟାହୁ ର୍ମନୀଷିଣଃ ॥"

ଅର୍ଥାତ୍—ରଥୀ ଯେପରି ସାରଥି, ଅଶ୍ୱ ପ୍ରଭୃତି ଦ୍ୱାରା ପ୍ରକୃତ ପଂଥାରେ ଗଂତବ୍ୟ ସ୍ଥାନକୁ ଯାଏ, ସେହିପରି ଧର୍ମାଚରଣରେ ଆତ୍ମାକୁ ରଥୀ ବୋଲି

ଜାଣ; ଶରୀରଟି ରଥ ପରି, ବୁଦ୍ଧି ତହିଁରେ ସାରଥି; ଚକ୍ଷୁ କର୍ଣ୍ଣାଦି ଇନ୍ଦ୍ରିୟମାନେ ଅଶ୍ୱ; ମନ ପଘା; ଇନ୍ଦ୍ରିୟଗ୍ରାହ୍ୟ ବା ଭୋଗ୍ୟ ବସ୍ତୁ ( ବିଷୟମାନେ ) ମାର୍ଗ; ଏହିପରି ଶରୀର ଇନ୍ଦ୍ରିୟ ମନୋଯୁକ୍ତ ଯେ ଆତ୍ମା ସେ ଭୋକ୍ତା; ଅର୍ଥାତ୍ ସୁଖ ଦୁଃଖାଦି ଫଳର ଅଧିକାରୀ । ଏ ସବୁକୁ ସଂଯତ କରି ମୋକ୍ଷ ବା ଆତ୍ମଲାଭ କରିବାକୁ ହେବ, ଏ କଥା ଜ୍ଞାନୀମାନେ କହନ୍ତି ।

ଏହିପରି ଆତ୍ମସଂଯମରେ ଧର୍ମ କଲେ, କର୍ତ୍ତବ୍ୟ ନିରତ ହେଲେ, ଆତ୍ମଜ୍ଞାନ ହୁଏ । ଅତଏବ ଆର୍ଯ୍ୟର ଧର୍ମ କେବଳ ବିଧାତାଙ୍କର ନିର୍ଦ୍ଦେଶ ନୁହେ; ତହିଁରେ ସଂପୂର୍ଣ୍ଣ ନିଜତ୍ୱ ଅଛି । ଏହିପରି ଧର୍ମ, କର୍ତ୍ତବ୍ୟରେ ପ୍ରତିଷ୍ଠିତ ରହି ଆର୍ଯ୍ୟ ବିମଳ ସ୍ୱାଧୀନତା ଭୋଗ କରେ । ସେଥିରେ ଗୁରୁର ଉପଦେଶ ବା ନିର୍ଦ୍ଦେଶ ପରି କେତେକ ଆପାତ ବାଧ୍ୟତା ଥାଇପାରେ; କିନ୍ତୁ ତାହା ପରିଣାମରେ ଅମୃତପରି ସରସ । ଆତ୍ମ-କଲ୍ୟାଣର ଜ୍ଞାନ ନ ଥିଲାବେଳେ, ସାଧାରଣ ଲୋକ ବ୍ୟବହାରରେ କେବେ କେବେ ତାହା ଆପାତ ନୀରସ ବୋଧ ହେଲେହେଁ, ପରିଣାମରେ ପ୍ରୀତିକର ଓ ସଂତୋଷ ବିଧାୟକ । ପରର ଅଧୀନରେ ବାଧ୍ୟ ହୋଇ କାର୍ଯ୍ୟ କଲାବେଳେ, ପରପାଇଁ ନିର୍ମମ ଭାବରେ ଯେଉଁ ଆଦେଶ ପାଳନ କରାଯାଏ, ଏ ଆଦେଶ ସେପରି କଠୋର ନୁହେ, ପରରାଜ୍ୟର କର୍ତ୍ତବ୍ୟ ପରି ପୁଷ୍କ ନୁହେ । ଋଷି ସେଥିପାଇଁ ଗାଇଅଛନ୍ତି—

"ଯସ୍ତ୍ୱାତ୍ମବାନ୍ ସ ଏବ ସ୍ୱରାଟ୍ ଭବତି ।"

ଅର୍ଥାତ୍, ଯେ ଆତ୍ମବାନ୍ ହୁଏ, ସେ ସ୍ୱରାଟ୍ ହୁଏ । ଯେ ଆତ୍ମଲାଭ କରେ, ସେ ସ୍ୱରାଜ ପାଏ । ଅର୍ଥାତ୍ ନିଜେ ନିଜର ରାଜା ହୁଏ; ସମସ୍ତ ବନ୍ଧନରୁ ମୁକ୍ତ ହୁଏ; ପରବ୍ରହ୍ମ ଜ୍ୟୋତିରେ ପ୍ରତିଷ୍ଠିତ ହୁଏ । ଆର୍ଯ୍ୟ, ଧର୍ମ ପନ୍ଥା ଅନୁସରଣ କରି, ଏହି ପରବ୍ରହ୍ମରେ ପ୍ରତିଷ୍ଠିତ ହୋଇଅଛି । ନିଜକୁ ବିଶ୍ୱପରିବାରର ସନ୍ତାନ ବୋଲି ଅନୁଭବ କରିଅଛି; ସମସ୍ତ ବିଶ୍ୱତତ୍ତ୍ୱର ଶୁଦ୍ଧ, ପ୍ରୀତିକର ଓ ସ୍ୱଚ୍ଛ ଆଭାସ ନିଜ ଭିତରେ ଦେଖିଅଛି; ବିଶ୍ୱୈକତ୍ୱ ଭାବ ହୃଦୟରେ ଧାରଣା କରି ଆତ୍ମଲାଭ କରିବାର ଅଭ୍ୟାସ, ତାର ପ୍ରତ୍ୟେକ କାର୍ଯ୍ୟରେ, ପ୍ରତି ସଂଗ୍ରହଣରେ, ପ୍ରତି ନିଃଶ୍ୱାସରେ ପର୍ଯ୍ୟନ୍ତ ଦେଖା ଦେଇଅଛି ।

ଏହି ବିସ୍ତୀର୍ଣ୍ଣ ଭାବହିଁ ପ୍ରକୃତ ଆର୍ଯ୍ୟଭାବ । ଏହି ଗଭୀର ଓ ବ୍ୟାପକ ଆଧ୍ୟାତ୍ମିକତା ଆର୍ଯ୍ୟ ଜୀବନର ମୂଳାଧାର, ଉତ୍ତମ ପୀଠ; ଆତ୍ମବ୍ୟାପ୍ତିର ଅଧିଷ୍ଠାନ । ଧର୍ମ ଓ କର୍ତ୍ତବ୍ୟ-ନିରତ ଆର୍ଯ୍ୟ ପ୍ରାଣର ଏହି ଆଧ୍ୟାତ୍ମିକ ବ୍ୟାପକତା, ପୁଣି ସରସ ଆତ୍ମଭାବ ଓ ଆତ୍ମନିବେଶ ଆର୍ଯ୍ୟର ଆର୍ଯ୍ୟତ୍ୱ । ଆତ୍ମସମର୍ପଣରେ ଆର୍ଯ୍ୟର ଆତ୍ମଲାଭ; ଆଦେଶ ପାଳନରେ ଆର୍ଯ୍ୟର ସ୍ୱଧର୍ମ । ଆର୍ଯ୍ୟର ଏହା ଦର୍ଶନ ମତ ନୁହେ; ଯୁକ୍ତିର ଖେଳ ବା ତର୍କବାଦର ଅହଂକାର ନୁହେ—ଏହା ତାର ନିତ୍ୟ କ୍ରିୟା; ଏଥିରେହିଁ ସେ ଜୀବନ ଧାରଣ କରେ ।

---

# ପଞ୍ଚମ ଅଧ୍ୟାୟ

## ଆର୍ଯ୍ୟ ଜୀବନର ସାଧନା—ଆତ୍ମପ୍ରସାର

ଜୀବନ ସାଧନାମୟ; ସାଧନାରେ ସିଦ୍ଧି ହୁଏ, ଉଦ୍ଦେଶ୍ୟ ସାଧିତ ହୁଏ, ଆଦର୍ଶ ପ୍ରାପ୍ତି ହୁଏ । ଆର୍ଯ୍ୟ-ଭୂମିରେ ଏ ନୂଆ କଥା ନୁହେ । ବ୍ୟକ୍ତି ଜୀବନରେ, ପରିବାରରେ, ସମାଜରେ, ସର୍ବତ୍ର ଆର୍ଯ୍ୟଜୀବନ ସାଧନାମୟ । ବ୍ରାହ୍ମଣର ଜୀବନକୁ ସମାଜର ଆଦର୍ଶ ଧରିଲେ ଦେଖାଯାଏ, ସକାଳୁ ପୁଣି ସକାଳ ପର୍ଯ୍ୟନ୍ତ ତାହାର କ୍ରିୟାକଳାପ ଅନବଚ୍ଛିନ୍ନ ଭାବରେ ବନ୍ଧା

ହୋଇ ରହିଅଛି । ଆଳସ୍ୟ ବା ଅପବ୍ୟୟର ଅବକାଶ ନାହିଁ । କେବଳ ବ୍ରାହ୍ମଣର କାହିଁକି, ସମସ୍ତଙ୍କ ଜୀବନରେ ଏହିପରି କର୍ମସାଧନାର ପଂଥା ରହିଅଛି । ଏ ସବୁକୁ ବର୍ଣ୍ଣ ଧର୍ମ କହନ୍ତି । ଏ ତ ଗଲା ପ୍ରତିଦିନର କ୍ରିୟା, ଏହା ଛଡ଼ା ସମସ୍ତ ଜୀବନକୁ ସାଧନା ପରଂପରାରେ ବାଂଧି ରଖିବା ପାଇଁ ଆଶ୍ରମଧର୍ମର ବିଧି । ଜୀବନରେ ଆର୍ଯ୍ୟ ଯେ ଚତୁରାଶ୍ରମ ବାଂଧି, ସର୍ବଦା ଜୀବନକୁ କ୍ରିୟାବାନ୍ ଓ ଉପଯୋଗୀ କରି ଗଢ଼ିଅଛି, ତାହା ସମସ୍ତେ ଜାଣିଥିବେ । ପ୍ରଥମେ ବିଦ୍ୟାଭ୍ୟାସର କଠୋର ବିଧାନ; ତାପରେ ସଂଯତ, ସାମାଜିକ ଗାର୍ହସ୍ଥ୍ୟ; ତହିଁ ଉତ୍ତାରୁ ବାନପ୍ରସ୍ଥରେ ଆତ୍ମୋନ୍ନତି ନିମଂତେ ଯୋଗ ଓ ଧର୍ମାଚରଣ ଅଭ୍ୟାସ; ସର୍ବଶେଷରେ ନିର୍ମୁକ୍ତ ଭିକ୍ଷୁର ଜନସେବା । ଆର୍ଯ୍ୟ ଏସବୁ ମହା ସାଧନା ପରଂପରାରେ ଜୀବନ ଗଢ଼ିବାର ବ୍ୟବସ୍ଥା କରି ରଖିଅଛି । ସମସ୍ତ ଜୀବନକୁ କର୍ତ୍ତବ୍ୟର ଗୋଟିଏ ତୀର ସାଧନାଭୂମି କରି ରଖିଅଛି । ଧର୍ମର ଅଭ୍ୟାସ ଓ ଈଶ୍ୱର ପଦାର୍ଥର ଅବବୋଧ ନିମଂତେ ବେଦାଂତ-ତତ୍ତ୍ୱର ଉପଦେଶରେ ଜ୍ଞାନଯୋଗର ଅଭ୍ୟାସ ଓ କର୍ମଯୋଗର ସାଧନାଠାରୁ ଜନସାଧାରଣ ପାଇଁ ପୁରାଣର ରୁଚିକର ଆଖ୍ୟାୟିକା ପର୍ଯ୍ୟଂତ, ନାନା ଭାବରେ ନୀତିର ପ୍ରଚାର ଓ ଅଭ୍ୟାସ ଏ ଭୂମିରେ ଚିରକାଳ ଚାଲି ଅଛି । ଜୀବନରେ ଆର୍ଯ୍ୟ କେବେହେଁ ଲକ୍ଷ୍ୟଭ୍ରଷ୍ଟ ହୋଇ ନାହିଁ କିଂବା ଲକ୍ଷ୍ୟ ହୀନ ହୋଇ ଚାଲି ନାହିଁ । ଜୀବନର ସମସ୍ତ ପ୍ରବୃତ୍ତି ଓ କାର୍ଯ୍ୟ-କଳାପ ସଂଯତ କରି, ସେ ସ୍ଥିର ଆଦର୍ଶ ଅନୁସରଣ କରିଅଛି ଏବଂ ସାଧନାରେ ସିଦ୍ଧି ମଧ୍ୟ ଲଭିଅଛି ।

ଆର୍ଯ୍ୟଜୀବନର ଧର୍ମ ଧାରଣା ପ୍ରସଂଗରେ ଏସବୁ ବିଷୟ ପ୍ରତି ଲକ୍ଷ୍ୟ କରାଯାଇଅଛି; ମାତ୍ର ଏଠାରେ ସେହି କଥାକୁ ସାଧନା ଓ ସିଦ୍ଧି ଲକ୍ଷ୍ୟରେ ବୁଝାଇଦେବା ପ୍ରୟୋଜନ । ଆର୍ଯ୍ୟଜୀବନ କର୍ତ୍ତବ୍ୟମୟ, କର୍ମରେ ଭାଡ଼ି; ଜୀବନର କର୍ତ୍ତବ୍ୟରାଶିକୁ ଈଶ୍ୱରଙ୍କର ଆଦେଶ ଓ ବିଶ୍ୱତଂତ୍ରର ଅଂଗୀଭୂତ ମଣି, ସେହି ଅନୁସାରେ ଆର୍ଯ୍ୟ ନିଜର କ୍ରିୟା ବିଧାନ କରିବାକୁ ଚିରକାଳ ଅଭ୍ୟାସ କରିଅଛି ।

ମନୁଷ୍ୟ ସ୍ୱଭାବତଃ ସ୍ୱାର୍ଥପର । ନିଜେ ପ୍ରକୃତରେ କି ପଦାର୍ଥ, କାହିଁକି ବା ତାର ଜନ୍ମ, ବିଶ୍ୱର ଅନ୍ୟାନ୍ୟ ବସ୍ତୁ ସଂଗେ ତାର କି ସଂବଂଧ, ଏ ସବୁ କଥା ସେ ସହଜରେ ବୁଝେ ନାହିଁ । ବୁଝିବାକୁ ପ୍ରୟାସ ମଧ୍ୟ କରେ ନାହିଁ । 'ମୁଁ', 'ମୋର', 'ମତେ' କହି, ସେ ସ୍ୱାର୍ଥରେ ମଜି ଯାଏ । ଏ ସ୍ୱାର୍ଥର ବାସ୍ତବରେ କିଛି ଅର୍ଥ ନାହିଁ । ବିଶ୍ୱତଂତ୍ରରୁ ବିଚ୍ଛିନ୍ନ ହୋଇ 'ମୁଁ' ବୋଲି କିଛି ପଦାର୍ଥ ନାହିଁ । ବିଶ୍ୱତଂତ୍ରରେ ମୋର ଗୋଟିଏ ସ୍ଥାନ ଅଛି ସତ, ବିଧାତାଙ୍କ ସୃଷ୍ଟିରେ ମୋର କେତେଗୁଡ଼ିଏ ସ୍ୱତଂତ୍ର କର୍ତ୍ତବ୍ୟ ଅଛି ସତ; କିଂତୁ ସେ ତଂତ୍ରରୁ ବିଚ୍ଛିନ୍ନ ହେଲେ ମୁଁ କେହି ନୁହେଁ, କିଛି ନୁହେଁ । ଏସବୁ କଥା ମନୁଷ୍ୟ ସବୁବେଳେ ବୁଝେ ନାହିଁ; ପୁଣି ଦାର୍ଶନିକ ବିଚାର ପ୍ରକ୍ରିୟା ଯେବେ ବୁଝିଲେ ମଧ୍ୟ ସେହି ଅନୁସାରେ କ୍ରିୟାବାନ୍ ହୁଏ ନାହିଁ । ଏହାକୁହିଁ ଶାସ୍ତ୍ରକାରମାନେ ମୋହ, ମାୟା, ଅଜ୍ଞାନ ପ୍ରଭୃତି ନାମ ଦେଇଅଛଂତି । ଏହି ଅଜ୍ଞାନରୁ ମୁକ୍ତ ହୋଇ, ଜ୍ଞାନ ଅନୁସାରେ ନିଜର କ୍ରିୟା ବିଧାନ କରିବାକୁ ମନୁଷ୍ୟର ଚେଷ୍ଟା ଓ ଅଭ୍ୟାସ ଦରକାର । ଏହାହିଁ ଜୀବନର ପରମ ସାଧନା ।

ଆର୍ଯ୍ୟ ଯେ ଜୀବନର ଏହି ସାଧନା ବୁଝିଥିଲା, ତାହା ବୁଝାଇ କହିବା ଅନାବଶ୍ୟକ । ସଂକୀର୍ଣ୍ଣ ସ୍ୱାର୍ଥପରତାରୁ ବାହାରି ଜୀବନକୁ ଜଗତରେ ମିଶାଇ ଦେବା, ଆର୍ଯ୍ୟର ଶିର ଲକ୍ଷ୍ୟ । ଅନଂତ କର୍ତ୍ତବ୍ୟ ମଧ୍ୟରେ ସେଥିପାଇଁ ସେ ଆତ୍ମୋତ୍ସର୍ଗ କରେ । ଏହି ସାଧନାରେ ତାହାର ଆତ୍ମପ୍ରସାର ଏତେ ଦୃଢ଼ ଯେ, ସେ ଚରାଚର ସର୍ବତ୍ର ନିଜ ପରି ଆତ୍ମା ଦେଖି, ଅନଂତ ପ୍ରେମରେ ପ୍ରାଣ ମିଶାଇ ଦିଏ । ଜଗତରେ ଯେଉଁ ବିଶ୍ୱାତ୍ମାର

ଉଦ୍ଭେଦ ଦେଖେ, ନିଜେ ସେହି ଆତ୍ମା ବୋଲି ଅନୁଭବ କରି ଆନନ୍ଦରେ କହେ 'ସୋଽହଂ' । ଅର୍ଥାତ୍, ସେହି ମୁଁ । ସେହି ଆତ୍ମପ୍ରସାର ତାହାର ସାଧନା ଏବଂ 'ସୋଽହଂ' ବୁଦ୍ଧି ବା ଆତ୍ମଲାଭ ନିମନ୍ତେ ଏହି ଅନନ୍ୟସାଧାରଣ ଆତ୍ମୋତ୍ସର୍ଗହିଁ ତାହାର ସିଦ୍ଧିର ଲକ୍ଷଣ । ଏହି 'ସୋଽହଂ' ବା ଆତ୍ମଲାଭ ତାହାର ଆଦର୍ଶ । ଅନନ୍ତ କର୍ତ୍ତବ୍ୟ ଲୀଳା ମଧ୍ୟରେ ନିଜର ମହାନ୍ ବିଶ୍ୱବ୍ୟକ୍ତିତ୍ୱ ଅନୁଭବ କରିବାହିଁ ତାହାର ଜୀବନ ।

ମନେ ରଖିବାକୁ ହେବ, ଏ ଆତ୍ମୋତ୍ସର୍ଗ, ଏ ଆତ୍ମପ୍ରସାରସାଧନା, ଆର୍ଯ୍ୟଭୂମିରେ କେବେ ଦର୍ଶନ ବା ନୀତି-ବାଦର ଉପଦେଶ ନୁହେଁ । ଆର୍ଯ୍ୟର ଅତି ସାମାନ୍ୟ ଜୀବନ ବିଷୟରେ ମଧ୍ୟ ଏହାହିଁ ଦେଖିବାକୁ ମିଳେ । ହରିଶ୍ଚନ୍ଦ୍ରଙ୍କର ଆତ୍ମଦାନ, ଦଧୀଚିଙ୍କର ଆତ୍ମୋତ୍ସର୍ଗ ପ୍ରଭୃତି ବହୁ ପ୍ରାଚୀନ; ସେ ସବୁ ପୁରାଣର କଥା । ହର୍ଷବର୍ଦ୍ଧନଙ୍କ ଅନନ୍ୟସାଧାରଣ ଉଦାରତା ଓ ମେଗାସ୍ଥିନିସ୍, ଫାହିଆନ୍‌ଙ୍କ ବର୍ଣ୍ଣିତ ଭାରତବାସୀ, ଇତିହାସର କଥା । ଏପରି ଜାତୀୟ ଚରିତ୍ରର ଆଲେଖ୍ୟ ଏ ଜାତୀୟ ସାହିତ୍ୟ ତଥା ଇତିହାସରେ ପୂର୍ଣ୍ଣ ରହିଛି । ଦ୍ୱିଜାତିର ସନ୍ନ୍ୟାସ ଓ ଯୋଗ ସାଧନାଠାରୁ ଶୂଦ୍ରର ସେବା ଧର୍ମ ପର୍ଯ୍ୟନ୍ତ, ସବୁ ମୁକ୍ତି ବା ଆଦର୍ଶ ଲାଭର ପନ୍ଥା ବୋଲି ଧର୍ମଶାସ୍ତ୍ରରେ ଅକ୍ଷୟ ଅକ୍ଷରରେ ଉପଦିଷ୍ଟ ହୋଇଅଛି ଏବଂ ସେହି ସବୁ ନୀତି ଜନସାଧାରଣର ପ୍ରାକୃତ ବିଷୟରେ ଥିଲା ବୋଲି ପୁରାଣ, ପ୍ରବଚନାଦିରେ ସ୍ପଷ୍ଟ ଉଦାହୃତ ଓ ପ୍ରମାଣିତ ରହିଅଛି । ପୁରାଣ, ପ୍ରବଚନ, ଇତିହାସ, ସାହିତ୍ୟର କଥା ଛାଡ଼ି ଦେଲେ ମଧ୍ୟ, ଆର୍ଯ୍ୟର ଦୈନନ୍ଦିନ ଜୀବନ ବିଷୟରେ ସର୍ବଦା ଏହି ସାଧନା ଏବଂ ଏହି ଆଦର୍ଶ-ଲାଭର ପ୍ରଯତ୍ନ ଦେଖିବାକୁ ମିଳେ ।

ଆର୍ଯ୍ୟର ଜୀବନ କର୍ମମୟ । ସେ ନିଜର କର୍ମମୟ ଜୀବନରେ ମଧ୍ୟ କୌଣସି ଆଶକ୍ତି ବା ଫଳ ଲାଭର ଆଶା ରଖି ନାହିଁ । ତାର ବିଶ୍ୱାସ, ଜୀବନରେ ଫଳ ଆଶାରେ କର୍ମ କଲେ, କର୍ମରେ ମୋର ବୋଲି ଅହଂକାର ଆସିବ; ବ୍ୟକ୍ତିତ୍ୱରେ ବିଶ୍ୱଭାବ ସ୍ଖଳିତ ହେବ; ଆତ୍ମଲାଭ ହେବ ନାହିଁ, ସାଧନା ପଣ୍ଡ ହେବ; ସିଦ୍ଧି ଆସିବ ନାହିଁ; ମୁକ୍ତି ମିଳିବ ନାହିଁ ।

ସଂସାର ଆର୍ଯ୍ୟ ଦୃଷ୍ଟିରେ ଗୋଟିଏ ବନ୍ଧ, ଗୋଟିଏ କର୍ମ ବା କର୍ତ୍ତବ୍ୟଶ୍ରେଣୀର ପରମ୍ପରା, ଗୋଟିଏ କର୍ମମୟ ସାଧନାର କ୍ଷେତ୍ର । ଏହି ବନ୍ଧ ବା ଆବଦ୍ଧତା ହେତୁରୁ ସ୍ୱାର୍ଥଭାବ ବା ଅହଂକାର-ବୁଦ୍ଧି ଆସେ । ନିଜକୁ କେତେଗୁଡ଼ିଏ ସମ୍ପର୍କ, କର୍ତ୍ତବ୍ୟ ଓ ସୁଖ ଦୁଃଖ ମଧ୍ୟରେ ଆବଦ୍ଧ ମଣିବା ହେତୁରୁ ତାହାର ବିଶାଳ ବିଶ୍ୱଦୃଷ୍ଟି ସୀମାବଦ୍ଧ ହୁଏ । ସେ ମୋର ବୋଲି ଅହଂକାର କରେ । କର୍ମରେ କର୍ତ୍ତୃତ୍ୱ କରି, ଫଳଆଶା ରଖେ । ସଂସାରୀ ପ୍ରାଣୀର ଏହା ସ୍ୱାଭାବିକ ପ୍ରବୃତ୍ତି; ତେଣୁ ସଂସାରରେ କର୍ମର ସାଧନା ।

ସର୍ବଦା ନିରବଚ୍ଛିନ୍ନ କର୍ତ୍ତବ୍ୟର ଅଭ୍ୟାସ କରିବାକୁ ହେବ । ଅଭ୍ୟାସ ବଳରେ ଜୀବନକୁ ବିଶ୍ୱଧର୍ମର ଅଙ୍ଗୀଭୂତ ମଣି, କେବଳ କର୍ତ୍ତବ୍ୟମୟ ବୋଲି ଅନୁଭବ କରିବାକୁ ହେବ । ଏ ଅଭ୍ୟାସରେ ଅସମର୍ଥ ହେଲେ, ଆର୍ଯ୍ୟର ବିଶ୍ୱାସ, ଭଗବାନ କହିଅଛନ୍ତି—"ମତ୍‌କର୍ମ ପରମୋଭବ"; ଅର୍ଥାତ୍ ମୋର କର୍ମ କରୁଅଛ ବୋଲି ସର୍ବଦା ଧାରଣା କର । ସେଥିରେ ସାଧନାର ପନ୍ଥା ସୁଗମ ହେବ । ଏହି ସାଧନାରେ ଆତ୍ମା ଭସାଇ ଦେଲେ, ଲୋକ "ନାପ୍ନୋତି କିଲ୍‌ବିଷଂ" ଅର୍ଥାତ୍—ଆଉ ମଳିନତା ପାଏ ନାହିଁ । ଅର୍ଥାତ୍, ବିଶୁଦ୍ଧ ନୈତିକ ଧାରଣାରୁ ଆଉ ଭ୍ରଷ୍ଟ ହୁଏ ନାହିଁ; ତାର ଆଉ ଅଜ୍ଞାନ-ଜଡ଼ିତ ଆତ୍ମମୋହ ରହେ ନାହିଁ; ସେ ବନ୍ଧନରୁ ମୁକ୍ତ ହୁଏ, ତାର ସିଦ୍ଧି ଲାଭ ହୁଏ ।

ଜନକାଦି ସିଦ୍ଧପୁରୁଷମାନେ ଏହି ସିଦ୍ଧି ଲାଭ ବିଷୟରେ ଆର୍ଯ୍ୟର ଐତିହାସିକ ଆଦର୍ଶ । ଜନକ

ମିଥିଳାର ରାଜା ଥିଲେ; ପ୍ରଜାରଂଜନ ଓ ପ୍ରଜାପାଳନରେ ତତ୍ପର ଥିଲେ; ନିତ୍ୟ ନିସ୍ପୃହ ଭାବରେ ନିଜର ସ୍ଥିର ଧର୍ମ, କର୍ତ୍ତବ୍ୟରେ ନିରତ ଥିଲେ; ତଥାପି ସେ ସିଦ୍ଧ ଓ ମୁକ୍ତ ଥିଲେ ବୋଲି, ସେ କହି ପାରିଥିଲେ —"ମିଥିଳାୟାଂ ପ୍ରଦୀପ୍ତାୟାଂ ନ ମେ ଲାଭୋ ନ ମେ କ୍ଷତି," ଅର୍ଥାତ୍—ମିଥିଳା ପୋଡ଼ିଗଲେ ମଧ୍ୟ ମୋର କିଛି ଲାଭ ବା କ୍ଷତି ନାଇ। ଏହା ବୋଲି ସେ ମିଥିଳା ପ୍ରତି ନିଜର କର୍ତ୍ତବ୍ୟ ନ କରି ତିଳେ ମାତ୍ର ଅବହେଳା ଦେଖାଇ ନାହାଁନ୍ତି। ସମସ୍ତ କର୍ତ୍ତବ୍ୟର ସଂଯତ ଓ କଠୋର ସାଧନା ମଧ୍ୟରେ, ପ୍ରଜାରଂଜନ ନିମଂତେ ପ୍ରାଣରେ ବିଶାଳ ବ୍ୟାକୁଳତା ମଧ୍ୟରେ ମିଥିଳାର ରାଜା ହୋଇ ମଧ୍ୟ ଏପରି ନିର୍ଲିପ୍ତ ଓ ଫଳାକାଂକ୍ଷା-ବିରହିତ ଭାବରେ କାର୍ଯ୍ୟ କରିବା କେବଳ ଆର୍ଯ୍ୟଭୂମିରେ ସଂଭବ ଥିଲା। ସେ ନିଜକୁ ବିଶ୍ୱଶକ୍ତିର ଗୋଟିଏ ନିର୍ଦ୍ଦିଷ୍ଟ ଅଂଶ ବୋଲି ଧାରଣା କରି ପାରିଥିଲେ। ବିଶ୍ୱର ପ୍ରତ୍ୟେକ ପଦାର୍ଥରେ ତାଂକର ଯେତିକି ମମତା, ନିଜଠାରେ ତାଂକର ଠିକ୍ ସେତିକି ମମତା ଥିଲା। ଇଉରୋପରେ ବଚନ ଅଛି, 'ରୋମ ନଗର ପୋଡ଼ିଗଲା ବେଳେ, ରୋମର ସମ୍ରାଟ୍ ନେରୋ ଆନଂଦରେ ବେହେଲା ବଜାଇ ସଂଗୀତ କରୁଥିଲେ।' ତାଂକର ମଧ୍ୟ ରୋମରେ ମମତା ନ ଥିଲା; କିଂତୁ ସେ ମମତା ନ ଥିବା କେବଳ ବିଳାସ-ଜନିତ ଅବହେଳାର ଫଳ। ଯେ କୌଣସି ବ୍ୟସନୀ ବିଳାସୀର ଏପରି ଆପାତ ନିର୍ମମତା ଆସିପାରେ; କିଂତୁ ଜନକଂକର ନିର୍ମମ କର୍ମସାଧନା, ଧର୍ମଧାରଣାରେ ବିଶ୍ୱତନ୍ତ୍ରୈକ ବୁଦ୍ଧି ଏଥିରୁ ସମ୍ପୂର୍ଣ୍ଣ ଭିନ୍ନ। ଜନକଂକର ନିର୍ମମତାରେ ବ୍ୟସନର ଅବହେଳା ନାଇ। ସେ ନିର୍ମମ ଥିଲେ; ନିଷ୍ପ୍ରାଣ ନ ଥିଲେ। ବିଶାଳ ଧର୍ମ-ଭାବରେ ବିଶ୍ୱପ୍ରେରଣା ଅନୁଭବ କରି, ସେ ବିଶ୍ୱତନ୍ତ୍ରରେ ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କରିବା ନିମଂତେ ନିର୍ଲିପ୍ତ ଭାବରେ କର୍ମ-ନିରତ ଥିଲେ।

ବିଧାତାଂକ ରାଜ୍ୟରେ ବିଧାତା ସ୍ୱୟଂ କ୍ରିୟାମୟ-ରୂପେ ରହିଛଂତି। ବିଶ୍ୱତନ୍ତ୍ର ସେହି ବିଧାତୃଶକ୍ତିରେ ଆତଯାତ ହେଉଅଛି। 'ମୁଁ' ମଧ୍ୟ ସେହି ଶକ୍ତି—ସେହି ଶକ୍ତି ମୋ ଭିତରେ ପ୍ରକଟି ଉଠୁଅଛି। ସୂର୍ଯ୍ୟ ନଥିଲେ ଜୀବ ଜଗତର ସୌଂଦର୍ଯ୍ୟ ଓ ଜୀବନ ନାଇ। ଗ୍ରହ ନ ଥିଲେ ସୂର୍ଯ୍ୟର ବଦାନ୍ୟତା ଓ ଉପଯୋଗିତା ମଧ୍ୟ ନାଇ। ସେହିପରି ମୁଁ ନ ଥିଲେ ବିଶ୍ୱ ନାଇ; ବିଶ୍ୱ ନ ଥିଲେ ମୁଁ ନାଇ। ଅର୍ଥାତ୍ ମୁଁ ସେହି 'ସୋଽହଂ', ଏହାହିଁ ଜୀବନର ଆଦର୍ଶ ଏବଂ ଏହାହିଁ ତାହାର ମୁକ୍ତି।

ସୂର୍ଯ୍ୟ ଓ ଗ୍ରହ ଜଗତ ଯେପରି ପରସ୍ପରର ଅପେକ୍ଷା ରଖଂତି, ପରସ୍ପର ପ୍ରତି ସେମାନଂକର ଯେପରି ଆପେକ୍ଷିକ ଉପଯୋଗିତା, ଜୀବନ ସଂଗେ ବିଶ୍ୱର ସେହି ଆପେକ୍ଷିକ ଭାବହିଁ ବଂଧ। ସେ ଆପେକ୍ଷିକ ଭାବ ଯେତେ ଦୃଢ଼ ହୁଏ, ବ୍ୟକ୍ତି ସେତେ ଆପଣାକୁ ଭିନ୍ନ ଓ ସ୍ୱତନ୍ତ୍ର ଭାବରେ ଉପଯୋଗୀ ବୋଲି ମନେ କରେ। ସେଥିରେ ତାହାର ବଂଧ ଦୃଢ଼ ହୁଏ। ଦୃଢ଼ ହେଉ ବା ଶିଥିଳ ହେଉ, ଏହି ବଂଧ ଧାରଣାରେ ମାନବ ଅଂଧ ହେଉ ବା ମୁକ୍ତ ହେଉ, ଏହି କର୍ମବଂଧ ମଧ୍ୟରେ ତାକୁ ରହିବାକୁ ହେବ। ଏହି କର୍ମ-ବଂଧ ମଧ୍ୟରେ ତେଣୁ ଆର୍ଯ୍ୟ ମୁକ୍ତି କାମନା କରେ। ଜୀବନର କର୍ମ ସାଧନାରେ ଏହି ମୁକ୍ତି ସାଧକର ଲକ୍ଷ୍ୟ। କର୍ମହିଁ ଆର୍ଯ୍ୟର ସାଧନା, କର୍ତ୍ତବ୍ୟହିଁ ପଂଥା; ସେଥିପାଇଁ ସେ ଈଶ୍ୱର ବାଣୀ ଶୁଣିଅଛି—

"ନିୟତଂ କୁରୁକର୍ମତ୍ୱଂ
କର୍ମଜ୍ୟାୟୋହ୍ୟ କର୍ମଣଃ।"

ଅର୍ଥାତ୍, ଈଶ୍ୱର କହୁଛଂତି— ମାନବ, ତୁ ସର୍ବଦା କର୍ମ କର। ନ କରିବାଠାରୁ କର୍ମ କରିବା ଭଲ।

କର୍ମରୁ ଆସକ୍ତି ଛାଡ଼ିବା, କର୍ମ ଛାଡ଼ିବା ଏକ ନୁହେ। ସଂସାରରେ ଥିବା ଯାଏ କର୍ମ କରିବାକୁ ହେବ;

କାରଣ—"ଶରୀର ଯାତ୍ରାପିଚ ତେ ନ ପ୍ରସିଦ୍ଧ୍ୟେଦ କର୍ମଣଃ ।"

ଅର୍ଥାତ୍ କର୍ମ ନ କଲେ, (ସଂସାରର ଅନ୍ୟ କଥା ଦୂରେ ଥାଉ ) ତୋର ( ସାମାନ୍ୟ ) ଶରୀର ଯାତ୍ରା ସୁଦ୍ଧା ଚଳିବ ନାହିଁ ।

ସଂସାର କର୍ମଭୂମି । ବିଶ୍ୱତତ୍ତ୍ୱ କର୍ମରେ ଚାଲୁଅଛି । କର୍ମ ବିନା ସଂସାର ଅସଂଭବ । ସ୍ୱୟଂ ଜନକ ପ୍ରଭୃତି କର୍ମ ଛାଡ଼ି ପାରିଥିଲେ ବା କର୍ମରୁ ଆଶକ୍ତି-ହୀନ ହୋଇଥିଲେ । ସେମାନେ ମଧ୍ୟ "କର୍ମଣୈବହି ସଂସିଦ୍ଧି ମାସ୍ଥିତାଃ (ଜନକାଦୟଃ) ।"

ଅର୍ଥାତ୍, କେବଳ କର୍ମରେହିଁ ସିଦ୍ଧି ଲଭିଥିଲେ ।

ଜଗତର ଏ କର୍ମତତ୍ତ୍ୱଟା ବିଷୟରେ ଦୃଢ଼ ଧାରଣା ଆସିଲେ ସିଦ୍ଧି ହୁଏ । ସେତେବେଳେ କର୍ତ୍ତବ୍ୟକୁହିଁ ମାନବ ଜୀବନ କରି ଦେଖେ । ଜଗତରେ ଯେ ଯାହାର ନିର୍ଦ୍ଦିଷ୍ଟ କର୍ମ କରିବେ । କୌଣସି କର୍ମ ନୀଚ ବା ଉଚ୍ଚ ନୁହେ । ସେଥିପାଇଁ କୁହାଯାଏ—

"ବିଦ୍ୟାବିନୟସଂପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନିଚୈବ ସ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ।"

ଅର୍ଥାତ୍ ବିଦ୍ୟାବିନୟସଂପନ୍ନ ଲୋକ, ବ୍ରାହ୍ମଣ, ଗୋରୁ, ହାତୀ, କୁକୁର, ଚଂଡାଳ—ସବୁଠାରେ ପଣ୍ଡିତ ସମଜ୍ଞାନ କରେ ।

ଏହି ସମଜ୍ଞାନହିଁ ସାଧନାରେ ସିଦ୍ଧି । ଏହି ସମଜ୍ଞାନ ଆସିଲେ ମୁକ୍ତି ହୁଏ । ଏହି ସମଜ୍ଞାନ ଆସିବା ପାଇଁ କର୍ମ, ଜ୍ଞାନ, ଭକ୍ତି, ପ୍ରଭୃତି ନାନା ସାଧନା । ଏହି ସମଜ୍ଞାନହିଁ ବିଶ୍ୱତତ୍ତ୍ୱ ସଂବଂଧରେ ଯଥାର୍ଥ ଜ୍ଞାନର ଫଳ । ଏହାକୁହିଁ ଆର୍ଯ୍ୟମାନେ ଆତ୍ମଜ୍ଞାନ କହୁଅଛନ୍ତି । ମୁଁ କିଏ, କଣ—ଏ ଜ୍ଞାନ ଆସିଲେ, ବ୍ରାହ୍ମଣର ଜ୍ଞାନ ହୁଏ । ବିଶ୍ୱତତ୍ତ୍ୱର ନିୟମବଦ୍ଧ କର୍ମମୟତା ବୁଝିପାରି, ମାନବ କ୍ଷୁଦ୍ର ଅହଂକାର ଛାଡ଼ିଦିଏ । ପ୍ରକୃତ ଆତ୍ମଜ୍ଞାନରେ ଆତ୍ମୋତ୍ସର୍ଗ କରି ଆତ୍ମଲାଭ କରେ । ସେଥିପାଇଁ ବଚନ ଅଛି—

"ଉଦ୍ଧରେଦାତ୍ମନାଽତ୍ମାନଂ ।"
ଅର୍ଥାତ୍, ଆତ୍ମାରେ ଆତ୍ମାକୁ ଉଦ୍ଧାର କରିବ ।

ଅନଂତ ବିଶ୍ୱ-ଆତ୍ମାର ଜ୍ଞାନ ଆସିଲେ, କ୍ଷୁଦ୍ର, ମାନବାତ୍ମାର ଅହଂକାର ସେଥିରେ ଲୀନ ହୁଏ । ମନୁଷ୍ୟ ଜାଣିବ, ମୁଁ କେହି ନୁହେ । ବାସ୍ତବିକ ଅନଂତ ବିଶ୍ୱକର୍ମରେ ମୋର ଗୋଟିଏ ଯଥୋଚିତ ସ୍ଥାନ ମାତ୍ର ଏବଂ ସେହି ହିସାବରେ ସୂର୍ଯ୍ୟ, ଚଂଦ୍ର, ଗ୍ରହ, ତାରାଠାରୁ କୁକୁର, ଚଂଡାଳ, ତରୁ, ତୃଣ, କାଠ, ପଥର ପର୍ଯ୍ୟଂତ ସମସ୍ତଂକର ଗୋଟିଏ ଗୋଟିଏ ସ୍ଥାନ । ମୁଁ ଯାହା ସେମାନେ ସେଇଆ, ସମସ୍ତ ବିଶ୍ୱ ସେଇଆ । ଏ ଭାବର ଧାରଣା, ଏହି ଅତ୍ମପ୍ରସାର, ଆତ୍ମାକୁ ଏହିପରି ଜଗତରେ ବ୍ୟାପ୍ତ ଦେଖିବାହିଁ ଆର୍ଯ୍ୟର ସମସ୍ତ ସାଧନାର ଲକ୍ଷ୍ୟ ଏବଂ ଏହି ବିଶ୍ୱତତ୍ତ୍ୱ ଜ୍ଞାନ ବା ବିଶ୍ୱାତ୍ମାର ଅବବୋଧ ଓ ତହିଁରେ ପ୍ରକୃତ ଧାରଣାହିଁ ତାହାର ମୁକ୍ତି ।

କଥାଟି ଏପରି ଦାର୍ଶନିକ ଭାବରେ ବୁଝିବା କାହାର କାହାରି ପକ୍ଷରେ ଦୁରଧିଗମ୍ୟ ହୋଇପାରେ । ବିଶ୍ୱଶକ୍ତିର ଅନଂତ ବିକାଶ ମୋ ଭିତରେ ହେଉଅଛି । ବିଶ୍ୱଶକ୍ତିର ବିକାଶହିଁ ମୋର ଜୀବନ । ମୁଁ ନ ଥିଲେ ସମସ୍ତ ବିଶ୍ୱ ନାହିଁ । ସମସ୍ତ ବିଶ୍ୱ ନ ଥିଲେ ମୁଁ ନାହିଁ । ଏସବୁ କଥା ଗୋଟିଏ ସାଧାରଣ ଉଦାହରଣରେ ବୁଝାଯାଉ ।

ଧନ ସଂସାରରେ କେବଳ କାରବାର ଓ ବ୍ୟବହାର ପାଇଁ । ଲୋକେ ସେଥିରେ ଖାଦ୍ୟ, ପେୟ

ଓ ପରିଧେୟ କିଣନ୍ତି । କେହି ତାହା ନିଜର ବୋଲି ରଖି ପାରିବେ ନାହିଁ । ଯେ ଧନ ସଂଚୟ କରନ୍ତି, ସେ ମଧ୍ୟ ତାହା ରଖନ୍ତି ନାହିଁ । ସେ ଘର ତୋଳନ୍ତି, ବଗିଚା କରନ୍ତି, ବାକ୍ସ ଆଲମାରି କରନ୍ତି । ଶେଷରେ ଏହିପରି ଧନ ଶିଳ୍ପୀ ଓ ଶ୍ରମଜୀବୀମାନଙ୍କ ହାତକୁ ଯାଇ, ତାଙ୍କର ଖାଦ୍ୟ ପେୟ ଯୋଗାଏ । ତାହା କଦାପି ସ୍ଥିର ରହିପାରେ ନାହିଁ । ନିତାନ୍ତ ନ ହେଲେ, ଶେଷକୁ ଚୋର ନିଏ କିମ୍ବା ସମାଜର ଅସତ୍ ବ୍ୟବସାୟୀମାନେ ଗ୍ରହଣ କରନ୍ତି । ତାହା ବ...ର ଏକ ହାତରୁ ଅନ୍ୟ ହାତକୁ ଯାଏ ଓ ...ଙ୍କର ଖାଦ୍ୟ, ପେୟ, ପରିଧେୟ ଯୋଗାଉଥାଏ । ଏହା ଧନର ପ୍ରକୃତି; କିନ୍ତୁ ତଥାପି ଲୋକେ ଧନ ସଂଚୟ କରନ୍ତି, ପୋତି ରଖନ୍ତି; ମନରେ ବିଶ୍ବାସ କରୁଥାନ୍ତି, ସେ ଧନ ତାଙ୍କର; କିନ୍ତୁ ଫଳରେ ବାଧ୍ୟ ହୋଇ ସେ ତାହା ଅନ୍ୟ ହାତରେ ଦିଅନ୍ତି । ଯେ ଜ୍ଞାନୀ ସେ ତାହା କରନ୍ତି ନାହିଁ । ଧନର ପ୍ରକୃତି ବିଷୟରେ ତାଙ୍କର ସମ୍ୟକ୍ ଧାରଣା ଥାଏ । ସେ ତାହା ବ୍ୟବହାର ବା ବିତରଣ କରନ୍ତି, ପୋତି ରଖନ୍ତି ନାହିଁ । ସେଥିରେ ତାଙ୍କର 'ମୋର' ବୋଲି ବିଶେଷ ମମତା ବା ଅହଂକାର ନ ଥାଏ; କିନ୍ତୁ ଏ ଜ୍ଞାନ ଲୋକସାଧାରଣର ସହଜରେ ଆସେ ନାହିଁ । ସେଥିପାଇଁ ସାଧନା ଦରକାର । ଧନର ପ୍ରକୃତ ଅର୍ଥ ବୁଝିବାରେ ବିଶେଷ ମନୋନିବେଶ କରି, ସେହି ଅନୁସାରେ କର୍ମାଭ୍ୟାସ କରିବାହିଁ ସାଧନା । ଏଥିରେ ସିଦ୍ଧି ଆସିଲେ ଆଉ ଧନରେ ମମତା ରହେ ନାହିଁ ।

ଧନ ସଂବନ୍ଧରେ ଯାହା କୁହାଗଲା, ଜୀବନ ସଂବନ୍ଧରେ ତାହାହିଁ ବୁଝିବାକୁ ହେବ । ଜୀବନର ବ୍ୟବହାରହିଁ ତାହାର ଅର୍ଥ; ତାହାର ଯଥାର୍ଥ ଉପଯୋଗିତା ବା ଉଦ୍ଦେଶ୍ୟ । କର୍ମହିଁ ଜୀବନର ବ୍ୟବହାର । ନିର୍ଦ୍ଦିଷ୍ଟ କର୍ମରେ ତାହାର ଯଥାର୍ଥ ଉପଯୋଗିତା ପ୍ରତିପାଦିତ ହୁଏ । ଜଗତରେ ପ୍ରତ୍ୟେକ ଜୀବନର, ପ୍ରତ୍ୟେକ ବସ୍ତୁର ନିର୍ଦ୍ଦିଷ୍ଟ କ୍ରିୟା ଅଛି । ତାହା ନ ରହିଲେ ବିଶ୍ବତନ୍ତ୍ର ବ୍ୟଂଗ ହେବ । ମାତ୍ର ଏହି ବ୍ୟବହାରର ଭାବ ସହଜରେ ଆସେ ନାହିଁ । ସେଥିପାଇଁ ସାଧନାର ପ୍ରୟୋଜନ । ଏହି ସାଧନାରେ ସିଦ୍ଧି ଆସିଲେ, ସମସ୍ତ ବିଶ୍ବ-ଜୀବନର ଭାବ ହୃଦୟରେ ପ୍ରତିଫଳିତ ହୁଏ । ମାନବର ଆଉ ଅହଂକାର ରହେ ନାହିଁ । ଅଜ୍ଞାନ, ଜ୍ଞାନକୁ ଆବୃତ କରିପାରେ ନାହିଁ । ଜୀବର ମୋହ ନଷ୍ଟ ହୁଏ । ଏହି ମୋହନାଶହିଁ ଆର୍ଯ୍ୟ-ଜୀବନର ସିଦ୍ଧି । କର୍ମର ଅଭ୍ୟାସ, କର୍ମର ପ୍ରକୃତ ଅବବୋଧ ଓ ସମସ୍ତ ବିଶ୍ବତନ୍ତ୍ରରେ ଆତ୍ମାର ପ୍ରସାର ଧାରଣା କରିବା ଏହି ସିଦ୍ଧିର ପନ୍ଥା । ଏହି ପନ୍ଥାରେହିଁ ଆର୍ଯ୍ୟଜୀବନର ସାଧନା ।

ଏ ଯେଉଁ ସାଧନା ଓ ସିଦ୍ଧିର କଥା କୁହାଗଲା, ଏହା ଆର୍ଯ୍ୟର କେବଳ ଦାର୍ଶନିକ ମତବାଦ ନୁହେ, ଆପ୍ତବାକ୍ୟର ମାତ୍ର ଉପଦେଶ ନୁହେ, ଏ କଥା ଏକପ୍ରକାର ପୁରାଣ, ଇତିହାସର ଉଦାହରଣ ଲକ୍ଷ୍ୟକରି ପ୍ରତିପନ୍ନ କରା ହୋଇଅଛି; କିନ୍ତୁ କେବଳ ପୁରାଣ, ଇତିହାସ କାହିଁକି, ଜୀବନର ଏ ଲକ୍ଷ୍ୟ ନିମନ୍ତେ ସାଧନା ଆର୍ଯ୍ୟର ନିତ୍ୟ ବ୍ରତ । ଏହି ଆତ୍ମପ୍ରସାର ଓ ଆତ୍ମୋତ୍ସର୍ଗର ମାତ୍ର ଆର୍ଯ୍ୟର ଦୈନନ୍ଦିନ ଅଭ୍ୟସ୍ତ କ୍ରିୟାରେ ମଧ୍ୟ ସ୍ପଷ୍ଟ ଦେଖାଯାଏ । ଏ ଦେଶର ଜନସାଧାରଣଙ୍କ ସରଳ ଈଶ୍ବରପରାୟଣତା ଓ କର୍ମର ନିଷ୍ଠା, ଅକୃତ୍ରିମ ଆତିଥେୟତା ଓ ନିରହଂକାର ଦାନ ଆଜି ମଧ୍ୟ ଯେ କୌଣସି ବୈଦେଶିକ ସତ୍ୟ-ସଂଧିତ୍ସୁର ଦୃଷ୍ଟି ଆକର୍ଷଣ କରିବ । ଏ ସବୁ ଆତ୍ମପ୍ରସାର ସାଧନାର ଫଳ ।

ପ୍ରବାଦ ଅଛି, ସମସ୍ତେ ଜାଣିଥିବେ ଇନ୍ଦ୍ରଦ୍ୟୁମ୍ନ ନୀଳାଚଳ ଧାମରେ ଅକ୍ଷୟ କୀର୍ତ୍ତି ସଂପାଦନ କରି ବ୍ରହ୍ମାଙ୍କ ପାଖେ ବର ମାଗିଥିଲେ, "ମୋତେ ବରୁ

ବଂଶଜ, ମୋ କୁଳରେ କେହି ରହିବେ ନାହିଁ । ଏ କୀର୍ତ୍ତି ମୋର ବୋଲି ଅହଂକାର କରିବାକୁ ଯେପରି କେହି ନ ଥିବେ ।" କୁଳ ରକ୍ଷା କରିବା ଆର୍ଯ୍ୟର କି ଉପାଦେୟ ଓ ପ୍ରିୟ ବସ୍ତୁ, ସମାଜରେ ସେଥିପାଇଁ କି ଆଦର, କି ପ୍ରସନ୍ନ, ତାହା ସମସ୍ତେ ଅନୁଭବ କରଂତି; ମାତ୍ର ଇଂଦ୍ରଦ୍ୟୁମ୍ନଂକ ଆତ୍ମୋତ୍ସର୍ଗ ମଧ୍ୟ ଆର୍ଯ୍ୟର ଜାତୀୟ ଭାବ ଓ ଜାତୀୟ ସାଧନାର ଫଳ । ଇଂଦ୍ରଦ୍ୟୁମ୍ନ ତ ପୁରାଣ ଓ ପ୍ରବାଦର କଥା । ଏ ଦେଶରେ କେତେ ମଂଦିର, ମଠ, ଦେବାଳୟ, ପୁଷ୍କରିଣୀ ପ୍ରଭୃତି ଚିର କୀର୍ତ୍ତି ସବୁ ରହିଅଛି; କିଂତୁ କୌଣସିଠାରେ କର୍ତ୍ତା ମର୍ମର ପ୍ରସ୍ତରରେ ନିଜର ନାମ ଲେଖିଯିବାର ପ୍ରସ୍ତାବ କରି ନାହାଂତି । ଜୀବନର କ୍ରିୟାରେ ଏ ଆତ୍ମୋତ୍ସର୍ଗ କେବଳ ଆର୍ଯ୍ୟ ପକ୍ଷରେ ସଂଭବ । ଏହା ତାହାର ସାଧନା — ଏହାହିଁ ତାହାର ଜୀବନ ।

ଅନେକେ ଆକ୍ଷେପ କରଂତି, ଏ ଦେଶର ଲିଖିତ ଇତିହାସ ନାହିଁ । ଅବଶ୍ୟ ବର୍ତ୍ତମାନର ଆବଶ୍ୟକତା ଦୃଷ୍ଟିରେ ଏହା ଆକ୍ଷେପର କଥା ହୋଇପାରେ, କିଂତୁ ଭାରତୀୟ ଆର୍ଯ୍ୟ ଆତ୍ମପ୍ରସାର ସାଧନାରେ ଆତ୍ମୋତ୍ସର୍ଗର ଯେଉଁ ମହାସ୍ପର୍ଶୀ ଦୀକ୍ଷା ଲଭିଥିଲା, ସେଥିରେ ସେ ଆଦୌ ତାର ନିଜତ୍ୱ ରଖି ନାହିଁ । ଏପରି କି ସେ ତାହାକୁ ବାସ୍ତବିକ ନିଜର ସ୍ୱତଂତ୍ର କାର୍ଯ୍ୟ ବୋଲି ଭାବି ନାହିଁ । ସମସ୍ତ କାର୍ଯ୍ୟକୁ ଅନଂତ ମାନବ-ଜାତିର ତଥା ବିଶ୍ୱତଂତ୍ରର କାର୍ଯ୍ୟ ବୋଲି ବିଶ୍ୱସି ସେ ମହାଜାତୀୟ ଜୀବନରେ ଆତ୍ମଦାନ କରିଅଛି । ଅନଂତ ବିଶ୍ୱଶକ୍ତି ସଂଗେ ଯେ ନିଜର ପ୍ରଭେଦ ଦେଖି ନାହିଁ, ତାହା ପକ୍ଷରେ କୌଣସି କୀର୍ତ୍ତି ବା କର୍ମରେ ନିଜର ନାମ ରଖିଯିବାର ଅହଂକାର ସଂଭବ ନୁହେଁ । ଏହିପରି ଚିରଂତନ ଆତ୍ମପ୍ରସାରର ଅଭ୍ୟାସ କରି, ସେହି ମହାସାଧନାରେ ଆର୍ଯ୍ୟ ଦୈନଂଦିନ କ୍ଷୁଦ୍ର କ୍ରିୟା-କଳାପରେ ମଧ୍ୟ ଆତ୍ମୋତ୍ସର୍ଗ କରିବାକୁ ଶିଖିଥିଲା ଓ କାର୍ଯ୍ୟରେ ସମର୍ଥ ହୋଇଥିଲା ।

ଲୋକର ଶିକ୍ଷା ଓ ସମାଜର ଗତି ନିୟମିତ କରିବାପାଇଁ ଇତିହାସ ଆବଶ୍ୟକ । ଇତିହାସରେ ପୂର୍ବ ଲୋକଂକର କ୍ରିୟା, ଗତି ଓ କର୍ମ ଫଳ ଲକ୍ଷ୍ୟ କରି ମନୁଷ୍ୟକୁ ନିଜର କର୍ତ୍ତବ୍ୟ ସ୍ଥିର କରିବାକୁ ହୁଏ । ଏହିପରି ଇତିହାସରୁ ମନୁଷ୍ୟ ଯେ ଶିକ୍ଷା ପାଏ ସେଥିରେ ସେ ଭବିଷ୍ୟତ ପାଇଁ ସାବଧାନ ହୁଏ; ମାତ୍ର ଏ ସମସ୍ତ ସାବଧାନତାର ଶିକ୍ଷା ମଧ୍ୟରେ ମାନବର ଅହଂକାର ଓ କର୍ମଫଳରେ ଆସକ୍ତି ସ୍ପଷ୍ଟ ଦେଖା ପଡ଼ୁଅଛି । ବିଶ୍ୱତଂତ୍ରର ନିୟମରୁ ମାନବ ଯେଉଁ ପ୍ରାକୃତିକ ଶିକ୍ଷା ଲାଭ କରେ, ତାହା ତୁଳନାରେ ଏ ଇତିହାସର ଶିକ୍ଷା କୃତ୍ରିମ । ଏଥିରେ ମୁକ୍ତି ଆଡ଼କୁ ନ ଯାଇ, ମନୁଷ୍ୟ କର୍ମବଂଧ ମଧ୍ୟରେ ଆବଦ୍ଧ ହୋଇ ବିଶ୍ୱତଂତ୍ର ନିୟମରୁ କ୍ରମେ ଅଧିକରୁ ଅଧିକ ବିଚ୍ଛିନ୍ନ ହେବାର ସଂଭାବନା ଅଛି ।

ତେଣୁ ଏ କୃତ୍ରିମ ଶିକ୍ଷା ପାଇଁ କ୍ରିୟା ବିଧାନ କରିବା ଆର୍ଯ୍ୟର ପ୍ରକୃତିଗତ ନୁହେଁ । ଆର୍ଯ୍ୟ ଜାଣେ, କର୍ମ ଭଗବାନଂକର । ବିଶ୍ୱତଂତ୍ରର ନିତ୍ୟ ନିୟମରେ କର୍ମର ଫଳ ନିଜେ ନିଜେ ଫଳୁଅଛି । ଇତିହାସ; ଅର୍ଥାତ୍ ଲୋକକ୍ରିୟା ବା ଘଟଣାବଳୀର ବିଶ୍ୱତଂତ୍ରରେ ଯାହା ଉପଯୋଗିତା ଅଛି, ତାହା କଦାପି ନଷ୍ଟ ହୋଇ ନ ପାରେ । ଘଟଣା ଓ ଲୋକକ୍ରିୟାର ଫଳ ଓ ପ୍ରଭାବ ବିଶ୍ୱବିଧାନରେ ନିତ୍ୟ ବସ୍ତୁ । ତାହାର ବିନାଶ ଅସଂଭବ । ଇତିହାସ ତେଣୁ ନଷ୍ଟ ହେବାର ବସ୍ତୁ ନୁହେଁ । କେବଳ ଇତିହାସରେ ଅହଂକାର ଓ ଫଳ ଶିକ୍ଷା ବଂଧର ଲକ୍ଷଣ । ତାହା ଜଗତରେ ଅନାବଶ୍ୟକ ।

ବାସ୍ତବିକ୍ ସାଧାରଣ ସ୍ଥୂଳଦୃଷ୍ଟିରେ ଦେଖିଲେ ମଧ୍ୟ, ଗୋଟିଏ ଚିଂତା ବା କାର୍ଯ୍ୟ ପୃଥିବୀରେ ଥରେ ପ୍ରସୂତ ହେଲେ, ତାହା ନଷ୍ଟ ହୁଏ ନାହିଁ । ଆଜି ଯେ ଆଂଭେ ଶିକ୍ଷିତ ଓ ସଭ୍ୟ ହୋଇଅଛୁଁ, ତାହା କେତେ ଯୁଗର ଜାତୀୟ ଚିଂତା ଓ କର୍ମର ଫଳ; କିଂତୁ କାହା

ଶଂତା, ଯାହା କର୍ମର ଫଳ, ତାହା ଆଂଭେ କହି ପାରିବୁ ନାହିଁ । ଆଜି ଆଂଭେ ଚାଷ କରୁଅଛୁ, ଭାତ ରାନ୍ଧି ଖାଉଅଛୁ, ନିଆଁ ଜାଳୁଅଛୁ । ସୃଷ୍ଟିର ପ୍ରଥମ ଦିନ ଆଂଭର ଆଦିମ ପୂର୍ବପୁରୁଷମାନେ ଏସବୁ ହୁଏତ ହଠାତ୍ କିଛି ଜାଣି ନ ଥିବେ । କିଏ ପ୍ରଥମେ ଅଗ୍ନି ଆବିଷ୍କାର କଲା, ଲଂଗଳ ଧରିଲା, ଚକ୍ର ବସାଇଲା, ତାହା ଆଂଭେ ଜାଣୁ ନାହିଁ; କିଂତୁ ସେସବୁ କର୍ମର ଫଳ ରହିଅଛି । ପ୍ରାକୃତିକ ଜୀବନ ବିକାଶରେ ସବୁ କର୍ମ କ୍ରମେ ସୃଷ୍ଟିରେ ପ୍ରସାର ଲଭୁଅଛି । ଇତିହାସ ଲେଖା ନ ଥିଲେ ଯେ ଇତିହାସ ନଷ୍ଟ ହୁଏ, ତାହା ନୁହେଁ; ବରଂ ଲେଖା ଇତିହାସ କେବଳ ମନୁଷ୍ୟର ପୁରୁଷକାର ଦୃଢ଼ କରିବାର ଆଶଂକା ଅଛି । ଅମୁକ ଏପରି କରିଥିଲେ, ଏପରି ଫଳ ହୋଇଛି; ମୁଁ ଏପରି କରିବି ବା କରିବି ନାହିଁ—ଏହାହିଁ ଇତିହାସ ଶିକ୍ଷାର ଫଳ । ଏ ପୁରୁଷକାର-ପ୍ରଧାନ ଜୀବନ-ସଂଗ୍ରାମ-ଯୁଗରେ ଅବଶ୍ୟ ଏଭଳି ଇତିହାସ ଶିକ୍ଷା ଏବଂ ତଦନୁଯାୟୀ ସାଧନାର ସ୍ଥାନ ଯଥେଷ୍ଟ ଅଛି; କିଂତୁ ଜୀବନର ପ୍ରାକୃତିକ ବିକାଶରେ ତାହା ସଂଭବ ନୁହେଁ ।

ମନୁଷ୍ୟ ବଢ଼ୁଅଛି । ଜୀବନର ପୂର୍ବ ପୂର୍ବ ଅବସ୍ଥାର ଫଳ ପରବର୍ତ୍ତୀ ଅବସ୍ଥାରେ ରହୁଅଛି । ପ୍ରାକୃତିକ ଭୂୟୋଦର୍ଶନ ବା କ୍ରିୟା ପ୍ରବାହ ଚାଲିଅଛି । ଏ ଏକପ୍ରକାର ପ୍ରାକୃତିକ ସାଧନା; ପୁଣି ମନୁଷ୍ୟ ଉପଦେଶ ପାଉଅଛି । ଉପଦେଶ ଅନୁସାରେ ଫଳାଫଳ ବିଚାର କରି, ସେହି ଉପଦେଶ ମନେ ରଖି ତଦନୁସାରେ କାର୍ଯ୍ୟ କରୁଅଛି । ସେ ଆଉ ଏକପ୍ରକାର ସାଧନା । ସେ ସାଧନା ପ୍ରାକୃତିକ ନୁହେଁ, କୃତ୍ରିମ । ସେଥିରେ ମନୁଷ୍ୟ ପୁରୁଷକାର ପ୍ରୟୋଗ କରି ଜାଣି ବୁଝି, ନିଜ ଜୀବନ ବିକାଶର ପଂଥା ନିଜେ ତିଆରି କରୁଅଛି ।

ଜୀବନରେ ଏହି ଦୁଇ ପ୍ରକାର ସାଧନା ପାଇଁ ସ୍ଥାନ ଅଛି ସତ; କିଂତୁ ବିଶ୍ୱତଂତ୍ରର ପ୍ରାକୃତିକ ଅଭିବ୍ୟକ୍ତିରେ ପ୍ରାକୃତିକ ସାଧନାହିଁ ପଂଥା । ବଂଧ-ଜଡ଼ିତ ମାନବ କୃତ୍ରିମ ସାଧନା ଅବଲଂବନ କରିପାରେ; କିଂତୁ ତାହା ପ୍ରାକୃତିକ ସାଧନାର ପଂଥା ଅବଲଂବନ ନ କଲେ, ପ୍ରାକୃତିକ ସାଧନାର ଗତିରେ ପ୍ରଭାବିତ ନ ହେଲେ, ଆତ୍ମପ୍ରସାର ସୀମାବଦ୍ଧ ହେବ—ବଂଧ ଦୃଢ଼ ହେବ; ମାତ୍ର ଏସବୁ ସତ୍ତ୍ୱେ କୃତ୍ରିମ ସାଧନା ଅନୁସରଣ ନ କରି, ମାନବ ରହି ପାରିବ ନାହିଁ । ପ୍ରାକୃତିକ ସାଧନାରେ ନିର୍ମଳ ବିଶ୍ୱବସ୍ତୁ ମାନବ ଶିଶୁ ସ୍ୱଭାବତଃ ଯେ କର୍ମ ଆଚରଣ କରିଯାଏ, କୃତ୍ରିମ ସାଧନାରେ ସେହି କର୍ମ ମଧ୍ୟରେ କାରଣ ଜ୍ଞାନ ଓ ଫଳାଫଳ ବିଚାର ପ୍ରବେଶ କରେ ସତ; କିଂତୁ ସେତେବେଳେ ମଧ୍ୟ ସାଧନା ପ୍ରାକୃତିକ ପଂଥା ଛାଡ଼ିବା ଉଚିତ ନୁହେଁ । ପ୍ରାକୃତିକ ପଂଥା ନ ଛାଡ଼ିଲେ ସାଧନା ପୂର୍ଣ୍ଣ ହୁଏ । ଅଜ୍ଞାତ ଭାବରେ ବିଶ୍ୱବସ୍ତୁ ପରି ମାନବ ଯେଉଁ କର୍ମରେ ନିରତ ଥାଏ, ଜ୍ଞାନ ସହିତ ତାହାର ଆଲୋଚନା କରି ସେ ବିଶ୍ୱତଂତ୍ର ବୁଝିପାରେ, ଧର୍ମ ଅବଧାରଣ କରିପାରେ । ଆତ୍ମପ୍ରସାରର ଶୁଦ୍ଧ ଅନୁଭୂତିରେ ପୁଲକ ଓ ଆନଂଦ ଅନୁଭବ କରେ; କିଂତୁ କର୍ମର ପଂଥା ଛାଡ଼ିଲେ, କର୍ମ ନିୟମରେ ପ୍ରାକୃତିକ ସାଧନାର ପ୍ରଭାବ ନ ରହିଲେ, ତାହାର ଦୃଷ୍ଟି ସୀମାବଦ୍ଧ ହୁଏ, ଅହଂକାର ଜାଗ୍ରତ ହୁଏ ଏବଂ ସେ ବିଶ୍ୱତଂତ୍ରରୁ ବିଚ୍ଛିନ୍ନ ଓ ଭ୍ରଷ୍ଟ ହୁଏ । ଜ୍ଞାନ ହେୟ ନୁହେଁ; କିଂତୁ ବଂଧଭାବ ସର୍ବଥା ବର୍ଜନୀୟ ।

ଗୋଟିଏ ସାଧାରଣ କଥାରେ ଉଦାହରଣ ଦିଆଯାଉ । ଶିଶୁ ପ୍ରକୃତିର ସଦ୍ୟ ଶୁଦ୍ଧ ବସ୍ତୁ । ପ୍ରାକୃତିକ ଜୀବନର ଅନାବିଳତା ତାହାଠାରେ ଭ୍ରଷ୍ଟ ବା ବିଚଳିତ ହୋଇ ନାହିଁ । ତାର ଆତ୍ମପର ନାହିଁ; ଭେଦବୁଦ୍ଧି ନାହିଁ; ତାର ସମସ୍ତ କ୍ରିୟାରେ ଆତ୍ମପ୍ରସାରର ଶୁଦ୍ଧ ଅଭିବ୍ୟକ୍ତି; ଅଗ୍ନି ଜଳରେ ସମଜ୍ଞାନ; ତାର ଅନ୍ନଠାରେ ଯେଉଁ ଜ୍ଞାନ; ମୃତ୍ତିକା ବା ବିଷ୍ଠାରେ ତାହାଠାରୁ ଭିନ୍ନ ଜ୍ଞାନ ନୁହେଁ । ମନୀଷୀ, ପଂଡ଼ିତ,

ମହାପୁରୁଷମାନେ ଯେଉଁ ଶୁଦ୍ଧ ଜ୍ଞାନ ଉପଦେଶ ଦିଅନ୍ତି, ଯେଉଁ ଆତ୍ମପ୍ରସାରର ସାଧନା ପ୍ରବର୍ତ୍ତାଇ ଅଛନ୍ତି, ଶିଶୁର ଜ୍ଞାନ, ଶିଶୁର ସାଧନା ଲକ୍ଷ୍ୟ କଲେ, ସେଥିରେ ସେହି ଆତ୍ମପ୍ରସାର, ସେହି ବିଶ୍ୱବ୍ୟାପକ ଜ୍ଞାନର ନିଦର୍ଶନ ମିଳେ ।

କିନ୍ତୁ ପ୍ରଭେଦ ଅଛି । ଶିଶୁ ଯାହା ଅଜ୍ଞାତ ଭାବରେ ବିଶ୍ୱଶକ୍ତିର ମୌଳିକ ପ୍ରେରଣାରେ କରୁଅଛି, ମୁକ୍ତ ମାନବ ଆତ୍ମପ୍ରସାର ଫଳରେ ବିଶ୍ୱତତ୍ତ୍ୱର ସମ୍ୟକ୍ ଜ୍ଞାନ ବଳରେ ବୁଝି ତାହାହିଁ କରେ । ସଂସାରର ଭୂୟୋଦର୍ଶନରେ ବିଷୟର ଓ ଫଳାଫଳ ପରୀକ୍ଷାରେ ହୁଏତ ପଣ୍ଡିତ ଏ ଜ୍ଞାନ ଲାଭ କରିଅଛି; କାରଣ ସହିତ ବୁଝି ସେହି ଜ୍ଞାନ ଅନୁସାରେ କାର୍ଯ୍ୟ କରୁଅଛି । ଶିଶୁର ସେ କାରଣ ଜ୍ଞାନ ନାହିଁ ।

ସମସ୍ତେ ନିଆଁ ଜାଳନ୍ତି । ନିଆଁ ଲିଭିଗଲେ ଫୁଙ୍କି ଦିଅନ୍ତି । ଫୁଙ୍କିଦେଲେ ତାହା ପୁଣି ଜଳି ଉଠେ । ଏ ଗୋଟିଏ ସାଧାରଣ କ୍ରିୟା, ପ୍ରାକୃତିକ ପ୍ରଣାଳୀରେ ବରାବର ଚାଲି ଆସିଅଛି । ବୈଜ୍ଞାନିକ ଅନୁସନ୍ଧାନ କରି ଜାଣୁଛନ୍ତି, ପବନରେ ଅମ୍ଳଜାନ ବାଷ୍ପ ସଙ୍ଗେ କାଠରେ ଥିବା ଅଙ୍ଗାରର ରାସାୟନିକ ସଂଯୋଗ ହେଲେ ନିଆଁ ଜଳେ । ସେଥିପାଇଁ ନିଆଁ ଜଳିବା ବନ୍ଦ ହୋଇଗଲେ ବୁଝିବାକୁ ହେବ, କାଠର ଅଙ୍ଗାର ଯଥେଷ୍ଟ ଅମ୍ଳଜାନ ପାଉ ନାହିଁ । ମନୁଷ୍ୟ ପ୍ରଶ୍ୱାସ ବାୟୁରେ ବହୁତ ଅମ୍ଳଜାନ ପରିତ୍ୟାଗ କରେ, ପୁଣି ବାହାରର ବାୟୁମଣ୍ଡଳରେ ତାହାଠାରୁ ଆହୁରି ବେଶି ବିଶୁଦ୍ଧ ଅମ୍ଳଜାନ ମଧ୍ୟ ରହିଅଛି । ନିଆଁକୁ ଫୁଙ୍କିଦେବା ଦ୍ୱାରା କାଠ ଉପରେ ଗୋଟିଏ ବାୟୁ ପ୍ରବାହ ଘନ ଘନ ଚଳାଇ ଦେଲେ, କାଠର ଅଙ୍ଗାର ଯଥେଷ୍ଟ ଅମ୍ଳଜାନ ପାଇ ଜଳି ଉଠିବ । ଅତଏବ ପ୍ରାକୃତିକ କ୍ରିୟା ଓ ଜ୍ଞାନଲବ୍ଧ କ୍ରିୟା ମଧ୍ୟରେ ବସ୍ତୁତଃ କିଛି ପ୍ରଭେଦ ନାହିଁ । କେବଳ ପ୍ରଥମଟିରେ କାରଣ ଜ୍ଞାନ ନାହିଁ, ଦ୍ୱିତୀୟଟି କାରଣ ଜ୍ଞାନ ସହିତ ସେହି କ୍ରିୟାର ଅନୁଷ୍ଠାନ ମାତ୍ର ।

ଶିଶୁ ଓ ମୁକ୍ତ ମାନବର କାର୍ଯ୍ୟ ମଧ୍ୟରେ ସେହି ସମ୍ବନ୍ଧ । କ୍ରିୟା ସମାନ ରହିଅଛି । ସାଧନା ବା ସାଧନାର ପନ୍ଥାରେ କୌଣସି ପ୍ରକାର ବ୍ୟତ୍ୟୟ ବା ବ୍ୟତିକ୍ରମ ନାହିଁ; କିନ୍ତୁ ଭଗବାନ୍ ଶୁଦ୍ଧ, ସ୍ୱାଭାବିକ ଶିଶୁକୁ ଯେ ଆତ୍ମପ୍ରସାର ଦାନ କରି ପୃଥିବୀକୁ ପଠାଇଅଛନ୍ତି, ଯେ ଆତ୍ମପ୍ରସାର ଫଳରେ ସେ ଜୀବନ ଧାରଣ କରିବାକୁ ସମର୍ଥ ହୋଇଅଛି, ଯେ ଆତ୍ମପ୍ରସାର ସାଧନାରେ ସେ ବିଶ୍ୱତତ୍ତ୍ୱରେ ନିଜର ନିଜତ୍ୱ ରଖିଅଛି, ମୁକ୍ତ-ପୁରୁଷ ଜ୍ଞାନ ସହିତ ସେହି ଆତ୍ମପ୍ରସାରର ପନ୍ଥା ଅବଲମ୍ବନ କରୁଅଛି । ସେହି ଆତ୍ମପ୍ରସାରରେ ବିଶ୍ୱେ କିଛି ଅନୁଭବ କରି କର୍ମରେ ଅହଂକାର ଛାଡ଼ି ଅଛି ।

ଏହାହିଁ ଜଗତରେ ସ୍ୱାଭାବିକ ବିକାଶ ନିୟମ । ଅବସ୍ଥାରେ ଅଜ୍ଞାତ ଭାବରେ ଯାହା ହୋଇଯାଏ, ବିକଶିତ ଅବସ୍ଥାରେ ଜ୍ଞାନର ସହିତ ଠିକ୍ ତାହାହିଁ କରିବାକୁ ହୁଏ । ଆଦିମ ବେଦଗାନରେ ଋଷିକଣ୍ଠ ଭେଦି ଯେଉଁ ଆତ୍ମପ୍ରସାର ଓ ବିଶ୍ୱାତ୍ମାର ଅବବୋଧ ଫୁଟିଅଛି, ବେଦାନ୍ତର ସକାରଣ ସଯୁକ୍ତିକ ବ୍ୟାଖ୍ୟାରେ ତାହାହିଁ ପ୍ରମାଣିତ ଓ ସିଦ୍ଧାନ୍ତ ହୋଇଅଛି । ଇତିହାସର ଶିକ୍ଷା ମଧ୍ୟ ଏହି ନିୟମରେ ଚାଳିତ ହେବା ଉଚିତ । ଅଜ୍ଞାତ ଭାବରେ ଜଗତର ଘଟଣା ବା କର୍ମ ପରମ୍ପରା ମାନବକୁ ଯେ ଭାବରେ ପ୍ରଭାବିତ କରନ୍ତି, ଇତିହାସ ତାହାହିଁ ଫେଡ଼ି ଦେଖିବ । କିନ୍ତୁ ବିକାଶର ପନ୍ଥାରେ ଏହି ପ୍ରାକୃତିକ ନିୟମ ଛାଡ଼ି, ଅହଂକାରରେ ଭିନ୍ନ ପନ୍ଥା ଫିଟାଇବାକୁ ଗଲେ କ୍ରିୟା ଭ୍ରଷ୍ଟ ହେବ; କଳ୍ପନାରେ ବିଶୃଙ୍ଖଳା ଆସିବ; ଅହଂକାରରେ ମାନବର ଧର୍ମ ନାଶ ହେବ ।

ଆର୍ଯ୍ୟର ତାହା ହୋଇ ନାହିଁ । ସେ ଘଟଣାର ସ୍ୱାଭାବିକ ପ୍ରଭାବ ଉପରେ ନିର୍ଭର କରି ଚିରକାଳ ଇତିହାସର କ୍ରିୟା ପରଂପରା ଦେଖିଅଛି । ଆତ୍ମପ୍ରସାର ଛଡ଼ା ଅନ୍ୟ ସାଧନାରେ ସେ ପ୍ରବୃତ୍ତ ହୋଇ ନାହିଁ । ଏହି ଆତ୍ମପ୍ରସାରରେ ତାହାର କ୍ରିୟାରାଶି ବିଶ୍ୱ-ବ୍ରହ୍ମାଂଡକୁ ଆପଣାର କରିଅଛି । ସେ ଆତ୍ମତୋଷୀ ହୋଇଅଛି; କିଂତୁ ସେଠାରେ ମଧ୍ୟ କହିଅଛି —

"ରତ୍ନାକରଃ କିଂ କୁରୁତେ ସ୍ୱରତ୍ନୈ-
ର୍ବିନ୍ଧ୍ୟାଚଲଃ କିଂ କରିଭିଃ କରୋତି
ଶ୍ରୀଖଣ୍ଡଖଣ୍ଡୈଃ ମଲୟାଚଲଃ କିଂ
ପରୋପକାରାୟ ସତାଂ ବିଭୂତିଃ ।"

ଅର୍ଥାତ୍, ରତ୍ନାକର ନିଜପାଇଁ ରତ୍ନ ରଖି ନାହିଁ, ବିଂଧ୍ୟାଚଳ ଆପଣାର ବ୍ୟବହାର ପାଇଁ ହାତୀ ପୋଷି ନାହିଁ, ମଲୟଗିରି ଆପେ ଗ୍ରୀଷ୍ମକାଳରେ ଚଂଦନ ବୋଳି ହେବ ବୋଲି ଚଂଦନ ଗଛ ବଢ଼ାଇ ନାହିଁ । ସାଧୁ ଲୋକମାନଂକର ଯାହା ବିଭବ ଥାଏ, ତାହା କେବଳ ପରପାଇଁ ।

ଏ ଗୋଟାଏ ଉପମା ହେଲେ ମଧ୍ୟ ଏଥିରେ ବହୁତ କଥା ବୁଝିବାର ଅଛି । ଏ ଆର୍ଯ୍ୟଭୂମିର ଗୋଟିଏ ପ୍ରବଚନ । ପ୍ରବଚନରେ ଯୁଗ ଯୁଗାଂତରର ପରିପକ୍ୱ ଜ୍ଞାନ ପ୍ରକାଶିତ ହୁଏ । ଆର୍ଯ୍ୟ ଯେ ଆତ୍ମପ୍ରସାରରେ ସମସ୍ତ ବିଶ୍ୱପ୍ରକୃତି ସଂଗେ ଜୀବନ ମିଶାଇ ବିଶ୍ୱମୟ ଘଟଣାରାଶିରୁ ନିଜର କର୍ମଶିକ୍ଷା କରି ଜୀବଂତ ସାଧନାରେ ନିରତ ରହିଅଛି, ଏ ପ୍ରବଚନ ତାହା ସ୍ପଷ୍ଟ ପ୍ରମାଣ କରୁଅଛି ।

କର୍ମ ଶିକ୍ଷାପାଇଁ ଆର୍ଯ୍ୟର ଅନଂତ ସୃଷ୍ଟି ଓ ଅନଂତ ଘଟଣାରାଶି ପଡ଼ି ରହିଛି । ଆତ୍ମପ୍ରସାର ଫଳରେ ସେ ସମସ୍ତ ବସ୍ତୁ ଓ ଘଟଣାରାଶି ସଂଗେ ମାନବ ନିଜର ଆପେକ୍ଷିକ ଉପଯୋଗିତା ତଥା ଏକତ୍ୱ ଅନୁଭବ କରୁଅଛି; ବିଶାଳ ବିଶ୍ୱଦ୍ୱାରା ପ୍ରଭାବିତ ହୋଇ ସେ ଆତ୍ମପ୍ରସାର ବୁଝିଅଛି । ସେଥିପାଇଁ ସୃଷ୍ଟିର ସବୁଠାରେ ସେ ନିଜ କାର୍ଯ୍ୟର ପ୍ରତିବିଂବ ଦେଖୁଅଛି । ସମସ୍ତେ ଯେପରିକି ତାକୁ କର୍ମଶିକ୍ଷା ଦେଉଅଛଂତି । ସେ ସମସ୍ତଂକ ସଂଗେ ଏକ ହୋଇ ନିଜର ନିର୍ଦ୍ଦିଷ୍ଟ କର୍ମ ପରଂପରା ଅବଲଂବନ କରୁଅଛି । ତେଣୁ ସମସ୍ତ କର୍ମ ସାଧନାରେ ତାହାର ଆତ୍ମପ୍ରସାରହିଁ ପ୍ରକଟିତ ହେଉଅଛି ଏବଂ ସେ ଆତ୍ମପ୍ରସାରରେ ପ୍ରତିଷ୍ଠିତ ରହି ସେ ବିଶାଳ ବିଶ୍ୱକୁ ନିଜର ବିଚାରୁଅଛି ଓ ଆପଣାକୁ ବିଶାଳ ବିଶ୍ୱ ସଂଗେ ଏକ ମନେ କରୁଅଛି । ସ୍ଥିତି ଲୀଳାର ବିଚିତ୍ରତା ତାହା ପକ୍ଷରେ ଅଦ୍ଭୁତ ନୁହେ । ଆତ୍ମପ୍ରସାରର ସାଧନା ଫଳରେ ସ୍ଥିତିଲୀଳାର ବିସ୍ମୟ ତାକୁ ମୋହଯୁକ୍ତ କରୁନାହିଁ । ସେ ବିସ୍ମୟରେ ଆର୍ଯ୍ୟ ବରଂ ଆନଂଦ ପାଉଅଛି ଏବଂ ବିଚିତ୍ର ନିସର୍ଗ ଲୀଳା ମଧ୍ୟରେ ପୂର୍ଣ୍ଣ, ଅଖଂଡ ଓ ମୁକ୍ତ ଆତ୍ମବୋଧ ସିଦ୍ଧ କରି ସେ କୃତାର୍ଥ ହେଉଅଛି ।

---

# ଷଷ୍ଠ ଅଧ୍ୟାୟ

## ଆର୍ଯ୍ୟ ଜୀବନର ଆଦର୍ଶ—'ସୋଽହଂ'

ଆର୍ଯ୍ୟ ଜୀବନରେ ଆତ୍ମ-ପ୍ରସାରହିଁ ସାଧନାର ପରମ ଲକ୍ଷଣ । ସମସ୍ତ କ୍ରିୟା ପରଂପରା ମଧ୍ୟରେ ଆର୍ଯ୍ୟ ବିଶ୍ୱୈକତ୍ୱ ଅନୁଭବ କରେ; କିଂତୁ ଏ ବିଶ୍ୱୈକତ୍ୱ କଣ, ଅର୍ଥାତ୍ ଆର୍ଯ୍ୟ ସାଧନାର ଆଦର୍ଶ କଣ, ଏ କଥା ବୁଝିବା ଦରକାର ।

ସାଧନାର ପଂଥା, ଆଦର୍ଶର ଲକ୍ଷ୍ୟ ଜଗତରେ କିଛି ନୂଆ କଥା ନୁହେଁ । ସମସ୍ତ କର୍ମହିଁ ଏକ ଏକ ସାଧନାର ଅଂଗ, ପୁଣି ଜଗତରେ କୌଣସି କର୍ମ ନିରୁଦ୍ଦେଶ୍ୟ ବା ଆଦର୍ଶହୀନ ନୁହେ । ଆଦର୍ଶ ବିନା ଜୀବନ ଅସଂଭବ । ଜଗତରେ ପ୍ରତ୍ୟେକ

କର୍ମରେ ଲକ୍ଷ ଅନୁସରଣ କରନ୍ତି । କାହାର ଲକ୍ଷ୍ୟ ଧନ, କାହାର ଧର୍ମ, କାହାର ଭୋଗ, କାହାର ତ୍ୟାଗ, କାହାର ଖ୍ୟାତି, କାହାର ପ୍ରୀତି, କାହାର ପୌରୁଷ, କାହାର ବିଶ୍ୱାସ—ଏହିପରି ପ୍ରତ୍ୟେକ ବ୍ୟକ୍ତିଭିତ୍ତିବାନ୍ ଜୀବନ୍ତ ବସ୍ତୁର ଆଦର୍ଶ ଅଛି ଓ ନିଜ ନିଜ ଲକ୍ଷ୍ୟକୁ ଯିବାପାଇଁ, ଆଦର୍ଶ ପାଇବା ପାଇଁ ସମସ୍ତେ ନ୍ୟୂନାଧିକ ସାଧନା କରୁଅଛନ୍ତି । ଏ ଲକ୍ଷ ସ୍ଥିର କରିବାରେ, ଏ ସାଧନା ଅବଲମ୍ବନ କରିବାରେ କାହାର ଗତି ପ୍ରକୃତି-ମାର୍ଗରେ ଆପେ ଆପେ ଫୁଟି ଉଠେ, କିଏ ବା ଅନ୍ୟଠାରୁ ଦେଖି ଶିଖେ ବା ଧାରଣା କରିବାକୁ ଚେଷ୍ଟା କରେ । ଅମୁକ ଏପରି ଲକ୍ଷ୍ୟରେ ଏପରି ବାଟ ଧରି ଏପରି ହୋଇଅଛନ୍ତି, ଆମ୍ଭେ ସେହିପରି କରିବା, ଏ ହେଲା ଏକ ସାଧନା । ଆଧୁନିକ ଯୁଗର ଉଦ୍ଧତ ପୁରୁଷକାରମୟ ସଭ୍ୟତାରେ ଏହି ସାଧନାହିଁ ସର୍ବତ୍ର ଦେଖାଯାଏ । ଖ୍ରୀଷ୍ଟ ସଭ୍ୟତା ଓ ବୌଦ୍ଧ ସଭ୍ୟତା ଦିନେ ଏହି ରୀତିରେ ପୃଥିବୀରେ ବ୍ୟାପ୍ତ ହୋଇଥିଲା । ଆଜି ଇଉରୋପର ସଭ୍ୟତା ଏହି ରୀତିରେ ପ୍ରାଚ୍ୟ ଭୂଖଣ୍ଡ ପ୍ଲାବିତ କରିବାକୁ ବସିଅଛି । ମନେ କଲୁଁ, ଇଉରୋପ କାରଖାନା କରି ବଡ଼ ହୋଇଅଛି ! ସେଥିପାଇଁ ଆମ୍ଭେ କାରଖାନା ବସାଇ ଶିଳ୍ପିଶିଳ୍ପ ପୋଷଣ କରିବା ନୀତିରେ ଯୋଗ ଦେଉଁ । ଚତୁଷ୍ପାଠୀ ଉଠାଇ ସ୍କୁଲ ବସାଉଁ । ରାଜଦରବାରରେ ରାଜାଙ୍କ ସଙ୍ଗେ ଅଧିକାର ଛଡ଼ାଛଡ଼ି ଲଗାଉଁ—ଇତ୍ୟାଦି । ଏ ସବୁ ଆମ୍ଭେ ଗୋଟି ଚିନ୍ତି ନିଜ ଜୀବନର ଆଦର୍ଶରେ ଆହରଣ କରି କରୁନାହୁଁ—ବାଧ୍ୟ ହୋଇ କରୁଅଛୁ । ଏହା ଆମ୍ଭର ଆର୍ଯ୍ୟଜୀବନ ବିକାଶର ଅଙ୍ଗ ହେଉ ନାହିଁ; ଜୀବନ ଧ୍ୱଂସ କରି ନୂତନ ସୃଷ୍ଟି କରୁଅଛି । ଏ ସବୁର ଫଳ ଦିନେ ଫଳିପାରେ; କିନ୍ତୁ ଏହା ପ୍ରାକୃତିକ ନୁହେ, କୃତ୍ରିମ । ସମାଜ ଉପରୁ ତଳକୁ ଭେଦ କରି ଜନସାଧାରଣଙ୍କୁ ପ୍ରଭାବିତ କରିବାରେ, ଏହା ବହୁକାଳ ଗ୍ରହଣ କରିବ । ଶେଷରେ ଆର୍ଯ୍ୟ-ଜୀବନର ଅଂଶ ନ ହୋଇ ହୁଏତ ଆର୍ଯ୍ୟ ପରମ୍ପରା ନଷ୍ଟ କରିବ ।

ମାତ୍ର ଆର୍ଯ୍ୟଭୂମିରେ ଜୀବନ ବିକାଶ ସ୍ୱାଭାବିକ । ଏପର୍ଯ୍ୟନ୍ତ ଯେଉଁ ସାଧନାରେ କଥା କୁହାଗଲା, ତାହା ଯେ କପରି ବା କାହିଁକି ସ୍ୱାଭାବିକ, ତାହା ଆମ୍ଭେ-ମାନେ ଭଲକରି ବୁଝି ନାହୁଁ । ଆର୍ଯ୍ୟର ସମସ୍ତ ସାଧନା ଗୋଟିଏ ସ୍ଥିର ଆଦର୍ଶ ଆଡ଼କୁ ଯିବାର ଉଦ୍ୟମ ମାତ୍ର । ଶ୍ରୁତି, ଆପ୍ତବଚନ ଓ ଶାସ୍ତ୍ର ମୁଖରେ ଆମ୍ଭମାନଙ୍କୁ ଏହା ଶିଖିବାକୁ ହୁଏ; ପୁଣି ସେହି ଶିକ୍ଷାନୁସାରେ କ୍ରିୟା ବିଧାନ କରିବାକୁ ହୁଏ । ଏତିକରେ ହଠାତ୍ ଆଦର୍ଶ ବା ସାଧନାର ପ୍ରାକୃତିକତା ପ୍ରତିପାଦିତ ହେଉ ନାହିଁ ।

ପ୍ରାକୃତିକ ସାଧନା ପ୍ରକୃତିରେ ଫୁଟି ଉଠିବାର କଥା । ପ୍ରାକୃତିକ ଆଦର୍ଶର ମଧ୍ୟ ସ୍ୱାତନ୍ତ୍ର୍ୟ ଅଛି । ପ୍ରାକୃତିକ ବ୍ୟକ୍ତିତ୍ୱ ବିକାଶର ପ୍ରଣାଳୀହିଁ ପ୍ରାକୃତିକ ସାଧନା । ପୁଣି ସେହି ପ୍ରଣାଳୀରେ ଜୀବନର ଯେ ଲକ୍ଷ୍ୟ ସ୍ୱତଃ ପ୍ରତିଭାତ ହୁଏ, ତାହାହିଁ ପ୍ରାକୃତିକ ଜୀବନର ବ୍ୟକ୍ତିତ୍ୱ ବା ଆଦର୍ଶ । ଏଥିରେ ବ୍ୟକ୍ତି ହେୟ ବର୍ଜନ ଓ ଉପାଦେୟ ଆହରଣ କରି ସ୍ଥିର ଲକ୍ଷ୍ୟ ଆଡ଼କୁ ଯାଏ ସତ; କିନ୍ତୁ ସେ ଆଦାନ ବର୍ଜନରେ କୌଣସି ବାଧ୍ୟତା ନ ଥାଏ । ସେ ଲକ୍ଷ୍ୟରେ କେବଳ ପରାନୁସରଣ ନ ଥାଏ । ଆର୍ଯ୍ୟର ତାହାହିଁ ହୋଇଅଛି । ସାଧନାର ବିସ୍ତୃତ କଲାବେଳେ କେବଳ ଆତ୍ମପ୍ରସାର ଓ କର୍ମ ପରମ୍ପରାର କଥା ବିଶେଷ କୁହାଯାଇଥିଲା । ସେଥିରେ ବ୍ୟକ୍ତିତ୍ୱ ବିକାଶ ଓ ଆଦର୍ଶ ସ୍ଫୁରଣର ବ୍ୟାଖ୍ୟା ବିଶେଷ ଦିଆ ଯାଇ ନାହିଁ; ତାହାର କାରଣ ଅଛି ।

ବ୍ୟକ୍ତିପରି ସମାଜ ଓ ଜାତି ମଧ୍ୟ ଶୈଶବ, ବାଲ୍ୟ, ଯୌବନାଦି ଅବସ୍ଥା ଭୋଗ କରେ । ଜାତିର

କର୍ମୋନ୍ନତିରେ ଯେତେବେଳେ ତାର ଆଦର୍ଶ ପୂର୍ଣ୍ଣ ବିକାଶ ପାଏ, ସେତେବେଳେ ତାହା ଏକ ପ୍ରକାର ସ୍ଥିର ହୁଏ । ବ୍ୟକ୍ତି ଜୀବନରେ ମଧ୍ୟ ଠିକ୍ ସେହି କଥା । ଯୌବନର ପୂର୍ଣ୍ଣତାରେ ଯେତେବେଳେ ବିଷୟ ବୋଧ ଜନ୍ମେ, ମତାମତ ସ୍ଥିର ହୁଏ, ବ୍ୟକ୍ତିର ବିକାଶ ସେତେବେଳେ ଏକପ୍ରକାର ସୀମାବଦ୍ଧ ହୁଏ । ତାପରେ ଯେ ଶିକ୍ଷା ଓ ସାଧନା ଆଦାନ ଓ ଆହରଣ ନ ହୁଏ, ତା ନୁହେଁ; କିଂତୁ ସେ ସବୁ କେବଳ ସେହି ସ୍ଥିର ବ୍ୟକ୍ତିତ୍ୱର ଦୃଢ଼ତା ଓ ବିସ୍ତାର ପ୍ରସାର ନିମଂତେ । ଆଦର୍ଶ ସେତେବେଳେ ସ୍ଥିର ହୋଇଅଛି; ତେଣିକି କେବଳ ଆଦର୍ଶରେ ଜୀବନ ମିଶାଇବାର ଚେଷ୍ଟା; ଆହରଣକୁ ଜୀବନର ଅଂଗୀଭୂତ କରିବାର ଉଦ୍ୟମ; କର୍ମ ପରଂପରା ମଧ୍ୟରେ ବ୍ୟକ୍ତିତ୍ୱ ସ୍ଥିର, ଦୃଢ଼ ଓ ସ୍ପଷ୍ଟ ରଖିବାର ପ୍ରଯତ୍ନ ।

ଜାତୀୟ ଜୀବନର ଗତି ଠିକ୍ ସେହିପରି । ଆଦିମ ଅବସ୍ଥାରେ ଜାତି ପ୍ରକୃତିର କ୍ରୀଡ଼ନକ । ସେ ଅବସ୍ଥାରୁ ପ୍ରାକୃତିକ ଭୂୟୋଦର୍ଶନ ବଳରେ କ୍ରମେ କ୍ରମେ ସେ ବଢ଼େ; ଶୁଦ୍ଧ, ସରଳ ଜୀବନର ଆଦର୍ଶ ବିଶ୍ଳେଷଣରେ ବ୍ୟାଖ୍ୟା କରେ ଓ ସମସ୍ତ କର୍ମର ଆହରଣ ମଧ୍ୟରେ ଶୈଶବର ଶୁଦ୍ଧ, ସରଳ ଆଦର୍ଶକୁ ସ୍ପଷ୍ଟ ଓ ପ୍ରମାଣିତ କରେ । ଏହିପରି ଆଦର୍ଶ କ୍ରମେ ପରିଣତ ହୋଇ କିଛି ଦିନ ପରେ ସ୍ଥିର ହୁଏ । ତେଣିକି ସେହି ଆଦର୍ଶ ଦୃଢ଼ କରିବାର କାଳ । ଏଣେ କ୍ରମେ ଜାତିର ଲୋକସଂଖ୍ୟା ଓ ଅଧିବାସ ସ୍ଥାନ ପ୍ରସାର ଲଭେ । ସେଥିପାଇଁ ଆଦର୍ଶର ଦୃଢ଼ତା ସଂପାଦନ କରି ଧରି ରଖିବା ନିମଂତେ ଶିକ୍ଷା ଓ ପ୍ରଯତ୍ନର ପ୍ରୟୋଜନ ଏବଂ ସେହି କାରଣରୁ ପରବର୍ତ୍ତୀ କାଳରେ ଆର୍ଯ୍ୟ ସାହିତ୍ୟରେ ସାଧନାର ପଂଥା ସୁସ୍ପଷ୍ଟ ଉପଦେଶରେ କୁହା ଯାଇଅଛି, ବ୍ୟାଖ୍ୟା କରି ବୁଝାଇବାର ଚେଷ୍ଟା କରାଯାଇଅଛି ଏବଂ ସେହି ସାଧନ ଓ ଆତ୍ମପ୍ରସାର ଆର୍ଯ୍ୟଜାତିର ପ୍ରାକୃତିକ ବର୍ଦ୍ଧନର ଫଳ ବୋଲି ଧରି ନିଆ ଯାଇଅଛି ।

ପୁଣି ବ୍ୟକ୍ତିଗତ ଜୀବନର ମୌଳିକତା ଓ ସୁବିଧାନୁସାରେ ଆଦର୍ଶର ସନ୍ଧାନ ଓ ସୃଷ୍ଟି ବିକାଶ କେତେବେଳେ ଶୀଘ୍ର ହୁଏ, କେବେ ବା ବିଳଂବରେ ହୁଏ, କେବେ ବା ମୂଢ଼ତା ବା ବିଶୃଂଖଳାରେ ବ୍ୟକ୍ତିତ୍ୱ ଭ୍ରଷ୍ଟ ହେଲେ ଆଦର୍ଶର ସେ ବିକାଶ ଆଦୌ ନ ହେବାର ମଧ୍ୟ ଦେଖାଯାଏ । ପୁଣି କୌଣସି କୌଣସି ଠାରେ ମନସ୍ୱୀ ଓ ପ୍ରତିଭାଶାଳୀ ବ୍ୟକ୍ତିମାନେ ନିଜେ ନିଜର ବ୍ୟକ୍ତିତ୍ୱରେ ପ୍ରତିଷ୍ଠିତ ହୁଅଂତି । କେହି କେହି ଶିକ୍ଷା ଫଳରେ ବ୍ୟକ୍ତିତ୍ୱର ଆଦର୍ଶ ସ୍ଥିର କରଂତି । କେହି କେହି ବା ଦାସ ପରି ପରର ଆଦର୍ଶ ଅନୁସରଣ କରଂତି । ଜାତୀୟ ଜୀବନରେ ମଧ୍ୟ ସେହି କଥା । ମୌଳିକ ଶକ୍ତିସଂପନ୍ନ ଜାତିରେ ଜାତୀୟ ବ୍ୟକ୍ତିତ୍ୱ ଅଳ୍ପ ଦିନରେ ସ୍ପଷ୍ଟ ପ୍ରକଟିତ ହୁଏ । ଇଉରୋପ ଯେପରି ଖ୍ରୀଷ୍ଟ ଧର୍ମ ପ୍ରଭୃତିରୁ ଆଦର୍ଶ ଗ୍ରହଣ କରିଅଛି, ସେପରି କେହି କେହି ଶିକ୍ଷାର ସାଧନାରେ ପ୍ରତିଷ୍ଠିତ ହୁଅଂତି । ପୁଣି ଫିଜିବାସୀ ଅଷ୍ଟ୍ରେଲୀୟ, ହଟେଂଟୋ, ଜୁଆଂଗ ପରି ଜାତିମାନଂକ ପରି କାହାରି ବ୍ୟକ୍ତିତ୍ୱ ଏପର୍ଯ୍ୟଂତ ବିକାଶ ପାଇ ନ ଥିବାର ଦେଖାଯାଏ ।

ଆର୍ଯ୍ୟର ଜାତୀୟତା ସନାତନ, ପୁଣି ବହୁକାଳରୁ ଏହା ସୁପ୍ରତିଷ୍ଠିତ । ଏହା ବରାବର ମୌଳିକ ଭାବରେ ପ୍ରାକୃତିକ ବିକାଶ ଲଭିଅଛି । ପରବର୍ତ୍ତୀ କାଳରେ ଆର୍ଯ୍ୟ ଭିନ୍ନ ଆଦର୍ଶର ସଂସର୍ଗରେ ଆସିଅଛି, ଆହରଣରେ ବେଳେ ବେଳେ ବ୍ୟକ୍ତିତ୍ୱ ମଧ୍ୟ ପରିପୁଷ୍ଟ କରିଅଛି; କିଂତୁ ଏହା ଏପର୍ଯ୍ୟଂତ ମୌଳିକତା ହରାଇ ନାଇ । ତେବେ ଏହା କି ମୌଳିକ ବିକାଶରେ କି ପ୍ରାକୃତିକ ସାଧନାର ପଂଥା ଧରି କିପରି ଆଦର୍ଶର ବିକାଶ ସାଧନ କରି ସେହି ଆଦର୍ଶକୁ ଧରି ରଖିଅଛି,

ତାହା ଏଠାରେ ଦେଖିବା ଉଚିତ । ଅବଶ୍ୟ ଏଠାରେ ସାଧନାର ଅର୍ଥ ଟିକିଏ ଭିନ୍ନ କରି ବୁଝିବାକୁ ହେବ । ଏହା ବାହାରର କୌଣସି ଆଦର୍ଶ ଧରି ରଖିବାର ଉଦ୍ୟମ ବା ପ୍ରଚେଷ୍ଟା ନୁହେଁ; ତାହା ବରଂ ପରବର୍ତ୍ତୀ ଯୁଗର କଥା । ପ୍ରଥମରୁ ସାଧନା କେବଳ ବିକାଶର ପ୍ରଣାଳୀ । ଏହା ଜାତି ଭିତରେ ନିଜେ ନିଜେ ସ୍ୱତଃ ବଢ଼ିଥିଲା ।

ବାସ୍ତବରେ ଦେଖାଯାଉଅଛି, ବ୍ୟକ୍ତି-ଜୀବନର ବିକାଶ ଓ ଜାତି-ଜୀବନର ବିକାଶ ଏକ ପନ୍ଥାରେ ହୁଏ । ତେଣୁ ଏଠାରେ ଆର୍ଯ୍ୟଜୀବନର ସ୍ୱଭାବ ବିକାଶ ଦେଖିବାକୁ ହେଲେ, ଗୋଟିଏ ବ୍ୟକ୍ତି-ଜୀବନର ମୌଳିକ ଶୁଦ୍ଧ ସରଳ ବିକାଶର ଉଦାହରଣରେ କଥାଟି ଆରମ୍ଭ କରିବା ସୁବିଧାଜନକ ।

ଗୋଟିଏ ପ୍ରାକୃତିକ ମାନବ ଶିଶୁ କଳ୍ପନା କରାଯାଉ । ପରମପିତାଙ୍କ ବିଶ୍ୱରାଜ୍ୟରେ ଶିଶୁଟି ଅବତୀର୍ଣ୍ଣ ହେଲା । ତାହାର ଜୀବନର କ୍ରମବିକାଶ ହେବ; ମାତ୍ର ସେ ବିକାଶ ଯଦି ବାସ୍ତବରେ ସ୍ୱାଭାବିକ ହୁଏ, ତେବେ ସେ କି ପନ୍ଥା ଅବଲମ୍ବନ କରିବ ? ଭୂମିଷ୍ଠ ହେଲାବେଳେ ସେ ନିରାଶ୍ରୟ ଏବଂ ସମସ୍ତ ପ୍ରକୃତିରୁ ଯେପରିକି ବିଚ୍ଛିନ୍ନ । ପୃଥିବୀ, ବାୟୁ ପ୍ରଭୃତି ଠାରୁ ସେ ଭିନ୍ନ । ସେମାନଙ୍କ ସଙ୍ଗେ ତାର ଦ୍ୱୈତ ଭାବ । ସେ ଗୋଟିଏ ସ୍ୱତନ୍ତ୍ର ପ୍ରାଣୀ; ତେଣୁ ସେହି ସ୍ୱାତନ୍ତ୍ର୍ୟରେ, ସେହି ଦ୍ୱୈତ ଭାବରେ ସେ ଯେପରିକି ପୃଥିବୀରେ ପଦାଘାତ କଲା । ପୃଥିବୀ ତାହା ସହିଲା । କିନ୍ତୁ ସେତିକି ନୁହେଁ, ସଙ୍ଗେ ସଙ୍ଗେ ଶିଶୁର ପାଦରେ ଟିକିଏ ପ୍ରତିଘାତ କରି ଯେପରିକି ଶିଶୁକୁ ଜଣାଇ ଦେଲା, "ଏହିପରି ସାମାନ୍ୟ ସାମାନ୍ୟ ଆଘାତ କଲେ ମୁଁ ତୋର ଶରୀର ଅବୟବାଦି ସବଳ ଓ କର୍ମକ୍ଷମ କରିବି ।" ସୂର୍ଯ୍ୟକୁ ଦେଖି ଶିଶୁ ଆଖି ପିଟାଇ ଦେଲା । ସୂର୍ଯ୍ୟ ସଙ୍ଗେ ସଙ୍ଗେ ତାର ଚକ୍ଷୁରେ ପ୍ରତିଘାତ କରି ଯେପରିକି ଜଣାଇ ଦେଲା, "ଆଖି ହଠାତ୍ ଏତେ ମେଲାଇବାକୁ ହେବ ନାହିଁ । ଆସ୍ତେ ଆସ୍ତେ ଅଭ୍ୟାସ କରି ଆଖିକୁ ରଶ୍ମି ସହିବାକୁ ସକ୍ଷମ କରି ନେବାକୁ ହେବ; ତାହାହେଲେ ଆଖି ଭବିଷ୍ୟତରେ କାମରେ ଲାଗି ପାରିବ ।" ଶିଶୁ ଦୀପ ଶିଖା ଦେଖି ଧରିବାକୁ ହାତ ବଢ଼ାଇ ଦେଲା; ଦୀପ ଯେପରିକି କହିଦେଲା, "ଧରିବା ମୋହର ବ୍ୟବହାର ନୁହେଁ । ମୋ ସଙ୍ଗେ ଅନ୍ୟ ପ୍ରକାର ସମ୍ବନ୍ଧ ସ୍ଥାପନ କରିବାକୁ ହେବ ।" ଏହିପରି ବିଶ୍ୱପିତାଙ୍କ ରାଜ୍ୟର ଅନନ୍ତ ଶକ୍ତିସମୂହ ମଧ୍ୟରେ ଶିଶୁ ଏକାକୀ ରହି ନିଜର ଅଭାବ ଓ ଆକାଂକ୍ଷାରାଶି ନେଇ ଜୀବନବିକାଶରେ ଅଗ୍ରସର ହେଲା । ଯେତେବେଳେ ଶିଶୁ ନିତାନ୍ତ ଭ୍ରମରେ ପଡ଼ିଲା, ସେତେବେଳେ ତାକୁ ରକ୍ଷିବା ପାଇଁ ବିଧାତା ପିତାମାତାଙ୍କ ହୃଦୟରେ ସ୍ନେହରସ ସଂଗ୍ରହ କରାଇ ରଖିଥିଲେ, ସେଥିରୁ ମଧ୍ୟ ତାର ଜୀବନ-ବିକାଶ ସାହାଯ୍ୟ ପାଇଲା । ଶିଶୁ କଣ ଦେଖିଲା ? ସେ ଯେଉଁ ଶକ୍ତିର ସଂସ୍ପର୍ଶରେ ଆସିଲା, ତାହାକୁ ଦ୍ୱୈତ ବୋଧରେ ଶତ୍ରୁ ପରି ଆକ୍ରମଣ କଲା; କିନ୍ତୁ ଫଳରେ ଦେଖିଲା, କେହି ତାହାର ଶତ୍ରୁ ନୁହନ୍ତି । ଅନନ୍ତ ବିଶ୍ୱଶକ୍ତି କାହାର ନିଗୂଢ଼ ଆଦେଶ ନେଇ ଯେପରିକି ତାର ମିତ୍ରତାହିଁ କରୁଅଛନ୍ତି । ସମସ୍ତେ ତାହାର ଜୀବନ ବିକାଶରେ ସାହାଯ୍ୟ କରୁଅଛନ୍ତି । ସମସ୍ତେ ଜୀବନରେ ତାର ଆକାଂକ୍ଷା ଓ ଆବଶ୍ୟକତା ପୂର୍ଣ୍ଣ କରିବାକୁ, ତାହାର ବ୍ୟବହାରରେ ଲାଗିବାକୁ, ଯେପରିକି ପ୍ରତି ମୁହୂର୍ତ୍ତରେ କାହାର ଇଙ୍ଗିତ ନେଇ ଜଗିଁ ବସିଅଛନ୍ତି । ସେ ଦେଖିଲା, ସବୁଠି ପ୍ରତି ବସ୍ତୁରେ ଗୋଟିଏ ଗୋଟିଏ ଶକ୍ତିର ବିକାଶ ହେଉଅଛି । ତାହାର ନିଜ ଭିତରେ ଯେପରିକି ଗୋଟିଏ ଶକ୍ତି ଅଛି ଏବଂ ସେହି ଶକ୍ତି ବଳରେ ସେ ପୃଥିବୀରେ ଆଘାତ କରୁଅଛି । ପୃଥିବୀରେ ସେହିପରି କୌଣସି ଗୂଢ଼ ଶକ୍ତି ତାକୁ ଆଘାତରେ

ପ୍ରତିଘାତ ଦେଉଅଛି । ଏହିପରି ଗୋଟିଏ ଗୋଟିଏ ଶକ୍ତି ଅନୁଭବ କରି, ସେ ଯେତେବେଳେ ଦେଖିଲା, ଏ ସମସ୍ତ ଶକ୍ତି ଏକ ଲକ୍ଷ୍ୟରେ ଚାଲିଅଛନ୍ତି, ସମସ୍ତେ ମିଶି କେବଳ ତାର ବ୍ୟକ୍ତିତ୍ୱ ବିକାଶ କରୁଅଛନ୍ତି, ସେତେବେଳେ ସେ ବହିର୍ଜଗତର ଅନ୍ତରାଳରେ ଏକ ମହାଶକ୍ତିର ସତ୍ତା ସ୍ୱତଃ ଅନୁଭବ କଲା ଏବଂ ପ୍ରତ୍ୟେକ ଶକ୍ତିରେ ସେହି ମହାଶକ୍ତିର ସ୍ଫୁରଣହିଁ ଦେଖିଲା । ସେ ଅନୁଭବ କଲା, ବହିର୍ଜଗତରେ ସର୍ବତ୍ର ମହାଶକ୍ତିର ବିକାଶ । ଭୂମି, ଜଳ, ବାୟୁ, ଗଛ, ପଶୁ, ନଦୀ, ପର୍ବତଠାରୁ ରବି, ଚନ୍ଦ୍ର, ଗ୍ରହ, ତାରା ପର୍ଯ୍ୟନ୍ତ ଅନନ୍ତ ମୁଖରେ ଏକ ବିଶ୍ୱଶକ୍ତି ତାହାର ବ୍ୟକ୍ତିତ୍ୱ ପୋଷଣ କରୁଅଛନ୍ତି । ସେ ଦେଖିଲା, ପୃଥିବୀ ସୂର୍ଯ୍ୟ ଅଗ୍ନିଠାରୁ ପିତାମାତା ସ୍ୱଜନ ପର୍ଯ୍ୟନ୍ତ ସମସ୍ତେ ତାହା ପ୍ରତି ସେହି ମଙ୍ଗଳମୟ ବିଶ୍ୱଶକ୍ତିର ଏକ ଏକ ଅବତାର । ସମସ୍ତେ ଯେପରିକି ଏକ ଭାବରେ ପ୍ରଣୋଦିତ ହୋଇ ତାହାର ବ୍ୟକ୍ତିତ୍ୱ ବିକାଶରେ ଲାଗିଅଛନ୍ତି ।

ଶିଶୁ କେବଳ ଏତିକି ଦେଖିଲା ନାଇ । ବଢ଼ିବା ସଙ୍ଗେ ସଙ୍ଗେ ସେ ବୁଝିଲା, ଜଗତରେ ସ୍ୱାର୍ଥପର ହୋଇ ଅବତୀର୍ଣ୍ଣ ହେଲା; ପ୍ରଥମେ ଯାହାକୁ ଦେଖିଲା, ତାକୁ ଶତ୍ରୁ ଭାବରେ ଆକ୍ରମଣ କଲା; କିନ୍ତୁ ଜଗତରେ ଶକ୍ତିସବୁ ମୋର ସେ ଶତ୍ରୁତାରେ ପ୍ରତି-ଶତ୍ରୁତା କଲେ ନାଇ । ସେମାନେ ମୋ କାନରେ ଯେପରିକି ମୋର ପ୍ରକୃତ ସ୍ୱାର୍ଥ, ମୋର ପରମ ମଙ୍ଗଳର ବାର୍ତ୍ତା କହିଦେଲେ । ଜଗତରେ ଶତ୍ରୁତା କାହିଁ ? ଅନନ୍ତ ମଙ୍ଗଳମୟ ଚେଷ୍ଟା ମଧ୍ୟରେ ସଂକୀର୍ଣ୍ଣ ସ୍ୱାର୍ଥର ସ୍ଥାନ ନାଇ । ଏ ମଙ୍ଗଳମୟ ଶକ୍ତି ସମକ୍ଷରେ ମୋତେ ଆତ୍ମବିଳୟ କରିବାକୁ ହେବ; କରିବା ମୋର ଉଚିତ । ତା ନ ହେଲେ ମୋ ଜୀବନର ଅର୍ଥ ନାଇ ।

କେବଳ ଏତିକି ନୁହେ, କ୍ରମେ ବୟସ ଓ ବୋଧ ଶକ୍ତିର ପରିପାକ ସଙ୍ଗେ ସେ ଅନୁଭବ କଲା—ଯେଉଁ ପୃଥିବୀରେ ସେ ପ୍ରଥମେ ପଦାଘାତ କରିଥିଲା, କ୍ରମେ ସେହି ପଦାଘାତ କରୁ କରୁ ସେହି ପୃଥିବୀ ତାହାର ପାଦ ଦିଓଟିକୁ ଦୃଢ ଓ କର୍ମକ୍ଷମ କରିଦେଲା । ସେହି ସୂର୍ଯ୍ୟ ଚକ୍ଷୁକୁ ବ୍ୟବହାର ଉପଯୋଗୀ କଲା ଏବଂ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଓ ଅସ୍ଥି, ଶିରା, ସ୍ନାୟୁ ଓ ଇନ୍ଦ୍ରିୟମାନଙ୍କୁ ପ୍ରକୃତିର ଶକ୍ତିମାନେ ମିଶି ତିଆରି କଲେ । ମାତାର ସ୍ନେହଠାରୁ ନଦୀ ପର୍ବତ ପ୍ରଭୃତିର ଶୋଭା, ଏପରିକି ରୋଗ ଶୋକ ପର୍ଯ୍ୟନ୍ତ ସମସ୍ତେ ମିଶି ତାର ହୃଦୟରେ ଭାବ ଜାତ କଲେ । ଜଗତର ଚିର ବୈଷମ୍ୟ ତାହାର ବୁଦ୍ଧିର ବିକାଶ କଲା । ସେ ଜାଣେ ନାଇ, କାହିଁକି, କିପରି ! ନକ୍ଷତ୍ର-ଗୁମ୍ଫିତ ଗଗନ ତଳ, ଘନଘଟାର ଶ୍ୟାମକାନ୍ତ ଛବି, ପ୍ରାତଃସ୍ନାନ ଗଗନର ଅରୁଣ ଦ୍ୟୁତି, ପର୍ବତର ମହାସୁପ୍ତା, ସମୁଦ୍ରର ଗାମ୍ଭୀର୍ଯ୍ୟ, ଫୁଲର ଶୋଭା ପ୍ରଭୃତି ଯେତେବେଳେ ସେ ଦେଖିଲା, ଅରଣ୍ୟାନୀର ମର୍ମର, ଗିରିନଦୀର ଝର୍ଝର, ପକ୍ଷୀର କଳତାନ ପ୍ରଭୃତି ଯେତେବେଳେ ସେ ଶୁଣିଲା, ତାହାର ହୃଦୟ କି ଭାବରେ ନାଚି ଉଠିଲା; ଏପରିକି ଦରିଦ୍ରର ଦୁଃଖ, ଆତ୍ମୀୟ ନାଶର ଶୋକ, ରୋଗୀର ଯନ୍ତ୍ରଣା ଦେଖି କାହିଁକି, କିପରି ତାର ପ୍ରାଣ ସଙ୍କୁଚିତ ହେଲା; ଜାଣେ ନାଇ; କାହିଁକି ସେ ସବୁରେ ସେ ବେଳେ ବେଳେ ଆତ୍ମହରା ହେଲା । ଏ ଗଛଟି ସାନ, ସେ ଗଛଟି ବଡ଼, ଏଇଟି ନିକଟ, ସେଇଟି ଦୂର, ଏ ଉଚ୍ଚ, ସେ ନୀଚ, ଏସବୁ କଥା କିପରି ସେ ଜାଣି ବାଛି ନିଶ୍ଚୟ ବିଧାନ କଲା, ତାହା ମଧ୍ୟ ସେ ବୁଝିଲା ନାଇ । ଫଳତଃ ସେ ଅନୁଭବ କଲା, ଅଜ୍ଞାତ ଭାବରେ ଅନନ୍ତ ଚିର ବିଶ୍ୱର ଶକ୍ତି ସବୁ ତାହାର ଶରୀର, ଅଙ୍ଗ, ପ୍ରତ୍ୟଙ୍ଗ, ଇନ୍ଦ୍ରିୟାଦିଠାରୁ ବୁଦ୍ଧି, ଭାବ ଓ କ୍ରିୟା ପର୍ଯ୍ୟନ୍ତ କିପରି, କେତେବେଳେ ତିଆରି କରିଦେଲେ । କେବଳ ତିଆରି କରିଦେଲେ ନୁହେ, ସେ ନିଜକୁ ସେହି ସବୁ ଶକ୍ତିର ଗୋଟିଏ ପୁଞ୍ଜୀଭୂତ ଅବତାର ବୋଲି ସ୍ଥିର କଲା ।

ତାକୁ ଲାଗିଲା, ସେହି ସବୁ ଶକ୍ତି ଯେପରିକି ତାହା ଭିତରେ ପଶିଗଲେ; ତାହା ବ୍ୟକ୍ତିତ୍ୱ ଆଉ ତାହାର ନିଜର ସ୍ୱତନ୍ତ୍ର ସତ୍ତା ନାହିଁ । ତେଣୁ ସେ ଭାବିବାକୁ ଆରମ୍ଭ କଲା, ଏ ବିଶ୍ୱସାରା ଯେଉଁ ମହାଶକ୍ତିର ବିକାଶ, ମୁଁ ମଧ୍ୟ ସେହି ମହାଶକ୍ତି; ଭେଦ ଅସମ୍ଭବ । ମୁଁ ସେହି 'ସୋଽହଂ' ।

ଉପନିଷଦ ପ୍ରଭୃତି ଆର୍ଯ୍ୟ ଶାସ୍ତ୍ରମାନଙ୍କରେ ବୈଦିକ ବ୍ୟକ୍ତିତ୍ୱ ବିକାଶର ଏହି ଲକ୍ଷଣମାନ ସୁସ୍ପଷ୍ଟ ଦେଖିବାକୁ ମିଳେ । ଅଥର୍ବବେଦୀୟ ପ୍ରଶ୍ନୋପନିଷଦରେ ସମସ୍ତେ ଏହି ଭାବର ସ୍ପଷ୍ଟ ବିକାଶ ଅନୁଭବ କରି ପାରିବେ । ଯେଉଁ ଆତ୍ମା ଭିତରେ ବାହାରେ ସମାନ, ସେ "ଦ୍ରଷ୍ଟା, ସ୍ପ୍ରଷ୍ଟା, ଶ୍ରୋତା, ଘ୍ରାତା, ରସୟିତା, ମନ୍ତା, ବୋଦ୍ଧା, କର୍ତ୍ତା ଓ ବିଜ୍ଞାନ" ସ୍ୱରୂପ ହୋଇ ମଧ୍ୟ "ପରେଽକ୍ଷରେ ଆତ୍ମନି" ଅର୍ଥାତ୍, ବହିଃପ୍ରକୃତିର ବ୍ୟାପକତାରେ ପ୍ରତିଷ୍ଠିତ । ତାହାଙ୍କର ସ୍ୱରୂପ ନିର୍ଣ୍ଣୟ କରି ଋଷି ଗାଇଅଛନ୍ତି—

"ପୃଥିବୀଚ ପୃଥିବୀ ମାତ୍ରା, ଆପଶ୍ଚାପୋମାତ୍ରା, ଚ ତେଜଶ୍ଚ ତେଜୋ ମାତ୍ରା, ଚବାୟୁଶ୍ଚ ବାୟୁ ମାତ୍ରା, ଚାକାଶଶ୍ଚାକାଶ ମାତ୍ରାଚ, ଚକ୍ଷୁଶ୍ଚ ଦ୍ରଷ୍ଟବ୍ୟଂଚ, ଶ୍ରୋତ୍ରଂଚ ଶ୍ରୋତବ୍ୟଂଚ, ଘ୍ରାଂଣଚ ଘ୍ରାତବ୍ୟଂଚ, ରସଶ୍ଚ ରସୟିତବ୍ୟଂଚ, ତ୍ୱକ୍ ଚ ସ୍ପର୍ଶୟିତବ୍ୟଂଚ, ବାକ୍‌ଚ ବକ୍ତବ୍ୟଂଚ, ହସ୍ତୌଶ୍ଚାଦ ତବ୍ୟଂଚ, ଉପସ୍ଥଂ ଚାନନ୍ଦୟିତବ୍ୟଂଚ, ପାୟୁଶ୍ଚ ବିସର୍ଜୟିତବ୍ୟଂଚ, ପାଦୌଚ ଗନ୍ତବ୍ୟଂଚ, ମନଶ୍ଚ ମନ୍ତବ୍ୟଂଚ, ବୁଦ୍ଧିଶ୍ଚ ବୋଦ୍ଧବ୍ୟଂଚ, ଅହଂକାରଶ୍ଚାହଂକର୍ତ୍ତବ୍ୟଂଚ, ଚିତ୍ତଂଚ ଚେତୟିତବ୍ୟଂଚ, ତେଜଶ୍ଚ ବିଦ୍ୟୋତୟିତବ୍ୟଂଚ, ପ୍ରାଣଶ୍ଚ ବିଧାରୟିତବ୍ୟଂଚ ।"

ଏ ସମସ୍ତ, ବୃକ୍ଷକୁ ପକ୍ଷୀମାନେ ଆଶ୍ରା କଲା ପରି, ଆତ୍ମାକୁ ଆଶ୍ରା କରନ୍ତି । ଏସବୁର ଆବରଣ ମଧ୍ୟରେ ଆତ୍ମାକୁ ଦେଖିବାକୁ ହେବ । ଏସବୁ ଆତ୍ମାର ଶରୀର ଓ ଅବୟବ ପରି । ବାହାରେ ଏହି ସବୁ ବିଶ୍ୱାତ୍ମାର ଅବୟବ ଓ ଏହିମାନେହିଁ ବ୍ୟକ୍ତିର ଭିତରେ ଅବ୍ୟକ୍ତ ଶକ୍ତିର ଆବରଣ ।

ସାଂଖ୍ୟକାର ମଧ୍ୟ ତାଙ୍କର ପରିଣାମବାଦ ବୁଝାଇଲାବେଳେ ବ୍ୟକ୍ତିତ୍ୱ ବିକାଶର ଏହି ମୌଳିକ ସତ୍ତାକୁ ସ୍ପଷ୍ଟ ଲକ୍ଷ୍ୟ କରିଅଛନ୍ତି । ସେ ସ୍ଥିର କରିଛନ୍ତି, ପଂଚତନ୍ମାତ୍ର ଅର୍ଥାତ୍ କ୍ଷିତ୍ୟପ୍‌ତେଜମରୁଦ୍‌ବ୍ୟୋମ, ଏହି ପଂଚ ମହାଭୂତମାନଙ୍କର ସୂକ୍ଷ୍ମ ଅବସ୍ଥାରୁ ରୂପ, ରସ, ଗଂଧ, ସ୍ପର୍ଶ, ଶବ୍ଦ ସୂତ୍ରରେ କ୍ରମେ ଇନ୍ଦ୍ରିୟମାନଙ୍କର ବିକାଶ ଏବଂ ପରେ ତହିଁରୁ ମହାଭୂତମାନଙ୍କର ଆବିର୍ଭାବ । ଫଳତଃ ତନ୍ମାତ୍ର ଓ ମନୁଷ୍ୟର ଷୋଳଟି ଇନ୍ଦ୍ରିୟ ( ଚକ୍ଷୁ କର୍ଣ୍ଣ ପ୍ରଭୃତି ପଂଚ ଜ୍ଞାନେନ୍ଦ୍ରିୟ, ହସ୍ତପଦ ପ୍ରଭୃତି ପଂଚ କର୍ମେନ୍ଦ୍ରିୟ, ପୃଥିବୀ ଜଳ ପ୍ରଭୃତି ପଂଚ ମହାଭୂତ ଓ ମନ ) ଭିତରେ ସେ କୌଣସି ପ୍ରକୃତିଗତ ପ୍ରଭେଦ ଦେଖି ନାହାନ୍ତି । ଏଠାରେ ଯେଉଁ ସ୍ୱାଭାବିକ ବ୍ୟକ୍ତିତ୍ୱ ବିକାଶର କଥା କୁହାଗଲା, ସେଥିରେ ମଧ୍ୟ ଠିକ୍ ତାହାହିଁ ଦେଖା ଯାଉଅଛି ।

ଆମ୍ଭେମାନେ ଗୋଟିଏ ବ୍ୟକ୍ତିର ମୌଳିକ ଓ ସ୍ୱାଭାବିକ ବିକାଶ ଦେଖିଲୁଁ ଏବଂ ଦେଖିଲୁଁ, ଆମ୍ଭମାନଙ୍କର ପ୍ରାଚୀନ ପୂର୍ବପୁରୁଷମାନେ ବ୍ୟକ୍ତିର ଏହି ମୌଳିକ ବିକାଶ ଲକ୍ଷ୍ୟ କରି, ସେହି ଅନୁସାରେ ଜଗତର ବ୍ୟାଖ୍ୟା କରିଅଛନ୍ତି । ମାତ୍ର ଆମ୍ଭମାନଙ୍କୁ ଆହୁରି ଦେଖିବାକୁ ହେବ, ଏହି ସ୍ୱାଭାବିକ ସାଧନାରେ, ଏହି ବ୍ୟକ୍ତିଜୀବନର ମୌଳିକ ବିକାଶ ପରି, ଆର୍ଯ୍ୟର ଜାତୀୟ ଜୀବନ ବିକାଶ ପାଇଛି । ଗୋଟିଏ ବ୍ୟକ୍ତିରେ ଆମ୍ଭେମାନେ ଯାହା ଦେଖିଲୁଁ, ଆର୍ଯ୍ୟର ଜାତୀୟ ବ୍ୟକ୍ତିତ୍ୱରେ ସେହି ବିକାଶ, ସେହି ପ୍ରାକୃତିକ ସାଧନା ଦେଖିବୁଁ ।

ମୂର୍ଖର କଥା, ଜାତିର ଅତି ଅଜ୍ଞାନ ଶୈଶବ କଥା ବର୍ତ୍ତମାନର ବିଜ୍ଞାନ ଦୃଷ୍ଟିରେ ଯାହା ହେଉ, ଅତି ଆଦିମକାଳରୁ ଆର୍ଯ୍ୟଜୀବନର ବିକାଶ ପ୍ରଣାଳୀ, ସ୍ୱାଭାବିକ ସାଧନା ଓ ଆଦର୍ଶ ଲକ୍ଷ୍ୟ କରି ବ୍ୟାଖ୍ୟା କରିବାରେ ଆଂଭମାନଂକର ବିଶେଷ ଅସୁବିଧା କିଛି ନାହିଁ । ଉପରେ ବ୍ୟକ୍ତିଗ୍ତ ବିକାଶ ସଂବଂଧରେ ଉପନିଷଦରୁ ଯାହା ପ୍ରମାଣ ଦିଆଗଲା, ତାହା ବ୍ୟକ୍ତି ସଂବଂଧରେ ଯେପରି ପ୍ରଯୋଜ୍ୟ, ଜାତୀୟ ଜୀବନ ସଂବଂଧରେ ମଧ୍ୟ ଠିକ୍ ସେହିପରି । ଆର୍ଯ୍ୟର ମଧ୍ୟ ଜାତୀୟ ଜୀବନର ପରମ ଆଦର୍ଶ ସେହି 'ସୋଽହଂ' । ସମସ୍ତ ବିଶ୍ୱରେ ଆତ୍ମାଂକୁ ବ୍ୟାପ୍ତ ଦେଖିବା ଏବଂ ଆତ୍ମାରେ ବିଶ୍ୱକୁ ପ୍ରତିଫଳିତ ଦେଖିବାହିଁ ଆର୍ଯ୍ୟର ଜାତୀୟ ଭାବ ଓ ଜାତୀୟ ଆଦର୍ଶ ।

ବସ୍ତୁତଃ ଏଠାରେ ଜାତୀୟ ଭାବ ବୋଲି ଅଲଗା ଗୋଟିଏ ଭାବ ନାହିଁ । ଏହା ବ୍ୟକ୍ତିଠାରେ ଦେଖାଯାଏ ଏବଂ ସେହିଁ ଭାବଗୁଡ଼ିକ ଜାତିର ସମସ୍ତଂକଠାରେ ସାଧାରଣ ଭାବରେ ଦେଖାଯାଏ, ତାହାହିଁ ଜାତୀୟ ଭାବ; ସେଥିରୁହିଁ ଜାତୀୟ ବ୍ୟକ୍ତିତ୍ୱର ପ୍ରକୃତି ଓ ଆଦର୍ଶ ଜଣାପଡ଼େ; ପୁଣି ସେ ସବୁ ଭାବରାଶିର ମଧ୍ୟ ଗୋଟିଏ ସମୂହ ବ୍ୟକ୍ତିତ୍ୱ ଥାଏ । ଏହି ସମୂହ ବ୍ୟକ୍ତିତ୍ୱ ମଧ୍ୟ ବ୍ୟକ୍ତି ଜୀବନ ନିୟମରେ ବୃଦ୍ଧି ଓ କ୍ଷୟ ପାଏ । ସେହି ଜାତୀୟ ଭାବ ଆଦର୍ଶର ସାଧନା ବା କ୍ରମବିକାଶ ଦେଖିବାକୁ ହେଲେ, ଆଂଭେମାନେ ପୃଥିବୀର ପୁରାଣତମ ଗ୍ରଂଥ ଓ ଆର୍ଯ୍ୟର ମହା ଗୌରବ ସଂପଦ ବେଦରୁ ଅନୁସଂଧାନ କରି ଆସିବୁଁ ଏବଂ ବ୍ୟକ୍ତିଜୀବନରେ ଆଂଭେ ଯାହା ଆଲୋଚନା କରିଅଛୁଁ, ତାହାପ୍ରତି ଲକ୍ଷ୍ୟ ରଖି ପଦେ ପଦେ ଆଂଭମାନଂକୁ ଏହି ପ୍ରାକୃତିକ ଜାତୀୟ ସାଧନା ଅନୁସଂଧାନ କରିବାକୁ ହେବ । ଏହି କ୍ଷୁଦ୍ର ପ୍ରବଂଧରେ ବିଶେଷ ବିବୃତି ଦେବାର ଅବକାଶ ନାହିଁ; ତେଣୁ ସାମାନ୍ୟ ଭାବରେ ବିକାଶର ବିଭିନ୍ନ ଅବସ୍ଥାକୁ ଲକ୍ଷ୍ୟ କରିବୁଁ ମାତ୍ର ।

ଆଂଭେମାନେ କହୁଁ, ବେଦରେ ମୌଳିକ ମାନବର ଆଦିମ ଅନୁଭୂତି ସ୍ପଷ୍ଟ ପ୍ରକାଶିତ ହୋଇ ପଡ଼ିଅଛି । ବେଦରେ ବିଶ୍ୱବାଣୀ ଶୁଦ୍ଧ ସରଳ ଭାବରେ ଆର୍ଯ୍ୟ ଋଷି କଂଠ ଭେଦି ସ୍ୱତଃ ପ୍ରକାଶ ପାଇଅଛି; ମାତ୍ର ଆଜି କର୍ମ-କାରଣ-ବାଦୀ ଅନୁସଂଧାନପର ପଂଡିତମାନେ କହଂତି, ଆର୍ଯ୍ୟ-ଜାତିର ମଧ୍ୟ ଅତି ନବୀନ ଶୈଶବର କଥା ବେଦରେ ପ୍ରକାଶ ପାଇ ନାହିଁ । ସେତେବେଳର ସାହିତ୍ୟ କିଛି ନାହିଁ । ସେତେବେଳର ସାହିତ୍ୟ ଥିଲେ, ଅବଶ୍ୟ ସେଥିରେ ସାଧାରଣ ଶିଶୁର ଦୈବଭାବ ପ୍ରକାଶ ପାଇଥାଂତା । ସେତେବେଳେ ହୁଏ ତ ସମସ୍ତ ପଶୁ ପକ୍ଷୀ ପରି ଜୀବନ ଚଳାଉଥିବେ । ନିଜକୁ ଜଗତରୁ ବିଚ୍ଛିନ୍ନ ମଣି ପ୍ରକୃତିକୁ ପଦେ ପଦେ ଆକ୍ରମଣ କରି ଖାଦ୍ୟାଦି ଆହରଣପୂର୍ବକ ଜୀବିକା ଚଳାଉଥିବେ ।

ତା ଉତ୍ତାରୁ କ୍ରମଶଃ ଜଗତର ଭିନ୍ନ ଭିନ୍ନ ବସ୍ତୁରେ ଶକ୍ତି ଦେଖି ପୂଜା କରିବାର ଅବସ୍ଥା । ଏହାକୁ ଇଉରୋପୀୟ ପଂଡିତମାନେ ଜଡ଼ରେ ଜୀବନବାଦ ( Animism ) ବୋଲି କହଂତି । ଋଗ୍‌ବେଦରେ ଇଂଦ୍ର, ବରୁଣ, ସୋମ, ଅଗ୍ନି ପ୍ରଭୃତିଂକୁ ଉପାସନା କରି ଋଷିମାନେ ଯେଉଁ ସବୁ ମଂତ୍ର ଗାଇଅଛଂତି, ତାକୁ କୌଣସି କୌଣସି ଇଉରୋପୀୟ ପଂଡିତ ଏହି 'ଜଡ଼ରେ ଜୀବନବାଦ' ଅନୁଭବର ଫଳ ବୋଲି କହୁଥିଲେ । ମାତ୍ର ମାକ୍‌ସମୁଲର୍ ପ୍ରଭୃତି ଅପର ଇଉରୋପୀୟ ସତ୍ୟସଂଧିତ୍ସୁମାନେ ପ୍ରମାଣ କରି ଦେଖାଇ ଦେଇଛଂତି, ଆର୍ଯ୍ୟଜାତୀୟ ମୌଳିକତା ବଡ଼ ସାରବାନ୍ । ସେଥିରେ 'ଜଡ଼ ଜୀବନବାଦ'ର ଅବସ୍ଥା ଆଦୌ ଘଟିଛି କି ନା ସଂଦେହ । ଜାତୀୟ ଜୀବନର ଅତି ପ୍ରାରଂଭରେ ମଧ୍ୟ ଆର୍ଯ୍ୟ ପ୍ରତ୍ୟେକ ଜଡ଼ଶକ୍ତିର ଅଂତରାଳରେ ସମୂହ ବିଶ୍ୱଶକ୍ତି ଅନୁଭବ କରି ଆରାଧନା କରିଅଛି । ମାକସମୁଲର୍ ଏହାକୁ ଜଡ଼ ଜୀବନବାଦ ନ କହି, ଜଡ଼ଶକ୍ତିରେ ବିଶ୍ୱଜୀବନ ଭାବ ( Henotheism ) ବୋଲି କହିଅଛଂତି ।

ଋଗ୍‌ବେଦ-ସଂହିତାର ମନ୍ତ୍ରସବୁ ଦେଖିଲେ ହଠାତ୍ ବୋଧହୁଏ, ଋଷିମାନେ ସ୍ୱତନ୍ତ୍ରଭାବରେ ଭିନ୍ନ ଭିନ୍ନ ଶକ୍ତିର ପୂଜା କରିଅଛନ୍ତି; କିନ୍ତୁ ଅନୁସନ୍ଧାନ କଲେ ଦେଖାଯାଏ, ପ୍ରତ୍ୟେକ ଶକ୍ତିରେ ସେମାନେ ସେହି ମହା ବିଶ୍ୱଶକ୍ତିହିଁ ଦେଖିଅଛନ୍ତି । ଇନ୍ଦ୍ର, ଅଗ୍ନି ପ୍ରଭୃତି ନାନା ନାମରେ ସେମାନେ ସେହି ମହାବିଶ୍ୱୈକଶକ୍ତିର ଧାରଣା କରିଅଛନ୍ତି । ସ୍ୱତନ୍ତ୍ର ଭାବରେ ସେମାନେ ଇନ୍ଦ୍ର, ଅଗ୍ନି ପ୍ରଭୃତିର ପୂଜା କରିଅଛନ୍ତି ସତ; କିନ୍ତୁ ଯେତେବେଳେ ଯାହାକୁ ପୂଜା କରିଅଛନ୍ତି, ସେଥିରେ ଅନନ୍ତ ବିଶ୍ୱଶକ୍ତି କଳ୍ପନା କରିଅଛନ୍ତି ।

ଉଦାହରଣ ସ୍ୱରୂପ, ଋଷି ପରୁଚ୍ଛେପ ଅଗ୍ନିଙ୍କୁ ଆରାଧନା କରି କହୁଅଛନ୍ତି—"ବିଶ୍ୱୋ ବିହାୟାଃ ।" ( ଋଗ୍‌ବେଦ ମଣ୍ଡଳ ୧, ସୂକ୍ତ ୧୨୯, ମନ୍ତ୍ର ୬ )

ଅର୍ଥାତ୍, ଅଗ୍ନିହିଁ ସର୍ବବ୍ୟାପୀ ଶକ୍ତି । ପୁଣି ମଣ୍ଡଳ ୩, ସୂକ୍ତ ୪୬, ମନ୍ତ୍ର ୩ରେ ବିଶ୍ୱାମିତ୍ର ଋଷି ଇନ୍ଦ୍ରଙ୍କୁ କହୁଅଛନ୍ତି—

"ପ୍ରମାତ୍ରାଭି ରିରିଚେ ରୋଚମାନଃ
ପ୍ରଦେବେଭିଃ ବିଶ୍ୱତୋ ଅପ୍ରତୀତଃ
ପ୍ରମଜ୍ମନା ଦିବ ଇନ୍ଦ୍ରଃ ପୃଥିବ୍ୟା
ପ୍ରୋରୋର୍ମହୋ ଅନ୍ତରିକ୍ଷା ଦୃଜୀଷୀ ।"

ଅର୍ଥାତ୍, ତୁମ୍ଭେ ସର୍ବତଠାରୁ ବଡ଼, କୌଣସି ପ୍ରକାରେ ତୁମ୍ଭର ଇୟତ୍ତା ନାହିଁ । ତୁମ୍ଭେ ଶକ୍ତିରେ ସ୍ୱର୍ଗ, ମର୍ତ୍ତ ସବୁ ଅଭିଭୂତ କରିଅଛ, ଇତ୍ୟାଦି । ପୁଣି ପ୍ରଥମ ମଣ୍ଡଳ, ସୂକ୍ତ ୧୬, ୧ମ ମନ୍ତ୍ରରେ କଶ୍ୟପ ପୁତ୍ର ମେଧାତିଥି କହୁଅଛନ୍ତି—

"ଇନ୍ଦ୍ରବରୁଣୟୋରହମ୍ ସମ୍ରାଜୋରବ ଆବୃଣେ, ତାନୋମୃଳାତ ଈଦୃଶେ ।"

ଅର୍ଥାତ୍ ମୁଁ ଇନ୍ଦ୍ର ବରୁଣଙ୍କୁ ଆରାଧନା କରୁଅଛି । ସେମାନେ ସମସ୍ତଙ୍କ ଉପରେ ଅଧିପତି ( ସବୁଠାରୁ ବଡ଼ ଦେବତା ) । ତେଣୁ ସେମାନେ ଆମ୍ଭଙ୍କୁ ସବୁ ସୁଖ, ସମୃଦ୍ଧି ଦେବେ ।

ଏହିପରି ଋଷିମାନେ ପ୍ରତ୍ୟେକ ଶକ୍ତିର ଉପାସନା କରିଅଛନ୍ତି, କିନ୍ତୁ ସେମାନେ ଯେ ଭିନ୍ନ ଭିନ୍ନ ଶକ୍ତିର ଅନ୍ତରାଳରେ ବିଶ୍ୱଶକ୍ତି ଦେଖିଅଛନ୍ତି ତାହା ମଧ୍ୟେ ମଧ୍ୟେ ଏହିପରି ସ୍ପଷ୍ଟ ହୋଇଅଛି । ପ୍ରତ୍ୟେକ ଦେବତାର ସ୍ୱତନ୍ତ୍ର ଉପାସନା କଲାବେଳେ ଆର୍ଯ୍ୟଋଷି-ମାନେ ବେଳେ ବେଳେ 'ବିଶ୍ୱେଦେବା' ଶବ୍ଦ ବ୍ୟବହାର କରି ଉପାସନା ମଧ୍ୟ କରି ଅଛନ୍ତି ଏବଂ ସେଥିରେ ତାଙ୍କର ବିଶ୍ୱଶକ୍ତିର ଧାରଣା ପରିସ୍ଫୁଟ ହୋଇଅଛି । ପ୍ରଥମ ମଣ୍ଡଳ ୧୬୪ ସୂକ୍ତର ୪୬ ମନ୍ତ୍ରରେ ସେହି ବିଶ୍ୱେଦେବାର ଆବାହନ କରି ଋଷି ଦୀର୍ଘତମାଃ ସ୍ପଷ୍ଟ ଗାଇଅଛନ୍ତି—

"ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁର୍
ଅଥୋ ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନ୍
ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତ୍ୟଗ୍ନିଂ
ଯମଂ ମାତରିଶ୍ୱାନମାହୁଃ ।"

ଅର୍ଥାତ୍, ସେହି ବିଶ୍ୱେଦେବା ଅର୍ଥାତ୍ ବିଶ୍ୱଶକ୍ତିଙ୍କୁ ଋଷିମାନେ ଇନ୍ଦ୍ର, ମିତ୍ର, ବରୁଣ, ଅଗ୍ନି ବୋଲି କହନ୍ତି । ସୁପର୍ଣ୍ଣ ଅର୍ଥାତ୍ ସୁନ୍ଦର ପକ୍ଷଯୁକ୍ତ ଦୀର୍ଘ ଗରୁତ୍ମାନ୍ ମଧ୍ୟ ସେହି । ସେ ଏକ ହେଲେ ମଧ୍ୟ ( ଶକ୍ତିବିକାଶର ପ୍ରକାର ଭେଦ ଅନୁସାରେ ) ବିପ୍ର (ଋଷି) ମାନେ ତାଙ୍କୁ ଅଗ୍ନି, ଯମ, ମାତରିଶ୍ୱା ପ୍ରଭୃତି ନାମରେ କହନ୍ତି ।

ବେଦରେ ଏହିପରି ବିଶ୍ୱର ପ୍ରତ୍ୟେକ ଶକ୍ତିର ଅନ୍ତରାଳରେ ଅନନ୍ତ ମଙ୍ଗଳମୟଙ୍କର ବିଶ୍ୱ ବିକାଶ

ଆରାଧିତ ହେବାର ଦେଖାଯାଏ । ଋଗ୍‌ବେଦର ପୁରୁଷ-ସୂକ୍ତରେ ମଧ୍ୟ ସେଥିପାଇଁ ଋଷି ବୁଝାଇ କହିଅଛଂତି —

"ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍
ସଭୂମିଂ ବିଶ୍ୱତୋ ବୃତ୍ୱାଽତ୍ୟତିଷ୍ଠତ୍ ।"

ଅର୍ଥାତ୍, ( ସର୍ବଶକ୍ତିରୂପ ) ସେ ପୁରୁଷ ଅସଂଖ୍ୟ ମସ୍ତକ, ଅସଂଖ୍ୟ ଚକ୍ଷୁ, ଅସଂଖ୍ୟ ପାଦମୟ ରୂପରେ ସର୍ବ ପ୍ରକାରରେ ଏ ଭୂମି ଅର୍ଥାତ୍ ସର୍ଗ କ୍ଷେତ୍ର ବା ସୃଷ୍ଟି ସ୍ଥାନକୁ ଆବୃତ କରି, ଏଥିରୁ ଅଧିକରେ ପରିବ୍ୟାପ୍ତ ଥିଲେ ।

କିଂତୁ ଏ ସବୁ ଧାରଣାରେ ଜାଗତୀୟ ବ୍ୟକ୍ତିତ୍ୱର ଦ୍ୱୈତ ଭାବ ମଧ୍ୟ ପ୍ରକାଶ ପାଉଅଛି । ଆର୍ଯ୍ୟ ସଂତାନ ଅନଂତ ବିଶ୍ୱଶକ୍ତି ଅନୁଭବ କରୁଅଛଂତି, ଉପାସନା କରୁଅଛଂତି; କିଂତୁ ସେ ଶକ୍ତିର ଯେପରିକି ପ୍ରକୃତ ବ୍ୟାଖ୍ୟା ପାଉ ନାହାଂତି । ସେଥିପାଇଁ ଦ୍ୱୈତ ଭାବ ପୁଣି ଫୁଟି ଉଠୁଅଛି । ଅଜ୍ଞାତ ଭାବରେ ଋଷିକଂଠ ଭେଦ ଉପାସନାର ବାଣୀ ବାହାରୁଅଛି ।

ଏହି ଅଜ୍ଞାତ ବିଶ୍ୱବୋଧ-ଜ୍ଞାନର ବ୍ୟାଖ୍ୟା ପାଇବାରେ ସ୍ପଷ୍ଟ କ୍ରମ ବିକାଶ ଅନୁସଂଧାନ କରାଯାଇ ପାରେ । ବେଦର ସଂହିତା କେବଳ ଆରାଧନାର ସରଳ ମଂତ୍ର । ସେଥିରେ କେବଳ ବିଶ୍ୱଶକ୍ତିର ଅବବୋଧ ରହିବାହିଁ ସ୍ୱାଭାବିକ । ସେତେବେଳେ ବିଶ୍ୱଶକ୍ତି ସଂଗେ ମାନବ କର୍ମ ସଂପର୍କରେ ଆସିଛି; କିଂତୁ ଏ ସଂପର୍କ ସ୍ପଷ୍ଟ ହୋଇ ନାଇ ।

ସଂହିତା ପରେ ବ୍ରାହ୍ମଣ । ବ୍ରାହ୍ମଣରେ କ୍ରିୟା କାଂଡର ବିସ୍ତାର । ଏଠାରେ ମୁଖ୍ୟ ଭାବରେ ଜାତି ବିଶ୍ୱଶକ୍ତି ସଂଗେ ନାନା ସଂପର୍କରେ ଆସିବାର ଉଦାହରଣ ମିଳେ । ଯାଗ, ଯଜ୍ଞାଦିର ବିପୁଳ ଆୟୋଜନ ଓ ନାନା ବିଧ ସାଡ଼ଂବର ପୂଜା ପଦ୍ଧତିରେ ଜାତି ଏଠାରେ ବିଶ୍ୱଶକ୍ତିର ବ୍ୟବହାର କରିଅଛି । ଏଥିରେ ବିଶ୍ୱଶକ୍ତି ସଂଗେ ଇଂଦ୍ରିୟ ଅବୟବାଦିର ଏକତ୍ୱବୋଧ ଫୁଟିଉଠିବାର କଥା । ସେଥିପାଇଁ ବ୍ରାହ୍ମଣରୁ ଉପନିଷଦର ଭୂୟୋବିକାଶ । ଏହିଠାରେ ପ୍ରଥମେ ବିଶ୍ୱଶକ୍ତିମାନଂକରୁ ଇଂଦ୍ରିୟ ଅବୟବାଦିର ସୃଷ୍ଟି ବା ଇଂଦ୍ରିୟାଦି ଏହି ସବୁ ଶକ୍ତିମୟ ବା ଶକ୍ତି ସ୍ୱରୂପ ବୋଲି ସ୍ପଷ୍ଟ ଅନୁଭୂତିର ଉଦ୍ରେକ ହୋଇଅଛି ଏବଂ ସେହି ହେତୁରୁ ଋଗ୍‌ବେଦ ସଂହିତାରେ ସେ ଚିଂତା ତାଦୃଶ ସ୍ପଷ୍ଟ ନ ଥିଲେହେଁ ପ୍ରାଚୀନ ଉପନିଷଦମାନଂକରେ ପୂର୍ଣ୍ଣ ବିକାଶ ପାଇଥିବାର ଦେଖାଯାଏ ।

ଉପନିଷଦରେ କେତେବେଳେ ଜଗତର ପ୍ରକୃତି (ପଦାର୍ଥ) ସଂଗେ ମାନବର ଇଂଦ୍ରିୟ ଓ ଶରୀର ଏକ ବୋଲି କୁହାଯାଇଅଛି; କେତେବେଳେ ବା କୁହା ଯାଇଅଛି, ଜଗତର ଶକ୍ତିରେ ଇନ୍ଦ୍ରିୟର ଶକ୍ତିମାନେ ପ୍ରଭାବିତ ଏବଂ ଦୁହେଁ ପରସ୍ପରରୁ ଅଭିନ୍ନ । ଏହିପରି କେତେବେଳେ ଦ୍ରବ୍ୟ, କେତେବେଳେ ଶକ୍ତି ନାମରେ ଭିତରର ଓ ବାହାରର ଅଭେଦ କଳ୍ପନା ଦେଖିବାକୁ ମିଳେ । ମୂଳତଃ ବହିର୍ଜଗତର ବ୍ୟାପକ ଶକ୍ତିର ପ୍ରେରଣାରେ ଇଂଦ୍ରିୟାଦିମାନେ ଶକ୍ତିସଂପନ୍ନ ଓ କ୍ରିୟାବାନ୍ ଏବଂ ଫଳରେ ସେହି ଇଂଦ୍ରିୟାଦିମାନେ ବିଶ୍ୱବ୍ୟାପୀ ଶକ୍ତି ବା ବିଶ୍ୱାତ୍ମାରୁ ଜାତ; ସେମାନଂକର ପ୍ରକୃତି ଅଭିନ୍ନ—ଏହି ଭାବ ଉପନିଷଦରେ ପ୍ରାୟ ସର୍ବତ୍ର ଦେଖିବାକୁ ମିଳେ । କେନୋପନିଷଦ୍‌ରେ ଋଷି ପ୍ରଥମେ ଗାଇଅଛଂତି —

"କେନେଷିତଂ ପତତି ପ୍ରେଷିତଂ ମନଃ
କେନପ୍ରାଣଃ ପ୍ରଥମଂ ପ୍ରୈତି ଯୁକ୍ତଃ
କେନେଷିତାଂ ବାଚମିମାଂ ବଦଂତି
ଚକ୍ଷୁଃ ଶ୍ରୋତ୍ରଂ କଉଦେବୋଯୁନକ୍ତି ।"

ଅର୍ଥାତ୍, ମନ କାହାଦ୍ୱାରା ପ୍ରେରିତ ( ପ୍ରଣୋଦିତ ) ହୋଇ ନିଜର କର୍ମ କରେ ? ପ୍ରାଣ ସର୍ବଶ୍ରେଷ୍ଠ ଶକ୍ତି ହେଲେହେଁ, କାହାଦ୍ୱାରା ଚାଳିତ ( ପ୍ରଣୋଦିତ ) ହୋଇ ନିଜ ବିଷୟରେ ନିଯୁକ୍ତ ହୁଏ, କି ଶକ୍ତିର ପ୍ରଭାବରେ ଲୋକେ କଥା କହନ୍ତି, କେଉଁ ଦେବତା ଚକ୍ଷୁ କର୍ଣ୍ଣକୁ ସେମାନଙ୍କ ବିଷୟ ବ୍ୟାପାରରେ ଲଗାନ୍ତି ?—ଏହି ପ୍ରଶ୍ନମାନଙ୍କ ଉତ୍ତରରେ ପରବର୍ତ୍ତୀ ମନ୍ତ୍ରରେ କୁହାଯାଇଅଛି—

"ଶ୍ରୋତ୍ରସ୍ୟ ଶ୍ରୋତ୍ରଂ ମନସୋ ମନଃ
ଯଦ୍‌ବାଚୋହ ବାଚଂ, ସଃ ପ୍ରାଣସ୍ୟ ପ୍ରାଣଃ
ଚକ୍ଷୁ ଷଶ୍ଚକ୍ଷୁ ରତି ମୁଚ୍ୟ ଧୀରାଃ
ପ୍ରେତ୍ୟାସ୍ମାଲ୍ଲୋକାଦମୃତା ଭବନ୍ତି ।"

ଅର୍ଥାତ୍, ସେହି ପରମାତ୍ମଶକ୍ତି କର୍ଣ୍ଣର କର୍ଣ୍ଣ (ଶ୍ରବଣଶକ୍ତି , ମନର ମନ, ବାକ୍ୟର ବାକ୍ୟ, ସେହି ପ୍ରାଣର ପ୍ରାଣ, ଚକ୍ଷୁର ଚକ୍ଷୁ । ଯେ ଧୀର ଭାବରେ ଆଲୋଚନା କରେ, ସେ ଏହିସବୁ ଇନ୍ଦ୍ରିୟକୁ ଆତ୍ମା ବୋଲିବାର ଭ୍ରମ ବୁଝିପାରେ । ପ୍ରକୃତ ଆତ୍ମଶକ୍ତିକୁ ଧାରଣା କରି ଅମୃତତ୍ୱ ପାଏ । ପର ମନ୍ତ୍ରରେ ପୁଣି ଏହି ଶକ୍ତିଧାରଣା ସ୍ପଷ୍ଟ । ସେଥିରେ କୁହାଅଛି—

"ନ ତତ୍ର ଚକ୍ଷୁର୍ଗଚ୍ଛତି ନବାଗଚ୍ଛତି ନୋ ମନଃ
ନ ବିଦ୍ମୋ ନବିଜାନୀମୋ ଯଥୈତଦନୁଶିଷ୍ୟାତ୍ ।"

ଅର୍ଥାତ୍, ସେଠାକୁ ଚକ୍ଷୁ ଯାଏ ନାହିଁ, ବାକ୍ୟ ଯାଏ ନାହିଁ, ମନ ଯାଏ ନାହିଁ । ଆମ୍ଭେମାନେ ଏହା ଜାଣୁ ନାହିଁ । ଏ ସମ୍ବନ୍ଧରେ ଉପଦେଶ ଦେବାର ଆମ୍ଭଙ୍କୁ ଜଣା ନାହିଁ । ଜଣା ଅଜଣା ସବୁ ପଦାର୍ଥରୁ ଏହା ଭିନ୍ନ ଏବଂ ସର୍ବୋପରି । ବିଚକ୍ଷଣ ଲୋକମାନେ ଏହିପରି କହିବାର ଆମ୍ଭେମାନେ ଶୁଣିଅଛୁଁ ।

ସେ ଶକ୍ତି କୌଣସି ଇନ୍ଦ୍ରିୟଲବ୍ଧ ପଦାର୍ଥ ନୁହେ । ଏହା ଏଠାରେ ସ୍ପଷ୍ଟ କୁହାଯାଇଅଛି । ଇନ୍ଦ୍ରିୟଲବ୍ଧ ଦ୍ରବ୍ୟ ସଙ୍ଗେ ଭ୍ରମ କରିବାକୁ ଋଷି ବାରଣ କରୁଅଛନ୍ତି । ମୁଣ୍ଡକ ଉପନିଷଦ, ଦ୍ୱିତୀୟ ଭାଗ, ପ୍ରଥମ ଖଣ୍ଡ, ୩ୟ ମନ୍ତ୍ରରେ କୁହାଯାଏ—

"ଏତସ୍ମାଜ୍ଜାୟତେ ପ୍ରାଣୋ ମନଃ ସର୍ବେନ୍ଦ୍ରିୟାଣିଚ
ଖଂ ବାୟୁର୍ଜ୍ୟୋତିରାପଃ ପୃଥିବୀ ବିଶ୍ୱସ୍ୟ ଧାରିଣୀ ।"

ଅର୍ଥାତ୍ ଏଥିରୁ ପ୍ରାଣ,ମନ, ଇନ୍ଦ୍ରିୟମାନେ, ପଞ୍ଚ ମହାଭୂତ ଜାତ ହୁଅନ୍ତି ।

ଇନ୍ଦ୍ରିୟାଦି ସଙ୍ଗେ ବହିର୍ଜଗତର ସମ୍ବନ୍ଧ ଏଠାରେ ସ୍ପଷ୍ଟ; ମାତ୍ର ଏ ସବୁ ଜଡ଼ ପଦାର୍ଥ ବସ୍ତୁରୁ ଜୀବଙ୍କ ଶକ୍ତିର ଧାରଣାକୁ ବିଚାରପନ୍ଥା ଦେଖାଉଅଛି । ପ୍ରଥମେ ଇନ୍ଦ୍ରିୟାଦିକୁ ଜଡ଼ ପଦାର୍ଥ ସଙ୍ଗେ ଅଭିନ୍ନ ବିଚାର କରି ଯାଇଥିଲା ପରି ବୋଧ ହୁଏ । କେତେ କେତେ ଉପନିଷଦରେ ଆପାତତଃ ସେହି ଭାବହିଁ ଦେଖାଯାଏ । ଛାନ୍ଦୋଗ୍ୟ ଉପନିଷଦର ଷଷ୍ଠ ଅଧ୍ୟାୟ, ପଞ୍ଚମ ଖଣ୍ଡରେ ପ୍ରାଣ, ମନ ପ୍ରଭୃତି ଆତ୍ମାଦ୍ୱାରା ପ୍ରଦତ୍ତ, ଭୁକ୍ତ ପଦାର୍ଥ ଅର୍ଥାତ୍ ଉପଭୋଗ୍ୟ ବିଷୟରେ ନିର୍ମିତ ବୋଲି ଋଷି ଗାଇଅଛନ୍ତି; କିନ୍ତୁ ଏଥିରେ ଜଡ଼ବାଦ ନାହିଁ । ଜଡ଼ରୁ ଶାନ୍ତିମୟ ଚେତନର ଉଦ୍ଭବ ବୋଲି ବିଚାର କରିବା ଠିକ୍ ନୁହେ । ଆର୍ଯ୍ୟର ସ୍ଥାୟୀ ବିଶ୍ୱାସ ଏଥିରୁ ସମ୍ପୂର୍ଣ୍ଣ ପୃଥକ୍ । ଆତ୍ମାଦ୍ୱାରା ପ୍ରଦତ୍ତ କଥାଟି ଏଠାରେ ମଧ୍ୟ ରହିଅଛି । ଯେଉଁ ଆର୍ଯ୍ୟ ଋଗ୍‌ବେଦ ମନ୍ତ୍ରରେ ଜଡ଼ର ଅନ୍ତରାଳରେ ଶକ୍ତିର ପୂଜା କରିଅଛି, ତାହାର ଆରାଧନା ମନ୍ତ୍ରରେ ଏ ଜଡ଼ ଭାବ ଆପାତତଃ ଅଛି ବୋଲି ମନେ ହେଲେହେଁ, ଏହା କେବେହେଁ ଶକ୍ତି ଧାରଣାରୁ ଭିନ୍ନ ବୋଲି ବୁଝିବା ଠିକ୍ ନୁହେ ।

ଜଡ଼ରୁ ଶକ୍ତିର ବିକାଶ ନୁହେ । ବସ୍ତୁତଃ ଶକ୍ତି ଓ ଅନ୍ତଃ ଶକ୍ତି ଦୁହିଁଙ୍କର ଅଭେଦ-ଭାବର ବିକାଶ;

ନରଣୁ ଆଂଶିଂକୁ ଲକ୍ଷ୍ୟ କରିବାକୁ ହେବ । ସେହି ଅଭେଦ ଉପଲବ୍ଧି ଆଡ଼କୁ ଯାଇ ଋଷି କହୁଅଛଂନ୍ତି, "ଅଗ୍ନି ର୍ବାକ୍ ଭୂତ୍ୱା ମୁଖଂ ପ୍ରାବିଶତ୍ ଇତ୍ୟାଦି ।" ଐତେରେୟ ୨ । ୪ ଅର୍ଥାତ୍, ଅଗ୍ନି ବାକ୍ୟରୂପ ଧାରଣ କରି ମନୁଷ୍ୟ ମୁଖରେ ପ୍ରବେଶ କଲେ, ବାୟୁ ପ୍ରାଣ ହୋଇ ନାସିକାରେ ପ୍ରବେଶ କଲେ, ଇତ୍ୟାଦି ।

ଶିଷ୍ୟ ବ୍ରହ୍ମ ପଦାର୍ଥର ସ୍ୱରୂପ ବିଷୟରେ ସନ୍ଦେହ କରି ଗୁରୁଂକୁ ପଚାରିବାରୁ ଗୁରୁ କହୁଅଛଂନ୍ତି—

"ଯନ୍ମନସା ନ ମନୁତେ, ଯେନାହୁର୍ମନୋ ମତଂ
ତଦେବ ବ୍ରହ୍ମତ୍ୱଂ ବିଦ୍ଧି, ନେଦଂ ଯଦିଦମୁପାସତେ ।
ଯଚ୍ଚକ୍ଷୁଷା ନପଶ୍ୟନ୍ତି,
ଯେନ ଚକ୍ଷୂଂଷି ପଶ୍ୟନ୍ତି ତଦେବ ଇତ୍ୟାଦି ।
ଯତ୍ ଶ୍ରୋତ୍ରେଣ ନ ଶୃଣୋତି,
ଯେନ ଶ୍ରୋତ୍ର ମିଦଂ ଶ୍ରୁତଂ ତଦେବ ଇତ୍ୟାଦି ।
ଯଦ୍ ବାଚାନଭ୍ୟୁଦ୍ୟତେ, ଯେନ ବାଗଭ୍ୟୁଦ୍ୟତେ
ତଦେବ ଇତ୍ୟାଦି ।
ଯତ୍ ପ୍ରାଣେନ ନ ପ୍ରାଣିତି, ଯେନ ପ୍ରାଣଃ ପ୍ରଣୀୟତେ
ତଦେବ ଇତ୍ୟାଦି ।"

ଅର୍ଥାତ୍, ମନରେ ଯାହାକୁ ବୁଝି ହୁଏନାଇ, ଅଥଚ ମନ ଯାହାଦ୍ୱାରା ବୁଝେ; ଆଖିରେ ଯାହାକୁ ଦେଖି ହୁଏ ନାଇ, ଅଥଚ ଆଖି ଯାହା ଦ୍ୱାରା ଦେଖେ; କାନରେ ଯାହାକୁ ଶୁଣି ହୁଏ ନାଇ, କାନ ଯାହାଦ୍ୱାରା ଶୁଣେ; କଥାରେ ଯାହାକୁ ବର୍ଣ୍ଣନା କରି ହୁଏ ନାଇ, କଥା ଯାହାଦ୍ୱାରା ବର୍ଣ୍ଣନା କରେ; ପ୍ରାଣରେ ଯାହାକୁ ଜୀବଂତ କରି ହୁଏ ନାଇ; ଅଥଚ ପ୍ରାଣ ଯାହାଦ୍ୱାରା ଜୀବଂତ ହୁଏ—ତାକୁହିଁ ବ୍ରହ୍ମ ବୋଲି ତୁ ଜାଣ୍ । ଏହାଭିନ୍ନ ଆଉ ଯାହାକୁ ବ୍ରହ୍ମ ବୋଲି ତୁ ଉପାସନା କରୁଛୁ, ସେ ବ୍ରହ୍ମ ନୁହେ ।

ଏଠାରେ ବିଶ୍ୱଶକ୍ତିମୟ ପରମାତ୍ମା ଓ ମାନବାତ୍ମାର ଅଭିନ୍ନ ସଂବନ୍ଧ ସ୍ପଷ୍ଟ । ଜଡ଼ରୁ ଶକ୍ତି ବିକାଶ ଭ୍ରମ ହେବାର କୌଣସି ଶଂକା ନାଇ । ଗୁରୁ ସ୍ପଷ୍ଟ କହୁଛଂନ୍ତି, ଯେ ଅନଂତ ଶକ୍ତି ବିଶ୍ୱମୟ ବ୍ୟାପି ରହିଅଛି, ସେହି ମାନବାତ୍ମା ଭିତରେ ଏକ ପ୍ରକାର ଅବତାର ଗ୍ରହଣ କରେ । ଏହିପରି ନାନା ଭାବରେ ଶରୀର ଓ ଅବୟବାଦିର ଶକ୍ତି ସଂଗେ ବିଶ୍ୱଶକ୍ତିର ଏକତ୍ୱ ଅବବୋଧ ଉପନିଷଦରେ ଦେଖିବାକୁ ମିଳେ । ସାଧନାର ଏ ଅବସ୍ଥାରେ ଆର୍ଯର ଆଦର୍ଶ 'ସୋଽହଂ' ବିକାଶ ପାଇବାରେ ଆଉ ବିଶେଷ କିଛି ନାଇ । ଅଂତରରେ ଯେପରି ଯେ ଟିଏ ଶକ୍ତି ବହିର୍ଜଗତ ଆକ୍ରମଣ କରୁଅଛି, ବହିର୍ଜଗତରେ ସେହିପରି ଶକ୍ତି ପ୍ରତିଘାତରେ ଅନୁଭୂତ ହେଉଅଛି । ବହିର୍ଜଗତର ବିଗ୍ରହ ସଂଗେ ଶରୀରର ପ୍ରଭେଦ ନାଇ । ବହିର୍ଜଗତର ଶକ୍ତି ସମୂହ ସଂଗେ ଇଂଦ୍ରିୟାଦି ପୁରୁଷର ଜ୍ଞାନ କର୍ମ ବେଦନାମୟ ଶକ୍ତିମାନଂକର ମଧ୍ୟ ଅଭେଦ ସ୍ଥିର ହେଲା; ତେବେ ଆଉ ଶକ୍ତିଦ୍ୱୟର ଏକତାରେ କି ସଂଶୟ ?

ଉପନିଷଦରେ ସେଥିପାଇଁ କେତେବେଳେ ବାହାରର ଆତ୍ମାରୁ ଭିତରର ଅବବୋଧ ଏବଂ କେତେବେଳେ ଭିତରୁ ବାହାରର ଅବବୋଧ ଦେଖିବାକୁ ମିଳେ । ବିଶ୍ୱମୟ ଆତ୍ମାର ଉପାସନା ଏବଂ ସେଥିରୁ ନିଜର ଆତ୍ମ-ଅବବୋଧ ବିଷୟରେ ଉଦାହରଣ ଦେଇ ପ୍ରବଂଧ ବଢ଼ାଇବା ନିଷ୍ପ୍ରୟୋଜନ । ଏ କ୍ଷୁଦ୍ର ପ୍ରବଂଧ ମଧ୍ୟ ସେ ସବୁର ସ୍ଥାନ ନୁହେ । ପୁଣି ଉପରେ ପ୍ରସଂଗାଂତରରେ ଯେ ସବୁ ଉଦାହରଣ ଦିଆଗଲା, ସେଥିରେ ସେ ସମ୍ବଂଧରେ ଯଥେଷ୍ଟ ଇଂଗିତ ମିଳିବ ।

ଅଂତରରୁ ବାହାର ଉପଲବ୍ଧି ମଧ୍ୟ ଉପନିଷଦରେ ପୂର୍ଣ୍ଣ ରହିଅଛି । ମାନବ ଯେପରି ଜ୍ଞାନକର୍ମ ବେଦନାର

ଶକ୍ତିସବୁ ଯେଉଁ ପୁରୁଷରୂପେ ସଂସାରରେ କର୍ମ ପ୍ରବନ୍ଧ ଫିଟାଇ ଅଛି, ବିଶ୍ୱାତ୍ମାଙ୍କୁ ଆର୍ଯ୍ୟମାନେ ସେହି ପୁରୁଷରୂପେ ମାତ୍ର କଳ୍ପନା କରିଅଛନ୍ତି । ଏହାହିଁ ଅନ୍ତରରୁ ବାହାର ଉପଲବ୍ଧିର ସର୍ବଶ୍ରେଷ୍ଠ ନିଦର୍ଶନ । ଏ ସମ୍ବନ୍ଧରେ ଅନ୍ୟାନ୍ୟ ଉପନିଷଦର ଇତସ୍ତତଃ ମନ୍ତ୍ର ମଧ୍ୟରେ ବୃହଦାରଣ୍ୟକ ଉପନିଷଦ ବିଶେଷରେ ଅନୁସନ୍ଧେୟ । ପୁଣି ସେଥିରେ ପ୍ରଥମ ଅଧ୍ୟାୟର ୪ର୍ଥ ବ୍ରାହ୍ମଣ ପ୍ରାରମ୍ଭରେ ବିଶ୍ୱାତ୍ମା ଓ ମାନବର ଅନ୍ତରାତ୍ମା ବିଷୟରେ ଯେଉଁ ମନ୍ତ୍ର ଅଛି, ତାହା ଆର୍ଯ୍ୟ ଜୀବନର ଆଦର୍ଶ ଆଉ ପ୍ରାକୃତିକ ସାଧନାର ସିଦ୍ଧି ବିଷୟରେ ଗୋଟିଏ ସୁନ୍ଦର ଆଲେଖ୍ୟ ଦେଉଅଛି । ଋଷି ଗାଇଅଛନ୍ତି—

"ଆତ୍ମୈବେଦମଗ୍ରଆସୀତ୍ ପୁରୁଷବିଧଃ । ସୋଽନୁବୀକ୍ଷ୍ୟ ନାନ୍ୟଦାତ୍ମନୋଽପଶ୍ୟତ୍ । ସୋଽହମସ୍ମୀତ୍ୟଗ୍ରେ ବ୍ୟାହରତ୍ । ତତୋଽହଂ ନାମାଽଭବତ । ତସ୍ମାଦପ୍ୟେତର୍ହ୍ୟାମନ୍ତ୍ରିତୋଽହମସ୍ମୀତ୍ୟେବାଗ୍ର ଉକ୍ତ୍ୱାଽଥାନ୍ୟନ୍ନାମ ପ୍ରବ୍ରୂତେ—ଯଦସ୍ୟ ଭବନ୍ତି, ସ ଯତ୍ ପୂର୍ବୋଽସ୍ମାତ୍ ସର୍ବାନ୍ ପାପ୍ମାନଂ ଔଷତ୍ । ତସ୍ମାତ୍ ପୁରୁଷଃ ।"

ଅର୍ଥାତ୍, ସର୍ବପ୍ରଥମରୁ ସେ ପୁରୁଷ ପର ଜ୍ଞାନ-କର୍ମ-ଚେତନ-ଶକ୍ତିପରିପୂର୍ଣ୍ଣ ବିଶ୍ୱରୂପରି ଆତ୍ମା ଥିଲେ । ସେ ଚାରିଆଡ଼କୁ ଚାହିଁ ଆଲୋଚନା କରି ଆପଣାଠାରୁ ଭିନ୍ନ ଆଉ କିଛି ଦେଖିଲେ ନାହିଁ । ସେ ପ୍ରଥମେ "ଅହଂ ଅସ୍ମି" ( ମୁଁ ହେଉଛି ସମସ୍ତର ଆତ୍ମା ) ଏହି କଥା କହିଲେ; ସେହି ହେତୁରୁ ସେ ମୁଁ (ଅହଂ) ବୋଲି ପରିଚିତ ହେଲେ; ତେଣୁ ଏବେ ମଧ୍ୟ 'ତୁମ୍ଭେ କିଏ ?' ବୋଲି ପଚାରିଲେ, ଲୋକ କହନ୍ତି 'ଅହମସ୍ମି' ( ଏହି ମୁଁ ) । ଏ କଥା କହିଲା ପରେ ନିଜର ନାମ ଓ ଅନ୍ୟ ପରିଚୟ କହନ୍ତି । ସେହି ଆଦିପୁରୁଷ ଯେହେତୁ ପୂର୍ବର ସବୁ ପାପ ଦଗ୍ଧ କରି ( ନିଷ୍କଳଙ୍କ ହୋଇ ) ଥିଲେ, ସେହି ହେତୁରୁ ତାଙ୍କ ନାମ ହେଲା ପୁରୁଷ ( ପୂର୍ବଂ ଔଷତ୍— ପୂର୍ବପାପ ଦଗ୍ଧ କରିଥିଲେ, ଅତଏବ ପୁରୁଷ ) ।

ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡର ମୂଳ ଶକ୍ତି ସଙ୍ଗେ 'ମୁଁ ତ୍ୱ' ( ଅହଂତା )ର ଏହି ଏକତାହିଁ ଆର୍ଯ୍ୟଜୀବନ ବିକାଶର ସ୍ୱାଭାବିକ ଆଦର୍ଶରୂପେ ଫୁଟିଅଛି । ପ୍ରାକୃତିକ ସାଧନାରେ ଆର୍ଯ୍ୟଜୀବନରେ ଏହାହିଁ ସିଦ୍ଧି । ଏହାହିଁ ମୌଳିକ୍ ଜାତୀୟତାରେ ସ୍ୱତଃସିଦ୍ଧ ଆଦର୍ଶ । ଏଥିରେ ଅନନ୍ତ ସୃଷ୍ଟିର ମହାଶକ୍ତି ସଙ୍ଗେ ଆତ୍ମଶକ୍ତି ଏକ । ସର୍ବତ୍ର ଅଭେଦମାତ୍ର । ଘୃଣା ନାହିଁ, ବୈଷମ୍ୟ ନାହିଁ । ସମସ୍ତ ବିଶ୍ୱବ୍ରହ୍ମାଣ୍ଡରେ ଆର୍ଯ୍ୟ ଏକ ବିଶ୍ୱମୟ ଶକ୍ତି ଦେଖେ । ସଂସାରର ସରଳ ବ୍ୟାଖ୍ୟା ତାହା ପକ୍ଷରେ—

"ଯଥା ସୌମ୍ୟେକେନ ମୃତ୍ପିଣ୍ଡେନ
ସର୍ବଂ ମୃଣ୍ମୟଂ ବିଜ୍ଞାତଂ
ସ୍ୟାଦ୍‌ବାଚାରମ୍ଭଣଂ ବିକାରୋ
ନାମଧେୟଂ ମୃତ୍ତିକେତ୍ୟେବ ସତ୍ୟଂ ।

( ଛାନ୍ଦୋଗ୍ୟ ଉପନିଷଦ୍ ୬ । ୧ । ୪ )

ମୃଣ୍ମୟ ଦ୍ରବ୍ୟସବୁ (ଘଟ ପ୍ରଭୃତି) ଯେପରି ଏକ ମୃତ୍ତିକାରେ ନିର୍ମିତ ହୋଇ ନାମ ରୂପ ଭେଦରେ ଭିନ୍ନ ଭିନ୍ନ, ନାମରୂପମୟ ବିରାଟ ବିଶ୍ୱ ସେହିପରି ଏକ ବ୍ରହ୍ମ ପଦାର୍ଥରେ ନିର୍ମିତ; ଅର୍ଥାତ୍ ଏକ ବ୍ରହ୍ମ ପଦାର୍ଥର ଅଭିବ୍ୟକ୍ତି ।

ଅବଶ୍ୟ ଏଠାରେ ମଧ୍ୟ ଆର୍ଯ୍ୟର ଏ ବ୍ରହ୍ମ-ପଦାର୍ଥକୁ ଜଡ଼ ପ୍ରକୃତିର କେବଳ ଗୋଟିଏ ଏକତ୍ୱ ଧାରଣା ବୋଲି ବୁଝିବାକୁ ହେବ ନାହିଁ । ଏହା ଗୋଟିଏ ଜୀବନ୍ତ ଶକ୍ତି, ପୁରୁଷ ପରି ଜୀବନମୟ ଓ ଅନନ୍ତ ଚେତନପରିପୂର୍ଣ୍ଣ । ଏହି ବିଶ୍ୱବ୍ୟାପୀ ଶକ୍ତିର ଅନନ୍ତ ଜୀବନ୍ତ ବିରାଟ ଉଦ୍ଭେଦ ବର୍ଣ୍ଣନା କରି ଆର୍ଯ୍ୟ ପୁଣି କହେ—

"* * * ଅତଃ ସମୁଦ୍ରା ଗିରୟଶ୍ଚ ସର୍ବେଽସ୍ମାତ୍
ସ୍ୟନ୍ଦନ୍ତେ ସିନ୍ଧବଃ ସର୍ବରୂପାଃ
ଅତଶ୍ଚ ସର୍ବା ଓଷଧୟୋ ରସଶ୍ଚ
ଯେନୈଷ ଭୂତୈସ୍ତିଷ୍ଠତେ ହ୍ୟନ୍ତରାତ୍ମା ।"
( ଦ୍ୱିତୀୟ ମୁଣ୍ଡକ ୧ । ୫—୯ )

ଅର୍ଥାତ୍, ଋକ୍ ପ୍ରଭୃତି ବେଦଠାରୁ ଗିରି, ନଦୀ, ସମୁଦ୍ର ପର୍ଯ୍ୟନ୍ତ ସବୁ ଏଥିରୁ ହୋଇଅଛି । ଏହା ସମସ୍ତର ଅନ୍ତରାତ୍ମାରୂପେ ସମସ୍ତଙ୍କୁ ଶକ୍ତିମାନ୍ କରି ରହିଅଛି । ସେହି ପୁଣି ବାୟୁ ପରି ବା ସୂର୍ଯ୍ୟ ପରି ସର୍ବଭୂତ ଅନ୍ତରରେ ରହିଅଛନ୍ତି । ମାତ୍ର ତାହାର ସୁଖ ଦୁଃଖ ବିକାରାଦିରେ ଲିପ୍ତ ନୁହନ୍ତି । ( କଠୋପନିଷଦ୍ ୨ । ୨ । ୨ । ୧୦—୧୧ ) ସେହି ପୁଣି ମନୁଷ୍ୟ ଭିତରେ ବିଦ୍ୟମାନ ।

"ସ ଯଃ ଏଷୋଽଣିମୈତଦାତ୍ମ୍ୟମିଦଂ
ସର୍ବଂ ତତ୍ ସତ୍ୟଂ, ସ ଆତ୍ମା, ତତ୍ତ୍ୱମସି ।"
( ଛାନ୍ଦୋ ୭ । ୮ । ୮, ୧୫ )

ଅର୍ଥାତ୍, ସେହି ଯେ ସୂକ୍ଷ୍ମ ପଦାର୍ଥ, ଏ ସମସ୍ତ ତଦ୍ରୂପ, ସେହି ସତ୍ୟ, ସେହି ଆତ୍ମା, ସେହି ତୁମ୍ଭେ । ସେହି ଭିତରେ, ସେହି ବାହାରେ ( ଛାନ୍ଦୋ ୭ । ୨୫ । ୨ ) । ସେହି "ଦିବ୍ୟୋହ୍ୟମୂର୍ତ୍ତଃ ପୁରୁଷଃ, ସ ବାହ୍ୟାଭ୍ୟନ୍ତରୋହ୍ୟଜଃ ।" ଅର୍ଥାତ୍, ସେହି ଦିବ୍ୟ ( ତେଜ ସ୍ୱରୂପ ) ରୂପହୀନ ପୁରୁଷ, ସେହି ଜନ୍ମବର୍ଜିତ ( ଚିତ୍ ଶକ୍ତି ) ବାହାର ଓ ଅଭ୍ୟନ୍ତରରେ ବିଦ୍ୟମାନ ରହିଅଛନ୍ତି ।

କହିବା ଅନାବଶ୍ୟକ, ସେହି ବ୍ରହ୍ମ ବା ଆତ୍ମା, ସେହି ବିଶ୍ୱବ୍ୟାପୀ ଓ ଆଭ୍ୟନ୍ତରୀଣ ଶକ୍ତି 'ସଚ୍ଚିଦାନନ୍ଦ' ସ୍ୱରୂପ । ମୁଁ ଯେପରି ସବୁ ଜାଣେ, ସବୁ ଅନୁଭବ କରେ, ଅଥଚ ଯେ 'ମୁଁ' ଏ ସବୁ କରେ, ତାକୁ କେହି ଜାଣନ୍ତି ନାହିଁ । ଏ ବାହ୍ୟାଭ୍ୟନ୍ତରର ଶକ୍ତି ସେହିପରି ସବୁ ଜାଣେ, ତାକୁ କେହି ଜାଣନ୍ତି ନାହିଁ—ଇତ୍ୟାଦି ଦାର୍ଶନିକ ତତ୍ତ୍ୱ ବ୍ୟାଖ୍ୟାର ଏ ସ୍ଥାନ ନୁହେ । ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ, ଆର୍ଯ୍ୟ ଏହି ପ୍ରାକୃତିକ ସାଧନାରେ ଏହି ସ୍ୱାଭାବିକ ଆତ୍ମପ୍ରସାରରେ ଯେ ଆଦର୍ଶ ଲଭିଥିଲା, ଯେ ଆତ୍ମସ୍ୱରୂପ ଅନୁଭବ କରିଥିଲା, ସେଥିରେ ସେ ନିଜକୁ ବିଶ୍ୱ ସଙ୍ଗେ ମିଶାଇ ଦେଇଥିଲା । ବିଶ୍ୱର ପଦାର୍ଥ ସମ୍ବନ୍ଧରେ ତାହାର ଆଉ ସଂଶୟ ନ ଥିଲା । ଏ କ୍ଷେତ୍ରରେ ସେ ଜାତୀୟ ଜୀବନର ଅତୁଳନୀୟ ମୌଳିକତା ଦେଖାଇ ଆସିଅଛି ।

ସର୍ବଶେଷରେ ସନ୍ଦେହ ନିରସ କରିବା ପାଇଁ, ଗୋଟିଏ କଥା ଏଠାରେ ପୁଣି ଭଲକରି କହି ରଖିବା ଉଚିତ । ଶ୍ରୁତି ଶାସ୍ତ୍ର ପ୍ରଭୃତିର ଉପଦେଶ, ଯଦି ଜୀବନର ଏହି ଆଦର୍ଶ ଦୃଢ଼ ଓ ସ୍ଥିର ରଖିବାର ଉଦ୍ୟମ ବା ପ୍ରୟାସ ହୁଏ, ତେବେ ଶ୍ରୁତିର ଏ ପ୍ରମାଣ ସବୁ ଜୀବନର ପ୍ରାକୃତିକ ବିକାଶ ଓ ମୌଳିକ ସାଧନା ସାବ୍ୟସ୍ତ କରିବ କପରି ? ଏଠାରେ ପୁଣି ଏ କଥା କେତେ ବୁଝାଇବା ନିଷ୍ପ୍ରୟୋଜନ । ଶ୍ରୁତି, ଶ୍ରୁତି । ଶୁଣି ଶୁଣି ଲୋକେ ତାହା ମନେ ରଖିଥିଲେ । ସାଧାରଣ ଭାବରେ ବୁଝିଲେ, ଜାତିର ଲୋକମାନଙ୍କ ମନରେ ଯେତେବେଳେ ଯେଉଁ ଭାବ ସ୍ୱତଃ ଫୁଟି ଉଠିଥିଲା, ସେତେବେଳେ ମନ ସୁଖରେ, ପ୍ରାଣ ପୁଲକରେ ସେମାନେ ସେହି ଭାବରେ ଗାଇଥିଲେ । ସେହି ସବୁ ଗାନହିଁ ଆମର ଶ୍ରୁତି, ଆମର ବେଦ; ଏହା ମନୀଷୀମାନଙ୍କ ପ୍ରବର୍ତ୍ତିତ ମତବାଦ ନୁହେ । ପ୍ରଥମେ ଲିପିବଦ୍ଧ ବା ବିଧିମତେ ସଙ୍କଳିତ ହୋଇ ଏହା ପ୍ରବର୍ତ୍ତିତ ହୋଇ ନାହିଁ । ଜାତୀୟ ଜୀବନର ସ୍ୱଭାବ

ବିକାଶରେ ଯେ ଭାବ ଯେତେବେଳେ ଜାତିର ସଂପତ୍ତି ହୋଇଥିଲା, ତାହାହିଁ ସେତେବେଳେ ସରଳପ୍ରାଣ ଆର୍ଯ୍ୟଋଷିଙ୍କ ଗାନରେ ପ୍ରକାଶ ପାଇଅଛି । ଶୁଣି ଶୁଣି ଯୋଗିଗୀତି ପରି ଲୋକେ ତାହା ମନେ ରଖିଥିଲେ ବୋଲି ଆଜ ଆମ୍ଭେ ବେଦ ଦେଖୁଅଛୁଁ । ଆଜ ସେ ସବୁ ଗ୍ରନ୍ଥାକାରରେ ଲିପିବଦ୍ଧ ହୋଇଅଛି ସତ; କିନ୍ତୁ କେବେ କାହାକୁ ଉପଦେଶ ଦେବାପାଇଁ ସେ ସବୁ ଲିଖିତ ହୋଇ ନାଇ, କିମ୍ବା ଶିକ୍ଷଣୀୟ ବିଷୟ ପରି ସମାଜର ମୁଖ୍ୟ ବ୍ୟକ୍ତିଙ୍କ ଆଡ଼ୁ ତଳକୁ ପ୍ରଚାର ପାଇ ନାଇ । ସେସବୁ ମନୀଷୀମାନଙ୍କ ଦର୍ଶନର ମତ ବା ବିଜ୍ଞାନର ଆବିଷ୍କ୍ରିୟା ନୁହେ—ଜାତିର ସ୍ୱାଭାବିକ ଭାବ-ବିକାଶ ମାତ୍ର । ସେଥିପାଇଁ ଏବେ ମଧ୍ୟ ଏ ଦେଶର ଜନସାଧାରଣ ବେଦ ବା ଶାସ୍ତ୍ର ନ ଜାଣି, ଇତର ବିଶେଷ ପରିମାଣରେ ସେହି ଭାବରେ ଭାବାନ୍ୱିତ ରହିଅଛନ୍ତି ।

ଆଜ ସମାଜରେ ଯେଉଁ ପ୍ରତିମା ପୂଜା ଓ ବହୁ ଦେବଦେବୀ ରୂପରେ ଈଶ୍ୱର ଉପାସନାର ଅନୁଷ୍ଠାନ ଆମ୍ଭେମାନେ ଦେଖୁଅଛୁଁ, ତାହା ସେହି ବୈଦିକ ଆର୍ଯ୍ୟ ଉପାସନାର ରୂପାନ୍ତରମାତ୍ର; ସ୍ୱତନ୍ତ୍ର ଜଡ଼ ଶକ୍ତି ପୂଜାରେ ଅନନ୍ତ ବିଶ୍ୱଶକ୍ତିର ଅବବୋଧ ମାତ୍ର । ଯେଉଁମାନେ ଆର୍ଯ୍ୟ ଭୂମିରେ ପ୍ରତିମା ପୂଜାର ପ୍ରକୃତି ଓ ପ୍ରକ୍ରିୟାମାନ ଆଲୋଚନା କରି ବୁଝିଅଛନ୍ତି, ସେମାନେ ନିଶ୍ଚୟ ଏଥିରେ 'ବିଶ୍ୱେଦେବା' ମନ୍ତ୍ର ଦେଖିଥିବେ ।

ପୃଥିବୀରେ ବହୁତ ଆଦିମ ଜାତି ମଧ୍ୟରେ ପ୍ରତିମା ପୂଜା ଅଛି; କିନ୍ତୁ ଅନେକ ସ୍ଥଳରେ ସେସବୁ କେବଳ ଭୟରେ ଜଡ଼ର ପୂଜା, କିମ୍ବା ଜଡ଼ରେ ଶକ୍ତି ଆରୋପ ମାତ୍ର । ସେଥିରେ ଏ ଅନନ୍ତତ୍ୱର ଅବବୋଧ ନାଇ । ଶିବ ( ମଙ୍ଗଳମୟ ଶକ୍ତି ), ବିଷ୍ଣୁ ( ସର୍ବବ୍ୟାପୀ



ଶକ୍ତି ) ପ୍ରଭୃତିର ପୂଜାକୁ ପ୍ରତିମା ପୂଜା ନାମ ଦେଇ, ଯେଉଁମାନେ ଆର୍ଯ୍ୟର ମାନସୀୟ ଅବଲମ୍ବନରେ ସଚ୍ଚିଦାନନ୍ଦ ସ୍ୱରୂପ ଜୀବନ୍ତ ବିଶ୍ୱଶକ୍ତିର ପୂଜା, "ଚିଦାନନ୍ଦ ରୂପଃ ଶିବୋଽହଂ" ଭାବ ସମାଲୋଚନା କରିବାକୁ ପ୍ରବୃତ୍ତ ହୁଅନ୍ତି, ସେମାନଙ୍କ ପକ୍ଷରେ ପ୍ରତିମା ପୂଜାର ଏ ପ୍ରକୃତି-ବୈଷମ୍ୟ ସର୍ବାଦୌ ହୃଦୟଙ୍ଗମ କରିବା ଉଚିତ ।

ମାତ୍ର ଆର୍ଯ୍ୟ ସର୍ବଦା ନିଜ ଭୂମିରେ ଆବଦ୍ଧ ହୋଇ ବଢ଼ିନାଇ; ଅନ୍ୟ ଭାବ ଓ ଆଦର୍ଶ ସଂପର୍କରେ ଆସିଅଛି, ଅନ୍ୟପ୍ରକାର ଶିକ୍ଷା ପାଇଅଛି । ନାନା କାରଣରୁ ଏହି ଭୂମିରେ ଆର୍ଯ୍ୟଭାବ ଶିଥିଳ ହେଇଯିବାର ଆର୍ଯ୍ୟ ମନୀଷୀଙ୍କର ଆଶଙ୍କା ହୋଇଅଛି । ସେହି ଶିଥିଳତାର ପ୍ରତିବିଧାନ କାମନାରେ କିମ୍ବା ଜାତୀୟ ଆଦର୍ଶ ଦୃଢ଼ କରିବା ପାଇଁ, ଏ ଦେଶରେ ପରେ ଏତେ ଧର୍ମତତ୍ତ୍ୱ ପ୍ରଚାର, ଶାସ୍ତ୍ର ପୁରାଣର ସୃଷ୍ଟି ଓ ଆର୍ଯ୍ୟଭାବଶିକ୍ଷାର ବ୍ୟାକୁଳତା; ମାତ୍ର ସବୁ ମଧ୍ୟରେ କୌଣସିଠାରେ ନୂତନ ସାଧନା ବା ଆଦର୍ଶ କେହି ଦିଅନ୍ତି ନାଇ । ସେଥିପାଇଁ ମନୀଷୀ ଶାସ୍ତ୍ରକାରଗଣ ଯେ ଉପଦେଶ ଦିଅନ୍ତି, ସେଥିରେ ସର୍ବତ୍ର ବେଦହିଁ ପ୍ରମାଣ । ବେଦର ସେହି ସ୍ଥିର ଆଦର୍ଶ ଏ ଜାତିର ପରମ ସମ୍ପଦ; ତାହାହିଁ ଏ ଜାତିର ମୌଳିକ ମେରୁଦଣ୍ଡ । ସେହି ଆତ୍ମପ୍ରସାର ଓ ସେହି ଆତ୍ମୋତ୍ସର୍ଗ ଏ ଭୂମିରେ ଥିବା ଯାଏ, ଏ ଜାତିର ଜାତୀୟତା ଅଛି । ରକ୍ତ, ମାଂସ, ପିଣ୍ଡ ବା ଅପରିବର୍ତ୍ତିତ ଭୂମି ଖଣ୍ଡରେ ଜାତୀୟତା ରହେ ନାଇ । ଜାତୀୟତା ରହେ, ଭାବରେ—ଆଦର୍ଶରେ—ଜାତୀୟ ଜୀବନର ମୌଳିକତା ଓ ଶକ୍ତିରେ । ସଂସାର କର୍ମଚକ୍ରରେ ମୋହ ଆସିପାରେ, ଅନାର୍ଯ୍ୟ ଭାବ ଆକ୍ରମଣ କରିପାରେ, ଜୀବନ-ସଂଗ୍ରାମ-ଭ୍ରୂକୁଟୀ ତ୍ରାସ ଜନ୍ମାଇପାରେ; କିନ୍ତୁ ଆର୍ଯ୍ୟଭାବ ଜଗତରେ ସ୍ଥିର ଓ ଦୃଢ଼ ରଖିବାକୁ ହେବ । ସମସ୍ତ

ଆବରଣ ମଧ୍ୟରେ ଜୀବାତ୍ମା ପରମାତ୍ମାର ସେହ୍ନ ମହା ସମନ୍ୱୟ ରୂପ ଅନଂତ ପ୍ରୀତିର କଲ୍ୟାଣ ହୃଦୟରେ ଦୃଢ଼ ରଖିବାକୁ ହେବ । ଜୀବନର ଶକ୍ତି ଦୃଢ଼ ରଖିଲେ, କୌଣସି ଆଦାନ ବା ଆହରଣରେ ଜୀଣ୍ଣତା ନଷ୍ଟ ହେବ ନାହିଁ । ବିଶ୍ୱଶକ୍ତିର ଅନଂତ ସତ୍ତା ହୃଦୟରେ ଦୃଢ଼ ହେଲେ ଜୀବନ-ସଂଗ୍ରାମରେ ଆଉ ସଂଶୟ ରହିବ ନାହିଁ । ମୋହ ନାଶ ହେବ, ପାପ କ୍ଷୟ ହେବ ।

"ଭିଦ୍ୟତେ ହୃଦୟ ଗ୍ରନ୍ଥି
ଛିଦ୍ୟନ୍ତେ ସର୍ବ ସଂଶୟାଃ
କ୍ଷୀୟନ୍ତେ ଚାସ୍ୟ କର୍ମାଣି
ତସ୍ମିନ୍ ଦୃଷ୍ଟେ ପରାବରେ ।"

# ସଂସ୍କୃତ ଓ ସଂସ୍କୃତି

# ବିଷୟ-ସୂଚୀ


ପୃଷ୍ଠା

**୧ । ଆର୍ଯ୍ୟଭାଷା—** ୪୨୫

ସଂସ୍କୃତ ସାହିତ୍ୟର ମୂଲ୍ୟମାପ—ଭାରତର ଆଦିମ ଆର୍ଯ୍ୟ ଓ ଅସୁର—ଆର୍ଯ୍ୟ-ଅସୁର ବିବାଦର ଫଳ—ପାରସ୍ୟରେ—। ଭାରତରେ—ଆର୍ଯ୍ୟଙ୍କ ପ୍ରତିଷ୍ଠାନର ସାଧନ—ଭାଷା—ତତ୍ତ୍ୱବିତଙ୍କ ମତ—ସେ ମତର ମୂଲ୍ୟ—ବୈଦିକର ମୂଳ ପ୍ରକାଶ, ଆର୍ଯ୍ୟ ଭାଷାରେ ନୁହେ—ତାହାର ସଙ୍କେତ—ବୌଦ୍ଧ ମନ୍ତ୍ର ଓ ବେଦ ମନ୍ତ୍ର—ମନ୍ତ୍ରର, ପରମ୍ପରା—'ନିଗମ' ଓ 'ଆଗମ'—ସବୁ'ଆଗମ ଏକାପର ନୁହେ—ଶାକ୍ତ ଓ ଶୈବଧର୍ମ—ଭକ୍ତିଧର୍ମ—ବୈଷ୍ଣବ ଧର୍ମ—ସୁମେର ପ୍ରଭୃତି ପଶ୍ଚିମଭୂମିରେ ଦେଖ—ବେଦର ଭାଷା—ସଂସ୍କୃତ, ମନ୍ତ୍ରଭାଷା ?—ସଂସ୍କୃତ ବ୍ୟାକରଣ—ସଂସ୍କୃତ, ଚଳିତ ଭାଷା ? ଏ କ୍ଷେତ୍ରରେ ଆଗ୍ରହ ଓ ପରମ୍ପରା—।

**୨ । ଆର୍ଯ୍ୟେତର ପ୍ରଭାବ ଓ ସଂସ୍କୃତର ସମୀକରଣ** ୪୩୮

ପ୍ରାକୃତର ପ୍ରଭାବ—ଦ୍ରାବିଡ଼ ପ୍ରାକୃତ—ଶବର ବା ନିଷାଦ—ସଂସ୍କୃତ—ପ୍ରାକୃତ—ବ୍ୟାକରଣ ଓ ଶବ୍ଦର ବ୍ୟୁତ୍ପତ୍ତି—ମଳୟ—ଯବନ, ଯବନିକା—ସଂସ୍କୃତ ବ୍ୟାକରଣର ଶୁଦ୍ଧତା—ଜୈନ, ଯୋଗ ଓ ଦର୍ଶନ——ଶକ୍ତି ଓ ତନ୍ତ୍ର—ଭକ୍ତି ଧର୍ମ—ଦ୍ରାବିଡ଼ ସଂସ୍କୃତର ପ୍ରତିଷ୍ଠା—ସଂସ୍କୃତର ବିଜୟ—ଆମପରମ୍ପରା ଓ ଧାରଣା—ବେଦରେ—ନାସଦୀୟସୂକ୍ତ—ଅଥର୍ବବେଦ—ଉପନିଷଦରେ—ସ୍ମୃତି—ଦର୍ଶନ—ପୁରାଣ, ପୀଠ ଓ ତୀର୍ଥ—'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'—ପ୍ରାକୃତ ଉପରେ ସଂସ୍କୃତର ପ୍ରଭାବ—ଜୈନ ଓ ବୌଦ୍ଧ ପ୍ରାକୃତ—ଦ୍ରାବିଡ଼ ପ୍ରାକୃତ ଓ ଜୈନ-ସାଧୁଭାଷା—ତତ୍ସମର ଆମଦାନି—ତାରଫଳ—ଏଥିରେ ଦ୍ରାବିଡ ଓ ଅର୍ଯ୍ୟ ପ୍ରାକୃତର ଭେଦ ନାଇ ।

**୩ । ଲିପି** ୪୫୭

ଲିପିରମୂଳ—ଭାରତୀୟ ଲିପିର ପ୍ରାରମ୍ଭ—ଭାରତୀୟ ଲିପିର ପରମ୍ପରା ସ୍ୱତନ୍ତ୍ର—ଫିନିସୀୟ ଲିପିମାଳା—ଲିପି ଓ ବର୍ଣ୍ଣ—ଭାରତରେ 'ଶ୍ରୁତି'—ଶ୍ରୁତିର ସାଧନା, ଲିପି ନୁହେ; ବର୍ଣ୍ଣ—ବର୍ଣ୍ଣ ବିଗ୍ରହ—ପାଣିନିଙ୍କ ସୂତ୍ର—ବର୍ଣ୍ଣର ଉଚ୍ଚାରଣ ଓ ଲିପି—ପ୍ରାକୃତ ଲିପିର ଭିନ୍ନଭିନ୍ନ ରୂପ—ଭାରତୀୟ ସଂସ୍କୃତରେ ଲିପିର କରଣୀ—

**୪ । ଆର୍ଯ୍ୟଭାଷା ସନାତନ ଓ ସାର୍ବଜନୀନ** ୪୭୪

ବର୍ଣ୍ଣ ବିଜ୍ଞାନର ଆଉ ଗୋଟିଏ ଦିଗ— ଏବେ ଇଉରୋପରେ ପାଣିନିଙ୍କୁ ବୁଝିଲେ—ପାଣିନିରୁ ଭାଷା ଓ ସମାଜ ବିଜ୍ଞାନ ସଂସ୍କୃତ ପଣ୍ଡିତଙ୍କ କର୍ମ ।

୫ । ସ୍ୱର୍ଗତ ପଣ୍ଡିତ ହରିହର ଦାସ ୪୬୬

ହରିହରଙ୍କ ସାମାନ୍ୟ ପରିଚୟ— ଉତ୍କଳବନ୍ଧୁ ମଧୁସୂଦନଙ୍କ ଉପରେ ତାଙ୍କ ପ୍ରଭାବ—ପାଣିନିଙ୍କ ପ୍ରଭାବ ଓ ଏ ଦେଶର ମୁଖ୍ୟ ଇଂରେଜୀସ୍ନୁ - ଟମ୍‌ସ୍ ସାହେବ ଓ ହରିହର - ଦୁଇ ବିଦ୍ୟାବନ୍ତଙ୍କ ଆତ୍ମୀୟତା - ଗେଡସ୍ ସାହେବ—ପୁଣ୍ଣ ସଂସ୍କୃତ ବିଦ୍ୟାଳୟ— ଏଇ ବିଦ୍ୟାଳୟର କଳ୍ପନା— ସେଥିପାଇଁ ଚିନ୍ତା—'ନଅଂକ'—ତାପରେ—ସ୍ୱାମୀ ଦୟାନନ୍ଦ ଓ ହରିହର—ବେଥୁନ କଲେଜରେ ବକ୍ତୃତା—ହରିହରଙ୍କ ପ୍ରତିଭାର ସାର୍ଟିଫିକେଟ୍—ଶେଷ ଯାତ୍ରା—ସବୁକଂଚର୍ ସ୍ମାରକ ମଧ୍ୟ ହଜିଗଲା ।

୬ । ସଂସ୍କୃତ ଶିକ୍ଷା—ଚିକିତ୍ସା ବିଜ୍ଞାନ ୪୭୪

ହରିହରଙ୍କ ସ୍ମୃତି— ଚିକିତ୍ସା ଶାସ୍ତ୍ର— ଚିକିତ୍ସା ବିଦ୍ୟାର ମୂଳ ଭାରତରେ—ଜୈନଯୁଗ— ବୌଦ୍ଧଯୁଗ—'ଥେର ସ୍ତୁତିକ'—ୟୁନାନୀ—ଏବେ ଆମର କର୍ତ୍ତବ୍ୟ - ବିଜ୍ଞାନ—ତଂତ୍ର ।

୭ । ଫଳିତ ଜ୍ୟୋତିଷ ଓ ଜ୍ୟୋତିଷ ୪୭୮

ଆକାଶ ଦର୍ଶନର ଇତିହାସ—ଆମ ଜ୍ୟୋତିଷ—ସିଦ୍ଧାନ୍ତ ଓ ସଂହିତା—ଏବ ଜ୍ୟୋତିଷ ବିଦ୍ୟା—ଶୂନ୍ୟଦେଶ ଓ ଜଗତ୍—ମୂଳ ବସ୍ତୁ ଶକ୍ତି—ଏଇ ଶକ୍ତିର ବିଜ୍ଞାନମୟ ବିଶ୍ୱରୂପ— ଫଳିତ ଜ୍ୟୋତିଷର ପ୍ରକୃତି—ତା, ମୂଳ ଓ ଗତି—ତହିଁରେ ରୂପକ ଓ ଉପାଖ୍ୟାନ—କୁସଂସ୍କାର ଏବଂ କୁତନ୍ତ୍ର ଘୁଞ୍ଚାଇବାକୁ ହେବ ।

୮ । ଉଦାରଶିକ୍ଷା - ମଠ—ଜଗନ୍ନାଥ - ସଦାବ୍ରତ ୪୮୫

ଉଦାରଶିକ୍ଷା—ଉଚ୍ଚ ସ୍ତରରେ—ନିମ୍ନ ସ୍ତରରେ— ଧନର ବ୍ୟବସ୍ଥା—ମଠ—ଅଭଡ଼ାରେ ସାଧୁ ସେବା—ସାଧୁ ଓ ମଂହ ଗିନା—ମଂହଗିନା ସମାଜରୁ ଉଠିଗିଲା ଲୋଡ଼ା— ପତିତପାବନ ଧର୍ମ ଓ ଦରିଦ୍ରନାରାୟଣ ସେବା, ଆମ କୁଳଧର୍ମ ନୁହେ—ଆମ ମୈତ୍ରୀ ଧର୍ମର କାଳରେ ଗତି— ମହାଯାନର କରୁଣା—ପଶ୍ଚିମ ଏସିଆର ପତିତପାବନ ଧର୍ମ ପ୍ରଭାବର ସଂକେତ—ଅନ୍ୟଥା ଆଦାନ-ପ୍ରଦାନର ନିଦର୍ଶନ - ପତିତପାବନ ଧର୍ମର ନଗ୍ନରୂପ—କାଂଗାଳ ସେବା— ପତିତପାବନ ଧର୍ମରେ ଯଥାର୍ଥ ଆତ୍ମିକତା ନାଇ—ତେଣୁ ସମାଜରେ ଅନିବାର୍ଯ୍ୟ ବିଦ୍ରୋହ ଓ ଦ୍ୱନ୍ଦ୍ୱ—'ଜଗନ୍ନାଥ' ପତିତପାବନ ନୁହଁନ୍ତି - ଚତୁର୍ଦ୍ଧାମୂର୍ତ୍ତି ପୁରୁଷୋତ୍ତମ ଜଗନ୍ନାଥରେ ସମାଧାନ—ପୁରୁଷୋତ୍ତମ ଧାରଣାର ମୁକ୍ତିର ପନ୍ଥା—ଏହି ଭାରତ ଧର୍ମର ଆଦିପୀଠ— ଜଗନ୍ନାଥ ଭୂମି—ଶତ ବିପାତ ସତ୍ତ୍ୱେ ତା ଆଜି ଜଗତର ଗତି ପାଇ ଜୀବନ୍ତ ଅଛି—ଏ ମଂହର ପାରଂପରିକ ସାଧନା - ବୌଦ୍ଧାଶ୍ରମରେ - ବର୍ଣ୍ଣାଶ୍ରମରେ ଗୁରୁଶିଷ୍ୟ, ପ୍ରଣିପାତ, ସେବା ଓ ପରିପ୍ରଶ୍ନ—ସେବକୁ ମହାସଙ୍ଘ— ମଠ ଓ ସଦାବ୍ରତ ।

---

## ମୂଳକଥା

ତତ୍କାଳୀନ ଓଡ଼ିଶା ସଂସ୍କୃତ ଆସୋସିଏସନ୍‌ର ସଂପାଦକ, ପୁରୀ ସଂସ୍କୃତ କଲେଜର ଅଧ୍ୟକ୍ଷ, ଅଧ୍ୟାପକ ଶ୍ରୀ କୁଂଜବିହାରୀ ଦାସ, ଏମ୍. ଏ. ୧୯୪୭ ମସିହାର ସମାବର୍ତ୍ତନ ଉତ୍ସବରେ ମୋତେ ସଭାପତି କରି ଡାକିଥିଲେ । ସେହି ସଂପର୍କରେ ମୁଁ ୧୧ । ୨ । ୧୯୪୭ରେ ପୁରୀ ସଂସ୍କୃତ କଲେଜରେ ଯେଉଁ ବକ୍ତୃତାଟି ଦେଇଥିଲି ତାହାକୁ ଦୀର୍ଘ ଚାରିବର୍ଷ ପରେ ଏ ପୁସ୍ତକରେ ପ୍ରକାଶ କରି ଯାଇଛି ।

ବକ୍ତୃତାଟି ପ୍ରାୟ ଅଢ଼ାଇ ଘଂଟାବ୍ୟାପୀ ହୋଇଥିଲା । ସେଥିରୁ ସାମାନ୍ୟ କେତେକ ଆଗରୁ ଲେଖି ନେଇଥିଲି, ମାତ୍ର ବାକିତକ ମୁହଁରୁ କହିଥିଲି । ଘରେ ଆସି ସମସ୍ତଟି ଲେଖାଇ ପକାଇ ଥିଲି । ଏବେ ଛପା କାର୍ଯ୍ୟ ଚାଲିଥିବା ବେଳେ ପୁଣି ଥରେ ତାକୁ ଅଧ୍ୟାୟ, ପାରାଗ୍ରାଫ୍ ବିଷୟ ନିର୍ଦ୍ଦେଶ ଓ ପରିଶିଷ୍ଟରେ ମୂଳ ପ୍ରମାଣାଦିର ସୂଚନା ଓ ସଂକେତ ସହ ଆଉଥରେ ଭଲକରି ଲେଖି ଦେଇଛି ।

କହିବାର, ବକ୍ତୃତା ଦେଲାବେଳେ ଆସୋସିଏସନ୍‌ର ତତ୍କାଳୀନ ସଭାପତି ଏମାରମଠ ମହଂତ ଶ୍ରୀ ଗଦାଧର ରାମାନୁଜ ଦାସ, ଜଗନ୍ନାଥ 'ପତିତ ପାବନ' ନୁହଂନ୍ତି ବୋଲି ଶୁଣି; କ୍ଷୁବ୍ଧ ହୋଇ ଚମକି ପଡ଼ିଥିଲେ; ପୁଣି ଶ୍ରୋତାଂକ ଭିତରେ କେତେକ ପଂଡ଼ିତ, ଫଳିତ ଜ୍ୟୋତିଷ, ବିଦ୍ୟା ନୁହେ ବୋଲି ଶୁଣି ସଂଭବତଃ ଖୁବ୍ ବିମନା ହୋଇ ଯାଇଥିଲେ । ପ୍ରାଣର ପ୍ରତିଷ୍ଠିତ ସଂସ୍କାରରେ ହଠାତ୍ ବାଧା ପଡ଼ିଲେ ଏହା ହେବା ସ୍ୱାଭାବିକ, ତେଣୁ ସେମାନଂକୁ ତଥା ପାଠକ ସାଧାରଣଂକୁ ବିନୀତ ଅନୁରୋଧ, ସେମାନେ ଅନାସକ୍ତ ବିଚାରରେ ଦେଖିବେ, ଜଗନ୍ନାଥ 'ପତିତ ପାବନ' ନୁହଂନ୍ତି ବୋଲି କହିବାରେ ଜଗନ୍ନାଥଂକ ମହିମା କ୍ଷୁଣ୍ଣ ହୋଇନାଇ, ବରଂ ଶାଶ୍ୱତ ସତ୍ୟରେ ଉଜ୍ଜ୍ୱଳ ହୋଇଛି । ପୁଣି ଫଳିତ ଜ୍ୟୋତିଷକୁ ଅପବିଦ୍ୟା ବା ଅବିଦ୍ୟା କହିବାରେ ବିଦ୍ୟାର ଅପବାଦ ବା ସତ୍ୟର ଅପଳାପ ହୋଇ ନାଇ, ବରଂ ସସ୍କୃତର ପ୍ରେରଣା ଜାଜ୍ୱଲ୍ୟମାନ ହୋଇଛି । ବିଦ୍ୟା-ବିନୟ-ବଂତଂକୁ ଅଧିକ କହିବା ନିଷ୍ପ୍ରୟୋଜନ ।

ନବଭାରତ ଅଫିସ, କଟକ,
ତା ୫ । ୩ । ୧୯୫୧

ନୀଳକଂଠ ଦାସ

କଲେଜ ହଷ୍ଟେଲରେ ପିତା ଓ ଛାତ୍ରବଂଧୁଂକ ଗହଣରେ



ଠିଆହେ ବସନ୍ତ-ଗୋଲକ, ପଂଡିତ ନୀଳକଂଠ, ଆସୀନ ହରିହର, ପଂଡିତ କୃପାସିନ୍ଧୁ,
ଆନଂଦଦାସ

# ସଂସ୍କୃତ ଓ ସଂସ୍କୃତି

( ୧ )

## ଆର୍ଯ୍ୟଭାଷା

ଏହି ପୁଣ୍ୟ ପୁରାଣ ଜଗନ୍ନାଥ ଭୂମିରେ ଆଜି ମାନବ ସଭ୍ୟତାର ତାତ୍ତ୍ୱିକ ଓ ଭୌତିକ ମହା ସମାଧାନ ରୂପ ସେହି ଜଗନ୍ନାଥ ନାମ ସ୍ମରଣ କରି ଆପଣମାନଙ୍କ ଶିକ୍ଷାନୁଷ୍ଠାନର ଏହି ମହାପର୍ବ ଦିନରେ ଆପଣମାନଙ୍କ କୁଳପତିକଳ୍ପଙ୍କ ଅନୁରୋଧ ତଥା ଆକାଂକ୍ଷା ଅନୁବର୍ତ୍ତନ କରି କିଛି କହୁଚି । ଅନୁଗ୍ରହ କରି ଅବଧାନ ଦିଅନ୍ତୁ ।

### ସଂସ୍କୃତ ସାହିତ୍ୟର ମୂଲ୍ୟମାପ

ସଂସ୍କୃତ ସାହିତ୍ୟ ବିଶେଷଭାବରେ ଏଠି ଆପଣ-ମାନଙ୍କର ଅଧ୍ୟେତବ୍ୟ । ଦାର୍ଶନିକ ସବୁ ଏଠାରେ ସାହିତ୍ୟର ଅଂଗୀଭୂତ । ଆଜି ନାନା କାରଣରୁ ବିଦ୍ୟା ଅର୍ଥକରୀ ନ ହେଲେ, ତାର ଅନ୍ୟ ମୂଲ୍ୟମାପ ନାହିଁ । ସେ ହିସାବରେ ମୁଁ ଆପଣମାନଙ୍କ ଅଧ୍ୟେତବ୍ୟ ତଥା ଅଧ୍ୟୟନର ସାଧନା ଏଠି ମାପିବାକୁ ଆସିନାହିଁ— ମାପିପାରିବି ନାହିଁ । ସଂସ୍କୃତ ସାହିତ୍ୟର ମୂଲ୍ୟ ମୋ ପକ୍ଷରେ ସେପରି ମାପିବାର ବସ୍ତୁ ନୁହେଁ ।

### ଭାରତର ଆଦିମ ଆର୍ଯ୍ୟ ଓ ଅସୁର

ବହୁକାଳ ତଳେ—ଠିକ୍ କେତେ କାଳ, କିଏ କହିବ, ଅଂତତଃ ଆଜକୁ ସାଢ଼େ ତିନିହଜାର ବର୍ଷରୁ ଊଣା ନୁହେଁ—ସଂସ୍କୃତର ମୂଳଭାଷା-ଭାଷୀ ଆର୍ଯ୍ୟମାନେ ଭାରତର ଗାଂଧାର ଓ ଆଜିର ପଂଚନଦ ପ୍ରଦେଶରେ ଦେଖା ଦେଇଥିଲେ । ସେମାନେ ଥିଲେ ଦେବ-ଉପାସକ । ଏ ଦେଶରେ ସେମାନେ ଆଦିମ ନ ଥିଲେ । ଏ ଦେଶର ନଦୀମାତୃକ ଭୂମିମାନ—ଅର୍ଥାତ୍; ସିଂଧୁ ନଦୀଠାରୁ ଗଂଗା ନଦୀ ପର୍ଯ୍ୟଂତ ଯେତେ ନଦୀ ଅଛି, ଉପନଦୀ ସହିତ ସେମାନଙ୍କ ଅବବାହିକା ଭୂମିମାନ—ବିଶେଷରେ ଏବେ ସ୍ପଷ୍ଟ ପ୍ରମାଣ ମିଳୁଥିବା ଏବ କରାଚିଠାରୁ ପ୍ରାୟ ସିମଳା ପର୍ଯ୍ୟଂତ ସିଂଧୁର ପଂଚନଦ ଦେଶ—ଗୋଟିଏ ବିରାଟ ସଭ୍ୟତାର ଲୀଳାଭୂମି ଥିଲା । ଅନୁମାନ ହୁଏ, ଏହି ସଭ୍ୟତା ନାନା ଆଦାନ ପ୍ରଦାନରେ ଇରାଣ, ଇରାକ୍ ତଥା ଏସିଆ ମାଇନର୍, ସିରିଆ, ଏପରିକି ଇଜିପ୍ଟ ଓ କ୍ରୀଟ୍ ପର୍ଯ୍ୟଂତ ସମସ୍ତ

---

卐 ୧୧-୨-୧୯୪୭ ଦିନ ଓଡ଼ିଶା ସଂସ୍କୃତ ଅସୋସିଏସନ୍ ସମାବର୍ତ୍ତନ ଉତ୍ସବରେ ପୁରୀ ସଂସ୍କୃତ କଲେଜରେ ଦିଆ ହୋଇଥିବା ବକ୍ତୃତା ।

ଆପ୍ରେସିଆରେ ବ୍ୟାପ୍ତ ଥିଲା । ଏମାନେ ଥିଲେ ମୋଟାମୋଟି ଅସୁରଉପାସକ । ଦେବୋପାସକ ଆର୍ଯ୍ୟମାନେ ଏଇ ଅସୁରଉପାସକ ମହାସଭ୍ୟ ଜାତିଂକୁ ଭେଟି, ହୁଏତ ବିସ୍ମିତ ହୋଇ, କହି ପକାଇଥିଲେ—

"ମହତ୍ ଦେବାନାମସୁରତ୍ୱମେକଂ"
( ଋଗ୍‌ବେଦ-୩.୫୫.୧ )

ଅର୍ଥାତ୍, ଦେବ ଓ ଅସୁରଂକ ମହିମା ଏକ—ସେ ଦେବ, ସେଇ ଜାଣ ଅସୁର ।

## ଆର୍ଯ୍ୟ-ଅସୁର-ବିବାଦର ଫଳ—ପାରସ୍ୟରେ—

ଆର୍ଯ୍ୟଂକର ଏ ଆଦିମ ଗୁଣଗ୍ରାହିତା ଓ ଭକ୍ତିଭାବ ବେଶିଦିନ ତିଷ୍ଠିଲା ନାହିଁ । ଆଗଂତୁକ ଓ ପ୍ରତିଷ୍ଠିତଂକ ମଧ୍ୟରେ ଅଧିକାର ଯେନ ଯେ ବିବାଦ ସ୍ୱାଭାବିକ, ସେ ବିବାଦ ଫୁଟିଥିଲା । ଆର୍ଯ୍ୟମାନେ ଥିଲେ, ବଳଶାଳୀ ଓ ତେଜସ୍ୱୀ । ଭୂମିରେ ଅଧିବାସ ଓ ଅଧିକାରରେ ସେମାନେ ହେଲେ, ବିଜେତା । ହେଲେହେଁ, ଅସୁର ସଭ୍ୟତାକୁ ବୁଡ଼ାଇ ଅଭିଭୂତ କରିବା ଭଳି ଅବସ୍ଥାକୁ ଆର୍ଯ୍ୟମାନେ ଉଠି ନଥିଲେ । ରୁକ୍ଷ-ଇରାଣ (ପାରସ୍ୟ) ଭୂମିରେ ଏଇ ଆର୍ଯ୍ୟମାନେ ପୂର୍ବପୂରି ଅସୁର ଉପାସନାରେ ପ୍ରଭାବିତ ହେଲେ । ସେଇ ଉପାସନାର ଶ୍ରେଷ୍ଠତ୍ୱ ସ୍ୱୀକାର କରି ସେମାନେ ତାକୁଇ ନିଜର କରିଥିଲେ ।

ବରଂ କୁହାଯାଇପାରେ, ସେକାଳ ପାରସିକ ଆର୍ଯ୍ୟମାନେ ସେଠା ଅସୁର ସଭ୍ୟତାରେ ଏକ ପ୍ରକାର ଆତ୍ମଦାନ କରି,ନିଜ ଆଦିମସଭ୍ୟତାକୁ ସେଇ ରୂପରେ ଉତ୍ତରି, ତାକୁଇ ନିଜର ବୋଲି ପ୍ରକାଶ ଓ ପ୍ରଚାର କରିଥିଲେ । ସେକାଳ ଜୋରୋଆଷ୍ଟ୍ରୀୟ ବା ଜାରଥୁଷ୍ଟ୍ରୀୟ ଧର୍ମ ଓ ତାର ଦାସ୍ୟବାଦ, ଏବ ପାର୍ସିମାନଂକ ଧର୍ମରେ ସେ ସଂକେତ ସ୍ପଷ୍ଟ । ସେଇ ପାରସ୍ୟରେ ଅସୁର ହେଲେ, ସୃଷ୍ଟିର ଶ୍ରେଷ୍ଠଦେବ ତଥା ପାଳକ ଓ ପୋଷକ । ପ୍ରତିଷ୍ଠିତ ଆସୀରିଆ ବା ଅସୁର ସଭ୍ୟତାର ଉପାସ୍ୟ, 'ଅସୁର' ଓ ସୁମେର ତଥା ବାବିଲନ୍‌ର ମେରୋଡ଼ାର୍ ବା ମାର୍ଦୁକ୍ ଅଥବା ମରଦ୍—ଦୁହେଁ ମିଶି ହେଲେ, ଆର୍ଯ୍ୟପାରସିକଂକ ଅସୁର-ମରଦ, ଅହୁର-ମାଜ୍‌ଦା ବା ଅର୍‌ମଜ୍ । ଇଂଦ୍ରାଦିଦେବ ସେଠି ହେଲେ, ହିଂସ୍ରାତ୍ମକ ସୃଷ୍ଟି-ନାଶକ ଦୁରାତ୍ମା । ଜାଗତିକ ଭଲ-ମଂଦ ବା ସୁଖ-ଦୁଃଖାଦି ଦ୍ୱଂଦ୍ୱର ସମାଧାନ ପାଇଁ, ସେମାନେ ଗ୍ରହଣ କଲେ, ସେଇ ଅସୁରଂକୁ— ବାବିଲନ୍ ବା ଇହୁଦୀଂକ ଧର୍ମର ବାଳ-ସୁଲଭ ଯୁକ୍ତି ବା ଦର୍ଶନ-ହୀନ କଳ୍ପନାକୁ । ପରବର୍ତ୍ତୀ ବାଇବେଲ୍ ଓ କୋରାଣର ସଇତାନ୍, ତଥାକଥିତ ସର୍ବଶକ୍ତିମାନ, ସର୍ବଜ୍ଞ ଏକ ଈଶ୍ୱରଂଙ୍କ ସାଂଗେ ଲାଗିଥିବାପରି ସେକାଳେ ଆର୍ଯ୍ୟପାରସିକଂଙ୍କ ଧର୍ମରେ ଅର୍‌ମଜ୍‌ଙ୍କପାଖେ ପ୍ରକାଶ ପାଇଥିଲେ, ଏକ ସୃଷ୍ଟିନାଶକ ଦୁରାତ୍ମା 'ଅହ୍ରିମନ୍' 'ବା ଅଂଗ୍ରମୈନ୍ୟୁ' । ଏଇ ଗଂଡ଼ି ଭିତରେ ହୋମ ବା ସୋମ, ଯଜ୍ଞ, ମଂତ୍ର ପ୍ରଭୃତି ଅନୁଷ୍ଠାନ ଓ 'ଋତ' ବା 'ଅସ' ପରି ବ୍ୟାପକ କଳ୍ପନା ଓ ସେ ସବୁ ସଂଗେ ଦେବମାନଂକ ନାମମାନ ମଧ୍ୟ ବେଶ୍ ବ୍ୟବହାରରେ ଚଳିଲା । 'ଅଗ୍ନି' ବା 'ଅତର୍' ହେଲେ ସେଠି 'ଅର୍‌ମଜ୍'ଙ୍କ ପୁତ୍ର ।

## ଭାରତରେ—

ଅତିପ୍ରାଚୀନ କାଳରୁ ପାରସ୍ୟର ପଶ୍ଚିମ ବାଟେରୁ (ବାବିଲନ୍) ଓ ଅସୁର ( Assyria ) ସଂଗେ ସମୁଦ୍ରବାଟେ ତଥା ପାରସ୍ୟର ଦକ୍ଷିଣକୂଳ ବାଟେ ସେକାଳ ଅନାର୍ଯ୍ୟ ଭାରତର ଖୁବ୍ ଆଦାନ ପ୍ରଦାନ ଥିଲା ଓ ମନେହୁଏ ନିଜର ସମସ୍ତ ଦେବ ଦେବୀ ଓ ପରଂପରା ସହିତ ସେଇ ଭାରତୀୟମାନେ ସେଇ ମର୍ଦୁକ୍ ଓ ଅସୁର ସଭ୍ୟତା ପରି ଏକ ଅତି ପ୍ରତିଷ୍ଠିତ

ସଭ୍ୟତାର ଅଧିକାରୀ ଥିଲେ । ଭାରତର ସେହି ଜନଗୋଷ୍ଠୀମାନଙ୍କ—ବିଶେଷରେ ଖୁବ୍ ସମ୍ଭବ ଦ୍ରାବିଡ଼ମାନଙ୍କ ଭିତରେ ହୁଏତ ଅସୁର ଉପାସକ ଥିଲେ; କିମ୍ବା ସେଠାର ଅସୁର-ଉପାସକ ବା 'ଅସୁର'ଙ୍କ ପରି ସଭ୍ୟତା ଓ ଆଚାରବନ୍ତ କୌଣସି ଗୋଷ୍ଠୀ ବା ଜାତିଙ୍କୁ ଆର୍ଯ୍ୟମାନେ 'ଅସୁର' ବୋଲି କହୁଥିଲେ । ପାରସ୍ୟରେ 'ଅସୁର' ଓ ଅହୁର କ ମଜ୍‌ଦାଙ୍କ ଉପାସକଙ୍କ ପ୍ରତି କାଳକ୍ରମେ ବଢ଼ିଥିବା ଭାରତୀୟ ଆର୍ଯ୍ୟଙ୍କ ବିମନସ୍କତା ଓ ଦ୍ୱେଷଭାବ କ୍ରମେ ଏହି ଭାରତୀୟ ଅସୁରଙ୍କ ପ୍ରତି ପ୍ରଯୁକ୍ତ ହୋଇଥିଲା ।

## ଭାରତରେ ଅସୁର

ଏଠାରେ ବି ଆର୍ଯ୍ୟମାନେ ଏଠା ଅସୁର ଉପାସକଙ୍କ ପ୍ରତି ଆଦ୍ୟକାଳର ସମାଦର ଓ ବହୁମାନ ଛାଡ଼ି କ୍ରମେ ସେମାନଙ୍କର ଉପରେ ଆଧିପତ୍ୟ ଲୋଡ଼ିଥିଲେ ଓ ପାଇଥିଲେ । ସେହି ପାରସିକ ଆର୍ଯ୍ୟଙ୍କ ପରି ପୁଣି ଏମାନେ ବି ଅସୁର ସଭ୍ୟତା ଓ ଧର୍ମରେ ଘୋର ପ୍ରଭାବିତ ହୋଇଥିଲେ; କିନ୍ତୁ ଏବେ ଏ ସୁଖସେବ୍ୟ ଭାରତର ନଦୀମାତୃକ ଭୂମିରେ ପ୍ରତିଷ୍ଠିତ ଓ ଆଗନ୍ତୁକ ଦୁହିଁଙ୍କ ପାଇଁ କ୍ରମେ ସ୍ଥାନ ହୋଇ ଯାଇଥିଲା । ସେତିକି ନୁହେଁ; ପ୍ରକୃତିର ବିଭୂତି ଓ ସୃଷ୍ଟିକାରିଣୀ ଶକ୍ତି ତଥା ପୂର୍ବପୁରୁଷ ଓ ତାଙ୍କ ସ୍ମାରକ କୀର୍ତ୍ତିକୁ ବିଭିନ୍ନ ଦେବତା ଓ ସେହି ଦେବତାଙ୍କ ଭିତରେ ସୁକୃତି ଓ ଦୁରାତ୍ମା ତଥା ଉଚ୍ଚ ନୀଚ ବର୍ଗ କଳ୍ପନା କରି ତାଙ୍କ ସ୍ତୁତି ଓ ପୂଜା-କରିବା ଛାଡ଼ି ବହୁ ପୂର୍ବରୁ ଏଠା ଅସୁରଙ୍କ ଭିତରେ ମନୀଷୀମାନେ ଜ୍ଞାନର ଯୁକ୍ତିଲଗାଇ ବ୍ୟକ୍ତି ଓ ସମାଜର ନିତ୍ୟବାସ୍ତବ ସମ୍ବନ୍ଧର ଯଥାଯଥ କଳ୍ପନା-ମୂଳକ ଆତ୍ମଦର୍ଶନରେ ଉଚ୍ଚ ସ୍ତରକୁ ଉଠିଥିଲେ । ସମ୍ଭବତଃ କୈବଲ୍ୟ ଓ ନିର୍ବାଣ ସେଥି ଜୈନ ତଥା ବୌଦ୍ଧର ମୂଳ ଏଇଠାରେ । ସେତେବେଳେ ପ୍ରକୃତିର ବିଭୂତି ବା ଶକ୍ତିମାନଙ୍କୁ ଇନ୍ଦ୍ର ଅଗ୍ନି ମାତରିଶ୍ୱା ପ୍ରଭୃତି ନାମରେ ପୂଜା କରୁଥିବା ଓ ବେଳେ ବେଳେ ଅଭିଭୂତ ହୋଇ ସେହି ସବୁ ଶକ୍ତିକୁ ଅନିର୍ଦ୍ଦିଷ୍ଟ କୌଣସି ଏକ ମହାଶକ୍ତି ବା 'ବିଶ୍ୱଦେବ'ର ପ୍ରକାଶମାତ୍ର ବୋଲି ମନେ କରୁଥିବା ଆର୍ଯ୍ୟମୁଖ୍ୟମାନଙ୍କ ଉପରେ ଏହି ଆଦ୍ୟ ଦର୍ଶନର ଅଲଙ୍ଘ୍ୟ ପ୍ରଭାବ ପଡ଼ିଥିଲା । ଜୀବନ ଯାତ୍ରାର ସ୍ୱାଚ୍ଛନ୍ଦ୍ୟ ହେତୁରୁ ଏହି ଅନାର୍ଯ୍ୟ-ଦର୍ଶନ ଏ ଭୂମିରେ କ୍ରମେ ମାନବ ସମାଜର ବ୍ୟକ୍ତି-ସଂହତି-ସମ୍ବନ୍ଧର ସ୍ୱାଭାବିକ ଓ ତାତ୍ତ୍ୱିକ ବ୍ୟାଖ୍ୟାରେ ଏକ ଅନାଳମ୍ବ ବିଶ୍ୱସେବ୍ୟ ଅଧ୍ୟାତ୍ମ-ବିଦ୍ୟାର ପରମ୍ପରା ଫିଟାଇଥିଲା । ଏଣେ ମଧ୍ୟ ସମାଜର ପ୍ରାକୃତଧର୍ମରେ କାଳକ୍ରମେ ଏହି ଭୂମିର ପୁରାଣ ପରମ୍ପରା, ନିଜର ପ୍ରଭାବ, ପ୍ରକାର ଓ ପ୍ରକ୍ରିୟାରେ ବିଜେତାର ନାମ ଧରି ଆର୍ଯ୍ୟଧର୍ମରୂପେ ନାନାଭାବରେ ଆତ୍ମପ୍ରକାଶ କରିଥିଲା ।

## ଆର୍ଯ୍ୟଙ୍କ ପ୍ରତିଷ୍ଠାର ସାଧନ—ଭାଷା

ମାତ୍ର ଏ ସବୁ ଏଠାରେ ଆଉ ବେଶି କହିବା ଲୋଡ଼ା ନାଇ । ପ୍ରତିଷ୍ଠିତ ସଭ୍ୟତାର ଉପାସନା ଓ ଆଶୀର୍ବାଦରେ ଆତ୍ମଦାନ କରି ତାକୁ ସବୁ ନିଜର କରନ୍ତୁ, ଆବଶ୍ୟକ ମତେ ଗ୍ରହଣ କରନ୍ତୁ ବା ଦର୍ଶନରେ ପ୍ରଭାବିତ ହୁଅନ୍ତୁ, ଏ ସମସ୍ତ ବିଜୟ ପରାଜୟ ଭିତରେ ଆଗନ୍ତୁକ ଆର୍ଯ୍ୟମାନେ ଏକା ପ୍ରାୟ ସର୍ବସ୍ୱ ନିଜନାମରେ ସମାଜ ଓ ସଭ୍ୟତାକୁ ପରିଚିତ କରିବାରେ ସମର୍ଥ ହୋଇ ପ୍ରତିଷ୍ଠା ଲାଭ କରିଥିଲେ ଓ ଆଜିମଧ୍ୟ ଖ୍ରୀଷ୍ଟ ମୁସଲମାନ ଧର୍ମର ପ୍ଳାବନ ପ୍ରତିଷ୍ଠା ଭିତରେ ଆର୍ଯ୍ୟଙ୍କର ଏ ସ୍ୱଭାବ ଓ କୃତିତ୍ୱ ଦେଖିବାରେ ଅସୁବିଧା କିଛି ନାଇ । ଗ୍ରୀସ ରୋମ ତଥା ଇଂରେଜ, ଫରାସୀ, ଜର୍ମାନ୍ ପ୍ରଭୃତିର ସଭ୍ୟତା ବିନା ଇଉରୋପର ଖ୍ରୀଷ୍ଟ ସଭ୍ୟତା ଦର୍ଶନ-ହୀନ । ପାରସ୍ୟ ମଧ୍ୟ ନିଜ ସଭ୍ୟତାର ନାମ ଦେଲଣି ପହ୍ଲବୀ । ପୃଥିବୀର

ସଭ୍ୟତାରେ ଆର୍ଯ୍ୟଙ୍କର ଏ ପ୍ରଭାବ ଓ ପ୍ରତିଷ୍ଠା ଅନନ୍ୟ ସାଧାରଣ । ଟିକିଏ ଖୋଳି ଦେଖିଲେ, କୌଣସି ସଭ୍ୟତା ମୂଳତଃ ତାଙ୍କ ନିଜର ନୁହେଁ; ମାତ୍ର ସବୁସଭ୍ୟତା ପୁଣି ତାଙ୍କରି । ଏପ୍ରଭାବ ଓ ପ୍ରତିଷ୍ଠାର ସାଧନ ତେବେ କଣ ? ଏହାର ପ୍ରକୃଷ୍ଟ ସାଧନ ହେଉଛି, ଭାଷା । ପୃଥିବୀରେ ପ୍ରାଚୀନ ସଭ୍ୟତା ତ ବହୁତ ଥିଲା । ଆର୍ଯ୍ୟଙ୍କ ପୂର୍ବରୁ ଆର୍ଯ୍ୟଙ୍କ ସଭ୍ୟତାକୁ ବଳି ବଡ଼ ବଡ଼ ସଭ୍ୟତାମାନେ ବହୁତ ଥିଲା; କିନ୍ତୁ ଆର୍ଯ୍ୟଙ୍କ ଭାଷାରେ ବିଶାଳ ଓ ସୁଶୃଙ୍ଖଳ ପ୍ରକାଶପର ତଥା ସୂକ୍ଷ୍ମାତିସୂକ୍ଷ୍ମଭାବରେ ପ୍ରୟୋଗ-ପ୍ରବଣ ଓ ନମନୀୟ ଚିନ୍ତା ଓ ଭାବ-ପ୍ରକାଶର ସାଧନ ଆଉ କାହାରି ନ ଥିଲା ।

## ଚାଇଲ୍ଡଙ୍କ ମତ

ପ୍ରାଚୀନ୍ ପ୍ରାଚ୍ୟ-ତତ୍ତ୍ୱବିତ୍ ଚାଇଲଡ୍ ସାହେବ ( Gordon Childe ) ଯଥାର୍ଥ କହିଛନ୍ତି— "ମୂଳ ଓ ତହିଁରୁ ଜାତ ଆର୍ଯ୍ୟଭାଷା ମାନଙ୍କ ପରି ଚିନ୍ତା ବ୍ୟକ୍ତ କରିବାରେ ସୂକ୍ଷ୍ମ-ଭେଦ-ପ୍ରକାଶକ ଓ ନମନୀୟ ଭାଷା ଆଉ ନାହିଁ । ଅର୍ଥ-ବାଚକ ଧାତୁର କ୍ରିୟା ଓ ତହିଁ ସଙ୍ଗେ ଯୁକ୍ତ ଶୃଙ୍ଖଳାକୁ ସୁନ୍ଦର ପ୍ରକାଶ କରିବାରେ ବାକ୍ୟାଂଶ ଗଢ଼ିବାର ସାଧନ ଏ ଭାଷାରେ ଅଦ୍ୱିତୀୟ । ତେଣୁ ଜଣାଯାଏ, ଭୌତିକ ବିଭବରେ ଉନ୍ନତ ନ ଥିଲେ ହିଁ ଆର୍ଯ୍ୟମାନେ ପ୍ରକୃତିଦତ୍ତ ଅଦ୍ୱିତୀୟ ମାନସିକବିଭବର ଅଧିକାରୀ ଥିଲେ । ଏହା କେବଳ ଖାଲି ଅନୁମାନ ନୁହେଁ । ପ୍ରାଚୀନ ବାବିଲନୀୟ ଓ ମିଶରୀୟମାନେ ଭୌତିକ ବିଭବରେ ଅତି ଉନ୍ନତ ଓ ଜ୍ୟୋତିଷ ତତ୍ତ୍ୱମାନ ପର୍ଯ୍ୟବେକ୍ଷଣରେ ସ୍ଥିର କରିବାଭଳି ପ୍ରୟୋଗ-ଶିଳ୍ପରେ ଅତି ସୁଦକ୍ଷ ହୋଇଥିଲେ ମଧ୍ୟ, ଆର୍ଯ୍ୟ ଗ୍ରୀକ୍ ଓ ହିନ୍ଦୁମାନେ ପ୍ରଥମେ ପ୍ରକୃତିତତ୍ତ୍ୱର ସୂକ୍ଷ୍ମ ବିଚାର ଓ ଦର୍ଶନରେ ଯେ ଅଗ୍ରସର ହୋଇଥିଲେ, ଏହା କେବଳ ପ୍ରକୃତିର ଆକସ୍ମିକ ଓ ଅହେତୁକ କ୍ରିୟା ନୁହେଁ । ଧର୍ମରେ ନୈତିକତା ଫୁଟାଇବାରେ ଆର୍ଯ୍ୟମାନେ ମଧ୍ୟ ସେହିପରି ପ୍ରସିଦ୍ଧି ଲାଭ କରିଥିଲେ । ବୌଦ୍ଧ ଓ ଜୋରୋଅଷ୍ଟ୍ରୀୟ ଧର୍ମପରି ଜନ୍ମ ଓ ସଂସ୍କାର ଭେଦରେ ମାନବମାତ୍ରଙ୍କୁ ସମାନ ଭାବରେ ଆପଣାର କରିବା ଭଳି ଧର୍ମମାନ ଅତିପୂର୍ବକାଳରେ ଆର୍ଯ୍ୟମାନଙ୍କ ଦ୍ୱାରା ଉଦ୍ଭାବିତ ଓ ଆର୍ଯ୍ୟ ଭାଷାରେ ପ୍ରଚାରିତ ହୋଇଥିଲା ।" ( ୧ )

## ସେ ମତର ମୂଲ୍ୟ

ତତ୍ତ୍ୱବିତ ପଣ୍ଡିତଙ୍କୁ ପ୍ରମାଣ ବୋଲି ଧରି ଏତେ ଗୁଡ଼ାଏ ଉଦ୍ଧାର କରି କହିବା ମୋର ଅଭ୍ୟାସ ବିରୁଦ୍ଧ । ତଥାପି ଆପଣମାନଙ୍କୁ ମୋ ଭଳି ଲୋକର କଥାରେ ଏ ଉକ୍ତିଟି ଟିକିଏ ଅତି ସାଧାରଣ, ବା ହେଲେ, ଅସମ୍ବନ୍ଧ ଲାଗିଁତା । ଅନେକେ ଭାବିଲା ପରି ଏହା ଅତି ସାଧାରଣ ନୁହେଁ; କିମ୍ବା ଅସମ୍ବନ୍ଧ କରି ଉଡ଼ାଇ ଦେବାର ବି ବସ୍ତୁ ନୁହେଁ । ଏଇଥିରେ ସ୍ଥଳରେ ଏକା 'ଆପ୍ତବାକ୍ୟ' ଲୋଡ଼ା ।

## ବୌଦ୍ଧର ମୂଳ ପ୍ରକାଶ, ଆର୍ଯ୍ୟଭାଷାରେ ନୁହେଁ

ଅବଶ୍ୟ କେବଳ ଏଠି କହି ପାରନ୍ତି, ଚାଇଲ୍ଡ୍ ସାହେବ ଅଂଶତଃ ବୌଦ୍ଧ ଧର୍ମର ଉଦ୍ଭାବନ ସମ୍ବନ୍ଧରେ ଯାହା କହିଛନ୍ତି ତା ଟିକିଏ ପୂରା ଠିକ୍ ନୁହେଁ । ଏଠା ଅସୁର ବା ଅନାର୍ଯ୍ୟ ସଭ୍ୟତାରେ ଫୁଟିଥିବା ବୌଦ୍ଧଧର୍ମ, ଖୁବ୍ ସମ୍ଭବ ମୂଳତଃ, ଆର୍ଯ୍ୟ ଭାଷାରେ ଉଦ୍ଭାବିତ ଓ ପ୍ରଚାରିତ ହୋଇ ନ ଥିଲା । ଶାକ୍ୟମୁନି ବୁଦ୍ଧଙ୍କଠାରୁ ବୌଦ୍ଧ ଧର୍ମ ଆରମ୍ଭ ହୋଇ ନ ଥିଲା । ଏହା ବହୁ ପ୍ରାଚୀନ ଓ ଆଦିମ 'ଜିଣ'ମାନଙ୍କ ଧର୍ମ ବା ଜୈନ ଧର୍ମର ଏକ ବିକାଶ । ଶାକ୍ୟମୁନି ବୁଦ୍ଧ ଏହାର ଶେଷ ସଂସ୍କାରକ ଓ ପ୍ରଚାରକ

ମାତ୍ର । ଶାକ୍ୟମୁନିଙ୍କ ବହୁ ପୂର୍ବରୁ ବୌଦ୍ଧ-ଜ୍ଞାନ ଓ ବୌଦ୍ଧ ସାଧନାର ନିର୍ବାଣତତ୍ତ୍ୱ ବୈଦିକ ସାହିତ୍ୟ ଉପରେ ମଧ୍ୟ ପ୍ରଭାବ ପକାଇ ଥିବାର ପ୍ରମାଣ ମିଳେ । ଋଗ୍‌ବେଦର 'ନାସଦୀୟ ସୂକ୍ତ' ( ଋଗ୍‌ବେଦ ୧୦. ୧୨୯ ) ଆପଣମାନଙ୍କୁ ବେଶ୍ ଜଣାଥିବ । ସେଥିରେ ପ୍ରକାଶ ପାଇଛି, ଋଷି ଶୂନ୍ୟରୁ ସୃଷ୍ଟି ତତ୍ତ୍ୱ ବୁଝି ନ ପାରି ବ୍ୟାକୁଳ ହେଉଛନ୍ତି । ପରବର୍ତ୍ତୀ ବୈଦିକ ସାହିତ୍ୟରେ ବାରମ୍ବାର ଏଇ ଭାବ ପ୍ରକାଶ ପାଇଛି । ଶାକ୍ୟମୁନି ପରେ ଏଇ ଶୂନ୍ୟ-ତତ୍ତ୍ୱ ଉପରେ ନିଜର ବୌଦ୍ଧ ସାଧନା ପ୍ରତିଷ୍ଠିତ ଓ ପ୍ରଚାର କରିଥିଲେ ।

## ତାହାର ସଂକେତ—ବୌଦ୍ଧ ମନ୍ତ୍ର ଓ ବେଦମନ୍ତ୍ର

ତଥାପି ବୁଝିବାର ଅଛି, ଏଇ ଆଦିମ ଶୂନ୍ୟ-ବାଦ-ଦର୍ଶନ ଓ ସାଧନାର ସୂତ୍ର ଓ ପ୍ରଣାଳୀମାନ ପରେ ଆର୍ଯ୍ୟ ଭାଷାରେ ଓ ବହୁ ପରିମାଣରେ ପାତଞ୍ଜଳ ଯୋଗସୂତ୍ର ତଥା ତନ୍ତ୍ର ପ୍ରଭୃତିରେ ସ୍ପଷ୍ଟତଃ ଆର୍ଯ୍ୟ ଭାବରେ ପ୍ରକାଶ ପାଇଛି । ମୂଳତଃ ଏହା କି ଭାଷା-ବନ୍ଧରେ କେତେ ଲୋକଙ୍କ ଭିତରେ କିପରି ପ୍ରକାଶ ପାଇଥିଲା, ତା ଜାଣି ହେଉନାହିଁ । ତଥାପି ଗୋଟିଏ ସଂକେତ ଏଠି କହିଦିଏ । ବୌଦ୍ଧ ସାଧନାର ସାକ୍ଷାତ୍ ସୂତ୍ରଧରି ଏ ଦେଶରେ ଯେଉଁ ବୌଦ୍ଧତନ୍ତ୍ର ଓ ତତ୍ପ୍ରସୂତ ହିନ୍ଦୁତନ୍ତ୍ରମାନ ନାନା ରୂପରେ ପ୍ରକାଶ ପାଇଛି, ସେ ସବୁର ଭାଷାଗତ ଶରୀର ହେଉଛି, ହ୍ରୂଂ, କ୍ଲୀଂ, ଶ୍ରୀଂ ଭଳି କେତେ ଗୁଡ଼ିଏ ବୀଜମନ୍ତ୍ରର ସଂକେତ ମାତ୍ର । ସେ ସବୁର ଯଥାର୍ଥରେ ଭାଷାରେ ପ୍ରକାଶ ଯୋଗ୍ୟ କୌଣସି ଅର୍ଥ ନାହିଁ— ଖୋଜିଲେ ବି ମିଳୁନାହିଁ । ଶରୀର ସାଧନାର ପଦ୍ଧତିରେ ଏଇପରି ସଂକେତରେ ଅକ୍ଷର ବିନ୍ୟାସ କଥା ମୁଦ୍ରାବିଧି କଥା ବି ଆପଣମାନେ ଜାଣିଥିବେ । ଆପଣମାନଙ୍କ ମଧ୍ୟରୁ କେହି କେହି ହୁଏତ ପୂଜାର 'ଉପଚାର'ରେ ନିତି ଏଇ ଅକ୍ଷର ବିନ୍ୟାସ ଓ ମୁଦ୍ରାବିଧିର ଶୁଷ୍କ, ନୀରସ, ନିରର୍ଥକ ଆବୃତ୍ତି 'ସ୍ୱାଧ୍ୟାୟ' ପରି କରୁଥିବେ । ବେଦରେ ବି ମନ୍ତ୍ର ଅଛି । ସେ ମନ୍ତ୍ରମାନଙ୍କରେ ଉଚ୍ଚାରଣ ସମ୍ବନ୍ଧ ଅକ୍ଷର ବିନ୍ୟାସ ବି ଅଛି । ପରବର୍ତ୍ତୀ କାଳରେ ପୁଣି ବୈଦିକ କ୍ରିୟା କାଣ୍ଡ ତଥା ବିଦ୍ୟାର ପରମ୍ପରା ସୁଗମ କରିବା ପାଇଁ ଅତି ସଂକ୍ଷିପ୍ତ ସୂଚନାତ୍ମକ ସୂତ୍ରମାନ ପ୍ରକାଶ ପାଇଥିଲା । ହୁଏତ ବେଶ୍ ଅନୁମାନ କରାଯାଇପାରେ, ସ୍ୱାଧ୍ୟାୟ ତଥା କ୍ରିୟା କାଣ୍ଡରେ ପ୍ରଯୁକ୍ତ ବେଦ-ମନ୍ତ୍ରର ନିର୍ଦ୍ଦିଷ୍ଟ ଅକ୍ଷର ବିନ୍ୟାସ ଓ ସ୍ୱର-ନିୟମ, ଏ ଦେଶର ଆଦିମ ପରମ୍ପରାରେ ଫୁଟିଥିବା ଜୈନ-ଯୋଗମନ୍ତ୍ରର ପ୍ରଭାବରେ ପଡ଼ି କ୍ରମେ ସୂତ୍ର ସାହିତ୍ୟର ସଂକ୍ଷିପ୍ତ ସୂଚୀ ଆଡ଼କୁ ଗତି କରିଥିଲା । ହେଲେହେଁ, ସୂତ୍ର ସାହିତ୍ୟରେ ପ୍ରକାଶ ପାଇଥିବା ସୂଚୀର ପ୍ରକୃତି ଭିନ୍ନ । ସେ ସବୁ ସୂଚୀରେ ଅବୋଧ ବୋଲି କିଛି ନାହିଁ ।

## ମନ୍ତ୍ରର ପରମ୍ପରା

ପୁଣି କେହି ଯୁକ୍ତି କରିପାରନ୍ତି, ଶୂନ୍ୟସାଧନାର ହ୍ରୀଂ, ଶ୍ରୀଂ, କ୍ଲୀଂ ପ୍ରଭୃତି ମନ୍ତ୍ର ଓ ଶରୀରାଂଶ-ପଦ୍ମମାନଙ୍କରେ ଅଂ କଂ ପ୍ରଭୃତି ଅକ୍ଷର ବିନ୍ୟାସ ଅନାର୍ଯ୍ୟ ସୃଷ୍ଟି ନୁହେଁ । କାରଣ, ଏସବୁ ବର୍ଣ୍ଣ, ଆର୍ଯ୍ୟ ଭାଷାରୁ ଗୃହୀତ—କେବଳ ଭାଷାରୁ ନୁହେଁ, ଲିପିରୁ ମଧ୍ୟ ଗୃହୀତ ବୋଲି ମନେ ହୁଏ । ଏହା ସତ୍ୟ । ଆର୍ଯ୍ୟଭାଷାର ପ୍ରଭାବରୁ ଏ ସବୁ ବର୍ଣ୍ଣର ସଂକେତ ଫୁଟିଛି, ମାତ୍ର ପରମ୍ପରାଗତ ସଂକେତର ଅବୋଧତା ଏ ସବୁରେ ସ୍ପଷ୍ଟ । ପୁଣି ଆଦିମ ଆର୍ଯ୍ୟ ଭାରତୀୟ ପ୍ରଭାବରେ ଫୁଟିଥିବା ବେଦମନ୍ତ୍ର ଓ କ୍ରିୟାକାଣ୍ଡର ବର୍ଣ୍ଣ ଓ ଶବ୍ଦନିର୍ଦ୍ଦେଶ ଅଥବା ସୂତ୍ରର ସୂଚୀ-ସଂକେତ ପରି ଏ ସବୁରେ କିଛି ସ୍ୱର-ବିଜ୍ଞାନ ବା ସାର୍ଥକତା ନାହିଁ । ପଣ୍ଡିତମାନେ ପୁଣି ପ୍ରମାଣ କରୁଛନ୍ତି, ପରେ

ଆର୍ଯ୍ୟପ୍ରଭାବ ଫଳରେ କେବଳମନ୍ତ୍ର ପରି ଆର୍ଯ୍ୟଭାଷାରେ ବୌଦ୍ଧ ଉପଦେଶମାନ ପ୍ରଚାର ପାଇବା ପରେ ମଧ୍ୟ, ବୌଦ୍ଧସିଦ୍ଧିମାନେ ନିଜର ପରମ୍ପରା ଧରି ଶିଷ୍ୟ ସାଧକମାନଙ୍କୁ ସେହି ଉପଦେଶମାନ କ୍ରିୟାସଙ୍କେତ-ସ୍ୱରୂପ ସହଜରେ ମନେ ରଖାଇବାପାଇଁ, ସେହି ଉପଦେଶମାନଙ୍କର ଆଦ୍ୟ ପ୍ରାନ୍ତ ବର୍ଣ୍ଣ ବା ସେହିଭଳି କିଛି ଧରି ଅର୍ଥହୀନ ଶବ୍ଦମାଳାରେ 'ଧାରଣୀ'ମାନ ତିଆରି କରିଥିଲେ । ଏଥିରୁ ଅର୍ଥହୀନ ବର୍ଣ୍ଣ ବା ଶବ୍ଦ ସଙ୍କେତରେ ସାଧନା ପ୍ରଚାର କରିବାର ପରମ୍ପରା ସ୍ପଷ୍ଟ ହେଉଛି । ଶାକ୍ୟମୁନି ବୁଦ୍ଧ ପ୍ରଥମେ ଆର୍ଯ୍ୟଭାଷା 'ପାଲି' ରେ ଧର୍ମ ସାଧନାର ପନ୍ଥା ପ୍ରଚାର କରିଥିଲେ ବୋଲି ମନେହୁଏ । ସଙ୍ଗେ ସଙ୍ଗେ ପରମ୍ପରା-ଧାରା ଧରି ଏଥିରୁ ଧାରଣୀମାନ ବାହାରି ଥିଲା । ଏହିଭଳି କେତେକ 'ଧାରଣୀ' ଗ୍ରନ୍ଥ ଖ୍ରୀଷ୍ଟ ପ୍ରଥମ ଶତକରେ ଚୀନ ଭାଷାରେ ଅନୁବାଦିତ ହୋଇଥିଲା । ଧାରଣୀ ସମ୍ବନ୍ଧରେ ସେତିକି ମାତ୍ର ଗ୍ରନ୍ଥ ମିଳଛି । ମନେ ହୁଏ ଏହି ଧାରଣୀ ସୂତ୍ରରେ ପୁଣି ନୂତନ ଆକାରରେ ଆର୍ଯ୍ୟଭାଷାର ବର୍ଣ୍ଣ-ସଙ୍କେତ ଧରି ଶୂନ୍ୟସାଧନାର ପାରମ୍ପରିକ ମନ୍ତ୍ର ଓ ସେଥିସଙ୍ଗେ ଶରୀରସାଧନାର ଅକ୍ଷର-ବିନ୍ୟାସ ପ୍ରକାଶ ପାଇଥିଲା । ଏବେ ମଧ୍ୟ ଓଡ଼ିଶାର ଶୂନ୍ୟସାଧନାରେ ଶିଷ୍ୟ ବାଛି, ଗୁରୁ ଏହି ମନ୍ତ୍ରଦୀକ୍ଷାମାତ୍ରରେ ସାଧନା ଶିଖାନ୍ତି । ସେହି ସାଧନାରେ ପୁଣି ଶରୀରର ପଦ୍ମମାନଙ୍କରେ ବର୍ଣ୍ଣବିନ୍ୟାସ କାମରେ ଲାଗେ । ଏହାହିଁ ହେଉଛି, ଶୂନ୍ୟ-ସାଧନା ବା ଶରୀର-ସାଧନାର ଯୋଗ । ଏହାହିଁ ହେଉଛି, ଆଦିମ ଜୈନଯୋଗର କୈବଲ୍ୟ ଓ ନିର୍ବାଣ ସାଧନାର ଗୋଟିଏ ପାରମ୍ପରିକ ପ୍ରକାଶ । 'ଜିନବର' ଶାକ୍ୟମୁନି-ବୁଦ୍ଧଙ୍କ ନାମରେ ଯେଉଁ ଶରୀର-ସାଧନା ଫୁଟିଥିଲା, ତହିଁରେ ଏହା ଖୁବ୍ ଦେଖାଯାଏ । ଖ୍ରୀଷ୍ଟ ଷୋଡ଼ଶ ଶତକର ଜଗନ୍ନାଥ ଦାସଙ୍କ 'ତୁଳାଭିଣା', ବଳରାମଦାସଙ୍କ 'ବ୍ରହ୍ମାଣ୍ଡ ଭୂଗୋଳ', ଅଚ୍ୟୁତ ଦାସଙ୍କ 'ଶୂନ୍ୟସଂହିତା', ଯଶୋବନ୍ତ ଦାସଙ୍କ 'ପ୍ରେମ-ଭକ୍ତି-ବ୍ରହ୍ମ ଗୀତା' ପ୍ରଭୃତି ସାଧନବ୍ୟାଖ୍ୟାର ଗ୍ରନ୍ଥମାନ, ଏହି ସଙ୍କେତମାନଙ୍କ ବ୍ୟବହାରରେ ପୂର୍ଣ୍ଣ । ସେ ସବୁ ବ୍ୟାଖ୍ୟାରେ ଏହି ସଙ୍କେତ ସବୁ ଅର୍ଥକରି ବୁଝିବା ଅସାଧକ ପକ୍ଷରେ ଅସାଧ୍ୟ । ଏହି ବୌଦ୍ଧତନ୍ତ୍ରରୁ 'ଓଡ୍‌ଡ଼ିଯାନ' ବା ଓଡ଼ିଶାର ସାଧନା-ମାର୍ଗ ସୂତ୍ରରେ ପରେ ବଙ୍ଗଳାରେ ଯେଉଁ ବିଭିନ୍ନ ବଜ୍ରଯାନ ଓ ସହଜଯାନ ତଥା ଉତ୍ତର ଓ ପୂର୍ବଭାରତର ହିନ୍ଦୁତନ୍ତ୍ର ବିକାଶ ପାଇଥିଲା, ସେ ସବୁଥିରେ ମଧ୍ୟ ଏହି ଅର୍ଥହୀନ ମନ୍ତ୍ର ଓ ବର୍ଣ୍ଣ-ସଙ୍କେତର ପୂର୍ଣ୍ଣ ଅନୁକୃତି ଓ ବ୍ୟବହାର ସ୍ପଷ୍ଟ ।

## 'ନିଗମ' ଓ 'ଆଗମ'

ମାତ୍ର ଏହି ତନ୍ତ୍ର-ଯୋଗରୁ ପ୍ରକାଶ ପାଇଥିବା ଆର୍ଯ୍ୟ-ସାହିତ୍ୟର ପାତଞ୍ଜଳ ଯୋଗରେ ଏପରି ନିରର୍ଥକ ସଙ୍କେତ ନାହିଁ, ଏହା ମଧ୍ୟ ଦେଖିବାର ଅଛି । ପୁଣି ଭାରତର ଏ ଆଦିମ ପରମ୍ପରା ସଙ୍ଗେ ବୈଦିକ 'ବ୍ରାହ୍ମଣ' ଭାଗର ବିରାଟ କ୍ରିୟାକାଣ୍ଡ ଏବଂ ସାମଗାନ ଓ ସେ ସବୁରେ ବେଦ ମନ୍ତ୍ରର ପ୍ରୟୋଗ ପ୍ରଭୃତି ତୁଳନା କରି ଦେଖିଲେ ସ୍ପଷ୍ଟ ଦେଖାଯିବ, ଶୂନ୍ୟସାଧନାର ମନ୍ତ୍ର ପରମ୍ପରା କଦାପି ବୈଦିକ ପରମ୍ପରା ନୁହେଁ କିମ୍ବା ବୈଦିକ ପରମ୍ପରାରୁ ତା ବାହାରି ନାହିଁ । ପୁଣି ବେଦକୁ କହନ୍ତି, 'ନିଗମ' । 'ନିଗମ' ବୋଇଲେ, ଯାହା ସୁଖ-ଗମ୍ୟ ବା ବିଶେଷରେ ସୁବୋଧ । ତନ୍ତ୍ରକୁ କହନ୍ତି, 'ଆଗମ', ଅର୍ଥାତ୍, ଯାହା ବାହାରୁ ଆସିଛି । ଏ ସବୁରୁ ବେଶ୍ ଅନୁମାନ କରି ହେବ ଯେ, ଆଦିମ ଜୈନ ସାଧନା ବା ଶୂନ୍ୟସାଧନାର ତନ୍ତ୍ର, ତଥା ତହିଁରୁ ବାହାରିଥିବା ହିନ୍ଦୁ ତନ୍ତ୍ର, ବେଦ-ବିଦ୍ୟା ପରି ଭାଷାରେ ପ୍ରକାଶ ପାଉ ନ ଥିଲା; ତେଣୁ ଏହି ଆଗମ ପରମ୍ପରା ହେଉଛି, ବେଦବହିର୍ଭୂତ ସାଧନା । ହୁଏତ ଆର୍ଯ୍ୟ ଭାଷା ଧରି ପରେ ପ୍ରକାଶ ପାଇ

ନ ଥିଲେ, ଏହା ଲୋପ ପାଇଥାʼନ୍ତା — ଏ ସାଧନାର ପରିପୋଷକ ଓ ପରିପୂରକରୂପେ ବୌଦ୍ଧର ସୂତ୍ର, ବିନୟ ଓ ଅଭିଧର୍ମ ତଥା ଆର୍ଯ୍ୟ ସାହିତ୍ୟର ଦର୍ଶନ ଓ ଯୋଗବ୍ୟାଖ୍ୟା ପ୍ରକାଶ ପାଇ ନ ଥିଲେ, ଏହାର ବିକାଶ ହୋଇ ନ ଥାʼନ୍ତା; ତନ୍ତ୍ର ଓ ସାଧନାର ସୂକ୍ଷ୍ମାତି ଏପରି ପୁସ୍ତକ ପ୍ରକାଶର ବାଟ ପାଇନଥାʼନ୍ତା । ଏପରିକି ଏଇ ଓଡ଼ିଶା ପରି ବିଶୁଦ୍ଧ ଜୈନ-ସାଧନାର ଶେଷାଶ୍ରୟଭୂମିରେ ଚୂଳାମଣି, ବ୍ରହ୍ମାଣ୍ଡ-ଭୂଗୋଳ, ଶୂନ୍ୟସଂହିତା ପରି କେତେ ଖଣ୍ଡ ଗ୍ରନ୍ଥରେ ଏଇ ସାଧନାର ପ୍ରାଣପୀଡ଼ା ଓ ଆତ୍ମରକ୍ଷାର ପ୍ରଚେଷ୍ଟା ପ୍ରକାଶ ପାଇ ନ ଥିଲେ, ଆଜ ସେ ବିରାଟ ଓ ପ୍ରାଚୀନ ପରମ୍ପରା ସମ୍ବନ୍ଧରେ କିଏ କଣ ବା ଜାଣନ୍ତା ? ହୁଏତ ଖାଲି ବଙ୍ଗଦେଶର ତଥାକଥିତ ଚଉରାଅଶୀ ସିଦ୍ଧଙ୍କ ଘୋର କ୍ରିୟା ଓ ଅଦ୍ଭୁତ ବିଭୂତି ଓ ତଦନୁକରଣରେ ଓଡ଼ିଶାର ଚଉଷଠୀ ସିଦ୍ଧଙ୍କ ତଦ୍‌ବିଧ ଆଚରଣର କଥା ଶୁଣି ଶୁଣି, ଅଭିଭୂତ ହୋଇ, ଲୋକେ ରହସ୍ୟମୟ ଗୁରୁ-ମନ୍ତ୍ର ଓ ଅନାସ୍ୱାଦ ଲାଭର ପ୍ରତୀକ୍ଷାରେ 'କାଳିଆବୋଦା' ପରି 'ପୀଠ-ସ୍ଥାନ' ମାନଙ୍କରେ ରଥ ଟାଣିବାରେ ଲାଗି ଥାʼନ୍ତେ ଓ ସେଥିରେଇ ଯୋଗୀର ଯୋଗସିଦ୍ଧି ଠାରୁ ଭକ୍ତର ଭୋଗ ସିଦ୍ଧି ପର୍ଯ୍ୟନ୍ତ ସବୁ ପାଇ କୃତାର୍ଥ ହେଉ ଥାʼନ୍ତେ । ତା ଯେ ଏବେ ନ ହେଉଛି, ତା ନୁହେଁ । ଯଥାର୍ଥ ସାଧନାଟି ହୁଏତ କାର୍ଯ୍ୟରେ ଲୋପ ପାଇଛି; କିନ୍ତୁ ଏଠି କହିବାର ଅଭିପ୍ରାୟ, ଭାଷାରେ, ବିଶେଷତଃ ଆର୍ଯ୍ୟ ଭାଷାରେ ପ୍ରକାଶିତ ହୋଇଥିବାରୁ ସାଧନାଟିର ବିଦ୍ୟା-ପରମ୍ପରା ବରାବର ଲୋପ ପାଇ ନାହିଁ ।

## ସବୁ 'ଆଗମ' ଏକା ପରି ନୁହେଁ

ଅବଶ୍ୟ ଖାଲି ତନ୍ତ୍ର ବା ଆଦିମ ଜୈନ ଯୋଗ-ପ୍ରସୂତ-ନିର୍ବାଣ-ସାଧନା ଅଥବା ଶୂନ୍ୟ-ସାଧନା ଯେ ଆଗମିକ, ସେତିକି ନୁହେଁ । ଆମର ସମସ୍ତ ପୌରାଣିକ ଆସ୍ଥାର ଓ ସେଇ ଆସ୍ଥାର-ପ୍ରସୂତ ଧର୍ମ ସଙ୍ଗେ ଆମର ଅନେକ ପର୍ବ ପୁଣ୍ୟ ପ୍ରକୃତି ଆଗମିକ । ପୁଣି ମଂଶୁଣ୍ଡା, ଗୁଣି, ଗାରେଡ଼ି ଓ ଆଭିଚାରିକ କ୍ରିୟାଦି ମଧ୍ୟ ଆଗମିକ । ଆଉରି ମଧ୍ୟ ଖାଲି ପୁରାଣରେ କାହିଁକି, ବେଦରେ ବି ଆଗମିକ କ୍ରିୟା ପଶିଯାଇ ଥିବାର ସନ୍ଦେହ ହେଉଛି । ବେଦର ବ୍ରାହ୍ମଣଭାଗରେ ବହୁ ପୌରାଣିକ ଉପାଖ୍ୟାନର ମୂଳ ଖୋଜାଯାଇ ପାରେ । ତା ଛଡ଼ା ସେଥିରେ 'ଶାବରୀ ବିଦ୍ୟା'ର ମନ୍ତ୍ର-ପ୍ରୟୋଗଠାରୁ ଆଭିଚାରିକ କ୍ରିୟାଦିର ପ୍ରଭାବ ପର୍ଯ୍ୟନ୍ତ କେଳେ କେଳେ ସ୍ପଷ୍ଟ । ଅଥର୍ବ ବେଦରେ ଏ ସବୁର ପ୍ରବେଶ, ଆହୁରି ଅ-ପ୍ରଚ୍ଛନ୍ନ; ମାତ୍ର ବେଦରୁ ଆଗମ ବା ଆଗମିକ ପ୍ରଭାବ ଖୋଜିବା ଆମର ଏଠି କର୍ମ ନୁହେଁ । ଅନେକ ଗୁଣି, ଗାରେଡ଼ି ଓ ଅଭିଚାର କ୍ରିୟା, ପରବର୍ତ୍ତୀ କାଳରେ ତନ୍ତ୍ରରେ ପଶି ଯାଇଛି ଓ ଶୂନ୍ୟ-ସାଧନାର ଯୋଗକୁ ବିକୃତ କରିଛି । ଶାସ୍ତ୍ରୀୟ ହଠ-ଯୋଗ ପୁଣି ହେଉଛି, ସେଇ ପ୍ରଭାବର ଫଳ । ସେଇ ଲକ୍ଷ୍ୟରେ ଚଉରାଅଶୀ ସିଦ୍ଧାଦିଙ୍କ କଥା ସଙ୍କେତରେ କୁହାଯାଇଛି । ଏସବୁ ଭିତରେ ଆର୍ଯ୍ୟ ଭାଷାର ପୁସ୍ତକ-ବ୍ୟବହାର-ହୀନ ପରମ୍ପରା ଖୁବ୍ ଖୋଜା ଯାଇପାରେ ।

## ଶାକ୍ତ ଓ ଶୈବଧର୍ମ

ଶାକ୍ତ ଧର୍ମଟି ମୋଟାମୋଟି ଦୁଇ ଭାଗ । ଗୋଟିଏ ତନ୍ତ୍ର । ସେ କଥା ପୂର୍ବରୁ ଦିଆଯାଇଛି । ଅନ୍ୟଟି ଶୈବଧର୍ମ । ଏହା ମଧ୍ୟ ଆଗମିକ; କିନ୍ତୁ ବହୁକାଳରୁ ଶିବ ହୋଇଛନ୍ତି ବୈଦିକ 'ଶିଶ୍ନ-ଦେବ' । ଅନାର୍ଯ୍ୟମାନଙ୍କ ଦେବରୂପୀ 'ଲିଙ୍ଗ', ଏଇ ଶିବଙ୍କ ସଙ୍ଗେ ମିଶି ଏକ ହୋଇଯାଇଛନ୍ତି ଓ ଶୈବ ଧର୍ମଟି ବେଦାନ୍ତ-ଦର୍ଶନ ପୀଠରେ ବହୁକାଳରୁ ଆର୍ଯ୍ୟଭାଷାରେ ବରାବର ଆତ୍ମପ୍ରକାଶ କରି ଆସିଛି । 'ତନ୍ତ୍ର'ଟି ରହସ୍ୟମୟ ଓ ତମସାଚ୍ଛନ୍ନ ସାଧନାରେ ଲୋପ ପାଇଛି,

କହିଲେ ଚଳେ । ଜାଣିବା ପାଇଁ, "କୈଳାସଶିଖରେ ରମ୍ୟେ ଭୈରବ-ମୁଦ୍ରଙ୍କ ଶଂକରଃ," ସତ; କିନ୍ତୁ ଉତ୍ତରରେ ଶଂକର କହୁଚନ୍ତି, "ଗୋପନୀୟଂ ଗୋପନୀୟଂ ସ୍ୱଯୋନିରିବ ପାର୍ବତି ।" ଭାଷାରେ ଯେତେ ପ୍ରକାଶ କଲେ ମଧ୍ୟ, ଅସଲ ଗୋପ୍ୟ ବସ୍ତୁଟି କାହାରିକାର ନୁହେ, ତା ବାହାର ନାଇ । ଯଥାର୍ଥ ତଂତ୍ରସାଧନାଟି ଭାଷାରେ ପ୍ରକାଶ ହୋଇନାଇ । ସାଂକେତିକ ପାଷା ଓ ସାଧନା ନିବନ୍ଧ ସମସ୍ତ ବୌଦ୍ଧ ତଂତ୍ରଟି ଏଥିରେ ପଶି ମଧ୍ୟ ଏକାକାର ହୋଇଯାଇଚ । କିନ୍ତୁ ଏହା ଶାକ୍ତଧର୍ମର ଅନ୍ୟ ଭାଗଟି ହେଉଚ, ଶୈବ ଧର୍ମ । ଦାର୍ଶନିକ ଭିତ୍ତିରେ ତଥା ଅନ୍ୟଥା ଆର୍ଯ ଭାଷାର ଅବଲଂବନ ପାଇ ଏହା କପରି ପ୍ରକାଶ ପାଇଚ, ତା ତୁଳନାରେ ବେଶ୍ ଦେଖି ହେବ; ମାତ୍ର ସମସ୍ତ ଦାର୍ଶନିକ ବ୍ୟାଖ୍ୟା ସତ୍ତ୍ୱେ ଶୈବଧର୍ମଟି ଗୋଟିଏ ଭକ୍ତି ଧର୍ମ ।

## ଭକ୍ତିଧର୍ମ—ବୈଷ୍ଣବ ଧର୍ମ

ତାତ୍ତ୍ୱିକ ତଥା ଐତିହାସିକ ଦୃଷ୍ଟିରେ ଦେଖିଲେ, ଭକ୍ତି ଧର୍ମଟି ପୃଥିବୀରେ ପ୍ରାକୃତ ମାନବର ଏକମାତ୍ର ଧର୍ମ କହିଲେ, ହୁଏ । ଅତି ଆଦିମ କାଳରୁ ଦେବ ଦେବୀଙ୍କ ଆବିର୍ଭାବ ଓ ତଦ୍ଧାରେ ମନୁଷ୍ୟର ଭାଗ୍ୟ, ଭବିଷ୍ୟତ, ଭୋଗ, କର୍ତ୍ତବ୍ୟାଦିର ପ୍ରକାଶ ଓ ପ୍ରଚାର ମାନବ ସମାଜରେ ଚାଲି ଆସିଚି । ସେହି ପରଂପରାରେ ଅତି ପ୍ରାକୃତିକ ଓ ପରଂପରାରେ ଗତାନୁଗତିକମାନଙ୍କ ଭିତରେ 'କାଳେସୀ' ଲାଗଂତି, ପୁଣି 'ଗୁରୁଦେବ' ଔଷଧ ଦିଅଂତି ଓ ଭାଗ୍ୟ ଭବିଷ୍ୟତ କହଂତି । ଆଦିମ ସୁସଭ୍ୟ ସୁମେର, ଇଜିପ୍ତ, ଗ୍ରୀସ୍ ପ୍ରଭୃତିରେ ଏଇ ଅତିପ୍ରାକୃତ ଅନୁଷ୍ଠାନଟି ବଡ଼ ପ୍ରସିଦ୍ଧ ଓ ପ୍ରତିଷ୍ଠିତ ଥିଲା । ତାକୁ 'ଅରେକ୍ଲ' (Oracle) ବା ଦୈବାଦେଶ ବୋଲି କହୁଥିଲେ । ସେଇ ସଂପର୍କରେ ମାନବର ଭକ୍ତିଧର୍ମ ଫୁଟିଚି ଓ ପୃଥିବୀରେ ସେଇ ଧର୍ମ ଆଜ ବ୍ୟାପି ରହିଚ । ଏଇ ଭକ୍ତି ଧର୍ମରେ ମାନବ ଗୋଟିଏ ବିଶ୍ୱସମ୍ରାଟ କଳ୍ପନା କରି, ତାଂକଠି ଆପଣାକୁ ଦାସପରି ସମର୍ପଣ କରେ, ତାଂକର ଆଦେଶମାନ ଶୁଣେ, ନିଜ ମଂଗଳ ଓ ମାଫି ପାଇଁ ତାଂକୁ ସ୍ତୁତି କରେ ଓ ତାଂକର ପ୍ରିୟ ବୋଲି ନିଜକୁ ମଣି ନାନା ଆଂଗ ଓ ବର୍ଣ୍ଣରେ ସମାଜରେ ଶାଂତି ଓ ସମତା ନାମରେ ହୁଏତ ମମତା ଓ ଭେଦ ପ୍ରଚାର କରେ । ଏହାଇ ହେଲା ଭକ୍ତିଧର୍ମ । ମହାପୁରୁଷମାନେ ଈଶ୍ୱରଂକଠାରୁ ସାକ୍ଷାତ୍ ନିର୍ଦ୍ଦେଶ ପାଇଲା ପରି ବା ନିଜେ ଈଶ୍ୱର ହୋଇ କହିଲା ପରି ଏହା ପ୍ରଚାର କରିଯାଇଚଂତି । ଅହୁର୍‌ମେଜ୍‌ଦା, ଜାରଥୁଷ୍ଟ୍ର, କ୍ରୁଷ୍ଟ, ଜିହୋବା, ମୁଷା (Moses), ଈଶା (Jesus), ମହମ୍ମଦ ତାଂକ ସଂଘ ଓ ଶିଷ୍ୟମାନେ ଏଇ ଧର୍ମର ପ୍ରତୀକ ଓ ପ୍ରଚାରକ ଓ ପ୍ରତିପାଦକ । ଭାରତ ସାହିତ୍ୟରେ ଏହା ହେଉଚ, 'ନାରାୟଣୀୟ' 'ବାସୁଦେବ-କୃଷ୍ଣଂ'କ ଧର୍ମ ବା ବୈଷ୍ଣବ ଧର୍ମ । ଏହା ମଧ୍ୟ ଆଗମିକ—ବୈଦିକ ବା ନୈଗମିକ ନୁହେ । ତଥାପି ଏହାର ତାତ୍ତ୍ୱିକ ବିଷୟ ଓ ବ୍ୟାଖ୍ୟା ଯାହେଉ, ଆର୍ଯଂକ ଭାଷାରେ ଏହାର ପ୍ରକାଶ ଓ ପ୍ରଚାର ଚିରକାଳ ହୋଇ ଆସିଚ । ଯେତେଦୂର ଜଣାଯାଏ, ଏଇ ଭବରେ ଏହାର ପ୍ରଚାର ଆରଂଭ କରିଥିଲେ, ପ୍ରାଚୀନ ଇରାଣୀୟ ଆର୍ଯ 'ମୀଡ଼ସ୍'-ଜାତୀୟ 'ଜାରାଥୁଷ୍ଟ୍ର' । ପୃଥିବୀରେ ଆଜି ସମସ୍ତେ ସେଇଠାରୁ ଏ ଧର୍ମରେ ସଂଘ ନେଇଚଂତି ବୋଲି କହିଲେ ହୁଏ । ଏଣୁ ଭାରତରେ ଆଗମିକ ହେଲେହେଁ, ପ୍ରକାଶ ଓ ପ୍ରଚାରର ଭାଷା ହିସାବରେ ତା ଅନାର୍ଯ ନୁହେ । ଆମେ ଏଠି ଆର୍ଯ ଭାଷାର ମହତ୍ତ୍ୱ ଓ ବିଶିଷ୍ଟତାର କଥା ବିଚାର କରୁଚୁ ମାତ୍ର ।

## ସୁମେର ପ୍ରଭୃତି ପଶ୍ଚିମ ଭୂମିରେ ଦେଖ

ପ୍ରାଚୀନ ସୁମେର, ବାବିଲନ୍, ଇଜିପ୍ତ ପ୍ରଭୃତିର ସାହିତ୍ୟ ଆର୍ଯ ଭାଷାରେ ଫୁଟି ନ ଥିଲା । ହେଲେହେଁ,

ଏସବୁ ବିଶାଳ ସଭ୍ୟତାରେ ଭାବ ଓ ଚିଂତା ଯେ ପ୍ରକାଶ ପାଇ ନଥିଲା, ତା ନୁହେ । ଜ୍ୟୋତିଷିକ ପର୍ଯବେକ୍ଷଣଠାରୁ ବିଶାଳ କାର୍ଯକର ଯୋଜନାରେ କୃତ୍ରିମ ଜଳ-ସେଚନ-ବ୍ୟବସ୍ଥା ଯେଉଁଠାରେ ବିରାଟ ସାମରିକ ଓ ଶାସନତାଂତ୍ରିକ ଶୃଂଖଳାରେ ସାମ୍ରାଜ୍ୟମାନ ଫୁଟିଥିଲା, ସେଠା ଭୌତିକ ସଭ୍ୟତା କିଛି ଅନୁମାନର କଳ୍ପନା ନୁହେ । ସୁନ୍ଦର ଖୋଦନ ଶିଳ୍ପ ଓ ଲକ୍ଷ ସଂଖ୍ୟାରେ ସେକାଳ ଲେଖମାନ ଏହାର ସାକ୍ଷୀ । ଭାରତରେ ବା ସେ କାଳର କୌଣସି ଆର୍ଯ ଭୂମିରେ ତା ସେପରି ହୋଇ ନାଇ । ମାତ୍ର ଏସବୁ ସତ୍ତ୍ୱେ, ମାନବର ଚିଂତା ଓ ଭାବକୁ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ପ୍ରକାଶ କରିବା ଭଳି ଆତ୍ମିକ ଦର୍ଶନର ପରଂପରା ସେ ସବୁ ସଭ୍ୟତାର ମୂଳ ଧରି ଭାଷାରେ ବିକାଶ ଲଭି ନାଇ । ଇହୁଦୀ ଓ ଆରବ ଭାଷାରେ ମୂଳରୁ ପ୍ରକାଶ ପାଇଥିବା ଧର୍ମମାନ ଆଜି ପୃଥିବୀରେ ବ୍ୟାପ୍ତ ହୋଇଛି । ମାତ୍ର ସେସବୁରେ ଆମ ଆଗମିକ 'ନାରାୟଣୀୟ' ଧର୍ମ ବା ଭକ୍ତି-ଧର୍ମର ଅତି ଅସଂସ୍କୃତ ପ୍ରାକୃତ ମାନବର ଦର୍ଶନହୀନ ବିଶ୍ୱସମ୍ରାଟ୍ ଈଶ୍ୱର, ତଥା ତାଂକ ଆଦେଶ; ପୁଣି ସେଇ ଆଦର୍ଶର କେତେକ କୃତ୍ରିମ ଓ ସମୟୋପଯୋଗୀ କଳ୍ପନା ଛଡ଼ା ଆଉ କଅଣ ଅଛି ? ସାଧନା ଓ ସଂସ୍କାର ଭେତରେ ମାନବକୁ ତଥା ଜଗତକୁ ଆପଣାର କରିବାଭଳି ବିଶ୍ୱସେବା ଓ ସାର୍ବଜନୀନତା ସେ ସବୁରେ ନାଇ । ଆମେ ଆମ ସମ୍ରାଟଂକ ଦାସତ୍ୱର ଅନୁଗ୍ରହ ଲଭ କରି, ତାଂକର ବିଜୟ-ଅଭିଯାନରେ ସମସ୍ତଂକୁ ତାଂକରି ସାମ୍ରାଜ୍ୟରେ ଦାସ କରିଦେବାର ଆକାଂକ୍ଷା ଓ ପ୍ରଚେଷ୍ଟାରେ ବେଶି କିଛି ଭାଷା ପ୍ରକାଶର ଆଲୋଚନା କରିବାର ନାଇ । ହେଲେହେଁ, ପୁଣି ସେ ସବୁ ସେପରି ଭାବରେ ମୂଳତଃ ଇହୁଦୀ ଓ ଆରବୀଂକର ନିଜର ନୁହେ । ସେ ସବୁର ମୂଳ ହେଉଛି, ଆର୍ଯଭାଷା-ଭାଷୀ ପାରସିକ ଜାରଥୁଷ୍ଟ୍ର ଓ ତାଂକ ଆହୁର୍-ମେଜଦା । ପୁଣି ଏଇ ଇହୁଦୀ ଓ ଆରବୀ ଭକ୍ତି ଧର୍ମ ସହିତ, ଭାରତୀୟ ଆର୍ଯଭାଷାରେ ପାଳିତ ଓ ପୁଷ୍ଟ, ତୁଏତ ସେଇ ଆହୁରମେଜ୍‌ଦାଂକ ସଂକେତରେ ଉଦ୍‌ଭୂତ, ଆମ ବୈଷ୍ଣବ ଧର୍ମର ବାସୁଦେବ-କୃଷ୍ଣ ତଥା ତାଂକ ଅବତାର-ମାନଂକ ସ୍ଥୂଳ ପ୍ରକାଶକୁ ପୁରାଣ ପ୍ରବଚନଠାରୁ ମହାଭାରତୀୟ ନାରାୟଣୀୟ ଧର୍ମ ଓ ଶ୍ରୀମଦ୍-ଭଗବତ୍-ଗୀତାର ବିଶ୍ୱଦର୍ଶନ ପର୍ଯଂତ ସବୁଠି ତୁଳନା କରି ଦେଖିଲେ, ଭାଷାମାଧ୍ୟମର ତଥ୍ୟଟି ଆହୁରି ସୁବୋଧ ହେବ । ସେ ଯା ହେଉ, ଏସବୁ ବିବାଦମୂଳକ ସୂକ୍ତିରେ ବିଶେଷ ପଶିବା ଦରକାର ନାଇ । ଆର୍ଯ ଭାଷାର କଥା କୁହାଯାଉ ଥିଲା । ମାନବଚିଂତାକୁ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ପ୍ରକାଶ କରିବାରେ ଅତି ଆଦିମ କାଳରେ ମଧ୍ୟ ଏଇ ଆର୍ଯମାନଂକର ଭାଷା ଅତ୍ୟଂତ ଉପଯୋଗୀ ଥିବାର ଏଠାରେ ସୂଚାଇ ଦେବାର କଥା । ପୁଣି ଏହାଇ ତତ୍‌ବିଦମାନଂକ ମତ ।

## ବେଦର ଭାଷା

ଏଇ ଭାଷା ଯେଉଁ ଆର୍ଯମାନେ ଏ ଦେଶରେ ଦେଖା ଦେଇଥିଲେ । ଆଜି ଜଣା ପଡ଼ିଛି, ଇଂରେଜି ସମେତ ସମସ୍ତ ଇଉରୋପ ତଥା ପାରସ୍ୟାଦି ଦେଶର ଭାଷା ଏଇ ମୂଳ ଆର୍ଯ ଭାଷାର ବିଭିନ୍ନ ପ୍ରକାଶ ହେଲେହେଁ ଏହାର ଆଦିମ ଶୃଂଖଳିତ ଓ ସାହିତ୍ୟିକ ପ୍ରକାଶ ହୋଇଛି ବେଦରେ । ପୁଣି ଏଇ ବେଦର ଭାଷାଇ ଆମ ସଂସ୍କୃତର ତଥା ଓଡ଼ିଆ, ବଂଗଳା, ହିଂଦି, ମରହଟି, ଗୁଜରାଟି ପ୍ରଭୃତି ଭାଷାର ମୂଳ । ଏଥିରେଇ ବିରାଟ ଭାରତ ସଭ୍ୟତା ତଥା ଭାରତ ସଂସ୍କୃତି ଓ ସାହିତ୍ୟ ପ୍ରକାଶ ପାଇଛି । ଏ ଆମର କମ୍ ପୈତୃକ ଧନ ନୁହେ । ଆପଣମାନେ ଆଜି ଏ ଧନର ସାକ୍ଷାତ୍ ଓ ମୁଖ୍ୟ ଦାୟାଦ ।

## ସଂସ୍କୃତ, ମୃତଭାଷା ?

ଶୁଣିଥିବ, କହନ୍ତି ସଂସ୍କୃତ ଗୋଟିଏ ମୃତ ଭାଷା । ଏହା ଗୋଟିଏ ଇଂରେଜ ଅଭ୍ୟସ୍ତ କଥାରୁ ଆସିଛି । ହେଲେହେଁ ଏ କଥାଟି ବଡ଼ ସାଧାରଣ । ଅନେକେ ପୁଣି ଏଇ ତୁଳାଦଣ୍ଡରେ ହୁଏତ ଆପଣମାନଙ୍କ ବିଦ୍ୟାକୁ ଓଜନ କରୁଥିବେ । ଆପଣମାନେ ହୁଏତ ଅଳ୍ପାଧିକ ସେଥିରେ ପ୍ରଭାବିତ ନ ହୋଇଥିବେ, ନୁହେ । ଇଂରେଜ ପ୍ରଭୃତି ଇଉରୋପୀୟ ଚଳିତ ଭାଷାରେ ଗ୍ରୀକ୍ ପ୍ରଭୃତି ପ୍ରାଚୀନ ସାହିତ୍ୟର ଭାଷାକୁ 'ମୃତଭାଷା' ବୋଲି କହନ୍ତି । ମୃତଭାଷା ବୋଇଲେ, ଯାହା ଚଳିତ ଭାଷା ନୁହେ; ପୁଣି ସେଇ ଭାଷାରେ ଲିଖିତ ପ୍ରାଚୀନ ସାହିତ୍ୟ ଆଲୋଚନା କରିବା ପାଇଁ ଭାଷାକୁ ବ୍ୟାକରଣ ଓ ଶବ୍ଦକୋଷ ଧରି ଶିଖିବାକୁ ହୁଏ । ସଂସ୍କୃତ ଭାଷା ସଂବନ୍ଧରେ ଏ ଲକ୍ଷଣଗୁଡ଼ିକ କେତେକ ପ୍ରଯୁଜ୍ୟ ହୋଇ-ପାରେ । କିନ୍ତୁ ଗ୍ରୀକ୍ ପ୍ରଭୃତି ପରି ସଂସ୍କୃତ ବହୁକାଳରୁ ଅପ୍ରଚଳିତ ହୋଇ ମରି ପ୍ରେତତ୍ୱ ପାଇନାଇ, କିମ୍ବା ସଂସ୍କୃତ ବ୍ୟାକରଣର ବିକାଶ ଓ ଉପଯୋଗିତା ଗ୍ରୀକ୍ ବ୍ୟାକରଣର ଉପଯୋଗିତା ସଙ୍ଗେ ତୁଳନାରେ ସମାନ ନୁହେ । ସଂସ୍କୃତ ଏବେ ବି ଏକ ପ୍ରକାର ପ୍ରଚଳିତ ଭାଷା । ସେତିକି ନୁହେ, ଏହା ଏବେ ବି ଭାରତର ଜାତୀୟ ଭାଷା, କହିଲେ ହୁଏ ।

## ସଂସ୍କୃତ ବ୍ୟାକରଣ

ସଂସ୍କୃତ ବ୍ୟାକରଣ ହେଉଛି, ମାନବ ମନୀଷୀର ଅଦ୍ଭୁତ କୃତି । ପୃଥିବୀର ଭାଷା-ବିଜ୍ଞାନ-ପଣ୍ଡିତ-ମାନଙ୍କର ଏହା ଏବେ ବି ବନ୍ଦନୀୟ ଓ ଶିକ୍ଷଣୀୟ । ସାଧାରଣ ବ୍ୟାକରଣ ବୋଇଲେ ଆମେ ଯାହା ବୁଝୁ, ଏ ତା ନୁହେ । ଏହା ପୁଣି ହେଉଛି, ଭାଷାର ସ୍ୱର-ବିଜ୍ଞାନ ଶାସ୍ତ୍ର । ସେ ହିସାବରେ ଏବେ ବି ପୃଥିବୀରେ ଏହାର ତୁଳନା ନାଇ । ଇଉରୋପରେ ମଧ୍ୟ ଏବେ ଯେଉଁମାନେ ଭାଷାର ସ୍ୱର-ବିଜ୍ଞାନ-ଶାସ୍ତ୍ର ଆଲୋଚନା କରିଛନ୍ତି ବା କରନ୍ତି, ସେ ସମସ୍ତଙ୍କର ଗୁରୁ ହେଉଛନ୍ତି, 'ପାଣିନି' । ପୁଣି ପାଣିନିଙ୍କ ବହୁପୂର୍ବରୁ ବୈଦିକ ବୈୟାକରଣ 'ଯାସ୍କ' ଓ ପ୍ରାତିଶାଖ୍ୟ-କାର ମାନେ ଏ ବିଦ୍ୟା ଓ ବିଜ୍ଞାନର ଚର୍ଚ୍ଚା ଆରମ୍ଭ କରିଥିଲେ । ହେଲେହେଁ, ଏଇମାନଙ୍କଠାରୁ କିଛି ଏହା ଆରମ୍ଭ ହୋଇ ନ ଥିଲା । ନିଜେ 'ଯାସ୍କ' ତତ୍‌ପୂର୍ବରୁ ଥିବା କୋଡ଼ିଏ ଜଣ ବୈୟାକରଣଙ୍କ ନାମ ଉଲ୍ଲେଖ କରିଛନ୍ତି ଓ 'ପାଣିନି' ମଧ୍ୟ ସେମାନଙ୍କ ଭିତରୁ 'ସାକଲ୍ୟ', 'ଶାକଟାୟନ' ପ୍ରଭୃତିଙ୍କୁ ପ୍ରାମାଣ୍ୟ ବୋଲି ଗ୍ରହଣ କରି ଥିବା କଥା ଆପଣମାନଙ୍କୁ ଅଜଣା ନୁହେ । ଏଇମାନଙ୍କ ସଂବନ୍ଧରେ ମାକ୍ସ୍ ମୁଲର୍ ( Max Muller ) କହିଛନ୍ତି, "ଖ୍ରୀଷ୍ଟପୂର୍ବ ପଞ୍ଚମ ଶତକର ଭାରତୀୟ ସ୍ୱରତତ୍ତ୍ୱବେତ୍ତାମାନେ ଭାଷାର ଗଠନ-ଉପାଦାନ ଗୁଡିକୁ ଯେପରି ବିଶ୍ଳେଷଣ କରି ଦେଖି ଦେଖାଇ ଥିଲେ, ତାଠୁ ଅଧିକ କେହି କରିବାର ଏବେ ବି ପୃଥିବୀରେ ଦେଖାନାଇ । ହେଲ୍‌ମ୍‌ହୋଜ ( Helmholz ) ଓ ଏଲିସ୍ ( Ellis ) ପ୍ରଭୃତିଙ୍କ-ପରି ଭାଷାଗତ ସ୍ୱର-ବିଜ୍ଞାନ ବିଦ୍‌ମାନେ ମଧ୍ୟ ମୋର ଏ କଥାକୁ ଅସ୍ୱୀକାର କରିବେ ନାଇ ।" (୨) ବେନ୍‌ଫେ ( Benfey ) କହନ୍ତି "ସେ ସବୁ କୃତିରେ ପ୍ରକାଶ ପାଇଛି ଗୋଟିଏ ମାତ୍ର ଭାଷାର ବୈଜ୍ଞାନିକ ଚର୍ଚ୍ଚା । ଏହା ନିଖୁଣ । ଯେଉଁମାନେ ଖୁବ୍ ମନଦେଇ ଏହାର ଆଲୋଚନା କରିଛନ୍ତି, ସେମାନେ ଏକାବେଳକେ ଏଥିରେ ବିସ୍ମୟାଭିଭୂତ ହୋଇଯାନ୍ତି । ଏହା ଏବେ ବି ପୃଥିବୀରେ ଅଦ୍ୱିତୀୟ । ଖାଲି ଅଦ୍ୱିତୀୟ ନୁହେ, ଆଜି କେହି ଏହା ପାଖ ଆଖରେ ମଧ୍ୟ ପହଞ୍ଚି ପାରି ନାହାନ୍ତି ।" (୩) ଗ୍ରୀକ୍ ବ୍ୟାକରଣର ଏହା ସଙ୍ଗେ ତୁଳନା କାଇ ? 'କାଏଗି' ( Kaegi ) ଙ୍କ ମତରେ "ଗମ୍ଭୀରତା ଓ ନିର୍ଭୁଲତାରେ ଏଇ ଭାରତୀୟ ବୈୟା-କରଣଙ୍କ ଆଲୋଚନା ସଙ୍ଗେ ଗ୍ରୀକ୍ ବୈୟାକରଣଙ୍କ

ଆଲୋଚନାର କୌଣସି ତୁଳନା ହୋଇ ନ ପାରେ ।"

(୪) ସଂସ୍କୃତ ବ୍ୟାକରଣର ଏଇ ଗମ୍ଭୀରତା ଓ ନିତ୍ୟତାଇ ତାହାର ପ୍ରାଣ । ଏ ଭାଷା ସଂଗେ ବ୍ୟାକରଣର ସଂବଂଧ ଅଚ୍ଛେଦ୍ୟ । 'ସଂସ୍କୃତ' ଶବ୍ଦଟିର ବ୍ୟୁତ୍ପତ୍ତିମୂଳକ ଅର୍ଥ ହେଉଛି, 'ସାଧୁକୃତ' ବା ମାର୍ଜିତ । ଉଚ୍ଚାରଣ, ବ୍ୟୁତ୍ପତ୍ତି ଓ ପ୍ରୟୋଗାଦିରେ ସର୍ବଦା ଜାଗ୍ରତ ଓ ସାବଧାନ ରହି ଭାଷାକୁ ସାଧୁ ଓ ଶୁଦ୍ଧ ରଖିବା ହେଉଛି, ଏ ଦେଶର ପରଂପରା । ସେ ପରଂପରା ଏବେ ବି ଜୀବଂତ । ଆପଣମାନଂକୁ ଏ କଥାଟି ହୁଏତ ନୂଆ ନ ଲାଗି ପାରେ । ଅନେକେ ଏହା ଅନୁଭବରେ ଜାଣିଥିବେ । ସଂସ୍କୃତ ନ ଜାଣି ମଧ୍ୟ ଅନେକେ ବରାବର ଶୁଦ୍ଧ କରି ବେଦମଂତ୍ର ପର୍ଯ୍ୟଂତ ଆବୃତ୍ତି କରଂତି । ମୋର ମନେଅଛି, ମୁଁ ପିଲାଦିନେ, ସଂସ୍କୃତ କଥା ଦୂରେ ଥାଉ ଓଡ଼ିଆ ପର୍ଯ୍ୟଂତ ଭଲ କରି ନ ଜାଣି ଥିଲା ବେଳେ ମୋର ଜଣେ ବୟସ୍କ ଜ୍ଞାତି ଭାଇଂକଠାରୁ ସଂଧ୍ୟା ବଂଦନା ଓ ପୂଜାପାଠ ପ୍ରଭୃତି ଶିଖି ଥିଲି । ସେ ମୋତେ ମୁହଁରୁ ଶିଖାଇ ଥିଲେ । ସେ ପୁଣି ଆଦୌ ସଂସ୍କୃତ ଜାଣି ନ ଥିଲେ; କିଂତୁ ପରେ ଉତ୍ତର ବୟସରେ ମୁଁ ଯେତେବେଳେ ସେ ସବୁ ବୁଝିବାକୁ ଲୋଡ଼ିଲି, ଦେଖିଲି ତା ଭିତରେ ଥିବା ବୈଦିକ ମଂତ୍ର ଗୁଡ଼ିକ ପର୍ଯ୍ୟଂତ ମଧ୍ୟ ଅତି ପରିଶୁଦ୍ଧ ଭାବରେ ସେ ମୋତେ ଶିଖାଇ ଥିଲେ ଓ ମୁଁ ତା ସେଇପରି କଂଠସ୍ଥ କରିଥିଲି । ଆଦି ଋଗ୍‌ବେଦ କାଳରୁ ମଧ୍ୟ ଆମର ଏଇ ପରଂପରା । ସଂସ୍କୃତ ବ୍ୟାକରଣ ଏଇ ପରଂପରାରୁ ପ୍ରସୂତ । ସେଥିପାଇଁ ସଂସ୍କୃତ ଅମର ଦେବଭାଷା । ଏହା ଆମର ଶ୍ରେଷ୍ଠ ପୈତୃକ ଧନ । ବଚନ ଅଛି :—

"ପିତରୋ ବାକ୍ୟମିଚ୍ଛଂତି
ଭାବ ମିଚ୍ଛଂତି ଦେବତାଃ ।"

ଏହାର ତାତ୍ପର୍ଯ୍ୟ ହେଉଛି, ପିତୃପିତାମହେ ଲୋଡ଼ଂତି, ଶୁଦ୍ଧ ବାକ୍ୟ, ଦେବତାଂକର ଶ୍ରେଷ୍ଠ ନୈବେଦ୍ୟ ହେଉଛି, ସେଇ ଶୁଦ୍ଧ ବାକ୍ୟରେ ପ୍ରକାଶିତ ଭାବ । ପରଂପରା ପିତୃଂକର କାମ୍ୟ । ସେଇ ପରଂପରାରେ ଭାବବିକାଶ ଓ ତାହାଁ ସଂଗେ ସଭ୍ୟତାର ଅଭିବୃଦ୍ଧି ସମାଜର ଜୀବନ-ଧର୍ମ । ପରିଶୁଦ୍ଧ ଭାଷାରେ ଭାବର ପ୍ରକାଶ ନ ହେଲେ ପିତୃଲୋକେ ତୃପ୍ତ ହୁଅଂତି ନାହିଁ କି ଭାବର ବିକାଶ ଅନବଚ୍ଛିନ୍ନ ରହେ ନାହିଁ । ଅଶୁଦ୍ଧ ଭାଷା ଦୁର୍ବୋଧ ହୁଏ । ସେଥିରେ ଶିକ୍ଷା ତଥା ସଭ୍ୟତାର କ୍ରମିକ ଅଗ୍ରଗତି ପଛେଇ ଯାଏ । ଭାଷା ସଂଗେ ଆମ ବ୍ୟାକରଣ ସଂପର୍କ ଏଇଠାରେ । ଇଜିପ୍ଟରେ ଆଜି ପିରାମିଡ୍ ଖୋଳ ହୋଇ ବାହାରୁଛି ଓ ସେଥିରୁ ସେକାଳ ପାଠ ପଢ଼ା ହେଉଛି । ଆସିରିଆ ବା ପ୍ରାଚୀନ ଅସୁର ଦେଶରୁ ସେଇପରି ଲକ୍ଷ ସଂଖ୍ୟାରେ କଂଥ ଓ ପୋଡ଼ା ଇଟା ପଟାରେ ଲେଖା ହୋଇଥିବା ଲେଖାମାନ ଭୂମିତଳୁ ବାହାରୁଛି । କିଂତୁ ଭାବ ପରଂପରାର ବିକାଶ ଆଜି ସେଥିରେ ନାହିଁ; କିଂତୁ ସେକାଳ ଲେଖକ-ପଂଡିତମାନେ କି ପବିତ୍ର ସଂତର୍ପଣରେ ସେକାଳେ ହଜାର ହଜାର ବର୍ଷ ଧରି ଭାବର ବିକାଶ ପରଂପରା ରଖିବାରେ ଲାଗି ଥିଲେ, ତା ଆଜି ପଂଡିତମାନେ ଦେଖି ବିସ୍ମିତ ହେଉଛଂତି । ସେ ବିକାଶ ପରଂପରା ଆଜି ସେଠି ନାହିଁ । ଏବ ଗ୍ରୀସ୍‌ରେ ମଧ୍ୟ ଏବେ ସକ୍ରେଟିସ ପ୍ଲେଟୋଂକୁ କବରରୁ କାଢ଼ି ନୂଆ କରି ଦେଖୁଛଂତି । ଭାରତରେ ତା ହୋଇନାହିଁ । ତାର ଏକ ପ୍ରଧାନ କାରଣ, ସଂସ୍କୃତ ବ୍ୟାକରଣ, ତଥା ଶୁଦ୍ଧ ସୁବୋଧ ଭାଷାର ପରଂପରା । ଏଇ ଓଡ଼ିଆରେ ଦେଖ, ଭାଷାର ସ୍ୱର ପରିଣାମ ଶୈଳୀରେ 'କୃତ'ରୁ 'କରା', 'ଅଂଜଳି'ରୁ 'ଆଂଜୁଳା', 'ପୃଷ୍ଠ'ରୁ 'ପୁଡ଼ା' ହେବାରେ ହୁଏତ ବିଶେଷ ଅସୁବିଧା ନାହିଁ । ମାତ୍ର 'କୃତାଂଜଳି-ପୃଷ୍ଠରେ ନିବେଦନ କଲେ' ନ କହି, କେହି ଯଦି କହଂତି କରାଂଜଳପୁଡ଼ାରେ ନିବେଦନ କଲେ, ତେବେ ଭାବ ପରଂପରାର କ୍ରମିକ ବିକାଶରେ କି ଦୁର୍ଗତି ଘଟିବ, ତା ବୁଝାଇବା ଦରକାର ନାହିଁ । ସଂସ୍କୃତ

ବୈୟାକରଣମାନେ ଏହା ବୁଝି, ସେଥିପାଇଁ ବ୍ୟବସ୍ଥା କରିବାରେ ଏକପ୍ରକାର ବିଶେଷଜ୍ଞ ଥିଲେ । ସଂସ୍କୃତ ବ୍ୟାକରଣର ଉପଯୋଗିତା ଏଇଠାରେ । ଭାରତ-ସଭ୍ୟତାର ପରଂପରାର କ୍ରମିକ ଗତି ବୁଝିବାରେ ମଧ୍ୟ ଏହା କାମରେ ଲାଗିବ; ତେଣୁ ପ୍ରାଚୀନ ଗ୍ରୀକ୍ ପ୍ରଭୃତି ସଂଗେ ସମାନ କରି ସଂସ୍କୃତକୁ ମୃତଭାଷା କହିବା ଠିକ୍ ନୁହେଁ ।

## ସଂସ୍କୃତ, ଚଳନ୍ତି ଭାଷା ?

କେତେକ ପଂଡିତ କହଂତି, 'ସଂସ୍କୃତ' କେବେ ଚଳନ୍ତି ଭାଷା ନ ଥିଲା । ଅତି ପ୍ରାଚୀନ କାଳରେ ଭାରତର ଆର୍ଯ୍ୟ ମନୀଷୀମାନେ, ଚଳନ୍ତି ପ୍ରାକୃତମାନ ଅନୁସଂଧାନ ଓ ଆଲୋଚନା କରି, ସଂସ୍କୃତ ବୋଲି ବ୍ୟାକରଣ-ନିବଦ୍ଧ ଭାଷାଟିଏ ତିଆରିକରି ଚଳାଇ ଥିଲେ; ତେଣୁ ମୂଳରୁ କୃତ୍ରିମ ଓ ବ୍ୟାକରଣ ଧରି ଶାସ୍ତ୍ର ପୁରାଣ ଲେଖିବା ପଢ଼ିବା ଓ ବୁଝି ବୁଝାଇବା ଛଡ଼ା, ଏହାର ଅନ୍ୟ ବ୍ୟବହାର ଓ ଉପଯୋଗିତା ନ ଥିଲା । ବେଦର ଭାଷା ତ ଲୋକଭାଷା ନୁହେ । ତା ଗୀତର ଭାଷା । ସବୁ ଗୀତର ଭାଷା ଚଳନ୍ତି ଲୋକଭାଷାରୁ ସ୍ୱତଂତ୍ର । ଏବେ ଓଡ଼ିଆ କବିତାରେ ମଧ୍ୟ ସେକଥା ବେଶ୍ ଦେଖାଯାଇପାରେ । 'କାହା'ରେ କହିବ', 'ମୋରେ', 'ତୋରେ,' 'ଯେସନ', 'ଯେତେକ', 'ସେହ୍ନା', 'ପୁରୁଣା,' 'ଖାଇବାର ପୂର୍ବ' ପ୍ରଭୃତି ପ୍ରୟୋଗ ବିନା ଅନୁସଂଧାନରେ ମଧ୍ୟ ଯେ କୌଣସି ଲୋକର ଆଖିରେ ପଡ଼ିବ । ବେଦରେ ମଧ୍ୟ 'ସ୍ୱାହା', 'ସ୍ୱଧା', 'ବଷଟ୍' ପରି ଶବ୍ଦମାନଂକର ମୂଳ ଓ ବ୍ୟୁତ୍ପତ୍ତି ମିଳେ ନାଇ । ବେଦ ମଂତ୍ର ସବୁ କବିତା—ସ୍ତୁତିର ଗାନ । ଏହା ସତ୍ୟ ହେଲେ ବି ସେ ସବୁ କୃତ୍ରିମ ଭାଷାରେ ରଚିତ ନୁହେ କିଂବା ସଂସ୍କୃତ ଲୋକରେ ପ୍ରଚଳିତ ଭାଷା ନ ଥିଲା, ନୁହେ । ଛଂଦଃ, ଅର୍ଥାତ୍, ଗାନର ଭାଷା ହୋଇଥିବାରୁ ବେଦ ଭାଷାକୁ କହଂତି ଛାଂଦସ ଭାଷା । ଏଇ ଛାଂଦସ ଭାଷା ହେଉଚି, ସେକାଳେ ଲୋକରେ ଚଳିଥିବା ଭାଷାର ଯେଉଁ ଗାନ ସେହି ଗାନର ଭାଷା । ଏଥିରେ ଯୁକ୍ତି କରିବାର କିଛି ନାଇ । ପୁଣି ଅନୁସଂଧାନ ଫଳରେ ପଂଡିତମାନେ କହଂତି, 'ସଂସ୍କୃତ' ବୋଲି ଭାଷାଟିକୁ ନାମିତ କରିବା, ପଢ଼ିଲେ ଦେଖାଯାଏ 'ବାଲ୍ମୀକିଂ'କ 'ରାମାୟଣ'ରେ । ବୈଦିକ ବୈୟାକରଣ 'ଯାସ୍କ' ସେଇ ଅର୍ଥରେ ନାମଟି ବ୍ୟବହାର କରିଚଂତି, 'ଭାଷା' । ଏଥିରୁ ଜଣାଯାଏ, ଏହା ଲୋକ କଥିତ 'ଭାଷା'—ଛାଂଦସ ନୁହେ । ଏହାଛଡ଼ା, ସଂସ୍କୃତ କଥିତ ଭାଷା ଥିବାର ଅନ୍ୟ ସଂକେତମାନ ମଧ୍ୟ ସେକାଳ ବ୍ୟାକରଣ ଓ ବ୍ୟାକରଣର ଆଲୋଚନାମାନଂକରେ ମିଳେ । ପାଣିନିଂକ ବ୍ୟାକରଣ ଉପରେ 'ମହାଭାଷ୍ୟ' ଲେଖିଥିଲେ, ପତଂଜଳି । ସେ 'ଛାଂଦସ'ରୁ 'ଭାଷାକୁ' ଚିହ୍ନାଇ କହିଚଂତି, 'ଲୋକରେ' ( ଯାହା ଚଳେ ) । ସଂସ୍କୃତ ଶବ୍ଦ ଓ ପଦମାନଂକୁ ସେ ବର୍ଣ୍ଣନାରେ ଚିହ୍ନାଇଚଂତି କୌଣସି କୌଣସି ଶବ୍ଦକୁ ଦେଖାଇ ସେ ପୁଣି ସ୍ପଷ୍ଟ ଲେଖିଚଂତି, 'ଅମୁକ ସ୍ଥାନରେ ଏପରି ଚଳେ ।' 'ପାଣିନି' ଓ 'ପତଂଜଳି ଦୁହେଁ ପୁଣି 'ଭାଷା'ରେ 'ପ୍ରାଚ୍ୟ' (ପୂର୍ବଭୂମିର) ଓ 'ଉଦୀଚ୍ୟ' (ଉତ୍ତର ଭୂମିର) ବୋଲି ଭେଦ ଚିହ୍ନାଇଚଂତି । ଏଥିରୁ ଜଣାଯାଉଚି, ସେତେବେଳକୁ ଦେଶର ପୂର୍ବଖଂଡ ଓ ଉତ୍ତରଖଂଡରେ ଲୋକବ୍ୟବହାରରେ ଭାଷାର ଭେଦ ପ୍ରକାଶ ପାଇଥିଲା । ତା ଛଡ଼ା ପାଣିନି ଯେ ଭିନ୍ନ ଭିନ୍ନ ବୈୟାକରଣଂକ ନାମ ଧରି ଶବ୍ଦମାନଂକର ଉଚ୍ଚାରଣ ଭେଦ ଦେଖାଇ-ଚଂତି, ତା ଲୋକ ପ୍ରଚଳିତ ଉଚ୍ଚାରଣ ଭେଦ, ନୁହେ ତ ଆଉ କ'ଣ ? ସଂସ୍କୃତ କଥିତ ଭାଷା ଥିବାର ପୁଣି ଗୋଟିଏ ସ୍ପଷ୍ଟ ପ୍ରମାଣ ହେଉଚି, ପାଣିନିଂକ ବ୍ୟାକରଣରେ 'ପ୍ଲୁତସଂଜ୍ଞା'ର ସୂତ୍ର । ସେଥିରେ ସେ କହିଚଂତି, ଦୂରାହ୍ୱାନ, ଗାନ, ରୋଦନ ପ୍ରଭୃତିରେ ସ୍ୱରଟିମାନ ଅତି ଦୀର୍ଘ ବା 'ପ୍ଲୁତ' ହୋଇଯାଏ ।

ଏହା କଥିତ ବା ଲୋକ ପ୍ରଚଳିତ ଭାଷାର ଲକ୍ଷଣ ଛଡ଼ା ଆଉ କିଛି ହୋଇ ନ ପାରେ । ଅତଏବ ସଂସ୍କୃତ ଯେ ମୂଳରୁ କଥିତ ଭାଷା ଥିଲା, ଏଥିରେ ସଂଦେହ କରିବାର କିଛି ନାଇ ।

## ଏ କ୍ଷେତ୍ରରେ ଆଗ୍ରହ ଓ ପରଂପରା

ରାମାୟଣରୁ ସ୍ପଷ୍ଟ ପ୍ରମାଣ ମିଳେ, ଏହା ଥିଲା, ଏକର ଯୋଗୀଗୀତ ପରି ଗାଇ ଶୁଣାଇବା ପାଇଁ ଏକ ଉପାଖ୍ୟାନ । ସବୁ ପୁରାଣ ଓ ଆଖ୍ୟାୟିକାର ମୂଳ ଏଇଠାରେ । କବି ଗାୟକ ଓ ପରିସ୍ଥିତି ଭେଦରେ ଏକ ଆଖ୍ୟାୟିକା ମଧ୍ୟ ଭିନ୍ନ ଭିନ୍ନ ପ୍ରକାରରେ ରଚିତ ଓ ଗୀତ ହେଉଥିଲା । 'ରଘୁବଂଶ'ରେ 'କାଳିଦାସ' ଯେଉଁ ଆଖ୍ୟାୟିକାଟି ଅବଲଂବନ କରି ଲେଖିଚଂତି, ତା 'ବାଲ୍ମୀକିଂ'କ ରାମାୟଣର ଆଖ୍ୟାୟିକାରୁ ଭିନ୍ନ, ଏହା ଆପଣମାନେ ଜାଣିଥିବେ । ପ୍ରସଂଗ କ୍ରମେ କାଳିଦାସଂକ ବହୁ ପୂର୍ବବର୍ତ୍ତୀ ଅଶ୍ୱଘୋଷ ନିଜ 'ବୁଦ୍ଧ ଚରିତ'ରେ କହିଚଂତି—

"ବାଲ୍ମୀକିରାଦୌ ଚ ସସର୍ଜ ପଦ୍ୟଂ
ଜଗ୍ରନ୍ଥ ଯନ୍ନ ଚ୍ୟବନୋ ମହର୍ଷିଃ ।"

ଅର୍ଥାତ୍, ବାଲ୍ମୀକି ଗୀତ ବୋଲିବାରେ ( ରାମାୟଣ ) ପଦ୍ୟ ସୃଷ୍ଟି କଲେ । ସେଇ ବିଷୟରେ ଚ୍ୟବନ ମହର୍ଷି ଗ୍ରଂଥ ଲେଖିଲେ । ଏଇ ଚ୍ୟବନ ମହର୍ଷିଂକ ଗ୍ରଂଥରେ ଥିବା ରାମ ଉପାଖ୍ୟାନ ଧରି କାଳିଦାସ ନିଜ ରଘୁବଂଶର ରାମଚରିତ ଲେଖିଚଂତି ବୋଲି କାହାରି କାହାରି ମତ । ମହାଭାରତରେ ବର୍ଣ୍ଣିତ ରାମଚରିତ ଓ ରାମାୟଣ ବି ଠିକ୍ ଏକା ପରି ନୁହେଁ । କାଳିଦାସଂକ ଶକୁଂତଳା ଓ ମହାଭାରତର ଶକୁଂତଳାରେ ପ୍ରଭେଦ ଅଛି । ମହାଭାରତ ଓ ପୁରାଣମାନଂକର ଅନେକ ଉପାଖ୍ୟାନ ସଂବଂଧରେ ତୁଳନାରେ ଏଇ କଥା କୁହା ଯାଇ ପାରେ । କବିମାନେ ବୁଲି ବୁଲି ଏଇ ଆଖ୍ୟାୟିକା ଗୁଡ଼ିକ ନିଜ ନିଜ ଶୁଣାଉଥିଲେ କବି କଳ୍ପନା ମିଶାଇ ଗାଇ ଗାଇ ବୁଲୁଥିଲେ । ସଂସ୍କୃତଭାଷାରେ ସେମାନେ ବାଲ୍ମୀକିଂକ ରାମାୟଣ କଥା ପରି ଏହା ସବୁ ରଚନା କରୁଥିଲେ ଓ ନିଜେ ବୋଲି ବୁଲୁଥିଲେ ବା ଲବ କୁଶଂକୁ ବୋଲାଇଲା ପରି ବୋଲାଇ ବୁଲଉ ଥିଲେ । ସଂସ୍କୃତ ଜନସାଧାରଣରେ ପ୍ରଚଳିତ ଭାଷା ନଥିଲେ, ଏହା ହୋଇ ପାରଂତା ନାହିଁ କି ହୁଅଂତା ନାଇ । ପ୍ରାୟ ୪୦୦ । ୫୦୦ ବର୍ଷ ତଳ ପର୍ଯ୍ୟଂତ ପ୍ରାୟ ସବୁ ତାମ୍ର ଶାସନ ଓ ଲେଖାମାନ ମିଳୁଚି, ସଂସ୍କୃତରେ । ବନ୍ଦିପତ୍ରାଦି ଦଲିଲମାନ ଖୁବ୍ ସଂଭବ ଲେଖା ହେଉଥିଲା, ସଂସ୍କୃତରେ । ରାଜସଭାର ମଂତ୍ରଣାରେ ପର୍ଯ୍ୟଂତ ରାଜା, ମଂତ୍ରୀ, ସଚୀବ, ଅମାତ୍ୟ, ମହାମାତ୍ର ଓ ପଂଡିତମାନେ ସଂସ୍କୃତରେ କଥାବାର୍ତ୍ତା କରୁଥିଲେ । ଧର୍ମାଧିକରଣରେ ଆଇନର ଯୁକ୍ତିତର୍କ ସଂସ୍କୃତରେ ହେଉଥିବାର ସ୍ପଷ୍ଟ ପ୍ରମାଣ ମିଳିଚି । ମୌର୍ଯ୍ୟ ଚଂଦ୍ରଗୁପ୍ତଂକ ରାଜତ୍ୱ କାଳର ଏହିପରି ଗୋଟିଏ ଯୁକ୍ତି ତର୍କର ସେକାଳ ଲିଖିତ ଅବିକଳ ବିବରଣ, ମନେ ହେଉଚି, ପ୍ରାୟ ତିରିଶ ବର୍ଷତଳେ କଲିକତାର ଜଣେ ଆଇନଜ୍ଞ ପଂଡିତ ତତ୍କାଳୀନ କଲିକତା ଉଇକ୍‌ଲି ନୋଟ୍‌ସ୍ ( Calcutta Weekly Notes ) ରେ ନାଗରାକ୍ଷରରେ ପ୍ରକାଶ କରିଥିଲେ । ମଜଲିସ୍ ମାନଂକରେ ସଂସ୍କୃତ ଭାଷା ବ୍ୟବହୃତ ହେଉଥିଲା । ଯାତ୍ରା ଓ ନାଟକାଦିରେ ସଂସ୍କୃତହିଁ ମୁଖ୍ୟ ଭାଷା ଥିଲା । ସେଥିରେ ଉଚ୍ଚଶ୍ରେଣୀର ଅଭିନେତାଏ 'ସଂସ୍କୃତ'ରେ କହୁଥିଲେ । ଅନ୍ୟ ଅଭିନେତାଏ, ତଥା ପ୍ରାୟ ନାରୀମାନେ, 'ପ୍ରାକୃତ'ରେ କହିଲେ ବି, 'ସଂସ୍କୃତ' ବୁଝୁଥିଲେ । ସଂସ୍କୃତ ନାଟକମାନଂକରୁ ଏହା ସ୍ପଷ୍ଟ ଜଣାଯାଏ । ସ୍ତୁତି ସ୍ତୋତ୍ର ପ୍ରାୟ ସବୁ ବୋଲି ହେଉଥିଲା 'ସଂସ୍କୃତ'ରେ । ସମସ୍ତ କବିତା କାଦଂବରୀ ପରି ଗଦ୍ୟଗ୍ରଂଥ ମାନ ଥିଲା, ସଂସ୍କୃତରେ ।

ଦଶକୁମାର ଚରିତ, କଥାସରିତ୍ ସାଗର ପରି କଥାଗ୍ରଂଥ ଓ ହିତୋପଦେଶ-ପଂଚତଂତ୍ର ପରି ବାଳବୋଧ ନୀତିକଥା ଗ୍ରଂଥମାନ ମଧ୍ୟ ଲେଖା ଓ ପଢ଼ା ହେଉଥିଲା 'ସଂସ୍କୃତ'ରେ । ନାଟ୍ୟ କଳାର ସ୍ୱରତାଳ ଲୟ ଓ ସଂଗୀତର ରାଗରାଗିଣୀ ପର୍ଯ୍ୟନ୍ତ ସବୁଠାରେ ସଂସ୍କୃତର ପ୍ରସିଦ୍ଧି ଓ ପ୍ରତିଷ୍ଠା ମଧ୍ୟ ଏଠି ଲକ୍ଷ୍ୟ କରିବାର କଥା । ଅନେକ ସଂସ୍କୃତ କବିତାର 'ଛନ୍ଦ' ତଥା ଶଂକରାଚାର୍ଯ୍ୟଙ୍କ 'ମୋହ ମୁଦ୍‌ଗର' ପରି 'ସ୍ତୋତ୍ର' ମାନଙ୍କ ପ୍ରକାଶରେ ପୁରୁଷର 'ତାଣ୍ଡବ' ନୃତ୍ୟ ଓ ସେନାର ଅଭିଯାନପଦକ୍ଷେପ ଖୁବ୍ ଅନୁସନ୍ଧାନ କରାଯାଇ ପାରେ । ସେହିପରି ନାରୀର 'ଲାସ୍ୟ' ନୃତ୍ୟରେ ଲାଗିବା ଭଳି ଲଳିତ 'ଶାନ୍ତି'ର ଦୃଷ୍ଟାନ୍ତ ହେଉଛି, 'ଜୟଦେବଙ୍କ 'ଗୀତ ଗୋବିନ୍ଦ' । ଏହିପରି କୁଳପତି ଓ ପଣ୍ଡିତଙ୍କ ଶାସ୍ତ୍ର ସଂହିତାଠାରୁ ଅନ୍ତେବାସୀ ଓ ସାମାନ୍ୟଜନର ସ୍ତୁତି, କବିତା, କଥା, ସଂଗୀତାଦି, ସବୁ ଶିକ୍ଷଣୀୟ ଓ ପଠନୀୟ ଥିଲା, 'ସଂସ୍କୃତ'ରେ । ଏହା କିନ୍ତୁ କୌଣସି ଗୋଷ୍ଠୀ ବା ବ୍ୟକ୍ତି ବିଶେଷଙ୍କ ଭିତରେ ଆବଦ୍ଧ ନ ଥିଲା । ଏହାହିଁ ଥିଲା, ଆମ ଉଚ୍ଚ ସାହିତ୍ୟ; ପୁଣି ଏହାହିଁ ଥିଲା, ଆମ ଲୋକ ସାହିତ୍ୟ । ଏକ କଥାରେ ମୋଟାମୋଟି 'ସଂସ୍କୃତ'ହିଁ ଥିଲା, ଆମ 'ଜାତୀୟ ସାହିତ୍ୟ'ର ଏକମାତ୍ର ବାହନ ଓ ଆଦାନ ପ୍ରଦାନର ମାଧ୍ୟମ । ଏହା ପୁଣି କୌଣସି ପ୍ରାଗ୍‌ଐତିହାସିକ କାଳରେ କେତେ ବର୍ଷ ବା କେତେ ଶହ ବର୍ଷରେ ଚଳଣି ନ ଥିଲା । ହଜାର ହଜାର ବର୍ଷଧରି ଏହାହିଁ ଥିଲା ଆମ 'ଆଦର' । ମୁସଲମାନ କାଳର ଶେଷଯାଏ ମଧ୍ୟ ଏହା ଲୋପ ପାଇ ନ ଥିଲା । ପଣ୍ଡିତମାନଙ୍କ ତାତ୍କାଳିକ 'ପାଦ-ପୂରଣ,' 'ଶାସ୍ତ୍ରାର୍ଥ' ଓ ସଂସ୍କୃତରେ କାବ୍ୟଲେଖା ଏବେ ବି ପୂରାପୂରି ଲୋପ ପାଇନାହିଁ । ଏବେ ବି ଆମ ପଣ୍ଡିତମାନେ ଅନେକ ସଂସ୍କୃତରେ ଚିଠିପତ୍ର ପର୍ଯ୍ୟନ୍ତ ଲେଖନ୍ତି, ସଭାରେ ସଂସ୍କୃତରେ ବକ୍ତୃତା ଦିଅନ୍ତି ଓ ଆପଣା ଭିତରେ ସଂସ୍କୃତରେ କଥାବାର୍ତ୍ତା କରନ୍ତି । ଖାଲି ପଣ୍ଡିତମାନେ କାହିଁକି, ପ୍ରାୟ ୩୫ ବର୍ଷତଳେ ମୁଁ ଥରେ ବିଶାଖାପାଟଣାରେ ଗୋଟିଏ ମୋଚି-ଦୋକାନକୁ ଚଟି ( ଚପ୍‌ପଲ ) କିଣିବାକୁ ଯାଇଥିଲି । ସେ ମୋଚିଟି ଇଂରେଜି ଜାଣେ ନାହିଁ, ମୁଁ ତେଲୁଗୁ ଜାଣେ ନାହିଁ । ହଠାତ୍ ମୋଚିଟି ସଂସ୍କୃତରେ ଆରମ୍ଭ କଲା । କ୍ରମେ ଯୋତା କିଣା କଥା ପଛକୁ ପଡ଼ିଗଲା ଓ ଆମ ଦୁହିଁଙ୍କ ଭିତରେ ପ୍ରାୟ ଘଂଟାଏ ଯାଏ ସଂସ୍କୃତରେ ହୃଦ୍ୟ ଆଳାପ ହୋଇଥିଲା । କହି ଦିଏ, ସେ ଲୋକଟି ଥିଲା, ଯୋତା ତିଆରି କରି ବିକିବା ମୋଚି । ଯୋତା କିଣି କରି ବିକିବା ବ୍ୟବସାୟୀ ସେ ନ ଥିଲା । ଏହିପରି ଆମ ସାମାଜିକ ଓ ବ୍ୟକ୍ତିଗତ ଜୀବନର ସମସ୍ତ ବିଭାଗକୁ ରନ୍ଧ୍ରେ ରନ୍ଧ୍ରେ ଭେଦ କରି ସମସ୍ତ ବିକାଶ ଓ ବିପାକରେ ଚିରକାଳ ପ୍ରାଣିତ ଓ ସ୍ପନ୍ଦିତ କରି ରଖିଥିଲା ଓ ରଖି ଆସିଛି ଯେଉଁ 'ସଂସ୍କୃତ,' ସେ ଯେ ଚଳିତ ଭାଷା କି ନୁହେଁ, ଏ ସନ୍ଦେହ କରିବାର କୌଣସି ଅବକାଶ ନାହିଁ ।

——–

( ୨ )

## ଆର୍ଯ୍ୟେତର ପ୍ରଭାବ ଓ ସଂସ୍କୃତିର ସମୀକରଣ

### ପ୍ରାକୃତର ପ୍ରଭାବ

ପ୍ରାକୃତ ହେଉଛି, ପ୍ରକୃତି ବା ଜନ-ସାଧାରଣଙ୍କ ଭାଷା । ସଂସ୍କୃତ ମଧ୍ୟ ଥିଲା, ମୂଳରୁ ଏକ ପ୍ରାକୃତ । ବେଦର କବିତା ଓ ଗାନ ଯେଉଁ ଲୋକ-ଭାଷାରୁ ପ୍ରକାଶ ପାଇଥିଲା, ଏହା ସେହି ପ୍ରାକୃତ । ସେହି ପ୍ରାକୃତ ଉପରେ ପ୍ରତିଷ୍ଠିତ ଭାଷାରେ ସବୁ ସ୍ତୁତି, ଶାସ୍ତ୍ର, ପୁରାଣ, କାବ୍ୟାଦି ପ୍ରକାଶ ପାଇଥିଲା । ସେହି ଆଦି

ଭାଷା ହେଲା, ସଂସ୍କୃତ ବା ଏକ କଥାରେ 'ସାଧୁଭାଷା'। ତଥାପି ପ୍ରାକୃତର ଉଚ୍ଚାରଣଗତ ଓ ସ୍ୱର-ପରିଣାମ ବନ୍ଦ ହେବାର ନୁହେଁ। ସେ ସବୁର ପ୍ରଭାବ ସଂସ୍କୃତ ଉପରେ ପଡ଼ିବା ସ୍ୱାଭାବିକ। ମାତ୍ର ସଂସ୍କୃତ, ସେ ସବୁରେ ବିଚଳିତ ହୋଇ ନାହିଁ, କି ଭ୍ରଷ୍ଟ ହୋଇ ନିଜର ପ୍ରତିଷ୍ଠା ହରାଇ ନାହିଁ; ଅତି ଉଦାର ଭାବରେ ସେ ସବୁକୁ ଆପଣାର କରିଛି। ଏ ସବୁରେ ପ୍ରଧାନ ଦେଖିବାର କଥା, ଉଚ୍ଚାରଣ। ପାଣିନି ଓ ପତଞ୍ଜଳିଙ୍କ 'ପ୍ରାଚ୍ୟ' ଓ 'ଉଦୀଚ୍ୟ' ପ୍ରତି ଲକ୍ଷ୍ୟ କରା ହୋଇଛି। ପାଣିନି ମଧ୍ୟ 'ଶାକଲ୍ୟଙ୍କ' ଅଞ୍ଚଳରେ ସ୍ୱର-ସନ୍ଧିରେ 'ଅ' ଲୋପ ଓ 'ଭାଗୁରିଙ୍କ' ଅଞ୍ଚଳରେ 'ଅପି' ଓ 'ଅବ'ର 'ଅ' ଲୋପ ହୋଇ 'ଅପିଧାନ' (ପିନ୍ଧିବା) ସ୍ଥଳରେ 'ପିଧାନ' ଓ 'ଅବଗୁଣ୍ଠନ' ( ଓଢ଼ଣା ) ସ୍ଥଳରେ 'ବଗୁଣ୍ଠନ' ପରି ଶବ୍ଦମାନ ହୁଏ ଓ ସେ ସବୁ ସାଧୁ ବୋଲି ଦେଖାଇଛନ୍ତି। ସେଇ ପରି 'ବାହ୍ୟ' ଶବ୍ଦରେ 'ଯ'ର 'ଜ' ଉଚ୍ଚାରଣ ହୋଇ 'ବାହ୍ଜ' ବା 'ବାହ୍ଜ୍ୟ' ହେବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ସେଇ ଅନୁକ୍ରମେ ପରବର୍ତ୍ତୀ କାଳରେ କୌଣସି କୌଣସିଠାରେ ଶ, ଷ ଓ ସ ମିଶି ଯଥା, ଧୂଷର, ଧୂଶର ଓ ଧୂସର। ମୂର୍ଦ୍ଧଣ୍ୟ 'ଷ', ଉଚ୍ଚାରଣରେ 'ଖ' ହୋଇ ଯାଇଛି। ଯଥା, ପାଷଣ୍ଡ ଓ ପାଖଣ୍ଡ। ଏଇ ପ୍ରକାର ଆହରଣ, ସଂସ୍କୃତକୁ ଚଳନ୍ତି ଭାଷା କରି ରଖିବାରେ ପ୍ରଧାନ ହେତୁ। ଏଇ ବିଶାଳ ଓ ସର୍ବଂସହ ଆଦାନ ଫଳରେ ସଂସ୍କୃତ 'ମୃତଭାଷା' ହୋଇ ନାହିଁ, ତା ଆଜି ମଧ୍ୟ ରହିଛି ଭାରତର ଜାତୀୟ ଭାଷା। ତଥାପି ଏଇ ଉଚ୍ଚାରଣ ଭେଦ ଛଡ଼ା, ସଂସ୍କୃତମୂଳକ ପ୍ରାକୃତରୁ ଶବ୍ଦାଦିର ଆଦାନ ଛିଣ୍ଡାଇବା ସେତେ ସହଜ ନୁହେଁ। କାରଣ, ସାରା ଭାରତର ଆଦିମ ଭାଷା, ଆର୍ଯ୍ୟଭାଷା ନଥିଲା। ଭାରତର ଯଥାର୍ଥ ଚଳନ୍ତି ଭାଷା ପ୍ରାୟ ସବଂଶ ଥିଲା, ଆର୍ଯ୍ୟେତର ଭାଷା। ସଂସ୍କୃତ ମୂଳରୁ ସେ ସବୁରୁ ଯଥେଚ୍ଛା ଶବ୍ଦ ଗ୍ରହଣ କରି, ସେ ସବୁ ଭାଷାକୁ ପ୍ରଭାବିତ କରି ଅଦ୍ଭୁତ ଭାବରେ ନିଜର ପ୍ରତିଷ୍ଠା ଓ ପ୍ରତିପତ୍ତି ରକ୍ଷି ଆସିଛି।

## ଦ୍ରାବିଡ଼ ପ୍ରାକୃତ

ଅବୈଦିକ ଅନ୍ୟାନ୍ୟ ଭାଷାଭିତରେ ଖୁବ୍ ସମ୍ଭବ, ପ୍ରଧାନ ଲୋକ ଭାଷା ବା ପ୍ରାକୃତ ଥିଲା, ଦ୍ରାବିଡ଼। ମନେହୁଏ, ଅତି ପ୍ରାଚୀନ କାଳରୁ ଦ୍ରାବିଡ଼ମାନେ ନିଜର ଲିପି ଉଦ୍ଭାବନ କରି, ତା ବ୍ୟବହାର କରୁଥିଲେ। ଖୁବ୍ ସମ୍ଭବ, ଏଇ ଦ୍ରାବିଡ଼ଙ୍କର ସଭ୍ୟତାର ପ୍ରତିଷ୍ଠିତଭୂମି ଥିଲା, ଏବର ଦ୍ରାବିଡ଼ ଓ ସିନ୍ଧୁନଦୀର ଉପତ୍ୟକା ଭୂମି। ମହେଞ୍ଜୋଦାରୋ ଓ ହରପ୍ପାରୁ ଯେଉଁ ସବୁ ପ୍ରତ୍ନ-ବିଭବ ଓ ଲିପି-ସଂକେତମାନ ବାହାରୁଛି ଓ ଦ୍ରାବିଡ଼ ଭୂମିରେ ପରମ୍ପରା ଓ ପ୍ରତ୍ନତତ୍ତ୍ୱ ଉଦ୍ଘାଟନର ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ସେ ସବୁର ଭୂୟୋବକାଶ ପ୍ରତୀକ୍ଷାରେ ନ ରହି, ଏ ସମ୍ବନ୍ଧରେ ଆଉ ଅଧିକ କହିବା ଏବେ ଠିକ୍ ହେବ ନାହିଁ। ତଥାପି ଯାହା ଜଣାପଡ଼ୁଛି ସେଥିରୁ ଏତିକି ମାତ୍ର କହି ହେବ ଯେ, ଏଇ ଦ୍ରାବିଡ଼ ପ୍ରାକୃତରେ ଯେଉଁ ସଭ୍ୟତାଟି ବଢ଼ିଥିଲା, ତା ଗ୍ରାମରେ ପ୍ରଥମେ ବଢ଼ିଥିବା ସଭ୍ୟତାରୁ ବିରାଟ ନାଗର ସଭ୍ୟତାରେ ପରିଣତ ହୋଇ ସାରିଥିଲା। ପୁଣି ଆଜକୁ ପ୍ରାୟ ୫୦୦୦ ବର୍ଷତଳ ବେଳକୁ ଏଇ ନାଗର ସଭ୍ୟତାର ପଶ୍ଚିମରେ ସୁମେର୍ ଆଦି ଦେଶର ସଭ୍ୟତା ସଙ୍ଗେ ଖୁବ୍ ଆଦାନ ପ୍ରଦାନ ଚଳୁଥିଲା। ଏଠି ଜୈନ ଯୋଗୀ ସାପ ଫଣା ଭିତରେ ସ୍ଥିର ହୋଇ ସାଧନାରେ ବସି ଥିବାର ମୋହରର ଛାଞ୍ଚ ( Seal ) ମିଳୁଛି। ସେଠି ମଧ୍ୟ ଉଲଙ୍ଗ ଜୈନତୀର୍ଥଙ୍କରଙ୍କ ମୂର୍ତ୍ତି ପରି ମୂର୍ତ୍ତି ଖୋଦିତ ହୋଇ ରହିଥିବାର ଦେଖାଯାଉଛି। ଜୈନଙ୍କ ଯୋଗର ପ୍ରଧାନ ଉପେୟ 'ଜୀବ' ବା 'ଜୀବନ-ତତ୍ତ୍ୱ', ଯେଠି 'ଜୀ' ନାମରେ ଠିକ୍ ସେଇ ଅର୍ଥରେ ସେକାଳ

ସାହିତ୍ୟରେ ମିଳୁଛି । ଏହା ଛଡ଼ା ଆମ ଆଗମିକ ପୁରାଣ ଆଖ୍ୟାୟିକାର ଅନେକ ଗ୍ରଂଥ ଓ ସଂସ୍କାର ସେଠି ମଧ୍ୟ ସେକାଳେ ଥିବାର ଦେଖାଯାଏ । ଆମ 'ଗରୁଡ଼' 'କର୍ଣ୍ଣ' 'ରାମ' 'ଶକୁଂତଳା' ପ୍ରଭୃତି ଅନେକ ପାରଂପରିକ ଉପାଖ୍ୟାନ ଏ ଆଡ଼ୁ ଯାଉଥିଲା ବା ସେ ଆଡ଼ୁ ଆସିଥିଲା ବୋଲି ସ୍ପଷ୍ଟ ଅନୁମାନ ହୁଏ । ହୁଏତ ଅତି ପ୍ରାଚୀନ ଲୋକ-ପ୍ରଚଳିତ ଆଖ୍ୟାୟିକାମାନ ଭିନ୍ନ ଭିନ୍ନ ପରିସ୍ଥିତି ଓ ସାମାଜିକ ଚଳଣି ତଥା ଚିତ୍ତବୃତ୍ତି ଅନୁସାରେ ଟିକିଏ ଟିକିଏ ଭିନ୍ନ ରୂପରେ ଏଇ ଦେଶମାନଂକରେ ପ୍ରକାଶ ପାଉଥିଲା । ଏଦେଶରେ ସେ ସବୁ ଥିଲା ଦ୍ରାବିଡ଼ ସଭ୍ୟତାର ଅଂଗୀଭୂତ । ଦ୍ରାବିଡ଼ ଭାଷାରେ ତା ସବୁ ଚଳୁଥିଲା ।

## ଶବର ବା ନିଷାଦ

ପ୍ରଚଳିତ ଆଦିମ ଦ୍ରାବିଡ଼ ପ୍ରାକୃତ କଥା କହିଲା-ବେଳେ, ଆଉ ଗୋଟିଏ କଥା ମନେ ରଖିବାର ଅଛି । ପୂର୍ବଭାରତରେ ଅତି ପ୍ରାଚୀନ କାଳରୁ ଭାଷାବିଦମାନେ କହଂତି, ଦ୍ରାବିଡ଼ଠାରୁ ହୁଏତ ଆହୁରି ପ୍ରାଚୀନ କାଳରୁ 'ଶବର' ଭାଷା ଚଳୁଥିଲା । ଏଇ ଶବରମାନଂକୁ ପଂଡିତମାନେ ଜନତତ୍ତ୍ୱ ଆଲୋଚନାରେ 'ନିଷାଦ' ଜାତିସ୍ଥ ଲୋକ ବୋଲି କହଂତି । ଟୁଲୁ ଭାଷା, କଂଧଭାଷା, ଓରାଂଙ୍କ ଭାଷା ପ୍ରଭୃତି ଅପରିଚିତ ଦ୍ରାବିଡ଼ ପ୍ରାକୃତମାନ ଏବେ ଯେପରି ଚଳେ ସେଇପରି ସାଂତାଳ, ଗାଦେବ, ଖାସି ପ୍ରଭୃତି ନିଷାଦ ପ୍ରାକୃତ ଏବେ ବି— ପୂର୍ବ ଭାରତର ଜଂଗଲମାନଂକରେ ପ୍ରଚଳିତ ଅଛି । ଏଇ ନିଷାଦମାନଂକ ଭିତରୁ ଶବରମାନେ ବହୁ ପ୍ରାଚୀନ କାଳରେ ସୁସଭ୍ୟ ଥିବାର ପ୍ରମାଣ ମିଳେ । ସେମାନଂକର ସ୍ଥାନ ମୁଖ୍ୟତଃ ଥିଲା, ବିଂଧ୍ୟର ଦକ୍ଷିଣରୁ ଏବ ଓଡ଼ିଶାର ଉପକୂଳ ଯାଏ । ଏବ ଛୋଟନାଗପୁର ଆଡ଼ୁ ଓଡ଼—ସଂଭବତଃ ଏବ ଓରାଂମାନଂକ ପୂର୍ବପୁରୁଷଂକ ସମଜାତି—ନାମକ ଦ୍ରାବିଡ଼ ଜାତି, ଏଇ ଶବରଂକ ସଂଗେ ଭାଷା ଓ ଚଳଣିରେ ଏକ ହୋଇ ଯାଇଥିଲେ । ଏଇ ଶବର ବା ଓଡ଼୍‌ଭୂମିର ଭାଷା ଏକ ପ୍ରକାର ଶବର-ପ୍ରଭାବିତ ଦ୍ରାବିଡ଼ ପ୍ରାକୃତରେ ପରିଣତ ହୋଇଯାଇଥିଲା । ପରେ ଏହାର ନାମ ହୋଇଥିଲା, 'ଓଡ଼୍' ପ୍ରାକୃତ ବା 'ଉଡ୍ର' ପ୍ରାକୃତ । ଦ୍ରାବିଡ଼ ଦର୍ଶନର ଶୁଦ୍ଧ-ସଂକେତ 'ଜଗନ୍ନାଥ' ତଥା ଦ୍ରାବିଡ଼ ସାଧନାର ନିର୍ଯାସ, 'ଯୋଗ' ବା 'ତଂତ୍ର', ବହୁକାଳ ଏଇ ଉଡ୍ର ପ୍ରାକୃତର ସଂକେତରେ ସୁରକ୍ଷିତ ଥିଲା । ଏବେ ବି ତାର ସେଇ ପ୍ରକାଶ ଜୀବଂତ ଅଛି । ସେ କଥା ଏବେ ଥାଉ ।

## ସଂସ୍କୃତ—ପ୍ରାକୃତ

ଭାରତର ଆଦିମ ଆର୍ଯ୍ୟଭୂମି—ଏବର ଉତ୍ତର-ପଶ୍ଚିମ ସୀମାଂତ, ଆଫଗାନିସ୍ଥାନ, ପଂଜାବ ଓ ଯୁକ୍ତପ୍ରଦେଶ ( ଏବ ଉତ୍ତର ପ୍ରଦେଶ ) ପ୍ରଭୃତିରେ ସଂସ୍କୃତକୁ ଯେତେ ବ୍ୟାକରଣ ନିବଦ୍ଧ କରି ରଖିଲେ ମଧ୍ୟ, ଜନସାଧାରଣଂକ ଭାଷା ତଥା ଘରୋଇ ଭାଷାରେ ତା କ୍ରମେ ସ୍ୱର ପରିଣାମରେ ବଦଳିବାରେ ଲାଗିଥିଲା । ସଂଗେ ସଂଗେ ବିରାଟ ଦ୍ରାବିଡ଼ ସଭ୍ୟତାର ବିଶାଳ ପ୍ରାକୃତ ବା ପ୍ରାକୃତମାନଂକ ପ୍ରଭାବ ସେଥିରେ ଖୁବ୍ ପ୍ରକାଶ ପାଇଲା । ସେଥିରୁ ସେ ପ୍ରଭାବ ମଧ୍ୟ ସଂସ୍କୃତରେ ଖୁବ୍ ପଶିଲା । ଏ ଦେଶରୁ ହେଉ, ଯେଉଁଠାରୁ ହେଉ, ନୂତନ ଚିଂତା ସଂଗେ ସେଇ ଚିଂତାରେ ପ୍ରତିଷ୍ଠିତ ଆର୍ଯ୍ୟେତରଂକ ଶବ୍ଦ ଆର୍ଯ୍ୟମାନେ ଗ୍ରହଣ କରିବାରେ କେବେ କୁଣ୍ଠିତ ନ ଥିଲେ । ଏପରି କି 'ଆର୍ଯ୍ୟ' ଶବ୍ଦଟି ପର୍ଯ୍ୟଂତ ମଧ୍ୟ ଦ୍ରାବିଡ଼ 'ଆରିଅ' (ଅସାମାନ୍ୟ), ଏହି ଦ୍ରାବିଡ଼ ଶବ୍ଦରୁ ବୋଲି କୌଣସି କୌଣସି ଦ୍ରାବିଡ଼-ବିତ୍‌ଂକ ମତ । ଆପସ୍ ବା ଅପ୍ ( ସୁମେର୍ ଲେଖରେ ମିଳୁଥିବା, 'ଅପ୍‌ସୁ' ), ତମସ୍ ( ସୁମେର୍, 'ତିଅମତ୍' ) ଜୀବ୍ ( ସୁମେର୍, 'ଜୀ' ) ଅମ୍ବର୍

( ଅସୁର ଦେଶ ଓ ଇଜିପ୍ଟର 'ଆଟେନ୍' ) 'ନାଗ' (ଦ୍ରାବିଡ଼) ପ୍ରଭୃତି ମୂଳତଃ ଆର୍ଯ୍ୟଭାଷାର ଶବ୍ଦ ବୋଲି ମନେହୁଏ ନାହିଁ । ଏ ସବୁ ସୃଷ୍ଟି ତତ୍ତ୍ୱ ବିଷୟର ଓ ଆତ୍ମ-ଦର୍ଶନର ପାରିଭାଷିକ ଶବ୍ଦ । ଆଦିମ ବୈଦିକ ଆର୍ଯ୍ୟଙ୍କ ଭାଷା ନିଜ ଗୁଣରେ ଥିଲା, ଅତ୍ୟନ୍ତ ଚିନ୍ତା-ପ୍ରକାଶ-ପର ଓ ତେଣୁ ସର୍ବଗ୍ରାସୀ; କିନ୍ତୁ ଅତି ଆଦିମ ବେଦ-କାଳରେ ତତ୍ତ୍ୱାଲୋଚନା ଓ ଓ ବିଶେଷରେ ଆତ୍ମ-ଦର୍ଶନ ତାଙ୍କର ନ ଥିଲା । ସେ ଯା ହେଉ, ପରବର୍ତ୍ତୀ କାଳରେ ଦ୍ରାବିଡ଼ାଦି ଭାଷାସ୍ଥ ପ୍ରାକୃତରୁ—ହୁଏତ ସଂସ୍କୃତ ପ୍ରାକୃତ ବାଟେ— ବହୁ ଶବ୍ଦ ସଂସ୍କୃତରେ ପଶିଥିଲା । ଦ୍ରାବିଡ଼-ଭାଷା-ତତ୍ତ୍ୱବିତ୍ ପାଦ୍ରୀ ରେଭରେଣ୍ଡ କିଟେଲ ସାହେବ (Kittel) ନିଜକୃତ କାନାଡ଼ୀ ଅଭିଧାନରେ ଏଇପରି ଶବ୍ଦମାନଙ୍କ ଭିତରୁ ୪୨୦ଟି ବାଛି ବାଛି ଦେଇଛନ୍ତି । ଏ ସବୁରୁ ଅନେକ ସଂସ୍କୃତ ଛାଞ୍ଚରେ ବଦଳାଇ ସଂସ୍କୃତ କରି ଦିଆଯାଇଛି । ଉଦାହରଣ ସ୍ୱରୂପ— ଅଙ୍ଗ (କୋଡ଼); ଅଙ୍ଗନ (ଅଗଣା), ଅଙ୍କ ( ଆଣ୍ଠୁ ), କୋଟ (ଦୁର୍ଗ), ଗଲ୍ଲ (ଗାଲ), ମଣ୍ଡ (ମୁଣ୍ଡ), ମୁଖ, ମେଖଳା, ବସ୍ତି (ତଳପେଟ), କରଟ -କାକ (କୁଆ), କର୍କଟ ( କଙ୍କଡ଼ା ), କୀର ( ସୁଆ ), କୁକ୍କୁଟ, କୁକ୍କୁର, ଗରୁଡ଼, କନକ ( ସୁନା ), ତାମ୍ର ( ଟଙ୍କା ) ପ୍ରଭୃତି ଶବ୍ଦ ଦ୍ରାବିଡ଼ ପ୍ରାକୃତରୁ ଆସି ସଂସ୍କୃତହୋଇ ଯାଇଛି । (*)—( ଆଉ ଅନେକ ଶବ୍ଦ ଦେଖିବା ପାଇଁ ଏଇ ପୁସ୍ତକ ଶେଷରେ ଦିଆଯାଇ ଥିବା ତାଲିକା ଦେଖ । ) ଏ ସବୁ ଶବ୍ଦମାନଙ୍କ ଭିତରୁ ଅନେକ ଏବେ ଦ୍ରାବିଡ଼ରୁ ଆସିଥିବାଟା ସହଜରେ ଜାଣି ହେବ ନାହିଁ । ଏପରିକି, ନିଜେ ଦ୍ରାବିଡ଼ ଶବ୍ଦଟିର ମୂଳ ହେଉଛି, 'ଦାମିଳ' ବା ଏବର 'ତାମିଳ' । ଦ୍ରାବିଡ଼, କର୍ (କଳା) ଓ ନାଡ଼୍ ବା ନାଟ୍ (ଦେଶ)—ଏ ଦୁଇଟି ମିଶି ହୋଇଛି, 'କର୍ଣ୍ଣାଟ' । ସେଇପରି, କିଟେଲ କହନ୍ତି, କଲ୍ (ଶିଖିବା)ରୁ ହୋଇଛି, କଳିଙ୍ଗ । ସେ କହନ୍ତି, ଏହାର ଅର୍ଥ ହେଉଛି, ଶିକ୍ଷିତ ଓ ବିଚକ୍ଷଣ (Clever) ମାନଙ୍କ ଦେଶ । ଏସବୁ ଯାହେଉ, କିଟେଲ୍ ସାହେବ ବାଛି ଦେଖାଇ ଥିବା ଶବ୍ଦ ଗୁଡ଼ିକ ମାତ୍ର ଆଲୋଚନା କଲେ, ସେକାଳ ଦ୍ରାବିଡ଼ ସଭ୍ୟତାର ବିଶାଳତା ଓ ଗଭୀରତା ସଂକେତରେ ବେଶ୍ ଜାଣିହେବ । ଆମ ସୁପରିଚିତ 'ମୁନି' ଶବ୍ଦ ଆସିଛି ଦ୍ରାବିଡ଼ରୁ । ମୁନିର ଅର୍ଥ, ଯେ ସଦ୍ ଗତିରେ ଆଗକୁ ପ୍ରଯତ୍ନ କରେ ( One who strives forward ) 'ମୌନ' ହେଉଛି, ମୁନିର ଆଚରଣ । ଏଇ 'ମୁନି' ଅର୍ଥାତ୍, ଯତମାନ ଯୋଗୀ ହେଉଛି, ଦ୍ରାବିଡ଼ ସଭ୍ୟତାର ଶ୍ରେଷ୍ଠ ସଂପଦ ।

## ବ୍ୟାକରଣ ଓ ଶବ୍ଦର ବ୍ୟୁତ୍ପତ୍ତି

ଏଇ ପ୍ରକାର ଶବ୍ଦମାନଙ୍କ 'ଆଗମ' ବା ବାହାରୁ ଆସି ପଶିବାରେ 'ସଂସ୍କୃତ' କ୍ରମେ ମିଶ୍ରଭାଷାରେ ପରିଣତ ହୋଇ ଓ ଫଳରେ ମିଶ୍ରଭାଷାରୂପେ ପରିଚିତ ହୋଇ ପରିଶେଷେ ହଜିଯିବାର ଶଙ୍କା ଫଳେ ସେଇ ଶଙ୍କାର ସମାଧାନ ଉଦ୍ୟମ ଆଦିମ ବୈଦିକ କାଳରୁ ପ୍ରକାଶ ପାଇଥିଲା । ବିଶେଷରେ ବ୍ୟାକରଣ ଆଲୋଚନାରୁ ଏହା ଜଣାପଡ଼େ । ବୈଦିକ 'ନିରୁକ୍ତ'-କାର ଯାସ୍କ ଶବ୍ଦମାନଙ୍କ ବ୍ୟୁତ୍ପତ୍ତି ସମ୍ପର୍କରେ ବିସ୍ତର କରି ସୂଚନା ଦେଇଛନ୍ତି, ତାଙ୍କର ବହୁପୂର୍ବରୁ ଶବ୍ଦମାନଙ୍କର ଉତ୍ପତ୍ତିକ୍ରମ ଯେନ ବୈୟାକରଣମାନଙ୍କ ଭିତରେ ମତଭେଦ ଦେଖାଦେଇ ଥିଲା । 'ଶାକଟାୟନଙ୍କ' ମତରେ 'କ୍ରିୟା' ବା କ୍ରିୟାର୍ଥକ 'ଧାତୁ'ରୁ ଶବ୍ଦମାନଙ୍କର ଉତ୍ପତ୍ତି । ପକ୍ଷାନ୍ତରେ 'ଗାର୍ଗ୍ୟ' ପ୍ରଭୃତି ବୈୟାକରଣମାନଙ୍କ ମତରେ ସବୁ ଶବ୍ଦର ଉତ୍ପତ୍ତି ଏପରି କ୍ରିୟାର୍ଥକ ମୂଳ ବା ନିରୂଢ଼ା ସଂସ୍କୃତ ଧାତୁରୁ ହୋଇଛି ବୋଲି କୁହାଯାଇ

ନପରେ । ମାତ୍ର 'ଗାର୍ଗ୍ୟ' ପ୍ରଭୃତିଂକର ଏ ଆପତ୍ତିକୁ 'ଯାସ୍କ' ମାନି ନଥିଲେ । 'ଶାକଟାୟନ' ଓ 'ଯାସ୍କଂ'କୁ ଅନୁବର୍ତ୍ତନ କଲେ, ପାଣିନି । 'ପାଣିନି' ସେଥିପାଇଁ ବିରାଟ 'ଧାତୁପାଠ' ଓ ବିଶେଷରେ 'ଉଣାଦି-ସୂତ୍ର'ର ମଧ୍ୟ ବ୍ୟବସ୍ଥା କଲେ । ସେଇ ପାଣିନିଂକ ଅନୁବର୍ତ୍ତନରେ ଏବେ ଆମ ପଂଡିତମାନେ ସମସ୍ତ ଶବ୍ଦରେ ସଂସ୍କୃତ 'ଧାତୁ' ଖୋଜଂତି ଓ ଦରକାର ଅନୁସାରେ ଅନେକ ସ୍ଥଳରେ 'ନିପାତନ' ପୁଣି 'ଉଣାଦି' ବୋଲି ସିଦ୍ଧ କରଂତି । ବ୍ୟୁତ୍ପତ୍ତି ବିସ୍ତାର କରିଥିବା ଯେ କୌଣସି 'ଶବ୍ଦକୋଷ' ଫିଟାଇ ଦେଲେ, ଏହାର ଭୂରି ଭୂରି ଉଦାହରଣ ଆଖିରେ ପଡ଼ିବ । ଏବେ ପ୍ରକାଶିତ ହୋଇଥିବା ଗୋପାଳ-ଚଂଦ୍ର ପ୍ରହରାଜଂକ 'ଓଡ଼ିଆ ଭାଷାକୋଷ' ଦେଖଂତୁ । ସେଥିରେ ପ୍ରହରାଜ ମହାଶୟ ଦେଇ ବ୍ୟୁତ୍ପତ୍ତିମାନ ପୂର୍ବ କୋଷକାରମାନଂକ ଲେଖାରୁ ଉଦ୍ଧାର କରିଦଂତି ମାତ୍ର । ଏଠାରେ ଉଦାହରଣ ସ୍ୱରୂପ, ଉପରେ ଦିଆଯାଇଥିବା ଦ୍ରାବିଡ଼ ମୂଳକ 'ମେଖଳା'ର ବ୍ୟୁତ୍ପତ୍ତି ଦିଆ ହୋଇଛି, 'ମି' ଧାତୁ ('କ୍ଷେପଣ କରିବା') ରୁ କର୍ମବାଚ୍ୟରେ ଖଳ ପ୍ରତ୍ୟୟ ହୋଇ, ସ୍ତ୍ରୀ ଲିଂଗରେ 'ଆ', ଅର୍ଥହେବ, କ୍ଷେପଣ କରାଯାଏ ଯାହାକୁ; ମୁଂଡର ବ୍ୟୁତ୍ପତ୍ତି ହୋଇଛି 'ମୁଂଡ୍' ଧାତୁ ( ଛେଦନ କରିବା )ରୁ କର୍ମବାଚ୍ୟରେ 'ଅ' ପ୍ରତ୍ୟୟ— ଛେଦନ କରାଯାଏ ଯାହାଂକୁ; ମୁଖ ହେଲା, 'ଖନ୍' ଧାତୁ ( ଖୋଳିବା ) ରୁ କର୍ମବାଚ୍ୟରେ 'ଅ' ପ୍ରତ୍ୟୟ ହୋଇ, 'ନିପାତନ'ରେ 'ମୁ' ଆସି, ମିଶିଲା— ( ଖୋଳାଯାଏ ଯାହାକୁ ? )

## 'ମଳୟ'

'ମଳୟ' ଶବ୍ଦପରି ଦୃଷ୍ଟାଂତମାନ ପୁଣି ଅତି କୌତୁକାବହ । ଉତ୍ତର ଭାରତୀୟମାନେ—ହୁଏତ ମୌର୍ଯ୍ୟ 'ଚଂଦ୍ରଗୁପ୍ତଂ'କ ପରି କୌଣସି ସମ୍ରାଟଂକ ସେନା ବା 'ଭଦ୍ରବାହୁଂ'କ କୌଣସି ଜୈନ ଯୋଗୀ ଓ ତାଂକ 'ଗଣ', 'ଗଣଧର' ପ୍ରଭୃତି, ଅଥବା 'ଅଶୋକଂ'କ ପ୍ରଚାରକ ଭିକ୍ଷୁମାନେ—ଫେରି ଯାଇ ପ୍ରଚାର କରି ଥିଲେ, 'ମଳୈ'ରେ ଚଂଦନ ଗଛ ଅଛି । 'ମଳୈ' ହେଉଛି, 'ତାମିଳ' ଶବ୍ଦ । ଏହାର ଅର୍ଥ, ପର୍ବତ ବା ପାହାଡ଼ । ତେଣୁ ସଂସ୍କୃତରେ ହେଲା, 'ମଳୟ ପର୍ବତ', 'ମଳୟାନିଳ' ପ୍ରଭୃତି ଶବ୍ଦମାନ । ମାତ୍ର 'ଭାଷାକୋଷ'ରେ ବ୍ୟୁତ୍ପତ୍ତି କରା ହୋଇ ଅର୍ଥ ଦିଆ ହୋଇଛି, 'ମଳ୍'ଧାତୁ—ଧାରଣ କରିବା+କର୍ତ୍ତରି, 'ଅୟ' ପ୍ରତ୍ୟୟ, ଯହିଁ ଚଂଦନ ବୃକ୍ଷକୁ ଧାରଣ କରେ ।

## ଯବନ, ଯବନିକା

'ଯବନ' ଶବ୍ଦଟି ବିଦେଶାଗତ ଶବ୍ଦ । ଏହା ଆସିଛି 'ଆଇଓନିଆନ' ( Ionian ) ଶବ୍ଦରୁ । ପରେ ଏଇମାନେ ହେଲେ, 'ଗ୍ରୀକ୍' । ଏ ହେଉଛଂତି ଗୋଟିଏ ମିଶ୍ର ଜାତି । ଆସିରିଆ ଓ ପାଲେଷ୍ଟାଇନ୍‌ରେ ଏଇମାନଂକ ସଂପର୍କରେ ଥିବା ଓ ମିଶ୍ରଣରେ ହୋଇ-ଥିବା ଯେ କୌଣସି ଜାତିକୁ ଖ୍ରୀଷ୍ଟପୂର୍ବ ୮ମ ଶତାବ୍ଦିରେ 'ୟବାନ' ( ୯ ) ଓ 'ଜବନ' ( ୧୦ ) ବୋଲି କହୁ-ଥିଲେ । (ଉଚ୍ଚାରଣରେ, ଯ=ୟ; ବ=ଓ୍ୱ ବା ଶୀଘ୍ର ଓ ଏକତ୍ର ଉଚ୍ଚାରିତ 'ଉ+ଅ') ସେଇ ଅନୁକ୍ରମେ ଭାରତରେ ଉତ୍ତର ପଶ୍ଚିମ ସୀମାଂତରୁ ଗ୍ରୀସ୍ ଯାଏ ସମସ୍ତେ ହୋଇ ଥିଲେ 'ଯବନ' । 'ପାଣିନି' ମିଶ୍ରଜାତି ଅର୍ଥରେ 'ଯବନ' ଶବ୍ଦ ବ୍ୟବହାର କରିଦଂତି । 'ଅଶୋକ'ଂକ ଶିଳା-ଲେଖରେ ଏଇ ଅର୍ଥରେ 'ଯୋନ' ( ଯବନ ) ଶବ୍ଦ ବ୍ୟବହୃତ ହୋଇଛି । ଲୋକମୁଖର ଉଚ୍ଚାରଣରେ ଏଇ ଯବନ, 'ଜବନ' ମଧ୍ୟ ହୁଏ । ପାଣିନି ନିଜେ 'ବାହ୍ୟ' ଶବ୍ଦକୁ 'ବାହ୍ଜ' ବା 'ବାହ୍ଜ୍ୟ' ଉଚ୍ଚାରଣ କରିବା ପାଇଁ ନିର୍ଦ୍ଦେଶ ଦେବା କଥା ଜଣା ଯାଇଛି । ବରରୁଚି ପ୍ରାକୃତ ବ୍ୟାକରଣରେ

ସ୍ପଷ୍ଟ ସୂତ୍ର ଦେଇଚନ୍ତି, 'ଅଦେଯୌଜଃ (୭।୩।୨), ଶବ୍ଦ ଆଦ୍ୟରେ ଥିବା 'ଯ', 'ଜ' ହୋଇଯାଏ। ଏଇ 'ଯବନ' ବା 'ଜବନ'ମାନେ ବକ୍‌ଟ୍ରିଆରୁ ଭାରତର ପଶ୍ଚିମାଂଶରେ ଅଶୋକଙ୍କ ପରଠାରୁ ପ୍ରାୟ ୪୦୦ ବର୍ଷରୁ ଅଧିକ କାଳ ରାଜତ୍ୱ କରିଥିଲେ। ସେମାନଙ୍କ ଭିତରୁ ଅନେକେ ଏ ଦେଶର ଜନତାରେ ଓ ସଭ୍ୟତା ତଥା ଧର୍ମରେ ମିଶି ମଧ୍ୟ ଯାଇଥିଲେ। ଗ୍ରୀସର ସଭ୍ୟତା ଓ ସାହିତ୍ୟ ସଂଗେ ସେମାନଙ୍କର ବହୁକାଳ ଯାଏ ସଂପର୍କ ଥିଲା ଓ ସେତେବେଳେ ଗ୍ରୀକ୍ ଭାଷା ଓ ସାହିତ୍ୟକୁ ସେମାନେ ନିଜର କରିଥିଲେ। ଅତି ପ୍ରାଚୀନ କାଳରୁ ନାଟକ ଓ ନାଟକାଭିନୟ ଗ୍ରୀକ୍ ସାହିତ୍ୟରେ ପ୍ରତିଷ୍ଠା ଓ ପ୍ରକାଶ ପାଇଥିଲା। ସେହି ନାଟକାଭିନୟରେ ତାଙ୍କର ପର୍ଦ୍ଦା ବ୍ୟବହାର ହେଉଥିଲା। ଗ୍ରୀକ୍ ରୀତିରେ ନାଟକାଭିନୟ ଓ ସେଥିସଂଗେ ପର୍ଦ୍ଦା, ଭାରତ ସାହିତ୍ୟରେ ପ୍ରବେଶ କରିଥିଲା। ଯବନଙ୍କର ଥିବାରୁ ଓ ସେଇ ଯବନଙ୍କଠୁ ଭାରତ ସାହିତ୍ୟକୁ ଆସି ଥିବାରୁ ସେଇ ପର୍ଦ୍ଦାକୁ 'ଯବନିକା' ବା 'ଜବନିକା' ଅର୍ଥାତ୍, ଯବନଙ୍କ ପର୍ଦ୍ଦା ବୋଲି ଏ ଦେଶରେ କହୁଥିଲେ। ମାତ୍ର 'ଭାଷାକୋଷ'ରେ ସେ ସବୁ ଶବ୍ଦର ସଂସ୍କୃତ ଧାତୁମୂଳକ ବ୍ୟୁତ୍ପତ୍ତି ହେଉଚି, ଜବନ='ଜୁ' ଧାତୁ ବା 'ଜବ୍' ଧାତୁରୁ ଅନ; ଯବନ='ଯୁ' ଧାତୁ (ମିଶ୍ରିତ କରିବା) ରୁ କର୍ତ୍ତୃ, 'ଅନ' ଅର୍ଥାତ୍, ଯେ ମିଶ୍ରିତ କରେ, ଜବନିକା='ଜୁ' ଧାତୁ (ପାଇବା)ରୁ କରଣ, 'ଅନ'+ସ୍ତ୍ରୀ, ଇ+ସ୍ୱାର୍ଥେ, କ+ଆ, ଯବନିକା='ଜୁ' ଧାତୁ (ବେଗେ ଚଳିବା) ରୁ କରଣ, 'ଅନ'+କ +ଆ, ଅର୍ଥ ହେଉଚି, ଯହିଁରେ ପାଆନ୍ତି ବା ବେଗେ ଚଳନ୍ତି। ଏ ସବୁ ଧାତ୍ୱର୍ଥକୁ ଯେପରି ଇଚ୍ଛା ସେପରି ବ୍ୟାଖ୍ୟା କରନ୍ତୁ। ସେଇପରି 'ଚୀନ' ଦେଶରୁ ଆସୁଥିବା ଚିକଣ ପାଟଲୁଗାକୁ କହୁଥିଲେ, 'ଚୀନାଂଶୁକ'। ସେଇ 'ଚୀନ' ଶବ୍ଦକୁ ବ୍ୟୁତ୍ପତ୍ତି କରା ହୋଇଚି, 'ଚି' ଧାତୁ (ଚୟନ କରିବା)ରୁ କର୍ମ ବାଚ୍ୟରେ 'ନ' ପ୍ରତ୍ୟୟ—(ଚୟନ କରାଯାଏ ବା ଗୋଟାଇ ସଂଗ୍ରହ କରାଯାଏ ଯାହାକୁ)। 'ଶାକଟାୟନ' 'ଯାସ୍କ', 'ପାଣିନି' ପ୍ରଭୃତିଙ୍କ ପ୍ରବର୍ତ୍ତିତ ଓ ପ୍ରତିଷ୍ଠିତ ପରଂପରା ସଂଗେ ସେକାଳର ଗାର୍ଗ୍ୟ ପ୍ରଭୃତିଙ୍କ ମତର ପରଂପରା ମଧ୍ୟ ଏ ଦେଶରେ ଲୋପ ପାଇ ନାଇ। ତେଣୁ ଏଇ ପାଣିନୀୟ ପରଂପରାକୁ ଥଟ୍ଟା କରି କେହି ସମାଲୋଚକ ଏବର ସ୍ପଷ୍ଟ 'ଆରବୀ' ଓ 'ଫାରସୀ', 'ମାଲିକ୍, 'ମିଆଁ,' 'ମୌଲନା'ଶବ୍ଦର ସଂସ୍କୃତ ବ୍ୟୁତ୍ପତ୍ତି ଦେବାକୁ ଯାଇ, କହିଥିବାର ଗୋଟିଏ କୌତୁକାବହ ପ୍ରବଚନ, ଆପଣମାନଙ୍କ ମଧ୍ୟରୁ କେହି କେହି ଜାଣି ଥିବେ। ପ୍ରବଚନଟି ହିଂଦୀରେ। ତା ହେଉଚି,

'ଉଣାଦି'ସେ ପ୍ରତ୍ୟୟ କିଆ
'ଡାଲିକ୍', 'ଡିଆଁ' ଡୌଲନା'
'ମା' ଧାତୁ ସେ ସିଦ୍ଧ ହୁଆ
'ମାଲିକ୍', 'ମିଆଁ' 'ମୌଲନା।'

## ସଂସ୍କୃତ ବ୍ୟାକରଣର ଶୁଦ୍ଧତା

ସାକ୍ଷାତ୍ ଦ୍ରାବିଡ଼ ଭାଷାରୁ ତଥା ଦ୍ରାବିଡ଼+ ପ୍ରଭାବିତ ଆର୍ଯ ପ୍ରାକୃତବାଟେ ଶବ୍ଦସବୁ ପୁଣି ସେଥିସଂଗେ ମୁଦ୍ରା ସଂକେତାଦି ସମେତ ସଂସ୍କୃତି ପ୍ରକାଶର ଓ ସାଧନାର ଉପାଦାନ ସବୁ ଆଦାନ ଓ ଆହରଣରେ ନିଜର କରିବାରେ ସଂସ୍କୃତର ଉଦାରତା ଓ କୁଶଳତା କଥା ବୁଝିଲା ବେଳେ, ସେଇ ସଂବଂଧୀୟ ଆଉ ଗୋଟିଏ ବିଶେଷ କଥା ପ୍ରତି ଦୃଷ୍ଟିଦେବାର ଅଛି। ସେ ହେଉଛି, ଏ ସମସ୍ତ ଆଦାନ ଓ ଆହରଣ, ଶବ୍ଦର ବ୍ୟୁତ୍ପତ୍ତି ଓ ବ୍ୟାଖ୍ୟା ଭିତରେ ସଂସ୍କୃତ ମୂଳକ ପ୍ରାକୃତମାନଙ୍କ ବ୍ୟାକରଣ, ଠିକ୍ ସଂସ୍କୃତ ବ୍ୟାକରଣର ଅନୁକରଣ। ଅଧିକା ଭିତରେ ସେଥିରେ ଖାଲି ଶବ୍ଦର ଉଚ୍ଚାରଣ

ପରିବର୍ତ୍ତନର ଏକମାତ୍ର ବିଶେଷ ବୋଲି ବହୁ ପ୍ରାଚୀନ କାଳରୁ ଧରିନିଆ ଯାଇଛି । ଅତି ପ୍ରାଚୀନ, ଏପରିକି ପାଣିନିଙ୍କ ସମସାମୟିକ ଓ ମଗଧର ଶେଷ ନନ୍ଦ ରାଜାଙ୍କ ସମୟର ବୋଲି ପରଂପରା ଥିବା ('କଥା-ସରିତ୍‌ସାଗର' ଦେଖ ) ପ୍ରଥମ ପ୍ରାକୃତ ବ୍ୟାକରଣକାର 'କାତ୍ୟାୟନ-ବରରୁଚି'ଙ୍କଠାରୁ ଧାରାବାହିକ ଭାବେ ଏହି ଧାରଣା ପଡ଼ି ଆସିଛି । 'ତାମିଳ' ପ୍ରଭୃତି ଦ୍ରାବିଡ଼ ଭାଷାମାନଙ୍କର ବ୍ୟାକରଣ ମଧ୍ୟ ସଂସ୍କୃତ ବ୍ୟାକରଣ ଗ୍ରଂଥରେ ପଡ଼ି ଯାଇଛି । ମାତ୍ର ସଂସ୍କୃତ ବ୍ୟାକରଣ, ପ୍ରାକୃତ ବ୍ୟାକରଣର କୌଣସି ପ୍ରକାଶଭଂଗୀ ଗ୍ରହଣ କରି ନାହିଁ । ଉଦାହରଣ ସ୍ୱରୂପ, ଆର୍ଯ୍ୟ, 'ପ୍ରାକୃତ' ହିଂଦୀ, ସିଂଧି, ପଂଜାବୀ, ରାଜସ୍ଥାନୀ, ମହାରାଷ୍ଟ୍ରୀ ଓ ଗୁଜରାଟି ଭାଷାମାନଙ୍କରେ କର୍ତ୍ତା ସଂଗେ ଲିଂଗ-ପରିବର୍ତ୍ତନ ହୁଏ । ଯଥା:— 'ମରଦ୍ ରୋଟୀ ଖାତା', ମାୟୀ ରୋଟୀ ଖାତୀ' । କେବଳ ସଂସ୍କୃତ କାହିଁକି, ଅନ୍ୟ କୌଣସି ପ୍ରାଚୀନ ବା ଆଧୁନିକ ଆର୍ଯ୍ୟ ଭାଷାରେ ଏହା ନାହିଁ । ସଂସ୍କୃତର 'ତବ୍ୟ' ଓ 'ନିଷ୍ଠା' ପ୍ରତ୍ୟୟରେ ତିଆରି ହେଉଥିବା କ୍ରିୟାରେ ଏହା ଅଛି ସତ; କିଂତୁ ତା ମୌଳିକ ନୁହେଁ, ପୁଣି 'କର୍ତ୍ତୃବାଚ୍ୟ' ଓ 'ଭବିଷ୍ୟତ୍ କାଳ' ପ୍ରୟୋଗର ବାହାର, ଏ ଦୃଷ୍ଟିରେ କଲେ, ହିଂଦୀ ପ୍ରଭୃତି ଭାଷାର ପ୍ରୟୋଗ ସଂସ୍କୃତ ସଂଗେ ଏକ ବୋଲି କହିବାରେ ଅସୁବିଧା ଅଛି । ମାତ୍ର ପକ୍ଷାଂତରରେ, ତାମିଲ, ତେଲୁଗୁ, କର୍ଣ୍ଣାଟୀ, ମଲୟାଳୀ, ପ୍ରଭୃତି ଦ୍ରାବିଡ଼ଭାଷାରେ ଏହି ପ୍ରକାର କ୍ରିୟାର ଲିଂଗ ପରିବର୍ତ୍ତନ ଅଛି । ମନେ ହୁଏ, ଆମ ପଶ୍ଚିମ ଓ ଦକ୍ଷିଣ ଭାରତର ଆର୍ଯ୍ୟ ପ୍ରାକୃତମାନେ ସେଇଥିରୁ ଏହା ଗ୍ରହଣ କରିଅଛଂତି । ସଂସ୍କୃତରେ କିଂତୁ ଏହା ପଶି ନାହିଁ । ଓଡ଼ିଆ ଭାଷାରୁ ସେହିପରି ଆଉ ଗୋଟିଏ ଉଦାହରଣ ଦେଖ । ଓଡ଼ିଆରେ ଉତ୍ତମପୁରୁଷ ବହୁ ବଚନ ('ଆମ')ରେ ଦୁଇଟି କ୍ରିୟାର ପ୍ରୟୋଗ ଅଛି । ଯଥା :—ଆମେ ଯିବା, ଆମେ ଯିବୁ, ଆମେ ଯାଉଚେ, ଆମେ ଯାଉଚୁ, ଆମେ ଗଲେଁ, ଆମେ ଗଲୁଁ ଇତ୍ୟାଦି । ଏଥିରୁ ଗୋଟିକରେ, ଯାହାକୁ କୁହାଯାଉଚି ସେ ଅଂତର୍ଭୁକ୍ତ, ଅନ୍ୟଟିରେ ସେ ଅଲଗା । ଏହା ସ୍ପଷ୍ଟ ଦ୍ରାବିଡ଼ ଭାଷାମାନଙ୍କରୁ ଓଡିଆକୁ ଆସିଛି; କିଂତୁ ସଂସ୍କୃତ ବ୍ୟାକରଣରେ ଏହା ପଶିନାହିଁ କିଂବା ସଂସ୍କୃତଭାଷାରେ ଏହାର ସ୍ଥାନ ହୋଇନାହିଁ । ଏହାଛଡ଼ା, ବ୍ୟାକରଣ-ଗତ ପ୍ରକାଶଭଂଗୀରେ ଏହିପରି ବହୁ ଦୃଷ୍ଟାଂତ ଦିଆଯାଇ ପାରେ । ବ୍ୟାକରଣର ଏହି ଶୁଦ୍ଧତା ସଂସ୍କୃତର ବ୍ୟକ୍ତିତ୍ୱ ପ୍ରତିଷ୍ଠାର ଗୋଟିଏ ଶ୍ରେଷ୍ଠ ନିଦର୍ଶନ ।

## ଜୈନ, ଯୋଗ ଓ ଦର୍ଶନ

ଜିନ ଓ ଯୋଗ କଥା କହୁଥିଲି । 'ଜୈନ' ବା ଜିନ ଶବ୍ଦଟି ଖୁବ୍ ସଂଭବ ଦ୍ରାବିଡ଼ ବା ଅସୁର 'ଜଣ' ଶବ୍ଦ । ଏହି 'ଜଣ' ରୂପେ ଏହା ଏବେ ଓଡ଼ିଆରେ ଚଳେ । 'ଜଣ' କଥାଟି ସଂଗେ ଏହାର ସଂପର୍କ । 'ଜଣ' ଶବ୍ଦଟି ଶୁଦ୍ଧ ଓ ଓଡ଼ିଆ । ଅନ୍ୟ ଭାଷାରେ ଏହି ଧାତୁଟି 'ଜଣ' ନୁହେଁ, 'ଜନ୍'; ସଂସ୍କୃତରେ ଏହା 'ଜ' । ପ୍ରାଚୀନ ସୁମେର୍‌ରେ ଏହି 'ଜି', 'ଜୀ' ହେଉଚି ଶକ୍ତି ବା ପ୍ରାଣ-ଶକ୍ତିର ନାମ । ସୂଚନା ଦିଆ ହୋଇଚି, ଦ୍ରାବିଡ଼ରେ ଖୁବ୍ ସଂଭବ ଏହି ନାମଟି ଏହି ଅର୍ଥରେ ଚଳୁଥିଲା । ଏହିଥିରୁ ହୋଇଚି ସଂସ୍କୃତ 'ଜୀବ' ଶବ୍ଦ । ଜୀବ-ଉପାସନା ଏ ଦେଶରେ ବହୁ ପ୍ରାଚୀନ । ଏହା ପ୍ରାଗ୍‌ବୈଦିକ । ଏହି ଉପାସନାର ନାମ 'ଯୋଗ' । କୁହା ହୋଇଛି, ଏହି ଯୋଗମାର୍ଗର ଉପାସକଙ୍କୁ କହୁଥିଲେ, 'ମୁନି' । ଏହି 'ମୁନି' ଶବ୍ଦଟି ବି ସଂସ୍କୃତରେ 'ମନ' ଧାତୁ (ଜାଣିବା)ରୁ 'ନିପାତନ' ବା ବେଦପୂମରେ ସିଦ୍ଧ । 'ମୁନି' ହେଉଚି, ଜିନ-ଯୋଗୀଙ୍କ ନାମ । 'ଜିନବର', 'ବୁଦ୍ଧ', ହେଉଚଂତି 'ଶାକ୍ୟମୁନି' । ଯୋଗ ପୁଣି ହେଉଚି ଗୋଟିଏ

ଉପାସନା । ଉପାସନା କଥାଟିର ଅର୍ଥ, ଏଠି ବୁଝି ରଖିବାର ଅଛି । ଏହା ପୂଜା ନୁହେଁ କି ପ୍ରାର୍ଥନା ନୁହେଁ । ଉପାସନା ହେଉଛି, ଧ୍ୟାନର ଅଭ୍ୟାସ । ପୂଜା ହେଉଛି, ସ୍ତୁତି ବା ପ୍ରଶଂସା ଓ ନୈବେଦ୍ୟାଦିରେ 'ପରାନୁରକ୍ତି'ରେ ଉପାସ୍ୟ ଦେବ ଦେବୀଙ୍କୁ ସଂତୋଷ କରିବା । ପ୍ରାର୍ଥନା ହେଉଛି, ନିଜର ସୁଖ ସଂଯୋଗାଦି ତାଂକଠାରୁ ମାଗିବା । ମାତ୍ର ଏଇ ଜୈନ ବା ଜିଣମାନେ ବହୁ ଆଦିମ କାଳରୁ ତତ୍ତ୍ୱ-ଚିଂତା ଓ ତଦ-ଗତ ଧ୍ୟାନରେ ସ୍ୱାଧୀନ ଦର୍ଶନ ଫୁଟାଇ ଥିଲେ । ସେମାନଂକ ଦର୍ଶନ ଥିଲା—ଜୀବ, ଅଜୀବର ସମବାୟରେ ବ୍ୟକ୍ତି ବା ସୃଷ୍ଟି । ଜୀବ ହେଉଛି, ଜୀବନର ଭିତ୍ତି ଓ ଅଜୀବର ନିୟାମକ । ଅଜୀବରୁ ଜୀବକୁ ଅଲଗା କଲେ, ବ୍ୟକ୍ତି ହେବ, କେବଳ ଜୀବମାତ୍ର ବା 'କେବଳୀ' । ଏହି କେବଳୀ-ଭାବ, କେବଳୀତ୍ୱ ବା 'କୈବଲ୍ୟ' ଆସିଗଲେ, ତା ପରେ 'ନିର୍ବାଣ' । ଏଇ କୈବଲ୍ୟ ଲାଭ ପାଇଁ ଜୀବର ଏକାଂତ ଉପାସନା ଲୋଡ଼ା । ଏଇ ଉପାସନା ବା ସାଧନା ହେଉଛି, 'ଯୋଗ' ବା ଜୀବ-ଉପାସନା ବା ଜୀବ-ଧ୍ୟାନରେ ଲାଗି ରହିବା । ଏଇ ଜୀବ-ଅଜୀବ ଜ୍ଞାନର ଧାରଣାଇ ପୃଥିବୀର ଆଦି ଦର୍ଶନ । ସ୍ୱାଧୀନ ମାନବ ଚିଂତାର ଏହା ଆଦି ନିଦର୍ଶନ । ସେଇ ଦର୍ଶନ ଉପରେ ପ୍ରତିଷ୍ଠିତ ହେଉଛି, 'ଯୋଗ' । ଏଇ ତିନୋଟି ଲକ୍ଷ୍ୟରେ ପ୍ରକାଶ ପାଇଥିଲା, ଜୈନଂକ 'ତ୍ରିରତ୍ନ', ତାର ଆଦିମ ଜୈନ ସୂତ୍ରଟି ସଂସ୍କୃତରେ ହେଉଛି, 'ଜ୍ଞାନ-ଦର୍ଶନ-ଚରିତ୍ରଂ', 'ତ୍ରିରତ୍ନଂ' । ବହୁକାଳପରେ 'ଜିନବର' ଶାକ୍ୟମୁନି ବୁଦ୍ଧ ଏହାର ସଂସ୍କାର କରି କହିଥିଲେ, 'ତ୍ରିରତ୍ନ' ହେଉଛି, ଜ୍ଞାନ-ସ୍ୱରୂପ 'ବୁଦ୍ଧ', ଦର୍ଶନଲବ୍ଧ 'ଧର୍ମ' ବା ବ୍ୟକ୍ତି-ସଂବଂଧରେ ଶୃଂଖଳିତ କର୍ମ-ପରଂପରା ଓ ସେଇ 'ଧର୍ମ'ର ଆଚରଣ ସ୍ଥାନ 'ସଂଘ' ବା ସମାଜ ।

## ଶକ୍ତି ଓ ତଂତ୍ର

ମା ବା ଆଦିମାତାର ଉପାସନା ଅତି ଆଦିମ । ପ୍ରାୟ ୫୦୦୦ରୁ ଅଧିକ ବର୍ଷ ତଳର ଆସିଆ ମାଇନର ଓ କ୍ରୀଟ ଦ୍ୱୀପ ପ୍ରଭୃତିରେ ସିଂହବାହିନୀ ମାଂକ ମୂର୍ତ୍ତି ମିଳୁଛି; ଆସିଆ ମାଇନରରେ ମଧ୍ୟ ଏଇ ଦ୍ରାବିଡ଼ ମା ବା ଅମ୍ମା ନାମଟି ପର୍ଯ୍ୟଂତ ଲେଖାରୁ ମିଳେ । ଶିଶ୍ନରୂପୀ ପିତୃଦେବ ମଧ୍ୟ ସେଇପରି ଆଦିମ । ପୃଥିବୀର ପ୍ରାଗ୍‌ଐତିହାସିକ ସଭ୍ୟଦେଶମାନଂକରେ ସେ ପ୍ରକାଶ ପାଇଥିଲେ । ଭାରତର ଆଦିମ ଲୋକାନଂକ- ଠାରୁ ଆଫ୍ରିକା ଓ ଗ୍ରୀସ୍ ଯାଏ ସର୍ବତ୍ର ତାଂକ ପୂଜା ପ୍ରତିଷ୍ଠିତ ଥିଲା । କାଳକ୍ରମେ ଗ୍ରାମଦେବ ଓ ଗ୍ରାମ- ଦେବତାମାନେ ସେଥିରେ ନାନାଭାବରେ ମିଶି ଯାଇଥିଲେ । ବହୁ ପ୍ରାଚୀନ କାହାଣୀ, କିଂବଦଂତୀ- ମାନ ମଧ୍ୟ ସେଥିରେ ନାନା ସଂପର୍କରେ ମିଶି ଏକାକାର ହୋଇ ଯାଇଥିଲା । ଜୀବ-ଅଜୀବ-ମୂଳକ ଦର୍ଶନ ମଧ୍ୟ ତା ଭିତରେ ପଶି ତାକୁ ସବୁ ନୂତନ ଭାବରେ ଜୀବଂତ କରିଥିଲା । ଜୀବ ଗୋଟିଏ ଶକ୍ତି । ଅଜୀବର ସଂସର୍ଗରେ ଏଇ ଶକ୍ତିରେ ହୁଏ ବିଶ୍ୱ ପ୍ରକାଶ । ଏଇ ଅଜୀବ ହେଉଛି, ଶିବ । ପରେ ଅବଶ୍ୟ ନାନାକାରଣରୁ ଏହା ଓଲଟି ଯାଇ ଶକ୍ତି ହେଲେ, 'ମାୟା, ଅବିଦ୍ୟା ବା ପ୍ରକୃତି ।' ସେ ହୋଇଗଲେ ଅଜୀବ ଓ ଶିବ ହେଲେ, ପୁରୁଷ ବା ଜୀବ । ସେ ଭିନ୍ନ କଥାର । ମାତ୍ର ମୂଳତଃ ଜୀବ ହେଉଛି, ଶକ୍ତି । ଏଥିରେଇ ଯୋଗର ପ୍ରୟୋଗ ହୋଇ ହେଲା, ତଂତ୍ର ବା ବିଶ୍ୱପ୍ରକାଶର ଦର୍ଶନ । ଏହାକୁ ଧରି ଆଦିମ ଯୋଗ-ସାଧନା ବା 'ନିର୍ବାଣସାଧନା' ଖୁବ୍ ପ୍ରତିଷ୍ଠିତ ହୋଇଥିଲା । ରୁକ୍ଷ ଦର୍ଶନ ମାର୍ଗ ଛାଡ଼ି, ଲୋକରେ ଉପାସ୍ୟ ଦେବୀ ଓ ଦେବଂକୁ ଧରିଥିବାରୁ ଏଇ ତଂତ୍ର ମାର୍ଗଟି ଲୋକରେ ବେଶି ଆଦର ପାଇଲା । ତେଣୁ କାଳକ୍ରମେ ଆଦିମ ଲୋକାଚାରର ଧର୍ମର ଗୁଣି, ଗାରେଡ଼ି, କୁହକ ପ୍ରଭୃତି 'ଶାବରୀ ବିଦ୍ୟା' ଓ ତନ୍ତ୍ରସଂଗେ ନାନା

ଆଦିମ କଳ୍ପନା, ଦେବ ଦେବୀଙ୍କ ଆବେଶ ଆବିର୍ଭାବ ଓ ଦୈବାଦେଶରେ ଆରୋଗ୍ୟ ତଥା ଲୋକ-ଚଳଣି ପାଇଁ ଦେବ-ନିଦେଶ ଓ ଦୈବବାଣୀ ପ୍ରଭୃତି ଆଦିମ ମାନବ ଧର୍ମର ବିଭିନ୍ନ ଉପାଦାନମାନ ନାନା ସ୍ତରରେ ନୂଆ ନୂଆ ରୂପ ଧରି ପ୍ରକାଶ ପାଇଥିଲା ।

## ଭକ୍ତିଧର୍ମ

ଏହି ପ୍ରାକୃତ ଧର୍ମମାନଙ୍କର ଆଉ ଗୋଟିଏ ବିକାଶ ହେଉଛି, ଭକ୍ତି ଧର୍ମ । ତନ୍ତ୍ରର ଶରୀର ବା ଆତ୍ମ ସାଧନାରେ ଜ୍ଞାନ ଓ ଦର୍ଶନର ସମ୍ପର୍କ ଅଛି; କିନ୍ତୁ ଭକ୍ତିରେ ତା ନାହିଁ । ଏହା ଉପାସ୍ୟଠାରେ ଏକାନ୍ତ ଆତ୍ମସମର୍ପଣ । ତନ୍ତ୍ର ସାଧନା ବ୍ୟକ୍ତିଗତ । ଯୋଗ ପରି ଏହା ବ୍ୟକ୍ତିର ସ୍ୱାଧୀନତାର ସାଧନା । ସମ୍ଭବତଃ ରାଜା ପୁରୋହିତ ପ୍ରଭୃତିଙ୍କ କ୍ଷମତା ହେତୁକ ପୀଡ଼ନ ଫଳରେ ବ୍ୟକ୍ତିର ବିଦ୍ରୋହରୁ ଏହା ବାହାରିଥିଲା । ଭକ୍ତିର ମୂଳ ହେଉଛି, ସେହି କ୍ଷମତାରେ ଆତ୍ମ-ସମର୍ପଣ । ଜଣାଯାଉଛି, ଏହି ଭକ୍ତିଧର୍ମର ଐତିହାସିକ ମୂଳ ହେଉଛନ୍ତି, 'ଅସୁର' ରୂପୀ ଅସୁର ଦେଶ (ଆସିରିଆ)ର ସମ୍ରାଟ୍ ତଥା ବାବିଲନ୍‌ର ସମ୍ରାଟଙ୍କ ଉପାସ୍ୟ ମାର୍ଦୁକ୍ । କୁହାଯାଇଛି, ମୀଡ଼ସ୍ ଜାତିର ପାରସିକ 'ଜାରାଥୁଷ୍ଟ୍ର'ଙ୍କ 'ଅହୁରମେଜ୍‌ଦା'ଙ୍କ ଆମ ନାରାୟଣୀୟ ଧର୍ମର 'ବାସୁଦେବ କୃଷ୍ଣ', ଇହୁଦୀଙ୍କ 'ଜିହୋବା' ଓ ଆରବର 'ଅଲ୍ଲା' ପ୍ରଭୃତି ସମସ୍ତେ ସେହି 'ଅସୁର'ଙ୍କ ପ୍ରତିକାଶ । ଏଥିରେ ମିଶି ଯାଇଥିଲା ଅତି ଆଦିମ କାଳରୁ ପ୍ରତିଷ୍ଠିତ, ରାଜା ସମ୍ରାଟ୍‌ମାନଙ୍କ ବରଣୀୟ, ନାରୀର ଆବେଶରେ ଦୈବାଦେଶ—ଯାହାକୁ ପରେ ଗ୍ରୀକ୍‌ମାନେ କହୁଥିଲେ, ଅରେକ୍‌ଲ୍ ( Oracle ) ।

## ଦ୍ରାବିଡ଼ ସଂସ୍କୃତିର ପ୍ରତିଷ୍ଠା

ଦ୍ରାବିଡ଼ କହ, ଅସୁର କହ, ଯେ କୌଣସି ନାମରେ କହ, ଏହି ବିଶାଳ ଓ ସେକାଳର ବିଶ୍ୱ-ବ୍ୟାପୀ ସଂସ୍କୃତିର ଆଭିଜାତ୍ୟ ଆଜି କଳନା କରିବା ଦୁର୍ଘଟ । ଯାହା ବା ସଙ୍କେତ ମିଳୁଛି, ସେଥିରୁ ଅନୁମାନ ହୁଏ, ମାନବ ଜଗତରେ ମୂଳରୁ ଆଜଯାଏ ଯେଉଁ ସଂସ୍କୃତିର ପରମ୍ପରା ଗଢ଼ି ଆସିଛି, ତାର ଯଥାର୍ଥ ପ୍ରାଣ ପ୍ରତିଷ୍ଠା ଏହି ଆର୍ଯ୍ୟେତର ସଭ୍ୟତାରେ । ଏ ସବୁ ପୁଣି ଆର୍ଯ୍ୟ ସାହିତ୍ୟରେ 'ଆଗମ' । ଏ 'ଆଗମ' ବିନା ଆମ ଆର୍ଯ୍ୟ ବା 'ନିଗମ' ସାହିତ୍ୟର କିବା ମୂଲ୍ୟ ? କିନ୍ତୁ ଆର୍ଯ୍ୟମାନେ ସବୁଦିନ ଯେପରି ଏଠି ବି ସେହିପରି ବିଜେତା । ଆଦିମ ବୈଦିକ ଯୁଗର ସଂକେତରୁ ଜଣାଯାଏ, ଏ ଭୂମିରେ ସେହିକାଳରୁ ଆର୍ଯ୍ୟ-ଦାସ ତଥା ଦେବାସୁର ଯୁଦ୍ଧ ବରାବର ଲାଗିଥିଲା । ନମୁଚି ଓ ଶମ୍ବରଙ୍କ ପରି ଦୁର୍ଗ-ପ୍ରାସାଦ-ବାସୀଙ୍କର ହୁଏତ ଦାସ, ଦାସୀ, ପରିବାର, ପୁରୋହିତ ସେନା ସାମନ୍ତ ପୂର୍ଣ୍ଣ ଦୁର୍ଗମାନ, ଇନ୍ଦ୍ର-ଚାଳିତ ଅଶ୍ୱଚାଳନାଦକ୍ଷ ଯୁଦ୍ଧ-କୁଶଳୀ ଆର୍ଯ୍ୟମାନେ ଭେଦ କରି ଅସ୍ତ ବ୍ୟସ୍ତ କରୁଥିଲେ । ବେଳେ ବେଳେ ସେହି ରଣକୌଶଳରେ ବି ବଂଚନାର ବ୍ୟବହାର କରିବାରେ ହୁଏତ ସେମାନେ ଅପଟୁ ନ ଥିଲେ । ଏପରିକି ଯୁଦ୍ଧ ବନ୍ଦ ହେଲେ, ରାତିରେ ଇନ୍ଦ୍ରଙ୍କ ପରି ଦୁର୍ଦ୍ଦାନ୍ତ ଶତ୍ରୁ, 'ନମୁଚି'ଙ୍କ ଘରେ ପହଂଚି ଅତିଥିର ଅଭ୍ୟର୍ଥନାରେ ଆପ୍ୟାୟିତ ହେବାର ଦୃଷ୍ଟାନ୍ତ ମଧ୍ୟ ଏ କ୍ଷେତ୍ରରେ ଲକ୍ଷ୍ୟ କରିବାର ଅଛି । ସଭ୍ୟତା, ବିନଷ୍ଟ ହୁଏ । ସଭ୍ୟଜାତିମାନେ ଅଳ୍ପତର ସଭ୍ୟ ବା ଅସଭ୍ୟଙ୍କ ଦ୍ୱାରା ପରାସ୍ତ ହେବାର ଦୃଷ୍ଟାନ୍ତ ଇତିହାସରେ ଅତି ସାଧାରଣ କଥା । ତା ହୁଏତ ଏଠି ହୋଇଥିଲା । ମାତ୍ର ସଭ୍ୟଜାତି ପରାଜୟରେ ମଧ୍ୟ ସଂସ୍କୃତିରେ ଜିଣନ୍ତି । ତେଣୁ ଆମର ସମସ୍ତ ଧର୍ମ ଓ ସଭ୍ୟତା, 'ଆଗମ' ବୋଲି କହିଲେ ଚଳେ । ଆର୍ଯ୍ୟେତର ସଭ୍ୟତାର ଆମର ଆଜି ଆର୍ଯ୍ୟ-ସଭ୍ୟତା । ହୁଏତ ଏହି ଆର୍ଯ୍ୟେତର ଦ୍ରାବିଡ, ଅସୁର ଓ ଶବରମାନେ କେତେ ନିଜକୁ ଆର୍ଯ୍ୟ ବୋଲି ପରିଚୟ

ଦେଇ ଏଇ ଆର୍ଯ୍ୟ ସଭ୍ୟତାକୁ ବିଶାଳ ଓ ପୁଷ୍ଟକ କରିବାରେ ସେଇକାଳୁ ଲାଗିଯାଇ ଥିଲେ । ଏହା ସେଇ ଆଦିକାଳରୁ ଆରମ୍ଭ ହୋଇଥିଲା । କୃଷ୍ଣ ନାମଧାରୀ ଅନାର୍ଯ୍ୟ ରାଜାଙ୍କୁ ଇନ୍ଦ୍ର ବା ଇନ୍ଦ୍ର-ପୂଜକ ଆର୍ଯ୍ୟମାନେ ପରାସ୍ତ କରିଥିବା କଥା ଋଗ୍‌ବେଦରେ ଅଛି । ସେଇ କୃଷ୍ଣନାମୀ, ବାସୁଦେବ-କୃଷ୍ଣ, କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ, ଯାଜ୍ଞସେନୀ ଦ୍ରୌପଦୀ କୃଷ୍ଣା ଓ ଅର୍ଜୁନ-ପାଣ୍ଡବ ପ୍ରଭୃତି ଜନ୍ମତଃ ଆର୍ଯ୍ୟ ନଥିବା କଦାପି ଅସମ୍ଭବ ନୁହେଁ, ବରଂ ସମ୍ଭବ । ଦଶରଥପୁତ୍ର ରାମ ମଧ୍ୟ କଳା ଥିବାର ପରମ୍ପରା ପ୍ରସିଦ୍ଧ । ସଂସ୍କୃତି ହିସାବରେ ପୁଣି ଏ ସମସ୍ତ ଆଗମିକ । ଏଇପରି ଅନୁସନ୍ଧାନରେ ଦେଖି ହେବ, ଆର୍ଯ୍ୟମାନେ କଣି ମଧ୍ୟ ବିଦ୍ୟା, ସଂସ୍କୃତି ଓ ସଭ୍ୟତାରେ ବିଜିତ । ଧର୍ମରେ ବା ଦର୍ଶନରେ—କାର୍ଯ୍ୟରେ ହୁଏତ ଆମେ ପୁରାପୁରି ଆର୍ଯ୍ୟ ନୋହୁଁ ।

## ସଂସ୍କୃତିର ବିଜୟ

ତଥାପି ସାରା ଭାରତରେ ଆଜି କେହି ଅନାର୍ଯ୍ୟ ନୁହେଁ । 'ଗୀତା'ରେ ନିଜେ କୃଷ୍ଣ, ଅର୍ଜୁନଙ୍କ ସ୍ୱଜନ ପ୍ରୀତି ହେତୁକ ଯୁଦ୍ଧ-ବିମୁଖତାକୁ କହୁଛନ୍ତି, 'ଅନାର୍ଯ୍ୟ-ଜୁଷ୍ଟ' ( ଅନାର୍ଯ୍ୟ ଆଚରଣ ) । ଦ୍ରାବିଡ଼-ନିଷାଦ-ସମେତ ଆର୍ଯ୍ୟେତର ବା ଅନାର୍ଯ୍ୟଙ୍କ ବିଶାଳ ସଂସ୍କୃତିର ବରିଷ୍ଠ ସଂପଦ ହେଉଛି, ଆଜି ଆମର 'ଆଗମ' ବିଦ୍ୟା; 'ଆଗମ' ଶାସ୍ତ୍ର । ଆମେ ସମସ୍ତେ ହୋଇଛୁ ଆର୍ଯ୍ୟ । ଆର୍ଯ୍ୟଙ୍କର ଏ କମ ବିଜୟ ନୁହେଁ । ଏ ବିଜୟରେ ରଥ ନାଇ, ଅଶ୍ୱ ନାଇ, ଧନୁର୍ବାଣ ନାଇ, ଗଦାଖଡ୍‌ଗ ନାଇ, ବ୍ୟୂହରଚନା ନାଇ କି ରଥୀ ପଦାତି ନାହାନ୍ତି, ସେନା ନାହାନ୍ତି, କି ସେନାପତି ନାହାନ୍ତି, ବିଜିତର ଏଥିରେ ଗୌଣତ୍ୱ ନାଇ, କି ବିଜେତାର ଗର୍ବ ନାଇ । ଏଥିରେ ପୁଣି ସମସ୍ତେ ବିଜେତା, ସମସ୍ତେ ଏକାକାର । ଏ ବିଜୟ ପୃଥିବୀରେ ଅଦ୍ୱିତୀୟ । ଏ ବିଶ୍ୱବିଜୟରେ ଆର୍ଯ୍ୟଙ୍କର ଅସ୍ତ୍ର ବା ସାଧନ କଅଣ ? ଏଥିରେ ପ୍ରଧାନ—ପ୍ରଧାନ କାହିଁକି, କହିଲେ ହୁଏ, ଏକମାତ୍ର—ସାଧନ ହେଉଛି, ସଂସ୍କୃତ ଭାଷା । ଏଇ ସଂସ୍କୃତ ଭାଷା ବଳରେ ଏକା ଆଜି ସବୁ, 'ଆଗମ' ଆମର, ସବୁ ପ୍ରାକୃତ ଆମରି ପ୍ରାକୃତ, ସବୁ ବିଦ୍ୟା ଆମରି ବିଦ୍ୟା; ସବୁ ସଂସ୍କୃତି ଆମରି ସଂସ୍କୃତି, ସ୍ମୃତି ଆମର ଶାସ୍ତ୍ର, ବେଦ ଆମର ଶବ୍ଦ-ବ୍ରହ୍ମ । ସଂସ୍କୃତରେ ସବୁ ନିଜର କରିଛି; ନିଜ ରୂପରେ ରୂପାୟିତ କରି ଜୀବନ୍ତ କରିଛି, କାହାକୁ ମାରିଦେଇ ନାଇଁ; କାହାକୁ ଲୋପ କରିନାଇ । ତେଣୁ ଆମର ଧର୍ମ—ଆମର ସଂସ୍କୃତି, ଆମର ସାହିତ୍ୟ ସନାତନ; ଅର୍ଥାତ୍, ନିତ୍ୟଜାତ, ନିତ୍ୟନୂତନ, ନିତ୍ୟ ବର୍ଦ୍ଧିଷ୍ଣୁ—ନିତି ନୂଆ ନୂଆ ଆଗମରେ ସମୃଦ୍ଧ ।

## ଆମ ପରମ୍ପରା ଓ ଧାରଣା

ଶବ୍ଦମାନଙ୍କ ସମ୍ବନ୍ଧରେ ଟିକିଏ ସୂଚନା ଦେଇଛି । ସଂସ୍କୃତି ଆହରଣ କରିବାରେ ଶବ୍ଦ ହେଉଛି ଭାଷାର ଏକ ଶ୍ରେଷ୍ଠ ଉପାଦାନ । ଆର୍ଯ୍ୟମାନେ ନିଜର ଅନନ୍ୟସାଧାରଣ ଭାବ-ପ୍ରକାଶପର ଭାଷାରେ ଏଇ ଶବ୍ଦ ଆଦାନରେ କେବେ କୁଣ୍ଠିତ ନ ଥିଲେ, ଏହା ସଂକେତରେ ବୁଝା ଯାଇଛି । ଭାବ ଆହରଣ କରି ସେଇପରି ନିଜର କରିବାର ଟୁକ୍ ସୂଚନା ମଧ୍ୟ ଦିଆ ହୋଇଛି ସତ; ମାତ୍ର ସେଇ ଭାବ ଆଦାନର କ୍ରମିକଗତି, କ୍ରମପ୍ରସାରିତ ସୋପାନ-ଶ୍ରେଣୀରେ ଟିକିଏ ସଂକେତରେ ଭଲକରି ବୁଝି ରଖିବା ହୁଏତ ଅନେକ କ୍ଷେତ୍ରରେ ଦରକାର । ସଭ୍ୟତା ସଂସ୍କୃତି ତଥା ସାହିତ୍ୟର ଇତିହାସ ଆଲୋଚନାରେ ଏହା ସାହାଯ୍ୟ କରିବ । ପୁଣି ଆମ ସଂସ୍କୃତ ସାହିତ୍ୟ ଓ ସନାତନ ଧର୍ମ ଏତେ ଜୀବନ୍ତ ଓ ଏତେ ବ୍ୟକ୍ତିତ୍ୱବାନ୍ ଯେ, ତା ଏକ ମୌଳିକ ନିଜର ସ୍ୱତନ୍ତ୍ର ସ୍ୱାଧୀନ ଓ କାହାରିଠୁ

ଏକାଂତ ଅପ୍ରଭାବିତ ବିକାଶ ପରି ଜଣାପଡ଼େ । ସେଇ ଧାରଣା ପୁଣି ଆମର ବଦ୍ଧମୂଳ ଓ ଏକାଂତ ପ୍ରିୟ । ବିଶ୍ଳେଷଣ କରି ଆଗମିକ ଉପାଦାନ ଦେଖି ଦେଖାଇବାକୁ ଆମ ରୁଚି ଏକ ପ୍ରକାର ପରାଙ୍ମୁଖ । ବେଦ ଆମର ଅପୌରୁଷେୟ । ସେଇ ବେଦରେ ଆମର ସବୁ ଅଛି । ପରେ ଯା ହୋଇଛି, ସେ ସବୁ ଆମ ବେଦରୁ । ଏହାହିଁ ଆମର ଧାରଣା; ଏହାହିଁ ଆମର ସଂସ୍କାର । ବେଦରୁ ଆମ ଦର୍ଶନ, ବେଦରୁ ଆମ ସ୍ମୃତି, ବେଦରୁ ଆମ ଛଂଦ, ବେଦରୁ ଆମର ସବୁ ଧର୍ମ—ସବୁ ପୂଜା ପଦ୍ଧତି ଓ ସବୁ ସ୍ତୁତି, ଭକ୍ତି—ଏଇପରି ଆମର ସବୁ ପରଂପରା ନିରୁତା ବେଦସିଦ୍ଧ ଓ ବୈଦିକ । ତେଣୁ ଏ ପରଂପରାର ଗଭିରେ କ୍ରମିକ ଆଦାନ ପ୍ରତି ଲକ୍ଷ୍ୟ କରି 'ଆଗମ' ବା ଆହରଣର ଉପାଦାନ ଗୁଡ଼ିକର ବ୍ୟାପ୍ତି, ମୂଳ ଓ ପ୍ରବେଶ ପ୍ରକାର ଆଡ଼କୁ ଧାରାବାହିକ ଭାବରେ ଟିକିଏ ସଂକେତ ଦେବା ଅବାଂତର ହେବ ନାହିଁ । ଏଥିରେ କେତେକ କଥା ବିରୁକ୍ତି ପରି ଲାଗି ପାରେ । ମାତ୍ର ଖାଲି 'ଏସବୁ ଆମର ବାହାରୁ ଆସିଛି' ବୋଲି କହି ଦେଇ ଛାଡ଼ି ଦେଲେ ଆପଣମାନଂକ ଭିତରୁ ଅନେକେ ହୁଏତ ମୋ କଥାର ସତ୍ୟରେ ନିଃସଂଦେହ ହେବେ ନାହିଁ; ତେଣୁ ସେଇସବୁ ଐତିହାସିକ ଆଲୋଚନାର ସଂକେତମାନଂକ ବିଷୟରେ ଟିକିଏ କହେଁ ।

## ବେଦରେ

ପୃଥିବୀରେ ସର୍ବତ୍ର ଧର୍ମ ବୋଇଲେ ଭକ୍ତି କରିବା —ପାପରୁ ତ୍ରାହି ପାଇବା, ଭୋଗସୁଖାଦି ପାଇବା ପାଇଁ ଈଶ୍ୱରଂକଠାରେ ଆତ୍ମସମର୍ପଣ କରିବା । ଏକମାତ୍ର ଭାରତରେ ଦାର୍ଶନିକ ଶୂନ୍ୟୋପାସନାର 'ନିର୍ବାଣ' ଓ ବ୍ରହ୍ମୋପାସନାର 'ମୁକ୍ତି'ରେ ତା ନାହିଁ । ମାତ୍ର ଲୋକେ ସାଧାରଣତଃ ତା ବୁଝଂତି ନାହିଁ । ସାଧାରଣତଃ ବୈଷ୍ଣବର 'ପତିତପାବନଧର୍ମ' ଏ ଦେଶର ବି ମୁଖ୍ୟ ଧର୍ମ । ଅନ୍ୟାନ୍ୟ ଧର୍ମ ମଧ୍ୟ ସେଇ ଛାଂଚରେ ଗଢ଼ା । ଗୀତାରେ ବି ସେଇ ଅନୁକ୍ରମେ ଭଗବାନ୍ କହିଚଂତି,

> "ଭକ୍ତାସ୍ତେଽତୀବ ମେ ପ୍ରିୟାଃ"
>
> ( ଭକ୍ତ ମୋର ଅତ୍ୟଂତ ପ୍ରିୟ )

ପୁଣି—

> "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ,
> ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି
> ମା ଶୁଚଃ ।"

( ସବୁ ଧର୍ମଗୁଡ଼ିକ ଛାଡ଼ି ମୋଠି ଏକା ଶରଣ ନେ । ମୁଁ ତତେ ସର୍ବ ପାପରୁ ମୁକ୍ତ କରିବି, ଶୋକ କର ନା ) ।

ଏହାର ପ୍ରାସଂଗିକ ତାତ୍ତ୍ୱିକ ଅର୍ଥ ଯା ହେଉ, ଏହା ଭକ୍ତି ଧର୍ମର ବାକ୍ୟ । କଥା ଅଛି, ଗୀତା ପ୍ରଭୃତିରେ ଏଇ ଭକ୍ତିଧର୍ମ ଉଜ୍ଜ୍ୱଳଭାବରେ ଫୁଟି ହୋଇ ପାରିଲା ନାହିଁ ବୋଲି 'ବ୍ୟାସ' ଭାଗବତ ରଚନା କରିଥିଲେ । ଏ ସବୁ ସତ୍ତ୍ୱେ, ଋଗ୍‌ବେଦରେ 'ଭକ୍ତି'ର ଆତ୍ମସମର୍ପଣ ଓ ସେଇ ସୂତ୍ରରେ ସବୁ ପାପରୁ ମୁକ୍ତି ପାଇବା କଥା ପ୍ରାୟ ନାହିଁ । ସେଥିରେ ଇଂଦ୍ରାଦି ଦେବମାନେ ସହାୟକ, ବଂଧୁ । କେବଳ 'ବରୁଣଂ'କ ସ୍ତୁତିରେ ଭକ୍ତି ଧର୍ମର ସଂସ୍ପର୍ଶ ଦେଖାଯାଏ । ଋଷି କହୁଚଂତି, 'ବରୁଣଂକୁ ଭଜିଲେ, ସେ ପାପୀମାନଂକୁ କ୍ଷମା ଦିଅଂତି' । 'ଶୁନଃଶେଫ'ଂକୁ ବରୁଣଂକ ତଦର୍ଥେ ବଳି ଦେଇ ଦେଲେ, ସେ ସେଇ ବରୁଣଂକୁ ସ୍ତୁତି କରିବାରେ, ବରୁଣ ନିଜେ ଆସି ଶୁନଃଶେଫଂକୁ ବଧ୍ୟଯୂପରୁ ଫିଟାଇ ମୁକ୍ତ କରିଥିବା କଥା ଆପଣମାନେ ଜାଣିଥିବେ; ମାତ୍ର ବରୁଣ ହେଉଚଂତି, ମୂଳତଃ ଅସୁର—ଦେବ ନୁହଂତି । ତାଂକ ନାମ ହେଉଚି, ବେଦରେ 'ଅସୁର-ବରୁଣ' । ପାରସ୍ୟର ଅହୁର-

ମେଜ୍‌ଦା ବା ଅସୁର-ମର୍ଦୁକ୍‌ଙ୍କ ସଂଗେ ବୈଦିକ ବରୁଣଂକର ବହୁ ସାମଂଜସ୍ୟ ଅଛି । ବାବିଲନର 'ଅସୁର' ବହୁ ପ୍ରାଚୀନ । ତାଂକଠାରୁ ପ୍ରାଚୀନତର ସେଇ ବାବିଲନ୍ ବା ସୁମେରର 'ଇଆ', ଠିକ୍ ବରୁଣଂକ ପରି ଜଳ ଦେବତା ଓ ଜଳ-ମାର୍ଗ ଜାଣିବା ଦେବତା । ବେଦରେ ମିତ୍ର ଓ ରୁଦ୍ର ମଧ୍ୟ 'ଅସୁର' । ଏଇ ଅସୁରମାନେ ଏଇ ଦେଶରୁ ହେଉ ବା ବାହାରୁ ହେଉ, ବେଦରେ ଗୃହୀତ ହୋଇଥିଲେ ଓ ବୈଦିକ ଦେବଂକ ସଂଗେ ମିଶି ଯାଇଥିଲେ । ଆଉ କିଛି ପ୍ରମାଣ ନ ଥିଲେ ବି 'ଅସୁର' ନାମଟି ଏ କ୍ଷେତ୍ରରେ କମ୍ ସଂକେତ ଦେଉନାଇ । କୁହାଯାଇଛି, ଋକ୍‌ବେଦରେ ଋଷି ସ୍ପଷ୍ଟ କହୁଚଂତି, ଦେବ ଯାହା, ଅସୁର ବି ସେଇଆ । ଆହରଣପର ବୈଦିକ ଋଷି ସେଇକାଳ ବାଛି ବାଛି ଅସୁରମାନଂକୁ ନିଜ ଦେବଂକ ଭିତରେ ସ୍ଥାନ ଦେଇଥିଲେ । ଶୁଦ୍ଧ ଭକ୍ତିଧର୍ମ ବୈଦିକ ନୁହେ । ତେଣୁ ଅତି ପ୍ରାଚୀନ ନାଗପୂଜୀୟ ତଥା ପାଂଚରାତ୍ର ଧର୍ମ 'ଆଗମ' ବୋଲି ଆମର ପରଂପରା କହଂତି ।

## ନାସଦୀୟ ସୂକ୍ତ

'ନାସଦୀୟ ସୂକ୍ତ' କଥା କହୁଚି । ସେଥିରେ ବାହାରୁ ଆସୁଥିବା ଗୋଟିଏ ଶୂନ୍ୟ-ବାଦ-ମୂଳକ ଦର୍ଶନର ଧକ୍‌କା ସ୍ପଷ୍ଟ । ଋଷି କହୁଚଂତି, "ପହିଲେ ଅସତ୍ ନ ଥିଲା କି ସତ୍ ନ ଥିଲା ? ନିକଟ ଆକାଶ ନ ଥିଲା କି ତା ଉପରର ବ୍ୟୋମ ନ ଥିଲା ? କଅଣ ଘୋଟି ରହିଥିଲା ? କେଉଁଠି ? ଏ ଗହନ ଗଭୀର ଜଳ (ବିସ୍ମୃତ୍‌ବାଣ) ଥିଲା କି ନା ?" ଇତ୍ୟାଦି ।

ଏ ପ୍ରଶ୍ନ, ଏ ଶଂକା, କାହିଁକି ? ଯେଉଁ ଋଗ୍‌ବେଦର ଦୃଢ଼ଭିତ୍ତି ହେଉଚି, "ଏକଂ ସଦ୍‌ବିପ୍ରା ବହୁଧା ବଦଂତି" (ଏକ ମୂଳ 'ସତ୍ତା' ବା ବସ୍ତୁକୁ ବେଦଜ୍ଞମାନେ ଇଂଦ୍ର, ଅଗ୍ନି, ବରୁଣ ପ୍ରଭୃତି ନାନା ନାମରେ କହଂତି ) ସେଥିରେ ଏପରି 'ସତ୍ତା ଥିଲା, କି ଶୂନ୍ୟ ଥିଲା', ହେଉଚି, ଏକ ଆଗମିକ ସତ୍ୟର ସଂଘର୍ଷ ।

## ଅଥର୍ବ ବେଦ

ଅଥର୍ବ ବେଦରେ ଅବୈଦିକ ଅନୁଷ୍ଠାନ ଓ ସାହିତ୍ୟର ଆଦର ଓ ଆହରଣ ସ୍ପଷ୍ଟ । ମଂତ୍ରତଂତ୍ର ପ୍ରଭୃତି ସଂଗେ ଜଡ଼ିବୁଟି କୁହୁକ ପ୍ରଭୃତି 'ଶାବରୀବିଦ୍ୟା'ର ସମସ୍ତ ଉପକରଣ ପାଇଁ ଏଇ ଅଥର୍ବବେଦ ସୂତ୍ରରେ ବୈଦିକ ସାହିତ୍ୟରେ ସ୍ଥାନ ହୋଇ ଯାଇଥିବାର ସୂଚନା ଦିଆ ହୋଇଚି । ଅଥର୍ବ ବେଦର ଆଉ ଗୋଟିଏ ନାମ ହେଉଚି, 'ଅଥର୍ବାଙ୍ଗିରସଃ' । ପ୍ରସିଦ୍ଧ ବେଦବିତ୍ ଜର୍ମାନ୍ ପଂଡିତବର ବ୍ଲୁମ୍ ଫିଲଡ଼ ସାହେବ ( Bloom field ) ମୌଳିକ ବ୍ୟୁତ୍ପତ୍ତି ଧରି କହଂତି, 'ଅଥର୍ବ' ଶବ୍ଦର ଅର୍ଥ ହେଉଚି 'ଦୈବୀ ଜାଦୁବିଦ୍ୟା' ଓ 'ଅଂଗିରସ' ବୋଇଲେ, 'ମୋହିନୀ ଜାଦୁ ବିଦ୍ୟା' ବା 'ଶାବରୀ ବିଦ୍ୟା' । ଏଇ 'ଅଥର୍ବ'ର ଆଉ ଗୋଟିଏ ନାମ ହେଉଚି, 'ଭେଷଜା'; ଅର୍ଥାତ୍, ମଂଗଳକାରୀ ମଂତ୍ରଶକ୍ତି ଅଥବା ଆରୋଗ୍ୟକର ମଂତ୍ରଶକ୍ତି । ଏଇଥିରୁ ଆସିଚି, ଆମ ଔଷଧାର୍ଥକ 'ଭେଷଜ' ଶବ୍ଦ । ସେ ଯା ହେଉ, ବିଜେତା ଆର୍ଯ୍ୟଂକର ବିଜିତ ଦ୍ରାବିଡ଼ ଶବର ପ୍ରଭୃତିଂକ ପ୍ରତି ପ୍ରାଣପ୍ରାଚୁର୍ଯ୍ୟ ଓ ସନାତନ ମାନବ ପ୍ରଗତି ସଂବଂଧରେ ଏ ସୁବୋଧଦୃଷ୍ଟି ଅନ୍ୟତ୍ର ଦେଖା ନାଇ । ଇଉରୋପୀୟ ତଥା ମୁସଲ୍‌ମାନଂକ ଧର୍ମ ବିଜୟ ଓ ସାମ୍ରାଜ୍ୟ ପ୍ରତିଷ୍ଠା ସଂଗେ ଏହାର ଆକାଶ-ପାତାଳ-ଭେଦ ତୁଳନାରେ ଦେଖିଲେ ବିସ୍ମିତ ହେବାକୁ ହୁଏ । ବୈଦିକ ଆର୍ଯ୍ୟଂକର ଏଇ ଆହରଣରୁ ପ୍ରକାଶ ପାଇଥିଲା, ଆମ ବିରାଟ ବୈଦ୍ୟଶାସ୍ତ୍ର ଓ ଭୈଷଜ୍ୟ ସାଧନା । ପୁଣି ପରବର୍ତ୍ତୀ କାଳର 'ଜାରଣ', 'ମାରଣ', 'ବଶୀକରଣ' ପ୍ରଭୃତିର କୁତ୍ସିତ 'ତଂତ୍ର-ସାଧନା' ଓ 'ସିଦ୍ଧି'ର ମୂଳ ମଧ୍ୟ ଏଇଠାରେ । ତା ଛଡ଼ା, ପରବର୍ତ୍ତୀ ବହୁ ପୁରାଣ

ଆଖ୍ୟାୟିକାମାନଙ୍କର ମୂଳ ମଧ୍ୟ ଏଇ ଅଥର୍ବ ବେଦରେ ମିଳେ । ପୁଣି ବୈଦିକ ଯାଗଯଜ୍ଞାଦି-କ୍ରିୟା-କାଂଡ-ସଂବଳିତ ବେଦର ବ୍ରାହ୍ମଣଭାଗରେ ବି ଏଇ ମଂତ୍ରଶକ୍ତିର ପ୍ରଭାବ ଓ ଏଇ ଆଖ୍ୟାୟିକାମାନଙ୍କର ପ୍ରବେଶ ପ୍ରକାଶ୍ୟ ଓ ପ୍ରଚ୍ଛନ୍ନଭାବରେ ଖୁବ୍ ଦେଖାଯାଏ ।

## ଉପନିଷଦ୍‌ରେ

ଋଗ୍‌ବେଦର 'ନାସଦୀୟ ସୂକ୍ତ'ରେ ଯେଉଁ ଆଗମିକ ଦର୍ଶନର ସଂଘର୍ଷ ସଂକେତରେ ମିଳେ, ତାର ପୂର୍ଣ ତାତ୍ତ୍ୱିକ ବିକାଶ ଦେଖାଯାଏ, 'ଉପନିଷଦ୍'ରେ । ଅବଶ୍ୟ ବେଦକାଳର ଆଗମିକ ଆହରଣକୁ ଆଗମିକ ବୋଲି କହଂନ୍ତି ନାଇ । ଆମ ଦର୍ଶନଶାସ୍ତ୍ରମାନଙ୍କର ମୂଳ, ଉପନିଷଦ୍‌ରେ । ଉପନିଷଦ୍ ହେଉଛି, ବ୍ରାହ୍ମଣ-ଭାଗର ଗୋଟିଏ ଅଂଶ; ତେଣୁ ତା ବେଦ । ଅତଏବ ଦର୍ଶନଶାସ୍ତ୍ରମାନଙ୍କୁ ମଧ୍ୟ ଆଗମ ବୋଲି କହଂନ୍ତି ନାଇ । ମାତ୍ର ଯେତେ ବେଦ ବୋଲି କହିଲେ ମଧ୍ୟ ବେଦର ଦେବସ୍ତୁତି ଓ ବ୍ରାହ୍ମଣର ଯଜ୍ଞବିଧି ପାଳନରେ ଐହିକ ସୁଖଲାଭ ବା ସ୍ୱର୍ଗାଦିର କାମନା ସଂଗେ ତୁଳନା କରି ଦେଖିଲେ, ଉପନିଷଦ୍ ହେଉଛି ଏକ ସଂପୂର୍ଣ ସ୍ୱତଂତ୍ର ଶାସ୍ତ୍ର । ଋଗ୍‌ବେଦରେ ଋଷି ସମସ୍ତ ବହିର୍ଜଗତର ଶକ୍ତିମାନ ଏକ ସତ୍ତାର ପ୍ରକାଶ ବୋଲି କହିଛଂନ୍ତି, ପୁଣି "ସୂର୍ଯ୍ୟ ଆତ୍ମାଜଗତଃ ତସ୍ଥୁଷଶ୍ଚ" ( ସୂର୍ଯ୍ୟ ହେଉଛି ଚରାଚରର ଆତ୍ମା ବା ପ୍ରାଣ )—ଏଭଳି କଥା ଅଛି । ପୁଣି ମଧ୍ୟ ବିରାଟ ବିଶ୍ୱପୁରୁଷର ଯଜ୍ଞରେ ଦୃଶ୍ୟମାନ ଜଗତ୍ର ପ୍ରକାଶ ପାଇଲା ବୋଲି କଳ୍ପନା ସେଥିରେ ଦେଖାଯାଏ । ହେଲେହେଁ ଉପନିଷଦ ପରି ତାତ୍ତ୍ୱିକ ବିଚାର ସେଥିରେ ନାଇ । ବିଶେଷରେ ବ୍ରହ୍ମ ବା ବିଶ୍ୱାତ୍ମା ସଂଗେ ବ୍ୟକ୍ତିର ଆତ୍ମାକୁ ତତ୍ତ୍ୱ ବିଚାରରେ ଯେ ପ୍ରତିଷ୍ଠା ଓ ପ୍ରଣିଧାନ ଉପନିଷଦ୍‌ରେ ଦିଆ ହୋଇଛି, ତା କଦାପି ବୈଦିକ ବୋଲି ମନେ ହେଉ ନାଇ । ଜୀବ-ବାଚୀ କୈବଲ୍ୟ-ସେବୀ ଜୈନ ଦାର୍ଶନିକ ତଥା ଜୈନ ଯୋଗୀର ପ୍ରଭାବ ଓ ପ୍ରେରଣା ଏଠି ସ୍ପଷ୍ଟ । ଏଇ 'ଆତ୍ମା'କୁ ପୁଣି ପରଂପରାରେ 'ଜୀବାତ୍ମା' ବା 'ଜୀବ' ବୋଲି କହଂନ୍ତି । ଉପନିଷଦ୍‌ରେ ଗୁରୁ ଯେତେବେଳେ ଶିଷ୍ୟକୁ କହିଛଂନ୍ତି, "ଆତ୍ମା ବା ଅରେ ଦ୍ରଷ୍ଟବ୍ୟଃ, ଶ୍ରୋତବ୍ୟଃ, ମଂତବ୍ୟଃ, ନିଦିଧ୍ୟାସିତବ୍ୟଃ" ( ଆରେ, ଆତ୍ମାକୁଇ ଏକା ଦେଖିବାକୁ ହୁଏ, କ ବୁଝିବାକୁ ହୁଏ; ତାର କଥା ଶୁଣିବାକୁ ହୁଏ; ସେଇଥିରେଇ ମନ ଦେବାକୁ ହୁଏ; ଯଥାର୍ଥ ବ୍ୟକ୍ତିର ବୋଲି ତାକୁଇ ବରାବର ଧ୍ୟାନ କରିବାକୁ ହୁଏ )। ମନେ ହୁଏ, ସେ ଜୈନ ଯୋଗୀଙ୍କ କୈବଲ୍ୟ ବା ନିର୍ବାଣ-ସାଧନାର ଯୋଗକୁ ଲକ୍ଷ୍ୟ କରିଛଂନ୍ତି । ତତ୍ତ୍ୱଚିଂତା ଓ ବିଶେଷରେ ସେଥିପାଇଁ ନିଜ ଭିତରକୁ ଚର୍ଚ୍ଚିବା, ଉପନିଷଦ୍ ପୂର୍ବରୁ ବେଦରେ ନ ଥିଲା । ସେତିକି ନୁହେଁ; 'ହଂସ'ର ଶକ୍ତି-ରୂପିଣୀ ଦେବୀ, ଦ୍ରାବିଡ଼ ଭାଷାରେ ମା ବା ଅମା—ପ୍ରଥମେ ଉପନିଷଦ୍‌ରେ ପ୍ରବେଶ କରିଛଂନ୍ତି । କେନୋପନିଷଦ୍‌ରେ ବ୍ରହ୍ମର ଅଧିଷ୍ଠାନ ଯେ ଆକାଶ ବା ଶୂନ୍ୟ, ସେଠାରେ ଥିବା 'ଉମା', ହେଉଛି, 'ଅମା'ର ବୈଦିକ ସଂସ୍କରଣ । ସେ ପୁଣି 'ହୈମବତୀ'; ହୁଏତ କୌଣସି ହିମାଳୟ ଭୂମିର ଦେବୀ । ଏହା ଏବର କାଶ୍ମୀର ଅଂଚଳ ହୋଇ ପାରେ । କାରଣ, ଅତି ପ୍ରାଚୀନ କାଳରୁ ଏଇଭୂମି ତଂତ୍ର ପାଇଁ ପ୍ରସିଦ୍ଧ ।

## ସ୍ମୃତି

ତାପରେ ସ୍ମୃତି । ଏଇ ସ୍ମୃତିଶାସ୍ତ୍ର ଭିତରେ ପ୍ରଧାନ ହେଉଛି 'ଗୀତା' ବା ମହାଭାରତର 'ଶ୍ରୀମଦ୍ ଭଗବତ୍ ଗୀତା' । ଏଥିରେ ଭାରତର ଦୁଇଟି ପ୍ରଧାନ ଧର୍ମର ସମାଧାନ କରା ହୋଇଛି । ଦୁଇଟିଯାକ ଆଗମିକ । ଗୋଟିଏ 'ନାରାୟଣୀୟ' ଭକ୍ତି ଧର୍ମ ଓ

ତନ୍ଦ୍ୱାରା ସଂଗେ 'ଅବତାର' ବାଦ ( ଗୀତା-୪ର୍ଥ ଅଧ୍ୟାୟ )। ଆଉଟି ହେଉଚି, 'ଜଗନ୍ନାଥ'ର 'ପୁରୁଷୋତ୍ତମ'-ତତ୍ତ୍ୱ-ନିବଦ୍ଧ-ଦାର୍ଶନିକ ଧର୍ମ। (ଗୀତା— ୧୫ଶ ଅଧ୍ୟାୟ )।

ଏହାଛଡ଼ା ଏଥିରେ ସମସ୍ତେ ଲୋକ ପ୍ରଚଳିତ ଧର୍ମ ଓ ସାଂଖ୍ୟ ତଥା ବେଦାଂତର ଦାର୍ଶନିକ ତତ୍ତ୍ୱାଲୋଚନା ଓ ସିଦ୍ଧାଂତମାନ ଯୋଗସାଧନାର ଧ୍ୟାନ ଧାରଣାଦି ସହିତ ଯେପରି ସମନ୍ୱୟରେ ଏକ କରାଯାଇଚି, ପୃଥିବୀର ଅନ୍ୟ କୌଣସି ମାନବ ସମାଜରେ ତାର ପଟାଂତର ନାହିଁ। ମାନବର ଜ୍ଞାନରେ ଗମ୍ୟ, ଭକ୍ତିରେ ଲଭ୍ୟ ଓ କର୍ମରେ ସାଧ୍ୟ—ସମସ୍ତ ତତ୍ତ୍ୱ, ଉପାସ୍ୟ ଓ ଆଦର୍ଶ ଏଥିରେ ଏକାକାର। ଏ ତିନୋଟି ହେଉଚି, ଏକ ବସ୍ତୁକୁ ତିନି ପ୍ରକାରରେ ଦେଖିବା ମାତ୍ର।

## ଦର୍ଶନ

ଏହି ଗୀତାର ପୂର୍ବରୁ ଦର୍ଶନ ଶାସ୍ତ୍ରମାନ—ବିଶେଷରେ ସାଂଖ୍ୟ ଓ ତନ୍ଦ୍ୱାରୁ ଉଦ୍‌ଗତ ବେଦାଂତ, ସୂତ୍ର-ପଦମାନଂକରେ ନିବଦ୍ଧ ହୋଇ ସାରିଥିଲା। କୁଳଗୃହ ଓ ଚତୁଷ୍ପାଠୀ ପ୍ରଭୃତିରେ ଗୁରୁଶିଷ୍ୟ ପରଂପରାରେ ସଂସ୍କୃତ-ଭାଷା-ମାଧ୍ୟମରେ ପରିପ୍ରଶ୍ନ—ସଂବାଦ ଓ ବ୍ୟାଖ୍ୟାର ଆଶ୍ରୟ ଘେନି ଦେଶସାରା ଏସବୁ ଜ୍ଞାନ ଓ ଆଦର୍ଶ ପ୍ରଚାରରେ ପ୍ରଯୁକ୍ତ ହେଉଥିଲା। ଏଇଠାରେ ସୂଚାଇ ଦେବାର ଅଛି, ଜୈନର ଜୀବ-ଅଜୀବ ବାଦକୁ ଟିକିଏ ଯୁକ୍ତିଯୁକ୍ତ କରି ସମସ୍ତ ଅଜୀବକୁ ଏକ 'ପ୍ରକୃତି' ଓ ଜୀବମାନଂକୁ ଏକ ପ୍ରକାରର ଅସଂଖ୍ୟ ପୁରୁଷ କରି ଦେଲେ, ସାଂଖ୍ୟର ପ୍ରକୃତି-ପୁରୁଷ-ବାଦ ହୋଇ ଯିବାରେ କୌଣସି ଅସୁବିଧା ବା ବିଶେଷ ଆପତ୍ତିର କାରଣ ନାହିଁ। ପୁଣି ସାଂଖ୍ୟ ନାମଟି 'ସଂଖ୍ୟା' ( ଗଣନା, ବା ଗଣନାର ଅଂକ ) ଶବ୍ଦରୁ ଆସିଛି—ସାଂଖ୍ୟରେ ୨୪ଟି ତତ୍ତ୍ୱ ଗଣତି ହୁଏ ବୋଲି। ଏଇପରି ତତ୍ତ୍ୱ ଓ ତତ୍ତ୍ୱ ବିଭାଗମାନ ଗଣିବା, ଜୈନ ଦର୍ଶନର ନିଜସ୍ୱ। 'ଯୋଗ'ର ପୁଣି ଘନିଷ୍ଠ ସଂପର୍କ, ଏଇ ସାଂଖ୍ୟ ସଂଗେ। ତା ବୁଝାଇବା ଦରକାର ନାହିଁ। ବେଦାଂତର ଅଦ୍ୱୈତବାଦ ବାହାରିଲା, 'ଯୁକ୍ତିମତ୍ ଓ ବିନ୍ୟସ୍ତ ବ୍ରହ୍ମ-ସୂତ୍ର-ପଦ-ମାନଂକ'ରେ ପ୍ରତିପାଦିତ ଓ ପ୍ରକାଶିତ ଏଇ ଦ୍ୱୈତ-ବାଦୀ, ଗଣନାତ୍ମକ ସଂଖ୍ୟା-ଦର୍ଶନରୁ। ବେଦାଂତରେ 'ପୁରୁଷ' ହେଲା, ଅପ୍ରକାଶ ବା 'ଅବ୍ୟକ୍ତ'-ବ୍ରହ୍ମ ଓ 'ପ୍ରକୃତି' ହେଲା, ଏଇ ବ୍ରହ୍ମର ବ୍ୟକ୍ତ-ରୂପ ବା ପ୍ରକାଶ ଶକ୍ତି।

## ପୁରାଣ, ପୀଠ ଓ ତୀର୍ଥ

ପୁରାଣର ଆଖ୍ୟାୟିକାମାନ ଓ ତନ୍ଦ୍ୱାରା ସଂଗେ ଦେବ-ଦେବୀମାନଂକର ପୂଜା ଓ ପୀଠମାନ କ୍ରମେ ଏଇ ସଂସ୍କୃତ ବାହନ ଧରି ନିତି ନୂଆ ନୂଆ ରୂପ ଓ ପ୍ରକାରରେ ଆର୍ଯ ସଂସ୍କୃତି ନାମରେ ରଚିତ, ଗୀତ, କଥିତ ଓ ପ୍ରଚାରିତ ହେଲା। ପୁର, ଜନପଦ, ଆଶ୍ରମ, ସର୍ବତ୍ର କୁଳଗୃହ, ଚତୁଷ୍ପାଠୀ ଓ ବିଦ୍ୟାପୀଠମାନ ମାତି ଉଠିଲା। ନଦୀ, ପର୍ବତ, ତଟଭୂମି, ପ୍ରାଂତର ସମେତ ଦେଶସାରା ସର୍ବତ୍ର ତୀର୍ଥ, କ୍ଷେତ୍ର ଓ ଦେବସ୍ଥଳୀମାନ ପ୍ରକାଶ ଓ ପ୍ରତିଷ୍ଠା ପାଇଲା। ସେ ସବୁର କ୍ରମ-ବର୍ଦ୍ଧିଷ୍ଣୁ ପରଂପରା ଓ 'ମହାତ୍ମ୍ୟ'ମାନ ସମଗ୍ର ଭାରତଭୂମିର ବାୟୁମଂଡଳ ପର୍ଯଂତ ବ୍ୟାପିଗଲା। ସରସ୍ୱତୀ ପ୍ରଭୃତି 'ସପ୍ତସିଂଧୁ'ର ପାବନୀ ପ୍ରତିଷ୍ଠା ଓ ପରଂପରା, କ୍ରମେ ଗଂଗା ଓ ଗଂଗାମାନଂକରେ ନିତ୍ୟ ନୂତନ ପ୍ରକାରରେ ପ୍ରକାଶ ପାଇଲା। 'ବିଯୁତ୍‌ଗଂଗା', 'ମଂଦାକିନୀ', 'ବିଷ୍ଣୁପଦ', ଆକାଶରୁ ବାହାରି ଶିବଂକ ଜଟାଜୁଟ, 'ଦେବଭୂମି' ହିମାଳୟ ଭେଦକରି, ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସି 'ଭାଗୀରଥୀ'ରୂପେ ମର୍ତ୍ତ୍ୟକୁ ପବିତ୍ର

ଓ ରଦ୍ଧିମଂସ କରି, ଶେଷକୁ 'ଭୋଗବତୀ' ରୂପରେ କପିଳ ମୁନିଙ୍କ ଆଶ୍ରମରେ 'କୃଶାନାନଳ ଦଗ୍ଧ' ସଂତପ୍ତ ପ୍ରେତଙ୍କୁ ମୁକ୍ତ କରିବା ପାଇଁ ପାତାଳ ପ୍ରବେଶ କଲେ । ସେଇଠାରେ ସେ ପୁଣି ହେଲେ 'ପାରାବାର', 'ଅଂବୋନିଧି,' 'ସିଂଧୁ'ର ଜନନୀ ଓ ଭଗିନୀ । 'ଅଗସ୍ତି', 'ଧ୍ରୁବ' 'ସପ୍ତର୍ଷି' ଓ ସେଇଭଳି ଅସଂଖ୍ୟ ତାରାରୂପୀ ମୁକ୍ତ ପିତୃପୁରୁଷଙ୍କ ସଂଗେ ଅନାଳଂବ ଶୂନ୍ୟରେ ବିଚରଣ କରୁଥିବା 'ଅଗ୍ନି' ଓ 'ବ୍ରହ୍ମା'ଙ୍କ ଦେବଲୋକ ତଥା ବ୍ରହ୍ମଲୋକରେ ସେଇ ପୁଣି ହୋଇଥିଲେ, ଉଜ୍ଜ୍ୱଳ ତୋୟା, ସ୍ଥିରସ୍ରୋତା 'ମଂଦାକିନୀ' । ମର୍ତ୍ତ୍ୟର ପୁଣ୍ୟ ଭୂମିରେ ସେଇ ପୁଣି ହେଲେ ।

"ଆଦ୍ୟା ଗୋଦାବରୀ ଗଂଗା
ଦ୍ୱିତୀୟା ତ ପୁନଃ ପୁନା,
ତୃତୀୟା କଥିତା ରେବା,
ଚତୁର୍ଥୀ ଜାହ୍ନବୀ ସ୍ମୃତା,
କାବେରୀ, ଗୋମତୀ, କୃଷ୍ଣା,
ବ୍ରାହ୍ମୀ, ବୈତରଣୀ ତଥା,
ବିଷ୍ଣୁ ପାଦାଗ୍ର ସଂଭୂତା
ନବଧା ଭୂମି ସଂସ୍ଥିତା ।"

ଏ ଗୋଟିଏ ମାତ୍ର ଉଦାହରଣ । ଏଇପରି ପ୍ରତ୍ୟେକ ସ୍ନାନ ବେଳେ

"ଅଶ୍ୱକ୍ରାଂତେ—ରଥକ୍ରାନ୍ତେ—
ବିଷ୍ଣୁକ୍ରାନ୍ତେ—ବସୁନ୍ଧରେ,
ମୃତ୍ତିକେ ହର ମେ ପାପଂ
ଜନ୍ମୟା ଦୁଷ୍କୃତଂ କୃତଂ ।"

ବାକ୍ୟ ସ୍ମରଣ କରି 'ବସୁଂଧରା' ଭାରତର ପୁଣ୍ୟ ପାବନ ମୃତ୍ତିକା ବୋଲି ହେବାଠାରୁ ବଦ୍ରିନାରାୟଣ, ଦ୍ୱାରକା, ରାମେଶ୍ୱର ଓ ଜଗନ୍ନାଥ ଭଳି ଚାରିଧାମ-କରିବା; ବେଲୁଚିସ୍ଥାନର 'ହିଂଗୁଳା' ଓ ହିମାଳୟ-କାଂଗଡ଼ାର 'ଜ୍ୱାଳାମୁଖୀ'ଠାରୁ ଆସାମର 'କାମାକ୍ଷ୍ୟା' ଓ ଓଡ଼ିଶାର 'ବିରଜା' ସମେତ ଦେବୀପୀଠମାନ ଭଜିବା, 'ଗୟାସୁର'ର ଶରୀରାଂଶମାନ ପଡ଼ିଥିବା ସ୍ଥାନମାନଙ୍କରେ ପିତୃପୁରୁଷଙ୍କ ମୁକ୍ତିପାଇଁ ପିଂଡଦେବା ଓ ଏଇପରି ଶ୍ରେଷ୍ଠବଡ଼ ନାନା ପରଂପରାଗତ ଓ ଉଦ୍‌ଭାବିତ କଥା କିଂବଦଂତୀମାନ ଯୋଗୁ ନାନା ସ୍ଥାନରୁ ଓ ସର୍ବୋପରିତାରୁ ତୀର୍ଥ, କ୍ଷେତ୍ର, ପୀଠ, ପୁଣ୍ୟସ୍ଥାନ ପ୍ରଭୃତିରେ ସମସ୍ତ ଭାରତ ହୋଇଛି, ମହା ପୁଣ୍ୟ ଭୂମି । ଏ ପୁଣ୍ୟଭୂମି-ସେବାର ଏକମାତ୍ର ସାଧନ ହେଉଛି, ସଂସ୍କୃତ । ସମସ୍ତ ଭାରତ ହୋଇଛି, ଆର୍ଯ୍ୟଭୂମି ।

## 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'

ଜଣକ କଥା ମୁଁ ଜାଣେ । ସେ ହେବେ ଲେଖାରେ ମୋର ଜଣେ ବୃଦ୍ଧ ପ୍ରପିତାମହ । ଜଣେ ଧନୀଲୋକ ଜଣେ ବ୍ରାହ୍ମଣଙ୍କୁ ଖୋଜୁଥିଲେ, ହିମାଳୟର ବଦ୍ରି-ନାରାୟଣ ପାଖ 'ଗଂଗୋତ୍ରୀ'ରୁ ଗଂଗାଜଳ ଆଣି 'ରାମେଶ୍ୱର' ମହାଦେବଙ୍କୁ ସେଇ ଜଳ ଲାଗି କରିବା ପାଇଁ । ସେଥିରେ ବାହକ ପାଇବେ ମଜୁରି ଓ ବହୁମାନ; ଧର୍ମ ପାଇବେ ସେଇ ଧନିକ । ଏ ତ ସାଧାରଣ କଥା । ଆମର ସେ ପିତାମହଙ୍କୁ ଧନିକ କହିଲେ । ସେକାଳକୁ ଚାହିଁ ଆମ ସେ ପିତାମହଙ୍କ ଅବସ୍ଥାକୁ ଚାହିଁ ସେ ମଜୁରି ଧନର ପରିମାଣ କିଛି କମ୍ ନ ଥିଲା । ବାଟଖର୍ଚ୍ଚ ଛାଡ଼, ଏହା ଥିଲା, ଦେଢ଼ଶହ ଟଂକା । କିଂତୁ ପିତାମହ, ଧନ ନେଇ ପର ପାଇଁ ସେ କାର୍ଯ୍ୟ କରିବାରେ ମଂଗିଲେ ନାଇ । ଆଉ ଜଣକୁ ସେଥିପାଇଁ ରାଜି କରାଇଲେ. ଓ ନିଜେ ପୈତୃକ ସଂପତ୍ତି ବିକି ନିଜପାଇଁ କରିବାକୁ ନିଜେ ତାଂକସଂଗେ ବାହାରିଲେ । ମନେ ହେଉଛି, ପ୍ରାୟ ଦୀର୍ଘ ଅଠମାସ ପରେ ସେ ଦୁହେଁ ଫେରିଲେ । ସେ

ଦୁହେଁ ପଦବ୍ରଜରେ ବଦ୍ରୀନାରାୟଣ ଯାଇ, ସେଠୁ ଗଂଗୋତ୍ତରୀରୁ ଘରେ ଲେଖାଏଁ ପାଣି ଧରି, ବୋହି ବୋହି ସେ ପାଣି ନେଇ ରାମେଶ୍ୱରରେ 'ଲଗି' କରି, ରାମେଶ୍ୱରରୁ ସେଇ ପାଦୁକ ପାଣି ପୁଣି ଧରି ଚାଲି ଚାଲି ଘରକୁ ଫେରିଥିଲେ। "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"। ଏ କଥାଟି ରାମାୟଣରେ ମିଳେ। ଆଜି ରାଜନୀତିରେ କାମରେ ଲଗାଇବା ପାଇଁ ଏହାକୁ ଆବୃତ୍ତି କରି 'ଦୁଆ' ଉଠାଇ ବହୁତ ଲେଖା କୁହା ହେଉଛି; କିଂତୁ ସଂସ୍କୃତିର କି ପ୍ରଭାବରେ ତଥା ଧର୍ମର କି ପ୍ରେରଣାରେ ଏଇ ପୁଣ୍ୟଭୂମି ଜନନୀର ଏ ସେବା ପୂର୍ତ୍ତି ଏପରି ଅଭାବନୀୟ ପ୍ରତିଷ୍ଠା ପାଇଥିଲା, ତା ଆଜି ଭାବି ବସିଲେ, ଚିଂତା ଓ ଭାବରାଜ୍ୟ ଅଭିଭୂତ ହୁଏ।

## ପ୍ରାକୃତ ଉପରେ ସଂସ୍କୃତର ପ୍ରଭାବ

ସଂସ୍କୃତ ଉପରେ ପ୍ରାକୃତର ପ୍ରଭାବ କଥା ସଂକେତରେ ଖୁବ୍ କୁହା ଯାଇଛି। ଭାବ ଓ ଚିଂତା ରାଜ୍ୟରେ ସଂସ୍କୃତର ପ୍ରଭାବ ଓ ପ୍ରତିଷ୍ଠା ସଂଗେ ପ୍ରାକୃତମାନ ସଂସ୍କୃତରେ ଯେ ସମୃଦ୍ଧ ଭାବରେ ଓ ଅଭାବନୀୟ ପ୍ରକାରରେ ପ୍ରଭାବିତ ହୋଇଥିଲା, ତା ହୁଏତ ବୁଝିବାରେ ବିଶେଷ ଅସୁବିଧା ହେବ ନାଇ। ସମଗ୍ର ଭାରତର ଆର୍ଯ ଓ ଆର୍ଯେତର ପ୍ରାକୃତମାନଂକୁ ଅନ୍ତର୍ଭୁକ୍ତ କରି ସଂସ୍କୃତ କିପରି ନିଜର ଆତ୍ମପ୍ରତିଷ୍ଠାକୁ ସୁଦୃଢ଼ ଓ ସ୍ଥାୟୀ କରିଥିଲା, ତା ପ୍ରତି ଟିକିଏ ଲକ୍ଷ୍ୟ କରାଯାଉ।

## ଜୈନ ଓ ବୌଦ୍ଧ ପ୍ରାକୃତ

ଏ କ୍ଷେତ୍ରରେ ପ୍ରଥମେ ଆଖିରେ ପଡ଼େ, ଜୈନ ତଥା ବୌଦ୍ଧ ସାଧନାର ପରଂପରା। ଏହା ବରାବର 'ପ୍ରାକୃତ'ରେ ପ୍ରକାଶିତ ଓ ପ୍ରଚାରିତ ହେଉଥିଲା। ଏ ପ୍ରାକୃତ ବା ପ୍ରାକୃତମାନ ବୈଦିକ ନୁହେ। ଏ ସବୁ ଭାଷାରେ ନ ହୋଇ ସ୍ମାରକ ଦ୍ରବ୍ୟ ବା ବସ୍ତୁ, ଠାର ବା ମୁଦ୍ରା, ତଥା ଶବ୍ଦର ସଂକେତରେ ହେଉଥିବାର ଅନୁମାନ ହୁଏ। କାରଣ, ଜୈନ ପରଂପରାରେ ପ୍ରମାଣମାନଂକ ଭିତରେ ଯେଉଁ 'ଶ୍ରୁତି' ବା 'ଶ୍ରୁତି-ଜ୍ଞାନ'ର ଉଲ୍ଲେଖ ଅଛି, ସେଥିରେ ଏଇ ସ୍ମାରକ, ମୁଦ୍ରା, ଶବ୍ଦ ପ୍ରଭୃତି ହେଉଛି, ବର୍ଣ୍ଣନା କରି ବୁଝାଇବାର ସାଧନ। ପାର୍ଶ୍ୱନାଥଂକ ବେଳେ କଅଣ ହୋଇଥିଲା କହିବା କଷ୍ଟ; କିଂତୁ 'ମହାବୀର' ବା 'ଶାକ୍ୟମୁନିଂ'କ ବେଳକୁ ପ୍ରାଚ୍ୟ-ଭାରତରେ ସଂସ୍କୃତ ମୂଳକ ପ୍ରାକୃତର ପ୍ରତିଷ୍ଠା ହୋଇ ସାରିଥିଲା। ଏ ପ୍ରାକୃତ କିଂତୁ ବୈଦିକ ପ୍ରାକୃତ—ଅର୍ଦ୍ଧମାଗଧୀ ଓ ମାଗଧୀ ଲୋକବ୍ୟବହାର ପର୍ଯଂତ ସେତେବେଳକୁ ସ୍ଥାନୀୟ ମୌଳିକ ଭାଷାମାନ ବୈଦିକ ପ୍ରାକୃତରେ ପରିଣତ ହୋଇସାରିଥିଲା। ଏହାର କାରଣ ହେଉଛି, ପ୍ରାଚ୍ୟଭୂମିରେ ସଂସ୍କୃତର ପ୍ରତିଷ୍ଠା। 'ମିଥିଲା'ର 'ଜନକ' ବଂଶ ରାଜାମାନେ ଏ କ୍ଷେତ୍ରରେ ସ୍ମରଣୀୟ। 'ଆଗମିକ ଦର୍ଶନ' ସାହିତ୍ୟକୁ ବେଦର ଅଂଗୀଭୂତ କରିବାରେ ଏଇ 'ଜନକ' ବଂଶଂକ କୃତିତ୍ୱ ମଧ୍ୟ ପରଂପରା ପ୍ରସିଦ୍ଧ। ତଥାପି ଏଇ ପୂର୍ବାଂଚଳରେ ମଧ୍ୟ ପୁରା ସଂସ୍କୃତ ଭାଷାର ଆଦର ବହୁକାଳ ଯାଏ ଚଳି ନ ଥିଲା। ମଗଧସମ୍ରାଟ୍ 'ଅଶୋକ' ଓ କଳିଂଗ-ସମ୍ରାଟ୍ 'ଖାରବେଳଂ'କ ଶିଳାଲେଖମାନ ଏହାର ପ୍ରମାଣ। ଏ ଦୁହେଁ ଥିଲେ, ବୌଦ୍ଧ ଓ ଜୈନ। ପୁଣି ଏଇ ବୌଦ୍ଧ ଓ ଜୈନ ପ୍ରଭାବରେ ଏଇ ସଂସ୍କୃତ-ମୂଳକ 'ପ୍ରାଚ୍ୟପ୍ରାକୃତ' ମଧ୍ୟ ଦକ୍ଷିଣରେ ଶୁଦ୍ଧ ଦ୍ରାବିଡ଼ ଭୂମିରେ ସେତେବେଳେ ଖୁବ୍ ଚଳିଥିବାର ପ୍ରମାଣ 'ଅଶୋକଂ'କ ଲେଖାମାନଂକରୁ ମିଳେ। ଏହା ମଧ୍ୟ, ଦକ୍ଷିଣରେ ଆତ୍ମରକ୍ଷା କରିଥିବା ଦ୍ରାବିଡ଼ ଭାଷାମାନଂକ ଉପରେ ସଂସ୍କୃତର ଅବାଂତର ଓ ପରୋକ୍ଷ ପ୍ରଭାବ ପଡ଼ିଥିବା ଓ ପଡ଼ୁଥିବାର କମ୍ ନିଦର୍ଶନ ନୁହେ।

## ଦ୍ରାବିଡ଼ ପ୍ରାକୃତ ଓ ଜୈନ

ସଂସ୍କୃତର ପ୍ରତ୍ୟକ୍ଷ ପ୍ରଭାବ ବି ଏଣିକି ଖୁବ୍ ଜୋରରେ ଚାଲିବାର ପ୍ରମାଣମାନ ଏକ ପ୍ରକାର ସୁସ୍ପଷ୍ଟ । ଜୈନ ଓ ବୌଦ୍ଧମାନେ ଦ୍ରାବିଡ ଅସଂସ୍କୃତ-ମୂଳକ ପ୍ରାକୃତମାନଙ୍କର ପ୍ରଚଳନ କେତେ କାଳ ଧରି ରଖିଥିଲେ । 'ହାର୍ଟ ଅଫ୍ ଜଇନିଜ୍‌ମ୍' ( The heart of Jainism ) ଗ୍ରନ୍ଥରେ ଗ୍ରନ୍ଥକର୍ତ୍ତ୍ରୀ ଶ୍ରୀମତୀ 'ଷ୍ଟିଭେନ୍‌ସନ୍' ( Mrs Stevenson ) ସିଦ୍ଧାନ୍ତ ପ୍ରକାଶ କରିଚନ୍ତି, "ଦକ୍ଷିଣଭାରତର ପ୍ରାଚୀନତମ ସାହିତ୍ୟିକ ଆନ୍ଦୋଳନରେ ଜୈନଙ୍କ ପ୍ରସିଦ୍ଧ ଓ ଶ୍ରେଷ୍ଠତ୍ୱ ଦେଖାଯାଏ । ଅତି ପ୍ରାଚୀନ କାଳରୁ ବହୁ ଶତାବ୍ଦି ଯାଏ ତାମିଲସାହିତ୍ୟରେ ଜୈନ କବିଙ୍କ ସ୍ଥାନ ଅତି ଉଚ୍ଚ । × × । 'କୁର୍‌ରାଲ' ନାମକ ଅତି ପ୍ରସିଦ୍ଧ ଓ ମହନୀୟ ପ୍ରାଚୀନ ତାମିଲ କାବ୍ୟ ସମ୍ବନ୍ଧରେ ବିଶପ୍ କଲଡ୍‌ୱେଲ ( Bishop Caldwell ) କହନ୍ତି, 'ଏହାର ଶୈଳୀ ଓ ପ୍ରକାଶ ପ୍ରକାର ତାମିଲ ଛଡ଼ା ଆଉ କିଛି ନୁହେଁ' । × × । କେବଳ କାବ୍ୟ, କବିତାରେ ଜୈନଙ୍କର ଏ ପ୍ରସିଦ୍ଧି ନୁହେଁ; ଏକ ଅତି ପ୍ରଖ୍ୟାତ ପ୍ରାଚୀନ ତାମିଲ ଅଭିଧାନ ଓ ବିଶିଷ୍ଟ ତାମିଲ ବ୍ୟାକରଣଟି ମଧ୍ୟ ଜୈନଙ୍କ କୃତି ବୋଲି ସମସ୍ତେ ମାନନ୍ତି । 'ତେଲୁଗୁ' ସାହିତ୍ୟର ମୂଳଭିତ୍ତି ପକାଇଥିଲେ ଜୈନମାନେ । ପୁଣି ପ୍ରାଚୀନ ଓ ପ୍ରାମାଣିକ 'କାନାଡ଼ି' ସାହିତ୍ୟକୁ ଜୈନ କବି ଓ ପଣ୍ଡିତମାନେ ଆରମ୍ଭ କରିଥିଲେ ଓ ବହୁଶତାବ୍ଦି ଧରି ଏହାର ବିକାଶ ହୋଇଚି, ସେହିମାନଙ୍କ ସାଧନା । ଏସବୁ ହେଲେ ମଧ୍ୟ ସଂସ୍କୃତର ପ୍ରବେଶ ଓ ପ୍ରଭାବ କ୍ରମେ ହୋଇ ଉଠିଥିଲା ଅଦମ୍ୟ ଓ ଅଲଂଘ୍ୟ । କ୍ରମେ ପୁରାଣ କଥା, ବ୍ରତକଥା ଓ ଅନ୍ୟାନ୍ୟ କଥା ସାହିତ୍ୟମାନ ନାନା ଭାବରେ ସଂସ୍କୃତରେ ଲେଖା ହୋଇ ପ୍ରଚରିତ ହେଲା । ଦେଶସାରା ଅସଂଖ୍ୟ ତୀର୍ଥ ଓ ପୁଣ୍ୟସ୍ଥଳୀ ପୁଣ୍ୟପର୍ବ-ମାନଙ୍କର 'ମହାତ୍ମ୍ୟ'ରେ ଲୋକ-ସ୍ୱାଦ୍ୟ ଓ ଅତି ସହଜରେ ଗ୍ରହଣୀୟ ଉପାଖ୍ୟାନ ଓ ଉପଦେଶମାନ ସଂସ୍କୃତରେ ଆତ୍ମପ୍ରକାଶ କଲା । ଶିକ୍ଷାକେନ୍ଦ୍ରମାନ ଓ ସାମାଜିକ ତଥା ବ୍ୟକ୍ତିଗତ ଜୀବନ ଯାପନର ସମସ୍ତ ବିଭାଗରେ—ଚିକିତ୍ସା ଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର, ଧର୍ମଶାସ୍ତ୍ର, କର୍ମକର୍ମାଣି, ପୂଜା, ବିବାହ ଓ ଶୁଦ୍ଧ ଶ୍ରାଦ୍ଧ ପଦ୍ଧତି, ସ୍ତୁତି, ସାଧନା, କଳା, କବିତା ପ୍ରଭୃତି ସର୍ବତ୍ର - ସଂସ୍କୃତହିଁ ହେଲା ଏକମାତ୍ର ବାହନ । ବୌଦ୍ଧ ସାହିତ୍ୟରେ ପ୍ରାକୃତଭାଷା ପୁରାପୁରି ସଂସ୍କୃତରେ ଆତ୍ମଦାନ କଲା ଓ ସାଫ୍ ସଂସ୍କୃତ ହେଲା, ବୌଦ୍ଧ ସାହିତ୍ୟର ବାହନ । ଜୈନମାନେ ନିଜର ଶାସ୍ତ୍ରୀୟ ଧର୍ମ-ମାଗଧୀକୁ ଏ କ୍ଷେତ୍ରରେ ବଂଚାଇ ରଖିଥିଲେ ମଧ୍ୟ, ପରବର୍ତ୍ତୀ କାଳରେ ନିଜ ଧର୍ମଗ୍ରନ୍ଥ ଓ ତା ଟୀକାମାନ ଲୋକରେ ବେଶି ଆଦରଣୀୟ କରିବା ପାଇଁ ସେମାନେ ମଧ୍ୟ ସଂସ୍କୃତରେ ଲେଖିଲେ ଏବଂ ପ୍ରଚାର କଲେ ଓ ଏବେ ମଧ୍ୟ ସେମାନେ ନିଜ ଧର୍ମ-ସାହିତ୍ୟରେ ଯେଉଁ ପ୍ରାକୃତ ବ୍ୟବହାର କରନ୍ତି ତା କେବଳ ପରମ୍ପରାରେ ପ୍ରାଚୀନତାର ପୂଜା; ତେଣୁ ବେଦପରି ତା ତତ୍ତ୍ୱ ବଳି ଦୁର୍ବୋଧ୍ୟ ।

## ସାଧୁଭାଷା

ସମସ୍ତ ଜୀବନଯାତ୍ରାର କେନ୍ଦ୍ର ଓ ଧର୍ମ ଧାରଣାର କ୍ଷେତ୍ର ଅଧିଭୂତ କରି ସଂସ୍କୃତ, ଆର୍ଯ୍ୟ, ଅନାର୍ଯ୍ୟ ସମସ୍ତ ପ୍ରାକୃତକୁ କିପରି ଅଦ୍ଭୁତ ଭାବରେ ପ୍ରଭାବିତ କରିଥିଲା, ତା ଟିକିଏ ବୁଝା ଗଲା । ଆର୍ଯ୍ୟ ପ୍ରାକୃତର ଶବ୍ଦମାନେ ଏଥିରେ ସଂସ୍କୃତର ନିୟମିତ ସ୍ୱର-ବ୍ୟଞ୍ଜନ ଧରି ନିଜକୁ 'ସାଧୁ' କରିବାରେ ଲାଗିଲେ । ତଦ୍‌ଭବ ଶବ୍ଦମାନଙ୍କୁ ତତ୍‌ସମରେ ପ୍ରକାଶ କରିବାଟା ହେଲା 'ସାଧୁଭାଷା'ର ଗର୍ବ । ପାଣିନ୍ୟାଦିଙ୍କ ପ୍ରକାର ଅବ-ଲମ୍ବନରେ, କେବଳ ସ୍ଥାନୀୟ ଦ୍ରାବିଡ଼ାଦି ଦେଶୀ ଶବ୍ଦ ନୁହେଁ, ବିଦେଶୀ ଶବ୍ଦର ମଧ୍ୟ 'ଧାତ୍ୱର୍ଥ'

ଖୋଜାହେଲା । ଓଡ଼ିଆ ପ୍ରାକୃତରେ ଦେଖ—ତାମିଲ, ‘କଡ଼ଂଗୁ’ ଶବ୍ଦରୁ ବାହାରି ଥିବା ‘ଚେର୍’କୁ ‘ଚର୍’ ଧାତୁରୁ ବୋଲି ହୁଏତ ଅର୍ଥ କରାହେଲା, ଚଳକୁ ଚରେ ବା ପଶିଯାଏ ଯେ, ସେଇ ‘ଚର’ରୁ ହୋଇଛି ‘ଚେର’; ସେଇପରି ପର୍ତ୍ତୁଗୀଜ୍ ‘ଗୁବ’ ଶବ୍ଦର ଅର୍ଥ ହେଲା, ହୁଏତ ଯାହାକୁ ଗୁପ ଦେଇ ବୁଲାଇବାକୁ ବା ଡାକିବାକୁ ହୁଏ; ଇତ୍ୟାଦି କେତେ ସ୍ୱାଧୀନ ଓ କେତେ ନପାରିକ ବ୍ୟୁତ୍ପତ୍ତିର ସୃଷ୍ଟି ହେଲା । ସେ କାଳର ମାର, ମୀନ, ଯବନ ପରି ଦେଶୀ ଓ ବିଦେଶୀ ଶବ୍ଦମାନେ ଯଥା, ଓଡ଼ିଆରେ ବଡ଼ ( ବଡ୍ର ), କୁଦା ( କୁର୍ଦ୍ଦନ ), ଚାଲି ( ଚାଲକ ) ପ୍ରଭୃତି ଭୂରି ଭୂରି ସଂଖ୍ୟାରେ ସଂସ୍କୃତ ଗ୍ରଂଥରେ ଢାଳା ହୋଇ ପ୍ରାକୃତରେ ସାଧୁ ଶବ୍ଦ ସଂଗେ ମିଶିବାରେ ଲାଗିଲେ । ଓଡ଼ିଆରେ ସେଦିନ ପର୍ଯ୍ୟଂତ ପଂଡିତମାନେ ‘ଅପଭ୍ରଂଶ ବୋଧିନୀ’ ବୋଲି ପୁସ୍ତକ ଲେଖି ପିଲାଂକୁ ‘ସାଧୁଭାଷା’ ଶିଖାଉଥିଲେ । ଏବେ ମଧ୍ୟ ସେ ଆଭିମୁଖ୍ୟର ଅବଶେଷ ଯଥେଷ୍ଟ ଅଛି । କବି ଓ ଲେଖକମାନେ ଏବେ ବି ‘ପାଉଚ’ କୁ ଲେଖଂତି, ‘ପାବଚ୍ଛ’; ‘ଛଇଲ’ କୁ କରଂତି, ‘ଛବିଳ’; ଗାଆଁର ନା ‘ଆଟୁଆପଦା’ ଥିଲେ, ବଂଦୋବସ୍ତରେ ତାକୁ ଲେଖାଂତି, ‘ଅକ୍ଷୟପଦ’ ।

## ତତ୍ସମର ଆମଦାନୀ

ତା ଛଡ଼ା ‘ତତ୍ସମ’ ଶବ୍ଦମାନଂକର ଆମଦାନି ପ୍ରାକୃତମାନଂକ ବିକାଶରେ ଗୋଟିଏ ନବ୍ୟ ପରଂପରା ସୃଷ୍ଟି କରିଛି । ଏଇ ଆମ ଓଡ଼ିଆ ଭାଷାରେ ଦେଖ । ଅଶୋକଂକ ବେଳକୁ ଆର୍ଯ୍ୟ ପ୍ରାକୃତ ଏ ଭୂମିରେ ହୋଇ ଯାଇଥିଲା ସାଧାରଣ-ବୋଧ୍ୟ ଭାଷା । ତାପରେ ମିଳେ, ଲେଖମାନ । ସେଥିରେ ସଂସ୍କୃତର ପ୍ରକାଶ ଶୈଳୀର ପ୍ରକାର ଦେଖିଲେ, ବୁଝାଯାଏ, ସମାଜର ଉଚ୍ଚ ଶ୍ରେଣୀର ଲୋକେ, ପ୍ରାକୃତକୁ ଛାଡ଼ି, ସଂସ୍କୃତକୁ ଯେପରିକି ଭାବପ୍ରକାଶର ଏକମାତ୍ର ଅବଲଂବନ କରାଇବାରେ ଭୀଷଣ ପ୍ରୟତ୍ନ ଆରଂଭ କରିଥିଲେ । ‘ଭୌମ ଲେଖ’ ମାନ ଏ କ୍ଷେତ୍ରରେ ବିଶେଷ ଦେଖିବାର କଥା । ଲୋକ ଭାଷା ମନେହୁଏ, ସେତେବେଳକୁ ଅନାଦୃତ ହେଉଥିଲା; ମାତ୍ର ଲୋକଭାଷାର ସ୍ୱାଭାବିକ ବିକାଶ ଅନିବାର୍ଯ୍ୟ । ବଜ୍ରଯାନୀ ତାଂତ୍ରିକଂକ ‘ପ୍ରାକୃତ’ ଏହାର ଟିକିଏ ଆଭାସ ଦେଉଛି । ତାପରେ କେଶରୀ ଓ ଗଂଗମାନଂକ କାଳରେ ଆମ ଗ୍ରନ୍ଥ-ସାହିତ୍ୟର ପ୍ରାଦୁର୍ଭାବ । ଏଣେ ସେତିକିବେଳେ ଏକଆଡ଼େ ସ୍କଂଦପୁରାଣର ଉତ୍କଳଖଂଡରେ ‘କ୍ଷେତ୍ର ମହାତ୍ମ୍ୟ’ଠାରୁ ‘କପିଳ ସଂହିତା’ ଓ ‘ପ୍ରାଚୀମହାତ୍ମ୍ୟ’ ପର୍ଯ୍ୟଂତ ଲେଖା ହୋଇ ଦେଶର ସମସ୍ତ ପରଂପରା ସଂସ୍କୃତରେ ନୂତନ ରୂପ ଧରିଲା । ଅନ୍ୟଆଡ଼େ ‘ଗୀତ ଗୋବିଂଦ’ ପରି ପ୍ରାକୃତ ଜନର ପ୍ରାଣସ୍ପର୍ଶୀ ଯୌନଚର୍ଯ୍ୟାର “ଲଳିତ-ଲବଂଗ-ଲତା-ପରି-ଶୀଳନ”ର ବାହନ ହେଲା ସଂସ୍କୃତ । ଏତିକିବେଳେ ସଂସ୍କୃତରେ ନାଟକମାନ ଲେଖାହୋଇ ଅଭିନୀତ ହେଲା ଓ ପଂଡିତମାନେ ଲେଖିଲେ ଅଲଂକାର ଶାସ୍ତ୍ର । ଓଡ଼ିଆ ସାହିତ୍ୟ ଓ ସଂଗୀତ ଅଭିଭୂତ ହେଲା । ସେ ଆଉ ନିଜ ଗୋଡ଼ରେ ଚାଲିବା ଦୂରେ ଥାଉ, ଠିଆହୋଇ ପାରିଲା ନାଇ । ତତ୍ସମ ଶବ୍ଦ ଓ ଶୈଳୀ ହେଲା ଯେପରିକି ତାର “କରଧୃତ-କପିତ୍ଥ-ଶୋଭିତ-ଦଂଡ” । ଆମ ଗ୍ରଂଥ ସାହିତ୍ୟର ମୂଳ ଏଇଠାରେ । ଏତିକିବେଳେ ଉଠିଲେ, ସାରଳା ଦାସ । ତାଂକ ଲେଖାରେ ଓଡ଼ିଆ ପ୍ରାକୃତର ନିରୁତା ପରଂପରା ଓ ପ୍ରୟୋଗ ଯେପରିକି ଗୋଟାଏ ବିଦ୍ରୋହର ଆତ୍ମ-ପ୍ରକାଶ । ଏହାରି ପରେ, ପ୍ରତାପରୁଦ୍ରଂକ କାଳ ଓ ପରାଧୀନ ଓଡ଼ିଶାର ପ୍ରଥମଯୁଗ । ସେଥିରେ ପୁଣି ‘ତତ୍ସମ’ର ପ୍ରଭାବ ଓ ପ୍ରାଦୁର୍ଭାବ ଓ ଫଳରେ ଯେପରି କି ଏକ ସାଲିସ୍-ସମାଧାନ । ଏଥିରେ ଲୋକ-ରଂଜନ ପ୍ରାକୃତ ପ୍ରତି ଆଂତରିକ ଆଭିମୁଖ୍ୟ

ଭିତରେ ସଂସ୍କୃତ ପ୍ରତି ସାବଧାନ ସଂମାନ ସ୍ପଷ୍ଟ । ତାପରେ ପୁଣି ସେ କାବ୍ୟଯୁଗ, ତାର ଚୂଡ଼ାଂତ ନିଦର୍ଶନ ହେଉଚଂତି, ଉପେଂଦ୍ର ଭଂଜ ଓ ଯଦୁମଣି ମହାରଣା ।

## ତାର ଫଳ

ସର୍ବତ୍ର ଭାରତୀୟ ପ୍ରାକୃତମାନଂକର ଗୁଣ ଅଧିକ ଏଇ ଗତି । ଗୁଜରାଟୀ, ମରହଟ୍ଟୀ, ଓଡ଼ିଆ ସମେତ ଉତ୍ତର ଭାରତର ଆର୍ଯ୍ୟ-ପ୍ରାକୃତମାନଂକରେ ଏହା ସ୍ପଷ୍ଟ । ଅବାଂତର ହେଲେହେଁ, ଏଠି କୁହାଯାଇ ପାରେ, ଅନ୍ୟାନ୍ୟ କାରଣମାନଂକ ଭିତରେ, ମୁଖ୍ୟତଃ ଏହାରି ଫଳରେ ଅପହଁଚ ଜଂଗଲକୁ ଆଦରି ରହିଥିବା ଦ୍ରାବିଡ଼, ନିଷାଦ ପ୍ରଭୃତି ସହଜରେ ସମଭୂମିର ସମଜାତିଂକ ସଂଗେ ମିଶି ପାରି ନାହାଂତି ଓ କ୍ରମେ କ୍ରମେ ସଭ୍ୟତା ଓ ସାହିତ୍ୟରେ ଦୂରହୋଇ ଯାଇଚଂତି । ଏଇ ଓଡ଼ିଶାରେ ମଧ୍ୟ ସମଭୂମିର ଶବର ଓ ଓଡ଼ଂକୁ ଚିହ୍ନିବାର ହୁଏତ ଉପାୟ ନାଇ । ଜଗନ୍ନାଥ ସଭ୍ୟତା ତଥା 'ଓଡ଼ିଆନ'ରୁ ଉଦ୍‌ଗତ ତଂତ୍ର ସଭ୍ୟତା ମୂଳତଃ ତାଂକରି ବୋଲି ପରଂପରା କହେ; ମାତ୍ର ସେମାନେ ନିଜେ ଆଜ ସ୍ୱରୂପରେ ନାହାଂତି । କେଉଁଠି ବା ନୃତତ୍ତ୍ୱ-ଦୃଷ୍ଟିରେ ଥିଲେ ବି, 'ସାରଳା ଦାସ'ଙ୍କଠାରୁ 'ଯଦୁମଣି'ଂକ ପର୍ଯ୍ୟଂତ, ପୁଣି 'ଜଗନ୍ନାଥ ଦାସ'ଂକଠାରୁ 'ସାମଂତ ସିଂହାର'ଂକ ପର୍ଯ୍ୟଂତ —ସମସ୍ତେ ଓ ସଭିଂକ ସାହିତ୍ୟ ଆଜ ତାଂକରି । ସବୁ କ୍ଷେତ୍ର ମହାତ୍ମ୍ୟ ଓ ତୀର୍ଥଫଳରେ ତାଂକର ସମାନ ଭାଗ । ପୁଣି ତାଂକର ବିବାହ ଓ ଶୁଦ୍ଧିକ୍ରିୟା ଏବେ ବି ହୁଏ ସଂସ୍କୃତରେ ବା ସେଇ ଅନୁକ୍ରମେ । ଶାସ୍ତ୍ର ତାଂକରି ଶାସ୍ତ୍ର, ସ୍ମୃତି ତାଂକରି ସ୍ମୃତି । ଜାତିଭେଦର 'ଜବନିକା' ତାଂକୁ ଅଲଗା ଅଲଗା କରିଥିଲେହେଁ, ତା ବି ଏ କ୍ଷେତ୍ରରେ ପ୍ରତ୍ୟବାୟ ନୁହେଁ, ବରଂ ପ୍ରମାଣ ।

## ଏଥିରେ ଦ୍ରାବିଡ଼ ଓ ଆର୍ଯ୍ୟ ପ୍ରାକୃତର ଭେଦ ନାଇ

ଦ୍ରାବିଡ଼ ଭାଷାମାନ ଆର୍ଯ୍ୟ-ପ୍ରାକୃତରେ ପୂରାପୂରି ଆତ୍ମଦାନ କରି ନାହାଂତି, ସତ; କିଂତୁ ଭାଷାତତ୍ତ୍ୱ ସଂଧିତ୍ସୁଂକ କଥା ଛାଡ଼ି ଦେଲେ, ଏ ସତ୍ୟ, ଏକ ସତ୍ୟାଭାସ ବୋଲି ହୁଏତ କହିଲେ ହୁଏ । ସେଠାରେ ମଧ୍ୟ ଗତି ବିଶେଷ ଭିନ୍ନ ନୁହେ । ସଂସ୍କୃତ ଦ୍ରାବିଡ଼ର ଆଦର୍ଶ । ସେ ଭୂମିରେ ମଧ୍ୟ ସଂସ୍କୃତଇ ଏକା ହୋଇଚି, ସଂସ୍କୃତିର ଶ୍ରେଷ୍ଠ ବାହନ—ଏହା ସେଠି ବି ଦେବଭାଷା । ଆଦିମ 'ଜୈନ'ର ଦାର୍ଶନିକ ଓ ସାଂସ୍କୃତିକ ପ୍ରେରଣା ଅବଶ୍ୟ ଆର୍ଯ୍ୟଭାଷାରେ ପ୍ରକାଶିତ ହୋଇ ନ ଥିଲା । ମାତ୍ର ସ୍ପଷ୍ଟତଃ ଶଂକରାଚାର୍ଯ୍ୟଂକଠାରୁ ଏଣିକି ଆମ ସଂସ୍କୃତିର ଶ୍ରେଷ୍ଠ ପ୍ରେରଣା ବାହାରିଚି, ଦ୍ରାବିଡ଼ରୁ ଓ ତାହାର ଏକମାତ୍ର ବାହନ ହେଉଚି, ସଂସ୍କୃତ । ଏବେ ପୁଣି ଦ୍ରାବିଡ଼ ଦେଶର କୌଣସି କୌଣସି ପଂଡିତ ପ୍ରମାଣ କରିବାକୁ ଲୋଡ଼ୁଂଚି, ଦ୍ରାବିଡ଼ ଭାଷାମାନ ହେଉଚଂତି ଆର୍ଯ୍ୟ ପ୍ରାକୃତ ଓ ସଂସ୍କୃତମୂଳକ । ସେ ସବୁ ପ୍ରାକୃତରେ ପୁଣି ସଂସ୍କୃତ ଶବ୍ଦ ଓ ସଂସ୍କୃତ ଲେଖନ ଶୈଳୀର ଆଦର ଉତ୍ତର ଭାରତୀୟ ପ୍ରାକୃତଠାରୁ କମ୍ ନୁହେ; ବରଂ ବେଶି । ସେସବୁ ପ୍ରାକୃତ ମଧ୍ୟ ଏବେ ନିଆଯାଇ ଥିବା ଓ ବରାବର ନିଆ ଯାଉଥିବା ଅବିକୃତ ସଂସ୍କୃତ ଶବ୍ଦରେ ପୂର୍ଣ୍ଣ । ବିଶେଷରେ ଲିପି କଥା ବିଚାର କଲେ, ଉତ୍ତର ଭାରତ ଓ ଦ୍ରାବିଡ଼ର ଏ ସମତା ବା ପ୍ରତିଯୋଗିତା ଖୁବ୍ ହୃଦ୍ ବୋଧରେ ଆସିବ; ତେଣୁ ଲିପି କଥା ଟିକିଏ କହେଁ ।

---

( ୩ )

# ଲିପି

## ଲିପିର ମୂଳ

ପୃଥିବୀରେ ସବୁ ଭାଷାରେ ପ୍ରକାଶିତ ସାହିତ୍ୟ ସଂଗେ ଲିପିର ସଂପର୍କ ଧରାବନ୍ଧା । ଅବଶ୍ୟ ମାନବ ସମାଜର ବିକାଶ କାଳରୁ କଳ୍ପିତ ଦେବଦେବୀ ଓ ମହାପୁରୁଷଙ୍କ ସଂବନ୍ଧରେ ନାନା କିମ୍ବଦନ୍ତୀ, କାହାଣୀ ଓ ପୁରାଣକଥା ମାନ ବରାବର ମୁହେଁ ମୁହେଁ ଚାଲି ଆସିଛି । ଏବେ ବି ହୁଏତ ଅନେକ ଅବିକଶିତ ମାନବ ଗୋଷ୍ଠୀ ଓ ସମାଜରେ ତା ସେଇ ପରି ଚଳେ ଓ ତାହାହିଁ ସେମାନଙ୍କର ଭାଷା-ସାହିତ୍ୟ । ଏଇ ଓଡ଼ିଶାରେ ବି ଏପରି ଗୋଷ୍ଠୀ ବା ସମାଜ କେତେ ଥିବେ । ସେମାନଙ୍କ ଭାଷାର ଲିପି ନଥିଲା ବା ନାଇ; ମାତ୍ର ସେ ସ୍ୱତନ୍ତ୍ର କଥା । ବିକଶିତ ସମାଜମାନଙ୍କରେ ଲିପିର ବ୍ୟବହାର ଏକ ପ୍ରକାର ଅପରିହାର୍ଯ୍ୟ । ଭାଷାର ଏହା ଗୋଟିଏ ଅଚ୍ଛେଦ୍ୟ ଅଂଗ । ଲିପିର ବ୍ୟବହାର ପୃଥିବୀରେ ଅଂତତଃ ୭୦୦୦ ବର୍ଷରୁ ଅଧିକ ପ୍ରାଚୀନ ଥିବାର ଲେଖାମାନଙ୍କରୁ ପ୍ରମାଣ ମିଳେ । ଲିପିର ଉଦ୍ଭାବନ ହୋଇଥିଲା, କେଉଁଠାରେ, ଠିକ୍ କହି ହେଉ ନାଇ; ମାତ୍ର ଅତି ଆଦିମ କାଳରେ ତିନୋଟି ଦେଶରେ ଏହା ବ୍ୟବହୃତ ହେଉଥିବାର ପ୍ରମାଣ ମିଳୁଛି । ସେ ତିନୋଟି ହେଉଛି, ଇଜିପ୍ତ, ସୁମେର୍ ଓ ଭାରତ — ଖୁବ୍ ସମ୍ଭବ, ଦ୍ରାବିଡ଼ ଭାରତ । ଏ ତିନୋଟି ଲିପିର ମୂଳ ପୁଣି ଏକ ଥିବାର କୌଣସି ସ୍ପଷ୍ଟ ପ୍ରମାଣ ମିଳି ନାଇ । ପ୍ରାଚୀନ ଭାରତର ଲିପି ପଢ଼ାଯାଇ ନାଇ; ମାତ୍ର ଜଣାପଡ଼ୁଛି, ସେକାଳେ ମଧ୍ୟ ବଣିକ୍‌ମାନେ ମାଲ୍‌ରେ ମୋହର ମାରି ପଠାଉ ଥିଲେ । ସେଇ ମୋହରରେ ଲିପିର ସଂକେତ ଥିଲା ଓ ଭାରତଠାରୁ ଇଜିପ୍ତଯାଏ ସମସ୍ତ ସଭ୍ୟଜଗତ୍‌ରେ ବାଣିଜ୍ୟର ଆଦାନପ୍ରଦାନ ଚାଲୁଥିଲା । ପଂଡିତମାନେ କହୁଛଂତି, ଭୂମଧ୍ୟସାଗରକୂଳ, ପାଲେଷ୍ଟାଇନ୍ ପାଖ ଫିନିସିଆ ଦେଶରେ ନୌ-ବାଣିଜ୍ୟଜୀବୀ ଫିନିସୀୟମାନେ କ୍ରୀଟରେ ଚାଲୁଥିବା ଲିପିର ଇଜିପ୍ଟ୍‌ର ସ୍ୱର ସଂକେତ ଧରି ପ୍ରାୟ ୩୫୦୦ ବର୍ଷତଳେ ଗୋଟିଏ ବର୍ଣ୍ଣ-ମାଳାର ଲିପି ବାହାର କରିଥିଲେ । ବିଭିନ୍ନ ବିକାଶରେ ସେଇ ବର୍ଣ୍ଣମାଳାର ସଂକେତ ଧରି ସେଇ ଲିପି, ଆଜି ପାରସୀ ଆରବୀଠାରୁ ଗ୍ରୀକ୍ ଲାଟିନ୍ ତଥା ଫରାସୀ ଜର୍ମାନ ଇଂରେଜୀ ପର୍ଯ୍ୟଂତ ସମସ୍ତ ପଶ୍ଚିମ ଏସିଆ ଓ ଇଉରୋପରେ ଚଳେ । ଏଇ 'ଫିନୀସୀୟ'ମାନେ ହେଉଛଂତି, ବେଦର 'ପଣି' ଓ ଭାଷା-ସଂସ୍କୃତର 'ବଣିକ୍' ବୋଲି କେତେ ତଦ୍‌ବିଦ ପଣ୍ଡିତଙ୍କର ମତ । ଭାରତୀ ଲିପିକୁ ମଧ୍ୟ ସେଇ 'ଫିନିସୀୟ' ଲିପିର ସାକ୍ଷାତ୍ ଓ ଅବାଂତର ବିକାଶ ବୋଲି ସେମାନେ କହଂତି । ମହେଂଜୋଦାରୋ ପ୍ରଭୃତିରୁ ମିଳୁଥିବା ଲିପି ପଢ଼ାଯାଇ ନାଇ । ତା ପଢ଼ାଗଲେ, ପୁଣି କଣ ନୂଆ ତଥ୍ୟ ହୁଏତ ବାହାରି ପାରେ; କିଂତୁ ଯେଉଁଠାରୁ ଆସୁ, ଯେପରି ଆସୁ, ଯେଉଁବାଟେ ଆସୁ, ସଂସ୍କୃତ ଲିପିର ଇତିହାସ ଓ ବିକାଶ-ଭଙ୍ଗି ସ୍ୱତନ୍ତ୍ର ।

## ଭାରତୀ ଲିପିର ପ୍ରାରଂଭ

ଅନେକେ ପୁଣି କହଂତି, ପାଣିନିଙ୍କ ବେଳକୁ ଲିପିର ବ୍ୟବହାର ଭାରତୀୟ ଆର୍ଯ୍ୟଂକ ଭିତରେ ନ ଥିଲା; କିଂତୁ ତା ଠିକ୍ ନୁହେ । ପାଣିନି ନିଜ ବ୍ୟାକରଣରେ 'ଲିପିକାର' ଶବ୍ଦ ସାଧିବାରେ 'ଲିପି' ଶବ୍ଦର ବ୍ୟବହାର କରିଛଂତି । ଏଇ ଲିପିକାର ଅର୍ଥରେ 'ଲେଖନକାର' ଶବ୍ଦ ଏବେ ବି ଓଡ଼ିଆରେ ଚଳେ ।

"ଶୁଦ୍ଧ ଅଶୁଦ୍ଧ ପୂରେଇ ଗାଇବ
ଲେଖନକାରର ଦୋଷ ନ ଘେନିବ ।"

ଏଇ ପ୍ରଚଳିତ ବଚନଟି ତାହାର ଏକ ପ୍ରମାଣ ବୋଲି ମନେହୁଏ । ଅତଏବ ଖୁବ୍ ସଂଭବ ପାଣିନିଙ୍କ

ବେଳକୁ ଏ ଦେଶ ଆର୍ଯ୍ୟଭାଷା-ଭାଷୀଙ୍କ ଭିତରେ ଲେଖା ଚଳୁଥିଲା ଓ ଲେଖାର ଗୋଟିଏ ପରଂପରା ହୁଏତ ଚାଲି ଆସୁଥିଲା । ତତ୍‌ବିଦମାନେ କହଂନ୍ତି, ଫିନିସୀୟମାନଂକଠାରୁ ଗୃହୀତ 'ଆରେମେଇକ୍' ('ପାଲେଷ୍ଟାଇନ୍' ପାଖ 'ଆରେମେଇଆ'ର ) ଲିପିରୁ ବାହାରିଥିଲା, ଅଶୋକଂକ ଶିଳାଲିପିମାନଂକରେ ମିଳୁଥିବା ଗାଂଧାରର 'ଖରୋଷ୍ଟୀ' ଲିପି ଓ ସେଇ 'ଫିନିସୀୟ' ଲିପିରୁ ପୁଣି 'ପାଲେଷ୍ଟାଇନ୍'ର 'ମୋଆବ୍' ମାନଂକ ସୂତ୍ରରେ 'ଅସିରିଆ' ଓ ବାବିଲନ ବାଟେ ବାଣିଜ୍ୟ ସଂପର୍କରେ ଆସିଥିବା ଲିପିରୁ ବାହାରି ଥିଲା 'ବ୍ରାହ୍ମୀ' ଲିପି । ଅଶୋକ, ଖାରବେଳ ପ୍ରଭୃତିଂକ 'ପ୍ରାକୃତ' ବା 'ପାଲି' ଲିପିମାନ ଏଇ 'ବ୍ରାହ୍ମୀ' ଲିପିରେ । ଏଇ ବ୍ରାହ୍ମୀଲିପିରୁ ଦେବନାଗରୀ ସମେତ ସବୁ ଭାରତୀୟ 'ଲିପି' ବାହାରିଛି । ତତ୍‌ବିଦ୍ ଡକ୍‌ଟର ବୁ୍ୟଲର (Dr. Buhler) ନାନା ପ୍ରମାଣ-ମାନ ପରୀକ୍ଷା କରି ଅନୁମାନ କରଂନ୍ତି, ଭାରତୀୟ ବଣିକମାନେ ଅନ୍ଦାଜ ଖ୍ରୀଷ୍ଟପୂର୍ବ ୮୦୦ ଅବ୍ଦରେ ଏହାକୁ ମେସୋପୋଟାମିଆ ବାଟେ ଭାରତକୁ ଆଣିଥିଲେ । (୧୧)

## ଭାରତୀୟ ଲିପିର ପରଂପରା ସ୍ୱତଂନ୍ତ୍ର

ଏଇ ଫିନିସୀୟ ଲିପି ଗ୍ରୀସ୍‌କୁ ଯାଇଥିଲା ଏବଂ ଆରବ ଓ ଅନ୍ୟାନ୍ୟ ସେମିଟିକ୍ ଜାତିମାନେ ଏହାକୁ ଇଂନ୍ନତର କରିଥିଲେ । ଏବେ ସମସ୍ତ ଦକ୍ଷିଣ ପଶ୍ଚିମ ଆସିଆ ଓ ଅଫ୍ରିକାର ମୁସଲମାନମାନେ ତଥା ଇଉରୋପ ଆମେରିକା ସମେତ ପୃଥିବୀର ସବୁ ଖ୍ରୀଷ୍ଟିୟାନ୍ ଓ ଇହୁଦୀମାନେ ସେଇକାଳରୁ ଏଇ ଲିପି ବରାବର ବ୍ୟବହାର କରି ଆସୁଚଂନ୍ତି କହିଲେ ହୁଏ । ଯାହା ବା ସେକାଳେ ଏଥିରେ ପରିବର୍ତ୍ତନ ହୋଇଛି, ତା ଧର୍ତ୍ତବ୍ୟ ନୁହେଁ; ମାତ୍ର ଭାରତକୁ ସେଇ ଲିପି ଆସିଥିବା କଥା ସତ୍ୟ ବୋଲି ଧରିଲେ ମଧ୍ୟ, ଭାରତରେ ତାର ପରଂପରା ଆଦୌ ନାଇ । ସେଥିପାଇଁ ସେଇ ଲିପିରୁ ଭାରତୀୟ ଲିପିର ପରଂପରା ଖୋଜି ବାହାର କରିବାରେ ଅନେକ ଭାରତୀୟ ପ୍ରତ୍ନବିତ୍, ବୁ୍ୟଲର୍ ଓ ତାଂକ ଅନୁଗାମୀଂକ ଯୁକ୍ତିର ମୂଳରେ ଗୋଟିଏ ଅତି ବଦ୍ଧମୂଳ ସଂସ୍କାରର ପ୍ରଭାବ ଦେଖଂନ୍ତି । ମହେଞ୍ଜୋଦାରୋ ପ୍ରଭୃତିର ଲିପି ଫିନିସୀୟ ଲିପିରୁ ଆହୁରି ବହୁ ପ୍ରାଚୀନ । ତେଣୁ ଭାରତୀ ଲିପିର ମୂଳ ସେଇ ସିଂଧୁ-ଲିପିରେ ଖୋଜିବା ପାଇଁ ମଧ୍ୟ କେତେ ପଂଡିତ ଅପେକ୍ଷା ରଖୁଚଂନ୍ତି ।

## ଫିନିସୀୟ ଲିପିମାଳା

କାହିଁକି ନା, ପ୍ରାଚୀନ ଫିନିସୀୟ ଲିପିରୁ ବାହାରିଥିବା ଲିପି ଆଜି ପୃଥିବୀ ବ୍ୟାପୀ ହୋଇ ଥିଲେ ହେଁ ସେଥିରେ କୌଣସି ଶୃଂଖଳା ବା ଶୃଂଖଳା ନାଇ । ଯେଉଁ ଯେଉଁ ଭାଷାରେ ସେ ଲିପି ଚଳେ, ସେ ସେ ଭାଷାର ସବୁ ସ୍ୱରଭଂଗୀ ପ୍ରକାଶ କରିବା ଭଳି ସଂକେତ ବା ସାମର୍ଥ୍ୟ ସେଥିରେ ନାଇ । ସେଇ ପ୍ରାଚୀନ କାଳରୁ ପୁଣି ସେସବୁ ଲିପିମାଳା ଅପରିବର୍ତ୍ତିତ ରହିଛି । ତାଂକ ଲିପିମାଳାକୁ ଏବେ ବି କହଂନ୍ତି 'ଆଲଫାବେଟ୍' । ସେମିଟିକ୍ ପ୍ରଥମ ଦୁଇ ଅକ୍ଷର 'ଆଲେଫ୍', 'ବେ' ଓ ଗ୍ରୀକ୍ 'ଆଲଫା' 'ବିଟା' (ଇଂରେଜି 'ଏ' 'ବି' ) ଏଇ ଦୁଇଟି ମିଶାଇ ଏ ଶବ୍ଦଟି ତିଆରି ହୋଇଛି । ଏଥିରେ ଅତି ମୌଳିକ ଇଜିପ୍ତ ଚିତ୍ରଲିପି (Hieroglyphics)ର ସଂକେତ ଏବେ ବି ରହିଚି । ଆଲଫା ବୋଇଲେ ଷଂଢ, ବିଟା ବୋଇଲେ, ଘର । ଏଇପରି ଚିତ୍ର ସଂକେତରେ ପ୍ରାଚୀନ ଇଜିପ୍ତରେ ଅକ୍ଷରମାନ ପ୍ରକାଶ କରୁଥିଲେ ଓ ଫୀନିସୀୟମାନେ ସେଇଥିରୁ ବାଇଶଟି ବାଛି ପ୍ରଥମେ ଏଇ ଲିପିମାଳା ପ୍ରକାଶ କରିଥିଲେ । ସେଇଥିରୁ ଗ୍ରୀକ୍ ଓ ସେମିଟିକ୍‌ମାନେ ଏହା ଗ୍ରହଣ କରିଚଂନ୍ତି । (୧୨)

## ଲିପି ଓ ବର୍ଣ୍ଣ

କିନ୍ତୁ ସଂସ୍କୃତରେ ଲିପିର ଏପରି କୌଣସି ସଂଗତି-ବଦ୍ଧ କୃତ୍ରିମ କିମ୍ବା ବସ୍ତୁ ସଂକେତର ସଂବଂଧ ନାହିଁ । ପ୍ରଥମରୁ ଭାରତୀୟ ବଣିକମାନେ କି ଲିପି ଦେନା କରି ଆସି ଥିଲେ, କି ଏହି ଦେଶର ପ୍ରାଚୀନ ସିଂଧୁ-ସଭ୍ୟତାର ଲିପିରୁ ବୈଦିକମାନେ ପ୍ରଥମ-ସଂକେତ ଗ୍ରହଣ କରିଥିଲେ, ପୁଣି ସେହି ସିଂଧୁଲିପିର ପ୍ରକୃତି ଓ ପ୍ରକାର କଣ ଥିଲା, ପଶ୍ଚିମ ଦେଶର ଲିପିମାନଙ୍କ ସଂଗେ—ଇଜିପ୍ଟର 'ହାଇରୋ ଗ୍ଲିଫିକ୍' ଓ ସୁମେରର 'କ୍ୟୁନିଫର୍ମ' ( Cuneiform ) ଲିପି ସଂଗେ—ତାର ବା କି ସଂବଂଧ ଥିଲା କି ନ ଥିଲା, ଏ ସବୁ ପୂରାପୂରି ଆଲୋଚନା କରି ସିଦ୍ଧାଂତ କରିବାର ସାମଗ୍ରୀ କିଛି ଏବେ ଆମ ହାତରେ ନାହିଁ । ବ୍ୟୁଲର୍ ସାହେବଙ୍କ ସିଦ୍ଧାଂତକୁ ପ୍ରାମାଣ୍ୟ କରି ଧରିଲେ ମଧ୍ୟ ଏତିକିମାତ୍ର ଜଣାଯାଉଛି ଯେ, ସଂସ୍କୃତ ଭାଷାର କେତେକ ଶବ୍ଦ ବା ଭାବ ସଂକେତ ବୈଦିକ କାଳରେ ମଧ୍ୟ ଲେଖାରେ ବ୍ୟବହାର କରା ହେଉଥିଲା । ପୁଣି ଏହି ସବୁ ସଂକେତ ହୁଏତ ସେମିଟିକ୍ ଲିପିରୁ ନିଆଯାଇଥିଲା ବା ବଣିକମାନଙ୍କଦ୍ୱାରା ଆନୀତ ସେମିଟିକ୍ ଲିପିରେ ପ୍ରଭାବିତ ହୋଇଥିଲା । ହୁଏତ, ଅତି ଆଦିମ ବସ୍ତୁଚିତ୍ରରୁ, ଅଂଗ-ପ୍ରତ୍ୟଂଗ ଓ ମୁଦ୍ରାଦିର ସଂକେତରୁ ଅକ୍ଷର ସଂକେତକୁ ଆସିବାରେ ବୈଦିକମାନଙ୍କୁ ଏହା ସାହାଯ୍ୟ କରିଥିବ ବା ହୋଇପାରେ, ପ୍ରଥମ ପ୍ରେରଣା ପର୍ଯ୍ୟଂତ ମଧ୍ୟ ଦେଇଥିବ; କିନ୍ତୁ ଏହି ସଂପର୍କରେ ଦେଖିବାର ଅଛି, ବୈଦିକ ଓ ସଂସ୍କୃତ ସାହିତ୍ୟରେ ଓ ଭାଷାରେ ଲିପିର କି ସ୍ଥାନ ? କି ବା ପ୍ରତିଷ୍ଠା ? ଏ ସ୍ଥାନ ଓ ଏ ପ୍ରତିଷ୍ଠା ମାପିବାରେ ଆପଣମାନଙ୍କ ଭିତରେ କାହାର କାହାର ହୁଏତ ସଂଦେହ ହୋଇପାରେ । କାହିଁକି ନା, ପରବର୍ତ୍ତୀ କାଳରେ ଆମ ବୈୟାକରଣମାନେ ଯଥାର୍ଥ ସଂସ୍କୃତ ବ୍ୟାକରଣର ପ୍ରକୃତି ଓ ପ୍ରକାର ପ୍ରତି ଲକ୍ଷ୍ୟ ନ ରଖି ବର୍ଣ୍ଣକୁ ଲିପିରେ ଚଳାଇବାର ଭ୍ରମ ଖୁବ୍ କରିଛନ୍ତି । ଉଦାହରଣ ସ୍ୱରୂପ ବରରୁଚି ନିଜ 'ପ୍ରାକୃତ ପ୍ରକାଶ' ବ୍ୟାକରଣରେ ସୂତ୍ର କରିଛନ୍ତି—'ନ ବିଂଦୁପରେ' ୩।୫୭ । ଏହାର ଅର୍ଥ—ବିଂଦୁ ବା ଅନୁସ୍ୱାର ପରେ ( ଦ୍ୱିତ୍ୱ ହୁଏ ନାହିଁ ) । ସେହିପରି ସାରସ୍ୱତ ସିଦ୍ଧାଂତ-ଚଂଦ୍ରିକାକାର ଲେଖିଛନ୍ତି—

"ଏକ ବିନ୍ଦୁ ରନୁସ୍ୱାରଃ"
"ଦ୍ୱିବିନ୍ଦୁ ର୍ବିସର୍ଗଃ" ।
"ଜଲ ତୁଂବିକା ନ୍ୟାୟେନ ରେଫସ୍ୟୋର୍ଦ୍ଧ୍ୱ ଗମନଂ"

ସେହି ଭ୍ରାଂତିରେ ପଡ଼ି ଏବେ କେହି କେହି 'ସଂକୀର୍ତ୍ତନ' ଶବ୍ଦକୁ ଏହିପରି ସ-ରେ ଅନୁସ୍ୱାର ଓ ଗୋଟାଏ ତ-ରେ ରେଫ ଦେଇ ଲେଖିଲେ, ତହିଁରେ ବ୍ୟାକରଣଗତ ଶୁଦ୍ଧି ଦେଖନ୍ତି । ପାଣିନିରେ ଅନୁସ୍ୱାର, ବିସର୍ଗ, ବିନ୍ଦୁ ନୁହଁନ୍ତି, କି ରେଫ୍‌ଟା ଲାଉ ତୁଂବା ପାଣିଭିତରୁ ଉପରକୁ ଉଠିଗଲା ପରି ଉଠି ଯାଏ ନାହିଁ । ସଂକୀର୍ତ୍ତନ ଲେଖିଲେ ଯେ ଉଚ୍ଚାରଣ ହୁଏ, ସଙ୍କୀର୍ତ୍ତନ ଲେଖିଲେ ସେହି ଉଚ୍ଚାରଣ ହେବାର କଥା । 'ନିର୍ଋତି' ଶବ୍ଦକୁ 'ନିରୃତି' ଲେଖିଲେ ବି ହେବ । ବର୍ଣ୍ଣ ସବୁ ମାନବର ସ୍ୱର-ସଂଚରେ—ଲିପିରେ ନୁହେଁ । ଲିପି ହେଉଛି, ବର୍ଣ୍ଣର ସଂକେତ ମାତ୍ର ।

## ଭାରତରେ 'ଶ୍ରୁତି'

ଏହି ବର୍ଣ୍ଣ ବିସ୍ତାର ହେଉଛି, ସଂସ୍କୃତ ବ୍ୟାକରଣର ଏକ ଅନନ୍ୟ ସାଧାରଣ ବିଶେଷ । ପୃଥିବୀରେ ଅନ୍ୟ କୁତ୍ର ପି ଏହା ନ ଥିଲା—ଏବେ ବି ନାହିଁ । ସେଥିପାଇଁ ଏବେ ଯାହାକୁ କହନ୍ତି 'ଲେଖାପଢ଼ା', ଯାହାକୁ ପ୍ରାଚୀନ ଗ୍ରୀକ୍ ରୋମାନ୍ ପରଂପରା ଅନୁସାରେ ଇଂରେଜରେ କହନ୍ତି ଥ୍ରି ଆର୍ସ ( Three R's ), ଓ ଯାହାକୁ ଇଉରୋପରେ କହି ଆସୁଛନ୍ତି, ଲେଟର୍ସ (Letters) ବା ଲିପି-ନିବଂଧ ବା ଅକ୍ଷର ନିବଂଧ ସାହିତ୍ୟ, ତହେ

ସବୁ ପାଇଁ ଆମର ପାରଂପରିକ ସଂସ୍କୃତ ଶବ୍ଦ ହେଉଛି, 'ଶ୍ରୁତି' । ଶ୍ରୁତି'ର ଅର୍ଥ ହେଉଛି, ଶୁଣିବାରେ ଶିଖାହୁଏ ଯାହା । ଯାହା ପିତା-ପୁତ୍ର ବା ଗୁରୁ-ଶିଷ୍ୟ ପରଂପରାରେ ଶୁଣି ଶିଖି ମନେ ରଖିବାକୁ ହୁଏ । ସେହି ଅନୁକ୍ରମେ 'ଆମ ସ୍ମୃତି', ଅର୍ଥାତ୍, ଶୁଣିବାରେ ଯାହା ମନେ ରହିଥାଏ । 'ଆପ୍ତବଚନ' କଥା ଆପଣମାନେ ଜାଣଂତି । ଏହା ଜ୍ଞଂକଠାରୁ ପ୍ରାପ୍ତ 'ବଚନ', ଲେଖା ନୁହେ । ଆପ୍ତ ଉପଦେଶରେ 'ଅନୁଶୁଶ୍ରୁମ' କଥାଟି ସାଧାରଣ । ଅନୁଶୁଶ୍ରୁମ କଥାର ଅର୍ଥ ହେଉଛି, 'ଆମେ ଏହି ପରି ଶୁଣି ଆସିଛୁ' । ଲିପିର ବ୍ୟବହାର ଥିଲେ ମଧ୍ୟ କହିବା ଓ ଶୁଣିବାରେହିଁ ଆମର ଶିକ୍ଷାଦିଆ ହେଉଥିଲା । ଉଚ୍ଚାରିତ ଶବ୍ଦ ଛଡ଼ା, ଅଂଗଭଂଗୀର ସଂକେତ ବା ମୁଦ୍ରାଦ୍ୱାରେ ଯାହା ଜଣାଯାଏ ଓ ଜଣାଇ ଦିଆଯାଏ, ଜୈନଶାସ୍ତ୍ରରେ ତାକୁ ମଧ୍ୟ କହଂତି, 'ଶ୍ରୁତି' । ଏହି ଶ୍ରୁତି'ର ପ୍ରତିଷ୍ଠା ହେଉଛି ଅଂନ୍ତତଃ ବୈଦିକ 'ବ୍ରାହ୍ମଣ' କାଳରୁ ଆମର 'ସୂତ୍ର'ମାନ ତିଆରି ହୋଇଥିଲା । ଗୁରୁମାନେ ଏହି ସୂତ୍ରମାନ ବିଷୟର ସ୍ମରଣ ପାଇଁ ଧରାଇ ଦେଇ ବ୍ୟାଖ୍ୟା କରି କହିଯାଉଥିଲେ । ସେହି ଶ୍ରୁତି ବା ଶୁଣି ଶିଖି ମନେ ରଖି ପୁଣି ତାକୁ ପୁତ୍ର ବା ଶିଷ୍ୟକୁ ଦେବାରେ ସେକାଳ ଆର୍ଯ୍ୟମାନେ ଅତ୍ୟଂତ ପଟୁ ଥିଲେ । ମନେ ରଖିବାରେ ଗୋଟିଏ ମାତ୍ରା ବା ସ୍ୱର ପର୍ଯ୍ୟଂତ କେବେ ଭୁଲ ହେଉ ନ ଥିଲା । କ୍ରମେ ବଦଳି ଯାଉଥିବା ଚଳିତ ଭାଷାର ପ୍ରଭାବ ସେଥିରେ ଆଦୌ ପ୍ରକାଶ ପାଉ ନ ଥିଲା । ମୁଁ ନିଜ ଅନୁଭବରୁ ଜାଣେ, ଏ ରୀତି ଏହି ସେଦିନ ପର୍ଯ୍ୟଂତ ଜୀବିତ ଥିଲା; ଏବେ ବି ହୁଏତ ଥିବ । ପିଲାଦିନେ ମୋର ବ୍ରତୋପନୟନ ପରେ ମୁଁ ଜାଣେ ଶିଷ୍ଟାଚାର-ସଂପନ୍ନ ନିଜ କୁନ୍ଟଂବାପୁଂକ ପାଖକୁ ସଂଧ୍ୟା-ବଂଦନା-ପୂଜା-ପାଠାଦି ଶିଖିବାକୁ ପଠା ହୋଇ ଥିଲି । ସେ ଅବଶ୍ୟ ତାଳପତ୍ର 'ଖେଦା'ରୁ ମଝେ ମଝେ ଦେଖି ମତେ ଶିଖାଉ ଥିଲେ । ମୁଁ କିଂତୁ ଶ୍ରୁତିରେହିଁ ଶିଖି ମନେ ରଖୁଥିଲି । ସେଥିରେ ବେଦର ମଂତ୍ରମାନ ବହୁତ ଥିଲା; ଭାଷା-ସଂସ୍କୃତ ବି ଥିଲା । ମତେ ଯେ ପଢ଼ାଇଥିଲେ, ସେ ସଂସ୍କୃତରେ ସେପରି କିଛି ବ୍ୟୁତ୍ପନ୍ନ ନ ଥିଲେ; ବେଦ ଆଦୌ ଜାଣି ନ ଥିଲେ । ତଥାପି ବହୁପରେ ମୁଁ ଯେତେବେଳେ ବେଦମଂତ୍ର ସବୁ ପଢ଼ିଲି, ଦେଖିଲି, ମୁଁ ପିଲାଦିନେ ଶ୍ରୁତିମାତ୍ରରେ ଶିଖିଥିବା ମଂତ୍ରରେ ଗୋଟିଏ ସ୍ୱର, ମାତ୍ରା ବା ଉଚ୍ଚାରଣ ପର୍ଯ୍ୟଂତ ଏପାଖ ସେପାଖ ହୋଇ ନାଇ ।

## ଶ୍ରୁତିର ସାଧନା, ଲିପି ନୁହେଁ, ବର୍ଣ୍ଣ

ଏ ସବୁ ଶ୍ରୁତି-ପରଂପରା ମଧ୍ୟରେ ବା ପୂର୍ବରୁ ବହୁ ପ୍ରାଚୀନ କାଳରୁ ଲିପି ସଂଗେ ବୈଦିକ ଆର୍ଯ୍ୟମାନେ ପରିଚିତ ଥିଲେ । କାରଣ, ବହୁ ଆଦିମ କାଳରୁ ସିଂଧୁ-ସଭ୍ୟତା ବା ଏଦେଶୀ ଦ୍ରାବିଡ଼ ସଭ୍ୟତାରେ କୌଣସି ନା କୌଣସି ଲିପି ଥିଲା । ତା ପରେ ଭାରତୀୟ ବଣିକ୍ ମାନେ ଏ ଦେଶରେ ମଧ୍ୟ ସେମିଟିକ ଲିପିରେ ଅକ୍ଷର ପର୍ଯ୍ୟଂତ ଲେଖିବା ଜାଣିଥିଲେ । ତେବେ ଆଉ 'ଶ୍ରୁତି'ର ଏତେ ପ୍ରତିଷ୍ଠା କାହିଁକି ? ଅବଶ୍ୟ 'ଶ୍ରୁତି'ଟି ଏକା ଆଦିମ ମାନବର ଭାବ-ଆଦାନ-ପ୍ରଦାନରେ ଏକମାତ୍ର ସାଧନା । ଲିପି ତାଂକର ନଥାଏ; କିଂତୁ 'ଲିପି' ଥାଇ, 'ଶ୍ରୁତି' ପୁଣି କାହିଁକି ? ପ୍ରାଚୀନ ମୂର୍ତ୍ତି ଲେଖମାନଂକରୁ ଦେଖା-ଯାଉଛି, ଆଜକୁ ୫୦୦୦ରୁ ଅଧିକ ବର୍ଷ ତଳେ ମଧ୍ୟ ଇଜିପ୍ତରେ ଲେଖକମାନଂକର ସମାଜରେ ଅତ୍ୟଂତ ପ୍ରସିଦ୍ଧି ଥିଲା । ବାବିଲନ୍ ତଥା ଅତି ପ୍ରାଚୀନ ସୁମେରୁରେ ମଧ୍ୟ କଂଚ୍ଚଇଟାରେ ତିଆରି ହୋଇଥିବା ପଟାରେ ଶିଶୁମାନଂକୁ ଅତି ଯତ୍ନରେ ଲିପି-ଶିକ୍ଷା ଦେଉଥିବାର ନିଦର୍ଶନ ସ୍ପଷ୍ଟ । ଫିନିସୀୟ ଲିପି 'ଯବନ'-ଦେଶକୁ ଚାଲିଦିନୁ ତାହାର ସେଠାରେ ସାହିତ୍ୟ ଓ ଶିକ୍ଷାର ପ୍ରୟୋଗ କରା ହୋଇଛି; କିଂତୁ ବୈଦିକ ଆର୍ଯ୍ୟଂକ ଭିତରେ ତା ହୋଇ ନାଇ, କାହିଁକି ? ତାର ପ୍ରଧାନ — ହୁଏତ ଏକମାତ୍ର — କାରଣ ହେଉଛି, କଥାରେ ସ୍ୱରଯଂତ୍ରରୁ ବାହାରୁ ଥିବା ଉଚ୍ଚାରଣଗତ ବର୍ଣ୍ଣର

ବୈଜ୍ଞାନିକ ବିଚାର ଏଇ ଆର୍ଯ୍ୟମାନଙ୍କ ଭିତରେ ସେଇ ଆଦିମ କାଳରୁ ପ୍ରକାଶ ପାଇଥିଲା । ମାନବର ବାଗ୍-ସଂସ୍ଥରୁ ବାହାରେ ବର୍ଣ୍ଣ । ଧରା-ବନ୍ଧା ଗତିରେ ସେଇ ବର୍ଣ୍ଣକୁ ସଂକେତରେ ଲେଖି ଲିପିରେ ପ୍ରକାଶ କରାଯାଏ । ଇଂରେଜରେ ଯାହାକୁ କହନ୍ତି ଆଲଫାବେଟ୍ ( Alphabet ), ତା ହେଉଛି, ଲିପି ମାଳା— ବର୍ଣ୍ଣମାଳା ନୁହେଁ । ସେଥିରେ ବାଗ୍‌ସଂସ୍ଥର କେତେକ ବର୍ଣ୍ଣ ପ୍ରକାଶ ପାଇଲେ ମଧ୍ୟ, ତାକୁ ଭାଷାର ବର୍ଣ୍ଣମାଳା ବୋଲି କୁହାଯାଇ ନ ପାରେ । କାରଣ, ପଢ଼ିଲେ ତା ବର୍ଣ୍ଣବିଚାରରେ ତିଆରି କରା ହୋଇ ନ ଥିଲା । ଏବେ ବି ସେ ବିଚାର ବୈଜ୍ଞାନିକ ଭାବରେ ସେଥିରେ ପ୍ରକାଶ ପାଇ ନାଇଁ । ବୈଦିକ ଆର୍ଯ୍ୟମାନେ ଆଦ୍ୟରୁ ଏଇ ବୈଜ୍ଞାନିକ ବର୍ଣ୍ଣବିଚାରକୁ ଭାଷାର ଜୀବନ୍ତତା ଓ ବିକାଶ ଜାଣିବାରେ ଏକମାତ୍ର ସାଧନା ବୋଲି ବୁଝିଥିଲେ । ସେମିଟିକ୍ ତଥା ସେଇଭଳି ଅନ୍ୟାନ୍ୟ ସଂକେତ ଲିପିକୁ ସେଥିପାଇଁ ଶବ୍ଦ ତଥା ଭାଷା ପ୍ରକାଶରେ ଉପଯୋଗୀ ସାଧନ ବୋଲି ସେମାନେ ମନେ କରୁ ନ ଥିଲେ । ତେଣୁ ବଣିକମାନଙ୍କ ସ୍ମାରକ-ମୁଦ୍ରାରେ ବ୍ୟବହୃତ ବା ସେଇଭଳି କାରବାରରେ ବ୍ୟବହୃତ ଲିପି-ସଂକେତକୁ ସେମାନେ ନିଜ ଭାଷା ବା ସାହିତ୍ୟ-ପ୍ରକାଶରେ ସ୍ଥାନ ଦେଇ ନଥିଲେ । ବେଦରେ ବଣିକ ('ପଣି') ମାନଙ୍କ ପ୍ରତି ଯେ ଅନାସ୍ଥା ପ୍ରକାଶ ପାଇଛି, ତା ସଂଗେ ଏହାର ସଂପର୍କ ମଧ୍ୟ ଅନୁମାନ କରାଯାଇପାରେ । ହୁଏତ ହୋଇପାରେ, ବୈଦିକ କାଳରେ ଏଇ ଲିପିର ବ୍ୟବହାରରେ ସୂତ୍ର-ସାହିତ୍ୟ ଆରମ୍ଭ କରା ହୋଇ-ଥିଲା । କାରଣ, ଭାଷା ଓ ସମସ୍ତ ଉଚ୍ଚାରଣ-ଭଙ୍ଗୀ ପ୍ରକାଶ କରିବାର ସାଧନ ନଥିବାରୁ ଋଷିମାନେ ବ୍ୟାଖ୍ୟାଦିରେ ଲେଖା ବ୍ୟବହାର କରୁ ନଥିଲେ । ସେପରି ଲେଖା ପ୍ରକାଶ କଲେ ଅଶୁଦ୍ଧିର ଭୟ ମଧ୍ୟ ଥିଲା । ବିଦ୍ୟାର ଆଦାନ-ପ୍ରଦାନ ଓ ପ୍ରସାରରେ ଏଇ ଅଶୁଦ୍ଧି ଏକ ଘୋର ପ୍ରତ୍ୟବାୟ ବୋଲି ମନେ କରା ହେଉଥିଲା । ସେଥିପାଇଁ ଉଚ୍ଚାରଣର ପବିତ୍ରତା ବେଦ ଓ ବୈଦିକ ସାହିତ୍ୟରେ ଏତେ ପ୍ରଣିଧାନ-ଯୋଗ୍ୟ ହୋଇ ଚିରକାଳ ରହି ଆସିଛି । ଭାଷାର ସମସ୍ତ ବର୍ଣ୍ଣ ଓ ଉଚ୍ଚାରଣର ପ୍ରକାର ତଥା ପରିଣାମ ଠିକ୍ ନ ହେବାଯାଏ ମୁଖର ଭାଷା ବା ବର୍ଣ୍ଣ, ପୁରାପୁରି ଲିପିକୁ ଆସିନାଇ ।

## ବର୍ଣ୍ଣ ବିଚାର

ଉଚ୍ଚାରଣରେ ବର୍ଣ୍ଣର ଏଇ ବୈଜ୍ଞାନିକ ବିଚାର ସଂସ୍କୃତ ବ୍ୟାକରଣର ବିଶେଷତ୍ୱ । ଏ ବିଚାର ଏତେ ଗଭୀର, ସୂକ୍ଷ୍ମସୂକ୍ଷ୍ମ ଓ ସର୍ବ ଦିଗ୍‌ଦର୍ଶୀ ଥିଲା ଯେ, ସେଥିରେ ଖାଲି ଯେ କୌଣସି ନିର୍ଦ୍ଦିଷ୍ଟ ସମୟରେ ଚଳୁଥିବା ଭାଷାର ବର୍ଣ୍ଣଗତ-ଶୁଦ୍ଧି ରକ୍ଷା ହେଲା, ସେତିକି ନୁହେଁ । ଶବ୍ଦ ତଥା କଥା-ଭଙ୍ଗୀରେ ବର୍ଣ୍ଣ ଓ ଉଚ୍ଚାରଣ-ଗତ ପରିଣାମ ସଂଗେ ସମାଜର ଐତିହ୍ୟ ଓ ପରମ୍ପରା ତଥା ଭବିଷ୍ୟତର ଗତି ପର୍ଯ୍ୟନ୍ତ, ସମସ୍ତଙ୍କର ବୀଜ ଏହାର ଅଙ୍ଗୀଭୂତ ହେଲା । ତାହା କିପରି ସଂସ୍କୃତ ବ୍ୟାକରଣରେ ସାଧିତ ଓ ପ୍ରକାଶିତ ହୋଇଛି, ତା ଟିକିଏ ଏଠି ବୁଝାଇ ଦିଏଁ ।

## ପାଣିନିଙ୍କ ସୂତ୍ର

ପାଣିନିଙ୍କ ବେଳକୁ ସଂସ୍କୃତର ବର୍ଣ୍ଣ ସଂକେତରେ ଲିପି ବହୁ କାଳୁ ପ୍ରଚଳିତ ହୋଇସାରିଥିଲା; ତଥାପି ବ୍ୟାକରଣରେ ଲିପିର ସଂପର୍କ ପ୍ରକାଶ ପାଇ ନ ଥିଲା । ପାଣିନିଙ୍କର ବହୁ ଶତାବ୍ଦି ପୂର୍ବରୁ 'ପ୍ରାତିଶାଖ୍ୟ-ସୂତ୍ର' ମାନଙ୍କରେ ବର୍ଣ୍ଣର ପରିଣାମ-ବିଚାର ଥିବାର ଦେଖାଯାଏ । ପାଣିନି ନିଜ ସୂତ୍ରରେ ଷାଠିଏଟିରୁ ବେଶି ବୈୟାକରଣଙ୍କ ନାମ କରିଛନ୍ତି । ମାତ୍ର ପାଣିନି ସମସ୍ତ ପୂର୍ବସୂରିମାନଙ୍କର ସିଦ୍ଧାନ୍ତ ଓ କୃତିତ୍ୱକୁ ବିଚାରରେ ଆଣି ଯେଉଁ ବ୍ୟାକରଣ-ସୂତ୍ର ପ୍ରସ୍ତୁତ କଲେ, ସେଥିରେ ସଂସ୍କୃତ ଭାଷା ଚିରନ୍ତନ ପାଇଁ

ପ୍ରତିଷ୍ଠା ପାଇଲା । ସଂସ୍କୃତ ଭାଷାର ସମସ୍ତ ବର୍ଣ୍ଣ, ବୈଜ୍ଞାନିକ ଭାବରେ ଏଥିରେ ପ୍ରକାଶିତ ହୋଇଛି । ପୂର୍ବ ଋଷିମାନେ ଏହା ତୁଏତ ଆଗରୁ କରି ସାରିଥିଲେ । ସେ ସବୁର ଧାରା ବାହିକ ଆଲୋଚନା ପାଇଁ ସାମଗ୍ରୀ ଅବଶ୍ୟ ଯଥେଷ୍ଟ ମିଳି ନାଇ । ମାତ୍ର ପାଣିନିଂକ ସୂତ୍ର ସମସ୍ତଂକୁ ଅନ୍ତର୍ଭୂକ୍ତ କରି ଯେପରିକି ଏ କ୍ଷେତ୍ରରେ ଆଜି ସ୍ୱାର୍ଜିତ ଭୁଂଗିମାରେ ସାରା ଜଗତ୍ର ଆଗେ ଠିଆ ହୋଇଛି । ସ୍ୱରବିଜ୍ଞାନ-ତତ୍ତ୍ୱର ପୁଂଖାନୁପୁଂଖ ଅନୁସଂଧାନରେ ଯେଉଁ ସଂପୂର୍ଣ୍ଣ ବର୍ଣ୍ଣମାଳାଟି ପାଣିନିରେ ପ୍ରକାଶ ପାଇଛି, ତା ଏବେ ବି ସେଇପରି ଚଲେ ଓ ପୃଥିବୀରେ ଏବେ ବି ତାର ପଟାଂତର ନାଇ । ମାକ୍‌ଡୋନେଲ୍ ସାହେବ କହଂତି, "ଏହା ଯେ ସଂସ୍କୃତ ଭାଷାର ସମସ୍ତ ବର୍ଣ୍ଣ ପୂର୍ଣ୍ଣଭାବରେ ପ୍ରକାଶ କରେ, ସେତିକି ନୁହେ । ଏହା ଯେଉଁ ବୈଜ୍ଞାନିକ ଶୃଂଖଳାରେ ସଜଡ଼ା ହୋଇଛି ତା ମଧ୍ୟ ନିଖୁଣ । ଆଗ ମୌଳିକ ସ୍ୱରଗୁଡ଼ିକ (ହ୍ରସ୍ୱ ଓ ଦୀର୍ଘ ), ତାପରେ ଯୌଗିକ ସ୍ୱର, ତାପରେ ବ୍ୟଂଜନ ଗୁଡ଼ିକ ରହିଚି, ନିଜ ନିଜ ଗୋଷ୍ଠୀ ଧରି ଉଚ୍ଚାରଣ ସ୍ଥାନ ଅନୁସାରେ ସମାନ ଓ ଧାରା ବାହିକ ଭାବରେ । × × × । ପକ୍ଷାଂତରେ, ଆମେ ଇଉରୋପୀୟମାନେ ୨୫୦୦ ବର୍ଷ ପରେ, ପୁଣି ଏଇ ବୈଜ୍ଞାନିକ ଯୁଗରେ ମଧ୍ୟ ଏବେ ବି ଧରି ବସିଚୁ, ସେଇ ଏକ ଆଦିମ ଲିପିମାଳା । ନା ସେଥିରେ ଆମ ଭାଷାର ସବୁ ବର୍ଣ୍ଣ ପ୍ରକାଶିତ ହୋଇ ପାରୁଚି, ନା ସେଥିରେ ସ୍ୱର-ବ୍ୟଂଜନର କୌଣସି ଶୃଂଖଳା ଅଛି । ୩୦୦୦ ବର୍ଷତଳେ ଆଦିମ ଅପରିପକ୍ୱ ସେମିଟିକ୍‌ମାନଂକଠାରୁ ଗ୍ରୀକ୍‌ମାନେ ତାକୁ ନକଲ କରି ନେଲାବେଳେ ତା ଯେପରି ଥିଲା, ଆଜି ବି ତା ଠିକ୍ ସେଇପରି ରହିଚି ।" (୧୩) ।

## ବର୍ଣ୍ଣର ଉଚ୍ଚାରଣ ଓ ଲିପି

ଏପରି ପୂର୍ଣ୍ଣାଂଗ ଲିପିର ପ୍ରତିଷ୍ଠା ହୋଇ ସାରି-ଥିଲେ ମଧ୍ୟ, ତା ପୁଣି ଆଜିକି ହଜାର ହଜାର ବର୍ଷ ଚଳିଥିଲେ ହେଁ, ସଂସ୍କୃତ ଭାଷାରେ ଲିପି ବ୍ୟବହାରରେ ଏବେ ବି ପୂର୍ଣ୍ଣତା ଆସି ନାଇ । ଆଦିମ କାଳରୁ ବର୍ଣ୍ଣର ଉଚ୍ଚାରଣ ଠିକ୍ କରିବା ପାଇଁ ଥିଲା, 'ଶିକ୍ଷା' । ଏଇ ଶିକ୍ଷା ହେଉଚି, ଏକ 'ବେଦାଂଗ' । ଏହା ବେଦର 'ବ୍ରାହ୍ମଣ' ଭାଗରେ 'ପ୍ରାତିଶାଖ୍ୟ' ସୂତ୍ରରେ ଅଛି । ବର୍ଣ୍ଣର ଉଚ୍ଚାରଣରେ ପାଣିନିଂକର ଏହାଇ ଅବଲଂବନ । ଏଥିରେ ସ୍ୱରର ଯେଉଁ ଉଚ୍ଚାରଣ ଭେଦ ଆଲୋଚନା କରି ନିର୍ଦ୍ଦେଶ ଦିଆ ଯାଇଚି, ତାର ଲିପି ସଂକେତ ଏବେ ବି ନାଇ । ଏଥିରେ, ଉଦାହରଣ ସ୍ୱରୂପ, ପ୍ରତ୍ୟେକ ସ୍ୱର ବର୍ଣ୍ଣକୁ ହ୍ରସ୍ୱ, ଦୀର୍ଘ, ପ୍ଲୁତ; ସଂବୃତ, ବିବୃତ, ଉଦାତ୍ତ, ଅନୁଦାତ୍ତ, ସ୍ୱରିତ; ଅନୁନାସିକ ନିରନୁନାସିକ ଭେଦରେ, ଛତିଶ ପ୍ରକାର ଉଚ୍ଚାରଣରେ ଚିହ୍ନାଇ ଦିଆ ଯାଇଛି । ଯେତେଦୂର ମନେହୁଏ, ସଂବୃତ ଓ ବିବୃତ ଭେଦକୁ ଛାଡ଼ି, ପାଣିନିରେ ଏହା ଅଠର ପ୍ରକାର; ମାତ୍ର ଏସବୁପାଇଁ ଲିପି କାହିଁ ? ବେଦକୁ ଲେଖିବାରେ ଓ ଏବେ ଛାପିବାରେ କହ୍ମିତ ଚିହ୍ନ ସୃଷ୍ଟି କରାଯାଇଛି । ତେବେ ବି ଉଚ୍ଚାରଣ-ପ୍ରାଣ 'ସ୍ୱାଧ୍ୟାୟ' ଏବେ ବି 'ଶ୍ରୁତି' । ନ ଶୁଣିଲେ ଶୁଦ୍ଧ କରି ବୋଲିବା କଷ୍ଟ । ସଂସ୍କୃତ ଅନୁନାସିକ ସ୍ୱର, ପ୍ଲୁତସ୍ୱର, 'ଉପଧ୍ମାନୀୟ' ଉଷ୍ମବର୍ଣ୍ଣ ପୂର୍ବ ବୈଦିଂକ ଅନୁସ୍ୱାର ପ୍ରଭୃତି ପାଇଁ ଏବେ ବି 'ଲିପି' ନାଇ, କହିଲେ ହୁଏ । ବାଗ୍ ଯଂତ୍ରର ସ୍ୱର ପ୍ରକାଶକୁ ଲିପିରେ ପୂର୍ଣ୍ଣରୂପେ ପ୍ରକାଶ କରିବା ସହଜ ନୁହେ—ହୁଏତ ସମ୍ଭବ ବି ନୁହେ । ଏବେ ପାଣିନି ପ୍ରଭୃତିଂକ ବହୁର ପରେ ଇଉରୋପରେ ପ୍ରାୟ ଗତ ଶହେବର୍ଷ ଭିତରେ ଯେଉଁ 'ଭାଷା-ବିଜ୍ଞାନ'ଚର୍ଚ୍ଚା ଆରଂଭ ହୋଇ କ୍ରମେ ବିକାଶ ପାଉଚି, ସେଥିରେ ଇଉରୋପୀୟ ଲିପିମାଳା ଧରି ପଂଡିତମାନେ ବର୍ଣ୍ଣ ବିଶେଷରେ, ସ୍ୱରବର୍ଣ୍ଣ, ଚିହ୍ନାଇବାରେ ଯେପରି ଖାଲି ନୂଆ ଚିହ୍ନମାନ ତିଆରି କରି ବୁଝାଇବାରେ ଲାଗିଚଂତି, ତା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ବେଦାଂଗ 'ଶିକ୍ଷା'ରେ

କଥା ଯାଉଥିବା ସ୍ୱରର ଅଷ୍ଟାଦଶ ବା ଷଟ୍‌ତ୍ରିଂଶ ଭେଦକୁ ଚିହ୍ନରେ ଲେଖି ଦେଖାଇବା ତ ଦୂରର କଥା। ତାଂକର କାଳିଗତିରେ 'କାଳ' ହୋଇଗଲା, 'କାଳ' କଥା ଏବେ କାହିଁ ? ଏଇ ଦୁଇ ବାକ୍ୟରେ କାଳରେ ଥିବା ଆକାରକୁ ଲିପିରେ ଦେଖାଇବାକୁ ଗଲେ ଆପଣମାନେ ଭାଷାବିଜ୍ଞାନକ-ମାନଂକ ଏ କ୍ଷେତ୍ରରେ କି ଦୁର୍ଗତି, ତା ଅନୁମାନ କରିପାରିବେ।

## ପ୍ରାକୃତ ଲିପିର ଭିନ୍ନ ଭିନ୍ନ ରୂପ

ସେଥିପାଇଁ ସଂସ୍କୃତ ବ୍ୟାକରଣକାରମାନେ ନିଜ ବର୍ଣ୍ଣ ପ୍ରକାଶ କରିବା ପାଇଁ ବହୁକାଳ ଯାଏ ସଂଭବତଃ ଲିପିର ବ୍ୟବହାର କରୁ ନ ଥିଲେ। ମନେ ହୁଏ, ସଂସ୍କୃତ ବର୍ଣ୍ଣ ନିୟମକୁ ଧରି ପ୍ରାକୃତ ଭାଷାର ପ୍ରଥମେ 'ଲିପିବଦ୍ଧ' ହୋଇଥିଲା। ସେଥିପାଇଁ ସଂଭବତଃ ଏକ ବର୍ଣ୍ଣମାଳା ଉପରେ ପ୍ରତିଷ୍ଠିତ ହେଲେହେଁ, ଭାରତର ଭିନ୍ନଭିନ୍ନ ପ୍ରାକୃତରେ ଲିପିର ଆକାର ପ୍ରକାର ଏତେ ଭିନ୍ନଭିନ୍ନ। ଅବଶ୍ୟ 'ପାଲୀ' ସାହିତ୍ୟର ବ୍ରାହ୍ମୀଲିପି ସବୁ ପ୍ରାକୃତକୁ ପ୍ରଭାବିତ କରିଛି। ହୁଏତ ଜୈନମାନେ ଆଗରୁ ଏହା ଆରଂଭ କରିଥିଲେ; ମାତ୍ର ସ୍ଥାନୀୟ ପରିସ୍ଥିତି ଓ ଲେଖନ-ସାମଗ୍ରୀର ପ୍ରଭାବ ପ୍ରାକୃତ ଲିପିକୁ ଏତେ ଭିନ୍ନ ଭିନ୍ନ କରିବାର ଏକମାତ୍ର ହେତୁ ବୋଲି ମନେ ହେଉ ନାଇ। ପୁଣି ବିଶେଷରେ ଏଠି ତାମିଲ ଲିପି କଥା ଉଲ୍ଲେଖ ଯୋଗ୍ୟ। ସଂସ୍କୃତ ବର୍ଣ୍ଣମାଳାର ସଂକେତ ଏଥିରେ ଅଛି ସତ; କିଂତୁ କେବଳ ଅନୁନାସିକକୁ ଛାଡ଼ି, ବାକି ଚାରି ଚାରିଟି ବର୍ଗ୍ୟ ବର୍ଣ୍ଣ ପାଇଁ ଏଥିରେ ମାତ୍ରକ ଗୋଟିଏ ଗୋଟିଏ ଲିପି। ପ୍ରାଚୀନ କାଳର ସଂକେତରେ ଭାବ-ପ୍ରକାଶ ଓ ସଂକେତଲିପି ସଂଗେ ଆର୍ଯ ଭାଷାର ସ୍ୱର-ବିଜ୍ଞାନ ମିଶି ଏହା ହୋଇଛି କି ନା, ହେଲେ, କିପରି ତା ହୋଇଛି, ସେ ସବୁର ଆଲୋଚନା ଖୁବ୍ ହେବା ଦରକାର; କିଂତୁ ତାମିଲ ଲିପିରେ ଏଇ ସଂକେତର ପ୍ରଭାବ ଯେ ଅଛି, ତା ମୋଟାମୋଟି ଅନୁମାନ କରାଯାଇ ପାରେ। ଏହାର ମୂଳ ପୁଣି ପ୍ରାଚୀନ ଦ୍ରାବିଡ଼ ଲିପି ବା ସିଂଧୁ ସଭ୍ୟତାର ଲିପିଂରେ ଅଛି, କି ନା, ଥିଲେ, କେତେ ଅଛି, କିପରି ଅଛି, ତା ମଧ୍ୟ ଏଠି ଖୋଜି ଦେଖିବାର କଥା।

## ଭାରତୀୟ ସଂସ୍କୃତିରେ ଲିପିର କରଣୀ

ସେ ସବୁ କଥା ଯା ହେଉ, ପ୍ରାକୃତମାନଂକ ଉପରେ ସଂସ୍କୃତର ବ୍ୟାପକ ପ୍ରଭାବରେ ଲିପି ଆମ ଦେଶରେ କମ କାମ କରି ନାଇ। ପ୍ରାକୃତ ଭାଷାରେ ଏହାର ଆରଂଭ ହୋଇଥାଇ ପାରେ; ମାତ୍ର ସଂସ୍କୃତର ବର୍ଣ୍ଣ ବିଭୂତି ଉପରେ ଏହା ଯେ ପ୍ରତିଷ୍ଠିତ, ଏଥିରେ ସଂଦେହ କରିବାର କିଛି ନାଇ। ସେଇ ସୂତ୍ରରେ ସଂସ୍କୃତର ସର୍ବତୋମୁଖ ପ୍ରଭାବ ଭାରତରେ ସର୍ବତ୍ର ପ୍ରସ୍ତୃତ ହୋଇ, ଏହା ପୁଣି ସିଂହଳ, ବ୍ରହ୍ମ ପ୍ରଭୃତି ବୌଦ୍ଧଭୂମିରେ ପ୍ରସରି ଥିଲା। ଏଇପରି ମହା-ଭାରତୀୟ ସଂସ୍କୃତିରେ ସଂସ୍କୃତ ବର୍ଣ୍ଣ ତଥା ସେଇ ବର୍ଣ୍ଣ ଉପରେ ପ୍ରତିଷ୍ଠିତ ଲିପିର କରଣୀ, ତେଣୁ ଆଉ ବୁଝାଇବା ଦରକାର ନାଇ। ଏଇ ସୂତ୍ରରେ ପୁଣି ସଂସ୍କୃତ ବ୍ୟାକରଣର ଆଦର୍ଶ ଓ ବିଚାର-ଧାରା ସମସ୍ତ ପ୍ରାକୃତକୁ ଏକ ସଂସ୍କୃତର ଅପଭ୍ରଂଶରେ ପରିଣତ କରି ସମସ୍ତ ଭାରତ ସାହିତ୍ୟକୁ ବୈଦିକ ସାହିତ୍ୟର ଏକ ବିଶାଳ, ସର୍ବବ୍ୟାପୀ ଓ ମୌଳିକ ବିକାଶରୂପେ ପ୍ରକାଶ କରିବାରେ ଗୋଟିଏ ଶ୍ରେଷ୍ଠ ଉପାଦାନ ଯୋଗାଇ ଭାରତ ପ୍ରାକୃତର କେଂନ୍ଦ୍ରାପସାରିଣୀ ଧାରାମାନଂକୁ ଏକ ମୁଖୀ ଓ ଏକ କରି ଥିଲା।

———

(୪)

## ଆର୍ଯ୍ୟଭାଷା, ସନାତନ ଓ ସାର୍ବଜନୀନ ଧର୍ମ

### ବିଜ୍ଞାନର ଆଉ ଗୋଟିଏ ଦିଗ

ବୁଝାଯାଇଛି, ଭାରତର ଧର୍ମ, ସନାତନ । ଭକ୍ତିରେ ପ୍ରାକୃତ ମାନବର ଆତ୍ମଦାନଠାରୁ ସାଧନାରେ ଦାର୍ଶନିକ ମାନବର ଆତ୍ମଲାଭ ପର୍ଯ୍ୟନ୍ତ, ଧ୍ୟାନର ଅଭ୍ୟାସରେ ନୈଷ୍କର୍ମ୍ୟ ଓ ଯୋଗଠାରୁ ତନ୍ତ୍ରର ଉପାସନାରେ ନୈଷ୍କର୍ମ୍ୟ ଓ ଭୋଗ ପର୍ଯ୍ୟନ୍ତ, ପୂଜା ଓ କ୍ରିୟା କାଣ୍ଡରେ ନିଜ କୃତିତ୍ୱର ଫଳଠାରୁ ଦେବ ଦେବୀଙ୍କ 'ଆବିର୍ଭାବ' ଓ ଅତି-ମାନୁଷ କର୍ମ ପର୍ଯ୍ୟନ୍ତ, କାଠ ପଥର ପୂଜାଠାରୁ ଯୁକ୍ତିବାଦର ନାସ୍ତିକତା ପର୍ଯ୍ୟନ୍ତ ପ୍ରଗତିର ନାନା ସୋପାନରେ ମାନବର ଯେ ଯେ ଚେଷ୍ଟା ସମ୍ଭବ, ସେ ସବୁ ପାଇଁ ଏ ସନାତନ ଧର୍ମରେ ନିତ୍ୟ ଆଦର ଓ ନିତ୍ୟସ୍ଥାନ ରହିଛି । ପାଣିନିଙ୍କ ପ୍ରତିଷ୍ଠିତ ଭାଷାରେ ବର୍ଣ୍ଣ-ବିଶ୍ୱର ମଧ୍ୟ ସେହିପରି ସ୍ୱର ପରିଣାମରେ ଆର୍ଯ୍ୟଭାଷାର କ୍ରମିକ ଗତି ଓ ପ୍ରଗତିର ସୋପାନମାନ ଦେଖିବାପାଇଁ ଏକ ନିର୍ମଳ ଦର୍ପଣ । ଆମ ଧର୍ମ ପରି ଆମ ବ୍ୟାକରଣ-ନିବଦ୍ଧ ଭାଷା ମଧ୍ୟ ସନାତନ । ଏହା ସାର୍ବକାଳିକ ଓ ସାର୍ବଜନୀନ । ବୈଦିକ ବୈୟାକରଣଙ୍କ କୃତି ଏଥିରେ ମଧ୍ୟ ଅନନ୍ୟ ସାଧାରଣ । ସେମାନେ ମାନବ ସ୍ୱର ସଂସ୍କାର କ୍ରମିକ ଗତିକୁ ଏପରି କଳନା ଓ ବିସ୍ତାର କରିଛନ୍ତି ଯେ, ତନ୍ମଧ୍ୟରେ ଯୁଗେ ଯୁଗେ କଥିତ ଭାଷା ମଧ୍ୟ ନିୟମିତ ହେବାର ପ୍ରଭାବ, ଶକ୍ତି ତଥା ଧାରା ଗାବନ୍ତ ରହିଛି । ପାଣିନିରେ ଏ ସବୁ ଏକାଧାରରେ ଦେଖାଯାଏ । ପାଣିନିର ବର୍ଣ୍ଣ-ସଂହତି-ହେତୁକ ପରିଣାମ ଓ ପରିବର୍ତ୍ତନ କଥା ଆପଣମାନେ ଜାଣନ୍ତି । ବିଭକ୍ତି, ପ୍ରତ୍ୟୟ ପ୍ରଭୃତି ସର୍ବସ୍ୱ ଏହାର ବ୍ୟାପ୍ତି । ଏବେ ସେ କଥା ଥାଉ । ଆମକୁ ସ୍ପଷ୍ଟ ଜଣା ପଡ଼ିବା ଉଚିତ, ଉଦାହରଣ ସ୍ୱରୂପ ଏଠି କୁହାଯାଇ ପାରେ, ପାଣିନିରେ ଯେପରି ବକ୍ତି ∠ଉକ୍ତି; ହିଂସ ∠ସିଂହ; ନବ-ଆଳୟ ∠ନବାଳୟ; ସୁର-ଇନ୍ଦ୍ର ∠ସୁରେନ୍ଦ୍ର ପ୍ରଭୃତି ହୁଏ, ଓଡ଼ିଆରେ ଆଜି ଠିକ ସେହିପରି ବାସ ∠ଉଆସ; ହଦ ∠ଦହ; ମଳିଆ ∠ମଇଳା; ଅଣ-ଆକାର ∠ଅଣାକାର; କରଇ ∠କରେ ପ୍ରଭୃତି ହୋଇଯାଏ । ଏ ସବୁ କେହି ଜାଣି ବୁଝି, ବ୍ୟାକରଣ ସୂତ୍ର ଲଗାଇ କରେ ନାହିଁ । ସ୍ୱରସଂସ୍କାର କ୍ରିୟାରେ ଏ ପରିଣାମ ସବୁ ମନକୁ ହୋଇଯାଏ ।

### ଏବେ ଇଉରୋପରେ ପାଣିନିଙ୍କୁ ବୁଝିଲେ

ଏହି ହିସାବରେହିଁ ପାଣିନି ହେଉଛି, ବିଶ୍ୱସଭ୍ୟତା ଓ ସଂସ୍କୃତିକୁ ଏକ ମହାଦାନ । ହେଲେହେଁ, ବହୁକାଳ ଏ ଦେଶରେ ଲୋକେ ଏହା ବୁଝି ନ ଥିଲେ । ଆଜିକି ଠିକ୍ ୧୦୭ ବର୍ଷତଳେ (୧୮୫୦ ଖ୍ରୀଷ୍ଟାବ୍ଦରେ) ଜଣେ ଜର୍ମାନ୍ ପଣ୍ଡିତ ଏହି ତଥ୍ୟ ଆବିଷ୍କାର କରି ପ୍ରଥମେ ପ୍ରଚାର କଲେ । ସେ ଦିନ ପୃଥିବୀର ସାହିତ୍ୟ ଜଗତରେ ଗୋଟିଏ ସ୍ମରଣୀୟ ଦିବସ । ସେ ଦିନ ଯେଉଁ ଆଲୋକ ଜଳି ଉଠିଲା, ସେଥିରେ ସମସ୍ତ ହିନ୍ଦ୍-ଇଉରୋପୀୟ ସଭ୍ୟତା, ସାହିତ୍ୟ, ସଂସ୍କୃତି ସଙ୍ଗେ ସମସ୍ତ ଜଗତ୍ ଆଲୋକରେ ଉଦ୍ଭାସିତ ହେଲା । ପାଣିନି ବ୍ୟାକରଣର ସ୍ୱରପରିଣାମ ଧାରା ସ୍ପଷ୍ଟ ଜଣାପଡ଼ିଯିବାରୁ ତାକୁହିଁ ଧରି ପ୍ରାଚ୍ୟତତ୍ତ୍ୱାନ୍ୱେଷୀ ଇଉରୋପୀୟ ପଣ୍ଡିତମାନେ କ୍ରମେ ଭାରତୀୟ, ପାରସିକଠାରୁ ଗ୍ରୀକ୍, ଲାଟିନ୍ ବାଟେ ରୁଷ୍, ଜର୍ମାନ୍, ଇଂରେଜ ପର୍ଯ୍ୟନ୍ତ ସବୁ ଭାଷାରେ ଦେଖିଲେ, ସ୍ୱରପରିଣାମର ଧାରା ଏକାପରି । ଜଣା ପଡ଼ିଲା, ମୌଳିକ ଆର୍ଯ୍ୟ ଭାଷାର ଶବ୍ଦ—ଏପରିକି କ୍ରିୟା-କାଳଗତ ବିଭକ୍ତ୍ୟାଦି ଓ ସେ ସବୁର ପ୍ରୟୋଗ ପର୍ଯ୍ୟନ୍ତ—ସବୁ ଏକ ନିୟମଧରି ବଦଳି ଆସିଅଛି—ସବୁ ଅଦାନ ଓ ପରିବର୍ତ୍ତନ ମଧ୍ୟରେ ସେହି ଏକ ଧାରାର ବିକାଶ

ବିସ୍ତର ରହିଲ ଅଛିଅଛି । ଉଦାହରଣ ସ୍ୱରୂପ ଦେଖାଗଲା, ଏକ, ଦ୍ୱି, ତ୍ରୟ, ଚତ୍ୱାରଃ, ପଂଚ ପ୍ରଭୃତି ସଂଖ୍ୟାବାଚକ ଶବ୍ଦ ଠାରୁ ଅସ୍ (ହେବା-ଅଛ), ଭର୍ (ଭରଣ-ପୋଷଣ) ଓ ବିଦ୍ (ଜାଣିବା) ପ୍ରଭୃତି ଧାତୁର ବିଭିନ୍ନ ଲ-କାର ବା କାଳାଦି ଭଂଗୀରେ ରୂପ, ପୁଣି ବୃକ (ବାଘୁଆ—wolf), ଶ୍ୱନ୍ (କୁକୁର) ପ୍ରଭୃତି ପଶୁ ଶବ୍ଦର ସବୁ ବିଭକ୍ତିରେ ପ୍ରୟୋଗ ଓ ସେଇପରି ଦେବ, ଦ୍ୟୌଃ (ଦିବ୍), ମାତୃ, ପିତୃ, ସୂନୁ (ପୁଅ—son), ଦୁହିତୃ (ଝିଅ—daughter), ଭ୍ରାତୃ, ସ୍ୱସୃ, ନପାତୃ (ନାତି), ଶ୍ୱଶୁର, ଶ୍ୱଶ୍ରୂ (ଶାଶୁ), ଦେବୃ (ଦିଅର), ଯାତୃ (ଜାଆ), ପତି, ବିଧବା ପ୍ରଭୃତି କୁଟୁଂବର ଆତ୍ମୀୟ; ଆଉରି ବିଶ୍ (ଏକଗ୍ରାମାଧିବାସୀ; ପ୍ରଜା), ବିଶ୍‌ପତି (ଗ୍ରାମପ୍ରଧାନ; ରାଜା), ଅଶ୍ୱ, ଗୋ, ଆଜ୍ୟ (ଚର୍ବି), ସର୍ପିସ୍ (ଲହୁଣୀ; ଘିଅ), ମଧୁ (ମହୁ), ଅୟଃ ବା ଲୌହ (ତମ୍ବା), ହିରଣ୍ୟ (ସୁନା), ରଜତଂ (ରୂପା), କ୍ଷୁରଂ (ଖୁର), ରଥ, ଚକ୍ର (ରଥଚକ), ଅକ୍ଷ (ଅଖ), ନାଭି (ଚକର ତୁଂବ), ଯୁଗ (ଜୁଆଳି), ନୌଃ (ନାଆ, ଜାହାଜ), ଦମ ବା ଶାଳା (ଘର), ଦ୍ୱାର, ଦେହଳି (କାନ୍ଥଡିହ) ପ୍ରଭୃତି ନାମମାନ ଏ ସବୁ ଭାଷା ରେ ମୂଳତଃ ସମାନ ଥିଲା—ଖାଲି ନିୟମାନୁଗତ ସ୍ୱର ପରିଣାମରେ ବଦଳି ଭିନ୍ନ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ରୂପ ଧରିଛି ।

## ପାଣିନିରୁ ଭାଷା ଓ ସମାଜ-ବିଜ୍ଞାନ

ଭାଷା ହେଉଛି, ସଭ୍ୟତା ଓ ସଂସ୍କୃତିର ବାହନ । ଏବେ ଏଇ ସବୁ ଶବ୍ଦ ଓ ପ୍ରୟୋଗ ପରିବର୍ତ୍ତନ ଭିତରେ ନାନାଭାବରେ ସମାଜ ବିଜ୍ଞାନ ଆଲୋଚନାର ବାଟ ସଫା ହୋଇଗଲା । କ୍ରମେ ଜଣା ପଡ଼ିଲା, ଏସବୁ ଜାତି ପରସ୍ପରଠାରୁ ଅଲଗା ହେବା ପୂର୍ବରୁ ଏକାଠି ଥିଲେ । ସେତେବେଳେ ସେମାନେ କି ଅବସ୍ଥାରେ ଥିଲେ; କିଅଣ କରୁଥିଲେ, ତାଂକର ଗାର୍ହସ୍ଥ୍ୟ ଓ ସାମାଜିକ ଚଳଣି କିପରି ଥିଲା, ଏସବୁ ବିଷୟରେ ମଧ୍ୟ ସଂକେତମାନ ଏଥିରୁ ମିଳିଲା । ଏଇପରି ପାଣିନିର ଏଇ ନୂତନ ଆବିଷ୍କୃତିରେ ଆଜିର ଆମେରିକା, ଆଂଗ୍ଲୋ-ଆଫ୍ରିକା ଓ ଅଷ୍ଟ୍ରେଲିଆଦି ସମେତ ଇଂଲଂଡ, ଇଟାଲି, ଫ୍ରାନ୍‌ସ, ଜର୍ମାନ୍, ଲାଟିନ୍ ଆମେରିକା ସମେତ ସ୍ପେନ୍, ପର୍ତ୍ତୁଗାଲ, ରୁଷିଆ, ବଲ୍‌କାନସ୍, ଗ୍ରୀସ୍‌ଠାରୁ ପାରସ୍ୟ ଭାରତ ପର୍ଯ୍ୟଂତ ଭାଷା ଓ ସେଇ ଭାଷା ସଂଗେ ସଭ୍ୟତାର ଇତିହାସ ପୁନର୍ଜୀବନ ପାଇ ନିଜର ପରମ ପୀଠରୁ ଶତ ଶତ ଶାଖା ପ୍ରଶାଖାରେ ଜୀବଂତ ହେଲା । ସ୍ପଷ୍ଟ ଜଣା ପଡ଼ିଲା, ପାଣିନି ଯେଉଁ ଭାଷାକୁ ଧରି ନିଜର ସ୍ୱରବିଜ୍ଞାନଗତ ବ୍ୟାକରଣ ଲେଖିଥିଲେ, ପୁଣି ପାଣିନିରୁ ଆଉରି ପ୍ରାଚୀନ ବେଦ ଯେଉଁ ଭାଷାରେ ରଚିତ ହୋଇଛି, ତା ଏଇ ଆଦିମ ଆର୍ଯ୍ୟ ଭାଷାର ଅତି ନିକଟବର୍ତ୍ତୀ; ଅର୍ଥାତ୍, ଆଦିମ ସ୍ଥାନରୁ ଆର୍ଯ୍ୟମାନେ ଭିନ୍ନ ଭିନ୍ନ ଆଡ଼େ ଯିବା ପରେ ପ୍ରଥମେ ଯେଉଁ ଭାଷା ପ୍ରକାଶ ପାଇ ଏବେ ମଧ୍ୟ ସେଇପରି ଅପରିବର୍ତ୍ତିତ ଭାବରେ ରକ୍ଷିତ ଓ ରଖାହୋଇଛି ତା ଏଇ ବେଦର ଭାଷା ଓ ତାହାର ପାଣିନୀୟ ଭାଷା । ସଂଗେ ସଂଗେ ବେଦ ଓ ବେଦୋତ୍ତର କାଳର ସମସ୍ତ ସଂସ୍କୃତ ସାହିତ୍ୟ ନୂଆହୋଇ ପଢ଼ାହେଲା ଓ ମାନବ ସଭ୍ୟତାର ଇତିହାସପାଠର ଧାରା ପ୍ରକାର ଓ ପରିସର ଏକାବେଳକେ ବଦଳିଗଲା । ସେତିକିନୁହେଁ; ଏତେଦିନେ ଇଉରୋପୀୟମାନେ ବୁଝିଲେ, ଭାଷା-ବିଜ୍ଞାନ ତଥା ତହିଁରେ ବର୍ଣ୍ଣ ପରିଣାମ ( Phonetics ) ବୋଲି ସାହିତ୍ୟର ଗୋଟିଏ ବିଭାଗ ଅଛି । ତାହା ମଧ୍ୟ ଏବେ କ୍ରମେ ପାଣିନୀୟ ସୂତ୍ର ଧରି ପୃଥିବୀରେ ବିକାଶ ପାଉଛି ।

## ସଂସ୍କୃତ ପଢ଼ୁଆଂକ କର୍ମ

ମନେ ରଖଂତୁ ଆପଣମାନେ ଏଇ ପାଣିନୀୟ ଓ ପାଣିନି-ପ୍ରଭାବିତ ସାହିତ୍ୟର ଉତ୍ତରାଧିକାରୀ । ଏହା

ଆପଣମାନଙ୍କର ପରଂପରା । ଅବଶ୍ୟ ପରଂପରାକୁ ଖୁବ୍ ଅତୀତରେ ସତ୍ୟଯୁଗ ଦେଖି ବର୍ତ୍ତମାନର କଳିଯୁଗ ପରେ ପୁଣି ମନକୁ ଆସୁଥିବା ସତ୍ୟଯୁଗକୁ ଖୁବ୍ ନିରୁଦ୍ୟମ ହେବା କଥା ବୁଝାଯାଇ ନାହିଁ । ଆପଣମାନେ ପରଂପରାର ସେବାରେ ହୁଏତ ନୈଷଧର ତଥାକଥିତ 'ପଦଲାଳିତ୍ୟ' ଭିତରେ କାବ୍ୟ ନାମରେ ଚକଟା, ଚମ୍ପୂତା, ଛଣା, ଧ୍ୱନି ଠାରୁ ଦର୍ଶନ ନାମରେ ଗଂଗେଶ ରଘୁନାଥ ଶୈଳୀ-ପ୍ରସୂତ ଓ ପ୍ରଭାବିତ ନବ୍ୟନ୍ୟାୟର ଶିଳା ଚର୍ବଣ ଛନ୍ଦରେ ନୀରସ ଶୁଂଚାଇ ସୂକ୍ଷ୍ମାତିସୂକ୍ଷ୍ମ ଖୁଣ୍ଟୁଖାଲ ପର୍ଯ୍ୟଂତ, ଶାସ୍ତ୍ର ନିବଦ୍ଧ ବିଧି ଧରି ଶବ୍ଦାଳଂକାର ଓ ଅର୍ଥାଳଂକାର ଖୋଜିବାଠାରୁ ସ୍ମୃତିର ଆଧିଭୌତିକ ଓ ପାରମାର୍ଥିକ ବିଧି ନିଷେଧ ପର୍ଯ୍ୟଂତ, କର୍ମକାଣ୍ଡର ଯଜ୍ଞାର୍ଥ ନିଷ୍କାମତାଠାରୁ ପୁରାଣାଦିର ବ୍ୟାବହାରିକ ନୈତିକତା ପର୍ଯ୍ୟଂତ, ସାଂଖ୍ୟଯୋଗର ଜ୍ଞାନ ଧ୍ୟାନ ପ୍ରାଣାୟାମାଦି ଅଭ୍ୟାସଠାରୁ ଭକ୍ତିର ଅଦ୍ଭୁତ ଦର୍ଶନଜନିତ ପରାନୁରକ୍ତି ପର୍ଯ୍ୟଂତ, ସବୁ ଏଠାରେ ପ୍ରଣିପାତ ପରିପ୍ରଶ୍ନ ଓ ସେବାଠାରୁ କାଳ-ପ୍ରଭାବିତ ଦାବି ଓ ଧର୍ମଘଟ ପର୍ଯ୍ୟଂତ ଲଗାଇ ନାନାଭାବରେ ଅନୁଧାବନ କରୁଅଛନ୍ତି; କିନ୍ତୁ ସେତିକି ଯଥେଷ୍ଟ ନୁହେଁ । ସେ ସବୁର ଯଥାର୍ଥ ଅନୁସଂଧାନରେ ଆଲୋଚନା କରିବାକୁ ହେବ । ସେଥି ସଂଗେ ପୁଣି ପରିସ୍ଥିତିର ତାଳନାରେ ବ୍ୟାବହାରିକ ଭାଷା, ଗଣିତ, ଭୂଗୋଳ, ଇତିହାସ, ବିଜ୍ଞାନ ପ୍ରଭୃତି ସଂଗେ ଯଥୋଚିତ ସଂପର୍କ ରଖି ସାମାଜିକ ବ୍ୟକ୍ତିତ୍ୱର ବିକାଶ କରିବାକୁ ହେବ ।

ଏହିଠାରେ ଏହି ସଂପର୍କରେ ଆଉ ଗୋଟିଏ କଥା ପ୍ରତି ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସଂଗତ ମନେ କରୁଛି । ଆପଣମାନଙ୍କ ଭିତରେ କେତେ ହୁଏତ ସେ କଥା ଜାଣିଥିବେ । ତାଙ୍କ ସ୍ମରଣ, ଜୀବନ୍ତ ହେବ । ଯେଉଁମାନେ ଜାଣି ନ ଥିବେ, ତାଙ୍କର ଜାଣିବା ଉଚିତ ।

---

( ୫ )

# ସ୍ୱର୍ଗତ ପଣ୍ଡିତ ହରିହର ଦାସ

## ହରିହରଙ୍କ ସାମାନ୍ୟ ପରିଚୟ

ଆପଣମାନଙ୍କ ଆଜ ଏ ବିଦ୍ୟାନୁଷ୍ଠାନ ମୂଳରେ ପୁରୀର ପ୍ରାଚୀନ ସଂସ୍କୃତ ବିଦ୍ୟାଳୟ । ସେ ବିଦ୍ୟାଳୟଟି କାହାର କଳ୍ପନା ? କାହାର କୃତି ? ଏହା ମୂଳରେ ପୁଣ୍ୟଶ୍ଳୋକ ପଣ୍ଡିତ ହରିହର ଦାସ । ଏହା ସ୍ମରଣ କଲେ, ବ୍ୟକ୍ତିଗତଭାବରେ ମଧ୍ୟ ଆଜ ମୋ ଛାତି ଫୁଲି ଉଠୁଛି । କାରଣ, ସେ ଥିଲେ, ଆମ ଗ୍ରାମର, ଆମ ଜ୍ଞାତିଭାଇ, ମୋ ପିତାଙ୍କର କନିଷ୍ଠ, ମୋର ନମସ୍ୟ ପିତୃବ୍ୟ । ତାଙ୍କର ଜନ୍ମ ୧୮୪୨, ମନେ ହେଉଛି, ଅକ୍ଟୋବର; ମୃତ୍ୟୁ ୧୮୭୪, ଫେବୃଆରି ୯ ତାରିଖ । ମୋର ଜନ୍ମର ସାଢ଼େ-ଦଶବର୍ଷ ଆଗରୁ ତାଙ୍କର ପରଲୋକ । ମୁଁ ତାଙ୍କୁ ଦେଖି ନାହିଁ; କିନ୍ତୁ ମୋ ପିତା ଭାବାବେଶରେ ଗଦ୍ ଗଦ୍ ହୋଇ କନିଷ୍ଠ 'ହରିହର'ର କ୍ରିୟା ଓ କୀର୍ତ୍ତିକଳାପ କହିଲାବେଳେ, ମୁଁ ସେସବୁ କଥା, ଉପାଖ୍ୟାନ ପରି ବାରଂବାର ଶୁଣିଛି । କଳ୍ପନାରେ ମୁଁ ତାଙ୍କୁ ଯାହା ଦେଖିଛି, ସେଥିରେ ତାଙ୍କପରି ଜଣେ କର୍ମଠ ଉଦାର ମନସ୍ୱୀ ପରପ୍ରାଣ ଦୂରଦର୍ଶୀ ପଣ୍ଡିତ ମୁଁ ଆଉ ଦେଖିଛି ବୋଲି ମନେ ହେଉନାହିଁ । ୧୪ବର୍ଷ ବୟସ ପର୍ଯ୍ୟଂତ ସେ ବସ୍ତୁତଃ ନିରକ୍ଷର ଥିଲେ । ପୁରୀ ମନ୍ଦିରରେ ଜଣେ ପଣ୍ଡିତଙ୍କ ସଂସ୍କୃତ ବାଗ୍ମିତା ଦେଖି ତାଙ୍କର ସଂସ୍କୃତ ପଢ଼ିବାର ବାସନା ଜାଗିଲା । ସେଠାରୁ ଗ୍ରାମରେ, ଢେଙ୍କାନାଳରେ କୌଣସି ପଣ୍ଡିତ ଲକ୍ଷ୍ମୀମିଶ୍ରଙ୍କ ପାଖେ ଓ ସର୍ବଶେଷରେ ନବଦ୍ୱୀପରେ ପଢ଼ି ପୁରୀକୁ ଆସିଲେ । ମାତୃଭାଷା ପରି ସେ ସଂସ୍କୃତ କହିପାରୁଥିଲେ ଓ ତାଙ୍କର ଅସାଧାରଣ ବାଗ୍ମିତା ଥିଲା । ସମାଜର ସଂସ୍କାର-ବନ୍ଧନ ଦେଖି

ଭବିଷ୍ୟତ କଳନା କରି ସେ ମର୍ମାହତ ହୋଇଥିଲେ ଓ ସଂଗେ ସଂଗେ ପୂର୍ଣ୍ଣ କ୍ରିୟାଶୀଳତାରେ ତାହାର ପ୍ରତିକାର ଆରଂଭ କରି ଦେଇଥିଲେ । ଆମ ଗ୍ରାମମାନଂକରେ ସେତେବେଳେ ଲୋକେ କାଗଜ ଛୁଇଁ ନଥିଲେ ଓ 'ନିକଚ୍ଛ' କରି ଲୁଗା ନ ପିଂଧିବା ଲୋକଂକୁ ଏକାବେଳକେ ଧର୍ମଛଡ଼ା ବୋଲି ମନେ କରୁଥିଲେ । ଇଂରେଜି ପଢ଼ିବାଟା ଏକାବେଳକେ ଖ୍ରୀଷ୍ଟାନ ହେବା ସଂଗେ ସମାନ ବୋଲି ମନେ କରାହେଉଥିଲା । ଏବେ ତାଂକ ପ୍ରଥମ ଓ ମୁଖ୍ୟ କାର୍ଯ୍ୟ ହେଲା, ପ୍ୟାଂଟ କୋଟ ପିଂଧି କାଗଜ ବଣ୍ଡି ଧରି, ଘୋଡ଼ାରେ ଚଢ଼ି, ନିଜ-ଗ୍ରାମ ଓ ଅନ୍ୟ ଗ୍ରାମମାନ ବୁଲି, ଲୋକଂକୁ ବୁଝାଇ କାଗଜ ବଣ୍ଡି ବାଂଟିବା, ତା ସଂଗେ ନିଜେ ଓ ନିଜ ଖର୍ଚ୍ଚରେ ପୁଣି ଯଥାସଂଭବ ସେ କାଳ ଶିକ୍ଷା ବିଭାଗ କର୍ତ୍ତାଂକୁ ଧରି ସ୍କୁଲମାନ ବସାଇବା । ଏଠାରେ ମନେ ପକାଇ ଦେବାର ଅଛି, ଅନ୍ୟାନ୍ୟ ଅନେକ କାର୍ଯ୍ୟ ମଧ୍ୟରେ, ସେକାଳେ ନିଜ ଗ୍ରାମ ଶ୍ରୀରାମଚଂଦ୍ରପୁରରେ ପ୍ରଥମେ ସଂପୂର୍ଣ୍ଣ ନିଜବ୍ୟୟରେ ଯେଉଁ ଓଡ଼ିଆ ବିଦ୍ୟାଳୟଟି ବସାଇ ଥିଲେ, ସେଇଟିଇ କ୍ରମେ ବିକାଶ ପାଇ ଦିନେ ହୋଇଥିଲା, ସେଇ ହରିହରଂକ ସ୍ମୃତି ଓ ପ୍ରେରଣା ପୀଠ ଉପରେ ଗଠିତ ସ୍ୱନାମ ପ୍ରସିଦ୍ଧ 'ସତ୍ୟବାଦୀ ବିଦ୍ୟାଳୟ', ଓ ଏବେ ନାନା ଭାଗ୍ୟ ପରିବର୍ତ୍ତନ ଭିତରେ ଆସି ହୋଇଛି, ଆଜିର ସତ୍ୟ-ବାଦୀ ସ୍କୁଲ । ତାଂକର ନିଜର ବିଶେଷ କିଛି ରୋଜଗାର ନ ଥିଲା । ଫଂଡତାଇରେ ଯାହାବା କିଛି ସେ ଓକାଲ ପ୍ରଭୃତିରେ ରୋଜଗାର କରୁ-ଥିଲେ । ସେ ନିଜେ ଗରିବ ଥିଲେ ଓ ତାଂକର ମାଆ ମାଇପ ବି ଥିଲେ; ତଥାପି ବୁଲି ବଣ୍ଡି ବାଂଟିବା, ସ୍କୁଲ ବସାଇବା ଛଡ଼ା, ସେ ପଲ୍ଲିରୁ ପିଲାଂକୁ ଲୁଚାଇ କରି ନିଜ ପୁରୀ ଘରେ ଖାଇ-ବାକୁ ଦେଇ ଇଂରାଜି ପଢ଼ାଇବାର କାର୍ଯ୍ୟ ଆରଂଭ କରି ଦେଇଥିଲେ । ଏଥିରେ ତାଂକର ସମସ୍ତ ରୋଜଗାର ସେ ବ୍ୟୟ କରୁଥିଲେ । ଏଇ ସବୁ କାର୍ଯ୍ୟ କରିବା ପାଇଁ ସେ ରୋଜଗାର କରୁଥିଲେ ବୋଲି କହିଲେ ଚଳେ । ଏଠାରେ ସ୍କୁଲର ଜିଏଁ, ପୁରୀର ପ୍ରଥମ ବି. ଏ. ସ୍ୱର୍ଗତ ବିଦ୍ୟାସିଂହ ମିଶ୍ର, ଏଇ ଛାତ୍ରଂକ ଭିତରୁ ଜଣେ । ତାଂକର ଏଇ ସବୁ କାର୍ଯ୍ୟରେ ରକ୍ଷଣଶୀଳଂକ ଭିତରେ ସେକାଳେ ବହୁ ଚାଂଚଲ୍ୟ ଉପୁଜି ଥିଲା । କେଉଁ କେଉଁ ପ୍ରଥମେ ଦଳ ମଚାଇ ବିରୋଧ କରିବାରେ ବି ଲାଗିଯାଇ ଥିଲେ । କିଂତୁ ତାଂକର ବିଚକ୍ଷଣ ଯୁକ୍ତିମତ୍ତା ଓ ବାଗ୍ମିତା, ମଧୁର ସ୍ୱଭାବ ଓ ଅତ୍ୟଂତ ପରପ୍ରାଣତା ତଥା ନିଃସ୍ୱାର୍ଥ କର୍ମରେ ଆଂତରିକ ଆତ୍ମଦାନ ହେତୁରୁ କୌଣସି ବିରୋଧ ତିଷ୍ଠି ପାରୁ ନ ଥିଲା । ଲୋକେ ତାଂକପ୍ରତି ଅତ୍ୟଂତ ଆକୃଷ୍ଟ ହେଉଥିଲେ ଓ ତାଂକୁ ବଡ଼ ଖାତିର ଓ ଭକ୍ତି କରୁଥିଲେ । ସେ ମଧ୍ୟ ନିଜେ ନିଜର ଉଦ୍ଦେଶ୍ୟ ସାଧନରେ ଏତେ ତନ୍ମୟ ଥିଲେ ଯେ ଏସବୁ ବିରୋଧ ବା ଭକ୍ତି ମାପିବାକୁ ତାଂକୁ ଅବକାଶ ନ ଥିଲା । ସେ ଥିଲେ ଯଥାର୍ଥ ମନସ୍ୱୀ କର୍ମୀପୁରୁଷର ଯେପରିକ ଏକ ଅବତାର ।

## ଭକ୍ତକବି ମଧୁସୂଦନଂକ ଉପରେ ତାଂକ ପ୍ରଭାବ

କେବଳ ସମାଜ ମୁଖ୍ୟମାନଂକୁ ନୁହେ, ଦେଶର ଉଦୀୟମାନ ବାଳକମାନଂକୁ ସେ ଚିହ୍ନି ପାରୁଥିଲେ ଓ ତାଂକୁ ଖୁବ୍ ପ୍ରଭାବିତ ମଧ୍ୟ କରି ପାରୁଥିଲେ । ଉଦାହରଣ ସ୍ୱରୂପ, ସ୍ୱର୍ଗତ ଭକ୍ତକବି ମଧୁସୂଦନ ରାଓଂକ ଜୀବନର ପ୍ରଥମ ପ୍ରେରଣା ହରିହରଂକଠାରୁ । ହରିହରଂକ ପୁରୀ ଘର ଥିଲା, କୁଂଡାଇବେଂଟ ସାହିରେ । ମଧୁସୂଦନ

ହେଉଚନ୍ତି, ଏଇ କୁଣ୍ଡାଇବେଣ୍ଟ ସାଇ ପାଖ ପଥୁରିଆ ସାଇ ନିବାସୀ ସେକାଳ କନ୍‌ଷ୍ଟେବଲ୍ ଭାଗୀରଥୀ ସିଂହଙ୍କ ଜ୍ୟେଷ୍ଠପୁତ୍ର । ଅତି ଅଳ୍ପ ବୟସରେ ସେ ହରିଜନଙ୍କ ସଂପର୍କରେ ଆସିଥିଲେ । ମଧୁସୂଦନଙ୍କ ଜୀବନରେ ଯେଉଁ ନିଷ୍ଠା ଓ ସଂସ୍କାର-ପ୍ରବଣତା ପ୍ରକାଶ ପାଇଥିଲା, ଏତିକବେଳେ ତା ମୂଳଦୁଆ ପଡ଼ିଥିଲା । ମଧୁସୂଦନଙ୍କ କୌଣସି ଜୀବନୀ-ଲେଖକ ଭୁଲରେ ଏଇ ହରିହର ଦାସଙ୍କୁ ଲେଖି-ଚନ୍ତି, 'ପୁରୀର ସ୍ୱାମୀ ହରି ଦାସ' । ଏଇପରି ସେକାଳେ ହରିହରଙ୍କ ପ୍ରଭାବ ଓ ପ୍ରଚେଷ୍ଟା ଥିଲା ଅଦ୍ଭୁତ ଓ ସର୍ବତୋମୁଖୀ । ଅତି ରକ୍ଷଣଶୀଳ ସେକାଳ ଶାସନୀ ବ୍ରାହ୍ମଣ ଘରେ ଜନ୍ମ ହୋଇ, ଖାଲି ସଂସ୍କୃତ, ପୁଣି ସଂସ୍କୃତରେ ତର୍କଶାସ୍ତ୍ର ମାତ୍ର ପଢ଼ି ଏପରି ପରିସ୍ଥିତି କଳନାରେ ପୂର୍ବଦୃଷ୍ଟିପର ହେବା କ୍ୱଚିତ୍ ଦେଖାଯାଏ । ତାଙ୍କ ବିଦ୍ୟାର କଳନା ଆହରଣ ଓ ପ୍ରଯୁକ୍ତି ପୁଣି ଏକପ୍ରକାର ଅଦ୍ୱିତୀୟ ।

## ପାଣିନିଙ୍କ ପ୍ରଭାବ ଓ ଏ ଦେଶର ମୁଖ୍ୟ ଇଉରୋପୀୟ

ସେତିକ ବେଳକୁ ପ୍ରାୟ ଦୁଇ ଦଶନ୍ଧି ତଳରୁ ପାଣିନିଙ୍କ ଭାଷାତତ୍ତ୍ୱ ଇଉରୋପକୁ ତୀବ୍ର ଭାବରେ ପ୍ରଭାବିତ କରିଚି । ଇଉରୋପର ପଣ୍ଡିତମାନେ ଭାରତ ଭାଷା ଓ ସାହିତ୍ୟର ତତ୍ତ୍ୱ ଅନୁସନ୍ଧାନରେ ଲାଗି ଯାଇଚନ୍ତି । ପ୍ରସିଦ୍ଧ ଆର୍ଯ୍ୟ-ଭାଷା-ପଣ୍ଡିତ ଭାରତ ସିଭିଲ୍ ସର୍ଭିସର ବୀମ୍ସ ସାହେବ, ଦ୍ରାବିଡ଼ ଭାଷାବିତ୍ ପାଦ୍ରୀ କଲ୍‌ଡ୍‌ୱେଲ, କର୍ଣ୍ଣାଟୀ ଅଭିଧାନ-କାର ପାଦ୍ରୀ କିଟେଲ ପ୍ରଭୃତି ମନୀଷୀ ତତ୍ତ୍ୱସନ୍ଧିତ୍ସୁ-ମାନେ ସେଇକାଳର ଲୋକ । ସେ କାଳେ ଏଇ-ପରି ଅନେକ ୟୁରୋପୀୟ ତଥା ଇଂରେଜ ଏଇ କାର୍ଯ୍ୟରେ ଲାଗିଯାଇଥିଲେ । ଏଇ ପଣ୍ଡିତମାନେ ଭାରତରେ ରହି ଭାରତୀୟ ଭାଷାମାନଙ୍କର ତତ୍ତ୍ୱ ତନ୍ନ ତନ୍ନ ଅନୁସଂଧାନ କରି ଗ୍ରନ୍ଥମାନ ଲେଖି ଯାଇଚନ୍ତି । ସେ ସବୁ ଆଜି ମଧ୍ୟ ପ୍ରାମାଣିକ ଗ୍ରନ୍ଥ ।

## ବୀମ୍ସ ସାହେବ ଓ ହରିହର

ସ୍ୱୟଂ ବୀମ୍ସ ସାହେବ ସେତେବେଳେ ପୁରୀର କଲେକ୍ଟର । ହରିହରଙ୍କ ସଂଗେ ତାଙ୍କର ପରିଚୟ ହେଲା । ଦୁହେଁ ଦୁହିଁଙ୍କର ଶିକ୍ଷକ ଓ ଦୁହେଁ ଦୁହିଁଙ୍କର ଶିଷ୍ୟ ହୋଇଗଲେ । ବୀମ୍ସ ପଢ଼ିଲେ, ସଂସ୍କୃତ ଓ ଓଡ଼ିଆ; ହରିହର ପଢ଼ିଲେ, ଗ୍ରୀକ୍ ଓ ଇଂରେଜୀ ଓ ତହିଁ ସଂଗେ ବୃହଦ୍ ଇଉରୋପୀୟ ଆର୍ଯ୍ୟଭାଷାମାନଙ୍କର ତୁଳନାତ୍ମକ ଶବ୍ଦ ଓ ବ୍ୟାକରଣ-ତତ୍ତ୍ୱ । ଅଳ୍ପଦିନ ମଧ୍ୟରେ ଦୁହେଁ ଦୁହିଁଙ୍କ ଶିକ୍ଷାରେ ବ୍ୟୁତ୍ପନ୍ନ ହେଲେ । ବୀମ୍ସ ପ୍ରସିଦ୍ଧ ଆର୍ଯ୍ୟଭାଷା-ସପ୍ତକ ( Seven Aryan Languages) ଗ୍ରନ୍ଥକଥା ଜଣାଶୁଣା । ସେ ଗ୍ରନ୍ଥ ଲେଖିବାରେ ବା ଲେଖିବାର କଳ୍ପନାରେ ହରିହରଙ୍କ ସାହଚର୍ଯ୍ୟର ପ୍ରଭାବ କିପରି ଥିଲା ଓ କେତେ ଥିଲା, ତା ଆଜି କହିବାର କୌଣସି ସାଧନ ନାଇ । ହରିହର ଭାରତର ଅନ୍ୟାନ୍ୟ ଜନିତ ଆର୍ଯ୍ୟଭାଷା, ବିଶେଷତଃ ହିଂଦିରେ ସୁଦକ୍ଷ ଥିଲେ ମଧ୍ୟ ତୁଳନାତ୍ମକ ତତ୍ତ୍ୱର ଶିକ୍ଷା ଓ ଅନୁସଂଧାନ ଆରଂଭ ମାତ୍ର କରୁଥିଲେ, ପୁଣି ବୀମ୍ସଙ୍କ ଗ୍ରନ୍ଥଲେଖା ହୁଏତ କଳ୍ପନାରେ ମାତ୍ର ଅଙ୍କୁରିତ ହେଉଥିଲା । ହେଲେହେଁ ବୀମ୍ସଙ୍କ ସାହଚର୍ଯ୍ୟ ଫଳରେ ହରିହର ପ୍ରସିଦ୍ଧ ଗ୍ରୀକ କବି ସଫୋକ୍ଲିସ୍‌ଙ୍କ ନାଟକମାନ ଏକାବେଳକେ ଓଡ଼ିଆରେ ଅନୁବାଦ କରିବାର ମନସ୍ଥ କରି କାର୍ଯ୍ୟ ଆରଂଭ କରିଦେଲେ । ସେ ଦୁହିଁଙ୍କ ଭିତରେ ଏପରି ଆତ୍ମୀୟତା ହୋଇଯାଇ ଥିଲା ଯେ, ବୀମ୍ସ ପୁରୀ ଛାଡ଼ିଲା ପରେ ହରିହରଙ୍କୁ ସଂସ୍କୃତରେ ଚିଠି ଲେଖୁଥିଲେ ଓ ହରିହର ଗ୍ରୀକ୍‌ରେ ତା ଉତ୍ତର ଦେଉଥିଲେ ।

## ଦୁଇ ବିଦ୍ୟାବନ୍ତଙ୍କ ଆତ୍ମୀୟତା

ସ୍ୱର୍ଗତ ବିଦ୍ୟାସିଂହ ମିଶ୍ରଙ୍କ ଭଳି ସାରପ୍ରତାପପୁର ଶାସନର ରାୟବାହାଦୁର ଶ୍ରୀବୈଦ୍ୟନାଥ ମିଶ୍ରଙ୍କ ସ୍ୱର୍ଗତ ପିତା ସିଦ୍ଧେଶ୍ୱର ମିଶ୍ର, ହରିହରଙ୍କ ପ୍ରଥମ ଦରେ ରହି ପଢ଼ୁଥିବା ଆଦିମ ଛାତ୍ରଙ୍କ ଭିତରୁ ଜଣେ । ଅନ୍ୟାନ୍ୟ ଅନେକ ଛାତ୍ରଙ୍କ ପରି ସେ, ଶେଷଯାଏ ହରିହରଙ୍କ କଥାରେ ରହି କାର୍ଯ୍ୟରେ ଲାଗିଥିଲେ । ମୁଁ ତାଙ୍କଠାରୁ ହରିହରଙ୍କ ଭକ୍ତିଭାବ, ପ୍ରଭାବ ଓ କାର୍ଯ୍ୟର କଥା ବହୁତ ଶୁଣିଛି । ସେ କଥା ସବୁ କହିଲା ବେଳେ ବୃଦ୍ଧ ବୟସରେ ମଧ୍ୟ ତାଙ୍କ ଭାବାବେଶ ମୁଁ ଦେଖିଛି । ତାଙ୍କର ପାଖେ ହରିହରଙ୍କୁ ସାମ୍ସ ସାହେବ ଲେଖିଥିବା ସଂସ୍କୃତ ଚିଠିରୁ କେତେଖଣ୍ଡ ଥିଲା । ସାମ୍ସ ସାହେବ ନିଜ ମାଆଙ୍କ ଫଟୋ ହରିହରଙ୍କୁ ପଠାଇ ତା ସଂଗେ ସେଇ ବିଷୟରେ ଖଣ୍ଡେ ଚିଠି ଲେଖିଥିଲେ । ଅନ୍ୟାନ୍ୟ ଚିଠି ଭିତରେ ସିଦ୍ଧେଶ୍ୱର ମିଶ୍ରଙ୍କ ପାଖେ ସେ ଖଣ୍ଡ ଥିଲା । ସିଦ୍ଧେଶ୍ୱର ମିଶ୍ରେ ମଧ୍ୟ ପୂରାପୂରି ସେ ଚିଠି ଖଣ୍ଡ ମୁଖସ୍ଥ ରଖିଥିଲେ । ଶୁଣିଲାବେଳେ ମୋ ମନେ ହେଉଥିଲା, ଏପରି ଚିଠି ଲେଖାର ଉପଯୋଗୀ ସରଳ ସୁନ୍ଦର ଭାବଦ୍ୟୋତକ ସଂସ୍କୃତ ମୁଁ ବଡ କମ୍ ଶୁଣିଛି । ସେଥିରୁ ମଧ୍ୟ ଜଣା ପଡ଼ୁଥିଲା, ହରିହରଙ୍କୁ ସାମ୍ସ କି ଦୃଷ୍ଟିରେ ଦେଖୁଥିଲେ—କି ଘନିଷ୍ଠତାରେ ଗ୍ରହଣ କରୁଥିଲେ । ମନେ ଅଛି, ଫଟୋଟି ଉପରେ ସାମ୍ସ ଲେଖିଥିଲେ, 'ମମମାତୁଃ ଚିତ୍ର-ପ୍ରତିମା' ।

## ରେଭ୍ନସ୍ ସାହେବ

ସାମ୍ସଙ୍କ ପରେ ପୁରୀକୁ କଲେକ୍ଟର ହୋଇ ଆସିଥିଲେ, ରେଭ୍ନସ୍ ସାହେବ । ସେ ମଧ୍ୟ ହରିହରଙ୍କଠାରୁ ଓଡ଼ିଆ ଓ ସଂସ୍କୃତ ଶିଖୁଥିଲେ, ଆଉରି ମଧ୍ୟ ହରିହରଙ୍କୁ ସଂଗେ ଘେନି ଇଂଲଣ୍ଡ ଯିବାର ସବୁ ବ୍ୟବସ୍ଥା କରି ସାରିଥିଲେ । ସେଥିପାଇଁ ହରିହରଙ୍କର ପୋଷାକ ପତ୍ର ବି ତିଆରି ହୋଇ ସାରିଥିଲା ।

## ପୁରୀ ସଂସ୍କୃତ ବିଦ୍ୟାଳୟ

ଏଣେ ହରିହର ଗୋଟିଏ ସଂସ୍କୃତମୂଳକ ବିଦ୍ୟାଳୟ ନିଜ ବ୍ୟୟରେ ଆରମ୍ଭ କରି ଦେଇଥିଲେ । ତାହାହିଁ ଆଜି ପୁରୀ ସଂସ୍କୃତକଲେଜ ତଥା ଓଡ଼ିଶା ସଂସ୍କୃତ ପରିଷଦ ବା ସଂସ୍କୃତ-ଆସୋସିଏଶନ୍‌ର ମୂଳ । ଯେତେଦୂର ମନେହୁଏ, ନଅଙ୍କ ଦୁର୍ଭିକ୍ଷର ଦୁଇବର୍ଷ ପୂର୍ବରୁ; ଅର୍ଥାତ୍, ୧୬୮୫ ଖ୍ରୀଷ୍ଟାବ୍ଦରେ ଏହାର ଶୁଭ ଦିଆ ହୋଇ ଥିଲା, ସମ୍ଭବତଃ କୁମାର ପୂର୍ଣ୍ଣିମା ଦିନ । କାର୍ତ୍ତିକ ନା, ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଦାସ, ସତ୍ୟବାଦୀ ବିଦ୍ୟାଳୟର ପ୍ରତିଷ୍ଠା ପୂର୍ବରୁ, ହରିହରଙ୍କ ପ୍ରତିଷ୍ଠିତ ଶ୍ରୀରାମଚନ୍ଦ୍ରପୁର-ମଧ୍ୟ-ଓଡ଼ିଆ ବିଦ୍ୟାଳୟକୁ ତୀର୍ଥ ପରି ଜ୍ଞାନ କରୁଥିଲେ ଓ ସେଇଠାରେ ନିୟମିତ ରୂପେ କୁମାର ପୂର୍ଣ୍ଣିମା ଦିନ ହରିହର ଉତ୍ସବ ପାଳନ କରି ସେଇ ସୂତ୍ରରେ ଗ୍ରାମ-ଶିକ୍ଷା ସମ୍ମିଳନୀର କେନ୍ଦ୍ର ଓ 'ହରିହର-ପାଠାଗାର' ସେଇ ଗ୍ରାମରେ ସ୍ଥାପନ କରିଥିଲେ । 'ସତ୍ୟବାଦୀ ବିଦ୍ୟାଳୟ' ଆରମ୍ଭ କରା ହେଲା ବେଳେ ଶିକ୍ଷକମାନଙ୍କ ସହିତ ସେଇ ପ୍ରାଚୀନ ବିଦ୍ୟାଳୟ ଓ ତହିଁସଂଗେ ସେଇ ହରିହର ପାଠାଗାରର ପୁସ୍ତକାଳୟଟି ସତ୍ୟବାଦୀକୁ ଅଣାହୋଇ, ତାହାରି ଉପରେ 'ସତ୍ୟବାଦୀ ବିଦ୍ୟାଳୟ'ଟି ଗଢ଼ା ହୋଇଥିଲା । ସେଥିପାଇଁ ସତ୍ୟବାଦୀ ବିଦ୍ୟାଳୟର ପୁସ୍ତକାଳୟର ନାମଟି ହୋଇଥିଲା 'ହରିହର ଲାଇବ୍ରେରୀ' । ଗ୍ରାମ-ଶିକ୍ଷା ସମ୍ମିଳନୀଟି, ସତ୍ୟବାଦୀ ବିଦ୍ୟାଳୟ ସଂପର୍କରେ ଆସି, ହୋଇ ଥିଲା, ନିଖିଳ ଉତ୍କଳ-ଶିକ୍ଷା-ସମ୍ମିଳନୀ । ସତ୍ୟବାଦୀ ବିଦ୍ୟାଳୟରେ ତାର ପ୍ରଥମ ଅଧିବେଶନରେ ସ୍ୱର୍ଗତ ମଧୁସୂଦନ ରାଓ ୧୯୧୨ରେ, ନିଜ ଜୀବନର

ଶେଷ ବର୍ଷରେ ସନ୍ନ୍ୟସ୍ତ ହୋଇଥିଲେ । ଏହି ସବୁ ସଂପକରେ ଓ ହରିହରଙ୍କ ଅନ୍ୟତମ ସାଧକ-ଭକ୍ତ; ପୁରୀରେ ମୁକ୍ତାର କରୁଥିବା ଭିଂଗାରପୁରର ପୁଣ୍ୟଶ୍ଲୋକ ସ୍ୱର୍ଗତ ରାମଚଂଦ୍ର ଦାସଂକଠାରୁ ମୁଁ ଶୁଣିଛି, ହରିହର କୁମାର ପୂର୍ଣ୍ଣିମା ଦିନ ପୁରୀ ସଂସ୍କୃତ ବିଦ୍ୟାଳୟ ଆରଂଭ କରିଥିଲେ । ଖୁବ୍ ସଂଭବ, ତାହାଇ ତାଂକ ନିଜ ଜନ୍ମତିଥି ।

## ଏହି ବିଦ୍ୟାଳୟର କଳ୍ପନା

ଆରଂଭ କଲାବେଳେ ଅବଶ୍ୟ ଏ ବିଦ୍ୟାମଂଦିରଟି ସାମାନ୍ୟ ବିଦ୍ୟାଳୟଟିଏ ଥିଲା; କିଂତୁ ଏହା ପଛରେ ଥିଲା, ଏକ ବିରାଟ କଳ୍ପନା । କ୍ଷମା କରିବେ, ମୋ ମତରେ ସେ କଳ୍ପନାଟି ଏବେ ବି, ଖାଲି ପୁରୀ ସଂସ୍କୃତ କଲେଜରେ କାହିଁକି, ଏହି ସମସ୍ତ ସଂସ୍କୃତ ପରିଷଦ୍-ଟିରେ ମଧ୍ୟ ପୁରାପୁରି କାର୍ଯ୍ୟରେ ପରିଣତ ହୋଇ ନାହିଁ । ନାନା ଭାଷାରେ ଛପାହୋଇଥିବା ହରିହରଂକ ଏହି ସଂବଂଧୀୟ ପ୍ରଚୁର ପତ୍ରମାନଂକରୁ ଯାହା ଆଭାସ ମିଳେ, ସେ ଦୃଷ୍ଟିରେ ଦେଖିଲେ ଜଣାଯାଏ, ଏ ସମସ୍ତ ପରିଷଦଟିର କଳ୍ପନା ଓ ଯୋଜନା ଆଜି ବି ହରିହରଂକର ସେହି ଆଦିମ ଯୋଜନା ଓ କଳ୍ପନାରୁ ମୌଳିକ ଓ ବ୍ୟାପକ ପ୍ରେରଣା ପାଇ, ହୁଏତ କୃତିତ୍ୱ ଅର୍ଜନ କରିବ । ହରିହରଂକ ଆଦିମ ସେହି କଳ୍ପନାଟି ହେଉଛି, ବିଦ୍ୟାର୍ଥୀଙ୍କୁ ବିଦ୍ୟାମଂଦିର ସଂଗେ ସାକ୍ଷାତ୍ ସଂପର୍କରେ ରଖି, ପ୍ରାଚୀନ 'କୁଳଗୃହ' ଓ ଏବର ସେହିଭଳି ବିଶ୍ୱବିଦ୍ୟାଳୟ ପରି ଏକ ବିଶାଳ ବିଦ୍ୟାନୁଷ୍ଠାନର ପ୍ରତିଷ୍ଠା କରିବା । ସଂସ୍କୃତ ସାହିତ୍ୟ ଓ ଦର୍ଶନ ସଂଗେ ଇଂରେଜି ତଥା ଲାଟିନ୍ ଓ ଗ୍ରୀକ ପରି ଭାଷାମାନଂକୁ ଆଦରି ବୈଜ୍ଞାନିକ ଭାଷାତତ୍ତ୍ୱର ଆଲୋଚନା କରିବା ଓ ତହିଁସଂଗେ ଭୂଗୋଳ, ଇତିହାସ, ଗଣିତ, ଜ୍ୟୋତିଷ, ଶରୀରଶାସ୍ତ୍ର ପ୍ରଭୃତି ଅଧ୍ୟୟନ ଓ ଅଧ୍ୟାପନାର ବ୍ୟବସ୍ଥା କରିବା, ଏହି କଳ୍ପନା ଓ ଯୋଜନାର ଅଂଗୀଭୂତ ଥିଲା; ମାତ୍ର ଅନୁଷ୍ଠାନର ନାମଟି ସେ ଦେଇଥିଲେ, "ପୁରୀ ସଂସ୍କୃତ ବିଦ୍ୟାଳୟ ।"

## ସେଥିପାଇଁ ଭିକ୍ଷା

ଏଥିର ପ୍ରାରଂଭିକ ଆୟୋଜନ ପାଇଁ ଅଂତତଃ ଏକଲକ୍ଷ ଟଂକାର ବ୍ୟବସ୍ଥା କରିବାକୁ ସେ ଓଡ଼ିଆ, ଇଂରେଜି, ବଂଗଳା ଓ ହିଂଦିରେ ନିବେଦନମାନ ଛପାଇ ଚାରିଆଡ଼େ ପଠାଇଥିଲେ । ବଂଗ, ବିହାର ଓଡ଼ିଶାର ସେତେବେଳର ସ୍କୁଲ-ଇନ୍‌ସପେକ୍ଟର ବିମ୍‌ଲ ସାହେବ ଓ ସେକାଳର ପୁରୀର କଲେକ୍ଟର ସାମ୍‌ସ ଓ ରୋଡ଼ସ୍ ସାହେବମାନେ ଏହି ନିବେଦନରେ ସୁପାରିସ୍‌ମାନ ଦେଇଥିଲେ । ଏହି ଉଦ୍ଦେଶ୍ୟରେ ପ୍ରଥମଥର ଉତ୍ତର ଭାରତକୁ ଯାଇ ସେ ଭେଟିଥିଲେ, ଏବଂ ଯୁକ୍ତ ପ୍ରଦେଶ ( ସ୍ୱାଧୀନ ଭାରତର 'ଉତ୍ତର ପ୍ରଦେଶ' ) ର 'ବଳରାମପୁର ରାଜା' ବା ଜମିଦାରଂକୁ । ସେଠାରେ ଗୋଟିଏ ଅତି କୌତୁକାବହ ଘଟଣା ଘଟିଥିଲା । ବଳରାମପୁର ରାଜା ବଡ଼ ପଂଡିତାନୁରାଗୀ ଓ ନିଜେ ସଂସ୍କୃତଜ୍ଞ ଥିଲେ । ହରିହର ବି ତାଂକ ଖ୍ୟାତିରେ ଆକୃଷ୍ଟ ହୋଇ ଯାଇଥିଲେ । ହରିହରଂକୁ ଦେଖିଲାକ୍ଷଣି ସେ ପଚାରି ଦେଲେ, 'କା ପୁର୍ବଃ' ? (ଆପଣଂକ ଘର କେଉଁଠି ?) । ପ୍ରତ୍ୟୁତ୍ପନ୍ନମତି ହରିହର, ତତ୍‌କ୍ଷଣାତ୍ ଉତ୍ତର ଦେଲେ, 'ପୁରୀ 'ପୂର୍ଣ୍ଣଃ' ( ଆମ ଘର ପୁରୀ ) । ରାଜା ଉଠିଆସି ହରିହରଂକୁ କୁଂଢ଼ାଇ ପକାଇଲେ । ଶୁଣିବାରେ ସେହି ଦିନ 'ପୁରୀ ସଂସ୍କୃତ ବିଦ୍ୟାଳୟ'ର ପ୍ରାରଂଭିକ ଆୟୋଜନ ପାଇଁ ସେ ଦେଇଥିଲେ ୫୬୦୦ ଟଂକା । ସେଇଠାରୁ ସେ ହେଲେ, ଏହି ବିଦ୍ୟାଳୟର ଜଣେ ପ୍ରଧାନ ପୃଷ୍ଠପୋଷକ । କିଛିକାଳ ପରେ ସେହି ରାଜାଂକର ଜଗନ୍ନାଥଂକ ପାଇଁ ପୁରୀ ପଂଡାଂକୁ ଦିଆଯାଉଥିବା ବାର୍ଷିକ ୧୩୦୦ ଟଂକା ମଧ୍ୟ ଏହି

ବିଦ୍ୟାଳୟର ନିଃସ୍ୱ ଛାତ୍ରଙ୍କ ବୃତ୍ତିରେ ଖଂଜା ହୋଇଗଲା । ଜଗନ୍ନାଥଙ୍କ 'ଅଟିକା' ଭୋଗକୁ ସେକାଳେ ମଧ୍ୟ ଏଭଳିରେ ଛାତ୍ର-ବୃତ୍ତିରେ ଖଂଜିବା କେବଳ ହରିହରଙ୍କ ପରି ମନସ୍ୱୀ ଦୂରଦର୍ଶୀ ତଥା ଅନ୍ତରଂଗ ଭାବରେ ତାଙ୍କ ପ୍ରଭାବିତ ରାଜବନ୍ଧୁଙ୍କ ପକ୍ଷରେ ଏକା ସଂଭବ । ମନେହୁଏ, ସେ ବୃତ୍ତି ଏବେ ମଧ୍ୟ ଏହି ସଂସ୍କୃତ କଲେଜର ନିଃସ୍ୱ ଛାତ୍ରମାନେ ଭୋଗ କରୁଥିବେ । ଏହାଛଡ଼ା, ଓଡ଼ିଆ ରାଜା, ଜମିଦାରମାନେ ହରିହରଙ୍କୁ କିଛି କିଛି ଅର୍ଥ ସାହାଯ୍ୟ କରିଥିବା ମଧ୍ୟ ସଂଭବ; କାରଣ ସେହିମାନଙ୍କୁ ସ୍ୱତନ୍ତ୍ର ଭାବରେ ନିବେଦନ କରି ଗୋଟିଏ ଓଡ଼ିଆ ପ୍ରସ୍ତାବପତ୍ର ଛପା ହୋଇଥିଲା ।

## 'ନଅଙ୍କ'

'ନଅଙ୍କ' କଥାଟି ଅନେକ ଶୁଣିଥିବେ । କିଂତୁ ସେ ଜିନିଷଟି କଅଣ, ତା ହୁଏତ ଅନେକେ ଧାରଣା କରିପାରିବେ ନାହିଁ । ଏହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଂକ ବା ଇଂରେଜି ଅନୁସାରେ ୧୮୬୭ ଖ୍ରୀଷ୍ଟାବ୍ଦ । ଏହା ଓଡ଼ିଶା ଇତିହାସରେ ଏକ ମହା ଦୁର୍ଭିକ୍ଷ ବର୍ଷ । ଏପରି ଦୁର୍ଭିକ୍ଷ ଏହାପୂର୍ବରୁ କେବେ ହୋଇଥିବାର ଜଣାନାହିଁ, କିଂବା ଏହାପରେ ବି ହୋଇନାହିଁ । ୧୮୬୬ ଖ୍ରୀଷ୍ଟାବ୍ଦରେ ବର୍ଷା ପ୍ରାପ୍ତ ହେଲା ନାହିଁ ବୋଲି ପୁରୀ କଟକ ବାଲେଶ୍ୱର ସବୁଠି ଅପାଳକ ହୋଇଗଲା । ଇଂରେଜ ଶାସକ ତ ଥିଲେ ବିଦେଶୀ । ସେମାନେ ଏଇ ଦେଶୀ କିରାଣି କର୍ମଚାରୀଙ୍କ ଉପରେ ନିର୍ଭର କରି ରାଜ୍ୟ ଚଳାଉଥିଲେ । ଆମ ଦେଶୀ କର୍ମଚାରୀମାନେ କାହା ଘରେ ଦୁଇଟା ଧାନ ପାଳଗଦା ଦେଖିଲେ, ତାଙ୍କ କ୍ଷୁଦ୍ର ଦୃଷ୍ଟି ଝଲସି ଯିବାର କଥା । ସେମାନେ ରିପୋର୍ଟ ଦେଲେ, ଦେଶଯାକ ପାଳଗଦାରେ ଧାନ ଭର୍ତ୍ତି ହୋଇଛି, ବର୍ଷକ ଯାଇ ପୁଣି ଚଳିବ । ଆଠ ଦଶମାସ କଟିଗଲା । ସେ ବର୍ଷ ଫୁରାଉଛି, ଭୂମିରେ ଠିଆହୋଇଛି । ପାଉନାହିଁ । ଲୋକେ ଖାଇବାକୁ କିଛି ନ ପାଇ ଲକ୍ଷ ଲକ୍ଷ ସଂଖ୍ୟାରେ ମରି ଶୋଇଲେ । ସରକାରୀ ରିପୋର୍ଟ ହେଉଛି, ୬୦ ଲକ୍ଷ ଲୋକରୁ ୨୦ ଲକ୍ଷ ଅନାହାରରେ ମରିଗଲେ । ଗାଁମାନ ଜନଶୂନ୍ୟ ହୋଇଗଲା । ମୁଁ ନିଜେ ଗୋଟିଏ ଏଇପରି 'ନଅଙ୍କ'ରେ ପଦା ହୋଇଯାଇଥିବା ଗାଆଁର ଭିତ୍ତିଭୂମି ସବୁ ଦେଖିଛି; ସେଥିରେ ମଣିଷମୁଣ୍ଡ ଓ ହାଡ ସବୁ ପଡ଼ିଥିବାର ଦେଖିଛି । ମୋ 'ମା' ( ପିତାମହୀ ) ମୋତେ ଗୋଟିଏ କୂଡ ଦେଖାଇ ଦେଇ କହିଥିଲେ, 'ଏ ଘରେ କୁଟୁମ୍ବରେ ଥିଲେ, ୧୮ଜଣ । ତାଙ୍କର ୫ ବାଟୀ ( ୨୦ ଏକର ) ଯାଏ ଚାଷ ଥିଲା । ହେଲେ କଅଣ ହେବ, ୧୮ ଜଣ ଯାକ ଏଇଘରେ 'ନଅଙ୍କ'ରେ ମରି ଶୋଇଥିଲେ ।' ଏସବୁ ଚିତ୍ର ଦେବା ଏଠି ହୁଏତ ଏତେ ପ୍ରାସଂଗିକ ନୁହେଁ; ମାତ୍ର କହିବାର କଥା, ଏଇ ଘୋର ଦୁର୍ଭିକ୍ଷରେ—'ଦୁର୍ଭିକ୍ଷ' କାହିଁକି, ବରଂ କୁହାଯାଇ ପାରେ, ଏଇ 'ଅଭିକ୍ଷ'ରେ, ଅର୍ଥାତ୍, ଯହିଁରେ ଭିକ୍ଷାର ଏକାନ୍ତ ଅଭାବ, ସେଇ କରାଳ ଅକାଳରେ – ହରିହର ସମସ୍ତ ଛାତ୍ରଙ୍କୁ ଖାଇବା ପିଂଧିବା ସବୁ ଦେଇ, ପୁରୀରେ ବରାବର ରଖାଇ ସ୍କୁଲଟିକୁ ଜୀବନ୍ତ ରଖିଥିଲେ ।

## ତା ପରେ

ଏହାପୂର୍ବରୁ ସେ ପ୍ରଥମ ଥର ଉତ୍ତର ଭାରତ ଭ୍ରମଣକରି, ବଳରାମପୁରରେ ଆଦର ଅଭ୍ୟର୍ଥନା ପାଇ ଫେରି ଥିଲେ, କି ଏହାପରେ ସେ ପହିଲେ ଉତ୍ତରଭାରତ ଭ୍ରମଣରେ ଯାଇଥିଲେ, ତା ମୁଁ ଠିକ୍ କହି ପାରିବି ନାହିଁ । ମୋ ମନେ ନାହିଁ; କିଂତୁ ୧୮୬୯ ବା ୧୮୭୦ରେ ସେ ଦ୍ୱିତୀୟ ଥର ପୁଣି ଉତ୍ତର ଭାରତ ଭ୍ରମଣରେ ବାହାରିଲେ । ସେତେବେଳକୁ ତାଙ୍କ

ଜନନୀ ମୃତ୍ୟୁ-ଶଯ୍ୟାରେ । ସେ ପୁଣି ଜନନୀଙ୍କର ଏକମାତ୍ର ପୁତ୍ର-ସଂତାନ । ଆପଣମାନେ ଅନୁମାନ କରି ପାରୁଥିବେ, ଅବସ୍ଥା ସେତେବେଳେ କଅଣ ହୋଇ ଥିବ । ସମସ୍ତେ କହିଲେ, "ତୁମେ ତ ଚାଲି ଯାଉଚ, ମାଆଙ୍କ 'ମୁଖାଗ୍ନି' ଦବ କିଏ ?" ହରିହର ସେ ଦୁଃଖରେ ମଧ୍ୟ ରହସ୍ୟ କଲାପରି କହିଲେ, "ସେ ମତେ ଜନ୍ମ କରିଚି । ତା ମୁହଁରେ ନିଆଁ ଦବାକୁ ମୋ ହାତ ଯିବ ନାହିଁ । ତମେମାନେ ସେ କାର୍ଯ୍ୟ କରିଦବ ।" ହରିହରଙ୍କର ପରଧର୍ମୀଇ ଜୀବନ; ବିଦ୍ୟାଳୟ ଛଡ଼ା ଅନ୍ୟ ଚିଂତା ନାହିଁ । ଏପରି କି ସୁକଣ୍ଠୀ ପତ୍ନୀ ମଧ୍ୟ ସ୍ୱାମୀଙ୍କୁ ସ୍ୱାମୀ ବୋଲି ଜାଣିଥିଲେ କି ନା ସଂଦେହ । ଅଂତତଃ ପାଖେ ଥିବା ଆତ୍ମୀୟ ଅଂତରଂଗମାନଙ୍କର ଏହାଇ ଧାରଣା ଥିଲା ।

## ସ୍ୱାମୀ ଦୟାନଂଦ ଓ ହରିହର

ସେ ଥର ଉତ୍ତର-ଭାରତରୁ ଫେରିଆସି କଲିକତାରେ ସ୍ୱାମୀ ଦୟାନଂଦଙ୍କ ସଂଗେ ତାଙ୍କର ଦେଖା ହୋଇଥିଲା । ସ୍ୱାମୀ ଦୟାନଂଦ ସାକାର ଉପାସନାର, ଅର୍ଥାତ୍, ପ୍ରତିମା ପୂଜାର ବିରୋଧୀ ଥିଲେ । ହରିହର ତାଙ୍କସଂଗେ ବିଚାରେ ସାକାର ଉପାସନା ସପକ୍ଷରେ ଯୁକ୍ତି କରିବେ ବୋଲି ସ୍ଥିର ହେଲା । ଶୋଭା ବଜାରର ରାଜା ପ୍ରମୁଖ ବଂଗାଳୀ ବିଶିଷ୍ଟ ଲୋକମାନେ ହରିହରଙ୍କୁ ଏଥିରେ ପୋଷକତା କଲେ । ସଭା ବସିଲା । ଶୁଣିଚି, ଦୁଇ ଘଂଟାରୁ ଅଧିକ-କାଳ ବାକ୍ ଯୁଦ୍ଧ ଲାଗିଲା ପରେ ଗୁଣଗ୍ରାହୀ, କର୍ମବୀର ଦୟାନଂଦ, ହରିହରଙ୍କ ପିଠିରେ ହାତମାରି କହିଥିଲେ, "ବାପା, ତୁଂଭର ଯୁକ୍ତିଶକ୍ତି ଓ ବାଗ୍ମିତାରେ ମୁଁ ସଂତୋଷ ହେଲି । ଆରବର୍ଷ ରାଜ-ପୁତନାକୁ ଆସ । ଦଶଲକ୍ଷ ଟଂକା ସହଜରେ ମିଳିଯିବ । ମୁଁ କରାଇ ଦେବି । ତୁମେ ଯେଉଁ ବିରାଟ ବିଦ୍ୟା ମଂଦିରଟି କଳ୍ପନା କରିଚ, ତା ହୋଇଯିବ ।

## ବେଥୁନ୍ କଲେଜରେ ହରିହରଙ୍କ ବକ୍ତୃତା

ଏଠାରେ ସୂଚାଇ ଦେବାର ଅଛି, ବଂଗ ଓ ଭାରତର ଅନ୍ୟାନ୍ୟ ସ୍ଥାନରେ କଠିନ ବିଷୟମାନ ଧରି ବକ୍ତୃତା ଦେବାକୁ ହରିହରଙ୍କୁ ଅନୁରାଗିମାନେ ଆଦରରେ ଡାକୁଥିଲେ । ହରିହର ସଂସ୍କୃତରେ ଯେପରି ହିଂଦିରେ ମଧ୍ୟ ଅତି ସୁଂଦର ବକ୍ତୃତା ଦେଇ ପାରୁଥିଲେ । ଥରେ କଲିକତା ବେଥୁନ୍ କଲେଜରେ 'କୁସୁମାଂଜଳି' ଗ୍ରଂଥ ଉପରେ ସେ ଚାରିଘଂଟା ବକ୍ତୃତା ଦେଇଥିଲେ । ଦୁଇଘଂଟା କାଳ ସଂସ୍କୃତରେ କହିସାରି ତା ପରେ ବଂଗଳାରେ କହିବା ପାଇଁ ଜନସ୍ୱ ପ୍ରକାଶ କରି ହିଂଦିରେ ପୁଣି ଦୁଇ ଘଂଟା; ସଂସ୍କୃତରେ କହିଥିବା ବିଷୟଗୁଡିକ ବୁଝାଇ ଥିଲେ । ଶୋଭା ବଜାରର ରାଜା, ମନୋହରଏ, କାଳୀ କୃଷ୍ଣଦେବ, ଏହି ସଭାର ସଭାପତି ଥିଲେ । ପଂଡିତବର କୃଷ୍ଣକମଳ ଭଟ୍ଟାଚାର୍ଯ୍ୟ ଓ ତାରାନାଥ ତର୍କବାଚସ୍ପତି ହରିହରଙ୍କୁ ସଭାରେ ଚିହ୍ନାଇ ଦେଇ ଶେଷରେ 'ସାଧୁବାଦ' କରିଥିଲେ । ସେ କାଳର କଲିକତା ଇଂରେଜୀ ସାପ୍ତାହିକ 'ହିଂଦୁ ପେଟ୍ରିଅଟ୍'ରେ ଏ ସଭା ଓ ତହିଁ ସଂଗେ ହରିହରଙ୍କର ଅଦ୍ୱିତୀୟ କୃତିତ୍ୱ ବିବରଣୀ ବାହାରି ଥିଲା ।

## ହରିହରଙ୍କ ପ୍ରତିଭାର ସାର୍ଟିଫିକେଟ

ଏଠି ଗୋଟିଏ କୌତୁକାବହ ଘଟଣାର କଥା କହେ । ମୁଁ ଏହା ସ୍ୱର୍ଗତ ସିଦ୍ଧେଶ୍ୱର ମିଶ୍ରଂକଠୁ ଶୁଣିଚି । ଏଇ ସିଦ୍ଧେଶ୍ୱର ମିଶ୍ରେ ହରିହରଙ୍କ ଘୁଷ-ଅନୁଚର ରୂପେ କଲିକତାରେ ତାଂକ ସଂଗେ ଥିଲେ । କୃଷ୍ଣକମଳ ଭଟ୍ଟାଚାର୍ଯ୍ୟ, ବଡ଼ ପ୍ରତିଭାଶାଳୀ ବିଜ୍ଞ ପଂଡିତ ଥିଲେହେଁ, ତାରାନାଥ ତର୍କବାଚସ୍ପତି 'ବାଚସ୍ପତ୍ୟ ଅଭିଧାନ' ପରି ଗ୍ରଂଥର ପ୍ରଣେତା ଥିଲେ ଓ ନିଜ ଟୀକା ଓ ମୁଖବଂଧ ସହିତ ସଂସ୍କୃତ ଗ୍ରଂଥମାନ

ପ୍ରକାଶ କରି ଖ୍ୟାତି ଅର୍ଜିଥିଲେ । ହରିହର 'କୁସୁମାଂଜଳି' ଗ୍ରଂଥ ଉପରେ ବକ୍ତୃତା ଦେବା ପୂର୍ବରୁ ଗ୍ରଂଥଟିର ସଂଦେହ ସ୍ଥଳମାନ ଭଲକରି ବୁଝିବା ପାଇଁ ତାରାନାଥଂକ ପାଖକୁ ଯାଉଥିଲେ । କୃଷ୍ଣକମଳ ଏହାଶୁଣି କ୍ଷୁଭିତ ହୋଇ ତାରାନାଥଂକୁ ଲକ୍ଷ୍ୟକରି କହିଥିଲେ—'ଶାଲାର ବେଟା ଶାଲ ବେଚେ; ସେ ଆବାର୍ ହରିହରକେ କୁସୁମାଂଜଳି ପଡ଼ାବେ ।' ଅର୍ଥାତ୍, ଶଳାପୁଅ ଶାଲ ବିକେ; ସେ ପୁଣି ହରିହରକୁ କୁସୁମାଂଜଳି ପଢ଼ାଇବ । କଥା ହେଉଛି, ତାରାନାଥ ବଡ଼ ପଂଡିତବୋଲି ସେକାଳ ରୀତି ଅନୁସାରେ ରାଜା ଜମିଦାରଂକଠୁ ବିଦାୟ ସଂଗେ ଶାଲ ସବୁ ପାଉଥିଲେ । ସେ ଶାଲ ଗୁଡ଼ାକ ବେଶି ହେବାରୁ ସେ ତା ବିକୁଥିଲେ । କୃଷ୍ଣ କମଳ, ସେଇ କଥାକୁ ଦେଖାଇ ଏହା କହିଲେ । ସେ ଯା ହେଉ, କୃଷ୍ଣକମଳଂକ ପରି କଲିକତାର ସେ କାଳ ପ୍ରସିଦ୍ଧ ପ୍ରବୀଣ ପଂଡିତମାନେ ଯୁବକ ହରିହରଂକ ପ୍ରତିଭାକୁ କି ଦୃଷ୍ଟିରେ ଦେଖୁଥିଲେ, ତା ଏଥିରୁ ସ୍ପଷ୍ଟ ହେଉଛି ।

## ଶେଷଯାତ୍ରା

୧୮୭୨ରେ ରାଜପୁତନା ଯିବା ଉଦ୍ଦେଶ୍ୟରେ ହରିହର ପୁଣି କଲିକତା ଯାତ୍ରାକଲେ । ହଠାତ୍ ସେଇଠାରେ ସେ ପାଗଳ ହୋଇ ମୂକ ହୋଇଗଲେ । କବିରାଜଚିକିତ୍ସାପରେ ଟିକିଏ ଭଲ ହୋଇ କଟକ ଆସିଲେ । କଟକରୁ ଆତ୍ମୀୟମାନେ ପୁରୀରେ ଥିବା ତାଂକ ଘରକୁ ଆଣିଲେ । ସେଠାରେ ରୋଗ ଆହୁରି ବଢ଼ିଗଲା । ଥରେ ତାଂକୁ ଘରେ ବଂଦକରି ସଂଧ୍ୟାରେ ଦୁଆର ଶିକୁଳି ଦେଇ ସମସ୍ତେ ଅନ୍ୟଆଡ଼େ କାର୍ଯ୍ୟବ୍ୟସ୍ତ ଥିଲେ । ଘର ଭିତରେ ଦୀପ ଜଳୁଥିଲା ଓ ସେହିଘରେ ବିଲାତ ଯିବା ପାଇଁ ତିଆରି ହୋଇଥିବା ପୋଷାକସବୁ ଖୋଲି ଆଲମାରିରେ ଥିଲା । ପାଗଳ ଓ ମୂକ ଅବସ୍ଥାରେ କାହିଁକି କେଜାଣି ହଠାତ୍ ପୋଷାକଗୁଡ଼ିକ ପିଂଧି ଘରେ ବୁଲୁ ବୁଲୁ ପୋଷାକରେ ଦୀପ ଲାଗିଗଲା । ପାଟି ଫିଟିଯାଇ ଗୋଟାଏ ଚିତ୍କାର ଶୁଭିଲା; ମାତ୍ର ଆଉ ବଂଚିଇବାର ଉପାୟ ନ ଥିଲା । ପ୍ରାୟ ୮୯ ଘଂଟା ପରେ ଅର୍ଦ୍ଧଦଗ୍ଧ ହରିହର ଜୀବନର କର୍ମ ଅପୂର୍ଣ୍ଣ ରଖି କଅଁଳ କଦଳୀ ପତ୍ରରେ ଶୋଇ ଦେହ ତ୍ୟାଗ କଲେ । ଏଇ ୮୯ ଘଂଟା ଭିତରେ ତାଂକ ପାଗଳାମି ଛାଡ଼ିଯାଇଥିଲା ଓ ସେ ଟିକିଏ କଥାବାର୍ତ୍ତା କରି ପାରୁଥିଲେ । ମରିବାର କେତେ ଘଂଟା ପୂର୍ବରୁ ମୋ ପିତାଂକର ଜଣେ ପିତୃବ୍ୟଂକ ଆଗେ ବୋଧହୁଏ ଜୀବନର କଳ୍ପନା ଓ କର୍ମ ସ୍ମରଣ କରି ସେ ନିମ୍ନଲିଖିତ ଶ୍ଳୋକଟି ବୋଲିଥିଲେ । ଏହାଇ ତାଂକର ଶେଷ ଉକ୍ତି । ଶ୍ଳୋକଟି ହେଉଛି—

"ନ ଧ୍ୟାତଂ ପଦମୀଶ୍ୱରସ୍ୟ ବିଧିବତ୍ ସଂସାର-ବିଚ୍ଛିତ୍ତୟେ,
ସ୍ୱର୍ଗଦ୍ୱାର-କପାଟ-ପାଟନ-ପଟୁ ଧର୍ମୋଽପି ନୋପାର୍ଜିତଃ,
ନାରୀପୀନପୟୋଧରୋରୁଯୁଗଳଂ ସ୍ୱପ୍ନେଽପି ନାଲିଂଗିତଂ,
ମାତୁଃ କେବଳମେବ ଯୌବନ-ବନ-ଚ୍ଛେଦେ
କୁଠାରା ବୟଂ ।

( ଏହାର ଅର୍ଥ—ସଂସାରରୁ ନିସ୍ତାର ପାଇଁ ବିଧି ଅନୁସାରେ ଈଶ୍ୱର ପଦ ଧ୍ୟାନ କରାଗଲା ନାଇ । ସ୍ୱର୍ଗଦ୍ୱାରର କବାଟ ଫିଟାଇବାରେ ସମର୍ଥ ଯେ ଧର୍ମ, ତା ବି ଅର୍ଜନ କରା ହେଲା ନାଇ । ନାରୀର ପୀନସ୍ତନ ଓ ଜଘନ ଯୁଗଳ ସ୍ୱପ୍ନରେ ହେଲେ ବି ଆଲିଂଗନ କରା ହୋଇ ନାଇ । କେବଳ ମାଆର ସେ ଯୌବନରୂପ ବନ ତାକୁଇ କାଟିବାକୁ ଏକା ମୁଁ କୁରାଢ଼ି ହୋଇ ଜନ୍ମ ପାଇଥିଲି । )

## ଯତ୍ କିଂଚିତ୍ ସ୍ମାରକ ମଧ୍ୟ ହଜିଗଲା

ପୁରୀରେ ହରିହରଂକ ଘର ଥିଲା, କୁଂଡାଇ-ବେଂଟ ସାଇରେ - ଶହକାର ସାଇ ଛକ ଉପରେ ଉତ୍ତରକୁ ପଶ୍ଚିମ ସାଇ ଘରଧାଡ଼ିରେ ଦୁଇ ତିନି

ଘର ଗୁଡ଼ । ତାଙ୍କ ପୋଷ୍ୟପୁତ୍ର ବନମାଳୀ ଦାସ, ସେ ଘର ଛାଡ଼ି ଗ୍ରାମକୁ ଯିବା ପୂର୍ବରୁ ସେଠାରେ ଅନେକ ଦିନ ଥିଲେ । ତାଙ୍କ ବଂଶରେ ଏବେ କେହି ନାହିଁ । ବନମାଳୀ ଏଂଟ୍ରାନସ୍ ପାଶ୍ କରିଥିଲେ; ଅନେକ ମାଇନର ସ୍କୁଲରେ ହେଡ୍‌ମାଷ୍ଟର୍ ହୋଇଥିଲେ । ତାଙ୍କ ଘରେ ପୁରୁଣା କାଗଜପତ୍ର ଦରାଂଣ୍ଡ, ମୁଁ ହରିହରଙ୍କ ନୋଟ୍‌ବହି, ଅନେକ ଖଣ୍ଡି ପତ୍ର, ଗ୍ରୀକ୍ କବି ସଫୋକ୍ଲିସ୍‌ଙ୍କ ଗୋଟିଏ ନାଟକର ଓଡ଼ିଆ ଅନୁବାଦ ( ଇଂରେଜରେ ସେ ନାଟକର ନାମଟି ହେଉଛି, Edipus the King ), ତୁଳନାତ୍ମକ ଶବ୍ଦତତ୍ତ୍ୱ ଶିଖିବାର ଗୋଟିଏ ଲମ୍ବା ଚଉଡ଼ା ଫର୍ଦ୍ଦ ( ସେଥିରେ ଏକା ଶବ୍ଦକୁ ଇଂରେଜି, ଗ୍ରୀକ୍, ଲାଟିନ୍, ଲୋ-ଜର୍ମାନ୍, ହାଇ-ଜର୍ମାନ୍, ଟିଉଟନିକ୍, ସ୍ଲାଭୋନିକ, ପାରସିକ, ସଂସ୍କୃତ ପ୍ରଭୃତି ଭାଷାମାନଙ୍କରେ କଣ କହନ୍ତି, ସବୁ ଲେଖିଥିଲେ । ପ୍ରଥମରୁ ଥିଲା କାଉ 'Cow' ଠାରୁ 'ଗୋ' ପର୍ଯ୍ୟନ୍ତ ), ଭାଷା ଓ ଭାଷାବିଜ୍ଞାନ ଶିଖିବାର ଅନ୍ୟାନ୍ୟ କେତେ ଟିପା ଟିପ୍ପଣୀ, ସଂସ୍କୃତ-ବିଦ୍ୟାଳୟ ପାଇଁ ଛପା ହୋଇଥିବା ଇଂରାଜି, ହିନ୍ଦୀ, ଓଡ଼ିଆ, ବଙ୍ଗଳା, ନିବେଦନ ପତ୍ରମାନ ଓ ତହିଁ ସଂଗେ ସୁପାରିସ୍‌ମାନ, ତାଙ୍କର ଦେଇଥିବା ଓ ପାଇଥିବା କେତେ ଖଣ୍ଡି ଓ ଏପରି ଆଉ କେତେ କେତେ କାଗଜପତ୍ର ପାଇଥିଲି । 'ଉତ୍କଳ ଦୀପିକା'ରୁ ତାଙ୍କ ରୋଗ ଖବର, ମୃତ୍ୟୁଦିବସ ଖବର ସଂଗ୍ରହ କରିଥିଲି । ଗ୍ରୀକରୁ ଓଡ଼ିଆ ଅନୁବାଦ ମିଳାଇ ଦେଖିବା ପାଇଁ ଗ୍ରୀକ୍ କବି ସଫୋକ୍ଲିସ୍‌ଙ୍କ ନାଟକ ମାନଙ୍କର ଇଂରେଜି ଅନୁବାଦ ଗ୍ରନ୍ଥଟି କଲିକତା ପୁରୁଣା ପୁସ୍ତକ ଦୋକାନରୁ କିଣି ଆଣିଥିଲି । କଲିକତାର ସେକାଳ ଇଂରେଜି ସାପ୍ତାହିକ 'ହିନ୍ଦୁ ପେଟ୍ରିୟଟ୍'ରୁ ତାଙ୍କ ବେଥୁନ୍ କଲେଜ ବକ୍ତୃତା ବିବରଣ ଓ ଗ୍ରାହକତାପୂର୍ଣ୍ଣ ଆଲୋଚନା ଲେଖି ଆଣିଥିଲି । ଏସବୁ ମଧ୍ୟରେ ସେ ମୟୂରଭଞ୍ଜରୁ ଲେଖିଥିବା ଗୋଟିଏ ଖର୍ଦ୍ଦ ଖଣ୍ଡି ପାଇଥିଲି । ସେଥିରୁ ପରିସ୍ଥିତିର ଅଭିଜ୍ଞତା କଳନା, ରାଜାମାନଙ୍କ ବ୍ୟବହାର, ଲୋକଙ୍କ ଆର୍ଥିକ ଅବସ୍ଥା ଓ ଭବିଷ୍ୟତ ପ୍ରଭୃତି ସମ୍ବନ୍ଧରେ ତାଙ୍କ ଲେଖାରୁ ଯାହା ଜଣାପଡ଼େ, ତା ଏବେ ବି ବିସ୍ମୟକର ବୋଲି ବୋଧ ହୁଏନ୍ତା; କିନ୍ତୁ ବଡ଼ ଦୁଃଖର କଥା, ପୁଣ୍ୟଶ୍ଳୋକ ପଣ୍ଡିତ ଗୋପବନ୍ଧୁ ଦାସ, ନିଜେ ହରିହରଙ୍କ ଜୀବନୀ ଲେଖିବେ ବୋଲି ସେ ସବୁ କାଗଜପତ୍ର ମୋଠୁ ନେଇଥିଲେ । ସେ ସବୁ ସତ୍ୟବାଦୀ ଛାପାଖାନାରେ ଥିଲା; କିନ୍ତୁ ପରେ ଆଉ ମତେ ମିଳିନାହିଁ । ସଫୋକ୍ଲିସ୍‌ଙ୍କ ନାଟକର ଇଂରେଜି ଅନୁବାଦ ପୁସ୍ତକଟି ସେହି ହରିହରଙ୍କ ନାମରେ ନାମିତ ସତ୍ୟବାଦୀ ସ୍କୁଲ ଲାଇବ୍ରେରୀରେ ମିଳିବ ।

———

( ୬ )

## ସଂସ୍କୃତ ଶିକ୍ଷା—ଚିକିତ୍ସା ଓ ବିଜ୍ଞାନ

### ହରିହରଙ୍କ ସ୍ମୃତି

ଆପଣମାନଙ୍କ ଏ ମହା ଅନୁଷ୍ଠାନର ଆଦ୍ୟ ପ୍ରତିଷ୍ଠାତା ପୁଣ୍ୟଶ୍ଳୋକ ମହାତ୍ମା ହରିହରଙ୍କ ସ୍ମରଣ ଆଜ ପୁଣି ବିଶେଷରେ ବାଂଛନୀୟ । ସେ ଥିଲେ, ବଡ଼ ସଂସ୍କୃତ ପଣ୍ଡିତ; କିନ୍ତୁ କି ପରିସ୍ଥିତିରେ ସେ ସଂସ୍କୃତଶିକ୍ଷାର ଭବିଷ୍ୟତସଂଗେ ସମାଜ ବିକାଶର କଳନା କରି କିପରି କି ବିରାଟ ବିଦ୍ୟାମନ୍ଦିରର କଳ୍ପନା କରିଥିଲେ, ତା ମଧ୍ୟ ଆଜ ସ୍ମରଣୀୟ । ପାଣିନିଙ୍କ ବ୍ୟାକରଣ ନିବଦ୍ଧ ଭାଷା ଓ ସେହି ଭାଷାର ତାତ୍ତ୍ୱିକଭିତ୍ତି ଉଦ୍‌ଘାଟନ କରି ସବୁଆଡ଼ୁ ସେ ଯେପରି ଦେଖୁଥିଲେ, ଆଜ ସେହିଦୃଷ୍ଟିରେ ସଂସ୍କୃତଭାଷା ଓ

## ତାରା ମଣ୍ଡଳ ଓ ଗ୍ରହ

ମାନବ ସଭ୍ୟତାର ବହୁ ଆଦିମ କାଳରେ ଲୋକେ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ପ୍ରଭୃତି ଦେଖି ବହୁ କଳ୍ପନା କରିଥିଲେ । ସେମାନେ ବିଶ୍ୱାସ କରୁଥିଲେ, ସମାଜର ଶ୍ରେଷ୍ଠଲୋକେ ଓ ପିତୃପୁରୁଷମାନେ ମଲେ, ତାରାରୂପ ଧରି ଆକାଶରେ ରହନ୍ତି; ପୁଣି ତାରାମାନେ, ଦେବତା । ସେମାନେ ବିଶ୍ୱବାସୀଙ୍କ ଭଲ, ମନ୍ଦ ସବୁ ଦେଖନ୍ତି ଓ ସେଥିପାଇଁ ବ୍ୟବସ୍ଥା କରନ୍ତି । ସେମାନଙ୍କ ଭିତରେ ଆମରି ପରି ମିତ୍ରତା ହୁଏ, ଯୁଦ୍ଧ ଲାଗେ, ପୁଣି ଏଇ ପୃଥିବୀରେ ହେଲାପରି ସମ୍ପଦ, ବିପଦ ବି ଲାଗି ରହିଥାଏ । ସେମାନଙ୍କ ସମ୍ପଦ୍, ବିପଦରେ ପୃଥିବୀର ଲୋକସମାଜ ବି ଭାଗୀ ହୁଏ । ଏବେ ମଧ୍ୟ ଆମ ଫଳିତ-ଜ୍ୟୋତିଷରେ ପଞ୍ଚଗ୍ରହକୂଟ, ଷଡ଼ଗ୍ରହୀ, ରୋହିଣୀ-ଶକଟ-ଭେଦ ପ୍ରଭୃତି ଉତ୍ପାତ ଲକ୍ଷଣ ରହିଛି । ସୂର୍ଯ୍ୟ ଚନ୍ଦ୍ରର ଗ୍ରହଣରେ ଏବେ ବି ଚଣ୍ଡାଳକୁ ଦାନ ଓ ସ୍ନାନାଦି କରି ପୁଣି ଉପବାସ ରହି ସୂର୍ଯ୍ୟ ତଥା ନିଜର ମଙ୍ଗଳ କାମନା କରି ପାପ ଛଡ଼ାଇବାକୁ ହେଉଛି । ଅକସ୍ମାତ୍ ଧୂମକେତୁର ଅକଳ୍ପିତପୂର୍ବ ଉଦୟ ଦେଖିଲେ, ଲୋକେ ସେଥିପାଇଁ ବିପତ୍ତି କଳ୍ପନା କରନ୍ତି । ଅଷ୍ଟ୍ରେଲିଆ ପ୍ରଭୃତିରେ ବଣୁଆ ଆଦିମମାନଙ୍କ ଭିତରେ ଏ ସବୁ ଏବେ ବି ଖୁବ୍ ଦେଖାଯାଏ । ଆଦିମମାନବର ସ୍ୱଚ୍ଛନ୍ଦ ସରଳ ଜୀବନ ଗତିରେ, ଯାହା ସ୍ୱାଭାବିକ ଓ ନିତ୍ୟ ଘଟେ, ତା ତା' ପାଖେ ଅଶୁଭ ହୋଇ ପାରେ ନା । ଯାହା କଦାଚିତ୍ ପୁଣି ଅକସ୍ମାତ୍ ଘଟେ, ଯାହାର କୌଣସି ବିଶିଷ୍ଟ କାରଣ ମିଳେ ନା, ତାହାଇ ଉତ୍ପାତର ଲକ୍ଷଣ । ସେଥିରେଇ ଶଙ୍କା ଓ ଆତଙ୍କ ଜନ୍ମେ । ଫଳିତ-ଜ୍ୟୋତିଷର ଫଳାଫଳ ଗଣନାର ମୂଳ ଏଇଠାରେ । ସମସ୍ତ ମୁହୂର୍ତ୍ତ ବିଚାରାଦି, ହୁଏତ ଏଇଥିରୁ ବାହାରିଛି । କେଉଁ ତାରାର ଉଦୟରେ କୃଷି କାର୍ଯ୍ୟ ଆରମ୍ଭ କରିବାକୁ ହୁଏ, କେଉଁ ପରିସ୍ଥିତିରେ ସୂର୍ଯ୍ୟାଦି ଦେଖି ଦୁର୍ଦିନ ପ୍ରଭୃତିର ଆଶଙ୍କା ଥିଲେ ଯାତ୍ରା କରିବାକୁ ହୁଏ—ଏ ସବୁ, ନାନା ସୂକ୍ଷ୍ମାତିସୂକ୍ଷ୍ମ ଶାଖା ପ୍ରଶାଖାରେ ଆମର ସଂହିତା-ଜ୍ୟୋତିଷ ପରି, ଶାସ୍ତ୍ରମାନ ସବୁ ପ୍ରାଚୀନ ସମାଜମାନଙ୍କରେ ସୃଷ୍ଟି କରିଛି । ପରେ ସେଥିରେ ଦୃକ୍ ସିଦ୍ଧ ଗଣନାର ଛାପ ପଡ଼ି, ସେ କଳ୍ପନା ଜାଲକୁ ଆହୁରି ଜଟିଳ ଓ ଦୁର୍ଭେଦ୍ୟ କରି ବିଜ୍ଞାନର ବାହାନା ଧରି ଅପସଂସ୍କାର ଓ କୁସଂସ୍କାରରେ ସମାଜର ଜ୍ଞାନ-ଗତିକୁ ଜଟିଳ କରିଛି ।

## ତହିଁରେ ରୂପକ ଓ ଉପାଖ୍ୟାନ

ଏଇ ସବୁ ଆଦିମ ଧାରଣା ନାନା ରୂପକାଦିରେ ପରମ୍ପରାରେ ଚାଲି ଆସିଛି । ବେଦରେ ତାର କେତେକ ଆଭାସ ମିଳେ; ମାତ୍ର କେତେ ଓ ବହୁ ଶାଖାପ୍ରଶାଖାରେ ବିସ୍ତୃତ ହୋଇ ମିଳେ, ପୁରାଣରେ । ଅନ୍ୟ ଦେଶର ପୁରାଣସବୁ ଆମ ଭାରତୀୟ ପୁରାଣ ସାହିତ୍ୟ ପରି ବିସ୍ତୀର୍ଣ୍ଣ ନୁହେ । ପୁଣି ଭାରତୀୟ ପୁରାଣ, ନାନା ସମ୍ପ୍ରଦାୟ ଓ ଉପାସ୍ୟ ଦେବମାନଙ୍କ ପ୍ରଶସ୍ତି ଗାନ କରିବା ଛଳରେ ପରମ୍ପରାର ଉପାଖ୍ୟାନଗୁଡ଼ିକ କାଳ ଗତିର ନାନା ରଙ୍ଗରେ ରଞ୍ଜିତ କରି ରୂପକକୁ ସତ୍ୟରୂପେ ପ୍ରକାଶ କରିଛି । ସେଥିରେ ଆକାଶ ଦର୍ଶନରେ ଆଦିମ ଅନୁଭବଗୁଡ଼ିକ ମଧ୍ୟ ନାନା ଉପାଖ୍ୟାନର ଆକାର ଧରି ପ୍ରକାଶ ପାଇଛି । ଏ ସବୁ ଉପାଖ୍ୟାନର ମୂଳ ପୁଣି କାଳରେ ହୁଏତ ବହୁ ଦୂରରେ । ଏ ସବୁ ବୈଦିକ ନୁହେ । କାରଣ, ଦେଖାଯାଏ, ବୈଦିକ ଆର୍ଯ୍ୟମାନଙ୍କ ଭିତରେ ଏ ସବୁ ଆକାଶ ଦର୍ଶନ ସେତେ ପ୍ରକାଶ ପାଇ ନ ଥିଲା । ଯାହା ବା ସଙ୍କେତରେ ପ୍ରକାଶ ପାଇଛି, ତା ହୁଏତ ତାଙ୍କ ନିଜର ନୁହେ । ପରବର୍ତ୍ତୀ ଯୁଗରେ ଗ୍ରୀକ୍ ଓ ଭାରତୀୟ ଆର୍ଯ୍ୟମାନେ ଗଣିତ ଜ୍ୟୋତିଷରେ ବହୁ ଉନ୍ନତି କରିଥିଲେ, ଏହା ସତ । ଗ୍ରୀକ୍ ମନୀଷୀ ହିପାର୍କସ୍ ଓ ମଗଧର ଆର୍ଯ୍ୟଭଟ୍ଟଙ୍କ ଅତି ମୌଳିକ ଆବିଷ୍କାରର କଥା କୁହାଯାଇଛି ।

ଏଇପରି ଅନେକ ମହା ଆବିଷ୍କ୍ରିୟାର ମୌଳିକତା ସତ୍ତ୍ୱେ ଜ୍ୟୋତିଷର ମୂଳ ଆର୍ଯ୍ୟ ଜାତିରେ ନୁହେଁ । ଆଜିକାଲିର ଜାପାନୀମାନେ ଅନ୍ୟର ଅନୁକରଣ କରି ମଧ୍ୟ ନିଜେ କ୍ରମେ ବୈଜ୍ଞାନିକର ପ୍ରୟୋଗ ପଟୁତାରେ ଅସାଧାରଣ ଦକ୍ଷତା ଦେଖାଇଲା ପରି ଆର୍ଯ୍ୟମାନେ ମୂଳତଃ ବିଦ୍ୟା ଅନ୍ୟଠାରୁ ଗ୍ରହଣ କରି ପରେ ସେଥିରେ କୃତିତ୍ୱ ଦେଖାଇଥିଲେ । ପ୍ରତ୍ନବିତ୍ ମାକେଂଜୀ ପ୍ରଭୃତି ପଣ୍ଡିତମାନେ ଜ୍ୟୋତିଷ ବିଷୟରେ କହିବାକୁ ଯାଇ ଗ୍ରୀକ୍‌ମାନଙ୍କ ସଂବଂଧରେ ମଧ୍ୟ ଠିକ୍ ଏଇ କଥା କହିଛନ୍ତି । ( ୧୬ )

ଆକାଶ ଓ ସେଥିସଂଗେ ଗ୍ରହ, ତାରା, ସୂର୍ଯ୍ୟ, ଚଂଦ୍ର ପ୍ରଭୃତି ଦେଖିବା ମାନବର ଅତି ଆଦିମ ଅନୁଭବ । ସମୁଦ୍ରର ଜଳରାଶି ମଧ୍ୟ ସେଇପରି । ଆଦିମ ମାନବ ନୀଳାକାଶକୁ ଉପରର ସମୁଦ୍ର ବୋଲି ମନେ କରୁଥିଲା । ସେଇଥିରୁ ସ୍ୱର୍ଗବାସୀ ମାନବ ଓ ନାନା ଉପାଖ୍ୟାନର ବିକାଶ । ସେଇ ଉପାଖ୍ୟାନ ଓ କଳ୍ପନାଗୁଡ଼ିକ ନାନା ଦେଶରେ ଏବେ ନାନା ସ୍ଥାନୀୟ ରୂପ ଧରି ସବୁଁଠି ଅଛି । ଆମ 'ନାରା' ବା ସମୁଦ୍ରରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ଧରି ଶୋଇଥିବା 'ନାରାୟଣ' ବା ବିଷ୍ଣୁ ହୁଏତ ସେଇ ଆକାଶମୟୀ ସ୍ୱର୍ଗର ଶ୍ରେଷ୍ଠ ଦେବଙ୍କ ଏକ ରୂପ । ସେଇ ରୂପକର ଏକ ପ୍ରକାଶ ହେଉଛି, ଆମ 'ବିଯୁତ୍ ଗଂଗା' । ଏହା ଆକାଶର ଛାୟା-ପଥ । ଆମ 'ଧ୍ରୁବ' ଓ 'ସପ୍ତର୍ଷି' ପ୍ରଭୃତି' ପୁଣ୍ୟ କର୍ମ ଫଳରେ ତାରା ହୋଇ ସେଇ ଆକାଶରେ ଅଛନ୍ତି । ସେଇ ପରି ଅଗସ୍ତି, ଅଗ୍ନି ଓ ବ୍ରହ୍ମା ପ୍ରଭୃତି । ସପ୍ତର୍ଷିଙ୍କ ଭିତରୁ ବଶିଷ୍ଠଙ୍କ ପତ୍ନୀ ସାଧ୍ୱୀ ଅରୁଂଧତୀ ଏବେ ବଶିଷ୍ଠଙ୍କ ପାଖେ ଅଛଂତି । ବାକି ଛଅ ଋଷିଙ୍କ ଛଅଟି ଯାକ ପତ୍ନୀ, ଅଗ୍ନିଙ୍କୁ ଦେଖି ଭୁଲି ଯାଇଥିବାରୁ ପରିତ୍ୟକ୍ତ ହୋଇ 'ଷଟ୍ କୃତ୍ତିକା' ରୂପେ ବିଯୁତ୍‌ଗଂଗା କୂଳରେ ଏକାଠି ରହିଛଂତି । ଏଇପରି ତାରା ଓ ଗ୍ରହାଦିଙ୍କ ସଂବଂଧରେ ରୂପକ ଉପାଖ୍ୟାନମାନ ଆମ ପୁରାଣରୁ କହିଲେ ସରିବ ନାହିଁ । ଏଇ ରୂପକ ଉପାଖ୍ୟାନମାନ ପୁଣି ପୃଥିବୀର ସବୁ ଅସଭ୍ୟ, ଅର୍ଦ୍ଧସଭ୍ୟ, ସଭ୍ୟ, ପ୍ରାଚୀନ, ଆଧୁନିକ, ଆଦିମ ଓ ମାର୍ଜିତ— ସବୁ ମାନବ-ସମାଜମାନଂକରେ ଟିକିଏ ଟିକିଏ ପ୍ରକାର ଭେଦରେ ଚଳୁଥିବାର ଦେଖାଯାଏ । ଉଦାହରଣ ସ୍ୱରୂପ, ଆକାଶର ଛାୟାପଥଟି ଆମର ଯେପରି ବିଯୁତ୍‌ଗଂଗା ବା ସ୍ୱର୍ଗର ଗଂଗା ନଦୀ, ପ୍ରାଚୀନ ବାବିଲନରେ ସେଇପରି ଏହାଇ ଥିଲା, ସେମାନଂକର ସ୍ୱର୍ଗର 'ଇଉଫ୍ରେଟିସ୍' ଓ ପ୍ରାଚୀନ ମିଶରରେ ଏହାକୁ ମଧ୍ୟ କହୁଥିଲେ, ସ୍ୱର୍ଗର 'ନୀଳ' ନଦୀ (୧୭) । ବେଶି ଉଦାହରଣ ଦେବାପାଇଁ ଏଠି ଅବକାଶ ନାହିଁ । ହୁଏତ ଆପଣମାନେ ଅନେକେ ଏସବୁ ତୁଳନାତ୍ମକ ଉପାଖ୍ୟାନ କେତେ ଜାଣିଥିବେ ।

## କୁସଂସ୍କାର ଏଡ଼ି କୃତିତ୍ୱ ଫୁଟାଇବାକୁ ହେବ

ଏଇସବୁ କଳ୍ପନା ସଂଗେ ଜଡ଼ିତ ଅଛି, ସେଇ ଦେବ ଦେବୀ ବା ସ୍ୱର୍ଗଲୋକବାସୀ ତାରାରୂପୀ ପୁଣ୍ୟ-ପୁରୁଷମାନଂକର, ପୃଥିବୀର ଦେଶ ବା ଅଂଚଳମାନଂକର ତଥା ବ୍ୟକ୍ତି-ବିଶେଷର ଭାଗ୍ୟସଂଗେ ସଂବଂଧ । ଏଇ ଆକାଶ ଦେଖିବାରୁ ପୁଣି ବାହାରିଥିଲା, ଅନ୍ୟଦିଗରେ ଗ୍ରହଗତି ଗଣନାର ସିଦ୍ଧାଂତମାନ । ସେଥିରେ ଗ୍ରହ ତାରାଙ୍କ ସଂଚାର, ସଂକ୍ରମଣ, ଅନ୍ତର୍ଗ୍ରହ, ଗ୍ରହଣ, ଉଦୟ, ଅସ୍ତ ପ୍ରଭୃତି ଠିକ୍ ରୂପେ କହି ହେଉଥିଲା । ସେଇ ଅନୁକ୍ରମେ ଭାଗ୍ୟ ଫଳ ଗଣନା ଓ କାଳକ୍ରମେ ଗଣିତ ସାଧନା ପରି ତାର ଅମୂଳକ ଗଣନାମାନ ସୃଷ୍ଟି କରାହୋଇ ପ୍ରସ୍ତରରେ ଗୋଟିଏ ପରଂପରା ଚାଲିଲା । ଅଂକ କଷିଲେ, ଫଳ କହିହୁଏ । ସେଥିରୁ ବାହାରିଲା, 'ଖଡ଼ି ପକାଇବା' । ସେଇପରି ଗ୍ରହ ନକ୍ଷତ୍ର ସ୍ଥିତିଗତିକୁ ଅବଲଂବନ କରି ବାହାରିଲା, ଫଳିତ-ଜ୍ୟୋତିଷ । ସେଇ ଅନୁକ୍ରମେ ପୁଣି ହାତଦେଖାର

'ସାମୁଦ୍ରିକ'ଠାରୁ 'ହନୁମାନ ପ୍ରଶ୍ନ' ପ୍ରଭୃତି କେତେ ଲୋକମୋହକର 'ଅବିଦ୍ୟା' ବିଦ୍ୟାନାମରେ ଚଳେ । ବିଦ୍ୟା ଓ ବିଜ୍ଞାନ ଚର୍ଚ୍ଚାରେ ଏ ସବୁ ବଦ୍ଧ-କୁସଂସ୍କାର ଓ ଅଯଥା ମୋହ ଭୁଟାଇବାକୁ ହେବ । ବିଶେଷରେ, ପ୍ରାଚୀନତାର ଉପାସକ, ଆପଣମାନଂକ ପକ୍ଷରେ ଏ ସବୁ ପ୍ରତିବଂଧକ ଅତି ଦୁର୍ଲଂଘ୍ୟ । ଏହା ଭଲକରି ବୁଝି ଚିଂତା ଓ ଆଲୋଚନାକୁ ସ୍ୱାଧୀନ କରି ଉଦାର ଶିକ୍ଷାର ପ୍ରସ୍ଥ ପ୍ରଭାବ ଓ ସଂପର୍କରେ ଏ ଅନୁଷ୍ଠାନର କୃତିତ୍ୱ ଫୁଟାଇବା ଆପଣମାନଂକ କାର୍ଯ୍ୟ ।

——

( ୮ )

## ଉଦାରଶିକ୍ଷା—ମଠ—ଜଗନ୍ନାଥ —ସଦାବ୍ରତ

### ଉଦାରଶିକ୍ଷା—ଉଚ୍ଚସ୍ତରରେ

ଏକଦେଶ-ଦର୍ଶିତା, ଆଲୋଚନାରେ ଗୋଟିଏ ବ୍ୟାଧି । ସବୁ ଆଡ଼କୁ ଚାହିଁ ତୁଳନାତ୍ମକ ବିଚାର ନ କଲେ, ଅତି ରକ୍ଷଣଶୀଳତା, ବିଦ୍ୟାକୁ ଅବିଦ୍ୟାରେ ପରିଣତ କରେ । ଉପାଖ୍ୟାନର କୂପବେଂଗ, ବାହାର ବେଂଗକୁ ପଚାରିବାରେ, କୂପବେଂଗର ସ୍ୱପୁରପ୍ରୀତି ପ୍ରଶଂସନୀୟ ହୋଇପାରେ; ମାତ୍ର ସ୍ପୃହଣୀୟ ନୁହେ— କି ଆଦରଣୀୟ ନୁହେ । ସଂସ୍କୃତଭାଷୀ ଆର୍ଯ୍ୟମାନେ, ନିଜର ସଂସ୍କୃତିକୁ ନିତ୍ୟ ଓ ସାର୍ବଜନୀନ କରିବା ପାଇଁ ସବୁ 'ଆଗମ'କୁ ନିଜର କରିଥିଲେ । ଜୈନ ଓ ବୌଦ୍ଧ-ମାନେ ପୃଥିବୀର କୌଣସି ମାନବସମାଜ ଓ ସଭ୍ୟତାକୁ ଅଲଗା ବିଚାରୁ ନ ଥିଲେ । ଭାରତର ବିକାଶ ଓ ପ୍ରତିଷ୍ଠା ଯୁଗରେ ଦ୍ରାବିଡ଼ଠାରୁ ଯବନ ପର୍ଯ୍ୟନ୍ତ ସମସ୍ତଂକ ସଂଗେ ଆଦାନ ପ୍ରଦାନରେ ବିଶ୍ୱସେବା କରି ଏଇ ଆର୍ଯ୍ୟମାନେ ନିଜର ଅନନ୍ୟ ସାଧାରଣ ପ୍ରସିଦ୍ଧି ଫୁଟାଇଥିଲେ । ଜ୍ୟୋତିଷର ଆଦିମ ଆବିଷ୍କାର କାହିଁ ବାବିଲନ୍ ବା ସୁମେରୁରୁ ଏଠାରେ ସେ ବିଦ୍ୟାର ପୀଠ ପକାଇ ଥିଲା । ଫିନିସୀୟ ଲିପି-ସଙ୍କେତ ଅପୂର୍ଣ୍ଣ ଓ ଅନୁପଯୋଗୀ ହେଲେହେଁ ତହିଁରୁ ଯଥା ଆହରଣରେ ଆମ ପୂର୍ବପୁରୁଷମାନେ ପରାଙ୍ମୁଖ ନ ଥିଲେ । କାଳକ୍ରମେ ଏଣୁ ଉଦାର ଶିକ୍ଷାର ଆହରଣ ଗ୍ରହଣ ବନ୍ଦ କଷ୍ଟରେ ନାନା ଆକ୍ରମଣ ଆଗେ ଆମକୁ ଆତ୍ମରକ୍ଷା କରିବାକୁ ପଡ଼ୁଥିଲା । ସେଇଥିରେଇ ଆମେ ଏକ-ଦେଶଦର୍ଶୀ ଓ ଅତିରକ୍ଷଣଶୀଳ ହୋଇ ପଡ଼ିଚୁ । ଆଜି ଆମକୁ ସେଇ ଉଦାର ଶିକ୍ଷାର ଧାରା ଧରି ପୁଣି ନିଜ ସଂସ୍କୃତିର ଗତି ନିୟମିତ କରିବାକୁ ହେବ । ସେଥିପାଇଁ ଆଜି ଏଇ ଅନୁଷ୍ଠାନରେ ଉଚ୍ଚଶିକ୍ଷାର ବା ଆଚାର୍ଯ୍ୟାଦି ଉପାଧିର ପର ସ୍ତର ଫିଟାଇ ତହିଁରେ ତୁଳନାତ୍ମକ ଓ ଧ୍ୱନିସିଦ୍ଧ ଦର୍ଶନର ଇତିହାସାଦି ଆଲୋଚନା କରିବା ସଂଗେ ଭାଷା-ବିଜ୍ଞାନ-ଗବେଷଣାର ବିଭାଗ ଖୋଲିବାକୁ ହେବ । ସେଥିପାଇଁ ଦରକାର ଅନୁସାରେ ପ୍ରାଚୀନ ଓ ଆଧୁନିକ ହିଂଦ୍-ଇଉରୋପୀୟ ଭାଷାମାନଂକ ସଂଗେ, ତଥା ଆନୁଷଂଗିକ ଭାବରେ ଇଜିପ୍ତ, ବାବିଲନ୍ ଆସିରିଆ ପ୍ରଭୃତି ପ୍ରାଚୀନ ସଭ୍ୟତା, ଆଧୁନିକ ସେମିଟିକ୍ ଭାଷାମାନ, ପୁଣି ଚୀନ ପ୍ରଭୃତିର ଭାଷା ଓ ସଭ୍ୟତା ସଂଗେ ଉପଯୋଗୀ ପରିଚୟ ରଖିବାକୁ ହେବ । ତା ସଂଗେ ଆଦାନ-ପ୍ରଦାନ, ଅନୁକୃତି ଆହରଣ ପ୍ରଭୃତିରେ ଏସବୁ ସଭ୍ୟତାର ବିକାଶ ଓ ଇତିହାସ ଆଲୋଚନାର ସମସ୍ତ ସୁବିଧା ମଧ୍ୟ ଯଥୋଚିତଭାବରେ ଦରକାର । ତାପରେ ପ୍ରାଚୀନ ଗ୍ରୀକ୍, ଲାଟିନ୍ ଓ ଆଧୁନିକ ଜର୍ମାନ୍, ଫରାସୀ ( French ) ପରି ଭାଷା-ମାନଂକ ଶିକ୍ଷାପାଇଁ ମଧ୍ୟ ଆବଶ୍ୟକ ମତେ ବ୍ୟବସ୍ଥା କରିବାକୁ ହେବ ।

### ନିମ୍ନ ସ୍ତରରେ

ଆମପାଇଁ ଏବେ ପୃଥିବୀର ସର୍ବ ବିଦ୍ୟାର ଦ୍ୱାର ହେଉଚି, ଇଂରେଜୀ । ସେ ଭାଷାର ଶିକ୍ଷା ତଳସ୍ତର

ବା ଉପାଧି ପରୀକ୍ଷା ସ୍ତରରୁ ବିଧିମତେ ଆରମ୍ଭ କରି ଉପର ପାଇଁ ମୂଳଦୁଆ ଠିକ କରି ରଖିବାକୁ ହେବ । ତହିଁ ସଂଗେ ଭୂଗୋଳ, ଇତିହାସ, ଗଣିତ, ପ୍ରାଥମିକ ବିଜ୍ଞାନ ପ୍ରଭୃତିର ଶିକ୍ଷା ବି ଅତି ପ୍ରୟୋଜନୀୟ । ପୃଥିବୀର ବାୟୁମଣ୍ଡଳରେ ଆଜି ଶିକ୍ଷା ନିଜକୁ ଯାଂଚି ବୁଲୁଛି । ସେଥିପାଇଁ 'କ୍ଲବ୍', 'କମନ୍ ରୁମ୍' ସାମୟିକ ବକ୍ତବ୍ୟ ଓ ପ୍ରବଂଧ ଚର୍ଚ୍ଚାପାଇଁ, ପୁଣି ଏକଦେଶଦର୍ଶିତା ବଂଦ କରି ସମସ୍ତ ଶିକ୍ଷାର ସାଧନାକୁ ଉଦାରତା ତଥା କାର୍ଯ୍ୟକର ପ୍ରାଣପ୍ରାଚୁର୍ଯ୍ୟର ଭିତ୍ତିରେ ପ୍ରତିଷ୍ଠିତ ଓ ପରିଚାଳିତ କରିବାପାଇଁ, ଯାହା ଯାହା ଦରକାର, ତାହା ସବୁ ସ୍ପଷ୍ଟ ଯୋଜନାର ସହିତ ଏଠି କରଣୀୟ । ସର୍ବୋପରି ଭୈଷଜ୍ୟ ଉଦ୍ୟାନ, ତଦୁପଯୋଗୀ ବିଜ୍ଞାନ-ମଂଦିର ଓ ଯୋଜନାନୁରୂପ ଗ୍ରଂଥାଗାର ।

## ଧନର ବ୍ୟବସ୍ଥା-ମଠ

ସରକାର ଏସବୁ ପାଇଁ ବ୍ୟବସ୍ଥା କରଂତୁ । ଆଜି ସରକାର ବ୍ୟବସ୍ଥା କରିବାର ଅର୍ଥ, ଲୋକେ ବେଶି ବେଶି ଟିକସ୍ ଦେଇ ଧନ ଯୋଗାଇବା । ତାହାତ ହେବ, ହେବା ଉଚିତ । ସ୍ୱାଧୀନ ଜନ ଶାସନର ପରିସ୍ଥିତିରେ ଅନ୍ୟ ପଂଥା ନାଇ; କିଂତୁ ପ୍ରସଂଗତଃ ଗୋଟିଏ କଥା ଏଠାରେ ଅନୁରୋଧ କ୍ରମେ ସୂଚାଇ ଦେବାର ଅଛି । ପୁରୀରେ ଅଛି, ବହୁ ମଠର ବ୍ୟବସ୍ଥା । ସେଥିରେ, କାର୍ଯ୍ୟରେ ହେଉ ବା ନ ହେଉ, ବହୁ ଲୋକଙ୍କ ମହାପ୍ରସାଦ ସେବାର ବ୍ୟବସ୍ଥା ବି ରହି ଆସିଛି । କୁହାଯାଇ ପାରେ କି, ବଳରାମପୁର ରାଜା, ଜଗନ୍ନାଥଙ୍କ 'ଆଟିକା' ପାଇଁ ଖଂଜାଥିବା ବାର୍ଷିକ ୧୩୦୦୦ଟଂକା ଯେପରି ସ୍ଥାୟୀ ବୃତ୍ତିରେ ଖଂଜଦେଇ ଏହି ସଂସ୍କୃତ କଲେଜର ମୂଳଭିତ୍ତି ପକାଇ ଥିଲେ, ମଠାଧୀଶମାନେ ଆଜି ପ୍ରାୟ ୮୦ ବର୍ଷ ପରେ ମଧ୍ୟ ଟିକିଏ ହେଲେ ସେହି ବୁଦ୍ଧି ଧରି, ଅଭଡ଼ାରୁ କାଟି, ପ୍ରାଚ୍ୟ ବିଦ୍ୟା ଗବେଷଣା ଓ ଭୈଷଜ୍ୟ ବିଜ୍ଞାନ ମଂଦିରର ଦୃଢ଼ ଭିତ୍ତି ଏଠାରେ ପକାଇବାରେ ଯତ୍ନଶୀଳ ହେବେ ? ସରକାର ମଧ୍ୟ ଏହି ପ୍ରଯତ୍ନରେ ସେମାନଙ୍କୁ ସାହାଯ୍ୟ କରିବା ଉଚିତ । ସେ ତାହା କରିବେ । ଲୋକେ ମଧ୍ୟ ଏହି ଯୁଗୋଚିତ କ୍ରିୟା ଦେଖି ସେମାନଙ୍କୁ ସମାଜର ନାୟକ ରୂପେ ବରଣ କରିବେ ଓ ମନେ ରଖିବେ ।

## ଅଭଡ଼ାରେ ସାଧୁସେବା

ଅଭଡ଼ା ଭୋଗକରି ସାଧୁନାମୀ ତଥା-କଥିତ ସନ୍ନ୍ୟାସୀଙ୍କୁ ବା କାଂଗାଳଙ୍କୁ ଖୁଆଇବାର ଯୁଗ ହୁଏତ ଗଲାଣି ବା ଶୀଘ୍ର ଯାଉଛି । ସେପରି ସାଧୁ ସନ୍ୟାସୀ ବାବାଜୀଂକର ସମାଜରେ ଯଦି କିଛି ଉପଯୋଗିତା କେବେ ଥିଲା, ତା ଆଜି ନାଇ । ଆଜି ଯେଉଁମାନେ ସାଧୁ ସନ୍ନ୍ୟାସୀ, ସେମାନଙ୍କ ଲକ୍ଷଣ ଓ କ୍ରିୟା ଭିନ୍ନ । ମଠରେ ଅଭଡ଼ା ଖାଇ ବ୍ୟକ୍ତି ବା ସମାଜକୁ ପ୍ରଭାବିତ କରିବା ଭଳି କାର୍ଯ୍ୟ ବା ଆଗ୍ରହରେ ଶକ୍ତି ବା ଜୀବନ ନ ଥିଲେ, ଆଉ ସାଧୁ ବୋଲାଇବାର ବା ସେହି ହିସାବରେ ସମାଜଠାରୁ ନିଜର ଭରଣ ପୋଷଣ ଆଦି ଅଯଥା ଦାବି କରିବାର କୌଣସି ହେତୁ ନାଇ ।

## ସାଧୁ ଓ ମଂତ୍ରନିଆ

ଏବେ ଖାଲି ମଂତ୍ର ନିଆ ସାଧୁ ହୁଅଂତି ଓ ମଂତ୍ର ଦେଇ ସାଧୁ ଗିରି କରଂତି । ଏ ମଂତ୍ର ଦେବା ଓ ମଂତ୍ର ନିଅବା ଖାଣ୍ଟି ଠିକ୍ ଖ୍ରୀଷ୍ଟାନଙ୍କ 'ଡୁବନ' ଓ ମୁସଲମାନଙ୍କ 'ସୁନତ୍' ଓ 'କଲମା-ପଢ଼ା' ଭଳି ଅନୁଷ୍ଠାନ । ଏହା ଏ ଭାରତ ଭୂମିରେ ଓ ଭାରତୀୟ ଧର୍ମ ସଂପର୍କରେ କୁଆଡୁ କିପରି ପଶିଲା, ତା ବିଶେଷ ଅନୁସଂଧାନ କରିବାର ସ୍ଥାନ ଏ ନୁହେ । କିଂତୁ,

ନେପାଳ, ତିବ୍ବତର ବଜ୍ରଯାନ ତନ୍ତ୍ର ତଥା ତହିଁରୁ ଜାତ ସହଜଯାନ, ହିନ୍ଦୁ ତନ୍ତ୍ର ଓ ଗୌଡ଼ୀୟ ବୈଷ୍ଣବ ଧର୍ମରେ ଏହା ଖୁବ୍ ପ୍ରସିଦ୍ଧି ଲଭିଛି । ସେହି ସୂତ୍ରରେ ଶ୍ରୀବୈଷ୍ଣବାଦି ଅନେକ ପନ୍ଥ ଧର୍ମରେ ମଧ୍ୟ ଏହା ଖୁବ୍ ସ୍ଥାନ ପାଇଛି । କାଳ ଗତିରେ ଖ୍ରୀଷ୍ଟ ଓ ଇସ୍‌ଲାମ-ଧର୍ମାନ୍ତରର ପ୍ରଭାବ ଏଥିରେ ପଡ଼ି ଗୌଣତ୍ୱର ପ୍ରତିସ୍ପର୍ଧାରେ ଏହାକୁ ଅତି ନୀରସ ଓ ଦୃଢ଼ କରିଥିବାର ଖୁବ୍ ସମ୍ଭବ । ସେହି ସବୁ ଧର୍ମରେ ଥିଲାପରି ମତାନ୍ଧତା ଓ ଧାର୍ମିକତାର ଅହଂକାର ମଧ୍ୟ ଏହି ସୂତ୍ରରେ ଏ ସବୁ ଭାରତୀୟ ଧର୍ମରେ ଖୁବ ପ୍ରକାଶ ପାଇଛି । ହେଲେହେଁ, ଅତି ଦୁର୍ଦ୍ଦିନରେ ଏଦେଶରେ ଧର୍ମ ଓ ସମାଜରକ୍ଷା କରିବାରେ ଏହା କାମରେ ଲଗା ହୋଇଥିବାର ଦେଖାଯାଏ । ଏହି ମନ୍ତ୍ରଦୀକ୍ଷାରେ ଦଳବଦ୍ଧ ସନ୍ନ୍ୟାସୀଏ ବା ବାବାଜୀମାନେ ଥରେ ଇଂରେଜ ବିରୁଦ୍ଧରେ ଅଭିଯାନ ପର୍ଯ୍ୟନ୍ତ ମଚାଇ ଥିଲେ । ଠଗ୍ ଓ ପିଣ୍ଡାରୀଙ୍କ ଉପଦ୍ରବ ବେଳେ ଏହି ମନ୍ତ୍ରଦୀକ୍ଷାରେ ହୁଏତ ଦଳବଦ୍ଧ ହୋଇ 'ବନ୍ଧା' ବ୍ରହ୍ମବଶୀ 'ନାଗା'ମାନେ ନିଃସ୍ୱାର୍ଥ ସମାଜ ସେବା ପାଇଁ ବାହାରି ଥିଲେ । ମାତ୍ର ସେ ସବୁ ମନେ ପକାଇ ଅପରି ପ୍ରଥାକୁ ସୁକୃତ ବୋଲି ଶାଶ୍ୱତ କରି ଧରିବା ସଙ୍ଗତ ବା ବିହିତ ନୁହେ । ମନ୍ତ୍ରଦେବା ଓ ମନ୍ତ୍ର ନେବା ସ୍ଥିତି ଓ ବିଧିରେ କେବେ କିଛି ଉପଯୋଗୀତା ଥାଉ ବା ନ ଥାଉ, ଏବେ ତା ଏକାନ୍ତ ଅନ୍ତସାର-ହୀନ ।

## ମନ୍ତ୍ରଦୀକ୍ଷା ସମାଜରୁ ଉଠିଯିବା ଲୋଡ଼ା

ଗୁରୁଙ୍କ ଠାରୁ ସାଧନା-ତତ୍ତ୍ୱ ବା ବିଦ୍ୟା ଗ୍ରହଣ କରିବାର ପରମ୍ପରା ପୁଣି ଏବେ ମନ୍ତ୍ର ନେବା ଓ ମନ୍ତ୍ର ଦେବାର ନୀରସ ଓ ବରଂ କୁତ୍ସିତ ଏକ ଯନ୍ତ୍ର କର୍ମକାଣ୍ଡର ଅଭିନୟରେ ପରିଣତ ହୋଇଛି । ସେଥିରେ ଆଉ ସାଧନାର ତତ୍ତ୍ୱ ନାହିଁ କିମ୍ବା ବିଦ୍ୟାର ସମ୍ପର୍କ ନାହିଁ । ଗୀତାରେ ଶ୍ରୀକୃଷ୍ଣଙ୍କ କଥାରେ ଶିଷ୍ୟର 'ପ୍ରଣିପାତେନ ପରିପ୍ରଶ୍ନେନ ସେବୟା' ତତ୍ତ୍ୱଦର୍ଶୀ ଜ୍ଞାନୀମାନେ ଯେଉଁ ବିଦ୍ୟାର ଉପଦେଶ ଦିଅନ୍ତି, ତାହାର ପରିଣାମ ଆଜି ଯଦି ଏହି ମନ୍ତ୍ର ଦେବା ଓ ନିଆବାର ଅଭିନୟ ହୋଇଥାଏ, ତେବେ ମାନବ ସମାଜର କଲ୍ୟାଣ କଲ୍ପେ ସମାଜରୁ ସେ ବିଧି ଶୀଘ୍ର ଉଠିଯିବା ଦରକାର । ଏହା କେବଳ ସାଧୁ ସନ୍ନ୍ୟାସୀ ବାବାଜୀଙ୍କ ପ୍ରତି କୁହାଯାଉ ନାହିଁ । ସମାଜର ରନ୍ଧ୍ରେ ରନ୍ଧ୍ରେ ଏହା ଗୋଟିଏ ଘୋର କୁସଂସ୍କାରର ଖୋଳ ସୃଷ୍ଟିକରି ସମାଜର ଆତ୍ମାକୁ ବିକାଶର ମାର୍ଗ ପର୍ଯ୍ୟନ୍ତ ଦେଉ ନାହିଁ । ହରିହରଙ୍କ ପରି ମନସ୍ୱୀ ବ୍ୟକ୍ତିତ୍ୱବାନ୍ ପଣ୍ଡିତ ପୁରୁଷମାନେ ସମାଜରୁ ଏ ସବୁର ଆମୂଳଚୂଳ ବହିଷ୍କାର ନିମନ୍ତେ ଶୀଘ୍ର ତତ୍ପର ହେବା ଦରକାର । ସେହି ହରିହରଙ୍କ ଉତ୍ତରାଧିକାରୀ ଆପଣମାନେ ଏ କ୍ଷେତ୍ରରେ ଏବେ ନିଜର କର୍ତ୍ତବ୍ୟ ନିର୍ଣ୍ଣୟ କରି କାର୍ଯ୍ୟରେ ଲାଗନ୍ତୁ ।

## ପତିତପାବନ ଧର୍ମ ଓ ଦରିଦ୍ର-ନାରାୟଣ-ସେବା ଆମ କୁଳ ଧର୍ମ ନୁହେ

ତା ପରେ କାଙ୍ଗାଳ ବା ଦରିଦ୍ର ଓ ତହିଁ ସଙ୍ଗେ ପତିତଙ୍କ କଥା । ଆମ ବୈଷ୍ଣବ ଧର୍ମରେ କାଙ୍ଗାଳ ଭୋଜନ, ଦରିଦ୍ର-ନାରାୟଣ-ସେବା କଥାଟି ଖୁବ୍ ପ୍ରକାଶ ପାଇଛି । ମୈତ୍ରୀଦେବ ଜଗନ୍ନାଥ ମଧ୍ୟ 'ପତିତପାବନ ବାନା' ଉଡ଼ାଉଛନ୍ତି । ଏ ସବୁର ତତ୍ତ୍ୱ ଫେଡ଼ି ସମାଜର ସନାତନ ଗତି ନିୟମିତ କରିବା ଦରକାର । ଏ ଦୁଇଟି ଯାକ କଥା ଭାରତର କୁଳଧର୍ମ ନୁହେ । ସୁଜାତା ଅନାହାର-ତପୋକ୍ଳିଷ୍ଟ ସିଦ୍ଧାର୍ଥଙ୍କୁ ଯେତେବେଳେ କ୍ଷୀର ଗଣ୍ଡି ଖୁଆଇ ଥିଲେ; କିମ୍ବା ବଣିକ୍ 'ଅନାଥପିଣ୍ଡଦ' ଯେତେବେଳେ ନିଃସ୍ୱ ଓ ଆବାସହୀନ ସେହି ସିଦ୍ଧାର୍ଥ ବୁଦ୍ଧଙ୍କୁ ନିଜର ବହୁ

ବ୍ୟସ୍ତ ଓ ବହୁଯତ୍ନ-ସୁରକ୍ଷିତ ଲୁମ୍ବିନୀ ଉଦ୍ୟାନ ଦାନ କରିଥିଲେ, ସେତେବେଳେ ସେ ଦରିଦ୍ର-ନାରାୟଣ-ସେବା କରୁ ନଥିଲେ, ଅର୍ଥାତ୍, ସେ ବୁଦ୍ଧିରେ ତା କରା ହୋଇ ନ ଥିଲା । ଭାରତ ଧର୍ମରେ ଏସବୁ ସେବା ହେଉଛି, ବିଶ୍ୱଧର୍ମରେ ବ୍ୟକ୍ତିର ଆତ୍ମଦାନ । ବ୍ୟକ୍ତିର ଏହା ଆତ୍ମପ୍ରକାଶ ଧର୍ମ—ଏହା ସ୍ୱଧର୍ମ । ଏହି ସାଧନାରେହିଁ ଆତ୍ମାର ସିଦ୍ଧି । ଦାନରେ ଅନ୍ୟର ଅଭାବ ପୂରଣ ହୁଏ—ଉପକାର ହୁଏ; କିନ୍ତୁ ଅନ୍ୟର ଉପକାର ପାଇଁ ଏହା କରା ହୁଏ ନାଇ । ଏହା କରା ହୁଏ, ଆତ୍ମ ସାଧନାରେ ବ୍ୟକ୍ତିର ନିଜ ସିଦ୍ଧି ପାଇଁ ।

## ଆମ ମୈତ୍ରୀ-ଧର୍ମର କାଳରେ ଗତି— ମହାଯାନର କରୁଣା

ମାତ୍ର ଏ ନିରଲଂକ ମୈତ୍ରୀ-ଧର୍ମର ପ୍ରତିଷ୍ଠା ନାନା କାରଣରୁ ଓ ନାନା ପ୍ରଭାବରେ ପଡ଼ି ଭ୍ରଷ୍ଟ ହୋଇ ଥିଲା । ଏହି ଭ୍ରଷ୍ଟତାର ବୀଜ ଆମ ଇତିହାସରେ ପ୍ରଥମେ ଦେଖାଯାଏ, ମହାଯାନର ସେବାଧର୍ମରେ । ଜାଣିଥିବେ, ମହାଯାନରେ ମୈତ୍ରୀର ସାଧନା ଯାଇ, ସେଠାରେ ପଶିଲା କରୁଣା ଓ ସେଥିରେ ଅମୁକ୍ତର ବା ପତିତର ସେବା । କୁହାଗଲା, ନିଜେ ନିର୍ବାଣଲାଭ କରିଥିଲେ ମଧ୍ୟ ବା ନିର୍ବାଣର ପୂରା ଅଧିକାରୀ ହୋଇ ଥିଲେହେଁ, ଜଗତରେ 'ପତିତ'ର ଉଦ୍ଧାର ଲାଗି ସର୍ବଦା କର୍ମ କରିବାକୁ, ସ୍ୱୟଂ ବୁଦ୍ଧ ମଧ୍ୟ ସେହିପରି ପତିତ-ସେବାରେ ଲାଗିଛନ୍ତି ଓ ଜଗତର ପ୍ରତ୍ୟେକ ଜୀବ ନିର୍ବାଣ ପାଇବାଯାଏ ସେ ଏହି ସେବା ଧର୍ମରେ ଲାଗିଥିବେ । ଏହିଠାରେହିଁ ପତିତପାବନ ଧର୍ମର ଅଂକୁରାରୋପଣ । ଏହାର ବିକାଶରେ ଆଜି ଦରିଦ୍ର-ନାରାୟଣ ସେବା ଓ ତୀର୍ଥସ୍ଥରେ କାଂଗାଳ ଭୋଜନର ପ୍ରସିଦ୍ଧି । ଜଗନ୍ନାଥର ମୈତ୍ରୀଧର୍ମ ଏହାଠାରୁ ଭିନ୍ନ ।

## ପଶ୍ଚିମ ଏସିଆର ପତିତପାବନ ଧର୍ମ ପ୍ରଭାବର ସଂକେତ

ପଶ୍ଚିମ ଏସିଆରେ ପ୍ରକାଶ ପାଇଥିବା ଇହୁଦିଧର୍ମ, ଜୋରୋଆଷ୍ଟ୍ରୀୟଧର୍ମ, ତତ୍ପ୍ରସୂତ ଖ୍ରୀଷ୍ଟଧର୍ମ ପ୍ରଭୃତି ଯେଉଁ ଧର୍ମରେ ପୃଥିବୀର ମହାଶକ୍ତିଶାଳୀ-ସମ୍ରାଟ୍ ଦୃଷ୍ଟିରୁ ତାଠାରୁ ଆହୁରି ବଡ଼, ଆଧ୍ୟାତ୍ମିକ ସମ୍ରାଟ୍‌ରୂପେ ଈଶ୍ୱରଟିଏ କଳ୍ପନା କରି ତାଙ୍କରି-ଠାରେ ସଂପୂର୍ଣ୍ଣ ଆତ୍ମସମର୍ପଣ କରିବା ଓ କରାଇବାରେ ଲାଗିବାକୁ ହୁଏ, ସେ ସବୁ ମୂଳରୁ ସ୍ପଷ୍ଟତଃ 'ପତିତ ପାବନ' ଧର୍ମ । ସେଥିରେ ପାପୀ ମାନବର ତ୍ରାଣ କାର୍ଯ୍ୟରେ ଈଶ୍ୱର ବରାବର ଲାଗିଥାନ୍ତି ଓ ସେହି ଈଶ୍ୱରଙ୍କର ସେହି କାର୍ଯ୍ୟ କରିବାପାଇଁ ତାଙ୍କରି 'ସତ୍ୟ ସମାଚାର'ର ଆଦେଶ ଓ ଉପଦେଶମାନ ଧରି ଧାର୍ମିକମାନେ ବି ଲାଗି ପଡ଼ିଥାନ୍ତି । ଏ ଧର୍ମ, ଚିନ୍ତା ବା ଦର୍ଶନହୀନ ଦୁଃସ୍ଥ ପ୍ରପୀଡ଼ିତ ମାନବକୁ ବଡ଼ ସୁଖ ଲାଗେ ଓ ସେ ତା ସହଜରେ ଧରିନିଏ; ତେଣୁ ପୃଥିବୀରେ ଏହି ଧର୍ମର ପ୍ରଭାବହିଁ ବେଶି । ଏହି ପ୍ରଭାବ ଚିରକାଳ ଭାରତ ଦ୍ୱାରରେ ଧକ୍କା ଦେଉଛି । ତେଣୁ ଅତି ଆଦିମ କାଳରେ ଏକ ଆଡ଼େ ଏହି ପ୍ରାକୃତ ଧର୍ମର ପତିତପାବନ ଧର୍ମ ଓ ଅନ୍ୟ ଆଡ଼େ ଅନ୍ୟ ଦାର୍ଶନିକ ଆତ୍ମଧର୍ମ ବା ମୈତ୍ରୀ ଧର୍ମ, ପୁଣି ଏଥି ମଧ୍ୟରେ ନାନା ଶାଖା, ପ୍ରଶାଖା, ପ୍ରଭାବ, ପରିଣତରେ ଏ ଦୁହିଁଙ୍କ ଭିତରେ ଆଦାନ ପ୍ରଦାନର ଇତିହାସ, ଆପଣ ମାନଙ୍କର ଅତି ସ୍ୱାଦ୍ୟ, ରୁଚିକର ଓ ଆଗ୍ରହୋଦ୍ଦୀପକ ହେଲେହେଁ, ସେ ସବୁର ବିଶେଷ ଆଲୋଚନା ପାଇଁ ଅବକାଶ ଏଠି ଖୋଜିବା ଦରକାର ନାଇ । ଖାଲି ଦେଖିବାର ଅଛି, ବୌଦ୍ଧର ମହାଯାନ ସ୍ପଷ୍ଟ ପ୍ରକାଶ ପାଇଥିଲା, ଭାରତର ବାୟବ୍ୟ ଦ୍ୱାରରୁ, ଅର୍ଥାତ୍, କୁଷାଣ ସାମ୍ରାଜ୍ୟ-କେନ୍ଦ୍ର ପୁରୁଷପୁରରୁ । ଏହି ବୌଦ୍ଧ କୁଷାଣଙ୍କ ସାମ୍ରାଜ୍ୟ

ପୁଣି ଭାରତରେ ଯେତେ ବ୍ୟାପି ଥିଲା, ତାଠୁ ବେଶି ବ୍ୟାପିଥିଲା, ଭାରତ ବାହାରେ । ଖୁବ ମନେ କରାଯାଇ ପାରେ, ପଶ୍ଚିମର 'ପତିତପାବନ' ଧର୍ମର ପ୍ରଭାବ ପଡ଼ି, ବୌଦ୍ଧର ନିସ୍ଲଙ୍କ 'ମୈତ୍ରୀ'ରେ ପ୍ରକାଶ ପାଇଥିଲା, ମହାଯାନର 'କରୁଣା' ଓ ତହିଁ ସଂଗେ ବୁଦ୍ଧରୂପୀ ଈଶ୍ୱରଙ୍କର ଓ ତାଙ୍କ ଭକ୍ତଙ୍କର ପାପିତ୍ରାଣର ପ୍ରଚେଷ୍ଟା । ସେଇଥିରୁ ପୁଣି 'ଯୋଗାଚାର' ବାଟେ କାଳକ୍ରମେ ନାନା ଶାଖା ପ୍ରଶାଖାରେ ଶାକ୍ତ, ବୈଷ୍ଣବ ଓ ସଂଥ ଧର୍ମ ମାନଙ୍କର ପ୍ରକାଶ ଓ ପ୍ରତିଷ୍ଠା ।

## ଅନ୍ୟଥା ଆଦାନ-ପ୍ରଦାନର ନିଦର୍ଶନ

ଏଇ ଆଦାନ ପ୍ରଦାନର ପ୍ରଭାବ ପୁଣି ଅନ୍ୟ ଆଡୁ ବି ଦେଖାଯାଇପାରେ । ତା ହୁଏତ ଅନେକଙ୍କୁ ଏଠି ବେଶି ରୁଚିବ । କହି ହେଉଚି, ସ୍ପଷ୍ଟ ନିଦର୍ଶନ ମିଳୁଚି, ସେ ସବୁ ପଶ୍ଚିମ ଭୂମିରେ ଏ ଆଡ଼ ମୌଳିକ ସାଧନାର ପ୍ରଭାବ ମଧ୍ୟ କମ ପଡ଼ିନାଇ । କର୍ମତ୍ୟାଗଯୋଗର କୃଚ୍ଛ୍ର ସାଧନା ଦିନେ ଖ୍ରୀଷ୍ଟପୂର୍ବ ଗ୍ରୀସ ଓ ଆଦିକାଳର ଖ୍ରୀଷ୍ଟାନଙ୍କ ଭିତରେ ଖୁବ୍ ପୋଷି ଯାଇଥିଲା । ସେଇ ସବୁ ପ୍ରଭାବ ଭିତରେ ମହାଯାନର 'କରୁଣା' ଓ ପତିତସେବା, ସେସବୁ ଭୂମିର ଧର୍ମ ଓ ଚଳଣିକୁ କିପରି କେତେ ପ୍ରଭାବିତ ଓ ଦୃଢ଼ କରିଥିଲା, ତାର ଗବେଷଣା ହୋଇନାଇ; ତେଣୁ ଠିକ୍ କରି କହି ହେଉନାଇ । ମାତ୍ର ଗ୍ରୀକ୍ ଦାର୍ଶନିକମାନଙ୍କ ଉପରେ, ବିଶେଷରେ ଆରିଷ୍ଟଟ୍‌ଲ୍‌ଙ୍କ ଦର୍ଶନଠାରୁ ଷ୍ଟୋଇକ୍‌ମାନଙ୍କ କୃଚ୍ଛ୍ର ସାଧନାଦି ପର୍ଯ୍ୟନ୍ତ ସବୁଥିରେ ମୌଳିକ ଭାରତ ଦର୍ଶନ ଓ ଯୋଗସାଧନାର ଛାପ ସ୍ପଷ୍ଟ । ସେଇ ହିସାବରେ ବିଚାର କଲେ, ପାପୀର ଦୁରବସ୍ଥାର ପାଇଁ ପଦେ ପଦେ ଈଶ୍ୱରଙ୍କ ପ୍ରତିଶୋଧ ଉପରେ ନିର୍ଭର ନ କରି ଖ୍ରୀଷ୍ଟାନମାନଙ୍କ ଭିତରେ ଯେ ଅସୀମ ସହିଷ୍ଣୁତା ସଂଗେ ଧର୍ମଧ୍ୱଜାର ସମସ୍ତ ଅହଂକାର ପ୍ରଚ୍ଛନ୍ନ କରି ଧାର୍ମିକ ଖ୍ରୀଷ୍ଟାନର ଯେ ଅତନ୍ଦ୍ରିତ ଜନସେବା ପ୍ରକାଶ ପାଇଚି, ତା ଭିତରେ ଭାରତୀୟ 'କରୁଣା'ର ପ୍ରଭାବ ଓ ପ୍ରକ୍ରିୟା କେତେ ଅଛି, ତା ମଧ୍ୟ ଏବେ କହିବା ଦୁଷ୍କର । ସେବର ଭିକ୍ଷୁ ଭିକ୍ଷୁଣୀ ଓ ଏବର ବାବାଜି-ମାତାଜିଙ୍କପରି ସନ୍ନ୍ୟାସୀ ସନ୍ନ୍ୟାସୀନୀ ହେବା ଖ୍ରୀଷ୍ଟଧର୍ମରେ ମଧ୍ୟ ଆନୁଷ୍ଠାନିକ ଭାବରେ ଖୁବ୍ ପ୍ରକାଶ ପାଇଚି । କିଏ କାହାକୁ କେତେ ଦେଇଚି, କିଏ କାହାଠାରୁ କେତେ ନେଇଚି, କିପରି ନେଇଚି ଓ ନେଇ କଣ କରିଚି, ସେ ସବୁ ନିରପେକ୍ଷ ଭାବରେ ମାପି ଦେଖାଇବାର ଦିନ ହୁଏତ ଆସି ନାଇ, ସେ ଦିନ ଆସିବ । ଆପଣମାନେ ସେସବୁ ପ୍ରଭାବ ଓ ପରିଣାମ ମାପି ଦେଖାଇବେ । ତେଣୁ ସେ ସବୁ ଅନିର୍ଦ୍ଦିଷ୍ଟତା ଭିତରକୁ ନ ଯାଇ ମୋର ଏଠି ଏତିକି କହିବାର କଥା, ଯେତେ 'ପତିତ ପାବନ' ବୋଲି ଡାକିଲେ ମଧ୍ୟ, ଜଗନ୍ନାଥ 'ପତିତ ପାବନ' ହୋଇ ନାହାନ୍ତି ।

## ପତିତ ପାବନ ଧର୍ମର ନଗ୍ନରୂପ—କାଙ୍ଗାଳ ସେବା

କାଙ୍ଗାଳ-ସେବା ବା କାଙ୍ଗାଳ-ଭୋଜନ ହେଉଚି, ଆସ୍ତରରେ ପତିତ ପାବନ ଧର୍ମର ଅତି ନଗ୍ନ ରୂପ । ଏହାକୁ ଏକ କଦାଗ୍ରହ ବୋଲି କୁହାଯାଇ ପାରେ । ଅବଶ୍ୟ ସମାଜରେ ଭୋଜନ ଦେବା କଦାଗ୍ରହ ନୁହେ । ଏହା ଯେପରି ଭାବରେ ଓ ନିଜ ତୁଳନାରେ ମନୁଷ୍ୟକୁ ଯେଉଁ ଦୃଷ୍ଟିରେ ଦେଖି ଦିଆଯାଏ, ସେଇ କଥାକୁ କଦାଗ୍ରହ ବୋଲି କୁହାଯାଉଚି । ଏଇ କାଙ୍ଗାଳ ଭୋଜନ-କଥାଟି ସ୍ପଷ୍ଟ ପତିତପାବନ ଧର୍ମରୁ ଆସିଚି । ଜନଷଷ୍ଟିକୁ ସ୍ୱଦେଶୀ କରିବା ପାଇଁ ତାକୁ ନାମ ଦିଆଯାଏ, 'ଦରିଦ୍ର-ନାରାୟଣ-ସେବା' । ଆଜି ବରାବର ଉତ୍ସବମାନଙ୍କରେ, ପୁଣି ପିତୃପୁରୁଷ, ଗୁରୁବର୍ଗ ଓ ମହାପୁରୁଷମାନଙ୍କ ଶ୍ରାଦ୍ଧ ବା ଜୟନ୍ତୀରେ

ମଧ୍ୟ କାଙ୍ଗାଳ ଭୋଜନର ବ୍ୟବସ୍ଥା ହେଉଛି । ଏହାପୁଣି ଏ ଦେଶରେ ଗୋଟିଏ ଅତି ଆଧୁନିକ ବିକାଶ । 'ଆମର ଅଛି, ଯାହାର ନାହିଁ ତାକୁ ଖାଇବାକୁ ଦେଲେ ଯଥାର୍ଥ ସେବା ହେବ' । ଏହାହିଁ ଅଭିପ୍ରାୟ, କିନ୍ତୁ ଉତ୍ସବ ଶ୍ରାଦ୍ଧାଦିରେ ଭୋଜନ ଦେବାଟା ଆମର ନଥିଲା, ନୁହେ । ସେଥିରେ ନିମନ୍ତ୍ରିତ ତାଙ୍କ ଭିତରେ ଦୁଃସ୍ଥ ବି ଥାଆନ୍ତି ସୁସ୍ଥ ବି ଥାଆନ୍ତି, ସନ୍ତ ଥାଆନ୍ତି, ଅପକର୍ମୀ ଥାଆନ୍ତି, ଆଗନ୍ତୁକ ଥାଆନ୍ତି, ଅକର୍ମା ବି ଥାଆନ୍ତି । ସମସ୍ତେ କିନ୍ତୁ ଆମର ଅତିଥି—କେହି କାଙ୍ଗାଳ ନୁହନ୍ତି । ଏବର ଏଇ ନୀରସ ଜାତିନିଗଡ଼ ଦୃପ୍ତ ସମାଜରେ ମଧ୍ୟ ଶ୍ରାଦ୍ଧ ନିମିତ୍ତ ପର୍ବାଦିରେ ପୁରୋହିତ ବ୍ରାହ୍ମଣଠାରୁ ବାଦ୍ୟକାର ହାଡ଼ି ପର୍ଯ୍ୟନ୍ତ ସମସ୍ତଙ୍କୁ ଆମେ ଡାକୁ—ଖାଇବାକୁ ଦେଉଁ କିନ୍ତୁ ସେ ସମସ୍ତେ ଆମ ଅତିଥି—କେହି କାଙ୍ଗାଳ ନୁହେ । ଆପଣମାନେ ବେଶ୍ ଜାଣିଥିବେ, ଏବେ କୌଣସି କୌଣସି ବଡ଼ଲୋକ ବାବୁ ଭଦ୍ରଙ୍କ ଘରେ 'ବୃକଭ-ଭାତ' 'ଗୃକରତ୍ତଅଣ' ରନ୍ଧା ହେଲାପରି ଆମ ଗ୍ରାମ-ମାନଙ୍କ ଶ୍ରାଦ୍ଧନିମିତ୍ତରେ କାହାରି ପାଇଁ ଅଲଗା ରନ୍ଧା ହୁଏ ନାହିଁ । ପୁଣି ଭଣ୍ଡାରିଠାରୁ ହାଡ଼ି ପର୍ଯ୍ୟନ୍ତ ସମସ୍ତେ ଖାଇ ନ ସାରିବା ଯାଏ, ଆତିଥେୟ ଗୃହସ୍ଥ ଖାଏ ନାହିଁ । ଆଜିର କାଙ୍ଗାଳ-ଭୋଜନ ଏଇ ସଦାଚାରର ବିକାଶ କି ? କାଙ୍ଗାଳ ଭୋଜନରେ ଏ ସାମାଜିକତା, ଏ ସରସତା, ମୈତ୍ରୀର ଏ ଆନ୍ତରିକତା ରହି ପାରେ କି ? କାଙ୍ଗାଳ ଭୋଜନରେ ମନୁଷ୍ୟ ଖାଏ; କିନ୍ତୁ ମନୁଷ୍ୟ ସେଥିରେ ମନୁଷ୍ୟ ହୋଇ ରହେ ନାହିଁ । ଏଥିରେ ଦବା ଲୋକର ଅହଂକାର ଓ ଖାଇବା ଲୋକର ଦୈନ୍ୟ ଭିତରେ କୌଣସି ସାମଞ୍ଜସ୍ୟ ବା ସମାଧାନ ଅସମ୍ଭବ । ଫଳରେ ଏଇ ଅଙ୍ଗ ବିରୋଧରେ ଦୈନ୍ୟର ବିଦ୍ରୋହ ହୁଏତ ଅନିବାର୍ଯ୍ୟ ହୋଇ ପଡ଼େ ଓ ସମାଜର ଶାନ୍ତି ଶୃଙ୍ଖଳା ଭ୍ରଷ୍ଟ ହୁଏ । ତାହାହିଁ ହେଉଛି ।

## ପତିତପାବନ ଧର୍ମରେ ଯଥାର୍ଥ ଆସ୍ତିକତା ନାହିଁ

ପତିତପାବନ ଧର୍ମର କଳ୍ପିତ ଈଶ୍ୱରରେ ଆସ୍ତିକତା ଗୋଟିଏ ଆରୋପ ମାତ୍ର, ଏଇ ସଂସାର ବା ସମାଜର ଦର୍ପ ଓ ଦୈନ୍ୟ, ଆଧିପତ୍ୟ ଓ ଦାସତ୍ୱ, ଶକ୍ତିମତ୍ତା ଓ ବଳହୀନତା ତଥା ରାଜା-ସମ୍ରାଟ୍ ଓ ପ୍ରଜାର ଧାରଣାକୁ ଅତିବିସ୍ତୃତ କରି, ତାକୁ ଆଧ୍ୟାତ୍ମିକ ବୋଲି ଆବରଣରେ ଘୋଡ଼ାଇ, ଲୋକଙ୍କୁ ଡରାଇ, ମତାଇ, ଭୁଲାଇ ମନାଇବାରେ ଓ ବାରମ୍ବାର ଆବୃତ୍ତିରେ ବିଶ୍ୱାସ କରାଇ ମତାନ୍ଧ କରିବାରେ ଯଥାର୍ଥ ଆଧ୍ୟାତ୍ମିକ ଦର୍ଶନ ଫୁଟିବାର ନୁହେ । ଏଥିରେ ସାଧନା ଓ ଅନାଲମ୍ବ ଆତ୍ମ ଦର୍ଶନ ଆଡ଼କୁ ଉନ୍ମୁଖତା ବା ଆଭିମୁଖ୍ୟ ମଧ୍ୟ ଜନ୍ମେ ନାହିଁ । ତା ହୋଇ ନାହିଁ । ସେଥିପାଇଁ ଆଜି ପୃଥିବୀରେ ଧର୍ମ ଓ ଈଶ୍ୱର ଭାବ ବିରୋଧରେ ବିଦ୍ରୋହ । ଆତ୍ମଦର୍ଶନର ଅଭ୍ୟାସ ବା ସେଥିପ୍ରତି ଆଭିମୁଖ୍ୟ ନ ଥିବାରୁ ଏ ବିରୋଧରେ ସମାଧାନ ଆଡ଼କୁ ମଧ୍ୟ ବାଟ ଦିଶୁ ନାହିଁ । ଫରାସୀ ପଣ୍ଡିତ ଭଲ୍ଟେଆର୍ ସେଥିପାଇଁ ପ୍ରଚାର କରିଥିଲେ, "ଈଶ୍ୱର ନାହାନ୍ତି, ଏ ଧାରଣା ସାର୍ବ-ଜନୀନ ନ ହେବାଯାଏ ଜଗତରେ କଦାପି ସୁଖ ଶାନ୍ତି ନାହିଁ" (୮) । ସେ କାଳ ଫ୍ରାନ୍ସ ରାଜାଙ୍କ ଅତ୍ୟା-ଚାରର ତର ପ୍ରତିବିଧାନ କଳ୍ପନାରେ ପ୍ରଭାବିତ ହୋଇ ହୁଏତ ସେ ଏହା କହିଥିଲେ । ଏବେ ଯେତେ ଚେଷ୍ଟା କଲେ ମଧ୍ୟ, ବହୁ ବିଶ୍ୱାସୀଙ୍କ ବାରମ୍ବାର ଆବୃତ୍ତି ଓ ରାଜ୍ୟ ସାମ୍ରାଜ୍ୟମାନଙ୍କର ଏତେ କାତର ପ୍ରାର୍ଥନା ସତ୍ତ୍ୱେ 'ପତିତପାବନ' ଈଶ୍ୱର ଆଉ ଗାଦିରେ ରହି-ପାରୁ ନାହାନ୍ତି; ଅଥଚ ପରମ୍ପରା ନ ଥିବାରୁ ଅନ୍ୟଥା ଯଥାର୍ଥ ଆତ୍ମଦର୍ଶନ ବି ଫୁଟୁ ନାହିଁ । ମନୁଷ୍ୟ ଆଉ ଆଧ୍ୟାତ୍ମିକ ସମ୍ରାଟ୍ଟିଏ କଳ୍ପନାରେ ବସାଇ, ତା ପାଖେ ପାପୀ ପତିତ ହୋଇ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ

ସାହିତ୍ୟକୁ ଦେଖିବାକୁ ହେବ । ବ୍ୟବହାରର ବୁଦ୍ଧି ସେଥିରେ ପୁଣି ପରିପୂର ମିଶାଇ ଏହାକୁ ଗୋଟିଏ ପ୍ରାଚ୍ୟ ବିଦ୍ୟାର ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ହେବ । ଅଳଂକାର, ଦର୍ଶନାଦିର ଗଭୀର ଗବେଷଣା ସଂଗେ ଆର୍ଯସାହିତ୍ୟ ଇତିହାସ ଏଠାରେ ଆଲୋଚନା କରିବାକୁ ହେବ ।

## ଚିକିତ୍ସା ଶାସ୍ତ୍ର

ମାନବର ବ୍ୟବହାରୋପଯୋଗୀ ବିଦ୍ୟାଗୁଡ଼ିକରେ ଚିକିତ୍ସାଶାସ୍ତ୍ରର ସ୍ଥାନ ବୁଝାଇ କହିବା ଅନାବଶ୍ୟକ । ଏ କ୍ଷେତ୍ରରେ ଏହା ଗୋଟିଏ ଅତି ପ୍ରଧାନ—ଏପରିକି, ସର୍ବ ପ୍ରଧାନ ବିଦ୍ୟା । ଅନ୍ୟାନ୍ୟ ବ୍ୟବହାରୋପଯୋଗୀ ବିଦ୍ୟା ପରି ଏହା ଏବେ ଘନାଂଧକାର ଭିତରେ ରହିଅଛି । ଆମ ଚରକ-ସୁଶ୍ରୁତ-ମୂଳକ ଔଷଧ ଓ ଅସ୍ତ୍ରଚିକିତ୍ସାର ଭିତ୍ତି ଆଜିପର୍ଯଂତ ପରୀକ୍ଷା, ପର୍ଯବେକ୍ଷଣ, ବିଶ୍ଳେଷଣ, ଉଦ୍ଭାବନାଦିର ଧାରା ଧରି କିପରି ଏବେ ଗତି କରିବ, ତାହାର ଆଲୋଚନା ପର୍ଯଂତ ବି ନାଇ । ଡାକ୍ତରୀ ଲୋକଂକର ସୁପ୍ରାପ୍ୟ ନୁହେଁ । କବିରାଜୀ ହେଉଛି, ଏଦେଶର ଯଥାର୍ଥ ଚିକିତ୍ସା । ତାକୁ ଆମେ କାଳୋପଯୋଗୀ କରି ବ୍ୟବହାରରେ ପ୍ରୟୋଗ କରିବା ତେଣିକି ଥାଉ, ଏକ ପ୍ରକାର ଗ୍ଲାନିକର । ଜୈନ ଓ ବୌଦ୍ଧ ଯୁଗର ଶବ-ବ୍ୟବଚ୍ଛେଦ ଓ ତହିଁର ଶରୀରତତ୍ତ୍ୱ-ସଂବଂଧୀୟ ବିଦ୍ୟାଶିକ୍ଷା ଘୃଣିତ ହୋଇ ପରିତ୍ୟକ୍ତ ହୋଇଛି ।

## ଚିକିତ୍ସାବିଦ୍ୟାର ମୂଳ ଭାରତରେ — ଜୈନଯୁଗ

ହେଲେହେଁ, ଇଉରୋପୀୟ ତଥା ଅନ୍ୟସବୁ ଚିକିତ୍ସା ବିଦ୍ୟାର ମୂଳ ଭାରତରେ । ଅଥର୍ବ ବେଦରେ 'ଭେଷଜ୍ୟ' ବା ଆରୋଗ୍ୟ କରିବା ବିଦ୍ୟାର ଉଲ୍ଲେଖ ଅଛି । ମୂଳତଃ ଏହା ମଂତ୍ର ଶକ୍ତିର ପ୍ରୟୋଗରେ କରା ହେଉଥିଲା ସତ । ସବୁ ଆଦିମ ମାନବସମାଜରେ ଏହାଇ ହୋଇଥାଏ । ଗ୍ରୀସ ଗାରେଡ଼ ମଂହଞ୍ଜୋ ପ୍ରଭୃତି ପୃଥିବୀରେ ଆଜିର ନୁହେଁ; କିଂତୁ ଜୈନମାନଂକ ମଧ୍ୟରେ 'ରସାୟନ'-ବୈଦ୍ୟମାନେ ବହୁ ପ୍ରାଚୀନ କାଳରେ ଭୈଷଜ୍ୟ-ବିଜ୍ଞାନର ଚର୍ଚ୍ଚା ଆରଂଭ କରିଥିଲେ । ଓଡ଼ିଶାର ଏବ 'ନାଥ-ଯୋଗୀ' ବା 'ନାଥ-ବୈଦ୍ୟ'ମାନେ ସେଇ ଭୈଷଜ୍ୟ-ସେବୀଂକ ବଂଶଧର । କଥା ଅଛି, ଏଇ ଯୋଗୀମାନେ ଶ୍ରେଷ୍ଠଜ୍ଞାନ, ଏପରିକି ଔଷଧରେ 'ଅମର' ବା ଚିର-ଯୌବନ-ଭୋଗୀ, କରିବାର ଉଦ୍ୟମରେ ଅନୁସଂଧାନ ଚଳାଇ ଥିଲେ । ପାରଦର ନାନା ଶୋଧନ ଓ ବ୍ୟବହାର ଏଇ ଉଦ୍ୟମର ଗୋଟିଏ ପ୍ରଧାନ ଅବଲଂବନ ହୋଇ ଉଠିଥିଲା । ବୈଦିକ 'ଅସୁର' ରୁଦ୍ରମହାଦେବ ଥିଲେ, ଶ୍ରେଷ୍ଠ ଭେଷଜଜ୍ଞ । ଆମ ଭୈଷଜ୍ୟ ପରଂପରାରେ 'ପାରଦ' ହେଉଛି, ମହାଦେବଂକ 'ବୀର୍ଯ' ବା ଜଗତରେ ଜୀବନୀ ଶକ୍ତିର ବୀଜ । ଜାଣିଥିବେ, କଥା ଅଛି, ଏଇ ପାରଦର ଯଥା-ଶୋଧନ ଓ ଯଥା ବ୍ୟବହାରରେ 'ଯୋଗୀ-ବୈଦ୍ୟ' ଏଇ 'ନାଥ' ବା ଜୈନମାନେ ମନୁଷ୍ୟର ଜୀବନୀ ଶକ୍ତିକୁ ଚିରଂତନ କରି ପାରୁ ଥିଲେ । ଭାରତର ଏଇ ଆଦିମ ଯୁଗରେ ମଧ୍ୟ ବାବିଲନ, ଅସୁର ଦେଶ ଧରି ସେକାଳ ଇଜିପ୍ତ, କ୍ରୀଟ ପ୍ରଭୃତି ସଭ୍ୟ ଦେଶମାନଂକ ସଂଗେ ସ୍ୱାଧୀନ ଓ ସ୍ୱଚ୍ଛଂଦ ଆଦାନ ପ୍ରଦାନ ଚାଲୁଥିବା କଥା ଆଭାସରେ କହିଛି ।

## ବୌଦ୍ଧ ଯୁଗ—'ଥେରପୁତ୍ତିକ'

ତାପରେ ବୌଦ୍ଧଯୁଗ ତଥା ଆଲେକ୍‌ଜାଂଡରଂକ କାଳଠାରୁ ପାଶ୍ଚାତ୍ୟ ଦେଶମାନଂକ ସଂଗେ ଭାରତୀୟ ଚିକିତ୍ସାବିଦ୍ୟାର ସଂବଂଧ ଏକ ପ୍ରକାର ଇତିହାସର କଥା । ସେକାଳ ଇଜିପ୍ତର

ଆଲେକ୍‌ଜାଂଡ୍ରିଆ ଓ ତା ଆଖପାଖ ଅନ୍ୟାନ୍ୟ 'ୟୋନ' ବା ଯବନ ଭୂମିରେ ବୌଦ୍ଧ ସନ୍ନ୍ୟାସୀମାନେ ଧର୍ମ ପ୍ରଚାର କାର୍ଯ୍ୟରେ ଲାଗିଥିବା କଥା ଏବେ ଆଉ କାହାଣୀ, କିଂବଦଂତୀ ନୁହେ । ଏହା ଐତିହାସିକ ସତ୍ୟ । ଏଇ ସନ୍ନ୍ୟାସୀ ମାନଂକର ଧର୍ମ ପ୍ରଚାର, କିନ୍ତୁ ପାଦ୍ରୀ ଓ ମୁଲ୍ଲାଂକ ଧର୍ମପ୍ରଚାର ପରି ନ ଥିଲା । ଏମାନେ ଜନସେବାରେ ନିଯୁକ୍ତ ଥିଲେ । ରୋଗୀର ଚିକିତ୍ସା ଏଇ ଜନସେବାରେ ମୁଖ୍ୟ ଅବଲଂବନ ଥିଲା । ଏଇ ସନ୍ନ୍ୟାସୀ ବା ଭିକ୍ଷୁମାନଂକୁ 'ଥେର' ବା 'ଥେରପୁତ୍ତ' (ସଂସ୍କୃତ, 'ସ୍ଥବିର' ବା 'ସ୍ଥବିରପୁତ୍ର') ବୋଲି କହୁଥିଲେ । ଏମାନଂକ ଆରୋଗ୍ୟକର୍ମ ଓ ଚିକିତ୍ସା ବିଧାନର ନାମ ଥିଲା, 'ଥେର ପୁତ୍ତିକ' ବା 'ଥେର ପୁତ୍ତ'ଂକ ଆଚରଣ ବା କାର୍ଯ୍ୟ । ଏହା ସେଇ 'ୟୋନ' ବା ଗ୍ରୀକ୍‌ମାନଂକ ମଧ୍ୟରେ ଏତେ ପ୍ରସିଦ୍ଧ ଥିଲା ଯେ, ସେମାନେ କାଳକ୍ରମେ 'ଥେର ପୁତ୍ତିକ' ଅର୍ଥରେ ବୁଝୁଥିଲେ, ଚିକିତ୍ସା ବିଧାନ ବା ଭୈଷଜ୍ୟ ବିଦ୍ୟା । ସେଇ ଗ୍ରୀକ୍‌ମାନଂକ ବାଟେ ସେ ନାମଟି ଏବେ ବି ଇଉରୋପରେ ଚଳେ । ଏବେ ଇଂରେଜୀରେ ବି ଚିକିତ୍ସାବିଦ୍ୟାର ନାମଟି ସେଥିପାଇଁ ହେଉଛି, ଥେରାପୁତ୍ତିକ (ଥେରାପିଉଟିକ୍‌ସ୍—Theraputics) ।

## ୟୁନାନୀ

କହୁଛି, ପଶ୍ଚିମ ଭାରତଠାରୁ ସିସିଲି, ଇଟାଲି ପର୍ଯ୍ୟଂତ ଏଇ ଗ୍ରୀକ୍ ପ୍ରଭାବିତ ଓ ଗ୍ରୀକମିଶ୍ରିତ ଜାତିମାନଂକ ନାମ ବାଧି ଥିଲା, 'ୟୋନ' ବା 'ୟୋନ' ('ଜବନ', 'ୟୁବାନୀ') (୧୦) । ଏଇମାନଂକ ମଧ୍ୟରେ ପ୍ରଚଳିତ ହୋଇଥିବା ସେଇ 'ଥେରପୁତ୍ତକ' ବିଧାନ ବା ବିଦ୍ୟାର ନାମ ପୁଣି ପରେ ହେଲା, 'ୟୁନାନୀ' । ସେଥିପାଇଁ ପାରସ୍ୟ, ଆରବ ପ୍ରଭୃତି ମୁସଲମାନ ଦେଶର ଭୈଷଜ୍ୟବିଦ୍ୟାର ଏବେ ନାମ ହେଉଛି, 'ୟୁନାନୀ' । ଅବଶ୍ୟ ନାନା ଆଦାନପ୍ରଦାନ, ଆଲୋଚନା, ଉଦ୍ଭାବନର ଇତିହାସ ସେହି ଏ ସବୁର ବିକାଶ ଭିନ୍ନ ଭିନ୍ନ ଧାରାରେ ଗତି କରିଛି ।

## ଏବେ ଆମର କର୍ତ୍ତବ୍ୟ

ଏ ସବୁର ଆଦିଭୂମି ଭାରତ । ଭାରତ ଏହା ପ୍ରଥମେ ପୃଥିବୀକୁ ଶିଖାଇ ଥିଲା । ଗ୍ରୀସ ଗାରେଡ଼ ପ୍ରଭୃତି ଗ୍ରନ୍ଥ ଅତି ଆଦିମ କାଳରେ ଏ ବିଦ୍ୟା ବୈଜ୍ଞାନିକ ଭାବରେ ଏଇ ଭାରତରେ ସାଧିତ ଓ ପ୍ରତିଷ୍ଠିତ ହୋଇଥିଲା । ଅବଶ୍ୟ ଏହା ଜାଣିବାରେ ଏବେ ରୋଗୀଚର୍ଯ୍ୟାର ଉପଯୋଗିତା କିଛି ବଢ଼ିଯିବ ନାଇ; ବରଂ ଅନେକଂକର ହୁଏତ ଏଥିରେ ଅଂଧତା ବଢ଼ିଯିବାର ଶଂକା ହୁଏତ ଅଛି । 'ଆମର ଥିଲା' ବୋଲି ପ୍ରାକୃତ ମାନବର ବେଳେ ବେଳେ ଯେଉଁ ଅଂଧତା ଆସେ, ତା ପୁଣି ପ୍ରଗତିର ବିରୋଧୀ; କିଂତୁ ପକ୍ଷାଂତରେ, ଇତିହାସରେ ସମାଜର ଯେଉଁ ପ୍ରତିଷ୍ଠା, ତାର ପ୍ରେରଣା ପରିସ୍ଥିତିର କଳ୍ପନା ସ୍ପଷ୍ଟ କରେ ଓ ତହିଁ ସଂଗେ ତା ପୁରୋଦୃଷ୍ଟିର କଳ୍ପନା ଓ ନିସ୍ପୃହା ନିର୍ମଳ ହୁଏ । ତେଣୁ ବୁଝିବାର ଅଛି, ଆଜି ଏଇ ଚିକିତ୍ସା ବିଦ୍ୟାରେ ଅନ୍ୟକୁ ମନାଇବା ବା ଶିଖାଇବା ଦୂରେ ଥାଉ, ଆମେ ନିଜେ ଆମ ବିଦ୍ୟାକୁ ବିଶ୍ୱାସ କରୁନାହୁଁ । ସେଥିପାଇଁ ଆଧୁନିକ କାର୍ଯ୍ୟକର ସାଧନମାନ ଲଗାଇ ଆମ ଚିକିତ୍ସା ବିଦ୍ୟାକୁ ମୂଳରୁ ଗବେଷଣାରେ ଉଦ୍‌ଘାଟନ କରି ବୈଜ୍ଞାନିକ ଭିତ୍ତିରେ ଅତି ଶୀଘ୍ର ପୃଥିବୀ ଆଗରେ ସମସ୍ତେ ଚହଲିଭଳି ଠିଆ କରାଇବା ଦରକାର । ତହିଁକି ଭୈଷଜ୍ୟ ଉଦ୍ୟାନ ଓ ବିଜ୍ଞାନ ମଂଦିର ଲୋଡ଼ା । ଗଛପତ୍ର ଓ ଅନ୍ୟାନ୍ୟ ଖଣିସବୁ ଉପାଦାନ ବାହାର କରି ବିଜ୍ଞାନ ମଂଦିରରେ ପରୀକ୍ଷା, ପର୍ଯ୍ୟବେକ୍ଷଣାଦି ଦ୍ୱାରା ପୁରୁଣା ବଢ଼ାଇବା ଓ ନୂଆ କଢ଼ାଇବାରେ ଶୀଘ୍ର ଲାଗିଯିବାକୁ ହେବ । ଆମର ଶରୀରତତ୍ତ୍ୱ ବିଚାର ଓ ନାଡ଼ୀ-ବିଜ୍ଞାନ ପ୍ରଭୃତିରେ କଅଣ ଅଛି, ତା ପୁଣି

କିପରି ଉପଯୋଗୀ ଓ ସେଇ ପଂଥାରେ ଉନ୍ନତି କୁଆଡ଼େ କେତେଦୂର ଗତି କରିପାରେ, ସେ ସବୁର ସମ୍ୟକ୍ ଅନୁସଂଧାନ ଓ ଆଲୋଚନା ହୋଇ ନାଇ । ଡାକ୍ତରି ବର୍ତ୍ତମାନ ବହୁ ଉନ୍ନତି କରିଛି । ସେ ସବୁ ଏବେ ଆଲୋଚନା ଓ ଫଳ ସମ୍ଭବତ ଆମ କାମରେ ଲାଗିବ । ସେଥିରୁ ବିଷୟମାନ ନିଶ୍ଚୟ ଗ୍ରହଣ କରିବାକୁ ହେବ । ହେଲେହେଁ ଆମ ପରିସ୍ଥିତି କଳନା ତୁଳନାରେ ଆମପ୍ରତି ତାର ଯଥାର୍ଥ ଉପଯୋଗିତା ମଧ୍ୟ ପରୀକ୍ଷା କରି ଦେଖି ନେବାର ଅଛି । ଆମ ଚିକିତ୍ସା ବିଦ୍ୟା ସଂଗେ ଏଇପରି ନାନାଭାବରେ ତାକୁ ଲଗାଇ ମିଳାଇ ପରସ୍ପରର ସଂପର୍କ, ସହଯୋଗରେ ବିଦ୍ୟାର ପ୍ରସାର କରିବାକୁ ହେବ । ସେଥିରେ ମଧ୍ୟ ଆମର ବିଶେଷତ୍ୱ ଫୁଟାଇବା ପ୍ରୟୋଜନ । ଅସ୍ତ୍ରଚିକିତ୍ସା ଓ ତଦନୁସଂଗିକ ସାଧନମାନ ମଧ୍ୟ ଦେଶୀୟ ଚିକିତ୍ସା-ସଂଗେ ଅଂଗାଂଗିଭାବରେ ମିଶିଯିବା ଉଚିତ । ବହୁକାଳ ମୌଳିକ ଆଲୋଚନାର ଅଭାବ ହେତୁ ଆମ ଚିକିତ୍ସା ବିଦ୍ୟାରେ ପୁଣି ବହୁ ଅଯଥା ସଂସ୍କାର ତଥା କୁସଂସ୍କାର ମଧ୍ୟ ମିଶି ଯାଇଛି । ସେ ସବୁ ବାଧାକୁ ଅତିକ୍ରମ କରିବା ଭଳି ନିର୍ମଳ ଦୃଷ୍ଟି ମଧ୍ୟ ଆମର ଦରକାର । ଆଜିର ବି ଚିକିତ୍ସା ବିଦ୍ୟାଟା ଖାଲି ରୋଗିଚର୍ଯ୍ୟା ମାତ୍ରରେ ସୀମାବଦ୍ଧ ନୁହେଁ । ସତ୍ୟର ଅନୁସଂଧାନ ଓ ନୂତନର ଉଦ୍ଭାବନ ନ ଫୁଟିଲେ, ଆମ ବିଦ୍ୟା ଖାଲି ରୋମଂଥନରେ ପର୍ଯ୍ୟବସିତ ହେବ । ଏଥିପ୍ରତି ମଧ୍ୟ ଯଥେଷ୍ଟ ଅବହିତ ହେବା ପ୍ରୟୋଜନ ।

## ବିଜ୍ଞାନ

ଚିକିତ୍ସାବିଦ୍ୟା ସଂଗେ ବିଜ୍ଞାନର ନିତ୍ୟ ସଂବଂଧ । ହୁଏତ ଜୈନ ଯୋଗୀ-ବୈଦ୍ୟଂକ ପାରଦ ଶୋଧନ ଓ ବ୍ୟବହାର କାଳରୁ ବା ତା ପୂର୍ବରୁ ଏହା ଆରଂଭ ହୋଇଛି । ଶରୀରତତ୍ତ୍ୱଠାରୁ ଦ୍ରବ୍ୟତତ୍ତ୍ୱ ଓ ପ୍ରାକୃତିକ ବସ୍ତୁ ସମୂହର ପରୀକ୍ଷା, ପର୍ଯ୍ୟବେକ୍ଷଣ ସବୁ ଏଥିରେ ଦରକାର ହେବ । ସେ ହିସାବରେ ଖାଲି ଭୈଷଜ୍ୟ-ବିଜ୍ଞାନ ଛଡ଼ା, ବସ୍ତୁ ବିଜ୍ଞାନ ଓ ରସାୟନ ବିଜ୍ଞାନର ଯଥୋପଯୋଗୀ ବ୍ୟବସ୍ଥା ଆପଣମାନଂକ ଶିକ୍ଷାର ଅଂଗୀଭୂତ ହେବା ଉଚିତ । ମାତ୍ର ବୁଝି ରଖିବାର ଅଛି, ଭାରତର ମୌଳିକ ବିଦ୍ୟାବିଭବର ଆଲୋଚନା ଫଳରେ ସେ ସବୁକୁ ଓ ସେସବୁର ପ୍ରାଚୀନ ଓ ଆଧୁନିକ ଉପଯୋଗିତାକୁ ପ୍ରତିଷ୍ଠିତ କରି ଜଗତକୁ ଦେଖାଇ ଦେବା ଓ ସେଇ ସୂତ୍ରରେ ଭାରତ ପ୍ରତି ବିସ୍ମୃତ ସମ୍ମାନ ଓ ଆଦରର ପୁନରୁଦ୍ଧାର କରିବା ହେଉଛି, ଆପଣମାନଂକର ବଡ଼ କାର୍ଯ୍ୟ । ଏଥିରେ ପୁଣି ବୈଜ୍ଞାନିକ ଯୁକ୍ତିଦୃଷ୍ଟି ଫିଟାଇ ବହୁକାଳ ସଂଚିତ ଏବଂ ପ୍ରବୃଦ୍ଧ ଆଚାର ଓ ସଂସ୍କାରମାନ ପରୀକ୍ଷା କରି ଯଥାସମୀକ୍ଷା ଫଳରେ ସେ ସବୁରୁ କଦାଚାର ଓ କୁସଂସ୍କାରମାନ ଦୂର କରିବା ଆପଣମାନଂକୁ ଲାଗେ । ଭାରତ ସମାଜ ଓ ସାହିତ୍ୟରେ ଆପଣମାନେ ଏହା ଯେପରି କରିପାରିବେ, ତା ଆଉ କେହି ପାରିବେ ନାଇ । କାହିଁକି ନା, ବିଦ୍ୟା ଓ ବିଷୟର ବ୍ୟାପ୍ତି ତଥା ପରଂପରାର ଗତି ଜାଣି ତାର ସଂସ୍କାର କରିବାରେ, ସେ ସଂସ୍କାରରେ ନିଜର ସ୍ପଷ୍ଟ ଜ୍ଞାନ ଓ ତଦ୍‌ଜନିତ ଆତ୍ମପ୍ରତ୍ୟୟ ଥିଲେ ଏକା ପରର ପ୍ରତ୍ୟୟ ଦୃଢ଼, ସ୍ଥାୟୀ ଓ ସହଜରେ କାର୍ଯ୍ୟକର ହୁଏ । ହେଲେହେଁ, ଏଥିପାଇଁ ଆପଣମାନଂକର ନିରପେକ୍ଷ ଚିଂତା ଓ ଧାରଣା, ପୁଣି ତହିଁ ସଂଗେ ନିସ୍ପୃହ ସତ୍ ସାହସ ଲୋଡ଼ା । ଉଦାହରଣ ସ୍ୱରୂପ, ଏଦେଶରେ ଏବେ ବି ଅନେକ ନିଜକୁ ପଂଡିତ ବୋଲାଉଥିବା ଲୋକେ 'ତଂତ୍ର'ର ଅଦ୍ଭୁତସିଦ୍ଧି ଓ ବାମାଚାର ତଥା ଫଳିତ ଜ୍ୟୋତିଷର ଅମୂଳକ ଗଣନା ଫଳକୁ ବିଦ୍ୟା ବୋଲି ଚର୍ଚ୍ଚା କରଂତି ଓ ସେଥିରେ ଆତ୍ମଶ୍ଳାଘାରେ ଅଭିଭୂତ ହୁଅଂତି । ଏ ସବୁ ଧାରଣା, ଯୁକ୍ତିରେ ବାଧା ପାଇଲେ ପୁଣି ଅସବ୍ୟସ୍ତ ମଧ୍ୟ ହୁଅଂତି; କିଂତୁ ଏସବୁ

ବିଦ୍ୟାଜନିତ 'ବିନୟ'ର ଲକ୍ଷଣ ନୁହେଁ । ଏହା ମଧ୍ୟ ବୁଝି ରଖିବାର ଅଛି ।

### ତଂନ୍ତ୍ର

ତଂନ୍ତ୍ରର ଜାରଣମାରଣ ବଶୀକରଣାଦି ଶାବରୀ ବିଦ୍ୟାର ମୂଳ ସଂକେତ ଅଥର୍ବବେଦରେ ଥିଲେ ମଧ୍ୟ, ତାକୁ ଆଜି ବିଦ୍ୟା ବୋଲି କେହି କହିବେ ନାହିଁ । ପ୍ରାଚୀନ ଯୋଗ-ସାଧନା ସଂଗେ ଏହାର ଯେ ସଂପର୍କ ଥିଲା, ତାହାର ଗବେଷଣାମୂଳକ ଆଲୋଚନା ପାଇଁ ପୁଣି ସ୍ୱତଂନ୍ତ୍ର ବ୍ୟବସ୍ଥା ଦରକାର ନାହିଁ । ଭୈଷଜ୍ୟ-ବିଜ୍ଞାନ ଓ ଶସ୍ତ୍ରବିଦ୍ୟା ସଂଗେ ଆଦିମ କାଳରେ ତଂନ୍ତ୍ରର ଯେ ସଂପର୍କ ଥିଲା, ତାର ଆଜି କୌଣସି ଅର୍ଥ ବା ମୂଲ୍ୟ ନାହିଁ । ଗ୍ରାମ ଦେବତାଙ୍କ ଆବିର୍ଭାବ ବା କୌଣସି କୌଣସି ଗାଦି ଗୋସେଇଁ, ଗୁରୁଦେବ, ପୁଣି ଚତୁର 'ସନ୍ନ୍ୟାସି-ନାମୀ'ଙ୍କ ମହାତ୍ମ୍ୟ, ପ୍ରତିଷ୍ଠା ଓ 'ବିଭୂତି' ଭକ୍ତିଧର୍ମର ଭ୍ରାଂତି-ସୃଷ୍ଟି । ଏହାସବୁ 'ଦାର୍ଢ୍ୟତା ଭକ୍ତି' ପରି ଗ୍ରଂଥର 'କୃଷ୍ଣ' ଓ ପାଲର 'ସତ୍ୟପୀର'ଙ୍କ ଭଳି ପ୍ରେରଣାରୁ ପ୍ରସୂତ । 'ଭୈରବୀ' ଦର୍ଶନରୁ ଏମାନଙ୍କ ମଧ୍ୟରୁ କେହି କେହି ବିଭୂତିର ଅଧିକାରୀ ହୋଇଥିବାର କୁହାଯାଏ; ତଥାପି ଏମାନେ ତଂନ୍ତ୍ର-ସାଧକ ନୁହଁନ୍ତି; ଏମାନେ ଭକ୍ତ । ଭକ୍ତିଧର୍ମର ଆଲୋଚନା ଓ ବିଚାରରେ କୃତିତ୍ୱ, ଅପକୃତିତ୍ୱ, ଆଚାର ଓ କଦାଚାରର ସମାଧାନ ଆପଣମାନେ କରିବେ । ଫଳିତ ଜ୍ୟୋତିଷ ଭଳି ବଦ୍ଧମୂଳ କୁସଂସ୍କାର ଓ କଦାଚାର କଥା ସ୍ୱତଂନ୍ତ୍ର । ଗଣିତ ଜ୍ୟୋତିଷ ସଂଗେ ତାର ସଂପର୍କାଭାସ ଥିବାରୁ, ପୁଣି ବହୁ ପ୍ରାଚୀନ କାଳରୁ ଗଣିତ ଜ୍ୟୋତିଷ ସଂଗେ ତାର ପରଂପରା ଅଂଗାଂଗୀଭାବେ ଜଡ଼ିତ ଥିବାରୁ ତାର ଅକାଟ୍ୟ ପ୍ରଭାବ ଲୋକରେ ସୁବିଦିତ; ତେଣୁ ସେ ବିଷୟରେ ଟିକିଏ ଏଠି ବିଶେଷ କରି କହିବା ଦରକାର ।

---

( ୭ )

# ଜ୍ୟୋତିଷ ଓ ଫଳିତ ଜ୍ୟୋତିଷ

## ଆକାଶ ଦର୍ଶନର ଇତିହାସ

ଆକାଶ ଦର୍ଶନ ପୃଥିବୀରେ ବହୁ ପ୍ରାଚୀନ । ଗଣିତର ସୂକ୍ଷ୍ମ ନିର୍ଦ୍ଦିଷ୍ଟତା ଲଗାଇ ବୈଜ୍ଞାନିକ ଭାବରେ ଜ୍ୟୋତିଷମାନେ ଦୃକ୍‌ସିଦ୍ଧ ପର୍ଯ୍ୟବେକ୍ଷଣ-ତତ୍ତ୍ୱମାନ ଆବିଷ୍କାର କରିଥିଲେ, ବହୁ ପୂର୍ବେ । ଐତିହାସିକ-ମାନେ ଠିକ୍ କରୁଛଂନ୍ତି, ଏହା ହୋଇଥିଲା ଋଗ୍‌ବେଦ-କାଳର ବହୁତ ବହୁତ ଆଗରୁ । ଆଜକୁ ପ୍ରାୟ ୨୫୦୦ ବର୍ଷତଳେ ଚୀନ ଦେଶର ମହାମନୀଷୀ କନ୍‌ଫୁସିଅସ୍ ଯେଉଁ ଇତିହାସ ଲେଖି ଯାଇଥିଲେ, ତା ମିଳୁଛି । ସେ ଇତିହାସ ପୁଣି ଲିଖିତ ଓ ନିର୍ଦ୍ଦିଷ୍ଟ ସତ୍ୟ ଘଟଣା ଉପରେ ଲେଖା ହୋଇଥିଲା । ସେଥିରୁ ଜଣାଯାଏ, ଆଜକୁ ପ୍ରାୟ ୪୩୦୦ ବର୍ଷ ତଳେ ଚୀନ୍ ସମ୍ରାଟମାନେ ଆକାଶ ଦେଖି ସମୟାଦି ନିର୍ଣ୍ଣୟ କରିବା ପାଇଁ ରାଜ-ଜ୍ୟୋତିଷ ନିଯୁକ୍ତ କରିଥିଲେ । ଏହି ଜ୍ୟୋତିଷଙ୍କ ଅନ୍ୟାନ୍ୟ କର୍ମ ଭିତରେ ବିଧି ଥିଲା, ପୂର୍ବରୁ ଗ୍ରହଣମାନ ଠିକ୍ କରି ତା କାଳ ନିର୍ଦ୍ଦିଷ୍ଟରୂପେ ଜଣାଇ ଦେବା । ତା ପୁଣି ଭୁଲ ହେଲେ, ମୁଂଡ଼କାଟ । ସେହି ଇତିହାସ ଲେଖାରୁ ଗଣନା କରି ଦେଖା-ଯାଇଛି , ଖ୍ରୀ: ପୂ: ୨୧୫୪ ଅକ୍ଟୋବର ୧୨ ତାରିଖ ସକାଳ ୭ ଘଣ୍ଟା ୩୪ ମିନିଟ୍‌ରେ ପେକିନରେ ଦେଖାଯାଇଥିବା ଗୋଟିଏ ସୂର୍ଯ୍ୟୋପରାଗକୁ ଏହି ରାଜ-ଜ୍ୟୋତିଷମାନେ, ମଦ୍ୟପାନାଦି ବ୍ୟସନରେ ଲିପ୍ତ ରହି, ଆଗରୁ ଜଣାଇ ପାରି ନ ଥିଲେ ବୋଲି ଦଂଡ଼ ପାଇଥିଲେ । ( ୧୪ ) ଏହାର ପ୍ରାୟ ୧୦୦୦ ବର୍ଷ ପୂର୍ବରୁ ଏହି ମେସୋପଟାମିଆ ବା ଇରାକର ସୁମେରୀୟମାନେ ଦୃକ୍ ସିଦ୍ଧ ଆକାଶତତ୍ତ୍ୱମାନ ଆବିଷ୍କାର କରିଥିଲେ । ପଂଡିତମାନେ ପ୍ରମାଣ କରଂନ୍ତି,

ଏଇମ ନେଇ ପୃଥିବୀର ସବୁଠାରୁ ପ୍ରାଚୀନ ଜ୍ୟୋତିଷ-ବିଦ୍ । ଏଇମାନଙ୍କଠାରୁ ପୃଥିବୀର ସବୁ ଜାତି, ସୂର୍ଯ୍ୟ ଚନ୍ଦ୍ରର ଗତି ଓ ଗତିପଥ, ପୁଣି ସେଇ ଗତିପଥରେ ଦ୍ୱାଦଶ ରାଶି ଓ ନକ୍ଷତ୍ର ସ୍ଥିତି ପ୍ରଭୃତି ଗ୍ରହଣ କରିଛନ୍ତି । ରାଶିଚକ୍ରର ନାମ ଓ ତହିଁ ସଂଗେ ପଂଚ ତାରାଗ୍ରହ ଓ ସୂର୍ଯ୍ୟଚନ୍ଦ୍ରର ନାମାନୁସାରେ ସପ୍ତବାର ଏଇ ସୁମେରୀୟମାନଙ୍କ କୀର୍ତ୍ତି । ପରବର୍ତ୍ତୀ ଯୁଗରେ ଗ୍ରୀକ ଓ ଭାରତୀୟ ଆର୍ଯ୍ୟମାନେ ଗଣିତ ଜ୍ୟୋତିଷରେ ବହୁ ଉନ୍ନତି କରିଥିଲେ । ଆଜକୁ ୨୦୭୭ ବର୍ଷତଳେ ଖ୍ରୀଷ୍ଟପୂର୍ବ ୧୩୦ରେ ଗ୍ରୀକ୍ ଜ୍ୟୋତିଷ ହିପାରକସ୍ ବାଂଶ-ଚକ୍ରରେ ବିଷୁବନ୍‌ର ପୂର୍ବରୁ ପଶ୍ଚିମକୁ ଗତି ବା ଆମ 'ଅୟନ-ଚଳନ' ବାହାର କରିବାକୁ ସମର୍ଥ ହୋଇଥିଲେ । ପୁଣି ହିନ୍ଦୁ ଜ୍ୟୋତିଷ, ମତଧୀର ଆର୍ଯ୍ୟଭଟ୍ଟ, ଆଜକୁ ପ୍ରାୟ ୧୫୦୦ ବର୍ଷ ତଳେ ସେଇପରି ଖାଲି ଆଖିରେ ମାତ୍ର ଆକାଶ ପର୍ଯ୍ୟବେକ୍ଷଣ କରି ସୂର୍ଯ୍ୟ ଚାରିପାଖେ ପୃଥିବୀ ବୁଲୁଛି ବୋଲି ଠିକ୍ କରିଥିଲେ ।

## ଆମ ଜ୍ୟୋତିଷ

ମୂଳତଃ ନିଜେ ଆବିଷ୍କାର କରିଛନ୍ତି ବା ଅନ୍ୟଠାରୁ ଗ୍ରହଣ କରିଛନ୍ତି, ଅତି ପ୍ରାଚୀନ କାଳରୁ ଭାରତୀୟ ଆର୍ଯ୍ୟମାନେ ଏଇ ଜ୍ୟୋତିଷ ଚର୍ଚ୍ଚା ଆରମ୍ଭ କରିଥିଲେ । ଋଗ୍ ବେଦରେ ଜ୍ୟୋତିଷିକ ଆକାଶ-ଦର୍ଶନର ସୂଚନା ଅଛି । ସେକାଳେ ଆର୍ଯ୍ୟମାନେ ଗ୍ରହଙ୍କୁ ତାରା ବା ନକ୍ଷତ୍ର ବୋଲି ମନେକଲେ ମଧ୍ୟ ଶୁକ୍ର ଓ ବୃହସ୍ପତିଙ୍କୁ ଚଳନ୍ତା ତାରା ବା ଗ୍ରହ ବୋଲି ଲକ୍ଷ୍ୟ କରିଥିଲେ; ଚନ୍ଦ୍ର ପଥରେ ଭିନ୍ନ ଭିନ୍ନ ଉଜ୍ଜ୍ୱଳ ନକ୍ଷତ୍ରମାନ ଚିହ୍ନିତ କରିଥିଲେ । ଚନ୍ଦ୍ରଗତି ଦେଖି ମାସକୁ ୩୦ ଦିନ ଓ ସୂର୍ଯ୍ୟଗତିରେ ଋତୁର ପୁନରାବର୍ତ୍ତନ ସଙ୍ଗେ ତାକୁ ମିଳାଇ ବର୍ଷକୁ ୧୨ ମାସ ବା ୩୬୦ ଦିନ ବୋଲି ସେମାନେ ଜାଣିଥିଲେ; ସେଥିରେ ମଧ୍ୟ କାଳରେ ଋତୁର ବ୍ୟତ୍ୟୟ ଦେଖି ତାକୁ ବନ୍ଦ କରିବା ପାଇଁ ୫ ବର୍ଷରେ ମଳ ମାସ ଧରୁଥିଲେ; ସୂର୍ଯ୍ୟ ଓ ଚନ୍ଦ୍ରର ଗ୍ରହଣ ମଧ୍ୟ ଲକ୍ଷ୍ୟ କରିଥିଲେ—ହୁଏତ ପୂର୍ବରୁ ଜାଣି ପାରୁ ଥିଲେ । ତାପରେ ବ୍ରାହ୍ମଣର ଯାଗାଦି କ୍ରିୟାକାଣ୍ଡ ବଢ଼ିଲା ବେଳକୁ ଯଜ୍ଞର ଓ ଯଜ୍ଞର ବିଭିନ୍ନ କ୍ରିୟାର କାଳ ନିର୍ଣ୍ଣୟ ସୂତ୍ରେ ଆକାଶ ଦର୍ଶନ ଏବଂ ତହିଁ ସଂଗେ ଜ୍ୟୋତିଷ ଓ ଗଣିତର ଜ୍ଞାନ ବଢ଼ି ଯାଇଥିଲା । ଯଜ୍ଞନିମନ୍ତେ କୁଣ୍ଡ ମଣ୍ଡପ, ଶାଳା ମଣ୍ଡଳ ପ୍ରଭୃତି ତିଆରି କରିବାରେ ପୁଣି ଗଣିତ ସଂଗେ କ୍ଷେତ୍ର-ତତ୍ତ୍ୱର ଜ୍ଞାନ ମଧ୍ୟ କ୍ରମେ ବୃଦ୍ଧି ପାଇଥିଲା । ଏଇ 'ବ୍ରାହ୍ମଣ' କାଳରୁ ମଧ୍ୟ ସେଥିପାଇଁ 'ନକ୍ଷତ୍ରବିଦ୍ୟା' ଅଲଗା ହୋଇ ତାହାର କୌଳିକ ଚର୍ଚ୍ଚା ନିମନ୍ତେ 'ନକ୍ଷତ୍ରଦର୍ଶ' ବୋଲି ଗୋଟିଏ ଜାତିର ଅଙ୍କୁରା-ରୋପଣ ହୋଇଥିଲା । ହୁଏତ ପରବର୍ତ୍ତୀ କାଳର ଗଣକବଂଶମାନ ଓ ଆଜିର 'ଜଉତିଷ'-ଜାତିର ମୂଳ ଏଇଠାରେ ।

## ସିଦ୍ଧାନ୍ତ ଓ ସଂହିତା

ପାଞ୍ଜି ତିଆରି କରିବା ଓ ସେଇ ହିସାବରେ ପର୍ବାଦି ଓ ଅନ୍ୟାନ୍ୟ ବ୍ୟବହାରୋପଯୋଗୀ କାଳ ନିର୍ଣ୍ଣୟ କରିବାରେ ଜ୍ୟୋତିଷ ଆମର ଦରକାର ହୁଏ । ସେଥିରେ ପୁଣି ମୁହୂର୍ତ୍ତ, ତା ପରେ ପୁଣି ଜାତକ ଗଣନାକୁ ଆମେ ଜ୍ୟୋତିଷ ବୋଲି କହୁଁ; ମାତ୍ର ଯୋଗ ଜାତକାଦି ଯଥାର୍ଥ ଜ୍ୟୋତିଷ ବିଦ୍ୟା ନୁହେ । ସେସବୁ ମୋଟେ ବିଦ୍ୟା ନୁହେ । ତା ପଛରେ ବିଜ୍ଞାନ ବୋଲି କିଛି ନାହିଁ; କିନ୍ତୁ ପୃଥିବୀରେ ସବୁ ପ୍ରାଚୀନ ତଥା ଆଦିମ ଜାତିଙ୍କ ପରି, ଆମର ସେ ସବୁ ଗୋଟିଏ ବଦ୍ଧମୂଳ ସଂସ୍କାର । ହେଲେହେଁ, ଅତି ପ୍ରାଚୀନ କାଳରୁ ଏଦେଶରେ ପଣ୍ଡିତମାନେ

'ଗ୍ରହଗତି-ଗଣନା' ଓ 'ଗ୍ରହଫଳଗଣନା'—ଏ ଦୁଇଟି ଭିତରେ ପ୍ରଭେଦ ବୁଝି ନ ଥିଲେ, ନୁହେ । ଗ୍ରହଗତି-ଗଣନାତ୍ମକ ଜ୍ୟୋତିଷର ନାମ ହେଉଛି, ଗଣିତ ଜ୍ୟୋତିଷ ବା ସିଦ୍ଧାଂତ ଜ୍ୟୋତିଷ । ଏହାକୁ ତଂତ୍ର ବା ତଂତ୍ରଜ୍ୟୋତିଷ ବୋଲି କହଂତି । ଗ୍ରହଫଳ ଗଣନାତ୍ମକ ଜ୍ୟୋତିଷର ନାମ ହେଉଛି, ଫଳିତ-ଜ୍ୟୋତିଷ । ଏହାର ବିସ୍ତର ଓ ବିବରଣାଦି ଯହିଁରେ ଥାଏ, ତା ହେଉଛି, ଜ୍ୟୋତିଷ-ସଂହିତା । ଏଇ ଫଳିତ ଜ୍ୟୋତିଷର ଅଂତର୍ଗତ ଜାତକ ଗଣନାକୁ ସଂହିତାରୁ ଅଲଗା କରି, କେବେ କେବେ 'ହୋରା' ବା 'ହୋରାଶାସ୍ତ୍ର' ବୋଲି ବି କହୁଥାଂତି । ଅଧ୍ୟାପକ ଯୋଗେଶଚଂଦ୍ର ରାୟ ବିଦ୍ୟାନିଧି ଯଥାର୍ଥ କହୁଛଂତି, "ପାଶ୍ଚାତ୍ୟ ଦେଶରେ ଗ୍ରହଗତି-ଗଣନା ଓ ଗ୍ରହଫଳ-ଗଣନା ଅଲଗା ହୋଇ, ପ୍ରାଚୀନ ଜ୍ୟୋତିଷର ଗ୍ରହଫଳ-ଗଣନା ବିଜ୍ଞାନବିତ୍‌ଂକ ପାଖରୁ ଏବେ ନିର୍ବାସିତ ହୋଇଛି ।" (୧୫) ଦୁଃଖର କଥା, ଆମ ଦେଶରେ ତା ହୋଇ ନାଇ । ଏବେ ଆମ ସମାଜ ରକ୍ଷଣଶୀଳ । ସେଥିରେ ପୁଣି ନାନା କାରଣରୁ ଅଂଧ ରକ୍ଷଣଶୀଳତାରେ ଅଂଶ ଆମର ଖୁବ୍ ବଢ଼ି ଯାଇଥିଲା । ନିଜର ଅଭାବ ଓ ଅପକୃଷ୍ଟତାକୁ ଉନ୍ନତି ଓ ଉତ୍କର୍ଷ ବୋଲି ବଢ଼ାଇ କହିବା ମୋହ ଆମକୁ ଖୁବ୍ ଗ୍ରାସ କରିଥିଲା । ପୂର୍ବରୁ ପ୍ରତିଷ୍ଠାବଂତ ଥାଇ ପରାଧୀନ ହୋଇ ପର ଗ୍ରାସରେ ପଡ଼ିଲେ, ଏପରି ମନୋବୃତ୍ତି ଜାଗେ । ତା ଉପରେ ପୁଣି ଫଳାଫଳ ଜାଣିବା, ଭବିଷ୍ୟତ୍ ଜାଣିବା, ଅଜ୍ଞେୟ ଓ ଅଜ୍ଞାତ ଜାଣିବା, ଦେବତା ଓ ଈଶ୍ୱରଂକ ଉଦ୍ଦେଶ୍ୟ ଓ ମନକଥା ଜାଣିବା, ପୁଣି ସେ ସବୁ ଜାଣି ସେଥିପାଇଁ ବ୍ୟବସ୍ଥା କରିବା ଭଳି ସଂସ୍କାର, ଅପ-ସଂସ୍କାର ଓ କୁସଂସ୍କାରମାନ, ନିଖୁଣ ଓ ନିରାଟ ବୈଜ୍ଞାନିକ ତଥା ଦାର୍ଶନିକଂକ ଛଡ଼ା ଅନ୍ୟକୁ ଛାଡ଼ିବା ସହଜ ନୁହେଁ; ହୁଏତ ସଂଭବ ବି ନୁହେ ।

## ଏବ ଜ୍ୟୋତିଷ ବିଦ୍ୟା

ଫଳିତ ଜ୍ୟୋତିଷ କଥା ପରେ କହୁଛି । ଯଥାର୍ଥ ଜ୍ୟୋତିଷ ବିଦ୍ୟା ବା ଗଣିତ ଜ୍ୟୋତିଷ କଥା କହୁଥିଲି । ଏଇ ଜ୍ୟୋତିଷ ବିଦ୍ୟାର ବିଶେଷ ଅନୁସଂଧାନ ପର୍ଯ୍ୟବେକ୍ଷଣାଦି ଚର୍ଚ୍ଚା ପାଇଁ ଏଠି ବ୍ୟବସ୍ଥା ଖାଲି ଯେ ଦରକାର ନାଇ, ସେତିକି ନୁହେ । ସେ ସବୁ ବ୍ୟବସ୍ଥା ମଧ୍ୟ ଏଠି କରି ହେବ ନାଇ । ଅଧ୍ୟୟନ ଓ ବ୍ୟବହାର ପାଇଁ ଜ୍ୟୋତିଷର ଆବିଷ୍କ୍ରିୟା ଓ ସିଦ୍ଧାଂତମାନ ଆପଣମାନଂକୁ ଗ୍ରହଣ କରିବାକୁ ହେବ । ଯେଉଁଠାରେ ସେଥିପାଇଁ ମାନମଂଦିର ଓ ବିଜ୍ଞାନ-ମଂଦିରାଦିର ବ୍ୟବସ୍ଥା ଥିବ ଓ ଦୃକ୍‌ସିଦ୍ଧ ପର୍ଯ୍ୟବେକ୍ଷଣ ସହିତ ସେ ବିଦ୍ୟାର ସାଧନା ହେଉଥିବ ସେଇଠାରୁ ସମସ୍ତେ ତା ଗ୍ରହଣ କରିବେ । କାହିଁକି ନା, ଦୃକ୍‌ସିଦ୍ଧ ଉପାଦାନରୁ ଗଣନା ଓ ପରୀକ୍ଷା ବିନା ଜ୍ୟୋତିଷ ଶାସ୍ତ୍ରର କିଛି ଅର୍ଥ ବା ମୂଲ୍ୟ ନାଇ । ସେ ଦୃକ୍‌ସିଦ୍ଧ ଗଣନା ଓ ପରୀକ୍ଷାର ପରିସର ଓ ଗଭୀରତା ପୁଣି ଆଜି ଆମ କଳ୍ପନାକୁ ନ ଆସିଲା ଭଳି ବିରାଟ, ବିଶାଳ ଓ ସୂକ୍ଷ୍ମାତିସୂକ୍ଷ୍ମ । ଏଠି ଅନେକେ ଜାଣିଥିବେ ଦୃକ୍‌ସିଦ୍ଧ ଗଣନା, ଆକାଶରେ ସ୍ଥିର ଥିଲା ପରି ଦିଶୁ ଥିବା ତାରାମାନଂକ ଭିତରେ ଗତି କରୁ ଥିବା ସୂର୍ଯ୍ୟ ଚଂଦ୍ର ଗ୍ରହାଦିର ଗତି ନିରୀକ୍ଷଣ ଓ କଳନା କରିବାରୁ ଉଠି ଆଲୋକର ଗତିବେଗ ନିରୂପଣ କରିବା ଓ ଗ୍ରହ ତଥା ତାରାମାନଂକରୁ ଆସୁଥିବା ଆଲୋକ ରଶ୍ମିକୁ ବିଶ୍ଳେଷଣ କରି ସେଇ ସେଇ ଗ୍ରହତାରାମାନଂକରେ ଥିବା ମୂଳ ପଦାର୍ଥ ଠିକ୍ କରିବା ଯାଏ ଉଠି ଥିଲା । ତା ପୂର୍ବରୁ ଦୂର-ବୀକ୍ଷଣ ଯଂତ୍ର ସାହାଯ୍ୟରେ ଜ୍ୟୋତିଷମାନେ ଚଂଦ୍ର ସୂର୍ଯ୍ୟ ଓ ଗ୍ରହମାନଂକ ଆକାର ଓ ପୃଷ୍ଠ ପର୍ଯ୍ୟବେକ୍ଷଣ କରି ନାନା ତଥ୍ୟର କଳନା କରୁଥିଲେ । ମାତ୍ର ସେସବୁ ଏବେ ପୁରୁଣା—ଅତି ପୁରୁଣା—ହୋଇ ଗଲାଣି ।

## ଶୂନ୍ୟଦେଶ ଓ ଜଗତ୍

ଆଜି ଦୃକ୍‌ସିଦ୍ଧ ଗଣନାରେ ଜଣା ଯାଇଛି, ଏ ବିଶ୍ୱ-ଜଗତ୍‌ରେ ଖର୍ବ ଖର୍ବ ସଂଖ୍ୟାରେ ସୂର୍ଯ୍ୟ ମହା ସୂର୍ଯ୍ୟମାନେ ଗ୍ରହୋପଗ୍ରହ ଧୂମକେତୁ ପୂର୍ଣ୍ଣ ଆମ ସୌରଜଗତ୍‌ପରି ବା ତା ଠାରୁ ବଡ଼ ବଡ଼ ଜଗତ୍‌ମାନ ଧରି ଅନନ୍ତ ବ୍ୟୋମର ଶୂନ୍ୟଦେଶ ମାନଙ୍କରେ ବାଣ୍ଟି ହୋଇ ରହିଛନ୍ତି । ଏ ସମସ୍ତେ ଗତିଶୀଳ । କିଏ ଜଡ଼, ଘନ; କିଏ ଦୀପ୍ତ, ତରଳ; କିଏ ବା ବାଷ୍ପବାୟୁ, ରଶ୍ମିମୟ । ଆମେ ଯେଉଁ ଜଗତ୍ ଖଣ୍ଡକରେ ଅଛୁ, ତା ହେଉଛି, ଆମ 'ଛାୟାପଥ' । ଏଇ ଛାୟାପଥଟି ହେଉଛି, ଆମ ଜଗତ୍ ଖଣ୍ଡକରେ ଥିବା କୋଟି କୋଟି ତାରାର ସମଷ୍ଟି । ଏଇଥିରୁ ଗୋଟିଏ ତାରା ହେଉଛି, ଆମ ସୂର୍ଯ୍ୟ । ଏଇପରି କେତେ ସୂର୍ଯ୍ୟ, ମହାସୂର୍ଯ୍ୟ, ଦୂରରେ ଥିବାରୁ ଏକାଠି ହେଲାପରି ମେଘଖଣ୍ଡ-ପରି ଦିଶୁଛି । ଏ ଦୂରତା, ଏକ ପ୍ରକାର କଳନାର ଅତୀତ କହିଲେ ହୁଏ । ଆଲୋକ ଏକ ସେକେଣ୍ଡରେ ଗତି କରେ ୧୮୬୦୦୦ ମାଇଲ । ଚନ୍ଦ୍ରାଲୋକ ପୃଥିବୀକୁ ଆସିବାକୁ ପ୍ରାୟ ଦେଢ଼ ସେକେଣ୍ଡ ଲାଗେ; ଅର୍ଥାତ୍, ଚନ୍ଦ୍ରଟି ଧ୍ୱଂସ ହୋଇଗଲେ ବା ତା ଆଲୋକ ଲୁପ୍ତ ହେଲେ, ଦେଢ଼ ସେକେଣ୍ଡ ପରେ ଆମକୁ ଜଣା ପଡ଼ିବ । ସେଇପରି ସୂର୍ଯ୍ୟରୁ ପୃଥିବୀକୁ ଆଲୋକ ଆସିବାକୁ ଲାଗେ, ୮ ମିନିଟ୍—୧୬ ସେକେଣ୍ଡ । ଛାୟାପଥଟିର ଯେଉଁ ଅଂଶରେ ଆମେ ଅଛୁ, ସେଇ ଅଂଶର ତାରା-ଗୁଡ଼ିକ ଆମ ପାଖରେ ଥିବାରୁ ଆକାଶରେ ବିଞ୍ଚି ହୋଇ ରହିଥିବା ପରି ଆମକୁ ଦିଶେ । ଏଥିରେ ଯେଉଁ ନିକଟତମ ତାରାଟି ଅଛି, ସେଠାରୁ ଏଠାକୁ ଆଲୋକ ଆସିବାକୁ ଲାଗେ ସାଢ଼େ ଚାରିବର୍ଷ । ଆକାଶର ଏଇ ଦୂରତା ମାପିବାରେ ସେଇ ୧୮୬୦୦୦ ମାଇଲଟି ହେଉଛି, ମାପ-କାଠି । ଏହାକୁ 'ଏକ ସେକେଣ୍ଡ' ଦୂରତା ବୋଲି କହନ୍ତି । ଆମ ଛାୟାପଥ-ଜଗତ୍‌ପରି କୋଟି କୋଟି ଜଗତ୍ ଏ ଶୂନ୍ୟବ୍ୟୋମରେ ନିଜ ନିଜ ଜଗତ୍ ଧରି ରହିଛନ୍ତି । ଏବେ ଦୃକ୍‌ସିଦ୍ଧ ଗଣନାରେ ଏଇପରି ଶହେ କୋଟି ବା ଏକ ଖର୍ବ ଛାୟାପଥ-ଜଗତ୍ ଦେଖା ଯାଇଛି । ଆଉରି ଶକ୍ତିଶାଳୀ ଦୃକ୍‌ସଂଘ ମିଳିଲେ, ଆଉରି ପୁଣି ଏଇପରି ଖର୍ବ ଖର୍ବ ଛାୟାପଥ ଜଗତ୍ ଦେଖା ଯାଇପାରେ । ତା ପରେ ସୃଷ୍ଟିର ଉପାଦାନ-କାରଣ-ରୂପ ମୂଳ ବସ୍ତୁ ତିଆରି ହେବାର ସ୍ଥାନ ବା ଦେଶ ହେଉଛି, ଏହାଠାରୁ ଖର୍ବ ଖର୍ବ ଗୁଣରେ ବିସ୍ତୀର୍ଣ୍ଣ । ଏ ସବୁ ପୁଣି ଆମ ଜ୍ୟୋତିଷ ବିଦ୍ୟା ବା ଜ୍ୟୋତିଷ ଜ୍ଞାନର ସୀମା ଭିତରେ । ବିଜ୍ଞାନର ଗଣନାରେ ଏ ସମସ୍ତ ବିଶ୍ୱଦେଶ ହେଉଛି, ସୀମାବଦ୍ଧ । ଭକ୍ତର ଭାଷାରେ କୁହା ଯାଇଛି,

"ବ୍ରହ୍ମାଣ୍ଡ ମାଳ ମାଳ ହୋଇ
ତୋ ରୋମ କୂପେ ବିରାଜଇ ।"

ମାତ୍ର ଜ୍ୟୋତିଷ ଗଣିତର ଗଣନା, ଭକ୍ତର ଭାବ ରାଜ୍ୟର ବାଣୀ ନୁହେଁ । ଏହା ବିଜ୍ଞାନର ପ୍ରମାଣିତ ସତ୍ୟ । ଦୁଇରେ ଦୁଇ ମିଶିଲେ ଯେପରି ଚାରି ହୁଏ, ଏହା ସେଇପରି ସତ୍ୟ ।

## ମୂଳବସ୍ତୁ—ଶକ୍ତି

ତା ପରେ, ଏଇ ଜ୍ୟୋତିଷ ସମ୍ବନ୍ଧୀୟ ବିଜ୍ଞାନର ଆଉ ଗୋଟିଏ କଳନା ହେଉଛି, ବିଶ୍ୱ ବସ୍ତୁ ବା ଜଗତ୍‌ର ଉପାଦାନ କାରଣ । ବିଜ୍ଞାନ ବୁଝିଥିଲା, ଜଗତର ଉପାଦାନ-କାରଣ ବା ମୂଳବସ୍ତୁ ହେଉଛି, 'ପରମାଣୁ' । ମାତ୍ର ଜ୍ୟୋତିଷ-ବିଜ୍ଞାନର କଳନାରେ ଏବେ ଜଣା ପଡ଼ୁଛି, ଜଗତର ଉପାଦାନ-ମୂଳବସ୍ତୁ ବୋଲି କିଛି ନାଇ । ସବୁମୂଳରେ ଗୋଟିଏ ଶକ୍ତି । ଏଇ ଶକ୍ତିର ଅନନ୍ତ କାଳ ଧରି ଅନନ୍ତ ବ୍ୟୋମରେ ଅନନ୍ତ

ପରମାଣୁ ସୃଷ୍ଟି କରିବାରେ ଲାଗିଛି । ପୁଣି ସୂର୍ଯ୍ୟପରି ତାଙ୍କରେ ପରମାଣୁ, ଅନ୍ତରରେ ସଂଗ୍ରହ ଓ ସେଥିରୁ ଶକ୍ତି ଓ ତହିଁ ସଙ୍ଗେ ରଶ୍ମି, ପୁଣି ତାପ ବରାବର ବିକୀର୍ଣ୍ଣ ହେଉଛି । ପ୍ରକୃତିରେ ଏହି ପ୍ରକ୍ରିୟାକୁ ଆଜି ମନୁଷ୍ୟ ପୁଣି ଅନୁକରଣ କରି ବ୍ୟବହାରରେ ଲଗାଇ ସାରିଲାଣି । ତାହାଇ ହେଉଛି, 'ପରମାଣୁ ବୋମା' । ପରମାଣୁର ସେହି ଶକ୍ତିମୟ ବେଗ, ରଶ୍ମି ଓ ତାପ ପୁଣି ଦିନେ ହୁଏତ ମାନବର ଇଂଜିନ୍ ଚଳାଇବ ଓ ମାନବକୁ ବ୍ୟୋମଯାନରେ ନେଇ ଗ୍ରହ, ଏପରିକି, ହୁଏତ, ତାରାରେ ମଧ୍ୟ ପହଂଚାଇବ ବୋଲି କଳ୍ପନା କରାଯାଉଛି ।

## ଏହି ଶକ୍ତିର ବିଜ୍ଞାନମୟ ବିଶ୍ୱରୂପ

ଏ ଶକ୍ତି ଏକପ୍ରକାର ଅବର୍ଣ୍ଣନୀୟ । 'ଏହାରି ପରି' ବା 'ଏଇପରି' ବୋଲି ଏହାର କଳନା କରି ହେବ ନାହିଁ । ଏହି ଏକ ଶକ୍ତିର କ୍ରମିକ ପରିମାଣରେ ଏ ବିଶ୍ୱ ବିକାଶ । 'କପିଳ' ନିଜ ସାଂଖ୍ୟ ଦର୍ଶନରେ ଦିନେ ଏଇପରି କଥା କହିଥିଲେ । ବିଶ୍ୱବସ୍ତୁରୁ ଚେତନାକୁ ତାଂଙ୍କରେ ଅଲଗା କରି, ଅନ୍ୟ ସମସ୍ତ ବିଶ୍ୱବସ୍ତୁର ମୂଳକୁ ସେ ଅନଂତ ପରିଣାମଶୀଳ 'ପ୍ରକୃତି' ବା 'ମହତ୍ତତ୍ତ୍ୱ' ବୋଲି କହିଥିଲେ । ଏଇପରି ଆଧ୍ୟାତ୍ମିକ ସାଧନ ଓ କଳନାରେ ବିଶ୍ୱକୁ ଦେଖିଥିବା ଦାର୍ଶନିକର ଅବାସ୍ତବ ଓ ଅନୁମାନ-ଗମ୍ୟ ଅନଂତ ସର୍ଗତତ୍ତ୍ୱକୁ ଜ୍ୟୋତିଷ ବିଦ୍ୟା ଆଜି ବିଜ୍ଞାନର ନିରାଟ-ପରୀକ୍ଷା ଲବ୍ଧ ତଥା ଗଣିତର ନିଶ୍ଚିତ କଳନା-ନିବଦ୍ଧ ବାସ୍ତବ ସତ୍ୟରେ ପରିଣତ କରିଛି । ଦର୍ଶନର ଆତ୍ମାନାତ୍ମଭେଦ ବିଷୟରେ ଯେଉଁ 'ମହତ୍‌ତତ୍ତ୍ୱ' ବା 'ପ୍ରକୃତି' ମୁକ୍ତ ନିଷ୍କ୍ରିୟ 'ପୁରୁଷ' ଆଗେ ରୂପ କରେ ବିଶ୍ୱ ତାଂଙ୍କରୂପ ଖେଳ ଦେଖାଉଥିଲା, ସେହି ବିଶ୍ୱମୂଳ ଶକ୍ତିରୂପିଣୀ ପ୍ରକୃତି ଆଜି ଖାଲି ଦର୍ଶନର କଳ୍ପନା ନୁହେଁ, ଜ୍ୟୋତିଷ ଓ ବିଜ୍ଞାନର ନିର୍ଦ୍ଦିଷ୍ଟତାରେ ତା ଆଜି ପ୍ରତ୍ୟକ୍ଷର ନିରାଟ କଳନା । ଏହି କଳନାରେ ବିଜ୍ଞାନ ଗଣିତ ଓ ଜ୍ୟୋତିଷ ଏକାକାର । ଚୂନ ହଳଦୀ ମିଶାଇ ରଂଗ ପରୀକ୍ଷା କରିବାରେ ଯେଉଁ ବିଜ୍ଞାନର ମୂଳ ଥିଲା, ଦୁଇରେ ଏକ ମିଶାଇ ତିନି ଦେଖି ବିସ୍ମିତ ହେବାରେ ଯେଉଁ ଗଣିତ ଅଂକୁରିଥିଲା, ତାରାକୁ ଗ୍ରହକୁ ଅଲଗା କରି ଦେଖି ଯେଉଁ ଜ୍ୟୋତିଷ ପର୍ଯ୍ୟବେକ୍ଷଣ ଓ ସିଦ୍ଧାଂତରେ ଗର୍ବ କରୁଥିଲା, ସେ ସମସ୍ତେ ବିଦ୍ୟା ବିସ୍ତାରରେ ଆଜି କାହିଁ—କାହିଁ ଦୂରେ ! ସେହି ବିସ୍ତୀର୍ଣ୍ଣ ବିଦ୍ୟା ଫଳରେ ଅନଂତ ଆଜି ଅକଳନ ନୁହେଁ— ଶୂନ୍ୟ ଆଜି ବାସ୍ତବ ।

## ଫଳିତ ଜ୍ୟୋତିଷର ପ୍ରକୃତି

ଏ ତଥ୍ୟ ବାହାରିବା ପରେ ରାବଣର 'ପୁଷ୍ପକ-ରଥ'ରୁ ବ୍ୟୋମଯାନ କାଢ଼ିଲା ପରି କୌଣସି ସଂସ୍କାର-ଗ୍ରସ୍ତ ଓ 'ଆମର ଥିଲା'-ସର୍ବସ୍ୱ ବ୍ୟକ୍ତି ହୁଏତ କହିପାରନ୍ତି, ସାଂଖ୍ୟଦର୍ଶନର ଶକ୍ତିମୟୀ 'ପ୍ରକୃତି' ଯଦି ଆଜି ବିଜ୍ଞାନର ବାସ୍ତବ ସତ୍ୟ ହେଲା, ତେବେ 'ଗ୍ରହଫଳଗଣନା'ର ଭୂତ ଭବ୍ୟ ଯେ ଦିନେ ସେଇପରି ପ୍ରମାଣିତ ନ ହେବ ତା କିଏ କହିବ ? କିଂତୁ ଏହା ଯୁକ୍ତି ନୁହେଁ, ହେତ୍ୱାଭାସ । ଗ୍ରହଫଳ ଗଣନା, ଦର୍ଶନ ବି ନୁହେଁ । ଏହା ମୂଳରେ କୌଣସି ଯୁକ୍ତିର ସନ୍ଧି ପର୍ଯ୍ୟଂତ ନାହିଁ; କିଂବା ଏହା କୌଣସି ପ୍ରକାର ଅନୁସଂଧାନର ଫଳ ବି ନୁହେଁ । ପୁଣି ସାଂଖ୍ୟର ଦାର୍ଶନିକ ଯୁକ୍ତି-ସିଦ୍ଧ 'ପ୍ରକୃତି' ମଧ୍ୟ ଆଜିର ବିଜ୍ଞାନ-ଲବ୍ଧ ବିଦ୍ୟୁତ୍‌-ଶକ୍ତି ନୁହେଁ । 'ଅଜୀବ' ବା ଜଡ଼-ଜଗତ୍‌କୁ ଏକ ମୂଳବସ୍ତୁର ନାନା ପରିଣାମ ବୋଲି ସିଦ୍ଧାଂତ କରିବାରେ ଏକ ସ୍ପଷ୍ଟ 'ଦର୍ଶନ' ଅଛି । ଗ୍ରହ ତାରାଏ ଫଳ ଦେବା କଥାର ମୂଳ ଓ ବିକାଶରେ ସେପରି କିଛି ନାହିଁ । ଆଜିର ମଧ୍ୟ ବ୍ୟୋମଯାନ ନ ଥିଲା କାଳରେ କବି, 'ପୁଷ୍ପକରଥ' କଳ୍ପନା କରି ପାରନ୍ତି; ମାତ୍ର କୌଣସି ନକ୍ଷତ୍ର ବା ଗ୍ରହର ସ୍ଥିତି ଗତି ସଂଗେ ମାନବ ଭାଗ୍ୟର କୌଣସି ଯୋଗାଯୋଗ ବା ସଂପର୍କ ନାହିଁ ।

ନୁହେ । ତଥାପି ବାସ୍ତବ ଜଗତ୍‌ର ଅନନ୍ତ ପ୍ରକାଶ ଭିତରେ ଏକତ୍ୱ ଓ ଶୃଙ୍ଖଳାର ପୀଠରୂପେ ଅବାସ୍ତବ ଅସ୍ତିତ୍ୱ ବା ଆତ୍ମା ଯେ ଅଛି, ସେ ଆଡ଼େ ଦର୍ଶନ ଫିଟାଇବାକୁ ତାର ଆଭିମୁଖ୍ୟ ଆସୁ ନାହିଁ ।

## ତେଣୁ ସମାଜରେ ଅନିବାର୍ଯ୍ୟ ବିଦ୍ରୋହ ଓ ଦ୍ୱନ୍ଦ୍ୱ

ଏଇ ଧାରାରେ କାଙ୍ଗାଳ ଭୋଜନର ପରିଣାମ ଦେଖ । କାଙ୍ଗାଳ ଭୋଜନ ହେଉଛି, ଦୁଃସ୍ଥ-ସେବା । 'ପତିତପାବନ ଧର୍ମ'ର ଏହା ସାମାଜିକ ଆଚାର । ଚିରକାଳ ଏହା ପୃଥିବୀକୁ ଯୋଡ଼ି ରହିଥିଲା ଓ ଆଜି ବି ନ ରହିଛି, ନୁହେଁ; କିନ୍ତୁ ଏଥିରେ ଏକ ଦିଗରେ ଧନୀକର ବଦାନ୍ୟତା ଓ ଅନ୍ୟଦିଗରେ କାଙ୍ଗାଳର ହୀନତା ରହିବା ଅନିବାର୍ଯ୍ୟ । ପତିତ-ପାବନଙ୍କୁ ଯେତେ ସାକ୍ଷୀ କଲେ ବି, ଯେତେ ଡାକିଲେ ବି, ଏ ଦ୍ୱନ୍ଦ୍ୱର ତୀବ୍ରତା ଆଉ ସମ୍ଭାଳ ହେଉ ନାହିଁ । ଆଚାରର ପ୍ରାକୃତ ନଗ୍ନତାକୁ ବଳ ପ୍ରତିକ୍ରିୟାର ବିରୋଧ ଆଜି ଧରିଛି, ସାକ୍ଷାତ୍ ନୃମୁଣ୍ଡ ମାଳିନୀଙ୍କ ଭୀଷଣ ନଗ୍ନରୂପ । ହୀନତାର ଦର୍ପରେ କାଙ୍ଗାଳ ଆଜି ବସିଛି, ସେଇ ହେବ ରାଜ୍ୟର ଅଧିକାରୀ । ଧନୀକର ବଦାନ୍ୟତା ତାର ଲୋଡ଼ା ନାହିଁ । କାଙ୍ଗାଳ ଦେଲେ ଧନୀକ ପାଇବ । ମାନବ ସମାଜର ଦୁରନ୍ତ ପ୍ରତିକ୍ରିୟାର ଗତି ଆଜି ଏଇ ଆଡ଼େ । ଟିକିଏ କଷ୍ଟ କରି ଏଠାରେ ବରଂ ବୁଝାଯାଇ ପାରେ, ଦରିଦ୍ର ସେବାରେ ଯେଉଁ ନାରାୟଣଙ୍କ ସେବା କରାଯାଉଥିଲା, ସେଇ ନାରାୟଣ ଆଜି ପୂରାପୂରି ଦରିଦ୍ର ଓ କାଙ୍ଗାଳଙ୍କୁ ବରଣ କରିଛନ୍ତି—ଆପଣାର କରିଛନ୍ତି । ଆଉ ଧନୀକ ବା ଧନର ତଥାକଥିତ ମାର୍ଫତଦାରମାନଙ୍କର ଅହଂକାରର ଉଦାରତା ଦରକାର ନାହିଁ । କାଙ୍ଗାଳଭୋଜନର କଦାଚାରରେ ସମାଜର ପରିସ୍ଥିତି ଏଣିକି ଜଟିଳ ଓ ଭ୍ରଷ୍ଟ ହେବ । ବିକାଶର ବାଟ ଆଉ ସେ ବାଟ ନୁହେ ।

## 'ଜଗନ୍ନାଥ' ପତିତପାବନ ନୁହନ୍ତି

ସ୍ୱୟଂ ଜଗନ୍ନାଥ ମଧ୍ୟ ଆଉ ନିଜର ଭୁକ୍ତାବଶେଷ 'କୈବଲ୍ୟ' ଦାନ କରି 'ପତିତପାବନ' ବୋଲାଇବାକୁ ଲୋଡ଼ୁନାହାନ୍ତି । ପୁଣି ବୁଝିବାର ଅଛି, 'ପତିତପାବନ' ନାମଟି 'ପୁରୁଷୋତ୍ତମଜଗନ୍ନାଥ' ନାମର ଗୋଟିଏ ଅତି କଦର୍ଯ୍ୟ ଅପଳାପ । 'କରୁଣା'ଧର୍ମର ସାଧକ-ମାନଙ୍କ ଅନୁକରଣରେ ବେଦଧର୍ମୀ ସ୍ମାର୍ତ୍ତମାନେ ମଧ୍ୟ ଏଇ ନାମଟି ଗ୍ରହଣ କରିଛନ୍ତି ବୋଲି ମନେ ହୁଏ । ସମାଜରୁ ଦଳେ ଲୋକଙ୍କୁ ବା ସମସ୍ତ ସମାଜକୁ ପତିତ ମଣି ସାରା ଜଗତରେ ସାମ୍ୟ-ନିୟାମକ, ବିଶ୍ୱ-ସତ୍ୟ ଓ ବିଶ୍ୱ-ଋତର ପ୍ରତୀକ ଜଗନ୍ନାଥଙ୍କଠାରେ ଏ ନାମଟିର ଆରୋପ ଅଯଥାର୍ଥ । ଜଗନ୍ନାଥଙ୍କ ପାଖେ କେହି ପତିତ ନୁହେ—କେହି ଉନ୍ନତ ନୁହେ । ସେ କାହାକୁ ପତିତ କରନ୍ତି ନାହିଁ—ମଣନ୍ତି ନାହିଁ । ତାଙ୍କ ପାଖେ କାଙ୍ଗାଳ ଅପବିତ୍ର ନୁହେ; ବ୍ରାହ୍ମଣ, ରାଜା, ଶିଳ୍ପୀ, ବଣିକ୍, ଜମିଦାର ବା ମଠାଧୀଶ ସମାଜରେ ଧନୀ ବା ପ୍ରଭାବଶାଳୀ ବୋଲି ବେଶି ପବିତ୍ର ନୁହନ୍ତି । ଯାହାଙ୍କ ଦୃଷ୍ଟିରେ ପତିତ ନାହିଁ, ବା ପତିତ ବୋଲି କେହି ଅପବିତ୍ର ନୁହେ, ସେ ପୁଣି 'ପତିତପାବନ' ହେବେ କପରି ? 'ଜଗନ୍ନାଥ', 'ପତିତପାବନ' ନୁହନ୍ତି । ସେ ହେଉଛନ୍ତି, ଅନନ୍ତ ବିଶ୍ୱପ୍ରକାଶର ବହୁରେ ଏକ; ପୁଣି ବିଶ୍ୱତତ୍ତ୍ୱର ଏକରେ ପ୍ରକାଶ-ରୂପ ବହୁ । ସେ ବିଶ୍ୱ ମୈତ୍ରୀର ପ୍ରତୀକ, ମୈତ୍ରୀ-ଦେବ ପୁରୁଷୋତ୍ତମ । ସେ ହେଉଛନ୍ତି ଶୁଦ୍ଧ, ବୁଦ୍ଧ, ଜଗନ୍ନାଥ । ଯେଉଁ ଧାର୍ମିକମାନ୍ୟମାନେ 'ଅଭଡ଼ା'କୁ 'କୈବଲ୍ୟ' ନାମ ଦେଇ, ତାହାର ଭୋଜନରେ କାଙ୍ଗାଳଙ୍କ ସେବା କରି ପରମ୍ପରାରେ 'ପତିତ-ପାବନ ବାନା' ନାମରେ ନିଜ ବେଦ ଧର୍ମର ଧ୍ୱଜା ଉଡ଼ାଇ ଆସିଛନ୍ତି, ସେମାନେ ଏବେ ଏହା ବୁଝି ତା ବନ୍ଦ କରନ୍ତୁ । ତେବେ ଏକା ଯଥାର୍ଥରେ

ବ୍ରାହ୍ମଣର ଉପାସ୍ୟ ଶବରଦେବତା ଜଗନ୍ନାଥ, ଯୁଗଯୁଗର ଆରୋପଜନିତ ମଳିନତା ଛୁଟାଇ, ନିଷ୍କଳଂକ ହେବେ, ତେବେ ଯାଇ ତାଂକ ସେବାରେ ସାଂଖ୍ୟର 'ଭୂତ-ପ୍ରକୃତିମୋକ୍ଷ' ଯଥାର୍ଥ 'କୈବଲ୍ୟ' ମିଳିବ ।

## ଚତୁର୍ଧାମୂର୍ତ୍ତି ପୁରୁଷୋତ୍ତମ

### ଜଗନ୍ନାଥରେ ସମାଧାନ

ଏ କୈବଲ୍ୟର ଆରୋଗ୍ୟ ଆଜି ପୃଥିବୀରେ ମାନବସମାଜକୁ ଲୋଡ଼ା । ପତିତ-ଉନ୍ନତ, ନ୍ୟୂନ-ବଦାନ୍ୟ, କାଂଗାଳ କୁଶଳର ଦୈନ୍ୟ-ଦର୍ପ ଯେଉଁ ଦ୍ୱଂଦ୍ୱ, ତାର ନିତ୍ୟବିବର୍ଧମାନ ଘୋର ତାଂଡ଼-ବର କରାଳ ଜ୍ୱାଳାରେ ମାନବ ସମାଜ ଆଜି ଉଦ୍‌ବ୍ୟସ୍ତ । ସେ, ସମାଧାନର ବାଟ ପାଉନାହିଁ । ପତିତପାବନ ଧର୍ମର ଆରୋପିତ ଆଧ୍ୟାତ୍ମିକତା, କଳ୍ପିତ ସ୍ୱର୍ଗଭୋଗର ବାକ୍‌ପଟୁତା ଓ ବିଶ୍ୱାସର ମତାଂଧତା, ସମାଧାନ ଦେଇ ପାରିନାହିଁ; ପାରିବ ନାହିଁ । ବିଶ୍ୱସତ୍ୟ ବା କର୍ମ-ପ୍ରକାଶର ଅନଂତ ବୈଷମ୍ୟ ଭିତରେ ଋତରେ ଶୃଂଖଳା ଫୁଟାଇବା ପତିତପାବନ ଧର୍ମର କର୍ମ ନୁହେଁ । ସମାଜରେ ବାସ୍ତବ ରାଜାଂକ ପରି ଦଂଡ ଓ କ୍ଷମା ଦେବା ବିଶ୍ୱ ସମ୍ରାଟଂକୁ କଳ୍ପିତ ସ୍ୱର୍ଗର ଗାଦିରେ ବସାଇ ଦେଇ, ବିଶ୍ୱ ଦୁଷ୍କୃତର କାରଣ ବୋଲି ଈଶ୍ୱରଂକର ଅନଧୀନ ଓ ଦ୍ୱେଷୀ 'ଅହ୍ରିମନ୍' ବା 'ଅଂଗ୍ରମୈନ୍ୟୁ' ତଥା ସଇତାନ ମୁଂଡରେ ସବୁ ଦ୍ୱଂଦ୍ୱ ଓ ବିଶୃଂଖଳାର ବୋଝ ଲଦିଦେଇ, ତାରି ପ୍ରରୋଚନାରେ ଜନ୍ମତଃ ଓ ପୁରୁଷାନୁକ୍ରମେ ନିତ୍ୟ ପାପୀ ବୋଲି ମନୁଷ୍ୟକୁ ମନାଇ ବିଶ୍ୱାସ କରାଇ, ତ୍ରାଣ ପାଇଁ ସେଇ କରୁଣା-ମୟ, କ୍ଷମାଶୀଳ ବିଶ୍ୱସମ୍ରାଟଂକ ଗୋଡତଳେ ପକାଇ ଦେଲେ ବୁଦ୍ଧିଧାରୀ ମାନବ ଚିରକାଳ ପାଇଁ ଶାଂତ ହେବ ନାହିଁ । ବ୍ୟକ୍ତିର ଅପ୍ରକାଶ ପୁରୁଷଂକୁ କର୍ମର ପ୍ରକାଶମୟ ସତ୍ୟରୂପେ ବୁଝିବାକୁ ହେବ । ପୁରୁଷୋତ୍ତମ ହେଉଛଂତି, ବ୍ୟକ୍ତି ତଥା ବିଶ୍ୱର ଏଇ ଅପ୍ରକାଶ ଓ ପ୍ରକାଶର ସମୁଚ୍ଚୟ ତଥା ସମାଧାନର ସ୍ୱରୂପ । ସେଇ ହେଉଛଂତି, କର୍ମର ଅନଂତ ବୈଷମ୍ୟ । ପୁଣି ସେଇ ହେଉଛଂତି, ସେ ସବୁ ବୈଷମ୍ୟ ଭିତରେ ବିଶ୍ୱଋତରେ ମହାଶୃଂଖଳା । ଏକରୁ ବହୁ ହେବା ଓ ବହୁରେ ଏକ ରହିବା ହେଉଛି, ତାଂକର ଜ୍ୱଳଂତ ତପସ୍ୟା ବା 'ଯୋଗମାୟା' । ସେଥିପାଇଁ ବେଦ କହଂତି,

> "ଋତଂ ଚ ସତ୍ୟଂ ଚାଭିଦ୍ଧାତ
> ତପସୋଽଧ୍ୟଜାୟତ"—ଋଗ୍‌ବେଦ—୧୦. ୧୯୦

(ଋତ ବା ବିଶ୍ୱ ଶୃଙ୍ଖଳାର ସାମ୍ୟ ପୁଣି ସତ୍ୟ ବା ବିଶ୍ୱପ୍ରକାଶର ବୈଷମ୍ୟ, ପ୍ରଦୀପ୍ତ ତପସ୍ୟାରୁ ବାହାରିଛି ।)

ସେଇ ହେଉଛଂତି, ଘୋର ଅପ୍ରକାଶ, ସୁଦର୍ଶନ; ସେଇ ହେଉଛଂତି, ସମସ୍ତ ପ୍ରକାଶର ଅବ୍ୟକ୍ତ କାରଣ, ଜଗନ୍ନାଥ; ସେଇ ହେଉଛଂତି, ତପସ୍ୟାର ଯୋଗମାୟା, ସୁଭଦ୍ରା; ପୁଣି ସେଇ ହେଉଛଂତି, ବିଶ୍ୱ ପ୍ରକାଶର ବା ସତ୍ୟର ପ୍ରତୀକ, ଅନଂତ ଫୁଲରୂପ, ଜଗନ୍ନିବାସ, ଦେବେଶ ବା ବଡ଼ଠାକୁରେ । ଏଇ-ପରି ଚତୁର୍ଧାମୂର୍ତ୍ତି ଜଗନ୍ନାଥ ହେଉଛଂତି, ପୁରୁଷୋତ୍ତମ ।

## ପୁରୁଷୋତ୍ତମ ଧାରଣାର ମୁକ୍ତିର ପଂଥା

ଏଇ ପୁରୁଷୋତ୍ତମ ଧାରଣାରେ ପ୍ରତିଷ୍ଠିତ ରହି କର୍ମମୟ ସତ୍ୟରେ ଆତ୍ମପ୍ରକାଶ କରିବା, ଅର୍ଥାତ୍, ସ୍ୱଧର୍ମର ନିରାଳଂବ ଓ ଅନାସକ୍ତ ଆଚରଣରେ ନିଜକୁ ବିଶ୍ୱରେ ତଥା ସମାଜରେ ଫିଟାଇ ଦେବା ନିଜେ

ଯଥାର୍ଥରେ କଅଣ ତା ଜଣାଇ ଦେବା, ବ୍ୟକ୍ତି ସଂହତିର ସଂପର୍କରୁ ଭୋଗ ଓ ସୁବିଧାର ସ୍ୱାର୍ଥ ନ ନେଇ, ସେଇ ସଂପର୍କର ନିତ୍ୟତାରେ ନିଜକୁ ମିଶାଇ ଦେବା ହେଉଛି ବ୍ୟକ୍ତିର ଯଥାର୍ଥ ଆତ୍ମଲାଭ । ଏଇପରି ନିତ୍ୟସତ୍ୟ ବା ଅନାସକ୍ତ କର୍ମ ବା କର୍ତ୍ତବ୍ୟରେ ଆତ୍ମଦାନର ତପସ୍ୟାଇ ମୁକ୍ତିର ପଂଥା । ଏଥିରେଇ ଆତ୍ମପ୍ରକାଶ ବା ଆତ୍ମଲାଭର ବାଧା ବଂଧନ ତୁଟିଯିବ ଓ ଅନଂତ ବୈଷମ୍ୟ ଭିତରେ ସମାଜର କର୍ମ ପ୍ରବାହ, ବିଶ୍ୱଶୃଂଖଳାର ଶାଂତି ଓ ସନାତନ ବା ନିତ୍ୟନୂତନ ଧାରା ଧରି ସ୍ୱଚ୍ଛଂଦ ଗତିରେ ଚାଲିବ ।

## ଏହି ଭାରତ ଧର୍ମର ଆଦି ପୀଠ— ଜଗନ୍ନାଥ ଭୂମି

ଏଇ ଶାଂତ ଜୀବଂତ ଓ ସନାତନ ବା 'ଭୂତଭବୋଦ୍ଭବକର' କର୍ମର ଭୂୟୋ ବିକାଶରେ ନିତ୍ୟବିବର୍ଦ୍ଧମାନ ଏଇ ମାନବ ଧର୍ମ, ପ୍ରଗତିପଥରେ ସମାଜ ଶୃଂଖଳାର ଏଇ ମହାସତ୍ୟ, ହେଉଛି, ଯଥାର୍ଥ ଭାରତ ଧର୍ମ । ଅତି ଆଦିମ କାଳରେ ଏହା ପ୍ରକାଶ ପାଇଥିଲା, ଏଇ ଜଗନ୍ନାଥ ଭୂମିରେ । ଅଧ୍ୟାତ୍ମ ଓ ଅଧିଭୂତର ଏ ମହା ସମାଧାନ ଜ୍ଞାନରେ ପୁଣି ପରବ୍ରହ୍ମର ସ୍ପଷ୍ଟ ବୈଜ୍ଞାନିକ ଧାରା ଧରି ଯୁକ୍ତିଯୁକ୍ତ ଓ ସମୀଚୀନ ସିଦ୍ଧାଂତରେ ପ୍ରତିଷ୍ଠିତ ହୋଇଥିଲା ।

## ଶତ ବିପ୍ଳବ ସତ୍ତ୍ୱେ ତା ଆଜି ଜଗତର ଗତିପାଇଁ ଜୀବଂତ ଅଛି

ସେକାଳେ କି ଏଇ ସିଦ୍ଧାଂତ ଓ ସିଦ୍ଧିର ମଂତ୍ର ପ୍ରଚାର କରିବାର ଉଦ୍ୟମ ନ ହୋଇ ଥିଲା, ନୁହେ । ମାତ୍ର ଭୋଗସ୍ପୃହା-ଗ୍ରସ୍ତ ଦୃପ୍ତ ମାନବର ଘୋର ଆକ୍ରମଣରେ ସେ ପ୍ରଚାରଧାରା ଛିଡ଼ି ଯାଇଛି । ଅବଶ୍ୟ ଜଗତରେ ଏହା ନୂଆକଥା ନୁହେ । ରୁକ୍ଷ ଓ ଅସଭ୍ୟ ବା ଅଳ୍ପସଭ୍ୟ ମାନବ ସମାଜ ଶାଂତ ଓ ସଭ୍ୟତର ସମାଜକୁ ଏପରି ଅଭିଭୂତ କରିବାର ଦୃଷ୍ଟାଂତ ପୃଥିବୀରେ ବହୁତ ଅଛି । ଗ୍ରୀସ୍‌କୁ ଜିଣିଥିବା ରୋମ୍, ପ୍ରାଚୀନ ପାରସ୍ୟକୁ ପଲ୍ଲବ, ବାବିଲନକୁ ଅସୁର, ସୁମେରକୁ ଆକାଡ ଓ ବାବିଲନ, ଚୀନ ପାରସ୍ୟାଦିକୁ ମୋଗଲ, ପାରସ୍ୟ ଓ ମିଶରକୁ ଆରବ ମୁସଲମାନ ପ୍ରଭୃତି ଏହାର ଦୃଷ୍ଟାଂତ । ଏପରି ବିଜୟରେ ପୁଣି ବିଜେତା, ବିଜିତର ସଭ୍ୟତା ପ୍ରାୟ ଗ୍ରହଣ କରିଥାଏ; କିଂତୁ ପୂରା ଗ୍ରହଣ କରିପାରେ ନାଇ । ବିଶେଷତଃ ଭାରତର ଆତ୍ମିକ ତତ୍ତ୍ୱ ଗ୍ରହଣ କରି ଧାରା ଠିକ୍ ରଖିବା ବିଜେତାଂକ ପକ୍ଷରେ ସଂଭବ ହୋଇନାଇ । କହୁଛି, ତୁର୍କୀ କୁଶାଣମାନେ ବୌଦ୍ଧର ବିଶ୍ୱମୈତ୍ରୀକୁ ଗ୍ରହଣ କରିବାକୁ ଯାଇ ସେଥିରେ ପଠାଇଥିଲେ କରୁଣାର କରୁଣାର ଦର୍ପ-ଦ୍ୱଂଦ୍ୱ ଓ ଫଳରେ ଭାରତ ଭୂମିରେ ପତିତପାବନ ଧର୍ମ । ତଥାପି ଆପଣମାନଂକ ପାଇଁ ମୈତ୍ରୀ ଧର୍ମର ସଂକେତ ଲୋପ ପାଇ ନାଇ । ଶତ ଆକ୍ରମଣର ଅପପ୍ରଭାବ ସତ୍ତ୍ୱେ ତା ଆଜ ଜୀବଂତ ଅଛି । ଭାରତ ପୁଣି ଆଜ ଦୀର୍ଘ ଶୀତରାତିର ଘନାନ୍ଧକାରପରେ ଯୁଗାଂତ ବ୍ୟାପୀ ନିଦ୍ରାରୁ ଉଠୁଛି । ଭାରତର ସେଇ ମୈତ୍ରୀମଂତ୍ର ପୃଥିବୀରେ ମଧ୍ୟ ଆଜ ଲୋଡ଼ା ପଡ଼ୁଛି । ମନେ ହେଉଛି, ସେଇ ମଂତ୍ର ଦୀକ୍ଷା ଦେଇ ପୃଥିବୀର ଘୋର ବିବାଦଗ୍ରସ୍ତ ମାନବକୁ ଶାଂତିର ସମାଧାନ ଓ ପ୍ରଗତିର ସ୍ୱଚ୍ଛଂଦ ବିକାଶ ଦେବାପାଇଁ, ଯେପରିକି, ଭାରତ ଏତେ ଦୀର୍ଘ ରାତିର ଶୀତ ଓ ଅଂଧକାରରେ ନ ମରି ବଂଚି ରହିଛି । ନ ହେଲେ ପୃଥିବୀରେ ଏତେ ବିଶାଳ ଓ ବିରାଟ ସଭ୍ୟତାମାନ ତ ଯାଇଛି, ଧ୍ୱଂସ ପାଇଛି, ଭାରତ ରହିଛି କାହିଁକି ? ତେଣୁ କହେଁ, ଏଇ ମହାମଂତ୍ର ଆଜ ପୃଥିବୀକୁ ଦେଇ ପୃଥିବୀକୁ ତାର ରୋଗରୁ ମୁକ୍ତ କରିବାକୁ ହେବ ।

## ଏ ମନ୍ତ୍ରର ପାରମ୍ପରିକ ସାଧନା—ବୌଦ୍ଧାଚାରରେ

ମନ୍ତ୍ରଦୀକ୍ଷା କଥାଟି ଶୁଣି କେହି ଯେପରି ଏଠି ନ ଭାବନ୍ତି, ଏ ଗୋଟିଏ ନୂତନ ମନ୍ତ୍ରଦୀକ୍ଷା ଓ ମନ୍ତ୍ର ଗିଳିବାର ଶୁଷ୍କ ଓ ନୀରସ ଅନୁଷ୍ଠାନ । ନା, ତା ନୁହେଁ । ଏଥିରେ ଭେକ ନାଇ, କି ତିଳକ ନାଇ, ଓଢ଼ନ ନାଇ କି ସୁନତ ନାଇ, କଲମା ନାଇ, କି କାନ ଫୁଙ୍କା ନାଇ । ଏ ମନ୍ତ୍ରର ସାଧନା ଓ ପ୍ରବୃତ୍ତି ପାଇଁ ଏହି ଭୂମିରେ ଆଚାର ଓ ଅନୁଷ୍ଠାନମାନ କଳ୍ପନା କରାଯାଇ ଥିଲା । ଇତିହାସରେ ମଧ୍ୟ ତା ଅବଶେଷର ସଙ୍କେତ ମିଳେ । ସେ ହେଉଛି 'ଚୈତ୍ୟ' ଓ 'ବିହାର', 'ସଂଘ' ଓ 'ମହାସଙ୍ଘ', ପୁଣି 'ଆଶ୍ରମ' ଓ 'ଗୁରୁକୁଳ' । କେବଳ ମହାସଙ୍ଘ ଛଡ଼ା, ବାକି ସ୍ଥାନଗୁଡ଼ିକ ଥିଲା ବିଦ୍ୟାଚର୍ଚ୍ଚାର ନିତ୍ୟ କେନ୍ଦ୍ର । ବିଶେଷରେ ଅଧ୍ୟାତ୍ମବିଦ୍ୟା ଓ ତଦନୁରୂପ ଧର୍ମ ବା ଆଚାରକୁ ବିଦ୍ୟା ବୋଲି କହୁଥିଲେ । ଧର୍ମ ବୋଇଲେ, ଏ ଦେଶରେ ବୁଝୁଥିଲେ, ଆଚରଣ ବା କର୍ତ୍ତବ୍ୟ । ଯେଉଁଠାରେ ମନୀଷୀ ମହାପୁରୁଷଙ୍କ ସ୍ମାରକ ପ୍ରତିଷ୍ଠା କରାହେଉଥିଲା, ସେ ହେଉଛି ଚୈତ୍ୟ । ସେଠାରେ ଦର୍ଶନାର୍ଥୀମାନେ ପ୍ରତିଦିନ ବିଦ୍ୟାଚର୍ଚ୍ଚା କରୁଥିଲେ । 'ବିହାର' ହେଉଛି, ଏକପ୍ରକାର ଏବର ବିଶ୍ୱବିଦ୍ୟାଳୟ । ଅଧ୍ୟାପକ ବା ଗୁରୁ ଓ ଶିଷ୍ୟ ସେଠାରେ ଏକତ୍ର ବାସ କରୁଥିଲେ । ଶିଷ୍ୟମାନଙ୍କୁ ପରୀକ୍ଷାକରି ନିଆ ହେଉଥିଲା । ଗ୍ରାମମାନଙ୍କରେ ସର୍ବତ୍ର ଯେଉଁ ଚତୁଷ୍ପାଠୀମାନ ଥିଲା, ସେଥିରେ ଉତ୍ତୀର୍ଣ୍ଣ ଓ ଉପଯୁକ୍ତ ନ ହୋଇ କେହି ବିହାରରେ ପ୍ରବେଶ କରିବାକୁ ଲୋଡ଼ୁ ନ ଥିଲେ । ସଙ୍ଘରୁ ପ୍ରସିଦ୍ଧ ଭିକ୍ଷୁମାନେ ଏହି ବିହାରମାନଙ୍କରେ ଅଧ୍ୟାପନା ପାଇଁ ଲୋଡ଼ା ହୋଇ ଆସୁଥିଲେ । 'ସଂଘ' ଥିଲା କେବଳ ଭିକ୍ଷୁଙ୍କ ସ୍ଥାନ । କୃତବିଦ୍ୟମାନେ ବିହାରରୁ ଉତ୍ତୀର୍ଣ୍ଣ ହୋଇ ଚରଖାବନ ଧର୍ମର ଚର୍ଚ୍ଚା ଓ ଆଚରଣ କରିବା ଉଦ୍ଦେଶ୍ୟରେ ସଂଘରେ ପ୍ରବେଶ କରୁଥିଲେ । କାଳକ୍ରମେ ଅବଶ୍ୟ ମଠରେ ମାତା ପଶିଲା ପରେ ଭିକ୍ଷୁଣୀମାନେ ସଂଘରେ ପଶି ସେ ଅନୁଷ୍ଠାନକୁ ଭ୍ରଷ୍ଟ କରିଥିଲେ; ମାତ୍ର ସେ ସ୍ୱତନ୍ତ୍ର କଥା । ଏଠି ତା ବରଂ ଅବାନ୍ତର ।

## ବର୍ଣ୍ଣାଶ୍ରମରେ

ଏ ଗଲା ବୌଦ୍ଧାଚାର । ଏହି ଅନୁକ୍ରମେ ବୈଦିକମାନଙ୍କ ବର୍ଣ୍ଣାଶ୍ରମାଚାରରେ ଗୁରୁଗୃହରେ 'ବ୍ରହ୍ମଚର୍ଯ୍ୟ'ର ଅଧ୍ୟୟନ ଶେଷକରି ଗୃହସ୍ଥାଶ୍ରମରେ କେହି କେହି ବହୁ ବ୍ରହ୍ମଚାରୀଙ୍କୁ ଘରେ ରଖି 'କୁଳପତି' ହେଉଥିଲେ । ତାଙ୍କ ଗୃହକୁ କହୁଥିଲେ 'କୁଳଗୃହ' । ଗୃହସ୍ଥାଶ୍ରମ ପରେ ପ୍ରବୀଣମାନେ କରୁଥିଲେ 'ବାନପ୍ରସ୍ଥ' । ସେମାନେ ଲୋକାଳୟ ବାହାରେ ବଣରେ ରହି ବିଦ୍ୟାଚର୍ଚ୍ଚା ଓ ବିଦ୍ୟାଦାନ କରୁଥିଲେ । ପ୍ରତିଷ୍ଠିତ ବିଦ୍ୟାବନ୍ତ ବାନପ୍ରସ୍ଥମାନେ ହେଉଥିଲେ, ସନ୍ନ୍ୟାସୀ । ଏହି କୁଳଗୃହ ଗୋଟିଏ ଗୋଟିଏ ବଡ଼ ବିଦ୍ୟାଳୟ ଓ ବାନପ୍ରସ୍ଥର ଆଶ୍ରମ ଗୋଟିଏ ଗୋଟିଏ ବିଶ୍ୱବିଦ୍ୟାଳୟ ପରି ଥିଲା ।

## ଗୁରୁଶିଷ୍ୟ, ପ୍ରଣିପାତ, ସେବା ଓ ପରିପ୍ରଶ୍ନ

କିନ୍ତୁ ଏ ସବୁଠାରେ କଣ ହେଉଥିଲା । ଶିଷ୍ୟମାନେ ଅବଶ୍ୟ ପ୍ରଣିପାତକରି ଗୁରୁଙ୍କ ପାଖକୁ ଯାଉଥିଲେ ଓ ସେବା ପରାୟଣ ହୋଇ ଗୁରୁଙ୍କ ଘରେ ଖାଇ ପିନ୍ଧି ରହୁଥିଲେ । ମାତ୍ର ସେ ପ୍ରଣିପାତ ଗୁରୁଙ୍କୁ ହଠାତ୍ ଦାଣ୍ଡରେ ଦେଖି ଲମ୍ବ ହୋଇ ଧୂଳିରେ ପଡ଼ିଯିବା ନୁହେଁ, କିମ୍ବା ସେ ସେବା ଗୁରୁଙ୍କୁ ଖାଇବାକୁ ଦେଇସାରି ସେଥିରୁ ଉଚ୍ଛିଷ୍ଟ ନେଇ ଆପେ ଖାଇବା ନୁହେଁ । ଏ ପ୍ରଣିପାତ ହେଉଛି ଆଚାରରେ ବିନମ୍ର-ଶୁଦ୍ଧ ସଂସ୍କାରଯୁକ୍ତ ଶିଷ୍ଟାଚାର ।

ଏ ସେବା ହେଉଛି, ଶିଷ୍ୟଙ୍କ ଭରଣ ପୋଷଣାଦି ପରିଚାଳନାରେ ଗୁରୁଙ୍କୁ ସାହାଯ୍ୟ କରିବା । କାହିଁକିନା, ଜାଣିଥିବେ, ଏହି ପ୍ରଣିପାତ ଓ ସେବା ସଂଗେ ଶିଷ୍ୟର କାର୍ଯ୍ୟ ହିସାବରେ ରହିଛି, 'ପରିପ୍ରଶ୍ନ', ଅର୍ଥାତ୍, ବିଦ୍ୟା ଗ୍ରହଣ ଓ ଆଚରଣରେ ନିଜର ସମ୍ପୂର୍ଣ୍ଣ ଶଂକା ସଂଶୟ ତୁଟିବା ଭଳି ବାରଂବାର ଛିନ୍ନଭିନ୍ନ କରି ପଚାରି ତନ୍ନତନ୍ନ କରି ବୁଝିବା । ଏହି ପରି-ପ୍ରଶ୍ନର ଗୋଟିଏ ସ୍ପଷ୍ଟ ଉଦାହରଣ ଗୀତାର କୃଷ୍ଣାର୍ଜୁନ ସଂବାଦରେ ଅଛି । କୁଳକ୍ଷୟାଦି କଥାସବୁ କହି, ସେ ଗୁଡ଼ାକ 'ଅନାର୍ଯ୍ୟଜୁଷ୍ଟ' ବୋଲି ବୁଝିସାରି, ଅର୍ଜୁନ ନିଜର ପ୍ରଣିପାତ ପ୍ରକାଶ କରି କହିଲେ, "ଶିଷ୍ୟସ୍ତେଽହଂ ଶାଧିମାଂତ୍ୱାଂପ୍ରପନ୍ନଂ" (ମୁଁ ତମ ଶରଣାଗତ ଶିଷ୍ୟ, ମତେ ବତାଇ ଦିଅ ) ଶ୍ରୀକୃଷ୍ଣ ଜ୍ଞାନ ଭକ୍ତି କର୍ମ ସବୁଆଡ଼ୁ ତତ୍ତ୍ୱ ଓ ଆଚରଣ କଥା କହି ସାରି କହିଲେ, 'ଏବେ ଯୁଦ୍ଧକୁ ଠିଆ ହୋ' । ଏଠାରେ ମହାଯୋଗେଶ୍ୱର କୃଷ୍ଣ ହେଉଛନ୍ତି ଗୁରୁ । ଶିଷ୍ୟ ହେଉଛନ୍ତି, ପୁଣି ଅର୍ଜୁନଙ୍କ ପରି ଭକ୍ତ ଧୁରଂଧର ମହାପୁରୁଷ । ତଥାପି ଟିକିଏ ମାତ୍ର ସଂଦେହ ହେବାରୁ ଅର୍ଜୁନ କହି ପକାଇଲେ—

"ଜ୍ୟାୟସୀ ଚେତ୍ କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ ।
ତତ୍ କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ॥
ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।
ତଦେକଂ ବଦ ନିଶ୍ଚିତ୍ୟ ଯେନଶ୍ରେୟୋଽହମାପ୍ନୁୟାଂ ॥
(୩ୟ ଅଧ୍ୟାୟ-୧,୨)

ଉତ୍ତରରେ କହିଲେ, ଏହା ହେବ—କର୍ମଠୁ ବୁଦ୍ଧି ଭଲ ବୋଲି ଯେବେ ତମ ମତ, ତେବେ ମତେ ଘୋର କର୍ମରେ କାହିଁକି ପୁରାଉଛ, ଜନାର୍ଦ୍ଦନ? ଗୋଳିଆ ଘୋଳିଆ କଥା ଗୁଡ଼ାଏ କହି ମୋ ବୁଦ୍ଧିକି ବିଗାଡ଼ି ଦେଉଛ । ଠିକଣା କରି କଥାଏ କହ, ଯହିଁରେ ମୋର ଶ୍ରେୟ ହେବ ।

## ଶେଷକୁ ମହାସଭା

ଏହିପରି ପରିପ୍ରଶ୍ନର ଘଂଟା ଚକଟାରେ କଥା ନ ଛିଣ୍ଡିଲେ, ବିବାଦ କ୍ରମେ ଉଠିଉଠି ବିହାରରୁ ସଂଘ ଓ ସଂଘରୁ ମହାସଭାକୁ ଯାଉଥିଲା । ବୌଦ୍ଧ ଧର୍ମର ଇତିହାସରେ ପ୍ରମାଣ ଅଛି, ଏହିପରି ଚାରୋଟି ମହାସଭା ଡକା ହୋଇଥିଲା । ସେଥିକୁ ସମସ୍ତ ବୌଦ୍ଧ ଜଗତରୁ ଭିକ୍ଷୁମାନେ ଡକା ହୋଇ ଆସୁଥିଲେ । ସେଠାରେ ସଭାର ଆସନ, ସମୟ, ବିଚାର-ପଦ୍ଧତିରେ ଯେ ଶୃଂଖଳା ଓ ଶିଷ୍ଟାଚାରମାନ ଥିଲା, ତା ମନେକଲେ ଆଜି ବିସ୍ମିତ ହେବାକୁ ହୁଏ ।

## ମଠ ଓ ସଦାବ୍ରତ

ଆଜି ଏହି ଭାରତର ମାନବ ସାଧନାର ମହାମଂତ୍ର ପୁଣି ପ୍ରଚାର କରିବା କଥା ଭାବିଲା ବେଳେ ସେହି କାଳର ଅନୁଷ୍ଠାନ ଓ ଶିଷ୍ଟାଚାରାଦି କଥାକୁ ମନ ଯିବା ସ୍ୱାଭାବିକ । ସେହି ସବୁଥିରୁ ପ୍ରେରଣା ନେଇ ତାକୁ ଏବ ଜଗତର ଉପଯୋଗିତାରେ ମିଳାଇ ନେବା ଦରକାର । ବିଶେଷରେ ଏବେ ଯେଉଁ ମଠମାନ ଅଛି, ସେସବୁ ସେହି ବୌଦ୍ଧ ଯୁଗ ବିହାରର ଛାଂଚରେ ଗଢ଼ା ହୋଇଥିଲା । ବିହାରର ଅଧ୍ୟକ୍ଷ ଭିକ୍ଷୁମାନେ ବେଳେ ବେଳେ ଥିଲେ, ଆଜନ୍ମ ବ୍ରହ୍ମଚାରୀ । ସନ୍ନ୍ୟାସୀମାନେ କଦାଚିତ୍ ବ୍ରହ୍ମଚାରୀ ଅବସ୍ଥାରୁ ସନ୍ନ୍ୟାସ କରୁଥିଲେ । ଆଜି ମଠମାନଂକରେ ଦୁଇଟି ଯାକ ପ୍ରକାରର ଅଛଂନ୍ତି । ତଥାପି ମଠସବୁ ଏବେ ଖାଲି ଶୁଷ୍କ ପରଂପରା ଧରି ରଖିଛଂନ୍ତି ମାତ୍ର । ଏ କ୍ଷେତ୍ରରେ ସେହି ଶୁଷ୍କ ପରଂପରାକୁ ଆଉ ସରସ କରିବାକୁ ହେବ । ଏହି ଦିଗରେ ସେ କାର୍ଯ୍ୟ ଆରଂଭ କରିବାର ସୁବିଧା ଖୁବ୍ ଅଛି । ସେଥିପାଇଁ ଆଜି କହୁଛି —ଆଉ ଥରେ କହୁଛି, ଶହେ ଥର କହୁଛି, 'ସଦାବ୍ରତ' ରେ ଖଂଜା ହୋଇଥିବା ଧନର ନ୍ୟାସୀ, ପାରଂପାରିକ ବିସର୍ଗ, ଉତ୍ସର୍ଗ ବା

ତ୍ୟାଗଧନର ବାସ୍ତବ, 'ବିହାର'ର ଉତ୍ତରାଧିକାରୀ ମଠାଧ୍ୟକ୍ଷମାନେ ନିଜର ମଠନାମ, କେବଳ ପରଂପରାର 'ନାମ ସ୍ମରଣ' ବା 'ନାମଧର୍ମ'ରେ ନୁହେଁ, ଯଥା ଦର୍ଶନର 'ସଦାବ୍ରତ'କୁ ହିସାବରେ ସାର୍ଥକ କରନ୍ତୁ । ବାବାଜୀ-ନାମୀ ତଥା ମାତା ନାମଙ୍କୁ ପୁଣି କାଂଗାଳଙ୍କୁ କେତେବେଳେ ମୁଠାଏ ଖୁଆଇବା ତାଂକର ସଦାବ୍ରତ ନୁହେଁ । ବସ୍ତୁଧର୍ମରେ ଆତ୍ମୋତ୍ସର୍ଗ ହେଉଛି ତାଂକର 'ସଦାବ୍ରତ' । ଆଜି ପୁଣି ସମାଜର ଗତି ଦେଖି ସେମାନେ ବେଳଥାଉଁ ତତ୍ପର ହୁଅନ୍ତୁ । ନିଜର ତଥା ଅନୁଷ୍ଠାନର କାଳୋପଯୋଗୀ ସଂସ୍କାର କରନ୍ତୁ । 'ମଠ'ର ଅର୍ଥ ହେଉଛି, 'ଛାତ୍ରାଧିନିଳୟ' । ବିନେ ହୁଏତ ବୌଦ୍ଧ ବିହାରର ପ୍ରତିସ୍ପର୍ଧାରେ ସଂପ୍ରଦାୟର ବିଦ୍ୟା ଶିଖାଇବା ପାଇଁ ଏଇ ଛାତ୍ରାଧିନିଳୟମାନ ସ୍ଥାପନ କରାହୋଇ, ସେଇ ସେଇ ସଂପ୍ରଦାୟିକ ସନ୍ନ୍ୟାସୀ ବ୍ରହ୍ମଚାରୀ ପୁଣି କେବେ ବା ଗୃହସ୍ଥମାନଙ୍କୁ ସେଥିରେ ଅଧ୍ୟକ୍ଷ କରାହୋଇଥିଲା । ହୁଏତ ନ ଜାଣି ଦୁର୍ଦିନର ଘନାଂଧକାର ବେଳେ ଆତ୍ମରକ୍ଷା କରୁ କରୁ ସଂପ୍ରଦାୟମାନଙ୍କର ସ୍ପର୍ଧା ଓ ପ୍ରତିସ୍ପର୍ଧାରେ ଭାରତ ଧର୍ମର, ତଥା ବିଶେଷରେ ଏଇ ଜଗନ୍ନାଥ ଭୂମିର ନିତ୍ୟ ମୈତ୍ରୀକୁ ଭ୍ରଷ୍ଟ କରା ହୋଇଥିଲା । ଆଜିର ଜ୍ଞାନାଲୋକ ତଥା ଉପଯୋଗିତାରେ ସଂପ୍ରଦାୟର ଅର୍ଥ ବା ମୂଲ୍ୟ ନାହିଁ—ଜଗନ୍ନାଥଙ୍କ ମୈତ୍ରୀ ଧର୍ମରେ ତାର ସତ୍ତା ପର୍ଯ୍ୟନ୍ତ ନାହିଁ । ସେତିକି ନୁହେଁ । ସାଂପ୍ରଦାୟିକତା ଏ ଧର୍ମରେ ତଥା ଏ ଭୂମିରେ ବରଂ ଗୋଟିଏ ଦୁଷ୍କୃତ; ତେଣୁ ମଠାଧ୍ୟକ୍ଷମାନେ ଏଇ ଜଗନ୍ନାଥ ଭୂମିରେ ଆଉ ଯଥାର୍ଥ ଛାତ୍ରତ୍ୱ ପ୍ରତିଷ୍ଠା କରିବାରେ ପୂର୍ବପୁରୁଷ ନିଜର ନ୍ୟାସଧନର ସଦ୍‌ବ୍ୟବହାର କରନ୍ତୁ । ଏହା କରି ସାରା ଭାରତରେ ପ୍ରେରଣାର ଜ୍ୟୋତି ଖେଳାଇ ଦିଅନ୍ତୁ । ସ୍ୱୟଂ ଜଗନ୍ନାଥ ସେଥିରେ ସଂତୋଷ ହେବେ । ଆଉରି ମଧ୍ୟ ଆମ ମଠାଧ୍ୟକ୍ଷମାନେ ନିଜର ଯଥାର୍ଥ ଦର୍ଶନକୁ ସମାଜ ସେବାର 'ସଦାବ୍ରତ'ରେ କାର୍ଯ୍ୟରେ ପରିଣତ କରି କାଳେ କାଳେ ସ୍ମରଣୀୟ ରହିବେ ।

ଉପଯୋଗିତାକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ, ମନକୁ ମିଳିଥିବା ଫିଟା ସ୍ୱର୍ଗଦ୍ୱାର ପରି ଏପରି ଯୁଦ୍ଧ ସୁଖୀ କ୍ଷତ୍ରିୟଙ୍କୁ ଏକା ମିଳେ (ଗୀତା-୨·୩୨)। ଜଗନ୍ନାଥେ ଆଜି ସେପରି କହୁଚନ୍ତି, 'ଖଂଜାଧନରେ ଏପରି କାଳୋଚିତ ଯଥାର୍ଥ ସଦାବ୍ରତ ସାଧନା କରି ତହିଁରେ ପୁଣି ସ୍ମରଣୀୟ ହେବାର ସୁଯୋଗ ଭାଗ୍ୟବାନ୍ ମଠାଧ୍ୟକ୍ଷଙ୍କୁ ଏକା ମିଳଇ ।' ଏଠାରେ ଏଇ ସଂପର୍କରେ ସମାଦରର ବହୁମାନ ପ୍ରକାଶ କରି କହୁଛି, ଏଇ ପରିଷଦର ସଭାପତି, ଏମାରମଠର ଅଧ୍ୟକ୍ଷ ଶ୍ରୀଗଦାଧର ରାମାନୁଜ ଦାସ ଏବେ ଯୁଗୋଚିତ ଦୃଷ୍ଟିରେ କାର୍ଯ୍ୟ କରିବାର ଇଚ୍ଛା କରି କର୍ମାରଂଭ କରିଚନ୍ତି । ଜଗନ୍ନାଥଙ୍କୁ ସ୍ମରଣ କରି କହୁଚି ସେଇ ଜଗନ୍ନାଥଙ୍କ ପ୍ରେରଣାରେ ତାଂକର ଏ ଇଚ୍ଛା ପୂର୍ଣ୍ଣ ହେଉ ଓ ଅନ୍ୟମାନେ ତାଂକ ଆଦର୍ଶରେ କାର୍ଯ୍ୟତଃ ପ୍ରଭାବିତ ହୁଅନ୍ତୁ ।

# ପୁସ୍ତକରେ ଥିବା ସଂକେତାଂକମାନଂକର ନିର୍ଦ୍ଦେଶ ଓ ବିବରଣ

ପୃଷ୍ଠା ସଂକେତ

୪୨୮—(୧) The Aryans—1926 Edition—pp. 4 and 5.

୪୩୪—(୨) Adolf Kaegi's 'Life in Ancient India,' Note, 9.

୪୩୪—(୩) Ibid—
Susil Gupta ( India ) Lt. Edition p. 16.

୪୩୫—(୪) Ibid—P. 16.

୪୪୧—(୫) ରେଭରେଂଡ କିଟେଲ ସାହେବ, ନିଜ 'କାନାଡ଼ୀ ଶବ୍ଦକୋଷ' ( Kanarese Dictionary ) ର ଭୂମିକାରେ ବାଛି ବାଛି ଦେଇଥିବା ମୂଳତଃ ଓ ଅବିକଳ, ଦ୍ରାବିଡ଼ ପ୍ରାକୃତରୁ ପ୍ରାଚୀନ ଓ ଅର୍ବାଚୀନ ସଂସ୍କୃତକୁ ଆଗତ ୪୨୦ ଶବ୍ଦ ଭିତରୁ କେତୋଟି—ଗାଲ୍ ( ଗ୍ରୀବ ଗାଲ୍ ) । ଗୋଣି, ଗୋଣି, ସଂ ଦ୍ରୋଣ । ତଳ (ଉପର ଗୁଡ଼େ ) । କୋଲି, <ଖୋଲ । ତଳ, ଗ୍ରେଟଗଛ । ତୋରଣ । ପଟ—ଲୁଗାପଟା, ତଂବାପଟା । ବଂଶ, କପ୍ରେଶ । ବଳ—ଶକ୍ତି, ସେନା । ବଲ—ବଳ, ଗାଡ଼ । ମଂଚ । ମଣି । ମଲ୍ଲି, ମାଲ । ମାଲେ <ମାଳା । ଲତେ, ଗଛ, ଲଟି । ସବଳ, ସାବଳ । କକ୍ଷ, କାଖ । କଶ—କାଶ, କସ୍ତୁଶଧର । ଗଂଡ, ଗାଲ । କନକ । କାଲିକ, ନୀଳ ପାଣି, ସୁଅପାଣି । କୁଂଜ, ଦାଂତ—କୁଂଜର = ହାତୀ । କୁଂତଳ । କେୟୂର—କେୟୂ = ହାତ+ଊରୁ, ଲଗେଇବା । ଗୁଡ, ଗାଂଡ—ଦ୍ରା· କୁଂଡେ, ଟୁଲୁ: କୁଡ । ପକ୍ଷ, ପାଖ, ପଖା । ଆଡ଼ଂବର—ଆଡ଼ୁ = ପଡାପଡ଼ିବା; ପଡ଼େ = ଆଖିପତା; ପର୍ଦ୍ଦିରେ ଆଖିପତା ପଡ଼େ ବା ଆଖିବୁଜି ହୋଇଯାଏ । ବେର, ଶରୀର । ଶିଂଘାଣ, ସିଂଘାଣି । ଆଲାନ ( ହାତୀ ବଂଧା ଦଉଡ଼ି ବା ଖଂବ ) । ଏଡ଼କ ( ଏକ ପ୍ରକାର ମେଂଢା ବା ଛେଳି ) । ଏଣ । ଗର୍ଦ୍ଦଭ । ଖର । ଦ୍ରୁଣ । ଘୋଟ, ଘୋଡ଼ା, ଘୋଟକ । ଝିଲ୍ଲୀ । ଜଳୋକା । ନକ୍ର । ପଲ୍ଲୀ, ଝିଟିପିଟି । ବଳାକ, ବଗ । ବିଡ଼ାଲ । ମର୍କଟ—ମଂକ = ନିର୍ବୋଧ, ନ ବୁଝି କରି ଯେ ଅନୁକରଣ କରେ । ମୀନ । ମୁକ୍ତା । ଅର୍କ, ଅରଖ ଗଛ । ଏରଂଡ଼, ଗବ । ଏଳା, ଅଳେଇଚ—ଏହାର ଅର୍ଥ, ହାତୀର ଜଙ୍ଗଲ ବା ହାତୀର ଖାଦ୍ୟ; ଦ୍ରା: ଏଳ = ହାତୀ+ଅକ୍ଷି, ଆକ ବା ଆଶ = ଜଙ୍ଗଲ; ହାତୀ ରହିବା ଭଳି ବଣରେ ଏହା ହେଉଥିଲା; ତେଣୁ, ଏଲକ୍ଷି, ଏଲକ ବା ଏଲଚ । କଂଟକ । କଂଦ—କଂଦମୂଳ ଭଳି । କଣ୍ଠର, ବାଉଁଶ କରଡ଼; ଦ୍ରା: କଡ଼ଲେ । କାନନ । କାଂତାର । କାଷ୍ଠ, କାଠ । କଡ଼ (ଓ) ମଲ କଡ଼ି, କୁଟ୍ମଲ; ଦ୍ରା: ମଲର୍—ଫୁଲ । କଚୁ; କେତକ, କେମୁକ, କର୍ଚ୍ଚୀ = ସାରୁ । ଗୁଚ୍ଛ, ଗୋଛା; ଫୁଲ ଗୋଛା; ଦ୍ରା: ଗୁଟ୍ଟି, ଗୁଡ଼, ଗୋଂଗୁଲ, ଗୋଂଚ, ଗୋଚେ, ଗୋଲେ । ଗୁଂଜା, ଚଂଚ (କାଇଁଚ)—ମଳବାସୀ, ଅତିସୁନ୍ଦର, ଦ୍ରା: କୁନ୍ଦି, ଅତିସୁନ୍ଦର; ଓ: କୁନ, ଖୁବ୍ ଗ୍ରେଟ । ଚଂଗୁ, ଚଂଗୁଡ଼ ଓ କର୍ପୂର = କଂଗୁଣ୍ଡିଂଗୁଲ; (ତାମିଲ, 'ପୁଲକାଇ' ଶବ୍ଦରୁ 'ପୁଲ' ଲୋପ ହୋଇ 'କାଇଁ'ରୁ କର୍ପୂର ହୋଇଛି ଭାଷାକୋଷ ) । ଝଟି, ଝାଟି, ଗ୍ରେଟ ଗଛ । ତାମରସ, ରକ୍ତପଦ୍ମ । ତାମ୍ର, ତଂବା । ଚମ୍ପକ, ଚଂପ+କନକ = ଚଂପାଫୁଲ ଓ ଚଂପାଗଛ । ତାଳ; ଦ୍ରା· ତାଡ଼, ଓ: ତାଡ଼ । ନାରଂଗ କମଳା, ଇ· ଅରେଂଜ; ଫାରସି. ନାରଂଜ୍—ଏ ସବୁ ଶବ୍ଦ ଦ୍ରାବିଡ଼ମୂଳକ ଭାରତୀୟ 'ନାରଂଗ' ଶବ୍ଦରୁ ହୋଇଛି । ପନସ, ପଣସ । ପଲାଂଡୁ

ପିଆଜ । ପିପ୍‌ପଲି । ପୁନ୍ନାଗ । ପୁଷ୍ପ—ଫୁଲ ଓ ନାସ୍ପର ରଜ । ଫଳ । ବୀଜ । ମରୀଚ । ବେଲ୍ଲଜ, ମରୀଚ । ମଲ୍ଲୀ, ମଲ୍ଲିକା । ମୁକୁଳ, କଢ଼ । ମୂଳ । ବେଣୁ, ବାଉଁଶ । ବେତ୍ର, ବେତ । ବ୍ରୀହି (ଧାନ) । ଶିଂବ, ଶିଂବ – ଛୁଇଁ । ଶୁଂଠି, ତା: ଚୁଂଡ଼; ତେ. ଚୁରୁଂଗୁ । କାଂଚନ; ଦ୍ରା: କନ୍ ବା ଚନ୍ = ଚକ୍ ଚକ୍ ହେବା; ସେଇଥିରୁ ସଂ. କନ୍ = ଚକ୍ ଚକ୍ ହେବା, ଦ୍ରା. ଚନ୍ନି, କେଂକ ଓ କେଂଚୁ ବା କାଂଚୁ = ସୁନା । ପିଂଜ, ସୁନା; ଦ୍ରା. ପିଣ = ଖଂଡ, ମୁଂଡା, ସଂ. ପିଂଡ = ଖଂଡ, ମୁଂଡା, ଗଦା । ଅଟବୀ । ଉଲ୍‌କା । କଚ୍ଛ, ତଟଭୂମି । କଜ୍ଜଳ, ମେଘ—ଦୀପ ଶିଖାରୁ ପଡ଼ିବା କଳା । କୁଂଡ । କୂପ । କାଳ । କେଦାର । ଚଂଦ୍ର; ଦ୍ରା: ଚନ୍ଦ୍ର, ଆଲୋକ ରେଖା; ଚୁଂଧବ, ଜହ୍ନ । ଗଡ଼; ଦ୍ରା. ପରିଖା; ଓ. ଗଡ଼ଆ । ତଡ଼ିତ୍ । ତୀର । ତୋୟ । ନୀର । ଜଡ଼—ଜଳ; ଦ୍ରାବିଡ଼ରେ ଅର୍ଥ, ଅତି ଥଂଡା, ବରଫ, ଶୀତକାଳ, ପାଣି, ଜ୍ଞାନହୀନ, ନିର୍ବୋଧ—ମାତ୍ର ଏ ଶବ୍ଦ ହୟ ମୂଳତଃ ଆର୍ଯ୍ୟ ଭାଷାର ବି ହୋଇପାରେ । ବିଂଧ୍ୟ । ମାଳ, (ଜଂଗଲ) । ମଳୟ । ମୁଦିର । ଶୁଷିର, ଛିଦ୍ର । କଷାୟ, ଲାଲ୍—ଗେରୁଆ । କାଳ—କୃଷ୍ଣ, କଳା । ଶ୍ରେଷ୍ଠ; ଦ୍ରା. ଶ୍ରେକ୍‌କ, ଓ. ଶ୍ରେଖ୍ - ଖୁବ୍ ଭଲ । ନୀଳ, କଳା – ନେଳ । ଫଲ୍‌ଗୁ, ଲାଲ୍, ଲାଲଗୁଂଡ; ଦୁର୍ବଳ, ମୂଲ୍ୟହୀନ । ଶୋଣ, ଅତିଲାଲ । ଆଳି, ସଖୀ । ଓଡ୍ର । କର୍ଣ୍ଣାଟ, ଦ୍ରା. କର୍, କଳା + ନାଟ, ଦେଶ, । କଳିଂଗ; ଦ୍ରା. କଲ୍ = ଶିଖିବ । କୁଝ (ଝ) ମା, ଜାରକରେଇ । କୋଂକଣ (ଦେଶ ବିଶେଷ) । କ୍ରୂର, କର୍କଶ, ହିଂସ୍ରକ । ଖଳ । ଗୁମୁଂଡା ଦ୍ରାଃ ମୃତ୍ୟୁ ବା ଶବଥିବା ଦେଖା । ଷଂଗୁ । ଷଂଢତ । ପିଶାଚୀ । ପୁଳ—ଦ୍ରା. ଯେ ଜନ୍ମ ହୋଇଛି । ପୁଳିଂଦ, ଅସଭ୍ୟଜାତି ଲୋକ । ପୁଲୋମ, ରାକ୍ଷସ । ପୋଗଂଡ, ନାବାଳକ । ଭିଲ୍ଲ, ଭିଲଜାତି ଲୋକ । ମୁନି—ଦ୍ରା. ସଦ୍‌ଗତିରେ ଆଗେଇବାକୁ ପ୍ରଯତ୍ନପର । ହାଡ଼କ, ହାଡ଼ । ଆଳି, ବଂଧ; ଓଡ଼ିଆ. ହିଡ଼, ଅଲ୍ । କଟକ, ସହର—ଘର । କୁଟ ଘର । କୁଟୀ, କୁଡ଼, କୁଡିଆ, କୁଟୀର, କୁଟିକ । କୁଟୁଂବ । ପତ୍ତନ, ପାଟଣା, ପଡ଼ା । ପଡ଼ା, ପଲ୍ଲୀ, ମଂଦିର । ମଂଦୁରା, ଘୋଡ଼ାଶାଳ—ପାଡ଼ ଶୋଇଲା ମୁଂଦୁରା । ବନ, ଘର । ହଟ୍ଟ, ହାଟ । ଅଂବର, ଲୁଗା । କଚ୍ଛ—କଷ୍ଟ, ଲୁଗାକାନି; ଓ: କଚ୍ଛା । କଂବଳ; ଦ୍ରା: କର୍ = କଳା + ପଲ ବା ପଟ । କବଚ—କବଚ; ଦ୍ରା: ଯାହା ଘୋଡ଼ାଇ ରଖେ । ଚୀର, ଲୁଗା କାନି; ସଂ. ଚୀର; ଓ: ଫେର । ମୀନା । ଅଡ୍‌ଡଣ, ଢାଲ; ଓ: ଆଡ଼େଣି । ଅର୍ଗଳ, କିଳଣି । କଂକଣ –କଟକ, ଖଡ଼ୁ । କଠାର, କଟୁରି, କଟରି । କଟ, ଖଟ । କୁଟ୍‌ଠାର, କୁରହାଡ଼ି । କୁଦ୍‌ଦାଳ, କୋଦାଳ, କୋଡ଼ି । କୁଡ, ଗୋଡ଼ର କଡ଼ି । କୋଳ, ଭେଳା । ଖଜ, ଦଣ୍ଡ, ମୁହାଇଁବା ଖୁଆ । ଖଟ୍ୱା, ଖଟ । ଖଡ୍‌ଗ । ଖଳିନ, କଳଆର । ଗଦା । ଗୁଣ, ସୂତା, ଦଉଡ଼ି । ଚୁଲୁକ—ଚଳୁକ, ଗେଳା, ପାଣି ଧରିବା ଭଂଗିରେ କରାହେବା ଅଂଗୁଠି ସହିତ ପାପୁଲି । ଚୂଡ଼ା, ଶିଖର; ଓ: ଜୁଡ଼ା, ଚୁଟି । ତଲ୍ପ, ଶେଜ । ତାଳ—କରତାଳ । ପିଟ, ପୀଟ, ପେଟୀ ପେଟିକା, ପିଟକ ( ଟୋକେଇ ) । ପୁଟ, ପୁଟିକା, ପୁଟୀ ପୁଡ଼ା, ଦ୍ରା: ଅର୍ଥ—ପତ୍ରକୁ ବଂକାକରି ସିଆଁଇ କରିଥିବା ପାତ୍ର, ଦନା । ବାଳ—ପାଳ, ଶସ୍ତ୍ର; ଯଥା, କରବାଳ, ଭିଂଦପାଳ । ମସି, ମଷି, କାଳି, କଜଳ । ବଲୟ । ବୀଜନ, ବିଂଚଣା । ଶଣ, ଶର । ସୂଚୀ, ଛୁଂଚି । ହୋଡ଼, ଉପାଡ଼ । ଓଦନ, ଗୁଡ଼ଳ । କଶିପୁ, ଖାଦ୍ୟ—ହିରଣ୍ୟକଶିପୁ, ସୁନା ଖାଦ୍ୟ ଯାହାର । ଖଡ଼; ଦ୍ରା: କଡ଼—ଦନ୍ତିକଡ଼ । ଖଦିକା, ଖଇ । ହଳ, ବିଷ; ହଳାହଳ । କଚ୍ଛୁ, କଂଡୁ, ଖର୍ଜୁ, ଖସ ( କୁଂଡିଆ କାକୁ ) ଶବ, ମଡ଼ା । ଶ୍ମଶାନ, ଶବଶାନ ବା ଶବ ଶୋଇବା ଥାନ । ଅଂଶ, ଅଂସ, ଭାଗ । ଅଟ୍, ବୁଲିବା । ଅଟ୍ଟ, ଉଚ୍ଚ; ଅଟ୍ଟହାସ । ଅରଣି, କାଠରେ ଘସି ନିଆଁ କାଢ଼ିବା

କାଠ । ଅର୍ବୁଦ, ଆବୁ । ଅଳଂ, ଯଥେଷ୍ଟ । ଅଳୀକ, ମିଛ । ଅଲେ, ଅଲେଲେ—ଆରେ, ଆରେରେ; ପ୍ରା: ହଳା । କଚ୍ଛ, ଏକପାଖିଆ; କଚ୍ଛାକ୍ଷ । କଣ୍ଟୁ, କଣ୍ଡୂ । କଠିନ । କଂଦଳ, ଲଢ଼େଇ । କଂଦବ, ସମୂହ । କଳଂକ, କାଳିମା । କଳା; ଶିଳ୍ପକଳା । କଲୁଷ । କୁଞ୍ଚ୍, ସାଂଗି ଚୂନା କରିବା, କୁଟିକା । କୂଟ, କୂଡ଼, ଗଦା; ହାଡ଼ କୂଡ଼ । କେତୁ, ଉଜ୍ଜ୍ୱଳ ପ୍ରକାଶ; ଧୂମକେତୁ । କୋଟି, ପ୍ରାଂତ; ଧନୁଷ୍କୋଟି । କୋଣ । ଖଟକକ୍କା, ଖିଡ଼କ । ଗବେରୁକ—ଗବେଡ଼ୁକ, ଗେରୁ । ଗୁଳ, ଗୁଟିକା, ଗୁଲ, ଗୁଡ଼ ( ପିଂଡୁଳା, ଗୋଲକ ) । ଚୂର୍ଣ, ଚୋଟ, କୁଂଚ କୁଂଚଆ; ଚୂର୍ଣ୍ଣ କୁଂତଳ । ନର୍ମ—ଖେଳ, ଖୁସି, ସୁଖ, ଆନଂଦ । ପୁଣ୍ୟ, ଠିକ, ଉତ୍ତମ । ପୁନର, ପୁଣି । ପୁଲକ, ରୋମାଂଚ । ପୁସ୍ତ, ପୁସ୍ତକ, ପୋଥି, ଦ୍ରା: 'ପୁସ୍ତ' ଧାତୁରୁ ପୁସିତ=ଲେଖା ହୋଇ ଥିବା ବା କାଳି ପ୍ରଭୃତିରେ ରଂଜିତ ହୋଇଥିବା । ପୂଜା । ବଳି, ନୈବେଦ୍ୟ । ମଳ, ଅଧିକ; ମଳ ମାସ । ମାୟା, ଭ୍ରାଂତି, ଠକେଇ । ମାଳା । ଘଡ଼ି । ରୂଷ । ବଳକ୍ଷ, ଧଳା । ଷାଠୀ, ଲହଙ୍ଗ । ସୂଚ, ସୂଚନ—ଦେଖାଇଦବା, ଲକ୍ଷ୍ୟକରିବା । ହଂବା, ଗାଈବୋବା ଶବ୍ଦ । ହେଳକା, ପ୍ରହେଳକା । ଅଂକ, କୋଡ଼ ।

[ କମା ଦେଇ ଅନେକ ସ୍ଥଳରେ କେବଳ ଅର୍ଥଇ ଦିଆଯାଇଛି । ଯଥା, ଓଦନ, ଗୃଣ୍ଡଳ । ସେଇପରି ସେମିକୋଲନ୍ ପରେ ଦୃଷ୍ଟାଂତ ଯଥା, କଳା; ଶିଳ୍ପକଳା । ଦ୍ରା: = ଦ୍ରାବିଡ଼ = ଦ୍ରା:; ତେ = ତେଲଗୁ; ଓ. ବା ଓ. = ଓଡ଼ିଆ—ଇତ୍ୟାଦି । ]

୮୮୧—…"Yaska' has an interesting discussion on the theory of 'Sakatayana', which he himself follows, that nouns are derived from verbs. 'Gargya' and some other grammarians, he shows, admit this theory in a general way, but deny that it is applicable to all nouns."

( A. A. Macdonell's 'A History of Sanskrit literature'—Appleton modern Library Edition—P. 268 ).

୮୮୨—୨।୨୯

"ଅଚୋ ରହାଭ୍ୟାଂ ଦ୍ୱେ" ଏହା 'ପାଣିନସୂତ୍ର' । ଏହାର ଅର୍ଥ ହେଉଛି, ସ୍ୱରବର୍ଣ୍ଣ ପରେ 'ର୍' ବା 'ହ୍' ବର୍ଣ୍ଣ ଥିଲେ, ସେଇ ର୍ ବା ହ୍ ବର୍ଣ୍ଣର ପରବର୍ତ୍ତୀ ବ୍ୟଂଜନ ବର୍ଣ୍ଣ ବିକଳ୍ପେ, 'ଦ୍ୱିତ୍ୱ'-ଉଚ୍ଚାରଣ ପାଏ । ଯଥା:—ଅର୍ଜ୍ଜୁନ, ଅର୍ଜୁନ, ଧର୍ମ; ଧର୍ମ୍ମ; ସୂର୍ଯ, ସୂର୍ଯ୍ୟ; ବ୍ରହ୍ମଣ; ବ୍ରାହ୍ମ୍ମଣ, ବାହ୍ୟ ବାହ୍ଯ୍ୟ । ଅଂତଃସ୍ଥ 'ଯ'-ର ଉଚ୍ଚାରଣ ବିକଳ୍ପେ ବର୍ଗ୍ୟ 'ଜ'-ପରି ହେଉଥିବାରୁ, ବାହ୍ୟ ହୋଇପାରେ, 'ବାହ୍ଜ', 'ବାହ୍ଜ୍ୟ' ବା 'ବାହ୍ଜ୍ଜ' ।

୮୫୮—…In South India the earliest literary movement was predominantly jaina. In Tamil literature from the earliest times for many centuries Jaina poets held a great place,

× × × ×

More famous still is the Kurral. × × Bishop Caldwell 'considers its tone more jaina than anything else' ( Imperial

Gazetteer, ii 435.)× × Nor was it only amongst the fields of poesy that the jaina gained renown; a famous old dictionary and great Tamil grammar are also accredited to them

Jaina writers also laid the foundations of Telugu literature and classical Kanarese literature begins with a great succession of Jaina poets and scholars."

—The Heart of Jainism by Mrs. S. Stevenson—pp. 286 and 287.

୮୮୬—(୯) "In 715 B. C. Ashdod near (Palestine) revolted, under the leadership of a Greek adventurera, '*Yavani*' from Cyprus or Ionia but with little success. The *Yavani* escaped towards Egypt, but was captured, .. and sent in chains to Assyria"—H. R. Hall's Ancient History of the Near East—7th Ed. p. 479.

୮୮୬—(୧୦) In the Bible 'Javan', son of Japhet—Genesis, Chap, X.

Vide—Z. A. Ragozin's Chaldia—'Story of Nations' Series—Chap. II—The Great Races—Chapter X of Genesis.

'Each name in the list is that of a race, a people, or a tribe, not that of a man.' Ibid. P. 131.

"Thus the name of the Assyrians is really Asshur. Why ? Clearly, they would answer, if asked the question, because their Kingdom was founded by one whose name was Asshur. Another famous nation, the Arameans, are supposed to be so called Aram. The Hebrews name themselves from a similarly supposed ancestor, Heber".

—Ibid. P, 132.

"St. Augustine, one of the greatest among the Fathers of the early church, pointedly says that the names in it represent "nations, not men."—Ibid. p. 133.

"Among the posterity of Japhet the Greeks indeed are mentioned (under the name of *Javan*, which should be pronounced *Yawan*.

Ibid, P. 135.

"A mixed race, inheriting something of the Aegean civilisation and highly 'selected' amid the turmoil of migrations, the Ionians, from about 800 B. C. developed precociously. Indeed, the whole achievement of Greek colonisation and Greek rationalism belongs to them & to those neighbouring Greekes who come within their orbit. Throughout the East 'Yawani' ('Javan' – Genesis X. 2) became generic term for Greek.

The Oxford Classical Dictionary—Ionians.

୪୫୮—(୧୧) "Dr Buhler has shown that this writing ( Brahmi ) is based on the Semitic or phoenician type, represented on Assyrian weights and on the Moabite Stone, which dates from 890 B. C. He argues, with much probability. that it was introduced about 800 B. C. into India by traders coming by way of Mesopotamia."

Macdonells—History of Sanskrit literature—A. M. Library Edi—tion—P. 16.

The above date 890 B. C. has been corrected by Dr. H. R. Hall to a date about 40 years' later.

Hall's Ancient History of the Near East—7th. Edition—P. 451.

୪୫୮—(୧୨) A. A. Trever's "History of Ancient Civilisation" Vol. 1. P. 82.

୪୭୨—(୧୩) Macdonell's History of Sanskrit literature—P.17.

୪୬୮—(୧୪) 'The Shu King' or 'The Chinese Historical Classic' by W. G. Old, Book 1, Section I and Book II Section IV.

୪୮୦—(୧୫) 'ଆମାଦେର ଜ୍ୟୋତିଷୀ ଓ ଜ୍ୟୋତିଷ'— ପୃ ୪୫୧ ।

୪୮୪—( ୬) D. A. Mackenzie's Myth of Babylonia and Assyria. P. 319.

୪୮୪—(୧୬) Ibid P. 309.

୪ ୦—(୧୮) "The world will never be happy till atheism is universal"— Voltaire.